# ସମାରୋହ



# Magnum Auto

Passion for Cars

## A PIT STOP FOR CAR LOVERS

WASHING | CLEANING | REPAIRS | SERVICE

DETAILING | FOAM WASH | UNDER- BODY | SOUND-SYSTEM

SEATS | ALLOYS | ALIGNMENTS | LIGHTS BULB | HORNS TYRES

3M WÜRTH JBL AutoBros KENWOOD Listen to the Future

HELLA PHILIPS Pioneer Infinity K&N

brembo Shell Castrol EDGE EXTENDED PERFORMANCE BOSCH CROATIAN ROOTS MUSIC

UNO MINDA Fleetguard Mobil 1 BRIDGESTONE

YOKOHAMA MICHELIN

MARUTI SUZUKI HONDA TOYOTA HYUNDAI Ford TATA

**Plot No: 891/1046, Pahala, Bhubaneswar, Behind PAL Heights Mantra**

20°20'32.8"N 85°52'56.3"E

**CALL NOW- 99370 00909**

VALLEY
BUILDERS

INNOVATE . ELEVATE . TRANSCEND


Bringing SMILE
to the Rural Life...
Agritech
Education
Green Energy
Power & Steel
Mining
SNM
SNM GROUP
Weigh Bridge Road, Barbil, Dist : Keonjhar - 758 035, Odisha
Website: www.snmgroups.com

# SIKSHA 'O' ANUSANDHAN

DEEMED TO BE UNIVERSITY
BHUBANESWAR, ODISHA, INDIA




**nirf INDIA RANKINGS 2023**

- 15th in University Category
- 16th in Medical Category
- 27th in Engineering Category
- 9th in Dental Category
- 8th in Law Category
- 57th in Management Category

AICTE, UGC, NMC, INC, PCI, BCI, DCI, VCI, NBA, ICAR, NABH, NABL

Accredited By NAAC with Highest A++ Grade

Category - 1 Graded Autonomy Status
UGC 12(B) Status
SIRO Recognized by DSIR, Govt. of India

**THE WORLD UNIVERSITY RANKINGS**

**Rank 801-1000**
World University Rankings, 2024

**Rank 301-400**
in Engineering & Technology and Computer Science, 2023

**Rank 801+**
In Health Sciences, 2023
(Clinical, Pre-clinical and Health Science category)

**Rank 301-350**
Times Asia University Rankings, 2023

**Rank 301-350**
Times Young University Rankings, 2023

**Rank 501+**
Emerging Economies University Rankings, 2022

**QS WORLD UNIVERSITY RANKINGS**

**Rank 1001-1200**
QS World University Rankings, 2023

**Rank 451-500**
QS Asia University Rankings, 2023

**Diamond University**
Rating by QS I-GAUGE for outstanding performance

**Institution of Happiness**
Recognized by QS I-GAUGE

## FACULTIES

- Engineering and Technology
- Medical Sciences
- Dentral Sciences
- Management Sciences
- Pharmaceutical Sciences & Biotechnology
- Nursing
- Hospitality & Tourism Management
- Legal Studies
- Agricultural Sciences
- Veterinary Science & Animal Husbandry

## MAJOR INTERNATIONAL COLLABORATIONS

- Tribhuvan University Nepal
- University of Reading United Kingdom
- Mayo Clinic USA
- The Bindura University of Science Education, Zimbabwe
- New Jersey Institute of Technology, USA
- NHA Trang University, Vietnam
- Asia Pacific University of Technology & Innovation, Malaysia
- Makerere University, Uganda
- Earth Network Inc, USA
- University of Wisconsin Madison, USA

- Member of Association of Universities (AIU)
- Member of Indian Institution of Industrial Engineering (IIIE)
- Member of American Society of Mechanical Engineering (ASME)
- Member of American Society of Civil Engineers (ASCE)
- Member of Institute of Electricals & Electronics Engineering (IEEE)
- Member of the Computer Society of India (CSI)
- Member of the Institute of Engineering and Technology (IET)
- Member of Indian Medical Association (IMA)

www.soa.ac.in

*With Best Compliments From:*

Angul-Sukinda Railway Ltd.

CIN : U45203OR2009PLC010620


LUMINOUS INFOWAYS
Delivering values
A CMMI Level 3 Company
SmartFiles
File Workflow Automation System
Digital Archival System
Make my® Reports
Consolidated Reporting Platform
e-nirman
Online Project Monitoring System
e-Hospital
AI Based Query & Complaint Handling System
Connect through
Whatsapp, Chatbot, E-mail, Web
ସୂଚନା ଅଧିକାର
RTI Central Monitoring Mechanism
CII Industrial Relationship Award - 2020
National Awards on e-Governance
Brands of Odisha Pride of India 20-21
Reach us at :
DCB 615/616/617, 6th Floor, DLF Cyber City,
Chandaka Industrial Estate,
Bhubaneswar-751024, Odisha, India
info@lipl.in, hrd@lipl.in
+91 6742304010, +91 9438581317
www.luminousinfoways.com
https://www.facebook.com/luminousinfowayspl
https://www.linkedin.com/company/luminous-infoways-world
https://twitter.com/LuminousInfowa2


87 YEARS TRUST IS TIMELESS
This Add a Golden Touch
to your Durga Puja
Celebration!
Exclusive Diamond Jewellery
starting from ₹ 14999/-
SPECIAL FESTIVE OFFERS
13th Oct Onwards
Flat 25% off*
On Gold Jewellery M/C
Flat ₹ 10,000 off*
Per carat on Diamond Jewellery
T&C apply
Stores only at:
BHUBANESWAR
621, Saheed Nagar, Janpath
BHUBANESWAR
309 District Centre, Chandrasekharpur
BHUBANESWAR
Soubhagya Nagar
BERHAMPUR
Venkatraju Arcade, Sano Bazar
CUTTACK
558/834, Cantonment Road
JHARSUGUDA
Sarbahal Road, Marwadi Para
PURI
Opposite Police Line, VIP Road
ROURKELA
Kesar Bhawan, Main Road
khimjijewellers.com
Toll Free: 1800 3131 777
Follow Us :
KHIMJI®
Jewellers since 1936

# ସମାରୋହ

( କଳା, ସାହିତ୍ୟ, ସଂସ୍କୃତିର ପାରିବାରିକ ମାସିକ ପତ୍ରିକା )


**Editor:**
Sailorani Mishra

**ସଂପାଦିକା:**
ଶୈଳରାଣୀ ମିଶ୍ର

**Associate Editor:**
Rabi Narayan Nanda
Kishore Kumar Mohanty

**ସହଯୋଗୀ ସଂପାଦକ:**
ରବି ନାରାୟଣ ନନ୍ଦ
କିଶୋର କୁମାର ମହାନ୍ତି

**Publisher:**
Bibhuti Bhusan Nanda
Gandarpur, Cuttack-753003

**ପ୍ରକାଶକ:**
ବିଭୂତି ଭୂଷଣ ନନ୍ଦ
ଗଣ୍ଡରପୁର, କଟକ-୭୫୩୦୦୩

**DTP:**
Printtech Offset Pvt. Ltd.
Bhubaneswar-24

**ଡିଟିପି:**
ପ୍ରିଣ୍ଟଟେକ୍ ଅଫ୍‌ସେଟ୍ ପ୍ରା:ଲି
ଭୁବନେଶ୍ୱର-୨୪

**Printer:**
Bibhuti Bhusan Nanda
Lipsa Printers, Gandarpur, Cuttack

**ମୁଦ୍ରଣ:**
ବିଭୂତି ଭୂଷଣ ନନ୍ଦ
ଲିପ୍‌ସା ପ୍ରିଣ୍ଟର୍ସ, କଟକ

**Managing Editor:**
Kalyani Nanda

**ପରିଚାଳନା ସଂପାଦିକା:**
କଲ୍ୟାଣୀ ନନ୍ଦ

**ପ୍ରଚ୍ଛଦପଟ:**
କଟକ ଦୁର୍ଗାପୂଜା

**Volume - 33 Issue - 1**
**Puja Special October - 2023**
**Price- Rs. 80/-**

*Owned, Printed and Published by*
*Bibhuti Bhusan Nanda, Gandarpur, Cuttack, Odisha*


## ସୂଚୀପତ୍ର

### ପ୍ରବନ୍ଧ


| | | |
|---|---|---|
| ଦୁର୍ଗତିନାଶିନୀ ମା' ଦୁର୍ଗା | ଅଧ୍ୟାପକ ରବୀନ୍ଦ୍ର କୁମାର ବେହୁରିଆ | ୧୫ |
| ମହାଶକ୍ତି ଦେବୀଦୁର୍ଗା | ସୁଶାନ୍ତ କୁମାର ସ୍ୱାଇଁ | ୧୮ |
| ଏସିଆ ମହାଦେଶରେ ଦୁର୍ଗାରାଧନା ଏକ ସାମାଜିକ ପରମ୍ପରା | ବିଭୂତି ଭୂଷଣ ସେନାପତି | ୧୯ |
| ଶାକ୍ତପୀଠ ବ୍ୟାଘ୍ରଦେବୀ | ଡ. ସୁଚେତା ରାଉତ | ୨୧ |
| ମନ୍ଦିର ମାଳିନୀ ସହର ସୋନପୁରରେ ଅଷ୍ଟ ଚଣ୍ଡୀ ପୀଠ | ଅଧ୍ୟାପକ ପବିତ୍ର ମୋହନ ବାରିକ | ୨୩ |
| ବନ୍ଧୁମୟ ଜୀବନ ପାଇଁ ତିନୋଟି ପାହାଚ | ଡଃ. ଜୀବନକୃଷ୍ଣ ମହାପାତ୍ର | ୨୬ |
| ମୁଲକରାଜ ଆନନ୍ଦ : ଯାହାଙ୍କ ଲେଖାରେ ନିକ୍ଷେପିତ ମଣିଷର ଆର୍ତ୍ତନାଦ ପ୍ରତିଫଳିତ | ଗୁରୁକଲ୍ୟାଣ ମହାପାତ୍ର | ୩୦ |
| ଆରିଷ୍ଟଟଲ ଓ ବିପଥଗାମୀ ସମାଜ | ବିନୋଦ | ୩୨ |
| ଆଧ୍ୟାତ୍ମିକତା ଓ ବିଜ୍ଞାନ | ବାଉରିବନ୍ଧୁ ଲେଙ୍କା | ୩୬ |
| ଶିକ୍ଷାୟତନ: ମାତୃଭାଷା ବିକାଶର ପ୍ରୟୋଗଶାଳା | ଡକ୍ଟର ପ୍ରଦୀପ କୁମାର ମିଶ୍ର | ୩୮ |


### ଉପନ୍ୟାସ


| | | |
|---|---|---|
| ରାଧିକାର ମାମା | ଇନ୍ଦିରା ଦାଶ | ୩୯ |


### କଥା ଓ କାହାଣୀ (ପ୍ରଥମ ପ୍ରସ୍ଥ)


| | | |
|---|---|---|
| ମିସିସିପି ଏବଂ ସିଲ୍‌ଭରସ୍ପ୍ରିଙ୍ଗ ଦେଶରେ | ଡଃ ମନୋରମା ବିଶ୍ୱାଳ ମହାପାତ୍ର | ୬୨ |
| ଆଉ ଏକ ଆରୁଣି | କୃପାସାଗର ସାହୁ | ୬୬ |
| ଫରୁଆ ଭିତରେ ଭଅଁର | ରଞ୍ଜନ ସାହୁ | ୬୯ |
| ସମୟର ସ୍ୱର | ବିଷ୍ଣୁ ଚରଣ ଚୌଧୁରୀ | ୭୨ |
| ବୋହୂମା' | ଶାନ୍ତନୁ ବେଜ୍ | ୭୮ |
| ଘର | ସୀମାଂଚଳ ଦାଶ | ୮୨ |
| ବଳି | ସୁଜାତା ମହାପାତ୍ର | ୮୪ |
| ଅତୀତର ପୃଷ୍ଠା | ଡକ୍ଟର ସୁବାସିନୀ ଲେଙ୍କା | ୮୭ |
| ଦେଉଳ ତୋଳା | କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ | ୯୦ |
| ପିତା ହିଁ ପରମ ତପଃ | ଗିରିଜା ମଂଜରୀ ପାଢ଼ୀ | ୯୩ |
| ଜୀବନ ରାସ୍ତା | ଭାସ୍କର ଜେନା | ୯୬ |
| ସୁଚରିତା | ଅନ୍ନପୂର୍ଣ୍ଣା ମହାନ୍ତି | ୧୦୦ |
| ସଂଯୋଗ | ଡକ୍ଟର କମଳା ପ୍ରସାଦ ମହାପାତ୍ର | ୧୦୫ |
| ଦୁଇଟି ଉଡ଼ା ପକ୍ଷୀ | ଚକ୍ରଧର ସାହୁ | ୧୦୭ |
| ଭିନ୍ନ ରାଗିଣୀ | ଚିନ୍ମୟ ରାୟ | ୧୧୦ |
| କୃଷ୍ଣଚୂଡ଼ା ଓ ବରଗଛ | ମୂଳହିନ୍ଦୀ - ମଂଜୁ ଶର୍ମା ମହାପାତ୍ର<br>ଓଡ଼ିଆ ରୂପାନ୍ତର - ଲିଙ୍ଗରାଜ ମହାନ୍ତି | ୧୧୩ |
| ଅଲିଭା ଚିହ୍ନ | କମଳିନୀ ମଲ୍ଲିକ | ୧୧୬ |

## ଅନୁବାଦ ଉପନ୍ୟାସ

| | | |
|---|---|---|
| ସୀମା ରେଖା | ମୂଳଲେଖା - ବନଫୁଲ<br>ଭାଷାନ୍ତର - ସୁପ୍ରଭା ରାୟ | ୧୨୦ |

## କବିତା (ଆଦ୍ୟନିଳୟ)

| | | |
|---|---|---|
| ଦର୍ଶକ ସାଜିବା ଆଉ କେତେଦିନ ? | ହରିହର ମିଶ୍ର | ୧୪୫ |
| ଏକ କଳ୍ପିତ ଜହ୍ନରାତି | ଇନ୍ଦିରା ଶୁଭଦର୍ଶିନୀ ତ୍ରିପାଠୀ | ୧୪୫ |
| ହାତୀ | ଦେବାଶିଷ ଚକ୍ରବର୍ତ୍ତୀ | ୧୪୬ |
| କବିତା ଲେଖୁଥିବା ପୁଅ ପାଇଁ | ଚିନ୍ତାମଣି ମହାଲିକ | ୧୪୬ |
| ଏ ବିପଣୀରେ | ପ୍ର. ଗିରିଜା ଶଙ୍କର ଶର୍ମା | ୧୪୭ |
| ଶେଷ ଲୁହ | ମନୋଜ ମହାନ୍ତି | ୧୪୭ |
| ନୂଆ କବିତାର ବାଗ | ଭିକାରୀ ଧଳ | ୧୪୭ |
| ଜ୍ୟୋତିଷ | ଡକ୍ଟର ମନୋରଞ୍ଜନ ବିଷୋୟୀ | ୧୪୮ |
| ଭୂମା : ଭୂମି : ଭୂମିକା | ଅୟସ୍କାନ୍ତ | ୧୪୮ |
| ଲୁହଧାର | ଡ. ସୁରେଶ ଚନ୍ଦ୍ର ପଣ୍ଡା | ୧୪୮ |
| ରକ୍ତନଦୀ ଦାଢ଼ରେ ସଭ୍ୟତା ପୁରୁଷ | ପାଣ୍ଡବ ନାୟକ (ଶିଶୁ) | ୧୪୯ |
| ତୁ ଗଲା ପରେ | ବିଭୂତି ଭୂଷଣ ଗ୍ରହାଚାର୍ଯ୍ୟ | ୧୪୯ |
| ଚିତ୍ର | ନୀଳକଂଠ ବେହେରା | ୧୫୦ |
| ଶଗଡ଼ ଗୁଳାର ମୋହ | ମନୋରଂଜନ ଶରଣ | ୧୫୦ |
| ନବଘନର ସଂସାର | ବୃନ୍ଦାବନ ଦାସ | ୧୫୦ |
| ବିବେକ ଓ ବୈରାଗ୍ୟ | ସରୋଜିନୀ ମିଶ୍ର ଏମ୍.ଏ. | ୧୫୧ |
| ମା' ମୋର ସର୍ବବ୍ୟାପୀ | ଚୈତନ୍ୟ ପ୍ରସାଦ ବେହେରା | ୧୫୧ |
| ସାଗର, ସମୟ ଓ ବେଳାଭୂମି | କୁଳଦୀପ ଦାସ | ୧୫୨ |
| ଭ୍ରାନ୍ତି, କ୍ରାନ୍ତି ଓ ଜୀବନ | ତାରକ ମହାନ୍ତି | ୧୫୨ |
| ଆଲୋକ | ନିରଂଜନ ସାହୁ | ୧୫୨ |
| ମେହେନତର ମୁହଁ | ଭରତ ବେହେରା | ୧୫୩ |
| ବୋଧେ ପାଗଳାମି | ପ୍ରଶାଂତ ମହାଂତି | ୧୫୩ |
| ଏରୁଣ୍ଡି | ନୀଳକଣ୍ଠ ସାହୁ | ୧୫୩ |
| ଚନ୍ଦ୍ରଲେଖା ଗାଁରେ ଫଗୁଣ ଆସିଲେ | ରୀନାରାଣୀ ମହାନ୍ତି | ୧୫୪ |
| ଆସ ଦଶଭୂଜା | କୃଷ୍ଣଚନ୍ଦ୍ର ମହାନ୍ତି | ୧୫୪ |
| ଅନ୍ୱେଷା | ଡ. କଳ୍ପନା ମହାନ୍ତି | ୧୫୪ |
| ତିନିଟି କବିତା | ଗଣେଷରାମ ନାହାକ | ୧୫୫ |
| ଜୀବନ | ସନ୍ତୋଷିନୀ ଦାଶ (ଗିରି) | ୧୫୫ |
| କିଛି ଘଟୁଛି... | ଅକ୍ଷୟ ପାତ୍ର | ୧୫୫ |
| ଏ ଗପଟି ହୋଇପାରେ | ଚକ୍ରଧର ପଣ୍ଡା | ୧୫୬ |
| ଶୀତ ସକାଳ | କିଶୋର ମିଶ୍ର | ୧୫୬ |
| ଯୁଦ୍ଧ | ଶରତ କୁମାର ଦାସ | ୧୫୬ |
| ଠିକଣା | ସୁନନ୍ଦା ମିଶ୍ର | ୧୫୭ |
| ପରିଚୟ | କୁମୁଦ ଚନ୍ଦ୍ର ଦାଶ | ୧୫୭ |
| ମନେରଖିଥା' ଲୋ ଝିଅ | ସୁରଞ୍ଜନ ପାତ୍ର | ୧୫୮ |
| ଜନମିବି ଶତବାର | ପୀୟୂଷ ପଟ୍ଟନାୟକ | ୧୫୮ |
| ପ୍ରେମ | ଅସୀମା ସାହୁ | ୧୫୯ |
| ସଞ୍ଜ ନଇଁଗଲେ | ଡ. ମମତା ସାହୁ | ୧୫୯ |

## କଥା ଓ କାହାଣୀ (ଦ୍ୱିତୀୟ ପ୍ରସ୍ଥ)

| | | |
|---|---|---|
| ମୁଠାଏ ଶୂନ୍ୟତା | କ୍ଷୀରୋଦ ଦାସ | ୧୬୦ |
| ନୀଳାମ୍ବରର ସ୍ୱପ୍ନ | ଗାୟତ୍ରୀ ଆର୍ଯ୍ୟ | ୧୬୬ |
| କୁହୁଡ଼ି ନଈର କୂଳେ କୂଳେ | ହୃଷୀକେଶ ପଣ୍ଡା | ୧୬୯ |
| ଭଲପାଇବାର ରଙ୍ଗ | ଭାନୁମତୀ ସାହୁ | ୧୭୨ |
| ଦୋଷୀ ବଦଳ | ରାମଚନ୍ଦ୍ର ସାହୁ | ୧୭୫ |
| ଅନ୍ୱେଷଣ | ଲିପ୍‌ସା ପଟେଲ | ୧୭୭ |
| ରତ୍ନା | ଲେଖକ: ଶରଣ କୁମାର ଲିମ୍ବାଲେ<br>ଭାଷାନ୍ତର- ଗୌରହରି ପଣ୍ଡା | ୧୭୯ |
| ବିଜୟିନୀ | ରାଜଲକ୍ଷ୍ମୀ ଦାଶ | ୧୮୧ |
| ଯାଜ୍ଞସେନୀର ଯୌତୁକ ଦାବୀ | ମନୋଜ କୁମାର ଜେନା | ୧୮୪ |
| ଦୁଇ କଳାକାର | ମୂଳରଚନା: ମନ୍ନୁ ଭଣ୍ଡାରୀ<br>ଅନୁସୃଜନ: ଅନୁରୂପା ସିଂ | ୧୮୬ |
| ସ୍ୱାଭିମାନ | ଡକ୍ଟର କଳ୍ପଲତା ଦାସ | ୧୯୦ |
| ବାପାଙ୍କ ଘର | ଲେଖକ: ଜ୍ଞାନ ପ୍ରକାଶ ବିବେକ<br>ଅନୁବାଦ: ସୁବାସିନୀ ରଥ | ୧୯୪ |
| ବାପା | ବନମାଳି ସେନାପତି | ୧୯୮ |
| ଅସ୍ତମିତ ନକ୍ଷତ୍ର | ସୁଷମା ପରିଜା | ୨୦୦ |
| ଅନନ୍ୟା | ସରୋଜିନୀ ଷଡଙ୍ଗୀ | ୨୦୪ |
| ପ୍ରଣୟ | ଶୋଭନା ଜେନା | ୨୦୭ |
| ମନ ଆଇନାର ସାଉଁଟା ସ୍ମୃତି | ସୁରଭି ପତି | ୨୦୯ |
| ତ୍ରାହି | ଜାନକୀ ବଲ୍ଲଭ ମହାପାତ୍ର | ୨୧୪ |
| ପରୀ | ପଦ୍ମନାଭ ସାହୁ | ୨୧୮ |
| ଦେଇଥିଲେ ପାଇ | କାଳିନ୍ଦୀ ଚରଣ ଭଞ୍ଜ | ୨୨୧ |
| ଶେଷ ନିଷ୍ପତ୍ତି | ବିଭୁତି ଭୂଷଣ ନନ୍ଦ | ୨୨୬ |

## ଉପନ୍ୟାସ

| | | |
|---|---|---|
| ଅରଣ୍ୟ ଅତିଥି | ରାଧାମୋହନ ମହାପାତ୍ର | ୨୨୮ |

## କବିତା (ମଧ୍ୟ ନିଳୟ)

| | | |
|---|---|---|
| ଭୁବନେଶ୍ୱର: ଦଂଶନର ଦାଗ ଓ ପ୍ରେମର ଅନୁରାଗ | ସୌଭାଗ୍ୟବନ୍ତ ମହାରଣା | ୨୫୧ |
| ଧୂଳି | ଡକ୍ଟର ଶ୍ରୀହରି ଧଳ | ୨୫୧ |
| ବଡ଼ି ଭୋ'ରରୁ ଆମ ଗାଁ | କୃଷ୍ଣ ମିଶ୍ର | ୨୫୨ |
| ଏକଲା ପଣରେ ମୁଁ | ରମାକାନ୍ତ ଜେନା | ୨୫୨ |
| କାରିଗର | ପିନାକୀ ମିଶ୍ର | ୨୫୨ |
| ଅସହାୟତାର ଅଂଧାର | ବିଷ୍ଣୁ ମୋହନ | ୨୫୩ |
| ଭୁବନେଶ୍ୱର | ଡ. ସୁଷମା ମିଶ୍ର | ୨୫୩ |
| ବିଶ୍ୱରୂପ | ଦୁର୍ଗାଚରଣ ଷଡ଼ଙ୍ଗୀ | ୨୫୪ |
| ଘୁରିବୁଲୁଚି | ସଦାଶିବ ଦାଶ | ୨୫୪ |
| ଆକାଶ କଟୀରେ | ହଂସନାଥ ମୁଦୁଲି | ୨୫୫ |
| ସବୁ ତତ୍ତ୍ୱର ବ୍ୟଥା ମରେ | ପ୍ରବୀର ମହାନ୍ତି | ୨୫୫ |
| ଜଣେ ନାରସିଷ୍ଟର ଗୀତ | ହରିଶ୍ଚନ୍ଦ୍ର ବେହେରା | ୨୫୫ |
| ମୋକ୍ଷଦାୟିନୀଟିଏ | ଡ଼ା. ମନୋରଞ୍ଜନ ଦାଶ | ୨୫୬ |
| ଅପ୍ରକାଶ୍ୟ | ଜଳଧର ସ୍ୱାଇଁ | ୨୫୬ |

| | | |
|---|---|---|
| ମା' | ବାମଦେବ ସ୍ୱାଇଁ | ୨୫୭ |
| ଭାଗବାଣ୍ଟ | କ୍ଷମାନିଧି ଭୋଇ | ୨୫୭ |
| ବସୁଦେବ | ଡ. ଗୋପାଳକୃଷ୍ଣ ଆଚାର୍ଯ୍ୟ | ୨୫୭ |
| ଟିକ୍ରାଗୁଡ଼ାର ସମ୍ରାଜାନୀ | ବିଦ୍ୟୁତପ୍ରଭା ଗନ୍ତାୟତ | ୨୫୭ |
| ଫୁଲର ସ୍ପର୍ଶ | ଶର୍ମିଷ୍ଠା ପାଣିଗ୍ରାହୀ | ୨୫୮ |
| ହରଗଉରା ଫୁଲର ଋତୁ | ଡକ୍ଟର ନୃସିଂହ ଷଡ଼ଙ୍ଗୀ | ୨୫୮ |
| ସେତୁ | ପ୍ରଫେସର ରମେଶ ଚନ୍ଦ୍ର ସାହୁ | ୨୫୯ |
| ବୋଉ | ସନ୍ନ୍ୟାସୀ ନାୟକ | ୨୫୯ |
| ତୁମେ ମୁକ୍ତିର... ଶାନ୍ତିର...ପ୍ରାପ୍ତିର | ସରୋଜ କାନ୍ତ ଚୌଧୁରୀ | ୨୬୦ |
| ଦଶାହରଣ | କାର୍ତ୍ତିକ ଚନ୍ଦ୍ର ଷଡ଼ଙ୍ଗୀ | ୨୬୦ |
| ବୁଦ୍ଧ | ଡ. ଅନିଲ ନନ୍ଦ | ୨୬୦ |
| ଆସ ଆମେ କଥା ହେବା | ବାବାଜୀ ଚରଣ ଜେନା | ୨୬୧ |
| ଶୂନ୍ୟବାଣୀ | ରଞ୍ଜନ ବାଗ | ୨୬୧ |
| ଋତୁରାଣୀ | ବିଜୟଲକ୍ଷ୍ମୀ ସାହୁ | ୨୬୧ |
| ବିଷାଦ | ସୌଦାମିନୀ ସ୍ୱାଇଁ | ୨୬୨ |
| ନିସ୍ତାର | ଅଧ୍ୟାପିକା ସୁନୀତା ନାଏକ | ୨୬୨ |
| ଶୂଦ୍ର | ଡକ୍ଟର ରାମଚନ୍ଦ୍ର ପଲାଇ | ୨୬୨ |
| କବିତା ଟିକେ ନୂଆ ହୁଏ | ଡକ୍ଟର ସରସ୍ୱତୀ ପଣ୍ଡା | ୨୬୨ |
| ଅଶାନ୍ତ ନକ୍ଷତ୍ର | ମନୋଜ କୁମାର ଦାଶ | ୨୬୩ |
| ପରିବର୍ତ୍ତନ | ଅଧ୍ୟାପିକା ପ୍ରିୟଦର୍ଶିନୀ ନାୟକ | ୨୬୩ |
| ଭୁଲି ହୁଏନା | ଡଃ. ସଂଜୀବ କୁମାର ପାଣିଗ୍ରାହୀ | ୨୬୩ |
| ଏଇତ ସଂପର୍କ | ମୁରଲୀଧର ମିଶ୍ର | ୨୬୪ |
| ଖୁସିର ପସରା ଆଣେ ଦଶହରା | ନିରଞ୍ଜନ ସାହୁ | ୨୬୪ |
| ଏବେ ସେଦିନ ଓ ନିଦ ଆଉ ନାହିଁ | ବିଜୟ ମହାପାତ୍ର | ୨୬୪ |
| କଳଙ୍କ | ବନ୍ଦନା ପଣ୍ଡା | ୨୬୫ |
| ମା' ଦୁର୍ଗତି ନାଶିନୀ | ସ୍ନେହା ରଥ | ୨୬୫ |

## ଏକାଙ୍କିକା

| | | |
|---|---|---|
| ଦସ୍ୟୁ ରତ୍ନାକର | ପ୍ରଫେସର ଉପେନ୍ଦ୍ର ପ୍ରସାଦ ନାୟକ | ୨୬୬ |

## ଧାରାବାହିକ ଉପନ୍ୟାସ

| | | |
|---|---|---|
| ଶ୍ରୀ ଖାରବେଳ | ଡାକ୍ତର ଇନ୍ଦ୍ରମଣି ଜେନା | ୨୭୬ |

## ରମ୍ୟରଚନା

| | | |
|---|---|---|
| ଧେତ୍ ଟେନସନ୍ କେମିତି ନ ଆସିବ ଯେ! | ରାଧାଶ୍ୟାମ ରାଉଳ | ୨୮୧ |
| ଅବୁଝା ରାଜାକୁ ସାକ୍ଷୀ ଚାଟୁକାର ମନ୍ତ୍ରୀ | ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀ | ୨୮୩ |

## କବିତା (ଅନ୍ତଃ ନିଳୟ)

| | | |
|---|---|---|
| ଜଗନ୍ନାଥ : ଭବିଷ୍ୟତ | ଅମରେଶ ପଟ୍ଟନାୟକ | ୨୮୫ |
| ଏଇ ଭାବେ ମଣିଷଟେ | ଅଶ୍ୱିନୀ କୁମାର ମିଶ୍ର | ୨୮୫ |
| ମୈଦାନ | ଡକ୍ଟର କମଳାକୃଷ୍ଣ ତ୍ରିପାଠୀ | ୨୮୫ |
| ଜୀଇଁବାର ଟାଣ ଭାଙ୍ଗିଯାଏ | ପ୍ରତିଭା ପରିଡ଼ା | ୨୮୬ |
| ଦେବୀ | ସୀମା ମିଶ୍ର | ୨୮୬ |
| ଥାଉ.. ସେତିକିରେ ରଖିଦିଅ | ଘନଶ୍ୟାମ ମେହେର | ୨୮୭ |
| ଚୌଷଠୀ ପଦ୍ମ ପାଖୁଡ଼ା | ନକୁଳ ଚଂଦ୍ର ସାହୁ | ୨୮୭ |
| ହେ ପ୍ରିୟ ଭାରତବର୍ଷ | ନରହରି ମିଶ୍ର | ୨୮୭ |
| ପାଞ୍ଚୋଟି ଗଜଲ | ମିଲନ୍ କୁମାର ମିଶ୍ର (ଭରଦ୍ୱାଜ) | ୨୮୮ |
| ଏକ ପ୍ରଜାପତିର ମୃତ୍ୟୁ | ଡା. ଦୀନବଂଧୁ ସାହୁ | ୨୮୮ |
| ଛାଇ | ଶିବ ଶଙ୍କର ଦାସ | ୨୮୮ |
| ଗଳିର ପ୍ରେମିକ | ଅଭିରାମ ଦାସ | ୨୮୯ |
| ଭିନ୍ନ ଏକ କୁରୁକ୍ଷେତ୍ର | ଗୋପାଳ ଚନ୍ଦ୍ର ମିଶ୍ର | ୨୮୯ |
| ଈଶ୍ୱର ନଥିଲେ ସେଦିନ | ଅଜୟ ପ୍ରଧାନ | ୨୮୯ |
| ନୀରବ ସାଧିକା | କିଶୋର କୁମାର ମହାନ୍ତି | ୨୯୦ |
| ଅମରାବତୀ | ଶରତ ଦାଶ | ୨୯୦ |
| ଜୀବନର ପାଣ୍ଡୁଲିପି | ମହେନ୍ଦ୍ର କୁମାର ମଲ୍ଲିକ | ୨୯୧ |
| ଋତୁ ଶରତ | ପ୍ରଣୀତା ମିଶ୍ର | ୨୯୧ |
| ନାରୀରୁ ନାରାୟଣୀ | ବିରଜା ଦେବୀ | ୨୯୧ |
| ସକାଳ | ଡକ୍ଟର ମୀନକେତନ ପାଠୀ | ୨୯୨ |
| ମା'ର ଚୁଲି | ସସ୍ମିତା ରାଉତ | ୨୯୨ |
| ସ୍ୱପ୍ନର ବାସର ରାତି | ସୁକୁମାର ଦାସ | ୨୯୨ |
| ବିଜନ ବେଳାରେ | ଅନୀତା ପାଣି | ୨୯୩ |
| ଛୋଟର ମହିମା | ଶୁଭେନ୍ଦୁ ଦାଶ | ୨୯୩ |
| ଧରା ହେଉଛି ଭରା | ରାଜଶ୍ରୀ ମହାପାତ୍ର | ୨୯୩ |
| ସତ୍ୟ ଜଳାଞ୍ଜଳି | ବିନୟ ଭୂଷଣ ପାଣିଗ୍ରାହୀ | ୨୯୪ |
| ଭିଜା ଅତୀତ | ଡ. ଲକ୍ଷ୍ମୀକାନ୍ତ ପାଢ଼ୀ | ୨୯୪ |
| ପାଦଚିହ୍ନ | ସୁଶାନ୍ତ କୁମାର ନାୟକ | ୨୯୪ |
| ନଈକୁ ଫେରିଆସେ | ସୁଶୀଲ କୁମାର ପାଣିଗ୍ରାହୀ | ୨୯୫ |
| ରାହା | ଗୀତା ଦାସ | ୨୯୫ |
| ଗଧ | ସଚ୍ଚିଦାନନ୍ଦ ମିଶ୍ର | ୨୯୫ |
| ବ୍ୟବଧାନ | ଡ. କୁଳମଣି ଓଝା | ୨୯୬ |
| ମୁକ୍ତିପଥ | ଇଂ ବିଜନ କୁମାର ବେହେରା | ୨୯୬ |
| ଆଗୋ ପ୍ରାଣପ୍ରିୟା | କଲ୍ୟାଣୀ ନନ୍ଦ | ୨୯୭ |
| ଭଉଁରୀ | ରାହାସ କୁମାର ବେହେରା | ୨୯୭ |
| ମୁକ୍ତିର ଗବାକ୍ଷ | ସୁରେନ୍ଦ୍ର କୁମାର ବେହେରା | ୨୯୭ |
| ମୁଁ ଯେ କୁମୁଦିନୀ | ସନ୍ନିଭା ମିଶ୍ରଦାଶ | ୨୯୮ |
| ବିଷାଦ ଯୋଗ | କପିଳ ଚନ୍ଦ୍ର ମହାନ୍ତି | ୨୯୮ |
| ମଗ୍ନ ମାୟାବର୍ତ୍ତ | ସୁବାସ ଚନ୍ଦ୍ର ସାହୁ | ୨୯୮ |
| ମୋବାଇଲ | ବିକାସ ଚନ୍ଦ୍ର ବେହେରା | ୨୯୯ |
| କେତେ ବାଟ ଆଉ | ମାନସ ଦାସ | ୨୯୯ |
| ବାଲିଘର | ବିଶ୍ୱନାଥ କର | ୨୯୯ |
| ପ୍ରେମ: ଆଶ୍ୱସ୍ତିର ଆଷାଢ଼ ଆଷାଢ଼ ମନ | ତ୍ରିଲୋଚନ ମହାନ୍ତି | ୩୦୦ |
| ପୁନଃଶ୍ଚ ପୁନଃରାବୃତ୍ତି | ମାନଗୋବିନ୍ଦ ବାରିକ୍ | ୩୦୦ |
| ଆମ ଗାଁ କବି ସମ୍ମିଳନୀ | ଡ. ଗୋପବନ୍ଧୁ ଦାଶ | ୩୦୧ |

## କଥା ଓ କାହାଣୀ (ଶେଷ ପ୍ରସ୍ଥ)

| | | |
|---|---|---|
| କାଳିଆର ଡୋରି | ଅରବିନ୍ଦ ଦାଶ | ୩୦୨ |
| ଉଷା | ରୁମ୍ଝୁମ୍ ନାୟକ | ୩୦୪ |

ଜଣେ ଶବବାହକ ଓ ସେମାନେ କେତେଜଣ
ମୂଳ ବଙ୍ଗଳା ଗଳ୍ପ – କମଳ ଲାହିଡ଼ୀ
ଓଡ଼ିଆ ରୂପାନ୍ତର – ଜୟକୃଷ୍ଣ ସାମଲ ୩୦୭
ଡଲି ଅପା ସଂଯୁକ୍ତା ମହାନ୍ତି ୩୧୨
ଫାଣ୍ଟାସୀ ସରୋଜ କୁମାର ସାହୁ ୩୧୬
ବନଜାରା କାର୍ତ୍ତିକ ଚନ୍ଦ୍ର ବାରିକ ୩୧୮
ଅରାଏ ଅଂଧାର ସୋରାଏ ଆଲୁଅ
କିଶୋର ଆକାଶ୍ ୩୨୩
ଚୁନ୍‌ରୀ ଡକ୍ଟର ବୈଜୟନ୍ତୀ ମିଶ୍ର ୩୨୭
ସ୍ୱର୍ଗ ଦ୍ୱାର: କେତେ ଦୂର ପ୍ରଭାତ ସିହ୍ନା ୩୩୧
ବହ୍ନି କନ୍ୟା ଉମା ଶଙ୍କର ଷଡଙ୍ଗୀ ୩୩୪
ସ୍ୱର୍ଗ ସଂଧାନରେ ମୂଳ ଉର୍ଦ୍ଦୁ: ପ୍ରିୟାନୀ ବାବୁ
ଅନୁସୃଜନ: ଡଃ କିଶୋର ମହାନ୍ତି ୩୩୬
ମନ ଅରଣ୍ୟ ଦୀପ୍ତି ଖଣ୍ଡୁଆଳ ୩୩୮
ଶ୍ରୀ ଶଙ୍କରାଚାର୍ଯ୍ୟଙ୍କ ଜୀବନର ଏକ କ୍ରୁର ତାନ୍ତ୍ରିକର କୁଟୀଳତା
ପ୍ରଶାନ୍ତି ମିଶ୍ର ୩୪୦
ବିଚିତ୍ର ବର୍ଣ୍ଣା ମୂଳ ତେଲୁଗୁ: ଇଚ୍ଛାପୁରୁକୁ ଜଗନ୍ନାଥ ରାଓ
ଅନୁସୃଜନ: ଅମିୟବାଳା ପଟ୍ଟନାୟକ ୩୪୨
ଚାଳିଶି ମାଣିଆ ଅର୍ଜୁନ ଦାସ ୩୪୫
ଦୋଷ ଧରିବନି ସୁବାସ ଚନ୍ଦ୍ର ଜେନା ୩୪୭
ଆକୁଳିନନା ବିଦ୍ୟାଧର ଗୁରୁ ୩୫୦
ଈଶ୍ୱରୀ ଶୈବାଳିନୀ ସାହୁ ୩୫୩
ସମୁଦ୍ର ମନ୍ଥନ ମାୟାଧର ସାହୁ ୩୫୫
ଏହି ଆଖିରେ ଲୁଚି ରହିଥିବା ମଣିଷଟି...
ଶଶିଭୂଷଣ ମହାନ୍ତି ୩୫୮
ସହଯାତ୍ରୀ ରବିନାରାୟଣ ନନ୍ଦ ୩୬୧


## ଜ୍ୟୋତିଷ ବିଚାର


ରାଶିଫଳ ଜ୍ୟୋତିର୍ବିଦ – ବିଶ୍ୱନାଥ ନାୟକ ୩୬୪


## ତନ୍ମାତ୍ର


ଅନନ୍ୟ ସଂଗୀତଜ୍ଞ ଯୋଡ଼ି : ଲକ୍ଷ୍ମୀକାନ୍ତ ପ୍ୟାରେଲାଲ ୩୬୭


## ଖେଳ ଓ ଖେଳାଳୀ


ଏସିଆନ୍ ଗେମ୍‌ସରେ ଭାରତ ୩୭୦



**ସମାରୋହର ଆଜୀବନ ପୃଷ୍ଠପୋଷକ**

ଶ୍ରୀ ଦେବ ପଟ୍ଟନାୟକ

ଶ୍ରୀ ଲକ୍ଷ୍ମୀକାନ୍ତ ମିଶ୍ର

ଡ. ସିଦ୍ଧାର୍ଥ ପାଢ଼ୀ

ଡା. ଅମରେନ୍ଦ୍ରନାଥ ଦାସ


ସମସ୍ତ ଲେଖା, ମନିଅର୍ଡ଼ର ପଠାଇବା ନିମନ୍ତେ ଏବଂ ସମସ୍ତ ଯୋଗାଯୋଗ ନିମନ୍ତେ ଡି-୯, ବିଜେବି ନଗର ପରିବର୍ତ୍ତେ ସହଯୋଗୀ ସଂପାଦକଙ୍କର ନିମ୍ନୋକ୍ତ ଠିକଣାଟି ବ୍ୟବହାର କରିବାକୁ ଅନୁରୋଧ ।

## ଯୋଗାଯୋଗ ଠିକଣା


ସହଯୋଗୀ ସଂପାଦକ : ସମାରୋହ

ସି-୧୬୩, ବିଡିଏ ଡ୍ୟୁପ୍ଲେକ୍ସ, ପ୍ରଜ୍ଞାବିହାର, ବରମୁଣ୍ଡା, ଭୁବନେଶ୍ୱର-୩

ଫୋନ୍ ନମ୍ବର : ୦୬୭୪-୨୩୫୪୮୭୩, ମୋବାଇଲ ନମ୍ବର : ୯୦୯୦୪୬୮୦୪୬



| | | |
|---|---|---|
| **ସମାରୋହର ଦେୟ** | ବାର୍ଷିକ................ଟ. ୨୫୦.୦୦ | ଦ୍ୱିବାର୍ଷିକ..............ଟ. ୫୦୦.୦୦ |
| | ୩ ବର୍ଷ ପାଇଁ..........ଟ. ୭୫୦.୦୦ | ୫ ବର୍ଷ ପାଇଁ..........ଟ. ୧୨୫୦.୦୦ |
| | *ପ୍ରତ୍ୟେକ ମାସିକ ସଂଖ୍ୟା ଡାକ ଯୋଗେ ଗ୍ରାହକଙ୍କ ନିକଟକୁ ପଠାଇଦିଆଯିବାର ବ୍ୟବସ୍ଥା ରହିଛି ।* | |

# ସଂପାଦକୀୟ

ଓଡ଼ିଶା ଗୋଟିଏ ରାଜ୍ୟ ଯେଉଁଥିରେ ବାରମାସରେ ତେର ପର୍ବ ଆସିଯାଇଥାଏ। ପର୍ବ ତ ନୁହେଁ ପାର୍ବଣ କହିଲେ ଅତ୍ୟୁକ୍ତି ହେବନାହିଁ। ଆଶ୍ୱିନ ମାସରେ ଆସି ପହଞ୍ଚିଗଲାଣି ଦେବୀଙ୍କର ଷୋଡ଼ସ ଦିବସମୟ ପୂଜାର୍ଚ୍ଚନା ବିଧି। ମୂଳାଷ୍ଟମୀରୁ ଆରମ୍ଭ ହୋଇ ଦଶହରା ଦିନ ସମାପ୍ତ ହୁଏ। ଏହା କେଉଁ କାଳରୁ ଆରମ୍ଭ ହୋଇଯାଇଛି। କିନ୍ତୁ ବର୍ତ୍ତମାନ ମନୁଷ୍ୟମାନଙ୍କର ପ୍ରକୃତି ଅନୁଯାୟୀ ଘଟିଚାଲିଛି ଏକ ପ୍ରତିଯୋଗିତାର ପରଂପରା। ସେଥିପାଇଁ ପୂର୍ବବର୍ଷ ଭଳି ଏ ବର୍ଷ ମଧ୍ୟ ଦେବୀ କେଉଁ କେଉଁ ମଣ୍ଡପରେ କେଉଁ ରାଜବାଟୀର ପରିସରରେ ନିଜେ ଆବିର୍ଭୂତ ହେବେ ସାଧକ ଓ ଭକ୍ତଗଣଙ୍କୁ ଆଶୀର୍ବାଦ କରିବାକୁ। ଆମେ ଯଦି ଜାଣିଥିବା ବ୍ରହ୍ମା-ବିଷ୍ଣୁ-ମହେଶ୍ୱର ହେଲେ ଜଣେ ସୃଷ୍ଟି କର୍ତ୍ତା, ଦ୍ୱିତୀୟ ପାଳନ କର୍ତ୍ତା ଏବଂ ତୃତୀୟ ସଂହାର କର୍ତ୍ତା, ଦେବୀଙ୍କର ଏଇ ତ୍ରିଦିନାତ୍ମକ ପୂଜାବିଧିରେ ସେ ସବୁ ମଧ୍ୟ ଘଟିଚାଲିଥାଏ। ତେବେ ଏ ଯେଉଁ ପ୍ରଚୁର ଅର୍ଥ ବିନିମୟରେ ଘମାଘୋଟ ପୂଜାର୍ଚ୍ଚନା ଚାଲିଛି ତାହା କ'ଣ "ଧର୍ମର ନୀତି ଧାର୍ମିକ?" ଧର୍ମର ମୂଳ କଣ? ସ୍ୱାର୍ଥତ୍ୟାଗ ଓ ଅନ୍ୟମାନଙ୍କର ହିତସାଧନ ବା ମଙ୍ଗଳକାମନା କରି ପୃଥିବୀକୁ ଏକ ସୁଖ ଶାନ୍ତି ସୁମିର ବାତାବରଣ ସୃଷ୍ଟି କରିବା। ଆମେ ବର୍ତ୍ତମାନ ସବୁଠାରେ ପ୍ରତିଯୋଗିତା ପୂର୍ଣ୍ଣ ମନୋଭାବ କେବଳ ନୁହେଁ ଏକ ବିରାଟ ଅହଂକାର ପାହାଡ଼ ଉପରେ ବସି ଯାହା ସବୁ ଜଗତର ହିତପାଇଁ କରିଚାଲିଛୁ ବୋଲି ଡେଙ୍ଗୁରା ପିଟା ଚଳେଇଛୁ- ତାହା ବର୍ତ୍ତମାନ ପରିସ୍ଥିତିରେ ସବୁ ଦିଗରୁ ଭୂମିକମ୍ପ, ଭୂସ୍ଖଳନ ଇତ୍ୟାଦି ସୃଷ୍ଟିକରି ଜନ ସମୁଦ୍ରର ସମସ୍ତ ଅହମିକାକୁ ଜଳାର୍ଣ୍ଣବ କରିଦେଇ କାହାକୁ ନେଇ କେଉଁଠାରେ ପକାଇଦେବ- ତା'ର ଚିହ୍ନ ଖୋଜି ବାହାର କରିବା ଅସମ୍ଭବ। ବାହାନଗା ଦୁର୍ଘଟଣା ପରି ଏବେ ମଧ୍ୟ ଅନେକ ଅଚିହ୍ନା ବ୍ୟକ୍ତିଙ୍କର ଦେହ ତ ନୁହେଁ କହିବାକୁ ଗଲେ ପୋଡ଼ା ମାଂସ ସବୁ ଅଛି ତାକୁ କେବେ ଉପଯୁକ୍ତ ପଦ୍ଧତିରେ ନିଶ୍ଚିହ୍ନ କରାଯିବ। ତଥାପି ମଧ୍ୟ ଆମେ ଚେତିଲୁ ନାହିଁ। କଥାରେ ଅଛି- "ଅକଲ ମନ୍ଦ ଲୋଗୋଁ କୋ- ଇସାରା ଭି କାଫି ହୈ।" ଅକଲମନ୍ଦ ଲୋକ କିଏ ଆଉ ଅଛି ସତ କହିବାକୁ ଗଲେ? ଶାସ୍ତ୍ର- ପୁରାଣ ଇତ୍ୟାଦି ପରେ ଯେଉଁମାନେ ଏଇ ଭାରତବର୍ଷକୁ ସ୍ୱାଧୀନ କରିବା ନିମନ୍ତେ କେତେ କେତେ ଅତ୍ୟାଚାର ସହି ମଧ୍ୟ ଭାଙ୍ଗି ନ ପଡ଼ି ଶେଷ ଜୀବନ ପର୍ଯ୍ୟନ୍ତ ଲଢ଼ି ଚାଲିଲେ- ଆଜି କଣ ଆମର ସେଇ ସ୍ୱାର୍ଥ ତ୍ୟାଗ ମନୋବୃତ୍ତିରୁ କାଣିଚାଏ ମଧ୍ୟ ନିଜର ହୃଦୟ ବନ୍ଦରରେ ସ୍ଥାନୀତ ହୋଇ ରହିଛି? ପ୍ରକୃତରେ କହିବାକୁ ଗଲେ- ସୃଷ୍ଟିରେ ଯାହା ସବୁ ଘଟିଚାଲିଛି-ବ୍ୟକ୍ତି-ବିଶେଷ ରୂପେ ଯାହା କହୁଛନ୍ତି- ତାହା ତାଙ୍କର ନିଭୃତ ଅନ୍ତଃକୋଣରେ ବିବେକାନୁମୋଦିତ ସତ୍ୟବାଣୀ ନୁହେଁ। କାରଣ ସତ୍ୟ ହିଁ ସର୍ବ ଶ୍ରେଷ୍ଠ। "ସତ୍ୟମେବ ଜୟେତ।" ମିଥ୍ୟାର ଆଶ୍ରୟ ନେଇ ପ୍ରକାଶ ପାଉଥିବା ସତ୍ୟ କେବେ ବାହାରି ଉପଯୁକ୍ତ ଉପକାରରେ ଲାଗିବାର ସମ୍ଭାବନା ନଥିଲା- ଏବେ ମଧ୍ୟ ନାହିଁ।

ନିଜ ଭିତରକୁ ଦେଖ! ନିଜେ କଣ ଚାହୁଁଛ ତାକୁ ସ୍ଥିରଚିତ୍ତରେ ଗ୍ରହଣ କରି ଜଗତର ଉପକାର ନିମନ୍ତେ କାର୍ଯ୍ୟ କରିଚାଲିଯାଅ। ଏଥିରେ ପୃଥିବୀର ସମସ୍ତ ବୈଭବ ସହିତ- ଚତୁର୍ଦ୍ଦିଗରୁ ଆଶୀର୍ବାଦର ସୁଖ ଚାଲିଆସିବ। ଆମକୁ ଦେଶ ଉଦ୍ଧାର ପାଇଁ ବିଦେଶୀଙ୍କୁ ଡାକି ଆପ୍ୟାୟିତ କରିବାକୁ ପଡ଼ିବ ନାହିଁ।

ମାଆ ଆସୁଛନ୍ତି ଆଗେଇ। ଯଦି ସତ୍ୟକୁ ଆଶ୍ରୟ କରି ଆଗେ ସମସ୍ତେ ତାଙ୍କର ଆରାଧନା ଏକ ମନ- ଏକ ପ୍ରାଣ ନେଇ କରିଚାଲିବା- ତେବେ ଏ ବନ୍ୟା ବିପ୍ଳାତ, ଭୂମିକମ୍ପ, ଯୁଦ୍ଧ ଘନଘୋଟା ସବୁ ପ୍ରଶମିତ ହୋଇଯିବ। ସୁସ୍ଥାୟୀ ସୁଖ ଏବଂ ଆନନ୍ଦ ଚତୁର୍ଦ୍ଦିଗରେ ବିରାଜିତ ହେବ। ଯାହାକୁ ଟିକିଏ ପ୍ରାପ୍ତି ହେବା ନିମନ୍ତେ ମନୁଷ୍ୟ ବହୁପ୍ରକାରର କୁକର୍ମ- କୁଚକ୍ର କରି ଚାଲିଛି- ସେଥିରେ ଭଟ୍ଟା ପଡ଼ିଯିବ। ଶାନ୍ତ ପୃଥିବୀରେ- ସୌହାର୍ଦ୍ଦ୍ୟ ବୃଦ୍ଧିପାଇବ। ଶତ୍ରୁ-ମିତ୍ର ନୁହେଁ- ସମସ୍ତେ ସମସ୍ତଙ୍କୁ ନିଜର ସ୍ୱରୂପ ମନେ କରି କୋଳାଗ୍ରତ କରିବେ।

ଏତିକିରେ ଇତି କରିବାର ମନୋବୃତ୍ତି ଥିଲା। କିନ୍ତୁ କାଲି କାଗଜରୁ ଜଗନ୍ନାଥଙ୍କ ଦର୍ଶନ ନିମନ୍ତେ "ଡ୍ରେସ୍ କୋର୍ଡ଼" ଦେଖିବା ପରେ ଇଚ୍ଛା ହେଲା ଅଧିକ କଣ ଲେଖି ଜଣେଇ ଦେବା ନିମନ୍ତେ। ଇଂଲିଶ୍ ମିଡିୟମ୍ ସ୍କୁଲମାନଙ୍କରେ ପ୍ରାୟ ଡ୍ରେସ୍ କୋର୍ଡ଼ ଅତୀତରେ ଥିଲା। ଏବେ କିଛି ବର୍ଷ ହେଲା ଆମ ସ୍କୁଲମାନଙ୍କରେ ଡ୍ରେସ୍‌କୋର୍ଡ଼ ଏବଂ ଶିକ୍ଷକ ଶିକ୍ଷୟତ୍ରୀମାନଙ୍କର ମଧ୍ୟ ଡ୍ରେସ୍ ବଚ୍ଛାଯାଇ ପିନ୍ଧିବା ବାଧ୍ୟ ହୋଇଗଲା। ସେମାନେ ସମସ୍ତେ ପିନ୍ଧୁ ନଥିଲେ- କେହି କେହି ବାଧ୍ୟ ହୋଇ ପିନ୍ଧି ରାସ୍ତାରେ ଯାଉଥିଲେ। କିନ୍ତୁ ଗାଡ଼ି ମଟରବାଲା ବ୍ୟାଗ୍‌ରେ ସେ ଲୁଗା ପୂରାଇ ସ୍କୁଲ ଭିତରେ ତାକୁ ପିନ୍ଧି- ପୁଣି ଫେରିଲା ବେଳକୁ ଚଉତିରଖି ନିଜର ଇଚ୍ଛା ମୁତାବକ

ପିନ୍ଧିଥିବା ଶାଢ଼ୀ ବା ଡ୍ରେସ୍ ପିନ୍ଧି ଆସୁଥିଲେ। କିନ୍ତୁ ଇଏତ ଶ୍ରୀଜଗନ୍ନାଥଙ୍କ ମନ୍ଦିରରେ ଚଳିପାରିବନି। ପ୍ରଥମେ ଧଳା ଲୁଗା ଇତ୍ୟାଦି ବଜାରରୁ କିଣିବାକୁ ପଡ଼ିବ। ସାରା ମନ୍ଦିର ଖରା-ବର୍ଷା-ଶୀତ ସବୁ ସମୟରେ ସେଇ ଡ୍ରେସ୍ ପିନ୍ଧି ସମ୍ଭାଳି ରହିବା ଅସଂଭବ ହେବ। ପିଲାମାନଙ୍କୁ ମଧ୍ୟ ଅଧିକ କଷ୍ଟ ହେବ। ଜନ୍ମଦିନରେ ମିଳିଥିବା ନୂଆଟିକୁ ପିନ୍ଧି ସେମାନେ ପୂର୍ଣ୍ଣ ଆନନ୍ଦରେ ମନ୍ଦିର ବା ଜଗନ୍ନାଥଙ୍କ ଦର୍ଶନ ନିମନ୍ତେ ଯାଉଥିଲେ। ନୂଆ ପିନ୍ଧି ତାକୁ ସଙ୍ଗେ ସଙ୍ଗେ ମଳିକରି ଦେବାର ସୁଯୋଗ ସେମାନେ କେହି ବୋଧହୁଏ ଗ୍ରହଣ କରିପାରିବେ ନାହିଁ। ପିଲାଙ୍କ କଥା ଛାଡ଼ନ୍ତୁ- ବାପା-ମାଆ ମଧ୍ୟ ଏଥିରେ ସନ୍ତୁଷ୍ଟ ହେବେ ନାହିଁ। ସେମାନେ ପଚାରିବେ, "ଫୋନ୍ ନେଇ ମନ୍ଦିରକୁ ଯିବା ବନ୍ଦ୍ ହୋଇଯିବା ପରେ, ଅନେକଙ୍କୁ ଅନେକ ପ୍ରକାରର ଅସୁବିଧା ହୋଇଛି- କିନ୍ତୁ ଦିନ ଦ୍ୱିପ୍ରହରେ ଫୋନ୍‌ରେ ବ୍ରହ୍ମ ବିଭ୍ରାଟ କରି ସେମାନେ ତ ଦୁଃଖୀ ହେଲେ ନାହିଁ। ବରଂ ନିଜର ବାହାଦୁରୀର ଡିଣ୍ଡିମ ମଧ୍ୟ ପିଟିବାର ଶୁଣାଯାଏ। ଯେଉଁ ଉର୍ବର ମସ୍ତିଷ୍କରୁ ମନ୍ଦିର ନିମନ୍ତେ ଏ ବୁଦ୍ଧି ଆସିଲା- ଅନ୍ୟ ଯେତେସବୁ ଦୁର୍ଘଟଣା ଅସୁବିଧା ଏବେ ମଧ୍ୟ ଘଟିଚାଲିଛି, ତାର ସମୂହ ପ୍ରତିକାର ନିମନ୍ତେ ଏଭଳି ଯୋଜନା କାହିଁ ହେଉନାହିଁ? ଦେବୀଙ୍କର ପୂଜା ନିମନ୍ତେ ଯେଉଁ ସମୟବି ନିର୍ଦ୍ଧାରିତ ସେତିକିବେଳେ ଏସବୁ ପ୍ରକାଶ କରିବାର ଉଦ୍ଦେଶ୍ୟ କଣ? ଗଣେଶ ବିସର୍ଜନ ସମୟରେ ଯେପରି ସବୁ ଦଙ୍ଗା ହଙ୍ଗାମା ପ୍ରକାଶିତ ହୋଇ ଚାଲିଥିଲା- ତାର କଣ ଅଧିକ ପୁନରାବୃତ୍ତି କରିବାର ଉଦ୍ଦେଶ୍ୟ ରହିଛି। ସଦ୍‌ବୁଦ୍ଧି ଦିଅ ପ୍ରଭୁ। ଜଗତର କଲ୍ୟାଣ ସହିତ ପ୍ରତ୍ୟେକ ବ୍ୟକ୍ତି, ପ୍ରତ୍ୟେକ ଅନୁଷ୍ଠାନ ପ୍ରତ୍ୟେକ ଧର୍ମ ତାଙ୍କ ନିଜ ନିଜ ସୀମା ମଧ୍ୟରେ ଚଳପ୍ରଚଳ ହୁଅନ୍ତୁ।

ହରିଓଁ ତତ୍‌ସତ୍
ବ୍ରହ୍ମାର୍ପଣମସ୍ତୁ

ସୌଦାମିନୀ ମିଶ୍ର









*With Best Compliments from:*

# TRUPTI AUTOMOTIVES

**LIGHT COMMERCIAL VEHICLE DEALER**

**N.H.-5, MANGULI CHOWK, CUTTACK-754025**

**Tel:- 0671-2392392, Email:- info.ctc@truptigroup.co.in**

**BRANCH:- ANGUL, JAJPUR, JAGATSINGHPUR, KENDRAPARA, DHENKANAL**


ସର୍ବାଧିକ
ବିଶ୍ୱାସଯୋଗ୍ୟ
ସମ୍ବାଦପତ୍ର
The Sambad Kalika
ଆମେ ରଙ୍ଗ
ଭଲ ପାଉ
ତେବେ ଖବରରେ
ରଙ୍ଗ ବୋଳୁନା
ଇଣ୍ଟିଗ୍ରାଲ ପବ୍ଲିକେସନ୍ସ ପ୍ରା.ଲି.
୪୬୪, ଶହୀଦନଗର
ଭୁବନେଶ୍ୱର-୭୫୧୦୦୭

ସମାରୋହ

ପ୍ରବନ୍ଧ

# ଦୁର୍ଗତିନାଶିନୀ ମା' ଦୁର୍ଗା

## ଅଧ୍ୟାପକ ରବୀନ୍ଦ୍ର କୁମାର ବେହୁରିଆ

ଭାରତୀୟ ଶକ୍ତି ଉପାସନାର ସଂସ୍କୃତି ଓ ପରମ୍ପରାରେ ବିଭିନ୍ନ ଦେବୀପୂଜା ସ୍ୱୀକୃତ ହୋଇଥିଲେ ହେଁ ସର୍ବତୋଭାବେ ଦୁର୍ଗା ପୂଜାର ସ୍ୱାତନ୍ତ୍ର୍ୟ ଅନୁଭୂତ ହୁଏ। ତୈତ୍ତିରୀୟ ଆରଣ୍ୟକରେ ବର୍ଣ୍ଣିତ ଦୁର୍ଗା ଗାୟତ୍ରୀରୁ ଦୁର୍ଗାନାମରେ ସର୍ବପ୍ରଥମ ଉଲ୍ଲେଖ ଦୃଷ୍ଟିଗୋଚର ହୁଏ। ଅଧିକନ୍ତୁ ସେଥିରେ ତପଃ ପ୍ରଜ୍ୱଳିତ ରୂପା



ଶକ୍ତିରୂପେ ବର୍ଣ୍ଣନା କରାଯାଇ କୁହାଯାଇଛି :-

'ତାମଗ୍ନିବର୍ଣ୍ଣା ତପସା ଜ୍ୱଳନ୍ତାଂ
ବୈରୋଚନାଂ କର୍ମଫଳେଷୁ ଜୁଷ୍ଟାମ୍।
ଦୁର୍ଗାଦେବୀଂ ଶରଣମହଂ
ପ୍ରପଦ୍ୟେ ସୁତରସି ତରସେ ନମଃ।'

ଦୁର୍ଗା ଶବ୍ଦର ବ୍ୟୁତ୍ପତ୍ତି ପୁରାଣ ଶାସ୍ତ୍ରମାନଙ୍କରେ ବିଭିନ୍ନ ଅର୍ଥରେ ଅବତାରଣା କରାଯାଇଛି।

ଦୁର୍ଗ+ଆ=ଦୁର୍ଗା। ଦୁର୍ଗ ଶବ୍ଦର ଆଭିଧାନିକ ଅର୍ଥ ହେଉଛି:- ଦୁର୍ଗନାମକ ଦୈତ୍ୟ, ମହାବିଘ୍ନ, ମହାଭୟ, ଭବବନ୍ଧ, ରୋଗ, ଦୁଃଖ, ଶୋକ, ନରକ, କୁକର୍ମ, ଜନ୍ମ, ଯମଦଣ୍ଡ ଏବଂ 'ଆ' ହେଉଛି ହନ୍ତୁବାଚକ। ଏହି ସମସ୍ତ ଅମଙ୍ଗଳ ଓ ଅଶୁଭକୁ ଯେ ବିନାଶ କରନ୍ତି, ସେ ହିଁ ଦୁର୍ଗା।

'ଶବ୍ଦ କଳ୍ପଦ୍ରୁମ'ରେ ଉଲ୍ଲେଖ ଅଛି :-

'ଦୁର୍ଗୋ ଦୈତ୍ୟେ, ମହାବିଘ୍ନୋ, ଭବବନ୍ଧେ କୁକର୍ମଣି
ଶୋକେ ଦୁଃଖେଚ ନରକେ ଯମଦଣ୍ଡେ ଚ ଜନ୍ମନି
ମହାଭୟେଽତି ରୋଗେ ଚାପ୍ୟାଶବ୍ଦୋ ହନ୍ତବାଚକ
ଏତାନ୍ ହେନ୍ତ୍ୟେବ ଯା ଦେବୀ ସା ଦୁର୍ଗା ପରିକୀର୍ତ୍ତିତା।'

ସର୍ବକଲ୍ୟାଣମୟୀ, ଦୁର୍ଗତିନାଶିନୀ, ଶାନ୍ତି ପ୍ରଦାୟିନୀ ଦେବୀ ଦୁର୍ଗାଙ୍କୁ ମଧ୍ୟ ନିମ୍ନ ଭାବରେ ବନ୍ଦନା କରାଯାଇଛି :-

'ପାପ ବିନାଶିନୀ ଦୁଷ୍ଟ ବିନାଶିନୀ ଘର୍ଘର ନାଦିନୀ ହାସରତେ
ଘଣ୍ଟବିନୋଦିନୀ ଡମ୍ବରୁବାଦିନୀ ନୃତ୍ୟ ବିନାଶିନୀ ନୃତ୍ୟରତେ।
କୁଙ୍କୁମ ମର୍ଦ୍ଦିନୀ କଞ୍ଜ ସୁଲୋଚନା ମନ୍ଥର ଗାମିନୀ ଗାନରତେ
ଦୁର୍ଗତି ତାରିଣୀ ଭାବିନୀ ମାନିନୀ ପାଳିନୀ ଦାନିନୀ ଦୁର୍ଗାମାତେ।'

ଶକ୍ତି ସ୍ୱରୂପିଣୀ ତଥା ଶକ୍ତିର ଅଧିଷ୍ଠାତ୍ରୀ ମା' ଦୁର୍ଗାଙ୍କ ଉଦ୍ଦେଶ୍ୟରେ କୁହାଯାଇଛି ଯେ :- 'ଯା ଦେବୀ ସର୍ବଭୂତେଷୁ ଶକ୍ତି ରୂପେଣ ସଂସ୍ଥିତା।' ମହାଭାରତରେ ବିରାଟ ପର୍ବରେ ଦେବୀଙ୍କୁ ଦୁର୍ଗତି ନାଶିନୀ ରୂପେ ଅବତାରଣା କରାଯାଇଛି। 'ଦୁର୍ଗାତ୍ ତାରୟସେ ଦୁର୍ଗେ ତସ୍ମାତ୍ ଦୁର୍ଗାସ୍ୱତାଜନୈଃ।' ସ୍କନ୍ଦ ପୁରାଣରେ ଉଲ୍ଲେଖ ଅଛି ଯେ, ଦୁର୍ଗାସୁରର ନିଧନ ପରେ ଦେବୀ ନିଜର ଦୁର୍ଗା ନାମକରଣର ତାତ୍ପର୍ଯ୍ୟ ବ୍ୟାଖ୍ୟାନ କରି କହିଛନ୍ତି :-

ଅହ୍ୟ ପ୍ରଭୃତିମେ ନାମ ଦୁର୍ଗେତି ଖ୍ୟାତିମେଷ୍ୟତି
ଦୁର୍ଗଦୈତସ୍ୟ ସମରେ ପାତନାବତି ଦୁର୍ଗମାତ୍
ଯେ ମାଂ ଦୁର୍ଗାଂ ଶରଣାଃ ନ ତେଷାଂ ଦୁର୍ଗତି କ୍ୱଚିତ୍।

ମାର୍କଣ୍ଡେୟ ପୁରାଣରେ ଦେବୀ ଚଣ୍ଡିକା ଭବିଷ୍ୟତରେ ଦୁର୍ଗମାସୁରକୁ ମାରି ଦୁର୍ଗା ନାମରେ ପୂଜିତ ହେବାର ପ୍ରତିଶ୍ରୁତି ଦେଇ କହିଛନ୍ତି :-

'ତତ୍ରୈବ ଚ ବଧିଷ୍ୟାମି ଦୁର୍ଗମାଖ୍ୟଂ ମହାସୁରମ୍
ଦୁର୍ଗାଦେବୀତି ବିଖ୍ୟାତଂ ତନ୍ମେ ନାମ ଭବିଷ୍ୟତି ।'

ସେ ପୁଣି ସର୍ବଭୂତରେ ମାତୃ, ଦୟା, କ୍ଷମା, ଶାନ୍ତି, ମୁକ୍ତି, ବିଦ୍ୟା, ଅବିଦ୍ୟା, ପରା ଓ ଅପରା ଇତ୍ୟାଦି ସର୍ବରୂପରେ ପର୍ଯ୍ୟବସିତା । ସେ ପ୍ରକୃତି ସ୍ୱରୂପିଣୀ, ସର୍ବ ମନ୍ତ୍ରରେ ଜନନୀ, ସର୍ବ ଜ୍ଞାନରେ ଜ୍ଞାନ, ସର୍ବଶୂନ୍ୟର ସାକ୍ଷୀ ଏବଂ ଚେତନାର ଅଗ୍ରସ୍ଥ । ତାଙ୍କ ସ୍ଥିତି ବିନା ପୁରୁଷ ଅଚଳ ହୋଇଯାଏ । ଶିବ ଶବରେ ପରିଣତ ହୁଅନ୍ତି । ଏଣୁ ପୁରୁଷ ଓ ପ୍ରକୃତି ପରି, ଶିବ ଓ ଶକ୍ତି ଏକାନ୍ତଭାବେ ପରସ୍ପରର ପରିପୂରକ । ଶିବ ଶକ୍ତି ସଂଯୁକ୍ତ ହେଲେ ହେଁ, ଅ, ଉ, ମ, ର ମିଶ୍ରଣରେ ଓଁକାର ଧ୍ୱନି ଉତ୍ପନ୍ନ ହୁଏ । ସେଇ ଧ୍ୱନିରୁ ପଞ୍ଚଭୂତ, ପଞ୍ଚେନ୍ଦ୍ରିୟ, ପଞ୍ଚତନ୍ମାତ୍ର ଏବଂ ପଞ୍ଚବର୍ଣ୍ଣର ସୃଷ୍ଟି ହୁଏ । ଶକ୍ତି ହିଁ ବ୍ରହ୍ମର ଅବ୍ୟକ୍ତ ରୂପକୁ ବ୍ୟକ୍ତ କରି ସଚରାଚର ବିଶ୍ୱକୁ ପ୍ରକାଶିତ କରେ । ଏଣୁ ଗୀତାରେ କୁହାଯାଇଛି :-

'ମାୟାଧକ୍ଷେଣ ପ୍ରକୃତଃ ସୂୟତେ ସଚରାଚରମ୍' (ଗୀତା- ୧୦/୯)

ଓଡ଼ିଶାରେ ଦେବୀ ଉପାସନା ପରମ୍ପରା ବହୁ ପ୍ରାଚୀନ କାଳରୁ ପ୍ରଚଳିତ ହୋଇଆସିଛି । ତେଣୁ ଓଡ଼ିଆ ସାହିତ୍ୟରେ ଦେବୀ ଉପାସନାର ଏକ ବଳିଷ୍ଠଧାରା ଲକ୍ଷ୍ୟ କରିହୁଏ । ଓଡ଼ିଶାର ସାଂସ୍କୃତିକ ଧାରାରେ ଦେବୀ ଉପାସନା ଏକ ବିଶିଷ୍ଟ ବିଭବ କହିଲେ ଅତ୍ୟୁକ୍ତି ହେବ ନାହିଁ । ମାତୃ ଉପାସନାର ଶାଶ୍ୱତ କ୍ଷେତ୍ର ହେଉଛି ଉଡ୍ଡୀୟାନ ପୀଠ ବା ଓଡ଼ିଶା । ହଜାର ହଜାର ବର୍ଷ ଧରି ଓଡ଼ିଶାର ଲୋକମାନସର ଆଧ୍ୟାତ୍ମିକ ଚେତନାରେ ଶକ୍ତି ବା ଦେବୀ ମୁଖ୍ୟସ୍ଥାନ ଗ୍ରହଣ କରିଛନ୍ତି । ସୁତରାଂ ଭାରତ ତଥା ଓଡ଼ିଶାରେ ହଜାର ହଜାର ବର୍ଷ ଧରି ଦେବୀ ପୂଜା ପ୍ରଚଳନ ଥିବାର ପ୍ରମାଣ ରହିଆସିଛି । ଶିବ ଏବଂ ଶକ୍ତି ଏକ ଓ ଅଭିନ୍ନ । ଶିବ ଆଦି ଦେବତା, ଆଦିମାତା ଓ ଆଦିଶକ୍ତି । ତେଣୁ ଶିବ ଉପାସନା ସହିତ ସମତାଳରେ ଶକ୍ତି ଉପାସନା ଏ ଦେଶରେ ପ୍ରଚଳିତ ।

ପ୍ରାକ୍‌ଯୁଗୀୟ ମହେଞ୍ଜୋଦାରୁ ଓ ହରପ୍ପା ସଭ୍ୟତା ଗଢି ଉଠିଥିବା ସିନ୍ଧୁ ଉପତ୍ୟକା ହେଉଛି ଦେବୀ ଉପାସନା ଓ ମାତୃପୂଜାର ପ୍ରଥମ ନିଦର୍ଶନ । ମହେଞ୍ଜୋଦାରୁ ଠାରୁ ପ୍ରାପ୍ତ ହୋଇଥିବା ମାତୃକା ମୂର୍ତ୍ତି ପ୍ରମାଣ କରୁଅଛି ଯେ, ଏକଦା ସିନ୍ଧୁ ସଭ୍ୟତାରେ ମାତୃ ଉପାସନା ପ୍ରଚଳିତ ଥିଲା । ବୈଦିକ ଯୁଗରେ ମୂର୍ତ୍ତିପୂଜା ପ୍ରଚଳନ ନଥିଲା । ଆର୍ଯ୍ୟ ଋଷିଗଣ ଦେବତାଙ୍କ ଉଦ୍ଦେଶ୍ୟରେ ହୋମାଗ୍ନିରେ ଘୃତାହୁତି ପ୍ରଦାନ କରୁଥିଲେ । ଋଗବେଦର ସୂଚିତ ହୋଇଥିବା ପ୍ରଧାନ ଦେବତାମାନେ ହେଉଛନ୍ତି :- ଇନ୍ଦ୍ର, ଅଗ୍ନି, ବରୁଣ, ରୁଦ୍ର ଓ ପ୍ରଜାପତି ଇତ୍ୟାଦି । ସେହିପରି ଋଗ୍‌ବେଦରେ ସ୍ୱୀକୃତି ପାଇଥିବା ଦେବୀମାନେ ହେଲେ – ଉଷା, ସରସ୍ୱତୀ ଓ ପୃଥ୍ୱୀ ।

ଖ୍ରୀଷ୍ଟୀୟ ପ୍ରଥମ ଶତାବ୍ଦୀବେଳକୁ ଭାରତ ତଥା ଓଡ଼ିଶାରେ 'ମହାଯାନ' 'ବୌଦ୍ଧଧର୍ମ' ବିକାଶର ପର୍ବ । ମହାଯାନୀ ବୌଦ୍ଧମାନେ ମୂର୍ତ୍ତିପୂଜାର ପକ୍ଷପାତୀ ଥିଲେ । ସେମାନେ ପଞ୍ଚଧ୍ୟାନୀ ବୃଦ୍ଧଙ୍କୁ ପୂଜା କରୁଥିଲେ । ବୌଦ୍ଧମାନଙ୍କର ପ୍ରଥମ ଉପାସିତା ଦେବୀ ହେଉଛନ୍ତି ସୌମ୍ୟାମୂର୍ତ୍ତି ତାରା । ମହାଯାନୀ ବୌଦ୍ଧମାନେ ତାଙ୍କୁ ତ୍ରାଣକର୍ତ୍ତ୍ରୀ ଭାବରେ ଉପାସନା କରୁଥିଲେ । ଏହାପରେ ପଞ୍ଚଧ୍ୟାନୀ ବୁଦ୍ଧଙ୍କର ପଞ୍ଚଶକ୍ତି ପରିକଳ୍ପନା କରାଗଲା । କେତେକ ଗବେଷକଙ୍କ ମତରେ କାଳକ୍ରମେ ବୁଦ୍ଧ ହିନ୍ଦୁ ସଂସ୍କୃତିରେ ଶିବରୂପେ ଉପାସିତ ହେଲେ । ତେଣୁ ସେହି କ୍ରମରେ ବୁଦ୍ଧଙ୍କର ଶକ୍ତିମାନେ ପରବର୍ତ୍ତୀ କାଳରେ ଅମ୍ବିକା, ଉମା, ପାର୍ବତୀ, ଦୁର୍ଗା, କାଳୀ ଭାବରେ ପରିକୀର୍ତ୍ତିତା ହେଲେ । ଏହା ଅବଶ୍ୟ ଗଭୀର ଗବେଷଣା ସାପେକ୍ଷ, କିନ୍ତୁ ଏହା ସତ୍ୟ ଯେ ବୌଦ୍ଧତନ୍ତ୍ରର ଦେବୀ ଉପବାସୀ ବୁଦ୍ଧଙ୍କର ଶକ୍ତି ଚାମୁଣ୍ଡା ସୌମ୍ୟା ନୁହନ୍ତି, ଚାମୁଣ୍ଡା ହିନ୍ଦୁମାନଙ୍କ ଦ୍ୱାରା ପୂଜା ପାଇଆସୁଛନ୍ତି । ତାରାଙ୍କ ପରି ଚାମୁଣ୍ଡା ସୌମ୍ୟା ନୁହନ୍ତି, ଚାମୁଣ୍ଡା ଭୟଙ୍କର ମୂର୍ତ୍ତି । ପୁରାଣ ଯୁଗ ବେଳକୁ ଦେବୀ 'ଚଣ୍ଡୀ' ନାମରେ ପରିଚିତ ଲାଭ କରି ସାରିଲେଣି । ମାର୍କଣ୍ଡେୟ ପୁରାଣରେ ରହିଥିବା ଦେବୀ ମାହାତ୍ମ୍ୟ (୮୧ ଅଧ୍ୟାୟ ଠାରୁ ୯୩ ଅଧ୍ୟାୟ ପର୍ଯ୍ୟନ୍ତ) ୧୩ ଗୋଟି ଅଧ୍ୟାୟ ଯାହା ଶ୍ରୀଶ୍ରୀ ଚଣ୍ଡୀ ନାମରେ ଖ୍ୟାତ । ୧୩ଗୋଟି ଅଧ୍ୟାୟରେ ସାତଶହ ମନ୍ତ୍ର ଥିବାରୁ ଏହାକୁ 'ଦୁର୍ଗା ସପ୍ତଶତୀ' କୁହାଯାଏ । ଚଣ୍ଡୀରେ ତିନୋଟି ଚରିତ ରହିଛି । ପ୍ରଥମ ଚରିତରେ ମଧୁକୈଟଭ ବଧ ବର୍ଣ୍ଣନା ବ୍ରହ୍ମାଙ୍କ ଆରାଧନାରେ ଯୋଗନିଦ୍ରା ରୂପିଣୀ ମହାଶକ୍ତି ମହାକାଳୀ ହେଲେ ଏବଂ ତାଙ୍କ କୃପାବଳରେ ଭଗବାନ ବିଷ୍ଣୁ ମଧୁକୈଟଭଙ୍କୁ ବଧ କଲେ ।

ମଧ୍ୟମ ଚରିତରେ ମହିଷାସୁର ନିଧନ ପ୍ରସଙ୍ଗ ବର୍ଣ୍ଣିତ । ମାର୍କଣ୍ଡେୟ ପୁରାଣ ଅନ୍ତର୍ଗତ ଦେବୀ ମାହାତ୍ମ୍ୟ ବର୍ଣ୍ଣନା ଅନୁସାରେ ବୈରସରୁ ସୁପାର୍ଶ୍ୱ ଋଷିଙ୍କ ପୁତ୍ର ସିନ୍ଧୁଦୀପଙ୍କ ଏବଂ ଅସୁରରାଜ ବିପ୍ରଚିତ୍ତିର କନ୍ୟା ମହିଷ୍ମତିର ଗର୍ଭରୁ ଜନ୍ମ ନେଇଥିଲା ଦୁର୍ଦ୍ଦାନ୍ତ ମହିଷାସୁର । ସମୟର ଆବର୍ତ୍ତନରେ କ୍ରମେ ମହିଷାସୁର ଯୌବନରେ ପଦାର୍ପଣ କଲା । କଠୋର ତପସ୍ୟାପୂର୍ବକ ସୃଷ୍ଟିକର୍ତ୍ତା ବ୍ରହ୍ମାଙ୍କୁ ସନ୍ତୁଷ୍ଟ କରି ଅଭୁତପୂର୍ବ ଯାଚଞ୍ଚା କଲା ମହିଷାସୁର । ପରବର୍ତ୍ତୀ ପ୍ରଳୟ ପର୍ଯ୍ୟନ୍ତ ଅମର ରହିବାକୁ ନିଜର ଇଚ୍ଛା ଉପସ୍ଥାପନା କଲା ସେ । ତଥାସ୍ତୁ କହି ବ୍ରହ୍ମା ବର ପ୍ରଦାନ କଲେ ସତ, ମାତ୍ର ତାଙ୍କ ମୁଖରେ ଈଷତ ହାସ୍ୟ ଆବିଷ୍କାର କରିବା ପରେ ସଂଶୟାବିଷ୍ଟ ହୋଇପଡ଼ିଲା ମହିଷାସୁର । ମୃଦୁହାସ୍ୟର କାରଣ ଜିଜ୍ଞାସା କରନ୍ତେ ମହାକବି ସାରଳା ଦାସଙ୍କ ଲେଖନୀରେ ବ୍ରହ୍ମା ଉତ୍ତର ଦେଲେ :-

'କିନ୍ତୁ ମର୍ତ୍ତ୍ୟରେ ଜନ୍ମିଣ ଅମର କେ ନାହିଁ,
ଦେବତା ହୋଇଲେ ମଧ ଅବଶ୍ୟ ମରଇ ।
ଏହି କଥା ଗୋଟି ତୁହି ରଖିଥାଅ ମନେ,
ରମଣୀ ହସ୍ତରେ ବଧ ହୋଇବୁ ତୁ ଦିନେ ।'
(ଚଣ୍ଡୀ ପୁରାଣ)

ଏକ ଅବଳାନାରୀ ଯେ ତା'ର ମୃତ୍ୟୁର କାରଣ ହେବ; ସେଥିପ୍ରତି ଆଦୌ ଗୁରୁତ୍ୱ ନ ଦେଇ ସେ ପୁନଶ୍ଚ ବ୍ରହ୍ମାଙ୍କୁ ନିବେଦନ କଲା :-

'ଯେବେ ସ୍ତିରୀ ହାତରେ ହୋଇବି ନିଧନ,
ଚାହିଁଥିବି ମୁଁ ତାହାର ସ୍ତନ ଯଉବନ ।'

ତପସ୍ୟାରେ ସିଦ୍ଧିଲାଭ ତଥା ବ୍ରହ୍ମାବରରେ ବଳୀୟାନ ହୋଇ ମହିଷାସୁର ତ୍ରି-ଭୁବନରେ ଉତ୍ପାତ ଆରମ୍ଭ କଲା । ସେ ଚଣ୍ଡ, ମୁଣ୍ଡ, ଅନ୍ଧକ, ଅସିଲୋମା, ରକ୍ତବୀର୍ଯ୍ୟ, ଭବାୟୁଧ, ଉଗ୍ରାସ୍ୟ, ଉଦଗ୍ର, କାଳମୋଚନ, ଉଗ୍ରବୀର୍ଯ୍ୟ, ଶୁମ୍ଭ, ନିଶୁମ୍ଭ, ଧୂମ୍ରଲୋଚନ ଓ ଅଗଣିତ ଆସୁରିକ ପ୍ରକୃତିର ସେନାପତିମାନଙ୍କ ସହାୟତାରେ ତ୍ରିପୁର ବିଜୟ ପାଇଁ ଯୁଦ୍ଧ ଅଭିଯାନ କଲା । ମଧ୍ୟମ ଚରିତରେ ବର୍ଣ୍ଣନା କରାଯାଇଛି ଯେ, ବିଷ୍ଣୁ କ୍ରୋଧାନ୍ୱିତ ହେବାରୁ ତାଙ୍କର ମୁଖରୁ ତେଜ ନିର୍ଗତ ହେଲା । ଏହାପରେ ବ୍ରହ୍ମା, ଶିବ, ଇନ୍ଦ୍ରାଦି ଦେବଗଣଙ୍କ ଠାରୁ ତେଜମାନ ନିର୍ଗତ ହୋଇ କାତ୍ୟାୟନଙ୍କ ଆଶ୍ରମରେ ସେହି ସମସ୍ତ ତେଜରୁ ମହାଶକ୍ତି ମହାଲକ୍ଷ୍ମୀ ଆବିର୍ଭୂତା ହେଲେ ଓ ମହିଷାସୁରକୁ ନିଧନ କରିଥିଲେ । ଏହି ମହାଲକ୍ଷ୍ମୀ ଶରତକାଳରେ ଦୁର୍ଗା ନାମରେ ପୂଜିତା ହୋଇଥାନ୍ତି । ଉତ୍ତର ଚରିତରେ ଶୁମ୍ଭ-ନିଶୁମ୍ଭ ବଧ ବର୍ଣ୍ଣିତ ଦେବୀ କୌଶିକୀ ମୂର୍ତ୍ତିରେ ଆବିର୍ଭୂତା ହୋଇ ଏହି ଦାନବଙ୍କୁ ହତ୍ୟା କରିଥିଲେ ।

ଏହି ଦେବୀଙ୍କୁ ମହାସରସ୍ୱତୀ କୁହାଯାଇଛି । ସୁତରାଂ ଚଣ୍ଡୀର ପ୍ରଥମ ଚରିତର ଅଧିଷ୍ଠାତ୍ରୀଦେବୀ ମହାକାଳିକା, ମଧ୍ୟମ ଚରିତର ଦେବୀ ମହାଲକ୍ଷ୍ମୀ ଓ ଉତ୍ତର ଚରିତର ଦେବୀ ମହାସରସ୍ୱତୀ । ମାର୍କଣ୍ଡେୟ ପୁରାଣରେ ଦେବୀଙ୍କୁ ବ୍ରହ୍ମାଣ୍ଡର ସ୍ରଷ୍ଟା, ରକ୍ଷାକାରିଣୀ ଓ ବିଲୟକର୍ତ୍ତ୍ରୀ ଭାବରେ ବର୍ଣ୍ଣନା କରାଯାଇଛି ।

ଅମରକୋଷର ରଚୟିତା ଅମର ସିଂହଙ୍କ ସମୟ ଅର୍ଥାତ୍ ଚତୁର୍ଥ / ପଞ୍ଚମ ଶତାବ୍ଦୀ ବେଳକୁ ଦେବୀଙ୍କର ନିମ୍ନ ସତର ଗୋଟି ନାମ ପ୍ରତିପାଦିତ ହୋଇ ସାରିଲାଣି ।

'ଉମା କାତ୍ୟାୟନୀ ଗୌରୀ କାଳୀ ହୈମବତୀଶ୍ୱରୀ
ଶିବା ଭବାନୀ ରୁଦ୍ରାଣୀ ସର୍ବାଣୀ ସର୍ବମଙ୍ଗଳା
ଅପର୍ଣ୍ଣା ପାର୍ବତୀ ଦୁର୍ଗା ମୃଡାନୀ ଚଣ୍ଡିକାମ୍ବିକା ।'
(ପ୍ରଥମ କାଣ୍ଡ, ସ୍ୱର୍ଗବର୍ଗଃ ।)

'ମାର୍କଣ୍ଡେୟ ପୁରାଣ' ଅନ୍ତର୍ଗତ ଦେବୀ

ମାହାତ୍ମ୍ୟର କବଚ ସ୍ତୋତ୍ରରେ ନବ ଦୁର୍ଗାଙ୍କର ନାମ ଉଲ୍ଲେଖ ରହିଛି । ଯଥା :-

‘ପ୍ରଥମଂ ଶୈଳ ପୁତ୍ରୀତି ଦ୍ୱିତୀୟଂ ବ୍ରହ୍ମଚାରିଣୀ
ତୃତୀୟଂ ଚଣ୍ଡ ଘଣ୍ଟେତି କୁଷ୍ମାଣ୍ଡେତି ଚତୁର୍ଥକମ୍
ପଞ୍ଚମଂ ସ୍କନ୍ଦମାତେତି ଷଷ୍ଟଂ କାତ୍ୟାୟନୀ ତଥା
ସପ୍ତମଂ କାଳରାତ୍ରିତି ମହାଗୌରୀତିଚାଷ୍ଟମମ୍
ନବମଂ ସିଦ୍ଧିଦାତ୍ରୀ ଚ ନବଦୁର୍ଗା ପ୍ରକୀର୍ତ୍ତିତାଃ ।

ଶକ୍ତି ରୂପିଣୀ ମା’ ଦୁର୍ଗା ଅସଂଖ୍ୟା ନାମରେ ନାମିତା ଓ ପୂଜିତା । କେତେଗୋଟି ଉଲ୍ଲେଖଯୋଗ୍ୟ ରୂପ ହେଉଛି:- ଚଣ୍ଡିକା, ଅମ୍ବିକା, ନାରାୟଣୀ, ଭଗବତୀ, ଦୁର୍ଗା, ବନଦୁର୍ଗା, ବୈଷ୍ଣବୀ, ମହାମାୟା, ଚାମୁଣ୍ଡା, ଗୌରୀ, ମାହେଶ୍ୱରୀ, ପରମେଶ୍ୱରୀ, ପାର୍ବତୀ, ଜଗଦ୍ଧାତ୍ରୀ, ବ୍ରହ୍ମାଣୀ, ଅମ୍ବା, ବିମଳା, ରଣଚଣ୍ଡୀ, ଦକ୍ଷିଣକାଳୀ, କାମାକ୍ଷା, ଶ୍ୟାମାକାଳୀ, ମଙ୍ଗଳା, କାଳୀ, ଭଦ୍ରକାଳୀ, ଭୈରବୀ ଇତ୍ୟାଦି । ସେ ବହୁରୂପା । ଅଦୈତ, ଦ୍ୱୈତ, ତ୍ରୈତ ଓ ଅନେକତ୍ୱ । ଅଦ୍ୱୈତ ବା ଐକ୍ୟ ରୂପରେ ସେ ପରମାଶକ୍ତି ସନାତନୀ । ଦୁର୍ଗା ବା ଭବାନୀ ହୋଇ ପରମେଶ୍ୱରଙ୍କ ଅନନ୍ତ ଲୀଳାକୁ ପରିପୂର୍ଣ୍ଣ କରିବାରେ ସଫଳ ହୋଇଥାନ୍ତି । ସେ ଏକାକ୍ଷର ‘ଓଁ’କାର ବୀଜ ସଂଭୂତା ଏବଂ ‘ଓଁ’ କାରର ସର୍ବମୟ କର୍ତ୍ତ୍ରୀ । ସେ ଦ୍ୱୈତ ରୂପରେ ବିବର୍ଣ୍ଣ ଏବଂ ଦ୍ୱୈତ ଗୁଣଯୁକ୍ତା । ସେ କାଳୀ ଏବଂ ସେ ହିଁ ଗୌରୀ । ନିର୍ମଳ ଶରୀର, ଗୌରବର୍ଣ୍ଣ କାନ୍ତିଯୁକ୍ତା ଜଗଜ୍ଜନନୀ ଉମା, ଗୌରୀ, ପାର୍ବତୀ, ନାରାୟଣୀ ଭାବରେ ଜଗତର ପାଳନକର୍ତ୍ତ୍ରୀ ଏବଂ କାଳୀ ରୂପରେ କୃଷ୍ଣବର୍ଣ୍ଣ ଧାରଣ କରି ପ୍ରଳୟ ରଚନା କରନ୍ତି । ପୁଣ୍ୟାତ୍ମାମାନଙ୍କ ହୃଦୟରେ ଲକ୍ଷ୍ମୀରୂପେ, ପାପାତ୍ମାମାନଙ୍କ ହୃଦୟରେ ଅଲକ୍ଷ୍ମୀ ରୂପେ ବିରାଜମାନ କରନ୍ତି ଏବଂ ଶତ୍ରୁ ସମ୍ମୁଖରେ ଭୟଙ୍କର ରୂପ ହେଲାବେଳେ ଭକ୍ତ ସମ୍ମୁଖରେ ବରଦାଭାବେ ଦୃଶ୍ୟ ହୁଅନ୍ତି । ତ୍ରୈତ ଭାବରେ ମା’ ତ୍ରିନୟନ । ତ୍ର୍ୟମ୍ବକେ ତ୍ରିଶକ୍ତିସଂପନ୍ନା । ସୃଜନ କାଳରେ ସେ ମହାସରସ୍ୱତୀ, ପାଳନ କାଳରେ ମହାଲକ୍ଷ୍ମୀ ଓ ବିନାଶ କାଳରେ ମହାକାଳୀ ଭାବେ ପ୍ରକଟିତ ହୁଅନ୍ତି । ସତ୍ତ୍ୱ, ରଜ, ତମ- ତ୍ରିଗୁଣ ବିକାଶ କରି ସୃଷ୍ଟି-ସ୍ଥିତି-ପ୍ରଳୟର ରଚନା କରିଥାନ୍ତି ।

ଦୁର୍ଗତିନାଶିନୀ ଜଗଜ୍ଜନନୀ ଶ୍ରୀ ଦୁର୍ଗାଙ୍କର ଧ୍ୟାନ ନିମ୍ନମତେ କରାଯାଇଛି :-

‘ଓଁ ଜଟାଜୁଟ ସମାଯୁକ୍ତ ମର୍ଦ୍ଧେନ୍ଦୁ କୃତ ଶେଖରାଂ
ଲୋଚନ ତ୍ରୟ ସଂଯୁକ୍ତା ପୂର୍ଣ୍ଣେନ୍ଦୁ ସଦୃଶ୍ୟାନନାମ୍ ।
ତପ୍ତକାଞ୍ଚନ ବର୍ଣ୍ଣାଭାଂ ସୁପ୍ରତିଷ୍ଠାଂ ସୁଲୋଚନମ୍
ନବଯୌବନ ସମ୍ପନାଂ ସର୍ବଭରଣ ଭୂଷିତାମ୍ ।
ସୁଚାରୁ ଦଶନାଂ ତଦ୍ଵ ପାନୋନ୍ନତ ପୟୋଧରାଂ
ତ୍ରିଭଙ୍ଗ ସ୍ଥାନ ସଂସ୍ଥାନାଂ ମହିଷାସୁର ମର୍ଦ୍ଦିନାମ୍ ।’

ଶାକ୍ତ ଉପନିଷଦରେ କୁହାଯାଇଛି :- ‘ଶକ୍ତି ହିଁ ପ୍ରକୃତି’ ଓ ପୁରୁଷର ଜନନୀ ଓ ବ୍ରହ୍ମା ସ୍ୱୟଂ ଭଗବାନ କୃଷ୍ଣ, ମର୍ଯ୍ୟାଦା ପୁରୁଷ ପ୍ରଭୁ ରାମଚନ୍ଦ୍ର ଆଦ୍ୟାଶକ୍ତିଙ୍କୁ ଆରାଧନା କରୁଥିବା ପ୍ରମାଣ ପୁରାଣମାନଙ୍କରେ ବିଦ୍ୟମାନ । ପ୍ରଭୁ ଶ୍ରୀରାମଚନ୍ଦ୍ର ଦେବୀଙ୍କୁ ଜାଗ୍ରତ କରାଇ ୧୦୮ ନୀଳପଦ୍ମରେ ପୂଜା କରି ସଫଳକାମୀ ହୋଇଥିବାରୁ ଏହା ‘ଅକାଳ ବୋଧନ’ ପୂଜାରୂପେ ପ୍ରସିଦ୍ଧ । ନାରଦଙ୍କ ପରାମର୍ଶରେ ରାମଚନ୍ଦ୍ର ଦେବୀଙ୍କୁ ବୋଧନ କରି କିଷ୍କିନ୍ଧ୍ୟା ପର୍ବତରେ ପ୍ରଥମେ ଆରାଧନା କରି ଅଷ୍ଟମୀ ତିଥିରେ ଦେବୀଙ୍କ ଦର୍ଶନ ଲାଭ କରିଥିଲେ । ଏହି ପବିତ୍ର ସ୍ମୃତିକୁ ଉଜ୍ଜୀବିତ କରି ରଖିବା ପାଇଁ ସମଗ୍ର ଭାରତରେ ଆଶ୍ୱିନ ଶୁକ୍ଳ ପ୍ରତିପଦଠାରୁ ନବମୀ ପର୍ଯ୍ୟନ୍ତ ନବରାତ୍ର ଦୁର୍ଗାପୂଜାର ପରମ୍ପରା ଅଦ୍ୟାବଧି ପ୍ରଚଳିତ ହୋଇଆସୁଛି ।

ଦେବୀପୂଜାର ପ୍ରଧାନ ନିଦର୍ଶନ ହେଉଛି ଦଶହରା ବା ବିଜୟାଦଶମୀ । ଏହାକୁ ଶାରଦୀୟ ଦୁର୍ଗାପୂଜା କୁହାଯାଏ । ଭାରତ ତଥା ଓଡ଼ିଶାରେ ସର୍ବତ୍ର ଶାରଦୀୟ ଦୁର୍ଗାପୂଜା ପାଳନ କରାଯାଉଛି । ଏହାକୁ ସାର୍ବଜନୀନ ଦୁର୍ଗାପୂଜା କୁହାଯାଏ । ପ୍ରକାଶଥାଉକି, ଆଶ୍ୱିନ ଶ୍ରବଣାଯୁକ୍ତ ଦଶମୀ ‘ବିଜୟା ଦଶମୀ’ ନାମରେ ଖ୍ୟାତ । ଏ ସମ୍ପର୍କୀୟ ଶାସ୍ତ୍ରୀୟ ପ୍ରମାଣ ପ୍ରଣିଧାନଯୋଗ୍ୟ ।

‘ଆଶ୍ୱିନ ଦଶମୀ ଯୁକ୍ତା ଶ୍ରବଣେନ ସମନ୍ୱିତା,
ବିଜୟା ଦଶମୀ ପ୍ରୋକ୍ତା ସାଚୈବାତ୍ୟନତ ଦୁର୍ଲଭା ।’

ଦୁର୍ଗାପୂଜା ଏକ ସାର୍ବଜନୀନ ଉତ୍ସବ । ଶାନ୍ତି, ମୈତ୍ରୀ ଓ ସଂପ୍ରୀତିର ପ୍ରତୀକ ଏ ଶାରଦୀୟ ଉତ୍ସବ । ବୈଦିକ, ପୌରାଣିକ ଓ ଲୌକିକ ଆଦି ରୀତି ପଦ୍ଧତି ସମ୍ମିଳିତ ହୋଇ ଦୁର୍ଗାପୂଜାକୁ ସାର୍ବଜନୀନ ଉତ୍ସବରେ ପରିଣତ କରିଅଛି । କିନ୍ତୁ ସମୟଚକ୍ର ଆଜି ଏକ ପ୍ରକାର ସ୍ଥାଣୁତ୍ୱ ଓ ଅବକ୍ଷୟ ଏହି ଐତିହାସିକ ଐକ୍ୟରେ ଘୋର ଅନ୍ତରାୟ ସୃଷ୍ଟି କରିଛି । ଆଜି ସ୍ୱାର୍ଥ, ଦ୍ୱେଷ, ଶୋଷଣ ଓ ଲାଭଖୋର ମନୋବୃତ୍ତି ଦ୍ୱାରା ସମାଜ କଳୁଷିତ ହୋଇପଡିଛି । ପୂଜା-ପାର୍ବଣର ଅନ୍ତରାଳରେ ବିଦ୍ୟମାନ ଧର୍ମପ୍ରାଣତା ଆଜି ସୁଦୂର ପରାହତ । କେତେକ ନିରୀହ ଲୋକଙ୍କ ନିର୍ମମ ହତ୍ୟାର କାରଣ ହୋଇ ପଡ଼ିଛି । ସଂକୀର୍ଣ୍ଣ ରାଜନୀତି ଦ୍ୱାରା ପ୍ରୋତ୍ସାହିତ ଯୁବ ସଂପ୍ରଦାୟ ଏହାଦ୍ୱାରା ଜୀବନକୁ ଅତି ମାମୁଲି ଭାବିବା ସହ କେତେକ ହୀନଭାବ ଜୀବନର ଆଦର୍ଶ ବୋଲି ଭାବୁଛନ୍ତି । ସମାଜ ଜୀବନରେ ମାନବିକ ମୂଲ୍ୟବୋଧର ସଂକଟ ଦେଖା ଦେଇଛି । ସନ୍ତ୍ରାସବାଦୀ କାର୍ଯ୍ୟକଳାପ ଭାରତର ସାମାଜିକ ସ୍ଥିତିକୁ ବିପନ୍ନ କରିଛି । ଜାତିଆଣଭାବ, ଭେଦଭାବ ପ୍ରଥା, ସଂରକ୍ଷଣ ବ୍ୟବସ୍ଥା, ବେକାରମାନଙ୍କ ସଂଖ୍ୟାବୃଦ୍ଧି ଆଦି ଯୋଗୁଁ ସାମାଜିକ ସ୍ଥିରତା ରକ୍ଷା କରିବା ସମ୍ଭବପର ହୋଇପାରୁ ନାହିଁ । ଦାରିଦ୍ର୍ୟ, ଧାର୍ମିକ ସଂଘର୍ଷ ଯୋଗୁଁ ସାମାଜିକ ବୈଷମ୍ୟ ସୃଷ୍ଟି ହେଉଥିବାରୁ ଦେଶର ପ୍ରଗତି ବାଧାପ୍ରାପ୍ତ ହେଉଛି । ରାଜନୈତିକ ଅସ୍ଥିରତା ଦେଶ ପ୍ରଗତିର ପରିପନ୍ଥୀ । ବିଚ୍ଛିନ୍ନତାବାଦ ଭାରତର ସାର୍ବଭୌମତ୍ୱ କ୍ଷେତ୍ରରେ ଅନ୍ୟ ଏକ ସମସ୍ୟାର ରୂପ ନେଇ ମୁଣ୍ଡ ଟେକିଛି । ବିଭିନ୍ନ ଯୋଜନାର କାର୍ଯ୍ୟକାରିତାର ଅଭାବ ଯୋଗୁଁ ଦାରିଦ୍ର୍ୟ ବୃଦ୍ଧି ପାଉଛି ଓ ବେକାର ସମସ୍ୟା ସୃଷ୍ଟି ହେଉଛି । ଗୁଣାତ୍ମକ ଶିକ୍ଷାର ଅଭାବରୁ ଶ୍ରେଣୀ ସଂଘର୍ଷ ତଥା ସ୍ୱାବଲମ୍ବନଶୀଳତାର ଅଭାବ ଦେଖାଯାଉଛି । ସଂପ୍ରତି ଦେଶର ଆର୍ଥିକ ଦୁର୍ଗତି ସଙ୍ଗେ ସଙ୍ଗେ ମାନବୀୟ ଚରିତ୍ର ଜାତୀୟ ସଂହତି ଭାଙ୍ଗି ପଡ଼ିଲାଣି ।

ଏ ରାଜ୍ୟକୁ ଅପସଂସ୍କୃତିରୁ ରକ୍ଷାକରିବା ପାଇଁ ସମୟ ଆସିଛି । ନିଜର ସଂସ୍କୃତି, ଐତିହ୍ୟ ଓ ପରମ୍ପରାର ପୁନର୍ବିନ୍ୟାସରେ ଏ ରାଜ୍ୟକୁ ସୁଫଳା, ଶସ୍ୟଶାମଳା କରିବାକୁ ପଡ଼ିବ । ମାତୃ ସ୍ୱରୂପିଣୀ କରୁଣାମୟୀ ଜନନୀର ଆବହାନରେ ସମସ୍ତେ ଆଜି ମୁହ୍ୟମାନ । ଶକ୍ତିସ୍ୱରୂପିଣୀ ମା’ ଦୁର୍ଗା ଆମକୁ ଏହି ଶକ୍ତି ଦିଅନ୍ତୁ : ଏହି ରାଜ୍ୟର ପ୍ରଗତିକୁ ଶୀର୍ଷ ସ୍ଥାନକୁ ନେବାକୁ ଆମ ଶରୀରରେ ଉତ୍ସାହ ଓ ମନରେ ସଂବିତ୍ ସୃଷ୍ଟିହେଉ । କରୁଣାମୟୀ ମା’ ସମସ୍ତ ଦୁର୍ଗତିରୁ ଏ ଜାତିକୁ, ଏ ଦେଶକୁ ରକ୍ଷା କରନ୍ତୁ, ଏତିକି ପ୍ରାର୍ଥନା ।

*ସଭାପତି, ଚାନ୍ଦବାଲି ସାଂସ୍କୃତିକ ପରିଷଦ*
*ଚାନ୍ଦବାଲି, ଭଦ୍ରକ - ୭୫୬୧୩୩*
*ମୋ : ୯୬୬୮୪୫୮୩୦୫*

**ସହାୟକ ଗ୍ରନ୍ଥ ସୂଚୀ :-**

୧. ମହାପାତ୍ର, ପ୍ରେମାନନ୍ଦ । ମଧୁର ଭାରତୀ । ଅକ୍ଟୋବର-ଡ଼ିସେମ୍ବର, ୨୦୧୩ । ପୃ-୧-୨
୨. ସାହୁ, ପଙ୍କଜ, ଚିହ୍ନାମୁହଁ । ଭଦ୍ରକ, ୨୦୦୪ । ପୃ-୬-୮
୩. ସାହୁ, କୃପାସାଗର । ସଂପାଦକୀୟ : ପ୍ରତିବେଶୀ । କଲିକତା, ୧୯୯୭ ।
୪. ମହାନ୍ତି, ରଶ୍ମିରଞ୍ଜନ । ସୁଶାସନ । Vol - 9, Issue - 48, Oct-7-13, 2005.
୫. ପତି, ଜ୍ଞାରଞ୍ଜନ । ଦିଗଶ୍ରୀ । ଯାଜପୁର, ୨୦୦୬ । ପୃ.୧୦-୬
୬. ସ୍ୱାଇଁ, ଚନ୍ଦ୍ରମଣି । ଅଦ୍ୱିତୀୟା । ଗଞ୍ଜାମ, ହିଞ୍ଜିଳିକାଟୁ, ତୃତୀୟ ସଂଖ୍ୟା, ଅକ୍ଟୋବର-ଡ଼ିସେମ୍ବର, ୨୦୦୬ । ପୃ. ୪୭-୮ ।



# ମହାଶକ୍ତି ଦେବୀଦୁର୍ଗା

**ସୁଶାନ୍ତ କୁମାର ସ୍ୱାଇଁ**

ଭାରତବର୍ଷରେ ଦୁର୍ଗାପୂଜା ପରମ୍ପରା ବହୁ ପ୍ରାଚୀନ। ଦେବଭୂମି ଭାରତବର୍ଷର ଭାରତୀୟ ଚିନ୍ତାଧାରାରେ ଆଧ୍ୟାତ୍ମିକତା ଭାବରେ ଦେବୀ ଦୁର୍ଗା ଉପାସନାର ଏକ ପ୍ରମୁଖ ଅଧିକାର ପୂର୍ବକ ସମଗ୍ର ବିଶ୍ୱକୁ ମହିମାମଣ୍ଡିତ କରିବା ସହିତ ଆଧ୍ୟାତ୍ମିକ ଦିଗରେ ଅନୁପ୍ରାଣିତ ହେବାକୁ ଦିଗ୍‌ଦର୍ଶକ ଭାବେ ଅଭିହିତ ହୋଇପାରିଛି।

ଦେବୀ ଦୁର୍ଗା ହିଁ ଆଦ୍ୟାଶକ୍ତି ଭାବରେ ସର୍ବଶାସ୍ତ୍ର ସ୍ୱୀକୃତ। ଆଦିଶକ୍ତି ମା' ଦୁର୍ଗାଙ୍କର ଜନ୍ମ-ମୃତ୍ୟୁ ନାହିଁ। ସେ ଦେବୀଶକ୍ତି ମହାଶକ୍ତି। ପରମଆତ୍ମାର ଶକ୍ତି ଓ ଅତି ପ୍ରାକୃତିକ ଶକ୍ତି ବୋଲି ମଧ୍ୟ କୁହାଯାଏ। ଏଣୁ ଦେବୀଙ୍କୁ ପୂଜା କରିବାର ଅର୍ଥ ହିଁ ଆମେ ମା' ଆଦ୍ୟାଶକ୍ତିଙ୍କୁ ହିଁ ଉପାସିତ କରୁଛୁ। ସମସ୍ତ ଦେବୀ ମହାଶକ୍ତି ମହାମାୟା ଦେବୀ ଦୁର୍ଗା ମା'। ଭାରତର ଆର୍ଯ୍ୟ ମହର୍ଷିଗଣ ସେମାନଙ୍କର ସାଧନା ତଥା ତପସ୍ୟା ବଳରେ ଜ୍ଞାନ ପ୍ରାପ୍ତ କରି ମହାଶକ୍ତି ଓ ଆଦିତତ୍ତ୍ୱ ବିଷୟରେ ଅବଗତ ହୋଇଥିଲେ।

ଏହି ବିଶ୍ୱ ହେଉଛି ସେହି ଶକ୍ତିଙ୍କର ପ୍ରକଟ ରୂପ। ପ୍ରକୃତିର ଲୀଳା ତାଙ୍କ ଦ୍ୱାରା ହିଁ ସମ୍ଭବ। ବହିଃ ଜଗତର ଜଗତିକ ବିକାଶ ପାଇଁ ଆଦି ତତ୍ତ୍ୱକୁ ଦୁଇଭାଗରେ ବିଭକ୍ତ କରାଯାଇଛି। ଗୋଟିଏ ପୁରୁଷ ଅନ୍ୟଟି ପ୍ରକୃତି। ପୁରୁଷର ପୁରୁଷ ଶକ୍ତି ହେଉଛି ପ୍ରକୃତି। ବେଦରେ ବର୍ଣ୍ଣିତ ଅଛି ଯେ ଦେବଃ ତାଙ୍କର ଶକ୍ତି ହିଁ ଦେବୀ। ବେଦ ଏହି ଶକ୍ତିର ବିଭିନ୍ନ ପ୍ରକାଶକୁ ଯଥା - ପବନର ବେଗରେ ଅଗ୍ନିର ଜ୍ୱଳନରେ ଓ ସୂର୍ଯ୍ୟଙ୍କର କିରଣରେ ଅନୁଭବ କରିହୁଏ। ଜଗତରେ ସର୍ବତ୍ର ଶକ୍ତିର ଲୀଳା ପରିବ୍ୟାପ୍ତ। ଦୁର୍ଗାଃ ହେଉଛନ୍ତି ପ୍ରକୃତିର ନିୟାମକ, ବାହକ, ବିକାଶ କାରିଣୀ ଓ ସଂହାରକାରିଣୀ। ଏହାଙ୍କର ବିକାଶ ପ୍ରକ୍ରିୟାର ବାହକ ହେଉଛନ୍ତି ତ୍ରିଶକ୍ତି। ସେମାନେ ହେଲେ ମହାକାଳୀ, ମହାଲକ୍ଷ୍ମୀ ଓ ମହା ସରସ୍ୱତୀ। କାଳର ଶକ୍ତି ହେଉଛନ୍ତି କାଳୀ, ମା' ଦୁର୍ଗାଙ୍କର ବହୁତ ବିଭୁତି ଅଛି। ସେ ସ୍ଥୁଳ ଭାଗରେ ଉମାଦେବୀ, ଜଳରେ ଜଳଦେବୀ, ଆକାଶରେ ନିରାକାର ଅଗ୍ନିରେ ଜ୍ୟୋତିର୍ମୟୀ, ବନରେ ବନଦେବୀ, ପବନରେ ଗନ୍ଧଦେବୀ, ରୂପରେ କାନ୍ତିମୟୀ, ଶବ୍ଦରେ ଛନ୍ଦମୟୀ ଆଦି। ମା' ଦେବୀ ଦୁର୍ଗା ନାରୀ ରୂପରେ ବିଭିନ୍ନ ଦେବଗଣଙ୍କର ସମ୍ମିଳିତ ଶକ୍ତିର ପ୍ରତୀକ। ଏଣୁ ଏକତା ହିଁ ଶକ୍ତି, ବିଭାଜନ ହିଁ ପତନ, ଓ ସଂହତି ହିଁ ଉତ୍‌ଥାନ।

ପୂର୍ବେ ଆମଦେଶରେ ଗଡ଼ଜାତ ଅଞ୍ଚଳର ରାଜାମାନେ ମା'ଦୁର୍ଗାଙ୍କୁ ଇଚ୍ଛାଦେବୀ ବୋଲି ମନେ କରି ସେମାନଙ୍କର ଦୁର୍ଗ ମଧ୍ୟରେ ଦେବୀ ମନ୍ଦିର ନିର୍ମାଣ କରି ତାଙ୍କର ପୁଜାର ଉପାସନା କରୁଥିଲେ। ସେମାନଙ୍କର ବିଶ୍ୱାସ ଥିଲା ଯେ ଦେବୀ ଦୁର୍ଗାମା'ଙ୍କୁ ପୂଜା ଉପାସନାରେ ସନ୍ତୁଷ୍ଟ କଲେ ମଙ୍ଗଳ କାମନା କରିବେ। ଏଥିପାଇଁ ଦେବୀ ଦୁର୍ଗା ମଧ୍ୟ ରକ୍ଷାକର୍ତ୍ତା ଦେବୀ ଭାବେ ପରିଚିତ। ମା' ଦୁର୍ଗାଙ୍କର ମୂର୍ତ୍ତିପୂଜା ପଦ୍ଧତିରେ ବିଶ୍ୱର କଲ୍ୟାଣମୟୀ ମାତାସ୍ୱରୂପିଣୀ, ମହାମାୟା ଦେବୀ ଦୁର୍ଗା ବୀରତ୍ୱ ଓ ବିଜୟର ଗାରିମାରେ ଦଶ ହସ୍ତରେ ଦଶଟି ଆୟୁଧ ଧରି ପରାକ୍ରମର ପ୍ରତୀକ ସିଂହ ବାହନ ଉପରେ ସମାସନା। ପ୍ରତାପୀ ମହିଷାସୁର ତ୍ରିଶୂଳ ଆଘାତରେ ତାଙ୍କର ପାଦତଳେ ବିଲୁଣ୍ଠିତ। ତାଙ୍କର ଦକ୍ଷିଣ ପାର୍ଶ୍ୱରେ ଧନଧାନ୍ୟ ପ୍ରଦାୟିନୀ ମହାଲକ୍ଷ୍ମୀ ଓ ବାମ ପାର୍ଶ୍ୱରେ ଜ୍ଞାନ ରୂପା ଦେବୀ ସରସ୍ୱତୀ ଓ ଅଗ୍ରଭାଗରେ ଦର୍ପଧ୍ୱଂସୀ କାର୍ତ୍ତିକେୟ ଓ ସିଦ୍ଧଦାତା ଗଣପତି ପ୍ରଭୃତି ଅବସ୍ଥାପିତ ହୋଇଥାନ୍ତି। ସେ ସବୁଠାରେ ବିରାଜିତା।

"ଯା ଦେବୀ ସର୍ବଭୂତେଷୁ ଶକ୍ତି ରୂପେଣ ସଂସ୍ଥିତା
ନମସ୍ତେସୈ ନମସ୍ତେସୈ, ନମସ୍ତେସୈ ନମୋ ନମଃ।"

ଆଦିଶକ୍ତି ନିଜର ଇଚ୍ଛାଶକ୍ତି ବଳରେ ସୂର୍ଯ୍ୟ, ଚନ୍ଦ୍ର ଓ ସମସ୍ତ ଦେବତାମାନଙ୍କୁ ଜାତ କରିଥିଲେ। ଏହି ଆଦିଶକ୍ତି ଏକ ହେଲେ ମଧ୍ୟ ବିଶ୍ୱରେ ବହୁ ରୂପରେ ବହୁଗୁଣ ନେଇ ପୁରି ରହିଛନ୍ତି। ଯଥା ଶକ୍ତି ସ୍ତ୍ରୀ ରୂପଧାରଣ କରି ତିନି ଗୁଣ ନେଇ ମାତା, ଭଗିନୀ ଓ ଜାୟା ମଧ୍ୟ ହୋଇଥାନ୍ତି। ଜୀବଗଣ ତାଙ୍କରି ମାୟାଶକ୍ତିରେ ମୋହଗ୍ରସ୍ତ ହୋଇ ଘୁରି ବୁଲନ୍ତି। ଶକ୍ତି ସମସ୍ତଙ୍କର ଦୃଷ୍ଟି ଅନ୍ତରାଳରେ ରହି ଭିନ୍ନ ଭିନ୍ନ ରୂପଧାରଣ ପୂର୍ବକ ସେମାନଙ୍କ ଦ୍ୱାରା କାର୍ଯ୍ୟ ସମ୍ପାଦିତ କରିଥାନ୍ତି। କେତେକ ଉଦାହରଣ - ସତ୍ୟଯୁଗର ଘଟଣା-ବ୍ରହ୍ମାଙ୍କର ବରରେ ବଳିୟାନ ହୋଇ ମହିଷାସୁର ନିଜର ସୈନ୍ୟମାନଙ୍କ ସହ ଦେବଗଣଙ୍କୁ ସ୍ୱର୍ଗଚ୍ୟୁତ କରିବା ପାଇଁ ଆକ୍ରମଣ କଲା। ଏଣୁ ଦେବଗଣ ବିଷ୍ଣୁଙ୍କର ଶରଣାପନ୍ନ ହୋଇ ପ୍ରାର୍ଥନା କଲେ। ବିଷ୍ଣୁ କହିଲେ ମହିଷାସୁର କେବଳ ନାରୀର ଶକ୍ତି ଦ୍ୱାରା ନାରୀ ହସ୍ତରେ ନିଧନ ହେବ। ଏଣୁ ଦେବଗଣ ସେମାନଙ୍କର ସ୍ୱଅଙ୍ଗରୁ ନାରୀ ଶକ୍ତିକୁ ଜାଗ୍ରତ କରାଇ ଏକୀଭୂତ କଲେ। ତେଣୁ ସେମାନଙ୍କର ତେଜ ମିଳନର ଶକ୍ତିରୁ ସର୍ବଶକ୍ତିମୟୀ, ଏକ ନାରୀ ଜାତ ହେଲେ। ଦେବଗଣ ନିଜର ଆୟୁଧର ତେଜରୁ ଦିବ୍ୟାସ୍ତ୍ରମାନ ସୃଷ୍ଟି କରି ତାଙ୍କୁ ସେଥିରେ ମଣ୍ଡିତ କଲେ। ସେହି ନାରୀ ମହାଶକ୍ତିମୟୀ ଦୁର୍ଗା ରୂପଧାରଣ କଲେ। ସେ ଶୁମ୍ଭ, ନିଶୁମ୍ଭ ଓ ମହିଷାସୁର ଆଦିତ ଅସୁରମାନଙ୍କୁ ବଧ କଲେ। ତ୍ରେତୟା ଯୁଗରେ ପ୍ରଭୁ ଶ୍ରୀରାମଚନ୍ଦ୍ର ଲଙ୍କାର ରାଜା ରାବଣକୁ ପରାସ୍ତ କରିବାପାଇଁ ଦେବୀ ଦୁର୍ଗାଙ୍କୁ ପୂଜା ଉପାସନା କରିଥିଲେ। ଦେବୀଦୁର୍ଗା ଶ୍ରୀରାମଚନ୍ଦ୍ରଙ୍କ ପୂଜାରେ ସନ୍ତୁଷ୍ଟ ପୂର୍ବକ ବରପ୍ରଦାନ କରିଥିଲେ। ମହାଶକ୍ତିଙ୍କ ବଳରେ ରାବଣକୁ ବଧ କଲେ ପ୍ରଭୁ ଶ୍ରୀରାମଚନ୍ଦ୍ର। ସେହିପରି ଦ୍ୱାପର ଯୁଗରେ ଭଗବାନ ଶ୍ରୀକୃଷ୍ଣଙ୍କ ନିର୍ଦ୍ଦେଶରେ ଅର୍ଜ୍ଜୁନ ଦେବୀଙ୍କୁ ପୂଜା ଉପାସନା କରିଥିଲେ ଏଥିରେ ସେ ବଳିୟାନ ହୋଇ ଶତ୍ରୁପକ୍ଷର ଅନେକ ରଥି, ମହାରଥିଙ୍କୁ ନିପାତ କରିପାରିଥିଲେ। ଏପରିକି ଉତ୍କଳ ସମ୍ରାଟ ଗଜପତି ଦ୍ୱିତୀୟବାର କାଞ୍ଚି ଅଭିଯାନ ସମୟରେ ଦେବୀଙ୍କୁ ଉପାସନା କରିଥିଲେ। ଏଥିରେ ସନ୍ତୁଷ୍ଟ ପୂର୍ବକ ଦୁର୍ଗାଙ୍କ ଆଶୀର୍ବାଦ ଦ୍ୱାରା କାଞ୍ଚିର ସମ୍ରାଟଙ୍କୁ ପରାସ୍ତ କଲେ।

ଏଥିରୁ ସ୍ପଷ୍ଟ ସୂଚିତ ହୁଏ ଦୁର୍ଗା ହିଁ ସମସ୍ତ ୍‌;ଦବତାଙ୍କର ମୂଳଶକ୍ତି। ସେ ଜଗତର ସକଳ ଶୋକ, ଦୁଃଖ ବିଘ୍ନ ଭୟ ଓ ଯନ୍ତ୍ରଣା ନାଶ କରିପାରନ୍ତି। ଦେବୀ ହେଉଛନ୍ତି ମାତୃ ସ୍ୱରୂପିଣୀ ସକଳ ଶକ୍ତିର ଆଧାର। ଏଣୁ ତାଙ୍କର ଶକ୍ତି ପାଖରେ ଆସୁରିକ ଶକ୍ତି ସମୂହ ବିଲୀନ ହୋଇଥାଏ। ଆର୍ଯ୍ୟ ସଂସ୍କୃତି ଆମ ଦେଶରେ ନାରୀ ଜାତିକୁ ମର୍ଯ୍ୟାଦା ସମ୍ମାନ ଦେଇ ଆସିଛି। ଏଣୁ ସାର୍ବଜନୀନ ଶାରଦୀୟ ଦୁର୍ଗୋତ୍ସବ ଆମ ଦେଶରେ ଏକ ବଡ଼ ଗଣପର୍ବ ଯାହାକୁ ଆମେ ପାର୍ବଣ କହିଥାଉ। ପ୍ରାଗ୍‌ବୈଦିକ ଯୁଗରୁ ଆରମ୍ଭ ହୋଇ ଯୁଗେ ଯୁଗେ ଏହି ପର୍ବ ମହାସମାରୋହରେ ପାଳିତ ହୋଇ ଆସୁଅଛି।

***ଗୌରୀ ନଗର, ପ୍ଲଟ ନଂ -୪୫୮୬,***
***ପୁରୁଣା ଭୁବନେଶ୍ୱର- ୭୫୧୦୦୨***

**ଉପାଦାନର ଉତ୍ସ:**

(୧) ନିର୍ମାଲ୍ୟ: ପୂଜା ବିଶେଷାଙ୍କ :୨୦୦୨ // (୨) ଯୁଗେ ଯୁଗେ ଦୁର୍ଗାପୂଜା: ଶ୍ରୀ ହରିହର ନନ୍ଦ: ଶ୍ରୀ ଜଗନ୍ନାଥ ମିନ ମୁକପତ୍ର: ତ୍ରୟବିଂଶ ବର୍ଷ ୨୦୦୨ ନିମାଳଁ: ସେପ୍ଟେମ୍ବର, ଅକ୍ଟୋବର // (୩) ଉତ୍କଳ ପ୍ରସଙ୍ଗ, ସେପ୍ଟେମ୍ବର, ଅକ୍ଟୋବର // (୪) ଓଡ଼ିଶାର ତନ୍ତ୍ର ସଂସ୍କୃତି: କେଦାରନାଥ ଗବେଷଣା ପ୍ରତିଷ୍ଠାନ // (୫) ଶ୍ରୀ ଜଗନ୍‌ଥ ମିଶନ ମୁଖପତ୍ର: ନିମାଲ୍ୟ: ଶାରଦୀୟ ବିଶେଷାଙ୍କ -୨୦୦୮

# ଏସିଆ ମହାଦେଶରେ ଦୁର୍ଗାରାଧନା ଏକ ସାମାଜିକ ପରମ୍ପରା

## ବିଭୂତି ଭୂଷଣ ସେନାପତି



ଦେବୀ ମାହାତ୍ମ୍ୟରେ ଦେବୀଙ୍କର ତିନିଟି ରୂପ ବର୍ଣ୍ଣନା କରାଯାଇଛି। ତାହା ମହାକାଳୀ, ମହାଲକ୍ଷ୍ମୀ ଓ ମହାଲକ୍ଷ୍ମୀ ଓ ମହା ସରସ୍ୱତୀ। ଏମାନେ ସୃଷ୍ଟିର ଆଧାର ବା କେନ୍ଦ୍ରବିନ୍ଦୁ ଦେବୀ ଦେବତାମାନଙ୍କୁ ରକ୍ଷା କରିବା ପାଇଁ ତିନିଟି ମୂର୍ତ୍ତି ଧାରଣ କରିଥିଲେ। ସେ ବିଷ୍ଣୁଙ୍କୁ ଯୋଗ ନିଦ୍ରାରୁ ଉଠାଇ ମଧୁକୈଠଭ ଦୈତ୍ୟ ଦୁହିଁଙ୍କୁ ବଧ କରିଥିଲେ। ସେତେବେଳେ ସେ ମହା କାଳୀତାମସୀ ଆଦ୍ୟାଶକ୍ତି। ତାଙ୍କର ସଗୁଣ ଅବସ୍ଥାରେ ସେ ସାତ୍ତ୍ୱିକୀ ଶକ୍ତି ମହା ସରସ୍ୱତୀ, ଶୁମ୍ଭ, ନିଶୁମ୍ଭ, ରକ୍ତବୀର୍ଯ୍ୟ ଓ ଚଣ୍ଡମୁଣ୍ଡାଦି ଦୈତ୍ୟନାଶିନୀ। ରାଜସୀ ଶକ୍ତି ମହିଷାସୁର ମର୍ଦ୍ଦିନୀ ମହାଲକ୍ଷ୍ମୀ, ସେଅଷ୍ଟଭୂଜା ଦୁର୍ଗା ଭଗବତୀ।

କେବଳ ଭାରତ କାହିଁକି ଭାରତ ବାହାରେ ଏହି ଶକ୍ତି ଉପାସନା ପ୍ରଚାର ଓ ପ୍ରସାର ଲାଭ କରିଛି। ବିନ୍ଧ୍ୟଠାରୁ ଆରମ୍ଭ କରି ଜାଭା ଦ୍ୱୀପ ପର୍ଯ୍ୟନ୍ତ ଅଞ୍ଚଳକୁ ବିଷ୍ଣୁକ୍ରାନ୍ତା, ମିଶର ପାରସ୍ୟ ପ୍ରଭୃତି ଦେଶକୁ ଅଶ୍ୱକ୍ରାନ୍ତା, ନେବାଳ, ତିବ୍ବତ ଓ ଚୀନ୍ ଦେଶକୁ ରଥକ୍ରାନ୍ତା କହନ୍ତି।

ମଧ୍ୟ ଏସିଆରେ ମହିଷା ମର୍ଦ୍ଦିନୀ ପୂଜା ଅତି ପ୍ରାଚୀନ। ଏହିପରିପ୍ରେକ୍ଷୀରେ ତାଜାକିସ୍ଥାନ ରିପବ୍ଲିକର ଉତ୍ତର ପଶ୍ଚିମରେ ଜେରାଭାସନ ନଦୀ କୂଳରେ ଦେବୀ ଦୁର୍ଗା ବହୁପ୍ରାଚୀନ କାଳରୁ ପୂଜା ପାଇ ଆସୁଛନ୍ତି। ୧୯୪୬ ମସିହାରେ ଏକ ଧ୍ୱଂସାବଶେଷରୁ ଏହି ମୂର୍ତ୍ତିଙ୍କର କିଛି ଅଂଶ ଦେଖିବାକୁ ମିଳିଥିଲା। ଏହିସହରର ନାମ ପେନଜିକେଂଟ। ଆରବର ଆକ୍ରମଣକାରୀ ଏହାକୁ ୭୨୨ ଖ୍ରୀ.ରେ ଜୟ କରିବାକୁ ଚେଷ୍ଟା କରିଥିଲେ। ଏହି ରାଜ୍ୟର ରାଜାଙ୍କ ନାମ ଦିବାସ୍‌ଚିତ୍।

୧୯୪୬ ମସିହା ପ୍ରତ୍ନତାତ୍ତ୍ୱିକମାନଙ୍କ ପ୍ରଚେଷ୍ଟାରେ ଏହାର ଧ୍ୱଂସାବଶେଷ ଆବିଷ୍କୃତ ହୋଇଥିଲା। ଦୁଇଟି ମନ୍ଦିର ଧ୍ୱଂସାବଶେଷ ମଧ୍ୟରୁ ଗୋଟିଏ ଚତୁର୍ଭୁଜା ରୂପ ନାରୀ ମୂର୍ତ୍ତି। କଟୀରେ ରତ୍ନ ଖଚିତ କଟୀବନ୍ଧ ଓ ଶରୀରରେ ନାନାବିଧ ଆଭରଣ। ଅବଶ୍ୟ ଦେବୀଙ୍କ ମୁଖ ମଣ୍ଡଳ ବିଦ୍ରୂପ। ଦେବୀ ମହିଷଜାତୀୟ ପଶୁ ଉପରେ ଦଣ୍ଡାୟମାନ। ମହିଷର ପାଦ ଅଙ୍ଗୁଳି ଖୁବ୍ ତୀକ୍ଷ୍ଣ। ଦେବୀଙ୍କର ବର୍ଚ୍ଛା ଦ୍ୱାରା ଶରୀର ପ୍ରାୟତଃ ବିଦ୍ଧ। ସିଂହର ଏକ ଅସ୍ପଷ୍ଟ ଚିତ୍ର ଡାହାଣ ଦିଗରେ ରହିଛି। ସିଂହର କେଶର ଏବଂ ମସ୍ତକ ସହିତ ପାଦର ଚିହ୍ନ ମଧ୍ୟ ରହିଛି। ଏଥିରେ ଶଙ୍କରଙ୍କ ଉପସ୍ଥିତି ଶିବଙ୍କର ଐତିହ୍ୟକୁ ପ୍ରମାଣିତ କରୁଛି। ମାତ୍ର ଏହାକଳା ରଙ୍ଗର ଲିଙ୍ଗ ସ୍ୱରୂପ ମାଳା ଦ୍ୱାରା ସୁଶୋଭିତ।

ଭାରତ ଏକ ଉପମହାଦେଶ। ଆର୍ଯ୍ୟାବର୍ତ୍ତ ନିବେଶିତ ଦେଶ ଭାବରେ ସମଗ୍ର ବିଶ୍ୱ ଦରବାରରେ ଭାରତ ବର୍ଷ ଚିର ବନ୍ଦନୀୟ। ପ୍ରାଚୀନ କାଳରେ ଦେବୀ ଦୁର୍ଗା ଏକକ ଭାବରେ ପୂଜିତା ହେଉଥିଲେ। ସେତେବେଳେ ତାଙ୍କ ପାଖରେ ଲକ୍ଷ୍ମୀ, ସରସ୍ୱତୀ, ଗଣେଷ କାର୍ତ୍ତିକ ନ ଥିଲେ। ବିଶ୍ୱବିଶ୍ରୁତ ଶାକ୍ତ ଗ୍ରନ୍ଥ ଶ୍ରୀଶ୍ରୀସପ୍ତଶତୀ ଚଣ୍ଡୀରେ ମହାଦେବୀ ଦୁର୍ଗା ମହାସୁର ଶୁମ୍ଭଙ୍କୁ କହିଥିଲେ- ଏକୈବାହଂ ଜଗତ୍ୟତ୍ର ଦ୍ୱିତୀୟା ବାମମାପରା। (ଶ୍ରୀଚଣ୍ଡୀ ୧୦-୫) ଦେବୀ ଭାଗବତ ମହାପୁରାଣରେ ପ୍ରଜାପତି ବ୍ରହ୍ମାଙ୍କୁ ସେ ନିଜ ପରିଚୟ ଦେଇ କହନ୍ତି - "କିଂ ନାହଂ ପଶ୍ୟ ସଂସାରେ ମଦ୍ ବିୟୁକ୍ତଂ କିମସ୍ତିହି / ସର୍ବମେବାହିତ୍ୟେବଂ ନିର୍ଣ୍ଣୟଂ ବିଦ୍ଧି ପଦ୍ମଜ।" ସୁତରାଂ ଦେବୀ ଦୁର୍ଗା ନାନାନାମରେ ଏବଂ ନାନା ରୂପରେ ବିଚରଣ କରନ୍ତି। ବିଶ୍ୱ ସଭ୍ୟତାର ପ୍ରଥମ ଉନ୍ମେଷ ଋଗବେଦର ଦଶମ ମଣ୍ଡଳ ଦେବୀ ସୂକ୍ତ ଏବଂ ଅଥର୍ବ ବେଦର ୩୦ତମ ସୂକ୍ତରେ ସେ ନିଜେ କହୁଛନ୍ତି - ଅହଂ ରୂଦ୍ରେଭିଃ ବସୁଭିଃଶଦ୍‌ଚରାମି ଅମହାଦିତୈରୁତ ବିଶ୍ୱଦେବୈଃ ଇତ୍ୟାଦି" ଏହାର ଅର୍ଥ ମୁଁ ଏକାଦଶରୁଦ୍ର ଏବଂ ଅଷ୍ଟ ବସୁଙ୍କ ରୂପରେ ବା ନାମରେ, ଦ୍ୱାଦଶ ଆଦିତ୍ୟ ଦଶ ବିଶ୍ୱଦେବୀଙ୍କ ନାମ ଏବଂ ରୂପରେ ନିତ୍ୟବିଚରଣ କରେ।"

ପ୍ରାଚୀନ ଯୁଗ ତଥା ମଧ୍ୟ ଯୁଗରେ ଦେବୀ ଦୁର୍ଗା ପ୍ରାୟତଃ ସିଂହ ଉପରେ ଅଥବା ପାର୍ଶ୍ୱରେ ଦଣ୍ଡାୟମାନ ଥିବାର ଦେଖାଯାଏ। କେତେକ କ୍ଷେତ୍ରରେ ଶିଳ୍ପ ଭାସ୍କର୍ଯ୍ୟରେ ସେ ରୂପାୟିତ। ଶକ ଓ କୁଶାଣ ଯୁଗରେ ଦେବୀ ସିଂହ ବିହୀନା। ମାତ୍ର ସିଂହପାର୍ଶ୍ୱରେ ଦଣ୍ଡାୟମାନ। କେତେକ କ୍ଷେତ୍ରରେ ସେ ଦ୍ୱିଭୂଜା ତ ଆଉ କେତେକ କ୍ଷେତ୍ରରେ ଦ୍ୱାତ୍ରିଂଶ ଭୂଜା ପର୍ଯ୍ୟନ୍ତ ବିସ୍ତୃତା। ସବୁଠାରୁ ପ୍ରାଚୀନ ମୂର୍ତ୍ତିରେ ସେ ଦ୍ୱିଭୂଜା ବା ଚତୁର୍ଭୁଜା। କେଉଁଠି ସିଂହାରୂଢ଼ା ଆଉ କେଉଁଠି ଅସୁରବିମର୍ଦ୍ଦିନୀ। ଏହାକୁ ଲକ୍ଷ୍ୟ କରି ଖ୍ରୀ.ପୂ. ପ୍ରଥମ ଶତାବ୍ଦୀରେ ମହିଷା ମର୍ଦ୍ଦିନୀର ଉନ୍ମେଷ ଘଟିଥିଲା। ବର୍ହିଭାରତୀୟ ଦେବୀଙ୍କ ମଧ୍ୟରେ ସୁମେରୀୟ 'ନିନଲିନ', ଫ୍ରିଜୀୟ ଓ ଲିଡୀୟ 'କୁବେଲି', ଆଶିରୀୟ 'ଇସ୍ତାର', ଗ୍ରୀକ୍ 'ରିୟା' ଓ 'ୟାଥିନା' ବ୍ୟାବଲନୀୟ 'ନନା', ଏବଂ ଇରଇନୀ ଏବଂ ପାରସିକ 'ଅନାହିତ' ରୂପେ ପରିଚିତା। ନିଜର ଭକ୍ତମାନଙ୍କ ନିକଟରେ ସେ ମାତୃ ଦେବୀ। ପ୍ରଥମ ଶତାବ୍ଦୀ ପୂର୍ବରୁ ଏହାର ସୃଷ୍ଟି।

ଏମାନେ ସମସ୍ତେ ସିଂହ ବାହିନୀ। ପ୍ରବାଦ ଅଛି

ୟାଥିନା ଦେବାସୁରଯୁଦ୍ଧରେ ଅସୁର ନିଧନ କରିଥିଲେ। ଏହାର ସୁବିସ୍ତୃତ ବିବରଣୀ ଗ୍ରୀକ୍ କାହାଣୀରେ ଅଛି। ଏହାର ଏକ ଖୋଦିତ ଚିତ୍ର ପାର୍ଗାମନ୍ ବା ତୁର୍କୀଠାରେ (ଖ୍ରୀ.ପୂ ୨ୟ ଶତାବ୍ଦୀ) ରହିଛି। ୟାଥିନାର ସଂଗୀ ଭାବରେ ସିଂହ ମଧ୍ୟ ଏଠାରେ ଅଛି। ଖ୍ରୀ.ପୂ ପ୍ରଥମ ବା ଖ୍ରୀ. ୨ୟ ଶତାବ୍ଦୀ ବେଳକୁ ପଶ୍ଚିମ ଏସିଆରେ ଦୁର୍ଗା ମାତୃଦେବୀ ରୂପରେ ପରିଚିତା ଥିଲେ। ସେହି ସମୟରେ ଉଭୟ ଭୁଖଣ୍ଡରେ ବାଣିଜ୍ୟିକ କାରବାର ମଧ୍ୟ ଚାଲିଥିଲା। ୟାଥିନାଙ୍କ ହସ୍ତରେ ଶୋଭା ପାଉଥିବା ବର୍ଚ୍ଛା ଏସିଆରେ ଦେବୀ ଦୁର୍ଗାଙ୍କର ତ୍ରିଶୂଳ। ଏହା ହୁଏତ ସାମାନ୍ୟ ବିବର୍ତ୍ତନ। ବର୍ହିଭାରତୀୟ ମାତୃଦେବୀ। ନନାଙ୍କ ସହଅମ୍ବା ବିଶେଷ ଭାବରେ ପରିଚିତା। ଏହା କେବଳ ପାରସ୍ୟ ବା ପଶ୍ଚିମ ଏସିଆ ନୁହେଁ, ମଧ୍ୟ ଏସିଆରେ ମଧ୍ୟ ଜନପ୍ରିୟ ଦେବୀ ରୂପରେ ସୁପରିଚିତା। ପ୍ରାଚୀନ ପେନଜିକେଂଟ ସହରରେ ଅକ୍ଷୁର୍ଣ୍ଣ ଥିଲା। ଏହିସହରର କାଷ୍ଠ ଫଳକରୁ ନନାଙ୍କର ମୂର୍ତ୍ତି ବାହାରିଛି। ସେ ସିଂହାରୂଢ଼ା।

ପେନଜିକେଂଟରୁ ଆବିଷ୍କୃତ ଚିତ୍ରରେ ନନା ଅଶ୍ୱରୂଢ଼ା। ସେହିନଗରୀରେ ସେ ଅଧିଷ୍ଠାତ୍ରୀଦେବୀ ରୂପେ ପରିଚିତା। ଶିବ ଲିଙ୍ଗ ଚିତ୍ରରୁ ସ୍ପଷ୍ଟ ଜଣାପଡ଼େ ଦୁର୍ଗା ଦେବୀ ଶିବଙ୍କ ସହିତ ପୂଜା ପାଉଥିଲେ। ପେନଜିକେଂଟ ସହରରେ ଏହାର ଚିତ୍ର ଅବଲୋକନ କଲେ ଯେ କୌଣସି ଗବେଷକ ମହାମାୟୀ ଦୁର୍ଗାଙ୍କ ସମ୍ପର୍କରେ ସବିଶେଷ ତଥ୍ୟ ଜାଣିପାରିବେ।

ଭାରତୀୟ ମହିଷା ମର୍ଦ୍ଦିନୀ ପେନ୍‌ଜିକେଂଟ ସହପ୍ରାୟ ତୁଳନୀୟା। ଅସୁର ସହିତ ଏକ ଡ୍ରାଗନ ଆକୃତି ମେଳ ଖାଉଛି। ଦେବୀ ପଶୁକୁ ବିମର୍ଦ୍ଦନ କଲାବେଳେ ଏକ ଦାନବ ବା ଡ୍ରାଗନକୁ ସେ ବଧ କରୁଛନ୍ତି। ଶିଳ୍ପୀଙ୍କର ଯେଉଁ ଦୁଇଟି ରୂପ ତନ୍ମଧ୍ୟରେ ଗୋଟିଏ ମହିଷାର ବିନାଶ ଅନ୍ୟଟି ମହିଷାସୁର ବଧ। ମଧ୍ୟ ଏସିଆରେ ଏହାର ବହୁଳ ଦୃଷ୍ଟାନ୍ତ ଦେଖିବାକୁ ମିଳେ। ସୋଭିଏତ ମଧ୍ୟ ଏସିଆର ପେନ୍‌ଜିକେଂଟ ଅଂଚଳରେ ପ୍ରାୟ ୫ମ ଓ ୬ଷ୍ଠ ଶତାବ୍ଦୀରୁ ଏହି ପୂଜା ପ୍ରଚଳିତ ହୋଇ ଆସୁଛି।

ମଧ୍ୟ ଏସିଆର ଦକ୍ଷିଣରେ ଅକ୍‌ସାସ୍ ବା ଆମୁଦରିଆ। ତାହାର ଦକ୍ଷିଣକୁ ହିନ୍ଦୁକୁଶ ପର୍ବତ ଅବସ୍ଥିତ। ଏହାର ଉତ୍ତର ପଶ୍ଚିମରେ ପୂର୍ବେ ବାହ୍ଲିକ ଦେଶ ଥିଲା। ଏଠାରେ ଶିବ ଧର୍ମର ପ୍ରଚାର ଓ ପ୍ରସାର ଘଟିଥିଲା। ବାଲଖ ସହରର ୪୦ କିମି ଦୂରରେ ଉତ୍ତର ପଶ୍ଚିମରେ ଦେଲବାରଜିନ୍। କୁଶାଣ ଯୁଗରେ ମନ୍ଦିରଗାତ୍ରରେ ମହିଷା ମର୍ଦ୍ଦିନୀ ଚିତ୍ର ଦେଖିବାକୁ ମିଳେ।

ସେହିପରି ବାହ୍ଲିକ ଓ ହିନ୍ଦୁକୁଶ ପର୍ବତର ଦକ୍ଷିଣ ପୂର୍ବରେ ପ୍ରାଚୀନ କାଳରେ ଶୈବ ଧର୍ମର ପ୍ରଚାର ପ୍ରସାର ହୋଇଥିଲା। ଗବେଷକମାନଙ୍କ ମତରେ ଆଫଗାନିସ୍ଥାନ ଅଞ୍ଚଳରେ ଏକ ଅଞ୍ଚଳ ଅଛି ତାହାର ନାମ ଗର୍ଦ୍ଦେଜ। ୮ମ ବା ୯ମ ଶତାବ୍ଦୀରେ ଏଠାରୁ ମଧ୍ୟ ଏକ ମୂର୍ତ୍ତି ଆବିଷ୍କୃତ ହୋଇଅଛି। ସେଠାରେ ସ୍କରେତି ମାର୍ବଲ ନାମରେ ମହିଷାସୁରମର୍ଦ୍ଦିନୀଙ୍କର ଆଉ ଏକ ମୂର୍ତ୍ତି ଆବିଷ୍କୃତ ହୋଇଛି। ଆଫଗାନିସ୍ଥାନ ଅଞ୍ଚଳରୁ ମହିଷାସୁର ମର୍ଦ୍ଦିନୀ ମୂର୍ତ୍ତିରୁ ୮ମ ଶତାବ୍ଦୀରେ ଏକ ମୂର୍ତ୍ତି ଆବିଷ୍କୃତ। ସେହି ସହରର ନାମ ଟାପାସର୍ଦ୍ଦାର। ମହିଷର ଅର୍ଦ୍ଧ ଶରୀର ସହିତ ଛିନ୍ନ ମସ୍ତକ ଓ ଅସୁରର ଦୁଇଟି ପାଦ ପରିଲକ୍ଷିତ ହୁଏ। ସେଠାରେ ଥିବା ବୌଦ୍ଧ ମନ୍ଦିର ପାଖରେ ଦେବୀଙ୍କ ମୂର୍ତ୍ତି ଦେଖା ଯାଉଥିବାରୁ ମହିଷାମର୍ଦ୍ଦିନୀ ବୌଦ୍ଧ ମାନଙ୍କର ଉପାସ୍ୟ ଦେବତା।

ଆଫଗାନିସ୍ତାନ ଓ ମଧ୍ୟ ଏସିଆ ଦେଇ ଦେବୀଙ୍କ ପ୍ରଚାର ପ୍ରସାର ମଧ୍ୟ ଏସିଆ ପର୍ଯ୍ୟନ୍ତ ପ୍ରସାରିତ ହୋଇଥିଲା। ଗବେଷକମାନଙ୍କ ମତାନୁସାରେ ପ୍ରାଚୀନ ପେନ୍‌ଜିକେଂଟ ଅଞ୍ଚଳରେ ଭାରତୀୟ ସଂସ୍କୃତି ବିକାଶ ଲାଭ କରିଥିଲା। ଦେବୀଙ୍କ ଶାଢ଼ୀ ଭାରତୀୟ ଅଥବା ମଧ୍ୟ ଏସିଆବାସୀଙ୍କର ବୋଲି ଅନୁମାନ କରାଯାଏ।

କିନ୍ତୁ ଭାରତୀୟ ଶକ୍ତି ପରମ୍ପରାରେ ଚାମୁଣ୍ଡା ଏକ ଅଭୂତପୂର୍ବ ପରିକଳ୍ପନା। ଏହା କେଉଁଠି କିପରି ଆସିଲା ତାହା ଅବଶ୍ୟ ଗବେଷଣା ଯୋଗ୍ୟ। ପୌରାଣିକ ପରମ୍ପରାରେ ଶିବଙ୍କୁ ବୈଦିକ ଦୃଷ୍ଟିଭଙ୍ଗୀରେ ରୁଦ୍ର କହନ୍ତି ସେ ଅବଶ୍ୟ ଭୟଙ୍କର ଦେବତା। କିନ୍ତୁ ପାର୍ବତୀ ନୁହଁନ୍ତି। ଭୈରବ ତାଙ୍କର କ୍ରୋଧାନ୍ୱିତ ରୂପ। ସୁତରାଂ ଶକ୍ତି ଭୈରବ ଭୟଙ୍କର ରୂପର ଅଧିକାରିଣୀ। ଭୈରବୀ ଚାମୁଣ୍ଡାର ନାମାନ୍ତର ବୋଲି କେତେକ ମତ ଦିଅନ୍ତି। ବାମନ ପୁରାଣାନୁସାରେ ଶିବ ଅନ୍ଧକାସୁରକୁ ବଧ କରିଥିଲେ। ଅସୁରର ରକ୍ତ ଓ ସ୍ୱେଦ ଚର୍ଚ୍ଚିତ ହୋଇ ଚର୍ଚ୍ଚିକା ନାମକରଣ ହେଲା। ରକ୍ତବୀର୍ଯ୍ୟ ଅସୁରର ରକ୍ତ ପାନ କରିବାରୁ ଦେବୀ ଅନାୟାସରେ ଅସୁରକୁ ବିନାଶ କରିଥିଲେ। ସେଥିପାଇଁ ଦେବୀଙ୍କ ହସ୍ତରେ ଛିନ୍ନ ମସ୍ତିଷ୍କ ବା କଟା ମୁଣ୍ଡ ଅଛି। ଏହି ପରମ୍ପରା ମଧ୍ୟଏସିଆର କୌଣସି ସ୍ଥାନରେ ଦେଖା ନଗଲେ ମଧ୍ୟ ଭାରତରେ ପରିଦୃଷ୍ଟ ହୁଏ। ଭାରତୀୟ ପୁରାଣ ଶାସ୍ତ୍ରରେ କିଛିଟା ଭିନ୍ନ ଦେଖାଯାଏ। ଯାହାକି ପେନଜିକେଂଟ ସହରଠାରୁ ଭିନ୍ନ।

ଭାରତୀୟ ପୁରାଣ ଶାସ୍ତ୍ରରେ ମାତୃଗଣ କହିଲେ ଆମେ ସାଧାରଣତଃ ବ୍ରାହ୍ମୀ, ମାହେଶ୍ୱରୀ, ଇନ୍ଦ୍ରାଣୀ, ବରାହୀ, ବୈଷ୍ଣବୀ, ନାରସିଂହୀ, କୌମାରୀ, ଚାମୁଣ୍ଡା, ପ୍ରେତସଂସ୍ଥା, ଶିବଦୂତୀ, ଲକ୍ଷ୍ମୀ ଓ ଈଶ୍ୱରୀକୁ ବୁଝିଥାଉ। ଅଗ୍ନିପୁରାଣର ତିନିଗୋଟି ସ୍ଥାନରେ ଚାମୁଣ୍ଡାଙ୍କ ନବନାମ ଓ ତାଙ୍କ ରୂପ ମାନ ଦେଖିବାକୁ ମିଳେ। ତନ୍ମଧ୍ୟରେ ରୁଦ୍ର ଚର୍ଚ୍ଚିକା, ରୁଦ୍ର ଚାମୁଣ୍ଡା, ମହାଲକ୍ଷ୍ମୀ, ସିଦ୍ଧ ଚାମୁଣ୍ଡା, ସିଦ୍ଧ ଯୋଗେଶ୍ୱରୀ ରୂପ ବିଦ୍ୟା, କସ୍ ମା, ଦନ୍ତୁରା ଓ କୁବିଜିକା। ସଂଭବତଃ ଗୁପ୍ତ ରାଜବଂଶ ରାଜତ୍ୱ ସମୟରେ ଶକ୍ତିବାଦ ଉପରେ ଆଲୋଚନା କରାଯାଉଥିଲା ଯାହା ମାର୍କଣ୍ଡେୟ ପୁରାଣରେ ବର୍ଣ୍ଣନାକରାଯାଇଛି। କିନ୍ତୁ ପ୍ରାଗ୍ ଐତିହାସିକ ଯୁଗରୁ ମଙ୍ଗଳ ଓ ଅମଙ୍ଗଳ କାରିଣୀ ଦେବୀ ଭାବରେ ଦେବୀ ପୂଜା ପ୍ରଚଳିତ ଥିଲା। ମଥୁରାରୁ ପ୍ରାପ୍ତ ଏକ ନାରୀ ମୂର୍ତ୍ତି କୁଶାଣ କାଳର ବୋଲି କୁହାଯାଉଛି। ଗୁପ୍ତ ଯୁଗର ମାତୃକା ଓ ଚାମୁଣ୍ଡା ମୂର୍ତ୍ତି ଉତ୍ତର ଭାରତର ବିଭିନ୍ନ ସ୍ଥାନ ଓ ସଂଗ୍ରହାଳୟରେ ରହିଛି। ଏଥିରେ ଚାମୁଣ୍ଡାଙ୍କ ଚିତ୍ର ସୁସ୍ପଷ୍ଟ।

ରୁଦ୍ର ଚର୍ଚ୍ଚିକା ଷଡଭୂଜାରେ ଦୁଇ ହସ୍ତରେ ହସ୍ତୀ ଚର୍ମ ଧାରଣ କରିଛନ୍ତି। କିନ୍ତୁ ରୁଦ୍ର ଚାମୁଣ୍ଡା ଅଷ୍ଟଭୂଜା। ସେ ନରମୁଣ୍ଡ ଓ ଡମ୍ବରୁ ଧାରଣ କରିଛନ୍ତି। ମହାଲକ୍ଷ୍ମୀ ଚତୁର୍ମୁଖୀ ଓ ଅଷ୍ଟଭୂଜା। ସିଦ୍ଧ ଚାମୁଣ୍ଡା ଦଶଭୂଜା। ଦକ୍ଷିଣ ହସ୍ତରେ ହସ୍ତୀ ଚମଡ଼ା ଉତ୍ତୋଳିତ। ସିଦ୍ଧେଯାଗେଶ୍ୱରୀ ଓ ରୂପବିଦ୍ୟା ଉଭୟ ଦ୍ୱାଦଶ ଭୂଜା। ସିଦ୍ଧ ଯୋଗେଶ୍ୱରୀ ଯୋଗ ମୁଦ୍ରାରେ ଥିବାବେଳେ ରୂପବିଦ୍ୟା ଦଣ୍ଡାୟମାନ ଅବସ୍ଥାରେ ରହନ୍ତି। କସ୍ ମାଦେବୀ ଦ୍ୱିଭୂଜା ଓ ବୃଦ୍ଧା। କିନ୍ତୁ ହାତରେ କୌଣସି ଆୟୁଧ ଧାରଣ କରିନାହାନ୍ତି। ଦନ୍ତୁରା ଅତ୍ୟନ୍ତ ବୃଦ୍ଧା ଆଣ୍ଠୁ ଉପରେ ହସ୍ତ ଦେଇ ପାଦରେ ବସିଥିବା ଦେଖିବାକୁ ମିଳେ। ଭାରତର ବିଭିନ୍ନ ସ୍ଥାନରେ ଚାମୁଣ୍ଡା ଭିନ୍ନ ପ୍ରକାର।

ଭାରତୀୟ ମାତୃମୂର୍ତ୍ତି ବାତ୍ସଲ୍ୟ ଓ କରୁଣାରେ ପରିପୂର୍ଣ୍ଣା କିନ୍ତୁ ଚାମୁଣ୍ଡା ଅତି ଭୟଙ୍କର। ଶିଳ୍ପୀରକଳା କୁଶଳ ହେଉ ଅଥବା ଅନ୍ୟ କେଉଁ କାରଣ ହେଉ ଏସିଆର ମହିଷାମର୍ଦ୍ଦିନୀ ଦୁର୍ଗା ଭାରତୀୟ ଶାସ୍ତ୍ର ପରମ୍ପରାର ସାମାନ୍ୟ ବ୍ୟତିକ୍ରମ ଦେଖାଏ। ଭିନ୍ନ ଦୃଷ୍ଟିରେ ଉପାସନା ପରମ୍ପରାରେ ଦେବୀ ଦୁର୍ଗାଙ୍କୁ ଆରାଧନା କଲେ ମଧ୍ୟ ବିନ୍ଧ୍ୟ ପର୍ବତଠାରୁ ଆରମ୍ଭ କରି ଜାଭା ଦ୍ୱୀପ ପର୍ଯ୍ୟନ୍ତ ଅଥବା ସମଗ୍ର ଏସିଆ ମହାଦେଶରେ ସେ ବିଭିନ୍ନ ନାମରେ ନାମିତା ଏବଂ ତନ୍ତୋକ୍ତ ଶକ୍ତିବାଦର ଯଥେଷ୍ଟ ପ୍ରଭାବ ଦୁର୍ଗାଙ୍କ ଉପରେ ରହିଛି ଏହାକୁ ଅସ୍ୱୀକାର କରିହେବ ନାହିଁ।

*ସଭାପତି, ନାରାୟଣ ସ୍ମୃତି ସେବା ଓ ସାହିତ୍ୟ ଗବେଷଣା ପରିଷଦ, କୋହ୍ଲ, ତିହିଡି, ଭଦ୍ରକ*

# ଶାକ୍ତପୀଠ ବ୍ୟାଘ୍ରଦେବୀ

ଡ. ସୁଚେତା ରାଉତ



ଦକ୍ଷିଣ ଓଡ଼ିଶାର ପ୍ରସିଦ୍ଧ ଶାକ୍ତ ପୀଠମାନଙ୍କ ମଧ୍ୟରେ ପ୍ରାଚୀନ ଘୁମୁସର ରାଜ୍ୟର ଆରାଧଦେବୀ ବ୍ୟାଘ୍ରଦେବୀ ଅନ୍ୟତମା। ୮୩୨ ଖ୍ରୀଷ୍ଟାବ୍ଦରେ ଘୁମୁସର ରାଜ୍ୟ ପ୍ରତିଷ୍ଠା ହେବା ପରେ ଜୟନ୍ତୀଗଡ଼ (ନାଟଗାଁ ନିକଟରେ) ଏହାର ରାଜଧାନୀ ଥିଲା। ଏଠାରେ ଭଞ୍ଜବଂଶ ଦ୍ୱାରା ପ୍ରତିଷ୍ଠିତ କନକ ଦୁର୍ଗା ହେଉଛନ୍ତି ଭଞ୍ଜବଂଶର ଇଷ୍ଟଦେବୀ। କିନ୍ତୁ ଭଞ୍ଜ ବଂଶର ୨୨ତମ ରାଜା ପ୍ରତାପ ଭଞ୍ଜ (୧୧୯୦-୧୨୦୭) କୁଲାଡକୁ ନିଜର ରାଜଧାନୀ କରିଥିଲେ। ଏଠାରେ ଥିବା ବ୍ୟାଘ୍ୟଦେବୀ ପାହାଡ଼ ଉପରେ କନ୍ଧମାନଙ୍କ ଦ୍ୱାରା ବ୍ୟାଘ୍ରଦେବୀ ପୂଜାପାଇଁ ଆସୁଥିଲେ। ଏଠାରେ ମା'ଙ୍କୁ ପୂଜା କରୁଥିବା ଦୁଇ କନ୍ଧ ସର୍ଦ୍ଦାର ଭାଇ କୁଲା ଓ ଡ଼ହ ଭଞ୍ଜ ବଂଶ ରାଜାଙ୍କୁ ପୂଜା ଭାର ଅର୍ପଣ କରିଥିବାରୁ, ତାଙ୍କୁ ପ୍ରତିଦାନସ୍ୱରୂପ ତାଙ୍କ ନାମ ଅନୁସାରେ ଏହି ସ୍ଥାନର ନାମ କୁଲାଡହ ହେଇଥିଲା। ପରବର୍ତ୍ତୀ ସମୟରେ ଅପଭ୍ରଂଶ ହୋଇ ଏହା 'କୁଲାଡ଼' ହୋଇଛି ଏବଂ ବ୍ୟାଘ୍ର ଦେବୀ ହୋଇଛନ୍ତି ସମଗ୍ର ଘୁମୁସରର ଇଷ୍ଟଦେବୀ। କୁହାଯାଏ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ବ୍ୟାଘ୍ର ଦେବୀଙ୍କୁ ପୂଜାର୍ଚ୍ଚନା କରି ବାକ୍‌ଶକ୍ତି ପାଇଥିବାରୁ ମା' ଙ୍କ ନାମ ବାଗ୍‌ଦେବୀ ହୋଇଛି। ବ୍ୟାଘ୍ରଦେବୀ ବାଗ୍‌ଦେବୀ କଥାଟି ଲୋକ ମୁଖରେ ପ୍ରଚଳିତ ହୋଇଥିଲେ ମଧ୍ୟ ଏହାର କୌଣସି ଆଧାର ନାହିଁ। ସମ୍ଭବତଃ ବ୍ୟାଘ୍ରଦେବୀ କାଳକ୍ରମେ ଲୋକ ମୁଖରେ ବାଘଦେବୀ ହୋଇ ବାଗ୍‌ଦେବୀ ହୋଇଥିବା ସମ୍ଭବ। କାରଣ ବଳୀ ଖାଉଥିବା ଦେବୀ ସରସ୍ୱତୀ କେମିତି ହେବେ ? ଏବେ କିଛି ବର୍ଷ ହେଲା ବଳୀ ପ୍ରଥା ଏଠାରେ ବନ୍ଦ ହୋଇଛି।

ବାଗ୍‌ଦେବୀ ଓ ବ୍ୟାଘ୍ର ଦେବୀ ଉଭୟ ନାମକରଣ ବିଷୟରେ ନିର୍ଦ୍ଦିଷ୍ଟ ଯୁକ୍ତି ଅନେକ ଉପସ୍ଥାପିତ କରିଥାନ୍ତି। ଯେଉଁମାନେ ବାଗ୍‌ଦେବୀଙ୍କୁ ସରସ୍ୱତୀ ଭାବରେ ଅଭିହିତ କରିଥାନ୍ତି, ସେମାନେ ଭଞ୍ଜ ରାଜବଂଶର ସାରସ୍ୱତ ସାଧନାକୁ ଆଖି ଆଗରେ ରଖି ବାଗ୍‌ଦେବୀ ଉପାସନାର ପ୍ରାଧାନ୍ୟ କଥା ଉଲ୍ଲେଖ କରିଛନ୍ତି। ଯେଉଁ ଆଧାରରେ କୁହାଯାଇଛି ଉପେନ୍ଦ୍ର ଭଞ୍ଜ ବ୍ୟାଘ୍ରଦେବୀଙ୍କ କୃପା ଲାଭ କରି କବିତ୍ୱ ପ୍ରାପ୍ତ କରିଥିଲେ, ଏହାର ମଧ୍ୟ କୌଣସି ପ୍ରମାଣ ନାହିଁ। ଉପେନ୍ଦ୍ର ଭଞ୍ଜ ଏ ବିଷୟରେ କେଉଁଠାରେ ଉଲ୍ଲେଖ କରିନାହାନ୍ତି। ସେ ରାମତାରକ ମନ୍ତ୍ର ପ୍ରସାଦରେ କବିତ୍ୱ ଲାଭ କରିଥିବା କଥା କହିଛନ୍ତି। ତେଣୁ ଉପେନ୍ଦ୍ର ଭଞ୍ଜଙ୍କ କବିତ୍ୱ ପାଇଁ ବ୍ୟାଘ୍ରଦେବୀ ବାଗ୍‌ଦେବୀ ହେବାର କୌଣସି ଆଧାର ନାହିଁ। ବଳିପୂଜା ଖାଉଥିବା ପୂର୍ବର ସେ ବ୍ୟାଘ୍ର ଦେବୀ (ଆଦିବାସୀ ଦେବୀ) ଏବେ ପରମ ବୈଷ୍ଣବୀରେ ପରିବର୍ତ୍ତିତ ହୋଇଛନ୍ତି। ବଳୀ ପ୍ରଥା ବନ୍ଦ ହୋଇଯାଇଛି। ସୁଦ୍ଧ ଶାକାହାରୀ ଭୋଗ ହେଉଛି।

କୁଲାଡ଼କୁ ଯିବାକୁ ହେଲେ ବ୍ରହ୍ମପୁର ଠାରୁ ୮୦ କିଲୋମିଟର ଅତିକ୍ରମକରି ଭଞ୍ଜନଗର ଓ ଏହାପରେ ଦଶପଲ୍ଲା ଯିବା ବାଟରେ ୮ କିଲୋମିଟର ଯିବାକୁ ହୁଏ। ଗୁମା ଓ ସରର ମିଶ୍ରଣରେ ଘୁମୁସର ରାଜ୍ୟର ନାମକରଣ ହେଲାପରି, କୁଲାଡ଼ର ନାମ କରଣ ପଛରେ ଅନ୍ୟ ଏକ ଜନଶ୍ରୁତି ରହିଛି। ସଂସ୍କୃତରେ କୁଲ୍ୟା ଶବ୍ଦର ଅର୍ଥ ହେଉଛି। ପୟଃ ପ୍ରଣାଳୀ ବା ଜଳ ସ୍ରୋତା। ଏଣୁ କୁଲ୍ୟାବେଷ୍ଟିତ ଗଡ଼ଟିକୁ କୁଲାଡ଼ କୁହାଯାଉଥିବା ଅନୁମାନ କରାଯାଏ। ଧର୍ମ, ସଂସ୍କୃତି ଓ ଐତିହ୍ୟର ଅପୂର୍ବ ଦର୍ଶନୀୟ ସ୍ଥାନ ହେଉଛି କୁଲାଡ଼। କୁଲାଡ଼ର ପଶ୍ଚିମ ପାର୍ଶ୍ୱରେ ଥିବା ବ୍ୟାଘ୍ର ଦେବୀ ପାହାଡ଼ ଉପରେ ମା'ଙ୍କ ମୁଖ୍ୟ ମନ୍ଦିର ରହିଥିବା ବେଳେ, ଭକ୍ତମାନଙ୍କର ଯାତାୟତର ସୁବିଧା ପାଇଁ ପରବର୍ତ୍ତୀ ସମୟରେ ପାହାଡ଼ର ନିମ୍ନଦେଶରେ ଅନ୍ୟ ଏକ ମନ୍ଦିର ପ୍ରତିଷ୍ଠା କରାଯାଇଛି। ଏମାନେ ଉପର ବ୍ୟାଘ୍ରଦେବୀ ଓ ତଳ ବ୍ୟାଘ୍ର ଦେବୀ ଭାବରେ ପୂଜା ପାଉଛନ୍ତି।

ଏହି ତଳ ବ୍ୟାଘ୍ର ଦେବୀ ପ୍ରତିଷ୍ଠା ହେବା ପଛରେ ଏକ ରୋଚକ କାହାଣୀ ରହିଛି। ପାହାଡ଼ ଉପରେ ଥିବା ବ୍ୟାଘ୍ର ଦେବୀଙ୍କ ପାଖକୁ ଯିବା ବହୁତ କଷ୍ଟକର ଥିଲା। ପୂଜକ ମଧ୍ୟ ସେଠାକୁ ବହୁତ କଷ୍ଟରେ ଯାଉଥିଲେ। ସ୍ଥାନଟି ଘନ ଜଙ୍ଗଲରେ ପରିପୂର୍ଣ୍ଣ ହୋଇଥିବାରୁ ଡୋଙ୍ଗର ରାସ୍ତା ଦେଇ ବହୁତ କଷ୍ଟରେ ଦେବୀଙ୍କ ନିକଟରେ ପହଞ୍ଚିବାକୁ ହେଉଥିଲା। ସେଥିପାଇଁ ଦେବୀଙ୍କୁ ସପ୍ତାହରେ ଥରେ କେବଳ ମଙ୍ଗଳବାର ଭୋଗ ଦିଆଯାଉଥିଲା। ରାଜା ଧନଞ୍ଜୟ ଭଞ୍ଜଙ୍କ ସମୟରେ ପର୍ବତ ପାଦଦେଶରେ ଏକ ସୁରମ୍ୟ ମନ୍ଦିର ନିର୍ମାଣ କରାଯାଇ ଦେବୀଙ୍କୁ ସ୍ଥାପନ କରାଗଲା। ଏହି ସ୍ଥାପନା ପଛର କିମ୍ବଦନ୍ତୀ ହେଉଛି - ଦିନେ ପୂଜକ ଦେବୀଙ୍କ ପୂଜା ସମାପ୍ତ କରି ପର୍ବତ ଉପରୁ ତଳକୁ ଫେରୁଥିବା ବେଳେ ଅଧରାସ୍ତାରେ ପୂଜା ଡ଼ାଲଟି ଛାଡ଼ି ଆସିଥିବା କଥା ମନେ ପଡିଲା। ଡ଼ାଲଟି ଆଣିବା ପାଇଁ ପୂଜକ ପୀଠକୁ ଯାଇ ଦେଖିଲେ ଦେବୀ ଭୋଜନ କରୁଛନ୍ତି (କେତେକଙ୍କ ମତରେ ଚଣ୍ଡୀ, ଚାମଣ୍ଡା ଦେବୀଙ୍କ ଅନୁଚର ଗଣ ଭକ୍ଷଣ କରୁଛନ୍ତି)। ଏହା ଦେଖି ସେ ଭୟରେ ଅଥୟ ହୋଇପଡିଲେ। ଦେବୀ ଏଇ କଥା ଜାଣି ପାରି ପୂଜକଙ୍କୁ ସାନ୍ତ୍ୱନା ଦେଇ କହିଲେ, ତୋର ଏଠାକୁ ଆସିବା ଦରକାର ନାହିଁ। ଏହାପରେ ଦେବୀ ପୂଜା ଡ଼ାଲଟିକୁ ତଳକୁ ଫୋପାଡ଼ି ଦେଇ କହିଲେ, ଏହି ଡ଼ାଲଟି ଯେଉଁଠାରେ ପଡିବ ତୁ ମୋତେ ସେଠାରେ ପୂଜା କରିବୁ। (କେତେକଙ୍କ ମତାନୁଯାୟୀ ପୂଜକଙ୍କୁ କଷ୍ଟ ହେଉଥିବାରୁ ସେ ଏପରି ଏକ କାଳ୍ପନିକ କାହାଣୀର ଅବତାରଣା କରିଛନ୍ତି) ତଳ ବ୍ୟାଘ୍ରଦେବୀ ପୀଠ ଯେଉଁଠି ଅଛି, ଡ଼ାଲଟି ସେଠାରେ ପଡିଥିଲା ବୋଲି ଏ ରୋଚକ କାହାଣୀ କହେ।

ତଳେ ପ୍ରତିଷ୍ଠିତ ହୋଇଥିବା ବ୍ୟାଘ୍ରଦେବୀ ଭଞ୍ଜବଂଶର ଇଷ୍ଟଦେବୀ କନକ ଦୁର୍ଗାଙ୍କର ପରିବର୍ତ୍ତିତ ରୂପ କି? ଏହାର ଉତ୍ତର ହଁ ହୋଇପାରେ। ଭଞ୍ଜ ରାଜାମାନେ ଯେତେବେଳେ କୁଲାଡ଼କୁ ନିଜର ରାଜଧାନୀ କରି ସେମାନଙ୍କର ମୂଳଗଡ଼କୁ କୁଲାଡ଼କୁ ସ୍ଥାନାନ୍ତରିତ କଲେ, ସେତେବେଳେ ବ୍ୟାଘ୍ରଦେବୀ ପାହାଡ଼ ପାଦଦେଶରେ ଗଡ଼, ଗଡ଼ଖାଇ, ସ୍ନାନ ପାଇଁ ପୁଷ୍କରଣୀ, ରାଣୀମାନଙ୍କ ପାଇଁ ପୁଷ୍କରିଣୀ, ଘୋଡ଼ାଶାଳ ଇତ୍ୟାଦିର ବ୍ୟବସ୍ଥା କରିଥିଲେ। ଏବେ ଯେଉଁଠାରେ ତଳ ବ୍ୟାଘ୍ରଦେବୀଙ୍କ ଆସ୍ଥାନ ରହିଛି ତାହା ଗଡ଼ର ସଂଲଗ୍ନ ସ୍ଥାନ। ସମ୍ଭବତଃ ସେଠାରେ ଭଞ୍ଜରାଜା ଏହି ମନ୍ଦିର ନିର୍ମାଣ କରି ନିଜ ଇଷ୍ଟଦେବୀ କନକଦୁର୍ଗାଙ୍କୁ ବସାଇଥିଲେ। ରାଜତନ୍ତ୍ର ଲୋପ ପାଇବା ପରେ ସେହି ଇଷ୍ଟଦେବୀ କନକ ଦୁର୍ଗାଙ୍କ ଆସ୍ଥାନଟି ପରିତ୍ୟକ୍ତ ହୋଇ, ତଳ ବ୍ୟାଘ୍ରଦେବୀଙ୍କ ଆସ୍ଥାନ ଗଢ଼ି ଉଠିଥିବା ସମ୍ଭବ। ଏହି ଦୃଷ୍ଟିରୁ କୁଲାଡ଼ରେ ପ୍ରତିଷ୍ଠିତା ତଳ ବ୍ୟାଘ୍ରଦେବୀ ହିଁ ଭଞ୍ଜଙ୍କ ବଂଶର ଇଷ୍ଟଦେବୀ କନକଦୁର୍ଗାଙ୍କ ପରିବର୍ତ୍ତିତ ରୂପ।

ମେଘନାଦ ପାଚେରୀ ପରିବେଷ୍ଟିତ ପ୍ରାୟ ଏକ ଏକର ଜମି ମଧ୍ୟରେ ମା'ଙ୍କ ମନ୍ଦିର ଅବସ୍ଥିତ। ବେଢ଼ା ମଧ୍ୟକୁ ଯିବାପାଇଁ ଦୁଇଟି ଦ୍ୱାର ରହିଛି। ମୁଖ୍ୟ ବ୍ୟାଘ୍ର ଦ୍ୱାର ମନ୍ଦିରର ପୂର୍ବ ପାର୍ଶ୍ୱରେ ରହିଥିବା ବେଳେ ଦ୍ୱିତୀୟ ଦ୍ୱାର (ସିଂହଦ୍ୱାର) ଦକ୍ଷିଣ ଦିଗରେ ଅବସ୍ଥିତ। ମନ୍ଦିରର ଉଚ୍ଚତା ୧୫ ଫୁଟ, ଜଗମୋହନର ଲମ୍ୱ ୧୫ ଫୁଟ ଓ ଓସାର ୭ ଫୁଟ ଅଟେ। ମା'ଙ୍କ ଆସ୍ଥାନ ପୀଠର ଲମ୍ୱ ଓ ଓସାର ୧୦ ଫୁଟ୍। ମା' ବ୍ୟାଘ୍ରଦେବୀ ଆସ୍ଥାନର ମଧ୍ୟ ଭାଗରେ ଦକ୍ଷିଣ ମୁଖୀ ହୋଇ ଅବସ୍ଥାନ କରିଛନ୍ତି। ମା'ଙ୍କ ବିଗ୍ରହଟି ପ୍ରାୟ ୫/୬ ଫୁଟ ଉଚ୍ଚତା ବିଶିଷ୍ଟ, କଳା ମୁଗୁନି ପଥର ଦେହରେ ସିନ୍ଦୁର ପ୍ରଲେପ କରାଯାଇ ପାଟବସ୍ତ୍ର ଏବଂ ନାନା ଅଳଙ୍କାରରେ ବିମଣ୍ଡିତ କରାଯାଇ ପ୍ରାଣ ପ୍ରତିଷ୍ଠା କରାଯାଇଛି। ତଳେ ଚିତ୍ ହୋଇ ପଡିଥିବା ଏକ ଶବ ଉପରେ ଥିବା ବ୍ୟାଘ୍ରପିଠି ଉପରେ ମା' ବସିଛନ୍ତି। ବେଢ଼ା ମଧ୍ୟରେ ଯଜ୍ଞମଣ୍ଡପ, ଭୋଜନ ଶାଳା, ରୋଷେଇ ଘର ପ୍ରଭୃତି ରହିଛି। ଉପର ବ୍ୟାଘ୍ର ଦେବୀଙ୍କ ପରି ଏଠାରେ ମଧ୍ୟ ବିଭିନ୍ନ ପୂଜା,ବିଧି, ନିତିକାନ୍ତି ଉତ୍ସବ ଅନୁଷ୍ଠାନର ପ୍ରଚଳନ ଅଛି। ଏକ ସାତ୍ତ୍ୱିକ ପୀଠ ହୋଇଥିବାରୁ ଏଠାରେ ବିବାହ ବ୍ରତ ମଧ୍ୟ ଅନୁଷ୍ଠିତ ହୁଏ।

ମା'ଙ୍କ ପୀଠରେ ବହୁ ପର୍ବ ପର୍ବାଣୀ ବର୍ଷ ସାରା ପାଳନ ହୁଏ। ତେବେ ମୁଖ୍ୟ ପର୍ବ ମଧ୍ୟରେ ନବରାତ୍ର ବା ଶାରଦୀୟ ପୂଜା, ବାସନ୍ତୀକ ପୂଜା ଏବଂ ଚୈତ୍ର ମାସ ମଙ୍ଗଳବାର ପୂଜା ପ୍ରଧାନ। ମହାଷ୍ଟମୀ ପୂଜା ଷୋଡ଼ଶ ଉପଚାରରେ ପାଳନ କରାଯାଏ। ବିଶେଷ କରି ସପ୍ତମୀ, ଅଷ୍ଟମୀ, ନବମୀ ଏହି ତିନି ଦିନ ଧରି ଆଡ଼ମ୍ବର ସହକାରେ ନିଷ୍ଠାର ସହ ପାଳନ ହୁଏ। ଏହି ତିନିଦିନ ପୂଜା ପରେ ଗାଁ ସାରା ଲୋକ ମା'ଙ୍କ ପୀଠରେ ଅନ୍ନପ୍ରସାଦ ସେବନ କରନ୍ତି। ମା'ଙ୍କ ବେଶରେ ସପ୍ତମୀ ଠାରୁ ଅଷ୍ଟମୀ ଯାଏଁ ଉଲାଗୀ କରାଯାଏ ନହିଁ। ଦଶହରାରେ ଏଠାରେ ଆୟୁଧ ପୂଜା ହୁଏ। ଏକାଦଶୀ ଦିନ ମା'ଙ୍କ ଠାରେ ନବାତ ପଣା ପୂଜା କରାଯାଇ ବସାଯାଇଥିବା କଳସ ବିସର୍ଜନ ହୁଏ। ମା'ଙ୍କ ନବରାତ୍ରି ପୂଜା ଷୋଡ଼ଶ ଉପଚାରରେ ସମାପ୍ତ ହୁଏ।

ମାଆଙ୍କର ଦୈନନ୍ଦିନ ପୂଜାବିଧି ପ୍ରଚଳିତ ଅଛି। ପ୍ରତ୍ୟେକ ସଂକ୍ରାନ୍ତିରେ ମାଆଙ୍କ ମାର୍ଜନା ହୁଏ। ଆଶ୍ୱିନ ମାସର ମହାଷ୍ଟମୀ ବ୍ୟତୀତ କାର୍ତ୍ତିକ ପୂର୍ଣ୍ଣମୀ, ପୌଷ କୃଷ୍ଣ ଚତୁର୍ଦ୍ଦଶୀ, ମକର ସଂକ୍ରାନ୍ତି, ଅଶୋକାଷ୍ଟମୀ, ଚୈତ୍ର ମାସର ପ୍ରତ୍ୟେକ ମଙ୍ଗଳବାରମାନଙ୍କରେ ମାଆଙ୍କର ବିଶେଷ ପୂଜାର୍ଚ୍ଚନା ହୁଏ। ଭକ୍ତମାନେ ନିଜର ଅଭିଷ୍ଟ ସିଦ୍ଧି ପାଇଁ ମା'ଙ୍କ ନିକଟରେ ଅଧିଆ ପଡିବାର ଦେଖାଯାଏ।

ପ୍ରକୃତି କୋଳରେ ବିରାଜିତ ଏହି ଶକ୍ତିପୀଠ ଅତ୍ୟନ୍ତ ରମଣୀୟ ଏବଂ ଲୋକ ବିଶ୍ୱାସରେ ମାଆଙ୍କ ମହିମା ଅପାର। ମାଆ ବ୍ୟାଘ୍ରଦେବୀ ଆମ ରାଜ୍ୟର ଶାକ୍ତ ସଂସ୍କୃତିରେ ଏକ ମହତ୍ୱପୂର୍ଣ୍ଣ ସ୍ଥାନ ଗ୍ରହଣ କରିଛନ୍ତି। ମାଆ ଆଦିବାସୀ ପୂଜିତା ଦେବୀରୁ ଆଜି ପରମ ବୈଷ୍ଣବୀ ଭାବରେ ଉଭା ହୋଇ ଅଭୟ ବର ପ୍ରଦାନ କରୁଛନ୍ତି।

*ପ୍ଳଟ୍ ନମ୍ବର - ୨୯୨୦, ଲୁଇସରୋଡ,*
*ଗ୍ୟାରେଜଛକ, ଭୁବନେଶ୍ୱର- ୨*
*ଦୂରଭାଷ: ୯୩୩୭୦୮୦୦୭୧*

**ସହାୟକ ପୁସ୍ତକ**

୧. ସ୍ୱାଭିମାନ - ୨୦୧୭ ଓଡ଼ିଶାର ଶାକ୍ତ ସଂସ୍କୃତି ବିଶେଷାଙ୍କ
୨. ଓଡ଼ିଶାର ଦେବଦେବୀ - ଦ୍ୱିତୀୟ ସ୍ତବକ ସଙ୍କଳନ - ୪ ବ୍ରଜମୋହନ ମହାନ୍ତି
୩. ମଧୁର ଭାରତୀ- ପାର୍ବଣ-୨୦୨୧

# ମନ୍ଦିର ମାଳିନୀ ସହର ସୋନପୁରରେ ଅଷ୍ଟ ଚଣ୍ଡୀ ପୀଠ

ଅଧ୍ୟାପକ ପବିତ୍ର ମୋହନ ବାରିକ

ପୁଣ୍ୟତୋୟା ମହାନଦୀ ଓ ତା'ର ଉପନଦୀ ତେଲର ସଂଗମ ସ୍ଥଳରେ ଐତିହାସିକ ସହର ସୋନପୁର ଅବସ୍ଥିତ। ଆଧୁନିକ ସୁବର୍ଣ୍ଣପୁର ଜିଲ୍ଲାର ସଦର ମହକୁମା, ଇତିହାସ, ପୁରାଣ, ଆଖ୍ୟାୟିକା, କିମ୍ବଦନ୍ତୀ ଓ ଲୋକକଥାରେ ଏହି ଗୌରବ ବିମଣ୍ଡିତ ସହରର ବର୍ଣ୍ଣନା ଅତୀବ ଚମତ୍କାର। ଧର୍ମ, ସଂସ୍କୃତି ଓ ଐତିହ୍ୟ କ୍ଷେତ୍ରରେ ଏହି ପ୍ରାଚୀନ ମନ୍ଦିର ମାଳିନୀ ସହରର ମହିମା ଅତୁଳନୀୟ। ପ୍ରାକ୍ ଐତିହାସିକ ଯୁଗ, ପ୍ରସ୍ତର ଯୁଗରୁ ଆରମ୍ଭ କରି ସୋମବଂଶୀ, ତେଲୁଗଚୋଳ, ଅନାକଚୁରୀ, ଗଙ୍ଗ ଓ ଚୌହାନ ରାଜବଂଶୀୟ କୀର୍ତ୍ତିରାଜି ଆଜି ମଧ୍ୟ ଅକ୍ଷତ ଅବସ୍ଥାରେ ସଗର୍ବେ ବିଦ୍ୟମାନ। ପ୍ରୟାଗ କ୍ଷେତ୍ରରେ ଗଙ୍ଗା – ଯମୁନା – ସରସ୍ୱତୀ ଭଳି ସୋନପୁରରେ ମଧ୍ୟ ହୀରାପ୍ରସୂ (ମହାନଦୀ) ତୈଳବାହୀ (ତେଲ ନଦୀ) ଓ କପୂର ନଦୀର ତ୍ରିବେଣୀ ସଂଗମ ଘଟିଛି। ତେଣୁ ସୋନପୁରକୁ 'ସାକ୍ଷାତ ବାରଣାସୀ' ତଥା ଦ୍ୱିତୀୟ ପ୍ରୟାଗ କ୍ଷେତ୍ର ଭାବରେ ଅଭିହିତ କରାଯାଇଅଛି। ବିଭିନ୍ନ ତାମ୍ର ଫଳକରେ ସୋନପୁର ପଶ୍ଚିମ ଲଙ୍କା ନାମରେ ଅଭିହିତ। ସୋନପୁର ନିକଟସ୍ଥ ମହାନଦୀର ଦୋରୁହ (ଗଣ୍ଡ)ରେ ଦେବୀ ଲଙ୍କେଶ୍ୱରୀ ବିରାଜମାନ। ଭାଦ୍ରବ ଅମାବାସ୍ୟା ବା ସପ୍ତପୁରୀ ଅମାବାସ୍ୟାରେ ସୋନପୁରରେ ଲଙ୍କାପୋଡି ଯାତ୍ରା ଆୟୋଜିତ ହୁଏ। ପୁରାଣ ବର୍ଣ୍ଣିତ ସ୍ୱର୍ଣ୍ଣମୟୀ ଲଙ୍କା ସହିତ ସମ୍ପର୍କିତ ସ୍ଥାନ ଯଥା – ଅସୁରଗଡ, ସୁବଳୟା, ସ୍ୱର୍ଣ୍ଣଚୂଡ, ନିକୁମ୍ଭିଳା ବଟ, ପ୍ରଭୃତି ସ୍ଥାନ ସୋନପୁରରେ ଦେଖାଯାଏ। ପୁନେ ବିଶ୍ୱବିଦ୍ୟାଳୟର ପ୍ରତ୍ନତତ୍ତ୍ୱ ବିଭାଗର ମୁଖ୍ୟ ଡଃ ଏଚ୍.ଏସ ସଂଖ୍ୟାଳିଆଙ୍କ ମତରେ ରାମାୟଣ ବର୍ଣ୍ଣିତ ଲଙ୍କାକୁ ସିଂହଳ ଦ୍ୱୀପ ସହିତ ଚିହ୍ନଟ କରାଯାଇନପାରେ। ତାଙ୍କ ମତରେ ସୀତା ଦେବୀଙ୍କ ସ୍ୱୟଂମ୍ବର ସଭାରେ ଉଭୟ ଲଙ୍କାଧିପତି ଓ ସିଂହଳାଧୀପତି ଯୋଗଦେଇଥିଲେ। ଧାର୍ମିକ ଦୃଷ୍ଟିକୋଣରୁ ବିବେଚନା କଲେ ହିନ୍ଦୁ ଧର୍ମର ସମସ୍ତ ସମ୍ପ୍ରଦାୟର ସମନ୍ୱୟ ଘଟିଛି ସୋନପୁରରେ। ପ୍ରାଚୀନ ସମୟରୁ ବର୍ତ୍ତମାନ ପର୍ଯ୍ୟନ୍ତ ଧାର୍ମିକ କୀର୍ତ୍ତିରାଜି ଯଥା – ମଠ, ମନ୍ଦିର, ଉପାସନାସ୍ଥଳ, ସୋନପୁର ପାଇଁ ଆଣିଛି ସମୃଦ୍ଧ ସାଂସ୍କୃତିକ ପରିଚୟ। ହିନ୍ଦୁଧର୍ମର ପ୍ରମୁଖ ସମ୍ପ୍ରଦାୟ ଶାକ୍ତ, ବୈଷ୍ଣବ, ଶୈବ ପବିତ୍ର ସୋନପୁର ମାଟିକୁ କରିଥିଲା ଐଶ୍ୱରୀୟ ଅନୁଭବରେ ପ୍ଲାବିତ। ଚୌହାନ ରାଜବଂଶର ରାଜତ୍ୱ ସମୟରେ ସୋନପୁରରେ ଧାର୍ମିକ ପୀଠର ଶୁଭାରମ୍ଭ କରାଯାଇଥିଲା। ସେମାନଙ୍କ ମଧ୍ୟରେ ଅଷ୍ଟଶମ୍ଭୁ, ଅଷ୍ଟବିଷ୍ଣୁ, ଓ ଅଷ୍ଟଚଣ୍ଡୀ ମନ୍ଦିର ଅନ୍ୟତମ। ଯାହା ଆକର୍ଷଣର କେନ୍ଦ୍ରବିନ୍ଦୁ। ୧୮୮୫ ମସିହାରେ ଖୋଦିତ 'ବାଘମରାକୁଦ ଶିଳାଲେଖ"ରେ ବର୍ଣ୍ଣିତ ଅଛି –

"ଏହି ସ୍ୱର୍ଣ୍ଣପୁର ରାଜ୍ୟରାଜନ
ବୀର ନିଳାଦ୍ରି ସିଂହଦେବ ନାମ
x x x
ଅଷ୍ଟଚଣ୍ଡୀ ଅଷ୍ଟଶମ୍ଭୁ ଏ ପୁରେ
ପର୍ଶୁରାମ ଯାଗେକ କରିଥିଲେ।"

ଉପରୋକ୍ତ ଶିଳାଲେଖର ବର୍ଣ୍ଣନାରୁ ପ୍ରମାଣିତ ହୁଏ ସୋନପୁରରେ ଅଷ୍ଟଚଣ୍ଡୀ ଉପାସନା ଅତ୍ୟନ୍ତ ଲୋକପ୍ରିୟ। ଶକ୍ତି ଉପାସନାରେ ସୋନପୁରର ଯଥେଷ୍ଟ ସୁନାମ ଅଛି। ଶକ୍ତିପୀଠଗୁଡିକ ଉତ୍ସବ ମୁଖର ହୋଇ ଉଠେ ଆଶ୍ୱିନମାସରେ। "ବାଘମରାକୁଦ" ଶିଳାଲେଖରେ ଉଲ୍ଲେଖ ଥିବା ଅଷ୍ଟଚଣ୍ଡୀ ହେଲେ ଖମ୍ବେଶ୍ୱରୀ, ସୁରେଶ୍ୱରୀ, ସମଲେଶ୍ୱରୀ, ଭଗବତୀ, ଦଶମାତା, ନାରାୟଣୀ, ରାମଚଣ୍ଡୀ ଓ ବିମଳାକ୍ଷୀ। କେତେକ ବିଦ୍ୱାନ ଦଶମତୀଙ୍କ ପରିବର୍ତ୍ତେ ବୁଢ଼ୀ ସମଲାଇଙ୍କୁ ଗ୍ରହଣ କରିଥାନ୍ତି। ଅଷ୍ଟଚଣ୍ଡୀ ଦେବୀ ପୀଠମାନଙ୍କର ସମୃଦ୍ଧିରେ ସୋନପୁରରେ ଚୌହାନ ବଂଶୀୟ ରାଜାମାନଙ୍କର ଉତ୍ତମ ସହଯୋଗ ଥିଲା। ଖମ୍ବେଶ୍ୱରୀ ଦେବୀଙ୍କ ଉପାସନା ଓଡ଼ିଶାରେ ଅତି ପ୍ରାଚୀନ। ସୋନପୁର – ବୌଦ୍ଧକୁ ନେଇ ଗଠିତ "ଖିଞ୍ଜିଳିମଣ୍ଡଳ"ର ରାଜା ରଣଭଞ୍ଜ "ସିଂହରା ତାମ୍ର ଶାସନ"ରେ ନିଜକୁ ଖମ୍ବେଶ୍ୱରୀଙ୍କ ଭକ୍ତ ବୋଲି ଉଲ୍ଲେଖ କରିଛନ୍ତି। ସୋମବଂଶୀ ଶାସନ ସମୟରେ ସୋନପୁରରେ ଖମ୍ବେଶ୍ୱରୀ ଦେବୀଙ୍କ ଉପାସନା ଅତ୍ୟନ୍ତ ପ୍ରଭାବଶାଳୀ ଥିଲା। ସୋମବଂଶୀ ରାଜା ଓ ସାମନ୍ତ ରାଜାମାନେ ନିଜକୁ ଖମ୍ବେଶ୍ୱରୀ ବରଲବ୍ଧ ଓ ଖମ୍ବେଶ୍ୱରୀ "ପାଦଭକ୍ତ" ବୋଲି ଅଭିହିତ କରିଥିଲେ। ପ୍ରଖ୍ୟାତ ଐତିହାସିକ ତଥା ପ୍ରତ୍ନତତ୍ତ୍ୱ ବିଶାରଦ ଡଃ ନବୀନ କୁମାର ସାହୁଙ୍କ ମତରେ ସୋନପୁର ସହର ଖମ୍ବେଶ୍ୱରୀ ଦେବୀଙ୍କ ମୁଖ୍ୟ ପୀଠସ୍ଥଳ। ମୂଳତଃ ଖମ୍ବେଶ୍ୱରୀ ଦେବୀ ଡୋମାଳ ସମ୍ପ୍ରଦାୟର ଇଷ୍ଟ ଦେବୀ। କେହି ତାଙ୍କୁ କ୍ଷତ୍ରିୟ କୁଳର ଇଷ୍ଟଦେବୀ ବୋଲି ମତ ଦିଅନ୍ତି। ରାଜକୁମାର ରାଜସିଂହଦେବ ବଡଖେମୁଣ୍ଡି ରାଜଜେମାଙ୍କୁ ବିବାହ କରିଥିଲେ। ରାଜଜେମା ଆଣିଥିବା ସ୍ୱର୍ଣ୍ଣ ପ୍ରତିମାର ସ୍ଥାପନ ନିମନ୍ତେ ଖମ୍ବେଶ୍ୱରୀ ଦେବୀଙ୍କ ମନ୍ଦିର ନିର୍ମାଣ କରାଯାଇଥିଲା। ଖମ୍ବେଶ୍ୱରୀ ଦେବୀଙ୍କ ମନ୍ଦିର ସୋନପୁରର ବିଜୁ ପଟ୍ଟନାୟକ ମହିଳା ମହାବିଦ୍ୟାଳୟ ନିକଟରେ ଅବସ୍ଥିତ। ରାଜସିଂହଦେବ (ଖ୍ରୀ ୧୭୦୦-୧୭୨୫)ଙ୍କ ରାଜତ୍ୱ ସମୟରେ ଉକ୍ତ ମନ୍ଦିର ନିର୍ମାଣ କରାଯାଇଥିବାର ଅନେକ ବିଦ୍ୱାନଙ୍କ ମତ। ଉକ୍ତ ମନ୍ଦିରର ମୁଖଶାଳାକୁ ପରବର୍ତ୍ତୀ ସମୟରେ ମହାରାଜା ବୀରମିତ୍ରୋ ସିଂହ ଦେବ (ଖ୍ରୀ ୧୯୦୨-୧୯୨୭) ନିର୍ମାଣ କରିଥିଲେ ଏବଂ ଦଶମହାବିଦ୍ୟାଙ୍କୁ ପାର୍ଶ୍ୱଦେବତା ରୂପେ ପ୍ରତିଷ୍ଠା କରିଥିଲେ। କୁହାଯାଏ ଉକ୍ତ ପୀଠରେ ଦୁଇଟି ଲୌହ ନିଷାଣ ଲୁକାୟିତ ଭାବରେ ରଖାଯାଇଅଛି। ଆଶ୍ୱିନ ଶୁକ୍ଳପକ୍ଷ ନବମୀ ରାତ୍ରର ବଳିଯାତ୍ରାରେ ବରୁଆ (କାଳେସୀ ଲାଗିଥିବା ବ୍ୟକ୍ତି) ମଣ୍ଡପର ଯେଉଁ ସ୍ଥାନରେ ମୁହଁ ଘଷନ୍ତି ସେହି ସ୍ଥାନରେ ସ୍ୱର୍ଣ୍ଣ ପ୍ରତିମା ଓ ଲୌହ ନିଷାଣ ଥିବାର ବିଶ୍ୱାସ କରାଯାଏ। ଏହି ମନ୍ଦିର ପ୍ରାଙ୍ଗଣରୁ ମିଳିଥିବା ଏକ ଶିଳାଲେଖକୁ ଡଃ ନବୀନ କୁମାର ସାହୁ ସମ୍ବଲପୁର ବିଶ୍ୱବିଦ୍ୟାଳୟକୁ ସ୍ଥାନାନ୍ତରିତ କରିଥିଲେ ଏବଂ ଏହା ସେଠାରେ ସଂରକ୍ଷିତ ହୋଇ ରହିଛି। ଖମ୍ବେଶ୍ୱରୀ ଦେବୀଙ୍କ ପୀଠରେ ଅଶ୍ୱିନ ଶୁକ୍ଳପକ୍ଷ ନବମୀ ତିଥିରେ ମହାସମାରୋହରେ "ବଳିଯାତ୍ରା" ଅନୁଷ୍ଠିତ ହୁଏ।

ନବମୀ ରାତ୍ରରେ ତିନୋଟି ପର୍ଯ୍ୟାୟରେ ଏହି ବଳୀଯାତ୍ରୀ ଆୟୋଜିତ ହୋଇଥାଏ। ସାଧାରଣତଃ ଏହା "ଗାୟନବଳୀ" "ଡାଙ୍ଗୁଆବଳୀ" ଓ ମହାବଳୀ ନାମରେ ନାମିତ। କୁମ୍ଭାରପଡାରୁ ନିଜ ଶରୀରରେ

ବରୁଆ ପିଣ୍ଡା ଲଟକାଇ ଆଣୁଥିବାରୁ ଗାୟନବଳୀ ଓ କେତେକ " ପିଣ୍ଡାଲଟକାବଳୀ" କହିଥାନ୍ତି। "ଡାଙ୍ଗୁଆବଳୀ"ରେ ମଶାଲ ଧାରଣ କରି ନଗର ପରିକ୍ରମା କରାଯାଉ ଥିବାରୁ ଏହାକୁ "ନଗର ନାଇକେନ" କୁହାଯାଏ। ଅଧିକ ଆକର୍ଷଣୀୟ ଅଟେ "ମହାବଳୀ"। ଏହି ବଳୀରେ ବରୁଆ କଳାଧଳା ଛତ୍ରରେ ଚଢ଼ି ନାଚି ନାଚି ଖମ୍ବେଶ୍ୱରୀ ମନ୍ଦିରରୁ ସୁରେଶ୍ୱରୀ ମନ୍ଦିର ଅଭିମୁଖେ ଯାତ୍ରା କରି ସହର ପରିକ୍ରମା କରିଥାନ୍ତି।

ସୋନପୁରରେ ଅଷ୍ଟଚଣ୍ଡୀଙ୍କ ମଧ୍ୟରେ ସୁରେଶ୍ୱରୀ ଅନ୍ୟତମ। ପୌରାଣିକ ମତବାଦ ଅନୁଯାୟୀ ମାତା ରେଣୁକାଙ୍କ ନିର୍ଦ୍ଦେଶରେ ପର୍ଶୁରାମ ଦେବୀ ସୁରେଶ୍ୱରୀଙ୍କ ମନ୍ଦିର ନିର୍ମାଣ କରିଥିଲେ। ସୋମବଂଶୀ ଶାସକ ମହାଭବ ଗୁପ୍ତଭୀମ ରଥଙ୍କ ପ୍ରଥମ ପୁତ୍ର ମହାଶିବ ଗୁପ୍ତ ଧର୍ମରଥ (ଖ୍ରୀ ୯୬୦-୯୯୫) ଉଭୟ କଳିଙ୍ଗ ଓ କଙ୍ଗୋଦ ଅଧିକାର ସହ ବ୍ରହ୍ମେଶ୍ୱର ମନ୍ଦିର ଶିଳାଲେଖରେ ନିଜକୁ "ଦ୍ୱିତୀୟ ପର୍ଶୁରାମ" ରୂପେ ଅଭିହିତ କରିଥିଲେ। ସମ୍ଭବତ ଧର୍ମରଥ ସୁରେଶ୍ୱରୀ ଦେବୀଙ୍କ ମନ୍ଦିର ନିର୍ମାଣ କରିଥିଲେ। ସୋମବଂଶ ଶାସନ ସମୟରେ ଦେବୀ ସୁରେଶ୍ୱରୀ ଦୁର୍ଗର ଅଧିଷ୍ଠାତ୍ରୀ ଦେବୀ ରୂପେ ପୂଜା ପାଉଥିଲେ। ସୁରେଶ୍ୱରୀ ମନ୍ଦିର ନିକଟସ୍ଥ ସାତ ବନ୍ଧ ଥିଲା ସୋମବଂଶୀମାନଙ୍କର ଗଡ। ଚୌହାନ ରାଜା ଅଚଳ ସିଂହ ଦେବ (ଖ୍ରୀ ୧୭୨୫-୫୦)ଙ୍କ ରାଜତ୍ୱ ସମୟରେ ସୁରେଶ୍ୱରୀ ଦେବୀଙ୍କ ମନ୍ଦିର ନିର୍ମାଣ କରାଗଲା। ମହାରାଜା ବୀରମିତ୍ରୋ ସିଂହଦେବ (୧୯୦୨ -୧୯୩୭)ଙ୍କ ସମୟରେ ମନ୍ଦିରର ସମ୍ପ୍ରସାରଣ କାର୍ଯ୍ୟ ସମ୍ପନ୍ନ ହେଲା। ଦେବୀ ସୁରେଶ୍ୱରୀ ଅଷ୍ଟଭୂଜା ମହିଷା ମର୍ଦ୍ଦିନୀ ଦୁର୍ଗା ବିଗ୍ରହ ରୂପେ ପୂଜା ପାଉଛନ୍ତି। କବି ଗୋପୀନାଥ ପାଣିଗ୍ରାହୀଙ୍କ ମତରେ ଦେବୀ ସୁରେଶ୍ୱରୀ "ଦକ୍ଷିଣକାଳୀ" ଓ ଗବେଷକ ଗଣେଶ ପ୍ରସାଦ ପରିଜା ଦେବୀଙ୍କୁ ଚାମୁଣ୍ଡା ରୂପେ ଉଲ୍ଲେଖ କରିଛନ୍ତି। ପାର୍ଶ୍ୱଦେବତା ରୂପେ ଅଷ୍ଟଭୂଜ ଗଣେଶ, ଚତୁର୍ଭୁଜା ବଗଳା, ଦଶଭୂଜା ଦୁର୍ଗା, ପୂଜା ପାଉଛନ୍ତି। ମୁଖଶାଳା ମଣ୍ଡପ ଗାତ୍ରରେ ଦଶମହାବିଦ୍ୟା ଅବସ୍ଥାନ କରିଛନ୍ତି। ମନ୍ଦିର ପରିସରରେ ଯମଜ ଲିଙ୍ଗ ଓ ଭୈରବ ମନ୍ଦିର ବୀରମିତ୍ରୋ ସିଂହଦେବଙ୍କ ସମୟରେ ନିର୍ମିତ। ଯମଜ ଲିଙ୍ଗ ରୂପେ ଅମ୍ବେଶ୍ୱର ଓ ଜମ୍ବେଶ୍ୱର ପୂଜା ପାଉଛନ୍ତି। ମନ୍ଦିର ଚତୁପାର୍ଶ୍ୱରେ ଗଣେଶ, କାର୍ତ୍ତିକ, ପାର୍ବତୀଙ୍କ ପ୍ରତିମା ଦେଖିବାକୁ ମିଳେ। ଶିମୁଳି ଗଛ ମୂଳେ ଖଉଳେଶ୍ୱରୀ ଓ ସାହାଡାଗଛ ମୂଳେ ତାରା, ନୃସିଂହ, ଆଦି ପ୍ରାଚୀନ ମୂର୍ତ୍ତି ପୂଜା ପାଉଛନ୍ତି। ଖଉଳଗାତ ବୀରମୂର୍ଚ୍ଛା ନାମରେ ଅଭିହିତ। ଲୋକ କଥାରେ ଶୁଣାଯାଏ ଅଜସ୍ର ଅଶ୍ୱବଳି ପାଇଁ ଏ ଗାତର ମାଟି ବିଷାକ୍ତ ହୋଇଯାଇଛି। ଏମାଟିକୁ ଛୁଇଁଲେ ଦେହରେ ଶିହରଣ ସୃଷ୍ଟିହୁଏ। ବଳୀ ଯାତ୍ରା ସମୟରେ ବରୁଆ (କାଳେସୀ) ଶରୀରରେ ଦୈବୀ ଶକ୍ତି ଆବିର୍ଭାବ ନିମନ୍ତେ ଏହି ଖଉଳ ଗାତ"ର ମାଟି ବ୍ୟବହାର କରାଯାଏ। ଆଶ୍ୱିନ ଶୁକ୍ଳ ଚତୁର୍ଥୀ ଭାତ୍ରରେ "ଡାଙ୍ଗୁଆବଳୀ" ଏହି ଗାତରୁ ମାଟି କାଢ଼େ। 'ଖଉଳଗୀତ'ର ମାଟିର ବିଶେଷତ୍ୱ ସମ୍ପର୍କରେ କୁହାଯାଏ ଯେଉଁ ବର୍ଷ ଧଳା ରଙ୍ଗର ମାଟି ବାହାରେ ସେହି ବର୍ଷ ଭଲ ପାଳକ ହୁଏ। ଯେଉଁ ବର୍ଷ ଲାଲ୍ ରଙ୍ଗର ମାଟି ବାହାରେ ସେ ବର୍ଷ ଅନେକ ବିପଦ ପଡିବାର ସମ୍ଭାବନା ଥାଏ ଓ ଯେଉଁ ବର୍ଷ କୃଷ୍ଣ ରଙ୍ଗର ମାଟି ବାହାରେ ସେ ବର୍ଷ ଗୃହଦାହ ହୋଇଥାଏ। ପ୍ରତିଦିନ ଚାମୁଣ୍ଡା ମନ୍ତ୍ରରେ ପଞ୍ଚମକାରରେ ଦେବୀ ସୁରେଶ୍ୱରୀଙ୍କୁ ପୂଜା କରାଯାଏ। ଦଶହରା ଦିନ ଦେବୀ ସୁରେଶ୍ୱରୀଙ୍କ ମନ୍ଦିରରେ 'ମହାବଳୀ'ର ଚୁଳ ବନ୍ଧନ କରାଯାଏ। ଚୈତ୍ରମାସ ରାମନବମୀରେ ଦେବୀଙ୍କର ବାସନ୍ତିକ ଦୁର୍ଗାପୂଜା ଆୟୋଜିତ ହୁଏ। ପ୍ରତି ମଙ୍ଗଳବାର, ଅମାବାସ୍ୟା ଓ ସଂକ୍ରାନ୍ତି ଦିନ ୧୦୮ ସଞ୍ଜବତୀରେ ଦେବୀଙ୍କୁ ଆଳତୀ କରାଯାଏ। ମା'ଙ୍କର ମହିମା ଅପାର ଓ ପ୍ରତ୍ୟକ୍ଷ ଦେବୀ ଅଟନ୍ତି। ଆଦିକବି ସାରଳା ଦାସ ସୁରେଶ୍ୱରୀ ଦେବୀଙ୍କୁ ୬୪ ଯୋଗିନୀ ମଧ୍ୟରୁ ଅନ୍ୟତମ ବୋଲି ସ୍ୱରଚିତ 'ଚଣ୍ଡିପୁରାଣ'ରେ ଉଲ୍ଲେଖ କରିଛନ୍ତି -

"ରୁଦ୍ର ଶ୍ୟାମା ଗଉରୀ ଭଦ୍ରାକ୍ଷୀ ଚତୁରାଇ
ତୁଳ ଲୋକିନୀ ଡାକେଶ୍ୱରୀ ନିମଜାଇ।
ଉର୍ଦ୍ଧ୍ୱନେତ୍ରା ବିମଳ ନିର୍ମଳା ପିଙ୍ଗଳେଶ୍ୱରୀ
ସିଦ୍ଧାଙ୍ଗୀ ପୋଏଗୀ ମାଧବୀ ସୁରେଶ୍ୱରୀ।"

ଖମ୍ବେଶ୍ୱରୀ - ସୁରେଶ୍ୱରୀଙ୍କ ପରି ଦେବୀ ଭଗବତୀ ସୋନପୁରର ଅଷ୍ଟଚଣ୍ଡୀଙ୍କ ମଧ୍ୟରେ ଅନ୍ୟତମ ପ୍ରତ୍ୟକ୍ଷ ଦେବୀ। ଖମ୍ବେଶ୍ୱରୀ ସୁରେଶ୍ୱରୀଙ୍କ ପରି ଦେବୀ ଭଗବତୀ ମଧ୍ୟ ପ୍ରାଚୀନ ଶକ୍ତିର ଅଧିକାରିଣୀ। ଦେବୀ ଉଗ୍ର ସ୍ୱଭାବର ବୋଲି ମଧ୍ୟ କଥିତ ଅଛି। ସୋନପୁରର ପ୍ରଖ୍ୟାତ ତ୍ରିଚଣ୍ଡୀ ସୁରେଶ୍ୱରୀ, ଖମ୍ବେଶ୍ୱରୀ ଓ ଭଗବତୀ ଯଥାକ୍ରମେ ମହାକାଳୀ, ମହାଲକ୍ଷ୍ମୀ ଓ ମହା ସରସ୍ୱତୀ ରୂପେ ପୂଜା ପାଉଛନ୍ତି। ଦେବୀ ଭଗବତୀ ସୋନପୁରର ଥାନପତି ପଡ଼ାରେ ସ୍ୱମନ୍ଦିରରେ ବିରାଜମାନ କରିଛନ୍ତି। ଦେବୀଙ୍କ ମନ୍ଦିର କେବେ ଓ କାହାଦ୍ୱାରା ନିର୍ମିତ ଏ ସମ୍ବନ୍ଧରେ ନିର୍ଦ୍ଦିଷ୍ଟ କୌଣସି ସୂଚନା ନାହିଁ। ସ୍ଥାପତ୍ୟ ଦୃଷ୍ଟିରୁ ଏହା ପ୍ରାକ୍ ଚୌହାନ କାଳୀନ ବୋଲି ଗବେଷକମାନେ ମତ ଦିଅନ୍ତି। ମନ୍ଦିର ପରିସରରେ ପୂଜିତ ଭୈରବୀ, କୃଷ୍ଣ ଓ ଅନ୍ୟାନ୍ୟ ଦେବାଦେବୀଙ୍କର ମୂର୍ତ୍ତି ଅତି ପ୍ରାଚୀନ। ସପ୍ତଦଶ ଶତାବ୍ଦୀରେ ରଚିତ ପ୍ରତାପରାୟଙ୍କ ବହୁ ଚର୍ଚ୍ଚିତ କାବ୍ୟ "ଶଶିସେଣା"ରେ ଦେବୀ ଭଗବତୀ "ଶାକମ୍ଭରୀ ଭୂକେଶ୍ୱରୀ" ନାମରେ ପରିଚିତ ଥିଲେ। ତାଙ୍କର ମନ୍ଦିର ନିକଟସ୍ଥ ପୁଷ୍କରିଣୀ "ଜ୍ଞାନ ବା ପାନ" ପୁଷ୍କରିଣୀ ନାମରେ ପରିଚିତ। ସୁନ୍ଦର ପ୍ରେମ କାହାଣୀ ଉପରେ ଆଧାରିତ "ଶଶିଶେଣା" କାବ୍ୟାନୁଯାୟୀ ଦେବୀ ଭଗବତୀଙ୍କ କୃପାରୁ ଶଶିସେଣା ତା'ର ସ୍ୱାମୀଙ୍କୁ ଫେରିପାଇଲା। ସୋମବଂଶୀ ରାଜତ୍ୱ ସମୟରେ ଦେବୀ ଭଗବତୀ ସୋନପୁରର ଅଧିଷ୍ଠାତ୍ରୀ ଦେବୀ ଥିଲେ। ସୋମବଂଶୀ ରାଜା ଚକ୍ରହର ଯଯାତି (ଖ୍ରୀ ୧୦୨୩-୧୦୪୦)ଙ୍କ ରାଜତ୍ୱର ତୃତୀୟ ବର୍ଷରେ ରାଜଧାନୀ ସୋନପୁର ପ୍ରଦତ୍ତ "ମରଞ୍ଜମୁରା" ତାମ୍ର ଶାସନରେ ଦେବୀ ଭଗବତୀଙ୍କର ନାମ ଉଲ୍ଲେଖ ଅଛି।

ସୋନପୁରର ଅଷ୍ଟଚଣ୍ଡୀଙ୍କ ମଧ୍ୟରେ ସମଲେଶ୍ୱରୀ ଅନ୍ୟତମ। ସମଲେଶ୍ୱରୀ ଦେବୀ ସମ୍ବଲପୁରର ଅଧିଷ୍ଠାତ୍ରୀ ଦେବୀ। ଓଡ଼ିଶାର ଅଷ୍ଟକାଳୀ ମଧ୍ୟରେ ସେ ଅନ୍ୟତମ। ସମଲେଶ୍ୱରୀଙ୍କର ଉତ୍ପତ୍ତି ଓ ଆବିର୍ଭାବ ସମ୍ବନ୍ଧରେ ଗବେଷକମାନେ ଭିନ୍ନ ଭିନ୍ନ ମତବ୍ୟକ୍ତ କରିଥାନ୍ତି। ସୋନପୁରଗଡରେ ପଶ୍ଚିମ ଦ୍ୱାରରେ ସମଲେଶ୍ୱରୀ ଦେବୀଙ୍କ ମନ୍ଦିର ଅବସ୍ଥିତ। ଚୌହାନ ରାଜା ଶୋଭାସିଂହ (ଖ୍ରୀ୧୭୭୧-୧୭୮୬)ଙ୍କ ଦ୍ୱାରା ଏହା ନିର୍ମିତ। ମୁଖଶାଳା ମଣ୍ଡପଟି ରାଜା ପ୍ରତାପ ରୁଦ୍ର ସିଂହଦେବ (ଖ୍ରୀ୧୮୯୧-୧୯୦୨)ଙ୍କ ଦ୍ୱାରା ସମ୍ପ୍ରସାରିତ ହୋଇଥିଲା। ମହାରାଜା ବୀରମିତ୍ରୋସିଂହ ଦେବ ଏହାର ସୁବର୍ଣ୍ଣ କଳସ ସ୍ଥାପନ କରି "ବଳୀଯାତ୍ରାମଣ୍ଡପ"କୁ ୧୯୩୨ ମସିହାରେ ପ୍ରତିଷ୍ଠା କରିଥିଲେ। ମଣ୍ଡପ ସମ୍ମୁଖସ୍ଥ ଭୈରବ ମନ୍ଦିର ମଧ୍ୟ ବୀରମିତ୍ରୋ ସିଂହଦେବ ନିର୍ମାଣ କରିଥିଲେ। ସମଲେଶ୍ୱରୀ ଦେବୀ ବଲାଙ୍ଗୀରରେ ଦଶଭୁଜା ଦୁର୍ଗାମୂର୍ତ୍ତି, ପାଟଣାଗଡରେ ସମ୍ପମୂର୍ତ୍ତି, ସମ୍ବଲପୁରରେ ପ୍ରଜନନ ପ୍ରସ୍ତର ପ୍ରତୀକ ବିଗ୍ରହରେ ପୂଜା ପାଉଥିବା ବେଳେ ସୋନପୁରରେ ଚତୁର୍ଭୁଜା ଦୁର୍ଗାମୂର୍ତ୍ତିରେ ଅଧିଷ୍ଠିତା। ଆଶ୍ୱିନ ମାସର ଅମାବାସ୍ୟାଠାରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ଦେବୀ ପୀଠରେ ବଳୀଯାତ୍ରା ଅନୁଷ୍ଠିତ ହୁଏ। ଏହି ଯାତ୍ରାରେ ବ୍ୟବହୃତ କଳା-ଧଳା ଛତ୍ର ଓ ପାଟଖଣ୍ଡ ସମଲେଇ ମନ୍ଦିରରେ ରଖାଯାଏ। ଉକ୍ତ ମନ୍ଦିର ସୋନପୁର ଚୌହାନ ରାଜ ପରିବାର ଦ୍ୱାରା ବର୍ତ୍ତମାନ ମଧ୍ୟ ପରିଚାଳିତ ହେଉଅଛି। ସମଲେଶ୍ୱରୀ ମନ୍ଦିରର ଅଳ୍ପ ଦୂରରେ ମହାନଦୀ କୂଳରେ ଯଦିଓ ଦଶମତୀ ଦେବୀଙ୍କର ଆସ୍ଥାନ ବିଦ୍ୟମାନ ତଥାପି ଦଶମତୀ ନାମରେ କୌଣସି ଦେବୀ ଥିବାର ଜଣାଯାଏ ନାହିଁ। ତେଲୁଗୁ ଚୋଡ ଶାସନ ସମୟ (ଖ୍ରୀ ୧୦୭୦-୧୧୧୫)ରୁ ଏଠାର ଦୁର୍ଗର ଅଧିଷ୍ଠାତ୍ରୀ ଦେବୀ ଥିଲେ ଦଶମତୀ ଦେବୀ। ୧୮୦୦

ଖ୍ରୀଷ୍ଟାବ୍ଦରେ ମରହଟ୍ଟା ଆକ୍ରମଣ ଦ୍ୱାରା ଏହି ଦୁର୍ଗ ଧ୍ୱଂସ ପ୍ରାୟ ହେବାରୁ ଦେବୀ ପରିତ୍ୟକ୍ତ ଅବସ୍ଥାରେ ପଡିରହିଲେ। ସେହିଦିନଠାରୁ ତୃଣାଚ୍ଛାଦିତ ଏକ କାଷ୍ଠ ମଣ୍ଡପରେ ଦେବୀ ଅବସ୍ଥାନ କଲେ। ସୋନପୁରରେ ଅଷ୍ଟଚଣ୍ଡୀଙ୍କ ମଧ୍ୟରେ ନାରାୟଣୀ ଅତ୍ୟନ୍ତ ଶାନ୍ତ ଓ ମଙ୍ଗଳଦାତ୍ରୀ। ଗୋପୀନାଥ ମନ୍ଦିର ନିକଟରେ ନାରାୟଣୀ ଦେବୀଙ୍କର ମନ୍ଦିର ଅବସ୍ଥିତ ଯାହା ରାଜା ପୃଥୀ ସିଂହଦେବ (ଖ୍ରୀ ୧୭୮୬-୧୮୪୧) ନିର୍ମାଣ କରିଥିଲେ। ସୋନପୁରର ଅନ୍ୟାନ୍ୟ ମନ୍ଦିର ନିର୍ମାଣ ଶୈଳୀଠାରୁ ଏହି ମନ୍ଦିରର ନିର୍ମାଣ ପରିପାଟୀ ସ୍ୱତନ୍ତ୍ର। ସୋନପୁରରେ ଅନ୍ୟ ଏକ ନାରାୟଣୀ ମନ୍ଦିର ରାୟଗୁରୁପଡାରେ ଅବସ୍ଥିତ। ଏହି କ୍ଷୁଦ୍ରମନ୍ଦିର ବକ୍ରଶୈଳୀର ଏବଂ ଏହା ମହାରାଜା ବୀରମିତ୍ରୋ ସିଂଦେବଙ୍କ ଦ୍ୱାରା ନିର୍ମିତ। ରାମଚଣ୍ଡୀ ସୋନପୁରର କୁଲ୍‌ତା ସମ୍ପ୍ରଦାୟର ଆରାଧ୍ୟା ଦେବୀ। ଦେବୀ ବହୁଦିନ ଧରି ସୋନପୁରରେ ପୂଜା ପାଇ ଆସୁଛନ୍ତି। ରାଜା ପ୍ରତାପରୁଦ୍ର ସିଂହଦେବ (ଖ୍ରୀ୧୮୯୧-୧୯୦୨) ଗୋକର୍ଣ୍ଣେଶ୍ୱର ମନ୍ଦିର ପରିସରରେ ଦେବୀ ରାମଚଣ୍ଡୀଙ୍କର ମନ୍ଦିର ନିର୍ମାଣ କରିଥିଲେ। ତାଙ୍କ ପୁତ୍ର ବୀରମିତ୍ରୋ ସିଂହଦେବ ମନ୍ଦିର ସଂଲଗ୍ନ ମୁଖଶାଳାକୁ ସଂପ୍ରସାରିତ କରିଥିଲେ। ଗଣେଶ, ପାର୍ବତୀ ଓ ଭୈରବୀ ପାର୍ଶ୍ୱଦେବତା ରୂପେ ରାମଚଣ୍ଡୀ ମନ୍ଦିରରେ ପୂଜା ପାଉଛନ୍ତି। ଶ୍ରୀଜଗନ୍ନାଥ ମନ୍ଦିର ବେଢ଼ାରେ ବିମଳାକ୍ଷୀ ଦେବୀଙ୍କର ପୀଢ଼ ଦେଉଳ ଅବସ୍ଥିତ। ରାଜା ପୃଥୀ ସିଂହଦେବଙ୍କ ଦ୍ୱାରା ଏହା ନିର୍ମିତ। ଉକ୍ତ ମନ୍ଦିରର ପ୍ରବେଶ ପଥର ଉଭୟ ପାର୍ଶ୍ୱରେ କ୍ଷୁଦ୍ରାକୃତି ଦୁର୍ଗା ଓ ପାର୍ବତୀଙ୍କର ମୂର୍ତ୍ତି ବିଦ୍ୟମାନ। ଏହା ବ୍ୟତୀତ ମନ୍ଦିରର ପାର୍ଶ୍ୱଦେବତା ରୂପେ ଭୈରବୀ, ଗଣେଶ ଓ ଭୁବନେଶ୍ୱରୀ ପୂଜା ପାଉଛନ୍ତି। ଆଲୋଚ୍ୟ ଅଷ୍ଟଚଣ୍ଡୀ ପୀଠ ବ୍ୟତୀତ ସୋନପୁରରେ ଅନେକ ଶକ୍ତିପୀଠ ବିଦ୍ୟମାନ। ଯାହା ସମୃଦ୍ଧ ଶାକ୍ତ ପରମ୍ପରାର ସମୁଜ୍ଜ୍ୱଳ ପ୍ରତୀକ ରୂପେ ଓଡ଼ିଶା ତଥା ସୋନପୁର ଗୌରବମୟ ଇତିହାସକୁ ମହିମା ମଣ୍ଡିତ କରୁଅଛି। ସେମାନଙ୍କ ମଧ୍ୟରେ ମାଣିକେଶ୍ୱରୀ ଦେବୀ ଅନ୍ୟତମ। ଦେବୀଙ୍କର ମନ୍ଦିର ସୋନପୁର-ମନମୁଣ୍ଡା ରାସ୍ତାର ଦକ୍ଷିଣ ପାର୍ଶ୍ୱରେ ଅବସ୍ଥିତ। ସୋନପୁରର ମହାନଦୀ ଗର୍ଭରେ ଦେବୀ ଲଙ୍କେଶ୍ୱରୀ ପୂଜା ପାଉଛନ୍ତି। ରାଜପ୍ରସାଦ ମଧ୍ୟରେ ଥିବା ଦୁର୍ଗାଦେବୀ ମନ୍ଦିର ରାଜା ପୃଥ୍ୱୀ ସିଂହଦେବ ନିର୍ମାଣ କରିଥିଲେ। ବୁଢ଼ୀ ସମଲାଇ ମନ୍ଦିର ସୋନପୁରର ଅନ୍ୟତମ ଏକ ପ୍ରସିଦ୍ଧ ଶକ୍ତି ପୀଠ। ପ୍ରାକ୍ତନ ସୋନପୁର ଗଡଜାତ ରାଜ୍ୟର ସିଦ୍ଧଦେବୀ ରୂପେ ମା' ପୂଜା ପାଉଥିଲେ। ମା'ଙ୍କର ମହିମା ଓ ଲୀଳା ଅପାର। ସୋନପୁରର ତେଲୁଗୁ ସମ୍ପ୍ରଦାୟର ଇଷ୍ଟଦେବୀ ବୁଢ଼ୀମା। ରାଜା ପ୍ରତାପରୁଦ୍ର ସିଂହଦେବଙ୍କ ରାଜତ୍ୱ ସମୟରେ ମା'ଙ୍କର ଏକ ବିଜେ ପ୍ରତିମା ବ୍ରହ୍ମପୁରରୁ ସୋନପୁରକୁ ଆସିଥିଲା। ରାଜପ୍ରାସାଦ ନିକଟରେ ଷଷ୍ଠୀ ଦେବୀଙ୍କର ମନ୍ଦିର ଅବସ୍ଥିତ। ମନ୍ଦିତରଟି ଛୋଟ ହେଲେ ମଧ୍ୟ ଅତ୍ୟନ୍ତ ମନୋରମ। ରାଜା ପୃଥ୍ୱୀ ସିଂହଦେବ ଏହାର ନିର୍ମାତା। ଲକ୍ଷ୍ମୀଦେବୀଙ୍କର ମନ୍ଦିର ବୁଢ଼ୀମାଙ୍କ ମନ୍ଦିର ନିକଟରେ ଅବସ୍ଥିତ। ରାଜା ପ୍ରତାପ ରୁଦ୍ରଙ୍କ ସହଧର୍ମିଣୀ ରାଣୀ ଅମୂଲ୍ୟମଣିଙ୍କ ଦ୍ୱାରା ନିର୍ମିତ। ପୂର୍ବେ ମାର୍ଗଶିର ମାସର ପ୍ରତିଗୁରୁବାର ଓ ପୂର୍ଣ୍ଣିମା ଏବଂ କାର୍ତ୍ତିକ ପ୍ରତିପଦା ଦିନ ଦେବୀଙ୍କ ପୂଜା ପାର୍ବଣ ପାଳିତ ହେଉଥିଲା। ସୋନପୁରରେ ପାଞ୍ଚୋଟି ଶୀତଳେଇ ମନ୍ଦିର ଅବସ୍ଥିତ। ମୁଖ୍ୟ ମନ୍ଦିର ଖଦାଳପଡାରେ ଅବସ୍ଥିତ। ଏହାକୁ ୧୯୩୫ ମସିହାରେ ମହାରାଜା ବୀରମିତ୍ର ସିଂହଦେବ ନିର୍ମାଣ କରିଥିଲେ। ଠାକୁରାଣୀ ବା ହିଙ୍ଗୁଳାଇ ମନ୍ଦିର ସୋନପୁରର ଖାଦାଳପଡାରେ ଅବସ୍ଥିତ। ଏତିହ୍ୟ ବିମଣ୍ଡିତ ସୋନପୁରର ଶାକ୍ତ ପରମ୍ପରା ଓ ସଂସ୍କୃତି ଅତୀବ ଆକର୍ଷଣୀୟ ଓ ପ୍ରଭାବଶାଳୀ।

*ଇତିହାସ ବିଭାଗ*
*ସନାତନ ହରିଚନ୍ଦନ ମହାବିଦ୍ୟାଳୟ*
*ମଦନପୁର, ଖୋର୍ଦ୍ଧା - ୭୫୨୦୫୪*
*ଦୂରଭାଷ: ୮୮୯୫୧୯୦୪୭୫*



# ବନ୍ଧୁମୟ ଜୀବନ ପାଇଁ ତିନୋଟି ପାହାଚ

### ଡଃ. ଜୀବନକୃଷ୍ଣ ମହାପାତ୍ର

‘ବନ୍ଧୁ’ ଶବ୍ଦ ଓ ତା’ର ଭାବାର୍ଥ ଆମ ପାଇଁ ଅତ୍ୟନ୍ତ ଅସ୍ପଷ୍ଟ। କେବଳ ସେଥିପାଇଁ ଆମର ଜଣାଶୁଣା, ପରିଚିତ, ସାମାଜିକ ସୂତ୍ରରେ ସମ୍ପର୍କୀୟ, ସହଯାତ୍ରୀ, ସହପାଠୀ, ସହକର୍ମୀ, ସହଭାଗୀ, ସହଧର୍ମୀ ଇତ୍ୟାଦି ସମସ୍ତଙ୍କୁ ଗୋଟିଏ ପରିବ୍ୟାପ୍ତ ଚଉହଦୀ ଭିତରେ ରଖି ଆମେ ସେ ସମସ୍ତଙ୍କୁ ‘ବନ୍ଧୁ’ ରୂପରେ ସମ୍ଭାଷଣ କରିଥାଉ, ସ୍ୱାଗତ କରିଥାଉ।

କାରଣ ‘ବନ୍ଧୁ’ର ଗୁଣ, ଧର୍ମ, ପ୍ରକୃତି ଓ ବ୍ୟକ୍ତିତ୍ୱ ବିଷୟରେ ଆମର ଧାରଣା, ଆମର ଜ୍ଞାନ ବଳୟର ବାହାରେ ଥିବା ଧୂସର (grey) ବଳୟ ଭିତରେ ଅବସ୍ଥିତ, ତେଣୁ ଅନିଶ୍ଚିତ ଅଟେ। ଟିକିଏ ଭାବିଲେ ଦେଖି; "ଆପଣ କାହାକୁ ନିଜର ‘ବନ୍ଧୁ’ ବୋଲି ଆଖ୍ୟା ଦେବେ" ବୋଲି ଆପଣଙ୍କୁ ପଚାରିଲେ, ଆପଣ କ’ଣ ଉତ୍ତର ଦେବେ...!!

‘ବନ୍ଧୁ’ ଶବ୍ଦର ସଂଜ୍ଞା ପ୍ରକରଣ କରିବାକୁ ଯାଇ ଆପଣ ହୁଏତ କହିବେ, "ରାଜଦ୍ୱାରେ ଶ୍ମଶାନେଚ ଯଃ ତିଷ୍ଠତି ସଃ ବାନ୍ଧବ", ଅଥବା କହିବେ, "A friend in need is a friend in deed." ‘ବନ୍ଧୁ’ର ଦୁଇଟି ଯାକ ସଂଜ୍ଞା, ଏକ ଅତ୍ୟନ୍ତ ସୀମିତ ବଳୟ ଭିତରେ, ‘ବନ୍ଧୁତ୍ୱ’କୁ, ତେଣୁ ‘ବନ୍ଧୁ’କୁ, ସୀମାବଦ୍ଧ କରିଦିଏ। ପ୍ରଥମଟି କହେ; କେବଳ ‘ରାଜ ଦ୍ୱାର’ରେ ଏବଂ ‘ଶ୍ମଶାନ’ରେ ଯିଏ ତୁମ ପାଖରେ ଠିଆ ହୁଏ ସେ ତୁମର ବନ୍ଧୁ। କିନ୍ତୁ ମୋ ମତରେ ତ ଆମ ଜୀବନରେ ‘ବନ୍ଧୁ’ର ଉପସ୍ଥିତି ବହୁତ ବ୍ୟାପକ ଅଟେ। ସୁଖ – ଦୁଃଖ, ଆଶା – ନିରାଶା ସମ୍ମାନ – ଅସମ୍ମାନ, ଇତ୍ୟାଦି ପ୍ରତ୍ୟେକ ଜାଗାରେ ତ ‘ବନ୍ଧୁ’ର ସ୍ଥିତି ସ୍ୱାଗତଯୋଗ୍ୟ ଅଟେ’। ସେହିପରି ଦ୍ୱିତୀୟ ଉକ୍ତିରେ କୁହାଗଲା ଯେ ଦରକାର ବେଳେ ଯିଏ ପାଖରେ ଥାଏ, ସିଏ ବନ୍ଧୁ। ଏହା ଅବଶ୍ୟ ପ୍ରଥମ ଉକ୍ତିଠାରୁ ଆଉ ଟିକିଏ ବ୍ୟାପକ, କିନ୍ତୁ ଏହାର ଦୃଷ୍ଟିକୋଣ ବି ସୀମିତ। କାରଣ ବନ୍ଧୁ ଆସି ପାଖରେ ଉପସ୍ଥିତ ହେବା ପାଇଁ ‘ଦରକାର’ ଓ ‘ଅଦରକାର’ ସମୟ ପୁଣି କ’ଣ...? ଏ ମାନସିକତାରେ କେଉଁଠି ନା କେଉଁଠି ‘ବ୍ୟବସାୟ’ର ଗନ୍ଧ ଆସୁଛି। ଏଇ ଦ୍ୱିତୀୟ ଉକ୍ତି ଆମ ଓଡ଼ିଆରେ ଥିବା ଢଗଢମାଳି –

"ଦରକାର ବେଳେ ବଡ଼ ଆଦର
କାମ ସରିଗଲେ କରନ୍ତି ପର।"ର

ଏକ ରୂପାନ୍ତରିତ ସଂସ୍କରଣ ଓ ଅଭିବ୍ୟକ୍ତି ପରି ଲାଗୁଛି...!!

ପ୍ରକୃତ ‘ବନ୍ଧୁ’ ଓ ‘ବନ୍ଧୁତ୍ୱ’ର ସଂଜ୍ଞାତ ଗୁଣ, ଧର୍ମରେ ଆହୁରି ବ୍ୟାପକ, ଆହୁରି ପବିତ୍ର ଓ ଆହୁରି ମହିମାମୟ ଅଟେ।

ଯାହା ସାଙ୍ଗରେ ବସି ଦୁଃଖ-ସୁଖ ବାଣ୍ଟି ହୁଏ;

ଯିଏ କିଛି କହିବା ଆଗରୁ ତମେ ତା’ ମନର କଥା ଜାଣିପାର ଏବଂ ତମେ କିଛି କହିବା ପୂର୍ବରୁ ସେ ତମର ମନର କଥା ଜାଣି ପାରେ, ଅର୍ଥାତ୍ ଯାହା ସହିତ ‘ଟେଲିପାଥି’ର ସମ୍ପର୍କ ଥାଏ;

ଯାହା ସାଙ୍ଗରେ ସାଙ୍ଗ ହୋଇ ହସି ହୁଏ ପୁଣି ସାଙ୍ଗ ହୋଇ କାନ୍ଦି ହୁଏ;

ଯାହାକୁ ନିଜର ମନର କଥା, ନିଜର ଦୁର୍ବଳତାର କଥା ନିଃସଂକୋଚରେ କହି ହୋଇଯାଏ;

ଯାହା ସହିତ ନୀରବରେ ପାଖାପାଖି ବସି କରି ସେଇ ନୀରବତା ଭିତରେ ବି ଅନେକ କଥା କହି ହୋଇଯାଏ;

ଯାହା ସହିତ ରାଗ-ରୁଷା ହୁଏ, ମୁହଁ ଫୁଲେଇ ହୁଏ, ମାନ – ଅଭିମାନ କରି ହୁଏ;

ଯାହା ସହିତ ସ୍ୱପ୍ନ ଦେଖିହୁଏ ଓ ସ୍ୱପ୍ନକୁ ବାସ୍ତବ ରୂପ ଦେବା ପାଇଁ ଯୋଜନା କରିହୁଏ;

ଯାହା ସହିତ ଝଗଡା କରିହୁଏ ଏବଂ ମୁହୂର୍ତ୍ତକ ଭିତରେ ସେ ଝଗଡା ନିରର୍ଥକ ବୋଲି ବୁଝିପାରି ହସି ହସି ଗଡିଯାଇହୁଏ ଏବଂ ଯିଏ ଦୂରରେ ଥିଲେ ବି ତମକୁ କଷ୍ଟ ହେଲେ ତା ହୃଦୟରେ କମ୍ପନ ସୃଷ୍ଟି ହୁଏ ଏବଂ ସେଇ ଦୂର ଜାଗାରେ ବନ୍ଧୁ ମନ ଯଦି ଖରାପ ହେଲା, ତେବେ ଏଠି ତମ ମନରେ ବି ଅସ୍ଥିରତା ସୃଷ୍ଟି ହୁଏ। ଏହା ମଧ୍ୟ ‘ଟେଲିପାଥି’ର ଅନ୍ୟ ଏକ ରୂପ-

ଏଇ ୯ଟି ଗୁଣ, ଧର୍ମ ହିଁ ସମ୍ପୂର୍ଣ୍ଣ ନିଖୁଣ (perfect) ‘ବନ୍ଧୁ’ର ଏବଂ ‘ବନ୍ଧୁତ୍ୱ’ର ସଂଜ୍ଞା ଓ ପରିଚୟ। ବନ୍ଧୁ ସିଏ, ଯାହା ସହିତ ନିଜର ମନ, ହୃଦୟ, ଆତ୍ମା, ଚିନ୍ତାଧାରା, ଭାବନା, ଦୃଷ୍ଟିକୋଣ ଆପେ ଆପେ ସଂଯୁକ୍ତ ଓ ଅନୁନାଦିତ ହୋଇଯାଏ।

ଆପଣମାନେ ନିଶ୍ଚୟ ମତ ରଖିବେ ଯେ ଆଜିକାଲିକାର ଦୁନିଆରେ ଜଣେ ‘ବନ୍ଧୁ’ ପାଇବା କଷ୍ଟ। ମୁଁ ତ କହିବି ‘କଷ୍ଟ’ ନିଶ୍ଚୟ କିନ୍ତୁ ‘ଅସମ୍ଭବ’ ନୁହେଁ। ତେବେ ଆପଣଙ୍କୁ ଏମିତି ବନ୍ଧୁଟିଏ ମିଳିବା ହୁଏତ ଅସମ୍ଭବ ହୋଇଯିବ ଯଦି ଆପଣମାନେ ଆପଣମାନଙ୍କର ସମବୟସ୍କ ଲୋକଙ୍କ ଭିତରେ ସେମିତି ‘ବନ୍ଧୁ’ଟିଏ ଖୋଜିବେ, କାରଣ ଆଜିକାଲିକାର ଯୁବଗୋଷ୍ଠୀଙ୍କ ଭିତରେ ପ୍ରତ୍ୟେକ ସଂପର୍କ ଓ ପ୍ରତ୍ୟେକ ସୁଚିନ୍ତିତ ପଦକ୍ଷେପ କେବଳ ଦିଆ-ନିଆ ଓ ଲାଭ-କ୍ଷତିର ହିସାବ-ନିକାସ ଭିତରେ ସୀମିତ ଅଟେ ...!! କିନ୍ତୁ ଆପଣ ଏମିତି ବନ୍ଧୁଟିଏ ହୁଏତ ଆପଣଙ୍କର ଜେଜେଙ୍କ ଭିତରେ, ବା, ଆପଣଙ୍କର ସାନ ଭଉଣୀ ରୂପରେ, ଅଥବା, ଆପଣଙ୍କର ଜଣେ ବାଲ୍ୟ-ସହପାଠୀ ଭିତରେ ପାଇଯାଇପାରନ୍ତି ....!!

‘ବନ୍ଧୁ’ର ୯ଟି ଗୁଣ ଭିତରୁ ଶେଷ ଗୁଣର ପରିପ୍ରେକ୍ଷୀରେ ମୋର ଗୋଟିଏ ନିଜସ୍ୱ ଅନୁଭୂତି ବିଷୟରେ କହିଲେ ଏ ସ୍ଥିତିଟା ପରିଷ୍କାର ହୋଇଯିବ। କାରଣ ଶେଷୋକ୍ତ ଗୁଣ ଉପରେ ଅନେକଙ୍କୁ ଆସ୍ଥା ପ୍ରକଟ କରିବା କଷ୍ଟକର ହୋଇପାରେ। ସେମାନଙ୍କ ମତରେ ଏହା ଏକ ପୋଥିଗତ ତତ୍ତ୍ୱ ଅଥବା ମନଗଢ଼ା ଚିନ୍ତାକଳ୍ପ ହୋଇପାରେ।

ମୋ ଅନୁଭୂତିଟି ଏହିପରି –

କଥାରେ ଅଛି – "ପ୍ରାପ୍ତେଷୁ ଷୋଡଷ ବର୍ଷେ ପୁତ୍ରମ୍ ମିତ୍ରମ୍ ବଦାଚରେତ୍।" ତେବେ ମୁଁ କହିବି ‘ଷୋଡଷ ବର୍ଷ ନୁହେଁ, ପୁଅ ପାଠ ଶାଠ ପଢ଼ି, ଚାକିରି କରି ବାହା ହେଲା ପରେ ତା’ ସହିତ ବନ୍ଧୁ ରୂପରେ ବ୍ୟବହାର କରିବା ଉଚିତ୍। ପରିବାରରେ କୌଣସି ସମସ୍ୟା ଉପୁଜିଲେ, ତା’ ସହିତ ସମାନ ସ୍ତରରେ (ବନ୍ଧୁ କରି) ଆଲୋଚନା ଓ ବିଚାର-ବିମର୍ଷ କରି ସମସ୍ୟାର ସମାଧାନ କରିବା ଉଚିତ୍। ମୋର ମୋ ପୁଅ-ଝିଅଙ୍କ ସଙ୍ଗେ ସେଇ ସଂପର୍କ।

ମୋର ମଝିଆ ପୁଅ,ଟିକି, ଯିଏ

ଅହମଦାବାଦରେ ଗୋଟିଏ ଟ୍ରାନସ୍‌ପୋର୍ଟ କମ୍ପାନୀରେ ମ୍ୟାନେଜର ରୂପେ କାମ କରୁଥିଲା। ସେ ୨୦୦୬ ମସିହା ନଭେମ୍ବର ମାସରେ ମୋ ସାଙ୍ଗରେ ପରାମର୍ଶ କରି ଯାଇ ପୁଣେରେ ଅନ୍ୟ ଏକ ଆଇ.ଟି କମ୍ପାନୀରେ ତାଙ୍କର ନ୍ୟାସନାଲ, ଲଜିଷ୍ଟିକ୍ ମ୍ୟାନେଜର ରୂପେ ଯୋଗ ଦେଲା।

ମୋର ତାରିଖ ମନେ ପଡୁନି, ବୋଧହୁଏ ଅପ୍ରେଲ ୬ ତାରିଖ, ୨୦୦୭ ମସିହା ...। ପୂର୍ବ ଦିନ, ମାନେ ୫ ତାରିଖ, ରାତି ସାରା ମତେ ଭଲ ନିଦ ହେଲାନି, ଭୀଷଣ ଅସ୍ଥିର ଲାଗିଲା ..., ମୁଁ ବିଛଣା ଉପରେ ଖାଲି ଛଟପଟ ହେଲି ..., ମତେ ଖାଲି ଲାଗିଲା, ସତେ ଯେମିତି ଟିକି ମତେ ଖୋଜୁଛି...!! ସେ କାହିଁକି ଖୋଜୁଛି ...? କ'ଣ ହେଲା ତା'ର ...? ଅପ୍ରେଲ ୬ ତାରିଖ ସକାଳ ୫ଟାରେ (ସେତେବେଳେ ମୋବାଇଲ ଯୁଗ ଆସି ନଥିଲା) ମୁଁ ତା' ପାଖକୁ ଲ୍ୟାଣ୍ଡଲାଇନ୍‌ରେ ଫୋନ୍ କଲି ....। ସେ ପ୍ରଥମ ରିଂରେ ହି ଫୋନ୍ ଉଠାଇଲା...!!

ଆପଣ ଟିକିଏ ଭାବନ୍ତୁ ଦେଖି, କେଡେ ଆଶ୍ଚର୍ଯ୍ୟ କଥା ଇଏ ...!! ଭୋର ୫ଟାରେ ସେ ଲ୍ୟାଣ୍ଡ ଲାଇନ୍ ଫୋନ୍ ପାଖରେ କାହିଁକି ବସିଥିଲା ...?? ସେ କ'ଣ ଠିକ୍ ସେତିକିବେଳେ ମତେ ରିଂ କରିବାକୁ ଯାଉଥିଲା...?? ନା, ସେ ମୋ ରିଂକୁ ଅପେକ୍ଷା କରି ବସିଥିଲା...? ଯଦି ତାହା ହିଁ ସତ, ତେବେ ସେ କେମିତି ଜାଣିଲା ଯେ ସେଇଦିନ ସକାଳ ୫ଟାରେ ମୁଁ ଫୋନ୍ କରିବି...?? ଟିକିଏ ଭାବନ୍ତୁ ଦେଖି ..., ଏମିତି ସଂଯୋଗ କେମିତି ହେଲା ...??

ମୋ ମତରେ ଏଇଆ ହିଁ ତ ଆତ୍ମିକ ସଂପର୍କ, ନିବିଡ ବନ୍ଧୁତ୍ୱର ଲକ୍ଷଣ ...!! ଟେଲିପାଥିର ବାସ୍ତବ ଉଦାହରଣ,

ସେ ସେପଟୁ ଅସ୍ଥିର, ରୁଦ୍ଧ କଣ୍ଠରେ କହିଲା, "ବାପା..."। ଲ୍ୟାଣ୍ଡଲାଇନ୍ ଫୋନ୍‌ରେ ସେ କେମିତି ଜାଣିଲା ଯେ ମୁଁ ଫୋନ୍ କରିଛି ...?? ଏ ପ୍ରଶ୍ନର ବି ଉତ୍ତର ନାହିଁ...!! ମୁଁ କହିଲି, ଟିକିରେ, ତୁ ମତେ କାହିଁକି ବ୍ୟସ୍ତ ହୋଇ ଖୋଜୁଛୁ...?? କ'ଣ ହେଲା ତୋର ...?? ତୁ ତ ଏମିତି ବ୍ୟସ୍ତ ହୋଇ ପଡ଼ିବା ପିଲା ନୁହ...!!" ସେ ପୁଣି କହିଲା, "ବାପା..." ଓ ତା'ପରେ ଭୋ...ଭୋ...ହୋଇ କାନ୍ଦି ଉଠିଲା। ମୁଁ କହିଲି, "ଆରେ କାନ୍ଦୁଛୁ କାହିଁକି ? ତୋ ବାପା ମରିଗଲେ କି ?" ମୋ କଥା ଶୁଣି ତା' କାନ୍ଦ ଧପ୍ କିନା ବନ୍ଦ ହୋଇଗଲା।

ସେ କାନ୍ଦୁରା ସ୍ୱରରେ କହିଲା, "ବାପା, ମାସକ ତଳେ ମୁଁ ଆପଣଙ୍କୁ କହିଥିଲି ଯେ ମୋ ଜିଭରେ ଘା' ହୋଇଛି। ମୁଁ ମୋଟେ ଖାଇପାରୁନି। ଭାରି ପୋଡୁଛି। ଆପଣ କହିଥିଲେ, " ବିକୋଜାଇମ୍ ସି ଫୋର୍ଟ ଟାବ୍‌ଲେଟ୍ ଦିନକୁ ଗୋଟେ ଖା'। ଆଉ ବେଲାଡୋନା ୨୦୦ ଓ ମରସଲ୍ ୨୦୦ ମିଶାଇ ୧୫ ମି.ଲି ଆଣି ସକାଳେ ଦୁଇ ଟୋପା ଓ ସଂଧ୍ୟାରେ ଦୁଇଟୋପା ଖା' ଭଲ ହୋଇଯିବ। ବାପା, ସତରେ ୭ ଦିନ ପରେ ସେ ଘା' ଭଲ ହୋଇଗଲା, ହେଲେ ୧୫ ଦିନ ପରେ ସେଇ ଘା' ସେଇଠି ପୁଣି ବାହାରିଲା। ଗଲା କାଲି ସଂଧ୍ୟାରେ ଡାକ୍ତରଙ୍କ ପାଖକୁ ଯାଇଥିଲି। ସେ ସବୁ କଥା ଶୁଣି ଓ ଘା'କୁ ପରୀକ୍ଷା କରି କହିଲେ ଯେ ସେ ବାଇଓପ୍‌ସି କରିବେ।" ଏବଂ ପୁଣି କାନ୍ଦିଲା।

ମୁଁ କହିଲି, " ତୁ ମୋଟେ କାନ୍ଦନା, ମୁଁ ଓ ବୋଉ ଟ୍ରେନ୍‌ରେ ଯାଇ ଆସନ୍ତାକାଲି ରାତି ୧୨ଟାରେ ପୁଣେରେ ପହଞ୍ଚିବୁ। ତା'ପରେ ଯାହା ଦରକାର, ମୁଁ କରିବି।"

ଏବେ ଆପଣମାନେ ବାସ୍ତବ ଅବସ୍ଥାକୁ ବିଶ୍ଳେଷଣ କରନ୍ତୁ। ଡାକ୍ତରଙ୍କ ପରାମର୍ଶ ଶୁଣିବା ପରେ ତା' ଆଗ ଦିନ, ମାନେ ଅପ୍ରିଲ ୫ ତାରିଖ, ସନ୍ଧ୍ୟାରୁ ଟିକି, ମନେ ମନେ ମତେ ଖୋଜିବା ଆରମ୍ଭ କରିଛି। ତା' ମନର ଭାବନା ସହିତ ଅନୁନାଦିତ ହୋଇ ମୁଁ ଏଠି, ହଜାରେ କିଲୋମିଟରରୁ ଊର୍ଦ୍ଧ୍ୱ ଦୂରତାରେ ରହି କରି ବି ଜାଣିଗଲି ଯେ ସେ ମତେ ବ୍ୟସ୍ତ ହୋଇ ଖୋଜୁଛି।

ଏହା ଟେଲିପାଥିର ନିଦର୍ଶନ ନୁହେଁ କି...? ଏହା ସମ୍ପୂର୍ଣ୍ଣ ନିଖୁଣ (Perfect) ବନ୍ଧୁତ୍ୱର ନିଦର୍ଶନ ନୁହେଁ କି...?

ସେମିତି 'ବନ୍ଧୁ' ଓ 'ବନ୍ଧୁତ୍ୱ'ର ଦ୍ୱିତୀୟ ଗୁଣ ପରିପ୍ରେକ୍ଷୀରେ ଉପକଥାଟିଏ ଏଠି ଦେବା ବିଧେୟ ବୋଲି ମୁଁ ମନେ କରୁଛି।

ଜଙ୍ଗଲ ମଝିରେ, ନିଜର ଓହଳମାନଙ୍କୁ ବିସ୍ତାରିତ କରି କରି, ଗୋଟିଏ ବିଶାଳ ବରଗଛ ଥିଲା ଯାହାର ଶାଖାମାନଙ୍କରେ ଓ କୋଟରରେ ଅନେକ ପକ୍ଷୀ ବାସ କରୁଥିଲେ ଏବଂ ସେମାନଙ୍କ ସହିତ ତା'ର ଅଲିଖିତ ବନ୍ଧୁତ୍ୱ ହୋଇଯାଇଥିଲା।

ଦିନେ ସେଇ ଜଙ୍ଗଲରେ ଏକ ଶିକାରୀ ଗୋଟିଏ ପଶୁକୁ ମାରିଥିବା ତୀର ଲକ୍ଷ୍ୟଭ୍ରଷ୍ଟ ହୋଇ, ସେଇ ବରଗଛର ଗଣ୍ଡିକୁ ଭେଦ କରି ଅଟକି ଗଲା, ଶିକାରୀ ତୀର ନନେଇ ତ ଚାଲିଗଲା, କିନ୍ତୁ ତୀରର ଅଗ୍ରଭାଗରେ ଲାଗିଥିବା ବିଷର ପ୍ରଭାବରେ ଗଛଟି ଧୀରେ ଧୀରେ ଶୁଖିବା ଆରମ୍ଭ କଲା, ଏହା ଦେଖି ସେଇ ଗଛରେ ବାସ କରୁଥିବା ପକ୍ଷୀମାନେ ଯିଏ ଯୁଆଡ଼େ ପାରିଲେ ଚାଲିଗଲେ।

ତେବେ ସେଇ ଗଛରେ ରହୁଥିଲା ଗୋଟିଏ ଶୁକ ପକ୍ଷୀ। ସେ ଏକୁଟିଆ ଥିଲା। ସେ କିନ୍ତୁ ସେ ବରଗଛକୁ ଛାଡିକରି ଗଲାନି, ଅନ୍ୟ ପକ୍ଷୀମାନେ ତାକୁ ଯେତେ ବୁଝାଇଲେ ତାଙ୍କ ସାଙ୍ଗରେ ଚାଲି ଆସିବା ପାଇଁ ତଥାପି ସେ ଗଲାନାହିଁ। ବରଂ କହିଲା, "ବରଗଛ ଆମର ବନ୍ଧୁ। ଆମକୁ ଆଶ୍ରୟ ଦେଇଛି। ତା ଦୁର୍ଦ୍ଦିନରେ ମୁଁ ତା'କୁ ଛାଡ଼ି କରି ଯିବିନି।" ଏତିକି ବେଳେ ଦେବରାଜ ଇନ୍ଦ୍ରଆକାଶ ମାର୍ଗରେ ଯାଉଥିଲେ ଓ ଶୁକ ପକ୍ଷୀ କଥା ଶୁଣି ଭାବିଲେ, "ଦେଖିବା, କେକେ ଦିନ ଏ ଶୁକ ପକ୍ଷୀ ତା ନିଷ୍ପତ୍ତିରେ ଅଟଳ ରହୁଛି।"

ବରଗଛର ଏପରି ରୁଗ୍ଣ ଓ ଯନ୍ତ୍ରଣାସିକ୍ତ ଅବସ୍ଥା ଦେଖି ଶୁକ ପକ୍ଷୀ ଆସ୍ତେ ଆସ୍ତେ ଆଉ ଖାଦ୍ୟ ସଂଗ୍ରହରେ ଗଲା ନାହିଁ। ଯେତେବେଳେ ତା'ର ମୃତ୍ୟୁ ଆସନ୍ନ ପ୍ରାୟ ହେଲା, ସେତିକିବେଳେ ଇନ୍ଦ୍ର ସେଠାରେ ପହଞ୍ଚି ପକ୍ଷୀକୁ କହିଲେ, "କାହିଁକି ତୁମେ ତୁମର ଜୀବନ ବିସର୍ଜନ କରୁଛ। ତୁମେ ଏଇ ବୃକ୍ଷକୁ ତ୍ୟାଗ କରି ଅନ୍ୟତ୍ର ଚାଲିଯାଅ। ତୁମେ କମ୍‌ସେ କମ୍ ବଞ୍ଚିତ ଯିବ।

ଶୁକ ପକ୍ଷୀ କହିଲା, "ମହାଭାଗ! ମୋର ଆଶ୍ରୟଦାତା, ଏଇ ବରଗଛ ମୋର ଆଶ୍ରୟଦାତା ଓ ବନ୍ଧୁ ଅଟେ। ତା'ର ଏପରି ବିପନ୍ନ ଅବସ୍ଥାରେ ମୁଁ ତା'କୁ ଏକୁଟିଆ କରି ଦେଇ ଛାଡ଼ି ଯାଇପାରିବି ନାହିଁ।"

ଶୁକ ପକ୍ଷୀର ଏପରି ଦୃଢ଼ୋକ୍ତି ଶୁଣି ଇନ୍ଦ୍ର ପ୍ରସନ୍ନ ହେଲେ। ତାଙ୍କ ଆଦେଶରେ ଅମୃତ ବର୍ଷା ହେଲା ଓ ବରଗଛର ନୂତନ ଜୀବନପ୍ରାପ୍ତି ହେଲା।

ଏହା ହିଁ ପ୍ରକୃତ ବନ୍ଧୁତ୍ୱର ସଂଜ୍ଞା ଓ ପରିଚୟ।

ଏବେ ମୋର ପ୍ରଶ୍ନ; - ବରଗଛ ତା'ର ଯନ୍ତ୍ରଣା କଥା ଶୁକ ପକ୍ଷୀକୁ କହିନଥିଲା, ତେଣୁ ଶୁକ ପକ୍ଷୀ ସେ କଥା ଜାଣିଲା କେମିତି ?

ତେବେ ଏମିତି ସମ୍ପୂର୍ଣ୍ଣ ନିଖୁଣ (perfect) ଏବଂ ଆଦର୍ଶ (Ideal) ବନ୍ଧୁଟିଏ ଜୀବନରେ ପାଇବା ଅତ୍ୟନ୍ତ କଷ୍ଟ। ଯଦି କେହି ଜଣେ ଏପରି ବନ୍ଧୁଟିଏ ନିଜ ଜୀବନରେ ପାଇଥିବେ, ତେବେ ତାହା ତାଙ୍କର ପରମ ସୌଭାଗ୍ୟ ଓ ପ୍ରାରବ୍ଧର ଫଳ ବୋଲି ଧରି ନେବାକୁ ହେବ।

ତେଣୁ ଆମେ ଏଠାରେ ଏପରି 'ବନ୍ଧୁ'ମୟ ଜୀବନ ବିଷୟରେ ଆଲୋଚନା କରିବୁ ନାହିଁ, କାରଣ ତାହା ଭୂମି-ସ୍ତର ବାସ୍ତବତା ଠାରୁ ବହୁତ ଦୂରରେ।

ଆମେ ଏଠାରେ ଏପରି ଜୀବନ ବିଷୟରେ ଆଲୋଚନା କରିବୁ ଓ ତା'ର ପ୍ରାପ୍ତି ପାଇଁ ତିନୋଟି ପାହାଚର ପ୍ରସ୍ତାବ ରଖିବୁ, ଯେଉଁ ଜୀବନରେ ବ୍ୟକ୍ତିର କାହା ସହିତ ବି ପ୍ରାୟତଃ ମତାନ୍ତର, ମନାନ୍ତର, କଳହ, କ୍ରୋଧାଚରଣ, ଇର୍ଷା, ଦ୍ୱେଷ, ଛଳନା ବା କପଟାଚରଣ ନଥିବ। ଅନ୍ୟ ଭାଷାରେ ତାହା ଏକ ପ୍ରାୟତଃ ଡ୍ୟକ୍ତତା ଶୂନ୍ୟ, ଶତ୍ରୁହୀନ (ତେଣୁ ପରୋକ୍ଷରେ ବନ୍ଧୁ -ମୟ) ଜୀବନ ହୋଇଯିବ।

**ପ୍ରଥମ ପାହାଚ:**

ଜୀବନକୁ ବନ୍ଧୁମୟ (କମ୍‌ସେ କମ୍ ଶତ୍ରୁମୁକ୍ତ ଓ କଟୂତାମୁକ୍ତ) କରିବାକୁ ହେଲେ ଆମ ଭିତରେ ଅପରିସୀମ ସହନଶୀଳତାର ଓ ହୃଦୟବତ୍ତାର ଅଭିବୃଦ୍ଧି କରାଇବାକୁ ପଡ଼ିବ। ଏଥିପାଇଁ ଦୁଇଟି ପନ୍ଥା ହେଲା;

ଅନ୍ୟ କିଏ ଆମ ପ୍ରତି କଟୂକ୍ତି ବ୍ୟବହାର କଲେ, ସେ କଟୂକ୍ତିକୁ ଆମେ 'ପାଣିରେ ଗାର' ନୁହେଁ ପବନରେ ଗାର' ଭାବି ମୂଲ୍ୟହୀନ ରୂପେ ଗ୍ରହଣ କରିବାକୁ ହେବ ଓ ଭୁଲି ଯିବାକୁ ପଡିବ। ନିଜେ ଅନ୍ୟକୁ କଷ୍ଟ ଦେଲା ପରି କୌଣସି ଉକ୍ତିରୁ ନିବୃତ୍ତ ରହିବାକୁ ପଡ଼ିବ।

ଅନ୍ୟର ଦୋଷ, ତ୍ରୁଟି ଉପରେ ଧ୍ୟାନ ଦେଇ ଅନ୍ୟକୁ ଖୁଣିବା ସମ୍ପୂର୍ଣ୍ଣ ବନ୍ଦ କରିବାକୁ ହେବ କାରଣ ସେ ଦାୟିତ୍ୱ ଈଶ୍ୱର ଆମକୁ ଦେଇ ନାହାଁନ୍ତି ଏବଂ ସେପରି କର୍ମର ହିସାବ ସେ ନିଜେ ହିଁ ରଖୁଛନ୍ତି ବୋଲି ଆମକୁ ସଚେତନ ହେବାକୁ ପଡ଼ିବ।

ଏ ଦୁଇଟି ପନ୍ଥା ତ ପଢ଼ିଲା ବେଳକୁ ସହଜ ଲାଗୁଛି କିନ୍ତୁ ଏଇ ପନ୍ଥା ଦୁଇଟି ଗ୍ରହଣ କରିବାକୁ ନିଶ୍ଚୟ କଷ୍ଟ ଲାଗିବ। ଏ ପନ୍ଥା ଦୁଇଟିର ଜୀବନରେ ପ୍ରୟୋଗ ପାଇଁ କେତେ ଯେ ସହନଶୀଳତା ଦରକାର ତା'ର ଏକ ଜୀବନ୍ତ ଉଦାହରଣ ନିଜସ୍ୱ ଅନୁଭୂତିରୁ ଦେଉଛି।

ଡିସେମ୍ବର ୩୦ ତାରିଖ, ୧୯୯୯। ମୁଁ ଭୋପାଲର ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନରେ ସେତେବେଳକୁ ୩ ବର୍ଷ ହେଲା ଥାଏ। ହଠାତ୍ ଏନ.ସି.ଇ.ଆର.ଟି ଡାରେକ୍ଟରଙ୍କ ପାଖରୁ ଫୋନ୍ ପାଇଲି। "ପ୍ରଫେସର ମହାପାତ୍ର, ଭୁବନେଶ୍ୱରର ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନର ଅବସ୍ଥା ଅସମ୍ଭାଳ। ଛାତ୍ର ତଥା ତୃତୀୟ ଓ ଚତୁର୍ଥ ଶ୍ରେଣୀର କର୍ମଚାରୀମାନେ ଷ୍ଟ୍ରାଇକ୍ କରି ଧାରଣା ଦେଇ ବସିଛନ୍ତି। ମୁଁ ସେକ୍ରେଟେରୀଙ୍କୁ ପଠେଇଛି ଆପଣ ସଙ୍ଗେ ସଙ୍ଗେ ବଦଳି ହୋଇଯାଇ ସେଠାରେ ଅବସ୍ଥା ନ ସମ୍ଭାଳିଲେ ମୁଁ ସେ ପ୍ରତିଷ୍ଠାନକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ସାଇନେଡାଇ ବନ୍ଦ କରି ଦେବି।"

ମୁଁ ଆସି ଜାନୁଆରୀ ୧,୨୦୦୦ରେ ଭୁବନେଶ୍ୱରର ପ୍ରତିଷ୍ଠାନରେ ଯୋଗ ଦେଲି। ତିନି ଦିନ ଭିତରେ ସବୁ ଷ୍ଟ୍ରାଇକ୍ କଲ୍ ଅଫ ହୋଇଗଲା। ପ୍ରିନ୍ସିପାଲ୍ ଛୁଟିରେ ଚାଲିଗଲେ। ମତେ ସେ ଦାୟିତ୍ୱ ସମ୍ଭାଳିବାକୁ ପଡ଼ିଲା।

ଭୋପାଲ୍‌ରେ ମୋର କାମ କରିବା ଶୈଳୀ, ଏଠି ମଧ ଚାଲୁ ରଖିଲି। ଦିନ ସାରା ଯାହା ଫାଇଲ ଆସି ମୋ ଟେବୁଲ୍‌ର ଡାହାଣ ପଟେ ରଖାଯାଏ, ମୁଁ ପ୍ରତି ଫାଇଲ୍‌ରେ ଆବଶ୍ୟକତା ଅନୁସାରେ ମୋର ମତାମତ / ଭବିଷ୍ୟତ ପନ୍ଥା / ନିର୍ଦ୍ଦେଶନାମା / ଅନୁମୋଦନ ଲେଖି ମୋ ଟେବୁଲ୍‌ର ବାଁ ପଟେ ରଖିଦିଏ, ଯାହା ପିଅନ ନେଇଯାଏ ଏବଂ ୫ଟା ବେଳକୁ ମୁଁ ଘରକୁ ବାହାରିଲା ବେଳକୁ ମୋ ଟେବୁଲ୍ ଉପରେ କୌଣସି ଫାଇଲ ନଥାଏ।

ତେବେ ମାତ୍ର ମାସକ ପରେ ଏଥିରେ ବ୍ୟତିକ୍ରମ ଘଟିଲା। ମୋର ଟେବୁଲ୍‌ର ଡାହାଣ ପଟେ ଆକାଉଣ୍ଟସ ବିଭାଗର ଗୋଟିଏ ଫାଇଲ ୭ଦିନ କାଳ ସେମିତି ପଡି ରହିଲା। ୮ମ ଦିନ ଆକାଉଣ୍ଟାଣ୍ଟ ଆସି ଅତି ନମ୍ରତାର ସହ କହିଲେ, "ସାର୍, ମୋ ବିଭାଗର ଗୋଟିଏ ଫାଇଲ୍ ଆପଣଙ୍କ ଟେବୁଲ୍ ଉପରେ ରହିଯାଇଛି। ଆପଣ ତା'କୁ..."

ତାଙ୍କୁ ଆଉ କହିବାକୁ ନଦେଇ ମୁଁ କହିଲି, "ଶତପଥି ବାବୁ, ସେ ଫାଇଲର କିଛି ବିଶେଷ ଆକର୍ଷଣ ଅଛି କି ? ଆଗ୍ରହ ଦେଖାଇ ଆପଣ ନିଜେ ଆସିଗଲେ ଯେ...!!"

ସେ କହିଲେ, "ନାଇଁ, ସାର୍, ମୋର ଇନ୍‌ଟରେଷ୍ଟ କିଛି ନାହିଁ।"

ମୁଁ କହିଲି, "ଆପଣ ଯାଆନ୍ତୁ। ସେ ଫାଇଲ ବିଷୟରେ ମୁଁ ସଚେତନ ଅଛି। ସେ ଫାଇଲ୍‌ର ସମୟ ଆସିଲେ ସେ ଆପଣଙ୍କର ଟେବୁଲ୍ ଉପରକୁ, ମୋର ମତାମତ ସହ, ଫେରିଯିବ"।

"ସାର୍" କହି, ସେ ଅପ୍ରସ୍ତୁତ ହୋଇ ଚାଲିଗଲେ।

ଏ ଘଟଣାର ଦୁଇ ଦିନ ପରେ ଠିକ୍ ୧୦ଟା ବେଳେ ଶିକ୍ଷା ବିଭାଗର ବରିଷ୍ଠ ପ୍ରାଧ୍ୟାପକ ଡଃ ମହାନ୍ତି, ମୋ ରୁମ୍ ଭିତରେ ପଶିଲେ। ସେ ଉତ୍ତେଜିତ ଅବସ୍ଥାରେ ଥିଲା ପରି ମତେ ଲାଗିଲେ ଏବଂ ସୌଜନ୍ୟତା ରକ୍ଷା କରି ମତେ ନମସ୍କାର ବି ହେଲେ ନାହିଁ। ଅନେକ ଲୋକ ବୁଝି ନାହାନ୍ତି ଯେ ଗୋଟିଏ ଭଦ୍ର, ନମ୍ର ନମସ୍କାର ଅନେକ ସମୟରେ ବନ୍ଧୁଟିଏ ସୃଷ୍ଟି କରେ...। ଆଉ ବି ଅନେକ ବୁଝିନାହାନ୍ତି ଯେ ଆମେ ଯେତେବେଳେ ନମସ୍କାର କରୁ, ଆମେ ସାମନା ବ୍ୟକ୍ତିଙ୍କୁ ନମସ୍କାର କରୁନା। ଆମେ ସେ ବ୍ୟକ୍ତିଙ୍କ ଭିତରେ ଥିବା 'ଈଶ୍ୱର ସତ୍ତା'କୁ ହିଁ ନମସ୍କାର କରୁ।

ଏମିତି ବି ମୁଁ କାହାଠୁ 'ନମସ୍କାର'ଟିଏ ପାଇବାର 'ଆଶା' କେବେ ରଖିନି। କାରଣ ଓଡିଆ ଢଗ ଢମାଳି,

'ମାର୍ଗ ଓଳଗି ଯାଚି କଲ୍ୟାଣ,
ସଖିରେ ବଡ଼ ମଳ ଇଏ ॥"ରେ

ମୁଁ ବିଶ୍ୱାସ କରେ। ତାଙ୍କୁ ଦେଖି ଦେଇ ଏସବୁ ଚିନ୍ତା ମୋ ମୁଣ୍ଡ ଭିତରେ କ୍ଷଣକ ଭିତରେ ଖେଳିଗଲା। ତାଙ୍କର ବିବ୍ରତ ଅବସ୍ଥା ଦେଖି ମୁଁ ଭଦ୍ର ସ୍ୱରରେ 'ଡଃ ମହାନ୍ତି, ଆସନ୍ତୁ ..., ବସନ୍ତୁ ...।"

ସେ ରୁକ୍ଷ ସ୍ୱରରେ ପଚାରିଲେ, "ମୋ ଫାଇଲ୍‌ଟା ଆପଣ, ୧୦ଦିନ ହେଲା କାହିଁକି ଅନୁମୋଦନ ନକରି, ସେ ଟେବୁଲ୍ ଉପରେ ପକେଇ ରଖିଛନ୍ତି ?"

ମୁଁ ନମ୍ର ସ୍ୱରରେ କହିଲି, "ବସନ୍ତୁ ..., କଥା ହେବା।"

ସେ ନବସି, ସେମିତି ଠିଆ ହୋଇ ରହିଲେ ଏବଂ ଦୃଢ଼ ସ୍ୱରରେ କହିଲେ, "ମୁଁ ଏମିତି ଠିକ୍ ଅଛି। ଆପଣଙ୍କର ଯାହା କହିବାର ଅଛି କହନ୍ତୁ।"

ମୁଁ ଆସ୍ତେ ଆସ୍ତେ ବୁଝେଇବା ସ୍ୱରରେ କହିଲି, "ଡଃ ମହାନ୍ତି, ଆପଣ ଗୋଟିଏ ୭ ଦିନିଆ ଓରିଏଣ୍ଟେସନ୍ ପ୍ରୋଗ୍ରାମ୍ କରିଥିଲେ। ସେ ପ୍ରୋଗ୍ରାମ୍‌ରେ ଯାହା ସବୁ କାର୍ଯ୍ୟକ୍ରମ ହେଲା ସେ ସବୁର ଏକ ବିସ୍ତାରିତ ରିପୋର୍ଟ ଲେଖି, ସୁଦୃଶ୍ୟ ବନ୍ଧାଇ ସହ ତା'ର ୫୦ କପି ପ୍ରସାରଣ ବିଭାଗରେ ବାବଦ୍ ଆପଣଙ୍କୁ ୧୫,୦୦୦ ଟଙ୍କା ଅଗ୍ରୀମ ଦିଆଯାଇଥିଲା, ଆପଣ ସେ ପଇସା ଖର୍ଚ୍ଚ ହେବାର ବିଲ୍ ତ ଦେଇଛନ୍ତି, କିନ୍ତୁ ରିପୋର୍ଟର ୫୦ କପି ପ୍ରସାରଣ ବିଭାଗରେ ଦାଖଲ କରି ନାହାନ୍ତି।"

ସେ ରାଗି କରି କହିଲେ, "ରିପୋର୍ଟର କପି ଦାଖଲ ହେବ। ବ୍ୟସ୍ତ କାହିଁକି ?"

ମୁଁ ହସ କରି କହିଲି, "ଆପଣ ତ ଜାଣିଥିବେ ରିପୋର୍ଟର ୫୦ କପି ଦାଖଲ୍ ପରେ ହିଁ ଏ ବିଲ୍ ସବୁ ପାଶ୍ ହେବ, ତା'ପୂର୍ବରୁ ନୁହେଁ। ତାହା ହିଁ ତ ନିୟମ।"

ମୋ କଥା ଶୁଣି ତାଙ୍କ ରାଗ ପଞ୍ଚମରେ ପହଞ୍ଚିଗଲା। ସେ ହଠାତ୍ ଅଭଦ୍ର ଭାଷାରେ ମତେ ଗାଳି ଦେବାକୁ ଆରମ୍ଭ କଲେ। "ଶଳା, ବେଶି ସଚ୍ଚୋଟ ଦେଖେଇ ହେଉଛି। ମତେ ନିୟମ-କାନୁନ ଶିଖଉଛି ...। ଶଳା ଖୁସାମତିଆ କଉଠିକାର ....। ଡାରେକ୍ଟରଙ୍କୁ ଖୁସାମତ୍ କରି ସେ ଚେଆର୍‌ରେ ବସି ଯାଇଛି ବୋଲି ଆଉ ମଣିଷ ଚିହ୍ନୁନି ...। ଶଳା, ମାଷ୍ଟରମାନଙ୍କୁ ତ ଖୁସାମତ୍ କରି ଏସ.ଏସ୍‌ସିରେ ଫାଷ୍ଟ କ୍ଲାସ୍ ଫାଷ୍ଟ ହୋଇଯାଇଥିଲା ...। ଶଳା ତୋର ସବୁ ଖବର ମୋ ପାଖରେ ଅଛି ....।"

ସେ ଯେ ଈର୍ଷା ଓ ଦ୍ୱେଷରେ ଆକ୍ରାନ୍ତ, ଏକଥା ଜାଣି ପାରି ତାଙ୍କ ପ୍ରତି ମୋ ମନରେ ଦୟା ସୃଷ୍ଟି ହେଲା। ଏତିକି ବେଳେ ମୋ ଚାମ୍ବରରେ ଆଣ୍ଟିରୁମ୍‌ର ଦୁଆର ଖୋଲିଗଲା ଓ ସେଠି ମୋର ପିଅନ୍ ଠିଆ ହୋଇଥିବାର ମୁଁ ଦେଖିଲି। ମୁଁ ବୁଝିଗଲି ଯେ ଡଃ ମହାନ୍ତିଙ୍କର ପାଟି କରି ମତେ ଗାଳି ଦେବା ସେ ଶୁଣି କିଛି ଅଶୋଭନୀୟ ପରିସ୍ଥିତି ସୃଷ୍ଟି କରିବା ପୂର୍ବରୁ ମୁଁ ତାକୁ ନିର୍ଦ୍ଦେଶ ଦେଲି, "ସିଂ ତୁ ଯା। କବାଟ ବନ୍ଦ କରି ଭିତରେ ବସ।" ସେ କିନ୍ତୁ ଏଡେ ଏଡେ ଆଖିରେ ଡଃ ମହାନ୍ତିଙ୍କୁ ଅନାଇ, ଆଣ୍ଟିରୁମ୍ ଭିତରକୁ ଚାଲିଯାଇ ଦୁଆର ଆଉଜାଇ ଦେଲା।

ଡଃ ମହାନ୍ତି ଚିତ୍କାର କରି କହିଲେ, "ୟୁ ବାଷ୍ଟାର୍ଡ...."

ତାଙ୍କର ଏପରି ଅଭଦ୍ରୋଚିତ ବ୍ୟବହାର ଦେଖି ମୁଁ କୌଣସି ପ୍ରକାରର ଉଗ୍ର ପ୍ରତିକ୍ରିୟା (Violent Reaction) ପ୍ରକାଶ ନ କରି ମୋର ପ୍ରତିବେଦନ (Response) ରୂପରେ ଅତି ସ୍ୱାଭାବିକ ସ୍ୱରରେ କହିଲି, "ମୁଁ ଜାଣିଛି ଯେ ମୋ ବୋଉ ଚରିତ୍ରହୀନା ଥିଲା। ତେଣୁ ମୋ ବାପା କିଏ ମୁଁ ଜାଣେନି। କିନ୍ତୁ ଆପଣ ତ ଭଦ୍ରଲୋକ। ଆପଣଙ୍କ ମୁହଁରେ ଏପରି ଭାଷା ଶୋଭା ପାଏନି।"

ସେ ଆଉ କିଛି ନ କହି ଚାଲିଗଲେ। ତେବେ ମୋଠାରୁ ଏପରି ବ୍ୟବହାର ଦେଖି ପର ଅବସ୍ଥାରେ ତାଙ୍କର ମୋ ପ୍ରତି ପରିଶ୍ରୀକାତରତା ଓ କ୍ରୋଧ ପ୍ରାୟତଃ ଲୋପ ହୋଇଗଲା। ସେ ମୋର ବନ୍ଧୁ ନ ହେଲେ ବି ମୋର ଶତ୍ରୁ ହୋଇ ଆଉ ରହିଲେନି। ଏହା ହିଁ ସହନଶୀଳତାର ଫଳ ...!!

**ଦ୍ୱିତୀୟ ପାହାଚ:**

ଏଇ ଦ୍ୱିତୀୟ ପାହାଚକୁ ଜୀବନରେ ପ୍ରୟୋଗ କରିବା ପାଇଁ ୬ଟି ସରଳ କିନ୍ତୁ ଆପାତତଃ କଷ୍ଟ ପନ୍ଥା ଅଛି। ସେଗୁଡ଼ିକ ହେଲା :-

- ନିଜେ ଅନ୍ୟକୁ ସାହାଯ୍ୟ କରିଥିବା କାର୍ଯ୍ୟ ତୁରନ୍ତ ଭୁଲିଯାଅ।
- ଅନ୍ୟ କେହି ତୁମକୁ ସାହାଯ୍ୟ କରିଥିବା କାର୍ଯ୍ୟ ସବୁଦିନ ପାଇଁ ମନେ ରଖ।
- ନିଜର ଉଚ୍ଚାରିତ ଶବ୍ଦ ନିଜର ଭାବନା ଠାରୁ ଉଚ୍ଚତର କର।
- ନିଜର ଭାବନାକୁ ନିଜର ଉଚ୍ଚାରିତ ଶବ୍ଦଠାରୁ ଉଚ୍ଚତର କର।
- ଅନ୍ୟକୁ ଭଲ ପାଇବା ପ୍ରକ୍ରିୟାକୁ ଅଧିକ ସକ୍ରିୟ କର।
- ସମ୍ମାନ ଦାବି କରିବାର ଇଚ୍ଛାକୁ ନିଷ୍କ୍ରିୟ କରିଦିଅ।

ଦୁଇଜଣ ବ୍ୟକ୍ତିଙ୍କ ମଧ୍ୟରେ ନିବିଡ ବନ୍ଧୁତ୍ୱ ଥିଲେ ଆମେ ଅନେକ ସମୟରେ କହିଥାଉ ଯେ ସେମାନଙ୍କ ମଧ୍ୟରେ କ୍ଷୀର-ନୀରର ସଂପର୍କ ଅଛି। ଏହି କ୍ଷୀର-ନୀର ସଂପର୍କ ପରିପେକ୍ଷୀରେ ଉପରସ୍ଥ ତୃତୀୟ ଓ ଚତୁର୍ଥମାନଙ୍କର ଗୁରୁତ୍ୱ ସମ୍ବନ୍ଧରେ ଗୋଟିଏ ଉପକଥା।

ଥରେ ଚୀନ୍‌ର ରାଜକୁମାରୀଙ୍କର ଆଉ ଜଣେ ସାମନ୍ତଙ୍କ କନ୍ୟା ସହିତ ପ୍ରଗାଢ଼ ବନ୍ଧୁତା ହୋଇଗଲା। ରାଜକୁମାରୀ ଦିନେ ପ୍ରସିଦ୍ଧ ଜେନ୍ ଗୁରୁ କାଇଫୁଙ୍କ ଆଶ୍ରମକୁ ଯାଇ ପଚାରିଲେ, "ମହାଶୟ, କହି ପାରିବେ କି ଆମର ବନ୍ଧୁତା କେଉଁ ପ୍ରକାରର?" ରାଜକୁମାରୀଙ୍କର ବନ୍ଧୁତା ବାବଦରେ ସବୁ କଥା ଶୁଣି କାଇଫୁ କହିଲେ, "ତୁମ ଦୁହିଁଙ୍କର ବନ୍ଧୁତା କ୍ଷୀରନୀର ପରି।" ଏକଥା ଶୁଣି ରାଜକୁମାରୀ ଖୁସି ମନରେ ଘରକୁ ଫେରିଲେ।

କିନ୍ତୁ କିଛି ଦିନ ଗଲା ପରେ ଦୁଇବାନ୍ଧବୀଙ୍କ ମଧ୍ୟରେ ଏମିତି କଳି ହେଲା ଯେ ଦୁହେଁ ପରସ୍ପରର ମୁହଁ ଦେଖିବାକୁ ବି ଚାହିଁଲେନି। ଏହା ଦେଖି ରାଜକୁମାରୀ ତତ୍‌କ୍ଷଣାତ୍ କାଇଫୁଙ୍କ ନିକଟକୁ ଯାଇ ଅଭିଯୋଗ କଲେ, "ଆପଣ କହିଥିଲେ ଯେ ଆମର ବନ୍ଧୁତା 'କ୍ଷୀର-ନୀର' ପରି। କିନ୍ତୁ ଆପଣ ଏ କଥା କହିବାର ପନ୍ଦର ଦିନ ଭିତରେ ଆମ ସଂପର୍କ ଏମିତି ବିଗିଡ଼ି ଗଲା କେମିତି?"

ତହୁଁ କାଇଫୁ କହିଲେ, "ଶୁଣ ମା' କ୍ଷୀର ଆଉ ନୀର ପରସ୍ପର ସହିତ ମିଶିଯାଆନ୍ତି ଯେ କିଏ କ୍ଷୀର ବା କିଏ ନୀର ତାହା ଜାଣିବା କଷ୍ଟକର ହୋଇପଡ଼େ। କିନ୍ତୁ ସେଇ ନୀର ମିଶା କ୍ଷୀର ସମାନ୍ୟ ଉଷୁମ (ଦୁଇବନ୍ଧୁଙ୍କ ଭିତରେ ମତଭେଦ) ଥିଲା ବେଳେ କେଇ ଟୋପା ଲେମ୍ବୁରସ (ପଦିଏ ଅବାଞ୍ଛିତ କଥା) ପକାଇ ଦେଲେ କ୍ଷୀର ଛିଡ଼ିଯିବ ଓ ନୀର ଅଲଗା ହୋଇଯିବ। ପୁନଶ୍ଚ ସେଇ ନୀର ମିଶା କ୍ଷୀରକୁ ନିଆଁ ଉପରେ ବେଶି ସମୟ ବସାଇ (ଦୀର୍ଘ ସମୟ ପାଇ ମତଭେଦ ରହିଲେ) ଦେଖ, ନୀରତକ ବାଷ୍ପ ହୋଇ ଉପରକୁ ଚାଲିଯିବ।"

ଏମିତି ବି ମଣିଷ -ମଣିଷ ଭିତରେ ବନ୍ଧୁତ୍ୱ ଫଳନ୍ତି ଗଛର ଡାଳ ପରି। ଫଳ ତୋଳିବା ପାଇଁ ଗଛର ଡାଳକୁ ଅଧିକା ନୁଆଁଇ ଦେଲେ ଡାଳ ଭାଙ୍ଗିଯିବ।

**ତୃତୀୟ ପାହାଚ :-**

ଏ ତୃତୀୟ ପାହାଚ ଏକ ମାତ୍ର ପନ୍ଥାର ସମାହାର ଅଟେ। ପନ୍ଥାଟି ଅତ୍ୟନ୍ତ ସରଳ ଅଟେ। କିନ୍ତୁ ଯେହେତୁ ଏଥିରେ ଆତ୍ମାର, ଅନ୍ତର୍ଚେତନାର ସଂପୃକ୍ତି ଆବଶ୍ୟକ ଅଟେ। ତେଣୁ ପନ୍ଥାଟି କଷ୍ଟକର ମଧ୍ୟ। ପନ୍ଥାଟି ହେଲା -

ସମର୍ପିତ ଭାବ ନେଇ ଈଶ୍ୱରଙ୍କୁ ନିଜର ପରମ ବନ୍ଧୁ ରୂପରେ ଗ୍ରହଣ କରିନିଅ।

ଈଶ୍ୱର ହିଁ ଶ୍ରେଷ୍ଠ, ଚିରନ୍ତନ ଓ ବିଶ୍ୱସ୍ତ ବନ୍ଧୁ ଅଟନ୍ତି। ଈଶ୍ୱର ବନ୍ଧୁ ହୋଇଗଲେ ବିଶ୍ୱ ତୁମ ପାଇଁ ବନ୍ଧୁମୟ ହୋଇଯିବ, କାରଣ ସାରା ବିଶ୍ୱ ପରା ତାଙ୍କରି ଭିତରେ ସମାହିତ।

ଏହି ପରିପ୍ରେକ୍ଷୀରେ ଗୀତାର ଷଷ୍ଠ ଅଧ୍ୟାୟ ନବମ ଶ୍ଳୋକରେ ଶ୍ରୀକୃଷ୍ଣ, ଅର୍ଜୁନଙ୍କୁ ଯୋଗୀ କିଏ ବୁଝାଇବାକୁ ଯାଇ କହୁଛନ୍ତି -

ସୁହୃନ୍ମିତ୍ରାର୍ଯ୍ୟୁଦାସୀନମଧ୍ୟସ୍ଥ ଦ୍ୱେଷ୍ୟ ବନ୍ଧୁଷୁ
ସାଧୁଷ୍ୱପି ଚ ପାପେଷୁ ସମବୁଦ୍ଧି ର୍ବିଶିଷ୍ୟତେ ॥
(୬,୯)

ଭାବାର୍ଥ : ଯିଏ ଶତ୍ରୁ, ମିତ୍ର, ଶୁଭେଚ୍ଛୁ, ଉଦାସୀନ, ପର,ଆପଣା, ପରିଚିତ ଇତ୍ୟାଦି ଚରିତ୍ର ଓ ବିଭିନ୍ନ ଭାଗକୁ କଳ୍ପନାରେ ସୁଦ୍ଧା ଅନୁଭବ କରିପାରେନା, ସେ ପରମ ଯୋଗୀ ଅଟେ ଓ ତା'ପାଇ ବିଶ୍ୱ ବନ୍ଧୁମୟ ଅଟେ।

*ପ୍ଲଟ ନଂ ୨୧/୪,*
*ଆଚାର୍ଯ୍ୟ ବିହାର, ଭୁବନେଶ୍ୱର*
*ଦୂରଭାଷ: ୮୦୯୩୬୬୮୦୬୬*

# ମୁଲକରାଜ ଆନନ୍ଦ : ଯାହାଙ୍କ ଲେଖାରେ ନିଷ୍ପେଷିତ ମଣିଷର ଆର୍ତ୍ତନାଦ ପ୍ରତିଫଳିତ

## ଗୁରୁକଲ୍ୟାଣ ମହାପାତ୍ର

ସ୍ୱାଧୀନତାର ପ୍ରାକ୍ କାଳରେ ଯେଉଁ କେତେଜଣ ଭାରତୀୟ ଇଂରାଜୀ ଭାଷାରେ ଉପନ୍ୟାସ ରଚନା କରି ଭାରତୀୟ ଜନଜୀବନର ଯଥାର୍ଥ ପ୍ରତିନିଧିତ୍ୱ କରିଥିଲେ, ସେମାନଙ୍କ ମଧ୍ୟରେ ମୁଲକରାଜ ଆନନ୍ଦ ଅନ୍ୟତମ । ଶିକ୍ଷିତ ଭାରତୀୟମାଙ୍କ ଉପରେ ତାଙ୍କ ଉପନ୍ୟାସର ଯଥେଷ୍ଟ ପ୍ରଭାବ ପରିଲକ୍ଷିତ ହୋଇଥିଲା । ଦୁଃଖର କଥା, ବିଗତ ୨୦୦୪ ଡିସେମ୍ବର ୧୨ ତାରିଖରେ ଆମେ ଯେତେବେଳେ ତାଙ୍କର ଜନ୍ମ ଶତବାର୍ଷିକ ଉତ୍ସବ ପାଳନ କରିଥାନ୍ତୁ – ତା'ପୂର୍ବରୁ ୨୦୦୪ ସେପ୍ଟେମ୍ବର ୨୮ ତାରିଖରେ ତାଙ୍କର ଦେହାନ୍ତ ହୋଇଗଲା – ମହାରାଷ୍ଟ୍ରର ପୁଣେ ସହରରେ – ଚିକିତ୍ସାଧୀନ ଅବସ୍ଥାରେ ।

ବିଭିନ୍ନ ଭାଷା, ସାହିତ୍ୟ, ସଂସ୍କୃତି ଓ ଧର୍ମକୁ ନେଇ ଗଠିତ ଏଇ ଭାରତ ଦେଶ । ଦେଶ ନୁହେଁ ତ ଉପ-ମହାଦେଶ । ଇଂରେଜ ଶାସକବର୍ଗ ଭାରତ ଛାଡି ଚାଲିଯାଇଛନ୍ତି ସତ, କିନ୍ତୁ ସ୍ୱାଧୀନୋତ୍ତର ଭାରତରେ ସେମାନଙ୍କର ଭାଷା ରହିଯାଇଛି ଶିକ୍ଷିତ ବର୍ଗଙ୍କର ସହଜ ସଂଯୋଗକାରୀ ଭାଷା ଓ ପାଠ୍ୟ ଭାଷା ଭାବରେ । ବିଶେଷ କରି ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାର ଅଗ୍ରଗତି କ୍ଷେତ୍ରରେ ଏହି ଇଂରାଜୀ ଭାଷା କେବଳ ଭାରତରେ ନୁହେଁ, ସମଗ୍ର ବିଶ୍ୱରେ ଅପରିହାର୍ଯ୍ୟ ହୋଇପଡ଼ିଛି । ଏହାର ଆଉ ବିକଳ୍ପ ନାହିଁ ଯେପରି । ଏବେ ତ ମାତୃଭାଷାରେ ବୈଷୟିକ ପୁସ୍ତକମାନ ଲେଖା ଗଲାଣି ।

ଅତୀତରେ ଅବଶ୍ୟ ବ୍ରାହ୍ମଧର୍ମର ପ୍ରଚାରକ ଓ ସଂସ୍କାରଧର୍ମୀ ବଙ୍ଗାଳୀ ରାଜା ରାମ ମୋହନ ରାୟଙ୍କ ପ୍ରଚାର ଫଳରେ ଭାରତରେ ଇଂରାଜୀ ଭାଷାରେ ବିଜ୍ଞାନ ଶିକ୍ଷା ସମ୍ଭବ ହୋଇଥିଲା । ପରବର୍ତ୍ତୀ କାଳରେ ଧର୍ମଗୁରୁ ସ୍ୱାମୀ ବିବେକାନନ୍ଦ ମଧ୍ୟ ଇଂରାଜୀ ଭାଷାରେ ଲେଖାଲେଖି କରିବା ସହିତ ବକ୍ତୃତା ଦେଇ ଆମେରିକାରେ ପ୍ରଶଂସିତ ହୋଇଥିଲେ । ଜାତିର ପିତା ମହାତ୍ମା ଗାନ୍ଧୀ ଅହିଂସା ଆନ୍ଦୋଳନ ଜରିଆରେ ଯଦିଓ ବ୍ରିଟିଶ୍ ଶାସକବର୍ଗଙ୍କୁ ଭାରତରୁ ବିତାଡ଼ିତ କରିଥିଲେ, ଭାରତରେ ବିଭିନ୍ନ ଭାଷାଭାଷୀର ଲୋକମାନଙ୍କ ସହିତ ସଂଯୋଗ ସ୍ଥାପନ କରିବା ସଙ୍ଗେସଙ୍ଗେ ଶିକ୍ଷିତ ଭାରତୀୟମାନଙ୍କୁ ଏକାଠି କରବା ଉଦ୍ଦେଶ୍ୟରେ ସେ ଇଂରାଜୀ ଭାଷା ଉପରେ ନିର୍ଭର କରିବାକୁ ବାଧ୍ୟ ହୋଇଥିଲେ । ଭାରତ ବାହାରେ ମଧ୍ୟ ଭାରତର ଭାବମୂର୍ତ୍ତି ବୃଦ୍ଧି କରାଇବା ଦିଗରେ ଏହା ସହାୟକ ହୋଇଥିଲା । ସରଳ ତରଳ ଇଂରାଜୀ ଭାଷାରେ ଗାନ୍ଧିଜୀ ତାଙ୍କର ବଳିଷ୍ଠ ଭାବକୁ ପ୍ରକାଶ କରି ଖୁବ୍ ପ୍ରଭାବ ବିସ୍ତାର କରିପାରିଥିଲେ । ତେଣୁ ତାଙ୍କ ରଚିତ 'ସତ୍ୟର ପ୍ରୟୋଗ' ଆତ୍ମଜୀବନୀ ପୁସ୍ତକ କେବଳ ଭାରତରେ ନୁହେଁ, ସମଗ୍ର ବିଶ୍ୱରେ ଆଦୃତ ହୋଇପାରିଥିଲା । ଗାନ୍ଧିଜୀଙ୍କ ପରେ ଜବାହରଲାଲ୍ ନେହେରୁ ତାଙ୍କ ରଚିତ Glimpses of World History କିମ୍ବା Discovery of India ପ୍ରଭୃତି ପୁସ୍ତକ ଲାଗି ଅବଶ୍ୟ ଭାରତ ଓ ଭାରତ ବାହାରେ ସୁନାମ ଅର୍ଜନ କରିଥିଲେ। ପ୍ରଖ୍ୟାତ ଦାର୍ଶନିକ ଓ ଭାରତର ପୂର୍ବତନ ରାଷ୍ଟ୍ରପତି ସ୍ୱର୍ଗୀୟ ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍‌ଙ୍କ ପ୍ରତିଟି ଦର୍ଶନ ଭିତ୍ତିକ ପୁସ୍ତକ ସବୁ ମଧ୍ୟ ଭାରତ ଓ ଭାରତ ବାହାରେ ଆଦୃତ ।

ପ୍ରାକ୍ ସ୍ୱାଧୀନତା କାଳରେ, ତିରିଶ ଦଶକରେ ଯେଉଁ ତିନି ଚାରି ଜଣ ଭାରତୀୟ, ଇଂରାଜୀ ଭାଷାରେ ଉପନ୍ୟାସ ରଚନା କରି ତତ୍କାଳୀନ ଶିକ୍ଷିତ ଭାରତୀୟମାନଙ୍କୁ ଆକର୍ଷିତ କରିବା ସହିତ ସମଗ୍ର ବିଶ୍ୱର ଦୃଷ୍ଟି ଆକର୍ଷଣ କରିଥିଲେ, ସେମାନେ ହେଲେ ମୁଲକରାଜ ଆନନ୍ଦ, ଆର.କେ. ନାରାୟଣ, ରାଜା ରାଓ ଓ କମଳା ମାର୍କେଣ୍ଡେୟ ପ୍ରଭୃତି । ବିଗତ ୨୦୦୧ ମଇ ୧୩ ତାରିଖରେ ଆର.କେ. ନାରାୟଣଙ୍କର ବିୟୋଗ ଘଟିଥିଲା । ତାଙ୍କ ପରେ ମୁଲକରାଜ ଆନନ୍ଦଙ୍କର ଦେହାନ୍ତ ହୋଇଥିଲା । ଅଥଚ ସାଧାରଣ ଓ ନିଷ୍ପେସିତ ଭାରତୀୟଙ୍କର ହର୍ଷ ଓ ବିଷାଦର କାହାଣୀକୁ ନେଇ ଏମାନେ ଯେଉଁସବୁ ଉପନ୍ୟାସ ଇଂରାଜୀ ଭାଷାରେ ରଚନା କରିଯାଇଛନ୍ତି, ସେ ସବୁର ପ୍ରଭାବ ସବୁ ଯୁଗରେ ଉପଲବ୍ଧ ହେବ । ଏଥିରେ ସନ୍ଦେହ ନାହିଁ । ଏବେ ଅବଶ୍ୟ ଇଂରାଜୀ ଭାଷାରେ ଉପନ୍ୟାସ ରଚନା କରୁଥିବା ଭାରତୀୟ ଲେଖକଙ୍କର ସଂଖ୍ୟା କିଛି ଊଣା ନୁହେଁ । ଏହି ପର୍ଯ୍ୟାୟରେ ଦେଖିବାକୁ ଗଲେ ରାଜା ରାଓଙ୍କ ପରେ ଖୁସ୍‌ୱନ୍ତ ସିଂ, କମଳା ମାର୍କଣ୍ଡେୟ, ଜି.ଭି ଦେଶାନୀ, ଏମ୍ ଅନନ୍ତ ନାରାୟଣନ୍, ଭବାନୀ ଭଟ୍ଟାଚାର୍ଯ୍ୟ, ମନୋଜ ଦାସ, ମନୋହର ମାଲମୋନକାର, ଅରୁଣ ଯୋଗୀ, ଅନୀତା ଦେଶାଇ, ନୟନତାରା ସହଗାଲ, ଓ.ଭି. ବିଜୟନ୍, ସଲମାନ୍ ରୁସିଦୀ, ବିକ୍ରମ ସେଠ୍, ଶଶୀ ଥାରୁର୍, ଅମିତାଭ ଘୋଷ, ଉପମନ୍ୟୁ ଚାଟାର୍ଜୀ, ମଞ୍ଜୁଳା ପଦ୍ମନାଭନ୍, ଅରୁନ୍ଧତୀ ରାୟ ଓ କିରଣ ଦେଶାଇଙ୍କ ରଚିତ ଇଂରାଜୀ ଗଳ୍ପ ଓ ଉପନ୍ୟାସଗୁଡ଼ିକ ମଧ୍ୟ ବେଶ୍ ଆଦୃତ । ଆହୁରି ଅନେକ ଲେଖକ ଲେଖିକାଙ୍କ ମଧ୍ୟରେ ଏମାନଙ୍କ ପୂର୍ବରୁ ସ୍ୱର୍ଗୀୟ ନୀରଦ ସି ଚୌଧୁରୀ ଇଂରାଜୀ ଭାଷାରେ ଉପନ୍ୟାସ ଢଙ୍ଗରେ ତାଙ୍କର ଆତ୍ମଜୀବନୀ Autobiography of an Unknown Indian ଲେଖି ସର୍ବତ୍ର ଚାଞ୍ଚଲ୍ୟ ସୃଷ୍ଟି କରିଥିଲେ । ସେ ଜଣେ ବଙ୍ଗାଳୀ ଭାରତୀୟ ଥିଲେ ହେଁ ଇଂଲଣ୍ଡର ଅକ୍ସଫୋର୍ଡଠାରେ ସ୍ଥାୟୀ ଭାବେ ମୃତ୍ୟୁ ଅବଧି ସେ ସେହି ଦେଶର ନାଗରିକ ଭାବେ ରହିଯାଇଥିଲେ ।

ଏବେ ମୁଲକରାଜ ଆନନ୍ଦଙ୍କର ଉପନ୍ୟାସଗୁଡ଼ିକ ସମ୍ପର୍କରେ ଆଲୋଚନା କରିବା ଏ ଲେଖାର ଉଦ୍ଦେଶ୍ୟ, ତାଙ୍କ ଲେଖାଗୁଡ଼ିକ ସ୍ୱାଧୀନତାର ପ୍ରାକ୍ କାଳରେ ଶିକ୍ଷିତ ଭାରତୀୟମାନଙ୍କୁ ମନ୍ତ୍ରମୁଗ୍ଧପ୍ରାୟ କରିଥିବା ପରିଲକ୍ଷିତ ହେଉଥିଲା । ସେତେବେଳେ ଅବଶ୍ୟ ଟି.ଭି. ରେଡିଓ ବା ପତ୍ରପତ୍ରିକାର ବିଶେଷ ପ୍ରସାର ନଥିଲା । ୧୯୦୫ ମସିହାରେ ପେଶୱାରଠାରେ ଏକ ନିମ୍ନ ମଧ୍ୟବିତ୍ତ ପରିବାରରେ ଭୂମିଷ୍ଠ ହୋଇଥିଲେ ଆନନ୍ଦ । ୧୯୨୦ ମସିହାରୁ ପ୍ରକୃତରେ ତାଙ୍କ ଲେଖକୀୟ ଜୀବନର ଶୁଭାରମ୍ଭ ହୋଇଥିଲା । ଏହାପରେ ସେ ଜଣେ ଶାନ୍ତିକାମୀ, ମାନବବାଦୀ, ସମାଜବାଦୀ ଓ ମାର୍କ୍ସବାଦୀ ଲେଖକ ଭାବେ ପରିଚିତ ହୋଇଥିଲେ । ତାଙ୍କର ସର୍ବପ୍ରଥମ ଉପନ୍ୟାସ The Lost Child (ହଜି ଯାଇଥିବା ଶିଶୁ) ପ୍ରକାଶ ପାଇଥିଲା ୧୯୨୭ରେ । ସେତେବେଳେ ସେ ବ୍ରିଟେନ୍‌ରେ ଅବସ୍ଥାନ କରୁଥିଲେ । ସେଠାରେ ସେ ଯେଉଁ ସାମାଜିକ

ସମ୍ପର୍କବିହୀନ ଜୀବନର ନିର୍ଜନତା ଅନୁଭବ କରିଆସୁଥିଲେ, ସମ୍ଭବତଃ ତାହାରି ପ୍ରତିଫଳନ ଘଟିଥିଲା ତାଙ୍କର ଏହି ପ୍ରଥମ ଉପନ୍ୟାସଟିରେ । ଏହି ଉପନ୍ୟାସର ନାୟକ ବାଖା, ମୁନୁ, ଲାଲୁ, ଅନନ୍ତ ଓ ଭିକି ଯେପରି ସମାଜରେ ଆପଣାର ପରିଚୟ ଟିକକ ପାଇଁ ସଂଘର୍ଷର ଆଶ୍ରୟ ନେଇଛନ୍ତି, ସେପରି ଜଣାପଡ଼େ । ନିର୍ଜନତାବୋଧର ସଙ୍କେତ ମଧ୍ୟ ଏହି ଉପନ୍ୟାସରୁ ସୁସ୍ପଷ୍ଟ ହୋଇଥାଏ ।

ଭାରତରେ ଜାତିପ୍ରଥା ଓ ଅସ୍ପୃଶ୍ୟତା ବିରୋଧରେ ଆନନ୍ଦ ତୀବ୍ର ସ୍ୱର ଉତ୍ତୋଳନ କରିଥିଲେ ତାଙ୍କ ଉପନ୍ୟାସମାନଙ୍କରେ । ତତ୍କାଳୀନ ୟୁରୋପରେ ଫାସିବାଦ ହେଉ ବା ବିଶ୍ୱରେ ମୁଣ୍ଡଟେକି ଉଠିଥିବା ଏକଛତ୍ରବାଦ ହେଉ, ତା' ବିରୋଧରେ ମଧ୍ୟ ନିର୍ଭୟରେ ଲେଖନୀ ଚାଳନା କରିଆସିଥିଲେ ଆନନ୍ଦ । ଏହା ଫଳରେ ସୃଷ୍ଟି ହେଲା ତାଙ୍କର କାଳଜୟୀ ଉପନ୍ୟାସ Untouchable (ଅସ୍ପୃଶ୍ୟ) ମାତ୍ର ଏହି ଉପନ୍ୟାସଟି ଲେଖା ସରିବା ପରେ ମଧ୍ୟ ପ୍ରକାଶ ପାଇପାରିଲା ନାହିଁ । ଚାରିବର୍ଷ ମଧ୍ୟରେ ୧୯ଜଣ ପ୍ରକାଶକ ଏହି ଉପନ୍ୟାସକୁ ଅଗ୍ରାହ୍ୟ କରିଦେଲେ । ଶେଷରେ ପ୍ରସିଦ୍ଧ ଇଂରାଜୀ ଔପନ୍ୟାସିକ ଇ.ଏମ୍. ଫଷ୍ଟର ଏହି ଉପନ୍ୟାସଟି ପାଇଁ ଭୂମିକାଟିଏ ଲେଖିଦେଲେ ଓ ଜଣେ ପ୍ରକାଶକ ତାହା ଛାପିବାକୁ ରାଜି ହେଲେ । ଏହି ଉପନ୍ୟାସଟି ଉପରେ ଫଷ୍ଟରଙ୍କ ମତ ହେଲା ଯେ କେବଳ ଜଣେ ଭାରତୀୟ ଯିଏ ଭାରତ ବାହାରେ ଥାଇ ଏ ସବୁ କଥା ଲକ୍ଷ୍ୟ କରିଥିବେ ସେ ହିଁ ଏହି ଉପନ୍ୟାସଟି ଲେଖି ପାରିଥାନ୍ତେ । ଜଣେ ୟୁରୋପିଆନ୍ ଯେତେ ଦୟାର୍ଦ୍ର ହେଲେ ହେଁ ଏପରି ଉପନ୍ୟାସ ଲେଖିବାକୁ କ୍ଷମ ହୋଇ ନଥାନ୍ତେ କିମ୍ବା 'ବାଖା' ପରି ଚରିତ୍ରଟିଏ ସୃଷ୍ଟି କରିବା ସମ୍ଭବ ହୋଇ ନଥାନ୍ତା । ଯେକୌଣସି ଅସ୍ପୃଶ୍ୟ ମଧ୍ୟ ଆପଣାର ଅସମ୍ମାନବୋଧକୁ ନେଇ ଏ ଉପନ୍ୟାସରେ ବର୍ଣ୍ଣନା କରିବା ଅସମ୍ଭବ ବୋଲି ଫଷ୍ଟର କରିଥିଲେ । ଅବଶ୍ୟ ଇଂରାଜୀ ଭାଷାରେ ଲିଖିତ ଓ ଅନ୍ୟାନ୍ୟ ପ୍ରାୟ ୨୪ଟି ଭାଷାରେ ଅନୁଦିତ ଏହି ଉପନ୍ୟାସର ଖ୍ୟାତି ଆନ୍ତର୍ଜାତୀୟ ବଜାରରେ ମଧ୍ୟ ସମ୍ଭବ ହୋଇଥିଲା । ଏହି ଉପନ୍ୟାସର ପ୍ରକୃତ ଉପାଦାନ ଆନନ୍ଦ ସଂଗ୍ରହ କରିଥିଲେ ସାବରମତି ଆଶ୍ରମରୁ । ସେତେବେଳେ ସେଠାକୁ ଆସୁଥିବା ବିଭିନ୍ନ ଅସ୍ପୃଶ୍ୟ ଲୋକଙ୍କ ସହ ମିଶିବାର ସୁଯୋଗ ସେ ପାଇଥିଲେ । ମାତ୍ର ଏହି ଉପନ୍ୟାସଟିକୁ ପ୍ରାୟ ଶହେ ପୃଷ୍ଠା ଯାଏଁ କମାଇ ଦେବାକୁ ଓ ବଡ଼ ବଡ଼ ଜଟିଳ ଶବ୍ଦ ବ୍ୟବହାର କରିବା ପରିବର୍ତ୍ତେ ହରିଜନମାନେ ବୁଝି ପାରିବା ପରି ସରଳ ଶବ୍ଦ ବ୍ୟବହାର କରିବାକୁ ଗାନ୍ଧିଜୀ ପରାମର୍ଶ ଦେଇଥିଲେ । ମାତୃଭାଷା ପଞ୍ଜାବୀ ଭାଷାରେ ଲେଖକ ଏହି ଉପନ୍ୟାସ ନଲେଖି ଇଂରାଜୀରେ କାହିଁକି ଲେଖିଲେ ବୋଲି ମଧ୍ୟ ଗାନ୍ଧିଜୀ ପଚାରିଥିଲେ ୧୯୨୭ରେ । ଆନନ୍ଦ ସେ ବିଷୟଟିକୁ ସ୍ପଷ୍ଟ କରି ଦେଇ ଗାନ୍ଧିଜୀଙ୍କୁ ଜଣାଇଥିଲେ ଯେ ପଞ୍ଜାବରେ ପଞ୍ଜାବୀ ଭାଷା ପ୍ରଚଳିତ ହେବା ସକାଶେ ସରକାରୀ ସ୍ୱୀକୃତି ଲାଭ କରି ନଥିଲା । ତା'ଛଡ଼ା ପଞ୍ଜାବରେ ଶିକ୍ଷାଦାନ ଲାଗି ଉର୍ଦ୍ଦୁ ବା ଇଂରାଜୀ ଭାଷାର ପ୍ରଚଳନ ଚାଲିଥିଲା ।

୧୯୨୦ରେ ଆନନ୍ଦ ବ୍ରିଟେନ୍‌ରେ ରହୁଥିବା ବେଳେ, ସେଠାରେ ଥିବା ହେଗାର୍ଥ ପ୍ରେସ୍‌ରେ ସେ ପ୍ରୁଫ୍ ସଂଶୋଧନ କାର୍ଯ୍ୟରେ ନିଯୁକ୍ତ ଥିଲେ । ସେତେବେଳେ ସେ ସୁପ୍ରସିଦ୍ଧ ଥିଲେ । ଲେଖିକା ଭିରଜିନା ଉଲଫଙ୍କ ଘରକୁ ଯାଇ ତାଙ୍କ ପୁସ୍ତକ ଗୁଡ଼ିକ ପଢ଼ିବାର ସୁଯୋଗ ଲାଭ କରିଥିଲେ । ନୋବେଲ୍ ପୁରସ୍କାର ବିଜେତା ପ୍ରସିଦ୍ଧ ଇଂରାଜୀ କବି ଟି.ଏସ୍. ଏଲିଅଟ୍‌ଙ୍କ ସହ କଥାବାର୍ତ୍ତା ସମୟରେ ତାଙ୍କରି ପ୍ରେରଣାରେ ଆନନ୍ଦ ତାଙ୍କର ଦ୍ୱିତୀୟ ଉପନ୍ୟାସ 'କୁଲି' ଲେଖିଥିଲେ ଯାହା ପ୍ରକାଶ ପାଇଥିଲା ୧୯୩୬ରେ । ତତ୍କାଳୀନ ବଙ୍ଗ ପ୍ରଦେଶର ସ୍ଥାୟୀ ବନ୍ଦୋବସ୍ତ ଆଇନ୍ ସଂକ୍ରାନ୍ତୀୟ ପ୍ରତୀକାତ୍ମକ ଚିତ୍ରର ପ୍ରତିଫଳନ ଏହି ଉପନ୍ୟାସରେ ରହିଥିଲା । ପୁଣି କାମଧନ୍ଦା ଅନ୍ୱେଷଣରେ ବିକଳ ହୋଇ ଜମିହରା ଓ ବାସହରା ଲୋକେ କିପରି ସହର ଅଭିମୁଖେ ଯାତ୍ରା କରୁଛନ୍ତି, ତାହାରି ସଫଳ ଚିତ୍ର ଏହି 'କୁଲି' ଉପନ୍ୟାସ'ରେ ସ୍ଥାନ ପାଇଛି । ଭାରତୀୟ ଇତିହାସରେ ଏକ ଗୁରୁତ୍ୱପୂର୍ଣ୍ଣ ମୋଡରେ ପହଞ୍ଚିଥିବା ତତ୍କାଳୀନ ବ୍ରିଟିଶ ଶାସନର କୁପରିଣତି ମଧ୍ୟ ଏହି ଉପନ୍ୟାସରେ ସ୍ଥାନିତ ହୋଇଛି । ଇଂରାଜୀ ଭାଷାରେ ଲିଖିତ ଏହି 'କୁଲି' ଉପନ୍ୟାସ ପ୍ରାୟ ୨୮ରୁ ଅଧିକ ଭାଷାରେ ଅନୁଦିତ ହୋଇଛି ଏବଂ ମୂଳ ଓ ଅନୁଦିତ ବହିଗୁଡ଼ିକ ଏକ ନିୟୁତରୁ ଅଧିକ ସଂଖ୍ୟାରେ ବିକ୍ରୀ ହୋଇଥିଲା ବୋଲି ସୂଚନା ମିଳିଛି ।

ଆନନ୍ଦଙ୍କ ପ୍ରତ୍ୟେକ ଉପନ୍ୟାସରେ ସମାଜର ଦଳିତ, ନିଷ୍ପେସିତ ଓ ଦରିଦ୍ର ଲୋକଟି ସତେ ଯେପରି ସାମାଜିକ ଅସମାନତା ବିରୋଧରେ ନିର୍ଭୟରେ ବିଦ୍ରୋହ କରିଚାଲିଛି । ଦରିଦ୍ର ଓ ନିଷ୍ପେସିତ ଜନତାର ଆର୍ତ୍ତନାଦ ହିଁ ତାଙ୍କ ଉପନ୍ୟାସର ଅନ୍ତଃସ୍ୱର । 'କୁଲି' ଉପନ୍ୟାସର 'ମୁନୁ' ଚରିତ୍ରଟି ହେଉ କି 'ଅନଟଚେବଲ୍' ଉପନ୍ୟାସରେ ବାଖା ଚରିତ୍ର ହେଉ କିମ୍ବା 'ଦି ରୋଡ୍' ରେ 'ଭିଖୁ' ଚରିତ୍ର ହେଉ, ଏ ସମସ୍ତେ ସାମାଜିକ ଅବ୍ୟବସ୍ଥା ଓ ଅସାମାନତା ବିରୋଧରେ ତୀବ୍ର ଭାବେ ବିଦ୍ରୋହ ଆରମ୍ଭ କରିଦିଅନ୍ତି । ଅନ୍ୟାୟ ବିରୋଧରେ ମୁଣ୍ଡଟେକି ସ୍ୱର ଉତ୍ତୋଳନ କରିଥାନ୍ତି। ଏ ସବୁ ଚରିତ୍ର ମଧ୍ୟରେ ଆନନ୍ଦଙ୍କ ନିଜ ଜୀବନର ପ୍ରତିଫଳନ ତ ରହିଥାଏ, କେତେକ ସମାଲୋଚକ ତାଙ୍କର ଲେଖା ପଢି ତାଙ୍କୁ କମ୍ୟୁନିଷ୍ଟ ବା ମାର୍କ୍ସବାଦୀ ବୋଲି କହିଥାନ୍ତି । ଲେଖକ ଆନନ୍ଦ ସମାଲୋଚକମାନଙ୍କର ସମାଲୋଚନାକୁ ସ୍ୱୀକାର କରି ବରଂ ନିଜ ସ୍ପଷ୍ଟବାଦୀତାର ପରିଚୟ ଦେଇଥାନ୍ତି ।

୧୯୨୧ରେ ଭାରତର ସ୍ୱାଧୀନତା ଆନ୍ଦୋଳନରେ ଭାଗ ନେଇ ଶ୍ରୀ ଆନନ୍ଦ ଆଇନ୍ ଅମାନ୍ୟ କରି ଜେଲଦଣ୍ଡ ଭୋଗିଥିଲେ । ଲଣ୍ଡନର ୟୁନିଭରସିଟି କଲେଜରୁ ଦର୍ଶନଶାସ୍ତ୍ରରେ ପି.ଏଚ୍.ଡି ହାସଲ କରି ସେ ତାଙ୍କ ଯୋଗ୍ୟତାର ପରିଚୟ ଦେଇଥିଲେ । 'ମାର୍ଗ'ନାମକ ଏକ କଳା ପତ୍ରିକାର ସେ ସମ୍ପାଦନା କରିଥିଲେ । ଜୀବଦ୍ଦଶାରେ ସେ ବହୁ ଯଶ ଓ ସମ୍ମାନରେ ଅଧିକାରୀ ହୋଇଥିଲେ ହେଁ ଅହଂକାର ତାଙ୍କୁ ସ୍ପର୍ଶ କରି ନଥିଲା । ୧୯୫୨ରେ ସେ ବିଶ୍ୱଶାନ୍ତି ପରିଷଦର ପୁରସ୍କାର ଲାଭ କରିବା ପରେ ୧୯୮୯ରେ ଭାରତ ସରକାର ତାଙ୍କୁ 'ପଦ୍ମଭୂଷଣ' ଉପାଧିରେ ଭୂଷିତ କରିଥିଲେ । ସେହି ବର୍ଷ ତାଙ୍କର ଆତ୍ମଜୀବନୀମୂଳକ ଉପନ୍ୟାସ Morning face (ସକାଳର ମୁହଁ) କେନ୍ଦ୍ରୀୟ ସାହିତ୍ୟ ଏକାଡେମୀ ପୁରସ୍କାର ଲାଭ କରିଥିଲା । ତାଙ୍କ ରଚିତ ଅନ୍ୟାନ୍ୟ ପୁସ୍ତକ ଗୁଡ଼ିକ ମଧ୍ୟରେ 'ଦି ଲିଭସ୍ ଆଣ୍ଡ ଏ ବଡ୍' (୧୯୩୭), ଦି ଭିଲେଜ୍ (୧୯୩୯) ଓ ଏକ୍ରସ୍ ଦି ବ୍ଲାକ୍ ୱାଟରସ୍ (୧୯୪୦) ମଧ୍ୟ ବେଶ୍ ଆଦୃତ ହୋଇଥିଲା ।

ତାଙ୍କ ଲେଖା ସବୁର ଯଥାର୍ଥ ମୂଲ୍ୟାୟନ ସ୍ୱାଧୀନତାର ପଞ୍ଚସ୍ତରୀ ବର୍ଷ ପରେ ବି କରାନଯିବା ଦୁର୍ଭାଗ୍ୟଜନକ ବୋଲି ମନେହୁଏ ।

*ଭୁବନେଶ୍ୱର*
*ଦୂରଭାଷ: ୯୪୩୭୦୧୨୧୨୩*

# ଆରିଷ୍ଟଟଲ ଓ ବିପଥଗାମୀ ସମାଜ

**ବିନୋଦ**

ବିକଶିତ ବିଶ୍ୱରେ ଶୈଶବରେ କି ମାନବ ? ବିଜ୍ଞାନର ଜୟଯାତ୍ରାରେ ବି ଏବେ ବି ଅନ୍ଧାରରେ କି ଅତ୍ୟାଧୁନିକ ମାନବ ? ସଭ୍ୟତାର ଆଲୋକ ମଧ୍ୟରେ କାହିଁକି ବିଭ୍ରାନ୍ତି ବଳୟରେ କାଳକାଟୁଛି ମଣିଷ ? ଶିକ୍ଷାର ଉତ୍କର୍ଷତା ମଧ୍ୟରେ  କାହିଁକି ମଣିଷ ତଥାପି ପଥଭ୍ରଷ୍ଟ ? ହଜାର ହଜାର ବର୍ଷର ସଭ୍ୟତା କାହିଁକି କ୍ରମଶଃ ପାଲଟୁଛି ଦିଗହୀନ ? ଆଧୁନିକ ଶରୀର ବିଜ୍ଞାନ, ବସ୍ତୁବାଦୀ ଦର୍ଶନ, ବିବର୍ତ୍ତନିକ ବିଜ୍ଞାନର ଅପରିସୀମ ବିକାଶ, ପଦାର୍ଥ ବିଜ୍ଞାନର ଅସୀମ ସମାରୋହ ମଧ୍ୟରେ କାହିଁକି ମଣିଷ ଏବେ ବି ଅନେକ ସନ୍ଦେହ ଘେରରେ ? ନିଜର ସ୍ଥିତି ଆକଳନ କରିବାକୁ କାହିଁକି ଅକ୍ଷମ ? କାହିଁକି ନିଜର ଅତୀତ ବିବର୍ତ୍ତନ, କୋଟି କୋଟି ବର୍ଷର ଗତିଧାରା, ବିଶାଳ ପ୍ରାକୃତିକ ସଂରଚନା ମଧ୍ୟରେ ବର୍ତ୍ତମାନର ସ୍ଥିତିର ବିଜ୍ଞାନସମ୍ମତ ସତ୍ୟତାକୁ ନେଇ ବାରମ୍ବାର ପ୍ରଶ୍ନ ଉଠାଉଛି ମଣିଷ ? ଏହା ଏକ ମାନସିକ ପ୍ରକ୍ରିୟା ନା ଭ୍ରାନ୍ତ କଳ୍ପନାର ଏକ ପ୍ରତିଫଳନ ? ଶରୀର, ଭାଷା, ସମାଜ ବିଜ୍ଞାନର ଉତ୍ଥାନ ମଧ୍ୟରେ କାହିଁକି ବିପର୍ଯ୍ୟସ୍ତ ଅବସ୍ଥାରେ ମାନବର ଅବମୁଖୀ ମାନସିକତା ? ବସ୍ତୁଗତ ଜଗତର ବିକାଶ ପ୍ରକ୍ରିୟା ମଧ୍ୟରେ କାହିଁକି ଭାବବାଦର ରାଜ୍ ?

ଏସବୁ ପ୍ରଶ୍ନ ବିଜ୍ଞାନସମ୍ମତ ବିବର୍ତ୍ତନରେ ବିଶ୍ୱାସ କରୁଥିବା ଜଣେ ମଣିଷକୁ ଚିନ୍ତାଗ୍ରସ୍ତ କରିବା ସ୍ୱାଭାବିକ । ଏସବୁ ପ୍ରଶ୍ନ ସମସ୍ତଙ୍କ ମନରେ ଯେ ଉଦ୍ରେକ ହେବ ତାହା ନୁହେଁ । ଏସବୁ ପ୍ରଶ୍ନ ଭିତରେ ଯେ ଅସାମାନ୍ୟ ବିଜ୍ଞାନସମ୍ମତ କାରଣ ଦାୟୀ ଏହା ସ୍ପଷ୍ଟ । ସମସ୍ତ ପ୍ରକ୍ରିୟାକୁ ସହଜରେ ଗ୍ରହଣ କରିବା ସହଜ । ମାତ୍ର ସମସ୍ତ ପ୍ରକ୍ରିୟା ମଧ୍ୟରେ ରହିଥିବା ହେତୁବାଦୀ କାରଣଗୁଡ଼ିକୁ ଚିହ୍ନଟ କରିବା, ତାହାର ବୈଜ୍ଞାନିକ କାରଣସମୂହ ଜାଣିବା, ଚିରାଚରିତ ବା ପାରମ୍ପରିକ ବିଶ୍ୱାସସମୂହ ବଦଳରେ ବିଜ୍ଞାନସମ୍ମତ କାରଣ ଖୋଜିବା, ପଦାର୍ଥ ବିଜ୍ଞାନ, ଜୀବ ବିଜ୍ଞାନ, ବିବର୍ତ୍ତନ ବିଜ୍ଞାନ, ରସାୟନ ବିଜ୍ଞାନ, ମହାକାଶ ବିଜ୍ଞାନ ଆଦି ସମ୍ପର୍କରେ ଗଭୀର ତତ୍ତ୍ୱବାଦୀ ବିଶ୍ଳେଷଣ କରିବା  ହିଁ ଜଣେ ପ୍ରକୃତ ମଣିଷର ଉଦ୍ଦେଶ୍ୟ । ଅନ୍ୟଥା ଜଣେ ମଣିଷ କେବଳ ଜଣେ ସାଧାରଣ ପ୍ରାଣୀ ହୋଇ କାଳ କାଟିବା ବ୍ୟତୀତ ତା' ନିକଟରେ ଅନ୍ୟ କୌଣସି ବିକଳ୍ପ ନଥାଏ ।

ଅତୀତରେ ଭ୍ରମାତ୍ମକ ଜୀବନ ତତ୍ତ୍ୱ, ଭାବବାଦୀ ବିଶ୍ଳେଷଣ, ଅନ୍ଧଭାବନା ବିରୋଧରେ ଲଢ଼ି ଜୀବନକୁ ବହୁ ବିପଦ ଘେରକୁ ଠେଲିଦେଇଥିବା ମହାମନିଷୀମାନଙ୍କ ସଂଗ୍ରାମ ଯଥାର୍ଥ ନା ଆଜିକାଲିର ଭାବବାଦୀ ନରନାରୀ, ତଥାକଥିତ ଧର୍ମୀୟ ନେତା, କୁତ୍ସିତ ଭାବନା ସମ୍ପନ୍ନ ଲୋକଙ୍କ ଯୁକ୍ତି ସତ ? ଯେଉଁ ମହାମନିଷୀମାନେ ବସ୍ତୁବାଦୀ ଦର୍ଶନ, ବିଜ୍ଞାନ, ଶରୀର ବିଜ୍ଞାନ, ମହାକାଶ ବିଜ୍ଞାନ ଆଦି ସମ୍ପର୍କରେ ଅଜସ୍ର ତଥ୍ୟ ପ୍ରଦାନ କରି ତିଳ ତିଳ ନିଜ ଜୀବନକୁ ବିପଦାଚ୍ଛନ୍ନ କରିଛନ୍ତି ସେମାନଙ୍କ ଦାୟାଦ ହେବାକୁ ଆଜିର ତଥାକଥିତ ଉନ୍ନତ ମାନବସମାଜ କ'ଣ ଯୋଗ୍ୟ ? ଏହି ପ୍ରଶ୍ନ ଜଣେ ସ୍ୱାଧୀନଚେତା, ବୈଜ୍ଞାନିକ ଚିନ୍ତାସମ୍ପନ୍ନ ଜଣେ ବ୍ୟକ୍ତି ଆଗରେ ପ୍ରଶ୍ନ ଠିଆ କରିବା ସ୍ୱାଭାବିକ ।

ପ୍ରାଚୀନ ଭୂତତ୍ତ୍ୱବିଜ୍ଞାନ, ଜୀବବିଜ୍ଞାନ, ମହାକାଶ ବିଜ୍ଞାନ, ଶରୀର ବିଜ୍ଞାନ, ମନୋବିଜ୍ଞାନ, ଦର୍ଶନ, ଗଣିତ, ଜ୍ୟାମିତି ଆଦିର ମହାଶକ୍ତିଶାଳୀ ପରିଭାଷା ଆଜି ବି ସମାଜ ଲାଗି ଅପରିହାର୍ଯ୍ୟ ରହିଛି । ଅତୀତର ସମସ୍ତ ବିଜ୍ଞାନସମ୍ମତ ଚିନ୍ତାଧାରା ଯୋଗୁ ମଣିଷ ଆଜି ଏହି ସ୍ତରରେ ପହଞ୍ଚିଛି । ନିଆଁର ଆବିଷ୍କାର କୌଣସି ଅତିଶକ୍ତି ବା ଦୈବିକ ଶକ୍ତି ଯୋଗୁ ସମ୍ଭବ ହେଉ ନଥିଲା । ଏହାରି ମୂଳରେ ଥିଲା ବସ୍ତୁବାଦୀ କାରଣ । ନିଆଁର ବ୍ୟବହାର କରାଯାଇ ନଥିଲେ ଆଜି ମଣିଷ ଏହି ସ୍ତରରେ ନଥାନ୍ତା । ହଜାର ହଜାର ବର୍ଷର ନିଆଁର ବ୍ୟବହାର ନେଇ ମଣିଷ ଏହାରି ମୂଳରେ ରହିଥିବା ବୈଜ୍ଞାନିକ କାରଣକୁ ଗ୍ରହଣ କରିବାରେ ଅସମର୍ଥ । ଏଥିଲାଗି ଏବେ ବି ନିଆଁକୁ ପୂଜା କରିବାକୁ ମଣିଷ ପଛାଉନାହିଁ ।

ପ୍ରାଚୀନ କାଳର ମହାନ ଦାର୍ଶନିକ, ଜୀବ ବିଜ୍ଞାନର ଜନକ, ମହାନ ଦାର୍ଶନିକ ପ୍ଲାଟୋଙ୍କ ଶିଷ୍ୟ ଆରିଷ୍ଟଟଲଙ୍କ ସମ୍ପର୍କରେଏଠାରେ ଉଲ୍ଲେଖ କଲେ ଯଥେଷ୍ଟ ହେବ । କାରଣ ଏହି ମହାବିଜ୍ଞାନୀ ଯେଉଁ ସବୁ ତଥ୍ୟର ଅବତାରଣା କରିଥିଲେ, ମାନବ ସଭ୍ୟତାକୁ ନୂଆ ରୂପ ଦେବା ଲାଗି ଯେଉଁ ସଂଗ୍ରାମ କରିଥିଲେ ତାହା ଆଜି ବିଶେଷ ଭାବେ ପ୍ରତିଫଳିତ ହୋଇନାହିଁ । ଏତେବଡ଼ ବିଜ୍ଞାନୀଙ୍କ ତଥ୍ୟ, ତତ୍ତ୍ୱ ଆଦିର ଚର୍ଚ୍ଚା ବି ବିଶେଷ ହେଉନାହିଁ । କେବଳ ମୁଷ୍ଟିମେୟ ପାଠ୍ୟକ୍ରମକୁ ବାଦ୍ ଦେଲେ ଆରିଷ୍ଟଟଲଙ୍କ ସମ୍ପର୍କରେ ସେପରି ଚର୍ଚ୍ଚା ପ୍ରାୟତଃ ନଜରକୁ ଆସେନାହିଁ । ଆଜିକାଲିର ପ୍ରାବନ୍ଧିକଙ୍କ କାମଳ ଦୃଷ୍ଟିଭଙ୍ଗୀ, ଚିରାଚରିତ ମାନସିକତା, ବ୍ୟକ୍ତିବାଦୀ ଆଭିମୁଖ୍ୟ, ଦୂରଦୃଷ୍ଟି ଓ ଗବେଷଣାତ୍ମକ ମୂଲ୍ୟବୋଧର ଅଭାବ ଯୋଗୁ ଯେ, ଆରିଷ୍ଟଟଲଙ୍କ ପରି ଜଣେ ବ୍ୟକ୍ତିଙ୍କ ସମ୍ପର୍କରେ ଯେ ପ୍ରକୃତ ମୂଲ୍ୟାୟନ ହୋଇପାରିନାହିଁ ସ୍ପଷ୍ଟ । ଆରିଷ୍ଟଟଲଙ୍କ ନାମ ଯେ ଜାଣିଲେ ପ୍ରକୃତରେ ତାଙ୍କ ସମ୍ପର୍କରେ ସବୁକିଛି ଜାଣିଥିବେ- ଏହା ନୁହେଁ । ତାଙ୍କର ମହାନ୍ ଦୃଷ୍ଟିଭଙ୍ଗୀ ସମ୍ପର୍କରେ ନ ଜାଣିଲେ ମାନବ ସମାଜ ପୂର୍ଣ୍ଣ ହୋଇପାରିବ ନାହିଁ ।

ପ୍ରାଚୀନ ଗ୍ରୀସର ଦାର୍ଶନିକ ଆରିଷ୍ଟଟଲ(ଖ୍ରୀପୂ ୩୮୪-୩୨୨) ଗ୍ରୀକ୍ ବୀର ଆଲେକଜାଣ୍ଡାରଙ୍କ ଶିକ୍ଷକ ଥିବାବେଳେ ସେ ସକ୍ରେଟିସଙ୍କ ଛାତ୍ର ପ୍ଲାଟୋଙ୍କ ଶିଷ୍ୟ ଥିଲେ । ସେ ଏକାଦିକ୍ରମେ ଜୀବ ବିଜ୍ଞାନ, ଆକଳନମୂଳକ ଦର୍ଶନ, ପ୍ରାକୃତିକ ଦର୍ଶନ, ବାସ୍ତବବାଦୀ ଦର୍ଶନ ଆଦି କ୍ଷେତ୍ରରେ ପ୍ରଗାଢ଼ ଜ୍ଞାନ ହାସଲ କରିଥିଲେ । କେବଳ ସେ ଗୋଟିଏ ସ୍ଥାନରେ ଦର୍ଶନ ଚର୍ଚ୍ଚା କରି ନଥିଲେ ବରଂ ବିଭିନ୍ନ ସ୍ଥାନ ଭ୍ରମଣ କରି ପଦାର୍ଥ ବିଜ୍ଞାନ, ଜୈବବିଜ୍ଞାନ, ପ୍ରାଣୀ ବିଜ୍ଞାନ, ତର୍କଶାସ୍ତ୍ର, ନୀତିଶାସ୍ତ୍ର, କବିତା, ନାଟକ, ସଂଗୀତ, ଆଳଙ୍କାରିକ ସାହିତ୍ୟ, ମନସ୍ତତ୍ତ୍ୱ, ଅର୍ଥନୀତି, ଭାଷା, ରାଜନୀତି, ଜଳବାୟୁ, ଭୂତତ୍ତ୍ୱ, ସରକାର ଆଦି ସମ୍ପର୍କରେ ଅଜସ୍ର ତତ୍ତ୍ୱ ଜ୍ଞାନ ପ୍ରସାରିତ କରିଥିଲେ । ସକ୍ରେଟିସ ଓ ପ୍ଲାଟୋଙ୍କ ଯୋଗ୍ୟ ଦାୟାଦ ଭାବେ ସେ ସାରା ବିଶ୍ୱରେ ଏହି ସବୁ ବିଷୟର ବାଣୀ ପ୍ରଦାନ କରି କୀର୍ତ୍ତିମାନ ସ୍ଥାପନ କରିଥିଲେ ।

ପ୍ରାଚୀନ କାଳରେ ମୁଦ୍ରଣ ଯନ୍ତ୍ର ଉଦ୍ଭାବିତ ହୋଇ ନଥିବାବେଳେ ପାପିରସ  ପତ୍ରରେ ସେ ଲେଖାମାନ

ଲେଖୁଥିଲେ ଏବଂ ତାହାକୁ ପ୍ରସାରିତ କରୁଥିଲେ। କେଉଁ କାଳର ଏହି ଲେଖା ଆଜି ହୀରକସମ ଝଟକୁଥିବାବେଳେ ସେହି ମହାମନିଷୀଙ୍କ ଅବଦାନକୁ ଆଜି ମଣିଷ ସମ୍ପ୍ରଦାୟ ଭୁଲିଯାଇଛି। ଆରିଷ୍ଟଟଲ ଚର୍ଚ୍ଚର ରକ୍ଷଣଶୀଳ ନୀତିକୁ ବିରୋଧ କରିବା ସହ ପ୍ରାଣୀ ବିଜ୍ଞାନ ସମ୍ପର୍କରେ ରହିଆସିଥିବା ଅନେକ ଭ୍ରାନ୍ତ ଧାରଣାକୁ ଦୂର କରିଥିଲେ। ଊନ୍ନବିଂଶ ଶତାବ୍ଦୀ ଯାଏ ଅକ୍ଟୋପସର ପ୍ରଜନନ ପ୍ରକ୍ରିୟା ସମ୍ପର୍କରେ ଭୁଲ ଧାରଣା ରହିଆସିଥିଲା। ମାତ୍ର ଆରିଷ୍ଟଟଲ କହିଥିଲେ- ଅକ୍ଟୋପସର ବିଭିନ୍ନ ବାହୁ ଜରିଆରେ ହିଁ ପ୍ରଜନନଗତ ସମ୍ପର୍କ ପ୍ରତିଷ୍ଠା ହେଉଥିଲା। ଏହା ସେତେବେଳେ ବିଜ୍ଞାନ ଜଗତରେ ଚାଞ୍ଚଲ୍ୟ ଖେଳିଥିଲା। ପ୍ରଗତିଶୀଳ ଚିନ୍ତାଧାରା, ବୈଜ୍ଞାନିକ ଆଭିମୁଖ୍ୟ ଆଦି କାରଣରୁ ଆରିଷ୍ଟଟଲଙ୍କୁ ମଧ୍ୟଯୁଗ କାଳରେ ପ୍ରଥମ ଶିକ୍ଷକ ବୋଲି କୁହାଯାଉଥିଲା। ଆରିଷ୍ଟଟଲଙ୍କୁ ଦାର୍ଶନିକ ବୋଲି କହିଥିଲେ ଥୋମାସ ଆକ୍ୱିନାସ। 'ସେ ଜଣେ ଶିକ୍ଷକ ଯେ ଜାଣନ୍ତି' ବୋଲି କହିଥିଲେ ମହାକବି ଦାନ୍ତେ। ଅସାଧାରଣା ପାଣ୍ଡିତ୍ୟ ଲାଗି ମାତ୍ର ୬୨ ବର୍ଷ ବଞ୍ଚିଥିବା ଆରିଷ୍ଟଟଲଙ୍କୁ ତର୍କ, ଜୈବବିଜ୍ଞାନ, ରାଜନୀତି ବିଜ୍ଞାନ, ପ୍ରାଣୀ ବିଜ୍ଞାନ, ଭ୍ରୁଣ ବିଜ୍ଞାନ, ପ୍ରାକୃତିକ ଆଇନ, ବୈଜ୍ଞାନିକ ପ୍ରଣାଳୀ, ଆଳଙ୍କରିକତା, ମନସ୍ତତ୍ତ୍ୱ, ବାସ୍ତବବାଦ, ସମାଲୋଚନା, ବ୍ୟକ୍ତିବାଦ, ଜଳବାୟୁର ଜନକ ବୋଲି କୁହାଯାଏ।

ଯୁବାବସ୍ଥାରେ ସେ ପିତାଙ୍କଠାରୁ ଜୈବବିଜ୍ଞାନ ଓ ମେଡିକାଲ ବିଜ୍ଞାନ ସମ୍ପର୍କରେ ସାମାନ୍ୟ ଶିକ୍ଷାଲାଭ କରିଥିଲେ। ମାତ୍ର ତେର ବର୍ଷ ବେଳକୁ ଅନାଥ ହୋଇପଡ଼ିଥିବା ଆରିଷ୍ଟଟଲ ଜୀବନ ସଂକଳ୍ପରେ ଅବିଚଳ ରହି ଗବେଷଣା ଓ ବିଜ୍ଞାନସମ୍ମତ ଜିଜ୍ଞାସା ଉପରେ ଗୁରୁତ୍ୱ ଦେଇଥିଲେ। ଯୁବାବସ୍ଥାରେ ସେ ଗବେଷଣାରେ ମନୋନିବେଶ କଲେ ଏବଂ କହିଥିଲେ ଅଭିଜ୍ଞତା ହାସଲ ଲାଗି ଶକ୍ଷା କରିବା ଜରୁରୀ (to experience is to learn)। ତାଙ୍କର ଖ୍ୟାତି କ୍ରମଶଃ ବ୍ୟାପିବାରୁ ପୁତ୍ର ଆଲେକାଣ୍ଡାରଙ୍କୁ ଶିକ୍ଷା ଦେବା ଲାଗି ମାସେଡନକୁ ଆସିବାକୁ ଅନୁରୋଧ କରିଥିଲେ ରାଜା ଫିଲିପ ଦ୍ୱିତୀୟ। ସେଠାରେ ସେ କେବଳ ଆଲେକଜାଣ୍ଡାରଙ୍କୁ ନୁହନ୍ତି ବରଂ ପ୍ରଖ୍ୟାତ ଭୂଗୋଳବିତ୍ ଟଲେମିଙ୍କୁ ମଧ୍ୟ ଶିକ୍ଷା ପ୍ରଦାନ କରିଥିଲେ। ବୋଧହୁଏ ଆରିଷ୍ଟଟଲ ନଥିଲେ ଟଲେମି ଆଜି ଖ୍ୟାତି ଅର୍ଜନ କରିପାରି ନଥାନ୍ତେ। ଗୁରୁଙ୍କଠାରୁ ଭୌଗୋଳିକ ଜ୍ଞାନ ହାସଲ କରିବା ସହ ଅନେକ ବିଷୟରେ ଜ୍ଞାନ ଅର୍ଜନ କରିବା ହେତୁ ଟଲେମି ସାରା ବିଶ୍ୱରେ ଖ୍ୟାତି ଅର୍ଜନ କରିଥିଲେ।

ଖ୍ରୀପୂ ୩୩୫ରୁ ଖ୍ରୀପୂ ୩୨୩ ମଧ୍ୟରେ ଆରିଷ୍ଟଟଲ ଏଥେନ୍ସରେ ଥିବାବେଳେ ଅନେକ ଐତିହାସିକ ଗବେଷଣା କରିଥିଲେ ଏବଂ ନିଜର ଭାବନାସମୂହକୁ ପାପିରସରେ ଲେଖିବା ସହ ଛାତ୍ରମାନଙ୍କୁ ଶିକ୍ଷା ଦେଇଥିଲେ। ଦୀର୍ଘ କାଳ ମଧ୍ୟରେ ଆରିଷ୍ଟଟଲଙ୍କ ପ୍ରଦତ୍ତ ଅନେକ ବାଣୀ ଲୋପପାଇଯାଇଥିବାବେଳେ କିଛି ଆଜି ଯାଏ ସଂରକ୍ଷିତ ରହିପାରିଛି। ଆରିଷ୍ଟଟଲ ଯାହା ଯାହା କହିଥିଲେ ତାଙ୍କର କେତେକ ବିଶ୍ୱସ୍ତ ଶିଷ୍ୟ ସେଗୁଡ଼ିକୁ ପୁସ୍ତକ ଆକାରରେ ସଂରକ୍ଷିତ ରଖିଥିଲେ। ଆରିଷ୍ଟଟଲଙ୍କ ମୃତ୍ୟୁର ୨୮୦ ବର୍ଷ ପରେ ଅନୁଗାମୀ ଆନ୍ଦ୍ରୋନିକସଙ୍କ ଦ୍ୱାରା 'ଅର୍ଗାନନ'(Organon) ସଂକଳନ ପ୍ରକାଶିତ ହୋଇଥିଲା।

ଅଧିବିଦ୍ୟା ବସ୍ତୁବାଦ (Metaphysics) ରେ ସେ କହିଛନ୍ତି- ଗତିହୀନ ସ୍ୱାଧୀନ ବସ୍ତୁଗୁଡ଼ିକ ସମ୍ପର୍କରେ ଜାଣିବା ହେଉଛି ଦର୍ଶନର ପ୍ରାରମ୍ଭିକ ସୋପାନ।

ପଦାର୍ଥ (substance) ସମ୍ପର୍କରେ ସେ ଆରିଷ୍ଟଟଲ କହିଛନ୍ତି ଏକ ପଦାର୍ଥ ଉଭୟ ବସ୍ତୁ ଓ ଏହାର ଆକାରକୁ ନେଇ ଗଠିତ। ଏକ ଘର ଯେପରି ଇଟା, କାଠ, ପଥର ଆଦି ଜରିଆରେ ନିର୍ମିତ ହେବା ପରେ ଏକ ସ୍ୱତନ୍ତ୍ର ରୂପ ପାଇଥାଏ ଠିକ୍ ସେପରି ଏକ ପଦାର୍ଥ ମଧ୍ୟ ବିଭିନ୍ନ ବସ୍ତୁକୁ ନେଇ ସ୍ୱତନ୍ତ୍ର ରୂପ ପାଇଥାଏ। ଏହାର ବିଭିନ୍ନ ସୂତ୍ରାବଳୀ ବା ଫର୍ମୁଲା ବି ରହିଥାଏ। ଅର୍ଥାତ ଏକ ଘର ତିଆରି କ୍ଷେତ୍ରରେ ଯେପରି ନିର୍ଦ୍ଦିଷ୍ଟ ପରିମାଣର ସାମଗ୍ରୀ ଆବଶ୍ୟକ ହୋଇଥାଏ ଠିକ୍ ସେପରି ଏକ ପଦାର୍ଥ ନାନା ସମୀକରଣରେ ରୂପ ପାଇଥାଏ।

ଆରିଷ୍ଟଟଲଙ୍କ ଦର୍ଶନ ମୁଖ୍ୟତଃ ବାସ୍ତବବାଦୀ ଥିଲା ଏବଂ ପ୍ଲାଟୋଙ୍କ ପରି ସେ କହିଥିଲେ- ବିଶ୍ୱବ୍ରହ୍ମାଣ୍ଡ ସ୍ୱତନ୍ତ୍ର ଭାବେ ଅବସ୍ଥାପିତ ରହିଛି। ସେ କହିଥିଲେ- ସମସ୍ତ ପଦାର୍ଥର ସାର୍ବଜନୀନ ଆକାର ରହିଛି ସେ କୌଣସି ସମ୍ପଦ ବା ପଦାର୍ଥ ହେଉ ବା ଅନ୍ୟ କିଛି। ଉଦାହରଣ ସ୍ୱରୂପ ଜଣେ ଯଦି ଏକ ଆମ୍ବକୁ ଚାହିଁବ ତେବେ ଆମ୍ବର ରୂପ ପରି ଏକ ଆମ୍ବ ହିଁ ଦେଖିବାକୁ ପାଇବ। ଅନ୍ୟ କିଛି ଦେଖିପାରିବ ନାହିଁ। ସେ ବି କହିଛନ୍ତି କୌଣସି ନିର୍ଦ୍ଦିଷ୍ଟ 'ଭଲ' ବି ଦୁନିଆରେ ନାହିଁ, ମାତ୍ର ସେ ବି ଏକ ସ୍ୱତନ୍ତ୍ର ଆକାରରେ ରହିଛି। ସାମର୍ଥ୍ୟ ଉପରେ ସେ ଗୁରୁତ୍ୱ ରଖୁଥିଲେ। ସେ କହିଥିଲେ ଏକ ଚକ୍ଷୁ ଦେଖିପାରେ କାରଣ ତା' ନିକଟରେ ଦେଖିବାର ସାମର୍ଥ୍ୟ ରହିଛି। ମାତ୍ର ଜଣେ ଏକ ବଂଶୀବାଦନ ଏକ ସାମର୍ଥ୍ୟ ନୁହେଁ। ଏହି ସାମର୍ଥ୍ୟ ଶିକ୍ଷା ଦ୍ୱାରା ହାସଲ କରାଯାଇପାରେ। ସାମର୍ଥ୍ୟର ଶେଷରେ ହିଁ ବାସ୍ତବତା ଆସିଥାଏ। ପ୍ରତି ପରିବର୍ତ୍ତନର ଏକ ଶେଷ ରହିଥାଏ ଏବଂ ସେହି ଶେଷ ଲାଗି କୌଣସି ବାସ୍ତବତାର ଶେଷ ହିଁ ରହିଥାଏ। ଏକ ଘର ନିର୍ମାଣ କ୍ଷେତ୍ରରେ ବସ୍ତୁର ଆବଶ୍ୟକତା ହୋଇଥାଏ ଏବଂ ଉଭୟ ବସ୍ତୁ ଓ କାର୍ଯ୍ୟକଳାପ ଦ୍ୱାରା ଏକ ଘର ନିର୍ମାଣ ହୋଇଥାଏ ଯାହା ଏକ ଚୂଡ଼ାନ୍ତ ଫଳ ବା ଶେଷ ପର୍ଯ୍ୟାୟକୁ ବୁଝାଇଥାଏ। ମନୁଷ୍ୟର ସୃଷ୍ଟି ସମ୍ପର୍କରେ ହରିଥିବା ସମସ୍ତ ଭାବବାଦୀ ଦୃଷ୍ଟିଭଙ୍ଗୀକୁ ସେ ଖଣ୍ଡନ କରିବା ସହ ବିଭିନ୍ନ ବସ୍ତୁକୁ ନେଇ ମନୁଷ୍ୟ ସୃଷ୍ଟି ବୋଲି ସେ କହିଥିଲେ।

ପ୍ରଣାଳୀ, ବୈଧତା, ସମ୍ଭାବନାକୁ ନେଇ ଜ୍ଞାନର ତତ୍ତ୍ୱକୁ ଗୁରୁତ୍ୱ ଦେବା ସହ ବିଶ୍ୱାସ ସମ୍ପର୍କିତ ଯୁକ୍ତି ଓ ମତ ମଧ୍ୟରେ ପାର୍ଥକ୍ୟକୁ ପ୍ରକାଶ କରିବା ବା (Epistemology) କ୍ଷେତ୍ରରେ ବେଶ୍ ପାରଦର୍ଶୀ ଥିଲେ ଆରିଷ୍ଟଟଲ।

ପୃଥିବୀରେ ରହିଥିବା ଉପାଦାନ ସମ୍ପର୍କରେ ଗବେଷଣା କରିବା ସହ ଏହାର ବାସ୍ତବତା ସମ୍ପର୍କରେ ଅନେକ ତଥ୍ୟ ଉପସ୍ଥାପନ କରିଥିଲେ ଆରିଷ୍ଟଟଲ। ପ୍ରତିଟି ଉତ୍ପାଦ କ୍ଷେତ୍ରରେ ରହିଥିବା ସୂତ୍ରାବଳୀ ସମ୍ପର୍କରେ ବି ସେ ତଥ୍ୟ ଦେଇଥିଲେ।

ପ୍ରକୃତିଗତ ବ୍ୟବସ୍ଥା ସମ୍ପର୍କିତ ପ୍ରାକୃତିକ ଦର୍ଶନ (Natural philosophy) ର ବ୍ୟୁତ୍ପତ୍ତି କରିଥିଲେ ଯାହା ଆଜି ପଦାର୍ଥ ବିଜ୍ଞାନ, ଜୈବ ବିଜ୍ଞାନ ସହ ଜଡ଼ିତ। ପ୍ରାକୃତିକ ଦର୍ଶନକୁ ଆରିଷ୍ଟଟଲ ପ୍ରଥମେ ସୃଷ୍ଟି କରିଥିଲେ ଯାହା ଆଧୁନିକ ଦର୍ଶନର ଏକ ପ୍ରଶାଖା ଥିଲା। ପ୍ରାକୃତିକ ବିଶ୍ୱଜଗତର ତଥ୍ୟାବଳୀ ଉନ୍ମୋଚିତ କରିବା ଏବଂ ବୈଜ୍ଞାନିକ ଦୃଷ୍ଟିଭଙ୍ଗୀରୁ ଏହାକୁ ବିଶ୍ଲେଷଣ କରିବା କ୍ଷେତ୍ରରେ ସେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ। ବୌଦ୍ଧିକତା ଦୃଷ୍ଟିରୁ ପ୍ରତିଟି ବିଷୟର ସମୀକ୍ଷା ସହ ହେତୁବାଦୀ ଜିଜ୍ଞାସା ଉପରେ ସେ ଗୁରୁତ୍ୱ ଦେଇଥିଲେ। ହେତୁବାଦୀ ସମୀକ୍ଷାକୁ ସେ ବିଜ୍ଞାନ ବୋଲି କହିଥିଲେ ଏବଂ ବୈଜ୍ଞାନିକ ପ୍ରଣାଳୀକୁ ସେ ଗୁରୁତ୍ୱ ଦେଉଥିଲେ। ତାଙ୍କର ବ୍ୟାବହାରିକ ବିଜ୍ଞାନ (practical science) ମଧ୍ୟରେ ଅନ୍ତର୍ଭୁକ୍ତ ଥିଲା ନୈତିକତା ଓ ରାଜନୀତି। ସେହିପରି ତାଙ୍କ ମତରେ ବ୍ୟାବହାରିକ ହେଉ ବା କାବ୍ୟିକ ବା ତତ୍ତ୍ୱଭିତ୍ତିକ- ଏସବୁ ବିଜ୍ଞାନର ଅନ୍ତର୍ଭୁକ୍ତ। ତାଙ୍କର କାବ୍ୟିକ ବିଜ୍ଞାନର ଅର୍ଥ ଥିଲା ସୂକ୍ଷ୍ମ କଳା ଓ କବିତାର ଗବେଷଣା। ତାଙ୍କର ତାତ୍ତ୍ୱିକ ବିଜ୍ଞାନରେ ଅନ୍ତର୍ଭୁକ୍ତ ଥିଲା ପଦାର୍ଥ ବିଜ୍ଞାନ, ଗଣିତ ଓ ଅଧିବିଦ୍ୟା ବସ୍ତୁବାଦ।

ଆରିଷ୍ଟଟଲଙ୍କ ପୂର୍ବରୁ ଏମ୍ପେଡୋକ୍ଲିସ ବି କହିଥିଲେ ପ୍ରତି ଦ୍ରବ୍ୟ ପଞ୍ଚଭୂତର ସୃଷ୍ଟି। ପଞ୍ଚଭୂତ ହେଉଛି- କ୍ଷିତି, ଅପ୍, ତେଜ, ମରୁତ୍ ଓ ବ୍ୟୋମ। ତେବେ ଆରିଷ୍ଟଟଲ ଏଥିରେ ସଂଯୋଗ କରିଥିଲେ ଏକ ସ୍ୱର୍ଗୀୟ ଭାବନା ଯାହାକି ବିଶ୍ୱବ୍ରହ୍ମାଣ୍ଡ, ଗ୍ରହ ଓ ନକ୍ଷତ୍ର ସହ ସମ୍ପର୍କିତ।

ଗତି ସମ୍ପର୍କରେ ଆରିଷ୍ଟଟଲ କହିଥିଲେ ଗତି

ଦୁଇପ୍ରକାର। ପ୍ରଥମ- ଅପ୍ରାକୃତିକ ଯଥା ଯେତେବେଳେ ଏକ ପଥରକୁ ଫୋପଡ଼ା ଯାଏ। ଦ୍ୱିତୀୟ ଅପ୍ରାକୃତି ଯଥା ଏକ ଫଳ ଗଛରୁ ନିଜେ ତଳକୁ ଖସେ। ତେବେ ସେ ଘର୍ଷଣ ବା (friction) ସମ୍ପର୍କରେ କିଛି କହି ନଥିଲେ। ଭୂପୃଷ୍ଠରେ ଯଦି କୌଣସି ଭାରି ପଦାର୍ଥକୁ ଘୁଞ୍ଚାଇବାକୁ ହୁଏ ତେବେ ଅଧିକ ଶକ୍ତି ଦରକାର। ଅଧିକ ଶକ୍ତି ଜରିଆରେ ଅଧିକ ବେଗରେ ଗତି ସମ୍ଭବ ହୋଇଥାଏ। ଆରିଷ୍ଟଟଲଙ୍କ ଗତିର ନିୟମ ଥିଲା ଯେ, ଅଧିକ ଭାରି ଦ୍ରବ୍ୟ ଅଧିକ ବେଗରେ ତଳକୁ ଖସିଥାଏ। ତେବେ ଆରିଷ୍ଟଟଲଙ୍କ ବହୁ ବର୍ଷ ପରେ ଗାଲିଲିଓ ଏହି ଯୁକ୍ତିକୁ ଖଣ୍ଡନ କରିଥିଲେ। ପଦାର୍ଥ ବିଜ୍ଞାନର ଅନେକ ଗୂଢ଼ ସୂତ୍ରାବଳୀ ବି ଆବିଷ୍କାର କରିଥିଲେ। ତେବେ କୌଣସି ଏକ ବସ୍ତୁର ଭାସମାନତା ସମ୍ପର୍କରେ ଆରିଷ୍ଟଟଲ ଯାହା କହିଥିଲେ ସେଥିରେ ସଂଶୋଧନ ଆଣିଥିଲେ ଅନ୍ୟତମ ମହାବିଜ୍ଞାନୀ ଆର୍କିମେଡେସ। ସେ କହିଥିଲେ ପ୍ରତ୍ୟେକ କ୍ଷେତ୍ରରେ ଏକ କାରଣ ନିହିତ ଥାଏ। ବସ୍ତୁ ଦ୍ୱାରା ହିଁ ବସ୍ତୁ ତିଆରି ହୋଇଥାଏ। ଏକ ଟେବୁଲ ତିଆରି କ୍ଷେତ୍ରରେ ଯେଉଁ ବସ୍ତୁ ବ୍ୟବହୃତ ହୋଇଥାଏ ତାହା ହେଉଛି କାଠ। ବିଭିନ୍ନ ବସ୍ତୁର ବ୍ୟାବହାରିକତା ଅନୁସାରେ ତାହାର ଆକାର ସୃଷ୍ଟି ହୋଇଥାଏ। ଆକାର ହିଁ ସବୁ କିଛିର ଶେଷ ପର୍ଯ୍ୟାୟ। ଅର୍ଥାତ ବିଭିନ୍ନ ବସ୍ତୁର ସାମଗ୍ରିକ ଅବସ୍ଥିତିଜନିତ ବ୍ୟବସ୍ଥା ପରେ ତାହାର ସାଞ୍ଚା, ଆକାର, ଅବସ୍ଥା, ଆକାର ଆଦି ସମ୍ଭବ ହୋଇଥାଏ। ଜଣେ ମଣିଷର ମାନସିକ ଓ କଳ୍ପନା ସମ୍ବନ୍ଧୀୟ ପ୍ରତିଫଳନ ତାହାର ବିଭିନ୍ନ ସୃଷ୍ଟିରେ ରୂପାନ୍ତରିତ ହୋଇଥାଏ। ଜଣେ କବି ବା ଲେଖକ ବା ଶିଳ୍ପୀ ବା ସ୍ଥପତିର ସୃଜନଗତ ପ୍ରତିଫଳନ ତା' ଲେଖା ବା ଚିତ୍ର ବା ସ୍ଥାପତ୍ୟ ଜରିଆରେ ପ୍ରମାଣିତ ହୋଇଥାଏ। ସବୁକିଛିର ଗୋଟିଏ ଗୋଟିଏ ପରିବର୍ତ୍ତନ ଥାଏ ଯାହା ସମସ୍ତ ଜୀବନ୍ତ, ଜୀବନହୀନ ବସ୍ତୁ କ୍ଷେତ୍ରରେ ପ୍ରତିବାଦିତ ହୋଇଥାଏ।

ସେ ଆହୁରି କହିଥିଲେ- ଧାରାବାହିକତା, ସ୍ୱତଃସ୍ଫୂର୍ତ୍ତତା ଓ ମୌକା ବା ସୁଯୋଗ ପ୍ରତି କ୍ଷେତ୍ରରେ ଘଟିଥାଏ। ଆକସ୍ମିକତାଜନିତ ଘଟଣାବଳୀରେ ସୁଯୋଗ ଅନେକ ସମୟରେ ଆସିଥାଏ। ଏହାକୁ ବେଳେବେଳେ ଭାଗ୍ୟ ବା (luck) କୁହାଯାଏ।

ଆକାଶଗଙ୍ଗା ବା (Milky Way) ସମ୍ପର୍କରେ ଡେମୋକ୍ରିଟସ ଦେଇଥିବା ତଥ୍ୟକୁ ଖଣ୍ଡନ କରିଥିଲେ ଆରିଷ୍ଟଟଲ। ଡେମୋକ୍ରିଟସ କହିଥିଲେ- ଆକାଶ ଗଙ୍ଗାରେ ରହିଥିବା ତାରକାଗୁଡ଼ିକ ସୂର୍ଯ୍ୟଠାରୁ ଆସୁଥିବା କିରଣକୁ ପୃଥିବୀ ଅଟକାଉଥିବାରୁ ତାରକାଗୁଡ଼ିକ ଛାୟା ଆଚ୍ଛାଦିତ ହୋଇଥାନ୍ତି। ଆରିଷ୍ଟଟଲ କହିଥିଲେ- ଯଦି ପୃଥିବୀଠାରୁ ସୂର୍ଯ୍ୟର ଆକାର ବଡ଼ ଏବଂ ସୂର୍ଯ୍ୟଠାରୁ ପୃଥିବୀର ଦୂରତା ତୁଳନାରେ ଯଦି ତାରକାଗୁଡ଼ିକର ଦୂରତା ଅଧିକ ତେବେ ସମସ୍ତ ତାରକାଗୁଡ଼ିକ ଉପରେ ସୂର୍ଯ୍ୟାଲୋକ ପଡ଼ିଥାଏ ଏବଂ ସେହି ତାରକାଗୁଡ଼ିକ ଉପରେ ପୃଥିବୀର ଛାଇ ପଡ଼ି ନଥାଏ।

ଆରିଷ୍ଟଟଲ ହେଉଛନ୍ତି ପ୍ରଥମ ବ୍ୟକ୍ତି ଯିଏ କି ପ୍ରଥମ ଥର ଲାଗି ଭୂତାତ୍ତ୍ୱିକ ଗବେଷଣା କରିବା ସହ ଅନେକ ଲୁକ୍କାୟିତ ତଥ୍ୟ ପ୍ରଦାନ କରିଥିଲେ। ସମସ୍ତ ମରୁଭୂମି ଅତୀତରେ ଜଳପ୍ଳାବିତ ଥିଲା ଏବଂ ସମୟକ୍ରମେ ସେସବୁ ମରୁଭୂମିରେ ପରିବର୍ତ୍ତିତ ହେଲା ବୋଲି କହିଥିଲେ ଆରିଷ୍ଟଟଲ। ଆଗ୍ନେୟ ଉଦ୍‌ଗୀରଣ କାରଣରୁ ଅନେକ ଦ୍ୱୀପର ସୃଷ୍ଟି ହେଲା ବୋଲି ସେ କହିଥିଲେ। ଜଳଚକ୍ର, ଜଳବାୟୁ ସମ୍ପର୍କରେ ଅନେକ ତଥ୍ୟ ଦେଇଥିଲେ ଆରିଷ୍ଟଟଲ। ସମୁଦ୍ର ପାଣିକୁ ଗରମ କଲେ ବିଶୁଦ୍ଧ ଜଳ ବାଷ୍ପ ହୋଇଯାଏ ଏବଂ ଲବଣ ରହିଯାଏ। ବର୍ଷା ଓ ନଦୀ ପ୍ରବାହର କାରଣ ହିଁ ସମୁଦ୍ର। ପୃଥିବୀର ଜଳ ଭଣ୍ଡାର ସମୁଦ୍ର ବୋଲି ସେ କହିଥିଲେ।

ନିରୀକ୍ଷଣ, ଅଭିଜ୍ଞତା ଆଦିରୁ ତଥ୍ୟ ସଂଗ୍ରହ ବା (Empirical) ପ୍ରକ୍ରିୟାରେ ସେ ଜୈବବିଜ୍ଞାନ, ପ୍ରାଣୀ ବିଜ୍ଞାନ, ଉଦ୍ଭିଦ ବିଜ୍ଞାନ ସମ୍ପର୍କରେ ଅଜସ୍ର ତଥ୍ୟ ପରିପ୍ରକାଶ କରିଥିଲେ। ଅକ୍ଟୋପସରୁ ବାହୁଗୁଡ଼ିକ ଜରିଆରେ ହିଁ ଅକ୍ଟୋପସ ବଂଶବିସ୍ତାର କରେ ବୋଲି ସେ ଦର୍ଶାଇ ଚର୍ଚ୍ଚାର ପରିସରକୁ ଆସିଥିଲେ।

ଜୀବବିଜ୍ଞାନର ଗୂଢ଼ ରହସ୍ୟ ଭେଦ କରିବା ଲାଗି ସେ ଜୀବନକୁ ଉତ୍ସର୍ଗୀକୃତ କରିଥିଲେ। ଏପରିକି ଗ୍ରୀସର ପ୍ରାକୃତିକ ସମ୍ପଦରେ ଭରପୂର ଲେସବସ୍ ଦ୍ୱୀପରେ ଦୁଇ ବର୍ଷ ରହିଥିଲେ। ସେଠାରେ ରହଣି କାଳରେ ସେ ପ୍ରାଣୀମାନଙ୍କ ଇତିହାସ ସମ୍ବଳିତ ତଥ୍ୟ, ପ୍ରାଣୀମାନଙ୍କ ପିଢ଼ି, ପ୍ରାଣୀମାନଙ୍କ ଗତି, ପ୍ରାଣୀମାନଙ୍କ ଅଙ୍ଗପ୍ରତ୍ୟଙ୍ଗ ସମ୍ପର୍କରେ ଗବେଷଣା କରିଥିଲେ। ସେଠାରେ ସେ ପ୍ରାଣୀ ବିଜ୍ଞାନ ସମ୍ପର୍କରେ ଯଥେଷ୍ଟ ତଥ୍ୟ ହାସଲ କରିବା ସହ ଉଦ୍ଭିଦ ବିଜ୍ଞାନ ସମ୍ପର୍କରେ ବି ତଥ୍ୟ ପ୍ରଦାନ କରିଥିଲେ। ସେ ଉଦ୍ଭିଦ ବିଜ୍ଞାନ ସମ୍ପର୍କରେ କେତେକ ପୁସ୍ତକ ରଚନା କରିଥିଲେ। ମାତ୍ର ସେସବୁ ନିଖୋଜ ହୋଇଯାଇଥିଲା। ତେବେ ତାଙ୍କ ଛାତ୍ର ଥିଓଫ୍ରେଷ୍ଟସଙ୍କ ଦ୍ୱାରା ଦୁଇଟି ପୁସ୍ତକ ସଂରକ୍ଷିତ ହୋଇପାରିଥିଲା। ସେ ଅଧିକ ବୁଦ୍ଧିମତ୍ତା ସମ୍ପନ୍ନ ସେଫାଲୋପୋଡ ଯଥା ଅକ୍ଟୋପସ, ପେପର ନଟିଲସ ସମ୍ପର୍କରେ ଗବେଷଣା କରିଥିଲେ। ସେହିପରି ଚତୁଃଷ୍ପଦ ପ୍ରାଣୀ ଯଥା ଗାଇ, ଗୋରୁ, ଛେଳି ଆଦି ପ୍ରାଣୀଙ୍କ ଚାରିଟି ପାକସ୍ଥଳୀ ଥିବା ବିଷୟ ବି ଉଲ୍ଲେଖ କରିଥିଲେ। ଏହା ସହ ହାଉଣ୍ଡ ଶାର୍କ କ୍ଷେତ୍ରରେ ମା'ର ଶରୀର ଭିତରେ ଅଣ୍ଡାରୁ ଛୁଆ ହେବା ସମ୍ପର୍କରେ (ovoviviparous embryological development) ସେ ସୂଚନା ଦେଇ ଅନେକ ଭ୍ରାନ୍ତ ଧାରଣାକୁ ଦୂର କରିଥିଲେ।

ସେ ଦର୍ଶାଇଥିଲେ ପରିବେଶ, ଅବସ୍ଥା ଅନୁସାରେ ଖାପ ଖୁଆଇବା ଲାଗି ପ୍ରାଣୀମାନଙ୍କ ଶରୀର ଗଠିତ ହୋଇଛି। ଅର୍ଥାତ କାଦୁଆ ଜାଗାରେ ଖାଦ୍ୟ ଅନ୍ୱେଷଣ କରୁଥିବା ବଗଜାତୀୟ ପ୍ରାଣୀଙ୍କ ବେକ ଓ ଗୋଡ଼ ଲମ୍ବା। କାରଣ ଏହା ଦ୍ୱାରା ସେମାନେ ଖାଦ୍ୟ ସଂଗ୍ରହ କରିବା ସହଜ ହୋଇଥାଏ। ସେହିପରି ପାଣିରେ ପହଁରୁଥିବା ହଂସଜାତୀୟ ପ୍ରାଣୀଙ୍କ ପାଦ ଓସାରିଆ ଓ କାତ ସଦୃଶ। ଯଦିଓ ଆରିଷ୍ଟଟଲ ଏସବୁକୁ ନିରୀକ୍ଷଣ ଓ ଅନୁଭୂତିରୁ କହିଥିଲେ ତଥାପି ଏସବୁ ଯୁକ୍ତିକୁ ବୈଜ୍ଞାନିକ ଭାବେ ବିଶ୍ଲେଷଣ କରିଥିଲେ ବିବର୍ତ୍ତନର ଜନକ ଚାର୍ଲସ ଡାରଉଇନ(୧୨ ଫେବ୍ରୁଆରୀ ୧୮୦୯-୧୯ ଏପ୍ରିଲ ୧୮୮୨)। ତାଙ୍କ ପୂର୍ବରୁ ଏମ୍ପେଡୋକ୍ଲିସ କହିଥିଲେ- ଜୀବ ବିଜ୍ଞାନ କ୍ଷେତ୍ରରେ 'ସବୁଠାରୁ ଯୋଗ୍ୟ ଯିଏ ସେ ତିଷ୍ଠି ରହେ ବା (survival of the fittest)। ମାତ୍ର ଆରିଷ୍ଟଟଲ କହିଥିଲେ- ଆକସ୍ମିକତା ହିଁ ଜୀବ କ୍ଷେତ୍ରରେ ପରିବର୍ତ୍ତନ ଆଣିଥାଏ। ଏହା ସହ ଏକ ଏକକ ପୂର୍ବଜ ପିଢ଼ିରୁ ବିଭିନ୍ନ ପ୍ରଜାତିର ସୃଷ୍ଟି ହୋଇଛନ୍ତି ବୋଲି ସେ କହି ନଥିବା ସହ କେତେକ ପ୍ରାଣୀ ବିଲୁପ୍ତ ହୋଇଯାଉଥିବା ବିଷୟ ସେ କହିନାହାନ୍ତି। ସେ ଆହୁରି କହିଥିଲେ ଶରୀରର ଆକାର ଅନୁସାରେ କୌଣସି ପ୍ରାଣୀର ନବଜାତର ଆକାର ହ୍ରାସ ହୋଇଥାଏ। ସେହିପରି ଶରୀରର ଆକାର ଅନୁସାରେ ଗର୍ଭାବସ୍ଥା ବଢ଼ିଥାଏ। ଏହି କାରଣୁ ହାତୀର ଗର୍ଭାବସ୍ଥା ପ୍ରାୟ ୨୨ ମାସ ହୋଇଥିବାବେଳେ ନାରୀର ଗର୍ଭାବସ୍ଥା ୮ ମାସ ହୋଇଥାଏ। ଏକ ସାପର ଗର୍ଭାବସ୍ଥା ୪୫ ଦିନ ହୋଇଥିବାବେଳେ ଏକ ମାଙ୍କଡ଼ର ଗର୍ଭାବସ୍ଥା ପ୍ରାୟ ୫ ମାସ ଓ ଏକ ମଶାର ଗର୍ଭାବସ୍ଥା ୧୦ ଦିନ ହୋଇଥାଏ। ସେ ମଧ୍ୟ ଏକ କୁକୁଡ଼ା ବା ଅନ୍ୟ ପକ୍ଷୀଙ୍କ ଅଣ୍ଡା ଭିତରେ ଥିବା ଭ୍ରୂଣର ହୃଦ୍‌ସ୍ପନ୍ଦନ ସୃଷ୍ଟି ହୋଇଥାଏ ବୋଲି କହିଥିଲେ। ଯଦିଓ ସେ ଅନୁଭୂତି, ଗବେଷଣା, ବିନା ବୈଜ୍ଞାନିକ ପ୍ରମାଣରେ ଏସବୁ ଦର୍ଶାଇଥିଲେ ତଥାପି ଆଧୁନିକ ବିଜ୍ଞାନ ତାଙ୍କ ଯୁକ୍ତିକୁ ସତ୍ୟ କହିଥିଲା। ସେହିପରି ସେ କହିଥିଲେ ଶରୀର ଆକାର ଅନୁସାରେ ଭ୍ରୂଣ ସଂଖ୍ୟା ହ୍ରାସ ପାଇଥାଏ। ଏଣୁ ହାତୀର ଗୋଟିଏ ହିଁ ଛୁଆ ହୋଇଥାଏ। ମଣିଷର ବେଳେବେଳେ ଏକାଧିକ ହୋଇଥାଏ। ଏକ କୁକୁଡ଼ା ବାର୍ଷିକ ୨୦୦ରୁ ଅଧିକ ଅଣ୍ଡା ଦେଇଥାଏ। ଏକ ମାଛ ଶତାଧିକ ଅଣ୍ଡା ଦେଇଥିବାବେଳେ ଏକ ଛୋଟ ସାପ ୧୦ରୁ ୩୦ ଏବଂ ଏକ ବଡ଼ ସାପ ପ୍ରାୟ

୧୦୦ଟି ଅଣ୍ଡା ଦେଇଥାଏ। ଗର୍ଭାବସ୍ଥାର ସମୟ ଅନୁସାରେ ପ୍ରାଣୀର ଆୟୁଷ ନିର୍ଦ୍ଧାରିତ ହୋଇଥାଏ ବୋଲି ପ୍ରଥମ ଥର ଲାଗି କହିଥିଲେ ଆରିଷ୍ଟଟଲ। ଏଥିଲାଗି ଏକ ହାତୀର ହାରାହାରି ଆୟୁଷ ପ୍ରାୟ ୭୦ ବର୍ଷ ହୋଇଥିବାବେଳେ ମଣିଷର ହାରାହାରି ବୟସ ୬୦ରୁ ୬୫ ବର୍ଷ ହୋଇଥାଏ। ସେହିପରି ଶରୀର ଆକାର ଅନୁସାରେ ସଂଖ୍ୟା ହ୍ରାସ ହୋଇଥାଏ। ଉଦାହରଣ ସ୍ୱରୂପ ହାତୀ ଏକ ବୃହତ ପ୍ରାଣୀ ହୋଇଥିବାରୁ ଏହାର ସଂଖ୍ୟା ସୀମିତ। ମୂଷାର ଆକାର ଛୋଟ ହୋଇଥିବାରୁ ଏହାର ସଂଖ୍ୟା ଅସୀମିତ। ମା'ର ଏକ ନଳୀ ଜରିଆରେ ଭ୍ରୁଣ ଖାଦ୍ୟ ପାଇଥାଏ ବୋଲି ମଧ୍ୟ ସେ ଦର୍ଶାଇଥିଲେ ଯାହା ବିଜ୍ଞାନତଃ ପ୍ରମାଣିତ ହୋଇଥିଲା।

ଆରିଷ୍ଟଟଲ ପ୍ରାୟ ୫୦୦ ପ୍ରଜାତିର ପ୍ରାଣୀଙ୍କୁ ନେଇ ଗବେଷଣା କରିଥିଲେ ଏବଂ ସେମାନଙ୍କ ଶରୀର ଗଠନ, ସ୍ୱାତନ୍ତ୍ର୍ୟତା ଆଦି ସମ୍ପର୍କରେ ଅନୁଧ୍ୟାନ କରିଥିଲେ। ମେରୁଦଣ୍ଡୀ ପ୍ରାଣୀମାନଙ୍କର ରକ୍ତ ଗରମ ଥାଏ ଏବଂ ଅମେରୁଦଣ୍ଡୀ ପ୍ରାଣୀମାନଙ୍କ ରକ୍ତ ନଥାଏ ବୋଲି ସେ କହିଥିଲେ। ସ୍ତନ୍ୟପାୟୀମାନଙ୍କ ରକ୍ତ ଓ ଅଣ୍ଡା ଦେଉଥିବା ପକ୍ଷୀ, ମାଛ, ଉଭୟଚରଙ୍କ ରକ୍ତ ଦୁଇ ପ୍ରକାର। କୀଟ, ଅଣଖୋଳପାଯୁକ୍ତ ପ୍ରାଣୀ, ଖୋଳପାଯୁକ୍ତ ପ୍ରାଣୀ ଆଦିଙ୍କ ରକ୍ତ ନଥାଏ ବୋଲି ସେ ଦର୍ଶାଇଥିଲେ।

ଆରିଷ୍ଟଟଲଙ୍କ ମଧ୍ୟରେ ଆତ୍ମା ୩ ପ୍ରକାରର। ପ୍ରଥମଟି ହେଉଛି ଉଦ୍ଭିଦଗତ ଆତ୍ମା ଯାହା ବୃକ୍ଷମାନଙ୍କର ଥାଏ (vegetative soul), ଦ୍ୱିତୀୟଟି ହେଉଛି ଭାବପ୍ରବଣଗତ ଆତ୍ମା (sensitive soul) ଏବଂ ତୃତୀୟଟି ହେଉଛି ଯୁକ୍ତିସଂଗତ ଆତ୍ମା (rational soul)। ଆରିଷ୍ଟଟଲଙ୍କ ମତରେ ଆତ୍ମା ହେଉଛି ଏକ ଜୀବିତ ବସ୍ତୁ ଏବଂ ଏହାର ଭାବନାପ୍ରଦାନକାରୀ।

ସ୍ମୃତି ସମ୍ପର୍କରେ ସେ କହିଛନ୍ତି- ମନ ଭିତରେ ଏକ ଅନୁଭବମୂଳକ ଅଭିଜ୍ଞତାକୁ ଧରି ରଖିବାରେ ସାମର୍ଥ୍ୟ ହାସଲ କରିଛି ଏବଂ ଆଭ୍ୟନ୍ତରୀଣ ପରିପ୍ରକାଶ ଓ ଅତୀତର ଘଟଣାବଳୀ ମଧ୍ୟରେ ପାର୍ଥକ୍ୟକୁ ବର୍ଣ୍ଣନା କରିଥାଏ। ଅନ୍ୟଭାବେ କହିବାକୁ ଗଲେ ଏକ ସ୍ମୃତି ହେଉଛି ଏକ ମାନସିକ ପ୍ରତିଛବି ଯାହାକୁ ପୁନରୁଦ୍ଧାର କରାଯାଇପାରେ।

ଆରିଷ୍ଟୋଟଲ ବିଶ୍ୱାସ କରୁଥିଲେ ଏକ ସ୍ମୃତି ଲାଗି ଶରୀର ଅନ୍ତର୍ଗତ ଏକ ଅର୍ଦ୍ଧତରଳ ପଦାର୍ଥରେ ବହୁଥର ପରିବର୍ତ୍ତନ ଆସିଥାଏ। ଏକ ସ୍ମୃତି ସେତେବେଳେ ଘଟିଥାଏ ଯେତେବେଳେ ଥରକରେ ସ୍ନାୟବିକ ବ୍ୟବସ୍ଥା ସମସ୍ତ ଶବ୍ଦ ବା ଦୃଶ୍ୟକୁ ଗ୍ରହଣ କରିପାରି ନଥାଏ। ଅତୀତର ହେଉଛି ସ୍ମୃତି, ଅନୁମାନ ହେଉଛି ଭବିଷ୍ୟତ ଏବଂ ଆଙ୍ଗିକ ଅନୁଭବ ହେଉଛି ବର୍ତ୍ତମାନ। ଆରିଷ୍ଟଟଲଙ୍କ ମନସ୍ତତ୍ତ୍ୱ ହେଉଛି ଅନୁଭବ, ଅନୁଭୂତି, ସ୍ମୃତି, ସ୍ୱପ୍ନ, କାର୍ଯ୍ୟ। ଭାବନାର ଶୃଙ୍ଖଳା କେତେକ ଅନୁଭୂତିରେ ଶେଷ ହୋଇଥାଏ ବୋଲି ସେ କହିଥିଲେ।

ପୂର୍ବରୁ ରହିଆସିଥିଲା ସ୍ୱପ୍ନଗୁଡ଼ିକ ବିଭିନ୍ନ ସତ୍ୟ ଉପରେ ଆଧାରିତ ଏବଂ ଭବିଷ୍ୟତ ସମ୍ପର୍କରେ କହିଥାନ୍ତି। ମାତ୍ର ଆରିଷ୍ଟଟଲ ତାହାକୁ ଖଣ୍ଡନ କରିଥିଲେ। ସେ କହିଥିଲେ ସ୍ୱପ୍ନଗୁଡ଼ିକ କୌଣସି ଦେବାଦେବୀ ବା ଅତିଶକ୍ତିଙ୍କଠାରୁ ଆସି ନଥାଏ। ପ୍ରକୃତିଗତ ଭାବେ ସେସବୁ ସୃଷ୍ଟି ହୋଇଥାଏ ଏବଂ ଆକସ୍ମିକତା ଦୃଷ୍ଟିରୁ ସେଥିରୁ କିଛି ଭବିଷ୍ୟତ ସହ ଖାପଖୁଆଇଥାନ୍ତି। ବିରାଡ଼ି କପାଳକୁ ଶିକା ଛିଡ଼ିବା ପରି କିଛି ଘଟଣା ଆକସ୍ମିକତା ବଶତଃ ସଂଯୋଗ ହୋଇଥାଏ। ନିଦ୍ରା ସମ୍ପର୍କରେ ଏକ ସ୍ନାୟବିକ ଅବସ୍ଥାର ପ୍ରତିରୂପ ହିଁ ସ୍ୱପ୍ନ ଏବଂ ଏହାର କୌଣସି ପ୍ରମାଣିତ ଭିତ୍ତିଭୂମି ନଥାଏ।

ରାଜନୀତି ସମ୍ପର୍କରେ ଆରିଷ୍ଟଟଲଙ୍କ ଉକ୍ତି ଖ୍ୟାତି ହାସଲ କରିଥିଲା। ସେ କହିଥିଲେ- ମଣିଷ ପ୍ରକୃତିଗତ ଭାବେ ଏକ ରାଜନୈତିକ ପ୍ରାଣୀ।

ନଗରର ସାଜ୍ଞା ସମ୍ପର୍କରେ ସେ କହିଥିଲେ ଏହା ହେଉଛି ଏକ ରାଜନୈତିକ ସମ୍ପ୍ରଦାୟ। କେବଳ ଅନ୍ୟାୟ ବା ଅର୍ଥନୈତିକ ଅସ୍ଥିରତା ଦୂର ଲାଗି ଏହା କାର୍ଯ୍ୟ କରେନାହିଁ ବରଂ ଜଣେ ନାଗରିକ ଯେପରି ଉତ୍ତମ ଭାବେ ଜୀବନ ନିର୍ବାହ କରିପାରିବ ଏବଂ ସୁନ୍ଦର କାର୍ଯ୍ୟ କରିପାରିବ ସେଥିପ୍ରତି ନଗର ପ୍ରମୁଖ ଭୂମିକା ନେଇଥାଏ। ଜଣେ ଭୋଟର ଗୋଟିଏ ଭୋଟର ମହତ୍ତ୍ୱ ପ୍ରସଙ୍ଗରେ ବି ସେ ପ୍ରଥମେ କହିଥିଲେ।

ସମାଜରେ ଗୋଷ୍ଠୀ ବିଭାଜନ ବ୍ୟବସ୍ଥା ଯଦିଓ ସମାଜ ଲାଗି ଉପକାରୀ ବୋଲି ମନେ ହୁଏ ଏବଂ ସାମାଜିକ ଅସମାନତା ପଛରେ ଯଦିଓ ବ୍ୟକ୍ତିଗତ ସମ୍ପତ୍ତି ଦାୟୀ ହୋଇଥାଏ ତଥାପି ବାସ୍ତବରେ ଏହା ମନୁଷ୍ୟର ପ୍ରକୃତିଗତ ଫଳ ବୋଲି ସେ କହିଥିଲେ। ଅର୍ଥ ବା ଟଙ୍କା ସମ୍ପର୍କରେ ସେ ପ୍ରଥମେ ମନ୍ତବ୍ୟ ରଖି କହିଥିଲେ- ସବୁ କ୍ଷେତ୍ରରେ ଅର୍ଥର ବ୍ୟବହାର ହେଲା କାରଣ ଲୋମାନେ ପରସ୍ପର ଉପରେ ନିର୍ଭରଶୀଳ ହେଲେ। ସେମାନେ ଯାହା ଆବଶ୍ୟକ କଲେ ତାହାକୁ ଆମଦାନୀ କଲେ, ଯାହା ଉଦ୍‌ବୃତ୍ତ ତାହାକୁ ରପ୍ତାନି କଲେ। ଏହାର ମାଧ୍ୟମ ସ୍ୱରୂପ ଲୁହା ଓ ରୁପାରେ ତିଆରି ମୁଦ୍ରା ମାଧ୍ୟମ ହୋଇଥିଲା।

ନାରୀ ସମ୍ପର୍କରେ ସେ କହିଥିଲେ- ନାରୀର ଶରୀର ଗଠନ ତାହାର ଜୀବନକୁ ନିଷ୍କ୍ରିୟ କରିଦେଇଥାଏ। ନାରୀର ଶରୀର ବଂଶ ବିସ୍ତାର ଲାଗି ବେଶ୍ ପ୍ରଯୁଜ୍ୟ। ତେବେ ଶରୀର ଗଠନ ଶୈଳୀ ରାଜନୀତି ଲାଗି ନାରୀକୁ ଅସମର୍ଥ କରିଥାଏ। (ଆରିଷ୍ଟଟଲଙ୍କ ଏହି ଯୁକ୍ତି କିନ୍ତୁ ଆଜି ବିଭିନ୍ନ କ୍ଷେତ୍ରରେ ଭୁଲ୍ ପ୍ରମାଣିତ ହୋଇଛି। କାରଣ ରାଜନୀତିର ଶୀର୍ଷ ସ୍ତରକୁ ମହିଳାମାନେ ଯିବାରେ ଲାଗିଛନ୍ତି)। ଏହି କାରଣରୁ ଆରିଷ୍ଟଟଲଙ୍କୁ ଜଣେ ନାରୀ ବିଦ୍ୱେଷୀ ମନୁଷ୍ୟ ବୋଲି ସମାଲୋଚନାର ଶିକାର ହେବାକୁ ପଡ଼େ।

ତଥାପି ମୃତ୍ୟୁର ୨୩୦୦ ବର୍ଷ ପରେ ବି ଆଜି ଆରିଷ୍ଟଟଲ ମହାମନିଷୀର ଆଖ୍ୟା ଲାଭ କରିଛନ୍ତି। ବିଜ୍ଞାନର ସମସ୍ତ କ୍ଷେତ୍ର ଲାଗି ତାଙ୍କର ଅପର୍ଯ୍ୟାପ୍ତ ଅବଦାନକୁ ବିଶ୍ୱ ସମାଜ ଭୁଲିପାରିନାହିଁ।

ଆରିଷ୍ଟଟଲଙ୍କ ସମ୍ପର୍କରେ ଏକ ମଜାଦାର କାହାଣୀ ବି ରହିଛି। ତାଙ୍କ ଶିଷ୍ୟ ଆଲେକଜାଣ୍ଡାର ଜଣେ ପ୍ରେମିକା ଫାଇଲିସଙ୍କ ଫାଶରେ ପଡ଼ିଥିଲେ। ଫାଇଲିସ ଧୋକା ଦେବାର ଆଶଙ୍କା ରହିଛି ବୋଲି ଆଲେକଜାଣ୍ଡାରଙ୍କୁ ଆରିଷ୍ଟଟଲ କହିଥିଲେ। ମାତ୍ର ଏହା ଜାଣି ଆରିଷ୍ଟଟଲଙ୍କ ଉପରେ ପ୍ରତିଶୋଧ ନେବାକୁ ଚାହିଁଥିଲେ ଫାଇଲିସ। ପରିସ୍ଥିତି ଏପରି ହୋଇଥିଲା ଯେ, ଆରିଷ୍ଟଟଲ ନିଜ ପିଠିରେ ଫାଇଲିସଙ୍କୁ ବସାଇ ଗୁରୁଣ୍ଡି ଥିଲେ। ଏହି ବିଷୟକୁ ନେଇ ହାନ୍ସ ବାଲଡୁଙ୍ଗ୍ ଗ୍ରୀନ କେତେକ ଚିତ୍ର ବି କରିଛନ୍ତି।

ଆରିଷ୍ଟଟଲ ଜୀବନ କାଳ ମଧ୍ୟରେ ୧୫୮ଟି ସମ୍ବିଧାନ ପଠନ କରିଥିଲେ। ବିଶ୍ୱର ଅନ୍ୟାନ୍ୟ ରାଷ୍ଟ୍ରର ରାଜନୀତି ସମ୍ପର୍କରେ ଅନୁଧ୍ୟାନ କରିଥିଲେ। ସେ ପ୍ରୟୋଗାତ୍ମକ ବାସ୍ତବବାଦ, ବୈଜ୍ଞାନିକ ପ୍ରଣାଳୀ, ତୁଳନାତ୍ମକ ପ୍ରଣାଳୀ, ଐତିହାସିକ ପ୍ରଣାଳୀ ଆଦିକୁ ନେଇ ନିଜର ରାଜନୈତିକ ଗବେଷଣା କରିଥିଲେ। ସେଥିଲାଗି ତାଙ୍କୁ ପ୍ରଥମ ରାଜନୀତି ବିଜ୍ଞାନୀ ବୋଲି କୁହାଯାଏ। ତାଙ୍କ ପୂର୍ବରୁ ରାଜନୀତିର ଏକ ଅଙ୍ଗ ଭାବେ ନୈତିକତାକୁ ନିଆଯାଉଥିଲା। ମାତ୍ର ସେ ଏହି ଦୁଇଟିକୁ ଅଲଗା କରିଥିଲେ। ତାଙ୍କ ମତରେ ରାଜନୀତି ହେଉଛି ଏପରି ଏକ କ୍ଷେତ୍ର ଯାହାକି ରାଷ୍ଟ୍ରର ସମସ୍ତ ନାଗରିକଙ୍କୁ ସେବା ଯୋଗାଇଦେବାରେ ରାଜନୀତି ପ୍ରକୃଷ୍ଟ ମାର୍ଗ ହେବ। ତେଣୁ ସେ ପଲିଟିକାଲ ସାଇନସ୍‌କୁ ମାଷ୍ଟର ସାଇନସ୍ ବୋଲି କହିଥିଲେ। ପ୍ଲାଟୋଙ୍କୁ ରାଜନୈତିକ ଦର୍ଶନର ପିତା କୁହାଯାଉଥିବାବେଳେ ଆରିଷ୍ଟଟଲଙ୍କୁ ରାଜନୀତି ବିଜ୍ଞାନର ପିତା କୁହାଯାଏ।

*ଭୁବନେଶ୍ୱର*
*ଦୂରଭାଷ: ୯୪୩୭୧୬୪୭୬୪*

# ଆଧ୍ୟାତ୍ମିକତା ଓ ବିଜ୍ଞାନ

**ବାଉରିବନ୍ଧୁ ଲେଙ୍କା**

ଆମ ଦେଶ ଭାରତବର୍ଷ ଏକ ସଂସ୍କୃତି ସମ୍ପନ୍ନ ଦେଶ। ଏଠାରେ ଆଧାତ୍ମିକତା ରହିଛି ଏବଂ ବିଜ୍ଞାନ ମଧ୍ୟ ରହିଛି। ପୃଥିବୀ ପୃଷ୍ଠରେ ଆଜି ଯେତେ ସବୁ ସଭ୍ୟତା ବଞ୍ଚି ରହିଛି ତନ୍ମଧ୍ୟରେ ଭାରତର ବୈଦିକ ସଭ୍ୟତା ସର୍ବ ପୁରାତନ କହିଲେ ଅତ୍ୟୁକ୍ତି ହେବନାହିଁ। ବୈଦିକ ସଭ୍ୟତାରେ ଆଧାତ୍ମିକତା ପୂର୍ଣ୍ଣମାତ୍ରାରେ ଭରି ରହିଥିଲା। ବିଜ୍ଞାନର ଅଗ୍ରଗତି ହେବା ପରେ ଆମେ ମଧ୍ୟ ବିଜ୍ଞାନକୁ ଆପଣେଇଛୁ ହେଲେ ଆଧାତ୍ମିକତା ମଧ୍ୟ ବିଜ୍ଞାନ ସହିତ ତିଷ୍ଠି ରହିଛି।

ଅନେକ ଲୋକ ଭାବିଥାନ୍ତି ଯେ ବିଜ୍ଞାନ ଆଧାତ୍ମିକତା ଏକ ଅଧ୍ୟୟନର ଦୁଇଟି ବିପରୀତମୁଖୀ କ୍ଷେତ୍ର ଅଟନ୍ତି। କିନ୍ତୁ ପ୍ରକୃତରେ ଏହା ସେଇଆ ନୁହେଁ। ଅନେକ ବୈଜ୍ଞାନିକଙ୍କ ମତରେ ଏ ଦୁଇଟି ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ ସଦୃଶ। ବିଜ୍ଞାନର ଲକ୍ଷ୍ୟ ହେଉଛି ଗଭୀରତମ ଆଧାତ୍ମିକ ସତ୍ୟର ରହସ୍ୟ ଭେଦ କରିବା ଏବଂ ଆଧାତ୍ମିକତାର ଲକ୍ଷ୍ୟ ହେଉଛି ବୈଜ୍ଞାନିକ ତଥ୍ୟର ଅନ୍ତରାଳରେ ଥିବା ସମସ୍ତ କାରଣ ସମ୍ବନ୍ଧରେ ଗବେଷଣା କରିବା। ବୈଜ୍ଞାନିକମାନେ ବିଜ୍ଞାନକୁ ନିଜର କାର୍ଯ୍ୟକ୍ଷେତ୍ର ରୂପେ ଆଦରି ନେଇଛନ୍ତି। ସେମାନେ ଆଧାତ୍ମିକ କ୍ଷେତ୍ରରେ ଅନ୍ୱେଷଣରତ ଆଧାତ୍ମ ବିଜ୍ଞାନୀମାନଙ୍କଠାରୁ ବିଶେଷ ରୂପେ ଅଲଗା ନୁହଁନ୍ତି। ଉଭୟ ସେହି ଗୋଟିଏ ପ୍ରଶ୍ନର ଉତ୍ତର ଖୋଜିବାରେ ବ୍ୟସ୍ତ କିନ୍ତୁ ସେମାନଙ୍କର ଖୋଜିବାର ବାଟ ଭିନ୍ନ। ପ୍ରକୃତିର ଲୁକ୍କାୟିତ ନିୟମ ତଥା ସେହି ସକଳ ଶକ୍ତିର ଆଧାର ଯେକି ସବୁ କିଛି ସୃଷ୍ଟି କରିଛନ୍ତି ତାଙ୍କୁ ଜାଣିବା ପାଇଁ ଏବଂ ସେମାନଙ୍କର ଆବିଷ୍କାରର ସୁଫଳକୁ ମାନବର ମଙ୍ଗଳ ଉଦ୍ଦେଶ୍ୟରେ ଉପଯୋଗ କରିବା ପାଇଁ ଉଭୟ ବିଜ୍ଞାନ ଓ ଆଧାତ୍ମିକତା ଆଜି ଏଠାରେ ବିଦ୍ୟମାନ।

ବୈଜ୍ଞାନିକମାନେ ବାହ୍ୟ ଚକ୍ଷୁ ଓ କର୍ଣ୍ଣ ମାଧ୍ୟମରେ ନିଜକୁ ଭଗବାନ ବୋଲି ପ୍ରମାଣିତ କରିବାକୁ ଚାହୁଁଥିବା ବେଳେ, ଆଧାତ୍ମିକ ବିଜ୍ଞାନୀମାନେ ନିଜର ଅନ୍ତର୍ଚକ୍ଷୁ ଓ ଅନ୍ତକର୍ଣ୍ଣ ମାଧ୍ୟମରେ ଭଗବାନଙ୍କ ଅସ୍ତିତ୍ୱ ପ୍ରମାଣିତ କରିବାକୁ ପ୍ରୟାସରତ। ବୈଜ୍ଞାନିକମାନେ ଯେତେବେଳେ ଶକ୍ତିଶାଳୀ ଦୂରବୀକ୍ଷଣ ଯନ୍ତ୍ର ମାଧ୍ୟମରେ ତାରକାମାନଙ୍କୁ ଚାହିଁ ଯାନ୍ତ୍ରିକ ଶକ୍ତି ମାଧ୍ୟମରେ ବେତାର ତରଙ୍ଗକୁ ଶୁଣିଥାନ୍ତି, ସେତେବେଳେ ଆଧାତ୍ମିକ ବିଜ୍ଞାନୀମାନେ ନିଜ ଭିତରେ ଥିବା ତାରକାମାନଙ୍କୁ ଚାହିଁ, ନିଜ ଅନ୍ତରରୁ ନିସୃତ ସଙ୍ଗୀତକୁ ଧ୍ୟାନ ମାଧ୍ୟମରେ ଶ୍ରବଣ କରିଥାନ୍ତି। ଉଭୟ ନୀରବରେ ବସିଥାନ୍ତି, ନିରୀକ୍ଷଣ କରିଥାନ୍ତି ଓ ଅପେକ୍ଷା ମଧ୍ୟ କରିଥାନ୍ତି। ଉଭୟ ବିଜ୍ଞାନ ଓ ଆଧାତ୍ମିକତାର ଲକ୍ଷ୍ୟ ଏକ ମାତ୍ର ବାଟ ଭିନ୍ନ। ଆସନ୍ତୁ ଏହି ଦୁଇଟି ସମ୍ବନ୍ଧରେ ଆମେ ଆଲୋଚନା କରିବା ଏବଂ ଦେଖିବା କି ଏହି ଦୁଇଟିର ଯଥାନୁପାତିକ ପ୍ରୟୋଗ ସମାଜରେ କିପରି ପ୍ରତ୍ୟେକଙ୍କୁ ଖୁସିରେ ବଞ୍ଚିବାକୁ ଦେଉଛି।

ଆମ୍ଭମାନଙ୍କ ମଧ୍ୟରେ ଅଧିକାଂଶ ଲୋକ ଆଧାତ୍ମିକତା ଓ ଧର୍ମ ମଧ୍ୟରେ କ'ଣ ପ୍ରଭେଦ ଅଛି ଠିକ୍ ଭାବେ ଜାଣିପାରନ୍ତି ନାହିଁ। ଧର୍ମ କେତେକ ନୀତି ଓ ଧର୍ମଶାସ୍ତ୍ରର ଭିତ୍ତିଭୂମି ଉପରେ ଦଣ୍ଡାୟମାନ ଏବଂ ଏହାର କିଛି ନିୟମ ରହିଛି ଓ ଏହା ଏକ ସୀମା ମଧ୍ୟରେ ଆବଦ୍ଧ। ଏହା ଆମକୁ ଏକ ଜୀବନଯାତ୍ରାର ମାର୍ଗ ଦେଖେଇଥାଏ ଏବଂ ଏକ ସୀମା ନିର୍ଦ୍ଧାରିତ କରିଥାଏ। କିନ୍ତୁ ଆଧାତ୍ମିକତା ହେଉଛି ଏକ ଅନୁଭୂତି।

ସ୍ୱାମୀ ବିବେକାନନ୍ଦ କହିଥିଲେ –

"You have to grow from inside out. None can teach you, make you spiritual, there are no teachers but it's your own soul."

ଅର୍ଥାତ୍ ତୁମକୁ ଭିତରୁ ବାହାର ଆଡ଼କୁ ବଢ଼ିବାକୁ ପଡ଼ିବ। ତୁମକୁ ଆଧାତ୍ମିକ କରିବା ପାଇଁ କେହି ଶିକ୍ଷା ଦେବାକୁ ନାହାଁନ୍ତି। ସେଠାରେ କୌଣସି ଶିକ୍ଷକ ନାହାନ୍ତି, କେବଳ ତୁମର ଆତ୍ମା ବିଦ୍ୟମାନ।

ଆଧାତ୍ମ ଦୁଇଟି ଶବ୍ଦ ଦ୍ୱାରା ଗଠିତ। ଗୋଟିଏ "ଅଧି" ଓ ଅନ୍ୟଟି "ଆତ୍ମନ" ଯାହାର ସରଳ ଅର୍ଥ ହେଉଛି ଆତ୍ମା ସମ୍ବନ୍ଧିତ। ଆତ୍ମା ହେଉଛି ପୂର୍ଣ୍ଣବ୍ରହ୍ମ ଏବଂ ଚରମ ସତ୍ୟ। ଏହା ଏକ ପ୍ରକ୍ରିୟା ଯାହା ଦ୍ୱାରା ଶରୀରର ସମସ୍ତ ଶକ୍ତି ଆତ୍ମା ନିକଟକୁ ଯାଇଥାଏ। ଏହା ହେଉଛି ଦୃଢ଼ ନୈତିକତା ସମ୍ବନ୍ଧୀୟ। ଏହା ଆମକୁ ଜୀବନର ଅର୍ଥ କ'ଣ ବୁଝିବାରେ ସାହାଯ୍ୟ କରେ। ଏହା ଆମକୁ ଜୀବନମୂଲ୍ୟର ଏକ ଭିତ୍ତିଭୂମି ପ୍ରଦାନ କରେ ଯାହା ସାହାଯ୍ୟରେ ଆମେ ନିଜ ଓ ଆମର ଚତୁପାର୍ଶ୍ୱରେ ଥିବା ସମସ୍ତଙ୍କ ସହିତ ଠିକ୍ ଭାବେ ବ୍ୟବହାର କରିଥାଉ। ଆଧାତ୍ମିକତା ମାନବର କ୍ରମବିକାଶ ପାଇଁ ଏକ ବିଜ୍ଞାନ। ଏହା ଦ୍ୱାରା ସେ ନିଜର ତଥା ବିଶ୍ୱର ରୂପାନ୍ତର, ଶାନ୍ତ ଓ ତ୍ରୁଟିଶୂନ୍ୟ ଉପାୟରେ କରିପାରେ। ଆଲବର୍ଟ ଆଇନଷ୍ଟାଇନ୍ ଥରେ କହିଥିଲେ – "No problems can be solved from the same consciousness that created it. We must learn to see the world a new."

ଅର୍ଥାତ୍ ଯେଉଁ ଚେତନା ଦ୍ୱାରା କୌଣସି ସମସ୍ୟା ସୃଷ୍ଟି ହୋଇଥାଏ ତା'ର ସମାଧାନ ସେହି ଚେତନା ଦ୍ୱାରା ହୋଇପାରେ ନାହିଁ। ଆମେ ଏ ବିଶ୍ୱକୁ ନୂଆ ରୂପରେ ଦେଖିବା ପାଇଁ ଶିଖିବାକୁ ହେବ।

ଆଧାତ୍ମିକତା ଏପରି ଏକ ସକାରାତ୍ମକ ଦୃଷ୍ଟିଭଙ୍ଗୀ ଯାହା ପ୍ରତ୍ୟେକ ବ୍ୟକ୍ତି ଓ ପ୍ରତ୍ୟେକ ବସ୍ତୁର ଭଲ ଚାହିଁଥାଏ।

ଆଧତାତ୍ମିକତା ଆମ ଭିତରେ ଶାନ୍ତିର ଆବିଷ୍କାର କରିବା ପାଇଁ ଏକ ଅନ୍ତସ୍ରୋତ। ବଞ୍ଚିବା, ଭଲ ପାଇବା ଓ ଶିଖିବା ପାଇଁ ଏହା ଆମର ସାମର୍ଥ୍ୟକୁ ପରିବର୍ଦ୍ଧିତ କରିଥାଏ।

ଆଧାତ୍ମିକତା ଏକ ପ୍ରକ୍ରିୟା ଯାହା 'ଧର୍ମ' ଓ 'କର୍ମ'କୁ ସନ୍ତୁଳିତ କରି ରଖିଥାଏ।

କଳୁଷିତ ଚେତନାରୁ ଶୁଦ୍ଧ ଚେତନାକୁ ପରିବର୍ତ୍ତନ କରିବା ପାଇଁ ଆଧାତ୍ମିକତା ଏକ ପ୍ରକ୍ରିୟା। ଏହା ଦ୍ୱାରା ଆମେ ଶାନ୍ତି, ସୁଖ ଓ ସମୃଦ୍ଧି ଲାଭ କରିଥାଉ।

ତେଣୁ ଆଧାତ୍ମିକତା ଅତି ପବିତ୍ର ଅଟେ। ଏହା ଜଣକୁ ସ୍ଥିରତା ପ୍ରଦାନ କରେ ଏବଂ ସକାରାତ୍ମକ ଦିଗରେ ଯିବା ପାଇଁ ଏକ ଶିକ୍ଷକ ପରି ପଥ ପ୍ରଦର୍ଶନ କରାଇଥାଏ।

ଅନ୍ୟପକ୍ଷରେ ଦେଖିବାକୁ ଗଲେ ବିଜ୍ଞାନ ଆମକୁ ତଥ୍ୟ ଓ ପ୍ରମାଣ ଭିତ୍ତିକ ସଠିକ ଜ୍ଞାନ ଦେଇଥାଏ।

ବିଚାରବୁଦ୍ଧି ସମ୍ପନ୍ନ ଜ୍ଞାନର ଅନୁସରଣ କଲେ, ଲୋକମାନେ ଧର୍ମୀୟ ବିଶ୍ୱାସ ଉପରେ ପ୍ରଶ୍ନ ପଚାରିବା ଆରମ୍ଭ କରିଥାନ୍ତି। ଯେତେ ଅଧିକ ବୈଜ୍ଞାନିକ ଆବିଷ୍କାର ହେବ, ବିଶ୍ୱାସ ଉପରେ ସେତେ ଅଧିକ ପ୍ରଶ୍ନ ଉତ୍‌ଥାପନ ହେବ। ବିଜ୍ଞାନ ଏକ ଅଧିକ ବିଚାର ବୁଦ୍ଧିସମ୍ପନ୍ନ ମାର୍ଗ। ଏହା ଯଥାର୍ଥତା ଓ ପ୍ରମାଣ ଆଧାରିତ। ବହୁ ଶତାବ୍ଦୀ ପୂର୍ବେ ଆଜିର ଏହି ମହାକାଶ, ପୃଥିବୀ, ଆଲୋକ, ସମୟ, ଶବ୍ଦ ତଥା ଜୀବନର ଅବସ୍ଥିତିକୁ ଧର୍ମ ସମ୍ବନ୍ଧୀୟ ବୋଲି ବିଶ୍ୱାସ କରାଯାଉଥିଲା। କିନ୍ତୁ ବିଜ୍ଞାନ ଏହାକୁ ଧର୍ମ ସମ୍ବନ୍ଧୀୟ ନୁହେଁ ବୋଲି ପ୍ରମାଣ କରିଛି।

ଧର୍ମରୁ ବିଜ୍ଞାନକୁ ସ୍ଥାନ ପରିବର୍ତ୍ତନ, ଶିଳ୍ପ ବିପ୍ଳବ, ଶହସ୍ରାବ୍ଦୀର ଜୀବନଚର୍ଯ୍ୟା, ନିସଙ୍ଗ ଜୀବନ ଯାପନ ଆଦି ମଣିଷର ମାନସିକ ଅବସ୍ଥାକୁ ଦୁର୍ବଳ କରିଦେଇଛି ଯାହା ଫଳରେ ସେ ଶାନ୍ତି ପାଇଁ ଆଧାତ୍ମିକତାର ଶରଣ ନେଇଛି।

ଆମେ ଯେତେ ବିଜ୍ଞାନ ସମ୍ବନ୍ଧୀୟ ଜ୍ଞାନ ହାସଲ କଲେ ମଧ୍ୟ ବିଶ୍ୱର ବିପୁଳ ବିସ୍ମୟ ତୁଳନାରେ ଏହା ସ୍ୱଳ୍ପ ଅଟେ।

ଏହି ବିସ୍ମୟ ସମ୍ବନ୍ଧରେ ବିଜ୍ଞାନର କୌଣସି ଉତ୍ତର ନାହିଁ। ଏହି ଶୂନ୍ୟତାକୁ, ଆଧାତ୍ମିକତା ହିଁ ପୂର୍ଣ୍ଣ କରୁଛି। ସ୍ୱୟଂ ଆଧାତ୍ମିକତା ମଧ୍ୟ ଅତ୍ୟନ୍ତ ବିଜ୍ଞାନସମ୍ମତ, କାରଣ ଏହା ବୈଜ୍ଞାନିକ ପରି ଏ ବିଶ୍ୱ କ'ଣ ତା'ର ପ୍ରଭୃତି କ'ଣ ବୋଲି ପରୀକ୍ଷା କରିବାକୁ ଚାହେଁ। ଏହା ବିଶ୍ୱକୁ ନିରୀକ୍ଷଣ କରି ଜାଣିବାକୁ ଚାହୁଁଛି କି -

ଏ ବିଶ୍ୱ କ'ଣ ?

ଏହା କେଉଁଠାରୁ ଆସିଛି ?

ଏହା ଉପରେ କ'ଣ ସବୁ ଘଟିଛି ?

ଜଣେ ଏହାକୁ କିପରି ଭାବେ ବୁଝିଛି ?

ଏହାର ପରିବର୍ତ୍ତନ କିପରି ହୁଏ ?

ଏହାର ଶେଷ କେଉଁଠି ?

ଏ ବିଶ୍ୱର ପ୍ରଳୟ, ନିର୍ମାଣ ଓ ସମସ୍ତ ଅବସ୍ଥାର ପ୍ରକ୍ରିୟାକୁ ଆଧାତ୍ମିକତା ନିରୀକ୍ଷଣ କରୁଛି। ଏଣୁ ଆଧାତ୍ମିକତା ଅଧିକ ବିଜ୍ଞାନସମ୍ମତ ବୋଲି କୁହାଯାଇପାରିବ। ତେଣୁ ଆଧାତ୍ମିକତା ବିଜ୍ଞାନ ବଳୟର ବହୁତ ଊର୍ଦ୍ଧ୍ୱରେ ବୋଲି କୁହା ଯାଇପାରିବ। ବିଜ୍ଞାନ କେବଳ ପୃଥିବୀ ପୃଷ୍ଠରେ ଅଟକି ଯାଇଛି। ଆଧାତ୍ମିକତା ପୃଥିବୀକୁ ଦେଖେ, ନିଜକୁ ଦେଖେ ଓ ତାପରେ ପୃଥିବୀ ସହିତ ନିଜର ସମ୍ପର୍କକୁ ଦେଖେ। ତେଣୁ ଆଧାତ୍ମିକତାର ଦୁଇଟି ସ୍ୱରୂପ ରହିଛି।

୧ – ପ୍ରଥମଟି ପୃଥିବୀର ଅତ୍ୟନ୍ତ ବିଜ୍ଞାନସମ୍ମତ ନିରୀକ୍ଷଣ

ଯଦି ମନ ବିଜ୍ଞାନ ମନସ୍କ ନୁହେଁ, ଏହା ଆଧାତ୍ମିକ ହୋଇ ପାରିବ ନାହିଁ। ମନ ଯଦି ପୃଥିବୀକୁ ଜାଣି ପାରିବ ନାହିଁ, ଏହା ପୃଥିବୀର ବାହାରକୁ ଯାଇ ପାରିବ ନାହିଁ। ପୃଥିବୀକୁ ଜାଣିବା, ଏହାର ଚଳନ, ଖେଳ, ଯନ୍ତ୍ରଣା ଓ ଚତୁରତାକୁ ଜାଣିବା ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ। ଆଧାତ୍ମିକ ମନ ପୃଥିବୀକୁ ଅତ୍ୟନ୍ତ ଗଭୀର ଭାବେ ବୁଝିବା ଉଚିତ। ଏହା ଆଧାତ୍ମିକତାର ଏକ ସ୍ୱରୂପ ଅଟେ।

୨ – ଦ୍ୱିତୀୟ ସ୍ୱରୂପଟି ହେଉଛି ବିଶ୍ୱାସ

ମୁଁ ଏହି ପୃଥିବୀକୁ ବୁଝୁଛି। ମୁଁ ଦେଖୁଛି ଯେ ମୁଁ ଏହି ପାର୍ଥିବ ଶକ୍ତି ଦ୍ୱାରା ଗଢ଼ା ହୋଇଛି ତଥାପି ମୋର ବିଶ୍ୱାସ ରହିଛି ଯେ ଏହି ପାର୍ଥିବ ଶକ୍ତିର ବାହାରେ କିଛି ଶକ୍ତି ରହିଛି ଯାହା ମୋତେ ଯନ୍ତ୍ରଣା ବ୍ୟତୀତ ଅନ୍ୟ କିଛି ଦେଉନାହିଁ। ଏହି ଶକ୍ତି ହେଉଛି ଆଧାତ୍ମିକତା ଓ ବିଶ୍ୱାସ। ଉଭୟ ମୋତେ ବାହ୍ୟ ଶକ୍ତି ବା ଆଧାତ୍ମିକତା ଆଡକୁ ଯିବାକୁ ସହାୟକ ହେଉଛନ୍ତି। ସାମାଜିକ ପରିପ୍ରେକ୍ଷୀରେ ଦେଖିବାକୁ ଗଲେ, ବିଜ୍ଞାନ ଧନ ବୃଦ୍ଧି କରିବାରେ ଶିଳ୍ପମାନଙ୍କୁ ସାହାଯ୍ୟ କରେ ଯାହା ଫଳରେ ଏହା ସମାଜରେ ଅସମାନତା ସୃଷ୍ଟି କରିପାରେ କିନ୍ତୁ ଆଧାତ୍ମିକତା ଭାଇଚାରା ଓ ସାମାଜିକ ସମ୍ପ୍ରୀତିକୁ ସୁଦୃଢ଼ କରାଇଥାଏ। ଅନ୍ୟପକ୍ଷରେ ବିଜ୍ଞାନ ମଣିଷକୁ ବିଚାର ବୁଦ୍ଧି ସମ୍ପନ୍ନ ଭାବେ ଚିନ୍ତା କରିବାକୁ ଉତ୍ସାହିତ କରେ, ଯେଉଁଥିରେ ଅନ୍ଧ ବିଶ୍ୱାସ ନ ଥିବ। ତେଣୁ ଉଭୟ ବିଜ୍ଞାନ ଓ ଆଧାତ୍ମିକତାର ସାମାଜିକ ସହାବସ୍ଥାନ ଜୀବନ ଧାରଣର ମାନ ବୃଦ୍ଧି କରାଇଥାନ୍ତି। ପର୍ଯ୍ୟାବରଣ ଦୃଷ୍ଟିରୁ ଦେଖିବାକୁ ଗଲେ ବିଜ୍ଞାନ ଓ ସିଦ୍ଧାନ୍ତର ସମନ୍ୱୟ ଗୁରୁତ୍ୱ ବହନ କରେ। ବୈଷୟିକ ଜ୍ଞାନ, ଖଣିଜ ପଦାର୍ଥ ଉତ୍ତୋଳନ ଓ ବୃକ୍ଷ କାଟିବା ଆଦି କାର୍ଯ୍ୟରେ ସହାୟକ ହୋଇଥାଏ। ଅନ୍ୟ ପକ୍ଷରେ ଆଧାତ୍ମିକ ସଂସ୍ଥାମାନଙ୍କ ଦ୍ୱାରା Chipko movement ବା Appiko movement କରାଯାଇ ବୃକ୍ଷମାନଙ୍କୁ ବଞ୍ଚାଇବା ପାଇଁ ଆହ୍ୱାନ ଦିଆଯାଇଥିଲା। ତେଣୁ ବିଜ୍ଞାନ ସହିତ ଆଧାତ୍ମିକତା ସମାଜରେ ରହିବାର ଆବଶ୍ୟକତା ରହିଛି।

ବୈଷୟିକ ଜ୍ଞାନ ଦୃଷ୍ଟିରୁ ଦେଖିବାକୁ ଗଲେ ବିଜ୍ଞାନର ଉନ୍ନତି କାରଣରୁ ଆମେ ଆଜି କୃତ୍ରିମ ବୁଦ୍ଧି (Aritificial Intelligence), ରୋବୋଟିକ୍ସ ଓ ପରମାଣୁ ଶକ୍ତି ପ୍ରଭୃତି ଅନେକ ବୈଜ୍ଞାନିକ ଉଦ୍ଭାବନ କରି ପାରିଛେ। ଏହାର ନକାରାତ୍ମକ ବ୍ୟବହାର ପୃଥିବୀକୁ ତଥା ମାନବ ସମାଜକୁ ଧ୍ୱଂସ ଆଡକୁ ଟାଣି ନେବାର ଯଥେଷ୍ଟ ସମ୍ଭାବନା ରହୁଛି। ଆଧାତ୍ମିକ କୁଟନୀତି ମାଧ୍ୟମରେ ହିଁ ଏସବୁର ଦୁର୍ବ୍ୟବହାରକୁ ରୋକାଯାଇପାରିବ। ଭାରତ ପରମାଣୁ ଶକ୍ତି ସମ୍ପନ୍ନ ଦେଶ ହୋଇଥିଲେ ମଧ୍ୟ ଏହି ଶକ୍ତିକୁ ଜନହିତକର କାର୍ଯ୍ୟ ପାଇଁ ବ୍ୟବହାର କରିବ ବୋଲି କହୁଛି ଏବଂ ପ୍ରତିରକ୍ଷା କ୍ଷେତ୍ରରେ ପ୍ରଥମେ ଏହି ଶକ୍ତିକୁ ବ୍ୟବହାର କରିବ ନାହିଁ ବୋଲି କହୁଛି। ଏହା ଏକ ଆଧାତ୍ମିକ କୁଟନୀତିର ଉଦାହରଣ କହିଲେ ଭୁଲ ହେବ ନାହିଁ।

ଯଦି କୌଣସି ବସ୍ତୁର ଅବସ୍ଥିତି ଜାଣିହୁଏ ନାହିଁ ବା ଆଖିକୁ ଦିଶେ ନାହିଁ ସେପରି ବସ୍ତୁର ସ୍ଥିତି ରହିଛି ବୋଲି ବିଜ୍ଞାନ ଗ୍ରହଣ କରେନାହିଁ। ମାତ୍ର ଆଧାତ୍ମିକତା କହେ ଯେ କୌଣସି ବସ୍ତୁର ଅବସ୍ଥିତିକୁ ଜାଣିବା ପାଇଁ ତା ପାଖରେ ସୀମିତ ସାଧନ ରହିଛି। ତେଣୁ କୌଣସି ବସ୍ତୁର ସ୍ଥିତି ଜଣା ପଡିଲେ ବି ତାହା ରହିଥାଇ ପାରେ ବୋଲି କହିଥାଏ। ତେଣୁ ବିଜ୍ଞାନର ଯେଉଁ ଗର୍ବ ଦେଖିବାକୁ ମିଳେ ତାହା ଆଧାତ୍ମିକତା ପାଖରେ ଦେଖିବାକୁ ମିଳେନାହିଁ।

ଆଧାତ୍ମିକତା ଅତ୍ୟନ୍ତ ସଚ୍ଚୋଟ ଓ ସତ୍ୟର ଅନୁସନ୍ଧାନରେ ବ୍ୟସ୍ତ ରହିଛି। ଏହା ଗଭୀରଭାବେ ବିଜ୍ଞାନ ସମ୍ମତ ତେଣୁ ଏହା ବିଜ୍ଞାନକୁ ଅତିକ୍ରମ କରିପାରେ। ଆଧାତ୍ମିକତା ବିନା ବିଜ୍ଞାନ ଅସମ୍ପୂର୍ଣ୍ଣ ଓ ଅସୁରକ୍ଷିତ କହିଲେ ଅତ୍ୟୁକ୍ତି ହେବ ନାହିଁ।

ସଂକ୍ଷେପରେ କହିବାକୁ ଗଲେ ମାନବ ସମାଜ ବିପତ୍ତିର ସମ୍ମୁଖୀନ ହେବା ପାଇଁ ଉଭୟ ବିଜ୍ଞାନ ଓ ଆଧାତ୍ମିକତା ମଧ୍ୟରେ ସମନ୍ୱୟ ଆବଶ୍ୟକ। ମହାତ୍ମା ଗାନ୍ଧୀ କହିଥିଲେ – "If both science and spirituality go hand in hand then one can create beaven on the holy earth." ଅର୍ଥାତ ଉଭୟ ବିଜ୍ଞାନ ଓ ଆଧାତ୍ମିକତା ଯଦି ସହାବସ୍ଥାନ କରନ୍ତି ତେବେ ଜଣେ ଏହି ପବିତ୍ର ପୃଥିବୀ ପୃଷ୍ଠରେ ସ୍ୱର୍ଗର ରଚନା କରି ପାରିବ।

ଧାରଣୀୟ ବିକାଶ (inclusive development) ଆଜିର ଆବଶ୍ୟକତା ଏବଂ ଏହା ଉଭୟ ବିଜ୍ଞାନ ଓ ଆଧାତ୍ମିକତାର ସମନ୍ୱୟରେ ସମ୍ଭବ ହୋଇପାରିବ।

ଆସନ୍ତୁ ଏକ ସୁସ୍ଥ ଆଗାମୀ କାଲିର ଆଶା କରିବା ଓ ସେହି ଅନୁସାରେ ପଦକ୍ଷେପ ନେବା।

*ଦି ପର୍ଲ ରେସିଡେନ୍ସ, ଦୁର୍ଗାମାଧବ ନଗର*
*ଭୁବନେଶ୍ୱର*
*ଦୂରଭାଷ: ୯୮୫୩୫୩୫୮୪୪*

# ଶିକ୍ଷାୟତନ: ମାତୃଭାଷା ବିକାଶର ପ୍ରୟୋଗଶାଳା

## ଡକ୍ଟର ପ୍ରଦୀପ କୁମାର ମିଶ୍ର

ସମଗ୍ର ସୃଷ୍ଟିରେ ମାନବ ଆଜି ଶ୍ରେଷ୍ଠତ୍ୱ ଲାଭ କରିଛି ନିଜର ଜ୍ଞାନ, ବିଦ୍ୟା, ବୁଦ୍ଧି, ବିଚାର, କଳ୍ପନା ତଥା ପ୍ରବଣତା ପାଇଁ। ଏଗୁଡ଼ିକର ପରିପ୍ରକାଶ ପାଇଁ ଭାଷା ହିଁ ବଳିଷ୍ଠ ମାଧ୍ୟମ। ଏହି କ୍ରମରେ ମାତୃଭାଷାର ଭୂମିକାକୁ ବିଚାର କରାଯାଉ। ବ୍ୟକ୍ତି ଜୀବନରେ ମାତୃଭାଷା ତା' ବ୍ୟକ୍ତିତ୍ୱର ସର୍ବାଙ୍ଗୀନ ବିକାଶ ପାଇଁ ଏକ ମାତ୍ର ସାଧନ। ଗାନ୍ଧିଜୀଙ୍କ ଭାଷାରେ "ଶିଶୁ ନିମନ୍ତେ ମାତୃଭାଷା ମା' କ୍ଷୀର ତୁଲ୍ୟ।" ବ୍ୟକ୍ତି ଜୀବନ ପରି ଜାତୀୟ ଜୀବନରେ ମଧ୍ୟ ମାତୃଭାଷାର ଭୂମିକା କମ୍ ଗୁରୁତ୍ୱପୂର୍ଣ୍ଣ ନୁହେଁ। ଗୋଟିଏ ଜାତିର ସଂସ୍କୃତି ଓ ପରମ୍ପରାକୁ ଯୁଗ ଯୁଗ ବ୍ୟାପୀ ଧରି ରଖିବାର କ୍ଷମତା କେବଳ 'ଭାଷା'ର ହିଁ ରହିଛି। ଏଣୁ ଗୋଟିଏ ଜାତିର ଜୀବନୀ ହେଉଛି 'ଭାଷା' ଏହି ପ୍ରସଙ୍ଗରେ ଫକୀର ମୋହନ କହିଥିଲେ-

"ଭାଷା ହିଁ ଜୀବନୀ ଶକ୍ତି ଜାତି ମାନଙ୍କର<br>
ଯେଉଁ ଜାତି ଭାଷାହୀନ ସେ ଜାତି ବର୍ବର ॥"

ଭାଷା ପରିବର୍ତ୍ତନଶୀଳ। ଏହା ଏକ ପ୍ରବହମାନ ନଦୀ ତୁଲ୍ୟ। ଅନେକ ଜଳଧାରାରେ ନଦୀ ପରିପୁଷ୍ଟ ହେଲାପରି ବିଭିନ୍ନ ଭାଷାରୁ ଶବ୍ଦ ସାଉଁଟି ଭାଷା ସମୃଦ୍ଧ ହୁଏ। ଆହାରଣଶୀଳ ଭାଷା ଗୁଡ଼ିକ ହିଁ ବିଶ୍ୱରେ ଆଜି ସମୃଦ୍ଧ ଭାଷା ରୂପେ ପରିଚିତ। କିନ୍ତୁ ସେହି ସବୁ ସମୃଦ୍ଧଭାଷା ନିଜତ୍ୱକୁ ବଳିଦେଇନାହାନ୍ତି। ଅନୁକରଣ ଏବଂ ଆହରଣ ମନ୍ଦ ନୁହେଁ କିନ୍ତୁ ତାହା ସୁସ୍ଥ ଢଙ୍ଗରେ ହେବା ଉଚିତ।

ଏହି ମର୍ମରେ ଆମ ମାତୃଭାଷା 'ଓଡ଼ିଆ' କଥା ବିଚାରକୁ ନିଆଯାଉ। ଭାଷାବିତ୍‌ମାନେ ଓଡ଼ିଆ ଭାଷାର ଉଦ୍ଭବ କାଳକୁ ବଙ୍ଗଳା, ଅସମିଆ, ହିନ୍ଦୀ ଓ ମୈଥିଳୀ ଠାରୁ ମଧ୍ୟ ପ୍ରାଚୀନ ବୋଲି ମତ ଦିଅନ୍ତି। ଓଡ଼ିଆ ଭାଷାର ଅନ୍ତୁଡ଼ିଶାଳ ବୌଦ୍ଧଗାନ 'ଦୋହା'ରୁ ଆଜିଯାଏଁ, ଏହି ଭାଷାର ବିକାଶ ପର୍ବକୁ ଅନୁଧ୍ୟାନ କଲେ, ଏହାକୁ ମଧ୍ୟ ଆହାରଣଶୀଳ ଭାଷା ରୂପେ ବିବେଚନା କରାଯାଇପାରେ। ଆମ ଆହାରଣ କିନ୍ତୁ ଅଧିକାଂଶ କ୍ଷେତ୍ରରେ ନିଜତ୍ୱ ତଥା ଆତ୍ମସମ୍ମାନ ପ୍ରତି ଆଞ୍ଚ ଆଣିଲା ପରି ମନେହେଉଛି।

ଭବିଷ୍ୟତ ପୀଢ଼ି ପାଇଁ ବିଦ୍ୟାଳୟ ହେଉଛି ଭାଷାର 'ପ୍ରୟୋଗଶାଳା'। ଆଜିର ବିଦ୍ୟାଳୟଗୁଡ଼ିକରେ ମାତୃଭାଷା ଶିକ୍ଷାଦାନ କେତେ ନିଷ୍କ୍ରିୟ ତଥା ନୀରସ ହୋଇପଡ଼ିଛି; ତା'ର ଉଦାହରଣ ଦେବା ଅନାବଶ୍ୟକ। ଆଜି ଯଦି ଶିଶୁ ଓ ଯୁବଗୋଷ୍ଠୀ ଉତ୍ତମ ଭାବେ ଓଡ଼ିଆ କହିପାରୁନାହାନ୍ତି କି ଲେଖିପାରୁନାହାନ୍ତି, ସେଥିପାଇଁ ଅନେକାଂଶରେ ଆମ ଶିକ୍ଷକ ଓ ଅଭିଭାବକ ମାନଙ୍କର ଦୃଷ୍ଟିକୋଣ ହିଁ ଦାୟୀ। ଆଜିର ଶିକ୍ଷାୟତନ ଗୁଡ଼ିକରେ 'ମାତୃଭାଷା' ଓ ମାତୃଭାଷା ଶିକ୍ଷକଙ୍କ ସ୍ଥିତି ଦେଖିଲେ ମନରେ ଦୁଃଖ ଆସେ। ତେବେ ଆଜିର ମାତୃଭାଷା ଶିକ୍ଷକ କିଏ ? ବିଦ୍ୟାଳୟରେ ଅଧିକାଂଶ ଶିକ୍ଷକଙ୍କର ଏକ ଧାରଣା, ଓଡ଼ିଆ ସାହିତ୍ୟ ଯିଏ ନେଲେ ମଧ୍ୟ ଚଳିବ। ଯେଉଁ ଶିକ୍ଷକ ଅଙ୍କ, ବିଜ୍ଞାନ, ଭୂଗୋଳ କିମ୍ବା ଇଂରାଜୀ ପଢ଼ାଇବାକୁ ଅକ୍ଷମ, ତାଙ୍କୁ ହିଁ ମାତୃଭାଷା ଶିକ୍ଷାଦାନ ଦାୟିତ୍ୱ ଦିଆଯାଉ। ସେ ଯେ, ମାତୃଭାଷା ଶିକ୍ଷାଦାନରେ ସକ୍ଷମ ଏକଥା ଆଉ ବିଚାର କରାଯାଏ ନାହିଁ। ଫଳରେ ମାତୃଭାଷାରେ ଥିବା ଜୀବନୀଶକ୍ତି ପାଇବାରୁ ବଞ୍ଚିତ ହୁଅନ୍ତି ଆମ ଭାବି ନାଗରିକ ଗଣ।

ଦ୍ୱିତୀୟତଃ ପାଶ୍ଚାତ୍ୟ ଶିକ୍ଷାର ଅନ୍ଧାନୁକରଣରେ ଆମେ, ଅଧିକାଂଶ ଶିକ୍ଷିତ ଗୋଷ୍ଠୀ ଇଂରାଜୀ ଶିକ୍ଷା ଉପରେ ଗୁରୁତ୍ୱଦେଇ ନିଜ ମାତୃଭାଷାକୁ ଭୁଲିଯିବା ଦୁଃଖ ଓ ପରିତାପର ବିଷୟ ନୁହେଁ କି ? ଆମ ପିଲା ମାତୃଭାଷା କହି ନପାରନ୍ତୁ, ଆପତ୍ତି ନାହିଁ କିନ୍ତୁ ପାଟିଚିପି ଚିପି ଦିପଦ ଇଂରାଜୀ କହିଲେ ଆମେ ନିଜକୁ ଧନ୍ୟମନେ କରୁ। 'ହ୍ୟାଲୋ', 'ହାଏ', 'ଟାଏ', 'ବାଏ'ର ଚଳଣିକୁ ଆଜି ଆମେ ଆଭିଜାତ୍ୟର ଚିହ୍ନଭାବେ ଗ୍ରହଣ କରିଛୁ।

ସଂପ୍ରତି ଓଡ଼ିଆ ଭାଷା ଉପରେ ଆଉ ଏକ ଭୟଙ୍କର ବିପଦ ମାଡ଼ିଆସିଛି। ତାହା ହେଉଛି ଉପାନ୍ତ ଅଞ୍ଚଳ ଗୁଡ଼ିକରେ ଭାଷା ସଂକଟ। ବଙ୍ଗଳା, ତେଲୁଗୁ, ହିନ୍ଦୀ, ଭାଷା ଦ୍ୱାରା ଆକୃଷ୍ଟ ହୋଇ, ସଂଖ୍ୟାଧିକ ଓଡ଼ିଆ ନିଜ ମାତୃଭାଷା ପରିବର୍ତ୍ତେ ଉପରୋକ୍ତ ଭାଷାଗୁଡ଼ିକୁ ନିଜ ରାଜ୍ୟରେ ବ୍ୟବହାର କରିବାକୁ କୁଣ୍ଠା ପ୍ରକାଶ କରନ୍ତି ନାହିଁ। ଏହାହିଁ ଓଡ଼ିଆ ଜାତିର ବିଡ଼ମ୍ବନା।

ଏଇ ବିପଦକୁ ରୋକିବା ପାଇଁ ବିଦ୍ୟାଳୟ ସ୍ତରରୁ ଯେଉଁ ସତର୍କତା ତଥା ଗଠନମୂଳକ ଉଦ୍ୟମ ଆରମ୍ଭ ହେବା କଥା ତାହା ହୋଇପାରୁନାହିଁ; ଫଳରେ ପ୍ରାଥମିକ ସ୍ତରରୁ ବିଶ୍ୱବିଦ୍ୟାଳୟ ସ୍ତର ପର୍ଯ୍ୟନ୍ତ ଅଧ୍ୟୟନ କରୁଥିବା ଛାତ୍ରଛାତ୍ରୀଙ୍କ ପାଇଁ ଆଜି ନିଜ ମାତୃଭାଷାରେ ପୃଷ୍ଠାଏ ଶୁଦ୍ଧ ଓଡ଼ିଆ ଲେଖିବା କିମ୍ବା ନିର୍ଭୁଲ ଭାବେ କିଛି ସମୟ କହିବା କଷ୍ଟକର ହୋଇପଡୁଛି।

ମାତୃଭୂମି ଏବଂ ମାତୃଭାଷାକୁ ହତାଦର କରି ବିଶ୍ୱରେ କୌଣସି ଜାତି ଉନ୍ନତି ପ୍ରତ୍ୟାଶା କରିବା ହାସ୍ୟାସ୍ପଦ କଥା। ଏଣୁ କୁହାଯାଇଛି-

"ପୁରୁଷ ଶ୍ରୀ ଅଟେ ବୀର୍ଯ୍ୟ ଜାତି ଶିରୀ ଭାଷା<br>
ଯାହା ଘେନି ଜାତି କରେ ଉନ୍ନତି ପ୍ରତ୍ୟାଶା।"

ଅତଏବ ସବୁ ଉନ୍ନତିର ମୂଳରେ ରହିଲା, ମାତୃଭାଷା ପ୍ରତି ଆମର ମମତା। ତା'ର ଉନ୍ନତି ପାଇଁ ଯଦି ଆମ ଜୀବନର ନିଷ୍ଠା, ଶ୍ରମ ଓ ସମୟ କିଛି ବ୍ୟୟ କରି ନ ପାରିଲୁ, ତେବେ ମାତୃଋଣର, ଦଣ୍ଡ ଆମକୁ ତଥା ଆମର ଉତ୍ତର ପୀଢ଼ିକୁ ଭୋଗିବାକୁ ପଡ଼ିବ। ନିଜ ଭିତରେ ମାତୃଭୂମି ଓ ମାତୃଭାଷା ପ୍ରତି ମମତା ଏବଂ ସମ୍ବେଦନଶୀଳତା ନଥାଇ ଆମେ ଯେଉଁମାନେ, ନିଜକୁ ଅତିଜ୍ଞାନୀ ମନେ କରୁ ସେମାନଙ୍କ ପାଇଁ, ସ୍ୱଭାବ କବି ଗଙ୍ଗାଧର ମେହେରଙ୍କର ନିମ୍ନୋକ୍ତ ଉକ୍ତିଟି ବେଶ୍ ପ୍ରାସଙ୍ଗିକ।

"ମାତୃଭୂମି ମାତୃଭାଷାରେ ମମତା<br>
ଯା' ହୃଦେ ଜନମି ନାହିଁ<br>
ତାକୁ ଯେବେ ଜ୍ଞାନୀ ଗଣରେ ଗଣିବ<br>
ଅଜ୍ଞାନ ରହିବେ କାହିଁ।"

ଏଣୁ ଆଜିର ପରିସ୍ଥିତିରେ ପ୍ରତ୍ୟେକ ଓଡ଼ିଆଙ୍କ ଭିତରେ ଭାଷା ପ୍ରତି ଏହି ମାତୃଜ୍ଞାନ ଆସୁ; କେବଳ ଭାବିଲେ ହେବନାହିଁ ଏ ଦିଗରେ କିଛି ସାଙ୍ଗଠନିକ ପଦକ୍ଷେପ ନେବା ଉଚିତ। ଓଡ଼ିଆ ମାନେ ପୃଥିବୀର ଅଧିକାଂଶ ଭାଷା ଶିକ୍ଷା କରନ୍ତୁ କିଛି ଆପତ୍ତି ନାହିଁ କିନ୍ତୁ ମାତୃଭାଷାକୁ ହତାଦର କିମ୍ବା ପରିହାର କରି ନୁହେଁ। ବ୍ୟକ୍ତି ଭିତରେ ମାତୃଭାଷାର ଭିତ୍ତିଭୂମି ସୁଦୃଢ଼ ନହେଲେ, ତା' ବ୍ୟକ୍ତିତ୍ୱର ସୁଷମ ବିକାଶ ହୋଇପାରେ ନାହିଁ ବୋଲି ବିଶିଷ୍ଟ ଶିକ୍ଷାବିତ୍‌ମାନେ ମତଦେଇଛନ୍ତି। ଏଥିପାଇଁ ଆଜି ଆମ ଚେତନା ସ୍ତରରେ ପରିବର୍ତ୍ତନ ହେବା ଆବଶ୍ୟକ। ଏ ଜାତିର ମହାନ୍ ପ୍ରାଚୀନ ସାହିତ୍ୟ, ସଂସ୍କୃତି ଓ ପରମ୍ପରାକୁ ବଞ୍ଚାଇବାକୁ ହେଲେ ଏକ କଳାପ୍ରିୟ ଜାତିର ଆତ୍ମସମ୍ମାନକୁ ବଜାୟ ରଖିବାକୁ ହେଲେ; ସର୍ବ ପ୍ରଥମେ ମାତୃଭାଷାର ସୁରକ୍ଷା ଓ ଉନ୍ନତି ଆମର ଚରମ ଏବଂ ପରମ ଲକ୍ଷ୍ୟ ହେବା ଉଚିତ। ବର୍ତ୍ତମାନ ବିଦ୍ୟାଳୟ ସ୍ତରରେ ତରୁଣ ଏବଂ ପ୍ରବୀଣଙ୍କ ମଧ୍ୟରେ ଶ୍ରଦ୍ଧା ଓ ଆଗ୍ରହ ସୃଷ୍ଟି କରିବା ନିମନ୍ତେ ଶିକ୍ଷକ ଏବଂ ଅଭିଭାବକଙ୍କର ସମ୍ମିଳିତ ଉଦ୍ୟମ ଆବଶ୍ୟକ। ଏ ଦିଗରେ ଭକ୍ତ କବି ମଧୁସୂଦନ ରାଓଙ୍କ ନିମ୍ନୋକ୍ତ କବିବାଣୀଟି ସଦା ଆମ ଭିତରେ ଝଙ୍କୃତ ହେଉ...।

"ମାତୃଭୂମି ମାତୃଭାଷା ଉଭୟେ ଜନନୀ<br>
ସେବ ତାଙ୍କୁ ଭକ୍ତି ଭରେ ଦିବସ ରଜନୀ ॥"

*'ସମର୍ପଣ', ପାୱାରହାଉସ୍ କଲୋନୀ,*<br>
*ଆଇ.ବି. ରୋଡ୍,*<br>
*ଜୟପୁର (କୋରାପୁଟ) - ୭୬୪୦୦୧*<br>
*ଦୂରଭାଷ: ୯୪୩୭୫୨୫୧୦୫*

ଉପନ୍ୟାସ

# ରାଧିକାର ମାମା

## ଇନ୍ଦିରା ଦାଶ

ରେଣୁବାଳାଙ୍କୁ ଆସି ଅଶୀ ପାଖାପାଖି ହେଲାଣି । ଗତ ଦୁଇବର୍ଷ ତଳେ ତାଙ୍କ ସ୍ୱାମୀଙ୍କର ସ୍ୱର୍ଗବାସ ହୋଇଯାଇଛି । ରେଣୁବାଳା ଏଥିପାଇଁ ମାନସିକ ସ୍ତରରେ ପ୍ରସ୍ତୁତ ନ ଥିଲେ, କାରଣ ତାଙ୍କ ଜାତକ ଯିଏ ଦେଖିଛି ସେ କହିଛି ସେ ସଧବାରେ ଯିବେ । ଏଇଟା ତାଙ୍କ ମୁଣ୍ଡରେ ଜମାଟ ବାନ୍ଧି ରହିଥିଲା । ତେଣୁ ସ୍ୱାମୀ ଶ୍ରୀଯୁକ୍ତ ପଟ୍ଟନାୟକ ଯେତେବେଳେ ହୃଦ୍‌ଘାତରେ ଚାଲିଗଲେ ସେ ଏକଥା ବିଶ୍ୱାସ କରି ନ ଥିଲେ ଏବଂ ପିଲାମାନେ ଯେତେ ବୁଝାଇଥିଲେ ବି ସେ ତାଙ୍କ ସ୍ୱାମୀଙ୍କୁ ଦାହ ସଂସ୍କାର ପାଇଁ ନେବାକୁ ସମସ୍ତଙ୍କୁ ବାରଣ କରୁଥିଲେ । ଶେଷରେ ତାଙ୍କ ଗାଁରୁ ଜଣେ କକେଇ ଶ୍ୱଶୁର ଆସି ତାଙ୍କୁ ବୁଝାଇ କହିଲେ, "ବୋହୂ ଏମିତି ଅବୁଝା ହେଲେ ହେବ ? ତୁମ ପାଠ ପଢ଼ାରୁ ତୁମେ ଜାଣି ନାହଁ ଜୀବନର ଅନ୍ତିମ ସତ୍ୟ ମୃତ୍ୟୁ ? ପୁଅମାନଙ୍କୁ ସେମାନଙ୍କ ଦାୟିତ୍ୱ ସମ୍ପନ୍ନ କରିବାକୁ ଦିଅ । ଆଉ ଜାଣି ରଖ ଜାତକ, ଭବିଷ୍ୟତ ବାଣୀ ସବୁବେଳେ ସତ୍ୟ ହୁଏ ନାହିଁ । ତା ଛଡ଼ା ତୁମକୁ ବି ଯଥେଷ୍ଟ ବୟସ ହେଲାଣି । ତୁମେ ବି କେଉଁଦିନ ଚାଲିଯାଇପାର । ଏତେ ବର୍ଷ ତ ଏକାଠି ରହିଲ । ଏବେ ତୁମକୁ ବିଧବାରେ ଗଣାଯିବନି । ତୁମେ ତୁମ ସ୍ୱାମୀର ପ୍ରକୃତ ସହଧର୍ମିଣୀ ଓ ସହଚରୀ । ତୁମେ ଶାନ୍ତ ହୁଅ । ତୁମକୁ ଆଉ ବିଶେଷ କିଛି କହିବାକୁ ମୁଁ ଉଚିତ ମନେ କରୁନି ।" ରେଣୁବାଳା କକେଇ ଶ୍ୱଶୁରଙ୍କ କଥା ମାନି ନେଲେ ଓ ସେଦିନ ସନ୍ଧ୍ୟା ସୁଦ୍ଧା ପୁଅମାନେ ବାପାଙ୍କୁ ପୁରୀ ସ୍ୱର୍ଗଦ୍ୱାରରେ ନେଇ ଶବ ସତ୍କାର କରି ଫେରି ଆସିଲେ ।

ରାତି ଦଶଟା ବେଳକୁ ପୁଅମାନେ ଫେରି ଆସି ଥକ୍କି ଯାଇଥିବାରୁ ଶୋଇ ପଡ଼ିଲେ । ରେଣୁବାଳାଙ୍କର ଜଣେ ମାଉସୀ ପୁଅ ଭାଇ ପୁରୀରେ ରହନ୍ତି । ସେ ସେଠାରେ ମହାପ୍ରସାଦ ସେବନର ବ୍ୟବସ୍ଥା କରିଦେଇଥିଲେ ଓ ଘରେ ଯେଉଁମାନେ ଥିଲେ ତାଙ୍କ ପାଇଁ ମଧ୍ୟ ମହାପ୍ରସାଦ ପଠେଇ ଦେଇଥିଲେ । ପୁଅମାନଙ୍କର ଓ କକେଇ ଶ୍ୱଶୁରଙ୍କ ଶତ ଅନୁରୋଧ ପରେ ଗୋଟିଏ ଦାନା ମହାପ୍ରସାଦ ନେଇ ପାଟିରେ ଲଗେଇଲେ ଓ ପାଣି ଗିଲାସେ ପିଇ ସେ ନିଜ ଶୋଇବା ଖଟକୁ ଗଲେ । ଖଟକୁ ଗଲେ କ'ଣ ନିଦ ହୋଇଯିବ ? ସିନେମା ଦେଖିଲା ପରି ତାଙ୍କ ଆଖି ଆଗରେ ଭାସି ଯାଉଥାଏ ତାଙ୍କର ଓ ହରମୋହନଙ୍କର ବିବାହଠାରୁ ଆଜିଯାଏଁ ସବୁ କଥା । ସେ ବାହାହୋଇ ଆସିଲା ବେଳେ ହରମୋହନ ବି.ଏ. ପାସ୍ କରି ସେକ୍ରେଟାରିଏଟ୍‌ରେ କିରାଣୀ ଥିଲେ । କିନ୍ତୁ ତାଙ୍କ ଆଶା ଥିଲା ବହୁତ ବେଶୀ – ସେ ବହୁତ ପଇସା ରୋଜଗାର କରିବାକୁ ଚାହୁଁଥିଲେ ଓ ଭଲରେ ରହିବା ତାଙ୍କର ସ୍ୱପ୍ନ ଥିଲା । ତେଣୁ ବଡ଼ପୁଅ ଜନ୍ମ ହେବାର ବର୍ଷକ ପରେ ସେ ଚାକିରି ଛାଡ଼ି ଦେଇ ବିଜିନେସ୍ କରିବାକୁ ସ୍ଥିର କଲେ । କି ବିଜିନେସ୍ କରିବେ ? ଆର୍ଟସ୍ ପଢ଼ିଛନ୍ତି, ଇଞ୍ଜିନିୟର ନୁହନ୍ତି ଯେ ବିଲ୍‌ଡ଼ର ହୋଇଯିବେ ? ତାଙ୍କ ବାପା ଓ ସ୍ତ୍ରୀ ଏହାର ଘୋର ବିରୋଧ କରିଥିଲେ, ମାତ୍ର ହରମୋହ କାହା କଥା ନ ଶୁଣି ପବ୍ଲିଶିଂ ହାଉସଟିଏ ଖୋଲିଲେ । ପ୍ରଥମରୁ ଗାଁର କିଛି ଜମି ବିକି ବାପାଙ୍କ ଠାରୁ କିଛି ଟଙ୍କା ନେଇ ଆରମ୍ଭ କଲେ ଓ ପରେ ସ୍ତ୍ରୀ ରେଣୁବାଳା ନିଜର ଗହଣା ସବୁ ସ୍ୱାମୀଙ୍କୁ ଦେଇ କହିଥିଲେ । "ଏ ଟଙ୍କା ମୋର । ଭବିଷ୍ୟତରେ ଯାହା ଲାଭ ହେବ ସେଥିରୁ କିଛି ଅଂଶ ମୋର ବୋଲି ଭାବି ଅଲଗା ରଖିଦେବ ।"

ହରମୋହନ ପ୍ରଥମେ ରେଣୁବାଳାଙ୍କ ଗହଣା ନେବାକୁ ରାଜି ହେଉ ନ ଥିଲେ, କିନ୍ତୁ ରେଣୁବାଳା ବହୁତ ବୁଝାବୁଝି କରିବାରୁ ସେ ତାଙ୍କ ଗହଣା ବିକି ଟଙ୍କା ଦେଲେ । ରେଣୁବାଳା ଏ ପବ୍ଲିଶିଂ ହାଉସ ଖୁବ୍ ଅଳ୍ପଦିନ ଭିତରେ ଆଗଧାଡ଼ିର ଗୋଟିଏ ପବ୍ଲିଶିଂ ହାଉସ ହୋଇ ମୁଣ୍ଡ ଟେକିଲା । ଭଲ ଭଲ ଲେଖକମାନଙ୍କ ବହି ରେଣୁବାଳା ପବ୍ଲିଶିଂ ହାଉସ୍ ଛାପିଲା । ସ୍କୁଲ, କଲେଜ ବହି ଛାପିବା ପାଇଁ ସେ ସରକାରଙ୍କ ଠାରୁ ଅନୁମତି ପ୍ରାପ୍ତ ହେଲେ । ଏମିତି ତାଙ୍କ ଜୀବନ ଏକପ୍ରକାର ଭଲରେ ଚାଲିବାକୁ ଲାଗିଲା ।



ଇତି ମଧ୍ୟରେ ହରମୋହନ ବାବୁଙ୍କର ପ୍ରାୟ ୨୦ ବର୍ଷର ବ୍ୟବସାୟ ହୋଇଗଲାଣି। କଟକରେ ସେ ଜଣେ ପ୍ରତିଷ୍ଠିତ ବ୍ୟକ୍ତି ହିସାବରେ ମର୍ଯ୍ୟାଦା ପାଇଲେଣି। ହରମୋହନ ବାବୁ ନିଜ କାମ ବଡ଼ ନିଷ୍ଠାର ସହ କରନ୍ତି। ସକାଳୁ ଉଠି ନିତ୍ୟ କର୍ମ ସାରି ପାଣ୍ଡୁଲିପି ସବୁ ଧରି ବସି ପଡ଼ନ୍ତି ପ୍ରୁଫ୍ ରିଡ଼ିଂ ପାଇଁ। ପାଖରେ ଗଦା ଗଦା ଭାଷାକୋଷ, ସେ ଚାହାନ୍ତି ନାହିଁ ତାଙ୍କ ପ୍ରକଶିତ ବହିରେ ଗୋଟିଏ ହେଲେ ଭୁଲ ରହୁ ବୋଲି। ଏଥିରେ ତାଙ୍କୁ ସାହାଯ୍ୟ କରିବା ପାଇଁ ଚାରି ପାଞ୍ଚ ଜଣ ଲୋକ ବି ରଖିଛନ୍ତି, କିନ୍ତୁ କାହା ଆଖିରୁ କ'ଣ ଖସି ଯାଇଥିବା ଡର ତାଙ୍କର ସବୁବେଳେ ଥାଏ। ତେଣୁ ସେ ସବୁ ବହିକୁ ମୂଳରୁ ଚୂଳ ଯାଏ ନିଜେ ପଢ଼ନ୍ତି ଓ ନିଜେ ସଂଶୋଧନ କରନ୍ତି।

ତାଙ୍କ ବାପାଙ୍କ ପାଖେ ଏତେ ପଇସା ନ ଥିଲା, ଭଗବାନ ତାଙ୍କୁ କେଉଁଥିରେ ଊଣା କରିନାହାନ୍ତି। ସେ ପିଲାମାନଙ୍କୁ ଭଲ ଭଲ ବୋଡ଼ିଂ ସ୍କୁଲରେ ରଖି ପଢ଼ାଇଲେ ଓ ଭଲ ଭଲ କଲେଜରେ ପଢ଼ାଇଲେ। ବଡ଼ପୁଅ ଦିଲ୍ଲୀରୁ ଇଂରାଜୀରେ ଅନର୍ସରେ ବି.ଏ. ପାଶ୍ କରି ଏମ୍.ଏ. କରିବାକୁ ମନା କଲା। ତା'ର ଇଚ୍ଛା ସେ ବର୍ଣ୍ଣାଲିଷ୍ଟ ଅର୍ଥାତ୍ ପତ୍ରକାର ହେବ ଓ ସେ ଦିଲ୍ଲୀର ଜାମିଆ ମିଲିଆରୁ ମାସ କମ୍ୟୁନିକେଶନରେ ପଢ଼ିବା ପରେ 'ଡେଲି ଟାଇମ୍ସ' ପେପରରେ କାମ କଲା। ମାତ୍ର ବାଇଶ ବର୍ଷ ବୟସରେ ତା'ର ଜଣେ ଅଧ୍ୟାପିକାଙ୍କୁ ବିବାହ କରି କଟକ ଆସିଲା ମା', ବାପାଙ୍କୁ ଦେଖାଇବାକୁ। ତା, ସ୍ତ୍ରୀ ଅସୀମା ବେଶ୍ ଭଲ ଦେଖିବା ପାଇଁ ଏବଂ କିଏ ଦେଖିଲେ ଜାଣି ପାରିବେ ନାହିଁ ଯେ ସେ ମୋହିତ ଠାରୁ ଦୁଇବର୍ଷ ବଡ଼। ସାନପୁଅ ରୋହିତ ବମ୍ବେ ଆଇ.ଆଇ.ଟିରୁ ଇଞ୍ଜିନିୟରିଂ ପଢ଼ି କିଛିଦିନ ଲାଗି ଆମେରିକା ଯାଇଥିଲା। ସେଠାରୁ ଗୋଟିଏ ଏମ୍.ବି.ଏ. ଡିଗ୍ରୀ ଆଣି ବମ୍ବେରେ ଗୋଟିଏ ମଲ୍‌ଟି ନ୍ୟାସନାଲ କମ୍ପାନୀରେ ଚାକିରି କରେ। ସେ ବାହା ଏତେ ଶୀଘ୍ର ହେଉ ବୋଲି ଚାହେଁ ନାହିଁ।

ହରମୋହନ ବାବୁ ପୁଅମାନଙ୍କ ପଢ଼ାପଢ଼ିରେ ବା ଯୋଗ୍ୟ କରିବାରେ କିଛି ଊଣା କରି ନ ଥିଲେ ମାତ୍ର ସେ ପୁଅମାନଙ୍କ ଅପେକ୍ଷା ଝିଅ ରାଧିକାକୁ ବହୁତ ଭଲ ପାଆନ୍ତି। କିନ୍ତୁ ରେଣୁବାଳା ସ୍ୱାମୀଙ୍କର ଠିକ୍ ବିପରୀତ। ତାଙ୍କର ପୁଅମାନଙ୍କ ଉପରେ ବେଶୀ ବିଶ୍ୱାସ। ସେ ଭାବନ୍ତି ଝିଅ ତ ବାହାହୋଇ ପର ଘରକୁ ଯିବ, ଆମ ବୁଢ଼ାବୁଢ଼ୀ ଦିନକୁ କେବଳ ପୁଅମାନେ ସାହାଭରସା। ପିଲାଦିନୁ ରାଧିକାର ସବୁ ଇଚ୍ଛା ବାପା ପୂରଣ କରନ୍ତି – ସେ ଯାହା କହେ ତା' ପାଇଁ ତାକୁ କିଣି ଦିଅନ୍ତି। ସେ ତାଙ୍କର ତଅପୋଇ ଠାରୁ ବଳି କରି। କିନ୍ତୁ ଏକଥା ରେଣୁବାଳାଙ୍କର ପସନ୍ଦ ହୁଏ ନାହିଁ। ଝିଅର ଏପରି ମୁହଁ ବଢ଼ାଇବାର ସେ ଘୋର ବିରୋଧ କରନ୍ତି। ତାଙ୍କର ଯୁକ୍ତି "ଝିଅ କପାଳରେ କ'ଣ ଅଛି ତା' କ'ଣ ଆମେ ଜାଣିଛେ ? ବାପ ଘରେ ଟିକିଏ ଦୁଃଖକଷ୍ଟ ସହି ଚଳିଥିଲେ ସେ ଶାଶୂଘରେ ସବୁ ପରିସ୍ଥିତି ସହିତ ଖାପ୍ ଖୁଆଇ ଚଳି ପାରିବ।" ହରମୋହନବାବୁ ସ୍ତ୍ରୀଙ୍କ କଥା ହସରେ ଉଡ଼େଇ ଦିଅନ୍ତି ଏବଂ କହନ୍ତି, "ବୁଝିଲ ରେଣୁ, ମୁଁ ଆମ ରାଧିକାକୁ ଏମିତି ଜୋଇଁ ଦେଖି ବାହା କରିବି ଯେ ସେ ମୋ ଝିଅ ହାତରେ ପାଣି ଟୋପେ ଲାଗିବାକୁ ଦେବନି। ରାଧିକା ମୋର ରାଜରାଣୀଠାରୁ ଅଧିକ ଭଲ ହୋ ରହିବ।"

ରାଧିକା ବି.ଏ. ପାଶ୍ କରିବା ପରେ ହରମୋହନ ବାବୁ ତାଙ୍କ ବାଲ୍ୟସାଥି ରସାନନ୍ଦର ପୁଅ ଅସିତ୍ ସହିତ ତା'ର ବିବାହ କରିଦେଇଥିଲେ। ଅସିତର ବାପା ଜଣେ ଶିକ୍ଷକ ଓ ଘରେ ସେମିତି କିଛି ସମ୍ପତ୍ତି ନାହିଁ। ସେ ଅଭାବ କ'ଣ ଜାଣିଛି, ବାପା ମାଆଙ୍କ ଠାରୁ ଆଦର୍ଶ ଶିଖିଛି। ଯିଏ ଜୀବନର ଉଚ୍ଚ ମୂଲ୍ୟବୋଧ ନେଇ ବଢ଼ିଥାଏ ସେ ନିଶ୍ଚୟ ଭଲ ପିଲା ହୋଇଥିବ। ଅସିତର ଆଇ.ଏ.ଏସ୍ ଲିଷ୍ଟରେ ନାମ ଦେଖି ହରମୋହନ ବାବୁ ଧାଇଁ ଯାଇଥିଲେ ତାଙ୍କ ବାଲ୍ୟବନ୍ଧୁଙ୍କ ପାଖକୁ। ତାଙ୍କ ହାତ ଧରି କହିଥିଲେ, "ରସାନନ୍ଦ ତୁ ମନା କରିବୁ ନାହିଁ। ତୁ ମୋ ଝିଅ ରାଧିକାକୁ ବୋହୂ କରି ତୋ ଘରକୁ ଆଣିବୁ। ମୁଁ ତତେ କଥା ଦେଉଛି ରାଧିକା ଭାରି ଭଲ ଝିଅ – ସେ ତୋ ଘର ଭଲରେ ସମ୍ଭାଳି ନେବ।"

ବନ୍ଧୁ ରସାନନ୍ଦ ବିଶ୍ୱାସ କରିପାରୁ ନ ଥିଲେ କଟକର ବିଖ୍ୟାତ ପ୍ରକାଶକ ଓ ପୁସ୍ତକ ବିକ୍ରେତା ତାଙ୍କ ପୂର୍ବ ବନ୍ଧୁତ୍ୱକୁ ମନେରଖି ତାଙ୍କ ଝିଅକୁ ମୋ ପୁଅକୁ ବିବାହ କରିବାର ପ୍ରସ୍ତାବ ଦେଇଛନ୍ତି। ଦୁଇ ବନ୍ଧୁ କୋଳାକୋଳି ହୋଇ ଏହି ପ୍ରସ୍ତାବକୁ ପାରିତ କରିଦେଲେ।

ଯଦିଓ ଏଯାଏଁ ରାଧିକାକୁ ହରମୋହନ ବାବୁ ଏ ବିବାହରେ ତା'ର ସମ୍ମତି ଅଛି କି ନାହିଁ ପଚାରି ନାହାନ୍ତି ତେବେ ସେ ନିଶ୍ଚିତ ଯେ ରାଧିକା ତାଙ୍କୁ କେବେ ମନା କରିବ ନାହିଁ ଏବଂ ସେୟା ହିଁ ହେଲା। ହରମୋହନ ବାବୁ ଘରକୁ ଫେରିଯାଇ ଯେବେ ଏକଥା ତାକୁ ଓ ତାଙ୍କ ସ୍ତ୍ରୀ ରେଣୁବାଳାଙ୍କୁ କହିଲେ ଦୁହେଁ ଖୁସୀ ହେଲେ, କିନ୍ତୁ ରେଣୁବାଳାଙ୍କ ମନରେ ସନ୍ଦେହ – କାଳେ ଯଦି ରାଧିକା ଆଉ କେଉଁଠି ଠିକ୍ କରିଥାଏ ଏବଂ ଶେଷ ମୁହୂର୍ତ୍ତରେ ଘର ଛାଡ଼ି ପଳାଏ ତେବେ ସମାଜରେ ସେମାନଙ୍କ ମୁହଁ ଆଉ ରହିବଟି ? ରେଣୁବାଳାଙ୍କର ଏ ଭୟ ବିଷୟରେ ଅବଗତ ହୋଇ ହରମୋହନ ବାବୁ ହସି ହସି ସ୍ତ୍ରୀଙ୍କୁ କହିଲେ, "ମୁଁ ଭଲ କରି ଚିହ୍ନେ ମୋ ଝିଅକୁ। ମୁଁ ଯାହାକୁ କହିବି ସେ ବିନା ଆପତ୍ତିରେ ତାକୁ ବାହା ହେବ। ଇୟେ ପୁଣି ଏତେ ଯୋଗ୍ୟ ପାତ୍ର, କଥାରେ ଅଛି ପରା 'ପିତୃଦତ୍ତ କନ୍ୟା'। ବାପା ଯେଉଁଠାରେ ଥିଲେ ବି ଝିଅର ଅମଙ୍ଗଳ କେବେ ଚିନ୍ତା କରିପାରିବନି।" ଏମିତି ପଛ କଥା ସବୁ ଭାବୁ ଭାବୁ ଆସି ରାତି ପାହିଯିବା ଉପରେ। ଝିଅ ଜୋଇଁ ଦିଲ୍ଲୀରୁ ସକାଳ ଫ୍ଲାଇଟ୍‌ରେ ଭୁବନେଶ୍ୱର ଆସିବେ, ତେଣୁ ତାଙ୍କୁ ଏୟାରପୋର୍ଟ ଆଣିବାକୁ ଡ୍ରାଇଭରକୁ ପଠାଇବାକୁ ହେବ। ରେଣୁବାଳାଙ୍କୁ ସବୁଆଡ଼ ଖାଲି ଖାଲି ଲାଗୁଛି, ଯଦିଓ ତା'ର ପୁଅ ଓ ବୋହୂ ଅସୀମା ଘରେ ଅଛନ୍ତି ଏବଂ ତାଙ୍କ କଡରେ ଶ୍ୱଶୁର ମଧ୍ୟ ଗାଁରୁ ଆସି ଡ୍ରଇଂ ରୁମ୍‌ରେ ଶୋଇଛନ୍ତି। ରେଣୁବାଳାର ଇଚ୍ଛା ହେଉଥାଏ ସେ ଦୁଇକପ୍ ଚା' କରନ୍ତେ ଓ ସେ ଓ ହରମୋହନ ବାବୁ ଦୁହେଁ ଏକାଠି ବସି ଚା' ପିଅନ୍ତେ। ତାଙ୍କ ଅଜାଣତରେ ଆଖିରୁ ଲୁହ ଗଡ଼ି ଓଠରେ ଲାଗିବାରୁ ସେ ଜାଣିଲେ ସେ କାନ୍ଦୁଛନ୍ତି ସେ ନିଜକୁ ସମ୍ଭାଳିନେଇ ରୋହିତକୁ ଡାକି କହିଲେ, "ବାପାରେ ରୋହିତ ଯାଅ, ଅର୍ଜୁନକୁ ଉଠେଇ ଦେ। ସେ ତା କାମଦାମ ସାରି ଭୁବନେଶ୍ୱର ଯାଇ ରାଧିକା ଓ ଅସିତକୁ ଆଣିବାକୁ ଯିବ। ଗତକାଲିର ଫ୍ଲାଇଟ୍ ସେମାନେ ଧରିପାରି ନ ଥିଲେ, ଯେହେତୁ ଅସିତ ଜୟପୁର ଟୁର୍‌ରେ ଯାଇଥିଲେ।"

ରାଧିକା ଚାହିଁଥିଲା ତା' ବାପାଙ୍କୁ ସେ ଫେରିବା ଯାଏଁ ରଖିବା ପାଇଁ। ମାତ୍ର ଏଥିରେ କକେଇ ଶ୍ୱଶୁର ରାଜି ହୋଇ ନ ଥିଲେ। ତାଙ୍କ ମତରେ "ଦୁଇଟା ପୁଅ ଘରେ ଥାଉ ଥାଉ ହରମୋହନକୁ କାହିଁକି ବାସି ମଡ଼ା କରିବ ?" ତାଙ୍କ ସହିତ କାହାର ଯୁକ୍ତି କରିବାର ଶକ୍ତି ନ ଥିଲା। ଯଦି ଏ କକେଇ ହରମୋହନଙ୍କ ଠାରୁ ମାତ୍ର ତିନି ବର୍ଷ ବଡ଼ କିନ୍ତୁ ସେ ହରମୋହନଙ୍କର ସାଙ୍ଗ ପରି।

ସେଦିନ ଦିନ ଦଶଟା ସୁଦ୍ଧା ରାଧିକା ଓ ତା ସ୍ୱାମୀ ଆସି ପହଞ୍ଚିଲେ। ରାଧିକା କାନ୍ଦି କାନ୍ଦି ତା' ଆଖି ଦୁଇଟା ଗେଣ୍ଡା ଭଳି ଫୁଲି ଯାଇଥାଏ। ସେ ବାପାଙ୍କର ଗୋଟାଏ ବଡ଼ ଫଟୋ ଖୋଜି ତାକୁ ଡ୍ରଇଂ ରୁମ୍‌ରେ ଗୋଟାଏ ଟେବୁଲ ଉପରେ ରଖିଲା ଓ ଦୁଇଟି ଧୂପ କାଠି ଗୋଟିଏ ଥାଳିଆରେ ରଖି ଜାଳି ଦେଲା। ସେ ନିଜର ଆଖିକୁ ସମ୍ଭାଳି ପାରୁ ନ ଥାଏ – ଆଖିରୁ ଅନବରତ ଲୁହ ବୋହୁଥାଏ, ତଥାପି ସେ ସେଥିରେ ରନ୍ଧା ଘରକୁ ଯାଇ ସମସ୍ତଙ୍କ ପାଇଁ ଚା କଲା। ତା' ମାଆଙ୍କୁ କପ୍‌ଟେ ଧରେଇ ଦେଇ ଆଉ ଗୋଟାଏ କପ୍ ଚା ନେଇ ବାପାଙ୍କ ଫଟୋ ପାଖେ ରଖିଲା।

ଭାଇନା ମାନଙ୍କ ସହ ଭାଉଜ ଉପସ୍ଥିତିରେ କ'ଣ କ'ଣ କରାଯିବ କଥା ସେ ବିଷୟରେ କକେଇ ବାପାଙ୍କୁ ପଚାରିଲା।

ସେ ଖୁବ୍ ଗମ୍ଭୀର, ଧୀର ସ୍ୱରରେ କହିଲେ, "ମୁଁ ଆଜି ଗାଁକୁ ଚାଲି ଯାଉଛି । ହରମୋହନ ଯିବାର ଆଜିକୁ ଦୁଇଦିନ, ଅତି ଶୀଘ୍ର ହେଲେ ଚାରିଦିନରୁ କର୍ମ କରିବା କଥା, ନହେଲେ ସାତଦିନରୁ ବା କିଏ କିଏ ନଅ ଦିନରୁ ଧରୁଛନ୍ତି । ତଥାପି ମୁଁ ଯାଇ ଏ ପ୍ରେତକାମ କରୁଥିବ କରମଣିଆକୁ ଗାଁରୁ ଡାକି ଆଣେ ତା' ପରେ ତା' କଥା ଅନୁସାରେ ସବୁ କରିବା ।"

ଏହି ଦୁଇଦିନ ଘରେ ସବୁ ଚୁପ୍‌ଚାପ୍, କେବଳ ଗୀତାର କ୍ୟାସେଟ୍ ବାଜୁଥାଏ । ହରମୋହନଙ୍କ ଶୋଇବା ଘର  ସଫା କରାଯାଇ ତାଙ୍କର ଗୋଟିଏ ଫଟୋ ରଖାଯାଇଛି । ତା ତଳକୁ ରେଣୁବାଳା ଖଣ୍ଡିଏ ମସିଣା ପକେଇ ଚୁପ୍‌ଚାପ୍ ବସିଥାଆନ୍ତି । ହରମୋହନ ବାବୁଙ୍କ ଦେହାନ୍ତ ଖବର ପାଇବା ପରେ ବନ୍ଧୁବାନ୍ଧବ ଓ ଚିହ୍ନା ପରିଚୟମାନେ ଶୋକ ଜଣାଇବାକୁ ଆସୁଥାଆନ୍ତି । ବୋହୂ ଅସୀମା ତା ରୁମ୍‌ରେ ଥାଏ । ପୁଅ ଦୁଇଜଣ ମୁହଁ ଶୁଖେଇ ଡ୍ରଇଂ ରୁମ୍‌ରେ ବସିଥାଆନ୍ତି । କିଏ ବାହାର ଲୋକ ଆସିଲେ ତାଙ୍କୁ ନମସ୍କାର କରି ବସିବା ପାଇଁ ଅନୁରୋଧ କରନ୍ତି । ସେମାନେ ଆସନ ଗ୍ରହଣ କରି ଚାରି ପାଞ୍ଚ ମିନିଟ୍ କଥାବାର୍ତ୍ତା ଅର୍ଥାତ୍ ହରମୋହନ ବାବୁଙ୍କ ଅଚାନକ ଦେହାନ୍ତ କିପରି ହେଲା ପଚାରିବା ପରେ ଯିବାକୁ ଉଦ୍ୟତ ହୁଅନ୍ତି । କାହାର ଚାହା ବା ସରବତ୍ ପିଇବାର ଆଗ୍ରହ ନାହିଁ । ସାନପୁଅ ରୋହିତର ସବୁକାମ ବଡ଼ ଶୃଙ୍ଖଳିତ । ସେ ଗୋଟିଏ ଖାତା ରଖିଥାଏ କିଏ ଆସିଛନ୍ତି ସେମାନଙ୍କ ଦସ୍ତଖତ, ମୋବାଇଲ ନମ୍ବର ଓ ଘର ଠିକଣା ସେମାନଙ୍କୁ ଲେଖିଦେଇ ଯିବାକୁ ଅନୁରୋଧ କରେ ।

ତା ପରଦିନ ସନ୍ଧ୍ୟାସୁଦ୍ଧା ହରମୋହନ ବାବୁଙ୍କ କକେଇ ଗାଁରୁ ପ୍ରେତକାର୍ଯ୍ୟ କରୁଥିବା ବ୍ରାହ୍ମଣଙ୍କୁ ନେଇ ଫେରି ଆସିଲେ । ସର୍ବସମ୍ମତିକ୍ରମେ ନିଶ୍ଚିତ କରାଗଲା ଯେ ଚାରିଦିନ ଅର୍ଥାତ୍ ଆସନ୍ତାକାଲିଠାରୁ କ୍ରିୟା ଧରାଯିବ । ଯଦିଓ ରେଣୁବାଳା ଧୀର ସ୍ୱରରେ କହୁଥାଆନ୍ତି, "ସାତଦିନରୁ ଧରିଲେ ପୁଅମାନଙ୍କୁ କମ୍ କଷ୍ଟ ହେବ ।" କକେଇ ଗମ୍ଭୀର ସ୍ୱରରେ କହିଲେ, "ବୁଝିଲ ବୋହୂ, ପୁଅମାନଙ୍କୁ ଅଧିକା ଟିକିଏ କଷ୍ଟ ହେଲେ କ'ଣ ହୋଇଯିବ ? ଯାହା କରିବ ଭଲ କରି କରନ୍ତୁ, ତାଙ୍କ ବାପ କ'ଣ ଆଉ ଥରେ ମରିବେ ?"

କକେଇ ଓ ବ୍ରହ୍ମଣଙ୍କ କଥା ଅନୁସାରେ ତା' ପରଦିନଠାରୁ ସବୁ କାର୍ଯ୍ୟ ଆରମ୍ଭ କରିଦେଲେ । ରେଣୁବାଳା ଚୁପ୍‌ଚାପ୍ ବସିଥାଆନ୍ତି ଯେଉଁଠି ହରମୋହନ ବାବୁଙ୍କ ଘଟ ଥୁଆ ହୋଇଥାଏ - ପାଖରେ ଦୀପଟିଏ ଜଳୁଥାଏ । ରେଣୁବାଳାଙ୍କର ବିଶ୍ୱାସ ହେଉ ନଥାଏ ସତରେ ତାଙ୍କ ସ୍ୱାମୀ ଆଉ ନାହାନ୍ତି । ତାଙ୍କ ଆଖି ଆଗରେ ସିନେମା ପରି ଭାସି ଯାଉଛି ତାଙ୍କ ବାହାଘର ଠାରୁ ଆଜିଯାଏଁ ସବୁ କଥା - ପିଲାମାନଙ୍କ ଜନ୍ମ ଓ ତାଙ୍କର ପ୍ରିଣ୍ଟିଂ ବିଜ୍‌ନେସ୍ ଆରମ୍ଭ ହେବା । ପ୍ରଥମରୁ ସେ ବହୁତ ଅଭାବ ଦେଇ ଯାଇଥିଲେ, କିନ୍ତୁ ହରମୋହନ ବାବୁ କୌଣସି କଥାରେ ହାରିଯିବା ଲୋକ ନୁହନ୍ତି । ବର୍ଷ ଚାରିପାଞ୍ଚ ଭିତରେ ତାଙ୍କ ବିଜିନେସ୍ ବହୁତ ଭଲ ଚାଲିବାକୁ ଆରମ୍ଭ କଲା । ଆସ୍ତେ ଆସ୍ତେ ତାଙ୍କ ପାଖେ ପ୍ରଚୁର ସମ୍ପତ୍ତି ହେବାକୁ ଲାଗିଲା । କୋଠା, ଗାଡ଼ି, ଟଙ୍କା, ସୁନା କୌଣସିଥିରେ ତାଙ୍କର ଊଣା ରହିଲାନି ।

ରେଣୁବାଳାଙ୍କୁ ଧଳାଶାଢ଼ୀ ଭଲ ଲାଗେ ନାହିଁ ଏବଂ ଧଳାଶାଢ଼ୀ ତାଙ୍କୁ ମାନେ ନାହିଁ । ଚତୁର୍ଥ ଦିନ ସକାଳୁ ଗାଧୋଇ ସାରି ସେ ଆଲମାରୀ ଖୋଲି ଖଣ୍ଡେ ଧଳା ଶାଢ଼ୀ ଖୋଜିଲେ ନିଜେ ପିନ୍ଧିବା ପାଇଁ । କିନ୍ତୁ ତାଙ୍କୁ ସେପରି ଖଣ୍ଡେ ଶାଢ଼ୀ ମିଳିଲା ନାହିଁ । ଶେଷକୁ ଗୋଟିଏ ହାଲକା ଗୋଲାପୀ ରଙ୍ଗର ଶାଢ଼ୀ କାଢ଼ି ପିନ୍ଧିଲେ, କପାଳରେ ଆଉ ବିନ୍ଦି ଲଗାଇଲେ ନାହିଁ ଏବଂ ହାତରେ ଯେଉଁ ଲାଲ୍ ରଙ୍ଗର କାଚଚୂଡ଼ି ପିନ୍ଧିଥିଲେ ତାକୁ କାଢ଼ି ରଖିଦେଲେ । ରେଣୁବାଳାଙ୍କ ରଙ୍ଗ ବେଶ୍ ଗୋରା, ଏ ଫିକା ରଙ୍ଗର ଶାଢ଼ୀ ପିନ୍ଧି ସେ ଲାଗୁଥାଆନ୍ତି ଗୋଟିଏ ରଙ୍ଗଛଡ଼ା ପୁରୁଣା ଚାଦର ଧୋବା ଘରୁ ଆସିଲା ପରି । ରାଧିକାକୁ ମାଆଙ୍କର ଏ ବେଶ ଜମା ଭଲ ଲାଗିଲା ନାହିଁ । ସେ ମାଆଙ୍କ ପାଖକୁ ଯାଇ କହିଲା, "ମାମା, ତୁମେ ଏମିତି ବେଶ ହେଲେ ମୁଁ ଆଜି ଦିଲ୍ଲୀ ଚାଲିଯିବି । ତୁମେ ତ ଏସବୁରେ ବିଶ୍ୱାସ କରୁନଥିଲ, ହଠାତ୍ ଏସବୁ ତୁମ ମୁଣ୍ଡରେ କିଏ ପଶାଇଲା ?" ରେଣୁବାଳା ମୁହଁରେ ଦୁଃଖର ଛୋଟ ହସ ଖଣ୍ଡିଏ ଆଣିବାକୁ ଚେଷ୍ଟା କରି କହିଲେ, "ମାଆଲୋ ରାଧିକା, ପାପା ଚାଲିଯିବା ପରେ ମୋ ପାଇଁ ପୃଥିବୀ ଖାଲି କଳା ଧଳା । ଯେତେ ରଙ୍ଗୀନ ଲୁଗା ପିନ୍ଧିଲେ କ'ଣ ମୋ ଭିତରଟା ବଦଳିଯିବ ? କାହା ପାଇଁ ଆଉ ରଙ୍ଗବେରଙ୍ଗ ଶାଢ଼ୀ ପିନ୍ଧିବି ଓ ଗହଣା ପିନ୍ଧିବି ? ତୁମେମାନେ କହୁଛ ବୋଲି ଗଣ୍ଡେ ଖାଇ ଦେଉଛି, ମୋତେ ଲାଗୁଛି ତୋ ପାପା ସବୁବେଳେ ମୋ ପାଖେ ପାଖେ ଠିଆ ହୋଇ ସବୁ ଦେଖୁଛନ୍ତି ।"

ରାଧିକା ମାମାଙ୍କ ହାତକୁ ନିଜ ହାତ ଭିତରେ ଧରିରଖି କହିଲା, "ମୁଁ ସବୁ ବୁଝିପାରୁଛି, ତୁମର ପାପାଙ୍କର ସମ୍ପର୍କ ବଡ଼ ଘନିଷ୍ଠ ଥିଲା । କିନ୍ତୁ ଏକଥା ବି ସତ ଯେ ମଣିଷ ଏ ପୃଥିବୀକୁ ଏକା ଆସିଥାଏ ଏ ପୃଥିବୀରୁ ଯାଏ ଯେତେବେଳେ ଏକୁଟିଆ ଯାଏ । ତୁମ ଜୀବନ ତୁମକୁ ବଞ୍ଚିବାକୁ ହେବ, ତୁମେ ଏମିତି ଭାଙ୍ଗିପଡ଼ିଲେ ଆମେ କାହାକୁ ଦେଖି ଚଳିବୁ ?"

ରେଣୁବାଳା ଏକ ଦୀର୍ଘ ନିଃଶ୍ୱାସ ନେଇ କହିଲେ, "ମାଲୋ, ତୁ ଯାହା କହୁଛୁ ସତ । କିନ୍ତୁ ସବୁ ସତକୁ ଗ୍ରହଣ କରିବା ଏତେ ସହଜ ନୁହେଁ । ତୁ ଯାଆ ଦେଖ, ଭାଇନା ଭଲକରି ଦହି ସରବରତ ପିଇଲା କି ନାହିଁ - ତୁଠକୁ ଯିବ କ୍ରୀୟା କରିବାକୁ, ଫେରିଲା ବେଳକୁ କେତେ ଡେରି ହେବ କେଜାଣି ?"

ରାଧିକା କିଛି ଉତ୍ତର ଦେଲା ନାହିଁ । ସେ ସବୁବେଳେ ତା' ପୁଅମାନଙ୍କ ପାଇଁ ବ୍ୟସ୍ତ । ବାପା ଥିଲେ ନିଶ୍ଚୟ ମୋ କଥା ଆଗେ ଭାବିଥାନ୍ତେ । ମୁଁ ବି ତ ଭାଇନା ଫେରିଲେ ବକ୍ତେ ଖାଇବି କାଇଁ ମାମା ତ ଜମା କହିଲେ ନାହିଁ, ଯାଆଲୋ ରାଧିକା, ତୁ ଏତେ କାମ କରୁଛୁ, ଟିକିଏ କ'ଣ ପିଇଦେ ।

ଏମିତି ଅନେକ ଛୋଟ ଛୋଟ କଥା ରାଧିକା ଦେଖି ଆସୁଛି - ମାମା ସବୁବେଳେ ପୁଅମାନଙ୍କ ପାଇଁ ବ୍ୟସ୍ତ - ରୋହିତ, ମୋହିତ କ'ଣ ଖାଇବେ, କେଉଁଠି ଶୋଇବେ ଇତ୍ୟାଦି କଥା ନେଇ । ବୋହୂ ଅସୀମା କେବେ ବି ତାଙ୍କ ସ୍ନେହ ଲିଷ୍ଟରେ ନ ଥାଏ । ସେ ତା'ର ଗୋଟିଏ ରୁମ୍‌ରେ କିଛି ଖବରକାଗଜ ଓ ବହି ଧରି ବସିଥାଏ । ରାଧିକା ଡାକିଲେ ଖାଇବାକୁ ଆସେ । ତାକୁ ଏ ଏକ ବ୍ୟକ୍ତିଆ ପୁଣି ଅବଘରା ଖାଇବା ଜମା ଭଲ ଲାଗେନି, କିନ୍ତୁ ବୋହୂ ହିସାବରେ ଏସବୁ ଖାଇବାକୁ ବାଧ୍ୟ । ରାତିକୁ କିଛି ମିଠା ଓ ସେ ନିଜେ କିଛି ସାଗୁଦାନା ଖେଚେଡ଼ି ଖାଇଦିଏ । ରେଣୁବାଳା ଜାଣନ୍ତି ନାହିଁ ବୋହୂ କ'ଣ ଖାଇଲା ବା ଶୋଇଲା । ଯାହାହେଉ ଦଶ, ଏଗାର ଦିନ ଶୁଦ୍ଧି କର୍ମରେ କଟିଗଲା, ସେଥିରେ କାହାର ସମୟ ନ ଥିଲା ଆଉ କିଛି ଭାବିବାକୁ । ବାରଦିନ କଟକ କ୍ଲବ୍‌ରେ ଗୋଟିଏ ରାତ୍ରିଭୋଜନ ଓ ସ୍ମୃତିସଭା କରି ପିଲାମାନେ ହରମୋହନ ବାବୁଙ୍କୁ ଚିର ବିଦାୟ ଦେଲେ । ବାରଦିନ ଶ୍ରାଦ୍ଧ ପରେ ମୋହିତ, ରୋହିତ ମଧ୍ୟ ସେମାନଙ୍କର ଯିବାର ଆୟୋଜନ ଆରମ୍ଭ କରିଦେଲେ । ରାଧିକାର ଇଚ୍ଛା ଥିଲା ଆଉ କିଛିଦିନ ମାମାଙ୍କ ପାଖେ ରହିବା ପାଇଁ, କିନ୍ତୁ ତା' ସ୍ୱାମୀ ଆଉ ଛୁଟି ନେବାକୁ ରାଜି ହେଲେନି । ସାନ ପୁଅ ରୋହିତ ତା ଛୁଟି ଆଉ ଚାରିଦିନ ବଢ଼େଇ ବାପାଙ୍କ ପବ୍ଲିଶିଂ ହାଉସ୍ କଥା କିଛିଟା ବୁଝାବୁଝି କରି ସବୁକଥା ମାମାଙ୍କୁ ବୁଝାଇ କହିଲା । "ମାମା ପାପା ଯେଉଁ ବିଜିନେସ୍ ତାକୁ ଚଳେଇବାକୁ ଜଣକୁ ପୂରା ଭାର ନେବାକୁ ହେବ । ପାପାଙ୍କ ପାଖେ ଯେଉଁମାନେ ଥିଲେ ଯଥା ତ୍ରିଲୋଚନ ଭାଇ, ଦିବାକର ଇତ୍ୟାଦି ଭାରି ଭଲ ଲୋକ । ଏବେ କିଛିଦିନ ସେମାନେ ଚଳେଇ ନେବେ । ଏ ବିଶ୍ୱାସ ମୋର ଅଛି କିନ୍ତୁ ଭବିଷ୍ୟତ ବିଷୟରେ କିଛି କହି ହେବନି । ମୋର ଇଚ୍ଛା ଭାଇନା, ଭାଉଜ ଯେହେତୁ ଏ ବିଷୟରେ ପାଠ ପଢ଼ିଛନ୍ତି ସେମାନେ ଏଠିକୁ ଆସି ଏକଥା ବୁଝାବୁଝି କଲେ ଭଲ ହୁଅନ୍ତା । ଆଉ ସେମାନେ ଏଠାରେ ରହିଲେ

ତୁମକୁ ବି ଏକୁଟିଆ ଲାଗନ୍ତାନି। ତୁମେ କ'ଣ ଭାବୁଛ ?"

ରେଣୁବାଳା ସବୁ ଶୁଣିସାରି ଉତ୍ତର ଦେଲେ, "ତୁ ଯାହା କହୁଛୁ ସବୁ ସତ। ପାପାଙ୍କର ଏତେ ଚେଷ୍ଟାକୁ ପାଣିରେ ଫିଙ୍ଗି ଦେବାଟା ଉଚିତ ହେବନି। କିନ୍ତୁ ମୋହିତ ଏକଥାରେ ରାଜି ହେଲେ ହେବ।" "ହଉ, ମୁଁ ତାକୁ ପଚାରି ବୁଝେ। ପ୍ରଥମେ ତ୍ରିଲୋଚନଭାଇ ଓ ଦିବାକର ଇତ୍ୟାଦି କିଛିଦିନ ବୁଝାବୁଝି କରୁଥାଆନ୍ତୁ।"

ଧୀରେ ଧୀରେ ଘର ଖାଲି ହୋଇଗଲା - ପୁଅମାନେ, ରାଧିକା ଓ ଜୋଇଁ ଚାଲିଗଲେ ଯେ ଯାହାର କର୍ମ କ୍ଷେତ୍ରକୁ। ପୁଅମାନେ ଦୁଇଚାରିଦିନରେ ଥରେ କଥା ହୁଅନ୍ତି କିନ୍ତୁ ରାଧିକା ସବୁଦିନ ରେଣୁବାଳା ସହିତ କଥା ହୁଏ ଓ ବାପାଙ୍କ ବିଷୟରେ ସବୁ ପଛ କଥା ମନେପକାଏ। ରେଣୁବାଳାଙ୍କୁ ଲାଗେ ରାଧିକା ଏପରି କହି ତାଙ୍କ ମନକୁ ସ୍ୱାମୀଙ୍କ ସ୍ମୃତିକୁ ଜାଗରଣ କରିବା ଚେଷ୍ଟାରେ ଅଛି। କିନ୍ତୁ ପୁଅମାନେ ତାଙ୍କ ଦେହ କଥା ଓ ଦୋକାନ ବିଷୟରେ ପଚାରି ଥାଆନ୍ତି। ଯାହାହେଉ ହରମୋହନବାବୁ ଚାଲିଯିବାର ସାତ ଆଠ ମାସ ପରେ ମୋହିତ ରାଜି ହେଲା ସେ କଟକରେ ରହି ବାପାଙ୍କ ବ୍ୟବସାୟ ବୁଝାବୁଝି କରିବ। ଗୋଟିଏ ସର୍ତ୍ତରେ ତା ସ୍ତ୍ରୀ ଏହାର ଏକ ଭାଗୀଦାର ହେବ। ରେଣୁବାଳାଙ୍କୁ ଏ ସର୍ତ୍ତ କିଛି ଖରାପ ଲାଗିଲା ନାହିଁ - ଆଜି ନ ହେଲେ କାଲି ତ ଏ ସେମାନଙ୍କର ସମ୍ପତ୍ତି। ତେବେ ଆଜିଠାରୁ ବୁଝିଲେ କ୍ଷତି କ'ଣ ?

ମୋହିତ ଓ ଅସୀମା ଆସିଗଲେଣି। ଅସୀମା ତା' ଚାକିରି ଛାଡ଼ିନି, କେବଳ ମୋହିତ ଚାକିରି ଛାଡ଼ି ଆସିଛି, ଅସୀମା ଭାବିଛି ଦୁଇମାସ ଦେଖିବ, ତାକୁ କଟକ କେମିତି ଲାଗୁଛି ଓ ସେ ସେଠାରୁ କିଛି ଇଂରାଜୀ ପେପର ପ୍ରକାଶ କରିପାରିବ କି ଇତ୍ୟାଦି ଇତ୍ୟାଦି। ସେମାନେ ଆସିବାର ମାସେ ଖଣ୍ଡେ ପରେ ଦିନେ ଖରାବେଳେ ଲଞ୍ଚ କଲାବେଳେ ମୋହିତ ରେଣୁବାଳାଙ୍କୁ କହିଲା, "ମାମା ଯେଉଁ ରୁମ୍‌ରେ ମୁଁ ଓ ଅସୀମା ରହୁଛୁ ସେଇଟା ଆମପାଇଁ ଛୋଟ ହେଉଛି। ଆଗେ ସିନା ସାତ ଆଠ ଦିନ ପାଇଁ ଆସୁଥିଲୁ, ଆମର ଦୁଇଟା ସୁଟ୍‌କେଶ୍ ଥିଲା ଲଗେଜ୍। ଏବେ ସବୁଦିନ ପାଇଁ ରହିଲେ ବହୁତ ଲୁଗାପଟା, ଟେବୁଲ ଚୌକି ଇତ୍ୟାଦି ଦରକାର ହେବ। ମୁଁ ଭାବୁଛି ତୁମ ରୁମ୍‌ଟା ତୁମେ ଆମକୁ ଛାଡ଼ି ଦେଇ ଆମ ରୁମ୍‌ରେ ତୁମେ ରହିଗଲେ ଭଲ ହୁଅନ୍ତା।"

ଏକଥା ଶୁଣି କିଛି ସମୟ ପାଇଁ ରେଣୁବାଳାଙ୍କ କାନ ଭାଁ ଭାଁ ହୋଇଗଲା। ସେ ଭାବିପାରିଲା ନାହିଁକି ଏକଥା କ'ଣ ମୋହିତ ଜାଣେ ନାହିଁ ସେ ଘରେ ମୋର ମୋ ସ୍ୱାମୀଙ୍କୁ ନେଇ ସବୁ ସ୍ମୃତି ଭରି ରହିଛି ? ମୁଁ ଏସବୁ ଛାଡ଼ିଦେଇ ମୋହିତ ରୁମ୍‌ରେ କେମିତି ରହିବି ? ସେ ଘରୁ ମୁଁ କାହିଁ ଖୋଜିବି ମୋ ସ୍ୱାମୀଙ୍କ କହିଥିବା କଥା ସବୁ ?"

କିନ୍ତୁ ସେ ମୋହିତକୁ ମନା କରି ପାରିଲେ ନାହିଁ। ସାତ ଆଠ ଦିନ ଭିତରେ ରୁମ୍ ବଦଳିଗଲା - ରେଣୁବାଳା ଆସି ରହିଲେ ମୋହିତ ଓ ଅସୀମାଙ୍କ ରୁମ୍‌ରେ। ଆଉ ପୁତ୍ର ପିତାର ଉତ୍ତରାଧିକାରୀ ଭାବେ ସେ ଗଲା ତା' ବାପାଙ୍କ ଶୋଇବା ଘରକୁ।

ରେଣୁବାଳା ଥରେ ଯେଉଁ ସେ ଘରୁ ବାହାରି ଆସିଲେ, ତା' ପରେ ଆଉ କେବେ ଥରେବି ମୁହଁ ବୁଲେଇ ଚାହିଁ ନାହାନ୍ତି ସେ ଘରକୁ। ଭାରି ଅଭିମାନ ହୁଏ ନିଜ ଉପରେ ଓ ସ୍ୱାମୀଙ୍କ ଉପରେ। ଏଠି ମୋତେ ଛାଡ଼ିଦେଇ ଏକା ଏକା ଚାଲିଗଲ କେମିତି ? ଦିନେ ପରା ମୋତେ ଚାହିଁ କହୁଥିଲ, "ମୁଁ ମରିବା ବେଳେ ଯଦି ଯମ ପଚାରେ ଏ ପୃଥବୀରୁ ତୁ କ'ଣ ନେଇ ଯିବାକୁ ଚାହୁଁ ତେବେ ମୁଁ କହିବି ରେଣୁକୁ ନେବି। କାରଣ ସେ ସ୍ୱର୍ଗ ହେଉ ବା ନର୍କ ମୁଁ କେଉଁଠି ତୁମ ବିନା ଚଳି ପାରିବି ନାହିଁ।" କୁଆଡ଼େ ଗଲା ତୁମର ଏସବୁ କଥା ? ମରିବା ପରେ ତ ଯମକୁ କହିପାରିଥାନ୍ତ, ମୋତେ ଏ ଦୁନିଆକୁ ଆଣିଲ ଠକ୍ ଅଛି, କିନ୍ତୁ ଦୟା କରି ମୋ ରେଣୁକୁ ବି ନେଇ ଆସ...।" ତୁମେ ତୁମ କଥା ରଖି ପାରିଲ ନାହିଁ ବା ଯମ ସହିତ କଥା ହେବାର ଶକ୍ତି ତୁମର ନ ଥିଲା।

ତାଙ୍କୁ ଜୀବନ ଦୁର୍ବିସହ ଲାଗେ। ଘରେ କ'ଣ ରନ୍ଧା ହେବ ତା' ଅସୀମା କଥା ଅନୁସାରେ ହୁଏ। ସେ ନିଜେ ନ ଖାଉଥିବାରୁ ସାଧାରଣତଃ ସେ କିଛି ଆମିଷ ମଗାଏ ନାହିଁ। ଯେଉଁ ମୋହିତ ଦିନେ ଥାଳି ପାଖେ ବସୁ ନ ଥିଲା ମାଛ ମାଂସ ନ ଥିଲେ ଆଜି ସବୁଦିନ ନିରାମିଷ ଖାଇଲେ ବି ପାଟି ଫିଟାଉ ନାହିଁ। ଅସୀମାକୁ ଭଲ ଲାଗେ ନାହିଁ ଓଡ଼ିଆ ରନ୍ଧଣା ତେଣୁ ପୂଝାରୀ କେବଳ ଭାତ, ଡାଲି, ରୁଟି କରେ, ଅସୀମା ନିଜ ରୁଚି ଅନୁସାରେ ତରକାରୀ ରାନ୍ଧେ। ସ୍ୱାମୀ ସ୍ତ୍ରୀ ଦୁହେଁ ଆନନ୍ଦରେ ଖାଆନ୍ତି। ମୋହିତ ମାମାଙ୍କୁ ଜବରଦସ୍ତ ଡାକିଆଣି ଟେବୁଲ ପାଖେ ବସାଏ। ରେଣୁବାଳା ପୁଅ କଥା ଭାଙ୍ଗି ପାରନ୍ତି ନାହିଁ। ମୁଠାଏ ଭାତ ଡାଲି ଗୋଳେଇ ଖାଇ ଦିଅନ୍ତି, କେବେ କେବେ ପୂଝାରୀ ରବି ଦୁଇଖଣ୍ଡ ବାଇଗଣ ଛାଣି ଆଣିଦିଏ। ରେଣୁବାଳାଙ୍କ ସେଇ ଦୁଇଖଣ୍ଡ ବାଇଗଣ ଭଜା ଲଗେଇ ଆଉ ଗଣ୍ଡେ ଭାତ ଖାଇ ଦିଅନ୍ତି। ଅସୀମା ଟେବୁଲ ସେପଟୁ ପାଟି କରି କହେ, "ମାମିଜୀ, ଆପଣ ଏତେ ଭଜା ଖାଇବା ଉଚିତ ନୁହେଁ, କଲୋଷ୍ଟ୍ରିଆଲ ବଢ଼ିଯିବ। ଦେଖି ଚାହିଁ ଖାଆନ୍ତୁ।" ରେଣୁବାଳାଙ୍କର ଏତକ ଶୁଣିଲା ପରେ ଛାତିରେ ଭରି ହୋଇଗଲା ଛାତିଏ କୋହ। ତାଙ୍କୁ ତେଲ ଛଣା ଭଲ ଲାଗେ ବୋଲି ହରମୋହନଙ୍କୁ କହନ୍ତି, "ଆଜି ମାଆଙ୍କ ପାଇଁ ପୋଟଳ ବେସନ ଦେଇ ଛାଣିଦେ, ପାମ୍ପଡ଼ ଦୁଇଖଣ୍ଡ ବି ଛାଣିଦେବୁ।" ଏସବୁ କଥା ମନେପଡ଼ିଯିବାରୁ ରେଣୁବାଳାଙ୍କର ଆଖିରୁ ଲୁହ ବୋହି ଆସିଲା। ମୋହିତ କିଛି ଅନୁମାନ କଲା ବୋଧେ, ସେ ରେଣୁବାଳାଙ୍କ ପାଖକୁ ଆସି ତାଙ୍କୁ କୁଣ୍ଢେଇ ପକେଇ କହିଲା, "କ'ଣ ହେଲା ମାମା, କ'ଣ ପାପା ମନେ ପଡୁଛନ୍ତି ? କ'ଣ କରିବା ମାମା। ଆମ ଭାଗ୍ୟ ଖରାପ। କେତେ ଅଶୀ ନବେ ବର୍ଷର ବୁଢ଼ା ବଞ୍ଚିଛନ୍ତି, ବାପାଙ୍କୁ ତ ଜମା ପଅଁଷଠୀ ବର୍ଷ ହୋଇଥିଲା...।"

ରେଣୁବାଳା ଗମ୍ଭୀର ହୋଇ ଉତ୍ତର ଦେଲେ, "ହଁରେ ବାପା-ବାପା ବି କ'ଣ ଇଚ୍ଛା କରି ମରିଥିବେ ? ସେ କ'ଣ ଚାହିଁ ନ ଥିଲେ ଆମ ମାନଙ୍କ ସାଙ୍ଗେ ଆଉ କିଛିଦିନ ରହିବାକୁ ? କିନ୍ତୁ ଯମ କ'ଣ କାହା ମନ ବୁଝେ ? ସେ କିଛି ଆଳ ଦେଖାଇ ମଣିଷକୁ ନେଇଯାଏ।"

ରେଣୁବାଳା ପୁଣି କହିଲେ, "ରୋହିତର ବାହାଘରଟା କରିଦେଲେ ମୁଁ ବି ନିଶ୍ଚିନ୍ତରେ ମରି ପାରନ୍ତି... ତୁ ତ ତୋର ସ୍ତ୍ରୀ ସାଙ୍ଗେ ଜୀବନ କଟେଇ ଦେବୁ, ରାଧିକା ତ ତା'ର ଘର ସଂସାର କଲାଣି..."

"ହଁ, ମାମା, ବାପାଙ୍କ ବର୍ଷିକିଆ ସରୁ ରୋହିତକୁ ବାହା କରିଦେବା।"

ରୋହିତ ପାଇଁ ବହୁତ ଭଲ ଭଲ ପ୍ରସ୍ତାବ ଆସୁଥାଏ, କିନ୍ତୁ ରେଣୁବାଳା ଆଗେଇ ପାରୁ ନ ଥାଆନ୍ତି। ଏକେ ତ ସ୍ୱାମୀ ଯିବାର ବର୍ଷଟେ ହୋଇନି, ପୁଣି ରୋହିତ ଯଦି ମୋହିତ ପରି ଆଉ କାହାକୁ ଠିକ୍ କରିଥାଏ ! ସେ ରୋହିତକୁ ନ ପଚାରି କିଛି କରିପାରିବ ନାହିଁ। ଚାହୁଁ ଚାହୁଁ ସମୟ କୁଆଡ଼େ ଚାଲିଗଲା। ହରମୋହନ ବାବୁ ଚାଲିଯିବାର ବର୍ଷଟେ ହୋଇଗଲା। ତିନି ପିଲାମାନେ ମିଶି ଭାରି ଭଲରେ ପାପାଙ୍କ ବାର୍ଷିକୀ କଲେ। ରେଣୁବାଳା ନିଜେ ଟିକେ ନିଜକୁ ସମ୍ଭାଳି ନେଲେଣି। ବର୍ଷିକିଆ ସରିବା ପରେ ସେ ପିଲାମାନଙ୍କୁ ଡାକି ରୋହିତ ବାହାଘର ବିଷୟରେ କଥା ପକାଇଲେ। ରୋହିତ ମୂଳରୁ ଏତେ ଆଗ୍ରହ ଦେଖାଇ ନ ଥିଲା, କିନ୍ତୁ ଭାଇ, ଭାଉଜ, ରାଧିକା ଓ ତା' ସ୍ୱାମୀ ବାଧ୍ୟ କଲାରୁ ରାଜି ହେଲା ଓ ମାମା ଯାହାକୁ ଠିକ୍ କରିବେ ତାକୁ ବାହା ହେବାରେ ତା'ର କିଛି ଆପତ୍ତି ନାହିଁ ବୋଲି କହିଲା।

'ପାତ୍ରୀ ଆବଶ୍ୟକ' ବୋଲି ଖବରକାଗଜରେ ବାହାର କରାଗଲା। ଏଡ଼େ ଭଲ ଘର ଓ ଏଡ଼େ ଯୋଗ୍ୟର ପୁଅ ଝିଅମାନଙ୍କ ବାପାମାନେ ହରମୋହନଙ୍କ ଘର ଆଗରେ ଲାଇନ୍ ଲଗାଇଲେ। ବହୁତ ଖୋଜାଖୋଜି ପରେ ଗୋଟିଏ ଶିକ୍ଷିତା ସୁନ୍ଦରୀ ଝିଅ ସମସ୍ତଙ୍କ ମନକୁ ପାଇଲା। ଝିଅର ନାଁ ସଂଗୀତା

ଦାଶ ଓ ସେ ଓଡ଼ିଆରେ ଏମ୍.ଏ. କରିବା ସହ ଭଲ ଗୀତ ଗାଏ। ରେଣୁବାଳା ସ୍ୱାମୀଙ୍କୁ ବହୁତ ମନେ ପକାଇଲେ। ସେଇ ରାତିରେ ସେ ସ୍ୱାମୀ ହରମୋହନଙ୍କୁ ସ୍ୱପ୍ନ ଦେଖିଲେ- ସେମାନେ ଦୁଇଜଣ ପୁରୀ ସମୁଦ୍ର କୂଳରେ ବସିଛନ୍ତି - ଯେମିତି ବାହାଘର ଅଳ୍ପଦିନ ପରେ ପୁରୀ ଯାଇ ବସୁଥିଲେ। ତାଙ୍କୁ ଲାଗିଲା ସେ ହରମୋହନଙ୍କ ଦେହକୁ ଲାଗି ବସିଛନ୍ତି ଓ ହରମୋହନ ତାଙ୍କ କାନ୍ଧ ଉପରେ ହାତ ପକେଇ ଅଳ୍ପ ହସି କହୁଛନ୍ତି, "ରେଣୁ, ତୁମେ ମୋତେ ହରାଇ ଦେଲ ବୋହୂ ଚୟନ କରିବାରେ। ଏ ବୋହୂ ତୁମେ ପୂଜା କଲାବେଳେ ଭଜନ ଗାଇ ତୁମକୁ ଶୁଣାଇବ - ଗୁରୁବାର ବସାରେ ଲକ୍ଷ୍ମୀପୁରାଣ ପଢ଼ିବ, ତୁମେ ଯାହା ଚାହିଁବ ସେ ସବୁ କରିବ..." ରେଣୁକା ସ୍ୱାମୀଙ୍କ ହାତକୁ ନିଜ ପିଠି ଉପରୁ କାଢ଼ିଦେଇ ତାଙ୍କ ନିଜ ହାତ ଭିତରେ ରଖି କହିଲେ, "ବୁଝିଲ, ଏସବୁ ମୁଁ କରୁଛି ପିଲାମାନେ ମୋତେ କିଛି ନ କହନ୍ତୁ ବୋଲି। କିନ୍ତୁ ଏସବୁରେ ମୋ ମନ ବୁଝୁନି। ମୁଁ ଖାଲି ତୁମ କଥା ଭାବୁଛି...।"

ହରମୋହନ ବାବୁ ଗୋଟାଏ ଦିଲ୍‌ଦାର ହସ ହସି କହିଲେ, "ବ୍ୟସ୍ତ ହୁଅନି ରେଣୁ, ତୁମ କାମ ସରିଲେ ମୁଁ ତୁମକୁ ମୋ ପାଖକୁ ନେଇ ଆସିବି - ପୁଣି ଆମେ ଏକାଠି ରହିବା। ନିଜ ରକ୍ତର ହେଲେ ବି ପୁଅ ଝିଅ କେବେ ଆମର ହୋଇପାରିବେ ? ସେମାନେ ତାଙ୍କ ସ୍ତ୍ରୀ ଓ ସ୍ୱାମୀମାନଙ୍କର...।" ଏତିକିରେ ରେଣୁବାଳାଙ୍କର ନିଦଟା ଭାଙ୍ଗିଗଲା।

ନିଦରୁ ଉଠି ସେ ପ୍ରଥମେ ବୁଝିପାରିଲେ ନାହିଁ ଯେ ସେ ସ୍ୱପ୍ନ ଦେଖୁଥିଲେ ବୋଲି ସ୍ୱାମୀଙ୍କ ସାନ୍ନିଧ୍ୟ ତାଙ୍କୁ ଏକବାରେ ସତ ପରି ଲାଗୁଥିଲା। କିଛି ସମୟ ବିତିଯିବା ପରେ ସେ ଭାବିଲେ ନିଶ୍ଚେ ହରମୋହନ ବାବୁ ତାଙ୍କ ପାଖକୁ ଆସିଥିଲେ ଓ ସେ ଯାହା କହିଲେ ସବୁ ସତ। ଏ ରୋହିତର ବାହାଘରଟା ସରିଲେ ମୋର ଏ ସଂସାରରେ ଆଉ କିଛି ଦାୟିତ୍ୱ ନାହିଁ। ହରମୋହନ ଦୋକାନ କଲାବେଳେ ରେଣୁଙ୍କର ଯେଉଁ ଗହଣା ବିକିଥିଲେ ସେ ବାବଦକୁ ଲାଭର ଏକ ଚତୁର୍ଥାଂଶ ରେଣୁଙ୍କ ନାଁରେ ବ୍ୟାଙ୍କରେ ରଖି ଦେଇଥିଲେ। ସେ କେତେ ଟଙ୍କା ହେବଣି। ତାଙ୍କର ଅବଶିଷ୍ଟ ଜୀବନ ସେଥିରେ ଚଳିଯିବ। ଆଉ ସ୍ୱାମୀ ତ କଥା ଦେଇଛନ୍ତି ସେ ତାଙ୍କ ପାଖକୁ ତାଙ୍କୁ ଶୀଘ୍ର ନେଇଯିବେ। ତେଣୁ ବୃଥାରେ ଚିନ୍ତା କରି ଲାଭ କ'ଣ ?

ରୋହିତ ବିବାହ ବାପାଙ୍କ ବର୍ଷିକିଆର ମାସେ ପରେ ହେଲା। ରୋହିତ ସହିତ ତା' ସ୍ତ୍ରୀ ବମ୍ବେ ଗଲା। ଗଲାବେଳେ ରୋହିତ ମାଆଙ୍କୁ ବାଧ୍ୟ କଲା ତା' ସହିତ ଯିବା ପାଇଁ। ସଂଗୀତା ବି ଶାଶୂଙ୍କୁ ତାଙ୍କ ସେଙ୍ଗ ବମ୍ବେ ଯାଇ କିଛି ଦିନ ସେମାନଙ୍କୁ ଚଳେଇ ଦେଇ ଆସିବାକୁ ଅନୁରୋଧ କଲା। ରେଣୁବାଳା ପୁଅ ବୋହୂଙ୍କ କଥା ଭାଙ୍ଗି ପାରିଲେ ନାହିଁ। ଆଠ ମଙ୍ଗଳାର ଦୁଇଦିନି ପରେ ରୋହିତି, ସଂଗୀତା ଓ ରେଣୁବାଳା ବମ୍ବେ ଚାଲିଗଲେ।

ବମ୍ବେରେ ରୋହିତର ଗୋଟିଏ ଟୁ ବେଡ୍ ରୁମ୍ ଫ୍ଲାଟ୍। ଗୋଟିଏ ରୋହିତ ଓ ସଂଗୀତାଙ୍କ ଶୋଇବା ଘର, ଅନ୍ୟଟି ରେଣୁବାଳାଙ୍କ ପାଇଁ। ତା'ଛଡ଼ା ଛୋଟ ଡ୍ରଇଂ ରୁମ୍‌ଟିଏ ଓ ଛୋଟ ରନ୍ଧାଘରଟିଏ। ରେଣୁବାଳାଙ୍କୁ ଏ ଘରେ ଖାଲି ରୁନ୍ଧି ହୋଇଗଲା ପରି ଲାଗିଲା। ଲୁଗା ଶୁଖେଇବାକୁ ଖଣ୍ଡେ ଜାଗା ନାହିଁ - ଆଠ ମହଲା ଉପରକୁ ସୂର୍ଯ୍ୟକିରଣ ଭଲ କରି ପଡୁନି। ଏସବୁ ଅସୁବିଧା ସହିତ ଯିବାର ପନ୍ଦରଦିନ ଭିତରେ ସଂଗୀତା, ହାରମୋନିୟମ୍‌ଟେ କିଣିଆଣି ଶାଶୂଙ୍କ ରୁମ୍‌ରେ ରଖିଦେଲା। ଦୁଇଦିନ ପରେ ଜଣେ ମାଷ୍ଟ୍ର ବି ଆସିଲେ ସଂଗୀତାର ପ୍ରାକ୍ଟିସ୍ ପାଇଁ। ଆଉ ଏସବୁର ଜାଗା ହେଲା ରେଣୁବାଳାଙ୍କ ଶୋଇବା ଘର। ଏଡ଼େ ଛୋଟ ଶୋଇବା ଘର ପୁଣି ସେଥିରେ ଏକ୍ସ୍‌ଟ୍ରା ଲଗେଜ୍ ରହିଲାରୁ ରେଣୁବାଳାଙ୍କୁ ବଡ଼ ଅସ୍ୱସ୍ତିକର ଲାଗିଲା। ସେ ବୋହୂକୁ କହିଲେ, "ଏ ଗାଣାବାଜଣା ଜିନିଷ ସବୁ ଡ୍ରଇଂ ରୁମ୍‌କୁ ନେଇଯା, ସେଇଠି ଯେତେ ପ୍ରାକ୍ଟିସ୍ ମୋର କିଛି ଅସୁବିଧା ନାହିଁ। କିନ୍ତୁ ମୋ ରୁମ୍‌ରେ ଏତେ ଏକ୍ସ୍‌ଟ୍ରା ଜିନିଷ ରଖିଲେ ମୋତେ ଭଲ ଲାଗୁନି। ତା'ପରେ ତୋ ସାର୍ ଆସି ମୋ ଖଟ ଉପରେ ବସିଲେ ମୋତେ ଭଲ ଲାଗୁନି।"

ସଂଗୀତା ଶାଶୂଙ୍କୁ କିଛି ଉତ୍ତର ଦେଲା ନାହିଁ। ସନ୍ଧ୍ୟାରେ ରୋହିତ ଆସିବା ପରେ ବି ତା' ରୁମ୍‌ରୁ ବାହାରିଲାନି। ଆଜି ସ୍ୱାମୀଙ୍କୁ ଚା କରି ମଧ୍ୟ ଦେଲା ନାହିଁ ରୋହିତ ପଚାରିଲାରୁ କହିଲା, "ମୋ ମୁଣ୍ଡ ବହୁତ ବିନ୍ଧୁଛି।"

ରେଣୁବାଳା ତିନିକପ୍ ଚା କଲେ, ପୁଅ ବୋହୂଙ୍କ ପାଇଁ ଓ ନିଜ ପାଇଁ ଟ୍ରେରେ ଚା'ନେଇ ରୋହିତ ରୁମ୍‌କୁ ଗଲେ। କି ଆଶ୍ଚର୍ଯ୍ୟ, ସଂଗୀତା କାନ୍ଦୁଛି। ରେଣୁବାଳା କ'ଣ ଆଉ ଛୋଟପିଲା ଯେ ବୁଝିପାରିବେ ନାହିଁ ସଂଗୀତା କାହିଁକି କାନ୍ଦୁଛି ? ସେ ନିଜ ଚା' କପକୁ ନେଇ ତାଙ୍କ ଶୋଇବା ଘରକୁ ଚାଲିଗଲେ - ଭାବିଲେ, "ମୁଁ ଏମିତି କ'ଣ କହି ଦେଇଥିଲି ଯେ ସବୁ ଅଶୁଦ୍ଧି ହୋଇଗଲା ? ମୁଁ ମୋ ଶାଶୂନଣନ୍ଦଙ୍କ ଠାରୁ ଏକ କେତେ ଗଞ୍ଜଣା ଶୁଣିକରି ଚୁପ୍ ହୋଇ ରହୁଥିଲି। ଆଜିକାଲି ଝିଅଙ୍କୁ ପଦେ କହିବାର ନାହିଁ, ଟିକିଏକେ ତାଙ୍କର ପାନରୁ ଚୁନ ଖସିଯାଉଛି। ବହୁତ ହେଲା ବମ୍ବେରେ ପୁଅ ପାଖେ ରହିବା। ଏଥର ମୁଁ ମୋ ଘରକୁ କଟକ ଚାଲିଯାଏ।"

ରେଣୁବାଳାଙ୍କର ଜୀବନକୁ ନେଇ ବହୁତ ଅନୁଭୂତି ଅଛି। ତେଣୁ ସେଦିନ ପୁଅବୋହୂଙ୍କୁ କିଛି କହିଲେ ନାହିଁ। ରାତିରେ ନିଜେ ରାନ୍ଧିଲେ ଓ ରୋହିତ, ସଂଗୀତାଙ୍କୁ ଖାଇବାକୁ ଦେଲେ। ତା' ପରଦିନ ସଂଗୀତା ଆସିଲା ତାଙ୍କ ସାଙ୍ଗେ ମିଶି ଜଳଖିଆ କରିଦେବ ବୋଲି। ସେ କିନ୍ତୁ କହିଲେ, "କାଲି ତୋ ମୁଣ୍ଡ ବିନ୍ଧୁଥିଲା, ଏବେ ନିଆଁ ପାଖକୁ ଆସେ ନାହିଁ। ଦିନେ ଦୁଇଦିନ ରେଷ୍ଟ ନେଇ ଯା।" ସେ ପୁରୀ ଆଳୁ ତରକାରୀ ଜଳଖିଆ ପାଇଁ କଲେ। ସମସ୍ତେ ଏକାଠି ବସି ଖାଇଲେ। ଖିଆ ସରିଲା ବେଳକୁ, ରେଣୁବାଳା କହିବାକୁ ଆରମ୍ଭ କଲେ, "ଆରେ ରୋହିତ ମୋର ପ୍ଲେନ୍ ଟିକେଟ୍ କରିଦେ। ମୁଁ କଟକ ଚାଲିଯାଏ, ବହୁତ ଦିନ ରିହଲିଣି। ଗାଁକୁ ଟକିଏ ଯିବାକୁ ଅଛି, ଗୁରୁବାର ବସା ଆସି ମୁଣ୍ଡ ଉପରେ, ଗଲେ ତ କିଛି କରିବାକୁ ହେବ...।"

ରୋହିତ ଉତ୍ତର ଦେଲା, "ହଁ, ତୁମେ ଯଦି ଚାହୁଁଛ ମୁଁ ତୁମକୁ ରୋକିବାକୁ କିଏ ? ସତ କହିଲ, ମାମା ଏ ଯିବାଟା ଗୁରୁବସା ପାଇଁ ନା ଆଉ କେଉଁ କାରଣରୁ ? ତୁମେ ଯଦି ଚାହୁଁଚ ତ ଯାଅ, ମୋର କିଛି କହିବାର ନାହିଁ।"

"ନାଇଁରେ ରୋହିତ, ମୋତେ କ'ଣ ଭଲ ଲାଗୁଛି ତୋ ପାଖ ଛାଡ଼ି ଯିବାକୁ ? ମୁଁ ଘରର ବୋହୂ-ଶାଶୂଙ୍କର ବଡ଼ ଭରସା ଥିଲା ମୁଁ ତାଙ୍କର ସବୁ ପୂଜା ପରବ କରିବି ବୋଲି। ଗତବର୍ଷ ତ ବାପା ଚାଲିଯିବା ଲାଗି କିଛି କରିପାରି ନ ଥିଲି।" ଦୁଇଦିନ ପରେ ମୁଁ ଓଡ଼ିଶା ଆସିଲି। ମୋହିତ ମୋତେ ନେବାକୁ ଭୁବନେଶ୍ୱର ଏୟାରପୋର୍ଟ ଆସିଥିଲା। ଆମେ ଯାଇ ଠିକ୍ ସମୟରେ କଟକ ପହଞ୍ଚିଲୁ। ମୁଁ ଯାଇ ଦେଖିଲା ବେଳକୁ ମୁଁ ଯେଉଁଠାରେ ଶୋଉଥିଲି ସେଠାରେ ଗଦା ଗଦା ଖବରକାଗଜ। ମୁଁ ନ ପଚାରି ରହିପାରିଲି ନାହିଁ, ଅସୀମା ଉତ୍ତର ଦେଲା, "ମା'ଜୀ, ମୁଁ ଗୋଟିଏ ଇଂରାଜୀ ପେପର କଟକରୁ ବାହାର କରିବା ପାଇଁ ଚେଷ୍ଟା କରୁଛି, ଆପଣ ଦୁଇ ଚାରିଦିନ ରେହିତଙ୍କ ରୁମ୍‌ରେ ରହିଯାଆନ୍ତୁ, ମୁଁ ଶୀଘ୍ର ଏ ଘର ସଫା କରିଦେବି।"

ମୋ ମୁଣ୍ଡକୁ ପିତ୍ତ ଚଢ଼ିଯାଉଥାଏ। ମୁଁ ଭାବିଲି, "ଯୁଆଡ଼େ ଗଲି ମୋତେ ଗୋଟେ ଲୁଗା ଗଣ୍ଠିଲି ପରି ଯାହାର ଯେତେବେଳେ ଯେଉଁଠିକୁ ମନ ସେଇଠାକୁ ପଠାଇ ଦେଉଛି। ଆରେ ବାବା ଏ ଘର ମୋ ସ୍ୱାମୀଙ୍କର ଓ ମୋର। ତୁମେମାନେ କିଏ ମୋତେ ଆଜି ଏଠି କାଲି ସେଠି କରିବାକୁ ? କିନ୍ତୁ ଚୁପ୍ ରହିଲି କିଛି କହିଲି ନାହିଁ।"

ସେଦିନ ରାତିରେ ରାଧିକା ଫୋନ୍ କରିଥିଲା। ସବୁକଥା ପଚାରିବା ଭିତରେ ସେ ବୁଝିପାରିଲା ମୋ ମନର ଅବସ୍ଥା। ମୁଁ ଏଠି ସେଠି ହୋଇ ବଡ଼ ବ୍ୟସ୍ତରେ ଦିନ କାଟୁଛି। ତେଣୁ ସେ ମୋ ଆଗରେ ପ୍ରସ୍ତାବ

ବାଡ଼ିଲା, "ମାମା ତୁମେ କିଛି ଦିନ ଲାଗି ମୋ ପାଖକୁ ଆସୁନ ? ମୁଁ ଓ ତୁମ ଜୋଇଁ ଅସିତ ବହୁତ ଖୁସି ହେବୁ। ମୋ ରାଣ ମାମା, ମୋ ପାଖେ ରହିଲେ ତୁମକୁ ନିଶ୍ଚୟ ଭଲ ଲାଗିବ। ମୋର ଦୁଇ ପୁଅ ରାଜା ଓ ରତନ ତୁମକୁ ଦେଖି ବହୁତ ଖୁସି ହେବେ।"

"ମୁଁ ତ ଏକା ଯାଇପାରିବିନି, ନ ହେଲେ ମୋର ଏଠି କି କାମ ?"

"ତୁମେ କେବେ ଆସିବ କହିଲେ ମୁଁ ଯାଇ ତୁମକୁ ନେଇ ଆସିବି। ପ୍ଲିଜ୍ ମାମା, ତୁମେ ଆସିଲେ ମୋର ବହୁତ କଥା ତୁମଠାରୁ ଶିଖିବାକୁ ଅଛି। ତୁମେ ଯେଉଁ ମାଛବେସର କର ସେଇଟା ୟୁନିକ୍-ସାରା ପୃଥିବୀରେ ବି କେହି କରିପାରିବେ ନାହିଁ। ତୁମେ ଓ ମୁଁ ବହତୁ ଗପିବା। ବାପାଙ୍କ କଥା, ଅଜାଆଇଙ୍କ କଥା ଓ କଟକ କଥା- ହଁ ମା' ରଘୁ ଦହିବରା କଥା...।"

ରେଣୁବାଳାଙ୍କ ମୁହଁରେ ଛୋଟ ହସ ଖଣ୍ଡିଏ ଝଲସି ଉଠିଲା। ସେ ହରମୋହନଙ୍କ କଥା ଭାବିଲେ, ସତରେ ସେ ଯାହା କହୁଥିଲେ ତା ସତ। ଝିଅ ବୋଲି ସିନା ବୁଝିଲା ମୋ ମନକଥା- ଯୋଡ଼େ ଯୋଡ଼େ ବୋହୂ ଯେ କିଏ ଥରେ ଆଦରରେ ଗଣ୍ଡେ ଭାତ ବାଢ଼ି ଦିଅନ୍ତିକି ! ରାଧିକାକୁ ମୁଁ ଭଲ କରି ବୁଝି ନ ଥିଲି। ମୁଁ ଆଜି ଫୋନ୍ କରିବି ସେ ଆସି ମୋତେ ଏଠୁ ନେଇଯାଉ। ରେଣୁବାଳା ସନ୍ଧ୍ୟାବେଳକୁ ରାଧିକାକୁ ଫୋନ୍ କରି କହିଲେ, "ରାଧିକା ଲୋ ତୁ ଆସି ମୋତେ  ନେଇ ଯାଆ। ମୁଁ ତ ଏକା ଯାଇ ପାରିବିନି। ତା'ଛଡ଼ା ତତେ ଦେଖିଲେ ମୋ ଯିବାରେ କେହି ବାଧା ଦେବେନି।" ଚାରିଦିନ ପରେ ରାଧିକା ଆସିଲା ଓ ତା' ଆସିବା କଥା ମୋହିତକୁ କହିଥିଲା ଫୋନ୍‌ରେ। ମୋହିତ ରାଧିକାକୁ ଆଣିବାକୁ ନିଜେ ଗଲା ଭୁବନେଶ୍ୱର, ସାଙ୍ଗରେ ତା ସ୍ତ୍ରୀ ଅସୀମା ବି ଯାଇଥିଲା। ଫେରିଲା ବାଟରେ ନାନା କଥାବାର୍ତ୍ତା ଭିତରେ ମୋହିତ କହଲା, "ରାଧିକା, ମାମା ଆଜି କାଲି ବଡ଼ ଟଚି ହୋଇଯାଇଛନ୍ତି। ସେ କଥା ମୋତେ ଅସୀମା କହୁଥିଲା, ମୁଁ ବିଶ୍ୱାସ କରୁ ନ ଥିଲି। ଏବେ କିନ୍ତୁ ସପ୍ତାହେ ଖଣ୍ଡେ ହେଲାଣି ମୁଁ ଲକ୍ଷ୍ୟ କରୁଛି ମାମା ଟିକିଏ ମନ ଖରାପ କରୁଛନ୍ତି। ତୁ ତ ଆସିଛୁ, ମାମାଙ୍କୁ ଟିକିଏ ବୁଝେଇଲେ ଭଲ ହୁଅନ୍ତା।"

"ହଁ, ଭାଇନା ମୁଁ ଚେଷ୍ଟା କରିବି। ଭାବୁଛି ଏବେ କିଛିଦିନ ଲାଗି ତାଙ୍କୁ ମୋ ସହିତ ଦିଲ୍ଲୀ ନେଇଯିବି। ନୂଆ ଜାଗା, ନୂଆ ପରିବେଶ, ହୁଏତ ତାଙ୍କୁ ଭଲ ଲାଗିପାରେ। ତୁମେ ବ୍ୟସ୍ତ ହୁଅନି। ମାମା ବେଶିକାଳି ଭଲ ଲୋକ। ପାପାଙ୍କ ହଠାତ୍ ଚାଲି ଯିବାଟା ଯେ ଗ୍ରହଣ କରିପାରି ନାହାନ୍ତି...।"

ଏମିତି ବହୁତ ଗପସପ କରୁକରୁ ସେମାନେ ଆସି କଟକରେ ପହଞ୍ଚିଗଲେ।

ତାଙ୍କ ଘରର ପୁରୁଣା କାମବାଲୀ ଘର ଓଳଉଥିଲା। ରାଧିକାକୁ ଦେଖି କହିଲା, "ନାନୀ ଭଲ କଲ ଆସିକରି। ମାଆ ତ ସବୁବେଳେ ମନମାରୀ ବସିରହୁଛନ୍ତି। ଖିଆପିଆରେ କିଛି ଠିକଣା ନାହିଁ। ତୁମେ ଟିକିଏ ତାଙ୍କୁ ସବୁକଥା ବୁଝାଅ। ଏଇ ତ ମଣିଷ ଜୀବନ। ମୋ ଗେରସ୍ତ ତ ମରି ଯାଇଥିଲା ଯେତେବେଳେ ମୋ ପିଲା ଦୁଇଟା ତିନିବର୍ଷ ଦେଢ଼ବର୍ଷର ହୋଇଥିଲେ। ପୁଣି ମୁଁ ପେଟରେ ଚାରିମାସ। କେତେ ଦୁଃଖ ନ କରିଛି ଏ ପିଲା ତିନିଟାଙ୍କୁ ମଣିଷ କରିବାରେ ! ଶାଶୂ ଶ୍ୱଶୁର ମୁହଁକୁ ଚାହିଁଲେନି, ବାପ ଘରକୁ ପଳେଇ ଗଲି; କିନ୍ତୁ ସେଠି ଚାରିମାସ ରହିଲା ପରେ ଜାଣିଲି ଖାଲି ମାଆଟା ମୋ ପାଇଁ ଦୁଃଖ କରେ – ଏମିତିତ ବାପା ବା ଭାଇ ଚାହୁଁ ନ ଥିଲା ମୁଁ ସେମାନଙ୍କ ପାଖେ ରହେ ବୋଲି। ଏଥର ମୁଁ ବୁଝିଲି ପୃଥିବୀରେ ମୁଁ ଏକୁଟିଆ, ମୋତେ ଖଟି ଖାଇବାକୁ ହେବ, ମୋତେ ମୋ ପିଲାଙ୍କୁ ବଢ଼େଇବାକୁ ହେବ- ଛାଡ଼ ନାନୀ ମୋ ଦୁଃଖ କହିଲେ ସରିବନି। କ'ଣ ସବୁ ନ କରିଛି ଏ ପିଲା ତିନିଟାଙ୍କ ଲାଗି...।"

"ହଁ ତୋ କଥା ମାମାଙ୍କ ଠାରୁ ସବୁ ଶୁଣିଛି। ତୁ କାମ ସାରି ଯାଆ, ସିଆଡ଼େ ତୋ ପିଲେ ତତେ ଚାହିଁ ବସିଥିବେ।"

"ପିଲାମାନେ ମୋତେ କାହିଁ ଚାହିଁ ବସିବେ ? ବଡ଼ଟା ତ ଗୋଟାଏ ଦୋକାନରେ କାମ କରୁଛି ସାନଟା ତ ଗୋଟାଏ ବାବୁ ଘରେ ବଗିଚା କାମ କରି ତା' ପେଟ ପୋଷୁଛି। ଖାଲି ରମାଟା ମୋ ପାଇଁ ଗଣ୍ଡେ ରାନ୍ଧି ମୋ ବାଟକୁ ଚାହିଁ ବସିଥାଏ, ଟିକିଏ ସଅଳ ଗଲେ ତାକୁ ଭଲ ଲାଗେ, ଯାହାର ଝିଅ ନାହିଁ ସେ ଜାଣେନି ଝିଅ କି ଦରବ। ନାନୀ ମୋ କଥା ମାନ- ଏଥର ଗୋଟାଏ ଝିଅ ପାଇଁ ଚେଷ୍ଟା କର। କଟକ ଚଣ୍ଡିଙ୍କ ପାଖେ ମାନସିକ କର- ସେ ନିଶ୍ଚେ ତୁମକୁ ଖଣ୍ଡେ ମାଇକିନିଆ ପିଲା ଦେବେ...।" ବୁଝିଲୁ ଲଛମୀ, ତୋର ଖାଲି ଏଇ କଥା ! ଦୁଇଟା ପୁଅ କ'ଣ ଯଥେଷ୍ଟ ନୁହନ୍ତି ? ଆଜିକାଲି ପୁଅଝିଅ ସବୁ ସମାନ। ଭଲ ହେବାକୁ ଥିଲେ ପୁଅ ବି ଭଲ, ଝିଅ ବି ଭଲ।"

"ଯାଅ, ସୁରକୁ କହ ମୋ ପାଇଁ କପେ ଅଦା ପକା ଚା କରି ଆଣିବ।"

ଲଛମୀ ହସି ହସି ଉତ୍ତର ଦେଲା, "ହଁ ନାନୀ, କହି ଦେଉଛି। ଯେଉଁ ନୂଆବୋଉ ମା' ଆସିଛନ୍ତି ତାଙ୍କର ଅର୍ଡ଼ରରେ ରନ୍ଧାରନ୍ଧି ହେଉଛି। ବଡ଼ ଭାଇନା କେମିତି ତାକୁ ଖାଇଦେଉଛନ୍ତି କେଜାଣି ? ଅଧେ ଦିନ ତ ମାଆ କିଛି ଖାଉ ନାହାନ୍ତି। ଦୁଇଟା ପାଚିଲା କଦଳୀ ଖାଇ, ଦୁଧ ଟିକିଏ ପିଇ ରହିଯାଉଛନ୍ତି... ଏଇ ଘରେ କେତେ ପ୍ରକାର ରନ୍ଧା ହେଉ ନ ଥିଲା, କେତେ ପିଠାପଣା ହେଉ ନ ଥିଲା, ଏବେ ସେ ସବୁ ସପନ...।"

"ହଉ, ଠିକ୍ ଅଛି, ପିଠାପଣା ଗୁଡ଼ା ଖାଇକି କ'ଣ ଲାଭ ? ଖାଲି ମୋଟା ହେବା କଥା। ତୁ ସୁରକୁ କହ ମୋ ପାଇଁ ଭଲ କରି ଚା କପେ କରିଦେବ।"

"ନାନୀ, କ'ଣ ଜଳଖିଆ ଖାଇବେ ଆପଣ ?" ପଚାରିଲା ଲଛମୀ।

"କିଛି ନାହିଁ, ଫ୍ଲାଇଟ୍‌ରେ ଟିକିଏ ଖାଇଦେଇଥିଲି। ଏକଥରେ ମାମାଙ୍କ ସଙ୍ଗେ ଖାଇବି।" କହିଦେଇ ରାଧିକା ମାମାଙ୍କ ଠାକୁର ଘରକୁ ଗଲା। ମାମା ଭାଗବତ ପଢୁଥିଲେ, ସେ ଆସି ପହଞ୍ଚିଲା ବେଳକୁ, ତେଣୁ ସେତେବେଳେ ସେ ତାଙ୍କୁ ଡିଷ୍ଟର୍ବ କରିବାକୁ ଚାହୁଁ ନ ଥିଲା। ଏବେ ତାଙ୍କର ପଢ଼ା ସରିବଣି। ଏବେ ଗଲେ ମାମା ତା ସହିତ କଥା ହେବେ।

ରାଧିକା ମାମାଙ୍କ ପାଖକୁ ଯାଇ ତାଙ୍କ ପାଦଛୁଇଁ ପ୍ରଣାମ କଲା। ରେଣୁବାଳା ଝିଅକୁ ଦେଖି ଦେଖି ତାଙ୍କ ମୁହଁରେ ହସ ଖେଳିଗଲା। ଝିଅକୁ କୁଣ୍ଢେଇ ପକେଇ କହିଲେ, "କେତେବେଳୁ ଆସିଲୁଣି- କ'ଣ ଜଳଖିଆ ଖାଇଲୁଣି – ଚାଲ ମୁଁ ତୋ ପାଇଁ ପୁରୀ ତରକାରୀ କରିଦେବି – ଦାମ ମହରାଜରୁ ରସଗୋଲା ମଗେଇ ରଖିଛି...।"

ମାମା ମୋତେ ଚାରିଦିନରେ ତୁମେ ଚାରିକେଜି ମୋଟା କରି ଛାଡ଼ିଦେବ। ଏତେ ବ୍ୟସ୍ତ କାହିଁକି ? ଦିଲ୍ଲୀ ଗଲେ ତୁମ ମନମୁତାବକ ଖୁଆଇବ। ମାମା କିନ୍ତୁ ଗୋଟିଏ କଥା ମନେରଖ, "ମୋ ଡାକ୍ତର କହିଛନ୍ତି ମୋତେ ଦଶକେଜି ଝଡ଼ିବାକୁ... ଆଉ ତୁମ ପ୍ଲାନ୍ ମୋତେ ଆଉ ଦଶ କେଜି ବଢ଼େଇଦେବାର..."

ରେଣୁବାଳା ଝିଅର ମୁଣ୍ଡ ଆଉଁଶି ଦେଇ କହିଲେ, "ରାଧିକା ତୁ ଆଉ ବଦଳିଲୁ ନାହିଁ। ପାଠ ପଢ଼ିଲା ବେଳେ ସେମିତି ନ ଖାଇ ନ ଖାଇ ରହୁ, ହଁ ସେତେବେଳେ ସିନା ନାଚୁଥିଲୁ ବୋଲି ଏତେ ଜଗି ରଖି ଚାଲୁ ଥିଲୁ। ଏବେ କାହିଁ ଏତେ କଷ୍ଟ ? ମୋର ତୋ ପାଇଁ ଟିକିଏ ମାଛ ବେସର କରିବାକୁ ମନ, କିନ୍ତୁ ଅସୀମା ଲାଗି ଆମ ଘରେ ଆଉ ଆଇଁଷ ପଶୁ ନାହିଁ। କେଜାଣି କେମିତି ମୋହିତ ସବୁଦିନ ସାଧା ଖାଇ ରହୁଛି ? ପିଲାଦିନେ ତ ମାଂସ ନ ହେଲେ ଭାତ ଥାଳି ପାଖେ ବସୁ ନ ଥିଲା ! ମଣିଷ ଏମିତି ବଦଳନ୍ତି ମୁଁ କେବେ ଦେଖିନଥିଲି। ତୋ ପାପା ବଞ୍ଚିଥିଲେ ସେ ଏକଥା ହେବାକୁ ଦେଇନଥାନ୍ତେ...।"

ରାଧିକା ମାମାଙ୍କ ହାତକୁ ନିଜ ହାତରେ ନେଇ କହିଲା, "ତୁମେ ତୁଚ୍ଛାଟାରେ ଏତେ ବ୍ୟସ୍ତ ହେଉଛ କାହିଁକି ? ଆଜିକାଲି ତ ବହୁତ ଲୋକ ଇଚ୍ଛା କରି ଭେଜିଟେରିଆନ୍ ହୋଇ ଯାଉଛନ୍ତି। ଏମିତିକି

ଫରେନର୍‌ମାନେ ବି, ତୁମେ ବ୍ୟସ୍ତ ହୁଅନି ମାମା, ମୋ ପାଖକୁ ଗଲେ ତୁମ ଇଚ୍ଛା ଯାହା ତା' କରି ମୋତେ ଖୁଆଇବ...।"

"ହଁ ଲୋ ମା', ଏଠି ମୋ ଘରେ ମୁଁ କୁଣିଆ, କିଛି କହିବାର ମୋର ଅଧିକାର ନାହିଁ। ମୋ ପୁଅଗୁଡ଼ା ଏତେ ମାଇପି ବୋଲିଆ ହେବେ ବୋଲି ମୁଁ ଭାବି ନ ଥିଲି। ଏବେ ମୁଁ ଦେଖୁଛି ପାପା ନ ଥିବାରୁ ମୋତେ ପୁଅମାନେ ଖାତିର କରୁନାହାନ୍ତି।"

ରାଧିକା ମାମାଙ୍କୁ ଟିକିଏ ଜୋର୍‌ରେ ଦାବି ଦେଇ କହିଲା, "ନାଇଁ ମାମା ସେମିତି ଭାବ ନାହିଁ। ତୁମ ପୁଅମାନେ ଭାରି ଭଲ। ତୁମକୁ ବହୁତ ସମ୍ମାନ ଓ ସ୍ନେହ କରନ୍ତି କିନ୍ତୁ ସେମାନଙ୍କ ସଂସାର ତ ସେମାନଙ୍କୁ ଦେଖି ଚଳିବାକୁ ହେବ। ସେମାନଙ୍କୁ ଭୁଲ ବୁଝ ନାହିଁ।"

ରେଣୁବାଳା ଗୋଟିଏ ବାତ୍ସଲ୍ୟଭରା ହସ ହସି କହିଲେ, "ତୁ ମୋତେ କ'ଣ ବୁଝାଇବୁ? ମୁଁ ଦିନେ ବୋହୂ ଥିଲି। ମୋ ଶାଶୂଙ୍କ ଠାରୁ ବହୁତ କଥା ସହିଛି। କିନ୍ତୁ ତୋ ବାପା ମୋତେ ଭଲ ପାଇଲେ ବି ପ୍ରଥମେ ତାଙ୍କ ମା', ବାପାଙ୍କ କଥା ବୁଝୁଥିଲେ, ମୋତେ କହନ୍ତି, "ରେଣୁ ତୁମେ ତ ମୋର ସବୁଦିନେ, ଏ ବୁଢ଼ାବୁଢ଼ୀ ଦୁଇଟାଙ୍କ ମନରେ ଟିକିଏ ବି କଷ୍ଟ ଦେଲେ ତାଙ୍କ ନିଶ୍ୱାସ ଆମ ଉପରେ ବା ଆମ ପିଲାଙ୍କ ଉପରେ ପଡ଼ିବ। ଆମ ଭଲ ପାଇଁ ଆମେ ସେମାନଙ୍କ କଥା ମାନି ଚଳିଯିବା। ସେୟା ହେଲା। କିନ୍ତୁ ରୋହିତ ଘରେ ସେଦିନ ମୁଁ ପଦେ କହିଛି କି ନାହିଁ ସାନବୋହୂ କାନ୍ଦିକାନ୍ଦି ଆଖି ଗେଣ୍ଡା ପରି କଲା। ମୁଁ କ'ଣ ନାକରେ ଭାତ ଖାଉଛି ମୁଁ ବୁଝି ପାରିବିନି, କଥା କ'ଣ? ରୋହିତ ମୋତେ କିଛି କହିଲାନି ଓ ନିଶ୍ଚେ ସଂଗୀତା ତାକୁ ମୋ ବିଷୟରେ କିଛି କହିଥିବ। ମୋର ମୋ ଶାଶୂ କହୁଥିବା ଗୋଟିଏ ଢଗ ମନେପଡ଼ିଲା- "ପାଖରେ ଶୁଏ କାନରେ କହେ, ତା କଥା କେବେ ଅନ୍ୟଥା ହୁଏ।" ତେଣୁ ତା' ପରଦିନ ମୁଁ ଯେତେବେଳେ କଟକ ଆସିବା କଥା କହିଲି ରୋହିତ ବିଶେଷ ବାଧା ଦେଲାନି। ମୋତେ ନେଇ କଟକରେ ଛାଡ଼ିଦେଇ ଆସିଲେ ବାଡ଼ି ଭାଙ୍ଗିବନି କି ସାପ ମରିବନି। ମୁଁ ବି ଭାବିଲି ସେଠାରେ ଏମିତି ଗୁଞ୍ଜିଗାଞ୍ଜି ହୋଇ ରହିବା ଅପେକ୍ଷା କଟକ ଚାଲି ଆସିଲେ ଭଲ। କିନ୍ତୁ ଏଠିକୁ ଆସିଲି ମୋ ପାଇଁ ଗୋଟାଏ ରୁମ୍ ନାହିଁ। ଘର ମୋର କିନ୍ତୁ ଘରର ମାଲିକାଣୀ ଅସୀମା। ତା କଥାରେ ସମସ୍ତେ ଚଳିବେ, ସତେ ଯେମିତି ସବୁ ବୋପା ଘରୁ ନେଇ ଆସିଛି! ଯାହା ତ ପ୍ରଥମରୁ ମୋହି ମୋ ରୁମ୍‌ରୁ ମୋତେ କାଢ଼ି ଦେଇଥିଲା, ଏବେ ଯେଉଁ ରୁମ୍‌ରେ ମୁଁ ଶୋଉଥିଲି କି ବସା ଉଠା କରୁଥିଲି ସେ ଘର ଗୋଟାଏ ଖବରକାଗଜ ଗୋଦାମ୍ ହୋଇ ପଡ଼ିଛି। ଅସୀମା କହୁଛି, "ଆପଣ ତ ଏକା ଲୋକ, ଟିକିଏ ଆଡ଼ଜଷ୍ଟ କରି ନିଅନ୍ତୁ।" ମୁଁ ଓ ପାପା ଘର କିରଥିଲୁ ଭଲରେ ରହିବା ପାଇଁ ନା ଏମାନେ ମୋତେ ଏଠା ସେଠା କରିବା ପାଇଁ! ବୁଝିଲୁ ରାଧିକା ମୁଁ ଭାବୁଛି ମୋର ସବୁ ବଳ ତୋ ପାପା ଥିଲେ, ସେ ଏମିତି ଚାଲିଯିବା ପରେ ମୋ ଉପରେ ସବୁ ଦୁଃଖ ମାଡ଼ି ବସିଲା।"

ରାଧିକା ମାମା ମୁହଁକୁ ତା'ର ଦୁଇହାତ ଭିତରେ ଧରି ହସି ହସି କହିଲା, "ମାମା ତୁମେ ଏତେ ଦୁଃଖ କାହିଁକି କରୁଛ? ତୁମର ସବୁ ଅଛି। ତୁମେ ଏତେ ମନ ଦୁଃଖ କରନି। ମନ ଦୁଃଖ କଲେ ବିଭିନ୍ନ ଦେହ ଖରାପ ହେବ। ଯଦି ଭାବୁଛ ଭଲ ଥିଲାବେଳେ ତୁମେ ଏତେ ଅଲୋଡ଼ା ହୋଇଯାଇଛ, ଦେହ ଖରାପ ହେଲେ କିଏ ତୁମକୁ ପଚାରିବ? ଏସବୁ ଏତେ ନ ଭାବି ଚାଲ ମୋ ସାଙ୍ଗରେ ଦିଲ୍ଲୀ ଯିବ...।"

"ହଁ ସେୟା ହିଁ କରିବି। ଅସୀମା ତ ଚାହିଁ ବସିଛି ମୁଁ କେମିତି ଏଘରୁ ଯାଏ। ଆଉ ଗୋଟିଏ କଥା ମୋହିତକୁ କହିବି, ମୋ ନାଁରେ ପାପା ଯାହାସବୁ ଟଙ୍କା ରଖିଥିଲେ ସେସବୁ ମୋତେ ଦେଇ ଦଉ। ମୁଁ ଯେଉଁଠି ରହିଲେ ବି ମୋ ଖର୍ଚ୍ଚ ପାଇଁ କାହା ପାଖେ ହାତ ପତେଇବି ନାହିଁ...।"

ରାଧିକା ଭାବିଲା ପୁଅ ଓ ବୋହୂମାନଙ୍କ ବ୍ୟବହାର ମାମାଙ୍କୁ ବହୁତ ବାଧିଚି। କାହାକୁ ଭଲ ଲାଗେନି ପୁଅ ହେଉ ଝିଅ ହେଉ କାହା ପାଖେ ହାତ ପତେଇବା ପାଇଁ। ଏକଥା କେମିତି ଭାଇମାନେ ବୁଝି ପାରୁନାହାନ୍ତି? ଯାହାହେଉ ମୁଁ ମାମାଙ୍କୁ ପ୍ରଥମେ ଦିଲ୍ଲୀ ନେଇ ଯାଏ, ତା' ପରେ ଦେଖାଯିବ କେମିତି ଭାଇନାମାନଙ୍କୁ ମାମାଙ୍କର ଦୋକାନ ସେୟାର କଥା କହିବା ବିଷୟ। ମାମା ଯାହାର ଅଭ୍ୟାସ ଥିଲା ଚାକର ଚାକରାଣୀଙ୍କୁ ଭଲ କରି ଦେବା ନେବା କରିବାରେ। ଏବେ ତାଙ୍କ ନିଜ ହାତରେ ପଇସାଟିଏ ନଥିଲେ ସତରେ ତାଙ୍କୁ ଖରାପ ଲାଗିବନି।

ଲଞ୍ଚରେ ସମସ୍ତେ ଏକାଠି ଖାଇ ବସିଲେ। ରାଧିକା ଦେଖିଲା ଟେବୁଲ ଉପରେ ପଶ୍ଚିମ ଭାରତୀୟ ଖାଦ୍ୟ। କଢ଼ି, ପାପଡ଼, ବେସନ ତରକାରୀ, ରୁଟି, ଭାତ। ବଡ଼ ଭାଇନା କିଛି ନ କହି ସବୁ ଖାଇଦେଲେ। ମାମା ଦହି ଭାତ ଟିକିଏ ଖାଇଦେଇ ଉଠିଗଲେ। ଅସୀମା ଖୁବ୍ ଭଲ କରି ଖାଇଲା ଓ ସୁରକୁ ଖୁବ୍ ସାବାସୀ ଦେଲା ଭଲ ରାନ୍ଧିଥିବାରୁ।

ଖାଇସାରିଲା ପରେ ବିଶ୍ରାମ ନେବାପାଇଁ ଯେ ଯାହା ରୁମ୍‌କୁ ଗଲେ। ରାଧିକା ରେଣୁବାଳାଙ୍କ ସାଙ୍ଗେ ଗଲା। ଏବେ ସେ ରୋହିତର ପଢ଼ା ଘରେ। ରାଧିକା ଯାଇ ମାଆଙ୍କ ପାଖେ ବସିଲା। ରେଣୁବାଳା କହିଲେ, "ଦେଖିଲୁ ତ ଏ ଘରର କାରବାର। ଖାଲି ବେସନ ଜାତୀୟ ଖାଇବା - କ'ଣ ବଜାରରେ ପରିବା ମିଳୁନି? ତୁ ମାଛ ମାଂସ ନ ଖାଇଲୁ ଠିକ୍ ଅଛି, ଯା ବୋଲି କ'ଣ ଆଉ କେହି ଖାଇବେନି? ଏତେଦିନକେ ଭଉଣୀଟା ଆସିଛି, ମାଛ କି ମାଂସ ଟିକିଏ କରିବାକୁ କହିନଥାଆନ୍ତା ମୋହିତ! କି ଯାଦୁ କରିଛି ସେ ଅସୀମା ମୋହିତର ପାଟ ଫିଟୁନି। ମୋତେ ଏସବୁ ଜମା ଭଲ ଲାଗୁନି। ଆଜି ରାତିରେ ମୁଁ ମୋହିତକୁ କହିବି ମୋ ଟଙ୍କା ମୋତେ ଦେଉ, ମୁଁ ସେଥିରେ ଉପର ଘର କରିବି। ମୁଁ ସେଠାରେ ମୋ ଇଚ୍ଛାରେ ରହିବି।"

ରାଧିକା କହିଲା, "ନାଇଁ ମାମା ନାଇଁ। ଏଇଲେ ଏସବୁ କୁହ ନାହିଁ। ସେମାନେ ଭାବିବେ ମୁଁ ତୁମକୁ ଶିଖାଇଛି। ଚାଲ ଆଗେ ଦିଲ୍ଲୀ ଯିବା, ତା ପରେ ଦେଖିବା। ଯଦି ତୁମକୁ ଦିଲ୍ଲୀ ଭଲ ଲାଗିବ ନାହିଁ ତେବେ ଉପରେ ଘର କରିବା କଥା ଭାବିବା।"

ଛଅ ସାତ ଦିନ ରହିବା ପରେ ରାଧିକା ରେଣୁବାଳାଙ୍କୁ ନେଇ ଦିଲ୍ଲୀ ଚାଲିଗଲା। ଏୟାରପୋର୍ଟକୁ ଆସିଲା ବେଳକୁ ରେଣୁବାଳାଙ୍କ ଆଖିରେ ଲୁହ। ତାଙ୍କୁ ଲାଗୁଥାଏ ସତେ ଯେମିତି ସେ ବାହାହୋଇ ବାପଘର ଛାଡ଼ି ଶାଶୂଘରକୁ ଯାଉଛନ୍ତି। ରାଧିକା ପଚାରିବାରୁ ସେ ଧୀର ସ୍ୱରରେ ଉତ୍ତର ଦେଲେ, "କ'ଣ କହିବି ତତେ? ଯେଉଁ ଘରକୁ ମୁଁ ଏତେ ଭଲ ପାଉଥିଲି ଶେଷକୁ ତାକୁ ଛାଡ଼ିବାକୁ ପଡ଼ିଲା। ଯେଉଁଠି ପ୍ରତ୍ୟେକ କୋଣ ଅନୁକୋଣରେ ତୋ ପାପାଙ୍କ ସ୍ମୃତି ଛାନ୍ଦି ହୋଇ ରହିଛି, ସେ ଘରକୁ ଛାଡ଼ି ଦିନେ ଯିବାକୁ ହେବ ବୋଲି ମୁଁ କଳ୍ପନାରେ କେବେ ଭାବି ନ ଥିଲି। ତତେ ମିଛ କହୁନି ରାଧିକା ମୋ ଜୀବନରେ ଏମିତି ଦିନ ଆସିବ ଏକଥା ମୁଁ ଜାଣି ନ ଥିଲି। ତୋ ପାପା ତ ମୋତେ ବହୁତ ଭଲ ପାଉଥିଲେ ଓ ମୋ ମନରେ କଷ୍ଟ ହେଲା ଭଳି କେବେ କିଛି କରୁ ନ ଥିଲେ।"

ପ୍ଲେନ୍ ଆସିବାକୁ ଅଧଘଣ୍ଟେରୁ ବେଶୀ ଅଛି, ରାଧିକା ମାମାଙ୍କୁ ବୁଝାଇବାକୁ ଚେଷ୍ଟା କଲା, "ମାମା ତମେ କହିଲ ତୁମର କ'ଣ କେବେ କିଛି ମତାନ୍ତର ହେଉ ନ ଥିଲା ଜେଜେମାଙ୍କ ସହିତ। ଦୁଇଟି ବେଲା ଏକାଠି ରହିଲେ ନିଶ୍ଚେ କିଛି ଶବ୍ଦ ହେବ। ଦୁଇଜଣ ସ୍ତ୍ରୀ ଲୋକ ଗୋଟିଏ ଛାତ ତଳେ ରହିଲେ ନିଶ୍ଚେ ଖୁଟ୍‌ଖାଟ୍ ହେବ। ତୁମେ ଏହାକୁ ସାଧାରଣ ଭାବିବାକୁ ଚେଷ୍ଟା କର। ଅସୀମା ଭାଉଜଙ୍କ କଥାରେ ଏତେ ଗୁରୁତ୍ୱ ଦିଅନାହିଁ। ତୁମର ଯାହା ଖାଇବାକୁ ଇଚ୍ଛା ସୁରଭାଇକୁ କହି ରନ୍ଧାଅ। ସୁର ଭାଇ ତ ଘରେ ଖାଆନ୍ତି - ତାକୁ କୁହ ବଜାରରୁ ଆମ ପସନ୍ଦର ପରିବା ଆଣିବାକୁ। ମୁଁ ମୋହିତ ଭାଇନାଙ୍କୁ କହିବି ସେ ଉପର ମହଲାଟା ତୋଳି ଦେଇ ସେଠାରେ ରହନ୍ତୁ। ତୁମ

ଶୋଇବା ଘରେ ତୁମେ ରହିବ । ଏସବୁ କଥା ଏଇଲେ ଏତେ ଭାବିବାର କିଛି ଦରକାର ନାହିଁ । ଆଗେ ଦିଲ୍ଲୀରେ ରୁହ – ତା'ପରେ ଏସବୁ କଥା । ଶେଷରେ ପ୍ଲେନ୍ ଆସି ପହଞ୍ଚିଲା ଏବଂ ବୋର୍ଡ଼ିଂ ଆରମ୍ଭ ହୋଇଗଲା । ରାଧିକା ମାମାଙ୍କ ହାତ ଧରି ଚାଲୁଥାଏ, ମାମାଙ୍କର ଯେମିତି କିଛି ଅସୁବିଧା ନ ହୁଏ ସେଥିପାଇଁ ସେ ସଜାଗ ଥାଏ । ରେଣୁବାଳାଙ୍କୁ ଝରକା ପାଖ ସିଟ୍‌ରେ ବସେଇ ଦେଇ ସେ ତାଙ୍କ ସିଟ୍ ବେଲ୍ଟ ବାନ୍ଧି ଦେଲା । ରେଣୁବାଳାଙ୍କର ଏଇ ପ୍ରଥମ ଏରୋପ୍ଲେନ୍ ଯାତ୍ରା – ସେ ଆଗରୁ ଦିଲ୍ଲୀ ଯାଇଥିଲେ ସ୍ୱାମୀଙ୍କ ସହ, କିନ୍ତୁ ଟ୍ରେନ୍‌ରେ । ତାଙ୍କୁ ସବୁ ନୂଆ ନୂଆ ଲାଗୁଥାଏ । ପ୍ଲେନ୍ ଛାଡ଼ିଲା ଏବଂ ଏୟାରହୋଷ୍ଟେସ୍ କିଛି ଅଭିନୟ ସହ କହିବାକୁ ଲାଗିଲେ ଯାହାର ଅର୍ଥ ଥିଲା ଯଦି ଆକାଶରେ ଉଡ଼ିଲା ବେଳେ ଯଦି କିଛି ବିପଦ ଆସେ ତେବେ କ'ଣ କ'ଣ କରିବ ଇତ୍ୟାଦି । ରାଧିକା ହସିଲା ଓ ମାମାଙ୍କ ମୁହଁକୁ ଚାହିଁ କହିଲା, "ଭଲ ହେଲା ତୁମେ ଶୁଣିଦେଲ ଏୟାରହୋଷ୍ଟେସ୍‌ଙ୍କ ସତର୍କବାଣୀ, କିନ୍ତୁ ପ୍ଲେନ୍ ଦୁର୍ଘଟଣାରୁ ବଞ୍ଚିବା ଭଗବାନଙ୍କ ଦୟା ।"

ଏହି ସମୟରେ ଚା', କଫି ଥଣ୍ଡାପାନୀୟ ଇତ୍ୟାଦି ଧରି ଜଣେ ତରୁଣୀ ସେହିବାଟ ଦେଇ ଚାଲିବାକୁ ଆରମ୍ଭ କଲେ ଓ ପ୍ରତ୍ୟେକ ଯାତ୍ରୀଙ୍କୁ ଚା, କଫି ବା ଥଣ୍ଡା ଦେବାରେ ଲାଗିଲେ । ରାଧିକା ରେଣୁବାଳାଙ୍କ ସିଟ୍ ଆଗରେ ଥିବା ଟ୍ରେକୁ ଖୋଲି ଦେଇ ଚା'ଟି ରଖିଦେଇ କହିଲା, "ମାମା, ଟିକିଏ ଚା' ପିଇଦିଅ । ଆମେ ତ ଘର ବହୁତ ବେଳୁ ଛାଡ଼ିଲେଣି, ମୁଁ ବି ଭୁବନେଶ୍ୱରରେ ତୁମ ପାଇଁ ଚା କି କଫି କିଣି ପାରିଲି ନାହିଁ । ଏ ଚା' ତୁମକୁ ଭଲ ଲାଗିବ ନାହିଁ, କିନ୍ତୁ ଗରମ ପାଣି ଟିକିଏ ପିଇଦେଲେ ଭଲ ଲାଗିପାରେ ।" ରେଣୁବାଳା, ଝିଅ ଆଡ଼କୁ ମୁହଁ କରି କହିଲେ, "ନାଇଁ ଲୋ ରାଧିକା ମୋର ଚା' ସଉକ ତୋ ବାପା ଯିବା ଦିନରୁ ଚାଲିଗଲାଣି ଚା' କରିବା ପୂର୍ବରୁ ଚା' କେଟିଲ୍ ଗରମ ପାଣିରେ ଧୁଆ ହେବ, ପାଣି କେତେ ସମୟ ଫୁଟିବ ଓ ଚା'ପାତ୍ର ପଡ଼ି ପାଣି କେତେ ସମୟ ଘୋଡ଼ା ହୋଇ ରହିବ ଓ ଚିନି, ଦୁଧର ପରିମାଣ କେତେ ହେବା ଉଚିତ ସବୁ କଥାରେ ବଡ଼ ନଜର ତାଙ୍କର ଥିଲା ।"

"ନାଇଁ ମାମା, ଯାହା ହେବାର ଥିଲା ତା' ଭଗବାନଙ୍କ ହାତରେ ଥିଲା । ଆମ ହାତରେ କିଛି ନ ଥିଲା । ହଁ ଆମେ ଦୁଃଖ କରିବା ନିଶ୍ଚୟ, କିନ୍ତୁ ବଞ୍ଚିବାକୁ ତ ହେବ । ଜୀବନଟାକୁ ଖାଲି ଦୁଃଖ କରିକରି କଟେଇ ଦେଲେ କ'ଣ ଲାଭ ହେବ ? ଏବେ ଦିଲ୍ଲୀ ଗଲେ ତୁମେ ଆଗ ପରି ଚା' କରିବ, ତୁମେ ମୁଁ ଆଉ ଅସିତ୍ ମିଶି ଏକାଠି ଚା' ପିଇବା । ତୁମ ସହିତ ଚା' ପିଇବାଠାରୁ ସକାଳଟାରେ ଆଉ କ'ଣ ଭଲ ହୋଇପାରେ ?"

ରେଣୁବାଳା ଅଧା ଚା ପିଇ ଆଉ ଅଧକ ଛାଡ଼ିଦେଲେ । ସେମାନେ ଟିକିଏ ଗପସପ କରିବା ପରେ ପୁଣି ସେହି ତରୁଣୀ ଏୟାରହୋଷ୍ଟେସ୍ ଆଉ ଗୋଟିଏ ଟ୍ରଲି ନେଇ ଆସିଲା – ଏଥର ଅଳ୍ପ ହସି ସେ ରାଧିକାକୁ ଇଂରାଜୀରେ ପଚାରିଲା, ମ୍ୟାଡ଼ାମ୍ ୟୁ ୱାଣ୍ଟ ଏନିଥିଙ୍ଗ ? ସାଣ୍ଡଉଇଚ୍ ଆଖି କଟ୍‌ଲେଟ୍ ?"

ରାଧିକା ମାମାଙ୍କୁ ଚାହିଁଲା – ରେଣୁବାଳା ମୁଣ୍ଡ ହଲେଇଲେ ଓ କହିଲେ, "ଆଜି ଏକାଦଶୀ, ମୁଁ କିଛି ଖାଇବି ନାହିଁ । ତୋ ଘରେ ପହଞ୍ଚିଲେ ସରବତ୍ ପିଇବି ।"

"ମାମା ତୁମେ କ'ଣ ଏମିତି କହୁଛ ? ଏକାଦଶୀ କାହିଁକି କରିବ ? ତୁମଠାରୁ ମୁଁ ଏ କଥା ଆଶା କରି ନ ଥିଲି । କେଉଁ ପୁରୁଣାକାଳିଆ ଗାଁ ସ୍ତ୍ରୀ ଲୋକଙ୍କ ପରି କହୁଛ ଏକାଦଶୀରେ କିଛି ଖାଇବ ନାହିଁ ।"

"ହଁ ଲୋ ରାଧିକା ମୁଁ ସେଇ ସଂସ୍କାରରେ ବଢ଼ିଛି । ମୋ ଜେଜେମା', ଆଈ ନିର୍ଜଳା ଉପବାସ କରୁଥିଲେ । ମୁଁ ତ ସରବତ ପିଉଛି, ଚା' ପିଉଛି । ବ୍ରାହ୍ମଣ, ଅବ୍ରାହ୍ମଣ ଧରୁନି । ମୋତେ ଲାଗୁଛି ତୋ ବାପାଙ୍କ ଲାଗି ତ କିଛି କରିପାରିଲି ନାହିଁ, ଏତିକି ହେଲେ କରେ । ତାଙ୍କୁ ସେବା ଟିକିଏ କରିବାକୁ ସେ ସୁଯୋଗ ଦେଲେନି ।"

ରାଧିକା ଆଉ କିଛି ଉତ୍ତର ଦେଲା ନାହିଁ । ସ୍ନାକ୍ସ ଦେଉଥିବା ଏୟାର ହୋଷ୍ଟେସ୍‌କୁ ଭଦ୍ରାମିର ସହିତ କହିଲା, "ନା ଆମର କିଛି ଦରକାର ନାହିଁ ।"

ରାଧିକା ଗମ୍ଭୀର ହୋଇ ବସିଥାଏ, ଭାବୁଥାଏ ମାମା ତ ଏତେ ଆଧୁନିକ ବିଚାରର ଥିଲେ ସେ ହଠାତ୍ କାହିଁକି ଏତେ ପଛକୁ ଚାଲିଗଲେ ? କ'ଣ କଲେ ମାମା ପୁଣି ସାଧାରଣ ଜୀବନ ଜିଇଁ ପାରିବେ । ଭାବିଲା ତା' ଘର ଚଳେଇବାର ସମସ୍ତ ଦାୟିତ୍ୱ ସେ ମାମାଙ୍କ ଉପରେ ନ୍ୟସ୍ତ କରି ନିଜେ କିଛି କରିବାକୁ ଚେଷ୍ଟା କରିବ– ପେଣ୍ଟିଂ, ଅଭିନୟ ବା ସୋସିଆଲ ୱର୍କ ।

ରେଣୁବାଳା ପ୍ଲେନ୍‌ର କାଚ ଝରକା ବାଟେ ନୀଳ ଆକାଶରେ ଭାସୁଥିବା ବାଦଲମାନଙ୍କୁ ଦେଖି ମନ ଭୁଲାଇବାକୁ ଚେଷ୍ଟା କରୁଥାଆନ୍ତି । ଭାବୁଥାଆନ୍ତି ବହୁତ କଥା– ତାଙ୍କ ପିଲାଦିନ ଠାରୁ ଆଜିଯାଏଁ ତାଙ୍କ ଜୀବନର ସମସ୍ତ ଛୋଟ ବଡ଼ ସବୁକଥା । ତାଙ୍କର ମନେ ପଡ଼ିଲା ପିଲାଦିନେ ପଢ଼ିଥିଲା ନୀଳପରୀ କଥା – ସେ କେମିତି ନୀଳ ଆକାଶରୁ ରଙ୍ଗ ନେଇ ନିଜ ଦେହରେ ଲଗେଇଥିଲା । କେମିତି ଧଳା ବାଦଲ କେତେଖଣ୍ଡ ନେଇ ଶାଢ଼ୀ କରି ପିନ୍ଧିଥିଲା ଓ ତାରା ମାନଙ୍କୁ ନେଇ ମୁକୁଟ କରି ମୁଣ୍ଡରେ ପିନ୍ଧିଥିଲା । ତା' ଶାଢ଼ୀରେ ବି ତାରାମାନେ ଲାଗି ଝଲସି ଉଠୁଥିଲା ତା ଶାଢ଼ୀ ! ଭାରି ସୁନ୍ଦର ଥିଲା ତାଙ୍କ ବହିରେ ନୀଳପରୀର ଚିତ୍ର ସବୁ । କେତେବେଳେ ସେ ବାଦଲର ସବାରୀରେ ବସି ଚାଲିଯାଉଥିଲା ଚନ୍ଦ୍ରକୁ ତ କେତେବେଳେ ଶୁକ୍ର ତାରା ପାଖକୁ । ତାଙ୍କର ଭାରି ଇଚ୍ଛା ହେଉଛି ନୀରପରୀକୁ ଦେଖିବାକୁ । ସତେ ଅବା ସେ ଦଶ ଏଗାର ବର୍ଷର ସେଇ ଛୋଟ ଝିଅଟିଏ ହୋଇଯାଇଛନ୍ତି । ମୁହଁ ହସ ଫୁଟାଇ ସେ ରାଧିକାକୁ ହଲେଇ ଦେଇ କହିଲେ, "ରାଧିକା ଲୋ, ଏଇ ନୀଳ ଆକାଶକୁ ଦେଖି ତୋ ମାମା ଦଶ ଏଗାର ବର୍ଷର ଛୋଟ ଝିଅଟିଏ ହେବାକୁ କଳ୍ପନା କରୁଛି ।"

ରାଧିକା ହଠାତ୍ ତା' ଚିନ୍ତାରୁ ଉଠି ମାମାଙ୍କୁ ପଚାରିଲା, "କ'ଣ କହୁଛ ମାମା, ମୁଁ ଠିକ୍‌ରେ ବୁଝି ପାରିଲି ନାହିଁ ।

"ଆଲୋ ଶୁଣ, ମୁଁ ଛୋଟ ଥିଲା ବେଳେ ମୋ ବଡ଼ଭାଇନା ମୋ ପାଇଁ ଗୋଟିଏ ବହି କିଣି ଆଣିଦେଇଥିଲେ । ବହିର ନାଁ ଥିଲା ନୀଳ ପରୀ, ମୁଁ ସେଇ ବହିଟିକୁ ପଢ଼ି ବହୁତ ଖୁସି ହୋଇଥିଲି । ଆଜି ଝରକା ବାଟେ ନୀଳ ଆକାଶ ଓ ଧଳା ବାଦଲମାନଙ୍କୁ ଦେଖି ମୋର ସେଇ ନୀଳପରୀ କଥା ମନେ ପଡ଼ିଲା । ଆଉ ହସ ବି ଲାଗିଲା ଏ ପରିବେଶ ମୋତେ କେମିତି ପୁଣି ଛୋଟ ଝିଅଟିଏ କରିଦେଲା । ବୋଧେ ପିଲାବେଳେ ଯାହା ଭଲ ଲାଗିଥାଏ ସେ ହୃଦୟ ଭିତରେ ଲେଖି ହୋଇ ରହିଯାଇଥାଏ – ପୁଣି ସୁନ୍ଦର ପରିବେଶ ପାଇଲେ ସେ ହୃଦୟ ଭିତରୁ ବାହାରି ଆସି ଆଖି ଆଗରେ ଉଭା ହୋଇଯାଏ... । ଏତେ ବର୍ଷ ପରେ ମୋର ସେଇ ନୀଳପରୀ କଥା ଆଜି କେମିତି ମନେ ପଡ଼ିଲା ମୁଁ ବୁଝିପାରୁନି ।

ରାଧିକା ନିଜ ଭାବନାରୁ ଉଠିପଡ଼ି କହିଲା, "ମାମା ଏଇଟା ବହୁତ ଭଲ, ଯାହାକୁ ଇଂରାଜୀରେ କହନ୍ତି reminesce - childhood memories । ତୁମର ତ ଭଲ କଥା ମନେ ପଡ଼ିଛି । ଏବେ ତୁମେ ଦିଲ୍ଲୀରେ ବସି ତୁମ ଚାଇଲ୍ଡହୁଡ୍ ମେମୋରୀ ଉପରେ କିଛି ଲେଖ ଏବଂ ବିଶେଷ କରି ତୁମର ସେଇ ନୀଳପରୀ ବିଷୟରେ । ଇଟ୍ ଉଇଲ୍ ବି ଭେରୀ ଇନ୍‌ଟରେଷ୍ଟିଂ... ।"

ରେଣୁବାଳା ହସିଦେଇ ଉତ୍ତର ଦେଲେ, "ତୁ ପାଗଳ ହେଲୁ, ମୁଁ କିଛି ଲେଖିପାରିବି ? ନା, ତା ହେବ ନାହିଁ । ଏବେ ମନରେ ଖାଲି ତୋ ପାପାଙ୍କ କଥା ଭରି ହୋଇ ରହିଛି । ଏ ନୀଳପରୀ ଘଟଣାଟା କେମିତି ମୋ ମନକୁ ଆସିଲା କେଜାଣି । ନୀଳ ଆକାଶ, ଧଳା ମେଘକୁ ଦେଖି । ଯାହା ଭାବିଦେଲି, ତାକୁ କାଗଜ କଲମରେ ଉତାରିବା ମୋ ପକ୍ଷେ ସମ୍ଭବ ନୁହେଁ ।"

"ହଉ ମାମା ତା' ନହେଉ । ତୁମେ ଖୁସୀ ରହିବା ଓ ସୁସ୍ଥ ରହିବା ମୋ ପାଇଁ ସବୁଠାରୁ ଇମ୍ପୋଟାଣ୍ଟ୍ । ଦିଲ୍ଲୀ ଯାଇ ତୁମ ମନ ଯାହା ତାହା କରିବ । ସେଥିରେ ମୋର ଖୁସି ।"

"ହଁ ଲୋ ରାଧିକା, ତୋ ପାପା ତତେ ବହୁତ ଭଲ ପାଉଥିଲେ, ପୁଅମାନଙ୍କଠାରୁ ଢେର ବେଶୀ । ମୁଁ ଯେ ତତେ ଭଲ ପାଉ ନ ଥିଲି ତା' ନୁହେଁ । ମୁଁ ଭାବୁଥିଲି ତୁ ଯଦି କେଉଁଠି ବାହାହେଉ ଓ ସେମାନେ ଉଦାରମନା ନ ହୋଇ ତୋର ସବୁକଥାକୁ ବାଛିବେ ସେଇ ଭୟରେ ମୁଁ ପାପାଙ୍କୁ ମନା କରୁଥିଲି ତତେ ବହୁତ ଗେହ୍ଲା କରବାକୁ । ଯାହାହେଉଲୋ ମା, ମାମା ଯାହା କରିଥିଲା ତୋ ଭବିଷ୍ୟତ ମଙ୍ଗଳ କଥା ଭାବି । ଯଦି ତୋ ମନରେ ମୁଁ କଷ୍ଟ ଦେଇଥାଏ ତେବେ ମୋତେ କ୍ଷମା କରିବୁ ।"

"ମାମା ତୁମେ ଏମିତି କ'ଣ କହୁଛ ? ଯୁଗ ଯୁଗ ଧରି ମା' ଝିଅଙ୍କ ସମ୍ପର୍କ ସବୁ ସମ୍ପର୍କ ଠାରୁ ଭିନ୍ନ- ସେମାନେ ମାଆ, ଝିଅ, ଭଉଣୀ ଭଉଣୀ, ସବୁଠାରୁ ଭଲ ସାଙ୍ଗ ଓ ଦରକାର ପଡ଼ିଲେ ଝିଅ ମାଆର ସ୍ଥାନ ନେଇପାରେ । ମାମା ତୁମେ ମୋତେ କ୍ଷମା ମାଗି ଲଜ୍ଜିତ କରନାହିଁ ।"

ଏମିତି କଥାବାର୍ତ୍ତା ଭିତରେ ସମୟ କୁଆଡ଼େ ଚାଲିଗଲା । ଜଣେ ସୁନ୍ଦରୀ ଏୟାରହୋଷ୍ଟେସ୍ ଘୋଷଣା କଲେ, "ଏବେ ଦିଲ୍ଲୀ ପାଖ ହୋଇଗଲାଣି - ଆଉ ପନ୍ଦର ମିନିଟ୍ ମଧ୍ୟରେ ଆମେ ଆମର ଯାତ୍ରା କରି ଆମେ ଦିଲ୍ଲୀରେ ପହଞ୍ଚିବା - ଦିଲ୍ଲୀର ତାପମାତ୍ରା ବର୍ତ୍ତମାନ ତିରିଶ ଡିଗ୍ରୀ ସେଲ୍‌ସିଅସ୍ । ଆପଣମାନେ ନିଜ ନିଜର ସିଟ୍‌ବେଲ୍ଟ ବାନ୍ଧି ନିଅନ୍ତୁ ଓ ସିଟ୍‌ରେ ସ୍ଥିର ହୋଇ ବସନ୍ତୁ ।"

ରେଣୁବାଳା ଲକ୍ଷ୍ୟ କଲେ ପ୍ରକୃତରେ ପ୍ଲେନ୍‌ର ଗତି ନିମ୍ନ ମୁହାଁ ହେଉଛି ଓ ସେ ଜାଣିପାରିଲେ ତାଙ୍କ ପ୍ଲେନ୍ ରନ୍‌ୱେ ଉପରେ ଚାଲିଲାଣି । ଧୀରେ ଧୀରେ ପ୍ଲେନ୍‌ର ଗତି ଧୀର ହେବାକୁ ଲାଗିଲା ଓ କିଛି ସମୟ ପରେ ଏହା ସ୍ଥିର ହୋଇଗଲା । ସମସ୍ତ ଯାତ୍ରୀ ଠିଆ ହୋଇ ନିଜର ନିଜର ଜିନିଷ ଉପର ଲଗେଜ୍ ସ୍ପେସ୍ ଉପରୁ କାଢ଼ିବାକୁ ଲାଗିଲେ । ରାଧିକା ଉଠି ଠିଆ ହୋଇ ନିଜ ସିଟ୍ ବେଲ୍ଟ ଖୋଲିଲା ଏବଂ ମାମାଙ୍କର ସିଟ୍ ବେଲ୍ଟ ମଧ୍ୟ ଖୋଲି ଦେଲା । ସେମାନଙ୍କର ଦୁଇଟି ବଡ଼ବଡ଼ ବାକ୍ସ ଥିଲା - ତାହା ଲଗେଜ୍‌ରେ ବୁକ୍ କରା ହୋଇଥିଲା । ଏଠି କେବଳ ଗୋଟିଏ ହ୍ୟାଣ୍ଡ ଲଗେଜ୍ ଥିଲା । ସେଇଟି ରାଧିକା ଧରି ପ୍ଲେନ୍‌ର ବାହାରକୁ ଯିବା ରାସ୍ତାରେ ଚାଲିବାକୁ ଲାଗିଲା ଏବଂ ରେଣୁବାଳା ତା ପଛେ ପଛେ ତାକୁ ଅନୁଧାବନ କରି ଚାଲିଥାଆନ୍ତି । ସେହି ସୁନ୍ଦରୀ ତରୁଣୀମାନେ ବାହାରିବା ଗେଟ୍ ପାଖେ ହସ ହସ ବଦନରେ ଠିଆ ହୋଇ ସମସ୍ତଙ୍କୁ ଧନ୍ୟବାଦ ଦେଉଥାଆନ୍ତି । ତା ପରେ ସେମାନେ ଆସି କନ୍‌ଭେୟର୍ ବେଲ୍ଟରୁ ନିଜ ଜିନିଷ ନେଲେ । ତା ପରେ ସେମାନେ ରାଧିକାର ସ୍ୱାମୀ ପଠେଇଥିବା କାର୍‌ରେ ବସି ରାଧିକାର ଫ୍ଲାଟ୍ ଅଭିମୁଖେ ଯାତ୍ରା କଲେ । ବହୁ ବର୍ଷ ପୂର୍ବେ ସ୍ୱାମୀଙ୍କ ସହିତ ରେଣୁବାଳା ଥରେ ଦିଲ୍ଲୀ ଆସିଥିଲେ, ତା ବି ପିଲାମାନଙ୍କୁ ଦିଲ୍ଲୀ ବୁଲାଇବା ପାଇଁ । ସେ ତ କେତେ ବର୍ଷର କଥା ହେଲାଣି । କାର୍‌ରେ ବସିବା ପରେ ସେମାନେ ଚାଣକ୍ୟପୁରୀ ଅଭିମୁଖେ ଯାତ୍ରା ଆରମ୍ଭ କଲେ । ରାସ୍ତାରେ ଲୋଧି ଗାର୍ଡ଼େନ, ଇଣ୍ଡିଆଗେଟ୍, ନେହେରୁ ପାର୍କ, ଡେଲ୍ଲିହାଟ୍ ଇତ୍ୟାଦି ପଡ଼ିଲା । ରାଧିକା କହୁଥାଏ, "ମାମା, ଆମେ ଯେତେବେଳେ ପାପାଙ୍କ ସଙ୍ଗେ ଦିଲ୍ଲୀ ବୁଲିବାକୁ ଆସିଥିଲେ ସେତେବେଳେ ଦିଲ୍ଲୀ ଏମିତି ନ ଥିଲା । ଏବେ ଦିଲ୍ଲୀର ସବୁଠାରୁ ବଡ଼ ପ୍ରବ୍ଲେମ୍ ହେଲା ପଲ୍ୟୁସନ..., ସେଥିପାଇଁ ଲୋକଙ୍କୁ ଆଜ୍‌ମା ହେଉଛି ।

"ହଁ ଯେ, ଯେଉଁଠି ଏତେ ଲୋକ ରହିବେ, ଏତେ ଗାଡ଼ି ମଟର ଚାଲିବ ସେଠି ପ୍ରଦୂଷଣ ହେବା ସ୍ୱାଭାବିକ । ଯାହାକୁ ଏବେ ପୁରୁଣା ଦିଲ୍ଲୀ କୁହାଯାଉଛି ସେଠାରେ ମହାଭାରତ ସମୟରୁ କେତେ ରାଜା, ମହାରାଜା, କେତେ ସମ୍ରାଟ୍ ରାଜତ୍ୱ କରିଆସିଛନ୍ତି, କେତେ ଯୁଦ୍ଧ ହୋଇଥିବା ସେଇଠି ।"

"ଏବେ ଆମେ ମୋର ଘର ପାଖ ହୋଇଗଲାଣି - ଆମେ ଯେଉଁଠି ରହୁଛୁ ତା' ନାଁ ଆର.କେ. ପୁରମ୍ । ଦିଲ୍ଲୀରେ ଆର.କେ. ପୁରମ୍‌ରେ ବହୁ ସରକାରୀ ଅଫିସରଙ୍କର ଘର ଅଛି, ଦିଲ୍ଲୀରେ ସବୁ ସେକ୍ଟରରେ ଭଲ ବଜାର, ସ୍କୁଲ ଇତ୍ୟାଦି ଥାଏ । ମୋର ପୂରା ବିଶ୍ୱାସ ତୁମକୁ ଜମା ବୋର୍ ଲାଗିବ ନାହିଁ ଏଠି । ହଁ ମାମା, ମୋର ଗୋଟିଏ ରିକ୍ୱେଷ୍ଟ ତୁମେ ଆଜି ଯାହା ହେଲେ ଟିକିଏ ଖାଇବ, ଏମିତି ଖାଲି ପାଣି ରହିବ ନାହିଁ - ପୁରୀ ତରକାରୀ କିମ୍ବା ସାବୁଦାନା ଖେଚେଡ଼ି ।"

ରହୁଁ ରହୁଁ ସମୟ କୁଆଡ଼େ ଚାଲିଗଲା । ସେମାନେ ଆସି ପହଞ୍ଚି ଗଲେ ଆର.କେ.ପୁରମ୍‌ର ମଲ୍ଟି ଷ୍ଟୋରୀଡ଼୍ ବିଲ୍ଡିଂ ପାଖରେ । ଡ୍ରାଇଭର ଗାଡ଼ି ନେଇ ଫ୍ଲାଟ୍ ତଳେ ରଖିଲା ଓ ଡିକିରୁ ଜିନିଷ ପତ୍ର କାଢ଼ିଲା । ଜିନିଷ ମାନେ ଦୁଇଟି ଭିଆଇପି ବକ୍ସ ଓ ଦୁଇଟା ବ୍ୟାଗ୍ ।

ରାଧିକା ମାମାଙ୍କ ହାତ ଧରି ଲିଫ୍ଟ ଭିତରକୁ ନେଲା ଓ ୮ ନମ୍ବର ସୁଇଚ୍ ଟିପିଲା । କାରଣ ତା' ଘର ୮ ତାଲାରେ ।

ରେଣୁବାଳା ଆଶ୍ଚର୍ଯ୍ୟ ହୋଇ ପଚାରିଲା, "ହଇଲୋ, ରାଧିକା ତୁମେ ଏତେ ଉପରେ ରହୁଛ ?"

ଆଉ କ'ଣ କରିବି, ଯେଉଁଠି ଘର ମିଳିଲା ସେଇଠି ରହିଲୁ । ଆମର ତ ଆଠ ତାଲା, ଲୋକ ବମ୍ବେରେ କୋଡ଼ିଏ ତାଲାରେ ରହୁଛନ୍ତି ।"

ରାଧିକା ହାତ ମାରୁ ମାରୁ ଏହା ଭିତରେ ସେମାନେ ଆସି ଆଠ ତାଲାରେ ପହଞ୍ଚଗଲେଣି ଓ ଲିଫ୍ଟ କବାଟ ମନକୁ ମନ ଖୋଲିଗଲା । ରାଧିକା ମାମାଙ୍କ ହାତ ଧରି ବାହାରକୁ ବାହାରି ଆସିଲା, ଲିଫ୍ଟ କବାଟ ମନକୁ ମନ ବନ୍ଦ ହୋଇଗଲା । ଦି ପାହୁଣ୍ଡ ଗଲା ମାତ୍ରେ କବାଟ ପାଖରେ ଲେଖା ଯାଇଛି 'ଅସିତ୍ ରଥ' । ରେଣୁବାଳାଙ୍କର ସ୍ୱାମୀ ବହୁତ ମନେ ପଡ଼ିଲେ । ଅସିତ୍ ଆଇଏଏସ୍ ବୋଲି ହରମୋହନ ଆଖିକାନ ମୁଦି ଝିଅକୁ ଏଇଠି ବାହା କଲେ । ପ୍ରକୃତରେ ରେଣୁବାଳାଙ୍କର ଏ ବିବାହରେ ଏତେ ଆଗ୍ରହ ନ ଥିଲା । ପୁଅର ବାପା ମାଷ୍ଟ୍ର ଏବଂ ଗାଁରେ ଜମି ମାତ୍ର ପାଞ୍ଚମାଣ, ତଥାପି ସ୍ୱାମୀଙ୍କ ଇଚ୍ଛା ବିରୁଦ୍ଧରେ ସେ କେବେ ଯାଇ ନ ଥିଲେ ଓ ସେଥିପାଇଁ ସେ ରାଜି ହୋଇଥିଲେ ।

ଘର ଭିତରକୁ ପଶି ଦେଖିଲେ ମନ୍ଦ ନୁହେଁ । ତିନିଟା ଶୋଇବା ଘର, ଗୋଟାଏ ଗେଷ୍ଟ ରୁମ୍, ଭଲ ଡାଇନିଂ ପ୍ଲେସ୍, ବଡ଼ ରନ୍ଧାଘର ଓ ତା ପଛକୁ ଗୋଟିଏ ଷ୍ଟୋର୍ ରୁମ୍ । ଏସବୁ ବ୍ୟତୀତ ଦୁଇଟା ବାଲ୍‌କୋନୀ । ରାଧିକା ମାମାଙ୍କୁ ସବୁ ବୁଲାଇ ଦେଖାଇବା ପରେ କହିଲା, "ମାମା କ'ଣ ଖାଇବ ? ମୁଁ ପାଞ୍ଚ ମିନିଟ୍‌ରେ ବନେଇ ଦେବି ।"

ରେଣୁବାଳା ଅଳ୍ପ ହସି କହିଲେ, "ଏବେ ମୋର ଭଲ ଚା'କପେ ଦରକାର । ଆଜି ଏକାଦଶୀ ମୁଁ କିଛି ଖାଇବି ନାହିଁ ।"

"ଏମିତି କହ ନାହିଁ ମାମା । ମୁଁ ଆମ କୁକ୍‌ଙ୍କୁ କହି ତୁମ ପାଇଁ ପୁରୀ କରି ରଖାଇଥିଲି । ତୁମେ ନ ଖାଇଲେ ମୋ ମନ ଦୁଃଖ ହେବ । ତା' ଛଡ଼ା ଏଇ ଉପାସ କଲେ ପାପା କ'ଣ ଦେଖି ଆସୁଛନ୍ତି ? ଯଦି ତୁମେ ଯେଉଁ ଉପାସ କରି ମୁହଁ ଶୁଖାଇ ବସୁଛ ତାଙ୍କୁ ନିଶ୍ଚୟ କଷ୍ଟ ଲାଗୁଥିବ । ମାମା, ମନା କରନି, ମୋ ରାଣ ତୁମେ ନ ଖାଇଲେ ମୁଁ ବି ଖାଇବି ନାହିଁ ।"

"ଏମିତି କାହିଁକି ଜିଦ୍ କରୁଛୁ ରାଧିକା ? ପାପା ଯାଇ ମାତ୍ର ବର୍ଷଟେ ହୋଇଛି । ପାପା ଉପରୁ ଦେଖି କ'ଣ ଭାବିବେ ? କହିବେ, ମୋ ପାଇଁ ମାସକୁ ଦୁଇଟା ଉପାସ କରିପାରିଲୁ ନାହିଁ ରେଣୁ ?"

ହଁ ପାପାଙ୍କ ଦିନ ସରୁ ନ ଥିଲା । ସେ କାହିଁକି ଏମିତି ଭାବିବେ ? ବରଂ ସେ ଖୁସୀ ହେବେ ତୁମେ ଖାଇଲେ । ତୁମର ଯଦି ଏତେ ଜିଦ୍ ତେବେ ମୋ ପାଖରେ ଥିବା ଯାଏଁ ଖାଉଥାଅ-କଟକ ଗଲେ ତୁମେ ଉପାସ କଲେ ମୁଁ ଦେଖିବାକୁ ନ ଥିବି ।"

ରେଣୁବାଳା ବୁଝି ପାରୁ ନ ଥାଆନ୍ତି କେଉଁଟି କର୍ତ୍ତବ୍ୟ ଓ କେଉଁଟି ଅକର୍ତ୍ତବ୍ୟ । ଇଆଡ଼େ ଝିଅର

ଜିଦ୍, ସିଆଡ଼େ ତାଙ୍କ ରକ୍ତ ମଜ୍ଜାରେ ବସା ବାନ୍ଧିଥିବା ସଂସ୍କାର ବା କୁ-ସଂସ୍କାର। ବହୁତ ଭାବି କହିଲେ- "ନାଇଁ ଲୋ ରାଧିକା ତୋ ମନରେ କଷ୍ଟ ଦେଇ ମୁଁ କେବେ ଖୁସୀ ହୋଇ ପାରିବି ? ଯାଆ ପୁରୀ କର।"

ସନ୍ଧ୍ୟା ବେଳକୁ ମାଆ ଝିଅ ଦୁହେଁ ବସି ପୁରୀ ତରକାର ଖାଇଲେ। କ୍ଷୀରୀ ବି ଥିଲା। ଏହା ଭିତରେ ରାଧିକାର ପୁଅମାନେ ସ୍କୁଲରୁ ଆସିଥାଆନ୍ତି। ସେମାନେ ତାଙ୍କ ମାମାଙ୍କୁ ଦେଖି ଯେତିକି ଖୁସି ତା ଠାରୁ ବେଶୀ ଖୁସି ଆଈକୁ ଦେଖି। ଆଗେ ଯେତେବେଳେ ସେମାନେ ଛୁଟିରେ କଟକ ଯାଉଥିଲେ ଆଈ ଅଜା ସେମାନଙ୍କୁ ବହୁତ ଗେହ୍ଲା କରୁଥିଲେ, କେତେ ଭଲ ଜଳଖିଆ ଆଣି ଖୁଆଉଥିଲେ।

ଅଜା ସେମାନଙ୍କୁ ନେଇ ମହାନଦୀ କୂଳରେ ବସି ଓଡ଼ିଆ ବଣିକମାନଙ୍କ କଥା କହୁଥିଲେ। ସନ୍ଧ୍ୟାରେ ଆଈ ଜଣେ ସୌଦାଗର ଝିଅ ତଅପୋଇ ଗପ କହିଥିଲେ। ଆଈ ବହୁତ ଭଲ ରାନ୍ଧନ୍ତି, ସବୁଦିନ କିଛି ନା କିଛି ନୂଆ ପିଠା କରି ଖାଇବାକୁ ଦିଅନ୍ତି। ଖୁବ୍ ଭଲ ଲାଗୁଥିଲା ସେମାନଙ୍କୁ କଟକରେ ଅଜା ଘରକୁ ଯିବା ପାଇଁ। ତେଣୁ ଆଈଙ୍କୁ ଦିଲ୍ଲୀରେ ଦେଖି ସେମାନଙ୍କୁ ସରଗର ଚାନ୍ଦ ପାଇଲା ପରି ଲାଗୁଥାଏ।

ଅସିତ ସନ୍ଧ୍ୟାରେ ଅଫିସରୁ ଆସି ଶାଶୂଙ୍କୁ ଦେଖି ତାଙ୍କୁ ପ୍ରଣାମ କରିବା ସହିତ ନିଜର ଆନନ୍ଦ ପ୍ରକାଶ କଲେ, କହିଲେ, "ମାମା, ଆପଣଙ୍କୁ ମୁଁ ଏଥର ହରଦ୍ୱାର, ଋଷିକେଶ ନେଇଯିବ, ଯଦି ଆପଣ ଇଚ୍ଛା କରନ୍ତି ବଦ୍ରିନାଥ ବି ନେଇ ଯିବି। ବୋଉବି ବଦ୍ରିନାଥ ଯିବ ବୋଲି କହୁଥିଲା। ମୁଁ ତା' ପାଖକୁ ଚିଠି ଲେଖୁଛି ସେ ଆସି ଯାଉ। ସମସ୍ତେ ଏକାଠି ଗଲେ ଭଲ ଲାଗିବା।"

"ହଉ ବାପା ଅସିତ୍, ଦେଖ ସୁବିଧା ଦେଖି ଯିବା। ମୋର କିଛି ତରତର ନାହିଁ।" ଶାଶୂ ଆଣିଥିବା କଟକ ମିକ୍ସଚର ଓ ଛେନା ପୋଡ଼ପିଠା ଖାଇ ଅସିତ୍ କହିଲେ, "ଯାହା କହନ୍ତୁ ମାମା ଓଡ଼ିଶା ମିଠା ଆଉ କେଉଁଠି ମିଳିବନି। ଉତ୍ତର ଭାରତ ଯାକ ଲଡ୍ଡୁ, ବର୍‌ଫି, କିଛି ଗୋଟାଏ ଛେନା ମିଠା ଏଠି ଭଲରେ ମିଳେ ନାହିଁ।"

ତା'ପରେ ସେ କଟକ ବହି ବିଜିନେସ୍ କଥା ପଚାରିଲେ। ମୋହିତ ଭାଇନା ଓ ତାଙ୍କ ସ୍ତ୍ରୀ ଭଲରେ ଦୋକାନ ଚଳଉଥିବେ ବୋଲି ଆଶା କରେ।

ରେଣୁବାଳା ଉତ୍ତର ଦେଲେ, "ହଁ, ମୋହିତ ଦୋକାନ ବୁଝୁଛି। ଅସୀମା ସେଠାରୁ ଗୋଟିଏ ଇଂରାଜୀ ଖବର କାଗଜ କାଢ଼ିବା ପାଇଁ ଚେଷ୍ଟା କରୁଛି। ମୁଁ ପାପା ଥିଲାବେଳେ ତ ଦୋକାନ କଥା କିଛି ବୁଝି ନ ଥିଲି, ତେଣୁ ଏବେବି ସେଥିରେ ମୁଣ୍ଡ ଖେଳାଇବାକୁ ଇଚ୍ଛା କରେନି। ଭଗବାନଙ୍କ ପାଖେ ମୋର ଗୋଟିଏ ପ୍ରାର୍ଥନା ସେ କେମିତି ମୋତେ ଶୀଘ୍ର ଏ ସଂସାରରୁ ନେଇ ଯାଆନ୍ତୁ...।"

"ମାମା, ଆପଣ କାହିଁକି ଏପରି କଥା କହୁଛନ୍ତି ? ମୁଁ ବୁଝୁଛି ପାପା ଚାଲିଯିବା ପରେ ଆପଣଙ୍କୁ ଭାରି ଏକୁଟିଆ ଲାଗୁଥିବ। ଯେତେ ଗହଳି ହେଲେ ମଧ୍ୟ ତାଙ୍କ ଅନୁପସ୍ଥିତି ଆପଣଙ୍କୁ ବହୁତ ଲାଗୁଥିବ। କିନ୍ତୁ କ'ଣ କରିପାରିବା ମାମା ? ଭଗବାନ ଯାହାକୁ ଯେତେ ଦିନ ଲାଗି ଏ ପୃଥିବୀକୁ ପଠାଇଛନ୍ତି ତାକୁ ସେତିକି ଦିନ ରହିବାକୁ ପଡ଼ିବ। ଆପଣଙ୍କ ପିଲାମାନେ ଆପଣଙ୍କୁ ବହୁତ ଭଲ ପାଆନ୍ତି। ଏମିତି କଥା କହି ତାଙ୍କ ମନରେ କଷ୍ଟ ଦିଅନ୍ତୁ ନାହିଁ। ହଉ ମାମା ମୁଁ ଟିକିଏ ରେଡି ହୋଇଯାଏ, ଜଣେ ଡିନର୍ ପାଇଁ ଡାକିଛନ୍ତି ମତେ ଓ ରାଧିକାକୁ। ତେଣୁ ଆପଣ ଓ ରାଜା, ରତନ ଖାଇ ନେଇଥିବେ। ଆମ ପାଇଁ ଅପେକ୍ଷା କରିବେ ନାହିଁ।"

"ହଁ ଠିକ୍ ଅଛି, ଯାଅ ବାପା ଯାଅ।"

ନଅଟା ବେଳକୁ ରାଜା, ରତନ ଖାଇବା ପାଇଁ ଆଈକୁ ଡାକିଲେ। ରେଣୁବାଳା ହସି ହସି ମନା କଲେ ଖାଇବା ପାଇଁ। କହିଲେ, "ଏଠି ପହଞ୍ଚିବା ପରେ ତୁମ ମାମା ମୋତେ ପେଟେ ପୁରୀ ତରକାରୀ ଖୁଆଇ ଦେଇଛି। ତୁମେ ଖାଇ ଶୋଇପଡ଼।"

ରାଜା, ରତନଙ୍କୁ ମୁଲିମାସୀ (ତାଙ୍କ ଆଉଟ ହାଉସରେ ରହୁଥିବା ସ୍ତ୍ରୀ ଲୋକ) ଖାଇବାକୁ ଦେଇଦେଲା। ପିଲା ଦୁହେଁ ଖାଇସାରି ଶୋଇବାକୁ ଚାଲିଗଲେ। ସକାଳ ସାତଟାରେ ଉଠିବାକୁ ହେବ ସେମାନଙ୍କୁ। ରାଜାକୁ ଦଶ ବର୍ଷ, ରତନକୁ ଆଠବର୍ଷ। କିନ୍ତୁ ଦୁହେଁ ଦାୟିତ୍ୱସମ୍ପନ୍ନ ପିଲା। ଅସିତ ସେମାନଙ୍କୁ ବଡ଼ ଡିସିପ୍ଲିନ୍‌ରେ ବଢ଼ାଇଛନ୍ତି।

ପରଦିନ ସେଠାକୁ ରେଣୁବାଳା ଉଠି ଗାଧୋଇ ପାଧୋଇ ଠାକୁର ଘରକୁ ଯାଇ ଟିକିଏ ପୂଜା କରିବେ ଭାବିଲେ। ରାଧିକା ଆସି କହିଲା, "ମାମା ଏଠି ଅଲଗା ଠାକୁର ଘର କରିବାକୁ ଜାଗା ନାହିଁ, ସେଥିପାଇଁ ଷ୍ଟୋର ରୁମ୍‌ର ଗୋଟିଏ କଡ଼କୁ ଠାକୁର ଅଛନ୍ତି। ତୁମେ ସେଇଠି ପୂଜା କରିଦିଅ।"

ରେଣୁବାଳା ଟିକିଏ ଗମ୍ଭୀର ହୋଇ ପଚାରିଲେ, "ଆଉ ତୁଳସୀ ଚଉରା କେଉଁଠି ଅଛନ୍ତି ?" "ମାମା ଏଠି ତ ଫ୍ଲାଟ୍ ଘର। ଏଠି ଏତେ ଜାଗା ନାହିଁ, ମୁଁ କୁଣ୍ଡରେ ତୁଳସୀ ଗଛଟିଏ ଲଗେଇ ରଖିଛି। ସେଇଟା ପଛପଟ ବାଲ୍‌କୋନୀରେ ଅଛି, ତୁମେ ସେଇଠି ତୁଳସୀ ପୂଜା କରି ଷ୍ଟୋର ରୁମ୍‌ରେ ଠାକୁରଙ୍କ ପାଖେ ଆଉ ପୂଜା କରିଦେବ। ମାମା ଶୀଘ୍ର ପୂଜା ସାରିବ – ନହେଲେ ଜଳଖିଆ ଖାଇବାକୁ ଡେରି ହୋଇଯିବ।"

ପିଲା ଦୁଇଜଣ ସ୍କୁଲ ଚାଲିଗଲେଣି। ଅସିତ ଦଶଟା ପୂର୍ବରୁ ଅଫିସ ଯିବେ। ତା'ପୂର୍ବରୁ ତାଙ୍କ ସହିତ ଜଳଖିଆ ଖାଇବାକୁ ରାଧିକା ସବୁଦିନେ ଚେଷ୍ଟା କରେ। ପୁଣି ତାଙ୍କ ସହିତ ଦେଖା ହେଲା ବେଳକୁ ସନ୍ଧ୍ୟା ଛଅଟା କି ସାତଟା। ମାମା ବହୁତ ସମୟ ପୂଜା କରନ୍ତି ଏବଂ ଅଧଘଣ୍ଟେ ଭାଗବତ ପଢ଼ନ୍ତି। ସେ ଷ୍ଟୋର ରୁମ୍‌କୁ ଯାଇ ଦେଖିଲା ମାମା ପୂଜା କରିବେ କ'ଣ ଗୋଟିଏ ଥାକରୁ ସବୁ ଡବା କାଢ଼ି ସେ ଜାଗାଟିକୁ ଧୂଆଧୋଇ କରୁଛନ୍ତି। ରାଧିକା ନିଜକୁ ସମ୍ଭାଳି ପାରିଲା ନାହିଁ, ବାଧ ହୋଇ କହିଲା, "ମାମା ସେସବୁ ପରେ କରିବ, ଏବେ ଅସିତ୍ ରହିଁ ବସିଛନ୍ତି ଜଳଖିଆ ଖାଇବା ପାଇଁ। ଆଗେ ଆସି ଖାଇଦିଅ।"

"ନା ଲୋ ରାଧିକା, ପୂଜା ନ ସାରି ମୁଁ କିଛି ଖାଏ ନାହିଁ। ତୁ ଆଉ ଅସିତ୍ ଖାଇ ନିଅ। ମୋର ପୂଜା ସରିଲେ ମୁଁ କ'ଣ ଟିକିଏ ଖାଇନେବି ବା ଏକାଥରେ ଭାତ ଖାଇନେବି। ମୋ ପାଇଁ ବ୍ୟସ୍ତ ହୁଅନା।"

ରାଧିକା ମାମାଙ୍କୁ ଆଉ କିଛି କହିଲା ନାହିଁ। ଚୁପ୍‌ଚାପ୍ ଖାଇବା ଟେବୁଲ ପାଖକୁ ଯାଇ ତା' ପାଇଁ ଉଦ୍ଦିଷ୍ଟ ଚୌକିକୁ ଟାଣିନେଇ ବସିଲା ଓ କାଚ ଗିନାରେ ଥିବା କର୍ଣ୍ଣଫ୍ଲେକସ୍ ଉପରେ ଜାରରୁ କିଛି ଦୁଧ ଢାଳିଲା। ଅସିତ୍ ପଚାରିଲା 'ମାମା କାହାନ୍ତି ?'

"ନାଇଁ ସେ ଏଇଲେ ଖାଇବେ ନାହିଁ। ପୂଜା ସାରି ଏକଥରେ ଲଞ୍ଚ ଖାଇବେ।"

"ହଉ, ତାଙ୍କୁ ଯାହା ଭଲ ଲାଗୁଛି ତା କରନ୍ତୁ। ମୁଁ ଶୀଘ୍ର ଖାଇ ଅଫିସ ଯାଏ। ତୁମର କୁଆଡ଼େ ଯିବାର ପ୍ଲାନ୍ ଅଛିକି ? ଗାଡ଼ି ଓ ଡ୍ରାଇଭରକୁ ପଠେଇ ଦେବି ?"

"ନା ଏଯାଏଁ ତ କିଛି ଭାବିନି। ଯଦି ମାମା କହନ୍ତି ତ ତୁମକୁ ଫୋନ୍‌ରେ କହିଦେବି।"

ଖାଇସାରି ଅସିତ୍ ଅଫିସ୍ ଚାଲିଗଲେ।

ରାଧିକ ଗେଟ୍ ଯାଏଁ ତାଙ୍କୁ ଛାଡ଼ିବାକୁ ଗଲା। ଫେରିଆସି ଷ୍ଟୋର ରୁମ୍‌କୁ ଯାଇ ଦେଖିଲା ଷ୍ଟୋର୍ ରୁମ୍‌ର ଗୋଟାଏ ଥାକରେ ଠାକୁରମାନେ ସଜାଡ଼ାସୁଜୁଡ଼ି ହୋଇ ବସିଛନ୍ତି। ମାମା ବୋଧେ ଅଭୟକୁ ପଠେଇ ବଜାରରୁ ଫୁଲ ଆଣି ଠାକୁରଙ୍କୁ ଦେଇଛନ୍ତି। ଭାରି ସୁନ୍ଦର ଦେଖାଯାଉଛି ସେ ଥାକଟି। କିନ୍ତୁ ତଳ ଥାକ ଦୁଇଟିର ବାର ବାଜି ଯାଉଛି। ଗୋଟାଏ ଡବା ଉପରେ ଆଉ ଗୋଟିଏ ଡବା- କେଉଁଠି କେଉଁ ଡବା ଅଛି ଜାଣିବା କଷ୍ଟ। ତଥାପି ରାଧିକା କିଛି ନ କହି ଗୋଟିଏ ଚୌକି ପକାଇ ସେଇଠି ବସିଲା। ମାମା ଖୁବ୍ ସୁନ୍ଦର ସ୍ୱରରେ ଭାଗବତ ପଢୁ ଥାଆନ୍ତି –

ନମଇଁ ନୃସିଂହ ଚରଣ, ଅନାଦି ପରମ କାରଣ ॥
ଯାହାର ଆଦି ମଧ୍ୟ ଅନ୍ତେ, ବିଚାର ନ ପଟେ ଜଗତେ ॥
ଇନ୍ଦ୍ରିୟ ଅର୍ଥ ନ ଜାଣନ୍ତି, ସତ୍ୟ ଯେ ନିତ୍ୟ ପ୍ରକାଶନ୍ତି ॥

ଆନନ୍ଦ ମନେ ବେଦ ସାର, ବ୍ରହ୍ମାରେ କଲା ଯେ ନିସ୍ତାର ॥

ଯାର ସ୍ୱରୂପ ହୃଦେ ଚିନ୍ତି, ବେଦ ସ୍ୱରୂପ ନ ଜାଣନ୍ତି ॥

ମୃର୍ତ୍ତିକା ବିଗ୍ରର ଯେମନ୍ତ, ଜଳ ଅନଳେ ସୁଯନ୍ତ୍ରିତ ॥

ରୂପ ଅରୂପ ସ୍ଥିତି ତିନି, ଯାହା ଗୋଚର ଅନୁମାନ ॥

ସ୍ୱଭାବେ ନୋହେ ଯେ ଏମନ୍ତ, ଏ ସାଂଖ୍ୟ ଯୋଗୀଙ୍କର ସମେତ ॥

ଆତ୍ମ ପ୍ରକାଶେ ଜନ୍ମ ହୋଇ, ନିରତେ କୁହୁକ ବୋଲାଇ ॥

ସତ୍ୟ ପରମାନନ୍ଦ ହରି, ଯାହା ଭାବିଲେ ଭବୁ ହରି ॥...

ରାଧିକା ବସି ମାମାଙ୍କର ଭାଗବତ ପଢ଼ା ଶୁଣିଲା। ଗୋଟିଏ ଅଧ୍ୟାୟ ସରିଲା ବେଳକୁ ପ୍ରାୟ ଅଧଘଣ୍ଟେ ଲାଗିବ।

ମାମା ଯେତେବେଳେ ପ୍ରଥମ ଅଧ୍ୟାୟ ଶେଷ କରି କହିଲେ -

"ଇତି ଭାଗବତେ ମହାପୁରାଣେ ପରମହଂସୀ
ସଂହିତାୟଂ
ବୈୟାସିକ୍ୟାଂ ପ୍ରଥମ ସ୍କନ୍ଦେ
ନୈମିଷୀୟୋପ୍ୟାଖନେ ଋଷି
ପ୍ରଶ୍ନୋ ନମ ପ୍ରଥମୋଽଧ୍ୟାୟଃ।"

ମାମା ମୁଣ୍ଡିଆ ମାରି ଉଠିଲା ପରେ ରାଧିକା କହିଲା, "ମାମା ଚାଲ ଏଥର ଟିକିଏ ଜଳଖିଆ ଖାଇଦିଅ। ତୁମର ଯଦି ସବୁଦିନ ପୂଜା ସରୁସରୁ ଏ ତ ଡେରୀ ହେବ ତେବେ ପୂଜା କରିବା ପୂର୍ବରୁ କ'ଣ ଟିକିଏ ଖାଇଦେଇ ପୂଜାରେ ବସ।"

"ନାଇଁଲେ ମା' ରାଧିକା ମୋର ତ ଏଇ ପୂଜା ସରିଲେ ଠାକୁରଙ୍କୁ ଯାହା ପୂଜା କରିଥାଏ ତାକୁ ପାଟିରେ ପକେ ଦେଇ ଏକାଥରେ ଗୋଟେ ବଳକୁ ଭାତ ଖାଇଦିଏ। ତା' ପରେ ବିଶ୍ରାମ। ଏଠି ମୋର ବା କି କାମ। ସାରା ଦିନ ତ ବସିବା।"

"କାଇଁ ମାମା, ତୁମ ପାଇଁ ଏଠି ବହୁତ କାମ ଅଛି। ଯେଉଁ ସ୍ତ୍ରୀ ଲୋକଟି ରାନ୍ଧିବାକୁ ଆସେ ତାକୁ ଟିକିଏ ତୁମେ ଆମ ଓଡ଼ିଆ ରନ୍ଧା ଶିଖାଇ ଦିଅ। ମୋତେ ଓ ଅସିତଙ୍କୁ ଆମ ଓଡ଼ିଆ ଖାଇବା ବହୁତ ଭଲ ଲାଗେ। ତା'ପରେ ମାମା ତୁମେ ଆଗେ ଭଲ ସ୍ୱେଟର ବୁଣୁଥିଲ। କିଛି ଉଲ୍ କିଣି ଆଣିଲେ ତୁମେ ରାଜା ଓ ରତନଙ୍କ ପାଇଁ ସୁଏଟର ବୁଣି ଦେବ। ତୁମେ ବହୁତ ପଢ଼ିବା ବି ମୋର ମନେ ଅଛି। ମୁଁ ବହି ଆଣିଦେବି ତୁମ ଖାଲି ସମୟରେ ପଢ଼ିବ।"

"ନାଇଁ ଲୋ ରାଧିକା, ମୁଁ କ'ଣ ଆଉ ପୂର୍ବ ପରି ପଢ଼ିପାରୁଛି ? ଏଇ ଭାଗବତ ଅଧ୍ୟାୟେ ପଢ଼ି ଖବର କାଗଜ ପଢ଼ିଲା ବେଳକୁ ଆଖିରୁ ଲୁହ ବାହାରି ପଡୁଛି। ପାପା ଚାଲି ଯିବା ପରେ ଏଇ ଗୋଟାଏ ମୋର ରୋଗ ବାହାରିଛି। କ'ଣ କରିବି, ଭାବୁଛି ବୁଢ଼ୀ ହେଲେଣି ତ ଏଣିକି ଏସବୁ ସାଧାରଣ କଥା। କେତେବେଳେ ଆଣ୍ଟୁ ଧରୁଛି ତ କେତେବେଳେ ଅଣ୍ଟା ବିନ୍ଧୁଛି। ଭଗବାନଙ୍କୁ ଡାକୁଛି ମୋତେ କେମିତି ଶୀଘ୍ର ଏଇ ପୃଥିବୀରୁ ନେଇ ଯାଆନ୍ତୁ।" ରାଧିକା ମାମାଙ୍କୁ ଜାକି ପକେଇ କହିଲା, "ମାମା, ତୁମକୁ ମୋ ରାଣ, ଏମିତି କଥା ଆଉ କେବେ ପାଟିରେ ଧରିବ ନାହିଁ। ମୁଁ ଏଠାରେ ତୁମର ସବୁ ପରୀକ୍ଷା କରେଇ ଦେବି। ଦିଲ୍ଲୀରେ ମୋର ଜଣେ ସାଙ୍ଗ ଆଖି ଡାକ୍ତର ଅଛନ୍ତି। ତାଙ୍କ ସହିତ ଆମର ସମ୍ପର୍କ ବହୁତ ଘନିଷ୍ଠ। ତୁମେ ଦେହ ନେଇ ବ୍ୟସ୍ତ ହୁଅନି। ତୁମର 'ଫୁଲ ବଡ଼ି' ଚେକ୍ଅପ୍ କରେଇ ଦେବା।" ରେଣୁବାଳା ହସିଦେଇ କହିଲେ, "ତୁ ମୋ ପାଇଁ ଏତେ ଚିନ୍ତା କରନାହିଁ। ମୋର କିଛି ବେଶୀ ଚେକ୍ଅପ୍ ଦରକାର ନାହିଁ। କେବଳ ଆଖି ଦେଖେଇ ଦେବା। ହୁଏତ ଗୋଟିଏ ନୂଆ ଚଷମା କରବାକୁ ପଡ଼ିପାରେ।"

"ହଁ ମାମା, ସବୁ ହେବ। ଚାଲ କ'ଣ ଟିକିଏ ଖାଇ ଦିଅ।"

"ଠାକୁରଙ୍କୁ ଯେଉଁ ଫଳ ପୂଜା କରିଛି ସେ ମୋ ଜଳଖିଆ ପାଇଁ ଯଥେଷ୍ଟ। ତୁ ସେ ସବୁ ନେଇଆସ, ମୁଁ ଖାଇଦେବି। ତା' ପରେ ଚା'କି କଫି ଟିକିଏ ପିଇଦେଲେ ଭଲ ଲାଗିବ...।"

ରାଧିକା ମାମାଙ୍କ ଲାଗି ପୂଜା ହୋଇଥିବା ଫଳ ସବୁ ନେଇ ଆସିଲା। ପାଚିଲା କଦଳୀ, ଆପୁଲ୍, ଅଙ୍ଗୁର ଓ ସୀତା ଫଳ। ସବୁ ସୁନ୍ଦର କରି ସଜାଡ଼ି ଗୋଟାଏ ପ୍ଲେଟ୍‌ରେ ରଖି ଖାଇବା ଟେବୁଲ ଉପରେ ରଖି ମାମାଙ୍କୁ ଡାକିଲା। ରେଣୁବାଳା ଯାଇ ଚେୟାରରେ ବସି କହିଲେ, "ଆଲୋ, ରାଧିକା ମୁଁ ଏତକ ଏବେ ଖାଇଲେ ଆଉ ଲଞ୍ଚ୍ ଖାଇ ପାରିବି ନାହିଁ, ତୁ ଆ, ମୋ ସାଙ୍ଗରେ କିଛି ଖାଆ।"

ରାଧିକା ମାମାଙ୍କ କଥା ରଖି ତାଙ୍କ ପାଇଁ ଆଣିଥିବା ଫଳରୁ କିଛି ଖାଇଲା। ବଡ଼ ପାଟି କରି କହିଲା, "କମଲା, ଦୋ କପ୍ ଆଚ୍ଛା କଫି ବନାକର ଲାଓ।"

ଅଳ୍ପ ସମୟ ପରେ ଗୋଟିଏ ମଧ୍ୟବୟସ୍କ ସ୍ତ୍ରୀ ଲୋକ ଗୋଟିଏ ଟ୍ରେରେ ଦୁଇକପ୍ କଫି ନେଇ ପହଞ୍ଚିଲା। କଫି ଟ୍ରେଟି ଟେବୁଲ ଉପରେ ରଖିଦେଇ ରେଣୁବାଳାଙ୍କର ପାଦଛୁଇଁ ପ୍ରଣାମ କଲା ଓ ପଚାରିଲା 'ମାଆଜୀ, ଦିଲ୍ଲୀ କୈସେ ଲଗତା ହୈ ?'

ରେଣୁବାଳା ରାଧିକା ମୁହଁକୁ ଚାହିଁ କହିଲେ, "ମତେ ତ ଭଲ ହିନ୍ଦୀ କହି ଆସିବନି। ତୁ କହିଦେ ଭଲ ଲାଗୁଛି ?"

ରାଧିକା ହସି ହସି କହିଲା, "ତୁମେ ନିଶ୍ଚେ କହିପାରିବ। ଓଡ଼ିଆ ହିନ୍ଦୀ ଭିତରେ ବେଶୀ ଫରକ୍ ନାହିଁ।"

ରେଣୁବାଳା ଧୀରେ ଧୀରେ କହିଲେ, 'ଆଚ୍ଛା, କଫି ଭି ଆଚ୍ଛା।'

ରାଧିକା ଦୁଇ ହାତରେ ତାଳି ମାରି କହିଲା, "ତୁମେ ତ ଠିକ୍ କହୁଛ, ଡର ନାହିଁ; ସବୁ କହି ପାରିବ।"

"କମଲା, ରାତକା ଖାନାବନାନେ କେ ଟାଇମ୍ ମେଁ ମା'ଜୀକୋ ବୁଲା ଲେନା। ୱୋ ତୁମକୋ ଓଡ଼ିଆ ଖାନା ବନାନା ଶିଖା ଦେଙ୍ଗେ...।"

"ଆଲୋ ରାଧିକା, ଆଜି ଦିନଟା ସମ୍ଭାଳି ଯାଆ। ମୁଁ କାଲି ଠାରୁ ସବୁଦିନ ଗୋଟାଏ ତରକାରି କରିଦେବି। କମଲା, ସେଇଟାକୁ ମନଦେଇ ଶିଖିନେବ। ତୋର ଯଦି ଇଚ୍ଛା ତୁ ବି ସେଇଟା ଶିଖି ପାରିବୁ। ପାଠପଢ଼ା ଓ ନାଚ ଶିଖିବାରେ ତୋର ସବୁ ସମୟ ଯାଏ, ତୁ ଆଉ କେଉଁଠି ମୋ ପାଖରୁ ରନ୍ଧା ଶିଖିବାକୁ ବେଳ ପାଇଲୁ ? ତୋ ପାପା ଏତେ ତରତରରେ ତତେ ବାହା କରିଦେଲେ ଯେ ମୁଁ ମନ ପୂରେଇ ତତେ ଖୁଆଇ ବି ପାରିନି।"

"ସେ କଥା ଭାବି ଆଉ ଲାଭ କ'ଣ ? ଏବେ ବି ସମୟ ଅଛି ମୁଁ ତୁମଠାରୁ ରନ୍ଧା ଶିଖିବାକୁ, ଏବେ ମୋତେ ତୁମ ମାଛ ବେସର ଶିଖାଇ ଦିଅ।"

"ହଉ, କାଲିକୁ ଭଲ ମାଛ ଆଣିବୁ ଆଉ ଦେଶୀଆଳୁ, କଞ୍ଚାକଦଳୀ ଓ ବଡ଼ି ବି ରଖିଥିବୁ।"

"ମାମା, ତାହେଲେ ମତେ ବଜାର ଯିବାକୁ ହେବ... କାହାକୁ ବୁଝାଇବି ଦେଶୀ ଆଳୁ କ'ଣ ? ହଁ ମାମା, ଗୋଟିଏ କଥା କଲେ ଭଲ ହେବ। ଚାଲ ଚାରିଟା ବେଳକୁ ଆମେ ବଜାର ଯିବା - ଯାହା ସବୁ ଦରକାର ନେଇ ଆସିବା।"

"ହଁ ତା ବି ଭଲ ହେବ" ରେଣୁବାଳା ଉତ୍ତର ଦେଲେ।

ରାଧିକା ଫୋନ୍ କଲା ଅସିତ୍‌ଙ୍କୁ। "ମୋର ଟିକିଏ ଗାଡ଼ି ଦରକାର - ତିନିଟାରୁ ପାଞ୍ଚଟା ଯାଏଁ।"

"ହଁ ଠିକ୍ ଅଛି- ଏବେ ମୁଁ ହରିଲାଲକୁ କହି ଦେଉଛି।"

ଗୋଟେ ବେଳକୁ ମାଆ, ଝିଅ ବସି ଖାଇଲେ। ଭାତ, ଡାଲି, ଛେନା ତରକାରୀ, ପାଳଙ୍ଗ ଶାଗ।

ରେଣୁବାଳା ଖାଉ ଖାଉ କହିଲେ, "କମଲା ଭଲ ରାନ୍ଧିଛି, ଯଦିଓ ତେଲ ଟିକିଏ ବେଶୀ ପକାଇଛି।"

"ମାମା, ସେଇଟା ସବୁ ପାର୍ଟଟାଇମ୍ ରାନ୍ଧୁଣୀ କରନ୍ତି ଏଠି। ଗୋଟାଏ କଥା ସେମାନେ ଭାବନ୍ତି ତେଲ ବେଶୀ ଦେଲେ ରନ୍ଧା ସ୍ୱାଦିଷ୍ଟ ହୁଏ ଏବଂ ତଳୁ ଲାଗି ଯାଏନି।"

"ହଁ, ଏହା ସତ, ତେଲ ଟିକିଏ ବେଶୀ ଦେଲେ ତରକାରୀ ପୋଡ଼ିଯିବାର ଭୟ ନ ଥାଏ। ଧିମା ଜାଳରେ ବେଶୀ ତେଲ ଦେଇ ତରକାରୀ ରାନ୍ଧିଲେ ତାହା ଖୁବ୍ ଟେଷ୍ଟି ହୋଇଥାଏ। କିନ୍ତୁ ସବୁଦିନ ଖାଇଲେ ଦେହକୁ ଖରାପ।"

ଏମିତି ଗପସପରେ ତିନିଟା ବାଜିଗଲା। ହରିଲାଲ ଇତିମଧ୍ୟରେ ଘରେ ପହଞ୍ଚି ବେଲ୍ ଦେଲାଣି।

"ମାମା ଶୀଘ୍ର ବାହାର, ଡ୍ରାଇଭର ଆସିଗଲାଣି।"

"ଆଉ ବାହାର କରିବି କ'ଣ? ଯାହା ପିନ୍ଧିଛି ସେ ଚଳିଯିବ।"

ରାଧିକା ମାମାଙ୍କୁ ଭଲ କରି ଚାହିଁଲା – "ହସିହସି କହିଲା ଯିଏ ସୁନ୍ଦର ତା'ର ଲୁଗା ବଦଳେଇବା ବା ପାଉଡ଼ର ଲଗାଇବା କ'ଣ ଦରକାର?"

ଦୁହେଁ ତଳକୁ ଯାଇ ଗାଡ଼ିରେ ବସିଲେ। ରାଧିକା କହିଲା, "ହରିଲାଲ, ହମ୍‌କୋ ଥୋଡ଼ା ସରୋଜିନୀ ମାର୍କେଟ ଜାନା ହୈ।"

"ଠିକ୍ ହୈ ମାଡ଼ାମ୍।"

"ମାମା, ଏ ମାର୍କେଟ୍‌ଟା ଏତେ ବଡ଼ ନୁହେଁ, କିନ୍ତୁ ସବୁ ଜିନିଷ ରିଜନେବୁଲ୍ ରେଟ୍‌ରେ ମିଳେ। ତା ଛଡ଼ା ଆମକୁ ପାଖ। ସେଥିପାଇଁ ଏଇଟା ମୋର ପସନ୍ଦ।"

ରେଣୁବାଳା ଦୁଇ ସାଇଡ୍‌କୁ ଚାହୁଁ ଚାହୁଁ ମୁଣ୍ଡ ହଲେଇ ସ୍ୱାଗତ ଜଣାଇଲେ।

ଚାହୁଁଚାହୁଁ ଦଶମିନିଟ୍ ଭିତରେ ସେମାନେ ପହଞ୍ଚିଗଲେ ସରୋଜିନୀ ମାର୍କେଟ୍‌ରେ।

ଗାଡ଼ି କବାଟ ଡ୍ରାଇଭର ହରିଲାଲ ଖୋଲି ଦେଲା। ରେଣୁବାଳା ଧୀରେ ଗାଡ଼ିରୁ ଓହ୍ଲେଇ ପଡ଼ିଲେ।

ରାଧିକା ଆରପଟୁ ଆସି ତାଙ୍କ ପାଖରେ ଠିଆହୋଇ ପଡ଼ିଲା, ହାତରେ ତା'ର ଗୋଟିଏ ପ୍ଲାଷ୍ଟିକ୍ ଝୁଡ଼ି।

ରେଣୁବାଳା ତା'ଙ୍କ ମୁହଁକୁ ଚାହିଁ ହସି ହସି କହିଲେ ମୋ ଝିଅ ତ ବଡ଼ ହୁସିଆର ହୋଇଗଲାଣି – ବଜାର କରିବ ବୋଲି ବ୍ୟାଗ୍ ନେଇ ଆସିଛି।

ଦୁହେଁ ସବ୍‌ଜି ବଜାର ଭିତରକୁ ଯାଇ କଖାରୁ, ପୋଟଳ, ଜହ୍ନି, ବାଇଗଣ, ଟମାଟୋ, ଧନିଆ ପତ୍ର, ପୋଦିନା ପତ୍ର, କଞ୍ଚାଲଙ୍କା କିଣିଲେ, ଭଲ ତଟକା ଫୁଲକୋବି ବି ମିଳୁଥିଲା। ସେଥିରୁ ଦୁଇଟା ରାଧିକା ବ୍ୟାଗ୍‌ରେ ପକେଇଲା। ଆଉ ଗୋଟିଏ ଜାଗାରେ ଛନଛନିଆ ପାଳଙ୍ଗ ଶାଗ ମିଳୁଥିଲା। ରାଧିକା କହିଲା, "ମାମା, ଅସିତ୍‌ଙ୍କୁ ପାଳଙ୍ଗ ଶାଗ ବହୁତ ଭଲ ଲାଗେ। ମୁଁ କିଛି ପାଳଙ୍ଗ ଶାଗ ନେଉଛି।" ରେଣୁବାଳା ଖୋଜୁଥିଲେ କଞ୍ଚାକଦଳୀ ଓ ଛୁଇଁ, ସେ ଦୁଇଟି ମିଳିଲା ନାହିଁ। ଦୋକାନୀ କହିଲା, "ସବେରେ ଆନେ ସେ ମିଲେଗା।"

ରାଧିକା କହିଲା, "ମାମା ଟିକିଏ ରହ, ମୁଁ ଗାଡ଼ିରେ ବ୍ୟାଗ୍‌ଟା ରଖିଦେଇ ଆସେ ଏଠି ଗୋଟିଏ ଦୋକାନରେ ଭଲ ଜଳଖିଆ ମିଳେ। ଏତେ ଭଲ ସମୋସା ଥରେ ଖାଇଲେ ମନେ ରହିଥିବ, ତା' ଜଲେବି ଭାରି ଭଲ।"

ରାଧିକା ଗାଡ଼ିରେ ପରିବା ବ୍ୟାଗ୍‌ଟି ରଖିଦେଇ ଆସିଲା। ରେଣୁବାଳାଙ୍କ ହାତ ଧରି ନେଇଗଲା, "ଗୁପ୍ତା ସ୍ନାକ୍‌ସ ଆଣ୍ଡ ସୁଇଟ୍‌ସ୍‌କୁ" ଦୋକାଟି ଏତେ ବଡ଼ ନୁହେଁ। ଏଠି ବେଶୀ ଲୋକ ବସିକରି ଖାଇବାର ବନ୍ଦୋବସ୍ତ ନାହିଁ। ଅଧିକାଂଶ ଲୋକ ବାହାରେ ଠିଆ ହୋଇ ଖାଉଛନ୍ତି।

"ଏଠି ବସିବା ଜାଗାରେ ଆଉ ଜାଗା ନାହିଁ। ମାମା କ'ଣ ହାତ ଧରି ଖାଇ ଦେବା?"

"ନା, ପ୍ୟାକ୍ କରି ଘରକୁ ନେଇଗଲେ ପିଲାମାନେ ଓ ଅସିତ୍ ଖାଇବେ।"

ରାଧିକା ଦୋକାନୀକୁ କହି କିଛି ସମୋସା ଓ କିଛି ଜଲେବି ପ୍ୟାକ୍ କରି ନେଲା। ସେ କହିଲା, "ମାମା ଏଠି ଗାଡ଼ି ରଖିବାର ସୁବିଧା ନାହିଁ, ମୁଁ ଯାଇ ଗାଡ଼ିକୁ ଡାକି ଆଣିବି?"

ନା, ମୁଁ ଚାଲିଯିବି।

ଦୁହେଁ ଚାଲି ଚାଲି ଗାଡ଼ି ପାଖକୁ ଆସିଲେ। ଗାଡ଼ି ପାର୍କିଂ ପାଖେ ଗୋଟିଏ ଫୁଲ ଦୋକାନ ଥିଲା। ରାଧିକା ସେଠାରୁ କିଛି ଫୁଲ କିଣିଲା।

ରେଣୁବାଳା ପଚାରିଲା, "ଏଇଲେ ଫୁଲ ନେଇ କ'ଣ କରିବୁ? ସକାଳକୁ ତ ଶୁଖିଯାଇଥିବ।"

"କାହିଁକି ମାମା ଶୁଖିଯିବ? ଭଲ କରି ପାଣି ଦେଇ ରଖିଲେ ଦୁଇଦିନ ରହିବ। ସେ ପାଣିରେ ଗୋଟାଏ ଆନ୍‌ସିନ୍ ପକାଇ ଦେଲେ କାଲିକୁ ବି ଏ ଫୁଲ ତଟକା ଥିବ।"

"ଆଚ୍ଛା!" ରେଣୁବାଳା ଆଶ୍ଚର୍ଯ୍ୟ ହୋଇ ପଚାରିଲେ।

"ହଁ ମାମା, କାଲି କ'ଣ ପହରଦିନ ଯାଏଁ ଏମିତି ଥିବ।

ସେମାନେ ଫେରି ଆସିଲେ ରାଧିକାର ଫ୍ଲାଟ୍‌କୁ। ପିଲାମାନେ ଫ୍ଲାଟ୍ ଆଗରେ ଥିବା ଖେଳ ପଡ଼ିଆରେ ଖେଳୁଥିଲେ। ରାଧିକା ସେମାନଙ୍କୁ ଡାକି କହିଲେ, "ଖେଳ ସାରି ଟିକିଏ ଶୀଘ୍ର ଘରକୁ ଆସିଯିବ।"

ଦୁଇ ପୁଅ ହଁ କହି ପୁଣି ଖେଳିବାକୁ ଚାଲିଗଲେ, ଠିକ୍ ଆକାଶରେ ବାଦଲ ଉଡ଼ିଲା ପରି। ମାଆ ଝିଅ ଦୁହେଁ ଫ୍ଲାଟ୍‌ରେ ପଶିଲେ।

ରେଣୁବାଳା ବାହାର ଘରେ ଚଟି ରଖିଦେଇ ବାଥ୍‌ରୁମ୍ ଚାଲିଗଲେ ଗୋଡ଼ ହାତ ଧୋଇବା ପାଇଁ। ରାଧିକା ଖାଇବା ଟେବୁଲ ପାଖରୁ ଡାକ ପକେଇଲା, "ମାମା ଶୀଘ୍ର ଆସ, ସମୋସା ଥଣ୍ଡା ହୋଇଯିବ।"

ରେଣୁବାଳା ଗୋଡ଼ହାତ ଧୋଇ ଲୁଗା ବଦଳେଇ ଆସିଲା ବେଳକୁ ଟିକିଏ ଡେରି ହୋଇଗଲା। ଏହା ଭିତରେ ସେ ଭାବି ଚାଲିଲେ ରାଧିକା ଓ ତାଙ୍କ ବୋହୂମାନଙ୍କର ତାଙ୍କ ପ୍ରତି ବ୍ୟବହାର କେତେ ଫରକ୍। ଦିନେ ବି କେଉଁ ବୋହୂ ଥରେ ପଚାରନ୍ତି "ମାମା ତୁମେ କ'ଣ ଖାଇବ? କଟକରେ ସୁରଟା ଯାହା ଦି'ଖଣ୍ଡ ବାଇଗଣ ଭାଜି ଦେଇଦିଏ, ନହେଲେ କଡ଼ି କି ବେସନ ତରକାରୀ କରୁକରୁ ତା' ବେଳ ଯାଏ, ପୁଣି ଅସୀମାର ଖାଇଲା ବେଳକୁ ଗରମ ଗରମ ରୁଟି। ସେ ଗୋଟାଏ ଲୋକ, କେତେ କରିବ?" ରେଣୁବାଳା ଏମିତି ଭାବୁଭାବୁ ଆସି ଗଲେ ଖାଇବା ଟେବୁଲ ପାଖରେ।

"ମାମା, ତୁମେ ଏତେ ଡେରୀ କରିଦେଲ ସମୋସା ଥଣ୍ଡା ହୋଇଗଲା।"

"ଏଇ ପାଞ୍ଚମିନିଟ୍‌ରେ ଏମିତି କେତେ ଥଣ୍ଡା ହୋଇ ଯାଇଥିବ! ଦେ, ଏଥର ମତେ ଦେ।"

ଗୋଟିଏ ପ୍ଲେଟ୍‌ରେ ଦୁଇଟି ସମୋସା ରଖି ରାଧିକା ତାଙ୍କ ହାତକୁ ବଢ଼େଇ ଦେଲା।

ରେଣୁବାଳା ସମୋସା ସାଇଜ ଦେଖି କହିଲେ, "ଆଲୋ ରାଧିକା, ଏଡ଼େ ଏଡ଼େ ଦୁଇଟା ସମୋସା ଏଇଲେ ଖାଇଲେ ମୁଁ କ'ଣ ରାତିକୁ ରୁଟି ତରକାରୀ ଖାଇପାରିବି। ମୁଁ ଗୋଟେ ଖାଇବି, ଆଉ ଗୋଟେ ତୁ ରଖିଦେ।"

"ନା ମାମା, ତୁମେ ଦୁଇଟା ଯାକ ଖାଅ, ରାତିକୁ ନ ଖାଇଲେ ନ ଖାଇବ, ଖାଲି ଦୁଧ ଗିଲାସେ ପିଇ ଶୋଇ ପଡ଼ିବ।"

"ମୁଁ ଆଗେ ଗୋଟେ ଖାଏ, ତା'ପରେ ପେଟରେ ଜାଗା ଥିଲେ ଦ୍ୱିତୀୟଟା ଖାଇବି।"

ରେଣୁବାଳା ଗୋଟାଏ ସମୋସା ଓ ଗୋଟାଏ ଜଲେବି ଖାଇ କହିଲେ, "ସତରେ ଦୁଇଟା ଯାକ ବହୁତ ଭଲ ହୋଇଛି। ରାଜା ଓ ରତନ ଆସିଲେ ଖାଇବେ, ଜୋଇଁଙ୍କ ପାଇଁ ବି ରଖିଥା।"

ମୁଁ ସମସ୍ତଙ୍କ ପାଇଁ ହିସାବ କରି ଆଣିଛି, ମାମା ତୁମ ପାଇଁ ଚା' କରିଦିଏ। ତୁମକୁ ତ ଦାର୍ଜିଲିଂ ଚା' ଭଲ ଲାଗେ। ସେଇଟା ହିଁ କରି ଦେଉଛି।

ରେଣୁବାଳା ଚୁପ୍ ହୋଇ ବସି ଭାବୁଥାଆନ୍ତି ତାଙ୍କ ସ୍ୱାମୀଙ୍କ କଥା। ହରମୋହନବାବୁ ରାଧିକାର ମୋ ପାଇଁ ଭଲ ପାଇବା ଦେଖୁଥିଲେ ସେ କେତେ ଖୁସି ହେଉଥାଆନ୍ତେ! ପ୍ରକୃତରେ ଝିଅ ଝିଅ। ପୁଅମାନେ ତ ତାଙ୍କ ସ୍ତ୍ରୀ କଥା ବେଶୀ ଶୁଣିବେ। କିନ୍ତୁ ଆମ ବେଳେ କଥା ଅଲଗା ଥିଲା। ଶାଶୂ ଘରର ମୁରବି ଥିଲେ। ସେ ଯାହା କହୁଥିଲେ ସେୟା ହେଉଥିଲା। ହରମୋହନ ମୋତେ ବହୁତ ଭଲ ପାଉଥିଲେ ମଧ୍ୟ ମୋର ଯୁ ନଥିଲା ମୁଁ ତାଙ୍କ ବୋଉଙ୍କ ମନରେ ଏତେ

ଟିକିଏ କଷ୍ଟ ଦେବି ବା ତାଙ୍କ କଥାକୁ ତଳେ ପକେଇ ଦେବି। ରେଣୁବାଳା ଏମିତି ଭାବୁ ଭାବୁ ଦୀର୍ଘ ନିଃଶ୍ୱାସ ଛାଡ଼ିଲେ।

ଝରକା ବାଟେ ଦେଖା ଯାଉଛି ସୂର୍ଯ୍ୟ ଅସ୍ତ ହେବା। କଟକରେ ନଭେମ୍ବର ମାସକୁ ସନ୍ଧ୍ୟା ସାଢ଼େ ପାଞ୍ଚଟା ବେଳକୁ ଏକବାରେ ସନ୍ଧ୍ୟା। ଏଠି ଟିକେ ଡେରିରେ ସୂର୍ଯ୍ୟ ଅସ୍ତ ହେଉଛନ୍ତି। ରେଣୁବାଳା ଷ୍ଟୋର ରୁମ୍ ଅଭିମୁଖେ ଆଗେଇଲେ। ସନ୍ଧ୍ୟା ଦିଏ କି ନ ଦିଏ ରାଧିକା ମୁଁ ତ ଜାଣେ ନାହିଁ। ମୁଁ ଅଛି ଯେତେବେଳେ ସନ୍ଧ୍ୟା ଦେଇଦେଲେ ଭଲ। ତୁଳସୀ ମୂଳରେ ଦୀପ ଲଗାଇ ଦେଲେ ମୋତେ ଭଲ ଲାଗିବ। ଏସବୁ କରିବାର ଅଧିକାର ମୋର ବୟସରେ ନ ଥିଲା। ସନ୍ଧ୍ୟା ସାଢ଼େ ସାତଟା ହୋଇଗଲା ଅସିତ୍ ଘରକୁ ଫେରିଲା ବେଳକୁ ରାଧିକା ଟିକିଏ ଗମ୍ଭୀର ହୋଇ ପଚାରିଲା, "ଏତେ ଡେରୀ ହେଲା କାହିଁକି ?"

"ମୋ କଥାରେ କ'ଣ ସେକ୍ରେଟାରୀଏଟ୍ ଚାଲୁଛି ? ମୁଁ ତ ମାତ୍ର ଡେପୁଟି ସେକ୍ରେଟାରୀ। କେତେ ବଡ଼ ଅଫିସର ମୋ ଉପରେ। ସେକ୍ରେଟାରୀ ଡାକିଲେ କିଛି ଜରୁରୀ ଫାଇଲ ଦେଖିବା ପାଇଁ। ମୋର ନାହିଁ କରିବାର ଚାରା ଅଛିକି ? ଅବଶ୍ୟ ଗୁପ୍ତା ସାର୍ ଭାରି ଭଲ। ସାତଟା ବାଜିବା ମାତ୍ରେ ସେ କହିଲେ, "I am sorry, I kept you so long". ମୁଁ ହସି ହସି ଉତ୍ତର ଦେଲି, "ନୋ ସାର୍, ଇଫ ୟୁ ୱାଣ୍ଟ ଆଇ କାନ୍ ଷ୍ଟେ ଉଇଥ ୟୁ ଫର୍ ସମ୍ ମୋର୍ ଟାଇମ୍...।"

କିନ୍ତୁ ସେ ଉତ୍ତର ଦେଲେ, "ନୋ, ୟୁ ଗୋ, ଇୟୋର ୱାଇଫ ମଷ୍ଟ ବି ୱେଟିଂ ଫର୍ ୟୁ...।"

ତା' ପରେ "Thank you Sir" କହି ବାହାରି ଆସିଲି।

"ହଉ, ହାତ ମୁହଁ ଧୁଅ, ମାମା ଓ ମୁଁ ବଜାର ଯାଇଥିଲୁ। ଭଲ ସମୋସା ଓ ଜଳେବି ଆଣିଥିଲୁ। କିଛି ଖାଅ।"

"ନାଇଁ ରାଧିକା ନାଇଁ। ଏଇଲେ ଖାଇଲେ ରାତିକୁ ଆଉ ଡିନର ଖାଇ ପାରିବିନି।"

ରାଧିକା କିଛି ନ କହି ରନ୍ଧା ଘରକୁ ଚାଲିଗଲା ଓ ଗୋଟେ ପ୍ଲେଟ୍‌ରେ ଗୋଟିଏ ସମୋସା ଓ ଜଳେବି ଆଣି ଅସିତ୍‌ଙ୍କୁ ଦେଲା ଓ କହିଲା, "ମାମା ତୁମ ପାଇଁ ବହୁତ ମନରେ ଆଣିଥିଲେ। ରାତିରେ ପଛେ ଗୋଟିଏ ରୁଟି ଖାଇବ।"

ଅସିତ୍ ଏମିତିରେ ବଡ଼ ବୁଝାମଣା ଲୋକ। ସେ ହସି ହସ ପ୍ଲେଟ୍ ନେଇ ପଚାରିଲେ, "ରାଧିକା ମାମା କାହାନ୍ତି ? ମୁଁ ଟିକିଏ ତାଙ୍କ ସଙ୍ଗେ କଥା ହେବାକୁ ଚାହୁଁଛି।"

"ଆସ ମୋ ସାଙ୍ଗରେ। ସେ ପିଲାଙ୍କ ପାଖେ ବସିଥିବେ ନ ହେଲେ ପୂଜା କରୁଥିବେ। ମୁଁ ତାଙ୍କୁ ଖାଇବା ଟେବୁଲ ପାଖକୁ ଡାକି ଦେଉଛି, ତୁମେ ସେଇଠି ବସିଥାଅ।"

ରାଧିକା 'ମାମା' 'ମାମା' ଡାକି ପିଲାଙ୍କ ରୁମ୍‌କୁ ଗଲା। ମାମା ସେଇଠି ଖଟ ଉପରେ ଗୋଟିଏ ଓଡ଼ିଆ ମ୍ୟାଗାଜିନ୍ ଓଲଟାଉ ଥିଲେ। ମ୍ୟାଗାଜିନ୍‌ଟାକୁ ଉପରେ ରଖି ଦେଇ ପଚାରିଲେ, "କ'ଣ ହେଲା ରାଧିକା ?"

"କିଛି ନାହିଁ, ତୁମ ଜୋଇଁ ତୁମକୁ ଅପେକ୍ଷା କରି ଖାଇବା ଟେବୁଲ ପାଖରେ ବସିଛନ୍ତି। ତୁମେ ସେଇଠିକୁ ଆସିବ କି? ଏଠିକୁ ତାଙ୍କୁ ଡାକିଲେ ପିଲାମାନେ ପାଠ ନ ପଢ଼ି କେବଳ ଗପ ଶୁଣିବେ।"

"ହଉ ଚାଲ, ମୁଁ ଯାଉଛି", ଉତ୍ତର ଦେଲେ ରେଣୁବାଳା।

ଏଇ ଫ୍ଲାଟ୍ ଘରଗୁଡ଼ିକର ଆୟତନ କେତେ ? ମିନିଟ୍‌ଟେ ବି ଲାଗିଲାନି ଅସିତଙ୍କ ପାଖେ ପହଞ୍ଚିବା ପାଇଁ। ସେ ଗୋଟିଏ ଚୌକି କାଢ଼ି ଶାଶୂଙ୍କୁ ଅନୁରୋଧ କଲେ ବସିବା ପାଇଁ। ରାଧିକ ବି ସେମାନଙ୍କ ପାଖରେ ବସିଲା ଓ ବଡ଼ ପାଟି କରି ପାର୍ଟଟାଇମ୍ ରାନ୍ଧୁଣୀକୁ ଡାକିଲା- "କମ୍‌ଲା, ଶୁଣ, ରାତକୋ ଏକ ଡାଲ୍‌ମା ବନାନା, ଠିକ୍ ହମ୍ ଜୈସେ ବତାୟେ ଥେ। ଔର ତିନ ଅଣ୍ଡେ କା ଆମ୍‌ଲେଟ୍ ବନାଦେନା - ନେହିଁ, ଅବନେହିଁ ବନାନା। ଖାଲି ପ୍ୟାଁଜ, ଟମାଟୋର, ଔର ହରା ମିରିଚି କାଟ୍‌କର ଏକ କଟୋରାମେଁ ରଖ୍ ଦେନା। ଖନେକେ ଟାଇମ୍ ହମ୍ ବନା ଦେଙ୍ଗେ।"

ସେ ରନ୍ଧା ଘରୁ ଉତ୍ତର ଦେଲା- "ଜୀ, ମା'ଜୀ"।

ଶାଶୂ ଜୋଇଁ ଖାଇବା ଟେବୁଲ ପାଖେ ବସି ଗପୁ ଥାଆନ୍ତି। ଅସିତ୍ ଆରମ୍ଭ କଲେ, "ମାମା, ଆପଣଙ୍କୁ ଏଠି ଠିକ୍ ଲାଗୁଛିତ? ରାଧିକା ବଡ଼ ବ୍ୟସ୍ତ ଥିଲା ଆପଣଙ୍କ ପାଇଁ। ଏଇଟା ନିହାତି ସତ କଥା ପୁଅ ଝିଅଙ୍କ ପାଖେ ରହିବାରେ ବହୁତ ଅସୁବିଧା ହୁଏ ବାପ ମାଆଙ୍କୁ। ମୋ ବାପାମାଆଙ୍କୁ ଏଠି ଯେତେ ଭଲରେ ରଖିଲେବି ସେ ଆଠଦିନ ରହିବା ପରେ ପିମ୍ପୁଡ଼ି କାମୁଡ଼ିଲା ପରି ହୁଅନ୍ତି। ତାଙ୍କ ଗାଁ ଘର ତାଙ୍କ ପାଇଁ ସ୍ୱର୍ଗ। ମୁଁ ଏଠି ଯେତେ ଯତ୍ନ ନେଲେ ବି ତାଙ୍କୁ ଏଠା ବଡ଼ ଖାପଛଡ଼ା ଲାଗେ। ମାମା, ଆପଣ ସେମାନଙ୍କ ପରି ଜମା ହେବେ ନାହିଁ। ଏ ବିଶ୍ୱାସ ମୋର ଅଛି।"

"ହଁ ବାପା ଅସିତ୍, ମୋର ଏଠି କିଛି ଅସୁବିଧା ହେଉନି। ତୁମ ବାପାମାଆ ଦୁଇଜଣ ଅଛନ୍ତି ବୋଲି ସେମାନଙ୍କୁ ଗାଁ ଘର ଭଲ ଲାଗୁଛି। ଯେତେ ଯାହା ହେଲେ ବି ସେଇଟା ସେମାନଙ୍କର ସଂସାର। ପାପା ଚାଲିଯିବା ପରେ ମୋ ଅବସ୍ଥା ଯଥେଷ୍ଟ ଖରାପ ହୋଇଯାଇଛି। ମୁଁ ତାଙ୍କ ଅନୁପସ୍ଥିତିକୁ ସବୁବେଳେ ଅନୁଭବ କରୁଛି। ଆଜି ସେ ଓ ମୁଁ ଏକାଠି ଆସିଥିଲେ ସେ କେତେ ଖୁସି ହେଉଥାଆନ୍ତେ। ମୋ ଭାଗ୍ୟ ତ ଖରାପ, କ'ଣ କରିପାରିବି ମୁଁ? କଟକରେ ବି ମୋତେ କିଛି ଭଲ ଲାଗୁନି...।"

ଅସିତ୍ ଶାଶୂଙ୍କ ମୁହଁକୁ ଚାହିଁ ଟିକିଏ ଦୁଃଖିତ ହୋଇ କହିଲେ, "ଏଇଠି କିଛିଦିନ ରହନ୍ତୁ। ରାଧିକା, ମୁଁ ଓ ପିଲାମାନେ ଅଛନ୍ତି। ସମୟ କୁଆଡ଼େ ଚାଲିଯିବ। ଏଠୁ କେଉଁଠିକୁ ଯିବାକୁ ଇଚ୍ଛା ହୁଏ ତେବେ ଅମେ ନେଇଯିବୁ। କିଛି ଅସୁବିଧା ହେବନାହିଁ।"

"କୁଆଡ଼େ ଯିବି ଭାବିପାରୁନାହିଁ। ଆଉ ଆଠ ଦିନରେ କାର୍ତ୍ତିକ ମାସ ଆରମ୍ଭ, ଯଦି ହେବ ସେତେବେଳେ ଥରେ ବୃନ୍ଦାବନ ଯାଇ ବୁଲି ଆସିଲେ ହେବ। ମୁଁ ପୂର୍ବରୁ ବି କେବେ ବୃନ୍ଦାବନ ଯାଇନି। ମୁଁ ଶୁଣିଛି ଏଠୁ ଗୋଟିଏ ବସ୍ ସିଧା ବୃନ୍ଦାବନ, ମଥୁରା ଓ ଆଗ୍ରା ଯାଏ। ସେଥିରେ ଟିକେଟ୍ କରିଦେଲେ ମୁଁ ଏକା ଯାଇପାରିବି।"

ଅସିତ୍ ଅଳ୍ପ ହସି କହିଲେ ଆପଣ ଝିଅଜୋଇଁଙ୍କ ପାଖକୁ ଆସିଛନ୍ତି। ଆମେ କ'ଣ ଆପଣଙ୍କୁ ଏକା ବୁଲିବାକୁ ଛାଡ଼ିଦେବୁ? ଆମେ କ'ଣ ଏତେ ଗୟାଗୁଜୁରା...।"

"ବ୍ୟସ୍ତ ହୁଅନ୍ତୁ ନାହିଁ ମାମା। ଦିନେ ଛୁଟିଦିନ ବା ରବିବାର ଆମେ ସମସ୍ତେ ବୃନ୍ଦାବନ ଯାଇ ବୁଲି ଆସିବା।

"ହଉ, ବାପା ଯାହା କହିବ ସେମିତି କରିବା। କିନ୍ତୁ ତୁମକୁ ମୋ ରାଣ ମୋ ପାଇଁ ଅତି ବେଶୀ ବ୍ୟସ୍ତ ହେବା ଦରକାର ନାହିଁ। ଏବେ ନ ହେଲେ ଆଉ କେବେ ଯିବା।"

ରାଧିକା ପାଖରେ ଥିଲା। ସେ ଆସି କହିଲା, "ମାମା ତୁମ ପାଇଁ ଆମେ ବ୍ୟସ୍ତ ହେବୁନି ତ ଆଉ କାହା ପାଇଁ ବ୍ୟସ୍ତ ହେବୁ? ଯାହା ହେଉ ତୁମେ ଏଇ କାର୍ତ୍ତିକମାସରେ ଯାଇ ବୃନ୍ଦାବନ ଦର୍ଶନ କରି ଆସିବ।"

ଏମିତି କେତେ କ'ଣ ଗପ କଲେ ଅସିତ୍ ଓ ରାଧିକା ମାମାଙ୍କ ସହିତ। ଗପ କଲେ ସମୟ କେମିତି ଚାଲିଯାଏ ଜଣାପଡ଼େନି। ଆସି ନଅଟା ବାଜିଲାଣି। ପିଲାମାନେ ଶୀଘ୍ର ଖାଇ ଶୋଇଲେ ସକାଳୁ ଉଠି ସ୍କୁଲ ଯିବେ। ରାଧିକା ଟେବୁଲରେ ମ୍ୟାଟ୍ ପକେଇ ପ୍ଲେଟ୍ ରଖିଲା। ରୁଟି, ଡାଲ୍‌ମା ଆଣି ଟେବୁଲ ଉପରେ ରଖିଲା। ଅଣ୍ଡା ଫେଣ୍ଟି ଅମଲେଟ୍ କରିବା ପୂର୍ବରୁ ସେ ପିଲାଙ୍କୁ ଟେବୁଲ୍ ଉପରକୁ ଆସିବାକୁ ଡାକିଲା। ରାଜା ପାଞ୍ଚଟି ଗିଲାସରେ ପାଣି ରଖି ମାମିଙ୍କ ପାଖକୁ ରନ୍ଧାଘରକୁ ଯାଇ ରୁଟି ଜାଗା ନେଇ ଆସି ଟେବୁଲ ଉପରେ ରଖିଲା। ରାଧିକା ଜାଣେ ଡାଲ୍‌ମା ସାଙ୍ଗେ ଅଣ୍ଡା ମିଶିଗଲେ ସେ ଖାଇବେ ନାହିଁ। ତେଣୁ ମାମାଙ୍କ ଲାଗି ଗୋଟିଏ ଗିନାରେ ଡାଲ୍‌ମା ସେ ଅଲଗା ରଖିଲା

ଓ ଟେବୁଲ ଉପରକୁ ଯାଇ ସମସ୍ତଙ୍କ ପାଇଁ ବାଢ଼ି ଦେଲା। ମାମା ତାଙ୍କ ପ୍ଲେଟ୍‌ଟି ଧରି ଟିକିଏ ଦୂରରେ ବସିଲେ। ଅସିତ୍ ରେଣୁବାଳାଙ୍କ ପ୍ଲେଟ୍‌କୁ ଚାହିଁ ରାଧିକାକୁ ପଚାରିଲେ, "ରାଧିକା, ମାମାଙ୍କ ଆମ୍‌ଲେଟ୍ କାହିଁ?"

"ନା, ମାମା ପୂରା ଭେଜିଟେରିନିଆନ। ସେ ଆମ ଲାଗି ବହୁତ ଆଡ଼ଜଷ୍ଟ କରୁଛନ୍ତି। ତାଙ୍କର ବିଚାରରେ ମୁଁ ବାଧା ଦେବାକୁ ଚାହେଁ ନାହିଁ।"

"ମାନେ, ମାମା ମାଛ, ମାଂସ ବି ଖାଉନାହାନ୍ତି?" ଆଶ୍ଚର୍ଯ୍ୟ ହୋଇ ପଚାରିଲେ ଅସିତ୍।

"ହଁ, ସେୟା, ତା' ଚଡ଼ା ଅନେକଦିନ ସେ ପିଆଜ, ରସୁଣ ମଧ୍ୟ ଖାଆନ୍ତି ନାହିଁ। ସେ ଭାବୁଛନ୍ତି ବାପା ଚାଲିଯିବା ପରେ ଏସବୁ ଖାଇବା ତାଙ୍କର ଅନୁଚିତ୍। ମାମା ତ ପୁରୀର ଝିଅ, ସେ ଏସବୁ ବିଷୟରେ ବଡ଼ ରକ୍ଷଣଶୀଳ। She was brounght up with all these restrications."

ଅସିତ୍ ମାମାଙ୍କୁ ଚାହିଁ କହିଲେ, "ଆପଣଙ୍କ ପରି ଜଣେ ଶିକ୍ଷିତା ଏବଂ ଜଣେ ଉଚ୍ଚ ବିଚାରର ନାରୀ ଏସବୁ କରିବା ଉଚିତ ନୁହେଁ। ଆପଣ ଆପଣଙ୍କ ପର ପିଢ଼ି ସ୍ତ୍ରୀ ଲୋକମାନଙ୍କ ପାଇଁ କ'ଣ ଏଇ ମେସେଜ୍ ଦେବେ? ମୋର ଆପଣଙ୍କୁ ଅନୁରୋଧ ଆପଣ ଏସବୁ ଠାରୁ ଦୂରେଇ ରହନ୍ତୁ।"

ରେଣୁବାଳା ଅଳ୍ପ ହସି ଧୀର ସ୍ୱରରେ କହିଲେ, "ବାପା ଅସିତ୍। ତୁମ କଥାକୁ ମୁଁ ବହୁତ ଗୁରୁତ୍ୱ ଦିଏ ଏବଂ ଭାବୁଛି ତୁମେ ଯାହା କହୁଛ ତା ହିଁ ଠିକ୍। ମାତ୍ର ମୋ ଦେହରେ ଯେଉଁ ରକ୍ତ ସଂଚାରିତ ହେଉଛି ସେଥିରେ ଏମିତି ଅନେକ କୁସଂସ୍କାର ପ୍ରଭାବିତ ହୋଇଆସୁଛି। ପ୍ରକୃତରେ ମୁଁ ଚାହେଁନାହିଁ ମୋ ପରପିଢ଼ିର କେଉଁ ନାରୀ ଏସବୁ ଅନ୍ଧବିଶ୍ୱାସର ଶିକାର ହୁଅନ୍ତୁ। କିନ୍ତୁ ମୁଁ ଯାହା କହୁଛି ତା' ନକରିବା ପାଇଁ ମୋ ଭିତରେ ସାହସର ଅଭାବ ଅଛି।"

ଅସିତ୍ ଟିକିଏ ଗମ୍ଭୀର ହୋଇ କହିଲେ, "ଆପଣଙ୍କ ଭିତରେ ସାହସର ଅଭାବ ନାହିଁ, ଆପଣଙ୍କ ଭିତରେ ସମାଜର ସମାଲୋଚନାକୁ ବହୁତ ଭୟ ଅଛି – ଲୋକେ କ'ଣ କହିବେ? ଏହା ଭାବି ଭାବି ଆପଣ ନିଜକୁ କଷ୍ଟ ଦେଉଛନ୍ତି।"

"ନା, ଅସିତ୍ – ଏହା ପୂରା ଠିକ୍ ନୁହେଁ। ମୋର ଏସବୁ କରିବା ଏକରକମ ଅଭ୍ୟାସ ହୋଇଗଲାଣି। ମୋତେ ଏସବୁ କଲା ବେଳକୁ କିଛି କଷ୍ଟ ହେଉନି, ବିଶ୍ୱାସ କର ଅସିତ୍, ମୋ ପାଇଁ ଏହା ଏକବାରେ ସାଧାରଣ", ରେଣୁବାଳା କହିଲେ।

ଏଥର ସମସ୍ତେ ଖାଇଲେ ଓ ଅଧଘଣ୍ଟାକ ଭିତରେ ଖାଇବା ପର୍ବ ସରିଗଲା।

ରେଣୁବାଳା ରାଧିକାକୁ ଟେବୁଲ ସଫା କରିବାରେ ସାହାଯ୍ୟ କଲେ। ପିଲାମାନେ ଶୋଇବାକୁ ଗଲେ, ରେଣୁବାଳା ମଧ୍ୟ ସେମାନଙ୍କ ପଛେ ପଛେ ଶୋଇବାକୁ ଗଲେ। କିନ୍ତୁ ନିଦ ଆସୁଛି କେଉଁଠି? ସ୍ୱାମୀ ଥିଲା ବେଳେ ସେ ଦୋକାନ କାମ ସାରି ଫେରିଲା ବେଳକୁ ଦଶଟା ସେପଟେ। ତା'ପରେ ଲୁଗାପଟା ବଦଳେଇ ଖିଆପିଆ। ପୂର୍ବରୁ ହରମୋହନ ରାତିରେ ବି ଭାତ, ମାଛ ଖାଉଥିଲେ। କିନ୍ତୁ ଚାଲିଯିବାର କିଛିଦିନ ପୂର୍ବରୁ ସେ ରୁଟି ଖାଇବାକୁ ଆରମ୍ଭ କଲେ। ପ୍ରକୃତରେ ରୁଟି ତାଙ୍କୁ ଏତେ ଭଲ ଲାଗେନାହିଁ, ତେଣୁ ରେଣୁବାଳା କେଉଁଦିନ ଜନ୍ତାରୁଟି, କେଉଁଦିନ, ଆଳୁପରଟା, କେଉଁ ଦିନ ମଟର ପରଟା ତ କେଉଁଦିନ ପୁରୀ କରନ୍ତି ସ୍ୱାମୀଙ୍କ ପାଇଁ। ସୁରବାବୁଙ୍କ ଖାଇବାକୁ ନ ଦେଲା ଯାଏଁ ଯାଏନି। ବାବୁ ଖାଇସାରିଲେ ତାଙ୍କ ଗୋଡ଼ରେ ଟିକିଏ ହାତ ମାରି ନ ଦେଲେ ବାବୁଙ୍କୁ ନିଜ ହୁଏନି। ସୁର ହରମୋହନଙ୍କର କେବଳ ପୂଝାରୀ ନ ଥିଲା, ସେ ତାଙ୍କର ଗପ କରିବାର ଲୋକ ଥିଲା। ସୁର ଗୋଡ଼ ଚିପୁଥିବ ତା ସହିତ ଡିଙ୍କିଶାଳରୁ ଢେଙ୍କାନାଳ ଯାଏଁ ଯାବତୀୟ କଥା ଗପି ଚାଲିଥିବ– "ପୁରୀ ମନ୍ଦିରର ନୀଳଚକ୍ର ଉପରେ ଶାଗୁଣା ବସିବାଠାରୁ, ତାଙ୍କ ଗାଁ ଗଦାଧର ମିଶ୍ରର ପୁଅ ଚୋରା ଅଫିମ ବ୍ୟବସାୟ କରି ଜେଲ୍‌କୁ ଯାଇଛି" ଇତ୍ୟାଦି ଏମିତି ବହୁତ କଥା ଗପେ। ହରମୋହନ କଥା ମନଦେଇ ଶୁଣୁଥାଆନ୍ତି, ବେଳେବେଳେ ପଚାରନ୍ତି, ଆରେ ସୁର, ତୁ ଜାଣିଛୁ ଅଚ୍ୟୁତାନନ୍ଦ ମାଳିକାରେ ଲେଖା ହୋଇଛି, ବାଇଶି ପାହାଚେ ଖେଳିବେ ମୀନ...।"

ହଁ, ବାବୁ, ଦେଖୁନ ଶ୍ରୀମନ୍ଦିର ନୀଳଚକ୍ରରେ କାହିଁକି ଶାଗୁଣା ବସନ୍ତା? ଶାଗୁଣା ବସିବାକୁ କ'ଣ ଗଛବୃଛ ନ ଥିଲା... କଳିଯୁଗ ଶେଷ ହେବାକୁ ଯାଉଛି ବାବୁ...।"

ଏଥର ରେଣୁବାଳା କଥା ଉପରେ କଥା କହନ୍ତି – "ହଉ, ଯେତେବେଳେ କଳିଯୁଗ ଶେଷ ହେବ ହେବ। ଆଜିଠାରୁ ସେ ସବୁ ଚିନ୍ତା କଲେ ଲାଭ କ'ଣ? ତୁ ଯା' ଶୋଇବୁ ସୁର।"

"ହଉ, ଯାଉଛି ମାଆ" କହି ସୁର ଚାଲିଯାଏ। ଗଲାବେଳେ କହିଦେଇ ଯାଏ, "ମା', ରୋଷେଇ ଘର କବାଟ ମୁଁ ଦେଇଦେଇଛି, ପଣ୍ଡାବାବୁଙ୍କ କାଳୀବିଲେଇଟା ରାତିରେ ପଶି ସବୁଥିରେ ମୁହଁ ମାରୁଛି...। ରେଣୁବାଳା ଗୋଟାଏ ଲମ୍ବା ହୁଁ..." କରି କବାଟ ବନ୍ଦ କରନ୍ତି।

ପିଲାମାନେ ସେମାନଙ୍କ ରୁମ୍‌ରେ ପଢ଼ାପଢ଼ି ସାରି ଶୁଅନ୍ତି। ଏଇ କେତେ ବର୍ଷ ହେଲାଣି ତିନିଜଣଯାକ ପିଲେ ବାହାରେ ରହି ପଢୁଛନ୍ତି। ପୁଅମାନେ ବାହରେ ପଢ଼ିଲେ ରେଣୁବାଳାଙ୍କର କିଛି ଆପତ୍ତି ନ ଥିଲା, ମାତ୍ର ରାଧିକାକୁ ଦିଲ୍ଲୀ ପଠାଇଲା ବେଳେ ସେ ବିରୋଧ କରିଥିଲେ। କହିଥିଲେ, "ଝିଅଟେ ପାଇଁ ଏଥର ଘରକାମ କିଛି ଶିଖିବା ଦରକାର। ତୁମେ ତାକୁ ଆଉ ପଢ଼େଇବା ପାଇଁ ବାହାରକୁ ପଠାଅ ନାହିଁ। ସେ କିଛିଦିନ ଆମ ପାଖେ ରହି ଆମ ଚାଲିଚଳଣ ଶିଖିବା ଦରକାର, ନହେଲେ ଶାଶୂ ଘରେ ଚଳିବା ପାଇଁ କଷ୍ଟ ହେବ।"

ରେଣୁବାଳାଙ୍କ କଥା ରହିଲା। ରାଧିକା ଘରେ ରହି ରେଭେନ୍‌ସା କଲେଜରେ ଏମ୍.ଏ. ପଢ଼ିବା ପାଇଁ ନା ଲେଖାଇଲା। ମାତ୍ର ଦୁଇମାସ ଯାଇଛି କି ନାହିଁ ହରମୋହନ ବାବୁ ଝିଅର ବାହାଘର ଠିକ୍ କରିଦେଲେ। ଜୋଇଁ ଅସିତ୍ ବିହାର କାଡ଼ର ଆଇଏଏସ୍। ରାଧିକା ବିବାହ ପରେ କିଛିଦିନ ଶାଶୂଘରେ ରହିଲା, ତା'ପରେ ଅସିତ୍‌ଙ୍କ ଟ୍ରେନିଂ ସରିବା ପରେ ସେ ତାଙ୍କ ପାଖକୁ ଚାଲିଗଲା। ରାଧିକା ବାହାଘରକୁ ଦଶବର୍ଷ ହୋଇ ଗଲାଣି। ଏବେ ଅସିତ୍ ସେଣ୍ଟ୍ରାଲ ଡେପୁଟେସନରେ ଦିଲ୍ଲୀରେ ପୋଷ୍ଟିଂ।

ରେଣୁବାଳା ଏକ ଦୀର୍ଘ ନିଃଶ୍ୱାସ ନେଇ ଭାବିଲେ, "ନଈର ପାଣି ବୋହି ଯିବାକୁ ଟିକିଏ ସମୟ ଲାଗୁଥିବ। କିନ୍ତୁ ସବୁଠାରୁ ଶୀଘ୍ର ସମୟ ବୋହିଯାଏ। ଦେଖୁଦେଖୁ ହରମୋହନ ବାବୁ ଚାଲିଗଲେ। ମୋ ପାଳି କେବେ ପଡ଼ିବ କିଏ ଜାଣେ? ସତରେ କ'ଣ ମୃତ୍ୟୁ ପରେ ସ୍ୱାମୀ ସ୍ତ୍ରୀଙ୍କର ମିଳନ ହୁଏ?" ଏହିପରି ଅନେକ ଅମିମାଂସୀତ ପ୍ରଶ୍ନ ତାଙ୍କ ଆଗରେ ଠିଆ ହୋଇ ତାଙ୍କୁ ବିବ୍ରତ କରିବାକୁ ଲାଗିଲେ। ପିଲାଦିନେ ବୋଉ କହିଥିଲା "ଯଦି ନିଦ ନ ଆସେ ତେବେ ଜଗନ୍ନାଥଙ୍କୁ ସ୍ମରଣ କଲେ ନିଦ ବଳେ ଆସିଯିବ।" ବର୍ତ୍ତମାନ ଏ ଉତ୍ତୀର୍ଣ୍ଣ ବୟସରେ ସେ ବୋଉ କଥା ମନେ କରି ଚକାଆଖିକୁ ଭାବି ଶୋଇବାକୁ ଚେଷ୍ଟା କଲେ ଓ ପ୍ରକୃତରେ କିଛି ସମୟ ପରେ ତାଙ୍କୁ ନିଦ ଲାଗିଗଲା।

ହରମୋହନ ତାଙ୍କୁ କହୁଛନ୍ତି, "ରେଣୁ, ନିଜେ ଏକା ରହିବାକୁ ଚେଷ୍ଟା କର। ଆଜି ଏ ପିଲା କାଲି ସେ ପିଲା ପାଖରେ ରହିଲେ ତୁମକୁ ଶାନ୍ତି ମିଳିବ ନାହିଁ। ମୁଁ ମନା କରୁନି ତୁମେ ପିଲାଙ୍କ ପାଖେ ନ ରହ ବୋଲି। କିନ୍ତୁ ତୁମର ତ ଘର ଅଛି, ତୁମ ନାଁରେ ଯଥେଷ୍ଟ ଟଙ୍କା ଅଛି। ତା'ରି ସୁଧରେ ତୁମେ ଭଲରେ ଚଳିଯାଇ ପାରିବ।" ତାଙ୍କୁ ଲାଗିଲା ହରମୋହନ ବାବୁ ତାଙ୍କ ପିଠିକୁ ଥାପୁଡ଼େଇ ଦେଇ କହୁଛନ୍ତି, "ହସ ରେଣୁ ହସ। ତୁମେ ହସ ମତେ ଭାରି ଭଲ ଲାଗେ। ତୁମେ ମୁହଁ ଶୁଖାଇଲେ ମତେ ଭାରି ଦୁଃଖ ଲାଗେ...।" ହରମୋହନଙ୍କ ସ୍ପର୍ଶ ତାଙ୍କୁ ସତ୍ୟ ପରି ଲାଗିଲା। ସେ ନିଦରୁ ଉଠି ଖଟ ଉପରେ ବସି

ପଢ଼ିଲେ ଓ ବୁଝିପାରିଲେ ନାହିଁ ସେ ସ୍ୱପ୍ନ ଦେଖୁଥିଲେ ନା ତାହା ସତ୍ୟ ଥିଲା। ସେ ରାତିରେ ଆଉ ଶୋଇ ନାହାନ୍ତି – ଖଟରେ ପଡ଼ି ତାଙ୍କ ବାହାଘର ଠାରୁ ଆଜି ପର୍ଯ୍ୟନ୍ତ ତାଙ୍କ ଜୀବନ ଭାବିବାକୁ ଲାଗିଲେ। ସେ ବଡ଼ ଦ୍ୱନ୍ଦ୍ୱ ଭିତରେ ଗତି କରୁଥାଆନ୍ତି। ହଠାତ୍ ଦିଲ୍ଲୀରୁ ଚାଲିଯିବା କଥା କହିଲେ ରାଧିକା ଓ ଅସିତ ତାଙ୍କୁ ଭୁଲ ବୁଝିପାରନ୍ତି। ଘରକୁ ଫେରିଯିବାକୁ କେମିତି କହିବେ ରାଧିକାକୁ ? କଟକ ଗଲେ ରୋହିତର ରୁମ୍‌ରେ ବହି ଜଙ୍ଗଲ ଭିତରେ ରହିବାକୁ ତାଙ୍କର ଜମା ଇଚ୍ଛା ନାହିଁ। ବହୁତ ଭାବିଲା ପରେ ସେ ଠିକ୍ କଲେ ମୋହିତକୁ ଫୋନ୍ କରି କହିବେ ସେ ଉପରେ ଆଉ ଗୋଟିଏ ମହଲା ତୋଳି ଦେଉ, ଯାହା ଟଙ୍କା ଦରକାର ହେବ ସେଥିପାଇଁ ବ୍ୟସ୍ତ ହେବନି। ତା'ର ଓ ଅସୀମା ମନମୁତାବକ ଘର କରିବ। ଏମିତି ରାତିସାରା ଏକଡ଼ ଲେଉଟାଇ ସେକଡ଼ ଲେଉଟାଇ ରାତି ପାହିଗଲା। ସାଢ଼େ ପାଞ୍ଚଟା ବେଳକୁ ରାଧିକା ଆସି ପିଲାମାନଙ୍କୁ ଉଠାଇଲା ସ୍କୁଲ ପାଇଁ ରେଡି ହେବା ପାଇଁ। ରେଣୁବାଳା ରାଧିକାର ଗୋଟାଏ ଡାକରେ ଉଠି ବସିଲେ। ରାଧିକା ଧୀର ସ୍ୱରରେ କହିଲା, "ମାମା, ତୁମେ ଏତେ ଶୀଘ୍ର ଉଠିପଡୁଛ କାହିଁକି ? ଟିକିଏ ଥଣ୍ଡା ପଡ଼ିଲାଣି, ଆଉ କିଛି ସମୟ ଶୋଇଯାଅ। ମୁଁ ସାଢ଼େ ଛଅ କି ସାତଟା ବେଳକୁ ଚା' କରି ତୁମକୁ ଉଠେଇ ଦେବି।"

ରେଣୁବାଳା ଉତ୍ତର ଦେଲେ, "ନାହିଁ ଲୋ ମାଆ, ଉଠିବାକୁ ଏଇଟା ହିଁ ଠିକ୍ ସମୟ। ଏଥିରେ ଉଠିଲେ ଭଲରେ ଠାକୁରଙ୍କୁ ଡାକି ହେବ, ମନ ଏପଟ ସେପଟ ହେବ ନାହିଁ।"

"ନାଁ ମାମା, ନାଇଁ ଦିଲ୍ଲୀରେ ଏଇ ପ୍ରଥମ ପ୍ରଥମ ଶୀତ ଭାରି ଖରାପ। ସମସ୍ତଙ୍କୁ ଥଣ୍ଡା, ଜର ହୋଇଯାଏ। ତୁମେ ମୋ କଥା ମାନ, ଭଲ କରି ଖରା ପଡ଼ିଲେ ଉଠିବ। ଖାଲି ଦେହରେ ଶୋଇଛ, ଦେହରେ ଖଣ୍ଡେ ଚାଦର ପକେଇ ଦିଅ। ଗୋଡ଼ ତଳେ ଚାଦର ମୁଁ ରଖିଦେଇଥିଲି।" "ରାଧିକାଲୋ, କେତେ ଆଡ଼କୁ ନଜର ତୋର ! ତୁ ପିଲାଙ୍କୁ ରେଡି କରି ସ୍କୁଲ ପଠା, ମୁଁ ତା ଭିତରେ ଗାଧୋଇ ପୂଜା କରିଦେଉଛି। ତୋ ଲୋକ ଲଛମନ ଆସିଲେ ମୋ ପୂଜା ପାଇଁ ଫୁଲ ଆଣିଦେବ। ଭୋଗ ପାଇଁ କିଛି ମିଠା ଆଣିଦେବ।"

ରେଣୁବାଳା ଖଟରେ କିଛି ସମୟ ଗଡ଼ିପଡ଼ିଲେ କାରଣ ବାଥ୍‌ରୁମ୍‌ରେ ଏଇରେ ପିଲାମାନେ ଗାଧୁଆ ପାଧୁଆ କରିବେ। ରାଜା ଓ ରତନ ସ୍କୁଲ ଯାଇ ସାରିଲେ ସେ ଗାଧୋଇବାକୁ ଯିବେ।

ଅଧଘଣ୍ଟା ଭିତରେ ରାଜା, ରତନ ଗାଧାଇ, ଜଳଖିଆ ଖାଇ ଓ ଟିଫିନ୍ ନେଇ ସ୍କୁଲ ଚାଲିଗଲେ। ଗଲାବେଳେ ସେମାନେ ଆସି ଆଈଙ୍କୁ ଜାକି ଦେଇ କହିଲେ, "ଆଈ ଲଞ୍ଚ୍ ପାଇଁ ଆଜି ମିଠା ଖେଚେଡ଼ି କରି ରଖିଥିବ। ସ୍କୁଲରୁ ଫେରିଲେ ଦେଖା ହେବ ବାଇ...।"

ରେଣୁବାଳା ଖଟରୁ ଉଠି ଖାଇବା ଟେବୁଲ ପାଖକୁ ଆସିଲେ। କାମବାଲୀ କମଲା ଆସିଗଲାଣି; 'ନାନୀଜୀ' କେ ଲିୟୋ ଆଚ୍ଛା ଚା' ବନାକର ଲାଓ' ରାଧିକା ତାକୁ କହିଲା। ଅସିତ୍ ଏମିତି ପିଲା ଚା' ପିଇବାକୁ ଭଲ ପାଆନ୍ତି ନାହିଁ। ତାଙ୍କ ଚା ଟିକିଏ କଡ଼ା ହୁଏ ଓ ସେଥିରେ ଅଦା ପଡ଼େ। ରାଧିକାର ଯେଉଁ ଚା' ହେଲେ ଚଳେ। କମଲା ରେଣୁବାଳାଙ୍କ ପାଇଁ ଦ୍ରାଜିଲିଂ ପତଳା ଚା' କରି ଆଣିଲା – ଅସିତ୍ ଓ ରାଧିକା କଡ଼ା ବ୍ଲୁକ୍‌ବଣ୍ଡ ଚା ପିଇଲେ। ଅସିତ୍ ଚା' ପିଇ ଖବରକାଗଜ ଉପରେ ଆଖି ପକେଇ ଦେଇ ଗାଧୋଇବାକୁ ଚାଲିଗଲେ। ତାଙ୍କୁ ନଅଟା ସୁଦ୍ଧା ଘର ଛାଡ଼ିବାକୁ ହୁଏ। ତାଙ୍କର ଜଳଖିଆରେ ବେଶୀ କିଛ ଝିନ୍‌ଝଟ୍ ନଥାଏ। ସେ କେଉଁଦିନ ଚୂଡ଼ା ତ କେଉଁଦିନ କଣ୍ଡଫ୍ଲେକ୍ସ ଖାଇଦେଇ ଯାଆନ୍ତି – ସାଙ୍ଗରେ ଟିଫିନ୍‌ରେ ଲଞ୍ଚ ଯାଏ। ଫେରିଲେ ରାତିରେ ଭଲ କରି ଖାଆନ୍ତି। ରେଣୁବାଳା ମଧ୍ୟ ଗାଧୋଇ ଗଲେ।

ଗାଧୋଇ ସାରି ଲଛମନକୁ ଟଙ୍କା ଦେଇ ପଠାଇଲେ ପୂଜା ପାଇଁ ମିଠା, ଫଳ ଓ ଫୁଲ ଆଣିଦେବାକୁ। ସେ ଏତେ ଭଲ ହିନ୍ଦୀ କହି ପାରନ୍ତି ନାହିଁ, ତେଣୁ ରାଧିକା ଡାକି ତା ଦ୍ୱାରା ଲଛମନକୁ ସବୁ କହିଲେ। ପିଲେ କହିଛନ୍ତି ଲଞ୍ଚରେ ଖେଚେଡ଼ି ଖାଇବେ। ଖେଚେଡ଼ି ସାଙ୍ଗେ ଭଲ ମାଛ ତରକାରୀ ଓ ଟମାଟୋ ଖଟା ଭଲ ଲାଗିବ। ରାଧିକାକୁ ଏସବୁ କହି ପଚାରିଲେ, "ଆଲୋ ରାଧିକା ତୋ ଘରେ ନଡ଼ିଆ ଅଛିଟି ? ତୁ ନ ହେଲେ ନଡ଼ିଆ ଗୋଟେ ମଗାଇ ଦେଇଥିବୁ।"

ରେଣୁବାଳା ଗାଧୋଇ ସାରି ଷ୍ଟୋର ରୁମ୍‌କୁ ଗଲେ। ସେଠି ଯେଉଁ ଥାକରେ ସେ ଠାକୁରଙ୍କୁ ରଖିଥିଲେ ସେଇ ଥାକରେ କିଏ ଆଳୁ ପିଆଜ ଝୁଡ଼ିଟା ନେଇ ଥୋଇ ଦେଇଛି। ରେଣୁବାଳାଙ୍କୁ ଏ ବ୍ୟବସ୍ଥା ଦେଖି ବଡ଼ ବିରକ୍ତ ଲାଗିଲା। ସେ ତାଙ୍କ ଖଣ୍ଟି ହିନ୍ଦୀରେ କମ୍‌ଲାକୁ କହିଲେ, "କଲ୍ ମେଁ ଏତେ ସଫା କରି ଭଗବାନଙ୍କୁ ଠିକ୍‌ସେ ରଖା ଥା, ପିଆଜ ରସୁଣ ମୁଁ ପୂଜା ଘରେ ପଶାଏ ନାହିଁ। ତୁମ ଲୋଗ ଏ କ'ଣ କରିଚ ?"

କମଲା ଧଡ଼ପଡ଼ ହୋଇ ଆସି ପରିବା ଝୁଡ଼ିଟା ସେଠାରୁ ନେଇ ଗଲା – ଗଲା ବେଳେ ନିଜକୁ ନିଜେ କହୁଥାଏ, "ସବ୍‌ଜୀ କା ଭଗବାନ କା ବନାୟା ନେହିଁ ହୈ। ଓସ୍‌କୋ ଭଗବାନଙ୍କ ପାଶ୍ ରଖନେ ସେ କ୍ୟା କସୁର ହୈ। ଏ ପାଜୀ ଥୋଡ଼ା ପାଗଲୀ ହୈ।"

ରେଣୁବାଳା ପୁଣିଥରେ ସେ ଥାକ ଧୂଆଧୋଇ କରି ଠାକୁଣଙ୍କୁ ସଜାଡ଼ି ରଖିଲେ, ଚନ୍ଦନ, ସିନ୍ଦୂର ଓ ଫୁଲ ଦେଇ ସଜେଇଲେ। ଲଡ୍ଡୁ ଲଛମନ ଆଣି ଦେଇଥିଲା, ତାକୁ ଠାକୁରଙ୍କୁ ପୂଜା କଲେ। ତା' ପରେ ନିଜର ପ୍ରତିଦିନର ଶ୍ଳୋକଯଥା ଜଗନ୍ନାଥ ଅଷ୍ଟକ, ଦୁର୍ଗା ସହସ୍ର ନାମ ଇତ୍ୟାଦି ବୋଲିବା ପରେ ଭାଗବତଟି ଆଣି ପଢ଼ି ବସିଲେ। ସବୁଦିନ ଗୋଟାଏ ଅଧ୍ୟାୟ ଭାଗବତ ନ ପଢ଼ିଲେ ଆଜିକାଲି ତାଙ୍କୁ ଭଲ ଲାଗେ ନାହିଁ। ଭାଗବତ ସେ ଟିକିଏ ପାଟିକରି ସ୍ୱର ଦେଇ ପଢ଼ନ୍ତି...।

ଦିଲ୍ଲୀକୁ ଆସି ତିନିଦିନ ହେଲାଣି। ଦ୍ୱିତୀୟ ଦିନ ଠାରୁ ସେ ପୂଜାପୂଜି ଆରମ୍ଭ କରିଛନ୍ତି। ଆଜି ଭାଗବତ ପଢ଼ିଲା ବେଳକୁ ତାଙ୍କୁ ମନ ହେଲା ସତେ ଅବା ସେ ରାଜା ପରୀକ୍ଷିତ ଓ ବ୍ୟାସ, ନାରଦ ଆଦି ଅନେକ ମୁନି ଦେଖୁଛନ୍ତି...। ସେ ଭାଗବତକୁ ମୁଣ୍ଡରେ ଲଗାଇ ପଢ଼ିବାକୁ ଆରମ୍ଭ କଲେ –

ଓଁ ନମୋ ଭଗବତେ ବାସୁଦେବାୟ
ନାରାୟଣଂ ନମସ୍କୃତ୍ୟ ନରଂ ଚୈବ ନରୋତ୍ତମଂ
ଦେବୀ ସରସ୍ୱତୀଂ ବ୍ୟାସ ତତୋଜୟ ମୁଦୀରୟେତ୍
ମୁକଂ କରୋତି ବାଚାଳଂ ପଙ୍ଗୁ ଲଂଘୟତେ ଗିରିଂ
ଯତ୍ କୃପା ତମହଂ ବନ୍ଦେ ପରମାନନ୍ଦ ମାଧବଂ।
ନିଗମକଳ୍ପ ତରୋର୍ଗଳିତଂ ପଳଂ ଶୁକମୁଖାଦ ମୃତଦ୍ରବସୟୁତଂ
ଦିବତ ଭାଗବତେ ରସମାଳୟଂ ମହୁରହୋ ରମିକା ଭୁବିଭାବୁକା।

ସେ ତୃତୀୟ ଅଧ୍ୟାୟ ଆରମ୍ଭ କରିବାକୁ ଯାଉଥିବା ବେଳେ ରାଧିକା ଆସି ତାଙ୍କ ପାଖେ ଠିଆ ହୋଇ କହିବାକୁ ଆରମ୍ଭ କଲ, "ମାମା, ଦଶଟା ବାଜି ସାରିଲାଣି। ଏଯାଏଁ ତୁମର ପୂଜା ସରିନି କେତେବେଳେ ଜଳଖିଆ ଖାଇ ଔଷଧ ଖାଇବ। ମୋ କଥା ଶୁଣ, ଭାଗବତ ଖରାବେଳେ ପଢ଼ିବ। ଏଇଲେ ଚାଲ ଜଳଖିଆ କରବ।"

"ମୁଁ ପୂଜା ସାରି ଖାଇବି।"

"ମାମା, ମୁଁ ତୁମକୁ ଅପେକ୍ଷା କରି କରି ରହିଛି, ସେଥିରେ ତୁମେ କହୁଛ ପରେ ଖାଇବ ? ଏଇଟା କ'ଣ ଠିକ୍ ?"

"ନାଇଁଲୋ ରାଧିକା ମୁଁ ଭାବିଥିଲି ତୁ ଅସିତ୍‌ଙ୍କ ସହିତ ଜଳଖିଆ କରି ନେଇଥିବୁ।

ହଉ ଚାଲ ମୁଁ ଯାଉଛି," ଉତ୍ତର ଦେଲେ ରେଣୁବାଳା।

ରେଣୁବାଳା ଖାଇବା ଟେବୁଲ ପାଖକୁ ଆସିଲା ବେଳକୁ ଦୁଇଟି ପ୍ଲେଟ୍‌ରେ ଉପମା ରଖି ବସିଛି। ଖାଲି ଉପମା ନୁହେଁ ଉପମା ସହିତ ସମ୍ବର ଚଟଣୀ ମଧ୍ୟ।

ରେଣୁବାଳା ଗୋଟିଏ ଚାମୁଚ ଉପମା ପାଟିରେ

ପୂରାଇ କହିଲେ, "କେତେ ଭଲ ହୋଇଛି ଉପମା କ'ଣ ତୁ କରିଛୁ ?"

"ନାଇଁ ମାମା, ମୋ କୁକ୍ କମଲା ବହୁତ ଭଲ ରାନ୍ଧେ। ସେ ଜଣେ ସାଉଥ୍ ଇଣ୍ଡିଆନଙ୍କ ଘରେ ରହୁଥିଲା। ତାଙ୍କ ଠାରୁ ସେ ଏସବୁ ଶିଖିଛି, ମୁଁ କହିବି ଦିନେ ତୁମ ପାଇଁ ସାଉଥ୍‌ଇଣ୍ଡିଆନ୍ ଲଞ୍ଚ କରିଦେବ।

"ହଉ, କିନ୍ତୁ ଆଜି ମୁଁ ଆମ ଖେଚେଡ଼ି, ଟମାଟୋ ଖଟା, ମାଛ ଝୋଳ କରିଦିଏ। କମ୍‌ଲାକୁ ବି ଶିଖେଇ ଦେବି।" ଜଳଖିଆ ଖାଇ ସାରି ରେଣୁବାଳା ରନ୍ଧା ଘରକୁ ଗଲେ। ରାଧିକାକୁ କହିଲେ, "ଭଲ ଚାଉଳ ଦୁଇକପ୍, ଗୋଟାଏ କପ୍ ଅଳ୍ପ ଭଜା ମୁଗଡ଼ାଲି, ଭଲ ଘିଅ, ତେଜପତ୍ର, ନଡ଼ିଆ କୋରା ଫାଳେ, ଚିନି କପେ ଓ ଲୁଣ, ହଳଦୀ ରନ୍ଧାଘର ପ୍ଲାଟଫର୍ମ ଉପରେ ରଖିବାକୁ।" ମାମାଙ୍କ କହିବା ଅନୁସାରେ ରାଧିକା ସବୁ ସଜାଡ଼ି ରଖିଲା। ରେଣୁବାଳା ଥାକରୁ ପ୍ରେସର କୁକର୍ ଗ୍ୟାସ୍ ଉପରେ ରଖିଲେ। ସେଥିରେ କିଛି ଭଲ ଘିଅ ଦେଇ ଚାଉଳ ପକାଇଲେ। ଚାଉଳ ଭାଜିହୋଇ ଆସିଲା ବେଳକୁ ସେଥିରେ ମୁଗଡ଼ାଲି, ଲୁଣ, ହଳଦୀ, ତେଜପତ୍ର ପକାଇଲେ ଓ ସେଥିରେ ଛଅସାତ ଗିନା ପାଣି ଦେଇ ପ୍ରେସର ବନ୍ଦ କରିଦେଲେ। ପାଞ୍ଚମିନିଟ୍ ପରେ ପ୍ରେସର ଖୋଲି ସେଥିରେ ଚିନି, ନଡ଼ିଆ ଦେଇ ଅଳ୍ପ ଘାଣ୍ଟି ପାଣି ଦେଇଦେଲେ। ଆଉ ଥରେ ପ୍ରେସର ଦେଇ ପୁଣି ପାଞ୍ଚ ମିନିଟ୍ ପରେ ପ୍ରେସରର ୱେଟ୍‌ଟା ଖୋଲି ଦେଇ ପ୍ରେସରକୁ ଚୂଲିରୁ ଓହ୍ଲେଇ ଦେଲେ।" ହସି ହସି କହିଲେ, "ଏବେ ଖେଚେଡ଼ି ରେଡି।" ପିଲାଦିନେ ତୁମ ଭାଇଭଉଣୀଙ୍କୁ ଏ ଖେଚେଡ଼ି ଭାରି ଭଲ ଲାଗୁଥିଲା। ଖାଲି ଟିକିଏ ଟମାଟୋ ଖଟା କିମ୍ବା ଆଚାର ଦେଇ ତୁମେମାନେ ଚଟିଚୁଟି ଖାଇ ଦେଉଥିଲ। ହଉ ମୁଁ ଏଥର ମାଛ ଝୋଳ ଓ ଟମାଟୋ ଖଟା କରିଦିଏ।

"ନାଇଁ ମାମା, କମ୍‌ଲାକୁ ଆମ ପରି ମିଠା ଟମାଟୋ ଖଟା ଓ ମାଛ ଝୋଳ କରି ଆସେ। ତୁମେ ବ୍ୟସ୍ତ ହୁଅନାହିଁ ସେ କରିଦେବ।"

"ଆଲୋ, ମତେ ତ ଭଲ ହିନ୍ଦୀ କହି ଆସୁନି, ତୁ ତାକୁ ବୁଝେଇ କହ। ପିଲାମାନେ ଆସିଲା ବେଳକୁ ସବୁ ରେଡ଼ି କରି ରଖିଥିବ।"

"ସେ ଜାଣେ ପିଲାଙ୍କ ଆସିବା ଟାଇମ୍, ସେ କରି ରଖିଥିବ। ତୁମେ ବସି ଏଥର ତୁମ ଭାଗବତ ପଢ଼। ମାମା ତୁମେ ରାଜା, ରତନଙ୍କୁ ଭାଗବତରୁ ଗୋଟିଏ  କାହାଣୀ ଗୋଟିଏ କହନ୍ତିନି ? ସେମାନେ ଆମ ସଂସ୍କୃତି ବିଷୟରେ କିଛି ଜାଣନ୍ତେ।"

ହଉ, ଆଜିଠାରୁ ରାତିରେ ଶୋଇଲା ବେଳେ ରାମାୟଣ, ମହାଭାରତରୁ କିଛି କିଛି ଗପ ଆକାରରେ ତାଙ୍କୁ କହିବି।"

"ରାଧିକା, କମଲାକୁ ପଚାରିଲୁ ସେ ଖେଚେଡ଼ି ଶିଖିଗଲା କି ନାହିଁ।"

"ରାଧିକା ପଚାରିଲା, ଏ କମଲା ମାଁଜୀ ପୁଛ୍ ରହେ ହୈ ତୁମ ଖେଚେଡ଼ି ଶିଖ ଗୟେ କି ନହିଁ ?"

ସେ ଉତ୍ତର ଦେଲା, "ଆପକା ଉଡ଼ିଶା ମେଁ ଇସ୍‌କେ ଖେଚେଡ଼ି କହତେ ହୈ। ହମାରା ପହଲା ମାଁଜୀ ଘରେ ମେଁ ଇସ୍‌କୋ ପେଙ୍ଗଲ ରାଇସ୍ ବୋଲତେ...।"

'ଆଚ୍ଛା ?'

"ହାଁ, ମାଜୀ ହର ପୋଙ୍ଗଲ ସେ ରାଧାକ୍ରିଷ୍ଣନ ମାଁଜୀ ଇସ୍‌କେ ବଜାତେ ଥେ...।"

ସେଦିନ ପିଲାମାନେ ଦୁଇଟା ବେଳକୁ ସ୍କୁଲରୁ ଫେରି ବଡ଼ ଖୁସିରେ ଖେଚେଡ଼ି, ମାଛ ତରକାରୀ ଓ ଟମାଟୋ ଖଟା ଖାଇଲେ। ରାଜା କହିଲା, "ମାମା, ଆଈ ଏତେ ଭଲ ଖେଚେଡ଼ି କରୁଛନ୍ତି, ତୁମେ ବି ଶିଖିଯାଅ। ମଝିରେ ମଝିରେ ଆମ ପାଇଁ କରିଦେବ।"

"ହଁ ଆଜି ପରା ଆଈ ମୋତେ ଓ କମ୍‌ଲା ମାଉସୀଙ୍କୁ ଶିଖାଇ ଦେଇଛନ୍ତି ମିଠା ଖେଚେଡ଼ି କରିବାକୁ।"

'ତେବେ ବହୁତ ଭଲ।' ରାଜା, ରତନ ଦୁହେଁ ଏକାଠି କହି ଉଠିଲେ।

ଏମିତି କିଛିଦିନ ଚାଲିଗଲା ଭଲରେ ରାଧିକା ଘରେ ରେଣୁବାଳାଙ୍କ ସମୟ। ରାଧିକା ମାମାଙ୍କର ସବୁକଥା ଶୁଣେ, କେଉଁ କଥାରେ ପ୍ରତିବାଦ କରେନି। ଦେଖୁଦେଖୁ କାର୍ତ୍ତିକ ମାସ ଆସିଗଲା। ରେଣୁବାଳା ପାହାନ୍ତିଆରୁ ଉଠି ତୁଳସୀରେ ପାଣି ଦେଇ ନିଜ ପୂଜାପୂଜି ଆରମ୍ଭ କରିଦିଅନ୍ତି। ଏବେ ବେଶ୍ ଶୀତ ପକାଇଲାଣି ଦିଲ୍ଲୀରେ। ଗ୍ରୀଜର୍ ନ ଲଗେଇଲେ ଥଣ୍ଡା ପାଣିରେ ଗାଧୋଇବା ଅସମ୍ଭବ। ରାଧିକା ମାମାଙ୍କୁ ବାରମ୍ବାର କରି କହେ, "ମାମା କେବେ ଥଣ୍ଡ ପାଣିରେ ଗାଧୋଇବ ନାହିଁ। ଆମ ଓଡ଼ିଶା ଲୋକଙ୍କ ପାଇଁ ଦିଲ୍ଲୀ ଶୀତ ସହିବା ଭାରି କଷ୍ଟ। ଗାଧୋଇ ସାରି ସାଙ୍ଗେ ସାଙ୍ଗେ ଗରମ ଲୁଗା ପିନ୍ଧିନେବ।" ରାଧିକା ପିଲାଙ୍କୁ ସକାଳକୁ ନଗାଧୋଇ ପୋଛାପୋଛି କରି ଲୁଗା ପାଲଟି ଦେଇ ସଫା ଡ୍ରେସ୍ ପିନ୍ଧାଇ ସ୍କୁଲ ପଠାଇ ଦିଏ। ସେମାନେ ସ୍କୁଲରୁ ଫେରିଲେ ଗାଧୁଆନ୍ତି।

ମାମା ପୂଜାସାରି ଆସିଲା ବେଳକୁ ରାଧିକା ଚା' କରି ଦିଏ, ବହୁତ କହେ ଟିକିଏ ଜଳଖିଆ ଖାଇବା ପାଇଁ। କିନ୍ତୁ ରେଣୁବାଳା ଝିଅ କଥା ରଖନ୍ତି ନାହିଁ। ନିଜେ ଭାତ ରାନ୍ଧି ଖାଆନ୍ତି – କମ୍‌ଲା ଉପରେ ତାଙ୍କର ବିଶ୍ୱାସ ନାହିଁ। ପ୍ରଥମତଃ ସେ କି ଜାତିର କିଏ ଜାଣେ ? ତା'ପରେ ସେ ଗାଧୋଇ କରି ଆସୁଛିକି ନାହିଁ କେମିତି ଜାଣିବ।

ଦିନେ ଦିନେ ରେଣୁବାଳା କମଲା ସବୁ ରାନ୍ଧି ସାରି ଯାଇ ସାରିବା ପରେ ରାନ୍ଧନ୍ତି, ଖାଇଲା ବେଳକୁ ତିନିଟା ସେପଟେ।

ରାଧିକା ବଡ଼ ବ୍ୟସ୍ତ ହୋଇ କହେ, "ମାମା ତୁମେ ତୁଚ୍ଛାଟାରେ ଏ ଛୁଆଁ ଅଛୁଆଁ କଥା ଲଗେଇ ରଖିଛି। କାଲିଠାରୁ କମଲା ତୁମ ପାଇଁ ଭାତ ଡାଲ୍‌ମା କରିଦେଇ ଯିବ। ଏଥର ତୁମେ ଯଦି ମୋ କଥା ନ ଶୁଣିବ ତେବେ ମୁଁ ନେଇ ତୁମକୁ କଟକରେ ଛାଡ଼ିଦେଇ ଆସିବି।"

ରାଧିକାର ଏଇ କଥା ପଦକ ରେଣୁବାଳାଙ୍କୁ ବହୁତ ବାଧିଲା। ସେ ଭାବିଲେ ରାଧିକା ଏକଥା କହିଲା କେମିତି ? ତା' ମନ ଭିତରେ କେଉଁଠି ନା କେଉଁଠି ଅଛି ଏ ଘର ତା'ର, ଏ ଘରେ ମୁଁ କିଛିଦିନର କୁଣିଆ। ସେ ଆଉ କିଛି ଉତ୍ତର ଦେଲେନି। ଚୁପ୍ କରି ରହିଲେ। ସେଦିନ କମ୍‌ଲା ଯାହା ରାନ୍ଧିଦେଲା ତା ଖାଇଦେଲେ। ଅବଶ୍ୟ ରାଧିକା କହିଥିଲା କମଲାକୁ, "ମାଁଜୀ କେ ଲିୟେ ଚାୱଲ, ଡାଲ, ଏକ୍ ସବ୍‌ଜୀ ବନାନା। ସବ୍ ଘି ସେ ବନେଗା ଔର ବିନା ପିଆଜ, ଲସୁଣ କା", 'ହାଁ, ମାଜୀ–ନାନୀଜୀ ଲେକେ ଲିୟେ ମେଁ ଆଚ୍ଛାସେ ଖାନା ବନାଦୁଙ୍ଗି। ଆପ୍ ବେଫକର ରହେ।"

ସେ ଦିନସାରା ରେଣୁବାଳା ରାଧିକାର ସେଇ କଥା ପଦକ ଭାବିଲ ଚାଲିଛନ୍ତି। ରାଧିକା ତାଙ୍କୁ ବହୁତ ଭଲପାଏ ଏବଂ ସେ କେମିତି ଠିକ୍‌ରେ ରହିବେ ସେ କଥା ମନରେ ରଖି ଏକଥା ପଦକ କହିଛି। ସେ ଜାଣନ୍ତି ରାଧିକା ତାଙ୍କୁ କଟକ ପଠେଇ ଦେବା କହିବା ପଛରେ ତା'ର କେବଳ ମୁଁ କିପରି କମ୍‌ଲା ରାନ୍ଧିଲେ ଖାଇବି ସେ ଗୋଟାଏ ଚିନ୍ତା ଥିବ। ସବୁ ବୁଝିବା ସତ୍ତ୍ୱେ କି ରେଣୁବାଳାଙ୍କ ମନ ବୁଝୁନଥାଏ। ତାଙ୍କ ସ୍ୱାମୀ ତାଙ୍କର ବହୁତ ମନେ ପଡୁଥାଆନ୍ତି ଆଉ ବିଶେଷ କରି ଅଳ୍ପଦିନ ତଳେ ଦେଖିଥିବା ସ୍ୱପ୍ନ ତାଙ୍କୁ ବହୁତ ବିବ୍ରତ କରୁଥାଏ। "ତୁମର ତ ଘର ଅଛି, ବ୍ୟାଙ୍କରେ ତୁମ ନାଁରେ ବହୁତ ଟଙ୍କା ଅଛି। ତୁମେ ସେଥିରେ ଭଲରେ ଚଳିଯାଇ ପାରିବ...।" ରେଣୁବାଳା ଭାବିଲେ ହରମୋହନବାବୁ ତାଙ୍କୁ ବଳ ଦେବା ପାଇଁ ସ୍ୱପ୍ନରେ ଆସିଥିଲେ। ହଁ, ସେ କଟକ ଚାଲିଯିବେ ଓ କୌଣସି ପିଲାଙ୍କ ପାଖେ ରହିବେନି। ସେଇଟା ହିଁ ତାଙ୍କ ସ୍ୱାମୀ ଚାହାନ୍ତି।

ଇତି ମଧ୍ୟରେ ରେଣୁବାଳା ଦିଲ୍ଲୀ ଆସିବାର ପନ୍ଦର ଦିନ ହୋଇଗଲାଣି। ସେ ଆସିଥିଲେ ଗୋଟିଏ ଏକାଦଶୀରେ, ପୁଣି କାଲି ଗୋଟିଏ ଏକାଦଶୀ। ପୁଣି କାର୍ତ୍ତିକ ମାସ ଏକାଦଶୀ। ସେଦିନ ସନ୍ଧ୍ୟାରେ ଅସିତ୍ ଘରକୁ ଫେରି ଚା' ପିଇସାରି ଆସି ରେଣୁବାଳାଙ୍କ ପାଖେ ବସି କହିଲେ, "ମାମା, କାଲି ଭୋରରୁ ଆମେ

ବୃନ୍ଦାବନ ଓ ମଥୁରା ଯିବା ଆପଣତ ଶୀଘ୍ର ଉଠନ୍ତି, ତେଣୁ ଆପଣଙ୍କ ପାଇଁ କଷ୍ଟ ନୁହେଁ। ଆମକୁ ବୃନ୍ଦାବନରେ ପହଞ୍ଚିବାକୁ ପ୍ରାୟେ ଚାରି ଘଣ୍ଟା ଲାଗିଯିବ। ଆମେ ସେଠି ପହଞ୍ଚି ଜଳଖିଆ କରିନେଇ ବୃନ୍ଦାବନ ବୁଲିବା। ସେଠି ବୁଲିସାରି କେଉଁ ଏକ ହୋଟେଲରେ ଲଞ୍ଚ କରି ମଥୁରା ଚାଲିଯିବା। ମଥୁରାରେ କୃଷ୍ଣଙ୍କ ଜନ୍ମସ୍ଥାନ ବନ୍ଦୀଶାଳା ଦେଖିଦେଲେ ସରିଲା। ଅସଲ ହେଲା ବୃନ୍ଦାବନ – ସେଇଠି କୃଷ୍ଣଙ୍କ ସବୁ ଲୀଳାଖେଳା, ଯମୁନା ନଦୀ ଓ  ବିଭିନ୍ନ ମନ୍ଦିର ଅଛି। ମୁଁ ପୂର୍ବରୁ କେବେ ବି ବୃନ୍ଦାବନ କି ମଥୁରା ଯାଇନି। ଆପଣଙ୍କ ଲାଗି ଏଇ ଦୁଇଟା ଜାଗା ଏକାଠି ଦେଖା ହୋଇଯିବ।"

"ହଉ, ବାପା ଅସିତ୍, ତୁମକୁ ବହୁତ ବହୁତ ଧନ୍ୟବାଦ ଏଥିପାଇଁ।" ବାପାଙ୍କର ଏସବୁ ତୀର୍ଥ ଯିବାର ବିଶେଷ ଆଗ୍ରହ ନ ଥିଲା। ସେ ଜଗନ୍ନାଥ ମନ୍ଦିର ଯାଇ କହନ୍ତି, "ସକଳ ତୀର୍ଥ ତୋ ଚରଣେ, ବଦ୍ରିକା ଯିବି କି କାରଣେ।" ତେଣୁ ଅନ୍ୟ କେଉଁ ତୀର୍ଥ ସ୍ଥାନ ଦେଖିବାର ତାଙ୍କର ଆଗ୍ରହ ନ ଥିଲା। ତେଣୁ ଭାରତ ବୁଲିବାର ସୁଯୋଗ ମିଳିନି, ଯାହା ହେଉ ତୁମ ଲାଗି ବୃନ୍ଦାବନ, ମଥୁରା ଦେଖା ହୋଇଯିବ।"

"ଖାଲି ବୃନ୍ଦାବନ, ମଥୁରା କାହିଁକି, ତୁମକୁ ହରିଦ୍ୱାର, ଋଷିକେଶ ଓ ବଦ୍ରିକା ନେଇ ଯିବା ପାଇଁ ମୋର ଇଚ୍ଛା। କିନ୍ତୁ କାର୍ତ୍ତିକ ମାସ ପରେ ଆଉ ବଦ୍ରିନାଥ ଯାଇ ହେବ ନାହିଁ। କାର୍ତ୍ତିକମାସରୁ ଅକ୍ଷୟତୃତୀୟା ଯାଏଁ ତାହା ବନ୍ଦ ରହେ।"

"ହଁ, ମୁଁ ଜାଣେ। ଯେତିକି ମୋ ଭାଗ୍ୟରେ ଥିବା ସେତିକି ଦେଖିପାରିବି। ନ ହେଲେ ଦିଲ୍ଲୀ ଆସିଲା ବେଳେ ମୁଁ କ'ଣ ମଥୁରା, ବୃନ୍ଦାବନ ଯିବା କଥା ଭାବିନଥିଲି।"

ଅସିତ୍ କିଛି ଅଫିସ କାମ କରିବାକୁ ତାଙ୍କ ରୁମ୍‌କୁ ଚାଲିଗଲେ। ରେଣୁବାଳା କିଛି ସମୟ ଏକୁଟିଆ ବସି ବସି ଅନେକ କଥା ଭାବୁଥିଲେ। ଜୋଇଁ ହୋଇ ଅସିତ୍ ମୋ ପାଇଁ ଯେତିକି ଭାବୁଛନ୍ତି ମୋ ପୁଅମାନେ ତ ଦିନେ ଭାବନ୍ତି ନାହିଁ। ବମ୍ବେରେ ରୋହିତ ପାଖେ ଏତେ ଦିନ ରହିବା ଭିତରେ ସେ ମୋତେ ଏୟାରପୋର୍ଟରୁ ଆଣିଛି ଓ ଏୟାରପୋର୍ଟରେ ଛାଡ଼ିଛି। ଏମାନେ ସବୁ ସନ୍ଧ୍ୟାରେ ବୁଲିଯାଆନ୍ତେ – ଥରେ ବି ମୋତେ ଡାକନ୍ତି ନାହିଁ। ମୋହିତ କଥା ନ କହିବା ଭଲ। ସେ ଅସୀମା ତାକୁ କି ରାଣୀ କରିଛି ଯେ ସେ ପୃଥିବୀରେ ଆଉ କେହି ଅଛନ୍ତି ଭାବେ ନାହିଁ। କିନ୍ତୁ ଏଥର କଟକ ଗଲେ ମୁଁ ଟିକିଏ ଷ୍ଟ୍ରିକଟ୍ ହେବି, ମୋର ଅଧିକାର ଜମେଇବି।

ସକାଳ ପାଞ୍ଚଟା ବେଳକୁ ଅସିତ୍, ରାଧିକା ଓ ପିଲାମାନେ ଯିବା ପାଇଁ ପ୍ରାୟ ରେଡି। ସେମାନେଙ୍କର ତ ସବୁଦିନ ସକାଳୁ ଉଠିବା ଅଭ୍ୟାସ ଓ ସାଙ୍ଗରେ ଟିଫିନ୍ ନେବା ବି ନିତିଦିନିଆ କଥା। କିନ୍ତୁ ଆଜି କୁଆଡ଼େ ବୁଲିଯିବା କଥାଶୁଣି ସେମାନେ ଭାରି ଖୁସି। ରାଧିକା ବେଶ୍ କିଛି ପୁରୀ ତରକାରୀ କରି ସାଙ୍ଗରେ ଧରିଥାଏ। ସେ ଜାଣେ ମୁଁ ବାହାରେ କେଉଁଠି ଖାଇବାକୁ ଭଲ ପାଏନି। ମୁଁ ବି' ର ଠ' କରି ଠାକୁର ବସେଇ ଦେଇ କପେ ଚା' ପିଇ ରେଡି ହୋଇଗଲି ଯିବା ପାଇଁ। ଅସିତ୍ ଗୋଟାଏ ଟ୍ୟାକ୍ସି ଭଡ଼ା କରିଛନ୍ତି ଯିବା ପାଇଁ। ସେ ଅଫିସ୍ ଡ୍ରାଇଭରକୁ ପ୍ରାଇଭେଟ୍‌ରେ ବେଶୀ ବ୍ୟବହାର କରିବାକୁ ଚାହାନ୍ତି ନାହିଁ।

ପ୍ରାୟେ ଛଅଟା ବେଳକୁ ଟ୍ୟାକ୍ସି ଆସିଗଲା। ପଛରେ ମୁଁ ରାଧିକା ଓ ପିଲାମାନେ ବସିଲୁ, ଆଗରେ ଡ୍ରାଇଭର ଓ ଅସିତ୍। ଗାଡ଼ିରେ ବସି ସାରି ଅସିତ୍ ଡ୍ରାଇଭରକୁ ପଚାରିଲେ, "ଭାୟ କିତ୍‌ନା ଟାଇମ୍ ଲଗେଗା ବୃନ୍ଦାବନ ଯାନେ କେ ଲିୟେ?"

"ସାହେବ, ସାଢ଼େ ତିନି ଘଣ୍ଟା ସେ ଚାରି ଘଣ୍ଟା। ଇତନା କୋହେରା ହୈ ଜୋର ସେ ଗାଡ଼ି ଚଲାନେ ମେଁ ଦିକତ୍ ହୈ।" ଉତ୍ତର ଦେଲା ଟ୍ୟାକ୍ସି ଡ୍ରାଇଭର।

ପ୍ରକୃତରେ ଛଅଟା ବାଜିଥିଲେ ମଧ୍ୟ ଲାଗୁଥାଏ ରାତି ଚାରିଟା ହୋଇଛି। ଯାହାହେଉ ଡ୍ରାଇଭର ବଡ଼ ସତର୍କତାର ସହିତ ଗାଡ଼ି ଚଲାଉଥାଏ। ତଥାପି ମୁଁ ଦେଖିଲି ଏତେ ଅନ୍ଧାର ଥିଲେ ମଧ୍ୟ ରାସ୍ତାରେ ଅନେକ ଚା'ଜଳଖିଆ ଦୋକାନ ଖୋଲା ଥାଏ। କେତେ ଲୋକ ବି ବସି ଖାଉଥାଆନ୍ତି। ଆମେ ଯିବା ଆରମ୍ଭ କଲା ପୂର୍ବରୁ ଅସିତ୍‌ଙ୍କୁ ପଚାରିଲା, "ସାହେବ ଯେତେ ବୃକ୍ସ କୁତବ୍‌ମିନାର, ହୁମାୟୁନ୍‌କା ମକବାରା ଦେଖନା ହୈ କ୍ୟା?"

ରାଧିକା ପଛରୁ କହିଲା, "ନେହିଁ ଭୟା, ୟେ ସବୁ ହମ୍‌କୋ ଦେଖନା ନେହିଁ ହୈ। ଆପ୍ ଗାଡ଼ି ସିଧା ବୃନ୍ଦାବନ ଚଲାଇୟେ।"

ଗାଡ଼ି ଚାଲିଥିବା ଅବସ୍ଥାରେ ପିଲାମାନେ ତାଙ୍କ ଡବା ଖୋଲି ଜଳଖିଆ ଖାଇବା ଆରମ୍ଭ କରିଦେଲେ। ଅସିତ୍ ଡ୍ରାଇଭରକୁ କହିଲେ, "ଔର ଅଧାଘଣ୍ଟେକେ ବାଦ୍ କାହାଁ ଏକ ଅଚ୍ଛା ଚା' ଦୋକାନକେ ପାସ୍ ରୁକ୍‌ନା।" 'ଜୀ ସାହେବ' କହି ଗାଡ଼ି ଆଗେଇ ନେଉଥାଏ ଡ୍ରାଇଭର। ପ୍ରାୟ ଆଠଟା ବେଳକୁ ରାସ୍ତାରେ ଏକ ଛୋଟ ହୋଟେଲ 'ବୃନ୍ଦାବନ ଢାବା' ଏକ ଦୋକାନ ପାଖରେ ଡ୍ରାଇଭର ଗାଡ଼ି ରଖି କହିଲା, "ୟହିଁ ଚା' ନାସ୍ତ କର ଲିଜିୟେ, ଆଚ୍ଛା ଦୁକାନ ହୈ।"

ଅସିତ୍ ଗାଡ଼ିରୁ ଓହ୍ଲେଇ ସେ ହାଟେଲ ଭିତରକୁ ଗଲେ ଓ ହାତରେ ଦୁଇଟି  ଛୋଟ ପେପର ଗ୍ଲାସ୍‌ରେ ଚା' ନେଇ ରାଧିକା ଓ ରେଣୁବାଳାଙ୍କୁ ହାତକୁ ବଢ଼ାଇ ଦେଲେ। ରାଧିକା ହସି ହସି କହିଲା, "ଏଠି ଜାତି ଅଜାତିର ନାଁ ଉଠାଅ ନାହିଁ। ଇୟେ କୃଷ୍ଣଙ୍କ ଜାଗା – ଏଠି ସମସ୍ତେ କୃଷ୍ଣ ଭକ୍ତ, ବୈଷ୍ଣବ। କହିବ ତ ଦୁଇଖଣ୍ଡ ପୁରୀ ଟିକିଏ ଆଳୁଦମ୍ ଦେବି। ମୁଁ ବି ଟିକିଏ କିଛି ଖାଇନେବି।" ରାଧିକା କହିଲା, "ଦେଖ ମାମା ତୁମ ଜୋଇଁ ଓ ଡ୍ରାଇଭର ସେଠି କ'ଣ ଖାଇଲେଣି। ସେମାନେ ନିଶ୍ଚୟ ଚା' ଜଳଖିଆ କରି ଆସିବେ।"

"ନାଇଁ ଲୋ ରାଧିକା, ମୁଁ ସକାଳ ପୂଜା ସାରିନି କେମିତି ଖାଇବି?"

ତୁମେ ପରା ନି ଜ କହ, "ଯାତ୍ରାରେ କିଛି ବାରଣ ନାହିଁ?"

"ହଁ ଯେ, ମନ ମାନୁନି", ଉତ୍ତର ଦେଲେ ରେଣୁବାଳା।

ଏତେ ସବୁ କଥା କହନି। ଏଇ ଦୁଇଟା ପୁରୀ ଓ ଟିକିଏ ଆଳୁ ତରକାରୀ ନିଅ। ମୋ ରାଣ ମାମା, କିଛି ନ ଭାବି ଖାଇଦିଅ। ଗତକାଲି ଚାରିଟା ବେଳେ ଖଣ୍ଡେ ଭାତ ଖାଇଥିଲ। ବ୍ଲଡ୍‌ପ୍ରେସର ଔଷଧ ଆଣିଛ ନା ନାହିଁ?

"ହଁ, ମୋ ପର୍ସରେ ଅଛି। ତୁ ଯେତେବେଳେ କହିଲୁଣି ଦେ ଦୁଇଟା ପୁରୀ ଦେ। ଖାଲିପେଟରେ ଔଷଧ ଖାଇବାକୁ ଡାକ୍ତର ମାନା କରିଥିଲେ।"

ଯାହାହେଉ ରେଣୁବାଳା ପୁରୀ ଦୁଇଖଣ୍ଡ ଖାଇ ପର୍ସରୁ ଔଷଧ କାଢ଼ି ଖାଇଲେ।

ଏହି ସମୟରେ ଅସିତ୍ ଆସି କହିଲେ, "ରାଧିକା, ଏଠି ବଢ଼ିଆ ଜଲେବି ମିଳୁଛି, ଖାଇବ ଯଦି ଆସ।

ରାଜା, ରତନ ତୁମେମାନେ ବି ଆସ ଖାଇବ।"

ରାଧିକା ଓ ପିଲାମାନେ ଟପ୍‌ଟାପ୍ ହୋଇ ଗାଡ଼ିରୁ ଡେଇଁ ପଡ଼ିଲେ। ସମସ୍ତେ ହୋଟେଲ ଆଡ଼କୁ ଚାଲିଲେ। ଅସିତ୍ ଟିକିଏ ରହି କହିଲେ, "ଆରେ ରାଧିକା, ମାମା ତ ଆସିଲେନି?"

"ନାଇଁ ସେ ନ ଆସନ୍ତୁ। ସେ ଏବେ ପୁରୀ ତରକାରୀ ଖାଇଛନ୍ତି। ଆଉ କିଛି ଖାଇ ପାରିବେ ନାହିଁ।"

"ଚା' ପିଇଲେ?"

'ହଁ' ଉତ୍ତର ଦେଲା ରାଧିକା।

ରାଧିକା ଜାଣେ ମାମାଙ୍କୁ କୁଆଡ଼େ ନେଇ ଯିବା କେତେ କଷ୍ଟ।

ରାଧିକା ଓ ରାଜା, ରତନ ବଡ଼ ଖୁସିରେ ଦୁଧ ଜଲେବି ଖାଇଲେ। ପାଖରେ ଥୁଆ ହୋଇଥିବା ଝୁଡ଼ିରେ ଛଣା ହୋଇ ଗରମ ଗରମ ସମୋସା ଥୁଆ ହୋଇଥାଏ। ରାଜା କହିଲା, "ମାମି କିଛି ସମୋସା କିଣ, ବାଟରେ ଖାଇ ଖାଇ ଯିବା।"

"ନାଇଁ, ବାପା, ଯାହା ଖାଇବୁ ଏଇଠି ଖାଇଦିଅ। ଗାଡ଼ିରେ ଖାଇଲେ ଆଉ କହିବେ ଅଇଁଠା ହାତ ଧୁଅ। ତୁମେ ଗାଡ଼ିରେ କେଉଁଠି ହାତ ଧୋଇବ?"

ଅସିତ୍ ଦୁଇପ୍ଲେଟ୍ ସମୋସା ପିଲାମାନଙ୍କ ପାଇଁ ମଗେଇଲେ। ପିଲାମାନେ ଖାଇସାରିଲା ପରେ ସେମାନେ ସମସ୍ତେ ଗାଡ଼ିକୁ ଫେରିଲେ। ଏହା ଭିତରେ ଅଧ ଘଣ୍ଟେରୁ ବେଶୀ ସମୟ ଚାଲିଗଲାରି।

ଡ୍ରାଇଭର ଟିକିଏ ବ୍ୟସ୍ତ ହୋଇ କହିଲା, "ସାହେବ, ଇଧର ତୋ ପୌନେ ଏକ ଘଣ୍ଟା ଚଲାଗୟା, ବ୍ରିନ୍ଦାବନ ପହୁଞ୍ଚନେ ମେଁ ସାୟଦ ଗାରହ ବଜ୍ ଜାୟେଗା।"

"କୋଇ ବତ୍ ନେହିଁ। ବଚେ ଏକ ଦଫା ବ୍ରିନ୍ଦାବନ ଆୟେ ହୁଏ ହେଁ, ଇନ୍‌କୋ କୁଛ ୟାଦ୍ ରଖନେ ବାଲେ ଚିଜ୍ ହୋନା ଚାହିୟେ। ଅଭି ଗରମ ଦୁଧ ଔର ଜଲେବୀକି ବାତ୍ ସବ୍‌କୋ କହେଙ୍ଗେ...।"

ଡ୍ରାଇଭର ଗାଡ଼ି ଚଲାଉଥାଏ, ହସି ହସି ପଦେ ପଦେ କହୁଥାଏ- "ସାହେବ ସାରା ମନ୍ଦିର ଦେଖିୟେ ବ୍ରିନ୍ଦାବନ ମେଁ, ଜଗତ୍ ଶେଠ୍ କା ମନ୍ଦିର ଦେଖନା ନ ଭୁଲିୟେ... କଭି କିସିକୋ ଉଧାର ରହିଏ ତୋ ଉସ୍‌କୋ ୟାଦ୍ କରନେ ସେ ଐସେକା ବନ୍ଦୋବସ୍ତ ହୋ ଜାତା ହେ।"

"ଅଚ୍ଛା ଐସି ବାତ୍ ହେ?" ଅସିତ୍ ଆଶ୍ଚର୍ଯ୍ୟ ହୋଇ ପଚାରିଲେ।

"ହାଁ ସାବ୍ ହାଁ, କହତେ ହେ ଆକବର ଭି ଉନ୍‌ସେ ରୂପେୟା ଉଧାର ଲିୟେ ଥୋ।"

"କହନେକେ ଲିୟେ ଲୋଗ କାହାଁ କାହାଁ ସେ ବାତ୍ ଯୋଡ଼ ଲେତେ।"

ଗାଡ଼ି ନେଇ ଆମକୁ ପ୍ରଥମେ ଯମୁନା କୂଳକୁ ଗଲା। ଛୋଟିଆ ନଈଟିଏ, କାଦୁଆ ପଚପଚ, ଏବେ ଦେଖିଲେ ବିଶ୍ୱାସ ହେଉନି ଏହା ଦିନେ ବିରାଟ ନଦୀ ଥିବ ବୋଲି। ଏଥିରେ ବୃନ୍ଦାବନର ସମସ୍ତ ଗୋପାଙ୍ଗନା ଗାଧୋଉଥିବେ। ଅବଶ୍ୟ ନିକଟରେ ବଡ଼ବଡ଼ ଗଛବୃକ୍ଷ ଭରା – ମୁଁ ଉପରକୁ ଚାହିଁ ଭାବିଲି "କୃଷ୍ଣ କେଉଁଠି ବସି ଗୋପନାରୀମାନଙ୍କ ବସ୍ତ୍ର ହରଣ କରିଥିଲେ? ପୁଣି କେଉଁଠି ବସି ବଂଶୀ ବାଦନ କରୁଥିଲେ? ଯାହାର ମଧୁର ଧ୍ୱନିରେ ସମସ୍ତେ ସବୁ ଛାଡ଼ କୃଷ୍ଣଙ୍କ ପାଖକୁ ଦୌଡ଼ି ଆସୁଥିଲେ? ଏବେ ମନରେ ଜନ୍ମି ଥିବା ସବୁ ଅବିଶ୍ୱାସକୁ ପୁଟୁଳୀ ବାନ୍ଧି ଯମୁନାର ପାଣିକୁ ଫିଙ୍ଗି ଦେଇ ଭାଗବତରେ ପଢ଼ିଥିବା ସବୁ କଥାକୁ ବିଶ୍ୱାସ କରିବାକୁ ଚେଷ୍ଟା କଲି"– କଥାରେ ଅଛି ପରା –

ବିଶ୍ୱାସେ ମିଳଇ କୃଷ୍ଣ, ତର୍କେ ବହୁଦୂର...

ସେଠି ଟିକିଏ ଏପଟ ସେପଟ ହୋଇ ଆମେ ଗାଡ଼ି ପାଖକୁ ଫେରି ଆସିଲୁ। ଡ୍ରାଇଭର କହିଲା, "ବ୍ରିନ୍ଦାବନକେ ରାସ୍ତାମେଁ ଗାଡ଼ି ଚଲାନା ଅସମ୍ଭବ ହେ। ରିସ୍କି ବି ହେ। କାହାଁ କୀର୍ତ୍ତନବାଲେ ତ କହାଁ ଗାୟକା ଲମ୍ବା ଲାଇନ – ଆପ ପଇଦଲ ଏ ଯାଇୟେ।

ଆମେ ସମସ୍ତେ ଗାଡ଼ିରୁ ଓହ୍ଲେଇ ଚାଲିବାକୁ ଆରମ୍ଭ କଲୁ। ରାସ୍ତାରେ ପ୍ରକୃତରେ ବଡ଼ ବଡ଼ ଷଣ୍ଢ ବୁଲୁଥାଆନ୍ତି। କେତେ ଲୋକ ଗେରୁଆ ବସ୍ତ୍ର ଧାରଣ କରି କପାଳରେ ଚିତାକାଟି ଗିନି ବଜାଇ ବଜାଇ ଚାଲି ଥାଆନ୍ତି – ମଝିରେ ମଝିରେ ହରେକୃଷ୍ଣ ହରେକୃଷ୍ଣ ନିତେଇ ଗୌର ରାଧେଶ୍ୟାମ", ଗାଇ ଗାଇ ଚାଲିଥାଆନ୍ତି। ଗୃହିଣୀମାନେଙ୍କ ସେମାନେ କିଛି ମାଗିବା ପୂର୍ବରୁ ସେମାନଙ୍କୁ ରୁଟି ଲହୁଣୀ ଦେଇ ଯାଉଥାଆନ୍ତି। ବଡ଼ ଆଶ୍ଚର୍ଯ୍ୟ ଏସବୁ ଦେଖି ଅସିତ୍ ଓ ରେଣୁବାଳାଙ୍କୁ ଲାଗିଲା। ଏଠି ଲୋକମାନଙ୍କର ହୃଦୟ କେତେ ବଡ଼! କଥାରେ ଅଛି ପରା ଧନ୍ୟ ସେ ଦାତା ଯେ ଜାଣେ ଯାଚକ ମନ। ବୃନ୍ଦାବନରେ ସବୁ ଘର ତ ମନ୍ଦିର। ଏହାପରେ ଆମେ ଶ୍ରୀକୃଷ୍ଣ ବଳରାମ ମନ୍ଦିର, ପ୍ରେମ ମନ୍ଦିର, ଶ୍ରୀରାଧା ମଦନମୋହନ ମନ୍ଦିର, ବାଙ୍କବିହାରି ମନ୍ଦିର, ଇସ୍କନ୍‌ର ରାଧାରମଣ ମନ୍ଦିର ଇତ୍ୟାଦି ଅନେକ ମନ୍ଦିର ଦେଖିଲୁ। ବୃନ୍ଦାବନର ଖାଲି ମନ୍ଦିର ନୁହେଁ ସାରା ବୃନ୍ଦାବନ କୃଷ୍ଣଙ୍କୁ ନେଇ ଆଜି ବି ବଞ୍ଚିଛି। କେଉଁଠି କିଛି ପିଲାମାନେ ମିଶି ରାଧାକୃଷ୍ଣ ହୋଇ ଗୀତ ଗାଇ ଗାଇ ଚାଲିଛନ୍ତି କେଉଁଠି ଶ୍ରଦ୍ଧାଳୁମାନେ ହାତରେ ଗିନି ଧରି ରାଧେଶ୍ୟାମ ନାମ କୀର୍ତ୍ତନ କରି ଚାଲିଛନ୍ତି – ସବୁରି ମୁହଁରେ ଆନନ୍ଦର ଛାପ। ଆଜି ବି ସେଠାରେ ଲୋକେ ବିଶ୍ୱାସ କରନ୍ତି ନିତ୍ୟବୃନ୍ଦାବନ (ତୁଳସୀବଣ)ରେ ରାତିରେ ରାଧାକୃଷ୍ଣ ଓ ଗୋପୀମାନଙ୍କ ସହିତ ସେଠାରେ ରାସ କରନ୍ତି। ତେଣୁ ରାତିରେ ସେଠାରେ ରହିବାକୁ କାହାକୁ ଅନୁମତି ଦିଆଯାଏ ନାହିଁ। ଯଦି କେହି ସେଠାରେ ରହିଯାଏ ସକାଳକୁ ସିଏ ଖନା, କାଲ ଓ ବଧିର ହୋଇଯାଏ।

ଆମେ ଚାଲିଚାଲି ଟ୍ୟାକ୍ସି ପାଖକୁ ଫେରି ଆସିଲୁ। ଶୀତଦିନ ହେଲେ ମଧ୍ୟ ମୋତେ ବେଶ୍ ଥକ୍କା ଲାଗିଲାଣି। ଅସିତ୍ ଡ୍ରାଇଭରକୁ କହିଲେ ଗୋଟିଏ ଭଲ ହୋଟେଲକୁ ନେଇଯିବାକୁ। ମୁଁ ଗାଡ଼ିରେ ବସୁବସୁ ବୋତଲେ ପାଣି ପିଇଦେଲି। ମୁଁ ଲକ୍ଷ୍ୟ କଲି ପିଲାମାନେ ଏ ଭ୍ରମଣରେ ବିଶେଷ ଆନନ୍ଦିତ ନୁହନ୍ତି। ଟ୍ୟାକ୍ସି ବାଲା ଆମକୁ ନେଇ ହୋଟେଲରେ ପହଞ୍ଚେଇ ଦେଲା।

ଅସିତ୍ ଆମକୁ ନେଇ ସେଠାରେ ଭଲର ବସାଇଲେ ଏକ ଛଅଜଣିଆ ଟେବୁଲ ପାଖେ। ଖାଇବା ଅର୍ଡ଼ର ଦେବା ପୂର୍ବରୁ ସେ ରାଧିକା ଓ ମୋ ମୁହଁକୁ ଚାହିଁ ପଚାରିଲେ କ'ଣ ଖାଇବ?"

ରାଜା କହିଲା, "ପାପା ଚିକେନ୍ ବଟର–ମସଲା ଓ ନାନ୍"।

ଅସିତ୍ ହସି ହସି ଉତ୍ତର ଦେଲେ, "କୃଷ୍ଣ ଚିକେନ୍ ଖାଉ ନ ଥିଲେ। ତାଙ୍କ ସମୟରେ ବୋଧେ ଭାରତରେ ଚିକେନ୍ କେହି ଖାଉ ନ ଥିଲେ। ମେନୁ ଦେଖିଲି, ସବୁ ଭେଜିଟାରିଆନ୍–ରୋଟି, ପୁରୀ, କୁଲଚ୍ଛ, କଋେଡ଼ି, ଆଳୁ ମଟର, ପନିର ମଟର, ଦହି ବଡ଼ା, ପେଡ଼ା ଇତ୍ୟାଦି...।"

ରାଜା, ରତନ ଆଉ କିଛି କହିଲେ ନାହିଁ।

ରାଧିକା ୱେଟରକୁ ଡାକି ପଚାରିଲେ– "କ୍ୟା ଅଚ୍ଛା ହୋଗା...?"

ସେ ଉତ୍ତର ଦେଲା, "ଲଗତା ହେ ଆପ୍ ବଙ୍ଗାଲୀ ହେ, ଆପ କଋେଡ଼ି ଆଲୁ ମଟର ଔର ମିଷ୍ଟି ଦହି ଲିଜିଏ... ବାଦ୍ ମେଁ ରାବଡ଼ି କି ପେଡ଼ା ଲିଜିୟେ...।"

ରାଧିକା କହିଲା, "ହାଁ, ୱହି ଠିକ୍ ରହେଗା...।"

ଖାଇବା ଆସିଲା, ରେଣୁବାଳା କିଛି ନ କହି ଖାଇବା ଆରମ୍ଭ କଲେ। ଅସିତ୍, ପିଲାମାନେ ଓ ରାଧିକାକୁ ଖାଇବାକୁ ଲାଗିଲେ। ଖାଇବା ଭଲ ଥିଲା, ସମସ୍ତେ ସନ୍ତୋଷର ସହ ଖାଇଲେ। ଅସିତ୍ ବିଲ୍ ଦେଇ ବାହାରକୁ ବାହାରି ଆସିଲେ। ଏହି ସମୟରେ ସେ ହୋଟେଲ ଆଗ ଦେଇ ଗୁଡ଼ିଏ ପିଲା, କୃଷ୍ଣ, ରାଧା, ବଳରାମ ବେଶ ହୋଇ ଚାଲିଚାଲି ଯାଉଥିଲେ। ଦେହରେ ନୀଳରଙ୍ଗ, ମୁଣ୍ଡରେ ମୟୂରଚୂଳର ମୁକୁଟ ଓ ହାତରେ ବଂଶୀ ଧରି କୃଷ୍ଣ ସାଜିଥିବା ପିଲାଟି ସତ କୃଷ୍ଣଙ୍କ ପରି ଦେଖାଯାଉଥାଏ। ରାଧା ସାଜିଥିବା ଚଉଦ ପନ୍ଦର ବର୍ଷର ଝିଅଟି ଗୋରା ହୋଇ ସୁନ୍ଦର ଝିଅଟିଏ ଓ ଅନେକ ନକଲି ଗହଣା ଲଗେଇଥାଏ। ରାଧାକୃଷ୍ଣ ଦୁଇଜଣ ନାଚିବାକୁ ଲାଗିଲେ – କୌଣସି ହିନ୍ଦୀ ସିନେମାର ଗୀତ ଗାଇ ଗାଇ ନାଚିବାକୁ ଲାଗିଲେ– "ରାଧାନେ ମାଳା ଜପି କ୍ରିଷ୍ଣ କା–

ମେଁ କିଉଁ ଗୋରୀ ତୁ
କିଉଁ କାଲା...।"

ସେମାନଙ୍କୁ ଦେଖିବାକୁ ଭାରି ମଜ୍ଜା ଲାଗୁଥିଲା। ଅସିତ ତାଙ୍କ ମନିପର୍ସରୁ ଟଙ୍କା ବାଢ଼ି ବଳରାମ ସାଜିଥିବା ପିଲାଟି ହାତରେ ଦେଇଦେଲେ। ସେମାନେ ହସିହସି ଆଗେଇ ଗଲେ। ଏଠି ପଇସା ମାଗିବାର ଏଇଟା ଗୋଟାଏ ତରିକା। ସମସ୍ତେ ଗାଡ଼ି ଅଭିମୁଖେ ଚାଲିଲୁ। ବାଟରେ ଅନେକ ସୁନ୍ଦର ସୁନ୍ଦର ଗାଈ ଓ ଷଣ୍ଢ। ରେଣୁବାଳା ରାସ୍ତାରୁ ଟିକିଏ ଧୂଳି ନେଇ ରୁମାଲରେ ବାନ୍ଧି ରଖିଲେ। ରାଧିକା କହିଲା, "ମାମା ଏ ଧୂଳି କାହିଁକି ନେଉଛ?"

"ଏ ଧୂଳି ଅପୂର୍ବ। ଇୟେ ବ୍ରଜ ଧୂଳି – ଏହା ଯେ କୌଣସି ସୁନାରୁପା ଠାରୁ ମଧ୍ୟ ଅଧିକ ମୂଲ୍ୟବାନ। ମୋ ଶେଷ ସମୟରେ ଟିକିଏ ଗଙ୍ଗାଜଳ ସହିତ ଏଇ ଧୂଳିରୁ ଟିକିଏ ମୋ ପାଟିରେ ଦେଇଦେବୁ।"

"ମାମା, ଏମିତି ସବୁ କଥା କହି ବୋଧେ ତୁମକୁ ଭଲ ଲାଗେ। ଏସବୁ ପାଟିରେ ଧରିବା ବି ଉଚିତ

ନୁହେଁ। ସବୁବେଳେ ଏଇ କଥା ସବୁ କହି ନିଜେ ମନଦୁଃଖରେ ରହିବ ଓ ତୁମ ପାଖ ଲୋକଙ୍କର ବି ମନ ଦୁଃଖ କରାଇବ। ଛି ମାମା, ଏମିତି କଥା କହିବନି।"

ରେଣୁବାଳା ଟିକିଏ ହସି କହିଲେ, "ଆଲୋ ରାଧିକା ମଲା କଥା କହିଲେ କ'ଣ ମୁଁ ମରିଯାଉଛି। ବ୍ୟସ୍ତ ହୁଅନା, ମୁଁ ଏଇଲେ ମରିନି। ତୋ ପୁଅ ରାଜାର ବାହାଘର ଦେଖି ମରିବି...।"

ଶୀତଦିନ ହେଲେ ବି ଚାଲି ଚାଲି ଟ୍ୟାକ୍ସି ପାଖକୁ ଆସିବାକୁ କଷ୍ଟ ଲାଗିଲା।

ଟ୍ୟାକ୍ସିବାଲା ଖାଇପିଇ ଟ୍ୟାକ୍ସିର ଆଗ ସିଟ୍‌ରେ ଶୋଇଥିଲା। ପାହାନ୍ତିଆରୁ ଉଠି ଆସିଛି, ନିଦ ଲାଗିଛି ନିଶ୍ଚେ। ପିଲାମାନଙ୍କୁ ଆଉ ବୃନ୍ଦାବନ କି ମଥୁରାରେ ମନ ନାହିଁ – ରାଜା ତା'ପାପାଙ୍କୁ ପଚାରିଲା, "ପାପା ଏବେ ଆମକୁ ମଥୁରାରେ ପହଞ୍ଚିବାକୁ କେତେ ସମୟ ଲାଗିବ ?"

"ଅଧଘଣ୍ଟେ ଖଣ୍ଡେ। ତୁ ଜାଣିଛୁ ମଥୁରା କାହିଁକି ପ୍ରସିଦ୍ଧ ?"

"ହଁ, ଦୁଇଦିନ ତଳେ ଆଈ ଆମକୁ କୃଷ୍ଣ ଜନ୍ମ କଥା କହୁଥିଲେ। କୃଷ୍ଣଙ୍କ ମା', ବାପା ମଥୁରାରେ ଗୋଟାଏ ଜେଲ୍‌ରେ ଥିଲେ। ସେଇଠି ସେମାନଙ୍କର ଆଠଟି ପୁଅ ଜନ୍ମ ହୋଇଥିଲେ। ତାଙ୍କ ମାମୁଁ କଂସ ଗୋଟାଏ ରାକ୍ଷସ ଥିଲା। ସେ ସାତଟା ପୁଅଙ୍କୁ ପଥରରେ କଚାଡ଼ି କଚାଡ଼ି ମାରିଦେଇଥିଲା – ଆଚ୍ଛା ପାପା, ଏଇଟା କ'ଣ ସମ୍ଭବ – ଗୋଟାଏ ମଣିଷର ଗୋଟାଏ ଅସୁର ମାମୁଁ ହେବା ?"

ଦୀର୍ଘଶ୍ୱାସ ଛାଡ଼ି ଅସିତ୍ ଉତ୍ତର ଦେଲେ, "ହଁ ତୁ ଯେଉଁ ପ୍ରଶ୍ନଟି ପଚାରିଲୁ ତାହା ସମ୍ଭବ। କାରଣ ମନୁଷ୍ୟର ପ୍ରକୃତି ଅନୁସାରେ ସେ ଦେବତା ହୋଇପାରେ, ମନୁଷ୍ୟ ବି ହୋଇପାରେ ବା ଦାନବ ବା ଅସୁର ହୋଇପାରେ। ମୋ ବିଚାରରେ କଂସ ଏକ ବଡ଼ ପ୍ରତାପୀ ରାଜା ଥିଲା ଏବଂ କିଛି ଭବିଷ୍ୟ ବାଣୀ ତା ଭିତରେ ଏକ ଭୟ ପଶେଇ ଦେଇଥିଲା। ତେଣୁ ସେ ସ୍ଥିର କଲା ଦେବକୀ ଓ ବାସୁଦେବଙ୍କର ସମସ୍ତ ସନ୍ତାନଙ୍କୁ ହତ୍ୟା କଲେ ତାକୁ ମାରିବା ପାଇଁ କିଏ ରହିବ ନାହିଁ।"

"କ'ଣ ସେ ଭବିଷ୍ୟବାଣୀ ଥିଲା ? ରାଜା ପଚାରିଲା ତା' ପାପାଙ୍କୁ

"ତା ଭଣଜା ଦେବକୀଙ୍କର ଅଷ୍ଟମ ସନ୍ତାନ କଂସକୁ ମାରିବ। ତେଣୁ ସେ ଦେବକୀ ଆଉ ତା'ର ସ୍ୱାମୀ ବସୁଦେବଙ୍କୁ ବନ୍ଦୀ କରି ରଖିଲା ଏବଂ ସ୍ଥିର କଲା ସେମାନଙ୍କର ସବୁ ପିଲାଙ୍କୁ ମାରିଦେବ। କିନ୍ତୁ ଭଗବାନ ସେମାନଙ୍କର ଏ ଅଷ୍ଟମ ପୁତ୍ର ହୋଇ ଜନ୍ମ ହେଲେ। ସେ ଜନ୍ମ ହେବା ମାତ୍ରେ ବାସୁଦେବଙ୍କ ହାତ ଗୋଡ଼ରୁ ଶିକୁଳୀ ଖୋଲିଗଲା ଓ ସେ ତାଙ୍କ ବାପାଙ୍କୁ ଅନୁରୋଧ କଲେ ତାଙ୍କୁ ନେଇ ଗୋପପୁରରେ ଛାଡ଼ିଦେଇ ଆସିବାକୁ। ବସୁଦେବ ଯମୁନା ଡେଇଁ କୃଷ୍ଣଙ୍କୁ ନେଇ ଗୋପପୁରରେ ନନ୍ଦ ରାଜା ଘରେ ତା ସ୍ତ୍ରୀ ଯଶୋଦା ପାଖରେ ଛାଡ଼ିଦେଇ ଆସିଲେ ଓ ଯଶୋଦା ଠାରୁ ଜନ୍ମ ନେଇଥିବା ଶିଶୁକନ୍ୟାଙ୍କୁ ନେଇ ମଥୁରାରେ ବନ୍ଦୀଶାଳାକୁ ଫେରି ଆସିଲେ।

ରତନ କହିଲା, "ମାମା ଏସବୁ ଇମାଜିନେସନ୍। ସତରେ ଯଦି ଠାକୁର ଥାଆନ୍ତେ ତାଙ୍କୁ ଡାକିଲେ କ'ଣ ସେ ଶୁଣନ୍ତେ ନାହିଁ ? ଅଜାଙ୍କ ଦେହ ଖରାପ ଶୁଣି ମାମା ତୁମେ କେତେ ଠାକୁରଙ୍କୁ ଡାକିଥିଲ ! ସେ କ'ଣ ଶୁଣିଲେ ?"

ରେଣୁବାଳା ରତନର ମୁଣ୍ଡ ଆଉଁଶି ଦେଇ କହିଲେ, "ତୁ ଯାହା କହୁଛୁ ତା' ସତ ହେଇପାରେ। କିନ୍ତୁ ଭଗବାନ ବୋଲି କିଏ ଜଣେ ଅଛନ୍ତି ନିଶ୍ଚୟ, ସେ ରାଧାକୃଷ୍ଣ, କି ଦୁର୍ଗା କି ଶିବ ନ ହୋଇ ପାରନ୍ତି। ସେ ସମସ୍ତ ଶକ୍ତିର ଆଧାର। ଏବେ ତୁମେମାନେ ଛୋଟ ଅଛ, ବୁଝି ପାରୁନ। ଏବେ ବାପାମାଆ ତୁମର ଭଗବାନ। ତୁମେ ତାଙ୍କୁ ଡାକିବା ପୂର୍ବରୁ ସେମାନେ ତୁମ ସବୁ ଇଚ୍ଛା ଓ ଆବଶ୍ୟକତା ପୂର୍ଣ୍ଣ କରିଥାଆନ୍ତି।"

ଅସିତ୍ ଡ୍ରାଇଭରକୁ କହିଲେ, "ଟାଇମ୍ ଚାର ବଜେକୋ ଆସ୍ ପାସ୍ ହୋଗୟା। ଭୟା ମଥୁରାରେ ଦୋ, ତିନ ଦେଖନେ ଲାୟକ ଚିଜ୍ ଦିଖାକର ୱାପସ୍ ଦିଲ୍ଲୀ ଲୌଟଯାନା ହୈ।"

"ହାଁ ସାବ୍, ତବ ତୋ ମେଁ ଆପ୍‌କୋ କ୍ରିଷ୍ଣଜନ୍ମଭୂମି ଦେଖାଦୁଗାଁ। ବ୍ରିନ୍ଦାବନ ସେ ମଥୁରା ପାଶ୍ ହୈ। ଚଉଦା ପନ୍ଦର କିଲୋମିଟର ହୈ। କିତନା ଟାଇମ୍ ଲଗେଗା ?"

"ଶ୍ରୀକୃଷ୍ଣ ଜନ୍ମଭୂମି ମନ୍ଦିର, ବନ୍ଦୀଶାଳା ଯହାଁ କ୍ରିଷ୍ଣ ଜନ୍ମ ହୁଏ ଥୈ, କଂସମାମା କିଲ୍ଲା ବିଶ୍ରାମ କୋଟି, କୁସୁମ କୁଣ୍ଡ, ରାଧାକୃଷ୍ଣ ଔର ମଥୁରା ମ୍ୟୁଜିୟମ୍ ଦ୍ୱିଇରା ଦ୍ୱିମେରା ବହୁତ ସାରା ଦେଖେନ ଲାୟକ ଜଗା ହୈ। ମେରେ ବିଚାରେ ମେଁ ଆପ୍ ପହଲେ ଯାହାଁ କୃଷ୍ଣ ପୈଦା ହୁଏ ଥେ ଉସ୍‌କୋ ଦେଖ ଲେନା ଚାହିୟେ।"

ସେ ଡ୍ରାଇଭର ଗାଡ଼ି ଚଲେଇଲା ସିଧା ମଥୁରା ଅଭିମୁଖେ। ରେଣୁବାଳା ରାଜା ଓ ରତନଙ୍କୁ କହିଲେ, "ପିଲାମାନେ ତୁମେ ଏଇ ବୟସର କୃଷ୍ଣଙ୍କ ଲୀଳାଖେଳାର ଦୁଇ ମହତ୍ୱପୂର୍ଣ୍ଣ ଜାଗା ଦେଖି ଦେଲେଣି। କାଲି ଯାଇ କ'ଣ କ'ଣ ଦେଖିଲ ନିଜ ଖାତାରେ ବା ଡାଇରୀରେ ଲେଖିଦେବ। ପରେ ପଢ଼ିଲେ ଭାରି ଭଲ ଲାଗିବ।"

ଆମକୁ ଅତିବେଶୀରେ କୋଡ଼ିଏ ମିନିଟ୍ ଲାଗିଥିବ ମଥୁରାରେ ପହଞ୍ଚିବା। ପ୍ରକୃତରେ କହିବାକୁ ଗଲେ ମଥୁରା ଓ ବୃନ୍ଦାବନ ଗୋଟିଏ ଜାଗା ଏବଂ ଗୋକୁଳ ଯାହା ବୃନ୍ଦାବନ ସେୟା। ରାଧିକାର ପାପା ରାଜାକୁ ଗେହ୍ଲା ବେଳେ ଗୋଟିଏ ପଦ ଗୀତ ଗାଉଥିଲେ–

"ଓଠଗୋ ଗୋକୁଳଚନ୍ଦ୍ର ରାଇରେ ଜଗାଓ
ଅକଳଙ୍କ କୂଳେ ତୁମି କଳଙ୍କ ଲଗାଓ।"

ମନେ ମନେ ହସିଲେ। ରାଧିକା ସତରେ ବାରତେର ବର୍ଷର ପିଲାଟିଏ କି ବଦମାସୀ କରିଥିବ ଯେ ତାକୁ କଳଙ୍କ ବୁହାଗଲା ? ଯାହାହେଉ କୃଷ୍ଣଙ୍କର ରାଧା ବଡ଼ ସାଙ୍ଗ ଥିଲେ ଏବଂ ବିଶ୍ୱାସ କରାଯାଏ ରାଧା କୃଷ୍ଣଙ୍କ ପ୍ରକୃତ ଶକ୍ତି।

ଅଳ୍ପ ସମୟ ମଧ୍ୟରେ ଆମେ ଯାଇ କୃଷ୍ଣ ଜନ୍ମ ଭୂମି ତଥା ମଥୁରାରେ ପହଞ୍ଚିଗଲୁ। ଗାଡ଼ିରୁ ଓହ୍ଲାଇ ଆମ ପ୍ରଥମେ କୃଷ୍ଣ ଜନ୍ମଭୂମି ଦେଖିଲୁ। ଗାଡ଼ିରୁ ଓହ୍ଲାଇ ଆମେ ଗୋଟିଏ ସୁନ୍ଦର ତୋରଣ ଦେଇ ଛୋଟ ସହର ଭିତରେ ପଶିଲା ପରି ମତେ ଲାଗିଲା। ଆମେ କିଛି ବାଟ ଯିବା ପରେ ଗୋଟିଏ ବନ୍ଦୀଶାଳା ଦେଖିଲୁ ଯେଉଁଥିରେ ବଡ଼ବଡ଼ ଲୁହା କବାଟ ଲାଗିଥିଲା। ଲୋକଙ୍କ କହିବା ଅନୁସାରେ ଏଠାରେ କୃଷ୍ଣଙ୍କ ବାପା ବାସୁଦେବ ଓ ମାଆ ଦେବକୀଙ୍କୁ କଂସ ବନ୍ଦୀ କରି ରଖିଥିଲା। ଏଠାରେ ତାଙ୍କର ଆଠଟି ସନ୍ତାନ ଜନ୍ମ ହୋଇଥିଲେ ଏବଂ ସେଥିରୁ ଅଷ୍ଟମ ସନ୍ତାନ ଥିଲେ ଶ୍ରୀକୃଷ୍ଣ। ଶ୍ରୀକୃଷ୍ଣ ଜନ୍ମ ହେବା ମାତ୍ରେ ସେ ତାଙ୍କୁ ମାରିଦେବା ପାଇଁ ତାଙ୍କ ମାମୁଁ କଂସ ସ୍ଥିର କରିଥିଲା –

ରତନ ପଚାରିଲା, "କାହିଁକି ଆଈ ? ମାମୁଁମାନେ ତ ଭଣଜାମାନଙ୍କୁ ସ୍ନେହ କରନ୍ତି, କଂସ କାହିଁକି ତା ଭଣଜାମାନଙ୍କୁ ମାରିଦେବା ଲାଗି ଇଚ୍ଛା କରୁଥିଲା ?"

"କାରଣ କଂସର ଭଉଣୀ ଦେବକୀଙ୍କ ବିବାହ ବେଳେ ଶୂନ୍ୟ ବାଣୀ ହୋଇଥିଲା, ତୁ ଯେଉଁ ଭଉଣୀକୁ ଏତେ ଆନନ୍ଦରେ ବିଭା କରୁଛୁ ତା'ର ଅଷ୍ଟମଗର୍ଭର ସନ୍ତାନ ତୋ ମୃତ୍ୟୁର କାରଣ ହେବ। ଏକଥା ଶୁଣିବା ପରେ କଂସ ତା ଭଉଣୀ ଦେବକୀ ଓ ଭିଣୋଇ ବସୁଦେବଙ୍କୁ ବନ୍ଦୀ କରି ରଖିଲା। ସେଠାରେ ସେମାନଙ୍କର ସମୁଦାୟ ଆଠଟି ସନ୍ତାନ ଜନ୍ମ ଗ୍ରହଣ କରିଥିଲେ।"

ଏହି ସମୟରେ ଅସିତ୍ କହିଲେ, "ମାମା ଆପଣ ଜାଣନ୍ତି କି ? ଏଠାରେ ଗୋଟିଏ ମସ୍‌ଜିଦ୍ ଅଛି ଯାହାର ନାମ ହେଲା ଜାମା ମସ୍‌ଜିଦ୍ ଏବଂ ଏହାକୁ ବାଦ୍‌ଶାହା ଆଉରେଙ୍ଗ ଜେବ୍ ନିର୍ମାଣ କରାଇଥିଲେ। ଏଯାଏଁ ମସ୍‌ଜିଦ୍ ଓ କୃଷ୍ଣଜନ୍ମ ଭୂମିକୁ ନେଇ କୋର୍ଟରେ କେଶ୍ ଚାଲିଛି।"

ରେଣୁବାଳା ଧୀର ସ୍ୱରରେ ଉତ୍ତର ଦେଲେ, "ହଁ, ମୁଁ ଶୁଣିଥିଲି। କେବଳ ପୁରୀକୁ ଛାଡ଼ିଦେଲେ

ପ୍ରାୟ ସବୁ ହିନ୍ଦୁ ମନ୍ଦିର ପାଖେ ମସ୍‌ଜିଦ୍ ପରବର୍ତ୍ତୀ ବାଦ୍‌ଶାହମାନେ ତୋଳାଇ ଥିଲେ। ବନାରସରେ ମଧ ସେୟା, ଅଯୋଧ୍ୟାରେ ମଧ ସେୟା।"

ରାଧିକା କଥା ବନ୍ଦ କରିବା ପାଇଁ କହିଲା, "ଶୀତଦିନ, ସନ୍ଧ୍ୟା ଶୀଘ୍ର ଶୀଘ୍ର ହୋଇଯିବ। ଏଠି ଯାହା ଦେଖିବା କଥା ଦେଖି ଦେଇ ଦିଲ୍ଲୀ ଫେରିଯିବା।"

ସେୟା ହିଁ ହେଲା। ମଥୁରା ସହରରେ ଗାଡ଼ିରେ ବୁଲି ବୁଲି ବହୁତ କିଛି ଦେଖିଲେ। ସବୁ ମନ୍ଦିରର ଉପରେ ଆଖି ପକେଇ ଦେଇ ସେମାନେ ଦିଲ୍ଲୀ ଫେରିଗଲେ।

କମଳା ରାତି ପାଇଁ ରୁଟି ତରକାରୀ କରି ରଖିଦେଇଥିଲା। ସମସ୍ତେ ଲୁଗାପଟା ବଦଳେଇ ଖାଇଦେଇ ଶୋଇପଡ଼ିଲେ।

ରାତିରେ ଶୋଇବା ବେଳେ ରାଜା ଆଈଙ୍କୁ ଜାକି ଦେଇ କହିଲା, "ସୁବିଧା ଦେଖି ତୁମେ ଗୋଟିଏ କୃଷ୍ଣଙ୍କ ବିଷୟରେ କିଛି ଗପ କହିବ।"

"ଆରେ କି ଗପ କହିବି ? ତୁମେ ତ ସବୁ ଟି.ଭି. ସିରିଏଲରେ ଦେଖୁଛ, ଆମ ସମୟରେ ସିନା ଏ ଟି.ଭି. ନ ଥିଲା, ଆମେ ରହିଁ ବସିଥିଲୁ ରାମାୟଣ, ମହାଭାରତ ଗପ ଶୁଣିବା ପାଇଁ।"

ରାଜା ଉତ୍ତର ଦେଲା, "ହଁ ଯେ ଆଈ, ସବୁ ଟି.ଭି. ସିରିଏଲରେ ଦେଖାଉଛି, କିନ୍ତୁ ତୁମେ କହିଲେ ଟି.ଭି. ସିରିଏଲ ଅପେକ୍ଷା ବେଶୀ ଭଲ ଲାଗେ।"

ରେଣୁବାଳା ନାତିର ମୁଣ୍ଡକୁ ଆଉଁସି ଦେଇ କହିଲେ, "ହଁ କହିବିରେ ବାପା। କିନ୍ତୁ ତୁମକୁ ସମୟ ହେଲେ ସିନା; ସକାଳୁ ରାତି ଯାଏଁ ଖାଲି ପଢ଼ା ପଢ଼ା ତୁମର।"

"ହଁ, ଆଈ, ସେଥିରେ ତ ମାମି କହୁଛନ୍ତି ମୁଁ ଭଲ ପଢୁନି। ମୋର ଆହୁରି ଚେଷ୍ଟା କରିବା ଉଚିତ।"

"ହଁ ବାପା, ସବୁ ମାଆ ବାପା ଋହାନ୍ତି ତାଙ୍କ ପିଲା ସବୁଠାରୁ ଭଲ ପଢୁ, ତୋ ମାମି ବି ସେୟା ଋହେଁ।

ତୁ ଚେଷ୍ଟା କର, ହେବ ନିଶ୍ଚୟ। ହଉ ଏଥର ଶୋଇ ପଡ଼।

ରେଣୁବାଳା ବହୁତ ଥକ୍କି ଯାଇଥିଲେ, ସେ କେମିତି ଶୋଇପଡ଼ିଛନ୍ତି ସେ ଜାଣି ନାହାନ୍ତି। ସକାଳୁ ଉଠି ଦେଖନ୍ତି ତ ରାଜା, ରତନ ସ୍କୁଲ ଯାଇ ସାରିଲେଣି। ସେ ଧଡ଼ପଡ଼ ହୋଇ ଉଠି ଗାଧୋଇବାକୁ ଋଲିଗଲେ। କଳ ପାଖେ ଠିଆ ହୋଇ ଗାଧୋଇ ପଡ଼ି ଲୁଗା ବଦଳେଇ ଠାକୁର ପୂଜା ପାଇଁ ଗଲେ, କିନ୍ତୁ ଭାରି ଶୀତ ଲାଗୁଛି, ଶାଲ୍ ଖଣ୍ଡେ ନ ଘୋଡ଼େଇ ହେଲେ ବସି ହେବ ନାହିଁ କି ପୂଜାରେ ମନ ଲାଗିଲା ନାହିଁ। ତେଣୁ ତାଙ୍କ ବାକ୍ସ ଖୋଲି ତାଙ୍କ ଶାଲ୍ ଖଣ୍ଡିକ କାଢ଼ି ଘୋଡ଼େଇ ହୋଇ ପୂଜା ଘରକୁ ଗଲେ। ଋ'ଟିକିଏ ପିଇ ଦେଇ ଯିବାକୁ ମନ। ରାଧିକା ତ କେତେବେଳୁ ଉଠିବଣି। କିନ୍ତୁ ସେ କାହିଁକି ତ ତାକୁ ଦେଖିପାରିଲେ ନାହିଁ। ତେଣୁ ସେ ଧୀରେ ଧୀରେ ରୋଷେଇ ଘର ଆଡ଼କୁ ଗଲେ। ସେଠାରେ ରାଧିକା ଠିଆ ହୋଇ ଋ' କରୁଥିଲା। ରେଣୁବାଳାଙ୍କୁ ଦେଖି କହିଲା, "ମାମା ତୁମେ ଉଠିଲଣି। ମୁଁ ଭାବିଲି କାଲି ଏକ୍ସକରସନ୍‌ରୁ ତୁମକୁ ବହୁତ ଥକ୍କା ଲାଗୁଥିବ। ତେଣୁ ତୁମକୁ ଉଠାଇଲି ନାହିଁ। ଟିକିଏ ରହ, ମୁଁ ଋ କରି ଦେଉଛି।"

ରେଣୁବାଳା କମ୍‌ଲାକୁ କହି ଲଛମନକୁ ଡକାଇ ପଠାଇଲେ, ତା'ପରେ ତାକୁ ଟଙ୍କା ଦେଲେ ଫୁଲ ଓ ଭୋଗ (କଲାକାନ୍ତ) ଆଣିଦେବାକୁ। ଏହା ଭିତରେ ସେ ତୁଳସୀ କୁଣ୍ଡ ପାଖକୁ ଯାଇ ପାଣି ଦେଲେ ଓ ରନ୍ଧା ଘରକୁ ଫେରି ଆସିଲେ। ସେତେବେଳକୁ ରାଧିକା ତାଙ୍କ ପସନ୍ଦର ଗରମ ଗରମ ଋ କପେ କରି ତାଙ୍କୁ ଦେଲା। ରେଣୁବାଳା ଋ'କୁ ପ୍ଲେଟ୍‌ରେ ଢାଳି ପାଞ୍ଚମିନିଟ୍‌ରେ ପିଇଦେଇ କହିଲେ, "ମାଆଲୋ ରାଧିକା, ଋ'କପେ ପିଇଦେଲାରୁ କେତେ ଭଲ ଲାଗିଲା। ଭଗବାନ ତୋର ସବୁ ମଙ୍ଗଳ କରନ୍ତୁ।"

ରେଣୁବାଳା ପୂଜା କରିବାକୁ ଯାଇ ଦେଖିଲେ କମଳା ଡାଲି, ଶୋରିଷ, ହଳଦୀ ଡବା ଆଣି ଠାକୁରଙ୍କ ପାଖେ ଥୋଇ ଦେଇଛି। ମନେ ମନେ ଟିକିଏ ବିରକ୍ତ ହୋଇ କହିଲେ ଏ ସ୍ତ୍ରୀ ଲୋକଟାକୁ ଯେତେ କହିଲେ କିଛି ମନେ ରଖୁନି। ଲଛମନ ବଜାରରୁ ଫୁଲ ଓ ମିଠା ନେଇ ଆସିଛି। ରେଣୁବାଳା ତାକୁ କାଲାକାନ୍ତ ଆଣିବାକୁ କହିଥିଲେ ସେ ଚକଲେଟ୍ ବରଫି ନେଇ ଆସିଛି। ଫୁଲ ବୋଲି ଆଣିଛି ଖାଲି ଡାଲିଆ ଗୁଡ଼େ। ଏଡ଼େ ବଡ଼ ଫୁଲ ଗୁଡ଼ା କେମିତି ସେ ଛୋଟ ଛୋଟ ଫଟୋରେ ଦେବେ! କିଛି ନ କହି ଫୁଲସବୁକୁ ଥୋଇଦେଲେ ଫଟୋ ପାଖରେ। ଚକଲେଟ୍ ବରଫିକୁ ସେମିତି ରଖିଦେଇ ଗଣ୍ଡେ ଗଣ୍ଡେ କାଜୁ କିସ୍‌ମିସ୍ ଠାକୁରଙ୍କୁ ଭୋଗ କଲେ। ବଡ଼ ବିରକ୍ତ ଲାଗୁଥାଏ ତାଙ୍କୁ। ତଥାପି ନିଜ ରାଗ ମନ ଭିତରେ ରଖି ତାଙ୍କର ସବୁଦିନର ପୂଜା କଲେ। ଦୁର୍ଗା ସହସ୍ରନାମ, ଜଗନ୍ନାଥ ଷ୍ଟକ, ଶିବ, ଲକ୍ଷ୍ମୀ ସମସ୍ତଙ୍କ ସ୍ତୋତ୍ର ପଢ଼ିଲେ ଓ ପୁଣି ଭାଗବତ ଅଧ୍ୟାୟେ, କାର୍ତ୍ତିକମାସ ବୋଲି କାର୍ତ୍ତିକ ପୁରାଣ ବି ପଢ଼ିଲେ। ଏସବୁ ସରିଲା ବେଳକୁ ସାଢ଼େ ବାରଟା ସେପଟକୁ। ରାଧିକା ଆସି ଦୁଇଥର ଦେଖି ଗଲାଣି ମାମାଙ୍କର ପୂଜା ସରିଲାଣି କି ନାହିଁ ବୋଲି।

ରେଣୁକା ପୂଜା ସାରି ରନ୍ଧା ଘରକୁ ଗଲେ। ରନ୍ଧା ଘରୁ ଖୁବ୍ ଜୋର୍‌ରେ ମାଂସ ଝୋଳର ବାସ୍ନା ଆସୁଥାଏ। ସେ ଜାଣନ୍ତି କମଳାର ପ୍ରକୃତି, ସେ ଯେଉଁ ହାତରେ ଲୁଣ ଡବା ଧରିବ ସେଇ ହାତରେ ମାଂସରେ ହଳଦୀ ପକେଇଥିବ। ସେ ଜମା ଆଇଁଷ ନିରାମିଷ ବାରେନି।

ରାଧିକା ଆସି ଡାକିଲା, "ମାମା ଆସ, କିଛି ଟିକିଏ ଖାଇ ନିଅ, ତୁମେ ଖାଲି ପେଟରେ କ'ଣ ଔଷଧ ଖାଇବ ?"

"ଚୁଡ଼ା ଟିକିଏ ଚକଟି ମୋତେ ଦେଇ ଦେ। ତୋ ଘରେ ଯେଉଁ ରାନ୍ଧୁଣୀ ଅଛି ତା'ର କିଛି ବାରଣ ନାହିଁ। ମୋ ଭାତ ମୁଁ ରାନ୍ଧି ଖାଇବି।"

ରାଧିକା ଟିକିଏ ଚଢ଼ା ଗଳାରେ କହିଲା, "ମାମା ଟିକିଏ ବୁଝିବାକୁ ଚେଷ୍ଟା କର। ଏଠି କେହି ଅଲଗା ଉଷୁନା କରିବା କଥା କହିଲେ କାମ ଛାଡ଼ି ଋଲିଯିବେ। ତୁମ କହିବା ଅନୁସାରେ ଚୂଲି ଧୂଆ ହୋଇ ତୁମ ପାଇଁ ରନ୍ଧା ହେଉଛି। କାର୍ତ୍ତିକମାସ ବୋଲି ବିନା ପିଆଜ ରସୁଣରେ ତୁମ ପାଇଁ ଡାଲି ତରକାରୀ ହେଉଛି। ମାମା, ପ୍ଲିଜ୍ ଟିକିଏ ବୁଝିବାକୁ ଚେଷ୍ଟା କର। ଏବେ ପିଲାମାନଙ୍କ ପରୀକ୍ଷା ମୁଣ୍ଡ ଉପରେ। କମଳା ଋଲିଗଲେ ମୋତେ ହିଁ ରାନ୍ଧିବାକୁ ପଡ଼ିବ, ମୁଁ ତେବେ କେତେବେଳେ ପିଲାଙ୍କୁ ପଢ଼ାଇବି ?"

ରେଣୁବାଳା ରାଧିକାକୁ କିଛି ନ କହି ଚୁପ୍ ହୋଇ ରହିଲେ। କିନ୍ତୁ ରାଧିକା କଥା ତାଙ୍କୁ ବହୁତ ବାଧିଲା।

ଟିକିଏ ପରେ ରାଧିକା ଚୁଡ଼ା, କଦଳୀ ଦୁଧ ଚକଟି ରେଣୁବାଳାଙ୍କ ହାତକୁ ଗୋଟିଏ କାଚ ଗିନା ବଢ଼େଇ ଦେଲା। ରେଣୁବାଳା କିଛି ନ କହି ସେତକ ଖାଇଦେଲେ।

କିନ୍ତୁ ମନ ଭିତରେ ତାଙ୍କର ମହାଭାରତ ଯୁଦ୍ଧ ଋଲିଥାଏ। କେମିତି ରାଧିକା ଓ ଅସିତ୍‌ଙ୍କ ଚକ୍ରବ୍ୟୁହ ଭାଙ୍ଗି ସେ କଟକ ଯିବେ? ଆଜି ଯଦି ରାଧିକାର ରାନ୍ଧୁଣୀ ବିଷୟରେ ପଦେ କହିଲି ବୋଲି ରାଧିକା ମୋତେ କେତେ କଡ଼ା କଥା କହିଲା! ଏକଥା ସେ କହିପାରିଲା ଏଇଟା ତା'ର ଘର ବୋଲି। ଏଇଟା ତା' ସଂସାର, ତାକୁ ଯେମିତି ସୁବିଧା ଲାଗିବ ସେ ସେମିତି ଚଳିବ। ତେଣୁ ମୁଁ ତା'ଠାରୁ କିଛି ଆଶା କରିବା ଉଚିତ ନୁହେଁ। କଟକ ଘର ମୋ ସ୍ୱାମୀଙ୍କର, ମୋ ଘରେ ମୋର ପୂରା ଅଧିକାର ଅଛି। ମୁଁ ସେଠୁ ପଳାଇ ଆସିବାଟା ଜମା ଉଚିତ ହୋଇନି।

ସେ ଦିନ ସାରା ରେଣୁବାଳା ବିଶେଷ କଥାବାର୍ତ୍ତା ରାଧିକା ସହିତ ହୋଇନାହାନ୍ତି। ରାଧିକା ବି ବ୍ୟସ୍ତ ଥିଲା ତାଙ୍କ ଆଇ.ଏ.ଏସ୍ ଲେଡ଼ିଜ୍ କ୍ଲବ୍‌ର ମେମ୍ବରମାନଙ୍କ ମିଟିଂ ନେଇ। ସେ ଦିନ ଦୁଇଟାରୁ ଋଲିଗଲା ମଧ୍ୟପ୍ରଦେଶ ଭବନ। ଫେରିଲା ବେଳକୁ ସନ୍ଧ୍ୟା ଛଅ। ପିଲାମାନେ ସ୍କୁଲରୁ ଆସିଲାରୁ ନିଜେ ନିଜେ ବାଢ଼ି ଖାଇଲେ। ରେଣୁବାଳା ଭାବିଲେ କାର୍ତ୍ତିକ

ମାସଟାରେ ମାଂସ ଛୁଇଁବାଟା ମୋର ଉଚିତ ହେବ ନାହିଁ। ତଥାପି ରାଜା ଓ ରତନ ଖାଇଲାବେଳେ ତାଙ୍କ ପାଖେ ବସିଲେ। ସେମାନଙ୍କୁ ତାଙ୍କ ସ୍କୁଲ କଥା ପଚାରିଲେ, ଆଉ ପଚାରିଲେ ତୁମମାନଙ୍କ ପରୀକ୍ଷା କେବେ ? ରାଜା ଉତ୍ତର ଦେଲା, "ପରୀକ୍ଷା ଡିସେମ୍ବର ସାତରୁ ଆରମ୍ଭ ହେବ ଓ ତେରରେ ସରିବ, ଅଠର ତାରିଖରେ ରେଜଲ୍ଟ ବାହାରି ଛୁଟି ହେବ। ଆଈ ଏଥର ଛୁଟିରେ ଆମେ ଛୁଟିରେ କଟକ ଯିବୁ। ତୁମ ପାଖେ ରହିଲେ ମୋତେ ଭାରି ଭଲ ଲାଗେ।"

"ତୁ କେମିତି ଜାଣିଲୁ ମୁଁ କଟକ ଯାଉଛି ବୋଲି ?"

"ପାପା ମାମା କଥା ହେଉଥିଲେ - ପାପା କହୁଥିଲେ ଦିଲ୍ଲୀ ଶୀତ ତୁମେ ସହି ପାରିବନି। ତେଣୁ ତୁମେ କଟକ ଚାଲିଗଲେ ଭଲ ହେବ।"

"ହଉ, ମୁଁ କଟକ ଗଲେ ତୁମେ ଦୁଇ ଭାଇ ଆସିବ ମୋ ପାଖକୁ।"

ସେଦିନ ବଡ଼ ଖୁସିରେ ରାଧିକା ମିଟିଂରୁ ଆସିଥାଏ। କେତେ ମିସେସ୍‌ଙ୍କ କଥା ଗପି ଚାଲିଥାଏ। ତା'ର ସୀମା ନଥାଏ। ସେ ବୁଝିପାରୁ ନ ଥାଏ ରେଣୁବାଳା ଏସବୁ ମନ ଦେଇ ଶୁଣୁ ନାହାନ୍ତି।

ଏମିତି ଦୁଇଦିନ ଚାଲିଗଲା। ରେଣୁବାଳା କିଛି କହିଲେ ନାହିଁ। ତୃତୀୟ ଦିନ ସକାଳେ ରାଧିକା ତାଙ୍କୁ ଚା' ଦେଲା ବେଳେ ସେ ତାକୁ କହିଲେ, "ରାଧିକା, ଜୋଇଁଙ୍କୁ କହି ମୋର ଓଡ଼ିଶା ଫେରିବା ବନ୍ଦୋବସ୍ତ କରିଦେ। ମୋର ଇଚ୍ଛା ମୁଁ କାର୍ତ୍ତିକ ପୂର୍ଣ୍ଣିମା ପୂର୍ବରୁ ପହଞ୍ଚିଗଲେ ଭଲ।"

ରାଧିକା ଉତ୍ତର ଦେଲା, "ମାମା, ହଠାତ୍ ଯିବା କଥା କାହିଁକି ତୁମ ପାଟିରୁ ବାହାରିଲା ?"

"ଆଲୋ ନାହିଁ, ସେମିତି କିଛି ନାହିଁ, ଦିଲ୍ଲୀରେ ବେଶ୍ ଶୀତ ପକେଇଲାଣି। ମୋର ତ ଅଭ୍ୟାସ ନାହିଁ ଏ ଶୀତ ସହିବା, ମୁଁ ଚାଲିଗଲେ ଭଲ। ଶୀତ କମିଗଲେ ଦେଖିବା, ପୁଣି କେବେ ଆସିବି।"

ରାଧିକାକୁ ମାମା ଟିକିଏ ଅବୁଝା ଲାଗିଲେ। ତଥାପି ସେ ତାଙ୍କ ସହିତ ବେଶୀ କିଛି ଯୁକ୍ତି କଲା ନାହିଁ।

ଅସିତ୍ ଅଫିସ୍ ଯିବା ବେଳକୁ କହିଲା, "ମାମା କଟକ ଯିବାକୁ ଚାହୁଁଛନ୍ତି।"

'କେବେ ?' ଅସିତ୍ ପଚାରିଲେ।

"ଏଇ ଦିନେ ଦୁଇଦିନ ଭିତରେ। କାର୍ତ୍ତିକ ପୂର୍ଣ୍ଣମୀକୁ ସେ କଟକରେ ରହିବାକୁ ଚାହାନ୍ତି।"

"ହଉ, ମୁଁ ଦେଖୁଛି, କିଏ ଯିବ ତାଙ୍କୁ ଛାଡ଼ିବାକୁ ?"

"ତୁମେ କି ମୁଁ କିଏ ଜଣେ ଯିବାକୁ ପଡ଼ିବ। ସେ ଏକା ଯାଇ ପାରିବେନି।"

"ହଁ, ମୁଁ ଚାଲିଗଲେ ହେବ। ବୋଉ ଲେଖିଥିଲା ବାପାଙ୍କ ଦେହ ଭଲ ନାହିଁ, ତାଙ୍କୁ ଟିକିଏ ଭଲ ଡାକ୍ତର ଦେଖାଇବା ପାଇଁ", ଅସିତ୍ ଉତ୍ତର ଦେଲେ।

"ହଉ, ସେୟା କର।" ରାଧିକା କହିଲା।

"ଆଉ ଦୁଇଟା ଦିନରେ କାର୍ତ୍ତିକ ପୂର୍ଣ୍ଣିମା, ଅସିତ୍ ଅଫିସ ଚାଲିଗଲେ। ଖଣ୍ଡେ ଶାଢ଼ୀ ବି କିଣିନି ମୁଁ ମାମାଙ୍କ ଲାଗି। ଖାଲି ଯାହା ଟିକିଏ ମଥୁରା ବୃନ୍ଦାବନ ଯାଇଥିଲେ। ପାପା ଚାଲିଯିବା ପରେ ମାମା ଭାରି ଚିଡ଼ିଚିଡ଼ା ହୋଇଯାଇଛନ୍ତି। ବୋଧେ ମୋ କଥା ତାଙ୍କୁ କେଉଁଠି କଷ୍ଟ ଦେଇଛି। ନ ହେଲେ କାହିଁକି ହଠାତ୍ ଯିବେ ବୋଲି କହିଥାଆନ୍ତି ? ଅବଶ୍ୟ ଏଠାରେ ତାଙ୍କର ଚଳିବାରେ ଅନେକ ଅସୁବିଧା ହୋଇଛି... କିନ୍ତୁ ମୁଁ ତ ମୋର ପାରୁପର୍ଯ୍ୟନ୍ତ ଚେଷ୍ଟା କରିଥିଲି ତାଙ୍କ ମନ ରଖି ଚଳିବା ପାଇଁ।" ମନେ ମନେ ଭାବିଲା ରାଧିକା, କିନ୍ତୁ ପାଟି ଖୋଲି କିଛି ପଚାରିଲା ନାହିଁ।

ସନ୍ଧ୍ୟାରେ ଅସିତ୍ ଅଫିସରୁ ଫେରି ଚା' ପିଇଲା ବେଳେ କହିଲେ, "ରାଧିକା କାଲି ସନ୍ଧ୍ୟା ଫ୍ଲାଇଟ୍‌ରେ ମୋର ଓ ମାମାଙ୍କର ଟିକେଟ୍ ହୋଇ ଯାଇଛି। ମୁଁ ଦୁଇଦିନ ଛୁଟି ନେଇଛି। ପହରଦିନ ଗୁରୁନାନକଙ୍କ ବାର୍ଥ ଡେ' ଛୁଟି ଅଛି। ତା'ପରେ ଦୁଇଦିନ ସି.ଏଲ୍ ନେଇ ପରେ ଶନିବାର ରବିବାର ଛୁଟି। ମୁଁ ଗାଁକୁ ଯାଇ ବୋଉ ବାପାଙ୍କ ପାଖେ ଦୁଇଦିନ ରହି ଫେରିପାରିବି।

ରେଣୁବାଳାଙ୍କୁ ଅସିତ୍‌ଙ୍କ କଥା ଶୁଣି ଟିକିଏ ଅଶ୍ୱସ୍ତି ଲାଗିଲା। ଯାହାହେଉ ସେ ଶେଷରେ ତାଙ୍କ ଘରକୁ ଯିବେ। ତିନି ପିଲାଙ୍କ ସହିତ ରହିବା ତାଙ୍କ ପାଇଁ ସମ୍ଭବ ନୁହେଁ।

ସେଦିନ ରାଧିକା ରାତିରେ ଆସି ତାଙ୍କ ପାଖେ ଜାକି ହୋଇ କହିଲା, "ମାମା, ମୁଁ ଭାବିଥିଲି, ତୁମେ ମୋ ପାଖେ ଚାରି ଛଅ ମାସ ରହିବ। ଶୀତଟା ଖାଲି ବାହାନା। ମୁଁ ବୋଧେ କିଛି ଅଜାଣତରେ କହିଦେଇଛି ଯେଉଁଥିପାଇଁ ତୁମେ ଯିବାକୁ ବାହାରିଛ।"

ରେଣୁବାଳା ରାଧିକାକୁ ଜୋର୍‌ରେ ଜାକି ପକେଇ ତା' ମୁଣ୍ଡ ଆଉଁସି କହିଲେ, "ନାଇଁଲୋ, ରାଧିକା ତୋ ଉପରେ ମୁଁ କେବେ ରାଗି ପାରେ ? କେଉଁ ମାଆ ତା' ପିଲାମାନଙ୍କ ଉପରେ କେବେ ରାଗି ପାରେ ନାହିଁ, କି ତାଙ୍କୁ ଅଭିଶାପ ଦେଇ ପାରେନି। ପିଲାମାନେ ଯେତେ ଦୁଷ୍ଟାମୀ କଲେ ବି ମାଆ କାନ ମୋଡ଼ି ଦେବ, ବିଧେ, ଚାପୁଡ଼େ ମାରିବ, କିନ୍ତୁ ଜମା ରାଗିପାରିବ ନାହିଁ। ତୁ ଏମିତି କଥା କେବେ ମନକୁ ଆଣିବୁ ନାହିଁ, ମୋ ସୁନା ଝିଅଟା ପରା। ମୁଁ ଏବେ ଯାଉଛି ପୁଣି ସୁବିଧା ଦେଖି ଆସିବି। ପିଲାଙ୍କ ଛୁଟିରେ ତାଙ୍କୁ ନେଇ ତୁ କଟକ ଆସିବୁ। ରାଜା କହୁଥିଲା ତା'ର କଟକ ଯିବାକୁ ଭାରି ମନ।"

ରାଧିକା ମାମାଙ୍କ କୋଳରେ ମୁଣ୍ଡ ରଖି କଇଁ କଇଁ କାନ୍ଦୁଥାଏ, "ମାମା ତୁମେ ବେଶୀ ଦିନ ରହିବ ଭାବି ମୁଁ ତୁମର କିଛି କରିପାରିଲି ନାହିଁ କିମ୍ବା ତୁମଠାରୁ କିଛି ଶିଖିପାରିଲି ନାହିଁ। ତୁମେ କେବେ ଆସିବ କହିଲେ ମୁଁ ଯାଇ ତୁମକୁ ନେଇ ଆସିବି। ଏଥର ଖରାଦିନେ ଆସିବ ତାହେଲେ ତୁମେ ବଦ୍ରୀନାଥ ଯାଇ ପାରିବ।"

"ହଉ, ଦେଖିବା। ସବୁ ଯୋଗର କଥା। ମୁଁ କ'ଣ ଆସିଲା ବେଳେ ଭାବିଥିଲି ବୃନ୍ଦାବନ, ମଥୁରା ଯିବି ବୋଲି ! ଯୋଗ ଥିଲା ବୋଲି ଯାଇ ପାରିଲି। ତୁ ଓ ଅସିତ୍ ମୋର ବହୁତ ଯତ୍ନ ନେଇଛ। ଭଗବାନଙ୍କୁ ଡାକୁଛି ତମେ ଓ ତୋ ପରିବାରକୁ ସେ ଘଣ୍ଟ ଘୋଡ଼େଇ ରଖିଥାଆନ୍ତୁ। ମାଆ, ବାପାମାନେ ପିଲାଙ୍କ ପାଇଁ କେବଳ ଏହା ହିଁ ଚାହିଁ ଥାଆନ୍ତି। ତୁ ତ ମାଆ ହେଲୁଣି ତୁ କ'ଣ ମୋ କଥାର ସତ୍ୟତା ବୁଝିପାରୁ ନ ଥିବୁ। ତତେ ଆଉ ଅଧିକ କ'ଣ କହିବି ? ପାଗଳୀଙ୍କ ପରି କନ୍ଦାକଟା କରନା...।"

ସେଦିନ ଅସିତ୍ ଅଫିସ ଯିବା ପୂର୍ବରୁ ରାଧିକା ତାଙ୍କର ସୁଟ୍‌କେଶ୍ ସଜାଡ଼ି ଦେଇ ପଚାରିଲା "ଆଉ କ'ଣ ଦେବି ? ନା ଆଉ କିଛି ନୁହେଁ, କିନ୍ତୁ ନନାଙ୍କ ପାଇଁ କିଛି ମିଠା ଓ ଡ୍ରାଇଫୁଡ୍ ଦେଲେ ଭଲ ହୁଅନ୍ତା।"

"ହଁ, ମୁଁ ତା'ର ବନ୍ଦୋବସ୍ତ କରିଦେବି। ବୋଉଙ୍କ ପାଇଁ ଖଣ୍ଡେ ନୂଆ ଶାଢ଼ୀ ବି କିଣି ରଖିଦେବି।"

"ମୋ ଅପେକ୍ଷା ସେସବୁ ତୁମକୁ ବେଶୀ ଜଣା।" ହସିହସି କହି ଅସିତ୍ ଅଫିସ ଚାଲିଗଲେ।

ଦିନଟା ଘଣ୍ଟାକ ପରି ଚାଲିଗଲା ରାଧିକା ପାଇଁ। ସେ ଅସିତ୍ ଘର ପାଇଁ ଯାହା କିଣିଲି ତାହା ତା' ମୋହିତଭାଇନା ଓ ଅସୀମା ଭାଉଜଙ୍କ ପାଇଁ ମଧ୍ୟ କିଣି ପଠାଇଲା। ମାମାଙ୍କ ପାଇଁ କ'ଣ କିଣିବ ବୁଝି ପାରିଲା ନାହିଁ। ଶେଷକୁ ଭାବିଲା ମାମାଙ୍କ ପାଇଁ ହଳେ ଭଲ 'ହସ୍ ପପି' ଚଟି କିଣି ଦେବି ତାଙ୍କୁ ଚାଲିବାକୁ ସୁବିଧା ହେବ।

ଚାହୁଁ ଚାହୁଁ ଚାରିଟା ବାଜିଗଲା। ଅସିତ୍ ଶୀଘ୍ର ଅଫିସ୍‌ରୁ ଚାଲିଆସିଲେ। ସାଢ଼େ ଚାରିଟା ସୁଦ୍ଧା ରେଣୁବାଳା ଓ ଅସିତ୍ ଘର ଛାଡ଼ି ଦେଲେ। ରେଣୁବାଳା ରାଧିକାକୁ ଜାକି ଦେଇ କହିଲେ, "ମାଆଲୋ, ମନ କେବେ ଛୋଟ କରିବୁ ନାହିଁ। ମୁଁ ସବୁଦିନ ତୋ ମାଆ ଓ ମଲା ପର୍ଯ୍ୟନ୍ତ ତୋ ମାଆ ହୋଇ ରହିବି। ଯିବା ବେଳକୁ ପିଲାମାନଙ୍କୁ ଟିକିଏ ଦେଖି ପାରିଲି ନାହିଁ। ସେମାନେ ଫେରିଲେ ତାଙ୍କୁ ବହୁତ ବହୁତ କରି ମୋ ସ୍ନେହ ଦେବୁ। ଏକ୍ସମାସ ଛୁଟିରେ ତାଙ୍କୁ ନେଇ କଟକ ଆସିବୁ।" ଏତକି କହୁ କହୁ ରେଣୁବାଳାଙ୍କ ଆଖି ଜକେଇ ଗଲା। ରାଧିକା ମାମାଙ୍କୁ ମୁଣ୍ଡିଆ ମାରିଲା ଓ ଲୁଗାକାନି ଆଖିରେ ଦେଇ

କାନ୍ଦିଲା। ରେଣୁବାଳା ତା' ପିଠି ଥାପୁଡ଼େଇ ଦେଇ କହିଲେ, "ସୁନା ଝିଅଟା ମୋର ଆଖିରୁ ଲୁହ ଝରାନା, ମୋତେ ବହୁତ କଷ୍ଟ ହେଉଛି।"

ରାଧିକା ମାମାଙ୍କ ହାତ ଧରି ନେଇ ଗାଡ଼ିରେ ବସେଇ ଦେଲା। କାର୍ ଛାଡ଼ିଲା ବେଳକୁ ରେଣୁବାଳା କହିଲେ, "ରାଧିକା, ଏବେ ମନେ କରି ମୋହିତ ଭାଇନାକୁ କହି ଦେ – ସେ ଭୁବନେଶ୍ୱର ଏୟାରପୋର୍ଟକୁ ଆସିବ ଯେମିତି ହେଲେ। ପ୍ଲେନ୍ ପହଞ୍ଚିଲା ବେଳକୁ ରାତି ହୋଇଯିବ।"

ଅସିତ୍ ପାଟି ଖୋଲିଲେ, "ମାମା ଆପଣ ଏତେ ବ୍ୟସ୍ତ ହୁଅନ୍ତୁ ନାହିଁ, ମୁଁ ପରା ଆପଣଙ୍କ ସାଙ୍ଗରେ ଅଛି, ଗାଡ଼ି ନ ଆସିଥିଲେ ଆମେ ଟ୍ୟାକ୍ସି କରି କଟକ ଚାଲିଯିବା।"

"ଗାଡ଼ି ଚାଲିଲା ଏୟାରପୋର୍ଟ ଅଭିମୁଖେ। ରେଣୁବାଳା ପୃଥିବୀର ସବୁ ବାସ୍ତବତା ଭଲ କରି ଦେଖି ସାରିଲେଣି। ଏଥର କଟକ ଯାଇ ପ୍ରଥମେ ମୋହିତକୁ କହିବାକୁ ହେବ ଉପରେ ଆଉ ଘର କରିବାକୁ ଓ ତାଙ୍କୁ ତାଙ୍କ ରୁମ୍ ଛାଡ଼ିଦେବାକୁ। ମୋହିତର ସ୍ତ୍ରୀକୁ ନେଇ ସେ ଉପର ମହଲାରେ ନିଜ ପସନ୍ଦରେ ରହୁ। ମୋ ଜାଗା ମୋତେ ଛାଡ଼ିଦେଉ।"

ରାସ୍ତାରେ ଅସିତ୍ ରେଣୁବାଳାଙ୍କର ସବୁ ସୁବିଧା ଅସୁବିଧା ବୁଝିଥିଲେ, ଚା', କଫି, ପାଣି ସବୁ ପାଇଁ ପାଞ୍ଚ ଥର କରି ପଚାରନ୍ତ। ରେଣୁବାଳା ସ୍ମିତ ହାସ୍ୟ ଦେଇ କହନ୍ତି, "ତୁମେ ଏତେ ବ୍ୟସ୍ତ ହୁଅନି ଅସିତ୍, ମୋ ଯାହା ଦରକାର ହେବ ମୁଁ କହିବି।"

"ନାଇଁ ମାମା, ନାଇଁ, ଆପଣ ଜାଣିନାହାନ୍ତି ଆପଣଙ୍କ ଝିଅକୁ। ସେ ଯଦି ଜାଣେ ଫ୍ଲାଇଟ୍‌ରେ ଆପଣଙ୍କର କିଛି ଅସୁବିଧା ହେଲା ସେ ମୋ ଉପରେ ରାଗି କ'ଣ ନା କ'ଣ କରିଦେବ। ସେ ତା' ମାମା ପାପାଙ୍କୁ ନେଇ ଭେରୀ ପଜେସିଭ୍।"

"ହଁ, ଏଇଟା ପ୍ରାୟ ଝିଅଙ୍କର ଗୁଣ। ବୋଧେ ସେମାନେ ସବୁଦିନେ ବାପଘରେ ରହି ପାରନ୍ତି ନାହିଁ ବୋଲି ଏଇଟା ତାଙ୍କ ଅବଚେତନ ମନର ପ୍ରତିଫଳନ। ସେ ଯଦି କିଛି କହେ ତେବେ ତୁମେ ତାକୁ କ୍ଷମା କରିଦେବ। ଏଇଟା ମୋର ଅନୁରୋଧ।"

"ନାଇଁ ମାମା ନାଇଁ। ରାଧିକା ପ୍ରକୃତରେ ଭାରି ଭଲ ଝିଅଟିଏ। ସେ ମୋତେ କେବେ କିଛି କାଟିଲା ପରି କହେ ନାହିଁ।" ଅସିତ୍ କହିଲେ।

ରେଣୁବାଳା ଧୀର ସ୍ୱରରେ କହିଲେ, "ଏମିତି କହିବା ତୁମର ବଡ଼ପଣ। ମୁଁ ଜାଣେ ସଂସାର କଲେ କେଉଁ ସ୍ତ୍ରୀ ତା' ସ୍ୱାମୀ ବା ସ୍ୱାମୀ ତା' ସ୍ତ୍ରୀ କୁ ପଦେ ନ କହି ରହିପାରିବ। ମୁଁ ଭଗବାନଙ୍କୁ ପ୍ରାର୍ଥନା କରୁଛି, ତୁମେ ଦୁହେଁ ଏମିତି ଭଲ ବୁଝାମଣାରେ ତୁମ ଜୀବନ କାଟ।"

"ଆପଣଙ୍କର ଏଇ ଆଶୀର୍ବାଦ ସବୁବେଳେ ଆମ ପାଇଁ ଥାଉ।"

ଏମିତି ଗପସପ ଭିତରେ କେମିତି ଦୁଇଘଣ୍ଟା ଚାଲିଗଲା। ଏୟାର ହୋଷ୍ଟେସ୍ ଘୋଷଣା କରିବାକୁ ଲାଗିଲେ। "ଆମେ ଓଡ଼ିଶାର କ୍ୟାପିଟାଲ୍ ଭୁବନେଶ୍ୱର ପାଖାପାଖି ହୋଇ ଗଲେଣି। ଏବେ ଏଠାର ତାପମାତ୍ରା ୨୫° ସେଲ୍‌ସିଅସ୍, ଆକାଶ ମେଘମୁକ୍ତ...।"

ସମସ୍ତେ ଉଠି ଠିଆ ହେବାକୁ ଲାଗିଲେ। ଅସିତ୍ କହିଲେ, "ମାମା, ଏତେ ତରତର ହେବା ଦରକାର ନାହିଁ, ଭିଡ଼ କମୁ ଆମେ ଯିବା।"

କିଛି ସମୟ ପରେ ପ୍ଲେନ୍ ଟିକିଏ ଖାଲି ହୋଇଯିବା ପରେ ଅସିତ୍ ଓ ରେଣୁବାଳା ଧୀରେଧୀରେ ଆଗକୁ ଚାଲିଲେ। ଦୁଇଜଣ ଏୟାର ହେଷ୍ଟେସ୍ ପ୍ଲେନ୍‌ର ଗେଟ୍ ପାଖେ ଠିଆ ହୋଇ ଅଭିନନ୍ଦନ ଜଣାଉଥାନ୍ତି।

ସେମାନେ ତଳକୁ ଆସିଲା ବେଳକୁ ଅସିତ୍‌ଙ୍କ ମୋବାଇଲି ବାଜିବାକୁ ଆରମ୍ଭ କଲା – ଅସିତ୍ ଫୋନ୍ ଧରି ହ୍ୟାଲୋ କହିଲାବେଳକୁ ସେପଟୁ ମୋହିତର ସ୍ୱର ଭାସିଆସ; "ଅସିତ୍, ମୁଁ ପାର୍କିଂ ପାଖରେ ଅଛି। ତୁମେ ଲଗେଜ୍ କଲେକ୍ଟ କଲାପରେ ମୋତେ ଗୋଟିଏ ମିସ୍‌କଲ୍ କରିଦେବ। ମୁଁ ସାଙ୍ଗେସାଙ୍ଗେ ଯାଇ ପହଞ୍ଚିବି।"

"ଥାଙ୍କ ୟୁ ମୋହିତ ଭାଇନା", ଅସିତ୍ କହି କନ୍‌ଭେୟାର ବେଲଟ୍ ପାଖକୁ ଗଲେ। ସେଠାରୁ ସୁଟ୍‌କେଶ୍ ଦୁଇଟି ଆଣିବା ପରେ ରେଣୁବାଳାଙ୍କୁ ନେଇ ବାହାରକୁ ଆସି ମୋହିତ୍‌କୁ ଫୋନ୍ କଲେ। ପାଞ୍ଚମିନିଟ୍ ଭିତରେ ମୋହିତ ଆସି ପହଞ୍ଚିଗଲା। ଗାଡ଼ି ଟିକିଏ ଦୂରରେ ରଖି ରେଣୁବାଳା ଓ ଅସିତ୍‌ଙ୍କ ପାଖକୁ ଆସି ରେଣୁବାଳାଙ୍କର ପାଦ ଛୁଇଁ ପ୍ରଣାମ କଲା। ରେଣୁବାଳା ତା' ମୁଣ୍ଡରେ ହାତ ବୁଲେଇ ଆଣି ଭାବିଲେ, "ମୋ ପିଲାମାନେ ମୋତେ ବହୁତ ଭଲ ପାଆନ୍ତି, କିନ୍ତୁ ସେମାନଙ୍କୁ ସେମାନଙ୍କ ସ୍ତ୍ରୀମାନଙ୍କ ଇଚ୍ଛା ରଖି ଚଳିବାକୁ ହେବ। କଥାରେ ଅଛି ପରା, "ପାଖରେ ଶୁଏ କାନରେ କହେ ତା' କଥା କି ଅନ୍ୟଥା ହୁଏ।"

ମୋହିତ ଗାଡ଼ି ଡିକିରେ ଜିନିଷ ରଖିଦେଇ ଅସିତ୍‌ଙ୍କୁ ଗାଡ଼ିରେ ବସିବାକୁ ଅନୁରୋଧ କଲା। ଯଦିଓ ଅସିତ୍ ମୋହିତ ଠାରୁ ବୟସରେ ବହୁତ ବଡ଼ କିନ୍ତୁ ସମ୍ପର୍କରେ ମୋହିତ ତାଙ୍କର ଭାଇନା ସେ ତାଙ୍କୁ ନମସ୍କାର କଲେ। ମୋହିତ ତାଙ୍କୁ ପ୍ରତିନମସ୍କାର ଜଣାଇ ତାଙ୍କ ହାତରୁ ଯାହା ହ୍ୟାଣ୍ଡ ଲଗେଜ୍ ଥିଲା ତାକୁ ନେଇ ଗାଡ଼ିର ଆଗ ସିଟ୍‌ରେ ରଖିଦେଲେ। ରେଣୁବାଳା ଓ ଅସିତ୍ ପଛ ସିଟ୍‌ରେ ବସିଲେ। ଗାଡ଼ି ଚାଲିଲା କଟକ ଅଭିମୁଖେ। ରେଣୁବାଳା ଦିଲ୍ଲୀରୁ ଘୋଡ଼ାଇ ହୋଇ ଆସିଥିବା ଶାଲ୍‌ଟିକୁ କାଢ଼ି ଭାଙ୍ଗି ହାତରେ ଧରିଲେ। ଏଠି ତ କିଛି ଶୀତ ଜଣାପଡୁ ନାହିଁ। କିନ୍ତୁ ସେ ବହୁତ ପଛକୁ ଫେରିଯାଇ ଭାବିଲେ ତାଙ୍କ ପିଲାଦିନେ କାର୍ତ୍ତିକ ମାସରେ ବେଶ୍ ଶୀତ ହେଉଥିଲା। କାର୍ତ୍ତିକପୂର୍ଣ୍ଣିମା ଦିନ ପାହାନ୍ତିଆରୁ ଡଙ୍ଗା ଭସାଇ ଗାଧୋଇଲା ବେଳେ ହାତ ଥରିଯାଉଥିଲା। ଏବେ କୁଆଡ଼େ ଗଲା ସେ ଶୀତ!!

ଗାଡ଼ି ଚଲାଉ ଚଲାଉ ମୋହିତ ଗପି ଚାଲିଥାଏ ଅସିତ୍‌ଙ୍କ ସାଙ୍ଗରେ। ସେ ଗପରେ ଭାରତର ପ୍ରଧାନମନ୍ତ୍ରୀଙ୍କ ଠାରୁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ସାମିଲ ଥାଆନ୍ତି। ଆସନ୍ତା ଇଲେକ୍‌ସନ୍‌ରେ ଓଡ଼ିଶାରେ କେଉଁ ପାର୍ଟି ଜିତିବ ଇତ୍ୟାଦି ଅନେକ କଥା।

କଟକ ପାଖେଇ ଆସିଲାଣି। ଗାଡ଼ି କାଠଯୋଡ଼ି ବନ୍ଧ ଦେଇ କଟକ ଭିତରକୁ ଚାଲିଲା।

ହରମୋହନବାବୁ ଗଣେଶଘାଟ ପାଖେ ଖଣ୍ଡେ ଜାଗା କିଣି ଘର କରିଥିଲେ, ଯଦିଓ ତାଙ୍କର ବହି ଦୋକାନ ବାଲୁବଜାରରେ ଅଛି। ଦୋକନଟି ବେଶୀ ବଡ଼ ନୁହେଁ, କିନ୍ତୁ 'ସରସ୍ୱତୀ ବିଦ୍ୟା ମନ୍ଦିର' ଭାବେ ବେଶ୍ ପ୍ରସିଦ୍ଧ। ହରମୋହନବାବୁଙ୍କ ମାଆଙ୍କ ନାମ ଅନୁସାରେ ସେ ଦୋକାନର ନାମକରଣ କରିଥିଲେ। ସେମାନେ ଘରେ ଆସି ପହଞ୍ଚିଲା ବେଳକୁ ରାତି ଆଠଟା ସେପଟେ। ଘରେ ମାତ୍ର ତିନୋଟି ଶୋଇବା ଘର। ହରମୋହନ ଓ ରେଣୁବାଳାଙ୍କ ରୁମ୍‌ରେ ଏବେ ମୋହିତ ଓ ଅସୀମା ରହନ୍ତି ଏବଂ ରେଣୁବାଳାଙ୍କୁ ମୋହିତର ଶୋଇବା ଘରେ ରହିବାକୁ ପଡୁଛି। ଯେଉଁଠି ପିଲାଙ୍କ ପଢ଼ାଘର ଥିଲା ଏବେ ସେଇଟା ଗେଷ୍ଟ ରୁମ୍। ଅସୀମା ସେଇଠି ଶୋଇବା ପାଇଁ ସବୁ ବନ୍ଦୋବସ୍ତ କରିଦେଇଛି। କିନ୍ତୁ ରେଣୁବାଳାଙ୍କର ଏହା ପସନ୍ଦ ହୋଇ ନ ଥିଲା, କାରଣ ଏହା ସହିତ ଆଟାଚ୍ ବାଥ୍‌ରୁମ୍ ନାହିଁ। ରାତିରେ ଖାଇବା ବେଳେ ସେ କହିଲେ, "ମୋହିତ, ଅସିତ୍ ମୁଁ ଯେଉଁ ରୁମ୍‌ରେ ଶୋଉଛି, ସେଇଠି ଅସିତ୍ ଶୁଅନ୍ତୁ, ମୁଁ ଷ୍ଟଡ଼ିରୁମ୍‌ରେ ଶୋଇଯାଉଛି।" ଅସୀମା ଶାଶୂଙ୍କୁ କଣେଇ କଣେଇ କରି ଚାହିଁଲା, କିନ୍ତୁ ଶାଶୂଙ୍କ ମୁହଁରେ ଏକ ଦୃଢ଼ତା ପ୍ରକାଶ ପାଉଥିବା ଦେଖି ସେ ଆଉ କିଛି କହିପାରିଲା ନାହିଁ।

ଅସିତ୍ ଗୋଟିଏ ଦିନ କଟକରେ ରହି ତା' ପରଦିନ ତାଙ୍କ ଗାଁକୁ ଚାଲିଯାଇଥିଲେ। ଅସିତ୍ ଚାଲିଯିବା ପରେ ମୋହିତ ମାମାଙ୍କ ପାଖକୁ ଯାଇ କହିଲା, "ମାମା ତୁମେ କାହିଁକି ଅସିତ୍‌ଙ୍କୁ ଯେଉଁଠାରେ ଅସୀମା ଶୋଇବା ଓ ରହିବା ପାଇଁ ବନ୍ଦୋବସ୍ତ କରିଥିଲ ସେଠାରେ ନ ରଖି ଅନ୍ୟ ରୁମ୍‌ରେ ରହିବାକୁ କହିଲ। ଏଥିରେ ଅସୀମାର ମନ ଖରାପ ହୋଇଛି। ସେ ଅସିତ୍‌ଙ୍କ ପାଇଁ ନୂଆ ଚାଦର ପକେଇ, ମଶାରୀ ଲଗାଇ ସବୁ ଠିକ୍ କରିଥିଲା।"

"ସେଥିରେ ଆଟାଚ୍ ବାଥ୍‌ରୁମ୍ ନାହିଁ। ଅସିତ୍‌ଙ୍କୁ ଅସୁବିଧା ହୋଇଥାଆନ୍ତା। ଏଥିରେ ଖରାପ ଭାବିବାର କ'ଣ ଅଛି ?" ଗମ୍ଭୀର ହୋଇ ରେଣୁବାଳା ଉତ୍ତର ଦେଲେ।

"ହଁ ଆଉ ଗୋଟିଏ କଥା। ମୋ ବିଚାରରେ ଆମ ଘରେ ଯଥେଷ୍ଟ ଜାଗା ନାହିଁ କିଏ ଆସିଲେ ଗଲେ ରହିବା ପାଇଁ। ଜଣେ ଇଞ୍ଜିନିୟରଙ୍କର ପରାମର୍ଶ ନେଇ ଘର ବଢ଼ାଇବାକୁ ହେବ। ମତେ ଭଲ ଲାଗୁନି ମୋ ରୁମ୍ ଛାଡ଼ି ରୋହିତ ରୁମ୍‌ରେ ଶୋଇଲା ବେଳକୁ। ତୁ ନହେଲେ ମୋ ମାମୁ ଭାଇ ଦୁର୍ଗାଭାଇନାଙ୍କୁ ଡାକେ, ମାମାଙ୍କର ଆପଣଙ୍କ ସାଙ୍ଗରେ କଥା ହେବାକୁ ଚାହୁଁଛନ୍ତି କହି। ଦୁର୍ଗା ଭାଇନା ମୋ ନାଁ ଶୁଣିଲେ ନିଶ୍ଚୟ ଆସିବେ।"

ମୋହିତକୁ ମାମାଙ୍କ କଥା ଏତେ ବିଶ୍ୱାସନୀୟ ଲାଗିଲା ନାହିଁ। ମାମା ଯିଏ କେବେ ପଦଟିଏ ବି ବାପାଙ୍କ ଇଚ୍ଛା ବିରୁଦ୍ଧରେ କହି ନାହାନ୍ତି, ସେ କେମିତି ହଠାତ୍ ଏମିତି ବଦଳି ଗଲେ ? ଏଥିପାଇଁ ରାଧିକା ଓ ଅସିତ୍ ନିଶ୍ଚୟ ଦାୟୀ।

ସେ କିଛି ଉତ୍ତର ନ ଦେଇ ଚାଲିଗଲା ସେଠାରୁ। "କିଛି ଦିନରେ ମାମା ପୁଣି ଠିକ୍ ହୋଇଯିବେ- ଏସବୁ ଦିଲ୍ଲୀର ହାୱା।"

ତିନି ଦିନ ପରେ ଅସିତ୍ ତାଙ୍କ ବୋଉ ନନାଙ୍କୁ ନେଇ କଟକ ଆସିଲେ। ନନାଙ୍କର ପରିସ୍ରା କଲାବେଳକୁ କଷ୍ଟ ହେଉଛି ଓ ବେଳେ ବେଳେ ମନକୁ ମନ ପରିସ୍ରା ହୋଇଯାଉଛି। ଅସିତ୍ ଭାବିଲେ ଏଠି ଚିକିତ୍ସା କରିବା ଅପେକ୍ଷା ଦିଲ୍ଲୀ ଯାଇ ସେଠି ଏମ୍‌ସରେ ଦେଖାଇଲେ ଭଲ ହେବ। ଅସିତ୍ ସେମାନଙ୍କୁ ନେଇ ରବିବାର ଦିନ ସନ୍ଧ୍ୟା ବେଳକୁ ଆସି ପହଞ୍ଚିଲେ। ତାଙ୍କର ଟିକେଟ୍ ଥିଲା ମଙ୍ଗଳବାର ସନ୍ଧ୍ୟାକୁ, କିନ୍ତୁ ସେ ଟିକେଟ୍ ବଦଳେଇ ସେ ତିନିଜଣଙ୍କର ଟିକେଟ୍ କଲେ ମଙ୍ଗଳବାର ସକାଳୁ। ଏ ଖବର ସେ ରାଧିକାକୁ ଦେଇଦେଲେ। ଅସିତ୍‌ଙ୍କ ନନା ବୋଉ ମନ କରିଥିଲେ ପୁରୀ ଯାଇ ଜଗନ୍ନାଥ ଦର୍ଶନ କରି ଦିଲ୍ଲୀ ଯିବା ପାଇଁ। କିନ୍ତୁ ଅସିତ୍ ଏଥିରେ ରାଜି ହେଲେ ନାହିଁ। ଏକେତ ନନାଙ୍କ ଦେହ ଏତେ ଭଲ ନାହିଁ, ପୁଣି ଦୁହିଁଙ୍କ ବୟସ ହେଲାଣି। ସେଥିରେ ସେମାନେ ଏତେ ଇୟାଡ଼େ ସିଆଡ଼େ ନ ହୋଇ ସିଧା ଦିଲ୍ଲୀ ଚାଲିଯିବା ଭଲ।

ରେଣୁବାଳା ସେ ଦିନଯାକ ସମୁଦି ସମୁଦୁଣୀଙ୍କର ଭଲ ଯତ୍ନ ନେଲେ। ସମୁଦି ତ ତାଙ୍କ ସ୍ୱାମୀଙ୍କର ବାଲ୍ୟବନ୍ଧୁ ଏବଂ ସେ ତାଙ୍କ ଝିଅର ଶ୍ୱଶୁର। ସେ ହରମୋହନବାବୁଙ୍କ ଠାରୁ ରସାନନ୍ଦଙ୍କ ବିଷୟରେ ବହୁତ କିଛି ଶୁଣିଛନ୍ତି। ସମୁଦୁଣୀ ବି ତାଙ୍କର ପ୍ରାୟେ ସମବୟସୀ ଏବଂ ସଉକିନିଆ ସ୍ତ୍ରୀ ଲୋକଟିଏ। ରାଧିକାର ଭାଗ୍ୟ ସେ ଏମିତି ଶାଶୂ, ଶ୍ୱଶୁର ପାଇଛି। କାର୍ତ୍ତିକ ମାସ ସରିବାର ମାତ୍ର ଦୁଇଦିନ ହୋଇଛି। ଆଜି ସୋମବାର। ସୋମବାରରେ ରେଣୁବାଳା ଘରେ ଆଇଁଷ କରିବାକୁ ପସନ୍ଦ କରନ୍ତି ନାହିଁ। ତଥାପି କ୍ଷୀରୀ, ଖେଚେଡ଼ି କରି ଦିଅଁ ପୂଜା କଲେ। ଛେନା ତରକାରୀ ଫୁଲକୋବି କଷା ଓ ଭଲ ବାଇଗଣ ଛଣା ଇତ୍ୟାଦି କରି ରେଣୁବାଳା ବନ୍ଧୁ ଚର୍ଚ୍ଚା କଲେ। ଅସୀମାକୁ ଓଡ଼ିଆ ଘରେ ବାହା ହୋଇଛି ସିନା ତାକୁ ଓଡ଼ିଆ ରନ୍ଧା ବିଶେଷ ଭଲ ଲାଗେ ନାହିଁ। କିନ୍ତୁ ଆଜିର ଖାଇବାରେ ତା'ର ବିଶେଷ କିଛି ଆପତ୍ତି କଲା ନାହିଁ। ତାକୁ ଜୀରା, ଧନିଆ, ଗରମ ମସଲା ତରକାରୀ ଭଲ ଲାଗେ ନାହିଁ। ଆଜି କୌଣସି ତରକାରୀରେ ପିଆଜରସୁଣ ବି ନ ଥିଲା। ଅସୀମା ସମସ୍ତଙ୍କ ସହିତ ବସି ଖାଇଲା ଓ ତା'ପରେ ନିଜ ରୁମ୍‌କୁ ଚାଲିଗଲା। ସେ ମୋହିତର ବନ୍ଧୁବାନ୍ଧବମାନଙ୍କ ସହିତ ଭଲଭାବେ ମିଶି ପାରେ ନାହିଁ, କାରଣ ଭାଷାର ପାଚେରୀ ସେମାନଙ୍କ ମଝିରେ ଠିଆ ହୁଏ।

ରାଧିକାର ଶାଶୂ ରେଣୁବାଳାଙ୍କୁ ପଚାରିଲେ, "ମୋହିତ ବାହାହୋଇ ତ ଦୁଇବର୍ଷ ଆସି ହେବଣି, ତା'ର କିଛି ପିଲାଝିଲା ହୋଇନି।"

"ନା, ସମୁଦୁଣୀ, ଆଜିକାଲି ପିଲାଙ୍କୁ ଏ ବିଷୟରେ କିଏ ପଚାରିବ ? ସେମାନଙ୍କର ଇଚ୍ଛା ଯାହା ସେୟା କରିବେ।" ଉତ୍ତର ଦେଲେ ରେଣୁବାଳା। ସନ୍ଧ୍ୟା ସାତଟାରେ ଫ୍ଲାଇଟ୍। ଘଣ୍ଟାକପୂର୍ବରୁ ରିପୋର୍ଟିଂ, ତେଣୁ ଅସିତ୍ ପାଞ୍ଚଟା ସୁଦ୍ଧା କଟକ ଛାଡ଼ିଦେଲେ।

ସେଦିନ ରେଣୁବାଳା ରାତିରେ ପୁଅବୋହୂଙ୍କୁ କିଛି କହିଲେ ନାହିଁ।

ତା' ପରଦିନ ମୋହିତ ଜଳଖିଆ ଖାଇ ଦୋକାନ ଗଲା ବେଳକୁ ରେଣୁବାଳା ମୋହିତକୁ ପଚାରିଲେ, "ଆରେ ମୋହିତ ତୁ ଦୁର୍ଗାମାମୁଙ୍କୁ ଫୋନ୍ କରିଥିଲୁ ?"

"ନାଇଁ ମାମା ତାଙ୍କ ଫୋନ୍ ନମ୍ବର ମୋ ପାଖେ ନାହିଁ।" ଉତ୍ତର ଦେଲା ମୋହିତ।

"ମୋ ଡାଇରୀରେ ଅଛି। ମୋ ଡାଇରିଟା ମୋ ଘରେ ପାପାଙ୍କ ଫଟୋ ପାଖରେ ଅଛି। ସେ ଡାଇରୀଟା ମୋ ପାଖୁ ଆଣ, ମୁଁ ନମ୍ବରଟା କାଢ଼ିଦେବି।"

"ମାମା ଆଜି ଥାଉ। କାଲିକି ଫୋନ୍ କରିବା, ମୁଁ ବାହାରିଲିଣି ଦୋକାନ। ଆଜି ଜଣେ ବଡ଼ ଲେଖକ ତାଙ୍କ କବିତା ପାଣ୍ଡୁଲିପି ନେଇ ଆସିବେ ବୋଲି କହିଛନ୍ତି। ଦଶଟା ବାଜିଗଲାଣି କାଲିକୁ କଥା ହେବା।"

ଏତିକି କହି ମୋହିତ ଚାଲିଗଲା।

ସେଦିନ ରାତିରେ ରେଣୁବାଳା ପୁଣି ସେଇକଥା କହିଲେ। ମୋହିତ କହିଲା, "ମାମା ଘର କରିବାକୁ ତୁମେ ଏତେ ବ୍ୟସ୍ତ କାହିଁକି ? ଏବେ ତ କାମ ଚାଲିଯାଉଛି...।"

"ନାଇଁରେ ବାପା, ତୁମେମାନେ ବୁଝୁନାହଁ ମୋ ମନ କଥା। ମୁଁ ଚାହେଁ ଆଉ ଯେତେ ଦିନ ବଞ୍ଚିବି ପାପା ଓ ମୋ ରୁମ୍‌ରେ ମୁଁ ରହିବି। ସେଠରେ ମୋର ଗଦାଗଦା ସ୍ମୃତି ରହିଛି। ପାପାଙ୍କ ଉପସ୍ଥିତିର ବାସ୍ନା ପାଇବାକୁ ହେଲେ ମୋତେ ସେଇ ରୁମ୍‌ରେ ରହିବାକୁ ହେବ। ଏଇଟା ମୋର ଆନ୍ତରିକ ଇଚ୍ଛା। ରୋହିତ ଓ ରାଧିକା ସମସ୍ତେ ଆସିଲେ କାହାର ଯେମିତି କିଛି ଅସୁବିଧା ନ ହୁଏ ସେଇଟା ବି ମୁଁ ଚାହେଁ। ଟଙ୍କା ପାଇଁ ବ୍ୟସ୍ତ ହୁଅନି। ମୋ ବ୍ୟାଙ୍କ ଆକାଉଣ୍ଟରେ ଯଥେଷ୍ଟ ଟଙ୍କା ଅଛି ଯେଉଁଥିରେ ଭଲରେ ଘର ତୋଳା ହୋଇଯିବ। ମୁଁ ଚାହେଁ ତୁମେ ସମସ୍ତେ ଭଲରେ ରହ ଏବଂ ମୁଁ ମଧ୍ୟ ମୋ ମନ ମୁତାବକ ବଞ୍ଚେ। ଅସୀମାକୁ ଏକଥା ଭଲରେ ବୁଝାଇ ଦେବୁ। ତୁ ଏଥି ନେଇ ଆଦୌ ବ୍ୟସ୍ତ ହେବୁ ନାହିଁ। ମୁଁ ଖାଲି ତୋ ପାଇଁ ଏକଥା କହୁନି। ରୋହିତ ଓ ରାଧିକା ପାଖେ ରହି ମୁଁ ଅନୁଭବ କଲି ଯେ ମୋ ପାଇଁ କିଛି ଜାଗା ଦରକାର, ମୁଁ ସେଇଠି ପୂଜା କରେ। ପଢ଼େ ବା ଶୁଏ...।"

ସମାରୋହ

କଥା ଓ କାହାଣୀ

ପ୍ରଥମ ପ୍ରସ୍ଥ



# ମିସିସିପି ଏବଂ ସିଲ୍‌ଭରସ୍ପ୍ରିଙ୍ଗ ଦେଶରେ

## ଡଃ ମନୋରମା ବିଶ୍ୱାଳ ମହାପାତ୍ର

ରୁମ୍‌କୀ ଆଉ ଚୁମ୍‌କୀ ବାପାମାଆ ସହିତ ଆମେରିକାର 'ମେରୀଲ୍ୟାଣ୍ଡ'ରେ ରହନ୍ତି। ଗଙ୍ଗଶିଉଳି ଫୁଲ ପରି ତୋଫା ଗୋରା ରଙ୍ଗର ଦୁଇଟି ଝିଅ। ରୁମ୍‌କୀର ବୟସ ପାଞ୍ଚବର୍ଷ, ଚୁମ୍‌କୀକୁ ଚାରି। ମେରିଲ୍ୟାଣ୍ଡର ସିଲ୍‌ଭରସ୍ପ୍ରିଙ୍ଗ୍ ସହରରେ ସେମାନଙ୍କ ଘର। ସିଲ୍‌ଭରସ୍ପ୍ରିଙ୍ଗ୍ ସହରର ଘରଗୁଡ଼ିକ ଅବିକଳ ଚିତ୍ର ପରି। ଘରସାମ୍ନାରେ ସୁନ୍ଦର ସୁନ୍ଦର ଫୁଲଗଛ, ଏ ଫୁଲ ସବୁ ଭାରତୀୟ ଫୁଲ ପରି ସୁଗନ୍ଧଯୁକ୍ତ ନୁହେଁ। ଦେଖିଲେ ମନ ଖୁସି ହୋଇଯିବ। କିନ୍ତୁ ଗନ୍ଧହୀନ। ଠିକ୍ ପ୍ଲାଷ୍ଟିକ୍ ଫୁଲ ପରି। ଏବେ ସିଲ୍‌ଭରସ୍ପ୍ରିଙ୍ଗରେ ଖରାଦିନ। ଚୁମ୍‌କୀ ରୁମ୍‌କୀଙ୍କ ସ୍କୁଲଛୁଟି। ଜୁନ୍ ଜୁଲାଇ ମାସରେ ସେମାନଙ୍କର ଖରାଛୁଟି ହୋଇଥାଏ। ସ୍କୁଲ ବନ୍ଦ ଥିବାରୁ ସେମାନେ ପ୍ଲେ ସ୍କୁଲକୁ ଯାଆନ୍ତି। ସେଠାରେ ସେମାନେ ବିଭିନ୍ନ ପ୍ରକାର କ୍ୟାମ୍ପରେ ଭାଗ ନିଅନ୍ତି। କିଏ ସଙ୍ଗୀତରେ ତ କିଏ ଡ୍ରାମାରେ। ସକାଳ ଆଠଟାରେ ଯାଇ ପାଞ୍ଚଟାରେ ଫେରନ୍ତି। ସେତେବେଳକୁ ସେମାନଙ୍କ ବାପାମାଆ ଅଫିସରୁ ଫେରି ଆସିଥାଆନ୍ତି। ଏହି ଖରାଛୁଟିରେ ସେମାନେ ସ୍କୁଲ ତରଫରୁ ପବ୍ଲିକ୍ ଲାଇବ୍ରେରୀକୁ ଯାଇ ଗପବହି ପଢ଼ନ୍ତି କିମ୍ବା ସିଡ଼ିରେ କାର୍ଟୁନ ଦେଖନ୍ତି। ଇଚ୍ଛାକଲେ ଘରକୁ ବହି ମଧ୍ୟ ଆଣିପାରନ୍ତି। ବେଶୀ ସମୟ ସେମାନେ ଲାଇବ୍ରେରୀରେ ହିଁ କଟାନ୍ତି।

ରୁମ୍‌କୀ ଚୁମ୍‌କୀଙ୍କ ବାପା ପେନ୍‌ସିଲ୍‌ଭେନିଆ ବିଶ୍ୱବିଦ୍ୟାଳୟରେ ଲାଇଫ୍‌ସାଇନ୍‌ସର ପ୍ରଫେସର। ସେ ଦେଶର ସାନ ପିଲାମାନେ ଆମ ଦେଶ ଭଳି ଗଦାଗଦା ହୋମ୍‌ଟାସ୍କ ଘରକୁ ଆଣି ଆସନ୍ତି ନାହିଁ। ପାଠ ଅପେକ୍ଷା ଶାଠ ଉପରେ ସେ ଦେଶ ଅଧିକ ଗୁରୁତ୍ୱ ଦିଏ। ପିଲାମାନେ କେବଳ ସ୍କୁଲରେ ଯାହା ପଢ଼ନ୍ତି। ସେମାନଙ୍କର ପଢ଼ିବା ପ୍ରଣାଳୀ ମଧ୍ୟ ଅଲଗା। ସବୁ ବହିପତ୍ର ସ୍କୁଲରେ ରହେ। ପିଲାମାନେ ଯଦି କିଛି ଭୁଲ୍ କରନ୍ତି; ଶିକ୍ଷକମାନେ ସେମାନଙ୍କୁ ଦଣ୍ଡ ଦିଅନ୍ତି ନାହିଁ। ବୁଝାନ୍ତି। ସେମାନଙ୍କ ଦେଶରେ ଯଦି ସ୍କୁଲବସ୍ ଯାଉଥିବ, ତାହାହେଲେ ଆମେରିକାର ପ୍ରେସିଡେଣ୍ଟଙ୍କ ଗାଡ଼ି ଅଟକିଯିବ; ସ୍କୁଲ ବସ୍ ପାର ହେବା ପର୍ଯ୍ୟନ୍ତ। କାରଣ ପିଲାମାନେ ତ ଦେଶର ସମ୍ପତ୍ତି – ଦେଶର ଭବିଷ୍ୟତ।

ମେରୀଲ୍ୟାଣ୍ଡରେ ଶୀତଦିନେ ବରଫ ପଡ଼େ। ସେତେବଳେ ରାସ୍ତାଘାଟ ବରଫରେ ପୋତି ହୋଇଯାଏ। ସେଥିପାଇଁ ସେଠାକାର ଘର ସବୁ କାଠରେ ତିଆରି ଘର। ଘରର ଛାତ ଗଡାଣିଆ। ଗତ ଜୁଲାଇରେ ମୁଁ ଆମେରିକା ଯାଇଥିଲାବେଳେ ଚୁମ୍‌କୀ ରୁମ୍‌କୀଙ୍କ ଘରେ ଦୁଇଦିନ ଥିଲି। ସିଲ୍‌ଭରସ୍ପ୍ରିଙ୍ଗ ସହର ସବୁଜାୟିତ ସହର- ଚାରିଆଡ଼େ ଉଠାଣି ଗଡ଼ାଣି ପାହାଡ଼ିଆ ରାସ୍ତା। ସୁନ୍ଦର ସୁନ୍ଦର ଫୁଲରେ ସୁସଜ୍ଜିତ ଏହି ସହର। କେତେ ନୂଆ ନୂଆ ଚଢ଼େଇଙ୍କ କିଚିରିମିଚିରି ଶବ୍ଦ। ଆମ ଦେଶର ଘରଚଟିଆ ପରି ଟିକିଟିକି ଚଢ଼େଇଟିମାନ ଆପେଲ ଗଛ ଡାଳରେ କେତେବେଳେ ବସୁଥିଲେ ତ କେତେବେଳେ ଓକ୍ ଗଛ ଉପରେ ଯାଇ ପରସ୍ପର କଥାବାର୍ତ୍ତା କରୁଥିଲେ। ରୁମ୍‌କୀ ଆସି ମୋ ହାତ ଧରି ତା ପଢ଼ାଘର ଝରକା ପାଖକୁ ନେଇଗଲା। ଏକ ଅପୂର୍ବ ସୁନ୍ଦର ଚଢ଼େଇ ସେଠାରେ ବସି ମଧୁର ସ୍ୱରରେ ଗୀତ ଗାଉଛି। ସେ ଗୀତର ସ୍ୱର ଏତେ ମଧୁର ଥିଲା ଯେ ମୁଁ ମୁଗ୍ଧ ହୋଇ ଅନାଇ ରହିଥିଲି। ଏଭଳି ଚଢ଼େଇ ଆଗରୁ କେବେ ଦେଖିଛି ବୋଲି ମନେ ପଡୁନଥିଲା। ଚଢ଼େଇଟିର ବେକରେ ସୁନେଲି ରଙ୍ଗର ଏକ ଗାର ଚକ୍ ଚକ୍ କରୁଥିଲା, ଥଣ୍ଟଟି ଥିଲା ବାଦାମୀ ରଙ୍ଗର। ଦେହସାରା ଚିତ୍ରିତ ପରରେ ଆବୃତ। ଚଢ଼େଇଟିକୁ କବିତାର ପକ୍ଷୀ ନାଁ ଦେଲେ ଠିକ୍ ହେବ। କବିତା ପରି ସୁନ୍ଦର। ଚୁମ୍‌କୀଙ୍କ ମାଆ ଡାକିଲେଣି। ସକାଳ ସାଢ଼େ ସାତଟା ବାଜିବ। ପିଲା ଦୁହେଁ ପ୍ରସ୍ତୁତ ହୋଇ ପ୍ଲେ ସ୍କୁଲ ଯିବେ। କେତେ କଥା ସେଠାରେ ଶିଖିବେ। ଏହି ସମୟରେ ଭୁବନେଶ୍ୱରରୁ ଗୋଟିଏ ଫୋନ୍ ଆସିଲା। ଭୁବନେଶ୍ୱରରେ ଏବେ ରାତି ସାଢ଼େ ନଅ ବାଜିଥିବ ବୋଲି ରୁମ୍‌କୀଙ୍କ ଜେଜେମା କହିଲେ। ଆମେରିକାରେ ଯେତେବେଳେ ଦିନ ଭାରତରେ ସେତେବେଳେ ରାତି। ମୁଁ କେଉଁ ଉଡ଼ାଜାହାଜରେ ଆସିଲି ବୋଲି ସେଲୀନାନୀ ଅର୍ଥାତ୍ ସେମାନଙ୍କ ଜେଜେମା ମୋତେ ପଚାରିଲେ। ମୁଁ ଇତିହାଦ୍ ପ୍ଲେନ୍‌ରେ ଆବୁଧାବି ବାଟ ଦେଇ ଆସିଲି। ଆମେରିକା ଆସିଲାବେଳେ ଜନ୍ କେନେଡ଼ି ଏୟାରପୋର୍ଟ ନିଉୟର୍କରେ ପ୍ରଥମେ ଓହ୍ଲାଇ ମେରିଲ୍ୟାଣ୍ଡ ଆସିଲି। ଆମ ଉଡ଼ାଜାହାଜ ଆବୁଧାବିରେ ଦୁଇଘଣ୍ଟା ରହିଲା ଏବଂ ଅନ୍ୟ ଏକ ଆରବିଆନ୍ ଉଡ଼ାଜାହାଜରେ ଆମେ ନିଉୟର୍କ ଆସିଲୁ। ଏହି ଉଡ଼ାଜାହାଜରେ ଆସିଲାବେଳେ ୟୁରୋପର ସବୁଦେଶ ଉପର ଦେଇ ଉଡ଼ି ଉଡ଼ି ଆସିଲା। ଲଣ୍ଡନ, ପ୍ୟାରିସ୍, ବୁଦାପେଷ୍ଟ, ଏଡ଼ିନ୍‌ବରା, ଷ୍ଟକ୍‌ହୋମ୍, ରୋମ୍, ଫ୍ରାଙ୍କଫୋର୍ଟ, ଜାକର୍ତ୍ତା, କେନିଆ, ମାଲେସିଆ, ଇସ୍ତାନ୍‌ବୁଲ୍, ପିଟରସ୍‌ବର୍ଗ ପ୍ରଭୃତି ଦେଶ ଉପରେ ଉଡ଼ି ଉଡ଼ି ଯାଇ ଆମେରିକାରେ ପହଞ୍ଚିଲା। ଆମେରିକାରେ ପହଞ୍ଚିବା ପାଇଁ ସାଧାରଣତଃ କୋଡ଼ିଏ ଘଣ୍ଟା ସମୟ ଲାଗିଲା। ଆକାଶ ମାର୍ଗରେ ସମୟ ଆପେ ଆପେ ବଦଳି ଯାଉଥିଲା।

ଗତଥର ବ୍ରିଟିଶ୍ ଏୟାରୱେଜ୍‌ରେ ମୁଁ ସୁଇଡେନ୍ ଯାଇଥିଲା ବେଳେ ତାହା ହିଥ୍ରୋ ଏୟାରପୋର୍ଟରେ ଦୁଇଘଣ୍ଟା ରହିଥିଲା। ଲଣ୍ଡନର ଏୟାରପୋର୍ଟ ନାଁ ହିଥ୍ରୋ। ଚୁମ୍‌କୀ ମୋ କଥା ମନଦେଇ ଶୁଣୁଥିଲା। ରୁମ୍‌କୀ, ଚୁମ୍‌କୀ ଦୁଇଜଣଯାକ ମୋତେ 'ନାନୀ' ଅର୍ଥାତ୍ ଆଈ ବୋଲି ସମ୍ବୋଧନ କରୁଥିଲେ। ମୋ ପାଖ ଆଦୌ ଛାଡୁ ନଥିଲେ। କିଏ କହୁଥିଲା– ତୁମେ ଆମକୁ

ସମାରୋହ

ସୁନ୍ଦର ସୁନ୍ଦର ଗପ କୁହ ନାନୀ- ପୁଣି କହୁଥିଲେ ତମେ ଆମେରିକା ଆସିଲା ବେଳେ କେତୋଟି ସମୁଦ୍ର ପାର ହେଲ ? ପିଲା ଦୁହିଁଙ୍କ ମନରେ ଏତେ କୌତୁହଳ ଜାଣିବା ପାଇଁ – ଭାରି ଭଲ ଲାଗୁଥିଲା ମୋତେ। କହିଲି ଆଟଲାଣ୍ଟିକ୍ ମହାସାଗର ଉପରେ ବହୁ ସମୟ ଧରି ଉଡ଼ାଜାହାଜ ଉଡ଼ିଉଡ଼ି ଆସିଲା। ସାଧାରଣତଃ ସମୁଦ୍ର ଉପରେ ଉଡ଼ିଲା ବେଳେ ସାମୁଦ୍ରିକ ଝଡ଼ କିମ୍ବା ସାମୁଦ୍ରିକ ପବନରେ ଜାହାଜ ଦୋହଲିବା ପରି ମନେହେଲା। ସଙ୍ଗେ ସଙ୍ଗେ ଚୁମ୍‌କୀ ବଡ଼ବଡ଼ ଆଖିକରି ପଚାରିଲା- ନାନୀ, ତମକୁ ତ ଭୀଷଣ ଡର ଲାଗିଥିବ ସେତେବେଳେ ? ମୁଁ କହିଲି – ନା'ରେ ଡ଼ର କାହିଁକି ଲାଗିବ ? ଇତିହାଦ୍ ଉଡ଼ାଜାହାଜରେ ସାନ ପିଲାଙ୍କ ସହିତ ପ୍ରାୟ ତିନିଶହ ବିମାନ ଯାତ୍ରୀ ଥିଲେ। ହୁଏତ କାହାକୁ କାହାକୁ ଡର ଲାଗୁଥିବ। ମୁଁ କହିଲି- ତମେମାନେତ ଏତେଥର ଆମେରିକାରୁ ଭାରତ ଯାଉଛ, କେମିତି ଲାଗେ ଉଡ଼ାଜାହାଜରେ ବସିଲେ ? ତମେ କଣ ଡରିଯାଅ। ? ସଙ୍ଗେ ସଙ୍ଗେ ରୁମ୍‌କୀ କହିଲା – ଭାରି ମଜା ଲାଗେ- ଯେତେବେଳେ ମେଘ ଭିତର ଦେଇ ଉଡ଼ାଜାହାଜ ଉଡ଼ିଉଡ଼ି ଯାଏ, ସେତେବେଳେ ତାରା, ଜହ୍ନ କିଛି ବି ଦେଖାଯାଏ ନାହିଁ – ଚୁମ୍‌କୀ ଚୁପ୍‌ଚାପ୍ ବସି ସବୁ କଥା ଶୁଣୁଥିଲା। ଆଖି ବଡ଼ ବଡ଼ କରି କହିଲା, 'ମେଘ ପରୀ'ମାନେ ଆଉ 'ଆକାଶ ପରୀ'ମାନେ କଣ ମେଘ ଭିତରେ ଥାଆନ୍ତି ନାନୀ ? ଆମେ ଉଡ଼ାଜାହାଜରେ ଗଲାବେଳେ ସେମାନେ କଣ ଆମକୁ ଦେଖିପାରନ୍ତି ? ଆମେ ତ କାହିଁ ସେମାନଙ୍କୁ ଦେଖିପାରୁନା।

ପରୀମାନେ ସ୍ୱର୍ଗ ରାଜ୍ୟରେ ଥାଆନ୍ତି। ସାନ ପିଲାମାନଙ୍କୁ ସେମାନେ ଖୁବ୍ ଭଲ ପାଆନ୍ତି। ଇଚ୍ଛାହେଲେ ସେମାନେ ମର୍ତ୍ତ୍ୟକୁ ଆସନ୍ତି। ରୁମ୍‌କୀର ମାଆ ଆସି କହି ଦେଇଗଲେଣି। ଶୀଘ୍ର ଖାଇ ଶୋଇଲେ ଆସନ୍ତାକାଲି ନାନୀଙ୍କ ସହିତ ୱାଶିଂଟନ୍ ଡ଼ିସି ବୁଲି ଯିବା। ୱାଶିଂଟନ୍ ଡିସି କଥା ଶୁଣି ପିଲା ଦୁହେଁ ଖୁସିରେ ନାଚି ଉଠିଲେ। ସେମାନେ ସାନ ଥିଲାବେଳେ ୱାଶିଂଟନ୍ ଡିସି ଜେଜେମାଙ୍କ ସାଙ୍ଗରେ ଥରେ ଯାଇଥିଲେ। ଏଥର ଓଡ଼ିଶାରୁ ନାନୀ ଆସିଛନ୍ତି। ସାଙ୍ଗରେ ଯିବେ। ଭାରି ମଜା ହେବ। ସକାଳ ହେବା ଆଗରୁ ରୁମ୍‌କୀ ଚୁମ୍‌କୀ ଉଠି ପଡ଼ିଲେ। କେତେ କେତେ ନୂଆ ନୂଆ ଚଢ଼େଇ କିଚିରିମିଚିରି ଶବ୍ଦକରି ଓକ୍ ଗଛ ଡାଳରେ ବସି ସକାଳର ଗୀତ ଗାଉଛନ୍ତି। ଏବେ ମେରିଲ୍ୟାଣ୍ଡରେ ବସନ୍ତ ଋତୁ। ଚାରିଆଡ଼େ ସୁନ୍ଦର ସୁନ୍ଦର ଫୁଲପକା ଚାଦରରେ ସିଲଭରସ୍ପ୍ରିଙ୍ଗ୍ ଘୋଡ଼ି ହୋଇ ରହିଛି ଯେମିତି। ରୁମ୍‌କୀ, ଚୁମ୍‌କୀଙ୍କର ବାପାମାଆ ଅଫିସ୍ ଯିବା ପାଇଁ ପ୍ରସ୍ତୁତ ହେଲେଣି। ଭାରତ ପରି ଆମେରିକାରେ କାହାରି ଘରେ କେହି ଚାକରବାକର ନଥାନ୍ତି କାମ କରିବା ପାଇଁ। ସବୁ କାମ ନିଜକୁ କରିବାକୁ ପଡ଼େ, ତେବେ ଘରର ପ୍ରତ୍ୟେକ ଲୋକ ମିଳିମିଶି ସବୁକାମ କରୁଥିବାରୁ କାମର ଓଜନ ଯଥେଷ୍ଟ କମିଯାଏ। ସମୟ ଆଠଟଶ ବାଜିବ। ଆମେ ପ୍ରସ୍ତୁତ ହୋଇସାରିଥିଲୁ। ସିଲ୍‌ଭରସ୍ପ୍ରିଙ୍ଗ୍ ପେନ୍‌ଷ୍ଟେସନ (ପାତାଳ ରେଳଷ୍ଟେସନ)ରେ ଚୁମ୍‌କୀର ମାଆ ଅଫିସ୍ ଯିବା ବାଟରେ ଆମକୁ ଛାଡ଼ିଦେଲେ। ସେଲୀନାନୀ, ମୁଁ ସରତାଜ୍ ଭାଇ ଏବଂ ଚୁମ୍‌କୀ ରୁମ୍‌କୀଙ୍କର ଟିକେଟ୍ କଟା ହେଲା ପାତାଳ ରେଲ୍‌ରେ ଯାତ୍ରା ନିମନ୍ତେ। ମୁଁ ଆଗରୁ କଲିକତାରେ ମେଟ୍ରୋରେଲ୍‌ରେ ବହୁଥର ଯାଇଛି। କିନ୍ତୁ ଆମେରିକାରେ ମେଟ୍ରୋ ଖୁବ୍ ସଫାସୁତରା। ଶୀତତାପ ନିୟନ୍ତ୍ରିତ। ଅଧଘଣ୍ଟା ଭିତରେ ଆମେ ୱାଶିଂଟନ୍ ଡିସିରେ ପହଞ୍ଚିଗଲୁ। କେତେ ବେଗରେ ପାତାଳ ରେଲ୍ ଦୌଡୁଛି। ଏଡିସନ୍, ଫ୍ଲୋରେନସ୍, ଭର୍ଜିନିଆ, ଫିଲାଡେଲ୍‌ଫିଆ ଆଦି ଷ୍ଟେସନରେ ପ୍ରାୟ ଅଧ ମିନିଟ୍ ଲେଖାଏଁ ରହୁଛି। ଟ୍ରେନ୍‌ର ଦ୍ୱାର ଆପେ ଆପେ ଖୋଲିଯାଉଛି। ଆପେ ଆପେ ବନ୍ଦ ହୋଇଯାଉଛି। ସିଟ୍ ଗୁଡ଼ିକ ଖୁବ୍ ଆଭିଜାତ୍ୟପୂର୍ଣ୍ଣ। ଅନେକ ଲୋକ ରାସ୍ତାର ଭିଡ଼ ଭିତରେ ନ ପଶି ପାତାଳ ରେଲ୍‌ରେ ଯିବା ଆସିବା କରିବାକୁ ଅଧିକ ପସନ୍ଦ କରନ୍ତି। National Museum of American History ୱାଶିଂଟନ୍ ଡିସିରେ ସର୍ବପ୍ରଥମେ ଆମେ ବୁଲି ଦେଖିଲୁ। ମ୍ୟୁଜିଅମ୍ ଭିତରେ ଆର୍ଟ ଗ୍ୟାଲେରୀ ଏବଂ Natural History ଆଦି ପିଲା ଦୁହେଁ ବୁଲି ବୁଲି ଦେଖିବାରେ ଲାଗିଲେ। Natural History ଖୁବ୍ ଆମୋଦଦାୟକ ଥିଲା ପିଲାଙ୍କ ପାଇଁ। ଆଫ୍ରିକାନ୍ ହାତୀ, ବିରାଟକାୟ ଡାୟନୋସରସ୍ ଆଦି ଅଢ଼େଇ ହଜାର ନିୟୁତ ବର୍ଷର ଫସିଲକୁ ଚମତ୍କାର ଭାବରେ ସୁରକ୍ଷିତ କରାଯାଇଛି ଛୋଟ ଛୋଟ ପିଲାମାନଙ୍କ ପାଇଁ। ତିନିଶହ ନିୟୁତ ବର୍ଷର ଫସିଲ ପ୍ଲାଣ୍ଟ ମଧ୍ୟ ଦେଖି ବିସ୍ମୟର ସୀମା ରହିଲା ନାହିଁ।

ମ୍ୟୁଜିଅମ୍‌ର ତିନି ମହଲାରେ National AIR and Space Museum, ତଳ ମହଲାରେ ଚଢ଼େଇମାନଙ୍କର ଡମି। ପ୍ରାୟ ତିନିଶହ ପ୍ରକାର ଛୋଟ ବଡ଼ ଚଢ଼େ କଲମ୍ବିଆ ଜିଲ୍ଲାରେ ରହିଥିବାର ଦେଖାଯାଏ। ଏହି ଚଢ଼େଇମାନଙ୍କର ସ୍ପେସିମେନ୍ Natural History ଗ୍ୟାଲେରୀରେ ଦେଖିଲୁ। ବିଭିନ୍ନ ପ୍ରକାର ଜେମ୍ (ରତ୍ନ) ମଧ୍ୟ ଏହି ମ୍ୟୁଜିଅମ୍ ମଲ୍‌ରେ ଥିଲା। କେତେ ପ୍ରକାର ସୁନ୍ଦର ସୁନ୍ଦର ପ୍ରଜାପତିର ଫସିଲ୍ ମଧ୍ୟ ପିଲା ଦୁହିଁଙ୍କୁ ଖୁବ୍ ଆନନ୍ଦ ଦେଲା। National Museum of the American Indian Art କେତେକ ପ୍ରକାର ମାଳୀ (bead work) ପଟେରୀ, ପେଣ୍ଟିଂସ୍, ସ୍ଥାପତ୍ୟ ସବୁଗୁଡ଼ିକ ଭାରତୀୟ ସଂସ୍କୃତିକୁ ବହନ କରୁଥିଲା। ନାଚୁରାଲ୍ ମ୍ୟୁଜିଅମ୍ ବୁଲି ସାରିବା ପାଇଁ ାୟ ଦେଢ଼ଘଣ୍ଟା ସମୟ ଲାଗିଲା। ଏଠାରେ ସାନ ପିଲାଙ୍କର ମେଳା। ଶିଳ୍ପୀ ହାତରେ ଥିବା ସୁନ୍ଦର ସୁନ୍ଦର ଚିତ୍ର ଦେଖି ଚୁମ୍‌କୀ ଓ ରୁମ୍‌କୀ ଅନେକ ପ୍ରଶ୍ନ ପଚାରିଲେ। ଚିତ୍ରଗୁଡ଼ିକ ହାତୀଦାନ୍ତରେ ନିର୍ମିତ ତ ଆଉ କେତେବେଳେ ବ୍ରାସ୍‌ରେ ନିର୍ମିତ। ଭାରତୀୟ ଶିଳ୍ପୀ ନିଜ ଦେଶର ସଂସ୍କୃତିକୁ ବଜାୟ ରଖିବା ପାଇଁ ସବୁଠାରେ ନିଜ ପରାକାଷ୍ଠାର ପରିଚୟ ଦେଇଛନ୍ତି। ପିଲା ଦୁହିଁଙ୍କ ମୁହଁ ଶୁଖିଗଲାଣି ଭୋକରେ। ତଥାପି ସେମାନେ କହୁଛନ୍ତି ଆହୁରି ଦେଖିବେ। ସଂଗ୍ରହାଳୟ ପାଖାପାଖି ସୁନ୍ଦର ସୁନ୍ଦର କ୍ୟାଣ୍ଟିନ୍ ସବୁ ରହିଛି। ମୁଁ କହିଲି ଏବେ ତ ସମୟ ତିନିଟା ବାଜିବ। ଅଳ୍ପ ଅଳ୍ପ କିଛି ଖାଇନେବା ସମସ୍ତେ – ଖାଇବା ଜିନିଷ ଅର୍ଡର ଦେି ଟ୍ରେରେ ନିଜେ ନେଇ ଆସି ବସିଲୁ ଗୋଟାଏ ଟେବୁଲ୍ ପାଖରେ। ଆମ ଟେବୁଲ୍ ପାଖରେ ଗୋଟାଏ ବଡ଼ ଗଛ ଥିଲା ଯାହାର ନାଁ ଆମକୁ ଜଣା ନଥିଲା। ଗଛ ଉପରେ ଅନେକ ବିଦେଶୀ ଚଢ଼େଇ କିଚିରିମିଚିରି କରୁଥିଲେ – ହଠାତ୍ ଗୋଟାଏ ଚଢ଼େଇର ଗମ୍ଭୀର ସ୍ୱରରେ 'ମାଆ' ଡାକ ମୋତେ ଚମକାଇ ଦେଲା। ସେଲୀନାନୀଙ୍କୁ କହିଲି ଆଉ ଥରେ ଶୁଣିବା ପାଇଁ। ଅତି ସ୍ପଷ୍ଟ ଉଚ୍ଚାରଣ 'ମାଆ' – ବିଦେଶୀ ଚଢ଼େଇଟିଏ କଣ ଡାକୁଥିଲା ମୁଁ ଜାଣେନି। କିନ୍ତୁ ସେ ଡାକ ମୋତେ 'ମାଆ' ଡାକ ପରି ଶୁଭୁଥିଲା। ଚାରିଟା ବାଜି ସାରିଥିଲା। ପିଲାଦୁହେଁ ଥକି ଯାଇଥିଲେ। ପାଖରେ ପେନ୍ ଷ୍ଟେସନ୍। ପାତାଳ ରେଳରେ ଫେରିବା ପାଇଁ ସେଠାରେ ପହଞ୍ଚିଲୁ। ପ୍ରାୟ ପାଞ୍ଚମିଟିଟ୍ ପରେ ବିକଟ ଶବ୍ଦ କରି ଦୈତ୍ୟ ଦାନବ ପାତାଳ ରେଲ୍ ଆଜି ପହଞ୍ଚିଗଲା। ଆମକୁ ନେଇ ପୁଣି ପୁନର୍ବାର ଦୌଡ଼ିଲା। ଆମେ ତିନିଚାରିଟା ଷ୍ଟେସନ୍ ପାର ହୋଇ ନିର୍ଦ୍ଦିଷ୍ଟ ସ୍ଥାନରେ ପହଞ୍ଚିଲୁ। ସେଠାରେ ଜୟଶ୍ରୀ (ଚୁମ୍‌କୀ ରୁମ୍‌କୀଙ୍କ ମାଆ) ତା ଗାଡ଼ି ନେଇ ଅଫିସ୍‌ରୁ ଫେରିବା ବାଟରେ ଆମକୁ ଅପେକ୍ଷା କରିଥିଲେ। ପ୍ରାୟ ଘଣ୍ଟାଏ ପରେ ସିଲ୍‌ଭରସ୍ପ୍ରିଙ୍ଗରେ ପହଞ୍ଚିଲୁ। ଦୁଇ ପାଖରେ ସୁନ୍ଦର

ସୁନ୍ଦର ଗଛର ସୁଦୃଶ୍ୟ ଜଙ୍ଗଲ। ଜୟଶ୍ରୀ କହୁଥିଲେ ସେଠାରେ ଗଛ କାଟିବା ମନା। ଗଛ କାଟିଲେ ସିଧା ଜେଲ୍। ପରିବେଶର ସୁରକ୍ଷା ପାଇଁ ଗଛର ଆବଶ୍ୟକତା ଖୁବ୍ ଜରୁରୀ। ସିଲ୍‌ଭରସ୍ପ୍ରିଙ୍ଗ ମୋତେ ସୁଇଡେନ୍‌ର ସ୍ମୃତି ମନେପକାଇ ଦେଇଥିଲା। ଘରେ ପହଞ୍ଚି ପିଲା ଦୁହେଁ ବାପା ଆଗରେ ସେମାନଙ୍କ ଅନୁଭୂତି ଅତି ପ୍ରାଞ୍ଜଳ ଭାବରେ ବର୍ଣ୍ଣନା କଲେ। ଜୟଶ୍ରୀ କେତେବେଳେ ପକୁଡ଼ି ଆଉ କଫି ଆଣି ଟିପୟ ଉପରେ ରଖିଦେି ଗଲେଣି। ଜୟଶ୍ରୀ ଖୁବ୍ କମ୍ କଥା କହେ – ସବୁବେଳେ କାମରେ ବ୍ୟସ୍ତ ଥାଏ। ଦକ୍ଷିଣ ଭାରତୀୟ ଝିଅ ହେଲେ ବି ତା ବ୍ୟବହାର ଠିକ୍ ଓଡ଼ିଆଣୀ ପରି। ନିଜେ ପ୍ରତିଦିନ ଘରର ସବୁକାମ ସାରି ଶହେ କିଲୋମିଟର ଦୂରରେ ଥିବା ତା ଅଫିସ୍ ଯାଏ। ପିଲାମାନଙ୍କ ସ୍କୁଲ ଛୁଟି ହୁଏ ଦୁଇଟାରେ। ସେତେବେଳେ ସେମାନଙ୍କ ବାପା ତାଙ୍କ ଗାଡ଼ିରେ ଘରେ ଆଣି ପିଲାଙ୍କୁ ଛାଡ଼ି ଦିଅନ୍ତି। ଜୟଶ୍ରୀ ଫେରେ ତିନିଟାରେ। ଘଣ୍ଟା ସହିତ ତାଳଦେଇ ସେମାନଙ୍କ ଜୀବନଚର୍ଯ୍ୟା ପ୍ରତିଦିନ ଆରମ୍ଭ ହୁଏ। ଟୁମ୍‌କୀ ଋମ୍‌କୀଙ୍କ ଘର ପାଖରେ ଏକ ଚମତ୍କାର ପବ୍ଲିକ୍ ଲାଇବ୍ରେରୀ ଅଛି ବୋଲି ସେଲୀନାନୀ କହୁଥିଲେ। ସେଠାରେ ସାନ ପିଲାଙ୍କର ମଧ୍ୟ ଗୋଟିଏ ବିଭାଗ ରହିଛି। ସେଦିନ ସନ୍ଧ୍ୟାରେ ମୁଁ ଏବଂ ସେଲୀନାନୀ ଗଲୁଁ ଲାଇବ୍ରେରୀ ଦେଖିବା ପାଇଁ। ଲାଇବ୍ରେରୀ ସକାଳ ଆଠରୁ ରାତି ଆଠ ପର୍ଯ୍ୟନ୍ତ ଖୋଲା ରହେ। ସାନ ପିଲାଙ୍କର ଥାକଥାକ ବହି ଦେଖି ମୁଁ ଅଭିଭୂତ ହୋଇଗଲି। ବହି କେବଳ ନୁହେଁ; ପିଲାମାନଙ୍କ ପାଇଁ ଭିସିଡ଼ି ଏବଂ କ୍ୟାସେଟ୍ ଆଦି ରହିଥିବାର ଦେଖିଲି। ପିଲାମାନେ ଚାହିଁଲେ ଘରକୁ ମଧ୍ୟ ଆଣିପାରିବେ ଏବଂ ନିର୍ଦ୍ଦିଷ୍ଟ ସମୟରେ ଫେରାଇ ପାରିବେ। ଛୋଟ ପିଲାବେଳକୁ ବହି ପଢ଼ିବାର ଅଭ୍ୟାସ ସେମାନଙ୍କୁ ପରବର୍ତ୍ତୀ ଜୀବନରେ ଯଥେଷ୍ଟ ସାହାଯ୍ୟ କରିଥାଏ।

ପାଠ ସହିତ ସାଧାରଣ ଜ୍ଞାନ ବଢ଼ାଇବାରେ ଏହା ଅଧିକ ସାହାଯ୍ୟ କରିଥାଏ। ସିଲ୍‌ଭରସ୍ପ୍ରିଙ୍ଗ୍ ପାଖରେ ସୁନ୍ଦର ନଈଟିଏ ମଧ୍ୟ ବହିଯାଉଛି। ବଣ ଜଙ୍ଗଲଘେରା ଏହି ନିର୍ଜନ ନଈଟି ବଡ଼ ବେଶୀ ଆବେଗମୟ ଜଣାଯାଉଥିଲା। ନଈର ପ୍ରବାହମାନତା କହିଦିଏ ଯେ ଆଗେଇ ଚାଲ। କେଉଁଠି ବି ଅଟକି ଯାଅନି। ଭାରତ ପରି ଏହା ଜନବହୁଳ ନୁହେଁ। ମଣିଷମାନେ ଏଠାରେ ହାଉଯାଉ ହୁଅନ୍ତି ନାହିଁ। ଚାରିଆଡ଼େ କେବଳ ଗଛ ଆଉ ଗଛ। ପ୍ରକୃତି ଏଠାରେ ଅଦ୍‌ଭୁତ ଭାବରେ ସୁନ୍ଦର। ସିଲ୍‌ଭରସ୍ପ୍ରିଙ୍ଗ୍ ରହଣି ମୋର ଶେଷ ହୋଇ ଆସୁଥିଲା। ଆସନ୍ତାକାଲି ସକାଳେ ମୋତେ ଗ୍ରେହାଉଣ୍ଡ ବସ୍‌ରେ ନିଉୟର୍କ ଆସିବାକୁ ପଡ଼ିବ। ମୋର ଅସଲକାମ ନିଉୟର୍କରେ। ଆନ୍ତର୍ଜାତୀୟ କବିତା ଉତ୍ସବରେ ମୁଁ ନିମନ୍ତ୍ରିତ ହୋଇ ଆମେରିକା ଆସିଛି। କିଛିଦିନ ଆଗରୁ ଆସି ମେରୀଲ୍ୟାଣ୍ଡର ସିଲ୍‌ଭରସ୍ପ୍ରିଙ୍ଗରେ ରହିବା ପାଇଁ ସେଲୀନାନୀ ମୋତେ ଅନୁରୋଧ କରିଥିଲେ। କାରଣ ସେତେବେଳେ ଯିଏ ମେରୀଲ୍ୟାଣ୍ଡର ପୁଅବୋହୂଙ୍କ ପାଖରେ ରହିଥିବେ ଏବଂ ମୁଁ ନିଉୟର୍କ୍ ଯିବା ବାଟରେ ତାଙ୍କର ଅତିଥି ହେବି। ସେଲୀନାନୀ ସେଦିନ କହୁଥିଲେ ଆମେରିକା ଭିସା ପାଇବା ଏବେ ଟିକିଏ କଷ୍ଟ। କାରଣ ଯେଉଁମାନେ ଆମେରିକା ଯାଉଛନ୍ତି; ଫେରିବା ପାଇଁ ଚାହୁଁନାହାନ୍ତି। ଆମେରିକାକୁ ଅନେକେ କୁବେରପୁରୀ ମଧ୍ୟ କହନ୍ତି। ଆମେରିକାରେ ଆମର ଅନେକ ନିକଟ ସମ୍ପର୍କୀୟ ଅଛନ୍ତି କିନ୍ତୁ କିଏ କାଲିଫର୍ଣ୍ଣିଆରେ ତ କିଏ ମିନିଆପଲିସରେ ଆଉ କିଏ କାନାଡାରେ। କିନ୍ତୁ ମେରୀଲ୍ୟାଣ୍ଡ ଯିବା ପାଇଁ ମୁଁ ଅଧିକ ଇଚ୍ଛା କଲି। କୁବେରପୁରୀ ଆମେରିକାରେ ମୋର ସବୁଦିନ ରହିବାର ନଥିଲା। ଆମ ଭାରତ ଯେତେ ଯାହା ହେଉପଛେ ସ୍ୱର୍ଗଠାରୁ ଗରୀୟସୀ ବୋଲି ମୋର ବିଶ୍ୱାସ। ସେଦିନ ଆକାଶ ମେଘୁଆ ଥିଲା। ଥଣ୍ଡରଷ୍ଟର୍ମ ହେବ ବୋଲି ପାଣିପାଗ ସୂଚନା ଦେଇଥିଲା। ସରତାଜ୍ ଭାଇ, ସେଲୀନାନୀ ବଡ଼ି ସକାଳୁ ମୋ ପାଇଁ ମଧ୍ୟାହ୍ନ ଭୋଜନ ଖାଇବା ପ୍ରସ୍ତୁତ କରିସାରିଥିଲେ। ଦଶଟା ବେଳେ ଖାଇସାରି ଲିପୁ (ସେଲୀନାନୀଙ୍କ ପୁଅ) ଗାଡ଼ିରେ ଗ୍ରେହାଉଣ୍ଡ ବସ୍‌ଷ୍ଟପ୍‌ରେ ପହଞ୍ଚିଲି। ଦଶ ପନ୍ଦର ମିନିଟ୍ ପରେ ଆସି ପହଞ୍ଚିଗଲା। ଲିପୁ ଖୁବ୍ ଯତ୍ନରେ ମୋ ବ୍ୟାଗନେଇ ବସ୍‌ରେ ରଖିଦେଲା। ବସ୍ ଛାଡ଼ିବା ପର୍ଯ୍ୟନ୍ତ ଲିପୁ ହାତ ହଲାଇ ବିଦାୟ ଜଣାଉଥିଲା।

ବିଦେଶରେ ନିଜଲୋକ ନଥିଲେ କେତେ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଥାଆନ୍ତା ତାହା ମୁଁ ମର୍ମେ ମର୍ମେ ଅନୁଭବ କରୁଥିଲି। ଓଡ଼ିଶାରୁ ମୁଁ ଏକା ଥିଲି। ପ୍ରାୟ ସାଢ଼େ ତିନିଘଣ୍ଟା ଲାଗିଲା ନିଉୟର୍କରେ ପହଞ୍ଚିବା ପାଇଁ। ସିଲ୍‌ଭରସ୍ପ୍ରିଙ୍ଗରୁ ନିଉୟର୍କ ପ୍ରାୟ ସାଢ଼େ ତିନିଶହ କିଲୋମିଟର। ଆଗରୁ ମୋତେ ସବୁ ସୂଚନା ଦିଆଯାଇଥାଏ। ନିଉୟର୍କର ପେନ୍‌ସିଲ୍‌ଭେନିଆ ହୋଟେଲ ପାଖରେ ଗ୍ରେହାଉଣ୍ଡ ବସ୍ ମୋତେ ଓହ୍ଲାଇ ଦେଲା। ସେଦିନ ସବୁ ନିମନ୍ତ୍ରିତ କବି ବିଭିନ୍ନ ସ୍ଥାନରୁ ଆସୁଥାଆନ୍ତି। ଭାରତରୁ ଅନେକ କବିଙ୍କ ମଧ୍ୟରେ ଖ୍ୟାତନାମା ଗଜଲ ଲେଖକ ଗୁଲ୍‌ଜାର, ପ୍ରଫେସର ଇନ୍ଦ୍ରନାଥ ଚୌଧୁରୀ, ଜ୍ଞାନପୀଠର ସମ୍ପାଦକ ଶ୍ରୀଯୁକ୍ତ କାଲିଆ ଏବଂ ଶ୍ରୀମତୀ କାଲିଆ, ଅସମୀୟା ଲେଖିକା ଇନ୍ଦିରା ଗୋସ୍ୱାମୀ, ନବ ଭାରତ ଟାଇମ୍‌ସର ସମ୍ପାଦକ। ଇଣ୍ଡିଆ ଟୁଡେର ସମ୍ପାଦକ ପ୍ରଭୃତି। ଓଡ଼ିଶାରୁ ମୁଁ ଯାଇଥିଲି–ମୋ ଅନୁବାଦକ ଶ୍ରୀ ରାଜେନ୍ଦ୍ର ମିଶ୍ର ମଧ୍ୟ ଦିଲ୍ଲୀରୁ ଯାଇଥିଲେ। ପେନ୍‌ସିଲ୍‌ଭେନିଆର ସିଙ୍ଗଲ ରୁମ୍ ଦିନକୁ ୫୦୦ ଡଲାର, ଡବଲ ୧୦୦୦ ଡଲାର। ମୋ ସହିତ ଦିଲ୍ଲୀର ଅର୍ଚ୍ଚନା ତ୍ରିପାଠୀ ରହୁଥିଲେ। ଅର୍ଚ୍ଚନା ହିନ୍ଦୀ ଡିରେକ୍ଟରିଏଟ୍‌ରେ ଡେପୁଟି ଡିରେକ୍ଟର। ଖୁବ୍ ସରଳ ଝିଅ। ରୁମ୍ ମାନଙ୍କରେ ଚାବି ବ୍ୟବସ୍ଥା ନଥାଏ। ଏଟିଏମ୍ କାଉଣ୍ଟର ଯେମିତି କାର୍ଡ ଦ୍ୱାରା ଦ୍ୱାର ଖୋଲେ ଏବଂ ବନ୍ଦ ହୁଏ ଠିକ୍ ଏହି ବ୍ୟବସ୍ଥା ସେଠାରେ ହୋଇଥିଲା। ଅର୍ଚ୍ଚନା ଅନ୍ୟମନସ୍କ ଭାବରେ ଦ୍ୱାରର କାର୍ଡଟିକୁ ଘର ଭିତରେ ରଖି ଦେଇଥିବାର ଘଟଣା ବହୁଦିନ ପର୍ଯ୍ୟନ୍ତ ମନେରହିବ। ବିଦେଶରେ ଏହିପରି ଘଟଣା ଦ୍ୱାରା ଖୁବ୍ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଥାଏ।

ପେନ୍‌ସିଲ୍‌ଭେନିଆ ହୋଟେଲ ପାଖାପାଖି ଫେସନ ଟେକ୍ନୋଲୋଜି ଇନ୍‌ଷ୍ଟିଚ୍ୟୁଟ୍। ବିରାଟ ଘର। ତା ଭିତରେ ବଡ଼ ବଡ଼ ତିନିଟା କନ୍‌ଫରେନ୍‌ସ ହଲ୍ – ଯେଉଁଠି ଏହି ଆନ୍ତର୍ଜାତୀୟ କବି ସମ୍ମିଳନୀର ସେମିନାର ହେବାର ବନ୍ଦୋବସ୍ତ ହୋଇଥିଲା। ଆମେରିକାର 'ରାଇଟର୍ସ ବିଲ୍‌ଡିଂ'ରେ ଉଦ୍‌ଘାଟନୀ ସମାରୋହ ସମାପନ ହେବା ପରେ ଭିନ୍ନ ଭିନ୍ନ ବିଷୟରେ ଆଲୋଚନାଚକ୍ର ଏଇ ଫେସନ ଟେକ୍ନୋଲୋଜି ବିଲ୍‌ଡିଂରେ ଅନୁଷ୍ଠିତ ହୋଇଥିଲା। କଲମ୍ବିଆ ବିଶ୍ୱବିଦ୍ୟାଳୟର ହିନ୍ଦୀ ବିଭାଗୀୟ ମୁଖ୍ୟ ସୁଷମ୍ ବେଦୀଙ୍କ ସହିତ ନ୍ୟୁୟର୍କବାସୀ ଭାରତୀୟ ଲେଖକମାନଙ୍କୁ ସମ୍ବର୍ଦ୍ଧିତ ମଧ୍ୟ କରିଥିଲେ। ସମଗ୍ର ବିଶ୍ୱରେ ହିନ୍ଦୀଭାଷା କିପରି ପ୍ରଚାରିତ ଏବଂ ପ୍ରସାରିତ ହୋଇପାରିବ, ତାହାର ଉଦ୍ୟମ ନ୍ୟୁୟର୍କଠାରେ ଥିବା ଭାରତୀୟ ବିଦ୍ୟାଭବନର ଉଦ୍ୟୋକ୍ତାମାନେ ଚେଷ୍ଟା କରିଥିଲେ। ବିଦେଶରେ ଭାରତୀୟ ଖାଦ୍ୟ ସବୁବେଳେ ମିଳିବା କଷ୍ଟକର। କିନ୍ତୁ ଏହି କବି ସମ୍ମିଳନୀରେ ଭାରତୀୟମାନଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିଲା। ମୋ ରୁମ୍‌ରେ ଥିଲେ ଅର୍ଚ୍ଚନା ତ୍ରିପାଠୀ। ମୋତେ ବିସ୍ମିତ କରି କହିଲା, ରାତିସାରା ଏଇ ପେସିଲ୍‌ଭେନିଆ ହୋଟେଲର ଅଠର ମହଲାରେ କଫି ପିଇବାକୁ ମିଳୁଛି। ଆମେ ପରୀକ୍ଷା କରିବା ପାଇଁ ଯାଇ ଦେଖିଲୁ ସମ୍ମେଳନର ସବୁ ଅଫିସିଆଲ୍ କାର୍ଯ୍ୟ ନିମନ୍ତେ କମ୍ପ୍ୟୁଟର, ଇଣ୍ଟରନେଟ୍ ଆଦି ରାତିସାରା

ଖୋଲା ରହୁଛି- ସେଥିପାଇଁ କଫିର ବ୍ୟବସ୍ଥା। ଅର୍ଚ୍ଚନା ଖୁବ୍ ଖୁସିମିଜାସ୍‌ର ଝିଅ। ପ୍ରଥମ ଥର ବିଦେଶ ଆସିଛି – ଅଥଚ ଚାରିଟା ବଡ଼ ବଡ଼ ବାକ୍ସ ସାଙ୍ଗରେ ଆଣି ଆସିଛି। ପ୍ରଥମେ ଜନ୍ କେନେଡ଼ି ବିମାନ ବନ୍ଦରରେ ତାକୁ ଦେଖି ମୋ ବିସ୍ମୟର ସୀମା ରହିଲାନି। ଏତେ ଗୁଡ଼ାଏ ଲଗେଜ୍ ସେଥିପାଇଁ ତାକୁ ତା'ର ଅଧିକ ମୂଲ୍ୟ ଦେବାକୁ ପଡ଼ିଲା। ପ୍ରଥମେ ସେ ଉଡ଼ାଜାହାଜରେ ବସୁଥିବାରୁ ଖୁସିର ସୀମା ନଥିଲା ତା'ର। କିନ୍ତୁ ତା ଭିତରେ ବହୁତ ଭଲଗୁଣ ବି ଥିବାର ମୁଁ ଦେଖୁଛି। ପ୍ରତିଦିନ ସିଏ ତା ପିଲାମାନଙ୍କ ସହିତ ଫୋନ୍‌ରେ କଥା ହେଉଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମରେ ଅନୁପ ଯୋଲଟାଙ୍କ ଗଜଲ ସନ୍ଧ୍ୟା ସମସ୍ତଙ୍କୁ ଖୁବ୍ ଆକର୍ଷିତ କରିଥିଲା। ଗୋଟିଏ ଦିନ ଥିଲା ସିଟି ଟୁର୍। ସେଥିରେ ସହରର ଭିନ୍ନ ଭିନ୍ନ ସ୍ଥାନ ବୁଲି ଦେଖିଲୁ। ତା ଭିତରେ ଥିଲା Statue of Hiberty ସମୁଦ୍ର ଭିତରେ ଏହି Statue of Hiberty ଖୁବ୍ ମନୋମୁଗ୍ଧକର ଥିଲା।

ଆମେ ଯେଉଁମାନେ ନ୍ୟୁୟର୍କ ଯାଇଥିଲୁ; ଆମ ଭିତରୁ ପ୍ରାୟ ଅଧିକାଂଶ ଭିନ୍ନ ଭିନ୍ନ ଆମେରିକାର ଭିନ୍ନ ଭିନ୍ନ ସ୍ଥାନରେ ଥିବା ସେମାନଙ୍କ ଆତ୍ମୀୟସ୍ୱଜନମାନଙ୍କ ଘରକୁ ଗଲେ ବୁଲିବା ପାଇଁ। ଦିଲ୍ଲୀର କେତେଜଣ କବି ଏବଂ ଲେଖକ ଇତିହାଦ୍ ଏବଂ ଏୟାର ଇଣ୍ଡିଆରେ ଫେରିଆସିଲେ, କନ୍‌ଫରେନ୍ସ ଶେଷ ହେବା କ୍ଷଣି।

ନ୍ୟୁୟର୍କ ପାଖରେ ନିଉଜର୍ସି ରାଜ୍ୟ। ନିଉଜର୍ସିରେ ଅନେକ ଓଡ଼ିଆ ଘର କିଣି ସ୍ଥାୟୀ ବାସିନ୍ଦା ହୋଇସାରିଛନ୍ତି। ମୋ ଅଧ୍ୟାପକ ଗୁରୁ ଡଃ ବସନ୍ତ ଦାସଙ୍କ ପୁଅ ମଧ୍ୟ ନିଉଜର୍ସିରେ ଘର କିଣିଛି। ଆମେରିକା ଯିବା ପୂର୍ବରୁ ସାର୍‌ଙ୍କ ଠାରୁ ତାଙ୍କ ପୁଅର ଫୋନ୍ ନମ୍ବର ଏବଂ ଇମେଲ୍ ଠିକଣା ଆଣିଥିଲି। ନ୍ୟୁୟର୍କରେ ତୀର୍ଥ ସହିତ ଫୋନ୍‌ରେ ଯୋଗାଯୋଗ କଲି। ତୀର୍ଥ ବହୁତ ଭାବରେ ଅନୁରୋଧ କଲା ତାଙ୍କ ଘରେ ଦିନେ ଦୁଇଦିନ ରହିବା ପାଇଁ। ବସନ୍ତ ସାର୍ ଯେତେବେଳେ ବାଣୀବିହାରରେ ରିସର୍ଚ୍ଚ କରୁଥିଲେ, ସେତେବେଳେ ତୀର୍ଥ ଖୁବ୍ ସାନ ଥିଲା। ଷ୍ଟୁଆର୍ଟ ସ୍କୁଲରେ ପଢୁଥିଲା। ସୁନ୍ଦର ତବଲା ବଜାଉଥିଲା। ମୋ ପୁଅ ଝିଅ ତଡା ତଳ କ୍ଲାସରେ ପଢୁଥିଲେ। ସେତେବେଳେ ଦୂରଦର୍ଶନ କେନ୍ଦ୍ର କଟକରେ ଥାଏ। ସବୁ କାର୍ଯ୍ୟକ୍ରମ ସମ୍ବଲପୁର କେନ୍ଦ୍ରରୁ ରିଲେ କରାଯାଉଥାଏ। ଛୋଟ ପିଲାମାନଙ୍କର କାର୍ଯ୍ୟକ୍ରମ ଖୁବ୍ ଆକର୍ଷଣୀୟ ଥିଲା ସେତେବେଳେ। ମୋ ପୁଅଝିଅ ଟେଲିଭିଜନରେ ଗୀତ ଗାଉଥିଲାବେଳେ ତୀର୍ଥ ସେମାନଙ୍କ ସହିତ ତବଲା ବଜାଇଛି ଅନେକ ଥର। ଦୀର୍ଘ ପଚିଶ/ତିରିଶ ବର୍ଷ ତଳର ଘଟଣା ତୀର୍ଥ ମନେ ରଖିଛି। ତା ସହିତ ଦେଖାହେଲା ମାତ୍ରେ ସେଇ କଥା ସେ ଖୁବ୍ ଭାବପ୍ରବଣ ହୋଇ କହୁଥିଲା।

ତୀର୍ଥ ମୋତେ ଗ୍ରେହାଉଣ୍ଡ ବସ୍ ଷ୍ଟପ୍‌ରୁ ତା ଘରକୁ ନେବା ବାଟରେ କେତେ କଥା ପଚାରି ଯାଉଥାଏ। ମୋ ପୁଅଝିଅ (ପ୍ରୀତମ୍, ପୁନମ୍)ଙ୍କ କଥା, ତା ସହିତ ଆହୁରି କେତେ କଥା। ମୋ କବିତା କଥା, ଗୀତ କଥା, ସିତାର ବଜାଇବା କଥା- ଗାଡ଼ି ଚଳଉ ଚଳଉ ଏଇସବୁ କଥା ପଚାରୁଥାଏ। ଏଡ଼ିସ୍‌ରେ ତୀର୍ଥର ଚିତ୍ର ପରି ସୁନ୍ଦର ଘର- ଘରର ପଛପାଖ କୁଣ୍ଡରେ ଥିବା ମଲ୍ଲୀବୁଦାର ବାସ୍ନା ମୋତେ ଓଡ଼ିଶା କଥା ମନେପକାଉଥିଲା। ସୁଦୂର ଆମେରିକାରେ ମଧ୍ୟ ମଲ୍ଲୀଫୁଲର ମହକ ଅବିସ୍ମରଣୀୟ। ତୀର୍ଥ ସ୍ତ୍ରୀ ଭାରତୀ ସହିତ ମୋତେ ପରିଚିତ କରାଇଦେଲା। ତାମିଲ୍ ଝିଅ ଭାରତୀ, ଖୁବ୍ ଭଦ୍ର ଓ ମାର୍ଜିତ। ମୁଁ ତାକୁ ମୋର ତାମିଲ୍‌ରେ ଅନୂଦିତ କବିତା ବହି ଦେଲି। ଭୁବନେଶ୍ୱରରୁ ଆରିସା ପିଠା ନେଇ ଯାଇଥିଲି। ଖୁସି ହୋଇ ତୀର୍ଥ ଖାଇଲା। କେତେକଥା ପଚାରୁଥାଏ, ତା'ର ସୀମା ନାହିଁ। ତୀର୍ଥର କୁନିକୁନି ପୁଅଝିଅ ଦୁହେଁ ମେଘନା ଆଉ ବରୁଣ। କାଠରେ ତିଆରି ଘର ତଳମହଲାରେ ରୋଷେଇଘର, ଡାଇନିଂ ହଲ, ଡ୍ରଇଂରୁମ୍ ଏବଂ ଗେଷ୍ଟରୁମ୍। ଉପରେ ତୀର୍ଥର କମ୍ପ୍ୟୁଟର ରୁମ୍ ଏବଂ ପୁଅଝିଅଙ୍କର ବେଡ଼ରୁମ୍ ଏବଂ ସେମାନଙ୍କ ରୁମ୍। ସଙ୍ଗେ ସଙ୍ଗେ ଭାରତୀ କଫି କରିଦେଲା। ତୀର୍ଥର ପୁଅ ସୁନ୍ଦର ଗିଟାର ବଜାଉଛି ଏବେ ସେମାନଙ୍କର ଖରାଛୁଟି ଥିବାରୁ ସ୍କୁଲର ବିଭିନ୍ନ କ୍ୟାମ୍ପରେ ଯାଇ ଅନେକ କଥା ଶିଖୁଛନ୍ତି। ତୀର୍ଥ ଏବଂ ଭାରତୀ ଦୁହେଁ ସବୁବେଳେ ଖୁବ୍ ବ୍ୟସ୍ତ। ଭାରତୀ ଗୋଟିଏ ବିଶ୍ୱବିଦ୍ୟାଳୟରେ କାମ କରେ। ତୀର୍ଥ ଇଞ୍ଜିନିୟର। ଆମ ସାର୍ (ପ୍ରଫେସର ଦାସ ଏବଂ ତାଙ୍କ ସ୍ତ୍ରୀ ଶାନ୍ତି ଅପା) ବର୍ଷକୁ ଥରେ ଆସି ଛଅମାସ ରହିଯାଆନ୍ତି।

ସେଦିନ ସନ୍ଧ୍ୟାରେ ଭାରତୀୟ (ଶିଖ୍)ମାନଙ୍କର ଉତ୍ସବ ଥିଲା ତୀର୍ଥର ଘର ପାଖ ଏକ ସମ୍ଭ୍ରାନ୍ତ ହୋଟେଲରେ। ଓଡ଼ିଶାରୁ ଯାଇଥିବା ସୁସ୍ମିତା ଦାସଙ୍କର ସେଠାରେ ଗୀତ ଗାଇବାର ପ୍ରୋଗ୍ରାମ ଥାଏ। ଭାରତୀ ଗାଡ଼ି ଚଳାଇ ମୋତେ ସେଠାକୁ ନେଇଗଲା। ନିଉଜର୍ସି ମଧ୍ୟ ଶୂନ୍‌ଶାନ୍, ମେରୀଲ୍ୟାଣ୍ଡ ପରି। ଲୋକବାକଙ୍କର ଦେଖା ନାହିଁ। ତୀର୍ଥ ଏହି ସାଂସ୍କୃତିକ ସନ୍ଧ୍ୟାକୁ ପରିଚାଳନା କରୁଥାଏ। ତେଣୁ ସେ ଶୀଘ୍ର ଚାଲିଯାଇଥିଲା। ଖୁବ୍ ସୁନ୍ଦର ହିନ୍ଦୀ ଗୀତ ଗାଇଲା ଓଡ଼ିଆ ଝିଅ ସୁସ୍ମିତା। ସୁସ୍ମିତାର ଘର ବିଜେବି କଲେଜ ପାଖରେ। ପରିଚୟ ହେଲା। ରାତିଖିଆ ଖାଇ ସମସ୍ତେ ଫେରିଲୁ। ପିଲାଦୁହେଁ ସେତେବେଳକୁ ନିଦରେ ଢୁଳାଇବାକୁ ଆରମ୍ଭ କଲେଣି।


ମୋତେ ପୁଣି ସକାଳ ପାଞ୍ଚଟାରେ ଜନ୍ କେନେଡ଼ି ଏୟାରପୋର୍ଟରେ ପହଞ୍ଚିବାକୁ ହେବ। ମୋର 'ଇତିହାଦ୍ ପ୍ଲେନ' ଦିନ ୧୧ଟାରେ – ତା'ର ତିନିଘଣ୍ଟା ଆଗରୁ ପହଞ୍ଚିବା ଦରକାର। ତୀର୍ଥ ମୋତେ ଡାକିଦେବ ଶୀଘ୍ର, କହିଲି ମୁଁ। ଭାରତୀ ମୋ ପାଇଁ ଫଳ ଇତ୍ୟାଦି ରଖିଦେଇଛି ରାତିରେ ସାଙ୍ଗରେ ନେଇଯିବା ପାଇଁ। ଭାରତୀକୁ ନ ଡାକି ତୀର୍ଥ ମୋତେ ଚା' କରି ଦେଲା ପିଇବା ପାଇଁ। କେତେ ସାନ ଥିଲା ଏଇ ତୀର୍ଥ- ଆଜି ଜଣେ ଦାୟିତ୍ୱସମ୍ପନ୍ନ ବାପା, ସ୍ୱାମୀ ଏବଂ ଜଣେ ଖ୍ୟାତନାମା ଇଞ୍ଜିନିୟର। ଆମେରିକାର ରହଣି ତା'ର ୧୨ ବର୍ଷ ହେଲାଣି। ତୀର୍ଥର ଘରଠାରୁ ବିମାନ ବନ୍ଦର ବେଶ୍ ଦୂର। ତଥାପି ଗାଡ଼ି ଚଳାଇ ଆଣି ଛାଡ଼ିଲା। ମୋତେ ବିଦାୟ ଦେଲାବେଳେ ତୀର୍ଥ ଆବେଗରେ କେତେ କଥା କହିଗଲା। ପୁଅ ଝିଅଙ୍କୁ ଛାଡ଼ିବ ସ୍କୁଲରେ, ତା ପରେ ନିଜ ଅଫିସ୍। ମୁଁ ତାକୁ ଅପେକ୍ଷା ନ କରି ଫେରିଯିବାକୁ କହିଲି।

ଆମେରିକା ଆଜି ଆମ ଦେଶର ସବୁଠାରୁ ବୁଦ୍ଧିମାନ ପିଲାମାନଙ୍କୁ ତା' ଦେଶକୁ ଟାଣି ନେଉଛି। ଟଙ୍କାର ଆକର୍ଷଣ ପ୍ରକୃତରେ କେତେ ଭୟାବହ। ଫଳରେ ଓଡ଼ିଶାରେ ଥିବା ବୁଢ଼ା ବାପାମାଆଙ୍କର ଅବସ୍ଥାରେ ପାଟିରେ ଗଙ୍ଗାଜଳ ଟୋପାଏ ଦେବା ପାଇଁ ମଧ୍ୟ କେହି ନାହାନ୍ତି ପାଖରେ। ବସନ୍ତ ସାର୍‌ଙ୍କର ଦୁଇପୁଅ ତୀର୍ଥ ଏବଂ ଦୀପୁ। ଦୁଇଜଣଯାକ ଆମେରିକାରେ। ମୁଁ ଜାଣେନି ସବୁପ୍ରକାର ବ୍ୟସ୍ତତା ଭିତରେ ତୀ ତୀର୍ଥ କେତେ ଦୂର ଓଡ଼ିଶାକୁ ମନେ ପକାଉଥିବ।

ଜନ୍ କେନେଡ଼ି ବିମାନ ବନ୍ଦରରେ ଆମେ ପହଞ୍ଚି ସାରିଥିଲୁ। ମୋ ବିଫ୍‌କେଶ୍ ଟ୍ରଲିରେ ରଖିଦେଲା ତୀର୍ଥ। ଏଠାରେ ଦେଖିଲି ପାଞ୍ଚ ଡଲାର ସେଠାରେ ଥିବା ବାକ୍ସ ଭିତରେ ପକାଇଲେ ଟ୍ରଲିର ଲକ୍ ଖୋଲିବ। ବଡ଼ ବିଚିତ୍ର ଏ ଦେଶ। ଟ୍ରଲି ମଧ୍ୟ ଚାବି ଦେଇ ରଖାଯାଉଛି। ତୀର୍ଥ ହାତ ହଲାଉଥାଏ। ପଛରେ ରହିଗଲା ଆମେରିକା, ମେରୀଲ୍ୟାଣ୍ଡ, ସିଲ୍‌ଭରସ୍ପ୍ରିଙ୍ଗ ଏବଂ ଶେଷରେ ନିଉଜର୍ସି, ଏଡିସନ୍ ଏବଂ ସ୍ନେହଭାଜନ ତୀର୍ଥ।

*୧୨୫, ପ୍ରୀତମପୁରୀ, ଆଚାର୍ଯ୍ୟବିହାର*
*ଭୁବନେଶ୍ୱର-୭୫୧୦୧୩,*
*ଦୂରଭାଷ: ୯୪୩୭୦୧୧୦୦୩*

ସମାରୋହ



# ଆଉ ଏକ ଆରୁଣି

## କୃପାସାଗର ସାହୁ

ବଡସାହେବ ସେଲୁନରୁ ବାହାରି ମିଟିଂକୁ ଚାଲିଯିବା ପରେ ବଡଜାମଦା ଷ୍ଟେସନକୁ ସତେଯେପରି ମେଘାସନ ପର୍ବତ ଖୋଲରେ କେତେବେଳୁ ରୁନ୍ଧି ହୋଇଥିବା ମଳୟ ପବନ ଭାସି ଆସିଲା। ସେହି ଜଙ୍ଗଲିଆ ଷ୍ଟେସନ ଚତୁଃପାର୍ଶ୍ୱରେ ଥିବା ଆମ୍ବ, ପଣସ, ଜାମୁ, ଦେବଦାରୁ ପ୍ରଭୃତି ଗଛରେ କୋଇଲି, କୁମ୍ଭାଟୁଆ, ହଳଦୀ ବସନ୍ତ ପ୍ରଭୃତି ଗାୟକ ପକ୍ଷୀମାନେ ଗୀତ ଗାଇବା ଆରମ୍ଭ କରିଦେଲେ।

ବଡସାହେବ ଯାତ୍ରା କରୁଥିବା ଟ୍ରେନର ଆଗମନୀ ବାର୍ତ୍ତା ପାଇ ଆଗ ଷ୍ଟେସନମାନଙ୍କରେ ମାଲଗାଡି ସବୁ ଠିଆ ହୋଇଯାଇଥିଲେ। ସେହି ଷ୍ଟେସନ ଗୁଡିକର ସେମାଫୋର ସିଗନାଲଗୁଡାକ ସାଲ୍ୟୁଟ ମୁଦ୍ରାରେ ଝୁଂକି ଠିଆ ହୋଇଥିଲେ।

କିଏ ଏ ବଡସାହେବ- ଯାହା ନାଁ ଶୁଣିଲେ ରେଳକର୍ମଚାରୀଙ୍କ ଛାତିରେ ଛନକା ପଶେ, ଯେ କି କଥା କଥାକେ କର୍ମଚାରୀଙ୍କୁ ସସପେଣ୍ଡ ବା ଡିସମିସ କରନ୍ତି, ଯାହାଙ୍କର ସକାଳର ଗାଳି ଶୁଣିଲେ ଦିନସାରା ସମସ୍ତେ କର୍ମତତ୍ପର ହୋଇ ଉଠନ୍ତି ଏବଂ ମଠେଇ ମଠେଇ ଚାଲୁଥିବା ଗାଡିଗୁଡିକ ନିର୍ଦ୍ଧାରିତ ସମୟ ପୂର୍ବରୁ ଲକ୍ଷ୍ୟସ୍ଥଳରେ ପହଞ୍ଚ ଯାଆନ୍ତି ? ଅଧିକାଂଶ କର୍ମଚାରୀ ତାଙ୍କୁ ଦେଖିନାହାନ୍ତି କିନ୍ତୁ ତାଙ୍କ ବିଷୟରେ ନାନା ଗୁଜବ, ଗାଳଗଳ୍ପ ଏବଂ ଚମତ୍କାର ଘଟଣାମାନ ଶୁଣିଛନ୍ତି।

ସେହି ବଡସାହେବ କଲିକତାର ଦକ୍ଷିଣ ପୂର୍ବ ରେଳୱେର ପରିଚାଳନ ବିଭାଗର ମୁଖ୍ୟ- ଶ୍ରୀ ଯୁଦ୍ଧବୀର ସିଂହ। ହରିୟାନାର ଲୋକ। ଦୀର୍ଘ ଶାଳପ୍ରାଂଶୁ, ଉନ୍ନତ କପାଳଧାରୀ ଚେହେରା- ଯେଉଁଠି ନାକ ତଳେ ଶୋଭା ପାଉଛି ବାଘ ପରି ନିଶ। ତାଙ୍କ ନିଖୁଣ ଗ୍ରୀକଦେବତା ସଦୃଶ ଗଠନରେ ଏକମାତ୍ର ଆଲୁଦୋଷ ତାଙ୍କ ଚନ୍ଦା ମୁଣ୍ଡ।

ଏଇଠି କହିରଖେ ଯେ ରେଲୱେରେ ଦୁଇପ୍ରକାର ଅଧିକାରୀ ଥାଆନ୍ତି। ପ୍ରଥମ ବର୍ଗର ଅଧିକାରୀଙ୍କ ଦର୍ଶନମାତ୍ରେ କର୍ମଚାରୀମାନେ ଭୟରେ ବାଟ ଭାଙ୍ଗି ଚାଲିଯାଆନ୍ତି ଯେମିତି ହାତୀ ଦେଖିଲେ ଅନ୍ୟ ଚତୁଷ୍ପଦ ପ୍ରାଣୀ। ଯେଉଁମାନେ ଅକସ୍ମାତ ହାବୁଡରେ ପଡନ୍ତି, ତାଙ୍କୁ ଦେଖି ସାଲ୍ୟୁଟ ମାରନ୍ତି। ତାଙ୍କ ଚାମ୍ବରରେ ସବୁବେଳେ ଲାଲବତୀ ଜଳୁଥାଏ ଏବଂ ଭିତରୁ ଗର୍ଜନ ତର୍ଜନ ଶୁଭୁଥାଏ। ତାଙ୍କ ଚାମ୍ବରର ଦୁଇ ପାର୍ଶ୍ୱରେ ୟୁନିଫର୍ମ- ପିନ୍ଧା ଦୁଇଜଣ ପିଅନ ସନ୍ତ୍ରୀପରି ଠିଆ ହୋଇଥାନ୍ତି। ଏମାନଙ୍କୁ 'ଦଣ୍ଡା' ଅଫିସରର ମାନ୍ୟତା ଦିଆଯାଏ।

ଆଉ ଗୋଟିଏ ବର୍ଗର ଅଧିକାରୀ ଥାନ୍ତି, ଯିଏ ଅଫିସକୁ ବା ଷ୍ଟେସନକୁ ଗଲାବେଳେ ଅଧସ୍ତନ କର୍ମଚାରୀମାନେ ଚଉକିରୁ ଉଠିବାର କଷ୍ଟ ସ୍ୱୀକାର କରନ୍ତି ନାହିଁ। ଯେଉଁ ମାନଙ୍କ ସହିତ ଅକସ୍ମାତ ମୁହାଁମୁହିଁ ହୋଇଯାଏ, ସେମାନେ ତାଙ୍କୁ ଅଟକାଇ ଆଳାପ ଆରମ୍ଭ କରି ଦିଅନ୍ତି। ସତେଯେପରି ସେ ତାଙ୍କ ପଡାର ବା କୁଟୁମ୍ବର ଲୋକ। ଏ ଅଧିକାରୀଙ୍କ ଚାମ୍ବରରେ କେବେ ଲାଲବତୀ ଜଳେନାହିଁ। ତେଣୁ କର୍ମଚାରୀ, ରେଳଗ୍ରାହକମାନେ ଅବାଧରେ ପ୍ରବେଶ କରନ୍ତି। ଏବଂଭୂତ ଅଧିକାରୀଙ୍କୁ 'ସହଜିଆ' ଅଫିସର ଗୋଷ୍ଠୀରେ ଗଣାଯାଏ।

ପୂର୍ବବର୍ଣ୍ଣିତ ବଡସାହେବ ପ୍ରଥମ ବର୍ଗର ଅଧିକାରୀ। ତେଣୁ ସେଦିନ ବର୍ଷା ଛାଡି ଯାଇଥିଲେ ବି ସେ ଯେତିକି ସମୟ ଷ୍ଟେସନରେ ଥିଲେ, ଷ୍ଟେସନର ଆବହାୱା ଗୁମସୁମ ହୋଇଯାଇଥିଲା। ତାଙ୍କୁ ଦେଖିବା ପାଇଁ ନିରାପଦ ଦୂରତ୍ୱରେ ମନ୍ଦା ମନ୍ଦା ଜନ୍ଦା ପରି ବିଭିନ୍ନ ବିଭାଗର କର୍ମଚାରୀମାନେ ଅପେକ୍ଷା କରିଥିଲେ। ତାଙ୍କୁ ମିଟିଂକୁ ପାଛୋଟି ନେବା ପାଇଁ ଷ୍ଟିଲପ୍ଲାଣ୍ଟର ଅଧିକାରୀ ମାନେ ଫୁଲତୋଡା ଧରି ଠିଆ ହୋଇଥିଲେ। ବଡସାହେବ ମିଟିଂପାଇଁ ପ୍ରସ୍ତୁତ ହୋଇ ଆଗ ଗାଡିରେ ଗଲେ। ପଛଗାଡିରେ ଡିଭିଜନରୁ ଆସିଥିବା ଡି.ଓ.ଏସ. ଏବଂ ଇନ୍‌ସପେକ୍ଟର ତାଙ୍କୁ ଅନୁସରଣ କଲେ। ସେମାନେ ଗଲାପରେ ଷ୍ଟେସନମାଷ୍ଟର ହାତୀ ବାବୁ ରୁମକୁ ଆସି ବୋତଲ ଖୋଲି ଢକଢକ କରି ପାଣି ପିଇଗଲେ ଏବଂ ଅପେକ୍ଷାରତ ଅନ୍ୟ କର୍ମଚାରୀମାନେ ଶାନ୍ତିର ନିଃଶ୍ୱାସ ମାରିଲେ।

ତା'ପରେ ତାଙ୍କ ସେଲୁନକୁ ଏକନମ୍ବର ପ୍ଲାଟଫର୍ମରୁ ତିନିନମ୍ବର ପ୍ଲାଟଫର୍ମକୁ ସଂଲଗ୍ନ ସେଲୁନ ସାଇଡିଂଗକୁ ସ୍ଥାନାନ୍ତରିତ କରାଗଲା। ସେଲୁନ ସାଇଡିଙ୍ଗଟି ଏକ ଗଛର କେନା ପରି ତିନି ନମ୍ବର ପ୍ଲାଟଫର୍ମରୁ ଅଲଗା ହୋଇ ସରିଛି ଏକ ଡେଡଏଣ୍ଡରେ। ସାହେବ ଆସିବେ ବୋଲି ସେଲୁନ ସାଇଡିଙ୍ଗରୁ ଘାସ, ଗୁଳ୍ମ ସଫା ହୋଇ ଯାଇଥିଲା। ସେଠି ବାଲାଷ୍ଟକୁସନ ନ ଥିବାରୁ କାଷ୍ଟ ଆଇରନ ସ୍ଲିପରଗୁଡାକ ଦିଶୁଥିଲେ କୌଣସି ମନୁଷ୍ୟର କଙ୍କାଳର ଛାତି ହାଡ ପରି।

ସେଲୁନଟି ସାଇଡିଂଗରେ ପ୍ଲେସମେଣ୍ଟ ହେଲା ପରେ ସକାଳୁ ଛାଡି ଯାଇଥିବା ବର୍ଷା ପୁଣି ତା'ର କରାମତି ଦେଖାଇଲା।

ବଡସାହେବଙ୍କର ବ୍ୟସ୍ତବହୁଳ କାର୍ଯ୍ୟକ୍ରମ ଥିଲା। ଦିନବେଳେ ନୂଆମୁଣ୍ଡିରେ ମିଟିଂ ଏବଂ ଲଞ୍ଚ। ତା'ପରେ କିରିବୁରୁ-ମେଘାତବୁରୁ ମାଇନ୍‌ସ ଇଲାକାର ଇନ୍‌ସପେକସନ୍ ଏବଂ ସମ୍ଭବତଃ କିରିବୁରୁ ଗେଷ୍ଟହାଉସ୍‌ରେ ଡିନର। ଷ୍ଟେସନ କର୍ମଚାରୀ ନିଶ୍ଚିତ ଥିଲେ ଯେ ସେ ରାତି ଦଶଟା ପୂର୍ବରୁ ଫେରିବାର ସମ୍ଭାବନା ନାହିଁ। ତଥାପି ତାଙ୍କ ସେଲୁନ୍‌କୁ ଦୁଇଟି କୁକୁଡା, ତାଜାସବ୍‌ଜି, ଦୁଧ ପ୍ରଭୃତି ପଠାଇ ଦିଆଯାଇଥିଲା। ଦିନ ବେଳେ ଅଫିସ ଏବଂ ଷ୍ଟେସନ ପରିସରର ସଫାଇ ପର୍ଯ୍ୟବେକ୍ଷଣ କରି ହାତୀବାବୁ ଲଞ୍ଚପାଇଁ ଘରକୁ ଯାଇଥିଲେ।

ଦିନ ଦୁଇଟା ବେଳକୁ ସେଲୁନ ଆଟେଣ୍ଡାଣ୍ଟ ଧଇଁସଇଁ ହୋଇ ଆସି ଖବର ଦେଲା- ବଡବାବୁ, ବଡବାବୁ! ବଡସାହେବଙ୍କ ସେଲୁନ୍ ଗୋଟିଏ ପଟେ ଢଳି ପଡିଛି। ଟ୍ରାକ୍ ଉପରେ ଚକାଟି ସୂତା ଖିଅରେ ଝୁଲୁଛି। ଟେବୁଲରେ ପାଣି ଗ୍ଲାସ ରଖିଲେ ଖସି ପଡୁଛି।

ହାତୀ ବାବୁ ବିଶ୍ୱାସ କରି ପାରୁ ନ ଥିଲେ। ବଡସାହେବଙ୍କ ସେଲୁନର ଚକା ଖସିପାରେନା। ରାବଣର ପୁଷ୍ପକ ବିମାନର ଚକ କ'ଣ ଖସିପଡିବ ? ଅସମ୍ଭବ।

ସେ ପର୍ମାନେଣ୍ଟୱେ ଇନ୍‌ସପେକ୍ଟର ସାହାଣି ବାବୁଙ୍କୁ ମେମୋ ପଠାଇଲେ- ଷ୍ଟାଫ ଧରି ଜଲ୍‌ଦି ଆସ। ସେଲୁନ ସାଇଡିଂଗରେ ସେଲୁନ୍ ଡିରେଲମେଣ୍ଟ ହୋଇ ଯାଇପାରେ।

ବର୍ଷା ଜାରିଥିଲା । ଷ୍ଟେସନମାଷ୍ଟର, ପର୍ମାନେଣ୍ଟଓ୍ୱେ ଇନ୍‌ସପେକ୍ଟର, କ୍ୟାରେଜ ଇନ୍‌ସପେକ୍ଟର, ପର୍ମାନେଣ୍ଟଓ୍ୱେ ମିସ୍ତ୍ରି ସମସ୍ତେ ଛତା ଧରି ସେଲୁନ୍ ସାଇଡିଂଗକୁ ଦୌଡିଲେ ଏବଂ ସ୍ଥିତାବସ୍ଥା ନିରୀକ୍ଷଣ କଲେ ।

ଡେଡ୍‌ଏଣ୍ଡ ପଟେ ଟ୍ରାକ୍ ଦବି ଯାଇଥିଲା । ଯେହେତୁ ବାଲାଷ୍ଟ କୁସନ ନଥିଲା, ଲଗାତାର ବର୍ଷା ଯୋଗୁଁ ପାଣି ଖଲାସ ନହୋଇ କାଦୁଅ ଦଲଦଲ ସୃଷ୍ଟି ହୋଇଥିଲା । ସେଲୁନର ଗୋଟିଏ ଚକ ଡଳି ଡିରେଲମେଣ୍ଟ ହେବାର ସମ୍ଭାବନା ସୃଷ୍ଟି କରୁଥିଲା ।

– ଭାଗ୍ୟ ଭଲ । ଡିରେଲମେଣ୍ଟ ହୋଇନି । ସାହାଣି ବାବୁ ସ୍ୱସ୍ତିର ନିଃଶ୍ୱାସ ମାରିଲେ । ଯଦି ଡିରେଲମେଣ୍ଟ ହୋଇଥାନ୍ତା, ତାଙ୍କ ଉପରେ ବଜ୍ର ପଡିଥାନ୍ତା ।

ରେଲଓ୍ୱେରେ ଯେତେପ୍ରକାର ଦୁର୍ଘଟଣା ହୁଏ, ସେଥିରେ ଡିରେଲମେଣ୍ଟର ସ୍ଥାନ ସର୍ବନିମ୍ନ । ତଥାପି ଛୋଟ ବଡ ଡିରେଲମେଣ୍ଟରେ ବି ଏନକ୍ୱାରି ହୁଏ, ଦୁର୍ଘଟଣାର କାରଣ ଖୋଜାଯାଏ ଏବଂ ଦୋଷୀ କର୍ମଚାରୀଙ୍କୁ ଦଣ୍ଡ ଦିଆଯାଏ । 'କାରଣ ସିଦ୍ଧ ହୋଇପାରିଲାନି' (Cause Could not be established) ବା 'ଦୈବୀ-ବିପାକ' (Act of God) ଏଭଳି ଯଦି କେହି ଏନକ୍ୱାରି ରିପୋର୍ଟ ଦେଲା, ତା'ର ଚରିତ୍ର ପଞ୍ଜିକାରେ ନାଲିଗାର ପଡିଲା ବୋଲି ଜାଣ । ତେଣୁ କିଛି ଗୋଟିଏ କାରଣ ଉଦ୍ଭାବନ କରାଯାଏ ଏବଂ "ମାର ମାର ଭଣ୍ଡାରିଆକୁ ମାର" ନୀତିରେ କୌଣସି ତଳିଆ କର୍ମଚାରୀକୁ ଦଣ୍ଡିତ କରାଯାଏ । ତେଣୁ ଅଧିକାଂଶ ୟାର୍ଡ ଡିରେଲମେଣ୍ଟକୁ ଲୁଚାଇ ଦିଆଯାଏ ।

ତେଣୁ ବଡଜାମଦାରେ ଘଟିଥିବା ହାଦସାକୁ ଲୁଚାଇ ଦେବାପାଇଁ କର୍ମଚାରୀଙ୍କ ବୈଠକରେ ସର୍ବସମ୍ମତି କ୍ରମେ ସ୍ଥିର ହେଲା ।

– ରିଲିଫ ଟ୍ରେନ୍ ଡାକିଲେ ଘଟଣା ପ୍ରଘଟ ହୋଇଯିବ ।

– ଇଂଜିନ୍‌ରେ ସେଲୁନକୁ ଟଣାଟଣି କଲେ ଡିରେଲମେଣ୍ଟର ସଂଭାବନା ବଢିବ ।

ଏହିଭଳି ସାହାଣିବାବୁ ମତାମତ ଦେଲେ ।

– ତା'ହେଲେ କ'ଣ କରାଯିବ ? ଯାହା କରୁଛ ଜଲଦି କର । ବଡସାହେବଙ୍କ ନଜରକୁ ଆସିଲେ ତାଙ୍କ ସୁଦର୍ଶନ ଚକ୍ର ବୁଲିବ ।

– "ଦେଶୀ ଯୋଗାଡ" କରିବାକୁ ପଡିବ- କହିଲେ କ୍ୟାରେଜ ଇନ୍‌ସପେକ୍ଟର ବାନାର୍ଜୀ ବାବୁ । ଟ୍ରାକତଳେ ଜ୍ୟାକ ଏବଂ କାଠ ସ୍କିଡ ପ୍ରଭୃତି ଦେଇ ଉଠାଇବାକୁ ପଡିବ ।

ବାନାର୍ଜୀବାବୁ ଜ୍ୟାକ ଆଣିବାକୁ ତାଙ୍କ ଆସିଷ୍ଟାଣ୍ଟକୁ କହିଲେ । ସାହାଣି ବାବୁ କାଠ ମୁଣ୍ଡିଆ ଆଣିବାକୁ ଟ୍ରାକମିସ୍ତ୍ରିକୁ ଆଦେଶ ଦେଲେ ।

'ଯୋଗାଡ' କାର୍ଯ୍ୟ ସଂପୂର୍ଣ୍ଣ ହେବାକୁ ଦୁଇଘଣ୍ଟା ଲାଗିଲା । କେବଳ ଟ୍ରାକ୍ ନୁହେଁ, ସେଲୁନର ସୋଲବାରରେ ମଧ୍ୟ ଢିରା ଦିଆଗଲା ।

ସେଲୁନ୍ ଆଟେଣ୍ଡାଣ୍ଟ ଓ କୁକ ଦୁହିଁଙ୍କର ମୁହଁ ବନ୍ଦ କରିବାକୁ ତାଙ୍କୁ ଅର୍ଥ ଆକାରରେ କିଛି ନଜରାନା ଦେବାକୁ ପଡିଲା ।

'ଯୋଗାଡ' କାର୍ଯ୍ୟ ସମାପ୍ତ ହେଲେ ବି ଷ୍ଟେସନ କର୍ମଚାରୀଙ୍କ ମନରୁ ଆଶଂକା ଦୂର ହେଲାନି । କାରଣ ଝିପିଝିପି ବର୍ଷା ଲାଗି ରହିଥିଲା । ଟ୍ରାକ୍ ପୁଣି ଦବିଯିବାର ସମ୍ଭାବନା ଥିଲା । ବଡସାହେବଙ୍କ ଚନ୍ଦାମୁଣ୍ଡ ପାଇଁ ସେମାନଙ୍କର ଯେତିକି ଦରଦ ନଥିଲା, ବେଶୀ ଚିନ୍ତା ଥିଲା କେମିତି ନିଜ ନିଜ ମୁଣ୍ଡମାନଙ୍କୁ ରକ୍ଷା କରିବେ ।

– କିଛି ଭରସା ନାହିଁ । ରାତିରେ ଜଗିବାକୁ ପଡିବ ।

ପ୍ରସ୍ତାବ ଦେଲେ ସାହାଣି ବାବୁ ।

– କିଏ ଜଗିବ ?

– ମିସ୍ତ୍ରୀ ଜଗିବ । ଢିରା ଖସିଗଲେ ସେ ତୁରନ୍ତ ଖବର କରିବ । ନ ହେଲେ କିଛି ଉପାୟ କରିବ ।

ରାତି ଦଶଟା ପରେ ଜୋତା ମଚମଚ କରି ବଡସାହେବ ଆସି ସିଧା ସେଲୁନ ଭିତରେ ପ୍ରବେଶ କଲେ । ଆଟେଣ୍ଡାଣ୍ଟକୁ କହିଲେ- ମୁଁ ଡିନର ନେଇଆସିଛି ।

କେବଳ ଷ୍ଟେସନରେ ନୁହେଁ, ପୂରା ବଡ ଜାମଦା ଟାଉନରେ ପାଓ୍ୱାରକଟ ହୋଇଥିଲା । ଚାରିଆଡେ ନିରନ୍ଧ୍ର ଅନ୍ଧାର । ହେଲେ ସେଲୁନ୍ ଭିତରେ ତା'ର ପ୍ରଭାବ ନଥିଲା । ସେଲୁନ୍ ବ୍ୟାଟେରିରୁ ବିଜୁଳି ଆସେ ଏବଂ ସାଇଡିଂଗରେ ସକାଳୁ ବ୍ୟାଟେରିକୁ ଚାର୍ଯ କରାଯାଇଥିଲା ।

ବର୍ଷାର ଟୁପୁରୁ ଟୁପୁରୁ ଗୀତ ଶୁଣି ବଡସାହେବ ଶୋଇ ଯାଇଥିଲେ । ସାହେବଙ୍କ ଘୁଂଘୁଡି ଶବ୍ଦ ପରେ ଟ୍ରାକ୍ କର୍ମଚାରୀଙ୍କୁ ନୀଳସଙ୍କେତ ମିଳିଥିଲା ଏବଂ ଜଗିବା ପାଇଁ ସେଲୁନ ସାଇଡିଂଗକୁ ଜଗାରାଓ ମିସ୍ତ୍ରି ତା' ପୁଅ ନାଗା ସହ ଆସିଥିଲା ।

ନାଗା କହିଲା- ବାପୁ, ତୋ ଦିହ ଖରାପ, ତୁ ଘରକୁ ଯା । ସକାଳେ ଆସିବୁ । ମୁଁ ଦେଖିନେବି ।

× × × × ×

ସକାଳ ୪ଟାରେ ବଡ ସାହେବଙ୍କ ନିଦ ଭାଙ୍ଗିଗଲା । ପରିଣତ ବୟସ ହେଲେ ଏମିତି ନିଦ ସହଜ ଭାଙ୍ଗିଯାଏ । ତା' ବାଦ ଘର ଘର । ସେଲୁନ ସେଲୁନ୍- ଦୁଇଟି ମଧ୍ୟରେ ଆକାଶପାତାଳ ପାର୍ଥକ୍ୟ । ତେଣୁ ଘର ପରି ଏଠି ବହଳ ନିଦ ହେବ କୁଆଡୁ ?

ବର୍ଷା ଛାଡି ଯାଇଥିଲା । ସୂର୍ଯ୍ୟ ଉଦୟ ହୋଇନଥିଲେ । ଉଦୟ ହୋଇଥିଲେ ବି ମେଘ ଢଙ୍କା ଆକାଶରେ ଦୃଶ୍ୟ ହୋଇନଥାନ୍ତେ । ତଥାପି ବାହାରେ ଫର୍ଚ୍ଚା ଦିଶୁଥିଲା । ଷ୍ଟେସନ ଚାରିପଟେ ଥିବା ଗଛମାନଙ୍କର ଚଢେଇମାନେ ଡେଣା ଝାଡି ଦାନା ସନ୍ଧାନରେ ଯିବା ପାଇଁ ସାଙ୍ଗ ସାଥୀଙ୍କୁ ଡକାହକା ହେଲେ ।

ବଡସାହେବ ମର୍ଣ୍ଣିଂ ଟି' ପାଇଁ ବେଲ୍ ବଜାଇଲେ । ମର୍ଣ୍ଣିଂ ଟି' ସେବନ ପରେ ବାଥରୁମ୍ ଯାଇ ତାଙ୍କର ସର୍ଟସ ଏବଂ ଟି ସାର୍ଟ ପିନ୍ଧିଲେ । ଓ୍ୱାକିଂ ସୁ ପିନ୍ଧି ପ୍ଲାଟଫର୍ମରେ ଟହଲ ମାରିବାକୁ ଗଲେ ।

ତିନି ନମ୍ବର ପ୍ଲାଟଫର୍ମରୁ ଏପଟକୁ ସେପଟ ଶହେ କଦମ ପୁଣି ଫେରନ୍ତି ଶହେ କଦମ ମାରି ସେଲୁନକୁ ଫେରିଲେ । ପ୍ଲାଟଫର୍ମ ଶୂନଶାନ ଥିଲା । ଗଛମୂଳେ ଗୋଟିଏ ଭିକାରିକୁ ଛାଡି ତିନିନମ୍ବର ପ୍ଲାଟଫର୍ମରେ କୌଣସି ପ୍ରାଣୀ ନଥିଲେ । ତା'ର କୋଇଲା ସିଗ୍ରିରୁ ଅଳସମନ୍ଥର ଗତିରେ ଧୂଆଁ ମେଘୁଆ ଆକାଶକୁ ଛୁଟିଥାଏ । ଆଞ୍ଚ ହେବାକୁ ଡେରି ଥାଏ । ଆଞ୍ଚ ହେଲେ ସେ କ'ଣ ରୋଷେଇ କରିବ ତାକୁ ହିଁ ଜଣାଥିଲା । ବଡସାହେବଙ୍କୁ ଦେଖି ତା'ର କୌଣସି ପ୍ରତିକ୍ରିୟା ହେଉନଥିଲା ।

ସେଲୁନକୁ ଫେରିବାବେଳେ ଡେଡ୍‌ଏଣ୍ଡ ପାଖରେ ଛତାଟିଏ ପଡିଥିବାର ଦେଖି ବଡସାହେବଙ୍କର କୌତୂହଳ ଜନ୍ମିଲା । ପାଖକୁ ଯାଇ ଜଣେ ଯୁବକ ସେଲୁନ ତଳେ ହାମୁଡି ପଡିଥିବାର ଦେଖି ସେ ଅବାକ ହେଲେ । – ଭାବିଲେ ଯୁବକଟି ମରିଯାଇନି ତ !

ବଡ ସାହେବଙ୍କୁ ଦେଖି ଯୁବକଟି ଧଡପଡ ହୋଇଉଠିଲା । ସେ ତାଙ୍କୁ ପଚାରିଲେ- ଆରେ ତୁ କିଏ ? ଏଠି କ'ଣ କରୁଛୁ ?

– ମୁଁ ଚୋରି କରୁନି ସାହେବ । ଉତ୍ତର ଦେଲା ସେ ।

– ତା' ହେଲେ କ'ଣ କରୁଥିଲୁ ?

– କନ୍ଧା ଦେଉଥିଲି ।

– କାହାକୁ ? – ସେଲୁନ ବାହିକୁ ।

– ମାନେ ?

– ସେଲୁନ ଚକା ତଳ ଟ୍ରାକ ଦବିଯାଉଥିଲା ତ !

ବଡ ସାହେବ ନିରେଖି ଦେଖିଲେ । ଟ୍ରାକ ତଳେ ଜ୍ୟାକ ଏବଂ କାଠ ଠିକରାର 'ଯୋଗାଡ' ଦେଖିବାକୁ ପାଇଲେ । ଏବେ ଘଟଣାକ୍ରମ ତାଙ୍କ ଆଖିଆଗରେ ଜଳଜଳ କରି ଦିଶୁଥିଲା । ଷ୍ଟେସନ କର୍ମଚାରୀଙ୍କ 'ଯୋଗାଡ'କୁ ଦେଖି ତାଙ୍କ ମୁହଁରେ ସ୍ମିତ ହାସ୍ୟ ପହଁରିଗଲା ।

ସେ ଆଦେଶ ଦେଲେ- ଏ ବାଳକ ଉଠ ।

ସେ ଛତା ଧରି ସେଠୁ ଖସି ଯିବାକୁ ଉଦ୍ୟତ ହେଉଥିଲା ବେଳେ ସେ ତା' କାନ ଧରି କହିଲେ- ଚାଲ ଷ୍ଟେସନକୁ ।

ଅଗତ୍ୟା ସେ ସାହେବଙ୍କ ସାଙ୍ଗରେ ଗଲା । ଦୂରରୁ ଜଗା ରାଓ ଏ ଦୃଶ୍ୟକୁ ଦେଖି ଷ୍ଟେସନମାଷ୍ଟର, ସାହାଣି ବାବୁଙ୍କୁ ଖବର ଦେଲା । ରେଲୱେ କଲୋନୀରେ ଏ ଖବର ବଣ ନିଆଁ ପରି ବ୍ୟାପି ଯାଇଥିଲା ।

ଷ୍ଟେସନମାଷ୍ଟରଙ୍କ ଚଉକିରେ ବଡ ସାହେବ ବସି ଆସିଷ୍ଟାଣ୍ଟ ଷ୍ଟେସନମାଷ୍ଟରଙ୍କୁ ପଚାରିଲେ- ଡି.ଓ.ଏସ୍ ସାହେବ କାହିଁ ?

- ଅଫିସର୍ସ ରେଷ୍ଟହାଉସରେ ଅଛନ୍ତି ସାର୍ ।

- ଡାକ ତାଙ୍କୁ । - ଆଦେଶ ଦେଲେ ସେ ।

ଡି.ଓ.ଏସ୍, ଷ୍ଟେସନମାଷ୍ଟର, ପର୍ମାନେଣ୍ଟୱେ ଇନସପେକ୍ଟର, ମିସ୍ତ୍ରି ଜଗା ରାଓ ଭିତରକୁ ଆସି ଯାଇଥିଲେ । ରୁମ ବାହାରେ ମଧ୍ୟ ଲୋକାରଣ୍ୟ । ନାଗାରାଓ ତଳକୁ ମୁହଁ ପୋତି ଗୋଟିଏ କୋଣରେ ଠିଆ ହୋଇଥିଲା । ଜଗା ରାଓ କାନ୍ଦୁଣ୍ଡ ମାନ୍ଦୁଣ୍ଡ ହୋଇ ହାତ ଯୋଡି ଠିଆ ହୋଇଥିଲା ।

ଷ୍ଟେସନମାଷ୍ଟର ସଫାଇ ଦେବାକୁ ମନେ ମନେ ସ୍ଥିର କରିଥିଲେ - ସାର ! ଡଙ୍ଗାପୋଷିରେ ରିଲିଫ ଟ୍ରେନ୍ ନଥିବାରୁ ଆମେ ଏଭଳି 'ଯୋଗାଡ' କରିଥିଲୁ ।

ସାହାଣି ବାବୁ କହିବାକୁ ଚାହୁଁଥିଲେ- ସାର୍, ସାଇଡିଂରେ ବାଲାଷ୍ଟକୁସନ ବଢାଇଦେବି । ଡ୍ରେନ୍ କରି ଦେଲେ ପାଣି ବାହାରିଯିବ । ଏଭଳି ଅବସ୍ଥା ଦୋହରିବନି ।

ବଡସାହେବ ତାଙ୍କ ବଡବଡ ଡୋଳା ଚାଳନା କରି ସମସ୍ତଙ୍କ ମୁହଁକୁ ଲକ୍ଷ୍ୟ କରୁଥିଲେ । ସମସ୍ତଙ୍କ ମୁହଁରେ ଗୋଟିଏ ତରଳ ଆଶଙ୍କା ଛାଇ ହୋଇଥିଲା ।

କାହାର ସ୍ୱଷ୍ଟୀକରଣର ଆବଶ୍ୟକତା ପଡି ନ ଥିଲା ।

ସେ ପଚାରିଲେ- ଏ ପିଲାଟି କିଏ ?

- ସେ ମୋର ପୁଅ ସାହେବ- କହି ଜଗା ରାଓ ଲମ୍ବ ହୋଇ ଚଉକି ତଳେ ପଡିଗଲା ।

- ଆରେ, ଉଠ, ଉଠ । ଆଦେଶ ଦେଲେ ବଡ ସାହେବ ।

- ତମେ କି କାମ କର ?

- ଟ୍ରାକ୍ ମିସ୍ତ୍ରି, ସାହେବ !

ଏବେ ବଡସାହେବ ଡି.ଓ.ଏସ୍ ଙ୍କୁ ଲକ୍ଷ୍ୟ କରି କହିଲେ- Appoint this boy as substitute porter.

ଉପସ୍ଥିତ କର୍ମଚାରୀମାନେ ବଡସାହେବ କି ନିଷ୍ପତ୍ତି ଦେଲେ, ଠିକ୍ ଭାବେ ବୁଝି ନପାରି ପରସ୍ପରକୁ ଚାହୁଁଥିଲେ ।

ଡି.ଓ.ଏସ୍. କହିଲେ- ସାର ! ମୁଁ ଡିଭିଜନ ଯାଇ ତା' ଆପଏଣ୍ଟମେଣ୍ଟ ଲେଟର ପଠାଇଦେବି ।

ତା'ପରେ ବଡ ସାହେବ ଲମ୍ବା ଲମ୍ବା ପାହୁଣ୍ଡ ପକାଇ କରି ସେଲୁନକୁ ଚାଲିଲେ ।

× × × × ×

ବଡ ସାହେବଙ୍କ ଟ୍ରେନ ବଡଜାମଦା ଷ୍ଟେସନ ଛାଡିବା ପରେ ଷ୍ଟେସନମାଷ୍ଟରଙ୍କ ପ୍ରକୋଷ୍ଠରେ ଆଉଥରେ ଗୋଲଟେବୁଲ ବୈଠକ ବସିଲା । ସେ ମିଟିଂର ସଦସ୍ୟଙ୍କୁ ଆପ୍ୟାୟନ କରିବା ପାଇଁ ଜଗାରାଓ ବରା, ଗୁଲୁଗୁଲା ନେଇ ଆସିଥିଲା ।

ବଡ ସାହେବଙ୍କ ଆଗମନ ଏବଂ ପ୍ରସ୍ଥାନ ମଧ୍ୟରେ ଘଟଣାବଳୀର ରୋମନ୍ଥନ କରିବାବେଳେ ସାହାଣି ବାବୁ ମନ୍ତବ୍ୟ ଦେଲେ- ଆମେ ତ ଭାବିଥିଲୁ ବଡସାହେବ କାହାର ଚାକିରି ଖାଇଯିବେ । କିନ୍ତୁ ଓଲଟା ହେଲା, ସେ ଚାକିରି ଦେଇକରି ଗଲେ ।

ଷ୍ଟେସନମାଷ୍ଟର ପରମାନନ୍ଦ ହାତୀଙ୍କର ଅବସର ନେବାକୁ ଆଉ ବର୍ଷେ ବାକି ଥିଲା । ପରିଣତ ବୟସ ତାଙ୍କୁ ଧର୍ମ ପରାୟଣ କରି ଦେଇଥିଲା । ସେ ଷ୍ଟେସନରୁ ଉପୁରି ଆୟ ବିଷୟରେ ଧ୍ୟାନ ନ ଦେଇ ଧର୍ମ କର୍ମରେ ମନ ଦେଉଥିଲେ । ଷ୍ଟେସନରେ ଦୁର୍ଗାପୂଜା ଆୟୋଜନ କରୁଥିଲେ ଏବଂ ଧାର୍ମିକ ଅନୁଷ୍ଠାନରେ ଯୋଗଦେଇ ପ୍ରବଚନ ଦେଉଥିଲେ । ସେ ସାହାଣି ବାବୁଙ୍କ ପ୍ରଶ୍ନର ଉତ୍ତର ଏକ ଦାର୍ଶନିକ ସୁଲଭ ଢଙ୍ଗରେ ଦେଲେ- ଭାଗବତରେ ଅଛି ପରା-

ଦଣ୍ଡିବା ଶକ୍ତି ଯା'ର ଥାଇ । ସେ ପୁଣି କ୍ଷମା ଆଚରଇ ।

***ପ୍ଲଟ୍ ନଂ. ୨୫୫, ଡିଷ୍ଟ୍ରିକ୍ଟ ସେଣ୍ଟର,***
***ଚନ୍ଦ୍ରଶେଖରପୁର, ଭୁବନେଶ୍ୱର-୭୫୧୦୧୬***
***ଦୂରଭାଷ: ୯୪୩୭୧୭୦୦୩୩***



# ଫରୁଆ ଭିତରେ ଭଅଁର

**ରଞ୍ଜନ ସାହୁ**

ଆଜକୁ କୋଡ଼ିଏ ବର୍ଷ ତଳେ ଯେତେବେଳେ ମୁଁ ଶିକ୍ଷକତା ଚାକିରିରୁ ଅବସର ନେଲି ସମ୍ବର୍ଦ୍ଧନା ଉତ୍ସବରେ ଗୋଟିଏ ପ୍ରତ୍ୟୁତ୍ପନ୍ନମତି ଛାତ୍ର ମୋତେ କେତୋଟି ପ୍ରଶ୍ନ ପଚାରିଥିଲା। ସେଗୁଡ଼ିକୁ ମୁଁ ଏଯାଏଁ ଭୁଲି ପାରିନାହିଁ। ସେତେବେଳେ ତାକୁ ମୁଁ ଯେଉଁ ଉତ୍ତର ଦେଇଥିଲି; ମୋର ସନ୍ତୁଷ୍ଟି ଆସିନଥିଲା। ପିଲା ମନରେ ତା'ର ଯେଉଁ ସବୁ ପ୍ରଶ୍ନ ପ୍ରତି ଉତ୍କଣ୍ଠା ଆସିଥିଲା ସେସବୁ ବିଶେଷତଃ ସମସ୍ତଙ୍କ ମନକୁ ଆସେନାହିଁ। ପୁରାଣର ଉଦ୍ଭଟତା ଉପରେ ସେ କେତୋଟି ଉଦାହରଣ ଉପସ୍ଥାପନ କରି କହିଲା, ସାର୍ ଏଗୁଡ଼ିକର କିଛି ଭିତ୍ତିଭୂମି ଅଛି ନା ସବୁଗୁଡ଼ା ଅମୂଳକ, ମନଗଢ଼ା କାହାଣୀ ?

ପିଲାବେଳେ ଜେଜେବାପା, ଜେଜେମା' ଠାରୁ ଅନେକ ଲୋକ କାହାଣୀ ଶୁଣିବାକୁ ମିଳେ। ବୁଢ଼ୀ ଅସୁରୁଣୀ କଥା, ମଉନାବତୀ କଥା, ଦୁଇ ସଙ୍ଗାତ କଥା, ରାଜାପୁଅ ମନ୍ତ୍ରୀପୁଅ କଥା, କଲୁରେଇ ବେଙ୍ଗ କାହାଣୀ, ମଣ୍ଡାଖିଆ ଅସୁର କାହାଣୀ, ଯମରାଜା କାହାଣୀ, ଟୁଆଁଟୁଇଁ, ବାଘ ମାମୁ, ଭାନୁମତୀ ପେଡ଼ି, ବେତାଳ, ଡାହାଣୀ କାହାଣୀ ତନ୍ମଧ୍ୟରୁ ଅନ୍ୟତମ। ବୁଢ଼ୀ ଅସୁରୁଣୀର ଲମ୍ବା ଲମ୍ବା ଦାନ୍ତ ଥାଏ। ତାଳ ବାହୁଙ୍ଗା ପରି ଚାରି ଚାରିଟା ହାତ ଥାଏ। ଲୋକଙ୍କ ମୁଣ୍ଡ ଛିଣ୍ଡାଇ ରକ୍ତ ପିଏ ସେ। ରାଜାପୁଅ ମନପବନ ଘୋଡ଼ାରେ ବସି ସାତ ସମୁଦ୍ର ପାରି ହୁଏ। ସାତ ତାଳ ପଙ୍କ ଭିତରେ ସିନ୍ଧୁକ, ସିନ୍ଧୁକ ଭିତରେ ଭାନୁମତୀର ପେଡ଼ି, ପେଡ଼ି ଭିତରେ ଫରୁଆ, ଫରୁଆ ମଧ୍ୟରେ ଭଅଁର। ଭଅଁରକୁ ମାରିଲେ ଯାଇ ବ୍ରହ୍ମରାକ୍ଷସ ମରିବ ନଚେତ୍ ବଞ୍ଚିରହି ଉତ୍ପାତ କରିବ।

କାଉଁରୀ ରାଜ୍ୟରେ ବହୁରୂପୀଟିଏ ଥିଲା। ସେ କିମିଆ କରି ଲୋକଙ୍କୁ ନେଇଯାଉଥିଲା। ଯାଦୁବଳରେ ସାଧବ ଝିଅକୁ ଦିନରେ ମେଣ୍ଢା କରୁଥିଲା ରାତିରେ ମଣିଷ। ସରଳତା, ଅମାୟିକତା, ଭାବପ୍ରବଣତା ହେଉଛି ଶୈଶବର ପ୍ରମୁଖ ଗୁଣ। ତେଣୁ ରୂପକଥା ପ୍ରଭାବରେ ବାଲ୍ୟାବସ୍ଥା ସିକ୍ତ ହୋଇରହିଥିଲେ ବି; ସେଗୁଡ଼ିକର ବିଶ୍ୱାସ୍ୟତା ପ୍ରତି ମନରେ କେଉଁ କେମିତି ପ୍ରଶ୍ନ ଉଠେ।

ଏହି ସନ୍ଦର୍ଭରେ, ପୁରାଣରେ ଉଲ୍ଲେଖିତ କେତୋଟି ଦୃଷ୍ଟାନ୍ତକୁ ଉପସ୍ଥାପନ କଲା ଜୟଦେବ ନାମକ ସେ ଛାତ୍ରଟି।

ସୂର୍ଯ୍ୟବଂଶରେ 'ସଗର' ବୋଲି ଜଣେ ରାଜା ଅଯୋଧ୍ୟାରେ ରାଜୁତି କରୁଥିଲେ। ସେ ପୂର୍ବ ଜନ୍ମରେ ଗୋଟିଏ ଶୃଗାଳ ଥିଲେ। ଶୃଗାଳାବସ୍ଥାରେ ଗୋଟିଏ ପରିତ୍ୟକ୍ତା କନ୍ୟାକୁ ପାଳି ବିବାହ କରାଇଥିଲେ। ଫଳରେ ଯେଉଁ ପୁଣ୍ୟ ଅର୍ଜିଥିଲେ ତାହାରି ବଳରେ ସେ ପରବର୍ତ୍ତୀ କାଳରେ ରାଜପୁତ୍ର ହୋଇ ଜନ୍ମିଲେ। ତାଙ୍କର ନାମ ରହିଲା ସଗର।

ସେ ଜାତିସ୍ମର ଥିବାରୁ ପୂର୍ବଜନ୍ମ ପ୍ରସଙ୍ଗ ମନେପକାଇ ଜାଣିଲେ, କନ୍ୟାଦାନ ଯୋଗୁଁ ଅଶେଷ ପୁଣ୍ୟ ମିଳେ। ଏଣୁ ଶିବ ସ୍ତୁତି ମାଧ୍ୟମରେ ଷାଠିଏ ସହସ୍ର କନ୍ୟା ପାଇଁ କଠୋର ତପସ୍ୟା ଆରମ୍ଭ କରିଦେଲେ। ଏଣେ ଇନ୍ଦ୍ରଙ୍କର ହୃତ୍‌କମ୍ପନ ଜାତ ହେଲା- କାଳେ ଇନ୍ଦ୍ରପଦ ଚାଲିଯିବ ! ଅଗତ୍ୟା ସେ ସରସ୍ୱତୀଙ୍କୁ ନିବେଦନ କଲେ ପ୍ରତିକାର ସକାଶେ। ସତକୁ ସତ ଯେଉଁଦିନ ଭୋଳାନାଥ କୈଳାସପତି ସଗରଙ୍କ ପ୍ରତି ପ୍ରୀତ ହୋଇ ବର ମାଗିବାକୁ ଅନୁମତି ଦେଲେ; ସରସ୍ୱତୀ ସଗରଙ୍କ କଣ୍ଠରେ ବିଜେ କରି ତାଙ୍କର ମତିଭ୍ରମ କରାଇଦେଲେ। ଫଳରେ ନୃପତି ଷାଠିଏ ସହସ୍ର ନନ୍ଦିନୀ ପରିବର୍ତ୍ତେ 'ନନ୍ଦନ' ମାଗି ବସିଲେ।

ତଦନ୍ତରେ ରାଣୀଙ୍କ ଗର୍ଭରୁ ଷାଠିଏ ହଜାର ପୁତ୍ର ସନ୍ତାନ ଜନ୍ମ ନେଲେ। ଗୋଟିଏ ନାରୀ ଠାରୁ ଷାଠିଏ ହଜାର ସନ୍ତାନ ! କେମିତି ଅମୂଳକ, ଅସମ୍ଭବ ମନେ ହୁଏ। ତଥାପି କାୟମନୋବାକ୍ୟରେ ଆମେ ବିଶ୍ୱାସ କରୁ ଏହାକୁ । ଯେମିତି ବିଶ୍ୱାସ କରୁ- ସଗର ଶୃଗାଳ ଥିଲେ। ଶୃଗାଳ ହୋଇ ମଧ୍ୟ ମଣିଷ କନ୍ୟାକୁ ପାଳି ବିବାହ କରାଇଥିଲେ।

ଏଭଳି ଅନ୍ୟ ଗୋଟିଏ କାହାଣୀ ହେଲା ଭଗୀରଥଙ୍କ ଜନ୍ମ ବୃତ୍ତାନ୍ତ। ରାଜା ଦିଲୀପ ପିତୃପୁରୁଷଙ୍କୁ ଉଦ୍ଧାର କରିବା ପ୍ରତ୍ୟାଶାରେ ତପସାଧନା ନିମନ୍ତେ ବନବାସୀ ହୋଇଯାଇଥିଲେ। ପଛରେ ରହିଯାଇଥିଲେ ଦୁଇ ରାଣୀ ଭଦ୍ରା ଓ ସୁଭଦ୍ରା। ଏକଦା କାମୋତ୍ତେଜିତ ହେଲେ ରାଣୀଦ୍ୱୟ। ପାଖରେ ରାଜା ନଥିଲେ। ମଦନର କାମବାଣରେ ସେମାନଙ୍କ ବକ୍ଷରେ ଜନ୍ମିଲା ରତିକ୍ରିୟାର ଉତ୍ତାଳ ତରଙ୍ଗ। ତତ୍ପରେ ପରସ୍ପର ଆଲିଙ୍ଗନରତା ହୋଇ ଉନ୍ମାଦିତ ହେଲେ। ତହୁଁ ରଜ କ୍ଷରଣ ହୋଇ ଭୂମିରେ ପତିତ ହେଲା। ଉଭୟଙ୍କ ରଜ କ୍ରମଶଃ ମାଂସ ପିଣ୍ଡୁଳାଟିଏରେ ରୂପାନ୍ତରିତ ହେବା ସଙ୍ଗେ ସଙ୍ଗେ ଆଖି, କାନ, ନାକ ଇତ୍ୟାଦି ପ୍ରକଟ ହେବାକୁ ଲାଗିଲା।

ପିତାର ବୀର୍ଯ୍ୟ ନଥିବା ହେତୁ ଅସ୍ଥିହୀନ ହୋଇଥିଲା ଶିଶୁଟି। ଏଣୁ ଭୂମିରେ ଘୋଷାରି ହୋଇ ଆତଯାତ କରୁଥିଲା। ଦିନାନ୍ତରେ ଅଷ୍ଟାବକ୍ର ଋଷି ଅଯୋଧ୍ୟା ରାଜପ୍ରାସାଦରେ ଆତିଥ୍ୟ ଗ୍ରହଣ କରିଥିଲେ। ଶରୀରର ବିକଳାଙ୍ଗ ଗଢ଼ଣ ହେତୁ ସେ ସ୍ୱଚ୍ଛନ୍ଦରେ ଚାଲିପାରନ୍ତି ନାହିଁ। ତେଣୁ ପିଲାମାନେ ତାଙ୍କୁ ନକଲ କରି ପରିହାସ କରୁଥା'ନ୍ତି। ଅସ୍ଥିଶୂନ୍ୟ ଶିଶୁଟି ସେମିତି ଏକ ବିକୃତ ଭଙ୍ଗୀରେ ତାଙ୍କ ପାଖକୁ ଆଗମନ କଲା। ତାକୁ ଦେଖି ମୁନିବର ଭାବିଲେ ବାଳକ ବୋଧେ ତାଙ୍କୁ ଉପହାସ କରୁଛି। ତତ୍‌କ୍ଷଣାତ୍ ବିକ୍ଷୁବ୍ଧ ହୋଇ ସେ କହିଲେ, "ମୋତେ ଯଦି ତୁ ପରିହାସ କରୁଥାଉ ତେବେ ସର୍ପ ହୋଇଯାଆ। ନଚେତ କନ୍ଦର୍ପରୂପ ଧାରଣ କରି ଉଭା ହୁଅ।"

ଅବିଳମ୍ବେ ପିଲାଟି ଦିବ୍ୟ ରୂପ ଧାରଣ କରି ଦଣ୍ଡାୟମାନ ହେଲା। ମୁନିବର ତାକୁ କୋଳାଗ୍ରତ କରି ନାମ ଦେଲେ ଭଗୀରଥ। ଏହି ଭଗୀରଥ ଅସାମାନ୍ୟ ତ୍ୟାଗ ଓ ତପସ୍ୟା ବଳରେ ଗଙ୍ଗାଙ୍କୁ ମର୍ତ୍ତ୍ୟମଣ୍ଡଳକୁ ଆଣିଥିଲେ।

ବ୍ୟାସଦେବଙ୍କ ଜନ୍ମ ଉପରେ ମଧ୍ୟ ଏମିତି ଏକ କିମ୍ଭୂତକିମାକାର ତଥ୍ୟ ପୁରାଣରେ ପରିବେଷିତ ହୋଇଛି। ଦିନେ ପରାଶର ଋଷି ଗୋଟିଏ ଡଙ୍ଗାରେ ଗଙ୍ଗାନଦୀ ପାର ହେଉଥିଲେ। ନାବଟିକୁ ଦାସ ରାଜାଙ୍କ କନ୍ୟା ସତ୍ୟବତୀ ଚଳାଉଥାଏ। ତା'ର ଅପୂର୍ବ ଲାବଣ୍ୟରେ ମୁଗ୍ଧ ହୋଇ ତପସ୍ୱୀ ସେକ୍ଷଣି ରତିକ୍ରିୟା ନିମନ୍ତେ ଆବେଦନ କଲେ। ସତ୍ୟବତୀ ଅପ୍ରାପ୍ତ ବୟସ୍କା ହୋଇଥିବାରୁ କୁଣ୍ଠାବୋଧ କଲା। ଏଣୁ ଋଷିପ୍ରବର ତାଙ୍କୁ ମନ୍ତ୍ରଜଳ ପାନ କରାଇ ରଜଶୀଳା କରାଇବା ସଙ୍ଗେ ସଙ୍ଗେ ଯୋଜନଗନ୍ଧାରେ ପରିଣତ କରାଇଦେଲେ। ନଦୀର ଉଭୟ ପାର୍ଶ୍ୱରେ ଜନବସତି ଥିଲା। ଜନବସତି ଠାରୁ ନୌକାକୁ ଆଢୁଆଳ କରିବା ନିମନ୍ତେ କୁହୁଡ଼ିର ବଳୟ ମଧ୍ୟ କରିଦେଲେ ଚତୁଃପାର୍ଶ୍ୱରେ। ସେଠାରେ ସେମାନଙ୍କର ମିଳନ ହେଲା ଏବଂ ବିଚକ୍ଷଣ ପୁତ୍ରଟିଏ ଜନ୍ମ ଲାଭ କଲା। ପରାଶର ପୁତ୍ରର ନାମ ଦେଲେ ବ୍ୟାସଦେବ। କହିବା ବାହୁଲ ମହାଭାରତ ମହାକାବ୍ୟର ପ୍ରଣେତା ହେଉଛନ୍ତି ଏହି ମହାଜ୍ଞାନୀ ବ୍ୟାସଦେବ।

ପୁରାଣ ବର୍ଣ୍ଣିତ ବିସ୍ମୟକର ଉପାଖ୍ୟାନ ମଧ୍ୟରୁ ସବୁଠୁ ରୋମାଞ୍ଚକର, ଉତ୍କଣ୍ଠାପୂର୍ଣ୍ଣ ଘଟଣା ହେଉଛି ଦ୍ରୌପଦୀ ବସ୍ତ୍ର ହରଣ। ପଶା ଖେଳରେ ପଞ୍ଚୁପାଣ୍ଡବ ପରାସ୍ତ ହେବା ପରେ ପାଞ୍ଚାଳୀକୁ ବାଜି ଲଗାଇଦେଲେ। ଏବଂ ପାଞ୍ଚାଳୀଙ୍କୁ ହାରିଲେ ତ୍ୱରିତେ। ଦ୍ରୌପଦୀଙ୍କୁ ଜିତିବା ପରେ ମଦମତ୍ତ ଦୁର୍ଯ୍ୟୋଧନ ଭ୍ରାତା ଦୁଃଶାସନକୁ ନିର୍ଦ୍ଦେଶ ଦେଲେ ତାଙ୍କୁ ନିବସ୍ତ୍ର କରିବା ପାଇଁ। ଦୁର୍ଦ୍ଧର୍ଷ ଦୁଃଶାସନ ଦ୍ରୌପଦୀଙ୍କ କେଶ ଆକର୍ଷଣ ପୂର୍ବକ ସଭାସ୍ଥଳୀକୁ ଆନିତ କଲା। ସେଠାରେ ସମସ୍ତଙ୍କ ସମ୍ମୁଖରେ ହିତାହିତ ଜ୍ଞାନ ଭୁଲି ବସ୍ତ୍ରହରଣ ସକାଶେ ଉଦ୍ୟତ ହେଲା। ସୌଭାଗ୍ୟବଶତଃ, ଅନ୍ତର୍ଯ୍ୟାମୀ, ସଖା ଶ୍ରୀକୃଷ୍ଣ ସହସ୍ର ବସ୍ତ୍ର ପ୍ରଦାନକରି ଲଜ୍ଜା ନିବାରଣ କରାଇଥିଲେ।

ପୁରାଣରେ ଉଦ୍ଭଟତା ରଚନା କଲାବେଳେ କୁନ୍ତୀଙ୍କର ସନ୍ତାନ ପ୍ରାପ୍ତି ବିଷୟକୁ ମଧ୍ୟ ଏଡ଼ି ହେବ ନାହିଁ। ଥରେ, ମହାକୋପୀ ଦୁର୍ବାସାଙ୍କୁ ସେବାରେ ସନ୍ତୁଷ୍ଟ କରି ସେ ବର ପ୍ରାପ୍ତ ହୋଇଥିଲେ। ସେହି ବର ବଳରେ ନିଜର ଇପ୍‌ସିତ ପୁରୁଷକୁ ଯେତେବେଳେ ଚାହିଁବେ ସେତେବେଳେ ଆମନ୍ତ୍ରଣ କରିପାରିବେ। ଦିନେ ମନ୍ତ୍ରର ପରାକାଷ୍ଠାକୁ ପରୀକ୍ଷା କରୁ କରୁ ସେ ସୂର୍ଯ୍ୟଦେବଙ୍କୁ ଆମନ୍ତ୍ରଣ କରିପକାଇଲେ। ଅବିଳମ୍ବେ ସୂର୍ଯ୍ୟଦେବ ପ୍ରକଟ ହୋଇ କୁମାରୀ କୁନ୍ତୀ ସହିତ ରମଣକ୍ରିୟା ସମ୍ପନ୍ନ କଲେ। ସେଇଠୁ ସନ୍ତାନସମ୍ଭବା ହେଲେ କୁନ୍ତୀ। ଅନୂଢ଼ା ଅବସ୍ଥାରେ ସନ୍ତାନଟିଏ ଜନ୍ମଦେବା ଅର୍ଥ ସାରା ଜୀବନ ଅବିବାହିତା ରହିବା। ଲୋକଲଜ୍ଜା ଓ କଳଙ୍କର ଟୀକାକୁ ମଧ୍ୟ ଧାରଣ କରିବା। ତାଙ୍କର ଦ୍ୱିଧାଗ୍ରସ୍ତ ମନକୁ ପଠନ କରି ସୂର୍ଯ୍ୟ ଆଶୀର୍ବାଦ କଲେ- ଶିଶୁଟି ଯେମିତି କର୍ଣ୍ଣପଥ ଦେଇ ବହିର୍ଗତ ହେବ। ସତକୁ ସତ ଏକ ଅବିଶ୍ୱସନୀୟ ଅଧ୍ୟାୟ ଯୋଡ଼ିହୋଇଯାଇଥିଲା। ଶିଶୁଟି କର୍ଣ୍ଣଦେଇ ଭୂମିଷ୍ଠ ହେଲା ଏବଂ ତଦନୁଯାୟୀ ତା'ର ନାମ ରହିଲା କର୍ଣ୍ଣ।

ସତ୍ୟଯୁଗରେ କଶ୍ୟପ ମୁନିଙ୍କର ପତ୍ନୀ କଦ୍ରୁ ଓ ବିନତାଙ୍କ ଗର୍ଭରୁ ଅଣ୍ଡା ପ୍ରସବ ହେବା କଥା ମଧ୍ୟ କମ୍ ବିମୂଢ଼ କରେ ନାହିଁ ଆମକୁ। ଅସାମାନ୍ୟ ସୌନ୍ଦର୍ଯ୍ୟର ଅଧିକାରିଣୀ ସେ ନାରୀ ଦୁହେଁ ସଉତୁଣୀ ହେଲେ ବି ସହୋଦରା। ସେମାନଙ୍କ ସେବାରେ ସନ୍ତୁଷ୍ଟ ହୋଇ କଶ୍ୟପ ସନ୍ତାନ ଲାଭ ବର ପ୍ରଦାନ କରିଥିଲେ। ବର ଲାଭ ଉତ୍ତାରେ କଦ୍ରୁ ସହସ୍ର ପରାକ୍ରମୀ ନାଗପୁତ୍ର ଓ ବିନତା କେବଳ ଦୁଇଜଣ ବଳବାନ ପୁତ୍ର ମାଗୁଣି କରିଥିଲେ। ଫଳରେ କଦ୍ରୁ ହଜାର ଅଣ୍ଡା ପ୍ରସବ କରିବା ବେଳେ ବିନତା ମାତ୍ର ଦୁଇଟି ଅଣ୍ଡା ଜନ୍ମ ଦେଇଥିଲେ।

ଉପର୍ଯ୍ୟୁକ୍ତ କାହାଣୀଗୁଡ଼ିକୁ ପଠନ କଲା ପରେ ଅସମ୍ଭବ, ଅବାସ୍ତବ ଚିତ୍ରଟିଏ ମନ ମଧ୍ୟରେ ଆଙ୍କି ହୋଇଯାଏ। ଘଟଣାଗୁଡ଼ିକ ପ୍ରତି ବିଶ୍ୱାସ ଆସିବା ଦୂରର କଥା; ସତ୍ୟ ବୋଲି ପରିପ୍ରକାଶ କରିବାକୁ ମଧ୍ୟ କୁଣ୍ଠାବୋଧ ହୁଏ। ତଥାପି ଆମେସବୁ ବିଶ୍ୱାସ କରୁ ଗୋଟିଏ ପ୍ରଚ୍ଛନ୍ନ ଆସ୍ଥା ବଳରେ। କଥିତ ଅଛି, ଯିଏ ପୁରାଣ କଥାକୁ ବିଶ୍ୱାସ କରେନାହିଁ ସେ ବେଙ୍ଗ ଜନ୍ମ ପାଏ।

ସଭାରେ 'ଜୟଦେବ' ସୁନ୍ଦରଭାବେ ତଥ୍ୟଗୁଡ଼ିକୁ ପରିପ୍ରକାଶ କରି ପ୍ରଶ୍ନକଲା, ଏସବୁ କ'ଣ ବିଶ୍ୱାସଯୋଗ୍ୟ ସାର?? ପିଲାଟିର ପୌରାଣିକ ଜ୍ଞାନ ଦେଖି ଆମେ ସମସ୍ତେ ସ୍ତମ୍ଭୀଭୂତ ହୋଇଗଲୁ। ସେତେବେଳେ ମୁଁ ଏହି ପରି କିଛି କହିଥିଲି। ମାତ୍ର ମୁଁ କିମ୍ବା ସଭାରେ ଉପସ୍ଥିତ କେହିବି ମୋ ବିବୃତିକୁ ଯୁକ୍ତିଯୁକ୍ତ ମନେ କରିନଥିଲୁ। ଉତ୍ତରରେ ମୁଁ କହିଥିଲି:-

'ବିଶ୍ୱାସ ଓ ଅବିଶ୍ୱାସ' ଦୁଇଟି ମାନସିକ କ୍ରିୟା। ଚେତନାର ପରିବ୍ୟାପ୍ତି ଉପରେ ବିଭିନ୍ନ ମଣିଷଙ୍କ ଠାରେ ଭିନ୍ନ ଭିନ୍ନ ପରିମାଣରେ ପ୍ରତୀତ ହୁଏ। ବାଲ୍ୟାବସ୍ଥାରେ ଯେଉଁକଥା ବିଶ୍ୱାସଭାଜନ ହୋଇଥାଏ ପରିପକ୍ୱ ବୟସରେ ତାହା ବିଶ୍ୱାସ ଯୋଗ୍ୟ ହେବା ଅସମ୍ଭବ।

ଅବଶ୍ୟ ଏ ଧାରଣାଟି ଭୁଲ୍ ପ୍ରମାଣିତ ହୁଏ ପୁରାଣ କାହାଣୀ କ୍ଷେତ୍ରରେ। ପୁରାଣରେ ଏମିତି ଅନେକ ବିସ୍ମୟ ବିଜଡ଼ିତ କଥାବସ୍ତୁ ବିବୃତ ହୋଇଛି ଯାହାକୁ ଆବାଳବୃଦ୍ଧବନିତା ପ୍ରତ୍ୟେକ ବିଶ୍ୱାସ କରନ୍ତି ଅନାୟାସରେ। ଭାରତୀୟ ସଭ୍ୟତାରେ ପୁରାଣ ଆଖ୍ୟାନ ପ୍ରତି ବିଶ୍ୱାସ ଅତୁଳନୀୟ। ବେଦ, ଉପନିଷଦ, ରାମାୟଣ, ମହାଭାରତ ଇତ୍ୟାଦି ଗ୍ରନ୍ଥରେ ଯେଉଁ ଆଶ୍ଚର୍ଯ୍ୟଜନକ ବିପୁଳ କଥନିକା ସବୁ ସ୍ଥାନିତ ସେସବୁକୁ ପ୍ରତ୍ୟେକ ନରନାରୀ ଆତ୍ମପ୍ରସାଦର ସହ ସଂପୂର୍ଣ୍ଣ ସତ୍ୟ ବୋଲି ବିଚାର କରନ୍ତି।

ଆଜି ଦୀର୍ଘ ବର୍ଷ ପରେ ଜୟଦେବକୁ ଭେଟିଲି ଆମ ଘର ପାଖରେ। ସେ କେତେଜଣ ଲୋକଙ୍କ ସହ ଇଲେକ୍ସନ ପ୍ରଚାର କରୁଥାଏ। ମୋତେ ଚିହ୍ନିପକାଇ କହିଲା, ସାର୍, ମୋତେ ଚିହ୍ନିପାରୁଛନ୍ତି? ମୁଁ ଜୟଦେବ।

ଆଖି ମିଟିମିଟି କରି ଚାହିଁଲି। ମନେପକେଇ ପାରିଲି ନାହିଁ। ଦୋ ଦୋ ଚିହ୍ନା ହେବାରୁ ସେ କହିଲା, ଆପଣଙ୍କ ଛାତ୍ର। ମଲପଡ଼ା ସରସ୍ୱତୀ ବିଦ୍ୟାପୀଠରେ ମୁଁ ପଢୁଥିଲି। ଆପଣଙ୍କୁ ଯେଉଁଦିନ ସମ୍ବର୍ଦ୍ଧନା ଦିଆଯାଇଥିଲା, ମୁଁ ପୌରାଣିକ ଉପାଖ୍ୟାନ କିଛିଟା ବଖାଣି ସତ୍ୟତା ଉପରେ ପ୍ରଶ୍ନ କରିଥିଲି।

ପୌରାଣିକ କଥା କହିବାରୁ ମୁଁ ହଠାତ୍ ଚିହ୍ନି ପକାଇ କହିଲି, ଆରେ ଜୟଦେବ!! ତମେ! କେତେବର୍ଷ ପରେ ତମକୁ ଦେଖୁଛି!! ଏବେ କ'ଣ କରୁଛ? କ'ଣ ରାଜନେତା ହେଇଛ କି? ଆଜିକାଲି କ'ଣ ପ୍ରଚାର କଲଣି?

ମୋତେ ରୋକି ସଂଭ୍ରମରେ ସେ କହିଲା, ସାର, ଆପଣଙ୍କ ପାଟିରୁ 'ତମେ' ଶୁଣିବାକୁ ମୋତେ ଭଲ ଲାଗୁନାହିଁ। ମୋତେ ତୁ-ତା କରନ୍ତୁ। ଭଲ ଲାଗିବ।

– ନା। ତମେ ସବୁ ବଡ଼ ହୋଇଗଲଣି। ଏବେ ସେ ବାଲ୍ୟବେଳର କଥା ଅଛିନା? ଯାହାହେଲେ ବି ତମେ ଜଣେ ସମ୍ମାନନୀୟ ରାଜନେତା।

– ନେତା ହେଇନାହିଁ। *ନେତା* ହେବାକୁ ଚେଷ୍ଟା କରୁଛି। ସାର୍ ମୁଁ *ରାଜନେତା* ହେବାକୁ ଚାହେଁ ନାହିଁ। ନେତା ହେବାକୁ ଚାହେଁ। ମୋତେ ଆଶୀର୍ବାଦ କରନ୍ତୁ ମୁଁ ଦେଶର ଗୋଟିଏ ପ୍ରିୟ ନେତା ହୁଏ।

ତା କଥା ମୋ ମୁଣ୍ଡରେ ଢୁକିଲା ନାହିଁ।

'ନେତା' ହେବାକୁ ଚାହେଁ 'ରାଜନେତା' ନୁହେଁ। ଏହାର ଗୁଢ଼ତତ୍ତ୍ୱ କ'ଣ ବୁଝିବା ମୋ ପକ୍ଷରେ ଅସମ୍ଭବ। ମୁଁ ନିର୍ବାକ ହୋଇ ଚାହିଁଲି। ସେ ବୁଝେଇଲା, ସାର ରାଜନେତାମାନେ ଶାସନ ଗାଦି ଚାହାନ୍ତି। ସେମାନେ ପାଞ୍ଚବର୍ଷ ପାଇଁ ପଦବୀ ହାତାନ୍ତି। ମାତ୍ର ନେତାମାନେ ଦେଶର ଉନ୍ନତି ସକାଶେ ଦୂରଦୃଷ୍ଟି ରଖନ୍ତି। ଆଗମୀ ତିରିଶ ଚାଳିଶ ବର୍ଷ ପର୍ଯ୍ୟନ୍ତ ଦେଶର ହୀତ ପାଇଁ କାମ କରନ୍ତି। ନେତାମାନଙ୍କର ସ୍ୱାର୍ଥ ନଥାଏ। ବିକାଶ ଉପରେ ଧ୍ୟାନ ଥାଏ। ମାତ୍ର ରାଜନେତାମାନେ ସ୍ୱାର୍ଥପର। ଦେଶ ପଛେ ଭାସିଯାଉ। ସେମାନେ କିନ୍ତୁ ପଦପଦବୀ ପାଆନ୍ତୁ। ଭୋଗଦଖଲ କରି ସମ୍ଭ୍ରାନ୍ତ ଶ୍ରେଣୀରେ ଅନ୍ତର୍ଭୁକ୍ତ ହୁଅନ୍ତୁ। ମୁଁ ସେ ଭଳି ହୀନ ରାଜନୀତି କରିବାକୁ ଚାହେଁନି। ମୁଁ ନେତା ହେବି। ଦେଶର ଜାତିର ମଙ୍ଗଳ କରିବି।

ଜୟଦେବର ବାକ୍ୟଗୁଡ଼ିକ ମୋତେ ଉଦ୍‌ବୁଦ୍ଧ କଲା। କହିଲି, ତମର ବାଗ୍ମୀତା ଅଛି। ତମର ବିଦ୍ୱତ୍ତା ଅଛି। ନିଃସ୍ୱାର୍ଥପର ସେବା ପାଇଁ ମନୋବୃତ୍ତିବି ଅଛି। ତମେ ନିଶ୍ଚୟ କୃତକାର୍ଯ୍ୟ ହେବ। ତମର ଉଚ୍ଚାଭିଳାଷ ଛୁଆବେଳରୁ ଲକ୍ଷ କରିଥିଲି। ସେଦିନ ସଭାରେ ତମେ ଯେପରି ପୌରାଣିକ କଥାଣୀଗୁଡ଼ିକୁ ଉପସ୍ଥାପନ କରିଥିଲ ତାହା ପ୍ରକୃତରେ ଆଶ୍ଚର୍ଯ୍ୟଜନକ। ଏତେ ଛୋଟ ବେଳୁ ବଡ଼ ବଡ଼ କଥାଗୁଡ଼ିଏ କହି ମୋତେ ଯେପରି ଚାହିଁଥିଲ ମୁଁ ଇତସ୍ତତଃ ହୋଇପଡ଼ିଥିଲି। କାରଣ ମୋ ପାଖରେ ତମ ଉତ୍କଣ୍ଠାର ସଠିକ ଉତ୍ତର ନଥିଲା।

ସେ ହସିଲା ନିର୍ମଳ ଆଖିରେ। ତତ୍‌ପରେ କହିଲା, ବାଲ୍ୟାବସ୍ଥାରେ ଅପରିପକ୍ୱ ଥାଏ ମନ, ସାମାଜିକ କ୍ଳେଦ ପ୍ରତି ତୀକ୍ଷ୍ଣ ଦୃଷ୍ଟି ଆସିନଥାଏ, ଅବିଶ୍ୱାସ ଭଳି ଗୋଟିଏ ସୂକ୍ଷ୍ମ ଚେତନା ପ୍ରତି ବିଚାରଶକ୍ତି ପ୍ରଖର ହୋଇନଥାଏ; ତେଣୁ ଶିଶୁଟିଏ ଉଦ୍ଭଟ ଘଟଣାକୁ ସତ୍ୟ ବୋଲି ମନେ କରେ। କିନ୍ତୁ ସାର୍! ବୟସ୍କ, ଅଭିଜ୍ଞ, ବୋଧଶକ୍ତି ସମ୍ପନ୍ନ ମଣିଷଟିଏ କେଉଁ ସର୍ତ୍ତାବଳୀରେ ଉଦ୍‌ବୁଦ୍ଧ ହୋଇ ପୁରାଣ ବର୍ଣ୍ଣିତ ଉଦ୍ଭଟ ଉପାଖ୍ୟାନମାନଙ୍କୁ ପ୍ରାସଙ୍ଗିକ ମନେ କରେ ବୁଝିହୁଏନା।

ଭାବିଲି କହିବି, ବୋଧେ ଭୟ ଯୋଗୁଁ। ଅଭିଶାପ ପଡ଼ିଯିବାର ଆଶଙ୍କା ଯୋଗୁଁ। କିନ୍ତୁ କହିଲି, କିଛି ଭୟ କିଛି ସରଳତା ପାଇଁ। ମାତ୍ରାଧିକ ଭୟ ଓ ଭାରତୀୟମାନଙ୍କର ସରଳ, ନିର୍ମଳ, ନିଷ୍କପଟ ମାନସିକତା କାରଣରୁ- ପୁରାଣ କାହାଣୀଗୁଡ଼ିକ ସବୁଦିନେ ବିଶ୍ୱାସଯୋଗ୍ୟ ହୋଇରହିଛି।

କ୍ଷଣେ ରହି ପଚାରିଲି, ଆଚ୍ଛା ଜୟଦେବ କହିଲ, ତମେ କ'ଣ ସେ ଦିନ ମୋ ଉତ୍ତରରେ ସନ୍ତୁଷ୍ଟ ହୋଇଥିଲ?

- ନା ସାର୍। ହୋଇନଥିଲି। କିନ୍ତୁ ଯୁକ୍ତି କରି ପରିବେଶକୁ ଭାରାକ୍ରାନ୍ତ କରିବାକୁ ଚାହିଁନଥିଲି। ଜାଣେ ସାତତାଳ ପାଣି ଭିତରେ ସିନ୍ଦୁକ ନଥିବ। ସିନ୍ଦୁକ ଭିତରେ ଫରୁଆ ନଥିବ କି ସେ ଫରୁଆରେ ରାକ୍ଷସର ଜୀବନ ନାଟିକା ଭଅଁର ନଥିବ! ହେଲେ କଥାଗୁଡ଼ିକୁ ସତ୍ୟ ବୋଲି ମାନୁଥିଲୁ।

ସମୟ ଗଡ଼ିଯାଇଥିଲା। ଅତ୍ୟଧିକ ଗାଡ଼ିମୋଟର ଚଳାଚଳ ଯୋଗୁଁ ରାସ୍ତାରେ ଧୂଳି ପ୍ରଚୁର ଉଡୁଥିଲା। ସେ ଯିବାକୁ ଚାହିଁଲା। ମୁଁ କହିଲି, ଏପଟ ପୋଷ୍ଟ ଅଫିସ୍ ପାଖରେ ମୁଁ ରହୁଛି। ତମେ କେତେବେଳେ ଆସ। ବସି ଗପ କରିବା।

ସେ ନଇଁ ପଡ଼ିଲା। ପାଦ ଛୁଇଁ ପ୍ରଣାମ କରି ବିଦାୟ ନେଲା।

*ଲକ୍ଷ୍ମୀସାଗର, ଭୁବନେଶ୍ୱର*
*ଦୂରଭାଷ: ୯୮୬୧୦୬୦୮୦୩*

**DM Associates**
**Chartered Accountants**
307, Block - A, 3rd Floor, Nirmala Plaza
Forest Park, Bhubaneswar
Ph.: +91 674 259511-13
Telefax : +91 674 2595912

*We undertake*
*Auditing, Taxation, Consultancy outsourcing*



# ସମୟର ସ୍ୱର

## ବିଷ୍ଣୁ ଚରଣ ଚୌଧୁରୀ

ରାତି ବଢ଼ି ଚାଲିଛି । ତୂଳି ତଳ୍ପ କିନ୍ତୁ ଆରାମ ଦେଉନି ଶରୀରକୁ । ଛାତି ଉପରେ ପଡ଼ିଥିବା ପତ୍ନୀ ଉଷଶୀଙ୍କର କୋମଳ ହାତ ଭାରି ମନେ ହେଉଛି ସୁବୋଧଙ୍କୁ । ଛାତି ଉପରୁ ହାତଟିକୁ ଉଠାଇ ଲମ୍ୱେଇ ଦେଇଛନ୍ତି ଶଯ୍ୟା ଉପରେ । ଏ.ସି.ର ଥଣ୍ଡା ପବନ ଶାନ୍ତ, ଶୀତଳ କରି ପାରୁନି ସୁବୋଧଙ୍କ ଦେହ ଆଉ ମନକୁ । ବାରମ୍ବାର କଡ଼ ଲେଉଟେଇ ସହଜ, ଶାନ୍ତ ମନରେ ଶୋଇବାକୁ ଚେଷ୍ଟା କରି ବିଫଳ ହେଉଛନ୍ତି । ସତେ ଯେମିତି ଆଖିକୁ ଛୁଇଁବାକୁ ନିଦ ମନା କରି ଦେଇଛି । ବେଡ୍‌ରୁ ଉଠି ଗୋଟିଏ ଗ୍ଲାସ ଥଣ୍ଡା ପାଣି ପିଇ ଡ୍ରଇଁ ରୁମ୍‌ର ସୋଫା ଉପରେ ବସି ପଡ଼ିଲେ ସୁବୋଧ ।

ସକାଳୁ ସକାଳୁ ମନଟା ଚହଲି ଉଠିଥିଲା ସମୁଦ୍ରକୁ ଛୁଇଁଥିବା ଜୁଆରିଆ ନଈର ଗୋଳିଆ ପାଣି ଭଳି । ମନ ଭିତରେ ଖାଲି ଜୁଆର ଆଉ ଜୁଆର । ଗୋଳିଆ ହେବାରେ ଲାଗିଛି ମନର ଭାବନା । ଚାହିଁଲେ ବି ମନର ନଈରେ ଭଙ୍ଗା ପଡ଼ିବାର ନାଁ ଧରୁନି । ଘଟଣା କ୍ରମରେ ଗୋଟିଏ ପରେ ଗୋଟିଏ ଢ଼େଉ ଚହଲେଇ ଦେଉଛି ମନର ନଈରେ ସଞ୍ଚିତ ହୋଇଥିବା ପରିପୂର୍ଣ୍ଣ ଭାବନାର ଅଥଳ ତଳ ଜଳରାଶିକୁ । ଜୀବନରେ ଏମିତି ଗୋଟିଏ ଗୋଟିଏ ମୁହୂର୍ତ୍ତ ଆସେ ଯେତେବେଳେ ମଣିଷ ନିଜ ଭିତରୁ ଦୂରେଇ ଯିବାକୁ ଚାହେଁ । ପ୍ରତ୍ୟୟ ହେଉଥିବା ଜୀବନରୁ ଦୂରେଇ ଆସି ପ୍ରତ୍ୟାଖ୍ୟାତ ଜୀବନର ନିକଟତର ହେବାକୁ ଶ୍ରେୟ ମଣେ । ସୁବୋଧ ଦୂରେଇ ଯାଉଥିଲା ନିଜ ଭିତରୁ । ଯା ଭିତରେ ପୁରୁଣା ଦିନର ପୁରୁଣା ମୁହୂର୍ତ୍ତ ଗୁଡ଼ାକ ଚେଇଁ ଉଠୁଛି ମନ ଭିତରେ । ପରାଶେଇ ଯାଉଛି ମନ ପୁରୁଣା କ୍ଷତ ଉଖୁରେଇ ହୋଇଗଲା ଭଳି । ଧରାବନ୍ଧା ଜୀବନରୁ ମୁକଳି ଯିବାକୁ ଚାହୁଁଛି ମନ । ଅତୀତର ସେଇ ମଧୁମୟ, ଲାସ୍ୟମୟ ମୁହୂର୍ତ୍ତଗୁଡ଼ିକୁ ଆପଣେଇବାକୁ ଉଚ୍ଚାଟ କରୁଛି ମନ ।

ସେଦିନ ଫୋନ୍ କଲ୍‌ରେ ଏକ ଅପ୍ରତ୍ୟାଶିତ ମଧୁର ସମ୍ବୋଧନ ତାର ମନ ଆଉ ହୃଦୟକୁ ଛୁଇଁ ପୁଣି ଉଭାନ ହୋଇ ଯାଇଥିଲା । ସେଇ ସ୍ୱର .... ସେଇ ଚାପା ହସ କିଛି ବି ବଦଳି ନଥିଲା ଯାହା ତିରିଶ ବର୍ଷ ତଳେ ତାକୁ ବିଭୋର କରୁଥିଲା । ସେଇ ସମ୍ବୋଧନ ଥିଲା ପଲ୍ଲବୀର । ସତରେ ପଲ୍ଲବୀ । ମୋତେ ଲାଗେ ତୁମ ସ୍ୱରକୁ ଅନୁକରଣ କରି କୋଇଲି ଗୀତ ଗାଏ । ତୁମ ଓଠରୁ ଛିଟିକି ପଡୁଥିବା ଲାଜୁଆ ହସ ଫଗୁଣ ଉଡ଼େଇ ନେଇ ଭରି ଦିଏ କୃଷ୍ଣଚୂଡ଼ା ପାଖୁଡ଼ାରେ । ତୁମର କଟାକ୍ଷପାତରେ ଚିରି ହୋଇଯାଏ ଛାତି ତଳ ଯାହା ଦେଖି ହୁଏନି କି କେହି ଦେଖି ପାରନ୍ତିନି । ଆଉ କଳା ଘୁମର ମେଘୁଆ କେଶର ସ୍ପର୍ଶରେ ଘଣ୍ଟା ଘଣ୍ଟା ଭିଜିବାକୁ ଚାହୁଁଥାଏ ମନ । ମନ ଚାହୁଁଥିଲା ଆଉ କିଛି ସମୟ କଥା ହେବା ପାଇଁ । କିଛି ସମୟ ନୁହେଁ, ଆମେ ଗପି ଚାଲିଥାନ୍ତେ ଆଉ ସମୟ ଗଡ଼ି ଚାଲିଥାନ୍ତା ତା ବାଟରେ । ଶେଷ ନଥାନ୍ତା ଆମ ଗପର । ହେଲେ ଖୁବ୍ ସଂକ୍ଷିପ୍ତ ଥିଲା ତୁମର କଥା । ବନ୍ଧୁ ମିଳନର ଆୟୋଜନ ହୋଇଛି । ସେଇ ଚନ୍ଦ୍ରଭାଗା ସମୁଦ୍ର କୂଳ ..... ଝାଉଁବଣ.... । ଗେଷ୍ଟ ହାଉସ୍‌ରେ ରହଣି । ଆସିବ ନିଶ୍ଚୟ । ପରେ ପରେ ଚେନାଏ ମଧୁର ହସ ଶେଷ ନ ହେଉଣୁ କଟି ଯାଇଥିଲା ଫୋନ୍ ।

ଦୀର୍ଘ ତିରିଶ ବର୍ଷ ପରେ ଏକ ଅପ୍ରତ୍ୟାଶିତ ଚମକ ଖେଳି ଯାଇଥିଲା ତା'ଦେହରେ । ସେ କେବେ ଭାବି ନଥିଲା ଜୀବନ କାଳ ମଧ୍ୟରେ ପଲ୍ଲବୀ ତା ସହ କଥା ହେବ ଆଉ ତାକୁ ଦେଖା କରିବାର ଉତ୍ସୁକତା ଥିବ ତା ମନରେ । ବନ୍ଧୁ ମିଳନର ଖବର ପ୍ରଥମେ ପାଇଥିଲା ପଲ୍ଲବୀ ଠାରୁ । ପରେ ପରେ ଆଉ କେତେ ଜଣ ସାଙ୍ଗମାନଙ୍କର ଠୁ ଜାଣିବାକୁ ପାଇଥିଲା ହେଲେ ପଲ୍ଲବୀଠୁ ଖବର ପାଇଛି ବୋଲି କାହାରିକୁ କହି ନଥିଲା କି ପଲ୍ଲବୀ ତାକୁ ଜଣାଇଛି କି ନାହିଁ ବୋଲି କେହି ପଚାରି ନଥିଲେ । ତେବେ ଆଶ୍ଚର୍ଯ୍ୟ ଲାଗୁଛି ପଲ୍ଲବୀ ତାର ମୋବାଇଲ୍ ନମ୍ବର କେଉଁଠୁ ପାଇଲା ଆଉ ତାକୁ ଭେଟିବାର ଉତ୍ସୁକତା ଏବେ ବି ତା ମନରେ ଥିବା ଯୋଗୁଁ ପ୍ରୋଗ୍ରାମ ସ୍ଥିର ହେବା ମାତ୍ରକେ ଜଣାଇ ଦେଇଥିଲା ।

ଫୋନ୍ କଟିଯିବା ପରେ ଭାବିଥିଲା କଲବ୍ୟାକ୍ କରିବା ପାଇଁ । ହେଲେ ମନରେ ଆଶଙ୍କା ଥିଲା କାଳେ କିଛି ପାରିବାରିକ ବିଶୃଙ୍ଖଳା ଦେଖା ଦେଇପାରେ । ସେଥିରୁ ନିବୃତ୍ତ ହୋଇଥିଲା । ଯେମିତି ନିବୃତ୍ତ ହୋଇଥିଲା ସେବେଠୁ ଆଜି ପର୍ଯ୍ୟନ୍ତ ପଲ୍ଲବୀ ସହ ଦେଖା ହେବାରେ । ରେଭେନ୍‌ସାରେ ହିଁ ଦୁହିଁଙ୍କର କଲେଜ କ୍ୟାରିଅର ଆରମ୍ଭ ହୋଇ ଶେଷ ହୋଇଥିଲା । ହେଲେ ଦୁହିଁଙ୍କର ପରିଚୟ ହୋଇଥିଲା ବି.ଏ. ପଢ଼ିବା ସମୟରେ । ଉଭୟଙ୍କର ଅର୍ଥନୀତି ଅନର୍ସ ଥିବା ଯୋଗୁଁ କ୍ଲାସ ରୁମ୍‌ରୁ ପରିଚୟ ଆରମ୍ଭ ହୋଇ କ୍ରମେ ଘନିଷ୍ଠ ହେବାରେ ଲାଗିଥିଲା ଏମ୍.ଏ. ଶେଷ ହେବା ଯାଏ । ପରିଚୟ ....ସଂପର୍କ... ସଂପର୍କରେ ପୁଣି ଘନିଷ୍ଠତା ଏସବୁ ଥିଲା ଲୁଚାଛପା ଅନ୍ୟମାନଙ୍କ ଠାରୁ । ଆଜିର ପୁଅଝିଅଙ୍କ ଭଳି ସେତେବେଳେ ମିଳାମିଶା ନଥିଲା ଖୋଲା ମେଲା । ପ୍ରେମ, ପ୍ରିତିର ଅବତାରଣା ହେଉଥିଲା ଅନ୍ୟମାନଙ୍କ ଆଖି ଆଢୁଆଳରେ । ଏମିତିକି ନିଜର ପ୍ରିୟ ସାଙ୍ଗସାଥିଙ୍କ ଅଜାଣତରେ । ପରସ୍ପର ମଧ୍ୟରେ ଚାଲିଥିବା ଗପସପ କେଉଁ ସାଙ୍ଗସାଥିଙ୍କ ଆଖିରେ ପଡ଼ିଗଲେ ଯେମିତି ମସ୍ତବଡ଼ ଭୁଲ ହୋଇଗଲା ବୋଲି ଅନୁଭୂତ ହୁଏ ।

ଏମିତି ଏକ ଅନୁଭବ ହୋଇଥିଲା ଅନର୍ସ କ୍ଲାସ ପାଇଁ ଆର୍ଟସ ବ୍ଲକରୁ କମର୍ସ ବ୍ଲକକୁ ଯିବା ବାଟରେ । ସେଦିନ ପଲ୍ଲବୀକୁ ଏକାକୀ ଯାଉଥିବାର ଦେଖି ପଛରୁ ଝପଟି ଆସି ପକେଟରୁ ଗୋଲାପ ଫୁଲଟିଏ ବାହାର କରି ହାତକୁ ବଢ଼ାଇବାକୁ ଯିବା ସମୟରେ ବଳ ସାର୍ ଅନ୍ୟ କ୍ଲାସରୁ ବାହାରି ଦେଖି ନେଇଥିଲେ । ସାର୍ ଦେଖି ନ ଦେଖିଲା ଭଳି ଚାଲି ଯାଇଥିଲେ । ହେଲେ ଶକ୍ତ ଝଟକା ଲାଗିଥିଲା ଦେହରେ । ଦୁଇ ତିନି ଦିନ କ୍ଲାସକୁ ଯାଇ ନଥିଲା । ପରେ ସାର୍‌ଙ୍କୁ ଦେଖିଲେ ମୁହଁ ତଳକୁ କରି ଚାଲି ଯାଇଥାଏ । ମନ ଖୋଜେ ନିରୋଳାରେ ଦୁଇପଦ କଥା ହେବା ପାଇଁ । ଟିକେ ସାନିଧ୍ୟ ଏକାନ୍ତରେ । ସୁଯୋଗ ମିଳେନି । ତେବେ ଏମିତି ଏକ ସୁଯୋଗ ଜୁଟିଥିଲା ଯେବେ ଆମ ଅନର୍ସ କ୍ଲାସର ପିଲାମାନେ ଚନ୍ଦ୍ରଭାଗା ପିକନିକ୍ ଯାଇଥିଲେ । ସମୁଦ୍ର ବେଳାଭୂମିରେ ଅନ୍ୟମାନଙ୍କ ଠାରୁ ଲୁଚି ଛପି ଆମେ ଦୁହେଁ ଝାଉଁବଣର ବେଶ କିଛି ଦୂରକୁ ଚାଲି ଆସିଥିଲେ । ମନ ଖୋଲି କଥା ହୋଇଥିଲେ । କଥାରେ କଥାରେ ଆମ ବାହାଘର ନେଇ ତୁମ

ମତାମତ ନେଇଥିଲି । ଆଉ ତମେ ମୁହଁରେ ସମ୍ମତିର ଆଭା ପ୍ରକାଶ କରି ଲୋଟି ପଡ଼ିଥିଲ ମୋ କୋଳରେ ।

ଦୁଇ ହାତରେ ଭିଡ଼ି ଧରି ତୁମ ଛାତିର ସ୍ପନ୍ଦନ ମାପି ଚାଲିଥିଲି ମୁଁ । ଦୁଇଟି ମନରେ, ଦୁଇଟି ପ୍ରାଣରେ ବେପଥୁ ସଂଚରି ଯାଇଥିଲା । ଜନଶୂନ୍ୟ ବେଳାଭୂମି, ଝାଉଁବଣକୁ ସାକ୍ଷୀ ରଖି ପ୍ରକାଶ୍ୟରେ ମନ ହେଲେ ବି ଆମେ ମନେ ମନେ ଘୋଷଣା କରିଥିଲେ ଆମେ ଏକ ଓ ଅଭିନ୍ନ । ସଂସାରରେ କେହି ବି ଅଲଗା କରି ପାରିବେନି ଆମକୁ । ବେଶ୍ କିଛି ସମୟ ବିତି ଯାଇଥିଲା । ତୁମର ଲୋଭନୀୟ ଆଲୁଳାୟିତ କେଶ ପବନରେ ଉଡ଼ି ଆମ ଦୁହିଁଙ୍କ ମୁହଁ ଲୁଚାଇ ଦେଇଥିଲା । ଗଛ ଡାଳରେ ବସି ଆମ ଦୁହିଁଙ୍କୁ ଅବଲୋକନ କରୁଥିବା ବିହଙ୍ଗଗଣ ଏବଂ ସୂର୍ଯ୍ୟଦେବଙ୍କ ଲୋଲୁପ ତଥା ତେର୍ଛା ଚାହାଣୀରୁ ।

ସମୟ ଗଡ଼ି ଚାଲିବା ସଙ୍ଗେ ସଙ୍ଗେ ବି.ଏ. ଏବଂ ଏମ୍.ଏ. ପରୀକ୍ଷାରେ କୃତୀତ୍ୱର ସହ ପାଶ୍ କରି ଭବିଷ୍ୟତ ସଂପର୍କରେ କେତେ କ'ଣ ପରିକଳ୍ପନା କରିଥିଲେ । ଏକ ପ୍ରାଇଭେଟ୍ କଲେଜରେ ତମେ ଅଧ୍ୟାପିକା ଭାବେ ଜଏନ୍ କରିଥିଲ ଆଉ ପିଏଚ୍.ଡି. କରିବାକୁ ଦିଲ୍ଲୀ ସ୍କୁଲ ଅଫ୍ ଇକନୋମିକ୍ସକୁ ମୋତେ ଯିବାକୁ ପଡ଼ିଥିଲା । ଚିଠି ମାଧ୍ୟମରେ କିଛି ଦିନ ଭାବ ଆଉ ଭାବନାର ଆଦାନ ପ୍ରଦାନ ଚାଲିଥିବା ବେଳେ ହଠାତ୍ ତୁମର ବାହାଘର ସ୍ଥିର ହୋଇଯାଇଛି ଆଉ ଅଧ୍ୟାପନା ଛାଡ଼ି ଦେଇଛ ବୋଲି ଜଣାଇଥିଲ । ପରେ ପରେ ତୁମଠୁ ଆଉ ଚିଠି ବି ପାଇନଥିଲି । ମୋବାଇଲ୍, ଇଣ୍ଟରନେଟ୍ ଆଉ ଫେସବୁକ୍ ଆଦିର ସୁଯୋଗ ନଥିଲା ସେତେବେଳେ । ବିଚ୍ଛିନ୍ନ ହୋଇ ଯାଇଥିଲା ଆମ ସଂପର୍କର ସେତୁ । କିଛି ଗୋଟାଏ ଆଳ ଦେଖାଇ ଘରକୁ ଫେରି ତୁମ ସଂଧାନ ପାଇଁ ଅନେକ ଚେଷ୍ଟା କରି ବିଫଳ ହୋଇଥିଲି । ସାଙ୍ଗସାଥି, ଘରଲୋକ ସମସ୍ତଙ୍କଠୁ ଦୂରେଇ ଯାଇ କେଉଁ ଅଜ୍ଞାତବାସରେ ରହିବାକୁ ଶ୍ରେୟ ମଣିଥିଲ ।

ବାସ୍ ସେବେଠୁ ସ୍ଥିର ହୋଇ ଯାଇଥିଲା ତା ଦୁନିଁଆ । ସ୍ଥାଣୁ ପାଲଟି ଯାଇଥିଲା ବର୍ତ୍ତମାନ । ଭବିଷ୍ୟତ ପାଇଁ ବନ୍ଦ ହୋଇ ଯାଇଥିଲା ତା' ଦୃଶ୍ୟମାନ ଆଖି ଯୋଡିକ । କେବଳ ଅତୀତ ହିଁ ଭାସି ଉଠୁଥିଲା ତା ଆଖି ସାମ୍ନାରେ । ଆଗକୁ ଚାଲିବାର ଶକ୍ତି ହରାଇ ବସିଥିଲା । ଘର, ବାହାର ସବୁ କିଛି ବିସ୍ମୃତ । ସବୁଠି ଖାଲି ପଲ୍ଲବୀ ଆଉ ପଲ୍ଲବୀ । ତାର ମିଠା ମିଠା କଥା ..... ଚୁପୁ ଚୁପି ହସ..... । ବଗିଚାରେ ଭରା ଫୁଲ ଥିଲେ ବି ଲାଗେ ଯେମିତି ଫୁଲ ଫୁଟେ ନାହିଁ । ଭଅଁର ଗୁଣ ଗୁଣାଏନି ଫୁଲରେ । ତରା ତରାସେ ନାହିଁ ଆକାଶରେ । ଶୁଖିଯାଏ ଝରଣାର ଜଳ । ବେସୁରା ଲାଗେ କୋଇଲିର ସ୍ୱର । ଭୁରୁ ଭୁରୁ ବାସ୍ନା ନଥାଏ ଆମ୍ବ ବଉଳରେ । ଫେରାର ହୋଇଯାଏ ଫଗୁଣ । ପଲ୍ଲବୀ ନାହିଁ ତ କିଛି ନାହିଁ ଏ ଦୁନିଁଆରେ । ସବୁ କିଛି ଫାଙ୍କା, ଖାଁ, ଖାଁ ।

ରାସ୍ତାରେ ଚାଲୁ ଚାଲୁ କଲେଜ ପଢୁଆ କେଉଁ ଝିଅକୁ ଦେଖିଲେ ଅଟକି ଯାଏ ତାର ପାଦ । ମନେ ପଡ଼ିଯାଏ ପଲ୍ଲବୀ ପୁଳାଏ ଖାତା ବହି ତା' ଲୋଭନୀୟ ଛାତିରେ ଆଉଜାଇ ତା ସାଥିରେ ଚାଲୁଛି ଯେମିତି । ଆଲୁଳାୟିତ କେଶ ରାଶି ପବନରେ ଉଡ଼ି ଆସି ମୁହଁରେ ପଡୁଛି ତାର । ସାମ୍ପୁକରା କେଶର ମୃଦୁ ଗନ୍ଧ ମନ ଭରି ଆଘ୍ରାଣ କରୁଛି ସେ । ଅତୀତ ମାନସିକତାରେ ବିଭୋର ହୋଇଯାଏ । ସ୍ଥାଣୁ ହୋଇ ଛିଡ଼ା ହୋଇଯାଏ ରାସ୍ତା ମଝିରେ । ସଂବିତ୍ ଫେରିଯାଏ କେତେବେଳେ ଗାଡ଼ି ହର୍ଣ୍ଣରେ ତ ପୁଣି କେତେବେଳେ କେଉଁ ପଥିକର ସମ୍ବୋଧନ ଅବା କର ସ୍ପର୍ଶରେ ।

ସହରରେ ଲୋଭନୀୟ ମୁକଳା କେଶର ଅଭାବ ନଥିଲା ଅଥଚ ପଲ୍ଲବୀ ନଥିଲା । ସୁନ୍ଦର ଝିଅମାନଙ୍କର ଅଭାବ ନଥିଲା ପାର୍କ, ରେଷ୍ଟୁରାଣ୍ଟ ହୋଟେଲ୍, ସିନେମା ହଲ୍, ଫାଷ୍ଟଫୁଡ ଷ୍ଟଲ ଅବା ଆଇସକ୍ରିମ୍ ପାର୍ଲରରେ । ଅଥଚ ପଲ୍ଲବୀ ନଥିଲା ସେଠାରେ । ଆକାଶୀ ରଙ୍ଗର ବିନ୍ଦି ଲଗାଉଥିବା ଏବଂ ସ୍ଫୀତ ବକ୍ଷୋଜ ଉପରେ ସେଇ ରଂଗର ଚୁନରୀ ଝୁଲାଇ ଧିର ମନ୍ଥର ଗତିରେ ଚାଲୁଥିବା ଝିଅମାନଙ୍କର ଅଭାବ ନଥିଲା ଅଥଚ ପଲ୍ଲବୀ ଭଳି ଆକର୍ଷଣ ନଥିଲା ସେମାନଙ୍କଠାରେ ।

ସତରେ ପଲ୍ଲବୀ ! ତୁମର ସେଇ ଦୁଇପଦ କଥାରେ ହିଁ ପୁଣି ବଦଳି ଯାଇଛି ମୋର ମାନସିକତା । କାହିଁକି ଏମିତି ଲାଗୁଥିଲା ଘରେ, ବାହାରେ ସବୁଠି ଚିଡ଼ିଚିଡ଼ା ଭାବ । ବିଷର୍ଣ୍ଣତା, ଉଦାସୀନତା କାବୁ କରି ନେଇଛି । ହସ, ଖୁସି ଉଭେଇ ଯାଇଛି । ଏମିତିରେ ତ ଆମ ପତି -ପତ୍ନୀ ମଧ୍ୟରେ ରାଗ, ରୁଷା, ମନ ଫଟାଫଟି ହୋଇଥାଏ ସାମାନ୍ୟ ସାମାନ୍ୟ କଥାରେ । ଆମର ବାହାଘର ନ ହୋଇ ଭଲ ହୋଇଛି । ଏମିତି ପରିସ୍ଥିତି ହୁଏତ ସୃଷ୍ଟି ହେଉଥାନ୍ତା କେବେ କେବେ । ପତି – ପତ୍ନୀର ଝଗଡ଼ା ମଧ୍ୟରେ ହୁଏତ ପ୍ରେମିକ, ପ୍ରେମିକାର ଅସ୍ତିତ୍ୱ ହଜି ଯାଇଥାନ୍ତା । ଯାହାଖୁବ୍ ଦୁଃଖ ଦେଇଥାନ୍ତା ପର ମୁହୂର୍ତ୍ତରେ ।

ଏବେତ ତମେ ସୁନ୍ଦର, ସତେଜ, ସୁଗନ୍ଧିତ ପୁଷ୍ପଟିଏ ହୋଇ ରହିଛ ମୋ ହୃଦୟରେ । ସେଇ ବାସ୍ନାରେ ମହକିତ ହେଉଛି ମୋର ମନ, ପ୍ରାଣ । ସେଇ ସ୍ମୃତି ହିଁ ଅବଶିଷ୍ଟ ଜୀବନ ବଞ୍ଚିବାର ସାହାରା । ତାହାହିଁ ଯଥେଷ୍ଟ ମୋ ପାଇଁ । ହେଲେ ତମେ ଯେଉଁଠି, ଯେମିତି ଅଛ ଖୁସିରେ ଅଛନା ? ତୁମକୁ ବିଭା ନହେଲେ ବି ତୁମର ହସ, ଖୁସି ମୁଁ ସଦାବେଳେ କାମନା କରି ଆସିଛି । ଆମ ସମ୍ପର୍କରେ ତ ନଥିଲା ପ୍ରତିଜ୍ଞା, ପ୍ରତିଶ୍ରୁତି, ପ୍ରତ୍ୟୟର କିଛି ବାହାନା କିମ୍ବା ମନଗଢ଼ା କାହାଣୀର ଅବତାରଣା । ପରସ୍ପର ପ୍ରତି ଥିଲା ଅମୋହ ଆକର୍ଷଣ ଭଲ ପାଇବାରେ ଅନାବିଳତା ଆଉ ପ୍ରୀତିର ସମ୍ଭାଷଣ ।

ସୋଫା ଉପରେ ବସି ଭାବି ଚାଲିଥିଲା ସୁବୋଧ । ପଲ୍ଲବୀ ଏବେ କ'ଣ କରୁଥିବ ? ଏଇ ନିର୍ଜନ ନିରୋଳା ରାତିରେ ଅନ୍ଧକାରରେ ନିଘୋଡ଼ ନିଦରେ ଶୋଇ ପଡ଼ିଥିବ ନାଁ ଗେହ୍ଲେଇ ହେଉଥିବ ସ୍ୱାମୀ ଛାତିରେ ମୁଣ୍ଡ ରଖି ? ଶୟନ, ସପନ ଅବା ଜାଗରଣରେ କେବେ ତା'ର ମନେ ପଡ଼ିଥିବ ତା' ଭଳି ଜଣେ ପ୍ରେମିକର କଥା ? ତା ସହ ବିତାଇଥିବା ଏକାନ୍ତ ମୁହୂର୍ତ୍ତର କିଛି ସ୍ମୃତି ସମ୍ପର୍କରେ ? ନାଁ ଭରପୂର ସଂସାରର ସୁଖୀ ନାରୀଟିଏ ସେ । ସୁବର୍ଣ୍ଣ ତରୀରେ ବସି ତା' ସଂସାର ନଈରେ ଭାସି ଚାଲିଥିବ ମନ ମତାଣିଆ ଗୀତ ଗାଇ ଗାଇ । ତା' ଚାରିପାଖରେ ବେଢ଼ି ରହିଥିବେ ପରିଚାରିକାଗଣ ମନଲାଖି ଚିଜତ ଯୋଗାଇ ଦେବା ପାଇଁ । ଅଭାବ ନଥିବ କେଉଁଥିରେ । ସେ ହୁଏତ ଏତେ ସୁଖ ଦେଇ ପାରିନଥାନ୍ତା । ଭଲ ହୋଇଛି ତା' ଜୀବନ ପରିଧିରୁ ପଲ୍ଲବୀ ବାହାରି ଯାଇ ଖୁସିରେ ରହିଥିବ । ଏତେ ସୁଖରେ ବୁଡ଼ି ରହି ସେ କାହିଁକି ମନେ ପକାଇବ ତା ଭଳି ଜଣେ ଅଭାଗା ପ୍ରେମିକକୁ । ତା' ସହ ବିତାଇଥିବା ବିଗତ ଦିନର ସ୍ମୃତିକୁ ।

ବାହାରେ କାଉ, କୋଇଲିଙ୍କ ରାବରେ ଭାବନା ରାଇଜରୁ ଫେରି ଆସିଥିଲା ସୁବୋଧ । କାନ୍ଥ ଘଣ୍ଟାକୁ ଚାହିଁଥିଲା । ପାଞ୍ଚଟା ବାଜିଲାଣି । ସାରା ରାତିଟା ବିତିଗଲା ଉଜାଗରରେ ମିଠା ମିଠା ସ୍ମୃତିରେ ବିଭୋର ହୋଇ । ସେଇ ସ୍ମୃତିକୁ ପୁଣି ଥରେ ଉଜ୍ଜୀବିତ କରିବା ପାଇଁ ଆଜିର ଏ ପ୍ରୟାସ । ତିରିଶ ବର୍ଷର ବ୍ୟବଧାନ ପରେ କିଛି ସାଙ୍ଗମାନଙ୍କ ସହ ଭେଟଭାଟ । ସବୁ ଭିତରେ ପଲ୍ଲବୀ ସହ ସାକ୍ଷାତ ହେବାର ଦୃଢ଼ ପ୍ରତିଶ୍ରୁତି ମିଳିଛି ତା'ଠାରୁ । କାହିଁ କେତେ ପ୍ରତୀକ୍ଷାର ଅନ୍ତ ଘଟାଇ ପଲ୍ଲବୀ ତାକୁ ଦେଖା କରିବାକୁ ଚାହେଁ । ଜୀବନରେ ଏମିତି ଗୋଟିଏ ଗୋଟିଏ ଅପ୍ରତ୍ୟାଶିତ ମୁହୂର୍ତ୍ତ ଆସେ ଯାହା କଳ୍ପନାର ବାହାରେ ଥାଏ । ସକାଳ ନଅଟା ସୁଦ୍ଧା ଗେଷ୍ଟ ହାଉସରେ ପହଞ୍ଚିବା ପାଇଁ ସମୟ ନିର୍ଘଣ୍ଟ ହୋଇଛି । ବସିବା ସ୍ଥାନରୁ ଉଠି ପଡ଼ିଥିଲା । ନିତ୍ୟକର୍ମ ସାରି ପ୍ରସ୍ତୁତ ହେବାକୁ ପଡ଼ିବ ଯିବା ପାଇଁ । ଡେଣା ଲାଗିଥିଲା ମନରେ । ଅଧଘଣ୍ଟା ଭିତରେ ବାହାରି ପଡ଼ିଥିଲା କୋଣାର୍କ ଅଭିମୁଖେ ।

ନିର୍ଦ୍ଧାରିତ ସମୟ ପୂର୍ବରୁ ଗେଷ୍ଟ ହାଉସରେ ପହଞ୍ଚି ଉପର ମହଲାକୁ ଉଠି ଯାଇଥିଲା ସୁବୋଧ । ଉପର ମହଲାରେ ହିଁ ତିନିଟା ରୁମ୍ ବୁକ୍ ହୋଇଥିଲା ।

ପଲ୍ଲବୀକୁ ମିଶାଇ ସାତଜଣ ମିଟ୍‌ରେ ଯୋଗଦେବାର ଅଛି । ରୁମ୍‌ଗୁଡ଼ିକରେ ତାଲା ପଡ଼ିଥିଲା । କେହି ପହଞ୍ଚି ନଥିଲେ ଏଯାଏ । ବାଲ୍‌କୋନିରେ ପଡ଼ିଥିବା ଏକ ସୋଫାରେ ବସିପଡ଼ି ଚାହିଁଥିଲା ଚାରିଆଡ଼କୁ । ସାମ୍ନା ପଟରେ ସମୁଦ୍ର । ବିସ୍ତୀର୍ଣ୍ଣ ନୀଳ ଜଳ ରାଶି ଦିଗ୍‌ବଳୟ ଛୁଉଁଛି । ଦୁର୍ବାର ଶବ୍ଦରେ ସମୁଦ୍ର ଲହଡି ମୁଣ୍ଡ ପିଟୁଛି ବେଳାଭୂମିରେ । ସବୁଜ ଲନ୍‌ର ଠାଏ ଠାଏ ଭିନ୍ନ ଭିନ୍ନ ରଂଗର ଫୁଲ ହଲି ଦୋହଲି ସ୍ୱାଗତ କରୁଛନ୍ତି ଅତିଥିମାନଙ୍କୁ । ଛୋଟ ବଡ଼ ଗଛରେ କଅଁଳ ପତ୍ର । ଗଛ ଉହାଡ଼ରେ ଚଢ଼େଇମାନଙ୍କର କିଚିରି ମିଚିରି ଶବ୍ଦ । ବସନ୍ତ ତା'ର ରଂଗର ପସରା ମେଲେଇ ପାଳନ କରୁଛି ଖୁସିର ମହୋତ୍ସବ । ଏ ମହୋତ୍ସବରେ ସାମିଲ ହେବା ପାଇଁ ବସନ୍ତର ଆମନ୍ତ୍ରଣ । ଆମନ୍ତ୍ରଣ ରକ୍ଷା କରି ପଲ୍ଲବୀ ଆସିବ । ପଲ୍ଲବୀ ତାକୁ ଚିହ୍ନି ପାରିବ ? କେମିତି ଦିଶୁଥିବ ସେ... ଏତେ ବର୍ଷ ପରେ ତାକୁ ଦେଖି କେମିତି ସାମ୍ନା କରିବ ?

ଗେଷ୍ଟ ହାଉସ ଭିତରକୁ ଆଗ ପଛ ହୋଇ ଦୁଇଟି ଟ୍ୟାକ୍ସି ପ୍ରବେଶ କଲା । ଗାଡ଼ି ଭିତରୁ ବାହାରି ଆସିଲେ ଶ୍ରୀମୟ, ଚୈତନ୍ୟ, ଦେବାଶିଷ, ନାରଣ, ଲୁସି ଏବଂ ପଲ୍ଲବୀ । ଚେହେରାରେ ସମସ୍ତଙ୍କର କିଛି ନା କିଛି ପରିବର୍ତ୍ତନ ହୋଇଥିଲେ ବି ଚିହ୍ନି ପାରିଲା ସମସ୍ତଙ୍କୁ । ନୂପୁର ବେଷ୍ଟିତ ଛନ୍ଦମୟ ପଦପାତରେ ଆସୁଥିଲା ପଲ୍ଲବୀ । ଚଳଚଞ୍ଚଳ ହରିଣୀର ଆଖି ଯୋଡ଼ିକ ତା'ର ଖୋଜି ବୁଲୁଥିଲା ଯେମିତି କିଛି ରହସ୍ୟ ଭେଦ କରିବା ପାଇଁ । ଆଗଭଳି ପତଳା ଚେହେରା । ପ୍ରିୟ ଆକାଶୀ ରଂଗର ରେଶମୀ ଶାଢ଼ୀ ସାଙ୍ଗକୁ ଆକାଶୀ ରଙ୍ଗର ବିନ୍ଦି । ମୁକୁଳା କେଶ ଲମ୍ବିଛି ପୃଷ୍ଠ ଭାଗରେ । ଗୋଟିଏ ଗୋଟିଏ ସୁନା ଚୁଡି ହାତରେ ଏବଂ ସରୁ ଚେନ୍‌ଟାଏ ବେକରେ । ବେଶ୍ ସାଧାସିଧା ପୂର୍ବଭଳି । ସତେ ଅବା ଆକାଶର ରଙ୍ଗ ନେଇ ସ୍ୱର୍ଗରୁ ଓହ୍ଲେଇ ପଡିଛି ପରୀଟିଏ ଏଇ ମର୍ତ୍ତ୍ୟଲୋକରେ । ଏଇ ତାର ସ୍ୱପ୍ନର ନାରୀ । ଅଣ୍ଟା ତଳକୁ ସାମାନ୍ୟ ମେଦ ବହୁଳତା । କିଛି ବି ବଦଳିନି । ବୟସ ଛୁଇଁନି ତାକୁ ।

ଆଖି ଫେରାଇ ଆଣିଲା ନିଜ ଉପରକୁ । ନିରୀକ୍ଷଣ କଲା ନିଜକୁ । ଅମାନିଆଁ ଆଖି ପୁଣି ଡେଇଁ ପଡ଼ିଲା ସ୍ୱପ୍ନର ନାରୀଟି ଆଡ଼େ । କ'ଣ ଅଛି ତା ପାଖରେ ? ସେଇ ଚଞ୍ଚଳ ଆଖି, ହସ ହସ ମୁହଁ, ଗୋଲାପି ଅଧର, ଉଦ୍ଧତ ବକ୍ଷୋଜ, ଦୋଳାୟିତ ନିତମ୍ବ ଆଉ ବିପର୍ଯ୍ୟସ୍ତ ମେଘୁଆ କେଶରାଶି ଯାହାକୁ ସେ ଖୋଜେ କେବେ ନିଦ୍ରିତ ଅବସ୍ଥାରେ ରାତିର ଗଭୀରତାରେ । ପାହାଡ଼ ଜଙ୍ଗଲର ସବୁଜିମାରେ, ଝରଣାର କୁଳୁକୁଳ ନାଦରେ, ଆକାଶକୁ ଛାଇ ଯାଇଥିବା କଳାହାଣ୍ଡିଆ ମେଘରେ ଅବା ଫୁଲର ଅରଣ୍ୟରେ । ତା'ର ସେଇ ଛନ୍ଦରେ ଝରି ଯାଉଥିଲା ପ୍ରେମର କବିତା । ଖୋଜୁଥିଲା ଆଦିମ ମଣିଷ ନିଜକୁ । ଖୋଜୁଥିଲା ସ୍ୱପ୍ନ ଜଗାଉଥିବା ଇଭର ପାଦଚିହ୍ନକୁ । ସେ ପାଦଚିହ୍ନ ଚାଲିଯାଏ କେଉଁ ଘଞ୍ଚ ବନାନୀର ନିଷିଦ୍ଧ ଇଲାକା ମଧ୍ୟକୁ । ଖୋଜିବା ଦୂରୁହ ହୋଇପଡ଼େ । ତେବେ ବେଳେବେଳେ ମଣିଷ ଏମିତି ଖୋଜିପାଏ ନିଜକୁ ତଥା ତା'ର ଖୋଜିଲା ମଣିଷଟିକୁ ।

ପଲ୍ଲବୀର ଆଖି ମିଶି ଯାଇଥିଲା ତା' ଆଖିରେ । ମୁହଁରୁ ତା'ର ପିଚିକି ପଡ଼ିଥିଲା ପୁଳାଏ ହସ । ବାଲ୍‌କୋନିରୁ ଓହ୍ଲାଇ ଚାଲି ଆସିଥିଲା କିଛି ବାଟ ପଲ୍ଲବୀ ହାତ ଧରି ଉପର ମହଲାକୁ ନେଇଯିବା ପାଇଁ । ହେଲେ ଏଇ ସୁଯୋଗରୁ ବଂଚିତ ହୋଇଥିଲା ପଲ୍ଲବୀ ସାଥିରେ ଥିବା ସବୁ ବନ୍ଧୁମାନେ ତାକୁ ଦେଖିବା କ୍ଷଣି ହେଁ, ହେଁ ହୋଇ ହସି ଉଠିବା ଯୋଗୁଁ । ଥମ୍ ହୋଇ ଯାଇଥିଲା ତା'ର ପାଦ ଦୁଇଟା ।

ଶ୍ରୀମୟ ହସି ହସି କହିଥିଲା - "ଆରେ ଏ ଛୁପାରୁସ୍ତମଟାଏରେ । ଆମେ ଏଣେ ତେଣେ ଚାହିଁ ତୋତେ ଖୋଜି ହେଉଛୁ ଅଥଚ ତୁ ଏଠାରେ ଆଗରୁ ଆସି ଲୁଚି ରହିଛୁ ।"

"ଏକଲା ନିରୋଳାରେ କାହା ସହ ପ୍ରେମାଳାପ କରିବା ପାଇଁଆଗରୁ ଚାଲି ଆସିଥିବ । ଆଉ ଆଳାପ, ପ୍ରତ୍ୟାଳପରେ ବ୍ୟାଘାତ ସୃଷ୍ଟି ନହେବା ପାଇଁ ମୋବାଇଲ ସୁଇଚ ଅଫ କରି ଦେଇଛୁ ନା ?" ହସି ହସି କହିଥିଲା ନାରଣ । ନାରଣ ଏବେବି ସେମିତି ରହିଛି । ତା କଥା ସବୁଦିନେ ଏମିତି ।

ପଲ୍ଲିବୀ କହିଥିଲା - "ବାବୁ ସମୁଦ୍ରର ରହସ୍ୟ ଖୋଜି ଚାଲିଥିବେ । ତେଣୁ ମୋବାଇଲ ସୁଇଚ ଅଫ କରିବେନି କେମିତି ।"

ସମସ୍ତେ ହସି ହସି ଉପର ମହଲାକୁ ଉଠିଥିଲେ । ଶ୍ରୀମୟ କାଉଣ୍ଟରକୁ ଯାଇ ରୁମ୍‌ଗୁଡିକର ଚାବି ଆଣି ଖୋଲି ଦେଇଥିଲା । ପରେ ପରେ ବ୍ରେକଫାଷ୍ଟ ଖାଇ ସମସ୍ତେ ବାହାରି ପଡ଼ିଥିଲେ ପିକ୍‌ନିକ୍ ଉଦ୍ଦେଶ୍ୟରେ । ବ୍ରେକ୍‌ଫାଷ୍ଟ, ପିକ୍‌ନିକ୍‌ରେ ରୋଷେଇଠୁ ଆରମ୍ଭ କରି ଗେଷ୍ଟ ହାଉସରେ ରୁମ୍ ବୁକ୍ କରିବା ଆଦି ସବୁ କାର୍ଯ୍ୟ ଶ୍ରୀମୟ ଯୋଗାଡ଼ କରିଥିଲା ।

ବ୍ରେକ୍ ଫାଷ୍ଟ ପରେ ଟ୍ୟାକ୍ସିରେ ରାମଚଣ୍ଡୀ ମନ୍ଦିର ନିକଟସ୍ଥ ପିକ୍‌ନିକ୍ ସ୍ପଟ୍ ଅଭିମୁଖେ ସମସ୍ତେ ବାହାରି ଯାଇଥିଲେ । ନଦୀ ଆଉ ସମୁଦ୍ରର ସଂଗମସ୍ଥଳ ମନ ଛୁଇଁଥିଲା । ଫୁଲେଇ ନଈ ଖୁସିରେ ଫୁଲି ଉଠିଥିଲା ତା'ର ପ୍ରିୟ ସମୁଦ୍ର ପାଖରେ ପହଞ୍ଚି ଯାଇଥିବାରୁ । ପ୍ରିୟାର ଆଗମନରେ ଉଲ୍ଲସିତ, ବିଭୋର ସୁମଦ୍ର କୋଳେଇ ନେଇଥିଲା ଅଭିସାରିକା ନଈକୁ ଆଉ ଦୁହେଁ ଏକାକାର ହୋଇ ଯାଇଥିଲେ । ସୁବୋଧ ବି ଚାହୁଁଥିଲା ପଲ୍ଲବୀ ସାଥିରେ ଏକାନ୍ତରେ ମିଶିବା ପାଇଁ । କିଛି ବାର୍ତ୍ତାଳାପ କରିବା ପାଇଁ । ପଲ୍ଲବୀକୁ ଚାହିଁ ପୁଣି ଆଖି ଫେରାଇ ଆଣୁଥିଲା । ସାଥିରେ ଥିବା ବନ୍ଧୁମାନଙ୍କ ପାଇଁ ତାହା ସମ୍ଭବ ହେଉନଥିଲା । ସମସ୍ତେ ଏକାଠି ଥଟ୍ଟା, ମଜା, ହସ, ପରିହାସ ହେଉଥିବା ବେଳେ ବିଷର୍ଣ୍ଣତା ଛାଇ ଯାଇଥିଲା ସୁବୋଧ ମନରେ । ଭାବୁଥିଲା ତିରିଶ ବର୍ଷ ତଳର ସମୟଟା ଯେମିତି ଓଲଟି ପଡ଼ିଛି । ସେଇ ନଈ, ସମୁଦ୍ର, ଝାଉଁବଣ, ସାଙ୍ଗସାଥି ମେଳରେ ପିକ୍‌ନିକ୍ ବି । ସବୁ କିଛି ପୂର୍ବଭଳି । ସମସ୍ତେ ଖୁସିରେ ପ୍ରସାରିତ ହେଉଥିବାବେଳେ ସେ କିନ୍ତୁ ସଂକୁଚିତ ହୋଇ ଯାଉଛି ।

ପଲ୍ଲବୀ ଫେରିଛି । ଖୁବ୍ ନିକଟରେ ତା'ର । ହାତ ପାହାନ୍ତାରେ । ଅଥଚ ଧରିବା ସମ୍ଭବ ହେଉନି । ପାଖରେ ଥାଇ ବି ଯୋଜନ ଯୋଜନ ଦୂରରେ । ଗୋଟାଏ ଅଦୃଶ୍ୟ ପ୍ରାଚୀର ମେଯିତି ଛିଡ଼ା ହୋଇଛି ଦୁହିଁଙ୍କ ମଧ୍ୟରେ । କାହିଁକି ଦୁହିଁଙ୍କ ମଧ୍ୟରେ ଏତେ ବ୍ୟବଧାନ ... ପରସ୍ପରକୁ ଛୁଇଁ ଯିବାରେ ଏତେ କୁଣ୍ଠାବୋଧ... ? ସେଦିନ ତା ଜୀବନ ପରିଧି ଭିତରୁ ପଲ୍ଲିବୀ ବାହାରି ଯାଇ ନଥିଲେ ଆଜି ପତି -ପତ୍ନୀ ଭାବରେ ଦୁହେଁ ଏକାଠି ବସି ଅତୀତକୁ ରୋମନ୍ଥନ କରି ଚାଲିଥାନ୍ତେ । ଅନ୍ୟମାନଙ୍କଠାରୁ ଆହୁରି ଖୁସି ହେଉଥାନ୍ତେ । ହେଲେ ସବୁକିଛି ଓଲଟ ପାଲଟ ହୋଇଗଲା । ଥରୁଟିଏ ବି ଦେଖା ହୋଇ ପାରିଲାନି କେତେ କ'ଣ ଖୋଜାଖୋଜି ପରେ । ଭଗ୍ନ ମନ ନେଇ ଦିନ କଟୁଥିଲା । ଭାବିଥିଲା ଅପେକ୍ଷା କରିବାକୁ ଜନ୍ମାନ୍ତର ପର୍ଯ୍ୟନ୍ତ । ହେଲେ ତାହା ବି ସମ୍ଭବ ହେଲାନି ।

ବ୍ୟସ୍ତ, ବିବ୍ରତ ହୋଇ ପଡୁଥିଲେ ବାପା, ମାଆ ବୟସ ଗଡ଼ି ଯାଉଥିବା ଯୋଗୁଁ । ତାଛଡ଼ା ସେମାନଙ୍କ ଜୀବଦଶା ମଧ୍ୟରେ ଏକମାତ୍ର ପୁଅର ବାହାଘର ଦେଖି ପାରିବେ କି ନାହିଁ ସନ୍ଦେହ ଉପୁଜିଥିଲା ମନରେ । ଯେଉଁଥି ପାଇଁ ଦୁଃଖ ଆଉ ଅନୁଶୋଚନାରେ ଭାଙ୍ଗି ପଡୁଥିଲେ । କେତେଦିନ ଆଉ ଦୁଃଖ ଦେଇଥାନ୍ତା ପରିଣତ ବୟସରେ ବାପା, ମାଆଙ୍କ ମନରେ । କିଛି ଅଘଟଣ ସୃଷ୍ଟି ହେବାର ଆଶଙ୍କା ଆଉ ବାପା, ମାଆଙ୍କ ଇଚ୍ଛା ଅପୂରଣୀୟ ରହିଯିବାର ଅବଶୋଷ ପାଇଁ ସେମାନଙ୍କ ଦାବି ମାନିନେବାକୁ ପଡ଼ିଥିଲା । ବାଧ୍ୟ ସନ୍ତାନଟିଏ ହୋଇ ସେମାନଙ୍କ ପସନ୍ଦର କନ୍ୟାକୁ ବିବାହ କରିବାକୁ ପଡିଲା । ଯେଉଁ କନ୍ୟାକୁ ବିବାହ ପୂର୍ବରୁ ଦେଖି ନଥିଲା କି ଜାଣି ନଥିଲା । ସେମିତି କିଛି ଶିକ୍ଷାଗତ ଯୋଗ୍ୟତା ବି ନ ଥିଲା । ବିବାହ ପରେ ଖୁବ୍ ଭାଙ୍ଗି ପଡ଼ିଥିଲା । ଜଗତର କଲ୍ୟାଣ ପାଇଁ ସମୁଦ୍ରରୁ ଉଦ୍‌ଗତ ସବୁତକ ହାଳହଳ ପାନ କରି ନୀଳକଣ୍ଠ ସାଜିଥିବା ଶିବଙ୍କ ଭଳି ପରିବାରର ସୁଖ ପାଇଁ ନିଜର ଇଚ୍ଛା ଅନିଚ୍ଛାକୁ ହୃଦୟ ତଳେ ଚାପି

ରଖିବାକୁ ପଡ଼ିଥିଲା। ଏବେ ପିଲାମାନେ ବଡ଼ ହୋଇ ନିଜ ନିଜ ବାଟ ଧରିଲେଣି। ପତ୍ନୀ ସଂସାର ଜଞ୍ଜାଳରେ ବୁଡ଼ି ରହୁଥିବା ବେଳେ ସେ ଖୋଜି ଚାଲିଛି ତା'ର ଅତୀତକୁ କେବେ ବର୍ଷାର ଆକାଶରେ ତ କେବେ ଫୁଲର ଫଗୁଣରେ।

ବନ୍ଧୁମାନଙ୍କ ମଧ୍ୟରୁ କେହି ଜଣେ ଚିଲେଇଥିଲା – "ଆରେ ଏ କଲେଜରେ ଯେମିତି ଥିଲା ଏବେବି ସେମିତି ବିରହୀ ପ୍ରେମିକଟିଏ ହୋଇ ରହିଯାଇଛି।"

ହସି ଉଠିଥିଲେ ଅନ୍ୟମାନେ। ସୁବୋଧ ଫେରି ଆସିଥିଲା ସ୍ୱାଭାବିକତାକୁ। ଖାଇବା ପର୍ବ ଆରମ୍ଭ ହୋଇ ଯାଇଥିବାରୁ ତାକୁ ଡାକିବା ପାଇଁ ଆସିବାକୁ ପଡ଼ିଥିଲା ପଲ୍ଲବୀକୁ। ପଲ୍ଲବୀକୁ ଏକଲା ଦେଖି ପାଖକୁ ଡାକି କିଛି କଥା ହେବାକୁ ମନ ଚାହୁଁଥିଲା। ହେଲେ କିଛି କହି ପାରିନଥିଲା। ପଲ୍ଲବୀ ମୁହଁକୁ ଚାହିଁ ରହିଥିଲା। ସୁବୋଧର ମନ କଥା ବୁଝି ପାରିଥିଲେ ବି 'ଖାଇବା ଡେରି ହେଉଛି, ସମସ୍ତେ ଅପେକ୍ଷାରେ ଅଛନ୍ତି' କହି ଚାଲି ଯାଇଥିଲା ପଲ୍ଲବୀ। ପଛେ ପଛେ ଫେରିଥିଲା ସୁବୋଧ।

ପିକ୍‌ନିକ୍ ସାରି ଫେରି ଆସିଥିଲେ ସମସ୍ତେ କୋଣାର୍କ ଅଭିମୁଖେ। କୋଣାର୍କରେ ପହଞ୍ଚିଲା ବେଳକୁ ସନ୍ଧ୍ୟା ପ୍ରାୟ ଆଗତ। ଅସ୍ତଗାମୀ ସୂର୍ଯ୍ୟଙ୍କର ରକ୍ତିମ ଆଭା ଅଜାଡ଼ି ହୋଇ ପଡୁଥିଲା ମନ୍ଦିର ଗାତ୍ରରେ। ମନ୍ଦିରଗାତ୍ରରେ ଖୋଦିତ ନିଜର ଅବିକଳ ପ୍ରତିମୂର୍ତ୍ତିକୁ ଅପଲକ ନୟନରେ ଚାହିଁ ଚାହିଁ ଫେରୁଥାନ୍ତି ମା' କୋଳକୁ ସୂର୍ଯ୍ୟଦେବ। ସନ୍ଧ୍ୟାରେ ଝାପ୍‌ସା ଅନ୍ଧକାରକୁ ପ୍ରତିହତ କରି ମନ୍ଦିର ବେଢ଼ା ନିଅନ୍ ଆଲୁଅରେ ଉଦ୍‌ଭାସିତ। ପଥରରେ ନିପୁଣ ଭାବେ ଖୋଦିତ ପ୍ରାଚୀନ ଦେବାଦେବୀ ମୂର୍ତ୍ତି, ପଶୁପକ୍ଷୀ, ବୃକ୍ଷଲତା, ନର୍ତ୍ତକୀର ଭିନ୍ନ ଭିନ୍ନ ଅଙ୍ଗଭଙ୍ଗୀ ଏବଂ ମୈଥୁନ ରତ ନାରୀ ପୁରୁଷର ମୂର୍ତ୍ତିଟିମାନ ଶୋଭା ବର୍ଦ୍ଧନ କରୁଥାଏ ମନ୍ଦିର ଗାତ୍ରରେ। ତିରିଶ ବର୍ଷ ତଳେ କଲେଜରେ ପଢ଼ିଲା ବେଳେ ଏଇ ମୂର୍ତ୍ତିକୁ ପଲ୍ଲବୀଙ୍କୁ ଦେଖେଇ ବିମୋହିତ, ଶିହରିତ ହେଉଥିଲା ସୁବୋଧ। ପଲ୍ଲବୀ ଲାଜେଇ ଯାଇ ମୁହଁ ଜାକି ଦେଉଥିଲା ସୁମୋଧ ଛାତିରେ। ସେଦିନର ସେଇ ସ୍ମୃତିକୁ ହୃଦୟ ତଳେ ଧରି ରଖି ଏକ ଭଗ୍ନ ଶିଳା ଉପରେ ବସି ଅତୀତକୁ ରୋମନ୍ଥନ କରି ଚାଲିଥିଲା ସୁବୋଧ।

ସେଲ୍‌ଫି ନେଉଥିଲେ, ଫଟୋ ଉଠାଉଥିଲେ ଅନ୍ୟ ବନ୍ଧୁମାନେ। ଗ୍ରୁପ୍ ଫଟୋ ଉଠାଇବା ପାଇଁ ଏକାଠି ହେଲେ ସମସ୍ତେ। ସୁବୋଧ କିନ୍ତୁ ଆଖପାଖରେ କେଉଁଠି ନଥିଲା। ସମସ୍ତଙ୍କୁ ଗୋଟିଏ ସ୍ଥାନରେ ରହିବାକୁ କହି ସୁବୋଧକୁ ଡାକିବା ପାଇଁ ଗଲା ନାରଣ। କିଛି ସମୟ ଖୋଜାଖୋଜି ପରେ ସୁବୋଧକୁ ସାଥିରେ ଆଣି ଫେରିଲା ନାରଣ। ସେମାନେ ଫେରିବା କ୍ଷଣି ଶ୍ରୀମୟ କହିଲା – "ଦୀର୍ଘ ତିରିଶ ବର୍ଷ ପରେ ଆମେ ଆଜି ଏକାଠି ହୋଇଛେ। ଆଉ କେତେଜଣ ବି ଆସି ପାରିଲେନି କାର୍ଯ୍ୟବ୍ୟସ୍ତତା ଯୋଗୁଁ। ଏମ୍.ଏ.ଶେଷ ବର୍ଷ ଆମେ ଏଠାକୁ ପିକ୍‌ନିକ୍‌ରେ ଆସିଥିଲେ। ଏଣୁ ଆମର ପ୍ରଥମ ମିଟ୍ ପାଇଁ ଏଇ ସ୍ଥଳକୁ ଉପଯୁକ୍ତ ମନେ କରିଥିଲୁ। ଏଣିକି ପ୍ରତିବର୍ଷ ଆମର ଗେଟ୍‌ଟୁଗେଦର ଭିନ୍ନ ଭିନ୍ନ ସ୍ଥଳରେ ହେଲେ କେମିତି ହୁଅନ୍ତା? ତା ଛଡା ଆଜିର ଏ ଆୟୋଜନ ତରବରିଆ ଭାବରେ ହୋଇଥିବାରୁ କିଛି ତ୍ରୁଟି ରହି ଯାଇଛି ବୋଧେ। ସୁବୋଧର ହାବଭାବରୁ ଜଣାପଡୁଛି ସେ ଯେମିତି ଖୁସି ନୁହେଁ ଏଇ ଆୟୋଜନରେ।"

ପ୍ରତିବର୍ଷ ମିଟ୍ ପାଇଁ ଅନ୍ୟମାନେ ସମ୍ମତି ପ୍ରକାଶ କରିଥିଲେ। ସୁବୋଧ କିନ୍ତୁ ଚୁପ୍ ବସିଥିଲା। ସୁବୋଧ ପାଖକୁ ଲାଗି ଆସି ପଲ୍ଲବୀ କହିଲା – 'କିଛି କହୁନ ଯେ!'

"କ'ଣ କହିବି?"

"ତୁମେ ଠିକ୍ ଆଗ ପରି ରହି ଯାଇଛ। ଏତେ ଅନ୍ୟମନସ୍କ କ'ଣ ଯେ... ମନ ମାରି ବସିଥିବ ଯେ ବସିଥିବ।" ଅନ୍ୟମାନଙ୍କ ଅଗୋଚରରେ ମୁହଁ ତଳକୁ କରି କହି ଚୁପ୍ ରହିଗଲା।

ନାରଣ କହିଲା – "ସୁବୋଧର କିଛି ପ୍ରୋବ୍ଲେମ୍ ଅଛି ବୋଧେ। ଯେଉଁଥିପାଇଁ ସେ ଚୁପ୍‌ଚାପ୍ ରହୁଛି। ତାଛଡ଼ା ଏତେ କମ୍ ସମୟରେ ଏଇ ଆୟୋଜନ ଖୁବ୍ ଭଲ ହୋଇଛି।"

ଦେବାଶିଷ କହିଲା – ସତରେ ସେ ଛୁପା ରୁସ୍ତମଟାଏରେ। ମୁଁ ଚାରି ବର୍ଷ କାଳ ହଷ୍ଟେଲରେ ତା' ସାଥିରେ ରହିବି ତା ସମ୍ପର୍କରେ କିଛି ଜାଣିପାରିନଥିଲି। ବାବୁ କାହା ସାଥିରେ ପ୍ରେମ କରୁଥିବ ସେକଥା କେହିବି ଟେର୍ ପାଇବେନି। ଏବେ ସେମିତି ସୁନ୍ଦରୀ ପତ୍ନୀ, ପିଲା ଛୁଆର ବାପା ହୋଇବି କାହା ପ୍ରେମରେ ମଜ୍ଜି ରହିଥିବ ସେକଥା କିଏ କହିବ?"

ଦେବାଶିଷ କଥାରେ ସମସ୍ତେ ହସି ଉଠିଥିଲେ। ସୁବୋଧ ମୁହଁରେ କିନ୍ତୁ ଗମ୍ଭୀରତା ଭରି ରହିଥିଲା। ପରିସ୍ଥିତିକୁ ହାଲ୍‌କା କରିବା ପାଇଁ ଚୈତନ୍ୟ ସୁବୋଧ କାନ୍ଧରେ ହାତ ପକାଇ ପୋଜ୍‌ରେ ଠିଆ ହୋଇ ଅନ୍ୟମାନଙ୍କୁ ଧାଡ଼ିରେ ଠିଆ ହେବାକୁ କହି ଫଟୋଗ୍ରାଫରକୁ ଡାକିଥିଲା ଗ୍ରୁପ ଫଟୋ ଉଠାଇବା ପାଇଁ। ପରେ ପରେ ସେମାନେ ଫେରି ଆସିଥିଲେ ଗେଷ୍ଟ ହାଉସ୍‌କୁ।

ଗେଷ୍ଟ ହାଉସରେ ପହଞ୍ଚିବା ପରେ ଦିନଟା ଯାକର କ୍ଳାନ୍ତି ମେଣ୍ଟେଇବା ପାଇଁ ପ୍ରତ୍ୟେକ ନିଜ ନିଜର ବେଡ୍ ଉପରେ ଗଡ଼ି ପଡ଼ିଲେ। ବିତିଗଲା କିଛି ସମୟ ନିରବରେ। ତା'ପରେ ଚାଲିଲା ଗପର ଆସର। ଦୀର୍ଘଦିନର ବ୍ୟବଧାନ ମଧ୍ୟରେ ସାଉଁଟିଥିବା ଅଭିଜ୍ଞତା, ସାଂସାରିକ ଜୀବନର ଝିନ୍‌ଝଟ୍, ଉଠପଡ଼, ହଜେଇ ପାଇବା ଆଦି ସମସ୍ୟା ସମ୍ପର୍କୀୟ ଆଲୋଚନାରେ ସଭିଏଁ ମଗ୍ନ ଥିବା ବେଳେ ସୁବୋଧ ବାଲ୍‌କୋନୀରେ ଏକାକୀ ବସି ଚାହିଁ ରହିଥିଲା ସମୁଦ୍ର ଆଡ଼େ। ଲୁସି ଆଉ ପଲ୍ଲବୀ ଗପି ଚାଲିଥିଲେ ଗୋଟିଏ ରୁମ୍‌ରେ।

ଗେଷ୍ଟ ହାଉସ୍ ଆଟେଣ୍ଡାଣ୍ଟ ରାତ୍ରି ଭୋଜନ ସମ୍ପର୍କରେ ପଚାରିବାକୁ ଆସିଥିଲା। ଶ୍ରୀମୟ ବେଡ୍‌ରୁ ଉଠି ପଡ଼ି ସମସ୍ତଙ୍କ ମତାମତ ଲୋଡ଼ିଥିଲା। ଦିନରେ ମଟନ୍ ଖିଆ ହୋଇଥିବାରୁ ସମସ୍ତେ ରୁଟି ସାଥିରେ ଭେଜ ଖାଇବାକୁ କହିଥିଲେ। ସୁବୋଧ କିଛି ନକହି ଚୁପ୍ ରହିଥିଲା। ନାରଣ କହିଲା – "ଆମେ ସବୁ ଘର ସଂସାର ଆଉ ଖାଇବା ପିଇବା ନେଇ କଥା ହେଉଥିବା ବେଳେ ସୁବୋଧର ସମସ୍ୟା ଅନ୍ୟ କିଛି। ଯେଉଁଥିପାଇଁ ସେ ଆସିବା ବେଳଠୁ କେଉଁ ଭିନ୍ନ ଇଲାକାରେ ବିଚରଣ କରୁଛି। ସ୍ୱାଭାବିକ ଲାଗୁନି ତା'ର ଆଚରଣ ବିଚାରଣ।"

ଲୁସି କହିଲା – "ମୁଁ ଯେତିକି ଜାଣିଛି କଲେଜରେ ସେ ଏତେ ଅନ୍ୟମନସ୍କ ରହୁନଥିଲେ। ଏବେକୁ ସେ ଖୁବ୍ ବଦଳି ଯାଇଛନ୍ତି।"

ପଲ୍ଲବୀ ପ୍ରକାଶ୍ୟରେ କିଛି ନ କହିଲେ ବି ମନେ ମନେ ଲୁସିକୁ କହୁଥିଲା କଲେଜ ଜୀବନରେ ତୁ କେମିତି ଜାଣିବୁ ତାଙ୍କୁ। ତାଙ୍କ ସହ ମିଶୁଥିବା ପୁଅ ସାଙ୍ଗମାନେ ବି କିଛି ଜାଣିପାରନ୍ତିନି ତାଙ୍କ ସମ୍ପର୍କରେ। କେବଳ ସେହିଁ ତାଙ୍କୁ ଭଲ ଭାବରେ ପଢ଼ିଛି ଆଉ ଜାଣିଛି। ଆଜିର ଏ ଅନ୍ୟମନସ୍କତାର କାରଣ ସେ ନିଜେ। କେଉଁ ଭାବନା ରାଇଜରେ ହଜି ଯାଇ ତାକୁ ହିଁ ସେ ଖୋଜି ଚାଲିଛନ୍ତି। ଖୋଜି ଚାଲିଛନ୍ତି ତା'ର ଅତୀତ, ବର୍ତ୍ତମାନ ସମ୍ପର୍କରେ ଜାଣିବା ପାଇଁ। ଯାହା ଅଛପା ରହିଛି ତାଙ୍କ ନିକଟରେ ଏଯାଏଁ।

ବନ୍ଧୁମାନଙ୍କର ଥଟ୍ଟା, ମଜାରେ ଅଶ୍ୱସ୍ତି ଅନୁଭବ କରି ବସିବା ସ୍ଥାନରୁ ଉଠି ଆସିଲା ସୁବୋଧ। ଧିରେ ଧିରେ ଆଗେଇ ଚାଲିଲା ସମୁଦ୍ର ଆଡ଼େ। ସମସ୍ତେ ଗୁମ୍ ମାରି ବସିଗଲେ ସୁବୋଧର ହାବ ଭାବରେ। ସୁବୋଧକୁ ଡାକି ଆଣିବା ପାଇଁ ଶ୍ରୀମୟ କହିଲା। ନାରଣ କହିଲା ନାଁ ତା ମନ ଶାନ୍ତ ପଡ଼ିଗଲେ ସେ ବଳେ ଆସିବ। ପଲ୍ଲବୀର ଇଚ୍ଛା ହେଉଥିଲା ଦୌଡି ଯାଇ ତାଙ୍କ ହାତ ଧରି ଟାଣି ଆଣିବାକୁ। ହେଲେ ସମସ୍ତଙ୍କ ସାମ୍ନାରେ ନିଜକୁ ଲୁଚେଇବାକୁ ଯାଇ ଚୁପ୍ ରହିଥିଲା କିଛି ସମୟ। ପରେ ପରେ ଅନ୍ୟମାନଙ୍କ ଅଲକ୍ଷ୍ୟରେ ତଳକୁ ଓହ୍ଲାଇ ବେଳାଭୂମି ଅଭିମୁଖେ ଚାଲିଥିଲା ସୁବୋଧଙ୍କୁ ଖୋଜିବା ପାଇଁ।

ଆକାଶରେ ପୂର୍ଣ୍ଣମୀ ଜହ୍ନର ଆକର୍ଷଣ। ଜହ୍ନକୁ ଛୁଇଁବାକୁ ଉଦ୍‌ବିଗ୍ନ ସମୁଦ୍ର। ଫୁଲି ଉଠୁଥାଏ ଛାତି। ଆକାଶ ଛୁଇଁବାର ଆସ୍ପର୍ଦ୍ଧା। ସବୁ ଚେଷ୍ଟା ବୃଥା ଯୋଗୁଁ ବେଳାଭୂମିରେ ମୁଣ୍ଡ ପିଟୁଥାଏ ଛାତି ଥରେଇ ଦେଲା ଭଳି ଉତ୍ତୁଙ୍ଗ ତରଙ୍ଗମାଳ। ପଲ୍ଲବୀ ଛାତିରେ କମ୍ପନ। ମନରେ ଆଶଙ୍କା। ସୁବୋଧଙ୍କୁ କେଉଁଠି ଦେଖି ପାରୁନଥିଲା। ନିଜକୁ ଧିକ୍କାର କରୁଥିଲା ତାଙ୍କ ପଛେ ପଛେ ଆସିନଥିବା ଯୋଗୁଁ। ଆଖପାଖରେ କେହି କେଉଁଠି ନଥିଲେ। ସାମାନ୍ୟ ଅନ୍ଧାରୁଆ ଏଇ ସ୍ଥାନଟି। ନୋଳିଆ ବସ୍ତି ଆଉ ଜନସମାଗମ ହେଉଥିବା ବେଳାଭୂମିର ମଝିରେ ଥିବା ଏଇ ସ୍ଥାନରେ ସମୁଦ୍ରର ଭୀଷଣତା ଅନୁଭୂତ ହୁଏ ସୁଉଚ୍ଚ ଢେ଼ଉ ରାସ୍ତା ପାର୍ଶ୍ୱସ୍ଥ ପଥର ବନ୍ଧ ପ୍ରାୟ ଛୁଉଁଥିବା ଯୋଗୁ। ଶଙ୍କାକୁଳ ମନ ନେଇ ଆଗେଇ ଚାଲିଥିଲା ବେଳାଭୂମିରେ ପଲ୍ଲବୀ। ଖଣ୍ଡେ ଦୂର ଆସିବା ପରେ ପାର୍ଶ୍ୱସ୍ଥ ହୋଟେଲରେ ଅବସ୍ଥାନ କରୁଥିବା ଅଳ୍ପ କେତେଜଣ ପର୍ଯ୍ୟଟକଙ୍କୁ ଦେଖିଥିଲା ବେଳାଭୂମିରେ। ଚାରିଆଡକୁ ବୁଲି ଚାହିଁଲା। ସୁବୋଧ ନଥିଲେ ସେଠାରେ। ପ୍ରାୟ ତିନି କିମି ବାଟ ଚାଲି ଆସିଥିଲା କ୍ଷିପ୍ର ଗତିରେ। ଥକି ପଡ଼ିଲାଣି ଗୋଡ଼ ଦୁଇଟା। ଆଉ ଚାଲିବାକୁ ବଳ ନଥିଲା। ତଥାପି ମନରେ ଶକ୍ତି ସଞ୍ଚୟ କରି ମନ୍ଥର ଗତିରେ ଚାଲିଥିଲା।

ଠାଏ ଠାଏ ଜହ୍ନ ଆଲୁଅ ବାଲୁକା ରାଶିରେ ପଡ଼ି ମଣିଷର ଭ୍ରମ ସୃଷ୍ଟି କରୁଥାଏ। ପାଖକୁ ଯାଇ ଫେରିଆସେ। ଏଇ ସାମାନ୍ୟ ଦୂରରେ କେହି ଆଗକୁ ଚାଲୁଥିବା ମନେ ହେଉଛି। ସୁବୋଧ ନୁହେଁତ... ନାଁ ତା' ବ୍ୟାକୁଳ ମନର ଭ୍ରମ ? ପାଖକୁ ଚାଲିଲା ଜୋର୍‌ରେ। ଏକ ଅହେତୁକ ଆନନ୍ଦ ଖେଳିଗଲା ମନରେ। 'ସୁବୋଧ... 'ସୁବୋଧ' ଡାକି ପାଖକୁ ଦୌଡ଼ି ଆସି ହାମୁଡ଼େଇ ପଡ଼ିବା କ୍ଷଣି ସୁବୋଧ ଦୁଇ ହାତରେ ଧରି ପକାଇଲା ପଲ୍ଲବୀକୁ। ପଲ୍ଲବୀ ଥିଲା ସ୍ଥିର, ଅଚଞ୍ଚଳ ସୁବୋଧର ଦୁଇ ହାତ ବେଷ୍ଟନୀ ମଧ୍ୟରେ। ଧଇଁ ସଇଁ ହେଉଥିଲା। ଏକ ଲମ୍ବା ଦୀର୍ଘଶ୍ୱାସ ବାହାରି ଆସିଥିଲା ଛାତିରୁ। ମୁହଁରେ ଆଶ୍ୱସ୍ତିର ଚିହ୍ନ ବାରି ହୋଇ ପଡୁଥିଲା।

ବିତିଗଲା କିଛି ସମୟ ନିରବରେ। ଉଭୟେ ଉଭୟଙ୍କୁ ଚାହିଁ ରହିଥିଲେ ଯାହା। ପାଟିରେ ଭାଷା ନଥିଲେ ବି ଆଖିରେ ଆଖିରେ ପଢ଼ି ହେଉଥିଲା ଅନେକ କିଛି। ଆଶ୍ଚର୍ଯ୍ୟ ହୋଇଥିଲା ସୁବୋଧ ପଲ୍ଲବୀ ଏକାକୀ ତାକୁ ଖୋଜି ଖୋଜି ତା ପାଖରେ ପହଞ୍ଚି ଯାଇଥିବା ଯୋଗୁଁ। ତାପୁଣି ନିର୍ଜନ ବେଳାଭୂମିରେ କାହିଁ କେତେବାଟ ଚାଲି ଚାଲି ଥକି ପଡ଼ିବା ସତ୍ତ୍ୱେ। ଏକ'ଣ ସେଇ ନୀଳ ନୟନା ପଲ୍ଲବୀ ଦିନେ ଯିଏ ଏଇ ନିର୍ଜନ ବେଳାଭୂମିର ବାଲୁକା ଶଯ୍ୟାରେ ତା କୋଳରେ ଥାଇ ନିଶବ୍ଦରେ ପଢୁଥିଲା ତା ମନର ଭାଷା ଆଖିରେ ଆଖି ମିଳେଇ। ସେଇ ମୁହଁ ଯେଉଁଠି ନୈସର୍ଗିକ ପ୍ରେମର ସ୍ୱଚ୍ଛ ଧାରା ଧାବିତ ହେଉଛି ଝରଣାର ଝର ଭଳି ଗୀତ ଗାଇ ଗାଇ। ଫଗୁଣର ଫଗୁରେ ରଂଗେଇ ହୋଇଛି ଅବା ଅସଂଖ୍ୟ ଫୁଲର ସୌନ୍ଦର୍ଯ୍ୟ ମାଖି ହୋଇଛି ଏଇ ମୁହଁରେ। କେତେ ଯେ ପ୍ରେମ କବିତା ଝରୁଥିଲା ତା ଛନ୍ଦରେ। ହେଲେ ସବୁ କିଛି ସ୍ତବ୍ଧ, ନିଷ୍ପନ୍ଦ ହୋଇଗଲା ସମୟର ଚୋରାବାଲିରେ।

ସମୟର କେତେ ଯେ ଦୀର୍ଘ ପଥ ଅତିକ୍ରମି ଯାଇଛି ଏ ଭିତରେ। ବୟସ ବଢ଼ି ଗଲାଣି। ନିଜ ନିଜ ସଂସାରରେ ବନ୍ଦୀ ସେମାନେ। ତେବେ କାହିଁକି ଆଜି ତା'ର ଏଇ ଅନୁଭବ ? ଥୁଣ୍ଟା ଗଛରେ କଅଁଳି ଯାଏ ପତ୍ର। ରଂଗ ବୋଳିଦିଏ ବସନ୍ତ ମନରେ, ପ୍ରାଣରେ।

ସୁବୋଧର ନିରବତା ଲକ୍ଷ୍ୟ କରି ମୁହଁ ଖୋଲିଥିଲା ପଲ୍ଲବୀ – "କ'ଣ କିଛି କହିବନି ବୋଲି ପ୍ରତିଜ୍ଞା କରିଛ ନାଁ କବିତା ପଢ଼ି ଚାଲିଛ ମୁହଁରୁ" ? ଚମକି ପଡ଼ି ଭାବନା ରାଇଜରୁ ଫେରି ଆସିଲା ସୁବୋଧ ଆଉ ପଚାରିଲା 'କ'ଣ କିଛି କହିଲ ?'

'ଠିକ୍ ଆଗ ପରି ରହିଛ। କେତେଯେ ଅନ୍ୟମନସ୍କତା। ପଦେ ଅଧେ କଥା କହିବାକୁ ପଇସା ଦେବାକୁ ପଡୁଛି ଯେମିତି।'

'କେବେ କେବେ କହି ହୁଏନି ମନର କଥା। ମଣିଷ ପ୍ରକାଶ କରି ପାରେନା ତା'ର ଅନୁଭବ, ତା'ର ଅଭିବ୍ୟକ୍ତି।'

"କ'ଣ କବିତା ଲେଖିବା ପାଇଁ କିଛି ଶବ୍ଦ, କିଛି ପଂକ୍ତି ମନେ ପଡ଼ିଗଲା ? ବେଳେବେଳେ ତୁମ ମୁଣ୍ଡରେ ଏମିତି ଭୂତ ପଶିଯାଏ କାହିଁକି ? ଏବେବି ସେଇ ପାଗଳାମୀ ?

ଏ ସ୍ୱର ଆଉ କାହାରି ନୁହେଁ, ତିରିଶି ବର୍ଷ ତଳେ କଲେଜରେ ପଢୁଥିବା ସେଇ ଝିଅଟିର ତାଗିଦ ଆଉ ପ୍ରତିବାଦର ସ୍ୱର ଭଳି ମନେ ହେଉଥିଲା। ଏବେବି କ'ଣ ସେ ତାର ଦୋଷ, ଦୁର୍ବଳତା ଉପରେ ଅଙ୍କୁଶ ଲଗାଇବାକୁ ଚାହେଁ। ଆଶ୍ଚର୍ଯ୍ୟ ହେବା ସଂଗେ ସଂଗେ ବିହ୍ୱଳିତ ହେଉଥିଲା ମନେ ମନେ । କିଛି ସମୟର ନିରବତା ପରେ ମନରେ ଅହେତୁକ ପୁଲକ ଭରି ସୁବୋଧ କହିଥିଲା – " ତୁମ ପାଗଳାମୀ ତ କିଛି କମ୍ ନୁହେଁ।"

ମୁହଁରେ ଗମ୍ଭୀରତା ଭରି ପଲ୍ଲବୀ ପଚାରିଥିଲା – ' ମୁଁ କ'ଣ ପାଗଳାମୀ କଲି ଯେ...'

ସାମାନ୍ୟ ହସି ସୁବୋଧ କହିଥିଲା – 'ମୁଁ କେଉଁଠି ପାଗଳାମୀ କଲି ?'

ଆରେ ବାଃ, ମିଟ୍‌କୁ ଆସିବା ବେଳଠୁ ଏ ପର୍ଯ୍ୟନ୍ତ ଧାନଉଁସା ହାଣ୍ଡି ଭଳି ମୁହଁ କରିଥିଲ ଆଉ ଏବେ ମୁହଁରେ ହସ ଖେଳେଇ ପଚାରୁଛ ତୁମର ପାଗଳାମୀ କେଉଁଠି। ବନ୍ଧୁମାନଙ୍କ ମେଳରେ ଗୁମ୍ ମାରି ବସିବା, ଥଟ୍ଟା ପରିହାସ ଭିତରେ ହଠାତ୍ ଉଠି ଚାଲି ଆସିବା ଆଉ ଏଇ ନିର୍ଜନ ରାତିରେ ଏକାକୀ ସୁମଦ୍ରର 'ଭୀଷଣତାକୁ ସାମ୍ନା କରି ଢେଉ ଗଣିବା ପାଗଳାମୀ ନୁହେଁ ତ ଆଉ କ'ଣ ?

ଏଇ ନିର୍ଜନ ରାତିରେ ତମେ ବି ଏକା ଏକା ବିପଦକୁ ବରଣ କରି ମୋତେ ଅନୁସଂଧାନ କରିବା ପାଗଳାମୀ ନୁହେଁ ?

ମୁଁ ଜାଣିଛି ଏମିତି ଯୁକ୍ତି କରି ତମେ ନିଜ ଦୋଷ ସ୍ୱୀକାର କରିବ ନାହିଁ। କ'ଣ ଦରକାର ଥିଲା ଏକାକୀ ସମୁଦ୍ରର ଏଇ ସୁଉଚ୍ଚ ଢେଉ ପାଖରେ ଅନ୍ୟମନସ୍କ ଭାବେ ବୁଲି ବିପଦର ସମ୍ମୁଖୀନ ହେବା ? ତୁମକୁ ଖୋଜି ଖୋଜି କେଉଁଠି ନପାଇ ମୁଁ ଯେ କେଉଁ ଅବସ୍ଥାରେ ଥିଲି ...।

କିନ୍ତୁ କାହିଁକି ? ବୟସ ତ ହେଲାଣି, କ'ଣ ଯାଏ ଆସେ ଯେବେ କିଛି...।

ସୁବୋଧ ପାଟିରେ ହାତ ଦେଇ ଚୁପ୍ କରାଇ ଦେଇଥିଲା ପଲ୍ଲବୀ।

ସମୟ ସାଥିରେ ଅନେକ କିଛି ବଦଳି ଯାଇଛି ପଲ୍ଲବୀ। ଦିନ ଥିଲା ମୋ ଦୁଃଖ ସୁଖରେ ତମେ ଦୁଃଖୀ ଆଉ ସୁଖୀ ହେଉଥିଲ। ଏବେ ତ ତମେ ଆଉ କାହାର ଦୁଃଖସୁଖରେ ସମଭାଗୀ ହେଉଥିବ। ଘଟଣାଚକ୍ରରେ ଏମିତି ଦେଖା ହୋଇଗଲା ସିନା। ଏଇ ତିରିଶ ବର୍ଷ ମଧ୍ୟରେ କେବେ ମନେ ପଡ଼ିଛି ମୋ କଥା ? କେବେ ଭାବିଛ ମୁଁ କେମିତି ଅଛି ? ସୁଖରେ ରହିବ ବୋଲି ତ ମୋଠୁ ଦୂରେଇ ଗଲ। କିଛି ବି ଜଣାଇଲନି ତୁମ ସମ୍ପର୍କରେ। ଏବେ ଜାଣିବାକୁ ପାଇଲି ଅଧ୍ୟାପକ ସ୍ୱାମୀ ଏବଂ ଦୁଇ ପିଲାଙ୍କୁ ନେଇ ତୁମ ସଂସାର ସମ୍ପର୍କରେ। କିଏ ସେଇ ଭାଗ୍ୟବାନ ମଣିଷଟି ?

ପଲ୍ଲବୀ ନିରବ ରହିଥିଲା। ସୁବୋଧ ପଚାରିଥିଲା ନାଁ, ଗାଁ ତା ସ୍ୱାମୀଙ୍କର। ସ୍ୱାମୀ ତଥା ପିଲାମାନଙ୍କ ସମ୍ପର୍କରେ। କେମିତି ଅଛନ୍ତି ସେମାନେ। ସୁଯୋଗ ଦେଖି କେବେ ପରିଚୟ କରାଇ ଦେବାକୁ କହିଥିଲା। ପଲ୍ଲବୀ ତଥାପି ନିରବ ଥିଲା। ନିରବତାର ଏକ ଝଡ଼ ବୋହିଗଲା ଯେମିତି। ଦୋହଲି ଯାଇଥିଲା ପଲ୍ଲବୀର ଅସ୍ତିତ୍ୱ ଏଇ ଝଡ଼ର ସାମ୍ନା କରି। ଝଡ଼ରୁ ଉତୁରି ଯାଇଥିବା ଥୁଣ୍ଟା ଗଛଟି ଭଳି ଝାଉଁଳି ପଡ଼ିଥିଲା ଗୋଟାସୁଦ୍ଧା। ପ୍ରଶ୍ନ ଏଡ଼େଇ ଦେବାକୁ ବାଟ ଖୋଜୁଥିବା ବେଳେ ସ୍ୱାମୀଙ୍କ ସମ୍ପର୍କରେ କିଛି କହିବା ପାଇଁ ରାଣ ପକାଇ ସବୁ ବାଟ ବନ୍ଦ କରି ଦେଇଥିଲେ ସୁବୋଧ। ଅଗତ୍ୟା ବାଧ ହୋଇଥିଲା ପଲ୍ଲବୀ ମୁହଁ ଖୋଲିବାକୁ।

ତୁମେ କହୁଥିଲ ନା ଅଧ୍ୟାପକ ସ୍ୱାମୀ ଆଉ ଦୁଇ ପିଲାଙ୍କୁ ନେଇ ମୋ ସଂସାର ବୋଲି। ଶୁଣାକଥା ସତ ହେଲେ ବି ନିହାତି ଏକ ପାଖିଆ।

ମାନେ... ?

ମୋ ନିଷ୍ପତ୍ତିରେ ହୁଏତ ସ୍ୱାମୀଙ୍କର ସମ୍ମତି ସମ୍ପର୍କରେ ମୁଁ ଅବଗତ ନୁହେଁ।

ଏ କେମିତି କଥା। ସ୍ୱାମୀରଙ୍କର ସମ୍ମତି ଲୋଡ଼ା ମାନେ... ? ମୁଁ କହିଛି ନା; ସ୍ୱାମୀ ଭାବେ ଯାହାଙ୍କୁ ମୁଁ ଗ୍ରହଣ କରିଛି ତାହା ଥିଲା ଏକ ପାଖିଆ। ଆଜି ପର୍ଯ୍ୟନ୍ତ ତାଙ୍କ ସମ୍ମତି ନେବାର ସମୟ ଆଉ ସୁଯୋଗ ମିଳିନଥିଲା। ଆଜି ସେଇ ସମୟ ଆଉ ସୁଯୋଗ ଆସିଛି ଘଟଣାକ୍ରମରେ। ତମେ ରାଣ ପକାଇ ନଥିଲେ ହୁଏତ ଏଇ ସୁଯୋଗ ଆସିନଥାନ୍ତା। କେଉଁ ପତ୍ନୀ ତା ସ୍ୱାମୀଙ୍କ ରାଣ ଆଗରେ ସତ କହିବାକୁ ପଛେଇ ଯିବ ଭଲା।

ଏସବୁ ତମେ କ'ଣ କହି ଯାଉଛ ପଲ୍ଲବୀ। ଆଶ୍ଚର୍ଯ୍ୟଚକିତ ହୋଇ ସୁବୋଧ ଚାହିଁ ରହିଥିଲା ପଲ୍ଲବୀର ମୁହଁକୁ।

ପ୍ରଥମ ଭଲ ପାଇବାରୁ ହିଁ ତୁମକୁ ସ୍ୱାମୀ ଭାବରେ ଗ୍ରହଣ କରିନେଇଥିଲି। ହେଲେ ଏମ.ଏ. ପାସ କରିବା ପରେ ଘଟଣାଚକ୍ରରେ ଗାଇନିକ୍ ସ୍ପେଶାଲିଷ୍ଟଙ୍କଠାରୁ ଜାଣିବାକୁ ପାଇଲି ମାଆ ହେବାର ସୌଭାଗ୍ୟ ମୋର ନାହିଁ। ଏହା ଜାଣିବା ପରେ କେମିତି ତୁମକୁ ବିବାହ କରି ପାରିଥାନ୍ତି ? ଯେଉଁଥିପାଇଁ ମିଥ୍ୟାର ଆଶ୍ରୟ ନେଇ ମୋର ବିବାହ ସ୍ଥିର ହୋଇଯାଇଛି ବୋଲି ତୁମକୁ ଜଣାଇ ଅଜ୍ଞାତବାସରେ ରହିବାକୁ ଶ୍ରେୟ ମଣିଲି। ପରିବାର,ସାଙ୍ଗସାଥୀ କାହାରିକୁ ବି ଜଣାଇ ନଥିଲି ମୋର ଠିକଣା। ହେଲେ ତୁମର ସବୁ ଖବର ରଖିବାକୁ ଚେଷ୍ଟା କରି ମୁଁ ସଫଳ ହୋଇଥିଲି।

କାହିଁକି ଏମିତି ନିଷ୍ପତ୍ତି ନେଲ ପଲ୍ଲବୀ ! ଜୀବନର ସବୁତକ ଜ୍ୱାଳା, ଯନ୍ତ୍ରଣା ଆଉ ଯାତନାର ଗରଳକୁ ଏକଲା ପିଇଗଲ। ବିଶ୍ୱାସ ଆଉ ଭରଷା ନଥିଲା ମୋ ଉପରେ। ମୋତେ ତ ଜଣାଇପାରିଥାନ୍ତ। ଆମେ ସାଥି ହୋଇ ସେଇ ହଳାହଳ ବାଣ୍ଟି ପିଇ ପାରିଥାନ୍ତେ। ଜୀବନର ଚଲାପଥରେ ପିଲା ଛୁଆ ନଥାଇ ଆମେ ଦୁହେଁ ଏକାଠି ସାଥି ହୋଇ ଚାଲିଥିଲେ କ'ଣ ପ୍ରଳୟ ଆସିଥାନ୍ତା ନାଁ ବଡ଼ ପାପଟାଏ କରି ପକାଇଥାନ୍ତେ।

ଜୀବନର ପୂର୍ଣ୍ଣତା ପାଇବାରୁ ମୁଁ କେମିତି ତୁମକୁ ବଂଚିତ କରି ପାରିଥାନ୍ତି ? ତୁମ ମନରେ ହୁଏତ କେବେ କ୍ଷୋଭ ଜାତ ହୋଇଥିଲେ ମୁଁ କ'ଣ ସହ୍ୟ କରିପାରିଥାନ୍ତି ?

ସବୁ ନଈ କ'ଣ ସମୁଦ୍ର ଛୁଇଁପାରେ... ସବୁ ଫୁଲ କ'ଣ ଠାକୁରଙ୍କ ଚରଣ ସ୍ପର୍ଶ କରିପାରେ ... ସବୁ ପବନରେ କ'ଣ ମଳୟର ବାସ୍ନା ଥାଏ ? ଠିକ ସେମିତି ଦୁନିଆଁର ସବୁ ସ୍ୱାମୀ, ସ୍ତ୍ରୀ, ବାପା, ମାଆ ହୋଇ ପାରନ୍ତିନି। ତା ଛଡ଼ା ଆଜି ଦୁନିଆଁର ଅନେକ ବାପା, ମାଆ ହତାଦର ହେଉଛନ୍ତି ନିଜ ସନ୍ତାନମାନଙ୍କ ଦ୍ୱାରା। ତମେ କେମିତି ଭାବି ପାରିଲ ସନ୍ତାନ ଲାଭ ପାଇଁ ତୁମକୁ ଛାଡ଼ି ମୁଁ ଖୁସି ହୋଇ ପାରିବି ବୋଲି। ମୋତେ ଟିକେ ପଚାରି ପାରିଲନି। କେମିତି ଏକା ଏକା ଏତେ ବଡ଼ ନିଷ୍ପତ୍ତି ନେଇ ମୋଠୁ ଦୂରେଇ ଯାଇ ପାରିଲ ? ସତରେ ନିହାତି ସ୍ୱାର୍ଥପର ମଣିଷଟାଏ ପାଲଟି ଯାଇଛି ମୁଁ। ମୋ ଖୁସି ପାଇଁ ତମେ ଏତେ ବଡ଼ ତ୍ୟାଗ ସ୍ୱୀକାର କରି ନିହାତି ଏକଲା, ନିସଙ୍ଗ ଜୀବନ ନେଇ ବଞ୍ଚି ରହିଥିବାବେଳେ କେମିତି ତୁମେ ସୁଖର ସଂସାରରେ ମଗ୍ନ ଥିବ ବୋଲି ଭାବି ପାରିଲ ? ତମେ ସୁଖରେ ଥାଅ ବୋଲି କାହିଁକି କେତେବାର ଠାକୁରଙ୍କୁ ଗୁହାରି କରିଛି। ମୋ ଗୁହାରି ଶୁଣି ତୁମକୁ ଏମିତି ସୁଖରେ ରଖିଛନ୍ତି ଠାକୁର ?

ସୁବୋଧର ଦୁଇ ଆଖିରୁ ଲୁହ ଗଡ଼ି ପଡ଼ିଥିଲା। ଲୁହ ଭିଜା ଆଖିରେ ସୁବୋଧ ଆଖିରୁ ଲୁହ ପୋଛି ପଲ୍ଲବୀ କହିଥିଲା:

"ମୁଁ ଦୁଃଖରେ ଅଛି ବୋଲି ତୁମେ କାହିଁକି ଭାବୁଛ ଯେ...। ତୁମ ପ୍ରତି ନିସ୍ୱାର୍ଥ ଭଲ ପାଇବାକୁ ନେଇ ମୁଁ ବଞ୍ଚି ରହିଛି। ତୁମ ପୂର୍ଣ୍ଣତାରେ ହିଁ ମୋର ଆନନ୍ଦ। ତୁମ ଖୁସିରେ ହିଁ ମୁଁ ଖୁସି। ତୁମ ଖୁସି ଆଉ ପରିପୂର୍ଣ୍ଣତା ଛଡ଼ା ମୋ କିଛି ହେଲେ ବି କାମନା ବାସନା ନାହିଁ ଜୀବନରେ। ଭାବିଥିଲି ତମେ ମୋତେ ଭୁଲ ବୁଝିଥିବ। ହେଲେ ମୋ ପ୍ରତି ତୁମର ଭଲ ପାଇବା ଅତୁଟ ଥିବା ଯୋଗୁଁ ମୁଁ ବହୁତ ଖୁସି।

ଲୋତକାପ୍ଳୁତ ନୟନ ତଥା କଣ୍ଠରୁଦ୍ଧ ହୋଇ ଆସିବା ଯୋଗୁଁ ଆଉ କିଛି କହିପାରିନଥିଲା ପଲ୍ଲବୀ। କାନ୍ଦି ଉଠିଥିଲା କଇଁକଇଁ ହୋଇ। ସୁବୋଧ ହୃଦୟର ସବୁତକ ଯନ୍ତ୍ରଣା ଲୁହ ହୋଇ ଝରିବାକୁ ଲାଗିଥିଲା ତା' ଦୁଇ ଆଖିରୁ। ଦୁଇ ହାତ ତୋଳି ପଲ୍ଲବୀକୁ ନିଜ କୋଳକୁ ଭିଡ଼ି ଆଣି ଆଶ୍ୱସ୍ତିର ଦୀର୍ଘଶ୍ୱାସ ଛାଡ଼ିଥିଲା। ଦୁହିଁଙ୍କ ମାନସିକତାରେ ଥିଲା ସମର୍ପଣର ଭାବ। ବୟସର ବନ୍ଧକୁ ଭାଙ୍ଗି ବହି ଚାଲିଥିଲା ନିସର୍ତ୍ତ ପ୍ରେମର ଝରଣା। ଜହ୍ନ ରାତିର ଜନଶୂନ୍ୟ ବିସ୍ତୀର୍ଣ୍ଣ ବେଳାଭୂମିରେ ଏକାକାର ହୋଇ ଯାଇଥିଲା ଦୁଇଟି ଆତ୍ମା। ନିବିଡ଼ତାର ସ୍ଫୁଲିଙ୍ଗ ସଂଚରିତ ହେଉଥିଲା ଦୁଇଟି ପ୍ରାଣର ସମୁଦ୍ର ଲହଡ଼ିର ଦୁର୍ବାର ଶବ୍ଦରେ।

ଜୀବନ, ମୃତ୍ୟୁର ଏଇ ସୃଷ୍ଟି ଥମ୍ ହୋଇ ଯାଇଥିଲା ଗୋଟିଏ ମୁହୂର୍ତ୍ତ ପାଇଁ। ସମୟ ବି ଅଟକି ଯାଇ ଫେରି ଚାହିଁଥିଲା ପଛକୁ। ସମୁଦ୍ରରୁ ସୁଉଚ୍ଚ ଢେଉଟିଏ ଆସି ଭିଜେଇ ଦେଇଥିଲା ଦୁହିଁଙ୍କୁ। ଦୁହେଁ ଫେରି ଆସିଥିଲେ ପୂର୍ବ ସ୍ଥିତିକୁ ଆଉ ପରସ୍ପର ହାତ ଧରାଧରି ହୋଇ ଚାଲିଥିଲେ ଗେଷ୍ଟ ହାଉସ୍ ଅଭିମୁଖେ।

*ଶାନ୍ତିନିବାସ, ପ୍ଲଟ ନଂ. ୧୨୫୨/୧୪୫୯*
*ନ୍ୟୁ ଫରେଷ୍ଟ ପାର୍କ, ଭୁବନେଶ୍ୱର*
*ଦୂରଭାଷ: ୯୦୪୦୨୦୫୦୪୯*



# ବୋହୂମା'

**-ଶାନ୍ତନୁ ବେଜ୍**

ଅବସର ବେଳକୁ ଦାୟିତ୍ୱର ବୋଝ ସବୁ ରହିଥିଲା ମଥାରେ । ଝିଅର ବିଭାଘର ହୋଇ ପାରିନଥିଲା କି, ପୁଅର ପଢା ସରିନଥିଲା । ଘରର ଉପରମହଲାଟି ବି ହାଇ ପାରିନଥିଲା । ଚାକିରିରେ କେବେ ସହଜରେ ହପ୍ତେ ଦଶଦିନ ଛୁଟି ମିଳୁନଥିଲା । ଘରୋଇ କାମ ସବୁ ହୁଅନ୍ତା ବା କେମିତି ? ଛୋଟ ଏକ ରେଳଷ୍ଟେସନର ମୁଁ ଥିଲି ଇନଚାର୍ଜ୍ । ଷ୍ଟେସନର ପୂରା ଦାୟିତ୍ୱ ଥିଲା ମୋ ମଥାରେ । ବିନା ରିଲିଭରରେ ଷ୍ଟେସନ ଛାଡିବା ସମ୍ଭବ ନଥିଲା । ଉପରେ, ଛୁଟି ଦେବା ପାଇଁ କର୍ତ୍ତୃପକ୍ଷ ଥିଲେ ସଂପୂର୍ଣ୍ଣ ଉଦାସୀନ । ତାଙ୍କ ଉଦାସୀନତା ହେତୁ ବର୍ଷର ଦଶଦିନ ଆକସ୍ମିକ ଛୁଟି ବି କେବେ ପୂରା ମିଳୁନଥିଲା । ବେତନଛୁଟିକୁ ପଚାରେ କିଏ ? ମାସେ ପନ୍ଦରଦିନ ନିରବଚ୍ଛିନ ଡିଉଟି କରିବା ପରେ ଯେଉଁ ଦୁଇ ତିନିଦିନ ଅଫ୍ ମିଳୁଥିଲା, ସେଇଥିରେ ଚଳୁଥିଲା ସାଂସାରିକ ଜୀବନ । ବେତନଛୁଟି ଅଛୁଆଁ ରହି ରହି ବର୍ଷ ଶେଷକୁ ଲାପସ୍ ହୋଇ ଯାଉଥିଲା ।

ଛୁଟି ପାଇଁ କର୍ତ୍ତୃପକ୍ଷଙ୍କ ସହ କୁହାବୋଲା ଯେ ହେଉନଥିଲା ତା ନୁହେଁ । ଛୁଟି କର୍ମଚାରୀର ଅଧିକାର ନୁହେଁ ! ଏଇ ନିୟମକୁ ଢାଲ କରି କର୍ତ୍ତୃପକ୍ଷ ମୋର ଛୁଟି ଦରଖାସ୍ତ ସବୁକୁ ନାକପୋଛା କରୁଥିଲେ । ବେଶୀ କହିଲେ କହୁଥିଲେ – ଲୋକ କାହାନ୍ତି, ଛୁଟି ଦେବି ? ଆପଣଙ୍କୁ ତ ଆମେ ଛୁଟି ଦେଉଛୁ ! ଆମକୁ କୋଉ ଛୁଟି ମିଳୁଛି ? ତାଙ୍କ ଛୁଟି ନଦେବା ପଛର କାରଣଟି ହେଲା ନିଜ ଅନ୍ତରର ଏଇ ଅଭିଯୋଗ । ତାଙ୍କୁ ତ ଛୁଟି ମିଳୁନି ! ଅଧସ୍ତନମାନଙ୍କୁ ସେ ଛୁଟି ଦେବେ କିଆଁ ? ତାଙ୍କର ଏହି ଈର୍ଷୁକ ମନୋଭାବ ପାଇଁ ଫି ବର୍ଷ ମୋର ବେତନଛୁଟି ସବୁ ଖତ ଖାଉଥିଲା । ସାମାଜିକ ଦାୟିତ୍ୱଗୁଡିକ ଚାକିରି ଭିତରେ ସଂପାଦିତ ହୋଇ ପାରିନଥିଲା ।

ଝିଅର ବିଭାଘର ନହୋଇ ପାରିଲେ ବି ତା ପାଇଁ ମୋର ଚିନ୍ତା ନଥିଲା । ଝିଅ ମୋର ଥିଲା ସୁନ୍ଦର ଓ ଉଚ୍ଚଶିକ୍ଷିତା । ତା ପାଇଁ ବହୁ ଭଲ ଭଲ ପ୍ରସ୍ତାବ ଆସୁଥିଲେ । ଭଲ ପାତ୍ରଟିଏ ବାଛି ଝିଅକୁ ହାତେରୁ ଦି'ହାତ କରିଦେଲେ କାମ ଫତେ । ଟଙ୍କା ପାଇଁ ଚିନ୍ତା ନଥିଲା । ପି.ଏଫ୍ ଓ ଗ୍ରାଚୁଇଟି ଟଙ୍କା ମିଳି ସାରିଥିଲା । ପୁତ୍ରର ନିଯୁକ୍ତି ପାଇଁ ବି ଖାସ ଚିନ୍ତା ନଥିଲା । ପୁଅ ଥିଲା ମେଧାବୀ । ଭଲ କ୍ୟାରିଅର ତା'ର । ନିଜ ଭବିଷ୍ୟତର ବାଟ ସେ ନିଜେ ବାଛିନେବ, ଏ ଭରସା ଥିଲା ପୁଅ ଉପରେ । ଘରର ଉପରମହଲା ତୋଳିବା ପାଇଁ ବି ଚିନ୍ତା ନଥିଲା । ସହରରେ ବିଲ୍ଡରଙ୍କର ଅଭାବ ନଥିଲା । ଟଙ୍କା ଫିଙ୍ଗିଲେ ମାସ ତିନିଟାରେ ଘର ଠିଆ ହେବ । ମୋର ଏକମାତ୍ର ଚିନ୍ତା ଥିଲା, ମୋ ମାଆ । ଗାଁରେ ରହୁଥିବା ମୋ ସତାନବେବର୍ଷୀୟା ଜନ୍ମଦାତ୍ରୀ ମାଆ । ସେ ଗାଁରେ ଅବହେଳିତା ହୋଇ ରହୁଥିଲେ ବୋଲି ଧାରଣା ରହି ଆସିଥିଲା ମନରେ ।

ଗାଁରେ ବଡଭାଇଙ୍କ ପାଖରେ ରହୁଥିଲେ ମାଆ । ଶିକ୍ଷକ ଚାକିରିରୁ ଅବସର ପରେ ଚାଷବାଡି ବୁଝି ଗାଁରେ ରହୁଥିଲେ ବଡଭାଇ । ପୁଅ, ବୋହୂ, ନାତି ଓ ଭାଉଜଙ୍କୁ ନେଇ ଛୋଟ ପରିବାର ତାଙ୍କର । କିନ୍ତୁ ଛୋଟ ପରିବାରର ସୁଖ ମିଳୁନଥିଲା ତାଙ୍କୁ । ବିଗତ ତିରିଶ ବର୍ଷରୁ ସେ ଥିଲେ ଦୁରାରୋଗ୍ୟ ଡାଇବେଟିସ୍ ପୀଡିତ । ପୁଅ ଜନ୍ମ ଠାରୁ ଭାଉଜଙ୍କ ସ୍ୱାସ୍ଥ୍ୟାବସ୍ଥା ବି ଭଲ ରହୁନଥିଲା । ଭଲ କରି ଚାଲିବୁଲି ପାରୁନଥିଲେ ସେ । ବୋହୂଟି ବି ଥିଲା ଶାଶୂ ପରି ରୋଗିଣା । ଘରକାମ କରିବ କିଏ, ସମସ୍ୟା ହୋଇ ରହିଥିଲା ତାଙ୍କ ପରିବାର ପାଇଁ । ସରକାରଙ୍କ ଟଙ୍କାକିଆ ଚାଉଳନୀତି ହେତୁ ଘରକାମ ପାଇଁ କେହି ଲୋକ ମିଳୁନଥିଲେ ଗାଁରେ । ରୋଗକୁ ବୋହି ଘରକାମ କରିବାକୁ ବାଧ ହେଉଥିଲା ବୋହୂ । ରନ୍ଧାବଢା ଠାରୁ ଆଇଲାଗଲା ପର୍ଯ୍ୟନ୍ତ ସବୁ ବୁଝୁଥିଲା ସେ । ନାତିଟି ଭୁବନେଶ୍ୱରରେ ରହି ପଢୁଥିଲା । ପୁତୁରାର ଛୋଟ ଚାକିରି । ନିଜ ଚାକିରି ଓ ଘରକାମକୁ ନେଇ ସେ ସାରାଦିନ ଏଣେତେଣେ ହେଉଥିଲା । ଘରେ ଆଉ କିଏ ଅଛି ଯେ ମାଆଙ୍କ କଥା ବୁଝିବ ? ମାଆଙ୍କୁ ସତାନବେ ହେଉଥିବା ବେଳେ ଭାଇଙ୍କୁ ହେଉଥିଲା ଅଶୀ । ତଥାପି ମାଆଙ୍କର ବୋଲହାକ କରିବା ପାଇଁ ବାଧ ହେଉଥିଲେ ଭାଇ ।

ଦାଣ୍ଡପାରି ବାହାରଘରେ ରହୁଥିଲେ ମାଆ । କେତେବେଳେ ଇଚ୍ଛା ହେଲେ ବାହାରକୁ ଆସି ଚେଆରରେ ବସୁଥିଲେ, ଆଇଲାଗଲା ଲୋକଙ୍କ ସହ କଥାବାର୍ତ୍ତା ହେଉଥିଲା । ନୋଚେତ୍ ସାରାଦିନ ଘର ଭିତରେ ବିଛଣାରେ ପଡି ରହୁଥିଲେ ସାରାଦିନ । ତାଙ୍କ ବାଥରୁମ୍‌ଟି ତାଙ୍କ ରୁମକୁ ଲାଗିଥିଲା । ଏଣୁ କେବଳ ଖାଇବା ପାଇଁ ସେ ଦିନରେ ଥରେ ଖଞ୍ଜା ଭିତରକୁ ପଶୁଥିଲେ । ନୋଚେତ୍ ସେଇ ବାହାରଘର ହିଁ ଥିଲା ତାଙ୍କର ଦୁନିଆ ।

ମାଆଙ୍କ ଜୀବନ ପରିଶ୍ରମ ଓ ଉତ୍ତମ ଜୀବନଚର୍ଯ୍ୟା ଭିତରେ ବିତିଥିଲା । ଏଣୁ ବୟସାଧିକ୍ୟ ସତ୍ତ୍ୱେ ବି ତାଙ୍କର ସ୍ୱାସ୍ଥ୍ୟ ମୋଟାମୋଟି ଠିକ୍ ଥିଲା । ନିଜର ନିତ୍ୟକର୍ମ ସବୁ ସେ ନିଜେ କରି ପାରୁଥିଲେ । ଅନ୍ୟମାନଙ୍କର ଲୁଗାଧୂଆ ତାଙ୍କର ପସନ୍ଦ ନଥିବାରୁ ନିଜ ଲୁଗାପଟା, ବିଛଣାଚାଦର, ମଶାରି ନିଜେ ଧୋଉଥିଲେ । ନିଜ ମୋବାଇଲ୍ ନିଜେ ଚାର୍ଜ କରୁଥିଲେ । ପରିଣତ ବୟସରେ ଜୀବନ ପାଇଁ ତାଙ୍କର ଏଇ ସଙ୍ଘର୍ଷ ମୋତେ ଦୁଃଖିତ କରୁଥିଲା । ସେ ଅବହେଳିତା ହୋଇ ରହୁଛନ୍ତି ବୋଲି ଧାରଣା ହେଉଥିଲା ।

ସଂସାରରେ ବାପାମାଆ ଠାରୁ ବଳି ବସ୍ତୁ କିଛି ନାହିଁ । ଦୁନିଆର ବାକି ସମସ୍ତ ବସ୍ତୁକୁ ମିଶାଇଲେ ବି ତାହା କେବେ ମାଆ ସହ ସମାନ ହୋଇନପାରେ ! ଏହି ଦର୍ଶନରେ ମୋର ବିଶ୍ୱାସ । ମାଆଙ୍କ କୃପାରୁ ମୁଁ ଦୁନିଆ ଦେଖୁଛି, ମଣିଷ ହୋଇଛି । ତାଙ୍କରି ଆଶୀର୍ବାଦରୁ ସୁଖରେ ବି ରହୁଛି । ସେ ଯଦି ଅବହେଳିତା ହୋଇ ରହିବେ, ଅବା ଦୁଃଖରେ ରହିବେ, ତେବେ ମୋର ଶିକ୍ଷାଦୀକ୍ଷା କେଉଁ କାମକୁ ? ଏଥିପାଇଁ ଚାକିରି ଛାଡି ମାଆଙ୍କ ସେବା କରିବା କଥା ବି ମନକୁ ଆସୁଥିଲା । କିନ୍ତୁ ସେମିତିକା ଦୁଃସାହସିକ ପଦକ୍ଷେପ ପାଇଁ ପରିସ୍ଥିତି ସୃଷ୍ଟି ହୋଇନଥିଲା ।

ପିତାଙ୍କ ସ୍ୱର୍ଗବାସକୁ ତିରିଶ ବର୍ଷରୁ ଉର୍ଦ୍ଧ୍ୱ ହେଲାଣି । ମୁଁ ଚାକିରି ପାଇବାର ଦିବର୍ଷ ପରେ ବାପା ଦୁନିଆରୁ ଚାଲିଗଲେ । ତାଙ୍କୁ ଟିକେ ସୁଖ ଦେଇ ପାରିଲିନି ବୋଲି ଚିରକାଳ ମନରେ ମୋର ଅବସୋସ । ଭାଗ୍ୟ ମୋର, ମାଆ ବଞ୍ଚିଛନ୍ତି ! ପିତାଙ୍କୁ

ଦେଇ ପାରିନଥିବା ସୁଖ ମୁଁ ମାଆଙ୍କୁ ଦେବି ! ମାତୃକୃପା କେବଳମ୍ । ଏଇ ବିଚାରରେ ଅବସର ପୂର୍ବରୁ ପ୍ରବାସରେ ପ୍ରଭୁଙ୍କୁ ବରାବର ଡାକୁଥିଲି – ମାଆଙ୍କ ସେବାର ଭାଗ୍ୟଟିକେ ଦିଅ, ମହାପ୍ରଭୁ !

ପ୍ରବାସରେ ରହିଲେ ବି ମନ ସଦା ରହୁଥିଲା ମାଆଙ୍କ ପାଖରେ । ଚାକିରିରୁ ଫିଟି ଘରକୁ ଆସିଲେ ଧାଉଁଥିଲି ଗାଁକୁ, ମାଆଙ୍କ ପାଖକୁ । ଦଣ୍ଡେ ଘଡିଏ ହେଲେ ବି ମାଆଙ୍କ ମନର ଦୁଃଖ ନେବି ! ତାଙ୍କ ପୁତ୍ରଜନ୍ମକୁ ସାର୍ଥକ କରିବି ! ଏତିକି ଇଚ୍ଛା ମନରେ। ଏଇ ଅବସରରେ ଶୁଣୁଥିଲି ମାଆଙ୍କ ଅନ୍ତରର କଥା, ଅଭିଯୋଗ । ବରାବର ସେ ସେଇ ଗୋଟିଏ କଥା କହୁଥିଲେ – ମୋ ପାଖକୁ ଫୋନ୍ କରିବୁ । ତୋ ମାଆ ଡାକ ଟିକେ ମୋର ଲୋଡା । ମୋର ଆଉ କିଛି ଲୋଡା ନାହିଁ । ...ରାତି ହେଲେ ସଭିଏଁ ଘରେ ରହୁଛନ୍ତି । ମୁଁ ବିଲକୁଲ ଏକେଲା ପଡିରହୁଛି ଏ ଘରେ ।

ବରାବର ଫୋନ୍ କରିବି ବୋଲି ମାଆଙ୍କୁ ପ୍ରତିଶୃତି ଦେଇ ଫେରୁଥିଲି । କିନ୍ତୁ ତାକୁ ପୂରଣ କରିବା ପାଇଁ ସଫଳ ହେଉଥିଲି କମ୍ । ସେ କମ୍ ଶୁଣୁଥିଲେ । ଏଣୁ ବହୁବାର ଫୋନ୍ କଲେ ବି ସେ କେବେ ଫୋନ୍ ଉଠାଉଥିଲେ ତ କେବେ ନାହିଁ । ପୁଣି, ଚାର୍ଜ ସରିବା ପୂର୍ବରୁ ସେ ଫୋନ୍ ଚାର୍ଜ କରୁନଥିଲେ । ଏଣୁ ତାଙ୍କ ଫୋନ୍ ବରାବର ସ୍ୱିଚ୍ଅଫ୍ ହୋଇ ଯାଉଥିଲା । ଭାଇକୁ କହି ତାଙ୍କ ଫୋନକୁ ଅନ୍ କରାଇବାକୁ ପଡୁଥିଲା ।

ତାଙ୍କ ଦ୍ୱିତୀୟ ଅଭିଯୋଗ ପାଇଁ ମୋ ପାଖରେ କୌଣସି ସମାଧାନ ନଥିଲା । ପରିଣତ ବୟସରେ ସମସ୍ତେ ଚାହାଁନ୍ତି, ନାତିନାତୁଣୀଙ୍କ ମେଳରେ ସେମାନଙ୍କର ଦିନ ସବୁ ବିତୁ ! ସେ ବି ସେଇଆ ଚାହୁଁଥିଲା । କିନ୍ତୁ ଆଜିକାଲି ନାତିନାତୁଣୀମାନଙ୍କ ଦିନ ସବୁ ବିତୁଛି ହଷ୍ଟେଲରେ, ଅବା ହୋମୱାର୍କରେ । ସେମାନଙ୍କ ପାଖରେ ବେଳ କାହିଁ ବୁଢାବୁଢୀଙ୍କ ପାଖରେ ବସିବେ ? ରାତି ହେଲେ ଘରେ ସମସ୍ତେ ବିଶ୍ରାମ ନେବେ । କାହାର ବେଳ ଅଛି ଆସି ମାଆଙ୍କ ପାଖରେ ବସିବ ? ଏଣୁ ତାଙ୍କ ସମସ୍ୟାର ଏକମାତ୍ର ସମାଧାନ ମୋର ଅବସର ବୋଲି ଭାବୁଥିଲି । ଅବସର ପରେ ମାଆଙ୍କୁ ଆଣି ପାଖରେ ରଖିବି । ତାଙ୍କର ସେବା କରିବି । ତାଙ୍କୁ ସୁଖ ଦେବି । ତାଙ୍କ ନିଃସଙ୍ଗପଣକୁ ଦୂର କରିବି ! ଭାବୁଥିଲି ମୁଁ ।

ଅବସର ଆସିଲା । ଅବସର ପରଦିନ ଷ୍ଟେସନକୁ ଗୁଡବାଏ କହି ଘରକୁ ଫେରିଲି । ଘରବାହୁଡାର ଆନନ୍ଦରେ ଦୁଇତିନି ଦିନ ବିତିଗଲା । ଚତୁର୍ଥଦିନ ବାହାରିଲି ଗାଁକୁ, ମାଆଙ୍କୁ ଆଣିବା ପାଇଁ । ମାଆଙ୍କୁ ଆଣିବା କଥା ଶୁଣି ଧର୍ମପତ୍ନୀ ଅନୁପମା ବିରୋଧ କଲେ । କହିଲେ – ମାଆଙ୍କୁ ଆଣି ଏଠି କୋଉଠି ରଖିବ ? ଘରକୁ କେହି ଜଣେ ଆସିଲେ ଧିଅ ଘୂରେଇବା ପାଇଁ ଜାଗା ହେଉନି । ତୁମେ ଆଗେ ଉପରମହଲା କର, ପରେ ମାଆଙ୍କୁ ଆଣିବ ।

ଅନୁପମାଙ୍କ କଥା ଶୁଣି ଆକାଶରୁ ଭୂଇଁକୁ ଖସିଲି। ତଥାପି ଅନୁପମାଙ୍କୁ ବୁଝାଇ କହିଲି – କେବେ ଘର ହେବ, ତେବେ ଯାଇ ମାଆ ଆସିବେ ?? କିହୋ, ଆଜିକା କଥା କାଲିକି ନାହିଁ । କେତେଟା ଦିନ ସିଏ ବଞ୍ଚିବେ ! ପୁଣି, ଆମ ଘର ତିଆରିକୁ ଅପେକ୍ଷା କରିବେ ? ସିଏ ଆସନ୍ତୁ ! ଆମରି ପାଖରେ ରହିବେ। ମୋ ପାଖରେ ଶୋଇବେ । ଅସୁବିଧା କ'ଣ ?

– ତୁମେ ଖାଲି ଶୋଇବା କଥା ଭାବୁଛ । କେତେ ଅସୁବିଧା ଅଛି । ସେସବୁକୁ ଟିକେ ଭାବ । ତାଙ୍କର ବୟସ ହେଲାଣି । ଏବେ ଗୁହମୂତ ହେବେ । ସେସବୁ କିଏ କରିବ ? ଏଠି କେହି ସେକାମ କରିବାକୁ ମଙ୍ଗୁ ନାହାନ୍ତି । ଆମ ପଡିଶା ମହାନ୍ତିବାବୁଙ୍କ ଘରକଥା ଦେଖୁଛ ଯେ ? ତାଙ୍କ ମାଆ ମାସେ ହେଲାଣି ପଡିଛନ୍ତି । ଗୁହମୂତ ପାଇଁ ମହାନ୍ତିବାବୁ ମେହେନ୍ତରିଆଣୀଟିଏ ଠିକ୍ କରିଥିଲେ । ଲୋକଟା ଆଠଦିନ କରିଛି କି ନାହିଁ ମନା କରିଦେଲା । ଏବେ ତାଙ୍କ ଘରଲୋକ ସେକାମ କରୁଛନ୍ତି । ...ମୁଁ କିନ୍ତୁ ସେକାମ କରି ପାରିବିନି, ଆଗରୁ କହି ଦେଉଛି । ପୁଣି, ମାଆ ଏଠି ରହିଲେ ନିତି ସମସ୍ତେ ଆସିବେ । ସେମାନଙ୍କ ଭଲମନ୍ଦ କଥା କିଏ ବୁଝିବ ?

ଅନୁ ଥିଲେ ବାସ୍ତବବାଦୀ । ତାଙ୍କ ଚିନ୍ତା ଅମୂଳକ ନଥିଲା । ତଥାପି ଅନୁଙ୍କୁ ମନାଇବା ପାଇଁ କହିଲି – ଆବାହମାନ କାଳରୁ ଏଇ ସମସ୍ୟା ରହି ଆସିଛି । ଚିରକାଳ ରହିଥିବ ମଧ୍ୟ । ସଭିଙ୍କୁ ଦିନେ ଏଇ ସ୍ତର ଦେଇ ଗତି କରିବାକୁ ପଡିବ । ଏଣୁ ତା ପାଇଁ ଏତେ ଚିନ୍ତା କରନା । ସେସବୁ ଭବିଷ୍ୟତ କଥା । ଭବିଷ୍ୟତରେ ଯେଉଁ ସମସ୍ୟା ଆସିବ ତାକୁ ଦେଖାଯିବ ।

ମାଆ ଆସିଲେ । ମାଆଙ୍କ ସହ ଆସିଲା ନାନା ଅଭାବିତ ସମସ୍ୟା ।

ମାଆଙ୍କ ଆସିବାର ପ୍ରଥମ ରାତି । ଅନୁଙ୍କୁ ଦେଇଥିବା କଥା ଅନୁସାରେ ମାଆଙ୍କୁ ପାଖରେ ଶୁଆଇଲି । ସେ ରାତିରେ ଡାକିଲେ, ଉଠିବି ! ଅଭ୍ୟାସବଶତଃ ସଂଜରୁ ବିଛଣା ଧରିଲେ ମାଆ । ରାତି ମୁଁ ଶୋଇବା ବେଳକୁ ସେ ବାହାରକୁ ଉଠିଲେ। ତାଙ୍କୁ ନେଇ ବାଥରୁମ ଦେଖାଇଲି । ରାତି କେତେ ହୋଇଛି ବୋଲି ପ୍ରଶ୍ନ କଲେ ସେ । ରାତି ଏଗାର ହେବ କହିଲି ମୁଁ । ଶୋଇଲେ ସେ ।

ରାତି ଦୁଇଟା ବେଳକୁ ବିଛଣାରୁ ଉଠିଲେ ସେ, ସ୍ନାନ କରିବେ ! ପ୍ରାତଃସ୍ନାନ ତାଙ୍କର ବର୍ଷବର୍ଷର ଅଭ୍ୟାସ । ବର୍ତ୍ତମାନ ରାତି ପାହିନି, ମଧରାତ୍ର ହୋଇଛି କହି ତାଙ୍କୁ ସ୍ନାନରୁ ବାରଣ କଲି । ଶୋଇଲେ ସେ । ଅଧଘଣ୍ଟେ ପରେ ଉଠିଲେ । ପୁଣି ସେଇକଥା, ଗାଧୋଇବେ ! ପୁଣି ମୁଁ ମନା କଲି । ଶୋଇଲେ ସେ । ପୁଣି ଅଧଘଣ୍ଟେ ପରେ ଯେତେବେଳେ ସେ ଉଠିଲେ, ପୂର୍ବବତ୍ ବାରଣ କଲି ମୁଁ । ମାତ୍ର ମୋର ବାରଣକୁ ଆଉ ସେ ମାନିଲେ ନାହିଁ । ଫର୍ଚ୍ଚା ହେଲାଣି କହି ୱାକର ଧରି ସିଧା ଚାଲିଲେ ବାଥରୁମ୍କୁ । ତାଙ୍କ ଅଭ୍ୟାସକୁ ବଦଳାଇବା ଏତେ ସହଜ ନୁହେଁ ଭାବି ଚୁପ ରହିଲି । ରାତି ପାହୁ । ରାତି ପାହିଲେ ତାଙ୍କୁ ବୁଝାଇବି ବୋଲି ଭାବିଲି ।

ସ୍ନାନଶୌଚରେ ଘଣ୍ଟାଟିଏ ବିତିଲା ମାଆଙ୍କର । ମୁଁ ବିଛଣାରେ ପଡି ରହିଲି । ମୋତେ ନିଦ ଆସୁନଥିଲା। ସ୍ନାନ ପରେ ସେ ମୋତେ ବାହାର କବାଟ ଖୋଲିବାକୁ କହିଲେ । ପ୍ରଭାତ ଅବକାଶ ଜଣାଣଟି ପ୍ରଭୁଙ୍କୁ ଜଣାଇବେ । କବାଟ ଖୋଲିଲି । ମହାପ୍ରଭୁଙ୍କୁ ପ୍ରଣିପାତ କରି ଆମ ପରିବାରର ସମସ୍ତଙ୍କର ମଙ୍ଗଳ ମନାସିଲେ ସେ । ତା ପରେ ଗାଇଲେ ଅବକାଶ ଭଜନ । ଇଏ ଦିନର ପ୍ରଥମ କାମ ତାଙ୍କର, ବର୍ଷବର୍ଷର ଅଭ୍ୟାସ । ସେତିକ ସାରି ସେ ଆସି ବସିଲେ ଡ୍ରଇଂରୁମରେ ଆଉ ଆରମ୍ଭ କରିଦେଲେ ଯଶୋବନ୍ତଦାସଙ୍କ ଭଜନ – ବଡ଼ ମାୟାବୀ ଜୀବ ନୋହେ କାହାରି, ଦିନେ ଭଜୁନା ମୁଖେ ରାମକୃଷ୍ଣ ଶ୍ରୀହରି । ଆଉ ତା ପରେ ଭାଗବତର ଗୋପଲୀଳାରୁ ଛାନ୍ଦଟିଏ ।

ସତାନବେ ବର୍ଷରେ ବି ତାଙ୍କର ସ୍ମୃତି ଶକ୍ତି ବେଶ୍ ପ୍ରଶଂସନୀୟ ଥିଲା । କିନ୍ତୁ ସେତେବେଳେ ତାଙ୍କ ସ୍ମୃତିଶକ୍ତିକୁ ପ୍ରଶଂସା କରିବାର ବେଳ ନଥିଲା । ତାଙ୍କ ଭାଗବତ ବୋଲା ପିଲା ଦୁହିଁଙ୍କର ନିଦ ଅବଶ୍ୟ ଭାଙ୍ଗିବ । ସେମାନେ ବିରକ୍ତ ହେବେ । ଏଥିପାଇଁ ବ୍ୟସ୍ତ ହେଉଥିଲି ମୁଁ । ମାଆଙ୍କ ସ୍ୱରଲହରି ଧ୍ୱନିକୁ ହ୍ରାସ କରିବା ପାଇଁ ମୁଁ ଡ୍ରଇଂରୁମର କବାଟ ବନ୍ଦ କରିଦେଲି । ତଥାପି ତାଙ୍କ ଭାଗବତ ବୋଲା ସରୁନଥିଲା । ବାଧ ହୋଇ ମାଆଙ୍କ ପାଖକୁ ଯାଇ କହିଲି – ମାଆ, ଆଉରି ରାତି ଅଛି । ଛୁଆଗୁଡା ଉଠିବେ । ସକାଳ ହେଉ, ଗାଇବ । ପ୍ରାୟ ଦୁଇ ତିନିଥର କହିବା ପରେ ମାଆଙ୍କ ଭାଗବତ ବନ୍ଦ ହେଲା ।

ରାତି ଶୋଇ ନପାରିବା କାରଣରୁ ସକାଳେ ଉଠିବା ବେଳକୁ ମୋତେ ଭଲ ଲାଗୁ ନଥିଲା । ଅନୁଙ୍କ ମୁହଁଟା ବି ଫୁଲିଥିଲା ।

ସାନପିଲାଙ୍କୁ ବୁଝାଇଲା ପରି ଦିନରେ ମାଆଙ୍କୁ ଘରର ଆଦବକାଇଦା ଗୁଡିକ ବୁଝାଇଲି । ରାତିରେ

ନିଶ୍ଚିନ୍ତ ହୋଇ ଶୋଇବା ପାଇଁ କହିଲି । ରାତି ପାହିଲେ ମୁଁ ଡାକିଦେବି । ମୋ କଥାକୁ ହଁ କଲେ ମାଆ । କିନ୍ତୁ ପରରାତି ବି ପୂର୍ବରାତ୍ରିର ପୁନରାବୃତ୍ତି ହେଲା । ଚିନ୍ତିତ ହେଲେ ଅନୁ । ଏମିତି ନିତି ରାତି ଯଦି ତୁମେ ନଶୋଇବ, ତୁମ ଦେହ ଖରାପ ହେବ, କହିଲେ ସେ । ତାଙ୍କ ଉକ୍ତିର ବାସ୍ତବିକତାକୁ ଅନୁଭବ କଲି ମୁଁ ।

ଗାଁରେ ମାଆଙ୍କୁ କେହି ଦେଖୁନଥିଲେ । ସେ ମନଇଚ୍ଛା ଉଠି ରାତି ଗାଧୋଉଥିଲେ । ଏ ବୟସରେ ତୁମେ ତାଙ୍କର କୌଣସି ଅଭ୍ୟାସକୁ ବଦଳାଇ ପାରିବ ନାହିଁ । ଏଣୁ ତାଙ୍କୁ ଅଲଗା ଶୁଆଇବାକୁ ପଡିବ । ଦୃଢତାରେ କହିଲେ ଅନୁପମା ।

ଅନୁପମାଙ୍କୁ ବିରୋଧ କରିବା ପାଇଁ ମୋ ପାଖରେ ଭାଷା ନଥିଲା । ମାଆଙ୍କ ବିଛଣା ଅଲଗା ହେଲା । ଘର ମଝି ଲବିରେ ତାଙ୍କ ଶୋଇବାର ବ୍ୟବସ୍ଥା କଲେ ଅନୁ । ବାଥରୁମର ଲାଇଟ୍ ଜଳାଇ ରଖିଲେ । ଯେତେବେଳେ ଚାହିଁବେ, ସେତେବେଳେ ସେ ବାଥରୁମକୁ ଯାଇ ପାରିବେ ! ତାଙ୍କ ପାଇଁ କେହି ଉଠିବା ଦରକାର ନାହିଁ । ତଥାପି ରାତିରେ ଉଠି ମୁଁ ତାଙ୍କୁ ଦେଖିବି ବୋଲି ସ୍ଥିର କଲି । ରାତି ଅଧରେ ନଉଠିବା ପାଇଁ ମୁଁ ବାରଂବାର ମାଆଙ୍କୁ ବୁଝାଇଲି । ସକାଳ ନହେବା ପର୍ଯ୍ୟନ୍ତ ବାହାର କବାଟ ଖୋଲା ହେବନି, ଚୋର ପଶିବେ, କହିବାରୁ ରାତି ଗାଧୋଇଲେ ବି ମଶାରି ଭିତରେ ରହିଲେ ମାଆ । ସମସ୍ୟାଟିଏ ସମାହିତ ହେଲା । କିନ୍ତୁ ଅନୁଙ୍କ ପାଇଁ ମାଆ ଥିଲେ ଅସରନ୍ତି ସମସ୍ୟାର ଭଣ୍ଡାର । ତା'ର କାରଣ ଥିଲା ତାଙ୍କ ଗାଉଁଲୀ ଢଙ୍ଗ, ଚଳଣି ।

ଗାଁରେ କଳପାଣିର ସୁବିଧା ନଥିଲା । କଳପାଣି ପାଇ ମନଇଚ୍ଛା ପାଣି ଖର୍ଚ୍ଚ କରୁଥିଲେ ମାଆ । କଳକୁ ପାଣିର ଅନନ୍ତ ଉତ୍ସ ବୋଲି ଭାବୁଥିଲେ କି କ'ଣ ! ବାଥରୁମକୁ ପଶିବା ମାତ୍ରେ ଖୋଲି ଦେଉଥିଲେ କଳକୁ । ଆଉ ବାଥରୁମରୁ ବାହାରିବା ପର୍ଯ୍ୟନ୍ତ ଘଣ୍ଟାଏ କାଳ ଖୋଲା ରହୁଥିଲା କଳ । ପୁଣି, କେବେ କଳକୁ ଖୋଲା ଛାଡି ଚାଲି ଆସୁଥିଲେ । ଏଣୁ ସେ ବାଥରୁମରେ ପଶିବା ଠାରୁ ବାହାରିବା ପର୍ଯ୍ୟନ୍ତ ତାଙ୍କ ଉପରେ ନଜର ରଖୁଥିଲେ ଅନୁ । ସେହିପରି, ଖାଇବା ବେଳେ ଏଣେତେଣେ ପାଣି ଢାଳି ଦେଉଥିଲେ ମାଆ । ହାତ ଧୋଇବା ପାଇଁ ସ୍ୱତନ୍ତ୍ର ପାତ୍ର ଦେଉଥିଲେ ଅନୁ । ତଥାପି ମାଆଙ୍କର ଏହି ଅଭ୍ୟାସ ବଦଳୁନଥିଲା । ପୁଣି, ଏଣେତେଣେ ନାକ ପୋଛୁଥିଲେ ସେ । ଛେପ ବି ପକାଇ ଦେଉଥିଲେ । ଫଳଚୋପାକୁ ଏଣେତେଣେ ଫୋପାଡୁଥିଲେ । ପୁଣି, ବେଳେବେଳେ ବାଥରୁମକୁ ପଶିବା ପୂର୍ବରୁ ବାହାରେ ପରିସ୍ରା କରି ପକାଉଥିଲେ ମାଆ । ଏସବୁ ପସନ୍ଦ ହେଉନଥିଲା ଅନୁଙ୍କୁ । ସଙ୍ଗେ ସଙ୍ଗେ ଘରକୁ ଫିନାଇଲ ଦେଇ ଧୋଉଥିଲେ, ପୋଛା ଆଣି ଘରକୁ ପୋଛୁଥିଲେ ଅନୁ ।

ଘରକୁ ସଦା ସଫାସୁତୁରା, ବ୍ୟବସ୍ଥିତ ରଖୁଥିଲେ ଅନୁ । ଘରେ କୋଉଠି ଟିକେ ଧୂଳି ଅବା ଅଳନ୍ଧୁ ରହୁନଥିଲା । ଏଣୁ ତାଙ୍କ ପାଇଁ ମାଆ ଥିଲେ ଅସଙ୍ଗତ ମଣିଷଟିଏ । ମାଆଙ୍କ କାର୍ଯ୍ୟକଳାପ ଉପରେ ସଦା ତୀକ୍ଷ୍ଣ ନଜର ରଖୁଥିଲେ ସେ । ମାଆ ଆସିବା ପରେ ଅନୁଙ୍କ କାମ ବହୁତ ବଢି ଯାଇଥିଲା । ତଥାପି ଅନୁଙ୍କ କାମ ମାଆଙ୍କ ଆଖିରେ ପଡୁନଥିଲା । ଡ୍ରଇଂରୁମରେ ବସି ସେ ଘଡିକୁ ଘଡି ଅନୁଙ୍କୁ ଡାକ ଛାଡୁଥିଲେ । କେତେବେଳେ ପିଇବା ପାଣି ମାଗୁଥିଲେ ତ କେତେବେଳେ ଔଷଧ । ପୁଣି, କେତେବେଳେ ମୁଣ୍ଡ କୁଣ୍ଡାଇ ଦେବାକୁ କହୁଥିଲେ ତ କେତେବେଳେ ପାଖରେ ବସିବାକୁ କହୁଥିଲେ । ଆଉ ସେ ନଶୁଣିବା ପର୍ଯ୍ୟନ୍ତ ତାଙ୍କ ଡାକ ବନ୍ଦ ହେଉନଥିଲା । ବିରକ୍ତ ହେଉଥିଲେ ଅନୁ ।

ସତାନବେ ବର୍ଷ ବୟସରେ ବି ମାଆଙ୍କର ଦମ୍ଭ ଭାଙ୍ଗି ନଥିଲା । ତାର କାରଣ ଥିଲା ତାଙ୍କ ବାପଘର ବଂଶ ଆଭିଜାତ୍ୟ । ପ୍ରଧାନଙ୍କ ଝିଅ ସେ । ତାଙ୍କ ଜେଜେବାପା ଥିଲେ ଇଂରେଜ ଅମଳର ଡାକ୍ତର । ଜିଲ୍ଲାର ପ୍ରଥମ ଡାକ୍ତର ବୋଲି ତାଙ୍କ ନାମ ବାଜେ । ବିବାହ ବେଳେ ତାଙ୍କ ବାପା ପାଞ୍ଚଟି ଶଗଡଗାଡିରେ ଯୌତୁକ ଦେଇଥିଲେ । ତାଙ୍କ ପିତାଙ୍କ ସୌଜନ୍ୟରୁ ବଡଭାଇ ଶିକ୍ଷାଦୀକ୍ଷା ପାଇଛନ୍ତି । ଦୁଇପୁଅଙ୍କୁ ଶିକ୍ଷିତ କରି, ମଣିଷ କରି, ଘରର ଗୌରବ ବଢାଇଛନ୍ତି ସେ । ଏଣୁ ସେ କାହିଁକି ବା ଗର୍ବ ନକରନ୍ତେ ? ଅବା, କାହିଁକି ସେ କାହାକୁ ଡରନ୍ତେ ?

ଅନୁପମାଙ୍କର ଜଞ୍ଜାଳ ପିଲା ଦୁହିଁଙ୍କ ଆଖିରେ ପଡୁଥିଲା । କ୍ରୋଧାନ୍ୱିତ ହେଉଥିଲେ ସେମାନେ । ନିତି ରୋଷେଇଘରେ ପାଞ୍ଚ ଘଣ୍ଟା ସିଝିବା ପରେ ବି ଯଦି ବୁଢୀର ଏତିକି ହୁକୁମ୍ ଶୁଣିବ, କ'ଣ ହେବ ତାଙ୍କ ମାଆର ? ଚିନ୍ତାର ବିଷୟ ଥିଲା ସେମାନଙ୍କର । ଏଥିପାଇଁ ସେମାନେ ମାଆ ଉପରେ ବିରକ୍ତ ହେଉଥିଲେ । ବେଳେବେଳେ ତାଗିଦ୍ ବି କରୁଥିଲେ । ମାଆଙ୍କ ପ୍ରତି ପିଲାଦୁହିଁଙ୍କ ଘୃଣାଭାବ ଧୀରେ ଧୀରେ ବଢୁଥିଲା ।

ଅନୁପମା ଥିଲେ ଉଚ୍ଚ ରକ୍ତଚାପ ଓ ଡାଇବେଟିସ ରୋଗୀ । ବିଗତ କେଇବର୍ଷରୁ ତା ପାଇଁ ଔଷଧ ଖାଉଥିଲେ ସେ । ମାଆ ପାଇଁ ସେ ସଦା ଚାପରେ ରହିବାରୁ ଏହା ତାଙ୍କ ପାଇଁ ଘାତକ ହୋଇପାରେ, ଭାବୁଥିଲି ମୁଁ । ଏଣୁ ବାରଂବାର ମାଆଙ୍କୁ ବୁଝାଉଥିଲି, ସାନପିଲାଙ୍କୁ ବୁଝାଇଲା ପରି । କିନ୍ତୁ ତଥାପି ତା'ର କିଛି ପ୍ରଭାବ ନଥିଲା । ଚିନ୍ତିତ ହେଉଥିଲି ମୁଁ । ମାଆଙ୍କ କଥାକୁ ଦେହକୁ ନନେବା ପାଇଁ ଅନୁଙ୍କୁ କହୁଥିଲି ।

ଗାଁରେ ନିଜ ଲୁଗା ନିଜେ ଧୋଉଥିଲେ ମାଆ । ମୋ ପାଖକୁ ଆସିବା ପରେ ତାଙ୍କ ଗାଧୁଆ ଲୁଗାକୁ ଧୋଉଥିଲା ଆମଘର କାମବାଲୀ । ସପ୍ତାହରେ ଥରେ ସଭିଙ୍କ ଲୁଗା ଧୋଇବା ବେଳେ ମାଆଙ୍କ ଲୁଗାକୁ ମେସିନରେ ଧୋଉଥିଲେ ଅନୁ । କାମବାଲୀର ଲୁଗାଧୂଆ ପସନ୍ଦ ନଥିଲା ମାଆଙ୍କର । ଏଣୁ କାମବାଲୀ ତାଙ୍କ ଲୁଗା ଧୋଇବା ବେଳେ ସେ ଜଗି ବସୁଥିଲେ । ଭଲ କରି ସର୍ଫ ଦେଇ ଲୁଗାକୁ ବାରମ୍ବାର ଧୋଇବା ପାଇଁ କହୁଥିଲେ । ବିରକ୍ତ ହେଉଥିଲା କାମବାଲୀ, ଅନୁ ବି । କାମବାଲୀ ଯଦି ବିରକ୍ତ ହୋଇ କାମ ଛାଡିଦିଏ, ପୁଣି କାମବାଲୀଟିଏ ସେ ପାଇବେ କୋଉଠୁ ? ଚିନ୍ତିତ ହେଉଥିଲେ ଅନୁ ।

ଦିନେ ଅନୁଙ୍କ ଅଲକ୍ଷ୍ୟରେ ବାଥରୁମରେ ପଶି ନିଜ ଲୁଗା ଧୋଇଲେ ମାଆ । ଓଦାଲୁଗାକୁ ଓ୍ୱାକର ଉପରେ ଲଦି ବାହାରିଲେ ଶୁଖାଇବାକୁ । ଘରଦ୍ୱାର ପାଣି ସରସର ହେଲା । ଅଗ୍ନିଶର୍ମା ହେଲେ ଅନୁ । ସୁପ୍ତ ଆଗ୍ନେୟଗିରିଟି ଜୀବନ୍ତ ହୋଇଉଠିଲା । 'ତାଙ୍କର ଯଦି ଏତେ ଲୁଗା ଧୋଇବାକୁ ମନ, ତାଙ୍କୁ ନେଇ ଗାଁରେ ଛାଡି ଆସ !' ଗର୍ଜନ କରି କହିଲେ ଅନୁ । ପିଲା ଦୁଇଟା ଆସି ଅନୁଙ୍କୁ ସମର୍ଥନ କଲେ । ନିର୍ବାକ୍ ହେଲି ମୁଁ । ଅନ୍ତର ଭିତରୁ ଜମାଟବନ୍ଧା ଅଭିଯୋଗଗୁଡା ବାହାରିଗଲେ ଅନୁ ହାଲୁକା ହେବେ, ତାଙ୍କ ରକ୍ତଚାପ କମିବ ! ଭାବୁଥିଲି ମୁଁ ।

ପରଦିନ ରାତିରେ ଶୋଇବା ବେଳେ ଅନୁପମାଙ୍କୁ କହିଲି – ତମେ ତ ଦେଖୁଛ, ସାରାଦିନ ମୁଁ ତାଙ୍କୁ ବୁଝାଉଛି । ତଥାପି ସେ ଯଦି ଅଭ୍ୟାସଗୁଡିକ ନଛାଡିବେ, କ'ଣ କରିବା କୁହ ! ...ଆଜି ଆମେ ତାଙ୍କୁ କହୁଛେ । କାଲି ଆମେ ତାଙ୍କ ପରି ହେବା । ଏଥିପାଇଁ ତାଙ୍କ ଆଚରଣ ପ୍ରତି ଏତେ ପ୍ରତିକ୍ରିୟାଶୀଳ ହୁଅନା । ...

– ତାଙ୍କୁ ମୁଁ ସମ୍ଭାଳି ପାରିବିନି । ତାଙ୍କୁ ନେଇ ଗାଁରେ ଛାଡି ଆସ । ସିଧାସଳଖ ପ୍ରସ୍ତାବ ଅନୁପମାଙ୍କର ।

– ସାରାଜୀବନ ସେ ଗାଁରେ ରହିଲେ । ଗାଁରେ ଦୁଃଖରେ ରହୁଥିଲେ । ତାଙ୍କ ଶେଷଦିନଗୁଡା ହେଲେ ଟିକେ ସୁଖଶାନ୍ତିରେ ବିତୁ ବୋଲି ନେଇ ଆସିଲି ! କେଇଟା ଦିନ ବି ସେ ଆମ ପାଖରେ ରହିନାହାନ୍ତି । କେମିତି ତାଙ୍କୁ ନେଇ ପୁଣି ଗାଁରେ ଛାଡି ଆସିବି ? ଇଏ ଭଗବାନଙ୍କର ଏକ ପରୀକ୍ଷା ଆମ ଉପରେ । ଟିକେ ଧୈର୍ଯ୍ୟ ଧର । ଘର କଲେ କେତେ କଥା ସହିବାକୁ ହୋଇଥାଏ ।

– କି ଧୈର୍ଯ୍ୟ ଧରିବି ? ଆଉ କେଇଟା ମାସ ଏମିତି ତାଙ୍କ ସେବା କଲେ, ମୋତେ ସ୍ୱର୍ଗକୁ ଯିବାକୁ ଡେରି...

ଅନୁଙ୍କ ମୁହଁରେ ହାତ ଦେଇ କହିଲି – ଏମିତି

ଅଶୁଭ କଥାଗୁଡା ତୁଣ୍ଡରେ ଧର ନାହିଁ, ଅନୁପମା ! ତୁମ ବିନା ଏ ଘର କ'ଣ ହେବ ଭାବୁଛ ? ମୋ କଥା ଛାଡ । ପିଲା ଦୁହିଁଙ୍କ ପାଇଁ ତ ତୁମକୁ ଜିଇବାକୁ ହେବ !

– କିନ୍ତୁ ମୁଁ ବି ମଣିଷଟିଏ । କେତେ କାହାର କରିବି ? ମୋତେ ବି ପଚାଶ ଟପିଲାଣି । ମୋ ଦେହରେ କ'ଣ ଆଉ ବଳ ଆସୁଛି ?

ନିର୍ବାକ୍ ହେଲି ମୁଁ । ଅନୁ ହୃଦୟ ଖୋଲିଦେବା ପରେ ଆଉ କ'ଣଟା ବା କହିଥାନ୍ତି ?

ମାଆ କର୍ତ୍ତବ୍ୟ ହେଲେ ଅନୁ ଦାୟିତ୍ୱ । କାହା ପକ୍ଷରେ ହେବି ? କାହା ମାୟା କାଟିବି ? ଦୁହିଁଙ୍କ ମାୟାରେ ବାୟା ହେଲି । ଯେଉଁ ଭଅଁରରେ ଏ ସାରା ସଂସାର ଉବୁଟୁବୁ, ସେହି ଭଅଁରରେ ପଡି ଉବୁଟୁବୁ ହେଲି । ଗତାନୁଗତିକତାରେ ଦୁନିଆ ଚାଲିବ । ଦୁନିଆରେ ଶାଶୂ ରହିବେ, ବୋହୂ ରହିବେ । ବୁଢାବୁଢୀମାନେ ବୟସ୍କ ହୋଇ ଦୁନିଆରୁ ବିଦା ହେବେ । ତଥାପି ତା ଭିତରେ କେତେ ଦହନ, କେତେ ମାନ ଅଭିମାନ ! ବିସ୍ମିତ ହେଉଥିଲି ମୁଁ ।

ମୋ ପ୍ରତି ଅଭିମାନ କରି ଅନୁ କଥା କମ୍ କରିଦେଲେ । କିନ୍ତୁ ମାଆଙ୍କର ଆଚରଣ ପୂର୍ବବତ୍ ରହିଥିଲା । ମୋ ମନ ଖୋଜୁଥିଲା ସମସ୍ୟାର ସମାଧାନ। ଦିନେ ସଂଧ୍ୟାରେ ମୁଁ ଏକୁଟିଆ ଚିନ୍ତିତ ମନରେ ବସିଥିବା ବେଳେ ଅନୁ ପାଖକୁ ଆସି କହିଲେ– ମାଆଙ୍କୁ କେବେ ନେଇ ଗାଁରେ ଛାଡିବ ? ସିଧାସଳଖ ପ୍ରଶ୍ନ ତାଙ୍କର ।

– ଘଣ୍ଟେ ଭିତରେ ତ ମୁଁ ନେଇ ମାଆକୁ ଛାଡି ଦେଇ ଆସିପାରେ କିନ୍ତୁ ଆଗପଛ କଥାକୁ ଭାବୁଛି । ଏବେ ମାଆଙ୍କୁ ଗାଁରେ ଛାଡି ଆସିଲେ ଲୋକେ କ'ଣ କହିବେ ? ଆମକୁ ନିନ୍ଦା କରିବେ । ସ୍ୱେଚ୍ଛାଚାରୀ କହିବେ ।

– ଲୋକେ ଆମକୁ ଦେବେ ନା ନେବେ ? ଆମ ସଂସାର ଭାସିଗଲେ ସେମାନେ କ'ଣ ଆସି ଆମକୁ ଟେକି ଧରିବେ ?

– ଟେକି ଧରିବେନି ସତ କିନ୍ତୁ ସେମାନଙ୍କ ମେଳରେ ଆମକୁ ରହିବାକୁ ହେବ । ସେମାନଙ୍କ ନିନ୍ଦା ପ୍ରଶଂସା ଶୁଣିବାକୁ ହେବ । ...ଗତ ଦୁଇଦିନ ହେଲାଣି କଥାଟିଏ ଭାବୁଛି – ସଭିଙ୍କ ଘରେ ବୁଢାବୁଢୀ ରହୁଛନ୍ତି, ରହିବେ । ଆମ ଘରେ ବି ରହିବେ । ଏଣୁ ସେ କେମିତି ରହିବେ ବରଂ ତାହା ଆମର ଭାବନା ହେବା ଉଚିତ । ଆଜି ଭାଇ ଅଛନ୍ତି ବୋଲି ତୁମେ ତାଙ୍କ ପାଖରେ ମାଆଙ୍କୁ ଛାଡି ଆସିବା ପାଇଁ କହୁଛ । ବଡଭାଇ ନଥିଲେ, ମୁଁ ଯଦି ମାଆଙ୍କର ଏକମାତ୍ର ପୁତ୍ର ହୋଇଥାନ୍ତି, ତେବେ ??

ତୁମକୁ ବିଭା ହୋଇ ଘରର ମାଲିକାଣୀ କରିଥିଲି । ସନ୍ତାନମାନଙ୍କୁ ଉପହାର ଦେଇ ତୁମେ ହେଲ ଘରର ମାଆ । ଘରେ ସଭିଙ୍କ ମୁହଁରେ ଅନ୍ନ ଦେଇ ତୁମେ ତାହା ପ୍ରମାଣିତ କରୁଛ । ଏହି ନ୍ୟାୟରେ ତୁମେ କ'ଣ ମାଆଙ୍କର ମାଆ ନୁହଁ ?? ତୁମେ ବି ତାଙ୍କର ମାଆ, ବୋହୂମା ! ଆଉ ସେ ତୁମର ଅବାଧ ସନ୍ତାନଟିଏ ! ସନ୍ତାନଟିଏ ଅବାଧ ହେଲେ ତୁମେ କ'ଣ ତାକୁ ଘରୁ ବିତାଡିତ କରିଦେବ ??

ଅନୁଙ୍କ ସ୍ୱର ବଦଳିଲା । ଟିକେ ନରମ ହୋଇ କହିଲେ – ତୁମ କଥା ଠିକ୍ ଯେ, ମୋ ଅବସ୍ଥାକୁ ଦେଖ ! କେତେ କା'ର କରିବି ?

– ତୁମ ପାଇଁ ମୋର ଖୁବ୍ ଚିନ୍ତା । ମାଆର ସବୁ ଦାୟିତ୍ୱ ମୋ ଉପରେ ଛାଡି ଦିଅ । ତା ଛଡା ଆଉ କ'ଣ ସାହାଯ୍ୟ ମୁଁ ତୁମକୁ କରି ପାରିବି, କୁହ ! ମୁଁ ତୁମର ସବୁ ଆଦେଶ ପାଇଁ ପ୍ରସ୍ତୁତ ଅଛି ।

– ତୁମେ କେତେ କରିବ, ମୋତେ ଜଣା । ମାଆ ଏଠି ମାସେ ରହିବା ପରେ ତାଙ୍କୁ ନେଇ ଗାଁରେ ଛାଡିବ ! କେହି ପଚାରିଲେ କହିଦେବ, ସହର ତାଙ୍କୁ ଭଲ ଲାଗିଲା ନାହିଁ !

– ହଉ । ହସି କହିଲି ମୁଁ ।

*ପଦ୍ମିନୀ ନିବାସ, ଉଦଳା, ମୟୂରଭଞ୍ଜ*


# କ୍ଷୀରୋଦ ଦାସଙ୍କ ପ୍ରକାଶିତ ପୁସ୍ତକ ସମୂହ



**ଗଳ୍ପ ସଂକଳନ**
- ଅସୁସ୍ଥ ସମୟ
- ନିରବତାର ଭାଷା
- ମୂକ ରାଜଜେମା
- ଭୋକ
- ଅନେକ ଯନ୍ତଣା ଓ ଅନ୍ୟାନ୍ୟ ଗଳ୍ପ
- ସତସତିକା ଖେଳ
- ମୁଠାଏ ଦୀର୍ଘଶ୍ୱାସ
- କାଠ କଣ୍ଢେଇ
- ନିଃଶବ୍ଦ ପଦଧ୍ୱନି
- ଅନ୍ଧାରର ଆତ୍ମଲିପି
- ନବଘନର ଘର
- କଥାକଳ୍ପ
- ସଞ୍ଜ ସଙ୍ଗୀତ
- ମୁକ୍ତି ଓ ଅନ୍ୟାନ୍ୟ ଗଳ୍ପ
- ଶୂନ୍ୟ ଉପତ୍ୟକା
- ଅଧ୍ୟାୟ ଅଷ୍ଟାଦଶ
- ବୋଲେ ହୁଁଟି
- ବନ୍ଦିନୀ ଓ ଅନ୍ୟାନ୍ୟ ଗଳ୍ପ

**ଉପନ୍ୟାସ**
- ସଂପର୍କର ସୂତାଖିଅ
- ବେଦନାର ବେଦ
- ପ୍ରିୟ ପୃଥିବୀ
- ଆଞ୍ଜୁଳାଏ ମୁକ୍ତି
- କଳାକାଇ

**ସଂପାଦନା**
- ସମାରୋହ ଶ୍ରେଷ୍ଠଗଳ୍ପ
- ପ୍ରିୟଗଳ୍ପ
- ଜୀବନ
- ଗଳ୍ପର ଗାଁ
- ବାପା
- ବୋଉ



# ଘର

ସୀମାଂଚଳ ଦାଶ

ଘର କହିଲେ ଯୋଉ ଆତ୍ମୀୟତା, ସହନଶୀଳତା.... ପରସ୍ପରକୁ ନିବିଡ଼ ଭାବେ ଭଲପାଇବା ସର୍ବୋପରି ଜଣକ ପାଇଁ ଅନ୍ୟ ଜଣେ ଝୁରି ହେବା... ବୁଝି ହେବାର ଯୋଉ ଆବେଗ .... ଅନୁରାଗ ଓ ଅନୁରକ୍ତି ତାହା ଘରେ ନଥିଲା। ଏଠି ଚିଡ଼ିଆଖାନା ପରି ଲାଗୁଛି ଘର। ବିରାଟ ବଙ୍ଗଳା ପରି ଅଟ୍ଟାଳିକା, ଆଗରେ ଦାମୀ ଘାସର ଲନ୍, ଗେଟଠାରୁ ଛାତ ଉପର ଯାଏ ଫୁଲକୁଣ୍ଡ, ଗାଡ଼ି ରଖିବାକୁ ପର୍ଟିକୋ, ଗ୍ୟାରେଜ, କାମ କରିବାକୁ ଚାକର ପୂଜାରୀ। ଏସବୁକୁ ନେଇ କ'ଣ ଘର କରିହୁଏ।

ଚାଳ ଛପର ଅବା କୋଠାଘର ହେଲେ ବି' ଘର ଘରପରି ନ ହେଲେ ଚଳିହେବ ନାହିଁ। ସେ ଘରର ମମତାରେ ବାନ୍ଧି ହୋଇ ହେବ। ଘର ଦାଣ୍ଡପଟ ବାଡ଼ିପଟରୁ ଅଗଣା, ଖଞ୍ଜାଘର, ବାଡ଼ିପଟେ ରଙ୍ଗମାଟିରେ ଲିପା ଚଉରା, ସଜନାଛୁଇଁ, ଅମୃତଭଣ୍ଡା, ଶାଗପଟାଳି, ପାଣିକୁଣ୍ଡ, ଚୁଲିରେ ରୋଷେଇ ସବୁ କାହିଁ ଏଠି ?

କୃତ୍ରିମ ଚଳଣିରେ ଭରପୁର ଏଠି ସବୁ ଘର। ହସଖୁସି ନାହିଁ କି' ହୋ ହାଲ୍ଲାର କଲ୍ଲୋଳ ନାହିଁ। ଏଠି ଖାଲି ବଡ଼ଲୋକି, ଅନୁଶାସନରେ ବନ୍ଧା ହୋଇ ଅହରହ ସଢୁଥା। ଘରର ଚଳଣି, କାଇଦା କଟକଣା ଜମା ଭଲ ଲାଗେନି ସବୁଜିମାକୁ।

ମାମାର ହୁକୁମରେ ଘର ଚଳେ। ମାମା ଯାହା କହେ ସେଇଆ ହୁଏ। ଭାରି କଡ଼ା ମଣିଷ ମାମା। ସେମାନେ ଭାଇଭଉଣୀ ସ୍ୱାଧୀନ ଭାବରେ ଯାହା କରି ବସିଲେ ମାମା ନାଲି ଆଖି ଦେଖାଏ। ବାଘ ଆଖି ପରି ଲାଲ ମାମାର ଆଖି। ଅନେକ ସମୟରେ ମାମା ବାବାଙ୍କ କଥାକୁ ବି' ମାନେନି।

ସଂଧ୍ୟା ହେଲାଣି, ବାବା ଫେରିନାହାନ୍ତି ଅଫିସରୁ। ମାମା କୁଆଡ଼େ ଗୋଟେ ଯାଇଛି ତାର କୋଉ ସାଙ୍ଗ ପାଖକୁ। ଫେରିଲା ବେଳକୁ କ'ଣ ସବୁ ମାର୍କେଟିଂ କରିବ ବୋଲି କହୁଥିଲା। ପପୁଲ ଘର ଭିତରେ ବସି ପଢୁଛି। ସବୁଜିମାକୁ ପଢ଼ିବାକୁ ଇଚ୍ଛା ଲାଗୁନି ଆଜି। ପୂଜାରୀ ନନା ଦି'ଥର ଆସି କହି ଗଲେଣି - ଦେଇ ପଢ଼ିବ ଯାଉନା ମାଆ କହିଯାଇଛନ୍ତି। ନହେଲେ ଆସିଲେ ବିଗିଡ଼ିବେ ତମ ଉପରେ।

ଶୁଣି ନ ଶୁଣିବା ପରି ରହିଛି ସବୁଜିମା। ତାକୁ ଏ' ସବୁ ଚଳଣି ଭଲ ଲାଗୁନି ଜମା। ସେ ଗୋଟେ ସାଧାରଣ ଘରେ ଜନ୍ମ ହୋଇଥାନ୍ତା କି। ଚାଳଛପର ଘରେ ରହୁଥାନ୍ତା। ଶାଗ ପଖାଳ ଖାଇ ବଢୁଥାନ୍ତା। ଗାଁ ଦାଣ୍ଡରେ ନାଚିକୁଦି ସାଙ୍ଗମାନଙ୍କ ସହ ଖେଳୁଥାନ୍ତା। ବର୍ଷାବେଳେ ଓଳିତଳେ ପାଣିରେ କାଗଜ ଡ଼ଙ୍ଗା କରି ଭସାଉଥାନ୍ତା। କେବେ ଧୂଳିସରସର .... କେବେ ଓଦା ସରସର ହୋଇ ଆସି ବୋଉ ପଣତରେ ପୋଛି ହୋଇପଡୁଥାନ୍ତା। ବୋଉ ତାକୁ କୃତ୍ରିମ ରାଗରେ କହୁଥାନ୍ତା - ଦେହ ମୁଣ୍ଡ କଣ କରି ଆସିଛୁ। ଦେହ ଖରାପ ହେଲେ ଜାଣିବୁ ଯେ ରହ।

ଏଠି ସେସବୁ ସ୍ୱପ୍ନ। ମାମାର ଆଙ୍ଗୁଠି ଅଗରେ ଚଳୁଥିବା ଏ' ଘରର ଖାଇବାଠାରୁ ବେଡ୍ କଭର ବଦଳାଯାଏ। ସବୁ ମାମା ଇଙ୍ଗିତରେ ହୁଏ। ମାମାର କର୍କଶ କଡା ନିର୍ଦ୍ଦେଶ ପାଖରେ ବଳି ପଡ଼େ ବାବାଙ୍କ ସବୁ ଇଚ୍ଛା। ସବୁ ଅଭିଳାଷ। ବାବା କହୁଥିଲେ ଦିନେ - ତାଙ୍କ ହାତଧରି ମାମା ଏ' ଘରକୁ ଆସିବା ଦିନୁ ଅଭାବର ମୁହଁ ଦେଖିନି, କି' ରୋଷେଇ କଣ ଜାଣିନି।

ବାବାଙ୍କୁ କଣ ମାମା ମିଳୁନଥିଲେ ଯେ, ଏମିତିଆ ଗୋଟେ ନିର୍ଦ୍ଦୟ ମଣିଷକୁ ହାତ ଧରି ଆଣିଲେ ଘରକୁ! ଏକଥା କେତେଥର ପଚାରିବ.....ପଚାରିବ ହୋଇ ପଚାରିପାରିନି ସବୁଜିମା ବାବାଙ୍କୁ। ଥାଉ କାଳେ ରାଗିବେ ବାବା।

ମାମାକୁ କୋଉ ରୋଷେଇ ଆସ କି! ଯାହା କହେ ମାମା ପୂଜାରୀ ନନା ସେଇଆ ସିନା ରାନ୍ଧେ। ସେସବୁ ଖାଇବା ଜିନିଷ କ'ଣ ମାମାକୁ ରାନ୍ଧି ଆସିବ। ପୂଜାରୀନନା ଡ଼ାଇନିଂ ଟେବୁଲରେ ଖାଇବା ବାଢ଼ିଲେ ସେସବୁ ଦେଖି ବାନ୍ତି ଲାଗେ ସବୁଜିମାକୁ। କେବଳ ମାମା ଡ଼ରରେ ଖାଇବସେ ସେ।

ସବୁଜିମାର ଇଚ୍ଛା ହୁଏ ତଳେ ଚଟାଣରେ ବେଳାରେ ବେଳାଏ ପଖାଳ କିଏ ବାଢ଼ି ଦିଅନ୍ତା କି! ତା' ସହ ଦହି, ବାଇଗଣ ପୋଡ଼ା, କୋଳାଏ ରସୁଣ, ଗୋଟେ କଞ୍ଚାଲଙ୍କା ବଡ଼ିଚୁରା ଟିକେ କିଏ ଦିଅନ୍ତା କି ପରମ ଆନନ୍ଦରେ ସେ ଖାଇ ଦିଅନ୍ତା। କେତେଥର ଏପରି ଖାଇବା ଜିନିଷ କହିଛି ସେ ମାମାକୁ। ମାମା ଚିଡ଼ିଛି ତା' ଉପରେ। ସବୁବେଳେ ଯା'ର ସାଧାରଣ ଲୋକଙ୍କ ଚଳଣି। ସେସବୁ ଫାଜିଲାମି ଛାଡ଼। ଏସବୁ କେମିତି ଆସୁଛି ତୋ' ମନକୁ। ମାମା ଭାରି ଭାରି ଗଳାରେ ଗାଡ଼େଇ କି' ଚାହିଁ ଚାହିଁ ତାକୁ କହେ।

ସ୍କୁଲରେ କାହା ସହ ଫ୍ରେଣ୍ଡସିପ୍ କରିବ, କାହାସହ ଫ୍ରେଣ୍ଡସିପ୍ କରିବନି, କେମିତି ଷ୍ଟାଇଲରେ କଥା କହିବ ସବୁ ଶିଖାଏ ମାମା। ଏସବୁ କିଛି ମାନେନି ସବୁଜିମା। ସେ ସ୍କୁଲରେ ସମସ୍ତଙ୍କ ସହ ସାଙ୍ଗ ହୁଏ। ମିଳିମିଶି ଚଳେ। ତଟନୀ ତାର ପ୍ରିୟ ସାଙ୍ଗ। ଅନେକଥର ସେ ତାଙ୍କ ଘରକୁ ଯାଇଛି। କି' ସ୍ନେହୀ ତା' ବାପା ବୋଉ। କେତେ ସରଳ ସେମାନେ। ତଟନୀର ବାପା ବୋଉଙ୍କ ସହ ନିଜ ବାବା ମାମାଙ୍କୁ ତୁଳନା କରେ। ତା' ବାବା ମାମା କଠିନ ଆଲଜେବ୍ରା ପରି ଲାଗନ୍ତି ତାକୁ।

ମାମାର ଚଳଣି.... ବଡ଼ ଲୋକିଆ ଡ଼ଙ୍ଗଡ଼ାଙ୍ଗ ଦେଖି କେହି ବନ୍ଧୁବାନ୍ଧବ ବି' ଆସନ୍ତିନି ଘରକୁ। ସେଦିନ ବାବାଙ୍କ ଗାଁରୁ ଆସିଥିବା ରୟତ ପ୍ରତି ମାମା ଏମିତି ବ୍ୟବହାର କଲା ଯେ, ସେ ବିଚରା କାନ୍ଦି କାନ୍ଦି ପଳେଇଲା। ତା'ର ଭୁଲ ବି' କିଛି ନଥିଲା। ସେ ପପୁଲକୁ ସ୍ନେହରେ କୋଳେଇ ଧରି ପକେଇଲା। ମାମାର ଆଖିରେ ଏଇଟା ତାର ଭୁଲ ଅପରାଧ। ଗାଁ ଗହଳିର ଧୂଳିଧୂସର ମଣିଷଟି କଣ ପାଇଁ ଧରିପକେଇଲା ପପୁଲକୁ। ସେଇଠି ପ୍ରତିବାଦ କରିବାକୁ ଇଚ୍ଛା ହେଉଥିଲା ସବୁଜିମାର ଅଥଚ ସେ କିଛି କହିପାରିଲାନି।

ରୟତ ଜଣକ ବୟସରେ ଢ଼େର ବଡ଼। ତାଙ୍କୁ ଏପରି ବ୍ୟବହାର ଦେଖାଇବା ମାମାର କଣ ଠିକ୍ ହେଲା ? ସେ ଗାଁରେ ଯାଇ ଜେଜେଙ୍କୁ ଏକଥା କହିଥିବେ। କଣ ଭାବିନଥିବେ ଜେଜେ!

ମାମାର ଏଇ ନୀତି, କାଇଦା କଟକଣା ଯୋଗୁଁ ଜେଜେ କେବେ ଆସନ୍ତିନି ଏଠିକୁ। ମଣିଷ ସ୍ନେହ ଶ୍ରଦ୍ଧା ଭଲପାଇବା ନଦେଲେ କିଏ କାହିଁକି ଆସିବ କାହା ପାଖକୁ? ଆମେ ପପୁଲର ମୋର କେବେ କେମିତି ଜେଜେଙ୍କ ପାଖକୁ ଗଲେ ସେଠି ବେଶି ଦିନ

## ସମାରୋହ

ରଖେଇ ଦିଏ ନାହିଁ ମାମା। ଗାଁ ପିଲାଙ୍କ ସହ ସାଙ୍ଗସାଥି ହେବାକୁ ଦିଏନି। ଯେତିକି ଦିନ ଜେଜେଙ୍କ ପାଖରେ ରହୁ କି' ଶାନ୍ତି ମିଳେ ସେଠି। ଜେଜେ ତ' ଦିନରାତି ପିଲାଙ୍କ ପରି ଖେଳୁଥିବେ ଆମ ସହ। କାନ୍ଧରେ ଚାନ୍ଦ କରି ବୁଲାଉଥିବେ ସାହିକୁ ସାହି। ହାଟ ବଜାର, ବଣ କେନାଲ ଯୁଆଡ଼େ ଯିବେ ଆମକୁ ନେଇଯିବେ ଜେଜେ।

ଗାଁରୁ ଆମେ ଆସିବା ପାଇଁ ବାହାରିବା ଦିନ ଜେଜେଙ୍କ ଆଖି ଲୁହ ଛଳଛଳ ହୋଇଯାଏ। ବାବାଙ୍କୁ କହନ୍ତି – ବୁବୁରେ ! ଥାଆନ୍ତୁ ପିଲାଏ ଗାଁରେ ଆଉ କିଛି ଦିନ। ବାବା କ'ଣ କହି ଆଣିବା ବେଳକୁ ମାମା ଆଗତୁରା ମନା କରିଦିଏ। ନାଇଁ ନାଇଁ ଛୁଆ ଆଉ କିଛି ଦିନ ଏଠି ରହିଲେ ବାଲୁଙ୍ଗା ହୋଇଯିବେ। ଏ' ମଣିଷ ବି' ପାଗଳ ହୋଇଯିବ ଏଠି।

ଗାଁ ମାଟିର ମଣିଷମାନେ କ'ଣ ସତରେ ପାଗଳ ! କେଜାଣି, ମନକୁ ମନ ପଚାରି ଚୁପ୍ ରହେ ସବୁଜିମା।

ବାହାରେ ଗାଡ଼ି ରହିବା ଶବ୍ଦରୁ ସବୁଜିମା ଅନୁମାନ କଲା ମାମା ଆସିଗଲା। ଏଇଲେ ବକର ବକର ହୋଇ କେତେ କଥା ପଚାରିବ ସେ ଚୁପ୍ ଚାପ୍ ପଢ଼ାଘରକୁ ଯାଇ ବହି ଖଣ୍ଡେ ଧରି ବସିପଡ଼ିଲା।

ବାବା ବି' ଆସିଥିଲେ ମାମା ସହ। ବାବା ଭିତର ଘରକୁ ଡ୍ରେସ ବଦଳାଇବାକୁ ଗଲେ ମାମା ସିଧା ଆସିଲା ସେମାନଙ୍କ ପାଖକୁ। ତା' ପଛପଟେ ଛିଡ଼ା ହୋଇ ପଚାରିଲା – ସଂଧ୍ୟାବେଳୁ ପଢୁଥିଲୁ ? କଣ ସବୁ ପଢ଼ିଲୁଣି ? ହୋମ୍ ଟାସ୍କ ସାରିଛୁ ? ହଁ ? ... ନାହିଁରେ ଉତ୍ତର ଦେଇ ଚୁପ୍ ରହିଲା ସବୁଜିମା।

ଇସ୍। ମାମା ମୁହଁରୁ କି ଗନ୍ଧ ବାହାରୁଛି। କ'ଣ ଖାଇକରି ଆସିଛି ମାମା ? ମଦ ପିଇଛି। ଛି। ସବୁଜିମାକୁ ବାନ୍ତିମାଡ଼ିଲା। ସେ ଓଃ ...କରି ମୁହଁରେ ହାତ ଦେଇ ବେସିନ୍ ପାଖକୁ ଦୌଡ଼ିଲା।

ପୂଜାରି ନନା ଯାଇ ପହଞ୍ଚିଲେ ସବୁଜିମା ପାଖରେ। ସେ ବାନ୍ତି କଲାବେଳେ ଆଉଁସି ଦେଉଥିଲେ ତା' ପିଠି। ମୁହଁ ପାଟି ଧୋଇ ସବୁଜିମା ଘର ଭିତରକୁ ଆସିଲା। ଫ୍ୟାନ ଲଗାଇ ଅନେକ ସମୟ ବସି ରହିଲା ପରେ ତାକୁ ଖାଇବା ପାଇଁ ଡକରା ଆସିଲା। ସେ ଖାଇବନି ବୋଲି ସିଧା ମନା କରିଦେଲା।

ମାମା ତା' ପାଖକୁ ଆସି କର୍କଶ ଗଳାରେ ବିରକ୍ତ ହେଲା ପରି ଡାକିଲା ସବୁଜିମାକୁ। ସବୁଜିମା ଚାହିଁଲା ମାମା ମୁହଁକୁ। କେମିତି ଗୋଟେ ଅପର୍ଛନିଆ ଦିଶୁଥିଲା ତା ମୁହଁ। ଭିଡ଼ି ମୋଡ଼ି ହୋଇ ଖାଇବା ପାଇଁ ଯିବାକୁ ସେ ଉଠିଲା।

ଡାଇନିଂ ହଲରେ ସବୁଜିମା ପହଞ୍ଚିବା ପୂର୍ବରୁ ସେଠି ଥିଲେ ବାବା ଓ ପପୁଲ। ଖାଇବା ବାଢ଼ିସାରି ଗୋଟିଏ ପଟକୁ ଛିଡ଼ା ହୋଇଥିଲା ପୂଜାରୀ ନନା। ପପୁଲ ପାଖରେ ତାକୁ ବସିବାକୁ ଠାରି ଦେଇ ମାମା ବାବାଙ୍କ ପାଖରେ ବସିପଡ଼ିଲା।

ସବୁଜିମା ମୁହଁ ଶୁଖିଯାଇଥିଲା ସେତିକିବେଳକୁ।

ଅଧାଖିଆ ଅବସ୍ଥାରେ ବାବାଙ୍କ ଉଦ୍ଦେଶ୍ୟରେ କହିଲା ସବୁଜିମା – ବାବା ! ମୁଁ ଆଉ ଏଠି ରହିବିନି। ମାଣିକପୁର ଚାଲିଯିବି ଜେଜେଙ୍କ ପାଖକୁ। ସେଠି ତାଙ୍କ ପାଖରେ ରହି ପାଠ ପଢ଼ିବି। ଏଠି ଚିଡ଼ିଆଖାନାରେ ରହିବା ପରି କିଏ ରହିବ ? ଏ' ଘରେ କାହାର କାହା ପ୍ରତି ସ୍ନେହ ନାହିଁ .... ଶ୍ରଦ୍ଧା ନାହିଁ କି' ଚିରୁଡ଼ାଏ ଆନ୍ତରିକତା ବି' ନାହିଁ। ଇଏ କଣ ଗୋଟେ ଘର ?

*ଶଗଡ଼ିଆ ସାହି, ନୟାଗଡ଼ -୨*





**ଗୀତିକବି ଚୈତନ୍ୟ ପ୍ରସାଦ ବେହେରାଙ୍କ ରଚିତ ବିଦଗ୍ଧ ପ୍ରାଣର ରାଗାନୁରାଗ ଓ ରସ ସୁରସରେ ପରିପୂର୍ଣ୍ଣ ଗୀତିକବିତା ସଂକଳନ " ଅତୀତର ଅନ୍ତାକ୍ଷରୀ" ଯାହାକି ଓଡିଶାର ମହାମହିମ ରାଜ୍ୟପାଳଙ୍କ ଦ୍ୱାରା ଉନ୍ମୋଚିତ । ଏଥିରେ ଏକଶହ ବତିଶି ଗୋଟି ଗୀତିକବିତା ସ୍ଥାନିତ ହୋଇଅଛି ।**

***ଆଶା ପାଠକ ମାନଙ୍କ ହୃଦୟକୁ ନିଶ୍ଚୟ ଛୁଇଁବ ।***

ପ୍ରାପ୍ତିସ୍ଥାନ-ଖୋର୍ଦ୍ଧା
୭୫୨୦୫୫
ମୂଲ୍ୟ:ଟ.୩୦୦/-
ମୋ:୯୪୩୭୩୬୩୭୪୧



# ବଳି

ସୁଜାତା ମହାପାତ୍ର

ଶାଢ଼ୀ ନେବ ଶାଢ଼ୀ... ଶାଢ଼ୀ ନେବ ଶାଢ଼ୀ... ଶାଢ଼ୀ ସାୟା ବ୍ଲାଉଜ୍ ଏମିତି ସବୁ ସ୍ତ୍ରୀ ଲୋକଙ୍କ ବ୍ୟବହାର୍ଯ୍ୟ ଜିନିଷ ତାର ବିରାଟ ଗଣ୍ଠିଲି ଭିତରେ ଧରି ଠିକ୍ ଦିନ ଏଗାରଟା ବାରଟା ବେଳକୁ ଫେରିବାଲା ଶ୍ୟାମଳ ଆସି ପହଞ୍ଚିଯାଏ ଜାଗୁଲେଇପାଟଣା ଗ୍ରାମରେ। ସେତେବେଳକୁ ପିଲାମାନେ ସବୁ ସ୍କୁଲକୁ ଆଉ ବଡ଼ମାନେ ସବୁ ବିଲାବାଡ଼ିକୁ ଯାଇସାରିଥାନ୍ତି। ଘରେ କେବଳ ଥାନ୍ତି କିଶୋରୀ ଝିଅ ମାନଙ୍କ ସହିତ କିଛି ସ୍ତ୍ରୀଲୋକ ଆଉ ବୁଢ଼ାବୁଢ଼ୀ କେତେଟା। ପିଲାଙ୍କ କିଚିରି ମିଚିରି ନଥିବାରୁ ଗାଁ ଟା ଭିତରେ ନିରବତା ବିରାଜୁଥାଏ ଆଉ ଠିକ୍ ସେତିକି ବେଳକୁ ଶ୍ୟାମଳର ଡାକ ଏ ସ୍ତ୍ରୀଲୋକ ଗୁଡ଼ିକ ଭିତରେ ଯେମିତି ଉତ୍ତାଳ ତରଙ୍ଗ ଭରିଦିଏ। ଶ୍ରୀକୃଷ୍ଣଙ୍କର ବଂଶୀସ୍ୱନ ଶୁଣି ଗୋପୀମାନେ ବାୟା ହେଲାପରି ସେମାନଙ୍କର ଅବସ୍ଥା। ଗାଁ ମଝିରେ ଥିବା ଧନୁଆ ଗିରି ପିଣ୍ଡାରେ ସାଇକଲ୍‌ଟାକୁ ଡେରିଦେଇ ଯେତେବେଳେ ସିଏ ତାର ଗଣ୍ଠିଲି ଖୋଲିଦିଏ, ସାରା ଗାଁଟା ଯାକର ସ୍ତ୍ରୀଲୋକ ଝିଅମାନେ ଯାଇ ସେଇଠି ଗଦା ହୋଇପଡ଼ନ୍ତି। ଆଉ ପଚାମାଛକୁ ମାଛି ବେଢ଼ିଲା ପରି ସାୟା ବ୍ଲାଉଜ୍ ଶାଢ଼ୀ ଗଦାରୁ ନିଜ ମନ ପସନ୍ଦର ଜିନିଷସବୁ ବଛାବଛିରେ ଲାଗିପଡ଼ନ୍ତି। ପାସେ ପନ୍ଦର ଦିନରେ ଏମିତି ଏକ ଚିତ୍ର ଜାଗୁଲେଇପାଟଣା ଗ୍ରାମରେ ଦେଖିବାକୁ ମିଳେ। ଶ୍ୟାମଳ ଫେରିବାଲା ଏଠି କାହାର ଭାଇ ତ କାହାର ମଉସା, କାହାର ପିଉସା ତ ଆଉ କାହାର ମାମୁଁ ଏମିତି ଗୁଡ଼ାଏ ସଂପର୍କ ଭିତରେ ବାନ୍ଧି ହୋଇଥାଏ ସିଏ। ତାର ଏଇ ଗାଁ ଲୋକମାନଙ୍କ ସହିତ ନିବିଡ଼ପଣ ଯୋଗୁ ତାର ବେପାର ମଧ୍ୟ ଭଲ ହୁଏ।

ପନ୍ଦରଦିନରେ ମାସକରେ ଶ୍ୟାମଳ ଏଇ ଗାଁକୁ ଆସେ ତା ପରଦିନ ଅନ୍ୟ କେଉଁ ଗାଁକୁ ଯାଏ। ଏଇ ଅଞ୍ଚଳରେ ଏମିତି ଦଶଖଣ୍ଡ ଗାଁକୁ ଫେରିକରିଯାଏ ଶ୍ୟାମଳ। ଘର ତାର ଅନ୍ୟରାଜ୍ୟ, ପଶ୍ଚିମବଙ୍ଗ। ସେହି ପଶ୍ଚିମବଙ୍ଗ ଆଉ ଓଡ଼ିଶାର ସୀମାକୁ ଲାଗିଥିବା ଏଇ କେତେ ଖଣ୍ଡ ଗାଁକୁ ସିଏ ଲୁଗାପଟା ନେଇ ଆସେ। ବାଲେଶ୍ୱର ଜିଲ୍ଲାର ଶେଷ ଏଇ କେତେଖଣ୍ଡ ଗାଁ, ନଦୀ ନାଳରେ ଭରା, ରାସ୍ତାଘାଟର ସୁବିଧା ନାହିଁ କହିଲେ ଚଳେ। ଯୁଆଡ଼େ ଦେଖିବ ପୋଖରୀ ନାଳ ଏ ଗାଁରୁ ସେ ଗାଁକୁ ଯିବା କାଠିକର ପାଠ। ଦୋକାନ ବଜାର ଏଠି ସାତ ସପନ। ଲୋକମାନେ ଘରଠାରୁ ଦଶବାର କିଲୋମିଟର ଗଲେ ଯାଇ ନିଜର ନିତ୍ୟ ବ୍ୟବହାର୍ଯ୍ୟ ନିଜିଷ ମିଳେ। ନହେଲେ, ଧାନ, ପାନ, ମୀନର ଜାଗା ଇୟେ। ଲୋକମାନଙ୍କର ଆବଶ୍ୟକତା ଏଠାରେ ଖୁବ୍ କମ୍। ସୁନାରଙ୍ଗର ସୁବର୍ଣ୍ଣରେଖା ନଦୀ ଏ ଅଞ୍ଚଳର ଜୀବନରେଖା କହିଲେ ଚଳେ। ଗୋଟେ ଗୋଟେ ଜାଗାରେ ଏଇନଦୀର ଧାର ଅଲଗା କରିଛି ଦୁଇଟି ରାଜ୍ୟକୁ। ନଦୀ ଧାରେ ଧାରେ ବିସ୍ତୀର୍ଣ୍ଣ ସବୁଜ ଫସଲ, ହିଡସାରା ପଞ୍ଝା ପଞ୍ଝା ବଗ ଆଉ ଗେଣ୍ଡାଳିଆଙ୍କ ସମ୍ଭାର। ସକାଳର କଅଁଳ ଖରାରେ ଶିରଶିରେଇ ଯାଉଥାଏ ଧାନର କ୍ଷେତ। ଏଇ ଧାନ କ୍ଷେତର ହିଡ଼ ରାସ୍ତାରେ ସାଇକେଲ ପଛରେ ତାର ଲୁଗା ଗଣ୍ଠିଲି ଧରି ଶ୍ୟାମଳ ଖରାଟାଣ ହେବା ଆଗରୁ ଆସି ପହଞ୍ଚିଯାଏ। ଛକମୁଣ୍ଡ ପାନଦୋକାନରେ ପାନଖଣ୍ଡେ ଖାଇ ଗାଁ ଭିତରକୁ ଯିବାପାଇଁ ତା ରାଲେ ସାଇକେଲ୍‌ରେ ପ୍ୟାଡେଲ୍ ମାରେ। ନାହିଁ ନାହିଁର ସଂସାର ଏଠି ସମସ୍ତଙ୍କର ଅଭାବ ଅସୁବିଧା ଭିତରେ ତଥାପି ଭଲରୋଜଗାର ଆଶାରେ ଶ୍ୟାମଳ ଏଠି ଦଶଖଣ୍ଡ ଗାଁରେ ଫେରିକରେ। ନଗଦ ବାକିବୁକର ଚଳେ, ନହେଲେ କି ଏଠି ବେପାର ହେବ? ଏଇ ଗାଁ ଗୁଡ଼ାକ ନଦୀନାଳ ଭିତରେ ଖଣ୍ଡେ ଖଣ୍ଡେ ଟାପୁ ସଦୃଶ (ସବୁ ଲୋକଙ୍କର ବେଉସା ହେଉଛି ଚାଷବାସ) ରାସ୍ତାଘାଟର ଘୋର ଅସୁବିଧା – ନିପଟ ମଫସଲ, ବଜାରଘାଟ, ସ୍କୁଲ, ଡାକ୍ତରଖାନା ଗାଁ ଠାରୁ ସବୁ ଦୂର। ଆଖପାଖରେ କିଛିନାହିଁ। ଭଗବାନଙ୍କ ଭରଷାରେ ଏତେଗୁଡ଼ାଏ ଲୋକ କର୍ମକୁ ଆଦରି ଅଛନ୍ତି। ଯେତେ ଅସୁବିଧା ହେଉପଛେ କିଏ କଣ କାହାର ଭିଟାମାଟିକୁ ଛାଡ଼ିପାରେ ନା ଏମାନେ ଛାଡ଼ିବେ। ମାଟି ପରା ମା, ଯେମିତି ମା'କୁ ଛାଡ଼ି ହୁଏନି ସେମିତି ଗାଁର ମାଟିକୁ ମଧ୍ୟ ଛାଡ଼ି ହୁଏନି। ମାଟିପିଣ୍ଡ ଏ ଘଟ, ସେଇ ଘଟଦିନେ ଏଇ ମାଟିରେ ମିଶିଯିବ, ସେମାନେ ଯିବେ ଅବା କୁଆଡ଼େ। ସାଇକେଲ ଖଣ୍ଡିଏ ଧରି ଶ୍ୟାମଳ ଏ ଗାଁରୁ ସେ ଗାଁ ବୁଲୁଥାଏ, ଯେଉଁଠି ତାକୁ ଆରାଏ ସିଏ ସେଇଠି ରାତିଟା ରହିଯାଏ। ଏମିତିରେ ସେ ଖଣ୍ଡମଣ୍ଡଳର ଦଶଖଣ୍ଡ ଗାଁରେ ସମସ୍ତେ ତାକୁ ଚିହ୍ନନ୍ତି, ଆଦର କରନ୍ତି। ସମସ୍ତଙ୍କ ପାଖରେ ସିଏ ଏକ ଚିହ୍ନାମୁହଁ। ପିଲାଠୁ ବୁଢ଼ା ପର୍ଯ୍ୟନ୍ତ ସମସ୍ତେ ତାକୁ ଭଲପାଆନ୍ତି। ବଙ୍ଗାଳି ହେଲେ ବି ସିଏ ଓଡ଼ିଆରେ କଥାବାର୍ତ୍ତା କରେ। ଓଡ଼ିଶାର ସମାନ୍ତ ପଶ୍ଚିମବଙ୍ଗର କାନ୍ଥି ହେଉଛି ତାର ଗାଁ। ସୀମାନ୍ତ ଲୋକଗୁଡ଼ାକ ଦୁଇଟା ଯାକ ଭାଷାରେ ବୁଝନ୍ତି ଓ ଦୁଇଟା ଭାଷାରେ କଥାବାର୍ତ୍ତା କରନ୍ତି। କାହାର ଘର ଓଡ଼ିଶାରେ ହେଲେ ମାମୁଘର ପଶ୍ଚିମବଙ୍ଗରେ। ବାପା ଓଡ଼ିଆ ହେଲେ ମା' ବଙ୍ଗାଳୀ ନହେଲେ ବାପା ବଙ୍ଗାଳୀ ହେଲେ ମା' ଓଡ଼ିଆ। ଏମିତି ଘରେ ଘରେ ସବୁ ପରିବାରରେ। ତେଣୁ ସୀମାନ୍ତ ଗାଁ ଗୁଡ଼ାକରେ କିଏ ବଙ୍ଗାଳୀ କିଏ ଓଡ଼ିଆ କିଛି ଠଉରାଇ ହୁଏନାହିଁ। ସବୁ ଯେମିତି ଏକାଭଳି କିଛି ଫରକ ନାହିଁ।

ପତଳା ହୋଇ ଡେଙ୍ଗା ଲୋକଟିଏ ଶ୍ୟାମଳ ଦାସ୍ ଦେହର ରଙ୍ଗ ଗୋରା ନୁହେଁ କି କଳା ନୁହେଁ ଶ୍ୟାମଳ। ବୋଧହୁଏ ତା ଦେହର ରଙ୍ଗକୁ ନେଇ ତାର ନାମକରଣ ହୋଇଛି। ତା ମୁହଁଟି ଦେଖିଲେ ତା ବୟସ କଳନା କରିହୁଏନି। ଅବଶ୍ୟ ମୁଣ୍ଡର ଅଧାବାଳ ପାଚିଗଲାଣି ମାତ୍ର ତା ଚେହେରା ପୁରାପୁରୀ ଯୁବକ ସୁଲଭ। ଚାଳିଶ ଭିତରେ ବୟସ ହୋଇଥିବ ତାକୁ କି ଆଉ ବର୍ଷେ ଦୁଇବର୍ଷ ବେଶୀ ହେଲେ ହୋଇଥିବ। ଖରାତରାରେ ବୁଲିବୁଲି ବୋଧହୁଏ ତା ମୁଣ୍ଡବାଳ ଗୁଡ଼ାକ ପାଚି ଆସିଲାଣି ତା'ର। ଶାନ୍ତ ସୁଧାର ଲୋକଟାଏ ଶ୍ୟାମଳ ଖୁବ୍ ଧୀରସ୍ଥିର ବେଶୀ କଥା କହେ ନାହିଁ। ମାତ୍ର ବେପାର ବେଳେ ସିଏ ଲୋକଙ୍କ ସହିତ ଭଲ ମିଶେ। କିଣା ବିକାରେ ସିଏ ବେଶୀ କିଛି ଝିକ୍ ଝିକ୍ କରେ ନାହିଁ ପଇସାପତ୍ରକୁ ନେଇ। ଲୋକଙ୍କୁ ବିଶ୍ୱାସରେ ବାକି ବୁକର ମଧ୍ୟ ଦିଏ। ସେଥିପାଇଁ ଶ୍ୟାମଳକୁ ଦଶଖଣ୍ଡ ଗାଁର ସମସ୍ତେ ଭଲ ପାଆନ୍ତି। ତାରିଠାରୁ ଲୁଗା କିଣିବେ ବୋଲି ତାକୁ ଅନେଇ ଥାଆନ୍ତି। ବେଳେବେଳେ ବରାଦ ନେଇ ମସୁରୀ ତକିଆ ଖୋଳ, ବେଡ୍‌ସିଟ ଇତ୍ୟାଦି ମଧ୍ୟ ଆଣି ଲୋକଙ୍କୁ ଦିଏ, ବିଶ୍ୱାସରେ ହିଁ ତ ବେପାର ଚାଲେ ସେ କଥାକୁ ଶ୍ୟାମଳ ମନରେ ଗଣ୍ଠି କରିନେଇଛି। ସେଥିପାଇଁ ଶ୍ୟାମଳ ଏ ଦଶଖଣ୍ଡ ଗାଁରେ ନିର୍ଦ୍ୱନ୍ଦ୍ୱରେ ବୁଲିବୁଲି ବେପାର କରେ। ସେଇଥିରେ ତାର ପରିବାର ଚଳନ୍ତି। ବଙ୍ଗାଳୀ ହୋଇ ଓଡ଼ିଶାର ଗାଁ ଗଣ୍ଡାରେ ସିଏଯେମିତି ନିଜ ଲୋକପରି ବେପାର

କରେ। ସଥିପାଇଁ ତା ଜାଗା ଆଉ କେହି ଆଜି ପର୍ଯ୍ୟନ୍ତ ନେଇପାରିନାହାନ୍ତି। ବେଳେବେଳେ ମାସେ ଦୁଇମାସ ଶ୍ୟାମଳର ଦେଖା ମିଳେନା, ସେଥିପାଇଁ ସମସ୍ତେ ତାକୁ ଖୋଜିହୁଅନ୍ତି। ଶ୍ୟାମଳ କୁଆଡ଼େ ଗଲା ବୋଲି ମାଇପି ମହଲରେ ବେଶୀ ଚର୍ଚ୍ଚା ହୁଏ। କିଏ କହେ ଏଥର ଶ୍ୟାମଳ ଆସିଲେ ମୁଁ ଅମୁଲ ରଂଗର ଶାଢ଼ୀ କିଣିବି ତ ସମୁକ ରଙ୍ଗର ବ୍ଲାଉଜ୍ କିଣିବି। ଆଉ କିଏ କହେ ତାର ନାଇଟିଗୁଡ଼ା ରଙ୍ଗଛାଡ଼ି ଗଲାଣି ଏଥର ଶ୍ୟାମଳ ଆସିଲେ ତାଠାରୁ ଭଲଭଲ ରଙ୍ଗର ଦୁଇଟା ନାଇଟି କିଣିବି। ଏମିତି ଖୋଜାଖୋଜି ଭିତରେ ଶ୍ୟାମଳ ଦୁଇମାସ ପରେ ପୁଣି ଚିରାଚରିତ ଢଙ୍ଗରେ ଆସେ। ଏଇ ଦୁଇମାସ ହେଲା କାହିଁ ଆସିପାରିଲା ନାହିଁ ସେ କଥା କହେ। କହେ ତାର ବୁଢ଼ୀ ମା କଥା ତା ସ୍ତ୍ରୀ କଥା ତାର ଛୋଟ ଛୋଟ ଝିଅ ଦୁଇଟିଙ୍କ କଥା। କେମିତି ବୁଢ଼ୀ ମା'ର ଦେହ ଖରାପ ଯୋଗୁ ସିଏ ଏଇ ଦୁଇମାସ ଫେରିକରି ଆସିପାରିଲା ନାହିଁ, ସେଥିପାଇଁ ପଇସାପତ୍ରର ଘୋର ଅଭାବ। ଏଇ ଗାଁ ଗାଁ ବୁଲି ଫେରି ନ କଲେ ତା' ଘର ଚୁଲି ଜଳିବ ବା କେମିତି ?

ଏଥର ଜାଗୁଳେଇ ପାଟଣା ଆସିବା ଦିନ ଶ୍ୟାମଳ ଧନୁଆ ଗିରି ପିଣ୍ଡାରେ ତାର ଗଣ୍ଠିଲି ଖୋଲିଲା। ନୂଆ ନୂଆ ରଙ୍ଗବେରଙ୍ଗର କେତେପ୍ରକାର ଶାଢ଼ୀ, ସାୟା, ବ୍ଲାଉଜ୍, ନାଇଟି ତା ଗଣ୍ଠିଲିରୁ କାଢ଼ି ଗଦେଇଦେଲା। ଏଇ ଦୁଇମାସ ଧରି କେହି କିଛି କିଣି ନଥିଲେ ସେଥିପାଇଁ ଏକାଥରେ ତାର ସବୁ ଜିନିଷ ବିକ୍ରି ହୋଇଗଲା। ସବୁତକ ବିକ୍ରି କରିପାରି ପଇସାପତ୍ର ଗୋଟାଇଲା ବେଳକୁ ସନ୍ଧ୍ୟା ହୋଇ ଗଲାଣି। ଶ୍ୟାମଳ ସେଦିନ ଧନୁଆ ଆଉ ତାର ସ୍ତ୍ରୀ ରତନିର ଅନୁରୋଧରେ ପଖାଳ କଂସାଏ ଖାଇ ତାରି ପିଣ୍ଡାରେ ଶୋଇପଡ଼ିଲା। ଧନୁଆର ସ୍ତ୍ରୀ ରତନି ଶ୍ୟାମଳକୁ ଧରମ ଭାଇ କରିଛି। ସେଇ ନୀତିରେ ଶ୍ୟାମଳକୁ ଭାଇ ବୋଲି ଡାକେ ରତନୀ। ବେଳେବେଳେ ଏମିତି ଉଛୁର ହେଲେ ଶ୍ୟାମଳ ଧନୁଆ ଘରେ ଭାତଗଣ୍ଡେ ଖାଇ ଦେଇ ତାରି ଦାଣ୍ଡପିଣ୍ଡାରେ ଶୋଇପଡ଼େ। ସକାଳ ହେଲେ ଚା' ପାଣି ଟୋପେ ପିଇଦେଇ ଘରମୁହାଁ ହୁଏ। ରତନୀ ମଧ୍ୟ ସାନଭଉଣୀର କର୍ତ୍ତବ୍ୟ କରେ। ଶ୍ୟାମଳର ଟଙ୍କା ପଇସା ସବୁ ହିସାବ କରି ବାଗେଇକରି ରଖେ। ଶ୍ୟାମଳ ଘରକୁ ବାହାରିଲେ ଗୋଟି ଗୋଟି କରି ହିସାବ କରି ତା ପଇସା ସବୁ ତା ହାତରେ ଦିଏ। ତେଣୁ ସେମାନଙ୍କର ସମ୍ପର୍କ ଖାଲି ଭାଇଭଉଣୀର ସମ୍ପର୍କ ନୁହଁ ଗୋଟିଏ ନିଃସ୍ୱାର୍ଥ ବିଶ୍ୱାସର ପ୍ରତିବଦ୍ଧତା ତା ଭିତରେ ଥାଏ।

ଦଶହରା ପୂର୍ବରୁ ନିଶ୍ଚୟ ଶ୍ୟାମଳ ସବୁଠାରୁ ଭଲରଙ୍ଗର ଲୁଗାଖଣ୍ଡେ ରତନୀ ପାଇଁ ଆଣିଥାଏ। ପଇସା ଯାଚିଲେ ଜମା ନିଏନାହିଁ, ଓଲଟିକୁହେ ଗରିବ ହେଲି ବୋଲି ଭଉଣୀକୁ ଖଣ୍ଡେ ଲୁଗା ଦେଇପାରିବିନି। ପଇସା ଯାଚି ତୁ ଆଉ ମତେ ଛୋଟ କରିଦେ ନା! ସେତିକିରେ ରତନୀ ଚୁପ୍ ପଡ଼ିଯାଏ। ତାରି ପିଲାଗୁଡ଼ା ମଧ୍ୟ ମାମୁଁ ଆସିଲା ମାମୁଁ ଆସିଲା କହି ତା ଚାରିପଟେ ବେଢ଼ି ଯାଆନ୍ତି। ଶ୍ୟାମଳ ମଧ୍ୟ ଖୁବ୍ ଆଦର କରି ସେମାନଙ୍କୁ ବେଳେବେଳେ ବେଲୁନ୍ ଚୁମୁମା ସବୁ ସେମାନଙ୍କ ପାଇଁ ଆଣିଥାଏ। ପିଲାମାନେ ସେଥିପାଇଁ ଖୁବ୍ ଖୁସି। ରତନୀର ସ୍ୱାମୀ ଧନୁଆ ଗିରି ଜାତିରେ ମାଳି ହେଲେ ମଧ୍ୟ ଗାଁ ଠାକୁରାଣୀଙ୍କ ପୂଜକ ସିଏ। ସେଥିପାଇଁ ଧନୁଆକୁ ସମସ୍ତେ ମାନ୍ୟ କରନ୍ତି ଖାଲି ଠାକୁରାଣୀ ପୂଜକ ପାଇଁ ନୁହେଁ ଧନୁଆର ଅନ୍ୟ ଏକ ବିଶେଷ ଶକ୍ତି ରହିଛି ବୋଲି ଗାଁ ଲୋକମାନେ ବିଶ୍ୱାସ କରନ୍ତି। ଧନୁଆ କୁଆଡ଼େ ମା'ଙ୍କ ନାଁ ନେଇ ଝାଡଫୁଙ୍କ କରିଦେଲେ ଯାହାର ଯେତେ ବଡ଼ ଅସୁବିଧା ହେଉ ପଛେ ତାହା ଦୂର ହୋଇଯାଏ। ଭୂତପ୍ରେତ ରୋଗବଇରାଗ ହେଲେ ଗାଁ ଲୋକେ ଧନୁଆର ଶରଣ ପଶନ୍ତି। ଶିକ୍ଷାଦିକ୍ଷାର ଅଭାବ, ଗମନାଗମନରର ଅସୁବିଧା ସହିତ ସ୍ୱାସ୍ଥ୍ୟସେବାର ଅପହଞ୍ଚ ଦୂରତା, ଅନ୍ଧବିଶ୍ୱାସ ଗାଁ ଗହଳିରେ ଲୋକମାନଙ୍କୁ ବାଧ କରିଦିଏ ଏଭଳି ବିଶ୍ୱାସ ସବୁକୁ ମନରେ ପାଳିବା ପାଇଁ। ଆଉ ଧନୁଆ ସେ ନ୍ୟାୟରେ ଲୋକମାନଙ୍କର ଅସୁବିଧା ଓ ଅନ୍ଧବିଶ୍ୱାସର ଫାଇଦା ଉଠେଇ ଭଲ ରୋଜଗାର କରିବା ସଙ୍ଗେସଙ୍ଗେ ନିଜର ଗୋଟିଏ ଭଲ ଇମେଜ ସୃଷ୍ଟି କରିଥାଏ।

ଅନେକ ପ୍ରକାର ବଦଭ୍ୟାସରେ ବଢ଼ିଥାଏ ଲୋକଟା। ନିପଟ ଅଳସୁଆ ସାଙ୍ଗକୁ ମଦ ଗଞ୍ଜେଇ ଖାଇ ସବୁବେଳେ ବାହାରେ ବୁଲୁଥାଏ। ନା ଘରଚିନ୍ତା ନା ସ୍ତ୍ରୀ ପିଲାଙ୍କ ଚିନ୍ତା କିଛି ନଥାଏ। ତାର ଯାହା ରୋଜଗାର କରେ ବାରଣା ଟଙ୍କା ମଦ ଗଞ୍ଜେଇରେ ଉଠେଇଦିଏ। ଆଉ ଯାହା ରତନୀ ହାତରେ ଦିଏ ତାହା ସମୁଦ୍ରକୁ ଶଙ୍ଖେ ଭଳି। ତା ସ୍ତ୍ରୀ ରତନୀ କିନ୍ତୁ ଭାରି କର୍ମଠ ସଚ୍ଚୋଟ ସ୍ତ୍ରୀ ଲୋକଟିଏ। ଚାରିଟା ପିଲାଙ୍କୁ ଚଳେଇବା ପାଇଁ ନାନା ଫନ୍ଦିଫିକର କରିବାକୁ ପଡ଼େ। ଗାଇଗୋରୁ ପାଳି, ବାଡ଼ିବଗିଚାରେ ଗଛବୃଛ ଲଗେଇ ମାଛଧରି ତାକୁ ପିଲାଙ୍କ ପେଟ ପୋଷିବାକୁ ପଡ଼ିଥାଏ। ଅବଶ୍ୟ ଅଳ୍ପକିଛି ଜମିବାଡ଼ି ଥିବାରୁ ସେଥିରୁ ଧାନ ଗଣ୍ଡାଏ ଆସି ବର୍ଷକ ଚାଉଳ ସେଥିରେ ଚଳିଯାଏ। ଧନୁଆ ଦିନେ କାଳେ ଜମି ଉପରକୁ ଯାଏ ନାହିଁ। ସେଇ ରତନୀ ବିଲରେ ମୂଲିଆ ହୋଇ ଖଟେ ଭାଗଚାଷ ନଦେଇ, ନିଜ ଜମିକୁ ନିଜେ ଚଷେ ବୋଲି ଚାଉଳ ଗଣ୍ଡାଏ ମିଳେ। ଯେଉଁକାମ ଧନୁଆ କରିବା କଥା ସେକାମକୁ ରତନୀ କରେ। ଧନୁଆ ମୁଣ୍ଡରେ ସିନ୍ଦୂର କଳିଟାଏ ମାରିଦେଇ ନିଜକୁ ବଡ଼ ଗୁଣିଆ ବୋଲି ସାବ୍ୟସ୍ତ କରିବାକୁ ସକାଳୁ ସକାଳୁ ଗାଁ ଠାକୁରାଣୀଙ୍କ ପାଖରେ ଯାଇ ପୂଜା ଅର୍ଚ୍ଚନା କରେ କେବଳ ତାର ଅବଗୁଣକୁ ଲୁଚେଇବା ପାଇଁ। ରତନୀ କିନ୍ତୁ ସବୁ ଫନ୍ଦି ଜାଣିଥାଏ। କାମଦାମ କରିବ ନାହିଁ ବୋଲି ଠାକୁରାଣୀଙ୍କ ନାଁ ନେଇ ଗୋଟାଏ ମୁଖା ପିନ୍ଧି ଚଳପ୍ରଚଳ ହୁଏ ଧନୁଆ। ଧନୁଆ ଅଶିକ୍ଷିତ ଗାଁଲୋକ ଗୁଡ଼ାଙ୍କୁ ସିନା ବୋକା ବନାଏ ମାତ୍ର ନିଜ ସ୍ତ୍ରୀ ପାଖରେ ତାର ଅସଲ ଚେହେରାଟା ଧରାପଡ଼ିଯାଏ। ରତନୀ ଧନୁଆର ସବୁ କାରନାମା ବିଷୟରେ ଜାଣେ। ମାତ୍ର ନିଜ ସ୍ୱାମୀ ତ କାହା ଆଗରେ ଏକଥା କହିବ ? ଗାଁ ଲୋକଙ୍କ ବିଶ୍ୱାସରେ ବିଷଦେଇ ଖୁବ୍ ପଇସାପତ୍ର ରୋଜଗାର କରେ ଧନୁଆ ମାତ୍ର ମଦନିଶାରେ ସବୁ ଉଡେଇ ଦିଏ। ବେଳେବେଳେ ରତନୀ ଭାବେ ଧନୁଆର ଏ ଠକାମି ଦିନେ ନା ଦିନେ ତ ନିଶ୍ଚୟ ଧରାପଡ଼ିବ ଆଉ ଏ ଗାଁରେ ସିଏ ମୁହଁଦେଖାଇ ବାଟ ଚାଲିପାରିବ ତ ? ସବୁବେଳେ ଧନୁଆ ସୁଯୋଗ କରେ କେମିତି କାହାକୁ ଠକି ଦୁଇପଇସା ରୋଜଗାର କରିବ, ତାର ସେଇ ଗୁଣପାଇଁ ରତନୀ ସବୁବେଳେ ସେଇ ଗାଁ ଠାକୁରାଣୀଙ୍କ ପାଖରେ ଗୁହାରି କରେ ଯେ ମା' ତାକୁ ସଦ୍‌ବୁଦ୍ଧି ଦିଅ ତାକୁ ଭଲ ମଣିଷ କର....।

କାହିଁକି କେଜାଣି ଧନୁଆ ବେଳେବେଳେ ରତନୀ ସାଙ୍ଗରେ ଅଦ୍ଭୁତ ବ୍ୟବହାର କରେ, ରତନୀ କିଛି ବୁଝିପାରେ ନାହିଁ। ଭାବେ ଏସବୁ ନିଶାର ପ୍ରକୋପ ମାତ୍ର ଧନୁଆ ଚାରିଟା ଛୁଆର ମା' ରତନୀର ଚରିତ୍ର ଉପରେ ସନ୍ଦେହ କରେ। ମାତ୍ର ବାହାରକୁ ପ୍ରକାଶ କରେନାହିଁ। ମାତ୍ର ସିଏ ଜାଣିଛି ରତନୀ ଏକଥା ଜାଣିଲେ ଆଦୌ ସହିପାରିବ ନାହିଁ ଚାରିଟା ଛୁଆର ତା ଘର ସଂସାର ନିମିଷକରେ ଭାସିଯିବ। ସେଇ ଭୟରେ ସିଏ ସିନା ରତନୀକୁ କିଛି କହିପାରେ ନାହିଁ ମାତ୍ର ଭିତରେ ଭିତରେ ପାଉଁଶ ତଳର ନିଆଁ ପରି ତାର କ୍ରୋଧ ଛାତି ଭିତରେ ଦହକୁଥାଏ। ଶ୍ୟାମଳ ଘରକୁ ଆସିଲେ ରତନୀ ଖୁବ୍ ଚଳଚଞ୍ଚଳ ହୋଇଯାଏ। ଶ୍ୟାମଳଭାଇ କ'ଣ ଖାଇବ ? କୋଉଠି ଶୋଇବ ସବୁ ବ୍ୟବସ୍ଥା କରିପକାଏ। ସତରେ କ'ଣ ଶ୍ୟାମଳ ଆଉ ରତନୀ ଭିତରେ ଭାଉଭଉଣୀର ସମ୍ପର୍କ ? ନା ତା'ଛଡ଼ା ଆଉକିଛି ? ଧନୁଆ ମନଭିତରେ ଏ କଥାକୁ ଗଣ୍ଠିକରି ଧରିଥାଏ ଆଉ ନିଜର ଛାତି ଭିତରେ ନିଜେ ସଞ୍ଚୟ କରୁଥାଏ ରାଗ, ଦ୍ୱେଷ, ପ୍ରତିଶୋଧର ଅଗ୍ନିକୁ।

ମାତ୍ର ଶ୍ୟାମଳ ଘରକୁ ଆସିଲେ ଧନୁଆ ତା ସହିତ ଖୁବ୍ ଭଲ ବ୍ୟବହାର କରେ। ଏକାଠି ବସି ଖାଇବା, ପିଇବା ସାଙ୍ଗାକୁ ନିଶାପାଣି ଖାଇ ଶଳାଭିଣୋଇ ପରି ଖୁବ୍ ଥଟ୍ଟାମଜା ହୁଅନ୍ତି। ରତନୀ ଆଖି ଆଗରେ ପଡ଼ିଗଲେ ଧନୁଆ ତାକୁ ସିନା କିଛି କହିପାରେ ନାହିଁ ମାତ୍ର ମନ ଭିତରେ ଭାବୁଥାଏ ଶଳା ? ପରପୁରୁଷକୁ ଧରମଭାଇ କରିବା କ'ଣ ଦରକାର। ବର୍ଷକୁ ଖଣ୍ଡେ ଛାପାଶାଢ଼ୀ ଦେଇ ଶ୍ୟାମଳ ତାର ଭାଇର କର୍ତ୍ତବ୍ୟ ସାରିଦିଏ, ଅଥଚ ଦୁନିଆ ଆଡ଼େ ବେପାର କରିବା ଭିତରେ ତାରି ଘରେ ଆଡ୍ଡା ଜମାଇଥାଏ ଶ୍ୟାମଳ। ଆଉ ଧରମ ଭଉଣୀ ଧମରଭାଇକୁ ରାନ୍ଧିବାଢ଼ି

ପରଷୁଥାଏ । ସତରେ ଯେମିତି ତା ଘର ଗୋଟାଏ ଧର୍ମଶାଳା । ଶ୍ୟାମଳ ଉପରେ ଭାରି ଦରଦ ତା ସ୍ତ୍ରୀ ରତନୀର । ରତନୀ ତାକୁ କହେ ଦେଖିଲ ଦେଖିଲ କାହିଁ ପଶ୍ଚିମବଙ୍ଗର କାନ୍ଥି କାହିଁ ଓଡ଼ିଶାର ଜଳେଶ୍ୱର ସେଇ ପରିବାର ପାଇଁ ତ ଶ୍ୟାମଳଭାଇ ଏତେ ପରିଶ୍ରମ କରୁଛି ରାତିଦିନ ଏକାକରି । ଏକଥା ରତନୀ କହିଲା ବେଳେ ଧନୁଆଁ ଦେହରେ ଯେମିତି ନିଆଁଚେଙ୍କ ଲାଗିଯାଏ, ସବୁ ବୁଝେ ଧନୁଆ ପରୋକ୍ଷ ଭାବରେ ରତନୀ ତାକୁ ଅଳସୁଆ ନିଷ୍କର୍ମା ବୋଲି କହେ । ଖୁବ୍ ମନସ୍ତାପରେ ଥାଏ ଧନୁଆ । ଏବେ ଏବେ ସେହି ଦୁଃଖରେ ବେଶୀବେଶୀ ମଦପିଇ ମାତାଲ ହୁଏ । ରତନୀ ଆଉ ଶ୍ୟାମଳର କଥା ଭାବିଦେଲେ ତା ମୁଣ୍ଡକୁ ରକ୍ତ ଚଢ଼ିଯାଏ, ରାଗରେ ସିଏ କ'ଣ ନାହିଁ କଣ କରିଦେବ ବୋଲି ଭାବେ ।

ସକାଳୁ ସକାଳୁ ଉଠି ଠାକୁରାଣୀପୂଜା କରିଲା ଭିତରେ ଧନୁଆର ମନ ମିଜାଜ୍ ସବୁ ଠିକ୍‌ଥାଏ । ରାତିର ନିଦରେ ସବୁନିଶା ଛାଡ଼ିଯାଇ ଧନୁଆ ଗୋଟେ ଭିନ୍ନ ଲୋକରେ ପରିଣତ ହୋଇସାରିଥାଏ । ଆଜି କାହିଁକି ମା'ଙ୍କ ପୂଜା କରିଲା ବେଳେ ବାରମ୍ବାର ଅନ୍ୟମନସ୍କ ହୋଇଯାଉଥାଏ ଧନୁଆ । ମନ୍ତ୍ର ଯନ୍ତ୍ର କିଛି ଆଜି ତାର ମନେ ପଡୁନଥାଏ, କେମିତି ପୂଜିବ ଆଜି ସିଏ ମା'ଙ୍କୁ । ସେଇକଥା ଭାବି ହେଉଥାଏ ଧନୁଆ । ନିଜ ଦୋଷପାଇଁ ବାରମ୍ବାର କ୍ଷମା ମାଗୁଥାଏ ମା'ଙ୍କ ଆଗରେ ସିଏ । ତାଙ୍କ ଅଞ୍ଚଳର ବଡ଼ କଣ୍ଟ୍ରାକ୍ଟର ଧବଳ ଘୋଷ ଆଜି ଅଚାନକ ସକାଳୁ ସକାଳୁ ମା'ଙ୍କ ମନ୍ଦିରରେ । ଭୋଗରାଗ ଧୂପଦିପ ସବୁ ନେଇ ଆସିଥାନ୍ତି ସିଏ କହିଲେ ଧନୁପୂଜାରିଏ ଆଜି ମୋ ପାଇଁ ଗୋଟେ ସ୍ପେଶାଲ ପୂଜା କର ଆଉ ମା'ଙ୍କ ପାଖରେ, ମୋ ଦୁଃଖ ଟିକେ ଜଣାଅ । ମୁଁ ଗୋଟେ ବଡ଼ ସମସ୍ୟାରେ ପଡ଼ିଛି । ତୁମେ ଚାହିଁଲେ ମତେ ସେଥିରୁ ଉଦ୍ଧାର କରିପାରିବ । ଯେତେ ପଇସା ଲାଗିବ ସବୁ ମୁଁ ଖର୍ଚ୍ଚ କରିବି । ମାତ୍ର ମୋର ପେଟପାଟଣା କଥା ତୁମକୁ ଲାଗିଲା ଜାଣ । ଧନୁଆ କହିଲା ଆଜ୍ଞା ଇଏ ଗୋଟେ କଥା ଆପଣ ଖାଲି ଆଦେଶ କରନ୍ତୁ । ମା'ଙ୍କ ଇଚ୍ଛା ଥିଲେ ନିଶ୍ଚୟ କାମ ପୂରଣ ହେବ । ଆପଣଙ୍କର କ'ଣ ଦରକାର ମତେ ଟିକେ ଫିଟେଇକରି କୁହନ୍ତୁ । ଏଥର କଣ୍ଟ୍ରାକ୍ଟର ଧନୁଆକୁ ଗୋଟେ କଡ଼କୁ ଟାଣିନେଇ ତା କାନରେ ଯାହା କହିଲା ସେକଥା ଶୁଣି ଧନୁଆର ଗଞ୍ଜେଇନିଶା ପୁରାପୁରି ଛାଡ଼ିଗଲା । ଧବଳ ଘୋଷ କହିଲା ବୁଝିଲା ପୁଜାରୀ ମୁଁ ଗୋଟେ ପଡ଼ ପୋଲ କାମ ପାଇଛି ପ୍ରାୟ ଦୁଇକୋଟି ଟଙ୍କାର ପ୍ରୋଜେକ୍ଟ । ଆମ ଗାଁରୁ ଜଳେଶ୍ୱର ଯିବା ବାଟରେ ସେଇ ଯେଉଁ ସରୁ ନଈଟା ଅଛି ତାରି ଉପରେ ପୋଲଟା ହେବ । ଯିବା ଆସିବା କେତେ ସହଜ ହେଇଯିବ କହିଲ । ମାତ୍ର ତାର ପ୍ରାରମ୍ଭିକ କାମ ହେଇପାରୁ ନାହିଁ କିଛି ନା କିଛି ବିଘ୍ନ ଘଟୁଛି । ମୁଁ ଏତେଆଡ଼େ ଏତେ ବଡ଼ ବଡ଼ କାମ କରିଛି ମାତ୍ର ଏଇ ଛୋଟିଆ କାମଟା ମୋ ଦ୍ୱାରା ହେଉନାହିଁ । କିଛିନା କିଛି ବିଘ୍ନ ଘଟୁଛି । ଦୁନିଆ ଯାକର ଜ୍ୟୋତିଷ ବାସ୍ତୁବିତ୍ ସମସ୍ତଙ୍କୁ ପଚାରି ସାରିଲିଣି । ସମସ୍ତେ କହୁଛନ୍ତି ସେ ସ୍ଥାନ ବଳି ଚାହୁଁଛି, ନହେଲେ ତମେ ସେ କାମ ଆରମ୍ଭ କରିପାରିବ ନାହିଁ । ମୁଁ ଏବେ କ'ଣ କରିବି କହିଲ ? ଏତେଗୁଡ଼ାଏ ଟଙ୍କା ଖର୍ଚ୍ଚ କରିସାରିଲିଣି । ବୋଦା କି କୁକୁଡ଼ା ବଳି ହୋଇଥିଲେ କେଉଁଦିନୁ ସରନ୍ତାଣି ହେଲେ ମଣିଷଟା ମୁଁ କୋଉଠୁ ଆଣିବି ? ଆଜିକାଲି ଯୁଗରେ ପୁଣି ଏମିତିକା କଥା ଶୁଣି ମତେ ଆଶ୍ଚର୍ଯ୍ୟ ଲାଗୁଛି । କିନ୍ତୁ ମୁଁ ଯେତେ ଯାହା ଫନ୍ଦିଫିକର କଲେ ବି କାମ ଆରମ୍ଭ ହେଇ ପାରୁନାହିଁ ଯୋଉଠି ଅଛି ସେଇଠି । ତୁମେ ଯାର ଗୋଟେ ବାଟ କାଢ଼ । କିଛି ନା କିଛି କରି ମତେ ଏଥିରୁ ଉଦ୍ଧାର କର । ନହେଲେ ମୋ ବେପାର ବୁଡ଼ିଲା ଜାଣ ।

ଦୁଇମାସ ହେବ ଶ୍ୟାମଳର ଦେଖା ନଥିଲା । ଗାଁରେ ସମସ୍ତେ ତାକୁ ଖୋଜି ହେଉଥିଲେ । ଦୁଇଟା ଦିନ ଯାଇଛି କି ନାହିଁ ଖୁବ୍ ଗୋଟାଏ ବଡ଼ ଗଣ୍ଠିଲି ଧରି ଶ୍ୟାମଳ ଆସି ଗାଁରେ ହାଜର । ଧନୁଆ ପିଣ୍ଡା ଉପରେ ଗଣ୍ଠିଲିଟାକୁ ଥୋଇଦେଇ ଥକ୍କା ମେଣ୍ଟାଉଥିଲା ଶ୍ୟାମଳ । ଠାକୁରାଣୀଙ୍କ ପାଖରୁ ପୂଜାସାରି ଧନୁଆ ଘରକୁ ଫେରିଲା ବେଳକୁ ଶ୍ୟାମଳକୁ ଦେଖି ତା ଓଠରେ ଧାରେ ହସ ଖେଳିଗଲା । ସେଦିନ ଖୁବ୍ ଆଦରରେ ଧନୁଆ ଶ୍ୟାମଳ ସହିତ କଥାହେଲା ତାକୁ ସାଙ୍ଗରେ ଖୁଆଇଲା । ଧନୁଆର ବ୍ୟବହାର ଦେଖି ରତନୀ ଖୁବ୍ ଖୁସି । ସେଦିନ ଗାଁଟା ସାରା ଲୋକ ତା ଘରଦୁଆର ମୁହଁରେ ଜମାହୋଇ ଶ୍ୟାମଳ ଆଣିଥିବା ଲୁଗାପଟା ସବୁ କିଣି ପକାଇଲେ । ଦୁଇମାସର ବେପାର ତାର ଗୋଟାଏ ଘଣ୍ଟାରେ ସରିଗଲା । ସଂଧ୍ୟା ହେଉ ହେଉ ଶ୍ୟାମଳ ବାହାରିଲା ଯିବାପାଇଁ । ଧନୁଆ ଯେତେ କହିଲା ଆଜି ରାତିକ ରହିଯା ଶ୍ୟାମଳ ଜମା ଶୁଣିଲା ନାହିଁ । କହିଲା ପାଖ ଗାଁକୁ ଯାଇ ରାତିରେ ରହିଯିବି । ଆଉ ସକାଳୁ ସକାଳୁ ଫେରିଯିବି ଘରକୁ । ଘରେ ତା ସ୍ତ୍ରୀ ଦେହ ଆଦୌ ଭଲନାହିଁ । ସିଏ ଆଉ ଏଠି ରହିପାରିବ ନାହିଁ । ସେତେବେଳକୁ ଧନୁଆ ମୁଣ୍ଡରେ ଦୁଷ୍ଟବୁଦ୍ଧିଟାଏ ପଶି ସାରିଲାଣି । ଆଉ କେମିତି କାମ ସରିବ ସେଥିପାଇଁ ସେ ଉପାୟ ଖୋଜି ହେଲାଣି । ଇଚ୍ଛାଥିଲେ ଉପାୟ ବଳେବଳେ ଦିଶିଯାଏ ।

ଯେଉଁଠି ପୋଲ ତିଆରି ହେବ ତାରି ଉପରେ ଅସ୍ଥାୟୀ ବାଉଁଶପୋଲଟିଏ ଗାଁଲୋକ କରିଛନ୍ତି । ଶୀତଦିନରୁ ବର୍ଷାଦିନ ଆସିବା ପର୍ଯ୍ୟନ୍ତ ସମସ୍ତେ ସେଇ ଅସ୍ଥାୟୀ ବାଉଁଶପୋଲ ଉପରେ ଯିବାଆସିବା କରନ୍ତି । ତାପରେ ବର୍ଷାଦିନ ଆସିଲେ ନଦୀପାଣିରେ ପୋଲ ଭାସିଯାଏ । ପୁଣି ଆରବର୍ଷ ନୂଆପୋଲ ତିଆରି ହୁଏ । ବର୍ଷା ଚାରିମାସ ହୁଲିଡଙ୍ଗା ଭରସା । ଏବର୍ଷ ପୋଲପାଇଁ ସରକାର ଟେଣ୍ଡର ଦେଇଥିଲେ ଧବଳ ଘୋଷ ସେଇ ଟେଣ୍ଡର ପାଇଛି ମାତ୍ର କାମ କରିପାରୁନି । ସେଇ ତିନିଛକିଆ ଯାଗାଟା ରକ୍ତ ମାଗୁଛି । ସେଥିପାଇଁ ଧବଳ ଘୋଷ ଧନୁଆର ଶରଣ ପଶିଛି । କଥା ଦେଇଛି ମାନେ ଧନୁଆ ନିଶ୍ଚୟ କିଛି ଗୋଟେ କରିବ ।

ସଂଧ୍ୟା ହେଉ ହେଉ ଶ୍ୟାମଳ ଯିବାକୁ ବାହାରିଲା । ମାତ୍ର ଧନୁଆ ତାକୁ ଦୁନିଆ ଯାକର କଥା ନଥାରେ ବୁଲେଇ ବଙ୍କେଇ ରାତିଅଧ କରିଦେଲା । ରାତିରେ ଧନୁଆ ଘରେ ଖାଇସାରିବା ପରେ ଶ୍ୟାମଳ ଜାଗୁଲେଇପାଟଣାରୁ କାଜିଡିହ ଯିବାପାଇଁ ବାହାରିଲା । ଶୀତରାତି ଅନ୍ଧାର ସହିତ ଶୀତର ପ୍ରକୋପ ବଢ଼ିବଢ଼ି ଚାଲିଥିଲା । ରତନୀ ଯେତେ କହିଲା ଶ୍ୟାମଳ ଭାଇ ଆଜି ରାତିଟା ରହିଯା ମାତ୍ର ଶ୍ୟାମଳ କହିଲା କେତେ ବାଟକି ପୋଲଟା ଡେଇଁଲେ ତ ପହଞ୍ଚିଯିବି ଆର ଗାଁରେ । ଶ୍ୟାମଳ ତାର ସାଇକେଲ୍ ପଛରେ ବଳିଥିବା ଲୁଗା ଦି'ଖଣ୍ଡ ଧରି ଜାଗୁଲେଇପାଟଣାରୁ କାଜିଡ଼ିହ ପନ୍ଦର କିଲୋମିଟର ବାଟ ଏକୁଟିଆ ବାହାରିଲା । ଏମିତି କେତେଥର ସେ ଏକା ଏକା ଯାଇଛି । ଏଇ ପାଖାପାଖି କୋଡ଼ିଏଖଣ୍ଡ ଗାଁଲୋକ ସମସ୍ତେ ତାକୁ ଚିହ୍ନନ୍ତି । ସେଥିପାଇଁ ମନରେ ତାର ଭୟ ନଥାଏ । ବାଉଁଶପୋଲ ପାଖରେ ପହଞ୍ଚିଲା ବେଳକୁ ରାତି ଦଶଟା ବାଜିଲାଣି । ଚାରିଆଡ଼େ କୁହୁଡ଼ି ମାଡ଼ିଗଲାଣି, ମୁହଁକୁ ମୁହଁ ଦିଶୁନାହିଁ । ସାଇକେଲ୍ ପ୍ୟାଡେଲ୍‌ରେ ଜୋରରେ ପାଦ ପକାଇଲା ଆଗକୁ ଆଗକୁ । କିଛିବାଟ ଯାଇଛି କି ନାହିଁ ଗୋଟାଏ ଖାଲ ଭିତରେ ସାଇକେଲ୍ ସହିତ ଗଳିପଡ଼ିଲା ଶ୍ୟାମଳ । ତାକୁ ଲାଗିଲା ତା ସାଇକେଲ୍ ମଝିରେ ଯେମିତି ଦଉଡ଼ିଟାଏ କିଏ ଟାଣିଦେଲା । ଗାତରେ ପଡ଼ିଗଲା ପରେ ତାର ସେନ୍‌ସ ଥିଲା । ମୁଣ୍ଡଟା ଖୁବ୍ ଜୋର୍‌ରେ ପଥରରେ ପିଟି ହୋଇଗଲା । ମୁଣ୍ଡରେ ହାତ ମାରିଲା ଶ୍ୟାମଳ । ତା ହାତର ପାପୁଲି ତାଜା ରକ୍ତଗୁଡ଼ାକରେ ଭିଜିଗଲା । ଏଥର ସେ ନର୍ଭସ ହୋଇଗଲା । କାହାକୁ ଡାକିବ ? କ'ଣ କରିବ ? ଏମିତି ଭାବୁ ଭାବୁ ଆଖିଦୁଇଟା ବନ୍ଦହୋଇ ଆସିଲା ତାର । ସେଇ ରାତାରାତି ମାଟିପଥର ଦେଇ ସେଇଗାତକୁ ପୋତି ଦିଆଗଲା । ତା ଉପରେ କିଛି ଶୁଖିଲା ନଡ଼ା ଆଉ ମାଟି ବିଞ୍ଛିଦେଇ ସେମାନେ ଘରମୁହାଁ ହେଲେ । ଖାଲି ଧନୁଆକୁ କହିଦେଇ ଗଲେ ଯେ କାମ ହୋଇଗଲା.... । ଧନୁଆ ମୁହଁରେ ଫୁଟି ଉଠିଲା କ୍ରୁର ହସପଦେ, ଯାହାକୁ ଦେଖିବାକୁ ଏ ଅନ୍ଧାର ରାତିରେ ତା ପାଖରେ କେହି ନଥିଲେ...

*'ଅମୃତାୟନ', ମଧୁସୂଦନ ନଗର,*
*ତୁଳସୀପୁର, କଟକ*
*ଦୂରଭାଷ: ୯୯୩୭୯୯୩୯୯୭*



# ଅତୀତର ପୃଷ୍ଠା

## ଡକ୍ଟର ସୁବାସିନୀ ଲେଙ୍କା

ଆଜି ନିଶାନ୍ତର ଜନ୍ମଦିନ । ପରିବାରବର୍ଗ ଏକତ୍ରିତ ହୋଇଛନ୍ତି ତାଙ୍କ ଘରେ । କିଏ ଜନ୍ମଦିନ କେକ୍‌କୁ ସଜଉଛି, କିଏ ପୁଣି ସମସ୍ତଙ୍କୁ ଛିଡ଼ା ହେବାର ବ୍ୟବସ୍ଥା କରୁଛି । କେକକଟା ଛୁରିଟିଏ ଧରିଛି ବିଥିକା । ପିଲାମାନଙ୍କର ଖୁସି କହିଲେ ନସରେ । ବର୍ଷଟିଏ ଚାଲିଯିବ । ପୁଣିଆସିବ ଜନ୍ମଦିନ । ସେହି ଦିନଟିକୁ ଅପେକ୍ଷା କରିବାକୁ ପଡ଼ିବ । ତେଣୁ ଆଜି ଘରସାରା ଖୁସିର ମାହୁଲ । କୁନିଝିଅ କିଛି ବୁଝୁ ବା ନ ବୁଝୁ ସୁନ୍ଦର କୁଞ୍ଚିଦିଆ ଫ୍ରକ୍‌ଟିଏ ପିନ୍ଧି ତା' ଖୁସିକୁ ବାଣ୍ଟିବାରେ ଲାଗିଛି । ବେଳେବେଳେ ନିଶାନ୍ତ ପାଖରେ ଗେହ୍ଲାହୋଇ ପଡୁଛି । କୁଣ୍ଢେଇ ପକଉଛି ନିଶାନ୍ତ । ତା ଖୁସି ଦିଗ୍‌ବଳୟ ଛୁଇଁ ଯାଉଛି । ବେଲୁନ୍ କାନ୍ଥରେ ଲଟକା ହୋଇଛି । ଫ୍ୟାନ ପବନରେ ଏପଟ ସେପଟ ଉଡୁଛି । କୁନିର ଇଛା ବେଲୁନକୁ ଛିଡ଼େଇ ଆଣି ହାତରେ ଧରିବ । କିରିକିରି ହସିହସି ଗଡ଼ିଯିବ । ସମସ୍ତଙ୍କର ବାରଣ । କେକକଟା ସରିଲେ କାନ୍ଥରେ ଲଟକା ଯାଇଥିବା ବେଲୁନ୍ ଆଣି କୁନିକୁ ଦିଆଯିବ । ମୁହଁ ଶୁଖେଇ ପକଉଛି କୁନି । ସଙ୍ଗେ ସଙ୍ଗେ ତା'କୁ ବେଲୁନ ମିଳୁ । ସେ ଅର୍ଦ୍ଧଳି କରୁଛି ।

ଏହି ସମୟରେ ନିଶାନ୍ତର ଫୋନରିଙ୍ଗ୍ ହେଲା । ଚମକି ପଡ଼ିଲା ନିଶାନ୍ତ । ଏତେ ଖୁସି ମଧ୍ୟରେ କିଏ ରିଙ୍ଗ୍ କରୁଛି । ଫୋନ୍‌କୁ ଅନ୍‌କଲା ସେ । ହେଲେ ଶବ୍ଦରେ ଦେହସାରା କରେଣ୍ଟର ସ୍ରୋତ ସେ ଅନୁଭବ କଲା । ଏ'ତ ପ୍ରତିମାର ସ୍ୱର । କେଉଁଠୁ ଫୋନ୍ କରିଛି ପ୍ରତିମା । ଅନେକ ତାକୁ ଖୋଜିଥିଲା ନିଶାନ୍ତ । ଅଭିମାନୀ ପ୍ରତିମା ଉଭାନ ହୋଇଯାଇଥିଲା । ସେ କ'ଣ ମନେରଖିଛି ନିଶାନ୍ତର ଜନ୍ମଦିନକୁ । ନ ହେଲେ ଆଜି ଏହି ଖୁସି ଅବସରରେ କେମେତି ତା' ସ୍ୱର ଭାସିଆସିଲା ବିଭିନ୍ନ ତରଙ୍ଗ ଭେଦକରି । ସାହସ ହେଲାନି ନିଶାନ୍ତର 'ହାଲୋ' କହିବାକୁ । କିଛି ମୁହୂର୍ତ୍ତ ନିରବ ରହିଗଲା । ତା'ପରେ ଫୋନ୍‌ର ରିଙ୍ଗ୍‌କୁ କାଟିଦେଲା । କିଛି ସମୟ ସମସ୍ତେ ତା' ଫୋନ୍‌କୁ ଚାହିଁଥିଲେ କାହାର ରିଙ୍ଗ୍ ଜାଣିବା ପାଇଁ । ନିଶାନ୍ତ ରିଙ୍ଗ୍‌କୁ କାଟିଦେଲା ପରେ ଯେଝେ ଯେଝା କାମରେ ପୁଣି ଲାଗିଗଲେ । ନିଶାନ୍ତ ମନ ଭିତରେ ନୀଳ ସାଗରରେ ପୂର୍ଣ୍ଣିମା ରାତିର ଢେଉ । ସେ ଚାଲିଯାଇଛି ଆଉ ଗୋଟିଏ ଦୁନିଆକୁ । ପ୍ରତିମା ପାଖକୁ ଫେରିଯାଇଛି ତା' ମନ । କିଛି ନ କହି ଫୋନ୍ କାଟିଦେଇ ସେ ଠିକ୍ କରିନି । ଅନ୍ତତଃ କିଛି ତା'କୁ ପଚାରି ପାରିଥାନ୍ତା । ସେ କେଉଁଠି ଅଛି ଜାଣିଥାଆନ୍ତା । ପସ୍ତେଇ ହେଲା ନିଶାନ୍ତ ।

ସମସ୍ତଙ୍କ ସହିତ ମିଶିନପାରି ନିରବି ଗଲା । ରୁମ୍‌ର ଗୋଟିଏ କୋଣରେ ପଡ଼ିଥିବା ଚେୟାର ଉପରେ ବସିପଡ଼ିଲା । ହୋ ହା ଭିତରେ ସେ ହୋଇ ଯାଇଥିଲା ଏକୁଟିଆ । ଚାରିପଟେ ପ୍ରତିମା ଘୂରି ବୁଲୁଥିଲା । ଦୀର୍ଘ ଅତୀତ ତା' ସହ ଲୁଚକାଳି ଖେଳୁଥିଲା ।

ପ୍ରତିମା ଥିଲା ଏକ ମଧ୍ୟବିତ୍ ପରିବାରର ଝିଅ । ଗାଁ ଜଲେଜରୁ ବି.ଏ. ପାଶ୍ କଲାପରେ ଏମ୍.ଏ. ପଢୁଥିଲା ସହରରେ ଥିବା ଗୋଟିଏ କଲେଜରେ । ବିଜ୍ଞାନ ପ୍ରତି ତା'ର ନଥିଲା ଆକର୍ଷଣ । କଳାକୁ ଥିଲା ତା'ର ଆଦର । ତା'ର ବିଷୟ ଥିଲା ଓଡ଼ିଆ । ସୁନ୍ଦର ହସ୍ତାକ୍ଷର, ସୁନ୍ଦର ଭାଷା । ବକ୍ତୃତା ଦେଉଥିଲା ଓଡ଼ିଆରେ । ପ୍ରତିମା ମାଇକ ପାଖକୁ ଗଲେ ସମସ୍ତେ ସ୍ତବ୍ଧ ହୋଇ ଯାଉଥିଲେ । ତା' ଓଜସ୍ୱିନୀ ବକ୍ତୃତାରେ ସମସ୍ତଙ୍କୁ ମୁଗ୍ଧକରି ଦେଉଥିଲା । ତା' ବକ୍ତୃତାରେ ଥାଏ ଅନୁଭବ ଓ ଆବେଗ । ଥରେ ତା' ବକ୍ତୃତାରେ ସେ କହିଥିଲା, "ସ୍ୱପ୍ନ ଅଛି ତ ଜୀବନ ଅଛି ।" ଏହି ପଦକ ଶୁଣିଲା ପରେ କରତାଳିରେ ସଭାଗୃହ ପ୍ରକମ୍ପିତ ହୋଇଯାଇଥିଲା । ସେହି ସଭାରେ ବସିଥିଲା ନିଶାନ୍ତ । ବିଜ୍ଞାନର ଛାତ୍ର ହେଲେ ମଧ୍ୟ ସେ ସାହିତ୍ୟକୁ ଖୁବ୍ ଭଲପାଏ । ମନଛୁଆଁ କଥା ପଦକ କେଡ଼େ ଓଜନିଆ । ମଣିଷ ଯଦି ସ୍ୱପ୍ନ ନଦେଖେ ତା' ଜୀବନ ହୋଇଯାଏ ଶୂନ୍ୟର ମୁଠାଏ ନିରାଶା । କିଛି ଭାବିବା, କିଛି ପାଇବା ପାଇଁ ଆଶା କରିବାରେ ଥାଏ ଲମ୍ବା ଭବିଷ୍ୟତ । ସେହି ଭବିଷ୍ୟତକୁ ନେଇ ଆଗକୁ ଆଗକୁ ଉଦଡ଼େ ତା' ଜୀବନ । ତା' ଜୀବନ ଶେଷ ହୁଏନି । ପ୍ରତିମାର ଏହି ବାକ୍ୟଟି ନିଶାନ୍ତ ମନ କାନ୍‌ଭାସରେ ଆଙ୍କିଥିଲା ଶତ ଇନ୍ଦ୍ରଧନୁ । ବକ୍ତୃତା ଶୁଣିଲା ପରେ ଥିଲା ସାଂସ୍କୃତିକ କାର୍ଯ୍ୟକ୍ରମ । ସେ କାର୍ଯ୍ୟକ୍ରମ ପ୍ରତି ନିଶାନ୍ତର ନଥିଲା ଆଗ୍ରହ ।

ରାତି ପାହିବ । ସେ ଦେଖା କରିବ ପ୍ରତିମାକୁ । ତା' ବକ୍ତୃତା ନିଶାନ୍ତକୁ ଖୁବ୍ ଭଲ ଲାଗିଛି ବୋଲି କହି ଦେଲାପରେ ତା' ମନ ଥୟ ଧରିବ । ତେଣୁ ସେ ଫେରି ଆସିଥିଲା ଖୁବ୍ ଶୀଘ୍ର ସଭାରୁ । ତା' ମନ ଭିତରେ ଯେଉଁ ବାକ୍ୟଟି ଘୂରି ବୁଲୁଛି ତା'କୁ ସେ ଜାବୁଡ଼ି ଧରିଛି । ସେ ବାକ୍ୟଟି ହୋଇଯାଇଛି ନୂଆ ସକାଳର ଫୁଟନ୍ତା ଫୁଲ । ସେ ଫୁଲର ରଙ୍ଗ ଏବଂ ବାସ୍ନା କେବଳ ନିଶାନ୍ତର । ତାକୁ ହାତଛଡ଼ା ସେ କରିବନି । ରାତିସାରା ସେ ତାରି ପଛରେ ଗୋଡ଼େଇ ଚାଲିଛି ।

ତା' ପରଦିନ ସକାଳ ହେଲା । ସକାଳର ପକ୍ଷୀରାବ, ସୁନେଲି ସୂର୍ଯ୍ୟକିରଣ ତା'କୁ ଆନମନା କଲେନି । ଶୀଘ୍ର ଶୀଘ୍ର ସକାଳର କାର୍ଯ୍ୟ ସାରିଦେଇ କଲେଜକୁ ବାହାରିପଡ଼ିଲା ।

ମା'ଙ୍କର ଅନୁରୋଧ, ନିଶାନ୍ତ କିଛି ଟିକିଏ ଖାଇଦେଇ ଯାଆ । ମା' ଚିହ୍ନେ ପେଟକୁ । ନିଶାନ୍ତ ଆଜି ତରବର କାହିଁକି । ଖାଇବାକୁ ମନାକରି ଦେଉଛି । ମା' କିନ୍ତୁ ନଛୋଡ଼ ବନ୍ଧା । ନିଶାନ୍ତ ମନକୁ ଆଂଶିକ ବୁଝୁଛନ୍ତି ମା' । କିଛି ତା'ର ହୋଇଛି । ତେଣୁ ସେ ଅସ୍ଥିର ଅଛି । କାହାକୁ ଦେଖା କରିବାକୁ ତରବର ହେଉଛି କି ? ମା' ମନ ସବୁବେଳେ ସନ୍ତାନପାଇଁ ଏପଟ ସେପଟ ହେଉଥାଏ । କଲେଜରେ ପହଞ୍ଚିବା ବେଳକୁ ପ୍ରଥମ ପିରିୟଡର ବେଲ୍ ବାଜି ଯାଇଥାଏ । ପିଲାମାନେ କ୍ଲାସ ଭିତରକୁ ପଶି ଯାଇଥାନ୍ତି । ନିଶାନ୍ତ ମନରେ ଥିବା କଥାଗୁଡ଼ାକ ତା' ମନଭିତରେ ରହିଗଲା । କ୍ଲାସରେ ତା' ମନ ଲାଗୁନଥାଏ । ଉପାୟ ନାହିଁ । ଖେଳଛୁଟିରେ ପିଲାମାନେ କ୍ଲାସରୁ ବାହାରନ୍ତି । ଏଣେ ତେଣେ ବୁଲାବୁଲି କରନ୍ତି । ଦଳ ଦଳ ହୋଇ ଗପସପରେ ମାତି ଯାଆନ୍ତି । ସେ ସମୟରେ ନିଶାନ୍ତ ପ୍ରତିମାକୁ ଏକୁଟିଆ ପାଇବତ । ସେ ହୁଏତ ସାଙ୍ଗମାନଙ୍କ ସହିତ ଗପରେ ଲାଗିଯିବ । ସବୁ ଈଶ୍ୱରଙ୍କ ଇଛା ବୋଲି ଭାବୁଥାଏ ନିଶାନ୍ତ ।

ଆଜି ଯେମିତି ହେଉ ସେ ଦେଖାକରିବ ପ୍ରତିମାକୁ । ତା' ବକ୍ତୃତା ନିଶାନ୍ତର ହୃଦୟର କେତେ ଗଭୀରକୁ ପ୍ରବେଶ କରିପାରିଛି ତାହା ନ କହିବା ପର୍ଯ୍ୟନ୍ତ ସେ ଧୈର୍ଯ୍ୟ ଧରିପାରୁନି ।

ଖେଳଛୁଟିକୁ ଅପେକ୍ଷା କଲା ନିଶାନ୍ତ । ହାତ ଘଣ୍ଟାକୁ ଦେଖି ଚାଲିଥାଏ । କ୍ଲାସରେ କ'ଣ ପଢ଼ା ହେଉଛି ସେଥିରେ ମନ ଲାଗୁନଥାଏ ।

ଖେଳଛୁଟି ବେଲ ବାଜିଲା । ପିଲାମାନେ କ୍ଲାସରୁ ବାହାରି ଧାଡ଼ି ବାନ୍ଧିଲେ ଗୁପଚୁପ୍ ବାଲା ପାଖରେ । ନିଶାନ୍ତର ମନ ଧାଡ଼ି ବାନ୍ଧିଥାଏ ପ୍ରତିମା ପାଖରେ ।

ବାରଣ୍ଡାରେ ଛିଡ଼ାହୋଇ ଏ ପଟ ସେପଟ ଚାହିଁଲା । କିଛି ସମୟ ଚାହିଁଲାପରେ ଦେଖିଲା ପ୍ରତିମା ତା' ସାଙ୍ଗସହ ଛିଡ଼ାହୋଇ କୃଷ୍ଣଚୂଡ଼ା ଗଛମୂଳରେ ଗପୁଛି। ନିଶାନ୍ତ ତରତର ହୋଇ ଗଛମୂଳ ଆଡ଼କୁ ମୁହେଁଇଲା। ଗଛ ପାଖରେ ପହଁଞ୍ଚିଲା କ୍ଷଣି ଦେଖିଲା ପ୍ରତିମା ତା' ଯିବା ବାଟକୁ ଚାହିଁ ସାଙ୍ଗ ସହିତ ଗପୁଛି । ଏ'କି ସୁବର୍ଣ୍ଣ ସୁଯୋଗ । ନିଶାନ୍ତ ପହଞ୍ଚିଗଲା ଖୁବ୍ ସୁବିଧାରେ ପ୍ରତିମା ସାମନାରେ ।

ପ୍ରତିମା, ଟିକିଏ ଶୁଣିବ କି ?

ପ୍ରତିମା ଚମକି ପଡ଼ିଲା । ନିଶାନ୍ତ ତା'କୁ କାହିଁକି ଡାକୁଛି । ପ୍ରତିମା ତା' ସାଙ୍ଗ ପାଖରୁ ଚାଲି ଆସିଲା ନିଶାନ୍ତ ପାଖକୁ ।

କାଲି ଯେଉଁ ବକ୍ତୃତା ତୁମେ ଦେଲ ପ୍ରତିମା ତାହାଥିଲା ଖୁବ୍ ହୃଦୟସ୍ପର୍ଶୀ । ତୁମ ଭାଷା ଥିଲା ଉଚ୍ଚକୋଟିର । କହିବାର ଢଙ୍ଗ ଥିଲା ଖୁବ୍ ମର୍ମସ୍ପର୍ଶୀ। ଭଲଲାଗିଲା ପ୍ରତିମା । ତୁମେ ଅନେକ ସାହିତ୍ୟ ବହି ପଢ଼, ନୁହଁ ।

ହଁ, ମୁଁ ଦୁଇଟି ମ୍ୟାଗାଜିନ୍ ସବୁ ମାସ ପଢ଼େ । ସେଗୁଡ଼ିକ ହେଲା ଝଙ୍କାର ଓ କାଦମ୍ବିନୀ । ଏହି ଦୁଇଟା ମ୍ୟାଗାଜିନ୍‌ରେ ମଧ ମୋର ଲେଖା ବାହାରେ । ପ୍ରତିଷ୍ଠିତ ଲେଖକଙ୍କର ଲେଖାଥାଏ ଏହି ମ୍ୟାଗାଜିନ୍‌ରେ । ପଢ଼ାପଢ଼ି ନକଲେ ଭାଷା ଆସିବ କେଉଁଠୁ ? ପ୍ରତିମା ଅନର୍ଗଳ କହିଗଲା ତା' କଥା । ନିଶାନ୍ତ ଭାବିନଥିଲା ଏକାଥରେ ପ୍ରତିମା ତା'କୁ ଏତେ କହିଯିବ । ତା'କୁ ପ୍ରତିମାର କଥା ଖୁବ୍ ଭଲ ଲାଗିଲା। କାରଣ କାଲିଠୁ ସେ ଭାବି ହେଉଥିଲା, ପ୍ରତିମା ତା' କଥାକୁ କେମିତି ନେବ । କେଉଁଠୁ ଆରମ୍ଭ କରିବ ତା' କଥା ।

ପ୍ରତିମା ସହିତ ବେଶି କଥା ହୋଇପାରିଲାନି, କାରଣ ଅଳ୍ପ ଦୂରରେ ତା' ସାଙ୍ଗ ଛିଡ଼ାହୋଇ ରହିଥିଲା। ଶେଷରେ ଅଭିନନ୍ଦନ ଜଣେଇ ଚାଲିଆସିଲା ପ୍ରତିମା ପାଖରୁ । ପ୍ରତିମା ପାଖରେ ରହିଗଲା ତା'ର ହୃଦୟ ।

ପ୍ରତିମା ନିଶାନ୍ତର ଅଳ୍ପ କଥାବାର୍ତ୍ତା ମଧରେ ବୁଝିଗଲା ସେ କେଡ଼େ ଭଦ୍ର ପିଲା । ଅଳ୍ପ କଥାବାର୍ତ୍ତାରେ ଅଭିନନ୍ଦନ ପର୍ବଟି ସାରି ଦେଲା ନିଶାନ୍ତ। ଅନ୍ୟ ପିଲାଙ୍କ ଭଳି ଏଣୁତେଣୁ ଗପିଲାନି । ତେଣୁ ନିଶାନ୍ତ ତା'କୁ ଭଦ୍ର ଓ ମାର୍ଜିତ ଲାଗିଲା ।

ସେହି ଦିନରୁ ପ୍ରତିମା ନିଶାନ୍ତକୁ ଦେଖିଲେ ନମସ୍କାର କରେ ଓ ଟିକିଏ ହସିଦିଏ । ପ୍ରତିମାର ହସରୁ ଝରିପଡ଼େ ମୁଠାମୁଠା ମଲ୍ଲୀ । ଦାନ୍ତଗୁଡ଼ିକ ସୁନ୍ଦର ଭାବରେ ସଜାଯାଇଥାଏ ତା'ର । ତା' ହସକୁ ସାଉଁଟି ପକାଏ ନିଶାନ୍ତ । ସବୁବେଳେ ପ୍ରତିମା ତା' ଆଗରେ ହସୁଥାଆନ୍ତା କି ।

ନିଶାନ୍ତ ଓ ପ୍ରତିମାର କ୍ଲାସ ଅଲଗା ଅଲଗା । ତେଣୁ ସବୁଦିନ ନିଶାନ୍ତ ପ୍ରତିମାକୁ ଦେଖିପାରେନି । ଯେଉଁଦିନ ଦେଖାହୁଏନି ସେଦିନ ସେ ଛଟପଟ ହୋଇଯାଏ । ସାଇକେଲ ଷ୍ଟାଣ୍ଡ ପାଖରେ ଛିଡ଼ା ହୋଇଥାଏ । ପ୍ରତିମା ତା'କୁ ଦେଖିଲାକ୍ଷଣି ହାତ ହଲେଇ ଦେଇ ଚାଲିଯାଏ । ଏତିକିରୁ ସବୁ ପାଇଯାଏ ନିଶାନ୍ତ ।

ନିଶାନ୍ତର ଏମ୍.ଏ. କ୍ଲାସ ସରିଆସିବ ଆଉ ମାସେ ପରେ । ପ୍ରତିମା ସହ ଦେଖାହେବନି । ପ୍ରତିମା ହୋଇଯିବ ତା' ମନ ଅଗଣାରେ ପ୍ରତିମାଟିଏ । ନିଶାନ୍ତ ମନ ଆକାଶରେ ପ୍ରତିମା ନୀଳ ପରିଟିଏ ହୋଇ ସାରିଲାଣି ଅନେକ ଦିନ ତଳରୁ । ପରି କ'ଣ ତା' କଥାକୁ ମାନ୍ୟତା ଦେବ ? ସାହସ ହୁଏନି ନିଶାନ୍ତର ।

ସମସ୍ତଙ୍କର ବାର୍ଷିକ ପରୀକ୍ଷା ଚାଲିଛି । ପ୍ରତିମାକୁ ବିଚଳିତ କରିବନି, ନିଜେ ମଧ ବିଚଳିତ ହେବନି । ନିଶାନ୍ତ ଖୁବ୍ ସରଳ ଓ ଓଜନ ମନର ପିଲା । ସବୁ ଆଡ଼କୁ ଥାଏ ତା'ର ନଜର । ପରୀକ୍ଷା ସରିଗଲାପରେ ସେ ଦିନେ ପ୍ରତିମାସହ କଥାହୋଇ ତା'କୁ ଜଣେଇ ଦେବଯେ, ସେ ତା'କୁ ଖୁବ୍ ଭଲପାଏ ଓ ଶ୍ରଦ୍ଧାକରେ । ତାହାହିଁ କରିଥିଲା ନିଶାନ୍ତ । ପରୀକ୍ଷା ସରିଗଲା ପରେ ଦିନେ ସେ ଦେଖା କରିଥିଲା ପ୍ରତିମାକୁ । ଯେଉଁ କୃଷ୍ଣଚୂଡ଼ା ଗଛ ତା'ର ସାକ୍ଷୀ ଥିଲା ପ୍ରଥମ ସାକ୍ଷାତରେ, ସେହି କୃଷ୍ଣଚୂଡ଼ାକୁ ସାକ୍ଷୀ ରଖିବ ଆଜି ।

ପ୍ରତିମା ରାଜି ହୋଇଥିଲା ନିଶାନ୍ତକୁ ଦେଖା କରିବା ପାଇଁ । ଆଜି ଶେଷ ଦେଖା ପିଲାମାନଙ୍କର । କାଲିଠାରୁ ସେମାନେ କଲେଜକୁ ଆସିବେନି । ପ୍ରତିମା ଓ ନିଶାନ୍ତ ଏକ ସମୟରେ ପହଞ୍ଚିଥିଲେ କୃଷ୍ଣଚୂଡ଼ା ଗଛ ମୂଳରେ । ବେଶ୍ ପୁରୁଣା ଗଛଟିଏ । କେତେ ପ୍ରେମିକ ଓ ପ୍ରମିକାଙ୍କର ପ୍ରେମ କାହାଣୀ ସେ ଶୁଣି ଆସୁଛି ବର୍ଷ ବର୍ଷ ଧରି । ବେଳେବେଳେ ନାରଙ୍ଗୀ କୃଷ୍ଣଚୂଡ଼ା ଝରିପଡ଼େ ସେମାନଙ୍କ ମସ୍ତକରେ, ପୁଣି କେତେବେଳେ ନିରବରେ ଶୁଣେ ସେମାନଙ୍କ ବିଚ୍ଛେଦ କାହାଣୀ, କେତେବେଳେ ସେମାନଙ୍କ ହସ ତ କେତେବେଳେ କାନ୍ଦ ।

ନିଶାନ୍ତ, କାହିଁକି କହିଥିଲ ଏଠାକୁ ଆସିବାକୁ । କହିଥିଲି ପ୍ରତିମା । ତୁମେ ଆସିଛ ମୁଁ ବହୁତ ଖୁସି । ପ୍ରତିମା ଚାହିଁ ରହିଲା ନିଶାନ୍ତକୁ । କିଛି କହିବ କହିବ ହେଉଛି ନିଶାନ୍ତ । କହିପାରୁନି ।

ତୁମ ସହିତ କାଲିଠାରୁ ଆଉ ଦେଖା ହେବନି ପ୍ରତିମା । ମୁଁ ଚାଲିଯିବି ଖଡ଼ଗପୁର ଆଇ.ଆଇ.ଟି.ରେ ରିସର୍ଚ୍ଚ କରିବା ପାଇଁ । ତୁମେ ଏମ୍.ଏ. ପଢ଼ିବ । କେତେ ନୂଆ ନୂଆ ସାଙ୍ଗ ତୁମକୁ ମିଳିବେ । ମୋତେ ତୁମେ ଭୁଲିଯିବ ପ୍ରତିମା ନୁହେଁ ।

ନାଁ ନିଶାନ୍ତ । ମୁଁ ତୁମକୁ ଶ୍ରଦ୍ଧା କରେ । କାରଣ ତୁମେ ଜାଣ ଆଜିକାଲି ପିଲାମାନଙ୍କର ଢଙ୍ଗରଙ୍ଗ । ଆଙ୍ଗୁଳି ପ୍ରବେଶରେ ବାହୁ ପ୍ରବେଶ । ତୁମେ କିନ୍ତୁ ସଂଯମୀ । ହାତେ ମାପି ଚାଖଣ୍ଡେ କଥାବାର୍ତ୍ତା କର । ମୁଁ ତୁମକୁ ଖୁବ୍ ଭଲପାଏ ନିଶାନ୍ତ । ପ୍ରତିମାର ଏହି କେତେପଦ କଥା ନିଶାନ୍ତ ଶରୀରରେ ଚନ୍ଦନ ବୋଳି ଦେଉଥିଲା । ପ୍ରତିମା ବୁଦ୍ଧିମତୀ । ଭଲମନ୍ଦ ବିଚାର କରିପାରେ ।

ନିଶାନ୍ତର ସାହସ ବଢ଼ିଗଲା । ସେ ତା' ମନରେ ସାଇତା ସବୁ କଥାକୁ ଅଜାଡ଼ି ଦେବ ପ୍ରତିମା ପାଖରେ ।

ପ୍ରତିମା, ମୁଁ ତୁମକୁ ଭଲପାଏ । ମୋର ସବୁ ଶ୍ରଦ୍ଧା ଓ ପ୍ରେମକୁ ତୁମ ପାଖରେ ଅଜାଡ଼ିଦେବାକୁ ଚାହେଁ । ତୁମେ ଗ୍ରହଣ କରିବତ । ଏହା ଗୋଟିଏ ଦିନପାଇଁ ନୁହଁ ପ୍ରତିମା । ସବୁ ମୁହୂର୍ତ୍ତ ପାଇଁ ।

ପ୍ରତିମା ପାଦତଳ ମାଟି ଯେମିତି ଖସିଗଲା । ଏତେ ଓଜନିଆ ଆନନ୍ଦର ପସରାକୁ ସେ ମୁଣ୍ଡେଇ ପାରିବିତ ? କିଛି ସମୟ ଛିଡ଼ା ହୋଇ ପ୍ରକୃତିସ୍ଥ ହେଲା । ମୁହଁକୁ ତଳ ନକରି ନିଶାନ୍ତକୁ ଚାହିଁ ରହିଲା।

ଏ ପ୍ରସ୍ତାବକୁ ସେ ଗ୍ରହଣ କରିବ । ହାତଛଡ଼ା କଲେ ପୁଣି ଏହା ମିଳିନପାରେ ।

କଥାରେ ନ ଆଗେଇ ମୌନେ ସମ୍ମତି ଜଣେଇଥିଲା ପ୍ରତିମା । ନିଶାନ୍ତ ବୁଝିଗଲା ପ୍ରତିମା ହୃଦୟରେ ଆଗ ପଛ ଦୋଳି ଖେଳୁଥିବା କଥାକୁ । ତା'କୁ କିଛି ସମୟ ଦେବ ।

ତାହାହିଁ ହେଲା । ଦୁଇ ତିନି ଦିନ ଛାଡ଼ି ନିଶାନ୍ତ ଫୋନ କରିଥିଲା ପ୍ରତିମାକୁ । ପ୍ରତିମା ଖୁସିକୁ ସାଉଁଟି ପକଉଥିଲା ନିଶାନ୍ତ । ତା' ପ୍ରସ୍ତାବକୁ ପ୍ରତିମା ଗ୍ରହଣ କରିଛି । ଜାଣିହେଉଛି ତା' କଥାବାର୍ତ୍ତାରୁ ।

ନିଶାନ୍ତ ଖଡଗପୁର ଯିବାଦିନ ଦେଖା କରିଥିଲା ପ୍ରତିମାକୁ । ଖୋଲାଖୋଲି ଭାବରେ ଦୁଇଜଣ ନିଜ ମତକୁ ବାଣ୍ଟିଥିଲେ ସେମାନଙ୍କ ମଧରେ । ଚିଠି ଦିଆନିଆ ଚାଲିଲା କିଛିଦିନ । ପରସ୍ପର ପରସ୍ପରର ଚିଠିକୁ ଚାହିଁ ରହୁଥିଲେ ଚାତକ ପରି ।

ସେମାନଙ୍କ ପ୍ରେମ ଥିଲା ପବିତ୍ର । ସୁନ୍ଦର ନୀଡ଼ଟିଏ ଗଢ଼ିବାର ପରିକଳ୍ପନା । ମିଠା ଯନ୍ତ୍ରଣାରେ ଚିତ୍ରକର ଯେମିତି ଛଟପଟ ହେଉଥାଏ ଚିତ୍ରଟିକୁ ସମାପ୍ତ କରିବା ପାଇଁ ଠିକ୍ ସେମିତି ନିଶାନ୍ତ ଓ ପ୍ରତିମା ଛଟପଟ ହେଉଥାନ୍ତି ନିଜ ମନକୁ ଅଜାଡ଼ି ଦେବାପାଇଁ ବାପା ମା'ଙ୍କ ପାଖରେ । ନିଶାନ୍ତ ପ୍ରଥମେ ବ୍ୟକ୍ତ କରିଥିଲା । ତା' ମା'ଙ୍କ ପାଖରେ । ସେତେବେଳକୁ ପ୍ରତିମାର ସରିଥାଏ ଏମ୍.ଏ. ଏବଂ ନିଶାନ୍ତର ପିଏଚ୍.ଡ଼ି. ଅଧା ହୋଇ ଯାଇଥାଏ । ପ୍ରଧାନ କାମ ସରି ଯାଇଥାଏ ।

ପ୍ରତିମା ମଧ ନିଶାନ୍ତ କଥା କହିଥିଲା ତା' ମା'ଙ୍କୁ। ପ୍ରତିମାର ମା' ୩/୪ ଥର ଦେଖିଥିଲେ ନିଶାନ୍ତକୁ । ତା' ହାବଭାବରେ ସନ୍ତୁଷ୍ଟ ଥିଲେ । ପ୍ରତିମା ପାଇଁ ସେ ଉପଯୁକ୍ତ ହେବ ବୋଲି ବୁଝେଇ ଦେଇଥିଲେ ପ୍ରତିମାର ବାପାଙ୍କୁ ।

ଦୁଇଜଣଙ୍କ ଘରେ ରାଜି ହୋଇଗଲା ପରେ ପ୍ରସ୍ତାବ ଆସିଥିଲା ନିଶାନ୍ତ ଘରକୁ । ସବୁ କୌଳିକ ପ୍ରଥାମାନି ବାହାଘର ଦିନ ଠିକ୍ ହୋଇଥିଲା । ଦୁଇ ଜଣଙ୍କ ମନରେ ପ୍ରେମର ଜୁଆର କୂଳ ଲଘିଁ ଯାଉଥାଏ । ନିଶାନ୍ତ ଭଲ ମଣିଷଟିଏ । ପ୍ରତିମାର ସେ ଗର୍ବ । ତା' ଭଳି ମଣିଷଟିଏ ଆଜିକାଲି ମିଳିବା କଷ୍ଟ ।

ବାହାଘର ଦିନ ସବୁ ଝିଅଙ୍କ ମନରେ ଭରିଯାଏ ବିଷାଦ । ଯେଉଁ ଘରେ ସେ ଜନ୍ମରୁ ବଢ଼ିଥାଆନ୍ତି, ସେ ଘରର ସମସ୍ତଙ୍କ ଠାରୁ ବିଦାୟ ନେବାକୁ ହେବ ।

ଅଚିହ୍ନା ଜାଗା ହେବ ନିଜର । ତା'କୁ ଗ୍ରହଣ କରିବାକୁ ଲାଗେ କିଛି ଦିନ । ନିଶାନ୍ତଙ୍କ ପାଖରେ ସେ ରହିବ । ତେଣୁ ତା' ମନରେ ବେଶି ଦୁଃଖ ନଥାଏ ।

ଏହି ଘରର ପ୍ରତ୍ୟେକ ଜିନିଷକୁ ସେ ଜାବୁଡ଼ି ଧରିଥିଲା । ପାଠପଢ଼ା ସହ ଘରକାମରେ ମା'ଙ୍କୁ ସାହାଯ୍ୟ କରୁଥିଲା ପ୍ରତିମା । ମା' ଏକୁଟିଆ ହୋଇଯିବେ । ଏହି କଥା ତା'କୁ ବାଧୁଥାଏ । ମନକୁ ବୁଝେଇ ଦେଉଥାଏ ।

ବରବେଶରେ ଆସିଥିଲା ନିଶାନ୍ତ । ଝରକାରେ ଦେଖୁଥାଏ ପ୍ରତିମା । କେତେ ପାଖ ହୋଇଯିବ ନିଶାନ୍ତ । ତା'ର ରକ୍ଷା କବଚ ହୋଇ ଭଲମନ୍ଦରେ ତାକୁ ସାହାଯ୍ୟ କରିବ ।

ବାହାଘର ପରେ ସେ ବଧୂବେଶରେ ଯାଇଥିଲା ନିଶାନ୍ତ ସାଙ୍ଗରେ । ମନର କୋହକୁ ମନରେ ମାରିଥିଲା ସେଦିନ । ନିଶାନ୍ତ ସହିତ ସେ ରହିବ – ଏହି କଥା ତା' ମନକୁ କରୁଥାଏ ଦୃଢ଼ । ଚଉଠି ରାତିରେ ସେ ନିଶାନ୍ତ ସହିତ ଗପୁ ଗପୁ ରାତି ପାହି ଯାଇଥିଲା । କେତେ ଦିନର କଥା ଯେମିତି ସରୁନଥାଏ । ସବୁ ଗପସପ ଭିତରେ ସେ ଗୋଟିଏ କଥା ଅନୁମାନ କରୁଥାଏ । ନିଶାନ୍ତ ମଝିରେ ମଝିରେ ଅନ୍ୟମନସ୍କ ହୋଇ ଯାଉଥାନ୍ତି । ପ୍ରତିମାର ପବିତ୍ରତା ଭିତରେ ଧରି ପାରୁନଥାଏ ନିଶାନ୍ତର ହାବଭାବ । ସେ ଆଜି ପ୍ରଗଲ୍ଭା । ସବୁ କଥାକୁ ସେ ଅଜାଡ଼ି ଦେବ ନିଶାନ୍ତ ପାଖରେ ।

ମଝିରେ ମଝିରେ ନିଶାନ୍ତର ଫୋନ୍ ଆସୁଥାଏ । ସେ ମୋବାଇଲ କଲ୍‌କୁ କାଟି ଦେଉଥାଏ । କାହାର କଲ୍ ବୋଲି ପ୍ରତିମା ପଚାରିବ ପଚାରିବ ହୋଇ ପଚାରି ପାରୁନଥାଏ । ତା' ମନ ହୋଇ ଯାଇଥାଏ ଫୁଲଟିଏ । ଆଜି ଫୁଟି ଝରି ପଡ଼ିଲା ଭଳି । ଆଜିର ରାତି ଆଉଥରେ ଆସିବନି । ସକାଳ ହେଲେ ସୂର୍ଯ୍ୟଙ୍କର ଦାଉ ଦାଉ କିରଣ ଭିତରେ ଲୁଚିଯିବ ସେ ରାତ୍ରିର ପବିତ୍ରତା । ତଥାପି ସେ ମହକ ଯାଏନି ସ୍ୱାମୀ ସ୍ତ୍ରୀଙ୍କ ମନରୁ ।

କିଛିଦିନ କଟିଥିଲା ପ୍ରତିମାର ନିଶାନ୍ତ ସହିତ । ନିଶାନ୍ତ ଚାଲି ଯାଇଥିଲା ଖଡ଼ଗପୁର । ପ୍ରତିମାର ଇଛାଥାଏ ସେ ଯିବ ନିଶାନ୍ତ ସହିତ । ନିଶାନ୍ତ ପ୍ରତିମାକୁ ନ ନେଇ ଏକୁଟିଆ ଯାଇଥିଲା ତା' ଗବେଷଣା କ୍ଷେତ୍ର ଖଡ଼ଗପୁରକୁ ।

ସରଳ ମନ ପ୍ରତିମାର । ଗବେଷଣାରେ ବ୍ୟାଘାତ ଲାଗିବ ବୋଲି ନିଶାନ୍ତ ବୁଝେଇ ଦେଇଥିଲା ।

ନିଶାନ୍ତ ଅନ୍ୟ ଗୋଟିଏ ସହଗବେଷିକା ସହ ଛନ୍ଦି ଯାଇଛି ଏକଥା ସେ କେମିତି ବୁଝିବ ।

ଦୁଇମାସ ପରେ ନିଶାନ୍ତ ଆସିଥିଲା ଘରକୁ । ପ୍ରତିମା ସହିତ ଖାପଛଡ଼ା କଥାବର୍ତ୍ତା ପ୍ରତିମାକୁ ଭଲ ଲାଗୁନଥାଏ । ନିଶାନ୍ତର ଏ'କି ପରିବର୍ତ୍ତନ । ଏହା ଭିତରେ ପ୍ରତିମା ହୋଇଥାଏ ଅନ୍ତସତ୍ତ୍ୱା । ପ୍ରତିମାର ଏ' ଅବସ୍ଥାରେ ନିଶାନ୍ତ ଖୁସି ହେବା କଥା । ଦୁଇଜଣ ହେବେ ପିତାମାତା । ଜୀବନର ପୂର୍ଣ୍ଣତା ସେମାନଙ୍କୁ ଦେବ ଆନନ୍ଦ । ପ୍ରତିମାର ଖୁସି ମାପି ହେଉନଥାଏ । ନିଶାନ୍ତ ରହିଥାଏ ନିରବ ।

ପ୍ରତିମା ଗୋଟିଏ କନ୍ୟାର ଜନନୀ ହୋଇ ଯାଇଥାଏ । ତା' ଖୁସି କହିଲେ ନସରେ । ଏକୋଇଶା ପର୍ବ ଯେନତେନ ହୋଇ ଯାଇଥାଏ । ପ୍ରତିମା ଖୋଜି ହେଉଥାଏ ନିଶାନ୍ତର ନିରବତାର କାରଣ ।

ଏକୋଇଶା ଦିନ ନିଶାନ୍ତର କେତେଜଣ ସାଙ୍ଗ ଆସିଥିଲେ ଖଡ଼ଗପୁରରୁ । ଗୋଟିଏ ଝିଅ ନିଶାନ୍ତ ପଛରେ ପଡ଼ିଥାଏ । ତା'କୁ ଗୋଟିଏ ମୁହୂର୍ତ୍ତ ପ୍ରତିମା ପାଖକୁ ଛାଡୁ ନଥାଏ । ପ୍ରତିମା ମନ ତା' ଝିଅ ଏକୋଇଶା ଦିନ ବିଷାକ୍ତ ହୋଇଯାଇଥିଲା । ସେ ଝିଅ କିଏ ? କ'ଣ ପାଇଁ ସେ ନିଶାନ୍ତ ଚାରିପଟରେ ଘୂରି ବୁଲୁଛି । ପଚାରିବ ପଚାରିବ ହୋଇ ପଚାରି ପାରୁନି ନିଶାନ୍ତକୁ । ଶୁଭଦିନରେ ଅଶୁଭ କଥାକୁ ନେଇ ଗଣ୍ଡଗୋଳ ସୃଷ୍ଟି ହେଉ ଏ' କଥା ଚାହିଁଲାନି ସେ ।

ସବୁ ସାଙ୍ଗ ଚାଲିଗଲେ । କିନ୍ତୁ ନିଶାନ୍ତର ଅନୁରୋଧ ରକ୍ଷାକରି ବିଥିକା ଦୁଇଦିନ ରହିଥିଲା ନିଶାନ୍ତ ଘରେ । ପ୍ରତିମାକୁ ଭଲ ନ ଲାଗିଲେ ମଧ୍ୟ ସେ ନିରବ ଥାଏ । ବିଥିକା ଖଡ଼ଗପୁର ଯିବାଦିନ ନିଶାନ୍ତ ମଧ୍ୟ ଯାଇଥିଲା ତା' ସହିତ । ଏଥିରେ ଖୁବ୍ ମର୍ମାହତ ହୋଇଥିଲା ପ୍ରତିମା । ଝିଅ ପାଖରେ କିଛିଦିନ ରହି ନିଶାନ୍ତ ଖଡ଼ଗପୁର ଫେରିଯାଇଥିଲେ ଭଲହୋଇ ଥାଆନ୍ତା । ନିଶାନ୍ତର କ'ଣ ଝିଅ ପ୍ରତି ଆକର୍ଷଣ ନାହିଁ । ମନେ ମନେ ଗୁମୁରି ହେଉଥାଏ ପ୍ରତିମା । ପାଟିରୁ ଶବ୍ଦଟିଏ ବାହାରୁ ନଥାଏ ।

ମଣିଷ ଜୀବନରେ ଏମିତି ଓଲଟ ପାଲଟ ଆସିବ, ଏ' କଥା ସେ ଭାବି ନଥିଲା ।

ନିଶାନ୍ତ ଖଡ଼ଗପୁରରେ ପହଞ୍ଚି ଫୋନ୍ କରିଥିଲା । ଫୋନ୍‌ର କଥାରେ ନଥିଲା ଆବେଗ ବା ଉତ୍‌କଣ୍ଠା । ଝିଅ କଥା ମଧ୍ୟ ପଚାରି ନଥିଲା । ପ୍ରତିମା ଅଭିମାନୀ । ଅଭିମାନରେ ସେ ନଇଁ ପଡୁଥିଲା । ଆଖିର ଲୁହକୁ ଦୁଇପତା ଭିତରେ ରଖିଦେଇ କୃତ୍ରିମ ହସକୁ ବାଣ୍ଟୁଥିଲା ।

କିଛିଦିନ ପ୍ରତିମା ଏକଲାତ୍ୱକୁ ସାଥୀକରି ଦିନ ବିତେଇଲା । ଝିଅ ମୁହଁକୁ ଚାହିଁଲେ ତା' ମୁହଁ ଶୁଖି ଯାଉଥିଲା । ତା' ବାପା ହୋଇ ଯାଇଛନ୍ତି ଅନ୍ୟର । ଝିଅ ବଡ଼ ହେଲେ ସେ ତାକୁ କ'ଣ କହିବ । ସୁନାର ସଂସାର ତା'ର ମାଟିରେ ପରିଣତ ହୋଇଯାଇଛି । ବିବାହ ଦିନକୁ ସେ ବାରମ୍ବାର ମନେପକଉଛି । ତା'ପର ସମୟକୁ ମନେ ପକେଇବାକୁ ସାହସ କରୁନି । ସେ ସମୟ ତା' ବାଟରେ ଚାଲିଯାଉ । ତାହା ହେଉଛି ଦୁଃଖର ଗନ୍ତାଘର । ତା'କୁ ସେ ମନେପକେଇବ କେମିତି ।

ରାତି ପାହିଯାଇଛି ଅନେକ ଥର । ବିଭିନ୍ନ ଚିନ୍ତା ଆବୋରି ଥାଆନ୍ତି ତା' ମନକୁ । ନିଶାନ୍ତକୁ ଝୁରିହୁଏ ତା' ମନ । ସେ ଦିନର ସ୍ମୃତି, କୃଷ୍ଣଚୂଡ଼ା ଗଛମୂଳରେ ଅପେକ୍ଷା ଇତ୍ୟାଦି ମନଭିତରେ ଉଙ୍କିମାରେ ରାତିସାରା । କେମିତି ଭୁଲିବ ସେ ଦିନକୁ । ଆଜିର ଦିନ ତା' ଭାଗ୍ୟରେ ଆସିବ ବୋଲି ସେ ଭାବି ନଥିଲା ।

ଘରର ଲୋକମାନେ ପ୍ରତିମା କଥା ବୁଝିପାରୁଥିଲେ ମଧ୍ୟ ତା'କୁ କିଛି ପଚାରୁ ନଥିଲେ । ନିଶାନ୍ତ ହୋଇଯାଇଛି ଅନ୍ୟ ଜଣଙ୍କର । ଏ' କଥା ସମସ୍ତେ ଅନୁଭବ କରୁଥିଲେ । ପ୍ରତିମା ଶିକ୍ଷିତା । ଅଭିମାନୀ ମଧ୍ୟ । ସେ କାହାକୁ କିଛି କହି ନଥିଲା । କୃତ୍ରିମ ହସର ରେଖା ତା' ଓଠରେ ଫୁଟିଉଠୁ ଥାଏ କାହା ସହିତ କଥା ହେଲାବେଳେ ।

ସେ ପାଠ ପଢ଼ିଛି । ଚାକିରି କରି ପେଟ ପୋଷିବ । ଏକୁଟିଆ ଜୀବନ ସହିତ ସଂଘର୍ଷ କରି ବଂଚିବ । ଏମିତି ଅନେକ କଥା ଆସେ ତା' ମନକୁ । ସୋରିସ ଫୁଲିଆ ମନତାର ମଉଳି ପଡ଼େ ।  ମୃତ୍ୟୁକୁ ସେ ନିମନ୍ତ୍ରଣ କରେନି । ସେ ବଂଚିବାକୁ ଚାହେଁ । ନିଶାନ୍ତକୁ ସେ ଦେଖେଇ ଦେବ ଏ ସମାଜ ତା' ପାଇଁ ରଖିଛି ଅନେକ ଜିନିଷ । ସେ ଏହି ସମାଜରେ ବଂଚିବ, କିନ୍ତୁ ଏକାଏକା ବଂଚିବ ।

ହଁ ନାହିଁ ଭିତରେ କଟିଗଲା କିଛିଦିନ । ମନ କ୍ରମଶଃ ଦୃଢ଼ ହୋଇଆସିଲା । ନିଶାନ୍ତର ନିରବତା ତା' ମନକୁ ଦୃଢ଼ରୁ ଦୃଢ଼ତର କଲା ।

ଦିନେ ରାତି ପ୍ରାୟ ୧୨ଟା ହେବ । କୁନି ଗାଲରେ ଚୁମାଟିଏ ଦେଇ ସେ ଚାଲିଗଲା ଘରୁ । କେଉଁଠିକୁ ଗଲା କେହି ଜାଣିପାରିଲେନି । ନିଶାନ୍ତ ଖବର ପାଇଥିଲା । ହେଲେ, ସେ ଥିଲା ନିରୂପାୟ ବିଥିକା ତା'କୁ ବୁଝେଇ ଥିଲା ।

ମୁଁ ତୁମ ପାଖେ ପାଖେ ଅଛି ନିଶାନ୍ତ । ତୁମେ ବ୍ୟସ୍ତ ହୁଅନି । ନିଶାନ୍ତର କିଛି କହିବାର ନଥିଲା । ପ୍ରଥମ ପ୍ରେମକୁ ସେ ଭୁଲିପାରୁନି । ଝୁରିହେଉଛି ପ୍ରତିମାକୁ । ପ୍ରତିମାର ପ୍ରତୀକ ହେଉଛି କୁନି । ସେ କେମିତି ଭୁଲିବ ପ୍ରତିମାକୁ ।

ଆଜି ତା'ର ଜନ୍ମଦିନ । କେତେ ଖୁସି ହୋଇଥାନ୍ତା ପ୍ରତିମା । ସେ ଖୁସି କ'ଣ ସେ ପାଇପାରିବ ବିଥିକା ଠାରୁ । ଜନ୍ମଦିନ ପାଳୁଥିବା କୋଠରିର ଗୋଟିଏ କୋଣରେ ବସି ପଢ଼ିଯାଉଥିଲା ତା' ଅତୀତର ପୃଷ୍ଠାକୁ ।

କୁନି ଦଉଡ଼ି ଆସି ତା' ଗାଲରେ ଚୁମାଟିଏ ଦେଇ ପଳେଇ ଗଲା କେକ୍ କଟା ପାଖକୁ । କୁନି ଭିତରେ ନିଶାନ୍ତ ଦେଖୁଥିଲା ପ୍ରତିମାକୁ ।



# ଦେଉଳ ତୋଳା

## କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ

**ସ**ହରର ଉପକଣ୍ଠରେ ତୋଳା ହେଉଥିବା ଦେଉଳଟିର କାମ ସରିଯାଇଥିଲା, ମାତ୍ର ସେଠାରେ ଦେବତାଙ୍କ ପ୍ରତିଷ୍ଠା କାମ ହୋଇ ପାରିନଥିଲା।

ଏଠି ମୁଁ ସହରଟିର ନାମ ଉଲ୍ଲେଖ କରୁନି କାରଣ ଏ ସମସ୍ୟା ଆଜିକାଲି ସବୁ ସହରରେ ଦେଖିବାକୁ ମିଳୁଛି। ଗାଁମାନେ ବି ଏ ସମସ୍ୟାରୁ ମୁକ୍ତ ନୁହନ୍ତି। ସହର କଟକ ହୋଇପାରେ, ଭୁବନେଶ୍ୱର ହୋଇପାରେ, ହୋଇପାରେ ବି ବେଙ୍ଗାଲୁରୁ। ସରକାରୀ ଯାଗାରେ ଦେଉଳଟିଏ ତୋଳି ଲୋକାମାନେ ଚେଷ୍ଟା କରୁଛନ୍ତି ଅମର ହେବାକୁ। ସେମାନେ ନଥାଇ ପାରନ୍ତି, ମାତ୍ର ମନ୍ଦିର ଗାତ୍ରରେ ମାର୍ବଲ ପ୍ଲେଟ୍‌ରେ ଲେଖାହୋଇ ରହିବ ସେମାନଙ୍କ ନାଁ। ଯୁଗ ଯୁଗ ଧରି ରହିବ ଯଶ।

ଆମ ଦେଶରେ ଆଜି ରାଜା ରାଣୀ ନାହାନ୍ତି କି ସମ୍ରାଟ ନାହାନ୍ତି। ମାତ୍ର ବଞ୍ଚି ରହିଛି ତାଙ୍କ କୀର୍ତ୍ତିରାଜୀ। ଇତିହାସ ପୃଷ୍ଠାରେ ଲିପିବଦ୍ଧ ହୋଇ ରହିଛି ସେମାନଙ୍କ ନାଁ। ସମ୍ରାଟ ଅଶୋକ ବା ଖାରବେଳ ବୋଧେ ଏ ମନ୍ଦିର ସଂସ୍କୃତିରେ ବିଶ୍ୱାସ କରୁନଥିଲେ। ନହେଲେ ଆମ ଦେଶରେ ରହିଥାନ୍ତା ଅନେକ ବୌଦ୍ଧ ବା ଜୈନ ମନ୍ଦିର।

ବେଳେବେଳେ ପ୍ରଶ୍ନଟିଏ ଉଠେ ମୋ' ମନରେ। ଆର୍ଯ୍ୟମାନେ ପ୍ରକୃତିର ପୂଜକ ଥିଲେ। ସେ ସମୟରେ ମନ୍ଦିର ନଥିଲା। ତେବେ ଏ ମନ୍ଦିର ସଂସ୍କୃତି କେବେଠାରୁ ଆରମ୍ଭ ହେଲା, ତାହା କେବଳ ଐତିହାସିକମାନେ କହିପାରିବେ। କାହାକୁ ଦୋଷ ଦେବାକୁ ଚାହୁଁନି, ମାତ୍ର ଆଜିକାଲି ମନ୍ଦିର ତୋଳିବା ମାନସିକତାର କାରଣ କ'ଣ ମୁଁ ବୁଝିପାରୁନି। ଆମ ଦେଶରେ ହଜାର ହଜାର ପ୍ରାଚୀନ ମନ୍ଦିର ଆଜି ଘୋର ଅବ୍ୟବସ୍ଥା ଦେଇ ଗତିକରୁଛନ୍ତି। ମୁଁ ନିଶ୍ଚିତ ଯେ ଭାରତରେ ପ୍ରତି ଗ୍ରାମରେ ଏକ ପ୍ରାଚୀନ ମନ୍ଦିର ଅଛି। ତେବେ ପ୍ରଶ୍ନ ଉଠୁଛି – ସେ ସବୁ ମନ୍ଦିର ରକ୍ଷଣାବେକ୍ଷଣ ନକରି ନୂଆ ଦେଉଳ ତୋଳିବାର ଅର୍ଥ କ'ଣ? ବ୍ୟକ୍ତିଗତ ଭାବରେ ମୁଁ ଆମ ପ୍ରାଚୀନ ମନ୍ଦିରମାନଙ୍କ ରକ୍ଷଣାବେକ୍ଷଣ ସପକ୍ଷରେ।

ବର୍ତ୍ତମାନ ଏ ଗଳ୍ପର ମୂଳ କଥାକୁ ଆସିବା। ଦୀର୍ଘ ପାଞ୍ଚବର୍ଷ ଲାଗି ଯାଇଥିଲା ଏ ଦେଉଳର ନିର୍ମାଣରେ। ମୁଁ ଚେଷ୍ଟା କରିଥିଲି ବୁଝିବାକୁ – ଦେଉଳ ତୋଳା ବିଳମ୍ବର କାରଣ। କିଛି ଲୋକଙ୍କୁ ମଧ୍ୟ ପଚାରିଥିଲି। ସେମାନେ ଭାରି ଗମ୍ଭୀର ହୋଇ କହିଥିଲେ – ଆରେ ଭାଇ ଏତିକି କଥା ବୁଜିପାରୁନ। ତାଙ୍କ ଇଚ୍ଛାରେ ସବୁ ଚାଲେ। ତାଙ୍କ ଆଶୀର୍ବାଦ ବିନା ପଥରଟିକୁ ହଲାଇବା ସମ୍ଭବ ହେବନି। ମୁଁ ଅବଶ୍ୟ ତାଙ୍କ କଥାରେ ଆମୋଦିତ ହୋଇ ନଥିଲି। ମୁଁ ଜାଣିଥିଲି – ଦେଉଳ ତୋଳାରେ ବିଳମ୍ବ ହେବା ପଛରେ ମଣିଷର ହାତ ଅଛି, ଈଶ୍ୱରଙ୍କର ନୁହେଁ। ମୋତେ ଲାଗେନି ଈଶ୍ୱର କୌଣସି ପୁରାଣ ଶାସ୍ତ୍ରରେ ମଣିଷକୁ ମନ୍ଦିର ତୋଳିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସେ ତ ନିଜେ କହିଛନ୍ତି – ସେ ସବୁ ମଣିଷଙ୍କ ହୃଦୟରେ ବାସ କରନ୍ତି।

ସହର ଉପକଣ୍ଠରେ ତୋଳା ଯାଇଥିବା ଦେଉଳଟି ଏକ ନଦୀକୂଳରେ ଥିଲା ଓ ତା' ପାଖରେ ଯଥେଷ୍ଟ ଯାଗା ଥିଲା। ବର୍ତ୍ତମନ ସହରର ଆୟତନ, ବିଶେଷକରି ଭାରତରେ, ପ୍ରତିବର୍ଷ ତୀବ୍ରଗତିରେ ବଢୁଛି। ତେଣୁ ଉପରୋକ୍ତ ଦେଉଳ ପାଖାପାଖି ସହର ପହଞ୍ଚି ଯାଇଥିଲା।

ପାଞ୍ଚବର୍ଷ ତଳେ ଏ ଯାଗାରେ ଅନାବନା ଗଛଙ୍କର ଏକ ଜଙ୍ଗଲ ଥିଲା। ସହରଠାରୁ ସାମାନ୍ୟ ଦୂରରେ ଥିବାରୁ ଏ ଯାଗାକୁ କେହି ଆସୁନଥିଲେ। ସରକାରୀ ଜମି ବୋଲି ସରକାର ମଧ୍ୟ ଜାଣି ନ ଥିଲେ।

ଆମ ଦେଶରେ ସମସ୍ୟା ଆରମ୍ଭ ହୁଏ ଯେତେବେଳେ କେହି କୌଣସି ଯାଗା ଉପରେ ଅଧିକାର ସାବ୍ୟସ୍ତ କରିବାକୁ ଚେଷ୍ଟାକରେ। ଭାରତବର୍ଷରେ ଏହାର ଦୃଷ୍ଟାନ୍ତ ଅନେକ। ଅବ୍ୟବହୃତ ଯାଗା ବା ଜମିକୁ କେହି ତା'ର ନିଜର କହିଲେ ତା' ଉପରେ ଲୋକଙ୍କ ଦୃଷ୍ଟି ପଡ଼େ। ସେମାନେ ଖୋଳତାଡ଼ ଆରମ୍ଭ କରନ୍ତି। କଳେବଳେ ସେ ଯାଗାକୁ ତାଙ୍କର ନୁହଁ ବୋଲି ପ୍ରମାଣ କରିବାକୁ ଚେଷ୍ଟା କରନ୍ତି।

ଅବଶ୍ୟ ଉପରୋକ୍ତ ଯାଗାରେ କୌଣସି ମନ୍ଦିର ବା ମସ୍‌ଜିଦ୍ ନଥିଲା। ତେଣୁ ଧର୍ମ ଲାଗି ଏଠାରେ କିଛି ବାଦବିବାଦ ହେବାର ପ୍ରଶ୍ନ ନଥିଲା। ନଦୀ-କୂଳରେ ସହରକୁ ଲାଗି ଏକ ବଡ଼ ପଡ଼ିଆ ଥିଲା ଯେଉଁଠି ସହରର କିଛି ଯୁବକଙ୍କ ଆଡ୍ଡା ଜମୁଥିଲା। ସେମାନେ ସେଠାରେ ଉପରବେଳା କ୍ରିକେଟ୍ ଖେଳୁଥିଲେ, ସନ୍ଧ୍ୟା ହେଲେ ସେଠାରେ ମଦ ପିଇ ମସ୍‌ଗୁଲ୍ ହେଉଥିଲେ ଓ ଘରକୁ ଫେରୁଥିଲେ। ଧୀରେ ଧୀରେ ସେମାନେ ଘୋଷଣା କରିଦେଲେ ଯେ ସେ ଯାଗାଟି ତାଙ୍କ କ୍ଲବ୍‌ର। ସେଥିଲାଗି ସେମାନେ ଦାବି କରନ୍ତି ଯେ ସ୍ଥାନୀୟ ଲୋକ ପ୍ରତିନିଧିଙ୍କ ଠାରୁ ଅନୁମତି ନେଇ ସାରିଛନ୍ତି। ସେ କଥାର ସତ୍ୟତା ପ୍ରମାଣ କରିବାକୁ କେହି ଚାହିଁ ନଥିଲେ, କାରଣ ଆଜିକାଲି ଓ ସବୁକାଳେ ଜୋର୍ ଯାର ମୁଲକ ତା'ର। ଦ୍ୱିତୀୟ କଥା ଲୋକ ପ୍ରତିନିଧି ସମସ୍ତଙ୍କର। ସେମାନେ ଭୋଳା ଲୋକ। ତାଙ୍କ ପାଖକୁ ଯିଏ ଯାହା ଅବେଦନ ପତ୍ର ନେଇ କରି ଯାଆନ୍ତି, ସେଥିରେ ତାଙ୍କର କିଛି ଆପତ୍ତି ନଥାଏ। ସେ ସଙ୍ଗେ ସଙ୍ଗେ ତାଙ୍କର ଅନୁମତି ଦେଇ ଦିଅନ୍ତି। ସେମାନେ ଭୁଲି ଯାଆନ୍ତି ଯେ ସେମାନେ ସ୍ଥାୟୀ ନୁହନ୍ତି। କିଛି କାଳ ପରେ ତାଙ୍କର କ୍ଷମତା ଓ ପ୍ରତିପତ୍ତି ହ୍ରାସ ପାଇବ।

ସହରର ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀ ପଡ଼ିଆ ଉପରେ ନିଜର ମାଲିକାନା ଜାହିରି କରିଥିଲେ ଓ ଅନ୍ୟମାନଙ୍କୁ ସେଠାରେ ଖେଳିବାକୁ ଦେଇ ନଥିଲେ। ଅନେକ ଥର କଳିତକରାଳ ଓ ମାଡ଼ପିଟ୍ ହେଲା। କଥା ସ୍ଥାନୀୟ ପୋଲିସ୍ ଷ୍ଟେସନ୍‌କୁ ଗଲା। ସେଠି ପହଞ୍ଚିଗଲେ ଲୋକ ପ୍ରତିନିଧି। ସେ ଚାହୁଁ ନଥିଲେ ତାଙ୍କ ଅଞ୍ଚଳରେ ଏପରି ଘଟଣା ଘଟୁ। ସେ ପୋଲିସ୍ ବାବୁଙ୍କୁ କୁହାବୋଲା କରି ଘଟଣାକୁ ରଫାଦଫା କରି ଦେଲେ ଓ ଅସନ୍ତୁଷ୍ଟ ଦଳକୁ ନେଇ ନଦୀକୂଳରେ ଥିବା ଏଇ ଅବ୍ୟବହୃତ ଯାଗାକୁ ଦେଖାଇ ଦେଲେ। "ଆଜିଠାରୁ ଏ ଯାଗା ତୁମର। ତୁମେ ଏଠାରେ ଖେଳିବ। ସଫାସଫି କରିବା ଦାୟିତ୍ୱ ମୋର।" ଅସନ୍ତୁଷ୍ଟ ଗୋଷ୍ଠୀ ଖୁସି ହେଲେନି, ମାତ୍ର "ନାଇଁ ମାମୁଁ ଠାରୁ କଣା ମାମୁଁ ଭଲ" ଭାବି ଲୋକ ପ୍ରତିନିଧିଙ୍କ କଥାକୁ ଗ୍ରହଣ କରିନେଲେ।

କିଛିଦିନ ପରେ ଏ ଯାଗାକୁ ସଫା କରିବାକୁ ପହଞ୍ଚିଲେ ଜଣେ ଠିକାଦାର। ଲୋକ ପ୍ରତିନିଧିଙ୍କୁ ଖୁସି

କରିବାକୁ ସେ ଏ ଛୋଟ କାମଟି କରିବାକୁ ରାଜି ହୋଇଥିଲେ।

ଠିକାଦାରଙ୍କ ଲୋକ ଯାଗାଟିକୁ ସଫା ଓ ସମତଳ କରିବାରେ ଲାଗିପଡ଼ିଲେ। ସେଇ ସମୟରେ କାମ କରୁଥିବା ଲୋକମାନେ ମାଟିତଳେ ଏକ ପ୍ରାଚୀନ ମୂର୍ତ୍ତିର ସନ୍ଧାନ ପାଇଲେ। ମୂର୍ତ୍ତିଟିକୁ କୌଣସି ଦେବାଦେବୀଙ୍କ ନାମ ଦେଇ ପାରିଲେନି ସେମାନେ। ସେ ଶିବଲିଙ୍ଗ କି ମା' ଦୁର୍ଗା ନଥିଲା। ନଥିଲେ ବି ଶ୍ରୀକୃଷ୍ଣ। ନାରୀ-ପୁରୁଷଙ୍କ ଏକ ଯୁଗଳ ଭବ୍ୟମୂର୍ତ୍ତି। ଲୋକମାନେ ପ୍ରଥମେ ଭାବିଲେ – ମୂର୍ତ୍ତିଟିକୁ ନେଇ ପାଖ ନଦୀରେ ବିସର୍ଜନ କରିଦେବେ। ମାତ୍ର ତାଙ୍କ ନେତା ଏକଥାକୁ ଗ୍ରହଣ କଲେନି। ସାମାନ୍ୟ ଶିକ୍ଷିତ ଥିଲେ ସେ ଯୁବକ। କଥାଟିକୁ ସେ ତାଙ୍କ ଠିକାଦାରଙ୍କୁ କହିଲେ। ଠିକାଦାର ପ୍ରଥମେ ଭାବୁଥିଲେ – ମୂର୍ତ୍ତିକୁ ନେଇ ତାଙ୍କ ଘରେ ରଖିବେ। ମାତ୍ର ତାଙ୍କର ତାଙ୍କ ପତ୍ନୀକୁ ବହୁତ ଡର ଥିଲା। ମହା ଅନ୍ଧବିଶ୍ୱାସୀ ତାଙ୍କ ପତ୍ନୀ। ଘରେ କିଛି ଅସୁବିଧା ହେଲେ ସଙ୍ଗେ ସଙ୍ଗେ ସେ ମୂର୍ତ୍ତିକୁ ହିଁ ଦୋଷ ଦେବେ।

ଠିକାଦାର ସଙ୍ଗେ ସଙ୍ଗେ ଲୋକ ପ୍ରତିନିଧିଙ୍କୁ ଜଣାଇଲେ। କଥାଟି ଚାରିଆଡ଼େ ପ୍ରଘଟ ହୋଇଗଲା। କଥା ପ୍ରଘଟ ନ ହୋଇଥିଲେ ଲୋକ ପ୍ରତିନିଧି ହୁଏତ ପ୍ରାଚୀନ ମୂର୍ତ୍ତିଟିକୁ ତାଙ୍କ ଭବ୍ୟ ବୈଠକଖାନାରେ ରଖି ଘରର ଶୋଭା ବୃଦ୍ଧି କରିଥାନ୍ତେ। ଏ କଥା ଖବରକାଗଜବାଲାଙ୍କ କାନରେ ପଡ଼ି ଯାଇଥିଲା। ତେଣୁ କଥାକୁ ଲୁଚେଇବା ପ୍ରଶ୍ନ ଉଠିଲାନି।

ଲୋକ ପ୍ରତିନିଧି ସଙ୍ଗେ ସଙ୍ଗେ ଏକ ବିରାଟ ପ୍ରୋସେସନ୍‌ରେ ଆସି ନଦୀକୂଳରେ ଥିବା ଏ ଯାଗାରେ ପହଞ୍ଚିଲେ ଓ ଏ କଥା ଘୋଷଣା କଲେ – ଏଠାରେ ଏକ ଭବ୍ୟ ମନ୍ଦିର ନିର୍ମାଣ କରାଯିବ। ପ୍ରାଚୀନ ମୂର୍ତ୍ତିର ଆବିଷ୍କାର ଏ କଥାର ସୂଚନା ଦେଉଛି ଯେ ପ୍ରାଚୀନ କାଳରେ ଏ ଯାଗା ଏକ ଧାର୍ମିକ ସ୍ଥାନ ଥିଲା।

ଲୋକ ପ୍ରତିନିଧିଙ୍କ ଏତାଦୃଶ ଘୋଷଣାକୁ ସେଠାରେ ଉପସ୍ଥିତ ଥିବା ଜନତା ତାଳିମାରି ସ୍ୱାଗତ ଜଣାଇଥିଲେ। ସେ ଯାଗାକୁ ପାଇଥିବା ଯୁବକ ଗୋଷ୍ଠୀ ଅସନ୍ତୁଷ୍ଟ ହୋଇଥିଲେ। ଲୋକ ପ୍ରତିନିଧି ମନେ ମନେ ବହୁତ ଖୁସି ହୋଇଥିଲେ ଯେ ତାଙ୍କର ଏ ଘୋଷଣା ତାଙ୍କୁ ଆଗାମୀ ନିର୍ବାଚନରେ ନିଶ୍ଚୟ ବିଜୟୀ କରିବ। ଆମ ଦେଶର ଲୋକେ ମେଣ୍ଢାପଲ ପରି ଧର୍ମ ନାଁ'ରେ ତାଙ୍କ ପଛରେ ରହିବେ। ଏବେ ବି ଧର୍ମ, ଜାତି ଓ ସମ୍ପ୍ରଦାୟ ଦୁହାଇ ଦେଇ ଲୋକ ଭୋଟ ପାଆନ୍ତି। ନିଜ ଉଜ୍ଜ୍ୱଳ ଭବିଷ୍ୟତ କଥା ଚିନ୍ତା କରି ଲୋକ ପ୍ରତିନିଧି ଆମୋଦିତ ହେଲେ। ସେ ସଙ୍ଗେ ସଙ୍ଗେ ଅସନ୍ତୁଷ୍ଟ ଗୋଗଷ୍ଠୀକୁ ପାଖକୁ ଡାକି କହିଲେ – ବ୍ୟସ୍ତ ହୁଅନି। ଯା'ଠାରୁ ଆଉ ଭଲ ଯାଗାଟିଏ ମିଳିବ କ୍ରିକେଟ୍ ଖେଳିବାକୁ। କ୍ରିକେଟ୍ ଆମ ଜାତୀୟ ଖେଳ। ତାକୁ ଅବହେଳା କରିହେବନି। ଯୁବକଙ୍କ ଭିତରେ ଜଣେ ଦି'ଜଣ ଥିଲେ ଯିଏ ଜାଣିଥିଲେ – ହକି ହେଉଛି ଆମର ଜାତୀୟ ଖେଳ। ମାତ୍ର ସେମାନେ ନୀରବ ରହିଲେ।

ଝିମିଟି ଖେଳରୁ ମହାଭାରତ ହେଲା ପରି କ୍ରିକେଟ୍ ଖେଳରୁ କଥାଟି ଦେଉଳ ତୋଳା ପର୍ଯ୍ୟନ୍ତ ଚାଲିଗଲା। ସହରରେ ଏ ଖବର ବ୍ୟାପିବା ପରେ ଅନେକ ଲୋକ ଏ ଯାଗାରେ ପହଞ୍ଚିଲେ। ଅନେକ ଲୋକ ପୂଜାର୍ଚ୍ଚନା କରିବାକୁ ଚାହିଁଲେ। ଅସ୍ଥାୟୀ ଚାଳଘରଟିଏ ଗଢ଼ିଉଠିଲା। ଅସ୍ଥାୟୀ ପୂଜକଟିଏ ମଧ୍ୟ ଠିକ୍ ହୋଇଗଲେ। ଦେଉଳ ତୋଳା ଆଗରୁ ଏ ଯାଗାରେ ପୂଜାର୍ଚ୍ଚନା ଆରମ୍ଭ ହୋଇଗଲା।

ଲୋକଙ୍କ ସମର୍ଥନ ପାଇବାକୁ ଲୋକ ପ୍ରତିନିଧି ସିନା ଦେଉଳ ତୋଳ କଥା ଘୋଷଣା କରିଦେଲେ, ପରେ ସେ ଅନୁଭବ କଲେ ଏ କାମ ଏତେ ସହଜ ନୁହେଁ। ସେ ଜାଣିଥିଲେ – ନଦୀକୂଳରେ ଥିବା ଏ ଯାଗାଟି ସରକାରୀ ଯାଗା। ସରକାରୀ ଲୋକ ହୋଇ ସରକାରଙ୍କ ବିନା ଅନୁମତିରେ କିଛି କାମ କରିହେବନି। ନିର୍ବାଚନ ଆଗକୁ ଅଛି। କିଛି ଗଡ଼ବଡ଼ ହେଲେ ତାଙ୍କୁ ପାର୍ଟି ଟିକେଟ୍ ମିଳିବନି। ସେ ଚେଷ୍ଟାକଲେ କଥାଟିକୁ ନିର୍ବାଚନ ସରିବା ଯାଏ ଗଡ଼େଇ ନେବାକୁ।

ନଦୀକୂଳରେ ଥିବା ଏ ଯାଗାର ଉନ୍ନତି କାମ ଆରମ୍ଭ ହୋଇଯାଇଥିଲା। ଅନେକ ବଦାନ୍ୟବ୍ୟକ୍ତି ଆର୍ଥିକ ସହାୟତା କଲେ। ମନ୍ଦିର ନିର୍ମାଣ ଲାଗି ଏକ କମିଟି ଗଢ଼ାଗଲା ଯେଉଁଥିରେ ସହରର କିଛି ବିଶିଷ୍ଟ ଲୋକଙ୍କ ନାଁ ଥିଲା। କମିଟିରେ ଆକବର ଖାଁ'ଙ୍କ ନାଁ ମଧ୍ୟ ଥିଲା। ତାଙ୍କର କିଛି ଆପତ୍ତି ନଥିଲା। ସହରର ଉନ୍ନତି ଅର୍ଥ ତାଙ୍କ ବ୍ୟବସାୟରେ ଉନ୍ନତି। ଦ୍ୱିତୀୟ କଥା, ସେ କେବଳ ଜଣେ ଜଣାଶୁଣା ଲୋକ ନଥିଲେ, ସେ ବେଶ୍ ଉଦାର ପ୍ରକୃତିର ଲୋକ ଥିଲେ।

ନିର୍ବାଚନ ଘୋଷଣା ଆଗରୁ ଲୋକ-ପ୍ରତିନିଧି ଲୋକଙ୍କୁ ଖୁସି କରିବାକୁ ବେଶ ଜାକଜମକରେ ମନ୍ଦିର ପ୍ରତିଷ୍ଠା ପାଇଁ 'ଭୂମି ପୂଜନ' କରିଦେଲେ। ଲୋକଙ୍କ ସୁଅ ଛୁଟିଲା। ଭାତ, ଡାଲ୍ମା, ଖଟା ଓ ଖିରିର ସୁଅ ଛୁଟିଲା। ଏକ ଭବ୍ୟ ମନ୍ଦିରର ଚିତ୍ର ପାଖରେ ଲୋକ ପ୍ରତିନିଧିଙ୍କ ନମସ୍କାର ମୁଦ୍ରାର ଫଟୋ ଝଲସିଲା। ପରୋକ୍ଷରେ ସେ କହିବାକୁ ଲାଗିଲେ – ମୋତେ ଭୁଲିବେନି, ଭୋଟ୍ ଦେବେ। ନିର୍ବାଚନ ପରେ ପରେ ମନ୍ଦିର ତୋଳା ନିଶ୍ଚିତ।

ବିନା ମେଘରେ ବଜ୍ରପାତ ହେଲା ପରି ଆଗାମୀ ନିର୍ବାଚନ ଲାଗି ବର୍ତ୍ତମାନର ଲୋକ ପ୍ରତିନିଧିଙ୍କୁ ଦଳର ଟିକେଟ୍ ମିଳିଲାନି। ବଡ଼ ଦୁଃଖୀ ହୋଇପଡ଼ିଲେ ଲୋକ ପ୍ରତିନିଧି। ବିଭିନ୍ନ ଉପାୟ କଲେ ଟିକେଟ୍ ପାଇବାକୁ। ମାତ୍ର ଦଳ ଏବେ ଯୁବ ଚେହେରା ଚାହେଁ ଯେ ଅଧିକ କାମ କରିପାରିବ। ସେଥିଲାଗି ବୟସ୍କ ଲୋକଙ୍କୁ ଟିକେଟ୍ ମିଳିବା କଷ୍ଟ। ଦଳର ଏହା ଏକ ଭଲ ଉଦ୍ଦେଶ୍ୟ, ମାତ୍ର ପୁରୁଖା ରାଜନେତାମାନେ ଏ କଥାକୁ ଗ୍ରହଣ କରିବାକୁ ପ୍ରସ୍ତୁତ ନୁହନ୍ତି। ଏ ଦଳକୁ ଆମେ ଗଢ଼ିଛୁ। ମୃତ୍ୟୁ ପର୍ଯ୍ୟନ୍ତ ଏ ଦଳ ଆମର ଓ ଆମେ ଲୋକ ପ୍ରତିନିଧି ହେବା ଦରକାର। ଅନେକ ବରିଷ୍ଠ ନେତାଙ୍କ ପାଖରେ ଏପରି ଗୁଞ୍ଜରଣ ଶୁଣାଗଲା, ମାତ୍ର ସେ କଥା ବାହାରକୁ ଗଲା ନାହିଁ।

ନିର୍ବାଚନ ଲାଗି ଟିକେଟ୍ ନ ପାଇଲା ପରେ ନେତାଙ୍କର ମନ ଭାଙ୍ଗିଗଲା। ସେ ନିର୍ବାଚନ ବେଶ୍ ଆଗରୁ ସବୁକଥାରୁ ସନ୍ୟାସ ନେଇଗଲେ। ମନ୍ଦିର ତୋଳା କଥା କେବଳ ଭୂମି ପୂଜନରେ ରହିଲା।

ନିର୍ବାଚନ ପରେ ଅନେକ କଥା ବଦଳି ଗଲା। ଏ ଅଞ୍ଚଳରେ ନିର୍ବାଚନ ଜିତୁଥିବା ଦଳ ହାରିଗଲା ଓ ଅନ୍ୟ ଏକ ଦଳର ଜଣେ ଯୁବନେତା ନିର୍ବାଚନ ଜିତିଲେ। ଯୁବନେତାଙ୍କ ବିଚାର ସମ୍ପୂର୍ଣ୍ଣ ରୂପେ ଅଲଗା ଥିଲା। ସେ ମନ୍ଦିର ସଂସ୍କୃତିର ବିରୋଧ କରୁଥିଲେ। "ଅସଲ ମନ୍ଦିର ହେଉଛି ଗରିବ ଲୋକଙ୍କ ଘର। ସେ ସବୁ ଘରେ ଦରିଦ୍ର ନାରାୟଣ ରୁହନ୍ତି। ସେମାନଙ୍କ ପୂଜା ଆଗ କରାଯାଉ, ତା' ପରେ ମନ୍ଦିର ତୋଳା କଥା ବୁଝିବା।" ଯୁବନେତାଙ୍କ ଆଭିମୁଖ୍ୟ ସହରର ଲୋକଙ୍କୁ ପ୍ରଭାବିତ କଲା।

କିଛି ସମୟ ଲାଗି ନଦୀକୂଳରେ ମନ୍ଦିର ଲାଗି ପ୍ରସ୍ତୁତ ହୋଇଥିବା ଏ ଯାଗାଟି ଅବ୍ୟବହୃତ ହୋଇ ରହିଲା। ମଝିରେ ମଝିରେ କିଛି ଲୋକ ଏଠାରେ ଆସି ପୂଜାର୍ଚ୍ଚନା କଲେ। ସେଠାରୁ ମିଳିଥିବା ଅନାମିତ ମୂର୍ତ୍ତିଙ୍କ ଉପରେ ସିନ୍ଦୂର ଲଗେଇଲେ, ଫୁଲ ପକେଇଲେ ଓ ପ୍ରାର୍ଥନା କଲେ – ଏଠାରେ ଶୀଘ୍ର ମନ୍ଦିର ନିର୍ମାଣ ହେଉ।

ଯୁବ ଲୋକ ପ୍ରତିନିଧି ନଦୀକୂଳରେ ମିଳିଥିବା ମୂର୍ତ୍ତି ଖବର ପାଇ ରାଜ୍ୟର ପ୍ରତ୍ନତତ୍ତ୍ୱ ବିଭାଗକୁ ସୂଚନା ଦେଲେ। ସଙ୍ଗେ ସଙ୍ଗେ ପ୍ରତ୍ନତତ୍ତ୍ୱ ବିଭାଗର କିଛି ଲୋକ ଆସି ମୂର୍ତ୍ତିର ପରୀକ୍ଷା ନିରୀକ୍ଷା କରି ମତ ଦେଲେ ଯେ ଏହା ଅତ୍ୟନ୍ତ ପ୍ରାଚୀନ କଳାକୃତି। ହୋଇପାରେ ଖାରବେଳ ବା କଳିଙ୍ଗ ଯୁଦ୍ଧ ସମୟର। ତେଣୁ ସେମାନେ ସବୁ ସରକାରୀ କାଗଜପତ୍ର ଆଣି ମୂର୍ତ୍ତିଟିକୁ ରାଜଧାନୀର ସଂଗ୍ରହାଳୟକୁ ସ୍ଥାନାନ୍ତରିତ କଲେ। ଲୋକମାନେ ପ୍ରତିବାଦ କରୁଥିଲେ, ମାତ୍ର ଫଳ କିଛି ହେଲାନି। ସରକାରୀ ଯାଗାରେ ମିଳିଥିବା ମୂର୍ତ୍ତି ସରକାରଙ୍କର, ସରକାର ତା'ର ସୁରକ୍ଷା କରିବେ।

ଉପରୋକ୍ତ ସ୍ଥାନରେ ମନ୍ଦିର ତୋଳିବାର ଆଶା

ମଉଳି ଯାଉଥିବା ବେଳେ ଏକ ଚମତ୍କାର ଘଟଣା ଦେଖିବାକୁ ମିଳିଲା। ଦିନେ କେହି ଜଣେ ମନ୍ଦିର ଲାଗି ତିଆରି ହୋଇଥିବା ଅସ୍ଥାୟୀ ଉଠାପକା ଘର ପାଖରେ କିଛି ବଡ଼ ବଡ଼ ନାଗସାପଙ୍କୁ ଦେଖିଲା ଓ ଏ ଖବର ସଙ୍ଗେ ସଙ୍ଗେ ସହରରେ ପହଞ୍ଚାଇ ଦେଲା। ଅଳ୍ପ ସମୟରେ ଏ ଖବର ସହରର କୋଣ ଅନୁକୋଣରେ ବ୍ୟାପିଗଲା ଓ ସହରୀ ଲୋକ ଧାଇଁଲେ ନଦୀକୂଳରେ ଥିବା ଏ ଯାଗା ଆଡ଼େ। ବାସ୍ତବରେ ଏ ସମୟ ଥିଲା ନାଗନାଗୁଣୀଙ୍କ ମିଳନ ସମୟ। ତେଣୁ ଏକ ଉପଯୁକ୍ତ ଛାୟାପ୍ରଦ ଯାଗା ଦେଖି ନାଗ ଦମ୍ପତି ଓ ତାଙ୍କ ବନ୍ଧୁମାନେ ଏଠାକୁ ଚାଲି ଆସିଥିଲେ। ଏ କଥା କେହି ବୁଝିଲେନି। ବିଶ୍ୱାସ କଥା। ବିଶ୍ୱାସରେ ବନ୍ଧା ଆମ ସମାଜ। କାହାର ବିଶ୍ୱାସକୁ ଆଘାତ ଦେବା ଏ ଗଳ୍ପର ଉଦ୍ଦେଶ୍ୟ ନୁହେଁ – ମାତ୍ର ଲୋକଙ୍କୁ ସଚେତନ କରାଇବାର ଅଧିକାର ଆମର ଅଛି।

ନଦୀ କୂଳରେ ନାଗମାନଙ୍କ ଆବିର୍ଭାବ ଖବର ପୂର୍ବତନ ଲୋକ ପ୍ରତିନିଧିଙ୍କ କାନରେ ପଡ଼ିଲା। ସେ ଦଳେବଳେ ସେଠାରେ ପହଞ୍ଚିଗଲେ। ନୂଆ ଯୁବ ପ୍ରତିନିଧି ମଧ କାଳ ବିଳମ୍ବ ନ କରି ସେ ଯାଗାରେ ପହଞ୍ଚିଗଲେ ଓ ସଙ୍ଗେ ସଙ୍ଗେ ଘୋଷଣା କଲେ – ଦେଉଳ ତୋଳ କାମ ଆରମ୍ଭ କରାଯିବ। ତାଙ୍କର ଆଉ ଦୁଇ ବର୍ଷ ଅଛି ଶାସନରେ। ଦୁଇ ବର୍ଷ ପରେ ପୁଣି ଥରେ ନିର୍ବାଚନରେ ଲୋକଙ୍କ ପାଖରେ ପହଞ୍ଚିବାକୁ ପଡ଼ିବ। ସୁଅର ଦିଗ ଦେଖି ଭାସିବାକୁ ପଡ଼ିବ, ନହେଲେ ଜନତା ଜନାର୍ଦ୍ଦନଙ୍କ ରାୟ କେତେବେଳେ ବି ବଦଳିଯିବ।

ଉପରୋକ୍ତ ଘଟଣା ପରେ ସାଧାରଣ ଲୋକଙ୍କ ମନରେ ଏ କଥା ବସିଗଲା – ନଦୀ କୂଳରେ ଏ ଯାଗାରେ ନିଶ୍ଚୟ ନାଗ ଦେବତା କିମ୍ବା ଶିବ-ପାର୍ବତୀଙ୍କ ମନ୍ଦିର ଥିଲା। ଯାହା କାଳକ୍ରମେ ବିଲୀନ ହୋଇଯାଇଛି। ତେଣୁ ନାଗ ଦେବତା କିମ୍ବା ଶିବ-ପାର୍ବତୀଙ୍କ ମନ୍ଦିର ନିର୍ମାଣ ହେବା ଦରକାର। ଯୁବ ସାଂସଦ ରାଧାକୃଷ୍ଣଙ୍କ ଭକ୍ତ ଥିଲେ। ସେ ରାଜଧାନୀରେ ଥିବା ଇସ୍କନ୍ ମନ୍ଦିରକୁ ନିୟମିତ ଯାଉଥିଲେ ଓ ଦାନ ମଧ କରୁଥିଲେ। ତାଙ୍କ ମତରେ ଶ୍ରୀକୃଷ୍ଣ ପ୍ରେମର ଦେବତା। ଆମେ ପ୍ରେମ ବଳରେ ସଂସାରରେ ଶାନ୍ତି ଆଣିପାରିବା। ସେ ଯୋଜନା କଲେ ନଦୀକୂଳରେ ଏକ ଭବ୍ୟ ରାଧାକୃଷ୍ଣ ମନ୍ଦିର ନିର୍ମାଣ କରିବାକୁ। ଦ୍ୱିତୀୟ କଥାଟି ଥିଲା – ତାଙ୍କ ସହରରେ ସବୁ ଦେବତାଙ୍କ ମନ୍ଦିର ଅଛି, ମାତ୍ର ରାଧାକୃଷ୍ଣଙ୍କ ମନ୍ଦିର ନାହିଁ। ଯୁବନେତା ତାଙ୍କ ଇଚ୍ଛାକୁ ତାଙ୍କ ସମର୍ଥକଙ୍କୁ ଜଣାଇ ଦେଲେ। "ଭାଇ ଯାହା କହିବେ, ତାହା ହିଁ ହେବ।" ଉଚ୍ଚ ସ୍ୱରରେ ଘୋଷଣା କଲେ ଯୁବନେତାଙ୍କ ଶ୍ରେଷ୍ଠ ଚାଟୁକାର।

କୌଣସି ମତେ ମନ୍ଦିର କାମ ଆରମ୍ଭ ହୋଇଗଲା। ମନ୍ଦିର ତିଆରି କରିବାକୁ ପଇସାର ଅଭାବ ହେଲାନି। ସହରର ଅନେକ ବଦାନ୍ୟ ବ୍ୟକ୍ତି ମୁକ୍ତ ହସ୍ତରେ ଅର୍ଥ ଦାନ କଲେ। ଈଶ୍ୱରଙ୍କ ଲୀଳା ବିଚିତ୍ର। ତାଙ୍କ ମନ୍ଦିର ଲାଗି ସେ ସମସ୍ତଙ୍କୁ ସୁଯୋଗ ଦିଅନ୍ତି। ବିଶେଷ କରି ଅସାଧୁ ଉପାୟରେ ଅର୍ଥ ଉପାର୍ଜନ କରୁଥିବା ବ୍ୟକ୍ତିମାନଙ୍କୁ ଚେତେଇ ଦିଅନ୍ତି – ତୁମ କଳାଧନରୁ କିଛି ଦାନ କରି ନାମ କମାଅ।

ମନ୍ଦିର ନିର୍ମାଣ କରିବାକୁ ସହରର ଏକ ନାମୀ ଠିକାଦାର ସଂସ୍ଥା ସ୍ୱେଚ୍ଛାରେ ବିନା ପାରିଶ୍ରମିକରେ କାମ କରିବାକୁ ପ୍ରତିଶ୍ରୁତି ଦେଲେ। ସହର ଲୋକେ ଏକଥା ଶୁଣି ଠିକାଦାରଙ୍କର ବହୁତ ପ୍ରଶଂସା କଲେ। ଠିକାଦାର କିନ୍ତୁ ମନେ ମନେ ତାଙ୍କ କୁଳଦେବତାଙ୍କୁ ଧନ୍ୟବାଦ ଦେଲେ – ଜୀବନସାରା ତୁମ ନାମରେ ହିଁ ଅର୍ଥ ଉପାର୍ଜନ କରିଛି। ଏଠି ବି ଅର୍ଥ ଉପାର୍ଜନ ଲାଗି ପୁଣି ଗୋଟେ ସୁଯୋଗ ଦେଲ। ତୁମକୁ କୋଟି ପ୍ରଣାମ।

ମନ୍ଦିର କାମ ପ୍ରାୟ ସରିଆସିଲା। କିନ୍ତୁ ମନ୍ଦିରରେ କେଉଁ ଦେବତାଙ୍କୁ ସ୍ଥାପନ କରାଯିବ କଥାଟି ସ୍ଥିର ହୋଇପାରିଲାନି। ଏଥିଲାଗି ସହରର ବଡ଼ବଡ଼ ଲୋକ ବିଭିନ୍ନ ମତ ରଖିଲେ। କିଏ କହିଲା ମହାଦେବାଙ୍କର ତ କିଏ କହିଲା ନାଗଦେବତାଙ୍କର। କିଛି ଲୋକ ଓଡ଼ିଆ ଜାତିର ପ୍ରାଣ, ଓଡ଼ିଆର ମହାରାଜା ଶ୍ରୀଜଗନ୍ନାଥଙ୍କୁ ଆଣି ମନ୍ଦିରରେ ସ୍ଥାପନ କରିବାକୁ ପରାମର୍ଶ ଦେଲେ। ରାଜ୍ୟରେ ନିର୍ବାଚନ ପାଖେଇ ଆସିଲା। ଯା' ଭିତରେ ପାଞ୍ଚବର୍ଷ ବିତିଗଲାଣି। ଯୁବ ଲୋକ ପ୍ରତିନିଧି ତତ୍ପରତା ଦେଖାଇଲେ। ଲୋକଙ୍କୁ ଏକାଠି କରିବାକୁ ଚେଷ୍ଟା କଲେ। ମନ୍ଦିର ତୋଳା ଲାଗି ଗଢ଼ା ହୋଇଥିବା କମିଟିର ସଭ୍ୟମାନଙ୍କୁ ବ୍ୟକ୍ତିଗତ ଭାବରେ ଅନୁରୋଧ କଲେ। ମାତ୍ର କିଛି ସୁଫଳ ମିଳିଲା ନାହିଁ।

ସେଇ ସମୟରେ ଜଣେ ଯୁବ ପ୍ରଶାସନିକ ଅଫିସର ସହରର କଲେକ୍ଟର ହୋଇ ଆସିଲେ। ନୂତନ ପିଢ଼ିର ପ୍ରଶାସକ, ବେଶ ସିଧା କଥା। ସେ ସହରର ଉନ୍ନତି ଚାହାନ୍ତି, ସହରକୁ ସ୍ୱଚ୍ଛ କରିବାକୁ ଚାହାନ୍ତି ଓ ସରକାରୀ ସମ୍ପତ୍ତିର ସୁରକ୍ଷା ଚାହାନ୍ତି। ତାଙ୍କ ନଜରକୁ ଆସିଲା ଗୋଟେ ମାରାତ୍ମକ କଥା। ସହରର ଉନ୍ନତିର ଅନ୍ତରାୟ ହେଉଛି ସରକାରୀ ଯାଗାରେ ଗଢ଼ି ଉଠିଥିବା ମନ୍ଦିର, ମସ୍‌ଜିଦ୍, ଗୀର୍ଜାଘର ଓ ବ୍ୟବସାୟ ସଂସ୍ଥା। ଯୁବ ପ୍ରଶାସକ ସଙ୍ଗେ ସଙ୍ଗେ ସରକାରୀ ସମ୍ପତ୍ତିର ସର୍ଭେ କରିବାକୁ ଆଦେଶ ଦେଲେ। ସେ ଯେଉଁ ତଥ୍ୟ ପାଇଲେ, ସେଥିରେ ଆଶ୍ଚର୍ଯ୍ୟ ଚକିତ ହେଲେ। ଏ ପୁରୁଣା ସହରରେ ଶହ ଶହ ଏକର ଜମି ସରକାରଙ୍କର। ମାତ୍ର ତାକୁ ମାଡ଼ି ବସିଛନ୍ତି ଅସାଧୁ ଲୋକ, ମନ୍ଦିର, ମସ୍‌ଜିଦ୍, ଗୀର୍ଜାଘର ଓ ବ୍ୟବସାୟ ସଂସ୍ଥା। ସେ ସଙ୍ଗେ ସଙ୍ଗେ ସରକାରୀ ଯାଗାର ଉଦ୍ଧାର ଲାଗି ଆଦେଶ ଦେଲେ।

ସହରର ମୁଖ୍ୟ ପ୍ରଶାସକଙ୍କ ଆଦେଶ ପାଳନ କରାଗଲା। କଥା ଲୋକ ପ୍ରତିନିଧିଙ୍କ କାନକୁ ଗଲା। ନିର୍ବାଚନ ଆଉ ମାତ୍ର ବର୍ଷେ ପରେ ହେବ। ଏ ସମୟରେ ସହରର ଲୋକଙ୍କୁ ଅସନ୍ତୁଷ୍ଟ କରି ହେବନି। ଆମ ଦେଶରେ ଅଧିକାଂଶ ଝଗଡ଼ା, ଦଙ୍ଗା ଓ ଯୁଦ୍ଧ ଧର୍ମ ନାଁ'ରେ ସଂଗଠିତ ହୋଇଛି। ସେ ମୁଖ୍ୟ ପ୍ରଶାସକଙ୍କୁ ଦେଖାକରି ତାଙ୍କ ଆଦେଶ ପ୍ରତ୍ୟାହାର କରି ନେବାକୁ ଧମକ ଦେଲେ। ମାତ୍ର ଫଳ ହେଲା ଓଲଟା। ଯୁବ ପ୍ରଶାସକ ତାଙ୍କ କାମକୁ ତ୍ୱରାନ୍ୱିତ କରିବାକୁ ଚେଷ୍ଟାକଲେ, କାରଣ ସେ ଜାଣିଥିଲେ ତାଙ୍କ କାମ ବନ୍ଦ କରିବାକୁ ସରକାରୀ ବା ନ୍ୟାୟିକ ଆଦେଶ ଆସିପାରେ। ଯୁବ ପ୍ରଶାସକଙ୍କ ଆଶଙ୍କା ସତ ହେଲା। ବେଆଇନ ଅଧିକାର ଉଚ୍ଛେଦ କାମ ଆରମ୍ଭର ତିନି ଦିନ ପରେ ସବୁ କାମ ବନ୍ଦ କରିବାକୁ ଆଦେଶ ଆସିଲା – ସରକାରଙ୍କ ଠାରୁ ଓ ନ୍ୟାୟାଳୟରୁ। ସବୁ କାମ ବନ୍ଦ ହୋଇଗଲା।

କିଛି ଦିନ ପରେ ଯୁବ ପ୍ରଶାସକଙ୍କର ବଦଳି ହୋଇଗଲା ରାଜ୍ୟର ଉପାନ୍ତକୁ। ନେତାମାନେ ଖୁସି ହେଲେ। ଜବରଦଖଲକାରୀଙ୍କ ଖୁସି କହିଲେ ନସରେ। ନଦୀକୂଳରେ ତୋଳା ହୋଇଥିବା ଦେଉଳ ଖାଲି ରହିଲା। କରିତ୍‌କର୍ମା ମଣିଷମାନଙ୍କ ଏତାଦୃଶ କାର୍ଯ୍ୟ ଦେଖି ଈଶ୍ୱର ଭାବିଥିବେ – ମୁଁ ତ ତୁମମାନଙ୍କ ହୃଦୟରେ ଅଛି, ତାକୁ ଜାଣିପାରିଲନି, ଦେଉଳ ତୋଳି କି ଲାଭ !

*୩୦୧, ହେମନ୍ତଦୁର୍ଗା ଆପାର୍ଟମେଣ୍ଟ, ବିଜ୍ଞାନ ନଗର, ବେଙ୍ଗାଲୁରୁ-୫୬୦୦୩୭*
*ଦୂରଭାଷ: ୯୯୮୦୩୦୦୭୫୧*

# ପିତା ହିଁ ପରମ ତପଃ

## ଗିରିଜା ମଂଜରୀ ପାଢ଼ୀ

ପୂର୍ବ ମୁଖା ତ୍ରିତଳ ଘରଟିର ଦ୍ୱିତୀୟ ମହଲା ବାଲ୍‌କୋନୀରେ ପଡ଼ିଥିବା ଗୋଟିଏ ନାଲି ରଙ୍ଗର ଚଉକିର ଅଧିକାରିଣୀ ମୁଁ। ଅବସର ସମୟରେ ମୁଁ ଏଇଠି ଅନେକ ସମୟ କଟାଇ ଦିଏ। ଅଦୂରରେ ରାମ ମନ୍ଦିର। ଘଣ୍ଟା ଓ ବାଜା ସକାଳ ସନ୍ଧ୍ୟାରେ ଶୁଣାଯାଏ। ଏହି ବାଲ୍‌କୋନୀର ଚଉକିଟି ମୋ ପାଇଁ ବ୍ୟାସପୀଠ। ଏଇଠି ବସିଲେ ନାନା ପ୍ରକାର ଭାବନା, ଚିନ୍ତା ଓ ଚେତନା ମନକୁଆସେ। ଏଇଠି ବସି ମୁଁ କାଗଜ ଓ ବହିପତ୍ର ପଢ଼େ। ବେଳେବେଳେ ଓଡିଶୀ, ଭଜନ, ଶ୍ୟାମା ସଂଗୀତ ବା ରବୀନ୍ଦ୍ର ସଂଗୀତ ଗୁଣୁଗୁଣୁ କରି ଅଭ୍ୟାସ କରେ। ଲମ୍ବି ଆସିଥିବା ନବ ପଲ୍ଲବିତ ଆମ୍ବ ଶାଖାରେ କୋଇଲିର କୁହୁତାନ, ବଣି, ବୁଲ୍‌ବୁଲ୍ ଟିଆ, ଚନ୍ଦନା, କୁମ୍ଭାଟୁଆଙ୍କ କାକଳି, ବତାସର ଶିରିଶିରି ଶବ୍ଦ। ଶବ୍ଦ ବ୍ରହ୍ମ। ସେଇ ଶବ୍ଦରେ ମୁଁ ଶୁଣେ ଈଶ୍ୱରଙ୍କ ଗୀତ। ସେ ଗୀତ ଶୁଣି ମୁଁ ମୁଗ୍ଧ ହୁଏ। ଶୂନ୍ୟତାରେ ମଧ୍ୟ ଗୋଟାଏ ମାଦକତା ଅଛି। ସ୍ୱପ୍ନ ବି ଅଛି।

ଶୀତାନ୍ତେ ଫାଲ୍‌ଗୁନର ବସନ୍ତ ଶୋଭାରେ ପ୍ରକୃତି ସାଜେ ନବବଧୂ ପରି। ପ୍ରାଙ୍ଗଣର ସହକାରର ସୁଶୀତଳ ପଣତ ତଳେ ଆମର ଛୋଟ ଏଇ ଶାନ୍ତିର ନୀଡ। ଆଉ ବାଲ୍‌କୋନିର ଲାଲ ଚେୟାର ଉପରେ ମୁଁ।

ଚାହୁଁ ଚାହୁଁ ସପ୍ତମ ଦଶକର ମଝି ପାହାଚରେ ଏଇ ମାତ୍ର ପାଦ ଥାପିଛି। ଚାହୁଁ ଚାହୁଁ ଏତେ ଗୁଡାଏ ବୟସ କେଉଁ ବାଟେ ଚାଲିଗଲା। ପିଲାଦିନେ ଏଇ ସଂଖ୍ୟାଟା ଖୁବ୍ ବେଶି ଲାଗୁଥିଲା। ଆଜି ଭାବୁଛି। କେତେ ଟିକିଏ ବା ସମୟ କେଉଁ ବାଟରେ ହାତ ଛଡ଼ା ହୋଇଗଲା। ମଧୁମୟ ଶୈଶବକୁ ଯେତେ ଝୁରି ମଲେ ବି ଆଉ ଫେରି ଆସେନା। ସବୁ ସ୍ୱପ୍ନ ପରି ଲାଗେ।

ଗୋଟାଏ ବଡ଼ ଯୌଥ ପରିବାର। ବାପା, ବଡ଼ବାପା, କକା ମିଶି ସାତ ଭାଇ। ଜୀବନର ଶେଷ ପର୍ଯ୍ୟନ୍ତ ପରସ୍ପର ପ୍ରତି ସ୍ନେହ, ଶ୍ରଦ୍ଧା ଓ ସମ୍ମାନ ଅକ୍ଷୁର୍ଣ୍ଣ ଥିବାର ମୁଁ ଦେଖିଛି। ଆମ ପରିବାରକୁ କେହି କେହି ସାତ ଭାୟା ଘର ବା ସପ୍ତର୍ଷିମଣ୍ଡଳ କହନ୍ତି। କ୍ରତୁ, ପୁଲହ, ପୁଲସ୍ତ୍ୟ, ଅତ୍ରି, ଅଙ୍ଗିରା, ବଶିଷ୍ଠ, ମରୀଚି। କ୍ରମାନୁସାରେ ମୋ ବାପାଙ୍କ ସ୍ଥାନ ଷଷ୍ଠରେ। ଏଣୁ ସେ ହେଲେ ବଶିଷ୍ଟ। ମୋ ମାଆ ତାଙ୍କ ପାଖରେ କ୍ଷୀଣ ଆଲୋକିତ ଅରୁନ୍ଧତୀ ନକ୍ଷତ୍ର ପରି ସର୍ବଦା ଜୁଳୁଜୁଳୁ କରୁଥାଏ। ଆମ ଯୌଥ ପରିବାରରେ ସମସ୍ତଙ୍କ ଦ୍ୱାର ସମସ୍ତଙ୍କ ପାଇଁ ଖୋଲା। ସମସ୍ତଙ୍କ ଜୀବନ ସମସ୍ତଙ୍କ ପାଇଁ ଖୋଲା ଫର୍ଦ୍ଦ। ଆମର ସାଧାରଣ ମଧ୍ୟବିତ୍ତ ଏକ ବଡ଼ ଯୌଥ ପରିବାର। ଗଦାଏ ଭାଇ ଭଉଣୀ। ଏଇଠି ପୂଜା ପାର୍ବଣ, ମଜା ମଉଜ, ନାଟକ ଅନୁଷ୍ଠାନ ଆଦି ସବୁ କିଛି ହୁଏ। ସାନମାନଙ୍କ ପାଠ ପଢ଼ା ଦେଖାଶୁଣାର ଦାୟିତ୍ୱ ବଡ଼ମାନେ ନେଇ ଥାନ୍ତି। ପରସ୍ପରକୁ ଭଲ ପାଇବା ଏବଂ ସରଳ ବିଶ୍ୱାସକୁ ମୂଳ ଧନ କରି ଆମେମାନେ ବଂଚିବାକୁ ଶିଖିଥାଉ।

ଆମ ବାପା, ବଡ଼ ବାପାଙ୍କ ପ୍ରେରଣାରୁ ଆମେ ଶୃଙ୍ଖଳା ନିୟମାନୁବର୍ତ୍ତିତା, ଶିକ୍ଷା ଓ ସ୍ୱାସ୍ଥ୍ୟ ପ୍ରତି ସଚେତନତା, ସତ୍ୟକଥନ, ସରଳ ଜୀବନ, ଉଚ୍ଚ ଭାବନା, ମିତବ୍ୟୟିତା ଆଦି ଭଲ ଗୁଣ ପିଲା ବେଳୁ ଶିଖିଥିଲୁ।

ପ୍ରତିଦିନ ସୂର୍ଯ୍ୟୋଦୟ ପୂର୍ବରୁ ଆମେ ସବୁ ଭାଇଭଉଣୀ ଲମ୍ବା ପିଣ୍ଡାରେ ବସି ପ୍ରାର୍ଥନା ଏବଂ ଶ୍ଳୋକ ଆବୃତ୍ତି କରୁଥିଲୁ। ଏକ ଅବିଚ୍ଛେଦ୍ୟ ବନ୍ଧନରେ ବାନ୍ଧି ହୋଇ ଖୁବ୍ ହସ ଖୁସି ଆନନ୍ଦ ମଧ୍ୟରେ ଆମର ପିଲା କାଳ କଟିଥିଲା। ଯେତେ ଝୁରିମଲେ ବି ଆମର ସେ ମୂଲ୍ୟବାନ ଶୈଶବ ଫେରି ଆସେନା। ସ୍ମୃତିପଟରେ ଅଲିଭା ଗାର ହୋଇ ରହେ।

ମୋର ବାପା, ଯେ ମୋର ହୃଦୟ ଆକାଶରେ ଉଜ୍ଜ୍ୱଳ ନକ୍ଷତ୍ର ରୂପେ ଏବେ ପର୍ଯ୍ୟନ୍ତ ଝଲସୁଛନ୍ତି।

ବହୁବିଧ ପ୍ରତିଭାର ଅଧିକାରୀ ଥିଲେ ମୋ ବାପା। ଆମ ଗାଁ ତଥା ପାଖଆଖ ଅଞ୍ଚଳରେ ସେ ଥିଲେ ଆଦର୍ଶ ଓ ପ୍ରେରଣାର ଉତ୍ସ। ୧୯୧୨ ମସିହାରେ ମୋ ବାପାଙ୍କର ଜନ୍ମ। ମୋ ଜେଜେ ବାପା ହୃଷୀକେଶ ପ୍ରହରାଜ ଜଣେ ସଂସ୍କୃତଜ୍ଞ ଏବଂ ଉଦାରମନା ବ୍ୟକ୍ତି ଥିଲେ। ସାତ ପୁଅ, ତିନ ଝିଅ ଏବଂ ପତ୍ନୀଙ୍କୁ ନେଇ ତାଙ୍କର ସଂସାର। ଏତେ ବଡ଼ ପରିବାରର ଖାଦ୍ୟ ଚିନ୍ତା ସେ କେବେ କରିନଥିଲେ। ସାମାନ୍ୟ ଜମିରୁ ଯାହା କିଛି ମିଳେ ଏବଂ ସ୍ୱଲିଖିତ ଶ୍ଳୋକ, ବନ୍ଧ ଏବଂ ଛନ୍ଦମାନ ନେଇ ସେ ବିଭିନ୍ନ ରାଜ ଦରବାରକୁ ଯାଉଥିଲେ। ସେଠାରେ ରାଜାମାନେ ତାଙ୍କ ପାଣ୍ଡିତ୍ୟ ଦେଖି ଅର୍ଥ ଏବଂ ଉପଢୌକନ ଦେଉଥିଲେ। ନଅଙ୍କ ଦୁର୍ଭିକ୍ଷର ପ୍ରଭାବ ବେଶ୍ କିଛି ବର୍ଷ ଧରି ରହିଥିଲା। ତେବେ ତାଙ୍କର ତିନୋଟି ରୂପସୀ ଓ ଗୁଣବତୀ କନ୍ୟାଙ୍କୁ ଧନୀ ଜମିଦାର ବଂଶ ଆଦରରେ ବଧୂ ରୂପେ ବରଣ କରି ନେଇଯାଇଥିଲେ। ସେତେବେଳେ ରଜାଘର ପାଖରେ ଏକ ଅପରପ୍ରାଇମେରୀ ସ୍କୁଲ ଥିଲା। ଏଣୁ ମୋ ବାପା ଏବଂ ଆଉ ତିନିଜଣ ବଡ଼ ବାପା ସେ ସ୍କୁଲରେ ବିଦ୍ୟାଶିକ୍ଷା କରିଥିଲେ। ମୋର କକା ଏବଂ ଜଣେ ବଡ଼ ବାପା ପୁରୀରେ ପଢୁଥିଲେ। ମଝିଆ ବଡ଼ବାପା ପୁରୀରେ ଶିକ୍ଷା ସମାପ୍ତ କରି ବନାରସ ହିନ୍ଦୁ ୟୁନିଭରସିଟିରେ ଆଠ ଦଶ ବର୍ଷ ଧରି ପାଠ ପଢ଼ି ପଣ୍ଡିତ ଉପାଧି ଧରି ଘରକୁ ଫେରିଥିଲେ।

ମୋ ବାପାଙ୍କର ଉଚ୍ଚ ଶିକ୍ଷା ପାଇଁ କୌଣସି ସୁବିଧା ନଥିଲା। କିନ୍ତୁ ବାପାଙ୍କର ପିଲାଦିନରୁ ସଂଗୀତ ଏବଂ ବାଦ୍ୟକଳା ପ୍ରତି ବିଶେଷ ଅନୁରାଗ ଥିଲା। ସେତେବେଳେ କବିଚନ୍ଦ୍ର କାଳୀ ଚରଣ ପ୍ରତିଭା ଅନ୍ୱେଷଣ ପାଇଁ ଗାଁ ଗାଁ ବୁଲୁଥିଲେ। ସେ ଆମ ଗାଁକୁ ଆସି ବାପାଙ୍କଠାରୁ ଓଡ଼ିଶୀ, ଛାନ୍ଦ, ଚମ୍ପୂ ଆଦି ଗୀତ ଶୁଣି ମୁଗ୍ଧ ହେଲେ ଏବଂ ପ୍ରତିଭାବାନ ମୋ ବାପାଙ୍କୁ ନେଇ ପୁରୀ ଚାଲିଗଲେ। ସେତେବେଳେ କାଳୀବାବୁଙ୍କ ନ୍ୟୁ ଓଡ଼ିଶା ଥିଏଟର ଓଡ଼ିଶାରେ ବେଶ୍ ସୁଖ୍ୟାତି ଅର୍ଜନ କରିଥିଲା। ପରେ ଏହା ଅନ୍ନପୂର୍ଣ୍ଣା – ଏ ଗ୍ରୁପ ନାମରେ ଚାଲିଲା। ଦୀର୍ଘ ବର୍ଷ ଧରି ଏହି ଥିଏଟର ଗୃହପରେ ରହିଥିବା ସମୟରେ ନିଜର ଆଗ୍ରହ ଏବଂ ଦୃଢ଼ ଇଚ୍ଛାଶକ୍ତି ବଳରେ ସଂଗୀତ ଶିକ୍ଷା ସହିତ ବାପା ଅନେକ ପ୍ରକାର ବାଦ୍ୟ, ସ୍ୱର ତାଳ ଦେଇ ବଜାଇବାରେ ସକ୍ଷମ ହୋଇଥିଲେ। ଏହାଛଡ଼ା ଅନ୍ନପୂର୍ଣ୍ଣା ଏ ଗ୍ରୁପରେ ଅନେକ ରାତ୍ରି ଅଭିନୟ ମଧ୍ୟ କରିଥିଲେ। ସେହି ସମୟରେ ନାଟ୍ୟଗୁରୁ ପଙ୍କଜ ଦାସ, ଅଭିନେତା ଦୁର୍ଲ୍ଲଭ ସିଂ, ଦୀନବନ୍ଧୁ ଦାସ (ଟିମା)ଙ୍କ

ସହିତ ବାପାଙ୍କର ଘନିଷ୍ଠ ବନ୍ଧୁତା ଥିଲା। ବାପାଙ୍କ ସଂଗୀତ ସ୍ୱରରେ ମୁଗ୍ଧ ହୋଇ ଆମ ସୁକିନ୍ଦାର ରାଜା ତାଙ୍କୁ ଏକ ଏସରାଜ ପୁରସ୍କାର ଦେଇଥିଲେ। ବାପା ଏସରାଜ, ହାରମୋନିୟମ, କ୍ଲାରିଓନେଟ, ବେହେଲା ବଂଶୀଠାରୁ ଆରମ୍ଭ କରି ମୃଦଙ୍ଗ, ଖଞ୍ଜଣୀ ଏବଂ ନାଉଧୁଡୁକି ଆଦି ବାଦ୍ୟମାନ ବଜାଉଥିବାର ମୁଁ ଦେଖିଛି। କିନ୍ତୁ ଜୀବନର ଶେଷ ପର୍ଯ୍ୟନ୍ତ ବାପା ମୁଖ୍ୟତଃ ବେହେଲା ଏବଂ ବଂଶୀ କେବଳ ବଜାଉଥିଲେ। ନିଜକୁ ବିଜ୍ଞପ୍ତି କରିବାର ଅନାଗ୍ରହ ଯୋଗୁ ବନଗହନର ଅଜଣା ବଣମଲ୍ଲୀ ପରି ରହି ଗଲେ ମୋ ବାପା। ଆମ ପରିବାରରେ ସେତେବେଳକୁ ଆର୍ଥିକ ସ୍ୱଚ୍ଛଳତା ଫେରି ଆସିଥାଏ। ଆମ ବଡ଼ବାପାଙ୍କ ପ୍ରେରଣାରେ ଏବଂ ତାଙ୍କ ଭାଇମାନଙ୍କ ସହଯୋଗରେ ପ୍ରାୟ ଅଠରବାଟି (ଏକବାଟି = କୋଡ଼ିଏ ଏକର) ଜମିର ମାଲିକ ହୋଇ ପାରିଥିଲେ ଆମ ପରିବାର। ଏହି ସମୟରେ ଏତେ ଗୁଡ଼ାଏ ଜମିର ରକ୍ଷଣାବେକ୍ଷଣ ପାଇଁ ମୋ ବଡ଼ ବାପା, ପୁରୀରୁ ବାପାଙ୍କୁ ଫେରାଇ ଆଣିଲେ। ଏହା ପରେ ଅନ୍ୟାନ୍ୟ ଭାଇମାନଙ୍କ ସହିତ ମୋ ବାପାଙ୍କୁ ହିଂସ୍ରଜନ୍ତୁ ଶଂକୁଳ ସେହି ଅରଣ୍ୟଜମିକୁ ସମ୍ଭାଳିବାକୁ ପଡ଼ିଲା। ବଡ଼ ବାପା ତାଙ୍କୁ ଦୁଇଟି ବନ୍ଧୁକ ଦେଲେ। ବାପାଙ୍କ ରତ ସବୁ କଥାରେ ଆଗ୍ରହ। ଏଣୁ ମୋ ବାପା ହାଫ୍ ଖାକି ପ୍ୟାଣ୍ଟ, ଖାକି ସାର୍ଟ, ମୁଣ୍ଡରେ ହେଡ୍ ଲାଇଟ ଏବଂ ହାତରେ ବନ୍ଧୁକ ଧରି ଚାଷ ଗାଁ ସେହି ଅରଣ୍ୟାଞ୍ଚଳକୁ ଯାନ୍ତି। ଜନଜାତିର ହଳିଆ (ମୂଲିଆ)ମାନେ ବାପାଙ୍କୁ ସାଉକାର ବୋଲି ସମ୍ବୋଧନ କରି ବଡ଼ ସମ୍ମାନ କରନ୍ତି, ବାପା ମଧ୍ୟ ସେମାନଙ୍କୁ ନିଜ ଲୋକ ପରି ଭଲପାନ୍ତି। ପର୍ବତରୁ ହାତୀମାନେ ଆସି ବିଲରେ ପଶି ଧାନ ଖାଇଯାନ୍ତି। ଏଣୁ ବାପା ବ୍ଲାଙ୍କ ଫାୟାରିଙ୍ଗ କରି ହାତୀମାନଙ୍କୁ ଘଉଡାଇ ଦିଅନ୍ତି। ସେତେବେଳେ ଶିକାର ଉପରେ ଏତେ କଟକଣା ନଥିଲା। ରାଜା ମହାରାଜାମାନେ ନିର୍ଦ୍ୱନ୍ଦରେ ଶିକାର କରୁଥିଲେ। ବାପା ପ୍ରାୟ ବାଘ, ଭାଲୁ, ହରିଣ, ସମ୍ବର ଆଦି ଶିକାର କରୁଥିଲେ। ଦିନେ ଆମ ଘର ପାଖ ଗୁହାଳରୁ ଆମ ଦୁଧିଆଳୀ ଗାଈକୁ ଗୋଟାଏ ରୟାଲ ବେଙ୍ଗାଲ ଟାଇଗର ଖାଇଗଲା। ତାପରଦିନ ଗୁହାଳ ପାଖରେ ଗୋଟାଏ ଶାଳ ଗଛ ଉପରେ ମଞ୍ଚା ବନ୍ଧା ହେଲା। ରାତିରେ ବାପା ବନ୍ଧୁକ ଧରି ଜଗି ବସିଲେ। ଗାଈର ଅବଶିଷ୍ଟ ଖାଇବା ପାଇଁ ପୁଣି ମହାବଳ ବାଘ ଆସିଲା। ବାପା ସେ ବାଘକୁ ତିନୋଟି ଗୁଳିରେ ମାରିଦେଲେ। ଏହା ପରେ ବାପାଙ୍କର ଶିକାରୀ ଜୀବନରେ ପୂର୍ଣ୍ଣଚ୍ଛେଦ ପଡ଼ିଲା। ସେ ଆଉ ବନ୍ଧୁକ ଧରି ନଥିଲେ ଏହାପରେ। ଅତି ମାନସ ଚେତନାରେ ଉଦ୍‌ବୁଦ୍ଧ ହୋଇ ସେ ଶ୍ରୀମା – ଅରବିନ୍ଦ ମାର୍ଗକୁ ଅନୁସରଣ କଲେ। ନିୟମିତ ପାଠଚକ୍ରରେ ମା' ବାପା, ଯୋଗ ଦେଉଥିଲେ ଏବଂ ପଣ୍ଡିଚେରୀ ଆଶ୍ରମ ଯାଉଥିଲେ। ଜ୍ଞାନାଲୋକର ଅନ୍ୱେଷା ତାଙ୍କୁ ଜ୍ଞାନ ବୈରାଗ୍ୟ ମାର୍ଗକୁ ଆକର୍ଷିତ କଲା। ବାପା ରତ୍ନାକରରୁ ବାଲ୍ମିକୀ ହୋଇଗଲେ। ବାପା ଥିଲେ ସଦାନନ୍ଦମୟ। 'ସୁଖେ ଦୁଃଖେ, ହାସ୍ୟ ମୁଖେ' ଅପୂର୍ବ ତାଙ୍କ ସହନ ଶକ୍ତି। ଜୀବନର ସମସ୍ତ ଦୁଃଖ, ଦରଦ ଅଭାବ, ଅନଟନକୁ ବୁକୁରେ ଚାପି ସେ ହସୁଥିଲେ ଏବଂ ମଜା ମଜା କଥା କହି ସମସ୍ତଙ୍କୁ ହସାଉଥିଲେ। ବାପା, ଜାତି , ଧର୍ମ, ବର୍ଣ୍ଣ ସମ୍ପ୍ରଦାୟ ନିର୍ବିଶେଷରେ ସମସ୍ତଙ୍କୁ ଭଲ ପାଉଥିଲେ। ଏପରିକି ସେମାନଙ୍କଠାରୁ ମାଗି କରି ଗୁଣ୍ଡି ବା ପାନ ଖାଉଥିଲେ। ସେ ହରିଜନ ସାଇକୁ ଯାଇ ସେଠିକାର ଝିଅମାନଙ୍କୁ ଗୀତ ଏବଂ ହାରମୋନିୟମ ଶିଖାଉଥିଲେ। ରମ୍‌ଜାନ ମାସରେ ପ୍ରାର୍ଥନା ପରେ ସନ୍ଧ୍ୟା ବେଳେ ସରବତ ଖାଇବା ପାଇଁ ମୁସଲମାନ ଭାଇମାନଙ୍କୁ ଯଥାଶକ୍ତି ଅର୍ଥଦାନ କରୁଥିଲେ। ବାପା ଥିଲେ ମିଷ୍ଟଭାଷୀ। ମୁଁ ଶାସ୍ତ୍ରରେ ପଢ଼ିଛି। ବହୁଜନ୍ମର ତପସ୍ୟା ଫଳରେ ବାଣୀ ମଧୁର ହୁଏ। ଏବେ ଅନେକ କ୍ଷମତାସୀନା ମହିଳାଙ୍କର ବାଣୀ ଏତେ କର୍କଶ ଯେ, ମନେହୁଏ ବାଣୀ ନୁହେଁ ତ ବାଣ। ବାଣୀକୁ ବାଣ କରିବା ଏକ ଅଭିଶାପ। ବାପା ନିଜ ଗୁଣରେ ସମସ୍ତଙ୍କ ହୃଦୟକୁ ଜିତି ପାରିଥିଲେ। ଶତ ଅଭାବ ସତ୍ତ୍ୱେ ସେ ଭଲ ଖାଉଥିଲେ ଏବଂ ପିନ୍ଧୁଥିଲେ। ଶ୍ମଶ୍ରୁ ମଣ୍ଡିତ ତାଙ୍କ ପ୍ରସନ୍ନ ମୁଖମଣ୍ଡଳକୁ ଦେଖିଲେ ଯୋଗୀ, ଋଷି ପରିମନେ ହୁଏ। ବାପାଙ୍କ ଆଶୀର୍ବାଦରୁ ତାଙ୍କ ସନ୍ତାନମାନେ ସୁଶିକ୍ଷିତ ଏବଂ ସୁସଂସ୍କାରୀ ହୋଇ ପାରିଛନ୍ତି।

ବାପା ଆମମାନଙ୍କୁ ଅନେକ ଭଲ ଉପଦେଶ ଦେଇ ଯାଇଛନ୍ତି। ସେ କହୁଥିଲେ, ବଡ଼ଲୋକ ହେବା ପାଇଁ ଲାଳାୟିତ ହୁଅ ନାହିଁ। ଭଲ ଲୋକ ହେବା ପାଇଁ ଚେଷ୍ଟା କର। କାରଣ, ଆଜିର ଏ ବସ୍ତୁବାଦ ଦୁନିଆଁରେ ଭଲ ଲୋକଙ୍କର ଅଭାବ ପରିଲକ୍ଷିତ ହେଲାଣି। ତା'ପରେ କହନ୍ତି – ସମସ୍ତଙ୍କୁ ଭଲ ପାଅ। ତୁମକୁ କେହି ଭଲ ପାଉ ବା ନପାଉ। ଯଥାଶକ୍ତି ଅନ୍ୟର ଉପକାର କର। ଯେହେତୁ 'ପରୋପକାର ପୁଣ୍ୟାୟ, ପାପାୟ ପରପୀଡ଼ନମ୍"। ପୁଣି କହନ୍ତି 'ସତ୍ୟ ବଦ। ଧର୍ମାଚର।'

ପ୍ରକୃତରେ ମୋ ବାପାଙ୍କ ସତ୍ୟ କଥନ ଆଦର୍ଶକୁ ମୁଁ ପିଲାଦିନୁ ପାଳନ କରି ଆସୁଛି। ପୁଣି ବାପା କହନ୍ତି, ଦୁଃଖ, ଅଭାବ ଏବଂ ପରାଜୟରେ କେବେ କାତର ହୁଅ ନାହିଁ। କାରଣ ଏ ସମସ୍ୟା ଚିରଦିନ ରହେ ନାହିଁ। ପୁଣି କହନ୍ତି। ମନକୁ ସଂକୀର୍ଣ୍ଣ କରନାହିଁ, ବ୍ୟାପକ କର, ନିଜ ଘର ଭିତରେ ମନକୁ ଆବଦ୍ଧ ନକରି ସମଗ୍ର ବିଶ୍ୱକୁ ନିଜ ପରିବାର ବୋଲି ଭାବ। 'ବସୁଧୈବ କୁଟୁମ୍ବକଂ'। ସମସ୍ତଙ୍କ ମଙ୍ଗଳ ଚିନ୍ତନ କର। କାହାକୁ ଆଘାତ କରନାହିଁ। ପ୍ରତ୍ୟେକଙ୍କ ଆତ୍ମାରେ ପରମାତ୍ମାଙ୍କ ବାସ। ତୁମମାନଙ୍କ ଦୃଷ୍ଟିରେ ଉଚ୍ଚନୀଚ, ଭେଦଭାବନା ନରହୁ। ଦୃଷ୍ଟିକୋଣ ତଥା ବିଚାରରେ ସାମ୍ୟବାଦ ରହୁ। ସମଗ୍ର ସୃଷ୍ଟିର ମାନବ, ଜୀବଜନ୍ତୁ, ପଶୁପକ୍ଷୀ, ବୃକ୍ଷଲତା, ଉଦ୍ଭିଦମାନଙ୍କୁ ଭଲପାଅ। ତୁମେ ପ୍ରାର୍ଥନା ଗାଇ ଭଗବାନଙ୍କୁ ଶୁଣାଅ। ତୁମେମାନେ ମଧ୍ୟ ଭଗବାନଙ୍କ ଗୀତ ଶୁଣ। ଆମେ ପଚାରୁ ବାପା, ଭଗବାନ କଣ ଗୀତ ଗାଇ ଶୁଣାନ୍ତି ? ବାପା ହସି ହସି କହନ୍ତି, କୋଇଲିର କୁହୁ କୁହୁ ସ୍ୱରରେ ପକ୍ଷୀଙ୍କ ରାବରେ, ବର୍ଷାର ରିମଝିମ ଶବ୍ଦରେ, ନଦୀର କୁଳୁ କୁଳୁ ସ୍ୱରରେ, ବତାସର ସିରି ସିରି ଆଓ୍ୱାଜରେ ପୁଣି ସାଗର ଢେଉର ଉଦ୍ଦାମତାରେ ଭଗବାନ ଗୀତ ଗାଆନ୍ତି। ତୁମେ ମନ ଦେଇ ପାରିଲେ, ଶୁଣି ପାରିବ।

ଏହିପରି ଅନେକ ଗୁଡ଼ିଏ ଉପଦେଶ ବାପା ଆମକୁ ଦେଇଛନ୍ତି। ଯାହା ଏବେ ମଧ୍ୟ ଆମେମାନେ ମନେ ରଖିଛୁ। ମୁନିଋଷିଙ୍କ ଆଦର୍ଶ ବାଣୀ ପରି।

ବାପା ଥିଲେ ଜଣେ ଭୋଜନ ରସିକ। ସେ ନିରାମିଷ ଏବଂ ଆମିଷ ଭୋଜନ କରୁଥିଲେ। ପିଠାମିଠା, ଫଳ ଆଦି ଖାଦ୍ୟ ତାଙ୍କର ପ୍ରିୟ ଥିଲା।

ସକାଳୁ ବଡ଼ କଂସାରେ କଂସାଏ ଦି କଂସା ପଖାଳ ସହିତ ପୂରା ଥାଳିଆଏ ଶାଗ ଖରଡ଼ା। ଅଧକଂସାଏ ବଡ଼ି, ବାଇଗଣ ଭେଣ୍ଡି, ଆଳୁ ସାରୁ ପୋଡ଼ା ପାଗ। ଏ ହେଲା ବାପାଙ୍କ ବ୍ରେକଫାଷ୍ଟ।

ବାପାଙ୍କ ଦ୍ୱିପହର ଭୋଜନ ବା ଲଞ୍ଚ ହେଲା, ବଡ଼ ପିତଳ ଥାଳିରେ ଥାଳିଏ ଗହୀର ବିଲର ନାଲି ଉଷୁନା ଚାଉଳର ଭାତ। ତା' ଉପରେ ଦୁଇପଳା ଖାଣ୍ଟି ଗୁଆ ଘିଅ। ଥାଳି ଚାରିପାଖରେ ଛୋଟ ବଡ଼ ଗିନା, ଥାଳିଆମାନଙ୍କରେ ସନ୍ତୁଳା, ଡାଲି, ଭଜା, ଆମ୍ବିଳ, ରାଇ, ମାଛ ଝୋଳ ଅବା ଚୂନା ମାଛ ପତ୍ର ପୋଡ଼ା।

ବାପାଙ୍କର ଡିନର ବା ରାତ୍ରି ଭୋଜନରେ ଥାଏ, ବିରି ଚାଉଳ ବଟା ପିଠଉରେ ତିଆରି ଚକୁଳୀ, ପୋଡ଼ପିଠା ଅବା ମୁଆଁ ପିଠା। ତା ସହିତ ଦୁଧ, ମହୁ ଅବା ଗୁଡ଼। ଓଷା ବାର, ପର୍ବ ପର୍ବାଣୀରେ ବାପା କାକରା, ମଣ୍ଡା, ଚିତୋଉ, କ୍ଷୀରି, ଦହିବରା ଆଦି ବରାଦ କରନ୍ତି।

ବାପାଙ୍କର ସନ୍ତାନମାନଙ୍କ ପ୍ରତି ପିତୃତ୍ୱ ଥିଲା ଅସାଧାରଣ। ମୋ ମା'ର ଅଠର ବର୍ଷ ବୟସରେ ମୁଁ ଦ୍ୱିତୀୟ ସନ୍ତାନ ଭାବରେ ଜନ୍ମ ନେଇଥିଲି। ମୋ ବାପାଙ୍କର କନ୍ୟା ସନ୍ତାନ ପ୍ରତି ଯଥେଷ୍ଟ ଆଦର ଥିଲା।

ମୁଁ ଜନ୍ମ ବେଳରୁ ବଡ଼ ଦୁର୍ବଳ ଥିଲି। ଏତେ କମ୍ ବୟସରେ ମାଆ ଦୁଇଟି ସନ୍ତାନର ଦାୟିତ୍ୱ ଠିକ୍ ଭାବରେ ନେଇ ପାରୁ ନଥାଏ। ମୋର ମନେ ଅଛି, ମୁଁ ପ୍ରାୟ ମୋର ଦୀର୍ଘକାୟ, ବଳିଷ୍ଠ, ସ୍ୱାସ୍ଥ୍ୟବାନ ବାପାଙ୍କ କାନ୍ଧରେ ପ୍ରାୟ ଅନେକ ସମୟ ପଡ଼ିଥାଏ। ମୋର ମନେ ଅଛି, ମୋତେ କାନ୍ଧରେ ପକାଇ ବାପା କିଛି ଛୋଟ ମୋଟ କାମ ବି କରୁଥିଲେ। ମୋର ଝାଡ଼ାବାନ୍ତି, ଜ୍ୱର ବା ବଥ ହେଲେ, ବାପା ତାର ଚିକିତ୍ସା କରନ୍ତି। ଟିକେ ବଡ଼ ହେଲା ପରେ ଅନୁଭବ କଲି, ମୋ ଦେହରୁ ଝାଳ ବୋହିଗଲେ, ବାପାଙ୍କ ଦେହରୁ ଯେମିତି ରକ୍ତ ଝରେ। ବାପା ମୋତେ ଆଙ୍ଗୁଳି ଧରି ଚଲାଇଥାନ୍ତି। ଜୀବନର ଅପରାହ୍ନରେ ପହଞ୍ଚି ସେ ସ୍ମୃତି ମନେ ପଡି ଆଖିରୁ ଲୁହ ଝରେ। ସେକାଳର ସେହି ସଫା ଧୋତି, କମିଜ ପିନ୍ଧା ବାପାମାନଙ୍କ ହୃଦୟରେ ଯେଉଁ ଅପୂର୍ବ ବାତ୍ସଲ୍ୟ ଥିଲା, ଆଜିର ପେଣ୍ଟ ସାର୍ଟ ପିନ୍ଧା ସେହି ଆଧୁନିକ ପିତାମାନଙ୍କ ଭିତରେ ସେଇ ବାତ୍ସଲ୍ୟ କାହିଁ? ମୋ ବାପାଙ୍କର ସାତୋଟି ସନ୍ତାନ। ସମସ୍ତେ ନିଜ ନିଜ ସ୍ଥାନରେ ପ୍ରତିଷ୍ଠିତ। ତଥାପି ବାପାଙ୍କ ବୁକୁତଳେ ମୋ ପ୍ରତି ଅଗାଧ ସ୍ନେହ ମମତାର ସ୍ରୋତଟିଏ ବହୁଥିଲା, ଜୀବନର ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ।

ମୁଁ ମୋ ବାପାଙ୍କର ଉଦାର ହୃଦୟରେ କେବେ ବି ବ୍ୟଥା ଦେଇନାହିଁ। ମୋ ବାପା ସତରେ ମୋତେ ଦେବତା ପରି ଲାଗନ୍ତି। ମୁଁ ମୋ ବାପାଙ୍କର ମନକଥା, ଅଭାବ, ଅନଟନ ସବୁ ବୁଝି ପାରେ। ବାପାଙ୍କ ପାଖରେ ମୋର କେବେ ବି କିଛି ଦାବି ନଥିଲା।

ପାଠ ପଢ଼ିବା ବେଳେ ମଧ ବହି ଖାତା କେବେ ମାଗିନାହିଁ। ନିଜେ ବଡ଼ଭାଇ ଭଉଣୀମାନଙ୍କଠାରୁ ଯୋଗାଡ଼ କରି ନେଇ ପଢ଼ିଛି। ଏପରିକି ବିନା ଯୌତୁକରେ ବାପା ତାଙ୍କ ନିଜ ଇଚ୍ଛାରେ ସୁପାତ୍ରରେ ମୋର ବିବାହ ଦେଇଥିଲେ। ଯେ ମୋ ପାଇଁ ଥିଲେ ସମ୍ପୂର୍ଣ୍ଣ ଅଜଣା ଅଦେଖା। ମୁଁ ବାପାଙ୍କଠାରୁ ଆଶୀର୍ବାଦ ଏବଂ ଭଲ ପାଇବା ବ୍ୟତୀତ ଆଉ କିଛି ବି ଚାହିଁ ନାହିଁ। ତେବେ ବି ବାପାଙ୍କର ବାତ୍ସଲ୍ୟ ମମତା ମୋ ପ୍ରତି ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ଥିଲା। ବାପାଙ୍କର ଆଶୀର୍ବାଦ, ମୋ ଜୀବନରେ ଆସିଥିବା ଅନେକ ଦୁଃଖ ଯାତନାକୁ ଏଡାଇ ଦେଇଛି। ବାପା ସତରେ ମୋ ପାଇଁ ଥିଲେ ଅନ୍ତରଙ୍ଗ ବନ୍ଧୁ। ଆଦର୍ଶଗୁରୁ ଏବଂ ଭଗବାନ। ତାଙ୍କର ବ୍ୟକ୍ତିତ୍ୱକୁ ଯେତେ ଲେଖିଲେ ମଧ ଲେଖା ମୋର କମ୍ ହେବ। ମୋ ପାଇଁ ଏହାଖୁବ୍ ସତ୍ୟ ହୋଇ ଉଠେ ଯେ, Every woman may not be a queen for her husband. But She is always a princess to her father.

ବାପା ଥିଲେ ଦୂରଦ୍ରଷ୍ଟା। ଭଲ ପାଇ ବହୁ ଲୋକ ତାଙ୍କ ପାଖକୁ ଆସୁଥିଲେ ପରାମର୍ଶ ନେବା ପାଇଁ। ବାପା ନିଜ ମୃତ୍ୟୁର ସଠିକ ସମୟ ନିର୍ଦ୍ଧାରଣ କରି ସମସ୍ତଙ୍କୁ ଜଣାଇ ଦେଇଥିଲେ।

ବାପାଙ୍କର ପ୍ରତ୍ୟାଶା ବିହୀନ ବାତ୍ସଲ୍ୟ ପ୍ରେମ, ତିତିକ୍ଷା, ସହନଶୀଳତା କ୍ଷମା ଶୀଳତା ଆଦି ଭଲଗୁଣ ତାଙ୍କୁ ଠାକୁର କରିଦିଏ। ମୁଁ ତ ଭଗବାନଙ୍କୁ ଆଖିରେ ଦେଖିନାହିଁ। କିନ୍ତୁ ସେହି ଶୃଙ୍ଖଳ ଶାନ୍ତ ସରଳ ସଦା ହାସ୍ୟମୟ ମୁଖ ଦେଖିଲେ, ମତେ ଲାଗେ ମୋ ବାପା ହିଁ ମୋ ପାଇଁ ଭଗବାନ। ସେଇ ପିତାଙ୍କର ମୁଁ ଏକ ଅଯୋଗ୍ୟା କନ୍ୟା। ପିତୃ ଋଣ ଶୁଝିବା ପାଇଁ ମୋତେ ଜନ୍ମ ନେବାକୁ ପଡ଼ିବ ବାରମ୍ବାର।

ସନ୍ଧ୍ୟା ହେବାକୁ ଅଳ୍ପ ସମୟ ବାକି।

କବାଟ ଆଡ଼େ ବୋହୂ ଚା, ଜଳଖିଆ ଟ୍ରେରେ ଆଣି ଅନ୍ୟ ଲାଲ ଚଉକିଟି ଉପରେ ରଖିଲା। ମୋ ଆଖିରୁ ଝରି ଆସୁଥିବା ଲୁହଧାରକୁ ଦେଖି ପଚାରିଲା – "ମା, ଆପଣଙ୍କ ଆଖିରେ ଏତେ ଲୁହ କାହିଁକି ?

ମୁଁ ତାକୁ ଆଉ ବୁଝାଇ ପାରିଲି ନାହିଁ। କୋହଭରା କଣ୍ଠରେ କେବଳ କହିଲି – ମୋ ବାପାଙ୍କ ସ୍ମୃତିରେ...।

*ଏଲ୍ ୩/୩, ଖାରବେଳ ନଗର, ଭୁବନେଶ୍ୱର*
*ଦୂରଭାଷ: ୭୯୭୮୬୫୭୨୪୪*

An unit of
MAGNUM
Shoppers Club (P) Ltd

S & SSAC



S & SS Associates & Consultancy
( A unit of Magnum Shoppers Club Pvt. Ltd. )
A single window consultancy service in multiple fields to support and assist you

- To prepare Concept note & Project Report
- To take your Project Forward
- To know the Legal status of Land & Property
- In all matters related to Land & Real Estate
- For various approvals.
- To handle environment and mines related issues
- For Shipment and Logistic Solutions
- For Branding, Market Research & Marketing Solutions.
- With Legal consultancy
- In Insurance Solutions & Initiatives
- For Perfect Liasioning
- On Financial Management & Taxation Matters

*Contact for further details:*
*Mob.: + 91 94370 31392, Landline: +91 674 2393692*
*Email: sssassociatesss@gmail.com*

*Second Floor, A-29/1, Kharvel Nagar, behind OSCARD Bank, Jawaharlal Nehru Marg, Unit-III, Bhubaneswar*



# ଜୀବନ ରାସ୍ତା

## ଭାସ୍କର ଜେନା

ଘର ଭିତରେ ସବୁଦିନ ଏକ ଅଲିଖିତ ସଂଘର୍ଷ ଜାରି ରହିଥିଲା। ଅଫିସରୁ ଘରକୁ ଫେରିଲେ ଟିକିଏ ଶାନ୍ତିରେ ନିଶ୍ୱାସ ମାରିବା କଷ୍ଟ ହୋଇ ପଡୁଥିଲା। ଅଶାନ୍ତି ଆଉ ଅଶାନ୍ତି। ବାପାଙ୍କୁ ନେଇ ଏବେ ଅଶାନ୍ତି। ସତେ ଯେମିତି ବାପା ଏବେ ଅଶାନ୍ତିର କେନ୍ଦ୍ରବିନ୍ଦୁ ପାଲଟି ଯାଇଛନ୍ତି। ଯେ କୌଣସି ଛୋଟଛୋଟ ଘଟଣାକୁ ନେଇ ଯୁଦ୍ଧ ଆରମ୍ଭ ହୋଇଯାଏ ଯେ, ସହଜେ ତାର ଅନ୍ତ ଘଟେ ନାହିଁ। ଯାହା ଯୁଆଡ଼େ ଘଟେ ସବୁ ଯାଇ ବାପାଙ୍କ ପାଖରେ ଅଟକି ଯାଏ। ନିମିଷକରେ ସାରା ଘରଟାରେ ଏକ ଅଶାନ୍ତିର ବାତାବରଣ ଖେଳିଯାଏ। ଶାନ୍ତି ଟିକିଏ ପାଇଁ ତରସୁଥିବା ମନଟା ଅଶାନ୍ତିରେ ଭାରାକ୍ରାନ୍ତ ହୋଇଯାଏ। ଆଳୟ ଅନେକ ଚେଷ୍ଟା କରେ ବାପା ଆଉ ସଂଧ୍ୟା ମଝିରେ ରେଫେରି ସାଜି ଝଗଡ଼ାର ପୂର୍ଣ୍ଣଚ୍ଛେଦ ଘଟାଇବାକୁ। ହେଲେ ପାରେ ନାହିଁ, ରହିଯାଏ।

ଆଳୟର ସବୁ ହିସାବ କିତାବ ଯେମିତି ଭୁଲ୍ ହୋଇଯାଏ।

ପିଲାଟି ଦିନରୁ ମା'ଙ୍କୁ ହରେଇଥିଲା ଆଳୟ। ତା'ର ବାପା, ମା ସବୁହେଇଛନ୍ତି ଏଇ ବାପା। ବାପା ନରହରୀ ବହୁ ଦୁଃଖ କଷ୍ଟ ସହି, ଝଡ଼ଝଞ୍ଜାକୁ ସାମ୍ନା କରି ତାକୁ ମଣିଷ କରିଛନ୍ତି। ରକ୍ତକୁ ପାଣିକରି, ହାଡ଼ଭଂଗା ପରିଶ୍ରମ କରି, ମାଟି କାଦୁଅରେ ଜୀବନ ଯୁଝି ଯୁଝି ସେ ତାକୁ ମଣିଷ କରିଛନ୍ତି। ଦିନ ଦିନ ଉପବାସ ରହି ତା' ପଟରେ ଦାନା ଦେଇଛନ୍ତି। ନରହରି ଚାହିଁଥିଲେ ଯୁବା ବୟସରେ ଆଉ ଗୋଟିଏ ପତ୍ନୀଗ୍ରହଣ କରିପାରିଥାଆନ୍ତେ ? ଆଳୟ ମୁହଁକୁ ଚାହିଁ ସାରା ଜୀବନ ବିପତ୍ନିକ ରହିଗଲେ ମଧ୍ୟ ଦ୍ୱିତୀୟ ପତ୍ନୀ ଗ୍ରହଣ କଲେ ନାହିଁ। ଜୀବନର ସମସ୍ତ ସୁଖ ସମୃଦ୍ଧିକୁ ପାଦରେ ଆଡ଼େଇ ଦେଇ ଏକମାତ୍ର ନିଶ୍ୱାସ ଆଳୟ ମୁହଁରେ ହସ ଭରି ଦେଇଥିଲେ। ତାଙ୍କର ମହାନ ତ୍ୟାଗରୁ ଆଳୟ ଆଜି ସମ୍ମାନର ସହ ପାଞ୍ଚଜଣଙ୍କ ମଧ୍ୟରେ ସମ୍ମାନର ସହ ବଂଚିଛି।

ଆଳୟ ଜାଣେ ତା' ବାପାଙ୍କର ତା ପ୍ରତି ତ୍ୟାଗ କ'ଣ। ସେ ଯଦି ନିଜ ସୁଖ ସମୃଦ୍ଧିକୁ ଚାହିଁ ଥାଆନ୍ତେ, ତାହେଲେ ସେ ଆଜି ଅମଣିଷ ହୋଇ ଜୀବନର ଦିଶା ହରାଇ ବସି ଥାଆନ୍ତା।

ଆଳୟର ବିବାହ ପ୍ରସ୍ତାବ ବହୁ ବଡ଼ ବଡ଼ ଘରୁ, ଉଚ୍ଚଶିକ୍ଷିତା ଝିଅ, ସମ୍ଭ୍ରାନ୍ତ ପରିବାରରୁ ଆସିଥିଲେ ମଧ୍ୟ ସେ ସବୁକୁ ଆଳୟ ରୋକ୍‌ଠୋକ ମନା କରି ଦେଇଥିଲା। କାରଣ ତା'ର ଚିନ୍ତାଧାରା ଥିଲା ମହତ୍। ଗରୀବ ଘରୁ ଝିଅଟିଏ ଆଣିଲେ ସେ ଅନ୍ତତଃ ବାପାଙ୍କ ଦୁଃଖ, ତ୍ୟାଗର ମହତ୍ୱ ବୁଝି ପାରିବ। ବାପାଙ୍କର ଯତ୍ନ ନେବ। ସେବା କରିବ।

ସନ୍ଧ୍ୟାକୁ ବାହା ହେବାର କିଛି ଦିନ ପରେ ଆଳୟର ଧାରଣା ସମ୍ପୂର୍ଣ୍ଣ ବଦଳି ଯାଇଥିଲା। ଗରୀବ ଘରର ଝିଅ ସଂଧ୍ୟା ସହରର ପାଣି ପବନରେ ଉଲ୍ଲସିତ ହୋଇ କିଛି ଦିନ ମଧ୍ୟରେ ବୁମେରାଂଗ ହୋଇ ସବୁ ଓଲଟ ପାଲଟ ହୋଇଯାଇଥିଲା। ସନ୍ଧ୍ୟା ଅତ୍ୟାଧୁନିକତାର ଚରମ ସୀମାରେ ପହଁଚି ପାଖ ପଡିଶା ସ୍ତ୍ରୀଲୋକମାନଙ୍କ ପ୍ରରୋଚନାରେ ଲେଡିଜ କ୍ଲବ ଆଟେଣ୍ଡ କରିବା, ହୋଟେଲ ଯିବା, ପାର୍ଟି ପିକ୍‌ନିକ୍ ଯିବାଠାରୁ ସହରର ସବୁ ଚିକ୍‌ମିକ୍ କରୁଥିବା ସଭ୍ୟତାକୁ ଆପଣେଇ ନେଇ ଏକ ଭିନ୍ନ ମଣିଷଟେ ପାଲଟି ଯାଇଥିଲା। ଏବଂ ଗାଁ ଗହଳର ଗରୀବ ମଳିମଣ୍ଡିଆ ମଣିଷ ଅସନା, ଅଳିଆ ମଣିଷ କହି ଘୃଣା କରୁଥିଲା।

ବିସ୍ମିତ ହୋଇଥିଲା ଆଳୟ। ସେ ସନ୍ଧ୍ୟାକୁ ନିଜ ଇଚ୍ଛାରେ ହାତ ଧରି ବାହା ହୋଇଛି। ବିବାହ ପିଲା ଖେଳ ନୁହେଁ। ଜୀବନ ସଉଦା କଥା। ସେ ଏବେ କ'ଣ କରିବ ? ତା' ଚିନ୍ତା ଚେତନା ଭାବନା ସବୁ ଓଲଟ ପାଲଟ ହୋଇ ଯାଇଥିଲା। ଏବେ ମହିଳା ସଶକ୍ତିକରଣ ଯୁଗରେ ମହିଳାମାନଙ୍କୁ ଶକ୍ତ କରିବାକୁ ନୂଆ ଆଇନ କାନୁନ୍ ସବୁ ହୋଇଛି। ଏବେ ସନ୍ଧ୍ୟାର ମତିଗତି ଯାହା ସେ ଯଦି ତାକୁ ବିରୋଧ କରିବ ତାହେଲେ ସେ ହିଂସ୍ର ହୋଇ ଉଠି ଘରୋଇ ହିଂସା ଆଇନ ବଳରେ ତାକୁ ଜେଲରେ ପୁରେଇ ଦେବାକୁ ଦ୍ୱିଧାବୋଧ କରିବନି।

କିଛି ଦିନ ପରେ ବାପା ଅସୁସ୍ଥ ହୋଇ ପଡ଼ିଲେ। ଆଳୟ ଚାହିଁଥିଲା ବାପାଙ୍କୁ ପାଖରେ ରଖିବ। ବାପା ପାଖରେ ରହିଲେ ସେ ତାଙ୍କର ସେବା,ଯତ୍ନ ନେଇ ପାରିବ। ବାପା କିନ୍ତୁ ରାଜି ହେଉନଥିଲେ। ବୟସାଧିକ ହେତୁ କଷ୍ଟ ହେଉଥିଲେ ବି ସେ ନିଜ କାମ ନିଜେ କରିବା ସଂଗେ ସଂଗେ ଅନ୍ୟ ଉପରେ ବୋଝ ହେବାକୁ ଚାହୁଁ ନ ଥିଲେ। ତେଣୁ ସେ ଏକା ଏକା ଜୀବନ ବିତାଇଥିଲେ। ତାଙ୍କ ସ୍ୱାଧୀନ ଚେତନାକୁ ସେ ଆଘାତ ଦେବାକୁ ଚାହୁଁ ନଥିଲେ।

ବାପା ଅଭିଜ୍ଞ ମଣିଷଟିଏ। ଜୀବନରେ ବହୁ ଝଡ଼ଝଞ୍ଜାକୁ ସେ ସାମ୍ନା କରିଛନ୍ତି। ସହଜରେ ନିଜ ଉପରୁ ଆତ୍ମବିଶ୍ୱାସ ହରାଇବା ମଣିଷ ସେ ନୁହନ୍ତି। ତେଣୁ ସେ ବିନାଦ୍ୱିଧାରେ ନିର୍ଭିକ ଭାବରେ ଗାଁରେ ଏକା ଏକା ରହୁଥିଲେ। ବିବାହର ଦିନ କେଇଟା ପରେ ସେ ସନ୍ଧ୍ୟାକୁ ତା' ସହିତ ପଠେଇ ଦେଇ କହିଥିଲେ ଆଳୟ ତୁ ମୋ ପାଇଁ ଆଦୌ ବ୍ୟସ୍ତ ହେବୁନି। ମୁଁ ଏକା ଏକା ଚଳିବାରେ କିଛି ଅସୁବିଧା ହେବନି। ଏବେ ମୋ ହାତଗୋଡ଼ ଚଳୁଛି। ମୁଁ ତୋ ସଂସାର ଉପରେ ଅଯଥା ବୋଝ ହେବାକୁ ଚାହେଁ ନାହିଁ। ଯେତେବେଳେ ମୁଁ ଅଚଳ ହେବି ସେତେବେଳେ ଚିନ୍ତା କରିବା।

ନରହରି ଅସୁସ୍ଥ ହେବା ପରେ ଆଳୟ ତାଙ୍କୁ ସହରକୁ ନେଇ ଆସିଲେ ଟ୍ରିଟମେଣ୍ଟ ପାଇଁ। ଛୁଟିନେଇ ଭଲ ଭଲ ସ୍ପେଶାଲିଷ୍ଟଙ୍କୁ ଦେଖାଇ ଟ୍ରିଟମେଣ୍ଟ କରାଇଥିଲେ। ସନ୍ଧ୍ୟା କିନ୍ତୁ ନରହରିଙ୍କ ପ୍ରତି ଖୁବ୍ ଖାମଖିଆଲି ଥିଲା। ବିତଣ୍ଡା ଯୁକ୍ତି କରି ଆଳୟକୁ ଦେଖେଇ ଦେଖେଇ କହିଥିଲା ବାପାଙ୍କ ପାଇଁ ଏତେ ବ୍ୟସ୍ତ ହେବା କ'ଣ ଦରକାର। ସେ ବୁଢ଼ା ହେଲେଣି। ରୋଗ ବୈରାଗ ହେବ। ଏଇ ରୋଗରେ ସେ ଯିବେ। ମଣିଷ କ'ଣ ଅମର ଲଡୁ ଖାଇଚି ଯେ ସବୁଦିନ ବଂଚିଥିବ ?

ସନ୍ଧ୍ୟାକୁ ମୁହଁ ବୁଲେଇ ଚାହିଁଥିଲା ଆଳୟ।

ମନେ ମନେ ଭାବୁଥିଲା ସନ୍ଧ୍ୟାକୁ ଜୀବନ ସାଥୀ କରିବା ତା' ପାଇଁ ବୁମେରାଂ ହୋଇଛି। ସନ୍ଧ୍ୟାକୁ ଚିହ୍ନିବାରେ ତାର ଭୁଲ ରହିଗଲା। ସନ୍ଧ୍ୟାର ଅଦଭୂତ ପରିବର୍ତ୍ତନ ତାକୁ ଚକିତ କରୁଥିଲା। ସନ୍ଧ୍ୟା କେଉଁ ଉପାଦାନରେ ଗଢ଼ା ସେ କିଛି ବୁଝି ପାରୁନଥିଲା।

ବିବାହର ଅନେକ ଦିନ ପର୍ଯ୍ୟନ୍ତ ଆଳୟ ଯେତେବେଳେ ପିଲାଟିଏ ଚାହିଁଥିଲା, ସନ୍ଧ୍ୟା ତାକୁ ରୋକ୍‌ଠୋକ ମନା କରି ଦେଇଥିଲା। ମୁଁ ମା' ହୋଇ ମୋ ସୌନ୍ଦର୍ଯ୍ୟ ନଷ୍ଟ କରି ପାରିବିନି। ଆମ ଲେଡିଜ କ୍ଲବର ଅଧିକାଂଶ ମେମ୍ବର ଏବେ ମା' ହେବା ପାଇଁ ସାରୋଗେସି ମଦର ହାୟର କରୁଛନ୍ତି। ତୁମେ ଯଦି ପିଲା ଚାହୁଁଛ ତାହେଲେ ଆମେ ସରୋଗେସୀ ମଦର ଦ୍ୱାରା ପିଲାର ବାପା ମା ହୋଇ ପାରିବା। ମୁଁ ପିଲା ଜନ୍ମ କଲେ ମୋ ସୌନ୍ଦର୍ଯ୍ୟ ନଷ୍ଟ ହୋଇଯିବ। ମୋ ବକ୍ଷୋଜ ନିମ୍ନଗାମୀ ହେବ। ନାରୀମାନଙ୍କର ଭୂଷଣ ହେଉଛି ତାଙ୍କ ସୌନ୍ଦର୍ଯ୍ୟ। ନାରୀମାନଙ୍କ ଦେହରୁ ସୁନ୍ଦରପଣ ଫିକା ପଡିଲେ ତାକୁ କିଏ ପଚାରିବ?

ଆଳୟ ଅବାକ୍ ହୋଇ ସନ୍ଧ୍ୟାକୁ ଚାହିଁଥିଲା।

ସେ କେମିତି ଭ୍ରମରେ ପଡୁଥିଲା। ଏକଥା କ'ଣ ମଫସଲି ଝିଅ ସନ୍ଧ୍ୟା କହୁଛି? ଯାହାକୁ ଦିନେ ସହରରେ ଠିକ୍ ଢଙ୍ଗରେ ଚାଲି ଆସୁନଥିଲା। ଶାଢ଼ୀ ପିନ୍ଧି ଆସୁନଥିଲା। କଥା କହିବାର ଶାଳୀନତା ନଥିଲା। ଅଥଚ ଆଜି ସେ ତାକୁ ଆଇନା ଦେଖାଉଛି। ନିଜ ଶରରେ ନିଜେ କ୍ଷତବିକ୍ଷତ ହେଉଥିଲା ଆଳୟ। ସନ୍ଧ୍ୟାକୁ ବାହା ହେବାର ନିଷ୍ପତ୍ତି ତାର ଥିଲା। ସେ ଏବେ କାହାକୁ କହିବ?

ଜଗତିକରଣ ପରେ ଆଜି ଲଣ୍ଡନ, ଆମେରିକା, ଜର୍ମାନର ସଭ୍ୟତା ଘରର ହାଣ୍ଡିଶାଳ ପର୍ଯ୍ୟନ୍ତ ଧସେଇ ପଶି ଆସିଲାଣି। ସନ୍ଧ୍ୟା ଏବେ ଲଣ୍ଡନ, ଆମେରିକାର ଲେଡିଜମାନଙ୍କ ମେଣ୍ଟାଲିଟିର କଥା କହୁଛି। ନିଜର ସୌନ୍ଦର୍ଯ୍ୟ ନଷ୍ଟ ନକରିବାକୁ ସେ ମା' ହେବାକୁ ଚାହୁଁନି।

ପୁତ୍ର ଆଶିଷ ସରୋଗେଟେଡ ମଦର ସାହାଯ୍ୟରେ ପୃଥିବୀର ଆଲୋକ ଦେଖିଥିଲା। ସେ ବଡ ହେବା ପର୍ଯ୍ୟନ୍ତ ସରୋଗେଟେଡ ମଦର କନକ ପାଖରେ ବଢ଼ିଥିଲା। ସେଥିପାଇଁ ଆଳୟକୁ ଅଜସ୍ର ଅର୍ଥ ବ୍ୟୟ କରିବାକୁ ପଡ଼ିଥିଲା।

ବାପା ଏବେ ସୁସ୍ଥ ହେଲେଣି।

ସେ ଏବେ ଗାଁକୁ ଯିବାକୁ ଚାହୁଁଛନ୍ତି। ଆଳୟ କିନ୍ତୁ ବାପାଙ୍କୁ ଗାଁକୁ ଛାଡ଼ିବାକୁ ପ୍ରସ୍ତୁତ ନୁହେଁ। ଏ ସମୟରେ ବାପାଙ୍କୁ ଏକା ଛାଡ଼ିବା ଆଦୌ ବୁଦ୍ଧିମାନର କାର୍ଯ୍ୟ ନୁହେଁ। ବାପା ଶବ୍ଦ କାହା ପାଇଁ କଣ ହୋଇପାରେ କିନ୍ତୁ ଆଳୟ ପାଇଁ ନିଜ ଜୀବନଠାରୁ ଅଧିକ। ଏ ଅବସ୍ଥାରେ ବାପାଙ୍କୁ ଏକା ଛାଡ଼ି ସେ ଏଠି ଶାନ୍ତିରେ ରହିପାରିବନି। ସେ ପିଲାଟି ଦିନରୁ ମା' ଛେଉଣ୍ଡ, ବାପାଙ୍କ ତ୍ୟାଗ, ମହାନୁଭବତାକୁ ଦେଖିଛି। ତାକୁ ମଣିଷ ପରି ମଣିଷଟିଏ ଗଢ଼ିବାର ତ୍ୟାଗ ତାଙ୍କର ଅସୀମ। ଜନ୍ମ ଜନ୍ମାନ୍ତରରେ ବି ସେ ଋଣ ପରିଶୋଧ କରିପାରିବନି।

ନରହରି ଆଳୟ ପାଖରେ ରହିଲା ପରେ ହୃଦୟଙ୍ଗମ କରିଥିଲେ ଆଳୟ ଆଦୌ ଖୁସିରେ ନାହିଁ। ସନ୍ଧ୍ୟାର ଅତ୍ୟାଚାର ତା ଉପରେ ଦିନକୁ ଦିନ ବଢ଼ି ଚାଲିଛି। ଆଳୟ ଚାହିଁଲେବି ପ୍ରତିବାଦ କରିପାରୁନି। କାରଣ ପ୍ରତିବାଦ କଲେ କଥା ବଢ଼ି ନିଜର ମାନ ସମ୍ମାନ ରହିବନି। ତେଣୁ ସେ ସବୁ କଥା ସହି ଯାଇଛି। ସବୁବେଳେ କାନ୍ଦୁଥିଲେ ବି ଆଖି କୋଣରେ ଲୁହ ଟୋପାଏ ଝରାଇବାକୁ ମନରେ ସାହସ ସଂଚୟ କରିପାରୁନି। କିଛି ଲୁହ ଝରିଗଲେ ହୁଏତ ଭାରାକ୍ରାନ୍ତ ହୃଦୟଟା ହାଲକା ହୋଇଯାଆନ୍ତା। ହେଲେ ସେ କାନ୍ଦିବା ପରିବର୍ତ୍ତେ ହନୁପରି ଦାନ୍ତ ନିକୁଟି ହସି ପରିବେଶକୁ ହାଲ୍‌କା ଫୁଲ୍‌କା କରିବାକୁ ଚାହୁଁଛି।

ମନେ ମନେ ବହେ ହସିଥିଲେ ନରହରି। ହସି ହସି କାନ୍ଦି ପକାଇଥିଲେ। ବହୁତ କଷ୍ଟରେ ସେ ଆଳୟକୁ ମଣିଷ କରିଛନ୍ତି। ଅଜସ୍ର ଦୁଃଖରେ ସେ ଭାଙ୍ଗି ପଡ଼ିଥିଲେ। ସେ ଆଳୟର ଇଚ୍ଛାକୁ ସମ୍ମାନ ଦେଇ ସନ୍ଧ୍ୟାକୁ ବୋହୂ କରି ଆଣିବାରେ ତାଙ୍କ ନୀରବତା ବି କିଛି ପରିମାଣରେ ଦାୟୀ କହିଲେ ଭୁଲ ହେବନି। ହେଲେ କାଳିର ମହତ ଚିନ୍ତା କେମିତି ଆଜି ଦିଶା ହରାଇ ବସିଛି। ସାମାଜିକ ବ୍ୟବସ୍ଥା କେମିତି ମର୍ଯ୍ୟାଦା ହରାଇ ବସିଛି। ମହତ ଚିନ୍ତା, ଚେତନା, ପ୍ରଜ୍ଞାମାରେ କେମିତି ଘୁଣ ପୋକ ଲାଗିଛି।

ସବୁକଥା ନରହରି ବାବୁ ଅଂଗେ ଅଂଗେ ଅନୁଭବ କରୁଥିଲେ ବି ନୀରବ ରହିବାକୁ ବାଧ୍ୟ ହୋଇଥିଲେ। କାରଣ ସେ ପୁଅ ବୋହୂଙ୍କ ଦାମ୍ପତ୍ୟ ଜୀବନରେ ଅଯଥା ହସ୍ତକ୍ଷେପ କରିବାକୁ ଚାହୁଁ ନଥିଲେ। ବରଂ ସେ ଏଠାରୁ ଚାଲଯିବାକୁ ଚାହୁଁଥିଲେ। କିନ୍ତୁ ଆଜି ସେ ବୁଝି ପାରୁଛନ୍ତି ବିଶ୍ୱସ୍ତ ଚାକର ପିଲା ଗୋବିନ୍ଦା ଏଠାରୁ ବିଦା ହେଲା କାହିଁକି? ଗୋବିନ୍ଦା ବାପା, ମା' ଛେଉଣ୍ଡ ପିଲାଟିଏ। ବାପା, ମା' ଦୁର୍ଘଟଣାରେ ପ୍ରାଣ ହରାଇଲା ପରେ ନରହରି ବାବୁ ତାକୁ ପାଖରେ ପୁଅ ପରି ରଖିଥିଲେ। ସେ ଆଶିଷର ଦେଖାଶୁଣା କରିବାକୁ ଆଳୟ ପାଖକୁ ପଠାଇଥିଲେ।

ଗୋବିନ୍ଦା ଅତ୍ୟନ୍ତ ବିଶ୍ୱସ୍ତ ପିଲା। ଘରର ଯାବତୀୟ କାମ କରିବା ସଂଗେ ସଂଗେ ଆଶିଷର ସବୁକଥା ବୁଝୁଥିଲା। ଘରର ଜଣେ ପରିବାରର ସଦସ୍ୟ ଭଳି ରହିଥିଲା। ସେ ଅତ୍ୟନ୍ତ ଶାନ୍ତ,ସିଷ୍ଟ ଅମାୟିକ ପିଲା। ତା' ଉପସ୍ଥିତିକୁ ସନ୍ଧ୍ୟା ଆଦୌ ସହି ପାରୁନଥିଲା। ଉପାୟ ଖୋଜୁଥିଲା ସେ ଏ ଘରୁ ଗୋବିନ୍ଦାକୁ କେମିତି ବିଦା କରିବ। ଆଶିଷ ବୋର୍ଡିଂ ସ୍କୁଲରେ ରହିବ। ଘରେ ବେଶ ଏକା ଏକା ସନ୍ଧ୍ୟା। ବିନ୍ଦାସ ଜୀବନ କାଟିବ। କଳାକାରନାମାରେ ଆଉ ବାଧା ଦେବାକୁ କେହି ନଥିବେ। କାରଣ ସନ୍ଧ୍ୟାର ବିନ୍ଦାସ ଲାଇଫର କଣ୍ଟା ଥିଲା ଗୋବିନ୍ଦା।

ସନ୍ଧ୍ୟା ଗୋବିନ୍ଦା ଉପରେ ଏମିତି ଏକ ଯୌନ ସମ୍ପର୍କୀତ ଅପବାଦ ଲଗାଇଲା ଗୋବିନ୍ଦା ରାତାରାତି ବିଦା ହୋଇଗଲା। ଆଳୟ ନୀରବ ପଥରମୂର୍ତ୍ତିଟିଏ ପରି କେବଳ ଦେଖୁଥିଲା।

ବାପା ଆସିଲା ପରେ ସନ୍ଧ୍ୟାର ଅଙ୍କ ସବୁ ଭୁଲ ହୋଇଯାଇଛି। ଆଶିଷ ବୋର୍ଡିଂ ସ୍କୁଲରେ ରହିବା ଯୋଜନା ମଧ୍ୟ ବନ୍ଦ ହୋଇଯାଇଛି। ଜେଜେନାତିର ସମ୍ପର୍କ ଧୀରେ ଧୀରେ ନିବିଡ଼ ହେବାରେ ଲାଗିଛି।

ଏସବୁକୁ ସନ୍ଧ୍ୟା ହଜମ କରିପାରୁନଥିଲା।

ସେ ସବୁଦିନ ଆଳୟ ପାଖରେ ବାପାଙ୍କ ବିରୁଦ୍ଧରେ ମନ୍ତ୍ରଣା ଆରମ୍ଭ କରି ଦେଇଥିଲା। ଅଯଥା କାମ ସବୁ ଲଦି ଦେଇ ବାପାଙ୍କୁ ଗଧ ଭଳି ଖଟାଉଥିଲା। ଯେଉଁଟା ବାପା କିଛି ଧରୁ ନଥିଲେ। ନଜ ଘର କଥା ଭାବି ସବୁକାମ କରି ଦେଉଥିଲେ। କର୍ମଠ ମଣିଷ। ଯେ କୌଣସି କାର୍ଯ୍ୟ କରିବାକୁ ସେ ଆଗଭର ହୋଇ କରିବସନ୍ତି।

ଆଳୟ ଅଫିସରୁ ଫେରିଲାମାତ୍ରେ ସନ୍ଧ୍ୟା ବାପାଙ୍କ ବିରୁଦ୍ଧରେ ଏକ ଆଲିଗେସନ ଫର୍ଦ୍ଦ ତା ସାମ୍ନାରେ ଥୋଇଥିଲା। କେଉଁ ଦିନ ବାପା ପାଇଖାନାରେ ଝାଡ଼ା ଯାଇଛନ୍ତି ପାଣି ଭଲ ଭାବରେ ପକାଇ ନାହାନ୍ତି। କେଉଁଦିନ ପରିଶ୍ରା କରି ପାଣି ପକାଇନାହାନ୍ତି। କେଉଁଦିନ ଆଶିଷକୁ ରାଇମ ବଦଳରେ ଭଜନ ଶିଖାଉଛନ୍ତି। ଆଉ କେଉଁଦିନ ବଜାରରୁ ଯାହା ପରିବା ଆଣିଛନ୍ତି ସବୁ ପଚାସଢ଼ା। ବାପା ଗୋଲାପ ଗଛରେ ପାଣିଦେଲେ ନାହିଁ ବୋଲି ଗଛଗୁଡାକ ମରିବାକୁ ବସିଲାଣି। ଏମିତି ଅନେକ ଅଭିଯୋଗ। ସବୁ ଅଭିଯୋଗ ଆଳୟ ଶୁଣେ। ହେଲେ ଏକାନରେ ପୁରେଇ ସେକାନରେ କାଢ଼ିଦିଏ। ଏବେ ସନ୍ଧ୍ୟା ସାମ୍ନାରେ ନରହରି କଣ୍ଟା ସାଜିଛନ୍ତି। କୌଣସି ପ୍ରକାରେ ସେ ଏ ଘରୁ ନରହରିଙ୍କୁ ବିଦା କରିବ। ସହଜେତ ନରହରି ଏଠି ରହିବାକୁ ଚାହୁଁନାହାନ୍ତି।

ଆଳୟ ବେଳେବେଳେ ଭୟରେ ଶିହରି ଉଠୁଥିଲା। ସନ୍ଧ୍ୟା ଯଦି ବାପାଙ୍କ ବିରୁଦ୍ଧରେ କିଛି ସାଂଘାତିକ ଆଲିଗେସନ ଆଣେ? ତାହେଲେ ସେ ତାଙ୍କୁ କେମିତି ସାମ୍ନା କରିବ। ସନ୍ଧ୍ୟା ଯେଉଁ ପ୍ରକାରର ବିବେକହୀନ ନାରୀ ସେ ଅତି ନିର୍ଲଜ ଭାବରେ ତଳ ପାହାଚକୁ ବି ଖସି ଯାଇପାରେ। କିଛି ଅସମ୍ଭବ ନୁହେଁ। ତା' ଅନୁପସ୍ଥିତିରେ ସେ ବାପାଙ୍କୁ କଣ ଯେ ଅତ୍ୟାଚାର କରୁଥିବ କିଏ କହିବ? ସନ୍ଧ୍ୟାର ଚାପ ଆଶିଷକୁ ନେଇ ବୋର୍ଡିଂ ସ୍କୁଲରେ ଛାଡି ଆସ। ବୁଢ଼ାଟା ସାଂଗରେ ପଡ଼ି ପୁଅଟା ମୋର ନଷ୍ଟ ହୋଇଗଲା।

ବାପା, ଆଶିଷକୁ ପାଖରେ ପାଇ ସବୁ ଦୁଃଖ ଭୁଲି ଯାଇଛନ୍ତି। ସେ ବେଶ୍ ଖୁସିରେ ଅଛନ୍ତି। ଯେଉଁଟା ସନ୍ଧ୍ୟା ସହିପାରୁନଥିଲା। ସେଦିନ ଆଳୟ

ଘରେ ପହଞ୍ଚିଲା ପରେ ସନ୍ଧ୍ୟା ଏକ ପ୍ରାୟୋଜିତ ନାଟକର ପ୍ରଳୟ ସିନ୍ ଆରମ୍ଭ କରିଦେଇଥିଲା । ତା' ଉପରକୁ ଝାମ୍ପି ପଡ଼ି ଦେଖେଇ ଦେଖେଇ କହିଥିଲା – ଦେଖ, ଦେଖ ତୁମ ବାପାଙ୍କ ଗୁଣ ଗାରିମା ଦେଖ । ବଜାରରୁ ସବୁ ପଚା, ସଢ଼ା ପରିବାତକ ଆଣିଛନ୍ତି । ମୋ କଥାକୁ ବିଶ୍ୱାସ କରୁନଥିଲ ପରା ? ମୁଁ କୁଆଡ଼ ତୁମ ଗୁଣଗ୍ରାହୀ ବାପାଙ୍କ ନାଁରେ ମିଛ କହୁଥିଲି । ଦେଖ, ଦେଖ, ଏଥର ପ୍ରମାଣ ପାଇଲତ ?

ଆଳୟ ପରିବା ବ୍ୟାଗ ଦେଖି ବୋକା ହୋଇ ଛିଡା ହୋଇଥିଲା । ବାପା ସତରେ ପଚା ପରିବା ଆଣିଛନ୍ତି । ବୁଢ଼ା ଲୋକ ଭୁଲ ହୋଇଯାଇ ଥାଇପାରେ ।

ସନ୍ଧ୍ୟା ଆଳୟ ଆଗରେ ନାଚୁଥିଲା ।

ଆଳୟ, କଟାକୁ ସମାଧାନ କିରବାକୁ ଖୁବ୍ ହାଲକା ଭାବରେ କହିଥିଲା ସନ୍ଧ୍ୟା ତୁମେ ଟିକିଏ ବୁଝିବାକୁ ଚେଷ୍ଟାକର । ବାପା ହେଲେ ବୁଢ଼ା ମଣିଷ । ଆଖିରୁ ଦୃଷ୍ଟି ଶକ୍ତି କମିଲାଣି । ଦୋକାନୀମାନେ ଏହାର ସୁଯୋଗ ନେଇ ବାପାଙ୍କୁ ଠକି ଦେଇଛନ୍ତି ।

ଏତିକି ବେଳେ ବାଙ୍କୁଲି ବାଡ଼ି ଠକ୍ ଠକ୍ କରି ଘର ଭିତରକୁ ପଶିଆସିଥିଲେ ନରହରି । ପାଟି କରି କହିଥିଲେ – ଏତେ ଗହଳି କ'ଣ ପାଇଁ ?

: ବାପା, ଆପଣ ....

: ହଁ, ମୁଁ ଜାଣି ଜାଣି ପଚା ପରିବା ଆଣିଛି ।

: ବାପା, ମୁଁ ବୁଝି ପାରିଲାନି ।

: ଏଥିରେ ଅବୁଝା କ'ଣ ରହିଲା ଆଳୟ ।

: ବାପା...

: ଆରେ ମୁଁ ଚାଷୀ ଘରର ପିଲା । ମୋର ପୁଣି ପରିବା କିଣିବାରେ ଭୁଲ ହେବ ଏକଥା ତୁ ଭାବି ପାରୁଛୁ କେମିତି ?

: ତାହେଲେ ଏ ବ୍ୟାଗରେ ଯେଉଁ ପଚା, ଶଢ଼ା ପରିବା...

: ତେବେ ଶୁଣ୍ । ସେ ପରିବା ମୁଁ ଆଣିଛି । ମୁଁ ସବୁଦିନ ଭଲ ପରିବା ଆଣେ । ବୋହୂ ମୁଁ ପଚାଶଢ଼ା ପରିବା ଆଣୁଛି ବୋଲି ତୋ ପାଖରେ ମୋ ବିରୁଦ୍ଧରେ ଅଭିଯୋଗ କରେ । ମୁଁ ଭାବିଲି ସଜ ପରିବା ବୋଧହୁଏ ବୋହୂ ସନ୍ଧ୍ୟାର ପସନ୍ଦ ନୁହେଁ । ପଚା ଶଢ଼ା ପରିବାକୁ ତା'ର ଭାରି ଆଦର । ତେଣୁ ବାଛି ବାଛି ପଚାଶଢ଼ା ପରିବା ତା ପାଇଁ ଆଣିଛି । ଏଥିରେ ମୋର ଭୁଲ ରହିଲା କେଉଁଠି ?

: ବାପା ।

: ଆଳୟ ମୁଁ ଛୋଟ ପିଲା ନୁହେଁ କିଛି ବୁଝି ପାରୁନାହିଁ । ଜୀବନ ସାରା ବହୁ ଝଡଝଞ୍ଜାକୁ ସାମ୍ନା କରିଛି । ଦୁଃଖ, ଯନ୍ତ୍ରଣାକୁ ମୁଁ ଖୁବ୍ ନିକଟରୁ ଦେଖିଛି । ମୁଁ କ'ଣ ବୁଝି ପାରୁନି ଏ ଘରେ କ'ଣ ସବୁ ଘଟୁଛି ? ମୁଁ ଏବେ ବୁଝି ପାରୁଛି ତୁ ଏଠି କେତେ କଷ୍ଟରେ ଅଛୁ । ନା ବାପର ହୋଇ ପାରୁଛୁ । ନା ସ୍ତ୍ରୀର ହୋଇ ପାରୁଛୁ । ଦିନ ରାତି ତୁ ଖାଲି ଦୁଃଖ, ଯନ୍ତ୍ରଣାରେ ସଢୁଛୁ । ତ୍ରିଶଂକୁ ଅବସ୍ଥାରେ ଦିନ କାଟୁଛୁ । ନଦୀର ଦୁଇକୂଳକୁ ଆପଣାର କରିବାକୁ ଯାଇ ତୁ ଶେଷରେ ମଝିନଈରେ ଭାସୁଛୁ ।

ଆଳୟ, ଜୀବନ ସାରା ମୁଁ ସବୁ ଦୁଃଖ, କଷ୍ଟକୁ ନୀଳକଣ୍ଠ ପରି ପିଇଯାଇଥିଲି କେବଳ ତୋରି ପାଇଁ । ମୋ ଆଳୟ ସୁଖରେ ରହୁ । ଜୀବନର ଶେଷ ପାହାଚରେ ମଧ ମୁଁ କୁସୁମ କଥାକୁ ତଳେ ପକେଇ ଦେଇନି । "କୁସୁମ କହିଥିଲା ତୁମେ କେବେ ମୋ ଆଳୟକୁ ଅବହେଳା କରିବନି । ଆଳୟ ଭିତରେ ମୋତେ ଦେଖିବ ।" ଦ୍ୱିତୀୟ ପତ୍ନୀ ଗ୍ରହଣ କରିବାରେ ମୋ କିଛି ଅସୁବିଧା ନଥିଲା । ହେଲେ ଦ୍ୱିତୀୟ ପତ୍ନୀ ଯେ ତୋତେ ତା' ନିଜପୁଅ ପରି ଗ୍ରହଣ କରିବ ସେ ଭରସା ମୋର ନଥିଲା । ତେଣୁ ଜୀବନ ସାରା ତୋ ସୁଖ, ସମୃଦ୍ଧି ଚାହିଁ ଚାହିଁ ଜୀବନ କାଟି ଆସିଲି ।

ହେଲେ ଏଠି ଆସି ଯାହା ଦେଖୁଛି, ମୋର ସବୁ ତ୍ୟାଗ ଆଉ ତପସ୍ୟାର ଫଳ ବିଫଳ ହୋଇଛି । ଏଘରଟା ଗୋଟିଏ ଶୃଙ୍ଖଳ ବିହୀନ ଚିଡ଼ିଆଖାନା ପାଲଟିଛି । ନା ଏ ଘରେ କାହାରି ସହିତ କାହାରି ସ୍ନେହ, ମମତା, ଶ୍ରଦ୍ଧାର ସମ୍ପର୍କ ଅଛି ନା ଏ ଘରେ ଶୃଙ୍ଖଳା ଅଛି ନା କିଛି ନୀତି ଆଦର୍ଶ ଅଛି । ନା ଏ ଘରେକେହି ଜଣେ ମୁରବୀ ଅଛି,ନା ବୋହୂ ଏ ଘରର କୂଳବଧୂ ଲକ୍ଷ୍ମୀ ଠାକୁରାଣୀ ହୋଇ ସନ୍ଧ୍ୟା ଘରଟିକୁ ପାରିବାରିକ ବନ୍ଧନରେ ବାନ୍ଧି ରଖି ପାରିଛି । ସବୁ ବେଳେ ଅଶାନ୍ତି ଆଉ ଅଶାନ୍ତି । ଅଶାନ୍ତିର ଅଂଧାର ଏ ଘରେ କାୟା ବିସ୍ତାର କରି ବସିଛି । ସନ୍ଧ୍ୟା ତା' ବୋହୂ ପଣିଆ ଭୁଲି ଯାଇ ଉଚ୍ଛୃଙ୍ଖଳତାର ଚରମ ସୀମାରେ ପହଞ୍ଚିଛି । ଯେଉଁ ନାରୀ ତା' ଦେହର ସୌନ୍ଦର୍ଯ୍ୟ ନଷ୍ଟ ହୋଇଯିବ ବୋଲି ମାତୃତ୍ୱକୁ ଭୟ କରେ ସେ କ'ଣ ଜଣେ ନାରୀ ପଦବାଚ୍ୟରେ ଗଣାଯାଏ ? ନାରୀର ପରମକାମ୍ୟ ତ ମାତୃତ୍ୱ । ନାରୀ ଜୀବନର ସଫଳତା ତ ମାତୃତ୍ୱରେ ଘଟେ ।

ଆଳୟ ସନ୍ଧ୍ୟାକୁ ଅତ୍ୟଧିକ ସ୍ୱାଧୀନତା ଦେବା ତୋ ପାଇଁ ବୁମେରାଂଗ ହୋଇଛି । ସ୍ୱାଧୀନତାର ଅର୍ଥ ନୁହେଁ ସ୍ୱେଚ୍ଛାଚାରିତା । ଘରକୁ ଶୃଙ୍ଖଳିତ ଢଂଗରେ ଚଳାଇବା ଘରଣୀର ଦାୟିତ୍ୱ । ଘରଣୀ ସନ୍ଧ୍ୟା ଯେତେ ବେଳେ ଅତ୍ୟାଧୁନିକ କାମଳ ସଭ୍ୟତାରେ ବିମୋହିତ ହୋଇ ସ୍ୱପ୍ନ ରାଜ୍ୟରେ ଉଡୁଛି, ପରିବାରର ଶୃଙ୍ଖଳା ରହିବ କେମିତି ? ବସନ୍ତ ଋତୁ ଗଲେ ଗ୍ରୀଷ୍ମ ଋତୁ ଆସିବ । ଏଇଟା ପ୍ରକୃତିର ନିୟମ । ଯୌବନ ହଜିଗଲେ ବାର୍ଦ୍ଧକ୍ୟ ଆସିବ । ଏ ସତ୍ୟକୁ କେହି ଫାଙ୍କି ଦେଇ ପାରିବେନି । ଏସବୁ ଅବଧାରିତ ସତ୍ୟକୁ ଜାଣିଲା ପରେ ପତଂଗ ପରି ଅଗ୍ନି ପାଖକୁ ଗଲେ ପୋଡ଼ି ହୋଇ ମରିବାତ ସାର ହୁଏ । ସନ୍ଧ୍ୟା ହୁଏତ ଗୁଢ଼ ରହସ୍ୟ ବୁଝିନି । ଆଧୁନିକତା ଠିଆ ହୁଏ ପୁରାତନ ସଂସ୍କୃତିର ପୃଷ୍ଠଭୂମି ଉପରେ । ଆଧୁନିକତା ନାଁରେ ପୁରାତନ ସଂସ୍କୃତିକୁ ଅସମ୍ମାନ କରିବା କେଡ଼େ ବଡ଼ ଅପରାଧ ସନ୍ଧ୍ୟା ବୁଝିନି । ସମୟ ଆସିଲେ ବୁଝି ପାରିବ । କିନ୍ତୁ ସେତେବେଳକୁ ସମୟ ହାତ ମୁଠାରୁ ବାହାରି ଯାଇ ଅନେକ ଦୂରକୁ ଚାଲି ଯାଇଥିବ ।

ଏ ଘରେତ କିଛି ଅଭାବ ନାହିଁ ? ପୁଣି ଏ ଘରେ ଅଶାନ୍ତି କାହିଁକି । ଏହାର ପ୍ରଭାବ ତ ଆଶିଷ ଉପରେ ପଡିବ ହିଁ ପଡ଼ିବ । ପିଲାଟିଏ ଭଲ ମଣିଷ ହୁଏ ତା ପରିବାରର ସଂସ୍କାରକୁ ନେଇ । ବାପ, ମା' ତ ତା'ର ପ୍ରଥମ ଗୁରୁ । ଏଠି ଆସି ମୁଁ କ'ଣ ଦେଖୁଛି ? ତୁ ଅଫିସ କାମରେ ବ୍ୟସ୍ତ । ସକାଳୁ ଯାଉଛୁ ସଂଜକୁ ଆସୁଛୁ । ତୋର ସମୟ ନାହିଁ ଆଶିଷକୁ ଦେଖାଶୁଣା କରିବାକୁ । ବୋହୂ ସନ୍ଧ୍ୟା ତା କ୍ଲବ, ବଂଧୁ, ବାନ୍ଧବୀ, ପାର୍ଟି, ପିକ୍‌ନିକ ନେଇ ବ୍ୟସ୍ତ । ତା' ପାଖରେ ବେଳ କାହିଁ ସେ ଆଶିଷକୁ ସ୍ନେହ, ଶ୍ରଦ୍ଧା, ଦେବ । ତା' ଛଡା ଯେଉଁ ନାରୀ ଗର୍ଭ ଯନ୍ତ୍ରଣା ଭୋଗିନି ସେ ମାତୃତ୍ୱ, ସନ୍ତାନର ଅର୍ଥ କ'ଣ ବୁଝିବ ।

ସମାଜରେ ଦ୍ରୁତ ପରିବର୍ତ୍ତନ ଘଟୁଛି । କଠିନ ସମୟ ମାଡ଼ି ଆସୁଛି । ସତ କେବେଲୁଚି ରହିବନି । ଆଶିଷ ଯେତେବେଳେ ଜାଣିବ ସନ୍ଧ୍ୟା ତା'ର ମା ନୁହେଁ, ତାକୁ ଗର୍ଭରେ ଧରି ଜନ୍ମ ଦେଇନି । ତାକୁ ପୃଥିବୀର ଆଲୋକ ଦେଖାଇଛି ଆଉ ଜଣେ ମା । ଯିଏ ତାକୁ ଗର୍ଭରେ ଧରିଛି । ଗର୍ଭ ଯନ୍ତ୍ରଣା ଭୋଗିଛି । ତା'ସ୍ତନରୁ ଖୀର ପିଆଇଛି । ତା' ଘୁଅ, ମୂତକୁ ଚନ୍ଦନ ପରି ମଥାରେ ବୋଳି ହୋଇଛି । ତା' ଅଳି ଅର୍ଦ୍ଦଳୀ ସବୁ ସହିଛି । ସେ ସନ୍ଧ୍ୟାକୁ ନିଜର ମା' ବୋଲି ଗ୍ରହଣ କରିବ ତ ?

ଚମକି ପଡ଼ିଲା ସନ୍ଧ୍ୟା ।

ନରହରୀ ବାବୁ ଦୀର୍ଘଶ୍ୱାସ ନେଇ କହିଥିଲେ – ସେତେବେଳକୁ ବିଭ୍ରାଟ ଘଟିଯିବ । ପିଲାଟା ହାତଛଡା ହୋଇଯିବ । ଏତେ ଛୋଟ ପିଲାଟାକୁ ବୋଝ ବୋଲି ଭାବି ବୋର୍ଡିଂ ସ୍କୁଲରେ ରଖିଦେଲେ ମୁଁ ମାନୁଛି ସେ ଭଲ ପାଠ ପଢ଼ିବ । କିନ୍ତୁ ଜୀବନ ଗଢ଼ିବାକୁ ସ୍ନେହ ମମତା ପାଇବ କେଉଁଠୁ ? ଜୀବନରେ ପାଠ ସବୁ କିଛି ନୁହେଁ । ସ୍ନେହ, ପ୍ରେମ, ମମତା, ଶ୍ରଦ୍ଧା କେଉଁଠି ବିକ୍ରୀ ହେଉଛି ଯେ ବଜାରରୁ କିଣି ଆଣି ଆଶିଷକୁ ପିଆଇ ଦେବା । ସ୍ନେହ, ମମତା ନପାଇଲେ ଫୁଲବି ପଥର ପାଲଟିଯାଏ । ଆଉ ସେଇ ସ୍ନେହ, ମମତାର ସ୍ପର୍ଶରେ ପଥର ବି ଫୁଲ ହୋଇଯାଏ ।

ଭଲ ପାଠ ପଢ଼ିଲେ କ'ଣ ହେବ, ଆଶିଷ ଶେଷରେ ରୁକ୍ଷ ପଥର ଖଣ୍ଡେ ହୋଇ ବାହାରିବ ।

ନା' ତା ପାଖରେ ଥିବ ମଣିଷ ପଣିଆ ନା ମାନବିକତା, ଦୟାକ୍ଷମା ଭଳି ଅମୂଲ୍ୟ ପଦାର୍ଥ, ସେତ ତୁମକୁ ବାପା, ମା' ବୋଲି ସମ୍ମାନ ଦେବନି। ତୁମକୁ ଆଶିଷ ମମୀ, ଡାଡୀ ଡାକୁ, ହେଲେ ବାପା, ମା ଡାକିଲେ ଗାତ୍ରଦାହ ହେଉଛି କାହିଁକି ? ରାଇମ ଶିଖୁ, ରାଇମ ଗାଉ କିନ୍ତୁ ଜଗନ୍ନାଥଙ୍କ ଭଜନ ଗାଇବାରେ ଅସୁବିଧା ରହିଲା କେଉଁଠି ? ପାଦ ତଳର ମାଟିକୁ ଭୁଲି ଆକାଶରେ ଉଡିଲେ ଦିନେ ଖସିପଡ଼ି ପ୍ରାଣ ହରାଇବାକୁ ହୁଏ। ସନ୍ଧ୍ୟା ଏକଥା କ'ଣ ତୁମେ ଜାଣି ନାହଁ। ଏକଥା ତୁମକୁ ଶିଖାଇବାକୁ ହେବ। ବୁଝାଇବାକୁ ହେବ।

ହଠାତ୍ ସନ୍ଧ୍ୟା ଧାଇଁ ଆସି ନରହରିଙ୍କ ଗୋଡ଼ଧରି କହିଥିଲା – ବାପା, ମୋତେ କ୍ଷମା କରି ଦିଅନ୍ତୁ, ମୋର ଭୁଲ, ହୋଇଯାଇଛି। ଅତ୍ୟାଧୁନିକ କାମଳ ସଭ୍ୟତାର ଅନ୍ଧାର ଭିତରେ ପଶି ଯାଇ ମୁଁ ଅନ୍ଧ ହୋଇ ଯାଇଥିଲି। ଆପଣ ମୋ ଆଖି ଖୋଲି ଦେଇଛନ୍ତି। ମୁଁ ମୋ ଭୁଲ ବୁଝି ପାରିଛି।

ନରହରି କିଛିଟା କ୍ରୋଧ ସମ୍ବରଣ କରି କହିଥିଲେ – ଗଛଟିଏ ଲଗାଇଥିଲେ ତା'ଠାରୁ ଛାଇଟିକିଏ ଆଶା କରାଯାଏ। ଏଥିରେ ଭୁଲ ରହିଲା କେଉଁଠି ? ବୁଢ଼ା ବାପା, ମା ସନ୍ତାନ ସନ୍ତତିକୁ ମଣିଷ କରିଥାଆନ୍ତି ଶେଷ ଜୀବନରେ ଭରସାର ଛାଇଟିକିଏ ପାଇବା ପାଇଁ। ତାଙ୍କୁ ଅବହେଳା କରିବା ଅର୍ଥ ନିଜ ଗୋଡ଼କୁ କୁରାଢ଼ୀ ମାରିବା ସହିତ ସମାନ। ସ୍ୱାମୀ, ସ୍ତ୍ରୀର ସମ୍ପର୍କ କେବଳଦେହ ଖେଳରେ ସୀମିତ ନଥାଏ। ତାହା ଯୁଗଯୁଗକୁ ଏକ ଶାଶ୍ୱତ ପ୍ରେମର ବନ୍ଧନରେ ବନ୍ଧା ହୋଇଥାଏ। ସେ ସମ୍ପର୍କକୁ ଏମିତି ଖାମଖିଆଲି ଭାବରେ ଉଡ଼େଇ ଦେଲେ ଚଳିବନି। ତା'ର ଗଭୀରତାର ଅନ୍ତସ୍ୱରକୁ ବୁଝିବାକୁ ହେବ। ଅନୁଭବ କରିବାକୁ ହେବ। ସ୍ୱାମୀ, ସ୍ତ୍ରୀର ସମ୍ପର୍କ ସାତଜନ୍ମର ସମ୍ପର୍କ। ପ୍ରେମ, ପ୍ରଣୟ, ସ୍ନେହ, ମମତା ଏକ ଦିବ୍ୟ ଅନୁଭବ। ଯାହା ମଣିଷ ହୃଦୟର ଦୟା, କ୍ଷମା, ମାନବିକତା, ସହନଶୀଳତା ସୃଷ୍ଟି କରେ।

ଆଜି ଆମେ ନୂଆ କରି ଜୀବନ ରାସ୍ତା ତିଆରି କରୁନାହାନ୍ତି। ଆମ ବାପ, ଅଜା, ପୂର୍ବସୂରୀମାନେ ଆମ ପାଇଁ ରାସ୍ତା ତିଆରି କରି ଯାଇଛନ୍ତି। ଆମେ ଯଦି ସେ ରାସ୍ତାରେ ନଯିବା ତାହେଲେ ଆମ ଗୋଡ଼ରେ କଣ୍ଟା ଫୁଟିବା ଅବଶ୍ୟାମ୍ଭାବି। ତେଣୁ ଅନ୍ଧାର ହେବା ଆଗରୁ ଚିନ୍ତା କରିବା ଉଚିତ। ଜୀବନ ରାସ୍ତାରେ ଝୁଣ୍ଟିବା ଆଗରୁ ସତର୍କ ରହିବା ଉଚିତ।

ନରହରିଙ୍କ ଛାତିରେ ମୁହଁ ଗୁଞ୍ଜି ପିଲାଙ୍କ ପରି କାନ୍ଦି ଉଠିଥିଲା ଆଳୟ।

ସନ୍ଧ୍ୟା ନରହରିଙ୍କ ପାଦଧରି କହିଥିଲା – ବାପା, ଆପଣ ଆପଣଙ୍କ ନିଷ୍ପତ୍ତି ବଦଳାଇ ଦିଅନ୍ତୁ। ଆପଣ ଆମ ପାଖରେ ରହିବେ। ଆମକୁ ଛାଡ଼ି କୁଆଡ଼େ ଯିବେନି। ଆପଣଙ୍କ ଛାଇ ତଳେ ଆଶିଷ ଜୀବନ ଗଢ଼ିବ। ଆପଣଙ୍କ ବିନା ଆମେ ଦିଶା ହରାଇ ଅନ୍ଧ ହୋଇଯାଇଥିଲୁ। ଏବେ ଆମେ ଆମର ଭୁଲ ବୁଝି ପାରିଛୁ।

କିଛି ସମୟ ପରେ ନରହରି ନିଜର ନିଷ୍ପତ୍ତି ବଦଳାଇ ପିଲାମାନଙ୍କ ପାଖରେ ରହିବେ ବୋଲି ଜଣାଇଲା ପରେ ସାରା ଘରଟାରେ ଏକ ଖୁସିର ସଂଗୀତ ଗୁଂଜରୀ ଉଠିଥିଲା।

ଜେଜେ ଗାଁକୁ ଯିବେନି, ଏଇଠି ରହିବେ ଶୁଣି ଆନନ୍ଦରେ ନାଚୁଥିଲା ଆଶିଷ।

*ଦୂରଭାଷ: ୯୮୬୧୯୮୭୦୬୧*



**Looking forward to our association in Rotary**

*Rtn. Jayashree Rtn. Tanmay Mohanty*

**Rotary Club of Bhubaneswar**

**Web:** www.luminousinfoways.com **Email:** jaya@lipl.in, tanmay@lipl.in **Contact No.:** +91 9238426536

Luminous Infoways
Delivering values through qualitative thinking

**Proud to be associated with**

ସୂଚନା ଅଧିକାର
RTI Central Monitoring Mechanism

e-Blood Bank
An Integrated Blood Bank Automation System

e-nirman
Online Project Monitoring System

**Dedicated to Personalized e-Governance**

# ସୁଚରିତା

**ଅନ୍ନପୂର୍ଣ୍ଣା ମହାନ୍ତି**

ଦକ୍ଷିଣ ପଟ ବାଲ୍‌କୋନିରେ ଠିଆ ହୋଇଥିଲେ ସୁଚରିତା। ଘରେ ଗରମରେ ରହି ନ ହେଲେ ସେ ଅତିଷ୍ଠ ହୋଇ ବାଲ୍‌କୋନିକୁ ପଳାଇ ଆସନ୍ତି। ବାଲ୍‌କୋନିରେ ପ୍ଲାଷ୍ଟିକ ଚେୟାର ଯୋଡ଼ାଏ, ଗୋଟେ ପୁରୁଣା ବେତ ଆର୍ମଚେୟାର ପଡ଼ିଥାଏ। ଆର୍ମ ଚେୟାରଟି ତାଙ୍କ ଶ୍ୱଶୁରଙ୍କର ଥିଲା ପ୍ରିୟ ଚେୟାର। ଅଧାଶୁଆ ଅବସ୍ଥାରେ ହାତରେ ପେପର କିମ୍ବା କାହ୍ନୁଚରଣଙ୍କର 'ତମସା ତୀରେ', ଗୋପିନାଥ ମହାନ୍ତିଙ୍କର 'ପରଜା', କେତେବେଳେ ରାଧାନାଥ ରାୟଙ୍କ ଦରବାର ବହି ଧରି ନିମଗ୍ନ ଥାଆନ୍ତି। ଭଗବାନଙ୍କ ସଂସାର ବିଚିତ୍ର। ଚେୟାର ଗୋଟାକର ଆୟୁଷ ଅଛି, ଅଥଚ ଶଶୁର ମୋର ହଜିଗଲେଣି ଆମ ଏ ଦୁନିଆଁରୁ ଦଶବର୍ଷ ହେଲା। ମିଷ୍ଟର ନିଜ ବାପାଙ୍କ ପରି ସେ ଚେୟାରଟିକୁ ଭଲ ପାଆନ୍ତି। ନିଜ କାନ୍ଧ ଗାମୁଛାରେ ପୋଛି ଦିଅନ୍ତି, ବାପାଙ୍କୁ ଗାଧୋଇ ଦେଇ ପୋଛି ଦେଲାପରି। ସକାଳ ନରମ ଖରାର ତାତି ଟିକେ ବଢ଼ିଗଲେ, ଘର ଭିତରକୁ ଉଠେଇ ଆଣନ୍ତି ଆର୍ମଚେୟାରକୁ। ପୁଣି ଅଫିସ୍‌ରୁ ଫେରିଲା କ୍ଷଣି ବାଲ୍‌କୋନିରେ ଆଣି ଆରାମ୍ ଚେୟାରରେ ନିଜେ ବସନ୍ତି। ଚା' ପିଅନ୍ତି। ଇଚ୍ଛା ହେଲେ ସେମିତି ରାତି ଦଶଟା ଯାଏ ବସିଥାନ୍ତି ଓ ନିଜ ଗପ କବିତା, ପ୍ରବନ୍ଧର ପ୍ଲଟ୍ ଖୋଜିବା ଚିନ୍ତାରେ ହଜିଯାଆନ୍ତି। ଭିତରୁ ଡାକିଲେ ମୁଁ, ସେ ଉଠନ୍ତି, ତାଙ୍କ ଆରାମ ଚେୟାର ବି ଉଠେ।

ତଳ ମହଲାରୁ ବେଶ୍ ବଡ଼ ପାଟିରେ କଥା ଶୁଭୁଥାଏ। ଆଛା ଭଡ଼ାଟିଆଟିଏ ରହିଲେ ଯେ ଘରେ ଶାନ୍ତି, ନିରବତା ପରି ଅବସ୍ଥା କେତେବେଳେ ଘରଟାରେ ନଥାଏ। ସବୁବେଳେ ପାଟି ଆଉ ପାଟି। ରାତି ପାହିନଥିବ ଠିକ୍‌ରେ ଟିଉବ୍‌ୱେଲ୍ ହାବିଶ ଶୁଭିବ। ନିଦ ଭାଙ୍ଗିଯାଏ। ମନେ ମନେ ଚିଡ଼ି ଯାଆନ୍ତି ସୁଚରିତା। ସକାଳ ନ ହେଉଣୁ ବିରକ୍ତିରେ ବିଛଣା ଛାଡ଼ନ୍ତି ତ ଖାଲି ଯେନତେନ ଠାକୁରଙ୍କ ଉଦ୍ଦେଶ୍ୟରେ ହାତଯୋଡ଼ି ନମସ୍କାର କରନ୍ତି। ଥାକ ଉପରେ ଥିବା ବନ୍ଦ ହୋଇଥିବା ମୋବାଇଲ୍‌କୁ ଅନ୍ କରି ସମୟ ଦେଖନ୍ତି। ହେ ଭଗବାନ, ଆଉରି ଅଧଘଣ୍ଟାଏ ଆମକୁ ଶାନ୍ତିରେ ଶୋଇବାକୁ ଦେଇ ସାଢ଼େ ଚାରିଟା କି ପାଞ୍ଚଟାରେ ଟିଉବ୍‌ୱେଲ ହାବିସ୍ କଲେ ହୁଅନ୍ତାନି ? ଏକଥା କେତେଥର ରଂଜିତାକୁ ଡାକି କହିଛନ୍ତି। ଟିଉବ୍‌ୱେଲ୍ ପାଖ କାନ୍ଥ ଡେଇଁଲେ ଆମର ଶୋଇବା ଘର। ଦୟା କରି ରାତିରୁ କିଛି ପାଣି ହାବିସ୍ କରି ପ୍ଲାଷ୍ଟିକ୍ ବାଲ୍‌ତିରେ ରଖି ପ୍ରାଥମିକ କ'ଣ ଦରକାର ମେଣ୍ଟାଇ ଦେଲେ ହୁଅନ୍ତାନି। ପାଞ୍ଚ ସାଢ଼େ ପାଞ୍ଚରେ ବି ଟିଉବ୍‌ୱେଲ ମାର ! ମିଷ୍ଟର ରାତି ଲେଟ୍ ନାଇଟ୍ ଯାଏ ପଢ଼ାଲେଖା କରି ଶୁଅନ୍ତି ତ ତାଙ୍କୁ ଟିକେ ଅଧିକ ସମୟ ଶୋଇବା ଦରକାର। ସେ କଞ୍ଚା ନିଦରୁ ଉଠି ବ୍ୟସ୍ତ ହୋଇ ପଡ଼ନ୍ତି। ଦୁଇଟା ରାତିରେ ଶୋଉଥିବା ମଣିଷଟି ଅନ୍ତତଃ ଆଉ ଘଣ୍ଟାଏ ଅଧିକ ଶୁଅନ୍ତୁ। ସକାଳ ସାଢ଼େ ଛଅଟାରେ ତ ପାଇପ୍ ପାଣି ଚାଲିଆସୁଛି। ତମର କ'ଣ ଏତେ ଲୋଡ଼ା ପଡୁଛି ପାଣି।

ରଂଜିତା ପାଠ ବୁଝୁଥିବା ଛାତ୍ରୀଟି ପରି ମନ ଲଗାଇ ସବୁ ଶୁଣେ। ସୁଚରିତାଙ୍କ କଥାରେ ହିଁ ଭରେ। ତା' ପରଦିନ ସକାଳୁ ଠିକ୍ ସେଇ ସମୟରେ ଟିଉବ୍‌ୱେଲ୍ ମାରିବା ଶବ୍ଦ ଶୁଭେ। ଉଠି ପଡ଼ନ୍ତି ଗୌତମ। ତେଣିକି ସୁଚରିତା ନିତ୍ୟକର୍ମ ସାରିନଥିଲେ ବି ଫର୍ମାସି ଆରମ୍ଭ ହୋଇଯାଏ।

'ନିଦ ତ ଗଲା ବନବାସ। ଅନ୍ତତଃ ଚା କପେ ଦିଅ !' ଆରାମ ଚେୟାର ଉଠେଇ ବାଲ୍‌କୋନିରେ ବସି ଅପେକ୍ଷାରେ ଥାଆନ୍ତି। ବାଥ୍‌ରୁମ୍‌ରେ ଲୁଗାପଟା ପକେଇ ଦେଇ ରୋଷେଇ ଘରକୁ ପଶିଯାଆନ୍ତି ସୁଚରିତା। ଚା' ଆଣି ଗୌତମକୁ ଦେଇ, ବଗିଚାରୁ ଠାକୁର ପୂଜା ପାଇଁ ଫୁଲ ତୋଳନ୍ତି। ଠାକୁର ବାସନ ମାଜି ଠାକୁର ଘରେ ପଶନ୍ତି। ପୂଜା ଆରମ୍ଭ କଲାବେଳକୁ ନିଦରୁ ଉଠି ନାତୁଣୀ ତାନିଆ ତାଙ୍କ ପଛେ ପଛେ ଠାକୁର ଘରେ। ବୋଉ ବୋଉ ହେଇ ତାଙ୍କରି ପଛରେ ଗୋଡ଼େଇ ଥାଏ କଅଁଳ ବାଛୁରୀଟି ପରି। ଗୋଟିଏ ଦି'ଟା ଶବ୍ଦରେ ଅସ୍ପଷ୍ଟ କଥାରେ ପ୍ରଶ୍ନ କ'ଣ ପଚାରି ଚାଲିଥାଏ ସେ। ଉତ୍ତରକୁ ଅପେକ୍ଷା ନଥାଇ ପୁଣି ଆରମ୍ଭ କରିଦିଏ ଗୋଟିଏ ପରେ ଗୋଟିଏ ପ୍ରଶ୍ନ। ଠିକ୍‌ରେ ତା' କଥାକୁ ନଶୁଣିଲେ କି ଉତ୍ତରଟା ତା' ମନକୁ ନ ପାଇଲେ, ମାରିଲା ପିଟିଲା ପରି ଗଳା ଫଟେଇ କାନ୍ଦେ।

ବଡ଼ପୁଅ ମନ୍ମଥ ଓରଫ୍ ମନୁ ଆଉ ବୋହୂ ଗୀତିକା ସେତେବେଳ ଯାଏ ଶୋଇଥାନ୍ତି। ତାନିଆ କେତେ ଛୋଟ ବେଳୁ ତାଙ୍କ ପାଖରେ ଶୁଏ। ଯେନତେନ ଠାକୁର ପୂଜାଟା କରି ପ୍ରାର୍ଥନା, ଭାଗବତ, ଗୀତା ପାଠକୁ ପଛକୁ ରଖି ସେ ତାନିଆକୁ ଧରି ଠାକୁର ଘରୁ ବାହାରି ଆସନ୍ତି। ତାନିଆକୁ ବ୍ରଶ୍ କରାନ୍ତି। ଟଏଲେଟ୍ ଯିବ। ଲାଟ୍ରିନ ଯିବ। ତା' ପରେ ତେଲ ମାରି ଓଦା ତଉଲିଆରେ ପୋଛି ପାଛି ନେଇ ଆସନ୍ତି ବାଥ୍‌ରୁମ୍‌ରୁ। ତାକୁ ହର୍ଲିକ୍ସ ଆଉ ବିସ୍କୁଟ୍ ଆଣି ଖୋଇଦେଲା ବେଳକୁ ପୁଣି ଗୌତମଙ୍କର ପାଟି ଶୁଭେ। 'କୁଆଡ଼େ ଗଲ ? ପେପର ପକେଇ ସାରିଲାଣି ହକର୍ ? ଆଉ କପେ ଚା' ମିଳିବ ? ଥଣ୍ଡା ହୋଇଗଲା ମ !

ମର୍ଣ୍ଣିଂୱାକ୍‌ରୁ ଫେରି ଆସିଲେଣିନା ମୂଳରୁ ଯାଇ ନାହାନ୍ତି ଜାଣିବାର ସୁଯୋଗ ନଥିଲା କି ଆଗ୍ରହ ନଥିଲା ସୁଚରିତାଙ୍କର। ତାଙ୍କୁ ତାଙ୍କ କାମ ତ ପାଆକୁ ପାଆ ମାଡ଼ି ପକାଉଛି। ତାଙ୍କ ଇଚ୍ଛା ଗୋଟେ କ'ଣ ନା, ଜାଣିବା ନ ଜାଣିବାରେ ଫରକ୍ କ'ଣ ? ସେ ତ ଖୁଣ୍ଟରେ ବନ୍ଧା ଗାଈଟିଏ। କେବଳ ଗାଈ ନୁହେଁ ଦୁହାଁଳ ଗାଈଟିଏ।

ଏଥର ଟ୍ରେରେ ଦୁଇ କପ୍ ଚା' ଧରି ଗୌତମଙ୍କ ପାଖରେ ପହଞ୍ଚନ୍ତି ସେ। ତାଙ୍କ ହାତକୁ ଚା' କପ୍‌ଟି ବଢ଼େଇ ଦେଇ ନିଜେ ନିଜର ଚା' ଧରି ପ୍ଲାଷ୍ଟିକ ଚେୟାରଟିରେ ବସି ଚା' ପିଅନ୍ତି। ତାନି ତାଙ୍କରି ପାଖରେ ଗୁଲୁରୁ ଗୁଲୁରୁ ହୋଇ ଚାଲୁଥାଏ, କ'ଣ କହୁଥାଏ।

ମନୁ ବାଲ୍‌କୋନିକୁ ଆସି ଦେଖେ ବାପାଙ୍କ ପାଖରେ ପେପର୍ ନାହିଁ। ଡ୍ରଇଂରୁମ୍ ସୋଫା କଡକୁ ପକେଇ ଦେଇ ଚାଲିଯାଇଥାଏ। ମନୁ ଆଗ ଓ ପଛ ପୃଷ୍ଠାକୁ କିଛି ସମୟ ଦେଖି, ଭିତର ଉପରେ ଆଖି ବୁଲେଇ, ବାପାଙ୍କୁ କାଗଜ ଦିଏ। ସାମ୍ନାରେ ବାପା ନ ଥିଲେ ବି ତା' ବୋଉକୁ ଚା' ମାଗିଥାନ୍ତା, ବେଡ୍‌ଟି। ବାପାଙ୍କ ପାଖରେ ବୋଉ। ପୁଣି ପଶିଗଲା ନିଜ ବେଡ୍‌ରୁମ୍‌କୁ। ସୁଚରିତା ସବୁ ବୁଝି ମନେ ମନେ

ହସୁଥିଲେ। ସବୁ ଉପେକ୍ଷା ସତ୍ତ୍ୱେ ବାପା ମାନ୍ୟତାଟା ଅଛି ଏ ଯାଏ! ସେତିକି ଅନ୍ତତଃ ଥାଉ।

ଗୀତିକା ଲନ୍ ପାଖରେ ନାଇଟିଟା ପିନ୍ଧି ନସର ପସର ହେଉଛି। ଏତେ ଭୟ! ସେ ତ ବାଲ୍‌କୋନିରେ ତୁ ବାଥ୍ ରୁମ୍ ନ ଯାଇ ହଲ ହଲ ହେଉଛି ସେ ଶାଶୁ ଶଶୁର ମୋର ନାଇଟି ପିନ୍ଧା ଡ୍ରେସଟା ଦେଖନ୍ତୁ। କେୟାର କାହାକୁ ଯେ! ଯିଏ ଯାହା କରୁଛି, କେବଳ ତାରି ପାଇଁ ସେ କରୁଛି। ଏକଥା ଆମର ନୁହେଁ, ତା'ର ମନେ ରଖିବା ଉଚିତ। କ'ଣ ଭାବୁଚ? ଭାରି ଚିନ୍ତାରେ ଥିଲାପରି ଦିଶୁଚ ଯେ? 'ନା ମ, ମୋର ଭାବନା କାହିଁ ନା ଚିନ୍ତା କାହିଁ।' ଟ୍ରେ ସହ କପ୍ ଦୁଇଟି ଧରି ଉଠି ଆସିଲେ ସେ।

ଗୀତିକା ମୁହଁ ଫୁଲେଇ ଏପଟ ସେପଟ ହେଉଥାଏ। 'ଦେଖିଲ, ମୋର ଆଗ ବାଥ୍‌ରୁମ୍ ଯିବା ଜରୁରୀ ନା ତମ? ଆଗ ଗାଧୋଇ ଆସି ଯେମିତି ତିଆରି କରି ପକେଇବ ଟିଫିନ୍।' ମନୁ ବୋଧେ ବାଥ୍‌ରୁମ୍‌ରେ। ଗୀତିକାର ଏକୁ ବାଣୀ ଏ କଟୁ ସୁଚରିତାଙ୍କ ମନକୁ ବିବଶ କରିଦେଲା। ସବୁ ବୁଝୁଥିଲେ ସୁଚରିତା କେହି ତାଙ୍କୁ କିଛି ନ କହିଲେ ବି। ସେ ଗୌତମଙ୍କ ପାଖକୁ ଆସି କହିଲେ, 'ଆସିଲ, ଦେଖିବ ଗୋଟେ ନୂଆ କଥା। ଗୌତମ ଉଠିଗଲେ ତାଙ୍କ ପଛେ ପଛେ। କିଚେନ୍ ବଗିଚାରେ ସୁଚରିତା ଗୌତମକୁ କିଛି ପନିରପିବା ଦେଖାଇବା ସଙ୍ଗେ, ଗୋଟେ ନୂଆ ଅରେଞ୍ଜି କଲରର ଫୁଟିଥିବା ଗୋଲାପକୁ ଦେଖାଇଲେ ଗୌତମଙ୍କୁ। ବଗିଚାରେ ଥିଲା ଧଳା, ହଳଦିଆ, ମେରୁନ୍ ରଙ୍ଗର ଗଛ ଭର୍ତ୍ତି ସେବତୀ ଫୁଲ। ଗୋଟେ ଲେଖା ଗଛରେ ଚାଳିଶ ପଚାଶ ଭଳି ସେବତୀ ଫୁଲ। ଗୌତମ ଫୁଲଗଛ ପାଖରେ ଆନନ୍ଦରେ ଆଣ୍ଠୁଭାଙ୍ଗି ତଳେ ବସିଗଲେ। ହାତରେ ଆଞ୍ଜୁଳି କରି ଫୁଲକୁ ଧରି ଆଘ୍ରାଣ କରି ଯେମିତି ଛୋଟ ପକ୍ଷୀ ଶାବକଙ୍କୁ ଧରି ଆଉଁଶୁ ଥିଲେ।

– ତମେ କେତେବେଳେ ସମୟ ପାଉଚ ଏ ସବୁ କାମ କରିବାକୁ? ଫୁଲ ସଉକ ସହ ନିଜର ସୁନ୍ଦର ରୁଚିଟିଏ ନ ଥିଲେ କାମ କେହି କରିପାରିବେ ନାହିଁ। ଆଜିକାଲିର ସ୍ତ୍ରୀ ଲୋକମାନେ ଟିଭି ସାମ୍ନାରେ ସମୟ ନଷ୍ଟ କରି ଦେହ ପାଇଁ ରୋଗ କିଣନ୍ତି। ଶାଢ଼ୀ ଗହଣା ଦେଖି ସେଇପରି ଦରକାର ବୋଲି ଘରେ ଅଯଥା ଅଶାନ୍ତି ପୂରାନ୍ତି। କିନ୍ତୁ ତମେ ବାଃ, ଚମତ୍କାର। ତମ ହାତ, ତମର ଯତ୍ନ ଓ ରୁଚିକୁ ମାନିବାକୁ ପଡିବ। ସତରେ, ବହୁତ ଖୁସି ଦେଲ ତୁମେ। କି ଯେ ଲୋକ ମୁଁ! ଏଇ ବାଟରେ ସବୁଦିନ ଯା' ଆସ କରୁଛି। କିଛି ଜାଣିପାରୁନି।'

ସୁଚରିତା ହସିଲେ। ଅଫିସ୍‌କୁ ଗଲାବେଳେ ଆଖି ଆଗକୁ ଥାଏ। ଫେରିବା ତ ପ୍ରାୟ ସଞ୍ଜ ହୋଇ ଯାଇଥାଏ। ଅଳ୍ପ ଟିଫିନ୍ ଚା' ଟିକେ ପରେ ବାଲ୍‌କୋନିର ଆରାମ ଚେୟାର ତମକୁ ଡାକେ। ତେଣୁ ତମ ଚାରି ପାଖ ଦୁନିଆଁରେ ଯେଉଁ ଛୋଟ ବଡ଼ ଜିନିଷକୁ ଧ୍ୟାନ ଦେବାକୁ ବେଳ ନାହିଁ କି ଇଚ୍ଛା ନାହିଁ। ରାତିରେ ତମେ ଭିନ୍ନ ମଣିଷଟିଏ। ତମ ପଢ଼ାଘରେ ଲେଖାପଢ଼ା ଭଲ ତ ତମେ ଭଲ।' ସୁଚରିତା ତାଙ୍କ କହିବା ଭିତରେ ପାଇପ୍‌ଟାକୁ ଟାଣି ଆଣି ସୁଇଚ୍ ଅନ୍ କରିଦେଇ ବଗିଚାରେ ପାଣି ମଡାଇ ଦେଲେ।

ସେ ଜାଣନ୍ତି ଗୀତିକା ସକାଳ ଚା' ଦୁଇକପ୍ ମନୁ ଓ ତା' ପାଇଁ କରି, ଝିଅ ପାଇଁ କ୍ଷୀର ଶିଝାଇ କିଛି ଲାଇଟ୍ ଟିଫିନ୍ କରିଦେବ। ପରିବା, ଡାଲି ଅରୁଆ ଚାଉଳ ମିଶାଇ ପ୍ରେସର୍‌ରେ ଖେଚୁଡି କରି, ସାଙ୍ଗରେ ଆଚାର ଟିକେ ହଟ୍‌ପଟ୍‌ରେ ପୂରାଇ ଦୁଇଜଣଙ୍କ ପାଇଁ ନେଇଯିବ। ନଅଟା ସୁଦ୍ଧା ବାହାରିଯିବେ। ତାନିକୁ ବାଟରେ ତା' ପ୍ଲେସ୍କୁଲରେ ତା' ଟିଫିନ୍ ପାଇଁ କିଛି ଅଙ୍ଗୁର, ସେଓ ଚାରିପିସ୍, କିଛି ବିସ୍କୁଟ୍ ଲଞ୍ଚବାକ୍ସରେ ସଜାଡି ଧରେଇ ଦେଇ ଚାଲିଯିବେ ବାପା ମାଆ ନିଜ ନିଜ ଅଫିସ୍‌କୁ।

ସୁଚରିତାଙ୍କୁ ଏସବୁ କିଛି ବି ପସନ୍ଦ ନୁହେଁ। ପିଲାଟା ପରଟା କି ରୁଟି ପରିବା ଭଜା, ସୁପ୍ ଟିକେ ପିଇଲେ ତା' ସ୍ୱାସ୍ଥ୍ୟ ପାଇଁ କେତେ ଉପକାର ହୁଅନ୍ତା, ଏତେ ସମୟକୁ ପେଟ ପୂରିଥାନ୍ତା। ଅଥଚ...। ଗୀତିକା ଏତିକି ଟିକେ କାମ କରି ରୋଷେଇ ଘରକୁ ଏମିତି ବେଙ୍ଗଳା ପକାଇଥାଏ, ତାଙ୍କୁ ସବୁ ଠିକ୍‌ଠାକ୍ ସଜାସଜି କରି ରଖିବାକୁ କାହିଁ କେତେ ସମୟ ଲାଗିଯାଏ।

ବିନା ପଦେ କଥାବାର୍ତ୍ତାରେ ଗୀତିକା, ମନୁ ତାନିକୁ ଧରି ଘରୁ ବାହାରି ଯାଆନ୍ତି। ଏକଥା ଭାରି ବାଧେ ସୁଚରିତାଙ୍କୁ। କେତେ କଥା ମନରେ ଥିଲା ପୁଅ ବୋହୂକୁ ନେଇ। କିଛି ବି ହେଉନି ତାଙ୍କ ମନକୁ ପାଇଲା ଭଳି। କେତେ ଯାନ୍ତ୍ରିକ ପାଲଟି ଯାଉଛି ଜୀବନ ଆଜିକାଲି? କେତେ ସହଜରେ ବାପା ମାଆଙ୍କୁ ବି ନ ଚିହ୍ନିଲା ପରି ବ୍ୟବହାର ବୋହୂର, ପୁଅଟାର ବି। ହେଉ, ଯାହାକୁ ଯାହା ଭଲ ଲାଗୁଛି ତା' କରନ୍ତୁ। ସକାଳ ନଅଟା ପରେ ହେଲାଣି। ଗୌତମଙ୍କ ପାଇଁ ରୁଟି, ସିଝା ସନ୍ତୁଳା ନଇଲେ ତରକାରୀ ଏଇନେ କରିବେ ସେ। ନାନୁ ସାନପୁଅ ଉଠି ସାରିଥିଲେ ବି ତା' ବାପା ଅଫିସ୍ ଯିବା ଯାଏ ବିଛଣାରେ ପଡ଼ିଥାଏ। ଗୌତମ ଜଳଖିଆ କରିବା ଭିତରେ ସୁଚରିତା ସଜାଡ଼ି ଦିଅନ୍ତି ଗୌତମଙ୍କର ଜୋତା ମୋଜା, ପେନ୍, ରୁମାଲ, ମୋବାଇଲ, ଯଦି ପୂର୍ବ ଦିନରୁ ଆସିଥିବା କିଛି ଫାଇଲ୍ ଓ ଗାଡି ଚାବି।

ବାପା ଚାଲିଗଲା ପରେ ନାନୁ ଉଠେ। ଅଧୁଆ ମୁହଁରେ ମୋବାଇଲ୍ ଖୋଜେ। କ'ଣ କାହାକୁ ଫୋନ୍‌ରେ କହେ। ଟିଭି ଲଗାଏ। ଫୁଲ ସାଉଣ୍ଡରେ ଟିଭି ଅନ୍ ଥାଏ।

ସୁଚରିତା କିଚିନ୍‌ରୁ ପାଟି କରି କହନ୍ତି, 'ଟିଭି ସାଉଣ୍ଡ କମ୍ କର ନାନୁ। ମୁହଁ ଧୋଇଲୁଟି? ବ୍ରଶ୍ କର। ଆଜି କ'ଣ ତୋର ଜଳଖିଆ ଖାଇବୁ, କହିଦେ। କରିଦେଇ ଯିବି। ମୋର ଦୁନିଆଁ ଗୋଟାକର କାମ। ଗାଧୁଆ ଘରେ ଲୁଗା ପଡିଛି, ଧୁଆ ହୋଇନି। ଠାକୁର ଘରକୁ ପୂଜା କରିବାକୁ ଚାଲିଯିବି ତ ଥିବୁ ସେମିତି ଉପାସ। ମୋ କଥା ଶୁଣ୍। ମୋତେ ବିରକ୍ତ କରନା ନାନୁ। ତୋର ଆଜି କଲେଜ ନାହିଁକି? ଚାଲେନି ଏ କଲୋନୀ ସାରା ତଦାରଖ କରିବା, କାହାର କଲେଜ ପଢୁଆ ପୁଅର ଦିନ ଦଶଟା ଯାଏ ସକାଳ କାମ ସରୁନାହିଁ!

ନାନୁ ସେମିତି ଟିଭି ଅନ୍ କରି ମୋବାଇଲରେ କାହା ସହ ଚାଟିଂ କରୁଥାଏ କି ଗେମ୍ ଖେଳୁଥାଏ ସେଇ ସିନା ଜାଣେ, ସୁଚରିତାଙ୍କୁ କ'ଣ ଜଣା।

ସୁଚରିତା ଗାରୁଗାରୁ ହୋଇ ଠାକୁର ଘର ଭିତରେ ପଶନ୍ତି। ନାନୁ ବ୍ରଶ୍ କରେନା। ଫେସ୍‌ୱାସ୍ ଲଗାଇ ମୁହଁ ଧୋଇ ପକାଏ। ବେସିନ୍ ପାଖ ଆଇନାରେ ମୁହଁ ଦେଖେ। ମୁଣ୍ଡ ବାଳକୁ ଓଦା କରି ବାରବାର କୁଣ୍ଡାଇ ତା' ପସନ୍ଦ ଷ୍ଟାଇଲ କରେ। ଡ୍ରେସ ବଦଳାଇ ମୋବାଇଲ୍‌ରୁ ତାର ଦି'ଟା କାନରେ ପୂରାଇ ସାଇକେଲ୍‌ଟାକୁ ଗୋଟେ ହାତରେ ଧରି ବାହାରିଯାଏ। ନା ବହି ନା କପି କିଛି ତ ନଥାଏ କଲେଜ ବ୍ୟାଗ୍‌ରେ ଯାହାକୁ କାନ୍ଧରେ ଗଳାଇ ପିଠି ପାଖରେ ଓହଳାଇ ଥାଏ। କେବଳ ତା'ର ଜଣେ ଦାୟିତ୍ୱବାନ ପୁଅ ବୋଲି ବୋଉ ଭାବୁ, ସେ ଦାଣ୍ଡ କବାଟକୁ ଆଉଜାଇ ଆଣେ। ଗେଟ୍ ମଧ୍ୟ ବନ୍ଦ କରିଦିଏ।

ଠାକୁର ଘରୁ ତଳ ମହଲାକୁ ସିଡି ପାହାଚରେ ଆସୁଥିଲା ବେଳେ ଦେଖା ହୋଇଗଲା ରଂଜିତା ସାଙ୍ଗରେ। ନଜର ପଡ଼ିଗଲା ତ ରଂଜିତା ସୁଚରିତାକୁ ଚାହିଁ ହସିଦେଲା ଟିକେ। ସୁଚରିତାକୁ ତା' ହସ କାନ୍ଦିଲା ଭଳି ଜଣାଗଲା। ପଚାରିଲା ସୁଚରିତା, ତମର କାଲି ରାତିରେ ଏତେ ପାଟିଗୋଳ କାହିଁକି ହେଉଥିଲା? ଏଟା ଅବଶ୍ୟ ତମର ଘରୋଇ ବ୍ୟାପାର। ଆମେ ରାତିରେ ଏତେ ପାଟିରେ ଟିକେ ଶୋଇ ପାରିଲୁ ନାହିଁ। ଗୌତମ ରାଗି କରି ବାହାରୁଥିଲେ ପଚାରିବାକୁ। ହାତ ଧରି ବାରଣ କଲି। କି ଯାତ୍ରା କରୁଛ ତମେମାନେ ଦିନଠୁଁ ରାତିଯାଏ? ଭୋରୁ ତ ଉଠାଇ ଦେଉଛ। ରାତିରେ ବି ଶୁଆଇ ଦେଉନ! ରାତି ଲେଟ୍ ଯାଏ ଲେଖାପଢ଼ା କରି ବିଛଣାକୁ ଯାଆନ୍ତି ଗୌତମ। ଲେଖକ ଲୋକ। ତମକୁ ରଖି କି ଯେ ହିନସ୍ତା ହେଉଛି ମଣିଷ। ଭାବିଥିଲୁ

ବ୍ୟାଙ୍କ କର୍ମଚାରୀ। ଶିକ୍ଷିତ, ମାର୍ଜିତ, ଭଦ୍ରଲୋକ ହୋଇଥିବେ, ତାଙ୍କ ସାଙ୍ଗରେ ତାଙ୍କ ପରିବାର ବି ଶାନ୍ତ, ଭଦ୍ରଥିବେ। ଅଥଚ...।

ରଂଜିତା ଆଖିରୁ ନୀରବରେ ଧାରଧାର ଲୁହ ଗଡ଼ି ଯାଉଥିଲା। ସୁକୁସୁକୁ ହୋଇ ଯାହା ସେ ଶୁଣାଇଲା ସୁଚରିତାଙ୍କ ତାଲୁ ଉଠିଗଲା ଯେମିତି ଉପରକୁ।

ରଂଜିତା କହିଲା, 'ଏଇ ଦି' ମାସ ହେଲା ରାତିରେ ବରାବର ମଦ ପିଇକି ଆସୁଛନ୍ତି। ଘରେ ବାଡ଼ା କଚଡ଼ା, ପୋପଡା କରୁଛନ୍ତି। କଥା କଥାକେ ମୋତେ, ମୋ କଲେଜ ପଢୁଆ ବଡ଼ଝିଅଟାକୁ ହାତ ଉଠାଇ ମାରୁଛନ୍ତି। ଆଠଦଶ ଦିନ ତଳେ ତାଙ୍କ ବ୍ୟାଙ୍କ୍‌ର ଜଣେ ପିଅନ ଆମ ଘରକୁ ଆସିଥିଲା। କହିଲା କି ବ୍ୟାଙ୍କ୍ ସାରା ଲୋକ ଚୁପ୍‌ଚାପ୍, ଫୁସ୍‌ଫାସ୍ ହେଉଛନ୍ତି। ହଠାତ୍ ଚୌଧୁରୀ ବାବୁ କ୍ୟାସ୍‌ସଟ୍‌ରେ କାମ କରୁଥିଲେ। ହାର୍ଟ ଷ୍ଟ୍ରୋକ୍‌ରେ ମରିଗଲେ। ଏ ହେଲାଣି ଆଠ ଦଶ ମାସର କଥା। ରିହାବିଲ୍‌ଟେସନ୍ ପ୍ଲାନରେ ତାଙ୍କ ସ୍ତ୍ରୀ ଏଇ ଦି' ମାସ ହେଲା ବ୍ୟାଙ୍କରେ ଯୋଗ ଦେଇଛନ୍ତି। ରାଜୁ ବାବୁ ତ ତାଙ୍କ ପଛରେ ପୂରା ଛାଇ ପରି ଲାଗିଛନ୍ତି। ମୋ ନାଆଁ କହିବେନି ଆଜ୍ଞା। ରାଜୁବାବୁ ଆଲମିରା ଉପରେ ରଖିଥିବା ଜରି ଭିତରେ କିଛି କାଗଜପତ୍ର ରଖିଛନ୍ତି, ମୋତେ ଦିଅନ୍ତୁ ମୁଁ ଚାଲିଯିବି। ତାଙ୍କ ଦରମା କୁଆଡ଼େ ଯାଉଛି କ'ଣ କରୁଛନ୍ତି ପଚାରିଲେ ପାଟି, ଅଭଦ୍ରଭାଷା। ଦୁଇ ତିନି ହଜାର ମୋ ହାତକୁ ଧରେଇ ଦେଇ ବାସ୍ ପକେଟ ଖାଲି। ଏଣେ ଘରେ ବଢ଼ିଲା ଝିଅ, କଲେଜରେ ପଢୁଛି। ପୁଅ ଚିନ୍ମୟ ଅଷ୍ଟମ ଶ୍ରେଣୀରେ ପଢୁଛି। ସମସ୍ତେ ବାପାଙ୍କର ଏ ଆଚରଣରେ ନିର୍ବାକ ଜଡ ପ୍ରାୟ ଡରରେ ଅଛନ୍ତି। ସେମାନଙ୍କ ମୁହଁରେ ନା ହସ ନା ଭଲମନ୍ଦରେ ଭାଇଭଉଣୀଙ୍କର ଖେଳକୁଦ କିଛି ବୋଲି କିଛି ନାହିଁ। ମୋ ସହିତ ଭଲରେ କଥା ପଦେ ବି ନାହିଁ। ତୁମେ କୁହ ମାଉସୀ, ମୋ ବୟସ ଏମିତି କ'ଣ ବଢ଼ିଗଲାଣି, ଏସବୁ ଗାଳି ମାଡ, ଅଭଦ୍ରଭାଷା ସହ ତାଙ୍କର ଉପେକ୍ଷାକୁ ହଜମ କରି ବଞ୍ଚିପାରିବି ? ସେଇଥିପାଇଁ ନିଜକୁ ଢାଙ୍କିବା ପାଇଁ, ତାଙ୍କୁ କିଏ ଆଙ୍ଗୁଳି ଦେଖାଇବା ପୂର୍ବରୁ ବଡ଼ପାଟି କରି ଘରେ ନାନାଦି ଅଶାନ୍ତି ସୃଷ୍ଟି କରୁଛନ୍ତି। ମୁଁ କ'ଣ କରିବି ମାଉସୀ ? ମୋର ଏଥିକୁ ଉପାୟ କ'ଣ ?

ସୁଚରିତା ଏତେ କଥା ଶୁଣି କ'ଣ ବା ମତ ମନ୍ତବ୍ୟ ଦେବେ ଭାବି, ଧୀରେ ଧୀରେ ନିଜ ଘର ଭିତରକୁ ଗଲେ। ନାନୁଟା କ'ଣ ଖାଇବ। ସେ ବି ଜଳଖିଆ ଖାଇ ପୁଣି ରୋଷେଇରେ ଲାଗିବେ। ବୟସ ବଢ଼ିଲା ବେଳକୁ କିଛି ସମୟ ବିଶ୍ରାମ ନେବା କଥା ସିନା, ତାଙ୍କ ଭାଗ୍ୟରେ ସେ ସୁଖ କାହିଁ ? ଘର ଗୋଟାକର କାମ ଓ ଦାୟିତ୍ୱ ତୁଲେଇବା ଭିତରେ ସକାଳରୁ ରାତି ହୁଏ ତ ରାତି ପାହି ତ ପରଦିନ ସକାଳ ହୁଏ। ବାରଟା ସାଢ଼େ ବାରଟା ବେଳକୁ ତାନି ତା' ସ୍କୁଲ୍ ଗାଡ଼ିରେ ଫେରି ଆସିବ ଘରକୁ। ତାକୁ ପୋଷାକ ଓହ୍ଲାଇଦିଅ, ଜୋତା ମୋଜା ଖୋଲିଦିଅ। ତେଲ ମାରି ଗାଧୋଇ ଦେଇ ଅଲଗା ଡ୍ରେସ୍ ପିନ୍ଧାଇ, କିଛି ଖୁଆଇ ଦେଇ, କ୍ଷୀର ପିଆଇଦେଇ ଶୋଇ ପକାଇବା ପରି ଅନେକ କାମ। ବୟସ ଟଳିଲା ବେଳକୁ ଏ ନୁଖୁରି ସେବା କରିବାକୁ ଥିଲା ତାଙ୍କୁ। ଆଜିକାଲି ଏତେ କାମକୁ ଥକି ପଡୁଛନ୍ତି ସୁଚରିତା। ଆଉ ଆଗପରି ଧାଇଁ ଦଉଡ଼ି କାମ କରିବାର ସ୍ପୃହା ରହୁନାହିଁ ନିଜ ଭିତରେ। ସମସ୍ତଙ୍କ ପରି ତାଙ୍କର ଆୟୁଷ କ୍ଷୟ ହେଉଛି କି ନାହିଁ। ମନୁ ଗୀତିକା ଏ ଘରର ବଡ଼ପୁଅ ବଡ଼ବୋହୂ। ଅଥଚ ଘରଟା ଭିତରେ ଯନ୍ତ୍ରବତ୍ ବଞ୍ଚନ୍ତି। କ'ଣ ଦରମା ପାଆନ୍ତି, କେତେ ଖର୍ଚ୍ଚ କରି କେତେ ସଞ୍ଚୟ କରନ୍ତି, ତାଙ୍କ ଭିତରେ ଥାଏ। ଏ ବାବଦରେ ଦିନେ ଗୌତମ ତାଙ୍କୁ ପ୍ରଶ୍ନ କରି ନାହାଁନ୍ତି ଯଦି, ସେ କାହିଁକି ପଚାରିବେ ? ଏ ନିଜ ଘର ଖର୍ଚ୍ଚ, ନାନୁର ଶିକ୍ଷାଶେଷ କରି କେଉଁ ଜାଗାରେ ନିଜକୁ ବ୍ୟବସ୍ଥିତ ନ କଲାଯାଏ ସେ ଗୌତମଙ୍କ ଗଳାରେ ଝୁଲୁଥିବ। ଗୌତମ ଦୁଇବର୍ଷ ତଳେ ନିଜ ଚାକିରୀରୁ ଅବସର ନେଇଥିଲେ ବି ଅନ୍ୟ ଏକ ପ୍ରାଇଭେଟ୍ ସଂସ୍ଥାରେ ଆକାଉଣ୍ଟାଣ୍ଟ ହିସାବରେ ଅଛନ୍ତି। ଦଶବାର ହଜାର ଟଙ୍କା କେଉଁଠୁ ଆସିବ ? ପେନ୍‌ସନ୍‌ଟା ସେଭିଙ୍ଗ୍‌ରେ ରହୁଛି ତ ଭବିଷ୍ୟତ ପାଇଁ। ନାନୁଟାର ବାହାଘର, ଆମ ବୁଢ଼ାବୁଢ଼ୀ ଅବସ୍ଥାକୁ ଔଷଧପତ୍ର, ଚିକିତ୍ସା ପାଇଁ ତ ଟଙ୍କା ଜରୁରୀ ନା ?

ନିଜର ଚିନ୍ତାରେ ବୁଡ଼ି ମଧ୍ୟ ସୁଚରିତା ସେଁ ଭେଁ କରି ଡାଲି, ଭାତ ଭଜାଟେ କରିଦେଲେ। ନାନୁ ଖାଇବା ଆଇଟମ୍‌କୁ ଦେଖି ତାତି ଉଠିବ ତ ଅଣ୍ଡା ଆମ୍‌ଲେଟ୍ ଦି'ଟା କରିଦେବେ। ତାନିକୁ ବି ଉଠିପଡ଼ିଲେ ଡାଲି, ଭଜା, ଅଣ୍ଡା ଆମ୍‌ଲେଟ୍ ଲଗାଇ ଖୁଆଇ ଦେବେ। ଗୌତମ ତ କ୍ୟାଣ୍ଟିନ୍‌ରେ ଲଞ୍ଚ କରି ଦିଅନ୍ତି ଖରାବେଳଟା। ଖାଲି ଏକା ତାଙ୍କ ପାଇଁ କିଛି ଅଧିକ ରାନ୍ଧିବାକୁ ମନ ବଳେନା।

ସବୁ କାମ ସାରି ତାନି ପାଖରେ ଟିକେ ଶୋଇପଡ଼ିଲା ବେଳକୁ କାମବାଲୀ ବାସନ୍ତୀର ଡାକରା। କିଛି ନ ପଚାରିଲେ ବି ବାସନ୍ତୀ ବାନ୍ତି କରିପକାଏ କଥା ଗୁଡ଼ାଏ। ତା' ବର ରାମୁଲୁ ରିକ୍‌ସା ଟାଣେ। ଯା' ରୋଜଗାର କଲା ସବୁ ମଦ ଗଞ୍ଜେଇରେ ଉଡ଼େଇଲା। କିଛି କହିଲେ ମାଡ଼। ହେଇ ମୋ ହାତ ଦେଖୁନା। ଦି' ପଟ ପାଣିକାଚ ବି ରଖେଇ ଦେଲାନି ଏ ହାତରେ ଅଲପେଇସା। ପିଠି ଦେଖ, କେମିତି ନୋଳା ବସି ଫାଟିଚି। ପୋଡୁଚି ମାଆ। ପୋଡ଼ା ମରଦଟା ବଞ୍ଚି ଥାଇ ବି ରାଣ୍ଡ ହେଇ ବଂଚିଛି। ଜଣିଥା' ମାଆ ଆଉ ଏ ହାତ ଉପରକୁ ଚୁଡ଼ି ଉଠେଇବି ନାହିଁ। ମୋ ଲେଖାରେ ମୁଁ ଧରି ନେଇଛି, ସେ ଅଲପେଇସା ମରିସାରିଛି। ତିନି ଚାରି ଘରେ ବୁଲି ବାସି ପାଇଟି କରୁଚି ବୋଲି ଘରେ ଥରେ ଦିନକୁ ଚୁଲୀ ଜଳୁଛି। ଛୁଆମାନେ ମୋର ଥରେ ଗରମ ଭାତ, ଥରେ ପଖାଳ ପାଣି ଖାଇ ବଂଚୁଛନ୍ତି। ମଗାମଗି ପୁରୁଣା ଶାଢ଼ୀରେ ମୋ ଝିଅ ନୁଚଉଛି। ମଗାଜଚା ପ୍ୟାଣ୍ଟ, ସାର୍ଟରେ ପିଲାଦିନ କାଟୁଛନ୍ତି। ତୁ ତାହେଲେ ମାଖୁନାଟାରେ କି ଗେରସ୍ତ କି ବାପ ପିଲାଙ୍କର। କାମ କରୁଥାଏ ତ କଥା ଟକ୍‌ମକ୍ ଫୁଟୁଥାଏ ଫୁଟିଲା ପାଣି ପରି। କାମ ସରେ ତ ବାସନ୍ତୀ ପାଟିରେ କୋଲପ ପଡ଼ିଗଲା ପରି କଥା ବନ୍ଦ ହୋଇଯାଏ।

ସୁଚରିତା ମନେ ମନେ ତର୍ଜମା କରନ୍ତି ଗୋଟେ ପଟେ ତାଙ୍କର ଜୀବନ। ରାତି ପାହିଲାଠୁ ରାତି ହେବାର ବିଳମ୍ବିତ ପ୍ରହର ଯାଏ କାମ ସରେନା। ଥକି ପଡ଼ିଥାନ୍ତି ବୟସର ଚାପ ସାଙ୍ଗକୁ ମାନସିକ ଓ ଶାରୀରିକ ଶ୍ରମ ଯୋଗୁଁ ତାଙ୍କ ସରସତା ସତେଜତା ମଉଳାଫୁଲ ପରି ଝାଉଁଳି ପଡିଥାଏ।

ଗୌତମ ଡ୍ରେସ୍ ବଦଳାଇ ଆଗ ଥକ୍କାମରା ହୋଇ କିଛି ସମୟ ବସିଯାଆନ୍ତି ସୋଫାରେ। ଫ୍ୟାନ୍ ଲଗାଇ ଦେଇ ଆଗ ଥଣ୍ଡା ପାଣି ଗ୍ଲାସେ ବଢ଼େଇ ଦିଅନ୍ତି ସେ। ରୋଷେଇ ଘରକୁ ଯାଇ ଗରମ ଉପମା କେଉଁଦିନ, କେଉଁଦିନ ଚୂଡ଼ା ସନ୍ତୁଳା ନଇଲେ ଗରମ ଚକୁଳି ପିଠା ତାଙ୍କ ସାମ୍‌ନାରେ ରଖିଦେଲେ, ଗୌତମ ପିଠା ଦେଖି ଖୁସି ହୋଇଯାନ୍ତି। ପିଠା ଖାଉ ଖାଉ ତାଙ୍କ ବୋଉ ହାତ ତିଆରି ପିଠାକୁ ସ୍ମରଣ କରି ନିଜେ ଲୁହେଇଯାନ୍ତି।

ତାଙ୍କୁ ଟିକେ ଖାଇବାର ସ୍ୱାଦ ଦେଇଛି ବୋଲି ମୋତେ ଖୁସି ଲାଗେ। ହିସାବ ନଥିବା ଲକ୍ଷେ ପାଇଟି ଭିତରେ ତାଙ୍କ ହାତକୁ ଅବସର ନଥାଏ। ମନୁ ଗୀତିକାର କଥା ଛାଡ଼, ଗୌତମ କେବେ କଥା ପ୍ରସଙ୍ଗରେ କହନ୍ତି ନାହିଁ। ତମେ ଖାଇଚ ତ ? ଏ ପିଠା ଖଣ୍ଡେ ଖାଅ ନା ? ଚାଲ, ଆଜି ଟିକେ କୁଆଡ଼େ ବୁଲି ଆସିବା। ଏ ଦୀର୍ଘ ଦାମ୍ପତ୍ୟ ଜୀବନ ଭିତରକୁ ଏପରି ସୁଖଦ ମୁହୂର୍ତ୍ତଟେ କେବେ ଆସିନାହିଁ। ଘଟିନି କେବେ ସେମିତି । ସେ ଆଶା କରନ୍ତି, ଘର ଗୋଟାକର କାମ କରି ଯେ ଥକି ପଡୁଛନ୍ତି, ଏ ଅନୁଭବ ଟିକେ ଗୌତମଙ୍କର ଆସୁ ! ସେ ଟିକେ ଦରଦୀ ମରମୀ ମଣିଷ ହୋଇ ମୋ ସାମ୍‌ନାରେ ଥିଲେ, ସୁଚରିତା ତ ଆଉରି କେତେ କାମ ଧାଇଁ ଦଉଡ଼ି କରି ପକାନ୍ତେ। ଗୌତମଙ୍କ ମୁହଁରୁ ଶୁଣିବାକୁ ଭଲଲାଗେ ପଚାରନ୍ତେ କିଏ "ତମେ ଆଜିକାଲି ଭାରି ଶୁଖିଲା ଦିଶୁଚ ? କ'ଣ ଦେହ ଭଲ ଲାଗୁ ନାହିଁ ? ଠିକ୍ ଅଛି, ନାନୁକୁ ବଜାର ପଠେଇ ରୁଟି ତଡ଼କା

ମଗେଇ ଦେବି। ତମେ ବିଶ୍ରାମ ନିଅ। ରାତିରେ ଏକାଠି ସମସ୍ତେ ଖାଇବା।" ନା, ଏମିତି ଜମା ହୁଏନା।

ଖରାବେଳେ ନାନୁ କଲେଜରୁ ଫେରି ଏକା ଖାଇଲେ ବି, 'କିଛି ଭଲ ଲାଗୁନାହିଁ, କ'ଣ ଏ ହେଇଛି, ମଣିଷ ଖାଇବ ? ଭାତ ଥାଳି, ଡାଲି ଗିନାକୁ ପେଲିଦିଏ। ଫୋପଡ଼ା ଛିଞ୍ଚଡ଼ା କରେ। ଦିନେ ମନକୁ କହେନା, "ବୋଉ ତମ ଦେହ ଭଲ ନାହିଁ କି? ତମେ ଆସ ନା ଆମେ ସାଙ୍ଗରେ ବସି ଖାଇବା। ତିନିଟା ବାଜିଲାଣି, ତମେ କେତେବେଳେ ଖାଇବ ? ନା, ସେମିତି କେବେ ସାନ ପୁଅଠାରୁ ବି ମିଳେନା। ଗୌତମ, ନାନୁ, ତାନି ସମସ୍ତେ ତାଙ୍କ ହାତକୁ ଅପେକ୍ଷା କରିଥାନ୍ତି। ନିଜର ଅଧିକାର ଜାହିର୍ କରୁଥାନ୍ତି। ସେ କିନ୍ତୁ ନିଜ ଭିତରେ କୁହୁଳି କୁହୁଳି ଜଳି ନିଜ ଭାଗ୍ୟକୁ ନିନ୍ଦୁଥାନ୍ତି। ଶରୀର ଓ ମନକୁ କଷ୍ଟ ହେଲେ ଗରମ ଲୁହ କେଇଧାର ଗଡ଼ିପଡ଼େ ଆଖିରୁ। ନିଜେ ପୋଛି ଦିଅନ୍ତି, କେହି ଦେଖିବା ଆଗରୁ।

ଦିନେ ଦିନେ ରାତି ପାଇଁ କେବଳ ରୁଟି ଡାଲମା କରି ଦିଅନ୍ତି। ସଂଜ ସାତଟା ପୂର୍ବରୁ ଗୀତିକା ଘରକୁ ଫେରିଲେ ବି ରୋଷେଇ ଘରେ ତା' ପାଦ ପଡ଼େନା। ବରଂ ଖାଇବା ପାଇଁ ତାଙ୍କୁ ଅସ୍ୱାଦୁ ଲାଗିଲେ, ଦୁମ୍ ଦୁମ୍ ହେଇ ରୋଷେଇ ଘରକୁ ଆସି ଅଣ୍ଡା ଆମ୍ଲେଟ୍ ତାଙ୍କ ଦୁହିଁଙ୍କ ପାଇଁ କରିନିଏ। ନାନୁ, ଗୌତମ ରୁଟି ଡାଲମା କେବଳ ଖାଆନ୍ତି। କେବେ ସେମାନେ ଅପେକ୍ଷା ରଖନ୍ତି ନାହିଁ ଯେ ଗୀତିକା ତାଙ୍କୁ ଆମ୍ଲେଟ୍ କି ଭୁଜିଆ ଆଣି ପରଶିଦେବେ। କାରଣ ଏପରି ପରଶା କେବେ ତ ଗୀତିକା ତରଫରୁ ଘଟିନାହିଁ। ମନୁ ବନ୍ଧାଗୋରୁଟିଏ ପରି ଗୀତିକା କଥାରେ ବଂଚୁଥାଏ। ଏଇତ ତାଙ୍କର ସଂସାର ! ବିକଳ ବିଧିତ ରୂପ ତାଙ୍କ ସ୍ୱପ୍ନ ସଂସାର। କିଏ ଏଠି କାହାକଥା ବୁଝେ ? ନାନୁ, ପୁଅବୋହୂ ନିଜ କାମ ଭିତରେ ମତଲବ ରଖିଥିଲା ବେଳେ ସୁଚରିତା କିନ୍ତୁ ବୟସର ଅପରାହ୍ନରେ ଘରଟା ଭିତରେ ଚକ୍ରି ପରି ଘୁରୁଥାନ୍ତି। ଆଜିକାଲି ଆଣ୍ଠୁ, ଅଣ୍ଟା ଧରୁଛି। ନଇଁ ପଡ଼ିଲେ ହଠାତ୍ ସିଧା ହେଇ ହୁଏନା କି ସିଧା ଥିଲେ ସହଜରେ ନଇଁ ହୁଏନା। ଥଣ୍ଡା ଯୋଗୁଁ ହେଉଛି କି କ'ଣ ! ଷାଠିଏ ବର୍ଷ ତାଙ୍କୁ ହେଲାଣି। ଖାସ୍ ଗୌତମଙ୍କ ପାଇଁ ତାଙ୍କୁ ସକାଳ ପାଞ୍ଚଟାରୁ ଗାଧୋଇବାକୁ ପଡ଼େ। ଚା' ତାଙ୍କର ଉଠିଲା କ୍ଷଣି ଦରକାର। ଦେଇପିଣ୍ଡିରେ ପ୍ରତିଦିନ ବଡ଼ବଡ଼ୁଆଙ୍କ ପାଇଁ ପାଣି ରଖାଯାଏ। ଅଗାଧୁଆ ସେ ରୋଷେଇ ଘରକୁ ପଶିଯିବେ କେମିତି ? ହାତଗୋଡ଼ ଚଳୁଥିବା ଯାଏ ତାଙ୍କ ଶାଶୁ କହିଯାଇଥିବା କଥାକୁ ସେ ମାନୁଥିବେ। ତା'ପରେ ଯିଏ ଯାହା କରିବ, ସେଥିକୁ ତାଙ୍କର ଆୟତ୍ତରେ କ'ଣ ଥିବ ? ଚାଲୁ ଏମିତି କେତେ ଦିନ ଚାଲୁଚି। ନାନୁଟା ପାଠସାରି ଚାକିରି ଖଣ୍ଡେ ଧରି ଦେଲେ, ତା' ବାହାଘରଟା ସାରିଦେଲେ ନିଜ କର୍ତ୍ତବ୍ୟ ସରିଯିବ। ସୁଚରିତା ହସିଦେଲେ ନିଜକୁ ନିଜେ। ସେ ଓ ତାଙ୍କ ସହ ଆଉ ତିନୋଟି ନାରୀ ଜୀବନ ସହ ଯୋଡ଼ି ହୋଇ ରହିଛନ୍ତି। ସମସ୍ତଙ୍କର ସ୍ଥିତି ପ୍ରାୟ ଗୋଟେ ପ୍ରକାରର। ରଂଜିତା, ବାସନ୍ତୀ ଓ ସୁଚରିତା ଏମାନଙ୍କର ବଂଚିବା ମୂଳରେ ଅନ୍ୟ ପାଇଁ ନିଜକୁ ତିଳ ତିଳ ଜାଳିବା। ଏୟାନା ? ଗୀତିକା ଜୀବନ ଗୋଟେ କ୍ଷୁଦ୍ର ପରିବେଶକୁ ନେଇ। ତା' ବନ୍ଧା ଗୋରୁ ସ୍ୱାମୀ ମନୁ ଆଉ ସେ।

ଖାଲି ଟିଭିରେ, ସମ୍ବାଦପତ୍ରରେ, ମଞ୍ଚରେ ଓମେନ୍ ରାଇଜିଂର ଲମ୍ବାଭାଷଣଟେ ପ୍ରବନ୍ଧ ଓ ବକ୍ତୃତା ଦେଇଦେଲେ କିଛି ହେଇ ନାହିଁ କି ହେବ ନାହିଁ। ବରଂ ମ୍ୟାନ୍ ରାଇଜିଂର ସ୍ୱର ଉଠୁ। ସମାନ ସୁବିଧା ସୁଯୋଗ, ଅଧିକାର ସାଙ୍ଗକୁ ପରସ୍ପର ଭିତରେ ଠିକ୍ ବୁଝାମଣା, ସହଭାଗିତା ରହୁ। ସ୍ନେହ, ଦରଦ, ସାମର୍ଥ୍ୟ ବାଣ୍ଟିବାର କର୍ତ୍ତବ୍ୟ ବିଷୟରେ ସମସ୍ତେ ସଚେତନ ହୁଅନ୍ତୁ। ଦୁଃଖ ସୁଖ ବାଣ୍ଟି ନେବାର ଆନ୍ତରିକତା ଉଭୟଆଡୁ ବଢୁ। ତା' ନହେଲେ, ଯେଉଁ ତିମିରେକୁ ସେଇ ତିମିରେ। ଉନ୍ନତି ନାମରେ ଶିକ୍ଷିତ ସଭ୍ୟ ସମାଜରେ ସେଇ ମାନସିକତା ଅଛି ତ ? ସୁଯୋଗ ପାଇଲାକ୍ଷଣି ଲୁଟି ନେବା, ପାଦତଳେ ଅନ୍ୟର ଇଚ୍ଛାକୁ ଚାପି ରଖିବାର ଅହଂକୁ ସାବ୍ୟସ୍ତ କରିବା ପରି ହୀନ କର୍ମର କେଉଁ ଦିନ ଅନ୍ତ ଘଟିବ ? ଏକଥା ଜାଣେନା ବାସନ୍ତୀର ମଦ୍ୟପ ସ୍ୱାମୀ ରାମୁଲୁ କି ରଂଜିତାର ବ୍ୟାଙ୍କରେ ଚାକିରି କରୁଥିବା ସ୍ୱାମୀ ନାମଧାରୀ ପରଦାରାସକ୍ତ ପଶୁଜଣକ। ଘରେ ଯୌବନ ଥିବା ଚଳନୀୟ ସୁନ୍ଦରୀ ସ୍ତ୍ରୀ, କଲେଜ ପଢୁଆ ଝିଅ ଥାଇ ବି ନିଜ ଦାୟିତ୍ୱ କର୍ତ୍ତବ୍ୟକୁ ଡଷ୍ଟବିନ୍‌ରେ ଫିଙ୍ଗି ସାମୟିକ ଦୈହିକ ସୁଖ ପଛରେ ପାଗଳ ! ଆଉ ଗୌତମ ? ସବୁ ଜାଣନ୍ତି କିଛି ନ ଜାଣିଲା ପରି। ତାଙ୍କର ସବୁ କାମ ଠିକ୍ ସମୟରେ ତାଙ୍କ ଚାହିଁବା ମୁତାବକ ହେଇଯାଉ, ବାସ୍ ସେତିକି। ବିବାହ ଆରମ୍ଭରେ ସୁଚରିତାଙ୍କୁ ଚାକିରି ଛଡ଼ା ଦେବା ମୂଳରେ ତାଙ୍କ ଭିତର ଇଚ୍ଛା କ'ଣ ଥିଲା ସୁଚରିତା ଜାଣନ୍ତି ଭଲକରି। ନିଜ ପୌରୁଷର ମର୍ଯ୍ୟାଦାହାନି ହୋଇଯାଇଥାନ୍ତା। ଏକଥା ମଧ୍ୟ ମନରେ ଥିଲା ଘରୁ ବାହାରି ଗୋଟେ ବୃହତ୍ତର ପରିବେଶରେ ପୁରୁଷଙ୍କ ମେଳରେ ଚାକିରି କରିବା ଭିତରେ ସୁଚରିତାଙ୍କ ଦୃଷ୍ଟିକୋଣ ବଦଳି ଯାଇପାରେ ! ତାଙ୍କୁ ଭଲପାଇବା, ତାଙ୍କୁ ସର୍ଭିସ୍ ଦେବାରେ କେଉଁଠି ନା କେଉଁଠି ଊଣା ରହିଯାଇପାରେ। ଉଭାନ୍ ହୋଇଯାଇପାରେ ତାଙ୍କ ଆନ୍ତରିକତା ? ଏମିତି ଲକ୍ଷେ କଥାର ନକାରାତ୍ମକ ଦିଗ ତାଙ୍କୁ ବାଟବଣା କରିଦେଇଥିବ ହୁଏତ। ତାଙ୍କ ଅବଚେତନ ମନରେ ସୁଚରିତାଙ୍କ ଶିକ୍ଷା, ସଂସ୍କାର, ଶାଳୀନତା ସବୁ ବିପରୀତ ପଥରେ ଚାଲିଯିବ ବୋଲି ମନରେ ଦୃଢ଼ ସନ୍ଦେହଟେ ବସାବାନ୍ଧିଥିବ। ତେଣୁ ସୁଚରିତା ଚାକିରି ଛାଡ଼ିବାକୁ ବାଧ ହେଲେ ମନୁ ସ୍କୁଲ୍ ଯିବା ବୟସରେ ଯଦିଓ ତାଙ୍କ ଶାଶୁ ମୃତ୍ୟୁ ପର୍ଯ୍ୟନ୍ତ ତାଙ୍କରି ପାଖରେ ଥିଲେ ଦୀର୍ଘ ସତରବର୍ଷ ଧରି। କାମବାଲି ସୋଲି ଥିଲା। ତା' ପରେ ବି ଚାକିରି କରିବାର ଅନୁମତି ନଥିଲା ତାଙ୍କ ପାଇଁ। ଗୌତମଙ୍କର ଗୋଟିଏ ଯୁକ୍ତି ଥିଲା, ସୁଚରିତା ମୋ ସ୍ତ୍ରୀ। କେବଳ ସ୍ତ୍ରୀ ହେଇ ରୁହନ୍ତୁ। ବାସ୍।

ବାହାର କଲିଂ ବେଲ୍ କିଏ ମାରୁଚି। ଘଣ୍ଟାକୁ ଚାହିଁଲେ ସୁଚରିତା। ଅପରାହ୍ନ ଚାରିଟା। ବାସନ୍ତୀ କାମ ସାରି ଗଲାପରେ ସନ୍ଧ୍ୟା ପୂର୍ବରୁ କେହି ଘରମୁହାଁ ହେବେନି। ଅଥଚ କଲିଂ ବେଲ୍ ବାଜିବାରେ ଲାଗିଛି। କବାଟ ଖୋଲିଲେ ସୁଚରିତା। ସାମ୍ନାରେ ସିଦ୍ଧାର୍ଥ।

– ସିଦ୍ଧାର୍ଥ ତମେ ? ଭୂମିକମ୍ପ ସଞ୍ଚରିଗଲା ସୁଚରିତାଙ୍କ ସାରାଟା ଦେହରେ।

– ଭିତରକୁ ଡାକିବନି ? ମୁଁ ତ ଭାବୁଥିଲି ତମେ ମୋତେ ଚିହ୍ନିବାରେ ଅସୁବିଧାରେ ପଡ଼ିବ ? ଅଳ୍ପ ହସି ସିଦ୍ଧାର୍ଥ କହିଲେ।

"ପରିହାସ କରନି ସିଦ୍ଧାର୍ଥ। ଚାଳିଶ ବର୍ଷ ତଳର ସିଦ୍ଧାର୍ଥ ଏବେ ବି ମୋ ପାଇଁ ସେଇ ଚିର ଇପ୍‌ସିତ ସିଦ୍ଧାର୍ଥ ହୋଇ ରହିଛି। ବିବାହ ବନ୍ଧନରେ ଆମେ ବାନ୍ଧି ହୋଇ ପାରିଲେନି ବୋଲି, କ'ଣ ଛାତିତଳୁ ମନରେ ବାନ୍ଧି ରଖିଥିବା ସିଦ୍ଧାର୍ଥକୁ ପୂରା ଭୁଲି ଯାଇଛି ନା ପାରିବି ଭୁଲି ? ମୁଁ ଠିକ୍ ସେମିତି ବଂଚିଛି ତମ ସହ ମୋର କଲେଜ ଜୀବନ ପ୍ରେମକୁ ସାଇତି କରି। ପୁରୁଷଙ୍କ ଛାତି ତଳ ତ ଭାରି ଅନ୍ଧାର। ଜାଣେନା, ତମ ମନରେ କ'ଣ ଥିଲା, ଆଜି ମୋ ପାଇଁ କ'ଣ ଅଛି।"

ସିଦ୍ଧାର୍ଥକୁ ଗୋଟିକିଆ ସୋଫାରେ ବସାଇ ଅନ୍ୟ ଗୋଟିକିଆ ସୋଫାରେ ତାଙ୍କ ସାମ୍ନାରେ ବସିଗଲେ ସେ।

– 'ଆଜିକାଲି ତମେ କ'ଣ କରୁଛ ସୁଚରିତା ? କେମିତି ଅଛ ? ଏତେ କ୍ଷୀଣ, ଶୀର୍ଣ୍ଣ କାହିଁକି ? ଦିନେ ତମ ଚମକରେ କଲେଜ କ୍ୟାମ୍ପସ ଜଳୁଥିଲା। କେତେ ଥିଲେ ଲାଇନ୍‌ରେ। ମୁଁ ଥିଲି ଆଗେ। ତଥାପି ହାରିଗଲି, ଚାକିରି ଛାଡ଼ି, ଦେଇଛ ବୋଲି ଶୁଣିଥିଲି।" ସିଦ୍ଧାର୍ଥ ଚୁପ୍ ରହି ସୁଚରିତାକୁ ଚାହିଁଥିଲେ।

– "ସମସ୍ତେ ଆସନ୍ତି ଚାଲିଯିବା ପାଇଁ ଦିନେ। ତମେ ବି ଚାଲିଯାଇଥିଲ ମୋ ସ୍ୱପ୍ନର ଦୁନିଆଁରୁ ମୋତେ ଏକା କରି। ଏମିତି ତ ଦୁନିଆଁ ଆଉ ଦ୍ରୁତ ଗତିରେ ପରିବର୍ତ୍ତନ ହେବାରେ ଲାଗିଛି। ବୟସ ଆଉ

କେତେ ଦିନଧରି ରଖିବ ଯୌବନର ସୌନ୍ଦର୍ଯ୍ୟ ଆଉ ଚର୍ମର ସୁନ୍ଦରତାକୁ। ତମେ କ'ଣ ବଦଳିନ। ତମ ପକ୍ୱକେଶ ସୂଚେଇ ଦେଉଛି ସମୟ ଆମକୁ ଛାଡ଼ି କେତେ ଆଗକୁ ଚାଲିଗଲାଣି। କ'ଣ କରୁଛି ବୋଲି ପଚାରୁଥିଲ ନା? ଯାହା ଭାରତୀୟ ନାରୀମାନେ ପରମ୍ପରାକୁ ସମ୍ମାନ ଦେଇ ସ୍ୱାମୀ, ସନ୍ତାନ, ସଂସାର ପାଇଁ କରନ୍ତି। ତାହା ହିଁ କରୁଛି। ଝିଅଟିଏ ଅନ୍ୟ ହାତରେ ଛନ୍ଦି ହୋଇଗଲା ପରେ ତା' ନିଜର ସ୍ୱତନ୍ତ୍ର ସତ୍ତା ହରାଇଥାଏ। ତମ ବେଳର ସୁଚରିତାର ମୃତ୍ୟୁ ସେଇଦିନ ହୋଇସାରିଛି, ଯେଉଁଦିନ ମୋ ସ୍ୱାଧୀନଚେତାର ସ୍ପଷ୍ଟ ମତ ଜାଣି, ତମେ ତମର ଦୀର୍ଘ ଭାଷଣ ଶୁଣାଇଥିଲ। ଭଲ ପାଇବା ନାମରେ ଚମତ୍କାର ଶୋଷଣର ଲାଳସା ତମଠିଁ ଦେଖି ମୁଁ ହତବାକ୍ ହୋଇ ତମକୁ ବିବାହ ନ କରିବାର ନିଷ୍ପତ୍ତି ନେଇଥିଲି। କ'ଣ ହେଲା ମୋର?

ପରମ୍ପରାବାଦୀ ପୁରୁଣା ଖେୟାଲର ମଣିଷ ଥିଲେ ମୋ ବାପା। ତାଙ୍କ ହାତରେ ନିଜକୁ ସମର୍ପି ଦେଇ କହିଥିଲି, "ଆପଣ ଯାହାକୁ ଠିକ୍ କରିବେ, ମୁଁ ତାହା ହୋଇଯିବି।" ବିଭାଘର ହେଲା ସାମାଜିକତାକୁ ସମ୍ମାନ ଦେଇ ଗୌତମଙ୍କ ସାଙ୍ଗରେ। ଆଜି ଗୌତମଙ୍କ ଭିତରେ ସିଦ୍ଧାର୍ଥ, ତମର ମନ ଓ ମାନସିକାତକୁ ପାଉଛି। ଏବେ ମୋତେ ଷାଠିଏ ବର୍ଷ ହେଲାଣି। ତମେ ଗୌତମ ଗୋଟିଏ ବ୍ୟାଚ୍‌ର ଥିଲ ନା ବାଣୀବିହାରରେ? ତା' ହେଲେ ତମକୁ ତ ଚଉଷଠୀ ବର୍ଷ ହେବଣି। ଆଉ ପଛକୁ ଫେରି ଚାହିଁବାର ବୟସ କାହାର ବି ନାହିଁ। ଏତେ ଦିନ ପରେ ବି ସ୍ମୃତିକୁ ଦୋହରାଇ, ସୁଚରିତା ଲୁହେଇ ଯାଉଥିଲେ। କଣ୍ଠରୁଦ୍ଧ ହୋଇ ଯାଉଥିଲା ତାଙ୍କର।

- "ସୁଚରିତା, ଅନେକ କଥା ଅଜଣା ଥିଲା। ଅନେକ ଦିନ ପରେ ଜାଣିଲି। ସୁଚରିତା, ମୁଁ ହତଭାଗ୍ୟ ତମକୁ ଚିହ୍ନି ପାରିଲି ନାହିଁ। ପାଉ ପାଉ ହରେଇ ଦେଲି। ଏଥର ଉଠେ।'

- "ତମ କଥା କିଛି କହିବ କି? ଯଦି ଉଚିତ ଭାବୁଚ...।"

- "ହଁ କୋଡ଼ିଏ ବର୍ଷ ହେଲା ବିନି ମୋ ସ୍ତ୍ରୀ ଆରପାରିରେ। ଝିଅଟେ କେବଳ। ବିବାହ ପରେ ତା' ଜ୍ୱାଇଁ ସାଙ୍ଗରେ ଆମେରିକାରେ। ମୁଁ ଖୁବ୍ ଏକା। ତମେ ବେଶ୍ କେତେଦିନ ହେଲା ମୋତେ ଅଥୟ କରୁଥିଲ। ତେଣୁ ବହୁ କଷ୍ଟରେ ତମଘର ଖୋଜି ପାଇଲି। ତମକୁ ଦେଖିଲି। ଅନେକ ଶୁଣିଲି।"

- "ତମେ ଟିକେ ବସ, ଚା କି କଫି ଟିକେ କରି ଆଣେ।"

- "ନା ଥାଉ। ପୁଣି କେବେ।' ଜୋତା ଲଗାଇ ଆଉ ଥରେ ଫେରିପଡ଼ି ସୁଚରିତାଙ୍କୁ ଚାହିଁ ଚାଲିଗଲେ ସିଦ୍ଧାର୍ଥ। ଦାଣ୍ଡ ଗେଟ୍‌କୁ ଧରି ଠିଆ ହୋଇଥିଲେ ସୁଚରିତା। ଯେମିତି ଗୌତମଙ୍କୁ ଅପେକ୍ଷା କରିଛନ୍ତି। ସନ୍ଧ୍ୟା ପୂର୍ବରୁ ଫେରିଆସିବେ ତାଙ୍କ ଜୀବନକୁ, ତାଙ୍କ ସଂସାରକୁ। ହାତ ଉଠାଉଥିଲେ ବାଏ କରିବାକୁ ସିଦ୍ଧାର୍ଥଙ୍କୁ। ଆଗେଇ ଯାଇଥିଲେ ସେ। ଫେରିପଡ଼ି ଦାଣ୍ଡଘରର କାନ୍ଥ ଘଣ୍ଟାକୁ ଦେଖୁଥିଲେ ସେ। ପାଞ୍ଚଟା ହେଲାଣି। ଗୌତମ ଫେରି ଆସିବେ ସବୁଦିନ ଭଳି ତାଙ୍କ ଜୀବନ ଭିତରକୁ। ସାତଟା ବେଳକୁ ମନୁ ଆଉ ଗୀତିକା। ନାନୁ ଫେରିବାରେ ନିର୍ଦ୍ଦିଷ୍ଟ ସମୟ ନଥାଏ। ଏଇତ ତାଙ୍କ ପୃଥିବୀ।

ବୋଉ ବୋଉ ଡାକରେ ସୁଚରିତା ଜାଣିଲେ ନାନୁର ଘର ବାହୁଡ଼ା ବେଳ ନ ହୋଇଥିଲେ ବି ସହଳ କେମିତି ଫେରି ଆସିଲା।

- "ଜାଣିଲୁ ବୋଉ, ଆଜି ଜୟଦେବ ଭବନରେ ଗୋଟେ ବଡ଼ ମିଟିଂ ହେଉଚି। ପୂରା ହାଉସ୍ ଫୁଲ।"

- "ମଲା, ଏ କେଉଁ ଅପୂର୍ବ କଥା। ରାଜଧାନୀର କେନ୍ଦ୍ରସ୍ଥଳୀ। ସେଠି ସବୁଦିନ ତ କିଛି ନା କିଛି ମିଟିଂ। ନୂଆ କଥା କ'ଣ ଯେ?"

- 'ନା ନା, ମିଟିଂର ଗୋଟେ ସ୍ୱତନ୍ତ୍ରତା ଅଛି। କହିଲୁ ଆଜି କେତେ ତାରିଖ? କେଉଁ ମାସ?"

- "ମାର୍ଚ୍ଚ ମାସ ପରା? ଆଜି ଆଠ ତାରିଖ, କ'ଣ ହେଲା ସେଠୁ?"

- ଆଜି ନା ଆନ୍ତର୍ଜାତିକ ମହିଳା ଦିବସ। ବଡ଼ ବଡ଼ ମୁଖ୍ୟମନ୍ତ୍ରୀ, ମନ୍ତ୍ରୀ, ପ୍ରବୀଣ ସାହିତ୍ୟିକ, ସମାଜସେବୀ ମଞ୍ଚରେ ଭର୍ତ୍ତି। ମହିଳା ବିକାଶ ଉପରେ କି ଦୀକ୍ଷାନ୍ତ ଭାଷଣ! ବାପାରେ ବାପା!

- "ତୁ ଖାଲି ଶୁଣିଲୁ ନା କିଛି ବୁଝିଲୁ?"

- "ମୁଁ କ'ଣ ଶେଷ ଯାଏ ରହିପାରିଲି? ଯାହା ଆଉଟିକେ ରହି ଶୁଣିଥାଆନ୍ତି, ବାପା ପରା ଦର୍ଶକ ମଞ୍ଚ ସାମ୍ନା ପ୍ରଥମ ଧାଡ଼ିରେ ବସିଛନ୍ତି। କାଳେ ମୋ ଉପରେ ନଜର ପଡ଼ିଯିବ, ମୁଁ ହଲ୍‌ରୁ ବାହାରି ଆସିଲି।"

ସନ୍ଧ୍ୟା ଦୀପ ଦେବାକୁ ଲୁଗା ବଦଳାଉଥିଲେ ସୁଚରିତା। ହସି ହସି କହିଲେ, 'ଯା, ହେଉ, ଏଥର ବିଶ୍ୱ ମହିଳାଙ୍କ ଭାଗ୍ୟ ବଦଳିଲା ସବୁ ସମାନ ହେଇଯିବ ଆଜିଠାରୁ। ତୋ ବାପା ଶୁଣିଥିବେ ତ ଅନେକ କାମରେ କେତେ ଲାଗୁଚି ଦେଖିବାର କଥା?'

ନାନୁ ଟିଭିଟା ଲଗାଇ ଦେଇ ବସି ସାରିଥିଲା ଟିଭି ସାମ୍ନାରେ। "ବୋଉ, ଆଜି ଗୋଟେ ଏତେ ବଡ଼ ଦିନ। ଗୋଟେ ଦମ୍‌ଦାର ଜଳଖିଆ ତିଆରି କଲୁ ଖାଇବା। ବାପା ବି ଖୁସି ହେବେ।"

ସୁଚରିତା ଚାହିଁଥିଲେ କଲେଜ ପଢୁଆ ପୁଅ ନାନୁକୁ। ଗୌତମକୁ ଭୋଗି ସାରିଲେଣି ଚାଳିଶ ବର୍ଷ। ମନୁକୁ ବିବାହ ଦେଲା ପରେ ଭିନ୍ନ ରୂପରେ ଦେଖୁଛନ୍ତି ସାତବର୍ଷ ହେଲା। କାହାଠୁଁ ପାଇଛନ୍ତି ଗୋଟେ ସ୍ୱତନ୍ତ୍ର ଜୀବନ, ଯାହା ଦିନେ ତାଙ୍କ ସ୍ୱପ୍ନରେ ଥିଲା? ସଂଜବତୀ ଚଉଁରା ମୂଳେ ଜଳାଇଘର ଭିତରକୁ ପଶୁଥିଲେ ସୁଚରିତା।

*ମାଧପୁର, କେନ୍ଦ୍ରାପଡା - ୭୫୪୨୧୧*
*ଦୂରଭାଷ: ୯୪୩୮୮୦୫୩୪୪*

# ସଂଯୋଗ

## ଡକ୍ଟର କମଳା ପ୍ରସାଦ ମହାପାତ୍ର

ସୀତାକାନ୍ତ ବାବୁ ନିଜ ଟେବୁଲ ଉପରେ ଥିବା ଚିଠିପତ୍ର ସବୁ ଖେଳାଉ ଖେଳାଉ ନିଜ ଡାଏରୀ ଉପରେ ନଜର ପଡ଼ିଗଲା। ସେ ଡାଏରୀଟି ତାଙ୍କ ପିଲା ଦିନର କଲେଜରେ ପଢୁଥିବା ସମୟରେ ଦେଖି ସ୍ମୃତିର ଗଳିରେ ବିହରଣ କରିବା ପାଇଁ ଡାଏରୀଟିକୁ ଖୋଲି ପଢ଼ିଲେ। ସେହି ଦିନର ସ୍ମୃତି ସବୁ ତାଙ୍କ ମନରେ ତାଜା ହୋଇଗଲା। ତାଙ୍କର ମନେ ପଡ଼ିଲା ପରମ ବନ୍ଧୁ ବିଶ୍ୱଜିତ ମହାନ୍ତିଙ୍କ କଥା। ଦୁହେଁ ଏକା ସାଙ୍ଗରେ କଲେଜରେ ପଢୁଥିଲେ ଏବଂ ଦୁହିଁଙ୍କ ମଧ୍ୟରେ ଖୁବ୍ ବୌଦ୍ଧିକ ପ୍ରତିଯୋଗିତା ହେଉଥିଲା। ବକ୍ତୃତା ହେଉ ଅଭିନୟ ହେଉ କ୍ଲାସ ପାଠପଢ଼ା ହେଉ ବା ଖେଳ କୁଦ ହେଉ ସବୁଥିରେ ସମଗ୍ର କଲେଜରେ ସୀତାକାନ୍ତ ଓ ବିଶ୍ୱଜିତଙ୍କୁ କେହି ହରାଇ ପାରୁନଥିଲେ। କେତେବେଳେ ବିଶ୍ୱଜିତ ପ୍ରଥମ ହୁଅନ୍ତି ତ କେତେବେଳେ ସୀତାକାନ୍ତ ପ୍ରଥମ ହୁଅନ୍ତି।

ଏହି ଦୁଇଜଣଙ୍କ ଉପରେ ମଧ୍ୟ ଝିଅମାନଙ୍କର ନଜର ରହିବା ସ୍ୱାଭାବିକ। ସ୍ୱାତୀ ନାୟକ ତାଙ୍କ କ୍ଲାସର ସବୁଠାରୁ ସୁନ୍ଦରୀ ଝିଅ ଥିଲା। ସୀତାକାନ୍ତ ମଧ୍ୟ ଅନ୍ୟ ସହପାଠୀଙ୍କ ପରି ସ୍ୱାତୀ ସହ ମିଶିବାକୁ ପାଠ ବିଷୟ ଆଲୋଚନା କରିବାକୁ ପସନ୍ଦ କରୁଥିଲେ। ଧୀରେ ଧୀରେ ସୀତାକାନ୍ତ ରାଉତ ଓ ସ୍ୱାତୀ ନାୟକଙ୍କ ମଧ୍ୟରେ ସମ୍ପର୍କଟା ଅତ୍ୟନ୍ତ ଘନିଷ୍ଠ ହେବାରେ ଲାଗିଲା। ଏପରିକି ସୀତାକାନ୍ତ ଲାଇବ୍ରେରୀ ରିଡିଂ ରୁମ୍‌ରେ ସ୍ୱାତୀକୁ ଦିନେ ନ ଦେଖିଲେ ବ୍ୟସ୍ତ ହୋଇ ଯାଉଥିଲେ। ବିଭିନ୍ନ କଥା ତାଙ୍କ ମନକୁ ଆଚ୍ଛନ୍ନ କରୁଥିଲା। ସେ ଭାବୁଥିଲେ ଆଉ କ'ଣ ସ୍ୱାତୀର ଦେହ ଖରାପ ହେଲା କି ? ଆମ ସମ୍ପର୍କ କଥା ଜାଣିପାରି ତାଙ୍କ ଘରେ କ'ଣ କିଏ ମୋ ସହିତ ମିଳାମିଶା ନ କରିବା ପାଇଁ ବାରଣ କଲେ କି ? ସ୍ୱାତୀ ମୋ ଉପରେ ରାଗିଲା କି ? ଏହିପରି ଅନେକ ଆଶଙ୍କା ସୀତାକାନ୍ତଙ୍କ ମନକୁ ବନ୍ୟାଜଳ ନଦୀ ଜଳକୁ ଗୋଳିଆ କଲା ଭଳି ଗୋଳେଇ ଘାଣ୍ଟି ପକାଏ। ସେଦିନଟି ସେ ଗଭୀର ଚିନ୍ତାରେ ବୁଡ଼ି ରହନ୍ତି। ଘରେ ମଧ୍ୟ ବିଧବା ମା'ଙ୍କ ସହ ବିଶେଷ କଥାବର୍ତ୍ତା ହୁଅନ୍ତି ନାହିଁ। ତା'ପର ଦିନ ଆଶା ଓ ଆଶଙ୍କାର ବତାସୀ ପବନରେ ଠେଲି ହୋଇ କଲେଜକୁ ଯାଆନ୍ତି ଏବଂ ପ୍ରଥମେ ସ୍ୱାତୀକୁ ଗାର୍ଲସ କମନ୍ ରୁମ୍‌ରେ ଖୋଜିବାକୁ ଚେଷ୍ଟା କରନ୍ତି। ଥରେ ସ୍ୱାତୀ ଉପରେ ଦୃଷ୍ଟି ପଡ଼ିଗଲେ ତାକୁ ପାଖକୁ ଡାକି ଗତକାଲିର ଅନୁପସ୍ଥିତି ବିଷୟରେ ଉତ୍ସୁକତାର ସହ ପଚାରନ୍ତି। ସ୍ୱାତୀ କଥାଟାକୁ ହାଲକା ଭାବେ ନେଇ କହେ କମ୍ ଅନ୍ ସୀତାକାନ୍ତ ତୁମେ ଏତେ ସିରିଅସ୍ ହେଲେ ହେବ ? ମୁହଁରେ ଦୁଷ୍ଟାମୀ ହସ ଖେଳାଇ ଦେଇ କହେ ତୁମେ ମୋ ପାଇଁ କାହିଁକି ଏତେ ଉଦ୍‌ବିଗ୍ନ ? କଲେଜରେ ତ ଅନେକ ଝିଅ ଦିନେ ଦି'ଦିନ ବା ଦୀର୍ଘଦିନ ଧରି ଅନୁପସ୍ଥିତ ରହୁଛନ୍ତି। କାହିଁ ସେମାନଙ୍କ ପାଇଁ ତ ତୁମେ ଏତେ ବ୍ୟସ୍ତ ହେଉନାହଁ ? ସୀତାକାନ୍ତ ଚିଡ଼ି ଯାଇ କହେ କଲେଜର ଅନ୍ୟ ଝିଅ ମୋ ପାଇଁ ଯାହା ତୁମେ କ'ଣ ସେଇଆ ? ଏତେ ଦିନ ସମ୍ପର୍କ ଭିତରେ ଏତିକି ଟିକେ ବୁଝି ପାରିଲ ନାହିଁ ? ସ୍ୱାତୀ କହେ ତାହାହେଲେ କୁହ ସୀକାକାନ୍ତ ମୁଁ ତୁମ ପାଇଁ କ'ଣ ? ସେମାନେ ସହପାଠିନୀ ଓ ମୁଁ ମଧ୍ୟ ସହପାଠିନୀ ଆଉ ଅଧିକ କ'ଣ ?

ସୀତାକାନ୍ତ କଥାଟାକୁ ଏଡ଼ାଇବାକୁ ଯାଇ କହେ ତେବେ କୁହ ତୁମେ କାଲି କାହିଁକି କଲେଜ ଆସି ନଥିଲ ? ସ୍ୱାତୀ କହେ କାଲି ଡ୍ରାଇଭର ଛୁଟିରେ ଥିଲା ସେଥିପାଇଁ ମୁଁ ଆସି ପାରିଲି ନାହିଁ। ଏବେ କୁହ ମୁଁ ତୁମ ପାଇଁ କ'ଣ ? ସୀତାକାନ୍ତ କହେ ସ୍ୱାତୀ ତୁମର ଏଇ ଫୁଲେଇ ହୋଇ ଜାଣିଥିବା କଥାକୁ ବାରମ୍ବାର ପଚାରିବା ମୋତେ ବହୁତ ଆନନ୍ଦ ପ୍ରଦାନ କରେ। ମୁଁ ତୁମକୁ ବହୁତ ଭଲପାଏ ସ୍ୱାତୀ। ତୁମର ସ୍ଥାନ କେବଳ ମୋ ହୃଦୟରେ। ଏଣୁ ଅନ୍ୟ ଝିଅ ସାଙ୍ଗମାନଙ୍କୁ ତୁମ ସହ କିପରି ତୁଳନା କରୁଛ ? ସ୍ୱାତୀ ଏ କଥା ଶୁଣି ଟିକିଏ ଲାଜେଇ ଯାଇ କହେ ଆଚ୍ଛା ! ଏହି କଥା କହିବାକୁ ତୁମକୁ ଏତେ ସମୟ ଲାଗିଗଲା ? ସୀତାକାନ୍ତ କହନ୍ତି, ସ୍ୱାତୀ ! ମୁଁ ତୁମକୁ ଜୀବନ ସାଥୀ ରୂପେ ପାଇବାକୁ ଚାହେଁ। ତୁମ ବାପା ରାଜି ହେବେ ତ ? ତୁମ ଆମ ପରିବାରର ସାମାଜିକ ସ୍ଥିତି, ପ୍ରତିଷ୍ଠା, ଆର୍ଥିକ ଭିତ୍ତିଭୂମିରେ ଆକାଶ ପାତାଳ ତଫାତ୍। ମୁଁ ଗରିବ ଘରର ପିଲା, ତୁମେ ଧନୀ ଘରର ଝିଅ। ତୁମ ବାପା ଶିଳ୍ପପତି ମାନସ ନାୟକ ଜଣେ ପ୍ରତିଷ୍ଠିତ ବ୍ୟକ୍ତି। ସେ କ'ଣ ଚାହିଁବେ ମୋ ସହିତ ମାନେ ଜଣେ ଗରିବ ବାପ ଛେଉଣ୍ଡ ପୁଅ ସହିତ ତୁମର ବିଭାଘର କରିବାକୁ ? ଚାହୁଁ ଚାହୁଁ ଦିନ ଗଡ଼ି ଚାଲିଲା ପାଠ ପଢ଼ା ସରିଲା। ସୀତାକାନ୍ତ ସ୍ୱାତୀ ଅଲଗା ହୋଇଗଲେ। କେବଳ ଯାହା ଫୋନ୍ ବା ଚିଠିପତ୍ରରେ ସମ୍ପର୍କ ରହିଲା।

ଇତି ମଧ୍ୟରେ ଅନେକ ଦିନ ଗଡ଼ି ଯାଇଛି। ସୀତାକାନ୍ତ ଷ୍ଟେଟ ବ୍ୟାଙ୍କରେ ପ୍ରୋବେସନାରୀ ଅଫିସର ହିସାବରେ ଚାକିରିରେ ଯୋଗ ଦେଇଛନ୍ତି। ସମ୍ବଲପୁରରେ ପୋଷ୍ଟି ହୋଇଛି। ନିଜ ମା'ଙ୍କୁ ସଙ୍ଗରେ ନେଇ ଯାଇଛନ୍ତି। ଗାଁ ଘରକୁ ତାଲା ପକାଇ ଦେଇ ମା ପୁଅ ଦୁହେଁ ସମ୍ବଲପୁର ଚାଲି ଯାଇଛନ୍ତି। ବିଶ୍ୱଜିତ ମହାନ୍ତି ଇତି ମଧ୍ୟରେ ଆଇଏଏସ ପାଇ ସୁବର୍ଣ୍ଣପୁର କଲେକ୍ଟର ଭାବେ ଜଏନ କରିଛନ୍ତି। ସଂଯୋଗକ୍ରମେ ସ୍ୱାତୀର ବାହାଘର ବିଶ୍ୱଜିତ ସହ ପଡ଼ିଛି। ଏହା ଜାଣିବା ପରେ ସ୍ୱାତୀ ବ୍ୟସ୍ତ ହୋଇ ସୀତାକାନ୍ତଙ୍କୁ ଫୋନ୍ ଯୋଗେ ଜଣାଇ ଦେଇଛନ୍ତି ଯେ ଆମକୁ କିଛି କରିବାକୁ ପଡ଼ିବ। ବାପାଙ୍କର ଏକା ଜିଦ୍ ଆଇଏଏସ ଜ୍ୱାଇଁ କରିବେ। ସେହି ଦୃଷ୍ଟିରୁ ମୋର ସାହସ ହେଉନାହିଁ ବାପାଙ୍କ ଆଗରେ ଆମ ପ୍ରେମ ସମ୍ପର୍କ ଓ ବିଭାଘର ପ୍ରସ୍ତାବ ରଖିବା ପାଇଁ। ସ୍ୱାତୀ ପୁରା ବିବ୍ରତ ହୋଇ ସୀତାକାନ୍ତଙ୍କୁ କହିଲା ଦୁଇଟି ଜୀବନ ନଷ୍ଟ ହୋଇଯିବା ପୂର୍ବରୁ କିଛି କରିବାକୁ ହେବ।

ସୀତାକାନ୍ତଙ୍କୁ କିଛି ବୁଦ୍ଧିବାଟ ଦିଶିଲା ନାହିଁ। ସେ ଭାବିଲେ ଏ ବିଶ୍ୱଜିତଟା ସବୁଥିରେ ମୋର ପ୍ରତିଦ୍ୱନ୍ଦ୍ୱୀ। ପାଠ ପଢ଼ା ବେଳେ ଯାହା ଥିଲା ଏବେ ଚାକିରି କରିବା ପରେ ମଧ୍ୟ ସେଇଆ। ସ୍ୱାତୀ ସମ୍ଭ୍ରାନ୍ତ ଶିଳ୍ପପତି ମାନସ ନାୟକଙ୍କର ଏକମାତ୍ର ସନ୍ତାନ। ବହୁତ ଗେହ୍ଲାରେ ସ୍ୱାତୀକୁ ସେ ବଡ଼ କରିଛନ୍ତି। ପିଲାଦିନରୁ ତା ମା'ଙ୍କର ପରଲୋକ ହେବା ପରେ ମାନସ ବାବୁ ସ୍ୱାତୀର ମା' ଓ ବାପା ଦୁଇଟି ଭୂମିକା ନିଭାଇ ଆସିଛନ୍ତି। ସ୍ୱାତୀ ମଧ୍ୟ ବାପାଙ୍କର ଆବେଗ ଓ ଭାବପ୍ରବଣତା ସମ୍ବନ୍ଧରେ ସମ୍ପୂର୍ଣ୍ଣ ସଚେତନ। ସ୍ୱାତୀ ଯା ମଧ୍ୟ ଜାଣିଛି ଯେ ନିଜ ବାପାଙ୍କ ଆବେଗ ଓ ଖିଆଲ ପାଇଁ ନିଜ ଭବିଷ୍ୟତକୁ ଜଳାଞ୍ଜଳି ଦେଇ ପାରିବ ନାହିଁ। ବହୁତ ଭାବି ଭାବି ରାତି ସାରା ତାକୁ ନିଦ ହେଲା ନାହିଁ। ତା'ର ଅତୀତରେ ପିଲାଦିନର କଥା ସବୁ ମନେ ପଡ଼ିଲା। କିପରି ପିଲାବେଳେ ତା ଦେହ ଖରାପ ହେଲେ ତା ବାପା ରାତି ସାରା ଉଜାଗର ରହି ତା'ର ସେବା କରନ୍ତି। ପେଟ ଉପରେ ପକାଇ ସୁଆଇବାକୁ ଚେଷ୍ଟା କରନ୍ତି। ତାଙ୍କର ଯୌବନ ଅବସ୍ଥାରେ ପତ୍ନୀ ବିୟୋଗ ଘଟିଥିଲେ ମଧ୍ୟ ସ୍ୱାତୀର ଭବିଷ୍ୟତ ଦୃଷ୍ଟିରୁ ସେ ଦ୍ୱିତୀୟ ବିଭା ହେଲେ ନାହିଁ। ବହୁତ ଭଲ ଭଲ ବିବାହ ପ୍ରସ୍ତାବ

ଆସିଥିଲା ମାତ୍ର ସବୁ ପ୍ରସ୍ତାବକୁ ସେ ନମ୍ରତାର ସହ ପ୍ରତ୍ୟାଖ୍ୟାନ କରିଥିଲେ । ପ୍ରତ୍ୟାଖ୍ୟାନ କରିବାର ଦୁଇଟି କାରଣ ଥିଲା । ଗୋଟିଏ ହେଲା ପରଲୋକଗତ ଧର୍ମପତ୍ନୀ ସୁଶ୍ରୀ ଦେବୀଙ୍କ ଆତ୍ମାକୁ ଅପମାନ ଓ ଦ୍ୱିତୀୟଟି ହେଲା ନିଜର ଏକମାତ୍ର କନ୍ୟା ସ୍ୱାତୀର ଲାଳନ ପାଳନ । ସାବତ ମା' ହୁଏତ ସ୍ୱାତୀକୁ ଉପଯୁକ୍ତ ସ୍ନେହ ପ୍ରଦାନ କରିବାରେ ଅସମର୍ଥ ହୋଇପାରେ । ଏସବୁ କଥାଗୁଡାକ ଭାବିଲା ବେଳକୁ ସ୍ୱାତୀର ତା ବାପାଙ୍କ ଅସୀମ ତ୍ୟାଗ ଓ ପିତୃ ସୁଲଭ ଭଲ ପାଇବା ଆଗରେ ମୁଣ୍ଡ ଆପେ ଆପେ ନଇଁ ଯାଉଥାଏ । ପୁଣି ସେ ଯେତେବେଳେ ଚିନ୍ତା କରେ ଯେ ଏ ପର୍ଯ୍ୟନ୍ତ ତା ବାପା ସୀତାକାନ୍ତ ଓ ତା'ର ସମ୍ପର୍କ ବିଷୟରେ ଜାଣିନାହାନ୍ତି ସେତେବେଳେ ସେ ଭାବେ ବାପାଙ୍କୁ ସବୁ କଥା ଖୋଲି କରି କହିଦେବ । ଏବଂ ଯା ମଧ୍ୟ କହିଦେବ ଯେ ସୀତାକାନ୍ତ ବ୍ୟତୀତ ଅନ୍ୟ କେଉଁ ବ୍ୟକ୍ତି ସହିତ ତା'ର ବାହାଘର ହେଲେ ସେ ସୁଖି ହୋଇପାରିବ ନାହିଁ ।

ବହୁତ ଦ୍ୱନ୍ଦ୍ୱ ମଧ୍ୟରେ ଦିନେ ମନରେ ଧୈର୍ଯ୍ୟ ଓ ସାହସ ଜୁଟାଇ ବାପାଙ୍କୁକହିଲା । ସ୍ୱାତୀ କହିଲା ବାପା ! ମୁଁ ଜାଣେ ଆପଣ ମୋତେ ଦୁନିଆର ସବୁଠାରୁ ଅଧିକ ଭଲ ପାଆନ୍ତି ମୁଁ ମଧ୍ୟ ଆପଣଙ୍କର ଇଚ୍ଛାକୁ ସବୁବେଳେ ସମ୍ମାନ ଜଣାଏ । କିନ୍ତୁ ବାପା ମୋ ବାହାଘର ବିଷୟରେ ନିଷ୍ପତ୍ତି ନେବା ପୂର୍ବରୁ ମୋତେ ଟିକିଏ ଜଣାଇଥିଲେ ଭଲ ହୋଇଥାଆନ୍ତା ।

ମାନସ ବାବୁ କେବେ ଭାବି ନ ଥିଲେ ଯେ ତାଙ୍କ କୁନି ଝିଅ ସ୍ୱାତୀ ଆଜି ଏତେ ବଡ଼ ହୋଇଗଲାଣି । ଯେପରି ପକ୍ଷୀ ଶାବକକୁ ମା' ଆଣି ଥଣ୍ଟରେ ଖାଇବାକୁ ଦିଏ ଏବଂ ଭାବେ ସେ ଏବେ ମଧ୍ୟ ପିଲା ଓ ମା' ଉପରେ ନିର୍ଭରଶୀଳ ମାତ୍ର ଦିନେ ଦେଖେ ସେହି ପକ୍ଷୀ ଶାବକ ନିଜ ଡେଣା ମେଲି ଉଡ଼ିଯାଏ ତେବେ ଯାଇ ମା' ଜାଣେ ତା' ପିଲା ବଡ଼ ହୋଇ ଗଲାଣି । ସେହିପରି ମାନସ ବାବୁ ଜାଣିଲେ ଯେ ସ୍ୱାତୀ ଏବେ ବଡ଼ ହୋଇଗଲାଣି । ତାକୁ ଆଶ୍ଚର୍ଯ୍ୟ ହୋଇ ଚାହିଁ ରହି ଭାବିଲେ ଯେ ସତରେ ସମୟର ଚକ କେତେ ଦ୍ରୁତ ଗତିରେ ଧାବମାନ ହେଉଛି ମାତ୍ର ମୁଁ ନିଜେ ଏକ ନିଶ୍ଚଳ ବିଜୁଳି ଖମ୍ବ ଭଳି ଯେଉଁଠି ଠିଆ ହୋଇଥିଲି ସେଇଠି ଅଛି । ଆଉ ବେଶି ଦିନ ଷ୍ଟାଟିକ୍ ହୋଇ ରହି ହେବ ନାହିଁ । ଯୁଗ ସହିତ ତାଳ ମିଳାଇ ଚାଲିବାକୁ ହେବ ।

ମାନସ ବାବୁ କହିଲେ ହଁ ମା' ସ୍ୱାତୀ କ'ଣ କହୁଥିଲୁ କହ । ତୁ ତ ଠିକ୍ କଥା କହୁଛୁ । ତୋର ବାହାହେବା ନିଷ୍ପତ୍ତି ନେବା ପାଇଁ ତୁହିଁ କେବଳ ହକ୍‌ଦାର । ମାତ୍ର ମା' ତୁ ଯେତେ ବଡ଼ ହେଲେ ମଧ୍ୟ ତୋ ବାପାଙ୍କ ଆଖିରେ ସେଇ କୁନି ଝିଅ । ଏବେ କହ କ'ଣ କହିବାକୁ ଚାହୁଁଥିଲୁ । ସ୍ୱାତୀ ଜଣେ ଅପରାଧୀ କାଠଗଡ଼ାରେ ଠିଆ ହୋଇ ଓକିଲଙ୍କ ଜେରାର ସମ୍ମୁଖିନ ହେଲାଭଳି କହିଲା ବାପା ! ମୁଁ କ'ଣ କହୁଥିଲି କି ମୁଁ ଜଣେ ପୁଅକୁ ଭଲ ପାଉଛି ଆଉ ତାଙ୍କୁ ମଧ୍ୟ ଜୀବନ ସାଥୀ ରୂପେ ପାଇବାକୁ ମନସ୍ଥ କରିଛି । କେବଳ ଆପଣଙ୍କର ସମ୍ମତି ଦରକାର । ଆରେ ମା' ଏତ ବହୁତ ଭଲ କଥା । ତୁତ ମୋର ବୋଝ ହାଲକା କରିଦେଲୁ । କହୁନୁ କହ ପିଲାଟି ଆଇଏଏସ୍ ତ ? କେଉଁଠି ପୋଷ୍ଟିଂ ପାଇଛି ? ପିଲାଟିର ନାଁ କ'ଣ ଘର କେଉଁଠି । ଏହିପରି ଅନେକ ପ୍ରଶ୍ନବାଣରେ ସ୍ୱାତୀ ରୂପି ନିରୀହା କପୋତୀଟିକୁ କ୍ଷତବିକ୍ଷତ କରିଦେଲେ । ଅନୋନ୍ୟପାୟ ହୋଇ ସ୍ୱାତୀ କହିଲା ନାଁ ବାପା ସେ ଜଣେ ବ୍ୟାଙ୍କ ଅଫିସର । ନାଁ ତାଙ୍କର ସୀତାକାନ୍ତ ରାଉତ ଆଉ ପୋଷ୍ଟିଂ ହୋଇଛନ୍ତି ସମ୍ବଲପୁରରେ ।

ଏକଥା ଶୁଣି ଅଦିନରେ ବଜ୍ରପାତର ଆଘାତରେ ନାରୀକେଳ ବୃକ୍ଷ ଜଳିଗଲା ପରି ମାନସ ବାବୁଙ୍କ ଆଶାର ନାରୀକେଳ ବୃନ୍ତଚ୍ୟୁତ ହେବା ଭଳି ଲାଗିଲା । ସେ କହିଲେ ଦେଖ ମା' ପିଲାଟି ଦିନରୁ ମୁଁ ତୋର ସବୁ ଅଳି ଅର୍ଦ୍ଦଳି ସହି ଆସିଛି । ତୋ ମା'ର ଅକାଳ ବିୟୋଗ ପରେ ମଧ୍ୟ ମୁଁ ମା' ବାପା ଉଭୟଙ୍କ ସ୍ନେହ ତୋତେ ଦେଇ ଛୋଟରୁ ବଡ଼ କରି ଆଣିଛି । ତୁ ତ ଆମ ଆଭିଜାତ୍ୟ ଆଉ ବଂଶ ପରମ୍ପରା ବିଷୟରେ ଅଜ୍ଞ ନୁହେଁ । ତୁ ଏବେ ମଧ୍ୟ ପିଲା । ପ୍ରେମର ଆବେଗରେ ଯୌବନର ଉଦ୍ଦମତାରେ ଆଗାମୀ ଭବିଷ୍ୟତକୁ ଅନ୍ଧାର ଆଡକୁ ଠେଲି ଦେଉଛୁ । ମୁଁ ତୋ ପାଇଁ ଉପଯୁକ୍ତ ବରଘର ଠିକ୍ କରି ସାରିଛି । ରାମଚନ୍ଦ୍ରପୁର ଗ୍ରାମର ବିଖ୍ୟାତ ଜମିଦାରଙ୍କ ଏକମାତ୍ର ପୁତ୍ର ବିଶ୍ୱଜିତ ମହାନ୍ତି ଆଇଏଏସ୍‌ଙ୍କ ସହ । ତାଙ୍କ ବାପା ମା' ଏଇ ଦିନେ ଦୁଇଦିନ ମଧ୍ୟରେ ଆମ ଘରକୁ ବୁଲି ଆସିବେ । ବିଶ୍ୱଜିତ ତତେ ଦେଖିଛନ୍ତି ଓ ଜାଣିଛନ୍ତି । ସେ କୁଆଡ଼େ ତୋ ସାଥିରେ କଲେଜରେ ପାଠ ପଢୁଥିଲେ ସେ ଆସିବେ ନାହିଁ । ତା' ଛଡା ସେ ଏବେ ସୁବର୍ଣ୍ଣପୁରରେ ଜିଲ୍ଲାପାଳ ଥିବାରୁ କାର୍ଯ୍ୟବ୍ୟସ୍ତ ରହୁଛନ୍ତି । ପିଲାଟି ଦେଖିବାକୁ ମଧ୍ୟ ସୁନ୍ଦର । ଏଣୁ ତୁ ଏ ପ୍ରସ୍ତାବରେ ରାଜି ହୋଇଯାଆ । ସୀତାକାନ୍ତ ଭଳି ଗୋଟେ ସାମାନ୍ୟ ବ୍ୟାଙ୍କ ଅଫିସରକୁ ବାହା ହୋଇ ସଂସାର କରିବା ଅପେକ୍ଷା ବିଶ୍ୱଜିତକୁ ବିଭା ହେଲେ ଆନନ୍ଦରେ ପ୍ରାଚୁର୍ଯ୍ୟରେ ଦାମ୍ପତ୍ୟ ଜୀବନ ଅତିବାହିତ କରି ପାରିବୁ ।


ମାନସ ବାବୁଙ୍କର ଏଭଳି ବଳିଷ୍ଠ ଯୁକ୍ତି ଆଗରେ ସ୍ୱାତୀ ଚୁପ୍ ରହିବା ଶ୍ରେୟସ୍କର ମନେ କଲା । ବିଭାଘର ପରେ ସ୍ୱାତୀ ଦେବୀ ସ୍ୱାମୀ ବିଶ୍ୱଜିତଙ୍କ ସହ ସୁବର୍ଣ୍ଣପୁର ଚାଲିଗଲେ । ସ୍ୱାତୀ ଅନ୍ୟ ଉପାୟ ନ ପାଇ ବିଶ୍ୱଜିତଙ୍କୁ ବହୁତ ଭଲ ପାଇଲେ ଏବଂ ଆଡଜଷ୍ଟ କିରବାକୁ ଚେଷ୍ଟାକଲେ । ଦାମ୍ପତ୍ୟ ଜୀବନର ଚକ ଖୁବ୍ ଭଲରେ ଚାଲିବାକୁ ଲାଗିଲା । ଦୁହେଁ ପତିପତ୍ନୀ ଭାବରେ ଖୁବ୍ ଖୁସିରେ ସମୟ କଟାଇଲେ । ଜିଲ୍ଲାପାଳ ଭାବରେ ବିଶ୍ୱଜିତଙ୍କୁ ତାଙ୍କ ଅଧିନରେ ଥିବା ଇଲାକାକୁ ଟୁରରେ ଯିବାକୁ ହୁଏ । ଭଗବାନଙ୍କ ଇଚ୍ଛା ଅନ୍ୟପ୍ରକାରର । ଦିନେ ବିଶ୍ୱଜିତ ବାବୁ ଟୁର୍‌ରୁ ବାସଭବନକୁ ଫେରିବା ବାଟରେ ମାଓବାଦୀ ଉଗ୍ରପନ୍ଥୀଙ୍କ ଲ୍ୟାଣ୍ଡ ମାଇନ୍ ବ୍ଲାଷ୍ଟରେ ଡ୍ରାଇଭର ସହ ପ୍ରାଣ ହରାଇଲେ । ସରକାର ଦୋଷୀକୁ ଧରିବା ପାଇଁ ତଦନ୍ତ କଲେ ତଦନ୍ତ କମିଶନ ବସାଇଲେ କିନ୍ତୁ ସ୍ୱାତୀଦେବୀଙ୍କ ଭାଗ୍ୟକୁ ଅକାଳ ବୈଧବ୍ୟର କଳା ବାଦଲ ଆଚ୍ଛାଦିତ କରି ରଖିଲା ।

ଏ ଦାରୁଣ ଦୁଃସମ୍ବାଦ ତଡିତ ବେଗରେ ଟିଭିରେ ସମ୍ବାଦପତ୍ରରେ ପ୍ରସାରିତ ହୋଇଗଲା । ସୀତାକାନ୍ତ ସନ୍ଧ୍ୟା ଟିଭି ସମ୍ବାଦ ଦେଖି ସ୍ତବ୍ଧ ହୋଇ ନିଜ ବୈଠକ ଖାନାରେ ବସିପଡ଼ିଲେ ଏବଂ ମା' ମା' ବୋଲି ଚିତ୍କାର କରି ଉଠିଲେ । ମା' ଘର ଭିତରୁ ଆସି ପଚାରିଲେ କିରେ କ'ଣ ହେଲା ? ସୀତାକାନ୍ତ କହିଲେ ମା' ବିଶ୍ୱଜିତ ଲ୍ୟାଣ୍ଡ ମାଇନ ବ୍ଲାଷ୍ଟରେ ପ୍ରାଣ ହରାଇଛି । ସ୍ୱାତୀ ବିଧବା ହୋଇଗଲା । କି ହୃଦୟ ବିଦାରକ ସମ୍ବାଦ ? ମୁଁ ଧୈର୍ଯ୍ୟ ଧରି ପାରୁନାହିଁ । ମୁଁ କାଲି ସକାଳୁ ସୁବର୍ଣ୍ଣପୁର ଯିବି ।

ସକାଳୁ ସୀତାକାନ୍ତ ଯାଇ ସୁବର୍ଣ୍ଣପୁର ଜିଲ୍ଲାପାଳ ବାସଭବନରେ ପହଞ୍ଚି ସ୍ୱାତୀଙ୍କୁ ବିଧବା ଅବସ୍ଥାରେ ଦେଖି ଧୈର୍ଯ୍ୟହରା ହୋଇ ପଡ଼ିଲେ । ସ୍ୱାତୀ ମଧ୍ୟ ସୀତାକାନ୍ତଙ୍କୁ ଦେଖି ଭାବପ୍ରବଣ ହୋଇ କଇଁ କଇଁ ହୋଇ କାନ୍ଦି ଗଭୀର ଆଶ୍ଳେଷରେ ଜାବୁଡ଼ି ଧରି କହିଲେ ସୀତାକାନ୍ତ ମୋ ସବୁ ସରିଗଲା । ବୋଧହୁଏ ତୁମର ପରୋକ୍ଷ ଅଭିଶାପ ମୋ ଉପରେ ପଡ଼ିଗଲା । କେବଳ ବାପାଙ୍କର ଏ ଜିଦ୍‌ଖୋର ସ୍ୱଭାବ ପାଇଁ ଏସବୁ ହେଲା । ସୀତାକାନ୍ତ ସ୍ୱାତୀକୁ ବହୁତ ବୁଝାଇବା ପରେ ସେ ପ୍ରକୃତିସ୍ଥ ହେଲେ । ବିଶ୍ୱଜିତ୍‌ଙ୍କ ଅନ୍ତ୍ୟେଷ୍ଟିକ୍ରିୟା ସରିବା ପରେ ସ୍ୱାତୀକୁ ସୀତାକାନ୍ତ ସମ୍ବଲପୁର ନେଇ ଆସିଲେ । ସୀତାକାନ୍ତଙ୍କ ମା' ସ୍ୱାତୀଙ୍କୁ ନିଜ ଝିଅଠାରୁ ବଳି ଅଧିକ ସ୍ନେହ ଦେଲେ ।

ଦିନେ କହିଲେ ମା' ସ୍ୱାତୀ ସମୟର କ୍ରୁର ଚକ୍ରାନ୍ତ ଯୋଗୁଁ ମୁଁ ତୋତେ ବୋହୂ ରୂପେ ପାଇବାରୁ ବଂଚିତ ହୋଇଥିଲି । ମାତ୍ର ଏବେ ସେ ସମୟ ଉପନୀତ ।ଆଉ ଡେରି କାହିଁକି । ବାହାଘରଟା କରିଦେବା । ନାଁ କ'ଣ କହୁଛୁ ? ସ୍ୱାତୀ ନୀରବରେ ଲାଜେଇ ଯାଇ ଲାଜକୁଳି ଲତା ନିକଟସ୍ଥ ରଞ୍ଜାକୁ ଆଉଜିଗଲା ପରି ସୀତାକାନ୍ତ ମା'ଙ୍କ ଛାତିକୁ ଆଉଜି ଗଲେ । ଏହିସବୁ କଥା ଭାବୁ ଭାବୁ ସୀତାକାନ୍ତ ଭାବପ୍ରବଣ ହୋଇ ଭାବନା ରାଜ୍ୟରେ ହଜି ଯାଇଥିଲେ । ସ୍ୱାତୀ ଚା' ନେଇ ଆସି କହିଲେ ଚା' ନିଅ । ସୀତାକାନ୍ତ ଚମକି ପଡ଼ି କହିଲେ ଆରେ ତମେ ? ଦେଖିଲ ! କି ଖେଳ ବିଧାତାର ? କି ଅପୂର୍ବ ସଂଯୋଗ ? ? ? ସ୍ୱାତୀ କେବଳ ସ୍ୱୀକୃତିପୂର୍ଣ୍ଣ ସ୍ମିତ ହାସ୍ୟର ଲହରୀରେ ପରିବେଶକୁ ଆର୍ଦ୍ର କରିଦେଲା । ପ୍ରେମର ଉଜାଣି ସୁଅ ଦୁହିଁଙ୍କୁ ପ୍ଲାବିତ କରି ଦ୍ରବୀଭୂତ କରିଦେଲା ।

***କପିଳ ପ୍ରସାଦ, ଭୁବନେଶ୍ୱର***



# ଦୁଇଟି ଉଡ଼ା ପକ୍ଷୀ

**ଚକ୍ରଧର ସାହୁ**

ବହିରା ବୁଢ଼ା ପିଣ୍ଡାରେ ବସି ଗୁଡ଼ାଖୁ ଘଷୁଥିଲା। ନିତିଦିନିଆ ଅଭ୍ୟାସ ତା'ର। ରାତି ପାହିଲା ମାନେ ଆଗ ଝାଡ଼ା ଫେରିଆସିବ। ତା'ପରେ ବେଶ୍ ମଜା ନେଇ ନେଇ ଗୁଡାଖୁ ଘଷିବ ଘଡ଼ିଏ ଧରି।

ବହିରି ବୁଢ଼ୀ ସବୁଦିନ ପରି ତା' ପଛରେ ଉଠିଲା। କୁଳି କରି ମୁହଁ ଧୋଇଲା। ତା'ପରେ ବୁଢ଼ା ମୁହଁକୁ ଚାହିଁ ମୁରୁକି ହସାଟେ ଦେଲା। ଯେତେବେଳେ ଚାଳ ତଳକୁ ତା' ନଜର ଗଲା, ମଉଳିଗଲା ସଜ ମୁହଁଟା। ତରାଟି ହୋଇଗଲା ଆଖି। ବୁଢ଼ାକୁ ବିକଳ ହୋଇ ପଚାରିଲା – କାଇଁ ... କୁଆଡ଼େ ଗଲେ ?

ବୁଢ଼ା ବୁଝି ପାରିଲାନି ତା' ଇଙ୍ଗିତ। ଖାଲି ଡବ ଡବ କରି ଚାହିଁଲା। ଅପେକ୍ଷା କଲା ତା'ର ପରବର୍ତ୍ତୀ ଇଙ୍ଗିତକୁ।

ବହିରି ପୁଣିଥରେ ବଡ଼ ପାଟି କରି ସମାନ ଇଙ୍ଗିତ ଦେଲା। ତଥାପି ବୁଢ଼ା ବୁଝି ନପାରିବାରୁ ତା' ପାଖକୁ ଆସିଲା। ତା'ଠୁ ଉଚ୍ଚ କଣ୍ଠ ଫାଡ଼ି ପଚାରିଲା – କ'ଣ ହେଲା ?

ବୁଢ଼ୀ ଚାଳତଳେ ଝୁଲୁଥିବା ମାଟିହାଣ୍ଡି ଆଡ଼କୁ ଅଙ୍ଗୁଠି ଦେଖାଇ କହିଲା – ଦି'ଟା ଯାକ ନାହାଁନ୍ତି। କୁଆଡ଼େ ଗଲେ... ?

ବୁଢ଼ା ବୁଢ଼ୀର ବୁଝିଲା ଭଳି ଠାଣି ଆଉ ଭାଷାରେ କହିଲା – ଆସିବେ...। ଉଡ଼ା ପକ୍ଷୀଗୁଡ଼ା ଆହାର ଖୋଜି ଯାଇଥିବେ।

ବୁଢ଼ୀ କେତେ କ'ଣ ବୁଝିଲା କେଜାଣି ତରବର ହୋଇ ଘର ଭିତରକୁ ପଶିଗଲା। ପୁଣି କ୍ଷଣିକରେ ବାହାରକୁ ଆସି ବୁଢ଼ାକୁ ଡାକିନେଲା କିଛି ଦେଖାଇବାକୁ।

ସକାଳଟାରୁ ପୁଅ ବୋହୂଙ୍କ ବେଡ୍‌ରୁମ୍ ଖୋଲାମେଲା ଥିଲା। ସେମାନଙ୍କ ଏୟାରବ୍ୟାଗ ଦିଟା ନ ଥିଲା ଖଟତଳେ। ଛୋଟ ଷ୍ଟୁଲ୍ ଉପରେ ବୋହୂର ପର୍ସ କି ପାଣି ବୋତଲ ବି ନ ଥିଲା।

ତା'ପରେ ବହିରି ବୁଢ଼ୀ ତରବର ହୋଇ ଖେଦିଗଲା ବାରିପଟକୁ। ବୁଢ଼ା ପିଣ୍ଡାକୁ ଆସି ଲଥ୍ କରି ବସିପଡ଼ିଲା। ମୁଣ୍ଡ ଟେକି ଚାଳତଳ ହାଣ୍ଡିକୁ ଅନିଶା କଲା ମୁହୂର୍ତ୍ତେ। ନିଶ୍ଚିତ ହେଲା .... ନା ପକ୍ଷୀ ଅଛି ନା ପକ୍ଷୀଣୀ।

ବାରିପଟୁ ବୁଢ଼ୀ ଫେରିଆସି ଏକ ପ୍ରକାରେ ହାଉଳି ଖାଇଲା। "ନାଇଁ... କେହି ବି ନାହାଁନ୍ତି। ରଶିରେ ଖାଲି ନାଇଟିଟେ ଆଉ ଗାମୁଛାଟେ ଶୁଖୁଛି।"

ବୁଢ଼ାମୁହଁ ଦୁଃଖରେ ଥମ୍ ଥମ୍। ଶିଥିଳ ଆଖିରେ ତା'ର ତେଣ୍ଡା ମଡ଼ା ପାଣି। କଣ୍ଠରେ ଲହଡ଼ିମରା କୋହ। ବୁଢ଼ୀ ଆଡ଼େ ନଜର ଉଠିଲାନି ଜମା।

ସେଇଠୁ ବାଧ ହୋଇ ବୁଢ଼ା ପାଖକୁ ଆସିଲା ବୁଢ଼ୀ। ବଡ଼ ପାଟି କରି ପଚାରିଲା – ବଣ୍ଟି ତମକୁ କିଛି କହିଥିଲା ?

ବୁଢ଼ା ଥରକରେ ବୁଝି ମୁଣ୍ଡ ହଲାଇଲା।

: ତମେ ବାହାରକୁ କେମିତି ଆସିଲ ? କଞ୍ଚି ପଡ଼ି ନଥିଲା ?

ବହିରା ବୁଢ଼ା ଠିକ୍ ଭାବେ କିଛି ବୁଝି ନ ପାରିବାରୁ ପ୍ରଶ୍ନ କଲା – କ'ଣ କହୁଚ ?

ବୁଢ଼ୀ ଗ୍ରୀଲ୍ କବାଟ ପାଖକୁ ଯାଇ ତାଲା ଚାବି ଦେଖାଇବାରୁ କହିଲା ମୁଁ ଉଠିଲା ବେଳକୁ ଖୋଲା ପଡ଼ିଥିଲା ତାଲା।

ବୁଢ଼ୀ ମୁଣ୍ଡରେ ହାତ ଦେଇ ବସି ପଡ଼ିଲା ତଳେ। ଦୁଇ ଆଖିରୁ ତା'ର ସଙ୍ଗେ ସଙ୍ଗେ ଗଙ୍ଗା ଯମୁନା ଦୁଇ ଧାର ହୋଇ ବହିବାକୁ ଲାଗିଲା। ଲୁଗା କାନିରେ ଯେତେ ପୋଛିଲେ ମଧ୍ୟ ରୋକି ପାରିଲାନି।

ବୁଢ଼ା ବସିବା ଥାନରୁ ଉଠି ପଡ଼ିଲା ହଠାତ୍। ହେଲେ ବୁଢ଼ୀର ସଜଳ ଆଖିକୁ ଆଡ଼େଇ ଯାଇ ପାରିଲାନି ପାଦେ। ସେ ଚଟ୍‌କିନା ଉଠିପଡ଼ି ପଚାରିଲା – କୁଆଡ଼େ ବାହାରିଲ ? ତମ ମନରେ କ'ଣ ଟିକେ ହେଲେ ଚିନ୍ତାଦକ ନାହିଁ ? କି ବାପ ହେଇଚ ତମେ !

ବୁଢ଼ା ସ୍ପଷ୍ଟ ଭାବେ କିଛି ନଶୁଣି ମଧ୍ୟ ତା' ମନର ଭାଷାକୁ ବେଶ୍ ଭଲ ଭାବେ ବୁଝି ପାରିଲା। ତା' କାନ ପାଖରେ ଜୋରରେ ଚିଲ୍ଲେଇକି କହିଲା – ମୁଁ ଖଞ୍ଜାରେ ଯାଇ ପଚାରେ, କାଳେ କାହାକୁ କିଛି କହିଥିବ। ନ ହେଲେ ପୁତୁରାମାନଙ୍କୁ କହିବି, ଫୋନ୍ କରି ବୁଝିବେ। ତମେ ବ୍ୟସ୍ତ ହୁଅନାହିଁ ଜମା।

ସେ ଚାଲିଗଲା ପରେ ବୁଢ଼ୀର ନଜର ପୁଣି ପଡ଼ିଲା ସେଇ ଚାଳ ତଳର ହାଣ୍ଡି ଉପରେ। ପାରା ଯୋଡ଼ିକ ତଥାପି ଫେରି ନ ଥିଲେ। ବ୍ୟାକୁଳତାରେ ପୁଣି ଭରି ଯାଇଥିଲା ମନ। ପାଣି ନିଗିଡ଼ା ଆଖିରେ ମାଡ଼ି ଯାଇଥିଲା ଲୁହ। ଅନ୍ତର ତା'ର ଦହି ହୋଇଗଲା ପୂରା। ତା' ଭିତରେ ଥିବା ଦୁଃଖୀ ଆତ୍ମାଟି କହିଲା – ଯ...। ଚାଲିଯା ସମସ୍ତେ। ଉଡ଼ା ପକ୍ଷୀକୁ କିଏ କ'ଣ ବାନ୍ଧି ରଖିପାରିବ ବସାରେ।

ସତରେ ଭାରି ଦୁଃଖିନୀଟିଏ ଏଇ ବହିରି ବୁଢ଼ୀ, ଲକ୍ଷ୍ମୀ। ଗୋଟେ ଗରିବ ମୂଲିଆ ବାପର ଆଉ ବଡ଼ ପରିବାରର ଝିଅ ସେ। ତେଣୁ ଅଲିଅଳୀ ହେବାର ସମ୍ଭାବନା ନ ଥିଲା। କିଶୋରୀ ବୟସରେ ଯେତେବେଳେ ସେ ଧୂଳି ଘର ବା କଣ୍ଢେଇ ବାହାଘର କରି ଖେଳିବା କଥା ଚୂଲିମୁଣ୍ଡ ସମ୍ଭାଳିଲା। ବେମାରିଆଣୀ ମାଆକୁ ଘର କାମରେ ହାତ ମିଶାଉ ମିଶାଉ ଦିନେ ଘରର ମାଆ ହୋଇଗଲା ତେର ଚଉଦ ବର୍ଷରେ। ରାନ୍ଧିବା ସାଙ୍ଗକୁ ସମସ୍ତଙ୍କୁ ଖାଇବାକୁ ଦେବା, ବାସନ ମାଜିବା, ଘରଦ୍ୱାର ଆଉ ଲୁଗାପଟା ସଫା କରିବାରେ ସେ ପୋଖତ ହୋଇଗଲା।

ଅବଶ୍ୟ ଏ ଦୁଃଖର ଦିନଗୁଡ଼ାକ ତା'ର ଖୁବ୍ ଶୀଘ୍ର ଚାଲିଗଲା। ତଳ ଭଉଣୀ ଘରକାମ ସବୁ ଶିଖିଗଲା ବେଳକୁ ତା' ପାଇଁ ଭଲ ପ୍ରସ୍ତାବଟେ ଆସିଲା ମାତ୍ର ସତର ବର୍ଷ ବୟସରେ ଏଇ ବହିରାବୁଢ଼ା ସୁଦାମାର ହାତ ଧରି ସେ ପରଘରୀ ହୋଇଗଲା। ସେତେବେଳେ ତା' ଭଳି ଟିକେ କାଲା ଦୋଷ ଥିଲା ତା' ସ୍ୱାମୀର।

ଶାଶୁଘରେ ତାକୁ କାଟିଲା ଭଳି ଦୁଃଖ କିଛି ନ ଥିଲା। ଛୋଟ ସରକାରୀ ଚାକିରିଆଟେ ସୁଦାମା। କିନ୍ତୁ ଅନାଥ। ତାକୁ ପନ୍ଦର ବର୍ଷ କେତେ ହୋଇଥିବ ...ହଇଜା ରୋଗରେ ଆଗପଛ ହୋଇ ବାପା, ମା ଦିହେଁ ଆଖି ବୁଜିଥିଲେ। ତେଣୁ ଖାଲି ଏକୁଟିଆ ଭାବଟା ବେଳେବେଳେ ଯାହା ଖାଇ ଗୋଡ଼ାଉଥିଲା। ସ୍ୱାମୀ ଘରେ ଥିଲେ ସମୟଗୁଡ଼ା ଗଡ଼ି ଯାଉଥିଲା। ସତେ ରେଳଗାଡ଼ିର ଚକରେ। ଦୁହେଁ ସାଥେ ସାଥେ ବସୁଥିଲେ, ହସୁଥିଲେ ଆଉ ରଙ୍ଗୀନ ସ୍ୱପ୍ନରେ ମସ୍‌ଗୁଲ ହୋଇଯାଉଥିଲେ।

ମଣିଷ ଅଧିକରୁ ଅଧିକ ସୁଖ ଖୋଜୁ ଖୋଜୁ

ବେଳେବେଳେ ଦୁଃଖକୁ ସାମ୍ନା କରେ। କାହିଁକିନା ସୁଖ ହିଁ ଦୁଃଖକୁ ଚିହ୍ନାଇଥାଏ। ବାପ ଘରେ ଯେତିକି ସୁଖ ପାଇ ନ ଥିଲା ଶାଶୁଘରେ ଢେର ଅଧିକ ପାଇ ଲକ୍ଷ୍ମୀ ଭାବୁଥିଲା ... ତା' ଜୀବନରେ ଆଉ ଦୁଃଖ ହିଁ ନାହିଁ। କିନ୍ତୁ ବାହାଘରର ପାଞ୍ଚ ବର୍ଷ ପରେ ବି ପିଲାଟେ କୋଳକୁ ନ ଆସିବାରୁ ତା' ଅନ୍ତର ଦୁଃଖରେ ଖଣ୍ଡଖଣ୍ଡ ହୋଇଗଲା।

ଏ ଦୁଃଖ ଧୀରେ ଧୀରେ ସ୍ୱାମୀ ସୁଦାମାକୁ ମଧ୍ୟ ଛୁଇଁଲା। ମାତ୍ର ଭାଗ୍ୟକୁ ଭରସା କରି ସେ ତାକୁ ବୁଝାଇଲା ସାନ୍ତ୍ୱନା ଦେଇ। ଧୈର୍ଯ୍ୟ ଧରିବାକୁ ପରାମର୍ଶ ଦେଇ। ନାରୀ ଜନ୍ମର ସାର୍ଥକତା ଯେ ମାଆ ହେବାରେ। ତେଣୁ ବୁଝିବାଝି ଲକ୍ଷ୍ମୀ ଚୁପ୍ ହୁଅନ୍ତା କେମିତି। ନାନା ବ୍ରତ ଉପବାସ କରିବା ସଙ୍ଗେ ସଙ୍ଗେ ସ୍ୱାମୀଙ୍କ ସହିତ ଡାକ୍ତରଖାନାକୁ ଯାଇ ଡାକ୍ତରୀ ଚିକିତ୍ସା ବି କରେଇଲା। ଯା' ହେଉ ଶେଷରେ ନାନା ଦେବଦେବୀ ତା' ଗୁହାରି ଶୁଣିଲେ। ଆଶୀର୍ବାଦ କଲାରୁ ଏଇ ବଣ୍ଟି କୋଳମଣ୍ଡନ କଲା ବାହାଘରର ଗୋଟେ ଯୁଗ ପରେ।

ଦୁଃଖିନୀର କିନ୍ତୁ ଦୁଃଖ କ'ଣ କେବେ ସରେ... ? ବିହି ତ କପାଳରେ ଖାଲି ମେଞ୍ଚା ମେଞ୍ଚା ଦୁଃଖ କଷଣ ଲେଖି ଧରାକୁ ପଠାଇଥାନ୍ତିନା। ଶୁକ୍ଳପକ୍ଷର ଚାନ୍ଦ ଭଳି ପୁଅ ବଢ଼ିବାକୁ ଲାଗିଲା। ତା'ପରେ ଯେତେବେଳେ ଭଲ କରି କଥା କହି ପାରିଲା, ବାପା ମାଆ ଉଭୟଙ୍କ ଦୋଷ ଦୁର୍ବଳତାକୁ ଠିକ୍ ଭାବେ ଧରିପାରିଲା। ସେମାନଙ୍କ ସହ ଭାବ ବିନିମୟ କରି ଉଚିତ ଜବାବ ଆଉ ସେବାଯତ୍ନ ନପାଇବାରୁ ମନେ ମନେ ଚିଡ଼ିଗଲା ବହୁତ। ଏଭଳି ପରିସ୍ଥିତି ଆଉ ବିରକ୍ତି ଭାବ ସେ ବଡ଼ ହେବା ସଙ୍ଗେ ସଙ୍ଗେ ଏମିତି ବଢ଼ିଗଲା ଯେ ଘରେ ପ୍ରାୟ ସମୟ ସେ ନୀରବ ରହିଲା। ମାନେ ... ପାଖରେ ଥାଇ ବି ସେମାନଙ୍କଠୁ ଖୁବ୍ ଦୂରରେ ଥିଲା ସେ।

କଥା କହି ଶିଖି ନ ଥିବା ଶିଶୁଟିଏର ମନକଥା ବୁଝିବା ଭାରି କଷ୍ଟକର ହୋଇଥାଏ ସବୁ ବର୍ଗର ମାଆ, ବାପାଙ୍କୁ। କାନ୍ଦି କାନ୍ଦି ଭୂଇଁରେ ଗଡ଼ିବା, ଗୋଡ଼ କଚାଡ଼ି ନାଚିବା କି ମୁଣ୍ଡ କୋଡ଼ିବାରୁ ସେମାନେ କଅଣ ବା ବୁଝନ୍ତେ। ତା' ମନକୁ କିନ୍ତୁ ଉଖାରି, ଉଖାରି ସବୁ କଥା ବୁଝିବାକୁ ହୁଏ ସେମାନଙ୍କୁ। ଗାଡ଼ି ନେବୁ ନା ଘୋଡ଼ା, ବିସ୍କୁଟ୍ ଖାଇବୁ ନା ଚକୋଲେଟ୍,ଏଇଟା ଦେଖ୍ ବିଲେଇ, ସେଇଟା ପାରା ... ଏମିତି କରୁ କରୁ ଯୋଉଥିଲେ ଶିଶୁଟି ଚୁପ୍ ହୋଇଯାଏ, ବାପା,ମାଆଙ୍କ ମୁହଁରେ ହସ ଫୁଟେ। ସେମାନେ ଶାନ୍ତିରେ ନିଶ୍ୱାସ ମାରନ୍ତି ଏଇଆ ଭାବି ଯେ ଯାହା ହେଉ ପିଲାଟା ବୁଝିଗଲା। ଏଥର ସେ ଠିକ୍‌ଠାକ୍ ଖାଇବ, ଖେଳିବ ଆଉ ଶୋଇବ।

କିନ୍ତୁ, କିଶୋର ବଣ୍ଟିର ନୀରବତାକୁ ସେମାନେ କାହିଁକି ଅଝଟ ପଣିଆ ବୋଲି ବୁଝନ୍ତେ। ସେଇଟା ତା' ପ୍ରକୃତି ବୋଲି ଭାବିଲେ। ତା' ପ୍ରତି ଯେମିତି ଆଦର ଯତ୍ନ ଥିଲା, ସେମିତି ରଖିଲେ। ବରଂ ତା' ଖୁସି, ତା' ରୁଚି ତ ସବୁ ଜାଣିଥିଲେ ଆହୁରି ଅଲିଅଳରେ ବଢ଼ାଇ ଚାଲିଲେ। କେବେ କୌଣସିଥିରେ ଊଣା କରିଲେ ନାହିଁ।

ବଣ୍ଟି କିନ୍ତୁ ଯେତିକି ବଡ଼ ହେଲା ସେତିକି ଦୂରେଇ ଗଲା ବାପା, ମାଆଠୁ। ନିଜ ଘରଠୁ। ରୁଟିନ୍ ବଜାଇ ଫେରିଲା ଖାଲି ଖାଇବାକୁ ଆଉ ଶୋଇବାକୁ। ବାକୀ ସମୟ କ୍ରିକେଟ ବ୍ୟାଟ୍ ସହିତ ଖେଳପଡ଼ିଆରେ ନ ହେଲେ ସାଙ୍ଗ ମେଳରେ ରହିଲା। ମାଆ ଲକ୍ଷ୍ମୀ ଆଉ ବାପା ସୁଦାମା ଦୁହେଁ ଯାକ ମାନିନେଲେ ଯେ ଏହା ତାଙ୍କ ବେଶି ଗେଲବସରର ଫଳ। ଏବେ କିଛି କଥା ଶୁଣୁନାହିଁ, ଛୋଟମୋଟ ବୋଲହାକଟେ ବି କରୁନାହିଁ ସିନା ବୟସ ହେଲେ କରିବ। ସେଇ ଏକୋଇର ବଳା ବିଶିକେଶନ ଛଡା ତାଙ୍କ ଅତି ନିଜର ଆଉ କିଏ ଅଛି ଯେ।

ଦେଖୁ ଦେଖୁ ସମୟ ଗଡ଼ିଚାଲିଲା ଆଗକୁ। ବଣ୍ଟି କଲେଜ ପଢ଼ା ସାରିଲା। ତା' ବାପା ସୁଦାମା ଅବସର ନେଲେ ଚାକିରିରୁ। ମା' ଲକ୍ଷ୍ମୀଙ୍କର ଦେହରେ ଆଣ୍ଠୁଗଣ୍ଠି ବାତଟା ଛତୁ ପରି ଯୋଉ ନିର୍ଦ୍ଦିଷ୍ଟ ଋତୁରେ ଆସୁଥିଲା, ଆଠକାଳିବାରମାସି ରହିଲା। ଉଚ୍ଚତମ ଧ୍ୱନିରେ ଯାହା ବା ଟିକେ ଠଉରାଉଥିଲେ ଦୁହେଁ ସେଇ ଶକ୍ତି ପୂରା ଲୋପ ପାଇଗଲା। ସାଇ ପଡ଼ିଶାର ପ୍ରିୟ ପରିଜନତ ତାଙ୍କର ସାମ୍ନା ସାମ୍ନି ହେବାକୁ ମୂଳରୁ ବେଳା ଖରାପ ବୋଲି ଭାବୁଥିଲେ, କ୍ରମଶଃ... ଦୂରରୁ ଦେଖି ଲୁଚିବାକୁ ଲାଗିଲେ। ସେମାନଙ୍କ କହିବା କଥା ... କାହାର ସମୟ ଅଛି ଯେ ଏ ବିରକ୍ତିକର ତଡ୍ଡ଼ ଦି'ଟାକୁ ଝେଲିବ। ଜଣେ ହେଲେ ଭଲ ହୋଇଥାନ୍ତା। ଦି'ଜଣ ଯାକ ସମାନ। ଜଣେ ବହିରାକୁ ଆଉ ଜଣେ ବହିରି। ତାପରେ ନିଜର ଭେଣ୍ଡା ପୁଅଟେ ଥାଉ ଥାଉ ଆମଠୁ ସେମାନେ କାହିଁକି ସାହାଯ୍ୟ ଚାହିଁବେ। ତାକୁ ତ ପିଲାଟି ବେଳୁ ଗେହ୍ଲା କରି ମୁଣ୍ଡରେ ବସାଇଛନ୍ତି, ଭୋଗନ୍ତୁ ନିଜେ।

ବଣ୍ଟି ବି ବଦଳୁ ନ ଥିଲା ଜମା। ଦାୟିତ୍ୱବାନ ହେବା ପରିବର୍ତ୍ତେ ଅଧିକରୁ ଅଧିକ ଦାୟିତ୍ୱହୀନ ହୋଇଯାଇଥିଲା। ଘରଛାଡ଼ି ଦିନଯାକ ବାହାରେ ଘୂରି ବୁଲୁଥିଲା।

କିନ୍ତୁ ଧୀରେ ଧୀରେ ଏକକୀତ୍ୱବୋଧର କଷ୍ଟ ବହିରା ବୁଢ଼ା ଆଉ ବହିରି ବୁଢ଼ୀର ମର୍ମକୁ ଭେଦିଲା। ଦୁହେଁଯାକ ନିଜ ନିଜକୁ ଖୁବ୍ ଦୁର୍ବଳ ଆଉ ଅସହାୟ ମନେ କଲେ। ଦିନେ ବୁଢ଼ୀ ବୁଢ଼ାକୁ କହିଲା – ଦେଖ, ପୁଅକୁ ଯେତିକି ଗେହ୍ଲା କରିବା କଥା କଲ। ଏବେ ତାକୁ ଘର ଚଳାଇବାର ଦାୟିତ୍ୱ ଦିଅ। ଏ ବୁଢ଼ା ବୟସରେ, ବେମାରିଆ ଦେହରେ ଆଉ କେତେ କ'ଣ କରିବ। ଆମ ପାଇଁ ସିନା ଖର୍ଚ୍ଚ ଦିନକୁ ଦିନ କମି କମି ଯାଉଛି, ବଣ୍ଟିର ବଢୁଛିନା। ଯୋଉ ଥାଟବାଟରେ ରଖି ଆସିଛ ତାକୁ ସେମିତି ରଖିବାକୁ ତମର କ'ଣ ଏ ପେନ୍‌ସନ୍ ପଇସା କୁଳାଉଛି। ତେଣୁ ତାକୁ ବୁଝାଅ ..., ସେ ଚାକିରିଟେ କରୁ। ନହେଲେ ଆଉ କିଛି କାମଧନ୍ଦା କରି ରୋଜଗାର କରୁ। ତିରିଶ ପାରିହେଲାଣି ତା' ବୟସ, ଆଉ କେବେ ବାହା ହେବ। ମୁଁ ବି ଆଉ ଘୁଷୁରି ଘୁଷୁରି ଘରକାମକୁ ପାରୁନି। ବୋହୂଟିଏ ଆସିଲେ ଟିକେ ଆରାମ କରନ୍ତି। ସିଏ ବି ଯୋଉ ଉଡ଼ାପକ୍ଷୀ ଭଳି ଏଣେତେଣେ ଉଡ଼ିବୁଲୁଛି, ବୋହୂଟିଏ ଆସିଲେ ବସା ବାନ୍ଧନ୍ତାନା।

ଆଗରୁ ବି ବହିରି ବୁଢ଼ୀଠୁ ଅନେକବାର ଗାଳିମନ୍ଦ ଶୁଣି ଗୋଟେ ଗୋଟେ ଜରୁରୀ କଥା ବଣ୍ଟିକୁ କହିବ ବୋଲି ଭାବିଛି ବହିରାବୁଢ଼ା। ହେଲେ କହିପାରିନି। କେମିତି ବା କହନ୍ତା। ନିଜେ ବିଛଣା ଛାଡ଼ିବା ପୂର୍ବରୁ ସେତ ଘରଛାଡ଼ି ଚାଲିଯାଇଥାଏ କୁଆଡ଼େ। ଆଉ ଦିନେ ବେଳା ଖାଇବାକୁ ଆସିଲାବେଳେ ବିଶ୍ରାମ ନେଉ ନେଉ ନିଜେ ଶୋଇ ପଡ଼ିଥାଏ ନିଘୋଡ଼ ନିଦରେ। ରାତି କଥା କ'ଣ କହିବ, ଖୁବ୍ ଚଞ୍ଚଳ ଆସିଯାଏ ଆଜିକାଲି। କିନ୍ତୁ ବଣ୍ଟି ଖୁବ୍ ବିଳମ୍ବରେ ଆସେ। ଭୋକ ଥିଲେ ନିଜେ ବଢ଼ାବଢ଼ି କରି ଖାଏ। ତା'ପରେ ବିଛଣା ଧରୁ ଧରୁ ମୋବାଇଲ୍ ଦୁନିଆରେ ହଜିଯାଏ ନିଦକୁ ଠକି।

ଦିନେ ... ବୁଢ଼ୀଠୁ ଖୁବ୍ କଡ଼ା ଭର୍ତ୍ସନା ଶୁଣି ବୁଢ଼ା ଅଡ଼ି ବସିଲା ଯେ ଆଜି ଯେମିତି ହେଲେ ପୁଅକୁ କହିବି। ତେଣୁ ନିଜ ବିଛଣାକୁ ତେଜି ପୁଅର ଖଟରେ ବସି ରହିଲା ନିର୍ଦ୍ଦିଷ୍ଟ ସମୟକୁ ଅପେକ୍ଷା କରି। ସେ ସମୟ ବି ଆସିଲା ସୁଯୋଗକୁ ସାଥିରେ ଧରି। ଗାଧୁଆ ବେଳା ଖାଇବା ସାରି ପୁଅ ଯେତେବେଳେ କିଛି ସମୟ ଗଡ଼ିବା ପାଇଁ ଆସିଲା, ସେ କହିଲା – ଆ ... ବସ୍ ମୋ ପାଖର। ତୋତେ ମୋର କିଛି କହିବାର ଅଛି।

ବଣ୍ଟି ଅବଶ୍ୟ ବାପାଙ୍କ କଥା ମାନି ଚୁପ୍ ହୋଇ ବସିଲା। ଆଗଭଳି ବିରକ୍ତ ହୋଇ ଚାଲିଗଲା ନାହିଁ। ତା'ର ସିନା ବାପା ମାଆଙ୍କ କାନ ଉପରେ ଖାଲି ରାଗ, ଅନ୍ତରରେ ସେମାନଙ୍କ ପ୍ରତି ଖୁବ୍ ଶ୍ରଦ୍ଧା ଆଉ ସମ୍ମାନ ଥାଏ ସବୁ ବେଳ ପାଇଁ। କ'ଣ ବା କରନ୍ତା ସେ! ଅବସ୍ଥା ଚକ୍ରରେ ପଡ଼ି ନାଚାର ନା। ପରସ୍ପର ମଧ୍ୟରେ ସୁଚାରୁରୂପେ ଭାବ ବିନିମୟ ହୋଇପାରିଲେ ସିନା ଏକ ଆରେକର ଦୁଃଖସୁଖ ଭଲ କରି ବୁଝିପାରିବ। ସୁଖ ଖବରରେ ଖୁସି ହୋଇପାରିବ ଆଉ ଦୁଃଖ ଶୁଣି ଆଶ୍ୱସନା ସହ ଧୈର୍ଯ୍ୟ ଧରିବାକୁ ସାହସ ଦେଇପାରିବ। ବାପା, ମାଆଙ୍କ ସହ ଯେମିତି କିଛି ହୋଇପାରେ ନାହିଁ ବୋଲି ସେ ନିଜ ଉପରେ ରାଗେ।

ମାନସିକ ସନ୍ତୁଳନ ହରାଇବାର ଭୟରେ ବାହାର ଦୁନିଆକୁ ଆପଣାଏ।

ଯାହା ହେଉ ବୁଢ଼ୀ ଶିଖେଇବା ଅନୁସାରେ ବୁଢ଼ା ସବୁକଥା ଠିକ୍‌ଠିକ୍ କରି ବଣ୍ଟିକୁ କହିଲା। ସେ ବି ଧୈର୍ଯ୍ୟ ଧରି ସବୁ ଶୁଣିଲା। ଶେଷରେ ଖୁବ୍ କଷ୍ଟକରି ତାଙ୍କୁ ବୁଝାଇଲା – ତମେ ସେ ଚାକିରି ବାକିରି କଥା ଛାଡ଼। ଧରାଧରି କରି ଗ୍ରାଜୁଏସନ କରିଥିବା ଏ ଅଣ୍ଡର୍ ମେରିଟ୍ ପିଲାକୁ କ'ଣ ଚାକିରି ମିଳିବ ? ମୁଁ ଗୋଟେ ଚାକିରିଆ ଝିଅକୁ ଭଲ ପାଉଛି ଆଉ ବିବାହ କରିବାକୁ ସ୍ଥିର କରିଛି ତାକୁ। ତେଣୁ ତମେ ଘରଦ୍ୱାର ସଜାଡ଼। ସଫା ସୁତରା କର।

ଏଭଳି ଗୋଟେ ଖୁସି ଖବର ଶୁଣି ବହିରା ବୁଢ଼ା ଆଉ ବିହିରି ବୁଢ଼ୀର ପାଦ ତଳେ ଆଉ ଲାଗିଲାନି। ସେମାନଙ୍କୁ ବୋଧ ହେଲା ଦେହରେ ସେମାନଙ୍କର ଅମାପ ବଳ ଭରି ରହିଛି। ବେମାରୀ ତ ଉଡ଼ନ ଛୁ ମାରିଛି କୁଆଡ଼େ। ତେଣୁ ପ୍ରବଳ ଉତ୍ସାହରେ ରାତିଦିନ ଏକ୍ କରି ଦିହେଁ ଯାକ ଘର ସଜଡ଼ା କାମରେ ଲାଗିପଡ଼ିଲେ। ବୁଢ଼ା ମିସ୍ତ୍ରୀ ଡକାଇ ଯୋଉଠି ଯୋଉଠି ମରାମତି ଦରକାର ଥିଲା କରେଇଲା। ବୁଢ଼ୀ ଝାଡୁ ଧରି ଘରର କୋଣ ଅନୁକୋଣରୁ ଆରମ୍ଭ କରି ବାରି ସୀମାଯାଏ ପରିଷ୍କାର କରିଦେଲା।

ଧନ ଅଭାବରୁ ବାହାଘରଟା କିନ୍ତୁ ଧୁମ୍‌ଧାମ୍‌ରେ ହୋଇପାରିଲାନି। ଚାରି ଜଣ ସାଙ୍ଗ ଆଉ ବ୍ରାହ୍ମଣକୁ ନେଇ ମନ୍ଦିରରେ ସମ୍ପନ୍ନ ହେଲା।

ସେଇ ବୋହୂକୁ ଆଜି ବହିରି ବୁଢ଼ୀ ଖୋଜୁଛି। ବହିରାବୁଢ଼ା ବି। ପୁଅ ତ ଏମିତି ସବୁବେଳେ ଉଡ଼ାପକ୍ଷୀ ଥିଲା। ବସାରେ ବାନ୍ଧି ହୋଇ ବସି ରହିଥିଲେ ବି କିଛି ଫରକ ପଡୁନଥିଲା ସେମାନଙ୍କୁ।

ବୁଢ଼ା ଖଞ୍ଜାକୁ ଯାଇ ପୁତୁରାମାନଙ୍କୁ ପଚାରିଲା। ପୁତୁରା ବୋହୂ ଆଉ ନାତି ନାତୁଣୀମାନଙ୍କୁ ବି। ସମସ୍ତଙ୍କ ମୁହଁରେ କିନ୍ତୁ ସେଇ ଏକା ଉତ୍ତର – ଆମେ ଜାଣିନାହୁଁ। ଆମକୁ କହି ନାହାନ୍ତି କିଛି।" ଭାଉଜ ତ' ବଡ଼ ପାଟିକରି ତାଙ୍କ ସହ ଟାପରା କଲେ – କଅଣ ଖୋଜୁଛ, ଶୁଆ... ? ବ୍ୟସ୍ତ ହୁଅ ନାହିଁ। ଫେରି ଆସିବ। ପୋଷା ଶୁଆ କୋଉଠି ବି ରହନ୍ତି ନାହିଁ। ତା'ପରେ ମୁହଁମୋଡ଼ା ଦେଇ ଆହୁରି କହିଲେ ଜ, "ହୁଁ ...ତମେ କ'ଣ ଏମିତି ହେବ ବୋଲି ଜମା ଜାଣି ନଥିଲ। ନା ଜାଣି ସିହାଣା ହେଉଛ। ପୁଅ ଫି ମାସରେ ଏଇ ଝିଅକୁ ଦେଖା କରିବାକୁ ଗଲାବେଳେ ତମେ ପରା ନୋଟ୍ ବିଡ଼ା ଧରେଇ ଦେଉଥିଲ ତା' ହାତରେ । ଏବେ କାହିଁକି ଏତେ ସୁଆଙ୍ଗ କରୁଛ।" ଶେଷରେ ଲଜ୍ୟା ଅପମାନ ସହ ନୈରାଶ୍ୟ ମୁଣ୍ଡାଇ ସଠିକ୍ ସୂଚନା ଆଶାରେ ବଜାର ଆଡ଼େ ମୁହାଁଇଲା ବହିରା ବୁଢ଼ା।

ଏଣେ ବେଳକୁ ବେଳ ବୁଢ଼ୀର ଅଥୟଭାବ ବଢ଼ିବାରେ ଲାଗିଥିଲା। ସେ ଖାଲି ଦାଣ୍ଡରୁ ଘରକୁ ଆଉ ଘରୁ ଦାଣ୍ଡକୁ ହେଉଥିଲା ବୁଢ଼ାର ବାଟ ଅନେଇ। ଭାବୁଥିଲା – ଏମିତି ହେଇଥାଉ। ସୋମବାର ହେଲେ ବି ତ ସେମାନଙ୍କୁ ମନ୍ଦିରରେ ଠାକୁର ଦର୍ଶନ ମନା; ପାଖ ଗାଁ ହାଟକୁ ଯାଇଥାନ୍ତୁ। ନ ହେଲେ ସକାଳୁଆ ଥଣ୍ଡା ପବନ ଆଉ କଅଁଳ ଖରା ପାଇବାକୁ ପାର୍କ ଯାଇଥାନ୍ତୁ। ... ବେଳେବେଳେ ପାଦପୀଡ଼ା ହେଲେ ପିଣ୍ଡାରେ ବସି ଯାଉଥିଲା ସେ। ଦୁଃଖରେ ଝୁରି ହେଉଥିଲା ବୋହୂକୁ। କାନକୁ ସିନା ଶୁଭୁନାହିଁ ଆମର, ଏଇ ଆଖି ତ ଦେଖୁଥିଲା ନା। ମୋ' ବବ୍‌ଲୀରାଣୀ କି ସୁନ୍ଦର ସତରେ ! ସକାଳୁ ଗାଧୁଅପାଧୁଆ ସାରି ତୁଳସୀ ଚଉଁରାରେ ପାଣି ଢାଳି ପୂଜା କଲାବେଳେ ଲାଗେ ସତେ କି ଦେବୀ ପ୍ରତିମାଟେ। ଏଡ଼େ ଗୁଣବତୀ ଯେ କୁଟା ଖଣ୍ଡିକୁ ଦିଖଣ୍ଡ କରିବାକୁ ଦେଉ ନ ଥିଲା ଆସିବା ଦିନରୁ। ରାତି ପାହିବ ତ ଶ୍ୱଶୁର ପାଖରେ ଖଞ୍ଜେଇ ଦେଉଥିଲା ଗୁଡ଼ାଖୁ ଡବା, ପାଣିଢାଳ, ବ୍ରସ ଆଉ ପେଷ୍ଟ। ମୁଁ ବିଛଣା ଛାଡୁଛାଡୁ ଘରଦ୍ୱାର, ଅଗଣା, ବାରିପଟ ସବୁ ଆଡ଼େ ପହଁରା ମାରି ଏକଦମ ପରିଷ୍କାର କରି ଦେଉଥିଲା। ସତରେ କି ହାତ ପାଇଛି ସେ ! ଚା, ଜଳଖିଆ, ଭାତ, ତରକାରୀ ଯାହା ବି କରୁଥିଲା ... ସେଥିରୁ ସୁଆଦ ଖାଲି ବୋହିପଡୁଥିଲା। ପାଟିରେ ବାଜିଲେ ହିଁ ମନରେ ଶାନ୍ତି ଭରିଯାଉଥିଲା। ନିତି ରାତିରେ ସୋରିଷ ତେଲରେ ରସୁଣ ଫୁଟେଇ ଗୋଡ଼ ହାତରେ ମାରି ଦେଉଥିଲା ଯେ ନିଦ କୁଆଡ଼େ ଆସେ ଜାଣି ହୁଏନି। ସିଏ କୁଆଡ଼େ ଚାଲିଗଲା ଆଜି, ବାହାଘରର ଆଠ ଦିନ ବାଦ୍।

ଖୁବ୍ ବିଳମ୍ବରେ ବହିରା ବୁଢ଼ାଫେରିଲା ଟଳମଳ ପାଦରେ। ତାକୁ ଲାଗୁଥିଲା ଆଖି ସାମ୍‌ନାରେ ବ୍ରହ୍ମାଣ୍ଡଟା ଘୂରୁଛି ସତେ ! ଖୁବ୍ କଷ୍ଟରେ ଖମ୍ବକୁ ଧରି ପିଣ୍ଡା ଉପରେ ନଥି କରି ବସି ପଡ଼ିଲା ପରେ ବହିରି ବୁଢ଼ୀର ଦୃଷ୍ଟି ତା' ଆଡକୁ ଗଲା। ଭାରି ବ୍ୟସ୍ତ ହୋଇ ପଡ଼ିଲା ତା' ଅବସ୍ଥା ଦେଖି। ଚଞ୍ଚଳ ଘର ଭିତରକୁ ଯାଇ ପାଣି ଗ୍ଲାସଟେ ଆଣିଲା। ତାକୁ ପିଆଉ ପିଆଉ ପଚାରିଲା ତମେ ବଜାର ପଳାଇଥିଲ ନା କ'ଣ ? କାହାଠୁ କିଛି ଖବର ପାଇଲ ?

ବୁଢ଼ାର ତୁଣ୍ଡ ଫିଟିଲାନି ହଠାତ୍। କୋହ ଭରି ତା' କଣ୍ଠରୋଧ ହୋଇ ଯାଇଥିଲା। ହେଲେ ଆଖିରୁ ଅବାରିତ ଭାବେ ଲୁହ ବହିବାକୁ ଲାଗିଲା।

ବୁଢ଼ୀ ନିଜକୁ ଆଉ ସମ୍ଭାଳି ପାରିଲାନି। ବୁଢ଼ାର ଦୁଇ ବାହାକୁ ଜୋରରେ ଦୋହଲାଇ ଦେଇ ପଚାରିଲା – ଏଇ ଏମିତି କାନ୍ଦୁଛ କ'ଣ ! କାହାଠୁ କିଛି ଖବର ପାଇଲ ? ମୋ' ବଣ୍ଟି ଆଉ ବବ୍‌ଲିରାଣୀ... !

ବୁଢ଼ା ହଠାତ୍ ଭିଜା ଭିଜା କଣ୍ଠ ଫାଡି କୁହାଟିଲା – ସେମାନେ ଏଇ ରାଇଜ ଛାଡ଼ି ଚାଲିଯାଇଛନ୍ତି। ଉଡ଼ି ଯାଇଛନ୍ତି ତାଙ୍କ ନୂଆ ବସାକୁ। ବୁଝିଲ...।

ବୁଢ଼ୀ ଥରକରେ ତା' ଭାଷା ବୁଝିପାରିଲା ତ ସ୍ତବ୍ଧ ହୋଇଗଲା ମୁହୂର୍ତ୍ତେ। ତା'ପରେ କାନ୍ଦି କାନ୍ଦି ବୁଝାଇଲା – ନା ତମେ କାନ୍ଦନା ଜମା। ସେମାନେ ଗଲେ ଯଦି ଯାଆନ୍ତୁ। ବୋହୂର ଛୁଟି ସରିଯାଇଥିବନା। ପୁଣି ଛୁଟି ହେଲେ ଚାଲିଆସିବେ ଦୁହେଁ। ଏଠି ବି ଗୋଟେ ବସା ଅଛିନା ତାଙ୍କର। ତାପରେ ବଞ୍ଚିତ କୋଉ ପିଲାଟି ବେଳକୁ ଆମ ପାଖ ଛାଡ଼ିଛି। ବାହାରେ ବାହାରେ ଅନେକ ସମୟ ଏକୁଟିଆ ରହିଛି। ଏବେ ସାଥୀଟିଏ, ନୂଆ ବସାଟିଏ ପାଇଛି ଯେତେବେଳେ ଆମେ ଚିନ୍ତା କରିବ କାହିଁକି ?

ବୁଢ଼ା ବୁଢ଼ୀର ମୁହଁକୁ ଆଦୌ ଲକ୍ଷ୍ୟ କରି ନ ଥିବାରୁ ତା' କଥାର ବିନ୍ଦୁ ବିସର୍ଗ ବି ଧରିପାରିଲା ନାହିଁ। ନିଜ ଗାମୁଛାରେ ବାକୀ ଲୁହକୁ ପୋଛି ବୁଢ଼ୀକୁ ପଚାରିଲା – ତମେ ଖୁବ୍ ଚିନ୍ତା କରୁଛ ନା ? ଦୁଃଖିତ ହେଉଛ... ?

ବହିରି ବୁଢ଼ୀ ତା' କଥାକୁ ଶୁଣିଲା କି ନାହିଁ କେଜାଣି। ଆଖିରୁ ଲୁହ ପୋଛି କହିଲା – ଆସ...। ଏବେ ଆମେ ଆମ ବସାକୁ ସଜାଡ଼ିବା। ଆହର ବନେଇବା। ଉଡ଼ା ପକ୍ଷୀମାନଙ୍କର ମାଆ ବାପ ପାଇଁ ଚିନ୍ତା ନାହିଁ ଯଦି, ଆମେ କାହିଁକି ଚିନ୍ତା କରି ମରିବା।

ବୁଢ଼ୀ ଆଗେ ଆଗେ ଚାଲିଲା ଘରମୁହାଁ। ବୁଢ଼ା ତା' ପଛରେ। ପାରା ଯୋଡ଼ିକ ତଥାପି ଫେରି ନଥିଲେ ସେଇ ଚାଳ ତଳର ହାଣ୍ଡିକୁ।

*ଓମବିହାର (ଲେନ-୨)*
*ହୋଟେଲ ଶ୍ରୀକ୍ଷେତ୍ର ସାମ୍‌ନା, ଧାଙ୍ଗଡପଡା,*
*ଆଟୋପୁର, କେନ୍ଦୁଝର,*
*ଦୂରଭାଷ: ୮୨୪୯୫୦୨୨୧୨*

# ଭିନ୍ନ ରାଗିଣୀ

## ଚିନ୍ମୟ ରାୟ

paid ନନା ଆସି ଟଙ୍କା ମାସକର ନିଅନ୍ତି। ସେଠି ମନସ୍ତାପରେ ଦିନ ବିତିଲା। ଛଅସାତ ଦିନ ମାର୍ମିକ ଆଘାତରେ ବିତିଲା। କାହାକୁ କିଛି କହିଲେ ନାହିଁ। ଗାଁକୁ ଫୋନ୍ କରି ବାପାମା'କୁ କିଛି ମଧ ଜଣାଇଲେ ନାହିଁ। ପ୍ରାୟ ପ୍ରତିସପ୍ତାହରେ ଗାଁକୁ ରାଜଧାନୀରୁ ଯାଆନ୍ତି। ଦି' ସପ୍ତାହ ଧରି ଗଲେ ନାହିଁ। ସତୁରୀବର୍ଷିୟା ମା', ୭୮ ବର୍ଷିୟା ବାପା ଉଦ୍‌ବେଗ ଗ୍ରସ୍ତ ହୋଇ ଜଣକୁ ସେଠୁ ସୁଦୂର ରାଜଧାନୀ ପଠାଇ ବଡ଼ପୁଅର ଖବର ନେଲେ। ତାଙ୍କ ଗୀତକୁନେଇ ଅନ୍ୟର ନାଁରେ କ୍ୟାସେଟ୍ ବାହାରିଥାଏ ଏଥିପାଇଁ ଦୁଃଖରେ ଫୋନ୍ କରିନାହିଁ କି ଗାଁକୁ ଯାଇନାହିଁ। ଏକଥା ମା'କୁ ଜଣାଇ ସେ କାନ୍ଦିଲେ ଫୋନ୍‌ରେ। ମା' କହିଲେ କେତେ ଦୁଃଖ ତୋ' ଜୀବନରେ ବାପା, କେତେ ଆଉ ତୁ ଧୋକ୍କା ସହିବୁ ? ମୁଁ ବାପାକୁ କହିବି ନାହିଁ, ତାଙ୍କର ବି.ପି. ବଢ଼ିଯିବ। ହଁ ମା' ତୁ ବାପାଙ୍କୁ ଏଇକଥା କିଛି ଜଣାଇବୁ ନାହିଁ। କାଳେ ବାପା ଲ୍ୟାଣ୍ଡ ଫୋନ୍ ଧରିଦେବେ, ସେଥିପାଇଁ ମୁଁ ଫୋନ୍ କରିନଥିଲି।

କଥାକଥାରେ ମଉଳା ମନକୁ ତାଜା କରିହୁଏ (କିନ୍ତୁ) ମନ ତଳର ଗଭୀର ଦୁଃଖ କାହାକୁ କହି କାହା ଦ୍ୱାରା ଅପସାରିତ ହୁଏ ନାହିଁ। ମନ ପୋଡ଼ିଗଲେ କିଏ ବା ଜାଣିବ ? ଗାଁରୁ ମା' ଫୋନ୍‌ରେ ଶେଷଧାଡ଼ି କହିଲେ କେତେ ଆଉ ତୁ ଧୋକ୍କା ସହିବୁ ? ଜୀବନ ତୋର ଧୋକ୍କାର ଅନ୍ୟନାଁ ହେଇଗଲା। ଏମିତିରେ ପାଖାପାଖି ୪୮ ବର୍ଷ ଛୁଇଁଲାଣି। ପୁତ୍ର ଥାଇ ବି ନିଜ ପୁଅ ପାଖରେ ନାହିଁ, ପତ୍ନୀ ଦୂରରେ ... ଏଇ ବାପାମା'ର ସମ୍ପର୍କ ଖୁବ୍ ଗାଢ଼ ଅନ୍ତରଙ୍ଗ ଆଉ ସବୁ ସମ୍ପର୍କ ଧୋକ୍କା ଦିଆ ସମ୍ପର୍କ। ସାତ, ଆଠଦିନପରେ ସବୁ ଭୁଲି ହେଇଗଲା, ବିମଳ ଅଫିସ୍ କାମରେ ମନଦେଲେ। ରାଜଧାନୀର ପ୍ରମୁଖ ଛକରେ ଅଫିସ୍। ୩,୪ଟା ଲୋକାଲ ବୁଥ୍, ୩ଟା ଓମ୍‌ଫେଡ୍ ବୁଥ୍। ସେଦିନ ବାଁ ଆଖି ସକାଳୁ ଡେଉଁଥିଲା। କିଛି ଆଜି ଅଘଟଣ ଘଟିବକି, ଏମିତି ଆଶଙ୍କା ମନକୁ ଆସୁଥିଲା। ଦିନ ୧୧.୩୦ ପରେ ଫାଇଲ ବନ୍ଦ କରି ସେ ଅଫିସ୍ ବନ୍ଧୁଙ୍କ ସହିତ ଚା' ପିଇବାକୁ ଗଲେ। କଫି ବିସ୍କୁଟ ଖଇରିଆ ରଂଗର ବହୁଦିନ ପରେ ବୁଥ୍‌ବାଲା ଆଣିଥିବାରୁ ଖୁସି ହୋଇ ବିମଳ କାଚଜାରରୁ ୩ଟି ଉଠାଇ ଆଣି ବନ୍ଧୁକୁଗୋଟିଏ ଦେଇ ନିଜେ ଖଣ୍ଡେ କାମୁଡୁଛନ୍ତି। ଆସିଗଲେ ତିନୋଟି ଗ୍ରହ। ଦୁଇଜଣ ଗୋଟେ ବାଇକ୍‌ରେ ... ତୃତୀୟ ଜଣକ ଆଉ ଗୋଟେ ଦାମୀ ବାଇକ୍‌ରେ। ବିମଳଙ୍କ ପାଖକୁ ଦୁଇଜଣ ଲାଗିଆସିଲେ। ବିମଳ ଭଦ୍ରଜୋଚିତ ବାଣୀ କହିଲେ କାହାକୁ ଖୋଜୁଛନ୍ତି ନା ମୋତେ କିଛି କହିବେ ? ତୁମକୁ କହିବୁ (କାଇଁନା) ପରଦିନ ଫୋନ୍ ୩ ଥର ସାର୍ ଟ୍ରାୟ କଲେ ତୁମେ ଧରିଲ ନାହିଁ। ଜାଣିଛ, ସାର୍ ଭଲ ମାନ୍ୟତାର ବିଲ୍‌ଡର ତାଙ୍କର ଏବେ ଗୀତ କ୍ୟାସେଟ୍ ବାହାରିଛି, ତୁମର ଆଉ ବାହାରିବାର ନାହିଁ। ଯଦି କୋଉଠି କିଛି ନିଜଗୀତ ବୋଲି କୁହ, ସାର୍‌ଙ୍କର ଦବ୍‌ଦବା ସୋସାଇଟିରେ ଜାଣିଛ, ତୁମର ପରିବାର ଆଗରୁ ଛିନ୍‌ଛତର, ଆଉ ତୁମକୁ ଉଡାଇବାକୁ କେତେ ସମୟ ବା ଲାଗିବ ? ବିମଳଙ୍କର ଛାତି ଧକ୍‌କି ହେଲା। ଦାମୀ ବାଇକ୍‌ରେ ଏକା ବସିଥିବା ୨୩-୨୪ ବର୍ଷର ସୁଦର୍ଶନ ଯୁବକଟି ବାଇକ୍‌ରୁ ଉଠି ଆସି କହିଲା, ଆମେ ସବୁ ଟେକ୍ନିକାଲ ଗ୍ରାଜୁଏଟ୍। ଗୁଣ୍ଡା ନୁହଁ, ଭଲକି ବୁଝିପାରିଲ ତ... କାହିଁ ଆସିଥିଲୁ ଏଠିକି। ଆଜ୍ଞା, ଗୋଟିଏ କଥା କୁହନ୍ତୁ କୋଉଜଣକୁ ଆଣନ୍ତୁ ମୋ ଗୀତ କହିଥିବାର ଜଣାଇଥିବାର ହଉ ହେଲା, ଭଲକି ଜାଣିଥାଅ ତାଗିଦ୍‌ରେ ଏମିତି କୁହାଯାଏ। ସାର୍ ୩ଥର ଫୋନ୍ କରିଥିଲେ ମୋ' Cell No. ବଦଳିଛି କୋଉଠୁ କେମିତି ପାଇଲେ ? ହଁ, ତ୍ରିଧର୍ମା ତାନ୍ତ୍ରିକ ତିହାଡ଼ି ଟଙ୍କା ୫୦୦ ନେଇ ସବୁ ଓକାଳିଦେଲା, ଆପଣଙ୍କର ପରିବାର ଆଉ ସବୁ କିଛି ଏମିତିକି ଆପଣଙ୍କୁ ନିକଟରେ ଧୋକ୍କା ଦେଇଥିବା କାମଦେବ ପାତ୍ର କଥା ବି... ଗୁମ୍ ଖାଇଗଲେ ବିମଳ, ସେମାନେ ବାଇକ୍ ଛୁଟାଇ ଚାଲିଗଲେ। କ୍ରୋଧ, କ୍ଷୋଭ ଆସୁଥାଏ ତିହାଡ଼ି ଉପରେ ତା' ହେଲେ ସେ ଏତିକି ଡ୍ରାମା କରାଇଲେ। ବନ୍ଧୁ କହିଲେ ହଁ ଗୋଟାଏ ମିଛି ଦୋଷାରୋପ କରିବାକୁ ଲୋକବି ଅଛନ୍ତି। ଗାଲୁଆ ଗୁଡାକ ...ହଁ ଯିବା, ବୁଥ୍ ବାଲାକୁ ଟଙ୍କା ସେ ଧରାଇକି ଆସିଲେ। ସେ change ଫେରାଇ ଦଶବର୍ଷର ଚିହ୍ନା ବିମଳକୁ ଆବାକାବା ହୋଇ ଚାହୁଁଥାଏ। କିଛି ପଚାରିବ (କ'ଣ ତିନିଜଣଙ୍କର ଧମକ) ତିନିଜଣ ମହିଳା ଆସି କଫି ବରାଦକଲେ। ବିମଳ ନିଜର ଭାଗ୍ୟକୁ ଧିକ୍କାରୁଥାନ୍ତି ମନେ ମନେ। ରାତି ଅନିଦ୍ରା ହୋଇ ନିଜେ କରିଥିବା (ସୁରଦେଇଥିବା) ଚାରିଟି ଗୀତ ହଡପ ହେଲା, ପୁଣି ସନ୍ଦେହକରି ଧମକ। ତିହାଡ଼ି ଏମିତି କରିଛି ମିଛ ନାଟକ। ପୂଜାଟଙ୍କା ପାଇଁ ଆସୁ ସେ ... ମନେମନେ ଗୁମୁରି ରହିଲେ।

ଦି' ଦିନପରେ ତିହାଡ଼ି ମହାଶୟ ଅଫିସ୍‌କୁ ଆସିଲେ ଦିନ ୨.୩୦ ପରେ... ହସି କହିଲେ ଆଜ୍ଞା ଜୁହାର। ଆଉ ଦି' ଦିନ ପରେ ଅମାବାସ୍ୟା, ଟଙ୍କାଟା ଦେବେ। ମୋ' ବିଷୟରେ ସମର ବାବୁଙ୍କୁ ଡାଟା ଦେଇ ଯୋଉ ଟଙ୍କା ପାଇଛନ୍ତି ସେଟଙ୍କାରେ ଚଳାଇ ଦିଅନ୍ତୁ। ପୂଜା ପାଇଁ ଭଣ୍ଡ ଠକ ଆଉ ଜାଲିଆତିକୁ ଟଙ୍କା ଦେବାକୁ ମୋର ନାହିଁ। ଆପଣ ଯାଆନ୍ତୁ, ଅଫିସ୍‌ରେ କାମ ବହୁତ .... ହେଲେ ମୁଁ ତ୍ରିଧର୍ମୀ ତାନ୍ତ୍ରିକ... ମୋତେ ବିଶ୍ୱାସ କରୁନାହାନ୍ତି ... ହିଁ ବିଶ୍ୱାସ ନାହିଁ। ଏଠୁ ଯା'ନ୍ତୁ ... ମୋତେ କିଛି କହିବାକୁ ମୋ ପାଇଁ କିଛି କରିବାର ଅଭିନୟ କରି ଅଫିସ୍ ଆସିବେ ନାହିଁ। ତିହାଡ଼ି କିଛି ସମୟ ଗୁମ୍ ଖାଇଲେ। ହୋଲି ସ୍ପିରିଟ୍, ଆଲ୍ଲା ମେହେରବାନି, ଜୟ ମା' କୁରୁକୁଲ୍ଲା। ଜୋରକରି କହିଲେ ମୁଁ ତ୍ରିଧର୍ମା ତିହାଡ଼ି ଘାଣ୍ଟିଦେବି ମୁଁ ରୁନ୍ଧିଦେବି। ଡୋର ପିଅନ ଆସି ଠେଲି ତାକୁ ନେଲା ଶୀଘ୍ର ବାହାରକୁ ଯାଆନ୍ତୁ ଏମ.ଡି.ଚାମ୍ବରରୁ ବାହାରୁଛନ୍ତି ... ଶୀଘ୍ର ଯାଆନ୍ତୁ। ବିମଳଙ୍କର ଇସାରା ପିଅନ ଠିକ୍ ବୁଝିଲା, ତିହାଡ଼ି ବାହାରିଗଲା। ବିମଳ ଓ ସାଙ୍ଗ (Officially) ମିଳିତ ହସର ଉଚ୍ଛ୍ୱାସରେ ... ଆରେ କେନାକେରିଆ M.D.ଆଜି ଛୁଟିରେ କୋଉ ଚାମ୍ବରରୁ ବାହାରିବେ, କହିଲୁ ପୁଣି ଷ୍ଟାଫ୍ ଦିହେଁ ହସିଲେ। ଏଇ କେନାକାରିଆ ତୁ ୨୦ଟଙ୍କା ନେ, ଚା' ତୋର ପ୍ରିୟ ଟାଇଗର ବିସ୍କୁଟ୍ ଖାଇବୁ। ହସିକି କେନାକାରିଆ ଟଙ୍କା ଗ୍ରହଣ କରି ବାହାରିଗଲା।

ଘଣ୍ଟାଏ ପରେ ବିମଳଙ୍କର ଜଣେ ବନ୍ଧୁ ଆଣି ଜୁଟାଇଲେ ଦି'ଜଣ ଆଲବ୍‌ମ ଗୀତ ତିଆରିକଲା

ସମାରୋହ

ଲୋକଙ୍କୁ, ସେମାନେ ବିମଳଗୀତ ଶୁଣିଲେ ଆଉ କହିଲେ ଏତେ ଶୁଦ୍ଧ ଭାଷାର ମାନେ କ'ଣ? Double Meaning ଆମର ଗୀତ ଦରକାର। ପାରିଲେ ୧୦ଟା ଗୀତକୁ ୫୦,୦୦୦ ଟଙ୍କା ଦେବୁ। ବିମଳ ବସିଲେ C.D ରୁ କିଛି ଚାଲୁଗୀତ ଶୁଣିଲେ କିନ୍ତୁ ପାରିଲେ ନାହିଁ। ପ୍ରଯୋଜକ ମହାଶୟ ବିରକ୍ତ ହୋଇ ଆୟୋଜକଙ୍କୁ କହିଲେ ଏଇଟା ଅନାଡ଼ିଲୋକ। ସତୀ ସରସ୍ୱତୀ ହୋଇ ବସିଥାଉ, ସୁଯୋଗ ଆସିବ। ଅଫିସ୍‌ରେ କାମର ଚାପ, ଘରେ ବାପାଙ୍କ ଦେହ ଭଲ ରହୁନି, ମା'ର ଦୁଃଖ କଷ୍ଟ। ଏମିତି ଅଶାନ୍ତିରେ ମନ ଗୋଳେଇ ଘାଣ୍ଟି ହେଉଛି। ଏ.ଜି.ଛକ ଛୋଟ ପିଣ୍ଡିରେ ଉଭାଥିବା ତାରିଣୀ ମା'ଙ୍କ ପାଖେ ଦୀପଜଳାଇ, ନଡ଼ିଆ ଭୋଗ ଲଗାଇ ଉଠୁଛନ୍ତି। ମୋବାଇଲ୍ ରିଂ ହେବାରୁ ସତ୍ୟସୁନ୍ଦରଙ୍କର ଦିଲ୍ଲୀ ଫୋନ୍। ଚମକିପଡ଼ିଲା ବିମଳ। ଜୟମା' ତାରିଣୀ, ସେ ବିଦେଶଗସ୍ତରେ ଥିଲା କେବେ ଫେରିଲାଣି, ବାଲ୍ୟବନ୍ଧୁକୁ ସ୍ମରଣ କରି ରିଂ କଲା। ଆଇ.ଏ.ଏସ. ଦିଲ୍ଲୀରେ ପୋଷ୍ଟିଂ ହୋଇଅଛି। ଖୁବ୍ ଖୁସିହେଲା ବିମଳକୁ ଯେତେବେଳେ ତାଙ୍କ ଅନୁଷ୍ଠାନ (N.G.O) ରେ ଗୀତ ଗାଇବାକୁ କହିଲା। ଦ୍ୱିତୀୟ ଥର ଗୋଟେ ସୁଯୋଗ, ବଡ଼ବଡ଼ିଆ ଅନୁଷ୍ଠାନର ଉତ୍ସବ। ନିର୍ଦ୍ଦେଶ ଅଛି ବିଶୁଦ୍ଧ ଗୀତ ଗାଇବାକୁ ହେବ ... ସାଙ୍ଗ ପାରିବୁତ? ମନେ ପକାଇଲା ବିମଳ ସେଇ କବିଙ୍କର ବହିରୁ ଗୋଟିଏ ଗୀତ ଯାହା ତାକୁ ଶାସ୍ତ୍ରୀୟ ଢାଞ୍ଚାରେ ସୁର କରିବାକୁ ଠିକ୍ ଲାଗୁଥିଲା। ଆଗରୁ ସେଇ କବିଙ୍କୁ ଶୁଣାଇ ସାରିଛି, ଗୀତର ରଚନାଶୈଳୀ ମୋତେ ଶାସ୍ତ୍ରୀୟ ସୁର କରିବାକୁ ବାଧ କଲା। ଏଇଟା କବିତା ସଂକଳନର କବିତା ... ମୋତେ ଗୀତଟିଏ କରିବାକୁ ହେଲା। ବନ୍ଧୁ ସତ୍ୟସୁନ୍ଦର ଚାରିଦିନ ଛାଡ଼ି ଫୋନ୍ କଲେ ଆଉ କହିଲେ ମୁଁ କ୍ଲବରେ ଅଛି। ମୋର ଜଣେ ବନ୍ଧୁ, ମ୍ୟୁଜିକାଲ ସେନ୍ସ ତାଙ୍କର ଭଲ। ତାଙ୍କୁ ଆଉ ଅଧଘଣ୍ଟାଏ ପରେ ସେଇ ବେସ୍‌ର ଗୀତ ଦିପଦ ଶୁଣାଇବୁ।

ବିମଳ ଖୁବ୍ ଖୁସିରେ ହଉ ଶୁଣାଇବି କହି ଫୋନ୍ ରଖିଲା। ଅଧଘଣ୍ଟାଏ ପରେ ବିମଳ ଫୋନ୍ କଲେ, ସତ୍ୟକୁ କହିଲେ ଏବେ ଶୁଣାଇବି। ସେପଟୁ ସତ୍ୟଭୂଷଣ ଉତ୍ତର ଦେଲେ ହଁ ହଁ ଏବେ ଶୁଣା ଆମକୁ। ସେ ଦକ୍ଷିଣ ଭାରତୀୟ କିଛି ଓଡ଼ିଆ ଜାଣିଛନ୍ତି (ଯେହେତୁ) ଧର୍ମପତ୍ନୀ ଆଲାଏଡ୍ ପୁଣି ଓଡ଼ିଆ ଝିଅ। ସେଇ ସୂତ୍ରେ ସଙ୍ଗୀତ ଓ ସାହିତ୍ୟଜ୍ଞାନ ତାଙ୍କର ରହିଛି। ବିମଳ ଶୁଣାଇଲେ ଦି'ପଦ।

"ବହେ ଧୀର ଚଇତାଳି, ଏ ବାସନ୍ତୀ ସଂଜରେ ତନୁମନେ କି ଅଜଣା ଶିହରଣ ଜାଗେରେ"...

'ପ୍ରଭାତ କାକଳି ପରି ମନୁଶଦ୍ଧ ଯାଏଁ ଝରି ... ଶାନ୍ତିର ତୃପ୍ତିର ନବସୃଜନର' ସେ ଏପରି ମୁଖଡ଼ା ଦି'ପଦ ଶୁଣି ଗୁମ୍ ଖାଇ ରହିଲେ। ସତ୍ୟ ଭରସି କିଛି ପଚାରୁ ନାହାନ୍ତି। କିଛି ସମୟ ରହି ସେ କହିଲେ; Superb ଏଇବନ୍ଧୁ ହିଁ ଓଡ଼ିଶା Functionରେ ଗାଇବେ। ନିର୍ଦ୍ଧାରିତ ଦିବସ ଓ ସମୟରେ ୩୨ଜଣ N.R.I.(ଆମେରିକା)ରୁ ଭୁବନେଶ୍ୱର ପଦ୍ମାବତୀ ବିହାର ଆସିଲେ। ରାଜଧାନୀ - 'ଅଶୋକ ଉତ୍କଳ' ହୋଟେଲ୍‌ରେ ପହଁଚିଗଲେ। ଖାନା, ଗାନା, ବଜାନାରେ ସେଇ ହୋଟେଲ୍‌ର ମଧୁବାଣି ହଲ୍ ଉଛୁଳିଲା। ପ୍ରାୟ ୧୦୦ଜଣ V.I.P. ବିଭିନ୍ନ ଅଫିସ୍ କମ୍ପାନୀ, ଶିଳ୍ପୋଦ୍ୟୋଗରୁ ଏକୀକୃତ। ସନ୍ଧ୍ୟାରେ ଓଡ଼ିଶୀ ନୃତ୍ୟ Solo ଓ Duet ପରିବେଷିତ ହେଲା। ଦ୍ୱିତୀୟଦିନ ଓଡ଼ିଆ ସିନେମା, ଆଲବମ୍ ସଂଗୀତର ସୁଆୟୋଜନ। ଲିଡିଂ ଭୂମିକାରେ ସତ୍ୟ ଓ ତାଙ୍କର ଦକ୍ଷିଣ ଭାରତୀୟ କେତେକ ବନ୍ଧୁ। ଆଙ୍କରିଂ କରୁଥା'ନ୍ତି ସେଇ ବନ୍ଧୁଙ୍କର ଆଲାଏଡ୍ ପତ୍ନୀ। ଏମିତି ଅଭିଜାତ ପ୍ରୋଗ୍ରାମ। ସମ୍ଭ୍ରାନ୍ତଗମ୍ଭୀର ପରିବେଶରେ ପ୍ରଥମ କରି ନିଜଗୀତ ପରିବେଷଣ କରିବାକୁ ବିମଳକୁ କେମିତି ଲାଗୁଥାଏ। ପଛରେ ବସିଥା'ନ୍ତି ସେ। ବନ୍ଧୁ ସତ୍ୟଭୂଷଣ ଡାକିଲେ ମଞ୍ଚକୁ ଶ୍ରୋତାଙ୍କୁ ଚିହ୍ନାଇଲେ ଇଏ ମୋ'ର ବାଲ୍ୟବନ୍ଧୁ। ରାଜ୍ୟ ସରକାରଙ୍କର ପରିବହନ କାର୍ଯ୍ୟାଳୟର କର୍ମୀ। ସଂଗୀତ କଳା ତାଙ୍କର ପିଲାଦିନୁ ଥିଲା। ଏଇ କିଛି ବର୍ଷ ହେଲା ନିର୍ଦ୍ଦେଶନାରେ ମନ ଦେଇଛନ୍ତି। ଏବେ ଆପଣ ତାଙ୍କୁ ଶୁଣନ୍ତୁ। ହଁ, ତାଙ୍କର ଗୁରୁଥିଲେ ଖୋକାଭାଇ ମାନେ ଅକ୍ଷୟ ମହାନ୍ତି। ବନ୍ଧୁଙ୍କର ବାପା ଥିଲେ କଟକରେ ପରିବହନ ବିଭାଗର ପଦସ୍ଥ କର୍ମଚାରୀ। କଟକରେ ବିତିଛି ତାଙ୍କର ତାରୁଣ୍ୟ ଓ ଯୌବନ। ମୁଁ ଆଇ.ଏ.ଏସ. ସେତେବେଳେ ପାଇ ନଥାଏ। ମେସ୍‌ରେ କଟକରେ ରହୁଥାଏ, ସେ ଡିଗ୍ରୀ ପଢ଼ାରେ ଥାଏ ମୁଁ ଆଇ.ଏ.ଏସ. ପାଇବା ପ୍ରସ୍ତୁତିରେ। ଦିନେ ମୋ' ପେଟରେ ପ୍ରବଳ ଯନ୍ତ୍ରଣା, ବିନ୍ଧି ଅସମ୍ଭାଳ ହେଉଥାଏ ରାତି ୧୦.୩୦, ଶୀତଦିନ ସେତେବେଳେ କଟକରେ ଏତେ ଅଟୋନଥିଲା। ସଂକୀର୍ଣ୍ଣ ଗଳିରେ ଆମ ମେସ୍, ସେଠୁ ମୋତେ କାନ୍ଧରେ ଟେକି, ଝୁଲାଇ ଅଧ କି.ମି. ବାଟ ଏ ବୋହିକି ନେଇଗଲା, ରିକ୍ସାରେ ବସି ଏସ୍.ସି.ବି. ମେଡିକାଲ୍ ଗଲି। ଟ୍ୟୁମର ବ୍ରଷ୍ଟ କରିଥିଲେ କ'ଣ ଯେ ହେଇଥା'ନ୍ତା ଆପଣମାନେ ଜାଣିବେ। ଉଚ୍ଛ୍ୱସିତ କରତାଳିରେ ହଲ୍ ପ୍ରକମ୍ପିତ। ହାତଯୋଡ଼ି ବିମଳ ମଂଚରେ ହସି ଚଢ଼ିଲେ ଓ ସମସ୍ତଙ୍କୁ ପ୍ରଣାମ କଲେ। ଗୀତ ବୋଲିବା ଆରମ୍ଭ କଲେ। 'ରାତିହେଲେ, ବାଟଭୂଲେ କେହି ଜାଣେନା ଠିକଣା, ଦିନ ହୁଏ ମୁଁ ଭୁଲିଯାଏ ଗତରାତିର ଘଟଣା' ଏମିତି ଭଏସ୍ ସତେକି ଅକ୍ଷୟ ଓ ଚିତ୍ତ ଜେନାଙ୍କର Missing Voice। ପ୍ରବଳ କରତାଳିରେ ପ୍ରଥମ ଗୀତ ସରିଲା। ଦ୍ୱିତୀୟ ଗୀତ, ତୃତୀୟ ଗୀତ, ଚତୁର୍ଥ ଗୀତ ଡିମାଣ୍ଡରେ ସେ ଖୁସିରେ ଗାଇଗଲେ। ପଞ୍ଚମଗୀତ ଗାଇସାରି କହିଲେ ଏ ଗୀତର ସୁର ମୋ'ର କିନ୍ତୁ ଗୀତଲେଖା ଶ୍ରୀତନ୍ମୟଙ୍କର ଯିଏ ରେଭେନ୍ସା ଜୁନିୟର କଲେଜର ଓଡ଼ିଆ ଅଧ୍ୟାପକ। ସିଏ ମୋ' ନିର୍ଦ୍ଦେଶନା ପାଇଁ ପ୍ରବଳ ଉତ୍ସାହ ଦେଇ ଏ ସମସ୍ତ ଗୀତ ଲେଖିଛନ୍ତି। ଆଜି ତାଙ୍କୁ ଏଇ ମଂଚରୁ ମୋ'ର ପ୍ରଣାମ। ପୁଣି କରତାଳିରେ ହଲ୍ ପ୍ରକମ୍ପିତ। ହୋଟେଲ୍‌ରେ ଖିଆପିଆ ସରିଲା, ବିମଳ ସତ୍ୟକୁ କହିଲେ କାଲି ମୋ'ର ବହୁତ କାମ, ମୁଁ ଏଠିକି ସ୍କୁଟରରେ ଆସିଥିଲି ରାତି ୯.୩୦, ଆଉ ରହିବିନି। ସତ୍ୟ କହିଲା: ଆରେ ତୁ NRIମାନଙ୍କ ସହିତ ଟିକେ ଦେଖା କରିଦେ। ସହଜେ ଆତ୍ମବିଜ୍ଞାପନ ଆଦୌ କରିବାକୁ ଚାହୁଁନୁ, ଏତିକି ପରିଚିତ ରଖିଥା'...NRIଙ୍କ ପାଖରେ। ଏତିକିବେଳେ ସାତ ଆଠଜଣ ଆସିକି ବିମଳଙ୍କର ପିଠି ଥାପୁଡ଼େଇ ସାବାସି ଦେଲେ। ସମ୍ପାଦକ ୧୧,୦୦୦ଟଙ୍କା ବିମଳଙ୍କୁ ଧରାଇଲେ। ମିଶି କହିଲେ ବହୁଦିନ ପରେ ଆପଣ melodious ମିଠାଗୀତ ଶୁଣାଇଲେ। ଦେଖିବା ଯଦି ଦିଲ୍ଲୀରେ ଆମର ଆଉ ଗୋଟେ କନ୍‌ଭେନ୍‌ସନ ଅଛି ଆପଣ ଡାକରା ପାଇଲେ Mr.Satya ଙ୍କୁ ଜଣାଇବେ। ଆଜ୍ଞା, ନିଶ୍ଚେ ଯାଇ ମୁଁ ଗାଇବି।

ଜଣେ ମହିଳା ହୋଟେଲ୍ ମାଲିକଙ୍କର ସମ୍ପର୍କୀୟ ବେଳେବେଳେ ଗୀତ ସେ ଆସି ଶୁଣିଥା'ନ୍ତି। ସେ ଆସି ବିମଳକୁ ଫୁଲ ତୋଡ଼ାଟିଏ ଧରାଇ You are genius ବୋଲି କହିଲେ। ତୋଡ଼ା: ସେବତୀ, ରଜନୀଗନ୍ଧା, ଗୋଲାପଫୁଲ ରହିଥାଏ ମହମହ ବାସୁଥାଏ। ସ୍କୁଟରରେ ଟଙ୍ଗା ପ୍ଲାଷ୍ଟିକ୍ ବ୍ୟାଗରେ ତୋଡ଼ା ରଖିଲେ। ସତ୍ୟକୁ କୁଣ୍ଢାଇ ଆସିଲାବେଳେ କହିଲେ ତୋ' ଯୋଗୁଁ ସିନା ଏ ଟଙ୍କା, ଏ ଆସର, ଏମିତି ପ୍ରତିଶ୍ରୁତି। ହଉ ମୁଁ ଆଉ ଦି'ଦିନ ପାଇଁ ଭୁବନେଶ୍ୱରରେ ଅଛି, ମୋତେ ଦହିଲଙ୍କା ଦେବୁନି। ହଁ ଦି ଦିନ ତଳେ ମା' ବସ୍‌ରେ ମୋ ପାଇଁ ପଠାଇଥିଲା, ପୂରା ଦି ପ୍ୟାକେଜ। ଆଚ୍ଛା ମାଉସି ମଉସା ଭଲ ଅଛନ୍ତି ହିଁ। ମୁଁ ଆସୁଛି ତୁ କାହାକୁ ପଠାଇ ଦହିଲଙ୍କା ଆଚାର ନେଇଯିବୁ ମୁଁ ଅଫିସ୍‌ରେ ଆଣି ରଖିଥିବି। କେତେବେଳେ ବି ଡ୍ରାଇଭରକୁ ପଠା, ମୁଁ ସକାଳ ୧୦ରୁ ରାତି ୭ଯାଏଁ ଅଫିସ୍‌ରେ ରହିଅଛି। ଯିଏ ମୋତେ ଫୁଲତୋଡ଼ା ଦେଇଗଲେ କିଏ ଜାଣିଛୁକି? ଏଇ ହୋଟେଲମାଲିକଙ୍କର ସମ୍ପର୍କୀୟ Air Hostess ଥିଲେ, Musical ହେଲେ ବେଳେବେଳେ ଆସି ଶୁଣନ୍ତି ମୁଁ ବାସ୍ ଏତିକି ଜାଣିଛି।

ହଉ ବାଏ, ମୁଁ ଆସୁଛି। ସତ୍ୟଭୂଷଣ Bye କରି କାହାର ଫୋନ୍ ପାଇ କଥାହେଲେ।

ବେଶ୍ ପ୍ରସନ୍ନ ମନରେ ମେସ୍‌ରେ ପହଁଚି ସାଙ୍ଗମାନଙ୍କୁ ସନ୍ଧ୍ୟାର ବିବରଣୀ ଦେଲେ ସେଠି ଦିଆଯାଇଥିବା ପ୍ୟାକେଟ୍ ଧରାଇଲେ ମେସ୍‌ର ରୁମ୍ ମେଟ୍ ଦି'ଜଣଙ୍କୁ। ଫୁଲତୋଡ଼ା ଟେବୁଲ୍ ଉପରେ ରଖିଲେ, ପୁରା ରୁମ୍, ବାସି ଉଠିଲା। ତୋଡ଼ାରେ ଲାଗିଥିବା ଲମ୍ବା ଟ୍ୟାଗ୍ କାଢ଼ି ବିମଳ ପଢ଼ିଲେ Musical Theraphy ରହିଛି ମୁଁ ଜାଣିଛି, ହୋଟେଲ୍‌କୁ Musical ହେଲେ (ମୋ' ମାଉସି ପୁଅଙ୍କର ହୋଟେଲ) ସେ ସୂଚନା ଦିଅନ୍ତି ମୁଁ ଆସି ୩୦ ମି, ୧ ଘଣ୍ଟା ଶୁଣିକି ମୁଁ ଚାଲିଯାଏ। ଆପଣଙ୍କର ସଂଗୀତକୁ ଶୁଣିବା ପରେ ଯେମିତି ବହୁଦିନର ଚାପ, ମନରେ ପଡ଼ିଯାଇଥିବା ଗଣ୍ଠି ମୋ' ଭିତରୁ କମାଇ ଦେଲା। ମୁଁ ପରଦିନ ଆପଣଙ୍କ ଅଫିସ୍‌କୁ ଡ୍ରାଇଭର ପଠାଇବି, ଆପଣ ରବିବାର ଦିନ ଲଞ୍ଚ କରିବେ ମୋ'ର 'ଶତାବ୍ଦୀନଗର' ଘରେ। ଟ୍ୟାଗ୍ ପଢ଼ି ଗୁମ୍ ଖାଇଲେ ବିମଳ। ନାରୀମାନେ ଜୀବନରେ ଗୋଟି ଗୋଟି ଧୋକ୍କା ଖାଇଛି ସେ। ଏମିତିକି ତା' ପାଇଁ ଛଳନାର ଅନ୍ୟନାଁ ନାରୀ। କେବଳ ମା'ର ସ୍ୱରୂପକୁ ଛାଡ଼ି ଆଉ ସବୁ ସମ୍ପର୍କରୁ ତା ଜୀବନରେ ସେ ତିକ୍ତାନୁଭୂତି ପାଇଛି। ସମ୍ପୂର୍ଣ୍ଣ ଅପରିଚିତ ଏ ସଂଗୀତ ରୁଚିସମ୍ପନ୍ନ ମ୍ୟାଡାମ୍‌ଙ୍କର ନିମନ୍ତ୍ରଣ ରଖିବି ନିଶ୍ଚୟ, କିଛି ଅଭିସନ୍ଧି ତାଙ୍କର ନାହିଁ ତ ... ଦେଖାଯାଉ, ମେସ୍‌ର ବେଡ୍‌କୁ ଗଲେ, କ୍ଲାନ୍ତ ହୋଇଥିଲେ।

କଥାରଖି ସରିତାମାଡାମ୍ ଶୁକ୍ରବାର ଅଫିସ୍‌କୁ କାର୍ ପଠାଇ କଥା ସାରିଲେ। ଠିକ୍ ହେଲା ଡ୍ରାଇଭର ସହିତ, ରବିବାର ସେ ଗାଁକୁ ନ ଯାଇ କଳ୍ପନାଛକରୁ ମାଡାମ୍‌ଙ୍କ କାର୍‌ରେ ହିଁ ବିମଳ ଶତାବ୍ଦୀ ନଗର ଯିବେ, ନିଶ୍ଚୟ ଯିବେ। ରବିବାର ତାହା ହିଁ ହେଲା ସେ ଛକରେ ପୁରୁଣା ଦମ୍‌କଳ କେନ୍ଦ୍ର, କଳ୍ପନା ସିନେମା ହଲ୍ ଥିଲା ସେଠି ଠିଆ ହେବାରୁ ୧୦ ମିନିଟ୍ ପରେ ୧୧.୩୦ ସୁଦ୍ଧା ମାଡାମ୍‌ଙ୍କ କାର୍ ନେଇଗଲା। ସିଟ୍‌ରେ ବସି ବିମଳ ଯାତ୍ରା ପଥରେ ଭାବୁଥାଏ କ୍ଷଣିକର ପରିଚୟ କିଛି ଗୀତ ଶୁଣି କି ଏଇ ନିଃସର୍ତ୍ତ ଶ୍ରଦ୍ଧା! ମାଡାମଙ୍କ ଘରେ କାର୍ ପହଁଚିଲା,ନୂତନ ପ୍ରାସାଦ। ଦେଖିଲା ମାଡାମ୍ କିଛି ପକ୍ଷୀ ପାଳିଛନ୍ତି। କିଛି ଫୁଲଗଛ ଓ ସବୁଜଲତାରେ ଦାଣ୍ଡପାଖ ଭରିଯାଇଛି। ପୋର୍ଟିକୋ ତଳେ ପହଁଚିଲେ। ପ୍ରବେଶପାଖ ଗ୍ରିଲ୍‌ରେ ଗୁଛ ଗୁଛ ମାଳତୀଲତା। ଚମକିପଡ଼ିଲେ ବିମଳ 'ସ୍ୱାଗତମ୍ ସ୍ୱାଗତମ୍' ଶୁଣାଗଲା। ହସି ହସି ଦେଖିଲେ ବର୍ଗାକାର କାଠି ପଞ୍ଜୁରୀରେ ଦୁଇଟି ଶୁଆ ବିମଳଙ୍କୁ ସ୍ୱାଗତ କଲେ। ଡାହାଣ କାନ୍ଥରେ ଦେଖିଲେ ବ୍ଲୁରଙ୍ଗର ପ୍ଲେଟ୍ Golden Colourରେ ଖୋଦିତ ସୁଶ୍ରୀ ସରିତା, Air Hostess, ନାଁଟି କେତେ ରୋମାଣ୍ଟିକ୍! ଛିଡ଼ାରହି ଏମିତି ବିମଳ ଭାବୁଛି ମାଡାମ୍ ଆସି ଭିତରକୁ ଡାକିନେଲେ। ସୁପ୍ ପିଇ ସାରିଲେ ତାକୁ ଖାଇବା ଟେବୁଲ୍‌କୁ ମାଡାମ୍ ଡାକିନେଲେ। ଓଡ଼ିଆ ସହିତ ଛ' ପ୍ରକାର ବ୍ୟଂଜନ ଓ ସନ୍ଦେଶ, କିଛି ମିଠା ମାଡାମ୍ ନିଜ ହାତରେ ବାଢ଼ିଲେ। ଟେବୁଲୁ ଟିକେ ଦୂରରେ ରଖାଯାଇଥିବା ଗୋଲାକାର ପାଣିଟବ୍‌ରେ ଗୋଲାପପାଖୁଡ଼ା ଭାସୁଥାଏ, ପାଣିରୁ ବାସନା ନାକରେ ବାହାରୁ ବାଳତୀ ଫୁଲର ମଧୁର ବାସ୍ନା ନାକରେ ବାଜୁଥାଏ। ବିମଳ ଖାଇବା ଆରମ୍ଭ କଲେ ଟିକେ ଦୂରେଇ ବସି ମାଡାମ୍ ସୁପ୍ ପିଇଲେ। ବିମଳ ଗାଇଥିବା ସେଦିନର ଗୀତ କାନ୍ଥରେ ଖଂଜା ସାଉଣ୍ଡବକ୍‌ସରେ ବାଜିଲା। ବିମଳ ଚମକିଲେ, ହସି ମାଡାମ୍‌କୁ ଚାହିଁଲେ। ସେ କହିଲେ ମୁଁ ଦୁଇଟି ଗୀତ ରେକର୍ଡିଂ କରାଇଥିଲି ସେଦିନ। ଆପଣ ଜାଣିନାହାନ୍ତି।

"ରେ ମନ, କରନା କାହାକୁପ୍ରେମ ତୁ ବେଶି,
ଏଥିରେ ଅଛି ସୁଖ ଯେ ଅଳପ, ବେଦନା ବେଶି"

ହଁ, ମୋ କଥା ଦି' ପଦ କୁହେଁ – ମୋ ମନର ମଣିଷ ସେ ଥିଲେ। ପାଇଲଟ୍ ଥିଲେ, ବିବାହ କରି ଥାଆନ୍ତି ପ୍ରେମ ଥିଲା (ଆଉ) Air Crashରେ ସେ ଚାଲିଗଲେ। ଏପଟେ ନିର୍ବନ୍ଧ ସରିଥିଲା, ତାଙ୍କରି ଅପତ୍ୟ ମୋ' ଗର୍ଭରେ ୨ ମାସର। ଆଉ କାହାକୁ ବାହାହେବାକୁ ରାଜି ମୁଁ ହେଲିନି, ଛୁଆକୁ ଆବର୍ଟ କଲିନି। ଏ ଅଘଟଣ ୨୨ ବର୍ଷ ତଳର। ଚାକିରିରୁ ମୁଁ Retirement ପରେ ବାପାମା'ଙ୍କ ସହିତ ରହୁଛି। ପୁଅ ମର୍ଚ୍ଚାଣ୍ଟ ନାଭିରେ ଇଂଜିନିୟର ଏଇ ୨୨/୨୩ ବର୍ଷ ବୟସରେ ସେ ୮ଟି କଣ୍ଟ୍ରି ବୁଲି ସାରିଲାଣି। ଏବେ ଦୁବାଇ ଯାଇଅଛି। ଆର ମାସରେ ସିଙ୍ଗାପୁର ଯିବ।

ଖାଇବା ସାରି ବିମଳ ଉଠିଲେ। ଡ୍ରଇଁରୁମରେ ସୋଫାରେ ଦି' ଚାରିମିନିଟ୍ ବସି ମାଡାମ୍‌ଙ୍କ ଫଟୋ ଓ ପେଣ୍ଟିଙ୍ଗ୍ ଲକ୍ଷ୍ୟ କଲେ। ଡ୍ରାଇଭର ଆସି ଡାକିଲା। ସରିତା ଦେବୀ ଗ୍ରିଲ୍‌କୁ ଲାଗି ହସହସ ମୁହଁରେ ଛିଡ଼ା ହୋଇଥା'ନ୍ତି। ତାଙ୍କ ବାପାମା'ଙ୍କ କଥା ଦି'ପଦ କହିଲେ, ୧୨ ଦିନ ପାଇଁ ବାହାରକୁ ମାନେ ତୀର୍ଥସ୍ଥାନ ଭ୍ରମଣରେ ଯାଇଛନ୍ତି। କେବେ ଆସିଲେ ଭେଟିବେ ନିଶ୍ଚୟ।

ସେ କାର୍‌ରେ ବସିବାକୁ ଯାଉଛନ୍ତି। ତରୁଣଟି ଆସି ନୂଆ Casio ଟି ଧରାଇଲା, ଲେଖା ଅଛି ଟ୍ୟାଗ୍‌ରେ ଆପଣଙ୍କ ଅନ୍ୟାନ୍ୟଗୀତକୁ ଏଥିରେ ସଜାଇ ରଖିବେ। ବିମଳ ପଚାରିଲେ ତୁମେ ମାଡାମ୍‌ଙ୍କର ...ହଁ ଆମେ ଦୁଇଜଣ ମାଡାମ୍‌ଙ୍କ ଆଉଟ୍ ହାଉସ୍‌ରେ ରହୁ। ଜଣକୁ ଇଂଜିନିୟରିଂ, ଜଣକୁ MBA ପଢ଼ାଉଛନ୍ତି, ସମସ୍ତ ଖର୍ଚ୍ଚ ଆଜ୍ଞା ସିଏ ବହନ କରିଛନ୍ତି। ଓଃ, I see her greatness !

ବିମଳ କାର୍‌ରେ ବସିଲେ, ଲୁହ ଝରିଗଲା ଆନନ୍ଦର ଲୁହ, କୃତଜ୍ଞତାର ଲୁହ। ମନ, ହୃଦୟ ଚିହ୍ନି ବ୍ୟବହାରକରୁଥିବା ପୁଣ୍ୟବତୀ, ସଂଗୀତରେ ରୁଚି ରଖିଥିବା କଳାବତୀ। ମାଡାମ୍ Air Hostess ଥିଲେ। ବିମଳ ଆକାଶକୁ ଚାହିଁଲେ। ଏଇ ଆକାଶ ନୀଳିମା, ଖଣ୍ଡଖଣ୍ଡ ଶୁଭ୍ର ବାଦଲର ରୂପ କି ଆକର୍ଷଣୀୟ ସତେ! ଆମ ଜୀବନର, ସଂସାରର ବିବିଧତା, ବିପୁଳତାର ପ୍ରତୀକ ଏଇ ଆକାଶ! ମେଘ ମେଦୁର ହୋଇ କେବେ ଗମ୍ଭୀର, ଶୁଭ୍ର ଚାନ୍ଦିନୀରେ କେବେ ଉଜ୍ଜ୍ୱଳ ପୁଣି କେବେ ଇନ୍ଦ୍ରଧନୁ ବର୍ଷାରେ ଉକୁଟାଇ ବିସ୍ମୟକର। ସୂର୍ଯ୍ୟୋପରାଗ, ଚନ୍ଦ୍ରଗ୍ରହଣ, ରାତିର ତାରକାପୁଞ୍ଜ ନେଇ କେବେ ରହସ୍ୟମୟ। ଏଇ ଆକାଶରେ ଉଡୁଥାଏ ପକ୍ଷୀ, ପ୍ରବଳ ବେଗରେ ଉଠିଥାଏ ବ୍ୟୋମଯାନ। ସେଇ ଯାନର ପରିଚାରିକା ସ୍ୱପ୍ନ ସରିତା ଉଦାର ଚିତ୍ତ ଧାରିଣୀ, ମଧୁଭାଷିଣୀ ପୁଣି ପ୍ରତିଭାବତ୍ସଳା। ବଡ଼ ଆଦର୍ଶଧାରିଣୀ ଯିଏ ନିଜ ଦୁଃଖକୁ ଅନ୍ୟର ସୁଖରେ, ଅନ୍ୟର ହିତପାଇଁ ବଦଳାଇଛନ୍ତି। ଆମ ସମାଜର ଗୋଟିଏ ଆସେଟ୍ ସତରେ ସରିତାଦେବୀ।

ଦି' ଦିନଛାଡ଼ି ମାଡାମ୍‌ଙ୍କର ଫୋନ୍ ଆସିଲା। ଆପଣ ବର୍ଷକପାଇଁ ଗାୟକ ମହାଶୟ ମୋ' ଭାଇଙ୍କର ହୋଟେଲ୍‌ର ସବୁ ପ୍ରୋଗ୍ରାମରେ ଦୁଇ,ଚାରିଟି ଗୀତ ହିନ୍ଦୀ/ଓଡ଼ିଆ ଯାହା ଚାହିଁବେ, ଗାଇବେ। ବର୍ଷକ ପାଇଁ ଏଇ ଦାୟିତ୍ୱ ଆପଣଙ୍କୁ ଦିଆଗଲା। ଖୁସିରେ ଆବେଗରେ ନମସ୍କାର ଆଜ୍ଞା, କହି ବିମଳ ଫୋନ୍ ରଖିଲେ। ଟଙ୍କା କଥା ପଚାରିବାକୁ ଚାହିଁଲେନି।

ଫୋନ୍ ଅଫ୍ କରି ଅଫିସ୍ ବାହାରକୁ ଆସି ଚା' ପିଇଲେ। ଆକାଶକୁ ଚାହିଁଲେ ସୂର୍ଯ୍ୟ ହସୁଛନ୍ତି। ମିତ୍ର ସତ୍ୟଭୂଷଣ ଯୋଗୁଁ ସିନା ହୋଟେଲରେ ପ୍ରୋଗ୍ରାମ ପାଇଥିବାରୁ ସରିତା ମାଡାମ୍‌କୁ ଜାଣିହେଲା। ଭିତରୁ ଯେମିତି ମଂତ୍ର କିଏ ରହିରହି ଗାଇ ଉଠିଲା। ଓଁ ଆଦିତ୍ୟାୟ ନମଃ, ଓଁ ମିତ୍ରାୟନମଃ, ଦିନନାଥାୟ ନମଃ ଭାବିଲେ ଯେମିତି ଏଇ କିଛିଦିନ ପାଇଁ ଜୀବନବୀଣା ସତେକି ଭିନ୍ନ – ରାଗିଣୀରେ ବାଜି ଉଠିଛି।

*ଅଧ୍ୟାପକ, ବିଜେବି କଲେଜ*
*ଦୂରଭାଷ: ୯୭୭୬୪୯୨୫୮୧*

# କୃଷ୍ଣଚୂଡ଼ା ଓ ବରଗଛ

## ମୂଳହିନ୍ଦୀ - ମଂଜୁ ଶର୍ମା ମହାପାତ୍ର
## ଓଡ଼ିଆ ରୂପାନ୍ତର - ଲିଙ୍ଗରାଜ ମହାନ୍ତି

ମତେ କାହିଁକି କିଛି କହୁନ ଯେ ! ଦେଖ ଦିନସାରା ତମ ସହ କଥା ହୋଇ ହୋଇ ମୋ ମୁହଁ ଦୁଃଖରେ ବୁଡ଼ି ଯାଉଛି, ମାତ୍ର ତୁମେ ପଥର ପରି ଚୁପ୍‌ଚାପ୍ ଶୁଣୁଛ । କିନ୍ତୁ ତମେ ବହୁତ ଭଲ । ଗତ ବର୍ଷ ଅଂଶୁଘାତ ସମୟରେ ଯେତେବେଳେ ସବୁଗଛ ଝାଉଁଳି ପଡ଼ିଥିଲା ସେତେବେଳେ ତମର ଏଇ ବିଶାଳ କଳେବରର ଛାଇରେ ମୁଁ ବଂଚି ଯାଇଥିଲି । ବାସ୍ ସେଇଦିନଠାରୁ ତମେ ମତେ ବହୁତ ଭଲ ଲାଗୁଚ । କହିବା ପରେ କୃଷ୍ଣଚୂଡ଼ାର ଡ଼ାଳ ପବନରେ ଦୋଳି ଖେଳୁଥିଲା । ହେଲେ ପାଖରେ ଛିଡ଼ା ହୋଇଥିବା ବଡ଼ ବରଗଛ ନିରବ ଥିଲା । କୃଷ୍ଣଚୂଡ଼ାର ଶାଖାମାନେ ପୁଣି କହିଲେ, ତୁମେ ମୋ ପଛରେ ଅଳ୍ପ ଦୂରରେ ଅଛ । ତମକୁ ମୋ' କଥା ଶୁଭୁଛି ନା ! ହଁ କହି ବରଗଛ ନିରବ ହୋଇଗଲା । ବରଗଛ ଜାଣିଥିଲା ଯେ ଚାରିଆଡ଼େ ଥିବା ନାମ ଓ ଗୋତ୍ର ବିହୀନ ଗଛମାନଙ୍କ ମଝିରେ କୃଷ୍ଣଚୂଡ଼ା ପୁରାପୁରି ଏକେଲା ରହୁଛି । ମାତ୍ର ଦିନ ତମାମ ତା' ଶାଖାକୁ ହଲେଇ ଦୋହଲେଇ ବରଗଛର ମୁଣ୍ଡ ଖାଉଛି । ବରଗଛକୁ ବିରକ୍ତ ଲାଗୁଛି ।

ଗାଁ ନିକଟରେ ନିଜର ବିଶାଳମୟ ଶରୀର ନିମନ୍ତେ ଏକ ବିରାଟଜାଗା ଆବୋରି ନେଇଥିଲାବେଳେ ତା'ଠାରୁ ମାତ୍ର କେଇ ପାହୁଣ୍ଡ ଦୂରରେ କୃଷ୍ଣଚୂଡ଼ାର ସବୁଜ ଶାଖାମାନ ଥିଲା । ଗାଁର ଦୁଇଜଣ କିଶୋରୀ ଆସି ବରଗଛ ମୂଳରେ ବସି ଦୁଃଖସୁଖ ହେଉଥିଲେ । ମୀନା ପଚାରୁଥିଲା ।

କୁନୀ, ମୁଁ ଶୁଣିଲି ତୋ ବାହାଘର ଜଣେ ଅକର୍ମଣ୍ୟ ସହିତ ସ୍ଥିର କରାଯାଇଛି ଯିଏକି ଛୋଟେଇ ଛୋଟେଇ ବାଟ ଚାଲେ । ତୋ ଲାଗି ଜେଜେ ଜଣେ ଖାନଦାନ ପୁଅ ନାଁରେ ତତେ ବଳି ଚଢ଼େଇ ଦେଲେ ନା ।

ନାଇଁ ନାଇଁ । କଥା ସେମିତି ନୁହେଁ । ମୋ ଜେଜେ ବହୁତ ଭଲ । ଜାଣିଛୁନା, ଯେବେ ମୁଁ ଜନ୍ମ ହେଲି ଝିଅ ହୋଇଛି କହି ଗାଁ ସାରା ଲୋକ ମୁହଁ ମୋଡୁଥିଲେ ସେତିକିବେଳେ ମୋ ଜେଜେ ଗର୍ଜ୍ଜନ କରି କହିଥିଲେ, ମୋ ଘରକୁ ଲକ୍ଷ୍ମୀ ଆସିଛନ୍ତି, ଆଉ ବି ଜାଣିଛୁନା, ସେ ହିଁ ଘରେ ଝଗଡ଼ା କରି ମୋତେ ମ୍ୟାଟ୍ରିକ୍ୟୁଲେଟ୍ କରେଇଛନ୍ତି । ବିଚରା ଏ ବୟସରେ ବି ପାଖ ଗାଁରେ ଥିବା ସ୍କୁଲରେ ମତେ ନେଇ ପ୍ରତିଦିନ ଛାଡୁଥିଲେ ଓ ଆଣୁଥିଲେ । ତେବେ ତୁ କହ ସେମିତିଆ ଶ୍ରଦ୍ଧାଳୁ ଲୋକଙ୍କ ନିର୍ଣ୍ଣୟ କ'ଣ କେବେ ଭୁଲ ହୋଇ ପାରିବ ?

"ତାହେଲେ ତୁ ଜଣେ ଅକର୍ମଣ୍ୟ ସହିତ ପୁରା ଜୀବନ ବିତେଇ ଦେବୁ ?" ମୀନା, ବିସ୍ମିତ ହୋଇ ପଚାରୁ ଥିଲା ।

"ତୁ ବାରମ୍ବାର ଅକର୍ମଣ୍ୟ ଶବ୍ଦକୁ କାହିଁକି ଉଚ୍ଚାରଣ କରୁଛୁ ? ମୋତେ ଯଦି ତା'ପାଖରୁ ଠିକେ ବି ପ୍ରେମ ମିଳିଯିବ ତେବେ ମୁଁ ଗୋଟାଏ ଜନ୍ମ କାହିଁକି, ସାତ ଜନ୍ମ ଖୁସି ଖୁସିରେ ବିତାଇ ଦେବି । ମୁଁ ତାଙ୍କ ଶରୀର ଉପରେ ଗୁରୁତ୍ୱରୋପ କରୁନାହିଁ । କହିଦେଇ କୁନୀ ଚୁପ ହୋଇ ବସି ରହିଲା । ମୀନା ତା' ମୁହଁକୁ ଅବାକ୍ ହୋଇ ଚାହିଁ ରହିଲା ।

ହେଲେ ମୀନା, "ଶାଶୁ ଓ ନଣନ୍ଦ ଶବ୍ଦକୁ ମୋର ପ୍ରାଣେ ଭୟ । ଯଦି ସେମାନେ ମୋତେ ବହୁତ ଗାଳି କରନ୍ତି ବା ହଇରାଣ କରନ୍ତି ତେବେ ମୁଁ କ'ଣ କରିବି ?" କହିଦେଇ ସେ ଶୂନ୍ୟକୁ ଚାହିଁଲା । କିଛି ହେବ ନାହିଃ । ସବୁ ଠିକ୍ ହୋଇଯିବ । ତୁ କିଛି ଚିନ୍ତା କରନାହିଁ । ମୀନା ତାକୁ ବୁଝାଉଥିଲା । ଦୁହେଁ ପିଲାଦିନରୁ ସାଙ୍ଗ । ଏକାଠି କଣ୍ଢେଇରେ ଖେଳିବା, ବୋହୂବୋହୂକା ଖେଳ ଓ ଲୁଚକାଳି ଖେଳ ଖେଳି ବଡ଼ ହୋଇଛନ୍ତି । ମୀନା ବାହାଘର ସେଇ ଗାଁରେ ଚାଷବାସ କରୁଥିବା ଜଣେ ଯୁବକ ସହ ସ୍ଥିର ହୋଇଛି । କୁନୀ ବାହାଘର ପାଖ ଗାଁର ଜଣେ ଶିକ୍ଷକଙ୍କ ସହ ସ୍ଥିର ହୋଇଥିଲା । ତା ନାଁ ନିଶିକାନ୍ତ । ପିଲାଦିନେ ବାଁ ଗୋଡ଼ ପୋଲିଓ ଦ୍ୱାରା ଆକ୍ରାନ୍ତ ହେବାରୁ ସେ ଟିକିଏ ଛୋଟେଇ ଚାଲେ । କୁନୀ ବି ମୀନାକୁ ତା ଶାଶୁଘର ସଂପର୍କରେ ଅନେକ କଥା ପଚାରିଛି । ବହୁତ ସମୟ ପର୍ଯ୍ୟନ୍ତ ଦୁହେଁ ବସି କେତେ କଥା ଆଲୋଚନା କଲେ । ହସ ଖୁସି କଳାପରେ ନିଜ ନିଜ ଘରକୁ ଫେରିଗଲେ । ଠିକ ମାସକପରେ ଦୁହିଁଙ୍କ ଅଗଣାରେ ଶାହାନାଇ ବାଜିଲା । ଦୁଇ ବାଂଧବୀ ନିଜ ନିଜ ସ୍ୱପ୍ନକୁ ଚରିତାର୍ଥ କରିବା ପାଇଁ ନୂଆ ଜୋଡ଼ି ବରଣ କରିନେଲେ । ଦୁହିଁଙ୍କ ବରଯାତ୍ରୀଙ୍କ ସହ କୃଷ୍ଣଚୂଡ଼ା ଓ ବର ମଧ ସାମିଲ ହୋଇ ଯାଉଥିବାର ଦେଖା ଯାଇଥିଲା । ସେ ଦୁହେଁ ବରଯାତ୍ରୀରେ ଯାଇ ଖୁସିରେ ଉଲ୍ଲସୀ ଉଠୁଥିବାର ଦେଖାଯାଇଥିଲା ।

ପାଖ ଗାଁରେ କୁନୀ ଶାଶୁଘରେ ପାଦ ଦେଲାମାତ୍ରେ ଗାଁ ସାରା ଲୋକ ତାକୁ ଦେଖିବା ପାଇଁ ଧାଇଁ ଆସିଲେ । ତା ଚାରିପାଖରେ ବୟସ୍କ ବୁଢ଼ା ଓ ଛୋଟ ଛୋଟ ପିଲାଙ୍କ ଭିଡ଼ ଜମି ଯାଇଥିଲା । ତା' ଶାଶୁ ତାର ବନ୍ଦପନା କରିଥିଲେ । ନଣନ୍ଦ ଶାଶୁ ତା ହାତଧରି ଘର ଭିତରକୁ ନେଇ ଯାଇ ଥିବା କୁନୀ ଦେଖିଲା । ଗାଁ ଲୋକଙ୍କ ଘର ତାଙ୍କ ଘର ପରି ନଡ଼ା ଛପରର ହୋଇଥିଲାବେଳେ ତା ଶାଶୁଘରର ଘର ଟାଇଲ ଛପର ହୋଇଥିଲା । ଗାଁ ଲୋକମାନେ ଭୋଜି ଖାଇ ବୋହୂର ଭୂରି-ଭୂରି ପ୍ରଶଂସା କରି ଚାଲିଗଲେ ।

ନଣନ୍ଦ ଶାଲୁ ଆସି ତା କୋଳରେ ମୁଣ୍ଡରଖି କଇଁକଇଁ ହୋଇ କାନ୍ଦିଲା; କୁନୀ ଭାବିଲା ଆସନ୍ତା ମାସରେ ଶାଲୁର ବାହାଘର ଏଇ ଗାଁରେ ହେବା ନିମନ୍ତେ ସ୍ଥିର ହୋଇଥିବାରୁ ସେ କାନ୍ଦୁଛି, କିନ୍ତୁ କଥା ତା' ନଥିଲା । ସେ କହିଲା, ସାନ ଭାଉଜ ତମେ ଆମ ଘରର ନୂଆ ଆଶା । ମୋ ଭାଇ ଦୁହେଁ ଦେବ-ତୁଲ୍ୟ, ହେଲେ ମୋ ବଡ଼ ଭାଉଜ ଆମ ମାନଙ୍କ ସହ ମିଶିକି ରହିବାକୁ ଚାହିଁଲେ ନାହିଁ । ତେଣୁ କଳି ଝଗଡ଼ା କରି ଘରଛାଡ଼ି ପଳେଇଲେ । ହେଲେ ଭାଉଜ ତମେ କେବେବି ଯିବନାହିଁ, ଯିବନାହିଁ ।

ଆରେ ପାଗେଳୀ, ମୁଁ ଯିବା ପାଇଁ ଆସିନାହିଁ । ସୁଖ-ଦୁଃଖରେ ମୁଁ ସମସ୍ତଙ୍କ ସହ ମିଶିକି ରହିବି । ଏବେ ତମେ କାନ୍ଦ ବନ୍ଦ କର । କହିବା ସହ ମୀନା ନଣନ୍ଦ ଆଖିରୁ ଲୁହ ପୋଛିଲା । ତା ମନରେ ବାହାଘର ପୂର୍ବରୁ ଜମାଟ ବାନ୍ଧିଥିବା ଦୁଃଖରୁ ଅଧେ ଦୂରେଇ ଗଲା । ସେ ଶାଲୁକୁ ଛାତିରେ ଜାକି ଧରି କହିଲା, "ନଣନ୍ଦ ରାଣୀ ତମେ ବି ମତେ କେବେ ପର ଭାବିବ ନାହିଁ । ସବୁ ପରିସ୍ଥିତିରେ ସବୁ ଘଟଣାରେ ମୋତେ ସାଙ୍ଗରେ ରଖିବ । କଥାବାର୍ତ୍ତା ଭିତରେ ନଣନ୍ଦ-ଭାଉଜ ଖଟରେ ଗଡ଼ିପଡ଼ିଲେ । ଦୁଃଖସୁଖ ହେଲେ । ଶାଲୁ କହିଲା, ବାପାଙ୍କର ଆଣ୍ଠୁ-ଗଣ୍ଠି ରୋଗ ଅଛି । ସବୁବେଳେ ଦରଜ ରହୁଥିବାରୁ ସେ ବିଶେଷ ଚାଲବୁଲ କରିପାରନ୍ତି ନାହିଁ । ବୋଉର ବି ଶ୍ୱାସ ରୋଗ । ବଡ଼ ଭାଉଜ ଘର ଛାଡ଼ି ଯିବା ପରେ ବଡ଼ଭାଇ ନୀଳକଣ୍ଠ ସବୁବେଳେ ଚୁପଚାପ୍ ରହୁଛି । ତା'ଝିଅ ମିଟି ଆମ ସହ ରହୁଛି । ଏତିକିବେଳେ ବାହାରେ ଖେଳୁଥିବା ମିଟି ଧାଇଁ ଧାଇଁ ସେ ଘର

ଭିତରକୁ ପଶି ଆସିଲା। ଘର ଭିତରକୁ ଆସି ସେ କୁନୀକୁ ଦେଖି ଟିକିଏ ଲାଜେଇଲା ପରି ଅଟକି ଗଲା। ତା'ପରେ ଖୁଡ଼ି ଖୁଡ଼ି କହି କୁନି କୋଳରେ ଆଉଜି ପଡ଼ିଲା। କୁନି ବି ତାକୁ ଶରଧାରେ କୋଳେଇ ନେବାରୁ ମିଟି ସେଇ ଅପରିଚିତ କୋଳରେ ଶୋଇ ପଡ଼ିଲା।

ଧିରେ-ଧିରେ ସଂଧ୍ୟା ନଇଁ ଆସୁଥିଲା। କୁନି ମନର ଉଦ୍‌ବେଗ ବଢୁଥିଲା। ସେ ଭୟଭୀତ ହୋଇ ଉଠୁଥିଲା। ପିଲାଦିନୁ ଆଜିଯାଏଁ ମା' ତାକୁ ଆକଟ କରି ଆସୁଥିଲା। " ପୁଅଙ୍କ ସହ କଥା ହେବୁ ନାହିଁ।" "ସେମାନଙ୍କ ପାଖରୁ ଦୂରେଇ ରହିବୁ", ମୁହଁ ତଳକୁ କରି ବଡ଼ଙ୍କ ସହ କଥା ହେବୁ।" ଇତ୍ୟାଦି ଇତ୍ୟାଦି କଥାଗୁଡ଼ିକ ସେ ମାନି ଚଳୁଥିବା ହେତୁ ଆଜି ଜଣେ ଅପରିଚିତ ଯୁବକକୁ ଅତି ପାଖରେ ପାଇଲେ କ'ଣ କହିବ। କ'ଣ କରିବା ଦରକାର ଇତ୍ୟାଦି ପ୍ରଶ୍ନ ଗୁଡ଼ିକ ତା'ମନରେ ଉଙ୍କିମାରି ତା'ମନକୁ ଭାରାକ୍ରାନ୍ତ କରୁଥିଲା।

ଶାଲୁ ଡାକିନେଇ କୁନିକୁ ତା ବାସରଘରେ ଛାଡ଼ିଦେଇ ଆସିଲା। ସେ ଭୟ ବିଜଡ଼ିତ ମନ ନେଇ ପଲଙ୍କର ଗୋଟିଏ କଣରେ ଚୁପଚାପ ବସି ରହିଲା। କିଛି ସମୟ ପରେ ନିଶିକାନ୍ତ ବାବୁ ଘର ଭିତରକୁ ପ୍ରବେଶ କଲେ। କବାଟକୁ ଭିତରପଟୁ ବନ୍ଦ କଲେ। କୁନିର ହୃଦସ୍ପନ୍ଦନ ବଢ଼ିବାରେ ଲାଗିଲା। ବାହାରେ ଥିବା ଶାଲୁ ଓ ତା' ସାଥିମାନଙ୍କର ଖିଲିଖିଲି ହସ ତାକୁ ଶୁଭୁଥିଲା। ସେ ଦେଖିଲା ଘର କବାଟ ଭିତରପଟୁ ବନ୍ଦ କଲାପରେ ନିଶିକାନ୍ତ ପଲଙ୍କଠାରୁ କିଛି ଦୂରରେ ଥିବା ଚୌକିରେ ବସି ରହିଲେ। କିଛି ସମୟ ନିରବ ରହି କହିଲେ, କୁନୀ ମୁଁ ବହୁତ ଭାଗ୍ୟବାନ। ମତେ ଏକ ସୁନ୍ଦରୀ ତଥା ସୁସ୍ଥ ସ୍ତ୍ରୀ ମଳିଛି। ପୂର୍ବ ଜନ୍ମରେ ମୁଁ ନିଶ୍ଚୟ କିଛି ପୁଣ୍ୟ କାମ କରିଥିଲି। ମାତ୍ର ମୁଁ ଜାଣିଛି ମୋତେ ବିବାହ କରି ତୁମେ ବହୁତ ଦୁଃଖି ହେବ।କାରଣ ମୋ' ପରି ଅକର୍ମଣ୍ୟ ଗଳାରେ ତମକୁ ଛନ୍ଦି ଦିଆଗଲା। ମୁଁ ବିବାହ ନ କରିବା ପାଇଁ ଶପଥ ଗ୍ରହଣ କରିଥିଲି। ମାତ୍ର ଅସୁସ୍ଥ ବାପା-ବୋଉଙ୍କ ଆଗରେ ମୋତେ ମୁଣ୍ଡ ନୁଆଁଇବାକୁ ପଡ଼ିଲା। ତୁମକୁ ମୋ ସଂପର୍କରେ ଆଉ ଗୋଟିଏ କଥା ବି କୁହାଯାଇ ନାହିଁ।

କୁନୀ ଆଶ୍ଚର୍ଯ୍ୟରେ ନିଶିକାନ୍ତ ମୁହଁକୁ ଚାହିଁଲା। ନିଶିକାନ୍ତ ଲୁହ ଛଳଛଳ ଆଖିରେ କହିଲା, କୁନୀ ମୋ କାନକୁ ଠିକ୍‌ରେ ଶୁଭୁ ନାହିଁ। ମୁଁ ଭାବୁଥିଲି ବାହାଘର ପୂର୍ବରୁ ତୁମକୁ ସାକ୍ଷାତ କରି ସବୁ କହିବି। ହେଲେ ଗାଁ ପରିବେଶ ଭିତରେ ତାହା ସଂଭବ ହେଲା ନାହିଁ। ମୁଁ ତୁମ ପାଖରେ ଦୋଷୀ କୁନୀ। ତମେ ଯାହା ଚାହିଁବ ମତେ ସଜା ଦେଇ ପାରିବ। ମୁଁ ମଥାପାତି ସହିଯିବି। କହିବା ପରେ ନିଶିକାନ୍ତ ବାବୁ କଇଁକଇଁ ହୋଇ କାନ୍ଦିବାରେ ଲାଗିଲେ। ନିଶିକାନ୍ତ ବାବୁଙ୍କ ସରଳତା ତାଙ୍କ ହୃଦୟକୁ ବାରମ୍ବାର ଆଘାତ କରିବାରେ ଲାଗିଲା। ସେ କଣ କରିବ। କଣ ନ କରିବ ସ୍ଥିର ନିଶ୍ଚିତରେ ପହଞ୍ଚି ପାରିଲା ନାହିଁ। ସେ ଦେଖିଲା ନିଶିକାନ୍ତ ଚୌକିରୁ ଉଠି ଆଖିରୁ ଲୁହ ପୋଛି ପୋଛି କବାଟ ଆଡ଼କୁ ଯାଉଛନ୍ତି। କଣ ହେଲା କେଜାଣି କୁନୀ ପଲଙ୍କରୁ ତୁରନ୍ତ ଓହ୍ଲାଇ ଆସି ନିଶିକାନ୍ତ ସାମ୍ନାରେ ଛିଡ଼ା ହେଲା। ମୁଣ୍ଡ ନୁଆଁଇ ନିଶିକାନ୍ତର ପାଦ ଛୁଇଁଲା। ଛିଡ଼ା ହୋଇ ନିଶିକାନ୍ତ ଆଖିରୁ ଲୁହ ପୋଛିଲା। କେତେ ନିରିହ ମନେ ହେଉଥିଲା ସେତେବେଳେ ନିଶିକାନ୍ତ ଚେହେରା । ସେ ଧିରେ ଧିରେ କୁନିକୁ କୋଳେଇ ନେଲା।

ସକାଳେ ଶାଶୁ ଓ ଶଶୁରଙ୍କ ସ୍ୱରରେ ତା ନିଦ ଭାଙ୍ଗି ଗଲା। ଶାଶୁ ଶାଲୁକୁ ବିରକ୍ତ ହେଉଥିଲେ ଉଠା ନାହିଁ। ଆପେ ଉଠିଯିବେ। ଶାଲୁ ଉତ୍ତର ଦେଲା, ମା, ଭାଉଜ ଗତ ରାତିରେ ଠିକ୍ ସେ ଖାଇ ନାହାନ୍ତି। ତା' ଛଡ଼ା ଏବେ ଖରା ଟାଣ ହେଲାଣି। ଭାବୁଛି ଭାଉଜଙ୍କୁ ଉଠାଇ ଦେବି।

ନାଇ। ଥାଉ ଝିଅ। ସେ ଆପେ ଉଠିବ। କହିବାପରେ ଶାଶୁ ପଛପଟ ବାଡ଼ିକୁ ଗଲେ।

କୁନି ମନର ଭୟ ଦୂରେଇ ଯାଇଥିଲା। ସେ ତୁରନ୍ତ ଉଠି ବସିଲା।

ଦିନ ଗଡ଼ି ଚାଲିଲା। ନଣନ୍ଦ ଶାଲୁର ବାହାଘର ହୋଇଗଲା। ପ୍ରତି ପର୍ବ ପର୍ବାଣିରେ କୁନି ତାକୁ ଘରକୁ ଡାକିଲା। ଏହି ଯିବା ଆସିବା ନଣନ୍ଦ ଭାଉଜଙ୍କ ସମ୍ପର୍କକୁ ଘନିଷ୍ଠ କଲା। ବଡ଼ଭାଇ ନୀଳକଣ୍ଠ ବି ଭାଇ ବୋହୂ ବ୍ୟବହାରରେ ସନ୍ତୁଷ୍ଟ ଥିଲେ।

ଶାଶୁ ନିଶିକାନ୍ତ ସହ କୁନିକୁ ଜବରଦସ୍ତ ବୁଲିବା ପାଇଁ ପଠାଉଥିଲେ। ଗାଁ ମେଳାକୁ ଶାଶୁ ସାଙ୍ଗରେ କୁନିକୁ ନେଇ ବୁଲାଇ ଆଣିଥିଲେ। ହେଲେ ଶାଶୁଘର ପାଖରୁ ପ୍ରାୟକୋଡ଼ିଏ କିଲୋମିଟର ଦୂରରେ ଅବସ୍ଥିତ ସମୁଦ୍ର କୁନିକୁ ବହୁତ ଭଲ ଲାଗୁଥିଲା। ଅଧିକାଂଶ ସମୟରେ ସେ ନିଶିକାନ୍ତ ସହ ସେଠାକୁ ଯାଉଥିଲା। ଦୁହେଁ ସମୁଦ୍ରକୂଳ ବାଲିରେ ଘଣ୍ଟାଘଣ୍ଟା ବସି ପ୍ରେମାଳାପ କରୁଥିଲେ। ଏଇ ଛଅମାସ ଭିତରେ କୁନି କେଇଥର ନିଶିକାନ୍ତ ସହ ଯାଇ ତାଙ୍କ ଘର ବୁଲି ଆସିଲାଣି।

ଦିନେ ସନ୍ଧ୍ୟା ସମୟରେ ଆକାଶ ହଠାତ୍ ଲାଲବର୍ଣ୍ଣ ହୋଇଗଲା। ଆକାଶର ରଙ୍ଗ ଦେଖି ଗାଁ ଲୋକ ଚକିତ ହେଲେ। ବୟସ୍କ ଲୋକଙ୍କ ମନରେ ଆଶଙ୍କା ସୃଷ୍ଟି ହେଲା। କେଇ ଘଣ୍ଟା ପରେ ଆକାଶର ଲାଲ ରଙ୍ଗ ଉଭେଇ ଗଲା। ରାତିଅଧ ପରେ ମୂଶଳଧାରାରେ ବର୍ଷା ଆରମ୍ଭ ହେଲା। ଗାଁଲୋକ ଉଠି ପଡ଼ିଲେ। ହାଣ୍ଡି, ବାଲ୍ଟି ଥୋଇ ବସି ରହିଲେ। ବେଳକୁ ବେଳ ବର୍ଷା ବଢ଼ିଲା। ସକାଳକୁ ବର୍ଷା ସହ ବାତ୍ୟା ଯୋଗ ଦେଲା। ସତେଯେମିତି ଅଣଚାଷ ପବନ ବହୁଥିଲା। ବେଳକୁ ବେଳ ପବନ ଭୟଙ୍କର ଗର୍ଜନ କରି ବହୁଥିଲା। ଭୟରେ ଲୋକମାନେ ପିଲାଛୁଆଙ୍କୁ ଧରି ଘରୁ ବାହାରି ଆସିଲେ। ବାହାର ପବନ ସେମାନଙ୍କ ଦେହରେ ଲୁଗା ରଖାଇ ଦେଉନଥିଲା। ମନେ ହେଉଥିଲା ପ୍ରକୃତି ମାନବଜାତି ଉପରେ ଅତ୍ୟାଚାର କରିବାକୁ ପହଞ୍ଚିଛି। ଏଥିରୁ ନିସ୍ତାର ପାଇବାର କୌଣସି ଉପାୟ ନାହିଁ। ଲୋକମାନେ ଗୁହାଳେ ବାନ୍ଧି ରଖିଥିବା ଗାଇବଳଦଙ୍କୁ ଖୁଣ୍ଟରୁ ଫିଟାଇ ଦେଇଥିଲେ। ବର୍ଷା ସାଙ୍ଗକୁ ପବନର ବେଗ ବଢୁଥିବାରୁ ଲୋକମାନେ ଭୟଭୀତ ହୋଇ ଗାଁରେ ଥିବା ଏକମାତ୍ର ପକ୍କା ସ୍କୁଲ ଘରକୁ ଆଶ୍ରୟ ପାଇଁ ଧାଉଥିଲେ।

ଭୟଙ୍କର ତୋଫାନ ଏବଂ ମୂଷଳଧାରାର ବର୍ଷାକୁ ବରଗଛ ତା' ବିଶାଳ ଓ ବିସ୍ତୃତ କଳେବରରେ ସହି ଯାଉଥିଲେ ବି କୃଷ୍ଣଚୂଡ଼ା ପାଇଁ ଏହା ଅସହ୍ୟ ଥିଲା। ଭୟରେ ତା' ଦେହ ଥରୁଥିଲା। ସବୁବେଳେ ନିରବ ରହୁଥିବା ବରଗଛ ଆଜି ପାଟି ଖୋଲିଲା। "ସାହସ ହରାଅ ନାହିଁ, ଆଦୌ ସାହସ ହରାଅ ନାହିଁ, ତମ ଚେରମାନଙ୍କୁ କୁହ, ମାଟିକୁ ଶକ୍ତ ଭାବେ ଜାବୁଡ଼ି ଧରିବେ। ତମକୁ ବଂଚିବାକୁ ହେବ। ନିହାତି ମୋ ପାଇଁ ବଂଚିବାକୁ ହେବ।

ପବନରେ ଦୋହଲୁଥିବା କୃଷ୍ଣଚୂଡ଼ାର ଡାଳଗୁଡିକ ମୁହୂର୍ତ୍ତକ ପାଇଁ ସ୍ଥିର ହୋଇଗଲେ। ହଲହଲ ହେଉଥିବା ଚେରବି ଅଟକି ଗଲା। ସେ ବରକୁ କହିଲା, "ମନେ ଅଛିନା, ମତେ କୋଳରେ ବସାଇବା ପାଇଁ କିମିତି ତମର ଇଚ୍ଛା ହୋଇଥିଲା। ସେ କଥା ମୋତେ ଜଣାଇବାରୁ ମୁଁକହିଥିଲି ସେଇ ଇଚ୍ଛା ପୂରଣ କିରବା ନିମନ୍ତେ ମୋତେ ମୋ ସ୍ଥାନରୁ ଉପୁଡ଼ି ପଡ଼ିବାକୁ ହେବ। ମୋତେ ନିଜକୁ ଶେଷ କରିବାକୁ ପଡ଼ିବ। ନିଦାଘ ସମୟରେ ଶୀତଳ ଛାଇ ପ୍ରଦାନ କରି ମୋତେ ତୁମେ ନୂଆ ଜୀବନ ଦେଇଛ ବରଦ। ଆଜି ମୁଁ ତୁମ ଇଚ୍ଛାକୁ ନିଶ୍ଚୟ ପୂରଣ କରିବି। କୃଷ୍ଣଚୂଡ଼ା ସ୍ୱାର୍ଥପର ନୁହେଁ। ସେ ସମୟ ଆସି ଗଲାଣି। ବହୁତ ପାଖରେ ପହଞ୍ଚି ଗଲାଣି ସେ ସମୟ।

ଭୟଙ୍କର ତୋଫାନ ଯୋଗୁଁ ବରଗଛ କିଛି ଶୁଣିପାରୁ ନଥିଲା। ଦୁହିଁଙ୍କ ସାମ୍ନାରେ ଅନେକ ନାଁ ନଜଣା ଗଛ ମଡମଡ ହୋଇ ଭାଙ୍ଗି ପଡୁଥିଲେ। ଅନେକ ଗଛ ଧରାଶାୟୀ ବି ହେଉଥିଲେ। ଦୁହିଁଙ୍କ କଲିଜା ଥରି ଉଠୁଥିଲା। ଯେଉଁ ଗାଁକୁ ସେମାନେ ବର୍ଷବର୍ଷ ଧରି ଫଳଫୁଲରେ ହସୁଥିବାର ଦେଖି ଆସୁଥିଲେ ସେଇ ଗାଁ ଆଜି ସେମାନଙ୍କ ସାମ୍ନାରେ ଉଜୁଡ଼ି ଯାଉଥିଲା। ଝଡ଼ ତୋଫାନ ମଧ୍ୟ ସେମାନଙ୍କୁ କାବୁ କରି ନେଇଥିଲା। ପ୍ରଥମେ ସେମାନଙ୍କର ସବୁ ପତ୍ରକୁ ଉଡ଼େଇ ନେଇଥିଲା। ନିଜକୁ ସମ୍ଭାଳିବା ପାଇଁ ବହୁ ଚେଷ୍ଟା କରି ବରଗଛ ପରିଶେଷରେ ବିଫଳ ହେଲା। ପବନର ଝଟକାରେ ତାର ଦୁଇ - ତିନୋଟି ଶାଖା ମଡମଡ କରି ଭାଙ୍ଗିଗଲା ଓ ଭଙ୍ଗା ହାତ ପରି ବରଗଛରେ ଲଟକି ରହିଲା। କୃଷ୍ଣଚୂଡ଼ା ଗଛର

ସବୁଯାକ ଚେର ଉପୁଡ଼ିଯିବା ପରେ ଭୟଙ୍କର ତୋଫାନ ତାକୁ ନେଇ ବରଗଛ ମୂଳରେ ଫିଙ୍ଗି ଦେଇଥିଲା। ସଂଭବତଃ ତୋଫାନ ତାକୁ ବହୁତ ଦୂରକୁ ଉଡାଇ ନେଇ ଥାଆନ୍ତା। ମାତ୍ର ବରଗଛର ସୁବିସ୍ତୃତ ମୂଳ ଭିତରେ ପଶିଯିବାରୁ ସେ ସେଇଠି ରହିଗଲା। କୃଷ୍ଣଚୂଡ଼ାର ଆଖି ଧିରେ ଧିରେ ବଂଦ ହୋଇ ଆସୁଥିଲା। ବରଗଛ ତାକୁ ଯେମିତି ନିଜ କୋଳକୁ ନେଇ ଯାଉଥିଲା।

କୋଳାହଳ ଭିତରେ ନିଶିକାନ୍ତ ସପରିବାରେ ସ୍କୁଲ ଆଡକୁ ଗଲା। ଯିବାବେଳେ ତା' ବାପା ପାଣିରେ ପଡ଼ି ଯାଉଥିଲେ। ବଡ଼ପୁଅ ନୀଳକଣ୍ଠ ତାଙ୍କୁ ପିଠିରେ ନାଉକରି ନେଲା। ନିଶିକାନ୍ତର ସାଲୁ କଥା ମନେପଡ଼ିଲା। ତା' ଶଶୁରଘର ଲୋକ ଏ ପର୍ଯ୍ୟନ୍ତ ଘର ଛାଡ଼ି ନଥିଲେ। ମୁଁ ସେମାନଙ୍କୁ ଆଣିବା ପାଇଁ ଯାଉଛି ବୋଲି କହି ଦେଇ ସେ ଗାଁ ଭିତରକୁ ଗଲା। କୁନି ଧର୍ମ ସଂକଟରେ ପଡ଼ିଲା। ସେ ସ୍ୱାମୀଙ୍କୁ ଅଟକେଇବାକୁ ଚାହୁଁଥିଲେ ବି ଅଟକାଇ ପାରୁନଥିଲା। କିଛି ସମୟ ପର୍ଯ୍ୟନ୍ତ ସ୍ୱାମୀଙ୍କ ଯିବା ବାଟକୁ ଚାହିଁବା ପରେ ମିଟିର ହାତ ଧରି ନିଜ ପରିଜନଙ୍କ ସହ ସେ ସ୍କୁଲ ଆଡକୁ ଦୃତ ଗତିରେ କେହି କହୁଥିବାରୁ ଶୁଭିଲା, "ପଳାଅ, ଜୋରରେ ଧାଇଁ ପଳାଅ, ଦୌଡ଼ିଦୌଡ଼ି ପଳେଇ ଯାଅ। ନଡ଼ିଆ ଗଛ ଉଚ୍ଚର ସମୁଦ୍ର ପାଣି ମାଡି ଆସୁଛି।

ଲୋକମାନେ ଡରିଗଲେ। ଜୀବନ ବିକଳରେ ଧାଇଁବାକୁ ଲାଗିଲେ। କେହି ନିସ୍ତାର ପାଇଲେ ନାହିଁ। ସମୁଦ୍ର ଜୁଆର ପ୍ରବଳ ବେଗରେ ସମସ୍ତଙ୍କୁ ଭସେଇ ନେଲା। ଲୋକମାନେ ପରସ୍ପରଠାରୁ ଦୂରେଇଗଲେ। ସମୁଦ୍ରର ଲୁଣିପାଣି ସୁଅରେ ଭାସିଯିବାବେଳେ ବଂଚିବା ପାଇଁ ଚେଷ୍ଟା କରୁଥିବା ମଣିଷ, ଗୃହପାଳିତ ପଶୁ ନିଜ ଉଦ୍ୟମରେ ଅସଫଳ ହୋଇ ସଳିଳ ସମାଧି ନେଉଥିଲେ। ଆଉ କେତେକ ଭାସି ଯିବା ବେଳେ ସାମୁଦ୍ରିକ ସାପ ଓ ମଗରର ଆକ୍ରମଣର ଶିକାର ହେଉଥିଲେ। ଚାରିଆଡ଼େ ହାହାକାର ଓ ତ୍ରାହୀ ତ୍ରାହୀ ଶୁଭୁଥିଲା।

ପ୍ରଖର ସ୍ରୋତରେ ଭାସି ଯିବାବେଳେ କୁନିର ମନେହେଲା ସେ ଏକ ଶକ୍ତ ଜାଲରେ ଅଟକି ଗଲା। ମିଟିର ହାତକୁ ସେ ଏ ପର୍ଯ୍ୟନ୍ତ ଧରିଥିଲା। ସେ ନିରେଖି ଦେଖିଲା। ସେଇଟା ଜାଲ ନୁହେଁ। ତାଙ୍କ ଗାଁ ମୁଣ୍ଡରେ ଥିବା ବଡ଼ ବରଗଛର ଚେର। ତୋଫାନରେ ଉପୁଡ଼ି ପଡ଼ି ରହିଛି। ତା'ର ବିଶାଳକାୟ ଚେହେରାକୁ ସମୁଦ୍ରର ଜୁଆରିଆ ପାଣି ଆଗକୁ ଠେଲି ପାରିନାହିଁ। କୁନୀର ମନେ ପଡ଼ିଲା। ସେ ଏଇ ବରଗଛ ମୂଳେ ଖେଳୁଥିଲା। ସନ୍ଧ୍ୟାରେ ଆସି ଦୀପ ଜାଳୁଥିଲା। ବରଗଛର ଚେର ଯୋଗୁଁ ଭାସି ନ ଯାଇ ଅଟକି ରହିଥିବା କୁନି ଏପଟସେପଟ ଚାହିଁଲା। ତା' ଶାଶୁ, ଶଶୁର, ଦେଢ଼ଶୁର କୁଆଡ଼କୁ ଭାସିଗଲେ ସେ ଜାଣିନାହିଁ। ସେ ଦେଖିଲା ଆଖପାଖ ଗାଁର ଲୋକ ଓ ଗୃହପାଳିତ ପଶୁ ପାଣି ସୁଅରେ ଭାସି ଯାଉଛନ୍ତି। ଏକ ଆଲମୁନିୟମ ଡେକ୍‌ଚି ତା କଡ଼ ଦେଇ ଭାସିଲା ବେଳେ ସେ ବାଁହାତ ବଢ଼ାଇ ଡେକ୍‌ଚିକୁ ଧରିନେଲା। ଟିକିଏ ନଇଁପଡ଼ି ଡେକ୍‌ଚି ଭିତରକୁ ଚାହିଁ ଦେଖିଲା। ଛୋଟିଆ ଛୁଆଟିଏ ଡେକ୍‌ଚି ଭିତରେ ଆରାମରେ ଶୋଇଛି। ଜରୁର କେହି ଅଭାଗିନୀ ମା' ଛୁଆଟିକୁ ବଂଚାଇ ରଖିବା ଉଦ୍ଦେଶ୍ୟରେ ଏଇ ଉପାୟ ଅବଲମ୍ବନ କରିଛି।

କୁନୀ ଡାହାଣ ହାତରେ ବରଗଛ ଚେରରେ ଲାଖି ରହିଥିବା ମିଟିକୁ ଧରି ସାମ୍ନାକୁ ଚାହିଁ ଆଶ୍ଚର୍ଯ୍ୟ ହେଲା। ତା' ସାମ୍ନାରେ ଅନେକ ଚାଳ ଭାସି ଯାଉଥିଲା। ଚାଳ ଉପରେ ଲୋକମାନେ ବସି ପାଣି ସୁଅରେ ଭାସି ଯାଉଥିଲେ। ସେଇ ଲୋକମାନଙ୍କ ଭିତରେ ନିଶିକାନ୍ତକୁ ଦେଖିଲା। ନିଶିକାନ୍ତ ପାଖରେ ସାଲୁବି ବସିଥିଲା। ନିଶିକାନ୍ତ ତାକୁ ଧରିଥିଲା। ସାଲୁର ଶାଶୁ ଓ ଶଶୁରବି ସେଇ ଚାଳ ଉପରେ ବସିଥିଲେ। ହଠାତ୍ ଚାଳଟି ଭାଙ୍ଗିଗଲା। ସେ ଚିତକାର କଲା। "ଶୁଣନ୍ତୁ .... ଆଜ୍ଞା ... ସା ...ଲୁ ...ଶୁଣ।" ହେଲେ କିଛି ସମୟ ପରେ ତା' ଆଖି ଆଗରେ ସମସ୍ତେ ପାଣିସୁଅରେ ବିଲୀନ ହୋଇଗଲେ। ସେ ବେହୋଶ୍ ହୋଇଗଲା। ପବନ ତା' ଚେତନା ଫେରାଇ ଦେବାରୁ ସେ ନିଷ୍ଠୁର ସତ୍ୟକୁ ସାମ୍ନା କଲା। ସେ ଦେଖିଲା ତା' ହାତ ଦୁଇଟି ଖାଲି। ସେ ଚେତନା ହରାଇବା ଅବସ୍ଥାରେ ତା' ହାତ ମୁଠା ଢିଲା ହୋଇ ଯାଇ ମିଟି ଓ ଡେକ୍‌ଚି ଖସି ଯାଇଛନ୍ତି। ମିଟି କେତେବେଳେ ପାଣିରେ ପଡ଼ିଗଲା ସେ ଜାଣିପାରିଲା ନାହିଁ। ନିଜ ଭାଗ୍ୟକୁ ନିନ୍ଦା କଲା। ପ୍ରକୃତିର ବିକଟାଳ ରୂପ ଆଗରେ ମଣିଷ କେତେ ଅସହାୟ ସତରେ!

ଚାରିଦିନ ପରେ ସମୁଦ୍ର ପାଣି କମିଲା। ବରଗଛ ମୂଳରେ ମୁଣ୍ଡରଖି ଶୋଇଥିବା କୃଷ୍ଣଚୂଡ଼ାର ଶ୍ୱାସକ୍ରିୟା କମିକମି ଆସୁଥିଲା। ଅନେକ ସହୃଦୟ ଲୋକ ଦଳଦଳ ହୋଇ ଗାଁରେ ପହଞ୍ଚୁଥିଲେ। ସେଇ ସାହାଯ୍ୟକାରୀଙ୍କ ଭିତରେ ଅନେକ ଦଲାଲ ଓ ଚରିତ୍ରହୀନ ଲୋକବି ଥିଲେ। କେତେକ ସ୍ଥାନରେ ରିଲିଫ ସାମଗ୍ରୀ ଲୁଟ ହେଉଥିବା ଖବର ଶୁଣିବାକୁ ମିଳୁଥିଲା। କେଉଁଠି କେଉଁଠି ସ୍ୱୟଂ ସହାୟକମାନେ ଲୋକଙ୍କୁ ରନ୍ଧାଖାଦ୍ୟ ଦେଉଥିଲେ। ଠାଏ ଠାଏ କୁଢ଼କୁଢ଼ ଶବ ଜମା ହୋଇଥିଲା। ପରିବେଶ ଦୂଷିତ ହୋଇଯାଇଥିଲା। ବିପନ୍ନ ଲୋକମାନେ ତ୍ରାହୀତ୍ରାହୀ ଡାକୁଥିଲେ।

କୁନିକୁ ବରଗଛରୁ ଓହ୍ଲେଇ ଦିଆଗଲା। ବୟସ୍କ ଲୋକମାନେ ତା ଫୁଙ୍ଗୁଳା ଦେହକୁ ଲୁଗାରେ ଘୋଡ଼େଇ ଦେଲେ। ତୋଫାନ ମଣିଷ ଦେହରେ ଲୁଗାବି ରଖି ନଥିଲା। ଭୋକିଲା ପେଟରେ ମୁଠାଏ ଅନ୍ନ ପଡ଼ିବାରୁ ସେ କାନ୍ଦି ପକାଇଲା। ଏବେ ବଂଚିବା ପାଇଁ ଆଉ କ'ଣ ବା ଥିଲା। ସେ ନିଜେ ବଂଚି ଯାଇଥିବାରୁ ପଶ୍ଚାତାପ କରୁଥିଲା। ବାହାରୁ ଆସିଥିବା ସ୍ୱୟଂ ସେବକମାନେ ମୃତାହତଙ୍କ ଶବ ସତ୍‌କାର କରୁଥିଲେ। ପେଟ୍ରୋଲ ବା କିରୋସିନି ଢାଳି ସେମାନେ ଶବକୁ ଜାଳୁଥିଲେ। ଅନେକ ଗଛବି ଉପୁଡ଼ି ଯାଇଥିଲା। କୁନୀ ପାଗେଳୀଙ୍କ ପରି ଶବ ସତ୍‌କାର ସ୍ଥାନକୁ ଯାଇ ନିଶିକାନ୍ତ ଓ ତା' ପରିବାର ବର୍ଗଙ୍କୁ ଖୋଜି ନିରାଶ ହେଉଥିଲା। ଗାଁ ଭିତରେ ଏକମାତ୍ର ଜୀବିତ ଥିବା ବରଗଛ ଅସହାୟ ଭାବେ ସବୁକୁ ଦେଖୁଥିଲା। କୃଷ୍ଣଚୂଡ଼ା ତା' ମୂଳରେ ଶୋଇ ମନେ ମନେ ଦୁଃଖ କରୁଥିଲା। ବେଳେବେଳେ ଆଖି ଖୋଲି ବିଧ୍ୱସ୍ତ ପୃଥିବୀର ଚିତ୍ରକୁ ଦେଖୁଥିଲା। ହଠାତ୍ ସେ ନିଜର ସମସ୍ତ ଶକ୍ତି ଓ ସାମର୍ଥ୍ୟ ଖଟାଇ କହିଲା।

"ବରଦ...ବରଦ ବଂଚାଇ ଦିଅ। ଏ ରାକ୍ଷାସ କବଳରୁ କୁନିକୁ ଆମର ରକ୍ଷା କର। ଦେଖନା ସେ ବଦମାସ୍, ଦଲାଲ କେମିତି ଭୁଲେଇ ଭାଲେଇ, ଫୁସୁଲେଇ, ଫାସଲେଇ ଆମ ଗାଁର ଇଜତକୁ ଲୁଣ୍ଠନ କରିବାକୁ ଉଦ୍ୟମ କରୁଛି। ବିଚାରୀ କୁନୀଟା ଏବେ ଅସହାୟ। ତାକୁ ସେ ପିଶାଚ କବଳରୁ ରକ୍ଷା କର। ତାକୁ ସେ ଏବେ ଏଠିକି ନେଇକି ଆସୁଛି। ତାକୁ ବଂଚାଅ ବରଦ, ତାକୁ..."

"ହେଲେ କୃଷ୍ଣଚୂଡ଼ା ତମେ କ'ଣ ଜାଣିନ। ଆମେ ଗଛ। ଆମର ଚାଲିବାର ଶକ୍ତି ନାହିଁ। ଆମେ କଥାବି କହି ପାରିନାହିଁ। କେମିତି ସେ ପିଶାଚ କବଳରୁ କୁନି ପରି ଏକ ଶାନ୍ତ ସରଳ ଓ ପ୍ରପୀଡ଼ିତା ଝିଅକୁ ରକ୍ଷା କରିବି।"

"ନାଇଁ, ମୁଁ କିଛି ଶୁଣିବି ନାହିଁ। ମୁଁ କିଛିବି ଜାଣିନି। ତମକୁ ବଂଚାଇବାକୁ ହେବ କୁନିକୁ। ଦେଖ ସେ ତମ ତଳକୁ ଯାଉଛି। ବରଦ ତମେ କୁନୀକୁ ବଂଚାଇ ଦିଅ।" କୃଷ୍ଣ ଚୂଡ଼ା ଜିଦି କରୁଥିଲା।

ଭଙ୍ଗା ହାତ ପରି ବରଗଛ ଦେହରେ ଲଟକି ରହିଥିବା ମୋଟା ଶାଖାଟି ହଠାତ୍ ସେତିକିବେଳେ ସେଇ ଦଲାଲର ମୁଣ୍ଡ ଉପରେ ଛିଣ୍ଡିପଡ଼ିଲା। ତା' ମୁଣ୍ଡ ଫାଟିଗଲା ଓ ସେ ସେଇଠି ଭୂଇଁ ଉପରେ ନିସ୍ତେଜ ହୋଇପଡ଼ି ରହିଲା। ବିଚାରୀ କୁନୀ ରକ୍ଷା ପାଇଗଲା।

କୁନୀ ରକ୍ଷା ପାଇବାରୁ କୃଷ୍ଣଚୂଡ଼ା ଆଶ୍ୱସ୍ତ ହେଲା। ସେ ଶାନ୍ତିରେ ଶେଷ ନିଶ୍ୱାସ ଛାଡ଼ିଲା। ଆଖପାଖରେ ଥିବା ଲୋକମାନେ ଦେଖିଲେ ତୋଫାନ ଯୋଗୁ ବରଗଛରେ ଆଉଜିଥିବା କୃଷ୍ଣଚୂଡ଼ା ଗଛଟା ଜୋରରେ ମଡ଼ମଡ଼ ଆବାଜ କରି ତଳେ ପଡ଼ିଲା।

*ଅରଡ଼ିଆପଦା, ମହୀଧରପଡ଼ା,*
*କଟକ - ୭୫୪୦୦୧*
*ଦୂରଭାଷ: ୯୪୩୮୬୩୪୭୭୩*



# ଅଲିଭା ଚିହ୍ନ

କମଳିନୀ ମଲ୍ଲିକ

ଶରତ ଆକାଶର ନିର୍ମଳ ଅଗଣା । ସଫେଦ୍ ବାଦଲର ଭାସମାନ ଚିତ୍ରପଟ । ଶୀତଳ ପବନର ସୁଲୁସୁଲିଆ ଗତି । ନଈପଠାରେ କାଶତଣ୍ଡୀର ଚାମର । ଯୁଆଡେ ଚାହିଁଲେ ପ୍ରକୃତିର ରୋଷଣୀ ବାରି ହେଇ ପଡୁଛି । ଶାରଦୀୟ ସମ୍ଭାର । ଦଶହରା ପର୍ବର ମୁଗ୍ଧ ମୁଖରିତ ଅବକାଶ । ଆଉ ମାତ୍ର ତିନି ଦିନ ପରେ ମା' ଦୁର୍ଗାଙ୍କର ସପ୍ତମୀ ପୂଜା ଆରମ୍ଭ ହେଇଯିବ । କିନ୍ତୁ ଏକ ସପ୍ତାହ ପୂର୍ବରୁ ସବୁଆଡେ ଯେମିତି ଦେବୀମୟ ହୋଇ ଉଠୁଛି । ଗାଁଠାରୁ ସହର ଯାଏ ଏଇ ଅପୂର୍ବ ଭାବାବେଶ ଖେଳି ବୁଲୁଛି । କିଣାବିକାଠାରୁ ଆରମ୍ଭ କରି ସାଜସଜା, ସବୁଥିରେ ଜୀବନ ଚଳଚଂଚଳମୟ ହେଇ ଯାଇଛି ।

ଟ୍ରେନ୍‌ରୁ ଓହ୍ଲାଇ ପ୍ଲାଟଫର୍ମରେ ପାଦ ରଖିଲେ ଚନ୍ଦ୍ରକାନ୍ତ । ଗୋଟିଏ ଜାଗାରେ ଠିଆ ହୋଇ କୁଲିକୁ ଖୋଜୁଥିଲେ । ତିନିଟା ବଡ ବଡ ବ୍ୟାଗ ଏକା ସାଙ୍ଗରେ ନେବା ସମ୍ଭବ ନଥିଲା ତାଙ୍କ ପାଇଁ । ପ୍ଲାଟଫର୍ମରେ ଲୋକମାନଙ୍କର ପ୍ରବଳ ଭିଡ । ଘରକୁ ଫେରିବାର ନିଆରା ଆନନ୍ଦ । ଜୀବନ ଜୀବୀକା ପଛରେ ଅଣନିଃଶ୍ୱାସୀ ହୋଇ ଧାଉଁଥିବା ମଣିଷଟି ଏମିତି ଏକ ମୁହୂର୍ତ୍ତ ଆସିଲେ ସବୁକିଛି ପଛକୁ ଫୋପାଡି ସାମିଲ ହୋଇଯାଏ ନିଜ ସହ ଏବଂ ନିଜ ପରିବାର ଓ ପରିବେଶ ସହ । ଆଉ ସବୁବେଳେ ସେଇ ପୁରୁଣା ଓ ନିଅଂଟକୁ ଦେହସୁହା କରୁଥିଲେ ବି କିଛି ନୂନତତାକୁ ସାଉଁଟିବାକୁ ବିକଳ ହୋଇଯାଏ । ବିଶେଷକରି ଏଇ ପର୍ବପର୍ବାଣି ହେଲେ କିଛି ଦିନ ପୂର୍ବରୁ ସହରମାନଙ୍କରେ ହିଁ ଏମିତି ଭିଡ ହୁଏ ଯେ କ୍ୟାଲେଣ୍ଡର ନ ଦେଖିଲେ ବି ଜଣାପଡେ । ଏଥିପାଇଁ ଦୈନନ୍ଦିନ ଜୀବନଯାତ୍ରାରେ ଯଦିଓ କିଛିଟା ବ୍ୟାଘାତ ଉପୁଜେ, କିନ୍ତୁ ସେଇ ପରିବେଶ ଭିତରେ ବି ଏକ ପ୍ରକାର ଆନନ୍ଦ ଅନୁଭବି ହୁଏ ।

ଲୋକଙ୍କ ଭିଡ ଭିତରେ କୁଲିଟେ ବି କାହିଁ ଦେଖୁ ନଥିଲା । ଲଗେଜ ଛାଡି ମଧ ସେ ଯାଇ ପାରୁ ନଥିଲେ । କେହି ଜଣେ ବି କୁଲି ହାବୁଡେ ପଡିଲେ ଜିନିଷପତ୍ର ନେଇ ବାହାରକୁ ଆସିବେ । ସେଠୁ ପୁଣି ଟ୍ୟାକ୍ସି ଭଡା କରି ଘରକୁ ଯିବେ । ଚାକିରିରେ ଯୋଗ ଦେବା ପରେ ପ୍ରଥମ ଥର ଘରକୁ ଆସୁଛନ୍ତି । ତାହା ପୁଣି ଏକ ବର୍ଷ ପରେ । ଦଶହରା ହେତୁ ବାବା ଓ ମାମାଙ୍କ ପାଇଁ ପୋଷାକପତ୍ର ଆଣିଛନ୍ତି । ତାଛଡା ଆହୁରି କେତେ କଣ ମଧ ବ୍ୟାଗରେ ଭର୍ତ୍ତି ହେଇଛି ।

ବାଙ୍ଗାଲୋରର ଏକ ସରକାରୀ ପ୍ରକଳ୍ପରେ ଇଂଜିନିୟର ଭାବେ ଚାକିରି କରନ୍ତି ଚନ୍ଦ୍ରକାନ୍ତ । ନୂଆ ଚାକିରି ହେତୁ ଛୁଟି ନେଇ ପାରୁନଥିଲେ କି ଘରକୁ ଆସି ପାରୁନଥିଲେ । ପ୍ରଥମ ଥର ପାଇଁ ବାବାମାମାଙ୍କଠାରୁ ଦୂରେଇ ଯାଇ ରହୁଛନ୍ତି । ଇଛା କଲେ ବି କର୍ତ୍ତବ୍ୟ ଦୃଷ୍ଟିରୁ ଆସି ପାରନ୍ତି ନାହିଁ । କେବଳ ଯାହା ଫୋନ୍ ଦ୍ୱାରା କଥା ହୋଇ ବାବାମାମାଙ୍କୁ ଆଶ୍ୱସ୍ତ କରାନ୍ତି । ଏଣେ ଗୋଟିଏ ବୋଲି ପୁଅ ଏତେ ଦୂରରେ ଆଖି ଆଗରୁ ଦୁରେଇ ଯାଇ ରହିବାଟାକୁ ସହି ପାରୁ ନଥିଲେ ବି ଚାତକ ଭଳି ପୁଅର ଆସିବା ବାଟକୁ ଚାହିଁ ରହୁଥିଲେ । ସେମିତିରେ ଘରେ ଆଉ କେହି ବି ନାହାନ୍ତି । କେବଳ ବାବାମାମା ଦୁଇଜଣ । ଚନ୍ଦ୍ରକାନ୍ତଙ୍କ ବାବା ଅଫିସ୍ ଚାଲିଗଲା ପରେ ମାମା ତ ପୂରା ଏକୁଟିଆ । ସେଥିପାଇଁ ଚନ୍ଦ୍ରକାନ୍ତ ଦଶହରାର ପୂର୍ବ ଓ ପର ଦିନଗୁଡିକୁ ମିଶାଇ ଏକ ଲମ୍ବା ଛୁଟି ଆଣିଥିଲେ ।

କୁଲିଟେ ପାଇଁ ପୁଣି ଏତେ ସମୟ ଅପେକ୍ଷା କରିବା ଚନ୍ଦ୍ରକାନ୍ତଙ୍କୁ ବଡ ଅସହ୍ୟ ଲାଗୁଥିଲା । ମନରେ ଅସ୍ଥିର ଓ ଉଚ୍ଛନ୍ନ ଭାବ । କେମିତି ଘରକୁ ଯାଇ ବାବାମାମାଙ୍କୁ ଦେଖା କରିବେ । ବଡ ବିକଳ ଦୃଷ୍ଟିରେ ସେ ପ୍ଲାଟଫର୍ମର ଚାରିଆଡେ ଚାହୁଁଥିଲେ କେଉଁଠି କୁଲିଟେ ପାଇଲେ ଡାକିଦେବେ ବୋଲି । ହେଲେ ଏତେ ଲୋକଙ୍କ ହାଉଯାଉରେ କୁଲିକୁ ଖୋଜି ବି ହେଉନି । ଏଣତେଣେ ଆଖି ବୁଲାଉ ଥିଲାବେଳେ ଚନ୍ଦ୍ରକାନ୍ତଙ୍କର ଦୃଷ୍ଟି ହଠାତ୍ ଅଟକିଗଲା ପ୍ଲାଟଫର୍ମ ମଝିରେ ମଝିରେ ଯାତ୍ରୀମାନେ ବସିବା ପାଇଁ ତିଆରି ହୋଇଥିବା ଗୋଲେଇ ସିମେଂଟ ପିଣ୍ଡି ଉପରେ । କୋଡିଏ କି ବାଇଶି ବର୍ଷ ବୟସର ଶ୍ୟାମଳୀ ରଙ୍ଗର ପତଳୀ ଝିଅଟିଏ ପିଣ୍ଡି ଉପରେ କାକୁସ୍ଥ ହେଇ ବସିଛି । ତଳକୁ ମୁହଁ ପୋତିଥିଲେ ବି ତା ଆଖିରୁ ଯେ ଲୁହ ଗଡୁଛି, ଏହା ସ୍ପଷ୍ଟ ଜଣା ପଡୁଛି । ପୁଣି ବେଳେବେଳେ ବିକଳ ହେଇ ଚାରିଆଡକୁ ଚାହୁଁଛି । ଆଉ ତା ପାଖରେ ଠିଆ ହୋଇଥିବା ଲୋକଟା ତାକୁ କଣ କହୁଛି କେଜାଣି ଝିଅଟା ତାକୁ କେମିତି ଏକ ଭୟାଳୁ ଦୃଷ୍ଟିରେ ଚାହୁଁଛି । କିଛି ପ୍ରତିବାଦ କଲା ଭଳି କହୁଛି । ଆଉ ଲୋକଟାର କଥା କହିବା ଭଙ୍ଗିରୁ ଆଦୌ ଜଣା ପଡୁନି ଯେ ସେ ତାକୁ ବୋଧଶୋଧ ଦେଉଛି କିମ୍ବା ତାର କେହି ନିଜର ଲୋକ ହେଇଥିବ । ତା ବ୍ୟବହାର ଦେଖିଲେ ଲାଗୁଛି ସେ ଝିଅଟାକୁ ଧମକ ଦେଲା ଭଳି କିଛି ସେମିତି କହୁଛି । ଲୋକଟାର ଚେହେରା ବି କେମିତି କଦାକାର ଓ କ୍ରୁର ଭଳି ଦିଶୁଛି । ଯାହା ଜଣେ ସାଧାରଣ ଲୋକର ଚେହେରାଠାରୁ ଏକଦମ୍ ନିଆରା ।

କିଛି ସମୟ ପାଇଁ ଚନ୍ଦ୍ରକାନ୍ତଙ୍କ ଆଖି ସେଇଠି ହିଁ ଲାଖି ରହିଲା । ତାଙ୍କୁ କେମିତି ଟିକେ ଅପ୍ରୀତିକର ଘଟଣା ଭଳି ମନେ ହେଲା । ସେତିକିବେଳେ ଝିଅଟି କଣ କହି ପିଣ୍ଡି ଉପରୁ ଉଠି ଗଲାବେଳେ ସେଇ ଲୋକଟା ତା ହାତକୁ ଝିଙ୍କି ପକେଇ ଜୋରରେ ବସେଇ ଦେଲା । ଝିଅଟା ଏଥର ଦୁଇ ହାତରେ ମୁହଁକୁ ଚାପି କୋହ ଉଠେଇ କାନ୍ଦିବାରେ ଲାଗିଲା ।

ଏଭଳି ଘଟଣା ମନରେ ବିସ୍ମୟ ଓ ସନ୍ଦେହ ତ ନିଶ୍ଚୟ ସୃଷ୍ଟି କରେଇବ । ହେଲେ ଅପରିଚିତ କି ଅଚିହ୍ନା ଲୋକ ହେଇଥିଲେ କେବଳ ଦେଖିବା ଓ ଅନୁଭବ କରିବା ବ୍ୟତୀତ ଆଉ ବା କଣ କରିହୁଏ ? କିଛି କରିବାକୁ ହେଲେ ମନରେ ସେତିକି ସାହସ ଓ ଦମ୍ଭ ଥିବା ଦରକାର । ଝିଅଟିର ଏମିତି କାକୁସ୍ଥ ଅବସ୍ଥା ଦେଖି ଚନ୍ଦ୍ରକାନ୍ତଙ୍କ ମନରେ ଅଚାନକ ସାହସଟେ ଦୃଢୀଭୂତ ହେବାକୁ ଲାଗିଲା । ତା ପ୍ରତି କାହିଁକି କେଜାଣି ତାଙ୍କୁ ଭାରୀ ଦୟା ଓ ବିକଳ ଆସୁଥିଲା । ସେ ଯେ ନିଶ୍ଚୟ କିଛି ଅସୁବିଧାରେ ପଡିଛି ଏବଂ ସେହି ଦୁର୍ଦ୍ଦାନ୍ତ ଲୋକଟା ତାକୁ କୌଣସି ବିପଦ ଆଡକୁ ଟାଣି ନେଉଛି ।

ଶ୍ୟାମଳ ରଙ୍ଗର ପତଳୀ ଚେହେରା । ମୁଣ୍ଡରେ ଘଂଚ ଲମ୍ବା କଳା କେଶ । ବେଣୀଟେ ପକେଇଛି ଯେ ପିଠି ତଳକୁ ଲମ୍ବି ଆସିଛି । ବିଶେଷ ସୁନ୍ଦରୀ ନ ହେଲେ ବି ଅସୁନ୍ଦରୀ ଆଦୌ ନଥିଲା । ସାଧାରଣ ସାଲୱାର ପଞ୍ଜାବୀ ପିନ୍ଧିଛି । ସେ କାନ୍ଦୁଥିବା ଅବସ୍ଥାରେ

ସେଇ ଲୋକଟାକୁ ଭୟମିଶା ଦୃଷ୍ଟିରେ ଅନଉଥିଲା ବେଳେ ଆଖି ଯୋଡିକ କରୁଣ ଭାବରେ ଛଳଛଳ ହେଇ ଯାଉଛି । କେଉଁ ଦୂର ମଫସଲ ଗାଁର ଝିଅ ଭଳି ଲାଗୁଛି ।

ଚନ୍ଦ୍ରକାନ୍ତ ଆଉ ନିଜକୁ ସମ୍ଭାଳି ପାରିଲେ ନାହିଁ । ମେକାନିକାଲ ଇଂଜିନିୟର ଭାବେ ଯନ୍ତ୍ରପାତି,ମେସିନ୍ ସହ ଅହରହ ନିଜକୁ ସାମିଲ କରି ନେଇଥିଲେ ବି ତାଙ୍କ ଭିତରେ କୋମଳ ଓ ଦରଦୀ ହୃଦୟଟିଏ ସବୁବେଳେ କଡ ଲେଉଟାଉ ଥାଏ । ପିଲାଦିନେ ସେ କଣ ଏମିତି ଥିଲେ ? ଠିକ୍ ମେସିନ୍ ଭଳି ଟାଣ ଓ କଠୋର ଥିଲେ । ହେଲେ ଏମିତି ଏକ ଝିଅ ପାଇଁ ସେ କଠୋରରୁ ଅତି ନରମ ପାଲଟି ଗଲେ । ସତେ ଯେମିତି ପଥର ଛାତିରେ ଫୁଲ ଫୁଟିଲା ପରି ।

ପାଖରେ ଠିଆ ହୋଇଥିବା ଦୁଇଜଣ ଦମ୍ପତ୍ତିଙ୍କ ଜିମାରେ ନିଜ ବ୍ୟାଗଗୁଡିକ ରଖି ଚନ୍ଦ୍ରକାନ୍ତ ଧୀରେ ଧୀରେ ସେଇ ଝିଅ ପାଖକୁ ଗଲେ । ଝିଅଟି କାହିଁକି କାନ୍ଦୁଛି ବୋଲି ସେଇ ଲୋକଟିକୁ ପଚାରିବାରୁ ସେ କେମିତି ଏକ ବେଖାତିର ଭାବେ ଉତ୍ତର ଦେଲା । ଯାହାକି ଚନ୍ଦ୍ରକାନ୍ତଙ୍କୁ ଆଦୌ ସୁହାଇଲା ନାହିଁ । ଏଇ ଯେମିତି କିଛି ହେଇନି, ଅତି ମାମୁଲି କଥା,ତୁଛାଟାରେ ସେ କାନ୍ଦୁଛି, ସେଥିରେ ତାଙ୍କର ମୁଣ୍ଡ ପୂରେଇବାର କିଛି କାରଣ ନାହିଁ ଇତ୍ୟାଦି ଇତ୍ୟାଦି ।

ଲୋକଟା କଥାରେ ଚନ୍ଦ୍ରକାନ୍ତ ତ ଆଦୌ ସନ୍ତୁଷ୍ଟ ହୋଇ ପାରିଲେ ନାହିଁ, ବରଂ ତାଙ୍କ ସନ୍ଦେହ ଓ କ୍ରୋଧ ବଢୁଥିଲା । ଆଉ ଝିଅଟି ବୋଧେ ଟିକେ ଭରଷା ପାଇଲା କି କଣ ମୁଣ୍ଡ ଉଠେଇ ତାଙ୍କୁ ଭାରୀ ବିକଳ ଭାବରେ ଚାହିଁଲା ବେଳେ ଚନ୍ଦ୍ରକାନ୍ତ ତାକୁ ବି ଚାହିଁଲେ। ହଠାତ୍ ତାଙ୍କ ଛାତି ଭିତରେ ଯେମିତି କମ୍ପନଟେ ସୃଷ୍ଟି ହେଇଗଲା । ଅନେକ ବର୍ଷ ତଳର ଠିକ୍ ଏମିତି ଏକ ଝିଅର ମୁହଁ ପ୍ରତିଫଳିତ ହେବାକୁ ଲାଗିଲା । ଚନ୍ଦ୍ରକାନ୍ତ ଅନ୍ୟମନସ୍କ ହେଇଗଲେ । ତାଙ୍କୁ ଆହୁରି ମନେ ପକେଇ ଦେଉଥିଲା ଝିଅଟି ନାକର ବାମପଟେ ଥିବା ଏକ କଳା ଭାତୁଡି ।

ଏମିତି ଏକ ମୁହଁଟି ସହିତ ସେ ବେଶ୍ ପରିଚିତ ଥିଲେ ଅନେକ ବର୍ଷ ତଳେ । ଯାହା ସମୟର ପ୍ରବାହମାନତାରେ ବହୁତ ଅତୀତ ହୋଇ ଯାଇଛି । ହେଲେ ଏମିତି ଅନେକ ଚିହ୍ନ ରହି ଯାଇଥାଏ, ଯାହାକୁ ସମୟ ବି ଲିଭେଇ ପାରେ ନାହିଁ । ଠିକ୍ ଯେମିତି ଝିଅଟିର ନାକ ତଳେ ଥିବା କଳା ଭାତୁଡି । ଯୋଉ ଭାତୁଡିକୁ ଦିନେ ସେ ରାଗରେ ପେନ୍‌ସିଲ୍ ମୂନରେ କେଂଚି ଦେଇ ରକ୍ତାକ୍ତ କରି ଦେଇଥିଲେ । ସମୟ ସହିତ ବୟସ ଯଦିଓ ଆଗକୁ ବଢିଛି, କିନ୍ତୁ ସେଇ ମୁହଁର ପ୍ରତିଛବି ସ୍ପଷ୍ଟ ଦିଶି ଯାଉଛି ।

ଚନ୍ଦ୍ରକାନ୍ତଙ୍କ ମନରେ ଗୋଟିଏ ପ୍ରଶ୍ନ । କିଏ ଏହି ଝିଅ ? ଏ କନି ନୁହେଁ ତ ? ଫୁଲବାଣୀ ଜିଲ୍ଲାର ଆଦିବାସୀ ଝିଅ କାମିନୀ, ଯାହାକୁ ସମସ୍ତେ କନି ବୋଲି ଡାକନ୍ତି । ଏପରିକି ତାଙ୍କ ବାବା ଓ ମାମା ମଧ୍ୟ ଏଇ ନାଁରେ ଡାକନ୍ତି । ଏକମାତ୍ର ଚନ୍ଦ୍ରକାନ୍ତଙ୍କୁ ଆଦୌ ଭଲ ଲାଗୁ ନଥିଲା ଏଇ କନି ନାଁ ଟା । ଭାରୀ ଚିଡି ଲାଗୁଥିଲା । ସେଥିପାଇଁ ତାକୁ କେତେ କଥାମାନ କହି ଚିଡାଉଥିଲେ । ମାତ୍ର ସେ ଆଦୌ ଚିଡୁ ନଥିଲା । ଖାଲି ହସି ଦେଇ ଚାଲି ଯାଉଥିଲା ।

କନି ବି ବଡ ହୋଇ ଏଇ ଝିଅ ଭଳି ଦେଖା ଯାଉଥିବ । ଆଉ କନି ମୁହଁର ସେଇ ନିରୀହପଣ ତକ ଏଇ ଝିଅ ମୁହଁରେ କେମିତି ନେସି ହେଇ ଯାଇଛି ? ଯେଉଁ ନିରୀହ ପଣକୁ ସେ ଏବେ ବି ଖୋଜି ହୁଅନ୍ତି, ମନେ ପକାନ୍ତି । କିଶୋର ବୟସର ଅବୁଝା ମନରେ ବୁଝି ପାରି ନଥିବା ସେଇ ନିରୀହପଣକୁ ବଡ ହେଲା ପରେ କେତେ ଭାବି ହୋଇଛନ୍ତି । ନିଜକୁ କେତେ ଖରାପ ଲାଗିଛି, କେତେ ଦୋଷୀ ଲାଗିଛି ।

ଲୋକଟାର ଏମିତି ବେଖାତିର କଥା ଓ କୌଣସି ସନ୍ତୁଷ୍ଟ ଉତ୍ତର ନ ପାଇ ଚନ୍ଦ୍ରକାନ୍ତ ଏଥର ନିର୍ଭୟରେ ଝିଅଟିକୁ ସିଧା ସଳଖ ପଚାରି ବୁଝିବାକୁ ଚାହିଁଲେ । ସେ ଜାଣିଥିଲେ ଏଇ ଗୁଣ୍ଡା ବଦମାସମାନେ ଉପରେ ଯେତେ ତୋଡ ଦେଖେଇଲେ ବି ପରିସ୍ଥିତିର ସତ୍ୟତାକୁ ସାମ୍ନା କରି ପାରନ୍ତି ନାହିଁ ।

ହେଇପାରେ ଏଇ ଝିଅ କନି ନ ହେଇପାରେ, ହେଲେ ସେହି ସବୁ ଦିନ ମାନଙ୍କରେ କନିକୁ ସେ ଯେତେ କଷ୍ଟ ଓ ଆଘାତ ଦେଇଛନ୍ତି, ତାକୁ ତ ଏଯାଏ ଭୁଲି ପାରି ନାହାନ୍ତି । ଆଉ ଏଇ ଝିଅକୁ ଏମିତି ଅସହାୟ ଅବସ୍ଥାରେ ଛାଡିଦେଲେ ସେ ନିଜକୁ କ୍ଷମା ଦେଇ ପାରିବେ ତ ?

ଚନ୍ଦ୍ରକାନ୍ତି ଝିଅଟିର ନାଁ ଓ କାହିଁକି କାନ୍ଦୁଛି ବୋଲି ପଚାରିଲା ପରେ ସେ ଯେତେବେଳେ ତା ନାଁ କାମିନୀ ପାତ୍ର ବୋଲି କହିଲା ଏବଂ ଏଇ ଲୋକଟା ତାକୁ ଚାକିରି କରେଇ ଦେବ ବୋଲି କହି ସାଙ୍ଗରେ ନେଇ ଆସି କଲିକତା ଯିବାକୁ କହୁଛି, ଚନ୍ଦ୍ରକାନ୍ତ ଚମକି ପଡିଲେ । କନି ହିଁ ତ କାମିନୀ ଥିଲା । ସେ ଏଥର ଅଧିର ହେଇ ପଚାରିଲେ – ତୁମକୁ କନି ବୋଲି ଡାକନ୍ତି ନା, ତୁମ ଘର କଣ ବଲାଙ୍ଗୀରର ଖପରାଖୋଲ ଗ୍ରାମରେ ? ଝିଅଟିର କାନ୍ଦ ବି ହଠାତ୍ ବନ୍ଦ ହେଇଗଲା । ସେ ଚାହିଁଲା ଚନ୍ଦ୍ରକାନ୍ତଙ୍କୁ । ତା ବିଷୟରେ ଏତେ କଥା ଏଇ ବାବୁ କେମିତି ଜାଣିଲେ ! ତାକୁ ପୁଣି ଏ ସହରରେ କେହି ଚିହ୍ନିବେ, ଏକଥା ତ ଆଦୌ ସେ ଭାବି ନଥିଲା । ସେ ଯେମିତି ଭରଷା ପାଇଗଲା । ଲୋକଟାକୁ ଆଉ ନ ଡରି ସବୁ କଥା ଅନର୍ଗଳ କରି କହି ପକେଇଲା

ସବୁ ଶୁଣିଲା ପରେ ଚନ୍ଦ୍ରକାନ୍ତଙ୍କ ମୁହଁରେ ପ୍ରଛନ୍ନ ହସଟିଏ ଖେଳିଗଲା । ପକେଟରୁ ରୁମାଲ୍ ବାହାର କରି ତା ଲୁହ ପୋଛି ଦେଉ ଦେଉ କହିଲେ – ମୋତେ ଚିହ୍ନି ପାରୁନୁ କନି, ମୁଁ ପରା ତୋ ଚନ୍ଦୁଭାଇ। ଯିଏ ତୋତେ କେବଳ ରାଗୁଥିଲା ଆଉ ମାଡ ମାରୁଥିଲା । ତୋର ଏଇ ଭାତୁଡି ..... ।

କନି ଏଥର ଆଖି ବଡ ବଡ କରି ଚାହିଁଲା ଚନ୍ଦ୍ରକାନ୍ତଙ୍କୁ । ଅନେକ ସମୟ ଯାଏ । ଚିହ୍ନିବାକୁ ଚେଷ୍ଟା କରୁଥିଲା । ଇଏ କଣ ସେଇ ଚନ୍ଦୁଭାଇ ଯାହାଙ୍କୁ ସେ ପ୍ରାଣପଣେ ଡରୁଥିଲା । ଯାହା ପାଖକୁ ଟିକେ ଚାଲିଗଲେ ଦୂର୍‌ଦୂର୍ ମାର୍‌ମାର୍ କରୁଥିଲେ । ତାକୁ ସବୁବେଳେ ଘୃଣା କରୁଥିଲେ, ରାଗୁଥିଲେ । ସେଇ ଚନ୍ଦୁଭାଇଙ୍କ ଭିତରେ ଏତେ ପରିବର୍ତ୍ତନ,ଏତେ ଆଲୋଡନ କେମିତି ? ସେଦିନର ସେ ଦୁଷ୍ଟ ଚନ୍ଦୁଭାଇ କଣ ସତରେ ଏଇ ?

କନି ଆଖିରେ ଲୁହ ଜକେଇ ଆସିଲା । ଯୋଉ ଚନ୍ଦୁଭାଇଙ୍କ ରାଗ, ଘୃଣା ଓ ମାଡକୁ ସେ ଭୁଲି ପାରି ନଥିଲା, ଆଜି ସେଇ ଦେବତା ସାଜି ତା ପ୍ରତି ଏତେ କରୁଣା ଢାଳି ଦେଉଛନ୍ତି ! କନି ଆତ୍ମହରା ହୋଇ ଚନ୍ଦ୍ରକାନ୍ତଙ୍କୁ ମୁଣ୍ଡିଆ ମାରିଲା ବେଳକୁ ସେ ତାକୁ ତଳୁ ଉଠେଇ ନେଲେ । କାନ୍ଧ ଉପରେ ସ୍ନେହରେ ଆଉଜେଇ ଆଣି ଲୁହ ପୋଛି ଆଶ୍ୱାସନା ଦେଲେ ।

ଏବେ ପ୍ରଚଣ୍ଡ କ୍ରୋଧରେ ଚନ୍ଦ୍ରକାନ୍ତ ସେଇ ଲୋକଟାକୁ ଖୋଜିଲେ, ଯିଏ ଦଲାଲୀ ସାଜି କନି ଭଳି କିଛି ପାଠ ପଢିଥିବା ସରଳ ବିଶ୍ୱାସୀ ଆଦିବାସୀ ଝିଅମାନଙ୍କୁ ଅନ୍ୟତ୍ର ଚାଲାଣ କରି ଦେହ ବ୍ୟବସାୟରେ ଲଗାଉଥିଲା । ହେଲେ ସେଇ ଲୋକଟା ଆଉ ସେଠାରେ ନଥିଲା । ନିଜ ଅସଲ ରୂପ ଧରା ପଡି ଯିବାରୁ ସେ ଭୟରେ ସୁବିଧା ଉଣ୍ଡି ସେଠାରୁ ଖସି ପଳେଇଥିଲା ।

କନିକୁ ଧରି ଚନ୍ଦ୍ରକାନ୍ତ ନିଜ ଘରକୁ ନେଉଥିଲେ । ଭାବୁଥିଲେ ବାବା ଓ ମାମା ବି ଦେଖିଲେ କେତେ ଖୁସି ହେବେ । ପ୍ରାୟ ସମୟ ତାଙ୍କ ମାଆ କନି ଓ ତା ମାଆ କଥା ମନେ ପକାନ୍ତି । ଆଉ ଦେଖି ପାରୁ ନାହାନ୍ତି କି ସେମାନଙ୍କ ବିଷୟରେ କିଛି ଜାଣି ପାରୁ ନାହାନ୍ତି ବୋଲି ତାଙ୍କ ମନରେ ବି ଅବସୋସଟିଏ ରହୁଥିଲା ।

ଟ୍ୟାକ୍ସିରେ ବସି ଚନ୍ଦ୍ରକାନ୍ତ ଖୁବ୍ ଉତ୍‌ଫୁଲିତ ଓ ସନ୍ତୋଷ ଅନୁଭବ କରୁଥିଲେ । ସତରେ ଈଶ୍ୱରଙ୍କର କି ବିଚିତ୍ର ଲୀଳା, କି ଅଦ୍ଭୁତ ସଂଯୋଗ । କାହାକୁ କେତେବେଳେ ପାଖରୁ ଦୂରେଇ ଦିଅନ୍ତି ତ କାହାକୁ ପୁଣି ଛାଁ ଛାଁ ଯୁଟେଇ ଦିଅନ୍ତି । ଅନ୍ତରର କଥା ଜାଣି ପାରନ୍ତି ବୋଲି ତ ସେ ଅନ୍ତର୍ଯାମୀ । ଏଇ କନି ପାଇଁ ସେ କେତେ ଅନୁତାପ ନ କରିଛନ୍ତି, କେତେ ଦୁଃଖ ଅନୁଭବ ନ କରିଛନ୍ତି । କିଶୋର ବୟସର ଅବୁଝା ମନରେ ଦିନେ ବୁଝି ନ ପାରି, ଯାହା ମନକୁ ଆସୁଥିଲା

କରି ଯାଉଥିଲେ, ଯେତେ କଷ୍ଟ, ଯେତେ ଆଘାତ ଏଇ କନିକୁ ନିଶ୍ଚିତରେ ଦେଉଥିଲେ, ହେତୁ ହେଲା ପରେ ସେସବୁ ବୁଝି ନିଜକୁ କେତେ ଛୋଟ ମନେ କରୁଥିଲେ । ନିଜ ପ୍ରତି କେତେ ଘୃଣା ଆସୁଥିଲା । ବିଚାରୀ ସବୁ ସହି ଯାଉଥିଲା ତାଙ୍କୁ ଏମିତି ଅନୁତାପରେ ଜଳେଇବା ପାଇଁ ବୋଧହୁଏ । କେବେ ଯଦି ଥରେ କନି ଦେଖା ହୁଅନ୍ତା, ତାର ସେଇ ଶ୍ରଦ୍ଧା ଓ ଆପଣାର ଚନ୍ଦୁଭାଇ ଡାକରେ ନିଜର ସବୁ ଗ୍ଲାନି ଓ ଭୁଲ୍‌କୁ ଧୋଇ ଦିଅନ୍ତେ ବୋଲି କେତେ ଭାବି ହେଉଥିଲେ ।

ଟ୍ୟାକ୍ସିର ପଛ ସିଟ୍‌ରେ ଚନ୍ଦ୍ରକାନ୍ତ ଓ କନି ଚୂପ୍‌ଚାପ ହେଇ ବସିଥିଲେ । କେମିତି ଏକ କାକୁସ୍ଥ ହୋଇ ବସିଥିଲା କନି । ମଝିରେ ମଝିରେ ଟିକେ ତାଙ୍କୁ ଚାହୁଁଥିଲା । ଚନ୍ଦ୍ରକାନ୍ତ ଭାବୁଥିଲେ ଏବେ ବି କଣ କନି ତାଙ୍କୁ ଡରୁଛି ! ଏବେ ତ ବଡ ହେଲାଣି । ନିଶ୍ଚୟ ତାଙ୍କର ସେଇ ରାଗ ଓ ଘୃଣାକୁ ବୁଝି ପାରୁଥିବ । ଏବେ ବି ତା ମୁହଁରେ ସେଇ ନିରୀହ ଓ ନିଷ୍କପଟର ଛାପ ସ୍ୱଷ୍ଟ ବାରି ହୋଇ ପଡୁଛି । ହଁ, ନ ଡରିବ ବା କେମିତି ! ସେ କଣ ତା ପ୍ରତି କମ୍ ଅନ୍ୟାୟ କରିଛନ୍ତି ? ଦିନେ ତା ପ୍ରତି କରିଥିବା କେତେ ବଡ ନିଷ୍ଠୁର କାର୍ଯ୍ୟକୁ ବି ସହି ନେଇ ବାବାମାମାଙ୍କ ମାଡଗାଳି ଦାଉରୁ ରକ୍ଷା କରିଥିବା ସେଇ ଛୋଟ ଝିଅ କନି ପାଇଁ ବୋଧହୁଏ ଏମିତି ଏକ ଦିନ ଅପେକ୍ଷା କରିଥିଲା । ତା ଋଣ ଶୁଝିବା ପାଇଁ ।

ଚନ୍ଦ୍ରକାନ୍ତଙ୍କ ବାବା ଓଡିଶା ସରକାରଙ୍କର ଜଣେ ପ୍ରଶାସନିକ ଅଧିକାରୀ ଭାବେ କାର୍ଯ୍ୟ କରୁଥିଲେ । ଓଡିଶାର ବିଭିନ୍ନ ଜିଲ୍ଲାକୁ ବଦଳି ହୋଇ ସେଇ ସମୟରେ ବଲାଙ୍ଗୀର ଜିଲ୍ଲାର ଖପରାଖୋଲରେ ବି.ଡି.ଓ. ଭାବେ ଅବସ୍ଥାପିତ ହୋଇଥିଲେ । ସେତେବେଳେ ଚନ୍ଦ୍ରକାନ୍ତ ଦଶମ ଶ୍ରେଣୀରେ ପଢୁଥିଲେ । ତାଙ୍କ ବାବା ପ୍ରାୟ ଦେଢବର୍ଷ କାଳ ସେଠାରେ ରହିଥିଲେ । ବାବାଙ୍କୁ ଦିଆ ଯାଇଥିବା ସରକାରୀ ବାସଗୃହଟି ଏକ ମନୋରମ ପ୍ରାକୃତିକ ପରିବେଶ ମଧ୍ୟରେ ଥିଲା । ଅଳ୍ପ ଦୂରରେ ଆକାଶକୁ କୁଂଚିକୁଂଚିଆ ମଥା ଟେକା ପର୍ବତମାଳା । ପାହାଡି ଝରଣାର କୁଳୁକୁଳୁ ନାଦ । ଚାରିଆଡେ ନିଘଂଚ ସବୁଜିମା ଘେରା ବଣ ଜଙ୍ଗଲ । ତା ଭିତରେ ଆଦିବାସୀମାନଙ୍କର ଚିତ୍ର ଅଙ୍କା ଭଳି ଛୋଟ ଛୋଟ ପଡା ।

ବାବା ପ୍ରାୟ ସମୟ ନିକଟସ୍ଥ ଅଂଚଳକୁ ଗସ୍ତ କରି ଗଲାବେଳେ କିମ୍ୱା ସ୍ଥାନୀୟ ଲୋକମାନଙ୍କର ଅସୁବିଧା ସୁଧାରିବା ପାଇଁ ସେମାନଙ୍କ ପାଖକୁ ଯାଇଥିଲେ ସେ ଓ ମାମା ଏତେ ବଡ ବଙ୍ଗଳାରେ ଏକୁଟିଆ ରୁହନ୍ତି । ପଦାକୁ ବାହାରିବାକୁ ସାହସ କରନ୍ତି ନାହିଁ, ଯେ ପର୍ଯ୍ୟନ୍ତ ବାବା ଘରକୁ ଆସି ନଥାନ୍ତି । କିନ୍ତୁ କେଇଟା ଦିନ ଭିତରେ ତାଙ୍କର ସବୁ ଏକଲା ସମୟକୁ ସାହା ଦେଇଥିଲେ ଏଇ କନି ଓ ତା ମାଆ । କନି ମାତ୍ର ଆଠରୁ ଦଶ ବର୍ଷ ଭିତରେ ହେଇଥିଲା । କେମିତି କନିର ମାଆ ସହିତ ତାଙ୍କ ମାମାଙ୍କର ଭେଟ ହେଇଗଲା କେଜାଣି ଦୁହିଁଙ୍କ ଭିତରେ ଏକ ଅନ୍ତରଙ୍ଗ ସମ୍ପର୍କ ଗଢି ଉଠିଥିଲା ଖୁବ୍ କମ୍ ଦିନ ଭିତରେ । କନିର ମାଆକୁ ମାମା ଏତେ ଭଲ ପାଇ ବିଶ୍ୱାସ କରିଗଲେ ଯେ ସବୁଦିନ ତା ଆସିବା ବାଟକୁ ଚାହିଁ ରହୁଥାନ୍ତି । କନିର ମାଆ ବି ନିଜ କାମଧନ୍ଦା ଛାଡି ଝିଅକୁ ଧରି ତାଙ୍କ ଘରକୁ ପଳେଇ ଆସେ । ମାମାଙ୍କ ହାତରୁ ସବୁ କାମ ଛଡେଇ ନେଇ ନିଜେ କରି ପକାଏ । ମାମାଙ୍କୁ କୋଉ କାମରେ ହାତ ଲଗେଇ ଦିଏ ନାହିଁ । ଘରଓଳା, ବାସନମଜାଠାରୁ ଆରମ୍ଭ କରି ଲୁଗାପଟା ବି ସଫା କରିଦିଏ । ମାମା ବି ତାକୁ ବିସ୍କୁଟ, ଚୂଡା, ମୁଢୀ, ସାବୁନ, ତେଲ ଓ ପୁରୁଣା ଲୁଗା ଦିଅନ୍ତି । ପର୍ବପର୍ବାଣି ଦିନ ଆସିଲେ ମାମା ତ ନିଶ୍ଚୟ ତାକୁ ନୂଆ ଲୁଗା ଖଣ୍ଡେ ଦେବେ । କନିର ଫ୍ରକ୍ ପାଇଁ ଟଙ୍କା ଦେଇ ଦିଅନ୍ତି । ରବିବାର ହେଲା ମାତ୍ରେ କନିର ମାଆ ତାକୁ ଧରି ସକାଳୁ ସକାଳୁ ଆସି ହାଜର ହେଇଯାଏ । ସେ ଜାଣି ସାରିଥାଏ ଯେ ରବିବାର ଦିନ ମାଆଙ୍କର ବହୁତ କାମ ଥାଏ । ପୁଣି ମାଛ କି ମାଂସ ନିଶ୍ଚୟ ଆସିଥିବ । କାଳେ ମାମା ହଇରାଣ ହେଉଥିବେ । ସେଥିପାଇଁ ତାକୁ ଡାକିବା ଯେମିତି ଦରକାର ନଥାଏ । ଜଣେ ଆଦିବାସୀ ମହିଳା ଯେ ଏତେ ବିଶ୍ୱସ୍ତ ଓ ଆପଣାର ହେଇପାରେ, ବାବାମାମାଙ୍କର ମନ ଖୁସିରେ ଆଲୋଡିତ ହେଇଯାଏ । ମାଆ ଝିଅ ଦୁଇଜଣଙ୍କ ପ୍ରତି ଖୁବ୍ ଉଦାର ଓ ଶ୍ରଦ୍ଧାଶୀଳ ହୋଇଯାନ୍ତି ।

ଏକମାତ୍ର ବ୍ୟତିକ୍ରମ ଥିଲେ ଚନ୍ଦ୍ରକାନ୍ତ । ଏଇ ଶ୍ୟାମଳୀ ରଙ୍ଗର ଆଲୁରିବାଲୁରି କନିକୁ ଦେଖିଲେ ହିଁ ତାଙ୍କୁ ଭୀଷଣ ଚିଡି ଲାଗେ । ସବୁବେଳେ ତାକୁ ଧମକେଇ ଚମକେଇ ରଖନ୍ତି । ତାଙ୍କ ଘରେ କନିର ଉପସ୍ଥିତି ତାଙ୍କୁ ଆଦୌ ଭଲ ଲାଗେ ନାହିଁ । କେବେ କେବେ କନି ତାଙ୍କ ପଢା ଘରକୁ ପଶି ଆସିଲେ ତାକୁ ଠେଲି ଠେଲି, ନଚେତ୍ ଗୋଇଠା ମାରି ବାହାର କରି ଦିଅନ୍ତି । କି ତେଲ ତା ଗହଳ କେଶରେ ଲଗେଇଥାଏ କେଜାଣି ତାଙ୍କୁ ଭାରୀ ଗନ୍ଧାଏ । ପୁଣି ମସିହା ଦିଶୁଥିବା ଦେହ । କୋଉ ସ୍କୁଲକୁ ଯାଇ ପାଠ ପଢେ ଯେ ଯାହା ପଚାରିଲେ କିଛି କହି ପାରେ ନାହିଁ । ସେଥିରେ ପୁଣି ତାଙ୍କୁ ସବୁବେଳେ ଚନ୍ଦୁଭାଇ, ଚନ୍ଦୁଭାଇ ବୋଲି ହଲ୍ଲା କରୁଥିବ । ଯୋଉଟା କି ତାଙ୍କୁ ଭାରୀ ଅସହ୍ୟ ହୁଏ । ଏଥିପାଇଁ କେତେଥର କନିର ମୁଣ୍ଡବାଳକୁ ରାଗରେ ଝିଙ୍କି ପକେଇଥିବେ, କାନ ମୋଡି ଦେଇଥିବେ, ମାମାଙ୍କୁ ଲୁଚେଇ ତା ଉପରକୁ ଟେକା ଫୋପାଡି ଥିବେ । ଏମିତିକି କନିର ମାଆ ବି ଏହା କିଛି ଜାଣେ ନାହିଁ । ବିଚାରୀ ତା ମାଆକୁ ବି କିଛି କୁହେ ନାହିଁ । ବେଳେବେଳେ କଷ୍ଟ ଲାଗିଲେ ମୁହଁଟି ଶୁଖେଇ ଦିଏ, ଆଖିରୁ ଝରି ଆସୁଥିବା ଲୁହକୁ ପୋଛି ପକାଏ ।

ବେଳେବେଳେ ଚନ୍ଦ୍ରକାନ୍ତ ଭାବନ୍ତି ଏତେ କମ୍ ବୟସରୁ ଏତେ ଭଲ ଗୁଣ ସେଇ ଆଦିବାସୀ ଝିଅଟି କେଉଁଠୁ ଶିଖିଲା । ନିଶ୍ଚୟ ସେଇ ସରଳ ସୁନ୍ଦର ପ୍ରକୃତି କୋଳରୁ । ତଥାପି ପ୍ରକୃତି ବି ବେଳେବେଳେ ମଣିଷର ଦୌରାତ୍ମ୍ୟ ସହି ନ ପାରି କେତେ କଣ ବିପର୍ଯ୍ୟୟ ଘଟେଇ ଥାଏ । ହେଲେ କନି ପାଖରେ ତ ସେ କେବେ ଟିକେ ରାଗ, ଋଷା କି ଅଭିମାନ ବି ଦେଖି ନଥିଲେ । ପ୍ରତି ମୁହୂର୍ତ୍ତରେ ସେ ତା ପ୍ରତି କରୁଥିବା ନିଷ୍ଠୁର ବ୍ୟବହାରକୁ କେତେ ନରମ ପଣରେ, କେତେ ସହଜରେ ସହି ନେଉଥିଲା । ଏମିତିକି ତାକୁ ଆଘାତ ଦେଇ ରକ୍ତାକ୍ତ କରିବା ମଧ୍ୟ ।

ପରୀକ୍ଷା ପାଖେଇ ଆସୁଥିଲା । ଚନ୍ଦ୍ରକାନ୍ତ ବୈଠକ ଘରେ ବସି ପାଠ ପଢୁଥିଲେ । ଜ୍ୟାମିତିର ଏକ ଜଟିଳ ସମସ୍ୟାକୁ ସମାଧାନ କରିବାରେ ଲାଗି ପଡିଥିଲେ । ସାର୍ କହିଛନ୍ତି ଏଇଟି ନିଶ୍ଚୟ ପରୀକ୍ଷାରେ ପଡିପାରେ । ସେଦିନ ରବିବାର ଥିଲା । ତେଣୁ କନିର ମାଆ ସକାଳୁ ଆସି ତାଙ୍କ ମାମାଙ୍କୁ ଘର କାମରେ ସାହାଯ୍ୟ କରୁଥିଲା । ଖାଇବା ସମୟ ହେଇ ଯାଇଥିବାରୁ ବୋଧହୁଏ ମାମା କନିକୁ ପଠେଇଥିଲେ ତାଙ୍କୁ ଡାକି ଆଣିବାକୁ । ସେ ବା କଣ ଜାଣିଥିଲା ଜ୍ୟାମିତି ଓ ତାର ଜଟିଳ ସୂତ୍ର । ତାଙ୍କ ପାଖରେ ଏପଟ ସେପଟ ହେଇ ବାରମ୍ବାର ଡାକୁଥିଲା ଖାଇବାକୁ ଯିବାକୁ । ଚନ୍ଦ୍ରକାନ୍ତଙ୍କୁ ତା ଡାକ ବିରକ୍ତ ଲାଗୁଥିଲେ ବି ଜ୍ୟାମିତି ଅଙ୍କନରେ ଧ୍ୟାନ ଥିବାରୁ କିଛି କହି ପାରୁ ନଥିଲେ । ହେଲେ କନି ଯେତେବେଳେ ତାଙ୍କ ହାତଟା ଧରି ପକେଇ ଭିଡିବାକୁ ଚେଷ୍ଟା କଲା, ଚନ୍ଦ୍ରକାନ୍ତଙ୍କ ମୁଣ୍ଡକୁ ଯେମିତି ପିତ୍ତ ଚହଟି ଗଲା । ରାଗରେ ଆଣାୟତ ହୋଇ ସେ ଧରିଥିବା ପେନ୍‌ସିଲ ମୂନରେ ତାର ସେଇ କାଳିଆ ଭାତୁଡିକୁ ଜୋରରେ କେଂଚି ଦେଲେ । ସଙ୍ଗେ ସଙ୍ଗେ ଭାତୁଡିଟା ଫାଟି ଯାଇ ଧାର ଧାର ହେଇ ରକ୍ତ ନିଗିଡି ତା ବେକ ଯାଏ ବୋହି ଆସିଲା । କନି ବିକଳରେ ରଡି କରି ଛଟପଟ ହେବାକୁ ଲାଗିଲା । ତାକୁ ଏତେ କଷ୍ଟ ହେଇଥିଲା ଯେ ସେ ଗୋଟିଏ ଜାଗାରେ ସ୍ଥିର ରହି ପାରି ନଥିଲା । ଅଥୟ ହୋଇ ବାହାରକୁ ଦୌଡି ଗଲା । ପାଖଘରୁ ମାମା ଓ କନିର ମାଆ ତା କାନ୍ଦ ଶୁଣି ଧାଇଁ ଆସିଥିଲେ । ଚନ୍ଦ୍ରକାନ୍ତ ଭୟରେ ଛାନିଆଁ ହୋଇ ଯାଇଥିଲେ । କନି ମାଆ ତାକୁ କୋଳରେ ଆଉଜେଇ ନେଇ ପିନ୍ଧା ଲୁଗାରେ ତା ରକ୍ତ ପୋଛି ଦେଉଥିଲା । ତାଙ୍କ ମାମା

ବି ଏତେ ରକ୍ତ ଦେଖି ତଟସ୍ଥ ହେଇ ଯାଇଥିଲେ । ପଚାରୁଥିଲେ ହଠାତ୍ ଏମିତି କେମିତି ହେଲା । କନି ସେମିତି କଇଁ କଇଁ ହେଇ କାନ୍ଦୁଥିଲା ବେଳେ ଥରେ ଚନ୍ଦ୍ରକାନ୍ତଙ୍କୁ ଚାହିଁଲା ତ ଚନ୍ଦ୍ରକାନ୍ତ କିଛି ନ କହିବା ପାଇଁ ଠାରି ଦେଲେ ଭୟରେ । ସେତିକିରେ କନି ଯେମିତି ସବୁ ବୁଝି ପାରିଥିଲା । ଆଉ ତାଙ୍କୁ ବାବା ମାମାଙ୍କ କ୍ରୋଧରୁ ରକ୍ଷା କରେଇବା ପାଇଁ ମିଛ କଥା କହିଲା ଯେ ସେ ଦୌଡି ଦୌଡି ବାହାରକୁ ଆସିଲା ବେଳେ କବାଟ ଧାରରେ ବାଜି ଖଣ୍ଡିଆ ହେଇଗଲା ।

ଏତେ ବଡ ଘଟଣାକୁ କନି ସେଦିନ କେତେ ଛୋଟ ଓ ମାମୁଲି କରି ଦେଇଥିଲା । ନ ହେଲେ ତାଙ୍କ ଅବସ୍ଥା କଣ ହେଇଥାନ୍ତା, ଠିକ୍ ନଥିଲା । ମାମା ଆଣି ତା ଭାତୁଡିରେ ଔଷଧ ଲଗେଇ ଦେଇଥିଲେ । କିଛି ସମୟର ବ୍ୟବଧାନ ପରେ ସବୁ ପୁଣି ସ୍ୱାଭାବିକ ହେଇ ଯାଇଥିଲା । କନି ବି ଭୁଲି ଯାଇଥିଲା ତା କଷ୍ଟ, ଯନ୍ତ୍ରଣା ଓ ଚନ୍ଦ୍ରକାନ୍ତ କରିଥିବା ଅତ୍ୟାଚାରକୁ ।

କନି ଓ ତା ମାଆ ତାଙ୍କ ଘରକୁ ଯେମିତି ଆସିବା କଥା ସେମିତି ଆସୁଥିଲେ । କିନ୍ତୁ କନି ତା ପରଠୁଁ ତାଙ୍କ ଠାରୁ ଟିକେ ଦୂରେଇ ରହୁଥିଲା । ଆଗ ଭଳି ତାଙ୍କ ଚାରିପଟେ ନସରପସର ହେଉ ନଥିଲା । ଯାହା ଦରକାର ପଡିଲେ ଦୂରରୁ ଥାଇ ଚନ୍ଦୁଭାଇ ବୋଲି ଡାକୁଥିଲା । ଚନ୍ଦ୍ରକାନ୍ତ ବି ତାକୁ ଦେଖି ନ ଦେଖିଲା ଭଳି ରହୁଥିଲେ । କିନ୍ତୁ ଏବେ ବି ସେଇ କଅଁଳ କଂଠର ଚନ୍ଦୁଭାଇ ଡାକଟା ତାଙ୍କୁ ବାରମ୍ବାର ଅନ୍ୟମନସ୍କ କରିଦିଏ । ଆଃ, ସତରେ ସେ ଡାକରେ କେତେ ମଧୁରତା, କେତେ ଆତ୍ମୀୟତା ନଥିଲା ସତେ । ଆଉ ତ ସେମିତି କେହି ତାଙ୍କୁ ଡାକୁ ନାହାନ୍ତି ।

ସମୟ ଗଡି ଚାଲିଥିଲା ଏମିତି ଅନେକ କିଛି ଘଟଣା ଅଘଟଣକୁ ସାଥୀରେ ନେଇ । ମେଟ୍ରିକ୍ ପରୀକ୍ଷା ପରେ ପରେ ବାବାଙ୍କର ବଦଳି ହେଇଗଲା ଆଉ ଏକ ଜିଲ୍ଲାକୁ । ଦୀର୍ଘ ବର୍ଷ ଆଦିବାସୀ ଅଧ୍ୟୁଷିତ ଅଂଚଳରେ ନିର୍ବିବାଦରେ କଟେଇ ସାରିଲା ପରେ ଏଥର ଉପକୂଳବର୍ତ୍ତୀ ଜିଲ୍ଲାକୁ ବଦଳି ହୋଇଥିଲା । ବାବା, ମାମା ଓ ସେ ନିଜେ ବି ବହୁତ ଖୁସି ହେଇଗଲେ । ହେଲେ ତାଙ୍କ ବଦଳି ହେବା କଥା ଶୁଣ କନି ମାଆର ଆଖି ଛଳଛଳ ହେଇ ଯାଇଥିଲା । କିଛି ନ କହି କେବଳ ଦୀର୍ଘଶ୍ୱାସ ଛାଡୁଥିଲା । ଆଉ କିଛି ବୁଝି ପାରୁ ନଥିବା କନି ସମସ୍ତଙ୍କୁ କେମିତି ଏକ କରୁଣ ଦୃଷ୍ଟିରେ ଦେଖୁଥିଲା ।

ବଲାଙ୍ଗୀରରୁ ସପରିବାରେ ଚାଲି ଆସିଲା ପରେ ଚନ୍ଦ୍ରକାନ୍ତଙ୍କ ପାଠପଢା ଆଗେଇ ଯାଇଥିଲା । ବୟସ ବି ବଢୁଥିଲା । କନି ଓ ତା ମାଆ ରହି ଯାଇଥିଲେ ସେଇ ଆଦିବାସୀ ପଡାର ଦୁଃଖ, ଦୈନ୍ୟ ଓ ଅଭାବୀ ଜୀବନକୁ ସାଉଁଟି । ସେଇ ବଣ ଜଙ୍ଗଲ ଓ ପାହାଡ କୋଳରେ ନିଜକୁ ସାମିଲ କରି ନେଇ । ଚନ୍ଦ୍ରକାନ୍ତଙ୍କ ବୟସ ବଢିବା ସହ ଜୀବନର ଅନେକ ଘଟଣାବଳୀକୁ ସାମ୍ନା କରୁ କରୁ ତାଙ୍କ ହୃଦୟରେ ବି ଅନେକ ପରିବର୍ତ୍ତନ, ଅନେକ ଆଲୋଡନ ହେଉଥିଲା । ବାବା ଓ ମାମା ଯଦିଓ କଥା ପ୍ରସଙ୍ଗରେ କନି ଓ ତା ମାଆ କଥା ମନେ ପକାନ୍ତି, କିନ୍ତୁ ଚନ୍ଦ୍ରକାନ୍ତଙ୍କର ଏମିତି କୋଉ ଦିନ ନଥିଲା ଯେବେ ସେ କନି କଥା ନ ଭାବନ୍ତି । ତା ପ୍ରତି ସେଦିନ ଯେଉଁ ନିଷ୍ଠୁର ବ୍ୟବହାର କରିଥିଲେ, ସେଇ ଘଟଣାଟା ତାଙ୍କୁ କାମୁଡି ଗୋଡାଏ । ନିଜକୁ ଭାରୀ ଖରାପ ଲାଗେ । ସେ ଯେତେ ବଡ ହେଉଥିଲେ,ସେଇ ଘଟଣାସବୁ ବି ତାଙ୍କ ଛାତି ତଳେ ସେତେ ଜମାଟ ବାନ୍ଧୁଥିଲା । ଇଛା ହେଉଥିଲା ସେଇ ବସିବା ସ୍ଥାନରୁ ଚାଲିଯାନ୍ତେ କନିର ଗାଁକୁ । ଦେଖି ଆସନ୍ତେ ସେ କେମିତି ଅଛି, କେତେ ବଡ ହେଲାଣି । ସେମିତି କଣ ସରଳ, ନିରୀହ ହେଇ ରହିଛି । ଥରେ ତ ଯାଇ ଦେଖି ଆସନ୍ତେ ତା ଭାତୁଡିଟାକୁ, ଶୁଣି ଆସନ୍ତେ ତା ମୁଖରୁ ଚନ୍ଦୁଭାଇ ଡାକଟାକୁ । କିନ୍ତୁ ପରିସ୍ଥିତି ଓ ସମୟ ତାଙ୍କୁ ସେ ସୁଯୋଗ ଦେଇ ପାରୁ ନଥିଲା ।

ଏମାନେ ଆସିଲା ପରେ କନି ପାଖ ସ୍କୁଲରେ ଷଷ୍ଠ ଶ୍ରେଣୀ ଯାଏ ପଢିଥିଲା । ଠିକ୍ ସେତିକିବେଳେ ତା ମାଆ ଅନେକ ଦିନ ଧରି ଜରରେ ପଡି ଶେଷରେ କନିକୁ ଏକୁଟିଆ ଛାଡି ଚାଲିଗଲା । କନିର ବାପା ତ କେବେଠୁ ଚାଲି ଯାଇଥିଲା । କନିର ଆଉ କେହି ନଥିଲେ ଏତେ ବଡ ଦୁନିଆଁରେ । ଗ୍ରାମର ସରପଂଚ ଦୟା କରି ତାକୁ ଏକ ଅଙ୍ଗନବାଡିରେ ରଖେଇ ଦେଇଥିଲେ । ସେଇଠି ସେ ସୁରୁଖୁରୁରେ ଚଳି ଯାଉଥିଲା । ହେଲେ ତା ଶ୍ୟାମଳୀ ଦେହରେ ନୂଆ ଯୌବନର ନିଆରା ଛଟା ଯୋଉଦିନ ସେ ଦଲାଲ୍ ନଜରରେ ପଡିଲା, ତା ପଛରେ ଲାଗିଥିଲା କେମିତି ହେଉ ଯାକୁ ଉଠେଇ ନେଇ ଯିବାକୁ । ଯେହେତୁ କନିର ନିଜର ବୋଲି କେହି ନଥିଲେ । କଲିକତାରେ ଏକ ବଡ କମ୍ପାନୀରେ ଚାକିରି କରି ସୁଖରେ ଦିନ କଟେଇବାର ପ୍ରଲୋଭନ ଦେଇଥିଲା । ତା ଭଳି ଆହୁରି ଅନେକ ଝିଅ କାମ କରି କେତେ ସୁଖରେ ଅଛନ୍ତି । ଆହୁରି ମଧ କେତେ ଯାଉଛନ୍ତି ।

ଏହି ଜନଜାତିମାନଙ୍କର ସରଳତାର ସୁଯୋଗ କିଏ ନିଅନ୍ତି ନାହିଁ ଯେ, ତା ଭଳି ଗୋଟେ ଦଲାଲ୍ ଅମଣିଷ ଛାଡିବ । ଶିକ୍ଷିତ, ସଭ୍ୟ ଓ ହାକିମ ବୋଲାଉଥିବା ଲୋକମାନେ ଯଦି ସେମାନଙ୍କର ଜମି, ଜଙ୍ଗଲ, ଜଳ ଓ ଜୀବନକୁ ନେଇ ଭାଗ ବାଂଟନ୍ତି, ସେମାନଙ୍କ ସ୍ୱପ୍ନର ସବୁଜିମାକୁ ଜାଳି ଦିଅନ୍ତି, ତାଙ୍କ ଭରଷାର ଅଚଳ ପାହାଡକୁ ଭାଙ୍ଗି ଦିଅନ୍ତି, ଆଉ ତାଙ୍କ ଝରଣା ଜଳର ସ୍ୱଚ୍ଛ ଧାରାକୁ ଦୂଷିତ ବି କରି ଦିଅନ୍ତି । ସୁବିଧା ପାଇଲେ ସେମାନଙ୍କ ପିଠିରେ ପାଦ ରଖି ଏମାନେ ଆକାଶକୁ ଛୁଇଁବାକୁ ବି ପଛାନ୍ତି ନାହିଁ ।

ଷ୍ଟେସନରେ କନି ଆଉ କେଉଁ ଝିଅଙ୍କୁ ନ ଦେଖି ଡରି ଯାଇଥିଲା । ତା ମନରେ ସନ୍ଦେହ ଆସିଥିଲା ଏବଂ ଲୋକଟା ଯେ ତାକୁ ମିଛ ଭରଷା ଦେଇ ନେଇ ଆସିଛି, ବୁଝି ପାରିଥିଲା । ଏହା ପରେ ଆଗକୁ ତା ଜୀବନରେ କଣ ଘଟିବ, ସେଇକଥା ଭାବି ସେ ଆତୁର ହେଇ ଯାଇଥିଲା । ସେ କଣ କେବେ ଭାବିଥିଲା ଯେ ସେଦିନର ସେଇ ବଦରାଗୀ, ଦୁଷ୍ଟ ଚନ୍ଦୁଭାଇଙ୍କ ହୃଦୟରେ କେବେଠୁ ତା ପ୍ରତି ଏତେ ସ୍ନେହ ଓ ମମତାର ଅନାବିଳ ସ୍ୱଚ୍ଛ ଧାରାଟିଏ ବହୁଛି ଏବଂ ସେଇ ଧାରାରେ ଦିନେ ତାର ଯେତେ ଦୁଃଖ, କଷ୍ଟ ଓ ବିପଦ ଧୋଇ ହେଇଯିବ ବୋଲି । କନି ନିଶ୍ଚିତରେ ଓ ଆଶ୍ୱସ୍ତରେ ବସିଥିଲା ଟ୍ୟାକ୍ସିରେ ।

ଚନ୍ଦ୍ରକାନ୍ତ ଦେଖୁଥିଲେ କନିକୁ । ସେତେବେଳେ ଯେମିତି ଥିଲା, ଏବେ ବି ସେମିତି ଅଛି । ସେଇ ସରଳ ମନ, ସେଇ ନିରୀହ ଚାହାଁଣି । ତାଙ୍କଠାରୁ ଅଧିକ କିଏ ଚିହ୍ନି ପାରିବ ଏଇ ଆଦିବାସୀ ଝିଅଟିକୁ । ଚିହ୍ନି ଥିଲେ ବୋଲି ତ ଆଜି ଅଚିହ୍ନା ହୋଇ ରହି ପାରିଲେ ନାହିଁ ।

ରାସ୍ତାର ଭିଡ କାଟି ଟ୍ୟାକ୍ସି ଆଗକୁ ଯାଉଥିଲା ବେଳେ କନି ଚନ୍ଦ୍ରକାନ୍ତଙ୍କୁ ଟିକେ ଟିକେ ଚାହୁଁଥାଏ । ଅବଶ୍ୟ ତାର ସେଇ ଚାହାଁଣୀରେ ଆଉ ଭୟ ନଥିଲା । ବରଂ ଥିଲା ଆପଣାପଣର ଏକ ମୁଗ୍ଧ ଅନୁଭବ । ଚନ୍ଦ୍ରକାନ୍ତ ଏଥର ଟିକେ ହାଲୁକା ହୋଇ କହିଲେ – କନି, ତୋ ଭାତୁଡିଟା ଆଜି ଯାଏ ସେମିତି ଅଛି । କନି ଟିକେ ହସି ଦେଇ କହିଲା – ଥାଉ, ଆଉ ତ ତମେ ସେଇଟାକୁ କେଂଚି ରକ୍ତବୁହା କରିବ ନାହିଁ ନା । ଚନ୍ଦ୍ରକାନ୍ତ କହିଲେ – ତୁ ମନେ ରଖିଛୁ ? କନି ପୁଣି ହସି ଦେଇ କହିଲା – ତା ପାଇଁ ତ ମୋ ଚନ୍ଦୁଭାଇ ବି ମୋତେ ମନେ ରଖିଛନ୍ତି । କନିର ଆଖି ଛଳଛଳ ହେଇ ଯାଉଥିଲା ଲୁହରେ । ଚନ୍ଦ୍ରକାନ୍ତ ବିହ୍ୱଳ ହୋଇ ଉଠୁଥିଲେ । ଟ୍ୟାକ୍ସି କେତେବେଳେ ତାଙ୍କ ଘର ଗେଟ୍ ସାମ୍ନାରେ ପହଁଚି ସାରିଥିଲା ଜାଣି ପାରି ନଥିଲେ ।

*କ୍ୱ.ନଂ. ଆଇ.ଭି. ୪୫ ୧, ରୋଡ୍ ନଂ.୧,*
*ୟୁନିଟ୍ – ୧, ଭୁବନେଶ୍ୱର – ୭୫୧୦୦୯*
*ଦୂରଭାଷ: ୯୮୫୩୫୨୩୮୮୩*

ଅନୁବାଦ ଉପନ୍ୟାସ

# ସୀମା ରେଖା

## ମୂଳଲେଖା - ବନଫୁଲ
## ଭାଷାନ୍ତର - ସୁପ୍ରଭା ରାୟ

ଏ ଗଳ୍ପରେ ଯେଉଁ ଡାକ୍ତରଖାନା କଥା କହୁଛି ସେଇପରି ଡାକ୍ତରଖାନା ଆଉ ଆଜିକାଲି ନାହିଁ । ସେ କାଳରେ ଥିଲା । ପ୍ରଗତିର ସାଙ୍ଗରେ ସମାଜର ବାହାର ଚେହେରାଟା ବହୁତ ବଦଳି ଯାଇଛି ଆଜିକାଲି । ତେବେ ମଣିଷର ଭିତର ବିଶେଷ କିଛି ପରିବର୍ତ୍ତନ ହେଇନାହିଁ ।

ସେ କାଳର ଏଇ ଡାକ୍ତରଖାନାରେ ସୁବ୍ୟବସ୍ଥା ପ୍ରାୟ ନଥିଲା କହିଲେ ଚଳେ । ଇଂରେଜମାନେ ସେତେବେଳେ ଆସିଛନ୍ତି, ସେମାନେ ଦୟାକରି ଯେତେ ଟିକେ କରୁଥିଲେ, ସେତିକି ନେଇ ସନ୍ତୁଷ୍ଟ ରହୁଥିଲେ ସମସ୍ତେ । ଭିକ୍ଷାର ଚାଉଳ କୁଣ୍ଡା ଥାଉ କି ନଥାଉ ଯାହା ହେଲେବି ଚଳିବ ।

ଡାକ୍ତରଖାନାର ନାଁଟା ଗୋପନ ରଖିଲି । ଯେଉଁ ସହରର ଗୋଟାଏ ପ୍ରାନ୍ତରେ ଏଇଟା ଅବସ୍ଥିତ ଥିଲା । ସେଇଟାର ଠିକ୍ କ'ଣ ନାଁ ଥିଲା ଜାଣେନା । ଲୋକେ କହୁଥିଲେ କ୍ୟାପଟେନ୍ ଗଞ୍ଜ । ବିରାଟ ଜାଗାରେ ଏଇ ଡାକ୍ତରଖାନାଟା ଥିଲା । ପ୍ରଥମେ ମିଲିଟାରି ଛାଉଣୀ ହିସାବରେ ଏହାର ଆରମ୍ଭ ହେଇଥିଲା । ପରେ ଏହା ଡାକ୍ତରଖାନାରେ ରୂପାନ୍ତରିତ ହେଲା ।

ଏହି ଡାକ୍ତରଖାନାର ପ୍ରକାଣ୍ଡ ହତା ଭିତରେ ଗୋଟାଏ ପରିତ୍ୟକ୍ତ ଘର ଥିଲା । ସେଇଟାକୁ ସମସ୍ତେ କହୁଥିଲେ ଅ୍ୟାନେକ୍ସ, ମାନେ ଡାକ୍ତରଖାନାର ହିଁ ଗୋଟାଏ ପ୍ରତ୍ୟଙ୍ଗ । ଏହାର ଚାରିପଟରେ ଥିଲା ଜଙ୍ଗଲ । ସାରୁ ଗଛ ତ ଥିଲା, ତା'ସହିତ ବିଛୁଆତି, ବାଇଡଙ୍କ ବି ଥିଲା । ଘରର ଛାତଟି ଟିଣରେ ତିଆରି ହେଇଥିଲା । ସେଇଟା ବି କଳଙ୍କି ପଡ଼ିଯାଇଥିଲା । କାନ୍ଥରେ ଶିଉଳି, ସିଡ଼ିଗୁଡ଼ାକ ଭଙ୍ଗା, ଘର ଭିତରେ ଘାସ ଭର୍ତ୍ତି ହେଇଯାଇଛି । ଘରର ସାମ୍ନାଟା ଡାକ୍ତରଖାନା ଆଡ଼କୁ, ଆଉ ପଛରେ ଗୋଟାଏ ପଡ଼ିଆ । ପଡ଼ିଆ ଆଉ ଘର ମଝିରେ ଗୋଟାଏ ବାଡ଼ା, ସେଇଟା ବି ଭଙ୍ଗା । ଲୁହାର ତାର ଆଉ କଣ୍ଟାରେ ତିଆରି । କାଠର ଖୁମ୍ବ ଗୁଡ଼ାକ ପ୍ରାୟ ସବୁ ଭାଙ୍ଗି ଯାଇଛି । ଲୁହାର ତାରରେ ତିଆରି ବାଡ଼ାଟା ଯେମିତି ଗୁଡ଼େଇ ରଖିଛି ଘରଟାକୁ ।

ଏସବୁ ଦେଖି ଶୁଣି ଆପଣଙ୍କର ଯଦି ଡର ନଲାଗେ, ଡାକ୍ତରଖାନାର ବାଁ ପଟେ ଯେଉଁ ସରୁ ରାସ୍ତାଟା ଯାଇଛି ଅ୍ୟାନେକ୍ସର ଆଡ଼କୁ ସେଇପଟ ଦେଇ ଆସି ଭିତରର ଅବସ୍ଥା ଥରେ ଦେଖନ୍ତୁ ଘରର ସାମ୍ନା କବାଟଟା ଖୋଲିଲେ ହିଁ ଗୋଟାଏ ବାରଣ୍ଡା ପଡ଼ିବ । ଇଂରାଜୀରେ ଯାହାକୁ କୁହାଯାଏ ପ୍ୟାସେଜ୍ । ଡାକ୍ତରଖାନାର ଯେତେ ମଇଳା ଅପରିଷ୍କାର ଜିନିଷ ସ୍ତୁପାକାର କରି ରଖାହେଇଛି କାନ୍ଥକୁ ଆଉଜି । ଗୋଟାଏ ପାହାଡ଼ ପରି ଦେଖାଯାଉଛି । ଛିଣ୍ଡା ଗଦି, ଲେପ, ତକିଆ, ଭଙ୍ଗା ଚେୟାର, ଷ୍ଟ୍ରେଚର୍, ଡ୍ରେସିଂ ଗାଉନ୍, ଛିଣ୍ଡା ଜାମା, ଜୋତା ସବୁ ଅଛି ସେଇଠି । ସେଇ ଜାଗାରେ ଏତେ ଦୁର୍ଗନ୍ଧ ବାହାରୁଛି ଯେ କେହି ଛିଡ଼ା ହେଇପାରିବେନାହିଁ ।

କିନ୍ତୁ ନନ୍ଦୀ – ଅ୍ୟାନେକ୍ସର ରକ୍ଷକ – ଏହି ମଇଳା ସ୍ତୁପ ଉପରେ ହିଁ ଥାଆନ୍ତି । ନନ୍ଦୀ ଏକ କାଳରେ ମିଲିଟାରିରେ ସାହେବମାନଙ୍କର ଚପରାସୀ ଥିଲେ । ସେଥିପାଇଁ ସେ ପ୍ରାୟ ସବୁବେଳେ ଖାକି ପ୍ୟାଣ୍ଟ ଆଉ ମିଲିଟାରି କୋଟ ପିନ୍ଧିଥାଆନ୍ତି । ଅବଶ୍ୟ କୋଟ – ପ୍ୟାଣ୍ଟ ଦୁଇଟା ହିଁ ଶତଛିନ୍ନ, ତାଳିମରା । ସିଗାରେଟ ଖାଆନ୍ତି । ଅଭାବରେ ବିଡ଼ି । ତାଛଡ଼ା ତାଡ଼ି ଖୋର । ଭ୍ରୁ ଦୁଇଟା ଗହଳିଆ । କାନ ଭିତରେ ଚୁଟି ଅଛି । ମୁହଁର ଆକାରଟା ଲୋମ ବାଲା ବିଲାତି କୁକୁରର ମୁହଁ ପରି । ନାକଟା ଲାଲ, ଦେହଟା ପତଳା । କିନ୍ତୁ ଏ ସମସ୍ତ ଦେଖିବା ପରେ ତାଙ୍କୁ ଦେଖିଲେ ହିଁ କେମିତି ଗୋଟାଏ ଡର ଲାଗେ । ହାତ ଦୁଇଟା ବି ବିଲାତି କୁକୁରର ଥାବା ପରି, ବେଶ ବଳିଷ୍ଠ ଆଉ ଚଉଡ଼ା । ପୃଥିବୀର ଅଧିକାଂଶ ପହରାବାଲା ପରି ସେ ମଧ୍ୟ ଏକବାଗିଆ, ବିଶ୍ୱାସୀ, କର୍ମପଟୁ ଏବଂ ଈଷତ୍ ନିର୍ବୋଧ । ତାଙ୍କ ପାଖରେ ଗୋଟିଏ ମାତ୍ର ଜିନିଷ ହିଁ ମୂଲ୍ୟବାନ – ଉପରବାଲାଙ୍କର ଆଦେଶ । ଏ ଆଦେଶ ଅମାନ୍ୟ କରିବାର କ୍ଷମତା ତାଙ୍କର ନାହିଁ, ଇଚ୍ଛା ବି ନାହିଁ । ଆଉ ଗୋଟାଏ ଜିନିଷରେ ତାଙ୍କର ବିଶ୍ୱାସ ଅଛି – ମାଡ଼ । ସେ ଜାଣନ୍ତି ମାଡ଼ ପରି ଔଷଧ ନାହିଁ । ଯେତେ ବଡ଼ ବଦ୍‌ମାସ୍ ହଉ ପଛେ ଠିକ୍ ଶାସିତ ହେଇଯିବ । ଯେତେବେଳେ ଦରକାର ହୁଏ ସେ ମାରିବାକୁ ଆରମ୍ଭ କରନ୍ତି, ମୁହଁରେ ଛାତିରେ, ପେଟରେ, ପିଠିରେ କେଉଁଠି ଆଉ ବାକି ରହେନାହିଁ । ତାଙ୍କର ବିଶ୍ୱାସ ଶୃଙ୍ଖଳା ବଜାୟ ରଖିବାକୁ ହେଲେ ମାଡ଼ ପରି ଦୃଢ଼ ଜିନିଷ ଆଉ କିଛି ନାହିଁ ।

ଅଗଣା ପାରି ହେଲେ ଗୋଟାଏ ବଡ଼ ହଲ୍ ଘର । ଘରଟି ବଡ଼, କିନ୍ତୁ ଭାରି ମଇଳା । କାନ୍ଥରେ ମଇଳା ନୀଳ ରଙ୍ଗ, ଘରର ଛାତଟା କଳା ଅଳନ୍ଧୁ ଭର୍ତ୍ତି । ମନେହୁଏ ଚୁଲିର ଧୂଆଁ ବାହାରିବାପାଇଁ ରାସ୍ତା ନପାଇ ଛାତରେ ଆଶ୍ରୟ ନେଇଛି । ଝରକା ଗୁଡ଼ିକରେ ମୋଟା ମୋଟା ଲୁହାର ଗାରଦ ଦିଆ ହେଇଛି । ଘରର ମେଜିଆ କାଠର, କିନ୍ତୁ କାଠ ସବୁ ଫାଟି ଯାଇଛି, ଆଉ ସେଇ ଫାଟ ଭିତରେ ପଶିଛି ବହୁତ ମଇଳା ଆଉ ଧୂଳି । ତାଛଡ଼ା ଘରଟା ନାନା ରକମ ଦୁର୍ଗନ୍ଧରେ ଭର୍ତ୍ତି । ପଚା ତରକାରିର ଗନ୍ଧ, କିରାସିନି ଲ୍ୟାମ୍ପର ଗନ୍ଧ, ଛାରପୋକର ଗନ୍ଧ, ପରିଶ୍ରାର ଗନ୍ଧ ।

ଘରର ପ୍ରତ୍ୟେକଟି ଖଟ ମେଜିଆରେ ସ୍କ୍ରୁ ଦିଆ ଭିଡ଼ା ହେଇଛି । ଯେଉଁମାନେ ଖଟ ଉପରେ ବସିଛନ୍ତି ବା ଶୋଇଛନ୍ତି, ସେମାନଙ୍କର ଦେହରେ ଡାକ୍ତରଖାନାର ୟୁନିଫର୍ମ । ନୀଳ ରଙ୍ଗର ଗାଉନ୍ ଆଉ ଟୋପି ।

ଏମାନେ ସମସ୍ତେ ପାଗଳ ।

ପାଞ୍ଚ ଜଣ ଅଛନ୍ତି । ଏମାନଙ୍କ ଭିତରେ ଜଣେ କେବଳ ଉଚ୍ଚ ମଧ୍ୟବିତ୍ତ ଶ୍ରେଣୀର ଲୋକ । ବାକି ଚାରିଜଣ ସାଧାରଣ ଶ୍ରେଣୀର । ଦୁଆର ପାଖରେ ଯାହାଙ୍କର ବିଛଣା ସେ ଲୋକଟି ଲମ୍ବା ଆଉ ପତଳା । କାନ୍ଦି କାନ୍ଦି ଆଖି ଯୋଡ଼ିକ ଲାଲ । ଲୋକ ଜଣକ ତାଙ୍କର ଦୁଇ ହାତର ମୁଠା ଉପରେ ମୁହଁଟି ରଖି ସାମ୍ନା ଆଡ଼କୁ ନିର୍ନିମେଷ ନୟନରେ ଚାହିଁ ବସି ରହିଛନ୍ତି । ତାଙ୍କ ଦୁଃଖର ଅନ୍ତ ନାହିଁ । ଦିନରାତି କେତେବେଳେ କାନ୍ଦୁଛନ୍ତି, କେତେବେଳେ ମୁଣ୍ଡ ହଲାଉଛନ୍ତି, କେତେବେଳେ ଦୀର୍ଘଶ୍ୱାସ ପକାଉଛନ୍ତି, ମଝିରେ ମଝିରେ ଟିକେ ହସୁଛନ୍ତି ମଧ୍ୟ । ଘରର ବାକି ଚାରିଜଣଙ୍କ ସାଙ୍ଗରେ ତାଙ୍କର ବାକ୍ୟାଳାପ ନାହିଁ କହିଲେ ଚଳେ । କେହି କିଛି ପଚାରିଲେ ଜବାବ

ବି ଦିଅନ୍ତି ନାହିଁ । ଯେତେବେଳେ ଡାକ୍ତରଖାନାକୁ ଖାଇବାର ଆସେ ସେତେବେଳେ ଯନ୍ତ୍ରଚାଳିତ ପରି ସେଗୁଡ଼ାକ ଖାଇ ନିଅନ୍ତି । କୌଣସି ମନ୍ତବ୍ୟ କରନ୍ତି ନାହିଁ । ସବୁବେଳେ କାଶନ୍ତି । ମନେ ହୁଏ କାଳ – ରୋଗ ଯକ୍ଷ୍ମା ହେଇଛି ତାଙ୍କୁ ।

ଏହାପରେ ଯିଏ ବିଛଣାଟିରେ ଅଛନ୍ତି, ସେ ବୃଦ୍ଧ, କିନ୍ତୁ ଭାରି ଚଞ୍ଚଳ । ଗେଡ଼ା ଲୋକ, ଫ୍ରେଞ୍ଚକଟ୍ ଦାଢ଼ି ଅଛି । ମୁଣ୍ଡର କେଶ କାଫ୍ରିମାନଙ୍କ ପରି କୁଞ୍ଚକୁଞ୍ଚିଆ ଆଉ କଳା । ସାରା ଦିନ ସେ ଘରସାରା ଘୂରିବୁଲନ୍ତି । ଯେତେବେଳେ ବିଛଣାରେ ଆସି ବସନ୍ତି ସେତେବେଳେ ଗୋଟାଏ ଗୋଡ଼ ଉପରେ ଆଉ ଗୋଟାଏ ଗୋଡ଼ ଦେଇ ବସନ୍ତି । ଆଉ କ୍ରମାଗତ ସିଟି ବଜାନ୍ତି । ଦୋଏଲ ଚଢ଼େଇ ମଧ୍ୟ ତାଙ୍କ ସାଙ୍ଗରେ ସିଟି ବଜାଇ ପାରିବନାହିଁ । ମଝିରେ ମଝିରେ ମୃଦୁ କଣ୍ଠରେ ଗୀତ ବି ବୋଲନ୍ତି । କିନ୍ତୁ ତାଙ୍କର ସବୁଠାରୁ ବଡ଼ କାମ ହେଉଛି ସିଟି ବଜାଇବା । ପ୍ରାର୍ଥନା କରିବାକୁ ବସିବା ବେଳେ ବହୁତ ଆନନ୍ଦରେ ବସି ନିଜର ଛାତିକୁ ନିଜେ ମୁଥା ମାରନ୍ତି । ତା'ପରେ କବାଟ ପାଖକୁ ଯାଇ ଉଙ୍କିମାରି ଦେଖନ୍ତି ନନ୍ଦୀ କେଉଁଠି ଅଛନ୍ତି । ଯାଙ୍କ ନାଁ ଟୋପିବାଲା ଜିତେନ । ଗୋଟାଏ ସମୟରେ ହ୍ୟାଟ୍ (ଟୋପି) ବ୍ୟବସାୟ ଥିଲା । ଟୋପି ଦୋକାନରେ ନିଆଁ ଲାଗିଯିବା ପରେ ପାଳଗ ହେଇଯାଆନ୍ତି । କୋଡ଼ିଏ ବର୍ଷ ହେଲା ଡାକ୍ତରଖାନାରେ ଅଛନ୍ତି ।

ଜିତେନ ଏକମାତ୍ର ଲୋକ ଯିଏ ଡାକ୍ତରଖାନାରୁ ବାହାରକୁ ଯିବାର ଅନୁମତି ପାଇଛନ୍ତି । ସେ ଆ୍ୟାନେକ୍ସରୁ ବାହାରି ଡାକ୍ତରଖାନା ହତାରେ ଘୂରି ବୁଲନ୍ତି, ତାଛଡ଼ା ବେଳେ ବେଳେ ବଜାରକୁ ମଧ୍ୟ ଚାଲିଯାଆନ୍ତି । ଡାକ୍ତରଖାନାରେ ବହୁତ ଦିନ ହେଲା ଅଛନ୍ତି ବୋଲି ଏବଂ ତାଙ୍କର ପାଗଳାମି ଭିତରେ ବିପଜ୍ଜନକ କିଛି ନାହିଁ ବୋଲି ହିଁ ତାଙ୍କୁ ସମ୍ଭବତଃ ଏଇ ସୁବିଧାଟା ଦିଆହେଇଛି । ଜିତେନ ସହରର ରାସ୍ତାରେ ଗୋଟିଏ ଜୀବନ୍ତ ଉତ୍ସ । ସମସ୍ତେ ତାଙ୍କୁ ନେଇ ଟିକିଏ ରସିକତା କରନ୍ତି । ପ୍ରାୟ ଦେଖାଯାଏ ଜିତେନଙ୍କ ପଛରେ ରାସ୍ତାରେ ଗୋଟାଏ ପଲ ଛୋଟ ଛୋଟ ପିଲା ଆଉ କେତେ ଗୁଡ଼ାକ ରାସ୍ତା କୁକୁର ମଧ୍ୟ ଚାଲିଛନ୍ତି । ଜିତେନଙ୍କୁ ପାଇ ସମସ୍ତେ ଖୁସୀ । ଟୋପି ଆଉ ଲମ୍ବା – ଗାଉନ୍ ପିନ୍ଧି ଜିତେନ, କେତେବେଳେ ଛିଣ୍ଡା ଚଟି, କେତେବେଳେ ଖାଲି ପାଦରେ ରାସ୍ତାରେ ରାସ୍ତାରେ ଘୂରି ବୁଲନ୍ତି, ଆଉ ପ୍ରତ୍ୟେକ ଦୋକାନକୁ ଯାଇ ପଇସା ମାଗନ୍ତି । କେହି କେହି ପଇସା ଦିଅନ୍ତି, ପୁଣି କେହି ଖାଇବାକୁ ମଧ୍ୟ ଦିଅନ୍ତି । ତାଙ୍କୁ କେହି ବଞ୍ଚିତ କରନ୍ତି ନାହିଁ । ଏଇସବୁ ଜିନିଷକୁ ନେଇ ସେ ଆ୍ୟାନେକ୍ସକୁ ଫେରି ଆସନ୍ତି । ଆସିବା ପରେ ହିଁ ନନ୍ଦୀ ତାଙ୍କ ପାଖରୁ ଜୋର୍ ଜବରଦସ୍ତ କରି ସବୁ ନେଇଯାଆନ୍ତି । ଆଉ କହନ୍ତି – ଏ ଶଳାକୁ ଆଉ କେବେହେଲେ ବାହାରକୁ ଛାଡ଼ିବି ନାହିଁ । ଡାକ୍ତରଖାନାର ସମ୍ମାନ ନଷ୍ଟ କରିଦେଉଛି ଏଇଟା । ଡାକ୍ତରଖାନାର ଗୋଟାଏ ଆଇନ୍ ଅଛି ତ ?

ଜିତୁ କିଛି ଆପତ୍ତି କରନ୍ତି ନାହିଁ । ଜିତେନ ଏମିତିରେ ଲୋକ ଭଲ । ତାଙ୍କ ସାଙ୍ଗ ମାନଙ୍କର କାହାରି ଶୋଷ ହେଲେ ବାହାରୁ ପାଣି ଆଣି ଦିଅନ୍ତି, ଥଣ୍ଡା ସମୟରେ ସମସ୍ତଙ୍କ ଦେହରେ ଚାଦର ଘୋଡ଼ାଇ ଦିଅନ୍ତି, ଭଲ ଟୋପି ଆଣିବାକୁ ଆଶ୍ୱାସନା ଦିଅନ୍ତି, ପଇସା ବି ଆଣି ଦେବାକୁ ପ୍ରତିଶ୍ରୁତି ଦିଅନ୍ତି । ଯେଉଁ ପକ୍ଷାଘାତଗ୍ରସ୍ତ ରୋଗୀଟି ତାଙ୍କ ବିଛଣା ପାଖରେ ଅଛନ୍ତି ତାଙ୍କୁ ଚାମଚରେ ଖାଦ୍ୟ ଖୁଆଇ ଦିଅନ୍ତି । ସେ ତାଙ୍କର ଅନ୍ୟ ପାଖରେ ଥିବା ରୋଗୀଟିକୁ ନକଲ କରନ୍ତି ମାତ୍ର, ନକଲ ନକରି ରହିପାରନ୍ତି ନାହିଁ । ଯନ୍ତ୍ରଚାଳିତ ପରି ନକଲ କରିଯାଆନ୍ତି ।

ଚିନ୍ମୟ ସାନ୍ୟାଲଙ୍କର ବୟସ ତେତିଶ ବର୍ଷ । ଭଲ ଘରର ପିଲା । କିଛିଦିନ ଅଦାଲତରେ ଗଭର୍ଣ୍ଣମେଣ୍ଟ ଅଫିସରେ କାମ କରିଥିଲେ । ବର୍ତ୍ତମାନ ପାଗଳ । ଗୋଟିଏ ନାମ ହୀନ ଭୟ ତାଙ୍କୁ ଉନ୍ମାଦ କରି ତୋଳିଛି । ଡାକ୍ତରି ଭାଷାରେ ଏ ରୋଗର ନାଁ ପରସିକିଉସନ୍ ମ୍ୟାନିଆ (ଚରକ୍ସ୍ୱରମଙ୍କଗ୍ସସକ୍ଟଭ ଗବଭଭସବ) । ତାଙ୍କର ସବୁବେଳେ ଭୟ କେହି ବୋଧହୁଏ ତାଙ୍କୁ ଧରିବାକୁ ଆସୁଛି । ସେ ସାରା ଦିନ ବିଛଣା ଉପରେ ମୁହଁ ଗୁଞ୍ଜି ପଡ଼ିଯାଆନ୍ତି, ନଚେତ୍ ଘରସାରା ପାଏ ଚାରି କରି ବୁଲୁ ଥାଆନ୍ତି ଯେମିତି ଏକ୍ସରସାଇଜ୍ କରୁଛନ୍ତି । ବିଛଣା ଉପରେ ସେ ବସନ୍ତି ନାହିଁ, ବସିଲେ ବି କଦାଚିତ୍ ବସନ୍ତି । ସବୁବେଳେ ଉତ୍ତେଜିତ ହେଇ ରହନ୍ତି ସେ, କେବଳ ଉତ୍ତେଜିତ ନୁହେଁ, ଉତ୍‌କଣ୍ଠିତ ମଧ୍ୟ । ଗୋଟାଏ ଅଜଣା ଅନିର୍ଦ୍ଦିଷ୍ଟ ଆଶଙ୍କାରେ ସର୍ବଦା ଅଭିଭୂତ ହେଇ ଅଛନ୍ତି । ସବୁବେଳେ ପ୍ରତ୍ୟାଶା କରୁଛନ୍ତି ଏଇଥର ବୋଧହୁଏ ସେଇଟା ଆସି ପଡ଼ିଲା । ଅଗଣାରେ ସାମାନ୍ୟ ଖସ୍ ଖସ୍ ଆବାଜ ହେଲେ ସେ ମୁଣ୍ଡ ଉଚା କରି କାନ ପାରି ଶୁଣନ୍ତି । ତାଙ୍କୁ ଧରି ନେଇଯିବାକୁ ଆସିଲା ବୋଧହୁଏ ! ତାଙ୍କୁ ହିଁ ସେମାନେ ଖୋଜି ବୁଲୁଛନ୍ତି ନା ଆଉ କାହାରିକି ? ଏଇ ସମୟରେ ତାଙ୍କର ମୁହଁର ସମସ୍ତ ପେଶୀ ଗୁଡ଼ାକ ଶକ୍ତ ହେଇଉଠେ, ଆଖିରେ ଫୁଟି ଉଠେ ଏକାଗ୍ର ଭୀତ ଦୃଷ୍ଟି । ବୀଭତ୍ସ ଦିଶେ ମୁହଁର ଆକାର ।

ଚିନ୍ମୟ ସାନ୍ୟାଲଙ୍କୁ ମୋତେ ଭଲ ଲାଗେ । ତାଙ୍କର ମୁହଁଟା ବେଶ୍ ବଡ଼, ରଙ୍ଗ ପାଣ୍ଡୁର ବର୍ଣ୍ଣ, ଗାଲର ହନୁ ହାଡ଼ ଦୁଇଟା ଉଚ୍ଚ, ଆଉ ପୂରା ମୁହଁଟି ମ୍ଳାନ ବିଷର୍ଣ୍ଣ । ମନେହୁଏ ମୁହଁର ଆଇନାରେ ଯେମିତି ଯନ୍ତ୍ରଣା ଜର୍ଜରିତ ଅନ୍ତରଟା ପ୍ରତିଫଳିତ ହେଇଛି । ତାଙ୍କର ମୁଖଭଙ୍ଗୀ ଅଦ୍ଭୁତ ଏବଂ ଦେଖିବାକୁ ଖରାପ । କିନ୍ତୁ ତା ସତ୍ତ୍ୱେ ବି ତାଙ୍କ ମୁହଁରେ ଯେଉଁ ସବୁ ସୂକ୍ଷ୍ମ ରେଖାର ଗାର ପଡ଼ିଛି ତାହା ଗଭୀର ବେଦନାର ଦ୍ୟୋତକ, ମନେହୁଏ ସେ ସବୁ ମଝିରେ ଗୋଟାଏ ବୁଦ୍ଧିଦୀପ୍ତ ଅନୁଭୂତି ମୂର୍ତ୍ତ ହେଇଉଠିଛି । ତାଙ୍କର ଆଖିର ଦୃଷ୍ଟି ବି ବୁଦ୍ଧିଦୀପ୍ତ । ଲୋକଟିକୁ ମୋତେ ବହୁତ ଭଲ ଲାଗେ । କଥାବାର୍ତ୍ତାରେ ଶିଷ୍ଟ, ବିନୟୀ, ଆଉ ନନ୍ଦୀ ଛଡ଼ା ସମସ୍ତଙ୍କ ସାଙ୍ଗରେ ତାଙ୍କର ବ୍ୟବହାର ଭଦ୍ର । ସକାଳେ ଉଠି ପ୍ରତ୍ୟେକଙ୍କ ସାମ୍ନାକୁ ଯାଇ 'ଗୁଡ଼ ମର୍ଣ୍ଣିଂ' ଏବଂ ରାତିରେ ଶୋଇବା ପୂର୍ବରୁ 'ଗୁଡ଼ ନାଇଟ୍' କହନ୍ତି ।

ତାଙ୍କର ଭୀତ ଚକିତ ମୁଖଭଙ୍ଗୀ ଦେଖିଲେ ମନେହୁଏ ସବୁବେଳେ ସେ ଗୋଟାଏ ଆତଙ୍କ ସାଙ୍ଗରେ ଯୁଦ୍ଧ କରି ଚାଲିଛନ୍ତି । କିନ୍ତୁ ତାଙ୍କର ପାଗଳାମିର ଅସଲ ପ୍ରକାଶ ହୁଏ ଅନ୍ୟ ଭାବରେ । ସନ୍ଧ୍ୟା ସମୟରେ ସେ ତାଙ୍କର ସର୍ବାଙ୍ଗରେ ଲୁଗା ପଟା ଜଡ଼ାଇ କମ୍ପିବାକୁ ଆରମ୍ଭ କରନ୍ତି, ଆଉ ସେତେବେଳେ ଘର ସାରା ସେ ଡେଇଁ ଡେଇଁ ବୁଲନ୍ତି । ମନେହୁଏ ଯେମିତି ତାଙ୍କର କମ୍ପ ଦେଇ ଜ୍ୱର ଆସୁଛି । ଡେଇଁବା ବେଳେ ମଝିରେ ମଝିରେ ସେ ହଠାତ୍ ଥମି ଯାଇ ତାଙ୍କ ସାଙ୍ଗ ମାନଙ୍କ ମୁହଁକୁ ଏମିତି ଭାବରେ ଚାହିଁ ଦେଖନ୍ତି ଯେ ମନେହୁଏ ସେମାନଙ୍କୁ କିଛି ଦରକାରୀ କଥା କହିବାକୁ ଚାହାଁନ୍ତି, କିନ୍ତୁ ପରମୁହୂର୍ତ୍ତରେ ମୁଣ୍ଡ ଝାଙ୍କି ଦେଇ ପୁଣି ଘୁଞ୍ଚିଯାଆନ୍ତି । ଏପରି ଅର୍ଥ ହୁଏ ଯେ ଏମାନଙ୍କୁ କିଛି କହିବା ବୃଥା, ଏମାନେ ଶୁଣିବେ ବି ନାହିଁ ବୁଝିବେବି ନାହିଁ । କିନ୍ତୁ ଟିକେ ପରେ ଏଇପରି ଭାବଟା କଟିଯାଏ, ସେତେବେଳେ ସେ ଆବେଗରେ ଅନର୍ଗଳ କଥା କହିବା ଆରମ୍ଭ କରନ୍ତି, ଯେମିତି ଖୁବ୍ ଜୋର୍‌ରେ ନଳରୁ ପାଣି ବାହାରୁଛି । ଜ୍ୱର ଘୋରରେ ପ୍ରଳାପ ପରି ଶୁଣାଯାଏ, ତାଙ୍କର ଏଇସବୁ ଅସଂଲଗ୍ନ ବକ୍ତୃତା ବୁଝିବାକୁ ଅସୁବିଧା ହୁଏ, ତାଛଡ଼ା କଥା ସ୍ୱଷ୍ଟ ନୁହେଁ ଅନେକ ସମୟରେ । କିନ୍ତୁ ତେବେବି ମନେହୁଏ ତାଙ୍କ ବକ୍ତୃତାରେ ଏମିତି କିଛି ଅଛି, ଯାହା ତୁଚ୍ଛ କରିବା ପରି ନୁହେଁ । ଯାହାର ଆବେଦନ ଅନ୍ତରକୁ ସ୍ୱର୍ଶ କରେ । ଗୋଟିଏ ପାଗଳ ଆଉ ଗୋଟାଏ ସୁସ୍ଥ ମଣିଷ ଯେମିତି ଗୋଟିଏ ମୁହଁରେ କଥା କହି ଚାଲିଛନ୍ତି । ତାଙ୍କର ଏ କଥା ଗୁଡ଼ିକ କାଗଜରେ ଲିପିବଦ୍ଧ କରାଯାଇପାରେନାହିଁ । ତାଙ୍କର ବକ୍ତବ୍ୟ ପ୍ରଧାନତଃ ମଣିଷର ନୀଚତା ନେଇ, ଦୁର୍ବଳର ପ୍ରତି ସବଳର ଅତ୍ୟାଚାର ବିରୁଦ୍ଧରେ, ଯେଉଁ ଅତ୍ୟାଚାର ଜୀବନର ନିୟତ ନାନା ରୂପରେ ସତ୍ୟକୁ, ସୌନ୍ଦର୍ଯ୍ୟକୁ ଧ୍ୱଂସ କରି ଦେଉଛି ତା' ବିରୁଦ୍ଧରେ ସେ

କହନ୍ତି, ଏମିତି ଦିନ ରହିବ ନାହିଁ, ନୂଆ ଜୀବନର ନୂଆ ପ୍ରଭାତ ଦିନେ ଆସିବ ହିଁ ଆସିବ । ଝରକାର ଲୁହା ଗାରଦ ଉପରେ ତାଙ୍କର ଭାରି ରାଗ । କହନ୍ତି ସେଇଗୁଡ଼ାକ ଅତ୍ୟାଚାରୀ ମଣିଷର ପ୍ରତୀକ । ଅସଂଲଗ୍ନ ଅସ୍ପଷ୍ଟ ଭାଷାରେ ଯାହାକହି ଯାଆନ୍ତି ମନେ ହୁଏ ସେଇଟା ଗୋଟାଏ ଅଦ୍ଭୁତ ସଙ୍ଗୀତ ।

॥ ଦୁଇ ॥

ପ୍ରାୟ ଦଶ ପନ୍ଦର ବର୍ଷ ପୂର୍ବେ ଶ୍ରୀଯୁକ୍ତ ସୁରଥ ସାନ୍ୟାଲ ସହରର ବଡ଼ ରାସ୍ତା ଉପରେ ତାଙ୍କ ନିଜ ଘରେ ବାସ କରୁଥିଲେ । ଗଭର୍ଣ୍ଣମେଣ୍ଟରେ ଉଚ୍ଚ କର୍ମଚାରୀ ଥିଲେ । ଧନୀ, ମାନୀ ବୋଲି ସମସ୍ତେ ତାଙ୍କୁ ସମ୍ମାନ କରୁଥିଲେ । ତାଙ୍କର ଦୁଇ ପୁଅ ଥିଲେ- ମୃଣ୍ମୟ ଏବଂ ଚିନ୍ମୟ । ମୃଣ୍ମୟ ବିଶ୍ୱବିଦ୍ୟାଳୟରେ ତିନି ବର୍ଷ ପଢ଼ିବା ପରେ ସାଂଘାତିକ ଯକ୍ଷ୍ମା ରୋଗରେ ଆକ୍ରାନ୍ତ ହେଇ ମୃତ୍ୟୁବରଣ କଲେ । ତା'ପରେ ହିଁ ସାନ୍ୟାଲ ପରିବାରରେ ଗୋଟାଏ ପରେ ଗୋଟାଏ ଦୁର୍ଘଟଣା ଘଟିବାକୁ ଆରମ୍ଭ ହୁଏ । ମୃଣ୍ମୟର ମୃତ୍ୟୁର ଗୋଟାଏ ସପ୍ତାହ ପରେ ହିଁ ସୁରଥ ବାବୁ ଜୁଆଚୋରିଏବଂ ତହବିଲରୁ ଟଙ୍କା ନେଇଥିବା ଦାୟରେ ଧରାପଡ଼ି କାରାରୁଦ୍ଧ ହୁଅନ୍ତି ଏବଂ କିଛିଦିନ ଭିତରେ ଜେଲ୍‌ରେ ଥିବା ସମୟରେ ଟାଇଫଏଡ଼ ରୋଗରେ ଆକ୍ରାନ୍ତ ହେଇ ମୃତ୍ୟୁବରଣ କରନ୍ତି । ତାଙ୍କର ଘରଦ୍ୱାର, ବିଷୟ ସମ୍ପତ୍ତି ସ୍ଥାବର - ଅସ୍ଥାବର ସବୁ କିଛି ନିଲାମରେ ବିକ୍ରି ହେଇଗଲା । ନିସମ୍ବଳ ହେଇପଡ଼ିଲେ ଚିନ୍ମୟ ଆଉ ତାଙ୍କର ବିଧବା ମା' ।

ତାଙ୍କର ବାପା ଯେତେବେଳେ ବଞ୍ଚିଥିଲେ ସେତେବେଳ ଚିନ୍ମୟ କଲିକତା ବିଶ୍ୱବିଦ୍ୟାଳୟରେ ପଢୁଥିଲେ । ସେ ପ୍ରତି ମାସରେ ପୁଅକୁ ପଚାଶ ଟଙ୍କା ଲେଖାଏ ପଠାଉଥିଲେ । କହିବା ବାହୁଲ୍ୟ ଏଇ ଟଙ୍କା ସେଇ ଯୁଗ ପକ୍ଷରେ ଯଥେଷ୍ଟ । ଚିନ୍ମୟ ବିଳାସ ମଧ୍ୟରେ ଲାଳିତ - ପାଳିତ ହେଇଥିଲେ । ଅଭାବର ତୀକ୍ଷଣ - ଦନ୍ତର ଦଂଶନ ତାଙ୍କୁ ଅନୁଭବ କରିବାକୁ ହେଇନାହିଁ । କିନ୍ତୁ ଏଇ ଶୋଚନୀୟ ଦୁର୍ଘଟଣା ପରେ ତାଙ୍କୁ ଅଣ୍ଟା ସଳଖାଇବାକୁ ସମୟ ଲାଗିଲା । ସକାଳ ଠାରୁ ରାତି ଯାଏଁ ସାମାନ୍ୟ ବେତନରେ ଟ୍ୟୁସନ୍ କରିବାକୁ ଆରମ୍ଭ କଲେ । କିନ୍ତୁ ଏତେ ପରିଶ୍ରମ କରିବା ପରେ ବି ନିଜର ପେଟ ପାଇଁ ଖାଦ୍ୟ ଯୋଗାଡ଼ କରିବା ନିମିତ୍ତ ପଇସା ନଥିଲା । ଯାହା ରୋଜଗାର କରୁଥିଲେ ତାକୁ ପଠାଇ ଦେଉଥିଲେ ବିଧବା ମା'ଙ୍କ ପାଖକୁ । କିନ୍ତୁ ଶେଷରେ ଆଉ ଚଳାଇ ପାରିଲେନାହିଁ । ଅସୁସ୍ଥ ହେଇପଡ଼ିଲେ । ବିଶ୍ୱବିଦ୍ୟାଳୟର ପଢ଼ା ଛାଡ଼ି ଭଗ୍ନ ହୃଦୟରେ ନିଜ ଦେଶକୁ ଫେରିଆସିଲେ । ଦେଶ ମାନେ ଛୋଟ ଛୋଟ ଗୋଟାଏ ସହର । ବନ୍ଧୁମାନଙ୍କ ସୁପାରିସ୍‌ରେ ସେଠି ଗୋଟିଏ ସ୍କୁଲରେ ମାଷ୍ଟରି ଜୁଟିଲା ତାଙ୍କୁ । କିନ୍ତୁ ତାକୁ ବି ରଖିବା ତା'ପକ୍ଷରେ ସମ୍ଭବ ହେଲାନାହିଁ । ସହକର୍ମୀ ମାନଙ୍କ ସହ ଓ ଛାତ୍ରମାନଙ୍କ ସହ ବନିଲା ନାହିଁ । ଶେଷରେ ସେ ଚାକିରି ବି ଛାଡ଼ି ଦେଲେ । ଏହାପରେ ତାଙ୍କ ମା' ମୃତ୍ୟୁବରଣ କଲେ । ଛଅ ମାସ ରାସ୍ତାରେ ରାସ୍ତାରେ ଘୂରି ବୁଲିଲା ସେ, କେବେ କେବେ ଅନାହାରରେ, କେବେ କେବେ ଆଧା ଆହାରରେ, ମୁଢ଼ି ଛଡ଼ା ତାଙ୍କୁ ଆଉ ଭାଗ୍ୟରେ କିଛି ଜୁଟିଲା ନାହିଁ । ତା'ପରେ ଅଦାଲତରେ ଗୋଟାଏ ଚାକରି ପାଇଲେ । ଏଇ ଚାକିରି ସେ କରୁଥିଲେ, କିନ୍ତୁ ଦେହ ଖରାପ ହେବାରୁ ଚାକିରି ଛାଡ଼ିବାକୁ ବାଧ ହେଲେ ।

ସେ ଛାତ୍ର ଜୀବନରେ କେବେବି ବଳିଷ୍ଠ ନଥିଲେ । ଦୁର୍ବଳ ହିଁ ଥିଲା । ଦେଖିଲେ ମନେ ହେଉଥିଲା ଦେହରେ ରକ୍ତ ନାହିଁ । ସର୍ଦ୍ଦି କାଶ ପ୍ରାୟ ଲାଗି ରହୁଥିଲା । ଅଜୀର୍ଣ୍ଣ ରୋଗ ଥିଲା, ରାତିରେ ନିଦ ବି ହେଉନଥିଲା । ଛାତ୍ର ଜୀବନରେ ଯଦିବା ଅନେକଙ୍କ ସାଙ୍ଗରେ ପରିଚୟ ହେଇଥିଲା, କିନ୍ତୁ କାହାରି ସାଙ୍ଗରେ ପ୍ରଗାଢ଼ ବନ୍ଧୁତ୍ୱ ହେଇନଥିଲା । ତା' ସ୍ୱଭାବଟା ଏପରି ଥିଲା ଯେ, ସମସ୍ତଙ୍କୁ ସେ ଏମିତି ସନ୍ଦେହର ଆଖିରେ ଦେଖୁଥିଲା । ଯେକେହି ତା'ର ନିଜର ହେଇପାରିନଥିଲେ । ସହରରେ ଗୋଟିଏ ଲୋକ ଉପରେ ବି ସେ ସନ୍ତୁଷ୍ଟ ନଥିଲେ । ସବୁବେଳେ କହୁଥିଲେ, ସମସ୍ତେ ଜାନୁଆର । ସେମାନଙ୍କ କଥା ଉଠିଲେ ହିଁ ତାଙ୍କ ଆଖି ଓ ମୁହଁରୁ ଘୃଣା ଜାତ ହେଉଥିଲା । ତାଙ୍କ ଗଳାର ସ୍ୱର ମଧ ବହୁତ ତୀକ୍ଷଣ ଥିଲା । କଥା କହିବା ସମୟରେ ଖୁବ୍ ଜୋରେ ଏବଂ ଆବେଗ ଭରି କଥା କହୁଥିଲେ । କହୁ କହୁ ଆତ୍ମହରା ହେଇପଡୁଥିଲେ । ଘୃଣାରେ ବା ଆନନ୍ଦରେ । ତାଙ୍କ କଥା ଶୁଣିଲେ ମନେ ହେଉଥିଲା, ଯାହା କହୁଛନ୍ତି ତା' ଭିତରେ ଭଣ୍ଡାମି ନାହିଁ ଅଛି ଆନ୍ତରିକତା । ତାଙ୍କ ମନ ଭିତରେ ଗୋଟିଏ କଥା ସବୁବେଳେ ଖେଳି ବୁଲୁଥିଲା । କେହି ତା'ସହ କୌଣସି କଥା ଆଲୋଚନା କରୁଥିବା ସମୟରେ ସେ ତାଙ୍କ ମନର କଥାକୁ ଫେରି ଆସୁଥିଲେ । ସେଇ କଥାଟି ହେଉଛି - ଚାରିଆଡ଼ର ଜଳବାୟୁ କ୍ରମଶଃ ଶ୍ୱାସରୋଧକର ହେଇଆସୁଛି । ଜୀବନରେ କୌଣସି ବୈଚିତ୍ର ନାହିଁ । ସମାଜରେ କେଉଁଠି ଉଚ୍ଚ ଆଦର୍ଶ ନାହିଁ । ପ୍ରତ୍ୟେକ ମଣିଷ ଗୋଟିଏ ଅର୍ଥହୀନ କଦର୍ଯ୍ୟ ଜୀବନ ଯାପନ କରିଚାଲିଛନ୍ତି । ପାପୀମାନଙ୍କର ଜୟ ହେଉଛି, ଆଉ ପୂଣ୍ୟବାନ ମାନଙ୍କର ମହା କଷ୍ଟରେ ଜୀବନ ଯାପନ କରିବାକୁ ପଡୁଛି । ସମାଜକୁ ଏଇ ସର୍ବଗ୍ରାସୀ ଧ୍ୱଂସରୁ ବଞ୍ଚାଇବାକୁ ହେଲେ ଭଲ ସ୍କୁଲ ଦରକାର, ଆଦର୍ଶବାଦୀ ଖବର କାଗଜ ଦରକାର, ଭଲ ନାଟ୍ୟ ମଞ୍ଚ ଓ ନାଟକ ଦରକାର ଓ ଭଲ ବକ୍ତାର ପ୍ରୟୋଜନ । ଦେଶର ପ୍ରତିଭା ଆଉ ସଦ୍‌ବୁଦ୍ଧି ଯଦି ଏହା ବିରୁଦ୍ଧରେ ସଂଗଠିତ ହେଇ ଛିଡ଼ା ହୁଅନ୍ତି ତାହେଲେ ନିଶ୍ଚୟ ଫଳ ମିଳିବ । ସମାଜକୁ ଜଗାଇବାକୁ ହେବ, ସମସ୍ତଙ୍କୁ ଜଣାଇବାକୁ ହେବ କିପ୍ରକାର ଭୟଙ୍କର ପଙ୍କ ଭିତରେ ସମସ୍ତେ ବୁଡ଼ି ଯାଉଛନ୍ତି । ତାଙ୍କର ସମସାମୟିକ ଲୋକମାନଙ୍କର ଚିତ୍ର ଯେତେବେଳେ ସେ ଆଙ୍କୁଥିଲେ, ସେ ମାତ୍ର ଦୁଇଟା ରଙ୍ଗ ବ୍ୟବହାର କରୁଥିଲେ କଳା ଆଉ ଧଳା । ମଝିରେ ଆଉ କୌଣସି ରଙ୍ଗର ଚିହ୍ନ ରହୁନଥିଲା । ତାଙ୍କ ମତରେ ସମାଜରେ ଦୁଇ ପ୍ରକାର ଲୋକ ଅଛନ୍ତି - ପୁଣ୍ୟାତ୍ମା ଆଉ ପାପାତ୍ମା । ମଝିରେ ଆଉ କିଛି ନାହିଁ । ନାରୀମାନଙ୍କ ସମ୍ବନ୍ଧରେ, ବିଶେଷ କରି ପ୍ରେମ ସମ୍ପର୍କରେ କଥା କହୁ କହୁ ଆନନ୍ଦରେ ମତୁଆଲା ହେଇପଡୁଥିଲେ । ସେ, ଯଦିଓ ନିଜେ ସେ ଜୀବନରେ କେବେହେଲେ ପ୍ରେମରେ ପଡ଼ିନାହାନ୍ତି ।

ତାଙ୍କର ଏଇପରି ରାଗିବା ମିଜାଜ ଏବଂ ତେଢ଼ା ମନୋଭାବ ସତ୍ତ୍ୱେ ବି ସହରର ପ୍ରାୟ ସମସ୍ତେ ଭଲପାଉଥିଲେ ତାଙ୍କୁ । ଚିନୁ ବୋଲି ଡାକୁଥିଲେ ସମସ୍ତେ ତାଙ୍କୁ । ତାର ଭଦ୍ର ବ୍ୟବହାର ତାଙ୍କର ପରୋପକାର କରିବାର ପ୍ରବୃତ୍ତି, ତାର ଉଚ୍ଚ ଆଦର୍ଶ ଆଉ ନୈତିକ ଚରିତ୍ର । ତାଙ୍କର ରୋଗଜୀର୍ଣ୍ଣ ଚେହେରା, ତାଙ୍କର ପାରିବାରିକ ଦୁର୍ଦ୍ଦଶା - ଏଇ ସବୁ କାରଣ ଯୋଗୁ ସମସ୍ତେ ତାଙ୍କୁ ସ୍ନେହର ଚକ୍ଷୁରେ ଦେଖୁଥିଲେ । ତାଙ୍କ ପାଇଁ ସମସ୍ତେ ଦୁଃଖ ମଧ କରୁଥିଲେ । ଏପରି ଶିକ୍ଷିତ ପୁଅ, ଅଥଚ କି ଦୁର୍ଦ୍ଦଶା ! ଜ୍ଞାନର ପରିଧି ସତରେ ତାଙ୍କର ବହୁତ ବଡ଼ ଥିଲା । ସେ କ'ଣ ନଜାଣିଥିଲା ? ଲୋକେ ତାଙ୍କୁ ଚଳନ୍ତା ଏନସାଇକ୍ଲୋପିଡ଼ିଆ (ବିଶ୍ୱକୋଷ) ବୋଲି ମନେ କରୁଥିଲେ ।

ବହୁତ ପଢୁଥିଲେ । କ୍ଲବରେ ଘଣ୍ଟା ପରେ ଘଣ୍ଟା ବସି ନିଜର ଫ୍ରେଞ୍ଚକଟ୍ ଦାଢ଼ ବୁଲାଉ ବୁଲାଉ ସେ କ୍ରମାଗତ ପଢୁଥିଲେ - ମାସିକ ପତ୍ରିକା, ବହି - ରିଡିଂ ରୁମ୍‌ର ଟେବୁଲ ଉପରେ ଯାହା ରହୁଥିଲା ସବୁ । ତାକୁ ଦେଖିଲେ ମନେ ହେଉଥିଲା ସେ ପଢୁନାହାନ୍ତି ଯେମିତି ସବୁ ଗିଳି ପକାଉଛନ୍ତି । ପଢ଼ାଟା ତାଙ୍କର ନିଶା ପରି ହେଇଯାଇଥିଲା - ଯାହା ପାଉଥିଲେ ତାହା ପଢୁଥିଲେ । ପୁରୁଣା କାଗଜ, ବିଜ୍ଞାପନ କିଛି ବାଦ୍ ଦେଉନଥିଲେ ।

ଘରେ ଥିବା ବେଳେ ଶୋଇ ଶୋଇ ପଢ଼ିବାର ଅଭ୍ୟାସ ଥିଲା ତାଙ୍କର ।

॥ ତିନି ॥

ଭାଦ୍ର ମାସରେ ଦିନେ ସକାଳେ ତାଙ୍କୁ ଯିବାକୁ ହେଇଥିଲା ସମନ ଜାରି କରିବା ପାଇଁ । ମିଜାଜ,

ଦେହ କୌଣସିଟା ହିଁ ଭଲ ନଥିଲା । କୋଟର କଳରରେ କାନ ଯୋଡ଼ିକ ଢାଙ୍କି କାଦୁଅ ଭିତରେ ତାଙ୍କୁ ଯିବାକୁ ହେଉଥିଲା । ଯାଉ ଯାଉ ଦେଖିଲେ, ଦୁଇଜଣ ଲୋକଙ୍କୁ ହାତକଡ଼ି ପିନ୍ଧାଇ ନେଇଯାଉଛନ୍ତି ଚାରିଜଣ ସଶସ୍ତ୍ର ପୋଲିସ କନେଷ୍ଟବଲ । ଏଇପରି ଦୃଶ୍ୟ ବିରଳ ନୁହେଁ, ଚିନୁ ଆଗରେ ବି ଦେଖିଛନ୍ତି । ଏମାନଙ୍କୁ ଦେଖି ତାଙ୍କୁ ଖରାପ ଲାଗେ କଷ୍ଟ ହୁଏ । କିନ୍ତୁ ସେଦିନ ଗୋଟାଏ ନୂଆ ଅନୁଭୂତି ଜାଗିଲା ତାଙ୍କ ମନରେ । କାହିଁକି କେଜାଣି ସେଦିନ ତାଙ୍କର ମନେ ହେଲା ତାଙ୍କର ମଧ ଠିକ୍ ସେଇ ଦଶା ହେଇପାରେ । ତାଙ୍କୁ ଯଦି ଠିକ୍ ସେଇପରି ହାତକଡ଼ି ପିନ୍ଧାଇ, କାଦୁଅ ଭିତରେ ଚଲାଇ, ପୋଲିସ ପହରା ଭିତରେ ଜେଲ୍‌କୁ ନେଇଯାଆନ୍ତି ତାହେଲେ ବାଧାଦେବ କିଏ ? ଫେରିବା ବେଳକୁ ତାଙ୍କୁ ଜଣେ ପୋଲିସ ଇନ୍‌ସପେକ୍ଟରଙ୍କ ସାଙ୍ଗରେ ଦେଖାହେଲା । ସେଇ ଭଦ୍ର ଲୋକ ନମସ୍କାର କରି ଆଗେଇ ଆସିଲେ ଏବଂ ଗପ କରି କରି କିଛି ଦୂର ଗଲେ । ଘଟଣାଟା ଏମିତି କିଛି ନୁହେଁ, କିନ୍ତୁ ଚିନ୍ମୟଙ୍କ କେମିତି ଗୋଟାଏ ସନ୍ଦେହ ହେଲା । ଘରକୁ ଫେରି ଆସିଲା ପରେ, ମନଟା ବହୁତ ଖରାପ ହେଲା, ସେଇ ହାତକଡ଼ା ପିନ୍ଧିଥିବା ଲୋକ ଯୋଡ଼ିକ ଆଉ ବନ୍ଧୁକଧାରୀ ପୋଲିସ ଚାରିଜଣଙ୍କ କଥା ବାରମ୍ବାର ମନକୁ ବିଚଳିତ କଲା । ପୂରା ଦିନଟା ସେ ସେଇ ଚିନ୍ତାରେ ଆଚ୍ଛନ୍ନ ହେଇ ରହିଲେ । ପଢ଼ାରେ ମନ ଦେଇପାରିଲେନାହିଁ, ଅନ୍ୟ କଥା ବି ଭାବି ପାରିଲେନାହିଁ । ସନ୍ଧ୍ୟା ପରେ ଘର ଆଲୁଅ ଜଳାଇଲେ ନାହିଁ, ରାତିରେ ନିଦ ବି ହେଲା ନାହିଁ । କେବଳ ଗୋଟିଏ କଥା ବାରମ୍ବାର ମନେ ହେବାକୁ ଲାଗିଲା ଯଦି ତାଙ୍କୁ ସେଇପରି ହାତକଡ଼ା ପିନ୍ଧାଇ ଜେଲ୍‌କୁ ନେଇ ଯାଆନ୍ତି । ସେ ଜାଣିଛନ୍ତି, ସେ କେବେହେଲେ ଦୋଷ କରିନାହାନ୍ତି । ସେ ପ୍ରତିଜ୍ଞା କରି କହିପାରନ୍ତି ସେ କେବେହେଲେ ଚୋରି କରିନାହାନ୍ତି, ରହାଜାନି କରିନାହାନ୍ତି, ଘରେ ନିଆଁ ଲଗାଇନାହାନ୍ତି ବା ଖୁନ୍ କରିନାହାନ୍ତି । କିନ୍ତୁ ଅଜ୍ଞାତସାରରେ ବି ତ ଏସବୁ କରିବା ଅସମ୍ଭବ ନୁହେଁ । ନ ଜାଣି ନ ବୁଝି କେତେ ଲୋକ ତ କେତେ ଦୁଷ୍କର୍ମ କରିପକାନ୍ତି । ବଦମାସି କରି କେହି ତାଙ୍କୁ ଫସେଇ ଦେଇପାରନ୍ତି । ତାଛଡ଼ା ବିଚାରକ ମାନଙ୍କର ଭୁଲ୍ ବି ହେଇପାରେ । ଏଇପରି କାହାଣୀ ତ ମଣିଷ କେତେ ଶୁଣିଛି । ବିଶ୍ୱା ସୋ ନୈବ କର୍ତ୍ତବ୍ୟ ସ୍ତ୍ରୀଷୁ ରାଜକୁଳେଷୁ ଚ । ଏ ଶ୍ଳୋକର କ'ଣ କିଛି ମାନେନାହିଁ ? ଆଜିକାଲି ବିଚାର ଆଉ ବିଚାରକ ମାନଙ୍କର ଯାହା ଧାରା ସେଥିରେ ତ ଯେକୌଣସି ଲୋକ ଯେ କୌଣସି ମୁହୂର୍ତ୍ତରେ ଫାନ୍ଦରେ ଜଡ଼ାଇ ପଡ଼ିପାରନ୍ତି । ବିଚାରକ, ପୋଲିସ ଆଉ ଡାକ୍ତରମାନେ ମଣିଷର ଦୋଷ – ଦୁଃଖ – କଷ୍ଟକୁ ସହୃଦୟ ଭାବରେ ଦେଖିପାରନ୍ତିନାହିଁ । ସେଇସବୁ ନେଇ ସେମାନଙ୍କର ଦୈନନ୍ଦିନ ଅଫିସର କାମ । ସହୃଦୟ ହେଲେ ଚଳିବନାହିଁ । କ୍ରମଶଃ ସେମାନଙ୍କର ମନ ସ୍ଥିର ହେଇଯାଏ । ହେଇଯିବା ହିଁ ସ୍ୱାଭାବିକ । କଂସେଇମାନେ ଯେମିତି ଛେଳି – ମେଣ୍ଢା – ଗାଈ କାଟନ୍ତି । ସେମାନେ କ'ଣ ବ୍ୟବସାୟ ଛଡ଼ା ଆଉ କିଛି ଭାବନ୍ତି ? ଆଉ ଏଇ ହୃଦୟହୀନ ପୋଲିସ ଆଉ ଜଜ୍ ମାନଙ୍କ ହାତରେ ପଡ଼ିଲେ ହିଁ ସର୍ବନାଶ । ସେମାନଙ୍କର ଗୋଟିଏ ମାତ୍ର ନଜର ସେତେବେଳେ ଆଇନ୍ ଉପରେ, ଯେଉଁ ଆଇନ୍ ଚାଲୁ ରଖିବା ପାଇଁ ସେମାନେ ଦରମା ପାଉଛନ୍ତି । ସେଇ ଆଇନ୍ ଟିକେ ଦେଖିନେବାକୁ ଯେତେ ଟିକେ ସମୟ – ତା'ପରେ ଶେଷ । ତା'ପରେ ତୁମେ ଜେଲ୍‌କୁ ଯାଅ କି ଫାସି ହେଉ ସେମାନେ ଶୁଣିବେ ନାହିଁ । ଅଦାଲତରେ କେତେବେଳେ ବିଚାର ହୁଏ ? ଯେତେବେଳେ ଦେଶର ସର୍ବତ୍ର ଜାଲ, ଜୁଆଚୋର, ଅବିଚାର, ଅତ୍ୟାଚାର ଦିନର ଆଲୁଅରେ ସ୍ୱଚ୍ଛନ୍ଦରେ ଚାଲୁଛି, ସେତେବେଳେ ସୁବିଚାରର ପ୍ରତ୍ୟାଶା କ'ଣ ମୂଢ଼ତାର ନାମାନ୍ତର ନୁହେଁ ?

ତା'ପରଦିନ ସକାଳେ ଚିନ୍ମୟ ଯେତେବେଳେ ବିଛଣାରୁ ଉଠିଲେ, ସେତେବେଳେ ତା'ର ଦେହ – ମନ ଭୟରେ ଆଚ୍ଛନ୍ନ, ତାଙ୍କର ଦୃଢ଼ ଧାରଣା ହେଇଯାଇଛି, ଯେ କୌଣସି ମୁହୂର୍ତ୍ତରେ ତାଙ୍କୁ ବି ପୋଲିସ ଧରି ନେଇଯାଇପାରେ । ଭୟଟା କୌଣସି ମତେ ମନ ଭିତରୁ ଦୂର ହେବାକୁ ଚାହିଁନାହିଁ । ସେଇ ଗୋଟିଏ ଚିନ୍ତା ତାଙ୍କୁ ଆତଙ୍କିତ କରିଦିଏ । ଏ ଚିନ୍ତା ତାଙ୍କର ମନକୁ ଆସୁଛି କାହିଁକି ? ନିଜେ ପ୍ରଶ୍ନ କରନ୍ତି, ନିଜେ ଉତ୍ତର ଦିଅନ୍ତି – ନିଶ୍ଚିତ କୌଣସି କାରଣ ଅଛି । ଏଇ ସମୟରେ ଜଣେ ପୋଲିସ କନେଷ୍ଟବଲ ଧୀରେ ଧୀରେ ତାଙ୍କର ଝରକା ପାଖ ଦେଇ ଚାଲିଗଲେ । ଏହାର ମାନେ କ'ଣ ? ତା'ପରେ ଦୁଇଜଣ ଲୋକ ତାଙ୍କ ଘର ସାମ୍ନାରେ ଆସି ଚୁପଚାପ୍ ଛିଡ଼ା ହେଲେ । ସେମିତି ଚୁପ୍ ହେଇ ଛିଡ଼ା ହେଇ ରହିଛନ୍ତି କାହିଁକି ?

ଏହା ପରଠାରୁ ଦିନ ପରେ ଦିନ ରାତି ପରେ ରାତି ସେଇ ଗୋଟିଏ ଦୁଶ୍ଚିନ୍ତା । ଯେତେବେଳେ କେହି ତାଙ୍କ ଝରକା ପାଖ ଦେଇ ଯାଏ କିମ୍ବା ଘର ଆଡ଼କୁ ଚାହେଁ, ସାଙ୍ଗେ ସାଙ୍ଗେ ତାଙ୍କର ମନେ ହୁଏ ଏମାନେ ନିଶ୍ଚିତ ପୋଲିସର ଲୋକ କିମ୍ବା ଡିଟେକ୍‌ଟିଭ୍ । ଜଣେ ପୋଲିସ ଇନ୍‌ସପେକ୍ଟର ପ୍ରତିଦିନ ଗାଡ଼ିରେ ତାଙ୍କର ଘର ସାମ୍ନା ଦେଇ ଯାଉଥିଲେ । ଏଇ ରାସ୍ତାରେ ସେ ନିଜ ଘରକୁ ଯାଆନ୍ତି । ଚିନ୍ମୟଙ୍କର ମନେ ହେଉଥିଲା, ସେ ଏତେ ଜୋର୍‌ରେ ଯାଉଛନ୍ତି କାହିଁକି, ତାଙ୍କର ଆଖି ଓ ମୁହଁର ସ୍ଥିତି ବା ଏପରି କାହିଁକି ! ଚିନ୍ମୟଙ୍କର ମନେ ହେଉଥିଲା ସେ ବୋଧହୁଏ ଉର୍ଦ୍ଧ୍ୱଶ୍ୱାସରେ ଥାନାକୁ ଯାଉଛନ୍ତି ଖବର ଦେବାକୁ ଯେ ଗୋଟାଏ ଦୁର୍ଦ୍ଧର୍ଷ ଆସାମୀ ଏଇ ସହରରେ ଲୁଚି ରହିଛି । ଦୁଆରରେ କେହି ଡାକିଲେ ବା ଗେଟ୍ ଖୋଲିବାର ଆବାଜ୍ ହେଲେ ସେ ଚମ୍‌କି ଉଠୁଥିଲେ । ଗୃହକର୍ତ୍ତାଙ୍କ ଘରେ କୌଣସି ଅଚିହ୍ନା ଲୋକ ଆସିଲେ ତାଙ୍କର ଅସ୍ୱସ୍ତିର ସୀମା ରହୁନଥିଲା । ରାସ୍ତାରେ କୌଣସି ପୋଲିସ ବା ପହରାବାଲା ସହ ମୁହାଁମୁହିଁ ହେଇଗଲେ ମୁରୁକି ମୁରୁକି ହସି ବା ସିଟି ବଜାଇ ଆଡ଼େଇ ଯିବାକୁ ଚେଷ୍ଟା କରୁଥିଲେ ସେ । ଆଉ ଏମିତି ଗୋଟାଏ ସପ୍ରତିଭତାର ବାହାନା କରୁଥିଲେ ଯେମିତି ସେ ନିର୍ଦ୍ଦୋଷ, ପୋଲିସଙ୍କୁ ଦେଖି ଡରିନାହାନ୍ତି କାଳେ ତାଙ୍କୁ ହାତକଡ଼ା ପିନ୍ଧାଇ ଧରି ନେଇଯିବେ ସେଇ ଭୟରେ ରାତିରେ ତାଙ୍କର ନିଦ ହେଉନଥିଲା । କିନ୍ତୁ ସେ ଏମିତି ଭାବରେ ଘୁଙ୍ଗୁଡ଼ି ମାରୁଥିଲେ ଯେମିତି ପାଖ ଘରେ ଶୋଇଥିବା ଗୃହକର୍ତ୍ତା ସନ୍ଦେହ ନକରନ୍ତି ଯେ ସେ ଶୋଇ ନାହାନ୍ତି କାରଣ ଗୃହକର୍ତ୍ତା ଯଦି ଜାଣିପାରନ୍ତି ଯେ ସେ ଶୋଇନାହାନ୍ତି, ସଙ୍ଗେ ସଙ୍ଗେ ସେ ଏଇ ଅନିଦ୍ରାର କାରଣ ଅନୁସନ୍ଧାନ କରିବାକୁ ଚାହିଁବେ । ଚିନୁ ଅବଶ୍ୟ ନିଜର ଯୁକ୍ତି ଦେଇ ସ୍ପଷ୍ଟ ବୁଝିପାରୁଥିଲେ । ଯେ ତାଙ୍କର ଏ ଭୟ ଅମୂଳକ, ଏହା ମଧ ବୁଝିପାରୁଥିଲେ ଯେ ଯଦି ତାଙ୍କୁ ଧରିନେଇ ଜେଲ୍‌ରେ ପୂରାଇବ, ସେଥିରେ ମାରାତ୍ମକ କ'ଣ ବା ଅଛି, ଯଦି ତାଙ୍କର ନିଜ ବିବେକରେ କୌଣସି ଗଲତି ନଥାଏ । ଯେତେ ସେ ଯୁକ୍ତି ଦେଇ ନିଜକୁ ବୁଝାଇବାକୁ ଚେଷ୍ଟା କରୁଥିଲେ, ସେତେ ସବୁ ଗୋଳେଇ ହେଇଯାଉଥିଲା, ଯାହାଫଳରେ ସେ ଅସ୍ଥିର ହେଇପଡୁଥିଲେ । ତାଙ୍କର ଅବସ୍ଥା ସେଇ ତପସ୍ୱୀ ପରି ହେଲା । ଜଣେ ତପସ୍ୱୀ ଥରେ ଜଙ୍ଗଲକୁ ଯାଇ ଠିକ୍ କଲେ କିଛିଟା ଜାଗା ପରିଷ୍କାର କରି ସେଇଠି ତପସ୍ୟା କରିବେ । କିନ୍ତୁ ଶେଷରେ ଦେଖିଲେ, ଯେତେ ସେ ଜଙ୍ଗଲ ପରିଷ୍କାର କରୁଛନ୍ତି ସେତେ ଜଙ୍ଗଲ ଆହୁରି ଘନ ହେଇଯାଉଛି ତାଙ୍କ ଚାରିପଟରେ । ଚିନ୍ମୟଙ୍କର ମଧ ସେଇଆ ହେଲା । ଯୁକ୍ତି କରି କୌଣସି ଫଳ ନପାଇ ଶେଷରେ ଯୁକ୍ତି – ଫୁକ୍ତି ସବୁ ବିସର୍ଜନ ଦେଇ ଭୟ ଆଉ ହତାଶା ପାଖରେ ଆତ୍ମସମର୍ପଣ କରିଦେଲେ ସେ ।

ମଣିଷର ସଙ୍ଗ ପରିବର୍ତ୍ତନ କରି ଏକା ଏକା ନିର୍ଜନରେ ରହୁଥିଲେ । ଅଦାଲତର ସେଇ ଚାକିରିଟା ତାଙ୍କୁ କେବେ ହେଲେ ଭଲ ଲାଗିନଥିଲା । ବର୍ତ୍ତମାନ ବିଷ ପରି ଲାଗିବାକୁ ଆରମ୍ଭ କଲା । ତାଙ୍କର ଭୟ ହେଉଥିଲା ଯଦି କୌଣସି ଲୋକ ବଦମାସି କରି

ତାଙ୍କ ପକେଟରେ ଘୁଷର ଟଙ୍କା ପୂରାଇ ଦିଏ, ଆଉ ତା'ପରେ ହାକିମଙ୍କ ପାଖରେ ନାଲିସ କରି ଅପଦସ୍ଥ କରନ୍ତି ତାଙ୍କୁ, କିମ୍ବା ଅଫିସର ଟଙ୍କା ଯଦି ସେ ହଜାଇ ପକାନ୍ତି କେବେ ତାହେଲେ କ'ଣ ହେବ ! ତାଙ୍କୁ ପୋଲିସ ହାତକଡ଼ା ପିନ୍ଧାଇ ଧରି ନେଇଯିବ । ଏଇ ଧରଣର ନାନା ଅଦ୍ଭୁତ ଚିନ୍ତାରେ ସେ ସବୁବେଳେ ବ୍ୟାକୁଳ ହେଇ ରହୁଥିଲେ । ଏ ବିଷୟରେ ତାଙ୍କର ଉଦ୍ଭାବନୀ ଶକ୍ତି ଆଉ କଳ୍ପନା ପ୍ରଖରରୁ ପ୍ରଖରତର ହେଇ ଉଠୁଥିଲା କ୍ରମଶଃ । ନାନା ପ୍ରକାର ଅଳୀକ କଳ୍ପନା କରି ସେ ଭାବିବାକୁ ଚେଷ୍ଟା କରୁଥିଲେ କିପରି ଭାବରେ ଏବଂ କେତେ ଅପ୍ରତ୍ୟାଶିତ ଉପାୟରେ ତାଙ୍କର ସମ୍ଭ୍ରମ ଏବଂ ସ୍ୱାଧୀନତା ବିପନ୍ନ ହେଇପାରେ । ବାହାର ଜଗତ ସାଙ୍ଗରେ ତାଙ୍କର ସମ୍ପର୍କ କ୍ରମଶଃ ଶିଥିଳ ହେଇ ଆସୁଥିଲା, ବହି ପଢ଼ିବାକୁ ବି ଭଲ ଲାଗୁନଥିଲା, ସ୍ମୃତିଶକ୍ତି ମଧ୍ୟ କ୍ଷୀଣ ହେଇ ଆସୁଥିଲା ।

ତାଙ୍କ ଘର ପାଖରେ ଗୋଟାଏ ନଈ ଥିଲା । ଛୋଟ ନଈ । ନାଁ ଖୁକୀ । ଦିନେ ବର୍ଷା ଦିନରେ ବଢ଼ି ପାଣିରେ ଗୋଟିଏ ସ୍ତ୍ରୀଲୋକ ଆଉ ଶିଶୁର ମୃତଦେହ ଭାସି ଆସିଲା । ଦେଖିଲେ ମନେ ହୁଏ, ସ୍ୱାଭାବିକ ମୃତ୍ୟୁ ନୁହେଁ, କେହି ଖୁନ୍ କରି ଭସାଇ ଦେଇଛି । ସହର ପୂରା ଆଲୋଡ଼ିତ ହେଲା ସେଇ ମୃତ୍ୟୁକୁ କେନ୍ଦ୍ର କରି । ନାନା ପ୍ରକାର ଗୁଜବ ଶୁଣିବାକୁ ମିଳିଲା । କାଳେ ଚିନ୍ମୟଙ୍କୁ ଖୁନୀ ସନ୍ଦେହ କରନ୍ତି ଲୋକେ, ସେମାନଙ୍କ ଆଖିରେ ଧୂଳି ଦେବା ପାଇଁ ସେ ହସ ହସ ମୁହଁରେ ରାସ୍ତାରେ ରାସ୍ତାରେ ଘୂରି ବୁଲିଲା, ଆଉ ପରିଚିତ କାହାରି ସାଙ୍ଗରେ ଦେଖା ହେଲେ ଆଲୋଚନା କରିବାକୁ ଆରମ୍ଭ କଲା ଯେ ଅସହାୟ ନାରୀ ଆଉ ଶିଶୁକୁ ହତ୍ୟା କରିବା ପରି ହୀନ ପାପ ଆଉ ନାହିଁ। କହୁ କହୁ ତାଙ୍କ ମୁହଁ ଫିକା ହେଇ ଉଠୁଥିଲା । କିନ୍ତୁ ଏମିତି କହୁ କହୁ ଶେଷରେ କ୍ଳାନ୍ତ ହେଇପଡ଼ିଲେ ସେ । ଶେଷରେ ଠିକ୍ କଲେ ଛାତ ଉପରେ ଥିବା ଛୋଟ ଘରଟା ଭିତରେ ଲୁଚି ବସି ରହିବା ହିଁ ସବୁଠାରୁ ନିରାପଦ । ଦୁଇଦିନ ସେଇ ଘରଟି ଭିତରେ ବସି ରହିବା ପରେ, ଦିନେ ସନ୍ଧ୍ୟାରେ ଅନ୍ଧାର ଭିତରେ ଚୋର ପରି ପାଦ ଚାପି ଚାପି ଫେରି ଆସିଲେ ନିଜ ଘରକୁ । ସାରା ରାତି ସେଇ ଘର ଭିତରେ ଛିଡ଼ା ହେଇ ରହିଲେ ସେ । ସକାଳେ କେତେଜଣ କଳ ମିସ୍ତ୍ରୀ ଆସିଲେ କାମ କରିବା ପାଇଁ । ଚିନ୍ମୟ ଭଲ କରି ଜାଣିଥିଲେ ଯେ କଳ ପାଇଁ ମିସ୍ତ୍ରୀ ଆସିବ ରୋଷେଇ ଘର କଳ ଠିକ୍ କରିବା ପାଇଁ । କିନ୍ତୁ ତାଙ୍କର ହଠାତ୍ ମନେ ହେଲା ମିସ୍ତ୍ରୀ ଛଦ୍ମବେଶରେ ପୋଲିସ ଆସିଛି, ତାଙ୍କୁ ଧରି ନେଇଯିବାପାଇଁ । ସେ ଆସ୍ତେ ଆସ୍ତେ ପାଦ ଚାପି ଚାପି ଜାମା ନ ପିନ୍ଧି ବାହାରିଗଲେ ରାସ୍ତାକୁ । ତା'ପରେ ଦୌଡ଼ିବାକୁ ଆରମ୍ଭ କଲେ । ପଛରେ କେତେ ଗୁଡ଼ାକ କୁକୁର ଦୌଡ଼ିଲେ, ତାଛଡ଼ା ମଣିଷ ମଧ୍ୟ ଦୌଡ଼ିଲେ । ତାଙ୍କ କାନର ଦୁଇ ପଟରେ ପବନ ବହିବାକୁ ଆରମ୍ଭ କଲା, ମନେ ହେଲା ପୃଥିବୀର ସମସ୍ତ ଦାନବୀୟ ଶକ୍ତି ଏକତ୍ରୀତ ହେଇ ଯେମିତି ତା' ପଛରେ ଗୋଡ଼ାଉଛନ୍ତି ତାକୁ ଧରିବା ପାଇଁ ।

ଟିକେ ପରେ ଧରା ପଡ଼ିଲେ । ତାଙ୍କୁ ଧରି ସମସ୍ତେ ଘରକୁ ନେଇ ଆସିଲେ । ଗୃହକର୍ତ୍ତୀ ଡାକ୍ତର ଡକାଇଲେ । ଆସିଲେ ଡାକ୍ତରଖାନାର ଡାକ୍ତର ଯାମିନୀଭୂଷଣ ଦତ୍ତ । ମୁଣ୍ଡରେ ବରଫ ଦେବାକୁ କହିଲେ । ନିଦ ପାଇଁ ଔଷଧ ଦେଲେ, ତା'ପରେ କରୁଣ ଭାବରେ କହିଲେ, ତାଙ୍କର ଆଉ ଆସିବାର ଦରକାର ନାହିଁ, ଚିନ୍ମୟବାବୁ ଉନ୍ମାଦ ହେଇଯାଇଛନ୍ତି । ଆଉ ଭଲ ହେବେ ନାହିଁ । ଟଙ୍କା ଖର୍ଚ୍ଚ କରି ଡାକ୍ତର ଡାକି ଚିକିତ୍ସା କରିବା ପାଇଁ ଚିନ୍ମୟ ପାଖରେ ପଇସା ନଥିଲା, ତେଣୁ ତାଙ୍କୁ ଡାକ୍ତରଖାନା ପଠାଇ ଦିଆହେଲା । ଅନେକ କଷ୍ଟରେ ଗୋଟାଏ ବିଛଣା ଯୋଗାଡ଼ କରାହେଲା, ଭେନିରିଏଲ ୱାର୍ଡରେ । ସାରା ରାତି ଚିନ୍ମୟ ଶୋଇଲେ ନାହିଁ, ଚିତ୍କାର କଲେ । କାହାରିକି ଶୋଇବାକୁ ଦେଲେ ନାହିଁ । ଡାକ୍ତର ଯାମିନୀଭୂଷଣ ଦତ୍ତ ଶେଷରେ ତାଙ୍କୁ ପଠାଇଦେଲେ ଆନେକ୍ସକୁ - ପାଗଳ ମାନେ ଯେଉଁଠି ରହନ୍ତି ।

ଗୋଟିଏ ବର୍ଷ ପରେ ଚିନ୍ମୟଙ୍କ କଥା ଆଉ କାହାରି ମନେ ରହିଲା ନାହିଁ । ଗୃହକର୍ତ୍ତୀ ତାଙ୍କର ବହିଗୁଡ଼ିକ ପଡ଼ିଶା ଘରର ପିଲାମାନଙ୍କୁ ବାଣ୍ଟି ଦେଲେ ।

### ॥ ଚାରି ॥

ପୂର୍ବେ କହିଛି ଚିନ୍ମୟଙ୍କର ବାମ ପଟରେ ରହୁଥିଲା ଜିତୁ ପାଗଳା ଆଉ ଡାହାଣ ପଟରେ କିମ୍ଭୂତ କିମାକାର ଅଦ୍ଭୁତ ଗୋଟାଏ ଲୋକ । ଜାତିରେ ବୋଧହୁଏ ଚଣ୍ଡାଳ । ବଳିଷ୍ଠ ବିଶାଳ ଚେହେରା, ବଲ ବଲ କରି ଚାହିଁ ରହେ । କିନ୍ତୁ ସେଇ ଦୃଷ୍ଟି ଅର୍ଥହୀନ, ମୁହଁ ଭାବଲେଶଶୂନ୍ୟ । ଅଦ୍ଭୁତ ଧରଣର ମୋଟା ଆଉ ତାଗଡ଼ା ଲୋକଟା । ସର୍ବାଙ୍ଗରେ ମଇଳା ଲାଗି ରହିଛି ଆଉ ଦେହରୁ ଅସମ୍ଭବ ଦୁର୍ଗନ୍ଧ ବାହାରୁଛି ସବୁବେଳେ । ପାଖରେ ଛିଡ଼ା ହେବା କଷ୍ଟକର ।

ନନ୍ଦୀଙ୍କର କର୍ତ୍ତବ୍ୟ ହେଉଛି ଏମାନଙ୍କର ଦେଖାଶୁଣା କରିବା । ନନ୍ଦୀ ଏ କର୍ତ୍ତବ୍ୟ କରନ୍ତି ମାଡ଼ ମାରି । ପ୍ରଚଣ୍ଡ ଭାବରେ ମାଡ଼ ମାରନ୍ତି ତାଙ୍କୁ, ପଶୁ ପରି ମାରନ୍ତି । ମାରି ମାରି ନିଜ ହାତ ହିଁ ଜଖମ ହେଇଯାଏ ଅନେକ ସମୟରେ । ମାଡ଼ଟା ଭୟାବହ ତ ସତ କିନ୍ତୁ ତା'ଠାରୁ ଅଧିକ ଭୟାବହ ଲୋକଟା ମାଡ଼ ଖାଇ କିଛି କହେନାହିଁ । ଗୋଟିଏ ଶବ୍ଦ ବି ବାହାରେ ନାହିଁ ମୁହଁରୁ, ନିଜକୁ ବଞ୍ଚାଇବାକୁ ଟିକେ ବି ଚେଷ୍ଟା କରେନାହିଁ ।

ଏଇ ୱାର୍ଡର ପଞ୍ଚମ ଏବଂ ଶେଷ ରୋଗୀ ବି ଏଇ ସହରର । ପୂର୍ବେ ଡାକଘରର ପିଅନ ଥିଲେ । ପତଳା ଚେହେରା, ମୁଣ୍ଡର ଚୁଟି କହରା, ଆଖି ଓ ମୁହଁରେ ଦୁଷ୍ଟାମି ବୁଦ୍ଧିର ଛାପ । ଦେଖିଲେ ମନେହୁଏ ପାଗଳ । ମନେହୁଏ ସେ ଯେମିତି କିଛି ଗୋଟାଏ ଜିନିଷ ଗୋପନ କରିବାକୁ ଚେଷ୍ଟା କରେ । ସେ ତା'ର ତକିଆ ତଳେ କିଛି ଗୋଟାଏ ଲୁଚାଇ ରଖିଦିଏ । କାହାରିକି ଦେଖାଇବାକୁ ଚାହେଁ ନାହିଁ । ଜିନିଷଟା ଚୋରି ହେଇଯିବା ପାଇଁ ନୁହେଁ, ଲଜ୍ୟାରେ । ବେଳେ ବେଳେ ଝରକା ପାଖକୁ ଯାଇ ସମସ୍ତଙ୍କ ଆଡ଼କୁ ପଛ କରି ନିଜ ଛାତିରେ କ'ଣ ଗୋଟାଏ ଝୁଲାଇ ଦିଏ, ଆଉ ନିଜେ ଚାହିଁ ଚାହିଁ ଦେଖେ । ଏଇ ସମୟରେ କେହି ଯଦି ଆସି ଯାଆନ୍ତି ସାଙ୍ଗେ ସାଙ୍ଗେ ଖୋଲି ଦେଇ ବିବ୍ରତ ହେଇପଡ଼େ । କିନ୍ତୁ ସେ କ'ଣ ଗୋପନ କରିବାକୁ ଚାହେଁ ସେଇଟା ସମସ୍ତେ ଜାଣି ଯାଇଛନ୍ତି ।

ନିଜେ ଦିନେ କହିଥିଲା ଚିନ୍ମୟଙ୍କୁ । "ଜାଣନ୍ତି ? ଗଭର୍ଣ୍ଣମେଣ୍ଟ ମୋତେ ମେଡାଲ ଦେଇଛନ୍ତି ଗୋଟାଏ । ସୁନାର ମେଡାଲ । ଏ ମେଡାଲ ସାଧାରଣତଃ ସାହେବ ମାନଙ୍କୁ ଦିଆଯାଏ, କିନ୍ତୁ ମୋର କାମ ଦେଖି ମୋତେ ଦେଇଛନ୍ତି, ମୁଁ ଏଇଟା ପ୍ରତ୍ୟାଶା ବି କରିନାହିଁ । କାହିଁକି ଦେଇଛନ୍ତି କୁହନ୍ତୁ ତ -"

"ମୁଁ ଜାଣେନା" - ଚିନ୍ମୟ ଗମ୍ଭୀର ଭାବରେ ଉତ୍ତର ଦିଅନ୍ତି ।

"କିନ୍ତୁ ଏହାପରେ ମୁଁ କ'ଣ ହେବି ଜାଣନ୍ତି ?" ଛୋଟ ଛୋଟ ଆଖିରେ ଧୂର୍ତ୍ତ ପରି ଚାହିଁ ଥାଏ ଚିନ୍ମୟ ଆଡ଼କୁ । ଚିନ୍ମୟ କୌଣସି ଉତ୍ତର ଦିଅନ୍ତି ନାହିଁ ।

"ଏହାପରେ ମୁଁ ରାୟବାହାଦୂର ହେବି । ନିଶ୍ଚିତ ହେବି । ସବୁ ଠିକ୍ ହେଇଯାଇଛି । ଏଥିପାଇଁ ବହୁତ କଷ୍ଟ କରିବାକୁ ହୁଏ । କିନ୍ତୁ ମୋର ସାଧାରଣ ଭାବରେ ହେଇଯିବ ।"

ଏଇ ଆନେକ୍ସର ଜୀବନ ଅତିଶୟ ଏକାପରି । ସେଇ ପକ୍ଷାଘାତଗ୍ରସ୍ତ ଆଉ ମୋଟା ରୋଗୀଟି ଛଡ଼ା ବାକି ସମସ୍ତେ ସକାଳେ ସେଇ ବାରଣ୍ଡାକୁ ଯାଇ ଗୋଟାଏ କାଠ ଟବ୍‌ରୁ ପାଣି ନେଇ ହାତ ମୁହଁ ଧୁଆଧୁଇ କରନ୍ତି । ଗାମଛା, ତଉଲିଆ କିଛି ନାହିଁ, ନିଜର ପିନ୍ଧିଥିବା ଜାମା ଓ ଲୁଗାରେ ହାତ ମୁହଁ ପୋଛି ପକାନ୍ତି । ତା'ପରେ ନନ୍ଦୀ ଟିଣ ମଗରେ ଚା' ଆଣି ଦିଅନ୍ତି ସେମାନଙ୍କୁ । ଗୋଟାଏ ମଗରୁ ବେଶୀ କେହି

ପାଆନ୍ତି ନାହିଁ । ଦ୍ୱିପହରରେ ସେମାନେ ପାଆନ୍ତି ଲାଲ ଚାଉଳର ଭାତ, ଟିକେ ଡାଲି ଆଉ ଗୋଟାଏ ତରକାରି । ରାତିରେ ମଧ୍ୟ ସେଇଆ । ଡାଲି ଆଉ ତରକାରି ସକାଳ ବେଳାର । ବାକି ସମୟ ସେମାନେ ବିଛଣାରେ ଉପରେ ଶୋଇ ରହନ୍ତି ନଚେତ୍ ଝରକା ବାହାରେ ଚାହିଁ ରହନ୍ତି, କେହି କେହି ଘର ଭିତରେ ପାଏଚାରି କରନ୍ତି । ପୋଷ୍ଟ ଅଫିସର ପିଅନଟା ତା'ର ମେଡ଼ାଲ ଆଉ ରାୟବାହାଦୁର ହେବା ଗପ ପ୍ରତିଦିନ କରୁଥାଏ । କୌଣସି ବୈଚିତ୍ର ନାହିଁ ।

ଏଠାରେ ନୂଆ ମୁହଁ ପ୍ରାୟ ଦେଖାଯାଏନା । ଡାକ୍ତରବାବୁ ନୂଆ ପାଗଳ ରୋଗୀ ଆଉ ଡାକ୍ତରଖାନାରେ ଭର୍ତ୍ତି କରନ୍ତିନାହିଁ । ଏଇ ପାଗଳମାନଙ୍କୁ ଦେଖିବା ପାଇଁ ବାହାରୁ କେହି ବିଶେଷ ଆସନ୍ତି ନାହିଁ । ଦୁଇ ମାସ ଛାଡ଼ି ଛାଡ଼ି ତିନୁ ନାପିତ ଆସେ । ନନ୍ଦୀଙ୍କ ସାହାଯ୍ୟରେ ସେ କି ଭାବରେ ସେଇ ପାଗଳ ମାନଙ୍କ ଚୁଟି ଆଉ ନଖ କାଟେ ସେଇଟା ଅବର୍ଣ୍ଣନୀୟ । ସଦାହାସ୍ୟ ମୁହଁ ମଦୁଆ ତିନୁକୁ ଦେଖିଲେ ହିଁ ଭୟରେ ସମସ୍ତେ ସନ୍ତ୍ରସ୍ତ ହେଇପଡ଼ନ୍ତି ।

ତିନୁ ଛଡ଼ା ବାହାରର କୌଣସି ଲୋକ ଆ୍ୟାନେକ୍ସକୁ ଆସନ୍ତି ନାହିଁ । ଦିନ ପରେ ଦିନ ସେଇ ନନ୍ଦୀଙ୍କର ନିର୍ଜଳା ସଙ୍ଗସୁଖ ଉପଭୋଗ କରିବାକୁ ହୁଏ ରୋଗୀମାନଙ୍କୁ । ସମ୍ପ୍ରତି ଅବଶ୍ୟ ଗୋଟାଏ ଗୁଜବ ଶୁଣାଯାଇଛି ଡାକ୍ତରଖାନାରେ । ଡାକ୍ତରବାବୁ କୁଆଡ଼େ ନିୟମିତ ଭାବରେ ଆ୍ୟାନେକ୍ସକୁ ଯିବା ଆସିବା କରୁଛନ୍ତି ।

**॥ ପାଞ୍ଚ ॥**

ଗୁଜବଟା ସତରେ ଅଦ୍ଭୁତ ଧରଣର ।

ଡାକ୍ତର ଯାମିନୀ ଭୂଷଣ ଦତ୍ତଙ୍କୁ ଅସାଧାରଣ ଲୋକ କହିବା ଉଚିତ । ପ୍ରଥମ ଯୌବନରେ ସେ ବହୁତ ଧାର୍ମିକ ଥିଲେ । ତାଙ୍କର ଇଚ୍ଛା ଥିଲା ପଢ଼ାଶୁଣା ଶେଷ କରି କୌଣସି ମଠ ବା ଆଶ୍ରମରେ ପ୍ରବେଶ କରିବେ । କିନ୍ତୁ ତାଙ୍କର ବାପା ଏଥିରେ ବାଧା ଦିଅନ୍ତି । ସେ ଜଣେ ବଡ଼ ଡାକ୍ତର ଥିଲେ । ସର୍ଜରିରେ ବହୁତ ନାଁ ଥିଲା ତାଙ୍କର । ସେ ବାଧା ଦେଲେ । କହିଲେ, ତୁ ଯଦି ସେଇ ଧର୍ମରେ ମାତିଯାଉ, ତାହେଲେ ମୁଁ ତୋତେ ତ୍ୟଜ୍ୟପୁତ୍ର କରିବି । ଜାଣେନା କଥାଟା କେତେଦୂର ସତ, କିନ୍ତୁ ଶୁଣିଛି ଯାମିନୀ ବାବୁ କହୁଥିଲେ ଯେ ଡାକ୍ତରୀରେ ବା କୌଣସି ବୈଜ୍ଞାନିକ ବିଷୟରେ ତାଙ୍କର ରୁଚି ନଥିଲା ।

ଯାହାହେଉ, ଡାକ୍ତରୀ ପାସ୍ କରିବା ପରେ ସେ କୌଣସି ମଠରେ ବା ଆଶ୍ରମରେ ସେ ଯାଇନାହାନ୍ତି । ତାଙ୍କ ଭିତରେ କୌଣସି ଧର୍ମର ଭଡ଼ଙ୍ଗ ନଥିଲା । ବାହାରୁ ଅନାଡ଼ମ୍ବର, ସାଦାସିଧା ମଣିଷ ମନେ ହେଉଥିଲା ତାଙ୍କୁ ।

କିନ୍ତୁ ତାଙ୍କର ଚେହେରାଟା ଥିଲା ଟିକେ ଅଦ୍ଭୁତ । ଭଦ୍ରଲୋକଙ୍କ ପରି ନୁହେଁ । ବଳିଷ୍ଠ ଗଠନ ଚାଷି ପରି ଥିଲେ । ତାଙ୍କର ପ୍ରକାଣ୍ଡ ମୁହଁ, ତାଙ୍କର ଦାଢ଼ି, ତାଙ୍କର ମୁଣ୍ଡର ବାଳ, ତାଙ୍କର ବଳିଷ୍ଠ ଗଠନ, ଲମ୍ବା ଲମ୍ବା ହାତ – ଗୋଡ଼ – ତାଙ୍କୁ ଡାକ୍ତର ବୋଲି ମନେ ହେଉନଥିଲା । ବରଂ ମନେ ହେଉଥିଲା କୌଣସି ହୋଟେଲର ମାଲିକଙ୍କ ପରି । ସୁପୁଷ୍ଟ ଦେହ, ମୁହଁରେ ଗୋଟାଏ ଜିଦ୍‌ର ଚିହ୍ନ, କୋମଳତାର ଲେଶ ମାତ୍ର ନାହିଁ ।

ତାଙ୍କ ମୁହଁରେ ଅସଂଖ୍ୟ ଛୋଟ ଛୋଟ ଶିରାର ଜାଲି ଥିବାରୁ ଆହୁରି ଭୟଙ୍କର ଦେଖାଯାଉଥିଲା । ଆଖି ଯୋଡ଼ିକ ଛୋଟ । ନାକଟା ଲାଲ । ବେଶ୍ ଲମ୍ବା ଚେହେରା । ଆଜାନୁଲମ୍ବିତ ବାହୁ । ହାତର ମୁଠା ଦୁଇଟା ବହୁତ ବଡ଼ । ମନେ ହୁଏ ଗୋଟାଏ ମୁଥା ମାରିଲେ ଗୋଟାଏ ଷଣ୍ଢ ବୋଧହୁଏ ପଡ଼ିଯିବ ।

କିନ୍ତୁ ଡାକ୍ତର ଦତ୍ତ ଯେତେବେଳେ ଚାଲନ୍ତି, ସେତେବେଳେ ଖୁବ୍ ସାବଧାନରେ ଚାଲନ୍ତି, ପାଦର ଆବାଜ ଶୁଣାଯାଏନାହିଁ । ଅନେକାଂଶରେ ବିଲେଇ ଚାଲିବା ପରି । ଚାଲୁ ଚାଲୁ ଯଦି କାହାରି ସାଙ୍ଗରେ ମୁହାଁମୁହିଁ ହେଇପଡ଼ନ୍ତି, ତାହେଲେ ସେ ନିଜେ ଆଗ ଥମି ଯାଇ ଆଡ଼େଇ ହେଇ କହନ୍ତି 'ସରି' । ତାଙ୍କ ଚେହେରା ଦେଖିଲେ ମନେହେବ ତାଙ୍କର ଗଳାର ସ୍ୱରରେ ବି ବହୁତ ଜୋର୍ ଥିବ । କିନ୍ତୁ ସେଇଆ ନୁହେଁ, ଭାରି କୋମଳ କଣ୍ଠ । ତାଙ୍କର ବେକରେ ଗୋଟାଏ ପଟେ ଗୋଟାଏ ଆବୁ ଅଛି । ତେଣୁ ସେ ଟାଣ ଥିବା କଲର ପିନ୍ଧି ପାରନ୍ତି ନାହିଁ, ନରମ କଲର ଥିବା ସୂତାର କମିଜ ପିନ୍ଧନ୍ତି । ତାଙ୍କର ପୋଷାକ – ପରିଚ୍ଛଦ ବି ଡାକ୍ତରଙ୍କ ପରି ନୁହେଁ । ଗୋଟାଏ ସୁଟ୍ ତାଙ୍କର ଦଶ ବର୍ଷ ଚାଲିଯାଏ । ତାଙ୍କର ଆଉ ଗୋଟାଏ ପ୍ରକୃତି, ନୂଆ ସୁଟ୍ କେବେବି ତିଆରି କରାନ୍ତି ନାହିଁ । ଯେତେବେଳେ ଦରକାର ହୁଏ ପୁରୁଣା ବିକ୍ରି ହେଉଥିବା ଲୁଗାପଟା ଦୋକାନରୁ କିଣନ୍ତି । ସେ ଗୋଟିଏ ସୁଟ୍ ପିନ୍ଧି ରୋଗୀ ଦେଖନ୍ତି, ଖାଆନ୍ତି, ବନ୍ଧୁ ବାନ୍ଧବଙ୍କ ଘରକୁ ବି ବୁଲି ଯାଆନ୍ତି । କୃପଣତା ପାଇଁ ଯେ ଏସବୁ କରନ୍ତି, ତା'ନୁହେଁ – ସେଇଆ ତାଙ୍କର ସ୍ୱଭାବ – ନିଜର ପୋଷାକ – ପରିଚ୍ଛଦ ପ୍ରତି ଉଦାସୀନ ।

ଯାମିନୀବାବୁ ଯେତେବେଳେ ଡାକ୍ତରଖାନର ଚାର୍ଜ ନେଇ ଆସନ୍ତି ସେତେବେଳେ ଡାକ୍ତରଖାନାର ଅବସ୍ଥା ଅତି ସାଂଘାତିକ ଥିଲା । ଦୁର୍ଗନ୍ଧ ପାଇଁ, ଓ୍ୱାର୍ଡରେ, ବାରଣ୍ଡାରେ, ଏପରିକି ବାହାର ଅଗଣାରେ ଛିଡ଼ା ହେବା ସମ୍ଭବ ହେଉନଥିଲା । ଡାକ୍ତରଖାନାର ନର୍ସମାନେ, ଚାକରମାନେ ସପରିବାରରେ ବାସ କରୁଥିଲେ ରୋଗୀମାନଙ୍କ ସାଙ୍ଗରେ । ଅସରପା, ଛାରପୋକ ଆଉ ମୂଷାମାନଙ୍କର ରାଜତ୍ୱ ଥିଲା ସେଇ ଡାକ୍ତରଖାନା ଭିତରେ । ଅପରେସନ୍ କଲେ ହିଁ ସେପ୍‌ଟିକ୍ ହେଇଯାଉଥିଲା । ବର୍ତ୍ତମାନ କହିଲେ, ଲୋକେ ବିଶ୍ୱାସ କରିବେ ନାହିଁ କିନ୍ତୁ ସତରେ ସେତେବେଳେ ଡାକ୍ତରଖାନାରେ ଦୁଇଟାରୁ ବେଶୀ ଛୁରୀ ନଥିଲା । ଥର୍ମମିଟର ନଥିଲା । ରୋଗୀମାନଙ୍କର ଗାଧୋଇବା ଟବ୍‌ରେ ଆଳୁ ରଖାହେଉଥିଲା । ଡାକ୍ତରଖାନାର ସୁପରିନ୍‌ଟେଣ୍ଡେଣ୍ଟ, ମେଟ୍ରନ ଆଉ କମ୍ପାଉଣ୍ଡରମାନେ ରୋଗୀମାନଙ୍କର ଖାଦ୍ୟ ଚୋରି କରୁଥିଲେ । ଯାମିନୀ ବାବୁଙ୍କ ପୂର୍ବେ ଯେଉଁ ବୁଢ଼ା ଡାକ୍ତର ବାବୁ ଜଣକ ଥିଲେ ସେ ଡାକ୍ତରଖାନାର ଔଷଧପତ୍ର – ବିଶେଷକରି ସ୍ପିରିଟ୍ ଆଉ ବ୍ରାଣ୍ଡି – ବିକ୍ରି କରୁଥିଲେ । ଚରିତ୍ର ବି ତାଙ୍କର ଭଲନଥିଲା । ଡାକ୍ତରଖାନାର ନର୍ସ, ଏମିତିକି ରୋଗିଣୀ ମାନଙ୍କୁ ନେଇବି ତାଙ୍କର ବଦ୍‌ନାମ୍ ଥିଲା ବହୁତ । ସହରର ସମସ୍ତେ ଏସବୁ ଜାଣିଥିଲେ, ଏସବୁ ନେଇ ଅନେକେ ବଢ଼ାଇ ବଢ଼ାଇ ଗପ ବି କରୁଥିଲେ ଆଡ଼ାରେ – କିନ୍ତୁ କେହି ଏହାର ଉନ୍ନତି ପାଇଁ ମୁଣ୍ଡ ଖର୍ଚ୍ଚ କରୁନଥିଲେ । ଅନେକେ କହୁଥିଲେ ଗରିବ – ଗୁରୁବାମାନଙ୍କ ପାଇଁ ଡାକ୍ତରଖାନା, ଆଉ କେତେ ଭଲ ହେବ । ସେମାନଙ୍କ ଘରେ ଯାହା ଅବସ୍ଥା ତା'ଠାରୁ ଭଲ ! ସେମାନଙ୍କୁ କ'ଣ ଛେନା, ଲହୁଣୀ ଖାଇବାକୁ ଦିଆହେବ ? କାହାରି କାହାରି ମତ ଥିଲା, ଉପରବାଲା ଗଭର୍ଣ୍ଣମେଣ୍ଟ ଦୟାକରି ଯେତେଟିକେ ଦେଇଛନ୍ତି ସେଥିରେ ସନ୍ତୁଷ୍ଟ ରହିବା ଉଚିତ । କିନ୍ତୁ ଉପରବାଲା ଗଭର୍ଣ୍ଣମେଣ୍ଟ ଏପଟକୁ ଆଉ ନଜର ଦେଇନାହାନ୍ତି । ଦେବାକୁ ହେବ ବୋଲି ଦରକାର ମଧ୍ୟ ମନେ କରିନାହାନ୍ତି । ଗୋଟାଏ ଡାକ୍ତରଖାନା ଯେତେବେଳେ ଅଛି ଆଉ ସେଥିରେ ଯେତେବେଳେ କାମ ଚଳିଯାଉଛି ସେତେବେଳେ ତାକୁ ନେଇ ଆଉ ଚିନ୍ତା କରିବାର କ'ଣ ଅଛି ?

ଯାମିନୀ ବାବୁ ଯେତେବେଳେ ପ୍ରଥମେ ଡାକ୍ତରଖାନାକୁ ଆସିଲେ, ସେତେବେଳେ ତାଙ୍କର ମନେ ହେଇଥିଲା ଏହାର ଆଦ୍ୟ ପ୍ରାନ୍ତ ସବୁ ଦୁର୍ନୀତିରେ ଭର୍ତ୍ତି । ଏଠି ରୋଗୀମାନଙ୍କର ସ୍ୱାସ୍ଥ୍ୟର ଉନ୍ନତି ତ ହେବନାହିଁ, ବରଂ କ୍ଷତି ହେବ । ତାଙ୍କର ମନେ ହେଇଥିଲା ରୋଗୀମାନଙ୍କୁ ବିଦାୟ କରିଦେଇ ଡାକ୍ତରଖାନାକୁ ବନ୍ଦ କରିଦେବା ହିଁ ସୁବୁଦ୍ଧିର କାମ ହେବ । କିନ୍ତୁ ପରେ ସେ ଭାବି ଦେଖିଲେ ସେ ଇଚ୍ଛା କଲେ ଏଇ ପାପ ଦୂର ହେବନାହିଁ, କୌଣସି ଉପକାର ବି ହେବନାହିଁ । ଦୈହିକ ଏବଂ ନୈତିକ ଗଣ୍ଡଗୋଳ ଗୁଡ଼ାକ ଯଦି ଗୋଟାଏ ଜାଗାରୁ ସଫା କରାଯାଏ, ତାହେଲେ ଆଉ ଗୋଟାଏ ଜାଗାରେ ଜମି ଯିବ ସେଗୁଡ଼ାକ । ଯେତେଦିନ ପର୍ଯ୍ୟନ୍ତ ନିଜ ଆଡୁ

ଯାଇ ନାହିଁ ସେଗୁଡ଼ାକ ହାତରୁ ନିସ୍ତାର ନାହିଁ । ଏଥିପାଇଁ ଅପେକ୍ଷା କରିବାକୁ ହେବ । ତାଛଡ଼ା ଲୋକମାନେ ଯେତେବେଳେ ଏଇପରି ଗୋଟାଏ ଡାକ୍ତରଖାନା ଖୋଲିଛନ୍ତି ଆଉ ସେଥିରେ ହେଉଥିବା ଏଇ ଅନାଚାର ଗୁଡ଼ିକ ସହ୍ୟ କରୁଛନ୍ତି, ସେତେବେଳେ ମାନି ନେବାକୁ ପଡ଼ିବ ସେମାନେ ଏଇଆ ଚାହାଁନ୍ତି । ଅନ୍ଧ କୁସଂସ୍କାର ଆଉ ଦୈନନ୍ଦିନ ଏଇ ସବୁ ଅପରିଷ୍କାର କାମ ସେମାନଙ୍କ ପକ୍ଷରେ ପ୍ରୟୋଜନ । କାଳକ୍ରମରେ ଏହି ଜିନିଷ ହିଁ ଭଲ ଜିନିଷରେ ପରିଣତ ହେବ, ଭଲ ଫସଲ ଫଳିବ, ଯେମିତି ଉର୍ବର ଜମିରେ ହୁଏ । ପୃଥିବୀରେ ବୋଧହୁଏ ଏଇପରି ଭଲ ଜିନିଷ କମ୍ ଅଛି, ଯାହାର ଆଦିମ ଉତ୍ସ ମନ୍ଦ ଜିନିଷ ହୁଏ ।

ଯାମିନୀ ବାବୁ ଯେତେବେଳେ କାମ ଆରମ୍ଭ କଲେ ସେତେବେଳେ ଡାକ୍ତରଖାନାର ବିଶୃଙ୍ଖଳା, ଦୁରାବସ୍ଥା ପ୍ରଭୃତି ନେଇ ବିଶେଷ ପାଟିତୁଣ୍ଡ କରିନାହାନ୍ତି । ସେ କେବଳ ନର୍ସ ଆଉ ଡାକ୍ତରଖାନାର ଚାକର ମାନଙ୍କୁ କହିଲେ, ଡାକ୍ତରଖାନରେ ରାତ୍ରିବାସ କରିବା ଚଳିବନାହିଁ । ଆଉ ସର୍ଜିକାଲ ଯନ୍ତ୍ରପାତି ରଖିବା ପାଇଁ ଦୁଇଟା ଆଲମାରି କିଣିଲେ । ଆଉ ସବୁ ଯାହାଥିଲା ସେଇପରି ରହିଲା । ସେଇ ସୁପରିନ୍‌ଟେଣ୍ଡେଣ୍ଟ ସେଇ ମେଟ୍ରନ, କିଛି ବଦଳିଲା ନାହିଁ ।

ମନ ଭିତରେ ଯାମିନୀ ବାବୁ ଯୁକ୍ତି ଏବଂ ସତ୍ୟର ପକ୍ଷପାତୀ ଥିଲେ, କିନ୍ତୁ ସେଇ ଯୁକ୍ତି ଏବଂ ସତ୍ୟକୁ ଚାରିପଟରେ ବିସ୍ତାର କରିବାକୁ ହେଲେ ଯେଉଁ ଚରିତ୍ର ବଳ ଥିବା ଦରକାର, ସେଇଟା ତାଙ୍କର ନଥିଲା । ଏପରି କି ନିଜର କ୍ଷମତା ଉପରେ, ନିଜର କର୍ତ୍ତୃତ୍ୱ ଉପରେ ଆସ୍ଥା ନଥିଲା ତାଙ୍କର । ସେଥିପାଇଁ ମନେ ମନେ ଯେଉଁ ସାଧୁତା ଆଉ ଯୁକ୍ତିର ସେ ଭକ୍ତ ଥିଲେ ନିଜର କର୍ମଜୀବନରେ ତାକୁ ଗଢ଼ି ତୋଳିପାରୁନଥିଲେ । ସେ କାହାକୁ ହୁକୁମ କରିପାରୁନଥିଲେ, ଜୋର ଜବରଦସ୍ତ କୌଣସି ଅନ୍ୟାୟ ବିରୁଦ୍ଧରେ ପ୍ରତିରୋଧ କରିପାରୁନଥିଲେ । ଏମିତିକି ଏଇଟା କରାହେଉ, ଏଇଟା କରିବାକୁ ହିଁ ପଡ଼ିବ – ଏ କଥା ବି ଜୋର୍ କରି କହିପାରୁନଥିଲେ କାହାକୁ । କାହାକୁ କୌଣସି ହୁକୁମ କରିପାରୁନଥିଲେ । ଯେତେବେଳେ ଭୋଗ ହେଉଥିଲା ସେତେବେଳେ ରୋଷେଆଣୀ ପାଖକୁ ଯାଇ ଟିକେ ଇତସ୍ତତଃ କରି କହୁଥିଲେ "ଟିକେ ଚା' ପିଇଲେ ଭଲ ହୁଅନ୍ତା ।" ବା "ଖାଇବା ପାଇଁ ଆଉ କେତେ ଡେରି ହେବ" ।

ସୁପରିନ୍‌ଟେଣ୍ଡେଣ୍ଟ ତାଙ୍କ ଆଖି ସାମ୍ନାରେ ଚୋରି କରୁଥିଲେ, ବାହାରର ବାଜେ ଲୋକମାନେ ଡାକ୍ତରଖାନାକୁ ଆସି ବୁଲାବୁଲି କରୁଥିଲେ – ସେ କିଛି କହିପାରୁନଥିଲେ । କହିବାର କ୍ଷମତା ତାଙ୍କର ନଥିଲା । ଯେତେବେଳେ କେହି ତାଙ୍କ ପାଖରେ ମିଛ କଥା କହୁଥିଲେ, କିମ୍ବା ତାଙ୍କୁ ଖୋସାମତ କରୁଥିଲେ, କିମ୍ବା ମିଛ ଭାଉଚରରେ ସହି କରିବାକୁ କହୁଥିଲେ, ସେତେବେଳେ ସେ ନିଜେ ଲଜ୍ୟାରେ ଲାଲ ହେଇଯାଉଥିଲେ, ଏବଂ ମନେ ମନେ ନିଜକୁ ଧିକ୍କାର ଦେଲେବି ଚୁପ୍‌ଚାପ୍ ସହି କରିଦେଉଥିଲେ । ରୋଗୀମାନେ ଯେତେବେଳେ ତାଙ୍କ ପାଖରେ ନାଲିସ୍ କରୁଥିଲେ ଯେ ସେମାନେ ଭୋକ ହେଲେ ଖାଇବାର ପାଆନ୍ତି ନାହିଁ, ନର୍ସମାନେ ସେମାନଙ୍କ ସାଙ୍ଗରେ ଦୁର୍ବ୍ୟବହାର କରନ୍ତି ସେତେବେଳେ ମହା ବିପଦରେ ପଡ଼ିଯାଆନ୍ତି ସେ । ମୃଦୁକଣ୍ଠରେ କ୍ଷମା ମାଗିବା ଭଙ୍ଗରେ କହନ୍ତି – "ଆଚ୍ଛା, ମୁଁ ଦେଖିବି । ନିଶ୍ଚୟ କୌଣସି ଜାଗାରେ କିଛି ଗଣ୍ଡଗୋଳ ହେଇଛି –"

ପ୍ରଥମେ ଯାମିନୀ ବାବୁ ବହୁତ ଉତ୍ସାହର ସହିତ କାମ ଆରମ୍ଭ କରିଥିଲେ । ଦିନ ବେଳା ବାରଟା ଯାଏଁ ରୋଗୀ ଦେଖୁଥିଲେ, ଅପରେସନ୍ କରୁଥିଲେ, ଏପରିକି ପ୍ରସୂତି ବିଭାଗକୁ ମଧ୍ୟ ମଝିରେ ମଝିରେ ଯାଉଥିଲେ । ସ୍ତ୍ରୀଲୋକମାନେ ତାଙ୍କୁ ବହୁତ ପ୍ରଶଂସା କରୁଥିଲେ । ସେ ଯତ୍ନ କରି ଦେଖୁଥିଲେ, ରୋଗ ଚିହ୍ନିବାରେ ଧୂରନ୍ଧର ଥିଲେ । ଚିକିତ୍ସା ମଧ୍ୟ ଭଲ କରୁଥିଲେ । ବିଶେଷ କରି ସ୍ତ୍ରୀଲୋକମାନଙ୍କର ଆଉ ଶିଶୁମାନଙ୍କର ଚିକିତ୍ସାରେ ତାଙ୍କର ବହୁତ ଖ୍ୟାତି ଥିଲା । କିନ୍ତୁ କିଛି ଦିନ ପରେ ସେ ସବୁ ଯେମିତି କମି ଗଲା । କାମ କରି କରି ଆଉ ଚାରିପଟେ ଅନିବାର୍ଯ୍ୟ ଦୁର୍ନୀତି ଆଉ କାମରେ ଅବହେଳା ଦେଖି ଦେଖି ସେ କେମିତି ଗୋଟାଏ ଅନ୍ୟ ରକମ ହେଇଗଲେ । ଆଜି ତିରିଶ ଜଣ ରୋଗୀ ଦେଖିଲେ, ତା'ପରଦିନ ପଇଁତିରିଶ ଜଣ ଆସିଲେ । ତା'ପରଦିନ ଆସିଲେ ଚାଳିଶ । ସହରରେ ମୃତ୍ୟୁର ହାର ବଢ଼ି ଚାଲିଛି । ରୋଗୀ ମଧ୍ୟ ବଢ଼ି ଚାଲିଛି । ଆଉଟ୍‌ଡୋର୍‌ରେ ବସି ଚାଳିଶ ଜଣ ରୋଗୀଙ୍କର ଚିକିତ୍ସା କରିବା ଅସମ୍ଭବ । ଚିକିତ୍ସା କରିବା ନୁହେଁ ଯେ ପ୍ରତାରଣା କରିବା । ବର୍ଷକୁ ଯଦି ବାର ହଜାର ରୋଗୀ ଆଉଟ୍‌ଡୋର୍‌ରେ ଦେଖିବାକୁ ହୁଏ, ତା'ର ଅର୍ଥ ହେଉଛି ବାର ହଜାର ସ୍ତ୍ରୀ-ପୁରୁଷଙ୍କୁ ଠକିବା । ବଡ଼ ରୋଗ ଥିବା ଲୋକମାନଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରି ବିଜ୍ଞାନ ସମ୍ମତ ପଦ୍ଧତିରେ ଚିକିତ୍ସା କରିବା ବି ସମ୍ଭବ ନୁହେଁ, ଯଦିଓ ଆଇନ୍ କାନୁନ୍‌ର ଅଭାବ ନାହିଁ, କିନ୍ତୁ ବିଜ୍ଞାନର ଅଭାବ ଅଛି । ବିଜ୍ଞାନକୁ ବାଦ୍ ଦେଇ ଯଦି ଅନ୍ଧ ଭାବରେ କେବଳ ଆଇନ୍ କାନୁନ୍ ମାନି କାମ କରାଯାଏ – ଯେମିତି ଅନ୍ୟାନ୍ୟ ଡାକ୍ତରମାନେ ସାଧାରଣତଃ କରନ୍ତି – ତାହେଲେ ମଧ୍ୟ ପରିଷ୍କାର – ପରିଚ୍ଛନ୍ନତା, ବିଶୁଦ୍ଧ ପବନ ଚଳାଚଳର ବ୍ୟବସ୍ଥା, ପୁଷ୍ଟିକର ଖାଦ୍ୟ, ସଚ୍ଚରିତ୍ର ଆସିଷ୍ଟେଣ୍ଟ, ଏସବୁ ଥିବା ଦରକାର, କିନ୍ତୁ ଯାହା ଅଛି ସେଇଟା ପରିଚ୍ଛନ୍ନ ନୁହେଁ ମଇଳା ଅପରିଷ୍କାର, ପୁଷ୍ଟିକର ଖାଦ୍ୟ ନୁହେଁ ଶାଗସିଝା, ସଚ୍ଚରିତ୍ର ଲୋକ ନୁହେଁ ଚୋର ।

ତାଛଡ଼ା ଯାମିନୀ ବାବୁଙ୍କର ମନେ ହେଉଥିଲା ମରିବା ଯେତେବେଳେ ପୃଥିବୀର ନିୟମ ସେତେବେଳେ କ'ଣ ଲାଭ ଏମାନଙ୍କୁ ବଞ୍ଚାଇ ? ଗୋଟାଏ ଦୋକାନୀ ବା କିରାନିର ଜୀବନର ମିଆଦ ପାଞ୍ଚବର୍ଷ ବା ଦଶବର୍ଷ ବଢ଼ାଇ ଲାଭ କ'ଣ ? ଯଦି ଚିକିତ୍ସା ବିଜ୍ଞାନର ଉଦ୍ଦେଶ୍ୟ ହୁଏ ମଣିଷର ଯନ୍ତ୍ରଣା ଲାଘବ କରିବା ତାହେଲେ ପ୍ରଶ୍ନ ଉଠେ ଯନ୍ତ୍ରଣା ଲାଘବ କିପରି ହେବ ? ପ୍ରଥମତଃ ଲୋକେ କହନ୍ତି ଯେ କଷ୍ଟ ହିଁ ମଣିଷର ଉନ୍ନତିର ସୋପାନ, ଦ୍ୱିତୀୟତଃ, ଯଦି ଗୋଟାଏ ଔଷଧର ବଟିକା ବା ଗୋଟାଏ ଦାଗ ଔଷଧ ଖାଇ କାହାରି କଷ୍ଟ କମିଯାଏ ତାହେଲେ ଏତେଦିନ ଭଗବାନଙ୍କୁ ଡାକି ବା ଯେଉଁ ଧର୍ମକୁ ଜାବୁଡ଼ି ଧରି ଲୋକେ ସାନ୍ତ୍ୱନା ବା ସୁଖ ପାଉଥିଲେ ସେଇଟା କ'ଣ ଆଉ ପାଇପାରିବେ ? ଲୋକେ ଭଗବାନଙ୍କୁ, ଧର୍ମକୁ ଭୁଲିଯିବେ । ପୃଥିବୀର କେତେ ମହାପୁରୁଷ ରୋଗ ଯନ୍ତ୍ରଣାରେ ଜୀବନରେ ବହୁତ କଷ୍ଟ ପାଇଛନ୍ତି, ମୃତ୍ୟୁ ଶଯ୍ୟାରେ ମଧ୍ୟ ସେମାନଙ୍କର କଷ୍ଟର ସୀମା ନଥିଲା । ରାମା, ଶାମା, ଯଦୁର ତୁଚ୍ଛ ଜୀବନ ପାଇଁ ଆମର ଏତେ ମୁଣ୍ଡ ବ୍ୟଥାର ଦରକାର କ'ଣ ? କଷ୍ଟରେ ପଡ଼ିଲେ ହିଁ ଏମାନେ ବରଂ ପ୍ରକୃତ ମନୁଷ୍ୟତ୍ୱ ଲାଭ କରିବେ । ଏମାନଙ୍କୁ ଅହରହ ଯତ୍ନ କଲେ ଏମାନେ ତ ପଶୁତ୍ୱର ସ୍ତରରେ ଓହ୍ଲାଇ ଯିବେ ।

ଏହି ସବୁ ଭାବି ଚିନ୍ତା କରି ଯାମିନୀ ବାବୁ ଆଉ ଡାକ୍ତରଖାନାରେ କାମ କରିବା ପାଇଁ ଉତ୍ସାହ ପାଇଲେ ନାହିଁ । ପ୍ରତିଦିନ ଡାକ୍ତରଖାନାକୁ ଯିବା ଛାଡ଼ିଦେଲେ ସେ ।

**॥ ଛଅ ॥**

ତାଙ୍କର ଦୈନନ୍ଦିନ କାର୍ଯ୍ୟକ୍ରମ ଏଇପରି ହେଲା ।

ସକାଳେ ପ୍ରାୟ ଆଠଟାରେ ନିଦରୁ ଉଠୁଥିଲେ । ନିଜର ନିତ୍ୟକର୍ମ ଶେଷ କରି ଚା' ପିଅନ୍ତି । ତା'ପରେ ନିଜ ଲାଇବ୍ରେରୀରେ ବସି ପଢ଼ାପଢ଼ି କରୁଥିଲେ କିଛି ସମୟ । କେବେ କେବେ ଡାକ୍ତରଖାନାକୁ ଚାଲି ଯାଉଥିଲେ । ଯାଇ ଦେଖୁଥିଲେ ଡାକ୍ତରଖାନାର ସରୁ ବାରଣ୍ଡାରେ ଆଉଟଡୋର ରୋଗୀଙ୍କର ଭିଡ଼, ସେମାନଙ୍କ ଭିତରୁ ଅନେକେ ଡାକ୍ତରଖାନାରେ ଭର୍ତ୍ତି ହେବାକୁ ଚାହାଁନ୍ତି । ଡାକ୍ତରଖାନାର ପୁରୁଷ ଏବଂ ସ୍ତ୍ରୀଲୋକ ଆସିଷ୍ଟାଣ୍ଟ ମାନେ ଦୌଡ଼ା ଦୌଡ଼ି କରି ବୁଲୁଛନ୍ତି । ଡାକ୍ତରଖାନାର ଜୀର୍ଣ୍ଣ ଶୀର୍ଣ୍ଣ ଇନ୍‌ଡୋର ରୋଗୀମାନେ

ଲମ୍ବା ଗାଉନ୍ ପିନ୍ଧି ଘୂରି ବୁଲୁଛନ୍ତି ଏପଟେ ସେପଟେ, କେଉଁଠି ମଡ଼ା ପଡ଼ି ରହିଛି, ମେହେନ୍ତର ମାନେ ସେମାନଙ୍କର କାମ କରୁଛନ୍ତି, ପିଲାଛୁଆମାନେ ପାଟିତୁଣ୍ଡ କରୁଛନ୍ତି, ଆଉ ହୁ ହୁ ହେଇ ଥଣ୍ଡା ପବନ ବୋହୁଛି ବାରଣ୍ଡା ଉପରେ । ଏଇ ପାରିପାର୍ଶ୍ୱିକ ଅବସ୍ଥା ଯେ ରୋଗୀମାନଙ୍କ ପକ୍ଷରେ ଅନୁକୂଳ ନୁହେଁ, ବିଶେଷ କରି ଯକ୍ଷ୍ମା ଆଉ ଜ୍ୱରଗ୍ରସ୍ତ ରୋଗୀମାନଙ୍କ ପକ୍ଷରେ, ସେଇଟା ସେ ବୁଝିପାରୁଥିଲେ, କିନ୍ତୁ କରିବେ କ'ଣ ? ତାଙ୍କ ଘରେ ତାଙ୍କର ଆସିଷ୍ଟାଣ୍ଟ ଡାକ୍ତର ଘୋଷାଲ ତାଙ୍କୁ ଦେଖିଲେ ହିଁ ନମସ୍କାର କରି ଉଠି ଛିଡ଼ା ହେଇଯାଉଥିଲେ । ଡାକ୍ତର ବିଶ୍ୱମ୍ଭର ଘୋଷାଲ ଜଣେ ଗେଡ଼ା ହେଇ ଗୋଲଗାଲ ଭଦ୍ରଲୋକ । ତାଙ୍କୁ ଢିଲା ନୂଆ ସୁଟ୍‌ରେ ଡାକ୍ତର ମନେ ହେଉନଥିଲା, ମନେ ହେଉଥିଲା କୌଣସି ସିନେଟର । ସହରରେ ତାଙ୍କର ପ୍ରାକ୍‌ଟିସ୍ ବହୁତ ଭଲ । ତାଙ୍କର ଧାରଣା ପ୍ରାକ୍‌ଟିସ୍ ହୀନ ଯାମିନୀ ବାବୁଙ୍କ ଠାରୁ ତାଙ୍କର ବିଦ୍ୟା ବୁଦ୍ଧି ଏବଂ ଚିକିତ୍ସା ଶାସ୍ତ୍ରରେ ଜ୍ଞାନ ବହୁତ ବେଶୀ । ଘର ଭିତରେ ଦୁଇଟି ଫଟୋ ଟଙ୍ଗା ହେଇଛି । ଗୋଟିଏ ରାୟବାହାଦୁର ଶିବଶଙ୍କର ଚୌଧୁରୀଙ୍କର । ସେ ପୂର୍ବେ ଏଇ ଡାକ୍ତରଖାନାର ବହୁତ କିଛି କରିଥିଲେ । ଆଉ ଗୋଟିଏ ପାର୍ଲାମେଣ୍ଟର ଫଟୋ । ଡାକ୍ତର ଘୋଷାଲ ଗୋଟିଏ କାଳୀଙ୍କର ଫଟୋ ବି ଟଙ୍ଗାଇ ରଖିଥିଲେ ଗୋଟାଏ ପଟେ । ରାଉଣ୍ଡରେ ବାହାରିବା ପୂର୍ବେ ପ୍ରଣାମ କରି ଯାଉଥିଲେ ।

ରୋଗୀ ବହୁତ, ସମୟ ଅଳ୍ପ । ସୁତରାଂ ଗୋଟାଏ ଦୁଇଟା ପ୍ରଶ୍ନ ପଚାରି ଡାକ୍ତର ବାବୁଙ୍କୁ କୌଣସି ଗୋଟାଏ ବ୍ୟବସ୍ଥା କରିବାକୁ ହେଉଥିଲା । କୁଇନାଇନ୍ ମିକ୍ସଚର, କ୍ୟାଷ୍ଟର ଅଏଲ, ମାଲିଶ ଆଉ ମଲମ – ଏହି ସବୁ ଦେଉଥିଲେ ସାଧାରଣତଃ । ଯାମିନୀ ବାବୁ ସାଧାରଣତଃ ବାଁ ହାତଟା ଗାଲ ଉପରେ ରଖି ଟେବୁଲ ଉପରେ ଭରା ଦେଇ ବସୁଥିଲେ, ଅନ୍ୟମନସ୍କ ଭାବରେ ରୋଗୀମାନଙ୍କୁ ପ୍ରଶ୍ନ କରୁଥିଲେ ଏବଂ ଯନ୍ତ୍ର ଚାଳିତ ପରି ବ୍ୟବସ୍ଥା କରିଦେଉଥିଲେ । ଡାକ୍ତର ଘୋଷାଲ ବି ବସି ରହୁଥିଲେ ଏବଂ ମଝିରେ ମଝିରେ କିଛି କହି ଦେଉଥିଲେ । "ଅସଲ ଘଟଣା କ'ଣ ଜାଣନ୍ତି, ଆମ୍ଭମାନଙ୍କର ଭଗବାନ ପ୍ରତି ବିଶ୍ୱାସ ଚାଲି ଯାଇଛି, ତେଣୁ ଏତେ କଷ୍ଟ, ତେଣୁ ଏତେ ରୋଗ" ।

ଡାକ୍ତର ଦତ୍ତ ଅପରେସନ୍ କରୁନଥିଲେ । ବହୁତ ଦିନ ଅପରେସନ୍ ନକରି ଅପରେସନ୍ କରିବାର ଅଭ୍ୟାସଟା ଚାଲିଯାଇଥିଲା । ବର୍ତ୍ତମାନ ରକ୍ତ ଦେଖିଲେ ବିଚଳିତ ହେଇପଡୁଥିଲେ । କୌଣସି ଶିଶୁର ଗଳାର ଭିତର ପରୀକ୍ଷା କରିବା ସମୟରେ ଯଦି ପିଲାଟା ପାଟିତୁଣ୍ଡ କରୁଥିଲା ବା ହାତଗୋଡ଼ ଛଟାଛଟି କରୁଥିଲା ତାହେଲେ ତାଙ୍କର ମୁଣ୍ଡ ବୁଲାଉଥିଲା, ଆଖିରୁ ପାଣି ବାହାରିପଡୁଥିଲା । ସେ ତା'ର ମା'ଙ୍କୁ ତାଙ୍କ ପାଖରୁ ତାକୁ ନେଇଯିବାକୁ କହୁଥିଲେ । ସାଧାରଣ ଭାବରେ ଗୋଟାଏ ପ୍ରେସ୍‌କ୍ରିପ୍‌ସନ୍ ଲେଖିଦେଉଥିଲେ ।

ରୋଗୀମାନଙ୍କର ଭୀରୁତା ଆଉ ମୂର୍ଖତା ଦେଖି ଦେଖି, ଧର୍ମପ୍ରାଣ ଡାକ୍ତର ଘୋଷାଲଙ୍କ ଟିପ୍ପଣୀ ଶୁଣି ଶୁଣି, ଘର ଭିତରରେ ସେଇ ଚିତ୍ରଗୁଡ଼ାକ ଉପରେ ଆଖି ବୁଲାଇ ବୁଲାଇ ଆଉ ନିଜ ଅନ୍ତରର ପ୍ରଶ୍ନବାଣରେ କ୍ଷତ ବିକ୍ଷତ ହେଇ (ଏସବୁ ପ୍ରଶ୍ନ ଗତ କୋଡ଼ିଏ ବର୍ଷ ହେଲା କ୍ରମାଗତ ତାଙ୍କ ମନ ଭିତରେ ଜାଗି ଉଠୁଛି) କ୍ଲାନ୍ତ ହେଇପଡ଼ିଲେ ସେ । ପାଞ୍ଚ – ଛଅଟି ରୋଗୀ ଦେଖି ଉଠିପଡୁଥିଲେ, ବାକିଗୁଡ଼ାକ ସମ୍ଭାଳୁଥିଲେ ଡାକ୍ତର ଘୋଷାଲ ।

ତାଙ୍କର ଯେ ପ୍ରାଇଭେଟ ପ୍ର୍ୟାକ୍‌ଟିସ୍ ନାହିଁ, ଘରେ ରୋଗୀର ଦଳ ତାଙ୍କୁ ବିରକ୍ତ କରିବାକୁ ଆସିବେ ନାହିଁ ଏଇ ମନୋରମ ଚିନ୍ତାରେ ବିଭୋର ହେଇ ଘରକୁ ଫେରି ବହି ନେଇ ବସି ଯାଉଥିଲେ । ସେ ବହୁତ ପଢୁଥିଲେ ଏବଂ ପଢ଼ି ଆନନ୍ଦ ପାଉଥିଲେ । ସେ ଯାହା ଦରମା ପାଉଥିଲେ ସେଥିରୁ ପ୍ରାୟ ଅଧା ବହି କିଣିବାରେ ଖର୍ଚ୍ଚ ହେଉଥିଲା । ତାଙ୍କର ଛଅଟି ରୁମ୍ ଭିତରୁ ତିନୋଟି ରୁମ୍ ବହିରେ ଭର୍ତ୍ତି । ନାନା ପ୍ରକାର ବହି, ନାନାପ୍ରକାର ମାସିକ ପତ୍ରିକା । ଇତିହାସ ଆଉ ଦର୍ଶନ ଶାସ୍ତ୍ରର ବହି ବେଶୀ ପଢ଼ନ୍ତି ସେ । ଡାକ୍ତରୀ କାଗଜ ଗୋଟାଏ ନିଅନ୍ତି ସତ, କିନ୍ତୁ ଭଲ କରି ପଢ଼ନ୍ତି ନାହିଁ । ଅକ୍ଲାନ୍ତ ଭାବରେ ବହୁତ ସମୟ ସେ ପଢ଼ି ପାରନ୍ତି । ଚିନ୍ମୟ ସାନ୍ୟାଲ ଅବଶ୍ୟ ଯେମିତି ଆବେଗ ନେଇ ପଢୁଥିଲେ ସେଇ ଆବେଗ ଅବଶ୍ୟ ଡାକ୍ତର ଦତ୍ତଙ୍କର ନଥିଲା । ସେ ଧୀରେ-ସୁସ୍ଥେ, ଭାବି-ଚିନ୍ତି ଆସ୍ତେ ଆସ୍ତେ ପଢୁଥିଲେ । ପାଖରେ ରଖୁଥିଲେ ବ୍ରାଣ୍ଡିର ଗିଲାସ ଆଉ କିଛି କଟା କାକୁଡ଼ି । ପଢୁ ପଢୁ, ବହି ଉପରୁ ଆଖି ନ ଉଠାଇ, ମଝିରେ ମଝିରେ ବ୍ରାଣ୍ଡି ବା ଗୋଟାଏ ଟୁକୁରା କାକୁଡ଼ି ଖାଉଥିଲେ । କାକୁଡ଼ି ବଦଳରେ କେତେବେଳେ କେତେବେଳେ ଆପେଲ ବି ଖାଉଥିଲେ ।

ଦିନ ଦୁଇଟା ପରେ ଚେୟାରରୁ ଉଠୁଥିଲେ, ତା'ପରେ ରୋଷେଇ ଘରକୁ ଅତି ସନ୍ତର୍ପଣରେ ଯାଇ ଉଙ୍କି ମାରି ଦେଖି କହୁଥିଲେ, "ପାଞ୍ଚୁର ମା', ରୋଷେଇ ଆଉ କେତେ ସମୟ ଲାଗିବ ?" ପାଞ୍ଚୁର ମା' ଯାହା ରୋଷେଇ କରୁଥିଲେ, ପୂରା ଅଖାଦ୍ୟ । କିନ୍ତୁ ତାକୁ ହିଁ ନିର୍ବିବାଦରେ ଖାଇ ଦେଉଥିଲେ ଡାକ୍ତରବାବୁ । ଖାଇବା ପରେ କିଛି ସମୟ ନିଜେ ଘର ଭିତରେ ଘୂରି ବୁଲୁଥିଲେ । ଚିନ୍ତା କରୁଥିଲେ । ଘଣ୍ଟାରେ ଚାରିଟା ବାଜୁଥିଲା, ପାଞ୍ଚଟା ବାଜୁଥିଲା, ଯାମିନୀ ବାବୁ ଭ୍ରୂକ୍ଷେପ କରୁନଥିଲେ । ମଝିରେ ମଝିରେ ପାଞ୍ଚୁର ମା' ଆସି ପଚାରନ୍ତି "ଚା' କରିଦେବି" ?

ବର୍ତ୍ତମାନ ନୁହେଁ, ଆଉ ଟିକେ ପରେ – ।

ସନ୍ଧ୍ୟାବେଳେ ଆସୁଥିଲେ ପୋଷ୍ଟମାଷ୍ଟର ସତୀଶ ବାବୁ । ସହର ଭିତରେ ଇଏ ଜଣେ ମାତ୍ର ଲୋକ ଯାହାଙ୍କର ସଙ୍ଗ ଡାକ୍ତର ବାବୁ ପସନ୍ଦ କରୁଥିଲେ । ସତୀଶ ବାବୁ ଗୋଟାଏ ସମୟରେ ବେଶ୍ ବଡ଼ଲୋକ ଥିଲେ, ଅନେକ ଜମିବାଡ଼ି ଥିଲା, ଲାଖର ବ୍ୟବସାୟ ଥିଲା, କିନ୍ତୁ ଶେଷ ପର୍ଯ୍ୟନ୍ତ କିଛି ରଖିପାରିନାହାନ୍ତି, ଶେଷରେ ଜଣେ ସାହେବଙ୍କ ଦୟାରେ ଏଇ ଚାକିରିଟି ପାଇଛନ୍ତି । ବୁଢ଼ା ବୟସରେ ସାଧାରଣତଃ ଏଇ ଚାକିରି କେହି ପାଆନ୍ତିନାହିଁ । ସତୀଶ ବାବୁ ବେଶ୍ ହୃଷ୍ଟପୁଷ୍ଟ ଏବଂ ଭାରି ହସଖୁସୀ ମିଜାଜ୍‌ର ଲୋକ । ତାଙ୍କର ଆଚରଣ ବି ବେଶ୍ ଭଦ୍ର । ଟିକେ ଜୋର୍‌ରେ କଥାବାର୍ତ୍ତା କରନ୍ତି, କିନ୍ତୁ ଶୁଣିବାକୁ ଖରାପ ଲାଗେନାହିଁ । ଟିକେ ଅଭିମାନୀ, କିନ୍ତୁ ବଦ୍‌ରାଗୀ ନୁହଁନ୍ତି । ପୋଷ୍ଟ ଅଫିସରେ କୌଣସି ଲୋକ କୌଣସି ବିଷୟ ନେଇ ପାଟିତୁଣ୍ଡ କଲେ ସତୀଶ ବାବୁଙ୍କର ମୁହଁ – ଆଖି ଲାଲ ହେଇଯାଉଥିଲା, ସେ ଥରିବାକୁ ଆରମ୍ଭ କରନ୍ତି ଏବଂ ଚିତ୍କାର କରି କହନ୍ତି, "ଚୁପ୍ କରନ୍ତୁ" । ସୁତରାଂ ଅନେକେ ତାଙ୍କୁ ଭୟ କରନ୍ତି । ସତୀଶ ବାବୁ ସାଧାରଣ ଲୋକମାନଙ୍କୁ ମଣିଷ ବୋଲି ଗଣ୍ୟ କରନ୍ତି ନାହିଁ । କିନ୍ତୁ ଡାକ୍ତର ଯାମିନୀ ଦତ୍ତଙ୍କୁ ବହୁତ ଖାତିର କରନ୍ତି । ସେ କହୁଥିଲେ, ସହରର ଏକମାତ୍ର ଲୋକ ଯାହାଙ୍କ ସାଙ୍ଗରେ କଥା କୁହାଯାଇପାରେ । ଯେମିତି ପାଣ୍ଡିତ୍ୟ, ସେମିତି ମେଧା ।

"ହେଇ ତ ମୁଁ ଆସିଯାଇଛି ଡାକ୍ତର ସାହେବ" – ଏଇପରି କହି ସେ ପ୍ରତିଦିନ ଘର ଭିତରକୁ ପଶୁଥିଲେ । "କେମିତି ଅଛନ୍ତି ? ମୁଁ ପ୍ରତ୍ୟେକ ଦିନ ଆସେ, ଆପଣଙ୍କୁ ବିରକ୍ତ ଲାଗେ ନାହିଁ ତ ?"

"ଆରେ ନା, ନା । କ'ଣ ଯେ କୁହନ୍ତି" – କହି ଉଠନ୍ତି ଯାମିନୀ ବାବୁ – "ଆପଣ କ'ଣ ଜାଣି ନାହାନ୍ତି, ଆପଣ ଆସିଲେ ମୁଁ କେତେ ଖୁସୀ ହୁଏ । ଆସନ୍ତୁ, ବସନ୍ତୁ ।" ଦୁଇ ବନ୍ଧୁ ସୋଫାରେ ବସି ସିଗାରେଟ୍ ଖାଆନ୍ତି । ନୀରବରେ ଧୂମପାନ ଚାଲୁଥିଲା କିଛି ସମୟ ।

"ପାଞ୍ଚୁର ମା', ଏବେ ଟିକେ ଚା' ହେଲେ ଭଲ ହୁଅନ୍ତା !"

ପାଞ୍ଚୁର ମା' ସାଙ୍ଗେ ସାଙ୍ଗେ ଦୁଇ କପ୍ ଚା' ଆଣି ଦେଇଯାଏ । ଚା'କୁ ବି ଦୁହେଁ ନୀରବରେ ପିଅନ୍ତି । ଯାମିନୀ ବାବୁଙ୍କୁ ଟିକେ ଚିନ୍ତିତ ମନେହୁଏ । କିନ୍ତୁ ସତୀଶ ବାବୁଙ୍କ ମୁହଁ ଆନନ୍ଦରେ ଭରପୂର,

ମନେହୁଏ ସେ ଯେମିତି ଗୋଟାଏ ଭଲ ସମ୍ବାଦ ନେଇ ଆସିଛନ୍ତି ।

ଯାମିନୀ ବାବୁ ହିଁ ସାଧାରଣତଃ ପ୍ରଥମେ କଥା କହିବାକୁ ଆରମ୍ଭ କରନ୍ତି । ଖୁବ୍ ଶାନ୍ତ ଭାବରେ ଧୀରେ ଧୀରେ । ସତୀଶ ବାବୁଙ୍କର ମୁହଁକୁ ନଚାହିଁ (ସେ କାହାରି ମୁହଁ ଆଡ଼କୁ ଚାହାଁନ୍ତି ନାହିଁ) କଥା କହିବାକୁ ଆରମ୍ଭ କରନ୍ତି ।

"ଏଇଟା କ'ଣ ଦୁଃଖର କଥା ନୁହେଁ ସତୀଶ ବାବୁ ଯେ, ଏଇ ସହରରେ ଏମିତି ଜଣେ ଲୋକ ନାହାନ୍ତି, ଯାହାଙ୍କ ସାଙ୍ଗରେ ସଦାଳାପ କରାଯାଇପାରେ ? ସଦାଳାପ କରିବାର ଯୋଗ୍ୟତା ହିଁ କାହାରି ନାହିଁ । ମନେହୁଏ ଯେମିତି ଉପବାସ କରୁଛି । ସହରରେ ଯେଉଁମାନେ ଛାପ-ମରା ଶିକ୍ଷିତ ଲୋକ, ସେମାନେ ମଧ୍ୟ ତୁଚ୍ଛତାର ଉପରେ ଉଠି ପାରନ୍ତି ନାହିଁ । ମନେହୁଏ ସେମାନଙ୍କ ମନର ଗଠନ ଆଉ ତଥାକଥିତ ଅଶିକ୍ଷିତ ଲୋକମାନଙ୍କର ମନର ଗଠନ ଏକ । କୌଣସି ତଫାତ୍ ତ ଦେଖିପାରେନା" ।

"ଠିକ୍ କହିଛନ୍ତି । ମୋର ମଧ୍ୟ ସେଇ ଏକ ମତ ।"

ଡାକ୍ତର ବାବୁ ଶାନ୍ତ ଅନୁଚ୍ଚ କଣ୍ଠରେ କହିଚାଲନ୍ତି "ଆପଣ ନିଶ୍ଚୟ ଜାଣନ୍ତି ଯେ ପୃଥିବୀରେ ମଣିଷର ମନର ଉନ୍ନତ ଆଧ୍ୟାତ୍ମିକ ବିକାଶ ଛଡ଼ା ବାକି ସବୁ ତୁଚ୍ଛ, ଅର୍ଥହୀନ । ମାନସିକ ବିକାଶର ମାନଦଣ୍ଡ ଦେଇ ଆମେ ଠିକ୍ କରୁ ସେ ମଣିଷ ନା ପଶୁ । ମଣିଷ ଭିତରେ ଆମେ ଦେବତ୍ୱର ଆଭାସ ପାଉ, ଯେଉଁ ଅମୃତକୁ ଆମେ ଧାରଣା ଭିତରେ ଆଣି ପାରୁନା ସେଇଟାର ଇଙ୍ଗିତ ମଣିଷ ଭିତରେ ହିଁ ଆମେ ପାଇଥାଉ । ଏତିକି କୁହାଯାଇପାରେ ଯେ ମଣିଷର ମନ ହିଁ ଆନନ୍ଦର ଉତ୍ସ । କିନ୍ତୁ ସେଇ ମନର ପରିଚୟ ତ ଏଠି ଆମେ କେଉଁଠି ବି ପାଉନାହୁଁ, ତେଣୁ ବୋଧହୁଏ ଆମେ ସମସ୍ତେ ନିରାନନ୍ଦ ହେଇ ରହିଛୁ । ବହି ଅବଶ୍ୟ ଅଛି, କିନ୍ତୁ ବ୍ୟକ୍ତିଗତ ପରିଚିତି, ବ୍ୟକ୍ତିଗତ ମନର ସ୍ପର୍ଶ ଅଲଗା ଜିନିଷ । ଗୋଟାଏ ଉପମାରେ ଯଦି ଆପଣ ଆପତ୍ତି ନକରନ୍ତି ତାହେଲେ କହିବି ବହି ହେଉଛି ଗୀତର ଛାପା ସ୍ୱରଲିପି ଏବଂ ବ୍ୟକ୍ତିଗତ ପରିଚୟ ହେଉଛି ଗୀତା ।"

"ଠିକ୍ କହିଛନ୍ତି -"

ଏହାପରେ ଦୁହେଁ କିଛି ସମୟ ଚୁପ୍ ହେଇ ରହନ୍ତି । ପାଞ୍ଚୁର ମା' ରୋଷେଇ ଘରୁ ବାହାରି ଦୁଆର ପାଖରେ ଛିଡ଼ା ହେଇ ଗାଲରେ ହାତ ଦେଇ ଅବାକ ହେଇ ଏମାନଙ୍କର କଥାବାର୍ତ୍ତା ଶୁଣିବାକୁ ଚେଷ୍ଟା କରନ୍ତି । ଟିକେ ପରେ ସତୀଶ ବାବୁ ଆଖି ଯୋଡ଼ିକ ବିସ୍ଫାରିତ କରି କହନ୍ତି, "ଆଜିକାଲି କ'ଣ ମଣିଷର ମନ ବୋଲି କିଛି ଅଛି ବୋଲି ମନେ କରନ୍ତି ?"

ଏହାପରେ ସେ ଅତୀତ କାଳର ଆଲୋଚନା ଆରମ୍ଭ କରନ୍ତି । "ସେ କାଳରେ ଲୋକ ସବୁ କ'ଣ ଥିଲେ 'ବଳିଷ୍ଠ, ସବଳ, ଜୀବନ୍ତ' ଶିକ୍ଷିତ ଲୋକମାନେ ସେତେବେଳେ ସତରେ ମାନୀ ଲୋକ ଥିଲେ, ସେମାନଙ୍କର ନିଜର ମାନ ଥିଲା, ସେମାନେ ଅନ୍ୟ ମାନଙ୍କର ମାନ ବି ରଖିବାକୁ ଜାଣିଥିଲେ । ବନ୍ଧୁତ୍ୱକୁ ବିଶେଷ ଭାବରେ ମର୍ଯ୍ୟାଦା ଦେଉଥିଲେ ସେମାନେ । ସେମାନେ ଟଙ୍କା ଧାର ଦେଉଥିଲେ, କିନ୍ତୁ ସେଥିପାଇଁ ହ୍ୟାଣ୍ଡନୋଟ୍ ଲେଖି ନେଉନଥିଲେ, ଦୁଃସ୍ଥ ବନ୍ଧୁଙ୍କୁ ସାହାଯ୍ୟ କରିବା କର୍ତ୍ତବ୍ୟ ଭିତରେ ଗଣ୍ୟ କରୁଥିଲେ ସେମାନେ । ତାଛଡ଼ା ସେକାଳର ଲୋକମାନେ କେତେ ପରିଶ୍ରମ କରୁଥିଲେ, କ'ଣ ଖାଉଥିଲେ, ଦୋଳ - ଦୁର୍ଗା ଉତ୍ସବରେ କେତେ ଖର୍ଚ୍ଚ କରୁଥିଲେ । ସେକାଳର ସ୍ତ୍ରୀଲୋକମାନେ କ'ଣ କରୁଥିଲେ ! ଏକଲା ହାତରେ ହାତରେ କ'ଣ ଅସାଧ୍ୟ ସାଧନ କରୁଥିଲେ ସେମାନେ ! ବହୁତ ଖାଇପାରୁଥିଲେ । ଅଧସେର ଚାଉଳର ଭାତ ତ ସାଧାରଣ ଖୋରାକ ଥିଲା ସେମାନଙ୍କର । ତା'ସହ ଡାଲି ତରକାରି । ମୋର ସାଙ୍ଗ ସନାତନର ଆଈ ପେଟ ପୂରାଇ ଖାଇବା ପରେ ଅଢ଼େଇ ସେର କ୍ଷୀର ଖାଇପାରୁଥିଲେ ।

"ଆରେ ବାପ୍‌ରେ, କ'ଣ କହୁଛନ୍ତି ?"

ପାଞ୍ଚୁର ମା' ଆଢୁଆଳରୁ ମନ୍ତବ୍ୟ କରନ୍ତି ।

ଯାମିନୀ ବାବୁ ଅନ୍ୟମନସ୍କ ହେଇ ଶୁଣି ଯାଆନ୍ତି, କଥା ଗୁଡ଼ାକ ଠିକ୍ ତାଙ୍କ ମର୍ମରେ ପ୍ରବେଶ କରେନାହିଁ । ଚା' ପିଉ ପିଉ ସମ୍ପୂର୍ଣ୍ଣ ଅନ୍ୟ ଜିନିଷ ଭାବୁ ଥାଆନ୍ତି ସେ ।

"ମଝିରେ ମଝିରେ ମୁଁ ବୁଦ୍ଧିମାନ ଲୋକଙ୍କର ସ୍ୱପ୍ନ ଦେଖେ, ବୁଝିଲେ, ଏବଂ କଳ୍ପନାରେ ସେମାନଙ୍କ ସାଙ୍ଗରେ ପରିଚୟ ମଧ୍ୟ କରେ" - ହଠାତ୍ କହି ଉଠନ୍ତି ଯାମିନୀ ବାବୁ - ସତୀଶ ବାବୁଙ୍କ କଥା ମଝିରେ । "ବାପା ମୋତେ ଭଲ କଲେଜରେ ଭଲ ଶିକ୍ଷା ଦେଇଥିଲେ, କିନ୍ତୁ ସେ କାଳରେ କେମିତି ଗୋଟାଏ କୁସଂସ୍କାର ଥିଲା - କୁସଂସ୍କାର ହିଁ କହିବାକୁ ହେବ - ଯେ ଡାକ୍ତର ହେଲେ ହିଁ ବୋଧହୁଏ ସବୁ ଦୁଃଖ ପାଶୋରି ହେଇଯିବ, ସେଥିପାଇଁ ଜୋର୍ କରି ସେ ଡାକ୍ତରୀ ପଢ଼ିବାକୁ ପଠାଇଥିଲେ । ତା'ନହେଇଥିଲେ ମୁଁ ଆଜି ନିଶ୍ଚିତ ଦେଶର ଚିନ୍ତାଧାରା ନିୟନ୍ତ୍ରଣ କରୁଥାଆନ୍ତି, ହୁଏତ ବିଶ୍ୱବିଦ୍ୟାଳୟର ସିନେଟର ହେଇଥାଆନ୍ତି, କିମ୍ବା ସେଇପରି କିଛି ଗୋଟାଏ - ।

ଏଇଟା ଅବଶ୍ୟ ଠିକ୍ ଯେ ପୃଥିବୀରେ ସବୁ କ୍ଷଣସ୍ଥାୟୀ, ମଣିଷର ମନ ବି ମରିଯାଏ, ଚିନ୍ତାଧାରା ବି ଲୁପ୍ତ ହୁଏ । କିନ୍ତୁ ତେବେ ବି ମୁଁ ମନକୁ ପ୍ରାଧାନ୍ୟ ଦେଇଛି, କାହିଁକି ଦେଇଛି ସେଇଟା ଆଗ କହିଛି ଆପଣଙ୍କୁ । ଆମର ଜୀବନ ଗୋଟାଏ ଜଘନ୍ୟ ଫାନ୍ଦ ଛଡ଼ା ତ ଆଉ କିଛି ନୁହେଁ । ଜଣେ ବୁଦ୍ଧିମାନ ଲୋକ କିଛି ଦିନ ପରେ ବୁଝିପାରେ - ଲୁହାର ବନ୍ଧନରେ ବାନ୍ଧିଛି ସଂସାର - ଚିରଦିନ ସେବକ ହେଇ ରହିବାର ଅଙ୍ଗୀକାର ପତ୍ର ଲେଖେଇ ନେଇଛନ୍ତି । ଏହା ଭିତରୁ ଆଉ ପଳାଇବାର ଉପାୟ ନାହିଁ । ଆଉ ସବୁଠାରୁ ମଜାର ଜିନିଷ ହେଉଛି ଏଇ ଫାନ୍ଦରେ ସେ ଇଚ୍ଛା କରି ପାଦ ଦିଏନାହିଁ । ଅଜଣା କୌଣସି ଯୋଗାଯୋଗ ଫଳରେ ଅଦୃଶ୍ୟ ଠାରୁ ହଠାତ୍ ଜନ୍ମ ହୁଏ ତା'ର । କାହିଁକି ହୁଏ ? ଜୀବନର ଅର୍ଥ ଏବଂ ଉଦ୍ଦେଶ୍ୟ କ'ଣ ଜାଣିବା ପାଇଁ ସେ ଯଦି ଚେଷ୍ଟା କରେ, କୌଣସି ସଦୁତ୍ତର ପାଏନାହିଁ, ଯାହା ପାଏ ତାହା ସମ୍ପୂର୍ଣ୍ଣ ମିଛ । ଦୁଆରେ ଦୁଆରେ ସେ ଆଘାତ କରି ବୁଲେ, କିନ୍ତୁ କୌଣସି ଦୁଆର ଖୋଲେ ନାହିଁ । ତା'ପରେ ହଠାତ୍ ଦିନେ ମୃତ୍ୟୁ ଆସି ହାଜର ହୁଏ, ସେଇଟା ମଧ୍ୟ ତା'ର ଇଚ୍ଛା ବିରୁଦ୍ଧରେ । ଏକା ପ୍ରକାର ଦୁର୍ଭୋଗର କବଳରେ ପଡ଼ି ଜେଲ୍‌ର କଏଦୀମାନେ ଯେମିତି ଏକତ୍ର ହେଇପାରିଲେ ସୁଖୀ ହୁଅନ୍ତି, ସେଇପରି ଯେଉଁମାନେ ଚିନ୍ତାଶୀଳ, ଯେଉଁମାନେ ବିଶ୍ଳେଷଣ ପଟୁ, ଯେଉଁମାନେ ଜାଗତିକ ବିଷୟରେ ଦକ୍ଷ ଦର୍ଶକ ସେମାନେ ପରସ୍ପରର ସାନ୍ନିଧ୍ୟ କାମନା କରନ୍ତି ଏବଂ ଆଳାପ ଆଲୋଚନା କରି ସୁଖ ପାଆନ୍ତି । ସେମାନେ ଅନେକ ସମୟରେ ଭୁଲି ଯାଆନ୍ତି ଯେ ସେମାନେ ଗୋଟାଏ ଜଟିଳ ଫାନ୍ଦରେ ଅଟକି ପଡୁଛନ୍ତି, ଉଚ୍ଚାଙ୍ଗର ଆଲୋଚନା କରି ହିଁ ଜୀବନର କେତେଟା ଦିନ ସୁଖରେ ବିତାଇଦିଅନ୍ତି । ଏ ଦିଗରୁ ବିଚାର କଲେ ଶିକ୍ଷିତ ମନର ପ୍ରଭାବ ଅସ୍ୱୀକାର କରାଯାଇପାରେନା, କାରଣ ମଣିଷର ଜୀବନରେ ମନ ହିଁ ଆନନ୍ଦର ସ୍ରଷ୍ଟା ଏବଂ ଭୋକ୍ତା ।"

"ଠିକ୍ କହିଛନ୍ତି -"

ସତୀଶ ବାବୁଙ୍କ ଆଖି ଆଡ଼କୁ ନ ଚାହିଁ ଯାମିନୀ ବାବୁ ଶାନ୍ତ କଣ୍ଠରେ ଟିକେ ଇତସ୍ତତଃ ହେଇ କହି ଚାଲନ୍ତି, ବୁଦ୍ଧିମାନ ଲୋକ ସାଙ୍ଗରେ ଆଳାପ-ପରିଚୟ କଲେ କି ଆନନ୍ଦ ମିଳେ, ସେ ଆନନ୍ଦର ଗଭୀରତା କେତେ ଦୂର, ଆଉ ସତୀଶ ବାବୁ ନିବିଷ୍ଟ ଭାବରେ ତାଙ୍କ କଥା ଶୁଣନ୍ତି ଆଉ ମଝିରେ ମଝିରେ କହି ଉଠନ୍ତି, "ଠିକ୍ କହିଛନ୍ତି -"

ହଠାତ୍ ସତୀଶ ବାବୁ ପଚାରନ୍ତି, "ଆତ୍ମାର ଅମରତ୍ୱରେ କ'ଣ ଆପଣଙ୍କର ବିଶ୍ୱାସ ନାହିଁ ?"

"ନା, ମହାଶୟ, ନାହିଁ । ବିଶ୍ୱାସ କରିବାର କୌଣସି କାରଣ ମୁଁ ଦେଖିବାକୁ ପାଏନାହିଁ ।"

"ସତରେ କହିବାକୁ ଗଲେ, ମୁଁ ମଧ୍ୟ ପାଏ

ନାହିଁ । କିନ୍ତୁ ମନେ ମନେ କେମିତି ଗୋଟାଏ ବିଶ୍ୱାସ ଅଛି ଯେ ମୁଁ ମରିବିନାହିଁ । ମଝିରେ ମଝିରେ ନିଜକୁ ପଚାରେ – ଆରେ, ଏଥର ତ ମରିବାର ସମୟ ହେଲା, ପ୍ରସ୍ତୁତ ହେଇଯା – । କିନ୍ତୁ ଭିତରୁ କିଏ ଯେମିତି କହେ, ସେ ସବୁ ବିଶ୍ୱାସ କରନା, ତୁ ମରିବୁନାହିଁ" ।

ନଅଟା ପରେ ସତୀଶ ବାବୁ ଯିବା ପାଇଁ ଉଠନ୍ତି । ଯିବା ପୂର୍ବେ ଓଭରକୋଟଟା ପିନ୍ଧୁ ପିନ୍ଧୁ କହନ୍ତି, "ଭାଗ୍ୟ ଆମକୁ ଗଭୀର ଗାତରେ ପକାଇ ଦେଇଛି, ବୁଝିଲେ । ଏ ଜାଗାରୁ ଆଉ ବାହାରିବାର ଉପାୟ ନାହିଁ । ଏଇଠି ମରିବାକୁ ହେବ ।"

**।। ସାତ ।।**

ସତୀଶ ବାବୁ ଚାଲି ଯିବା ପରେ ପୁଣି ବହି ନେଇ ବସୁଥିଲେ ଡାକ୍ତର ଦତ୍ତ । ନୀରବ ନିଥର ରାତି, ମନେ ହେଉଛି ସମୟ ନିଃଶବ୍ଦ ଗତିରେ ଯେମିତି ଆସି ଛିଡ଼ା ହେଇଛି ଡାକ୍ତର ବାବୁଙ୍କ ପାଖରେ ଆଉ ତାଙ୍କର ପଢ଼ା ଦେଖୁଛି । ପୃଥିବୀରେ ଯେମିତି ସେଇ ବହିଟି ଆଉ ସେଇ ସବୁଜ ସେଡ୍ ଥିବା ଆଲୁଅଟି ଛଡ଼ା ଆଉ କିଛି ନାହିଁ । ମାନବ ମନର ବିଚିତ୍ର ସଂସ୍ପର୍ଶରେ ତାଙ୍କର ପରୁଷ ମୁହଁର ଭାବ ଧୀରେ ଧୀରେ ପ୍ରେମରେ, ଶ୍ରଦ୍ଧାରେ ସ୍ମିତ ହସରେ ଉଦ୍ଭାସିତ ହେଇ ଉଠେ । ସେ ଭାବନ୍ତି, ମଣିଷ ଅମର ହେଇନାହିଁ କାହିଁକି ? ମଣିଷର ଏଇ ରହସ୍ୟମୟ ମସ୍ତିଷ୍କ, ଆଖିର ଦୃଷ୍ଟି, ବାଚନଭଙ୍ଗୀ, ଆତ୍ମ-ଉପଲବ୍ଧି, ପ୍ରତିଭା ଏସବୁ ଯଦି ଶେଷରେ ସବୁ ଶେଷ ହେଇ ଚିତାର ନିଆଁରେ ପୋଡ଼ି ଯାଏ, ତା'ପରେ ସେଇ ଭସ୍ମରାଶି ପଞ୍ଚଭୂତରେ ବିଲୀନ ହେଇ କୋଟି କୋଟି ବର୍ଷ ସୂର୍ଯ୍ୟଙ୍କ ଚତୁର୍ଦିଗରେ ପ୍ରଦକ୍ଷିଣ କରୁଥାଏ ତାହେଲେ ତା'ର କ'ଣ କୌଣସି ଅର୍ଥ ନାହିଁ ? ସବୁ କ'ଣ ଉଦ୍ଦେଶ୍ୟହୀନ ? ସବୁ କ'ଣ ନିରର୍ଥକ ? ଅଜଣା ମହାଶୂନ୍ୟରୁ ମଣିଷ ପରି ଏମିତି ବିରାଟ ବିଚିତ୍ର ସତ୍ତା ସୃଷ୍ଟି କରି ତା'ପରେ ତାକୁ ଏମିତି ଭସ୍ମସ୍ତୁପରେ ପରିଣତ କରିବା କ'ଣ ଗୋଟାଏ ଅଦ୍ଭୁତ ପରିହାସ ନୁହଁ ?

ରାସାୟନିକ ପରିବର୍ତ୍ତନ ! ଅମରତ୍ୱ ବଳରେ ଯାକୁ ନେଇ ଗୋଟିଏ ମୂର୍ଖ ଛଡ଼ା ଆଉ କ'ଣ କେହି ସାନ୍ତ୍ୱନା ପାଇପାରେ ? ହୀନତମ ମଣିଷ ଭିତରେ କିଛି ଜ୍ଞାନ, କିଛି ଇଚ୍ଛାଶକ୍ତି ଥାଏ, କିନ୍ତୁ ରାସାୟନିକ ପରିବର୍ତ୍ତନ ସୃଷ୍ଟିର ଯେଉଁ ସ୍ତରରେ ହୁଏ, ସେଠି କ'ଣ ଜ୍ଞାନର କୌଣସି ସ୍ଥାନ ଅଛି ? କେବଳ ଯେଉଁମାନେ ଭୀରୁ ବା ମୂର୍ଖ, ଯେଉଁମାନେ ମୃତ୍ୟୁ ଭୟରେ ଭୀତ, ଯେଉଁମାନଙ୍କର ଆତ୍ମସମ୍ମାନ ନାହିଁ, ସେଇମାନେ ହିଁ ଏଇଆ ଭାବି ସାନ୍ତ୍ୱନା ଲାଭ କରିବାକୁ ଚେଷ୍ଟା କରନ୍ତି ଯେ ମୃତ୍ୟୁ ପରେ ସେମାନେ ଘାସ ପତ୍ରରେ, ପଥରରେ ବା କୌଣସି ବେଙ୍ଗ ଭିତରେ ପୁଣି ନବଜୀବନ ଯାପନ କରିବେ । ରାସାୟନିକ ପରିବର୍ତ୍ତନରେ ଅମରତ୍ୱ କଳ୍ପନା କରିବା ଗୋଟାଏ ବେହେଲା ଭାଙ୍ଗି ନଷ୍ଟ ହେଇଯିବା ପରେ ତା'ର ବାଜଣାର ଉଜ୍ଜ୍ୱଳ ଭବିଷ୍ୟତ କଳ୍ପନା କରିବା ପରି ହାସ୍ୟକର ।

ପ୍ରତ୍ୟେକ ଥର କାନ୍ଥ ଘଣ୍ଟା ବାଜିଲେ ହିଁ ଯାମିନୀ ବାବୁ ଆଖି ବୁଜି ଇଜି ଚେୟାରରେ ଆଉ ଟିକେ ଭଲ ଭାବରେ ଠିକ୍‌ଠାକ୍ ହେଇ ବସନ୍ତି ଏବଂ କିଛି ସମୟ ନିଜର ଚିନ୍ତାଧାରାକୁ ଘନୀଭୂତ କରିବାକୁ ଚେଷ୍ଟା କରନ୍ତି । ଯେଉଁ ବହିଟି ପଢୁଥିଲେ ତା'ର ଆଲୁଅରେ ସେ ନିଜ ଜୀବନର ଅତୀତ ଏବଂ ଭବିଷ୍ୟତ ବିଶ୍ଳେଷଣ କରନ୍ତି । ନିଜ ଅଜ୍ଞାତସାରରେ ହିଁ କରନ୍ତି । ଅତୀତର କଥା ମନେ ପଡ଼ିଲେ ତାଙ୍କ ଅନ୍ତରରେ ଜୁଗୁପ୍ସା ଜାଗିଉଠେ, ସେ ସମ୍ପର୍କରେ ଚିନ୍ତା କରିବାକୁ ପ୍ରବୃତ୍ତି ହୁଏନା ତାଙ୍କର । ଆଉ ବର୍ତ୍ତମାନ ତ ଅତୀତ ପରି । ସେ ଅନୁଭବ କରନ୍ତି ତାଙ୍କର ବର୍ତ୍ତମାନ ଚିନ୍ତାଧାରା ଯେତେବେଳେ କ୍ରମଶଃ ଶୀତଳ ପୃଥିବୀ ସାଙ୍ଗରେ ସୂର୍ଯ୍ୟଙ୍କ ଚାରିପଟେ ପ୍ରଦକ୍ଷିଣ କରୁଛି । ପାଖରେ ଥିବା ଡାକ୍ତରଖାନାରେ କେତେ ଲୋକ ରୋଗ ବ୍ୟାଧିରେ କଷ୍ଟ ପାଉଛନ୍ତି, ଆବର୍ଜନା ଭିତରେ ପହଁରି ହେଉଛନ୍ତି କେହି ହୁଏତ ଜଗି ରହିଛନ୍ତି, କେହି ହୁଏତ ଛାରପୋକ ମାରୁଛନ୍ତି, କାହାରି ଘା ହୁଏତ ଦୂଷିତ ହେଇଯାଇଛି, କେହି ହୁଏତ ଟାଇଟ୍ ବ୍ୟାଣ୍ଡେଜ୍‌ର ଯନ୍ତ୍ରଣାରେ ଚିତ୍କାର କରୁଛି, କେହି ହୁଏତ ତାସ୍ ଖେଳୁଛି, କେହି ହୁଏତ ନର୍ସମାନଙ୍କ ସାଙ୍ଗରେ ଷଡ଼ଯନ୍ତ୍ର କରି ମଦ ପିଉଛି । ଗତ ବର୍ଷ ବାର ହଜାର ଲୋକ ପ୍ରତାରିତ ହେଇଛନ୍ତି । ପୂରା ଡାକ୍ତରଖାନାଟା ଚୋରି, କଳି କଜିଆ, ଗୁଜବ, ପକ୍ଷପାତିତ୍ୱ ଆଉ ନିର୍ଲଜ୍ଜ ଅଣ ଡାକ୍ତରମାନଙ୍କର ଆଡ଼ା । କୋଡ଼ିଏ ବର୍ଷ ପୂର୍ବେ ଯାହା ଥିଲା, ଏବେବି ସେଇଆ ଅଛି, ମଣିଷର ସ୍ୱାସ୍ଥ୍ୟ ଲାଭର ମୂର୍ତ୍ତିମତୀ ବାଧା । ଯାମିନୀ ବାବୁ ଜାଣନ୍ତି ଯେ ଛଅ ନମ୍ବର ୱାର୍ଡରେ ନନ୍ଦୀ ରୋଗୀମାନଙ୍କୁ ମାରନ୍ତି ଆଉ ଜିତୁ ପ୍ରତିଦିନ ଡାକ୍ତରଖାନାରୁ ବାହାରି ସହରରେ ଭିକ୍ଷା କରେ ।

ଏହା ମଧ୍ୟ ସେ ଜାଣନ୍ତି ଯେ ଗତ ପଚିଶ ବର୍ଷ ଭିତରେ ଡାକ୍ତରୀ ବିଜ୍ଞାନର ପ୍ରଭୂତ ଉନ୍ନତି ହେଇଛି । ଆଶ୍ଚର୍ଯ୍ୟଜନକ ଉନ୍ନତି । ଯେତେବେଳେ ସେ ବିଶ୍ୱବିଦ୍ୟାଳୟରେ ପଢୁଥିଲେ ସେତେବେଳେ ତାଙ୍କର ମନେ ହେଉଥିଲା ଯେ ପୁରାକାଳରେ ଆଲୋପାଥି ଆଉ ମେଟାଫିଜିକ୍ସର ଯାହା ପରିଣତି ହେଇଥିଲା, ଡାକ୍ତରୀ ଶାସ୍ତ୍ରରେ ମଧ୍ୟ ସେଇଆ ହେବ କିନ୍ତୁ ଏବେ ତାଙ୍କର ଧାରଣା ବଦଳି ଯାଇଛି । ରାତିରେ ଡାକ୍ତରୀ ବହି ଆଉ ମାସିକ ପତ୍ରିକା ପଢ଼ି ପଢ଼ି ସେ ବିସ୍ମୟରେ ଆଉ ଆନନ୍ଦରେ ଅଭିଭୂତ ହେଇପଡ଼ନ୍ତି । କି ପ୍ରକାର ଅପ୍ରତ୍ୟାଶିତ ଉନ୍ନତି । ପୂର୍ବେ କଳ୍ପନା ବି କରାଯାଇପାରୁନଥିଲା । ପୂର୍ବେ ଯେଉଁ ସବୁ ଅପରେସନ୍ କଲେ ମୃତ୍ୟୁ ଅବଧାରିତ ଥିଲା, ଆଜିକାଲି ଆ୍ୟାଣ୍ଟିସେପ୍‌ଟିକ୍ ଔଷଧର କଲ୍ୟାଣରେ ସେ ସବୁ କରିବା ସହଜ ହେଇଯାଇଛି । ସାଧାରଣ ଡାକ୍ତରମାନେ ଆଜିକାଲି ଆ୍ୟାମ୍‌ପୁଟେସନ୍ କରୁଛନ୍ତି, ଆଣ୍ଠୁ ଅପରେସନ୍ ଆଜିକାଲି ହମେସା କରୁଛନ୍ତି ସମସ୍ତେ । ମୃତ୍ୟୁ ସଂଖ୍ୟା ମଧ୍ୟ ଖୁବ୍ କମ୍ । କଥାରେ କଥାରେ ପେଟ କଟା ହେଉଛି । ଆଖି ଅପରେସନ୍ ହେଉଛି । ସିଫିଲିସ ସମ୍ପୂର୍ଣ୍ଣ ରୂପେ ଭଲ ହେଇଯାଇଛି । ଚିକିତ୍ସା ଶାସ୍ତ୍ରର ନାନା ବିଭାଗରେ ନିତ୍ୟ ନୂତନ ଆବିଷ୍କାର ଫଳରେ ସେକାଳର ଅନ୍ଧକାର ଆଉ ନାହିଁ । ଆଲୋକିତ ହେଇ ଯାଇଛି ଚିକିତ୍ସା – ବିଜ୍ଞାନ । କେବଳ ଦୈହିକ ଅସୁସ୍ଥତା ନୁହଁ, ମାନସିକ ଅସୁସ୍ଥତା କ୍ଷେତ୍ରରେ ବି ଯୁଗାନ୍ତର ଆସିଛି । ନୂଆ ଧରଣର ଚିକିତ୍ସା, ରୋଗ ନିର୍ଣ୍ଣୟର ନୂଆ ନୂଆ ପଦ୍ଧତି ଯେମିତି ପର୍ବତ ପରି ଉଠୁଛି, ଅତୀତର ସମତଳ କ୍ଷେତ୍ର ଉପରେ । ମୁଣ୍ଡରେ ଥଣ୍ଡା ପାଣି ଢାଳି ବା ଷ୍ଟ୍ରେଟ୍ ଜ୍ୟାକେଟ୍ ପିନ୍ଧାଇ ଆଜିକାଲି ପାଗଳମାନଙ୍କର ଚିକିତ୍ସା କରାହୁଏନାହିଁ । ସେମାନଙ୍କ ସାଙ୍ଗରେ ମଣିଷ ପରି ବ୍ୟବହାର କରାହୁଏ, ଏହା ମଧ୍ୟ ସେ ପଢ଼ିଛନ୍ତି ଯେ ସେମାନଙ୍କ ପାଇଁ ଥିଏଟର, ନାଚ ଏଇସବୁ ପାଇଁ ବ୍ୟବସ୍ଥା ବି କରାହୁଏ । କିନ୍ତୁ ଏସବୁ କିତାବରେ ପଢ଼ି ତ ଲାଭ ନାହିଁ । କ୍ୟାପ୍‌ଟେନ୍ ଗଞ୍ଜ ଡାକ୍ତରଖାନାର ଛଅ ନମ୍ବର ୱାର୍ଡର ରୋଗୀମାନେ ପୂର୍ବେ ଯେଉଁ ତିମିରରେ ଥିଲେ ଏବେବି ସେଇ ତିମିରରେ ଅଛନ୍ତି । ଆଧୁନିକ ଯୁଗରେ ଯେପରି ଗୋଟାଏ ମୂର୍ତ୍ତିମାନ୍ ବିଦ୍ରୂପ । ଏହା ସମ୍ଭବ ହେଇଛି କାରଣ କ୍ୟାପ୍‌ଟେନ୍‌ଗଞ୍ଜ ଷ୍ଟେସନ୍‌ରୁ ପ୍ରାୟ ପଚାଶ ମାଇଲ ଦୂରରେ । ଏସବୁ ବିଷୟରେ ଏଠିକାର ଯେଉଁମାନେ କର୍ତ୍ତା ଅର୍ଦ୍ଧଶିକ୍ଷିତ ଜୀ ହଜୁରର ଦଳ, ଡାକ୍ତରଙ୍କୁ ସେମାନେ ବିଜ୍ଞାନୀ ମନେ କରନ୍ତି ନାହିଁ, ବୋଧହୁଏ ପୁରୋହିତ ଜାତୀୟ କୌଣସି ଜୀବ ମନେ କରନ୍ତି । ତାଙ୍କର ମୂର୍ଖତା ଏବଂ ଯଥେଚ୍ଛାଚାରକୁ ମାନି ନେବାକୁ ଆପତ୍ତି ନାହିଁ ସେମାନଙ୍କର । ସେ ଯଦି କୌଣସି ରୋଗୀର କାନ ବା ମୁହଁରେ ଗରମ ସୀସା ଢାଳି ଦିଅନ୍ତି ଏମାନେ ମାନି ନେବେ, ମନେ କରିବେ ରୋଗୀର ହିତାର୍ଥ ପାଇଁ ସେଇଟା କରାହେଉଛି । ଅନ୍ୟ କୌଣସି ଦେଶ ହେଲେ ଏଇପରି ଡାକ୍ତରଖାନା ଗୁଡ଼ିକୁ ଭାଙ୍ଗି ଚୁରି ନିଃଶେଷ କରି ଦେଇଥାଆନ୍ତେ ।

"କିନ୍ତୁ ଶେଷ ପର୍ଯ୍ୟନ୍ତ ଲାଭ କ'ଣ" –

ଆଖି ବିସ୍ଫାରିତ କରି ଯାମିନୀ ବାବୁ ନିଜକୁ ପୁଣି ପ୍ରଶ୍ନ କରନ୍ତି - "ଶେଷ ପର୍ଯ୍ୟନ୍ତ କିଛି ଲାଭ ହେଇଛି କି ? ଆ୍ୟାନଟି ସେପ୍‌ଟିକ୍ କ'ଣ ମୂଳ ପରିବର୍ତ୍ତନ ଆଣିପାରିଛି କିଛି ? ମୃତ୍ୟୁ ଆଉ ରୋଗ ତ ଯେମିତି ଥିଲା, ସେମିତି ଅଛି । ପାଗଳମାନଙ୍କ ପାଇଁ ଥିଏଟର ଆଉ ନାଚର ବନ୍ଦୋବସ୍ତ ହେଇଛି କିନ୍ତୁ ସେମାନେ ତ ପାଗଳ - ଗାରଦରେ ହିଁ ଅଛନ୍ତି ଏବେବି । ସବୁକିଛି ବାହାରର ଆଡ଼ମ୍ବର । ଟିକେ ଗଭୀର ଭାବରେ ଭାବି ଦେଖିଲେ ଭିଏନାର ଡାକ୍ତରଖାନାରେ ଆଉ ମୋର ଡାକ୍ତରଖାନାରେ ମୂଳତଃ କୌଣସି ପ୍ରଭେଦ ନାହିଁ।"

ତେବେବି କିନ୍ତୁ ଗୋଟାଏ ଦୁଃଖ ଏବଂ ଈର୍ଷାର ଭାବ ତାଙ୍କର ମନକୁ ଆଚ୍ଛନ୍ନ କରିଦିଏ । ସମ୍ଭବତଃ କ୍ଳାନ୍ତି ପାଇଁ ହୁଏ ଏଇଟା । ସେ ବହିଟା ଉପରେ ଝୁଙ୍କି ପଡ଼ନ୍ତି ଏବଂ ଦୁଇ ଗାଲ ଉପରେ ହାତ ଦୁଇଟାକୁ ରଖି ଆଉ ଟିକେ ଆରାମ କରି ବସି ଚିନ୍ତା କରନ୍ତି ।

"ମୁଁ ସଇତାନର ଦାସ୍ୟ କରୁଛି ଏବଂ ଯେଉଁମାନଙ୍କ ପାଖରୁ ଦରମା ନେଉଛି ସେମାନଙ୍କୁ ଠକାଉଛି । ମୁଁ ଜୁଆ ଚୋର । କିନ୍ତୁ ସମସ୍ତେ ଜୁଆ ଚୋର । ଗୋଟାଏ ପ୍ରକାଣ୍ଡ ସଇତାନୀ କାରଖାନାରେ ମୁଁ ଛୋଟ ଗୋଟାଏ 'ନଟ୍' ବା ବୋଲ୍ଟ ମାତ୍ର । ସବୁ ଅଫିସରମାନେ ହିଁ ଚୋର, ସମସ୍ତେ କିଛି ନା କିଛି ଦରମା ନିଅନ୍ତି । ... ଏହା ଯୁଗର ହାୱା, ଏହା ମୋର ଏକଲାର ଦୋଷ ନୁହଁ । ... ହୁଏତ ଦୁଇଶହ ବର୍ଷ ପରେ ଜନ୍ମଗ୍ରହଣ କଲେ ମୁଁ ଅନ୍ୟ ପ୍ରକାର ହେଇଥାଆନ୍ତି ।"

ଘଣ୍ଟାରେ ଯେତେବେଳେ ଢଂ ଢଂ କରି ତିନିଟା ବାଜିଲା, ସେତେବେଳେ ସେ ଆଲୁଅ ଲିଭାଇ ଶୋଇବାକୁ ଗଲେ । କିନ୍ତୁ ଆଖିରେ ନିଦ ନାହିଁ ।

॥ ଆଠ ॥

କର୍ତ୍ତୃପକ୍ଷମାନେ ବି ମଝିରେ ମଝିରେ ଉଦାର ହୁଅନ୍ତି । ପ୍ରାୟ ଦୁଇବର୍ଷ ପୂର୍ବେ ସେମାନେ ଥରେ ସ୍ଥିର କରିଥିଲେ ଯେ ଯେତେଦିନ ଯାଏଁ ଗୋଟାଏ ଭଲ ଡାକ୍ତରଖାନା ଖୋଲା ହେଉଛି, ସେତେଦିନ ଏଇ ଡାକ୍ତରଖାନାରେ ବର୍ଷକୁ ହଜାର ଟଙ୍କା ଦିଆଯାଉ ଡାକ୍ତରଖାନାରେ ଆହୁରି କର୍ମଚାରୀ ନିଯୁକ୍ତ କରିବା ପାଇଁ, ବିଶେଷ ଭାବରେ ଡାକ୍ତର । ଜିଲ୍ଲାର ଡାକ୍ତର ବୀରେନ ଦସ୍ତିଜାର ଆମନ୍ତ୍ରିତ ହେଇ ଆସିଲେ ଯାମିନୀ ବାବୁଙ୍କୁ କାମରେ ସାହାଯ୍ୟ କରିବା ପାଇଁ । ବୀରେନ ଦସ୍ତିଦାର ପୁରା ଅଳ୍ପ ବୟସ୍କ, ବୟସ ତିରିଶରୁ କମ୍ । ଦେଖିବାକୁ ଡେଙ୍ଗା, କଳା, ଗାଲର ହାଡ଼ ଦୁଇଟା ଉଚ୍ଚ, ଛୋଟ ଛୋଟ ଆଖି । ସେ ପୂରା କପର୍ଦ୍ଦକ ଶୂନ୍ୟ ଅବସ୍ଥାରେ ଆସି ହାଜର ହେଲେ । ସାଙ୍ଗରେ କେବଳ ଗୋଟିଏ ଛୋଟ ଟ୍ରଙ୍କ, ଆଉ ଗୋଟିଏ ସାଧାରଣ ତରୁଣୀ, ତାଙ୍କ କୋଳରେ ପୁଣି ଗୋଟିଏ ଶିଶୁ । ତରୁଣୀଙ୍କର ପରିଚୟ ଦେଲେ ତାଙ୍କର ରାନ୍ଧୁଣୀ ବୋଲି । ଡାକ୍ତର ଦସ୍ତିଦାରଙ୍କ ପୋଷାକ-ପରିଚ୍ଛଦ ମଧ୍ୟ ଅତି ସାଧାରଣ । ମୁଣ୍ଡରେ ସୋଲର ହ୍ୟାଟ୍, ପାଦରେ ବୁଟ୍, ଆଉ ଦେହରେ ଶସ୍ତା ଦାମ୍‌ର ଗୋଟାଏ ସୁଟ୍ । ସେ ଆସି ଡାକ୍ତର ଘୋଷାଲ ଆଉ ଡାକ୍ତରଖାନାର କିରାନୀଙ୍କ ସାଙ୍ଗରେ ଦୋସ୍ତି ଜମାଇ ଦେଲେ । ଅନ୍ୟାନ୍ୟ ସମସ୍ତଙ୍କୁ, କାହିଁକି କେଜାଣି, ସେ ଏଡ଼ାଇ ଚଳୁଥିଲେ, କହୁଥିଲେ "ସେମାନେ ସମସ୍ତେ ବଡ଼ଲୋକ, ଆ୍ୟାରିଷ୍ଟୋକ୍ରାଟ୍ ।" ତାଙ୍କ ପାଖରେ ଗୋଟିଏ ମାତ୍ର ବହି ଥିଲା, ଗୋଟିଏ ପ୍ରେସ୍‌କ୍ରିପ୍‌ସନ୍‌ର ବହି । ନାନା ରୋଗ ପାଇଁ ନାନାରକମ ପ୍ରେସ୍‌କ୍ରିପ୍‌ସନ୍ ଲେଖା ଅଛି ସେଥିରେ । ଯେତେବେଳେ କୌଣସି ରୋଗୀ ଦେଖିବାକୁ ଯାଉଥିଲେ, ଏଇ ବହିଟି ସାଙ୍ଗରେ ନେଇଯାଉଥିଲେ । ସନ୍ଧ୍ୟା ବେଳେ କ୍ଲବକୁ ଯାଇ ବିଲିୟାର୍ଡ ଖେଳୁଥିଲେ । ତାସ୍ ଖେଳରେ ତାଙ୍କର ରୁଚି ନଥିଲା । ତାଙ୍କର କେତେଗୁଡ଼ାକ କଥାରେ ମାତ୍ର ଥିଲା । ପ୍ରାୟ କହୁଥିଲେ "ଯାହାହେଉ ବେଶ୍ ଜମି ଉଠିଲା ତ" କିମ୍ବା "ଆରେ, ମଣିଷ ଜନ୍ମ ହେଇଛି ଫୁର୍ତ୍ତି କରିବା ପାଇଁ" - ଏଇ ଧରଣର କଥା ।

ଡାକ୍ତରଖାନାକୁ ସପ୍ତାହରେ ଦୁଇଦିନ ଯାଉଥିଲେ, ୱାର୍ଡରେ ରାଉଣ୍ଡ ଦେଉଥିଲେ, ତା'ପରେ ଯାଇ ଆଉଟ୍‌ଡୋର୍‌ରେ ବସୁଥିଲେ । ସେ ଯେତେବେଳେ ଆବିଷ୍କାର କଲେ ଯେ ଡାକ୍ତରଖାନାରେ ଆ୍ୟାନ୍‌ଟିସେପ୍‌ଟିକ୍ ନାହିଁ, କିନ୍ତୁ କାଚର ବାଜେ ଜିନିଷପତ୍ର ବହୁତ ଅଛି, ସେତେବେଳେ ତାଙ୍କର ମିଜାଜଟା ବିଗଡ଼ିଗଲା । କିନ୍ତୁ କାଳେ ଡାକ୍ତର ଦତ୍ତ କିଛି ମନେ କରନ୍ତି ଏଇ କଥା ଭାବି ଆଉ କିଛି ଉଚ୍ଚବାଚ କଲେ ନାହିଁ, ଯେମିତି ଚାଲୁଥିଲା ସେମିତି ଚାଲିବାକୁ ଲାଗିଲା । କିନ୍ତୁ ମନେ ମନେ ସେ ଧାରଣା କଲେ ଡାକ୍ତର ଦତ୍ତ ଭାରି ଧୂର୍ତ୍ତ । ହୁଏତ ବେଶ୍ ଧନୀ ମଧ୍ୟ, ଟିକେ ହିଂସା ବି ହେଲା । ଭାବିଲେ, ଏଇ ଲୋକଟିକୁ ଯଦି ଦବେଇ ରଖାଯାଇପାରେ ତ ଭଲ ହୁଅନ୍ତା ।

॥ ନଅ ॥

ଦିନେ ଚୈତ୍ର ମାସର ମଝିଆମଝି ସମୟ । ଟିକେ ବର୍ଷା ପରେ ପୁଣି ଗରମ ପଡ଼ିଯାଇଛି । କୋଇଲି ମାନେ ଡକାଡକି କରୁଛନ୍ତି, ଯାମିନୀବାବୁ ତାଙ୍କ ବନ୍ଧୁ ସତୀଶ ବାବୁଙ୍କ ସାଙ୍ଗରେ ଗପ କରି ତାଙ୍କୁ ଗେଟ୍ ଯାଏଁ ଆଗେଇ ଦେବାକୁ ଗଲେ । ଠିକ୍ ସେଇ ସମୟରେ ଜିତୁ ପାଗଳା ତା'ର ସହର ପରିଭ୍ରମଣ ଶେଷ କରି ଡାକ୍ତରଖାନା ଗେଟ୍‌ରେ ଆସି ପଶିଲା । ମୁଣ୍ଡରେ କାଦୁଅର ଛିଟା, ଦେହରେ ଗୋଟାଏ ଛିଣ୍ଡା ଲମ୍ବା ଜାମା, ପାଦରେ ଛିଣ୍ଡା କାଦୁଅ ଲଟପଟ ବୁଟ୍ । ହାତରେ ଗୋଟାଏ ଛୋଟ ଥଳି, ସେଥିରେ ଭିକ୍ଷାର ପଇସା ଆଉ ଅନ୍ୟାନ୍ୟ ଜିନିଷ ।

"ଗୋଟାଏ ପଇସା ଦେବେ ହଜୁର" -

ଜିତୁ ପାଗଳା ହାତ ପାରି ଡାକ୍ତର ବାବୁଙ୍କ ପାଖରେ ପଇସା ମାଗିଲା । ଯାମିନୀ ବାବୁ କାହାରିକି ପ୍ରତ୍ୟାଖ୍ୟାନ କରିପାରନ୍ତିନାହିଁ । ଗୋଟାଏ ସୁଉକି ବଢ଼ାଇ ଦେଲେ ତାକୁ ।

କିନ୍ତୁ ତାଙ୍କର ମନେ ହେଲା - "କି ପ୍ରକାର ଆଶ୍ଚର୍ଯ୍ୟ ଘଟଣା ! ଏଇ ବର୍ଷାରେ ସେ ସହର ସାରା ଘୂରି ବୁଲୁଥିଲା -"

ଯୁଗପତ୍ କରୁଣା ଆଉ ବିରକ୍ତିରେ ତାଙ୍କର ଗୋଟାଏ ରକମ ଅଦ୍ଭୁତ କଷ୍ଟ ହେବାକୁ ଲାଗିଲା । ଜିତୁର ପଛେ ପେଛେ ସେ ଆ୍ୟାନେକ୍ସକୁ ଗଲେ । ଯାଉ ଯାଉ ବାରମ୍ବାର ତା'ର କାଦୁଅବୋଳା ମୁଣ୍ଡ ଆଉ ଜୋତା ଦେଖି ଦେଖି ଗଲେ । ଡାକ୍ତର ବାବୁଙ୍କୁ ଦେଖି ନନ୍ଦୀ ତାଙ୍କର ମଇଳା ଷ୍ଟୁଲ୍‌ରୁ ଓହ୍ଲାଇ ଆସି ସଲାମ ମାରି ଛିଡ଼ାହେଲେ ।

"ନନ୍ଦୀ, ଜିତୁ ଏଇପରି ଭାବରେ ଥଣ୍ଡାରେ ଘୂରି ବୁଲୁଛି, ତାକୁ ହଳେ ଭଲ ବୁଟ୍ ଦେଲେ କେମିତି ହୁଅନ୍ତା !"

"ଆଚ୍ଛା, ମୁଁ 'ସୁପର' ସାହେବଙ୍କୁ କହିବି ।"

"ହଁ କୁହ । ମୋର ନାଁ କରି କହିବ । ଏଇପରି ଥଣ୍ଡାରେ ଘୂରି ବୁଲିଲେ ତା'ର ନିମୋନିଆ ହେଇଯାଇପାରେ ।"

ଭିତରକୁ ପଶିବାର କବାଟଟା ଖୋଲା ଥିଲା । ଚିନ୍ମୟ ସାନ୍ୟାଲ ଗୋଟାଏ କହୁଣି ଉପରେ ଭରା ଦେଇ ନିଜ ବିଛଣା ଉପରେ ଶୋଇ ଉତ୍କର୍ଣ୍ଣ ହେଇ ବାହାରର କଥାବାର୍ତ୍ତା ଶୁଣୁଥିଲେ । ଅପରିଚିତ କଣ୍ଠସ୍ୱର ଶୁଣିଲେ ହିଁ ସେ ଶଙ୍କିତ ହେଇପଡ଼ନ୍ତି । କିନ୍ତୁ ଡାକ୍ତର ବାବୁଙ୍କର କଣ୍ଠସ୍ୱର ଚିହ୍ନିବାକୁ ତାଙ୍କର ଡେରି ହେଲାନାହିଁ । ଚିହ୍ନିବା ମାତ୍ରେ ରାଗରେ ଥରିବାକୁ ଲାଗିଲେ ସେ, ଗୋଟାଏ ଡିଆଁରେ ବିଛଣାରୁ ଓହ୍ଲାଇ ପଡ଼ିଲେ ସେ, ପୂରା ମୁହଁ ଲାଲ ହେଇଗଲା, ମନେହେଲା ଆଖି ଯୋଡ଼ିକ ବୋଧହୁଏ ବାହାରକୁ ବାହାରି ଆସିବ । ବିଛଣାରୁ ଓହ୍ଲାଇ ଦୌଡ଼ି ଚାଲିଗଲେ ସେ ଘର ଭିତରକୁ ।

"ଡାକ୍ତର ଆସିଛନ୍ତି, ଡାକ୍ତର" - ହୋ ହୋ ହେଇ ହସି ଚିତ୍କାର କରି ଉଠିଲେ ଚିନ୍ମୟ - "ଶେଷରେ ଆସି ପହଞ୍ଚିଛନ୍ତି ଭଦ୍ରଲୋକ । ଆମ୍ଭମାନଙ୍କର କି ସୌଭାଗ୍ୟ, କି ସୌଭାଗ୍ୟ, ଶେଷ ପର୍ଯ୍ୟନ୍ତ ଦୟାକରି ଏଠାରେ ପଦାର୍ପଣ କରିଛନ୍ତି ସେ । ବଦ୍‌ମାସ୍ ସଇତାନ ଗୋଟାଏ-"

ମେଜିଆ ଉପରେ ହାତ - ଗୋଡ଼ ଛାଟି ଚିତ୍କାର

କରି ଗୋଟାଏ ଭୀଷଣ କାଣ୍ଡ ଘଟାଇ ଦେଲେ ଚିନ୍ମୟ । ଏତେଟା ସେ ଆଗେ କେବେ କରିନାହାନ୍ତି । "ଖୁନ୍ କରି ଦିଅ ସେଇ ବଦ୍‌ମାସ୍‌କୁ । ନା ଖୁନ୍ କଲେ ଠିକ୍ ଶାସ୍ତି ହେବନାହିଁ । ପାଇଖାନାରେ ପାକଇ ଦିଅ ତାଙ୍କୁ !"

ଯାମିନୀ ବାବୁ ଟିକେ ଆଗେଇ ଆସି କବାଟ ଭିତରେ ମୁହଁ ପୂରାଇ ଶାନ୍ତ କଣ୍ଠରେ ପଚାରିଲେ – "ଏତେ ରାଗ କାହିଁକି ?"

"କାହିଁକି !" ଚିତ୍କାର କରି ଉଠିଲେ ଚିନ୍ମୟ – ତା'ପରେ ଜୋର୍‌ରେ ପାଦ ପକାଇ ତାଙ୍କ ଆଡ଼କୁ ଆଗେଇଗଲେ । ନିଜର ଜାମାଟାକୁ ଅଣ୍ଟାରେ ଭିଡ଼ି ଆଖି ବୁଲାଇ ଦାନ୍ତ କଡ଼ମଡ଼ କରି କହି ଉଠିଲେ – "କାହିଁକି ? ତୁମେ ଗୋଟାଏ ଚୋର । – ତା'ପରେ ମୁହଁ ବିକୃତ କରି କହିଲେ- "ମୂର୍ଖ ଡାକ୍ତର, କଂସେଇ ।"

"ନା, ନା ଏତେ ଉତ୍ତେଜିତ ହୁଅନାହିଁ – ମୃଦୁ ହସି ଯେମିତି ଟିକେ କ୍ଷମା ମାଗିବା ଭଙ୍ଗିରେ କହିଲେ ଡାକ୍ତରବାବୁ- "ମୁଁ ତ ଜୀବନରେ କେବେ ହେଲେ କାହାରି ଜିନିଷ ଚୋରି କରିନାହିଁ । ମୂର୍ଖ ଡାକ୍ତର, କଂସେଇ- କ'ଣ ସବୁ ବାଜେ କଥା କହୁଛ ! ଏତେ ଉତ୍ତେଜିତ ନ ହେଇ ଟିକେ ଶାନ୍ତ ହୁଅ, ମନେ ହେଉଛି ମୋ' ଉପରେ ବହୁତ ରାଗି ଯାଇଛ । କାହିଁକି, କ'ଣ ଅପରାଧ ମୋର ! ଟିକେ ଶାନ୍ତ ହେଇ, ଭାବି କହିଲ !"

"ମୋତେ ଏଠି ଅଟକାଇ ରଖିଛନ୍ତି କାହିଁକି ?"

"କାରଣ ତୁମେ ଅସୁସ୍ଥ ।"

"ମୁଁ ଅସୁସ୍ଥ ସନ୍ଦେହ ନାହିଁ । କିନ୍ତୁ ପାହାରେ ରାସ୍ତାରେ ଯେଉଁ ହଜାର ହଜାର ପାଗଳ ଘୂରି ବୁଲୁଛନ୍ତି ସେମାନେ କ'ଣ ? ସେମାନେ ସ୍ୱାଧୀନତା ଭୋଗ କରୁଛନ୍ତି କାହିଁକି ? କାରଣ ତୁମେ, ମୂର୍ଖ ଡାକ୍ତର, ସେମାନଙ୍କର ରୋଗ ଧରିପାରିନାହଁ । ତାହେଲେ ମୁଁ ଆଉ ହତଭାଗା ମାନେ କାହିଁକି ଏଇଠି ପଚି ମରୁଛୁ ? ଅନ୍ୟମାନଙ୍କର ପାପର ପ୍ରାୟଶ୍ଚିତ୍ତ କରିବା ପାଇଁ ? ତୁମେ, ତୁମର ଆସିଷ୍ଟେଣ୍ଟ, ସେଇ ଇନ୍‌ସ୍‌ପେକ୍ଟର ତୁମର ଦଳର ସମସ୍ତେ ଆମ୍ଭମାନଙ୍କର ପ୍ରତ୍ୟେକଙ୍କ ଠାରୁ ବହୁତ ନୀଚ ସ୍ତରର ଲୋକ – ତେବେ ତୁମ୍ଭେମାନେ ଏଇଠି ନରହି, ଆମ୍ଭେମାନେ ରହିବୁ କାହିଁକି ? ଇଏ କି ପ୍ରକାର ଯୁକ୍ତି ?"

"ନୀତି ଦ୍ୱାରା ବା ଯୁକ୍ତି ଦ୍ୱାରା ଏସବୁ ମପା ହେଇପାରେ ନାହିଁ । ସବୁ ହିଁ ଘଟଣା ଚକ୍ର ଉପରେ ନିର୍ଭର କରେ । ଯେଉଁମାନଙ୍କୁ ଏଠିକି ଅଣାହେଇଛି, ସେମାନେ ଏଇଠି ରହିବେ ଆଉ ଯେଉଁମାନଙ୍କୁ ଅଣାହେଇନାହିଁ ସେମାନେ ସ୍ୱାଧୀନତା ଭୋଗ କରିବେ । ବାସ୍ ଏଇଆ ହେଲା କଥା । ତୁମେ ପାଗଳ ଆଉ ମୁଁ ଡାକ୍ତର – ଏହା ଭିତରେ କୌଣସି କୌଣସି ନୀତି ବା ଯୁକ୍ତିର ସ୍ଥାନ ନାହିଁ । ଘଟଣା ଚକ୍ରର ଅଦଳବଦଳରେ ଯିଏ ଯାହା ହେଇଛୁ ସେଇଆ ହେଇଛୁ ।"

"ତୁମର ସେସବୁ ଚାଲାଖି ମୁଁ ଶୁଣିବାକୁ ଚାହେଁ ନାହିଁ ।"

ଚିନ୍ମୟ ସାନ୍ୟାଲ ହତାଶା ଭରା ଆର୍ତ୍ତକଣ୍ଠରେ ଚିତ୍କାର କରି ବିଛଣା ଉପରେ ବସିପଡ଼ିଲେ । ଡାକ୍ତର ବାବୁଙ୍କ ସାମ୍ନାରେ ନନ୍ଦୀ ଜିତୁକୁ ଖାନତଲାସି କରିବାକୁ ସାହସ କରିନାହାନ୍ତି ।

ସେ ତା'ର ସଂଗ୍ରହିତ ସମ୍ପତ୍ତି ବିଛଣା ଉପରେ ବିଛାଇ ଦେଇ ବସିପଡ଼ିଲା- ରୁଟିର ଟୁକୁରା, କାଗଜର ଟୁକୁରା, ହାଡ଼ର ଟୁକୁରା, ଆହୁରି ସବୁ କେତେ କ'ଣ । ସତରେ ଥଣ୍ଡରେ ବିଚାରା କାତର ହେଇପଡ଼ିଥିଲା, ସେତେବେଳେ ବି ଥରୁଥିଲା । ଜିନିଷଗୁଡ଼ାକର ସାମ୍ନାରେ ବସି ବଡ଼ ବଡ଼ ହେଇ କ'ଣ ସବୁ କହିବାକୁ ଆରମ୍ଭ କଲା ସେ, ଯେମିତି ସେ ଦୋକାନ ଖୋଲିଛି ଖରିଦଦାରକୁ ଡାକୁଛି ।

"ମୋତେ ଛାଡ଼ି ଦିଅ" – ହଠାତ୍ ଆର୍ତ୍ତ କଣ୍ଠରେ ଚିତ୍କାର କରି ଉଠିଲେ ଚିନ୍ମୟ ସାନ୍ୟାଲ୍ ।

"ମୁଁ ସେଇଟା କରିପାରିବି ନାହିଁ ।"

"କାହିଁକି ? ନପାରିବାର କାରଣ ?"

"କାରଣ ସେଇଟା ମୋର କ୍ଷମତା ଭିତରେ ନାହିଁ । ତୁମେ ନିଜେ ହିଁ ଭାବି ଦେଖୁନାହଁ ତୁମକୁ ଛାଡ଼ି ଦେଲେ ଲାଭ ହେବ କି ? ଧରିନିଅ, ତୁମକୁ ଛାଡ଼ି ଦେଲି, କିନ୍ତୁ ସହରର ଲୋକମାନେ କିମ୍ବା ପୋଲିସର ଲୋକମାନେ ପୁଣି ତୁମକୁ ଧରି ଏଠିକି ନେଇ ଆସିବେ ।"

"ଠିକ୍ କହିଛ, ଠିକ୍ । ପୁଣି ମୋତେ ଏଠିକି ଟାଣି ନେଇ ଆସିବେ । କି ଭୟଙ୍କର ଅବସ୍ଥା ! କ'ଣ କରିବି ମୁଁ ତାହେଲେ ! କୁହ, କୁହ, ସେଇଟା କୁହ ମୋତେ –

ଯଦିଓ ତାଙ୍କର ମୁହଁରେ ଗୋଟାଏ ଭୀଷଣ କରୁଣ ଭାବ ଫୁଟି ଉଠିଥିଲା ତେବେବି ତାଙ୍କର ତରୁଣ ମୁହଁରେ ଦୀପ୍ତି ଲିଭି ଯାଇନଥିଲା । ଡାକ୍ତର ଦତ୍ତଙ୍କର ମନରେ ଅନୁକମ୍ପାର ସଞ୍ଚାର ହେଲା । ଭାବିଲେ, ତାଙ୍କୁ ଦୁଇଟା ମିଠା କଥା କହି ଟିକେ ସାନ୍ତ୍ୱନା ଦେବାକୁ । ତାଙ୍କ ପାଖରେ ବିଛଣା ଉପରେ ଯାଇ ବସିଲେ ।

"ତୁମେ ପଚାରୁଛ ତୁମର କ'ଣ କରିବା ଉଚିତ୍ । ତୁମ ପକ୍ଷରେ ସବୁଠାରୁ ଭଲ ହେବ କ'ଣ ଜାଣିଛ, ଯଦି ପଳାଇପାରିବ । କିନ୍ତୁ ଦୁଃଖର ବିଷୟ ସେଥିରେ କୌଣସି ଫଳ ହେବନାହିଁ । ଅବିଳମ୍ବେ ପୁଣି ଧରା ପଡ଼ିଯିବ ତୁମେ । ପୁଣି ତୁମକୁ ନେଇ ଆସିବି ଏଠିକି । ସମାଜ ଯେତେବେଳେ ଚୋର, ବଦ୍‌ମାସ୍ ଖୁନୀ ମାନଙ୍କୁ ବା ପାଗଳ ମାନଙ୍କୁ ବା ଅନ୍ୟ କୌଣସି ବିପଜ୍ଜନକ ଲୋକମାନଙ୍କର ସଙ୍ଗ ପରିହାର କରିବାକୁ ଚାହେଁ ସେତେବେଳେ ତାକୁ ଅଟକାଇବା ଅସମ୍ଭବ । ସେଥିପାଇଁ ବର୍ତ୍ତମାନ ଏକମାତ୍ର ଉପାୟ ଏଇଠି ହିଁ ଆତ୍ମ ସମର୍ପଣ କରିବା, ଭାବି ନେବା ଯେ ତୁମର ଉପସ୍ଥିତି ଏଇଠାରେ ପ୍ରୟୋଜନ ।"

"କିନ୍ତୁ କାହାର କ'ଣ ପ୍ରୟୋଜନ ସେଇଟା ତ ବୁଝିପାରୁନାହିଁ ।"

"ଯେତେବେଳେ ଜେଲ୍‌ଖାନା ଆଉ ପାଗଳାଗାରଦ ଅଛି ସେତେବେଳେ ସେଗୁଡ଼ାକ ଭର୍ତ୍ତି କରିବା ପାଇଁ ଲୋକ ପ୍ରୟୋଜନ । ତୁମେ ଯଦି ନଥାଅ ଆଉ ଜଣେ ରହିବ । ଅପେକ୍ଷା କର ଏମିତି ଗୋଟାଏ ଦିନ ଆସିବ ଯେତେବେଳେ ଜେଲ୍‌ଖାନା ବା ପାଗଳା-ଗାରଦ ରହିବନାହିଁ, ଏଇ ଲୁହାର ରଡ଼ ଦିଆ ଝରକା ଆଉ ଡାକ୍ତରଖାନାର ଗାଉନ୍ ଲୋପ ପାଇଯିବ । ଆଜି ହେଉ ବା କାଲି ହେଉ ଏଇ ସୁଦିନ ଆସିବ ନିଶ୍ଚିତ ।"

ଚିନ୍ମୟ ସାନ୍ୟାଲଙ୍କ ମୁହଁରେ ଅବଜ୍ଞାର ହସ ଫୁଟି ଉଠିଲା । ଚିନ୍ମୟ ସାନ୍ୟାଲ 'ଆପଣ' ଆଉ 'ତୁମେ'ର ପ୍ରାୟ ଗୋଳମାଳ କରିପକାନ୍ତି । ତେଣୁ ସେ କହିଲେ, "ଆପଣ ଯାହା କହିଲେ, ତା' ଆପଣ ନିଜେ ନିଶ୍ଚୟ ବିଶ୍ୱାସ କରନ୍ତିନାହିଁ । –"

ଆଖି ଯୋଡ଼ିକ କୁଞ୍ଚିତ ହେଇଗଲା ତାଙ୍କର ।

"ସେଦିନ ଯଦି ଆସେ ଆପଣଙ୍କର ଆଉ ଆପଣଙ୍କ ସହକାରୀ ନନ୍ଦୀଙ୍କର କ'ଣ ଗତି ହେବ ତାହେଲେ ! କିନ୍ତୁ ଏଇଟା ଜାଣି ରଖନ୍ତୁ । ସେଇ ସୁଦିନ ଆସିବ ହିଁ ଆସିବ । ମୁଁ ହୁଏତ ସଜାଡ଼ି କହିପାରୁନାହିଁ, ମୋର ବକ୍ତବ୍ୟ ହୁଏତ ହାସ୍ୟକର ମନେ ହେଉଛି, କିନ୍ତୁ ଏଇଟା ଜାଣିରଖନ୍ତୁ ସେଇ ସୁଦିନର ନବପ୍ରଭାତ ଦଶଦିଗ ଉଦ୍ଭାସିତ କରି ଦିନେ ଆସିବ, ସତ୍ୟର ଜୟ ହେବ, ଆମ୍ଭେମାନେ ବି ସେଇ ଆଲୁଅ ଦେଖିବୁ । ମୁଁ ହୁଏତ ଦେଖିବିନାହିଁ, କିନ୍ତୁ ଅନ୍ୟ ଲୋକର ନାତିର ନାତିମାନେ ଦେଖିବେ । ମୁଁ ଆଜି ଅନ୍ତରରୁ ସେମାନଙ୍କୁ ଅଭିନନ୍ଦନ କରି ଆନନ୍ଦ ଅନୁଭବ କରୁଛି । ସେମାନଙ୍କ ମୁକ୍ତି ପାଇଁ ଏଇ ଆନନ୍ଦ । ଆଗେଇ ଯାଅ ବନ୍ଧୁଗଣ, ଭଗବାନ ତୁମ୍ଭମାନଙ୍କର ସହାୟ ହୁଅନ୍ତୁ –"

ଚିନ୍ମୟ ସାନ୍ୟାଲଙ୍କର ଆଖିଯୋଡ଼ିକ ଚକ୍‌ଚକ୍ ହେଇଉଠେ । ହଠାତ୍ ଉଠି ଛିଡ଼ା ହେଇ ଝରକା ଆଡ଼କୁ ଦୁଇ ହାତ ପ୍ରସାରିତ କରି ସେ କହି ଚାଲନ୍ତି – "ଏଇ କାରାଗାରରୁ ତୁମ୍ଭମାନଙ୍କୁ ଆଶୀର୍ବାଦ ଜଣାଉଛି । ସତ୍ୟର ଜୟ ହେଉ । କି ଆନନ୍ଦ, କି ଆନନ୍ଦ !"

"ମୁଁ ତ ଆନନ୍ଦର କିଛି ଦେଖିପାରୁନାହିଁ"- ମୃଦୁ ହସି ଡାକ୍ତର ଦତ୍ତ କହିଲେ । ଯଦିଓ ଚିନ୍ମୟଙ୍କର ଏଇ ଉଚ୍ଛ୍ୱାସ ଥିଏଟର ପରି ଲାଗୁଥିଲା ତାଙ୍କୁ, ତେବେବି ଏଇଥିପାଇଁ ତାଙ୍କୁ ଭଲ ବି ଲାଗୁଥିଲା । ସେ କହିଲେ, "ଭବିଷ୍ୟତରେ ହୁଏତ ଜେଲ୍ ଆଉ ପାଗଲା - ଗାରଦ ରହିବନାହିଁ, ପ୍ରକୃତିର ଶେଷ ମାଡ଼ଟି କିନ୍ତୁ ରହିଯିବ । ତୁମ ମତରେ ଯାହା ସତ୍ୟ ହୁଏତ ତା'ର ଜୟ ହେବ । କିନ୍ତୁ ପ୍ରକୃତି ହାତରେ ପରାଜୟ ହେବ ଶେଷରେ, ମଣିଷ ରୋଗରେ ପଡ଼ିବ, ବୁଢ଼ା ହେବ ଏବଂ ବର୍ତ୍ତମାନ ଯେମିତି ମୃତ୍ୟୁ ମୁଖରେ ପଡୁଛି ସେଇପରି ପଡ଼ିବ । ନବ - ପ୍ରଭାତର ଆଲୁଅ ଯେତେ ଉଜ୍ଜ୍ୱଳ ନ ହେଉ ଶେଷରେ ତୁମକୁ କଟିଆ ଉପରେ ଲୁଗାରେ ଘୋଡ଼ାଇ ଦଉଡ଼ିରେ ବାନ୍ଧି ମଶାଣିକୁ ନେଇଯିବେ । ଏହାଠାରୁ ପରିତ୍ରାଣ ଅଛି କି ?"

"କାହିଁକି, ଅମରତ୍ୱ ବୋଲି ଗୋଟାଏ କଥା ଯେ ଶୁଣିବାକୁ ମିଳେ-"

"ସେଇଟା ଅର୍ଥହୀନ ଭୁଲ୍ ।"

"ତୁମର ଏଥିରେ ବିଶ୍ୱାସ ନଥାଇପାରେ, କିନ୍ତୁ ମୋର ଅଛି । ଭଲଟେୟାର ନା କିଏ ଜଣେ କହିଥିଲେ ଠିକ୍ ମନେନାହିଁ ଯେ ଈଶ୍ୱର ଯଦି ନଥିଆନ୍ତେ ତାହେଲେ ନିଜର ପ୍ରୟୋଜନରେ ମଣିଷ ତାଙ୍କୁ ତିଆରି କରିଥାଆନ୍ତା । ମୋର ବିଶ୍ୱାସ, ମୋର ଦୃଢ଼ ବିଶ୍ୱାସ, ଅମରତ୍ୱ ବୋଲି କିଛି ଯଦି ନଥିଆଏ ଆଜି ନହେଲେ କାଲି ମଣିଷର ବିରାଟ ମନ ସେଇଟା ଆବିଷ୍କାର କରିବ ।"

"ଆରେ, ଭାରି ସୁନ୍ଦର କଥା କହିଛ"- କହି ଉଠିଲେ ଡାକ୍ତର ଦତ୍ତ ହସ ହସ ମୁହଁରେ - "ତୁମର ଯେଉଁ ବିଶ୍ୱାସ ଅଛି, ଏଇଟା ବହୁତ ଭଲ । ଏଇପରି ବିଶ୍ୱାସ ଥିଲେ ଲୋକେ ବନ୍ଦୀ ଅବସ୍ଥାରେ ବି ସୁଖୀ ଥାଆନ୍ତି । ତୁମର କଥା ଶୁଣି ମନେ ହେଉଛି, ତୁମେ ଜଣେ ଶିକ୍ଷିତ ଲୋକ -"

"ହଁ, ମୁଁ କଲେଜରେ ପଢ଼ିଥିଲି, ଯଦିଓ ଗ୍ରାଜୁଏଟ୍ ହେଇପାରିନାହିଁ ।"

"ଯେ କୌଣସି ଅବସ୍ଥା ଭିତରେ ପଡ଼ି ତୁମେ ଚିନ୍ତା ସାହାଯ୍ୟରେ ସାନ୍ତ୍ୱନା ଲାଭ କରିପାର । ଏଇଟା କମ୍ କଥା ନୁହେଁ । ଗଭୀର ସ୍ୱାଧୀନ ଚିନ୍ତା - ଯାହା ମଣିଷର ସମ୍ପୂର୍ଣ୍ଣ ମୁକ୍ତିର ଆସ୍ୱାଦ ଆଣି ଦେଇପାରେ - ଆଉ ଯେଉଁ ଆସ୍ୱାଦ ପାଇଲେ ପୃଥିବୀର ଦୈନନ୍ଦିନ ମୂଢ଼ତା ତୁଚ୍ଛ ହେଇଯାଏ - ଏହା ଠାରୁ ବେଶୀ ସମ୍ପଦ ମଣିଷର କ'ଣ ଅଛି ? ତୁମେ ଏଇ ଜଘନ୍ୟ ଘରେ ଏଇ ବନ୍ଦୀ ଅବସ୍ଥାରେ ବାସ କରି ମଧ୍ୟ ସେଇ ସମ୍ପଦର ଅଧିକାରୀ ହେଇପାର । ଦାର୍ଶନିକ ଡାୟଜିନିସ୍ ଗୋଟାଏ କାଠର ଟବ୍‌ରେ ବାସ କରୁଥିଲେ କିନ୍ତୁ ସେ ରାଜା ଠାରୁ ବି ସୁଖୀ ଥିଲେ ।"

"ତୁମର ଡାୟଜିନିସ ଗୋଟିଏ ମେଣ୍ଢା ଥିଲେ" - କହି ଉଠିଲେ ଚିନ୍ମୟ । - "ଡାୟଜିନିସର କଥା ଆଉ ମାନବ ଜୀବନରେ ଚିନ୍ତାର ସମ୍ପଦ ଏସବୁ ବାଜେ ଧପ୍ପା ଦେଇ ଲାଭ କ'ଣ !" - ହଠାତ୍ ରାଗିଯାଇ ଚଟ୍ କରି ଉଠି ଛିଡ଼ା ହେଲେ ଚିନ୍ମୟ - "ମୁଁ ଜୀବନକୁ ଭଲପାଏ, ବହୁତ ଭଲପାଏ । କିନ୍ତୁ ଗୋଟାଏ ଅଦ୍ଭୁତ ଯନ୍ତ୍ରଣା ଭୟରେ ମୁଁ ଅସ୍ଥିର । ଅଦୃଶ୍ୟ ନାମହୀନ ଏଇ ଭୟ ମୋର ଜୀବନକୁ ଦୁର୍ବହ କରି ତୋଳୁଛି । କିନ୍ତୁ ମଝିରେ ମଝିରେ ସେଇ ଭଲପାଇବାର ତୃଷ୍ଣା ମୋତେ ଅସ୍ଥିର କରିଦିଏ, ଦୁର୍ନିବାର ଏଇ ଜୀବନ ତୃଷ୍ଣା, ସେତେବେଳେ ଭୟ ହୁଏ, ହୁଏତ ମୁଁ ପାଗଳ ହେଇଯିବି । ମୁଁ ବଞ୍ଚିବାକୁ ଚାହେଁ, ଡାକ୍ତର, ମଣିଷ ପରି ବଞ୍ଚିବାକୁ ଚାହେଁ -"

ଉତ୍ତେଜିତ ହେଇ ପାଆଚାରି କରୁ କରୁ ଘରର ସେପଟେ ଚାଲିଯାଆନ୍ତି ଚିନ୍ମୟ । ତା'ପରେ ମୃଦୁ କଣ୍ଠରେ କୁହନ୍ତି - "ଜାଣନ୍ତି, ମୁଁ ସ୍ୱପ୍ନରେ ମଝିରେ ମଝିରେ ଭୂତ ଦେଖେ ! ନାନାରକମର ଲୋକ ଆସନ୍ତି ମୋ' ପାଖକୁ, ବହୁତ ରକମ କଣ୍ଠସ୍ୱର ଶୁଣିବାକୁ ପାଏ । ଅନେକ ପ୍ରକାର ଗୀତ । ମନେହୁଏ ମୁଁ ଯେମିତି କୌଣସି ଅରଣ୍ୟ ବା ସମୁଦ୍ର କୂଳରେ ଏକା ଏକା ଘୂରି ବୁଲୁଛି । ସେତେବେଳେ ପୁଣି ସମାଜର ଭିଡ଼ ଭିତରେ, ସମାଜର ଦୁଃଖ ଭିତରେ ଫେରି ଆସିବାକୁ ଇଚ୍ଛା ହୁଏ । ସେଇଠି କ'ଣ ହେଉଛି କୁହନ୍ତୁ ତ -" ହଠାତ୍ କହିଉଠନ୍ତି ସେ - "ବାହାରର ପୃଥିବୀ କିପରି ଭାବରେ ଚାଲୁଛି ?

"ଆମ୍ଭମାନଙ୍କର ସହରର କଥା ଶୁଣିବାକୁ ଚାହୁଁଛ ନା ପୃଥିବୀର ସାଧାରଣ ଖବର ?"

"ପ୍ରଥମେ ସହରର ଖବର ଶୁଣାଯାଉ । ତା'ପରେ ପୃଥିବୀର କବର ଶୁଣିବା ।"

"ଭଲ କଥା, ତେବେ ଶୁଣ । ସହରର କବର ହେଉଛି ଏକାପ୍ରକାର ଅପରିବର୍ତ୍ତିତ । ସହରରେ କଥା କହିବାକୁ ଗୋଟିଏ ଲୋକ ନାହିଁ, କଥା ଶୁଣିବାକୁ ବି ଲୋକ ନାହିଁ । ନୂଆ ମଣିଷ ନାହାନ୍ତି । ସମ୍ପ୍ରତି ଆମ୍ଭମାନଙ୍କ ଭିତରେ ଜଣେ ନୂଆ ଆସିଛନ୍ତି ଅବଶ୍ୟ, ଡାକ୍ତର ଘୋଷାଲ !"

"ହଁ, ମୁଁ ଜାଣିଛି । ନିଶ୍ଚୟ ଗୋଟିଏ ମେଣ୍ଢା - "

"ନା, ମାର୍ଜିତ ରୁଚିର ଲୋକ ବୋଲି ମନେ ହୁଏନା । ଭାରି ମଜା ଲାଗେ, ବୁଝିଲେ - ଯାହା ଶୁଣେ - ଅବାକ ବି ଲାଗେ । ସମସ୍ତେ କହନ୍ତି ଏଠି କୁଆଡ଼େ ଜଡ଼ତା ନାହିଁ, ସମସ୍ତେ କୁଆଡ଼େ ପ୍ରାଣୋଚ୍ଛଳ, ସାଂସ୍କୃତିକ ଆବହାଉଆ କୁଆଡ଼େ ବୁଦ୍ଧିର ସୌରଭରେ ପରିପୂର୍ଣ୍ଣ । ତା'ର ମାନେ ଏଇଠି କୁଆଡ଼େ ସତ ମଣିଷ ଅଛନ୍ତି, କିନ୍ତୁ ଯାହା ଦେଖେ ସେଥିରେ ତ ହତାଶ ହେବାକୁ ପଡ଼େ । ମନେହୁଏ ଅଭିଶପ୍ତ ସହର -"

"ଅଭିଶପ୍ତ, ଠିକ୍ କହିଛନ୍ତି"- ଚିନ୍ମୟ ସାନ୍ୟାଲ ଦୀର୍ଘନିଶ୍ୱାସ ପକାଇ ସ୍ୱୀକାର କରନ୍ତି, ତା'ପରେ ହସି ଉଠନ୍ତି - "ଦୁନିଆର ଖବର କ'ଣ ? ମାସିକ ପତ୍ରରେ ସାମୟିକ ପତ୍ରରେ କ'ଣ ସବୁ ଖବର ବାହାରେ ଆଜିକାଲି ?"

ୱାର୍ଡ ଭିତରେ ଅନ୍ଧକାର ଘନେଇ ଆସିଥିଲା । ଯାମିନୀବାବୁ ଉଠି ଛିଡ଼ାହେଲେ ଏବଂ ଛିଡ଼ା ହେଇ ହେଇ କାଗଜର ଖବର ସବୁ କହିବାକୁ ଲାଗିଲେ । ବିଦେଶରେ ଲୋକମାନେ କିଏ କ'ଣ କହୁଛନ୍ତି, ଆଧୁନିକ ଚିନ୍ତାଧାରା କେଉଁଆଡ଼େ ବୋହୁଛି, ଏଇପରି ସବୁ । ଚିନ୍ମୟ ଶୁଣୁ ଶୁଣୁ ମଝିରେ ମଝିରେ ପ୍ରଶ୍ନ ପଚାରୁଥିଲେ । ତା'ପରେ ହଠାତ୍ କ'ଣ ଗୋଟାଏ ଯେମିତି ଭୟଙ୍କର କଥା ମନେପଡ଼ିଗଲା ତାଙ୍କର, ଦୁଇ ହାତରେ ମୁଣ୍ଡଟା ଚାପି ଧରି ଶୋଇ ପଡ଼ିଲେ ସେ ଡାକ୍ତରଙ୍କ ଆଡ଼କୁ ପିଠି କରି ।

"ଦେହଟା ଭଲ ଲାଗୁନାହିଁ ?" - ପଚାରିଲେ ଡାକ୍ତର ବାବୁ ।

"ଆଉ ଗୋଟାଏ କଥା ବି କହିବି ନାହିଁ" - ହଠାତ୍ ରୁକ୍ଷ ସ୍ୱରରେ କହି ଉଠିଲେ ଚିନ୍ମୟ - "ମୋତେ ଏକଲା ରହିବାକୁ ଦିଅ ।"

"କାହିଁକି, କ'ଣ ହେଲା ହଠାତ୍ ?"

"ତୁମେ ଚାଲି ଯାଅ, ଦୂରେଇ ଯାଅ, ମୋତେ ଏକଲା ରହିବାକୁ ଦିଅ କହୁଛି । କି ପ୍ରକାର ଆପଦ !"

ଯାମିନୀ ଦତ୍ତ ଟିକେ ଅପ୍ରସ୍ତୁତ ହେଲେ । ତା'ପରେ ମୃଦୁ ହସି ବାହାରି ଆସିଲେ ଘର ଭିତରୁ । ବାହାରକୁ ଆସିଲା ପରେ ନନ୍ଦୀଙ୍କ ସାଙ୍ଗରେ ଦେଖା ହେଲା ।

"ବୁଝିଲ ନନ୍ଦୀ, ଏଇ ଜାଗାଟା ଟିକେ ସଫାସୁତୁରା କଲେ କେମିତି ହୁଅନ୍ତା ! ଭାରି ଦୁର୍ଗନ୍ଧ ବାହାରୁଛି ।"

"ଆଛା, କରାଇଦେବି ହଜୁର ।"

"ପିଲାଟି ଭଲ" - ଘରକୁ ଯିବା ବେଳେ ଭାବିଲେ ଡାକ୍ତର ଦତ୍ତ - "ଏତେ ଦିନ ପରେ ଏଇ ପ୍ରଥମ ମନେ ହେଲା ଯେ, ଜଣେ ଲୋକ ପରି ଲୋକଙ୍କ ସାଙ୍ଗରେ କଥା ହେଲି । ବେଶ୍ ବୁଦ୍ଧିମାନ ପିଲା, ସବୁ ଆଡ଼କୁ ଦେଖିବା ପାଇଁ ଆଖି ଅଛି -"

ସେଦିନ ସନ୍ଧ୍ୟା ବେଳେ ପଢ଼ିବା ସମୟରେ ଏବଂ ପରେ ରାତିରେ, ବିଛଣାରେ ଶୋଇ ଶୋଇ ସେଇ ଚିନ୍ମୟ ସାନ୍ୟାଲଙ୍କ କଥା ହିଁ ବାରମ୍ୱାର ମନେ ହେଲା ତାଙ୍କର । ତା'ପରଦିନ ସକାଳେ ଉଠିବି ତାଙ୍କର

ମନେ ହେଲା ଗୋଟିଏ ବୁଦ୍ଧିମାନ ଲୋକଙ୍କ ସାଙ୍ଗରେ ପରିଚୟ ହେଇଛି ତାଙ୍କର ।

ଠିକ୍ କଲେ, ପୁଣି ତାଙ୍କ ପାଖକୁ ଯିବେ ।

**॥ ଦଶ ॥**

ଯାମିନୀ ବାବୁ ଚିନ୍ମୟଙ୍କୁ ପୂର୍ବଦିନ ଯେମିତି ଦେଖିଯାଇଥିଲେ ଠିକ୍ ସେମିତି ଦେଖିଲେ । ଦୁଇ ହାତରେ ମୁଣ୍ଡକୁ ଧରି, ଆଣ୍ଠୁ ଦୁଇଟାକୁ ଲଗାଇ କାନ୍ଥ ଆଡ଼କୁ ମୁହଁ କରି ଶୋଇ ରହିଛନ୍ତି ।

"ଭାଇ ! କେମିତି ଅଛ" – ପଚାରିଲେ ଡାକ୍ତର ଦତ୍ତ – "ଶୋଇ ପଡ଼ିଛ ନା କ'ଣ ?"

"ପ୍ରଥମ କଥା, ମୁଁ ତୁମର ଭାଇ ନୁହେଁ" – ତକିଆରେ ମୁହଁ ଗୁଞ୍ଜି କହିଲେ ଚିନ୍ମୟ –

"ଦ୍ୱିତୀୟ କଥା, ମୁଁ କେମିତି ଅଛି, ତାକୁ ନେଇ ତୁମର ବ୍ୟସ୍ତ ହେବା କିଛି ଦରକାର ନାହିଁ – ମୁଁ ତୁମକୁ ଗୋଟିଏ କଥା ବି କହିବିନାହିଁ ।"

"ଇଏ କି କଥା" – ମୃଦୁ ହସି କହିଲେ ଡାକ୍ତର ଦତ୍ତ, "ଗତକାଲି ଏତେ ସମୟ ତୁମ ସାଙ୍ଗରେ ଗପ କଲି, ତା'ପରେ ହଠାତ୍ ଏମିତି ରାଗିଗଲ କାହିଁକି ! ମୁଁ ଭୁଲ୍ କଥା କିଛି କହିଦେଇଛି କି ? କିମ୍ବା ତୁମେ ମୋତେ ଭୁଲ୍ ବୁଝିଛ –"

"ଆପଣ କ'ଣ ଆଶା କରନ୍ତି ଯେ ଆପଣଙ୍କ କଥାରେ ମୁଁ ଆଉ ବିଶ୍ୱାସ କରିବି" – ଚିନ୍ମୟ ସାନ୍ୟାଲ ଉଠି ବସିଲେ ଏବଂ ଡାକ୍ତରଙ୍କ ଆଡ଼କୁ ବ୍ୟଙ୍ଗପୂର୍ଣ୍ଣ ଦୃଷ୍ଟିରେ ଚାହିଁ ରହିଲେ । ଦୃଷ୍ଟିରେ କେବଳ ବ୍ୟଙ୍ଗ ନଥିଲା, ଈଷତ୍ ଭୟ ମଧ୍ୟ ଥିଲା ।

"ଆପଣ ଯାଆନ୍ତୁ, ଅନ୍ୟତ୍ର ଯାଇ ସ୍ପାଇଗିରି କରନ୍ତୁ । ମୁଁ ଆପଣଙ୍କର ଗୋଟିଏ କଥାର ବି ଉତ୍ତର ଦେବିନାହିଁ । କାଲି ବୁଝିପାରିଥିଲି ଆପଣ କାହିଁକି ଆସିଛନ୍ତି ?"

ଡାକ୍ତରବାବୁ ଲକ୍ଷ୍ୟକଲେ ତାଙ୍କର ଆଖିର ପତାଗୁଡ଼ାକ ଯେମିତି ଫୁଲି ଲାଲ୍ ଦିଶୁଛି ।

"ଆରେ, କି ମୁସ୍କିଲ ! ତୁମେ ମୋତେ ସ୍ପାଇ ଭାବିଛ ?" – ହସିବାକୁ ଚେଷ୍ଟା କଲେ ଡାକ୍ତର ଦତ୍ତ ।

"ହଁ । ହୁଏତ ତୁମେ ପୋଲିସର ସ୍ପାଇ, ନହେଲେ ଡାକ୍ତରଙ୍କ ଗୁପ୍ତଚର । ସେମାନେ ତୁମକୁ ମୋ ପଛରେ ଲଗାଇ ଦେଇଛନ୍ତି ।"

"ଆରେ ଅଦ୍ଭୁତ ଲୋକ ତ ତୁମେ !"

ଡାକ୍ତର ବାବୁ ତାଙ୍କ ବିଛଣା ପାଖ ଟୁଲ୍ ଉପରେ ବସିଲେ । ଧରିନେଲି ତୁମେ ଯାହା ଭାବୁଛ ସେଇଟା ସତ । ଧରିନେଲି ମୁଁ ତୁମର ଗୋପନ କଥା ବାହାର କରି ତୁମକୁ ଶେଷରେ ପୋଲିସକୁ ଧରାଇ ଦେବି । ତୁମକୁ ସେମାନେ ଧରି ନେଇଯିବେ । ତୁମର ବିଚାର ହେବ । କିନ୍ତୁ ବର୍ତ୍ତମାନ ତୁମେ ଯେଉଁ ଅବସ୍ଥାରେ ଅଛ ତା'ଠାରୁ ବେଶୀ ଖରାପ ଆଉ କ'ଣ ହେଇପାରେ ! ତୁମକୁ ଯଦି ସଶ୍ରମ କାରାଦଣ୍ଡ ଦିଆଯାଏ କିମ୍ବା ଧର ଯଦି ନିର୍ବାସନ ଦଣ୍ଡ ବି ଦିଆଯାଏ ତାହେଲେ ସେଇଟା କ'ଣ ଏଇ ଆ୍ୟନେକ୍ସରେ ରହିବା ଠାରୁ ଖରାପ ହେବ ? ମୋର ତ ମନେ ହୁଏନା । ତୁମେ ତାହେଲେ ଭୟ ପାଉଛ କାହିଁକି ? ଏହାଠାରୁ ଖରାପ ଆଉ କ'ଣ ହେଇପାରେ ?"

ଏଥିରେ କିଛି ଫଳ ହେଲା ବୋଲି ମନେ ହେଲା । ଟିକେ ନରମ ହେଲେ ବୋଧହୁଏ ଚିନ୍ମୟ । ଚାରିଟା ବାଜି ଯାଇଥିଲା । ଏଇ ସମୟରେ ଡାକ୍ତର ବାବୁ ନିଜ ଘରେ ପାଆଚାରି କରନ୍ତି, ଆଉ ପାଞ୍ଚର ମା' ତାଙ୍କୁ ପଚାରନ୍ତି ଚା' କରିଦେବେ କି ନାହିଁ ।

"ଉପରବେଳା ଟିକେ ବୁଲିବାକୁ ବାହାରିଛି । ଭାବିଲି, ତୁମ ପାଖକୁ ହିଁ ଆସିବି । ଆଜି ଦିନଟି ଭାରି ଚମତ୍କାର । ବସନ୍ତ କାଳ ଆସିଗଲାଣି –"

"ଏଇଟା କି ମାସ ? ମାର୍ଚ୍ଚ ?"

"ମାର୍ଚ୍ଚ ମାସର ଶେଷ ।"

"ବାହାରେ ସେମିତି ମଇଳା ଆଉ ଧୂଳି ଅଛି ?"

"ନା, କିଛିଟା ପରିଷ୍କାର କରାହେଇଛି ।"

"କ'ଣ ଇଚ୍ଛା ହେଉଛି ଜାଣିଛନ୍ତି ? ଇଚ୍ଛା ହେଉଛି ବେଶ୍ ବଡ଼ ଗୋଟାଏ ଘୋଡ଼ା ଗାଡ଼ିରେ ସହରର ବାହାରେ ଯାଇ ବୁଲିଆସେ ।"

ସେ ତାଙ୍କର ଫୁଲା ଆଖି ଯୋଡ଼ିକ ଦୁଇ ହାତରେ ମକଚିବାକୁ ଲାଗିଲେ, ଯେମିତି ମନେ ହେଲା ବର୍ତ୍ତମାନ ନିଦରୁ ଉଠିଲେ ।

"ତା'ପରେ ଘରକୁ ଫେରି ଆସି ନିଜର ଲାଇବ୍ରେରୀ ଘରଟି ଭିତରେ ପଶି ଜଣେ ଭଦ୍ର ଡାକ୍ତର ଡାକି ମୋର ମୁଣ୍ଡ ବିନ୍ଧାର ଗୋଟାଏ ବ୍ୟବସ୍ଥା କରେ .... ଏସବୁ ଭୁଲି ଯାଇଛି, ମଣିଷ ପରି କେମିତି ବଞ୍ଚିବାକୁ ହୁଏ ସେଇଟା ବି ଭୁଲିଯାଇଛି । ଏଠି ଚାରିଆଡ଼ ଏତେ ମଇଳା, ଏତେ ଦୁର୍ଗନ୍ଧ ସହ୍ୟ କରିବା ଅସମ୍ଭବ ।"

ସମ୍ଭବତଃ ଆଗ ଦିନର ଉତ୍ତେଜନା ପାଇଁ ସେ କ୍ଲାନ୍ତ ହେଇପଡ଼ିଥିଲେ, ତାଙ୍କର କଣ୍ଠସ୍ୱର ବି ବେଶ୍ କ୍ଲାନ୍ତ ଶୁଭୁଥିଲା । ହାତର ଆଙ୍ଗୁଠିଗୁଡ଼ାକ ଥରୁଥିଲା ତାଙ୍କର, ମୁହଁଦେଖି ମନେ ହେଉଥିଲା, ମୁଣ୍ଡ ଯନ୍ତ୍ରଣାରେ କାତର ହେଇପଡ଼ିଛନ୍ତି ବିଚାରା ।

ଡାକ୍ତର ବାବୁ କହିଲେ, "ଆରାମଜନକ ଲାଇବ୍ରେରୀ ଘର ସାଙ୍ଗରେ ଏଇ ଆ୍ୟନେକ୍ସର ବିଶେଷ କୌଣସି ପାର୍ଥକ୍ୟ ନାହିଁ । ସୁଖ ଶାନ୍ତିର ଉପାଦାନ ଯଦି ଆମେ ବାହାରେ ଖୋଜୁ ତାହେଲେ ଆମ୍ଭମାନଙ୍କୁ ଠକିବାକୁ ହେବ । ସେଇଟା ନିଜ ଭିତରେ ଖୋଜିବାକୁ ହେବ ।"

"ତା'ର ମାନେ ?"

"ସାଧାରଣ ଲୋକ ସୁଖର ସନ୍ଧାନ କରନ୍ତି ଘର, ଗାଡ଼ି, ଲାଇବ୍ରେରୀ ଏଇ ସବୁ ଜିନିଷରେ । କିନ୍ତୁ ବୁଦ୍ଧିମାନ ଲୋକ ସେଇଟାର ସନ୍ଧାନ କରନ୍ତି ନିଜ ଭିତରେ ।"

"ଆପଣ ଗ୍ରୀସ ଯାଇ ସେସବୁ ବକ୍ତୃତା ଦିଅନ୍ତୁ । ସେଠିକାର ପାଣି-ପବନ ଭଲ, ପବନରେ କମଳା ଲେମ୍ବୁର ବାସ୍ନା ଭାସି ବୁଲେ, ସେଇଠି ସେଇପରି ବକ୍ତୃତା ଭଲ ଶୁଭିବ । ଏ ଦେଶରେ ସେସବୁ ଅଚଳ । ଡାୟୋଜିନିସଙ୍କର କଥା କାହାକୁ କହୁଥିଲି ! ଆପଣଙ୍କୁ ?"

"ହଁ କାଲି କହୁଥିଲ –"

"ଡାୟୋଜିନିସଙ୍କ ଲାଇବ୍ରେରୀ ଘରର ଦରକାର ନଥିଲା । ସେ ଦେଶରେ ଏତେ ଅସହ୍ୟ ଗରମ ବି ନାହିଁ, ଏମିତି ଶୀତ ବି ନାହିଁ । ସେଇଠି କମଳା ଆଉ ଜଳ ପାଇ ଖାଉ ଖାଉ ଟବରେ ବସି ଦର୍ଶନ ଚର୍ଚ୍ଚା କରିବା ସମ୍ଭବ । ଏ ଦେଶର ଗରମ ବା ଶୀତ ହେଇଥିଲେ ଧୈର୍ଯ୍ୟ ହରାଇ ଘରର ସନ୍ଧାନରେ ଦୌଡ଼ି ଥାଆନ୍ତେ ସେ । ହୁଏତ ମୂର୍ଚ୍ଛା ଯାଇଥାଆନ୍ତେ ।"

"ମୋଟେ ନୁହେଁ । ଯେକୌଣସି ବାହାରର ଜିନିଷ ପରି ପ୍ରାକୃତିକ ପରିବେଶକୁ ଉପେକ୍ଷା କରାଯାଇପାରେ । ମାର୍କସ ଅରେଲିୟସ୍ କହିଛନ୍ତି, 'କଷ୍ଟ ହେଇଛି, କଷ୍ଟର ଅନୁଭୂତି ମାତ୍ର, ଏଇ ଅନୁଭୂତିକୁ ଯଦି ଆମେ ଝାଡ଼ି ପକାଇପାରୁ, କଷ୍ଟ ନେଇ ଯଦି ବେଶୀ ମୁଣ୍ଡ ଖର୍ଚ୍ଚ ନକରୁ, କଷ୍ଟ ଆଉ ରହିବନାହିଁ ।' ଠିକ୍ କହିଛନ୍ତି ସେ । ଋଷିମାନଙ୍କ ସାଙ୍ଗରେ ବା ଜ୍ଞାନୀ ଲୋକମାନଙ୍କ ସାଙ୍ଗରେ ସାଧାରଣ ଲୋକମାନଙ୍କର ସେଇଠାରେ ହିଁ ପାର୍ଥକ୍ୟ । ସେମାନେ ଦୁଃଖ-କଷ୍ଟକୁ ତୁଚ୍ଛ କରିପାରନ୍ତି, ସେମାନେ ଯେକୌଣସି ଅବସ୍ଥାରେ ହିଁ ସନ୍ତୁଷ୍ଟ, ସେମାନେ କୌଣସି ଠାରେ ଆଶ୍ଚର୍ଯ୍ୟ ହୁଅନ୍ତିନାହିଁ ।"

"ତାହେଲେ ମୁଁ ନିଶ୍ଚୟ ବୋକା, କାରଣ ମୁଁ କଷ୍ଟ ହେଲେ ଦୁଃଖ ପାଏ, ମୋର ଅବସ୍ଥାରେ ମୁଁ ଟିକେ ବି ସନ୍ତୁଷ୍ଟ ନୁହେଁ । ଲୋକଙ୍କର ନୀଚତା ଦେଖି ମୁଁ ଆଶ୍ଚର୍ଯ୍ୟ ହେଇଯାଏ ।"

"ସେଇଠାରେ ହିଁ ତୁମର ଭୁଲ୍ । ତୁମେ ଯଦି ସବୁ ଜିନିଷର ମୂଳ ପର୍ଯ୍ୟନ୍ତ ଅନୁସନ୍ଧାନ କର, ବୁଝିପାରିବ ଯେ, ଯେଉଁ ସବୁ ବାହାରର ଜିନିଷରେ ଆମର ମନ ବିଚଳିତ ହୁଏ ତାହା କେତେ ତୁଚ୍ଛ । ଜୀବନକୁ ସମ୍ପୂର୍ଣ୍ଣ ରୂପେ ଉପଲବ୍ଧି କରିବାକୁ ଚେଷ୍ଟା କର, ତାହେଲେ ହିଁ ଶାନ୍ତି ପାଇବ ।"

"ଉପଲବ୍ଧି !" – ଚିନ୍ମୟ ସାନ୍ୟାଲ ଟିକେ ଆହତ କଣ୍ଠରେ କହି ଉଠିଲେ– "ବାହାରର ଜିନିଷ, ତା'ର ମୂଳ-କ୍ଷମା କରିବେ, ଏସବୁ ଜିନିଷ ମୋ' ମୁଣ୍ଡରେ ଢୁକେନାହିଁ । ଗୋଟିଏ ଜିନିଷ ଯାହା ମୁଁ ବୁଝେ,

ସେଇଟା ହେଉଛି" - ଚିନ୍ମୟଙ୍କର ଆଖି ଓ ମୁହଁ ଲାଲ ହେଇଉଠିଲା, ଯାମିନୀ ଦତ୍ତଙ୍କ ଆଡ଼କୁ କଟମଟ କରି ଚାହିଁ ସେ କହିଲେ - "ସେଇଟା ହେଉଛି ଯେ ଭଗବାନ ମୋତେ ରକ୍ତ ମାଂସର ମଣିଷ କରି ତିଆରି କରିଛନ୍ତି । ହଁ, ସାର୍, ତପ୍ତ ରକ୍ତ, କଞ୍ଚା ମାଂସ ଆଉ ସ୍ପର୍ଶ କାତର ସ୍ନାୟୁ ଦ୍ୱାରା ମୁଁ ତିଆରି । ଏହାର ଜୀବନୀ-ଶକ୍ତି ଯଦି ଥାଏ ବାହାରର ଆଘାତରେ ସେ ଉତ୍ତର ଦେବ । ସେଥିପାଇଁ ମୁଁ ଉତ୍ତର ଦିଏ । କଷ୍ଟ ପାଇଲେ ଆଖିରୁ ପାଣି ବାହାରିଯାଏ । ଚିତ୍କାର କରି କାନ୍ଦେ । ନୀଚତା ଦେଖିଲେ ମନ ଭିତରେ ଘୃଣା ଜାଗେ, ବର୍ବରତା ଦେଖିଲେ ମନ ବିରୂପ ହେଇଯାଏ । ଏଇଆ ମୁଁ ବୁଝେ, ମୋ ପାଖରେ ଏହା ହିଁ ହେଉଛି ଜୀବନର ଅର୍ଥ । ନିମ୍ନସ୍ତରର ଜୀବନମାନେ ଏତେଟା ସ୍ପର୍ଶକାତର ନୁହଁନ୍ତି, ସେଥିପାଇଁ ସେମାନେ ଆମ୍ଭମାନଙ୍କ ପରି ପାଟିତୁଣ୍ଡ କରନ୍ତିନାହିଁ । ଯେଉଁମାନେ ଉଚ୍ଚସ୍ତରର ପ୍ରାଣୀ, ଯେଉଁମାନେ ମଣିଷ, ସେମାନେ ବାସ୍ତବ ଜଗତର ରୂଢ଼ତାରେ ସେତେ ବେଶୀ କଷ୍ଟ ପାଆନ୍ତି, ସେତେ ବେଶୀ ପ୍ରତିବାଦ କରନ୍ତି । ଆଶ୍ଚର୍ଯ୍ୟ, ଆପଣ ଡାକ୍ତର ଅଥଚ ଆପଣ ଏଇ ସାମାନ୍ୟ ସାଧାରଣ କଥାଗୁଡ଼ାକ ଜାଣନ୍ତିନାହିଁ । ଯେଉଁ ଲୋକ କଷ୍ଟରେ ବିଚଳିତ ହୁଏ ନାହିଁ, ଯିଏ ଯେ କୌଣସି ଅବସ୍ଥାରେ ସନ୍ତୁଷ୍ଟ, ଯିଏ କୌଣସି ବିଷୟରେ ବିସ୍ମିତ ହୁଏ ନା, ତା'ର ତ ସେଇ ଲୋକଟା ପରି ଅବସ୍ଥା" - ଚିନ୍ମୟ ସେଇ ମୋଟା ଚଣ୍ଡାଳଟାକୁ ଦେଖାଇ ଦେଲେ - "କିମ୍ବା ସେ ଏତେ କଠୋର, ଏମିତି ନିଃସ୍ପନ୍ଦ ହେଇଯାଇଛି, ତାକୁ ମଡ଼ା କହିଲେ ବି ଭୁଲ୍ ହେବନାହିଁ । ମୋତେ ମାଫ୍ କରିବେ" -

ଆଖିକୁ ଆହୁରି ବଡ଼ ବଡ଼ କରି ସେ କହିବାକୁ ଲାଗିଲେ - "ମାଫ କରିବେ, ମୁଁ ମୁନି ବି ନୁହଁ, ଋଷି ବି ନୁହଁ, ଦାର୍ଶନିକ ବି ନୁହଁ । ସେସବୁ ବିଷୟରେ ମୋର କୌଣସି ଜ୍ଞାନ ନାହିଁ । ଆଉ ମୁଁ ଏସବୁ ନେଇ ଆପଣଙ୍କ ସାଙ୍ଗରେ ତର୍କ ବି କରିବାକୁ ଚାହେଁନା ।"

"କିନ୍ତୁ ତୁମେ କି ଚମତ୍କାର ତର୍କ କର ।"

"ଯେଉଁ ସବୁ ମୁନି-ଋଷିମାନଙ୍କର ବଚନ ଆପଣ କହିଲେ, ସେମାନେ ବଡ଼ ଲୋକ ଥିଲେ ସନ୍ଦେହ ନାହିଁ । କିନ୍ତୁ ସେମାନଙ୍କର ଚିନ୍ତାଧାରା ଦୁଇ ହଜାର ବର୍ଷ ପୂର୍ବେ ଯେଉଁଠି ଥିଲା, ଆଜିବି ସେଇଠି ଅଛି । ଟିକେବି ଆଗେଇ ନାହିଁ । ଆଗେଇ ପାରେନା, କାରଣ ସେମାନେ ଯାହା କହିଛନତ୍ ସେଇଟା କରାଯାଇପାରେନା, ତାହା ଅବାସ୍ତବ । ସେକାଳରେ ଅତ୍ୟନ୍ତ ସୀମାବଦ୍ଧ ସମାଜରେ ସେମାନଙ୍କର ଏସବୁ ଦର୍ଶନର ଖ୍ୟାତି ଥିଲା । ଏଇ ସୀମାବଦ୍ଧ ସମାଜର ଲୋକମାନଙ୍କର କାମ ଥିଲା ନାନାରକମ ଆଖିରେ ଚାଖି ବୁଲିବା । କିନ୍ତୁ ଦେଶର ଜନସାଧାରଣ ତା'ର ଧର୍ମ ଗ୍ରହଣ କରିନାହାନ୍ତି, କରିପାରିନାହାନ୍ତି । ଗୀତାର ନାଁ ମଧ୍ୟ ଶୁଣି ନାହାନ୍ତି ଅନେକେ, ଶୁଣିଲେ ବି ବା ପଢ଼ିଲେ ବି ଗୀତାର ଧର୍ମ କେତେ ଜଣ ଲୋକ ପାଳନ କରିଛନ୍ତି ? ପାଳନ କରିନାହାନ୍ତି, କାରଣ କରାଯାଇପାରେନାହିଁ । ଯେଉଁ ଧର୍ମ ଆର୍ଥିକ ସମ୍ପଦ ଆଉ ସ୍ୱାଚ୍ଛନ୍ଦ୍ୟକୁ ତୁଚ୍ଛ କରି, ଦୁଃଖ ବା ମୃତ୍ୟୁ ସମ୍ବନ୍ଧରେ ଯେଉଁ ଧର୍ମ ଉଦାସୀନ, ତାହା ସାଧାରଣ ଲୋକର ବୁଦ୍ଧିର ଅଗମ୍ୟ । ସାଧାରଣ ଲୋକ ସମ୍ପଦ ଆଉ ସ୍ୱାଚ୍ଛନ୍ଦ୍ୟର ସ୍ୱାଦ ପାଇନାହାନ୍ତି, ସେମାନଙ୍କ ପକ୍ଷରେ ଏସବୁକୁ ଅସ୍ୱୀକାର କରିବା ମାନେ ଜୀବନକୁ ହିଁ ଅସ୍ୱୀକାର କରିବା । ଯେଉଁମାନେ ସାରା ଜୀବନ ଦୁଃଖ-ଦାରିଦ୍ର-ଅନାହାର-ଅତ୍ୟାଚାରରେ ଦଗ୍ଧ, ସେମାନେ ସେଇ ପ୍ରବାହ ସମ୍ବନ୍ଧରେ ଉଦାସୀନ ରହିବେ କେମିତି ! ସେମାନେ କ୍ଷୁଧା-ତୃଷ୍ଣା-ମୃତ୍ୟୁ ଭୟରେ ସର୍ବଦା ଜର୍ଜରିତ, ଏହି ସେମାନଙ୍କର ଜୀବନ, ଏହା ଭିତରେ ସେମାନେ ସୁଧାର ସନ୍ଧାନ କରୁଛନ୍ତି, ଏହା ସମ୍ବନ୍ଧରେ ସେମାନେ କ'ଣ ଉଦାସୀନ ରହିପାରନ୍ତି ? ସେଥିପାଇଁ ମୁଁ ପୁଣି କହୁଛି ସେଇ ସବୁ ମୁନି-ଋଷି ମାନଙ୍କ ବଚନ ଆମ୍ଭମାନଙ୍କ ପାଖରେ ଅର୍ଥହୀନ, ତା'ର କୌଣସି ଭବିଷ୍ୟତ ନାହିଁ, ରହିପାରେନା । ଚିରକାଳ ମଣିଷ ଯାହା ସମ୍ବଳ କରି ସଭ୍ୟତାର ପଥରେ ଆଗେଇଛି ତାହା ହେଉଛି ଦୁଃଖ କଷ୍ଟର ବିରୁଦ୍ଧରେ ପ୍ରତିବାଦ କରିବାର ଆଉ ଯୁଦ୍ଧ କରିବାର ଶକ୍ତି । ଏହା ଉପରେ ହିଁ ତା'ର ମନୁଷ୍ୟତ୍ୱ ପ୍ରତିଷ୍ଠିତ ।"

ଚିନ୍ମୟ ସାନ୍ୟାଲ ହଠାତ୍ ଚିନ୍ତାର ଖିଅ ହରାଇ ଚୁପ୍ ହେଇଗଲେ, ତା'ପରେ କପାଳରେ ହାତ ବୁଲାଇ ବିରକ୍ତ ହେଇ କହି ଉଠିଲେ, "ମୁଁ ଆପଣଙ୍କି ଗୋଟାଏ ବହୁତ ଦରକାରୀ କଥା କହିବାକୁ ଚାହିଁଥିଲି, କିନ୍ତୁ ସବୁ ଗୋଳେଇ ହେଇଗଲା । କ'ଣ କହୁଥିଲି, କୁହନ୍ତୁ ତ? ହଁ, ମନେପଡ଼ିଲା । ଗ୍ରୀସର ଜଣେ ଷ୍ଟୋଇକ୍, ପ୍ରତିବେଶୀଙ୍କୁ ରକ୍ଷା କରିବା ପାଇଁ ନିଜକୁ ଜଣେ ଦାସ ବ୍ୟବସାୟୀ ପାଖରେ ବିକ୍ରି କରିଦେଇଥିଲେ । ଏହାର ମାନେ ସେ ପ୍ରତିବେଶୀଙ୍କ ଦୁଃଖ ସମ୍ପର୍କରେ ନିର୍ବିକାର ରହିପାରିନାହାନ୍ତି । ଦୁଃଖେଷୁ ଅଣ ଉଦ୍‌ବିଗ୍ନମନାହେଲେ ପର ପାଇଁ ଏତେ ବଡ଼ ଆତ୍ମବିସର୍ଜନ ସମ୍ଭବ ହେଇନଥାଆନ୍ତା । ଆହୁରି ଅନେକ ଉଦାହରଣ ଅଛି, ଏଇ ଜେଲ୍‌ରେ ରହି ସବୁ ଭୁଲି ଯାଇଛି । ଯିଶୁଖ୍ରୀଷ୍ଟଙ୍କ କଥା ଧରନ୍ତୁ ନା । ବାସ୍ତବ ସମ୍ବନ୍ଧରେ ସେ ଉଦାସୀନ ଥିଲେ କି ? ସେ କାନ୍ଦୁଥିଲେ, ଶୋକ ପ୍ରକାଶ କରୁଥିଲେ, ହସୁଥିଲେ, ରାଗୁଥିଲେ, ଦୁଃଖିତ ହେଉଥିଲେ । ଦୁଃଖ-କଷ୍ଟକୁ ସେ ହସ ମୁହଁରେ କେବେହେଲେ ସ୍ୱୀକାର କରିନାହାନ୍ତି, ସେ ମୃତ୍ୟୁ ସମ୍ବନ୍ଧରେ ବି ଉଦାସୀନ ନଥିଲେ ।"

ଚିନ୍ମୟ ହୋ ହୋ ହେଇ ହସି ଉଠି ବସିଲେ ।

"ଧରି ନେଲି ଆପଣ ଯାହା କହୁଛନ୍ତି, ସବୁ ଠିକ୍ । ସୁଖ-ଶାନ୍ତି ମଣିଷର ଅନ୍ତରରେ ଅଛି, ବାହାରେ ନାହିଁ । ଧରି ନେଲି ଦୁଃଖକୁ ଆଉ ମୃତ୍ୟୁକୁ ହସ ମୁହଁରେ ମାନିନେବା ଉଚିତ୍ । କିନ୍ତୁ ଏକଥା ପ୍ରଚାର କରିବାର ଆପଣଙ୍କର କ'ଣ ଅଧିକାର ଅଛି ? ଆପଣ କ'ଣ ମୁନି ନା ଋଷି ?"

"ନା ମୁଁ ମୁନି-ଋଷି ନୁହଁ । କିନ୍ତୁ ତେବେବି ମୋର ମନେ ହୁଏ ଏକଥା ସମସ୍ତଙ୍କର ପ୍ରଚାର କରିବା ଉଚିତ୍ । କାରଣ ଏହା ହିଁ ହେଉଛି ଯୁକ୍ତିଯୁକ୍ତ ସତ୍ୟକଥା ।"

"କିନ୍ତୁ ଏଇ ସତ୍ୟ କଥା ପ୍ରଚାର-କରିବାର ଦାୟିତ୍ୱ ଆପଣ ନେଲେ କାହିଁକି ? ଜୀବନର ସମ୍ପର୍କରେ ଏଇ ଉପଲବ୍ଧି, ଦୁଃଖର ସମ୍ପର୍କରେ ଏଇ ଉଦାସୀନତା ଏସବୁ ପ୍ରକାର କରି ବୁଲିବାର ଅଧିକାର କିଏ ଦେଇଛି ଆପଣଙ୍କୁ ? ଆପଣ କ'ଣ କେବେ ଦୁଃଖ ପାଇଛନ୍ତି ? ଦୁଃଖ ଯେ କି ଜିନିଷ ତା'ର ସାମାନ୍ୟତମ ପରିଚୟ କ'ଣ ଆପଣଙ୍କୁ ଜଣାଅଛି ? ଆପଣଙ୍କୁ ପଚାରୁଛି ବୋଲି କ୍ଷମା କରିବେ, ବାଲ୍ୟ କାଳରେ ଆପଣ ବେତରେ ମାଡ଼ ଖାଇଛନ୍ତି କେବେ ? ଆପଣଙ୍କୁ କ'ଣ କେହି କେବେ ଚାବୁକ୍‌ରେ ପ୍ରହାର କରିଛନ୍ତି ?

"ନା । ମୋର ବାପା-ମା' ସେସବୁର ବିରୋଧୀ ଥିଲେ ।"

"କିନ୍ତୁ ମୋର ବାପା ମୋତେ ନିର୍ଦ୍ଦୟ ଭାବରେ ମାରୁଥିଲେ । ସେ ଭାରି ରାଗୀ ଥିଲେ । ବଡ଼ ଅଫିସର ଥିଲେ ସେ, ତାଙ୍କର ନାକଟା ଲମ୍ବା ଥିଲା, ଗର୍ଦ୍ଦାନଟା ଥିଲା ହଳଦିଆ ରଙ୍ଗର, କିଛିଟା ବାଘର ଗର୍ଦ୍ଦାନ ପରି । ଅର୍ଶରେ ଭୋଗୁଥିଲେ । ଆପଣଙ୍କ କଥା ହିଁ କହୁଛି । ସାରା ଜୀବନ ଆପଣଙ୍କ ଦେହରେ ଟିକେ ବି ମାଡ଼ର ଗାର ଲାଗିନାହିଁ, କେହି ଆପଣଙ୍କୁ ଭୟ ଦେଖାଇନାହାନ୍ତି, କେହି ଆପଣଙ୍କ ଉପରେ ଅତ୍ୟାଚାର କରିନାହାନ୍ତି । ଆପଣଙ୍କ ଚେହେରା ବଳିଷ୍ଠ ଘୋଡ଼ା ପରି । ବାପାଙ୍କ ସ୍ନେହ, ଆଦରରେ ମଣିଷ ହେଇଛନ୍ତି, ବାପାଙ୍କ ଟଙ୍କାରେ ପଢ଼ାଶୁଣା କରି ଗୋଟିଏ ସୁନ୍ଦର ଚାକିରି ପାଇଛନ୍ତି । ଗତ କୋଡ଼ିଏ ବର୍ଷ ହେଲା ଆପଣ ଚମତ୍କାର ଆଲୁଅ-ପବନ ଥିବା ଗଭର୍ଣ୍ଣମେଣ୍ଟ କ୍ୱାର୍ଟର୍ସରେ ବିନା ପଇସାରେ ଆରାମରେ ବାସ କରୁଛନ୍ତି, ଆପଣଙ୍କର ଚାକର ଅଛି । ଆପଣ ନିଜେ ଆପଣଙ୍କ ମର୍ଜି ଅନୁଯାୟୀ କାମ କରନ୍ତି, କିମ୍ବା କରନ୍ତି ନାହିଁ । ଆପଣ ଅଳସ, - ହଁ, ହେଇଛି - ହେବ ଏଇ ଧରଣର ମଣିଷ, ଆଉ ସେଇଥିପାଇଁ

ନିଜର ଦେହକୁ ବଞ୍ଚାଇ ବିପଦ ଏଡ଼ାଇ ନିଜର ଜୀବନକୁ ନିୟନ୍ତ୍ରିତ କରିଛନ୍ତି । ଆପଣ, ଆପଣଙ୍କର ସବୁ କାର୍ଯ୍ୟଭାରତ ଦେଇ ଦେଇଛନ୍ତି ଡାକ୍ତରଖାନାର ଅଯୋଗ୍ୟ ଆସିସ୍‌ଟେଣ୍ଟଗୁଡ଼ାକ ଉପରେ, ଆଉ ନିଜେ ବହୁତ ଆରାମରେ ଅଛନ୍ତି, ଟଙ୍କା ବଞ୍ଚାଉଛନ୍ତି, ବହି ପଢୁଛନ୍ତି ଆଉ ନାନା ପ୍ରକାର ଅଜବ ଦାର୍ଶନିକ ତତ୍ତ୍ୱ ନେଇ ବିଭୋର ହେଇରହିଛନ୍ତି । ଆଉ ଆପଣଙ୍କର"– ଚିନ୍ମୟ ସାନ୍ୟାଲ ଯାମିନୀବାବୁଙ୍କର ନାକ ଆଡ଼କୁ ନଜର ପକାଇ କହିଲେ – "ଆପଣଙ୍କର ମୁହଁ – ଆଖି ଦେଖି ମନେହୁଏ ଆପଣ ବି ମଦ ପିଅନ୍ତି । ମୋଟ କଥା, ଜୀବନ କହିଲେ ଯାହା ବୁଝାଏ ସେଇଟା ଆପଣ ଦେଖି ନାହାନ୍ତି, ତା'ର ପରିଚୟ ମଧ୍ୟ ଆପଣଙ୍କୁ ଜଣାନାହିଁ । ବାସ୍ତବ ଜୀବନର ଗୋଟା, ହାଲ୍‌କା ଧାରଣା ଅଛି ଆପଣଙ୍କର । ଦୁଃଖକୁ ଅଗ୍ରାହ୍ୟ କରି, ବହିର୍ଜଗତ ସମ୍ବନ୍ଧରେ ନିର୍ବିକାର ରହି ଯେଉଁ ସୁଖ-ଶାନ୍ତି ଆପଣ କଳ୍ପନା କରିଛନ୍ତି ତାହା ଅଳସୁଆ ଲୋକଙ୍କ ପାଖରେ ଶୋଭା ପାଏ । ଯେଉଁମାନେ ପରିଶ୍ରମ କାତର ସେମାନେ ହିଁ ଭାବନ୍ତି ଜଗତ ମିଥ୍ୟା, ବାହାରର ଦୁଃଖ ଅଳୀକ କିମ୍ବା ମାୟା । ଏସବୁ ହେଉଛି ପରିଶ୍ରମ କାତର ଲୋକମାନଙ୍କର ଦର୍ଶନ । ଜଣେ ତାଙ୍କର ସ୍ତ୍ରୀଙ୍କୁ ମାରୁଛନ୍ତି, ମାରନ୍ତୁ, ବାଧା ଦେବାର ଦରକାର କ'ଣ ? କାରଣ ଏଇଟା ତ ଜଣା କଥା ଆଜି ନହେଲେ କାଲି ସେମାନେ ଦୁହେଁ ମରିବେ । ତାଛଡ଼ା ଯିଏ ମାରୁଛନ୍ତି ସେ ଅବନତ କରୁଛନ୍ତି ନିଜକୁ, ଯାହାକୁ ମାରୁଛନ୍ତି ତାଙ୍କର କ୍ଷତି କ'ଣ ! ମଦ ପିଇ ମାତାଲ ହେବା ଅଶୋଭନୀୟ । ଅସୁନ୍ଦର ଘଟଣା- କିନ୍ତୁ ଯିଏ ମଦ ପିଏ, ସେ ବି ଶେଷରେ ମରେ, ଯିଏ ନପିଏ ସେ ବି ମରେ । ସୁତରାଂ ମଦ ପିଇଲେ କ'ଣ ଏମିତି କ୍ଷତି? କେହି ଆପଣଙ୍କ ପାଖରେ ଦାନ୍ତର କଷ୍ଟ ନେଇ ଆସିଲେ, ଦାନ୍ତରେ ବ୍ୟଥା ହେଉଛି ତ କ'ଣ ହେଇଛି ! ବ୍ୟଥା ତ ମନର ଗୋଟାଏ ଅନୁଭୂତି ମାତ୍ର, ଆଉ ସେଇ ଅନୁଭୂତି ତ ମାୟା । ତାଛଡ଼ା ଏଇଟା କ'ଣ ଆଶା କରିବା ଉଚିତ୍ ଯେ ତୁମର ସାରା ଜୀବନ କୌଣସି କଷ୍ଟ ନପାଇ କଟିଯିବ ? ଶେଷରେ ତ ମୃତ୍ୟୁ ମୁହଁରେ ପଡ଼ିବାକୁ ହିଁ ହେବ । ସୁତରାଂ ମହାଶୟ, ଦାନ୍ତ ପାଇଁ ଆଉ ଚିକିତ୍ସା କରିବା ଦରକାର ନାହିଁ । ମୋତେ ଟିକେ ଆରାମରେ ରହିବାକୁ ଦିଅନ୍ତୁ । କୌଣସି ପିଲା ଯଦି କଷ୍ଟରେ ପଡ଼ି ଆସି ଆପଣଙ୍କ ପରାମର୍ଶ ଚାହେଁ, ସିଏ କ'ଣ କରିବ, କେଉଁଠି ଚାକରି ପାଇବ । ଆନ୍ୟ ଲୋକ ହେଲେ ହୁଏତ ଟିକେ ଭାବି ଉତ୍ତର ଦେଇଥାଆନ୍ତା । କିନ୍ତୁ ଆପଣଙ୍କର ଉତ୍ତର ତ ତିଆରି ହେଇରହିଛି – ଜୀବନକୁ ଉପଲବ୍ଧି କରିବାକୁ ଚେଷ୍ଟା କର, ପ୍ରକୃତ ସୁଖ ଶାନ୍ତି କ'ଣ ତାକୁ ଜାଣିବାକୁ ଚେଷ୍ଟା କର, ତାହେଲେ ଆନନ୍ଦ ପାଇବ, ତାହେଲେ ତୁମର ମୁକ୍ତି । କିନ୍ତୁ ଏଇ ମୁକ୍ତି ବିଷୟଟା କ'ଣ ? କୌଣସି ଉତ୍ତର ଦେଇପାରିବେ ? ପାରିବେ ନାହିଁ, କାରଣ ଏହାର ଉତ୍ତର କେହି ଜାଣିନାହାନ୍ତି । ଆମ୍ଭମାନଙ୍କୁ ଏଇଠାରେ ଗୋଟାଏ ପିଞ୍ଜରା ଭିତରେ ପୂରେଇ ରଖିଛନ୍ତି, ମାରୁଛନ୍ତି, ପଚିବାକୁ ଯୋଗାଡ଼ କରିଦେଉଛନ୍ତି । ଆପଣ କହିବେ – ହେଲେ ହେଉ । ଏଇ ଗାରଦ ଆଉ ଚମତ୍କାର ବୈଠକଖାନା ଭିତରେ ତ କୌଣସି ତଫାତ ନାହିଁ । ମୂଳ ଅନୁସନ୍ଧାନ କଲେ ସବୁ ତ ମାୟା । ଭାରି ସୁବିଧାଜନକ ଦର୍ଶନ ଆପଣଙ୍କର, ବାଃ ! ଏଇ ଦର୍ଶନ ଥିଲେ ଆଉ କିଛି କରିବାର ନାହିଁ, ବିବେକରେ କୌଣସି ଗଲତି ନାହିଁ, ନିଜକୁ ଆପଣ ବୋଧହୁଏ ମନେ କରିଛନ୍ତି ଶଙ୍କର ବା ରାମାନୁଜ । ଚମତ୍କାର ! କିନ୍ତୁ ଶୁଣନ୍ତୁ, ସେ ସବୁ ଦର୍ଶନ ବି ନୁହଁ, ଉପନିଷଦ ବି ନୁହଁ – ଆପଣ ଯାହା କରିଛନ୍ତି ତାହା ଧୃଷ୍ଟତା । ପରିଶ୍ରମ କାତରତା, ଦୁଷ୍ଟାମି ଆଉ ବୋକାମିର ସମନ୍ୱୟ । ଅସଲରେ କ'ଣ କରୁଛନ୍ତି ଜାଣନ୍ତି ? ଯାହା ଅଛି କପାଳରେ ବୋଲି ଭାବି ଆଖି ବୁଜି ବସି ରହିଛନ୍ତି । ହଁ, ମହାଶୟ, ଯାହା କହିଲି ତା' ସତ୍ୟ – ଚିନ୍ମୟ ସାନ୍ୟାଲ ଆହୁରି ରୁକ୍ଷ ହେଇ ଉଠିଲେ – "ଆପଣ କହୁଛନ୍ତି ଦୁଃଖ କଷ୍ଟକୁ ତୁଚ୍ଛ କରିବା ପାଇଁ ? କିନ୍ତୁ ଆପଣଙ୍କର କାଣି ଆଙ୍ଗୁଠିଟା ଯଦି କବାଟରେ ଚାପି ହେଇଯାଏ ତାହେଲେ ଆପଣ ଆର୍ତ୍ତକଣ୍ଠରେ ଚିତ୍କାର କରିଉଠିବେ ।"

"ବୋଧହୁଏ ଉଠିବି ନାହିଁ" – ଯାମିନୀ ଦତ୍ତ ହସି ଉତ୍ତର ଦେଲେ।

"ଉଠିବେ ନାହିଁ ? କ'ଣ କହୁଛନ୍ତି ! ଧରନ୍ତୁ ଯଦି ବର୍ତ୍ତମାନ ଆପଣଙ୍କର ଷ୍ଟ୍ରୋକ ହେଇ ପକ୍ଷାଘାତ ହୁଏ, କିମ୍ବା ଯଦି କୌଣସି ଗୁଣ୍ଡା ତା'ର ଶକ୍ତି ବା ଉଚ୍ଚ ପଦର ସୁଯୋଗ ନେଇ ଆପଣଙ୍କୁ ପ୍ରକାଶ୍ୟରେ ଅପମାନ କରେ ଏବଂ ଆପଣ ଯଦି ବୁଝିପାରନ୍ତି ଯେ ତା'ର ଶାନ୍ତି ହେବନାହିଁ, ତାହେଲେ ହିଁ ଆପଣ ବୁଝିପାରିବେ ଯେ ସମସ୍ତଙ୍କୁ ଆପଣ ଯେଉଁ ସବୁ ବାଜେ ଉପଦେଶ ଦେଇ ବୁଲୁଛନ୍ତି ତା'ର ପ୍ରକୃତ ଅର୍ଥ କ'ଣ ! ଜୀବନକୁ ଉପଲବ୍ଧି କରିବା କିମ୍ବା ଜୀବନର ଦୁଃଖ କଷ୍ଟକୁ ତୁଚ୍ଛ କରିବା ଏତେ ସହଜ ନୁହଁ, ବୁଝିଲେ !"

"ଆରେ, ବହୁତ ଚମତ୍କାର ତ !" – କହି ଉଠିଲେ ଡାକ୍ତର ବାବୁ – "ତୁମର ବକ୍ତୃତା ମୋତେ ଭାରି ଭଲ ଲାଗିଲା । ଭାରି ସୁନ୍ଦର ଭାବରେ କହିଲ । ଆଉ ମୋର ଚରିତ୍ର ସମ୍ପର୍କରେ ଯାହା କହିଲ ସେଇଟା ପୂରାପୂରି ନିଖୁଣ । ତୁମ ସାଙ୍ଗରେ କଥା କହି ଭାରି ଖୁସୀ ହେଇଛି । ତୁମର କଥା ତ ଆଦ୍ୟ ପ୍ରାନ୍ତ ସବୁ ଶୁଣିଲି, ଏଥର ମୋ ତରଫରୁ କଥାଟା ଶୁଣ –"

### ।। ଏଗାର ।।

ସେମାନେ ପ୍ରାୟ ଆହୁରି ଏକ ଘଣ୍ଟା କଥାବାର୍ତ୍ତା କଲେ । ଯାମିନୀ ଦତ୍ତଙ୍କର କଥା ଶୁଣି ଚିନ୍ମୟ ବି ଯେମିତି କିଛିଟା ଆଶ୍ୱସ୍ତ ହେଲେ । ଏହା ପରଠାରୁ ଡାକ୍ତରବାବୁ ରୋଜ ଆନେକ୍ସକୁ ଆସିବାକୁ ଲାଗିଲେ । ସକାଳେ ଯାଉଥିଲେ, ଉପରବେଳା ଖାଇ ସାରିବା ପରେ ଯାଉଥିଲେ, ଚିନ୍ମୟ ସାନ୍ୟାଲଙ୍କ ସାଙ୍ଗରେ କଥା କହୁ କହୁ ପ୍ରାୟ ସନ୍ଧ୍ୟା ପାରି ହେଇଯାଉଥିଲା । ପ୍ରଥମେ ପ୍ରଥମେ ଚିନ୍ମୟ ତାଙ୍କ ସାଙ୍ଗରେ ଦୂରତ୍ୱ ରଖି ଚାଲୁଥିଲେ । ତାଙ୍କର ସନ୍ଦେହ ଥିଲା ଯେ ଡାକ୍ତର ହୁଏତ ଗୁପ୍ତଚର, ସେ କଥା କହୁଥିଲେ ମଧ୍ୟ । କିନ୍ତୁ କ୍ରମଶଃ ଡାକ୍ତରଙ୍କ ସଙ୍ଗ ତାଙ୍କର ଅଭ୍ୟସ୍ତ ହେଇଗଲା । ଆଉ ତାଙ୍କୁ ଡର ଲାଗୁନଥିଲା । ତାଙ୍କର ଆଚରଣ ବି କୋମଳ ହେଲା । ଆଉ ରୁକ୍ଷ, କର୍କଶ କଥା କହୁନଥିଲେ । ତେବେ କଥାବାର୍ତ୍ତାରେ ବ୍ୟଙ୍ଗର ସ୍ୱର ଫୁଟି ଉଠୁଥିଲା ।

କ୍ରମଶଃ ବିଷୟଟା ପ୍ରଚାରିତ ହେଇଗଲା ଯେ ଡାକ୍ତର ବାବୁ ରୋଜ ଛଅ ନମ୍ବର ୱାର୍ଡକୁ ଯାଉଛନ୍ତି । ଡାକ୍ତର ବାବୁଙ୍କର ଆସିସ୍‌ଟେଣ୍ଟମାନେ, ନର୍ସମାନେ ବା ନନ୍ଦୀ କେହି ବୁଝିପାରୁନଥିଲେ, କାହିଁକି ସେ ରୋଜ୍ ସେଠିକି ଯାଉଛନ୍ତି, କାହିଁକି ବା ଏତେ ସମୟ ରହୁଛନ୍ତି, ଏତେ କଥା କାହିଁକି କହୁଛନ୍ତି । ସେଇଠି ସେ ଗୋଟାଏ ପ୍ରେସ୍‌କ୍ରିପ୍‌ସନ୍ ବି ଲେଖୁନଥିଲେ । ତେବେ ଯାଆନ୍ତି କାହିଁକି ? ତାଙ୍କର ଚାଲିଚଳଣ, ହାବଭାବ ବି ଅଦ୍ଭୁତ ମେନ ହେବାକୁ ଲାଗିଲା ସମସ୍ତଙ୍କର । ପୋଷ୍ଟମାଷ୍ଟର ବାବୁ ପ୍ରାୟ ତାଙ୍କର ଦେଖା ନପାଇ ଫେରିଯାଉଥିଲେ । ପାଞ୍ଚୁର ମା' ଦେଖୁଥିଲେ ଆଜିକାଲି ଡାକ୍ତର ବାବୁ ପ୍ରାୟ ଚା' ନପିଇ ବାହାରି ଯାଆନ୍ତି, ବହୁତ ରାତିରେ ଫେରନ୍ତି, ଆଉ ଖାଇବାକୁ ଡେରି ହେଇଯାଏ । ପାଞ୍ଚୁର ମା' ଡାକ୍ତର ବାବୁଙ୍କର ଏଇ ପରିବର୍ତ୍ତନ ପାଇଁ ବିସ୍ମିତ ହେଇଯାଆନ୍ତି ।

ଦିନେ ଡାକ୍ତର ଘୋଷାଲ ଯମିନୀ ଦତ୍ତଙ୍କ ଘରକୁ ଯାଇ ତାଙ୍କୁ ପାଇଲେନାହିଁ । ଭାବିଲେ ହୁଏତ ଆଖପାଖରେ କେଉଁଠି ଥାଇପାରନ୍ତି, କିନ୍ତୁ ବାହାରକୁ ବାହାରି ପାରିଲେ ନାହିଁ ତାଙ୍କୁ । କିଏ ଜାଣେ କହିଲେ, ସେ ଆନେକ୍ସକୁ ଯାଇଛନ୍ତି । ସେ ଗଲେ ସେଠିକି। ସେଠିକି ଯାଇ ଶୁଣିପାରିଲେ ସେ ଭିତରେ ଯେମିତି କାହା ସାଙ୍ଗରେ କଥାବାର୍ତ୍ତା କରୁଛନ୍ତି । ବାହାରେ ଚୁପ୍ ହେଉ ଛିଡ଼ାହେଇ ଶୁଣିବାକୁ ଲାଗିଲେ ।

"ନା, ନା, ତୁମକୁ ମୋ ମତରେ ମୁଁ ଦୀକ୍ଷିତ

କରିବାକୁ ଚାହୁଁନାହିଁ ।" – ଯାମିନୀ ଦତ୍ତଙ୍କର କଣ୍ଠସ୍ୱର ଭାରି ଶାନ୍ତ ଏବଂ କରୁଣ ଶୁଣାଗଲା, ଯେମିତି ଚିନ୍ମୟ ଯେ ତାଙ୍କୁ ଭୁଲ୍ ବୁଝିଛନ୍ତି । ଏଥିରେ ସେ ଦୁଃଖିତ ହେଇଛନ୍ତି, – "ଅସଲ କଥା ତାହା ନୁହଁ ବନ୍ଧୁ । ମୁଁ ଦୁଃଖ ଭୋଗ କରିଛି କି ନାହିଁ ସେଇଟା ସାଙ୍ଗରେ ଅସଲ ପ୍ରଶ୍ନଟାକୁ ଜଡ଼ାଇ ଦେଉଛ କାହିଁକି ? ଦୁଃଖ ଏବଂ ସୁଖ ଦୁଇଟା ହିଁ କ୍ଷଣିକ – ସୁତରାଂ ଦୁଇଟାକୁ ଅଗ୍ରାହ୍ୟ କରିବା ଉଚିତ୍ – ସେସବୁ ଗ୍ରହଣ କରିବା ଉଚିତ୍ ନୁହେଁ ! ଅସଲ କଥା ହେଉଛି – ତୁମେ ଓ ମୁଁ ଦୁହେଁ ଚିନ୍ତା କରିପାରୁ । ଆମ୍ଭେମାନେ ପରସ୍ପର ଭିତରେ ସ୍ୱାଧୀନ ଚିନ୍ତାଶୀଳ ବ୍ୟକ୍ତିତ୍ୱକୁ ପ୍ରତ୍ୟକ୍ଷ କରୁ, ଏଇଥିରେ ହିଁ ଆମର ଆନନ୍ଦ । ଆମ ମତରେ ଯଦି ଅମେଳ ଥାଏ ସେଥିରେ ବି କିଛି ଯାଏ ଆସେ ନାହିଁ । ଯେଉଁ ସମାଜରେ ବାସ କରୁ ତା'ର ପାଗଳାମି, ନିର୍ବୋଧପଣ, ଦୁଷ୍ଟାମି, ବୋକାମି ଦେଖି ଦେଖି ମୁଁ ଯେ କେତେ କ୍ଳାନ୍ତ ସେଇଟା ଯଦି ଜାଣିଥାଆନ୍ତ ! ତୁମ ପାଖକୁ ଆସେ, କାରଣ ତୁମ ସାଙ୍ଗରେ କଥା କହି ଆନନ୍ଦ ପାଏ । ତୁମେ ବୁଦ୍ଧିମାନ, ତେଣୁ ତୁମର ସଙ୍ଗ ଭଲ ଲାଗେ । ସେଥିପାଇଁ ଏଠିକି ଆସେ ମୁଁ ।"

ଡାକ୍ତର ଘୋଷାଲ କବାଟଟାକୁ ଟିକେ ଫାଙ୍କ କରି ଅତି ସନ୍ତର୍ପଣରେ ଦେଖିଲେ ଯାମିନୀ ଦତ୍ତ, ଚିନ୍ମୟ ସାନ୍ୟାଲଙ୍କ ପାଖରେ ତାଙ୍କ ବିଛଣା ଉପରେ ବସି ରହିଛନ୍ତି । ଚିନ୍ମୟ ନାନାରକମ ମୁଖଭଙ୍ଗୀ କରି ନିଜ ଦେହରେ ଲୁଗାଟା ବାରମ୍ବାର ଜଡ଼ାଉଛନ୍ତି ଆଉ ଯାମିନୀବାବୁ ଚୁପ୍ ହେଇ ବସିରହିଛନ୍ତି । ତାଙ୍କର ମୁଣ୍ଡଟା ଛାତି ଉପରେ ଝୁଙ୍କି ପଡ଼ିଛି, ମୁହଁଟା ଲାଲ ଦିଶୁଛି । ଯେମିତି ଗୋଟାଏ ଅସହାୟ ବିଷର୍ଣ୍ଣ ମୂର୍ତ୍ତି । ଡାକ୍ତର ଘୋଷାଲ ମୁରୁକି ହସି ନର୍ସ ଆଡ଼କୁ ଚାହିଁଲେ । ତାଙ୍କ ସାଙ୍ଗରେ ଗୋଟାଏ ଅର୍ଥପୂର୍ଣ୍ଣ ଦୃଷ୍ଟି ବିନିମୟ ହେଇଗଲା ।

ତା'ପରଦିନ ଡାକ୍ତର ଘୋଷାଲ ଜଣେ ମେଡିକାଲ ଆସିସଟେଣ୍ଟଙ୍କୁ ସାଙ୍ଗରେ ନେଇ ଆସିଲେ । ସେଦିନ ବି ଦୁହେଁ ଲୁଚି ଲୁଚି ଯାମିନୀବାବୁଙ୍କର ଆଲୋଚନା ଶୁଣିଲେ ।

ଫେରି ଯିବା ବେଳେ ଡାକ୍ତର ଘୋଷାଲ କହିଲେ, "ବୁଢ଼ାଙ୍କର ମୁଣ୍ଡଟା ମନେ ହେଉଛି ଗଣ୍ଡଗୋଳ ହେଇଯାଇଛି ।"

ଆସିସ୍ଟେଣ୍ଟ ଜଣକ ରାସ୍ତାର କାଦୁଅରୁ ନିଜର ଜୋତା ଯୋଡ଼ିକ ବଞ୍ଚାଇ କହିଲେ, "ଭଗବାନ କାହାର ଅଦୃଷ୍ଟରେ କ'ଣ ଯେ ଲେଖିଛନ୍ତି, କିଏ ଜାଣିଛି । ଆପଣ ଯାହା କହିଲେ, ମୋର ମଧ୍ୟ ସେଇଆ ସନ୍ଦେହ । ଅନେକ ଦିନ ହେଲା ମନେ ହେଉଛି ଯେ ଏଇପରି ଗୋଟା, କିଛି ହେବ ଶେଷରେ ।"

## ॥ ବାର ॥

ଏହା ପରଠାରୁ ଡାକ୍ତର ଦତ୍ତ ଅନୁଭବ କରିବାକୁ ଲାଗିଲେ, ତାଙ୍କୁ କେନ୍ଦ୍ର କରି ଯେମିତି ଗୋଟାଏ ରହସ୍ୟମୟ ଚକ୍ରାନ୍ତ ଚାଲିଛି । ଡାକ୍ତରଖାନାରେ ତାଙ୍କର ଆସିସ୍ଟେଣ୍ଟ, ନର୍ସ ବା ରୋଗୀମାନଙ୍କ ସାଙ୍ଗରେ ଦେଖା ହେଲେ ସେମାନେ କେମିତି ଗୋଟାଏ ଅଦ୍ଭୁତ ଭାବରେ ତାଙ୍କ ଆଡ଼କୁ ଚାହିଁ ଥାଆନ୍ତି, ତା'ପରେ ସେ ଚାଲିଗଲା ପରେ ଫୁସ୍‌ଫୁସ୍ କରନ୍ତି । ସୁପରିନ୍‌ଟେଣ୍ଡେଣ୍ଟଙ୍କ ଝିଅ ମାୟାଙ୍କ ସାଙ୍ଗରେ ତାଙ୍କର ଅତି ଭଲ ସମ୍ପର୍କ ଥିଲା । ଦେଖା ହେଲେ ହିଁ ତା'ର ମୁଣ୍ଡରେ ଗାଲରେ ହାତ ବୁଲାଇ ଆଦର କରୁଥିଲେ । ଏବେ ସେ ତାଙ୍କୁ ଦେଖିଲେ ପଳେଇଯାଏ । ତାଙ୍କର ବନ୍ଧୁ ପୋଷ୍ଟମାଷ୍ଟର ସତୀଶବାବୁ ଉତ୍ସାହର ସହ ଏବେ ତାଙ୍କର ପ୍ରତି କଥାରେ 'ଠିକ୍ ଠିକ୍' କହନ୍ତି ନାହିଁ – କେବଳ ବଡ଼ ବଡ଼ ହେଇ କହନ୍ତି "ହଁ ସତ କଥା, ସତ କଥା" – ଏବଂ ତାଙ୍କ ଆଡ଼କୁ ବିଷର୍ଣ୍ଣ ଚିନ୍ତିତ ଦୃଷ୍ଟି ନିକ୍ଷେପ କରନ୍ତି । ପରୋକ୍ଷ ଭାବରେ ବୁଝାଇବାକୁ ଚେଷ୍ଟା କରନ୍ତି ଏତେ ବହି ପଢ଼ିବା ଭଲ ନୁହଁ, ଚା' ବି ଟିକେ କମ୍ ପିଇବା ଉଚିତ୍ । ଉଦାହରଣ ଦିଅନ୍ତି । ଯଜ୍ଞେଶ୍ୱରବାବୁ ବଡ଼ ଅଧ୍ୟାପକ ଥିଲେ, କେବଳ ବେଶୀ ପଢ଼ି ପଢ଼ି ଶେଷରେ ମୁଣ୍ଡରେ ରୋଗ ହେଲା ତାଙ୍କର । ଗୋପେନ ସରକାର ବଡ଼ ଓକିଲ ଥିଲେ, ଦିନରାତି ଚା' ପିଉଥିଲେ – ଦେହଟା ଅସୁସ୍ଥ ହେଇଗଲା । ଏସବୁ କହି ଇଙ୍ଗିତ କଲେ ସତୀଶବାବୁ, ଡାକ୍ତର ଦତ୍ତଙ୍କୁ ସାବଧାନ କରିବାକୁ ଚେଷ୍ଟା କରୁଥିଲେ । ଡାକ୍ତର ଘୋଷାଲ ବି ଥରେ ଦୁଇଥର ଅଯାଚିତ ଭାବରେ ଆସିଲେ ତାଙ୍କ ଘରକୁ । ତାଙ୍କୁ ବିଶ୍ରାମ ନେବାକୁ କହିଲେ ଏବଂ ନିଦ ପାଇଁ ଔଷଧ ଖାଇବାକୁ କହିଗଲେ ।

କିଛିଦିନ ପରେ ମେୟରଙ୍କ ପାଖରୁ ଗୋଟାଏ ଚିଠି ପାଇଲେ ସେ । ମେୟର ତାଙ୍କ ସାଙ୍ଗରେ ଜରୁରୀ ଦରକାର ଥିବାରୁ ଦେଖା କରିବାକୁ ଚାହାଁନ୍ତି । ଟାଉନ୍ ହଲ୍‌କୁ ଯାଇ ଯାମିନୀବାବୁ ଦେଖିଲେ ସେଠି ଅନେକ ପଦସ୍ଥ ଅଫିସରମାନେ ଏକତ୍ରିତ ହେଇଛନ୍ତି । ପୋଲିସ ସୁପରିନ୍‌ଟେଣ୍ଡେଣ୍ଟ, ସ୍କୁଲ ଇନ୍‌ସପେକ୍ଟର, ମ୍ୟୁନିସିପାଲ କାଉନ୍‌ସିଲର ଜେଣ ମେୟର, ଡାକ୍ତର ଘୋଷାଲ ଏବଂ ଜଣେ ସହରର ନାମଜାଦା ଡାକ୍ତର ।

କାଉନ୍‌ସିଲର ମେୟର କହିଲେ, "ଆମ୍ଭେମାନେ ଗୋଟାଏ ଦରଖାସ୍ତ ପାଇଛୁ, ସେ ସମ୍ପର୍କରେ ଆପଣଙ୍କ ମତାମତ ଜାଣିବା ଦରକାର । ଡାକ୍ତର ଘୋଷାଲ କହୁଛନ୍ତି ଯେ ଡାକ୍ତରଖାନାର ମେନ୍ ବିଲ୍ଡିଂରେ ଡିସ୍‌ପେନ୍‌ସରିର ସ୍ଥାନ ସଙ୍କୁଳ ହେଉନାହିଁ । ସେଥିପାଇଁ ସେଟାକୁ ଅନ୍ୟତ୍ର ନେଇଯିବା ଉଚିତ୍, ଡାକ୍ତରଖାନାର ଦକ୍ଷିଣ ଦିଗର ବାରଣ୍ଡାକୁ ନେଇଗଲେ ଭଲହୁଅନ୍ତା । ଏଥିରେ ଆମର ଆପତ୍ତି ନାହିଁ, କିନ୍ତୁ ଆମେ ଭାବୁଛୁ ମରାମତି ନକଲେ ସେଇଟା କ'ଣ ସମ୍ଭବ !"

"ହଁ, ମରାମତି ବହୁତ ଦରକାର" – ଯାମିନୀବାବୁ କହିଲେ – "ଦକ୍ଷିଣ ଦିଗର ବାରଣ୍ଡାରେ ଯଦି ନେଇଯାଆନ୍ତି ତାହେଲେ ସେଇଟା ଭଲକରି ମରାମତି କରିବାକୁହେବ । ତା'ର ମାନେ ଅନ୍ତତଃ ଦଶ ହଜାର ଟଙ୍କା ଖର୍ଚ୍ଚ ହେବ । କିନ୍ତୁ ଖର୍ଚ୍ଚ କରି ଲାଭ କ'ଣ !" ସମସ୍ତେ ଚୁପ୍ ହେଇ ରହିଲେ ।

ଯାମିନୀବାବୁ କହିବାକୁ ଲାଗିଲେ, "ଦଶ ବର୍ଷ ପୂର୍ବେ ମୁଁ ଆପଣମାନଙ୍କୁ କହିଥିଲି ଯେ ଆମ୍ଭମାନଙ୍କର ସହରରେ ଆୟର ଅନୁପାତରେ ଆମ ଡାକ୍ତରଖାନାଟି ବର୍ତ୍ତମାନ ଯେଉଁ ଅବସ୍ଥାରେ ଅଛି, ସେଇ ଅବସ୍ଥାରେ ତାକୁ ଗୋଟାଏ ବିଳାସର ବିଷୟ କୁହାଯାଇପାରେ । ଯେତେବେଳେ ଏଇଟା ତିଆରି ହେଇଥିଲା, ସେତେବେଳେ ଅବସ୍ଥା ଅନ୍ୟରକମ ଥିଲା । ମୋର ମନେ ହୁଏ ଆପଣମାନେ ବିଲ୍ଡିଂରେ ଆଉ ନମିନେସନ୍‌ରେ ଯେଉଁ ଟଙ୍କା ଅନର୍ଥକ ଖର୍ଚ୍ଚ କରନ୍ତି, ସେଥିରେ ଦୁଇଟି ଆଦର୍ଶ ଡାକ୍ତରଖାନା କରାଯାଇପାରେ ।"

"ଭଲ କଥା, ତାହେଲେ ଆପଣ ଯାହା କହୁଛନ୍ତି ସେଇ ଅନୁଯାୟୀ ଡାକ୍ତରଖାନାର ବ୍ୟବସ୍ଥା କରାହେଉ ।"

"ମୁଁ ତ ଆଗରୁ କହିଛି, ଡାକ୍ତରଖାନାର ଦାୟିତ୍ୱ ମ୍ୟୁନିସିପାଲିଟି ଉପରେ ନଦେଇ ଗଭର୍ଣ୍ଣମେଣ୍ଟ ହାତରେ ଦିଆଯାଉ ।"

"ଗଭର୍ଣ୍ଣମେଣ୍ଟ ହାତରେ ଦିଆଯିବ ମାନେ" – ମୋଟା ଡାକ୍ତରବାବୁ ହସି ଦେଇ କହିଲେ – "ଆମ୍ଭମାନଙ୍କର ଟଙ୍କା ପଇସା ଯାହା କିଛି ଅଛି ସବୁ ତାଙ୍କ ହାତକୁ ଦେଇଦେବା । ସେଇ ଟଙ୍କାଯଦି ସେମାନେ ଚୋରି କରନ୍ତି, ଆମ୍ଭମାନଙ୍କର କୌଣସି କଥା ସେହି ଚଳିବନାହିଁ ।"

"ସେଇଟା ତ ଚଳିବ ନାହିଁ" – କାଉନ୍‌ସିଲର ହସି ଦେଇ ସହମତି ପ୍ରକାଶ କଲେ ।

ଯାମିନୀବାବୁ ଗମ୍ଭୀର ହେଇଗଲେ । ତା'ପରେ ମୋଟା ଡାକ୍ତରବାବୁଙ୍କ ଆଡ଼େ ତିକ୍ତ ଦୃଷ୍ଟି ପକାଇ କହିଲେ, "ଆମ୍ଭମାନଙ୍କର ପକ୍ଷପାତ ଶୂନ୍ୟ ହେବା ଉଚିତ୍ ।"

ନୀରବତା ଘନେଇ ଆସିଲା, କିଛି ସମୟ ପାଇଁ । ବେହେରା ଆସି ଚା' ଦେଇଗଲା । ପୋଲିସ ସୁପରିନ୍‌ଟେଣ୍ଡେଣ୍ଟ ଯେମିତି ଟିକେ ବେଶୀ ବିରକ୍ତ ହେଇଛନ୍ତି ବୋଲି ମେନ ହେଲା । ସେ ଟିକେ ଝୁଙ୍କି ପଡ଼ି ଯାମିନୀବାବୁଙ୍କ ଦେହରେ ହାତ ଲଗାଇ

କହିଲେ, "ଆପଣ ତ ଆମ୍ଭମାନଙ୍କୁ ପୂରା ବୟକଟ୍ କରିଛନ୍ତି ଆଜ୍ଞା ! ଆପଣ ଏକଲା ରହିବାକୁ ପସନ୍ଦ କରନ୍ତି ସେଇଟା ଜାଣେ । ତାସ୍ ଖେଳନ୍ତି ନାହିଁ, କ୍ଲବକୁ ଯାଆନ୍ତି ନାହିଁ, ଆଡ୍ଡା ଦିଅନ୍ତି ନାହିଁ । ପ୍ରେମ କରନ୍ତି ନାହିଁ । ଆମ୍ଭମାନଙ୍କ ପରି ଲୋକଙ୍କର ସଙ୍ଗ ଆପଣଙ୍କୁ ଭଲ ଲାଗେ ନାହିଁ ବୋଧହୁଏ ।"

ଏହାପରେ ସମସ୍ତେ କଥା କହିବାକୁ ଆରମ୍ଭ କଲେ । ପ୍ରସଙ୍ଗ ଗୋଟିଏ – ଏ ସହରରେ ଭଦ୍ରଲୋକଙ୍କ ପକ୍ଷରେ ବାସ କରିବା ମୁସ୍କିଲ । ଥିଏଟର ନାହିଁ, ଗୀତର ମଜଲିସ୍ ନାହିଁ, କିଛି ନାହିଁ । ଅଧିକାଂଶ ଲୋକ ହିଁ ଚିତ୍ତ ବିନୋଦନ ପାଇଁ ତାସ୍-ପଶା ଖେଳନ୍ତି, କିମ୍ବା ମଦ ପିଅନ୍ତି । କେହି ଗୋପନରେ, କେହି ପ୍ରକାଶ୍ୟରେ । କାହାରି ଆଡ଼କୁ ନଚାହିଁ ଯାମିନୀବାବୁ ବି ଧୀର ଶାନ୍ତ କଣ୍ଠରେ କହିବାକୁ ଲାଗିଲେ ତାଙ୍କ ନିଜର ଅଭିଜ୍ଞତା । ସହରର ଅଧିକାଂଶ ଲୋକମାନେ ଯେଉଁ ତାସ – ପଶା ଖେଳନ୍ତି ବା ମଦ ପିଇବା ବାଜେ ଆମୋଦ ପ୍ରମୋଦ କରି ସମୟ କାଟୁଛନ୍ତି ଏହାଠାରୁ ଶୋଚନୀୟ ଅବସ୍ଥା ସେ କଳ୍ପନା କରିପାରନ୍ତି ନାହିଁ । ମାନସିକ ଉନ୍ନତି, ସଂସ୍କୃତିର ଚର୍ଚ୍ଚା, ବୁଦ୍ଧିଦୀପ୍ତ ଆଲୋଚନା ବା ଭଲ ବହି ପଢ଼ିବାର ଅଭ୍ୟାସ ନାହିଁ କହିଲେ ଚଳେ । ଆନନ୍ଦର ଖୋରାକ କେଉଁଠି ବି ନାହିଁ । ମନର ଏ ଖୋରକ ସଂଗ୍ରହ କରିବାର ଇଚ୍ଛା ବି ନାହିଁ, ସାମର୍ଥ୍ୟ ବି ନାହିଁ ଅନେକଙ୍କ ପାଖରେ । ଅଥଚ ଭାବି ଦେଖିଲେ, ମଣିଷର ଜୀବନରେ ମନଟା ହିଁ ଅସଲ । ବାକି ସବୁ ବାଜେ ମିଥ୍ୟା ଜିନିଷ ।

ଡାକ୍ତର ଘୋଷାଲ ମନ ଦେଇ ଯାମିନୀବାବୁଙ୍କର କଥା ଶୁଣୁଥିଲେ । ହଠାତ୍ ସେ ଅଦ୍ଭୁତ ପ୍ରଶ୍ନ କରିବସିଲେ, "ଆଚ୍ଛା ଡାକ୍ତରବାବୁ, ଆଜି କେତେ ତାରିଖ କୁହନ୍ତୁ ତ ?"

ଯାମିନୀବାବୁ କହିଲେ । ତା'ପରେ ଅଦ୍ଭୁତ ପ୍ରଶ୍ନ ସବୁ ହେବାକୁ ଲାଗିଲା । ସେଇ ମୋଟା ଡାକ୍ତର ଜଣକ ପଚାରିଲେ, ଆଜି କି ବାର ! ତା'ପରେ ଗୋଟାଏ ବର୍ଷରେ କେତୋଟି ଦିନ ଥାଏ । ତା'ପରେ ହସି କହିଲେ, "ଆପଣଙ୍କର ଛଅ ନମ୍ବର ୱାର୍ଡରେ କୁଆଡ଼େ ଜଣେ ଅସାଧାରଣ ପ୍ରତିଭାବାନ ଲୋକ ଅଛନ୍ତି ?"

ଏଇ ପ୍ରଶ୍ନରେ ଯାମିନୀବାବୁଙ୍କର କାନ ଦୁଇଟା ଲାଲ ହେଇଉଠିଲା ।

"ହଁ, ସେ ରୋଗୀ । କିନ୍ତୁ ସତରେ ଅସାଧାରଣ ଲୋକ ।"

ଏହାପରେ କେହି ଆଉ କିଛି ପଚାରିଲେନାହିଁ । ସେ ଯେତେବେଳେ ବାହାରି ଆସୁଥିଲେ ସେତେବେଳେ ପୋଲିସର ବଡ଼ ସାହେବ ତାଙ୍କ କାନ୍ଧରେ ହାତ ଦେଇ ମୃଦୁ ହସି କହିଲେ, "ଆମ୍ଭେମାନେ ବୁଢ଼ା ହେଇଗଲୁଣି, ଏଥର ଆମେ ରିଟାୟାର କରିବା ଉଚିତ୍ । କ'ଣ କହୁଛନ୍ତି ?"

ଟାଉନ୍ ହଲ୍‌ରୁ ବାହାରି ଯାମିନୀବାବୁ ବୁଝିପାରିଲେ ଯେ ତାଙ୍କର ମାନସିକ ଅବସ୍ଥା ପର୍ଯ୍ୟବେକ୍ଷଣ ପାଇଁ ତାଙ୍କୁ ଏଇ କମିସନ୍ ସାମ୍ନାକୁ ଡକା ହେଇଥିଲା । ଯେଉଁ ସବୁ ପ୍ରଶ୍ନ ତାଙ୍କୁ ପଚରା ହେଲା ତାକୁ ଭାବି ତାଙ୍କୁ ଲଜ୍ୟା ଲାଗିଲା । ତାଙ୍କର ଜୀବନରେ ଏଇ ପ୍ରଥମ ସେ ଚିକିତ୍ସା – ବିଜ୍ଞାନ ସମ୍ବନ୍ଧରେ ଅନୁକମ୍ପା ପ୍ରକାଶ କଲେ ।

ଡାକ୍ତରବାବୁ ମାନେ ତାଙ୍କୁ ଯାହା ପ୍ରଶ୍ନ ପଚାରିଥିଲେ ତାହା ଭାବି ତାଙ୍କର ମନେ ହେଲା – "ହାୟ ଭଗବାନ, ଏଇଆ ଏମାନଙ୍କର ବିଦ୍ୟାର ଦଉଡ଼ ! କିଛିଦିନ ପୂର୍ବେ ଏମାନେ ମାନସିକ ବ୍ୟାଧି ବିଷୟରେ ପଢ଼ାଶୁଣା କରି ପରୀକ୍ଷା ଦେଇ ଆସିଛନ୍ତି – ଅଥଚ ସେ ସମ୍ବନ୍ଧରେ କୌଣସି ଜ୍ଞାନ ହିଁ ନାହିଁ ଏମାନଙ୍କର । କି ଆଶ୍ଚର୍ଯ୍ୟ କଥା !"

ଜୀବନରେ ଏଇ ପ୍ରଥମ ସେ ଅପମାନିତ ବୋଧ କଲେ । ଜୀବନରେ ଏଇ ପ୍ରଥମ ତାଙ୍କର ରାଗ ହେଲା ।

ସେଇଦିନ ସନ୍ଧ୍ୟା ବେଳେ ସତୀଶ ବାବୁ ପୋଷ୍ଟମାଷ୍ଟର ଆସିଲେ ଏବଂ ଆସି ହିଁ ତାଙ୍କର ଦୁଇ ହାତ ନିଜ ହାତକୁ ନେଇ ବେଦନା-ବିହ୍ୱଳ କଣ୍ଠରେ କହିଲେ, "ଆପଣ ମୋତେ ଯେ ଆପଣଙ୍କର ବନ୍ଧୁ ବୋଲି ମନେ କରନ୍ତି ଏଥର ସେଇଟା ପ୍ରମାଣ କରନ୍ତୁ । ଆପଣ ମୋର କେବଳ ବନ୍ଧୁ ନୁହଁନ୍ତି, ଘନିଷ୍ଠତମ ବନ୍ଧୁ ।"

ଯାମିନୀବାବୁଙ୍କୁ କୌଣସି କଥା କହିବାକୁ ଅବସର ନଦେଇ ସେ କହିବାକୁ ଲାଗିଲେ, "ଆପଣଙ୍କର ପ୍ରଗାଢ଼ ପାଣ୍ଡିତ୍ର ଆଉ ଉଦାର ହୃଦୟ ପାଇଁ ଆପଣଙ୍କୁ ମୁଁ ଭଲପାଏ । ଶ୍ରଦ୍ଧା କରେ । ବର୍ତ୍ତମାନ ଅସଲ କଥାଟା ଶୁଣନ୍ତୁ, ପ୍ରଫେସନାଲ ଏଟିକେଟ ପାଇଁ ଆପଣଙ୍କ ଡାକ୍ତର ବନ୍ଧୁମାନେ ସତରେ ଆପଣଙ୍କୁ କଥାଟା କହି ପାରୁନାହାନ୍ତି । କିନ୍ତୁ ମୁଁ ଆଜ୍ଞା, ମନ ଖୋଲା ଲୋକ, ସିଧା ଆପଣଙ୍କୁ କହିଦେଉଛି – ଆପଣ ଅସୁସ୍ଥ ହେଉଛନ୍ତି । ମାଫ୍ କରିବେ, କିନ୍ତୁ ଏଇଟା ହିଁ ସତ କଥା । ସମସ୍ତେ ଏଇଟା ଲକ୍ଷ୍ୟ କରିଛନ୍ତି, ବହୁଦିନ ହେଲା ଲକ୍ଷ୍ୟ କରିଛନ୍ତି । ଯୋଗେନବାବୁ ଟିକେ ପୂର୍ବେ କହୁଥିଲେ, ଡାକ୍ତରବାବୁ ଠିକ୍ ସୁସ୍ଥ ନୁହଁନ୍ତି । ତାଙ୍କର ଏଥର ବିଶ୍ରାମ ନେବା ଉଚିତ୍ । ବିଶେଷକରି ମନକୁ ଶାନ୍ତ କରିବାକୁ ଚେଷ୍ଟା କରିବା ପ୍ରୟୋଜନ । ଠିକ୍ କହିଛନ୍ତି । ଆଉ ସୁବିଧା ମଧ୍ୟ ହେଇଯାଇଛି । କିଛିଦିନ ପରେ ମୁଁ ଛୁଟି ନେଇ ଚେଞ୍ଜରେ ଯାଉଛି । ଫାଙ୍କା ପବନରେ ଟିକେ ବୁଲାବୁଲି କରି ବଞ୍ଚିବାକୁ ଚାହେଁ । ସାନ୍ତାଳ ପ୍ରଗଣା ଆଡ଼କୁ ଯିବି ବୋଲି ଭାବୁଛି । ମଧୁପୁର କିମ୍ବା ଦେଓଘର । ଆପଣ ଚାଲନ୍ତୁ ମୋ ସାଙ୍ଗରେ । ଆପଣ ସତରେ ଯେ ମୋର ବନ୍ଧୁ ସେଇଟା ପ୍ରମାଣ କରନ୍ତୁ ।"

"ମୋର ତ କିଛି ରୋଗ ହେଉନାହିଁ" – ଯାମିନୀବାବୁ ଟିକେ ଥମିଯାଇ କହିଲେ – "ଆପଣ ସାଙ୍ଗରେ ମୁଁ ଖାଲି ଖାଲି ଯିବି କାହିଁକି ? ଅନ୍ୟ କୌଣସି ଉପାୟରେ ଆପଣଙ୍କ ବନ୍ଧୁତ୍ୱର ପ୍ରମାଣ ଦିଆଯାଇପାରେ ।"

ଅକାରଣରେ ଯିବି କାହିଁକି ! ତାଙ୍କର ମନେ ହେଲା । ତାଙ୍କର ପଢ଼ାଶୁଣା, ପାଞ୍ଚର ମା'ଙ୍କର ସେବା-ଯତ୍ନ, ତାଙ୍କର ଦୈନନ୍ଦିନ ଜୀବନର କାମ ଦାମ ତ୍ୟାଗ କରି, ଏଇ କୋଡ଼ିଏ ବର୍ଷର ବନ୍ଧା ପଥ ଛାଡ଼ି କେଉଁଠିକି ଯିବେ ? ସେଇଟା ତ ଗୋଟାଏ ପାଗଳାମି ହେବ ! ତା'ପରେ ହିଁ ଟାଉନ୍ ହଲ୍‌ରେ ଯାହା ହେଇଥିଲା ସେଗୁଡ଼ାକ ମନେ ପଡ଼ଇଲା । ମନେ ପଡ଼ିଲା କି ପ୍ରକାର ବିମର୍ଷ ଭାବରେ ଘରକୁ ଫେରିଥିଲେ ସେ । ତା'ପରେ ଭାବିଲେ – ଏଇ ହତଭାଗା ସହର ଛାଡ଼ି ଚାଲିଯିବା ହିଁ ଭଲ । ଯେଉଁ ଜାଗାର ମୂର୍ଖ ଲୋକମାନେ ତାଙ୍କୁ ପାଗଳ ବୋଲି ମନେକରନ୍ତି, କ'ଣ ହେବ ସେଇଠି ରହି !

"ମଧୁପୁର, ନା ଦେଓଘର କେଉଁଠିକି ଯିବେ ଠିକ୍ କରିଛନ୍ତି ?"

"କିଛି ଠିକ୍ କରିନାହିଁ ଏବେବି । ଆପଣ ଯଦି ଚାହାଁନ୍ତି ମନ୍ଦାରକୁ ମଧ୍ୟ ଯାଇପାରେ, କିମ୍ବା କାଶୀ । କାଶୀରେ କିଛିଦିନ ପୂର୍ବେ ଥିଲି । ସୁନ୍ଦର ସହର । ଚମତ୍କାର । ଚାଲନ୍ତୁ ଯାମିନୀବାବୁ, କାଶୀ ଚାଲନ୍ତୁ ମୋ ସାଙ୍ଗରେ । ବାବା ବିଶ୍ୱେଶ୍ୱର ପୁଣି ଭଲ କରିଦେବେ ଆପଣଙ୍କୁ –"

॥ ତେର ॥

ଗୋଟାଏ ସପ୍ତାହ ପରେ ଡାକ୍ତରଖାନାର କର୍ତ୍ତୃପକ୍ଷ ଡାକ୍ତର ଯାମିନୀ ଦତ୍ତଙ୍କୁ ବିଶ୍ରାମ ନେବାକୁ ଅନୁରୋଧ କଲେ, ଅର୍ଥାତ ଭଦ୍ର ଭାଷାରେ କାମରୁ ଇସ୍ତଫା ଦେବାକୁ କହିଲେ । ଡାକ୍ତରବାବୁ ବିନା ପ୍ରତିବାଦରେ ପ୍ରାୟ ନିର୍ବିକାର ଭାବରେ କାମରୁ ଇସ୍ତଫା ଦେଇଦେଲେ । ଆଉ ଗୋଟାଏ ସପ୍ତାହ ପରେ ସତୀଶ ବାବୁଙ୍କ ସାଙ୍ଗରେ ବାହାରିପଡ଼ିଲେ । ଆକାଶ ନୀଳ, ଗରମ ନାହିଁ, ସୁନ୍ଦରପବନ – ପ୍ରାକୃତିକ ପରିବେଶ ଭଲ ଥିଲା । ଟ୍ରେନ୍‌ରେ ମଧ୍ୟ ଜାଗା ପାଇବାକୁ ଅସୁବିଧା ହେଲାନାହିଁ ।

ଷ୍ଟେସନ୍‌ରେ ଫେରିବାଲାଗୁଡ଼ାକ ଅବଶ୍ୟ ଭାରି ଅପରିଷ୍କାର ଥିଲେ । ସତୀଶବାବୁ ସେମାନଙ୍କ ସାଙ୍ଗରେ ମଝିରେ ମଝିରେ ବଚସା କରୁଥିଲେ, ମଝିରେ ମଝିରେ ରାଗି ବି ଯାଉଥିଲେ । ଆଉ

କ୍ରମାଗତ ଗପ କରୁଥିଲେ। ବକ୍ ବକ୍ କହିଲେ ଭୁଲ୍ ହେବନାହିଁ । କେତେ ସହର ସେ ବୁଲିଛନ୍ତି, କେତେ ଲୋକଙ୍କ ସାଙ୍ଗରେ ସେ ପରିଚୟ କରିଛନ୍ତି, କେତେ ରକମ ଝମେଲାରେ କେତେ ଥର ହଇରାଣ ହେଇଛନ୍ତି, ଆଉ କିପରି ଭାବରେ ଉଦ୍ଧାର ପାଇଛନ୍ତି ସେଇ ସବୁ ଗପ । ତାଙ୍କର ଆଖି ଓ ମୁହଁ ଭଙ୍ଗୀ ଦେଖି ସନ୍ଦେହ ହେଉଥିଲା, ସେସବୁ କଥା ବୋଧହୁଏ ସତ ନୁହଁ । ଯାମିନୀବାବୁଙ୍କର ଅସୁବିଧା ହେଉଥିଲା କାରଣ ସତୀଶବାବୁ ତାଙ୍କ ମୁହଁ ପାଖରେ ମୁହଁ ଆଣି ଚିତ୍କାର କରି କଥା କହୁଥିଲେ । ଜୋର୍‌ରେ ହସୁଥିଲେ ତାଙ୍କ କାନ ପାଖରେ । ଯାମିନୀ ବାବୁଙ୍କୁ ଭଲ ଲାଗୁନଥିଲା, ତାଙ୍କ ଚିନ୍ତାଧାରା ବ୍ୟାହତ ହେଉଥିଲା ।

ପଇସା ବଞ୍ଚାଇବା ପାଇଁ ତୃତୀୟ ଶ୍ରେଣୀର ଟିକଟ କାଟିଥିଲେ ସେମାନେ । ସତୀଶ ବାବୁ କ୍ରମଶଃ ଅନେକ ଯାତ୍ରୀଙ୍କ ସହ ମିଶିଗଲେ ଏବଂ ସେମାନଙ୍କ ପାଖରେ ବସି ଚିତ୍କାର କରି କହିବାକୁ ଲାଗିଲେ ଯେ ତୃତୀୟ ଶ୍ରେଣୀର ଗାଡ଼ିର ଅସୁବିଧା ଦୂର କରିବା ପାଇଁ ସମସ୍ତଙ୍କର ଆନ୍ଦୋଳନ କରିବା ଉଚିତ୍ । ଚାରିଆଡ଼େ ମଇଳା, ବାଥ୍‌ରୁମ୍ ଅପରିଷ୍କାର, ମେଜିଆ ଉପରେ ନାନପ୍ରକାର ମଇଳା । କେବେହେଲେ ବୋଧହୁଏ ସଫା ହୁଏନା। ତାଙ୍କର ଏଇ ଅବିରାମ ଗାଳିଗୁଲଜ ଆଉ ମଝିରେ ମଝିରେ ଅଟ୍ଟହାସ୍ୟ କ୍ରମଶଃ ବିରକ୍ତି ଜନକ ହେଇଉଠିଥିଲା ଯାମିନୀ ଦତ୍ତଙ୍କ ପାଖରେ ।

"ଆମ ଦୁହିଁଙ୍କ ଭିତରେ କାହାକୁ ପାଗଳ କହିବା ଉଚିତ୍" – ଭାବୁଥିଲେ ସେ – "ମୁଁ ପ୍ୟାସେଞ୍ଜର ମାନଙ୍କର ଯେଉଁଥିରେ ଅସୁବିଧା ନହୁଏ, ସେଥିପାଇଁ ଗୋଟିଏ ପଟେ ବସି ରହିଛି ଚୁପ୍ ହେଇ, ଆଉ ଏଇ ଲୋକ ଜଣକ ଷଣ୍ଢ ପରି କ୍ରମାଗତ ଚିତ୍କାର କରି ପ୍ରମାଣ କରିବାକୁ ଚେଷ୍ଟା କରୁଛନ୍ତି ଯେ ତାଙ୍କ ପରିବୁଦ୍ଧିମାନ ସବଜାନ୍ତା ଲୋକ ଆଉ ପୃଥିବୀରେ ନାହାନ୍ତି । କାହାକୁ ଦଣ୍ଡେ ବି ଶାନ୍ତିରେ ରହିବାକୁ ଦେବେନାହିଁ ।"

ଦେଓଘରରେ ଓହ୍ଲାଇବା ପୂର୍ବେ ସତୀଶବାବୁ ନିଜର ଟ୍ରଙ୍କ ଖୋଲି କୋଟ ପ୍ୟାଣ୍ଟ ଆଉ ଟୋପି ପିନ୍ଧି ଦେଲେ । କହିଲେ, ସାହେବ ପୋଷାକ ପିନ୍ଧିଥିଲେ ବହୁତ ସୁବିଧା । ଦେଓଘରରେ କୁଲି, ଖାନସାମା ସମସ୍ତେ ତାଙ୍କୁ ସଲାମ କରିବାକୁ ଆରମ୍ଭ କଲେ । ସତୀଶ ବାବୁଙ୍କର ଭାବଭଙ୍ଗୀ ଦେଖି ଯାମିନୀ ବାବୁ ବୁଝିଲେ ଯେ ସତୀଶ ବାବୁ ସାହେବମାନଙ୍କ ପାଖରୁ ଗୋଟିଏ ବି ଭଲ ଗୁଣ ନେଇପାରିନାହାନ୍ତି । ନେଇଛନ୍ତି ଖରାପ ଗୁଣ ଗୁଡ଼ିକ । କଥାରେ କଥାରେ 'ଡ୍ୟାମ' 'ସୋଆଇନ' କହୁଥିଲେ । ଗୋଟାଏ ହୋଟେଲକୁ ଯାଇ ପାଟିତୁଣ୍ଡ କରି ଏମିତି କାଣ୍ଡ କଲେ ଯେ ଯେମିତି ସେ କୌଣସି ନବାବ ଖାଁ । ଯାମିନୀ ବାବୁ ଲକ୍ଷ୍ୟ କଲେ ତାଙ୍କ ଶାଳୀନତା ପ୍ରତି ବି କୌଣସି ଲକ୍ଷ୍ୟ ନାହିଁ । ଅଣ୍ଡରଓ୍ୱାର ପିନ୍ଧି ହୋଟେଲର ଲୋକମାନଙ୍କ ସାମ୍ନାରେ ଅତି ସ୍ୱଚ୍ଛନ୍ଦରେ ଘୂରି ବୁଲୁଛନ୍ତି । "ତୁ" ସମ୍ବୋଧନ କରିବାକୁ ଲାଗିଲେ ସମସ୍ତଙ୍କୁ । ମୁହଁ ଖରାପ କରି ଗୋଟିଏ ଚାକରକୁ ଗାଳି ଗୁଲଜ କଲେ । ଭାରି ଖରାପ ଲାଗିଲା ଯାମିନୀବାବୁଙ୍କୁ ।

ତା'ପରେ ସେ ମହାଦେବଙ୍କ ମନ୍ଦିରକୁ ଯାଇ ପଟ୍ଟବସ୍ତ୍ର ପିନ୍ଧି ଶିବଙ୍କ ପୂଜା ଆରମ୍ଭ କରିଦେଲେ । ତାଙ୍କର ଗଦ ଗଦ ଭାବ ଦେଖି ଅବାକ ହେଇଗଲେ ଯାମିନୀବାବୁ । ଆଖିରୁ ପାଣି ଗଡ଼ିଯାଉଛି, ସଂସ୍କୃତ ସ୍ତୋତ୍ର ଗାଇ ଯାଉଛନ୍ତି । ଅନିର୍ଦ୍ଦିଷ୍ଟ କାଳ ଧରି ପ୍ରଣାମ କରି ଚାଲିଛନ୍ତି ।

ଯାମିନୀ ବାବୁଙ୍କୁ କହିଲେ, "ବିଶ୍ୱାସ କରନ୍ତୁ ବା ନକରନ୍ତୁ ପ୍ରାର୍ଥନା କରିବାରେ କ୍ଷତି କ'ଣ ! ବାବା ବୈଦ୍ୟନାଥଙ୍କୁ ନଇଁ ପଡ଼ି ଭଲ କରି ପ୍ରଣାମ କରନ୍ତୁ । ସବୁ ଠିକ୍ ହେଇଯିବ ।"

ଯାମିନୀ ବାବୁ ଟିକେ ଅପ୍ରସ୍ତୁତ ହେଇପଡ଼ିଲେ, ତା'ପରେ ତାଙ୍କର କହିବା ଅନୁଯାୟୀ ମୁଣ୍ଡ ନୁଆଁଇଲେ, କିନ୍ତୁ ଠିକ୍ ତାଙ୍କ ପରି ଭକ୍ତିରେ ଗଦ-ଗଦ ହେଇପାରିଲେ ନାହିଁ । ଏହା ଦେଖି ଗମ୍ଭୀର ହେଇଗଲେ ସତୀଶ ବାବୁ, ତା'ପରେ ଧୀରେ ଧୀରେ ମୁଣ୍ଡ ହଲାଇବାକୁ ଲାଗିଲେ । ତା'ପରେ ଆସ୍ତେ ଆସ୍ତେ ସ୍ତୋତ୍ର ପଢ଼ିଲେ ଗୋଟାଏ, ତାଙ୍କ ଆଖି ପାଣିରେ ଭରିଗଲା । ଯାମିନୀ ବାବୁ ବିବ୍ରତ ବୋଧ କରିବାକୁ ଲାଗିଲେ ।

ତା'ପରେ ସେମାନେ ଦେଓ ଘରର ତ୍ରିକୁଟ ପାହାଡ଼କୁ ଗଲେ । ଆହୁରି ଅନେକ ଦ୍ରଷ୍ଟବ୍ୟ ଜାଗା ଦେଖିଲେ ।

ତା'ପରେ ଗୋଟାଏ ହୋଟେଲକୁ ଗଲେ । ସେଠି ଯାଇ କହିଲେ, "ଡବଲ ଅଣ୍ଡାର ଆମ୍‌ଲେଟ୍ ଦିଅ । ଆଉ ଗରମଗରମ କଟ୍‌ଲେଟ୍ ଯଦି ଭାଜି ଦେଇପାରିବ ତାହେଲେ ଚାରିଟା ଲେଖାଏଁ ଆମକୁ ଦିଅ।"

## ॥ ଚଉଦ ॥

ଡାକ୍ତର ଯାମିନୀ ଦତ୍ତ ବହୁତ କିଛି ଦେଖିଲେ, ବହୁତ ଜାଗା ବୁଲିଲେ । ହୋଟେଲରେ ଭଲ ଭଲ ଖାଦ୍ୟ ଖାଇଲେ, କିନ୍ତୁ ସତୀଶ ବାବୁ ଉପରେ ତାଙ୍କର ବିରକ୍ତି ବଢ଼ିବାକୁ ଲାଗିଲା । ଲୋକଟି ଜୋକ ପରି ତାଙ୍କ ସାଙ୍ଗରେ ଲାଗିରହିଛନ୍ତି। ଗୋଟାଏ ଦଣ୍ଡ ବି ନିସ୍ତାର ନାହିଁ । ତାଙ୍କର ମନେ ହେବାକୁ ଲାଗିଲା, ଯେମିତି ଭାବରେ ପଳାଇବି, କେମିତି ଭାବରେ ୟାଙ୍କର ହାତରୁ ଉଦ୍ଧାର ପାଇବି । ସତୀଶ ବାବୁ ଏମିତି ଭାବ ଦେଖାଇଥିଲେ ଯେମିତି ଯାମିନୀ ବାବୁଙ୍କ ସାଙ୍ଗରେ ସର୍ବଦା ରହିବା ତାଙ୍କର ଗୋଟାଏ କର୍ତ୍ତବ୍ୟ, ତାଙ୍କର ମନକୁ ସର୍ବଦା ପ୍ରଫୁଲ୍ଲ ରଖିବାକୁ ହେବ । ସେଥିପାଇଁ ତାଙ୍କୁ ନେଇ ନାନା ଜାଗାକୁ ଯାଉଥିଲେ, ନାନା ରକମ ଜିନିଷ ଦେଖାଉଥିଲେ । କିଛି ନହେଲେ ଗପ କରି ତାଙ୍କୁ ଆନନ୍ଦ ଦେବା ପାଇଁ ଚେଷ୍ଟା କରୁଥିଲେ । କିନ୍ତୁ ଯାମିନୀ ବାବୁଙ୍କୁ କିଛିବି ଭଲ ଲାଗୁନଥିଲା । ସେ ଦୁଇଦିନ ସହ୍ୟ କଲେ, ତୃତୀୟ ଦିନ କହିଲେ, "ମୁଁ ଆଉ କେଉଁଠିକି ବାହାରିବିନାହିଁ । ଘରେ ହିଁ ରହିବି ।" ସତୀଶବାବୁ କହିଲେ, "ତାହେଲେ ମୁଁ ବି ରହିବି । ଟିକେ ବିଶ୍ରାମ କରିବା ଦରକାର ନିଶ୍ଚିତ । ବହୁତ ବେଶୀ ବୁଲାବୁଲି ହେଇଯାଇଛି ।" ଶୋଇ ପଡ଼ିଲେ ଯାମିନୀବାବୁ । ସୀତଶବାବୁଙ୍କ ଆଡ଼କୁ ପିଠି କରି ଦାନ୍ତ ଚାପି ଶୁଣିବାକୁ ଲାଗିଲେ ତାଙ୍କର କଥା । ସତୀଶ ବାବୁ କହୁଥିଲେ ବ୍ରାହ୍ମ ସମାଜର ପରମାୟୁ ବେଶୀ ଦିନ ନାହିଁ । ସେମାନେ ବହୁତ ବେଶୀ ବଡ଼ି ବଡ଼ି କାମ ଆରମ୍ଭ କରିଛନ୍ତି । ତା'ପରେ କହିଲେ, ଚୋର ଜୁଆ ଚୋରମାନେ ସବୁ ଲୁଟି ଖାଉଛନ୍ତି, ଦେଶର ଅବସ୍ଥା ବି ଦିନକୁ ଦିନ ଶୋଚନୀୟ ହେଇଯାଉଛି । ତା'ପରେ ହଠାତ୍ କହିଲେ, କେବଳ ଶିଙ୍ଗ ବା ଖୁର ଦେଖି ଯେମିତି ଗାଈର ଅସଲ ପରିଚୟ ମିଳିପାରେନା, ବାହାରର ପୋଷାକ ପରିଚ୍ଛଦ ଦେଖି ମଣିଷ ଚିହ୍ନିବା ମଧ୍ୟ ସେମିତି କଷ୍ଟ । ପ୍ରାୟ ସମସ୍ତେ ମୁଖା ପିନ୍ଧି ରହିଛନ୍ତି । ଯାମିନୀ ବାବୁଙ୍କର ମନେ ହେଲା ତାଙ୍କର ଛାତିରେ ଯନ୍ତ୍ରଣା ହେଉଛି, କାନ ଭିତରଟା ସାଇଁ ସାଇଁ ହେଉଛି । କିନ୍ତୁ ସେ ଭଦ୍ରଲୋକ, ସେ ସତୀଶ ବାବୁଙ୍କୁ ଘରୁ ବାହାରି ଯିବାକୁ କହିପାରିଲେ ନାହିଁ, କଥାକହିବାକୁ ମଧ୍ୟ ମନା କରିପାରିଲେନାହିଁ । ସତୀଶ ବାବୁ ନିଜେ କିଛି ସମୟ ପରେ କ୍ଳାନ୍ତ ହେଇପଡ଼ିଲେ । କହିଲେ, "ମୁଁ ଟିକେ ବାହାରେ ବୁଲିଆସେ ।"

ସେ ଚାଲି ଯିବା ପରେ ଯାମିନୀ ବାବୁ ସ୍ୱସ୍ତିର ନିଃଶ୍ୱାସ ଛାଡ଼ି ବଞ୍ଚିଗଲେ, ବହୁତ ଦିନ ପରେ ଯେମିତି ଶାନ୍ତିର ଆସ୍ୱାଦ ପାଇଲେ । ମନେ ହେଲା, ଏକଲା ଘର ଭିତରେ ବିଛଣା ଉପରେ ଚୁପ୍ ହେଇ ଶୋଇ ରହିବା କି ଆରାମଦାୟକ ! ନିର୍ଜନତା ହିଁ ସୁଖ । ସ୍ୱର୍ଗର ପରିବେଶ ବୋଧହୁଏ ନିର୍ଜନ ଶାନ୍ତ । ଏଇ କେତେଦିନ ହେଲା ଯାହା ସବୁ ଦେଖୁଛନ୍ତି ସେସବୁ ବିଷୟରେ ଭାବିବାକୁ ଚେଷ୍ଟା କଲେ, କିନ୍ତୁ ଦେଖିଲେ ସତୀଶବାବୁ ହିଁ ପୂରା ମଗଜ ଅଧିକାର କରି ବିରାଜ କରୁଛନ୍ତି ।

"କି ଆଶ୍ଚର୍ଯ୍ୟ କଥା ! ଲୋକଟି ମୋ' ପାଇଁ ଛୁଟି ନେଇ ମୋର ଭଲ ପାଇଁ ମୋତେ ଏଠିକି ନେଇଆସିଛନ୍ତି । ତାଙ୍କର ଉଦାରତା ଆଉ ବନ୍ଧୁତ୍ୱ ଅସ୍ୱୀକାର କରିବାର ଉପାୟ ନାହିଁ" – ଭାବିବାକୁ ଲାଗିଲେ ଯାମିନୀବାବୁ – "କିନ୍ତୁ କି ଯନ୍ତ୍ରଣାଦାୟକ ତାଙ୍କର ଏଇ ଉଦାରତା ଆଉ ବନ୍ଧୁତ୍ୱ ! ଲୋକଟିର

ଗୁଣ ଅନେକ, କିନ୍ତୁ ଭାରି ଏକା ପ୍ରକାର ତାଙ୍କର କଥାବାର୍ତ୍ତା । କେବଳ ଚେଷ୍ଟା କରନ୍ତି କେମିତି ଭାବରେ ମୋତେ ଜ୍ଞାନର କଥା ଆଉ ଧର୍ମର କଥା ଶୁଣାଇବେ । କିନ୍ତୁ ବୁଝିବାକୁ ଡେରି ହୁଏନାହିଁ ଯେ ସେ ଗୋଟିଏ ମୂର୍ଖ ଛଡ଼ା ଆଉ କିଛି ନୁହେଁ ।"

ଏହାପରେ ଯାମିନୀ ବାବୁ ଆଉ ନିଜ କୋଠରି ଛାଡ଼ି ବାହାରକୁ ଗଲେନାହିଁ । ଦେହ ଖରାପ ବୋଲି ବାହାନ କରି ଘର ଭିତରେ ବସି ରହିଲେ । ସତୀଶ ବାବୁ ଯେତେ ସମୟ ରହୁଥିଲେ ସେତିକି ସମୟ ଯାମିନୀବାବୁ ଶୋଇ ରହୁଥିଲେ କାନ୍ଥ ଆଡ଼କୁ ମୁହଁ କରି, ସତୀଶବାବୁଙ୍କ କଥାରେ ଗୋଟିଏବି ଉତ୍ତର ଦେଉନଥିଲେ । ସତୀଶ ବାବୁଙ୍କର କଥାବାର୍ତ୍ତା ଆଉ ବକ୍ତୃତା ଅସହ୍ୟ ମନେ ହେଉଥିଲା ତାଙ୍କୁ । ସତୀଶ ବାବୁ ବାହାରକୁ ଚାଲିଗଲା ପରେ ନିଶ୍ଚିନ୍ତ ହେଉଥିଲେ । ସତୀଶ ବାବୁଙ୍କ ସାଙ୍ଗରେ ଏଠିକି ଆସିଛନ୍ତି ବୋଲି ନିଜ ଉପରେ ହିଁ ରାଗିବାକୁ ଆରମ୍ଭ କଲେ । ସତୀଶବାବୁଙ୍କ ଉପରେ ବି କ୍ରମଶଃ ବିରୂପ ହେଇଯାଉଥିଲା ତାଙ୍କର ମନ । ଲୋକଟି ଆହୁରି ଯେମିତି ପାଖକୁ ପାଖମୁ ମାଡ଼ି ଆସୁଛନ୍ତି, ବକ୍ତୃତାର ମାତ୍ରା ଦିନକୁ ଦିନ ବଢ଼ି ଯାଉଛି । ଯାମିନୀବାବୁ ଯେଉଁ ଧରଣର ଚିନ୍ତା କରିବାକୁ ଅଭ୍ୟସ୍ତ, ସେଇଟା କରିବାକୁ ସୁଯୋଗ ହିଁ ପାଉନଥିଲେ ସେ । ଲୋକ ଜଣକ କାନ ପାଖରେ କ୍ରମାଗତ ଗପି ଚାଲିଛନ୍ତି । ଭାବିଲେ "ଚିନ୍ମୟ ଯେଉଁ ଧରଣର ବାସ୍ତବ କଥା କହୁଥିଲେ, ସେଇ ବାସ୍ତବର ପଛରେ ପଡ଼ି ଯନ୍ତ୍ରଣା ଭୋଗ କରୁଛି ।"

ସେ ଏହି ତୁଚ୍ଛ ବିଷୟରେ ଉର୍ଦ୍ଧ୍ୱରେ ଉଠିପାରୁନଥିଲେ ବୋଲି ତାଙ୍କର ରାଗ ହେଉଥିଲା ନିଜ ଉପରେ । ଶେଷରେ ଭାବିଲେ, "ଛାଡ଼, ସେସବୁକୁ ନେଇ ମୁଣ୍ଡ ଖେଳାଇ ଆଉ ଲାଭ ନାହିଁ । ଯେତେବେଳେ ଫେରିଯିବି ସେତେବେଳେ ପୁଣି ସବୁ ଠିକ୍ ହେଇଯିବ ।" ଏହାପରେ ସେମାନେ ମଧୁପୁର ଗଲେ । ସେଇଠି ମଧ୍ୟ ସେଇ ଏକା ଘଟଣା । ଗୋଟାଏ ଘର ଭଡ଼ା ନେଇଥିଲେ ସେମାନେ । ଯାମିନୀବାବୁ ସେଇ କୋଠରି ଭିତରେ ଚୁପ୍‌ଚାପ୍ ଶୋଇ ରହୁଥିଲେ କାନ୍ଥ ଆଡ଼କୁ ମୁହଁକରି । କେବଳ ଖାଇବା ବେଳରେ ଉଠୁଥିଲେ ।

"ମନ୍ଦାର ଯିବେ ? ଚାଲନ୍ତୁ, ସେଠିକି ଯିବା । ମନ୍ଦାର ପାହାଡ଼ ପାଖରେ ମୋର ଜଣେ ସାଙ୍ଗଙ୍କ ଘର ଅଛି । ସେଇଠି ଭଲରେ ରହିବା । ଚାଲନ୍ତୁ, ସେଠିକି ଯିବା" –

"କ'ଣ ହେବ ମନ୍ଦାର ଯାଇ ?"– କରୁଣ କଣ୍ଠରେ କହିଲେ, ଯାମିନୀ ବାବୁ – "ଯଦି ଯିବାକୁ ଚାହାଁନ୍ତି, ତେବେ ଆପଣ ଏକଲା ଯାଆନ୍ତୁ । ମୁଁ ଘରକୁ ଫେରିଯାଏ ।"

"ଆରେ ନା, ନା, ସେମିତି କ'ଣ ହେଇପାରେ ?" –

ସଙ୍ଗେ ସଙ୍ଗେ ପ୍ରତିବାଦ କଲେ ସତୀଶ ବାବୁ – "ମନ୍ଦାର ପରି ଜାଗା ବହୁତ କମ୍ ଅଛି । କି ସୁନ୍ଦର ପାଣି ପବନ, ଯାହା ଖାଇବେ ସାଙ୍ଗେ ସାଙ୍ଗେ ହଜମ ହେଇଯିବ । ଜିନିଷପତ୍ର ବି ଭାରି ଶସ୍ତା, ଫାଙ୍କା ଜାଗା, ତାଛଡ଼ା ମଧୁସୂଦନ ଅଛନ୍ତି । ପାହାଡ଼ ଉପରେ ତାଙ୍କର ମନ୍ଦିରଟି ଭାରି ସୁନ୍ଦର । ମୁଁ ସେଇଠି ପାଞ୍ଚବର୍ଷ କଟେଇଛି, କି ଆନନ୍ଦରେ ଥିଲି ସେଇଠି ।"

ଯାମିନୀ ବାବୁ ବେଶୀ ପ୍ରତିବାଦ କରିପାରିଲେନାହିଁ । ସତୀଶବାବୁଙ୍କ ସାଙ୍ଗରେ ମନ୍ଦାର ଯିବାକୁ ହେଲା । ସେଇଠି ବି ସେଇ ଏକା କଥା । ନିଜ ବିଛଣାଟି ଉପରେ ଶୋଇ ରହନ୍ତି ଯାମିନୀ ବାବୁ । ସେଇ ଘରର ଚାକର ବାକର ମାନେ ହିନ୍ଦୀ ଭାଷା ବ୍ୟତିତ ଆଉ କିଛି କହିପାରନ୍ତି ନାହିଁ ବା ବୁଝିପାରନ୍ତିନାହିଁ । ସେମାନଙ୍କ ସାଙ୍ଗରେ ହିନ୍ଦୀରେ କଥା କହିବା ଅସମ୍ଭବ, କେବଳ ସେଇଆ ନୁହଁ, ହାସ୍ୟକର ମଧ୍ୟ । କିନ୍ତୁ ସତୀଶବାବୁ ମହା ଆନନ୍ଦରେ ଅଦମ୍ୟ ଉତ୍ସାହରେ ଘୂରି ବୁଲୁଛନ୍ତି ଚାରିଆଡ଼େ । ସକାଳେ, – ଉପର ବେଳାରେ – ସନ୍ଧ୍ୟାରେ କେବେହେଲେ ବିରାମ ନାହିଁ । ପୁରୁଣା ବନ୍ଧୁମାନଙ୍କୁ ଖୋଜି ଖୋଜି ବାହାର କରୁଛନ୍ତି । କେତେବେଳେ କେତେବେଳେ ବନ୍ଧୁମାନଙ୍କ ଘରେ ବି ରାତିରେ ରହିଯାଉଛନ୍ତି । ଦିନେ ବାହାରେ ରାତି ବିତାଇ ସକାଳ ବେଳା ଆସି ହାଜର ହେଲେ । ବେଶ ଉତ୍ତେଜିତ, ଆଖି-ମୁହଁ ଲାଲ, ବାଳଗୁଡ଼ାକ ବିସ୍ରସ୍ତ । ଆସି ଘରେ ପାଆଚାରି କରିବାକୁ ଲାଗିଲେ । ତା'ପରେ ହଠାତ୍ ଥମି ଯାଇ କହିଲେ, "ସମ୍ମାନ ହିଁ ସବୁଠାରୁ ବଡ଼" ।

ତା'ପରେ ପୁଣି କିଛି ସମୟ ପାଆଚାରି କରି ଆସି କହିଲେ । "ସମ୍ମାନ ଠାରୁ ବଡ଼ ଆଉ କିଛି ନାହିଁ । କେଉଁ କୁକ୍ଷଣରେ ଯେ ମନ୍ଦାରକୁ ଆସିବାର ବୁଦ୍ଧି ମୋ ମୁଣ୍ଡରେ ଆସିଥିଲା ! ଜାଣନ୍ତି ଡାକ୍ତର ବାବୁ ଆପଣ ଶୁଣିଲେ ହୁଏତ ମୋତେ ଘୃଣା କରିବେ, ଘୃଣା କରିବା ଉଚିତ୍, ଜାଣନ୍ତି ଡାକ୍ତର ବାବୁ, କାଲି ରାତିରେ ମୁଁ ଜୁଆ ଖେଳିଛି । ଜୁଆ ଖେଳି ହାରିଯାଇଛି । ମୋତେ ଦୁଇଶହ ଟଙ୍କା ଦେଇପାରିବେ ?"

ଯାମିନୀ ବାବୁ କିଛି ସମୟ ତାଙ୍କ ମୁହଁ ଆଡ଼କୁ ଚାହିଁ ରହିଲେ, ତା'ପରେ ନୀରବରେ ଟଙ୍କାଟା ବାହାର କରିଦେଲେ ।

ସତୀଶ ବାବୁ ଲଜ୍ୟାରେ, ରାଗରେ ଆଖି-ମୁହଁ ଲାଲ କରି କ'ଣ ସବୁ ଯେ କହିଲେ, ବୁଝାଗଲାନାହିଁ । ତା'ପରେ ବାହାରିଗଲେ ସେ । ଫେରିଲେ ଦୁଇଘଣ୍ଟା ପରେ । ଫେରି ଆସି ଇଜି ଚେୟାରଟା ଉପରେ ବସିପଡ଼ି କହିଲେ, "ଯାହାହେଉ ମୋର ସମ୍ମାନଟା ବଞ୍ଚିଗଲା । ଭଲରେ ଭଲରେ ଉଦ୍ଧାର ପାଇଛି । ଚାଲନ୍ତୁ, ଚାଲିଯିବା, ଏଠି ଆଉ ଦଣ୍ଡେ ବି ରହିବିନାହିଁ । ଏଇଟା ଗୋଟାଏ ଜୁଆ ଚୋରମାନଙ୍କ ଆଡ଼ା ।"

ଭାରି ଶୀତ ପଡ଼ିଥିଲା । ଦୁଇ ବନ୍ଧୁ ଫେରି ଆସିଲେ ସ୍ୱସ୍ଥାନକୁ। ଯାମିନୀବାବୁ ଆସି ଦେଖିଲେ ତାଙ୍କ ଜାଗାରେ ଡାକ୍ତର ଘୋଷାଲ କାମ କରୁଛନ୍ତି । ସେ ତାଙ୍କର ପୁରୁଣା ବସାରେ ହିଁ ଅଛନ୍ତି, କିନ୍ତୁ ପ୍ରତୀକ୍ଷା କରୁଛନ୍ତି ଯାମିନୀ ବାବୁ ଫେରି ଆସି କ୍ୱାଟର୍ସଟା ଖାଲି କରିଦେଲେ ହିଁ ସେ ସେଠିକି ଚାଲି ଆସିବେ । ଯେଉଁ ଝିଅଟି ତାଙ୍କ ସାଙ୍ଗରେ ଆସିଥିଲା । ଯାହାକୁ ସେ ରୋଷେୟାଣୀ ବୋଲି ପରିଚୟ ଦେଇଥିଲେ । ସେ ଡାକ୍ତରଖାନାର ଗୋଟାଏ ପଟେ ରହୁଛି । ସହରରେ ଡାକ୍ତରଖାନାକୁ ନେଇ ଗୋଟାଏ ଜୋର୍ ଗୁଜବ ଉଠିଥିଲା । ସେଇ ରୋଷେୟାଣୀ ସାଙ୍ଗରେ କୁଆଡ଼େ ଇନ୍ସପେକ୍ଟରଙ୍କର କଳି ଝଗଡ଼ା ହେଇଥିଲା ଏବଂ ଇନ୍ସପେକ୍ଟର କୁଆଡ଼େ ଆଣ୍ଠୁମାଡ଼ିବସି ସେଇ ଝିଅଟି ପାଖରୁ କ୍ଷମା ମାଗିଛନ୍ତି ।

ଯାମିନୀବାବୁ ଆସିଲା ପରେ ହିଁ ଭଡ଼ାଘର ଖୋଜିବାକୁ ବାହାରିଲେ ।

"ଗୋଟାଏ କଥା ପଚାରୁଛି, କିଛି ମନେ କରିବେ ନାହିଁ" – ସତୀଶବାବୁ ପଚାରିଲେ– "ଆଚ୍ଛା, ଆପଣଙ୍କ ପାଖରେ କେତେ ଟଙ୍କା ଅଛି କୁହନ୍ତୁ ତ –"

ଯାମିନୀ ବାବୁ ତାଙ୍କର ବ୍ୟାଗ୍ ବାହାର କରି ଗଣି କହିଲେ, "ଶହେ ଅଶି ଟଙ୍କା" ।

"ନା, ନା, ବ୍ୟାଗ୍‌ରେ କେତେ ଅଛି ଜାଣିବାକୁ ଚାହୁଁନାହିଁ" – ଟିକେ ଅପ୍ରସ୍ତୁତ ହେଇ କହିଲେ, ସତୀଶ ବାବୁ – "ସର୍ବ ମୋଟ କେତେ ଅଛି ଆପଣଙ୍କ ପାଖରେ ?"

"କହିଲି ତ ! ଶହେ ଅଶି ଟଙ୍କା । ସେତିକି ମୋର ଯଥା ସର୍ବସ୍ୱ ।"

ସତୀଶ ବାବୁ ଅବାକ୍ ହେଇଗଲେ । ଯଦିଓ ସେ ଜାଣିଥିଲେ ଯେ ଯାମିନୀ ବାବୁ ସତ୍ ଲୋକ, ଅସଦଉପାୟରେ କେବେହେଲେ କୌଣସି ଉପାର୍ଜନ କରିନାହାନ୍ତି, ତେବେବି ତାଙ୍କର ଧାରଣା ଥିଲା ଯେ ଅନ୍ତତଃ କୋଡ଼ିଏ ହଜାର ଟଙ୍କା ସେ ଜମେଇ ରଖିଥିବେ । କିନ୍ତୁ ବର୍ତ୍ତମାନ ଦେଖିଲେ, ସେ ପ୍ରାୟ ନିଃସ୍ୱ, ବାକି ଜୀବନଟା ଚଳାଇବାଭଳି ଅର୍ଥ ବି ତାଙ୍କ ପାଖରେ ନାହିଁ । ହଠାତ୍ ତାଙ୍କ ଆଖି ପାଣିରେ ଭରିଗଲା । ସେ ଯାମିନୀ ବାବୁଙ୍କୁ ଦୁଇହାତରେ ଛାତିରେ ଜାବୁଡ଼ି ଧରିଲେ ।

**॥ ପନ୍ଦର ॥**

ଗୋଟିଏ ନିମ୍ନ-ମଧ୍ୟବିତ୍ତ ଗୃହସ୍ଥ ଘରେ ଶେଷରେ ଘରଭଡ଼ା ନେଲେ ଯାମିନୀ ବାବୁ । ଘରର ମାଲିକ ପୁରୁଷ ନୁହଁନ୍ତି, ସ୍ତ୍ରୀଲୋକ । ନାଁ ସିନ୍ଧୁବାଳା ।

ସିନ୍ଧୁବାଳାଙ୍କର ତିନୋଟି ପୁଅ । ସ୍ୱାମୀ ଦୁଶ୍ଚରିତ୍ର ମାତାଲ । ଘରେ ତିନୋଟି ମାତ୍ର କୋଠରି । ଦୁଇଖଣ୍ଡି ଘର ଯାମିନୀ ବାବୁ ନେଇଥିଲେ । ତୃତୀୟ କୋଠରିରେ ପାଞ୍ଚର ମା' ଆଉ ସିନ୍ଧୁବାଳା ରାତିରେ ଶୋଉଥିଲେ । ସିନ୍ଧୁବାଳାଙ୍କ ସ୍ୱାମୀ ପ୍ରାୟ ରାତିରେ ଘରକୁ ଫେରୁନଥିଲେ, କିନ୍ତୁ ଯେଉଁଦିନ ଫେରୁଥିଲେ ମତ୍ତ ଅବସ୍ଥାରେ ଫେରୁଥିଲେ । ଆସି ଚିତ୍କାର କରୁଥିଲେ, କୁତ୍ସିତ ଭାଷାରେ, ମଝିରେ ମଝିରେ ମାରିବାକୁ ମଧ ଯାଉଥିଲେ । ଘର ଭିତରେ ଚେୟାରରେ ବସି କହୁଥିଲେ ଶୀଘ୍ର ମଦ ଆଣ । ମଦ ଦରକାର ମୋର । ପିଲାଗୁଡ଼ାକ ଡରି କନ୍ଦାକଟା କରୁଥିଲେ । ଯାମିନୀ ବାବୁ ସେତେବେଳେ ସେମାନଙ୍କୁ ଆଣି ନିଜ କୋଠରିରେ ଶୋଇବାକୁ ଦେଉଥିଲେ । ସେମାନଙ୍କୁ ଶୋଇବାକୁ ସୁବିଧା କରି ସେ ଯେମିତି ବିଶେଷ ଆନନ୍ଦ ପାଉଥିଲେ ।

ତାଙ୍କର ଚିରକାଳର ଅଭ୍ୟାସ, ସକାଳେ ଉଠି ଚା'ପିଇ ପଢ଼ିବାକୁ ବସିବା । ନୂଆ ବହି କିଣିବାକୁ ପଇସା ନଥିଲା, ପୁରୁଣା ବହି ଆଉ ମାସିକ ପତ୍ରିକା ଗୁଡ଼ାକ ହିଁ ପଢୁଥିଲେ । ପୂର୍ବେ ପଢୁ ପଢୁ ତନ୍ମୟ ହେଇଯାଉଥିଲେ କିନ୍ତୁ ବର୍ତ୍ତମାନ ଆଉ ସମ୍ଭବ ହେଉନଥିଲା । ପୁରୁଣା ବହି ପଢ଼ି ପଢ଼ି କ୍ଳାନ୍ତ ହେଇ ପଡୁଥିଲେ ସେ । ଏଇସବୁ କାରଣରୁ ବହି ପଢ଼ିବା ଛାଡ଼ିଦେଲେ । ବହି ଗୁଡ଼ିକ ସଜାଡ଼ି ରଖିବାର ସ୍ଥିର କଲେ । ବହିଗୁଡ଼ିକର ତାଲିକା କଲେ, ବହିଗୁଡ଼ିକ ପଛରେ କାଗଜ ଲଗାଇ ନମ୍ବର ଲେଖିଲେ, ଆଉ ସେଗୁଡ଼ିକ ଝଡ଼ାଝଡ଼ି କରି ଆଲମାରି ଭିତରେ ସଜାଇ ରଖିଲେ । ଏଥିରେ ବହୁତ ଶାନ୍ତି ପାଇଲେ । ଶେଷରେ ଆଳୁ-ପୋଟଳ ବି କାଟି ଦେଉଥିଲେ । ପାଞ୍ଚର ମା'ଙ୍କୁ ଅନେକ କାମରେ ସାହାଯ୍ୟ କରୁଥିଲେ । ସକାଳ-ସଞ୍ଜରେ ପୂଜା କରିବାକୁ ଆରମ୍ଭ କଲେ । ଆଖି ବୁଜି ଆସନ ଉପରେ ବସି ରହୁଥିଲେ ଚୁପ୍ ହେଇ । ନାନାରକମ ଦେବ ଦେବୀଙ୍କ ମୂର୍ତ୍ତି ଭାସିଉଠୁଥିଲା ଆଖି ସାମ୍ନାରେ । ବିଭିନ୍ନ ପ୍ରକାରର ଧର୍ମ ଓ ଦର୍ଶନ କଥା ମନେପଡୁଥିଲା । ଭାରି ଆନନ୍ଦ ପାଉଥିଲେ ପୂଜାକରି ।

ଚିନ୍ମୟ ସାନ୍ୟାଲଙ୍କ ସାଙ୍ଗରେ ଗପ କରିବା ପାଇଁ ସେ ଦୁଇଥର ଡାକ୍ତରଖାନାକୁ ଯାଇଥିଲେ । କିନ୍ତୁ ଦୁଇଥର ହିଁ ଦେଖିଲେ ଚିନ୍ମୟ ଆଦୌ ପ୍ରକୃତିସ୍ଥ ନୁହଁନ୍ତି । ସବୁବେଳେ ଉତ୍ତେଜିତ ହେଇ ରହୁଥିଲେ । ତାଙ୍କୁ ଦେଖି କହିଉଠିଲେ "ମୋତେ ଟିକେ ଅବ୍ୟହତି ମିଳୁ । ବାଜେ ବକ ବକ କରି ମୋତେ ଆଉ ବ୍ୟସ୍ତ କରନାହିଁ । ମୋ' ଉପରେ ଯେତେଦୂର ଅତ୍ୟାଚାର କରା ସମ୍ଭବ ସେଇଟା ତ କରିଛ, ଏକଲା ବି ରହିବାକୁ ଦେବନାହିଁ ? ଏତେଟିକେ ଦୟା ବି କରିବନାହିଁ ?"

ଦୁଇଥର ହିଁ ଯାମିନୀ ବାବୁ ତାଙ୍କୁ ଯେତେବେଳେ ନମସ୍କାର କରି ବାହାରି ଆସିଲେ, ଚିନ୍ମୟ ଚିତ୍କାର କରି କହି ଉଠିଲେ - "ନରକକୁ ଯାଅ -" । ଯାମିନୀ ବାବୁ ତୃତୀୟ ଥର ଆଉ ଯିବାକୁ ସାହସ କଲେନାହିଁ । ଯଦିଓ ଯିବାକୁ ତାଙ୍କର ବହୁତ ଇଚ୍ଛା ଥିଲା ।

ପୂର୍ବେ ଯାମିନୀ ବାବୁ ଉପରବେଳା ଚା' ପିଇ ଘର ଭିତରେ ପାଆଚାରି କରୁଥିବା ସମୟରେ ଚିନ୍ତା କରୁଥିଲେ, କିନ୍ତୁ ଏବେ ତାଙ୍କୁ ଆଉ ସେଇପରି କରିବାକୁ ଭଲଲାଗୁନଥିଲା । ଚୁପ୍ ହେଇ ଶୋଇ ରହୁଥିଲେ ବିଛଣା ଉପରେ । ସନ୍ଧ୍ୟା ବେଳେ ପାଞ୍ଚର ମା' ଆଉ ଗୋଟାଏ କପ୍ ଚା' ଦେଇଯାଉଥିଲେ । ଗୋଟାଏ କଥା ତାଙ୍କର ବେଶୀ ମନେ ହେଉଥିଲା - ସେ କୋଡ଼ିଏ ବର୍ଷ ଚାକିରି କରିଛନ୍ତି, ଗଭର୍ଣ୍ଣମେଣ୍ଟର ଉଚିତ୍ ତାଙ୍କୁ ପେନ୍‌ସନ୍ ଦେବା । କିନ୍ତୁ କିଛି ଦେଉନାହାନ୍ତି ତ ! ଯଦିଓ ଚାକିରି ଜୀବନରେ ସେ ସବୁ ବେଳେ ବିବେକ - ନିର୍ଦ୍ଦିଷ୍ଟ ପଥରେ ଚାଲିପାରିନାହାନ୍ତି । କିନ୍ତୁ ଗଭର୍ଣ୍ଣମେଣ୍ଟ କ'ଣ ବିବେକ ନେଇ ମୁଣ୍ଡ ଖେଳାନ୍ତି ? ଯେଉଁମାନେ ଚାକିରି କରୁଛନ୍ତି, ସେମାନେ ସତ୍ ବା ଅସତ୍ ଯାହା ହୁଅନ୍ତୁ, ଶେଷରେ ତ ପେନ୍‌ସନ୍ ପାଆନ୍ତି । ତାଙ୍କ ଜୀବନରେ ଏ ବ୍ୟତିକ୍ରମ କାହିଁକି ! ତାଙ୍କର ଟଙ୍କା ସରି ଯାଇଥିଲା । ରାସ୍ତାରେ ଚଚାଲିବାକୁ ଲାଜ ଲାଗୁଥିଲା, ଦୋକାନୀମାନେ ତାଙ୍କ ଆଡ଼କୁ ଚାହିଁ ରହୁଥିଲେ । ବହୁତ ବାକି ପଡ଼ିଯାଇଥିଲା । ପ୍ରାୟ ଏକ ଶହ ଟଙ୍କା ବାକି ପଡ଼ିଯାଇଛି ଦୋକାନରେ । ସିନ୍ଧୁବାଳାଙ୍କୁ ବି ଘରଭଡ଼ା ଦିଆ ହେଇ ପାରିନାହିଁ । ପାଞ୍ଚର ମା' ଗୋପନରେ ତାଙ୍କର ବହି ଓ ଲୁଗାପଟା ବିକ୍ରି କରି କିଛି ଅର୍ଥ ସଂଗ୍ରହ କରିଥିଲେ । ସେ ସିନ୍ଧବାଳାଙ୍କୁ କହୁଥିଲେ ଡାକ୍ତର ବାବୁ ଶୀଘ୍ର ବହୁତ ଟଙ୍କା ପାଇବେ ।

ସତୀଶ ବାବୁଙ୍କ କଥାରେ ପଡ଼ି ବୁଲିବାକୁ ଯାଇ ତାଙ୍କର ପ୍ରାୟ ଏକ ହଜାର ଟଙ୍କା ଖର୍ଚ୍ଚ ହେଇଯାଇଛି । ଭାବିଲେ ଅବସୋସ୍ ହେଉଥିଲା । ସେଇ ଟଙ୍କାଟା ଥିଲେ ବହୁତ ସୁବିଧା ହେଇଥାଆନ୍ତା । ଆଉ ବିରକ୍ତ ହେଉଥିଲେ କେହି ଘରକୁ ଆସିଲେ । କର୍ତ୍ତବ୍ୟ ବୋଧରେ ଡାକ୍ତର ଘୋଷାଲ ପ୍ରାୟ ଦେଖିବାକୁ ଆସୁଥିଲେ ତାଙ୍କୁ । ଅସୁସ୍ଥ ସହକର୍ମୀଙ୍କୁ ଦେଖିବାକୁ ଆସିବା ତ ଉଚିତ୍ । କିନ୍ତୁ ଯାମିନୀବାବୁ ବିରକ୍ତ ହେଉଥିଲେ । ଘୋଷାଲଙ୍କର "ଭାଇ ଭାଇ" ବୋଲି ଡାକି ପିଠି ଥାପୁଡ଼ିବା ଅସହ୍ୟ ବୋଧ ହେଉଥିଲା ତାଙ୍କୁ । କିନ୍ତୁ ଘୋଷାଲ ଯେ ତାଙ୍କ ପାଖକୁ ଆସିବା ଗୋଟାଏ କର୍ତ୍ତବ୍ୟବୋଲି ଧରିନେଇଛନ୍ତି ଏବଂ ତାଙ୍କର ଚିକିତ୍ସାର ଦାୟିତ୍ୱ ନେଇଛନ୍ତି ଏକଥା ମନକୁ ଆସିଲେ ରାଗର ଆଉ ସୀମା ରହୁନଥିଲା । ପ୍ରତିଥର ଡାକ୍ତର ଘୋଷାଲ କିଛି ଔଷଧ ବିଶେଷ କରି ନିଦ ଔଷଧ ନେଇ ଆସୁଥିଲେ ।

ସତୀଶ ବାବୁ ବି କର୍ତ୍ତବ୍ୟବୋଧରେ ତାଙ୍କ ପାଖକୁ ଆସୁଥିଲେ । ତାଙ୍କର ଉଦ୍ଦେଶ୍ୟ ଥିଲା କଥାବାର୍ତ୍ତା କରି ମନଟାକୁ ସୁସ୍ଥ ରଖିବା । ଏଇଟାବି ତାଙ୍କୁ ଭାରି ବିରକ୍ତ ଲାଗୁଥିଲା ।

ପୁରୁଣା ବନ୍ଧୁତ୍ୱର ଦାବି ନେଇ ମୁହଁରେ ଆନନ୍ଦର ଭାବ ଫୁଟାଇ ଘରକୁ ପଶୁଥିଲେ ସତୀଶ ବାବୁ । ଆଉ କହୁଥିଲେ, 'ବାଃ, ଆଜିତ ଚେହେରା ଭଲ ଦେଖୁଛି । ଏବେ ସୁସ୍ଥ ହେଇଯିବେ ଆପଣ ।' ମନ୍ଦାରରେ ଯେଉଁଟଙ୍କା ସେ ନେଇଥିଲେ ସେଇଟା ଆଉ ଫେରାଇ ନାହାନ୍ତି, ଆଉ ଏ ଲଜ୍ୟା ବୋଧହୁଏ ଘୋଡ଼ାଇବା ପାଇଁ ସମ୍ଭବତଃ ସେ ଆହୁରି ଜୋର୍‌ରେ ହସୁଥିଲେ ଆଉ ଗପ କରୁଥିଲେ । ସେଇ ଗପ ଆଉ ସରୁନଥିଲା ଏବଂ ଶେଷରେ ତାହା ସତୀଶ ବାବୁ ଏବଂ ଯାମିନୀ ବାବୁ ଉଭୟଙ୍କ ପକ୍ଷରେ ଯନ୍ତ୍ରଣା ଦାୟକ ହେଇଉଠୁଥିଲା ।

ସତୀଶବାବୁ ଆସିଲେ ହିଁ ଯାମିନୀ ବାବୁ ଶୋଇ ରହୁଥିଲେ, ଆଉ ମୁହଁକୁ ଚାପି ତାଙ୍କର କଥା ଶୁଣୁଥିଲେ । ତାଙ୍କର ମନେ ହେଉଥିଲା କ୍ରମଶଃ ଯେମିତି ତାଙ୍କର ଶ୍ୱାସରୋଧ ହେଇଯାଉଛି ।

ଗୋଟିଏ କଥା ଭାବି ସେ ସାନ୍ତ୍ୱନା ପାଇବାକୁ ଚେଷ୍ଟା କରୁଥିଲେ - କିଛିଦିନ ପରେ କେହି ନଥିବେ । ସେ, ଡାକ୍ତର ଘୋଷାଲ, ସତୀଶ ବାବୁ କୌଣସି ଚିହ୍ନ ନରଖି ମହାକାଳ ଗର୍ଭରେ ବିଲୀନ ହେଇଯିବେ । ଏକ କୋଟି ବର୍ଷ ପରେ କୌଣସି ବିଦେହୀ ଆତ୍ମା ଯଦି ପୃଥିବୀର ଆକାଶରେ ଉଡ଼ିଯାଏ ତାହେଲେ ସେ କାଦୁଅ ଆଉ ପଥର ବ୍ୟତିତ ଆଉ କିଛି ଦେଖିପାରିବେନାହିଁ । ସଂସ୍କୃତି, ସଭ୍ୟତା, ଧର୍ମ ସବୁ ଲୋପ ପାଇଯିବ, ଘାସ ବି ଗଜରିବ ନାହିଁ । ଏଇଆ ଯଦି ହୁଏ, ତାହେଲେ ଦୋକାନୀର ଚାହାଣି, ଡାକ୍ତର ଘୋଷାଲଙ୍କର ଅଭଦ୍ର ବ୍ୟବହାର, ସତୀଶ ବାବୁଙ୍କର ଉତ୍ପୀଡ଼ନ - ଏସବୁରେ କ'ଣ ଯାଏ ଆସେ !

କିନ୍ତୁ ଏ ସାନ୍ତ୍ୱନା ମଧ ମଝିରେ ମଝିରେ ଗୋଳେଇ ହେଇଯାଉଥିଲା । ସେ କଳ୍ପନା କରୁଥିଲେ ଯେ ଏକ କୋଟି ବର୍ଷ ପରେ ଡାକ୍ତର ଘୋଷାଲ ହୁଏତ କୌଣସି ପଥରର ଆଡୁଆଳରୁ ବାହାରି ଆସୁଛନ୍ତି, କିମ୍ବା ସତୀଶ ବାବୁ ହସି ହସି ଆସି ତାଙ୍କ କାନ ପାଖରେ କହୁଛନ୍ତି "ଆପଣଙ୍କର ମନ୍ଦାରରେ ନେଇଥିବା ଟଙ୍କାଟା ମୁଁ ପରିଶୋଧ କରିଦେବି । ଆଉ କିଛିଦିନ ପରେ, ସତରେ ମୁଁ ଦେଇଦେବି ।"

**॥ ଷୋହଳ ॥**

ଦିନେ ଡାକ୍ତର ଘୋଷାଲଙ୍କ ସାଙ୍ଗରେ ସତୀଶ ବାବୁ ବି ଆସିଲେ । ଯାମିନୀ ଦତ୍ତ ବିଛଣାରେ ଶୋଇଥିଲେ, ଅତି କଷ୍ଟରେ ଉଠି ବସିଲେ । ଦେଖିବାକୁ ପାଇଲେ

ଡାକ୍ତର ଘୋଷାଲ ପୁଣି ତାଙ୍କ ପାଇଁ ନିଦ ଔଷଧ ଆଣିଛନ୍ତି ।

"ଆରେ ବାଃ, ଆପଣ ଆଜି ବେଶ୍ ଭଲ ଅଛନ୍ତି ଦେଖୁଛି–" ସତୀଶ ବାବୁ ଆରମ୍ଭ କଲେ – "କାଲିଠାରୁ ଆଜି ଆପଣଙ୍କୁ ଭଲ ଦିଶୁଛି ।"

"ଭାଇ, ଶୀଘ୍ର ଭଲ ହେଇଯାଆନ୍ତୁ" – ଡାକ୍ତର ଘୋଷାଲ ତାଙ୍କର ପିଠି ଥାପୁଡ଼ି କହିଲେ– "ଏଇପରି ଭାବରେ ଶୋଇ ରହିବାକୁ ଆପଣଙ୍କୁ କ'ଣ ଭଲ ଲାଗୁଛି ?"

"ଆରେ, ନା, ନା, ଏଥର ସେ ଭଲ ହେଇଯିବେ" – କହିଲେ ସତୀଶ ବାବୁ – "ଦୌଡ଼ି ବୁଲିବେ ଚାରିଆଡ଼େ । ଆହୁରି ଶହେ ବର୍ଷ ଆମ୍ଭେମାନେ ପୃଥିବୀକୁ ଭୋଗ କରିବୁ, ଦେଖିବେ ।"

"ଶହେ ବର୍ଷ କଥା କହିପାରିବିନାହିଁ" – ମୃଦୁ ହସି ଡାକ୍ତର ଘୋଷାଲ କହିଲେ – "କିନ୍ତୁ ଆହୁରି କୋଡ଼ିଏ ବର୍ଷ ତାଙ୍କର ସୁସ୍ଥ ରହିବା ଉଚିତ୍ । କିନ୍ତୁ ଭାଇ, ମନେ ହେଉଛି ଆପଣ ଦବି ଯାଇଛନ୍ତି ! ଦବିବାର କ'ଣ ଅଛି ! ଛାତିକୁ ସିଧା କରି ଛିଡ଼ା ହୁଅନ୍ତୁ–"

"ଉଠି ଛିଡ଼ା ହେବେ ତ' – ଚିତ୍କାର କରି କହି ଉଠିଲେ ସତୀଶବାବୁ – "ଆମ୍ଭେମାନେ ଯେ କେଉଁ ମାଲରେ ତିଆରି, ଦେଖିପାରିବେ । ଦେଖେଇ ଦେବୁ ଆମେ । ଏହାପରେ ପୁଣି ଆମେ ହରିଦ୍ୱାର ବୁଲିବାକୁ ଯିବା, ଘୋଡ଼ାରେ ଚଢ଼ି ପାହାଡ଼ ଉପରକୁ ଯିବା, ଆନନ୍ଦରେ କହିବା – ହଟ୍–ହଟ୍–ହଟ୍ । ତା'ପରେ ହରିଦ୍ୱାରରୁ ଫେରିଆସି ବାହାଘରର ବ୍ୟବସ୍ଥା କରିବି"– ବାଁ ଆଖିଟା ଟିକେ କୁଞ୍ଚିତ କରି କହିଲେ– "ହଁ, ହଁ ମହାଶୟ, ଭଲ କନିଆ ଖୋଜି ଆପଣଙ୍କୁ ବାହା ଦେବି–"

"ଏସବୁ କି ପ୍ରକାର ଅଶ୍ଲୀଳ ଭାଷା" – ହଠାତ୍ ଉଠି ସେ ଝରକା ପାଖକୁ ଆସିଲେ– "ଏଇପରି ଅସଭ୍ୟତା କରୁଛନ୍ତି କାହିଁକି ଆପଣମାନେ –"

ସେ ମୃଦୁ ଶାନ୍ତ କଣ୍ଠରେ କଥାଗୁଡ଼ାକ କହିବେ ବୋଲି ଭାବିଥିଲେ, କିନ୍ତୁ ହେଇପାରିଲାନାହିଁ, ସେ ଦୁଇ ହାତ ଟେକି ମୁଥା ମାରିବା ଭଳି କରି ଆଗେଇ ଆସି ଚିତ୍କାର କରି କହିଲେ, "ବାହାରି ଯାଆନ୍ତୁ ଏଠାରୁ ।" ତାଙ୍କର ମୁହଁ ଲାଲ ହେଇଗଲା । ରାଗରେ ଥରିବାକୁ ଲାଗିଲେ । "ବାହାରି ଯାଆନ୍ତୁ, ଦୁହେଁ ବାହାରି ଯାଆନ୍ତୁ–"

ଡାକ୍ତର ଘୋଷାଲ ଆଉ ସତୀଶ ବାବୁ ଦୁହେଁ ଛିଡ଼ା ହେଇଗଲେ, ଅବାକ୍ ହେଇ ଚାହିଁ ରହିଲେ ତାଙ୍କ ଆଡ଼କୁ ।

"ବାହାରି ଯାଆନ୍ତୁ ଦୁହେଁ"– ପୁଣି ଚିତ୍କାର କରି ଉଠିଲେ ଯାମିନୀ ଡାକ୍ତର – "ଗେଟ୍ ଆଉଟ୍ ! ମୂର୍ଖମାନଙ୍କର ଦଳ । ତୁମ୍ଭମାନଙ୍କର ବନ୍ଧୁତ୍ୱ ଚାହେଁ ନାହିଁ, ଔଷଧ ମଧ ଚାହେଁ ନାହିଁ । ବାହାରି ଯାଆନ୍ତୁ ଏଠାରୁ । ବଦ୍‌ମାସ୍ର ଦଳ –

ଡାକ୍ତର ଘୋଷାଲ ଆଉ ସତୀଶ ବାବୁ ପରସ୍ପର ଆଡ଼କୁ ଚାହିଁ ପଛକୁ ପାଦ ପକାଇ ପକାଇ କବାଟ ପର୍ଯ୍ୟନ୍ତ ଆସିଲେ । ତା'ରେ ଦୌଡ଼ି ବାହାରିଗଲେ ।

ଯାମିନୀ ବାବୁ ନିଦ ଔଷଧର ବୋତଲଟା ଉଠାଇ ନେଇ ସେମାନଙ୍କ ପଛ ପଛ ଯାଇ ଫୋପାଡ଼ି ଦେଲେ ସେଇଟା । ବୋତଲଟା ଭାଙ୍ଗି ଖଣ୍ଡ ଖଣ୍ଡ ହେଇଗଲା ।

"ଚୁଲିକୁ ଯାଅ, ନରକକୁ ଯାଅ ସମସ୍ତେ" ।

ଯାମିନୀ ବାବୁଙ୍କର ଚିତ୍କାରରେ କାନ୍ଦଣାର ଆଭାସ ମିଳିଲା । ତା'ପରେ ସେ ଥରିବାକୁ ଲାଗିଲେ । କମ୍ପ ଦେଇ ଯେମିତି ଜ୍ୱର ଆସିଲା । ବିଛଣାକୁ ଯାଇ ଶୋଇ ପଡ଼ିଲେ । ଶୋଇ ଶୋଇ କହିବାକୁ ଲାଗିଲେ– "ମୂର୍ଖଙ୍କ ଦଳ ସମସ୍ତେ !" ଯେତେବେଳେ ଟିକେ ଶାନ୍ତ ହେଲେ ସେତେବେଳେ ତାଙ୍କର ମନେହେଲା, ଛିଃ ଛିଃ ସତୀଶବାବୁ କ'ଣ ଭାବିଲେ ! କି ପ୍ରକାର ବ୍ୟବହାର କରିପକାଇଲେ ସେ । ଛିଃ ! ଏମିତି କେବେବି ସେ ହେଇନାହାନ୍ତି । ତାଙ୍କର ଭଦ୍ରତା, ଶାଳୀନତା– ଏସବୁ ଲୋକ ପାଇଲା କିପରି ?

ଲଜ୍ୟାରେ ସେ ନିଜକୁ ଧିକ୍କାର ଦେଲେ । ସେଇ ରାତିରେ ସେ ଶୋଇପାରିଲେନାହିଁ । ସକାଳେ ଉଠି ସତୀଶ ବାବୁଙ୍କ ପାଖକୁ ଯାଇ କ୍ଷମା ମାଗିଲେ । ସତୀଶବାବୁ ସେତେବେଳେ ପୋଷ୍ଟ ଅଫିସରେ ଥିଲେ ।

"ଆରେ ନା, ନା, ସେସବୁ କଥା ମନେ ରଖିବା ପରି ନୁହଁ"– ସତୀଶ ବାବୁ ଦରଦଭରା କଣ୍ଠରେ କହିଲେ– "ଯାହା ହେଇଯାଇଛି, ହେଇଯାଇଛି । ଯିବାକୁ ଦିଅନ୍ତୁ । ଝମ୍ରୁ"– ପିଅନକୁ ଏମିତି ଚିତ୍କାର କରି ଡାକିଲେ ଯେ ପୋଷ୍ଟ ଅଫିସରେ ସମସ୍ତେ ଚମକି ପଡ଼ିଲେ– "ଝମରୁ, ଗୋଟାଏ ଚେୟାର ଦେଇ ଯାଅତ ଏଇଠି । ଆରେ ଟିକିଏ ରୁହତ ! ଏମିତି ଘୋଡ଼ାରେ ଚଢ଼ି ଆସିଲେ କ'ଣ କାମ ହୁଏ ! ନେଉଛି ତୁମର ରେଜିଷ୍ଟ୍ରି । ଦେଖିପାରୁନାହଁ କାମରେ ବ୍ୟସ୍ତ ଅଛି ।"

ଜଣେ ବୁଢ଼ୀ ଗୋଟିଏ ରେଜିଷ୍ଟ୍ରି ଆଣିଥିଲେ, ସେ ବିଚାରୀ ଟିକେ ସଙ୍କୁଚିତ ହେଇଗଲେ ।

"ଯାହା ହେଇଯାଇଛି, ହେଇଯାଇଛି, ବୁଝିଲେ । ତାକୁ ନେଇ ଆଉ ଆଲୋଚନା ନକଲେ ଭଲ । ବସନ୍ତୁ, ବସନ୍ତୁ ।"

ତା'ପରେ କହିଲେ, "ବିଶ୍ୱାସ କରନ୍ତୁ, ମୋର ଟିକେ ବି ରାଗ ବା ଦୁଃଖ ହେଇନାହିଁ । ଦେହ ଖରାପ ହେଲେ ଲୋକଙ୍କ ମିଜାଜ ଖରାପ ତ ହେବ ହିଁ ହେବ । ଡାକ୍ତର ଘୋଷାଲ ଆଉ ମୁଁ ଦୁହେଁ କାଲି ଆପଣଙ୍କର ସେଇ ଅବସ୍ଥା ଦେଖି ଟିକେ ଅବାକ ହେଇଯାଇଥିଲୁ । ଆପଣଙ୍କ ସମ୍ପର୍କରେ ବହୁତ କଥା ହେଲା ଡାକ୍ତର ଘୋଷାଲଙ୍କ ସାଙ୍ଗରେ । ଆପଣ ନିଜର ରୋଗଟାକୁ ଅବହେଳା କରୁଛନ୍ତି କାହିଁକି ? ଏ ବିଷୟରେ ଟିକେ ସିରିୟସ୍ ହୁଅନ୍ତୁ । ମୁଁ ଆପଣଙ୍କର ବନ୍ଧୁ ବୋଲି ହିଁ କହୁଛି ।" – ତା'ପରେ ଧୀରେ ଧୀରେ କହିଲେ– "କିନ୍ତୁ ଆପଣ ଯେଉଁଠି ଅଛନ୍ତି ସେଇ ଜାଗାଟା ଭଲ ନୁହେଁ । ଚାରିଆଡ଼େ ନିମ୍ନସ୍ତରର ଲୋକମାନଙ୍କର ଭିଡ଼, କଥା କହିବାକୁ ଲୋକ ନାହାନ୍ତି, ବହୁତ ଆବର୍ଜନା ପୂର୍ଣ୍ଣ, କେହି ଯତ୍ନ କରିବାକୁ ଲୋକ ନାହାନ୍ତି । ସେଠି ଆପଣଙ୍କର ସ୍ୱାସ୍ଥ୍ୟ ଭଲ ରହିବନାହିଁ । ଗୋଟାଏ କଥା ଶୁଣିବେ । ଡାକ୍ତର ଘୋଷାଲଙ୍କର ମଧ ସେଇ ମତ । ଆପଣ ଗୋଟାଏ ଭଲ ଡାକ୍ତରଖାନାକୁ ଚାଲନ୍ତୁ । ସେଇଠି ଭଲ ଖାଦ୍ୟ ପାଇବେ, ଆପଣଙ୍କୁ ସମସ୍ତେ ସେବା ଯତ୍ନ କରିବେ । ଡାକ୍ତର ଘୋଷାଲ ବହୁତ ଭଲ ଲୋକ, ଡାକ୍ତର ମଧ ଭଲ, ତାଙ୍କ ଉପରେ ବିଶ୍ୱାସ କରାଯାଇପାରେ । ସେ କହିଛନ୍ତି ଯେ ଭଲ ଭାବରେ ଆପଣଙ୍କର ଦେଖାଶୁଣା କରିବେ । ଯାହା କହୁଛି ଶୁଣନ୍ତୁ,–"

ଯାମିନୀବାବୁ ପୋଷ୍ଟମାଷ୍ଟରଙ୍କର ଆକୁଳତା ଦେଖି, ବିଶେଷ କରି ତାଙ୍କ ଆଖିରେ ପାଣି ଦେଖି ବିଚଳିତ ହେଇଗଲେ ।

"ଆପଣ ମୋର ଘନିଷ୍ଠ ଏବଂ ଶ୍ରଦ୍ଧେୟ ବନ୍ଧୁ"– ଯାମିନୀ ବାବୁ କହିଲେ– "ଆପଣଙ୍କୁ ମୁଁ କହୁଛି, ସେମାନଙ୍କ କଥାରେ ବିଶ୍ୱାସ କରିବେନାହିଁ । ସେମାନେ ଯାହା କହୁଛନ୍ତି ସବୁ ମିଥ୍ୟା । ମୋର କୌଣସି ରୋଗ ନାହିଁ । ଅସଲ କଥା ହେଉଛି ଗତ କୋଡ଼ିଏ ବର୍ଷ ଭିତରେ ମୁଁ ଜଣେ ମାତ୍ର ବୁଦ୍ଧିମାନ ଲୋକର ଦେଖାପାଇଛି ଏବଂ ସେଇ ଲୋକଟି ପାଗଳ । ମୋର କୌଣସି ରୋଗ ନାହିଁ, ମୁଁ ଗୋଟାଏ ଘୂର୍ଣ୍ଣାବର୍ତ୍ତ ଭିତରେ ପଡ଼ିଯାଇଛି, ତା'ଭିତରୁ ଆଉ ବାହାରିପାରୁନାହିଁ । ମୋର ଅବସ୍ଥା ଏଇଆ ବର୍ତ୍ତମାନ ଆପଣମାନେ ଯାହା ଇଚ୍ଛା କରନ୍ତୁ । ମୋର କିଛି ଯାଏ ଆସେ ନାହିଁ ।"

"ଆପଣ ଡାକ୍ତରଖାନାକୁ ହିଁ ଯାଆନ୍ତୁ ।"

"ସେଥିରେ ମଧ ମୋର ଆପତ୍ତି ନାହିଁ । ଆପଣମାନେ ଯଦି ଚାହାଁନ୍ତି, ମୋତେ ଜୀବନ୍ତ ସମାଧି ବି ଦେଇପାରନ୍ତି ।"

"ଗୋଟାଏ ପ୍ରତିଶ୍ରୁତି ଦିଅନ୍ତୁ ମୋତେ । ଡାକ୍ତର ଘୋଷାଲଙ୍କ ପରାମର୍ଶ ଅନୁସାରେ ଚାଲନ୍ତୁ ।"

"ଭଲ କଥା, ଦେଲି । କିନ୍ତୁ ମୁଁ ପୁଣି ଆପଣଙ୍କୁ କହୁଛି, ମୋତେ ରୋଗ ହେଇନାହିଁ, ମୁଁ ଗୋଟାଏ ଘୂର୍ଣ୍ଣାବର୍ତ୍ତ ଭିତରେ ପଡ଼ିଯାଇଛି । ବୁଝିପାରୁଛି ବର୍ତ୍ତମାନ ଠାରୁ ସବୁକିଛି, ଏପରିକି ମୋର ଘନିଷ୍ଠ

ବନ୍ଧୁଙ୍କର ଗଭୀର ସମବେଦନା ମଧ୍ୟ, ଅନିବାର୍ଯ୍ୟ ପରିଣତି ଆଡ଼କୁ ଟାଣି ନେଇଯିବ – ସେଇ ପରିଣତି ହେଉଛି ମୋର ମୃତ୍ୟୁ । ମୋର ମୃତ୍ୟୁ ହେବ ଏବଂ ସେଇଟା ଉପଲବ୍ଧି କରିବାର ସାହସ ମୋର ଅଛି ।"

"କିନ୍ତୁ ମୁଁ କହୁଛି, ଆପଣ ଭଲହେଇଯିବେ ।"

"ଏସବୁ କଥା କହି ଲାଭ କ'ଣ ? ପୃଥିବୀର ନିୟମ ହିଁ ଏଇଟା । ସମସ୍ତଙ୍କୁ ଏଇ ଗୋଟିଏ ପଥରେ ହିଁ ଚାଲିବାକୁ ହେବ । ବ୍ୟକ୍ତି ବିଶେଷରେ ଟିକେ ଏପଟ ସେପଟ ହେଇପାରେ । ଆପଣଙ୍କ କିଡ଼ନି ଖରାପ ହେଉ, କିମ୍ବା ହାର୍ଟ ଖରାପ ହେଉ, କିମ୍ବା ମୁଣ୍ଡ ଖରାପ ହେଉ – ଯେତେବେଳେ ଲୋକ ଧରି ପକାଇବେ ଯେ ଆପଣଙ୍କର କିଛି ଗୋଟାଏ ଖରାପ ହେଇଛି, ସାଙ୍ଗେ ସାଙ୍ଗେ ଆପଣ ଘୂର୍ଣ୍ଣାବର୍ତ୍ତ ଭିତରେ ପଡ଼ିଯିବେ । ଆଉ ତା'ଭିତରୁ ଉଦ୍ଧାର ନାହିଁ । ଯେତେ ହାଇଁ ପାଇଁ ହେବେ ସେତେ ଆହୁରି ବୁଡ଼ି ଯିବେ । ସୁତରାଂ ଆତ୍ମସମର୍ପଣ କରିବା ହିଁ ଉଚିତ୍, କେହି ଆପଣଙ୍କୁ ବଞ୍ଚାଇ ପାରିବେ ନାହିଁ । ଅନ୍ତତଃ ଏଇ ମୋରିପରି ।"

ଇତିମଧ୍ୟରେ ପୋଷ୍ଟଅଫିସର ଝରକା ପାଖରେ ବେଶ୍ ଭିଡ଼ ଜମିଯାଇଥିଲା । ତାକୁ ଦେଖି ଯାମିନୀ ବାବୁ ଯିବା ପାଇଁ ଛିଡ଼ା ହେଇଗଲେ । ସତୀଶ ବାବୁ ଆଗେଇ ଦେଇ ଗଲେ ତାଙ୍କୁ ଦୁଆର ପର୍ଯ୍ୟନ୍ତ । ଯିବା ପୂର୍ବରୁ ତାଙ୍କର ପ୍ରତିଶ୍ରୁତିର କଥା ପୁଣି ମନେ କରାଇ ଦେଲେ ।

ସେଇଦିନ ସନ୍ଧ୍ୟା ସମୟରେ ଡାକ୍ତର ଘୋଷାଲ ଆସିଲେ ଅପ୍ରତ୍ୟାଶିତ ଭାବରେ । ତାଙ୍କ ଦେହରେ ଗରମ ଜାମା, ପାଦରେ ବୁଟ୍ । ଅତି ସାଧାରଣ ଭାବରେ କଥାଟା ଉଠାଇଲେ ।

"ଭାଇ, ଆପଣଙ୍କ ପାଖକୁ ଗୋଟାଏ ଦରକାରରେ ଆସିଛି । ଡାକ୍ତରଖାନାର ଗୋଟିଏ ରୋଗୀ ବିଷୟରେ ଆପଣଙ୍କର ପରାମର୍ଶ ଲୋଡ଼ା । ରୋଗୀ ଜଣଙ୍କୁ ଟିକେ ଯାଇ ଦେଖିବେ ?"

ଯାବିନୀ ବାବୁଙ୍କର ମନେହେଲା ଘୋଷାଲ ତାଙ୍କର ଭଲ ପାଇଁ ଆସିଛନ୍ତି । ବୋଧହୁଏ ଭାବିଛନ୍ତି, ଡାକ୍ତରଖାନାରେ ରୋଗୀକୁ ଦେଖିଲେ ତାଙ୍କର ମନଟା ଭଲ ରହିବ, ଚଲାବୁଲା କଲେ ହୁଏତ ଦେହଟା ଚାଙ୍ଗା ହେଇଯିବ । ଆଗ ଦିନ ଘୋଷାଲଙ୍କ ସାଙ୍ଗରେ ଯେଉଁ ଦୁର୍ବ୍ୟବହାର କରିଛନ୍ତି, ସେଥିପାଇଁ ଲଜ୍ଜିତ ହେଲେ । ଘୋଷାଲ ସେ କଥାର ଉଲ୍ଲେଖ ମଧ୍ୟ କଲେନାହିଁ ଦେଖି କୃତଜ୍ଞତା ଜଣାଇଲେ ମନ ଭିତରେ । ଘୋଷାଲଙ୍କ ପାଖରେ ଏ ଧରଣର ଭଦ୍ରତା ସେ ପ୍ରତ୍ୟାଶା କରିନାହାନ୍ତି ।

"ଆପଣଙ୍କର ରୋଗୀ କେଉଁଠି ?"

"ଡାକ୍ତରଖାନାରେ । ବହୁତ ଦିନ ହେଲା ଭାବୁଛି ଆପଣଙ୍କୁ ଦେଖାଇବି । ଅଦ୍ଭୁତ ରକମର କେସ୍‌ଟା –"

ସେମାନେ ଡାକ୍ତରଖାନାକୁ ଆସିଲେ । ସିଧା ଗଲେ ଆ୍ୟାନେକ୍ସ ଆଡ଼କୁ । ଦୁହେଁ ନୀରବ । ଆ୍ୟାନେକ୍ସକୁ ଆସିବାରୁ ନନ୍ଦୀ ଯଥାରୀତି ସଲାମ କରି ଉଠି ଛିଡ଼ାହେଲେ ।

"ଏଇଠି ଗୋଟାଏ ରୋଗୀର ଲଙ୍ଗସ୍‌ରେ କ'ଣ ଯେମିତି ହେଇଛି" – ଖନେଇ ଖନେଇ କହିଲେ ଡାକ୍ତର ଘୋଷାଲ – "ଆପଣ ଏଇଠି ଟିକେ ଅପେକ୍ଷା କରନ୍ତୁ, ମୁଁ ବର୍ତ୍ତମାନ ଆସୁଛି, ଷ୍ଟେଥୋସ୍କୋପ୍‌ଟା ନେଇ ।"

ଏହା କହି ସେ ଚାଲିଗଲେ ।

## ॥ ସତର ॥

ଚାରିଆଡ଼େ ଅନ୍ଧାର ମାଡ଼ି ଆସୁଥିଲା । ଚିନ୍ମୟ ସାନ୍ୟାଲ ତକିଆରେ ମୁହଁ ଗୁଞ୍ଜି ଶୋଇଥିଲେ । ପକ୍ଷାଘାତ ଗ୍ରସ୍ତ ଲୋକଟା ବସିଥିଲା ସ୍ଥିର ହେଇ, ଆଖିରୁ ପାଣି ଗଡୁଥିଲା, ଓଠ ଯୋଡ଼ିକ କ୍ରମାଗତ ଭାବରେ ହଲୁଥିଲା । ସେଇ ମୋଟା ଲୋକ ଜଣକ ଶୋଇ ପଡ଼ିଥିଲେ । ନୀରବତା ଘନେଇ ଆସିଲା ଘର ଭିତରେ ।

ଯାମିନୀ ଦତ୍ତ ଚିନ୍ମୟଙ୍କର ବିଛଣାରେ ଗୋଟାଏ ପଟେ ବସିଥିଲେ । ଅଧଘଣ୍ଟା ବିତିଗଲା, ଡାକ୍ତର ଘୋଷାଲ ଆସିଲେନାହିଁ । ତାଙ୍କ ବଦଳରେ ଆସିଲେ ନନ୍ଦୀ । ତାଙ୍କ ହାତରେ ଗୋଟାଏ ସେଟ୍ ରୋଗୀ ପୋଷାକ ।

"ହଜୁର, ପୋଷାକଟା ପାଲଟି ଦିଅନ୍ତୁ । ଏଇଟା ଆପଣଙ୍କର ଖଟ –" ଗୋଟାଏ ଖାଲି ଖଟ ଦେଖାଇ ନନ୍ଦୀ କହିଲେ– "ଭଲ ହେଇଯିବେ ହଜୁର, କିଛି ଚିନ୍ତା କରନ୍ତୁନାହିଁ, ଭଗବାନ ଦୟା କଲେ ସବୁ ଠିକ୍ ହେଇଯିବ ।"

ଡାକ୍ତର ଯାମିନୀ ଦତ୍ତ ସେତେବେଳେ ସବୁ ବୁଝିପାରିଲେ । ଗୋଟାଏ କଥା ନ କହି ସେଇ ଖଟଟା ଉପରେ ଯାଇ ବସିଲେ । ତା'ପରେ ଯେତେବେଳେ ଦେଖିଲେ ନନ୍ଦୀ ପୋଷାକଗୁଡ଼ାକ ନେଇ ଅପେକ୍ଷା କରୁଛନ୍ତି, ସେତେବେଳେ ନିଜର ପୋଷାକ ଖୋଲି ଡାକ୍ତରଖାନାର ପୋଷାକ ପିନ୍ଧି ଦେଲେ । କୋଟଟା ଟିକେ ବେଶୀ ଢିଲା ପରି ଜଣାଗଲା । ଆଉ ମନେ ହେଲା କୋଟଟାରୁ ଗୋଟାଏ ଆଇଁଷିଣିଆ ଗନ୍ଧ ବାହାରୁଛି ।

"କିଛି ଚିନ୍ତା କରନ୍ତୁ ନାହିଁ ହଜୁର । ଭଗବାନ ଦୟା କଲେ ସବୁ ଠିକ୍ ହେଇଯିବ ।" ତାଙ୍କର ଲୁଗାପଟା ଗୁଡ଼ାକ ନେଇ କବାଟ ଆଉଜି ଦେଇ ନନ୍ଦୀ ଚାଲିଗଲେ ।

"ସବୁ ସମାନ" – ଢିଲା କୋଟଟାକୁ ଦେହରେ ଜଡ଼ାଇ ଭାବିବାକୁ ଲାଗିଲେ ସେ, "କୌଣସି ତଫାତ ନାହିଁ । ଭଲ ଦର୍ଜି ଦ୍ୱାରା ତିଆରି ଜାମା ଆଉ ଏଇ ଜାମା ଭିତରେ କୌଣସି ତଫାତ ନାହିଁ । ସବୁ ସମାନ ।"

କିନ୍ତୁ ତାଙ୍କର ଘଣ୍ଟାଟା ? ନୋଟ୍ ବୁକ୍‌ଟା ? ସିଗାରେଟ୍‌ଗୁଡ଼ାକ ? ନନ୍ଦୀ ସବୁ ନେଇଗଲେ ନା କ'ଣ ! ସେତେବେଳେ ତାଙ୍କର ମନେହେଲା ଏ ଜୀବନରେ ବୋଧହୁଏ ସେ ଆଉ ସେସବୁ ଲୁଗାପଟା ପିନ୍ଧିପାରିବେନାହିଁ । କିନ୍ତୁ କ୍ରମଶଃ ସେ ଉପଲବ୍ଧି କଲେ ଯେ ତାଙ୍କ ଘରେ ଆଉ ଏଇ ଛଅ ନମ୍ବର ଓ୍ୱାର୍ଡ ଭିତରେ କୌଣସି ତଫାତ ନାହିଁ । ପୃଥିବୀରେ ସବୁ ହିଁ ଅର୍ଥହୀନ, ସବୁ ହିଁ ଅଳୀକ, ସବୁ ହିଁ ମାୟା । କିନ୍ତୁ ତାଙ୍କର ହାତ ଯୋଡ଼ିକ ଥରିବାକୁ ଲାଗିଲା । ଚିନ୍ମୟ ସାନ୍ୟାଲ ଯେ ତାଙ୍କୁ ଏଇ ବେଶରେ ଦେଖିବେ ଏହା ଭାବି ସେ ଦବିଗଲେ । ସେ ଉଠି ପାଆ ଚାରି କଲେ ଟିକେ, ତା'ପରେ ପୁଣି ଆସି ବସିଲେ ।

ଅଧଘଣ୍ଟା ବିତିଗଲା, ତା'ପରେ ଏକ ଘଣ୍ଟା, କ୍ରମଶଃ କ୍ଳାନ୍ତ ହେଇପଡ଼ିଲେ ସେ । ତାଙ୍କର ମନେ ହେଲା ଦିନ ପରେ ଦିନ, ମାସ ପରେ ମାସ, ବର୍ଷ ପରେ ବର୍ଷ କ'ଣ ଏଇପରି ଭାବରେ ବିତାଇବା ସମ୍ଭବ ? ପୁଣି ଟିକେ ପାଆ ଚାରି କଲେ, ପୁଣି ଖଟ ଉପରେ ଆସି ବସିଲେ, ତା'ପରେ ଝରକା ପାଖକୁ ଯାଇ ବାହାର ଆଡ଼କୁ ଚାହିଁଲେ ଥରେ । ବାସ୍, ଏହାପରେ ଆଉ କ'ଣ କରିବାର ଅଛି ? କିଛି ନାହିଁ । ତା'ପରେ ସ୍ଥିର ହେଇ ବସି ରହିବାକୁ ହେବ ଖଟ ଉପରେ ? ନା, ନା, ଅସମ୍ଭବ ଅସମ୍ଭବ ।

ଯାମିନୀ ବାବୁ ଖଟ ଉପରେ ଶୋଇ ପଡ଼ିଲେ, ତା'ପରେ ସାଙ୍ଗେ ସାଙ୍ଗେ ଉଠିଗଲେ । ତା'ପରେ ଜାମାର ହାତ ଦ୍ୱାରା କପାଳର ଝାଳ ପୋଛି ଦେଲେ । ପୁଣି ଅନୁଭବ କଲେ ଜାମାରେ ଭାରି ଆଇଁଷିଣିଆ ଗନ୍ଧ ।

"ନା, ନା, ସେମାନେ ଭୁଲ୍ କରିଛନ୍ତି"– ହଠାତ୍ ଦୁଇହାତ ଦୁଇପଟକୁ ଟୋଳି ସେ ଚିତ୍କାର କରି କହିଲେ– "ସେମାନଙ୍କୁ କହିବାକୁ ହେବ । ସେମାନେ ଭୁଲ୍ କରିଛନ୍ତି–"

ଚିନ୍ମୟ ସାନ୍ୟାଲଙ୍କର ନିଦ ଭାଙ୍ଗିଗଲା । ଉଠି ବସିଲେ ସେ । କିଛି ସମୟ ବସି ରହିବା ପରେ ଯାମିନୀବାବୁଙ୍କ ଆଡ଼କୁ ଚାହିଁଲେ ଥରେ । ପ୍ରଥମେ ସେ କିଛି ବୁଝି ପାରିଲେ ନାହିଁ । ତା'ପରେ କିନ୍ତୁ ତାଙ୍କର ମୁହଁଟା ଉଦ୍ଭାସିତ ହେଇଉଠିଲା । ଗୋଟାଏ ନିଷ୍ଠୁର ଆନନ୍ଦ ଯେମିତି ଚକ ଚକ କଲା ତାଙ୍କ ମୁହଁରେ ।

"ଓ ! ତୁମକୁ ବି ସେମାନେ ନେଇ ଆସିଛନ୍ତି ଏଠିକି । ସ୍ୱାଗତ, ସ୍ୱାଗତ । ଏତେଦିନ ତୁମେ ଅନ୍ୟର ରକ୍ତ ଶୋଷୁଥିଲ, ଏଥର ସେମାନେ ତୁମର

ରକ୍ତ ଶୋଷିବେ । ବାଃ !

"ସେମାନେ ଭୁଲ୍ କରିଛନ୍ତି" – ମୃଦୁ କଣ୍ଠରେ କହିଲେ ଯାମିନୀବାବୁ । ଚିନ୍ମୟଙ୍କ ଭାବ ଭଙ୍ଗୀ ଦେଖି ଘାବରି ଯାଉଥିଲେ ସେ । ପୁଣି କହିଲେ, "ସେମାନେ ଭୁଲ୍ କରି ମୋତେ ନେଇ ଆସିଛନ୍ତି ଏଠିକି ।"

ଏହା ଶୁଣି ଚିନ୍ମୟ ସାନ୍ୟାଲ ମେଞ୍ଚାଏ ଛେପ ପକାଇ ଶୋଇ ପଡ଼ିଲେ । "ଅଭିଶପ୍ତ ଜୀବନ !" – ଶୋଇ ଶୋଇ କହିବାକୁ ଲାଗିଲେ ସେ – "ଆଉ ସବୁଠାରୁ ମର୍ମାନ୍ତିକ ହେଉଛି ଯେ ଏଇ ନିଦାରୁଣ କଷ୍ଟ ଶେଷରେ ଆମେ କିଛି ବି ପାଇବା ନାହିଁ, ନାଟକ ଯେମିତି ହୁଏ, ଦୁଃଖ ଶେଷରେ ସୁଖ, ସେମିତି କିଛି ହେବନାହିଁ । ଆମେ ଏଇଠି ମରିବା । ଆଉ ଦୁଇଟା ମେହେନ୍ତର ଆସି ଆମର ପାଦ ଧରି ଟାଣି ଟାଣି ନେଇ ପକାଇ ଦେଇ ଆସିବେ । ବାସ୍ ! କୁଛ୍ ପରୁଆ ନାହିଁ । ଏଇ ଜୀବନ ପରେ ଆମ୍ଭମାନଙ୍କର ସୁଦିନ ଆସିବ । ମୁଁ ଭୂତ ହେଇ ଆସି ଏମାନଙ୍କୁ ଡରାଇବି । ଏମାନଙ୍କର ଜୀବନକୁ ଦୁର୍ବହ କରି ତୋଳିବି ।"

ଏଇ ସମୟରେ ଜିତୁ ଫେରି ଆସିଲା । ଡାକ୍ତରବାବୁଙ୍କୁ ଦେଖି ହାତ ବଢ଼ାଇ କହିଲା, "ଗୋଟାଏ ପଇସା ଦିଅନ୍ତୁ ନା ହଜୁର –"

## ॥ ଅଠର ॥

ଯାମିନୀ ବାବୁ ଝରକା ପାଖକୁ ଯାଇ ବାହାରକୁ ଚାହିଁଥିଲେ । ଅନ୍ଧାର ହେଇ ଆସିଥିଲା, ଶୀର୍ଣ୍ଣ ପାଣ୍ଡୁର ଜହ୍ନ ଉଠିଥିଲା ଦୂରରେ । କିଛି ଦୂରରେ ଧଳା ରଙ୍ଗର ବିରାଟ ଜେଲ୍‌ଟା ଦିଶୁଥିଲା । ପଥର କାନ୍ଥ ଦ୍ୱାରା ଘେରା ।

"ଏଇଆ ତାହେଲେ ବାସ୍ତବ"– ହଠାତ୍ ମନେ ହେଲା ଯାମିନୀ ବାବୁଙ୍କର । ଭୟଭୀତ ହେଇପଡ଼ିଲେ ସେ । ସବୁ କିଛି ଭୟଙ୍କର ମନେ ହେବାକୁ ଲାଗିଲା । ଜହ୍ନ, ଜେଲ୍‌ଖାନା, କଣ୍ଟାତାର ଘେରା ରେଲିଂ, ଦୂରରେ ଇଟା ଭାଟିରେ ଯେଉଁ ନିଆଁ ଜଳୁଥିଲା ସେଇ ନିଆଁର ହୁଳା – ସବୁକିଛି ଭୟଙ୍କର । ହଠାତ୍ ମନେହେଲା ତାଙ୍କ ପଛରେ ଛିଡ଼ାହେଇ କିଏ ଯେମିତି ଦୀର୍ଘଶ୍ୱାସ ପକାଉଛି । ଦେଖିଲେ ଜଣେ ଲୋକ ନାନାରକମ ମଡେଲ ଝୁଲାଇ ଛିଡ଼ା ହେଇଛି ଆଉ ତାଙ୍କ ଆଡ଼କୁ ଚାହିଁ ସଇତାନ ପରି ହସୁଛି । ... ଯାମିନୀ ବାବୁ ନିଜକୁ ବୁଝାଇବାକୁ ଚେଷ୍ଟା କଲେ ଯେ କିଛି ଭୟଙ୍କର ନୁହଁ, ସବୁକିଛି ସ୍ୱାଭାବିକ । ସେଇ ଜହ୍ନ, ଜେଲଖାନା, ଆଉ ଯେଉଁ ଲୋକ ଗଭର୍ଣ୍ଣମେଣ୍ଟ ଦ୍ୱାରା ମେଡେଲ ପାଆନ୍ତି ସେମାନେ, ସମସ୍ତେ ସ୍ୱାଭାବିକ । କାଳକ୍ରମରେ ସବୁ କିଛି ନଷ୍ଟ ହେଇ ଧୂଳିରେ ବିଲୀନ ହେଇଯିବ । କିନ୍ତୁ ପୁଣି ହଠାତ୍ ହତାଶାରେ ସେ ଯେମିତି ଅଭିଭୂତ ହେଇପଡ଼ିଲେ । ଦୁଇ ହାତରେ ଝରକାର ରେଲିଂ ଗୁଡ଼ାକ ଧରି ଝାଙ୍କିବାକୁ ଲାଗିଲେ । ମଜବୁତ ଗାରଦ ହଲିଲା ନାହିଁ । ତା'ପରେ ଭାବିଲେ, ନା ଏପରି ଭାବରେ ଦବି ଯିବା ଉଚିତ୍ ନୁହେଁ । ଚିନ୍ମୟଙ୍କ ପାଖକୁ ଯାଇ କହିଲେ, "ଭାଇ ! ଭାର ଦବି ଯାଉଛି ମୋ ମନଟା । କ'ଣ କରିବି କୁହନ୍ତ–"

"ଆପଣଙ୍କର ମାୟାବାଦ ଆଉଡ଼ି ଯାଆନ୍ତୁ–"

"ମାୟାବାଦ ? ହଁ, ମନେ ପଡ଼ିଲା ତୁମେ ଦିନେ କହିଥିଲ ଯେ ଏ ଦେଶରେ ସମସ୍ତେ ଦାର୍ଶନିକ, ଏମିତି କି ଚଷା ଯାଏଁ । କିନ୍ତୁ ଦାର୍ଶନିକ ହେଲେ କ୍ଷତି କ'ଣ ? ମାୟାବାଦ କ'ଣ ଅନିଷ୍ଟକର ?"

ଯାମିନ ୀବାବୁଙ୍କର କଣ୍ଠସ୍ୱର ଅତି କରୁଣ ଶୁଭିଲା । "ମୋତେ ବ୍ୟଙ୍ଗ କରୁଛ କାହିଁକି ବନ୍ଧୁ ? ମାୟାବାଦ ଭିତରେ ସାନ୍ତ୍ୱନା ଖୋଜି ବିଲିବା ଛଡ଼ା ଆଉ ଆମର କ'ଣ କରିବାର ଅଛି କୁହତ ? ସୁଖ ତ କେଉଁଠି ବି ନାହିଁ । ମୁଁ ପଢ଼ାଶୁଣା କରିଥିଲି, ବାପା ମୋତେ ଡାକ୍ତରୀ ପଢ଼ାଇଥିଲେ । ଡାକ୍ତର 'ନୋବ୍‌ଲ' ପ୍ରଫେସନ ! କିନ୍ତୁ ମୁଁ ସାରା ଜବୀନ କ'ଣ ନୋବ୍‌ଲ କାମ କଲି ! ଯାଦୁର ମଲମ, ମ୍ୟାଲେରିଆର ପ୍ରେସ୍କ୍ରିପ୍‌ସନ୍, ଫୋଡ଼ିବା, କାଟିବା ଆଉ ଅଫିସର କିରାନି କାମ, ଆଉ ଅସଂଖ୍ୟ ଅସଭ୍ୟ ଲୋକଙ୍କ ସାଙ୍ଗରେ ଧକ୍କା ଧକ୍କି ! ଏହାଛଡ଼ା ଆଉ କ'ଣ କରିଛି ? ହେ ଭଗବାନ, ଏଇଆ କ'ଣ କପାଳରେ ଲେଖିଥିଲ ?"

"ଆପଣ ସବୁ ଭୁଲ୍ କହୁଛନ୍ତି । ଡାକ୍ତର ହେବାକୁ ଯଦି ଆପତ୍ତି ଥିଲା, ରାଜନୈତିକ ନେତା ହେଇପାରିଥାଆନ୍ତେ ।"

"ନା, ଭାଇ, କିଛି କରିବାର ଉପାୟ ନାହିଁ । ବନ୍ଧୁ, ଆମ୍ଭେମାନେ ଦୁର୍ବଳ ..... ମୁଁ ଆଗେ ଏସବୁ ଭାବୁନଥିଲି, ତର୍କ କରୁଥିଲି, ଯୁକ୍ତି ନେଇ ଆସ୍ଫାଳନ କରୁଥିଲି । କିନ୍ତୁ ଜୀବନର ରୂଢ଼ ବାସ୍ତବତା ସାଙ୍ଗରେ ମୁହାଁମୁହିଁ ହେଇ କାବୁ ହେଇ ପଡ଼ିଲି ମୁଁ – ପୂରାପୂରି ଶୋଇପଡ଼ିଲି । ତେଣୁ ଆମ୍ଭେମାନେ ଦୁର୍ବଳ, ଆମ୍ଭେମାନେ ଅସହାୟ । ତୁମେ ମଧ୍ୟ ସେଇଆ । ତୁମେ ବୁଦ୍ଧିମାନ, ଉଦାର, ମା'ଙ୍କର କ୍ଷିର ସାଙ୍ଗରେ ତୁମ ବଂଶ ଗାରିମା ଧାରା ତୁମ ଭିତରେ ସଞ୍ଚାରିତ ହେଇଛି – କିନ୍ତୁ ଜୀବନ ଆରମ୍ଭ ହେବା ସଙ୍ଗେ ସଙ୍ଗେ ତୁମେ କାବୁ ହେଇ ପଡ଼ିଛ । ଦୁର୍ବଳ, ଆମେ ସମସ୍ତେ ଦୁର୍ବଳ –"

ଗୋଟାଏ କିଛି ଅଭାବ ଅନୁଭବ କରୁଥିଲେ ସେ । ତା'ପରେ ହଠାତ୍ ବୁଝିପାରିଲେ । ଚା' ଆଉ ସିଗାରେଟ ।

"ମୁଁ ସାଙ୍ଗେ ସାଙ୍ଗେ ଆସୁଛି" – ଚିନ୍ମୟଙ୍କୁ କହିଲେ ସେ– "ସେମାନଙ୍କୁ ଗୋଟାଏ ଆଲୁଅ ଦେବାକୁ କହେ । ଅନ୍ଧକାର ଭିତରେ ରହିବା ଅସମ୍ଭବ ହେଇଉଠିଲାଣି ।"

ଯାମିନୀ ବାବୁ ଆଗେଇ ଆସି କବାଟଟା ଖୋଲିଲେ । ସଙ୍ଗେ ସଙ୍ଗେ ନନ୍ଦୀ ଆସି ହାଜର ହେଇଗଲେ ।

"କେଉଁଠିକି ଯାଉଛନ୍ତି ? ବାହାରକୁ ଯାଇପାରିବେନାହିଁ ।"

"ମୁଁ ଟିକେ ବାହାରେ ବୁଲି ଆସେ । ଡାକ୍ତରଖାନା କମ୍ପାଉଣ୍ଡ ଭିତରେ ବୁଲିଆସେ ।" ନନ୍ଦୀ ମୁହଁ ଆଡ଼କୁ ଚାହିଁ ଘାବରିଗଲେ ସେ ।

"ନା, ବାହାରକୁ ଯିବା ହୁକୁମ ନାହିଁ । ଆପଣ କ'ଣ ଜାଣି ନାହାନ୍ତି ?"

ନନ୍ଦୀ ତାଙ୍କ ମୁହଁ ସାମ୍ନାରେ କବାଟକୁ ବନ୍ଦ କରି କବାଟରେ ପିଠି ଲଗାଇ ଛିଡ଼ା ହେଇ ରହିଲେ ।

"ଟିକେ ବାହାରେ ବୁଲି ଆସିଲେ କ୍ଷତି କ'ଣ ! ଏଇଟା ତ ମୋ' ମୁଣ୍ଡରେ ଢୁକୁନାହିଁ । ମୋତେ ଯିବାକୁ ଦିଅ ନନ୍ଦୀ, ମୋତେ ଯିବାକୁ ହିଁ ହେବ ।"

"କାହିଁକି ବୃଥା ହଲ୍ଲା କରୁଛନ୍ତି ଆପଣ" ! – ନନ୍ଦୀଙ୍କ କଣ୍ଠ ସ୍ୱରରେ ଗୋଟାଏ ରକମ ଭସନାର ସ୍ୱର ଫୁଟି ଉଠିଲା ।

"ଇଏ କି ପ୍ରକାର ସାଂଘାତିକ କଥା !" – ହଠାତ୍ ଚିତ୍କାର କରିଉଠିଲେ ଚିନ୍ମୟ ସାନ୍ୟାଲ – ଡେଇଁ ପଡ଼ିଲେ ବିଛଣା ଉପରୁ – "ବାହାରକୁ ଯିବାକୁ ଦେବେ ନାହିଁ କାହିଁକି ? ଆମର ସ୍ୱାଧୀନତା କ୍ଷୁଣ୍ଣ କରିବାର ଅଧିକାର ଅଛି ତୁମର ? ଗଭର୍ଣ୍ଣମେଣ୍ଟର ଆଇନ୍ ହେଉଛି ବିନା ବିଚାରରେ କେହି କାହାରିକି ଅଟକାଇ ରଖିପାରିବେ ନାହିଁ । ଏହା ହେଉଛି ଜୁଲମ ! ଏହା ହେଉଛି ଅବିଚାର !"

"ନିଶ୍ଚୟ ଅବିଚାର ।" ଚିନ୍ମୟଙ୍କ ସମର୍ଥନ ପାଇ ଯାମିନୀବାବୁ ଯେମିତି ଟିକେ ଜୋର ପାଇଲେ ।

"ମୁଁ ବାହାରିବାକୁ ଚାହେଁ । ମୋତେ ବାହାରିବାକୁ ହେବ । ତାଙ୍କର କି ଅଧିକାର ଅଛି ମୋତେ ବାଧା ଦେବା ! କବାଟଖୋଲ କହୁଛି ।"

"ଆରେ, ଶୁଣି ପାରୁନାହିଁ" – କବାଟରେ ଧକ୍କା ଦେଉ ଦେଉ ଚିନ୍ମୟ କହିଲେ ଚିତ୍କାର କରି – "କବାଟ ଖୋଲ, ନହେଲେ ଗୋଟାଏ ଗୋଇଠା ମାରି ଭାଙ୍ଗି ପକାଇବି । କଂସେଇ ଗୋଟାଏ !"

କବାଟ ସେପଟୁ ନନ୍ଦୀ କହିବାକୁ ଲାଗିଲେ, "କହନ୍ତୁ ଯାହା ଖୁସୀ କହିଯାଆନ୍ତୁ ।"

"ଯଦି କବାଟ ନ ଖୋଲିବ ତ ଡାକ୍ତର ଘୋଷାଲଙ୍କୁ ଡାକିଆଣ । ତାଙ୍କ ସାଙ୍ଗରେ କଥା କହିବି ।"

"ସେ କାଲି ଆସିବେ ।"

"ସେମାନେ ଆମକୁ କୌଣସି ମତେ ବାହାରକୁ ଯିବାକୁ ଦେବେନାହିଁ –"

ଚିନ୍ମୟ କହିଲେ– "ଆମକୁ ପଚାଇବେ ଏଇଠି । ମୃତ୍ୟୁ ପରେ ଯଦି ନରକ ନଥାଏ ତାହେଲେ କ'ଣ ହେବ, ଏଇ ପାଷଣ୍ଡଗୁଡ଼ାକ ଛାଡ଼ ପାଇଯିବେ ?

ବିଚାର ବୋଲି କ'ଣ କିଛି ନାହିଁ ? ଆରେ ଚମାର, ଖୋଲି ଦିଅନା କବାଟଟାକୁ । ଆମର ଯେ ଦମ୍ ବନ୍ଦ ହେଇ ଆସୁଛି" – ଚିତ୍କାର କରିବାକୁ ଲାଗିଲେ ଚିନ୍ମୟ । କବାଟକୁ ଗୋଇଠା ମାରିବାକୁ ଲାଗିଲେ– "ମୁଁ ଏଇଠି ମୁଣ୍ଡ ପିଟି ରକ୍ତାକ୍ତ ହେଇ ମରିବି । ଖୁନ, ଖୁନ, ଏମାନେ ସମସ୍ତେ ଖୁନୀ –"

ନନ୍ଦୀ ହଠାତ୍ କବାଟ ଖୋଲି ଗୋଟାଏ ଧକ୍କାରେ ଚିନ୍ମୟଙ୍କୁ ଘୁଞ୍ଚାଇ ଦେଲେ ଗୋଟାଏ ଆଡ଼କୁ । ତା'ପରେ ଯାମିନୀ ଦତ୍ତଙ୍କୁ ଛାତିରେ ଆଣ୍ଠୁ ଲଗାଇ ଶୁଆଇ ଦେଲେ, ତା'ପରେ ଗୋଟାଏ ମୁଥା ମାରିଲେ ତାଙ୍କ ମୁହଁକୁ । ଯାମିନୀ ବାବୁ ଯେମିତି ସ୍ଥିର ହେଇଗଲେ । ନନ୍ଦୀ ତାଙ୍କର ପାଦ ଧରି ଟାଣି ଟାଣି ନେଇ ଆସିଲେ ତାଙ୍କ ବିଛଣା ପାଖକୁ । ଯାମିନୀ ବାବୁ ମୁହଁରେ ଯେମିତି ଲୁଣିଆ ସ୍ୱାଦ ପାଇଲେ । ତାଙ୍କ ଦାନ୍ତରୁ ରକ୍ତ ବାହାରୁଥିଲା । ସେ ବ୍ୟାକୁଳ ହେଇ ହାତ ହଲାଇବାକୁ ଲାଗିଲେ । କିନ୍ତୁ ଉଠି ପାରିଲେ ନାହିଁ । ମନେ ହେଲା କିଏ ଯେମିତି ତାଙ୍କୁ ଆହୁରି ଦୁଇଟା ମୁଥା ମାରିଲା । ଯାମିନୀ ବାବୁ ଶୁଣିବାକୁ ପାଇଲେ, ଚିନ୍ମୟ ବି ଚିତ୍କାର କରୁଛନ୍ତି, ନନ୍ଦୀ ତାଙ୍କୁ ମଧ୍ୟ ପ୍ରବଳ ଭାବରେ ମାରୁଛନ୍ତି ।

ତା'ପରେ ସବୁ ଥଣ୍ଡା ହେଇଗଲା । ଝରକା ବାଟେ ଜହ୍ନର ଆଲୁଅ ଘର ଭିତରେ ପଶିଲା । ମେଜିଆ ଉପରେ ଜାଲ ପରି ଗୋଟାଏ ଛାଇ ପଡ଼ିଲା । ଯାମିନୀ ବାବୁଙ୍କୁ ସବୁ ଯେମିତି ଭୟଙ୍କର ମନେ ହେବାକୁ ଲାଗିଲା । ବିଛଣା ଉପରେ ରୁଦ୍ଧ ଶ୍ୱାସରେ ଶୋଇଥିଲେ ସେ, ଅପେକ୍ଷା କରିଥିଲେ ନନ୍ଦୀ ଆହୁରି ବୋଧହୁଏ ମାରିବେ । ତାଙ୍କର ମନେ ହେଉଥିଲା ତାଙ୍କ ପେଟ ଭିତରେ ଗୋଟାଏ 'ଦା' ପୂରାଇ କିଏ ଯେମିତି ସେଟାକୁ ପ୍ରମାଗତ ବୁଲାଉଛି । ଅସହ୍ୟ ଯନ୍ତ୍ରଣାରେ ତକିଆ କାମୁଡ଼ି ଧରୁଥିଲେ ସେ, ଦାନ୍ତ କାମୁଡ଼ି ଦୁଇ ହାତ ମୁଠା କରି ବିଛଣା ଉପରେ ପଡ଼ିଥିଲେ । ହଠାତ୍ ଗୋଟାଏ କଥା ମନେ ପଡ଼ିଲା ତାଙ୍କର, ବିହ୍ୱଳ ହେଇଗଲେ ସେ । ମନେ ହେଲା ଏଇ ଲୋକମାନେ ବି ଦିନ ପରେ ଦିନ ଏଇ କଷ୍ଟ ପାଇଛନ୍ତି । ବର୍ତ୍ତମାନ ମ୍ଳାନ ଜହ୍ନରେ ସେମାନେ ଛାୟା ପରି ଦିଶୁଛନ୍ତି । ଗତ କୋଡ଼ିଏ ବର୍ଷ ସେ କ'ଣ ଉଦାସୀନଥିଲେ ଏଇ ସମ୍ବନ୍ଧରେ ? ଏମାନଙ୍କର ବ୍ୟଥା ବା ବେଦନା କ'ଣ ବୁଝିବାକୁ ଚେଷ୍ଟା କରିଥିଲେ କେବେ ? ନା, ସେ କିଛି କରିନାହାନ୍ତି । ଏ ସମ୍ବନ୍ଧରେ ତାଙ୍କର କୌଣସି ଧାରଣା ହିଁ ନଥିଲା ତାଙ୍କର । ତାଙ୍କୁ ଦୋଷ ଦିଆଯାଇପାରେନା, ତାଙ୍କର ଧାରଣା ନଥିଲା । ନନ୍ଦୀଙ୍କ ପରି ତାଙ୍କର ବିବେକ ମଧ୍ୟ ତାଙ୍କୁ ଅବ୍ୟହତି ଦେଲାନାହିଁ । ମନେ ହେଲା ତାଙ୍କ ମେରୁଦଣ୍ଡରେ ବିଜୁଳିର ଶିହରଣ ବହିଯାଉଛି । ହଠାତ୍ ତାଙ୍କର ଇଛା ହେଲା ଚିତ୍କାର କରିବା ପାଇଁ । ନନ୍ଦୀ, ଘୋଷାଲ, କମ୍ପାଉଣ୍ଡର, ନର୍ସ – ସମସ୍ତଙ୍କୁ ଖୁନ କରି ଶେଷରେ ନିଜେ ଆତ୍ମହତ୍ୟା କରିବା ପାଇଁ । କିନ୍ତୁ ତାଙ୍କ ମୁହଁରୁ ଗୋଟିଏ ଶବ୍ଦ ବି ବାହାରିଲା ନାହିଁ । ତାଙ୍କର ପାଦ ଦୁଇଟି ଅବଶ ହେଇଗଲା । ରାଗରେ, କ୍ଷୋଭରେ ଓ ଦୁଃଖରେ ଶେଷରେ ସେ ଡାକ୍ତରଖାନାର ଜାମାଟାକୁ ଛିଣ୍ଡାଇବାକୁ ଲାଗିଲେ । ଏବଂ ପରେ ପରେ ସେ ଚେତା ହରାଇଲେ ।

### ॥ ଉଣେଇଶ ॥

ପରଦିନ ଯେତେବେଳେ ଯାମିନୀବାବୁଙ୍କର ନିଦ ଭାଙ୍ଗିଲା ସେତେବେଳେ ତାଙ୍କର ମୁଣ୍ଡ ଧକ୍ ଧକ୍ ହେଉଛି, କାନ ଭିତରେ ଝାଇଁ ଝାଇଁ ଆବାଜ ହେଉଛି, ଆଉ ସର୍ବାଙ୍ଗରେ ବ୍ୟଥା । ଗତ ରାତିର କଥା ଭାବି ତାଙ୍କୁ ଲଜ୍ୟା ଲାଗିଲାନାହିଁ । ଭାବିଲେ, ତାଙ୍କର ହିଁ ଦୋଷ, ସେ ନିଜେ କାପୁରୁଷ ପରି ବ୍ୟବହାର କରିଥିଲେ । ଜହ୍ନକୁ ତାଙ୍କର ଭୟ ଲାଗୁଥିଲା ! ତାଛଡ଼ା ଏମିତି ସବୁ କଥା ତାଙ୍କ ମୁହଁରୁ ବାହାରିଥିଲା ଯାହା ତାଙ୍କର ମୁହଁରୁ ବାହାରିବା ଉଚିତ ନଥିଲା । ସାଧାରଣ ଲୋକ ଦୁର୍ବଳ ବୋଲି ଦର୍ଶନର ଆଶ୍ରୟ ନେଇଛନ୍ତି ? ଏଇଟା କ'ଣ କହିବା ଉଚିତ ହେଇଥିଲା ? କିନ୍ତୁ ବର୍ତ୍ତମାନ ତାଙ୍କର ଆଉ କୌଣସି ଦୁଃଖ ବା ଭୟ ନଥିଲା । ବେପରୁଆ ହେଇପଡ଼ିଥିଲେ ସେ । କିଛି ଖାଇଲେ ନାହିଁ, ହଲିଲେ ନାହିଁ, ନିର୍ବାକ ହେଇ ପଡ଼ିରହିଲେ ବିଛଣା ଉପରେ ।

"ମୁଁ ଆଉ କାହାକୁ ଖାତିର କରେନା" ଭାବିବାକୁ ଲାଗିଲେ ସେ – "କାହାରି କଥାରେ ଆଉ ଜବାବ ଦେବିନାହିଁ । କିଛି ବି ଖାତିର କରେନାହିଁ ।"

ସନ୍ଧ୍ୟା ହେବା ପୂର୍ବରୁ ସତୀଶ ବାବୁ ଚା' ଆଉ ମିଠା ନେଇ ଦେଖା କରିବାକୁ ଆସିଲେ । ପାଞ୍ଚୁର ମା' ବି ଆସିଲେ । ବହୁତ ସମୟ ଛିଡ଼ା ହେଇ ରହିଲେ । ତାଙ୍କର ବିଷର୍ଣ୍ଣ ମୁହଁ ଆଉ ଦୃଷ୍ଟି ଦେଖି ମନେହେଲା, ସତରେ ସେ ଯାମିନୀ ବାବୁଙ୍କୁ ଶ୍ରଦ୍ଧା କରୁଥିଲେ । ଡାକ୍ତର ଘୋଷାଲ ବୋତଲରେ ନିଦର ଔଷଧ ନେଇ ଆସିଲେ । ନନ୍ଦୀଙ୍କୁ କହିଲେ, "ଚାରିଆଡ଼ ସଫା ସୁତୁରା ରଖ । ଫିନାଇଲ ଦିଅ ! ଭଲ କରି । ଝୁଣା ଜଳି ଦିଅ ।"

ସନ୍ଧ୍ୟା ବେଳେ ସନ୍ୟାସ ରୋଗରେ ଯାମିନୀ ବାବୁ ମୃତ୍ୟୁବରଣ କଲେ । ପ୍ରଥମେ କମ୍ପ ହେଲା, ତା'ପରେ ବାନ୍ତି । ତାଙ୍କର ମନେ ହେବାକୁ ଲାଗିଲା, କ'ଣ ଗୋଟାଏ ବସ୍ତୁ ତାଙ୍କ ଶରୀରର ଚାରିଆଡ଼େ ବିଛେଇ ହେଇଯାଉଛି ପାଦରୁ ଆଙ୍ଗୁଳି ଯାଏଁ, ପେଟରୁ ମୁଣ୍ଡ ଯାଏଁ ଉଠୁଛି, ଆଖି-କାନ-ନାକ ସବୁ ଯେମିତି ଭରି ହେଇଯାଉଛି । ସବୁ ଜିନିଷ ଯେମିତି ପାଣ୍ଡୁର ହେଇଯାଉଛି ତାଙ୍କ ଆଖି ସାମ୍ନାରେ । ସେ ବୁଝିପାରିଲେ, ମୃତ୍ୟୁ ଆସିଛି । ଏହା ବି ତାଙ୍କର ମନେ ହେଲା ଚିନ୍ମୟ ସାନ୍ୟାଲ, ସତୀଶ ବାବୁ ଏବଂ ଆହୁରି ଲକ୍ଷ ଲକ୍ଷ ଲୋକ ଅମରତ୍ୱରେ ବିଶ୍ୱାସ କରନ୍ତି । ସତରେ ଏମିତି କିଛି ଅଛି କି ? ଇହଲୋକ ପରେ ପରଲୋକ ଅଛି ? କିନ୍ତୁ ଯାକୁ ନେଇ ତାଙ୍କୁ ଆଉ ବେଶୀ ଭାବିବାକୁ ଇଚ୍ଛା ହେଲାନାହିଁ । ଏମିତି ଥରେ ଖାଲି ମନେ ହେଲା । କିଛି ଦିନ ପୂର୍ବେ ଗୋଟାଏ ବହି ପଢ଼ିଥିଲେ । ସେଥିରେ ହରିଣର କଥା ଥିଲା । ତାଙ୍କର ମନେ ହେଲା ଗୋଟାଏ ଦଳ ହରିଣ ଯେମିତି ତାଙ୍କର ଆଖି ସାମ୍ନାରେ ଦୌଡ଼ି ପଳାଇ ଯାଉଛନ୍ତି । ତା'ପରେ ଦେଖିଲେ ଗୋଟିଏ ସୁନ୍ଦରୀ ଝିଅ ତାଙ୍କ ଆଡ଼କୁ ଚାହିଁ ରହିଛି, ତା'ପରେ ପୋଷ୍ଟ ଅଫିସର ଝରକା ପାଖରେ ଯେଉଁ ବୁଢ଼ୀ ଜଣକ ଚିଠି ରେଜିଷ୍ଟ୍ରି କରିବାକୁ ଆସି ଧମକ ଖାଇଥିଲେ ସତୀଶ ବାବୁଙ୍କ ପାଖରୁ ତାଙ୍କୁ ବି ଯେମିତି ଦେଖିବାକୁ ପାଇଲେ । ... ତା'ପରେ ସବୁ ଯେମିତି ମିଳେଇଗଲା, ସବୁ ଅନ୍ଧକାର, ଯାମିନୀବାବୁ ସମ୍ପୂର୍ଣ୍ଣ ଅଜ୍ଞାନ ହେଇଗଲେ ।

ଡାକ୍ତରଖାନାର ଦୁଇଜଣ ମେହେନ୍ତର ଆସି ତାଙ୍କର ହାତ-ପାତ ଧରି ଟାଣି ନେଇ ଆଉ ଗୋଟାଏ ଘରେ ଶୁଆ ଦେଇ ଆସିଲେ ।

ସତ୍କାର ସମିତିକୁ ଖବର ଦିଆହେଲା । ଛଅ ଜଣ ଲୋକ ଆସି ଗୋଟାଏ ଦଉଡ଼ିର ଖଟିଆରେ ତାଙ୍କୁ ତୋଳି, ଧଳା ଚାଦର ଘୋଡ଼େଇଦେଲେ । କିଛି ଫୁଲ ସଜାଇ, ହରିବୋଲ ଧ୍ୱନି ଦେଇ ନେଇଗଲେ ତାଙ୍କୁ ଶ୍ମଶାନକୁ । ସତୀଶ ବାବୁ ଶ୍ମଶାନର ସବୁ ଖର୍ଚ୍ଚ ବହନ କଲେ । ପାଞ୍ଚୁର ମା' କାନ୍ଦି କାନ୍ଦି ଶ୍ମଶାନ ପର୍ଯ୍ୟନ୍ତ ଗଲେ ।

*୪୬୪, ସହିଦନଗର, ଭୁବନେଶ୍ୱର-୭*

ସମାରୋହ

କବିତା

ଆଦ୍ୟ ନିଳୟ

# ଦର୍ଶକ ସାଜିବା ଆଉ କେତେଦିନ ?

**ହରିହର ମିଶ୍ର**

ମିଛ ଜୟ ମିଛ ଏଇ ପରାଜୟ
ଦର୍ଶକ ଯେ ଅଧୀର ଅଥୟ ।
କେହି ନଥିଲେ ଦେଖିବାକୁ
ତଥାପି ଆମର ଚାଲେ ବ୍ୟର୍ଥ ଅଭିନୟ ।

କିଏ ଦେଖୁଛି ଅଧରାତିରେ
ଲଂବା-ରାସ୍ତାରେ ଡିଜେ ବଜାଇ
ନାଚି ନାଚି ଯାଉଥିବା ବରଯାତ୍ରୀଙ୍କୁ
କିଏ ଦେଖୁଛି ଏତେ ଆଲୁଅ ରୋଷଣିକୁ ?

କଲ୍ୟାଣ ମଣ୍ଡପରେ ଶୋଇପଡ଼ିଲେଣି
ଚର୍ଚ୍ଚା କରିବାକୁ ଥିବା ଝିଅର ପିତାମାତା
ଯେତେସବୁ ଆତ୍ମୀୟସ୍ୱଜନ
ବର ଓ ବରଯାତ୍ରୀଙ୍କର ସେଠି ହେବ ସୂର୍ଯ୍ୟୋଦୟ ।

ଅଂଗନବାଡ଼ି କର୍ମୀଙ୍କର
ଶିକ୍ଷକ ଆଂଦୋଳନକାରୀମାନଙ୍କର
ଶୋଭାଯାତ୍ରା ଆସୁଛି କେହି ନଥିବା ରାସ୍ତାରେ ।

ଶୋଇପଡ଼ିଛନ୍ତି ସେମାନେ କୁହୁଡ଼ି ଚାଦର ତଳେ
ଲାଇଟ୍ ପୋଷ୍ଟ ଉପରେ ପେଚାଟିଏ
ସବୁ ଦେଖୁଛି ଗୋଲ ଗୋଲ ଆଖିରେ
ଟଂବୁ ପକେଇ ଶୋଇଥିବା ପୋଲିସ୍
ଲାଠି ଖାଇବାକୁ ଥିବା ବିପ୍ଳବୀମାନଙ୍କୁ ।

କିଏ ଦେଖୁଛି
ଏତେ ବେଶ ବଦଳାଇ
ମୁଖା ବଦଳେଇ
ହାତଟେକି ନାଚୁଥିବା ଦେଖଣାହାରୀଙ୍କୁ
ବିଶ୍ୱକପ୍ ଗାଲେରିରେ
ସବୁ ବିଜ୍ଞାପିତ ହେବାର
ପ୍ରଚାରିତ ପ୍ରସାରିତ ହେବାର ପାରିବାପଣ
ନେତାଙ୍କ ପୋଷ୍ଟର ।

ଆଂବୁଲାନ୍ସରେ ଅଣନିଃଶ୍ୱାସୀ ମୁଁ
ଯିବାକୁ ଅଛି
ଛୋଟ ଡାକ୍ତରଖାନାରୁ ବଡ଼ ଡାକ୍ତରଖାନାକୁ
ସାମ୍ନାରେ ଗୁଳି କି ଲୁହ ବାଷ୍ପ ଭୟରେ
ଛିନ୍ନଛତ୍ର ଜନତାର ଅଣନିଃଶ୍ୱାସୀ ପଟୁଆର
ଓ ଧାଁ ଦଉଡ଼ ମଣିଷର ।

ଫେସ୍‌ବୁକ୍‌ଠାରୁ ଦୂରଦର୍ଶନରେ
ଯେଉଁ ବଂଧୁ ବା ଆତ୍ମୀୟମାନେ
ଆମକୁ ବିଦାୟୀ ବର୍ଷରେ
ଛାଡ଼ି ଚାଲିଗଲେ ସବୁଦିନ ପାଇଁ
ସେମାନଙ୍କ ଚଳମାନ ଶବାଧାର ବା
ପ୍ରତିକୃତି, ଫଟୋ କିଛି
ବାହାରି ପାରିଲେ ଆମେ ଶୋକନିବୃତ୍ତ ହେଉ ।

କିନ୍ତୁ ଏସବୁ ଟୋକାଟୋକୀଙ୍କର
କର୍ତ୍ତବ୍ୟ ପରାୟଣତାକୁ
ବୁଝିପାରନ୍ତି ନାହିଁ ବିଦାୟୀ ଲୋକଙ୍କର ପିତାମାତା
ଅବୋଧ ସଂତାନ ଯେତେ
ଦରୋଟି କଥାରେ ପଚାରନ୍ତି
ନଫେରିବା ଲୋକର ଠିକଣା ।
ଆତ୍ମହତ୍ୟା କରିଥିବା ସାହିର
ସାହାଲା ସାହାଲା ଘର
ବଂଦ ପାଳନ କରନ୍ତି ଧାଡ଼ି ବାଂଧି ।

ଶୂନଶାନ୍ ଗେରୁଆ ରାସ୍ତା ଗୋଧୂଳି ବେଳାରେ
ଖାଁ ଖାଁ ଗୋଡ଼ାଏ
କାଁ ଭାଁ କୁକୁର ବିଲେଇଙ୍କୁ ବି
କେହି ନ ଥାନ୍ତି ॥

*ମାର୍କଣ୍ଡେଶ୍ୱର ସାହି, ଛଭାଗ,*
*ପୁରୀ-୭୫୨୦୦୧*
*ଦୂରଭାଷ: ୯୪୩୮୫୩୨୦୫୫*

# ଏକ କଳ୍ପିତ ଜହ୍ନରାତି

**ଇନ୍ଦିରା ଶୁଭଦର୍ଶିନୀ ତ୍ରିପାଠୀ**

ଝାଳ ସରସର ଓଦାଳିଆ ଦ୍ୱିପହରରେ
କଲମ ଧରିଛି ଲେଖିବାକୁ କିଛି
ଏତେ ବେଳେ ଆସନ୍ତାକି ଜହ୍ନରାତି
ସୂର୍ଯ୍ୟ ତେଜେ ନିଆଁ ବରଷୁଛି
ସବୁ ନିଆଁ ଶୋସି ନେଇ
ଜହ୍ନ ତମେ ଜୋସ୍ନା ବରସନ୍ତକି ?
କେବେ କେଉଁଦିନ ଅଳିଅଳି ଗେହ୍ଲା ଥିଲି
ବାପଘରେ ।
ଏବେ ତ ଝୁରୁଅଛି ପିଲାଦିନ ଖେଳସାଥୀ ।
ଜହ୍ନରାତି କେତେ ଥଣ୍ଡା ଆଉ ମୁଲାୟମ୍
ତା ସାଥେ ଥାନ୍ତାକି ଢେଉଭରା ସମୁଦ୍ରର ରାତି
ଆଜି କିନ୍ତୁ କଳପନା ଜାଲରେ ଛନ୍ଦି ହେଇ
ମୁଁ ଦେଖୁଛି ଉଦିତ ଗୋଲ ଜହ୍ନ ପୂର୍ଣ୍ଣମୀ ତିଥି
ସାଥେ ଥାନ୍ତେ କେହି ନିଜର
ଯେ ଖୋଜନ୍ତି ପଢ଼ିବାକୁ ମୋର କବିତା
ବାରବାର ।
ଆଜି ଏଇ ଭୟାନକ ନିଆଁ ଝରା ଦ୍ୱିପହର
ଆସ ହେଲେ ଜହ୍ନରାତି ମୋ ପାଶେ ହୋଇ ନିଜର ।
ସବୁ ଭୁଲିବି ଜହ୍ନରାତି ତମକୁ ପାଶେ ପାଇ
ଖେଳି ବୁଲିବ ଏଇଥର ହୃଦୟରେ
ଆଲୋକର ଶାନ୍ତି ଛାଇ ।

*ପ୍ଲଟ୍ ନଂ. ଡି-୯୯୩, ସେକ୍ଟର-୬,*
*ମର୍କତ ନଗର, କଟକ*
*ଦୂରଭାଷ: ୯୮୬୧୬୩୪୪୯୩*



# ହାତୀ

## ଦେବାଶିଷ ଚକ୍ରବର୍ତ୍ତୀ

ଧଳାହାତୀଙ୍କ ପାଇଁ ସିନା
କନିଆ ସଜହୋଇ ରହିଁରହିଛି
ଜହ୍ନ ଧଉଳା ନଅର
ଆମ ପାଇଁ କି ସାଇତା ହୋଇନିକି
ଗଛବୃଛ ନଥିବା ମୁଣ୍ଡିଆ ପାହାଡ଼ ?

ଆମର ପେଟ ଅମାର ପରି
ବଡ଼ ହେଲା ଯେ କଣ ହେଲା
ତାକୁ ସହଜରେ ପୂରେଇ ଦେଇପାରେ
ଡାଳ, ପତ୍ର, ନଡ଼ା କି ଘାସ
ହେଲେ ତୁମର ଲୋଭର ଜିଭକୁ ତ
ଅକୁଳାଣ ଗ୍ରାମ, ନଗ୍ର, ଦେଶ।

ଶିଳ୍ପାୟନର ଆଁ ଭିତରେ
କ୍ରମେ ନିଖୋଜ ହେଉଛି ଆମ ଗାଆଁ
ଟଳିପଡୁଛନ୍ତି ବାହୁ ବଢ଼େଇ
ଆକାଶକୁ ଡୋଳି ଧରିଥିବା ଅଗଣନ
ଶାଳ, ପିଆଶାଳ, ଅସନ, କୁରୁମ
ଘରାଟିଏ ଦ୍ରୁମ ହେବାପାଇଁ
କୁଳେଇ ନପାରେ ତମାମ ଆୟୂଷ
ଅଥଚ, ଅହଂକାରର ନିଆଁ ଝୁଲ
ନିମିଷକରେ ସଜେଇପାରେ ପାଉଁଶ।

ପେଟ ପୋଡ଼ିଯାଉଛି ବୋଲି ସିନା,
ବଣ ଛାଡ଼ି ଆମେ ହେଉଛୁ ଗାଆଁ ମୁହାଁ
ଆମକୁ ନିଉଛାଡ଼ିବାକୁ
ତୁମେ ସଜିଲ କରି ରଖୁନକି
ବାଣ, ବାଜା, ନିଆଁ ହୁଳା ?
କଥାରେ ନାଇଁକି ଆମେ ମଲେ ଲକ୍ଷେ
ଜୀଇଁଲେ ବି ଲକ୍ଷେ
ସେଇଥିପାଇଁ ତ ଆମ ଜୀଇଁବା ମରିବାରେ
ତିଳେବି ପରୁଆ ନାହିଁ ତୁମର
ନୋହିଲେ ଆମକୁ ମାରିବା ପାଇଁ
ତୁମେ କରନ୍ତକି ଏତେ ଫନ୍ଦି ଫିକର ?

କହିଲ ଦେଖି ଆମେ କଣ
ନକରିଛୁ ତୁମର
ରଣଭୂମିରେ ତୁମକୁ ବୋହି
ଶର, ଭାଲ୍ଲା, ତରବାରର ଦାଉରେ
ରକତ ଝରେଇଛୁ, ପ୍ରାଣ ବି ଦେଇଛୁ
ତୁମର ଉଆସପରି ଘରପାଇଁ
କାଠ, ପଥର ବୋହିଛୁ
ପଙ୍କ କାଦୁଅରେ ରଥ ବି ଟାଣିଛୁ
ବଡ଼ ପଣର ବାନା ଉଡ଼ାଇ ସିନା
ତୁମେ ସାଜିଛ ଛତ୍ରପତି
ହେଲେ, ଆମ ଭାଗ୍ୟରେ ତ
ଲେସା ହୋଇଛି
ଆମ ଦେହର ରଙ୍ଗଠୁ ବି କଳି
ଘନଘୋର ଅମେଇସା ରାତି।

କେବେ ଥରେ କୁମ୍ଭୀର କବଳରେ
ପଡ଼ିଥିଲିଯେ ଚକ୍ର ପେଷି
ଉଦ୍ଧାର କରିଥିଲେ ନାରାୟଣ
ଏବେ ତ କୁମ୍ଭୀରଙ୍କ ସଂଖ୍ୟା ଅକଳନ
ସେମାନଙ୍କ ମାୟାବୀ ଆପଣାପଣରେ
ଉଛୁଳୁଛି ନଈ, ନାଳ ସପତ ସାଗର
ଆଃ, ସତରେ କି ଭାଗ୍ୟ ମୋହର ?

ଆମେ ଅଛୁ ବୋଲି ସିନା
ଏବେବି ବଞ୍ଚି ରହିଛି ବଣ
ବର୍ଷାର ଚୁମ୍ବନ ପାଇଁ
ଶ୍ୟାମଳ ଶିହରଣରେ
ଉଲୁସି ଉଠୁଛି ଧରା
ହେଲେ, ଆମେ ନରହିଲେ
ଏହା ସାଜିବ ନାହିଁକି ଅପନ୍ତରା ?

*ମଣ୍ଡୁଆ, କେନ୍ଦୁଝରଗଡ଼-୭୫୮୦୧୪*
*ଦୂରଭାଷ: ୯୪୩୭୭୫୨୩୯୫*

# କବିତା ଲେଖୁଥିବା ପୁଅ ପାଇଁ

## ଚିନ୍ତାମଣି ମହାଳିକ

ପୁଅରେ !
ବିଅର୍ଥେ କିଂପା ତୁ ଏଡ଼େ ଭୁଲ କଲୁ
ତୋ ମନ ଅରଣ୍ୟରେ ଏତେ ବାସ୍ନା, ଏତେ ମୋହ
ଏତେ ସ୍ୱପ୍ନ ଥାଉ ଥାଉ ପୁଣି ସେ କେଉଁ
ଲୋହିତ ଇଚ୍ଛାର ଖପରା ଖଣ୍ଡିଏ ନେଇ
ଆଜିର ସମୟ କଳ୍ପବଟ ଡାଳରେ ବାନ୍ଧିଲୁ
ଏବଂ ଘରଛଡ଼ା ଶାରୀପୁଭ ପରି
ଅମଡ଼ା ବାଟକୁ କାହିଁକି ଯେ
ପାଦ ବଢ଼େଇଲୁ ?

ତୋତେ କେମିତି ବୁଝେଇବିରେ ପୁଅ ?
କବିତା ଲେଖା ଦୁଃଖ ଠାରୁ
ଦୁଃଖ ନାହିଁ ମଣିଷର ଛାତି ତଳେ
କବିତା ଲେଖା ନିଃସଙ୍ଗତା ଠାରୁ
ନିଃସଂଗତା ନାହିଁ ଏ ରକ୍ତ ଭିତରେ।

ଆଞ୍ଜୁଳେ ପାଣିରେ ଛଟପଟ ହେଉଥିବା
ମାଛ ପରି ସବୁବେଳେ କାଳିର ଜୀବନ
ତା ମନ ଅରଣ୍ୟରେ କେବେ ସୁଖର
ଘାସ ଫୁଲଟିଏ ଫୁଟେ ନାହିଁ
ବରଂ ତା ଅପେକ୍ଷାରେ ହାତ ଠାରି ଡାକୁଥାଏ
ନୂଆ ନୂଆ ଦୁଃଖର ବିଳାସ।

ନିଜ ଠାରୁ ନିଜକୁ ଦୂରେଇ ନିଏ ବୋଲି
କବିଟିଏ କାଳେ କାଳେ
ନିଜର ହୋଇ ରହିପାରେ ନାହିଁ...
ଯିଏ ନିଜର ନୁହେଁ
ସେ କାହାରବା ହେବ ?
ତେଣୁ ତ ମା'ର ସସ୍ନେହ ପଣତ
ପ୍ରିୟାର ରସାଳ ଭୁଜ ବଂଧ
ସବୁକିଛି ତା ପାଇଁ
ବନ୍ଧ୍ୟାଗଛର ଧୂସର ଆକର୍ଷଣ।

ପୁଅରେ !
ତୁ କବିତା ଲେଖିଲୁ ନାହିଁ ଯେ
ତୋ ମା'ର ପଣତ କାନିରୁ ଲୁଟିନେଇ
ସେ ସଂପର୍କର ନୀଳ ଆକର୍ଷଣ
ତାକୁ ଦେଲୁ ନୂଆ ଦୁଃଖ
ପୁଅଥାଇ ନଥିବାର ଶୋକ
ଏବଂ ତୋ ବାପର ଦମ୍ଭିଲା ଗୋଡ଼ରେ
ମାରିଲୁ ସୁନା କୁରାଢ଼ିର ଚୋଟ।

ପୁଅରେ !
ସମୟ ବଡ଼ଦାଣ୍ଡରେ ତୋ ପ୍ରିୟ ଆୟୁଷକୁ
ଗୁଡ଼େଇଦେଇ ଭୋକିଲା ପେଟରେ
ଶବ୍ଦର ଖେଳ ଖେଳି କି ଯଶ ଅର୍ଜିଲୁ ?
ଏ ବସ୍ତୁବାଦୀ ଦୁନିଆରେ ଜାଣୁ ଜାଣୁ
ନିଜ ଅର୍ଜୁନ ପଣିଆକୁ ନିଜେ ହତ୍ୟାକରି
ବୃହନ୍ନଳାର ନିପାରିଲା ପଣର
ଘୁଙ୍ଗୁର ହଳେ ନିଜ ପାଦରେ ବାନ୍ଧିଲୁ।

ପୁଅରେ !
ତୁ ଆଜି କବିତା ଲେଖି କବି ପାଲଟିଛୁ ବୋଲି
କୁଳ କୁଟୁମ୍ବ ତ ଦୂରର କଥା
ପରିଚିତ ଗଛପତ୍ରଙ୍କୁ ମଧ୍ୟ ଏ କଥା କହିବାକୁ
ଆଜି ଛାତିତଳେ ମୋର ଦମ୍ଭ ଟିକେ ନାହିଁ।

*କାଶୀପୁର (ବଳରାମପୁର କଲୋନୀ),*
*କେନ୍ଦୁଝରଗଡ଼-୭୫୮୦୦୧*
*ଦୂରଭାଷ: ୮୭୬୩୩୯୯୬୨୮*

*ଦୂରଭାଷ: ୮୯୧୭୪୯୪୦୯୫*

# ଏ ବିପଣୀରେ

## ପ୍ର. ଗିରିଜା ଶଙ୍କର ଶର୍ମା

ଏଠି ବିକ୍ରୀ ହେଉଛି ଅଂଧାର।
କିଣିବା ଲୋକର ମୁହଁ ନ ଦିଶିଲେ ବି
ତା ହାତରେ ଦିଶୁଛି ଆରଡ଼ିଏକ୍ସ
ଏକେ ଫଟିସେଭେନ୍ ଓ ଅନ୍ୟମାରଣାସ୍ତ୍ର।
ଅନ୍ଧାରର ମୋଟା ଚଦର ଭିତରେ
ସେମାନେ ନିରାପଦ।

ଏପଟେ ପ୍ରେମର ବନ୍ୟାରେ
ଉବୁଟୁବୁ ହେଉଥାନ୍ତି ବିଶ୍ୱାସ।
ଲୁହ ଓ ଲହୁର ଢେଉରେ, ପ୍ରତାରଣାର ତରଂଗ।
ଛାତି ଫାଟି ବାହାରୁଥିବା କୋହ
ଲେସି ହେଉଥାଏ ଅଂଧାରୁଆ କାନ୍ଥରେ।

ଏଠି ବିକ୍ରୀ ହୁଏ
ଅସହାୟ ଲୋକଙ୍କ ଅସହାୟତା
ଦରିଦ୍ରଙ୍କ ଦାରିଦ୍ର୍ୟ।
ନାରୀ ଦେହର କ୍ଷେତ୍ରଫଳ
ଓ ତା ମନର ପରିଭାଷା, ପ୍ରେମ ଓ ଯଂତ୍ରଣା।
ଏସବୁ କିଣିବା ପାଇଁ
ଗରାଖଙ୍କ ଲମ୍ବା ଲାଇନ୍।

ଏଠି ସବୁ ରଂଗ କଳା ଦିଶେ।
ଚେହେରା ଅସ୍ପଷ୍ଟ ହୁଏ।
ଚେହେରା ପଛପଟେ ଲୁଚିଥାଏ ହିଂସ୍ର ପଶୁଟିଏ।
ଠିକ୍ କଳାବାଘ ପରି
ଗୋଲ ଗୋଲ ଜ୍ୱଳନ୍ତ ଆଖି ତାର।
ଅଂଧାରରେ ଜଳୁଥାଏ।
ଲୁଚି ଲୁଚି ଶୀକାରକୁ ଝଂପିନିଏ ବିପଣୀରୁ।

ସକାଳ ହେଲେ ପତ୍ତା ମିଳେନି ଏ ବିପଣୀର।
କିଏ କୁଆଡ଼େ ଯାଆନ୍ତି ଜାଣିହୁଏନା।
ଆଲୁଅ ଝାଡ଼ିଝୁଡ଼ି ସଫା କରିଦିଏ କଲ୍ମଷ।
ବାଘମାନେ ବି ପିନ୍ଧନ୍ତି ନିରୀହତାର ମୁଖା
ତୋଫା ଆଲୁଅରେ
ସେମାନଙ୍କ ନିରୀହ ଚେହେରା ସ୍ପଷ୍ଟ ଦିଶେ।

*ଧନକଉଡ଼ା, ସମ୍ବଲପୁର-୭୬୮୦୦୬*

# ଶେଷ ଲୁହ

## ମନୋଜ ମହାନ୍ତି

ସବୁ ଲୁହ ମୁଁ ତ
ନିଗାଡ଼ି ଦେଇଛି
ବାକି ଅଛି ଶେଷ ଲୁହ
ସେ ଲୁହ ଟୋପା କି
ତୁମ ଓଠେ ହସ
ଫେରେଇ ପାରିବ କୁହ ? ।।

ନିରାଶାର ନିଆଁ
ନିଗଡ଼ରେ ମୁହିଁ
ଜଳୁଅଛି ଅହରହ
ଭରା ଜଳନର
ଶେଷ ଭୀରୁଶିଖା
ପୋଛିକି ପାରିବ ତୁମ ଦାହ ?
--- ବାକିଅଛି ଶେଷ ଲୁହ ।।

ଶୂନ୍ୟତାର ଶୁଷ୍କ
ସରହଦେ ମୁହିଁ
ସିଝେ ଆଜି ଦିନରାତି
ଉଜୁଡ଼ା ଜୀବନେ
ସୁଖ ଶିରୀ ସବୁ
ଅକାଳେ ହୋଇଛି ଇତି
ସେଇ ଶୂନ୍ୟତାର
ଶେଷ ଦୀର୍ଘଶ୍ୱାସ
ଭରିକି ପାରିବି ତୁମ କ୍ଷୟ ?
--- ବାକି ଅଛି ଶେଷ ଲୁହ ।।

*ଶତାବ୍ଦୀ, ନଗର, ଭୁବନେଶ୍ୱର-୩*
*ଦୂରଭାଷ: ୯୪୩୮୭୭୧୮୮୦*



# ନୂଆ କବିତାର ବାଗ

## ଭିକାରୀ ଧଳ

ଏ ଯାଏଁ ଦେଖି ଆସିଥିବା ଆକାଶ ପୃଥିବୀ
ମାଟି ପାଣି ପବନ
ଗଛ ବୃଛ, ଜୀବଜନ୍ତୁ
ଏବେ କେମିତି ଅଲଗା ଅଲଗା
ଆଧୁନିକ କବିତା ପଢ଼ିଲାପରି ଲାଗେ ଅଧାଅଧା।
ସମୟ କେମିତି ପାଣିପରି ବୋହିଗଲା କେଜାଣି ?
ପଢ଼ିଥିବା ଗୀତ, ଶୁଣିଥିବା ଖଞ୍ଜଣି ଭଜନ
ଏବେ ପତ୍ରିକା ହାଟପରି
ଗ୍ରାହକ ଓ ଶ୍ରୋତାଶୂନ୍ୟ।

ଯେତେ ଜୋର୍ ତାଳଦେଇ ଖୋଳପିଟିଲେ
ଝମର ହଲେଇ ଆଶୀର୍ବାଦ କଲେ ବି
ଆସନ୍ତି ନାହିଁ କେହି
ସାହିତ୍ୟର ମଞ୍ଜ କି ମଞ୍ଜି ବୁଝିବାକୁ
ପାଲାକାରଠୁ।

କେମିତି କେମିତି ଲାଗୁଛି
ନୂଆ କବିତାର ବାଗ
ତରୁଣୀ ଓ କିଶୋରୀ ମାନେ
ଚଉଷଠି ପ୍ରକାର ବନ୍ଧର ଛନ୍ଦରେ
ଦେହ ହଲେଇ ୟୁଟ୍ୟୁବ୍‌ରେ ପୋଷ୍ଟ କଲେ
ଦେଖ କେତେ ଦେଖଣା ହାରି
ତଟସ୍ଥ ହୋଇ ଟିପ ମାରନ୍ତି
ତାଙ୍କ ଜାଗା ଅଜାଗାରେ
ଓ ଫୋଡ଼ିପକାନ୍ତି ସେପ୍ଟିପିନ୍ ନୋଟ୍‌ରେ।

ମନ ପଡୁଛି ଦୀର୍ଘ ସାତ ଦଶନ୍ଧି ତଳର
ମାଟି ପାଣି ପବନର ବେଗ ଆବେଗ
ମନେ ପଡୁଛି ଝଳରୁ ଉଠୁଥିବା ଧୂଆଁ
ମାଡୁଥିବା କଖାରୁ ଡଙ୍କ
ଆଜି କଷି କାଲିକୁ ପାକଳ ହୋଇ
ମୁଣ୍ଡ ଗଡିଲାପରି ଗଡୁଥାଏ ଝଳରେ
ଦାଣ୍ଡରେ ବାଲି ଖେଳନ୍ତି ନନ୍ଦସୁତମାନେ
ଏବେ ସେ ସବୁ ଦିଶୁନି ଗାଁ କି ସହରରେ
କିନ୍ତୁ କବିତାର ବାଗ୍ ନୂଆ ନୂଆ ଲାଗେ।

ଜୀବନ କହିଲେ ଆମେ କେତେଜଣ
କବିତାକୁ ବୁଝିଥାଉ
ନଖଦର୍ପଣରେ ରଖି
ହାରାହାରି କେତେ ଦଶନ୍ଧିର ଚିହ୍ନ

ପୁଣି କେତେ ଦଶନ୍ଧିକୁ ଆମେ
ମନ ଭିତରେ ସ୍ଥାନ ଦେଇଛୁ
କହିଲେ ସରିବନି
ଦିନ ଯାଇ ରାତି ହେବ
ସବୁକଥା ମନେ ରହିଥିବ।

ଏବେ ଏ ନୂଆ କବିତାର ବାଗ
ଏମିତି କାହିଁକି ?
ଏବେକାର ମଣିଷମାନଙ୍କ ଭିତରେ
ନାହିଁ ଆଉ ମଣିଷ ପଣିଆ !
ବିଶ୍ୱାସର ଅର୍ଥ, ବିଷ ଦେଇ ବାହାବାହା ନେବା ତ
କୃତଘ୍ନମାନେ ଜରି ପୋଷାକ ଦେହରେ ଢାଙ୍କି
ସାତ ରାତି କାହା ପାଖରେ ସାରି ଆସିଥିବା
ସାଥୀଟକୁ ସତୀ ବୋଲି ଶିରୋପା ବାନ୍ଧନ୍ତି।

କାହିଁକି କେଜାଣି କବିତାର ଏ ବାଗ ଢଙ୍ଗ !
ସ୍ୱର ଓ ଲହରକୁ କେଉଁଠି ରଖି
ନୂଆ ବାଗରେ ଆସି ଠିଆ ହେଲା ଯେ ସାମ୍ନାରେ
ଇଚ୍ଛା ନଥାଇବି ଆପଣାଇବାକୁ ପଡ଼ିଲା
ହଜିଯାଇ ଫେରିଥିବା ପ୍ରେମିକାକୁ ଜାବୁଡ଼ି ଧରି
ଛାତି ଭିତରୁ ବାହାରି ଆସୁଥିବା
କିଛି ହୋଇନି ! ସବୁ ଠିକ୍‌ଠାକ୍ ଅଛି
ତୁମେ ଯେଉଁଠି ଥିଲେ ବି
ଦେହ ଓ ମନରେ ମୋର ହୋଇ ରହିଚ
ରହିବ କାଳକାଳକୁ ଅଥଚ
ବାହୁବେଷ୍ଟନୀ ଭିତରୁ ନାରୀଟି ଦେଖୁଥାଏ
ଆଉ କାହା ମୁହଁ।

ଏହା କ'ଣ ନୂଆ କବିତାର ବାଗ !
ଭାବିକି ଆସିଥିବା କଥା ଯେମିତି
ବଦଳିଯାଏ ମଞ୍ଚ ଉପରକୁ ଗଲେ
ସେମିତି ଏ କବିତା ବଦଳାଇଦିଏ
ସମାଜ,ସଂସ୍କୃତି ଓ ସହାବସ୍ଥାନକୁ
କାହିଁକି ବିନା ଉପକ୍ରମଣିକାରେ।

*ନିଜିଗଡ଼କୁରୁଖି, ହରିରାଜପୁର, ଜଟଣୀ,*
*ପୁରୀ-୭୫୨୦୫୦*
*ଦୂରଭାଷ: ୯୪୩୭୨୮୩୯୦୭*

# ଜ୍ୟୋତିଷ

**ଡକ୍ଟର ମନୋରଞ୍ଜନ ବିଷୋୟୀ**

ସେ ଅନେକଙ୍କ ଭାଗ୍ୟର
ପଥିକୃତ ଗଣନାକାର
ସ୍ପଷ୍ଟ ଭାବେ କହିପାରନ୍ତି
ଅତୀତ ବର୍ତ୍ତମାନ
ଅନାଗତ ଭବିଷ୍ୟତ
କ'ଣ ହେବ ସମସ୍ତଙ୍କର ।

ପୂଜା ପାଠ କର୍ମକାଣ୍ଡ
ଗ୍ରହ ମୁଦି ଦେଇ
ରୋକି ଦେଇ ପାରନ୍ତି
ଅଶୁଭ ଗ୍ରହ ଚଳନକୁ ଆମର ।

ତେଣୁ ତ ସେ ପାଲଟିଛନ୍ତି
ଅଗଣିତ ଜନତାଙ୍କ
ଆସ୍ଥା ଓ ବିଶ୍ୱାସର
ଉଦ୍‌ବେଳିତ ଭାଷ୍ୟକାର ।

ନାନା ଆଶଙ୍କର ପାଦଶବ୍ଦ
ମଧ୍ୟରେ ବି ଶୁଣାଇ ପାରନ୍ତି
ସେଥିରୁ ମୁକୁଳିବାର
ଉପାୟ କ'ଣ ତାଙ୍କର ।

ଅଥଚ ମୋ ବେଳକୁ
ସବୁ ଗଣନା
ଅସହାୟତାର କଳାମେଘ ହୋଇ
ଆଖିରେ ଭରିଦେଲା
ନିଃଶବ୍ଦ ଅନ୍ଧକାର ।

*ସ୍ନାତକୋତ୍ତର ଓଡ଼ିଆ ବିଭାଗ,*
*ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ଭଞ୍ଜବିହାର*
*ଦୂରଭାଷ: ୮୮୯୫୧୪୧୬୨୬*



# ଭୂମା : ଭୂମି : ଭୂମିକା

**ଅୟସ୍କାନ୍ତ**

ପିଲାବେଳୁ ଭାବେ
ହେ' ପ୍ରିୟ ଭଗବାନ,
ତମ ସମୁଦ୍ର କେତେ ବିରାଟ୍
ମୋ' ହୁଲିଡ଼ଙ୍ଗା କେତେ ଛୋଟ ସତେ
ଏବେ ଭାବେ,
ହେ ପ୍ରଭୋ,
ତମ ଦେଇଥିବା ଘା'
କେଡ଼େ ଗହୀର
ମୋ' ଆଙ୍ଗୁଳି ଟିପରେ ମଲମ୍
କେତେ ଟିକ୍କେ ସତେ !!!

*ଗ୍ରାମ୍ୟନିର୍ମାଣ ଉପବିଭାଗ*
*ରାଜକନିକା, କେନ୍ଦ୍ରାପଡା*
*ଦୂରଭାଷ: ୮୭୬୩୩୯୩୧୧୬*

# ଲୁହଧାର

**ଡ. ସୁରେଶ ଚନ୍ଦ୍ର ପଣ୍ଡା**


ଯାହା ଦେଇଛି ନଈ
ତାକୁ ତ ଫେରାଇ ହେବନି।

ସୃଷ୍ଟି ବେଳକୁ ମଣିଷ ଜାତି
ଠିକ୍ ପଶୁପରିଥିଲା
ନା, ଭାଷା କି' ଭାବ
ଅଖ ଚକ, ମୁକୁଟ, ମନ୍ଦିର
କପାଳରେ ଲେଖିଲା ସଭ୍ୟତା
ବାଟ ବଢ଼େଇଲା
ଯାତ୍ରାର ଆଦ୍ୟ ସୋପାନରୁ
ଶିରା ପ୍ରଶିରାରେ
ଲେଖାଇଦେଲା
ପରିପକ୍ୱ ଚେତନାରେ
ଜୀବନ ଜୀବିକାର ପରିଭାଷା।
ସେ ସିନା ଶିଖାଇଲା
ବଂଚିବାର ତରିକା
କୁଳୁ କୁଳୁ ସଙ୍ଗୀତ ଗାଇଲା
ନିଜେ ବାନ୍ଧି ଗୋଡ଼ରେ ଘୁଙ୍ଗୁର
ନାଚି ନାଚି ଉନ୍ମାଦିତ କଲା

ହେଲେ ତା' ପାଦରେ ଏବେ
ଶତଶତ ବେଡ଼ି ପିନ୍ଧାଇ
ଚିପି ଦିଆଗଲା
ତା' ତଣ୍ଟିକୁ
କୁଳେ କୁଳେ ବାଟ ବନ୍ଦ କରି
ବଂଧ ବାଡ଼, ବ୍ୟାରେଜ୍‌ର
ଗତିରୋଧରେ
ତା ଆଖିରୁ ପାଣି ନୁହଁ
ଲୁହର ଧାର ବୋହିଲା।

ନଈ ଏବେ କିନ୍ତୁ ଶୁଷ୍କ
ସମୁଦ୍ର ବି ଚାହୁଁନି
ନଈକୁ ସ୍ୱାଗତ କରିବାକୁ
ଉପରେ ଆକାଶ
ଚାହିଁ ରହିଛି
ସ୍ଥାନେ ସ୍ଥାନେ ଜମି ରହିଥିବା
ଜଳଧାର ଆଡ଼େ
ଯାହାବି ହେଲେ
ନଈ ଉପରେ ଢ଼େର
ଭରସା ତାର
ଯେତେ ଅସନା ହେଲେ ବି
ଧୀରେ ଧୀରେ ବାଟ ହୁଡ଼ିଲେ ବି
ଅବାଟରୁ ବାଟକୁ ଆଣିବା
ଯେମିତି ଧର୍ମ
ତା ସାଧନାର ମର୍ମ।
ଯାହା ସେ ଦେଇଛି
ଫେରାଇ ହେବନି ସିନା
ଏବେ ତ ସମୟ
ନଈକୁ ବାଟକୁ ଫେରାଇ ଆଣିବାର
ଅବାଟକୁ ନେଇଥିବା
ବାଟ ରୋକିଥିବା
ବଂଧବାଡ଼, ରିଜଭର ଭାଙ୍ଗିଦେବାର
ତାକୁ ସ୍ୱଚ୍ଛନ୍ଦରେ ବହି ଯିବାକୁ ଦେବାର
ତା ଗାଇବାର ରାଗରେ
ତାଳ ଦେଇ ପ୍ରାର୍ଥନା ମୁଦ୍ରାରେ
କୁଳରେ ବସିଯିବାର।

*କଳିଙ୍ଗ ନଗର, ଭଞ୍ଜନଗର*
*ଦୂରଭାଷ: ୯୪୩୮୫୭୧୯୧୫*



# ରକ୍ତନଦୀ ଦାଢ଼ରେ ସଭ୍ୟତା ପୁରୁଷ

**ପାଣ୍ଡବ ନାୟକ (ଶିଶୁ)**

ବିଷମ ଶଂକଟ ବିଶ୍ୱରେ
ୟୁକ୍ରେନ୍ ଋଷର ଯୁଦ୍ଧ
୨୦୨୨ ଫେବୃୟାରୀ ୨୪ରୁ
୧୫ ମାସ ବିତିଲାଗି
ସରେ ନାହିଁ ଯୁଦ୍ଧ।
ମଣିଷ ମଣିଷର ପ୍ରତିପକ୍ଷ
ଉଜୁଡ଼େ ଭାଇ ବନ୍ଧୁ ପ୍ରେମର ସମ୍ପର୍କ
ଅଦିନ ମେଘ ଘଡ଼ଘଡ଼ି ଚଡ଼ଚଡ଼ି ପ୍ରାଏକ
ଚମକାଏ ଆଗ୍ନେୟ ଅସ୍ତ୍ରର ପ୍ରହାର
ଶସ୍ୟ ଭୂଇଁରେ ଗଡ଼େ ଶବ
ଯେତେ ସବୁ କାରଖାନା ଛାରଖାର
ପ୍ରେମ ଯମୁନାରେ ବହେ ରକ୍ତଧାର।
ନୟାନ୍ତ ପ୍ରତିପକ୍ଷ
ଯେତେସବୁ ମାରଣାସ୍ତ୍ର
ପ୍ରୟୋଗ ସରିଲାଣି
କେ ଛାଡୁଛି କାର ଆଣ୍ଟ
ବିଶ୍ୱକୁ ଟାଣଇ ଏ ମହାଶଂକଟ
ଏକ ପକ୍ଷେ ଋଷର ମେଣ୍ଟ
ଅନ୍ୟ ପକ୍ଷେ ନାଟୋ।
ଏବେ ମହାଶକ୍ତି
ପରମାଣୁ ସୁଡ଼ଙ୍ଗରେ
ଥରଇ ସଭ୍ୟତା
ଘୋଟିଆସେ ବାୟୁଯୁଦ୍ଧ
ନରର ସଂହାର
ଭାସିଯିବ ରକ୍ତର ସୁଅରେ।
ରକ୍ତନଦୀ ଦାଢ଼ରେ ସଭ୍ୟତା ପୁରୁଷର ଅଭିମାନ
ନରବନ୍ଧୁ କରଇ ନର ସଂହାର
ଉଜୁଡ଼ି ଯିବକି ବିଶ୍ୱ
ତା'ର ପରିବାର
ଆଉକି ଦିଶିବ ଦିବ୍ୟ ସ୍ୱର୍ଗର ଦର୍ଶନ।
ବ୍ୟାକୁଳରେ ଇତଃସ୍ତତ
ନିର୍ମାଣ ପୁରୁଷ
କେ ଅଛ ହେ ଭୂମିପୁତ୍ର
ଶୁଖାଇ ଦିଅନ୍ତା, ରକ୍ତ ସନ୍ତରଣ ଧାର
ଜଗତ କରନ୍ତା ଉଦ୍ଧାର
ଦେଖାଇ ଦିଅନ୍ତା ସୃଷ୍ଟିରେ
ନରର ପୌରୁଷ।
ବଡ଼ଦାଣ୍ଡରେ ବାହୁଡୁଥିଲା ରଥ
ଜଗତ ନାଥର
କି ସୁନ୍ଦର ଘୋଷଯାତ୍ରା ଜନ ସମୁଦ୍ରରେ
ଆନନ୍ଦ ଉଜ୍ଜ୍ୱଳ ଦିଶେ ଜନ ପଟୁଆରେ
ହସ୍ତଟେକି ଡାକୁଛନ୍ତି ଦୁଇଟି ରମଣୀ
ଋଷିଆ ୟୁକ୍ରେନର ହେବେକି ଜନନୀ
କୁଆଡ଼େ ବାହୁଡୁଛ ହେ ବିଶ୍ୱ ବିହାରୀ
ମଣିମା ଶୁଣିବା ହେଉ ଆମରି ଗୁହାରୀ।
ଦେଖୁଛତ ନରସଂହାର ବିଭୀଷିକା ଦୃଶ୍ୟ
ସର୍ବାଙ୍ଗରେ ଦେଖ କ୍ଷତ
ଗଡ଼ିଯାଏ ରକ୍ତ
ଶାନ୍ତିକୁ ଫେରାଦିଅ ଜଗନ୍ନାଥ
ହେ ବିଶ୍ୱ ମୋହନ
ସୁନ୍ଦର ବିଶ୍ୱେ ଆମକୁ କରନି ଅସ୍ପୃଶ୍ୟ।

*ପାର୍ବତୀ ନିବାସ, ସା/ପୋ-ଗୋଟିସାହି,*
*ନୟାଗଡ଼-୭୫୨୦୭୦*
*ଦୂରଭାଷ: ୯୮୬୧୯୮୧୬୫୬*

# ତୁ ଗଲା ପରେ

**ବିଭୂତି ଭୂଷଣ ଗ୍ରହାଚାର୍ଯ୍ୟ**

ତୁ ଯଦି ଯିବାକଥା
ଏକା କରି
ଭଲ ପାଇବାର ଅକ୍ଷରକୁ ପୋଛିଦେଇ
କେବେ ପୁଣି ଆସିବୁ ତୁ ଫେରି
ଏଠି ଦେଖାହେବ ॥

କେଉଁଠି ସେ ଅପହଞ୍ଚ ଇଲାକା
ମୁଁ ଖାଲି ଖୋଜୁଛି ଠିକଣା ॥

କେଉଁ ଏକ ନିକାଞ୍ଚନ ଅରଣ୍ୟରେ
ଚାଲୁଛୁ ଏକା ଏକା
ଯେଉଁଠି ଅଛି ଅଜଗର ପିଠି ପରି
ଜହ୍ନ ଆଉ ଛାଇର ରଡ଼ି ପୁଣି
ବାଘର ହେଣ୍ଟାଳ
ସେଠି ବଞ୍ଚିବାର ଭୋକ ତ ସବୁଠୁ ବେଶୀ ॥

ଦେହରୁ ରକ୍ତ ଝରୁଛି କଣ୍ଟା ଝଣ୍ଟା ବାଜି
ତୁ ବିକଳରେ କାନ୍ଦୁଛୁ
କାନ୍ଦଣାର ସ୍ୱର ମୋ କର୍ଣ୍ଣରେ ବାଜୁଛି ॥

କାହିଁ ତ କହି ନଥିଲୁ
ଛୁଇଁଲା ଦିନଠୁଁ ମାଟିକୁ
ଏକା ଏକା ସମୁଦ୍ରକୁ ଢେଉ ଭାଙ୍ଗିବାକୁ ଯିବୁ
କିଏ ଜାଣେ ତୁ ଚାଲିଯିବୁ
ଏକା ନିଘଞ୍ଚ ଅରଣ୍ୟକୁ ॥

ତୋ ପିଲାବେଳର କଥା
ସ୍ମୃତି ପଟରେ ନାଚିଗଲେ ଥରେ
ବର୍ଷାରେ ଭିଜିଲା ପରି
ଭିଜିଯାଏ ମୋ ଆଖି ଦୁଇପତା
ସବୁ ମୋର ମନେ ପଡ଼େ
ନିଛାଟିଆ ଖରାବେଳଟାରେ
ତୁ ଗଲାପରେ ଏଠି ଡହ ଡହ ଖରା
ପୋଡ଼ିଯାଉଛି ମୋ ସ୍ୱପ୍ନସିକ୍ତ ଦେହ
ନିଛାଟିଆ ମୋ ଜୀବନର ରାସ୍ତା
ତୋ ବିନା ଏଠି ନାହିଁ ଟୋପାଏ ବି ––ବର୍ଷା ॥

*ସଭାପତି 'ସଖା'*
*ମୂଷାଙ୍ଗ, କୋହ୍ଲ, ତିହିଡ଼ି, ଭଦ୍ରକ*
*ଦୂରଭାଷ: ୮୮୯୫୫୮୮୯୦୫*

# ଚିତ୍ର

### ନୀଳକଂଠ ବେହେରା

ଶିଳ୍ପୀ! ଆଙ୍କି ଚାଲିଚି ଚିତ୍ର
ତୂଳୀ ଧରି, ସୁନ୍ଦର ସୁନ୍ଦର ଚିତ୍ର।
କେବେ ଗଛ କେବେ ମାଛ
କେବେ ଜହ୍ନ ତ କେବେ ସୂର୍ଯ୍ୟ
କେବେ କେବେ ଦେବୀ ଦେବୀ ତ
ନାରୀ ପ୍ରତିମାର ଚିତ୍ର।

ତୂଳୀର ସ୍ପର୍ଶ ହେଉ ଅବା ହାତର
ସବୁ ଅଲଗା ଅଲଗା ଦିଶନ୍ତି
ଚମତ୍କାର ଲାଗନ୍ତି ସେମାନେ।

ମୁଁ ଏବେ ତୂଳୀ ଧରି ବସିଛି
ଆଙ୍କି ଚାଲିଚି ଚିତ୍ର
ଅଲଗା ଅଲଗା ଢଙ୍ଗରେ।
ଯେତେ ଥର ଆଙ୍କୁଚି
ସବୁଥର ବ୍ୟର୍ଥ ଯାଇଛି
ତମ ପରି ସାମଞ୍ଜସ୍ୟ ରଖୁଥିବା ଚିତ୍ର
ସବୁଥର ରତୁରି ଆସନ୍ତି
ଲୋକେ କହନ୍ତି ପଛରେ।
ସମୟକୁ ଛୁଟି ମାଗି ଆସନ୍ତି କି
ଥରୁଟିଏ, ମତେ ଭୂଲ ବୋଲି
କହିଦିଅନ୍ତି କି, ତୂଳୀ ଓ ତର୍ପଣ ସବୁ
ସମର୍ପି ଦିଅନ୍ତି ତମକୁ
ଚିତ୍ର ସବୁକୁ ଟେକି ଦିଅନ୍ତି ତମ ହାତେ
ବିଫଳ ପ୍ରୟାସ ଭାବି।

*ଭାରତୀୟ ଷ୍ଟେଟ ବ୍ୟାଙ୍କ, ଛତ୍ରପୁର ଶାଖା,*
*ଗଂଜାମ-୭୬୧୦୨୦*

# ଶଗଡ଼ ଗୁଳାର ମୋହ

### ମନୋରଂଜନ ଶରଣ

ମୋହ ଅଛି ଗଣିବାକୁ ଗୋଟିଏ ଆଖିରେ
ଆକାଶରେ ମିଂଜି ମିଂଜି ତାରାଂକ ରାଜୁତି,
ଲାଗେ ଭଲ ଧରିବାକୁ ଫୁଲ ପାଖୁଡ଼ାରେ
କଳା ଧଳା ହଳଦିଆ ବ୍ୟସ୍ତ ପ୍ରଜାପତି।
ଅଛି ମୋହ ଖୋଜିବାକୁ ଶଗଡ଼ର ଗୁଳା
ସାଇକଲ ନେଲା ବେଳେ କାଦୁଅ ଆଡ଼େଇ,
ପୁରୁଣା ଶାଢ଼ୀର ବାସ୍ନା ନିଦୁଆ ନାକରେ
ପାହାଂତିଆ ସ୍ୱପ୍ନ ବୁଣେ ଛାତିରେ ଜଡ଼େଇ।
ଝଡୁଛି ଉପରୁ ପତ୍ର ଶୁଖିଲା ଡାଳରୁ
ଉଡ଼େ ନାହିଁ ଗୁଡ଼ି ଆଉ ଶୂନ୍ୟ ଆକାଶରେ,
ଲୁଚିଗଲା ଗୀତ ସବୁ କଳାମେଘ ସୁର
ଖୋଜୁଛି ବହିର ପୃଷ୍ଠା ଅସ୍ଥିର ହାତରେ।
ପହଁରିବ କିଏ ଅବା କୁହୁଡ଼ି ଜାଲରେ
ବାଜୁଛି ମଂଦିର ଘଂଟା ଅସହାୟ ହୋଇ,
ଗଲେଣି କୁଆଡ଼େ କେତେ ତୃଷାର୍ତ୍ତ ବିହଂଗ
ଆସୁଛି ମଇଁଷି ଶିଂଗ ଛାତିକୁ ଥରେଇ।
ଅସଜଡ଼ା ସୂତା ଖିଅ ଶଗଡ଼ ଗୁଳାଟା
ଯେମିତି କାନ୍ଦିନି କେବେ ବତୀଖୁଣ୍ଟ ଆଖି
ଯେମିତି ହସି ବି ନାହିଁ ଖୋଲା ପବନରେ
ବାଦଲ ଫଟାର ବର୍ଷା ଗଲା କେବେ ଶୁଖି?
ଗଛ ନାହିଁ ପାହାଡ଼ରେ ଧୂଆଁର ଶାସନ
ଲୁଚିଲାଣି ଜାଇଫୁଲ ଆଖି ବଂଦ କରି,
ଗାଉଛି ବେସୁରା ଗୀତ ପହିଲି ବରଷା
ପରାସ୍ତ ଭଅଁର ଶୁଏ କ୍ଳାଂତିରେ ଗୁମୁରି।

ସେଇ ରାସ୍ତା, ସେଇ ନଈ, ସେଇ ବିଲ ବାରି
ହସୁଛଂତି ଦେଖି ଦେଖି ଘଂଟା କଂଟା ମୁନ,
କି ଛବି ଆଂକିବ ଏଇ ଦୀପ ଚିତ୍ରକର
ଆକାଶ ଦୋହଲି ନାହିଁ ଅଛି ତ ସପନ!
କାଳିଜାଇ ପାହାଡ଼ରେ ଖେଳିବ ପବନ
ଯାଇଥିବ କଳା ମେଘ ମଥାରୁ ଉଭେଇ,
ହୁଏ ନାହିଁ ଭୂମିକଂପ ଉଡ଼ିଲେ ଘାସଟେ
କାଂଦିବନି ପୃଥିବୀଟା ରାତିରେ ସକେଇ।

ଗଲା କାହିଁ ଆକର୍ଷଣ ଶଗଡ଼ ଗୁଳାରେ
କାଦୁଅ ବଂଧର ତାତି ଆକାଶେ ଉଡୁଛି,
ନାହିଁ ଭୟ ପଡ଼ିବାରେ ଲକ୍ଷ୍ମଣ ଝୁଲାରୁ
ଗଂଗୋତ୍ରୀ ହାତର ଶେଯ ସରାଗେ ହସୁଛି।
ନେଇଯିବି ହାତୀ ଘୋଡ଼ା ଛବି ତୁମ ପାଇଁ
ଆଖି ବର୍ଷା ଧଳାଫୁଲ ସବୁଜ ପତ୍ରରୁ,
ଶୋଇଥିବେ ମୋହ ସବୁ ଶଗଡ଼ ଗୁଳାରେ
ହଜିଯିବ ଝଡ଼ ବର୍ଷା ସେପଟ କୂଳରୁ।

*୬୨, ଗୌତମ ନଗର,*
*ଭୁବନେଶ୍ୱର-୭୫୧୦୧୪*

# ନବଘନର ସଂସାର

### ବୃନ୍ଦାବନ ଦାସ

ଧୁ' ଧୁ' ଖରାରେ ହିଡ଼କତି ମାରି
ନବଘନ ଫେରିଲା ବେଳକୁ
ଚୁଲି ଉପରେ ଟକମକ ଫୁଟୁଥାଏ ଭାତ
ଅଳ୍ପ ଅଳ୍ପ ଡାଙ୍ଗୁଆଣୀ ମୁହାଁଇଦେଇ ସୁମି
ଚଟୁରେ ଚିପୁଥାଏ ଭାତ
ଦିକେ ଦିକେ ଜଳୁଥାଏ ଚୁଲି।

ଉହ୍ମେଇରେ ରଡନିଆଁ ପରି
ଏସନ ଭୀଷଣ ଅଗ୍ନିବର୍ଷା
ଖରା ତାତିରେ ବେଦମ୍ ଗଛଲତା
ପାଣି ନାହିଁ ଘାସ ନାହିଁ
ଫାଟି ଆଁ, କରିଛି ମାଟି।

ଘାସ ପରି ନବଘନର ଜୀବନ ବି
ନିଇତି ଜଳି ନିଇତି ମରି ପୁଣି କଅଁଳିବା
ଭାଗ୍ୟରେ ବୋଧେ ଲେଖା।

ଚୁଲି ଉପରେ ଫୁଟୁଛି ଭାତ
ସୁମି ମୁହାଁଉଛି ଜାଳ
ଗାଲ ଦେଇ ତା' ବହି ଯାଉଛି ଝାଳ,
ଝାଳ ସଙ୍ଗେ ଆୟୁଷ
ଆୟୁଷ ସଙ୍ଗେ ଆୟୁଷ

ଆୟୁଷ ସଙ୍ଗେ
ନିତିଦିନିଆ ବଳକା ଦୁଃଖରୁ କିଛି।

ମାଟିକୁ ଚିହ୍ନେ ବୋଲି
ନବ ଘନ ମାଟି କାଦୁଅରେ ଘାଣ୍ଟିହୁଏ
ହିଡ଼ ମାଟି ହିଡ଼ରେ ଲଦେ
ଧୋଇ ମରୁଡ଼ି ବିତିପାତକୁ ବେଖାତିର କରେ
କଳାଘୁମର ମେଘକୁ ଦେଖି ସୁମି
ଦୁଃଖରୁ ଖୁସି ସାଉଁଟେ।

ହିଡ଼ ଉପରେ କୋଇଲି ଖିଆ
କଣ୍ଟାରେ କଣ୍ଟାରେ ସ୍ୟାଇ ରଙ୍ଗର ଫୁଲ
ଟିକି ପାଖୁଡ଼ାରେ
ରେଣୁ ରେଣୁ କାକର ବୁନ୍ଦାରେ ତଥାପି ଝଲସୁଥାଏ
ନବଘନର ମୁହଁ
ତା' ତାତି ଖରାର ଜୀବନରେ।

*ଅଧ୍ୟାପକ, ରାଜନୀତି ବିଜ୍ଞାନ ବିଭାଗ,*
*ଡେରାବିଶ କଲେଜ, ଡେରାବିଶ,*
*କେନ୍ଦ୍ରାପଡ଼ା-୭୫୪୨୮୯*
*ଦୂରଭାଷ: ୯୭୭୭୮୪୩୦୩୧*

# ବିବେକ ଓ ବୈରାଗ୍ୟ

## ସରୋଜିନୀ ମିଶ୍ର ଏମ୍.ଏ.

ବିବେକ ଓ ବୈରାଗ୍ୟ।
ଭାଙ୍ଗି ଗଲାନା ତୁମ ମନ ଭିତରେ ଥିବା
ଶଙ୍ଖ ମର୍ମର ପ୍ରାସାଦ।
ଚୁର୍‌ମାର୍ ହୋଇଗଲାନା
ସବୁ ଦମ୍ଭ ଅହଂକାର।
ବନ୍ଦ ହୋଇଗଲାନା ତୁମ
ମିଥ୍ୟା ଧର୍ମର ପ୍ରଳାପ।
ଖୋଲି ଗଲାନା ତୁମ ବାସ୍ତବ ଚେହେରା।
ବୃଥା ଅଭିମାନ ସବୁ ହେଲା ଧରାଶାୟୀ।
ସମ୍ମୁଖରେ ତୁମର ନିଷ୍ଠୁର ସତ୍ୟ
ସାମ୍‌ନା କରିପାରିବ ତ ?
ନେଇଯାଅ ସବୁ ଯଶ କୀର୍ତ୍ତି
ନେଇଯାଅ ସବୁ ଧନଦୌଲତ
ସ୍ତ୍ରୀ ସଂପତ୍ତି।
ସବୁ ହୋଇଯାଏ ପର
କର୍ଣ୍ଣରେ ବାଜିଉଠେ ଶଙ୍କରାଚାର୍ଯ୍ୟଙ୍କ
ଭଜଗୋବିନ୍ଦମ୍‌ର ସ୍ୱର।
ନରସି ମେହେଟାଙ୍କ
ବୈଷ୍ଣବ ଜନତୋ ତେନେ କହିୟେ
ଯୋ ପୀଡ଼ ପରାଇ ଜାନେରେ।
ସତରେ ମନଟା କେତେ ଛୋଟ ହୋଇଯାଏ
ଆତ୍ମାର ଦ୍ୱାର ଖୋଲିଯାଏ
ମାତ୍ର ଶବ୍ଦ ଦୁଇଟି
ବିବେକ ଓ ବୈରାଗ୍ୟ

*କ୍ୱାର୍ଟର ନଂ. ଏମ୍.ଆଇ.ଜି.-୩୫,*
*କେ-୬, କଳିଙ୍ଗ ବିହାର, ଭୁବନେଶ୍ୱର*
*ଦୂରଭାଷ: ୯୭୭୮୮୨୪୬୦୦*



# ମା' ମୋର ସର୍ବବ୍ୟାପୀ

## ଚୈତନ୍ୟ ପ୍ରସାଦ ବେହେରା

ଦୁଃଖ ଦୁର୍ଗତିରୁ ତାର ବୋଲି ତୁମେ
ନାମଟି ତୁମର ଦୁର୍ଗା
ତେଣୁ ତୁମ ପଦେ କୋଟି ଜୁହାର ମା'
କରୁଛି ନିତି ଅଭାଗା ।।

ପର୍ବତ ଦୁଲଣୀ ଜଗତ କଲ୍ୟାଣୀ
ବୋଲି ହେଲଟି ପାର୍ବତୀ
ଦୂରୁ ଥାଇ ମୋର ଦୁଃଖ ହରୁଥାଅ
ତୁମକୁ କୋଟି ପ୍ରଣତି
ଚରଣେ ଦିଅ ମା' ଜାଗା,
ଦୁଃଖ ଦୁର୍ଗତିର ତାର ବୋଲି ତୁମେ
ନାମଟି ତୁମରି ଦୁର୍ଗା ।।

ପାପ କଳୁଷକୁ ପବିତ୍ର କର ହେ
ତେଣୁ ବୋଲାଅ କାଳିକା
ଧର୍ମ ସଂସ୍ଥାପନେ ହାତ ଯୋଡୁଛି ମା
ତୁମକୁ ମୁଣ୍ଡ ମାଳିକା
ରକତରେ କର ରଙ୍ଗା,
ଦୁଃଖ ଦୁର୍ଗତିରୁ ତାର ବୋଲି ତୁମେ
ନାମଟି ତୁମର ଦୁର୍ଗା ।।

ସରଳ ହୃଦୟେ ଜଗତ ଜନଙ୍କୁ
ଜ୍ଞାନ ପ୍ରଦୀପ ଦାୟିନୀ
ସାରଳା ନାମରେ ସଂଜ ସକାଳେ ମୁଁ
କରଇ ନିତି ଦୟିନୀ
ଚଣ୍ଡିଙ୍କ ଆଶିଷ ମଗା,
ଦୁଃଖ ଦୁଃର୍ଗତିରୁ ତାର ବୋଲି ତୁମେ
ନାମଟି ତୁମର ଦୁର୍ଗା ।।

ଜଗତ ମଙ୍ଗଳ କାରିଣୀ ମାଆ ଗୋ
ନାମତ ସର୍ବ ମଙ୍ଗଳା
ଆତୁରେ ଡାକିଲେ ଶୁଣିଥାଅ ମାଆ
ଘେନ ମୋ ଭକତି ମାଳା
ତୁମେ ଥିଲେ ନାହିଁ ଲଗା,
ଦୁଃଖ ଦୁଃର୍ଗତିରୁ ତାର ବୋଲି ତୁମେ
ନାମଟି ତୁମର ଦୁର୍ଗା ।।

ଭକତ ନିମନ୍ତେ ବ୍ରତୀ ଯେଣୁ ତୁମେ
ଭଗବତୀ ବୋଲି ଖ୍ୟାତ
ବିରାଜିତ ବୋଲି ଭକତ ଆରତେ
ବିରଜା ନାମଟି ମାତ
ଚର୍ଚ୍ଚିକାଇ କର ଆଜ୍ଞା,
ଦୁଃଖ ଦୁର୍ଗତିରୁ ତାର ବୋଲି ତୁମେ
ନାମଟି ତୁମର ଦୁର୍ଗା ।।

ବର ଦାୟିନୀ ମା' ବରୁଣାଇ ତୁମେ
ଗିରି ଶିଖେ ଅଛ ବସି
ଖୋରଧାର ବୀର ପାଇକ ଯୁଦ୍ଧରେ
ଅସି ଧରିଥିଲ କଷି
ଚରଣେ ବହେଯା ଗଙ୍ଗା,
ଦୁଃଖ ଦୁର୍ଗତିରୁ ତାର ବୋଲି ତୁମେ
ନାମଟି ତୁମର ଦୁର୍ଗା ।।

ଆତୁରେ ଡାକିଲେ ତ୍ୱରିତେ ତାରହେ
ତେଣୁ ମା' ତାରିଣୀ ହେଲ
ଯଶବାନା ଉଡ଼ାଇଛ ଏ ଜଗତେ
ମୋତେ ଯା'ଅନାଥ କଲ
ଚୈତନ୍ୟଟା ହତଭାଗା,
ଦୁଃଖ ଦୁର୍ଗତିରୁ ତାର ବୋଲି ତୁମେ
ନାମଟି ତୁମର ଦୁର୍ଗା ।।

*ଅଧକ୍ଷ,*
*ଓଡ଼ିଶା ଅକ୍ଷୟ ମହାନ୍ତି ଫାଉଣ୍ଡେସନ୍ ଟ୍ରଷ୍ଟ,*
*ଖୋର୍ଦ୍ଧା-୭୫୨୦୫୫*
*ଦୂରଭାଷ: ୯୪୩୭୩୬୩୭୪୧*

# ସାଗର, ସମୟ ଓ ବେଳାଭୂମି

**କୁଳଦୀପ ଦାସ**

ବୟସର ଅପରାହ୍ନରେ ନିତି
ମୃତ୍ୟୁର ପଦଧ୍ୱନି ଶୁଭେ କାନେ କାନେ
ସମୟର ବେଳାଭୂମିରେ ମୋର
ଉତ୍ତାଳ ଢେଉର ପ୍ରହାର
କୂଳଭଙ୍ଗା ସାଗର ଢେଉ ଲୁଣ୍ଠନ କରିଛି ଜୀବନ ପ୍ରାଣ
ତା' ଲେଉଟାଣି ସ୍ରୋତରେ ଆହତ ଅସହାୟ
ଉଦାସ ଛାତି ତଳେ କୋହର ପ୍ରତିଧ୍ୱନି
ଆଖିର ଆଦ୍ର ପଲକରେ
ଭିଜା ଭିଜା ଦୁଃଖର କାହାଣୀ।

ମୁଁ ସ୍ୱାଭିମାନରେ ଜଳେ, ଏକାନ୍ତରେ ଝରାଏ ଲୁହ
ପ୍ରେମ ଯେ ଏକ ପ୍ରତାରଣାର କାହାଣୀ
ଅତୁଟବନ୍ଧନକୁ ତୁଟାଇ ଯେ ପାଶୋରିଯାଏ
ସେତ ଖୁସିରେ ଦିନ କାଟେ,
ମୁଁ ତ ଜଳି ଜଳି ମରେ
ପରିଚିତ ଅପରିଚିତ ପାଲଟିଯାଏ
ଗୋଟିଏ ରାତ୍ରିର ଅନ୍ଧକାରରେ
ଦିନଯାଏ, ରାତିପାହେ, ମାସ ବର୍ଷ ବିତିଯାଏ
ସମୟର ବେଳାଭୂମିରେ ଭିଜି ଭିଜି
ତା' ସ୍ମୃତିକୁ ସୁମରି ବଂଚିଥାଏ।

ଆଷାଢ଼ର ଆଲିଙ୍ଗନ, ଅସୁମାରୀ ଅନୁରାଗ
ବୈଶାଖରେ ପାଲଟିଯାଏ ଦାରୁଣ
ମୁଁ ଅନାଇବସିଛି ପୁଣି ବସନ୍ତ କି ଫେରିବ ସତେ
ମୋ ଜୀବନରେ
ସମୟ ଅଟ୍ଟହାସ୍ୟ କରି କହେ
ମୁଁ ନଦୀ ଭଳି ବୋହିଯାଏ, ପଛକୁ ଫେରେନା
ଗୋଟିଏ କାହାଣୀର ଅନ୍ତ ଘଟିଲେ
ଅନ୍ୟ ଏକ କବିତା ଜନ୍ମନିଏ।

*ନନ୍ଦିସାହି, ରଂଗଭବନ, ଚୌଧୁରୀ ବଜାର,*
*କଟକ-୭୫୩୦୦୧*
*ଦୂରଭାଷ: ୯୮୬୧୨୯୫୩୦୮*



# ଭ୍ରାନ୍ତି, କ୍ରାନ୍ତି ଓ ଜୀବନ

**ତାରକ ମହାନ୍ତି**

ଉତ୍ତପ୍ତ ମନ ନେଇ ନଈକୂଳରେ
ପାଣି କହିଲା ନା
ଆସନା ଏ ପାଣି ଭିତରକୁ, ବିପଦ
ବିପଦ କେଉଁଠି ନାହିଁ କିଏ କହିବ!
ସଂକ୍ରାନ୍ତି ଥାଉ କି ନଥାଉ
ଆମିଷ ବାରଣ ପଛରେ
ନଥାଏ କି ଅର୍ଥାଭାବ,
କେହି କଣ ଏହାକୁ ବୁଝିବ!

ସାମର୍ଥ୍ୟ କହିଲେ
ମୃତ୍ୟୁ ପର୍ଯ୍ୟନ୍ତ ଜୀବନର ଲଢ଼େଇ
କ୍ଷତ ଥାଉ କି ନଥାଉ
ବୁଝିବା ଆଗରୁ ଉଡ଼ିଯାଏ ଚଢ଼େଇ
ଏସନ ଧାନ ନାହିଁ, ପେଟ କାଟିବ!

ଲୁହ ଓ ରକ୍ତ ଲୁଣିଆ
ପାପ କରିବାକୁ ଇଚ୍ଛା ଢେର
ପାପ କାଳେ ଦିନିକିଆ କୁଣିଆ
ହେଉ ଶରୀର ଅଛି ତ ବନ୍ଧୁ
ସେ ନଦୀ ହେଉ କି ସିନ୍ଧୁ
ବାତ୍ୟା ଖବର ଶୁଣି ଲାଗୁନି ଡର।
ବ୍ୟାପକ ଅର୍ଥ ଶ୍ରାଦ୍ଧ ଫଳ ଶୂନ
ଜୀବନ ଏମିତି ଗଣିତ ଯେ
ଯାହା ପାଇଁ ଯାହା ବି କର
ଶେଷ ଦୃଶ୍ୟରେ ଶୂନ ହିଁ ଶୂନ।

ଈଶ୍ୱର କୁହ କି ବନମାଳି
କେହି କାହାର ବନ୍ଧୁ ନୁହନ୍ତି
ଯାହା ଜାଗାରେ ଯିଏ
ମୁହୂର୍ତ୍ତ ମୁହୂର୍ତ୍ତ ସଂଘର୍ଷ ଚାଲେ
କିଏ ଜିତିଛି ଏଯାଏ ଜୀବନକୁ
ତାଙ୍କର ଠିକଣା କଣ?

ବାଲୁତ ସାଧୁ କହୁଛି ଦର୍ଶନ
ଯାହା ପୋକଡ଼ା ଚାଉଳ ଭିତର
ସର୍ବଶେଷ ସିଦ୍ଧାନ୍ତ ନୁହେଁ
ଆହୁରି ସୁଖ ଆହୁରି ସୁଖର
ଗୋଟେ ଲୋଭନୀୟ ଆକର୍ଷଣ
ଆଜିର ମେଘ କାଲିକୁ ନାହିଁ
ବିଜୁଳି ପରି ଜୀବନ
କେବେ ଅସହ୍ୟ, କେବେ ଚକମକ।

ଅଲୋଡ଼ା ଭାବରୁ କେତେ ସାଉଁଟିବ
କେତେ ଜଣେଇବ କ୍ଷୁଧା କଣ
ବୁଝିବା ଲୋକଙ୍କ ଅଭାବ
ତାରି ଭିତରେ ଖୋଜିବ ବନ୍ଧୁ
ଖୋଜିବ ପରିବାର ବା ସହୋଦର
ନା, ଅତି ଲେମ୍ବୁ ଚିପୁଡ଼ିବା
ପିତା ପରି ଅନୁଭବର ଜ୍ଞାନ।

ଗାଁ କ୍ଷେତରେ ସୁନାରଙ୍ଗୀ ସ୍ୱପ୍ନ
ଲୋଟି ପଡ଼ିଛି ବଡ଼ ଯତ୍ନରେ
ପୋଖରୀ ସାରା ଦଣ୍ଡିକିରିଙ୍କ କୁହାଟ
ଆସ ଆସ, ନେଇଯାଅ ସୁଖ
କିଏ ମଲେ କିଏ ବଞ୍ଚେ
ବଡ଼ ବିଚିତ୍ର ତୁମର ବୟାନ
ସାପ ମୁହଁରୁ ବେଙ୍ଗ ଖସାଇବା ଯାହା
ଜୀବନକୁ ଜୀବନରୁ ବଞ୍ଚାଇବା ତାହା
ଆହା ଅନିରୁଦ୍ଧ, ମୋତେ କୁହ
ତ୍ୟାଗରେ ନା ଭୋଗରେ
କିଏ କେଉଁଠାରେ କିପରି ଅଛି
କାହା ଓଠରେ ହସ ଏଠି ଚିରନ୍ତନ!

*ସେକ୍ଟର-୨/୨୮୯, ନିଳାଦ୍ରି ବିହାର,*
*ଭୁବନେଶ୍ୱର-୨୧*
*ଦୂରଭାଷ: ୯୪୩୭୧୩୩୭୭୭*

# ଆଲୋକ

**ନିରଂଜନ ସାହୁ**

ପ୍ରତି ମଣିଷ, ପରିବାର
ସମାଜ, ଦେଶ, ଅଂଚଳ
ଘନ ଅଂଧାର
ରାତିର କୁହେଳିକାରୁ
ମୁକ୍ତି ଚାହେଁ
ମଶାଲ ଆଲୁଅରେ
ଅପସରି ଯାଏ
ଘନ କୁହୁଡ଼ି-
ଅଶିକ୍ଷା, ଅଜ୍ଞତା।

ସେ ଆଲୋକ
ମଣିଷକୁ ପଢ଼ା, ଲେଖା ଶିଖାଏ
ହକ୍ ମାଗିବାକୁ
ଅଧିକାର ଦିଏ

ବୁଝାଇ ଦିଏ ଚିହ୍ନାଇ ଦିଏ
ହିସାବ ଓ ତିଆରି କରିବାର
କଳା, କୌଶଳ ଶିଖାଏ
ସାମର୍ଥ୍ୟକୁ ବଢ଼ାଇ
ପ୍ରଗତି ଓ ଉନ୍ନତିର
ଦୁଆର ଖୋଲି
ଲକ୍ଷ୍ୟ ହାସଲ କରାଏ
ପ୍ରତିଯୋଗିତା ପାଇଁ
ସୁଯୋଗ ଦିଏ।
ଭଲ ମଣିଷ ପଣିଆର
ଦୃଷ୍ଟାନ୍ତ ଦେଖାଇ
ସୁସ୍ଥତା, ସ୍ୱାଚ୍ଛନ୍ଦ୍ୟର
ଚିର ସତ୍ୟର
ରାସ୍ତାରେ ପହଂଚାଇଦିଏ।
ମଣିଷ
ଉପକାରୀ ହୋଇଯାଏ
ସମାଜ ପାଇଁ।

*କେ-୭-୬୪୧, କଳିଙ୍ଗ ନଗର,*
*ପୋ.: ଘାଟିକିଆ, ଭୁବନେଶ୍ୱର-୨୯*
*ଦୂରଭାଷ: ୮୮୯୫୧୭୬୮୬୪*

# ମେହେନ୍ତର ମୁହଁ

**ଭରତ ବେହେରା**

ବଡ଼ ବିଚିତ୍ର ତ ଚଳାପଥର ଭୂଇଁ
କେବେ ଥାଅ ଗହୀର ବିଲରେ ତ
ଆଉ କେବେ କାରଖାନା ହତାରେ।
ବିଲକୁଲ ଅଶିଣ ଧାନବିଲର ଶାଗୁଆ ଲହର
କି କାର୍ତ୍ତିକର ଧାନଫୁଲ ମହୁଆ ମହକ
ଆନମନା କରିପାରେ ନାହିଁ
ସେମାନଙ୍କ ଅବଚେତନକୁ
ସକାଳ ପାହିଲେ
ବର୍ଷା ଋତୁ ସାରା
ଋଷୀସବୁ କାଟୁଥାନ୍ତି, ବାନ୍ଧୁଥାନ୍ତି
ବିଡ଼ା ବିଡ଼ା ଘାସ
ଫାଶୀ ହିଡ଼, ଦଣ୍ଡା ହିଡ଼, ବାଡ଼ ମୂଳ ପହି,
କାମବେଳ ସାରା, ବେଉଷଣ କରୁଥାନ୍ତି
ସାରି ସାରି ଶସ୍ୟ।
ନିଃଶ୍ଚୟ ତମେ, ମାଟି ଫଟେଇ ବାହାରି ଆସିଚ
ଅଖିଳର ଋଷୀ ଓ ଋଷୁଣୀ
ତମେ କ'ଣ ସଂକଳ୍ପ କରିଚ
ଯୋଗାଇଦେବାକୁ ବିଶ୍ୱସାରା
ଖାଦ୍ୟ ଓ ଆହାର,
ଅଥଚ ଠିକ୍‌ଠାକ୍ ମିଳେନାହିଁ
ପରିଶ୍ରମ ଫଳ।
ତମ ଦୁର୍ଦ୍ଦିନରେ ଚୁପଚାପ ରହିଥାନ୍ତି
ସଂସାରର ମୁହଁ
ହୃଦୟବି ରହିଥାଏ ଦୂରତଟ
ଗଛ କୋରଡ଼ରେ,
ଏମିତିକି ନୀରବି ଯାଇଥାନ୍ତି ଈଶ୍ୱର ଈଶ୍ୱରୀ
ପହଡ଼ ପଡ଼ିଥାଏ ଯୁଗ ଯୁଗ ଧରି
ଦିଅଁଦେବୀ ଦ୍ୱାରା
ସାରାଜୀବନ ସନ୍ତୁଳି ହେଇଚ
ଲୁହ ଲହୁରେ ଗାଧୋଇ ଯାଇଚି
ତମ ଆୟୁଷ୍କାଳ।
ଅପେକ୍ଷାରେ ଥାଅ,
ଧାରେ ଆଲୁଅ, କେରାଏ ଆଶା
କାହାର ନା କାହାର ଦର୍ଦ୍ଦ ହୃଦୟ
କୋଳେଇ ନେଇପାରେ
ସବୁ ସବୁ ଋଷୀ ଋଷୁଣୀ ଓ
କଷ୍ଟୀ ମଣିଷକୁ।

*ଏମ୍.ଆଇ.ଜି.- ୨୨, ଗୋପବନ୍ଧୁ ସମବାୟ*
*ନଗର, ଜଗତପୁର, କଟକ-୭୫୪୦୨୧*
*ଦୂରଭାଷ: ୯୪୩୭୫୭୦୧୨୦*

# ବୋଧେ ପାଗଳାମି

**ପ୍ରଶାଂତ ମହାଂତି**

ଜାଣିନି କାହାର ଇଂଗିତ ନା
ବିବେକର ନିଷ୍ଠୁର ନିର୍ଦ୍ଦେଶ
ଏବେ କିଂତୁ ମା' ମାରାତ୍ମକ ଭାବେ ବିବଶ।

ଭିତରେ ଏତିକି ଏତିକି ଅଂତରଂଗ ଭାବ ଯେ
ଶୁଣିଚି ପାହାଡ଼ ଭିତରେ ପାଣି
ମା' ଗର୍ଭରେ ଛୁଆର ବିଦ୍ରୋହୀ ଆବେଗ
କଳରବରେ ଆଚ୍ଛାଦିତ ସାରାଟା ଜଗତ।

କହିପାର ଏ ମୋର ପାଗଳାମି ବା' ପ୍ରବଣତା
ହେଲେ ଜମାରୁ ଫେରିପାରୁନି
ସେଇ ଅବ୍ୟକ୍ତ ଭୂମିରୁ ଯେଉଁଠି
ପକ୍ଷୀମାନେ ଲାଗଂତି ମଣିଷ
ଗଛ ସବୁ ଦାତାପଣରେ ବୈଷ୍ଣବୀୟ ଭାବ
ଏମିତି ଯେ ସୀମାଂତରେ ସୈନିକ
ବାରୁଦ ଗଦାରେ ପୋତି ଦିଅଂତି
ହୃଦୟ
ଫୁଲଗଛ
ଇଂଦ୍ରଧନୁର ଲାସ୍ୟ
ଶିଶୁର କୁଆଁ କୁଆଁ ରଡ଼ି ସହ
ନିର୍ଭେଜାଲ ହସ।

ଭାବିଥିଲି ଏଇଠି ଅଟକି ଯିବ ପାଦର ଆବେଗ
ସ୍ୱପ୍ନ ଶେଷର ଶୂନ୍ୟ ଇଲାକାରେ
ଆଉ ନଥିବ ଆଶା କି ନିରାଶାର ଦିଗ
ଜମାରୁ ସଂଭବ ହେଲାନି
ଯୁଆଡ଼େ ରହିଁଲେ ଭିତରେ ଅବୁଝା ଆଂତକ।

କୋମଳ ବିସ୍ଫୋରଣ,
ହେଲେ କୁହତ, କାହିଁକି ଭାବିବିନି ଏଇ
ରକ୍ତ ଛିଟ୍‌କା ଭିତରେ ଲୁଚିନଥିବ ଦିନର ମାଧୁର୍ଯ୍ୟ।

ଇପସିତ ଜାଗାରେ ପହଂଚିପାରିବି କି ନା ଜାଣିନି
ହେଲେ ପାହାଡ଼କୁ କହିଚି
ଶୁଣେଇବାକୁ ସ୍ୱାଭିମାନର ସ୍ୱର
ସମୁଦ୍ରକୁ ମାଗିଚି ତା' ନୀରବତାର ସଂଭାର
ଝରଣାକୁ ଗୀତିମୟତା
ମାଟି ଚଟାଣରେ ଯେମିତି ଶୁଭୁଥିବ
ତାରାମାନଂକ ଫିସ୍ ଫିସ୍ କଥାରେ କବିତ୍ୱ।

ଭାବିପାରୁନି କ୍ଳାଂତି ନା ନିଦ
ଏବେ ଯାହା କିଛି ତୁମର ଦାୟିତ୍ୱ।

*ବହିଘର, ଦିଗଂତ ମାର୍ଗ, ଭଂଜନଗର, ଗଂଜାମ*
*ଦୂରଭାଷ: ୯୪୩୮୦୦୬୮୮୬*

# ଏରୁଣ୍ଡି

**ନୀଳକଣ୍ଠ ସାହୁ**

ଏଠି ମାଟି ବଦଳେ
ଆକାଶ ବଦଳେ
ଜୀବନ ବଦଳେ
ଯନ୍ତ୍ରଣା ବି ବଦଳେ
ହେଲେ, ମୁଁ କେବେ ବଦଳେନି
କି ମୋର ପରିଭାଷା।

ସଂଭ୍ରମତାର ଶାଣିତ ସ୍ୱରୂପଟିଏ ମୁଁ
ପଡ଼ିରହିଛି ତୁଠପଥର ଭଳି
କାହିଁ କୋଉ କାଳୁ।

ମୁଁ କାହା ପାଇଁ
ସମ୍ମୋହନର କାରଣ ସାଜେ ତ
କାହା ପାଇଁ ସନ୍ତାପର ହେତୁ
ପୁଣି ମୋତେ ନେଇ
ବସୁଥିବା ସବୁ ନିଶାପରେ
କୈଫିୟତ୍ ମାଗୁଥିବା ଈଶ୍ୱର ବି ମୁଁ।

ମୁଁ ସାକ୍ଷୀ ଅନେକ କଥାର।
ଦର ଆଉଜା କବାଟ ଫାଙ୍କରୁ
କିଏ ତୋଳେ ପାପ ପ୍ରଣୟର ଇନ୍ଦ୍ରଧନୁ
ପଦିଏ କଥାରେ
କିଏ ସାଜେ ଆଜୀବନ ଚନ୍ଦ୍ରସେଣା
ପୁଣି ମାୟା ମୃଗ ପାଇଁ କିଏ ଉଚ୍ଚାଟିତ
ଏମିତି ଅନେକ କଥା।

ମୁଁ ହିଁ ଭୟ, ମୁଁ ଭୋକ
ଏନ୍ତୁଡ଼ିରୁ ଇତି ଯାଏଁ
ବିଶ୍ୱାସର ଗାଢ଼ ରେଖାଟିଏ ମୁଁ
ସବୁଠି ବାଞ୍ଛିତ ॥

*ବଦ୍ରିରାଜ ନଗର, ପ୍ରଥମ ଗଳି,*
*ବ୍ରହ୍ମପୁର-୩, ଗଞ୍ଜାମ*
*ଦୂରଭାଷ: ୯୮୬୧୮୯୬୩୧୪*

# ଚନ୍ଦ୍ରଲେଖା ଗାଁରେ ଫଗୁଣ ଆସିଲେ

**ରୀନାରାଣୀ ମହାନ୍ତି**

ଫୁଲ ସବାରୀରେ ଫଗୁଣ ଆସିଲେ
ସାଥୀ ମୋର ଚିତ୍ରଲେଖା
ସଂନ୍ଧ୍ୟା ସମ୍ଭାରରେ ମଲ୍ଲି ମହକରେ
ଚିତ୍ରଲେଖା ହୁଏ ଦେଖା।

ଶିରି ଶିରି ମନ୍ଦ ମଳୟ ବହିଲେ
ମମତାର ମଧୁଝରେ
ସବୁଜ ଶାଖାରେ କୁଆଁରୀ ବଉଳ
ସୁଗନ୍ଧେ କସ୍ତୁରୀ ଭରେ।

ମଳୟ ପବନ ଚହଲାଏ ମନ
ମଲ୍ଲିଫୁଲ ଅଗଣାରେ
ଆମ୍ବ ଗଛରେ କୋଇଲି ଗାଇଲେ
ସତେ ଚିତ୍ରଲେଖା ସୁରେ।

ଚିତ୍ରଲେଖା ଦେହେ ରଙ୍ଗ ମାଖିଦେଇ
ହସୁଛି ଭିଜା ଫଗୁଣ
ହେନା ଚିନି ଚମ୍ପା ବାସ ଚହଟିଲେ
ଆଖିରେ ଆଣେ ସପନ।

ତୋଫା ଜହ୍ନ ଋହିଁ ଲାଜୁକି ଆଖିରେ
ଜୋଛନା ଦିଏ ଭିଜେଇ
ତନୁ ତନିମାରେ ପ୍ରୀତିର ସୁରଭି
ଶିହରଣ ବୁଣି ଦେଇ।

ରୂପସୀ ପ୍ରିୟା ସେ ରୂପରାଣୀ ସାଜେ
ଫୁଲରେ ହୁଏ ସଜେଇ
କୁହୁକ ନଗରୀରେ ପାରିଜାତ ଫୁଟାଏ
ସୁମଧୁର ଗୀତ ଗାଇ।

ବାସ୍ନା ହେନାର ଋେରା ମହକରେ
ଉଉଳା ରଜନୀ ଗନ୍ଧା
ଚିତ୍ରଲେଖା ସାଜେ ହସିଲା କାମିନୀ
ମୋ ପାଖେ ପଡ଼ିଲା ବନ୍ଧା।

ଅଳସୀ ଆଖିରେ ସବୁଜ ସପନ
ମଧୁବୋଳା ମଧୁ ଜ୍ୟୋତି
ଚିତ୍ରଲେଖା ହସେ ମାନିନୀ ମନରେ
ବିତାଏ ଫୁଗଣ ରାତି।

*ଭିଜିଲାନ୍ସ କଲୋନୀ, କଲ୍ୟାଣୀ ନଗର, କଟକ*
*ଦୂରଭାଷ: ୮୭୬୩୭୪୪୨୬୪*

# ଆସ ଦଶଭୁଜା

**କୃଷ୍ଣଚନ୍ଦ୍ର ମହାନ୍ତି**

ଆସ ଦଶଭୂଜା ସିଂହ ବାହନରେ
କରୁତବ ଆବାହନ,
ଅନ୍ଧକାର ନାଶି ଆଲୋକ ପ୍ରକାଶି
ଜଗତ କର ଗୋ' ଧନ୍ୟ।

ନାମ ରୂପ ତୋର ଭିନ୍ନ ହେଉ ପଛେ
ତୁ ପରା ମାଆ ସବୁରି
ଆଖି ଲୁହେ ଧୋଇ ଭକତି କୁସୁମେ
ପୁଜିବୁ ପାଦ ତୋହରି।

ତୁହି ମା' ଭବାନୀ ସାରଳା ବିମଳା
ବିରଜା ତାରା ତାରିଣୀ
ତୁହି ଦୁର୍ଗା କାଳୀ ଲକ୍ଷ୍ମୀ ସରସ୍ୱତୀ
ସନ୍ତାନ ଦୁଃଖ ହାରିଣୀ।

ପୂଜା ଆରାଧନା ମନ୍ତ୍ର ଜପ ତପ
ଜଣାନାହିଁ ସେବା ବ୍ରତ
ତୋର ଗୁଣ ଗୁଣି ଯୋଡ଼ି ବେନି ପାଣି
ପାଦେ କରେ ପ୍ରଣିପାତ
ଜ୍ଞାନ ବୁଦ୍ଧି ଭକ୍ତି ଶକତି ରୂପିଣୀ
ସ୍ନେହ ମମତା ମୂରତି
ଏତିକି କାମନା ତୋର ଶ୍ରୀଚରଣେ
ରହିଥାଉ ମୋର ମତି।

*'ସବିତା ନିବାସ', ମୁକୁନ୍ଦପୁର, ଲେନ୍ ନଂ-୨.*
*ମାଇନିଂ ରୋଡ୍, କେନ୍ଦୁଝରଗଡ଼-୭୫୮୦୦୧*
*ଦୂରଭାଷ: ୭୩୭୭୦୭୭୭୧୭*

# ଅନ୍ୱେଷା

**ଡ. କଳ୍ପନା ମହାନ୍ତି**

କୁହୁଡ଼ିର ଧୂଆଁଳିଆ ଅସ୍ୱଷ୍ଟତାରେ
ନିଜ ରାସ୍ତା ଖୋଜି ଖୋଜି
କାମନାର ବିଚ୍ଛୁରିତ ନୀଳ ମଦ ପିଇ
ସ୍ୱପ୍ନ ଭରି ଆକୁଳ ଅନ୍ତରେ
ଟଳମଳ ସ୍ନେହର ବିନ୍ଦୁଟିଏ ଢାଳି
ଋହୁଁଥାଏ ମୁକୁଳିତ ପ୍ରାଣର ପରଶ
ରୂପା ଝଲମଲ ସୂକ୍ଷ୍ମ କେଶରକୁ
ଖିନ୍ ଭିନ୍ କରି ନିଗୂଢ଼ ଲୋଭରେ।

କିଏ ଜାଣିଥିଲା,
ହଠାତ୍ ଆସିବ ଝଡ଼
ବିସ୍ଫୋରଣ ସୃଷ୍ଟି ହେବ ଅନନ୍ତ ସମୁଦ୍ରେ
ରକ୍ତ ମୁହାଁ ରାକ୍ଷସର ଆଲିଙ୍ଗନ ଦେହସାରା
ପାଗଳ ରାଜାଟି ଯେହ୍ନେ ଦୈହିକ କ୍ଷୁଧାରେ
ପରାକ୍ରମେ ହୁଏ ଅତ୍ୟାଋରୀ।

ବିମର୍ଷତା, ବ୍ୟସ୍ତତା
ତଜ୍ଜନିତ କ୍ଳାନ୍ତି ଓ ଶୂନ୍ୟତା
ନିଜକୁ ଦଂଶନ କରେ
ଋରିପଟେ ଉର୍ଣ୍ଣନାଭ ଜାଲର ପଟାଳି
ଜଳ ଖାଲି ଜଳର ପ୍ଲାବନ
ଆତଂକିତ ମନ ପ୍ରାଣ
ବାନ୍ଧି ହୋଇ ଝୁରେ

ବିପଦର ତାଲିକା ଫର୍ଦ୍ଦରେ।

କଥା ପଦେ ଶୁଣିବାକୁ
ପ୍ରତିଧ୍ୱନି ଭଳି ଯିଏ ଅପେକ୍ଷାରେ ଥିଲା
ମୋ ଆଖିର ଆଲୋକରେ
ପିଚ୍ଛିଳ ତାମସେ ଯିଏ ବାଟ ଚାଲୁଥିଲା
ସ୍ଥିତି ତା'ର ନ ଅନ୍ୱେଷି ପାରିବିକି ରହି
ଫେନାୟିତ ଏ ଅସୀମ କ୍ଷୁବ୍ଧ ପାରାବାରେ।
ରୁଦ୍ଧ ଆବେଗରେ ବତୁରି ବତୁରି
ଖୋଜି ଚାଲେ ଫେରିବାର ପଥ
ସ୍ତବ୍ଧ କରିଦିଏ କାନ
ସମୁଦ୍ର ତରଙ୍ଗ
କାଳର ଗର୍ଜ୍ଜନ ଭଳି ତାର ସେହି
ଜର୍ଜ୍ଜରିତ ଶବ୍ଦେ।

ଏଣୁ
'ସାକ୍ଷୀଗୋପାଳ
ନିଜ ସଂସାର ନିଜେ ସମ୍ଭାଳ'

- ତିନି -
ରାତି ଗୋଟାଏ ହେବ
ଚାଉଁ କିନା ନିଦ ଭାଙ୍ଗିଲା
ସର୍ବତ୍ର
ଶୁନ୍‌ଶାନ୍
ଜହ୍ନ ଚତୁର୍ଦ୍ଦଶୀ
ତାରାମୟ ଆକାଶ
ଝାଳେଇ ଯାଉଛି ଦେହ
ଦୂରରୁ ଶୁଭୁଛି-
ଗହନ ବନରେ କାହିଁ ଭଟକୁଚୁ
ରାସ୍ତା ଦେଖ
ମୁକୁଳି ଆସ୍
ଶୁଭ୍ର ଆଲୁଅରେ
ଉଜ୍ଜଳି ଉଠିବ ପଥ
ଉଚ୍ଛ୍ୱସିତ ହସର ଜହ୍ନରେ।

*ଦାନୀପାଲି, ବୁଢ଼ାରଜା, ସମ୍ବଲପୁର-୪*
*ଦୂରଭାଷ: ୯୪୩୯୮୯୨୨୬୨*

ସେ ସବୁ ହିସାବ ନିକାଶ
ଲୋଡ଼ା ନାହିଁ
ସବୁ ମୋର ମୋର ବୋଲି
ଆବୋରି ବସୁଥିବା ମଣିଷ
ସ୍ୱାର୍ଥପରତାର ଖୋଳପାରେ
ନିଜକୁ ଜାବୁଡ଼ି ଧରିଥିବା ମଣିଷ
ଥରେ ଜଳିଗଲା ପରେ
ଶରୀରରୁ ଆତ୍ମା ଛାଡ଼ି
ଚାଲିଗଲା ପରେ, ବାସ୍ ମୁଠାଏ ପାଉଁଶ।

*ଗୋପାଳପୁର, କେନ୍ଦୁଝର*
*ଦୂରଭାଷ: ୬୩୭୦୫୬୦୫୫୪*

*ଆଖୁପାଳ, ହରିଚନ୍ଦନପୁର,*
*କେନ୍ଦୁଝର-୭୫୮୦୨୮*

# ତିନିଟି କବିତା

**ଗଣେଷରାମ ନାହାକ**

- ଏକ -
ଝରଣାଟି ଯାଏ ବହି
ଦିଗନ୍ତ ଆଡ଼େ
ସୀମାହୀନ....
ବିସ୍ତୃତ ଗତି
ଆଉ ପରିକୀର୍ତ୍ତନ ତାଳେ ତାଳେ
ଧ୍ୱନିତହୁଏ
ସତ୍ୟ, ପ୍ରେମ ଆଉ ମଙ୍ଗଳର ବାର୍ତ୍ତାବହି
ଧରା ଦେଶେ।

- ଦୁଇ -
ସୀମାହୀନ ଆକାଶ
ଅସୀମ
ଅସରନ୍ତି ପଥ
ଲକ୍ଷ୍ୟ ଏକ
ବାଧାବନ୍ଧନରୁ ଅବ୍ୟାହତ
ଅବ୍ୟକ୍ତ
ଅଭିଯୋଗର ଲମ୍ବା ତାଳିକା।

ସବୁ ଅମୁଦା
ଆଉ ବିଚାର ସାପେକ୍ଷ।
ବୃଥା ଅଶ୍ରୁପାତ
ଉପହସିତ ହେବା ସାର

# ଜୀବନ

**ସନ୍ତୋଷିନୀ ଦାଶ (ଗିରି)**

ଗଣ୍ଡେ ଖାଇ ଦଣ୍ଡେ ଜୀଇଁଯିବା
ନିଜସ୍ୱ ସତ୍ତାଟିକୁ ଭୁଲିଯାଇ
ସମସ୍ତଙ୍କୁ ନେଇ ପ୍ରତିଟି ପାହାଚ
ଡେଇଁଯିବା...
ଜୀବନ ଥିଲେ ତ ଯନ୍ତ୍ରଣା ଅଛି
କଣ୍ଟା ବିନା ଫୁଲ କଣ କେବେ
ସୁନ୍ଦର ଦିଶିଛି
ଜୀବନ ମାନେ ହିଁ ତ ଝଡ଼ଝଞ୍ଜା
ବାଇଚଢ଼େଇର ବସାପରି
ଦୋହଲୁଥାଏ ଜୀବନର ଦୋଳି
ଜୀବନ ପରୀକ୍ଷା ନେଉଥାଏ
ଥରକୁ ଥର
ପ୍ରଶ୍ନ କେତେବେଳେ ସରଳ
ତ ପୁଣି କେବେ ବେଶ ଜଟିଳ
ଜୀବନକୁ କିଏ କେଉଁ ଢଙ୍ଗରେ
ଜୀଇଁ ପାରିଲା
କେତେ ଜିତିଲା କେତେ ହାରିଲା

# କିଛି ଘଟୁଛି...

**ଅକ୍ଷୟ ପାତ୍ର**

କିଛି ଘଟୁଛି।

ଘଟୁଥିବା କିଛିରେ
ଘମାଘୋଟ ଅନିଶ୍ଚିତତାର
ଘନଘଟା ଦେଖି
ଶଙ୍କି ଶଙ୍କି
ଆଗକୁ ମୁଁ ପାଦ କାଢୁଛି।

କିଛି ଘଟୁଛି।
ଘଟି ଚାଲିଛି।

ସାମ୍ନାସ୍ଥ ରାସ୍ତାର ଅଜଗରୀଭୋକ
ମୋ ସ୍ୱପ୍ନ ଓ ବିଶ୍ୱାସର ସ୍ପନ୍ଦିତ ମୁହୂର୍ତ୍ତଯାକ
ଗ୍ରାସି ଚାଲିଛି।

କଡ଼ ଲେଉଟଉଛି
ଅଜଗର -
ସମୟ ରୂପୀ ଛଦ୍ମମୀର
ଯାତ୍ରାନାମକ ଅବଶ୍ୟମ୍ଭାବୀ ଆହ୍ୱାନର
ଏଡି ହେଉନଥିବା ଜିଗରକୁ ମାନି
ଶଙ୍କିତ ପାଦ ଆଗକୁ କାଢ଼ିଲେ ହିଁ
ସମ୍ଭାବ୍ୟ ଅଘଟଣର ଫୁତ୍କାର
ଦିହମନେ ଭୀତି ସଞ୍ଚାରୁଛି !

ହିଁ, ହିଁ
କିଛି ଘଟୁଛି।
କିଛି ଘଟୁଛି ବୋଲିତ
ମୁଁ ଚଳତ୍‌କ୍ଷମ ଅଛି

କଡ଼ ଲେଉଟଉଥିବା ସମୟର ଅଜଗର
ରାସ୍ତା ପାତିଛି
ଟଳମଳ ଯାତ୍ରା ଚାଲିଛି !

*ଇଂରାଜୀ ବିଭାଗ ମୁଖ୍ୟ, ହିନ୍ଦୋଳ*
*ମହାବିଦ୍ୟାଳୟ, ଖଜୁରିଆକଟା,*
*ଢେଙ୍କାନାଳ-୨୦*
*ଦୂରଭାଷ: ୮୮୯୫୮୮୪୯୬୦*

# ଏ ଗପଟି ହୋଇପାରେ

**ଚକ୍ରଧର ପଣ୍ଡା**

ହଳଦୀ ବସନ୍ତର ଛୁଆଟିଏ
ଚୁପ୍ ଚାପ୍ ଶୋଇଥାଏ
ଗର୍ଭିଣୀ ମାଆର ଉଷୁମ ଛାତି ତଳେ,
ଡେଣା ଟିକେ ଟାଣ ହୋଇଗଲେ
ବସା ଛାଡ଼ି ଉଡ଼ିଆସେ ଗଛର ଡାଳକୁ
ମିଠା ମିଠା ଗୀତ ଗାଇବାକୁ
ଛମ୍ ଛମ୍ ନାଚରୁ ତା' ଝରିପଡ଼େ
ଚୁନା ଚୁନା ସୁନାର ବରଷା
ଗଛଲତା ଭିଜିଯାଏ
ଭିଜିଯାଏ ଖରା, ଛାଇ ମାଟି ଓ ପବନ
ସ୍ୱପ୍ନାତୁରମାନଙ୍କର ବିଭୋର ଜୀବନ
ଏ ଗପଟି ହୋଇପାରେ
ଅଧାଲେଖା କବିତାର
ସୁବର୍ଣ୍ଣ ଚୁମ୍ବନ ॥

ପଳାଶକନ୍ୟା ଓଠରେ
ଝଲମଲ ହସର ଉଲ୍ଲାସ
ଫଗୁଣର ଉଦ୍ବେଳରେ ଡହ ଡହ ନିଆଁ
କି ଲୋଭନୀୟ ସେ ଆକର୍ଷଣ ।
ଭାବାତୁର ମଣିଷଟେ
ଗୋଟାପଣେ ଭିଡ଼ିହୋଇଯାଏ
ସେ ନିଆଁର ଡହକ ଛାତିରେ,
ଅଥଚ ନଥାଏ କିଛି କ୍ଷତର ଯନ୍ତ୍ରଣା
ଚୁମ୍ବନ ଚୁମ୍ବନ ବରଂ ହସୁଥାଏ-
ସାରାଦେହ
ବାସୁଥାଏ ଚନ୍ଦନ ଚନ୍ଦନ,
ଏ ଗପଟି ହୋଇପାରେ
ଅଧାଲେଖା କବିତାର
ପ୍ରବାଳ ଚୁମ୍ବନ ॥

ଆଶା ତ ଅସରା
ଅଫିମ ରାତିରେ ବି ଫିଟିପଡ଼େ
ରଜନୀଗନ୍ଧାର ଜୁଡ଼ା ପାଖୁଡ଼ା ପାଖୁଡ଼ା
ଅନ୍ଧାରର ପାଚେରୀକୁ ଡେଇଁ
କେତେ କେତେ ରୂପାର ସ୍ତବକ
ଉଡ଼ି ଉଡ଼ି ଆସେ ଏବଂ
ବାସ୍ନାତୁରମାନଙ୍କର ହୃଦୟର ଅଗଣାରେ
କି ସୁନ୍ଦର ଖଞ୍ଜିହୋଇଯାଏ,
ନିଦ ଭାଙ୍ଗିଯାଏ ହଠାତ୍
ସ୍ମୃତିମାନଙ୍କର
ନୀଳ ନୀଳ ଶିହରଣ ଖେଳିଯାଏ
ସମୟର ପଦ୍ମକୋରକରେ
ହସ ବାସେ, ଲୁହ ବାସେ,
ବାସିଉଠେ ମାନ ଅଭିମାନ
ଏ ଗପଟି ହୋଇପାରେ
ଅଧାଲେଖା କବିତାର
ବୈଦୁର୍ଯ୍ୟ ଚୁମ୍ବନ ॥

*ବରଡ଼େଶ୍ୱର, ବାରିକପୁର, ଭଦ୍ରକ*
*ଦୂରଭାଷ: ୯୩୩୭୯୯୫୦୦୮*

# ଶୀତ ସକାଳ

**କିଶୋର ମିଶ୍ର**

ଜେଜେ ମା'ର ପୁରୁଣା କାଠବାକ୍ସରୁ
ପତ୍ନୀ ଉଦ୍ଧାର କଲେ
ତୁମର ପଟେ ପାଉଁଜୀ,
କିଛି ନୀଳ ସ୍ୟାହିର ଚିଠି
ଓ କିଛି କବିତାର କିୟଦଂଶ
ଯାହା ଆଜିଯାଏ କୌଣସି ପତ୍ରିକାରେ
ପ୍ରକାଶିତ ହୋଇନାହିଁ ।

ଶୀତ ସକାଳ !
ଏହାକୁ ନେଇ ତୁମେ
କେଉଁ ରଂଗର ଗୋଲାପଟିଏ ଫୁଟାଇ ପାରିବ ?

*ଚନ୍ଦ୍ରଚୂଡ଼ ରୋଡ୍, ପୋ./ଜି.- ବୌଦ୍ଧ,*
*ପିନ୍-୭୬୨୦୧୪*
*ଦୂରଭାଷ: ୯୪୩୭୭୩୨୭୫୦୨*

# ଯୁଦ୍ଧ

**ଶରତ କୁମାର ଦାସ**

ଦିନେ ନା ଦିନେ
ଯୁଦ୍ଧ ହବ ହିଁ ହବ
ତମ ଆମ ଭିତରେ ହଉ
କି ମୋ ଭିତରେ ଏକାକୀ ହଉ

ତେବେ ଅନେକ ଦିନ ହେଲା
ଏମିତି ଏକ ଏକାକୀତ୍ୱର ଯୁଦ୍ଧ
ସଂଗଠିତ ହୋଇ ଚାଲିଛି
ମୋ ଅନ୍ତଃକରଣରେ
ପ୍ରତିଦିନ ଲକ୍ଷ ଲକ୍ଷ ଜୀବକୋଷ
ଓ ରକ୍ତକୋଷଙ୍କର ଦେହାନ୍ତ ଘଟୁଛି
ପ୍ରତି ମୁହୂର୍ତ୍ତରେ
ପ୍ରତିପକ୍ଷର କମାଣ ଶବ୍ଦରେ
ଥରି ଉଠୁଛି ହୃଦୟ ଅଳିନ୍ଦ
ଶିରା ପ୍ରଶିରାରେ ବୋହି ଚାଲିଛି
ପ୍ରଦୂଷିତ ରକ୍ତର ଧାର
ଦିନକୁ ଦିନ ଏ ଯୁଦ୍ଧର ହୃତକମ୍ପ
ଅସହ୍ୟ ବୋଧ ହଉଛି
ଓ ବଢ଼ି ବଢ଼ି ଚାଲିଛି
ମୋ ଭିତରେ ରାଜ କରିଥିବା
କଳା ସାମ୍ରାଜ୍ୟ ବିରୁଦ୍ଧରେ

ଏମାନଙ୍କ ରଣହୁଙ୍କାରରେ
ମୁଁ ବାରମ୍ବାର ଅତିଷ୍ଠ ହୋଇକି ବି
ମୁକ୍ତିର ପଥ ଖୋଜି ପାଉନି
ତେବେ ପ୍ରତିପକ୍ଷଙ୍କୁ
ସମୂଳେ ନିପାତ କରିବାକୁ ହେଲେ
ମତେ ଅହିଂସାର ଅସୀ ଚଳେଇ
ପ୍ରେମର ବୀଜମନ୍ତ୍ର ବୁଣିବାକୁ ହବ
ଏ ଯୁଦ୍ଧ ଭୟଙ୍କର ରୂପ ନବା ଆଗରୁ

*ପାଲୁର ବଙ୍ଗଳା, ଘର ନମ୍ବର-୨୬, ବ୍ରହ୍ମପୁର*
*ଦୂରଭାଷ: ୯୪୩୭୪୨୩୯୮୫*



# ଠିକଣା

**ସୁନନ୍ଦା ମିଶ୍ର**

ହେତୁ ହେବା ପର୍ଯ୍ୟନ୍ତ
ସବୁ ବୁଝୁ ଥିଲି
କେବଳ ଠିକଣା ଶବ୍ଦକୁ ଛାଡ଼ି।
କେବେ କେବେ ପୋଷ୍ଟ୍ ପିଅନ
ଖାକି ପୋଷାକ ପିନ୍ଧି
ସାଇକେଲ ଘଣ୍ଟି ବଜେଇ
ଚିଠି କି ମନି ଅର୍ଡ଼ର୍‌ଟେ
ଦେଇଯାଏ ବାପାଙ୍କ ନାଁରେ;
ଆମ ଘର ଦୁଆରେ।
ବାସ୍ ଠିକଣା ଶବ୍ଦଟି
ମୋ' ପାଇଁ ଏତିକିରେ ହିଁ
ସୀମିତ ଥିଲା।
ତା' ବ୍ୟତୀତ
ଆଉ କିଛି ଜଣା
ନ ଥିଲା ମତେ;
ଏ ବାବଦରେ।



ପିଲାବେଳେ
ଯାହା ପାଉଥିଲି; ଖାଉଥିଲି।
ଏମିତିକି ପେଟ ଗାବୁରା
ସାନ ଭାଇ ପାଇଁ
ମା' ଯଦି କୋଉଠି
ମିଠା, ଚକଲେଟ, ପିଠା
କି ଆଉ କିଛି ସୁଆଦିଆ
ଜିନିଷ ଲୁଚେଇ ରଖୁଥିଲା
ତା'କୁ ବି ଉଦରସ୍ଥ କରୁଥିଲି।
ବୈଶାଖର ଡହଡହ ଖରାରେ
ବୁଲୁଥିଲି ଧୁମ୍
ବର୍ଷାରେ ଭିଜି ଭିଜି
ଖେଳୁଥିଲି ଫୁଟବଲ୍ / କବାଡ଼ି
ପାହାନ୍ତି ଶିତୁଆ ସକାଳରେ
ଡିଆଁ ମାରୁଥିଲି ପୋଖରୀରେ
ବନିଶି ପକେଇ
ଧରୁଥିଲି ଶେଉଳ ଆଉ ଗଡ଼ିଶା।
ବଡ଼ହେଲି
ସେ ଦିନ ଗୁଡ଼ିକ
ରହିଲେ ସେଇଠି।
ତାଙ୍କୁ ସାଙ୍ଗରେ
ନ ଆଣି
ପାସୋରିଦେଇ
ସେଇଠି ଛାଡ଼ିଦେଲି।
ସହର ଆସିଲି,
ଚାକିରି କଲି
ଘର କଲି
ପୋଷାକ ପିନ୍ଧିଲି;
ନୂଆ ପରିଚୟର।
ସେଇ'ଠୁ ଆରମ୍ଭ
କଲି ନିଜ ଠିକଣାରେ
ମାର୍ବଲ ପାହାଚ।

ଆଉରି ଚକାଚକ୍
କରିବା ପାଇଁ
ତିଆରିଲି ଦି' ଚାରିଟା କୋଠା
କିଲେ ଦି' କିଲୋ ସୁନା
ରଖିଲି ଆଲମିରାରେ।
ଗେଟ ପାଖେ ବଡ଼
ଗାଡ଼ିମାନ ଥୋଇଲି
ଘରର ସୁନ୍ଦରତାକୁ
ଦି'ଗୁଣ କରିବା ପାଇଁ
ଖଞ୍ଜିଲି ଚାକର ପୂଜାରୀ।
ମୋ ଠିକଣା
ମୋ ପରିଚୟ ହେଇ
ଠିଆ ହେଲା
ସଭା ସମିତିରେ;
ମାନଗଣ୍ୟ ବ୍ୟକ୍ତି ଭାବରେ।

ଏଗୁଡ଼ା କୁଆଡ଼େ
ପରିବାର ପାଇଁ ମୋ
କର୍ତ୍ତବ୍ୟ ଥିଲା ବୋଲି
କହିଲେ ପୁଅଝିଅ
ମୌନେ ସମ୍ମତି ଜଣେଇଲେ ପତ୍ନୀ
ଉତ୍ତର ପୀଢ଼ିର ଏ ସବୁ
ମୌଳିକ ଅଧିକାର ବୋଲି
ବଜେଇଲେ ସତର୍କ ଘଣ୍ଟି।

ହାତରେ ଗଢ଼ିଥିବା ଠିକଣା
ମିଳେଇଗଲା ଚାହୁଁ ଚାହୁଁ
ଆଖିଆଗରେ
ପାପୁଲିରୁ ପାଣି
ନିଗିଡ଼ିଲା ଭଳି
ଖସିଗଲା କେଇଟା ମୁହୂର୍ତ୍ତରେ।

ଏବେ ଫେରୁଛି ସେଇଠିକି
ଯାହାକୁ ଛାଡ଼ିଥିଲି କିଶୋର ବୟସରେ।

କୁଳୁକୁଳିଆ ଆଖିରେ
ଚାହୁଁଛି ଚାରିଆଡ଼
ସତେ ଯେମିତି
ଶୂନ୍ୟରୁ କିଏ କହୁଛି
କିଛିଦିନ ପାଇଁ ସିନା
ହେଇଥିଲ ବାଟବଣା
ବଦଳେଇଥିଲ ଠିକଣା
ହେଲେ ତମ ଅସଲ
ଠିକଣାଟା ପରା ଏଇଟା।
ଯାକୁ ଛାଡ଼ି ରହିପାରିଥାନ୍ତ କେମିତି ?

ସତରେ ତ;
ମୋ ମୁଣ୍ଡ ଉପରେ ଆକାଶ
ଅଭୟ ଆଶ୍ରୟ ହେଇ ଡେଣା ମେଲିଛି
ପାଦତଳେ ମାଟି
ମମତା ଛୁଆଁରେ ଭିଜଉଛି।
ନିଧଡ଼କ ହେଇ ଠିଆ
କାଳ କାଳର କ୍ଳାନ୍ତି ମେଣ୍ଟଉଛି
ଯା'କୁ ବଡ଼ ଠିକଣା
ଆଉ କୋଉଠି ଅଛି କି ?

*ସୂଚନା ଓ ଲୋକସମ୍ପର୍କ ବିଭାଗ, ଭୁବନେଶ୍ୱର*
*ଦୂରଭାଷ: ୮୭୬୩୮୧୭୬୮୫*

# ପରିଚୟ

**କୁମୁଦ ଚନ୍ଦ୍ର ଦାଶ**

ପ୍ରଶ୍ନ ପରେ ପ୍ରଶ୍ନ
ଅସରନ୍ତି ପ୍ରଶ୍ନର ପାହାଚ
ମୁଁ ଖୋଜିହୁଏ ନିଜର ଠିକଣା
ନିଜ ପରିଚିତି
ନିଜକୁ ପଚାରେ ନିଜେ
ମୁଁ କିଏ ?
କ'ଣ ମୋର ପରିଚୟ
ସ୍ମୃତି ବିସ୍ମୃତିର ସହସ୍ର ବିସ୍ମୟେ
ଖୋଜିହୁଏ ମୋ' ଅସ୍ମିତା, ମୋ ନିଜ ଅନ୍ୱୟ
ମୋ ନିଜର କେନ୍ଦ୍ର ଓ ପରିଧି,
ସମ୍ପର୍କର ଖିଅ ବୃତ୍ତ ଆବର୍ତ୍ତରେ
ଖୋଜିହୁଏ ମୋ ଆତ୍ମିକ ସତ୍ତା
ମୋ ନିଜର ନିଭୃତ ପ୍ରତୀତି ଅସ୍ତ ଓ ଉଦୟ

ମୁଁ କ'ଣ ଦର୍ପଣର ଏକ ପ୍ରତିବିମ୍ବ
ନିର୍ଲିପ୍ତ ଅନ୍ଧାର
ମୁଁ କ'ଣ ମୋ ନିଜର ଦୃଶ୍ୟାନ୍ତର
ଏକ ଆଡୁଆଳ

ନିର୍ଜନ ନେପଥ୍ୟ
ନିଜ ଛଡ଼ା ସବୁଙ୍କୁ ଅଦୃଶ୍ୟ ଏକ
ଅସ୍ତିତ୍ୱର ଆକସ୍ମିକ ଛାୟା
ସର୍ପ ପରି ଏକ ସତ୍ୟ
ନା ରଜ୍ଜୁ ପରି ଏକ ମଗ୍ନ ମାୟା

ମାନ ଅଭିମାନ ମୋର
କ୍ରୋଧ ମୋହ ସ୍ୱାର୍ଥ ଅହମିକା
ଭୁଲିଯାଏ ସବୁ
ଭୁଲି ହୋଇଯାଏ ମୋର ସମସ୍ତ ଭୂମିକା
ଭୁଲି ହୋଇଯାଏ ମୋର ସବୁ ନିକଟତା
ଦୂରତାର କ୍ରମ
ସବୁ ଅଶାଳୀନ ଅଭିନୟ
ଶାଳୀନ ସମ୍ଭ୍ର
ମୋତେ ଘେରି ଏକ ଯବନିକା
ଢାଙ୍କିଦିଏ
ଯାହା କିଛି ମୋ ନିଜର ଚିହ୍ନ
ମୁଁ ଯେପରି ଗୋଟାଏ ବିଛିନ୍ନ
ଛଳନାର ଅତିକ୍ରାନ୍ତ ଛାଇ
ନିଜ ଛଡ଼ା ଆଉ କିଛି ଭାବିପାରେ ନାହିଁ
ଭୁଲି ହୋଇଯାଏ ମୋର ସବୁ ସୟତାନୀ
ବିଶ୍ୱାସର ସବୁ ସବୁ ଦମ୍ଭ
ଶେଷ ଓ ଆରମ୍ଭ
ମୁଁ ଏଇ ଦେହର ବା ଦୁରନ୍ତ ଦେହଳି
ଏଇ ସ୍ଥୂଳ ଶରୀରର ଅସ୍ଥିର ପୃଥିବୀ
ଅବା ଏକ ଚେତନାର ଚୈତ୍ୟ
ସାର୍ବିକ ଆକାଶ
ଲକ୍ଷ କୋଟି ସ୍ପନ୍ଦନର ରଶ୍ମିରେଖା
ଚକିତ ସ୍ଫୁଲିଙ୍ଗ
ଆଶ୍ଚର୍ଯ୍ୟ ଉଦ୍‌ଭାସ
ପ୍ରାଜ୍ଞ ଏକ ପ୍ରତିରୂପ
ପ୍ରଚ୍ଛନ୍ନ ପ୍ରକାଶ
ଉର୍ଜ ସ୍ୱଳ ଏକ ଶକ୍ତିସେତୁ
ବୀର୍ଯ୍ୟବନ୍ତ ଉନ୍ମାଦର ଏକ ଅଭିଳାଷ
ସ୍ଥାନ କାଳ ପାତ୍ରର ଏ ଖଣ୍ଡିତ ଭଗ୍ନାଂଶେ
ବିଡ଼ମ୍ବିତ ବ୍ୟୂହେ
ଏ ଦେହର ପୃଥକ୍ ପର୍ଯ୍ୟାୟେ
ନିଜକୁ ମୁଁ ଖୋଜି ହୁଏ
ପାଏ ବା ନ ପାଏ
ସମୟର ତୀର୍ଯ୍ୟକ୍ ସୋପାନେ
ଡେଇଁ ସବୁ ସୀମା
ମୁଁ ଏଠାରେ କରେ ମୋର
ମୁଗ୍‌ଧ ପରିକ୍ରମା
ମୁଁ ଏକ ସମୟାତୀତ
ଆଲୋକିତ ଅବିନାଶୀ ସତ୍ତା
ମୁହୂର୍ତ୍ତର ଛାଞ୍ଚେ ଢଳା
ଶାଶ୍ୱତର ଏକ ଅଭିକ୍ରମ
ଚକିତ ଚିକୀର୍ଷା
ଜନ୍ମ ଜନ୍ମାନ୍ତର ଧରି
ମୁଁ ଏକ ଅଦ୍ୱୟ ଅଭୀପ୍‌ସା
ସତ୍ୟର ଅନ୍ୱିଷ୍ଟ ରୂପ
ଐଶ୍ୱରିକ ସଂବିତ୍‌ର
ସ୍ୱୟଂପ୍ରଭ ଗୋଟିଏ କମ୍ପନ
ଆର୍ଦ୍ର ଶିହରଣ।

*ଅନୁଷ୍ଟୁପ, କଲେଜପଡ଼ା, ହାକିମପଡ଼ା*
*ଅନୁଗୋଳ-୭୫୯୧୪୩*
*ଦୂରଭାଷ: ୮୭୬୩୮୯୭୫୬୯*

# ମନେରଖିଥା' ଲୋ ଝିଅ

**ସୁରଞ୍ଜନ ପାତ୍ର**

ଅଦିନ ମେଘକୁ ଭରସା ତ ନାହିଁ
ମନେରଖିଥା' ଲୋ ଝିଅ
ନିଜ ଆଖି ଲୁହ ନିଜର ନୁହଁଇ
ଅଳିକ ତୋ ସୁନା ଦେହ ॥

ପାରିବ କେ' କହି ସାଗର ଯେ କେବେ
ଲଂଘିବ ବେଳା ଭୂଇଁ
ପାରିବ କେ' କହି ମୃତ୍ୟୁ ତାରିଖ
ଛାତିରେ ତା ହାତ ଦେଇ
ଆଜି ତୋତେ ଯିଏ ମଉସୁମୀ କହେ
ନଥିବ କାଲି ତା ମୁହଁ ॥

ମରୁ ମରିଚିକା ପାରିବ କି ହୋଇ
ପାହାଡ଼ି ତନୟା ସତେ
କାଚକି ହୋଇବ କାଞ୍ଚନ ଏଠି
ସଜେଇ ରଖିଲେ ଯେତେ।
ଜହ୍ନରାତି ସୁଖ ଧୋଇ ନେବ ଦିନେ
ଉଜାଣି ସମୟ ସୁଅ ॥

*ସଂପାଦକ- ନୀହାରକନ୍ୟା ସାହିତ୍ୟ ସଂସଦ,*
*ନୂଆଗାଁ, ଶିଙ୍ଗା ଖୁଣ୍ଟା, ସୋର,*
*ବାଲେଶ୍ୱର-୭୫୬୦୪୫*
*ଦୂରଭାଷ: ୮୧୧୭୮୦୫୯୫୯*

# ଜନମିବି ଶତବାର

**ପୀୟୂଷ ପଟ୍ଟନାୟକ**

ଆଜି ଯଦି କେବେ
ତୁମକୁ କହିବି କିଛି,
ଏଇ ହୃଦୟର
ଅଭିବ୍ୟକ୍ତି ଓ କୋହ
ତୁମ ପାଇଁ ଯାହା
ସାଇତା ବର୍ଷ ବର୍ଷ
ପାଲଟିଛି ଆଜି
ଉଷ୍ମ ବତୁରା ଲୁହ ॥

ପାଲଟିଛି ଯାହା
ଶୀତଳ ତୃଷ୍ଣା କେବେ,
ଦେଖିଛି ଯାହାକୁ
ଭାଙ୍ଗିଛି ବାରବାର
କେତେ ଯେ ବର୍ଷା
ଦାରୁଣ ନିଦାଘ ଶୀତ,
ଦଂଶିଛି ଯା'ର ଦେହକୁ
ଗୋ କେଇ ଥର ॥

ଭାଙ୍ଗି ଯାଇଛି
ସବୁଜ ସ୍ୱପ୍ନ ଯେତେ
ହୃଦୟ କପାଟେ
ନୀରବେ ଯା ତୁମ ପାଇଁ
ବରଷ ବରଷ
ତୀକ୍ଷ୍ଣ ଅସ୍ତ୍ରାଘାତେ,
ଆହତ ସିଏ ତ
ନୀରବେ ଯାଇଛି ଶୋଇ ॥

ଏତେ ଯେ ତୃଷ୍ଣା
ତୁମରି ଦେହରେ ସତେ,
ସଂଚରି ଛୁଏଁ
ମୋ ମନର ସୀମାରେଖା
ନିର୍ଝରି ଆସେ
ସମୟର ବେଳାଭୂମେ,
ମନେ ରଚିଦେଇ
ସଯତ୍ନେ କେତେ ଲେଖା ॥

ସେ ଲେଖାରେ କେତେ,
ଉଷ୍ମତାଭରା କଥା
ମୋ ସ୍ମୃତି ସେ ଯେ
ଅଲିଭା ଅସ୍ତରାଗ

ଲିଭିବନି ଯିଏ
ନିୟତ ଥିବ ମୋ ପାଶେ,
ଅବିନାଶୀ ଏଇ
ହୃଦୟର ଅନୁରାଗ ॥

ସେ ଲେଖା ଗୋ କେତେ
ଛଳ ଛଳ ନଦୀ ଢେଉ,
ଦୂର ପାହାଡ଼ର
ସବୁଜ ସବୁଜ ସ୍ୱର
ଏଇ ମୋର ମନ
ହୃଦୟର ଅନୁକୋଣେ
ଝଙ୍କୃତ ସେ ଯେ
ପ୍ରୀତିର ଇସ୍ତାହାର ॥

ତୁମେ ବୁଝିଥିଲ
ଏ ହୃଦୟ ଏଇ ମନ,
ତଥାପି ରହିଲ
କେଉଁ ଦୂର ରାଇଜରେ।
ଏତେ ଅଗମ୍ୟ
ଏତେଯେ ଦୁରୂହ ପଥ,
ଫେରେନି କେବେଯେ
ଚାଲିଯେ ଯାଇଛି ଥରେ ॥

ଫେରିନାହିଁ କେହି
ତଥାପି ଫେରିବ ତୁମେ,
ଅପେକ୍ଷାରେ ମୁଁ,
ଜନ୍ମ ଜନ୍ମାନ୍ତର
ରହିଥିବି ଚାହିଁ
ଫେରିବାର ବାଟ ତୁମ,
ଏଇ ପୃଥିବୀରେ
ଜନମିବି ଶତବାର ॥

*ଡି-୮୦, ମୈତ୍ରୀ ବିହାର, ଭୁବନେଶ୍ୱର*
*ଦୂରଭାଷ: ୭୫୦୬୧୮୯୦୩୦*

# ପ୍ରେମ

**ଅସୀମା ସାହୁ**

ମୁଁ ବି ଭାବେ
ନିଶବ୍ଦ ହୋଇ ଯାଆନ୍ତିକି ସବୁଦିନ ପାଇଁ,
କେବଳ ସାମାନ୍ୟ ସ୍ପର୍ଶ ତୁମର
ଭାଷା ଦିଅନ୍ତା ମୋ ଆବେଗକୁ...

ଉଚ୍ଚା ନୀଚ୍ଚା ତୁମ ଦେହ ଉପତ୍ୟକାରେ
ବୋହି ଯାଆନ୍ତି କି ମୁଁ
ସୁଶୀତଳ ପବନର ଗୀତଟିଏ ହୋଇ...
ମୁଣ୍ଡ ଗୁଞ୍ଜାନ୍ତି ତୁମ ଆଲୁରା କେଶ ଘେରା
ମୁହଁ ଛାଇ ତଳେ...

ମୁଁ ଭାବେ
ତୁମକୁ ନୀରବତାରେ ଭଲପାଇ ହୁଅନ୍ତା କି
ସେଠି ଅସ୍ୱୀକାର ନଥାନ୍ତା ବରଂ
ଏକ୍ଲାପଣରେ ଭେଟନ୍ତୁ ଦୁହେଁ ଦୁହିଁଙ୍କୁ
କେବଳ ତୁମେ ଆଉ ମୁଁ

ତୁମକୁ ମୁଁ ଦୂରରୁ ପସନ୍ଦ କରେ
ତୁମ ପାଇଁ ଯନ୍ତ୍ରଣା ଭୋଗିବାର
ମୋହରେ।
ତୁମକୁ ମୁଁ ପବନରେ ଚୁମ୍ବନ କରେ
ମୋ ଓଠ ଠାରୁ ପବନ ଭଦ୍ର ବୋଲି।

ଏମିତି ହୁଅନ୍ତାନି...
ତୁମକୁ ପାଇବାବେଳେ
ସବୁଆଡ଼ ହୋଇଯାଆନ୍ତା କି
ନିଶ୍ଚଳ ନିସ୍ପନ୍ଦ
ଆଉ ସେଇ ମୁହୂର୍ତ୍ତରେ
ତୁମକୁ ମୁଁ ସ୍ୱପ୍ନରେ ଧରିରଖନ୍ତି ପ୍ରିୟତମ!
ମୋ ସ୍ୱପ୍ନରେ ଯେ... ତୁମେ ଅସମାପ୍ତ
ମୃତ୍ୟୁ ଠାରୁ ଆହୁରି ଗଭୀର
ଜୀବନଠୁ ଅଳପ ଜୀବନ୍ତ...!!

*ମଧୁବନ, ବାରିପଦା,*
*ମୟୁରଭଞ୍ଜ-୭୫୭୦୦୧*
*ଦୂରଭାଷ: ୯୪୩୭୭୩୮୦୭୭୦*



# ସଞ୍ଜ ନଇଁଗଲେ

**ଡ. ମମତା ସାହୁ**

ସଞ୍ଜ ନଇଁଗଲେ
ଚୁଲିରେ ଫୁଟେ ଚାଉଳ ମନରେ ଫୁଟେ ବଉଳ
ଭୋକ ଆମୋଦରେ ଚକାମାଡି ବସେ
ଭାତ ହବ ତୁଣ ହବ
ଚୁଲିମୁଣ୍ଡ ସ୍ୱପ୍ନ ବୁଣେ
ନିଆଁଠୁ ଅଧିକ ଗରମ ଅଧିକ ପ୍ରଖର ପେଟ ପାଇଁ
ମୁଣା ଥଣ୍ଡା ହେଲେ
ଅତୀତର ମସିହା ବିଛଣାରେ
ବର୍ତ୍ତମାନେ ଘୁମେଇ ପଡେ
ଅନୀଷା କରେ ଚାଳଫାଙ୍କରୁ ଜହ୍ନ
ଦିନସାରା ବିଧା ଗୋଇଠା ଖାଇଥିବା
ସ୍ତ୍ରୀ ଲୋକଟି ସାହେବଜାଦୀ ଢଙ୍ଗରେ
ରାତିରେ ପଲଙ୍କ ସଜାଡେ
ସକାଳର ସ୍ୱପ୍ନ ପରି ବତୀ ଖୁଣ୍ଟରୁ
ଛିଟିକି ପଡିଥିବା ନିୟନ ଆଲୁଅ
ମିଣିପର ଛାତିରେ ଲୁଚକାଳି ଖେଳେ
ଦିନସାରା ଆଇଁଷିଣିଆ ଗନ୍ଧ ଖେଳାଉଥିବା
କାଖତଳ, ଅତରର ବାସ୍ନା ଫିଙ୍ଗେ
ଭବିଷ୍ୟତ ଘୁମେଇଥାଏ କନ୍ଥାତଳ ପେଟ ବୁଜୁଳାରେ
କାଳେ ସରିଯିବ ଜହ୍ନ ସରିଯିବ ରାତି
ଛୁଇଁ ପାରିବନି ସେ ମୋ ଓଠ
ଓଠରୁ ଛାତି
ଏୟା ଭାବି ଲାଜବତୀ ମୋ ପାଖରେ
ଲାଜ ସାରୁଥାଏ

*ଅଧ୍ୟାପିକା ସମାଜ ବିଜ୍ଞାନ, (ଜମ୍ବୁବତୀ ନିବାସ)*
*କଲେଜ ଛକ, ଭଦ୍ରଖ*

କଥା ଓ କାହାଣୀ
ଦ୍ୱିତୀୟ ପ୍ରସ୍ଥ



# ମୁଠାଏ ଶୂନ୍ୟତା

**କ୍ଷୀରୋଦ ଦାସ**

କଲିଂବେଲ୍‌ରେ ହାତଦେଇ ଅଭୂତପୂର୍ବ ଏକ କୋହରେ ଚିପୁଡ଼ି ହୋଇଗଲେ ମାନସୀ।

ଆଉ କେଇ ସେକେଣ୍ଡ ପରେ ଖୋଲିବ ଘରର କବାଟ। ଭିତରେ ଅଛନ୍ତି ପିୟୂଷ ଓ ହେନା। ଭାଇ ଓ ଭଉଣୀ।

ସକାଳ ସାଢ଼େ ସାତଟା ବେଳଠାରୁ ପିଲା ଦୁଇଜଣ ଅଛନ୍ତି ଘର ଭିତରେ। ପିୟୂଷ କଲେଜ ଯାଇନାହାଁ। ସ୍କୁଲକୁ ଯାଇନାହାଁ ହେନା। ସେମାନଙ୍କର ଆଜି ଅଘୋଷିତ ଛୁଟି।

ବାଟସାରା ମାନସୀ ନିଜକୁ ବୁଝାଇଥଲେ, ସେ ଆଦୌ କାନ୍ଦିବେ ନାହିଁ, ଅନ୍ତତଃ ପିଲାମାନଙ୍କ ସାମ୍‌ନାରେ। ସେ ଦୃଢ଼ ହେବେ। ପିଲାମାନଙ୍କୁ ଜଣାଇଦେବେ ଯେ ସେମାନେ ନିରାଶ୍ରୟ ନୁହନ୍ତି। ସେମାନଙ୍କ ମୁଣ୍ଡ ଉପରେ ଆକାଶ ଅଛି। ଅଛି ବି ଶକ୍ତ ମାଟି, ପାଦ ତଳେ।

ଅଥଚ ଏ କଣ ! ସେ ଟୁକୁଡାଏ ବରଫ ପରି ଧୀରେ ଧୀରେ ତରଳି ଯାଉଛନ୍ତି ଯେ ! ତାଙ୍କର ଏପରି ଶୋଚନୀୟ ଅବସ୍ଥା ଦେଖି ପିଲାମାନେ ନିଜକୁ ସୁରକ୍ଷିତ ମନେ କରିବେ ତ !

ଫେରିବା ସମୟରେ ବାଟରେ ଗାଡ଼ି ଭିତରେ ସାନଭାଇ ପଙ୍କଜ କହୁଥିଲା- "ଭାଙ୍ଗିପଡ଼ିବୁ ନାହିଁ ଜମା। ଏ ସମୟରେ ତୋତେ ଧୈର୍ଯ୍ୟ ଧରିବାକୁ ପଡ଼ିବ। ଆଜିଠାରୁ ପିଲା ଦୁଇଜଣଙ୍କର ସମସ୍ତ ଦାୟିତ୍ୱ ତୋ' ମୁଣ୍ଡ ଉପରେ। ତୁ ଯଦି ଧସ୍‌କି ପଡ଼ିବୁ, ସେମାନଙ୍କ ଅବସ୍ଥା କଣ ହେବ, ଭାବିପାରୁଛୁ ତ! ସେମାନେ ଏ ପର୍ଯ୍ୟନ୍ତ ସଂସାର ଦେଖିନାହାନ୍ତି। ମୁଁ ଅଛି ଏଇ ସହରରେ। ଗୋଟାଏ ଫୋନ୍ କଲ୍ ହିଁ ଯଥେଷ୍ଟ, ତୋର ଯାବତୀୟ ଅସୁବିଧାକୁ ଦୂର କରିବା ପାଇଁ। ନିଜକୁ କେବେ ଏକଲା ଭାବିବୁ ନାହିଁ.... ହେଲା।"

ନିଜ ମନକୁ ଦୃଢ଼ କରିବା ସତ୍ତ୍ୱେ, ସାନଭାଇର ଯାବତୀୟ ଆଶ୍ୱାସନା ସତ୍ତ୍ୱେ, ଘର ଭିତରକୁ ପଶୁ ପଶୁ ନିଜକୁ ସମ୍ଭାଳି ପାରିନଥିଲେ ମାନସୀ। ପୁଅ ଓ ଝିଅକୁ କୁଣ୍ଢାଇ ଧରି ଭୋ ଭୋ କାନ୍ଦି ଉଠିଥିଲେ।

ଏ ଘରେ ଆଜିଠାରୁ ରହିବେ ତିନିଜଣ ମଣିଷ। ମାନସୀ, ପୁଅ ପିୟୂଷ ଓ ଝିଅ ହେନା। କେତେ ଶ୍ରମ, ଅର୍ଥ, ସମୟ, ଝାଳ ଦେଇ ପୃଥିବୀ ଉପରେ ଠିଆ କରାଇଥିବା ଏ ଘର ଭିତରେ ଆଜିଠାରୁ ରହିବେ ନାହିଁ ଚନ୍ଦ୍ରକାନ୍ତ। ଆଜି ସକାଳ ସାଢ଼େ ସାତଟା ସୁଦ୍ଧା ତାଙ୍କୁ ଏଠାରୁ ସ୍ଥାନାନ୍ତରିତ କରାଯାଇଛି।

ଚନ୍ଦ୍ରକାନ୍ତ ଏବେ, ରାତି ଦଶଟା କୋଡ଼ିଏ ମିନିଟ୍‌ରେ କ'ଣ କରୁଥିବେ ଏକା ଏକା, ମେଣ୍ଟାଲ ହସ୍ପିଟାଲରେ ବତିଶ ନମ୍ବର କୋଠରୀରେ ? ଏଇ ସମୟରେ ସେ ଖଟ ଉପରେ ଗଡ଼ପଡ଼ ହୋଇ ଟି.ଭି ଦେଖୁଥାନ୍ତି କିମ୍ବା ଡାଏନିଂ ଟେବୁଲ୍‌ରେ ଥାଆନ୍ତି।

ଅଥଚ ଆଜି ସେ ନାହାନ୍ତି। ବାର ଚଉଦ ଘଣ୍ଟା ପୂର୍ବେ, ପତ୍ନୀ ମାନସୀ ଓ ସାନଭାଇ ପଙ୍କଜ ତାଙ୍କୁ ନେଇ ଛାଡ଼ି ଆସିଛନ୍ତି ମେଣ୍ଟାଲ୍ ହସ୍ପିଟାଲରେ।

ଏ ଘରଠାରୁ ମେଣ୍ଟାଲ ହସ୍ପିଟାଲର ଦୂରତ୍ୱ କେତେ ହଜାର ଅବା କେତେ ଲକ୍ଷ ଅବା କେତେ କୋଟି ଯୋଜନ ? ଏ ଘରୁ ସେଠିକି ଯିବାପାଇଁ ଯେଉଁ ଲମ୍ବା ରାସ୍ତା, କେତେ ଶୀଘ୍ର ଅତିକ୍ରମ କରିଗଲେ ଚନ୍ଦ୍ରକାନ୍ତ ! ଜଣେ ସ୍ୱାଭାବିକ ମଣିଷ କ'ଣ ଏତେ ସହଜରେ ଅତିକ୍ରମ କରିଯାଏ ଏତେଗୁଡ଼ାଏ ବାଟ !!

ଆଉକିଛି ବିକଳ୍ପ ନଥିଲା। ଅନେକ ଚେଷ୍ଟା କରିଥିଲେ ମାନସୀ ଓ ସାନଭାଇ ପଙ୍କଜ। ରାଜ୍ୟର ଅନେକ ନାମୀ ଡାକ୍ତରଙ୍କର ଦ୍ୱାରସ୍ଥ ହୋଇଥିଲେ।

- କେବେଠାରୁ ଏପରି ହେଉଛି ? - ପଚାରିଥିଲେ ସହରର ପ୍ରସିଦ୍ଧ ମେଡ଼ିସିନ୍ ପ୍ରଫେସର ଡାକ୍ତର କମଳ ଲୋଚନ ମହାପାତ୍ର।

ପାଖାପାଖି ପନ୍ଦରଦିନ ହେବ, ଖାଇବା ଥାଳୀ ପାଖରେ ବସିବା ମାତ୍ରେ ତାଙ୍କୁ ବାନ୍ତି ଦେଖାଉଛି। ପାଣି ଟୋପାଏ ବି ନେଉନାହାନ୍ତି ପାଟିକୁ। ନିଦ ତ ଆଦୌ ହେଉନାହିଁ। ଉତ୍ତର ଦେଲେ ମାନସୀ।

ଡାକ୍ତର ମହାପାତ୍ର ଚନ୍ଦ୍ରକାନ୍ତଙ୍କର ବ୍ଲଡ଼ ଟେଷ୍ଟଠାରୁ ଆରମ୍ଭ କରି ପେଟ ଅଲଟ୍ରାସାଉଣ୍ଡ ଏବଂ ଚେଷ୍ଟ ଏକ୍ସରେ ପର୍ଯ୍ୟନ୍ତ ସବୁ କରିସାରି ମେଡ଼ିସିନ୍ ଲେଖୁଥିବାବେଳେ କହିଥିଲେ-

"ନଥିଂ ଟୁ ୱରି। ଖାଇବା ପିଇବାରେ କିଛି ଅସୁବିଧା ଯୋଗୁ ପେଟରେ ଇନ୍‌ଫେକ୍‌ସନ୍ ଅଛି। ଏସବୁ ଖାଆନ୍ତୁ। ସପ୍ତାହକ ଭିତରେ ଭଲ ହୋଇଯିବ।"

କାହିଁ ! ସପ୍ତାହେ ଯାଇ ପନ୍ଦରଦିନ ବିତିଗଲାଣି। ଚନ୍ଦ୍ରକାନ୍ତଙ୍କ ଅବସ୍ଥାରେ କିଛି ବି ପରିବର୍ତ୍ତନ ଆସିଲା ନାହିଁ। ମାନସୀ ଆଉ ଦୁଇ ତିନିଜଣ ଡାକ୍ତରଙ୍କ ସହ ପରାମର୍ଶ କଲେ। ସମସ୍ତେ କହିଲେ ସେଇ ଏକାକଥା-" କିଛି ଅସୁବିଧା ନାହିଁ କୋଉଠି। ରେଷ୍ଟ ଦରକାର। ଏଭ୍ରିଥିଂ ଉଇଲ୍ ବି ଓ.କେ ଉଇଦିନ୍ ଏ ଫିଉ ଡେଜ୍.....।

କିଛି ବି ଓକେ ହେଲା ନାହିଁ। ବରଂ ଦିନକୁ ଦିନ ବିଗିଡ଼ି ଯାଉଥିଲା ଚନ୍ଦ୍ରକାନ୍ତଙ୍କର ଶାରୀରିକ ଏବଂ ମାନସିକ ଅବସ୍ଥା। ନଖାଇ ନପିଇ ଧୀରେ ଧୀରେ ତାଙ୍କ ଶରୀର ଶୁଖି ଶୁଖି କଣ୍ଟା ହୋଇଯାଉଥିଲା। ସବୁ ସମୟରେ, କାରଣ ଅକାରଣରେ ପିଲାମାନଙ୍କ ସହିତ ଗଜର ଗଜର ହେଉଥିବା ମଣିଷଟି କେମିତି ଧୀରେ ଧୀରେ ନୀରବି ଯାଉଥିଲେ। ସତେ କି ସେ ଘର ଏବଂ ସାରା ସଂସାର ଭିତରେ ବଞ୍ଚୁଥିବା ମଣିଷମାନଙ୍କ ସହିତ ତାଙ୍କର ଆଗରୁ କୌଣସି ପରିଚୟ ନଥିଲା କି ଏବେ ମଧ୍ୟ ନାହିଁ !

ସବୁ ଯେପରି ନିରବ ଓ ନିସ୍ପନ୍ଦ !

କିଛି ବୁଝିପାରୁନଥିଲେ ମାନସୀ। କିଛି ଗୋଟାଏ ହରାଇ ଦେବାର ଦୁଃଖ କଳାହାଣ୍ଡିଆ ମେଘ ପରି ସୁ ସୁ ହୋଇ ମାଡ଼ିଆସୁଥିଲା ଚତୁର୍ଦ୍ଦିଗରୁ।

: ପିଲାମାନେ କୁଆଡ଼େ ଗଲେ ? - ସେଦିନ ସନ୍ଧ୍ୟାବେଳେ ଚନ୍ଦ୍ରକାନ୍ତ ପଚାରିଲେ ମାନସୀଙ୍କୁ।

: ସେମାନେ ତାଙ୍କର ପଢ଼ାଘରେ ଅଛନ୍ତି। ତୁମେ ଅଫିସ୍‌ରୁ ଆସିଲ, ଜଳଖିଆ ଖାଇ ରେଷ୍ଟ ନିଅ !- କହିଲେ ମାନସୀ।

ରେଷ୍ଟ ! ମନେ ମନେ ଭାବିଲେ ଚନ୍ଦ୍ରକାନ୍ତ- ପିଲାମାନେ କେଉଁଠି ଥିବେ, କ'ଣ କରୁଥିବେ, ସେମାନଙ୍କୁ ଡାକ ମୋ ପାଖକୁ।

ଏହା ରୀତିମତ ଗୋଟାଏ ଆଦେଶ ଥିଲା। ଡାକିବାକୁ ପଡ଼ିଲା ନାହିଁ ପିଲାମାନଙ୍କୁ। ଭାଇ

ଭଉଣୀ ଦୁହେଁ ଏକ ସଙ୍ଗରେ ଆସି ହାଜର ହୋଇଗଲେ ତାଙ୍କ ପାଖରେ।

ଚନ୍ଦ୍ରକାନ୍ତରଙ୍କର ସ୍ନେହ ଜୁଡୁବୁଡୁ ଦୃଷ୍ଟି ପହଞ୍ଚିଗଲା ପିଲାମାନଙ୍କ ଉପରେ। ଯେମିତିକି ଏଇ ପ୍ରଥମଥର ପାଇଁ ଅବା ଶେଷଥର ପାଇଁ ସେ ଦେଖୁଛନ୍ତି ନିଜ ପିଲାମାନଙ୍କୁ। ତାଙ୍କ ଆଖି ଛଳ ଛଳ ହୋଇଯାଉଥିଲା। ସେମାନଙ୍କୁ କହିବା ପାଇଁ ତାଙ୍କ ପାଖରେ ଅନେକ କିଛି ଥିଲେ ମଧ୍ୟ ସେ ଚୁପ୍ ରହିଲେ ଏବଂ ପରମୁହୂର୍ତ୍ତରେ କୋମଳ କଣ୍ଠରେ କହିଲେ- 'ଯାଅ, ପଢ଼ାପଢ଼ି କର।'

ମୁହଁରେ ଅନେକ ବିସ୍ମୟଭାବ ଧରି ପିଲାଦୁହେଁ ଫେରିଯାଉଥିବାବେଳେ ପଛରୁ ଚନ୍ଦ୍ରକାନ୍ତ ଡାକିଲେ- "ପିଲାଏ, ଶୁଣ।"

ଅଟକିଗଲା ପିୟୂଷ ଓ ହେନାର ପାଦ।

"ଯଦି ମୁଁ ନ ରୁହେ..... ମାନେ.... ଧର ବାଇଚାନ୍ସ ଯଦି ମୋର..... ଆଇମିନ୍.... ମନେକର ମୁଁ ଆଜି କିମ୍ବା କାଲି କିମ୍ବା ପହରଦିନ..... ଅଥବା ଦୁଇ ଚାରିଦିନ ପରେ ଅବା ଦୁଇମାସ କିମ୍ବା ଦୁଇବର୍ଷ ପରେ ଦୈବାତ୍ ମରିଯାଏ, ତେବେ ପିୟୂଷ..... ନା ନା ପ୍ରଥମେ ତୁମମାନଙ୍କ ମା'ଙ୍କୁ ପଚରାଯାଉ-

"ଆଚ୍ଛା ମାନସୀ, କୁହ ତୁମେ କ'ଣ କରିବ ? ମୋର ଯତ୍ କିଞ୍ଚିତ୍ ସଞ୍ଚୟ, ଡେଥ୍ ବେନିଫିଟ୍ ଟଙ୍କାରେ ଘରଭଡ଼ା.... ପିଲାଙ୍କ ପାଠପଢ଼ା, ପୋଷାକ ପତ୍ର, ଔଷଧ.... ତେଜରାତି.... ଟେଲିଫୋନ୍ ବିଲ୍.... ପେପରବାଲା.... କ୍ଷୀରବାଲା.... ବନ୍ଧୁବାନ୍ଧବ..... ପିଲାମାନଙ୍କ କ୍ୟାରିଅର... ସେମାନଙ୍କର ବାହାଘର..... ଇତ୍ୟାଦି..... ଇତ୍ୟାଦି.... ତୁମେ ଚଳାଇପାରିବ ତ !"

ମୂକ ପାଲଟିଗଲେ ମାନସୀ। ତାଙ୍କ ଆଖି ବିସ୍ଫାରିତ ହୋଇଗଲା ସ୍ୱାମୀଙ୍କର ଏପରି ଅବାନ୍ତର ତଥା ଭୟଙ୍କର କଥାଶୁଣି।

- "ତୁ ପିୟୂଷ, ତୋ କଥା କହ। ଧର ସେମିତି କିଛି ଘଟଣା ଘଟିଗଲା। ତେବେ ?"

- ଚନ୍ଦ୍ରକାନ୍ତ ବଡ଼ପୁଅଠାରୁ ଜବାବ ଚାହିଁଲେ - "ତୋ ପଢ଼ାପଢ଼ି.... କ୍ୟାରିୟର..... ଚାକିରି..... ବାହାଘର..... ସଂସାର...., ଏସବୁ ଠିକ୍‌ଠାକ୍ ଚାଲିବ ତ ! ସେସବୁକୁ ତୁ ଠିକ୍ ଭାବେ ସମ୍ଭାଳି ଆଗକୁ ବଢ଼ିବୁ ତ !"

କାବା ହୋଇଗଲା ପିୟୂଷ। କିଂକର୍ତ୍ତବ୍ୟବିମୂଢ଼ ହୋଇ ଚାହିଁଲା ମା' ମୁହଁକୁ।

- "ମୋ ସୁନା ଝିଅ ହେନା।! ତୁ ତ ମୋର ଗେହ୍ଲୀ କଣ୍ଢେଇ। କହିଲୁ ମା, ଧର... ଯଦି ସେପରି କିଛି ଘଟିଗଲା ଏଇ ନିକଟରେ.... ନା ନା....ମୁଁ ଖାଲି କହୁଛି.... ଜଷ୍ଟ ଇମାଜିନ୍.... ଯଦି ବାଇଚାନ୍ସ ସେପରି କିଛି ସତକୁ ସତ ହୋଇଗଲା, ତୁ ନିଜକୁ ଏ ପୃଥିବୀ ଭିତରେ ଠିକ୍ ଭାବରେ ତିଆରି କରି ପାରିବୁ ତ।!"

ହେନା ଭେଁ ଭେଁ ହୋଇ କାନ୍ଦି ଉଠିଲା ।

ସାବାଡ଼ ହୋଇଯାଇଥିଲେ ମା-ପୁଅ ...ଝିଅ।

ରାତିରେ ଗୋଟାଏ ଥମ୍‌ଥମ୍ ନିରବତା ରାଜୁତି କରୁଥିଲା ସେଇଘରେ। ଘରେ ସମସ୍ତେ ଥିଲେ, ଅଥଚ ଲାଗୁଥିଲା କେହି ଯେପରି ନାହାନ୍ତି। ରୋଷେଇ ଘରେ ମାନସୀ କାମ କରୁଥିଲେ ପ୍ରଚୁର ଅନ୍ୟମନସ୍କତାର ସହିତ। ଏମିତି କଥା କାହିଁକି କହିଲେ ଚନ୍ଦ୍ରକାନ୍ତ ? ପୁଣି ପିଲାମାନଙ୍କ ସାମ୍ନାରେ ? କେତେ ସରଳ ସାବଲୀଳ ଭାବରେ ବିତିଯାଉଥିଲା ସେମାନଙ୍କ ଜୀବନ ! ରାଜ୍ୟ ସରକାରଙ୍କର ଜଣେ ଅଧିକାରୀ ସେ। ଉଚ୍ଚ ଅଙ୍କର ବେତନ। ସୁଦୃଶ୍ୟ ଘରଟିଏ ତୋଳାଯାଇଛି ସହରର ସଂଭ୍ରାନ୍ତ ଅଞ୍ଚଳରେ। ପୁଅ ଓ ଝିଅ ସହରର ନାମୀ କଲେଜ ଓ ସ୍କୁଲରେ ପାଠପଢୁଛନ୍ତି। ଅନ୍ୟ ପିଲାମାନଙ୍କ ପରି ବାତେରା ଛତରା ନୁହଁନ୍ତି। ଧୀରସ୍ଥିର। ଘରେ କୌଣସି ସମସ୍ୟା କି ଟେନ୍‌ସନ୍ ନାହିଁ।

ଆପାତତଃ ଗୋଟାଏ ନିର୍ଜଞ୍ଜାଳ, ସୁକ୍ଷିତ ତଥା ସୁଖମୟ ଜୀବନ ଅତିବାହିତ କରୁଥିବା ଜଣେ ଉଚ୍ଚଶିକ୍ଷିତ ମଣିଷର ଜୀବନ ପ୍ରତି ହଠାତ୍ ଏ ପ୍ରକାର ନକରାତ୍ମକ ଦୃଷ୍ଟିଭଙ୍ଗୀ ପଛରେ କି ପ୍ରକାର ରହସ୍ୟ ରହିଛି ?

ଚନ୍ଦ୍ରକାନ୍ତ ଅଫିସ୍ ଓ ପିଲାମାନେ ସ୍କୁଲ କଲେଜ ଚାଲିଯିବା ପରେ ଘରଟା ସମ୍ପୂର୍ଣ୍ଣ ଫାଙ୍କା ହୋଇଗଲା। ମାନସୀ ଚିନ୍ତାର ଅଗ୍ନାଅଗ୍ନି ଜଙ୍ଗଲ ଭିତରେ ହଜିଯାଇଥିଲେ। ତାଙ୍କୁ କୁଆଡୁ କିଛି ବୁଦ୍ଧିବାଟ ଦେଖାଯାଉନଥିଲା।

ଠିକ୍ ଦିନ ଅଢ଼େଇଟା ବେଳକୁ ଚନ୍ଦ୍ରକାନ୍ତଙ୍କ ଅଫିସ୍‌ରୁ ଫୋନ୍ ଆସିଲା। ତରବର ହୋଇ ଗୋଟେ ଅଟୋରିକ୍ସା ଧରି ଅଧଘଣ୍ଟା ଭିତରେ ମାନସୀ ଯାଇ ପହଞ୍ଚିଲେ ଅଫିସ୍‌ରେ ।

ବଡ଼ ନାରଖାର ଦେଖାଯାଉଥିଲା ଚନ୍ଦ୍ରକାନ୍ତଙ୍କ ଚେହେରା। ମୁଣ୍ଡବାଳ ଅବିନ୍ୟସ୍ତ। ଘର୍ମାକ୍ତ ମୁହଁ। ସତେଅବା ଶହେ କିଲୋମିଟର ରାସ୍ତା ସେ ଏଇମାତ୍ର ଦୌଡ଼ିଦୌଡ଼ି ଆସିଛନ୍ତି, ସେହିପରି କ୍ଳାନ୍ତ ଓ ଅବସନ୍ନଭାବ। ମୁହଁ ଶୁଖି କଳାକାଠ। ନିଜ ଚେୟାରରେ ବସିଥିଲେ କାନ୍ଥଆଡ଼କୁ ମୁହଁକରି।

: ବାବୁଙ୍କ ଅବସ୍ଥା ଭଲ ନାହିଁ ମ୍ୟାଡ଼ାମ ! କହିଲେ ସେକ୍ସନ ଅଫିସ୍‌ର ବିରଞ୍ଚିବାବୁ- "ଆମେ ଅନେକଦିନ ହେବ ଲକ୍ଷ କରୁଛୁ ଏକଥା । ଆଜି କିନ୍ତୁ ପରିସ୍ଥିତି ଅସମ୍ଭାଳ ହେବାରୁ ବାଧ୍ୟ ହୋଇ ଆପଣଙ୍କୁ ଫୋନ୍ କଲୁ....

ବିରଞ୍ଚିବାବୁ ଟିକେ ନିରବ ରହି ପୁଣି କହିଲେ- "ମୁଁ ବୁଝିପାରୁନି ଆଜ୍ଞା, ଖାଇବା ପଦାର୍ଥ ଦେଖିଲେ ସେ ଏତେ ନର୍ଭସ, ଏତେ ଉତ୍‌କ୍ଷିପ୍ତ ହୋଇଯାଉଛନ୍ତି କାହିଁକି ? ଆଜି ସୌମେନ୍ଦ୍ରବାବୁ ଗୋଟାଏ ଟିଫିନ୍ ପାର୍ଟି ଦେଲେ। ତାଙ୍କୁ ଯେତେବେଳେ ଆମେ ନେଇ ଖାଇବା ପ୍ୟାକେଟ୍ ଦେଲୁ, ସେ ପ୍ୟାକେଟ୍‌ଟିକୁ ଏପରି ଫିଙ୍ଗିଲେ ଯେ ଲାଗିଲା ସତେ ଯେପରି ତାଙ୍କ ହାତରେ ବିଷଧର ସାପଟିଏ କିଏ ଧରାଇ ଦେଇଛି। କ୍ରୋଧରେ ଉନ୍ମତ୍ତପ୍ରାୟ ହୋଇ ଚିତ୍କାର କଲେ-

"ଏଗୁଡ଼ାସବୁ କ'ଣ ? ତୁମମାନଙ୍କୁ କିଏ କହିଲା ଏସବୁ ଆଣି ମତେ ଦେବାପାଇଁ ? ଚକ୍ରାନ୍ତ କରି ତମେମାନେ ମତେ ମାରିଦେବାକୁ ବସିଛ ନା କ'ଣ ? ଏସବୁ ଖାଇ ମୋର ଯଦି ଭଲମନ୍ଦ କିଛି ହୋଇଯାଏ, ମୋ ପିଲା ପରିବାରଙ୍କ ଅବସ୍ଥା କ'ଣ ହେବ, ଅନୁମାନ କରିପାରୁଛ ? ମୁଁ ଜମା ଖାଇବିନି । ୟା' ମଧ୍ୟରେ ମୁଁ ଖାଇବା ସମ୍ପୂର୍ଣ୍ଣ ଛାଡ଼ି ଦେଇଛି। ଶପଥ କରିଛି, ଜୀବନରେ ମୁଁ କେବେ, କେଉଁଠି କିଛି ବି ଖାଇବି ନାହିଁ। ନା ଘରେ, ନା ଅଫିସ୍‌ରେ ନା ହାଟବଜାରରେ....।

: କହୁନାହାନ୍ତି ମ୍ୟାଡ଼ାମ- ବିରଞ୍ଚିବାବୁ କହୁଥିଲେ "ଏପରି ବ୍ୟବହାର କଣ କେହି ନର୍ମାଲ ମଣିଷ କରେ ! ନଖାଇବ ତ ମନା କରିଦେବ, ହେଲେ ଏମିତି ଦେଲା ଲୋକର ଉପରକୁ ଫୋପାଡ଼ିବା....

: ମୁଁ ବଡ଼ ଦୁଃଖିତ.... ମାନସୀ ଦୁଃଖ ଓ ଲଜ୍ଜାରେ ଜଡ଼ସଡ଼ ହୋଇଯାଇ କହିଲେ।

ବିଗଳିତ ସ୍ୱରରେ ବରିଞ୍ଚିବାବୁ କହିଲେ-

"ନାଇଁ ନାଇଁ ମ୍ୟାଡ଼ାମ, ଆପଣ ସେପରି ଭାବନ୍ତୁ ନାହିଁ। ଚନ୍ଦ୍ରକାନ୍ତବାବୁ ଆମ ଅଫିସ୍‌ର ଗୋଟାଏ ଆସେଟ୍। ଭାରି କାମିକା ଏବଂ ମେଳାପୀ ମଣିଷ। ସମସ୍ତେ ତାଙ୍କୁ ଆନ୍ତରିକ ଶ୍ରଦ୍ଧା ଓ ସମ୍ମାନ କରନ୍ତି। ହଠାତ୍ ତାଙ୍କ ଅବସ୍ଥା କାହିଁକି ଏପରି ହେଲା, ଆମେ କେହି କିଛି ବୁଝିପାରୁନାହୁଁ। ଏଇ ତିନି ଚାରିମାସ ହେବ, ତାଙ୍କ ଅବସ୍ଥା ବେଶି ଖରାପ ଆଡ଼କୁ ଗତି କଲାଣି। ଆପଣ ତାଙ୍କର ଟ୍ରିଟ୍‌ମେଣ୍ଟ କରାନ୍ତୁ....।

: ମେଡ଼ିସିନ୍ ପ୍ରଫେସର ଡାକ୍ତର ଗଣନାଥ ଗନ୍ତାୟତ, ଡାକ୍ତର ଗୋପୀନାଥ ରାଉତ, ଡାକ୍ତର ସତ୍ୟନାରାୟଣ ମିଶ୍ର, ଡାକ୍ତର ପି.କେ ମଣ୍ଡଳଙ୍କୁ ଦେଖାଇସାରିଲୁଣି।" ଥମ୍‌ଥମ୍ କଣ୍ଠରେ ମାନସୀ କହିଲେ।

ବିରଞ୍ଚିବାବୁ ଶୁଣିଲେ, ଚୁପ୍ ରହିଲେ। ମନ ଭିତରେ ଭାବୁଥିବା କଥାଟି କହିବେ କି ନାହିଁ କିଛି ସମୟ ଦୋ-ଦୋ ପାଞ୍ଚ ହେଲେ ଏବଂ ପରେ ମନସ୍ଥିର କରି କହିଲେ- "ଶୁଣନ୍ତୁ ଆଜ୍ଞା, ମତେ ଲାଗୁଛି ଚନ୍ଦ୍ରକାନ୍ତ ବାବୁଙ୍କର କିଛି ଶାରୀରିକ ରୋଗଫୋଗ ଆଦୌ ନାହିଁ।

ଏହା ସମ୍ପୂର୍ଣ୍ଣ ମାନସିକ ବ୍ୟାପାର। ମୋ କଥା ମାନିବେ? ଆପଣ ଥରେ ବାବୁଙ୍କୁ ନେଇ ସାଇକିଆଟ୍ରିଷ୍ଟ ଡାକ୍ତର ଶଶିକାନ୍ତ ଶତପଥୀଙ୍କ ପାଖକୁ ଯାଆନ୍ତୁ।

ମାନସୀ ଉଠିଲେ। ଧରିଲେ ଚନ୍ଦ୍ରକାନ୍ତଙ୍କ ଗୋଟିଏ ବାହୁକୁ। ଧୀର ସ୍ୱରରେ କହିଲେ- "ଉଠ, ଚାଲ ଯିବା ଘରକୁ।"

ଆଶ୍ଚର୍ଯ୍ୟ, ଏଇ ଅଳ୍ପ ସମୟପୂର୍ବରୁ ଅଫିସ୍ ଭିତରେ ଉତ୍ପାତ କରୁଥିବା ମଣିଷଟି ଶାନ୍ତ ସୁଧାର ପିଲାଟିଏ ପରି ସିଟ୍‌ରୁ ଉଠିଲେ ଏବଂ କେଉଁଆଡ଼କୁ ନଚାହିଁ, କାହାକୁ କିଛି ନକହି ଏକମୁହାଁ ହୋଇ ବାହାରି ଆସିଲେ ଅଫିସ୍ ଭିତରୁ।

ଘରକୁ ଫେରି ନିଘୋଡ଼ ନିଦରେ ଶୋଇପଡ଼ିଲେ ଚନ୍ଦ୍ରକାନ୍ତ। ଉଠୁଉଠୁ ସନ୍ଧ୍ୟା। ମାନସୀ ଚା' କପ୍ ଆଣି ଆସିଲେ ତାଙ୍କ ପାଖକୁ। ଚନ୍ଦ୍ରକାନ୍ତ ପଚାରିଲେ- "ପିଲାମାନେ କୁଆଡ଼େ ଗଲେ ?

: ପିଲାମାନଙ୍କୁ ମୁଁ ଆଲ୍‌ମିରା ଭିତରେ ପୂରାଇ ଚାବି ପକାଇ ଦେଇଛି। ଏଇ ନିଅ ଚାବି। ବଡ଼ ଦିକ୍‌ଦାରିଆ ଲୋକଟା ତମେ। କାହିଁକି ସବୁବେଳେ ପିଲାପିଲା ହଉଚ? ପିଲାମାନେ ପାଠ ପଢ଼ିବାକୁ ଯିବେନି, ଖେଳକୁଦ କରିବେନି ? ଖାଲି ସବୁବେଳେ ବସିଥିବେ ତୁମ ପାଖରେ! ଖାଲି ତୁମରି ପିଲା ଅଛନ୍ତି ନା ଆଉ କାହାର ଅଛି ? କି ଭୂତ ତୁମ ମୁଣ୍ଡରେ ପଶିଛି କେଜାଣି? ମଣିଷକୁ ନୟାନ୍ତ କରି କରି ମାରିସାରିଲଣି।ସେ ବିରଞ୍ଚିବାବୁ ଠିକ୍ କଥା କହୁଥିଲେ।"

ମାନସୀ ଦିକ୍‌ଦାର ସ୍ୱରରେ କହିଲେ ।

: ସେ ବିରଞ୍ଚିବାବୁ ଶଳାଟା କିଏ ? କେଉଁ ଠିକ୍ କଥା ସେ କହୁଥିଲା ? – ଚନ୍ଦ୍ରକାନ୍ତ ଉତ୍କ୍ଷିପ୍ତ କଣ୍ଠରେ କହିଲେ ଏବଂ ପରମୁହୂର୍ତ୍ତରେ ନିଜ ସ୍ୱରକୁ ଯଥାସମ୍ଭବ କୋମଳ କରି ପୁଣି କହିଲେ- "ମୁଁ ଆମ ଭଲ ପାଇଁ କହୁଛି। ହେଲେ ମୋ କଥା ତୁମକୁ ଗନ୍ଧାଉଛି। ହଉ ଯାହା ତୁମର ଇଚ୍ଛା ! ଯଦି ଅକସ୍ମାତ୍ କିଛି ଅଘଟଣ ଘଟିଯାଏ, ତେବେ ମୁଣ୍ଡ ପିଟୁଥିବ ଦ୍ୱାରବନ୍ଧରେ। ସେତେବେଳେ ମୁଁ ଆଉ ଥିବି ଯେ ତୁମ ଦୁଃଖ ଦେଖିବି....

ଖିଆପିଆ କିଛି ନକରି, ସେଦିନ ରାତିରେ ଖାଡ଼ା ଉପବାସରେ ଶୋଇଗଲେ ଚନ୍ଦ୍ରକାନ୍ତ।

ରାତି ଅଧବେଳକୁ କାହିଁକି କେଜାଣି ମାନସୀଙ୍କର ନିଦ ଭାଙ୍ଗିଗଲା। ଦେଖିଲେ ଚନ୍ଦ୍ରକାନ୍ତ ବିଛଣାରେ ନାହାନ୍ତି। ସେ ଲାଇଟ୍ ଜଳାଇଲେ। ଦେଖିଲେ ସୋଫା ଉପରେ ଗମ୍ଭୀର ମୁଦ୍ରାରେ ସେ ବସିଥିଲେ।

"କ'ଣ ହେଲା କି ? ସନ୍ଧ୍ୟାବେଳେ ମୁଁ କହିଥିବା କଥା କେଇପଦକୁ ଗଣ୍ଠି ପକାଇଛ ମନରେ ? ଦେହ ଭଲ ଲାଗୁନାହିଁ କି ?

: ଆମ ଘର ବାଲ୍‌କୋନୀରେ ଆଉ ମୂଷା ଅଛନ୍ତି?

ନିଦ ସମ୍ପୂର୍ଣ୍ଣ ଛାଡ଼ିଗଲା ମାନସୀଙ୍କ ଆଖିରୁ। ସେ ବୁଝିପାରିଲେ ନାହିଁ, ରାତି ଅଧରେ ତାଙ୍କୁ ନିଦରୁ ଉଠାଇ ମୂଷା ବିଷୟରେ କହିବାର ତାତ୍ପର୍ଯ୍ୟ କ'ଣ?"

କାହିଁ, କଣ ହେଲା କି ? ଅବୁଝା କଣ୍ଠରେ ମାନସୀ ପଚାରିଲେ।

: ନାହିଁ...... ମାନେ ମୁଁ ଭାବୁଛି, ବାଲ୍‌କୋନୀରେ ଥିବା ସେଇ ମୂଷାଛୁଆଗୁଡ଼ା ଏବେ ବୋଧହୁଏ ବଡ଼ ବଡ଼ ହୋଇଯିବେଣି। ଆଉ ସେମାନଙ୍କର କିଛି ଅସୁବିଧା ନଥିବ....

ହେ ଭଗବାନ.... ! ମାନସୀ ଆକାଶରୁ ଖସିପଡ଼ିଲେ।

ଚାରି ପାଞ୍ଚମାସ ପୂର୍ବର ଘଟଣା-

ମାନସୀଙ୍କର ଭାରି ସଉକ ବାଲ୍‌କୋନୀରେ ମାଟିକୁଣ୍ଡ ରଖି ଭଳିକି ଭଳି ଫୁଲଗଛ ଲଗାଇବା। ଚନ୍ଦ୍ରକାନ୍ତ ଏକନମ୍ବର ମାର୍କେଟ୍‌ରୁ ନାନାଜାତିର ଫୁଲଗଛମାନ ଆଣି ଦେଇଥିଲେ। ପ୍ରତିଦିନ ଘଣ୍ଟାଏ ସମୟ ବ୍ୟୟ କରୁଥିଲେ ଫୁଲଗଛମାନଙ୍କ ଗହଣରେ। ନାନା ଜାତିର ରଙ୍ଗବେରଙ୍ଗର ଫୁଲଫୁଟି ବାଲ୍‌କୋନୀଟା ସତକୁ ସତ ଭାରି ସୁନ୍ଦର ଦେଖାଯାଉଥିଲା।

ଦିନେ ସକାଳେ ଦେଖିବା ବେଳକୁ ଗୋଟାଏ ଗେଣ୍ଡୁଗଛକୁ କିଏ କାଟି ପକାଇଛି। କୁଣ୍ଡର ଓଦା ମାଟିଗୁଡ଼ା ବିକ୍ଷିପ୍ତ ହୋଇ ଏଣେତେଣେ ବିଛାଡ଼ି ହୋଇପଡ଼ିଛି। ମାନସୀ ବାଲ୍‌କୋନୀରେ ଥାଇ ଅତର୍ଚ୍ଛ ସ୍ୱରରେ ଡାକ ପକାଇଲେ ଚନ୍ଦ୍ରକାନ୍ତଙ୍କୁ।

ଦାଢ଼ି ଖିଅର ଅଧାରଖି ବେସିନ୍ ପାଖରୁ ଧାଇଁ ଆସିଲେ ଚନ୍ଦ୍ରକାନ୍ତ।

: ଦେଖ୍ ! ସେ ସତ୍ୟନାସିଆ ମୂଷା କ'ଣ କିଛି ଏ ଗଛକୁ। କେତେ କଷ୍ଟରେ, ଯତ୍ନରେ ବଢ଼ାଇଥିଲି ଏମାନଙ୍କୁ ! ଆଉ ଆଠଦଶଦିନ ଭିତରେ ଫୁଲ ଫୁଟିଥାନ୍ତା ! ଗଲା, ସବୁ ନାରଖାର ହେଇଗଲା....

ଭାରି ଦୁଃଖୀ ହୋଇପଡ଼ିଲେ ମାନସୀ। ତାଙ୍କ ପ୍ରରୋଚନାରେ ଗୋଟାଏ ଯନ୍ତା କିଣା ହୋଇ ଆସିଲା ଏକନମ୍ବର ହାଟରୁ। ସେଦିନ ରାତିରେ ଯନ୍ତା ଭିତରେ ଖଣ୍ଡେ ବରା ରଖି ତାକୁ ବାଲ୍‌କୋନୀରେ ରଖିଦେଲେ ଚନ୍ଦ୍ରକାନ୍ତ । ସକାଳୁ ଦେଖିଲାବେଳକୁ ଏତେବଡ଼ ମୂଷାଟାଏ ପଶିଛି ଯନ୍ତା ଭିତରେ।

ଆନନ୍ଦରେ ଗଦଗଦ ହୋଇପଡ଼ିଲେ ସ୍ୱାମୀ- ସ୍ତ୍ରୀ ଓ ପିଲାଦୁହେଁ।

: ଏଇଟାକୁ ବାଡ଼େଇ ବାଡ଼େଇ ମାରିଦେବା- ପ୍ରସ୍ତାବ ଦେଲେ ମାନସୀ।

: ଯା'କୁ ପାଣିରେ ବୁଡ଼େଇ ମାରିବା- ପ୍ରସ୍ତାବ ଦେଲା ବଡ଼ପୁଅ ଆୟୁଷ।

: ଏହାକୁ ଆମେ ଘରେ ରଖି ପାଳିବା- ଝିଅ ନେହା କହିଲା।

"ୟାକୁ ନେଇ ମୁଁ ନିଳାଦ୍ରୀବିହାର ପାଖ ଜଙ୍ଗଲରେ ଛାଡ଼ି ଦେଇ ଆସୁଚି।

ଯନ୍ତା ଧରି ଚନ୍ଦ୍ରକାନ୍ତ ବାହାରିଗଲେ ସ୍କୁଟିରେ ।

କାଳେ ଆଉ ମୂଷା ଥାଇପାରନ୍ତି ଭାବି ତା'ପରଦିନ ରାତିରେ ପୁଣିଥରେ ଯନ୍ତା ବସିଲା ବାଲ୍‌କୋନୀରେ। ସକାଳକୁ ଦେଖିଲାବେଳକୁ ଆଉ ଗୋଟିଏ ମୂଷା ଯନ୍ତା ଭିତରେ କିଲ୍ କିଲ୍ ହେଉଛି।

ତାପରଦିନ.... ତା' ପରଦିନ.... ତା'ପରଦିନ.... ମୂଷା....ମୂଷା....ମୂଷା.....

ସେଦିନ ମାନସୀ କହିଲେ- "ହୟୋ, ସବୁଦିନ ଏଡ଼େ ଏଡ଼େ ବଡ଼ ମୂଷାଗୁଡ଼ା କୁଆଡୁ ଆସୁଛନ୍ତି ଆମ ବାଲ୍‌କୋନୀକୁ ? ମତେ ଲାଗୁଛି ସେଇ ଗୋଟିଏ ମୂଷା ଚାଲିଆସୁଛି। ତମକୁ ବି ଖୁସି ଲାଗୁଛି କି କ'ଣ ଫିଦିନ ଦୁଇ ତିନି କିଲୋମିଟର ବାଟ ଗାଡ଼ିରେ ନେଇ ତାକୁ ବାହାରେ ଛାଡ଼ି ଆସୁଛି। ଏଠି କି ଫାର୍ସ ଲାଗିଛି କେଜାଣି ?

: ବାହାରେ ଛାଡ଼ିବିନି ତ କ'ଣ ଘର ଭିତରେ ଛାଡ଼ିଦେବି ! - ଚନ୍ଦ୍ରକାନ୍ତ କହିଲେ ଏବଂ ଯୋଗକଲେ - କି ଅସମ୍ଭବ କଥା ତୁମେ କହୁଛ ? ଆମଘରଠାରୁ ପ୍ରାୟ ତିନିକିଲୋମିଟର ଦୂର ନିଳାଦ୍ରୀବିହାରୀ ପାଖ ଜଙ୍ଗଲରେ ମୁଁ ତାକୁ ଛାଡୁଛି। ଏତେବାଟ ଏଡ଼ିକି ବକଟେ ଜନ୍ତୁ ଚାଲିଆସୁଛି ? ତମେ ପାଗଳ ନା କ'ଣ ?

: ଆଜି ମୁଁ ତା' ଦେହରେ ନାଲି ନଖପଲିସ୍ ଟିକେ ଲଗାଇ ଦଉଛି। କାଲି ସକାଳକୁ ଦେଖିବା ମୁଁ ପାଗଳ କି ତମେ !

ସେଦିନ ରାତିରେ ବି ଯନ୍ତା ବସିଲା ବାଲ୍‌କୋନୀରେ।

ସକାଳକୁ ବିମୂଢ଼ ହୋଇଗଲେ ଚନ୍ଦ୍ରକାନ୍ତ। ତାଙ୍କ ଆଶ୍ଚର୍ଯ୍ୟର ସୀମା ରହିଲା ନାହିଁ। ସେଇ ଚିତ୍ରିତ ମୂଷାଟି ହିଁ ବସିଥିଲା ଜନ୍ତା ଭିତରେ।

: ୟାକୁ ଆଉ ଭଲଯୋଗ ନାହିଁ। ଏଡ଼ିକି ବକଟେ ଜନ୍ତୁ, ତା'ର କି ସାହସ ଦେଖ। ବାରମ୍ବାର ଜନ୍ତାରେ ପଡ଼ିଲେ ବି ପୁଣି ଆସୁଛି। ତା' ମାଲିକ ଭାରି ଦୟାଳୁ ବୋଲି ସେ ଜାଣିସାରିଲାଣି ନା ! ଗୋଟିଏ କାମ କର, ୟାକୁ ବାଡ଼େଇ ମାରିଦିଅ.... ଯଦି ମାରିବାକୁ ତୁମକୁ ଡର ଲାଗୁଛି, ମତେ ଦିଅ....

ମାନସୀ ଖୁବ୍ ରାଗିଯାଇଥିଲେ।

କାଳେ ମାନସୀ ସତକୁ ସତ ମୂଷାଟିକୁ ବାଡ଼େଇ ମାରିଦେବେ, ଚନ୍ଦ୍ରକାନ୍ତ ଯନ୍ତା ଧରି ତରତର ହୋଇ ବାହାରିଗଲେ। ଏଥର ସେ ଅଧିକ ବାଟରେ ନେଇ ଛାଡ଼ିଦେଲେ ମୂଷାଟିକୁ। ଘରଠାରୁ ପ୍ରାୟ ଚାରିପାଞ୍ଚ କିଲୋମିଟର ଦୂର ଏକ କେନାଲ ବନ୍ଧରେ।

: ତାକୁ କେଉଁଠି ଛାଡ଼ିଲ ?

: ପଟିଆ ଆରପଟେ। ଏଥର ସେ ନା ତା’ ବୋପା ଆସିବ । – ଚନ୍ଦ୍ରକାନ୍ତ କହିଲେ।

: ପୃଥିବୀ ଆରପାଖରେ ଛାଡ଼ିଲେ ବି ଆସିବ। – ମାନସୀ କହିଲେ– “ତୁମେ ଗୋଟାଏ କାମ କରିବ। ଆଜି ଅଫିସ୍‌ରୁ ଫେରିବାବେଳେ ଏକନମ୍ବର ହାଟରୁ ମୂଷାମରା ବିଷ ପ୍ୟାକେଟ୍‌ଟାଏ ଆଣିଥିବ। ବରାରେ ଗୋଳେଇ ଜନ୍ତା ଭିତରେ ରଖିଦେବା। ଏକାଥରକେ ଖତମ.....

ମାନସୀଙ୍କର ଏପରି ଭୟଙ୍କର ପ୍ରସ୍ତାବ ଶୁଣି ଚମକି ପଡ଼ିଲେ ଚନ୍ଦ୍ରକାନ୍ତ। କେଡ଼େ ନିର୍ଦ୍ଦୟୀ ମଣିଷଟା। ନିରୀହ ପ୍ରାଣୀଟିକୁ ବିଷ ଦେଇ ମାରିଦେବାକୁ ଚକ୍ରାନ୍ତ କରୁଛନ୍ତି ! ଏକଥା ଭାରି ବ୍ୟଥିତ କଲା ତାଙ୍କୁ। ସେ କହିଲେ– “ମୋ ଦ୍ୱାରା ସେପରି କାମ ହେବନାଇଁ। ଏପରି ଦୁର୍ବୁଦ୍ଧି ତୁମ ମୁଣ୍ଡରେ ପଶିଲା କେମିତି ?

: ଜୀବନରେ ଏତେ ଲୋକଙ୍କୁ ଦେଖିଛି, ତୁମପରି ଛେରୁଆ ମଣିଷଟିଏ ଦେଖିନାଇଁ କେଉଁଠି। ଭଗବାନ ତୁମକୁ ପୁରୁଷ ଲୋକ କରି ଗଢ଼ିଛନ୍ତିଟି ! ନିରୀହ ଜନ୍ତୁ ! ଆଜି ଗଛ କାଟିଲା, ଯେଉଁଦିନ ତୁମ ବହିପତ୍ର, ପ୍ୟାଣ୍ଟସାର୍ଟ, ଅଫିସ୍ କାଗଜପତ୍ର ଟିକ୍‌ଟିକ୍ କରି କାଟିବ, ସେଇଦିନ ତୁମ ଜନ୍ତୁ ସୁହାଗ ଛାଡ଼ିଯିବ....

ମାନସୀ ଗରଗର ହୋଇ କହିଲେ। ଚନ୍ଦ୍ରକାନ୍ତ କିନ୍ତୁ ତାଙ୍କ କଥାକୁ କାନକୁ ନେଲେ ନାଇଁ ।

ସେଦିନ ଅଫିସ୍ ଯିବାବେଳେ ଆଉଥରେ ମନେ ପକାଇଦେଲେ ମୂଷାମରା ବିଷ କଥା। ଅଫିସ୍‌ରେ ପହଞ୍ଚିବା ପରେ ମଧ୍ୟ ଫୋନ୍ କଲେ।

ଘରକୁ ଫେରିବା ବେଳକୁ ତାଙ୍କ ଗାଡ଼ି ଏକନମ୍ବର ହାଟଆଡ଼କୁ ମୁହାଁଇଲା।

ସେଦିନ ରାତିରେ ବରା ଭିତରେ ବିଷ ମିଶାଇ ଯନ୍ତା ଭିତରେ ରଖିଲେ ମାନସୀ। ଚନ୍ଦ୍ରକାନ୍ତଙ୍କର ବାରଣ କିଛି କାମ କଲା ନାଇଁ। ରାତି ଅଧଯାଏ ନିଦ ହେଉନଥିଲା ତାଙ୍କୁ। ପ୍ରତି ଅଧଘଣ୍ଟାରେ ସେ ଉଠୁଥିଲେ ବିଛଣାରୁ। ଆଲୁଅ ଜଳାଇ ବାଲ୍‌କୋନୀର କବାଟ ଖୋଲି ଦେଖୁଥିଲେ ଜନ୍ତା ଭିତରେ ମୂଷା ପଡ଼ିଛି କି ନାଇଁ ଦେଖିବାକୁ। ରାତି ଦୁଇଟାଯାଏ ମୂଷାଶୂନ୍ୟ ଥିଲା ଯନ୍ତା। ଭାରି ଆଶ୍ୱସ୍ତ ଲାଗିଲା ତାଙ୍କୁ। ଯା’ ହେଉ ମୂଷା ଆଜି ଆସିନାଇଁ। ତା’ ଭାଗ୍ୟ ଟାଣ। ବଞ୍ଚିଗଲା ବିଚରା।

ଥୋଡ଼େ ଆଶ୍ୱସ୍ତି ଭାବ ନେଇ ଶୋଇବାକୁ ଚାଲିଗଲେ ଚନ୍ଦ୍ରକାନ୍ତ।

ସକାଳୁ ସକାଳୁ ମାନସୀଙ୍କ ଡାକରାରେ ନିଦ ଭାଙ୍ଗିଗଲା ତାଙ୍କର।

: ହେଇଟି, ଦେଖ। ଭାଲୁପରି ମୂଷାଟାଏ ମରି ପଡ଼ିଛି ଯନ୍ତା ଭିତରେ। ମୁଁ କହୁନଥିଲି, ସେଇ ଗୋଟାଏ ମୂଷା ଆସୁଛି ବାରମ୍ବାର। ଦେଖ ତା ଦେହରେ ନାଲି ରଙ୍ଗ ଲାଗିଛି। ଯା, ଏକାଥରକେ କାମ ଫତେ !

ମାନସୀଙ୍କ ସ୍ୱର ଭାରି ଉତ୍‌ଫୁଲ୍ଲିତ ଶୁଭୁଥିଲା।

ଦୁଃଖର କଳାବାଦଲଟିଏ ଢାଙ୍କିଦେଲା ଚନ୍ଦ୍ରକାନ୍ତଙ୍କ ମନକୁ। ଯନ୍ତା ଭିତରେ ଅନନ୍ତ ନିଦ୍ରାରେ ଶୋଇପଡ଼ିଥିବା ମୂଷାଟିକୁ ଦେଖି ସେ ସ୍ଥାଣୁ ପାଲଟିଗଲେ। ଗୋଟିଏ ନିରୀହ ପ୍ରାଣୀର ମୃତ୍ୟୁ ପାଇଁ ସେ ନିଜକୁ ଦାୟୀ କରୁଥିଲେ। ମୂଷାଟି ଆଜିକୁ ବାରଦିନ ଧରି ଆସୁଥିଲା, ଯନ୍ତା ଭିତରେ ପଶି ବରା ଖାଉଥିବାବେଳେ ବନ୍ଦୀ ହୋଇଯାଉଥିଲା ସେଥିରେ। ସେ ତାକୁ ନେଇ ଛାଡ଼ି ଦେଇ ଆସୁଥିଲେ ଘରଠାରୁ ତିନି ଚାରିକିଲୋମିଟର ଦୂରରେ। ପୁଣି ଆସୁଥିଲା, ବାରମ୍ବାର ଆସୁଥିଲା।

ଗୋଟେ ମୂଷା, କେଉଁ ପ୍ରଲୋଭନରେ, କିପରି ବା ବାରମ୍ବାର ଆସିପାରେ ତା’ ପାଇଁ ଭୟଙ୍କର ବିପଦ ଅପେକ୍ଷା କରିଥିବା ଗୋଟାଏ ସ୍ଥାନକୁ ?

ବଡ଼ ବେକୁବ୍ ମୂଷାଟାଏ। ଟିକିଏ ଖାଦ୍ୟର ପ୍ରଲୋଭନରେ ଗୋଟେ ପ୍ରାଣୀ କଣ ମୂର୍ଚ୍ଛି ଦେଇପାରେ ନିଜ ଅମୂଲ୍ୟ ଜୀବନ। ହାୟ.... ହାୟ.... !

ଚନ୍ଦ୍ରକାନ୍ତଙ୍କର ସେପରି ଦୟନୀୟ ଅବସ୍ଥା ଦେଖିବ ଫେଁ କରି ହସି ପକାଇଲେ ମାନସୀ। ହସି ହସି କହିଲେ– “ମଲା ମୂଷାଟାକୁ ନେଇ ବାହାରେ ଫୋପାଡ଼ିଦିଅ। ବାଲ୍‌କୋନୀସାରା ମୂଷା ଲଣ୍ଡି ପଡ଼ିଛି। ଫୁଲକୁଣ୍ଡ ଚାରିପାଖରେ ସେ ହାରାମଜାଦା ମାଟି ଓ ଆଳିମାଳିକା ଜିନିଷସବୁ ଗଦା କରିଛି। ଝାଡୁଟିକେ ମାରି, ପାଣି ଫିନାଇଲ୍ ଢାଳି ସଫା କରିଦେଲ.... !

କ୍ରୋଧର ତରଙ୍ଗଟିଏ ତାଙ୍କ ମନ ଭିତରେ ସୃଷ୍ଟି ହୋଇଗଲା ମାନସୀଙ୍କ ପ୍ରତି। ତାଙ୍କରି ବୁଦ୍ଧିରେ ପଡ଼ି ସେ ଏକନମ୍ବର ହାଟରୁ ମୂଷାମରା ବିଷ ଆଣିଲେ ବୋଲି ସିନା ଆଜି ଏତେବଡ଼ ଅଘଟଣାଟାଏ ଘଟିଗଲା। ଦୁଃଖ ଓ ବିରକ୍ତିର ସହ ସେ ବାଲ୍‌କୋନୀ ସଫା କରୁଥିବାବେଳେ ସହସା ଚମକି ପଡ଼ିଲେ। ତାଙ୍କ ଛାତି ଭିତରେ ଚୂଡ଼ାକୁଟା ପାହାର ସୃଷ୍ଟି ହୋଇଯାଉଥିଲା। ସେ ଲଥ୍ କରି ବସିପଡ଼ିଲେ ସେଇଠି। ଗୋଟାଏ ହୃଦୟ ବିଦାରକ ଦୃଶ୍ୟ ତାଙ୍କ ଅନ୍ତରାତ୍ମାକୁ ଦୋହଲାଇ ଦେଉଥିଲା।

ଆଖି ସାମ୍‌ନାରେ ଦୃଶ୍ୟ ଥିଲା ଅତ୍ୟନ୍ତ କରୁଣ, ମର୍ମନ୍ତୁଦ।

ଚିନାବାଦାମ ଆକୃତିର ଦୁଇ ତିନୋଟି ବାଦାମୀ ମାଂସ ପିଣ୍ଡୁଳା ଧୀର ପବନରେ ପତ୍ର ହଲିବା ପରି ହଲ୍‌ଚଲ୍ ହେଉଥିଲେ ଫୁଲକୁଣ୍ଡ ପାର୍ଶ୍ୱରେ ଜମିଥିବା ମାଟି ଓ ନଡ଼ା ଉପରେ।

ଛାତି ଭିତରଟାକୁ କିଏ ଯେପରି ସମସ୍ତ ନିର୍ଦ୍ଦୟତାର ସହ କୋରି ପକାଉଥିଲା। ଅସହ୍ୟ ଯନ୍ତ୍ରଣାରେ ଚନ୍ଦ୍ରକାନ୍ତଙ୍କ ଆଖିରେ ଜକେଇ ଆସିଲା ଲୁହ। ସେ ଥରେ ଚାହୁଁଥିଲେ ବାଦାମୀ ରଙ୍ଗର ନୁତୁପୁତିଆ ଛୁଆଗୁଡ଼ାକୁ ତ ପରେ ପରେ ଚାହୁଁଥିଲେ ମାତ୍ର ଦେଢ଼ଫୁଟ ଦୂରରେ ଥିବା ଯନ୍ତା ଭିତରେ ଦୁନିଆର ସବୁ ନିଦକୁ ଆବୋରି ଶୋଇ ପଡ଼ିଥିବା ଗୋଟେ ମା’କୁ।

ମା’ ଓ ଛୁଆଙ୍କ ଭିତରେ ଦୂରତ୍ୱ ମାତ୍ର ଦେଢ଼ଫୁଟ। ଅଥଚ ସେଇ ଟିକିଏ ଦୂରତ୍ୱ କେତେ ଲମ୍ବା, କେତେ ପ୍ରଲମ୍ବିତ କେତେ ଅସରନ୍ତି ସତେ।

ମା’ ଓ ଛୁଆଙ୍କ ମଝିରେ ଥିବା ସେଇ ସୀମାହୀନ ଶୂନ୍ୟତା ଓ ଅଗ୍ନାଅଗ୍ନି ଅନ୍ଧକାର ଭିତରେ ଚନ୍ଦ୍ରକାନ୍ତ କିଂକର୍ତ୍ତବ୍ୟବିମୁଢ଼ ହୋଇ ଠିଆହୋଇଥିଲେ ଜଣେ ଖୁନୀ ଆସାମୀ ପରି।

ରୋଷେଇ ଘରୁ ମାନସୀଙ୍କ ପାଟି ଶୁଭୁଥିଲା– “ବାଲ୍‌କୋନୀରେ ଶୋଇପଡ଼ିଲ ନା କ’ଣ ! ଇଆଡ଼େ ଚା’ ଥଣ୍ଡା ହେଲାଣି। ଘଡ଼ିଏ ହେଲାଣି, କ’ଣ କରୁଛ ସେଠି ? କେବଳ ଅଫିସ୍ କାମ ବାଦ ଆଉ କେଉଁ ଗୋଟାଏ କାମ ହେଲା ନାହିଁ ଯା’ଙ୍କ ଦ୍ୱାରା।”

ସଂସାରର ସମସ୍ତ ସୁଖ ଦୁଃଖ ପ୍ରତି ସମ୍ପୂର୍ଣ୍ଣ ବୀତସ୍ପୃହ ହୋଇ ଯନ୍ତା ଭିତରେ ଅନନ୍ତ ନିଦ୍ରାରେ ଶୋଇପଡ଼ିଥିବା ମା’ ମୂଷାଟିର ମୁହଁ ଓ ଲାଞ୍ଜରେ ପିମ୍ପୁଡ଼ି ଲାଗିଗଲେଣି। ଦେଢ଼ଫୁଟ ଦୂରରେ ଧୀରେ ଧୀରେ ହଲ୍‌ଚଲ୍ ହେଉଥିବା ଛୁଆ କେଇଟା ନିସ୍ତେଜ ହୋଇଗଲେଣି। ବୋଧହୁଏ ଲିଭିଗଲାଣି ସେମାନଙ୍କର ଜୀବନଦୀପ। ସଂସାରର ଆଲୁଅ ଦେଖିବା ଆଗରୁ ଯେଉଁ ଅନ୍ଧାରରୁ ସେମାନେ ଆସିଥିଲେ ସେଇଠିକୁ ବାହୁଡ଼ି ଗଲେଣି !

ବାତ୍ସଲ୍ୟ ମମତାର ବନ୍ଧନ କେତେ ଦୃଢ଼ ଓ ଦୁର୍ନିବାର ସତେ ! ଖଣ୍ଡିଏ ବରା ପାଇଁ ନୁହେଁ, ନିଜ ଛୁଆ ମାନଙ୍କ ପାଇଁ ମୂଷାଟି ତେବେ ବାରମ୍ବାର ଧାଇଁ ଆସୁଥିଲା ମୃତ୍ୟୁର ଉପତ୍ୟକାକୁ।

ବାଲ୍‌କୋନୀରେ ଆଉ ବେଶି ସମୟ ରହିପାରିଲେ ନାହିଁ ଚନ୍ଦ୍ରକାନ୍ତ। ଗୋଟାଏ ଓଜନିଆ ହାମର୍‌ରେ କେହି ଯେପରି ପିଟି ପିଟି ଚୂନା କରି ପକାଉଥିଲା ତାଙ୍କ ଛାତିର ପିଞ୍ଜରାକୁ ! ତାଙ୍କ ଦେହ ଝିମ୍ ଝିମ୍ ହୋଇଯାଉଥିଲା। ପେଟ ଓ ଛାତିକୁ ଧୁନ୍ଦାଳି ଉଠି ଆସୁଥିଲା ହାବୁକା ହାବୁକା ବାନ୍ତି।

ଗାଧୋଇ ପାଧୋଇ ସେ ଚୁପ୍‌ଚାପ୍ ପଳେଇଲେ ଅଫିସ୍।

ସନ୍ଧ୍ୟାରେ ଅଫିସ୍‌ରୁ ଫେରିବା ପରେ ବାଲ୍‌କୋନୀକୁ ଯିବାପାଇଁ ସାହସ ହେଲାନାଇଁ ତାଙ୍କର। ସେ ଜାଣନ୍ତି, ବାଲ୍‌କୋନୀକୁ ଚକାଚକ୍

ସଫା କରିଦେଇଥିବେ ମାନସୀ। ତଥାପି ସେ ପଚାରିଲେ–

: ମୂଷା ଓ ତା ଛୁଆମାନଙ୍କୁ କେଉଁଠି ଫୋପାଡ଼ିଲ ?

ଫିକ୍ କରି ହସିଦେଲେ ମାନସୀ। ସେଇମିତି ହସି ହସି କହିଲେ– "ମୁଁ କ'ଣ ପାଗଳୀ ହେଇଚି ଯେ ସେଗୁଡ଼ାକୁ ଫୋପାଡ଼ିଦେବି୧ ତୁମ ବହିଥାକ ଭିତରେ ସାଇତି ରଖିଦେଇଚି ପରା।"

: ମୋ ସହିତ ଥଟ୍ଟା କରୁଚ ନା କ'ଣ ?

: ଆଉ, ତମେ ସେମିତି ପଚାରୁଛ ! ମଲା ମୂଷାଗୁଡ଼ାଙ୍କୁ କଣ ତମେ ଫେରିବାଯାଏ ଘର ଭିତରେ ସାଇତି ରଖିଥାଆନ୍ତି ? ମା' ଛୁଆ ସବୁଗୁଡ଼ାକୁ ନେଇ ଗେଟ୍‌ପାଖ ଡଷ୍ଟବିନ୍‌ରେ ଫୋପାଡ଼ି ଦେଇ ଆସିଲି। ଓହୋଃ, ବଜାତ୍ ମୂଷାଟା ମଣିଷକୁ ନାକେଦମ୍ କରୁଥିଲା ! ଫୁଲଗଛ, ସୋଫା ଗଦି ଆଦି କାଟି ନଷ୍ଟଭ୍ରଷ୍ଟ କରି ପକାଉଥିଲା। ଆଉ କେଇଦିନ ଯାଇଥିଲେ, ଛୁଆଗୁଡ଼ା ବି ଲାଗିଯାଇଥାନ୍ତେ ସେଇ କାମରେ ! ଗୋଟାଏ କଣ୍ଟା ଗଲା ଜାଣ.....

ମାନସୀ ଭାରି ସନ୍ତୁଷ୍ଟ ସନ୍ତୁଷ୍ଟ ଲାଗୁଥିଲେ।

ସେଦିନ ରାତିରେ ଖୁବ୍ ଶୀଘ୍ର ବିଛଣା ଧରିଲେ ଚନ୍ଦ୍ରକାନ୍ତ। ଦେହଟା କେମିତି ଗୋଟାଏ ଜରୁଆ ଜରୁଆ ଲାଗୁଥିବାରୁ ଖାଇଲେ ନାହିଁ କିଛି। ମାନସୀ ବାଧ କରିବାରୁ କ୍ଷୀର ଗ୍ଲାସଟିଏ ପିଇଥିଲେ ଯେ ସେସବୁ ଭକ୍ ଭକ୍ ହୋଇ ବାନ୍ତି ହୋଇଗଲା।

ଅଧରାତିଯାଏ ନିଦ ଆସୁନଥିଲା ତାଙ୍କ ଆଖିକୁ। ଭାରି ଛଟପଟ ଲାଗୁଥିଲା। ଭାରି ନିଃସ୍ୱ ନିଃସ୍ୱ ଲାଗୁଥିଲା। ଯେମିତି ସବୁକିଛି ହଜିଯାଇଛି, ଲିଭିଯାଇଛି, ଶେଷ ହୋଇଯାଇଛି ଏ ସଂସାରରୁ ! ଘର ଭିତରେ ସେ ପାଆଚାରୀ କରୁଥିଲେ। ଆଲୁଅ ଜଳାଇ ବାଥରୁମ୍‌କୁ ଯାଉଥିଲେ। ପେରୁଥିଲେ ବିଛଣାକୁ ଆଲୁଅ ଲିଭାଉଥିଲେ, ପୁଣି ଜଳାଉଥିଲେ। କେଉଁଠୁ ଦୂରରୁ ଅବା ନିକଟରୁ, ବାହାରୁ କିମ୍ବା ତାଙ୍କ ଭିତରୁ ଶୁଭିଯାଉଥିଲା କ୍ଷୀଣ ବିକଳ କାନ୍ଦ। ବଡ଼ ମରମଥରା ସେଇ କାନ୍ଦର ଆବେଦନ। ବଡ଼ ହୃଦୟଥରା ସ୍ମୃତି।

ରାତି ପାହିଯାଇଥିଲା, କିନ୍ତୁ ନିଦ ଆସୁନଥିଲା ଚନ୍ଦ୍ରକାନ୍ତଙ୍କ ଆଖିକୁ।

ସକାଳକୁ ମୁଣ୍ଡଟା ବିନ୍ଧୁଥିଲା ଖୁବ୍ ଜୋର୍‌ରେ। ସତେ ଅବା ମାସେ ହେବ ସେ ଜ୍ୱର ରୋଗ ଭୋଗୁଥିଲେ, ସେହିପରି ଦୁର୍ବଳ ଦୁର୍ବଳ ଲାଗୁଥିଲା। ସାରା ଶରୀରରେ ଅସମ୍ଭବ ପୀଡ଼ା। ଅନେକ ଡେରିଯାଏ ଚନ୍ଦ୍ରକାନ୍ତ ପଡ଼ିରହିଥିଲେ ବିଛଣାରେ। ସେଦିନ ସେ ଅଫିସ୍ ଗଲେ ନାହିଁ।

ଦ୍ୱିପ୍ରହରରେ ମଧ୍ୟ ସେହିପରି ଅଶ୍ୱସ୍ତିକର ଭାବ। ଖାଇବା ପାଖରେ ବସୁ ବସୁ ତାଙ୍କୁ ବାନ୍ତି ଲାଗିଲା। କେବଳ ପାଣି ଗ୍ଲାସ୍‌ଟିଏ ପିଇଦେଇ ସେ ଉଠିଗଲେ ଭାତଥାଳି ପାଖରୁ। ଘୋଡ଼େଇ ହୋଇଯାଇ ଶୋଇପଡ଼ିଲେ ବିଛଣାରେ।

: ଗ୍ୟାସ୍ ହୋଇଯାଇଥିବ ପେଟରେ। ଖାଇବା ପିଇବାରେ ଠିକ୍ ଠିକଣା ନଥିଲେ ଯାହାହୁଏ। ଦିନ ନ'ଟା ଯାଏ ତ ଖାଲି ପେଟରେ କଡ଼ା ପାନଗୁଡ଼ା ଚୋବେଇବ। ମୁଁ କହିଲେ ମୋ କଥା ଗନ୍ଧେଇବ।

ମାନସୀ ଗାରୁ ଗାରୁ ହେଉଥିଲେ।

ରାତିରେ ମଧ୍ୟ ସେଇ ଘଟଣାର ପୁନରାବୃତ୍ତି। ଖାଦ୍ୟ ଆଦୌ ଗଲା ନାହିଁ ପେଟ ଭିତରକୁ। ତା ପରଦିନ .... ତା' ପରଦିନ.... ତା' ପରଦିନ....

"ନଥିଂ ଟୁ ୱରି। ଏଭ୍ରିଥିଂ ଉଇଲ୍ ବି ଓକେ ଉଇଦିନ୍ ଏ ଉଇକ୍"– ଅଭୟବାଣୀ ଶୁଣାଇଥିଲେ ଡାକ୍ତର ମହାପାତ୍ର, ଡାକ୍ତର ସାମଲ, ଡାକ୍ତର ସେନାପତି, ଡାକ୍ତର ମିଶ୍ର।

ଡାକ୍ତରମାନଙ୍କର ସବୁ ଆଶ୍ୱାସନା ମିଛ ହୋଇଯାଉଥିଲା।

ସେଦିନ ଖରାବେଳ।

ମାନସୀ ରୋଷେଇ କରି ସାରିବା ପରେ ସମସ୍ତଙ୍କ ପାଇଁ ବଢ଼ାବଢ଼ି କଲେ। ପିଲା ଦି'ଜଣ ଆସି ବସିଲେ ଡାଇନିଂ ଟେବୁଲ୍‌ରେ। ଆସିଲେ ନାହିଁ ଚନ୍ଦ୍ରକାନ୍ତ। ଖାଇବା ସମୟ ହେଲେ ତାଙ୍କୁ ଗୋଟାଏ କମ୍ପ ମାଡ଼ିବସେ। ଠକ୍ ଠକ୍ ହୋଇ ସେ ଥରନ୍ତି ପ୍ରଚଣ୍ଡ ଶୀତକୁ ସମ୍ଭାଳି ନପାରିବା ପରି। ଘୋଡ଼ିଘାଡ଼ି ହୋଇ ଶୋଇପଡ଼ିବାକୁ ଉଦ୍ୟମ କରନ୍ତି।

ମା, ପୁଅ ଓ ଝିଅ ମିଶି ତାଙ୍କୁ ଯେତେବେଳେ ଡାଇନିଂ ଟେବୁଲ ପାଖକୁ ନେଲେ, ସତେ ଯେପରି ତାଙ୍କୁ ବଧ ଭୂମିକୁ ନିଆଯାଉଛି, ସେହିପରି ବାଡ଼େଇ ଛାଟି ହେଉଥିଲେ ଚନ୍ଦ୍ରକାନ୍ତ।

ପ୍ରଚଣ୍ଡ କ୍ରୋଧର ତରଙ୍ଗଟିଏ ଖେଳିଗଲା ମାନସୀଙ୍କ ମନରେ। ଧୈର୍ଯ୍ୟର ପାହାଡ଼ ଭାଙ୍ଗିଗଲା ଖଣ୍ଡ ଖଣ୍ଡ ହୋଇ। ହିତାହିତଜ୍ଞାନ ଭୁଲି ସେ ଚିତ୍କାର କଲେ–

"ଖାଇବନି ତ ବଞ୍ଚିବ କେମିତି ? ଡର୍ଜନେ ଡାକ୍ତର ଦେଖି ସାରିଲେଣି। ସମସ୍ତେ କହୁଛନ୍ତି ରୋଗଫୋଗ କିଛି ନାହିଁ। ତମେ କାହିଁକି ଏପରି ଅବଲ୍ୟ କାଢୁଛ ? କାହିଁକି ଆମ ମା' ପିଲାଙ୍କୁ ଦହଗଞ୍ଜ କରି ମାରୁଛ ? କି ଫାର୍ସ ଲଗେଇଛ ଛ'ମାସ ହେଲାଣି ?

ଅବୋଧ ଛୁଆଟିଏ ପରି ଚୁପ୍‌ଚାପ୍ ବସିଥିଲେ ଚନ୍ଦ୍ରକାନ୍ତ। ଧୀର ଗଳାରେ ପଚାରିଲେ–

"ଏ ସବୁ ଖାଦ୍ୟ କିଏ ତିଆରି କରିଛି ?"

: ଘରେ କଣ ଗଣ୍ଡାଏ ଛ'ଟା ଚାକର ପୂଜାରୀ ଅଛନ୍ତି କି ? ସବୁଦିନ ଖାଇବା ତିଆରି କିଏ କରେ ? ମୁଁ ନା ବାହାର ଲୋକ ? ସେହିପରି ଧୀର ଗଳାରେ ଚନ୍ଦ୍ରକାନ୍ତ କହିଲେ–

"ତମେ କର ଯେ.... ହେଲେ ସବୁଦିନ କଣ ସମାନ ଥାଏ ? ମଣିଷ ମନ କଥା ! କେତେବେଳେ କି କାଣ୍ଡ କରିବସିବ, ସେ ନିଜେ ବି ଜାଣେନା। ଆଖି ପଲକରେ ସର୍ବନାଶ....

: ଖାଦ୍ୟ ଖାଇଲେ ସର୍ବନାଶ ହୋଇଯିବ ? ସତରେ ତମେ ପାଗଳ ହୋଇଗଲଣି ?" – ମାନସୀ ଦିକ୍‌ଦାର କଣ୍ଠରେ କହିଲେ।

: ଏ ଖାଦ୍ୟରେ ଯଦି ବାଇଚାନ୍ସ ବିଷ ଫିଷ କିଛି ମିଶିଯାଇଥାଏ, ତାକୁ ଯଦି ତମେ, ମୁଁ ଓ ମୋ ପିଲାମାନେ ଖାଇଦିଅନ୍ତି.... ତେବେ ସର୍ବନାଶ ହେବ ନା ନାହିଁ ? ମୁଁ ଯାହା କହୁଚି, ଜାଣିଲା ଶୁଣିଲା ଲୋକ ହୋଇ ତମେ ବୁଝୁନା କାହିଁକି ମାନସୀ ?

: ତୁମ କହିବା କଥା ହେଲା, ମୁଁ ଖାଦ୍ୟରେ ବିଷ ମିଶାଇ ତୁମକୁ ଓ ପିଲାମାନଙ୍କୁ ଖାଇବା ପାଇଁ ଦେଉଛି !! ଏଇଆ ତ !! ମାନସୀଙ୍କ ତଣ୍ଟି ରୁନ୍ଧି ହୋଇଯାଉଥିଲା ପ୍ରବଳ କୋହରେ।

: ଓହୋଃ.... ତମେ ସ୍ତ୍ରୀଲୋକଗୁଡ଼ା ଏତେ ନିର୍ବୁଦ୍ଧିଆ କ'ଣ ପାଇଁ ହେଲ କେଜାଣି ? ମୋ କଥା ମନଧ୍ୟାନ ଦେଇ ଶୁଣ। ଧର, ତୁମେ ରୋଷେଇ କରୁଛ। ତରକାରୀ କରେଇରେ ତେଲ ପକାଇବା ପରିବର୍ତ୍ତେ, ବେସିନ୍ ପାଖରେ ଥିବା ଫିନାଇଲ୍ ବୋତଲଟିଏରୁ ସବୁତକ ଫିନାଇଲ୍ ଢାଳିଦେଲ ତରକାରୀରେ। କିମ୍ବା ତୁମର ଅନ୍ୟମନସ୍କତାର ସୁଯୋଗ ନେଇ କେହି ଜଣେ ଆତତାୟୀ ରୋଷେଇ ଘରେ ପଶି....

"ଆମେ ସମସ୍ତେ ସେହି ଖାଦ୍ୟ ଖାଇ ରାତିରେ, ନିଘୋଡ଼ ନିଦରେ ଶୋଇପଡ଼ିଲେ ! ସେଇ କାଳନିଦ ଆଉ ଭାଙ୍ଗିବ ତ ! ସେହି ଦୀର୍ଘରାତି ଆଉ ପାହିବ ତ !"

"ଅତଏବ ଏ ଖାଦ୍ୟ ଆମେ କେହି ଖାଇବା ନାହିଁ। କେବଳ ଏଇ ଖାଦ୍ୟ ନୁହେଁ, କୌଣସି ଖାଦ୍ୟ, କେହି କେବେ ବି ଖାଇବା ନାହିଁ। ଖାଇବା ତ ଦୂରର କଥା, ମୁଁ ତ ସେଆଡ଼େ ଜମା ଅନାଇବି ବି ନାହିଁ। ଯଦି ଖାଇଲି, ନିଶ୍ଚେ ମଲି। ମୁଁ ମରିଗଲେ, ମୋ ପିଲାଛୁଆ ସଂସାର ଭାସିଯିବ। ଯେମିତି.... ସେଦିନ ରାତିରେ.... ବାଲ୍‌କୋନୀର ଯନ୍ତା ଭିତରେ ପଡ଼ି ମରିଯାଇଥିବା ମୂଷାଟିର ଛୁଆଗୁଡ଼ା.....

ଆଖପାଖରେ କେଉଁଠି ନୁହେଁ, ମାନସୀଙ୍କର ମୁଣ୍ଡ ଉପରେ ଘଟିଲା ଲକ୍ଷେ ବଜ୍ରପାତ ! ସେ କେଇଟି ମୁହୂର୍ତ୍ତ ପାଇଁ ସିଲ୍‌ହୋଟ୍ ପାଲଟିଗଲେ। ତାଙ୍କ ପାଦ ତଳରୁ ଅପସରି ଯାଉଥିଲା ଚଟାଣ। ବେସାହାରା ହୋଇ ସେ ଖସି ପଡୁଥିଲେ ତଳକୁ ତଳକୁ।

ହେ ଭଗବାନ ! କେତେ ତୁଚ୍ଛ ଘଟଣାଟି ଭିତରେ

ଘାଣ୍ଟି ହେଇ ହେଇ ଜଣେ ମଣିଷ ପାଗଳ ହୋଇଗଲେଣି ଯା' ଭିତରେ !

ମାନସୀଙ୍କ ଦୁଇ ଆଖିରୁ ଧାର ଧାର ଲୁହ ବୋହି ଆସୁଥିଲା କୋହ ଓ ଦୁଃଖର ପ୍ରତୀକ ବହନ କରି।

ମାସ ମାସ ଧରି ପେଟ ଭିତରକୁ ଖାଦ୍ୟ ନ ପଶିଲେ କେଉଁ ପ୍ରାଣୀ ଅବା ବଞ୍ଚିପାରିବ ? ଖାଦ୍ୟ ପଦାର୍ଥ ଦେଖିବା ମାତ୍ରେ ଚନ୍ଦ୍ରକାନ୍ତ ଲଙ୍ଗଳା ମୁକୁଳା ହୋଇ, ଭୟରେ ଚିରଚିରେଇ ଧାଉଁଥିଲେ ବାହାରକୁ, ସତେ ଅବା ଜୋର୍ ଜବରଦସ୍ତ କରି କିଏ ତାଙ୍କ ପାଟିରେ ଗୁଞ୍ଜି ଦେଉଛି ପୁଳାଏ ଜୀବନନାଶକ ବିଷ !

ମେଣ୍ଟାଲ ହସ୍ପିଟାଲ।ଏହା ହିଁ ଥିଲା ଚନ୍ଦ୍ରକାନ୍ତଙ୍କ ଜୀବନ ରକ୍ଷା କରିବାର ଏକମାତ୍ର ଉପାୟ।

ରାତି ଅନେକ ହୋଇଯାଇଥିଲା। ଫେରୁଥିବା ସମୟରେ ସାନଭାଇ ପଙ୍କଜ ମାନସୀଙ୍କ ମନକୁ ବୁଝାଇବାକୁ ଅନେକ ଅଭୟବାଣୀ ଶୁଣାଉଥିଲା। କାର୍‌ର ପଛ ସିଟ୍‌ରେ ମାନସୀ ବସିଥିଲେ ଚୁପ୍‌ଚାପ୍, ନିଜ ମନଚୈତନ୍ୟକୁ କୋଉଠି ହଜେଇ ଦେଇଥିବା ପରି। ସ୍ଥିର ଓ ନିର୍ବିକାର।

ରାତି ବାରଟା ବେଳକୁ କାର୍ ଅଟକିଥିଲା ଘର ଆଗରେ। ଫେରିବା ବାଟରେ ପଙ୍କଜ ସାଉଥ ଇଣ୍ଡିଆନ୍ ହୋଟେଲରୁ ପିଲାମାନଙ୍କ ପାଇଁ ଖାଇବା ପ୍ୟାକ୍ କରି ଆଣି ଦେଇଥିଲା। ନିଜକୁ ଦୃଢ଼ କରିବେ ବୋଲି ମନେ ମନେ ଯେତେ ଚିନ୍ତା କରିଥିଲେ ମଧ୍ୟ, ଘର ଭିତରେ ପିଲାମାନଙ୍କୁ ଦେଖି ସେ ନିଜକୁ ସମ୍ଭାଳି ନପାରି ଭୋ ଭୋ କାନ୍ଦି ଉଠିଥିଲେ।

ଆଜିଠାରୁ ତାଙ୍କ ପିଲାମାନେ ବାପଛେଉଣ୍ଡ ହୋଇଗଲେ। ବାପାନଥିବା ଘରେ ସେମାନେ ଆଜିଠାରୁ ରହିବେ। ରହିବା ଶିଖିବେ।

ନିଜକୁ ସମ୍ଭାଳି ମାନସୀ ରୋଷେଇଘରେ ପଶିଲେ ସାଉଥ୍ ଇଣ୍ଡିଆନ୍ ହୋଟେଲ୍‌ରୁ ଆଣିଥିବା ଖାଦ୍ୟ ବଢ଼ାବଢ଼ି କରିବା ପାଇଁ। କେଜାଣି ସକାଳ ପ୍ରହରରୁ ପିଲା ଦୁହେଁ କ'ଣ ଖାଇଥିବେ !

ଖାଦ୍ୟ ବାଢୁଥିବାବେଳେ ହଠାତ୍ ମାନସୀଙ୍କ ମୁଣ୍ଡ କ'ଣ ପାଇଁ କେଜାଣି ଘୂରାଇଦେଲା। ବାନ୍ତି ଉଠି ଆସୁଥିଲା ପେଟ ଭିତରୁ। କେମିତି ଗୋଟାଏ ଅଜବ ଗନ୍ଧ ଆସି ତାଙ୍କ ନାକରେ ପିଟି ହୋଇଯାଉଥିଲା।

ଏ ଗନ୍ଧ ବଢ଼ାଯାଇଥିବା ଖାଦ୍ୟ ପଦାର୍ଥ ଭିତରୁ ଆସୁନାହିଁ ତ ! ଯା ଭିତରେ....

ମାନସୀ ହୁ'ରସ ଉଠିପଡ଼ିଲେ ଏବଂ ତିନୋଟି ଥାଳିରେ ବଢ଼ାଯାଇଥିବା ଖାଦ୍ୟ ସବୁକୁ ନେଇ ଡଷ୍ଟବିନ୍‌ରେ ଫୋପାଡ଼ି ଦେଲେ। ରାତି ଗଡ଼ିଯାଉଥିଲା। ଗ୍ୟାସରେ ମାନସୀ ରୋଷେଇ ବସାଇଥିଲେ ପିଲାମାନଙ୍କ ପାଇଁ! ସକାଳୁ ପିଲା ଦି'ଜଣ ଓପାସରେ ଅଛନ୍ତି ଯେ !

ରାତି ଗଡ଼ିଯାଉଥିଲା। ଅଥଚ ରୋଷେଇ ସରୁନଥିଲା।

ଭୋକ ଓ ଦୁଃଖରେ ହେନା ଘୁମେଇ ପଡ଼ିଥିଲା ତା' ପଢ଼ା ଟେବୁଲ ଉପରେ। ମା' ଏତେବେଳଯାଏ କ'ଣ କରୁଛନ୍ତି ରୋଷେଇଘରେ ? – ପିୟୂଷ ଆସିଲା ରୋଷେଇ ଘରକୁ।

ଅବିନ୍ୟସ୍ତ ବେଶ ପୋଷାକ। ମୁଣ୍ଡବାଳ ବିକ୍ଷିପ୍ତ। ଲୁହ ପଖଳା ମୁହଁ। ପାଷାଣ ମୂର୍ତ୍ତିଟିଏ କାହିଁ କେତେକାଳରୁ ବସି ରହିଥିଲେ ଚଟାଣ ଉପରେ।

ଚାରିପାଖରେ ବିଛାଡ଼ି ହୋଇପଡ଼ିଥିଲା ରନ୍ଧା ଯାଇଥିବା ଖାଦ୍ୟ ପଦାର୍ଥ ସବୁ।

*ଏଜି ଅଫିସ୍, ଭୁବନେଶ୍ୱର*

ଗଳ୍ପ ସଂକଳନ
ଅସୁସ୍ଥ ସମୟ
ନିରବତାର ଭାଷା
ମୁକ୍ତ ରାଜକେମା
ଭୋକ
ଅନେକ ଯନ୍ତ୍ରଣା ଓ ଅନ୍ୟାନ୍ୟ ଗଳ୍ପ
ସତସତିକା ଖେଳ
ମୁଠାଏ ଦୀର୍ଘଶ୍ୱାସ
କାଠ ଜଙ୍ଗେଇ
ନିଃଶବ୍ଦ ପଦଧ୍ୱନି
ଅନ୍ଧାରର ଆତ୍ମଲିପି
ନବଘନର ଘର
କଥାକଳ୍ପ
ସାଞ୍ଜ ସଙ୍ଗୀତ
ମୁକ୍ତି ଓ ଅନ୍ୟାନ୍ୟ ଗଳ୍ପ
ଶୂନ୍ୟ ଉପତ୍ୟକା
ଅଧ୍ୟାୟ ଅଷ୍ଟାଦଶ
ବୋଲେ ହୁଁ ଟି
ବନ୍ଦିନୀ ଓ ଅନ୍ୟାନ୍ୟ ଗଳ୍ପ

ଉପନ୍ୟାସ
ସମର୍ପଣର ସୂତାଖିଅ
ବେଦନାର ବେଦ
ପ୍ରିୟ ପୃଥିବୀ
ଆଜୁକାଏ ମୁକ୍ତି
ଜଳାଜାଲ

ସମ୍ପାଦନା
ସମାରୋହ ଶ୍ରେଷ୍ଠଗଳ୍ପ
ପ୍ରିୟଗଳ୍ପ
ଜୀବନ
ଗଳ୍ପର ଗାଁ
ବାପା
ବୋଉ



# ନୀଳାମ୍ବରର ସ୍ୱପ୍ନ

ଗାୟତ୍ରୀ ଆର୍ଯ୍ୟ

ଅନେକ ସମୟ ହେଲାଣି ମୋବାଇଲ ରିଙ୍ଗ୍ ହେଉଥିଲା। ବାଥ୍‌ରୁମ୍‌ରୁ ଆସି ଫୋନ୍ ଧରିବା ପାଇଁ ସମୟ ଲାଗୁଥିଲା। ହେଲେ ଗାଉଥିଲା ଅପରପଟ ବ୍ୟକ୍ତି ନିଜକୁ ବ୍ୟକ୍ତ କରିବା ପାଇଁ ବଦ୍ଧ ପରିକର।

ରିଙ୍ଗ୍ ଟୋନ୍‌ର ଘନଘନ ଶବ୍ଦରେ ଶବ୍ଦାୟିତ ପରିବେଶ। ଥରେ କିଛି ସମୟ ପାଇଁ ବନ୍ଦ ହେଇଗଲା। ପୁଣି ତା'ର ପୁନରାବୃତ୍ତି।

ତରତର ହେଇ ଆସି ଫୋନ୍‌ଟା ଧରିଲି

ସେପଟୁ ନୀଳାମ୍ବର ଥିଲା।

ତାର ଡାକରା ଥିଲା। ସେ ଅପେକ୍ଷା କରି ପାରେ ନାହିଁ। ସବୁଦିନ ସେମିତି ଅଧୈର୍ଯ୍ୟ ବିଚଳିତ, ସ୍ଥିରତାହୀନ କାର୍ଯ୍ୟକଳାପ ତାର।

"ମାଉସୀ, ନମସ୍କାର, ଏତେ ଡେରି କାହିଁକି ?"

"ହଁ କ'ଣ କହ, ଏତେ ବ୍ୟଗ୍ରତା କ'ଣ ପାଇଁ ? ?"

"ଆଜି ଶହେ ଏକସ୍ତରୀ ଟଙ୍କା ହେଇଛି।"

ଓହୋ ... କଥାଟା ଯାଇ ସେଠି।

ତା'ର ଆନନ୍ଦ ... ମୋ ପାଇଁ ମଧ୍ୟ ଖୁସିର ଖବର।

ତା' ଖୁସିରେ ମୁଁ ପୂରାପୂରି ଭିଜିଯାଇଥିଲି।

ଆହା ... ଶହେ ଏକସ୍ତରୀ ଟଙ୍କା ..., ଏ ଟଙ୍କାର ମୂଲ୍ୟ ତା' ପାଇଁ ବହୁତ କିଛି ଥିଲା।

ନୀଳାମ୍ବର .... ପୁଅର ସାଙ୍ଗ।

ତା' ସହିତ ପ୍ଲସ୍‌ଟୁରେ ପଢୁଥିଲା କଲେଜରେ। ନୀଳାମ୍ବରର ଘର ସେଇଠି। ଆମେ ସେଠାରେ ଭଡ଼ା ଘରେ ରହୁଥିଲୁ। ଛୋଟ ଟାଉନ୍‌ଟିଏ।

ସେ ପୁଅ ସହିତ ପ୍ରବେଶିକା ପରୀକ୍ଷା ପାଇଁ ପଢ଼ାପଢ଼ି କରୁଥିଲା। ଦୁହିଁଙ୍କର ଇଚ୍ଛା ଥିଲା ଇଞ୍ଜିନିୟରିଂ ପଢ଼ିବାକୁ। ଦୁହେଁ ପୁସ୍ତକମେଳାକୁ ଯାଇ ଅନେକ ଉପାଦେୟ ପୁସ୍ତକ କିଣି ଆଣିଥିଲେ। ପ୍ରବେଶିକା ପରୀକ୍ଷା ପାଇଁ ସହାୟ ହେବ ବୋଲି।

ପୁଅ ସହିତ ଘରକୁ ଆସୁଥିଲା। ଯାହା ଖାଇବାକୁ ଦେଲେ ମନା କରୁନଥିଲା। ପ୍ରଥମେ ସଙ୍କୋଚ କରୁଥିଲା। ତେବେ ପିଲାଙ୍କ ସହିତ ମିଶି ଆମ ଘରର ସଦସ୍ୟ ପରି ଖିଆପିଆ କଲା। ଲାଜ ସରମ କୁଣ୍ଠା ଆଉ ରହିଲା ନାହିଁ।

ପିଲାମାନେ ସଂଧ୍ୟାରେ ମୁଢ଼ିକ୍ଷୀର ଖାଉଥିଲେ ଜଳଖିଆ। ନୀଳାମ୍ବରକୁ ସେଇଆ ଖାଇବାକୁ ଦବାକୁ ପ୍ରଥମେ ଟିକେ ସଙ୍କୋଚ ବୋଧ କରୁଥିଲି। ହେଲେ ନୀଳାମ୍ବର ଖୁବ୍ ଆଗ୍ରହ ଓ ଆନନ୍ଦ ସହ ଖାଉଥିଲା।

ଦିନେ ପଚାରିଲି, "ତୋତେ ଭଲଲାଗେ କ୍ଷୀର ମୁଢ଼ି ଖାଇବାକୁ ନା ବାଧ୍ୟରେ ଏଠାରେ ଖାଉଛୁ ?

ମତେ ତା'ର ବଡ଼ ବଡ଼ ଆଖି ତୋଳି ଚାହିଁଲା କିଛି ସମୟ।

"ଆମ ପାଇଁ କ୍ଷୀର କେଉଁଠୁ ଆସିବ ଯେ ଖାଇବୁ ? ଯାହା ଆସେ ଟା' କୁ ନିଅଣ୍ଟ।" ମୋର କିଛି କହିବାର ନଥିଲା ଆଉ।

ନୀଳାମ୍ବର ମାଟ୍ରିକରେ ଭଲ ନମ୍ବର ରଖି ପାସ୍ କରିଥିଲା।

ପ୍ଲସ୍‌ଟୁରେ ଫିଜିକ୍ସରେ ଖରାପ କଲା ଓ ପରୀକ୍ଷାରେ ଅକୃତକାର୍ଯ୍ୟ ହେଲା।

ସେ ଫିଜିକ୍ସକୁ ବହୁତ ଭଲ ପାଉଥିଲା। ଅନେକ ଫିଜିକ୍ସ ବହି କିଣି ତା ବହି ଥାକରେ ରଖିଥିଲା। ପରୀକ୍ଷାରେ ଖରାପ କଲାପରେ ଆଉ ଆମ ଘରକୁ ଆସିନଥିଲା। ଅଟକି ଗଲା ଯେ ଅଟକି ରହିଲା କିଛି ଦିନ।

ପୁଅ ଆରଇସି ପାଇ ରାଉରକେଲାରେ ପଢ଼ିଲା। ଆମେ ସପରିବାର ନୀଳାମ୍ବରର ସହର ଛାଡ଼ି ରାଜଧାନୀ ଆସିଲୁ ସାନ ପୁଅର ପାଠପଢ଼ା ପାଇଁ।

ନୀଳାମ୍ବର ରହିଗଲା ସେଇ ସହରରେ ଅଜଣା ଅଶୁଣା ହେଇ ଆମଠାରୁ।

ପିଲାମାନେ ପାଠ ପଢ଼ିଲେ। ଆମେ ଏ ସହରରୁ ସେ ସହର ଗଲୁ ସ୍ଥାନାନ୍ତରରେ। ସମସ୍ତେ ବ୍ୟସ୍ତ ନିଜ କ୍ୟାରିଅର ନେଇ। ପୁଅ ତା'ର ନିଜ ସାଙ୍ଗ ପାଇଁ ଏତେ ଆଗ୍ରହ ରଖୁନଥିଲା। ଗୋଟିଏ ଭୁଲା ସଂଗୀତ ପରି ଆମେ ସମସ୍ତେ ଭୁଲି ଯାଇଥିଲୁ ନୀଳାମ୍ବରକୁ।

ସମୟ କାହାକୁ ଅପେକ୍ଷା କରିନଥିଲା।

ପୁଅର ପାଠପଢ଼ା, ବିବାହ ସବୁ ସରିଯାଇଥିଲା। ଭଲ ଚାକିରି ପାଇ ବାଙ୍ଗାଲୋରରେ ଅବସ୍ଥାପିତ ହେଇଥିଲା।

ହେଲେ ବେଳେବେଳେ ନୀଳାମ୍ବର, ମନର ଗୋଟିଏ ଛୋଟ କଣରୁ ଉଙ୍କିମାରେ।

ଦୃଶ୍ୟମାନ ହୁଏ ତା ସ୍ମୃତି କଳା ବାଦଲ ଉହାଡରୁ ଜହ୍ନପରି ତ କେବେ ମୁଠାଏ ଖରା ପରି ମେଘଘୋଡ଼ା ଆକାଶରୁ।

କ'ଣ କଲା ପିଲାଟି ତା ଜୀବନରେ।

ତା' ବିଷୟରେ ଜାଣିବାର ବା ଯୋଗାଯୋଗ କରିବାର କୌଣସି ସାଧନ ନଥିଲା।

ହଠାତ୍ ଦିନେ ସାନପୁଅର ବିବାହ ପୂର୍ବଦିନ ନୀଳାମ୍ବରକୁ ଦେଖି ଆଶ୍ଚର୍ଯ୍ୟ ହେଇଗଲି। ହସହସ ମୁଖରେ ବ୍ୟାଗ୍ କାନ୍ଧରେ ଧରି ଆସି ମୋ ପାଦ ଛୁଇଁଲା। ସମସ୍ତେ ଆଶ୍ଚର୍ଯ୍ୟ ହେଇ ତା'ର ପରିଚୟ ମାଗିଲେ। ତାକୁ ଦେଖି ମୁଁ ଏକ ଅପରାଧବୋଧରେ ସଢ଼ିଗଲି।

"ମୁଁ ତ ମନେପକାଇ ନଥିଲି। ପୁଅ ତାକୁ ନିଜ ବିବାହରେ ମଧ୍ୟ ଡାକି ନଥିଲା।"

କାହିଁକି ଡାକିନଥିଲା ତା'ର କାରଣ ଜାଣି ନଥିଲି, ଆଜିଯାଏ।

ତା' କଥା ପକେଇଲେ ପୁଅ ମୋର ଗୋଟିଏ ଅବଜ୍ଞାସୂଚକ ଚାହାଣୀ ହାଣି ଚାଲିଯାଉଥିଲା। ମୋର ସାହସ ହେଉନଥିଲା ଆଉ ତା' ବିଷୟରେ ଉତ୍‌ଥାପନ କରିବାକୁ।

ନୀଳାମ୍ବର ବିବାହ ଉତ୍ସବରେ ଯୋଗଦେଇ ଅଯାଚିତ ଭାବରେ ଘରର ଯାବତୀୟ କାମ କରିଯାଉଥିଲା। ବଜାର କରିବାଠାରୁ ଖାଦ୍ୟ ପରିବେଷଣ ପର୍ଯ୍ୟନ୍ତ।

ସେ ଏତେ କାମରେ ବ୍ୟସ୍ତ ରହିଯାଉଥିଲା ଯେ ତାକୁ ମୁଁ ବାଧ୍ୟ କରି ଖାଇବାକୁ ଦଉଥିଲି। ସେଇ କେତେ ଦିନରେ ଘରର ବନ୍ଧୁବାନ୍ଧବ ଜ୍ଞାତି ପରିଜନଙ୍କର ପରମ ଶ୍ରଦ୍ଧେୟ, ହେଇଯାଇଥିଲା। ସମସ୍ତେ ଟିକେ କଥାରେ ତାକୁ ଡାକ ମାରୁଥିଲେ।

ସେ ଆପଣାର ଲୋକପରି କାମ କରି ଯାଉଥିଲା। ବିବାହ, ଚତୁର୍ଥୀ ଭୋଜି ସରିଲା ପରେ ନୀଳାମ୍ବର ଘରକୁ ବାହାରିଲା। ସମସ୍ତ କୁଣିଆ ଯାଇ ସାରିଲା ପରେ ଶେଷ କୁଣିଆ ରୂପେ ସେ ଯାଇଥିଲା। ତା' ପାଇଁ ଡ୍ରେସ୍ କରିବା ପାଇଁ ତାକୁ ମୁଁ ପଇସା ଦେଇଥିଲି। ଚତୁର୍ଥୀ ଭାର ନେଇ ଘରକୁ ଗଲା।

ସେତେବେଳେ ନୀଳାମ୍ବର ଝାରସୁଗୁଡ଼ାରେ ରହି କେଉଁ କମ୍ପାନୀରେ କାମ କରୁଥିଲା। ସେଠାରେ ଘରଭଡ଼ା ନେଇ ସାଙ୍ଗ ସାଥୀରେ ରହୁଥିଲା। ବାପା ବୋଉଙ୍କ ପାଇଁ ପଇସା ପଠାଉଥିଲା। କେବେ ଦାଦାଝିଅ ଭଉଣୀ ପାଇଁ ମୋବାଇଲ କିଣି ଦଉଥିଲା।

ମୋ ସହିତ କଥା ହେଲେ ସେ ଧାରା ବିବରଣୀ ପରି ଖର୍ଚ୍ଚର ଚିଠା ଉପସ୍ଥାପିତ କରୁଥିଲା। କାଲି କ'ଣ ହେବ ସେଥିପାଇଁ ଚିନ୍ତା ନଥିଲା ତା'ର।

ବଲାଙ୍ଗୀର, ଫୁଲବାଣୀ ପରି ସ୍ଥାନରେ ଓରମାସ୍ ତରଫରୁ ଯାଇ ପିଲାଙ୍କୁ କମ୍ପ୍ୟୁଟର ଶିଖାଉଥିଲା। ଛଅମାସ ବର୍ଷକରେ ଚାକିରି ବଦଳାଉଥିଲା।

ଘରକୁ ଆସିଲେ ବାଟରେ ଆମ ଘରେ ଗୋଟାଏ ଦିନ ରହି ଘରକୁ ଯାଉଥିଲା।

ଆସିଲେ, ମୋତେ ତା'ର ନୂଆ କିଣିଥିବା, ଡେନିମ୍, ଜିନ୍ସ, ସାର୍ଟ, ସଟ୍‌ସ ଜୋତା ଦେଖାଉଥିଲା। ସବୁବେଳେ ଦାମିକିଆ ଜିନିଷ କିଣେ। ଭଲ ଡ୍ରେସ୍ ପିନ୍ଧି ଭାରି ଫିଟ୍‌ଫାଟ୍ ଦେଖାଯାଉଥିଲା।

ମଝିରେ ଫୁଲବାଣୀରେ ଥିଲା, ସେଇଠି ଗୋଟିଏ ପୋଲିସ ଅଫିସର ଝିଅ ସହିତ ଦେଖାହେଇଥିଲା। ଝିଅଟି କନଷ୍ଟେବଲ ଚାକିରି କରିଥିଲା।

ସେମାନେ ଜନଜାତି ସମ୍ପ୍ରଦାୟର ଥିଲେ।

ଏଥର ସେଠାରୁ ଆସି ଖାଲି ସେଇ ଝିଅ ସହିତ ଫୋନ୍‌ରେ ଗପୁଥିଲା, ରାତିଦିନ।

"ଆରେ ଏତେ ଗପୁଛୁ କ'ଣ ତାକୁ ଭଲ ପାଉଛୁ ? ବାହା ହବୁ ?"

"ଆରେ ସେ ଝିଅର ମତାମତ ନେଇଛୁ ?"

"ପଚାରିବି କ'ଣ ? ସେ କ'ଣ ଅରାଜି ହେବ। ମୁଁ କ'ଣ ଦେଖିବାକୁ ଅସୁନ୍ଦର, ଅଯୋଗ୍ୟ।"

"ତା' ବାପାଙ୍କ କାନକୁ ଏକଥା ଗଲା। ସେ ନୀଳାମ୍ବରକୁ ଘରକୁ ଡାକିଲେ। ଘରେ କଥା ହେବା ପାଇଁ କହିଲେ। ସେ ରାଜି ନଥିଲା ଘରକୁ ଯିବାକୁ। ତା' ମୁଣ୍ଡରେ ପଶିଥିଲା ବାହାଘର।"

"ଆସିକି ପଇଁଚାଳିଶି ବର୍ଷ ହେଲାଣି, କେବେ ବାହା ହେବି। ମୋ ବାହାଘର କଥା କେବେ ବୁଝିଛ ?"

"ପାଠ ପଢ଼ାଇଲ ନାହିଁ ଭଲ କଲେଜରେ। ଟଙ୍କା ଅଭାବରୁ ଆମର ଆଜି ଯେ ଅବସ୍ଥା। ସେ ପଟୁ ବାପା ଅସହାୟ ହେଇ ପଡୁଥିଲେ। ତାଙ୍କ ପାଟିରୁ ବଚନ ବାହାରୁ ନଥିଲା। ମୁଁ ଅନୁମାନ କରୁଥିଲି, ତାଙ୍କୁ କେତେ ବାଧୁଥିବ, ବୟସର ଅପରାହ୍ନେ, ବୟସ୍କ ପୁତ୍ରଠାରୁ ଝିଙ୍ଗାସ ଶୁଣିବା।"

"ତମେ ମୋ ବାହାଘର କରିପାରିବ ନାହିଁ। ଆଉ କେବେ ବାହାହେବି ?

ମୁଁ ସବୁ ଦେଖୁଥିଲି। ଶୁଣୁଥିଲି ହତବାକ ହେଉଥିଲି।

ପ୍ରଗଲ୍ଭ ଓ ପାଗଳ ଭିତରେ ଅନେକ ତଫାତ୍, ନୀଳାମ୍ବର କେଉଁ ଶ୍ରେଣୀର ଜାଣିବାରୁ ନଥିଲି।

ଏବେ ଜାଣିଲି ପୁଅ କାହିଁକି ତା'ର ବିରୋଧ କରେ।

ମାସେ ଦୁଇ ମାସରେ ଥରେ ସେ ଆସେ ଆମ ଘରକୁ। ଆମ ଖାଲି ଘରେ ପିଲାଟିର ଉପସ୍ଥିତିରେ ଟିକେ ଚଳଚଞ୍ଚଳ ଲାଗେ। ଅଟକି ଯାଇଥିବା ସମୟ ପୁଣି ଚାଲୁହୁଏ। ଆମ ମନ ଦେହରେ ଟିକେ ଚଞ୍ଚଳତା ଆସୁଥିଲା। କେହି ତ ଜଣେ ଆସିଲା ଘରକୁ। ବୁଲିଲା ଅଗଣାରେ। ବନ୍ଦ ରହିଥିବା ଉପର ଘରର ଝରକା ଖୋଲା ହେଲା। ଘର ଶବ୍ଦମୟ ହେଲା। ଚଳପ୍ରଚଳରେ ଲାଗୁଥିଲା ଲୋକଙ୍କୁ ତାଙ୍କ ପୁଅ ଘରକୁ ଆସିଛି ବୋଧେ... ପୁଅ ନୁହେଁ ଆଉ କ'ଣ ? ପୁଅର ସାଙ୍ଗ, ପୁତ୍ରବତ୍।

ନିଜ ଘର ପରି ସେ ଡବାରୁ ସବୁ ସ୍ନାକ୍ସ କାଢ଼ି ଖାଉଥିଲା।

ବରାଦ କରୁଥିଲା, "ମଉସା ମାଛ ଆଣ, ମାଉସୀ ଆଳୁପରଟା କର।"

ଆମେ ତାକୁ ଗ୍ରହଣ କରି ନେଇଥିଲୁ। ତା' କଥା ଅନୁସାରେ ମେନୁ ନିର୍ଦ୍ଧାରିତ ହୁଏ। ଦିନେ ଅଧେ ଆସୁଛି ଛୁଆଟା। ଖାଇ ପିଇ ଯାଉ।

କେଉଁ ସରିଯାଉଛି କିଛି....

ଏଠାରେ ସମୟ ଓ ଜିନିଷର ଅସରନ୍ତି ଭଣ୍ଡାର ଥିଲା। ସେ ସରୁନଥିଲା ...

ନୀଳାମ୍ବର ଏକା ଏକାନ୍ନବର୍ତ୍ତୀ ପରିବାରର ସନ୍ତାନ ଥିଲା। ସେ ପରିବାରର ସମସ୍ତ ପ୍ରାୟ ଉଚ୍ଚଶିକ୍ଷିତ ଓ ଉଚ୍ଚ ପଦବୀରେ ଅବସ୍ଥାପିତ ଥିଲେ। ନୀଳାମ୍ବରର ମଧ୍ୟ ଉଚ୍ଚ ଆଶା ଥିଲା। କିଛି ପୂରଣ ହେଇପାରିଲା ନାହିଁ।

ହେଲେ ଏଇ ଛୋଟମୋଟ କମ୍ପାନୀରେ ଥାଇ ସେ ଖୁସିରେ ଥାଏ।

ଦାମିକା, ପ୍ୟାଣ୍ଟ, ସାର୍ଟ, ଜୋତା କିଣୁଥିଲା।

ମୁଁ ତାକୁ ଆକଟ କରୁଥିଲି। "ପଇସା ପତ୍ର ରଖ, ଭବିଷ୍ୟତ ପାଇଁ।"

ଘରକୁ ଆସିଲେ ପାଦଛୁଇଁ ପ୍ରଣିପାତ କରେ, ଆଶୀର୍ବାଦ ମାଗେ। ତା' କାମ ଦେଖି ମୁଁ ହସେ ... ବାଇଆଟା ...

ତା'ର ଇଚ୍ଛା ଥାଏ ଆମ ଘରେ ଅଧିକ ଦିନ ରହିବାକୁ। ହେଲେ ମୁଁ ବାଧ୍ୟ କରି ତାକୁ ତା ବୋଉପାଖକୁ ପଠାଇଦିଏ।

ନୀଳାମ୍ବର ଏମ.ବି.ଏ. ପରୀକ୍ଷା ଦେଇଥିଲା। କେତେ କଷ୍ଟରେ ଫର୍ମ ପୂରଣ ପାଇଁ ପଇସା ଯୋଗାଡ଼ କରିଥିଲା। ପାସ୍ କଲା ବି।

ବହୁତ ଖୁସି ହେଇ ଖବର ଆମକୁ ଜଣାଇଥିଲା। ଜୀବନରେ ପ୍ରଥମ ଥର ପାଇଁ ସେ ନିଜର କୃତିତ୍ୱରେ ଆନନ୍ଦିତ ହେଉଥିଲା। ଆଜି ତାକୁ ଆଇଏସି ପାଇଲା ପରି ଖୁସି ଲାଗୁଥିଲା। କେତେ ଆଶା କରିଥିଲା ଇଂଜିନିୟରିଂ ପାଠ ପଢ଼ିବ। ଭଲ ଚାକିରି କରିବ। ତା' ଆଶା ଜୀବନରେ କେବେ ପୂରଣ ହେଇ ପାରିନଥିଲା।

ଏମ.ବି.ଏ. ଡିଗ୍ରୀଟା ପାଇ ତାକୁ ସବୁ ସନ୍ତୋଷ ମିଳିଲା। ମନର ଖାଲିସ୍ଥାନ ପୂରଣ ହେଇଥିଲା। ମନରେ ଗର୍ବ ଅନୁଭବ କରୁଥିଲା।

ଏଥର ତାକୁ ତା ଯୋଗ୍ୟତା ଅନୁସାରେ ଚାକିରି ମିଳିବ। ଯେ ଛୋଟମୋଟ କମ୍ପାନୀ ତା' ପାଇଁ ଠିକ୍ ନୁହେଁ।

ଧିରେ ଧିରେ ନୀଳାମ୍ବରର ବ୍ୟବହାର ବଦଳିବାକୁ ଲାଗିଲା। ଖାଲି ନାସ୍ତି ବାଚକ ଶବ୍ଦ ବ୍ୟବହାର କଲା। ତା'ର କମ୍ପାନୀ ଓ କର୍ମଚାରୀଙ୍କ ପ୍ରତି ତା'ର ଅଭିଯୋଗ ଆରମ୍ଭ ହୋଇଗଲା।

'କମ୍ପାନୀର ଲୋକଗୁଡ଼ା ବ୍ୟବହାର ଜାଣିନାହାନ୍ତି। ଖରାପ ଭାଷାରେ ଗାଳିଗୁଲଜ କରୁଛନ୍ତି। ମୋତେ ସାଲାରି ଯାହା ଦେବେ ବୋଲି କହିଥିଲେ ତା'ଠାରୁ କମ୍ ଦଉଛନ୍ତି। ସାଲାରି ବଢ଼େଇଲେ ନାହିଁ ଏତେ ଦିନ ହେଲାଣି।

ଏମିତି ଅଭିଯୋଗ ଆଣି ନୀଳାମ୍ବର କମ୍ପାନୀ ଛାଡୁଥିଲା। ଘରେ ବସେ ଚାରି ପାଞ୍ଚ ମାସ। ପଇସାଟିଏ ପାଇଁ ହନ୍ତସନ୍ତ ହୁଏ।

ଯାକୁ ତାକୁ ଖୋସାମଦ ହୁଏ। ଚାକିରି କରେ ଅନ୍ୟ କେଉଁଠି, ପୁଣି ବର୍ଷେ ଛଅ ମାସରେ ଛାଡ଼ିଦିଏ।

ଏମିତି ତାର ଚାକିରି ଓ ଛଟେଇ କାର୍ଯ୍ୟ ଚାଲିଥିଲା।

ପୁଅ ତାର ସଂସାର ସହିତ ନିଜ କର୍ମକ୍ଷେତ୍ରରେ। ନୀଳାମ୍ବର ସହିତ ତାର କିଛି ଯୋଗାଯୋଗ ନଥାଏ। ଓଲଟି ନୀଳମ୍ବର ଘରକୁ ଆସିଛି ଶୁଣିଲେ ବିରକ୍ତ ହୁଏ।

"ନିଜେ ଜୀବନରେ କିଛି କଲା ନାହିଁ, ଓଲଟି ବୋଝ ହେଉଛି ତୁମ ଉପରେ।"

ଏ ସବୁ ସତ୍ତ୍ୱେ ନୀଳାମ୍ବର ପାଇଁ ଆମ ଘରର ଦ୍ୱାର ସର୍ବଦା ଉନ୍ମୁକ୍ତ ଥାଏ।

ଛୁଆଟାର କେତେ ସ୍ୱପ୍ନ ଥିଲା ହେଲେ ....

ନୀଳାମ୍ବର ସମସ୍ତଙ୍କ ଫୋନ୍ ନମ୍ବର ରଖିଥିଲା।

ଫୋନ୍ କରେ। କିଏ ଉଠାନ୍ତି କିଏ ଉଠାନ୍ତି ନାହିଁ।

ଘରକୁ ଆସିଲେ ସମସ୍ତଙ୍କ କଥା ଗପେ। ତାଙ୍କ ଘର, ତାଙ୍କ ଲୋକଙ୍କ କଥା। ମନରେ କୌଣସି ଆବିଳତା ନଥାଏ।

ତା'ର ଚାକିରି ନଥିଲା ବେଳେ, ପିଉସୀଙ୍କ ଘରକୁ ଗଲେ ସେମାନେ କେମିତି ସୁଖ ପାଆନ୍ତି ନାହିଁ। ଆଡ଼ ଆଡ଼ ହୁଅନ୍ତି।

ଦାଦା ଝିଅ ଭଉଣୀ ଘରକୁ ବାହାରିଲେ ଖୁଡ଼ୀ

ମନା କରନ୍ତି କେତେ ବାହାନା ଦେଖାଇ। ସାନଦାଦାଙ୍କ ଶ୍ୱଶୁର ଘରକୁ ଗଲେ ଆଇ ବାହାନା କରି ପଚାରେ "କେତେବେଳେ ତୋ ବସ୍ ଅଛି ?"

ମାମୁଁ ଘରକୁ ଗଲେ ମାଇଁ ତାଙ୍କର ତରତର ହୋଇ ସତ୍‌ସଙ୍ଗକୁ ବାହାରନ୍ତି ମାମୁଁଙ୍କୁ ନେଇ। ସବୁଦେଖେ ଶୁଣେ। କାହା ପ୍ରତି ଇର୍ଷା ଦ୍ୱେଷ ନଥାଏ। ସମସ୍ତଙ୍କର ସବୁ ପ୍ରକାର ଉପେକ୍ଷା ସେ ହଜମ କରିଯାଏ।

ତାକୁ ଆମ ଘରେ ଆମ ବନ୍ଧୁ ବାନ୍ଧବମାନେ ଦେଖିଲେ ଗ୍ରହଣ କରି ନଉଥିଲେ। ପୁଅର ସାଙ୍ଗ, ସେ ଆସେ ରହେ, ତାର ଅଧିକାର ଅଛି ଆମ ଘରେ ଦିନେ ଦୁଇଦିନ ରହିବାର।

କରୋନା ପୂର୍ବରୁ ନୀଳାମ୍ୱର ଚାକିରି ଛାଡ଼ି ଘରେ ବସିଥିଲା। ଏମବିଏ ପାସ୍ କରି ଆକାଶରେ ଉଡୁଥିଲା।

"ମାଉସୀ ଏଥର ମୋତେ ଆଗ ଅପେକ୍ଷା ବେଟର ଜବ୍ ମିଳିବ। ଭଲ ସାଲାରି ଦେବେ।" ତା' ବାପାଙ୍କର ଦୋକାନ ବନ୍ଦ ହେଇଯାଇଥିଲା ଅନେକ ଦିନରୁ। ଘରର ସମସ୍ତେ ନିଜ ନିଜ ପିଲା ଓ ପଇସା କଥା ବୁଝୁଥିଲେ। କେବଳ ଏକତ୍ର ରୋଷେଇ ହେଉଥିଲା। ତା' ବାପାଙ୍କର ରୋଜଗାର ନଥିଲା। ବଡ଼ଭାଇ କେଉଁ ଅଫିସ୍‌ରେ ଅସ୍ଥାୟୀ ଚାକିରି ଖଣ୍ଡେ କରି କିଛି ପଇସା ଆଣୁଥିଲା, ଯେ ସେ ସମୁଦ୍ରକୁ ଶଙ୍ଖେ।

ବାପା ତା'ର ବୁଢ଼ା ହଉଥିଲେ। ବୋଉ କାମ କରି ଅଣ୍ଟା ନଇଁ ଯାଇଥିଲା। ବଡଭାଇ ବାହାଘର ସରିଥିଲା। ତା'ର ସଂସାର ବଢ଼ିଥିଲା।

ନୀଳାମ୍ୱର କେଉଁ କୂଳରେ ଲାଗି ନଥିଲା। ଭବଜଳରେ ଭାସୁଥିଲା। ଘରେ ବସି ବସି ଏଣୁତେଣୁ ଚିନ୍ତା କରି ଏନ୍‌ଜାଇଟି ବଢ଼ି ଯାଇଥିଲା। ଅସ୍ତବ୍ୟସ୍ତ ହେଇ ରାତିରେ ଶୋଉ ନଥିଲା। ଡାକ୍ତର ଦେଖେଇଲେ ତା ବାପା। ନିୟମିତ ମେଡିସିନ ଖାଉଥିଲା। ଧୁମ୍ ଶୋଉଥିଲା ଔଷଧ ଖାଇ। ଔଷଧ ବନ୍ଦ କଲେ ବ୍ୟସ୍ତ ବିବ୍ରତ ହେଉଥିଲା।

ଆଖି ତଳେ କଳାରିଙ୍ଗ ବୁଲିଯାଇଥିଲା। ଗୋଡ଼ରେ ଶିର ଟାଣି ହେଇ ଭଲରେ ଚାଲିପାରୁ ନଥିଲା।

କରୋନାର ଘନଘଟା ବନ୍ଦ ହେବାପରେ ଆମ ଘରକୁ ଆସିଥିଲା ଅନେକ ଦିନପରେ ଚେହେରାରେ ଶ୍ରୀ ନଥିଲା। କଳାକାଠ ପଡିଯାଇଥିଲା। ସବୁବେଳେ ଫିଟ୍‌ଫାଟ ରହୁଥିବା ପିଲା ଯାହି ତାହି ସାର୍ଟ ଓ ଚପଲ ପିନ୍ଧିଥିଲା।

ବୟସ ବଢୁଥିଲା। ମୁଣ୍ଡର ଚୁଟି କେଇଟା ପାଚି ଯାଇଥିଲା।

ତା'ର ଫୋନ୍ ଚୋରି ହେଇ ଯାଇଥିଲା। ଦୁଇ ଦୁଇଟା ଫୋନ୍‌ରୁ ଗୋଟିଏ ତା ପାଖରେ ନଥିଲା। ଭାଇର ଛୋଟ ସାମସଙ୍ଗ ଫୋନ୍‌ଟା ପାଖରେ ରଖିଥିଲା। ଶୀର୍ଣ୍ଣ ଚେହେରା।

ପାଖରେ ପଇସା ନଥିଲା। କିଛି ଜବ ମିଳୁନଥିଲା। ମନମାରି ଘରେ ବସୁଥିଲା।

ସେଥର ଆସି ଆମ ଘରେ ଚାରିଦିନ ରହିଥିଲା। କମ୍ପ୍ୟୁଟର ଦେଖୁଥିଲା। ଏହା ଭିତରେ ଆମ ମାନଙ୍କ ବୟସ ବଢୁଥିଲା।

ନାନା ଆପଦ ବିପଦ ରୋଗଶୋକ ଲାଗି ରହିଥିଲା। ପୂର୍ବର ଚଳଚଞ୍ଚଳ ମୋ ପାଖରେ ନଥିଲା। ନିଜେ ଗଣ୍ଡାଏ ଫଟେଇ ଖାଇବାକୁ ଆମକୁ କଷ୍ଟ ଲାଗୁଥିଲା।

ନୀଳାମ୍ୱରର ଇଚ୍ଛା ଆଗପରି ରହିବ, ଖାଇବ, ଆରାମରେ ଶୋଇବ। କମ୍ପ୍ୟୁଟର ଦେଖିବ। ଆମର ବଢ଼ନ୍ତା ବୟସ, ଭଙ୍ଗାମନ ଓ ଦେହ ଏ ସବୁ ଭାରଗ୍ରହଣ କରିବାକୁ ସକ୍ଷମ ନଥିଲା। ଆଗପରି ତାକୁ ମୁଁ ଆପ୍ୟାୟିତ କରିପାରୁନଥିଲି।

କରୋନାର କାଳଗ୍ରାସୀ ପ୍ରଭାବ ଚାରିଆଡ଼େ ସମସ୍ତେ ଭୋଗୁଥିଲେ। କରୋନାରେ ଆକ୍ରାନ୍ତ ହୋଇ ଆମେ ଦୁହେଁ ପୂର୍ବର କର୍ମ ପ୍ରବଣତା ହରାଇ ବସିଥିଲୁ। ତେଣୁ ତା ଆଗମନ ଏକୁ ସାଦରେ ଗ୍ରହଣ କରିପାରୁନଥିଲୁ।

ନୀଳାମ୍ୱରଙ୍କ ଘରେ ତାଙ୍କର ଗୋଟିଏ ଛୋଟ ମନ୍ଦିର ଥିଲା। ତା ବୁଢ଼ୀମା ଗଢ଼ାଇଥିଲେ। ଆଖପାଖର ଲୋକେ ଆସି ପର୍ବ ପର୍ବାଣୀରେ ପୂଜା ଅର୍ଚ୍ଚନା କରୁଥିଲେ। ନୀଳାମ୍ୱର ସକାଳୁ ଉଠି ମନ୍ଦିରରେ ପୂଜା କରୁଥିଲା। ବୋଉର ମନରଖିବା ପାଇଁ ପୂଜା କରୁ କରୁ ତାର ଅଭ୍ୟାସରେ ପଡ଼ିଗଲା। ପୂଜା ଅର୍ଚ୍ଚନାରେ ଏକାଗ୍ରତା ବଢ଼ିବ। ଧ୍ୟାନ ଧାରଣାରେ ତା ମନରେ ସ୍ଥିରତା ଆସିବ।

ବ୍ରାହ୍ମଣ ଘର ପିଲା। ପୂଜାରେ ମନ ଲାଗିଗଲା। ଅନ୍ୟମାନେ ଆସିଲେ ପୂଜା କରିବା ପାଇଁ। ସୋମବାର, ଅମାବାସ୍ୟା, ପୂର୍ଣ୍ଣିମା, ସଂକ୍ରାନ୍ତିରେ ଲୋକ ମନ୍ଦିର ଆସିଲେ। ପୂଜକ ନାନାଙ୍କୁ ତାଙ୍କ ପାଉଣା ପାଞ୍ଚ ଦଶ ଦେଲେ।

ବାସ୍, ପଚାଶ, ଦଶ କୋଡିଏ, ପଚାଶ, ଶହେରେ ପହଞ୍ଚିଲା। ତା ହାତକୁ ପଇସାଟିଏ ଆସିଲା। ଯେବେ ତା'ର ଚାକିରି ଥିଲା ଚଉଦ ପନ୍ଦର ହଜାର ମନ ମଉଜରେ ଖର୍ଚ୍ଚ କରି ଦଉଥିଲା। ଏବେ ସେ ପଇସାଟିଏ ପାଇଁ ଡହଳ ବିକଳ ହଉଥିଲା।

ମାଗିବ କାହାକୁ।

ଦରକାର ବେଳେ ସେ ସମସ୍ତଙ୍କୁ ଦଉଥିଲା। ହେଲେ ସେ କାହାକୁ ମାଗି ପାରୁନଥିଲା। ତାର ହାତ ଖାଲି। ଲାଜ ସଙ୍କୋଚ ତାକୁ ମାଡ଼ି ବସୁଥିଲା।

ଆଜି ସୋମବାର ଥିଲା। ଶହେ ଏକସ୍ତରୀ ଟଙ୍କା ହେଇଛି। ଖୁସିରେ ମୋତେ ଫୋନ୍ କରିଛି। ଗତ ସାବିତ୍ରୀରେ ସାତଶହ ଟଙ୍କା ହେଇଥିଲା।

ସତରେ କି ଖୁସି ଆଃ .. ତା ଖୁସିରେ ମୁଁ ଆତ୍ମହରା ହେଉଥିଲି। ମୋ ଅଣ୍ଟି ଭରିଗଲା ପରି ଲାଗିଲା। ଜବ୍ ନମିଳିବା ପର୍ଯ୍ୟନ୍ତ ଏଇ ପୂଜାରୁ ତାର ହାତଖର୍ଚ୍ଚ ଚାଲିପାରିବ।

କେବେ ତା ସହିତ ବାଦ କରି ତା ଦାଦା ଓ ଭାଇ ମଧ୍ୟ ସକାଳୁ ଯାଇ ବସି ଯାଉଥିଲେ ମଠା ପିନ୍ଧି ମନ୍ଦିରରେ। ସେ ଦିନ ନୀଳାମ୍ୱରର ହାତ ଖାଲି। ମୋତେ ଜଣାଏ।

"ତୁ ଶୀଘ୍ର ଉଠି ନଥିବୁ, ସେଥିପାଇଁ ସେମାନେ ପୂଜା କଲେ।"

"ହଁ ମାଉସୀ। ସବୁ ଶୁଣୁଥିଲା। ମାନୁ ଥିଲା ମୋ କଥା।

ବେଳେବେଳେ କହୁଥିଲା, "ଆଜି ତମ ପରିବାର ସମସ୍ତଙ୍କ ପାଇଁ ଠାକୁରଙ୍କ ପାଖରେ ପାଣି ଢ଼ାଳିଛି।" ମୁଁ ଶୁଣେ।

ଆମ ପରିବାରର କୁଶଳ ପାଇଁ ପାଣିଲାଗି କରୁଥିଲା।

ପ୍ରତି ପର୍ବପର୍ବାଣୀରେ ମୁଁ ଅପେକ୍ଷାରେ ଥାଏ ନୀଳମ୍ୱରର ଡାକରାକୁ।

"ଆଜି କେତେ ?" ପ୍ରଥମେ ମୋର ପ୍ରଶ୍ନ।

ପଇସା ପାଇ ସବୁ ବ୍ୟାଙ୍କରେ ରଖୁଥିଲା। ପାଖରେ ରଖିଲେ କିଏ ମାଗିବ ବା ଖର୍ଚ୍ଚ ହେଇଯିବ। ବେଶି ପଇସା ହେଲେ ନିଜର ବ୍ୟବହାର୍ଯ୍ୟ ଜିନିଷ କିଣିବ। ସବୁ ଛିଣ୍ଡି ଗଲାଣି। ପୁରୁଣା ହେଲାଣି। ତାର ଯୋଜନା ଅନେକ।

ସ୍ୱଚ୍ଛ ଧନ, ବିକଳ ମନ।

ପାଞ୍ଚ ଟଙ୍କିଆ, ଦୁଇ ଟଙ୍କିଆ, ଦଶ ଟଙ୍କିଆ, ଏହି ସବୁ ମୁଦ୍ରାକୁ ଏକତ୍ର କରି ଯୋଡୁଥିଲ ନିଜ ଭାଗ୍ୟର ଡୋରି।

କେତେ ଦିନ ଲାଗିବ ନୀଳାମ୍ୱରର ସ୍ୱପ୍ନ ସାକାର ହେବାକୁ ?

ଏମିତି କେତେଦିନ ଅନ୍ୟମାନଙ୍କ ସ୍ୱପ୍ନ, ଆୟୁଷ ପାଇଁ ଜଳ ତୁଳସୀ ଚଢ଼ାଉଥିବ ଠାକୁରଙ୍କ ପାଖରେ ଓ ସେମାନଙ୍କ ଗୁହାରି ଜଣାଉଥିବ।

*ଗୋହଳ: ଜଗନ୍ନାଥପୁର (ବାଲିଅନ୍ତା)*
*ପିନ: ୭୫୨୧୦୧*
*ଦୂରଭାଷ: ୯୪୩୮୦୪୦୩୦୧*

# କୁହୁଡ଼ି ନଈର କୂଳେ କୂଳେ

## ହୃଷୀକେଶ ପଣ୍ଡା

ସହରର ସେଇ ଅଖ୍ୟାତ ଗଳି, ତା' ଭିତରେ ରେଳଡବା ପରି ଗୋଟାଏ କୋଠାଘର। ସେଇ କୋଠାଘରଟିର ଗୋଟିଏ ବଖରାରେ ରହୁଥାନ୍ତି ଡାକ୍ତର ମିଶ୍ର। ବାକି ଛ'ଟି ବଖରାରେ ବିଭିନ୍ନ ଭଡ଼ାଟିଆ। ଘରଟି ଅବଶ୍ୟ ହେମିଓପାଥି ପୁଡ଼ିଆ ବିକି ଡାକ୍ତର ମିଶ୍ର ବହୁକଷ୍ଟରେ ଠିଆ କରେଇଚନ୍ତି। ସେ ଏବେ ବି ଅବିବାହିତ।

ଡାକ୍ତର ମିଶ୍ର – ବେଶ୍ ଡେଙ୍ଗା, ଚିକ୍କଣ ବହଳ କେଶ, ଧାରୁଆ ନାକ, ଆଖି ଯୋଡ଼ିକ ସବୁବେଳେ ଶାନ୍ତ, ଢଳଢଳ। ଦେଖିବା ଲାଏକ୍ ଗୋରା ତକ୍‌ତକ୍ ଚେହେରା।

ଶୀତଦିନିଆ ସକାଳ। ସେଦିନ ରବିବାର। ଡାକ୍ତର ମିଶ୍ର ବିଛଣାରେ କଡ଼ ଲେଉଟଉଥାନ୍ତି। ତଳିପେଟରେ ମୂତ ଭର୍ତ୍ତି, ହେଲେ ଆଦୌ ଉଠିବାକୁ ତାଙ୍କର ଇଚ୍ଛା ନଥାଏ। ସ୍କାଏଲାଇଟ୍ ଦେଇ ସକାଳର ଛାଇଛାଇ ଆଲୁଅ ମେଞ୍ଚାଏ ପଡ଼ିଥାଏ କାନ୍ଥରେ। ଡାକ୍ତର ମିଶ୍ର ମନକୁମନ କହିହେଲେ – "ତେବେ ଆଜି ଦିନଟି ବି ମଣିଷ ସୂର୍ଯ୍ୟ ଦେଖିବାର ସୁଯୋଗରୁ ବଞ୍ଚିତ ହେବା ଏକପ୍ରକାର ନିଶ୍ଚିତ।"

ବାହାରେ କୁହୁଡ଼ି ବର୍ଷୁଥିଲା କି କ'ଣ, ଘରଟା ତାଙ୍କୁ ଗୋଟେ ବିରାଟ ବରଫସ୍ତୂପ ପରି ମନେହେଉଥିଲା। ଘରେ ଥିବା ଯାବତୀୟ ରେଜେଇ, ଚାଦର ସବୁ ସେ ନିଜ ଉପରେ ଲଦିଥିଲେ। ତଥାପି ଶୀତ ତାଙ୍କ ମଞ୍ଜ ଛାଡ଼ି ଯିବାକୁ ଯେମିତି ଆଦୌ ରାଜି ନଥିଲା। ଡାକ୍ତର ମିଶ୍ର ରେଜେଇ ଫାଙ୍କରୁ ଆଖି ଖୋଲି ପୁଣିଥରେ ସ୍କାଏଲାଇଟ୍‌କୁ ଚାହିଁଲେ ଏବଂ ମନକୁ ମନ କହିଲେ – "ସ୍କାଏଲାଇଟ୍‌ଟି ନଥିଲେ, ଏଇଟା ରାତି କି ଦିନ ତା'ବି ଜାଣିବା ମୁସ୍କିଲ୍ ହୁଅନ୍ତା।"

ଆଜି ଯଦିଓ ରବିବାର ଥିଲା ଏବଂ କ୍ଲିନିକ୍ ନଯିବା ପାଇଁ ଗଲାକାଲି ସଂଜରୁ ସେ ନିଷ୍ପତ୍ତି ନେଇସାରିଥିଲେ, ତଥାପି ଶୋଇଶୋଇ ତାଙ୍କୁ ଭାରି ଚିଡ଼ି ଲାଗୁଥିଲା। ବିଛଣାରୁ ଉଠିଲେଇ ପରିସ୍ରା ଓ ଯାବତୀୟ ଶୌଚକାମ ସାରିବାକୁ ପଡ଼ିବ; ଏଇ ଭୟରେ ସେ ଆଦୌ ବିଛଣା ଛାଡ଼ିବାକୁ ଚାହୁଁ ନଥିଲେ। ଏମିତିରେ ତ ସେ ବହୁମୂତ୍ର ରୋଗୀ, ତା'ପରେ ଗଲାକାଲି ରାତିରେ ଯୋଉ ରେଟ୍‌ରେ ପରିସ୍ରାର ପରିମାଣ ବଢ଼ିଗଲା, ସେଥିରେ ସେ ଏତେ ବିରକ୍ତ ଓ ବିବ୍ରତ ହେଇପଡ଼ିଲେ ଯେ, ପେଟ ପଛେ ଫାଟିଯାଉ ଜମା ଉଠିବେନି ବୋଲି ମନେମନେ ଶପଥ ନେଲେ। ତା'ଛଡ଼ା ବାରମ୍ବାର ମୂତ ମାଡ଼ିବା ଫଳରେ ଲମ୍ବା ନିଦଟାଏ ତାଙ୍କୁ ଆଦୌ ହେଲାନି ଏବଂ ସେ ଗଲାକାଲି ରାତିରେ ପ୍ରାୟ ଶହେରୁ ବେଶି ସ୍ୱପ୍ନ ଦେଖିବାକୁ ବାଧ ହେଲେ।

ସ୍ୱପ୍ନଗୁଡ଼ାକ ଏବେ ଯେତେ ଚେଷ୍ଟାକଲେ ବି ଆଦୌ ମନେପଡୁନଥିଲା। କୋଉ ସ୍ୱପ୍ନ ସହିତ କାହାର ହେଲେ ସମ୍ପର୍କ ନଥିଲା। ସବୁତକ ଯେମିତି ଗୋଟାଏ ଗୋଟାଏ କ୍ଲାଇମାକ୍ସରେ ଭାଙ୍ଗିରୁଜି ଚୁରମାର୍ ହେଇଯାଉଥିଲେ। ଡାକ୍ତର ମିଶ୍ର ଭାବିଲେ – ମହା ବଗୁଲିଆ ଟୋକାଟେ ଯେମିତି ତାଙ୍କ ଖଟତଳେ ଲୁଚି ବସିଚି ଏବଂ ଗୋଟାଏ ହେଲେ ସ୍ୱପ୍ନ ଯେମିତି ତାଙ୍କର ମନେ ନରହୁ, ସେଥିପାଇଁ ମଝିରେ ଷଣ୍ଢ ପୂରେଇଦବାକୁ ଚେଷ୍ଟା କରୁଚି।

ଡାକ୍ତର ମିଶ୍ର ଏଇମାତ୍ର କେଇମିନିଟ୍ ତଳେ ଗୋଟାଏ ସ୍ୱପ୍ନ ଦେଖିଥିଲେ। ଅଥଚ ଏବେ ତାର ବିନ୍ଦୁବିସର୍ଗ ବି ତାଙ୍କର ମନେପଡୁନଥିଲା।

ଡାକ୍ତର ମିଶ୍ର ମନକୁ ମନ ଗୋଟାଏ କୌତୁକିଆ ହସ ହସିଲେ। କହିଲେ – "ମୁଁ ସବୁ ଜାଣେ। ଯେତେ ଚାଲ୍‌ବାଜି ସବୁ ସେଇ ବଗୁଲିଆ ଟୋକାଟାର। ଗଲାକାଲି ରାତିରେ ହଜାରେଖଣ୍ଡେ ଥର ବାଥ୍‌ରୁମ୍‌କୁ ଘୋଷାରି ନବାପାଇଁ ଷଡ଼ଯନ୍ତ୍ର କରିଥିଲା। ହେଲେ ଡାକ୍ତର ମିଶ୍ର ପାଖରେ ସେ ଚାଲାକିପଣିଆ, ଫୁତ୍..."

ବାହାରେ କିଛିଗୋଟେ ଅଘଟଣ ଘଟୁଥିଲା କି କ'ଣ, ଡାକ୍ତର ମିଶ୍ର କାନପାରିଲେ। ରହିରହି ଯାହାକିଛି ଅସ୍ପଷ୍ଟ ଶବ୍ଦ କାନରେ ବାଜୁଥିଲା, ତାଙ୍କୁ ଖୁବ୍ ଅସ୍ୱାଭାବିକ ମନେହେଲା। ସେ ଭାବିଲେ, ବଡ଼ ଧରଣର ନିଶ୍ଚୟ କିଛିଗୋଟେ ଘଟୁଚି। ଖଟବାଡ଼ାରେ ପିଠି ଭାରାଦେଇ ଝରକା ଅଳ୍ପ ଖୋଲିଦେଲେ ସେ।

ବାହାରେ ଘମାଘୋଟ କୁହୁଡ଼ି। ରାସ୍ତାଘାଟ, ଗଛପତ୍ର ସବୁ ମିଶି ଏକାକାର। ଦମକାଏ ହେମାଳ ପବନ ତାଙ୍କ କାନମୁଣ୍ଡାରେ ଘଷିହେଇ ଚାଲିଗଲା। ମଞ୍ଜ ଥରିଗଲା ତାଙ୍କର। ଡାକ୍ତର ଭଲକରି ନିଘାକଲେ – କୁହୁଡ଼ି ଭିତରେ ଗୁଡ଼ାଏ ଲୋକ ଅସ୍ପଷ୍ଟ ଛାଇପରି ଏଣେତେଣେ ଅତର୍କିଆ ଦୌଡ଼ୁଚନ୍ତି। ସେଇ ସମୟରେ ହଠାତ୍ ଦୁଇ ଚାରିଥର ପ୍ରଚଣ୍ଡ ଶବ୍ଦ ହେଲା ଏବଂ ତାଙ୍କ ଘରର ଟେବୁଲ୍ ଉପରେ ଥିବା କାଚଗ୍ଲାସ୍‌ଟା ତଳେ ପଡ଼ି ଟୁକୁରା ଟୁକୁରା ହେଇଗଲା। ତା'ପରେ ଲୋକମାନେ ଯେ' ଯୁଆଡ଼େ ପ୍ରାଣ ବିକଳରେ ଦୌଡ଼ିବାକୁ ଲାଗିଲେ।

ଡାକ୍ତର ମିଶ୍ର ଖୁବ୍ ଡରିଗଲେ। 'ଏଥର ଆଉ ତ୍ରାହି ନାହିଁ। ଅନ୍ତିମ ସମୟ ଆସି ପହଞ୍ଚିଗଲା' ବୋଲି ତାଙ୍କ ପାଟିରୁ ବାହାରିଗଲା।

'ବାହାରେ ପୃଥ୍ୱୀ ଧ୍ୱଂସ ପାଇଯାଉ, ଅନ୍ତତଃପକ୍ଷେ ମୁହୂର୍ତ୍ତଟେ ହଉପଛେ ସେ ତାଙ୍କର ସେଇ ବଖୁରିକିଆ ଘର ଭିତରେ ଶୀତକୁ ଜାକିଜୁକି ଶୋଇରହିବା ଦରକାର' ଭାବି ଝରକାକୁ ଧଡ଼ାସ୍‌କିନା ବନ୍ଦ କରିଦେଲେ। ତାଙ୍କର ଏଥର ଗଲାକାଲି ରାତିରେ ଦେଖିଥିବା ଗୋଟେ ଅଧୁରା ସ୍ୱପ୍ନ ମନେପଡ଼ିଲା। ଭଲକରି ମନେପକେଇବାକୁ ଚେଷ୍ଟାକଲେ ସେ। ହଠାତ୍ ତାଙ୍କ ପାଟିରୁ ବାହାରିପଡ଼ିଲା – "ଯୁଦ୍ଧ କ'ଣ ସତରେ ଲାଗିଗଲା ? ଲୋକମାନେ ପୋକମାଛି ପରି ମରିବେ ହିଁ ମରିବେ।"

ଗଲାକାଲିର ସ୍ୱପ୍ନଟା ଏଥର ତାଙ୍କ ଆଖି ଆଗରେ ନାଚିଉଠିଲା।

ଚାରିଆଡ଼େ ଯୁଦ୍ଧର ଆତଙ୍କ। ରାସ୍ତାଘାଟରେ ମାଛିଟାଏ ବି ଉଡୁନାହିଁ। ଥିଲା ଥିଲା, ଗୋଟେ ହୋ' ପରି ଶବ୍ଦ ହେଲା। ଲୋକବାକ ପିଲାଛୁଆ ଧରି ଯେ' ଯୁଆଡ଼େ ଦୌଡ଼ିବାକୁ ଲାଗିଲେ। ଆକାଶରେ ଚଢ଼େଇ ପରି ଲଢୁଆ ବିମାନ। ଉପରୁ ବର୍ଷୁଚି ବୋମା। ଗଛପତ୍ର କୋଠାବାଡ଼ି ଜଳିପୋଡ଼ି ଛାରଖାର ହେଇଯାଉଚି। ସେ ନିଜେ ବି ପବନରେ ଭାସିଲା ପରି ଦୌଡୁଚନ୍ତି। କିନ୍ତୁ ଆଶ୍ଚର୍ଯ୍ୟର କଥା, ତାଙ୍କ ଆଖି ଆଗରେ ସବୁକିଛି ହୁତ୍‌ହୁତ୍ ହେଇ ଜଳିଯାଉଚି ଅଥଚ ତାଙ୍କର କେଶାଗ୍ର ପର୍ଯ୍ୟନ୍ତ ଅକ୍ଷତ ରହିଛି। ଦେହମୁଣ୍ଡରେ ହାତମାରି ଭଲକରି ପରଖିନେଇ

ମନେମନେ ଆଶ୍ୱସ୍ତ ହେଲେ ଏବଂ କହିଲେ – "ମୋ'ଠୁ ଭାଗ୍ୟବାନ ଏ ପୃଥିବୀରେ ଆଉ କିଏ କ'ଣ ଥାଇପାରେ !"

ତଥାପି ସେ ଦୌଡୁଥାନ୍ତି । କେତେବେଳେ ପ୍ରାଣଟା ଯେ ଚାଲି ନଯିବ କିଏ କହିବ ? ଏଭଳି ଗୋଟେ ଭୟ ଆଉ ଆନନ୍ଦର ମିଶ୍ରଣ ପର୍ବରେ ସେ ଆନମନା ହେଇ ଦୌଡୁଥିବା ସମୟରେ ଥିଲାଥିଲା ତଳିପେଟଟା ହଠାତ୍ କାମୁଡ଼ିଦେଲା । ଡାକ୍ତର ମିଶ୍ର ଏଇ ପ୍ରାଣ ଯିବାଯିବା ସମୟରେ ବି ନହସି ରହିପାରିଲେ ନାହିଁ । 'ଶଳା, ମୃତଟାର ବି କି କୌତୁକ ଦେଖୁନା । ଇଆଡ଼େ ଲୋକଙ୍କୁ ମରିବାକୁ ତର ନାହିଁ, ବଗୁଲିଆ ଟୋକାଟା ତାଙ୍କୁ ପାଇଖାନାଯାଏ ଟାଣିନେବାକୁ ଉଛନ୍ନା'

ଡାକ୍ତର ମିଶ୍ରଙ୍କ ଆଖି ଆଗରେ ନାଚିଉଠିଲା ଯୁଦ୍ଧର ପରିଣତି । ସେ କହିହେଲେ – "ଯୁଦ୍ଧ ଯଦି ଅନିବାର୍ଯ୍ୟ, ପରିଣତି କଥା ଚିନ୍ତା କରି ଲାଭ କ'ଣ ? ଜୀବନରେ କିଛି ନହେଲା ନାଇଁ, ମଣିଷଜାତି ଅନ୍ତତଃପକ୍ଷେ ଯୁଦ୍ଧଟାଏ ଦେଖିବାର ସୁଯୋଗ ତ ପାଇଯିବ !"

ଡାକ୍ତର ମିଶ୍ର ଏଥର ଚାଦରଟିକୁ ମୁଣ୍ଡ ପର୍ଯ୍ୟନ୍ତ ଟାଣିଆଣିଲେ । ଆଖି ବୁଜିଦେଲେ ଏବଂ ପୁଣି ଗୋଟେ ସ୍ୱପ୍ନ ଦେଖିବାକୁ ଚେଷ୍ଟା କଲେ ।

ଯେତେ ଚେଷ୍ଟା କଲେ ବି ଗୋଟାଏ ହେଲେ ସ୍ୱପ୍ନ ତାଙ୍କ ପାଖ ମାଡୁନଥିଲା କି ଯୁଦ୍ଧ କଥାକୁ ସେ ଆଦୌ ମନରୁ ଏଡ଼େଇଦେଇ ପାରୁନଥିଲେ । ଆଜିକୁ ଚାରିଦିନ ହେଲା ସେ ଖାସ୍ ବିଛଣାରେ ପଡ଼ିରହିଚନ୍ତି । ଘରେ କିଛି ନଥିଲେ ବି ବଜାର ଯିବାକୁ ତାଙ୍କ ବ୍ରହ୍ମ ଡାକୁନାହିଁ । ଜୀବନର ପ୍ରଖର ମଧ୍ୟାହ୍ନରେ ସଂସାର ପାତିବା ଚିନ୍ତାରୁ ସେ ପ୍ରାୟ ମୁକ୍ତ ଥିଲେ । ମୂଳକଥା ହେଲା, ସେ ଭଲକରି ଜାଣିଥିଲେ, ଯୁବତୀ ସ୍ତ୍ରୀଟିକୁ ତୃପ୍ତି ଦେଇପାରିଲା ଭଳି ସାହସ ଆଉ ସାମର୍ଥ୍ୟ ତାଙ୍କ ପାଖରେ ନାହିଁ । ସେମାନଙ୍କ ସାଙ୍ଗେ ମାତିବାକୁ ତାଙ୍କଠି କେତେ ଯେ ବଳ, ତା' ବି ତାଙ୍କୁ ଅଛପା ନଥିଲା । ଖୋଲିକରି କହିଲେ, ନାରୀମାନଙ୍କ ପ୍ରତି ତାଙ୍କଠି ଆଉ କୌଣସି ଦୁର୍ବଳତା ବାକି ନଥିଲା । ପଇଁଚାଳିଶ ବର୍ଷ ବୟସରେ କିଛି ଗୋଟେ ଅଲୌକିକ ଘଟିବ ଏବଂ ସେ ସଂସାର ପାତିବେ, ଏଭଳି ଦୁଃସ୍ୱପ୍ନ ଦେଖିଲା ଭଳି ସତ୍‌ସାହସ ତାଙ୍କଠି ନଥିଲା । 'ଯାଃ, ମଣିଷ ତ ଏତେଗୁଡ଼ାଏ ବର୍ଷ ନିର୍ବାଧରେ ବଂଚିଗଲା, ଆଉ ଏଣିକି କି ଚିନ୍ତା !' ମନକୁ ଡାକ୍ତର ମିଶ୍ର ଏତିକି ସାନ୍ତ୍ୱନା ଦେଲେ ।

ଆଜି ଜୀବନର ଏଇ ଛାଇଲେଉଟାଣି ଦି'ପହରଟାରେ ବି ଡାକ୍ତର ମିଶ୍ରଙ୍କୁ ନେଇ ସହରରେ ଜୋରଦାର ଗୁଜବ୍ । କିଏ କହେ, ବୁଢ଼ାର ଖାସ୍ କଅଁଳ କଢ଼ିମାନଙ୍କଠି ନଜର । ଅନେକେ କହନ୍ତି, ଚିକ୍‌କଣିଆ ଦରବୁଢ଼ାର ସହରରେ ଡଜନେ କି ଦେଢ଼ଡଜନ୍ ସୁନ୍ଦରୀଙ୍କ ସହ ଭାବ । ଆଉ କେହିକେହି ଆହୁରି କେତେକଥା କହନ୍ତି, ସେଇଟା ଯାହା, ଶୁଣିଲେ କାନରେ ହାତ ଦେଇଦବାକୁ ପଡ଼େ ।

ଡାକ୍ତର ମିଶ୍ରଙ୍କୁ ଆଜି ଭଳି ଦିନରେ କାହିଁକି କେଜାଣି ଖୁବ୍ ହସ ମାଡ଼ିଲା । 'ଶଳେ, ସହରଟାରେ ପଞ୍ଚେ ଲୋକ ଅଛନ୍ତି, ଯାହାଙ୍କ କାମ ହେଲା ଖାସ୍ ଗୁଜବକୁ ନେଇ ବଞ୍ଚିବା । ପରଗୋହି ତାଡ଼ିବାରେ ସେଗୁଡ଼ାଙ୍କର ମିଜାଜ ଖୁସ୍ । ଏମାନଙ୍କ ଭିତରୁ ଗୋଟେ ବଡ଼ ଅଂଶ ବେଶ୍ ବିକଳିଆ । କେବଳ ସେକ୍ସକୁ ନେଇ ଏମାନେ ଗୁଜବ୍ କରନ୍ତି । ଏ ସହରରେ କାଳେ ଗୁଜବକାରୀଙ୍କର ଗୋଟେ ବଡ଼ ର୍ୟାକେଟ୍ ଅଛି ବୋଲି କାହାଠୁ ଥରେ ସେ ଶୁଣିଥିଲେ । ତେବେ ଏଗୁଡ଼ାଙ୍କର ଅସଲ କାମ ହେଲା, ଫେଣ୍ଟାଫେଣ୍ଟି କରି କିଛି ଗୋଟେ ରଂଗ ନିକାଳିବା ଏବଂ ସେଇ ରଂଗକୁ ବେକୁବ୍‌ମାନଙ୍କ ମୁହଁରେ ବୋଳିବା । ଏମାନେ କାଳେ ଗୁଜବ୍ ଖାଆନ୍ତି, ଗୁଜବ୍ ମୁତନ୍ତି, ଗୁଜବ୍ ହଗନ୍ତି । ଏମାନଙ୍କ ମାଈକିନାମାନେ କାଳେ ଗୁଜବରେ ଗର୍ଭଧାରଣ କରନ୍ତି ଏବଂ ଗୁଜବରେ ହିଁ କାଳେ ଏମାନଙ୍କ ବଂଶବୃକ୍ଷ ବିସ୍ତାରିତ ହୁଏ ।

ଡାକ୍ତର ମିଶ୍ର ଆଗକୁ କିଛି କହିଥାନ୍ତେ କି କ'ଣ, ତାଙ୍କ କବାଟରେ ହଠାତ୍ ଶବ୍ଦ ହେଲା । ଶବ୍ଦଟି ଯଦିଓ ଆଘାତ ନଥିଲା, ବରଂ ସଂକେତ ଥିଲା; କିନ୍ତୁ ତାଙ୍କର ସେତେବେଳକୁ ସେସବୁ ବୁଝିବାର ଅବସ୍ଥା ନଥିଲା । ଏଥର ଯୁଦ୍ଧର ପରିଣତି ସେ ସ୍ପଷ୍ଟ ଦେଖିପାରୁଥିଲେ ଏବଂ ତାଙ୍କ ଦେହ ବରଡ଼ାପତ୍ର ପରି ଥରୁଥିଲା । 'ଯୁଦ୍ଧବେଳେ କାଳେ ଲୁଟତରାଜ ଜୋର୍‌ଦାର୍ ଚାଲେ' ଆଶଙ୍କାଟି ତାଙ୍କୁ ବେଶ୍ ଘାରିଥିଲା ଏବଂ ଯଦିଓ ମରଣକୁ ତାଙ୍କର ଆଦୌ ଚିନ୍ତା ନଥିଲା, ତଥାପି ଯନ୍ତ୍ରଣାକୁ ସେ ଭୀଷଣ ଭୟ କରୁଥିଲେ । ଲୁଣ୍ଠନକାରୀମାନେ ଯେ ତାଙ୍କୁ ଅକ୍ଷତ ଅବସ୍ଥାରେ ଛାଡ଼ିଦେଇଯିବେ, ଏପରି ବିଶ୍ୱାସ ତାଙ୍କର ଆଦୌ ନଥିଲା ।

କବାଟରେ ଶବ୍ଦ କ୍ରମଶଃ ଜୋର୍‌ଦାର୍ ହେଉଥିଲା । ତଙ୍କୁ ଲାଗୁଥିଲା, ଲୁଣ୍ଠନକାରୀମାନେ ଯେମିତି ମୁହୂର୍ତ୍ତକ ଭିତରେ କବାଟ ଭାଙ୍ଗି ଭିତରକୁ ପଶିଆସିବେ । ଅଗତ୍ୟା ସେ ଭାବିଲେ, 'ହାଣମୁହଁକୁ ଯିବା ଯଦି ଅନିବାର୍ଯ୍ୟ, ହାଣମୁହଁକୁ ଯିବାକୁ ମୁଁ ପ୍ରସ୍ତୁତ' କହି ଡାକ୍ତର ମିଶ୍ର ଉଠିଗଲେ ଏବଂ କବାଟଟିକୁ ଖୋଲିଦେଲେ ।

ଡାକ୍ତର ମିଶ୍ର ଅନ୍ତତଃ ଆଶ୍ୱସ୍ତ ହେଲେ ଯେ, ସେ ଯାହା ଭାବୁଥିଲେ ତାହା ସଂପୂର୍ଣ୍ଣ ମିଥ୍ୟା । ଜଣେ ବୟସ୍କା ଯୁବତୀ ବାରଣ୍ଡାରେ ତାଙ୍କୁ ଅପେକ୍ଷା କରିଥିଲା । ମୁହଁଟି ତାଙ୍କୁ ଚିହ୍ନା ଚିହ୍ନା ଲାଗିଲା । ଅସଲକଥା ହେଲା, ଯୁବତୀମାନଙ୍କୁ ଦେଖିଲେ ତାଙ୍କୁ ଲାଗେ, ସେ କୋଉଠି ନା କୋଉଠି ତାଙ୍କୁ ଆଗରୁ ଦେଖିଚନ୍ତି କି ତାଙ୍କ ସହିତ ତାଙ୍କର ପରିଚୟ ପର୍ଯ୍ୟନ୍ତ ବି ରହିଛି । ଯୁବତୀଟିକୁ ସେ ଭିତରକୁ ଆସିବାକୁ ଇସାରା ଦେଲେ । ଆପ୍ୟାୟିତ କଲାଭଳି କିଛି ଘରେ ଥିବାର ତାଙ୍କର ମନେପଡୁନଥିଲା । କିନ୍ତୁ ତାଙ୍କର ହଠାତ୍ ମନେପଡ଼ିଗଲା ଯୁଦ୍ଧ କଥା ଏବଂ 'ଆପଣ ଏଭଳି ଅବସ୍ଥାରେ ଜୀବନକୁ ପାଣି ଛଡ଼େଇ କେମିତି ବାହାରକୁ ବାହାରିଲେ' ବୋଲି ତାଙ୍କ ପାଟିରୁ ବାହାରିଗଲା । 'ଶେଷରେ ଯୁଦ୍ଧଟା ଲାଗିଗଲା ? ବାହାରେ ଯେ କ'ଣ ସବୁ ଘଟୁଥିବ କେଜାଣି ? ଏଇ ଦେଖୁନ୍, ସକାଳଟାରେ ଏଇ ଗଳିମୁଣ୍ଡରେ ଯାହା କାଣ୍ଡ ଘଟିଗଲା, ସେଥିରୁ ପରିଣତି କ'ଣ ଭାବିନିଅନ୍ତୁ ।'

ଯୁବତୀଟି ଏଥର ମୁରୁକି ହସିବାକୁ ବାଧହେଲା । ସେ ଭାବିନେଲା ଯେ, ଡାକ୍ତର ମିଶ୍ର ସକାଳଟାରୁ ନିଶ୍ଚୟ ଗୋଟେ ଭୟଙ୍କର ସ୍ୱପ୍ନ ଦେଖିଚନ୍ତି ଏବଂ ତାଙ୍କ ମୁଣ୍ଡରେ ଯୁଦ୍ଧର ଭୂତ ସବାର୍ ହେଇଯାଇଚି । ସେ କହିଲା – "ଯୁଦ୍ଧଫୁଦ୍ଧ ସବୁ ମିଛ । ଆଜି ସକାଳେ ଦୁଇଦଳ ଦାଦାଙ୍କ ଭିତରେ ହଣାକଟା ଯୋଗୁଁ ଦୁଇଚାରିଟା ବୋମା ଫୁଟିଲା । ଦୁଇଜଣ ଲୋକ ବି ମଲେ । ଡଜନେ ଖଣ୍ଡେ ଖଣ୍ଡିଆଖାବରା ହେଇ ମେଡିକାଲ୍ ବୁହାହେଲେ । ଏବେ ସବୁକିଛି ଠିକ୍‌ଠାକ୍ । ଲାଗିବନି ଯେ ଗତ ଦୁଇ/ଚାରି ଘଣ୍ଟା ତଳେ ଏଠି ଏତେବଡ଼ ଖଣ୍ଡପ୍ରଳୟଟେ ଘଟିଥିଲା ବୋଲି ।"

ଡାକ୍ତର ମିଶ୍ର ଖୁବ୍ ଲଜ୍ଜିତ ହେଲେ । ଗୋଟାଏ ଡରୁଆ ସ୍ୱପ୍ନରୁ ତାଙ୍କର ଯେ ଏପରି ଅବସ୍ଥା, ସେ ଠିକ୍ ଠଉରେଇ ପାରିଲେ । ନିଜଆଡୁ ସଫେଇଦବାକୁ ଯାଇ କହିଲେ – "ମାନସିକ ଦୁର୍ବଳତାରୁ ଜାଣ ସବୁତକ ବିକାରର ଜନ୍ମ । ଚାରିଦିନ ହେଲା ଜରରେ କଣ୍ଟୁଚି, ଘରେ ଆଳୁଚୋପାଟେ ପର୍ଯ୍ୟନ୍ତ ନାହିଁ, ଅଥଚ ସ୍ୱପ୍ନ ଦେଖାରେ ବିରାମ ନାହିଁ । ଶଳା ଶୀତଟାର ବି କି କଉତୁକ ଦେଖୁନା ! ଏକା କଥା – ଭାରତ ପାକିସ୍ତାନ ଯୁଦ୍ଧ ହଉ କି, ଦୁଇ ଦାଦାଗୋଷ୍ଠୀଙ୍କ ଭିତରେ ବାଡ଼ିଆପିଟା ହଉ – ସେଇ ହଣାକଟା ନା ! ଜୀବନହାନି ତ !"

ଡାକ୍ତର ମିଶ୍ର ଆଗକୁ କ'ଣ କହିଥାନ୍ତେ କି କ'ଣ, ଯୁବତୀ ଜଣକ ତାଙ୍କୁ ଅଟକାଇଦେଇ କହିବାକୁ ଆରମ୍ଭକଲା – "ଛାଡ଼ନ୍ତୁ ସେକଥା । ମୋର ବି କି ଦୁର୍ଯୋଗ ଦେଖୁନାହାନ୍ତି । କାଲି ରାତିରେ ଘରମାଲିକ କହିଲା ଘର ଛାଡ଼, ଆଉ ରାତି ପାହିଲାବେଳକୁ ଜିନିଷପତ୍ର ସବୁ ବାହାରେ । ଜାଣନ୍ତି ତ, ଯେ ସହରରେ ଘରଟେ ମିଳିବା କେତେ କଷ୍ଟ ! ପୁଣି ଯଦି ଅଭିଆଡ଼ୀ ବଢ଼ିଲା ଝିଅଟେ ହେଇଥିବ ତ କଥା

ସରିଲା। ଶୁଣିଲି, ଆପଣଙ୍କର ଏଇ କୋଠାରେ ଗୋଟେ ରୁମ୍ ଖାଲି ଅଛି। ଦୟାକରି ସେତକ ଯଦି ଦିଅନ୍ତେ, ଜାଣନ୍ତୁ ମୁଁ ବଞ୍ଚିଯିବି।"

ଯୁବତୀ ଜଣକ ଏଥର ସୁକୁସୁକୁ ହେଇ ନିଜର ଅତି ଦୟନୀୟ ଅବସ୍ଥା ବିଷୟରେ ବର୍ଣ୍ଣନା କରିଗଲା। ଗଲା ଶୀତରେ ମାଆ ମରିଯିବା ପରଠୁ ସେ ସଂସାରରେ ନିହାତି ଏକୁଟିଆ। ସାହାଭରସା କେହି ନାହିଁ। ଆଉ ଆପଣ ଭଲଭାବେ ଜାଣିଚନ୍ତି, ଗୋଟେ ବଢ଼ିଲା ଏକୁଟିଆ ଝିଅ ପାଇଁ ଏ ସହର କେତେ ବିପଦରେ ଭରା।

ଡାକ୍ତର ମିଶ୍ରଙ୍କ ଛାତି ଭିତରେ ଗୋଟେ କଅଁଳିଆ ତରଳ ପଦାର୍ଥ ଝରିବାକୁ ଆରମ୍ଭ କଲା ଯେମିତି। ଅସଲକଥାଟି ହେଲା, ନାରୀମାନଙ୍କ ସରଳ ମୁହଁରେ କାନ୍ଦଭଳି ଗୋଟେ ଜଟିଳ ଜିନିଷ ଦେଖିଲେ ତାଙ୍କ ହୃଦୟ ଦୋହଲିଉଠେ। ଅଗତ୍ୟା ତାଙ୍କ ମୁହଁରୁ ହଠାତ୍ କିଛି ଉତୁରିଲା ନାହିଁ। ଅସଲରେ ସେ ରହୁଥିବା ରୁମ୍‌କୁ ଲାଗି ଗୋଟାଏ ଛୋଟ କୋଠରୀ ଥିଲା, ଯଦିଓ ତାକୁ ସେ ଆଦୌ ବ୍ୟବହାର କରୁନଥିଲେ। ତା'ଛଡ଼ା ରୋଷେଇଘର କିମ୍ବା ସ୍ୱତନ୍ତ୍ର ପାଇଖାନା କି ଗାଧୁଆଘରଟାଏ ମଧ୍ୟ ନଥିଲା।

ଯୁବତୀ ଜଣକ ତଥାପି ଖୁବ୍ ବ୍ୟସ୍ତ ଓ ବିବ୍ରତ ଜଣାପଡୁଥାଏ। ବିଚ୍ ରାସ୍ତାରେ ଲାଜ ଲୁଟିଯିବା ଭଳି ଆତଙ୍କରେ ତା ଚେହେରା ଥମ୍‌ଥମ୍ ଦିଶୁଥାଏ। ସବୁ ଘରେ ଭଡ଼ାଟିଆ ରହିଥାନ୍ତି। ଅଗତ୍ୟା ଡାକ୍ତର ମିଶ୍ର ସେଇ କୋଠରୀ ଆଡ଼କୁ ଆଙ୍ଗୁଠି ଦେଖେଇ କହିଲେ – "ଖାଲି ଘର ବୋଲି ସେଇ ଗେଞ୍ଜି ଟିକକ। ଜଣେ ଲୋକ ଖଟଟେ ପକେଇ କୌଣସିମତେ ଚଳିଯିବ।"

ଯୁବତୀଟିର ଆଖିରେ ଆଶାର ଝଲକ ଦେଖାଗଲା– "ଯେତେ ଅସୁବିଧା ଥାଉ ପଛେ, ରାସ୍ତାରେ ପଡ଼ିବାଠୁ ଇଏ ବରଂ ଭଲ। ଦେଖନ୍ତୁ, ମୋ ତରଫରୁ କୌଣସି ଆପତ୍ତି ନାହିଁ। ବର୍ତ୍ତମାନ ପରିସ୍ଥିତିରେ ଯେ କୌଣସି ମନ୍ଦକୁ ହଜମ୍ କରିବାକୁ ମୋଠି ଢେର୍ ବଳ ଅଛି।" ଏବଂ ସେ ଆହୁରି ମଧ୍ୟ କହିବାକୁ ଭୁଲିଲାନି "ମୁଁ ରାତି ନ ପାହୁଣୁ ମୋ ନିତ୍ୟକର୍ମ ସାରିନେବି। ଆପଣ ସେଥିପାଇଁ ଆଦୌ ବ୍ୟସ୍ତ ହେବେନି।"

ଡାକ୍ତର ମିଶ୍ର ଅନୁଭବ କଲେ, ତାଙ୍କ ଭିତରେ କିଛିଗୋଟେ ଘଟଣା ଘଟିଚାଲିଚି ଆଉ ସେ କ୍ରମଶଃ ବିବଶ ହେଇପଡୁଚନ୍ତି। ଅସଲରେ ଆଜିଯାଏ କୌଣସି ନାରୀର ସଂସ୍ପର୍ଶରେ ସେ ସିଧାସଳଖ ଆସିନଥିଲେ କି କୌଣସି ଯୁବତୀର ଅସହାୟତା ସେ ଏତେ ପାଖରୁ ଅନୁଭବ କରିନଥିଲେ। ଭଲମନ୍ଦ ବିଚାର କରିବାର ଶକ୍ତି ଯା ଭିତରେ ସେ ହରେଇ ବସିଥିଲେ। ଆପଣାଛାଏଁ ତାଙ୍କ ପାଟିରୁ 'କିଛି ନହେଲେ ଚା' ଟିକିଏ ପିଇଦେଇ ଯାଆନ୍ତୁ' ବୋଲି ବାହାରିପଡ଼ିଲା।

"ଆପଣଙ୍କ ଦେହ ଅସୁସ୍ଥ, ମୁଁ ଦେଖୁଚି" କହି ଯୁବତୀଟି ଏଥର ରୋଷେଇଘର ଆଡ଼କୁ ଆଗେଇଲା।

ରୋଷେଇଘର ଭିତରେ ଟୁଂ ଟାଂ ଶବ୍ଦ ଶୁଭୁଥିଲା ଏବଂ ଡାକ୍ତର ମିଶ୍ରଙ୍କୁ ଲାଗୁଥିଲା, ଯେମିତି କିଛି ଗୋଟେ ଘଟଣା ତା' ବାଟରେ ଓ ବାଗରେ ଘଟିବାକୁ ଯାଉଚି। ସତ କହିବାକୁ ଗଲେ, ତାଙ୍କୁ ଯେ ସେସବୁ ଶବ୍ଦ ଅତି ଲୋଭନୀୟ ଓ ଅନ୍ତରଂଗ ଲାଗୁନଥିଲା, ସେକଥା ନୁହେଁ।

କିଛିସମୟ ପରେ ଯୁବତୀ ଜଣକ ଦୁଇଟି କପ୍‌ରେ ଚା' ଧରି ଆସିଲା। ଚା' କପ୍‌ରୁ ଗରମ ଗରମ ବାମ୍ଫ ବାହାରୁଥିଲା ଏବଂ ଘରସାରା କେମିତି ଗୋଟେ ମହମହ ବାସ୍ନା ପହଁରି ବୁଲୁଥିଲା।

ଚା' ପିଉପିଉ ଡାକ୍ତର ମିଶ୍ର ନିଜର ଅସୁସ୍ଥତା ବିଷୟରେ ଗପିଲେ ଏବଂ ମଝିରେ ଏକଥା ମଧ୍ୟ କହିବାକୁ ଭୁଲିଲେ ନାହିଁ ଯେ, ସେ ନିହାତି ଏକୁଟିଆ ଏ ଘରେ। ସଂସାରର ଧାର୍ ଆଦୌ ଧାରନ୍ତି ନାହିଁ କି ଏଭଳି ପର୍ଯ୍ୟାପ୍ତ ବୟସରେ ଆଉ କେବେ ମଧ୍ୟ ସଂସାର ପାତିବାର ସ୍ୱପ୍ନରୁ ପୂରାପୂରି ବଂଚିତ ଅଛନ୍ତି।

"କାଇଁ, ଆପଣଙ୍କୁ ଏମିତି କେତେ ହବ କି ?" – ଯୁବତୀଟି ପଚାରିଲା।

"ଏଇ, ପଇଁଚାଳିଶ୍ !"

ଯୁବତୀଟିର ଦୃଷ୍ଟିରେ ଚପଳତା ଦେଖାଗଲା ଏବଂ ସେ ଡାକ୍ତରଙ୍କ ଆଡ଼କୁ ଏକ ଜୋର୍‌ଦାର୍ କଟାକ୍ଷ ହାଣି କହିଲା – "ମାତ୍ର ପଇଁଚାଳିଶ ! ଏମିତି କେତେ ହେଇଗଲା କି ? ମୋର ଜଣେ ମଉସା ତ ଷାଠିଏ ବର୍ଷରେ ବାହାହେଇ ଏବେ ତିନିତିନିଟା ଛୁଆର ବାପ। ଆଉ ଯାହାକୁ ସେ ଦୁତୀୟ ହେଲେ, ତା ବୟସ କେତେ ହେଇଥିବ କହିଲେ ? ମାତ୍ର ଚାଳିଶ। ଆଜିକାଲି ତ ଆପଣଙ୍କ ବୟସର ମର୍ଦ୍ଦମାନେ ଏଇ ସମୟକୁ ବାହାଘରର ଉଚିତ ସମୟ ବୋଲି ବିଚାରୁଚନ୍ତି।"

ଡାକ୍ତର ମିଶ୍ର ଏଥର ଅଣ୍ଟାକୁ ସଳଖି ସିଧା ବସିଲେ ଏବଂ ନିଜ ଭିତରେ ଗୋଟେ ଅପୂର୍ବ ଉତ୍ସାହ ଭରିଯାଉଥିବାର ଅନୁଭବ କଲେ। ତାଙ୍କର ଜରୁଆ ଶୁଖିଲା ମୁହଁରେ ଝାଳ ଜକେଇବା ଆରମ୍ଭ କଲା ଏବଂ ସେ ଓଠଚାପି ବସିରହିଲେ।

ଯୁବତୀ ଜଣକ ଏଥର ବାହାରିଲା। ସଂଧ୍ୟା ପୂର୍ବରୁ ଜିନିଷପତ୍ର ଧରି ପହଞ୍ଚିବ ବୋଲି କହିଗଲା। ତାକୁ ଛାଡ଼ିବା ପାଇଁ ଡାକ୍ତର ମିଶ୍ର ବାରଣ୍ଡାଯାଏ ଗଲେ ଏବଂ ତାଙ୍କ ଆଖିରୁ ଯୁବତୀଟି ଅନ୍ତର୍ହିତ ହେବାଯାଏ ସେ ସେମିତି ବାରଣ୍ଡାରେ ଠିଆହେଇ ରହିଲେ। ତାପରେ ଘରକୁ ଆସି କବାଟ ବନ୍ଦ କରିଦେଲେ।

ତଥାପି ଘର ଭିତରେ ଚମତ୍କାର ବାସ୍ନା ସବୁ ପହଁରି ବୁଲୁଥିଲା। ଘରର ଯାବତୀୟ ଆସବାବପତ୍ର ଗୁଣୁଗୁଣୁ ହେଇ ଯେମିତି ତାଙ୍କ ସହ ଗପସପ କରୁଥିଲେ। ଡାକ୍ତରଙ୍କ ଦେହରେ ଆଦୌ ତାତି ନଥିଲା କି ସାମାନ୍ୟତମ କ୍ଲାନ୍ତି ମଧ୍ୟ ସେ ଅନୁଭବ କରୁନଥିଲେ। ଏମିତିକି ମୂତଫୂତ ତାଙ୍କୁ ଆଦୌ ମାଡୁନଥିଲା।

ସେତେବେଳକୁ କୁହୁଡ଼ି ସଫା ହେଇସାରିଥାଏ। ଟେନାଏ ଖରା ସ୍କାଏଲାଇଟ୍ ଦେଇ ଘର ଭିତରକୁ ପଶିଆସିଥାଏ।

ଡାକ୍ତର ମିଶ୍ର କାନ୍ଥଘଣ୍ଟାକୁ ଚାହିଁଲେ। ଓଃ... ଆହୁରି ଦଶଘଣ୍ଟା ପରେ ଯାଇ ସଂଧ୍ୟା ହବ ! ତାଙ୍କର ଧୈର୍ଯ୍ୟର ବନ୍ଧ ଯେମିତି ଜୀବନରେ ଏଇ ପ୍ରଥମଥର ପାଇଁ ଭାଙ୍ଗିଯାଉଥିବାର ସେ ଅନୁଭବ କରୁଥିଲେ।

ସେ ଖଟ ଉପରେ ପୁଣି ମୁହଁମାଡ଼ି ଶୋଇପଡ଼ିଲେ। ଚାଦର, ରେଜେଇ ଯାହା ପାଇଲେ ଗୋଡ଼ଠୁ ମୁଣ୍ଡଯାଏ ଲଦିଦେଲେ ଏବଂ ପୁଣି ଗୋଟେ ସ୍ୱପ୍ନ ଦେଖିବାକୁ ଚେଷ୍ଟାକଲେ।

ଆଶ୍ଚର୍ଯ୍ୟର କଥା – ଗୋଟାଏ ହେଲେ ସ୍ୱପ୍ନ ତାଙ୍କ ପାଖ ମାଡୁନଥିଲା କି ଗଲାରାତିରେ ଦେଖିଥିବା ଶହେସରିକି ସ୍ୱପ୍ନ ଭିତରୁ ଗୋଟାଏ ହେଲେ ସ୍ୱପ୍ନର ଖିଅଟାଏ ବି ତାଙ୍କର ଏଥର ମନେପଡୁନଥିଲା।

*ସମ୍ପାଦକ 'ନିଃଶବ୍ଦ'*
*ଡିଭାଇନ୍ ନଗର, ନୂଆବଜାର, କଟକ-୪*
*ଦୂରଭାଷ: ୯୪୩୭୦୮୭୧୭୭*



# ଭଲପାଇବାର ରଙ୍ଗ

ଭାନୁମତୀ ସାହୁ

ଝିଅଟିଏ । ବାପା ମା'ଙ୍କ ପାଇଁ କ'ଣ କରିଥିଲା ସେ ? କେବଳ ସେମାନଙ୍କ ଉପରେ ବୋଝ ହୋଇ ରହିଆସିଥିଲା ବୋଧେ । ତା' ପାଠ ପଢ଼ା ନିଷ୍ଫଳ ହେଲା ବାପାଙ୍କୁ ଟଙ୍କା ରୋଜଗାର କରି ଟିକିଏ ସାହାଯ୍ୟର ହାତ ବଢ଼େଇବାକୁ । କେବଳ ବାପାଙ୍କଠାରେ ଆଶ୍ରିତା ଥିଲା । ବାପା, ବୋଉ ଖୁବ୍ ଭଲ ପାଉଥିଲେ ତାକୁ । ପୁଅମାନଙ୍କ ଅପେକ୍ଷା ଝିଅକୁ କାହିଁକି ଭଲମନ୍ଦ ଖୁଆଇ, କ୍ଷୀର ଟିକିଏ ପିଇବାକୁ ପ୍ରତିଦିନ ଦେଉଥିଲେ ବୁଝିପାରିନି ଝିଅଟି । ବୋଉ କୁହେ – ଯେତେଦିନ ଏଠିଥିବୁ ଆମେ ତୋ ଦାୟିତ୍ୱ ଭଲରେ ନେବୁ । ବାହାହୋଇ ଯିବାପରେ ଦାୟିତ୍ୱର ବୋଝ ଭିତରେ ତୋର ଖାଇବା ପିଇବାର ଠିକ୍ ରହିବନାହିଁ ଠିକ୍ ମୋ ପରି । ମୁଁ କେଡ଼େ ଗେଲବସରରେ ବଢ଼ିଥିଲି କିନ୍ତୁ ତୋ ବାପଘରେ ସବୁ ଗେଲବସର ସରିଗଲା !

ସେତେବେଳର ବୋଉ କଥାର କମ୍ପନର ବାସ୍ତବତା ଝିଅ ମନକୁ ଛୁଇଁ ପାରୁନଥିଲା । ବାହାଘର କଥାର ଗୁରୁତ୍ୱକୁ ମଧ୍ୟ ଭାବିବାର ନଥିଲା । ବାପା ବୋଉଙ୍କ ଇଚ୍ଛାରେ ହିଁ ବିବାହ ହେବ । ଏତେ ଚିନ୍ତା କ'ଣ ? ପାଠକୁ ଠିକ୍‌ରେ ପଢ଼ିଲେ ହେଲା । କିନ୍ତୁ ପାଠଟି ଝିଅ ପଢୁଛି । ଯେତେ ଭଲ ପଢ଼ିଲେ ମଧ୍ୟ ତାକୁ ଅଧିକା ପଢ଼େଇ ଚାକିରୀ କରେଇ ବାପା ମା' ପାଖରେ ରଖିବାକୁ ଚାହିଁବେ ନାହିଁ । ତେଣୁ ଝିଅଟି ପାଇଁ ନିରାପଦ ଆଶ୍ରୟସ୍ଥଳୀ ହେଉଛି ଶାଶୁଘର ଯେମିତି । ତେଣୁ ବୟସ କୋଡ଼ିଏ ଛୁଇଁଲା ବେଳକୁ ଝିଅର ହାତଗଣ୍ଠି ପଡ଼ିଗଲେ ମୁଣ୍ଡରୁ ଚିନ୍ତାଯିବ । ଝିଅର ସୁଖ ଦେଖିଲେ ବାପା ବୋଉ ଖୁସି । କିନ୍ତୁ ଝିଅଟି ସେମାନଙ୍କ ପାଇଁ କି କର୍ତ୍ତବ୍ୟ ତା' ଜୀବନରେ କରିଥାଏ ? ଆଜି ଝିଅଟି ମନରେ ନିରୁତା ଭାବନାଟିଏ ଆସିଗଲା କେମିତି କେଜାଣି ? ଝିଅ ହାତକୁ ଛନ୍ଦି ଦେଇସାରିବାପରେ ବାପା ବୋଉଙ୍କ ଆଶ୍ୱସ୍ତର କଥା-ଯାହା ହେଉ ମୋ ପିଲାଟି ସୁଖରେ ରହିବ ।

ଝିଅଟି ଭାବୁଥିଲା – ସେ ତା' ଜନ୍ମକଲା ବାପା ମା' ପାଇଁ କଲା କ'ଣ ? ଗାଁଘରେ ବୋଉ ତାକୁ ଦିନେ କାମ କରିବାକୁ ନ କହି କହିଲା- "ପାଠ ପଢ଼ ।" ତା'ପରେ ପିଲାଛୁଆ ସମ୍ଭାଳ । ଶାଶୁଘର କଥା ବୁଝ କିମ୍ବା ସ୍ୱାମୀ କଥା ଶୁଣି ଶୁଣି ଚାଲ । ଆଉ ଆଜିକାଲି ଆଇ ଜେଜେମା'ର ଛବିରେ ବୟସ୍କା ହୋଇ ବାଟ ଚାଲୁଛି ଝିଅଟି । ଅବୁଝା ଅତୀତ ଭିତରର କମ୍ପନକୁ ଛଳଛଳ ଆଖିରେ ଆଉ ଦେଖିବାର ସମୟ କାହିଁ ?

ଦୀର୍ଘଶ୍ୱାସଟିଏ ଛାଡ଼ିଲା ଝିଅଟି । ବୋଉ ବାପା ଏବେ ଆକାଶର ତାରାହୋଇ ଗଲେଣି । କିନ୍ତୁ ସେମାନଙ୍କୁ ଭୁଲିବାକୁ ମନ ତ ଚାହୁଁନି । ସେମାନଙ୍କ ଶରୀରର ଛବି ଏବେ ଥାକରେ ରଖାଯାଇଛି କର୍ପୁରମାଳ ଦେଇ । ତେବେ ସେମାନଙ୍କ ଡାକ କି ସ୍ନେହର ଆବେଗର ସ୍ୱର ଆଉ ଶୁଭୁନି – ଝିଅ, ଜ୍ୱାଇଁଙ୍କର ଦରମା ତ ଏବେ ବଢ଼ିଯାଇଥିବ ଏହି ବେତନ କମିଶନ ପରେ !

– ହଁ ।

ତମମାନଙ୍କ ସୁଖଶାନ୍ତିକୁ ଚାହିଁ ଚାହିଁ ଆମେ ତ ବସିଛୁ । ବୟସ୍କ ହୋଇଗଲେ ଆମେ ଆଉ ଗାଁ ଛାଡ଼ି ତୁମମାନଙ୍କ ପାଖକୁ ଯାଇପାରିବୁନି । ତମେମାନଙ୍କ ମନପାଇଲେ ଆମକୁ ଦେଖିବାକୁ ଆସିବ ।

ହସିଲି ମୁଁ । କହିଲି – ବାପା, ଝିଅର ମନଟିଏ କେବେ ଥିଲା ନା ଏବେ ଅଛି ? ଝିଅଟିପରା ପରାଶ୍ରିତା । ତମ ଜ୍ୱାଇଁଙ୍କ ସମୟ ଓ ପିଲାଙ୍କ ପାଠକୁ ସଚେତନ ହେଉହେଉ ମୋ ସମୟ ତ ଗଲା । ଆଉ ମୋର ନିଜସ୍ୱ ସମୟ ଅଛି କି ଆସିବି ତୁମକୁ ଦେଖିବାକୁ ? ତମମାନଙ୍କୁ ନ ଦେଖିଲେ କି ଫୋନ୍‌ରେ କଥା ଟିକିଏ ନହେଲେ ମନପରା ବୁଝୁନି !

ବାପା ବୋଉ ହସିଲେ । ବୋଉ ଆଉଁସିଦେଲା ମୋ ଦେହକୁ । କହିଲା ଖୁବ୍ ଆବେଗରେ – ମୋ ପିଲାକୁ କେଡ଼େ ଗେଲରେ ବଢ଼େଇଥିଲେ । ଏବେ ମୋ ପିଲା ଖାଇଲା କି ନଖାଇଲା ଦେଖିପାରୁଛି କି ?

ବୋଉର ଆଖିରେ ଲୁହ ଜଳଜଳ । ଏହି ବୟସରେ ସେ ପୁଣି ଆମ ଚିନ୍ତା କରିବ ! ମୁଁ ତା' ପାଇଁ କରିଛି କ'ଣ ? ଏହି ପ୍ରଶ୍ନମାନେ ମୋତେ ହିଁ ଆକ୍ରାମାକ୍ରା କରିଦେଲେ । ନିଜ ଉପରେ ବି ରାଗ ଆସିଲା । ଯଦି ପୁଅଟିଏ ହୋଇଥାଆନ୍ତି ତେବେ ସେମାନଙ୍କ ଋଣ ଶୁଝିପାରିବାର ଚେଷ୍ଟା କରିଥାଆନ୍ତି । ଝିଅ ବୋଲି ମୋ ଅସ୍ତିତ୍ୱର ଭାର ମୋ ବାପା ବୋଉ ସହିଲେ । 'ଧୋ'ରେ ବାୟା ଧୋ' ଗୀତଗାଇ ବୋଉ ପିଲାଦିନେ ଶୁଆଇ ଦେଉଥିବାର ସ୍ମୃତି ଏବେ ତ ମନରେ ନାହିଁ । କେବେ ବୋଉ ରାଗିନି ତ ମୋତେ । ସବୁବେଳେ ବାଢ଼ିଦେବ ଖାଇବାକୁ ଗରମଗରମ । କହିବ – କ୍ଷୀର ଘିଅ ଟିକିଏ ଖାଇଲେ ପାଠ ଭଲ ହେବ । ଭଲ ଖାଦ୍ୟ ଖାଇ ବଢ଼ିବ ।

ବୋଉ ନିଜେ ନ ଖାଇ ମୋତେ ଖୁଆଇବାକୁ କାହିଁକି ଏତେ ଚାହୁଁଥିଲା ? ସେ ନିଶ୍ଚୟ ନିଜଠାରୁ ପିଲାମାନଙ୍କୁ ଭଲପାଉଥିଲା । ବାପା ଜାନିଯୌତୁକ ଦେଇ ବିବାହ କଲାବେଳେ କାହିଁ ଦିନେ ଅବଶୋଷ କଲେନି – ମୋର ଧନ କି ସମ୍ପତ୍ତି ସରିଗଲା ବୋଲି ?

ଝିଅକୁ ଦେବାରେ କି ଆନନ୍ଦ ଥିଲା ବାପା ବୋଉଙ୍କର କେଜାଣି ? ବୋଉ ନିଜପାଇଁ ସୁନାଜିନିଷ ନ ଗଢ଼ାଇ ତା'ର ସୁନା ଭାଙ୍ଗି ମୋ ପାଇଁ ଗହଣା ଗଢ଼ିଦେବାରେ ଖୁସିହେଲା । କାହିଁ ତା' ନିଜପାଇଁ କିଛି ତ କଲାନି ? ଏତେ ଭଲପାଇବା ଭିତରେ ମୁଁ ତାଙ୍କର କି ଉପକାର କରିଛି କି ? ବୟସର ଅପରାହ୍ନ ପୁଅଙ୍କ ପାଖରେ ରହି ସ୍ୱର୍ଗପ୍ରାପ୍ତି ହେଲେ । ପୁଅ ବୋହୂମାନେ ସେମାନଙ୍କ ସେବା କଲେ । କିନ୍ତୁ ଝିଅପାଇଁ ତାଙ୍କର ନିଗିଡ଼ି ପଡୁଥିଲା ସ୍ନେହମମତା ସବୁବେଳେ ।

ଝିଅଟି, ମାନେ ମୁଁ ବେଳେବେଳେ ଭାବେ ଅଜଣା ଅଶୁଣା ଘରକୁ ଆସି ମୋ ଘର, ମୋ ଘର କରିଦେଲି ଏହି ଅଣଚାଳିଶ ବର୍ଷ ହେଲା କେମିତି ? ଅଥଚ ଭୁଲିନି ମୋ ବାପବୋଉଙ୍କର ସ୍ନେହକୁ !

କଲିଙ୍ଗ୍ ବେଲ୍‌ର ଶବ୍ଦ । କବାଟରେ ଜୋର୍ ଜୋର୍‌ରେ ଠକ୍ ଠକ୍ । ଖୋଲିଲି କବାଟ । ନାତି ଘର ଭିତରକୁ ପ୍ରବେଶ କରୁ କରୁ କହିଲା – ଆଈ, ହ୍ୟାପି ମ୍ୟାରେଜ୍ ଆନିଭରସରି ।

କୋଳେଇ ପକେଇ କହିଲି – ବୁଝିଲୁ ତୋ

ଅଜାଙ୍କୁ ବାହାହୋଇ ଅଣଚାଳିଶବର୍ଷ ହେଲା ରହିଲିଣି ଆଉ ମୋ ବାପା ବୋଉଙ୍କ ପାଖରେ ପ୍ରାୟ ଉଣେଇଶବର୍ଷ ଛଅମାସ ଥିଲିରେ ।

ହସିଲା ନାତି । ଝିଅ କହିଲା- ମା' ସୁଗାର ଫ୍ରି ମିଠା ଓ କାଡ଼ବରିଜ୍ ଚକୋଲେଟ୍ ଖାଅ ।

ଏହି ବର୍ଷମାନଙ୍କରେ ମିଠା ଖାଇବା ବାରଣ ହୋଇଗଲାଣି ଅଧିକ ବ୍ଲଡ଼ପ୍ରେସର ଓ ବ୍ଲଡ଼ସୁଗାର ଯୋଗୁ । ବ୍ଲଡ଼ସୁଗାର ପାଇଁ ଦିନକୁ ତିନିଟା ଟ୍ୟାବ୍‌ଲେଟ୍ ଖାଉଛି ତ ଆଉ ଚକୋଲେଟ୍ ଖାଇବି କେମିତି ? ଯଦି କହୁଛ ଖଣ୍ଡିଏ ଦିଏ ମୋତେ । ବାକି ବାପା ଓ ତୋ ପିଲା ଓ ତମେମାନେ ଖାଇନିଅ । ବାପା ତ ମଧ୍ୟ ଖାଇପାରିବେ । ସେ ଅଧିକା ଖାଆନ୍ତୁ ।

ସାନନାତି ଆସୁ ଆସୁ ଡୋରେମନ ଦେଖିବାକୁ ଟିଭି ଲଗାଇବାକୁ ମୁଁ କହିଲି । ସେ ଖୁସିରେ ବସିଗଲା ଚେୟାର୍‌ରେ । ସାନନାତିର ଗୋଟିଏ "ସେଭ୍ ଗାର୍ଲ" ଉପରେ ଦୁଇଧାଡ଼ି ସ୍କୁଲରେ କହିବାର ଥିଲା ବୋଲି ଝିଅ କହିଲା । ସାନନାତି କହିଲା- ସେଭ୍ ଗାର୍ଲ କାହିଁକି କୁହାଯିବ "ସେଭ୍ ବୟଜ୍" କୁହାଯିବନି କାହିଁକି ?

ଦଶବର୍ଷର ବଡ଼ନାତିଟି ବୁଝାଇଦେଲା- ଗାର୍ଲମାନେ ହିଁ ପାଠ ପଢ଼ିପାରନ୍ତି ନାହିଁ ଠିକ୍‌ରେ । ତାଙ୍କୁ ପଢ଼ିବାର ସୁବିଧା ମିଳେନି । ଆମ ଆଈର ଭଲ ପାଠ ହେଉଥିଲା, ଭଲ କଲେଜରେ ପଢ଼ିପାରିନି । ଚାକିରୀ କରିବାକୁ ମୋ ଅଜା କି ଅଣଅଜା କିଏ ସୁଯୋଗ ଦେଲେନି । ତେଣୁ ଗାର୍ଲଙ୍କ ପାଇଁ ହିଁ "ସେଭ୍ ଗାର୍ଲ" ଡିବେଟ୍ ହେବ ।

ଛୋଟ ପିଲାଙ୍କ ମୁଣ୍ଡରେ ସମାଜରେ ଘଟୁଥିବା ଅନ୍ୟ ଘଟଣା ବିଷୟରେ ଜାଣିବାର ଅବକାଶ ନାହିଁ । କେବଳ ତା' ଆଈ ସେମାନଙ୍କ ଆଗରେ ଉଦାହରଣ ହୋଇ ରହିଛି । ପାଠପଢ଼ାର ଅସୁବିଧାପାଇଁ ସେମାନଙ୍କ ମନରେ କଥାଟି ଛୁଇଁଯାଇଛି । ସେମାନଙ୍କ ଅବୁଝାପଣରେ ଝିଅଟିର ନିଛକ ଯନ୍ତ୍ରଣାର ଛବି ଏଯାଏଁ ତ ଛୁଇନି । ତେଣୁ ଯାହା ଶୁଣିଛନ୍ତି ସେୟାକୁ କହିଦେଇ ବଡ଼ନାତି ଚାହିଁଲା ଟିଭି ପରଦାକୁ ।

ଏତେ ହାଉହାଉ ଭିତରେ ମଧ୍ୟ ମୋ ବୋଉର ପଣତକାନିର ବାସ୍ନା ମୋ ନିଶ୍ୱାସ ପ୍ରଶ୍ୱାସରେ ପଶିଆସୁଛି ଯେମିତି । ମୋ ବୋଉ ଦେହର ବାସ୍ନା ଖୁବ୍ ଭଲ ଲାଗେ । ମୋ ପିଇସୀ ନାନୀ କୁହେ - ମୁଁ ପାଞ୍ଚ ଛଅ ବର୍ଷର ଝିଅ ଥିବାବେଳେ ଭାଉଜ ବୋହୂ ହୋଇ ଆସିଥିଲେ । ମୁଁ ତ ତାଙ୍କ ମୁହଁକୁ ଚାହିଁ ବସିଥାଏ । ମୋ ଭାଉଜ ଖୁବ୍ ସୁନ୍ଦରୀ ଥିଲେ । ତାଙ୍କର ଦେହରୁ ବାସନା ବାହାରେ । ତାଙ୍କ ଲୁଗାପଟାରେ ଓ ତାଙ୍କ ହାତରେ ମୁଁ ମୋ ମୁହଁ ନାକକୁ ଘଷିଥାଏ । ଯିଏ ପଚାରିଲେ କୁହେ 'ବାସନା ହେଉଛି ଭାଉଜଙ୍କ ଦେହ' ।

ବୋଉ ଦେହ ତ ମାଟିରେ ମିଶିଗଲାଣି ତିନିବର୍ଷ ହେବ । ତା'ର ଲୁଗାପଟା କି ଦେହର ବାସ୍ନା ଆଉ ଆମ ଦେହରେ ବାଜୁନି । କିନ୍ତୁ ତା' ଗୁଣର ବାସ୍ନା ତ ସମସ୍ତଙ୍କର ମୁହଁରୁ ଝରୁଛି "ଏମିତି ବୋହୂଟିଏ କାହାର ଥିଲା ନା ଆଉ ହେବ" ?

- ମା' ଭାବୁଛୁ କ'ଣ ? ଝିଅର ପ୍ରଶ୍ନ ।

- ତୋ ଆଈ କଥା । ତା' କଥା ମୋ ଚେତନାକୁ ବିଭୋର କରିଦିଏ ଏକେଲାରେ ପରା ।

- ଆମେ ପରା ଏବେ ଅଛୁ ।

- ସମସ୍ତେ ଥିଲେ ମଧ୍ୟ ଯାହାଠାରୁ ମୁଁ ଜନ୍ମ ତା'ର ରକ୍ତ ତ ମୋ ଶରୀରରେ ବହିଛି । ତେଣୁ ସେମାନଙ୍କୁ ଭୁଲିହେବନି ମୃତ୍ୟୁପର୍ଯ୍ୟନ୍ତ ଆଉ କେବେହେଲେ ।

- ଖାଇବୁ ମିଠା ।

- ଗୋଟିଏ ଖାଇବି । ଆଜି ମୋ ବୋଉ ବାପା ଥିଲେ କେତେ ଖୁସି ହୋଇଥାଆନ୍ତେ ?

- ଅଜା ଆଈଙ୍କ ପରି ଲୋକ ମିଳିବେ ନାହିଁ ତ !

ସ୍ମୃତିର ଆଇନାରେ ବୋଉବାପାଙ୍କ ମୁହଁ ହିଁ ବେଶି ନାଚୁଚି । ଯେହେତୁ ସେମାନେ ପୃଥିବୀରୁ ଚାଲିଗଲେଣି ସେଥିପାଇଁ ସେମାନଙ୍କର ଅଭାବବୋଧ ଏବେ ବେଶି ଅନୁଭବ ହେଉଛି । ତେବେ ଜୀବନର ମୋହମୁଗ୍ଧ ପ୍ରାଣର ସ୍ପନ୍ଦନକୁ ଜାଗ୍ରତ କରୁଥିବ । ସେମାନଙ୍କର ହାଡ଼ ମାଂସ ରକ୍ତର ଶରୀର ନାହିଁ ସିନା ତଥାପି ସ୍ୱପ୍ନରେ ସେମାନେ ତ ସ୍ୱଶରୀରରେ କଥାବାର୍ତ୍ତା ହୁଅନ୍ତି କେମିତି ?

- ତୁ ଭାବୁଛ ବୋଲି ।

- ତୁ ଡାକ୍ତରାଣୀ ବୋଲି ଏପରି କହିପାରୁ ।

ସାନନାତି ଚାହିଁଲା ମୋତେ ତୀର୍ଯ୍ୟକ ଦୃଷ୍ଟିରେ । ବଡ଼ନାତି କହିଲା- ଆଈ କେକ୍ କାଟିବୁ ?

ଆମେ କେବେ କେକ୍ କାଟିବୁ ଯେ ଆଜି କାଟିବି । ତମଯୁଗ ଅଲଗା ଓ ଆମ ଯୁଗ ଅଲଗା । ପଚାଶ ବର୍ଷପରେ ପରିବର୍ତ୍ତନର ଧାରାକୁ ହିଁ ଧରିହୁଏ ସହଜରେ ।

ଝିଅଜ୍ୱାଇଁ ନାତିମାନେ ଉଠିଲେ ଫେରିଯିବାକୁ ନିଜଘରକୁ । ବୁଝିଲି ସେମାନଙ୍କ ଭଲପାଇବାକୁ । ପୁଅ ବାପାଙ୍କ ମ୍ୟାରେଜ ଆନିଭରସରି ପାଇଁ ନୂଆ ଫୋନଟିଏ ପଠାଇ ଦେଉଛି । ମୋତେ ଦେଇଥିବା ଶାଢ଼ୀ ପିନ୍ଧିଛି ମୁଁ । ଠାକୁରଙ୍କ ପାଖରେ ଟିକିଏ ମୁଣ୍ଡିଆମାରି ଆଶିଷ ମାଗିଛି । ବୋଉର ଯୁକ୍ତି - ଝିଅଟି ବାହାହେଲାପରେ ତା' ଘର ସଂସାରରେ ବ୍ୟସ୍ତ ରହିବ । ଭୁଲିଯିବ ନିଜ ବାପଘରକୁ । ମୁଁ ତ ତମମାନଙ୍କ ପାଇଁ ଏପରି ହୋଇଥିଲି !

ଭାବିପାରୁନି ଏତେ ସ୍ନେହମମତାର ଆସକ୍ତି ଭିତରେ ଝିଅଟିକୁ ବଢ଼ାଇଥିବା ବାପାବୋଉ ଝିଅଟିକୁ ବିବାହ ଦେଲାପରେ ଆଉ ତା' ଘର କି ଦୂଆରେ ବେଶିଦିନ ରହିବାକୁ ଚାହିଁନଥାନ୍ତି । ଏ ପୁଣି ଆମ ସମାଜର ଗୁଣୁଗୁଣୁର ଗୁଜବ ହୁଏ - ଝିଅଘରେ କିଏ ଯାଇ ଏତେଦିନ ରହିବ ମ ?

ଝିଅଟିକୁ ଜୀବନ ଦେଲ, ମମତା ଦେଲ, ତା' ଭବିଷ୍ୟତ ପାଇଁ ଚିନ୍ତା କରି କରି ସାରାଜୀବନ କଟାଇଲ ହେଲେ ତା' ଦୁଆରେ ବେଶିଦିନ ରହିବା ଯୁକ୍ତିଯୁକ୍ତ ନୁହେଁ ଭାବିବା ମଧ୍ୟ ଠିକ୍ ନୁହେଁ । ବାପାବୋଉ ଆସିଲେ କେତେଦିନ ରହିଯାଆନ୍ତି ମୋ ପାଖରେ । କହନ୍ତି ଝିଅଘରେ ବେଶିଦିନ କିଏ ରହିବ ? ତା' ଶାଶୁଶ୍ୱଶୁର କ'ଣ କହିବେ ?

ଛାଡ଼, ଏପରି ରୀତିନୀତି ଭିତରେ ଚାଲୁଚାଲୁ ପୁଅମାନେ ହିଁ ଶେଷରେ ବାପା ବୋଉଙ୍କ ଦାୟିତ୍ୱ ବହନ କରିଥାଆନ୍ତି । ଝିଅଟି ପାଇବାରେ ବ୍ୟସ୍ତଥିଲା ଆଉ ଫେରାଇଲା କେତେବେଳେ ସେମାନଙ୍କ ମମତାର ପାଉଣାର ମୂଲ୍ୟ ? ଅନ୍ୟ ଘରେ ଝିଅଟି କେମିତି ଚଳେ ମୁଁ ଦେଖିଛି ଆଖିରେ । କିନ୍ତୁ ମୋ ବାପା ବୋଉ ଝିଅଟିକୁ ପୁଅ ଅପେକ୍ଷା ଖୁବ୍ ଯତ୍ନରେ ଚଳାନ୍ତି ଯାହା ମୁଁ ଦେଖିଛି ପିଲାଦିନୁ । କିନ୍ତୁ ଶେଷରେ ମୁଁ ତାଙ୍କର କି ସେବା କଲି କି ? କେତେ ଘାତପ୍ରତିଘାତ ଦେଇ ଗତିକରିଲେ ତଥାପି ଆର୍ଥିକ ସାହାଯ୍ୟ ମୁଁ ତ କରିପାରିନି ଯେମିତି ମୋ ସ୍ୱାମୀ ତାଙ୍କ ବାପା ମା' ଭାଇଭଉଣୀଙ୍କ ପାଇଁ କରିଥିଲେ । ଯଦି ଚାକିରୀ କରିଥାଆନ୍ତି ତେବେ ମୋ ଟଙ୍କାରୁ କିଛି ଖର୍ଚ୍ଚ କରିପାରିଥାଆନ୍ତି ବୋଧେ । ଖୁବ୍ ମନେ ପଡ଼ନ୍ତି ଦୁଇଜଣ । ବ୍ୟାକୁଳିତ ମନରେ ରାତିରେ ସ୍ୱପ୍ନରେ ଆସିଗଲେ ବାପାବୋଉ । କହିଲେ- କ୍ଷୀରି ଦେବୁ ପରା ଦେ । ଖାଇବୁ ।

ନିଦ ଭାଙ୍ଗିଗଲା । ଆଉ ଚାରିଦିନ ପରେ ବାପାଙ୍କ ଶ୍ରାଦ୍ଧ ଓ ତା'ପରେ ତେରଦିନ ହିଁ ବୋଉର ଶ୍ରାଦ୍ଧ ହେବ । ଗୋଟିଏ ବର୍ଷ ବ୍ୟବଧାନରେ ଏକା ମାସ ଏକା ତାରିଖରେ ଚାଲିଗଲେ ଦୁଇ ଜଣ ଡକାଡ଼କି ହୋଇ । ଚନ୍ଦ୍ରମାସ ଅନୁସାରେ ତିଥି ତ ଅଲଗା ପଡୁଛି । ବୋଉ ଥିଲା ବୋଲି ତା' ଦେହ ବାସ୍ନା ବାରିପାରୁଥିଲୁ । ମୁଁ ମଧ୍ୟ ପିଲାଟିଏ ପରି ତା' ଆଖିରେ ଥିଲି । ସେମାନେ ଚାଲିଗଲାପରେ ମୋ ବୟସ ବଢ଼ିଗଲାବୋଧେ । କାରଣ ଆଉ କିଏ ମଧୁର ଝିଅ ଶବ୍ଦରେ ଡାକିବ ।

ବିସ୍ତୃତ ଆକାଶବକ୍ଷକୁ ଚାହିଁଲି । ଅନ୍ଧାରର ତାରାଗୁଡ଼ିକୁ ଚାହିଁ ପ୍ରଶ୍ନ କଲି- ବୋଉ, ବାପା ତୁମେ ତ ଅନାୟାସରେ ପୁଣି ଥରେ ଓହ୍ଲାଇ ଆସିପାରିବ ଏ ପୃଥିବୀକୁ କି ? ମୁଁ ତୁମକୁ ଚିହ୍ନିବି କେମିତି ?

ଏତିକିବେଳେ ମୋ ନାତୁଣୀ ମୋ ପାଖରେ ଠିଆହୋଇ ଥଙ୍ଗେଇ ଥଙ୍ଗେଇ କହିଲା- ଜେଜେମା'

ତଳକୁ ଆସେ । ମୋ ଖେଳଣା ଦେବୁ । ମୋ ସାଙ୍ଗରେ ଖେଳିବୁ ।

ବୁଲିପଡ଼ି କୋଳେଇ ପକେଇଲି ତାକୁ । ବୁଝିପାରୁନଥିଲି ଏ ସ୍ନେହ ଡାକ କାହାର ହୋଇପାରେ ! ଛୋଟ ପିଲାଟିର ଜେଜେମା' ପାଇଁ ଏତେ ଆନ୍ତରିକ ଆବେଗ ଭରିଯାଇଛି କେମିତି ?

ଚୁପ୍ ଚାପ୍ ଓହ୍ଲାଇଆସିଲି ଛାତ ଉପରୁ ତଳକୁ । ନିଃସଙ୍ଗତାର ଅନୁଭବ ଭିତରେ ବିଚରଣ କରୁ କରୁ ବିଷାଦ ମନକୁ ସରସ କରିଦେଲା କିଏ ? ଆତ୍ମୀୟତାର ଅସମାହିତ ପ୍ରଶ୍ନରେ ଆଉ ଆକ୍ରାମାକ୍ରା ହେବାର ସମୟ କାହିଁ ? ମୁଁ ତ ଭାସିଭାସି ଚାଲିଛି ଏହି ପୃଥିବୀ ନୌକାରେ ଶେଷସୀମା ଛୁଇଁବାକୁ । ମନରେ ଉଚ୍ଚାରିତ ହୋଇଗଲା- କେତେବେଳୁ ମୋତେ ଖୋଜୁଥିଲୁ ?

- ତତେପରା ଖୋଜିଖୋଜି ଏଠିକି ଆସିଲି । ମୁଁ ତତେ ବହୁତ ଭଲପାଏ ।

ସନ୍ତାପିତ ମନରୁ ଦୂରେଇଗଲେ ମୋ ବାପା ବୋଉଙ୍କ ସ୍ମରଣ କିଛି କ୍ଷଣପାଇଁ । ଭାବିଲି କାହାର ଠିକଣା ହଜିଗଲା ବେଳେ କାହାର ଠିକଣା ତ ମିଳିଯାଉଛି । ଏମାନଙ୍କ ମୁହଁ ଦେଖି ମୋ ସମୟ ସରିଯିବ । ଆଗାମୀ ଦିନକୁ ପ୍ରତୀକ୍ଷା । କି ସୁଖ ମୋତେ ଭେଟିବାକୁ ପଡ଼ିବ ?

- ଜେଜେମା' ତୁ ଡେରିକରୁଛ କାହିଁକି ? ଦିଏ ଶୀଘ୍ର । ମୁଁ ଖେଳିବି ଯେ । ସମୟ ସରିଯାଉଛି ପରା ।

- ହଁ ଦଉଛି ତୋ ଖେଳଣା କହି ତା' ମୁହଁକୁ ଟିକିଏ ଆଉଁସି ଦେଲି । ସେ ଖୁସିରେ ଜୋର୍‌ରେ ହସିଉଠିଲା । କାହିଁକି ହସିଲୁ ପଚାରୁ ପଚାରୁ କହିଲା - ତୁ ମୋତେ ଖୁବ୍ ଭଲପାଉନା ? ତୁ ଏମିତି ଦିନେ ଝିଅଟିଏ ଥିଲୁନା ? ତୋ ଜେଜେମା' ତତେ ଭଲପାଉଥିଲାନା ? ତୁ ମାଟି ଖେଳଣା ଖେଳୁଥିଲୁନା ? ତୁ ଏବେ ବଡ଼ ହୋଇଗଲୁନା ? ଏପରି ଅନେକ ପ୍ରଶ୍ନର ଧାରା....

- ହଁ, ହଁ, ହଁ, ହଁ ତା' ପ୍ରଶ୍ନର ଉତ୍ତର ଦେଉଦେଉ ସେ ହସିହସି କହି ଚାଲିଲା- ମୁଁ ଦିନେ ତୋପରି ବଡ଼ ହୋଇଯିବି । ଆଉ ତୁ ଆହୁରି ବଡ଼ ହୋଇଯାଇଥିବୁ ।

ଜୋର୍‌ରେ ହସି ହସି କହିଲି - ଆକାଶକୁ ଛୁଇଁ ପାରୁଥିବି ।

ସେ ଆଶ୍ଚର୍ଯ୍ୟ ହୋଇ ଚାହିଁଲା ମୋତେ ? କ'ଣ ବୁଝିଲା କେଜାଣି ? କହିଲା- ଏତେ ବଡ଼ଲୋକ ତ ମୁଁ ଦେଖିନି ।

- ସେୟା ତ, ବଡ଼ହେବା ବଦଳରେ ବୁଢ଼ୀ ହୋଇଯାଇଥିବି । ଚାହିଁଦେଇ କହିଲା- ତୁ ତ ବୁଢ଼ୀ ହୋଇନୁ !

ପୁଣି ହସିଲି ଯେ ହସିଲି ଯେ ଆଉ ହସ ଥମିଲାନି । କାଶ ଉଠିଲାଣି । ଦୌଡ଼ିଆସି ନାତୁଣୀ କହିଦେଲା - ପାଣି ପିଇଦିଏ । ଆଉ ହସେନି । ମୁଁ ବୁଝିଗଲି ତୁ ମୋତେ ବହୁତ ଭଲପାଉ । ମୁଁ ତୋ କୋଳରେ ବସିବି ।

ଆ' କହି ନାତୁଣୀଙ୍କୁ କୋଳେଇ ନେଲି । ତା' ମୁହଁକୁ ଚାହିଁ ମୁଁ ଖୋଜୁଥିଲି ମୋର ମୁହଁକୁ । କିନ୍ତୁ ଆଖିରେ ବାନ୍ଧି ହେଉନଥିଲା ନିଜ ମୁହଁର ପ୍ରତିବିମ୍ବ ।

- ମୋତେ ଚାହିଁଛୁ ଯେ ।

- ମୁଁ ତ ମୋ ପିଲାଦିନ ଖୋଜୁଛି ।

- ତୁ ସବୁ ଭୁଲିଗଲୁଣି କି ?

- ହଁ, ହଁ । ଭୁଲିଯାଇଛି ସବୁକିଛି ।

- କାହିଁକି ମନେ ରଖିଲୁନି ନିଜକୁ ?

କହିଲି-ଝିଅଟିଏ ହିଁ ନିଜକୁ ଭୁଲିଯାଏ କେତେବେଳେ ବୁଝିପାରେନି ।

- ତେବେ ମୁଁ କ'ଣ ମୋତେ ଭୁଲିଯିବିକି !

- ନାଁ, ତୁ ସବୁ ମନେରଖିବୁ ।

- ତୁ ଯଦି ଭୁଲିଗଲୁ ବଡ଼ହେଲାପରେ ତେବେ ମୁଁ ଭୁଲିଯିବି ସେମିତି ।

- ପିଲାଦିନ ଭୁଲିଗଲେ ଜୀବନର ମିଠା ଅଂଶ କମିଯାଏ । ତାକୁ ଯେମିତି ହେଲେ ମନେ ରଖିବୁ ତୁ ।

- ସତ କହୁଛୁ ଜେଜେମା' । ମୁଁ ମୋ ପିଲାଦିନକୁ ଚାବିଦେଇ ରଖିଦେବି ।

- କେଉଁଠି !

- ମୋ ମନରେ । ହଁ ମୋ ମୁଣ୍ଡ ଭିତରେ ।

ହସିଲି ଜୋର୍‌ରେ । ସେ ହସୁଥିଲା ମୋ ମୁହଁକୁ ଚାହିଁ ଆଉ ଟିକିଏ ଜୋର୍‌ରେ ।

*ଅନ୍ୱେଷଣ, ୫୬/ଫେଜ୍ -୨,*
*ଭାଗବତ ସନ୍ଧାନ କଲୋନୀ, ଜି.ଜି.ପି.,*
*ଭୁବନେଶ୍ୱର - ୭୫୧୦୨୫,*
*ଦୂରଭାଷ: ୬୩୭୮୮୧୩୬୫୫*

ପଢ଼ନ୍ତୁ:- ପ୍ରକାଶ ପାଇଛି

ବରିଷ୍ଠ କବି **ପ୍ରଫେସର ଉପେନ୍ଦ୍ର ନାୟକ**ଙ୍କର
**ସଦ୍ୟତମ ମନୋଜ୍ଞ କବିତା ଗ୍ରନ୍ଥ**

**"ଯୁଦ୍ଧ ଜିତିବାର ବେଳ"**

**ପ୍ରକାଶକ : ପକ୍ଷୀଘର ପ୍ରକାଶନୀ, ଭୁବନେଶ୍ୱର**

# ଦୋଷୀ ବଦଳ

## ରାମଚନ୍ଦ୍ର ସାହୁ

ଆଷାଢ଼ର ଶେଷ ଭାଗ। ମୌସୁମୀର ଅନିୟମିତତା ହେତୁ ବର୍ଷା ମଧ୍ୟ ଅଭାବୀ ଢଙ୍ଗରେ ରାଜପଣ କରୁଥାଏ। ଆକାଶରେ ସୂର୍ଯ୍ୟ ତେଜବିସ୍ତାରରେ କୃପଣ ଥାଏ। ମେଘମାନଙ୍କ ବିସର୍ଜନ ଘଟିଥାଏ। ଜମିଦାର ହେମକାନ୍ତ ଚୌଧୁରୀ ତରତରରେ ଧାନ ତଳି ରୁଆ କାମ ଶେଷ କରିବାକୁ ଚେଷ୍ଟା କରୁଥାନ୍ତି। ପ୍ରାୟ କୋଡ଼ିଏ ଜଣ ମଜୁରିଆ ବିଲରେ କାର୍ଯ୍ୟବ୍ୟସ୍ତ ଥାନ୍ତି। କାମ ଶେଷ ହୋଇ ଆସୁଥାଏ ଯେତିକି ତାଙ୍କ ମନରେ ବ୍ୟସ୍ତତା ବୃଦ୍ଧି ଘଟୁଥାଏ ସେତିକି। ଘରେ ଛପର କାମ କରୁଥାନ୍ତି ତିନିଜଣ ଶ୍ରମିକ। ସେମାନଙ୍କ କାର୍ଯ୍ୟ ତଦାରଖ କରିବା ପାଇଁ ପୁଅ ଅବନିକାନ୍ତଙ୍କୁ ଦାୟିତ୍ୱ ଦେଇଥାନ୍ତି।

ଅପରାହ୍ଣ ଆଗତ। କ୍ଷେତର ସମସ୍ତ କାର୍ଯ୍ୟ ଶେଷ କରି ଘରକୁ ଫେରିଲେ ହେମକାନ୍ତ ଚୌଧୁରୀ। ନୂତନ ନିର୍ମିତ ଗୃହଟିର ଛପର କାର୍ଯ୍ୟ ଠିକ୍ ଚାଲିଛି କିନ୍ତୁ ଶ୍ରମିକମାନଙ୍କ ନିକଟରେ ପୁଅ ଅବନୀ ନାହିଁ। ଏହିପରି, ତା'ର କାର୍ଯ୍ୟରେ ଅବହେଳା। ପିଲାଟି ଦିନରୁ ତା'ର ଦାୟିତ୍ୱହୀନତାକୁ ହେମକାନ୍ତ ଅନୁଭବ କରିଛନ୍ତି। ଛୁଆଣୀ କାରୀଗରଙ୍କ ଠିକ୍ କାମ ସତ୍ତ୍ୱେ ସେ ଅଦୃଶ୍ୟ କ୍ରୋଧକୁ ଦମନ କରିପାରିଲେ ନାହିଁ। ମୁଖମଣ୍ଡଳ ଲାଲ ହୋଇଗଲା। ଅଗ୍ନିବର୍ଷୀ ବାକ୍ୟରେ ଖଣ୍ଡ ମଣ୍ଡଳ ପ୍ରକଂପିତ ହେଲା ହଠାତ୍ "ତାକୁ କହିଥିଲି ଛପର କାମ ଦେଖିବା ପାଇଁ। କାମକୁ ଆସିଲା ନାହିଁ କି ଦେଖିଲା ନାହିଁ। ଭିତରେ ପଶିଛି। କେବଳ କାମିନୀ କାଞ୍ଚନରେ ମାତିଛି। ଘର କାମ କିଛି ଦେଖୁନାହିଁ।"

ଯୁବକ ପୁତ୍ର ସେତେବେଳେ ନବ ବିବାହିତା ପତ୍ନୀଙ୍କୁ ବାହୁଯୁଗଳରେ ବାନ୍ଧି ମଦନ ସ୍ୱପ୍ନରେ ବିଭୋର ହେଉଥିଲେ। ପିତାଙ୍କର ଗର୍ଜନ ନବ ବିବାହିତ ଦଂପତିଙ୍କ ଛାତିକୁ ଦୋହଲାଇ ଦେଲା। ପୁତ୍ରବଧୂ ବାହୁ ବନ୍ଧନରୁ ବିଚ୍ଛିନ୍ନ ହୋଇଗଲେ। ସଂଲଗ୍ନ ରୋଷେଇ କୋଠରିରେ ନିଜକୁ ଆତ୍ମ ଗୋପନ କଲେ। ଲଜ୍ଜାରେ ତାଙ୍କ ମୁଖମଣ୍ଡଳ ଅସ୍ୱାଭାବିକ ଦେଖାଯାଉଥାଏ। ଭୟ ହେତୁ ଛାତିରେ କଂପନ ସୃଷ୍ଟି ହେବାକୁ ଲାଗିଲା। ପିତ୍ରାଳୟର ଅଲିଅଳୀ କନ୍ୟା ସେଦିନ ପ୍ରଥମେ ଅନୁଭବ କଲା କ୍ରୋଧର ଭୟାବହତା। ସ୍ନେହଆଦରର ମଣି ଥିଲେ ପିତ୍ରାଳୟରେ ଅବନୀଙ୍କର ପତ୍ନୀ। ଶ୍ୱଶୁର ଘରର କାରବାର ସମ୍ପର୍କରେ ସେ ଅଜ୍ଞଥିଲେ ସମ୍ପୂର୍ଣ୍ଣ। ଉଜ୍ଜ୍ୱଳ ରତ୍ନଟିଏ ପରି ସର୍ବଦା ଝଲସୁଥିଲେ। ପୁତ୍ରବଧୂଙ୍କ ଉଜ୍ଜ୍ୱଳ ନୟନ, ସୁବର୍ଣ୍ଣଜିଣା ରୂପକାନ୍ତି ଦେଖି ଜମିଦାର ହେମକାନ୍ତ ତାଙ୍କୁ ପୁତ୍ରବଧୂ ରୂପେ ଚୟନ କରିଥିଲେ। ଶ୍ୱଶୁରାଳୟରେ ଖୁବ୍ ଖୁସିରେ ଥିଲେ ବଧୂ ହେମଲତା ସ୍ୱାମୀଙ୍କ ମଧୁର ବ୍ୟବହାର ପାଇ। କିଛି ଅଭାବ ନ ଥିଲା ତାଙ୍କର। ସ୍ୱର୍ଣ୍ଣାଳଙ୍କାରରେ ଉଦ୍‌ଭାସିତ ହେଉଥିଲା ତାଙ୍କ ଗଳା, ନାସିକା ଏବଂ କର୍ଣ୍ଣ।

ଶ୍ୱଶୁରଙ୍କ ଭୟଙ୍କର ରୂପ ଦେଖି ସେ ଆଶଙ୍କା କରି ନେଲେ ନିଶ୍ଚୟ କିଛି ବିପଦ ଘଟିବାକୁ ଯାଉଛି। ଜମିଦାର ବଂଶର କ୍ରୋଧାନଳ ରକ୍ତରେ ଗଢ଼ା ଅବନୀକାନ୍ତଙ୍କ ଶରୀର। ଯୌବନ ଦୀପ୍ତ ବୟସ। ଶରୀର ତଥା ମନରେ ଅମାପ ଶକ୍ତି ଯେମିତି ଲହଡି ଭାଙ୍ଗୁଛି କ୍ରୋଧାନଳ ମଧ୍ୟ ସେମିତି ଲେଲିହାନ ଶିଖା ମେଲି ପ୍ରଜ୍ୱଳିତ ହେଉଛି। ଆଖିର ଲାଲିମାରେ ବିପଦ ହସେ।

ପିତାଙ୍କର ଅଶାଳିନ ବାକ୍ୟ ଯୁବକ ଅବନିକାନ୍ତଙ୍କ ରକ୍ତରେ ଅଗ୍ନି ପ୍ରଜ୍ୱଳନ କରିଦେଲା। କ୍ରୋଧର ନିଶୁଣି ଚଢ଼ି ସେ ନିଜକୁ ନିୟନ୍ତ୍ରଣ କରି ପାରିଲେ ନାହିଁ। ପିତାଙ୍କ ପ୍ରତି ସମ୍ମାନବୋଧ ତାଙ୍କ ମନରୁ ସମ୍ପୂର୍ଣ୍ଣ ବିସର୍ଜିତ ହୋଇଗଲା। ହେମକାନ୍ତଙ୍କ ଗଳାକୁ ଦୁଇ ହାତରେ ଶକ୍ତ ଭାବରେ ଜାବୁଡ଼ି ଧରି ଆକ୍ରମଣ କଲେ। ଉଚ୍ଚ ରକ୍ତଚାପଗ୍ରସ୍ତ ରୋଗୀ ହେମକାନ୍ତ ହଠାତ ବେହୋସ ହରାଇ ତଳେ ପଡ଼ିଗଲେ। ସେତେବେଳକୁ ତାଙ୍କ ରକ୍ତଚାପ ବୃଦ୍ଧି ଘଟିଥିଲା।

ଚାଳରେ ଖପର ଛାଆଣି କରୁଥିଲା ସନିଆ। ମାଲିକଙ୍କ ଏପରି ଅବସ୍ଥା ଦେଖି ତଳକୁ ଓହ୍ଲାଇ ଆସି କହିଲା – 'ସାଆନ୍ତେ ତୁମେ ଏ ହୀନ କାମ କଲ କାହିଁକି ? ଏବେ କ'ଣ କରାଯିବ? ଶୀଘ୍ର ତାଙ୍କୁ ଡାକ୍ତରଙ୍କ ପାଖରେ ପହଞ୍ଚାଇ ଦିଅ।"

ଆଶଙ୍କାରେ ଅବନିକାନ୍ତଙ୍କ ମନ। ବାପାଙ୍କର ଯଦି କୌଣସି କିଛି ହୋଇଯାଏ ତେବେ ସେ ତ ଦୋଷୀ ହେବେ। ସେତେବେଳକୁ ତାଙ୍କ ମନରୁ କ୍ରୋଧ ଅପସରି ଯାଇଥିଲା। ପରେ ପରେ ଅନ୍ୟ ଶ୍ରମିକମାନେ ଚାଳରୁ ତଳକୁ ଓହ୍ଲାଇ ଆସିଲେଣି। ବଡ଼ ସାଆନ୍ତଙ୍କ ନିକଟରେ ସେମାନେ ନିରୁପାୟ ହୋଇ ଠିଆ ରହିଲେ। ସେମାନେ ଖୁବ୍ ବିଶ୍ୱସ୍ତ ଥିଲେ। ମାଲିକଙ୍କ ଏପରି ସଂଜ୍ଞାହୀନ ଅବସ୍ଥା ଦେଖି ସେମାନେ ମଧ୍ୟ ବିପଦ ଉପସ୍ଥିତ ଜାଣି ସାରିଲେଣି। ଭୂମିରୁ ଦଉଡ଼ିଆ ଖଟକୁ ଉଠାଇ ବଡ଼ ସାଆନ୍ତଙ୍କୁ ଉଠାଇ ନେଇ ଅପେକ୍ଷା କଲେ ସାନ ସାଆନ୍ତଙ୍କ ଆଦେଶକୁ।

ସନିଆ କହିଲା – "ଚାଲ ବଡ଼ ଡାକ୍ତରଙ୍କ ପାଖକୁ ନେଇଯିବା। ବଡ଼ ସାଆନ୍ତତ ସବୁବେଳେ ବଡ଼ ଡାକ୍ତରଙ୍କ ଔଷଧ ଖାଉଥିଲେ।"

ସମଗ୍ର ଗ୍ରାମରେ ଚହଳ ପଡ଼ିଗଲା – ସାଆନ୍ତଙ୍କ ଘରେ ବାପ ପୁଅ କଳିରେ ଅଚେତ ହୋଇ ପଡ଼ିଛନ୍ତି ବଡ଼ ସାଆନ୍ତେ। ସଙ୍ଗେ ସଙ୍ଗେ ଗାଁ ଚୌକିଦାର ଏ ଘଟଣାର ସମସ୍ତ ବିବରଣୀ ସଂଗ୍ରହ କରି ଥାନାରେ ଜଣାଇ ଦେଲା। ଗାଁ ସାରା ଲୋକେ ଆତଙ୍କିତ ହୋଇଗଲେ। ଗାଁକୁ ପୁଲିସ ଆସି ଛାନଭିନ କରିଦେବ। ଅବନିକାନ୍ତ ନିର୍ବାକ ନିସ୍ପନ୍ଦ ହୋଇ ବସିଛନ୍ତି ବାରଣ୍ଡା କାନ୍ଥକୁ ଆଉଜି। ଛାତିର କମ୍ପନକୁ ସେ ନିଜେ ମାପୁଥିଲେ। ଅସହ୍ୟ ଦାବାନଳର ବେଦନା। ସଂଜ୍ଞାହୀନ ଶରୀରକୁ ସନିଆ ଏବଂ ଅନ୍ୟ ସେବକମାନେ ଖଟରେ ବୋହି ନେଇ ଠିକ୍ ସମୟରେ ବଡ଼ ଡାକ୍ତରଖାନାରେ ପହଞ୍ଚାଇ ଦେଲେ। ଠିକ୍ ସମୟରେ ତାଙ୍କର ଚିକିତ୍ସା ଆରମ୍ଭ ହେଲା। ଶ୍ୱାସକ୍ରିୟା କ୍ରମଶଃ କ୍ଷୀଣରୁ କ୍ଷୀଣତର ହେଉଥାଏ। ଉପସ୍ଥିତ ସମସ୍ତଙ୍କ ମନରେ ନିରାଶ ଭାବ ସଞ୍ଚରି ଯାଉଥାଏ କ୍ରମେ କ୍ରମେ। ତିନି ଦିନ ପରେ ସାଲାଇନ ବନ୍ଦ ହୋଇଗଲା। ବିପଦର ସାଆନାଇ ଅବନୀଙ୍କୁ ଅତିଷ୍ଠ କରୁଥିଲା।

ସାଆନ୍ତ ହେମକାନ୍ତଙ୍କ ଯୁଗ ଶେଷ ହୋଇଗଲା। ପରିବାରରେ ନୂତନ ଯୁଗ ଆରମ୍ଭ ହେଲା। ପୁଅ ଅବନୀକାନ୍ତ ହେଲେ ଜମିଦାରୀର ମାଲିକ। ତାଙ୍କ ଅପରିପକ୍ୱ ଦାୟିତ୍ୱହୀନ ଅନଭିଜ୍ଞ ମନ ଭିତରେ ସତେ ଯେପରି ଦୁଃସାଧ୍ୟ ବ୍ୟାଧି ସଂଚରିଗଲା। ମୁଣ୍ଡରେ ଲଦନ ହେବାକୁ ଲାଗିଲା ଅନେକ ଅନେକ ଦାୟିତ୍ୱର

ଦୁଃସହ ଭାର। କେବଳ ସେତିକି ନୁହେଁ, ତାଙ୍କ ଜୀବନକୁ ନେଇ ଲେଖା ହେବାକୁ ଆରମ୍ଭ ହେଲା ଅନ୍ୟ ଏ ନୂତନ ପର୍ବ। ମହାଭାରତର ପର୍ବଠାରୁ ଏହା ଅନେକ ଅଧିକ ସାଂଘାତିକ ଏବଂ ମର୍ମପୀଡ଼କ। ତାଙ୍କୁ ଆଉ ଦାଣ୍ଡରେ ଘାଟରେ ଦେଖିବାକୁ ମିଳିଲା ନାହିଁ। ପିତା ହତ୍ୟାକାରୀର ଦୋଷ ତାଙ୍କୁ ଅସହ୍ୟବୋଧ ହେଉଥିଲା। ନିଜ ପାପାର୍ଜିତ କର୍ମକୁ ସେ ନିନ୍ଦା କରୁଥିଲେ ଏବଂ ନିଶ୍ଚିତ ଥିଲେ ଯେ ତାଙ୍କୁ ଆଇନ କ୍ଷମା ଦେବ ନାହିଁ।

ପ୍ରକୃତରେ ତାହାହିଁ ହୋଇଥିଲା। ପରେ ପରେ ଆଇନ ତାର ନିଷ୍ଠୁରତାର ପ୍ରୟୋଗ କଲା। ଥାନାଧିକାରୀ ଅବନୀଙ୍କୁ କ୍ଷମା ଦେଇ ନଥିଲେ। ହତ୍ୟା ଅପରାଧର କାରଣ ଦର୍ଶାଇ ନିଜେ ପୁଲିସ ଅଧିକାରୀ ମଧ୍ୟ ସକ୍ରିୟ ହୋଇ ଉଠିଲେ ଅପରାଧୀକୁ ଗିରଫ କରିବା ପାଇଁ।

ଏହା ଭିତରେ ଅବନିକାନ୍ତ ଗଳାବାଟର ଆଶ୍ରୟ ନେଲେ। ନିଜ ଆଡ୍‌ଭୋକେଟଙ୍କ ପରାମର୍ଶ ନେଇ ଅପରାଧରୁ ମୁକ୍ତି ପାଇବା ପାଇଁ ଉପାୟ ପାଇ ଯାଇଥିଲେ। ଥରେ ମିଥ୍ୟାର ଆଶ୍ରୟ ନେଲେ ଜଣେ ଅପରାଧୀମୁକ୍ତି ପାଇଁ ଶହେ ମିଥ୍ୟାର ବାଟ ଖୋଜିଥାଏ। ଆଡ୍‌ଭୋକେଟ ହତ୍ୟାକାରୀକୁ ମୁକୁଳେଇବା ପାଇଁ ନୂତନ କୌଶଳ ଆବିଷ୍କାର କରେ। ଘଟଣାର ସମସ୍ତ ତଥ୍ୟ ଅନୁଧ୍ୟାନ କରି ସେ କହିଲେ – ଯେଉଁ ମୂଲିଆମାନେ କାମ କରୁଥିଲେ ସେମାନଙ୍କ ମଧ୍ୟରୁ ଜଣେ ହତ୍ୟାକାରୀ ସାଜିବ। ମୁଁ ତାକୁ ଅଦାଲତରେ ପ୍ରମାଣ କରାଇଦେବି। ସରକାରୀ ସାକ୍ଷୀଙ୍କ ବୟାନକୁ ବିଚାରପତିଙ୍କ ସମ୍ମୁଖରେ ଦୁର୍ବଳ କରାଇ ଦେଇ ହେବ।

ମୁକ୍ତିର ଉପାୟ ସହଜ ଲଭ୍ୟ ମନେ କରି ଅବନୀ ଆଡ୍‌ଭୋକେଟଙ୍କ ପାଖ ଛାଡ଼ିଲେ ନାହିଁ। ତାଙ୍କର ପ୍ରାପ୍ୟଠାରୁ ଅଧିକ ପ୍ରଦାନ କରି ତାଙ୍କୁ ଖୁବ୍ ଖୁସ୍ କରିପାରିଲେ। ପକ୍ଷାନ୍ତରେ ଆଡ୍‌ଭୋକେଟ ମହୋଦୟ ମଧ୍ୟ ଅବନୀଙ୍କୁ ମୁକୁଳେଇବା ପାଇଁ ବିଚାରାଳୟରେ ସମସ୍ତ ପ୍ରକାର ଉଦ୍ୟମ କରିଥିଲେ। ଦୋଷୀକୁ ମୁକୁଳେଇବାର ପଥ ପ୍ରଶସ୍ତ ହେବାକୁ ଲାଗୁଥାଏ।

ଶବ ବ୍ୟବଚ୍ଛେଦ ବିବରଣୀ ବିଚାରାଳୟରେ ଠିକ୍ ସମୟରେ ଉପସ୍ଥାପିତ କରାଯାଇଥିଲା। ବିଚାରପତି ଅବଗତ ହେଲେ ଯେ ହତ୍ୟାକାରୀ ମୃତକଙ୍କ ତଣ୍ଟିକୁ ଖୁବ୍ ଜୋରରେ ଚିପି ଧରିବା ଦ୍ୱାରା ତାଙ୍କର ଅଣନିଶ୍ୱାସ ଅବସ୍ଥାରେ ମୃତ୍ୟୁ ଘଟିଛି। ଏହି ବିବରଣୀ ମାନନୀୟ ଅଦାଲତ ଗ୍ରହଣ କରି ନେଲେ। କିଏ ଗଳା ଚିପି ହତ୍ୟା କରିଛି ତାହାର କିଛି ସଠିକ ବିବରଣୀ ସମ୍ମାନନୀୟ ବିଚାରାଳୟ ପ୍ରାପ୍ତ ହୋଇ ପାରିଲେ ନାହିଁ। ରହସ୍ୟର କଳାପରଦା ଅନ୍ତରାଳରେ ରହିଗଲେ ହତ୍ୟାକାରୀ।

ଦୀର୍ଘ ଦଶବର୍ଷ ସଜା ଭୋଗିବା ପରେ ଆଜି ସନିଆ କାରାଗାରରୁ ମୁକ୍ତ ହୋଇଛି। କାରାଗାରରେ ତା'ର ଆଚରଣ ଖୁବ୍ ସକାରାତ୍ମକ ଥିଲା। ଛୁଟିରେ ଘରକୁ ଆସିବାକୁ ସେ ନାପସନ୍ଦ କରୁଥିଲା। କାରା କର୍ମଚାରୀମାନେ ସନିଆକୁ ଖୁବ୍ ବିଶ୍ୱାସୀ ଭାବେ ଗ୍ରହଣ କରି ନେଇଥିଲେ। ତାକୁ ଆଗୁଆ କାରାମୁକ୍ତି ମିଳି ଯାଇଥିଲା।

ଗାଁ ସାହି ଲୋକେ ଏବଂ ପ୍ରତ୍ୟକ୍ଷଦର୍ଶୀମାନେ ଚୁପ୍ ଚୁପ୍ କହୁଥିଲେ ଦୋଷ କଲା ଜଣେ ଦଣ୍ଡ ଭୋଗିଲା ନିର୍ଦ୍ଦୋଷ। ଆଉ କେତେକ କିହଲେ, "ବିଚାରପତି ସିନା ନ୍ୟାୟ ବିଚାର ଦେଲେ ନାହିଁ, ଅସଲ ବିଚାର କରିବ ଦଇବ। ଅବନି ଖସି ଯାଇପାରିବ ନାହିଁ।

ସନିଆ ଅଦାଲତରେ ସ୍ୱୀକାରୋକ୍ତି ଦେଲା – "ବଡ଼ ସାଆନ୍ତ ମୋତେ ଖୁବ୍ ରାଗିଲେ। ଆମକୁ ବେଠି ଖଟାଉଥିଲେ। ମୁଁ ତାଙ୍କ ଘର ଛାଆଣି କରୁଥିବା ସମୟରେ ସେ ମୋତେ ଖରାପ ଭାଷାରେ ଗାଳିଗୁଲଜ କଲେ। ତାଙ୍କ ତଣ୍ଟିକୁ ଚିପିଧରିଥିଲି।"

ଅବନୀଙ୍କ ଆଡ୍‌ଭୋକେଟ ଦୃଢ଼ ଯୁକ୍ତି ଦ୍ୱାରା ପ୍ରମାଣିତ କରି ଦେଲେ ଯେ ସନିଆହିଁ ପ୍ରକୃତ ହତ୍ୟାକାରୀ। ତା'ର ଆକ୍ରମଣରେ ଜମିଦାରଙ୍କ ମୃତ୍ୟୁ ହୋଇଛି।

କାରାମୁକ୍ତ ହୋଇ ଗାଁକୁ ଫେରିବା ପରେ ସନିଆ ଦେଖିଲା ଗାଁ ସମ୍ପୂର୍ଣ୍ଣ ବଦଳି ଯାଇଛି। ପତ୍ନୀ ପୁତ୍ର ସାଆନ୍ତଙ୍କ ଘରେ ମୂଲିଆ ମୂଲିଆଣୀ ହୋଇ ଖଟୁଛନ୍ତି। ସାନ ସାଆନ୍ତଙ୍କ ପ୍ରଲୋଭନରେ ପଡି ସେ ଯେଉଁ ବିରାଟ ଭୁଲ କରିଛି ତାକୁ ସଂଶୋଧନ କରିବାକୁ ଆଉ ସମୟ ନାହିଁ। କେବଳ ତା'ର ନୁହେଁ ତା ପୁଅର ମଧ୍ୟ ଅସୁମାରୀ କ୍ଷତି ଘଟିଛି। ସେ ସ୍ୱପ୍ନ ଦେଖିଥିଲା ପୁଅକୁ ପାଠପଢ଼ାଇ ମଣିଷଟିଏ କରିବ। ତା ସ୍ୱପ୍ନ ଧୂଳିସାତ ହୋଇ ଯାଇଛି। ତା'ର ଚାଳଘରଟି ମଧ୍ୟ ଭାଙ୍ଗିମାଟିରେ ମିଶି ଯାଇଛି। ମା ପୁଅ ଦୁହେଁ ପରଅନ୍ନରେ ବଞ୍ଚିଛନ୍ତି। ଚିନ୍ତାର ଦାବାନଳରେ ଜମିଦାର ଅବନିକାନ୍ତ ବାର୍ଦ୍ଧକ୍ୟର ପାଦ ଦେଶରେ। ସେ ମଧ୍ୟ ଉଚ୍ଚ ରକ୍ତଚାପରେ ପୀଡିତ ହୋଇ କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସିତ।

*(ଶହେ ବର୍ଷ ତଳର ଏକ ସତ୍ୟ ଘଟଣା)*

*ମୁଁ – ତେନ୍ତୁଳିନଣ୍ଡା / ଡାକା ଡିପ୍ପୋ/ କେନ୍ଦୁଝର*
*ଦୂରଭାଷ: ୭୮୯୪୫୬୦୦୮୮*

# ଅନ୍ୱେଷଣ

## ଲିପ୍‌ସା ପଟେଲ

ମହାବାତ୍ୟା ପରେ ପରେ ବର୍ଛିଯାଇଥିବା ଗଛଟିଏ ପରି ଅନୁଶୋଚନାପୂର୍ଣ୍ଣ ଆଖି ଦୁଇଟିରେ ଝର୍କା ସେପଟେ ଅନେଇ ବସିଥିଲା ତନୁଜା । କାହାକୁ ଦୋଷ ଦେବ ? ନିୟତିର ଚକ୍ରାନ୍ତକୁ ନା ତା'ର ଦୁର୍ଭାଗ୍ୟକୁ ? ଜୀବନର ଆଧାର ଯଦି ଦୂରେଇ ଯିବ ମଣିଷ କାହା ଭରସାରେ, କାହାପାଇଁ ଜୀବନ ଜୀଇଁବ ? ସେ ଅମ୍ଳାନକୁ ଦୋଷ ଦେଇ ପାରିବ ନି । ଦୋଷ ଦେବା ଉଚିତ୍ ହେବନି । ସେ ପାରୁ ପର୍ଯ୍ୟନ୍ତ ଚେଷ୍ଟା କରିଥିଲେ; କିନ୍ତୁ ବିଧିର ବିଧାନ ଆଗରେ ନତ ମସ୍ତକ ହେବାକୁ ପଡେ ।

ଏବେ ବି ଜଳ ଜଳ ହୋଇ ଗୋଟିଏ ପରେ ଗୋଟିଏ ଦୃଶ୍ୟ ଆଖିରେ ତା'ର ଭାସିଯାଉଛି । ବୁନ୍ଦା ବୁନ୍ଦା ହୋଇ ଲୁହ ଝରିପଡୁଛି । ତିନି ବର୍ଷ ନିଜ ପଣତରେ ସାଇତି ରଖିଥିବା ସେଇ କୋମଳମତି ପ୍ରାଣଟା ଏତେ କଷ୍ଟ ପାଇଲା, ଜୀବନ ହାରିଦେଲା । ଭାବିଲେ ତନୁଜା ଏକ ଆତ୍ମଗ୍ଲାନିରେ ଭାରାକ୍ରାନ୍ତ ହୋଇ ପଡୁଥିଲା । ସେ ତା'କୁ ଜନ୍ମ ଦେଇଥିଲା; କିନ୍ତୁ ବଞ୍ଚାଇ ରଖି ପାରିଲା ନି । ଓଃ ! କି ଦୁର୍ଭାଗ୍ୟ ତା'ର ! ମା' ମନର ସେ କଷ୍ଟ ବୁଝିବା ଓ ବୁଝାଇବା ସହଜ ନଥିଲା । ଆଉ ଅମ୍ଳାନ ....... ? ସେ ବି ତ ଏମିତି ଦୁଃଖଦ ଯନ୍ତ୍ରଣାରେ ହନ୍ତସନ୍ତ ହେଉଛନ୍ତି । ଆଖିଆଗରେ ପିଲାଟିର ଜୀବନ ଚାଲିଗଲା, କିନ୍ତୁ ମା' ବାପା ହୋଇ କେମିତି ଅସହାୟ ହୋଇ ପଡିଥିଲେ ଦୁହେଁ ସେଦିନ । ବାପା ହୋଇ ପିଲାଟିର ଜୀବନ ବଞ୍ଚାଇ ପାରିନଥିବାରୁ ତାଙ୍କର ପୌରୁଷ ଧିକାର କରୁଥିଲା ତାଙ୍କୁ । କିନ୍ତୁ ସେ ତ ଡାକ୍ତର ନୁହନ୍ତି, ନା ସେ ଚିତ୍ରଗୁପ୍ତ । ତାଙ୍କ ହାତରେ କ'ଣ ଅବା ଥିଲା ? ପୁଅ ପିଲା ବୋଲି ନା କାନ୍ଦିପାରୁଛନ୍ତି ନା ସେ ଯନ୍ତ୍ରଣାକୁ ସହ୍ୟ କରିପାରୁଛନ୍ତି ଅମ୍ଳାନ ।

ବାହାଘରର ଦୁଇବର୍ଷ ପରେ ସେମାନଙ୍କ କୋଳକୁ ଆସିଥିଲା ଶିଶୁ ପୁତ୍ରଟିଏ । କେତେ ଆନନ୍ଦରେ ତା' ନାଁ ରଖିଥିଲେ ଜିତ୍ । ହୃଦୟରେ ଛିଦ୍ରଦୋଷ ଜନିତ ଦୁଃସାଧ୍ୟ ରୋଗରେ ଆକ୍ରାନ୍ତ ଥିଲା ଜିତ୍ । ଡାକ୍ତର ତା'ର ଜନ୍ମବେଳୁ ଏ କଥା କହିସାରିଥିଲେ । କେତେ ବଡ ବଡ ହୃଦବିଶେଷଜ୍ଞଙ୍କ ସହ ପରାମର୍ଶ କରିଥିଲେ ଅମ୍ଳାନ । କିନ୍ତୁ ସମସ୍ତଙ୍କର ସେଇ ଏକା ମତ । କିଛି ବି ହୋଇପାରେ କୌଣସି ମୁହୂର୍ତ୍ତରେ । ଦେଖୁ ଦେଖୁ କଟିଯାଇଥିଲା ତିନି ବର୍ଷ । ଅନେକ ବାରଣ ସତ୍ତ୍ୱେ ତନୁଜା, ଜିତ୍ କୁ ନେଇ ସ୍ୱପ୍ନ ଦେଖିବା ଆରମ୍ଭ କରିଦେଇଥିଲା । ମା' ମନ କ'ଣ ବୁଝିବ । ସ୍କୁଲ ଯିବ ଜିତ୍ ବୋଲି ମନେ ମନେ ଖୁସି ହେଉଥିଲା ସିଏ । କିନ୍ତୁ ହଠାତ୍ ଏ ଅଘଟଣ । ହେ ଈଶ୍ୱର ! ଯଦି ତା'କୁ ନେବାର ଥିଲା କାହିଁକି ଜନ୍ମରୁ ନେଲ ନି । ଏବେ ଏତେ ବର୍ଷର ସଂପର୍କ ଯୋଡିସାରି ପୁଣି ରଜ୍ଜୁଟାକୁ ଛିଣ୍ଡାଇ ଦେଲ । ତା' ପୁଅ ଜିତ୍ ମୃତ୍ୟୁକୁ ଜୟ କରିପାରିଲା ନି । ଚିରଦିନ ପାଇଁ ତା'ଠାରୁ ଦୂରେଇଗଲା । ସ୍ୱପ୍ନ ସବୁ ଏବେ ଲୁହ ହୋଇ ଝରିଯାଉଛି । ଆଖିଆଗରେ କେବଳ ହତାଶାର ଏକ ଆସ୍ତରଣ ଦେଖାଯାଉଛି ।

ତନୁଜାର ମା' ଆସି ରହିଛନ୍ତି ତାଙ୍କ ପାଖରେ । ଅମ୍ଳାନ ତାଙ୍କ କାମରେ ପ୍ରାୟତଃ ସବୁବେଳେ ବାହାରେ । କାମରେ ମନଦେଲେ କାଳେ ଏଇ ଯନ୍ତ୍ରଣାର ଉପଶମ ହେବ । ତନୁଜା ଏକା ଏକା ଘରେ ରହି କେତେ କ'ଣ ଭାବୁଥାଏ । ତା' ମା' ତା'କୁ ଆଶ୍ୱାସନା ଦେଉଛନ୍ତି; କିନ୍ତୁ ସେସବୁ ପ୍ରତି ଧ୍ୟାନ ନାହିଁ ତନୁଜାର । ଜିତ୍‌ର ଫଟୋକୁ ଧରି ଦିନ ରାତି ଏମିତ ବସି ରହୁଛି ଅଖିଆ ଅପିଆ । ମା' ଅଛନ୍ତି ବୋଲି ବାଧ ବାଧକତାରେ ତା'କୁ ଖୁଆପିଆ କରାଉଛନ୍ତି । ଏକ ପ୍ରକାର ଯତ୍ନ ନେଉଛନ୍ତି । ଅମ୍ଳାନ ଏବେ ତାଙ୍କ କାମରେ ବ୍ୟସ୍ତ । ଏ ଅଘଟଣକୁ ଭୁଲିବା ତ ଅବଶ୍ୟମ୍ଭାବୀ; ତଥାପି ଚେଷ୍ଟା କରାଯାଇପାରେ ଏମିତି ଆଶ୍ୱାସନା ବାଣୀ ତନୁଜା ଶୁଣୁଛି ଅମ୍ଳାନଙ୍କଠାରୁ ।

ହଠାତ୍ ଫୋନ୍‌ରେ କାହାର ମେସେଜ୍ । ଅଚିହ୍ନା ନମ୍ବରରୁ ଆସିଛି ତନୁଜାକୁ ମେସେଜ୍ । ମେସେଜ୍ ପଢି ବିରକ୍ତିଭାବ ପ୍ରକାଶ ପାଉଥିଲା ତା' ମୁହଁରୁ । କି ଅଭଦ୍ର ଲୋକ ! ଏମିତି ବାଜେ ମେସେଜ୍ ସବୁ କିଏ ଦେଉଛି ? ସେହି ନମ୍ବରରେ ଫୋନ୍ ଲଗାଇଲା, କିନ୍ତୁ ଫୋନ୍ ବନ୍ଦ ଆସିଲା । ବୋଧହୁଏ ଭୁଲରେ କିଏ ତା' ନମ୍ବରକୁ ମେସେଜ୍ ପଠାଉଛି । କିଛି ସମୟପରେ ପୁଣି ମେସେଜ୍ । "ତୁମେ ତୁମର ଯତ୍ନ ନିଅ, କେମିତି ଗୋଲାପୀ ଓଠରୁ ହସ ଉଭେଇ ଯାଇଛି । ତୁମକୁ ଭଲ ଲାଗେ ଯେଉଁ ହଳଦିଆ ସୁଟ୍‌ଟା ପିନ୍ଧ ଖୁବ୍ ମାନେ ତୁମକୁ ।" ପୁଣି ବିରକ୍ତ ହୋଇ ଫୋନ୍ ଲଗାଇଲା । ଫୋନ୍ ବନ୍ଦ ଆସିଲା । ମେସେଜ୍ ଲେଖିଲା – "ତୁମେ କିଏ ? ଏତେ କଥା କେମିତି ଜାଣିଛ ? ମୁଁ ଆଦୌ ମଜା କରିବା ମନୋସ୍ଥିତିରେ ନାହିଁ । ବନ୍ଦ କର ଏସବୁ ।"

ସେପଟୁ ମେସେଜ୍ – "ମୁଁ ତୁମର ହିତୈଷୀ । ତୁମକୁ ଭଲ ପାଉଥିବା ଜଣେ କେହି ।"

ଏମିତି ପରିସ୍ଥିତିରେ କିଏ ଏମିତି ବାଜେ ମଜାକ୍ କରୁଛି । ମନେ ମନେ ଭାବୁଥିଲା ତନୁଜା । ଅମ୍ଳାନକୁ କହିବ ବୋଲି ଭାବୁଥିଲା । କିନ୍ତୁ ସେ ତା'କୁ ଯଦି ସନ୍ଦେହ କରିବା ଆରମ୍ଭ କରିଦେବେ, ତେବେ ତା' ସଂସାର ବିକ୍ଷିପ୍ତ ହୋଇ ଯିବ । କିଏ ଏଇ ଲୋକ ? ନିଜେ ସେ ଏଇ ବିଷୟରେ ଅନୁଧ୍ୟାନ କରିବ ବୋଲି ଏକ ପ୍ରକାରେ ସ୍ଥିର କରୁଥିଲା ।

ସକାଳୁ ଗାଧୋଇ ଆଲମାରୀ ଖୋଲିଲା ବେଳେ ଆଖି ପଡିଲା ସେଇ ହଳଦିଆ ଡ୍ରେସ୍ ଉପରେ । ଆପେ ଆପେ ହାତ ଚାଲିଗଲା ଡ୍ରେସ୍‌ଟା ଆଡେ । ଆଜି ସେ ଏଇଟା ପିନ୍ଧିବ । କିନ୍ତୁ ପୁଣି ଯଦି ମେସେଜ୍ ଆସେ ? କିଏ ଅବା ତା'କୁ ଦେଖୁଛି ଯେ ମେସେଜ୍ ଆସିବ ? ସେ ତ ଘରେ ରହିବ । ଅମ୍ଳାନ ଜଳଖିଆ କରି ଅଫିସ୍ ଚାଲିଗଲେ । ତନୁଜା ରୋଷେଇଘର ପଟେ ଗଲାବେଳକୁ ପୁଣି ମେସେଜ୍ – "ମୋ କଥା ମାନି ଡ୍ରେସଟା ପିନ୍ଧି ଥିବାରୁ ଧନ୍ୟବାଦ ।" ଚମକିପଡିଲା ତନୁଜା । ଘର ଭିତରେ କିଏ, କେଉଁଠୁ ଦେଖିଛି, ଏମିତି ମେସେଜ୍ ଦେଉଛି ? ଝର୍କାଗୁଡିକ ପଟୁ ଅନେଇ ଦେଖିଲା କାଳେ କିଏ ବାହାରେ ଅଛି କି, କିନ୍ତୁ କେହି ସେମିତି ଦେଖାଗଲେ ନି ।

ଏତେଦିନ ପରେ ରୋଷେଇଘରକୁ ପଶୁଛି ସିଏ । ମା' ସମ୍ଭାଳି ଦେଇଥିଲେ ଏତେଦିନ ଯାଏଁ; କିନ୍ତୁ ସବୁଦିନ କିଏ ବା ସମ୍ଭାଳିବ । ଆଜି ଅମ୍ଳାନର ମନପସନ୍ଦ କିଛି ବନେଇବ । ତାଙ୍କୁ ବି ଭଲ ଲାଗିବ । ରୋଷେଇ କରୁ କରୁ କେମିତି ଏକ ଅନ୍ୟମନସ୍କତାରେ ତନୁଜା ଟାଣି ହୋଇଯାଉଥିଲା

ମୋବାଇଲ ଆଡକୁ । କାଳେ ପୁଣି ମେସେଜ ଆସିଥିବ କି ? ମୋବାଇଲ୍‌ର ସ୍କ୍ରିନ୍ ଆଲୁଅ ଦେଖି ଉତ୍ସୁକତା ଖେଳିଗଲା ତା' ଭିତରେ ।

ଲେଖାଥିଲା – "ତୁମର ମନ ପସନ୍ଦ କୋଲଡ୍ କଫି, ଆଇସ୍କ୍ରିମ୍ ସହ ପିଉଛି । କିନ୍ତୁ ଭଲ ଲାଗୁନି କାହିଁକି କେଜାଣି ?"

ତନୁଜା ପୁଣି ପ୍ରଶ୍ନ କଲା – "ତୁମେ କିଏ ? ମୋ ବିଷୟରେ ଏତେ କଥା କେମିତି ଜାଣିଲ ?"

ଉତ୍ତରରେ କିଛି ଆସିଲା ନି । ବ୍ୟସ୍ତ ହୋଇ ପଡୁଥିଲା ତନୁଜା । ଅମ୍ଳାନ ସହ ଏ ବିଷୟରେ ଖୋଲାଖୋଲି କଥା ହେବା ପାଇଁ ସ୍ଥିର କରୁଥିଲା । କିନ୍ତୁ ସେ ଯଦି ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ତେବେ ପୁଣି କ'ଣ ହେବ ? କିଏ ହୋଇଥିବ ଇଏ ? ପୁରୁଣା ସ୍କୁଲ, କଲେଜ ଆଲବମ୍ ସବୁ ଅଣ୍ଡାଳି ପକାଇଲା । କାହାକୁ ସେ ଏଥିପାଇଁ ସନ୍ଦେହ କରିବ ବୁଝିପାରୁନଥିଲା । ତା'କୁ ଏତେ ବ୍ୟକ୍ତିଗତ ଭାବରେ କେହି ଜାଣି ନାହାନ୍ତି । ତେବେ ଇଏ କେମିତି ?

ପୁଣି ମେସେଜ୍ – "ବ୍ୟସ୍ତ ହୁଅନି, ମୁଁ ତୁମର କୌଣସି କ୍ଷତି କରିବା ଉଦ୍ଦେଶ୍ୟରେ ନାହିଁ । ବିଶ୍ୱାସ କର ।"

ତନୁଜା ଲେଖିଲା – "ଦ୍ୱନ୍ଦରେ ପକାଇ କହୁଛ କ୍ଷତି କରିବ ନି । ସିଧା ସିଧା କହୁନ କାହିଁକି ତୁମେ କିଏ ?"

ତନୁଜା ସେଇ ଅଜଣା ଆସକ୍ତିରେ ଏକପ୍ରକାର ଅଭ୍ୟସ୍ତ ହୋଇସାରିଥିଲା । କେହି ଜଣେ ତା'କୁ ଏତେ ପାଖରୁ ଜାଣିଛି, ସେ ଖୁସି ହେଉଥିଲା । ମେସେଜ୍ ଆସିବାରେ ଟିକିଏ ବିଳମ୍ବହେଲେ ସେ ଉତ୍ସୁକତାର ସହ ବାରମ୍ବାର ମୋବାଇଲ୍‌କୁ ଦେଖୁଥିଲା । ଧୀରେ ଧୀରେ ସବୁକିଛି ସୁନ୍ଦର ଲାଗିବା ଆରମ୍ଭ କରିଦେଇଥିଲା । ନିଜପ୍ରତି ଧ୍ୟାନ ଦେଉଥିଲା । ମୁହଁରେ ଉଜ୍ଜ୍ୱଳତା ଫେରି ଆସିଥିଲା । ବେଶଭୁଷା, ସାଜସଜ୍ଜାରେ ଅନେକଟା ପରିବର୍ତ୍ତନ ଦେଖା ଦେଉଥିଲା । ଅମ୍ଳାନ କିନ୍ତୁ କିଛି ବି ତ କହୁ ନଥିଲେ । ସେ କ'ଣ ତା' ଭିତରର ଏଇ ପରିବର୍ତ୍ତନକୁ ଲକ୍ଷ୍ୟ କରିପାରୁନଥିଲେ ? ତନୁଜା ଏବେ ଖୁସି ହେବାର ଶିଖିସାରିଥିଲା । ସେଇ ଅଜଣା ବ୍ୟକ୍ତି ସହ ମେସେଜ୍ ମାଧ୍ୟମରେ ଯୋଡି ହୋଇସାରିଥିଲା ତନୁଜା ।

ଏବେ ତନୁଜାର ଧୈର୍ଯ୍ୟର ବାନ୍ଧ ଭାଙ୍ଗୁଥିଲା । ସେ ସେହି ଅଜଣାବ୍ୟକ୍ତିକୁ ଦେଖିବାକୁ ଚାହୁଁଥିଲା । ଏ କ'ଣ ପ୍ରେମ ନା ଏକ ଭୌତିକ ଆସକ୍ତି ? ଏକ ସିଦ୍ଧାନ୍ତରେ ଉପନୀତ ହେବାକୁ ତା'ର ଇଚ୍ଛା ପ୍ରବଳତର ହେଉଥିଲା । ପ୍ରେମ ଯେ କେତେ ଅଦ୍ଭୁତ ଓ ସୁନ୍ଦର । ଏକ ସଂକ୍ରାମକ ରୋଗପରି କେତେବେଳେ ଯେ ଏହା ଗୋଟିଏ ହୃଦୟରୁ ଅନ୍ୟ ହୃଦୟକୁ ସଂକ୍ରମିତ ହୋଇଯାଏ କେହି ଜାଣିପାରେ ନାହିଁ । ଏହାର ପ୍ରତିଷେଧକ ବ୍ୟବସ୍ଥା କ'ଣ ଥାଏ ? କିନ୍ତୁ ସେ ଏଇ ବୟସରେ, ବିବାହର ଏତେ ବର୍ଷ ପରେ ଏମିତି କାହା ପ୍ରତି ଆକର୍ଷିତ ହେବ, ସ୍ୱପ୍ନରେ ସୁଦ୍ଧା ଭାବି ନଥିଲା ।

ସକାଳୁ ମେସେଜ୍‌ରେ ତନୁଜା ସେଇ ଅପରିଚିତଙ୍କୁ ଭେଟ ହେବାପାଇଁ ପ୍ରସ୍ତାବ ଦେଲା । ସେ କିନ୍ତୁ ଅମଙ୍ଗ ହେଲେ । ତନୁଜା ମଧ୍ୟ ନିଜ ଜିଦ୍‌ରେ ଅଟଳ । ଯଦି ଦେଖା କରିବାର ଇଚ୍ଛାନାହିଁ, ତେବେ ମୋ ପାଖରୁ ଉତ୍ତରର ଆଶା ରଖ ନାହିଁ । ତନୁଜାର ଏମିତି ପ୍ରତିକ୍ରିୟା ଥିଲା । ଶେଷରେ ସେ ଦେଖାକରିବାକୁ ରାଜି ହେଲେ । ସମୟ ନିର୍ଦ୍ଧାରିତ ହେଲା । ଦେଖାକରିବେ ପାରାଡାଇଜ୍ ସିନେମାହଲରେ । କଳାରଙ୍ଗର ଡ୍ରେସ୍‌ଟା ବାହାରକରି ପିନ୍ଧିଲା ତନୁଜା । ତାଙ୍କୁ କଳାରଙ୍ଗ ଭଲ ଲାଗେ ବୋଲି କହିଥିଲେ । ସମୟ ଅନୁସାରେ ପହଞ୍ଚିଲା ସିନେମାହଲରେ । ଟିକିଏ ନର୍ଭସ୍ ଜଣାପଡୁଥିଲା । ଯଦି କିଏ ଚିହ୍ନି ପକାଇବ ? ଅମ୍ଳାନ ଜାଣିଲେ କ'ଣ କହିବେ ? ଏମିତି ଭାବୁ ଭାବୁ ମେସେଜ୍ ଆସିଲା– "ଏଚ୍-୨୧ ନମ୍ବର ସିଟ୍ ରେ ବସ, ମୁଁ ଆସୁଛି ।"

ଉତ୍ସୁକତାର ସହିତ ପାଦ ତା'ର ଚାଲିଯାଉଥିଲା ନିର୍ଦ୍ଧାରିତ ସିଟ୍ ଆଡକୁ । ମନେ ମନେ ହସୁଥିଲା । ସିନେମା ଆରମ୍ଭ ହୋଇଯାଉଥିଲା । କିନ୍ତୁ ସେ ତ କାହିଁ ଏଯାଏଁ ଆସିନାହାନ୍ତି ? ତା'କୁ କ'ଣ ବୁଦ୍ଧୁ ବନାଇଲେ ? କିନ୍ତୁ ପାଖ ସିଟ୍‌ଟା ଏଯାଏଁ ଖାଲି ପଡିଛି । ତା'ହେଲେ ସେ ଆସିବେ ?

ସିନେମାହଲର ଅନ୍ଧାରୁଆ ଆଲୁଅ ଭିତରେ କେହି ଜଣେ ଆସି ତନୁଜା ପାଖରେ ବସିପଡିଲା । ତା' ହାତକୁ ଧରି କାନରେ କହିଲା – "ମୁଁ ତୁମକୁ ଭଲପାଏ ।" ଚମକି ପଡିଲା ତନୁଜା । ମୁହଁକୁ ଚାହିଁ ଦେଖେତ "ଅମ୍ଳାନ" । "ତୁମେ ଏଠି ?" "ହଁ, ମୁଁ ହିଁ ତୁମକୁ ମେସେଜ୍ ଦେଉଥିଲି ଏକ ନୂଆ ନମ୍ବରରୁ । ମୁଁ ଭାବୁଥିଲି ତୁମେ ମତେ ଚିହ୍ନି ପକାଇବ, କିନ୍ତୁ ତୁମେ ପାରିଲ ନି ।" ଅମ୍ଳାନ କହି ଚାଲିଥିଲେ ।

"କାହିଁକି ଏସବୁ କଲ ?" ତନୁଜା ପ୍ରଶ୍ନ କଲା ।

"ମୁଁ କେବଳ ଆମର ହଜିଯାଇଥିବା ପ୍ରେମର ସନ୍ଧାନରେ ଏଇ ଉଦ୍ୟମ କଲି । ତୁମର ମନେଅଛି ମୁଁ ତୁମକୁ ପ୍ରଥମ ଥର ଦେଖାକଲା ବେଳେ ତୁମେ କଳା ରଙ୍ଗର ଡ୍ରେସ୍‌ଟା ପିନ୍ଧିଥିଲ ।" - ଅମ୍ଳାନ କହିଲେ ।

"ହଁ, ତୁମେ ହିଁ ତ ମୋତେ ବ୍ୟକ୍ତିଗତ ଭାବରେ, ଏତେ ପାଖରୁ ଜାଣିଥିବା ମଣିଷ । ମୁଁ କେମିତି ଭୁଲିଗଲି ଯେ ?" – ତନୁଜା ଆଖି ଛଳ ଛଳ କରି କହୁଥିଲା ।

ତନୁଜାର ହାତକୁ ଧରି ଅମ୍ଳାନ ଆଶ୍ୱାସନା ଦେଉଥିଲେ । ତା' ମୁହଁର ହସ, ଜୀବନର ଉଦ୍ଦେଶ୍ୟ ଓ ଦାମ୍ପତ୍ୟ ଖୁସିକୁ ଫେରାଇ ଆଣିବା ପାଇଁ ଏହା ତାଙ୍କର ସୁଚିନ୍ତିତ ଚେଷ୍ଟା ଥିଲା ।

*ଇରିଗେସନ କଲୋନୀ ଭବାନୀପାଟଣା*
*ଦୂରଭାଷ: ୯୪୩୯୪୦୦୩୪୮*



# ରତ୍ନା

## ଲେଖକ: ଶରଣକୁମାର ଲିମ୍ବାଲେ
## ଭାଷାନ୍ତର - ଗୌରହରି ପଣ୍ଡା

ବର୍ଷାଦିନ। ଆକାଶ ଆଉ ନଦୀ ସବୁବେଳେ ଭରି ରହିଥାଏ। ପୃଥିବୀକୁ ବହୁତ ସବୁଜ ମିଳିଯାଏ ପିନ୍ଧିବାକୁ। ପାହାଡ଼ ତଳେ ଥାଏ ଆମର ଛୋଟ ସହର ଆଉ ଛୋଟ ସହର ବାହାରେ ଥିଲା ଆମର ମହାରବାଡ଼ା। ମହାରଙ୍କ ସାହି। ଗଛ ତଳେ ଥାଏ କୁଡ଼ିଆ ଘର। କାଦୁଅରେ ଦଲ୍‌ଦଲ୍ ହେଉଥାଏ ପାଦଚଲା ରାସ୍ତା। ପାଣିରେ ପୁରି ରହିଥିଲା ମଇଳା, ଆବର୍ଜନା। ବେଙ୍ଗମାନଙ୍କ ତାଳରେ ନାଚୁଥିବା ପାଣି ଆମ ଘରେ ପଶିଯାଏ।

ରତ୍ନାର ଆଉ ମୋର ଏହି ପରିବେଶରେ ପାଳନ ପୋଷଣ ହୋଇଥିଲା। ଆମ ପଡ଼ିଶାରେ ଥିଲା ତାହାର ଘର। ପିଲାଦିନେ ଖେଳରେ ଆମେ ସ୍ତ୍ରୀ - ପୁରୁଷ ହୋଇ ଯାଉଥିଲୁ। କିନ୍ତୁ ଏବେ ବଡ଼ ହୋଇଗଲୁଣି। ଗାଁର ଗଳିର ନଜର ଆମ ଉପରେ ଥାଏ। ରତ୍ନା ଆଉ ମୋ ପ୍ରେମ ଲୋକଙ୍କ ମଧ୍ୟରେ ଚର୍ଚ୍ଚାର ବିଷୟ ହୋଇଯାଇଥିଲା। ସାହିର ଲୋକଙ୍କ ପାଇଁ ଅବସର ସମୟ କାଟିବା ଏହା ଭଲ ବିଷୟ ହୋଇଯାଇଥିଲା।

ରତ୍ନାର ବାପା ମିଲିଟାରୀରେ ଥିଲେ। ମୋ ବାପା ମୋ ପିଲାଦିନେ ନଦୀରେ ଭାସି ଯାଇଥିଲେ। ଆମ ଗାଁ ନଦୀକୂଳରେ ଥାଏ। ବର୍ଷାଦିନେ ଯେବେ ନଦୀରେ ବନ୍ୟା ଆସିଯାଏ। ତେବେ ମୋ ବାପା ଏପଟର ଲୋକଙ୍କୁ ସେପଟକୁ ଆଉ ସେ ପଟର ଲୋକଙ୍କୁ ଏପଟକୁନେଇ ଆସନ୍ତି। ଫିସ୍ ଦଶ, ବାର ଅଣା ମିଳିଯାଏ।

କେବେ କେବେ ନଦୀରେ ବହୁତ ଅଧିକ ପାଣି ଆସିଯାଏ। ନଦୀର ଧାରା ପ୍ରଖର ହୋଇଯାଏ। ଏପଟର ଲୋକେ ସେପଟରେ ଆଉ ସେପଟର ଲୋକେ ଏପଟରେ ରହିଯାଆନ୍ତି। ଗାଁରେ ଘେରାବନ୍ଦୀ ହୋଇଯାଏ। ପାଣି ଅଳ୍ପ କମ୍ ହୋଇଯିବା ପରେ ଗାଁର ଲୋକମାନେ ପାଣିକୁ ଓହ୍ଲାନ୍ତି। ଲୋକମାନଙ୍କୁ ଏପଟରୁ ସେ ପଟକୁ ଆଉ ସେପଟରୁ ଏପଟକୁ ନେଇଆସନ୍ତି। କିନ୍ତୁ ପାଣି ଆଗରେ କାହାର ଚଳେ ନାହିଁ। କିନ୍ତୁ ପାଣି ସମୟରେ କଞ୍ଚା ଲଙ୍କା ଆଉ କଞ୍ଚାମାଳରୁ ନେଇ ନଦୀ ପାର ହେବା ବହୁତ ବିପଦ। ମୋବାପା ସର୍ତମାନି ନେଲେ। ସବୁଜ ସାରୁ ଆଉ କଞ୍ଚ ଲଙ୍କା ନେଇ ନଦୀକୁ ଡେଇଁ ପଡ଼ିଲେ। ମୋ ବାପା ବହୁତ ବଡ଼ ପହଁରାଳୀ ଥିଲେ। ନଦୀର ଦୁଇକୂଳ ବୁଡ଼ିଯିବା ପରେ ମଧ୍ୟ ମୋ ବାପା ନିଡର ହୋଇ ସେ ଦିନ ପାଣିରେ ଭାସି ଭାସି ଚାଲିଗଲେ। କୂଳରେ ଠିଆ ହୋଇଥିବା ହୋ - ହଲ୍ଲା କରିବାରେ ଲାଗିଲେ। ବାପା ବୁଡ଼ିଗଲେ। ଚତୁର୍ଥଦିନ କରନୂର ପାଖରେ ବାପାଙ୍କ ଶବ ମିଳିଲା। ନଦୀକୂଳ ବରକୋଳି ଗଛରେ ଅଟକି ଯାଇଥିଲେ। ମୋ କକେଇ ଦେଖି ଆସିଥିଲେ। ସେଠାରେ ବାପାଙ୍କୁ ସମାଧି ଦିଆଗଲା। ଅନାଥ ଭାବି। ବାପାଙ୍କୁ ନଜର ଆସିଲା ନାହିଁ। ଯେବେ ନଦୀରେ ବନ୍ୟା ଆସି ଉଭୟକୂଳ ପାଣିରେ ବୁଡ଼ିଯାଏ। ବାପାଙ୍କ ସ୍ମରଣ ମୋତେ ବିଚଳିତ କରିଦିଏ।

ପ୍ରତିବର୍ଷ କେହି ନା କେହି ଏହିପରି ଭାସି ଯାଆନ୍ତି। ଉପର ମୁଣ୍ଡରୁ ଏହିପରି ଅନାଥ ଶବ ଭାସି ଆସୁଥାଏ ନଦୀରେ ଭାସି ଆସୁଥିବା ଶବକୁ ବାହାର କରିବା କାମ ମୋ ବାପା କରୁଥିଲେ। କେବେ ଯୁବତୀ ସ୍ତ୍ରୀ, କେବେ ନବ ଯୁବକ ପିଲା, କେବେ କୋହି ବୁଢ଼ା ନଦୀରେ ବୁଡ଼ିଗଲେ। ଶବକୁ ଦେଖିଲାମାତ୍ରେ ଗାଁ ମୁଖିଆ କହେ। ଆରେ ଆଗକୁ ଯିବାକୁ ଦିଅ। କିଏ ପଞ୍ଚାନାମାର ଝମେଲାରେ ପଡ଼ିବ। ବିନା କାରଣରେ ପୁଲିସବାଲା ମୁଣ୍ଡବିନ୍ଧା କରାନ୍ତି। ଭାସି ଆସୁଥିବା ଶବକୁ ଭସାଇ ଦିଆଯାଉ। ଆଗ ଗାଁ ପାଖରେ ପୋଖରୀ ଅଛି। ସେଠାରେ ସେହିପରି ଅନାଥ ଶବର ପଞ୍ଚନାମା ହୋଇଯାଏ। ସମ୍ପର୍କୀୟମାନେ ପୁଲିସ ଭୟରେ ଯୋଗଦାନ କରନ୍ତି ନାହିଁ।

ପହରଦିନର ଘଟଣା। ନଦୀରେ ବନ୍ୟା ଆସିଥିଲା। ନଦୀ ସ୍ରୋତରେ ଦୁଇଟି ନଡ଼ିଆ ଭାସି ଆସୁଥିବାର ଦେଖାଗଲା। ମୁଁ ନଦୀକୁ ଡେଇଁ ପଡ଼ି ନଡ଼ିଆ ଆଣିବାକୁ ଚାହିଁଲି। ରତ୍ନା ସେଠାରେ ଥିଲା। ସେ ମୋତେ ବନ୍ଦ କରି କହିଲା, "ବାପାଙ୍କ ପଛରେ ଯିବାକୁ ଚାହୁଁଛ କି? ତାହା ଆଖିରେ ଲୁହ ଭରି ଯାଇଥିଲା। ଯାହା ମୋତେ ବନ୍ୟା ପରି ଲାଗିଲା। ମୁଁ ଫେରି ଆସିଲି।

ଗତବର୍ଷର କଥା। ଜୋରରେ ବର୍ଷା ହେଉଥିଲା। ବନ୍ୟା ଦୁଇଥର ଆସି ନଦୀବନ୍ଧକୁ ଛୁଇଁ ଚାଲି ଯାଇଥିଲା। ରତ୍ନାର ପାଦ ଖସିଗଲା। ଆଉ ସେ ନଦୀରେ ପଡ଼ିଗଲା। ମୁଁ କୂଳରେ ଥିଲି ଡେଇଁ ପଡ଼ି ତାକୁ ନଦୀରୁ ବାହାରକୁ ନେଇ ଆସିଲି। ରତ୍ନା ବଞ୍ଚିଗଲା ଆଉ ମୋର ହୋଇଗଲା। କିନ୍ତୁ ତା ପରିବାର ସହିତ ଆମର ବହୁ ଶତ୍ରୁତା ଥିଲା। ମୋ ଗୋସେଇଁ ଜେଜେବାପା ତାହା ପରିବାରର କୌଣସି ସ୍ତ୍ରୀ ଲୋକକୁ ନେଇ ଯାଇଥିଲେ। ତେବେଠାରୁ ଆମର ଆଉ ତାଙ୍କ ପରିବାରରେ ଫାଟ ସୃଷ୍ଟି ହୋଇଛି। ରତ୍ନା ମୋ ପାଇଁ ଜୀବନ ଦେଉଥିଲା। କହୁଥିଲା ବିବାହ କରିବି ତ ତୋ ସହିତ କରିବି ନ ହେଲେ ପାଣିକୁ ଡେଇଁ ପଡି ଜୀବନ ଦେଇ ଦେବି। ମା' କହେ ଏହା ହେବା ସମ୍ଭବ ନୁହେଁ। ମୋ ମା ବହୁତ ଗରୀବ ସ୍ତ୍ରୀ ଲୋକ। ସେ ସାହିର ମାଷ୍ଟର ସାହେବଙ୍କୁ ବହୁତ ଡରେ। ଆଉ ପୁଣି ରତ୍ନାର ବାପା ସୈନିକ ଥିଲେ।

ରତ୍ନା ମୋ ଜୀବନରେ ବନ୍ୟା ପରି ଆସିଗଲା। ନୂଆ ବନ୍ୟା ପରି ତାହାର ଆଖି ଓଦା ମାଟିପରି ତାହାର ଓଠ। କାକର ବିନ୍ଦୁପରି ତାହାର ଦାନ୍ତ, ଏହିପରି ତାହାର ସ୍ୱାଭାବ ଥିଲା।

ଜଙ୍ଗଲର ପବନ ପରି ସାଏଁ ସାଏଁ ହୋଇ ରତ୍ନା ସାହିରେ ବୁଲୁଥାଏ। କେତେ ଲୋକଙ୍କ ଜୀବନରେ ସେ ପ୍ରବେଶ ହୋଇ ସେ ଯିବା ଆସିବା କରୁଥାଏ। ତାହାର ରୂପ ଅଗ୍ନିପରି। ଘର ବାହାରକୁ ବାହାରିବା ପାଇଁ ତାକୁ କଷ୍ଟ ହୁଏ। ତାହା ସହିତ ତାହାର ଭଉଣୀ ସବୁବେଳେ ରହିଥାଏ। ମୋର ଆଉ ରତ୍ନାର ମିଳନ ବସ୍ତିର ଅନ୍ଧକାରରେ ନିଆଁ ଜଳାଉଥାଏ। ମୁଁ ନଦୀକୁ ଯାଏ। ପାଣିରେ କଥାବାର୍ତ୍ତା କରୁଥାଏ। ଲାଗୁଥାଏ ଯେପରି ରତ୍ନା ଗଙ୍ଗା ପରି ଧାରାରୁ ବାହାରି ଆସୁ କିନ୍ତୁ ଏପରି ହୁଏ ନାହିଁ।

ଆଖିରୁ ଅଶ୍ରୁଧାରା ବହୁଥାଏ। ବନ୍ୟାରେ ନଷ୍ଟ ହୋଇ ସାରିଥିବା ଅନାବାଦି ଜମି ପରି ମୁଁ ଠିଆ ହୋଇ ରହିଥାଏ। ପାଣି ବହିଯାଏ। ଲାଗେ ଭଲ ହୁଅନ୍ତା। ଯଦି ମୁଁ ଆଉ ରତ୍ନା ପାଣିରେ ବହିଯାଆନ୍ତୁ। ରତ୍ନା ମୋର। ମୁଁ ନଦୀ ଆଡକୁ ଡବ୍‌ଡବ୍ ଆଖିରେ ଦେଖୁଥାଏ। ରତ୍ନା ପାଣି ନେବା ପାଇଁ ନଦୀକୁ ଆସିଥାଏ। ସେ ଉପର ଆଡୁ ପାଣି ଉପରେ ମୁଁ ତଳ

ଆଉ ତା ପାଦକୁ ଛୁଇଁ ବହିଯାଉଥିବା ପାଣିକୁ ତା ଆଞ୍ଜଳରେ ଭରି ନିଏ। ଆଖି ଆଉ ଓଠରେ ଲଗାଏ। ରତ୍ନା ଚାଲିଯାଏ। ମୁଁ ସେହିପରି କୂଳରେ ଠିଆ ହୋଇ ରହିଯାଏ। ଆଖିର ଗୋଟିଏ ବଡ଼ ଗଣ୍ଡ ଭରିଯାଏ। ବହୁଦୂର ପର୍ଯ୍ୟନ୍ତ ବହି ଯାଉଥିବା ନଦୀ ଆଉ ଆଖିରୁ ଦୂରକୁ ଯାଉଥିବା ରତ୍ନାକୁ ଦେଖିବାରେ ମୁଁ କେବେ ଥକି ନ ଥିଲି। ରତ୍ନା ଫେରଇ ଆସିବ। ସେହି ପାଣିର ପ୍ରତ୍ୟେକ ଲହରୀରେ ତାହାର ତାଜା ଚେହେରାରେ ଆଙ୍କି ହୋଇଯାଏ। ସେ ଆସିଯବ, ମୋତେ ଦେଖିବା ପାଇଁ। ଗୋଟିଏ ଗୋଟିଏ ଘଟଣା ଦେଇଯିବ ଏହି ନଦୀରେ ଛାଡ଼ି ଦେବା ପାଇଁ।

ନଦୀ କୂଳର ସନ୍ଧ୍ୟା। କୂଳରେ ବଗଙ୍କ ଧାଡ଼ି। ଘର ଆଡ଼କୁ ଫେରୁଥିଲେ ଗୃହପାଳିତ ପଶୁ। ଚରାଳୀଙ୍କ କଣ୍ଠରେ ଥାଏ ଖୁସିର ଗୀତ। ବନକୁ ଯାଇଥିବା ଲୋକମାନେ ଥକି ଯାଇ ଫେରୁଥିଲେ। ଘର ସେମାନଙ୍କୁ ଟାଣି ଆଣୁଥିଲା। ମହାଦେବଙ୍କ ମନ୍ଦିରରୁ ଶୁଣା ଯାଉଥିଲା ପୂଜା ପାଠର ଘଣ୍ଟି। ଗୋଟିଏ ପରେ ଗୋଟିଏ ଜଳି ଉଠିଲେ ଦୀପ ଆଉ ଚୁଲି। ନଦୀ ଅନ୍ଧାରରେ ଆବରଣୀ ପାଣିରେ ପହଁରୁଥାଏ। ଚନ୍ଦ୍ର କିରଣ। ଦେବାମ୍ମାଙ୍କ କ୍ଷେତରୁ ଘାସ କାଟିବା ପାଇଁ ଯାଇଥିବା ଅମ୍ମା ନଦୀ ପାର ହୋଇ ଫେରୁଥିଲେ। ଅନ୍ଧାରରେ ପୂର୍ବଦିଗରୁ ବହୁଥିବା ଥଣ୍ଡା ପବନରେ ଯେପରି ତା'ର ପାଦର କମ୍ପନ ଝିଙ୍କାରୀମାନଙ୍କ ଗଳାରେ ଅନୁଭବ ହେଉଥାଏ। ପାଣିର କଳ - କଳ ଧ୍ୱନିପରି ସେ ମନରେ ଭିଜୁଥିଲା।

"କେତେ ଦିନ ପର୍ଯ୍ୟନ୍ତ ଏହିପରି ଚୋରି - ଚୋରୀ ମିଳୁଥିବା ?"

"କିଏ ଦେଖି ନେଲେ ତ ?"

"ଚାଲ ଆମେ ପଳାଇବା।"

" ନହେଲେ ମୁଁ ଜୀବନ ଦେଇଦେବି।"

"ଗଣା ବହୁତ ହେଉଥାଏ।"

"ତୁ କିଛି ନା କିଛି କରୁ ନାହୁଁ କାହିଁକି ?"

"କହ ନା!"

"ମୁଁ ତାହା ଗୀତର ଉତ୍ତେଜନା ଆଉ ଗତିକୁ ବୁଝି ପାରୁଥିଲି। ଘନ ଅନ୍ଧାରରେ ସାକ୍ଷୀଥିଲା ତାହାର ସ୍ପର୍ଶ। ଆଉ ନଦୀର ଲହଡିର ସ୍ୱର। ମଝିରେ କୌଣସି ପକ୍ଷୀର ଫଡ଼ଫଡ଼ ସହିତ ଉଡ଼ିଯିବା ପରି ରତ୍ନା ମାର ଡାକ କାନରେ ପଡ଼ିଯାଏ। ବାଦଲ ପଛରୁ ବାହାରିଥିବା ଚାନ୍ଦପରି ରତ୍ନା ଚାଲିଗଲା। ତା ମା' ଏବେ ତାକୁ କଷ୍ଟଦେବ। କିଛି ଶଂଖ ଶାମୁକା ହାତରେ ଧରି ମୁଁ ଘରକୁ ଫେରି ଆସିଲି। ରତ୍ନାର କାନ୍ଦିବାର ଶବ୍ଦ ଶୁଣାଯାଉଥିଲା। ରାତିରେ କଲିଜା ଫାଟି ଯାଉଥାଏ। ମୁଁ ପୂରା ଘରେ ବିଚଳିତ ହେଉଥାଏ। ଅମ୍ମା ଉଦାସ ହେଉଥାଏ। କିଛି ସମୟ ପରେ ଗଣା ଚାଲିଗଲା। ସେ ରତ୍ନା ଘରୁ ବାହାରି ଥିଲା। ଗଣାକୁ ଦେଖି ଅମ୍ମା ଡରିଗଲା। ଗଣା ତାକୁ ଧମକାଇଲା।

ଗଣା ଗାଁର ଏକନମ୍ବର ଗୁଣ୍ଡାଥିଲା। ପୂରା ଗାଁ ତାକୁ ଡରେ। ସେ ରତ୍ନା ପାଇଁ ମରୁଥାଏ। ରତ୍ନାର ହାତ ଧରି ନେଇଥିଲା। ଗଣା ବହୁ ସମୟ ପର୍ଯ୍ୟନ୍ତ ରତ୍ନାର ଘରେ ଆସି ବସିଥିଲା। ରତ୍ନାର ମା' ତା' ଆଗରେ କିଛି ନୁହେଁ। ସେ ତାକୁ କଷ୍ଟ ଦେବାରେ ଲାଗିଲା। ଗଣା ସହିତ ଶତ୍ରୁତା କରିବା ସାଧାରଣ କଥା ନୁହେଁ। ଏହି କଣ୍ଟାକୁ ବାହାର କରି ଦିଆଯାଉ କିମ୍ବା ରତ୍ନାକୁ ନେଇ ସେ ପଳାଇଯାଉ। ନହେଲେ ରତ୍ନାକୁ ମନରୁ ବାହାର କରି ଦିଆଯାଉ। ସେ ଜାଣିପାରୁ ନ ଥିଲା ଯେ କିପରି କ'ଣ କରିବି ?

ଦୁଇଦିନ ହୋଇଗଲା। ନଦୀରୁ ପାଣି କମୁନଥିଲା। କାଟ ଗାଁ ପୋଖରୀର ପାଣି ନଦୀରେ ଛାଡ଼ି ଦିଆ ଯାଇଥିଲା। ବହୁତ ବର୍ଷା ଯୋଗୁଁ ପୋଖରୀରେ ବିପଦ ସୃଷ୍ଟି ହୋଇଥିଲା। ଏଥିପାଇଁ ପୋଖରୀର ପାଣିକୁ ନଦୀରେ ଛାଡ଼ି ଦିଆଯାଇଥିଲା। ନଦୀର ପାଣି ବେକାବୁ ହୋଇ ବଢୁଥାଏ। ଆଜି ମୁଁ ଆଉ ରତ୍ନା ସବୁଦିନ ପାଇଁ ନଦୀକୁ ବିଦାୟ କହିଥାଆନ୍ତୁ।

ଅନ୍ଧାର ଚାରିଆଡ଼େ ମାଡ଼ିଗଲା। ମୁଁ କାନ୍ଦି - କାନ୍ଦି ଘରୁ ବିଦାୟ ନେଲି। ମା' ରୋଷେଇ କରୁଥାଏ। ରତ୍ନା ଘରେ ଦେଖାଯାଉ ନଥିଲା। ସେ କେବେଠାରୁ ନଦୀ କୁଳରେ ପହଞ୍ଚି ଯାଇଥିବ। ଚାଷ ଜମିରେ ପଶି ମୁଁ ମଧ୍ୟ ନଦୀ କୂଳକୁ ଯାଉଥିଲି।

ନଦୀରେ କଳା ପାଣି ବହିଯାଉଥିଲା। ଚାରିଆଡ଼େ ଅନ୍ଧାର ଘୋଟି ଯାଇଥିଲା। ମୁଁ ବିଚଳିତ ହୋଇ ନଶ୍ଚିତ ସ୍ଥାନରେ ପହଞ୍ଚିଗଲି। କିଛି ସମୟ ପାଇଁ ମୁଁ କିଛି ବୁଝି ପାରିଲି ନାହିଁ। ଗଣା ରତ୍ନାକୁ ଧରି ପକାଇଥିଲା। ରତ୍ନା ପ୍ରତିରୋଧ କରୁଥାଏ। ଗଣା ରତ୍ନାକୁ ଲାତ ଆଉ ମୁଖି ମାରୁଥାଏ। ମୋ ଲୁହ ନିଆଁ ହୋଇଗଲା। ମୁଁ ନଦୀର ବନ୍ୟା ପରି ଗଣାକୁ ଆକ୍ରମଣ କଲି। ସମସ୍ତ ଶକ୍ତି ଲଗାଇ ତାକୁ ଭୂଇଁରେ ପକାଇ ଦେଲି। ତା' ବେକରେ ପାଦରଖି ଚାପିବାରେ ଲାଗିଲି। ଗଣା ଛଟପଟହେବାରେ ଲାଗିଲା। ଅନ୍ଧାରରେ ସେ କମ୍ପୁଥିଲା। ଆଉ ତାହା ସହିତ ମୋ ପାଦମଧତା' ବେକକୁ ଆହୁରି ଜୋରରେ ମାଡୁଥାଏ। ମୋ ପାଦର ପ୍ରଚଣ୍ଡ ବନ୍ୟାରେ ଶକ୍ତି ଆସିଗଲା। ରତ୍ନା ରାତିପରି ଠିଆ ହୋଇଥାଏ। ଗଣାର ଛଟ୍‌ପଟ୍ ବନ୍ଦ ହୋଇଗଲା। ତାହାର ଦୁଇ ପାଦକୁଧରି ମୁଁ ନଦୀର ବନ୍ୟାରେ ହଯାଇ ଦେଲି। ଏବେ ତାହାର ଶବ ଭାଷି ଭାଷି ତଳ ଆଡକୁ ଚାଲିଯିବ। କେଉଁଠି ଅନାଥ ଶବର ପଞ୍ଚନାମା ହୋଇଯିବ।

ଗୋଟିଏ ଅନ୍ଧକାର ରାତିରେ ସବୁଦିନ ପାଇଁ ହଜିଯାଇଥିଲା ଗଣା।

ନଦୀର ଧାରାରେ ଶ୍ରୋତ ପ୍ରଖର ହେବାରେ ଲାଗିଲା। ପାଣି କଳ କଳ କରି ବହିଯାଉଥାଏ। ମୁଁ ରତ୍ନାକୁ ନିଜ ପାଖକୁ ଟାଣି ଆଣିଲି। ଛାତିରେ ଲଗାଇ ବାହୁରେ ବନ୍ଧନ କରିଦେଲି। ନଦୀକୂଳରେ ରତ୍ନାର ମା ଦେଖାଗଲେ। ତାଙ୍କ ପଛେ ପଛେ ମୋ ମା' ମଧ୍ୟ ଦେଖାଗଲେ। ମୁଁ ବୁଝି ପାରିଲି ନାହିଁ ରତ୍ନାର ମା'ଙ୍କ ପାଖକୁ ଆସିଗଲୁ କିପରି ?

ଏହି ଝିଅ ତ ତୋ ପାଇଁ ଜନ୍ମ ହୋଇଛି। ତୁମେ ଦୁଇଜଣ ଆରାମରେ ରୁହ। ଗଣାର ଡରରେ ତୁମ ଦୁଇ ଜଣଙ୍କୁ ମୁଁ କଷ୍ଟ ଦେଇଛି।

ପାଣିର କଳକଳ ଶବ୍ଦ ସ୍ପଷ୍ଟ ଭାବେ ଶୁଣା ଯାଉଥିଲା।

ଆମେ ନଦୀରୁ ଘରକୁ ଫେରି ଆସିଲୁ। ତେବେ ପୁଣି ଥରେ ଗଣାର ଶବ ମନେ ପଡ଼ିଗଲା। ଏବେ ତାହା ଭାସି ଭାସି କୁଆଡ଼େ ପହଞ୍ଚି ଯାଇଥିବ ?

*ଘରନ: ଏଲ.ବି/୪୧୨*
*ଭୀମଟାଙ୍ଗି ହାଉସିଂ ବୋର୍ଡ କଲୋନୀ*
*ଭୁବନେଶ୍ୱର - ୭୫୧୦୦୨*
*ଦୂରଭାଷ: ୯୪୩୯୯୦୬୯୨୯*



# ବିଜୟିନୀ

## ରାଜଲକ୍ଷ୍ମୀ ଦାଶ

ସବୁ ଫୁଲର ସ୍ନିଗ୍ଧତା, କୋମଳତା ତଥା ସୌରଭକୁ ଯଦି ଗୋଟିଏ ଛବି ଆଙ୍କିଦିଆଯାଏ, ତା' ହେଲେ ତା' ନାଁ ହୁଏତ ହେବ ପ୍ରୀତିପଦ୍ମା। ପଦ୍ମପାଖୁଡ଼ା ଭଳି ଆୟତ ଦୁଇ ନୟନର ଲାବଣ୍ୟ, ନୀଳ କଇଁ ପରି ସୌମ୍ୟ ଶ୍ୟାମଳବରଣ ତନୁଶ୍ରୀ, ଆଞ୍ଜୁଳାଏ ମଲ୍ଲିଫୁଲ ଭଳି ଚେନାଏ ହସ, ପଳାଶ ପାଖୁଡ଼ା ପରି ରକ୍ତିମ ଓଠ, ଏଇ ସବୁର ସମାହାର କେବଳ ପ୍ରୀତି ତାହାହିଁ ହୋଇପାରେ। ସେଇଥିପାଇଁ ତ ବାପା ବୋଉ ଆଦରରେ ତା ନାଁ ଦେଇଥିଲେ ପ୍ରୀତିପଦ୍ମା।

କିନ୍ତୁ ହାୟ ... ପ୍ରୀତିପଦ୍ମା ତା' ବାପା ବୋଉଙ୍କ ଛଡ଼ା ଆଉ କାହାରି ଆଦରର ଧନମଣି ହୋଇପାରିଲା ନାହିଁ। ତା'ର ସେଇ ଗଭୀର ନୀଳଚକ୍ଷୁର ଇତିହାସ କି ଶ୍ୟାମଳବରଣ ତନୁର ଭୂଗୋଳ ପଢ଼ିବାକୁ କେହି ବି ଆଗେଇ ଆସିଲେ ନାହିଁ। ରକ୍ତଜବାସମ ଓଠ ତା'ର କେଉଁ କବି ମନରେ କମ୍ପନ ତୋଳିଲା ନାହିଁ କି ତା'ର ଘନମେଘ କେଶରାଶି କେଉଁଭାବୁକ ମନକୁ ବିଚଳିତ କରି ପାରିଲା ନାହିଁ। ସେ ସେମିତି ହିଁ ରହିଗଲା ସତେ ଯେମିତି ଅଛୁତ କନ୍ୟାଟିଏ। ତା'କୁ ଛୁଇଁଲେ ବା ନିଜର କଲେ ହୁଏତ ଦୁନିଆଯାକର ପାପ ଲାଗି ଯାଇପାରେ।

ପ୍ରୀତିପଦ୍ମା, ଶ୍ରଦ୍ଧା ନାମ ପ୍ରୀତି, ପାଞ୍ଚ ଭାଇଭଉଣୀଙ୍କ ଭିତରେ ସବୁଠୁ ବଡ଼। ଜନ୍ମବେଳେ ତା'ର ଚେହେରାର ରଂଗ ଦେଖି ପାଖରେ ଥିବା ସ୍ତ୍ରୀ ଲୋକମାନେ ମୁହଁ ମୋଡ଼ି ଦେଇଥିଲେ। ତା'ର ବୋଉ ପାଖରେ କୁଆଡ଼େ କଥା ହେଉଥିଲେ, ବିଷ୍ଣୁକୋଳରେ ଏଇଟା କୁଆଡୁ ଆସିଲାମ। ବିଷ୍ଣୁର ଚେହେରାରୁ ତ କାଣିଚାଏ ଆଣିଲାନି। ଭିଣୋଇଙ୍କ ଚେହେରାରୁ ସବୁତକ ରଂଗ ଚୋରୀ କରି ନେଇ ଆସିଲା। ଯାହା କହ ବଉଳ, ଏ ରଂଗୁଡ଼ିଆ ଦେହ ବଡ଼ ହେଲେ କଳା କିଟିକିଟି ହୋଇଯିବ। ବିଷ୍ଣୁ ଏହାର ବାହାଘର କରିବାକୁ ଯାଇ ବହୁତ ଧନ୍ଦି ହୋଇଯିବ। ପୁଅଟାଏ ଭଲା ହୋଇଥାନ୍ତା ...।

ଆଉ ଜଣେ କିଏ କହିଥିଲା, ସବୁ ଭଗବାନଙ୍କ ବରାଦ ଲୋ ମା, ନ ହେଲେ ଏତେ ସୁନ୍ଦର ମା' ପେଟରୁ ଏଇ ଲୋତରି କୋତରିଟା କୁଆଡୁ ଆସିଲା ? ହେଉ, ଯିଏ ଦେଇଚି ସିଏ ସମ୍ଭାଳିବ ନାଇଁକି ? ଆମେ କାହିଁକି ସେ କଥା ଚିନ୍ତା କରିବା ? ସତରେ ସେ କୁଆଡ଼େ ଏମିତି ହୋଇଥିଲା ଯେ ବୋଉର ଝିଅ ସେ ବୋଲି କେହି ବିଶ୍ୱାସ କରିପାରୁନଥିଲେ। ତା' ବୋଉ ବିଷ୍ଣୁପ୍ରିୟା ଭାରି ସୁନ୍ଦର, ଗୋରୀ, ଦେଖିବାକୁ ଗୋଟିଏ ଚାଉଳରେ ଗଢ଼ା। ସେ କୁଆଡ଼େ ପତଳା, ଶୁଖିଲା, କେଞ୍ଚୁଆଟେ ପରି ଦେଖାଯାଉଥିଲା। ତା' ବାପା କଳା ସିନା, ଗଢ଼ଣ ଅସୁନ୍ଦର ନୁହଁ। ତଥାପି ତା' ଭିତରେ କୁଆଡ଼େ ଜେଜେବୋପାଙ୍କର ଅସନା ରୂପର ଛାପ ପଡ଼ିଥିଲା। ଜେଜେବାପା କୁଆଡ଼େ ସେତେଟା ସୁନ୍ଦର ନଥିଲେ। ପ୍ରୀତିପଦ୍ମାର ଏବେ ବି ବେଳେ ବେଳେ ରାଗହୁଏ ଜେଜେବାପାଙ୍କ ଉପରେ। ସେ ବୁଢ଼ା ଲାଗି ସିନା ତା ଚେହେରା ଏମିତି ହେଲା। ହେଲେ ଜେଜେବାପା କୁଆଡ଼େ ସମସ୍ତଙ୍କଠୁ ତାକୁ ହିଁ ବେଶୀ ଭଲ ପାଉଥିଲେ। ତାଙ୍କର ଝାପସାଳିଆ ଚେହେରା ଟିକେ ଟିକେ ତା'ର ମନେ ଅଛି। ସେ ଚାରି ପାଞ୍ଚ ବର୍ଷର ହୋଇଥିଲା ବୋଧେ, ଜେଜେବାପାଙ୍କର କାଳ ହୋଇଯାଇଥିଲା।

ହଁ .... ତା' ଜନ୍ମଦିନ ଅନ୍ତୁଡ଼ିଶାଳରେ ଅନ୍ୟମାନଙ୍କ କଥାର ଜବାବ ଦେବାକୁ ଯାଇ ବୋଉ କହିଥିଲା –ହଁ, କଳା ହେଉ କି ଅସୁନ୍ଦର ହେଉ, ତା'ରି ବାପାଙ୍କ ଦାନ ତ, ସେଇ ମୋର ଲକ୍ଷେ ଟଙ୍କା। ଭଗବାନ ତାକୁ ରୂପ ରଂଗ ନ ଦେଲେ ନାଇଁ, ଗୁଣବତୀଟିଏ କରି କୋଟି ପରମାୟୁ ଦେଇଦିଅନ୍ତୁ। ସେତିକି ମୋର ଲୋଡ଼ା। ପ୍ରୀତିପଦ୍ମା ଭାବେ। ବୋଉ ସେଦିନ ସେକଥା ତା' ପ୍ରତି ଦୟାଭାବ ନେଇ କହିଥିଲା। ନାଁ ସତରେ ତା' ହୃଦୟରେ ପ୍ରକୃତରେ ପ୍ରୀତିପଦ୍ମାର ଚେହେରା ପ୍ରତି କିଛି ବି ଆବିଳତା ନ ଥାଇ କହିଥିଲା। ଅଥବା ନ ପାଇଲେ ଅଙ୍ଗୁର କୋଳି ଖଟା ନ୍ୟାୟରେ ମନକୁ ବୁଝାଇବାକୁ ସେମିତି କହିଥିଲା କେଜାଣି। ଯେତେହେଲେ ବୋଉ ମଧ୍ୟ ଜଣେ ନାରୀ ତ। ତା' ପ୍ରଥମ ଭଲ ପାଇବାର ପ୍ରତୀକଟି ଯେମିତି ହେଉ ପଛେ ତାକୁ ହୁଏତ ଭଲ ଲାଗି ଥାଇପାରେ। ସେଥିପାଇଁ ସେ ସେମିତି କହିଥିବ। ଏଗୁଡାକ ଭିତରୁ କେଉଁଟି ସତ ପ୍ରୀତିପଦ୍ମା ଜାଣିପାରେନି। ବୋଉକୁ ପଚାରିବାକୁ ମଧ୍ୟ ତା'ର ସାହସ ପାଏନି। ହଁ, ସେଗୁଡାକର ଦୀର୍ଘ ତିରିଶ ବର୍ଷ ପରେ ଆଉ କି ମୂଲ୍ୟ ଅଛି ଯେ... ?

ସେଇ ପ୍ରୀତିପଦ୍ମା ଧୀରେ ଧୀରେ ବିକଶିତ ହୋଇଥିଲା ତା'ର ଶ୍ୟାମଳ ଶରୀର ନେଇ। ରଂଗରୂପ ନ ଥିଲେ କ'ଣ ହେବ, ତା' ଶରୀରରେ ଏକ ସ୍ନିଗ୍ଧ ଲାବଣ୍ୟର ଆଭା ଫୁଟି ଉଠୁଥିଲା। ତା'ର କିନ୍ତୁ ଥିଲା ପ୍ରଖର ବୁଦ୍ଧି। ଖୁବ୍ ଶୀଘ୍ର ଯାହା ଶିଖାଇଲେ ଶିଖିଯାଉଥିଲା। ସେଇଟା କୁଆଡ଼େ ତା' ବାପାଙ୍କର ଲକ୍ଷଣ ବୋଲି ବାପାବୋଉ ଉଭୟେ କଥା ହୁଅନ୍ତି। ପ୍ରଥମ ଦୁଇ ତିନି ବର୍ଷ ତା'ର ଖୁବ୍ ମଜାରେ କଟିଥିଲା କାଳେ। ତା' ବାପା ଯେଉଁଠି ଯାହା ନୂଆ ଜିନିଷ ଦେଖୁଥିଲେ ତା' ପାଇଁ ସବୁନେଇ ଆସୁଥିଲେ। ତା'କୁ ଗେଲ କରି କହୁଥିଲେ ମୋ କଳାମାଣିକ ପାଇଁ ସବୁ ଆଣିଦେବି। ସିଏ ବି ଖୁବ୍ ଭଲ ପାଉଥିଲା। ବାପାଙ୍କ ସହିତ ବୁଲିବା ପାଇଁ, ତାଙ୍କଠୁ ନାନାବାୟା ଗୀତ ଶୁଣିବା ପାଇଁ ବୁଢ଼ୀ ଅସୁରୁଣୀ ଗପ କହିବା ପାଇଁ ଅନ୍ୟ ପିଲାଙ୍କ ଭଳି ଅଳି କରୁଥିଲା। ହେଲେ ବାପା ତାକୁ ଜେଜେବାପାଙ୍କ ଆଡକୁ ଦେଖାଇ ଦେଇ ନିଜେ ଖସି ଯାଉଥିଲେ ତା' ହାବୁଡରୁ।

ଧିରେ ଧିରେ ସେ ବଡ଼ ହେଲା। ସ୍କୁଲରେ ତା' ନାଁ ଲେଖାହେଲା। ସିଏ ଭଲ ପଢୁଥିଲା। ଭଲ ଗୀତ ବୋଲୁଥିଲା ଓ ଭଲ ଛବି ବି ଆଙ୍କୁଥିଲା। ସବୁ ସହପାଠୀଙ୍କ ଭିତରେ ଆଗୁଆ ଥିଲା ସେ। ବାର୍ଷିକ ଉତ୍ସବରେ ସ୍କୁଲରୁ ଅଧେ ପୁରସ୍କାର ତାଙ୍କ ଘରକୁ ଚାଲି ଆସୁଥିଲା। ଶିକ୍ଷକମାନେ ତାକୁ ଭଲ ପାଉଥିଲେ। ପଦ୍ମାକୁ ବେଶୀ ଖୁସି ଲାଗୁଥିଲା। ହେଲେ ଟିକିଏ କାହା ସହିତ କଳି ହେଲେ ତା' ସାଙ୍ଗମାନେ ତାକୁ କାଳୀ କୋତରୀ, ଆମ୍ବିଲୁତୁରି, ଚେପଟି ନାକି ଅସନି କହି ଗାଳି ଦେଉଥିଲେ। ସେତେବେଳେ ତାକୁ ବେଶୀ କଷ୍ଟ ଲାଗୁଥିଲା। ସେ ଆଉ କିଛି କହି ନ ପାରି ଚୁପ୍‌ଚାପ୍ ଗୋଟିଏ ଜାଗାରେ ବସି ପଡ଼ି କାନ୍ଦୁଥିଲା। କେବଳ ଗୋଟିଏ ଜିନିଷକୁ ତା'ର ସମସ୍ତେ ସୁନ୍ଦର ବୋଲି କହୁଥିଲେ। ସେଇଟା ହେଲା ତା'ର ଭସାଣିଆ, ଟଣାଟଣା, କଳାଭଅଁର ଆଖି ଯୋଡ଼ିକ। ସେତକ ହିଁ ତା'ର ଶରୀର ଭିତରେ ପ୍ରଶଂସାଯୋଗ୍ୟ ବସ୍ତୁ ଥିଲା ଯେପରି।

ୟୁ.ପି.ସ୍କୁଲ ବେଳର ଗୋଟିଏ ଘଟଣା ମନେପଡ଼ିଲେ ଏବେ ବି ପଦ୍ମାକୁ ହସମାଡ଼େ। ଛୁଟି ସମୟ। ତାଙ୍କ ସାହିର ପୁଅଝିଅ ସମସ୍ତେ କଣ୍ଢେଇଖେଳ ଖେଳୁଥାନ୍ତି। ପଦ୍ମା ମଧ୍ୟ ଖେଳୁଥାଏ। କଣ୍ଢେଇ ବାହାଘର ବେଳ ଆସିଲା। ସମସ୍ତେ କଣ୍ଢେଇମାନଙ୍କର ବାପାବୋଉ ହେବାକୁ ଯାଇ ଯୋଡ଼ି ଯୋଡ଼ି

ହୋଇଗଲେ। ପଦ୍ମା ଆଗତୁରା ଯାଇ ଅଂଶୁର ହାତ ଧରି ପକାଇ କହିଥିଲା ଆମେ ଦୁଇଜଣ ମୋ କଣ୍ଢେଇର ବାପା ବୋଉ ହେବୁ। ହେଲେ ଆଶୁ ତା' ହାତ ଛିଞ୍ଚାଡ଼ି ଦେଇ କହିଥିଲା, ନାଇଁ ନାଇଁ ତୁ କାଳୀମାତା, ତୋ ସାଙ୍ଗେ କିଏ ବାପା ହେବ। ମୋ ତଣ୍ଟି ଚିପିଦେଲୁ ଯଦି। ମୁଁ ଜ୍ୟୋତି ସହ ବାପା ହେବି। ତୁ ତୋ କଣ୍ଢେଇ ପାଇଁ ଆଉ କାହାକୁ ଖୋଜ। ତା' କଥାରେ ସମସ୍ତେ ହସି ଉଠିଥିଲେ। ଆଉ କିଏ ବି ବାପାର ଭୂମିକା ନେବାକୁ ସେଠି ନଥିଲେ। ଅଗତ୍ୟା କାନ୍ଦୁଣୁ ମାନ୍ଦୁଣୁ ହୋଇ ପଦ୍ମା ତା' କଣ୍ଢେଇ ସଜ ଧରି ସେଠୁ ଏକ ମୁହାଁ ହୋଇ ଘରକୁ ଚାଲିଆସିଥିଲା। ଏବେ ବି ଘଟଣାଟା ମନେ ପଡ଼ିଲେ ତା'କୁ ହସ ମାଡ଼ିବା ସଂଗେ ସଂଗେ ରାଗ ଆଉ ଲାଜ ବି ଲାଗେ। ଛି...ଛି... ତା' ରୂପଟା ତା'କୁ କ'ଣ କ'ଣ ନ ଶୁଣାଇଛି।

ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷାରେ ପ୍ରଥମ ଶ୍ରେଣୀରେ ପାଶ୍ କରି ପଦ୍ମା କଲେଜରେ ପଢ଼ିଲା। ବୟସର ଶୈଶବ ପାର ହୋଇ କେତେବେଳେ ଯେ ତା' ଶ୍ୟାମଳ ତନୁରେ ବସନ୍ତର ଛିଟିକା ଲାଗିଗଲା, ତାହା ସେ ଜାଣି ପାରି ନଥିଲା। ତା' ତଳେ ଆଉ ଚାରି ଭାଇଭଉଣୀ। ତା' ପରି କିଏ ଏତେ କଳା ଓ ଅସୁନ୍ଦର ନୁହଁନ୍ତି। ପଦ୍ମାର ବୟସ ବଢ଼ିବା ସାଥେ ସାଥେ ବାପା ବୋଉ ମଧ୍ୟ ଚିନ୍ତା କରି ବସନ୍ତି ତା'ର ଭବିଷ୍ୟତ କଥା। ସତେ କ'ଣ ପଦ୍ମା ପାଇଁ ଭଲ ବରଟିଏ ମିଳିବ ?

ପଦ୍ମାର କିନ୍ତୁ ସେ ଆଡକୁ ଚିନ୍ତା କି ନଜର ନଥାଏ। ତା'ର ଲକ୍ଷ୍ୟ ଏକା ପଢ଼ିବାରେ। ସିଏ ବଡ଼ ହୋଇ ଡାକ୍ତରାଣୀଟିଏ ହେବାର ସ୍ୱପ୍ନ କୁଆଡ଼େ ତା' ଜେଜେବାପା ଦେଖିଥିଲେ। ବାପା ବି ମନେ ମନେ ସେଇଆ ଚାହୁଁଥିଲେ। ସମସ୍ତଙ୍କ ଇଚ୍ଛା ପୂରଣ କରିବାକୁ ଯାଇ ପଦ୍ମା ସାଇନ୍ସ ନେଇ ପଢ଼ିଲା। ହେଲେ ତା'ର ଦୁର୍ଯୋଗର ଦିନ ସେତେବେଳକୁ ଆରମ୍ଭ ହୋଇଯାଇଥାଏ। ଦୁଇ ଦୁଇଥର ମେଡିକାଲ ଏଣ୍ଟ୍ରାନ୍ସ ଦେଇ ପରୀକ୍ଷାରେ ଭଲ କରି ମଧ୍ୟ କାହିଁକି ସିଏ କୃତକାର୍ଯ୍ୟ ହୋଇପାରିଲା ନାହିଁ ସେଥିରେ। ଅଗତ୍ୟା ସେ ବି.ଏସ.ସି ପଢ଼ି ଡିଗ୍ରୀ ପରୀକ୍ଷାରେ ପାଶ୍ କରି ଗ୍ରାଜୁଏଟ ହେଲା।

ସେତେବେଳକୁ ଅନ୍ୟ ବୟସର ଝିଅମାନଙ୍କ ଭଳି ତା'ର ବି ବାହାଘର ପାଇଁ କନ୍ୟାଦେଖା ପର୍ବ ବି ଆରମ୍ଭ ହୋଇଯାଇଥାଏ। ଝିଅଟାଏ ଅଛି ଶୁଣି ସମସ୍ତେ ଆସନ୍ତି, ଦେଖନ୍ତି, ଖିଆପିଆ କରି ଚାଲିଯାଆନ୍ତି। ଚିଠିରେ ବା ମଧ୍ୟସ୍ଥି ହାତରେ ନାଇଁ କରି ଦିଅନ୍ତି। ପ୍ରୀତିପଦ୍ମା କାହାର ବି ପସନ୍ଦ ହୁଏ ନାହିଁ। ବାପା ବୋଉଙ୍କର ମନ ଭାଙ୍ଗିଯାଏ।

ପିଲାଦିନର ଖେଳସାଥୀ ଅଂଶୁମାନ ତା'ଠାରୁ ଦୁଇବର୍ଷ ସିନିଅର। ସେ ମଧ୍ୟ ସାଇନ୍ସ ପଢୁଥିଲା। ଇଂଜିନିୟରିଂ କଲେଜରେ ସିଟ୍ ପାଇ ଆଇ.ଆଇ.ଟି ଖଡ଼ଗପୁର ଚାଲିଗଲା। ତାଙ୍କ ଘରର ଅବସ୍ଥା ସେତେ ସ୍ୱଚ୍ଛଳ ନୁହେଁ। ବେଳେବେଳେ ତା'ର ବିଧବା ମାଆ ପଦ୍ମାର ବାପାଙ୍କଠାରୁ ସବୁ ପ୍ରକାରର ସାହାଯ୍ୟ ନେଇଥାଆନ୍ତି। ତାଙ୍କ ଘରକୁ ଗଲା ଆସିଲା ବେଳେ ପ୍ରୀତିପଦ୍ମାର ପ୍ରଶଂସା କରନ୍ତି। ତା' ରଂଗ ରୂପକୁ କୃଷ୍ଣଙ୍କ ସହ ତୁଳନା କରି ତାକୁ ଗେଲ କରିଦିଅନ୍ତି, ସତେ ଅବା ସିଏ ବି ତା ବାପା ବୋଉଙ୍କ ଭଳି ତା' ରଂଗ ରୂପକୁ ନଜର ନଦେଇ ତା' ଗୁଣର ଖିଆଲ କରୁଛନ୍ତି। ପଦ୍ମାର ବି.ଏସ.ସି ସରିବା ବର୍ଷ ଅଂଶୁର ଇଂଜିନିୟରିଂ ପଢ଼ା ସରିଗଲା। ଲଣ୍ଡନରୁ ଆସିଥିବା କେତୋଟି ଫେଲୋସିପ୍ ପାଇଁ ସେ ଯୋଗ୍ୟ ବିବେଚିତ ହୋଇଥିଲା। ସେଥିପାଇଁ ଖର୍ଚ୍ଚର ଅଧା ନିଜେ ପ୍ରାର୍ଥୀଙ୍କୁ ବହନ କରିବାକୁ ପଡ଼ିବ। ଅଂଶୁ ବ୍ୟସ୍ତ ହେଉଥିଲା, ଘରୁ ଯଦି ଟଙ୍କା ଯୋଗାଡ଼ ହୋଇନପାରେ ତେବେ ଏତେବଡ଼ ସୁଯୋଗଟା ହାତଛଡ଼ା ହୋଇଯିବ। ତା' ପରେ ପାଠପଢ଼ା ସାରି ଘରେ ବସିଲେ କ'ଣ କରିବ ? ତାକୁ ଯେମିତି ହେଉ ଚାକିରୀଟାଏ ଖୋଜିବାକୁ ପଡ଼ିବ। ହେଲେ ଲଣ୍ଡନ ଆସିବା ପାଇଁ କେଉଁଠୁ ଆସିବ ଏତେ ଗୁଡ଼ାଏ ଟଙ୍କା ? ଅଂଶୁ ମନମରା ହୋଇଯାଏ।

ଖବର ପାଇ ପ୍ରୀତିପଦ୍ମାର ବାପା ଅଂଶୁର ମା'କୁ ଡକାଇ ପଠାଇଥିଲେ। ତାଙ୍କର ଆଶା ଥିଲା, ଅଂଶୁର ଆବଶ୍ୟକତା ପୂରଣ କରିପାରିଲେ ହୁଏତ ପ୍ରତିବଦଳରେ ପ୍ରୀତିପଦ୍ମା ତାଙ୍କ ଘରକୁ ଉଠିଯାଇପାରେ। ସିଏବି ତ ପଦ୍ମାକୁ ଭଲ ପାଆନ୍ତି। ମନା କରିବେ ନାଇଁ ବୋଧେ। ଅଚାନକ ପଦ୍ମାର ବିବାହ ପାଇଁ ସୁଯୋଗଟେ ଆସିଥିବାରୁ ତା' ବାପା ଖୁସି ହୋଇଥିଲେ। ଅଂଶୁର ମା' ମଧ୍ୟ ପ୍ରଥେମ ଟିକିଏ ଟିକିଏ ଆଗ୍ରହ ଦେଖାଇବାରୁ ବାପାଙ୍କ ଖୁସି ଆଉ ଟିକେ ବଢ଼ିଯାଇଥିଲା। ପଦ୍ମାର ବି ଶୁଣି ଶୁଣି ଦେହମନ ରୋମାଞ୍ଚିତ ହେଉଥିଲା ଏକ ଅଜଣା ପୁଲକରେ। କାହାକୁ କିଛି ନକହିଲେ ମଧ୍ୟ ସେ ମନେ ମନେ ଭାବୁଥିଲା କଣ୍ଢେଇ ଖେଳରେ ସିନା ଆଶୁ ତା' ବର ହୋଇପାରିଲାନି, ହେଲେ ବାସ୍ତବ ଜୀବନରେ ତା'ରଇତ ହେବ। କିନ୍ତୁ କଣ୍ଢେଇ ଖେଳ ବେଳର ସେ ଘଟଣା ମନେ ପଡ଼ିଗଲେ ସେ ଡରି ଯାଉଥିଲା। ଅଂଶୁ କ'ଣ ସତରେ ତା'କୁ ପସନ୍ଦ କରିବ ? ତା' ମା'ଙ୍କ ଇଚ୍ଛାରେ ରାଜି ହେବ ପଦ୍ମାକୁ ବାହାହେବା ପାଇଁ ? ତା' ଆଶଙ୍କାକୁ ସତ୍ୟକରି କିଛିଦିନ ପରେ ବାପାଙ୍କର ଖୁସିର ଜୁଆର ଥମିଗଲା ହଠାତ୍। ଦିନେ ଅଂଶୁର ମା' ଆସି କହିଲେ, କିଛି ଭାବିବ ନାହିଁ ଭାଇ, ମୁଁ ସିନା ହଁ କରିଥିଲି, ହେଲେ ଅଂଶୁର ତା'ର ତ ପିଲାବେଳୁ ଅପଢ଼। ବାହାହେଲେ ପୁଣି କ'ଣ ହେବେ। ଜୀବନ ଯାକର କଥା। ସେମାନେ ଅଶାନ୍ତିରେ ରହିଲେ ଆମକୁ କ'ଣ ଭଲ ଲାଗିବ ? ସେ କଥା ସେ ଶୁଣାଇଦେଇ ଚାଲିଗଲେ। ଚାଲିଗଲେ ନାହିଁ ତ ତା' ବାପାଙ୍କ ଛାତି ଉପରେ ମାଡ଼ିଦଳି ଦେଇଗଲେ ଯେମିତି।

ପରେ କିନ୍ତୁ ଶୁଣିଲା ତା'ରି ସାଙ୍ଗର ବାପା ଅଧିକ ଟଙ୍କା ଓ ସବୁ ପ୍ରକାର ସାହାଯ୍ୟ ଦେବାର ଆଶା ଦେଖାଇବାରୁ ଅଂଶୁର ମା' ସେଇଠି ପଶିଯାଇ ଜ୍ୟୋତିସହ ଅଂଶୁର ବାହାଘର ପକ୍କା କରିଦେଲେ। ସତରେ ଲୋଭ କ'ଣ ନ କରିପାରେ ? ନ ହେଲେ ଲଣ୍ଡନଗାମୀ ସୁପୁତ୍ର ପାଇଁ ମାଟ୍ରିକ ଦୁଇଥର, ଆଇ.ଏ.ତିନି ଥର ଫେଲ ହୋଇ ପାଠ ଛାଡ଼ିଥିବା ଜ୍ୟୋତିର ଯୋଡ଼ି ! ଯା ହେଉ, ପିଲାଦିନର କଣ୍ଢେଇ ଖେଳର ଘଟଣାଟା ପ୍ରକାରାନ୍ତରେ ଯେ ଏମିତି ସତ ହୋଇଯିବ। ଏହା ପଦ୍ମାର ଧାରଣାର ବାହାରେ ଥିଲା। ସେତେବେଳକୁ ସିଏ ଭୁବନେଶ୍ୱରରେ ହଷ୍ଟେଲରେ ରହି ଏମ.ଏସ.ସି ପଢୁଥାଏ। ବୋଉର ଇଚ୍ଛା ନ ଥିଲେ ମଧ୍ୟ ବାପା ତା'ର ଉଚ୍ଚଶିକ୍ଷା ପାଇଁ ଜବରଦସ୍ତ ଆଗ୍ରହ ଦେଖାଉଥାନ୍ତି। ପାଠ ପଢ଼ା ସାରି ଭଲ ଚାକିରୀଟିଏ କଲେ ହୁଏତ ବରପାତ୍ର ଆସିପାରନ୍ତି। ନଚେତ ସେ ନିଜ ଗୋଡରେ ଅନ୍ତଃତ ଠିଆ ତ ହୋଇପାରିବ।

ଦିନ ପରେ ଦିନ ଗଡ଼ି ଚାଲେ। ପଦ୍ମାର ପାଠପଢ଼ା ଠିକ୍ ଭାବେ ଚାଲିଥାଏ। ବାହାଘର ପ୍ରସ୍ତାବ ଆସିବା କମିଯାଇଥିଲେ ମଧ୍ୟ ପୁରାପୁରି ବନ୍ଦ ହୋଇଯାଇନି। କଦବା କିମିତି ଗୋଟାଏ ଦୁଇଟା ଆସୁଛି। କେଉଁଟି ମନ ପାଉଛି ତ କୋଉଁଟି ମନ ପାଉନି। ମନ ପାଇବା ଗୁଡିକ ସେପଟରୁ ପସନ୍ଦ ହେଉନି କହି କଟିଯାଉଛି। ଅନେକ ଧରି ନେଲେଣି ଯେ ତା'କୁ ଆଉ ଭଲ ଚାକିରିଆ ବର ମିଳିବା ଅସମ୍ଭବ। ଥରେ ତ ଏମିତି ହୋଇଥିଲା ଯେ ତା' ସାଙ୍ଗରୁ ବି.ଏ.. ଫେଲ ହୋଇ ପଢ଼ାଛାଡ଼ି ବେପାର କରୁଥିବା ଆନନ୍ଦ ମଧ୍ୟ ତାଙ୍କ ଘରକୁ ପ୍ରସ୍ତାବ ପଠାଇଥିଲା। ଏକଥା ପରେ ଶୁଣି ପଦ୍ମା ମନେ ମନେ ଖୁବ୍ ଆଘାତ ପାଇଥିଲା। ତା'ରି ଅସନା ରଙ୍ଗରୂପ ଲାଗି ସିନା ଆନନ୍ଦ ଏତେ ବଡ଼ ସାହସ କରିପାରିଲା। ନ ହେଲେ ସିଏ କେଉଁଠି ଆଉ ଆନନ୍ଦ କେଉଁଠି ? ପିଲାବେଳେ ଇଂଲିଶ ବନାନ କହି ନପାରି କେତେଥର ପଦ୍ମା ହାତରୁ ସିଏ ଚାପଡ଼ା ଖାଇଛି।

ବେଳେବେଳେ ଆଇନା ସାମନାରେ ଠିଆ ହୋଇ ନିଜକୁ ନିଜେ ସେ ନୀରିକ୍ଷଣ କରେ। ନିଜ ଚେହେରା ତାକୁ ଏତେଟା ଖରାପ ଲାଗେନି। ତା'ଠୁ ଅସୁନ୍ଦରୀ ଝିଅମାନେ ସୁନ୍ଦରିଆ ବରମାନଙ୍କୁ ବାହା ହେବାର ସେ ଦେଖିଛି। ତା' ପାଖରେ ଏ କ'ଣ ଯେ ଅସୁବିଧାଟା ରହିଗଲା ସେ ବୁଝି ପାରେନି।

ଏମ.ଏସ..ସି ପଢ଼ା ସରିଲା। ନିଜ ଗୋଡ଼ରେ ନିଜେ ଠିଆ ହେବାର ପ୍ରୟାସ ଜାରି ରଖିଲା ପଦ୍ମା। ସିଲେକ୍ସନ ବୋର୍ଡର ଇଣ୍ଟରଭିଉ ସାମନା କରି ସେ କୃତକାର୍ଯ୍ୟ ହେଲା ଓ ଅଧ୍ୟାପିକା ଚାକିରିଟିଏ ପାଇ ଗୋଟିଏ ସରକାରୀ କଲେଜରେ ସେ ଜଏନ କଲା। ଥରେ ଛୁଟିରେ ଘରକୁ ଯାଇ ସେ ଶୁଣିଲା, ଅଂଶୁର ସ୍ତ୍ରୀ ଜ୍ୟୋତି ଆତ୍ମହତ୍ୟା କରିଛି। ବାହାଘର ପରଠାରୁ ହିଁ ଦୁହିଁଙ୍କ ଭିତରେ କୁଆଡ଼େ ଭଲ ପଡୁନଥିଲା। ଜ୍ୟୋତିର ରୁକ୍ଷ କଜିଆଖୋର ସ୍ୱଭାବ ଓ ସବୁବେଳେ ବାହାରେ ବୁଲିବା ମନୋବୃତ୍ତି ଯୋଗୁଁ

ତାଙ୍କ ଘରେ ସର୍ବଦା ଅଶାନ୍ତି ଲାଗି ରହିଥିଲା। ଲଣ୍ଡନରୁ ଫେରି ଅଂଶୁ ଜ୍ୟୋତିକୁ ନେଇ ସହରରେ ଅଲଗା ରହୁଥିଲା। ସେଥର ଗାଁକୁ କୌଣସି କାର୍ଯ୍ୟ ଉପଲକ୍ଷେ ଜ୍ୟୋତିକୁ ନେଇ ଯାଇଥିବା ବେଳେ ଜ୍ୟୋତିର ଶାଶୁ ସହ ଜୋରରେ କଜିଆହେଲା। ଜ୍ୟୋତି ମୁଣ୍ଡକୁ କ'ଣ ଢୁକିଲା କେଜାଣି, ରାତିରେ କୀଟନାଶକ ଖାଇ ସେ ଆତ୍ମହତ୍ୟା କରିଦେଲା।

ଖବର ଶୁଣି ପ୍ରୀତିପଦ୍ମା ସ୍ତବ୍ଧ ହୋଇଯାଇଥିଲା। ଏଇଥିପାଇଁ କ'ଣ ଜ୍ୟୋତିର ବାପା ଆଗୁଆ ଅଧିକ ଟଙ୍କା ଦେଇ ତା' ବାହାଘର ଠିକ୍ କରିଥିଲେ ? ଜାକଜମକରେ ବାହାଘର କରାଇଥିଲେ। ବିଚାରୀ, ଦୋଷ ଯାହାର ହେଉନା କାହିଁକି ବିବାହର ଜୁଇରେ ଜ୍ୟୋତି ହିଁ ଜୀବନ ବଳି ଦେଲା ନା। ଏଇଆ କ'ଣ ବିବାହର ସୁଖ ? ଛି...ଛି... ଦରକାର ନାଇଁ ତା'କୁ ଏ ପ୍ରକାର ସୁଖ।

ଚାକିରୀ କରିବାର ପାଞ୍ଚବର୍ଷ ବିତିଯାଇଛି ଏହା ମଧ୍ୟରେ। ହେଲେ ବାପା ଯେଉଁ ଆଶା କରିଥିଲେ ଚାକିରି ହେଲାପରେ କାଳେ ତା' ବାହାଘର ଠିକ୍ ହୋଇଯିବ, ସେଇ ଆଶା କିନ୍ତୁ ଶୂନ୍ୟରେ ମିଳାଇଗଲା ପରି ହେଲା। ପ୍ରୀତିପଦ୍ମା ମଧ ଜୀବନରେ ପ୍ରଥମ ଥର ପାଇଁ ତା' ତରଫରୁ ସ୍ୱପ୍ନଟିଏ ଦେଖିବା ଆରମ୍ଭ କରିଥିଲା। ସେଇଟା ବି ଭାଙ୍ଗି ଚୂରମାର ହୋଇଗଲା, ଯେଉଁଦିନ ସୁମିତ୍‌ଠାରୁ ସେ ନିରାଶ ହେଲା। ସୁମିତ୍ ତା'ର ସହକର୍ମୀ। ଏକା ସାଙ୍ଗରେ ଦୁହେଁ ସିଲେକ୍‌ସନ ବୋର୍ଡ ପରୀକ୍ଷା ଦେଇ ଚାକିରି କରିଥିଲେ। ସେଇଦିନଠୁ ପରିଚୟ ଓ ଆନ୍ତରିକ ଅନ୍ତରଂଗତା ରହି ଆସିଥିଲା। ଉଭୟେ ଉଭୟଙ୍କୁ ଆପଣାର ବନ୍ଧୁ ବୋଲି ବିଚାରକରୁଥିଲେ। ସେଇ ବନ୍ଧୁତ୍ୱକୁ ଚିରଦିନ ବିଜାୟ ରଖିବା ପାଇଁ ପଦ୍ମା ତରଫରୁ ତା'କୁ ଭଲ ପାଉଥିବା ଜଣେ ସିନିଅର ସହକର୍ମିଣୀ ଯେତେବେଳେ ସୁମିତ୍ ପାଖରେ କଥାଟା ଉଠାଇଲେ, ସୁମିତ ନିର୍ବିକାର ଭାବେ ଉତ୍ତର ଦେଇଥିଲା ଯେ ସେମାନେ ଆମ ଘରକୁ ଜାତକ ପଠାନ୍ତୁ। ଜାତକ ପଡ଼ିଲେ ଓ ଆମ ଘରେ କନ୍ୟା ପସନ୍ଦ ହେଲେ ମୋର କିଛି କହିବାର ନାହିଁ। ବାସ୍, ପଦ୍ମାର ସବୁ ସରାଗ ସେଇଠୁ ମରିଯାଇଥିଲା। ସେ ଆଉ ଜାତକ ପଠାଇବାର ଇଚ୍ଛାହିଁ ଦୂର କରିଦେଲା, କାରଣ ସିଏ ଜାଣିଥିଲା କନ୍ୟା କେବେବି ପସନ୍ଦ ହେବନି। ଆଉ ନିଜେ ସୁମିତ୍ ଯେତେବେଳେ ଯଦି ନିଜତ୍ୱହୀନ ଭଳି କହୁଛି, ତେବେ ତା'ଠାରୁ ଓ ତା' ପରିବାରଠାରୁ ଅଧିକ ଆଉ କ'ଣ ଆଶା କରାଯାଇପାରେ ? କ୍ଷୋଭରେ ମରିଯାଇଥିଲା ସେଦିନ ପଦ୍ମାର ମନ। ପୁଅମାନେ ଚାକିରୀଟାଏ କରିଦେଲେ ମନେମନେ ନିଜକୁ କ'ଣ ଭାବନ୍ତି କେଜାଣି ? ନିଜ ସହ ସମାନ ଚାକିରିଆ ଝିଅକୁ ବି ବାଛି ଥୋଇ ଦିଅନ୍ତି। ଚାକିରୀଟେ କରିଦେଲେ ବୋଲି ସେମାନଙ୍କର ରୂପଗୁଣ, ଚାରିଗୁଣ ମାଫ। ଆଉ ଝିଅଟାଏ ଯେତେବେଡ଼ ଚାକିରି କରି ଧନ ଦୌଲତ୍ କମେଇ ଦେଲେ ମଧ ସୌନ୍ଦର୍ଯ୍ୟର ମାପ ତଉଲ ବେଳେ କାଟ ଖାଇଯାଏ। ପଦ୍ମାର ମନେହେଉଥିଲା ଏମିତିଆ ପୁରୁଷମାନଙ୍କର ପୁରୁଷ ପଣିଆକୁ ଧିକ। ମଡଗର୍ବ ପୁରୁଷମାନେ ଯେଉଁମାନେ ରୂପର ବଶୀଭୂତ, ସେମାନେ କ'ଣ କାହାର ହୃଦୟ ଚିହ୍ନିବେ ? କାହିଁ ଏଯାଏ ତ କେହି ଚିହ୍ନିପାରିଲେ ନାଇଁ। ଅସୁନ୍ଦରୀ ପ୍ରୀତିପଦ୍ମାର ଶରୀର ଭିତରେ ସୁନ୍ଦର ସ୍ୱଚ୍ଛ ହୃଦୟଟାଏ ରହିଛି ବୋଲି ? ତା'ପରେ ବି ବହୁତ ଭଲ ଭଲ ପ୍ରସ୍ତାବ ଆସିଥିଲା ତା' ପାଖକୁ। ହେଲେ ପଦ୍ମା ଠିକ୍ କରିଛି ସିଏ ବିବାହ କରିବ ନାହିଁ। ତାକୁ ଯିଏ ପ୍ରସ୍ତାବ ପଠାଉଛି ହୁଏତ ସେ ତା' ଚାକିରି ପ୍ରତି ଆସକ୍ତ ହୋଇ ବାହାହେବାକୁ ଚାହୁଁଥିବ ? ସେମିତି ଲୋକଟିଏ ପାଖରୁ ସେ କ'ଣ ବା ସୁଖ ଆଶା କରିବ ? ଯେଉଁ ଦୁନିଆର ପୁରୁଷମାନେ ଆଜିଯାଏ ତା'ର ସୁନ୍ଦର ଗୁଣ ଓ ସ୍ୱଚ୍ଛ ମନଟାକୁ ଚିହ୍ନିପାରିଲେ ନାହିଁ, ଅସୁନ୍ଦରୀ କହି ଏଡାଇ ଆସିଲେ, ଆଜି କେଉଁ ଭରସାରେ ସେ ନିଜକୁ ସେମାନଙ୍କ ପାଖରେ ସମର୍ପି ଦେବ ? ସେତ ଏମିତିରେ ବେଶ୍ ଭଲରେ ଅଛି। ଦରକାର ନାହିଁ ତା'ର ବାହାଘର। ଦରକାର ନାହିଁ ତା'ର ସ୍ୱାମୀ ସହ ମନୋମାଳିନ୍ୟ, ଆଉ ଶେଷରେ ଜ୍ୟୋତି ଭଳି ଆତ୍ମହତ୍ୟା। ସେ ତା' ନିଜ ଭଳି ବଂଚିବାକୁ ଚାହେଁ। ନିଜ ଇଚ୍ଛାରେ ଜୀବନକୁ ଉପଭୋଗ କରିବାକୁ ଚାହେଁ। ବାପା ବୋଉଙ୍କୁ ମଧ ଏକଥା ସେ ରୋକ୍‌ଠୋକ୍ ଭାବେ ଜଣାଇ ଦେଇଛି। ସେମାନେ ବିଫଳ ମନୋରଥ ହୋଇ ଚୁପ ହୋଇଯାଇଛନ୍ତି। କ'ଣ ବା କରିବେ ସେମାନେ ?

ତିନି ମାସ ହେବ ଏଇ ବଣୁଆ ଇଲାକାକୁ ଆସିଛି ପଦ୍ମା ବଦଳି ହୋଇ। ତା'ର ଏଇ ବଦଳି ବେଳେ ସମସ୍ତେ ତା'କୁ ମନା କରୁଥିଲେ ଏଠିକି ଆସିବା ପାଇଁ। ଧରାଧରି କରି ବଦଳି ବନ୍ଦ କରିଦେବାକୁ କହିଥିଲେ। ହେଲେ ସିଏ ମାନିଲା ନାହିଁ, ଚାଲିଆସିଲା। ସତରେ ଏ ଅଞ୍ଚଳରେ ସବୁଜ ବନାନୀର ମାୟା ତା'କୁ କେଉଁ ଏକ ଦୁର୍ବାର ଆକର୍ଷଣରେ ମୋହାଚ୍ଛନ୍ନ କରି ରଖିଛି। ସେ ନିଜେ ବି ଜାଣିପାରୁନାହିଁ। ଏଠାକାର ପରିବେଶ ଭିତରେ ନିଜକୁ ହଜାଇ ଦେଇ ତା'କୁ ଖୁବ୍ ଭଲ ଲାଗୁଛି।

ଦୁଇଦିନ ତଳେ ଅଂଶୁମାନଠାରୁ ଚିଠିଟିଏ ଆସିଛି। ସେ କେଉଁଠୁ ତା'ର ନୂଆ ଠିକଣା ପାଇଲା କେଜାଣି ? ବୋଧହୁଏ ଗାଁକୁ ଯାଇଥିବା ବେଳେ ସେଠି କାହାଠୁ ଶୁଣି ତା' ପରେ ଚିଠି ଦେଇଛି।

ଅଂଶୁ ଲେଖିଛି: ପଦ୍ମା ତମେ ତ ଶୁଣିଥିବ ଜ୍ୟୋତିର ମୃତ୍ୟୁ କଥା। ପ୍ରକୃତରେ ମୁଁ ତା'କୁ ବାହା ହେବାକୁ ଚାହିଁ ନ ଥିଲି। ତୁମ ପାଇଁ ମୋର ଇଚ୍ଛା ଥିଲା। ତୁମ ସୁନ୍ଦର ଆଖି ଦୁଇଟିର ପ୍ରେମରେ ମୁଁ ପଡ଼ିଯାଇଥିଲି। ହେଲେ ବୋଉ ଡରରେ ଓ ପରିସ୍ଥିତିର ଚାପରେ ପଡ଼ି ଶେଷ ପର୍ଯ୍ୟନ୍ତ ମୁହଁ ଖୋଲି କିଛି କହିପାରିନଥିଲି। ଜ୍ୟୋତି ପରେ ମୁଁ ସମ୍ପୂର୍ଣ୍ଣ ଏକାକୀ। ତୁମେ ସେ ଶୂନ୍ୟସ୍ଥାନ ପୂରଣ କରିପାରିଲେ ମୁଁ ଖୁସି ହେବି। ଆଶା କରେ ମୋର ଅନୁରୋଧ ରଖିବ। ତୁମର ସେ ଗଭୀର ନୀଳ ଆଖି ଦୁଇଟିରେ ମନ ଭରି ସ୍ୱପ୍ନ ଦେଖିବାର ସୁଯୋଗ ମତେ ଦେବ। ଶୀଘ୍ର ମତାମତ ଜଣାଇବ।

ଅଂଶୁ ହୁଏତ ଭାବିଥିବ, ପଦ୍ମା ତା' ଚିଠି ପାଇ ଖୁସିରେ ଉଛୁଳି ଉଠି ରାଜି ହୋଇଯିବ ଓ ଧନାତ୍ମକ ଇଚ୍ଛାଟିଏ ଜଣାଇ ତା'କୁ ଉତ୍ତର ଲେଖି ବସିବ।

ହଁ, ଉତ୍ତର ତ ଦେବାକୁ ହେବ। ଧନାତ୍ମକ ହେଉ କି ଋଣାତ୍ମକ ହେଉ। ଲେଟର ପ୍ୟାଡ୍ କାଢ଼ି ପଦ୍ମା ଉତ୍ତର ଲେଖିଲା - ଅଂଶୁ, ତୁମ ଚିଠି ପାଇଛି। ଜ୍ୟୋତିର ମୃତ୍ୟୁରେ ମୁଁ ଖୁବ୍ ଦୁଃଖିତ। ସେଥିପାଇଁ ତୁମକୁ ସମବେଦନା ଜଣାଉଛି। ହେଲେ କ୍ଷମା କରିବ, ତୁମ ଅନୁରୋଧ ରଖି ପାରିଲି ନାହିଁ। କାହାର ଶୂନ୍ୟସ୍ଥାନରେ ପ୍ରକ୍‌ସି ପକାଇବାକୁ ମତେ ଆଦୌ ଭଲ ଲାଗେ ନାହିଁ। ତେଣୁ ଜ୍ୟୋତିର ଅଭାବ ଦୂର କରିବାକୁ ତୁମେ ଆଉ କାହାର ସନ୍ଧାନ ନେଇପାର।

ଆଉ ରହିଲା ମୋ ଆଖିରେ ତୁମର ସ୍ୱପ୍ନ ଦେଖା କଥା। ଜାଣିଛ, ମୋ ଆଖି ଦୁଇଟା ଏତେ ବାସ୍ତବତା ଦେଖି ସାରିଲାଣି ଯେ ସେଥିରେ ସ୍ୱପ୍ନ ଖୋଜିବାକୁ ଗଲେ ତୁମକୁ ହତାଶ ହେବାକୁ ପଡ଼ିବ। ତା'ପରେ ଦେଖିବାକୁ ଗଲେ ମୋ ପାଖରେ ଏମିତି କିଛି ଶୂନ୍ୟସ୍ଥାନ ନାହିଁ ଯାହା ତୁମ ଦ୍ୱାରା ପୂରଣ ହୋଇପାରିବ। ମୁଁ ଖୁବ୍ ଖୁସିରେ ଅଛି। ଆଉ କେବେ ଚିଠି ଲେଖି ମତେ ଏମିତିକା ଅନୁରୋଧ କରିବ ନାହିଁ। ଧନ୍ୟବାଦ।

ପିଅନକୁ ଡାକି ଚିଠିଟା ପକାଇବାକୁ ଦେଇସାରିବା ପରେ ପ୍ରୀତିପଦ୍ମା ନିଜକୁ ବେଶ୍ ହାଲ୍‌କା ମନେ କରୁଥିଲା। କେରି କେରି ହୋଇ ପଠି ଉପରେ ଖେଳାଇ ହୋଇ ଯାଇଥିବା ଘନମେଘ କୁନ୍ତଳକୁ ଗୁଡ଼ାଇ ଗୁଡ଼ାଇ ସେ ଭାବୁଥିଲା, କିଏ କହେ ଅଂଶୁ ବିନା ପଦ୍ମାର କୌଣସି ପରିଚୟ ନାହିଁ ବୋଲି ? ଏଇତ, ସେ ଟିକକ ଆଗରୁ ଦେଖାଇ ଦେଇଛି ଯେ ଆଶୁ ବିନା ମଧ ପଦ୍ମାର ସ୍ଥିତି ସମ୍ଭବ। ପଦ୍ମାକୁ ସ୍ୱକୀୟ ଗୁଣର ଜ୍ୟୋତି ପ୍ରକାଶ କରିବା ପାଇଁ ଅଂଶୁର ସାହାଯ୍ୟ ଆଦୌ ଦରକାର ନାହିଁ। ସେ ସ୍ୱୟଂପ୍ରଭା। ସେ ସ୍ୱୟଂସିଦ୍ଧା, ନିଜ ପ୍ରତିଭାରେ ସ୍ୱ ଉଦ୍‌ଭାସିତା।

ପ୍ରୀତିପଦ୍ମାର ରକ୍ତଜବା ଓଠରେ ବିଜୟିନୀର ସରୁ ହସଟିଏ ଉକୁଟି ଉଠିଥିଲା।

*କ୍ୱାର୍ଟର ନଂ. ଆଇଭି -୯/୧,*
*ୟୁନିଟ -୧, ଭୁବନେଶ୍ୱର*
*ଦୂରଭାଷ: ୯୪୩୯୪୯୦୭୦୬*

# ଯାଜ୍ଞସେନୀର ଯୌତୁକ ଦାବୀ

## ମନୋଜ କୁମାର ଜେନା

ଯାଜ୍ଞସେନୀ ଜିଦ୍ ଧରି ବସିଛି। ଯେଉଁ ପୁଅ ଘର ତା' ବାପାଙ୍କୁ ପାଞ୍ଚ ଲକ୍ଷ ଟଙ୍କା ଯୌତୁକ ଦେବାକୁ ରାଜି ହେବେ, ତାକୁ ହିଁ ସେ ବିବାହ କରିବ।

ଯାଜ୍ଞସେନୀର ଏ ଅଭୂତପୂର୍ବ ସର୍ତ୍ତ ଶୁଣି ବାପା ସହଦେବ ମିଶ୍ର ଓ ମା'ସରୋଜିନୀ ଭାଙ୍ଗିପଡ଼ିଥିଲେ। ଦୁଶ୍ଚିନ୍ତାରେ ସାଇଁ ସାଇଁ ହୋଇ ସନ୍ତୁଳି ହୋଇଯାଇଥିଲେ। ଆଖିରେ ଆଖିଏ ଲୁହ ନେଇ ସରୋଜିନୀ ଯାଜ୍ଞସେନୀକୁ କହିଲେ – ତୁ ଏପରି ଜିଦ୍ କରନା ମାଆ। ଝିଅ ଘର ପୁଅ ଘରକୁ ଯୌତୁକ ଦିଅନ୍ତି। ଏହା କାଳକାଳରୁ ଚଳି ଆସୁଛି। ଏହା ହିଁ ସର୍ବସ୍ୱୀକୃତ ପରମ୍ପରା ଓ ସଂସ୍କୃତି। ତୁ କ'ଣ ଏପରି କହୁଛୁ ? ସାଇ ଭାଇ ଗାଁ ଲୋକେ ହସିବେ। ତୁ ସାରା ଜୀବନ ଅଭିଆଡ଼ୀ ହୋଇ ରହିଯିବୁ। ବିବାହ ବଜାରରେ ତୁ ବାଛନ୍ଦ ହୋଇଯିବୁ। ତତେ ହାତକୁ ଦି'ହାତ କଲେ ଆମ ମୁଣ୍ଡ ଟିକେ ଉଶ୍ୱାସ ହେବ ବୋଲି ଭାବି ଆମେ ଖୁସି ହେଉଥିଲୁ। ତୁ ଅଭିଆଡ଼ୀ ହୋଇ ରହିଲେ ଆମେ ଗାଁ ଦାଣ୍ଡରେ ବାଟ ଚାଲି ପାରିବୁନି, କାହାକୁ ମୁହଁ ଦେଖାଇ ପାରିବୁନି। ତୁ ଏଭଳି ଜିଦ୍ କରନା ମାଆ। ମୋ କଥା ରଖ। – କହିଲାବେଳେ ସରୋଜିନୀ ଗ୍ରୀଷ୍ମର ରୌଦ୍ରତାପରେ ଝାଉଁଳି ପଡ଼ିଥିବା ଫୁଲଟିଏ ପରି ଦିଶୁଥିଲେ ମ୍ଳାନ, ନିଷ୍ପ୍ରଭ। ତା'ପରେ ଯନ୍ତ୍ରଣା, ଜର୍ଜରିତ ସରୋଜିନୀଙ୍କର ଲୁହ ଟଳମଳ ଆଖିରୁ ବରକୋଳି ପରି ଦୁଇଟୋପା ଲୁହ ଖସିପଡ଼ିଲା। ତାଙ୍କ ଛାତିରେ କୋହ ଲହଡ଼ି ଭାଙ୍ଗୁଥିଲା।

ବୋଉର କାନ୍ଦୁରା ମୁହଁକୁ ଦେଖି ଆଶ୍ୱାସନା ଦେବାକୁ ଯାଇ ଯାଜ୍ଞସେନୀ କହିଲା – ବୋଉଲୋ, ତୋତେ ଓ ବାପାଙ୍କୁ ମୁଁ ହଇରାଣ କରିବାକୁ ଚାହେଁନା। ତୁମେ ଦୁଇଜଣ ଲୁହ ବୁହାଇ କେତେ କଷ୍ଟ କରି ଆମକୁ ମଣିଷ କରିଛ। ସଂଗ୍ରାମ, ସଂଘର୍ଷ ଓ ସଂଘାତ ଭିତରେ ତୁମ ଜୀବନରେ ଖୁସି ଓ ଆନନ୍ଦ ଏକ ଦୁର୍ଲଭ ପଦାର୍ଥ। ନିରୋଳାରେ କେହି କ୍ଷଣ ବସିଗଲେ ଆଖି ଆଗରେ ଝଲସି ଉଠେ ତୁମ ଲୁହ ଟଳମଳ ଆଖି, ଯାତନାର ଜଉଘରେ ଜଳୁଥିବା ତୁମ ଦୁଇପ୍ରାଣୀଙ୍କ ବେଦନା ବିଧୂର ଚିତ୍ରପଟ। ତୁମମାନଙ୍କର ମୁହଁରେ ପୋଷେ ତାଜା ହସ ଖେଳାଇବା ପାଇଁ ମୁଁ ସବୁବେଳେ ଉଦ୍ୟମ କରି ଆସିଛି। ମୁଁ କଥା ଦେଉଛି, ତୋ କଥା ରଖିବି। ଛଅମାସ ଭିତରେ ମୋର ଯୌତୁକ ଦାବୀକୁ ଯଦି କେହି ନ ମାନନ୍ତି, ତା'ପରେ ତୁ ଯେପରି ଚାହୁଁଛୁ, ମୋ ବାହାଘର ସେପରି ହେବ। ମୁଁ ପାଟି ଫିଟାଇବି ନାହିଁ।

ସରୋଜିନୀଙ୍କର ଫୁଲର ପାଖୁଡ଼ା ପରି ହୃଦୟ, ଚନ୍ଦ୍ରର ଆଲୋକ ପରି ମନ, ମହାନଦୀର ସ୍ରୋତ ପରି ଆବେଗ, ବର୍ଷାର ସଂଗୀତ ପରି ମାଧୁର୍ଯ୍ୟମୟ ହସ। ଯାଜ୍ଞସେନୀର ଆଶ୍ୱାସନାର କଥା ଶୁଣି ତାଙ୍କ ଓଠରେ ଉଇଁ ଆସିଥିଲା ହସ କେରାଏ ଦ୍ୱିତୀୟା ଜହ୍ନ ପରି। ମନେ ମନେ ଭାବିଲେ, ଅନୋଉ ଅନୋଉ ଛଅମାସ କୁଆଡ଼େ ଚାଲିଯିବ। ତା'ପରେ ଜମିବାଡ଼ି ବିକି ଝିଅଟିକୁ ବାହାଘର କରିଦେଲେ ଶାନ୍ତିରେ ଟିକେ ନିଶ୍ୱାସ ମାରିବେ।

ବୋଉ ଗଲାପରେ ଯାଜ୍ଞସେନୀ ଆଖି ଆଗରେ ବିଗତ ଦିନର ସ୍ମୃତି ବିହଙ୍ଗଟିଏ ହୋଇ କାକଳି ତୋଳି ତୋଳି ତା ଚାରିପଟେ ପଇଁତରା ମାରିବା ଆରମ୍ଭ କରିଦେଲା। ଯାଜ୍ଞସେନୀର ଥିଲା ନିମ୍ନ ମଧ୍ୟବିତ୍ତ ପରିବାର। ବାପା କୃଷିଜୀବି। ପାଞ୍ଚ ଏକର ଜମି ଚାଷ କରି ଯାହା ଅମଳ କରନ୍ତି ବର୍ଷଯାକ ଖାଇପିଇ ବଳକା ଧାନରେ ବାହାର ଖର୍ଚ୍ଚ କୌଣସି ମତେ ତୁଲାଇ ନିଅନ୍ତି। ଯାଜ୍ଞସେନୀ ହେଉଛି ସହଦେବଙ୍କର ବଡ଼ଝିଅ। ପୁଅଟି ସାନ। ଏଭଳି ୪ ଜଣଙ୍କୁ ନେଇ ସହଦେବଙ୍କର ଅଭାବୀ ସଂସାର।

ଯାଜ୍ଞସେନୀ ଥିଲା ହର୍ଷୋତ୍‌ଫୁଲ, ଚଳଚଞ୍ଚଳ, କୃତୀ ଛାତ୍ରୀ। ସ୍କୁଲର କ୍ରୀଡ଼ା, ନାଟକ, ନୃତ୍ୟ ସବୁ କାର୍ଯ୍ୟକ୍ରମରେ ସେ ଆଗୁସାର। ଗୋରା ନ ଥିଲେ ବି ସଜଫୁଟା ଗୋଲାପ ଭଳି ସେ ଥିଲା ଆକର୍ଷଣୀୟା। ଲାଜ ଓ ହସର ସମୀକରଣରେ ତା' ଚେହେରା ଶିଶିର ସିକ୍ତ ସୁମନ ପରି ଦେଖାଯାଏ ଲୋଭନୀୟ। ସ୍କୁଲ ପରେ ଗାଁ କଲେଜରେ ବି ଯାଜ୍ଞସେନୀ ଥିଲା ଅନନ୍ୟା। ବିଏ ପାଶ୍ କଲା ପରେ ବାପା ମାଆ ତାର ବାହାଘର ଯଥାଶୀଘ୍ର କରିବାପାଇଁ ତତ୍ପର ହୋଇଉଠିଲେ। ଝିଅ, ଘିଅ। ଶୀଘ୍ର ବାହାଘର ନ କଲେ ସାଇ ଭାଇ ଗାଁରେ ଟାହି ଟାପରା କରିବେ, ବାଟରେ ଚଲେଇ ଦେବନି। ଗାଁ ନିକଟବର୍ତ୍ତୀ ପାଞ୍ଚ ଖଣ୍ଡ ଗାଁରୁ ଆସିଲା ପାଞ୍ଚୋଟି ପ୍ରସ୍ତାବ। ସମସ୍ତେ ସମ୍ଭ୍ରାନ୍ତ, ଧନାଢ଼୍ୟ ପରିବାରର ସନ୍ତାନ। ବିଏ ପାଶ୍ ପରେ ବିଭିନ୍ନ ବ୍ୟବସାୟ କରି ଭଲ ଆୟ କରୁଛନ୍ତି। ସମସ୍ତଙ୍କ ଘରୁ ଲୋକମାନେ ସର୍ବଗୁଣସଂପନ୍ନା ଯାଜ୍ଞସେନୀକୁ ଦେଖିବାକୁ ଆସିଲେ। ତା'ର ସୌନ୍ଦର୍ଯ୍ୟ, ବୁଦ୍ଧିମତ୍ତା ଓ ବିନମ୍ର ବ୍ୟବହାରରେ ମୁଗ୍ଧ ହୋଇ ତାକୁ ବୋହୂ କରିବାକୁ ଆଗ୍ରହ ପ୍ରକାଶ କଲେ।

ଯାଜ୍ଞସେନୀର ପରିବାରରେ ଆନନ୍ଦର ଲହରୀ ଖେଳିଗଲା। ଯେତେବେଳେ ଦେବା ନେବା ବିଷୟରେ କଥାବାର୍ତ୍ତା ଚାଲିଲା, ସମସ୍ତେ ବଢ଼ାଇଦେଲେ ଯୌତୁକର ଲମ୍ବା ତାଲିକା। ତାକୁ ପୂରଣ କରିବାକୁ ଯାଜ୍ଞସେନୀର ବାପା ଛାତିଏ କୋହକୁ ଜାକି ନିଜର ଅକ୍ଷମତା ପ୍ରକାଶ କଲେ। ସେଦିନ ଥିଲା ଏକ ବେଦନା ଜର୍ଜରିତ ଦିନ। ସକାଳୁ ସଂଧ୍ୟା ମଧ୍ୟରେ ପାଞ୍ଚୋଟି ସ୍ଥାନରୁ ବାହାଘର ଭାଙ୍ଗିଯିବାର ଖବର ଆସି ପହଞ୍ଚିଲା। ଯାଜ୍ଞସେନୀର ବାପା ମାଆ ବ୍ୟସ୍ତ, ବିବ୍ରତ, ଚିନ୍ତାଗ୍ରସ୍ତ। ସମୁଦ୍ରର ଢେ଼ଉ ପରି ଅସ୍ଥିର ଓ ଉଦ୍‌ଗ୍ରୀବ। ଅନନ୍ୟୋପାୟ ହୋଇ ସବୁ ଜମି ବିକ୍ରି କରି କୌଣସିମତେ ଝିଅକୁ ବାହାଘର କରିବାକୁ ଅଣ୍ଟା ଭିଡ଼ିଲେ। ବେଶୀଦିନ ଝିଅକୁ ଘରେ ରଖିଲେ ସାଇଭାଇଙ୍କ ନିନ୍ଦା ଓ କଟାକ୍ଷ ଜୀଇଁ ଥାଉ ଥାଉ ସେମାନଙ୍କୁ ମାରି ପକାଇବ। ବାହାଘର ସରିଗଲେ ସେମାନେ ଶାନ୍ତିରେ ନିଃଶ୍ୱାସ ମାରିବେ। ମୁଣ୍ଡରୁ ପାହାଡ଼ ପରି ବୋଝଟା ଉତୁରିଗଲା ପରେ ଯେନତେନ ପ୍ରକାରେଣ ଜୀବନ ଚଳାଇନେବେ।

ସଞ୍ଜ ନଇଁ ଆସିଲା। ଅନ୍ଧାରମାନେ ଟୁପୁରୁ ଟୁପୁରୁ ହୋଇ କଥା କହିବା ଆରମ୍ଭ କଲେ। ଲାଜର ଓଢ଼ଣା ଫାଙ୍କରେ ଚାହିଁଥାନ୍ତି ତାରାମାନେ। ଯାଜ୍ଞସେନୀର ଆଖି ଚିରି ଝରିପଡ଼ିଲା କେଇ ଟୋପା ଲୁହ। ଭାବୁଥିଲା ଚିରକୁମାରୀ ହୋଇ ରହିଯିବ। କିନ୍ତୁ ସେ ଯେ ନାରୀ। ମୁହାଣ ମୋହରେ ଆଜନ୍ମ ପାଗଳିନୀ ତଟିନୀ। ସମୁଦ୍ର ପାଖରେ ସମର୍ପି ଦେବାପାଇଁ ଦେହ ଓ ମନରେ ଆକାଶମୟ ଆତୁରତା। ନା, ସେ ସବୁ ନଈପରି ସମୁଦ୍ରରେ ତା' ସତ୍ତା ହଜାଇ ଦେବନି। ବାଟ ମଝିରେ ଠିଆ ହୋଇ ମିଳାଇଯିବ ଅସରନ୍ତି ବାଲୁକା ଶେଯରେ।

ଯାଜ୍ଞସେନୀ ଠିଆ ହେଲା। ଦେହ ଓ ମନରେ ସଞ୍ଚରିଗଲା ଅଦମନୀୟ ଶକ୍ତି। ପରଦିନ ସକାଳେ ସେ

ଦୃଢ଼ ପ୍ରତିବାଦ କଲା। ଲୁହ ଜଡ଼ସଡ଼ ଆଖିରେ ବୋଉ କାନିରେ ଆଖି ପୋଛୁ ପୋଛୁ କହିଲା – ତୁ ସବୁ ଜମି ବିକିବାପାଇଁ ନିଷ୍ପତ୍ତି ନେ' ନା। ଆମ ପରିବାର ଅକାଳରେ ଭାସିଯିବ। ମୋତେ କୂଳରେ ଲଗାଇବାକୁ ଯାଇ ତୁମେମାନେ ହରାଇ ଦେବ କୂଳକିନାରା। ମଝି ନଈରେ ଭାସିଯିବ। ବାହାଘର ପରେ ଭାର ବେଭାରର ତାଲିକା ପହଞ୍ଚିଯିବ ତୋ ପାଖରେ। ବିନା ଚାଷ ଜମିରେ ତୁ କିପରି ସମ୍ଭାଳିବୁ ଏ ଦୁନିଆକୁ ? ଗୋଟିଏ ବୋଲି ସାନଭାଇ । ତାର ଭବିଷ୍ୟତ ଉଜୁଡ଼ିଯିବ। ଜମି ପାଞ୍ଚ ଏକର ଆମକୁ ଦାନା, ଦେହକୁ କନା ଦେଉଛି। ତୁ ବ୍ୟସ୍ତ ହୋନା, ଠାକୁରଙ୍କୁ ଡାକେ, ସେ ସମାଧାନର ସୂତ୍ର ବାହାର କରିବେ। ଲୋକମାନଙ୍କର କହିବା କଥା କହିବେ। ତୁ ଛାତିକୁ ପଥର କରି ସହି ଯା'।

ଯାଜ୍ଞସେନୀର ବୋଉ ଦେଖା ଯାଉଥିଲେ ନଈବଢ଼ିରେ ବୁଡ଼ି ଯାଉଥିବା ନିରିମାଖୀ ଶୋକାର୍ତ୍ତ ଗାଆଁଟିଏ ପରି।

ଯାଜ୍ଞସେନୀ ବିଇଡ଼ି ପଢ଼ିଲା। ବିଇଡ଼ିରେ କୃତୀତ୍ୱର ସହ ଉତ୍ତୀର୍ଣ୍ଣ ହେଲାପରେ ଗ୍ରାମ ନିକଟସ୍ଥ ହାଇସ୍କୁଲରେ ଶିକ୍ଷୟିତ୍ରୀ ପଦରେ ଚାକିରି ଆରମ୍ଭ କଲା। ଘର ପାଖରେ ଚାକିରି, ଆକର୍ଷଣୀୟ ଦରମା। ତା'ର ବାପା ବୋଉ ଆନନ୍ଦ ଅନୁଭବ କରୁଥିଲେ ବି ସେମାନଙ୍କର ଛଳ ଛଳ ମୁହଁର ଦର୍ପଣରେ ଜଳ ଜଳ ଦିଶୁଥିଲା ଥରିଲା ଓଠର ଧୂସର ଚିତ୍ରପଟ। ସେମାନେ ଭାବୁଥିଲେ, ଝିଅଟିଏ ପାଇଁ ଆକର୍ଷଣୀୟ ଚାକିରି ଅପେକ୍ଷା ସାଧାସିଧା ବାହାଘରଟିଏ ବେଶୀ ଜରୁରୀ।

ଯାଜ୍ଞସେନୀର ଚାକିରି ପରେ ଯେଉଁ ପ୍ରସ୍ତାବଗୁଡ଼ିକ ଭାଙ୍ଗି ଯାଇଥିଲା, ସେଗୁଡ଼ିକ ପୁଣି ଡାଳପତ୍ରରେ କଅଁଳି ଉଠିଲା। ସେମାନେ ମଧ୍ୟସ୍ଥି ମାଧ୍ୟମରେ ଖବର ପଠାଇଲେ ଯେ ସେମାନେ ବିନା ଯୌତୁକରେ ବାହାଘର କରିବାକୁ ରାଜି। କିନ୍ତୁ ଯାଜ୍ଞସେନୀର ସର୍ତ୍ତ – ଯିଏ ତା'ର ବାପାକୁ ପାଞ୍ଚଲକ୍ଷ ଟଙ୍କା ନଗଦ ଟଙ୍କା ଯୌତୁକ ଅକାରରେ ଦେବ, ସେହି ପ୍ରସ୍ତାବମାନଙ୍କୁ ତା'ର ବାପା ବିଚାର ପରିସରକୁ ନେବେ। ଝିଅ ଘରର ଯୌତୁକ ଦାବୀ ଦୋହଲାଇ ଦେଲା ଗାଁ ପାଖର ପାଞ୍ଚସାତ ଖଣ୍ଡ ଗାଁକୁ। ଚହଲାଇ ଦେଲା ସାଇଭାଇଙ୍କୁ।

ଯାଜ୍ଞସେନୀ ଭାବୁଥିଲା – ଯୌତୁକ କ'ଣ ପୁଅ ଘରର ଏକଚାଟିଆ ଅଧିକାର ? ରଢ଼ିବାଦୀ ସମାଜର ଅଲିଖିତ ସମ୍ବିଧାନ। ଝିଅ ସୁନ୍ଦର, ଶିକ୍ଷିତ, ରୋଜଗାରିଆ ହେଲେ ବି ଝିଅର ବାପା ପୁଅର ବାପାମାଆଙ୍କ ପାଖରେ ଗୋଡ଼ ଭାଙ୍ଗି ଠିଆ ହେବେ, ସେମାନଙ୍କ ସବୁ ସର୍ତ୍ତ ବିନା ପ୍ରତିବାଦରେ ମଥା ପାତି ସହି ନେବେ, ଏହାକୁ ସେ ଗ୍ରହଣ କରି ପାରୁନଥିଲା। ପୁଅର ବାପାମାଆଙ୍କର ଅହଙ୍କାରର ପାହାଡ଼କୁ ଚୂରମାର କରିଦେବାକୁ ଚାହୁଁଥିଲା। ବର୍ଷ ବର୍ଷ ଧରି ଚାଲି ଆସିଥିବା ପ୍ରଥା ବିରୁଦ୍ଧରେ ସେ ତୋଳୁଥିଲା ବିପ୍ଳବର ଦୁନ୍ଦୁଭି। ଆଗେ ରୋଜଗାରିଆ ଶିକ୍ଷିତ ପୁଅକୁ ଜ୍ୱାଇଁ କରିବାକୁ ଚାଲୁଥିଲା ତୀବ୍ର ପ୍ରତିଯୋଗିତା। ଏବେ ଶିକ୍ଷିତା, ରୋଜଗାରିଆ ଝିଅକୁ ବୋହୂ କରିବାପାଇଁ ପୁଅମାନଙ୍କ ଭିତରେ ପ୍ରତିଯୋଗିତା ହେବା ସ୍ୱାଭାବିକ ମନେ ହୁଏ। ଆଜିର ବିବାହ ବଜାରରେ ଭଲ ରୋଜଗାରିଆ ଶିକ୍ଷିତା ସୁନ୍ଦରୀ ଝିଅ ହୋଇଯାଇଛନ୍ତି ଦୁଷ୍ପ୍ରାପ୍ୟ, ଦୁର୍ଲଭ ଆଉ ବିରଳ।

ଯାଜ୍ଞସେନୀର ବାପା ବୋଉ ଦୁର୍ବିସହ ଯନ୍ତ୍ରଣାରେ ଭାଙ୍ଗି ପଡୁଥିଲେ। ଝିଅର ଏ ସର୍ତ୍ତକୁ କେହି ସ୍ୱୀକାର କରିବେ ନାହିଁ। ସେମାନେ ସ୍ଥିର ନିଶ୍ଚିତ ଥିଲେ। ଝିଅ ଘର ପାଞ୍ଚଲକ୍ଷ ଯୌତୁକ ଦାବୀ କରିବା କଥା ଶୁଣି ଯାଜ୍ଞସେନୀ ଓ ତା'ର ବାପାମାଆଙ୍କର ନିନ୍ଦାର ଡିଣ୍ଡିମ ଆଖପାଖ ଅଞ୍ଚଳରେ ପିଟାଯିବା ଆରମ୍ଭ ହୋଇଗଲା। ତା'ର ବାପା ବୋଉ ପାଲଟି ଯାଇଥିଲେ ସ୍ଥାଣୁ, ନିର୍ବାକ, ନିସ୍ପନ୍ଦ।

ସେଦିନ ଥିଲା ରବିବାରର ସକାଳ। ଯାଜ୍ଞସେନୀର ବାପା ବୋଉଙ୍କ ବିସ୍ମୟର ସୀମା ରହିଲା ନାହିଁ। ଯେତେବେଳେ ପାଞ୍ଚୋଟି ପ୍ରସ୍ତାବର ମଧ୍ୟସ୍ଥିମାନେ ପାଞ୍ଚ ଲକ୍ଷ ଟଙ୍କା କ୍ୟାସ୍ ଯୌତୁକ ଆକାରରେ ବାହାଘରର ୧୫ ଦିନ ପୂର୍ବରୁ ଦେବାକୁ ସମ୍ମତି ପ୍ରକାଶ କଲେ।

ପୁତ୍ର ପିତାମାନେ ମହାହିସାବୀ। ସେମାନେ ଦେଖିଲେ ଯାଜ୍ଞସେନୀ ହେଉଛି ସୁନା ଅଣ୍ଡା ଦିଆ କୁକୁଡ଼ା। ଘର ପାଖରେ ସ୍କୁଲ। ଘରେ ଖାଇ ପିଇ ସ୍କୁଟରରେ ଯାଇ ପିଲାଙ୍କୁ ପାଠ ପଢ଼ାଇବ। ପୂରା ଦରମାର ସମ୍ଭାର ପହଞ୍ଚିଯିବ ସେମାନଙ୍କ ହାତ ପାହାନ୍ତାରେ। ପୁଅମାନେ ବ୍ୟବସାୟ କରି ଲକ୍ଷ ଲକ୍ଷ ଟଙ୍କା ଅର୍ଜନ କରୁଥିଲେ ହେଁ ତା' ଉପରେ ଭରସା କରି ହେବନି। କେତେବେଳେ ଅଦିନ ଝଡ଼ ଆସିଲେ ମହାମେରୁ ଟଳିଯିବ। ବେପାର ବୁଡ଼ିଯିବ। ଲାଭ ଠାରୁ କ୍ଷତି ବଳେଇ ପଡ଼ିବ। କିନ୍ତୁ ବୋହୂର ଚାକିରିରେ ଧୋଇ ନାହିଁ କି ମରୁଡ଼ି ନାହିଁ। ଯେତିକି ଯୌତୁକ ଦେବେ, ବର୍ଷ କେଇଟାରେ ସେ ପଇସା ଉଠାଇଦେବେ।

ସବୁ ପ୍ରସ୍ତାବ ଭିତରେ ଯାଜ୍ଞସେନୀ ପସନ୍ଦ କରିଥିଲା ହରିବାବୁଙ୍କ ପୁଅ ସବ୍ୟସାଚୀକୁ। ସବ୍ୟସାଚୀର ଚାଲିଚଳନ, ବ୍ୟବହାର ବିଷୟରେ ସାଙ୍ଗଝିଅମାନଙ୍କ ଠାରୁ ଖବର ସଂଗ୍ରହ କରିଥିଲା। ହରିବାବୁ ଯେତେବେଳେ ଯୌତୁକର ଲମ୍ବା ତାଲିକା ପ୍ରଥମେ ଉପସ୍ଥାପନ କରିଥିଲେ, ପୁଅ ସବ୍ୟସାଚୀ ତା'ର ପ୍ରତିବାଦ କରିଥିଲା। ଘରର ସମ୍ମାନ ପାଇଁ ସାଇଭାଇଙ୍କର ପ୍ରଶଂସା ସାଉଁଟିବା ପାଇଁ ଓ ଚିରାଚରିତ ପରମ୍ପରାକୁ ସମ୍ମାନ ଦେବାପାଇଁ ଏପରି କରୁଛନ୍ତି ବୋଲି ହରିବାବୁ ଓ ତାଙ୍କ ପତ୍ନୀ ସବ୍ୟସାଚୀକୁ ବୁଝାଇବାକୁ ଚେଷ୍ଟା କରିଥିଲେ।

ଯାଜ୍ଞସେନୀର ବାପାଙ୍କଠାରୁ ସମ୍ମତି ପାଇବା ପରେ ଦିନେ ଅପରାହ୍ନରେ ହରିବାବୁ ଯାଜ୍ଞସେନୀର ଘରେ ପହଞ୍ଚି ଏକ ସୁଟ୍‌କେଶରେ ପାଞ୍ଚଲକ୍ଷ ଟଙ୍କା ଯାଜ୍ଞସେନୀ ବାପାଙ୍କୁ ଭେଟି ଦେଲେ। ଯାଜ୍ଞସେନୀର ବାପା ମାଆ ତାଙ୍କ ଆଖିକୁ ବିଶ୍ୱାସ କରିପାରୁନଥିଲେ। ଜୀବନସାରା ଅଭାବ, ଅନଟନ ଭିତରେ ସଂଗ୍ରାମ କରୁଥିବା ମଣିଷ ଦୁଇଟି ଏକା ଥରକେ ଏତେ ଟଙ୍କାର ଗଦା ଦେଖି ବିସ୍ମିତ ହୋଇ ବିସ୍ଫାରିତ ନୟନରେ ଅନାଇ ରହିଲେ।

ସେ ଅଞ୍ଚଳରେ ଖ୍ୟାତି ସମ୍ପନ୍ନ ପ୍ରତ୍ୟକ୍ଷ ଠାକୁର ରାମେଶ୍ୱରଙ୍କ ମନ୍ଦିରରେ ନିର୍ବନ୍ଧ ହେବାର ସ୍ଥିର କରାଗଲା।

ନିର୍ବନ୍ଧ ଦିନ ଦୁଇ ପରିବାର ଏକତ୍ରିତ ହୋଇ ବସିଥା'ନ୍ତି। ପୂଜା ଓ ଅନ୍ୟାନ୍ୟ ରୀତିନୀତି ପରେ ସମସ୍ତଙ୍କ ସାମ୍ନାରେ ଝିଅ ଘରୁ ଆସିଥିବା ସୁଟ୍‌କେଶଟି ଖୋଲାଗଲା। ହରିବାବୁଙ୍କ ସାଇଭାଇ, ବନ୍ଧୁବାନ୍ଧବ କୌତୂହଳୀ ଆଖିରେ ସବୁ ସାମଗ୍ରୀକୁ ତନ୍ନ ତନ୍ନ କରି ଦେଖୁଥା'ନ୍ତି। ସୁଟ୍‌କେଶ ଭିତରୁ ଏକ ବଡ଼ ପ୍ୟାକେଟ୍ ବାହାର କଲେ ଯାଜ୍ଞସେନୀର ମାମୁପୁଅ ଭାଇ ଅଧ୍ୟାପକ ରମେଶ ବିଶ୍ୱାଳ। ପ୍ୟାକେଟ୍‌ଟି ଅତି ସଯତ୍ନରେ ପ୍ୟାକ୍ ହୋଇଛି। ଏହା ଭିତରେ କ'ଣ ଅଛି ବୋଲି ଅସୁମାରୀ ପ୍ରଶ୍ନ ସୁଟ୍‌କେଶ ଚାରିପାଖେ ପଇଁତରା ମାରୁଥିଲେ। ପରିବେଶରେ ଉତ୍ସୁକତାର କୁହେଳୀ। ରମେଶ ବାବୁ ପ୍ୟାକେଟ୍ ଖୋଲିଦେଲା ପରେ ସମସ୍ତେ ଚମକି ପଡ଼ିଲେ। ତା' ଭିତରୁ ଉତୁରି ପଡ଼ିଲା ବିଡ଼ା ବିଡ଼ା ନୋଟ୍ ପାଞ୍ଚଲକ୍ଷ ଟଙ୍କାର। ସେ ସବୁକୁ ରମେଶବାବୁ ହରିବାବୁଙ୍କ ହାତରେ ଧରାଇଦେଲେ।

ଏ ସବୁ କେଉଁଥିପାଇଁ ବୋଲି ହରିବାବୁ ପ୍ରଶ୍ନ କରିବାରୁ, ରମେଶବାବୁ ଗୁରୁଗମ୍ଭୀର କଣ୍ଠରେ କହିଲେ – ଆପଣ ଯୌତୁକ ହିସାବରେ ଦେଇଥିବା ପାଞ୍ଚଲକ୍ଷ ଟଙ୍କା ଆମେ ଆପଣଙ୍କୁ ଫେରାଇ ଦେଉଛୁ। ପ୍ରକୃତରେ ଆମେ ଯୌତୁକ ଚାହୁଁନଥିଲୁ। ଆଜି ପର୍ଯ୍ୟନ୍ତ ଚାଲି ଆସିଥିବା ଯୌତୁକ ପ୍ରଥା, ପୁଅ ପରିବାରର ଅହଙ୍କାର ଓ ଝିଅ ପରିବାରକୁ ଯୌତୁକ ମାଧ୍ୟମରେ ଦେଉଥିବା ନିର୍ଯ୍ୟାତନା ବିରୁଦ୍ଧରେ ଆମେ ସ୍ୱର ଉତ୍ତୋଳନ କରିବାକୁ ଚାହୁଁଥିଲୁ। ଏବେ ଯାଜ୍ଞସେନୀ ଓ ସବ୍ୟସାଚୀ ଭିତରେ ହେବ ସରଳ, ନିରାଡ଼ମ୍ବର ଯୌତୁକଶୂନ୍ୟ ବିବାହ।

ଦୁଇ ପରିବାର ଓ ସେମାନଙ୍କ ବନ୍ଧୁବାନ୍ଧବଙ୍କ ଭିତରେ ଖେଳି ଯାଇଥିଲା ଏକ ଅସ୍ୱାଭାବିକ ନିରବତା। ତା' ଉହାଡ଼ରେ ବହିଯାଉଥିଲା ଆନନ୍ଦ ଓ ସନ୍ତୋଷର ଏକ ଚଳଚଞ୍ଚଳ, ପ୍ରାଣୋଚ୍ଛ୍ୱଳ ନିର୍ଝରିଣୀ। ଯାଜ୍ଞସେନୀର ବାପା ବୋଉ ନିଜ ଝିଅର ଜ୍ଞାନ, ଗରିମା ଓ ବୁଦ୍ଧିମତ୍ତା ପାଇଁ ନିଜକୁ ଗୌରବାନ୍ୱିତ ମନେ କରୁଥିଲେ।

*ଘର ନଂ – ୧୫୭, ଗୌରୀଗାର୍ଡେନ୍,*
*ଗୌରୀନଗର, ଭୁବନେଶ୍ୱର-୭୫୧୦୦୨*
*ଦୂରଭାଷ: ୯୫୭୪୩୩୧୯୫୭*

# ଦୁଇ କଳାକାର

ମୂଳରଚନା: ମନ୍ନୁ ଭଣ୍ଡାରୀ
ଅନୁସୃଜନ: ଅନୁରୂପା ସିଂ

"ଏ ରୁନି, ଉଠ୍!"ଏବଂ ଚାଦରକୁ ଭିଡ଼ି ଆଣି ଚିତ୍ରା ଶୋଇ ରହିଥିବା ଅରୁଣାକୁ ଜୋର୍‌ରେ ଉଠେଇଦେବା ପାଇଁ ଚେଷ୍ଟା କଲା।

"କ'ଣ ହେଲା.... କାହିଁକି ମତେ ହଇରାଣ କରୁଛୁ?" ଆଖି ମଳି-ମଳି ସାମାନ୍ୟ କ୍ରୋଧଭରା ସ୍ୱରରେ ଅରୁଣା ପଚାରିଲା। ଚିତ୍ରା ତା'ର ହାତ ଧରି ଖୁବ୍‌ଶୀଘ୍ର ନିଜର ନୂଆ ତିଆରି କରିଥିବା ପେଣ୍ଟିଂସ୍ ସମ୍ମୁଖରେ ଛିଡ଼ା କରାଇ ଦେଇ କହିଲା- "ଦେଖ, ଏବେ ମୋର ପେଣ୍ଟିଂସ୍‌ଟି ସଂପୂର୍ଣ୍ଣ ହୋଇଗଲା।"

"ଓହୋ! ତା'ହେଲେ ଏଇ ଚିତ୍ରକୁ ଦେଖାଇବା ପାଇଁ ତୁ ମୋର ସୁଖନିଦ୍ରାରେ ବ୍ୟାଘାତ ଦେଲୁ। ଦୁଷ୍ଟ କେଉଁଠିକାର!"

ଏଇ ପେଣ୍ଟିଂସ୍‌କୁ ମୋର ଟିକିଏ ଆଖି ଖୋଲି ଭଲଭାବରେ ଦେଖ ତ! ଯଦି ମତେ ପ୍ରଥମ ପୁରସ୍କାର ନ ମିଳିବ, ତା'ହେଲେ ତୁ ମୋର ନାମ ବଦଳାଇ ଦେବୁ।"

ଚିତ୍ରଟିକୁ ଚତୁର୍ଦ୍ଦିଗରେ ଘୂରାଇ-ଘୂରାଇ ଅରୁଣା କହିଲା, "କେଉଁ ପାଖରୁ ଦେଖିବି, ଏହା ତ ଜଣାଇ ଦେ'! ହଜାରଥର ତତେ କହିଛି, ଯାହାର ପେଣ୍ଟିଂସ୍ ତିଆରି କରୁଛୁ, ତା'ର ନାଁ ତା'ତଳେ ଲେଖିଦେଉ ଥିବୁ, ଯାହାଫଳରେ କୌଣସି ଭ୍ରମାତ୍ମକ ଧାରଣା ଉତ୍ପନ୍ନ ହେବ ନାହିଁ। ନାଇଁ ତ ତୁ ତିଆରି କରିଥିବୁ ହାତୀ ଏବଂ ଆମେ ଭାବୁଥିବୁ ପେଚା।" ଆଉ ଥରେ ଚିତ୍ର ଉପରେ ଗଭୀର ଦୃଷ୍ଟି ଦେଇ କହିଲା, "ମୁଁ ଆଦୌ ବୁଝିପାରୁନାହିଁ ଯେ ଚୌରାଅଶୀଲକ୍ଷ ଯୋନି ଭିତରୁ ଶେଷରେ ଏହା କେଉଁ ଜୀବର ଚିତ୍ର।"

"ତା'ହେଲେ ତତେ ଏହା କୌଣସି ଏକ ଜୀବର ଚିତ୍ର ପରି ଦେଖାଯାଉଛି? ଆରେ, ଟିକିଏ ଧ୍ୟାନର ସହିତ ଦେଖ ଏବଂ ବୁଝିବା ପାଇଁ ଚେଷ୍ଟା କର।"

"ଏହା କ'ଣ? ଏଥିରେ ତ ସଡ଼କ, ମନୁଷ୍ୟ, ଟ୍ରାମ, ବସ୍, କାର୍, କୋଠାବାଡ଼ି-ସମସ୍ତେ ପରସ୍ପର ଉପରେ ଚଢ଼ି-ଚଢ଼ି ଚାଲିଯାଉଛନ୍ତି। ଜାଣ, ସେମାନଙ୍କୁ ଏକାଠି କରି ଖେଚୁଡ଼ି ରାନ୍ଧି ଦେଇଛୁ। ମୂର୍ଖଙ୍କ ପରି ଏମିତି କ'ଣ ତିଆରି କରିଛୁ?" ଏବଂ ଅରୁଣା ସେଇ ଚିତ୍ରକୁ ତଳେ ରଖିଦେଲା।

"ଟିକିଏ ଚିନ୍ତା କରି କହ ତ ରୁନି, ଏହା କାହାର ପ୍ରତୀକ ଅଟେ?"

"ତୋର ମୂର୍ଖାମୀର! ଆସିଗଲା ବଡ଼ ପ୍ରତୀକବାଲୀ!"

"ସାମାନ୍ୟ ବୁଦ୍ଧିଖଟାଇବୁ ତ ବୁଝିପାରିବୁ ଯେ ଏଇ ଚିତ୍ରଟି ଆଜିର ଦୁନିଆରେ କନ୍‌ଫ୍ୟୁଜନ୍‌ର ପ୍ରତୀକ ଅଟେ। ବାସ୍, ସାମାନ୍ୟବୁଦ୍ଧି ପ୍ରୟୋଗ କରିବା ନିହାତି ଜରୁରୀ।" ଚିତ୍ରାର ପରିହାସ ଭରା କଥା ଶୁଣି ଅରୁଣା କ୍ରୋଧରେ ଜଳିଉଠିଲା।

"ମତେ ତ ତୋର ବୁଦ୍ଧି କେବଳ କନ୍‌ଫ୍ୟୁଜନ୍‌ର ପ୍ରତୀକ ପରି ମନେ ହେଉଛି। ବିନା ତାତ୍ପର୍ଯ୍ୟରେ ଜୀବନ ନଷ୍ଟ କରିଚାଲିଛୁ।" ଏବଂ ଅରୁଣା ମୁହଁ ଧୋଇବା ପାଇଁ ବାଥରୁମ୍‌କୁ ଚାଲିଗଲା। ଫେରିଆସିବା ପରେ ଦେଖିଲା, ତିନି-ଚାରିଜଣ ଛୋଟ ପିଲା ତା' କକ୍ଷର କବାଟ ପାଖରେ ତାକୁ ପ୍ରତୀକ୍ଷା କରି ଛିଡ଼ା ହୋଇଛନ୍ତି। ତାକୁ ଦେଖି-ଦେଖି ସେମାନେ କହିଲେ, "ଦିଦି! ସବୁପିଲା ଆସିଗଲେଣି, ଚାଲନ୍ତୁ।"

"ଆଚ୍ଛା ଚାଲ, ମୁଁ ଏବେ ଆସୁଛି।"

"କ'ଣ ଏଇ ମାଙ୍କଡ଼ମାନଙ୍କୁ ବି ତୁ ପାଳିଛୁ?" ତା'ପରେ ଅଳ୍ପ ହସିଦେଇ ଚିତ୍ରା କହିଲା, "ରୁନି, ଦିନେ ତୋ ପାଠଶାଳାର ଚିତ୍ର ତିଆରି କରିବି ଏବଂ ଲୋକମାନଙ୍କୁ ଦେଖାଇ ଦେଇ କହିବି ଯେ ମୋର ଏମିତି ଜଣେ ବାନ୍ଧବୀ ମ୍ୟାଡାମ୍ ଥିଲେ, ଯିଏ ଜମାଦାର, ରକ୍ଷୀ, ସୁରକ୍ଷା କର୍ମଚାରୀ, ଧାଇ, ଚପରାସୀ ଓ କାମବାଲୀମାନଙ୍କର ପିଲାମାନଙ୍କୁ ପାଠ ପଢ଼ାଇ-ପଢ଼ାଇ ନିଜକୁ ବହୁତ ବଡ଼ ପଣ୍ଡିତିଆଣୀ ଏବଂ ସମାଜସେବିକା ଭାବୁଥିଲା।"

"ଯା'-ଯା'- ଯିଏ ଯାହା ଭାବୁଛି, ଭାବୁଥାଉ। ତୁ ଦୁନିଆସାରା ଢେ଼ଙ୍ଗୁରା ପିଟି ଦେ', ମତେ କ'ଣ ଲାଜ ଲାଗୁଛି? ମୁଁ ତୋ ପରି ତୁଚ୍ଛାଟାରେ ଗୁଡ଼ାଏ ଗାର ଟାଣି-ଟାଣି ତ ସମୟ ନଷ୍ଟ କରୁନାହିଁ?" ଏବଂ ପାଦରେ ଚପଲ ପିନ୍ଧିଦେଇ ସେ ହଷ୍ଟେଲର ବାହାରପାର୍ଶ୍ୱରେ ଥିବା ପଡ଼ିଆକୁ ଚାଲିଗଲା, ଯେଉଁଠି ବିନା କୌଣସି ଆୟୋଜନରେ ହିଁ ଗୋଟିଏ ଛୋଟିଆ ପାଠଶାଳା ତିଆରି ହୋଇଥିଲା।

ରାତିଦଶଟା ବାଜି ସାରିଥିଲା। ସଂପୂର୍ଣ୍ଣ ହଷ୍ଟେଲର ଆଲୋକବତୀ ନିୟମ ଅନୁସାରେ ଲିଭି ଯାଇଥାଏ। ଉପର ମହଲାର ଅନ୍ଧକାର ଭିତରେ ନିମ୍ନସ୍ୱରରେ କଥାବାର୍ତ୍ତା ଚାଲୁଥିଲା। ରବିବାର ଦିନ ତ ଏମିତି ହିଁ ସମସ୍ତେ ଛୁଟି ମୁଡ୍‌ରେ ଥାଆନ୍ତି। ସେଥିପାଇଁ ଶନିବାର ଦିନର ମଧ୍ୟରାତ୍ରି ପର୍ଯ୍ୟନ୍ତ ଝିଅପିଲାମାନଙ୍କୁ ନିଦ ଆସିନଥାଏ। ଠିକ୍ ରାତି ଦଶଟାରେ କେହିଜଣେ ହଷ୍ଟେଲର ଫାଟକ ଖୋଲି ଟର୍ଚ୍ଚ ଜଳାଇ-ଜଳାଇ ଭିତରକୁ ଚାଲିଆସିଲା। ନିଜ କକ୍ଷର ଝରକା ଭିତରୁ ଉଙ୍କି ମାରି ସବିତା କହିଲା, "ହଷ୍ଟେଲ ଭିତରେ ଅବାଧ ପ୍ରବେଶ କରିବା ଅଧିକାର ତ କେବଳ ଅରୁଣାକୁ ମିଳିଛି। ଯେତେ ରାତିରେ ଫେରିଲେ ବି କାହାର କୌଣସି ଆପତ୍ତି ନାହିଁ। ଆମେମାନେ ତ ଦଶଟା ବାଜିବା ପରେ ଆଲୁଅ ବି ଜଳାଇ ପାରିବା ନାହିଁ।"

"ଫେରି ଆସିଲେଣି ଅରୁଣା ଦିଦି? ଆଜି ସକାଳଠାରୁ ସେ ବହୁତ ବ୍ୟସ୍ତ ଥିଲେ। ଫୁଲିଆ ଧାଇର ପିଲାର ଦେହ ବହୁତ ଖରାପ ଥିଲା। ସେତିକିବେଳ ଠାରୁ ସେ ତା' ପାଖରେ ବସି ରହିଥିଲେ। ଜଣାନାହିଁ, କ'ଣ ହେଲା ତା'ର?" ଶୀଲା ଦୀର୍ଘନିଶ୍ୱାସ ନେଇ କହିଲା।

"ତୁ ତ ବହୁତ ବଡ଼ ଭକ୍ତ ଅରୁଣା ଦିଦିଙ୍କର।"

"ତାଙ୍କ ପରି ଗୁଣ ଯଦି ତୁ ନିଜର କରିନେବୁ, ତା'ହେଲେ ମୁଁ ତୋର ବି ଭକ୍ତ ହୋଇଯିବି।"

"ମୁଁ କହୁଛି, ତାଙ୍କର ଯଦି ଏ ସବୁ କାମ କରିବାକୁ ଅଛି, ତା'ହେଲେ ଅନ୍ୟ କେଉଁଠି ରହନ୍ତୁ। ହଷ୍ଟେଲରେ ରହି ଏହିପରି ଯେଉଁ କାର୍ଯ୍ୟ କଳାପ କରି ଚାଲିଛନ୍ତି, ସେ ସବୁ ମୁଁ ବରଦାସ୍ତ କରି ପାରୁନାହିଁ। ହଷ୍ଟେଲର ସବୁ ଅନ୍ତେବାସୀ ତାଙ୍କୁ ଭୟ କରୁଛନ୍ତି, ପ୍ରିନ୍‌ସିପାଲ ଓ ୱାର୍ଡେନ୍‌ଙ୍କ ପର୍ଯ୍ୟନ୍ତ ବି ତାଙ୍କର ପ୍ରାଧାନ୍ୟ ଅଛି, ସେଥିପାଇଁ ତାଙ୍କୁ ସବୁପ୍ରକାର ସ୍ୱାଧୀନତା ମିଳିଯାଉଛି।"

"ତୁ ବି ଯେଉଁଦିନ ଅନ୍ୟମାନଙ୍କ ପାଇଁ ଏମିତି ଭାବରେ ହାଡ଼ଭଙ୍ଗା ପରିଶ୍ରମ କରିବାକୁ ଚାଲିଯିବୁ, ସେଦିନ ତୋର ବି ସମସ୍ତେ ଖାତିର କରିବାକୁ ଲାଗି

ପଢ଼ିବେ। କିନ୍ତୁ ତତେ ତ ସଜେଇ ହେବା ଓ ସୁନ୍ଦର ଦେଖାଯିବା ଠାରୁ ଫୁରୁସତ୍ ମିଳେ ନାହିଁ, ଅନ୍ୟମାନଙ୍କ ପାଇଁ ଚୋପା କାମ କରିବୁ।"

"ଠିକ୍ ଅଛି-ଠିକ୍ ଅଛି। ନିଜ ଲେକ୍‌ଚର ତୁ ନିଜ ପାଖରେ ରଖ।"

ଅରୁଣା ନିଜର କକ୍ଷ ଭିତରେ ଧୀରେ-ଧୀରେ ପାଦ ରଖିଲା, ଯେମିତି ଚିତ୍ରାର ନିଦରେ କୌଣସି ବ୍ୟାଘାତ ନହୁଏ। କିନ୍ତୁ ଚିତ୍ରାଶୋଇ ନଥିଲା। ଦ୍ୱିପ୍ରହର ସମୟରୁ ଅରୁଣା ନଖାଇ-ନପିଇ ବାହାରେ ଅଛି, ସେଥିପାଇଁ ମେସ୍‌ରୁ ତା'ର ରାତ୍ରିଭୋଜନ ନେଇ ଆସିଥିଲା। ଅରୁଣାକୁ ଦେଖି ସେ ଉଠିପଡ଼ି ପଚାରିଲା, "ବହୁତ ଡେରି କରିଦେଲୁ, କ'ଣ ହେଲା ରୁନି ?"

"ସେଇ ପିଲାଟି ବଞ୍ଚିଲା ନାହିଁ, ଚିତ୍ରା ! କୌଣସି ପ୍ରକାରେ ଆମେ ତାକୁ ବଞ୍ଚାଇ ପାରିଲୁ ନାହିଁ।" ତା'ର ସ୍ୱର ଗଭୀର ଦୁଃଖ ଭିତରେ ବୁଡ଼ିଗଲା।

ଚିତ୍ରା ଦିଆସିଲି ଆଣି ଲ୍ୟାମ୍ପ ଜଳାଇଲା ଏବଂ ଷ୍ଟୋଭ୍ ଲଗାଇ ଖାଇବା ଗରମ କରୁଥିବା ସମୟରେ ଅରୁଣା କହିଲା, "ଛାଡ଼ି ଦେ' ଚିତ୍ରା, ମତେ ଭୋକ ନାହିଁ।" ଏବଂ ପୁଣି ତା'ର ଚକ୍ଷୁ ଦୁଇଟି ଛଳଛଳ ହୋଇଗଲା।

ଅତି ସ୍ନେହରେ ତା'ର ପିଠି ଥାପୁଡାଇ ଦେଇ ଚିତ୍ରା କହିଲା, "ଯାହା ହେବାର ଥିଲା, ହୋଇଗଲା। ତୁ ଭୋକରେ ରହିଲେ କ'ଣ ସେ ଫେରିଆସିବ ?

"ନା ଚିତ୍ରା, ଏବେ ସେ ସବୁ କଥା ଛାଡ଼। ବାସ୍, ତୁ କେବଳ ଲାଇଟ ଲିଭାଇ ଦେ'।"

ତା'ପର ଦୁଇ-ତିନିଦିନ ପର୍ଯ୍ୟନ୍ତ ଅରୁଣା ବହୁତ ଉଦାସ ରହିଲା କିନ୍ତୁ ସମୟ ସହିତ ସେଇ ଦୁଃଖ ବି ଧୀରେ-ଧୀରେ କମି ଆସିଲା ଏବଂ ସବୁ କିଛି ଯଥାରୀତି ଚାଲିବାକୁ ଲାଗିଲା।

ଅପରାହ୍ନ ଚାରିଟା ପରେ କଲେଜ ବନ୍ଦ ହୋଇଯିବା କ୍ଷଣି ସବୁ ଝିଅମାନେ ଫେରିଆସିଲେ। କିନ୍ତୁ ଅରୁଣା ଫେରିଆସି ନଥିବା ଯୋଗୁଁ ଚା' ପିଇବା ପାଇଁ ଚିତ୍ରା ତାକୁ ଅପେକ୍ଷା କଲା। "ଜଣାନାହିଁ କେଉଁଠି-କେଉଁଠି ଅଟକି ଯାଉଛି। ବାସ୍, ତା'ର ବାଟଚାହିଁ ବସି ରହି ଥା'।"

"ଆରେ, କାହିଁକି ଏମିତି ଅଯଥାରେ ଗପି ଚାଲିଛୁ ? ଦେଖ, ମୁଁ ଆସିଗଲି।"

"ତୋ ମନୋଜ ପାଖରୁ ଚିଠି ଆସିଛି।"

"କାଇଁ ? ତୁ ତ ଚିଠି ଖୋଲି ପଢ଼ିସାରିଥିବୁ।"

"ଆରେ ଯା', ତୋର ଏଇ ବୋରିଂ ଚିଠି ପଢ଼ିବା ପାଇଁ କାହାପାଖରେ ସମୟ ଅଛି ? ତୋର ଚିଠି ସବୁ ଭିତରେ କ'ଣ ଥାଏ ଯେ ତାକୁ କେହି ପଢ଼ିବ ? ସେଥିରେ ଖାଲି ବଡ଼-ବଡ଼ ଆଦର୍ଶର କଥା। ଜାଣ ତାହା ଚିଠି ନ ହୋଇ ଯେମିତ ଲେକ୍‌ଚର ଅଛି।"

"ଆଚ୍ଛା, ଆଚ୍ଛା... ତୁ ଲେଖୁ ଥା' ରସପୂର୍ଣ୍ଣ ଚିଠି ସବୁ। ଆମକୁ ତ ସେ ସବୁ ଲେଖିଆସେ ନାହିଁ।" ଅରୁଣା ଚିଠି ଖୋଲି ପଢ଼ିବା ପାଇଁ ବସିଗଲା। ତା'ର ଚିଠି ପଢ଼ିବା ଶେଷ ହୋଇଗଲା ପରେ ଚିତ୍ରା କହିଲା, "ଆଜି ମୋ ପାଖକୁ ବାପାଙ୍କର ଚିଠି ଆସିଛି। ସେ ଲେଖିଛନ୍ତି ଯେ ଏଠାର କେର୍ସ ଶେଷ ହୋଇଗଲା ପରେ ମୁଁ ବିଦେଶ ଯାଇ ପାରିବି। ମୁଁ ଜାଣିଥିଲି, ବାପା କେବେ ବି ମତେ ମନା କରିବେ ନାହିଁ।"

"ହଁ ଭାଇ, ଧନୀ ପିତାଙ୍କର ତୁ ଯେଉଁ ଏକମାତ୍ର କନ୍ୟା ! ତୋର ଇଚ୍ଛାକୁ ସେ କ'ଣ କେବେ ଦୂରେଇ ଦେଇପାରିବେ ? ସତ କହୁଛି, ମତେ ତ ତୋର ଏଇ ଆର୍ଟ ସବୁ ଏତେ ନିରର୍ଥକ ଲାଗିଥାଏ, ଏତେ ଉଦ୍ଦେଶ୍ୟ ବିହୀନ ଲାଗିଥାଏ ଯେ ସେ ସବୁ ତତେ ବୁଝେଇ ପାରିବି ନାହିଁ। କେଉଁ କାମ ପାଇଁ ଏଇ ସବୁ ଆର୍ଟ, ଯିଏ ମନୁଷ୍ୟକୁ ମନୁଷ୍ୟ ହୋଇ ରହିବାକୁ ଦିଏ ନାହିଁ ?"

"ତା' ହେଲେ ତୁ ମତେ ମଣିଷ ଭାବିନଥାଉ। କିନ୍ତୁ କାହିଁକି ?"

"ତୋର ଏଇ ଦୁନିଆ ପ୍ରତି କୌଣସି ମତଲବ ନାହିଁ, ଅନ୍ୟମାନଙ୍କ ପାଇଁ କୌଣସି ଦାୟୀତ୍ୱ ନାହିଁ। ବାସ୍, ଚବିଶ ଘଣ୍ଟା ନିଜର ରଙ୍ଗ ଓ ତୂଳୀ ଭିତରେ ବୁଡ଼ି ରହୁଛୁ। ଦୁନିଆରେ ଯେତେ ବଡ଼-ବଡ଼ ଘଟଣା ଘଟିଯାଉ ପଛକେ, ଯଦି ତା' ଭିତରେ ତୋର ଚିତ୍ର ପାଇଁ କୌଣସି ଆଇଡିଆ ନଥାଏ, ତା'ହେଲେ ତୋ ପାଇଁ ସେଇ ଘଟଣା ବି କୌଣସି ମହତ୍ତ୍ୱ ରଖିନଥାଏ। ବାସ୍, ପ୍ରତି ମୁହୂର୍ତ୍ତରେ, ପ୍ରତ୍ୟେକ ସ୍ଥାନରେ ଏବଂ ପ୍ରତ୍ୟେକ ବସ୍ତୁ ଭିତରେ ତୁ କେବଳ ନିଜର ଚିତ୍ର ପାଇଁ ମଡେଲ ଖୋଜିଥାଉ।"

"ମୋର ଏଇ ମନଧ୍ୟାନ ଓ ଇଚ୍ଛାଶକ୍ତିକୁ ଦେଖି କରି ତ ଗୁରୁଜୀ କହିଥାନ୍ତି ଯେ ସେଇ ସମୟ ଆଉ ଦୂର ନାହିଁ, ଯେତେବେଳେ ହିନ୍ଦୁସ୍ଥାନର କୋଣେ-କୋଣେ ମୋର ସୁନାମ ଓ ପ୍ରଶଂସା ଗୁଞ୍ଜି ଉଠିବ। ଅମୃତା ସେର୍‌ଗିଲ୍‌ଙ୍କ ପରି ମୋର ବି ନାମ ସାରାଦେଶରେ ବ୍ୟାପୀ ଯିବ।"

"କାଗଜ ଉପରେ ଏଇ ନିର୍ଜୀବ ଚିତ୍ରମାନଙ୍କୁ ତିଆରି କରିବା ବଦଳରେ ଦୁଇ-ଚାରିଜଣ ପିଲାଙ୍କର ଜୀବନ କାହିଁକି ଗଢ଼ିଦେଉ ନାହୁଁ ? ତୋ ପାଖରେ ସାଧନ ଅଛି, ସାମର୍ଥ୍ୟ ଅଛି।"

"ସେଇ କାମ ସବୁ ତ ତୋ ପାଇଁ ଓ ତୋର ମନୋଜଙ୍କ ପାଇଁ ମୁଁ ଛାଡ଼ିଦେଇଛି। ତୁମେ ଦୁଇଜଣ ବିବାହ କରିନିଅ ଏବଂ ତା'ପରେ ସାରା ଦୁନିଆର କଲ୍ୟାଣ କରିବା ପାଇଁ ପତାକା ଧରି ବାହାରିପଡ଼।"

ଏବଂ ଚିତ୍ରା ହସି ଉଠି ପୁଣିଥରେ କହିଲା, "ଆଚ୍ଛା, ତୁ ମତେ କହ ତ, ତୋର ଏଇ କାର୍ଯ୍ୟ ଦ୍ୱାରା କ'ଣ ଅଧିକ ହୋଇଯିବ ? ତୁ ଯଦି ନିଜର ଆଦର୍ଶ ପାଠଶାଳାରେ ଦଶ-କୋଡ଼ିଏ ଜଣ ପିଲାଙ୍କୁ ପାଠ ପଢ଼ାଇ ସାକ୍ଷର କରି ଦେବୁ, ତା'ହେଲେ କ'ଣ ଦେଶରୁ ନିରକ୍ଷରତା ଦୂର ହୋଇଯିବ ? ନାଇଁ ତ ଯଦି ଦଶ-କୋଡ଼ିଏ ସ୍ତ୍ରୀଲୋକଙ୍କୁ ଶିଳ୍ପବିଦ୍ୟା ଶିଖାଇ ସାମାନ୍ୟ ରୋଜଗାରକ୍ଷମ କରାଇଦେବୁ, ତା' ହେଲେ କ'ଣ ତା' ଦ୍ୱାରା ଦେଶରୁ ଗରିବୀ ଦୂର ହୋଇଯିବ ? ଆରେ, ଏଇ ସବୁ କାମ ଜଣକ ଦ୍ୱାରା ସମ୍ଭବ ହୋଇନଥାଏ। ଯେ ପର୍ଯ୍ୟନ୍ତ ସମାଜର ସଂପୂର୍ଣ୍ଣ ଢାଞ୍ଚା ବଦଳି ଯାଇନାହିଁ, ସେ ପର୍ଯ୍ୟନ୍ତ କିଛି ବି ହୋଇ ପାରିବ ନାହିଁ। ଏବଂ ଯଦି ପ୍ରକୃତରେ ଢ଼ାଞ୍ଚା ହିଁ ବଦଳିଯିବ, ତା'ହେଲେ ତୋର-ମୋର କିଛି କରିବା ପାଇଁ ଆବଶ୍ୟକତା ରହିବ ନାହିଁ। ସବୁ ମନକୁ ମନ ହୋଇଯିବ।"

ତା'ପରେ ଦୁଇଜଣଙ୍କ ଭିତରେ କଳା ଓ ଜୀବନକୁ ନେଇ ଲମ୍ବା-ଲମ୍ବା ଯୁକ୍ତିତର୍କ ଚାଲିଲା ଏବଂ ଚିତ୍ରା ଶେଷରେ କାନ ଧରି ନେଇ କହିଲା, "ଆଚ୍ଛା-ଆଚ୍ଛା, ବନ୍ଦ କର ଏଇ ସବୁ ଭାଷଣ, ଅଯଥାରେ ବୋର୍ କରନାହିଁ।"

ଏହା ଗତ ପାଞ୍ଚବର୍ଷ ଧରି ଏମିତି ଭାବରେ ଚାଲିଆସୁଥିଲା। ପ୍ରତି ଦଶ-କୋଡିଏ ଦିନପରେ ଦୁଇଜଣଙ୍କ ଭିତରେ ନିଜ-ନିଜର ଉଦ୍ଦେଶ୍ୟକୁ ନେଇ, ନିଜ-ନିଜର ଦିନଚର୍ଯ୍ୟାକୁ ନେଇ ଏକ ଉତ୍ତେଜନା ପୂର୍ଣ୍ଣ ଯୁକ୍ତିତର୍କ ହୋଇ ହିଁ ଯାଏ। କିନ୍ତୁ ନା ଅରୁଣା ଚିତ୍ରାର କଥାକୁ ଗୁରୁତ୍ୱ ଦେଉଥାଏ, ନା ଚିତ୍ରା ଅରୁଣା କଥାରେ ସହମତ ହୋଇଥାଏ।

ତିନିଦିନ ଧରି ମୂଷଳ ଧାରାରେ ବର୍ଷା ହେଉଥିଲା। ପ୍ରତିଦିନ ସମ୍ବାଦପତ୍ରରେ ନଦୀବଢ଼ି ବିଷୟରେ ଖବର ଆସୁଥିଲା ଏବଂ ବନ୍ୟା ପ୍ରପୀଡ଼ିତ ଲୋକମାନଙ୍କର ଅବସ୍ଥା ଦିନକୁ ଦିନ ଖରାପ ହୋଇ ଯାଉଥିଲା। ବର୍ଷା ଏମିତି ଥିଲା ଯେ ବନ୍ଦ ହେବାର ନାଁ ଧରୁନଥିଲା। ଅରୁଣା ପୂରାଦିନ ସେମାନଙ୍କୁ ସାହାଯ୍ୟ କରିବା ପାଇଁ ଚାନ୍ଦା ସଂଗ୍ରହରେ ଲାଗିପଡ଼ିଥିଲା। ଦିନେ ଚିତ୍ରା ତାକୁ କହିଲା, "ତୋର ପରୀକ୍ଷା ମୁଣ୍ଡ ଉପରେ। କିଛି ତ ପଢ଼ାପଢ଼ି କରୁନାହୁଁ, ସାରାଦିନ ବାସ୍ ଇଆଡେ-ସିଆଡେ ଖାଲି ଘୂରି ବୁଲୁଛୁ। ଏଥର ଯଦି ଫେଲ ହୋଇଯିବୁ, ତା'ହେଲେ ତୋର ସବୁ ପଇସା ପାଣିରେ ପଡ଼ିଯିବ ଏବଂ ଗୋଟିଏ ବର୍ଷ ବି ନଷ୍ଟ ହୋଇଯିବ।"

ଚିତ୍ରାର କଥାକୁ ଅଣଶୁଣା କରି ଅରୁଣା କହିଲା, "ଆଜି ସଂଧ୍ୟାରେ ଗୋଟିଏ ସ୍ୱୟଂସେବକ ଗୋଷ୍ଠୀ ବନ୍ୟାପ୍ରପୀଡ଼ିତ ଅଞ୍ଚଳକୁ ଯାଉଛନ୍ତି। ପ୍ରିନ୍ସପାଲଙ୍କ ପାଖରୁ ଅନୁମତି ଆଣିଛି, ମୁଁ ବି ସେମାନଙ୍କ ସହିତ ଯିବି।"

ସଂଧ୍ୟାରେ ଅରୁଣା ଚାଲିଗଲା। ପନ୍ଦରଦିନ ପରେ ସେ ଫେରିଆସିଲା ତ ତା'ର ଅବସ୍ଥା ସାଂଘାତିକ ହୋଇଯାଇଥିଲା। ଚେହେରା ଏମିତି ବଦଳି ଯାଇଥିଲା, ଜାଣ ଛ'ମାସ ହେଲା ସେ ଅସୁସ୍ଥ ଅଛି। ଚିତ୍ରା ସେତେବେଳେ ତା'ର ଗୁରୁଜୀଙ୍କ ପାଖକୁ ଚାଲିଯାଇଥିଲା। ଅରୁଣା ଖାଇପିଇ ଶୋଇବାକୁ ଚାଲିଆସିବା ସମୟରେ ହଠାତ୍ ତା'ର ଦୃଷ୍ଟି ଚିତ୍ରାର ନୂଆ-ନୂଆ ତିନୋଟି ପେଣ୍ଟିଂସ୍ ଉପରେ ପଡ଼ିଗଲା ଏବଂ ତିନୋଟିଯାକ ନଦୀ ବଢ଼ିର ଚିତ୍ର ଥିଲା। ଯେଉଁ ଦୃଶ୍ୟ ସେ ସ୍ୱଚକ୍ଷୁରେ ଦେଖି କରି ଆସିଥିଲା, ତା'ର ଅବିକଳ ଚିତ୍ର ଏଇ ତିନୋଟି ପେଣ୍ଟିଂସ୍ ଭିତରେ ସୀମାବଦ୍ଧ ହୋଇ ରହିଯାଇଛି। ଅରୁଣାର ମନ ଜଣାନାହିଁ କେମିତି-କେମିତି ହୋଇଗଲା। ସେଠାରେ ଲୋକମାନଙ୍କର ବଞ୍ଚିବା ପାଇଁ ସଂଘର୍ଷ ଚାଲିଛି ଏବଂ ଏଇ ସଂଘର୍ଷ ଭିତରେ ବି ଚିତ୍ରାକୁ ନିଜର ଚିତ୍ରକାରୀତା ପ୍ରଦର୍ଶନ କରିବା ପାଇଁ ଇଚ୍ଛା ହେଉଛି ! ଆଉ ଆଗକୁ ସେ ଭାବିପାରୁନଥିଲା।

ସଂଧ୍ୟା ସମୟରେ ଚିତ୍ରା ଫେରିଆସି ଅରୁଣାକୁ ଦେଖି ବହୁତ ଖୁସି ହୋଇଗଲା ଏବଂ କହିଲା, "ଭଲହେଲା, ତୁ ଫେରି ଆସିଲୁ। ମୁଁ ତ ଭାବୁଥିଲି ଯେ ଯିବା ପୂର୍ବରୁ ହୁଏତ ତୋ ସହିତ ଦେଖା ହୋଇପାରିବ ନାହିଁ।"

"କାହିଁକି, ତୋର ଯିବା କ'ଣ ସ୍ଥିର ହୋଇଗଲା ?"

"ହଁ, ଆସନ୍ତା ବୁଧବାରଦିନ ମୁଁ ଘରକୁ ଯିବି ଏବଂ ବାସ୍, ଗୋଟିଏ ସପ୍ତାହ ପରେ ହିନ୍ଦୁସ୍ଥାନର ସୀମା ବାହାରେ ପହଞ୍ଚିଯିବି।" ଖୁସି ଓ ଉଲ୍ଲାସ ତା'ର ସ୍ୱରରୁ ଝରି ପଡୁଥିଲା।

"ସତ କହୁଛୁ, ତୁ ଚାଲିଯିବୁ ? ଛ' ବର୍ଷ ଧରି ତୋ ସହିତ ରହି-ରହି ଏଇ କଥାକୁ ମୁଁ ଭୁଲିଯାଇଛି ଯେ ଆମ ଦୁଇଜଣଙ୍କୁ କେବେ ନା କେବେ ନିଶ୍ଚୟ ଅଲଗା ହେବାକୁ ହିଁ ପଡ଼ିବ। କିନ୍ତୁ ତୁ ଚାଲିଯିବୁ ତ ମୁଁ ରହିବି କେମିତି ?

"ଆରେ, ଦୁଇମାସ ପରେ ତ ତୁ ବିବାହ କରିନେବୁ ଏବଂ ତା'ପରେ ତୋର ମନେ ହିଁ ପଡ଼ିବ ନାହିଁ ଯେ ଚିତ୍ରା କିଏ ଥିଲା। ମୋର ବହୁତ ଇଚ୍ଛା ଥିଲା ତୋର ବିବାହ ସମୟରେ ଉପସ୍ଥିତ ରହିବା ପାଇଁ। କିନ୍ତୁ ଏବେ ତ ମୁଁ ଆସି ହିଁ ପାରିବି ନାହିଁ। ତୁମ ଦୁଇଜଣଙ୍କର ବାହାଘର ଭଲରେ-ଭଲରେ ହୋଇଯାଉ ଏବଂ ପରସ୍ପର ମିଶି ସମଗ୍ର ସମାଜର ଏବଂ ସଂପୂର୍ଣ୍ଣ ସଂସାରର କଲ୍ୟାଣ କରିଚାଲ।"

କିନ୍ତୁ ଅରୁଣା କାନରେ ତା'ର କୌଣସି କଥା ପଡୁନଥିଲା। ଚିତ୍ରା ସହିତ ବିତାଇଥିବା ଗତ ଛ'ବର୍ଷର ଚିତ୍ର ତା'ର ଚକ୍ଷୁ ସମ୍ମୁଖରେ ଘୂରିବୁଲୁଥିଲା ଏବଂ ସେ ସେଇ ସବୁ ଭିତରେ ହଜିଯାଇ ବସି ରହିଥିଲା।

"କ'ଣ ଏତେ ଭାବୁଛୁ, ରୁନି ? ମନୋଜଙ୍କର ସ୍ମୃତି ମନେ ପଡ଼ିଗଲା କି ?"

ସେଦିନ ରାତିରେ ଶୋଇ-ଶୋଇ ଅରୁଣା ନିଜର ଓ ଚିତ୍ରାର କଥା ଭାବି ଚାଲିଥିଲା। ଦୁଇଜଣଙ୍କର ଆଚାର-ବିଚାର, ଚଳଣୀ, ରୁଚି ଇତ୍ୟାଦି ଭିତରେ ଆକାଶ-ପାତାଳ ପ୍ରଭେଦ ଥିଲା, ପୁଣି ବି କେତେ ସ୍ନେହଥିଲା ପରସ୍ପର ମଧ୍ୟରେ ! ପୂରା ହଷ୍ଟେଲ ସେମାନଙ୍କର ବନ୍ଧୁତା ଦେଖି ଇର୍ଷା କରୁଥିଲେ। ଯେତେବେଳେ ତା'ର ବିଏ ପରୀକ୍ଷା ଚାଲୁଥିଲା, ସେତେବେଳେ ଚିତ୍ରା କେତେ ଧ୍ୟାନ ରଖିଥିଲା ତା'ର ? ସେ ପ୍ରାୟ ଅନେକ ସମୟରେ ଚିତ୍ରାକୁ ଗାଳି ଦେଉଥିଲା, କିନ୍ତୁ ସେ କେବେ ବି ଖରାପ ଭାବିନାହିଁ। ଏଇ ଚିତ୍ରା ଏବେ ଚାଲିଯିବ, ବହୁତ-ବହୁତ ଦୂରକୁ। ପୂରା ଦୁଇମାସ ତା'ର କେମିତି କଟିବ ? ଏ ସବୁ ଭାବି-ଭାବି ତା'ର ଚକ୍ଷୁ ଦୁଇଟିକୁ ନିଦ ଆସିଗଲା।

ଆଜି ଚିତ୍ରାକୁ ଯିବା ପାଇଁ ଅଛି। ଅରୁଣା ସକାଳ ସମୟରୁ ହିଁ ତା'ର ଜିନିଷପତ୍ର ସବୁ ବାନ୍ଧି ଚାଲିଛି। ଜଣ-ଜଣ କରି ସମସ୍ତଙ୍କ ସହିତ ଦେଖାକରି ଚିତ୍ରା ଫେରିଆସିଲା ଏବଂ କିଛି ସମୟ ପରେ ଗୁରୁଜୀଙ୍କ ପାଖକୁ ଚାଲିଗଲା। ଅରୁଣା ତା'ର ସବୁ କାମ ସାରିଦେଇ ତାକୁ ଅପେକ୍ଷା କରିଥାଏ। ପାଞ୍ଚଟା ସମୟର ଗାଡ଼ିରେ ତାକୁ ଯିବା ପାଇଁ ଅଛି, ଅଥଚ ସେ ଏ ପର୍ଯ୍ୟନ୍ତ ଆସିନାହିଁ। ଅରୁଣା ଭାବିଲା, ସେ ନିଜେ ଯାଇ ଦେଖିଆସିବ। ଠିକ୍ ସେହି ସମୟରେ ଅସ୍ତବ୍ୟସ୍ତ ହୋଇ ଚିତ୍ରା ଚାଲିଆସି କହିଲା, "ବହୁତ ବିଳମ୍ବ ହୋଇଗଲା ନା ! କିନ୍ତୁ କ'ଣ କରିବି, କିଛି ଏମିତି ହୋଇଗଲା ଯେ ମତେ ସେଠାରେ ରହିଯିବାକୁ ପଡ଼ିଲା।"

"ଶେଷରେ କ'ଣ ହୋଇଗଲା ଏମିତି, ଯାହା ଫଳରେ ତତେ ରହିଯିବାକୁ ପଡ଼ିଲା ?" ଉପସ୍ଥିତ ଦୁଇ-ତିନିଜଣ ଅନ୍ତେବାସୀ ଏକା ସହିତ ପଚାରିଦେଲେ।

"ଗର୍ଗ ଷ୍ଟୋର ସମ୍ମୁଖରେ ଥିବା ବରଗଛ ତଳେ ପ୍ରାୟ ସବୁ ସମୟରେ ଗୋଟିଏ ଭିକାରୁଣୀ ବସି ରହୁଥିଲା ନା ? ଫେରିଆସିବା ସମୟରେ ମୁଁ ଦେଖିଲି, ସେ ସେଇଠି ମରିଯାଇ ପଡ଼ିରହିଛି ଏବଂ ତା'ର ଦୁଇଟି ପିଲା ସେଇ ମୃତ ଶରୀର ସହିତ ଚାପିହୋଇ କାନ୍ଦି ଚାଲିଛନ୍ତି। ଜଣାନାହିଁ, କ'ଣ ଥିଲା ସେଇ ସଂପୂର୍ଣ୍ଣ ଦୃଶ୍ୟରେ ଯେ ମୁଁ ନିଜକୁ ଅଟକେଇ ଦେଇପାରିଲି ନାହିଁ- ଗୋଟିଏ ରଫ୍‌ସ୍କେଚ୍ ତିଆରି କରିଦେଲି। ବାସ୍ ଏହି କାରଣ ଯୋଗୁଁ ମୋର ବିଳମ୍ବ ହୋଇଗଲା।"

ଚର୍ଚ୍ଚା ତା'ଉପରେ ହିଁ ଆରମ୍ଭ ହୋଇଗଲା। "କେମିତି ମରିଗଲା ? କାଲି ତ ମୁଁ ତାକୁ ଦେଖିଥିଲି।" ଆଉ କେହି ଜଣେ ଦାର୍ଶନିକଙ୍କ ପରି କହିଲା, "ଆରେ, ଜୀବନର କ'ଣ ଭରସା, ମୃତ୍ୟୁ କ'ଣ କେବେ କହି କରି ଆସିଥାଏ ?" କିନ୍ତୁ ଏଇ ସବୁ ଚର୍ଚ୍ଚା ଭିତରୁ ଅରୁଣା କେତେବେଳେ ଚାଲିଯାଇଛି, କେହି ଜାଣି ପାରିଲେ ନାହିଁ।

ସାଢ଼େ ଚାରିଟା ବାଜିଯିବା ସମୟରେ ଚିତ୍ରା ହଷ୍ଟେଲର ଗେଟ୍ ପାଖକୁ ଚାଲିଆସିଲା, କିନ୍ତୁ ସେ ପର୍ଯ୍ୟନ୍ତ ଅରୁଣାର କୌଣସି ଠିକଣା ନାହିଁ। ହଷ୍ଟେଲର ଅନେକ ଝିଅ ତାକୁ ଛାଡ଼ିବା ପାଇଁ ଷ୍ଟେସନ ଆସିଥିଲେ। ଚିତ୍ରାର ଚକ୍ଷୁ ଦୁଇଟି କିନ୍ତୁ ଅରୁଣାକୁ ଖୋଜି ଚାଲିଥାନ୍ତି। ତା'ର ଦୃଢ଼ ବିଶ୍ୱାସ ଥିଲା, ଅରୁଣା ନିଶ୍ଚୟ ତା'ର ଏଇ ବିଦାୟ ବେଳାରେ ତାକୁ ଦେଖାକରିବା ପାଇଁ ଚାଲିଆସିବ। ପାଞ୍ଚଟା ବାଜିଲା, ଟ୍ରେନ୍ ଗଡ଼ିବାକୁ ଲାଗିଲା, ଅନେକଗୁଡ଼ିଏ ରୁମାଲ ହଲି-ହଲି ତାକୁ ବିଦାୟ ଦେଲେ, କିନ୍ତୁ ତା'ର ଅଶ୍ରୁଭରା ଚକ୍ଷୁ ଦୁଇଟି ଅନ୍ୟଜଣକୁ ହିଁ ଖୋଜି ଚାଲିଥିଲେ- ସେ କିନ୍ତୁ ଆସୁନଥିଲା.....

ବିଦେଶ ଚାଲିଯିବା ପରେ ଚିତ୍ରା ମନ-ପ୍ରାଣ ଦେଇ ନିଜର କାମରେ ଲାଗିପଡ଼ିଲା। ତା'ର ଇଚ୍ଛାଶକ୍ତି ଓ ଏକାଗ୍ରତା ହିଁ ତା'ର କଳାକୁ ନିପୁଣ କରିଦେଲା। ବିଦେଶମାନଙ୍କରେ ତା'ର ପେଣ୍ଟିଂସ୍ ଗୁଡ଼ିକ ସମସ୍ତ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଦେଲା। ଭିକାରୁଣୀ ଓ ତା'ର ଦୁଇ ଅନାଥ ପିଲାଙ୍କ ସେଇ ଚିତ୍ରଟିର ପ୍ରଶଂସାରେ ସମ୍ବାଦପତ୍ରର ସ୍ତମ୍ଭ ଉପରେ ସ୍ତମ୍ଭ ସବୁ ଭର୍ତ୍ତି ହୋଇଗଲା। ପ୍ରସିଦ୍ଧିର ଉଚ୍ଚତମ ସୋପାନରେ ବସି ରହି ଚିତ୍ରା ଯେମିତି ନିଜ ଅତୀତର ସବୁକିଛି ଭୁଲିଯାଇଥିଲା।

ପ୍ରଥମ ବର୍ଷ ତ ଅରୁଣା ସହିତ ତା'ର ଚିଠିପତ୍ରର ଆଦାନ-ପ୍ରଦାନ ନିୟମିତ ଭାବରେ ଚାଲିଲା। କିନ୍ତୁ ପୁଣି ଧୀରେ-ଧୀରେ ତାହା ସଂପୂର୍ଣ୍ଣ ଭାବରେ ବନ୍ଦ ହୋଇଗଲା। ଗତ ବର୍ଷେ ହେଲା ତ ତାକୁ ଏହା ବି ଜଣାନାହିଁ ଯେ ଅରୁଣା ଏବେ କେଉଁଠି ଅଛି। ନୂଆ-ନୂଆ କଳ୍ପନା, ନୂଆ-ନୂଆ ବିଚାର ତାକୁ ନୂତନ ସର୍ଜନା ପାଇଁ ପ୍ରେରଣା ଦେଇ ଚାଲିଲେ ଏବଂ ସେ ସେଇଥିରେ ହିଁ ସଦାସର୍ବଦା ବୁଡ଼ି ରହୁଥିଲା।

ବିଭିନ୍ନ ସ୍ଥାନରେ ଚିତ୍ରାର ପେଣ୍ଟିଂସ୍‌ଗୁଡ଼ିକର ପ୍ରଦର୍ଶନୀ ହୋଇଥାଏ। ଅନେକ ପ୍ରତିଯୋଗୀତାରେ ତା'ର 'ଅନାଥ' ଶୀର୍ଷକ ଚିତ୍ରଟି ପ୍ରଥମ ପୁରସ୍କାର ପାଇଥିଲା। ଜଣାନାହିଁ କ'ଣ ଥିଲା ସେଇ ଚିତ୍ରରେ, ଯିଏ ବି ଦେଖେ, ଆଶ୍ଚର୍ଯ୍ୟ ଚକିତ ହୋଇ ଚାହିଁରହେ। ସେଇ ଚିତ୍ରଟିରୁ ସତେ ଯେମିତି ଦୁଃଖ, ଦାରିଦ୍ର୍ୟତା ଏବଂ କରୁଣା ସାକ୍ଷାତ ରୂପରେ ସମ୍ମୁଖକୁ ଚାଲି ଆସୁଥାଏ।

ତିନିବର୍ଷ ପରେ ଚିତ୍ରା ଯେତେବେଳେ ଭାରତ ଫେରିଆସିଲା, ବହୁତ ଭଲଭାବରେ ତାକୁ ସ୍ୱାଗତ-ସମ୍ବର୍ଦ୍ଧନା ମିଳିଲା। ସମ୍ବାଦପତ୍ରମାନଙ୍କରେ ତା'ର ଚିତ୍ରକଳା ଉପରେ, ତା'ର ଜୀବନୀ ଉପରେ ଅନେକ ଲେଖା ପ୍ରକାଶିତ ହେଲା। ପିତା ନିଜର ଏକମାତ୍ର କନ୍ୟାର ଏଇ ସଫଳତା ପାଇଁ ଗର୍ବରେ ଉତ୍‌ଫୁଲ୍ଲିତ ହୋଇ ଉଠୁଥିଲେ। ଦିଲ୍ଲୀରେ ତା'ର ଚିତ୍ରକଳା ପ୍ରଦର୍ଶନୀ ପାଇଁ ବିରାଟ ଆୟୋଜନ କରାଗଲା। ଉଦ୍‌ଘାଟନ କରିବା ପାଇଁ ଚିତ୍ରାର ବାପାଙ୍କୁ ହିଁ ନିମନ୍ତ୍ରଣ କରାଯାଇଥିଲା। ସେଇ ପ୍ରଦର୍ଶନୀକୁ ଦେଖିବା ପାଇଁ ହଜାର-ହଜାର ସଂଖ୍ୟାରେ ଜନତାଙ୍କର ଭିଡ଼ ଲାଗିଗଲା ଏବଂ ଭୂରି-ଭୂରି ପ୍ରଶଂସା ଶୁଣି ଚିତ୍ରାକୁ ଲାଗିଲା, ସତେ ଯେମିତି ତା'ର ସ୍ୱପ୍ନ ସାକାର ହୋଇଯାଇଛି।

ପ୍ରଦର୍ଶନୀର ସେଇ ଗହଳି ଭିତରେ ହଠାତ୍ ତା'ର ସାକ୍ଷାତ ଅରୁଣା ସହିତ ହୋଇଗଲା। "ରୁନି!" କହି ସେ ଜନଗହଳିର ଉପସ୍ଥିତିକୁ ଭୁଲିଯାଇ ଅରୁଣାକୁ କୋଳାଗ୍ରତ କରିନେଲା। "ତୋର କେବେ ଠାରୁ ଚିତ୍ର ଦେଖିବା ପାଇଁ ଆଗ୍ରହ ଆସିଯାଇଛି, ରୁନି?"

"ଚିତ୍ରମାନଙ୍କୁ ନୁହେଁ, ଚିତ୍ରାକୁ ଦେଖିବାକୁ ଆସିଥିଲି। ତୁ ତ ମତେ ପୂରାମାତ୍ରାରେ ଭୁଲି ହିଁ ଯାଇଛୁ।"

"ଏଇ ପିଲାମାନେ କାହାର?" ଦୁଇଟି ସୁନ୍ଦର-ସୁନ୍ଦର ପିଲାଙ୍କୁ ଅରୁଣା ସହିତ ଚାପି ହୋଇ ଛିଡ଼ା ହୋଇଥିବା ଦେଖି ଚିତ୍ରା ପଚାରିଲା। ବାଳକର ବୟସ ପ୍ରାୟ ଆଠବର୍ଷ ହୋଇଥିବ ଏବଂ ବାଳିକାଟି ପାଞ୍ଚବର୍ଷ ପାଖା-ପାଖି

"ପିଲା ଦୁଇଜଣ ମୋର ନୁହେଁ ତ ଆଉ କାହାର! ତୁମମାନଙ୍କର ଚିତ୍ରାମାଉସୀ ଇଏ, ନମସ୍କାର କର ନିଜର ମାଉସୀଙ୍କୁ।" ଅରୁଣା ଆଦେଶ ଦେଲା।

ପିଲାମାନେ ଅତି ନମ୍ରତାର ସହିତ ତାକୁ ନମସ୍କାର କଲେ। ଚିତ୍ରା କିନ୍ତୁ ଆଶ୍ଚର୍ଯ୍ୟ ହୋଇ କେତେବେଳେ ସେମାନଙ୍କୁ ତ ଆଉ କେତେବେଳେ ଅରୁଣାର ମୁହଁକୁ ଦେଖି ଚାଲିଥିଲା। ସେ ଏଇ ସବୁ କଥାର କୌଣସି ତାଳମେଳ ପାଇ ପାରୁନଥିଲା। ଠିକ୍ ସେହି ସମୟରେ ଅରୁଣା ତାକୁ ସ୍ମରଣ କରାଇ ଦେଇ କହିଲା, "କେମିତିକା ମାଉସୀ ତୁ, ପିଲାମାନଙ୍କୁ ସ୍ନେହ ତ କର!"

ହଠାତ୍ ପ୍ରକୃତିସ୍ଥ ହୋଇଯାଇ ଚିତ୍ରା ସେମାନଙ୍କର ମୁଣ୍ଡରେ ହାତବୁଲାଇ ଆଣି ଆଶୀର୍ବାଦ କଲା। ସ୍ନେହର ସାମାନ୍ୟ ସ୍ପର୍ଶ ଓ ଆଶ୍ୱାସନା ପାଇ ଝିଅଟି ଚିତ୍ରାର କୋଳକୁ ଚଢ଼ିଗଲା। ଅରୁଣା କହିଲା, "ତୁମର ଏଇ ମାଉସୀ ଖୁବ୍ ସୁନ୍ଦର-ସୁନ୍ଦର ଚିତ୍ର ତିଆରି କରେ। ଏଇ ସବୁ ଚିତ୍ର ସେ ହିଁ ଆଙ୍କିଛି।"

"ସତ?" ଆଶ୍ଚର୍ଯ୍ୟ ହୋଇ ଝିଅଟି କହିଲା। "ତା'ହେଲେ ତ ମାଉସୀ ତୁମେ ଡ୍ରଇଁରେ ନିଶ୍ଚୟ ଫାଷ୍ଟ ହେଉଥିବ। ମୁଁ ବି ମୋ କ୍ଲାସ୍‌ରେ ଫାଷ୍ଟ ଆସୁଛି। ତୁମେ ଆମ ଘରକୁ ଆସିବ ତ ମୁଁ ତୁମକୁ ମୋର କପି ଦେଖାଇବି।" ଝିଅଟିର ସ୍ୱରରେ ପ୍ରତିଦ୍ୱନ୍ଦ୍ୱିତାର ଭାବନା ଥିଲା। ଚିତ୍ରା ଓ ଅରୁଣା ହସି ଦେଲେ।

"ତୁମେ ଆମକୁ ସବୁ ଚିତ୍ର ଦେଖାଇବ ମାଉସୀ, ଭଲ ଭାବରେ ବୁଝାଇ-ବୁଝାଇ।" ପିଲା ଦୁଇଜଣ ଅନୁରୋଧ କଲେ। ଚିତ୍ରା ବୁଝାଇବ କ'ଣ, ଏମିତି ହିଁ ପେଣ୍ଟିଂସ୍ ସବୁ ଦେଖାଇଚାଲିଲା। ସେମାନେ ଯେତେବେଳେ 'ଅନାଥ' ଶୀର୍ଷକ ଚିତ୍ର ପାଖରେ ପହଞ୍ଚିଲେ, ଚିତ୍ରା କହିଲା, "ଏଇଟା ସେଇ ଚିତ୍ର ରୁନି, ଯାହା ମତେ ଏତେ ଖ୍ୟାତି ଦେଇଛି।"

"ଏଇ ପିଲାମାନେ କାନ୍ଦୁଛନ୍ତି କାହିଁକି, ମାଉସୀ?" ଚିତ୍ରକୁ ଧ୍ୟାନର ସହିତ ଦେଖି-ଦେଖି ଝିଅଟି ପଚାରିଲା।

"ସେମାନଙ୍କର ମା' ମରିଯାଇଛି। ଦେଖି ପାରୁନାହୁଁ ମରି ଯାଇ କେମିତି ପଡ଼ିରହିଛି? ଏତିକି କଥା ତୁ ବୁଝିପାରୁନାହୁଁ?" ବାଳକଟି ସୁଯୋଗ ପାଇଯିବା କ୍ଷଣି ନିଜର ବୁଦ୍ଧିଆ ଗୁଣକୁ ଦେଖାଇଦେଲା।

"ଏମାନେ କ'ଣ ସତସତିକା ପିଲାଥିଲେ, ମାଉସୀ?" ଝିଅଟିର ସ୍ୱରଅତି କରୁଣ ହୋଇଗଲା।

"ଆଉ ନୁହେଁ ତ କ'ଣ? ପ୍ରକୃତରେ ସତସତିକା ପିଲାମାନଙ୍କୁ ଦେଖି ହିଁ ତ ତିଆରି କରିଥିଲି ଏଇ ଚିତ୍ରଟି।"

"ହେ ରାମ! ଏମାନଙ୍କର ମା' ମରିଗଲା ତ ପୁଣି ଏଇ ପିଲାମାନଙ୍କର କ'ଣ ହେଲା?" ବାଳକଟି ତତ୍‌କ୍ଷଣାତ ପଚାରିଦେଲା।

"ମାଉସୀ, ଆମକୁ ଏମିତିକା ଚିତ୍ର ନୁହେଁ, ଭଲ-ଭଲ ଚିତ୍ର ଦେଖାଅ- ରାଜାରାଣୀଙ୍କର, ପରୀମାନଙ୍କର..." ସେଇ ଚିତ୍ରକୁ ଆଉ ଅଧିକ ସମୟ ଦେଖି ନପାରି ଝିଅଟି କହିଲା। ଠିକ୍ ସେହି ସମୟରେ ଅରୁଣାର ସ୍ୱାମୀ ଆସି ପହଞ୍ଚିଲେ। ସାଧାରଣ କଥାବାର୍ତ୍ତା ପରେ ତାଙ୍କ ପାଖରେ ପିଲାଦୁଇଜଣଙ୍କୁ ଛାଡ଼ି ଦେଇ ଅରୁଣା କହିଲା, "ତୁମେ ପିଲାମାନଙ୍କୁ ପ୍ରଦର୍ଶନୀ ଦେଖାଇ ଦିଅ, ମୁଁ ଚିତ୍ରାକୁ ନେଇ ଘରକୁ ଯାଉଛି।"

ପିଲାମାନଙ୍କର ଇଚ୍ଛା ନଥିଲେ ବି ବାପାଙ୍କ ସହିତ ସେମାନେ ଚାଲିଗଲେ। ଚିତ୍ରାକୁ ପିଲା ଦୁଇଜଣ ବହୁତ ଭଲ ଲାଗୁଥିଲେ। ସେ ସେମାନଙ୍କୁ ଏକ ଲୟରେ ଚାହିଁ ରହିଲା। ଯେମିତି ହିଁ ସେମାନେ ଚକ୍ଷୁ ସମ୍ମୁଖରୁ ଅନ୍ତର୍ଦ୍ଧାନ ହୋଇଗଲେ, ସେ ପଚାରିଲା, "ସତ କହ ରୁନି, ଏଇ ସୁନ୍ଦର ତଥା ପ୍ରିୟ ପିଲାଦୁଇଜଣ କାହାର?"

"କହିଲି ତ ମୋର!" ଅରୁଣା ହସିଦେଲା।

"ଆରେ, କହ ନା! ମତେ ବୋକା କରିଦେବା ପାଇଁ ଚେଷ୍ଟା କାହିଁକି କରୁଛୁ?"

ମୁହୂର୍ତ୍ତକ ପାଇଁ ନିରବ ରହି ଅରୁଣା ପଚାରିଲା, "କହି ଦେବି?" ଏବଂ ତା'ପରେ ସେ ଭିକାରୁଣୀବାଲୀ ଚିତ୍ରଟିର ଦୁଇପିଲାଙ୍କ ଉପରେ ଅଙ୍ଗୁଳି ରଖିଦେଇ କହିଲା, "ଏମାନେ ହିଁ ସେଇ ଦୁଇଜଣ ପିଲା।"

"କ'ଣ....?" ବିସ୍ମୟରେ ଚିତ୍ରାର ଚକ୍ଷୁ ଦୁଇଟି ବିସ୍ତାରିତ ହୋଇ ରହିଗଲା।

"କ'ଣ ଭାବୁଛୁ, ଚିତ୍ରା?"

"କିଛି ନାହିଁ। ମୁଁ... ମୁଁ ଭାବୁଥିଲି ଯେ...." କିନ୍ତୁ ଶବ୍ଦଗୁଡ଼ିକ ହୁଏତ ତା'ର ବିଚାରମାନଙ୍କ ଭିତରେ ହିଁ ହଜିଗଲେ।

# ସ୍ୱାଭିମାନ

## ଡକ୍ଟର କଳ୍ପଲତା ଦାସ

ସଞ୍ଜୟ ନିଜର ନିତ୍ୟକର୍ମ ଶେଷ କରି ଠାକୁରଙ୍କୁ ମୁଣ୍ଡିଆ ମାରିଲା। ଆଜି ତା'ର ନୂଆ ଚାକିରିର ପ୍ରଥମ ଦିନ। ପାଞ୍ଚବର୍ଷ ହେଲାଣି ଯେଉଁ ଓକିଲ ବାବୁଙ୍କ ଘରେ ଡ୍ରାଇଭର ହୋଇଥିଲା। ସେଠାରୁ ସେ ଚାକିରି ଛାଡ଼ି ଦେଇଥିଲା। ଦୁଇ ମାସ କାଳ କେତେ ଯାଗାରେ ବୁଝା ବୁଝି କରିବା ପରେ ଡାକ୍ତର ପ୍ରଶାନ୍ତ ମିଶ୍ରଙ୍କ ଘରେ ନୂତନ ନିଯୁକ୍ତି ମିଳିଛି। ଦରମା ମାସକୁ ଆଠହଜାର ଟଙ୍କା। ଟାଉନ୍ ବାହାରକୁ ଗଲେ ଖାଇବା ଖର୍ଚ୍ଚ ଟ୫୦ଙ୍କା ମିଳିବ। ପ୍ରଥମେ ସକାଳ ସାତଟା ପଚାଶରେ ଝିଅକୁ ନେଇ କନ୍‌ଭେଣ୍ଟ୍ ସ୍କୁଲରେ ଛାଡ଼ିବାକୁ ପଡ଼ିବ। ତାପରେ ଡାକ୍ତରବାବୁଙ୍କୁ ନେଇ ଦଶଟା ବେଳେ ହସ୍‌ପିଟାଲରେ ଛାଡ଼ିବାକୁ ହେବ। ଦିନ ଦୁଇଟା ଭିତରେ ଡାକ୍ତର ବାବୁଙ୍କୁ ହସ୍‌ପିଟାଲ୍‌ରୁ ଆଣିବା ସମୟରେ ଝିଅ ସ୍କୁଲରୁ ଆସିବ। ମା'ଙ୍କର ଯଦି ସନ୍ଧ୍ୟାବେଳେ କୁଆଡ଼େ ଯିବାର ନ ଥିବ ତେବେ ତିନିଟା ବେଳକୁ ବାବୁଙ୍କୁ ନେଇ ଡାକ୍ତରଖାନା ଯିବ।

ସଞ୍ଜୟ ଭାବୁଥିଲା ସେଯେଉଁ ଓକିଲ ବାବୁଙ୍କ ଘରେ ରହିଥିଲା - ପ୍ରଥମେ ଯେଉଁ ଦିନ ତାଙ୍କ ପାଖକୁ ଯାଇଥିଲା ସେ ମଧ ଏହିପରି କାର୍ଯ୍ୟକର୍ମର ସଂକ୍ଷିପ୍ତ ସୂଚନା ଦେଇଥିଲେ। "ପିଲାଙ୍କୁ ସ୍କୁଲରେ ଛାଡ଼ିବୁ, ମତେ ନେଇ କଚେରୀରେ ଛାଡ଼ିବୁ। ପିଲାଙ୍କୁ ସ୍କୁଲରୁ ଆଣିବା ପରେ ମତେ ଯାଇ କଚେରୀରୁ ନେଇ ଆସିବୁ। ଯଦି ସନ୍ଧ୍ୟାବେଳେ ଘରର କେହି ବଜାରକୁ ବା ଅନ୍ୟ କୌଣସି ଯାଗାକୁ ଯା'ଆନ୍ତି ସେମାନଙ୍କୁ ନବା ଆଣିବା କରିବା ପରେ ତୁ ତୋ ଘରକୁ ଚାଲିଯିବୁ।" ପ୍ରଥମେ ଏତେ ସବୁ କାମ ସଞ୍ଜୟକୁ ଖୁବ୍ ସହଜ ମନେ ହୋଇଥିଲା କିନ୍ତୁ ଦିନ ଯେପରି ଗଡ଼ି ଚାଲିଲା କାମର ଚାପ ଆସ୍ତେ ଆସ୍ତେ ବଢ଼ି ଚାଲିଲା। ବାବୁ ଲନ୍‌ରେ ପାଣି ଦେବା ପାଇଁ ବରାଦ କରନ୍ତିତ, ମା' ଫୁଲକୁଣ୍ଡ ଖୁସାଇ ଖତ, ମାଟି ଭର୍ତ୍ତି କରିବା ପାଇଁ କହନ୍ତି। ବାବୁ ସଫା ପ୍ୟାଣ୍ଟ୍, ସାର୍ଟ ଲଣ୍ଡ୍ରିରୁ ଇସ୍ତ୍ରୀ କରାଇବା ପାଇଁ ପଠାନ୍ତିତ ମା ପାଖ ପରିବା ଦୋକାନରୁ ପରିବା କିଣିବା ପାଇଁ ବରାଦ କରନ୍ତି। ବାବୁଙ୍କ ମା' ଠାକୁର ପୂଜା ପାଇଁ ବଗିଚାରୁ ଫୁଲ ତୋଳିବା ପାଇଁ ପଠାନ୍ତି। ପିଲାମାନେ ସନ୍ଧ୍ୟାବେଳେ ତା ହାତରେ ଗୁପଚୁପ୍, ଚାଟ୍ ମଗାନ୍ତି। ତେଣୁ କେବଳ ଗାଡ଼ି ଚଳାଇବାରେ ନୁହେଁ ସାଇକେଲ ଚଳାଇବାରେ ମଧ ଅନେକ ସମୟ କଟିଯାଏ। ସକାଳ ଆଠଟାରୁ ରାତି ଆଠଟା ବାରଘଣ୍ଟା ମଧ୍ୟରୁ ଖରାବେଳେ କେବଳ ଦୁଇ ଘଣ୍ଟା ପାଇଁ ଖାଇବାକୁ ଘରକୁ ଯାଏ।

ସମସ୍ତଙ୍କୁ ଖୁସି କରିବା ପାଇଁ ସଞ୍ଜୟ ଆପ୍ରାଣ ଚେଷ୍ଟା କରି ଚାଲିଥିଲା। ଛ' ହଜାର ଟଙ୍କା ଦରମା ତିନିବର୍ଷରେ ସାତହଜାରରେ ପହଞ୍ଚିଥିଲା। ପ୍ରତିବର୍ଷ ଦଶହରାକୁ ପ୍ୟାଣ୍ଟ ସାର୍ଟ କପଡା ହଳେ ମିଳୁଥିଲା। ତାଙ୍କରି ଘରେ ଥିବା ସମୟରେ ସଞ୍ଜୟ ବିବାହ କରିଥିଲା। ବିଭାଘର ପାଇଁ ମାସେ ଛୁଟି ନେଇଥିଲା। ତା' ବିଭାଘର ଭୋଜିଦିନ ବାବୁ, ମା, ପିଲାମାନେ ସମସ୍ତେ ତାଙ୍କ ଗାଁକୁ ଯାଇଥିଲେ। ମା' ବୋହୂଦେଖା ହଜାରେ ଟଙ୍କା ଦେଇଥିଲେ। ମାସେ ଛୁଟି ପୁରିଲା ପରେ ସଞ୍ଜୟ କାମରେ ଯୋଗ ଦେଇଥିଲା। ପୂର୍ବପରି ସବୁ କାମ କରି ଚାଲିଲା। ଦିନେ ମା ତାକୁ କହିଲେ - "ବାହା ହୋଇନଥିଲୁ ମେସ୍‌ରେ ରହୁଥିଲୁ - ଖାଉଥିଲୁ। ଏବେ ବାହା ସାହା ହେଲୁଣି, ଭଡ଼ା ଘରଟେ ନେ - ସ୍ତ୍ରୀକୁ ପାଖକୁ ଆଣ, ରୋଷେଇ କରି ଖାଇବାକୁ ଦେବ, ଭଲମନ୍ଦ ଖବର ବୁଝିବ। କେତେଦିନ ଏମିତି ହଇରାଣ ହେବୁ?" ସଞ୍ଜୟ ଉତ୍ତର ଦେଲା - "ମା! ଛ ହଜାର ଟଙ୍କାରେ ଟାଉନ୍ ଯାଗାରେ ଘରଭଡ଼ା ନେଇ ସ୍ତ୍ରୀକୁ ଆଣି ଚଳେଇବି କେମିତି? ଗାଁକୁ ତ କିଛି ବାପା ମାଙ୍କ ପାଇଁ ପଠାଇବି। ଟଙ୍କା ଆସିବ କୁଆଡୁ?" ଓକିଲ ବାବୁ ସ୍ତ୍ରୀଙ୍କଠାରୁ ସବୁ କଥା ଶୁଣି ଦିନେ ସନ୍ଧ୍ୟାବେଳେ ସଞ୍ଜୟକୁ ଡାକି କହିଲେ - "ମା! କହୁଥିଲେ ସଞ୍ଜୟର ଦରମା କିଛି ବଢ଼ାଇଦିଅ। ସେ ଘର ଭଡ଼ା ନେବ। ସ୍ତ୍ରୀକୁ ପାଖକୁ ଆଣିବ। ତୋର ଆମ ଘରେ ତିନି ବର୍ଷ ପୁରି ଗଲାଣି। ଆସନ୍ତା ମାସଠାରୁ ତୁ ସାତହଜାର ଟଙ୍କା ପାଇବୁ। ଏବେଠାରୁ ଭଡ଼ାଘର ଖୋଜ।"

ସଞ୍ଜୟ ମେସ୍‌ରେ ରହୁଥିବା ତା'ର ସାଙ୍ଗମାନଙ୍କୁ ଭଡ଼ା ଘରଟିଏ ଖୋଜିଦେବାକୁ କହିଲା। ନିଜେ ମଧ ସକାଳ ବେଳା ଓ ରାତି ଆଠଟା ପରେ ସୂଚନା ପାଇଥିବା ସ୍ଥାନ ମାନଙ୍କୁ ଯାଇ ଘର ଦେଖି ଆସିଲା। କେଉଁଠି ଘର ଭଲତ ଟଙ୍କା ଅଧିକ। କେଉଁଠି କମ୍ ଟଙ୍କାତ ଘର ଭଲ ନୁହେଁ। କେଉଁଠି ଗାଧୁଆ ଘର ପାଇଖାନା ନାହିଁତ କେଉଁଠି କୂଅରୁ ପାଣି କାଢ଼ିବାକୁ ପଡ଼ିବ। କେଉଁଠି ସବୁ ଭଲତ ସ୍ଥାନଟି ନିହାତି ନିକାଞ୍ଚନ। ଏକୁଟିଆ ସ୍ତ୍ରୀ ଲୋକଟି ଚଳିବା କଷ୍ଟକର ହୋଇପଡ଼ିବ। ବହୁତ ଖୋଜା ଖୋଜି ପରେ ଓକିଲ ବାବୁଙ୍କ ଘରଠାରୁ ଅଳ୍ପଦୂରରେ ମାସକୁ ଛଅଶହ ଟଙ୍କାରେ ଘରଟି ଭଡ଼ା ସୂତ୍ରରେ ମିଳିଲା। ଘର ସାମ୍‌ନାରେ ଟ୍ୟୁବ୍‌ୱେଲ୍‌ଟିଏ ଅଛି। ଆଖପାଖ ପାଞ୍ଚସାତଟି ପରିବାର ପାଣି ପାଇଁ ତାହାରି ଉପରେ ନିର୍ଭର କରନ୍ତି। ସଞ୍ଜୟକୁ ଘରଟି ପସନ୍ଦ ହେଲା। ଡେକିଚି, କଡ଼େଇ, ଷ୍ଟୋଭ୍ ଓ ଅନ୍ୟାନ୍ୟ ରୋଷାଇ ଉପକରଣ କିଣାକିଣି କରି ଗାଁରୁ ମା ଓ ସ୍ତ୍ରୀକୁ ନେଇ ଆସିଲା। ଜନ୍ମରୁ ଏ ପର୍ଯ୍ୟନ୍ତ ଗାଁରେ ଚଳି ଆସିଥିବା ମା'କୁ ସହରର ଚାଲିଚଳନ ଭଲ ଲାଗିଲା ନାହିଁ। ଗାଁ ପୋଖରୀ କୂଳରେ ଢିଙ୍କିଶାଳରୁ ଢେଙ୍କାନାଳ ପର୍ଯ୍ୟନ୍ତ ହେଉଥିବା ଆଲୋଚନା, ସନ୍ଧ୍ୟାବେଳେ ଭାଗବତ ଟୁଙ୍ଗିରେ ଭାଗବତ ଶୁଣା, ଖରାବେଳେ ସାହିର ସ୍ତ୍ରୀ ଲୋକମାନଙ୍କ ସହିତ କଉଡ଼ି ଖେଳ ବେଶିବେଶି ମନେ ପଡ଼ିଲା। ଦୁଇଟି ମାସ ପରେ ମା ଛାଟିପିଟି ହୋଇ ଗାଁକୁ ପଳାଇଲା।

ସଞ୍ଜୟର ସ୍ତ୍ରୀ ମିନି ଭଲ ଝିଅଟିଏ। ସକାଳୁ ଉଠି ଘର ପହଁରି ବାସନ ମାଜି ଗାଧୋଇ ସାରି ଠାକୁର ପୂଜା କରେ। ଷ୍ଟୋଭ ଲଗାଇ ଚା କରି ନିଜେ ପିଏ ଓ ସଞ୍ଜୟକୁ ଦିଏ। ସଞ୍ଜୟ ତାର ନିତ୍ୟ କର୍ମ ଶେଷ କରି ଆସିଲା ବେଳକୁ ତା ଆଗରେ ଗରମ ରୁଟି, ଭଜା କିମ୍ବା ସନ୍ତୁଳା ରଖିଦିଏ। ଯେଉଁଦିନ ସଞ୍ଜୟ ପଖାଳ ଖାଇବା ପାଇଁ ଆଗରୁ କହିଥାଏ। ସେଦିନ ପଖାଳ ସହିତ ଆଳୁ ଚଟଣୀ, ବଡ଼ିଚୁରା ବାଢ଼ି ଦେଇଥାଏ। ସଞ୍ଜୟ ଖାଇସାରି କାମକୁ ଗଲାପରେ କୁନି ମଇଳା ଲୁଗା ସଫାକରେ, ପାଖ ପରିବା ଦୋକାନରୁ ପରିବା ଆଣି ମଧାହ୍ନ ଭୋଜନ ପ୍ରସ୍ତୁତ କରେ। ଦୁଇ ତିନିଟା ବେଳକୁ ସଞ୍ଜୟ ଖାଇବାକୁ ଆସେ। ସଞ୍ଜୟ ଘଣ୍ଟାଏ ବିଶ୍ରାମ ନେଇ ଓକିଲବାବୁଙ୍କ

ଘରକୁ ଚାଲିଯାଏ । ଖରାବେଳଟା ମିନିକୁ ଖୁବ୍ ଦୀର୍ଘ ମନେ ହୁଏ । ହାତରେ କିଛି କାମ ନଥାଏ । ଦିବା ନିଦ୍ରାରେ ତାର ଆଗ୍ରହ ନଥାଏ । ସେ ସାହିର କେତେଜଣ ସ୍ତ୍ରୀ ଲୋକ ସକାଳେ ଏବଂ ଚାରିଟାବେଳେ ପାଖରେ ଥିବା ବାବୁମାନଙ୍କ ଘରେ କାମ କରି ବେଶ୍ ଦୁଇପଇସା ରୋଜଗାର କରୁଥିଲେ । ମିନି ଦିନେ ସଞ୍ଜୟ ପାଖରେ ପ୍ରସ୍ତାବ ରଖିଲା । କହିଲା – "ତମେ ତ ସକାଳ ଆଠଟାରୁ ଘରୁ ବାହାରି ଯାଉଛ ରାତି ଆଠଟା -ନ'ଟାରେ ଫେରୁଛ । କେବଳ ଖରାବେଳେ ଯାହା ଘଣ୍ଟାକ ପାଇଁ ଘରେ ରହୁଛ । ଦିନଯାକ ମୁଁ ଏକୁଟିଆ ଘରଟି ଭିତରେ ପଡ଼ି ରହୁଛି । ଏହି ସାହିର କେତେ ସ୍ତ୍ରୀ ଲୋକ ବାବୁମାନଙ୍କ ଘରେ ଝାଡୁ, ପୋଛା କରି, ବାସନ ମାଜି ବେଶ୍ ଦୁଇ ପଇସା ରୋଜଗାର କରୁଛନ୍ତି । ସେମାନଙ୍କ ସମୟ ମଧ ଭଲରେ କଟି ଯାଉଛି । ତମେ ଯଦି ରାଜି ହୁଅନ୍ତ ପାଖ ଘରର ଶାନ୍ତି ଅପା କହିଛନ୍ତି ମୋ ପାଇଁ ଭଲ କାମଟିଏ ବୁଝି ଦିଅନ୍ତେ । ସଞ୍ଜୟ କହିଥିଲା – "ତମେ ତ ରୋଷେଇ ବାସ, ଘରକାମ କେତେ କଣ କରୁଛ । ବାହାରେ କାମ କରି ପଇସା ରୋଜଗାର ପାଇଁ ଏତେ ମନ ବଳାଉଛ କାହିଁକି ?" କୁନି ବୁଝାଇଲା – " କି ରୋଷେଇ – ଦୁଇ ଜଣଙ୍କ ପାଇଁ ରୋଷେଇ ଘଣ୍ଟାଏ ଦୁଇ ଘଣ୍ଟାରେ ସବୁ ଶେଷ । ତମେ ଯଦି ରାଜି ହୁଅନ୍ତ ତମେ ୮ଟା ବେଳକୁ ବାବୁଙ୍କ ଘରକୁ ଗଲାପରେ ମୁଁ ବାହାରେ କାମ କରିବାକୁ ଯାଆନ୍ତି । ସେଠାରୁ ଆସି ଖୁବ୍ ସହଜରେ ଆମ ଦୁଇଜଣଙ୍କ ପାଇଁ ରୋଷେଇ କରି ପାରନ୍ତି । ଉପର ବେଳା ଚାରିଟାରୁ ପାଞ୍ଚଟା ଘଣ୍ଟାକ ପାଇଁ ବାହାରେ କାମ କଲେ ମୋର ସମୟ ସହଜରେ କଟି ଯାଆନ୍ତା– ଘରକୁ ମଧ ଦୁଇ ପଇସା ଆସନ୍ତା ସଞ୍ଜୟ ପ୍ରଥମେ କୁନିର ପ୍ରସ୍ତାବରେ ଅରାଜି ହେଉଥିଲେ ମଧ ତାହାର ବାସ୍ତବ ଚିନ୍ତାଧାରାକୁ ସମ୍ମାନ ଜଣାଇବାକୁବାଧ ହୋଇଥିଲା ।

ସାହିର ଅନ୍ୟ ଜଣେ ସ୍ତ୍ରୀ ଲୋକ ଶାନ୍ତି ଦୁଇ ତିନି ଜଣକ ଘରେ କାମ କରି ବେଶ୍ ଦୁଇ ପଇସା ରୋଜଗାର କରୁଥିଲା । ଜଣେ ବାବୁଙ୍କ ଘରେ କାମ କରୁଥିବା ସ୍ତ୍ରୀ ଲୋକଟି ଡେଲିଭରି ପାଇଁ ଛୁଟିରେ ରହୁଥିଲା । ଜଣେ କାମ ବାଲି ତାଙ୍କର ଦରକାର ବୋଲି ଶାନ୍ତି ଜାଣିଥିଲା । କୁନିକୁ ନେଇ ତାଙ୍କ ଘରେ ପହଞ୍ଚାଇଲା । ମା କାମ ବୁଝାଇ ଦେଲେ । ପ୍ରତିଦିନ ଦିନ ନ'ଟାରେ ତାଙ୍କ ଘରେ ପହଞ୍ଚିବ । ପ୍ରଥମେ ଘର ବାହାର ସବୁ ଝାଡୁ ମାରିବା ତା'ପରେ ଡ଼େଟଲ କିମ୍ବା ଲାଇଜଲ ପକାଇ ପୋଛିବ । ମଝିରେ ମଝିରେ ମାର୍ବଲ ଏବଂ ଟାଇଲରୁ ଦାଗ ଛଡ଼ାଇବା ପାଇଁ କିରାସିନ୍ ତେଲ ପକାଇ ପୋଛିବ । ମା'ଙ୍କ ନିର୍ଦ୍ଦେଶ ଅନୁସାରେ କାମ କରିବା ପାଇଁ କୁନି ରାଜି ହୋଇଗଲା । ଦରମା ଛିଣ୍ଡିଗଲା । ମାସକୁ ପନ୍ଦର ଶହ ଟଙ୍କା । ସଞ୍ଜୟ ତା କାମକୁ ଗଲାପରେ କୁନି ତା କାମକୁ ଚାଲିଆସେ । ବାବୁଙ୍କ ଘରେ କାମ ସରିଲା ପରେ ଘରକୁ ଆସି କୁନି ନିତ୍ୟ କର୍ମ ଶେଷ କରି ଚୁଲି ଲଗାଇ ରୋଷେଇ ଆରମ୍ଭ କରେ । ସଞ୍ଜୟ ଆସିଲା ପରେ ଏକାଠି ଦୁଇଜଣଙ୍କର ଖାଇବା ବାଢ଼େ । ଘଣ୍ଟାଏ ବିଶ୍ରାମ ନେଇ ସଞ୍ଜୟ ତା କାମରେ ଚାଲିଯାଏ । କୁନି ଘର କାମରେ ଲାଗି ପଡ଼େ । କୁନିର କାମରେ ମାଲିକ ଶରତ ବାବୁ ଏବଂ ତାଙ୍କ ପତ୍ନୀ ଖୁବ୍ ସନ୍ତୁଷ୍ଟ ଥିଲେ । କୁନିର କାମ ଯେପରି ପରିଷ୍କାର ପରିଚ୍ଛନ ଥିଲା ତାର ବ୍ୟବହାର, କଥାବାର୍ତ୍ତା ସେହିପରି ଭଦ୍ର ଓ ମାର୍ଜିତ ଥିଲା । ଶରତ ବାବୁଙ୍କ ଘରେ କାମ କରିବାର ତିନି ଚାରିମାସ ପରେ ଶରତ ବାବୁଙ୍କ ଘର ପାଖରେ ରହୁଥିବା ତାଙ୍କର ଜଣେ ସମ୍ପର୍କୀୟ ଭଉଣୀ ତାଙ୍କ ଘରେ କାମ କରିବା ପାଇଁ କୁନିକୁ ଅନୁରୋଧ କଲେ । କୁନି ସଞ୍ଜୟର ଅନୁମତି ନେଇ ନୂତନ ମାଲିକ ଅଧ୍ୟାପକ ବିନୋଦ ବାବୁଙ୍କ ଘରେ କାମ ଆରମ୍ଭ କଲା । ପ୍ରତିଦିନ ତିନିଟା ବେଳକୁ ତାଙ୍କ ଘରକୁ ଯାଏ । ଗାଧୁଆ ଘରେ ଥୁଆ ହୋଇଥିବା ଲୁଗା ସବୁକୁ ୱାସିଙ୍ଗ୍ ମେସିନ୍‌ରେ ପକାଏ । ତାକୁ ସବୁ ସଫା କରି ବାହାରପଟ ବାରଣ୍ଡାରେ ବନ୍ଧା ହୋଇଥିବା ଦଉଡ଼ିରେ ଶୁଖାଏ । ରୋଷେଇ ଘର ପାଇପ୍ ପାଖରେ ଥୁଆ ହୋଇଥିବା ବସନ ସବୁ ସଫା କରି ପୋଛି ଥାକରେ ସଜାଇ କରି ରଖେ । ରୋଷଇ ଘର ପୋଛି-ଗ୍ୟାସ୍ ଚୁଲା ସଫା କରି ଘରକୁ ଚାଲି ଆସେ । ଏତେ ସବୁ କାମ କରିବାକୁ କୁନିକୁ ପ୍ରାୟ ଦୁଇଘଣ୍ଟା ଲାଗିଥାଏ । ଘରକୁ ଫେରୁ ଫେରୁ ପାଞ୍ଚଟା ହୋଇଯାଏ । ଶରତ ବାବୁଙ୍କ ସ୍ତ୍ରୀ ଯେପରି ପ୍ରତିଦିନ ସକାଳ ବେଳା କୁନିକୁ ଚା ଏବଂ ଜଳଖିଆ ଦିଅନ୍ତି ବିନୋଦ ବାବୁଙ୍କ ସ୍ତ୍ରୀ ସେହିପରି ପ୍ରତିଦିନ ଚାରିଟା ବେଳକୁ ଚା କଲାବେଳେ କୁନିକୁ ଚା ସହିତ ବିସ୍କୁଟ ଦୁଇଖଣ୍ଡ କିମ୍ବା ପାଉଁରୁଟି ଦୁଇପିସ୍ ଦେବାକୁ ଭୁଲନ୍ତି ନାହିଁ । ପ୍ରତି ମାସର ପ୍ରଥମ ସପ୍ତାହରେ ଖୁସି ମନରେ ସତରଶହ ଟଙ୍କା ଧରାଇ ଦିଅନ୍ତି ।

ସଞ୍ଜୟ ନିଜ ନାମରେ ଆଗରୁ ଷ୍ଟେଟବ୍ୟାଙ୍କ ଶାଖାରେ ଏକ ଆକାଉଣ୍ଟ ଖୋଲିଥିଲା । କୁନି ରୋଜଗାର କଲା ପରେ ତା ନାମରେ ମଧ ଆକାଉଣ୍ଟ ଖୋଲିଲା । ସଞ୍ଜୟ କୁନିକୁ ବୁଝାଇଲା ତୁ ଯେତେବେଳେ ରୋଜଗାର କରୁ ନ ଥିଲୁ ସେତେବେଳେ ମୋ ଦରମା ଗଣ୍ଡାକରେ ଆମେ ଖୁବ୍ ଖୁସିରେ ଚଳୁଥିଲେ । ମା ପାଇଁ ଗାଁକୁ ପ୍ରତି ମାସରେ କିଛି ପଠାଉଥିଲେ । ଏବେ ତୁ ରୋଜଗାର କଲୁଣି । ଦୁଇଜଣଙ୍କର ପଇସା ଖାଇ ପିଇ କରି ଉଡ଼ାଇବା କାହିଁକି ? କିଛି କିଛି ସଞ୍ଚୟ କଲେ ଗାଁରେ ଭଲ ଘର ଖଣ୍ଡିଏ କରିବା । ସୁନା ଦୁଇ ଚାରି ଭରି କିଣିବା । କୁନି ସଞ୍ଜୟ ସହିତ ବ୍ୟାଙ୍କ୍‌କୁ ଯାଇ ନିଜ ନାମରେ ଖାତାଟିଏ ଖୋଲିଲା । ପ୍ରତି ମାସରେ ଦରମା ପାଇଲା ପରେ ସଞ୍ଜୟ ହାତରେ ଦୁଇହଜାର ଟଙ୍କା ବ୍ୟାଙ୍କ୍‌କୁ ପଠାଇଦିଏ । ସମୟ ଗଡ଼ି ଚାଲିଥିଲା । ସଞ୍ଜୟ ଓ କୁନିଙ୍କର ହସ ଖୁସିର ସଂସାରରେ ଆନନ୍ଦ ଲହରୀ ଭାଙ୍ଗୁଥିଲା । ଖାଇବା, ପିନ୍ଧିବା ଦୈନନ୍ଦିନୀ ଚଳଣିରେକିଛିଟା ପରିବର୍ତ୍ତନ ଆସିଥିଲା । ଦୁଇ ପଇସା ଅଧିକ ହାତକୁ ଆସିବାରୁ ସେମାନେ ଭଲ ଖାଇ, ଭଲ ପିନ୍ଧିବା ସହିତ ମା ପାଇଁ ଭଲ ଶାଢ଼ୀ ଓ ଦରକାରୀ ଜିନିଷ ନେଇ ଗାଁରେ ପହଞ୍ଚି ଯାଆନ୍ତି ।

ସଞ୍ଜୟ ଲକ୍ଷ୍ୟ କରୁଥିଲା – କୁନି ସହରକୁ ଆସି ସହରୀ ସଭ୍ୟତା ସହିତ ବେଶ୍ ପରିଚିତ ହୋଇଗଲାଣି । ଯେଉଁ ବାବୁମାନଙ୍କ ଘରେ କାମ କରୁଛି ସେମାନଙ୍କ ଚଳଣୀ ଆଉର ବ୍ୟବହାର ଦେଖି ନିଜକୁ ବହୁତ ମାର୍ଜିତ କରିନେଲାଣି । ସଞ୍ଜୟକୁ ଲାଗୁଥିଲା ଗାଁରୁ ଆସିଥିବା କୁନି ଏବଂ ସହରରେ ଚଳୁଥିବା କୁନି ମଧରେ ଯେପରି ଆକାଶ ପାତାଳ ତଫାତ୍ । ଗାଁରୁ ଆସିଥିବା ଝିଅଟି ଅଳ୍ପ କେତେ ମାସ ମଧରେ ସହରୀ ସଭ୍ୟତାକୁ ଏତେ ସୁନ୍ଦର ଭାବରେ ଆପଣେଇ ନେବ ଏକଥା ସଞ୍ଜୟ କଳ୍ପନାରେ ସୁଦ୍ଧା ଭାବି ପାରି ନଥିଲା । ଦିନେ କୁନି ପ୍ରସ୍ତାବ ଦେଲା – "ଷ୍ଟୋଭ୍‌ରେ ରୋଷେଇ କରିବାକୁ ବହୁତ କଷ୍ଟ ପଡୁଛି । ଗୋଟିଏ ଗ୍ୟାସ୍ ଚୁଲା ଓ ପ୍ରେସର କୁକରଟିଏ କିଣିବ । କମ୍ ସମୟରେ କମ୍ ଖର୍ଚ୍ଚରେ ଅଳ୍ପ ପରିଶ୍ରମରେ ରୋଷେଇ କରିହେବ ।" ସଞ୍ଜୟ କୁନିର କଥା ଅନୁସାରେ ଗ୍ୟାସ୍ ଚୁଲା ଓ ପ୍ରେସର କୁକର୍ କିଣି ଆଣିଲା ।

କୁନି ଯେଉଁ ଅଧ୍ୟାପକ ବିନୋଦ ବାବୁଙ୍କ ଘରେ କାମ କରୁଥିଲା ତାଙ୍କର ନୂଆ ଟି:ଭି: କିଣା ହେବାରୁ ପୁରୁଣା ଟି: ଭି: ସେଟ୍‌କୁ ସେ ବିକି ଦେବାକୁ ଚାହିଁଲେ । କୁନିଠାରୁ ଏ ଖବର ଶୁଣି ସଞ୍ଜୟ କୁନିକୁ କହିଲା – "ତୁ ତୋ ମାଙ୍କୁ ପଚାରିବୁ ଯଦି ସେ ଦୁଇହଜାର ଟଙ୍କାରେ ସେ ପୁରୁଣା ଟି:ଭି: ଟା ଦେଇ ଦେବେ ଆମେ କିଣି ଆଣିବା । ତୋର ତ ସନ୍ଧ୍ୟାପରେ କିଛି କାମ ନାହିଁ । ମୋର ତ ପ୍ରାୟ ରାତି ଆଠଟା ବେଳକୁ କାମ ସରି ଯାଉଛି । ଟି:ଭି: ଟା ଆସିଲେ ଦୁଇ ଜଣ ରାତିରେ ବସି ଟି:ଭି: ଦେଖନ୍ତେ । କୁନିର କଥାରେ ରାଜି ହୋଇ ବିନୋଦ ବାବୁଙ୍କ ସ୍ତ୍ରୀ ଦୁଇ ହଜାର ଟଙ୍କାରେ ଟି:ଭି: ଟାକୁ ଦେଇ ଦେଲେ । ସନ୍ଧ୍ୟାବେଳେ କୁନି କାମରୁ ଫେରି ଶୀଘ୍ର ରୋଷେଇ ଶେଷ କରିଦିଏ । ସଞ୍ଜୟ ଫେରିଲା ପରେ ଦୁହେଁ ବସି ଟି:ଭି ଦେଖନ୍ତି ।

ସଞ୍ଜୟ ପୂର୍ବରୁ ଯେପରି ଖାଇବାକୁ ଯିବା ସମୟ

ଟକ ଛାଡ଼ିଦେଲେ ସକାଳ ଆଠଟାରୁ ରାତି ନ'ଟା ଦଶଟା ପର୍ଯ୍ୟନ୍ତ ଓକିଲ ବାବୁଙ୍କ ଘରର କିଛି ନା କିଛି କାମ କରୁଥାଏ। ଏବେ ଆଉ ସେପରି କରି ପାରୁ ନାହିଁ। ସନ୍ଧ୍ୟାବେଳେ ଯଦି ବାବୁଙ୍କର କିମ୍ବା ଘରର ଅନ୍ୟ କାହାର ଗାଡ଼ିରେ ବାହାରକୁ ଯିବାର ନଥାଏ, ତେବେ ସେ ମା'ଙ୍କୁ ଗାଡ଼ି ଚାବି ଦେଇ ଘରକୁ ଚାଲି ଆସେ। ଦିନେ ମା କହିଲେ – "ସଞ୍ଜୟ ! ତୁ ଏବେ ରାତି ସାତଟା ନ ବାଜୁଣୁ ଘରକୁ ବାହାରୁଛୁ। ଆଗରୁ ଯେମିତି ରାତି ଦଶଟା ଯାଏ ରହୁଥିଲୁ ଏବେ ରହୁନାହୁଁ। ତୁ ଗଲା ପରେ ଯଦି କାହାର ବାହାରକୁ ଯିବାର ଦରକାର ପଡ଼େ ତେବେ କ'ଣ କରାଯିବ ? ସଞ୍ଜୟ ବିନମ୍ର ଭାବରେ ଉତ୍ତର ଦେଇଥିଲା– "ମା ! ଯେଉଁ ଦିନ କାହାର କେଉଁ ଆଡ଼େ ଯିବାର ନ ରହୁଛି ମୁଁ ସେଦିନ ସାତଟା ବେଳକୁ ଘରକୁ ଯାଉଛି। କାରଣ ଘରେ କୁନି ଏକୁଟିଆ ଥାଏ। ଯେଉଁଦିନ ମୁଁ ଗଲା ପରେ କିଛି ଦରକାର ପଡ଼ିବ ଫୋନ୍ କଲେ ମୁଁ ସଙ୍ଗେ ସଙ୍ଗେ ଚାଲି ଆସିବି।" ସଞ୍ଜୟ ଏ କଥା କହିଲା ବେଳେ ମା'ଙ୍କ ମୁହଁକୁ ଲକ୍ଷ୍ୟ କରିଥିଲା ତା ଉତ୍ତରରେ ମା ଖୁସି ହୋଇନଥିଲେ। ସଞ୍ଜୟ ପୂର୍ବରୁ ଯେପରି ଖାଇବାକୁ ଆସିଲେ ଖାଇଦେଇ ସଙ୍ଗେ ସଙ୍ଗେ ଫେରି ଯାଉଥିଲା ସେପରି କରିପାରୁନାହିଁ। ଦୁଇଟା ବେଳେ ଖାଇବାକୁ ଆସିଲେ ଘରେ ଦୁଇଘଣ୍ଟା କଟାଇ ଫେରୁଛି। ସେଥିପାଇଁ ପୂର୍ବରୁ ଫୁଲ ବଗିଚାରେ ପାଣି ଦେଉଥିଲା ଗଛମାନଙ୍କର ରକ୍ଷଣାବେକ୍ଷଣ କରୁଥିଲା ସେପରି କରି ପାରୁନାହିଁ। ବଗିଚା କାମ ପାଇଁ ମାଳି ରଖିବାକୁ ପଡ଼ିଛି। ପୂର୍ବରୁ ଯେପରି ବଜାର ସଉଦା ଅଧିକାଂଶ ସମୟରେ ମା ସଞ୍ଜୟ ଦ୍ୱାରା କରାଉଥିଲେ ଏବେ ଆଉ ସେ ସୁବିଧା ହୋଇ ପାରୁନାହିଁ।

ଓକିଲ ବାବୁଙ୍କ ଘରେ ଯେଉଁ ସ୍ତ୍ରୀ ଲୋକ ରୋଷେଇ କରୁଥିଲା ତାର ଅସୁବିଧା ହେବାରୁ ସେ କାମ ଛାଡ଼ିଦେଲା। କିଛିଦିନ ତାଙ୍କ ସ୍ତ୍ରୀ ହଇରାଣ ହେବା ପରେ ସଞ୍ଜୟକୁ ରୋଷେଇ କରିବା ପାଇଁ ପିଲାଟିଏ ଖୋଜି ଆଣିବା ପାଇଁ କହିଲେ। ସଞ୍ଜୟ ବିଭିନ୍ନ ଆଡ଼େ ଖୋଜା ଖୋଜି ପରେ ବିକାଶ ନାମକ ପିଲାଟିଏ ଯିଏ କି ସହରରେ କେତେ ଜଣଙ୍କ ଘରେ ରୋଷେଇ କରୁଥିଲା। ସେ ନୂଆ କାମର ସନ୍ଧାନରେ ଥିଲା। ତେଣୁ ସଞ୍ଜୟ ବିକାଶକୁ ମା'ଙ୍କ ପାଖରେ ପହଞ୍ଚାଇଲା। ବିଭିନ୍ନ ପ୍ରକାର ପ୍ରଶ୍ନ ପଚାରିବା ପରେ ବିକାଶକୁ ମା ପସନ୍ଦ କଲେ। ଦରମା ଛିଣ୍ଡିଲା ଓ ପର ଦିନଠାରୁ ବିକାଶ କାର୍ଯ୍ୟରେ ଯୋଗ ଦେଲା। ଅଳ୍ପ କେତେ ଦିନ ପରେ ସଞ୍ଜୟ ଅନୁଭବ କଲା ମା ପୂର୍ବପରି ତାର ସୁବିଧା, ଅସୁବିଧା ବିଷୟରେ କିଛି ପଚାରୁ ନାହାନ୍ତି। ଗାଡ଼ି ଚଲାଇବା ଛଡ଼ା ଘରର ଅନ୍ୟ କୌଣସି କାମ ତାକୁ ବରାଦ କରୁନାହାନ୍ତି। ଦିନ ଯେତିକି ଆଗକୁ ଗଡ଼ି ଚାଲୁଛି ମା ବିକାଶ ଉପରେ ସେତିକି ନିର୍ଭରଶୀଳ ହୋଇ ପଡୁଛନ୍ତି। ବଜାର ସଉଦା, ପରିବା କିଣା, ବଗିଚା କାମ ସବୁ ବିକାଶ ଦ୍ୱାରା କରାଇ ନେଉଛନ୍ତି। ବିକାଶ ଦିନକୁ ଦିନ ମା ଏବଂ ବାବୁଙ୍କର ଅଧିକ ଶ୍ରଦ୍ଧା ଭାଜନ ହେବା ପାଇଁ ନିରଳସ ଭାବରେ ଦକ୍ଷତାର ସହିତ ପ୍ରତ୍ୟେକ କାର୍ଯ୍ୟ ସମ୍ପାଦନ କରିବାରେ ହେଳା କରୁନାହିଁ। ସଞ୍ଜୟର ପ୍ରବେଶ ଗ୍ୟାରେଜରୁ ପୋର୍ଟିକୋ ବାରଣ୍ଡାରୁ ଡ୍ରଇଂ ରୁମ୍ ମଧ୍ୟରେ ସୀମୀତ ଥିବାବେଳେ ବିକାଶର ରୋଷେଇ ଘର, ବେଡ଼ରୁମ୍, ଠାକୁର ଘର ଠାରୁ ଭଣ୍ଡାର ଘର ପର୍ଯ୍ୟନ୍ତ ସବୁ ଆଡ଼େ ଅବାଧ ପ୍ରବେଶ ଥିଲା। ମା'ଙ୍କ ଠାରୁ ଟଙ୍କା ନେଇ ବିକାଶ ପିଲାମାନଙ୍କର ସ୍କୁଲ ଫିସ୍ ଜମା କରିବା ସହିତ ଇଲେକ୍ଟ୍ରି ଅଫିସ୍ ଯାଇ ବିଲ୍ ପୈଠ କରିଦେଇ ଆସୁଥିଲା।

ଓକିଲ ବାବୁଙ୍କର ଗାଁରେ ପ୍ରଚୁର ସମ୍ପତ୍ତି ବାଡ଼ି ଥିଲା। ଗାଁରେ ଜଣେ ଗୁମାସ୍ତା ମୂଲିଆ ଲଗାଇ ଚାଷ କାର୍ଯ୍ୟ ତଦାରଖ କରିବା ସହିତ ବଗିଚାର ନଡ଼ିଆ, କଦଳୀ, ଆମ୍ବ, ପଣସ ଇତ୍ୟାଦି ଗଛର ଯତ୍ନ ନେଉଥିଲା। ଉପଯୁକ୍ତ ସମୟରେ ସେ ସବୁକୁ ବିକ୍ରି କରି ଓକିଲବାବୁଙ୍କ ଘରେ ଟଙ୍କା ଧରି ପହଞ୍ଚି ଯାଉଥିଲା। ମା ଉକ୍ତ ଟଙ୍କାକୁ ବ୍ୟାଙ୍କରେ ଡିପୋଜିଟ୍ କରୁଥିଲେ। ଦିନେ ଗାଁରୁ ଗୁମାସ୍ତା ଧାନ ବିକ୍ରୟ ଟଙ୍କା ଅଠର ହଜାର ଆଣି ଓକିଲ ବାବୁଙ୍କ ଘରେ ପହଞ୍ଚିଲା। ମା ଗୁମାସ୍ତା ବାବୁଙ୍କର ଚା, ଜଳଖିଆର ବ୍ୟବସ୍ଥା କଲାପରେ ଗୁମାସ୍ତାଙ୍କ ଠାରୁ ଟଙ୍କାତକ ନେଇ ଘର ଭିତରେ ଆଲମାରୀରେ ରଖିବାକୁ ଯାଉଥିଲେ। ଏହି ସମୟରେ ଜଣେ ବାନ୍ଧବୀ ଡ୍ରଇଂ ରୁମ୍‌ରେ ଥିବା ଲ୍ୟାଣ୍ଡ ଲାଇନ୍‌କୁ ଫୋନ୍ କଲେ। ମା ଧରିଥିବା ଟଙ୍କାତକ ସେଣ୍ଟର ଟେବୁଲ ଉପରେ ପେପରୱେଟ୍ ମଡ଼ାଇ ରଖିଦେଇ ଫୋନ୍ ରିସିଭ୍ କରିବାକୁ ଗଲେ। ସାଙ୍ଗ ସହିତ ଅନେକ ସମୟ ଧରି ଗପ କରିବା ସମୟରେ ପୁଅ ଖାଇବାକୁ ମାଗିବାରୁ ମା ଫୋନ୍ ରଖିଦେଇ ପୁଅର ଖାଇବା ବାଢ଼ିଦେବା ପାଇଁ ରୋଷେଇ ଘରକୁ ଚାଲିଗଲେ। ଏହି ସମୟରେ ଓକିଲ ବାବୁ କଚେରୀରୁ ଫେରିଲେ। ସଞ୍ଜୟ ଗାଡ଼ି ଚାବି ବଢ଼ାଇଦେଇ ଖାଇବାକୁ ଚାଲିଗଲା। ଚାରିଟା ବେଳକୁ ସଞ୍ଜୟ ଫୋନ୍ କରି କହିଲା ତାକୁ ଜରୁଆ ଜରୁଆ ଲାଗୁଛି।, ଦେହ ହାତ ଭୀଷଣ ବିନ୍ଧୁଛି। ତେଣୁ ସେ ଆସିପାରିବ ନାହିଁ। ସନ୍ଧ୍ୟାବେଳେ ଓକିଲ ବାବୁ ମା'ଙ୍କୁ ଗାଁରୁ ଗୁମାସ୍ତା ଆଣିଥିବା ଟଙ୍କା କଥା ପଚାରିବାରୁ ମା'ଙ୍କର ଡ୍ରଇଂ ରୁମ୍‌ରେ ଟଙ୍କା ରଖିଥିବା କଥା ମନେ ପଡ଼ିଲା। ସେ ସଙ୍ଗେ ସଙ୍ଗେ ଡ୍ରଇଂ ରୁମ୍‌ରେ ପହଞ୍ଚିଲେ। କିନ୍ତୁ ଟଙ୍କାର ଚିହ୍ନ ବର୍ଣ୍ଣ ନଥିଲା। ସେ ତନ୍ନ ତନ୍ନ କରି ଚାରିଆଡ଼ ଖୋଜିଲା ପରେ ଓକିଲ ବାବୁଙ୍କୁ କହିଲେ। ଓକିଲ ବାବୁ କହିଲେ – "ତମେ ଅନ୍ୟ ମନସ୍କ ଭାବରେ କେଉଁଠି ରଖି ଦେଇଛ ମନେ ପଡୁନାହିଁ। ଭଲ କରି ମନେ ପକାଅ ମନେ ପଡ଼ିଯିବ।" ମା ବହୁତ ମନେ ପକାଇଲେ – ତାଙ୍କର ଖାଲି ମନେ ପଡ଼ିଲା ସେ ଟଙ୍କାତକ ସେଣ୍ଟର ଟେବୁଲ୍ ଉପରେ ରଖି ପେପର୍ ୱେଟ୍ ମଡ଼ାଇଥିଲେ। ସମ୍ଭାବ୍ୟ ସ୍ଥାନରେ ଖୋଜିଲେ। କେଉଁଠାରେ ମିଳିଲା ନାହିଁ। ପୁଅକୁ ପଚାରିଲେ ସେ ଟଙ୍କା ଦେଖି ନଥିବା କଥା କହିଲା। ଝିଅ କଲେଜରୁ ଫେରି ତା ସାଙ୍ଗ ସହିତ ସିନେମା ଦେଖିବାକୁ ଯାଇଛି। ବିକାଶର ମାଁ ଦେହ ଖରାପ ହେବାରୁ ଛୁଟି ନେଇ ଦୁଇଦିନ ହେଲାଣି ଗାଁକୁ ଯାଇଛି। ଆଉ ତ କେହି ବାହାର ଲୋକ ଆସି ନାହାନ୍ତି। ତେବେ ଟଙ୍କା ନେଲା କିଏ ? ତାଙ୍କର ପୁରା ସନ୍ଦେହ ହେଲା ସଞ୍ଜୟ ଗାଡ଼ି ଚାବି ଦେବାକୁ ଆସିବା ସମୟରେ ଟଙ୍କା ଉପରେ ତାର ନଜର ପଡ଼ିଛି। ସେ ପ୍ରଥମେ ଟଙ୍କାତକ ପକେଟରେ ପୁରାଇଛି। ତା'ପରେ ଗାଡ଼ି ଚାବି ବଢ଼ାଇ ଦେଇ ଘରକୁ ଚାଲିଯାଇଛି। ସେଇଥିପାଇଁ ଉପର ଓଳି ଆସିନାହିଁ। ଓକିଲ ବାବୁ କିନ୍ତୁ ଏକଥାରେ ରାଜି ହୋଇପାରୁନଥିଲେ। ଏତେ ବର୍ଷ ମଧ୍ୟରେ ସଞ୍ଜୟ କେବେହେଲେ କୌଣସି କାମରେ ଅସାଧୁତାର ପରିଚୟ ଦେଇନାହିଁ। କିନ୍ତୁ ପତ୍ନୀଙ୍କର ଯୁକ୍ତି ଆଗରେ ଅଧିକ କିଛି ମତାମତ ଦେଇ ପାରୁନଥିଲେ।

ପରଦିନ ସକାଳରୁ ମା' ଅପେକ୍ଷା କରି ରହିଲେ। ପ୍ରତିଦିନ ସକାଳ ଆଠଟାରେ ସଞ୍ଜୟ ଆସି ପହଞ୍ଚିଯାଏ। ସେଦିନ ନଅଟା ବାଜିବା ପରେ ବି ସଞ୍ଜୟ ନ ଆସିବାରୁ ମା'ଙ୍କର ମୁଣ୍ଡକୁ ପିତ୍ତ ଚଢ଼ିଗଲା। ସଞ୍ଜୟକୁ ଫୋନ୍ କରି ସଙ୍ଗେ ସଙ୍ଗେ ଆସି ପହଞ୍ଚିବାକୁ କହିଲେ। ଜ୍ୱରରେ ଥରି ଥରି ସଞ୍ଜୟ ଆସି ପହଞ୍ଚିଲା। କାଳବିଳମ୍ବ ନ କରି ଟଙ୍କା କଥା ମା' ସଞ୍ଜୟକୁ ପଚାରିଲେ। ମା'ଙ୍କକଥା ଶୁଣି ସଞ୍ଜୟ ମୁଣ୍ଡରେ ହାତ ଦେଇ ଘଡ଼ିଏ ବସି ପଡ଼ିଲା। କାନ୍ଦ କାନ୍ଦ ହୋଇ ସଞ୍ଜୟ ମା'ଙ୍କୁ କହିଲା – "ମା ଏତେ ବର୍ଷ ଆପଣଙ୍କ ପାଖରେ ଚଳିଲା ପରେ ମଧ୍ୟ ଆପଣ ମୋତେ ଜାଣି ପାରିଲେ ନାହିଁ। ଶହ ଶହ ଟଙ୍କାର ବଜାର ସଉଦା ଆପଣଙ୍କର ମୁଁ କରିଛି। କେବେ ବି ଟଙ୍କାଟିଏ ଏପଟ ସେପଟ ହେବାର ଆପଣ ଦେଖିଛନ୍ତି କି ? ମୁଁ ଓ ମୋ ସ୍ତ୍ରୀ କଷ୍ଟ କରି ଯାହା ରୋଜଗାର କରୁଛୁ ସେଥିରେ ଆମେ ବହୁତ ଖୁସିରେ ଚଳୁଛୁ। ପର ଦରବ ଉପରେ ମୋର କାଣିଚାଏ ବି ଲୋଭ ନାହିଁ।" ଚିହିଙ୍କି ଉଠିଲେ ମା'। "ସବୁ ଚୋର ନିଜକୁ ଖୁବ୍ ସଚ୍ଚୋଟ କହନ୍ତି। ମଉକା ଉଣ୍ଡି ଦେଖିଲା କାମ କରନ୍ତି।" ଚୋର ଶବ୍ଦ ଶୁଣି ସଞ୍ଜୟର କାନ ମୁଣ୍ଡ ଭାଁ ଭାଁ ହୋଇଗଲା। ଭୋ ଭୋ ହୋଇ କାନ୍ଦି କାନ୍ଦି ଉଠିଲାସେ। ମା ! ଶେଷକୁ ଆପଣ

ମୋତେ ଚୋର କରିଦେଲେ। ପ୍ରାକ୍ଟିକାଲ କ୍ଲାସ ଶେଷ କରି ଓକିଲ ବାବୁଙ୍କ ଝିଅ ଘରକୁ ଫେରିଲା। ଡ୍ରଇଂ ରୁମ୍‌ରେ ପଶୁ ପଶୁ ସଞ୍ଜୟର କଥା ତା କାନରେ ବାଜିଲା। ସଞ୍ଜୟ କାନ୍ଦୁଥିବାର ଦେଖି ଘଟଣା କ'ଣ ଜାଣିବାକୁ ଚାହିଁଲା। ମା'ଙ୍କ ମୁହଁରୁ ସବୁ କଥା ଶୁଣିଲା ପରେ ସେ ନିଜକୁ ଦୋଷୀ ରୂପେ ସ୍ୱୀକାର କରି ସଞ୍ଜୟ ପାଖକୁ ଯାଇ କହିଲା। "ସଞ୍ଜୟ ଭାଇ ମୋ ସକାଶେ ତମକୁ ଏତେ କଥା ଶୁଣିବାକୁ ପଡ଼ିଲା। ମା'ଙ୍କୁ କହିଲା - "ମା'! ମୁଁ କାଲି କଲେଜରୁ ଆସିଲାବେଳେ ଏତେ ଗୁଡାଏ ଟଙ୍କା ସେଣ୍ଟର୍ ଟେବୁଲ୍ ଉପରେ ଥୁଆ ହୋଇଥିବାର ଦେଖି ଟଙ୍କାତକ ଧରି ତମକୁ ଦେବାକୁ ଯାଇଥିଲି। ତମେ ସେହି ସମୟରେ ବାଥରୁମ୍‌ରେ ଥିଲ। ସିନେମା ଯିବା ପାଇଁ ମୋ ସାଙ୍ଗ ସ୍କୁଟର ଧରି ବାହାରେ ଅପେକ୍ଷା କରିଥିଲା। ତେଣୁ ମୁଁ ଟଙ୍କାତକ ତମ ଆଲମାରୀରେ ରଖି ସିନେମା ଚାଲି ଯାଇଥିଲି। ଆଜି ସକାଳେ ୮ଟା ବେଳେ ପ୍ରାକ୍ଟିକାଲ୍ କ୍ଲାସ ଥିବାରୁ ମୁଁ ତରତରରେ କଲେଜ ଚାଲିଯାଇଥିଲି। ତୁମକୁ ଟଙ୍କା କଥା କହିବାକୁ ଭୁଲି ଯାଇଥିଲି।" ମା'ଙ୍କ ମୁହଁ ବିବର୍ଣ୍ଣ ହୋଇଗଲା। ଅଜାଣତରେ କେଡ଼େ ବଡ଼ ଭୁଲଟାଏ ସେ କରି ବସିଲେ। ପରପିଲାଟା ମନରେ କେତେ ଦୁଃଖ ଦେଲେ! ଓକିଲ ବାବୁ କହିଲେ - "କୌଣସି ଗୋଟିଏ କଥାକୁ ଭଲ ଭାବେ ବିଶ୍ଳେଷଣ ନକରି କୌଣସି ସିଦ୍ଧାନ୍ତରେ ପହଞ୍ଚିବା ଉଚିତ ନୁହେଁ।" ସଞ୍ଜୟର ପିଠିକୁ ଆଉଁସି ଦେଇ କହିଲେ ମା'ଙ୍କ କଥାକୁ ଧରିବୁ ନାହିଁ। ତୋର ଦେହ ଭଲ ନାହିଁ। ଘରକୁ ଚାଲିଯା ଦେହ ପୁରା ଭଲ ହେଲା ପରେ ଆସିବୁ।" ସଞ୍ଜୟ କହିଲା - ମା'ଙ୍କୁ ମୁଁ ନିଜ ମା' ପରି ଭକ୍ତି ଓ ଶ୍ରଦ୍ଧା କରେ। ମା' ମଧ୍ୟ ମୋତେ ଖୁବ୍ ଭଲ ପାଆନ୍ତି। ମୁଁ ଲକ୍ଷ୍ୟ କରିଛି ବିକାଶ ଆସିଲା ଦିନଠାରୁ ମୋ ପ୍ରତି ମା'ଙ୍କ ମନୋଭାବ ବଦଳି ଯାଇଛି।" ସଞ୍ଜୟ ଘରକୁ ଫେରି ଆସିଲା। ଦୁଇ ଦିନ ପରେ ତା'ର ଜ୍ୱର ଭଲ ହୋଇଗଲା। କିନ୍ତୁ ସେ ଆଉ ଓକିଲ ବାବୁଙ୍କ ଘରକୁ ଯିବାକୁ ଇଚ୍ଛା କଲା ନାହିଁ।

ଆଠଦିନ ପରେ ଓକିଲ ବାବୁ ବିକାଶକୁ ସଞ୍ଜୟ ଘରକୁ ପଠାଇଲେ। ବିକାଶ ବୁଝାଇଲା - "ମା' ତାଙ୍କ ଭୁଲ ପାଇଁ ବହୁତ ମନ ଦୁଃଖ କରୁଛନ୍ତି। ତମେ ତାଙ୍କ ଫୋନ୍ ନ ଉଠାଇବାରୁ ମତେ ତମ ଘରକୁ ପଠାଇଲେ। ତମେ ଯାଇ ପୁଣି ତମ କାର୍ଯ୍ୟରେ ଯୋଗ ଦିଅ।" ସଞ୍ଜୟ କହିଲା - "ମା'ଙ୍କୁ କହିବୁ ସଞ୍ଜୟ ଗରିବ ହୋଇପାରେ ଚୋର ନୁହେଁ। ଯେଉଁଠି ମୋର ଆତ୍ମସମ୍ମାନ ହାନି ହେଲା ସେପରି ଯାଗାରେ ଆଉ ପାଦ ପକାଇବି ନାହିଁ।"

ଦୁଇ ମାସ ଖୋଜା ଖୋଜି ପରେ ସଞ୍ଜୟକୁ ନୂତନ ନିଯୁକ୍ତି ମିଳିଛି। ଆଜି ନୂଆ କାମରେ ଯୋଗଦେବ। ସଞ୍ଜୟ ଗାଧୋଇ ପାଧୋଇ ନୂଆ କାମରେ ବାହାରିବା ବେଳେ କୁନି ଠାକୁରଙ୍କ ପ୍ରସାଦ ଆଣି ତା ପାଟିରେ ଦେଲା। ଆଗରୁ ଦୁଆର ମୁହଁରେ କଳସ ବସାଇ ଥିଲା। କହିଲା କଳସକୁ ମୁଣ୍ଡିଆ ମାରି ଯାଅ। ନୂଆ ଚାକିରି ତମକୁ ବହୁତ ଖୁସି ଓ ଶାନ୍ତି ଆଣି ଦେଉ।

*ବି-୧୫୦୬/୧, ସିଡିଏ, କଟକ*
*ଦୂରଭାଷ: ୯୮୬୧୦୪୯୨୪୬*

କରୋନା କାଳରେ

କବି **ଡକ୍ଟର ଉପେନ୍ଦ୍ର ନାୟକ**ଙ୍କ ରଚିତ
**କବିତାର ସମାହାର**

**"ଗୃହବନ୍ଦି"**

**ପ୍ରକାଶକ : ଗାୟତ୍ରୀ, ଭୁବନେଶ୍ୱର**

# ବାପାଙ୍କ ଘର

## ଲେଖକ: ଜ୍ଞାନ ପ୍ରକାଶ ବିବେକ
## ଅନୁବାଦ: ସୁବାସିନୀ ରଥ

ଗୋଟେ ଅପରିଚିତ ଶବ୍ଦ ଶୁଣାଗଲା, ଯେମିତି ଚଟାଣ ଉପରେ ନିସ୍ତବ୍ଧତାର ଗୋଡ଼ ଖସିଗଲା। କିମ୍ୱା କୌଣସି ଏକ ବୁଢ଼ା ହେଇ ଯାଇଥିବା ସମୟ ପାଦ ଚିପି ଚିପି ଗୋଟେ ମୂକ ଗଳିରେ ଚାଲିଗଲା।

ଗଳି ଚୁପ୍‌ଚାପ୍। ଏହି ଚୁପ୍‌ଚାପ୍ ହେଇ ଯାଇଥିବା ଗଳିଟା ବିଗତ ତାରିଖରେ ନିଉଜ ପେପର ପରି ଲାଗୁଥାଏ। ଯାହାର ସବୁଯାକ ଖବର ପୁରୁଣା ହୋଇଯାଇଚି।

ଆଗରୁ ତ ଏଇ ଗଳିରେ ପଦଚାପ ପାଣି ହୋଇ ବୋହି ଯାଉଥିଲା ସତେ ଯେମିତି ଗଳିଟା ଗୋଟେ ନଦୀ। ନିଜର ଅବୁଝା ଭାଷାରେ ଜୀବନ ସଙ୍ଗୀତ ଗାଉଥିବା ନଦୀ। ... ଏବେ ନଦୀର ପାଣି ସବୁ ଶୁଖିଯାଇଚି। ପଦଚାପ ସବୁ ମହା ପ୍ରସ୍ଥାନ କରି ଯାଇଚନ୍ତି।

ମୁଁ ବନ୍ଦ କୋଠାର ଆଗରେ ଠିଆ ହେଇଚି। ବନ୍ଦ କୋଠା, ଘର କହିବାକୁ ମତେ ସଙ୍କୋଚ ଲାଗୁଛି। କୋଠାଟା ଏତେ ବୁଢ଼ା କେବେ ଲାଗି ନଥିଲା। ଯେମିତି ଆଜି ଲାଗୁଚି।

କୋଠାର ଦୁଆରେ ତାଲା ପଡ଼ିଚି। ଚାବି ମୋ ପାଖରେ ଅଛି। ଚାବି ନ ଥିଲେ ବି ମୁଁ ଏଇଟାକୁ ଖୋଲି ଦେଇ ଥାଆନ୍ତି। ସ୍ମୃତିର ଗୋଟେ ଚାବି ଥାଏ। ଯେ କି ସବୁ ତାଲାକୁ ଖୋଲି ଦିଏ। ସେଥିପାଇଁ ତ ଲୋକମାନେ ସ୍ମୃତିକୁ ନିଜ ମନ ଭିତରେ ଲୁଚେଇ ରଖିଥାଆନ୍ତି। ବନ୍ଦ ତାଲାକୁ ଯେତେବେଳେ ମନ ସେତେବେଳେ ଖୋଲିଦିଅ। ମୁଁ କୋଠା ଭିତରେ ପଶୁ ପଶୁ ପ୍ୟାଣ୍ଟର ଫଟା ପକେଟ୍‌ରୁ ପଇସା ସବୁ ଝଣଝାଣ କରି ତଳେ ପଡ଼ିଗଲା।

ନିଜର ଖାମଖିଆଲ ଓ ବେଢଙ୍ଗା ସଂକ୍ଷିପ୍ତ ଆବାଜ ସହ। ଅଦୃଶ୍ୟ ଧ୍ୱନି ସବୁ ଯେମିତି ନିଜ ବ୍ୟାରାକ୍‌କୁ ଫେରିଗଲା। ଆଉ ମୁଁ କୋଠାର ନିସ୍ତବ୍ଧତା ଭିତରେ ଶୂନ୍ୟ ହେଇ ଠିଆ ହେଇଥିଲି। ଶୂନ୍ୟ ଉଦାସ ଆଉ ଚୁପ୍।

ମନ ହଉଥିଲା କାହାକୁ କିଛି କହିବି। କିନ୍ତୁ 'କାହାକୁ' ? କେହି ବି ନାହାନ୍ତି, କେବଳ ନିସ୍ତବ୍ଧତା ଓ ଭୟ, ଓ ଧୂଳି ଛଡ଼ା। କେହି ନ ହେବାଟା ବି କାହାରି ଅତ୍ୟଧିକ ହେବା ପରି ଲାଗୁଥିଲା।

ଆଜି ମତେ ... ଏଇ ଉଜୁଡ଼ା ଘରେ ସବୁ କିଛି ମନେ ପଡୁଥିଲା। ସମସ୍ତେ ମନେ ପଡୁଥିଲେ। ସେମାନେ ସବୁ ଯୋଉମାନେ ମୋର ନିଜର ଥିଲେ। ମୋର ଆତ୍ମୀୟ, ମୋ ଭାଇ, ମୋ ବାପା, ଭାଉଜ ମାନେ। ପିଲା ମୋ ମା ? ସେ ଜୀବନ ନିର୍ବାହ କରୁ କରୁ ଥକି ଯାଇଥିଲା। ଚାଲିଗଲା। ମା'କୁ ଆମେ ମନେ ପକେଇ ଦୁଃଖି ହେଇଯାଉଥିଲୁ। ଆମେ ଏ ଘରେ ରହୁଥିବା ବାସିନ୍ଦା, ଏତେ ସବୁ ଥିଲୁ ଯେ ଆମେ ହସିଲେ ଗଗନ ପ୍ରକମ୍ପିତ ହଉଥିଲା। କାହାକୁ ଯଦି ମନେ ପକଉ ତାହାଲେ ସେ ମନେ ପକେଇବା ବି ଦୁଃଖର ପର୍ବ ହେଇଯାଉଥିଲା।

କିନ୍ତୁ ଏକା ସାଙ୍ଗେ ରହିବାର ପ୍ରତିଜ୍ଞାକୁ ମୁଁ ସବୁଠୁ ପ୍ରଥମେ ଭାଙ୍ଗି ଦେଇଥିଲି। ମୁଁ ଏ ଘର ଛାଡ଼ି ଦେଇ ଦୂରକୁ ଚାଲିଗଲି। ପରେ ଆଉ ତିନି ଭାଇ ବି ଚାଲିଗଲେ। କିନ୍ତୁ ଆଜି ମୁଁ ଏଠାକୁ ଚାଲି ଆସିଚି। କେଜାଣି କୋଉ ଆବେଗ ମୋତେ ଏଠିକି ଟାଣି ଆଣିଚି।

ଘରେ କିଛି ବି ନାହିଁ। କେବଳ ପବନର ଶବ୍ଦ। ଯେମିତି ନିର୍ଜୀବ ବସ୍ତୁମାନେ ନିଜ ନିଜ ଭିତରେ କଥା ହଉଚନ୍ତି। କିମ୍ୱା କଥା ହଉ ନାହାନ୍ତି ଖାଲି ଠରାଠରି ହଉଛନ୍ତି।

ମୁଁ ସେ କଳ ଆଡ଼େ ଚାହିଁଲି ଯେ ଅହର୍ନିଶି ଟପ୍‌ଟପ୍ ଆବାଜ୍ କରୁଥିଲା। ଆମର ପୂରା ଘରେ ଶବ୍ଦର ଯାତ୍ରା ଚାଲିଥିଲା। ସେଥିରୁ ଗୋଟେ ଶବ୍ଦ କଳର ବି ଥିଲା। ଟପ୍ ଟପ୍ ଟପ୍। ଏବେ କଳ ବି ବନ୍ଦ। ବୋଧେ ସବୁ ଶବ୍ଦ ଚାଲିଗଲା ପରେ କଳର ଶବ୍ଦ ବି ବନ୍ଦ ହେଇଯାଇଛି।

ଶବ୍ଦମାନେ ଥିଲାବେଳେ ଏ ପୁରୁଣା କୋଠାଟାବି ଯୁବକ ପରି ଲାଗୁଥିଲା। ଯେମିତି ଆମମାନଙ୍କ ଶବ୍ଦକୁ ପ୍ରେମ କରୁଚି। କିନ୍ତୁ ଆଜି ଏଇ କୋଠାଟା ବୁଢ଼ା ହେଇଗଲା ପରି ଲାଗୁଚି। କାନ୍ଥ ସବୁ ଯେମିତି ଠିଆ ହେଇ ହେଇ ଥକି ଯାଇଚନ୍ତି।

ବହୁତ ଦିନ ତଳର କଥା ବୋଧେ ଦି ତିନି ବର୍ଷ ତଳର। ମୁଁ ଏ ଘରକୁ ଆସୁଥିଲି ଦେଖା କରିବାକୁ ବାପାଙ୍କ ସାଙ୍ଗେ ବା ଭାଇମାନଙ୍କ ସାଙ୍ଗେ। ପିଲାମାନଙ୍କ ସାଙ୍ଗେ ବାପା ବେମାର ଥିଲେ। ତାଙ୍କ ସ୍ୱର ଗୁମ୍ ହେଇଯାଇଥିଲା। ଡେଙ୍ଗା, ପତଳା ବାପାଙ୍କ ସ୍ୱର ବଡ଼ ଓଜନିଆ ଥିଲା। ସବୁଠୁ ପ୍ରଥମେ ସେଇ ସ୍ୱର ଭାଙ୍ଗିଗଲା। ସ୍ୱର ପରେ ବାପା ଭାଙ୍ଗିଗଲେ। ତାଙ୍କ ଆଣ୍ଠୁ ଭାଙ୍ଗିଗଲା। ଚାଲିବା ବୁଲିବା ମୁସ୍କିଲ ହେଇଗଲା। ତିନି ଭାଇ ମିଶି ତାଙ୍କୁ ଗାଧୁଆ ପାଧୁଆ କରି ଦେଉଥିଲୁ। ତାଙ୍କର ସେବା କରୁଥିଲୁ।

ବାପାଙ୍କ ମୃତ୍ୟୁ ପୂର୍ବରୁ ମୁଁ ଥରେ ତାଙ୍କ ସହ ଦେଖା କରିବାକୁ ଯାଇଥିଲି। ମୁଁ କେତେବେଳେ କେମିତି ଯାଏ। ସେଦିନ ତିନି ଭାଇ ମିଶି ବାପାଙ୍କୁ ଗାଧୁଆ ଘରୁ ଟେକି ନେଇ ଆସିଥିଲୁ ତାଙ୍କ ଶେଯ ପର୍ଯ୍ୟନ୍ତ। ଗୋଟେ କଠିନ ଯାତ୍ରା ଥିଲା ସେଇଟା। ଦୂରତ୍ୱ କମ୍ କିନ୍ତୁ ଯାତ୍ରା କଠିନ। ବାପାଙ୍କୁ ସେମାନେ ଖଟ ଉପରେ ଏମିତି ଭାବରେ ବସେଇଲେ ଯେମିତି ବସେଇ ନାହାନ୍ତି। ଥୋଇ ଦେଇଛନ୍ତି। ବାପା ବାବାଙ୍କ ଭଳି ଲାଗୁ ନ ଥିଲେ ବରଂ ଛୋଟ ଗୋଟେ ହାଡ଼ମାନଙ୍କର କାରଖାନା ପରି ଲାଗୁଥିଲେ। ଯୋଉଠି କେବଳ ନିଃଶ୍ୱାସର ଉତ୍ପାଦନ ହଉଥିଲା।

ମୁଁ କିଛି ଦୂରରେ ଠିଆ ହେଇଥିଲି। ଚାରି ଭାଇ ଭିତରେ ସବୁଠୁ ବଡ଼ ମୁଁ। ଯେମିତି ମୁଁ ଏକେଲା ଆସି ନ ଥିଲି କିଛି ଦୂରତ୍ୱକୁ ସାଙ୍ଗରେ ନେଇ ଆସିଥିଲି। ସେଇ ଦୂରତ୍ୱକୁ ମୁଁ ରଖିଦେଲି ବାପା ଆଉ ମୋ ଭିତରେ।

ବାପା ମୋତେ ଦେଖୁଥିଲେ। ଯେମିତି କିଛି ପ୍ରାର୍ଥନା କରୁଚନ୍ତି, ନା ପ୍ରାର୍ଥନା ନୁହେଁ, ଯାଚନା କରୁଚନ୍ତି। ନାନା ଯାଚନା ବି ନୁହେଁ ବୋଧେ କିଛି ବି ନୁହେଁ। ଏତେ ଆତ୍ମବିଶ୍ୱାସରେ ଭରା ବାପା ଯାଚନା କେବେ କରି ପାରିବେନି।

ବାପାଙ୍କୁ ବସା ହେଇଥିଲା। କଟ୍ କଟ୍ କରୁଥିବା ଭଙ୍ଗା ଫୁଟା ଗୋଟେ ହାଡ଼ର ସହର ପରି ଦେଖା ଯାଉଥିଲା। ଯଦି କହି ପାରୁଥାଆନ୍ତେ ତାହାଲେ ହୁଏତ କହନ୍ତେ, "ଭଗବାନଙ୍କ ପ୍ରତିଚ୍ଛବି ଏଇ ଭଗ୍ନ ହୃଦୟରେ ହିଁ ଦେଖାଯାଏ।"

ଆମେ ସବୁ ବହୁତ କଥା ହଉଥିବା ଚାରିଭାଇ

ଚୁପ୍ ଥିଲୁ। ଏ ଚୁପ୍ ରହିବାଟା ଗୋଟେ ପର୍ଦ୍ଦା ପରି ଥିଲା। ଆମେ ସବୁ ସେଇ ପର୍ଦ୍ଦା ଆଢୁଆଳରେ ଠିଆ ହେଇଥିଲୁ।

ମୁଁ ଅନ୍ୟ ମନସ୍କ ଭାବେ ଚେୟାରରୁ ଉଠି ବାପାଙ୍କ ପାଖକୁ ଚାଲି ଆସିଲି। ଅନ୍ୟମନସ୍କ କିନ୍ତୁ ଅନିବାର୍ଯ୍ୟତାର ବୋଝେ ଉଠେଇ। ତାଙ୍କ ହାତକୁ ମୁଁ ନିଜ ହାତରେ ମୁଠେଇ ଧରିଲି। ମୁଁ ତାଙ୍କର ପତଳା, ନାଲି ଶୁଖିଲାପତ୍ର ପରି ହାତକୁ ଦେଖୁଥିଲି। ... ଯେତେବେଳେ ଆମେ ସବୁ ଛୋଟ ଥିଲୁ ବାପାଙ୍କ ହାତକୁ ଦେଖୁଥିଲୁ। ତାଙ୍କ ହାତ ଆମକୁ ଭଲ ଲାଗୁଥିଲା। ତାଙ୍କର ଗୋଟେ ଆଙ୍ଗୁଠିରେ ଅଷ୍ଟଧାତୁର ଗୋଟେ ମୁଦି ଥିଲା। ଅନ୍ୟ ସବୁ ଆଙ୍ଗୁଠି ଖାଲି। ଆମେ ସେ ଖାଲି ଆଙ୍ଗୁଳି ସହ ଖେଳୁଥିଲୁ। ବେଳେବେଳେ ତାଙ୍କ ହାତ ଆମକୁ ସ୍ଲେଟ୍ ପରି ଲାଗେ। ଆମେ ସେଥିରେ ଆମ ଆଙ୍ଗୁଠିରେ କ,ଖ,ଗ ଲେଖୁ। ନିଜ ନା ଲେଖୁ। ନମସ୍ତେ ବୋଲି ଲେଖୁ।

ଏବେ ବାପାଙ୍କ ହାତ ବରଫ ଖଣ୍ଡ ପରି ଲାଗୁଥିଲା। ଏକ୍‌ଦମ୍ ଥଣ୍ଡା। ହାତର ଉଷ୍ଣତା କୁଆଡ଼େ ହଜି ଯାଇଥିଲା। ଶୂନ୍ୟତା ଖାଲି ଚେହେରାରେ ନୁହଁ ହାତରେ ବି ଥିଲା। ହାତର ଉଷ୍ଣତା, ହାତର ଉତ୍ସବ ପରି, ବାପାଙ୍କ ପାଖେ ହାତ ଥିଲା କିନ୍ତୁ ଉତ୍ସବ ନଥିଲା।

ସେ ହସିବାର ଚେଷ୍ଟା କଲେ। ଗୋଟେ ନିଶବ୍ଦ ହସ। ପୁରୁଣା ପିତ୍ତଳ ଥାଳିରେ ଯେମିତି କାଠିଟାଏ। ଭୟଭୀତ ଚନ୍ଦ୍ର କିରଣର ରଶ୍ମିଟାଏ। ଗୋଟେ କ୍ଲାନ୍ତି ହସ ଯେ ବିଶ୍ରାମ କରିବାକୁ ଚାହେଁ। ଏପରି ଏକ ହସ ଯେ ଲୁହର ପଡ଼ିଶାରେ ରହେ।

ମୁଁ ତାଙ୍କ ହାତ ଦେଖୁଥିଲି। ମତେ ଲାଗୁଥିଲା ସେ କହୁଚନ୍ତି "ହାତରେ ସିନା ଚକତ୍ ଶକ୍ତି ନାହିଁ କିନ୍ତୁ ଆଖିରେ ତ ଦମ୍ ଅଛି।"

ଆମେ ଚାରିଭାଇ, ଚାରିଆଡୁ ନିସ୍ତବ୍ଧାରେ ଆଛନ୍ନ। ନିଜ ନିଜ ଶବ୍ଦକୁ ସମୟର ଫ୍ରିଜର୍‌ରେ ରଖି ଦେଇଛୁ ଗୋଟେ ଗୋଟେ ଚିନ୍ତକ ପରି ନା ଚିନ୍ତକ କହିଲେ ଭୁଲ୍ ହେବ ଲୁଚୁକାଳିର ନାଟକ ଖେଳିଲା ପରି। ଜଣେ ଜଣଙ୍କ ସାମ୍ନାରେ କିନ୍ତୁ ଜଣେ ଜଣଙ୍କଠୁ ଲୁଚିଲା ପରି।

ଡକ୍ଟର, ଔଷଧ, ଚିକିତ୍ସା ଏସବୁ କଥାରୁ ଆମେ ଏବେ ମୁକ୍ତ ହେଇ ଯାଇଥିଲୁ। ଆମେ ମାନି ଯାଇଥିଲୁ ଯେ ବୃଦ୍ଧାବସ୍ଥା ଏକ ଭଲ ହେଇ ପାରୁ ନ ଥିବା ରୋଗ ଆଉ ମୃତ୍ୟୁ ଆସି ସେ ରୋଗକୁ ଭଲ କରିଦିଏ। ଆମେ ମୃତ୍ୟୁର ଅପେକ୍ଷାରେ ଥିଲୁ। ନିଜର ନୁହେଁ, ବାପାଙ୍କର। ଯେକି ଆସୁ ପାଦ ଚିପି ଚିପି ଆଉ ଏ ବୃଦ୍ଧଙ୍କର କଡ଼କଡ଼ କରୁଥିବା ହାଡ଼ର ଶରୀରକୁ ଉଠେଇ ନେଇ ଯାଉ। ହଁ ଶରୀରକୁ ତ ନିଶ୍ଚୟ ଛାଡ଼ିଯିବ। କିନ୍ତୁ ଶରୀର ଭିତରେ ଥିବା ଯୋଉ ବ୍ୟାକୁଳ, ଜର୍ଜର, ଚିନ୍ତିତ ଆତ୍ମା ଅଛି ତାକୁ ନେଇଯାଉ।

କିଏ ଆମକୁ ପଚାରନ୍ତା ଚିନ୍ତିତ ଆତ୍ମାଟା ବାପାଙ୍କର ଥିଲା ନା ଆମର ? ବୋଧେ ଆମେ ଉତ୍ତର ଦେଇ ପାରନ୍ତୁନି।

କେତେ ନିଃସଙ୍ଗ ସମୟ ଥିଲା। ପିଲାମାନେ ନିଜର ବାପାଙ୍କ ମୃତ୍ୟୁକୁ ପ୍ରବଳ ଆଗ୍ରହରେ ଅପେକ୍ଷା କରିଥିଲେ। କିନ୍ତୁ ଏତେ ଚାଲାକିରେ ଯେମିତି ଅନ୍ୟମାନେ ଭାବିବେ ସେମାନେ ତାଙ୍କ ଭଲ ହେଇଯିବା ପାଇଁ ପ୍ରାର୍ଥନା କରୁଛନ୍ତି।

ବାପାଙ୍କ ରୁମ୍‌ରେ ଉତ୍କଟ ଦୁର୍ଗନ୍ଧ ଥିଲା। ସୁଗନ୍ଧ ବେଳେ ବେଳେ ନିଜର ହେବାର ଅନୁଭବ କର। କିନ୍ତୁ ଦୁର୍ଗନ୍ଧ ବଡ଼ ଜିଦିଆ। ଆମ ନିରୀହ ରୁମାଲମାନଙ୍କୁ କଷ୍ଟ ଦଉଥିଲା। ଫିନାଇଲ ଆଉ ପରିଶ୍ରାର ଗନ୍ଧ ମିଶି ଗୋଟେ ଇସ୍ତାହାର ଦବା ପରି ଲାଗୁଥିଲା ପରିବେଶର ମୁହଁରେ।

ଆମେ ଚାରିଭାଇ ବାପାଙ୍କ ପାଖେ ବସିଥିଲୁ। ଆଜ୍ଞାଧୀନ ପିଲାଙ୍କ ପରି। ଆଜ୍ଞାକାରୀ ଶବ୍ଦ ନିଜର ଓଜନ ହରାଇ ସାରିଥିଲା। ସତକଥା ହେଲା ଯେ ଆମେ ନିଜେ ହିଁ ନିଜର ଗୁରୁତ୍ୱ ହରେଇ ଦେଇଥିଲୁ। ଆହୁରି ସତ କଥା ହେଲା ଆମର ଏଇ ଅସଂଗତ ଆଉ ବିସଙ୍ଗତ ବେଳେ କାହା ପାଖରେ ଆଉ ନିଜର ଗୁରୁତ୍ୱ ଥିଲା।

ବୃଦ୍ଧ ଶରୀର ପାଖରେ ବସିଲେ ଅତୀତରେ ହଜି ଯାଇଥିବା ଗନ୍ଧ ଅନୁଭବ କରିହୁଏ। ଯେମିତି ଗୋଟେ ପୁରୁଣା ସମୟ ନିଜର ଦୁର୍ଗନ୍ଧ ହେଉଥିବା ମୋଜା ଓହ୍ଲେଇ ସେଇଠି ରଖି ଦେଇଚି। ସେଇ ଗନ୍ଧ ବିଚକିତ କରୁଥିବା ଗନ୍ଧ !

ସେଇ ପୁରୁଣା ହାଡ଼ର ସହର – ଗୋଟେ ଶରୀର। ମୋ ବାପା। ଯେ ନା ଚାଲି ପାରୁଥିଲେ ନା ବସି ପାରୁଥିଲେ ଜୀବନ ଆଉ ମୃତ୍ୟୁର ସନ୍ଧିସ୍ଥଳରେ "ନୋ ମ୍ୟାନ୍ସ ଲ୍ୟାଣ୍ଡ" ପରି। ଏଇ ବାପା ଯେ ଅତି ସୁନ୍ଦର ଆୱାଜରେ ଗାଉଥିଲେ – ମୋର ଶକ୍ତି ଏତେ ବେଶୀ ଯେ ....।

ମନେ ହେଉଥିଲା ମହାଶୟଙ୍କର ସବୁ ଗର୍ବ ମାଟିରେ ପଡ଼ି ଗୋଟେ କାଚ ବାସନ ପରି ଚୂର ଚୂର ହେଇଯାଉଥିଲା।

କେତେ ଗର୍ବ କରୁ ଆମେ ନିଜକୁ ନିଜେ ଶରୀରକୁ ନେଇ। ନିଜ ଅସ୍ତିତ୍ୱ ନିଜ ବ୍ୟକ୍ତିତ୍ୱକୁ ନେଇ ! ଏଇ ଗର୍ବରୁ ବାହାରିଲେ କଣାଯିବ ସବୁ କାଗଜର ଫର୍ଦ୍ଦ।

ମୁଁ ମୋ ବାପାଙ୍କୁ ଦେଖୁଥିଲି। ଯେ ଦେଶ ବିଭାଜନ ବେଳେ ପାକିସ୍ଥାନରୁ ଆସିଥିଲେ ଶୂନ୍ୟ ହସ୍ତରେ। ଶୂନ୍ୟ ହସ୍ତ କିନ୍ତୁ ଭରାମନ। ବହୁତ ବର୍ଷ ପର୍ଯ୍ୟନ୍ତ ନିଜର ମାତୃଭୂମିକୁ ଝୁରୁଥିଲେ। ମାତୃଭୂମିମାନେ ପାକିସ୍ଥାନ। ପାକିସ୍ଥାନର ମୁଲତାନ ସହ। ମୁଲ୍‌ତାନ୍‌ର ବାଲି ପାହାଡ଼। ଦରିଆ ସିନ୍ଧୁ, ଖଜୁରୀ ଗଛ ଆଉ ଥାନେଦାର୍ ଖୁଦା ବକ୍ସ। ଯାହାର ପ୍ରତିପତ୍ତି କୋଉ ଲାଟ୍ ସାହେବ୍‌ଠୁ କମ୍ ନ ଥିଲା। ଆଉ ହେଡ୍‌ମାଷ୍ଟର ଫତେହ ମହମ୍ମଦ। ଯିଏ ବାପାଙ୍କ ସାଙ୍ଗେ ଭଲ ଭାବରେ ମିଳାମିଶା କରୁଥିଲେ। ବାପା ତାଙ୍କ ପଦଯୋଡ଼ି ଗଜଲ ଲେଖି ଦଉଥିଲେ।

ବାପା ନିଜ ଦେଶକୁ ମନେ ପକଉଥିଲେ ଆଉ ତାଙ୍କ ସାଙ୍ଗ ହବିବ୍‌କୁ। ତା'ପରେ ରାମଲୀଳାକୁ। ମହମୁଦ୍ କୋର୍ଟ ପରି ଛୋଟ ସହରର ରାମଲୀଳାକୁ। ଯୋଉଥିରେ ବାପା ରାମଚନ୍ଦ୍ରଙ୍କ ଚରିତ୍ରରେ ଆସୁଥିଲେ। କିନ୍ତୁ ରାମ ବନବାସ ଲୀଳା ସବୁଠୁ ଭଲହୁଏ।

ବାପା ରାମଙ୍କ ଭୂମିକାରେ ଆସନ୍ତି। ପର୍ଦ୍ଦା ଆଢୁଆଳରେ ହବିବ୍ ଠିଆ ହୋଇ ଥାଆନ୍ତି। ଏପଟେ ରାମଚନ୍ଦ୍ରଙ୍କ ବନବାସ ପାଇଁ ପ୍ରସ୍ଥାନ। ସେପଟୁ ହବିବ୍‌ଙ୍କର ବେଦନା ଭରା କୃୟାତ୍ମକ ସ୍ୱର ଗୁଞ୍ଜନ "ରାଜ୍ୟ ବଦଳରେ ମା ମତେ ଦେଇଦେଲେ ହୁକୁମ୍ ଫକୀର ହେବା ପାଇଁ।"

ପର୍ଦ୍ଦା ଆଢୁଆଳରୁ ହବିବ୍ ଏତେ ଭାବ ପୂର୍ଣ୍ଣ ଦୁଃଖଦ ଗୀତରୁ ମନେ ହୁଏ ଯେମିତି ବନବାସ ରାମଚନ୍ଦ୍ରଙ୍କର ନୁହେଁ ହବିବର ହଉଚି। ଏଇଟା ହବିବ୍‌ର ନିଷ୍ଠା, ମନର ସତ୍ୟତା ବା ସ୍ୱରର ବେଦନା ସ୍ତ୍ରୀ, ପୁରୁଷ, ପିଲା, ବୁଢ଼ା ସମସ୍ତେ କାନ୍ଦୁଥାଆନ୍ତି। ଆଶ୍ଚର୍ଯ୍ୟ ହୁଅନ୍ତି ସମସ୍ତେ ଯେତେବେଳେ ଗୀତ ସରିଲା ପରେ ହବିବ୍ ବି ପର୍ଦ୍ଦା ଆଢୁଆଳରୁ କାନ୍ଦି କାନ୍ଦି ବାହାରି ଆସେ।

ମୁଁ ବାପାଙ୍କ ଆଡ଼କୁ ଚାହିଁ ଭାବୁଥିଲି ଏଇଟା କ'ଣ ବନବାସ ନୁହେଁ ? ଯିଏ ରାମଲୀଳାରେ ରାମ ବନବାସ ଭୂମିକା କରୁଥିଲେ। ଯାହାକୁ ଦେଖି ଲୋକମାନେ ଆହା ଆହା କରୁଥିଲେ। ସେଇ ବାପା ... ଆଜି ଜର୍ଜର ଶରୀରରେ ଚୁପ୍‌ଚାପ୍ ଗୋଟେ ଗଣ୍ଠିଲି ପରି ଗୋଟେ ନିଶ୍ଚୁପ ଜୀବନ। ଗୋଟେ କମ୍ପିତ ଜୀବନ ଇତିହାସ। ଗୋଟେ କମ୍ପିତ ଲୀଳା। ଏଇଟା କ'ଣ ବନବାସ ନୁହେଁ ? ନିଜ ଶରୀର ଯେମିତି କୌଣସି ଅପରିଚିତର ସହର। ନିଜର ଶରୀର, କିନ୍ତୁ ସବୁ ଆଜ୍ଞାର ଉଲଂଘନ। ନା ଗୋଡ଼ କୌଣସି କଥା ମାନନ୍ତି ନା ବାଣୀ। ଏଇଟା କଣ ଶରୀରର ବନବାସ ନୁହେଁ ? ଯେ ଧୀରେ ଧୀରେ ଶରୀରରୁ ସଙ୍ଗ ଛାଡ଼ି ଯାଉଛି। ମନୁଷ୍ୟ ନିଜ ଶରୀରରେ ତ ଅଛି କିନ୍ତୁ ନିର୍ବାସନ ଦଣ୍ଡ ଭୋଗୁଚି।

ମୁଁ ବାପାଙ୍କୁ ଦେଖୁଥିଲି। ସତେ ଯେମିତି ସେ ଗୋଟେ ସ୍ମାରକ। ବାପା ଆଉ କିଛି ହୁଅନ୍ତୁ କି ନ

ହୁଅନ୍ତୁ ଅସୁମାରୀ ସ୍ମୃତି। ସଂଘର୍ଷ, ସ୍ୱାଭିମାନ ଆଉ ଏ ଘରେ ହଉଥିବା ସବୁ ଉତ୍ସବର ସ୍ମାରକ ନିଶ୍ଚିତ ରୂପେ ଥିଲେ। ବଞ୍ଚିଥିବା ବାପା ଗୋଟେ ସ୍ମାରକ ପରି।

ଗୋଟେ ଖଟ ଅଗଣାରେ ପଡ଼ିଥିଲା ବାପାଙ୍କୁ ସେଇ ଖଟ ଉପରେ ବସେଇ ଦିଆ ହେଇଥିଲା। ସେ ଗଳି ଆଡ଼େ ଚାହିଁଥିଲେ। ଏଇଟା ତାଙ୍କ ପାଇଁ ଉତ୍ସବ ଥିଲା। ଜଣେ ବୃଦ୍ଧ ବ୍ୟକ୍ତିର ଉତ୍ସବ। ତାଙ୍କୁ ବୋଧେ କିଛି ଭଲ ଲାଗିଥିଲା। ସେ ଗୋଟେ ନିଘାରେ ଚାହିଁଥିଲେ ସେ ପବନକୁ ଯିଏ ଆମକୁ ଦେଖାଯାଏନି। ସେ ସେଇ ପନବକୁ ଦେଖୁଥିଲେ। ପବନ ଯିଏ ବହୁତ ଧୀରେ ତାଙ୍କ ଆଗ ଦେଇ ବୋହି ଯାଉଥିଲା। ବେଳେବେଳେ ଏମିତି ଶବ୍ଦ କରୁଥିଲା ଯେମିତି ସେ ତା ଗୋଡ଼ରେ ହାୱାଇ ଚପଲ ପିନ୍ଧିଛି। ପବନ ଦେଖାଯାଏନି କିନ୍ତୁ ପବନର ଶବ୍ଦ ଦେଖାଯାଏ।

ଦେଖାଯାଉ ନ ଥିବା ସଂସାରରେ ଦେଖା ଦେଲା ପରି ବହୁତ ଜିନିଷ ଥିଲା ଆକାଶ। ପୃଥିବୀ ଲୋକ। ପିଲାମାନେ ଶବ୍ଦ, ସାଇକେଲ, ସ୍ତ୍ରୀ ପାଉଜି। ଇଲେକ୍ଟ୍ରିକ ତାର ଆଉ ତାରରେ ବସିଥିବା ଚଢ଼େଇ, ନିରକ୍ଷର କାଉ, ତାରରେ ଫସିଥିବା ପତଙ୍ଗ।

ଏପଟେ ଆମ ବାପା ତାଙ୍କର କମ୍ପୁଥିବା ଆତ୍ମା ଓ ଅନେକ ସ୍ମୃତି ସହ ବେଦନାକୁ ନଖରେ ଖୁରୁଞ୍ଚି ବାରେ ଲୀନ।

ଆମେ ସବୁ ଭାଇ ମିଶି ଚା ପିଉଥିଲୁ। ଅଗଣାଠୁ ଟିକେ ଦୂରରେ ବାରଣ୍ଡାରେ ବସିଥିଲୁ। ଏଇଟା ଆମର ସଂସାର ଥିଲା। ଚାହା ସହ, ମିକ୍ଚର, ବିସ୍କୁଟ, ଲୁଣି ଜିନିଷ ଆଉ ଥଟ୍ଟା, ତାମସା, ଫିଲ୍ମ ଆଉ ଫାସନ୍ ଉପରେ ଚର୍ଚ୍ଚା ଆଉ କ୍ରିକେଟ୍ ଖେଳରେ ବାଜି।

ଚା ପିଉ ପିଉ ଭାଇମାନେ ହସନ୍ତି। ମୁଁ ବହୁତ ପଛକୁ ଚାଲି ଯାଇଥିଲି ଯେତେବେଳେ ବାପା ରେଲୱେ ରେ ଚାକିରି କରୁଥିଲେ। ରେଲ୍‌ୱେର ଧଳା ୟୁନିଫର୍ମରେ ସେ ଭାରି ସୁନ୍ଦର ଦେଖାଯାଆନ୍ତି। ମୋଟା ଧଳା ଜିନ୍ସକୁ ଧୋଇବାରେ ମାକୁ ବଡ଼ କଷ୍ଟ ହୁଏ। କିନ୍ତୁ ମା ବାପାଙ୍କ ଲୁଗା ସବୁ ଏମିତି ଧୁଏ ଯେମିତି ଭଜନ ବୋଲୁଚି ବା ପ୍ରାର୍ଥନା କରୁଚି।

ଧଳା ୟୁନିଫର୍ମ ପିନ୍ଧି ଅଫିସ୍ ଯିବାକୁ ରେଡି ହେଲାପରେ ବାପା ପେନ୍, ବହି, ଟିଫିନ୍ ବକ୍ସ ନିଅନ୍ତି। ଆଉ ଶେଷରେ ଚା ପିଅନ୍ତି। ଦେଢ଼ କପ୍ ଚା, ଚା ପିଇବା ପୂର୍ବରୁ ସେ ନିଜର କଳା ଚଷମା ପିନ୍ଧି ନିଅନ୍ତି।

ଚା ବହୁତ ଗରମ ଥାଏ। ପ୍ରଥମ ଅଧ କପ୍ ସେ ପ୍ଲେଟ୍‌ରେ ଢାଳି ପିଅନ୍ତି। ଆମେ ଭାଇ ଭଉଣୀ ସବୁ ତାଙ୍କ ଆଖ ପାଖରେ ଥାଉ। ସେ ପ୍ଲେଟରେ ଚା ପିଉ ଥାଆନ୍ତି। ଆମେ କଳା ଚଷମା ବାଟେ ସେ ଦୃଶ୍ୟକୁ ଦେଖୁ। ବାପାଙ୍କୁ ଚା ପିଇବାର। ପ୍ଲେଟକୁ ଓଠରେ ଲଗେଇ ସୁଡ଼୍ ସୁଡ଼୍ କରି ଚା ପିଇବାର ଦୃଶ୍ୟ।

ଚା ଶେଷ ହେଲା ବେଳକୁ ବାପା ପୂରା ତୃପ୍ତ ଜଣା ପଡ଼ନ୍ତି। ଗୋଟେ ଜୋରଦାର ସ୍ୱରରେ ଭଗବାନକୁ ଧନ୍ୟବାଦ ଦିଅନ୍ତି।

ସେତେବେଳେ ଆମକୁ ବାପା "ଗ୍ରେଟ୍ ବାପା" ପରି ଲାଗନ୍ତି। ଏବେ ଏବେ ନିଶ୍ୱାସ ନଉଥିବା ଗୋଟେ ମୂର୍ତ୍ତି। ଏବେ ଯୋଜନର ଦୂରତ୍ୱ। ଦୂରତ୍ୱ ଭିତରେ ଗୋଟେ ସମ୍ପର୍କ ଥିଲା। ବାପା – ପୁଅର ସମ୍ପର୍କ। ଶେଷ ନିଶ୍ୱାସ ନଉଥିବା ସମ୍ପର୍କ।

ବହୁତ ପୂର୍ବରୁ ଯେତେବେଳେ ଆମେ ଛୋଟ ଥିଲୁ। ବାପା ଓ ମାଆଙ୍କ ଭିତରେ ଚାଲୁ ଥିଲା ଗୋଟେ ନାଟକ। ନାଟକ ଦେଖି ଆମେ ରୋମାଞ୍ଚିତ ହଉଥିଲୁ। ଛୋଟ ନାଟକ। ଭାବନାର ଆବେଗରେ ପୂର୍ଣ୍ଣ ଦୁଇଟି ଅପରିଚିତ ବା ବହୁତ ପରିଚିତଙ୍କ ଭିତରେ ହଉଥିବା ନାଟକ।

ବାପା ଓ ମା ମୁହାଁ ମୁହିଁ ଦିଟା ଖଟିଆରେ ବସି ଥାଆନ୍ତି। ବାପା ମାଙ୍କ ହାତକୁ ନିଜ ହାତରେ ନେଇ ପଚାରନ୍ତି "ଲୀଳା ତୁ ଠିକ୍ ଅଛୁତ? ଏଇ ସାମାନ୍ୟ ପ୍ରଶ୍ନରେ ମାର ଆଖି ଓଦା ହେଇଯାଏ। ସେ ପତି ଆଡ଼େ ଚାହେଁ। ଆମ ବାପାଙ୍କ ଆଡ଼େ ତାପରେ ପଚାରେ "ତୁମେ ଠିକ୍ ଅଛ ତ?"

ଦୁହେଁ ଦୁହିଁଙ୍କ ହାତ ଧରି ଥାଆନ୍ତି। ଦୁହେଁ ଦୁହିଁଙ୍କୁ ପ୍ରଶ୍ନ ପଚାରନ୍ତି ତାପରେ ଚୁପ୍ ହେଇ ଯାଆନ୍ତି ଉତ୍ତର କେହି ଦିଅନ୍ତିନି। ମନେ ହୁଏ ଯେମିତି ଜଣେ ନିର୍ଧନ ଆଉ ଜଣେ ନିର୍ଧନକୁ ପ୍ରଶ୍ନ ପଚାରୁଚି। ମନେ ହୁଏ ଦୁଇ ନିର୍ଧନତାଙ୍କ ଭିତରେ ସହନଶୀଳତା ଚାଲି ଆସିଚି ... କୌଣସି ଉତ୍ତର ପରି।

ମା ଚା' କରି ଆଣେ। ସ୍ୱାମୀ ପାଇଁ ଗୋଟେ କପ୍ ଚା – ସେ ପଚାରନ୍ତି "ତୁ ପିଇବୁନି କି ଲୀଳା? ଲୀଳା ଆମ ମା ଉତ୍ତର ଦିଏ "ସେଇଥିରୁ ଟିକେ ରଖିଦବ।"

ଟିକେ ନା କୁ ଚା। ଶେଷ , ତିନି ଚାରି ଢୋକ। ମା ତାକୁ ଏମିତି ପିଏ ଯେମିତି ସେ ଅମୃତ ପିଉଚି।

ବାପାଙ୍କ ଘର। ବାପାଙ୍କ ଘର ଏବେ ଖାଲି। ମୁଁ ଯୋଉଠି ଠିଆ ହେଇଚି ସେଠି କେହି ବି ନାହାନ୍ତି। କୌଣସି ସମୟରେ ଏଠି ଶବ୍ଦମାନଙ୍କର ସମୁଦ୍ର ବହୁଥିଲା। ସେତେବେଳେ ବାପା ଥିଲେ। ବୁଢ଼ା ହେଇ ଯାଇଥିଲେ କିନ୍ତୁ ଥିଲେ। ଏଇଟା ବାପାଙ୍କ ଘର ଥିଲା।

ଦିନ ଆସିଲା। ବାପା ଚାଲିଗଲେ। ସମସ୍ତେ ଏହି ଦିନକୁ ଅପେକ୍ଷା କରିଥିଲେ। ବାପା ଗଲାପରେ ଘର ପୂରା ଖାଲି ହେଇଗଲା। ଗୋଟେ ଭାଇ ପଶ୍ଚିମ ବିହାରତ ଅନ୍ୟ ଜଣେ ଶାହଦରା। ତୃତୀୟ ଆଉ କୋଉଠି। ମୁଁ ବହୁତ ଆଗରୁ ଏ ଘର ଛାଡ଼ି ଦେଇଥିଲି।

କେତେଦିନ ବିତି ଗଲାଣି। କେତେ ମାସ ବୋଧେ ଦି ବର୍ଷ। ଦି ବର୍ଷ ପରେ ମୁଁ ଏଇ ବନ୍ଦ ଘରକୁ ଖୋଲି ଠିଆ ହେଇଚି। ଚିନ୍ତିତ ଆଉ ଦୁଃଖି ହୋଇ, ଉଦାସ ହେଇ। ସ୍ମୃତିର ସରାଗାତରୁ ଅଚଳ ପଇସା ବାହାର କରି ... ମୁଁ।

ଦୂରରେ ଗୋଟେ ଲୁହାର ବାଲ୍ଟି ଓଲଟାହେଇ ପଡ଼ିଚି ପବନ ଖରା ବର୍ଷାକୁ ସହି ସହି। ଧୂଳି ଧୂସରିତ ହୋଇ ଗୋଟେ ଖଟିଆ ଡେରା ହେଇଚି। ତା'ର ଦଉଡ଼ି ସବୁ ବହୁତ ଜାଗାରୁଛିଣ୍ଡି ଯାଇ ଝୁଲି ପଡ଼ିଚି। ଖଟିଆ ଜାଣିଚି ସେ ଏମିତି ଠିଆ ହେଇଥିବ ପୂରା ଭାଙ୍ଗି ଭୁଙ୍ଗି ଯିବା ପର୍ଯ୍ୟନ୍ତ। ନା କେହି ଆସିବେ ନା କେହି ଆସି ତାକୁ ବସିବା ପାଇଁ ପକେଇବ। ଗୋଟେ ପିଚ୍‌ବୋର୍ଡର ଡବା କିଛି ପୁରୁଣା ସମ୍ବାଦପତ୍ର ଗୋଟେ ବୋରା (ଅଖା) ମନେ ଅଛି ଏଇ ବୋରିକୁ ପକେଇ ବାପା ପ୍ରାର୍ଥନା କରୁଥିଲେ।

ମନେ ଅଛି ଏଇ ଶୂନ୍‌ଶାନ ଅଗଣା ଦିନ ଥିଲା ଯେତେବେଳେ ଖଟିଆ, ଚେୟାର, ଷ୍ଟୁଲ୍ ଆଉ ଷ୍ଟୁଲ ଉପରେ ଟେବଲ୍ ଫ୍ୟାନ୍‌ରେ ଭର୍ତ୍ତି ହେଇ ଯାଉଥିଲା। ଥରେ ଆମେ ଚାରିଭାଇ ଅଗଣାକୁ ନେଇ ଝଗଡ଼ା କଲୁ। ତା' ପରେ ଆମେ ଚୂନକୁ ପାଣିରେ ଭିଜାଇ ଅଗଣାକୁ ଚାରି ଭାଗରେ ବାଣ୍ଟି ଦେଲୁ। ବାପା ଦେଖୁଥିଲେ କିନ୍ତୁ ଚୁପ୍ ରହିଥିଲେ। ଆମକୁ ଲାଗିଲା ଆମେ ଗୋଟେ ବହୁତ ବଡ଼ କାମ କରି ଦେଇଚୁ।

ଆମେ ଚାରିଭାଇ ଏକା ସାଙ୍ଗେ ଚା ପିଉ ଏକା ସଙ୍ଗେ ବିୟର ଗ୍ଲାସରେ ଚିୟର୍ସ କରୁ। କେହି ଯଦି ସିଙ୍ଗଡା ମଠରି ବା ବର୍ଗିଂ କିମ୍ବା ଚିନି ପରଟା ଖାଉଥାଏ ସମସ୍ତେ ସେଥିରୁ ଛିଣ୍ଡେଇ ଖାଆନ୍ତି। କେତେଥର ଛଡ଼େଇ ନିଏ କେହି। କିନ୍ତୁ ଏଥର ଆମେ ରଷି ଯାଇଥିଲୁ।

ଦି ଦିନ ପର୍ଯ୍ୟନ୍ତ ଅଗଣାଟା ଚାରି ଭାଗରେ ବଣ୍ଟା ହେଇ ରହିଥିଲା। ତୃତୀୟ ଦିନ ଆମେ ଭାଇମାନେ ନିଜେ ଲଜ୍ଜିତ ହେଲୁ। ସମସ୍ତେ ପୋଛା କନା ନେଇ ଚୂନକୁ ଲିଭେଇ ଦେଲୁ। ବାପା ହସିଲେ ଗୋଟେ ଛୋଟ ବାକ୍ୟ କହିଲେ "ମୋତେ ଏମିତିଆ ସଂଯୋଗ ଭଲ ଲାଗେ।"

ଖାଲି ଘରର ଶୂନ୍ୟତା ଗୋଟେ ନଜର ବନ୍ଦୀରେ ଥିବା ଦୋଷୀ ପରି ଲାଗେ।

ମୋ ଚାରିପଟ ନିସ୍ତବ୍ଧ। ଆଉ ଏକାନ୍ତ ଯେମିତି ନିଜ ଆଖିରେ ପଟି ବାନ୍ଧି ବସିଛି।

ବାପାଙ୍କ ଏଇ ଘର ବାପାଙ୍କ ମହାପ୍ରସ୍ଥାନ ପରେ ଗୋଟେ ମୌନର ବୃତ୍ତାନ୍ତ ପରି ପରିଲକ୍ଷିତ ହଉଚି। ଯାହାକୁ ପଢ଼ି ହବନି କିନ୍ତୁ ଅନୁଭବ କରିହେବ।

ଘରର କାନ୍ଥ ସବୁ ପ୍ରଥମେ ବାଦାମୀ ରଙ୍ଗର ଥିଲା। ଏବେ ବେରଙ୍ଗ ହେଇଗଲାଣି। ଡିସ୍‌ଟେମ୍ପର ସବୁ ଛେଲା ଛେଲା ହୋଇ ଝଡ଼ି ପଡୁଚି। ଶବ୍ଦହୀନ ଘର ବୋଧେ ଏଇ ସବୁ ଦଶା ଭୋଗନ୍ତି।

ଛାତ ଆଡକୁ ଯାଉଥିବା ସିଡ଼ିରେ ନାଲି ରଙ୍ଗର ଖରାଟାଏ ବସିଚି। ଯେମିତି ମତେ ଦେଖୁଚି। ମତେ ପଚାରିବାକୁ ଚାହୁଁଚି ମୁଁ କିଏ? ମୁଁ ତାକୁ ଅଜଣା ଅଶୁଣା ପରି ଲାଗୁଚି। ମୁଁ ତାକୁ କୋଉ ଭାଷାରେ କହିବି ଯେ ମୁଁ ଏଇଠି ରହୁଥିଲି। ମୁଁ ମୋ ଭାଇ ଆଉ ମୋ ବାପା ଆଉ...। ଗୋଟେ ସଂସାର ଥିଲା। ଚଳ ଚଞ୍ଚ ସଂସାର। ସେ ସଂସାରର କେତେ କୋଣ ଥିଲା କେତେ ଦିଗ ଥିଲା। ଆମେ ସବୁ ଖୁଣ୍ଟ ରଖି ବୁଲୁଥିଲୁ। ହାତ ମେଲେଇ ସବୁ ଦିଗକୁ ନିଜ ଭିତରେ ସାମିଲ୍ କରି।

ଏଠି କେତେ ଏକାନ୍ତ। ମହାନଗରର ଶବ୍ଦରୁ ବିରକ୍ତ ହେଇ ଲୋକମାନେ ଏକାନ୍ତ ପାଇବା ପାଇଁ ବୁଲୁଥାଆନ୍ତି। ମୁଁ ଏକାନ୍ତରେ ଠିଆ ହୋଇ ଭ୍ରମିତ ହେଉଚି। ଏ ଏକାନ୍ତ ଭୀତିପ୍ରଦ। ପ୍ରଶ୍ନବାଚକର ପିରାମିଡ୍ ପରି। ଆଉ ମୁଁ ଉତ୍ତର ହୀନ।

ବାପାଙ୍କ ଘରକୁ ଆମେ ଭାଇମାନେ ଏମିତି ଛାଡ଼ି ଦେଲୁ ଯେମିତି କୋଉ ମେଳାରେ ନିଜ ପୁଅର ହାତ ଛାଡ଼ି ଦେଇ ମେଳା ଭିତରେ ଗୁମ୍ ହେଇଯାଏ ବାପା। ଏଇ ନିର୍ଜନ ଘରେ ଆମ ଭାଇମାନଙ୍କର ପ୍ରେମ କଳି ଝଗଡ଼ା ଯୁକ୍ତି ତର୍କ ସବୁଯେମିତି ନିସ୍ତବ୍ଧତାର ପୋଲ ତଳେ ବିଶ୍ରାମ କରୁଛନ୍ତି। ଆମେ ବଡ଼ ବଡ଼ ଝଗଡ଼ା କରୁ ନଥିଲୁ। ଛୋଟ ଛୋଟ ଝଗଡ଼ା କରୁଥିଲୁ। କାରଣ ଆମେ ବହୁତ ଛୋଟ ଲୋକଥିଲୁ। ବଡ଼ ଲଢ଼େଇ ବଡ଼ ଲୋକମାନଙ୍କୁ ଭଲ ଲାଗେ। ଆମେ ଛୋଟ ଲୋକ ଛୋଟ ଛୋଟ ଝଗଡ଼ା କରୁ। କେତେବେଳେ ପାଣି ପାଇଁ କଳି କରୁ। କିଏ ଆଗ ପାଣି ଭର୍ତ୍ତି କରିବ? ଆମର ଶୌଚାଳୟ ଗୋଟିଏ ଥିଲା ଆଉ ଲୋକ ଥିଲେ ଦଶ ଆମର ଏଥିରେ ବି କଳି ହୁଏ ଯେ ଅମୁକ ଲୋକ ବେଶୀ ସମୟ ଶୌଚାଳୟରେ ରହିଗଲା।

ବାପା ଗୋଟେ ପୁରୁଣା ଦିନର ନ୍ୟାୟାଧୀଶ ପରି। ଗୋଟେ ପୁରୁଣା ଦିନର ଚେୟାରରେ ବସି ଗୋଟେ ପୁରୁଣା କାହାଣୀ ପରି ଆମକୁ ଦେଖନ୍ତି ବା ପଢ଼ନ୍ତି, ହସନ୍ତି। ଆଉ ବଡ଼ ନରମ ସ୍ୱରରେ କହନ୍ତି "ଏସବୁ କଳିରେ କ'ଣ କେବେ ଅନନ୍ତ କାଳର ସମ୍ପର୍କ ଭାଙ୍ଗିପାରେ?"

ବାପା ଥିଲେ ତ ଘର ଥିଲା। ଘର ଥିଲା ଆଉ ସେ ଘରେ ଆମେ ମାନେ ଥିଲୁ। ଆମେ ସମସ୍ତେ। ଆମେ ଥିଲୁ ଓ ଅନନ୍ତ ଯୁଗର ସମ୍ପର୍କ ବି ଥିଲା।

ବାପା ବୋଧେ କୌଣସି ରୋମାଣ୍ଟିକ ଦୁନିଆରେ ରହୁଥିଲେ। କିନ୍ତୁ ଜଣାନଥିଲା ଯେ ଏ ନୂଆ ସମୟର ସମ୍ପର୍କ ବହୁତ ଜଲ୍‌ଦି ଥକି ଯାଆନ୍ତି। ସେମାନେ କିଛି ବାଟ ଚାଲନ୍ତି ତାପରେ ଭାବନାର ଜୋତାକୁ ଓହ୍ଲେଇ ଫୋପାଡ଼ି ଦିଅନ୍ତି।

ଆମେମାନେ ଏଇଆ ତ କଲୁ। ସମ୍ପର୍କ ଆମେ ଏଇଠି ରଖିଦେଲୁ। ସୁବିଧାର ସିନ୍ଦୁକ ଉଠେଇ ବାହାରିଗଲୁ। ଏଇ ଘରେ ଆମେ ବାହୁ ମେଲେଇ ଦଶ ଦିଗକୁ ଆପଣେଇ ନଉଥିଲୁ। ଏବେ ଗୋଟେ ଗୋଟେ କୋଣ। କୋଣରେ ସବୁ ଭାଇ ଏକୁଟିଆ। ସେଇ ଭାଇମାନେ ଯିଏ ମିଶିକି ଅଟ୍ଟହାସ କରୁଥିଲେ। ଏବେବି ହସନ୍ତି କିନ୍ତୁ ଏକୁଟିଆ। ସମସ୍ତଙ୍କ ପାଖେ ହସ କଥାର ଗୋଟେ ଗୋଟେ ବହି ଅଛି। ସମସ୍ତଙ୍କ ପାଖରେ ନିଜ ନିଜର ଗଣିତ ଅଛି।

ବାପାଙ୍କର ସବୁଠାରୁ ଖରାପ ଗୁଣଥିଲା ସେ ଶୟରୀ କରି ଜାଣୁଥିଲେ କିନ୍ତୁ ଗଣିତ ଜାଣି ନ ଥିଲେ। ଆଉ ଆମ ସମୟରେ ଗଣିତ ଜାଣି ନଥିବା ବ୍ୟକ୍ତି ଦୋଷୀ ନ ହେଲେ ବି ଲାଇନରେ ଠିଆ ହେଇଥିବା ଶେଷ ଲୋକଟି ପରି ଦୟନୀୟ ହୋଇଥାଏ।

ମୁଁ ଏ ଘରେ ହତପ୍ରଭ! ନିଜ ଘରେ ମୁଁ ହତପ୍ରଭ! ଏ ଘରର କୋଣ ଅନୁକୋଣ ଜାଣିଥିଲେ ବି କାହିଁକି ମୁଁ ହତପ୍ରଭ? ଏକଥା ଜାଣି ପାରୁନି। ମୁଁ ସେସବୁ ଚୋର ଜାଗାକୁ ଦେଖୁଚି ଯୋଉଠି ମୁଁ ବାଟି ସବୁ ଲୁଚେଇ ରଖୁଥିଲି। ତାସ୍ ଆଉ ବାପାଙ୍କ ପକେଟରୁ ଚୋରେଇ ଥିବା ପଇସା ଯୋଉ ଛିଦ୍ରରେ ଲୁଚେଇ ରଖୁଥିଲି। ସେ ସବୁ ଛିଦ୍ରକୁ ଏମିତି ଦେଖୁଥିଲି ଯେମିତି ସେଇଠି କୋଉଠି ମୋ ବାଲ୍ୟକାଳ ଠିଆ ହୋଇଚି। ଆଉ ମୋ ପିଲାଦିନ ପାଖେ ମୋ ବାପା।

କାନ୍ଥ ସବୁ ଚୁପ୍। ସେମାନେ ସ୍ପର୍ଶର ଅପେକ୍ଷାରେ ଅଛନ୍ତି। କେହି ଆସି କାଳି ହାତ ବୋଲି ଦେଉ ବା ଗ୍ରୀସ୍ ହାତରେ ତାକୁ ଛୁଇଁ ଦଉ। କେହି ଆସି ତା ପଦଛାପ ବିଛେଇ ଦଉ। ଏତେ ଶବ୍ଦ ଯେ ସେଥିରେ ଘର ଜଗମଗ୍ ହେଇଯାଉ।

ମୁଁ କାନ୍ଥକୁ ଚାହିଁଛି। ଘରର କାନ୍ଥ କୁ ମୁଁ ଏତେ ଭଲ ଭାବରେ କେବେ ଦେଖି ନ ଥିଲି ବୋଧେ ସେତେବେଳେ ଘରର ଗୋଟେ ଅଂଶ ବୋଲି ଲାଗୁଥିଲା। ଏବେ କେବଳ କ୍ଲାନ୍ତ ହେଇ ଯାଇଥିବା କାନ୍ଥ। ଯିଏ ବସି ଯିବାକୁ ଚାହୁଁଚି।

କେଜାଣି ଏ ମୂକ କାନ୍ଥମାନେ ଆଉ କେତେଦିନ ଠିଆ ହେଇ ରହିବେ। ବୋଧେ ଆଉ କେତେବର୍ଷ ପର୍ଯ୍ୟନ୍ତ ଠିଆ ହେଇ ରହିବେ। କିନ୍ତୁ ଏ କାନ୍ଥମାନଙ୍କ ଭିତରେ ଯୋଉ ଘର ଅଛି ସେ ନିଶ୍ଚୟ ଦିନେ ବସିଯିବ।

ଘର, ମୋ ବାପାଙ୍କ ଘର!





# ବାପା

## ବନମାଳି ସେନାପତି

ମୁଁ ଯଦି କେତେବେଳେ ଚିନ୍ତିତ ଥିବାର ବାପା ଦେଖୁଥିଲେ, ନିଶବ୍ଦରେ ମୋ ପାଖରେ ପହଞ୍ଚି କହୁଥିଲେ - "ମୁଁ ଯେତେଦିନ ବଞ୍ଚିଛି, ତୋର କୌଣସି ଚିନ୍ତା କରିବାର ନାହିଁ। କିନ୍ତୁ ମୁଁ ଚାଲିଯିବା ପରେ .....

କୌଣସି ଦିନ କଥାଟିକୁ ଶେଷକରୁ ନଥିଲେ ବାପା। ମୁଁ ଜାଣି ପାରୁନଥିଲି ବାପା କାହିଁକି ଏପରି କହୁଥିଲେ। ଏକଥା ଜାଣିବାକୁ ପ୍ରବଳ ଇଚ୍ଛା ବି ହେଉଥିଲା କିନ୍ତୁ ପଚାରିବାର ସାହାସ କୁଳେଇ ପାରୁନଥିଲି ସେଦିନମାନଙ୍କରେ। ବାପାଙ୍କର ଅନେକ କଥା ଅସମାପ୍ତ ରହିଯାଏ ଓ ଅନ୍ୟ କେହି ପଚାରିଲେ ସେ କୁହନ୍ତି ନିଜର ବୁଦ୍ଧି ଖଟାଇ ଏହାକୁ ବୁଝ।

ବାପାଙ୍କର ଅଧିକାଂଶ ସମୟ କଟିଯାଏ ଛାତ ଉପରେ ପଡ଼ିଥିବା ଚେୟାରରେ। ଯେତେବେଳେ ଇଚ୍ଛା ହୁଏ ଧୀରେ ଧୀରେ ସିଡ଼ି ଧରି ଛାତ ଉପରକୁ ଉଠିଯାଇ ଚେୟାରରେ ବସନ୍ତି। ଅନେକ ସମୟ ଆକାଶକୁ ଚାହିଁ ରହନ୍ତି। ଆକାଶର ମେଘଖଣ୍ଡ ଦେଖି ଗୁଣୁଗୁଣୁ ହୋଇ ଗୀତ ବି ଗାଆନ୍ତି। ଯଦି ମୁଁ କେତେବେଳେ ତାଙ୍କ ନିକଟରେ ପହଞ୍ଚିଯାଏ, ଆକାଶକୁ ଚାହିଁ ମଧ୍ୟ ମୋ ପହଞ୍ଚିବାକୁ ସେ ଜାଣିପାରନ୍ତି ଆଉ ମୋତେ କହି ଚାଲନ୍ତି ତାଙ୍କ ଜୀବନର ଅଙ୍ଗେ ନିଭା କଥା ଆଉ ଶେଷ ବାକ୍ୟ ତାଙ୍କର ଅସମାପ୍ତ ରହେ....।

ମୋ ବୋଉ ଯେତେବେଳେ ଆରପାରିକି ଚାଲିଗଲା ମୁଁ ସେତେବେଳେ ଦଶମ ଶ୍ରେଣୀରେ ପଢୁଥିଲି। ବୋଉର ମୃତ୍ୟୁ ବାପାଙ୍କୁ ଗଭୀର ଆଘାତ ଦେଇଥିଲା। ରାତିରେ ମୋ ପାଖରେ ଶୋଇ ରହି ସେ ମୋତେ କୁହନ୍ତି "ଅନନ୍ତ ତୋ ମଥା ଉପରେ ଅଧେ ଛାତ ଚାଲିଗଲା, ତୁ ବ୍ୟସ୍ତ ହେବୁନି,ଆଉ ଅଧେ ଛାତ ତୋ ବାପା ବଞ୍ଚିଛି।" ବାପାଙ୍କ କଥା ଶୁଣି ମୁଁ କଇଁ କଇଁ ହୋଇ କାନ୍ଦିଉଠେ। ବାପା ମୋତେ ପାଖକୁ ଆଉଜେଇ କୁହନ୍ତି " ଚିନ୍ତା କରନି ଅନନ୍ତ... ମୁଁ ବଞ୍ଚିଥିବା ପର୍ଯ୍ୟନ୍ତ ତୁ ସୁରକ୍ଷିତ। କିନ୍ତୁ ମୁଁ ଯିବା ପରେ... ଆଉ କିଛି କହିପାରନ୍ତିନାହିଁ।

ବୋଉ ଚାଲିଯିବା ପରେ ଏକ ଭୟରେ ଶୂନ୍ୟତା ମୋତେ ଗ୍ରାସ କରିଗଲା। ଘରେ ଅନ୍ୟମାନେ ଥାଇବି ନିଜକୁ ଏକା ଅନୁଭବ କରୁଥିଲି। ବାପା ସଦ୍ୟ ଚାକିରୀରୁ ଅବସର ନେଇ ଘରେ ରହୁଥିଲେ ବି ତାଙ୍କ ସହ ମୁଁ ଅଧିକ ସମୟ ମିଶି ପାରୁନଥିଲି ଯେମିତି ମୁଁ ବୋଉ ସହ ମୋ ଜୀବନର ସବୁ କଥା ସେୟାର କରିପାରୁଥିଲି।

ବଡ଼ଭାଇଙ୍କର ବିଭାଘର ସରିଥିଲା। ମଝିଆ ଭାଇଙ୍କ ବିଭାଘର ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଥିଲା। ବୋଉ ବଞ୍ଚିଥିବା ପର୍ଯ୍ୟନ୍ତ ସମସ୍ତଙ୍କୁ ସେ ସଂପର୍କର ସୁତାରେ ବାନ୍ଧି ରଖିଥିଲା ଆଉ ସେ ଚାଲିଯିବା ପରେ ସେ ସୁତା ଛିଣ୍ଡିଗଲା। ସମସ୍ତେ ନିଜ ନିଜ ସ୍ୱାର୍ଥରେ ବ୍ୟସ୍ତ। ବାପାଙ୍କ ବ୍ୟତୀତ ମୋ ବିଷୟ କେହି କେବେ ଭାବନ୍ତି ନାହିଁ। ମୋର ଖୋଜ ଖବର ନିଅନ୍ତି ନାହିଁ। ମୁଁ ସ୍କୁଲକୁ ଯାଏ, ସ୍କୁଲରୁ ଫେରେ। ଖାଇବାକୁ ଦେଲେ ଖାଏ ନ ଦେଲେ ମୋ ପଢ଼ାଘରେ ଯାଇ ବସିପଡ଼େ। ଝରକା ବାହାରକୁ ଚାହିଁ ବୋଉ କଥା ଭାବେ। ଆଖିରେ ଆଖିଏ ପାଣି ହୋଇଯାଏ।

ବାପା ସବୁ ବୁଝିପାରନ୍ତି। କେବେ କେବେ ମୋ (ପଢ଼ାଘର) ଶୋଇବା ଘରକୁ ପଶିଆସନ୍ତି। ମୋ ପାଖରେ ଧୀରେ ବସିଯାଇ ମୋ ମୁଣ୍ଡ ଆଉଁଷି ଦେଇ କୁହନ୍ତି "ତୋ ବୋଉ ପାଇଁ ତୋତେ ଭାରି କଷ୍ଟ ଲାଗୁଛି। ଲାଗିବାର କଥା। ତୋର ଏ କୋମଳ ବୟସରେ ତୋତେ ଛାଡ଼ି ଚାଲିଯିବା ତୋ ପାଇଁ ଭାରି ଦୁଃଖ ସୃଷ୍ଟି କରିଛି। ଯାହା ଅପୂରଣୀୟ....

ଏକ ଅସହ୍ୟ ଯନ୍ତ୍ରଣାରେ ଜର୍ଜରିତ ହେଉଥିବା ବାପା ଏପରି କହୁଥିବା ମୁଁ ବୁଝି ପାରୁଥିଲି। ମନେ ହେଉଥିଲା ଉଠି ଯାଇ ବାପାଙ୍କୁ ଧରି ଅନେକ କାନ୍ଦନ୍ତି କିନ୍ତୁ ପାରେନା ...... କେହି ଜଣେ ଯେମିତି କହିଦିଏ "ଅନନ୍ତ, ତୋତେ ଧୈର୍ଯ୍ୟ ଧରିବାକୁ ହେବ। ଅନ୍ୟମାନଙ୍କ ଆଗରେ ତୋତେ ଶକ୍ତ ହୋଇ ଠିଆ ହେବାକୁ ପଡ଼ିବ।

କାନ୍ଦିବାକୁ ଇଚ୍ଛା ହେଉଥିଲେ ବି ମୁଁ କାନ୍ଦି ପାରେନା। ଆଖିରେ ଆଖିଏ ଲୁହ ନେଇ କେବଳ ବାପାଙ୍କୁ ଚାହିଁ ରହେ। କେବଳ ଗୋଟିଏ ଦୀର୍ଘ ଶ୍ୱାସ ବାହାରି ଆସେ। ବାପା ମୋ ମନର ଅବସ୍ଥା ବୁଝିପାରନ୍ତି ବୋଧେ। ଧରୁଥିବା ହାତ ମୋ ମୁଣ୍ଡ ଉପରେ ଥୋଇ ଦେଇ କୁହନ୍ତି, "ଅନନ୍ତ, ଆମର ଏ ଜୀବନଟା ସୁଖ ଦୁଃଖରେ ଫେଣ୍ଟାଫେଣ୍ଟି ଅବଧିରେ ପରିପୂର୍ଣ୍ଣ। ଅନ୍ଧକାର କଡ଼ ଲେଉଟେଇଲେ ଆଲୋକ ଆସେ ଆଉ ଆଲୋକର ଶେଷ ଶକ୍ତି ପରେ ପୁଣି ଅନ୍ଧାର ବିରାଜମାନ କରେ। ଅନ୍ଧାର ହେଉ କି ଆଲୋକ କେହି କେବେ ନିରବଧି ଶାସନ କରିପାରେ ନାହିଁ। ମୁଁ ଅଛି ନା .... ତୋତେ ଅନ୍ଧାରକୁ ମୁଁ ସ୍ପର୍ଶ କରିବାକୁ ଦେବି ନାହିଁ।

ମୋତେ ସଦାସର୍ବଦା ଅଭୟବାଣୀରେ ବଞ୍ଚିବାର ରାହା ଦେଖାଉଥିବା ବାପା ହଠାତ୍ ମୋତେ ଛାଡ଼ି ଚାଲିଗଲେ କାହିଁକି ? ରାତିରେ ଯେଉଁ ଲୋକ ଏତେ କଥା କହି ବିଛଣାକୁ ଗଲେ, ସକାଳୁ ସେ ଆଉ ଉଠିଲେ ନାହିଁ। ଚିରନିଦ୍ରା ଲାଗିଗଲା ତାଙ୍କୁ। ବାପା କେବଳ ଚାଲିଗଲେ ନାହିଁ ମୋ ପାଇଁ ଆକାଶ ଭର୍ତ୍ତି ନିଃସଙ୍ଗତା ଛାଡ଼ି ଦେଇଗଲେ। କେତେ ନିଶ୍ଚିତରେ ମୁଁ ଶୋଇଯାଇଥିଲି। କବାଟରେ ଧକ୍କା ଦେଇ ବଡ଼ଭାଇ ଡାକିବାରୁ ମୁଁ ଉଠିପଡ଼ିଥିଲି। ନିଦ ମଳମଳ ଆଖିରେ ପଚାରି ଦେଇଥିଲି "କଣ ହେଲା ଭାଇ" ?

ତୁ ଶୀଘ୍ର ଆସ ଅନନ୍ତ, ବାପା....

- ବାପା ? କଣ ହୋଇଛି ବାପାଙ୍କର ?

ଖଟରୁ ଡେଇଁ ପଡି, ଦୌଡ଼ିଯାଇ ବାପାଙ୍କ ଶୋଇବାଘରେ ପହଞ୍ଚିଗଲି। ବାପାଙ୍କୁ ଦେଖି ଚମକି ପଡ଼ିଲି। ଦିନେ ଯେମିତି ପରମ ଶାନ୍ତିରେ ବୋଉ ଶୋଇଥିବାର ଦେଖିଥିଲି, ଠିକ୍ ସେହିପରି ଶାନ୍ତିରେ ବାପା ଶୋଇଯାଇଛନ୍ତି। ଖୋଲା ଝରକା ଦେଇ ତାଙ୍କ ଧଳା ଚାଦର ଉପରେ ସୂର୍ଯ୍ୟଙ୍କ ପ୍ରଥମ କିରଣ ପଡ଼ି ବିକିରଣ ହେଉଛି। ବାପାଙ୍କୁ ଘେରି ପରିବାରର ଅନେକ ସଦସ୍ୟ ବସିଛନ୍ତି। ସମସ୍ତେ କାନ୍ଦୁଛନ୍ତି। ସବୁଠାରୁ ଉଚ୍ଚ ସ୍ୱରରେ ଦୁଇ ଭାଇଙ୍କର ସ୍ୱର ଶୁଭୁଥିଲା। ସେହି ଭାଉଜମାନେ ବାପା ବଞ୍ଚିଥିବା ବେଳେ, ତାଙ୍କୁ ସମ୍ମାନ ପ୍ରଦର୍ଶନ କରିବାକୁ କୁଣ୍ଠାବୋଧ କରୁଥିଲେ।

ପାଟି କରି କାନ୍ଦିବାର ବୟସ ଆଉ ମୋର ନଥିଲା। ସ୍କୁଲ କଲେଜର ପରିବେଶରୁ ବାହାରି ମୁଁ ବେକାର ଦୁନିଆର ମଣିଷ। ବାପାଙ୍କୁ ଏପରି ଅବସ୍ଥାରେ ଦେଖି ମୁଁ ପଥର ପାଲଟି ଯାଇଥିଲି। ଦୁଇ ଆଖିର ନିରବ ଅଶ୍ରୁ ଆଖିର ପରିସୀମା ଅତିକ୍ରମ କରି ଦୁଇ ଗଣ୍ଡଦେଶ ମଧ ଦେଇ ତଳେ ପଡୁଥିଲା। ବୋଉ ମରିଯିବାବେଳେ ବାପା ମୋ ପାଖରେ ବସି ମୋତେ ସାନ୍ତ୍ୱନା ଦେଇଥିଲେ କିନ୍ତୁ ବାପା ମରିଯିବା ବେଳେ କେହି ଜଣେ ମୋ ପାଖକୁ ଆସି ସାନ୍ତ୍ୱନା ଦେବାକୁ ନଥିଲେ।

ଆଜିକୁ ଚାରିଦିନ ହେଲାଣି ବାପା ଏ ସଂସାରରୁ ବିଦାୟ ନେଲେଣି। ଏବେ ଚାରିଆଡ଼େ ଖାଲି ଶୂନ୍ୟତା, ନିଃସଙ୍ଗତା। ଭାଇମାନଙ୍କର ସବୁକଥା ଦୁଇଭାଉଜ ବୁଝୁଥିଲେ। ମୋତେ କେହି କିଛି ବି ପଚାରୁନଥିଲେ। ବହୁତ କଷ୍ଟ ଲାଗୁଥିଲା ମୋତେ। ମନେ ପଡିଯାଉଥିଲା ବାପାଙ୍କର ସେହି ଦୁଇପଦକଥା " ମୁଁ ଯେତେ ଦିନ ବଞ୍ଚିଛି, ତୋର କୌଣସି ଚିନ୍ତା ନାହିଁ ଅନନ୍ତ। କିନ୍ତୁ ମୁଁ ଯିବାପରେ....।"

ଦିନଯାଇ ରାତି ଆସିଛି। କୃଷ୍ଣପକ୍ଷ ଜହ୍ନଟା କେତେବେଳୁ ଘଡିମାରି ଉଇଁ ସାରିଲାଣି। ଘରଆଗରେ ବାପା ଲଗେଇଥିବା ଛୋଟ ଛୋଟ କଲିମି ଗଛ ଉପରେ ଜହ୍ନ ଆଲୁଅର ସ୍ନେହସିକ୍ତ ସ୍ପର୍ଶରେ ଗଛ ଗୁଡିକରେ ଯେପରି ଶିହରଣ ଖେଳିଯାଉଛି। ବାପାଙ୍କର ସେହି ଛାତ ଉପରେ ପଡିଥିବା ପ୍ଲାଷ୍ଟିକ ଚେୟାରର ପାଖରେ ଗୋଟିଏ ଚେୟାର ପକେଇ, ମୁଁ ସେଇ ଗଛଗୁଡିକ ଆଡକୁ ଚାହିଁ ରହିଥିଲି। ଦିନ ସାରା ଘରେ ବସି ବସି ବଡ କ୍ଳାନ୍ତ ଲାଗୁଥିଲା ଆଉ ଛାତ ଉପରର ଦକ୍ଷିଣା ପବନରେ ବେଳେବେଳେ ଆଖି ଲାଖିଯାଉଥିଲା। ଛାଏଁ ଛାଏଁ ପୁଣି ଆଖି ଖୋଲି ଯାଉଥିଲା। ବଡଭାଇଙ୍କ ଘରେ ବଡଭାଇ, ମଝିଆଭାଇ ଓ ଦୁଇଭାଉଜ ଆଗାମୀ ଦିନର କାମ ପାଇଁ ଆଲୋଚନାରତ। ମୋତେ ଆଲୋଚନାକୁ ଡାକିବାକୁ କାହାରି ଇଚ୍ଛା ନାହିଁ। କାରଣ ସେମାନେ ଜାଣିଛନ୍ତି ଯାହା ଖର୍ଚ୍ଚ ହେବ, ମୁଁ ସେମାନଙ୍କୁ ଟଙ୍କାଟିଏ ବି ଦେଇପାରିବି ନାହିଁ। ସେମାନଙ୍କ ଏପରି ହତାଦର ମୋତେ ବହୁତ କଷ୍ଟ ଦେଇଥିଲା।

ସମସ୍ତେ ଜାଣିଛନ୍ତି ମୁଁ ଛାତ ଉପରେ ବସିଛି। କିନ୍ତୁ କେହି ଡାକୁ ନାହାନ୍ତି। ମୋତେ ବି ଡାକିବେ କାହିଁକି? ମୋ ମତାମତ ସେମାନଙ୍କର କୌଣସି କାମରେ ଲାଗିବ ନାହିଁ ସେମାନେ ଭାବି ନେଇଛନ୍ତି। ବଡଭାଇ ହାଇସ୍କୁଲ ଶିକ୍ଷକ ଆଉ ମଝିଆ ଭାଇ ବ୍ୟବସାୟୀ। ସମସ୍ତଙ୍କ ପାଖରେ ପଇସାର ଖର୍ଚ୍ଚ କରିବାର ଭଲ କ୍ଷମତା ଅଛି। ତେଣୁ ଆଉ କାହାର ମତାମତର ଆବଶ୍ୟକ ବା କ'ଣ ଥାଇପାରେ। ଅନେକ ସମୟ ଧରି ଆଲୋଚନା ଚାଲିଛି। ଅନ୍ୟ ଦିନ ମାନଙ୍କରେ ସେ ଘରେ କଥାବାର୍ତ୍ତା ହେଲେ ଛାତ ଉପରକୁ ସବୁକିଛି ଶୁଭୁଥାଏ କିନ୍ତୁ ଆଜି ସେ ସବୁର ବ୍ୟତିକ୍ରମ ମୁଁ ଅନୁଭବ କରୁଥିଲି। ମୋ କାନରେ କେବଳ ଝିଙ୍କାରୀର ଝିଂଝିଂ ଶବ୍ଦ ଆଉ ଦକ୍ଷିଣୀ ପବନରେ ଗଛରୁ ଗଳି ପଡ଼ିଥିବା ଶୁଖିଲା ପତ୍ରର ଶବ୍ଦ।

ଅନେକ ସମୟ ହେଲାଣି ମୁଁ ଛାତ ଉପରେ ବସିଛି। ସମୟ ସହିତ ତାଳ ଦେଇ ରାତିର ବୟସ ବଢ଼ି ବଢ଼ି ଚାଲିଛି। ପ୍ରତ୍ୟେକ ଘରର ବତି ବନ୍ଦ ହେବାରେ ଲାଗିଛି।ଆଉ କିଛି ସମୟ ପରେ ସଂପୂର୍ଣ୍ଣ ଗାଁରେ ନିଃଶବ୍ଦ ରାଜୁତି କରିବ। ମନରେ ପ୍ରଶ୍ନ ଉଠିଲା ଏବେ ରାତି କେତେ ହେବ? ଆକାଶକୁ ଚାହିଁଲି। ଅନେକ ସମୟ ହେଲା ଜହ୍ନ ତାର ରୂପେଲି କିରଣରେ ସମସ୍ତଙ୍କୁ ସ୍ନାନ କରାଉଛି। ଜହ୍ନ ଆଲୁଅରେ ସବୁ କିଛି ସ୍ୱଚ୍ଛ ଭାବେ ବାରି ହୋଇ ପଡୁଛି। ତେବେ ଯେଉଁ ଡର ନାମକ ଶବ୍ଦଟି ମୋତେ ଦିନେ ବି ସ୍ପର୍ଶ କରିବାକୁ ସାହସ କରିନଥିଲା ଆଜି ସେ ମୋ ଶରୀର ମଧ୍ୟରେ ବୋଧେ ପ୍ରବେଶ କରିଛି। ମୁଁ ସେହିଭଳି କିଛି ଅନୁଭବ କରୁଛି।

ମୁଁ ଚେୟାର ଛାଡ଼ି ଉଠିଲି। ଧୀରେ ଧୀରେ ବଡ଼ଭାଇ ଶୋଇବା ଘର ଆଡ଼କୁ ଚାଲିଲି। ଦୁଆର ନିକଟରେ କିଛି ସମୟ ଠିଆ ହେଲି। ଭିତରକୁ ଯିବା ନ ଯିବାର ଦ୍ୱନ୍ଦ ମଧରେ ଅନେକ ସମୟ ବିତିଗଲା। ଶେଷରେ ସ୍ଥିର କଲି ଭିତରକୁ ଯିବା ପାଇଁ କବାଟ ନିକଟରେ ପଚାରିଲି ମୁଁ ଭିତରକୁ ଯିବି?"

ଏମିତି ସମୟରେ ମୁଁ ତାଙ୍କ ପାଖକୁ ଆସିବି ସେକଥା କେବେ ସେ ଆଶା କରିନଥିଲେ। ବିରକ୍ତ ଭରା ସ୍ୱରରେ କହିଲେ – କିଏ ? ଓଃ ଅନନ୍ତ। କିଛି କହିବୁ କିରେ?

– ହଁ, ଟିକେ କଥା ଥିଲା ଭାଇ।

– ହଉ, ଠିକ୍ ଅଛି ଭିତରକୁ ଆ......

ମୁଁ ଘର ଭିତରକୁ ପଶିଯାଇ ଚାରିଆଡ଼ ଦୃଷ୍ଟି ବୁଲାଇ ଆଣିଲି। ମଝିଆ ଭାଇଙ୍କ ଉପରେ ଦୃଷ୍ଟି ପଡ଼ିବାରେ ଦେଖିଲି। ମୋତେ ଦେଖି ତାଙ୍କ ମୁହଁଟି ଯେପରି ବିକୃତ ହୋଇଯାଉଛି। ମୋ ଉପସ୍ଥିତିକୁ ସେ ବୋଧେ ଆଦୌ ସହ୍ୟ କରିପାରୁନାହାନ୍ତି। ମୋତେ ଦେଖି ବିରକ୍ତି ପ୍ରକାଶ କରି କହିଲେ, "ଦିନ ତମାମ ଆଜି କୁଆଡ଼େ ଯାଇଥିଲୁ?" ଆମର ଆଉ କ'ଣ କିଛି କାମ ନାହିଁ, ତୋତେ ଖୋଜିବୁ?

ଟିକେ କାମଥିଲା ଭାଇ।" ମୁଁ ଧୀର ସ୍ୱରରେ ଏତକ କହିଲି – ତୋର ତ ସେହି ଗୋଟିଏ କାମ – ଆଜି ଏ ପରୀକ୍ଷା କାଲି ସେ ପରୀକ୍ଷା। କେବଳ ପରୀକ୍ଷା ଦେଇ ଚାଲିଥିବୁ ନା କିଛି ଚାକିରୀ କରିବୁ। ସରକାରୀ ଚାକିରୀ ନ ମିଳିଲେ କ'ଣ ଅନ୍ୟ କିଛି ଚାକିରି ନାହିଁ। ଏତେ ଦିନ ପର୍ଯ୍ୟନ୍ତ ବୁଲୁଥିଲୁ। ବାପାଥିଲେ କିଛି ଅସୁବିଧା ନଥିଲା। ବାପା ତ ଏବେ ଆଉ ନାହାନ୍ତି। ଏବେ ତୋ କଥା ............।

"ବଡ଼ଭାଇ ମଝିଆ ଭାଇଙ୍କ କଥା ମଝିରେ ବାଧା ଦେଇ କହିଲେ "ଏହି ଦୁଃଖ ସମୟରେ ତୁ ତାକୁ ଏତେ ତିରସ୍କାର କରେନି।"

ସବୁ କାମ ସରିଯାଉ ଆମେ ବସି କଥା ହେବା। ମଝିଆଭାଇଙ୍କ କଥାରେ ମୋ ଆଖିରେ ଲୁହ ଆସିଯାଉଥିବା ବେଳେ ବଡ଼ଭାଇଙ୍କ ଏହି ପଦୁଟିଏ କଥା ମୋତେ ଅନେକ ସାନ୍ତ୍ୱନା ଦେଲା। କିଛି ସମୟ ନିରବ ରହିବା ପରେ ମୁଁ ବଡ଼ଭାଇଙ୍କୁ କହିଲି – "ଭାଇ ଏ ବ୍ୟାଗଟି ରଖନ୍ତୁ।"

ବଡ଼ଭାଇ ଆଶ୍ଚର୍ଯ୍ୟ ହୋଇ କହିଲେ – ବ୍ୟାଗ୍? ଏ ବ୍ୟାଗରେ କ'ଣ ଅଛି?

ଟଙ୍କା! ହ୍ୟାଣ୍ଡ ବ୍ୟାଗର ଚେନ ଖୋଲି ଏତେ ଗୁଡ଼ିଏ ନୋଟ ବଣ୍ଡଲ ଦେଖି ପଚାରିଲେ – ଏତେ ଟଙ୍କା ତୁ କେଉଁଠୁ ପାଇଲୁ?

– ନା, ଭାଇ ମୁଁ ଚୋରି ଡକାୟତି କରି ଏ ଟଙ୍କା ଆଣିନାହିଁ ଗାଁ ମୁଣ୍ଡ ତୋଟା ପାଖରେ ବାପା ମୋ ନାମରେ ଯେଉଁ ଜମିଟି ରେଜେଷ୍ଟ୍ରି କରି ଦେଇଥିଲେ। ସେହି ଜମି ବିକ୍ରି ଟଙ୍କା। ମୁଁ ବି ବାପର ପୁଅ। ଆପଣମାନଙ୍କର ରୋଜଗାର ଅଛି ଆଉ ମୁଁ ବେକାର ଅଛି। ତଥାପି ତାଙ୍କ ଅନ୍ତ୍ୟେଷ୍ଟିକ୍ରିୟାରେ ମୋର ମଧ କିଛି କରିବାର ଅଛି।

ଭାଇ ଅବାକ୍ ହୋଇ ଚାହିଁଥିଲେ। ମୁଁ କଥା ଶେଷ କରିପାରିଲିନି। ଦୁଃଖ କ୍ରୋଧରେ ମୋ ଛାତିଫାଟି ଯାଉଥିଲା। ମୁଁ ଜୋର ଜୋର ପାଦ ପକାଇ ସେ ଘରୁ ବାହାରି ମୋ ଶୋଇବା ଘର ଆଡ଼କୁ ଦୌଡୁଥିଲି। ପଛରୁ ବଡ଼ଭାଇ-ଅନନ୍ତ ଟିକେ ମୋ କଥା ଶୁଣ ବୋଲି କହି ଡାକୁଥିଲେ।

# ଅସ୍ତମିତ ନକ୍ଷତ୍ର

## ସୁଷମା ପରିଡ଼ା

ରାତ୍ରିର ଶେଷ ପ୍ରହର..ସାହି ପଡ଼ିଶା ସମସ୍ତେ ନିଘୋଡ଼ ନିଦରେ.. ଚାରିଆଡ଼େ ଶୂନଶାନ୍.. ଖାଁ ଖାଁ.. ଘର ଭିତରେ ଛୁଂଚିଟିଏ ପଡ଼ିଲେ ମଧ୍ୟ ଶବ୍ଦ ଶୁଭିଲା ଭଳି ନୀରବତା। ନିଷ୍ପ୍ରଭ ନୀଳ ଆଲୋକ ଖେଳେଇ ହୋଇ ପଡ଼ିଛି ଘର ସାରା।

ସିକୁନ୍... ଏ ସିକୁନ୍.. ଉଠ୍‌ରେ ବାବା...

ଅନେକ ସମୟ ଧରି କାନ୍ଦି କାଟି ଅର୍ଦ୍ଧଚେତନ ଅବସ୍ଥାରେ ଥିବା ତରୁଲତା ମଝିରେ ମଝିରେ ବିଳିବିଳେଉଥିଲେ। ପାଖ ସୋଫା ଉପରେ ଅଚଳମହାମେରୁ ଭଳି ସ୍ଥିର ହୋଇ ବସି ରହିଥିଲେ ତାରାକାନ୍ତ। ତାଙ୍କ ଆଖିରେ ପଲକ ପଡୁ ନଥିଲା। ତାଙ୍କର ଅତନ୍ଦ୍ର ଆଖି ବାରମ୍ବାର ଚାଲି ଯାଉଥିଲା ବାହାର ଗେଟ୍ ଆଡ଼କୁ। ଦୂରରୁ ଆମ୍ବୁଲାନ୍ସର ସାଇରନ୍ ଶୁଣି ଧାଇଁ ଗଲେ ଗେଟ୍ ଖୋଲିବା ପାଇଁ।

– ତାରାକାନ୍ତ ମହାନ୍ତି, ସି ନାଇନ୍‌ଟି ଫୋର, ମାରୁତି ବିହାର.. ?

– ଇଏସ୍ , ଇଟ୍ସ ଫର୍ ମାଇଁ ସନ୍ ସଙ୍କେତ..

ଖୋଲା ଗେଟ୍ ଡେଇଁ ଝଡ଼ ଭଳି ଘର ଭିତରକୁ ପଶି ଆସିଲେ ଆମ୍ବୁଲାନ୍ସରେ ଆସିଥିବା କେୟାର ହସ୍ପିଟାଲର କର୍ମଚାରୀ ମାନେ । ସେମାନଙ୍କ ପାଦ ଶବ୍ଦ ଶୁଣି ଚମକି ଉଠି ପଡ଼ିଥିଲେ ତରୁଲତା। ପୁଣି ଥରେ ଆରମ୍ଭ ହୋଇଯାଇଥିଲା ତାଙ୍କ ବାହୁନା.. ସିକୁନ୍ ରେ.. ବାପା ମୋ'ର ..ଧନ ମୋ'ର..। ଡ୍ରଇଂ ରୁମ୍ ପାର କରି ଲିଭିଙ୍ଗ ରୁମ୍‌କୁ ଲାଗି ପ୍ରଶସ୍ତ ବେଡ୍ ରୁମ୍ ର ଦରଜା ଖୋଲା ଥିଲା। ସେଇଠି ବେଡ୍ ଉପରେ ଶୋଇ ରହିଥିଲା ସଙ୍କେତ। କିଛି କ୍ଷଣ ପୂର୍ବରୁ ଯନ୍ତ୍ରଣାରେ ଛଟପଟ ହେଉଥିବା ସମୟର ସେ କଷ୍ଟର ଚିହ୍ନ ବର୍ତ୍ତ ନଥିଲା ତା' ମୁହଁରେ, ବରଂ ଗୋଟାଏ ପ୍ରଶାନ୍ତିର ଆଭା ଝଲସୁଥିଲା ସେଠି । ଛାତ ଆଡ଼କୁ ଚାହିଁ ରହିଥିଲା ତା'ର ଖୋଲା ଆଖି ଦି'ଟା। ହାତରେ ସ୍କାଲ୍ ଭେନ୍‌ରେ ସାଲାଇନ୍ ଛୁଂଚି ଆଉ ମୁଣ୍ଡ ଉପରେ ସାଲାଇନ୍‌ର ଷ୍ଟାଣ୍ଡରେ ଅଧାଖାଲି ସାଲାଇନ୍ ବଟଲ୍‌ଟି ଝୁଲି ରହିଥିଲା ସେମିତି। ହସ୍ପିଟାଲର କର୍ମଚାରୀମାନେ ତାଙ୍କର ରୁଟିନ୍ ବନ୍ଧା କାମରେ ଲାଗି ପଡ଼ିଥିଲେ। ସବୁ ତନ୍ନ ତନ୍ନ ପରୀକ୍ଷା କରି ଡ଼ାକ୍ତର ତାଙ୍କର ଶେଷ କଥା ଶୁଣାଇଥିଲେ...

– ସରି, ହି ଇଜ୍ ନୋ ମୋର୍...।

– ଆଇ ଆମ୍ ଏ ରିଟାୟାର୍ଡ଼ ମିଲିଟାରୀ ପର୍ଶନ୍, ଆଇ ନୋ 'ଦ ଟ୍ରୁଥ୍ ଡକ୍ଟ .. ବର୍ଟ୍ ଆଇ ହାଭ୍ କୁ ଡୁ ଦ ଫର୍ମାଲିଟିଜ୍.. ଗୁରୁ ଗମ୍ଭୀର ସ୍ୱରରେ କହିଲେ ତାରାକାନ୍ତ..

– ସବୁଦିନ ଭଳି ଗତକାଲି ରାତି ଦଶଟାରେ ତା' ମା' ଖୁଆଇପିଆଇ ଦେଲା ପରେ ଔଷଧପତ୍ର ଦେଇ ଶୁଆଇ ପକାଇଥିଲେ, ସେତେବେଳ ଯାଏଁ ସବୁ ଠିକ୍ ଠାକ୍ ଥିଲା। ଦିନସାରା ବସି ବସି କ୍ଲାନ୍ତ ହୋଇ ପଡ଼ିଥିବାରୁ ମତେ ତା' ପାଖରେ ବସାଇଦେଇ ଟିକିଏ ବିଶ୍ରାମ ନେବାକୁ ଆରପଟ ଘରକୁ ଯାଇଥିଲେ ତା'ର ମା'। ରାତି ପ୍ରାୟ ବାରଟାରେ ହଠାତ୍ ତା'ର ଦେହମୁଣ୍ଡ ଗରମ ହୋଇ ଝାଳ ବୋହିବା ଆରମ୍ଭ ହେଲା, ମୁଁ ତା'କୁ ଓଦା ଗାମୁଛାରେ ପୋଛାପୋଛି କରିଦେଲି, ତଥାପି ତାତି କମିଲାନି । ତା' ପରେ ସେ ଭୟଙ୍କର ଭାବରେ ଥରିବାକୁ ଲାଗିଲା, ଜିଭ ବାହାରକୁ ବାହାର କରି ବାଘ ଭଳି ଗର୍ଜନ କରୁଥାଏ, ଛଟପଟ ହେଉଥାଏ। ମୁଁ ଭୟ ପାଇ ଆପଣଙ୍କ ହସ୍ପିଟାଲ୍‌କୁ ଫୋନ୍ କଲି। କିଛି ସମୟ ଛଟପଟ ହେବା ପରେ ସେ ସ୍ଥିର ହୋଇଗଲା। ଚାକିରି ଜୀବନରେ ଅନେକ ମୃତ୍ୟୁକୁ ଆଖି ଆଗରେ ଦେଖିଥିବା ମୁଁ, ଭଲ ଭାବରେ ବୁଝିଗଲି ଯେ ମୋ'ପୁଅ ତା'ର ଯନ୍ତ୍ରଣାମୟ ଜୀବନରୁ ମୁକ୍ତ ହୋଇଗଲା। ତାରାକାନ୍ତଙ୍କ ଆଖିରେ ଲୁହ ନଥିଲା ବରଂ ଆସ୍ୱସ୍ତିର ସୂକ୍ଷ୍ମ ଆଭାଟିଏ ଦିଶୁଥିଲା ସେଠି।

– ଠିକ୍ ଅଛି ତେବେ, ଆମେ ବଡିକୁ ପୋଷ୍ଟମର୍ଟମ୍ ପାଇଁ ହସ୍ପିଟାଲ୍‌କୁ ନେବୁ। ଆପଣ ଆସନ୍ତୁ ଆମ ସହିତ।

– ନା' ନା' ମୋ' ପୁଅକୁ କେହି ଏଠୁ କୁଆଡ଼େ ନେଇ ପାରିବନି.. ସେ ଏଇଠି ରହିବ ମୋ' ପାଖରେ.. ବାର ବର୍ଷ ହେଲାଣି ଏମିତି ଜଗି ବସିଛି ତା'କୁ, ଜୀବନରେ ଥିବା ଯାଏଁ ଜଗିଥିବି...

ସୋଫାରୁ ଉଠିଆସି ପାଗଳୀ ଭଳି ପୁଅର ଶବକୁ ଜାବୁଡ଼ି ଧରିଥିଲେ ତରୁଲତା । ଭୋର ହୋଇସାରିଥିଲା, ଘର ସାମନାରେ ଆମ୍ବୁଲାନ୍ସ ଦେଖି ଘର ପାଖରେ ପଡ଼ୋଶୀଙ୍କ ଭିଡ଼ ଜମିବାକୁ ଲାଗିଥିଲା। ଆହାଃ.. ଚୁଃ ..ଚୁଃ.. ଶବ୍ଦରେ କେମିତି ଗୋଟାଏ ଶୋକାକୁଳ ପରିବେଶ ସୃଷ୍ଟି ହୋଇ ସାରିଥିଲା ସେଠାରେ। ଭିଡ଼ ଆଡ଼େଇ ତାରାକାନ୍ତ ପହଂଚିଲେ ପଡ଼ୋଶୀ ସମରେଶ ଦାସଙ୍କ ପାଖରେ। ଏଠାରେ ନୂଆଘର କରି ରହିବା ପରେ ଏକମାତ୍ର ଏଇ ସମରେଶଙ୍କ ସହିତ ତାଙ୍କର ଘନିଷ୍ଠତା ବଢ଼ିଛି। ବାକି ସମସ୍ତେ ତାଙ୍କର ଅପରିଚିତ କହିଲେ ଚଳେ । ତାଙ୍କରି ହାତ ଧରି ଅନୁରୋଧ କଲେ ତାରାକାନ୍ତ.. "ଗାଆଁକୁ ଖବର ଦେଇଛି, କେହି ନା' କେହି ଆସି ପହଂଚିବେ ନିଶ୍ଚୟ, ସେତେବେଳ ଯାଏଁ ତରୁକୁ ସମ୍ଭାଳି ରଖିଥିବେ ପ୍ଲିଜ୍.. ମୁଁ ହସ୍ପିଟାଲ୍ ଯାଉଛି ବଡ଼ି ସାଥିରେ.. ସେଠାରେ କାମ ସରିବା ପରେ ଏକାଥରେ ସଂସ୍କାର ସାରି ଫେରିବି.. କ୍ୟାନ୍ ୟୁ ମ୍ୟାନେଜ୍.. ?" ଆଖିରେ ଆଖିଏ ଲୁହ ନେଇ ସମରେଶ ମୁଠାଇ ଧରିଲେ ତାରାକାନ୍ତଙ୍କ ହାତକୁ। ନୀରବରେ ଅଲିଖିତ ପ୍ରତିଶ୍ରୁତିଟିଏ ଦେଇଦେଲେ ଯେମିତି.. ଏମିତି ବିପଦ ବେଳେ ବନ୍ଧୁଟିଏ ହିଁ ତ' ସାହା..।

ଗୋଟାଏ ସାମୁହିକ କ୍ରନ୍ଦନର ରୋଳ ଭିତରେ ଆମ୍ବୁଲାନ୍ସଟି ବାହାରି ଗଲା ଘରୁ।

ଛାତି ପିଟି କୋଡ଼ି କଚାଡ଼ି ହୋଇ କାନ୍ଦୁଥିଲେ ତରୁଲତା..." ମୋ' ଧନରେ... ସେ ବିକଳ ହୋଇ ଚାହିଁଥିଲେ ଏଇ ଟିକିଏ ଆଗରୁ ସିକୁନ୍ ଶୋଇରହିଥିବା ଖଟ ଆଡ଼କୁ... ତାଙ୍କୁ ଲାଗୁଥିଲା ଏଇ ଯେମିତି ଚେଇଁ ଉଠି ? ସିକୁନ୍.. ଆଁ କରି ଖାଇବାକୁ ମାଗିବ..

ଏଇମିତି ରାତି ଅଧରେ ଭୋକ ଲାଗେ ତା'କୁ, ତରୁ ଯେମିତି ହେଲେ କିଛି ଖାଇବା ଜିନିଷ ବେଡ୍ ପାଖରେ ସଜାଡ଼ ରଖିଥାନ୍ତି ତା' ପାଇଁ। ଇଏ ଗତ ଦଶବର୍ଷର ରୁଟିନ୍ ତାଙ୍କର। ଅଥଚ ଦଶ ବର୍ଷ ତଳେ... ?

ଏଇ ସିକୁନ୍ ଥିଲା କେତେ ଚଳଚଂଚଳ। ପିଲାଟି ବେଳରୁ ଗାଆଁରେ ରହି ଜେଜେମାଙ୍କ ଗେହ୍ଲା ନାତି ହୋଇ ଖୁବ୍ ଦୁଷ୍ଟାମୀ କରୁଥିଲା। ସିଏ ପାଂଚବର୍ଷର ହେଲା ବେଳକୁ ମିକୁନ୍ ଆସିଥିଲା କୋଳକୁ।

ଶାଶୁଘରେ ଜମିବାଡ଼ି କାମ ବୁଝିବା ସହ ଦୁଇ ଦୁଇଟି ଛୁଆଙ୍କୁ ଧରି ଦିନରାତି କାମ ଅଧିକାରୀ କଣ୍ଠାଗ୍ରତ ହୋଇ ପଡୁଥିଲା ତରୁ। ପାଂଚବର୍ଷରେ ଗାଆଁ ପ୍ରାଇମେରୀ ସ୍କୁଲରେ ନାଆଁ ଲେଖାଇଥିଲା ସିକୁନ୍। ପାଠ ପଢ଼ା ଦେଖିବାକୁ କେହି ନଥିଲେ, ଶାଶୁ ପଡ଼ୋଶୀ ପିଲାଙ୍କ ସହିତ ପଠେଇ ଦେଉଥିଲେ ସ୍କୁଲ୍, ଯେତେବେଳେ ଯାହା ଚାହୁଁଥିଲା, ବଢ଼େଇ ଦେଉଥିଲେ ତା' ହାତକୁ। ସବୁ ଜିନିଷ ମିଳିଯିବା ଫଳରେ ତା'ର ଜିଦ୍ ବଢୁଥିଲା, ତରୁଲତାଙ୍କର ସାଧ୍ୟ ନଥିଲା ଶାଶୁଙ୍କର କଥାରେ କୌଣସି ପ୍ରତିବାଦ କରିବା ପାଇଁ। ତାରାକାନ୍ତ ତ ଚିର ପ୍ରବାସୀ, ଦେଶ ମାଟି ପାଇଁ ଉତ୍ସର୍ଗୀକୃତ ତାଙ୍କ ପ୍ରାଣ, ସ୍ତ୍ରୀ ପିଲାଙ୍କୁ ନେଇ ଏ ତେଲ ଲୁଣର ସଂସାର ତାଙ୍କ ପାଇଁ ତୃତୀୟ ଶ୍ରେଣୀର ଦାୟିତ୍ୱ ମାତ୍ର । କେବଳ ମାସକୁ ମାସ ଟଙ୍କା ପଠାଇବା, ବର୍ଷେ ଦୁଇବର୍ଷରେ ଥରେ ଆସି ପରିବାର ସହିତ ମାସଟାଏ ଛୁଟି କଟେଇ ଫେରିଯିବା ତାଙ୍କର କର୍ତ୍ତବ୍ୟ ବୋଲି ଧରିନେଇଥାନ୍ତି ସିଏ। ତା'ରି ପରିଣତି ଏଇ ସିକୁନ୍ ଆଉ ମିକୁନ୍। ସେମାନଙ୍କୁ ନେଇ କେତେ ଜଞ୍ଜାଳ, କେତେ ପରିଶ୍ରମ ସେସବୁ ବୁଝିବା ପାଇଁ ସମୟ କିମ୍ବା ଇଚ୍ଛା ନଥାଏ। ମିକୁନ୍‌ର ପଂଚମ ଶ୍ରେଣୀ ହେବା ବେଳକୁ ଏକା ଜିଦ୍ କରି ବସିଲା ତରୁ 'ଏଠି ରହିଲେ ଛୁଆ ଦି'ଟା ଅମଣିଷ ହେବା ଟା ଥୟ, ମୁଁ କଟକ ଯାଇ ମୋ'ଭାଇ ଘର ପାଖରେ ଭଡ଼ାଘର କରି ରହିବି, ସେଇଠି ପାଠଶାଠ ପଢ଼େଇବି ସେମାନଙ୍କୁ..।' ଶାଶୁ ଯେତେ ବୁଝାଇଥିଲେ ମଧ୍ୟ ନିଜ ଜିଦ୍‌ରେ ଅଟଳ ରହିଥିଲା ତରୁ। ଅଗତ୍ୟା ତାରାକାନ୍ତ ସେମାନଙ୍କୁ ଆଣି କଟକ ସହରରେ ଭଡାଘର କରି ରଖିବାକୁ ବାଧ୍ୟ ହୋଇଥିଲେ । ସହରର ଦାମୀ ସ୍କୁଲରେ ନାମ ଲେଖାଇଥିଲେ ପୁଅ ଦୁହିଁଙ୍କର। ନୂଆ ସ୍କୁଲରେ ନୂଆ ନୂଆ ସାଙ୍ଗ ମାନଙ୍କୁ ପାଇଁ ଖୁସି ହୋଇଥିଲା ମିକୁନ୍, ପାଠ ପଢ଼ାରେ ଧ୍ୟାନ ଦେଇଥିଲା, ଭଲ ଟିଉସନ୍ ସାର୍‌ଙ୍କ ପାଖରେ ପାଠ ପଢ଼ି ଶ୍ରେଣୀରେ ପ୍ରଥମ ସ୍ଥାନ ଅଧିକାର କରିଥିଲା। ତାରାକାନ୍ତ ଖୁସି ହୋଇଥିଲେ ପୁଅର ପରିବର୍ତ୍ତନ ଦେଖି। ମିକୁନ୍ ମଧ୍ୟ ଭାଗରେ ପଦାଙ୍କ ଅନୁସରଣ କରି ଖୁବ୍ ଭଲ ପାଠ ପଢୁଥିଲା। ଏବେ ଛୁଟିରେ ଆସିଲେ ତାରାକାନ୍ତ ପରିବାର ପାଇଁ ଅଧିକ ସମୟ ଦେଉଥିଲେ, ପିଲାଙ୍କ ଭବିଷ୍ୟତକୁ ନେଇ ଅନେକ ଯୋଜନା ଗଢୁଥିଲେ। ଦିନ ଗଡି ଚାଲିଥିଲା ଖୁବ୍ ଭଲରେ।

ସେତେବେଳକୁ ସିକୁନ୍ ଷୋହଳ ବର୍ଷର କିଶୋର। ଯୌବନରେ ପାଦ ଥାପିବାକୁ ଯାଉଥିବା ଉଦ୍ୟମ ଲହରଟିଏ। ମନପବନ ଘୋଡ଼ାରେ ଉଡ଼ିବାର ଦୁର୍ବାର ଆଶାରେ ମଶଗୁଲ୍... ଘରପାଖ ସ୍କୁଲରୁ ମାଟ୍ରିକ୍ ପାଶ୍ କଲା ପରେ ଡ୍ରିମସ୍ ପଲିଟେକନିକ୍‌ରେ ମେକାନିକାଲ ଇଂଜିନିୟରିଂରେ ଡିପ୍ଲୋମା କରିବା ପାଇଁ ଆଡ୍‌ମିଶନ୍ କରିଥିଲା। ତରୁଲତାଙ୍କର ଅନୁରୋଧରେ ସେ ବର୍ଷ ଦଶହରା ବେଳକୁ ଛୁଟିରେ ଆସିଥିଲେ ତାରାକାନ୍ତ। ଭଡ଼ା ଗାଡ଼ିଟିଏ କରି ସହର ସାରା ବୁଲି ବୁଲି ପିଲାମାନଙ୍କ ସହିତ କଟକର ପ୍ରସିଦ୍ଧ ଦଶହରା ଦେଖିଲେ, ବାହାରେ ଖିଆପିଆ କରି ମନଖୁସିରେ ଘରକୁ ଫେରିବା ବାଟରେ ବାପାଙ୍କ ପାଖରେ କରି କଲା ସିକୁନ୍ 'ମୁଁ ଏବେ ବଡ଼ ହୋଇଗଲିଣି ବାପା, ତୁମେ ବାଇକ୍‌ଟିଏ କିଣିଲେ ଭଲ ହୁଅନ୍ତାନି ? କେତେ ସାଇକେଲ ପେଲି ପେଲି ବଜାର ଘାଟ କରୁଥିବି ମୁଁ ? କୁଆଡ଼େ କାମ ପଡ଼ିଲେ ଯିବା ଆସିବା କରିବାପାଇଁ ମାଆ କେତେ ରିକ୍ସା ଭଡ଼ା ଗଣୁଥିବ ? ତା' ଛଡ଼ା କଲେଜରେ ମୋ'ର ଅନେକ ସାଙ୍ଗ ମାନେ ବାଇକ୍ ଧରି ଆସୁଛନ୍ତି, ଆମେ ତୁଚ୍ଛାରେ ଗୁଡ଼ାଏ ବସ୍ ଭଡ଼ା ଗଣୁଛେ ! ସେଦିନ ସିକୁନ୍ କଥାରେ କେଜାଣି କାହିଁକି ତରଳି ଯାଇଥିଲା ତାରାକାନ୍ତଙ୍କର ମନ। ସେ ଭାବୁଥିଲେ, ସତେତ ! ବଡ଼ ହୋଇଗଲାଣି ମୋ' ପୁଅ, କେତେ ବଡ଼ ବଡ଼ କଥା କହୁଛି, ନିଜ ମା' ଆଉ ଭାଇର ଦାୟିତ୍ୱ ବୁଝିବାକୁ ସାହସ କରୁଛି। ବାଇକ୍‌ଟିଏ କିଣି ଆଣି ଘରେ ରଖିଦେଲେ ସିକୁନ୍‌ର କାମ ଚଳନ୍ତା ଆଉ ସିଏ ନିଜେ ମଧ୍ୟ ଛୁଟିରେ ଆସିଲେ ତରୁଲତାଙ୍କୁ ଧରି ମଝିରେ ମଝିରେ ଘେରାଏ ବୁଲି ଆସି ପାରନ୍ତେ। ମନକଥା ମନରେ ରଖି ତା'ପରଦିନ ସିକୁନ୍ କଲେଜ୍‌ରୁ ଫେରିବା ବେଳକୁ ନିଜେ ହୋଣ୍ଡା ସୋ ରୁମ୍ ଯାଇ ହିରୋ ସ୍ପ୍ଲେଣ୍ଡର ବାଇକ୍‌ଟିଏ କିଣି ଆଣିଥିଲେ। ତରୁଲତାଙ୍କୁ ସାଥିରେ ନେଇ କଟକ ଚଣ୍ଡୀ ମନ୍ଦିରରେ ପୂଜା କରି ଆସିଲା ବେଳକୁ ସିକୁନ୍ ଫେରିଥିଲା ଘରକୁ। ଓଃ... ଖୁସିରେ ପାଗଳ ହୋଇ ତା' ବାପାଙ୍କୁ କୁଣ୍ଢେଇ ଧରି ଚାରିଘେରା ବୁଲେଇ ଦେଇ କହି ଉଠିଥିଲା.. 'ୟୁ ଆର୍ ଦ ବେଷ୍ଟ୍ ପାପା ଅଫ୍ ଦି ୱାର୍ଲ୍ଡ, ଆଇ ଲଭ୍ ୟୁ ସୋ.. ସୋ.. ସୋ.. ମଚ୍ ବାପା..' । ଗର୍ବରେ ସେଦିନ ଦି' ଟୋପା ଆନନ୍ଦାଶ୍ରୁ ଧରି ପଡ଼ିଥିଲା ତରୁଲତାଙ୍କର ଆଖିରୁ, ସେଇ ଅଶ୍ରୁ ସଂକ୍ରମିତ ହୋଇ ଯାଇଥିଲା ତାରାକାନ୍ତଙ୍କ ଆଖିକୁ। ଦଶହରା ଛୁଟି ପରେ ତାରାକାନ୍ତ ଫେରିଯାଇଥିଲେ କାଶ୍ମୀର, ତାଙ୍କ ଚାକିରି ସ୍ଥଳକୁ।

କିଏ ଜାଣିଥିଲା ସମୟ ଏମିତି କଡ଼ ଲେଉଟାଇବ ବୋଲି। କଲେଜ୍ ଖୋଲିବାର ପ୍ରଥମ ଦିନରେ ହିଁ ସିକୁନ୍ ନୂଆ ବାଇକ୍ ଧରି ବାହାରି ଯାଇଥିଲା କଲେଜ୍‌କୁ। 'ତୁ' ପିଲାଲୋକ.. ନୂଆ ବାଇକ୍‌ଟା.. ଆଉ କିଛି ଦିନ ଯାଉ.. 'କହି ତା'କୁ ଅଟକାଇବା ପାଇଁ ଚେଷ୍ଟା କରି ମଧ୍ୟ ଅଟକାଇ ପାରିନଥିଲେ ତରୁଲତା। ଆଶା ଆଶଙ୍କାରେ ଛନ୍ଦି ହୋଇ ଛଟପଟ ହେଉଥିଲା ବେଳେ କଲେଜ୍ ତରଫରୁ ଆସିଥିଲା ସେଇ ଦୁଃସମ୍ବାଦ ଯାହା ଓଲଟପାଲଟ କରି ଦେଇଥିଲା ତରୁଲତାର ସମଗ୍ର ପୃଥିବୀକୁ... ତା' ପରେ ବେହୋଶ୍ ହୋଇ ପଡ଼ି ଯାଉ ଯାଉ ସେ ଫୋନ୍ କରିଥିଲା ତା' ଭାଇ ସୁଦୀପ୍ତକୁ, ସୁଦୀପ୍ତ ତା' ପାଖରେ ପହଂଚିଲା ବେଳକୁ ସେ ଅଚେତ ହୋଇପଡ଼ିଥିଲା ଆଉ ମିକୁନ୍ କାନ୍ଦି କାନ୍ଦି ଲୋଟୁଥିଲା ତା' ପାଖରେ। କିଏ କିଏ ସବୁ ହସ୍ପିଟାଲ୍ ଯାଇଥିଲେ, କିଏ ତାରାକାନ୍ତଙ୍କୁ ଖବର ଦେଇଥିଲା ସେସବୁ ଜାଣି ନଥିଲା ତରୁ କେବଳ ମୋ ଧନ.. ମୋ' ଧନ.. କହି ଘଂଟାକୁ ଘଂଟା ବେହୋସ୍ ହୋଇ ଯାଉଥିଲା। ଦୁଇଦିନ ପରେ ସ୍ପେଶାଲ୍ ଫ୍ଲାଇଟ୍‌ରେ ଆସିଥିଲେ ତାରାକାନ୍ତ, ସୁଦୀପ୍ତଠାରୁ ସବୁ ବୁଝା ଶୁଝା କରି ହସ୍ପିଟାଲ୍ କର୍ତ୍ତୃପକ୍ଷଙ୍କ ସହିତ କଥାବାର୍ତ୍ତା କରିଥିଲେ। ସିକୁନ୍‌ର ଚିକିତ୍ସା ଜାରି ରହିଥିଲା, ପାଣି ସୁଅ ଭଳି ଟଙ୍କା ବୋହି ଯାଉଥିଲା ହେଲେ ସିକୁନ୍ ଆଖି ଖୋଲୁ ନଥିଲା, ଡାକ୍ତର କହୁଥିଲେ ସେ କୋମାରେ ଅଛି.,, ସେ ଜୀବିତ ଅଛି କିନ୍ତୁ ମେସିନ୍ ବ୍ୟତୀତ ମଣିଷ ଜାଣିବାର ସୁଯୋଗ ନଥିଲା। ପ୍ରାୟ ପନ୍ଦର ଦିନ ପରେ ଆଖି ଖୋଲିଥିଲା ସିକୁନ୍, ଭଲ ଭଲ କରି ଚାରି ଆଡ଼କୁ ଚାହିଁଥିଲା, ଆବେଗରେ ଓଠ ଦୁଇଟି ଥରି ଉଠୁଥିଲା ସିନା ଅସ୍ପଷ୍ଟ ଭାବରେ ଇଁ. ଇଁ.. ବ୍ୟତୀତ ଆଉ କିଛି ଶୁଣି ଯାଉନଥିଲା ତା' ମୁହଁ ରୁ.. ପନ୍ଦର ଦିନ କାଳ ଭୋକ ଉପାସରେ ସେଇ ବେଡ୍ ପାଖରେ ବସି ରହିଥିବା ବାପାମାଆ ଦୁଇଜଣଙ୍କ ଛାତି ଫାଟି ଯାଉଥିଲା ପୁଅର ଏମିତି ଦୟନୀୟ ଅବସ୍ଥା ଦେଖି। ଡାକ୍ତରମାନେ ଅନବରତ ସେମାନଙ୍କ ଚେଷ୍ଟା ଜାରି ରଖିଥିଲେ ସିକୁନ୍‌କୁ ସ୍ୱାଭାବିକ ଅବସ୍ଥାକୁ ଆଣିବା ପାଇଁ ହେଲେ ଈଶ୍ୱରଙ୍କ ଆଶୀର୍ବାଦ ନଥିଲା ବୋଧହୁଏ। ଚାରିମାସ ଭିତରେ ତିନି ଚାରିଥର ମୁଣ୍ଡର ଅପରେସନ୍ କରିବା ପରେ ଡାକ୍ତରମାନେ ଶୁଣେଇଦେଲେ ଆଉ ପେସେଂଟ୍‌କୁ ଡାକ୍ତରଖାନାରେ ରଖି କିଛି ଲାଭ ନାହିଁ। ସିଏ ଏବେ ଏଇ ଅବସ୍ଥାରେ ହିଁ ରହିବେ। ଏଇ ମେଡିକେସନ୍ ଚାଲୁ ରହିବ, ସମୟକ୍ରମେ ଯଦି କିଛି ଉନ୍ନତି ହେବ ତ' ଭଲ କଥା ନଚେତ୍...। ଭାଗ୍ୟକୁ ଆଦରି ସିକୁନ୍‌କୁ ଧରି ଘରକୁ ଫେରିଥିଲେ ସେମାନେ। କିଛିଦିନ ପରେ ତାରାକାନ୍ତଙ୍କୁ ଫେରିବାକୁ ପଡ଼ିଥିଲା ଚାକିରି ସ୍ଥଳକୁ।

ଭେଣ୍ଡିଆ ପୁଅଟି କାଠ କଣ୍ଢେଇ ଭଳି ବିଛଣାରେ ପଡ଼ି ରହୁଥିଲା, ସେଇ ବିଛଣାରେ ତା'ର ଦାନ୍ତ ଘଷାରୁ ଆରମ୍ଭ କରି ସମସ୍ତ ନିତ୍ୟକର୍ମ ଖୁଆପିଆ ଶୁଆବସା ଇତ୍ୟାଦି ସବୁ କାମ କରିବାକୁ ପଡୁଥିଲା ତରୁଲତାଙ୍କୁ। ମିକୁନ୍ ମଧ୍ୟ କିଛି କିଛି ସାହାଯ୍ୟ କରୁଥିଲା ହେଲେ

କେତେଦିନ ? ମିକୁନ୍ ମାଟ୍ରିକ ପାସ କରିବା ପରେ ଇଞ୍ଜିନିୟରିଂ କଲେଜରେ ପଢ଼ିବା ପାଇଁ ବାହାରକୁ ଯାଇ ହଷ୍ଟେଲରେ ରହିଲା। ତରୁଲତାଙ୍କର ଦାୟିତ୍ୱ ବଢ଼ିଗଲା। ଏମିତି ପରିସ୍ଥିତିରେ ବାଧ୍ୟ ହୋଇ ଚାକିରିରୁ ଇସ୍ତଫା ଦେଇ ଘରକୁ ଫେରିଥିଲେ ତାରାକାନ୍ତ। ସ୍ୱାମୀ ସ୍ତ୍ରୀ ଦୁହେଁ ମିଶି ସେବା ଯତ୍ନ କରୁଥିଲେ ସିକୁନ୍‌ର । ବର୍ଷ ବର୍ଷ ଧରି ଗୋଟିଏ ବିଛଣାରେ ପଡ଼ି ପଡ଼ି ଏବେ ବିରକ୍ତ ଲାଗୁଥିଲା ସିକୁନ୍‌କୁ। ସେ ରାଗରେ କେବେ କେବେ ଗର୍ଜନ କରୁଥିଲା ହେଲେ ସେ କ'ଣ ଚାହୁଁଛି ସେ କଥା ବୁଝିପାରୁନଥିଲେ କେହି। ତାରାକାନ୍ତ ମୂକ ପାଲଟି ଯାଉଥିଲେ, ତରୁଲତା ଆଖିରୁ ଲୁହ ଶୁଖୁନଥିଲା। ଜୀବନ ତା' ବାଟରେ ଚାଲିଥିଲା କିନ୍ତୁ ଏମିତି ନର୍କ ସଦୃଶ ହେବ ବୋଲି କିଏ ବା' କଳ୍ପନା କରିଥିଲା ? କେବଳ ସହିବା ବ୍ୟତୀତ କାହାରି ପାଖରେ କିଛି ସମାଧାନର ସୂତ୍ର ମଧ୍ୟ ନଥିଲା। ବାହାର କଲିଙ୍ଗ୍ ବେଲ୍‌ର ଶବ୍ଦ ଶୁଣି ଧ୍ୟାନ ଭାଙ୍ଗିଲା ତରୁଲତାଙ୍କର.. ବୋଧହୁଏ ତାରାକାନ୍ତ ଫେରି ଆସିଥିଲେ। ତରୁଲତା ଉଠି ଯାଇ ଜାବୁଡ଼ି ଧରିଲେ ତାରାକାନ୍ତ ଙ୍କୁ.. ମୋ'ପୁଅ କାହିଁ ? କୋଉଠି ଛାଡ଼ି ଆସିଲ ତା'କୁ.. ?? ଆମ ବିନା କେମିତି ରହିବ ସିଏ.. ??? ମୂକହୋଇ ଠିଆ ହୋଇଥିବା ତାରାକାନ୍ତଙ୍କର ଆଖି ହିଁ କହି ଦେଉଥିଲା 'ସିକୁନ୍ ଆଉ ଫେରିବ ନାହିଁ, ସବୁ ମୋହ ତୁଟେଇ ସେ ଚାଲି ଯାଇଛି ଅଫେରା ବାଟରେ।'

ତରୁଲତାଙ୍କୁ ତାଙ୍କ ଦେହରୁ ଅଲଗା କରି ତାରାକାନ୍ତ କହିଲେ.. 'ଯାହା ହେବାର ଥିଲା ହୋଇ ସାରିଲାଣି। ଆଉ ସେଥିପାଇଁ ଦୁଃଖ କଲେ କ'ଣ ହେବ ? ମୁଁ ସବୁ କାମ ସାରି ଆସିଛି, ତୁମେ ଆଉ କନ୍ଦାକଟା ନକରି ମିକୁନ୍ ମୁହଁକୁ ଚାହିଁଲେ ଭଲ ହେବ'। ତରୁଲତା ବଲବଲ କରି ଚାହିଁ ରହିଥିଲେ ସ୍ୱାମୀଙ୍କ ଭାବଲେଶ ହୀନ ମୁହଁକୁ। ଲମ୍ବା ଲମ୍ବା ପାଦ ପକାଇ ତାରାକାନ୍ତ ସିଧା ବାଥ୍ ରୁମ୍‌କୁ ଯାଇ ଧଡ୍ କରି କବାଟ ବନ୍ଦ କରିଦେଲେ। ବାଥ୍ ରୁମ୍ ସାୱାରକୁ ପୁରା ଖୋଲି ଦେଇ ତା' ରି ତଳେ ଠିଆ ହୋଇ ପଡ଼ିଲେ। ଏତେ ବେଳ ଯାଏଁ ହୃଦୟରେ ଜମାଟ ବାନ୍ଧିଥିବା କୋହ ସବୁ ଲୁହ ହୋଇ ବୋହି ଯାଉଥିଲା ମୁଣ୍ଡ ଉପରେ ଝରୁଥିବା ପାଣି ସହିତ। ତାରାକାନ୍ତଙ୍କର ଇଚ୍ଛା ହେଉଥିଲା ଛାତି ଫଟେଇ ଚିତ୍କାର କରି ସେ କାନ୍ଦି ପକାନ୍ତେ କି ତାଙ୍କ ମନ ଭିତରେ କେଉଁ କୋଣରେ ଲୁଚି ରହିଥିବା ଅପରାଧବୋଧ ଟିକକ ବୋହି ଯାଆନ୍ତା ଲୁହ ହୋଇ। ଯେଉଁ କଥାଟି ଜୀବନର ଶେଷ ସମୟ ପର୍ଯ୍ୟନ୍ତ କାହାରିକୁ କହି ପାରିବେନି ଆଉ ସେଇ କଥାଟି ତାଙ୍କୁ ବାକି ଜୀବନ ତିଳତିଳ କରି ଅହରହ ଜାଳି ଚାଲିଥିବ, ସେଇ କଥାଟି ଭୁଲ୍ କି ଠିକ୍ ତାହା ତ' ଏ ଯାବତ୍ ସେ ନିଜେ ହିଁ ବୁଝି ପାରୁନାହାନ୍ତି, ଆଉ କାହାକୁ କ'ଣ ବୁଝାଇବେ ?

ସେଦିନ ରାତିର ଘଟଣା ଛବି ଭଳି ନାଚିଯାଉଥିଲା ଆଖି ଆଗରେ...

ବିଦେଶରୁ ଆସିଥିବା ଜଣେ ଡାକ୍ତରଙ୍କ ପରାମର୍ଶ ନେବାପାଇଁ ଚାରିଦିନ ତଳେ ସିକୁନ୍‌କୁ ନେଇ ଆଉ ଏକ ଉନ୍ନତ ହସ୍ପିଟାଲ୍‌କୁ ଯାଇଥିଲେ ସେମାନେ। ତା'କୁ ତନ୍ନ ତନ୍ନ କରି ପରୀକ୍ଷା ନିରୀକ୍ଷା କରିବା ପରେ ପ୍ରବୀଣ ଡାକ୍ତର ଜଣକ ଦୁଃଖ ପ୍ରକାଶ କରି କହିଥିଲେ... ଦେଖନ୍ତୁ ମିଷ୍ଟର୍ ମହାନ୍ତି ! ଏଭଳି ପେସେଂଟ୍ ମାନଙ୍କର ଆଉ ଅଧିକ କିଛି ଉନ୍ନତି ହେବାର ଦେଖାଯାଏ ନାହିଁ, ଆମେ ଔଷଧପତ୍ର ଦେଇ ତା'କୁ ଯଥାସମ୍ଭବ ସଜାଗ ରଖିବାକୁ ଚେଷ୍ଟା କରିବୁ, କିନ୍ତୁ ଆପଣମାନଙ୍କୁ ଧୈର୍ଯ୍ୟ ଧରି ଅପେକ୍ଷା କରିବାକୁ ପଡ଼ିବ, ସେ ଏମିତି ହିଁ ରହିବ ଜୀବନସାରା। ଛାତି ଭିତରେ ସତେକି ଭୂମିକଂପଟିଏ ହୋଇଗଲା ତାରାକାନ୍ତଙ୍କର । ଆଉ କିଛି ହୋଇ ପାରିବନି ?? ସିକୁନ୍ ସ୍ୱାସ୍ଥ୍ୟରେ ଉନ୍ନତି ହେବାର କୌଣସି ଆଶା ନାହିଁ ?

ଦୀର୍ଘ ଦଶ ବର୍ଷ ଧରି ପୁଅକୁ ସୁସ୍ଥ କରିବା ପାଇଁ ତରୁଲତାଙ୍କର ଅକ୍ଳାନ୍ତ ପରିଶ୍ରମ ଏବଂ ଦିନୁଁ ଦିନ କ୍ଷୀଣ ହୋଇ ଯାଉଥିବା ଶରୀରକୁ ଲକ୍ଷ୍ୟ କରୁଥିଲେ ତାରାକାନ୍ତ, ସିଏ ନିଜେ ମଧ୍ୟ ସେଇ ପ୍ରୟାସରେ ନିଦ୍ରାହୀନତା, ଡାଇବେଟିସ୍, ବ୍ଲଡ଼ ପ୍ରେସର୍ ଇତ୍ୟାଦି ଅନେକ ରୋଗର ଶିକାର ହୋଇସାରିଛନ୍ତି, କାଲି ଯଦି ସେମାନଙ୍କର କିଛି ହୋଇଯାଏ, କ'ଣ ହେବ ସିକୁନ୍‌ର ? କିଏ ନେବ ତା' ର ଦାୟିତ୍ୱ ?? କେମିତି ବଂଚିବ ସେ ??? ମିକୁନ୍‌ର ଭବିଷ୍ୟତ କ'ଣ ହେବ ? ଏମିତି ଅନେକ ପ୍ରଶ୍ନ ହାତୁଡ଼ି ଭଳି ପ୍ରହାର କରି ଚାଲିଥିଲେ ତାଙ୍କ ମୁଣ୍ଡରେ। ଅଠର ବର୍ଷ ବୟସରେ ଆର୍ମି ଜଏନ୍ କରିଥିଲେ ସେ। ଭାରତ ପାକିସ୍ତାନ ଯୁଦ୍ଧ, କାରଗିଲ୍ ଯୁଦ୍ଧ ଲଢ଼ିଛନ୍ତି, ହଜାର ହଜାର ଆତଙ୍କବାଦୀଙ୍କ ମୁକାବିଲା କରିଛନ୍ତି ସମ୍ମୁଖ ଯୁଦ୍ଧରେ, କେତେ ଦୁର୍ଘଟଣା, କେତେ ବିଭତ୍ସ ମୃତ୍ୟୁକୁ ଦେଖିଛନ୍ତି ନିଜ ଆଖିରେ, ହେଲେ କେଉଁଠି କେବେ ବି ଡରି ଯାଇ ନାହାନ୍ତି ସେ। କିନ୍ତୁ ଆଜି.. ସେ ଭୟଭୀତ ହୋଇ ପଡ଼ିଛନ୍ତି ନିଜ ଶାରିରୀକ ଅକ୍ଷମ ପୁଅର ଭବିଷ୍ୟତକୁ ନେଇ। କ'ଣ କରିବେ ସେ ? ହଠାତ୍ ଭାରତ ପାକିସ୍ତାନ ଯୁଦ୍ଧ ବେଳର ଗୋଟିଏ ଘଟଣା ମନେ ପଡ଼ିଗଲା ତାଙ୍କର। ସେତେବେଳେକୁ ସିଏ ହାବିଲଦାର୍ ଭାବରେ ଗୋଟିଏ ଅପରେସନ୍‌ରେ କାମ କରୁଥାନ୍ତି ତାଙ୍କର ଦଳବଳ ସହିତ ଶତ୍ରୁପକ୍ଷର ଅସ୍ତ୍ରାଗାର ଧ୍ୱଂସ କରିବା ସମୟରେ ଜଣେ ସାଥି ଶତ୍ରୁପକ୍ଷର ଗୁଳିରେ ଆହତ ହୋଇ ପଡ଼ିଥିଲା। ଅନେକ ରକ୍ତସ୍ରାବ ହେତୁ ଅଚେତ୍ ହୋଇ ପଡ଼ିଥାଏ ସେ। ତା'କୁ କାନ୍ଧରେ ବୋହି ଆଣିବା ତାଙ୍କ ପକ୍ଷରେ ସମ୍ଭବ ନଥିଲା କିମ୍ବା ସେଠାରେ ଛାଡ଼ି ଆସିବା ମଧ୍ୟ କମ୍ ବିପଦଜନକ ନଥିଲା। ନିରୁପାୟ ହୋଇ ସେ ନିଜର କର୍ତ୍ତବ୍ୟ କ'ଣ ବୋଲି ଫୋନ୍ କରିଥିଲେ ତାଙ୍କର ପ୍ଲାଟୁନ କମାଣ୍ଡରଙ୍କୁ। ତୁରନ୍ତ ସେ ପଟରୁ ଆଦେଶ ମିଳିଥିଲା 'ସୁଟ୍ ହିମ୍ ଇମିଡିଏଟଲି ଆଣ୍ଡ୍ କମ୍ ବ୍ୟାକ୍ କୁଇକଲି।' ସେଇ ମୁହୂର୍ତ୍ତରେ ଆଖି ବନ୍ଦ କରି ବସ୍‌ଙ୍କ ଆଦେଶ ପାଳନ କରିବା ବ୍ୟତୀତ ଅନ୍ୟ ଉପାୟ ନଥିଲା ତାଙ୍କର, ହେଲେ ସେଥିପାଇଁ ନିଜକୁ ଅନେକ ଦିନ ଯାଏଁ କ୍ଷମା କରି ପାରିନଥିଲେ ତାରାକାନ୍ତ। ବସ୍‌ଙ୍କୁ ମଧ୍ୟ ନିହାତି ନିଷ୍ଠୁର ହୃଦୟହୀନ ମଣିଷ ଭାବି ଘୃଣା କରୁଥିଲେ। ସେଇ ଖବରଟି ଜାଣି ପାରିଥିଲେ ପ୍ଲାଟୁନ୍ କମାଣ୍ଡର ମେଜର୍ ଅବସ୍ଥି। ବେସ୍ କ୍ୟାଂପ୍‌କୁ ଫେରିବା ପରେ ସେଇ ମେଜର୍ ଦିନେ ଡକାଇ ପଠାଇଥିଲେ ତାରାକାନ୍ତଙ୍କୁ ଏବଂ ବୁଝାଇଥିଲେ 'ସେଇ ମୁହୂର୍ତ୍ତରେ ଯଦି ତୁମେ ମୋହ ଗ୍ରସ୍ତ ହୋଇ ତାଙ୍କୁ ଜୀବିତ ଛାଡ଼ିଆସିଥାନ୍ତ ଏବଂ ସିଏ ଶତ୍ରୁପକ୍ଷର ହାତରେ ପଡ଼ିଥାନ୍ତେ ତେବେ ତାଙ୍କ ଅବସ୍ଥା କ'ଣ ହୋଇଥାନ୍ତା ତୁମେ ନିଜେ ଚିନ୍ତା କଲ ଥରେ, ସେ କଷ୍ଟଦାୟକ ମୃତ୍ୟୁଠାରୁ ନିଜ ଭାଇ ହାତରେ ଶାନ୍ତିରେ ମରିବା ଶ୍ରେୟସ୍କର ନୁହେଁ କି ? ସେଥିପାଇଁ ସେ ଅର୍ଡର୍ ଦେଇଥିଲି ମୁଁ । ଏଇଟା ଯୁଦ୍ଧର ନିୟମ। ବି ଏ ବ୍ରେଭ୍ ମ୍ୟାନ୍.. ନଟ୍ ଇମୋସନାଲ୍...' ସେଦିନ ମେଜର୍ ବସ୍ଥିଙ୍କ ଆଦେଶକୁ ଠିକ୍ ହୃଦୟଙ୍ଗମ କରି ପାରିଥିଲେ ତାରାକାନ୍ତ। ତାଙ୍କର ମୁଣ୍ଡରୁ ଅପରାଧବୋଧର ଭାବନା ଦୂରେଇ ଯାଇ ମେଜର୍ ଅବସ୍ଥିଙ୍କ ପ୍ରତି ସମ୍ମାନ ବଢ଼ିଯାଇଥିଲା ।

ଆଜି ଠିକ୍ ସେଇ ଭଳି ଏକ ପରିସ୍ଥିତିରେ ପଡ଼ିଛନ୍ତି ସେ। ଗୋଟିଏ ପଟରେ ତାଙ୍କର ଅଲିଅଳ ସନ୍ତାନ ସିକୁନ୍, ଯାହାର ଭବିଷ୍ୟତ ଅନିଶ୍ଚିତ ଆଉ ଗୋଟେ ପଟରେ ତାଙ୍କର ସାରା ପରିବାର, ଯେଉଁମାନେ ସିକୁନ୍ ପାଇଁ ତିଳ ତିଳ କରି ମରୁଛନ୍ତି... କାହାକୁ ବଂଚାଇବାକୁ ଚେଷ୍ଟା କରିବେ ସେ ? କ'ଣ କରିବେ ? ସେଦିନ ରାତି ଏଗାରଟା ବେଳକୁ ସିକୁନ୍‌ର ବେଡ୍ ପାଖରେ ଏକା ବସିଥିଲେ ସେ। ସାଲାଇନ୍ ଚାଲିଥାଏ, ହଠାତ୍ ଛାଟି ପିଟି ହୋଇ ହେଲା ତା'ର ଶରୀର, ମୁହଁରୁ ଗାଁ ଗାଁ ଶବ୍ଦ ଶୁଭୁଥିଲା, ପାଟିରୁ ଲାଳ ଗଡ଼ି ଜିଭ ବାହାରକୁ ବାହାରି ଆସିଲା, ସାରା ଶରୀରର ରକ୍ତ ଯେମିତି ଏକାଠି ହୋଇଯାଇଥିଲା ତା' ଆଖିରେ..। କିଛି କ୍ଷଣ ସେମିତି ଚାହିଁ ରହିଥିଲେ ତାରାକାନ୍ତ ତା'ପରେ ଧୀରେ କରି ସେ ତା' ହାତରେ ଲାଗିଥିବା ସାଲାଇନ୍‌ର ସୂଇଚ୍ ଅଫ୍ କରିଦେଲେ, ଚିଉଳ ମାଛ ଭଳି ଛଟପଟ

ହେଉଥିଲା ସିକୁନ୍ .. ତାରାକାନ୍ତଙ୍କ ଆଖିରୁ ଲୁହ ବୋହି ତାଙ୍କର ସାର୍ଟ ଓଦା ହେଉଥିଲା, ନିଜ ହାତକୁ ମୁଠା କରି ସେମିତି ଚୁପ୍ କରି ବସି ରହିଥାନ୍ତି ସେ.. କିଛି ସମୟ ଛଟପଟ ହେଲା ପରେ ଶାନ୍ତ ହୋଇଗଲା ସିକୁନ୍.. ତା'ର ଖୋଲାଥିବା ଆଖି ଦୁଇଟିକୁ ଧୀରେ ଧୀରେ ବନ୍ଦ କରି ଦେଇ ତା' କପାଳରେ ଚୁମାଟିଏ ଦେଲେ ତାରାକାନ୍ତ। ମନକୁ ମନ ବିଡ଼ିବିଡ଼େଇଲେ...' ତୋ' ଅସହାୟ ବାପାକୁ କ୍ଷମା କରିଦେବୁରେ ବାବା ! ଭବିଷ୍ୟତରେ କେବେ ଆମେ ନଥିବା ସମୟର ସେ ମୃତ୍ୟୁ ଠାରୁ ଏ ମୃତ୍ୟୁ କମ୍ ଯନ୍ତ୍ରଣାଦାୟକ..।' ସତେ ଯେମିତି ସବୁ ବୁଝି ପାରୁଥିଲା ସିକୁନ୍.. ତା' ମୁହଁରେ ଆଉ ଯନ୍ତ୍ରଣାର ଚିହ୍ନ ବର୍ଣ୍ଣ ନଥିଲା ବରଂ ଗୋଟିଏ ପ୍ରଶାନ୍ତିର ଆଭାସ ଦିଶୁଥିଲା। ତାରାକାନ୍ତ କାନ୍ଦି କାନ୍ଦି ବେଶ୍ କିଛି ସମୟପରେ ପ୍ରକୃତିସ୍ଥ ହେଲେ । ସବୁ ଜିନିଷ ଯଥାସ୍ଥାନରେ ରଖି ତରୁଲତାଙ୍କୁ ନିଦରୁ ଉଠେଇ ସିକୁନ୍ ବେହୋସ୍ ହୋଇ ଯାଇଛି ଏବଂ ସେ ହସ୍ପିଟାଲ୍‌କୁ ଫୋନ୍ କରି ସାରିଛନ୍ତି ବୋଲି ଜଣାଇଦେଲେ। ନିଜ ମଳ ମନ ଆଖିରେ ମୋ' ଧନରେ.. କହି ତରୁଲତା ଧାଇଁ ଯାଇଥିଲେ ସିକୁନ୍ ପାଖକୁ..। ବିକଳ ହୋଇ ପୃଥିବୀରେ ଯେତେ ଠାକୁର ଅଛନ୍ତି ସମସ୍ତଙ୍କ ନାମ ନେଇ ପ୍ରାର୍ଥନା କରୁଥିଲେ 'ସେ ପ୍ରଭୁ ! ମୋ' ଧନକୁ ବଂଚେଇ ଦିଅ, ସେ କଥା ନକହୁ, ଉଠି ନପାରୁ, ଚାଲି ନପାରୁ ପଛେ ସେଇମିତି ମୋ' ଆଖି ଆଗରେ ଥାଉଁ। ମୁଁ ସବୁ କଷ୍ଟ ତା' ମୁହଁକୁ ଚାହିଁ ଭୁଲିଯିବି.. ହେ ମା' ମଙ୍ଗଳା ! ରକ୍ଷା କର ମୋ' ଧନ କୁ...।

ତାରାକାନ୍ତ ମନେ ମନେ ସିଦ୍ଧାନ୍ତ କରି ସାରିଥିଲେ.. ସିକୁନ୍‌ର ଜୀବନକୁ ସେ ବ୍ୟର୍ଥ ହେବାକୁ ଦେବେ ନାହିଁ ତା'ର ମସ୍ତିଷ୍କ ସିନା ମୃତ ହୋଇଛି, ବାକି ଶରୀର ତ ଜୀବିତ ଅଛି, ସେଇ ଶରୀରର ଅଂଶ ମାନ ସେ ଦାନ କରିଦେବେ ହସ୍ପିଟାଲ୍‌କୁ, ଆଉ କେତୋଟି ଶରୀର ଜୀବନ୍ୟାସ ପାଇଯିବେ। ସିକୁନ୍ ସେଇମାନଙ୍କ ମଧ୍ୟରେ ବଂଚି ରହିବ ତାଙ୍କର ପୂର୍ଣ୍ଣ ଜୀବନ। ସେଇ କଥା ବାର୍ତ୍ତା କରିସାରିଥିଲେ ସେ ହସ୍ପିଟାଲ୍ କର୍ତ୍ତୃପକ୍ଷଙ୍କ ସହିତ। ହସ୍ପିଟାଲ୍‌ରେ ଯାଇ ଅଭିଭାବକ ହିସାବରେ ସେତିକି କାମ କରିବାର ଅଛି ତାଙ୍କର। ସେଇତକ ଦାୟିତ୍ୱ ସଂପୂର୍ଣ୍ଣ ସୁସ୍ଥ ମସ୍ତିଷ୍କରେ ନିର୍ଭୁଲ ଭାବରେ ତୁଲେଇ ଦେଇ ଆସିବାକୁ ହେବ ତାଙ୍କୁ। ଜଣେ ସୈନିକର ଦୃଢ଼ତା ଫୁଟିଉଠିଥିଲା ତାଙ୍କ ମୁଖ ମଣ୍ଡଳରେ। ତରୁଲତାଙ୍କ ଅଗୋଚରରେ ତୁରନ୍ତ ନିଜ ଯୋଜନାର ସଫଳ ରୂପାୟନ କରିବା ପାଇଁ ଆରମ୍ଭ କରିଦେଇଥିଲେ ସେ। ତାରାକାନ୍ତ ନିଜକୁ ହାଲୁକା ଅନୁଭବ କରୁଥିଲେ ମନେ ମନେ ଗୁଣି ହେଉଥିଲେ 'ମିଶନ୍ ଓଭର୍ ସସେକ୍ସଫୁଲି।'

*ଶାରଳା ଭବନ, ପୋତାପୋଖରୀ,*
*ନୂଆ ବଜାର, କଟକ-୪*





# ଅନନ୍ୟା

## ସରୋଜିନୀ ଷଡଙ୍ଗୀ

ଅର୍ଥନୀତି ଏମ୍.ଏ.ରେ ସ୍ନାତକୋତ୍ତର ପରୀକ୍ଷାରେ ସ୍ୱର୍ଣ୍ଣପଦକ ପ୍ରାପ୍ତ ହୋଇ ଅସ୍ଥାୟୀ ଭାବେ ଗଜପତି ଜିଲ୍ଲାର ଏକ ସରକାରୀ କଲେଜରେ ଅଧ୍ୟାପିକା ରୂପେ ନିଯୁକ୍ତି ପାଇଥିଲା ବିଦିଶା। ବିଦିଶା ମହାପାତ୍ର। ସର୍ବଭାରତୀୟ ପରୀକ୍ଷା ନିମିତ୍ତ ପ୍ରସ୍ତୁତି ନିମନ୍ତେ ଏହି ନିଯୁକ୍ତି ସହାୟକ ହେବ ବୋଲି ଅନୁଭବ କରି ତୁରନ୍ତ ଏହି ପଦବୀରେ ଯୋଗଦାନ କରିଥିଲା।

ପ୍ରଥମ ଦିନ ବି.ଏ. ଶେଷ ବର୍ଷର କ୍ଲାସ ନେବା ପାଇଁ ଯିବାବେଳେ ସେ କିନ୍ତୁ ଟିକେ ଅପ୍ରସ୍ତୁତ ମନେ କରିଥିଲା। ନିଜର ଆତ୍ମ - ବିଶ୍ୱାସ କମ୍ ହୋଇଯିବା ପରି ଅନୁଭବ କରିଥିଲା। ନିଜେ ଭଲ ପଢ଼ିବା ଓ ଭଲ ପଢ଼ାଇବା ମଧ୍ୟରେ ଯେ ଅନେକ ତଫାତ - ଏହି ସତ୍ୟ ଉନ୍ମୋଚିତ ହୋଇଥିଲା ବୋଧେ।

କାହିଁକି କେଜାଣି ୟୁନିଭରସିଟିର କୃତୀ ଛାତ୍ରୀ ଆତ୍ମ ପ୍ରତ୍ୟୟ ଭରା ସ୍ମାର୍ଟ ବିଦିଶା ମହାପାତ୍ର ଘାବରେଇ ଯାଇଥିଲା। ଶ୍ରେଣୀରେ ପ୍ରଥମ ପଦାର୍ପଣରେ ପୂର୍ବ ଦିନ ଖୁବ୍ ସୁନ୍ଦର ଭାବେ ବିଷୟଟିକୁ ପ୍ରସ୍ତୁତ କରିଥିଲେ ମଧ୍ୟ ପଢ଼ାଇଲା ବେଳକୁ ଅଙ୍ଗ ଅଙ୍ଗ ହୋଇଯାଇଥିଲା। ତାର ଏମିତି ଅବସ୍ଥା ଦେଖି ପିଲାମାନେ ଚୁପି ଚୁପି ହସୁଥିଲେ। ତା ସହିତ ଚାପାକଣ୍ଠର କିଛି ଅପ୍ରୀତିକର ଟୀକା ଟିପ୍ପଣୀ ମଧ୍ୟ ତା' କାନରେ ବାଜୁଥିଲା। କୌଣସି ମତେ ଚାଳିଶ ମିନିଟ୍‌ର କ୍ଲାସ ଶେଷ କରି ଏକମୁହାଁ ହୋଇ ଷ୍ଟାଫ୍ କମନ୍‌ରୁମ୍‌କୁ ଚାଲି ଆସିଥିଲା ସେ। ତା ମୁହଁ ଥମ୍ ଥମ୍ ଦିଶୁଥିଲା।

ସେଠାରେ ଥିବା ଅଧ୍ୟାପକ ମାନସ ସାମଲ ବିଦ୍ରୁପ ଭରା ସ୍ୱରରେ ପଚାରିଲେ "କ'ଣ କିଛି ଅସୁବିଧା ହେଲାକି ମାଡାମ୍ କ୍ଲାସରେ। ଯାହା କୁହନ୍ତୁ, ପଢ଼ାଇବା ଗୋଟେ କଳା। ଭଲ ଷ୍ଟୁଡେଣ୍ଟ ହେଲେ ଯେଜଣେ ଭଲ ପଢ଼ାଇ ପାରିବ ତା'ର କିଛି ମାନେ ନାହିଁ।"

ସିଧା ସିଧା ଆକ୍ରମଣ।

ଏମିତିରେ ବିଦିଶାର ମନ ଭଲ ଲାଗୁନଥିଲା। ଅଭଦ୍ର ଲୋକଟାର ଗାଲରେ ଠାଏ କରି ଗୋଟାଏ ଚାପୁଡ଼ା କଷିଦେବା ପାଇଁ ତା'ର ଇଚ୍ଛା ହେଉଥିଲା। ଏ ଲୋକଟା ବିଷୟରେ ସେ ମଧ୍ୟ ଆଗରୁ କିଛି କିଛି ଶୁଣିଥିଲା।

ଏହି ସମୟରେ ବିଭାଗର ମୁଖ୍ୟ ବିକାଶ ସାର୍ କମନ୍ ରୁମ୍‌କୁ ପଶି ଆସୁ ଆସୁ ମାନସ ସାମଲଙ୍କ କଥା ଶୁଣି ସାରିଥିଲେ। ତାଙ୍କ ଚେହେରାରେ ବ୍ୟକ୍ତିତ୍ୱ ଭାବ ସୁସ୍ପଷ୍ଟ। ଅତ୍ୟନ୍ତ ଭଦ୍ରଲୋକ ଓ ମାର୍ଜିତ ବ୍ୟବହାର। ସେଥିପାଇଁ ସେ ଛାତ୍ରମାନଙ୍କର ଖୁବ୍ ପ୍ରିୟ।

ସେ କହିଲେ - "ବିଦିଶା ମାଡାମ୍, ଏଥିରେ ଏତେ ବ୍ୟସ୍ତ ହବାର କିଛି ନାହିଁ। ଆମେ ସମସ୍ତେ ଅଳ୍ପେ ବହୁତେ ଏପରି ପରିସ୍ଥିତି ଦେଇ ଗତି କରିଛୁ। ପ୍ରଥମ କ୍ଲାସ ନେବାବେଳେ ସମସ୍ତଙ୍କର ପ୍ରାୟ ଏଇ ପ୍ରକାରର ଅନୁଭୂତି ହୋଇଥିବ। ଟିକେ ହସି କହିଲେ - "ମୋର ତ ପ୍ରଥମ କ୍ଲାସରେ ଗୋଡ ହାତ ଥରିଥିଲା। ଆଉ ଏଇ ମାନସ ବାବୁଙ୍କ କଥା ତ ଛାଡନ୍ତୁ। ପିଲାମାନେ ତାଙ୍କୁ ଏତେ ହଇରାଣ କରୁଥିଲେ ଯେ ପ୍ରାୟ ଦୁଇ ମାସ ପର୍ଯ୍ୟନ୍ତ ସେ କ୍ଲାସ ଯିବାକୁ ଡରୁଥିଲେ।

ଆପଣ ଏତେ ଭଲ ଷ୍ଟୁଡେଣ୍ଟ, ବିଷୟ ଉପରେ ଆପଣଙ୍କର ପ୍ରଗାଢ଼ ଜ୍ଞାନ ଥିବ। ଦୁଇ ତିନିଟା କ୍ଲାସ ନେବାପରେ ସବୁ କିଛି ସହଜ ହୋଇଯିବ।

ମାନସ ସାମଲଙ୍କ ମୁହଁ କଳା ପଡ଼ିଗଲା। ଏକ ବକ୍ର ଚାହାଣୀ ନିକ୍ଷେପ କରି ତୁରନ୍ତ ସେ ସେଠାରୁ ଚାଲିଗଲେ।

ବିଦିଶା କୃତଜ୍ଞତାପୂର୍ଣ୍ଣ ସ୍ୱରରେ କହିଲା - "ହଁ ସାର୍, କାହିଁକି କେଜାଣି ମତେ ଟିକେ ନର୍ଭସ ଲାଗିଲା କ୍ଲାସରେ। ଏପରି ତ ପ୍ରାୟ ହୁଏନି।"

ବିକାଶ ସାର କହିଲେ - "ଆପଣ ସେ ମାନସ ସାମଲ କଥା କିଛି ଭାବନ୍ତୁ ନାହିଁ। ସେ ଲୋକଟା ହିଁ ସେମିତି। ସମସ୍ତଙ୍କୁ ଅପମାନ ଦେବାରେ ସେ ବୋଧେ ଆନନ୍ଦ ପାଏ। ହଁ ଆଉ ଗୋଟେ କଥା କହୁଛି। ତା'ଠାରୁ ଟିକେ ଦୂରେଇ ରହିବେ। ପରେ ବୁଝିବେ ଏକଥା କାହିଁକି କହୁଛି।"

ଏଇ ହେଲା କଲେଜରେ ପ୍ରଥମ ଦିନର (ତିକ୍ତ) ଅନୁଭୂତି ବିଦିଶା ମହାପାତ୍ରର। କିନ୍ତୁ ଖୁବ୍ ଶୀଘ୍ର ସବୁ କିଛି ସହଜ ହୋଇଗଲା। ବିଦିଶାର ପାଠ ପଢ଼ାଇବା ଶୈଳୀରେ ପିଲାମାନେ ଏତେ ଅଭିଭୂତ ହୋଇଗଲେ ଯେ ଅଧିକା କ୍ଲାସ ନେବା ପାଇଁ ବାରମ୍ବାର ଅନୁରୋଧ କରୁଥିଲେ ମାଡାମ୍‌ଙ୍କୁ। ସେ ମଧ୍ୟ ଯଥାସାଧ ସାହାଯ୍ୟ କରୁଥିଲା ପିଲାମାନଙ୍କୁ। କ୍ଲାସ ପରେ ମଧ୍ୟ ସେମାନେ ପାଠ ବୁଝିବାକୁ ଆସୁଥିଲେ। ଖୁବ୍‌ଶୀଘ୍ର କଲେଜରେ ବିଦିଶା ମାଡାମଙ୍କ ସୁନାମ ଖେଳି ଯାଇଥିଲା।

ବିକାଶ ସାର୍‌ଙ୍କୁ ବିଦିଶା ଖୁବ୍ ସମ୍ମାନ କରୁଥିଲା। ନିଜର ୟୁପିଏସସି ପରୀକ୍ଷା ପାଇଁ ତାଙ୍କଠାରୁ ପରାମର୍ଶ ନେଉଥିଲା। ଅଧିକ ସମୟ କଲେଜରେ ନଷ୍ଟନକରି ପଢ଼ାପଢ଼ିରେ ଧ୍ୟାନ ଦେବାକୁ ସାର୍ ଉପଦେଶ ଦଉଥିଲେ। ଲକ୍ଷ୍ୟସ୍ଥଳରେ ପହଞ୍ଚିବା ନିମିତ୍ତ ତାଙ୍କର ସାହାଯ୍ୟ ଦରକାର କଲେ ସେ ସହଯୋଗ କରିବେ ବୋଲି କଥା ମଧ୍ୟ ଦେଇଥିଲେ।

ବିକାଶ ସାର୍‌ଙ୍କ ସହ ବିଦିଶାର ଅନ୍ତରଙ୍ଗତାକୁ ମାନସ ସାମଲ ଭଲ ଦୃଷ୍ଟିରେ ଦେଖୁନଥିଲା। ନାନା ପ୍ରକାର ବାହାନାରେ ତା'ର ନିକଟରେ ହେବାକୁ ଚେଷ୍ଟା କରୁଥିଲା। କିନ୍ତୁ ସେ ଯେତିକି ନିକଟବର୍ତ୍ତୀ ହେଉଥିଲା ବିଦିଶା ସେତିକି ଦୂରରେ ରହୁଥିଲା। ଯଥାସାଧ୍ୟ ଚେଷ୍ଟା କରି ଯେତେବେଳେ ସଫଳକାମ ହୋଇ ପାରିନଥିଲା ବିଦିଶା ଓ ବିକାଶ ସାର୍‌ଙ୍କୁ ନେଇ ଖୁବ୍ ଅଶାଳୀନ ତଥା ଅରୁଚିକର ମନ୍ତବ୍ୟମାନ ଦଉଥିଲା।

"ଆମେ ଟୋକାମାନେ ଗନ୍ଧେଇଲୁ ଆଉ ବୁଢ଼ାଟା ବାସିଲା।"

ବୁଢ଼ାର ଭାଗ୍ୟ ତେଜ୍, ସୁନ୍ଦରୀ ଟୋକି ରସିଲାଣି।"

ପବନରେ ଭାସି ଭାସି ଏମିତି ଅନେକ କଥା ବିଦିଶାର କାନରେ ବାଜୁଥାଏ। ସେ କିନ୍ତୁ ସେଥିପ୍ରତି ଭୃକ୍ଷେପ ନ କରି ନିଜର ପରୀକ୍ଷା ପ୍ରସ୍ତୁତିରେ ଲାଗି ପଡ଼ିଥାଏ।

ସମୟ ପାଇଲେ ବେଳେବେଳେ ବିକାଶ ସାର୍‌ଙ୍କ ଘରକୁ ଯାଏ। ସାର୍‌ଙ୍କ ପତ୍ନୀ ସୁରେଖା ଅତ୍ୟନ୍ତ ସ୍ନେହୀ ଓ ରୁଚିପୂର୍ଣ୍ଣ। ତା'ଠାରୁ ତିନି ଚାରିବର୍ଷ ପାଖାପାଖି ବଡ଼ ହେବେ ବୋଧେ। ପ୍ରଥମ ଦେଖାରୁ ହିଁ ସେ ବିଦିଶାକୁ ସ୍ନେହ ବନ୍ଧନରେ ବାନ୍ଧି ରଖିଥିଲେ। ଠିକ୍ ନିଜର ବଡ ଭଉଣୀ ଭଳି ବ୍ୟବହାର। ଘରଠାରୁ

ବହୁତ ଦୂରରେ ଆପଣାର ମଣିଷଟିଏ ଥିବାଭଳି ବିଦିଶା ଅନୁଭବ କରେ। ଏଇ ସ୍ନେହ ବନ୍ଧନରେ ବାନ୍ଧି ହୋଇ କେତେବେଳେ ଯେ ସୁରେଖା ମାଡାମରୁ 'ଅପା' ବନିଗଲେ ଓ ଆପଣରୁ 'ତୁମେ' ହୋଇଗଲେ ବିଦିଶା ଜାଣିପାରି ନଥିଲା। ବିଦିଶା ମଧ୍ୟ ବିଦିଶା ମାଡାମରୁ କେବେ 'ଦିଶା' ଓ 'ତୁ' ହୋଇଗଲା ସୁରେଖା ଜାଣିପାରିନଥିଲେ। ହୃଦୟର ଅତୁଟ ବନ୍ଧନରେ ଦୁଇଟି ଆତ୍ମା ଏକୀଭୂତ ଥିବା।

ସୁରେଖା ଗର୍ବବତୀ ଥିଲେ। ତାଙ୍କର ପ୍ରଥମ ଥର ଗର୍ଭପାତ ହୋଇ ଯାଇଥିଲା। କିଛି ଅସୁବିଧା ଥିବାରୁ ପୁନଶ୍ଚ ଗର୍ଭଧାରଣ ନକରିବା ପାଇଁ ଡାକ୍ତର ପରାମର୍ଶ ଦେଇଥିଲେ। ସୁରେଖା କିନ୍ତୁ ମା' ହେବା ପାଇଁ ଜିଦ୍ ଧରି ସଫଳ ହୋଇଥିଲେ। ଏଥର କିନ୍ତୁ ଅତ୍ୟଧିକ ସତର୍କ ରହିବା ନିମିତ୍ତ ଚେତାବନୀ ଦେଇଥିଲେ ଡାକ୍ତର। ବିଶେଷ ଚଲାବୁଲା ନ କରି ପ୍ରାୟ ସମୟ ଶଯ୍ୟାରେ ଶୋଇ ରହିବା ପାଇଁ ତାଗିଦ୍ କରିଥିଲେ। କିଛିଟା ଆଶଙ୍କାୟିତ ଥିଲେ ମଧ୍ୟ ଏକ ସ୍ୱର୍ଗୀୟ ନିର୍ମଳ ଆନନ୍ଦର ଆଭା ଖେଳି ବୁଲୁଥିଲା। ସୁରେଖାଙ୍କ ମୁଖ ମଣ୍ଡଳରେ।

ସବୁବେଳେ ଶୋଇ ରହି ବିରକ୍ତ ହୋଇଯାଉଥିଲେ ସୁରେଖା। ତେଣୁ ବିଦିଶା ଏଣିକି ଟିକେ ଅଧିକା ଥର ଆସୁଥିଲା। ପୂର୍ବ ଅପେକ୍ଷା ତାଙ୍କ ପାଖକୁ। ତାକୁ ପାଖରେ ପାଇଲେ ସୁରେଖା ଖୁବ୍ ଖୁସି ହୋଇଯାଉଥିଲେ ଓ ଅନୁରୋଧ କରୁଥିଲେ ଆସିବା ନିମିତ୍ତ।

ବିଦିଶାକୁ ବାରମ୍ବାର ଆସିବାର ଦେଖି ବିକାଶ ବାବୁ ବିରକ୍ତ ହେଉଥିଲେ। ତା'ର ପଢ଼ାପଢ଼ିରେ ବିଘ୍ନ ଘଟିବ ବୋଲି। ଏ ସବୁରେ ମନଧ୍ୟାନ ନଦେଇ ପରୀକ୍ଷାର ପଢ଼ାପଢ଼ିରେ ଗୁରୁତ୍ୱ ଦେବାକୁ ଗୁରୁଜନ ସୁଲଭ ଢଙ୍ଗରେ ଉପଦେଶ ଦଉଥିଲେ।

ସୁରେଖାଙ୍କୁ ମଧ୍ୟ ବୁଝାଉଥିଲେ ବିଦିଶାକୁ ଡିଷ୍ଟର୍ବ ନ କରିବା ପାଇଁ। ସୁରେଖା ମୁହଁ ଫୁଲାଇ ବସି ରହୁଥିଲେ ସ୍ୱାମୀଙ୍କଠାରୁ ଗାଳି ଶୁଣି।

ମୁହଁରେ କିଛି ନ କହିଲେ ବି ବିଦିଶା ଚମକୃତ ହେଉଥିଲା। ସ୍ୱାମୀ, ସ୍ତ୍ରୀ ଦୁଇଜଣଙ୍କ ତା' ପ୍ରତି ସ୍ନେହ ମମତା ଅନୁରଙ୍ଗତାରେ। ମନଦେଇ ଏଥର ପଢ଼ାପଢ଼ି କରିବ ବୋଲି କଥା ଦେଇଥିଲା।

ସୁରେଖାଙ୍କର ପ୍ରସବ ସମୟ ହୋଇଯିବାରୁ ପୂର୍ବ ନିର୍ଦ୍ଧାରିତ ନର୍ସିଂହୋମରେ ତାଙ୍କର ଆଡ୍‌ମିସନ ହେଲା। ଦୁଇଦିନ ପରେ ଅପରେସନ ହୋଇ ପୁତ୍ରଟିଏ ଜନ୍ମ ହେଲା। ମା' ଓ ଶିଶୁ ସମ୍ପୂର୍ଣ୍ଣ ସୁସ୍ଥ ଓ ସୁରକ୍ଷିତ ଥିଲେ। ପଢ଼ାପଢ଼ି ଛାଡ଼ି ଓ କଲେଜରୁ ଛୁଟି ନେଇ ପୁରା ସମୟ ବିଦିଶା ସୁରେଖାଙ୍କ ପାଖରେ ହିଁ ରହିଥିଲା। ବିକାଶ ସାର୍ ଓ ସୁରେଖାଙ୍କ ବାରଣ ମାନିନଥିଲା। ତାର ସେବା ଶୁଶ୍ରୁଷା ଓ ଯତ୍ନ ଦେଖି ସୁରେଖାଙ୍କ ଆଖିରୁ ଆନନ୍ଦାଶ୍ରୁ ଝରିପଡ଼ିଥିଲା। ଆବେଗ ଭରା ସ୍ୱରରେ କହିଥିଲେ - "ତୁ ମୋର କେଉଁ ଜନ୍ମରେ ନିଜର ମାଆ କି ଭଉଣୀ ଥିଲୁ ଲୋ ଦିଶା। ତୋ ଋଣ ମୁଁ କେବେବି ଏ ଜନ୍ମରେ କ'ଣ ସାତ ଜନ୍ମରେ ମଧ୍ୟ ସୁଝି ପାରିବିନି। ସୁଝିଲେ ସୁଝିବି ଲଙ୍କା ମରିଚ ଗଛଟେ ହୋଇ ତୋ ବାଡ଼ିରେ। ବହୁତ ଫଳ ଦେବି। ବିଦିଶା କପଟ କ୍ରୋଧରେ କହେ ମୁଁ ବୋଧେ ଏ ପର୍ଯ୍ୟନ୍ତ ତମ ନିଜର ଭଉଣୀ ହୋଇ ପାରିନି ଅପା। ସେଥିପାଇଁ ଏପରି କଥା କହୁଛ।

ଦୁଇଜଣଙ୍କ ଭିତରେ ଏ ଅତୁଟ ବନ୍ଧନ ଦେଖି ବିକାଶ ବାବୁ ଅଭିଭୂତ ହୁଅନ୍ତି। ଭାବନ୍ତି ଏ ବୋଧେ ପୂର୍ବ ଜନ୍ମର ବନ୍ଧନ। ନଚେତ ଏତେ ଅଳ୍ପ ଦିନରେ ଦୁଇଟି ଅପରିଚିତ ମଣିଷଙ୍କ ଭିତରେ ଏତେ ଆତ୍ମୀୟତା, ଆତ୍ମାର ମିଳନ କିପରି ବା ଘଟନ୍ତା।

ଏମିତି ଏକ ହସଖୁସି ଭରା ମୁହୂର୍ତ୍ତରେ କେଉଁ ଅପଦେବତାର ଅଶୁଭ ଦୃଷ୍ଟି ସେମାନଙ୍କ ଉପରେ ପଡିଗଲା ପରା।

ସୁରେଖାଙ୍କ ଅବସ୍ଥା କ୍ରମେ କ୍ରମେ ଖରାପ ଆଡକୁ ଗତି କଲା। ସେ ଧୀରେ ଧୀରେ ନିସ୍ତେଜ ଜଣାପଡୁଥିଲେ। ବେଶୀ କଥାବାର୍ତ୍ତା କରି ପାରୁନଥିଲେ।

ବିକାଶ ବାବୁ ଭୟଭୀତ, ମ୍ରିୟମାଣ ଓ ହତାଶ ହୋଇ ପଡୁଥିଲେ। ଉତ୍ତମ ଚିକିତ୍ସା ପାଇଁ ବାରମ୍ବାର ଡାକ୍ତରଙ୍କୁ ଅନୁରୋଧ କରୁଥିଲେ ଆକୁଳ ହୋଇ।

ସୁରେଖାଙ୍କ ପାଖରେ ବିଦିଶା ଦିନରାତି ଜଗି ବସୁଥିଲା ବିଦିଶା। ତା ଆଖିରୁଧାର ଧାର ଲୁହ ଝରି ପଡୁଥିଲା ତାଙ୍କ ଅବସ୍ଥା ଦେଖି।

ହଠାତ୍ ବିଦିଶାର ହାତକୁ ତାଙ୍କ ଅବଶ ଦୁର୍ବଳ ହାତରେ ମୁଠେଇ ଧରି ସୁରେଖା ଅନୁନୟ କଲା ପରି କହିଲେ - "ଏ ଛୁଆ ତତେ ଲାଗିଲା ଦିଶା। ଇଏ ତୋର। ମୁଁ ଆଉ ବଞ୍ଚିବିନି।

ଏତିକି କହୁ କହୁ ତାଙ୍କ ହାତ ମୁଠା ଶିଥିଳ ହୋଇ ଆସିଲା। ଆର୍ତ୍ତନାଦ କରି ଉଠିଲା ବିଦିଶା। ତା'ର ଚିତ୍କାରରେ ସମସ୍ତେ ସେଠାରେ ଜମା ହୋଇଗଲେ। ଡାକ୍ତରଙ୍କ ଆପ୍ରାଣ ଚେଷ୍ଟା ବିଫଳ ହୋଇଥିଲା। ସୁରେଖା ଆଉ ଉଠି ନଥିଲେ।

ମୁହୂର୍ତ୍ତକରେ ଉଜୁଡ଼ି ଗଲା ସବୁକିଛି। ଉଦ୍‌ଭ୍ରାନ୍ତ ବିକାଶ ବାବୁ ଛୁଆକୁ ଛାତିରେ ଚାପିଧରି ସୁରେଖାଙ୍କ ଶବନେଇ ଶୂନ୍ୟ ହୃଦୟରେ ଘରକୁ ଫେରିଥିଲେ ସବୁ କିଛି ହରାଇ ଦେଇ। ତାଙ୍କ ଆଖିରୁ ଲୁହ ଝରୁନଥିଲା। ସେ ବୋଧେ ପଥର ପାଲଟି ଯାଇଥିଲେ ଏପରି ଏକ ଆକସ୍ମିକତାରେ।

ଏସବୁର ମୂକ ସାକ୍ଷୀ କେବଳ ଥିଲା ବିଦିଶା। ହଁ ବାସ୍ତବରେ ସେ ମୂକ ହିଁ ହୋଇଯାଇଥିଲା।

ବିକାଶ ବାବୁଙ୍କ ପିତାମାତାଙ୍କର ସ୍ୱର୍ଗବାସ ପରେ ତାଙ୍କର ନିଜର ବୋଲି ଥିଲେ ଜଣେ ପିଉସୀ ଓ ଅନ୍ୟ କିଛି ସମ୍ପର୍କୀୟ। ବିକାଶ ବାବୁ ଏକ ମାତ୍ର ସନ୍ତାନ ଥିଲେ। ଯଥାତଥା ଶୁଦ୍ଧିକ୍ରିୟା ସମ୍ପୂର୍ଣ୍ଣ ପରେ ପିଉସୀ ରହିଯାଇଥିଲେ ଛୁଆର ଯତ୍ନ ନେବା ପାଇଁ।

ବିକାଶ ବାବୁ ଆଉ କଲେଜ ଆସୁନଥିଲେ। ଛଅମାସ ପାଇଁ ଛୁଟି ନେଇଯାଇଥିଲେ। ହତବାକ୍ ମ୍ରିୟମାଣ ବିଦିଶା ମଧ୍ୟ ଛୁଟି ନେଇ ଚାଲିଯାଇଥିଲା ଘରକୁ ଭୁବନେଶ୍ୱର। ପ୍ରାୟ ମାସେ ପାଖାପାଖି ଛୁଟିରେ ରହିବା ପରେ ବାପାମାଙ୍କ ବାଧ୍ୟବାଧକତାରେ ଫେରି ଆସି କଲେଜରେ ଜଏନ କରିଥିଲା। କିନ୍ତୁ ସେ ଆଉ ପୂର୍ବର ବିଦିଶା ନ ଥିଲା। ସୁନ୍ଦର ମୁହଁଟି ତାର ବିବର୍ଣ୍ଣ ଦିଶୁଥିଲା। ଝାଉଁଳା ଗୋଲାପ ଫୁଲଟିଏ ପରି। ଯେତେ ଚେଷ୍ଟା କଲେ ମଧ୍ୟ ନିଜକୁ ବୁଝାଇ ପାରୁନଥିଲା। ପଢ଼ାରେ ମନ ଲାଗୁ ନ ଥିଲା। ସୁରେଖାଙ୍କୁ ଭୁଲିବାକୁ ଚେଷ୍ଟା କରି ଭୁଲି ପାରୁନଥିଲା। ଆଖି ବୁଜିଲେ ହିଁ ଦିଶୁଥିଲା ତାଙ୍କ ନିସ୍ତେଜ ମୁହଁର ଛବି। ହାତରେ ତାଙ୍କର ସେଇ ଶେଷ ସ୍ପର୍ଶ ଓ କାରୁଣ୍ୟ ଭରା ଶେଷ ମିନତି। ଏ ଛୁଆ ତତେ ଲାଗିଲା ଇଏ ତୋର।"

କ'ଣ କରିବ ଭାବି ପାରୁନଥିଲା। କଲେଜରେ ପିଲାଙ୍କ ଗହଣରେ ଅନେକ ସମୟ କାଟି ଦେଉଥିଲା। କିନ୍ତୁ ଘରକୁ ଆସିଲେ ସୁରେଖାଙ୍କ ଭାବନାରେ ବ୍ୟତିବ୍ୟସ୍ତ ହୋଇପଡୁଥିଲା।

ଫେରିବା ପରେ ଇଚ୍ଛା କରି ବିକାଶ ବାବୁଙ୍କୁ ଦେଖା କରିବାକୁ ଯାଇନଥିଲା। ଏମିତି କି ତାଙ୍କ ଖବର ବି ରଖିନଥିଲା।

କିଛି ଦିନ ପରେ ପୁଣି ଘରକୁ ଫେରିଯାଇଥିଲା ମନ ପରିବର୍ତ୍ତନ ସକାଶେ। ହୁଏତ ଆଉ ଗଜପତି ନଫେରି ଅନ୍ୟ କେଉଁ କଲେଜରେ ପୋଷ୍ଟିଂ ନେବ ବୋଲି ଭାବୁଥିଲା।

ତାର ଅଚାନକ ଆସି ପହଞ୍ଚି ଯିବାରେ ମାଆ ବହୁତ ଖୁସି ହୋଇଯାଇଥିଲେ। ବାପା ମଧ୍ୟ। ଏଥର ସେମାନେ ବହୁତ ଅଧିକ ଖୁସି ଜଣାପଡୁଥିଲେ। ମାଆ କହିଲେ - "ଆରେ ମା ତୁ ଆସିଲୁ ଖୁବ୍ ଭଲ କଲୁ। ବାପାତ ନ ହେଲେ ତତେ ଆଣିବାକୁ ଆସନ୍ତାକାଲି ହିଁ ଯାଇଥାନ୍ତେ।

ରିଟାୟାଡ ଆଇଏଏସ ଅଫିସର ବିକ୍ରମ ପଟ୍ଟନାୟକ ନିଜେ ତାଙ୍କ ପୁଅ ପାଇଁ ପ୍ରସ୍ତାବ ନେଇ ଆମ ଘରକୁ ଆସିଥିଲେ। ତୁ ୟୁନିଭର୍ସିଟିର ଗୋଲ୍ଡ ମେଡାଲିଷ୍ଟ ଷ୍ଟୁଡେଣ୍ଟ ଓ ୟୁପିଏସସି ପାଇଁ ପ୍ରସ୍ତୁତ ହେଉଛୁ ବୋଲି କାହାଠାରୁ ଶୁଣି ସେ ତୋ ସହିତ ତାଙ୍କ ପୁଅର ବାହାଘର କରିବେ ବୋଲି ପ୍ରାୟ ନିଶ୍ଚିତ କରି ସାରିଛନ୍ତି। ତୋତେ ସେମାନେ ଆଗରୁ କଲେଜରେ ଦେଖିଛନ୍ତି ଓ ପୁଅ ବି ଦେଖି ଖୁବ୍ ପସନ୍ଦ

କରିଛି। ସେମାନେ ସ୍ଥିର ନିଶ୍ଚିତ ଯେ ତୋ ପରି ମେଧାବୀ ଛାତ୍ରୀ ନିଶ୍ଚୟ ଆଇଏଏସ ପାଇଯିବ। ତାଙ୍କ ପୁଅ ଆଇପିଏସ ପାଇ ହାଇଦ୍ରାବାଦରେ ଏବେ ଟ୍ରେନିଂରେ ଅଛି। ଟ୍ରେନିଂ ସରିଲେ ବାହାଘର ହବ ବୋଲି ସ୍ଥିର ହୋଇଛି। ସେମାନେ ଏ ଭିତରେ କେବେ ଦିନେ ଆସି ତୋତେ ମୁଦି ପିନ୍ଧାଇ ଦେଇ ଯିବେ।"

ମାଆଙ୍କ ଆଖିରେ ଗର୍ବ ଓ ଖୁସିର ଝଲକ।

ବିଦିଶା ଆଖିରେ ଅଗ୍ନିର ସ୍ଫୁଲିଙ୍ଗ।

ହଠାତ୍ ଏ କ'ଣ ହେଲା ବିଦିଶାର?

ଦୃଢ଼ ଓ ଦୃପ୍ତ କଣ୍ଠରେ କହିଲା – "ମୋ ବାହାଘର ମୁଁ ନିଜେ ଠିକ୍ କରି ସାରିଛି।

ହଠାତ୍ ସେଇଠି ବଜ୍ରପାତ ହେଲାକି। ଚମକି ପଡ଼ିଲେ ମାଆ, ବାପା ମଧ୍ୟ ସ୍ତବ୍ଧ, ବାକ୍‌ଶୂନ୍ୟ।

ହିତାହିତ ଜ୍ଞାନ ଶୂନ୍ୟ ହୋଇ ମାଆ ଗର୍ଜନ କଲେ – "ବାହାଘର ଠିକ୍ କରି ସାରିଲୁ। କେଉଁଠି? କେବେ? କାହାକୁ? ଆମକୁ ଏ ପର୍ଯ୍ୟନ୍ତ କହିନଥିଲୁ କାହିଁକି?

ବିଦିଶା ଅବିଚଳିତ ଓ ଦୃଢ଼ ଭାବେ ଉତ୍ତର ଦେଲା। ବିକାଶ ସାର୍‌ଙ୍କୁ"।

ଅତ୍ୟଧିକ କ୍ରୋଧରେ ଅଜ୍ଞାନ ହୋଇ ଗୋଟେ ଶକ୍ତ ଚାପୁଡ଼ା ତା ଗାଲରେ ମାରି ମାଆ ଚିତ୍କାର କଲେ ଆଉ ଥରେ କହତ।

ବିଦିଶା ସେମିତି ଦୃଢ଼ ଭାବେ କହିଲା – ହଁ ବିକାଶ ସାର୍‌ଙ୍କୁ ମୁଁ ବିବାହ କରିବି।

ମାଆ ଗର୍ଜନ କଲେ – "ଯାଆ ଏଇ ମୁହୂର୍ତ୍ତରେ ଏ ଘରୁ ବାହାରିଯା। କେଉଁଠି ମରୁଛୁ ମର। ତୋ ମୁହଁ ଚାହିଁଲେ ବି ପାପ। ବଦମାସ୍ ପାଜି ଝିଅ। ସୁନା ଥାଳିରେ ପରସା ଯାଇଥିବା ଅମୃତ ବ୍ୟଞ୍ଜନକୁ ଗୋଡରେ ଗୋଇଠା ମାରି ଭଙ୍ଗା ଛେଲୁଆରେ ଅଖାଦ୍ୟ ଖାଇବାକୁ ମନ କରିଛୁ ତ ଖା।"

ପ୍ରବଳ ଉତ୍ତେଜନାରେ ଚେତାଶୂନ୍ୟ ହୋଇ ସେଇଠି ଗଛ କାଟିଲା ପରି ତଳେ ପଡିଯାଇଥିଲେ ସେ।

ତାଙ୍କ ଆଡକୁ ଥରେ ହେଲେ ଦୃଷ୍ଟିପାତ ନକରି ଯେମିତି ଯାଇଥିଲା ସେମିତି ସେଇ ମୁହୂର୍ତ୍ତରେ ଫେରି ଆସିଥିଲା ବିଦିଶା।

କି ଯେ ଭୂତ ସବାର ହୋଇଥିଲା ତା ମୁଣ୍ଡରେ। ସୁରେଖାଙ୍କ ଆତ୍ମା ନୁହେଁତ? ନଚେତ ଏତେ ଶାନ୍ତ ସଂଯତ ମାଛି କି ମ କହୁନଥିବା ଝିଅଟା ଏତେ ସାହସ ପାଇଲା କୁଆଡୁ।

ବହୁତ ଦିନ ପରେ ବିଦିଶାକୁ ହଠାତ୍ ତାଙ୍କ ଘରେ ଦେଖି ଆଶ୍ଚର୍ଯ୍ୟ ହୋଇ ଯାଇଥିଲେ ବିକାଶ ସାର। ଏ ଭିତରେ ଅବଶ୍ୟ ଅନେକଟା ନିଜକୁ ବୁଝାଇ ସାରିଥିଲେ ସେ। ମଣିଷ ପରିସ୍ଥିତିର ଦାସ। ପରିସ୍ଥିତି ମଣିଷକୁ ଅନେକ କିଛି ଶିଖାଇ ଦିଏ। ଦୁଇ ମାସର ଶିଶୁକୁ ପିଉସୀ ନାନୀ ସାହାଯ୍ୟରେ ଯତ୍ନର ସହିତ ପାଳିବା ଶିଖିଯାଇଥିଲେ।

ବିଦିଶାକୁ ହଠାତ୍ ଦେଖି ସହଜ ହେବାକୁ ଚେଷ୍ଟା କରି ପଚାରିଲେ – "ଆରେ ବିଦିଶା! ଏତେ ଦିନ ପରେ ଯେ। ଘରକୁ ଚାଲିଯାଇଥିଲ ଶୁଣିଥିଲି। ଫେରିଲ କେବେ? ପଢ଼ାପଢ଼ି କେମିତି ଚାଲିଛି। ପରୀକ୍ଷା ପାଖେଇ ଆସିଲାଣି।"

ଏତେ ସବୁ ପ୍ରଶ୍ନର ଉତ୍ତରରେ ବିଦିଶା କେବଳ ଫାଙ୍କା ଚାହାଣୀରେ ଚାହିଁ ରହିଥିଲା ତାଙ୍କ ମୁହଁକୁ।

କିଛି ଗୌରଚନ୍ଦ୍ରିକା ବା ଭୂମିକା ନ କରି ବିଦିଶା କହିଲା – "ଆପଣ ମତେ ବିବାହ କରନ୍ତୁ ସାର୍। ମୁଁ ସୁରେଖା ଅପାଙ୍କ ପୁଅର ମାଆ ହେବାକୁ ଚାହେଁ।"

ବିକାଶ ସାର ହତଭମ୍ବ। ଏ କ'ଣ କହୁଛି ବିଦିଶା! ଥଟ୍ଟା କରୁଛି ନା କ'ଣ। ତା ମୁହଁକୁ ଚାହିଁଲେ। ଆଖିରେ ଆଖିଏ ଲୁହ ଓ ମୁହଁରେ ଅନୁନୟ ଅନୁରୋଧର ଅଜସ୍ର ଆବେଦନ।

କହିଲେ – "ବିଦିଶା ଏ ଭିତରେ ତୁମେ କେତେବେଳେ ମାନସିକ ଭାରସାମ୍ୟ ହରେଇ ସାରିଲଣି ମୁଁ ଜାଣିପାରିନି। ମତେ ଦେଖ, ଏତେ ବଡଧକ୍କା ଖାଇ ମୁଁ ଠିକ୍ ଅଛି। ତୁମେ ପାଗଳୀ ହୋଇଗଲ କାହିଁକି?? ଏବେ ତୁମ ଅବସ୍ଥା ଠିକ୍ ନାହିଁ। ଘରକୁ ଯାଅ। ପରେ କଥା ହେବା।

ପିଉସୀ ନାନୀ କିଛି ବୁଝି ନ ପାରି ଆବା କାବା ହୋଇ ଚାହିଁ ରହିଥାନ୍ତି। ଏତେ ସୁନ୍ଦର ଝିଅଟା ଏମିତି ପାଗଳୀ ହୋଇଗଲା କାହିଁକି।

ପିଉସୀଙ୍କ କୋଳରୁ ପୁଅକୁ ନେଇ ଛାତିରେ ଜଡ଼ାଇ ଧରି ବିଦିଶା ଲୁହ ଓ କୋହ ମିଶ୍ରିତ ସ୍ୱରରେ କହିଲା "ମୁଁ ମୋ ସୁରେଖା ଅପାଙ୍କ ଶେଷ ଅନୁରୋଧ ରକ୍ଷା କରିବାକୁ ଚାହେଁ ସାର୍। ବହୁତ ଚେଷ୍ଟା କଲି ଭୁଲିବାକୁ। ଭୁଲି ପାରିଲିନି। ତାଙ୍କର ସେଇ ଶେଷ ଦୁଇପଦ କଥା ଅହରହ ମୋ କାନରେ ଗୁଞ୍ଜରି ଉଠୁଛି। ମୁଁ ତାଙ୍କର ଶେଷ ସନ୍ତକ "ସନ୍ତକର" ମାଆ ହେବାକୁ ଚାହେଁ। ମୋର ଆଉ କିଛି ଦରକାର ନାହିଁ। ନଚେତ୍ ମୁଁ ସତରେ ପାଗଳୀ ହୋଇଯିବି। ବାପା, ମା ଘର ଦ୍ୱାର ମାନ ସମ୍ମାନ ମର୍ଯ୍ୟାଦା ସବୁ କିଛି ଛାଡ଼ି ମୁଁ ଆପଣଙ୍କ ପାଖକୁ ଧାଇଁ ଆସିଛି।

ତା' ପରଦିନ ଦୁହେଁ ଯାଇ ବିବାହ ପଂଜିକରଣ ଅଫିସ୍‌ରେ ଦରଖାସ୍ତ ଦାଖଲ କରି ଆସିଲେ। ଏକ ମାସ ପରେ ପିଉସୀ ଓ କିଛି ସହକର୍ମୀଙ୍କ ଉପସ୍ଥିତିରେ ପତିପତ୍ନୀ ଭାବେ ଶପଥ ନେଲେ।

ବିକାଶବାବୁଙ୍କ ମୁହଁରେ ଅନୁତାପ, ଅନୁଶୋଚନାର ଆଭାସ। ବିଦିଶା କିନ୍ତୁ ଆନନ୍ଦିତା ଓ ଉତ୍‌ଫୁଲ୍ଲିତା। ଅନେକ ଦିନରୁ ଜମା ହୋଇ ରହିଥିବା ତା ହୃଦୟର କଳୁଷ କାଳିମା ସତେ ଅବା ଧୋଇ ହୋଇଯାଇଥିଲା। ପ୍ରତିଜ୍ଞା ରକ୍ଷା କରିପାରିଥିବାରୁ ଏକ ଉଜ୍ଜ୍ୱଳ ଆଭାରେ ଉଦ୍‌ଭାସିତ ତା'ର ସମସ୍ତ ସତ୍ତା। ମୁହଁରେ ଥିଲା ସବୁ କିଛି ପ୍ରାପ୍ତିର ପ୍ରସନ୍ନତା

ସବୁ ନାମ, ସବୁ ଆଖ୍ୟାର ସୀମା ସରହଦ ଡେଇଁ ଏ ନାରୀଟି ଯେ "ଅନନ୍ୟା"....।

***ଭୁବନେଶ୍ୱର, ପଟିଆ***

# ପ୍ରଣୟ

## ଶୋଭନା ଜେନା

ଅଶେଷ ଓ ବନଜା ପରସ୍ପରକୁ ବହୁତ ଭଲ ପାଉଥିଲେ। ବନଜାକୁ ଜୀବନସାଥୀ ରୂପେ ପାଇବାକୁ ନିଷ୍ପତ୍ତି ନେଇଥିଲେ କଲେଜ ପଢ଼ିବା ସମୟରେ ଆଶେଷ। କଲେଜ ପଢ଼ା ଶେଷ ହେଲା। ଏବେ ଅଶେଷ ଜଣେ ସରକାରୀ ଅଫିସର। ବାପାମାଆଙ୍କ ଅନିଚ୍ଛା ସତ୍ତ୍ୱେ ବନଜାକୁ ବିବାହ କଲେ ଅଶେଷ। ବର୍ତ୍ତମାନ ଗାଡ଼ି ବଙ୍ଗଳା, ବ୍ୟାଙ୍କ ବାଲାନ୍ସ ସବୁକିଛି ତାଙ୍କ ପାଖରେ। ବେଶ୍ ହସଖୁସିରେ ଚାଲିଲା ତାଙ୍କ ସଂସାର। ମାତ୍ର ଏ ଖୁସି ବେଶୀଦିନ ରହିଲା ନାହିଁ। ଆଖିରେ ଆଖିଏ ସ୍ୱପ୍ନ ଆଉ ମନରେ ଅସୁମାରି ଆଶାର ସମ୍ଭାର ନେଇ ଯେଉଁ ବନଜା ପାଦ ଥାପିଥିଲେ ଏକ ନୂତନ ଜୀବନରେ, ସେ ଜୀବନରେ ଥିଲା ଖାଲି ଶୂନ୍ୟତା।

ଅଶେଷ ସବୁବେଳେ ବହି, ଫାଇଲ ଓ ପ୍ରୋଜେକ୍ଟ ଭିତରେ ବୁଡ଼ି ରହନ୍ତି। ବନଜା କିନ୍ତୁ ଚାହାଁନ୍ତି ସେ ତାଙ୍କ ସହ ଗପନ୍ତେ। ପ୍ରଗଳଭ ହୁଅନ୍ତେ, ଅଫିସରୁ ଫେରି ସାଥି ହୋଇ ଚା ପିଅନ୍ତେ। ସେମିତି କିଛି ବି ହୁଏନା। ବନଜାଙ୍କ ଆଖିର ଭାଷା, ମନର ଲିପିକୁ ପଢ଼ିପାରନ୍ତିନି କି ତାଙ୍କର ଭାବପ୍ରବଣତା ଅଶେଷଙ୍କୁ ଛୁଇଁ ବି ପାରେନି। ବଗିଚାରେ ଫୁଲଗୁଡିକୁ ବା ଆକାଶରେ ଇନ୍ଦ୍ରଧନୁ ଦେଖିଲେ ଇଚ୍ଛାହୁଏ ଦୌଡ଼ିଯାଇ ଅଶେଷଙ୍କ ହାତ ଧରି ଟାଣିଆଣି ଉପଭୋଗ କରନ୍ତେ କି। ନା, ଅଶେଷଙ୍କୁ ଫୁଲ ଆକର୍ଷିତ କରେନି କି ଇନ୍ଦ୍ରଧନୁର ରଙ୍ଗ ସେ ମାଖିପାରନ୍ତିନି ବରଂ ଚିଡ଼ନ୍ତି ତାଙ୍କ ସମୟ ନଷ୍ଟ ହେଲା ଭାବି। ବନଜାଙ୍କ ମନଟି ଖିନ୍‌ଭିନ୍ ହୋଇଯାଏ, କ୍ଷତାକ୍ତ ହୋଇଯାଏ। ମନଭରି କାନ୍ଦିବାକୁ ଇଚ୍ଛାହୁଏ କିନ୍ତୁ କାନ୍ଦି ପାରନ୍ତି ନାହିଁ। ଆଖି ତଳେ ଢଳଢଳ ହେଉଥିବା ଲୁହକୁ ଆଖିରେ ମାରିଦିଅନ୍ତି। ସବୁଦିନ କ'ଣ ପୂର୍ଣ୍ଣିମା ଚାନ୍ଦ ଥାଏ। ଅମାବାସ୍ୟାତ ଅଛି। ସେହି ଅମାବାସ୍ୟା ରାତି ଓହ୍ଲାଇ ଆସିଥିଲା ସେମାନଙ୍କ ଭାଗ୍ୟ ଆକାଶରେ। ଯେଉଁଠି ଆନନ୍ଦ ପରିବର୍ତ୍ତେ ଥିଲା ଖାଲି ମେଞ୍ଚା ମେଞ୍ଚା ଯନ୍ତ୍ରଣା।

ଦିନେ ଅଫିସରେ ଅଶେଷ ତାଙ୍କର ସହକର୍ମୀ ବନ୍ଧୁ ସମରଠାରୁ ଶୁଣିଲେ ତାଙ୍କ ସ୍ତ୍ରୀ ବନଜା ବିଷୟରେ ଏକ ଗୁଜବ। ତାଙ୍କ ବନ୍ଧୁ ସୁଶାନ୍ତ ସାଙ୍ଗରେ ବନଜା ଫିଲ୍ମ ଦେଖିବାକୁ ଯାଉଛନ୍ତି। ପାର୍କରେ ଦୀର୍ଘ ସମୟ ବସି ଆଳାପ ଆଲୋଚନା କରୁଛନ୍ତି। ରାସ୍ତାରେ ଦୁହେଁ ହସିହସି ହାତ ଧରାଧରି ହୋଇ ବୁଲୁଛନ୍ତି। ଏକଥା ଶୁଣି ଅଶେଷଙ୍କ ରକ୍ତ ଗରମ ହୋଇଗଲା। ନିଜର ପଦମର୍ଯ୍ୟାଦା, ବଂଶ ଗୌରବ ସବୁ ମାଟିରେ ମିଶାଇଦେଲା। କ'ଣ କରିବେ, ଘରେ ବାପାମାଆଙ୍କ କଥା ନମାନି ବିବାହ କରିଛନ୍ତି। ଆଜି କେବଳ ସମର ଏକଥା କହିଲା, ତା' ନୁହେଁ ତୁଣ୍ଡ ବାଇଦ ସହସ୍ରକୋଶ। କାହାକୁ ସେ ମୁହଁ ଦେଖାଇବେ ? ଛି...ଛି। ଦୁହିଁଙ୍କ ମଝିରେ ଅବିଶ୍ୱାସ ଏକ ବିରାଟ ପାଚେରୀ ହୋଇ ଠିଆ ହେଲା। ଅଶେଷ ବିରକ୍ତ ହୋଇ ଅଫିସରେ ନ ରହି ସିଧା ଚାଲି ଆସିଲେ ଘରକୁ। କିନ୍ତୁ ଏ କ'ଣ। ଘରେ ତାଲା ପଡ଼ିଛି। ତେବେ ବନଜା କ'ଣ ...? ନିଆଁ ଝୁଲ ଝୁଙ୍କ ଉଠିଲା। ଆଗ୍ନେୟଗିରିରୁ ଲାଭା ନିର୍ଗତ ହେଲା। ଫଁ ଫଁ ନିଶ୍ୱାସ। ଅସହ୍ୟ ଜ୍ୱାଳାରେ ଛଟପଟ ହେଲେ ଅଶେଷ। ନିଜ ପାଖରେ ଥିବା ଚାବିକାଠିରେ ଘର ଖୋଲିଲେ। ରାତି ଆଠଟା ବାଜିଲାଣି। ଏ ପର୍ଯ୍ୟନ୍ତ ବନଜାଙ୍କର ଦେଖାନାହିଁ। ଅସ୍ଥିର ହୋଇ ଉଠୁଛି ମନ। ପକେଟରୁ ସିଗାରେଟ ଖୋଲି ଟାଣିବାକୁ ଲାଗିଲେ ଗୋଟିକ ପରେ ଗୋଟିଏ। ଧୂଆଁ ଘରସାରା ହୋଇଗଲାଣି। କେତେବେଳେ ସୋଫା ଉପରେ ବସୁଛନ୍ତି ତ ପୁଣି ଉଠି ଘରସାରା ବୁଲୁଛନ୍ତି ଅଶେଷ। ପେଟରେ ପେଟେ ଭୋକ, ମନରେ ଜଳୁଥିବା ନିଆଁ ଆଉ ସମ୍ଭାଳି ହେଉନି। ରୋଷେଇ ଘରକୁ ଯାଇ ଦେଖିଲେ କିଛି ରନ୍ଧା ହୋଇନି। ରାଗରେ ଘରର ଜିନିଷପତ୍ର ଫିଙ୍ଗିବାକୁ ଲାଗିଲେ। ପାଟିରୁ ବାହାରିପଡ଼ିଲା ବ...ନ...ଜା।

ହଁ, ଏଇ ବନଜାଙ୍କୁ ସେ କେଉଁଦିନ ଦୁଃଖ ଦେଇନାହାନ୍ତି। କି ଖାଇବା ପିନ୍ଧିବାରେ କୌଣସି ଅବହେଳା କରିନାହାନ୍ତି। ଆଉ ମଧ୍ୟ ବନଜାଙ୍କୁ ହୃଦୟ ଦେଇ ଭଲ ପାଇଛନ୍ତି। ତାଙ୍କ ଦୁର୍ବଳତାର ସୁଯୋଗ ନେଇ ସେ ଯେ ମନଇଚ୍ଛା ଏଣେତେଣେ ଯାହା ସାଥିରେ ପାଇଲେ ଘୂରି ବୁଲିବେ। ଏହା କେବେବି ସହିପାରିବେନି। ହଠାତ୍ ମଟର ସାଇକେଲର ଶବ୍ଦରେ ସେ ଚମକି ପଡ଼ିଲେ। ବାହାରୁ ଶୁଭିଲା ଘର ଆଡକୁ ଜୋତାର ଠକ୍‌ଠକ୍ ଶବ୍ଦ। ଏଣେ ଘଣ୍ଟାରେ ରାତି ଦଶ। ଘରେ ପାଦ ଦେଉ ଦେଉ ବନଜା କହିଲେ ଆରେ, ଏ କ'ଣ ? ଘରଟା ସାରା ଧୂଆଁରେ ଯେ ପୂରି ଯାଇଛି। ବନଜାଙ୍କ ପାଟିରୁ କଥା ନସରୁଣୁ ଅଶେଷ ଗର୍ଜିଉଠି କହିଲେ ମୁଁ ପଚାରୁଛି କୁଆଡ଼େ ଯାଇଥିଲ ? ବନଜା ସଙ୍ଗେ ସଙ୍ଗେ ଉତ୍ତର ଦେଲେ ପିକ୍‌ଚର ଦେଖି। କାହା ସହିତ। ସୁଶାନ୍ତ ସହିତ। ସୁଶାନ୍ତ ସହ ତୁମର କ'ଣ ସମ୍ପର୍କ ? ତାଙ୍କ ସହିତ ମୋର ତୁମପରି ବନ୍ଧୁତ୍ୱର ସମ୍ପର୍କ। ଏହା ଶୁଣି ଅଶେଷ ରାଗରେ ଗରଗର ହୋଇ ଶକ୍ତ ଚାପୁଡ଼ାଟେ କଷିଦେଲେ। ନିଜକୁ ସଂଯତ କରି ବନଜା ଆଖିରେ ଲୁହ, ମୁହଁରେ ହସ ଟିକେ ଖେଳାଇ କହିଲେ ଆଉଥରେ ମାରନା। ସତରେ ଆଜି ମୁଁ ବିଶ୍ୱାସ କରୁଛି ମୋର ଜଣେ ସ୍ୱାମୀ ଅଛନ୍ତି ଯିଏ କି ମୋର ଗୋଟାପଣେ ନିଜର।

ବନଜା! ଆଶ୍ଚର୍ଯ୍ୟ ହୋଇ ଚାହିଁଲେ ଅଶେଷ। ବୁଝି ପାରିଲେ ନାହିଁ ତାଙ୍କ କଥାର ମର୍ମ। କେବଳ ଶୁଣୁଥିଲେ ବନଜା ଅନ୍ତରର ବିଳାପ। ମୋତେ ଭୁଲ୍ ବୁଝନାହିଁ। ମୁଁ କୌଣସି ଖରାପ କାମ କରିନାହିଁ କିନ୍ତୁ ତୁମେ ଯେ... ! ଓଃ ! ଏତେ ରାତି ପର୍ଯ୍ୟନ୍ତ ସୁଶାନ୍ତ ସାଙ୍ଗରେ ବୁଲୁଥିଲି ନା ? ମୁଁ ଆରମ୍ଭରୁ ଦେଖି ଆସୁଛି ଯେ ମୋତେ ତୁମ ସାଙ୍ଗ ସୁଶାନ୍ତ ସହିତ ବାଧ୍ୟ କରିଛ ମିଶିବା ପାଇଁ। ସୁଯୋଗ ବି ଦେଇଛ। ଯେଉଁ ଆଡ଼େ ଯେତେବେଳେ କହିଛି ଯିବା ପାଇଁ ତୁମେ କହିଛ ମୁଁ ବ୍ୟସ୍ତ ଅଛି ସୁଶାନ୍ତ ସହ ପଳାଅ। ଏପରିକି ଶାଢ଼ୀଟିଏ କିଣିଲେ ତାଙ୍କ ସହିତ ପଠାଅ। ମୋ ପାଇଁ ତୁମ ପାଖରେ ଟିକେ ବି ସମୟ ନଥାଏ। କାଇଁ ତାଙ୍କ ସହ ମିଳାମିଶାତ ତମକୁ ଦିନେ ହେଲେ ଖରାପ ଲାଗୁନଥିଲା। ସେତେବେଳେ କ'ଣ ଲୋକେ ଦେଖୁନଥିଲେ। ଏକଥାକେବେ ଭାବିଛ ? ନା, ତା' ହେଲେ କୁହ କାହାର ଭୁଲ୍ ମୋ ନା ତୁମର। ସମରକୁ ଏସବୁ କହିବା ପାଇଁ ମୁଁ କହିଥିଲି। ସବୁ ଥିଲା ଅଭିନୟ। ମୁଁ ଦେଖିବାକୁ ଚାହୁଁଥିଲି କେଉଁଦିନ ମୋର ସ୍ୱାମୀ ମୋ ଉପରେ ତାଙ୍କ ଅଧିକାର ସାବ୍ୟସ୍ତ କରିବେ। ଗାଡ଼ି ଘୋଡା, ବ୍ୟାଙ୍କ ବାଲାନ୍ସ, ବଙ୍ଗଳା

ଏସବୁ ହୋଇଗଲେ କ'ଣ ସ୍ତ୍ରୀର ସବୁ ଇଚ୍ଛା ପୂରଣ ହୋଇଯାଏ ଏହା ଭାବିବା ଭୁଲ୍‌ଃ। ପତ୍ନୀଟିଏ ଏସବୁ କିଛି। ହେଁନା ସେ ଚାହେଁ ତା' ସ୍ୱାମୀର ସାନ୍ନିଧ୍ୟ। ପ୍ରେମର ପରାକାଷ୍ଠା। ଆଉ ତା' ମନ ବୁଝି ପାରୁଥିବା ଭଳି ସମ୍ବେଦନଶୀଳତା। ଦେହର ମିଳନ ଅପେକ୍ଷା ମନର ମିଳନ ବେଶୀ କାମ୍ୟ। କେବେ ଥରେ ମୋ ମନର କଥାକୁ ବୁଝିବାକୁ ଚେଷ୍ଟା କରିଛ। କଇଁ କଇଁ ହୋଇ କାନ୍ଦି ଉଠିଲେ ବନଜା।

ପ୍ରକୃତରେ କ'ଣ ସେ ବନଜାକୁ ସୁଖୀ କରିପାରିଛନ୍ତି ? ଏବେବି କ'ଣ ସେ ଗର୍ବ କରି କହିପାରିବେ ସେ ଜଣେ ଆଦର୍ଶ ସ୍ୱାମୀ ? ଅଶେଷ ଦେଖୁଥିଲେ ମମତାର ଏକ ପ୍ରତିମୂର୍ତ୍ତି, ଶୁଣୁଥିଲେ ଭିନ୍ନ ଏକ ସ୍ୱର। ଭିନ୍ନ ରୂପ ସେ ତାଙ୍କଠାରେ ପ୍ରଥମ କରି ଦେଖୁଥିଲେ। ଆଶ୍ଚର୍ଯ୍ୟ ଲାଗୁଥିଲା, ମୁଗ୍ଧ କରୁଥିଲା, ବିଭୋର କରୁଥିଲା। ଧୀରେ ଧୀରେ ବନଜାଙ୍କ ଦୁଇ ହାତ ଟାଣିଆଣି ନିଜ ହାତମୁଠା ଭିତରେ ଚାପି ଧରି କହିଲେ କଥା ଦେଉଛି ବନଜା ମୁଁ ଆଦର୍ଶ ସ୍ୱାମୀଟିଏ ହେବି। ସ୍ତ୍ରୀ ଭାବରେ ତୁମ ଅଶେଷ ପାଖରେ ତୁମେ କେବେ ଆଉ ନିରାଶ ହେବନି, ଅଶେଷଙ୍କ କଥାରେ ଥିଲା ବିଶ୍ୱାସ ଓ ପ୍ରତିଶ୍ରୁତିର ସ୍ପର୍ଶ। ସେ ପରଶକୁ ଅନୁଭବ କରୁ କରୁ ଉଚ୍ଛ୍ୱଳି ଉଠୁଥିଲେ ବନଜା। ନିମିଷକେ ଉଭେଇଗଲା ସବୁ ଲୁହ ତାଙ୍କର। ଓଠରେ ହସ ଫୁଟାଇ ଅଶେଷଙ୍କ ପାପୁଲିରୁ ଦୁଇ ହାତକୁ ବାହାର କରି ଆଣୁ ଆଣୁ କହିଲେ ଛାଡ ମୋ ହାତ ନହେଲେ ଓପାସ ରହିବ ଯେ...

*କେନ୍ଦୁଝର*
*ଦୂରଭାଷ: ୯୪୩୭୦୯୨୬୫୫*

**DM Associates**
**Chartered Accountants**
307, Block - A, 3rd Floor, Nirmala Plaza
Forest Park, Bhubaneswar
Ph.: +91 674 259511-13
Telefax : +91 674 2595912

*We undertake*
*Auditing, Taxation, Consultancy outsourcing*



# ମନ ଆଇନାର ସାଉଁଟା ସ୍ମୃତି

## ସୁରଭି ପତି

ଜାତୀୟରାଜପଥରେ **ମଟରଗାଡିଟି** ଗଡିଚାଲିଥିଲା ଏକ ନିର୍ଦ୍ଧିଷ୍ଟବେଗରେ। ବହୁତଦିନ ପରେ ଗାଁକୁ ଯାଉଥିବାରୁ ନନ୍ଦିତା ଓରଫ ନିତୁଙ୍କ ମନ ଆଜି ଉତ୍କଣ୍ଠାରେ ଭରପୁର।ବାହା, ବ୍ରତ ଓ ଅନ୍ୟାନ୍ୟ ପାରିବାରିକ ଉତ୍ସବରେ ଭାଇ, ଭଉଣୀ, ଆତ୍ମୀୟ ପରିଜନଙ୍କସହ ଦେଖାସାକ୍ଷାତ ହେଉଥିଲେବି, ଗାଁକୁ ବହୁତ ଦିନ ହେଲା ଯାଇପାରିନଥିଲେ ନନ୍ଦିତା। ତାଙ୍କର ଭାଇ, ଭଉଣୀ ସବୁ ବିଭିନ୍ନ କ୍ଷେତ୍ରରେ ସୁପ୍ରତିଷ୍ଠିତ ହୋଇ ସହରରେ ଘରଦ୍ୱାର କରି ରହିଥିଲେ। ସେମାନେ କୌଣସି କାମକାର୍ଯ୍ୟରେ ଯୋଗଦେବାକୁ ଗାଁକୁ ଯାଉଥିଲେ ବି ସୁଦୁର ବାରିପଦାରେ ଥିବାରୁ ନନ୍ଦିତା ପ୍ରାୟତଃ ଗାଁକୁ ଆସିପାରୁନଥିଲେ। ତାଙ୍କରବିଶାଳ ପରିବାରକୁ ଏକତ୍ରିତ କରି ପରସ୍ପର ମଧ୍ୟରେ ତଥା ଗାଁ ସହିତ ସୁମଧୁର ସମ୍ପର୍କ ରଖିବାକୁ ପ୍ରୟାସକରି ନନ୍ଦିତାଙ୍କର ନନା ଆରମ୍ଭ କରିଥିଲେ "ରଥ ପରିବାର ମିଳନ"। ନୂଆବର୍ଷରେ ହେଉଥିବା ଏହି ହସଖୁସି ଭୋଜିଭାତ ମାହୋଲରେ ଯୋଗଦେବାକୁ ଯିଏ ଯେଉଁଠାରେ ଥିଲେବି ନନାଙ୍କର ସ୍ନେହ ପୂର୍ଣ୍ଣ ଆଦେଶରେ ଆସି ପହଞ୍ଚୁ ଥିଲେ ଗାଁରେ। ନନାଙ୍କର ଆକସ୍ମିକ ହୃଦଘାତଜନିତ ବିୟୋଗ ପରେ ବନ୍ଦ ହୋଇ ଯାଇଥିଲା ଏହି ପରିବାର ମିଳନ। କିଛିବର୍ଷ ପରେ ଭାଇମାନଙ୍କର ଆଗ୍ରହରେ ପୁଣି ଥରେଏହି ପାରିବାରିକ ଉତ୍ସବ ଅତ୍ୟନ୍ତ ଉତ୍ସାହ ଓ ଉଦ୍ଦୀପନାର ସହ ଆରମ୍ଭ ହୋଇଥିଲା। ଦୂରରେ ଥିବାରୁ ଯୋଗଦେଇପାରି ନଥିବା ନନ୍ଦିତାଙ୍କୁ ଏଥର କିନ୍ତୁ ଭଉଣୀ, ଭାଇମାନେ ନଛଡୋବନ୍ଧା। "ଆମେ ସମସ୍ତେ ବୟସର ଶେଷ ପାହାଚରେ ପହଞ୍ଚିଲେଣି। ଦେହ ଏଥର ମନର ଆୟତ ବାହାରକୁ ଚାଲିଗଲାଣି। କେତେବେଳେ ଯେ ଶର୍ଯ୍ୟାଶାୟୀ ହୋଇଗଲେ ନିଜ, ନିଜ ଭିତରେ ଦେଖାସାକ୍ଷାତ ବି ସ୍ୱପ୍ନ ହୋଇଯିବ।" ଟେଲିଫୋନ୍‌ରେ ଭାଇ, ଭଉଣୀମାନଙ୍କ ଏପରି ସ୍ନେହଭରା ଯୁକ୍ତି ଆଗରେ ପରିବାରମିଳନରେ ଯୋଗ ଦେବାର ନିଷ୍ପତ୍ତି ନେଇ ଆଜି ଗ୍ରାମାଭିମୁଖୀ ହୋଇଥିଲେ ନନ୍ଦିତା।

ଜାତୀୟରାଜପଥରୁ ସଂଯୋଗିତ ଗ୍ରାମ୍ୟରାସ୍ତାକୁ ଗାଡିଗଡିବା ପରେ ଗାଡିରଏସି ବନ୍ଦକରି ଝରକାକୁ ଖୋଲିଦେବାକୁ ଡ୍ରାଇଭରକୁ କହିଥିଲେ ନନ୍ଦିତା। ଗ୍ରାମ୍ୟରାସ୍ତାର ସୁଲୁସୁଲ ପବନରେ ଖୁବ୍ ଆରାମ ଲାଗୁଥିଲା ତାଙ୍କୁ। ପଛକୁ ଆଉଜି ଆଖି ବନ୍ଦ କରିବା ମାତ୍ରେ ମନ ତାଙ୍କର ଟାଣିହୋଇ ଯାଉଥିଲା ପିଲାଦିନର ସ୍ମୃତି ଆଡକୁ ତାଙ୍କ ପିଲାଦିନର ରାସ୍ତାଘାଟ, ମନ୍ଦିର, ତୋଟା ସର୍ବୋପରି ସେମାନେ ସବୁଭାଇ, ଭଉଣୀଙ୍କର ମିଶ୍ରିତ ଦୁଷ୍ଟାମି ସବୁ ଆଖି ଆଗରେ ଗୋଟି, ଗୋଟି ହୋଇ ନାଚି ଯାଉଥିଲା।

ଛଳଛଳ ହୋଇ ବୋହି ଯାଉଥବା ଅପରୂପା, ଅନିନ୍ଦିତା, ସ୍ରୋତସ୍ୱିନୀକ କୁଶଭଦ୍ରାର ନଇବନ୍ଧକୁ ଲାଗି ଓସାରିଆ ନାଳବନ୍ଧ ରାସ୍ତାଟିଏ ଲମ୍ବିଯାଇଛି କାହିଁ କେତେଦୂର ପର୍ଯ୍ୟନ୍ତ। ସେହିରାସ୍ତାରେ କିଛିବାଟ ଗଲାପରେ ଡାହାଣ ପାର୍ଶ୍ୱରେ ଗାଁଟିଏ ଥିବାବେଳେ ବାମ ପାର୍ଶ୍ୱରେ ପଡେ ଶ୍ରୀ ଶ୍ରୀ ବକ୍ରେଶ୍ୱର ମହାଦେବଙ୍କ ମନ୍ଦିର। ଗ୍ରାମଠାରୁ ଅନତି ଦୂରରେ ଏକ ନିକାଞ୍ଚନ, ନିଛାଟିଆ ଜାଗାରେ ଚୌଧୁରୀ ଅମଳରୁ କନିକାରାଜାଙ୍କ ଦ୍ୱାରା ଏହି ପ୍ରତ୍ୟକ୍ଷ ମହାଦେବ ମନ୍ଦିରଟି ତୋଳା ଯାଇଥିଲା। ମନ୍ଦିର ନିକଟରେ ବୋହିଯାଉଥିଲା କୁଶଭଦ୍ରା ଶାଖା ନଦୀ ସୋଲ ନଦୀର କ୍ଷୀଣ ଜଳଧାରା। ଚତୁଃପାର୍ଶ୍ୱରେ ବଉଳ, ଆମ୍ବ, ବେଲ, କଦମ୍ବ ଆଦି ଦେବଦାରୁଉବୃକ୍ଷଗୁଡିକ ମନ୍ଦିରଟିକୁ ବେଢ଼ାଇହୋଇ ରହିଥିଲା। ମନ୍ଦିରର ଏକ ପାର୍ଶ୍ୱରେ ପ୍ରଶସ୍ତ ଚଉତରା ଓ ଚତଃପାର୍ଶ୍ୱରେ ଓସାରିଆ ପାବଚ୍ଛସବୁ ଥାଇ ଏକ ବିଶାଳ ପୁଷ୍କରିଣୀ ଶୋଭାପାଉଥିଲା। ପୁଷ୍କରିଣୀ ଭିତରେ ଥିବା ପଦ୍ମ ଓ କଇଁଫୁଲର ସମ୍ଭାର ଏକ ଅପୁର୍ବ ଶୋଭାବହନ କରୁଥିଲା। ପୁଷ୍କରିଣୀଟିର ବନ୍ଧ ଉପରେ ଥିବା କଦମ୍ବ ଓ ବଉଳଗଛର ପାଣିଉପର ପର୍ଯ୍ୟନ୍ତ ଲମ୍ବି ଯାଇଥିବା ଦୀର୍ଘ ଶାଖାପ୍ରଶାଖା ଗୁଡିକୁ ଦେଖିଲେ କଦମ୍ବ ଗଛରେ କୃଷ୍ଣଙ୍କର ଉପସ୍ଥିତିରେ ଗୋପୀମାନଙ୍କର ଜଳକ୍ରୀଡ଼ା କରିବାର ଦୃଶ୍ୟ ମନ ମଧ୍ୟକୁ ଟାଣିହୋଇ ଆସୁଥିଲା। ମୁଖ୍ୟମନ୍ଦିରର ଚତୁଃପାର୍ଶ୍ୱର ପ୍ରଶସ୍ତ ବେଢ଼ାରେ ଅନ୍ୟାନ୍ୟ ପାର୍ଶ୍ୱ ଦେବାଦେବୀଙ୍କର ଛୋଟ ଛୋଟ ମନ୍ଦିରଗୁଡିକ ଥିଲା।

ମନ୍ଦିର ନିକଟରେ ଥିବା ଏକ ବିରାଟ ଆମ୍ବତୋଟା ଭିତରେ ଏକ କୌଳିନ୍ୟ ବ୍ରାହ୍ମଣ ପରିବାର ବାସକରୁଥିଲେ। ପରିବାରଟିର ପୂର୍ବଜମାନେ ଗାଁ ଭିତରୁ ଉଠି ଆସିଥିଲେ ତୋଟା ମଧ୍ୟରେ ଥିବା ଏହି ନିକାଞ୍ଚନ ଜାଗାଟିକୁ। ଆମ୍ବ ତୋଟା ମଧ୍ୟ ଦେଇ ଅଣଓସାରିଆ ରାସ୍ତାଟିଏ ଲମ୍ବି ଯାଇଥିଲା ଘରଟିର ଦାଣ୍ଡ ପର୍ଯ୍ୟନ୍ତ। ଉଚ୍ଚ ଉଚ୍ଚ ଝଙ୍କାଳିଆ ଗଛ ଗୁଡିକର ଛାଇର ଅନ୍ଧାରୁଆ ପରିବେଶ, ପବନର ସାଇଁ ସାଇଁ ଶବ୍ଦ, ଶୁନ୍‌ଶାନ ବାତାବରଣରେ ତୋଟା ଅତିକ୍ରମ କରି ଘର ନିକଟକୁ ଯିବାବେଳେ ଦିନରେ ମଧ୍ୟ ରାତ୍ରି ସମୟର ଭୟ ସଞ୍ଚାର କରିଥାଏ। ତୋଟାର ମଝିରେ ଏକ ବିସ୍ତୀର୍ଣ୍ଣ ଅଞ୍ଚଳରେ ଦାଣ୍ଡବାରି ଥାଇ ଦୁଇ ଧାଡିଲମ୍ବା କଚ୍ଚାଘର। ଘରଟିର ସାମ୍ନାରେ ଭିନ୍ନ ଭିନ୍ନ ରଙ୍ଗ ଓ କିସମର ସୁନ୍ଦର ବାସ୍ନାୟିତ ଫୁଲ ସବୁର ଏକ ବଗିଚା ଥିଲା। ବଗିଚାର ଚାରିପଟେ ଚମ୍ପା, ମନ୍ଦାର, ସୁଗନ୍ଧରାଜ, ଟଗର, କୃଷ୍ଣଚୂଡା ଆଦି ବଡବଡ ଗଛ ଗୁଡିକ ବଗିଚା ଚାରିପଟେ ବେଢ଼ାଇରହି ଅତ୍ୟନ୍ତ ରମଣୀୟ ଦେଖାଯାଉଥିଲା। ଆଖପାଖରେ ଆମ୍ବ, ନଡିଆ, ପିଜୁଳି, ଆତ, ସପେଟା, ଲିଚୁ, କେନ୍ଦୁ, ଜାମୁକୋଳି, ଜାମୁରୋଳ, ପଣସ ଆଦି ନାନା ପ୍ରକାରର ଫଳ ଗଛ ଗୁଡିକରେ ପୁରିରହିଥିଲା। ଘରଟିର ଦୁଇମୁଣ୍ଡରେ ଦିଓଟି ବଡପୋଖରୀ ଓ ପୋଖରୀ ହୁଡାରେ ଥିବା ସରିସରି ନଡିଆ, ତାଳ, ଗଛର ଏକତ୍ରିତ ସମାବେଶରେ ପୋଖରୀର ପରିବେଶକୁ ଖୁବ୍ ମନୋରମ କରି ଗଢ଼ିତୋଳୁଥିଲା।

ଆଖପାଖ ଅଞ୍ଚଳରେ ସାଆନ୍ତ ଘର ବୋଲିବଡ ନାମ, ଡାକ ଥିଲା ବ୍ରାହ୍ମଣ ପରିବାରଟିର। ପରିବାରଟିର ମୁରବି ଥିଲେ ବଡଭାଇ ନାରାୟଣ ରଥ। ତାଙ୍କ ତଳେ ତିନିଭାଇ। ବଡମଝିଆ ଭାଇ କଚେରୀ ଚାକିରିରେ କଟକ ସହରରେ ରହୁଥିଲେ ମଧ୍ୟ ପରିବାର ତାଙ୍କର ଥାନ୍ତି ଗାଁରେ। ତାଙ୍କ ତଳ ଦୁଇଭାଇ ତଦନୁରୁପ କଟକ ଓ ପାରାଦ୍ୱୀପରେ ଚାକିରିକରୁଥିଲେ ମଧ୍ୟ ପିଲାଛୁଆ ଥାନ୍ତିଗାଁରେ। ଖାନ୍‌ଦାନୀ ରଥ ପରିବାରର ଅମାପ, ଅଚଳାଚଳ

ସମ୍ପତ୍ତିର ଦେଖାରେଖା ସବୁ ବଡଭାଇ ନାରାୟଣ ରଥଙ୍କ ଉପରେ। ଆଖପାଖ ଅଞ୍ଚଳର ପାଞ୍ଚଖଣ୍ଡ ମୌଜାରେ ସୁବିଧା, ଅସୁବିଧା, ନ୍ୟାୟନିଶାପରେ ଆଗ ଖୋଜା ପଡୁଥିଲା ନାରାୟଣ ରଥ ଓ ତାଙ୍କ ଭାଇମାନଙ୍କୁ।

ଭାଇମାନଙ୍କର ସୁଦୀର୍ଘ, ବଳିଷ୍ଠ ଶରୀର ସାଙ୍ଗକୁ ଗୋରା ତକତକ ଚେହେରା, ମେଳାପି ବ୍ୟକ୍ତିତ୍ୱ ଓ ଭଦ୍ର ଶାଳିନ ବ୍ୟବହାର ଆଗରେ ଯେ କେହି ଲୋକର ମୁଣ୍ଡ ଆପେ ଆପେ ନଇଁ ଯାଉଥିଲା। ଗାଁରେ ସମସ୍ତେ ଶ୍ରଦ୍ଧା, ସମ୍ମାନ ଜଣାଉଥିଲେ ଭାଇମାନଙ୍କୁ। ବଡମଝିଆଁ ଭାଇଙ୍କର କଚେରୀ ଚାକିରି ଯୋଗୁଁ ନ୍ୟାୟ ନିଶାପର ପରାମର୍ଶ ନେବାକୁ ଛୁଟିଦିନ ମାନଙ୍କରେ ଘରଟିକୁ ଗାଁଲୋକମାନଙ୍କର ଆତଯାତ ଲାଗିରହୁଥିଲା।

ଚାରିଭାଇଙ୍କର ଏଗାର ଝିଅ ଓ ବାର ପୁଅ ଥିଲେ। ନନ୍ଦିତା ଥିଲେ ଦ୍ୱିତୀୟଭାଇଙ୍କ କନ୍ୟା। ବଡଭାଇ ନାରାୟଣ ରଥଙ୍କୁ ସବୁ ପିଲା ନାନି ନନା ସମ୍ବୋଧନ କରି ଡାକୁଥିଲେ, ଯେହେତୁ ତାଙ୍କ ବଡଝିଅ ତାଙ୍କୁ ନନା ଡାକୁଥିଲେ। ସେ ନାନିର ନନା ହିସାବରେ ସବୁ ପିଲାଙ୍କର ଥିଲେ ନାନିନନା ଓ ସେ ଦେଢେଇ ଥିଲେ ନାନିବୋଉ। ନିଜ ପର ଭାବନାଠାରୁ ପରିବାରଟି ଥିଲା ବହୁ ଊର୍ଦ୍ଧ୍ୱରେ। ନାନି ନନାଙ୍କର ସାମ୍ନାରେ ସାନ ଭାଇମାନଙ୍କ ପାଟି ଫିଟୁନଥିଲା। ଶାନ୍ତି ଶୃଙ୍ଖଳା ଥିଲା ପରିବାର ଭିତରେ। ପର୍ବପର୍ବାଣୀରେ ବଡମଝିଆ ଭାଇ କଟକରୁ ବୋହି ଆଣୁଥିଲେ ଥାକକରି ଝିଅ ମାନଙ୍କ ପାଇଁ ଫୁଲପକା ଫ୍ରକ ଓ ପୁଅ ମାନଙ୍କର ହାପ୍ ପ୍ୟାଣ୍ଟ ଓ ସାର୍ଟ। ନିଜ, ନିଜ ହିସାବରେ ପିଲାମାନେ ବାଣ୍ଟିନେଉଥିଲେ ନୂଆଲୁଗାପଟା ସବୁକୁ। ବାହାରେ ଚାକିରିକରିଥିବାରୁ ଯାନିଯାତ୍ରା ମେଳାମହୋତ୍ସବରେ ଭାଇମାନେ କେତେ ନୂଆଜିନିଷ ଆଣି ଦେଉଥିଲେ ପିଲାମାନଙ୍କ ପାଇଁ।

ରଥଘର ଛୁଆମାନେ କିନ୍ତୁ ଦୁଷ୍ଟାମିରେ ଏକକୁ ଆରେକ ବଳି ଥିଲେ। ଭାଇଭଉଣୀ ସବୁମିଶି ଧରାକୁସରା ମଣୁଥିଲେ। ନିକଟରେ ଗାଁଗଣ୍ଡା ନଥିବାରୁ ସେମାନଙ୍କ ଦୁଷ୍ଟାମି ପରିବାର ଭିତରେ ସୀମିତ ରହୁଥିଲା। ଗାଁଗଣ୍ଡା ନଥିଲେ ମଧ ରଥଘର ବାଡିପଟେ କିଛି ବାଉରି ପରିବାର ରହୁଥାନ୍ତି। ହଳିଆସୁରିଆର ଘର ସେହି ବାଉରିସାହିରେ। ଦିନକର କଥା। ସୁରିଆର ଖାଇବାକୁ ଆସିବାରେ ଡେରିକରିବାରୁ ନାନିବୋଉ ପିଲାଙ୍କମଧ୍ୟରୁ ଜଣକୁ କହିଥିଲେ "ବାଡିପଟେ ଡାକିଦେଲୁ ସୁରିଆକୁ ଖାଇସାରି ବିଲକୁ ଯିବ", ବାସ୍ ପିଲାଙ୍କୁ ମିଳିଗଲା ମଉକା। ସବୁ ଭାଇଭଉଣୀ ଦୌଡିଥିଲେ ବାଡିପଟକୁ। ଗୋଟେ ବିଲୁଆ ହୋକେହୁ ବୋବେଇଲେ ସବୁବିଲୁଆ ବୋବେଇଲା ପରିସୁରିଆ, ସୁରିଆ ପାଟିକରି ଦାଣ୍ଡବାରି କମ୍ପାଇଦେଲେ। ସୁରିଆ ଆସୁ କି ନଆସୁ, କିଏ କେତେବଡ ପାଟିରେ ଡାକି ପାରିବାର ପ୍ରତିଯୋଗିତା ଆରମ୍ଭ ହୋଇଗଲା ପିଲାମାନଙ୍କ ମଧ୍ୟରେ। ପିଲାମାନଙ୍କ ଚିତ୍କାରରେ ସାଆନ୍ତ ଘର କିଛି ଅସୁବିଧା ହୋଇଛି ଭାବି ବାଉରି ସାହିର ସମସ୍ତେ କାମଧନ୍ଦା ଛାଡି ଠେଙ୍ଗାବାଡି ଧରି ଦୌଡି ଆସିଥିଲେ ରଥଘର ଦାଣ୍ଡକୁ। ପିଲାମାନଙ୍କର ଏଭଳି କାଣ୍ଡ ଜାଣିବାପରେ ସେମାନେ ସବୁ ଫେରାଦ ହୋଇଥିଲେ ନାନି ନନାଙ୍କ ପାଖରେ। ଘଟଣା କ'ଣ ଜାଣିବା ପରେ ଆଉ ନାନି ନନାଙ୍କୁ ରଖେକିଏ।

କ୍ଷଣକୋପୀ ନାନି ନନା କାଠ ଫାଳିଆ ଧରି ଦୌଡିଥିଲେ ପିଲାମାନଙ୍କ ନିକଟକୁ। ପିଲାମାନେ ଭୟରେ ଦୌଡିଯାଇ କିଏକୁଆଡେ ଲୁଚିଗଲେ। ବିଚରା ନିର୍ଦ୍ଦୋଷୀସାନ ମଝିଆଭାଇଙ୍କ ପୁଅ ନିଦରେ ଶୋଇଥିଲା। ନାନି ନନାଙ୍କର ମନହେଲା ଗାଲୁମାରି ଶୋଇଛି। ଘୋଷାଡି ଆଣି ଦୁଇଚଟକଣୀ ଲଗାଇ ଦେଲେ ପିଲାଟିର ଗାଲରେ। ସେତିକିରେ ରାଗଶାନ୍ତ ହୋଇନଥିଲା ନାନି ନନାଙ୍କର। ରୋଷେଇ ଘରକୁ ତମତମହୋଇ ପଶିଗଲେ ରୋଷେଇ କରୁଥିବା ଦୁଇଭାଇ ବୋହୂ ଦେଢ଼ଶୁରଙ୍କୁ ଦେଖି ଆଡ ହୋଇଗଲେ। ଚୂଲିରେ ଫୁଟୁଥିଲା ଚାଉଳହାଣ୍ଡି। ଚାଉଳହାଣ୍ଡିକୁ କଚାଡି ଚୁଲିର ନିଆଁରେ ହଣ୍ଡାଏ ପାଣି ଭର୍ତ୍ତିକରିଦେଇଥିଲେ। "ଆଜି ସେ ଛୁଆ ସବୁଙ୍କୁ ଉପାସରେ ମାରିବି" କହି କିଛିସମୟ ପରେ ଗାଁଭିତରକୁ ଚାଲି ଯାଇଥିଲେ କିଛି ନିଶାପର ମୀମାଂସା କରିବାକୁ।

ଦି ଘଡି ପହରେ ଫେରିଥିଲେ ନାନି ନନା ଗାଁ ନିଶାପରୁ। "ପିଲା ଭୋକରେ ଆଉଟୁ ପାଉଟୁ ହେଲେଣି ଶୁଣେଇ, ଶୁଣେଇ କହିଥିଲେ ନାନିବୋଉ''। "ମୋ ପିଲା କିଛି ଖାଇନାହାଁନ୍ତି ଏ ପର୍ଯ୍ୟନ୍ତ" ଆଶ୍ଚର୍ଯ୍ୟ ହୋଇ ପଚାରିଥିଲେ ନାନି ନନା। "ତୁମେ ତ ଚୁଲିରେ ପାଣିଭର୍ତ୍ତି କରିଦେଲ ଆଉ ଭାତ କୋଉଠି ରନ୍ଧାହେଲା ଯେ ଖାଇବେ"। ନାନିବୋଉଙ୍କ ଉତ୍ତରରେ ଶାନ୍ତ ହୋଇ ଥମ୍‌କରି ତଳେ ବସିପଡିଲେ ନାନି ନନା। ନାନିବୋଉଙ୍କୁ ଚୁଡାହାଣ୍ଡିଟା ଆଣିବାକୁ କହି ତସଲାରେ ନିଜେ ଚୁଡା କଦଳୀ ଚକଟାକରି ସବୁ ଛୁଆଙ୍କୁ ନାଁ ଧରିଡାକ ପକାଇଲେ। ପଙ୍ଗପାଳ ଦଳପରି ଛୁଆମାନେ ଗୋଟିଏ ଗୋଟିଏ ହୋଇ କୋଠରିରୁ ବାହାରି ଥିଲେ। ଦୁଆରର ଲମ୍ବା ପିଣ୍ଡାରେ ଧାଡିବାନ୍ଧି ବସାଇ ସମସ୍ତଙ୍କୁ ଖୁଆଇଥିଲେ ନାନି ନନା। ପେଟେଖାଇ ପିଲାସବୁ ଲାଗି ପଡିଲେ ନିଜ ନିଜର ଚିରାଚରିତ ଦୌଡା ଦୌଡି, ଡିଆଁଡେଇଁ ଆଦି ଖେଳକୁଦ କରିବାରେ।

ବଡମଝିଆ କଚେରି ଭାଇଙ୍କ ଦଶ ଏଗାର ବର୍ଷର ଝିଅ ନିତୁ। ଘର ଭିତରେ ନିତୁଥିଲା ସମସ୍ତଙ୍କର ପ୍ରିୟ। ତାର ଶାନ୍ତଶିଷ୍ଟ ସ୍ୱଭାବସାଙ୍ଗକୁ ସତ କହିବାର ନିର୍ଭୀକତା ଲାଗି ତାକୁ ସମସ୍ତେ ଭଲ ପାଉଥିଲେ। କିନ୍ତୁ ଅନ୍ୟ ଭାଇଭଉଣୀମାନଙ୍କର ସବୁପ୍ରକାର ଦୁଷ୍ଟାମିର ପର୍ଦ୍ଦାଫାସ କରି ନାନି ନନାଙ୍କ ଆଗରେ କହି ଦେଉଥିବାରୁ ଭାଇଭଉଣୀମାନେ ତାକୁ ମାଇଚିଆ, ଡରକୁରା ଆଦି କହି ଚିଡାଇଥିଲେ ଓ ତା ସହ କେବେକେବେ କଟିକରିଦେଉଥିଲେ। ପାଳିଟଙ୍କା ଘଟଣାରେ ତ ସବୁଭାଇଭଉଣୀ ତାକୁ କଟି ପକାଇ ଏକୁଟିଆ କରିଦେଇଥିଲେ।

ନାନି ନନା ଧରାଇ ଦେଇଥିଲେ ସବୁ ପିଲାଙ୍କୁ ୫୦ ପଇସା ଲେଖାଁ ବିଦ୍ୟାଳୟର ପାଳି (ମାସିକିଆ ଦରମା) ପଇସା ଦେବାକୁ। ବହି, ବସ୍ତାନି ଧରି ପିଲାସବୁ ଘରୁବାହାରିଲେ ବିଦ୍ୟାଳୟ ଯିବାକୁ। ଅଧା ବାଟରେ ଦୁଷ୍ଟାମୀର ମାଷ୍ଟର ନାନି ନନାଙ୍କ ସାନପୁଅ କିଛି ଭାଇଭଉଣୀଙ୍କୁ ଚତୁର ପରାମର୍ଶ ଦେଇଥିଲା ଯେ "ଆମକୁ ତ ମାଷ୍ଟ୍ରେ ପାଳି ପଇସାମାଗୁ ନାହାଁନ୍ତି। ତେଣୁ ପାଳି ପଇସା ନଦେଇ ସେ ପଇସାରେ ବୁନ୍ଦି ଆଉ ଚକୋଲେଟ୍ କିଣି ଖାଇବା" ପିଲାଙ୍କର ଜେଜେବାପା ଦାନ ସୂତ୍ରରେ ବିଦ୍ୟାଳୟକୁ ଜମି ଦାନ କରିଥିବାରୁ ଶିକ୍ଷକମାନେ ରଥ ଘର ପିଲାଙ୍କଠାରୁ ପାଳି ପଇସା ନେବାକୁ କୁଣ୍ଠା ପ୍ରକାଶ କରୁଥିଲେ। ପାଳି ପଇସା ଧରି ସମସ୍ତେ ଯାଇ ବାବୁଗୁଡିଆ ଦୋକାନରେ ହାଜର। ଗୋଟେ ଗୋଟେ କାଗଜ ପୁଡିଆରେ ବୁନ୍ଦି ଓ ଚକୋଲେଟ୍ ଧରି ଚାଲିଲେ ନାଳବନ୍ଧ ପାଖକୁ। ନାଳରେ ଅଳ୍ପ ପାଣିଥିବାରୁ ପୋଲତଳେ ବସି ଖାଇଲେ କେହି ଦେଖିପାରିବେନି ଆଉ ସ୍କୁଲଛୁଟି ଘଣ୍ଟା ବାଜିଲେ ସବୁ ଘରକୁ ଆସିବେ ବୋଲି ବିଚାର କରିଥିଲେ। ଯୋଗକୁ ସେଦିନ ହଳିଆସୁରିଆ ବଳଦଙ୍କୁ ପାଣି ପିଆଇବାକୁ ନାଳବନ୍ଧତଳକୁ ଆସିଲା। ପୋଲତଳେ ସାଆନ୍ତ ଘର ବାବୁ, ମା (ପିଲାମାନେ) ଙ୍କୁ ଦେଖି ସୁରିଆ ଆଶ୍ଚର୍ଯ୍ୟହୋଇ ଦଉଡି ଥିଲା ନାନି ନନାଙ୍କ ପାଖରେ ଘଟଣା ଅବଗତ କରାଇବାକୁ।

ଭାଇଭଉଣୀଙ୍କର କୌଣସି ବଦମାସି କାମ ସୁରିଆ ଆଖିରୁ ବାଦ୍ ପଡୁନଥିଲା। ସେଥିଲାଗି ସୁରିଆ ଥିଲା ପିଲାମାନଙ୍କର ବଡ ଶତ୍ରୁ। ନାନିବୋଉ କିନ୍ତୁ ସିଧା ଶୁଣାଇ ଦେଇଥିଲେ ପିଲା ମୋର ସବୁ ବହିବସ୍ତାନି ଧରି ସ୍କୁଲ ଯାଇଛନ୍ତି। ସତକଥାର ଖୁଲାସା ପାଇଁ ନାନି ନନା ଡାକ ପକାଇଲେ ନିତୁକୁ। ନିତୁବି ଓଗାଳି ଦେଇଥିଲା ସବୁ ସତ କଥା ଠିକ୍ ଠିକ୍ କରି। ତା ପରେ ପିଲାମାନଙ୍କର ଅବସ୍ଥା ନକହିବା ଭଲ। ନାନି ନନାଙ୍କ ବେତ ପ୍ରହାରରୁ କେହି ବିବର୍ଜନ ଥିଲେ। ଆଉ ନିତୁସହିତ କେହି କଥା ହୋଇନଥିଲେ ଚାରି ପାଞ୍ଚଦିନ ପର୍ଯ୍ୟନ୍ତ।

ମା! ବାବୁ କହୁଥିଲେ "ତୋମା ପିଲାଦିନେ ବାଘଛୁଆ ସଙ୍ଗେ ଖେଳୁଥିଲା" "ତାଙ୍କର ମହାବଳବାଘ ଘରେ ରଖିଥିଲେ", କଣ ସତ କଥା ମା ! ବାଘକୁ ଜୀବନ୍ତ କେମିତି ଧରିଲ ମା। ଡ୍ରାଇଭରର କଥାରେ ଭାବନା ରାଜ୍ୟରୁ ଫେରି ଆସିଥିଲେ ନନ୍ଦିତା। ପିଲାଦିନର ବାଘକୁ ଯନ୍ତାରେ ପକାଇବା କଥା ଏକ କାହାଣୀ ପରିତାଙ୍କ ଆଖି ସାମ୍ନାକୁ ଚାଲିଆସିଥିଲା।

ଆଖପାଖ ଅଞ୍ଚଳରେ ରଥ ଘରର ନାମ ଡାକ ହେବାର ଅନ୍ୟ ଏକ କାରଣ ଥିଲା ରଥଘରେ ପୋଷା ମାନିଥିବା ଏକ ବିରାଟ ବାଘୁଣୀ ଓ ଦୁଇଟି ଅଣ୍ଡିରା ବାଘଛୁଆଙ୍କ ଲାଗି। ବାଘୁଣୀଟି ଜନ୍ତାରେ ରହୁଥିବାବେଳେ ବାଘଛୁଆ ଦୁଇଟି ମୁକ୍ତଭାବରେ ଘରର ଚର୍ତୁଃପାର୍ଶ୍ୱରେ ଥିବା ଜଙ୍ଗଲ ପ୍ରାୟ ଜାଗାରେ ଏଣେତେଣେ ବୁଲୁଥିଲେ।

ବାଘଧରା କାହାଣୀଟି ଥିଲା ଆହୁରି ରୋଚକ ତଥା ରୋମାଞ୍ଚକର। ରଥଘରେ ଥିଲେ କାଳିଆ, ବଳିଆ ନାମରେ ଦୁଇଟି କୁକୁର। କାଳିଆ ଯେତିକି ସାହସୀ ଥିଲା ବଳିଆ ଥିଲା ସେତିକି ଡରୁଆ। କୌଣସି ଜନ୍ତୁଜୁନ୍ତାଙ୍କ ବିପଦ ଆସିଲେ କାଳିଆ ଆକ୍ରମଣାତ୍ମକ ହୋଇ ଆଗକୁ ମାଡିଗଲାବେଳେ ବଳିଆ ଙ୍କୁ ଙ୍କୁ ହୋଇ ଘର ଭିତରକୁ ଚାଲି ଆସୁଥିଲା। ଘର ଚାରିପଟେ ତ ଘଞ୍ଚ ଜଙ୍ଗଲ ପରି ଥିଲା ତେଣୁ ମଝିରେ କ୍ରମାଗତ କିଛି ଦିନ ଧରି ରାତିରେ କାଳିଆ ଆକ୍ରମଣାତ୍ମକ ସ୍ୱରରେ ଭୁକିଚାଲିଲା। ପ୍ରାୟକିଛି ଦିନ ଏପରି ଲାଗିରହିବାରୁ ନାନି ନନା ଓ ତିନିଭାଇ ରାତିରେ ଲୁଚିକରି ଜଗିରହିଲେ ଘଟଣାର ରହସ୍ୟ କ'ଣ ଜାଣିବା ପାଇଁ। ଯାହା ଦେଖିଲେ ହୋସ୍ ଉଡିଗଲା ସମସ୍ତଙ୍କର। ଏକ ବିରାଟ ମହାବଳବାଘୁଣୀ ଘର ଚାରିପାଖରେ ଘୁରିବୁଲୁଥିଲା। ଭାଇମାନେ ସିନା ଆସି ଘର ଭିତରେ କବାଟ କିଳି ରହିଲେ କିନ୍ତୁ ଭୟ ଓ ଆତଙ୍କର ବାତାବରଣ ଖେଳି ବୁଲିଲା ସମସ୍ତଙ୍କର ମନ ଭିତରେ। ଠିକ୍ ଦୁଇଦିନ ପରେ ପଶ୍ଚିମ ପଟେ ଥିବା ଖପରିଲି ଘରର ଭିତରପଟେ ଥାଇ ସେମିତି କ୍ରମାଗତ ଆକ୍ରମଣାତ୍ମକ ଢ଼ଙ୍ଗରେ ଭୁକିଚାଲିଲା କାଳିଆ, ଆଉ ବଳିଆ ଆସି ଘର ଭିତରେ। ତାପରେ ଧମ୍‌କିନା ଲମ୍ଫପ୍ରଦାନର ଏକ ବିରାଟ ଶବ୍ଦ ସହିତ ବାଘୁଣି ଆସି ଖପରିଲି ଘର ଡେଇଁ ଦୁଆର ମଝିରେ। ଘରର ସମସ୍ତ ସଦସ୍ୟ ଶୁଣିପାରୁଥାନ୍ତି ବାଘୁଣୀ ସହିତ କାଳିଆର ଜୀବନ ବଞ୍ଚାଇବାର ଆକ୍ରମଣାତ୍ମକ ଉଦ୍ୟମ। କିଛିସମୟ ପରେ ସଁ ସଁ ଗର୍ଜନ, ଧସ୍ତାଧସ୍ତିର ଶବ୍ଦ ସବୁ ନୀରବି ଯାଇଥିଲା। ରାତିରେ ଭୟରେ ଘରୁ କେହି ବାହାରିନଥିଲେ। କିନ୍ତୁ ଭୋରରୁ ଦେଖିଲେ କାଳିଆର ଖପୁରିର କିଛି ଅଂଶ ଓ ପଞ୍ଝାକୁଛାଡିଦେଲେ ଆଉ ସବୁକୁ ବାଘୁଣୀ ଗ୍ରାସକରିଦେଇଥିଲା। ଘରସାରା ଆତଙ୍କର ବାତାବରଣ ସାଙ୍ଗକୁ କାଳିଆ ପାଇଁ ଦୁଃଖଖେଳି ଯାଇଥିଲା। ତାପରେ ଆରମ୍ଭ ହେଲା ଯୋଜନା ବାଘୁଣୀକୁ ଜନ୍ତାରେ ପକାଇବାର।

ଠିକ୍ ତାର ଦୁଇଦିନ ପରେ ବାଘୁଣୀ ପାଟିରେ ତ ଶିକାର ମାଂସର ସ୍ୱାଦ ବାଜିଛି। ତେଣୁ ସଂନ୍ଧ୍ୟା ଗଡିବାର କିଛିସମୟ ଅତିକ୍ରାନ୍ତ ହୋଇଥାଏ। ରାତ୍ରି ଆସନ୍ନ ହେଲେ ମଧ ପୂର୍ଣ୍ଣିମା ଜହ୍ନର ତୋଫା ଆଲୁଅ ଦୁଆରେ ଖେଳିବୁଲୁଥାଏ। ସବୁଆଡ ପରିସ୍କାର ଦେଖାଯାଉଥାଏ। ବାଘୁଣୀ ଭୟରେ ସଂନ୍ଧ୍ୟାପରେ ରଥ ଘର ଦାଣ୍ଡବାରି କବାଟ କିଳାହୋଇ ଯାଉଥାଏ। ବୋହୁମାନେ ରାତ୍ରିଖାଇବା ପ୍ରସ୍ତୁତିରେ ପୂର୍ବ ପଟକୁ ଥିବା ରୋଷେଇଘରେ ଥାନ୍ତି। ଆଉ ଜେଜେମା ଲଣ୍ଠଣଟିଏ ଜଳାଇ କିଛି ନାତିନାତୁଣୀକୁ ଧରି ଦାଣ୍ଡଘରେ ବସିଥାନ୍ତି। ହଠାତ୍ ଧୁମ୍‌କରି ଶବ୍ଦ ହେବାରୁ ଦାଣ୍ଡଘରୁ ଦୁଆରକୁ ଚାହିଁଲା ଜେଜେମା। ଯାହା ଦେଖିଲା ଲୋମଟାଙ୍କୁରିଉଠିଲା ତାର। ବିରାଟ ବାଘୁଣୀଟି ଦୁଆର ମଝିରେ ଏପଟ ସେପଟ ହୋଇ ବୁଲିବାର ପରିଷ୍କାର ଭାବେ ଦେଖାଯାଉଥାଏ। ବିକଳରେ ଲଣ୍ଠଣର ବତୀକୁ ଧିମାକରି ପାଖରେ ଥିବା ବଡସପଟିକୁ ଥିରିକିନା ଘୋଷାଡି ଆଣି ପିଲାଙ୍କ ଉପରେ ଘୋଡେଇ ଦେଲା। ଆଉ ନିଜେ ଙ୍କୁକୁରି କାଙ୍କୁରିହୋଇ ପାଟି ଚୁପ୍‌କରି ବସିରହିଲା। ସମସ୍ତେ ଘର ଭିତରେ ଯିଏ ଯେଉଁଠି ଥିଲେ ଚୁପ୍‌ହୋଇ ବସିରହିଥିଲେ। କିଛିସମୟ ବାଘୁଣୀଟି ଦୁଆରେ ବୁଲିବା ପରେ ପୁଣି ଖପରିଲି ଘର ଡେଇଁ ବାହାରକୁ ପଳାଇଥିଲା। ସେ ଘଟଣା ପରେ ପରେ ପଶ୍ଚିମ ପଟର ଖପରିଲି ଘର ଭଙ୍ଗାହୋଇ ଢ଼ିଙ୍କିଶାଳ ଥାଇ ଉଚ୍ଚ କାନ୍ଥସହ ଏକ ପାଖିଆ ଘର ଉଠିଥିଲା। ଆଉ ଜୋରଦାର ଉଦ୍ୟମ ହୋଇଥିଲା ବାଘୁଣୀକୁ ଜନ୍ତାରେ ଧରିବା ପାଇଁ।

ମହାବଳବାଘୁଣୀକୁ ଜନ୍ତାରେ ପକାଇବା ଥିଲା ଏକ ଦୁରୂହବ୍ୟାପାର। ଟିକିଏ ଭୁଲଭଟକା ହେଲେ ବାଘୁଣୀ ଜନ୍ତାରୁ ଖସି ଆସି ଅଧିକ ହିଂସ୍ରହୋଇ କିଛିବି ଅଘଟଣ ଘଟାଇପାରେ। ବାଘ ପାଇଁ ଜନ୍ତା ନିର୍ମାଣ ପାଇଁ ବି କୁଶଳୀକାରିଗର ହେବା ଦରକାର। ସ୍ଥିରହେଲା ଯେ ଜନ୍ତା ତିଆରିର କୌଶଳ ଶିଖିବା ପାଇଁ ପଟିଆ ରାଜପ୍ରସାଦକୁ ଯିବେ। ରାଜାମାନଙ୍କର ସଉକ ଥିଲା ବାଘ, ସିଂହ ଆଦି ହିଂସ୍ର ପଶୁମାନଙ୍କୁ ଜନ୍ତାରେ ଆୟତ କରି ରାଜପ୍ରସାଦରେ ରଖିବା। ପଟିଆ ରାଜାଙ୍କର ଦପ୍ତରରେ କିଛି ଉପରିସ୍ଥ କର୍ମଚାରୀଙ୍କ ସହ ନାନି ନନାଙ୍କର ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ଥିବାରୁ ନାନି ନନା ବାହାରିଲେ ପଟିଆ ରାଜପ୍ରସାଦକୁ ଯନ୍ତା ନିର୍ମାଣର କୌଶଳ ଶିଖିବାକୁ। ରାଜପ୍ରସାଦ ଭିତରେ ବାଘଯନ୍ତା ସିନା ଦେଖିଲେ କିନ୍ତୁ ଜନ୍ତା ନିର୍ମାଣର କୌଶଳକୁ ଠିକ୍‌ଭାବରେ ବୁଝିପାରିଲେ ନାହିଁ। ଜନ୍ତାତିଆରିତ ବଢ଼େଇ କମାରଙ୍କ କାମ ତେଣୁ ବହୁବିଚାରବିମର୍ଷ ପରେ ଗାଁର ପୋଖତ, ପୁରୁଖା ବଢ଼େଇ ମାୟାଧରର ନାଁ ଉଠିଥିଲା। କିନ୍ତୁ ରାଜପ୍ରସାଦକୁ ତ ସାଧାରଣ ନାଗରିକ ଯେ ନାହିଁ ସେ ଯାଇପାରିବେ ନାହିଁ। ତେଣୁ ମାୟାଧର ବଢ଼େଇ ବେଶ ବଦଳାଇ ଯୋଗୀ ବେଶହୋଇ ବାହାରିଲା। ହାତରେ ଲାଉଥଳି ଧରି କେନ୍ଦରା ବଜେଇ, ବଙ୍କସ୍ୱବ ବଢ଼େଇ ପୁଅ ସାକ୍ଷାତ ଭିକ୍ଷାମାଗିବା ପରି ଜଣାପଡୁଥିଲା। ନାନିନନା ବତେଇଥିବା ଦିଗ ବାରିବାରି ଯାଇ ପହଞ୍ଚିଲେ ବାଘଜନ୍ତା ପାଖରେ। ଯୋଗୀବେଶରେ ଥିବାରୁ ଆଧାତ୍ମିକ ଭାବନାରେ ଅନୁପ୍ରାଣିତ ହୋଇ ଜଗୁଆଳିମାନେ ବି କିଛି ପ୍ରତିବନ୍ଧକ ରଖିନଥିଲେ। ଯେମିତି ଯନ୍ତାର ମଝିଆମଝି ପାପୁଲି ମୋଟର ଲୁହାକିଳିଣି ପାଖକୁ ହାତବଢ଼େଇ "ବାଘ କେମିତି ପଶୁଚି"କହିଛି ସେମିତି ପଛରୁ କର୍କଶ ସ୍ୱରରେ "ତୁ ପତ୍ର ଗୋଟେଇବାବାଲା ତୋଟା କାଇଁ ମୂଳକରୁଛୁ" କହି ଦୁଇଚାବୁକ ମାଡବସିଲା ମାୟାଧର ବଢ଼େଇ ପିଚାରେ। ସେ ତ ପଟିଆରାଜ ଉଆସର ଜଗୁଆଳି ତାଙ୍କୁ ବା କି ଉତ୍ତର। ବିଚରା ବଢ଼େଇପୁଅ ମାଡ ସିନା ଖାଇଲା, ହେଲେ ତାରି ଭିତରେ ପରଖିନେଇଥିଲା ଯନ୍ତା ତିଆରିର କୌଶଳକୁ।

ଯୁଦ୍ଧକାଳୀନ ଭିତ୍ତିରେ ଦିନ ରାତି ଲାଗି ତିଆରିହେଲା ବିରାଟ ଜନ୍ତା। ବାଘୁଣୀ ଭୟରେ ସଂନ୍ଧ୍ୟା ପରେ ବାହାରକୁ ଯିବା ଆସିବା ପ୍ରାୟତଃ ବନ୍ଦ ହୋଇ ଯାଇଥିଲା। ଲଗାତାର ତିନିଦିନ ଜନ୍ତାବସାଇବା ପରେ ଚତୁର୍ଥ ଦିନ ଯନ୍ତାରେ ପଡିଥିଲା ବାଘୁଣୀ। ତାର ଖୁଙ୍ଖାର ଗର୍ଜନରେ ଚାରିଆଡେ କମ୍ପିଉଠିଥିଲା। ଜନ୍ତାରୁ ବାହାରିବାକୁ ପ୍ରାଣମୁର୍ଚ୍ଛା ଉଦ୍ୟମକରି ଶେଷରେ ଶିଥିଳ ପଡିଯାଇଥିଲା ବାଘୁଣୀଟି। ପରେ ପରେ ଧିରେ ଧିରେ ପୋଷାମାନିଥିଲା। କିଛି ଦିନ ପରେ ବାଘୁଣୀଟି ଦୁଇଟି ଅଣ୍ଡିରା ଛୁଆଙ୍କୁ ଜନ୍ମ ଦେଇଥିଲା। ରଥ ଘର ପିଲାମାନେ ବିଲେଇ ସହ ଖେଳିବା ପରିଛୁଆ ଦୁଇଟିଙ୍କ ସହ ଖେଳରେ ମଜିଯାଉଥିଲେ।

ଡ୍ରାଇଭର ଆଗରେ ନିଜ ଅନୁଭବ କଥାକୁ କାହାଣୀଟିଏ ପରି ଗପିଚାଲିଥାନ୍ତି ନନ୍ଦିତା।

"ଆଉ କେତେବାଟ ରହିଲାକିରେ" ଡ୍ରାଇଭର ଉଦ୍ଦେଶ୍ୟରେ ପଚାରିଲେ ନନ୍ଦିତା। ଏଇତ ଆଗ ଛକଟା କୁରୁଣ୍ଟି, ତାପରେ ପରେ କିଛି ଦୁରଗଲେ ଆସିଯିବ ଆପଣଙ୍କ ଗାଁ"। କୁରୁଣ୍ଟି ଶୁଣି କାନ ଠିଆହୋଇ ଯାଇଥିଲା ନନ୍ଦିତାଙ୍କର। କୁରୁଣ୍ଟି ତାଙ୍କ ପିଉସୀଙ୍କର ଶାଶୁଘର ଗାଁ। ଏପଟ ସେପଟକୁ ଚାହିଁଲେ ନନ୍ଦିତା। କେହି ଜଣାଶୁଣା ଲୋକ ନଜରରେ ପଡିଯିବା

ଉଦ୍ଦେଶ୍ୟରେ। ହେଲେ କାହାକୁବା ଦେଖିବେ, ଦେଖିଲେବା କୋଉ ଚିହ୍ନିପାରିବେ ଏତେ ଦିନପରେ। ପିଉସୀଙ୍କର ପିଲାମାନେ ତ ସବୁ ମରିହଜି ଯିବେଣି, ଯେ ବା ଥିବେ ହୁଏତ ଶଯ୍ୟାଶାୟୀ ଅବସ୍ଥାରେ ଥିବେ। ତାଙ୍କ ପିଲାମାନେ ବା କୋଉ ଚିହ୍ନିପାରିବେ ନନ୍ଦିତାଙ୍କୁ। ତେଣୁ ବୃଥା ପ୍ରୟାସରୁ ଓହରି ଆସି ପୁଣି ଆଖି ମୁଦି ଦେଇଥିଲେ ନନ୍ଦିତା। ତାଙ୍କ ମାନସ ପଟରେ ଆପେ ଆପେ ଖେଳି ଉଠିଲା ତାଙ୍କ ପିଲାଦିନର ପିଉସୀଙ୍କୁ ନେଇ ଏକ ଘଟଣା ଯାହା ତାଙ୍କ ଘରର ଏକ ପରମ୍ପରାକୁ ବନ୍ଦ କରି ଦେଇଥିଲା।

ସ୍କୁଲରୁ ଫେରି ଦୁଆରେ ଛାମୁଣ୍ଡିଆ ବନ୍ଧା ଦେଖି ନିତୁର ମନ ଖୁସିରେ କୁଣ୍ଢେମୋଟ। ଦୁଆର ମଝିରେ ଦେବଦାରୁ ଓ ନଡିଆ ବାହୁଙ୍ଗା ଗଦା ହୋଇଥାଏ। ଦାଣ୍ଡ ପଟରୁବାଡି ପଟ ଦାଣ୍ଡି ପର୍ଯ୍ୟନ୍ତ ବିରାଟ ଦୁଆର ଉପରେ ବତାବାଉଁଶ ଭିଡାଯାଇ ତା ଉପରେ ଦେବଦାରୁ ଡାଳ ଓ ନଡିଆବାହୁଙ୍ଗା ସଜାଇହୋଇ ରଖାହେଉଥାଏ। ଦୁଆରେ ଖରା ଲୁଚିଯାଇ ଛାଇର ରାଜୁତି। ଦୁଆରର ଗୋଟେ କଡକୁ ବଡବଡ ଚୁଲି ସବୁ ଖୋଳାହେଉଥାଏ। ନିତୁର ସାନଭାଇ ଦୁଇଜଣଙ୍କର ବ୍ରତଘର ହେବ। ଘରେ ବ୍ରତ, ବାହା, ଯାନିଯାତରା ହେଲେ ପିଲା ସବୁ ଖୁସି। ମାସେ ପନ୍ଦର ଦିନ ଧରି କୁଣିଆ ରହିବେ। ଭୋଜି, ଭାତହେବ। ସ୍କୁଲ ଯିବାକୁ ପଡିବନି। ଆଉ ଖାଇପିଇ ଅର୍ଦ୍ଦ ଦଣ୍ଡ ପାଟପରି ବୁଲିଲେବି ଆକଟ କରିବାକୁ କେହି ନଥିବେ। ଭାଇଭଉଣୀ ସବୁ ବସ୍ତାନି ଫୋପାଡି ଦେଇ ଲାଗିପଡିଲେ ଦୁଆରେ ଡେଇଁ ଡାଇଁ ଲୁଚକାଳି ଖେଳିବାରେ।

ଦୁଆର ପିଣ୍ଡାରେ ଭାଇମାନଙ୍କ ସହ ନାନି ନନା ବସି ଭୋଜିଭାତ ଆୟୋଜନର ବିଚାର ବିମର୍ଷ କରୁଥିଲାବେଳେ ନାନିବୋଉ ଆସି ଖବରଟି ଶୁଣାଇ ଥିଲେ। "କର ସାହିର ବସନ୍ତ କର ଯାଇଥିଲା ସୁଲି ଶାଶୁଘରଗାଁକୁ। ସୁଲି ତା ହାତରେ ଖବର ପଠାଇଛି ବ୍ରତଘରକୁ ଆସିପାରିବନି ବୋଲି"। ସୁଲି ଭାଇମାନଙ୍କର ବିଧବା ଭଉଣୀ ଆଉ ପିଲାଙ୍କର ପିଉସୀ। ଗତବର୍ଷ ସୁଲିନାନିର ସ୍ୱାମୀ ମହନି ପିଇସାଙ୍କର ଦେହାନ୍ତ ହୋଇଥିବାରୁ ମନଦୁଃଖରେ ସୁଲିନାନି ଆସିବା ପାଇଁ ମନାକରି ଖବର ପଠେଇଥିଲା।

ସୁଲିନାନି ଓ ପିଉସାଙ୍କ ଭିତରେ ଥିଲା ଅଗାଢ଼ ଭଲ ପାଇବା। ପିଉସା କଟକରେ ଚାକିରିକରୁଥିଲେ। ନାନିବାପ ଘରକୁ ଆସି ଘରେ ନ ପହଞ୍ଚୁଣୁ କେବେ ଅନ୍ୟ ସମୟରେ ଶ୍ୱଶୁରଘରକୁ ଆସୁନଥିବା ପିଉସା କଟକରୁ ସିଧା ଆସି ପହଞ୍ଚିଯିବେ ଶ୍ୱଶୁରଘରେ। ଭାଉଜମାନେ ପରିହାସ ଛଳରେ ଟାହିଟାପରା କରି କହିବେ ନଣନ୍ଦଙ୍କୁ "ଦେଖୁନ ଭାଇନା କେବେ ଆସିବେନି। ନାନି ଆସିଲେ ତାଙ୍କୁ ଛାଡି ରହିପାରିବେନି ବୋଲି ତାଙ୍କ ପଛେ ପଛେ ପହଞ୍ଚିଯିବେ। ନୁଆବୋହୁଟିଏ ପରି ଲାଜରେ ଝାଉଁଳି ପଡୁଥିବ ସୁଲିନାନିର ଗୋରା ତକତକ ମୁହଁଟି।

ଘରେ ବାହା ପୁଆଣି, ଯାନିଯାତରା ହେବ ଆଉ ଭଉଣୀମାନେ ସେ ଖୁସିବାସିରେ ସାମିଲ ହେବେନି। ଏ'କି କଥା। ତାଟ ଯୋଡାହୋଇ ଶଗଡ ପଠାହେଲା ସୁଲି ନାନିକୁ ଆଣିବା ପାଇଁ। ପ୍ରଥମେ ପ୍ରଥମେ ଆସିବା ପାଇଁ ଅମଙ୍ଗ ହେଉଥିବା ସୁଲିନାନି କିନ୍ତୁ ଭାଇମାନଙ୍କର ପୁତୁରା ଦୁଇଜଣଙ୍କୁ ତାକୁ ଆଣିବା ପାଇଁ ପଠାଇଥିବା ଦେଖି ସଂନ୍ଧ୍ୟାସୁଦ୍ଧା ଆସି ପହଞ୍ଚିଲା ବାପଘରେ। ଶଗଡିଆର ହୁର୍‌ର, ହୁର୍‌ର ଡାକସାଙ୍ଗକୁ ବଳଦର ଘଣ୍ଟିଶବ୍ଦ କାନରେ ବାଜିବାକ୍ଷଣି ଦାଣ୍ଡରେ ଗୋଡିଡିଆଁ ଖେଳୁଥିବା ନିତୁ ଦୌଡି ଆସିଥିଲା ଶଗଡଗାଡି ନିକଟକୁ। ସ୍ୱାଭାବିକ ବେଶଭୁଷାରୁ ଅଲଗା ପିଉସିଙ୍କୁ ଆଜି ପତଳା ଧଡି ଥିବା ଧଳା ଧୋତିରେ ଗୋଡଠାରୁମୁଣ୍ଡ ପର୍ଯ୍ୟନ୍ତ ଘୋଡେଇ ଘାଡେଇ ପିନ୍ଧିଥିବା ବିଷର୍ଣ୍ଣ ମୁହଁଟିକୁ ଦେଖି ଆଶ୍ଚର୍ଯ୍ୟ ହୋଇ ପିଉସୀଙ୍କ ମୁହଁକୁ ଚାହିଁରହିଥିଲା। ସବୁବେଳେ ନାଲି ସବୁଜ ଗାଢ଼ ରଙ୍ଗଶାଢ଼ିର କୁମ୍ଭ କୁମ୍ଭ ଧଡିରେ ନାନିଲକ୍ଷ୍ମୀ ପ୍ରତିମାଟିଏ ପରିସୁନ୍ଦର ଦେଖାଯାଏ। ଘରେ ନପଶୁଣୁଭାଇମାନଙ୍କ ନାଁ ଧରି ଅମୁକ ପୁଅ, ସମୁକଝିଅ ଡାକି କୋଳେଇ ନେଉଥିବା ପିଉସି ଆଜି କିନ୍ତୁ ମୁଣ୍ଡତଳକୁ କରି ଶଗଡଗାଡିରୁ ଓହ୍ଲାଇ ଦାଣ୍ଡପଟର ଲମ୍ବା ଉଚ୍ଚ ପିଣ୍ଡାରେ ଗୋଟେ କଣରେ ଆଣ୍ଠୁ ଭାଙ୍ଗି ମୁଣ୍ଡଗୁଞ୍ଜି ବସିରହିଲା।

ସମବୟସ୍କା ନାନିବୋଉ ଓ ଭାଉଜମାନେ ଆସି ନଣନ୍ଦଙ୍କୁ ଧରି ଭିତରକୁ ନେଇ ଚିରାଚରିତ ଭାବେ ସେ ରହୁଥିବା ସାମନାପଟର ଦାଣ୍ଡଘରଟିକୁନେଇ ଯାଇଥିଲେ। ଗୋରା ତକତକ ଡଉଲଡାଉଲ ସୁନ୍ଦରୀ ସୁଲିନାନିର ବେକରେ ନା ଥିଲା ସୁନାର ଲମ୍ବା କଣ୍ଠିହାର ନା ହାତରେ ଥିଲା ସବୁବେଳେ ପିନ୍ଧୁଥିବା ମାଳେମାଳେ ନାଲି ପାଣିଚୁଡି। ବେକରେ କଣ୍ଠିହାର, ହାତରେ ପାଣିଚୁଡିସହ ପଣସ କଣ୍ଟା ବାହୁଟି, ବାହାରେ ତାବିଜ, କାନରେ ପେଣ୍ଡି ଫୁଲ ପିନ୍ଧି ବାହାବ୍ରତବେଳେ ଆସିଲେ ସୁଲିନାନି ଏକ ଦେବୀ ପରି ସଜେଇ ହୋଇଥାଏ। ଆଜି କିନ୍ତୁ ସୁଲିନାନି ହାବଭାବରେ ସବୁକିଛି ଅଡୁଆ ଅଡୁଆ ଲାଗୁଥିଲା ନିତୁକୁ। ତାର କୋମଳ ମନ ସୁଲିନାନିର ପରିବର୍ତ୍ତିତ ବ୍ୟବହାର ଓ ବେଶଭୁଷାର କିଛି ଥଳକୂଳ ପାଉନଥିଲା।

ବନ୍ଧୁବାନ୍ଧବ, ସାଇଭାଇଙ୍କ ଯିବା ଆସିବା ଭୋଜିଭାତର ଗହଳି ଭିତରେ ବି ସୁଲିନାନି କଥା ପଡିଲେ ନିତୁର ଆଖି ତରାଟିହୋଇ ଯାଉଥିଲା। ସୁଲିନାନି ପ୍ରାୟତଃ ଦାଣ୍ଡଘର ପଲଙ୍କ ଉପରେ ଗୋଟେ କଣରେ ବସିରହୁଥିଲା। ସେଇଠି ମୁହଁ ଶୁଖେଇ ବସି ସେ ଦାଣ୍ଡବାରି ସବୁ ଆଡକୁ ନିରିକ୍ଷଣ କରୁଥିଲା। ଭାଉଜମାନଙ୍କ ନାଁ ଧରି ଘର କମ୍ପାଉଥିବା ନାନିର ଆଉ ପାଟିଶୁଭୁ ନଥିଲା। ଦୁଆର ପିଣ୍ଡାରେ ସମସ୍ତେ ବସି ଖାଇବାବେଳେ ବଡମଝିଆଁଭାଇଙ୍କ ସୁଲିନାନି ପାଇଁ ଏଇଠି ବାଢ଼ର ଜବାବରେ ଭାଉଜମାନେ ଯେତେ ବାଧ୍ୟକଲେ ମଧ ସୁଲିନାନି ଦୁଆର ପିଣ୍ଡାକୁ ନଆସି ଘର ଭିତରେ ଗୋଟେ କଣରେ ବସିଖାଇଥିଲା। ସବୁ ପ୍ରକାର ହସ, ଖୁସି ମାହୋଲରୁ ଯେମିତି ନିଜକୁ ଦୂରେଇନେଇଥିଲା।

ମାଛରଙ୍କୁଣି ସୁଲିନାନି ଆଉ ଆଇଁଶ ପାଖମାଡୁ ନଥିଲା। ଆମିଶ ରୋଷେଇରେ ଭାଇମାନଙ୍କର ଆଗୁଆ ବରାଦ ରହୁଥିଲା ତା ପାଇଁ ନିରାମିଶ ଖାଦ୍ୟ ପ୍ରସ୍ତୁତି ପାଇଁ। ବ୍ରତଘର ପୂର୍ବଦିନ ଭୋଜି ପାଇଁ ଆସିଥିବା ମାଛସବୁ ବାଡିପଟେ କୁଅମୁଳେ କଟାହେବାବେଳେ, ସେ ମାଛକଟାକୁ ଏକ ଲୟରେ ଚାହୁଁଥିଲେବି ଖାଇବାବେଳେ ଖାଉଥିଲା ସାଧା ନିରାମିଶ ଖାଦ୍ୟ। ବ୍ରତଘର ଦିନ ବେଦି ପାଖରେ ସାତମାଇପ ବନ୍ଦାପନା ବେଳେ ନାନିର ଚୁପ୍‌କିନା ମୁହଁଶୁଖେଇ ସେଠାରୁ ଚାଲି ଆସିବାର ଦେଖିଥିଲା ନିତୁ। ସେଦିନ ଅବୋଧ ନିତୁ ସୁଲିନାନି ବିଷୟରେ ବୋଉକୁ ପଚାରିବାରେ ବୋଉତାକୁ କୋଳେଇ ନେଇଥିଲେ ବିନାକିଛି ଉତ୍ତରରେ। ବୈଧବ୍ୟ ଯନ୍ତ୍ରଣାର କଠୋର ନିୟମକାନୁନ୍‌ରେ ସନ୍ତାପିତ ସୁଲିନାନିର ହୃଦୟ ବିଷୟରେ କଣ'ବା କହିଥାନ୍ତେ କୋମଳମତି ନିତୁ ଆଗରେ।

ବ୍ରତଘର ପରେ ସପ୍ତମଙ୍ଗଳାରେ ମାଛବିକା ପଇସାରେ ଭୋଜିହେବ। ମିଛିମିଛିକିଆ ମାଛବିକି ବନ୍ଧୁବାନ୍ଧବଙ୍କଠାରୁ ପଇସା ଆଦାୟ ହେବ। ସେହି ଆୟୋଜନରେ ନିତୁର ଭାଇଭଉଣୀ ସବୁ ବିଚାରବିମର୍ଷରେ ଲାଗି ପଡିଲେ। ପିଲାମାନଙ୍କ ଦଳପତି ସୁଲିନାନି ଆଗରୁ ମାଛବିକାବେଳେ ଚିରାଶାଢ଼ି ଖଣ୍ଡେ ଗୁଡେଇହୋଇ, ପୁରୁଣା ଟୋକେଇଟିଏ ଧରି, ମୁଣ୍ଡରେ ହାତେ ଓଢ଼ଣା ଦେଇ 'ମାଛ ନବ ମାଛ' ଡାକରେ ବନ୍ଧୁବାନ୍ଧବଙ୍କ ଆଗରେ ପଇସା ଥଳି ହଲେଇ ହଲେଇ ଢ଼େର ପଇସା ଆଦାୟ କରେ। ମାଛବିକା ସମୟ ତକ ହସଖୁସିରେ ଫାଟି ପଡନ୍ତି ପରିବାରର ସମସ୍ତେ। ଏଥର କିନ୍ତୁ ସୁଲିନାନିର ଅସହଯୋଗରେ ଟିକେ ଫିକା ପଡିଯାଇଥିଲା ମାଛବିକା ପରିବେଶ। ବିଚାରବିମର୍ଷ ପରେ ନିତୁ ଆଉ ପିଇସୀଙ୍କ ଝିଅକୁ ଦାୟିତ୍ୱ ଦିଆଗଲା ପଇସା ଆଦାୟର। ଅନ୍ୟ ଭାଇଭଉଣୀ ସବୁ ମାଛ ବିକୁଥିବେ, ସେ ଦୁଇଜଣଙ୍କ ପଛେ ପଛେ ଯିବେ।

ଅଣ୍ଟାରୁ କୁଞ୍ଚ କୁଞ୍ଚ ହୋଇ ଆଣ୍ଠୁ ପର୍ଯ୍ୟନ୍ତ ଲମ୍ବିଥିବା ଫ୍ରକ୍‌ର ଘେର ଭିତରେ ଦଶ ବାରୋଟି ବଡ ଗୋଡି ପୁରାଇ ଫ୍ରକ୍‌କୁ ହାତରେ ମୋଡି ଝଣ୍‌ଝଣ୍‌କରି ନିତୁଲାଗି ପଡିଲା ମାଛବିକିବାରେ।

ନିତୁ ନନାଙ୍କର ପରିଚିତ ବନ୍ଧୁ ଜଣେ କଟକରୁ ଆସି ଖିଆପିଆସାରି ଯିବାକୁ ବାହାରିଥିଲେ। ସାନଭାଇର ଡାକରେ "ନିତୁ ଜଲଦି ଆ, ସେମାନେ ପଳେଇବେ" ନିତୁ ଚଟାପଟ୍ ଗୋଡିତକ ଫ୍ରକଘେରରେ ଗୁଡାଇ ଧରି ଝଣ୍‌ଝଣ୍‌କରି ବାହାରକୁ ଦୌଡିଥିଲା। ତରବରରେ ଦାଣ୍ଡଘର ଦେଇ ଦୌଡିବାବେଳେ ହଠାତ୍ ନଜର ସାମ୍ନାସାମ୍ନି ହୋଇଗଲା ଦାଣ୍ଡ ପଲଙ୍କର ଗୋଟେ କଣକୁ ବସିଥିବା ସୁଲିନାନି ଉପରେ। ଆଖିରୁ ସୁଲିନାନିର ମୋଟା ଦୁଇଧାର ଲୁହ ବୋହିଯାଉଥିଲା। ଥମ୍‌କରି ଠିଆହୋଇଗଲା ନିତୁ ଦାଣ୍ଡଘରେ ମଝିରେ। କିଛିକ୍ଷଣ ବୋକା ପରି ଚାହିଁରହିଥିଲା ସୁଲିନାନିର ମୁହଁକୁ। ହଠାତ୍ ପଛକୁ ବୁଲିପଡି ଫ୍ରକ୍‌ରୁ ଗୋଡିସବୁ ଦୁଆରକୁ ଫିଙ୍ଗିଦେଇ କାନ୍ଦକାନ୍ଦ ହୋଇ ରୋଷେଇ ଘରକୁ ଦୌଡିଥିଲା। ରୋଷେଇଘରେ ଚୁଲିମୁଣ୍ଡରେ ବସିଥିବା ନିତୁର ବୋଉ କିଛିବୁଝିବା ଆଗରୁ ବୋଉ କୋଳରେ ମୁଣ୍ଡଗୁଞ୍ଜି କୋହଭରା କଣ୍ଠରେ 'ମାଛବିକା ଆଉ କରିବା ନିବୋଉ' ବିକଳହୋଇ ବୋଉକୁ ତାର କହିଚାଲିଥିଲା। ନିଜକୋଳରୁ ଦୁଇ ପାପୁଲିରେ ନିତୁର ମୁହଁକୁ ଉଠାଇ ତାର ଲୁହଛଳଛଳ ଆଖିକୁ ଦେଖି ବୋଉତା ମୁହଁକୁ ଆଶ୍ଚର୍ଯ୍ୟ ହୋଇ ଚାହିଁରହିଥିଲେ। ସୁଲି ନାନିର ଆଖିର ଲୁହ ଦେଖି ଅବୋଧ ନିତୁର ପ୍ରତିକ୍ରିୟା ବିଷୟରେ ଅଜ୍ଞ ନିତୁର ବୋଉ ତାର ଆଖି ଲୁହର କାରଣ ଖୋଜୁଥିଲେ ଏପଟ ସେପଟକୁ ଚାହିଁ।

ଘଟଣାର ରହସ୍ୟ ଜାଣିବା ପରେ ଭାଇମାନଙ୍କ ନିଷ୍ପତ୍ତିରେ ମାଛବିକାଭୋଜି ବନ୍ଦ ହୋଇଯାଇଥିଲା ସେବର୍ଷ ରଥ ପରିବାରରେ।

ପିଲାବେଳେର ସ୍ମୃତିଚାରଣ କରୁକରୁ କେତେବେଳେ ଯେ ଗାଁ ଘର ଆସିଯାଇଥିଲା, ଜାଣି ପାରିଲେନି ନନ୍ଦିତା। ପଛପଟର ତୋଟାରେ ଭୋଜିର ଆୟୋଜନ ହୋଇଥାଏ। ଆଗରୁ ସେଇ ମନ ଜଙ୍ଗଲ ସଦୃଶ୍ୟ ତୋଟା ବଦଳରେ ଅଳ୍ପକିଛି ଆମ୍ବଗଛର ସମଷ୍ଟିରେ ତୋଟାଟି ଖାଲିଖାଲି ଲାଗୁଥିଲା। ସରକାରଙ୍କ ମୋଘର ଯୋଜନାରେ ଅର୍ଥ ପାଇ ପଛ ବାଉରିସାହିର ଲୋକମାନେ ପକ୍କା ଘର ସବୁକରି ପ୍ରାୟତଃ ମାଡି ଆସିଥିଲେ ତୋଟା ନିକଟକୁ। ୧୯୯୯ ମହାବାତ୍ୟାରେ ପୁରୁଣା ଘରର ଅସ୍ତିତ୍ୱ ସମ୍ପୂର୍ଣ୍ଣ ଲିଭି ଯାଇଥିଲା। ତା ବଦଳରେ ଭାଇମାନେ ସବୁ ନିଜ ନିଜ ହିସାବରେ ଫାର୍ମହାଉସ୍ ପରି ସୁନ୍ଦର ଘର ସବୁ ତୋଳାଇଥିଲେ। ଆଗର ସେ ସ୍ଥାନ ସବୁକୁ ମନେ ପକାଇଲେ ଶ୍ରୀହୀନ ଲାଗୁଥିଲା ଗାଁ ଆଜି। ବେଶ୍ କିଛିବର୍ଷର ବ୍ୟବଧାନରେ ଯୋଗ ଦେଇଥିବାରୁ ଭାଇଭଉଣୀ ସବୁ ବହୁତ ଖୁସିହୋଇ ଯାଇଥିଲେ ନନ୍ଦିତାଙ୍କୁ ଦେଖି। କିଛି ଖେଳ କୌତୁକ, ସ୍ୱାଦିଷ୍ଟଖାଦ୍ୟ ପାନୀୟ, ଆତ୍ମୀୟ ସ୍ୱଜନଙ୍କ ପରସ୍ପର ଆଳାପ ଆଲୋଚନାରେ କେତେଖୁସିରେ ଦିନଟି କଟିଗଲା ଜଣାପଡିନଥିଲା। ପ୍ରାୟ ସମସ୍ତ ଏଗାର ଭଉଣୀ ଓ ବାରଭାଇ ନିଜନିଜର ପୁଅ, ବୋହୂ, ଝିଅ ଜ୍ୱାଇଁ ଓ ସେମାନଙ୍କର ପିଲାମାନଙ୍କର ଯୋଗଦାନରେ ଏହି ପରିବାରମିଳନ ଏକ ବଡଭୋଜିର ରୂପ ନେଇଥିଲା। ଆତ୍ମୀୟତାପୂର୍ଣ୍ଣ ସମାବେଶ ଥିଲା ଏହି ପରିବାରମିଳନ। ବୟାସାଧିକ୍ୟଲାଗି ଗୋଟେ ସ୍ଥାନରେ ବସିରହିଥିଲେ ମଧ୍ୟ କିଏ ନାନି, କିଏ ଜେଜେମା, କିଏ ମାଉସୀ ଆଦି ସମ୍ବୋଧନରେ ନନ୍ଦିତାଙ୍କୁ କୋଳାଗ୍ରତ କରିନେବାରେ ବହୁତ ଖୁସି ଅନୁଭବ କରୁଥିଲେ ନନ୍ଦିତା। ସଂନ୍ଧ୍ୟା ଆଗତ ହେବାରୁ ସମସ୍ତେ ଫେରିବାକୁ ବସିଲେ ନିଜ ନିଜର ଗନ୍ତବ୍ୟସ୍ଥଳକୁ ତଥା ସହରର ବାସସ୍ଥାନ ଅଭିମୁଖେ।

ନାନି ! ତମେ ଆଇଚ କି ? ଡାକରେ ପଛକୁ ବୁଲିଚାହିଁଲେ ନନ୍ଦିତା। କଳାମଚ୍‌ମଚ୍ ବୃଦ୍ଧ। ଅଣ୍ଟା ନଇଁ ପଡିଲାଣି। ମଇଳା। ଧୋତ ଖଣ୍ଡେ କଛାମାରି ପିନ୍ଧିଛି। କାନ୍ଧରେ ମଳିପିଇ କଳା ପଡି ଯାଇଥିବା ଖୋର୍ଦ୍ଧାଗାମୁଛା ଖଣ୍ଡେ, ପେଟଭିତରକୁ ପଶି ପିଠିସାଙ୍ଗେ ଲାଗିଯାଉଥିବା ବୃଦ୍ଧଙ୍କୁ ବୁଲିଚାହିଁଲେ ନନ୍ଦିତା। ନନ୍ଦିତାର ପ୍ରଶ୍ନିଳ ଆଖି ଦେଖି ବଡଭାଇନା ସ୍ମିତହାସ୍ୟସହ କହିଥିଲେ "ଆରେ ତାକୁ ଚିହ୍ନି ପାରୁନୁ, ସେ ପରା ସୁରିଆ"।

"ନାନି ମୁଁ ସବୁବର୍ଷ ଏଇ ବେଳାରେ ଟିକେ ଆସେ। ମୋର ବାବୁମାଆମାନଙ୍କୁ ଦେଖିଲେ ମନଖୁସି ହୋଇଯାଏ। ପେଟପୁରା ଖାଇବାକୁ ଦିଅନ୍ତି। ଟା ପିଇବା ପାଇଁ ପଇସାବି ଦିଅନ୍ତି। ତେମେ ଆପଣଙ୍କୁ ସବୁବେଳେ ଖୋଜିଥାଏ।" ନିତୁକୁ ଏତେଦିନ ପରେ ଦେଖି ଖୁସିହୋଇ କହିଥିଲା ସୁରିଆ। ସୁରିଆ ସହିତ ସ୍ୱଳ୍ପ ସମୟତାର ଭଲମନ୍ଦ ବୁଝି ତାକୁ ଶହେଟଙ୍କିଆ ନୋଟ୍ ଖଣ୍ଡେ ଧରାଇଉଠିବାକୁ ଉଦ୍ୟତ ହେଲେ ନନ୍ଦିତା। ସେପଟୁ ନାନି ନନାଙ୍କ ସାନପୁଅ ତାଙ୍କର ଚିରାଚରିତ ମଜାଳିଆ କଥାରେ "ଆଲୋ ନିତୁ ନାନି ଆମ ଜାନିଦୁଷ୍ମନକୁ ଚିହ୍ନିଲୁ ନା ନାହିଁବା", ସୁରିଆକୁ ଇଙ୍ଗିତକରି ସାନଭାଇର ଏକଥାରେ ପିଲାଦିନ କଥା ମନେ ପକାଇ ସବୁଭାଇଭଉଣୀ ଠୋ ଠୋ କରି ହସିଉଠିଥିଲେ।

ଭାଇଭଉଣୀଙ୍କର ସବୁ ଦୁଷ୍ଟାମୀ ନାନି ନନାଙ୍କ କାନ ପର୍ଯ୍ୟନ୍ତ ଯିବାର ମୁଖ୍ୟ ମାଧ୍ୟମ ଥିବା ସୁରିଆ ପ୍ରତି ଏମିତି ସମ୍ବୋଧନରେ ଉତ୍ତର ପୀଢ଼ିର ପିଲାମାନେ ପ୍ରକୃତ ଘଟଣା ବୁଝିନପାରି ଆବାକାବା ହୋଇ ଭାଇଭଉଣୀଙ୍କୁ ଚାହିଁରହିଥିଲେ।

***ଅପର୍ଣ୍ଣା ନଗର, ଚାଉଳିଆଗଞ୍ଜ, କଟକ***

# ଭ୍ରାନ୍ତି

## ଜାନକୀ ବଲ୍ଲଭ ମହାପାତ୍ର

ପରିବାରରେ ଯଦି କିଏ ଜଣେ ଓକିଲ, କିମ୍ବା ପୋଲିସ ଅଫିସର ଥାଏ ତାହେଲେ ଜୀବନଟି ଏମିତି ବାଗରେ, ବିନା ଝିଞ୍ଜଟରେ ଚାଲୁଥିବ ଯେ ସମୟ ତାଙ୍କର ପବନ ଭଳିଆ ବହି ଯାଉଥିବ। ଆଉ ଯଦି ଘରେ ରାଜନୀତି କରୁଥିବା ଲୋକଟିଏ ଥିବ ଆଉ ସିଏ ଛତା ମାର୍କା ହୋଇଥିବ ତେବେ ତ ଦି’ ହାତରେ ଲଡୁ! ଯଦି ପରିବାରରେ ସାମ୍ବାଦିକଟିଏ ଥିବ; ସିଏ କେଉଁ ଅଖଡ଼ ଧକଡ଼ କାଗଜର ଧତଡ଼ା ରିପୋର୍ଟର ହୋଇଥାଉ ପଛେ, ତାଙ୍କର କଚେ ପୁଅ ବାର !

ଇଏ ଗୋଟାଏ ସଂଖ୍ୟାଲଘୁ ସିଦ୍ଧାନ୍ତ; ସର୍ବସମ୍ମତ ନୁହେଁ କି ସମାଜବିଜ୍ଞାନୀଙ୍କ ମତ ନୁହେଁ।

ଏମିତି ସିଦ୍ଧାନ୍ତର ବାସ୍ତବିକତାକୁ ପରଖା ଯାଇପାରେ ସୁଦର୍ଶନବାବୁଙ୍କ ଘରେ। ତାଙ୍କ ପରିବାର ସଭ୍ୟ ଭାବରେ ଏ ସମସ୍ତ ପ୍ରକାରର ବୃତ୍ତିଧାରୀ ମଣିଷ ଉପସ୍ଥିତ।

ସୁଦର୍ଶନବାବୁଙ୍କ ସାନଭାଇଙ୍କ ଦୁଇ ପୁଅ। ବଡ଼ପୁଅ ଏବେ ନଗର ଉନ୍ନୟନ ସଂସ୍ଥାରେ ଉପ ନଗରପାଳ। ଦୁଇବର୍ଷତ ସେତେବେଳେର ଶାସକ ଦଳରେ ସେ ଥିଲେ ୱାର୍ଡ ମେମ୍ବର। ଦଳ ପରିବର୍ତ୍ତନ କରି ଉପନଗରପାଳ ହୋଇଛନ୍ତି। ଆସନ୍ତା ଥର ନଗରପାଳ କରେଇବାକୁ ଯିଏ ଦେବ ପ୍ରତିଶ୍ରୁତି, ସେଇ ଦଳକୁ ସିଏ ଚାଲିଯାଇପାରିବେ ବୋଲି ନିଜ ସୃଷ୍ଟ ଏକ ଗୁଜବକୁ ଖଣ୍ଡନ କରି ନାହାନ୍ତି। ସାନପୁଅ ସହର ତଳିର ସବୁଠାରୁ ଅପରାଧ ପ୍ରାବଲ୍ୟ ଅଞ୍ଚଳର ଦବଙ୍ଗ୍ ଥାନା ଅଧିକାରୀ।

ସୁଦର୍ଶନବାବୁଙ୍କ ନିଜର ବି ଦୁଇ ପୁଅ। ବଡ଼ପୁଅ ଜଣେ ଫୌଜଦାରୀ ଓକିଲ। ସାନପୁଅ ଗୋଟେ ବହୁଳ ପ୍ରସାରିତ ଦୈନିକ ସମ୍ବାଦପତ୍ରର ସାମ୍ବାଦିକ। ବୋହୂ ସେଇ ସଂସ୍ଥାର ଟିଭି ଚ୍ୟାନେଲର ସଂଚାଳିକା।

ସେମାନଙ୍କର ଏକାନ୍ନବର୍ତ୍ତୀ ପରିବାରରେ ଏମିତି ପାଞ୍ଚଜଣ ନାମକରା କର୍ମଜୀବୀ। ପୈତୃକ ଗାଁର ଜମିବାଡ଼ି ବୁଝିବା ଦାୟିତ୍ୱ ତାଙ୍କ ସାନ ଭାଇ ଭାଉଜଙ୍କର। ସହର ତଳିରେ ଅଧ ଏକର ବିଶିଷ୍ଟ ଏକ ଜମିରେ ଆଠ ବଖରାର ଦୁଇ ମହଲା କୋଠାଘର। ସମସ୍ତଙ୍କ ରୋଜଗାର ଓ ସହମତକୁ ନେଇ ସୁଦର୍ଶନବାବୁଙ୍କ ସ୍ତ୍ରୀ ସେ ଘରଟିକୁ ଚଳାଇ ଆସୁଛନ୍ତି।

ଅତଏବ ସୁଦର୍ଶନବାବୁଙ୍କ ସବୁ ପାରିବାରିକ ସମସ୍ୟାର ଭାଗଶେଷ ଶୂନ୍ ହେବା କଥା। କିନ୍ତୁ ସବୁ ଗଣିତ ଅଛିଣ୍ଡା ରହିଯାଉଛି ତାଙ୍କ ଘରେ। ନିଜ ନଉକା ବି ଟଳମଳ। ସ୍ଥିର ଶାନ୍ତ ଗଭୀର ଜଳରେ ସୁଅ କାଟି ସୁରୁଖୁରୁରେ ଆଉ ଚାଲିପାରୁନାହିଁ ତାଙ୍କ ପରିବାର ନଉକା।

ତେବେ ଅସୁବିଧା ରହିଲା କେଉଁଠି? ବହୁ ଅନୁଶୀଳନ ଓ ଗବେଷଣା ପରେ ଘରେ ସମସ୍ତ ସାବାଳକ ବ୍ୟକ୍ତି ଏକମତ ହେଲେ ଯେ ସୁଦର୍ଶନବାବୁ ହିଁ ସବୁ ସମସ୍ୟାର ମୂଳ। ସେ ହିଁ ସୃଷ୍ଟି କରୁଛନ୍ତି ସ୍ଥିର ଜଳରେ ଅଶାନ୍ତ ଢେଉ। ଏଥିରେ ଡଙ୍ଗା ଚାଲିବ ନା ବୁଡ଼ିବ ?

ସୁଦର୍ଶନ ରାଉତରାୟ। ଶାନ୍ତ, ସରଳ, ଅମାୟିକ ମଣିଷ ଜଣେ ବୋଲି ତାଙ୍କୁ ଜାଣିଥିବା ଲୋକ କୁହନ୍ତି। ଧଳା ଖଦଡ଼ ଧୋତି କୁର୍ତ୍ତାରେ ଶରୀର ଢାଙ୍କନ୍ତି। ଅବସରପ୍ରାପ୍ତ ଶିକ୍ଷକ। ଅଠାଅଶୀ ବର୍ଷ ବୟସର ଏହି ବ୍ୟକ୍ତି ଜଣକ ପରାଧୀନ ଭାରତର ବାନର ସେନାର ଅଗ୍ରଣୀଭୂମିକା ନେଇଥିଲେ। ହାତ, ଗୋଡ଼ ଭାଙ୍ଗିଥିଲା। ଅଣ୍ଟାରେ ଦି’ ପାହାର ବସିଥିଲା ସିପେଇର ଲାଠି ଯେ ଆଜିଯାଏ ବି ଅଣ୍ଟା ଦରଜ ଛାଡ଼ି ନାହିଁ; ନଇଁ ପଡ଼ିଲେ ପିନ୍ ପିନ୍ ଡାକେ, ଥଣ୍ଡା ପଡ଼ିଲେ କଷ୍ଟ ବଢ଼େ। କିନ୍ତୁ ଏବେ ବି ତାଙ୍କର ଡଗଡଗ ସଳଖ ଚାଲି; ଅବିକଳ ଗାନ୍ଧୀଙ୍କ ପରି।

ଏମିତି ଜଣେ ଲୋକଙ୍କ ବିରୁଦ୍ଧରେ ରାଉତରାୟ ପରିବାର ଭିତରେ କାହିଁକି ଅସନ୍ତୋଷର ବହ୍ନି ? ତାଙ୍କ କ୍ଷୀଣ ଶରୀରରେ ବଳ କାହିଁ ଯେ, ସେ ଝଡ଼ ସୃଷ୍ଟିକରି ତାଙ୍କ ନିଜ ନୌକାଟିକୁ ବୁଡେଇବାକୁ ପ୍ରୟାସ କରିବେ ?

ସୁଦର୍ଶନ ବାବୁଙ୍କ ସ୍ତ୍ରୀ ରମାମଣି ଘରର ଦାୟିତ୍ୱ ସମ୍ଭାଳୁଥିଲେ ତାଙ୍କ ଶାଶୁଙ୍କ ଦେହାନ୍ତ ପରେ। ପ୍ରଥମେ ସୁଦର୍ଶନବାବୁଙ୍କ ରୋଜଗାର ଓ ଗାଁର ଜମିବାଡ଼ିରୁ ଆୟ ଥିଲା ଘରର ସମ୍ବଳ। ଅବସର ପରେ ସୁଦର୍ଶନବାବୁଙ୍କର ପେନସନ ସାଙ୍ଗରେ ଅନ୍ୟମାନଙ୍କ ରୋଜଗାର ଧୀରେ ଧୀରେ ମିଶି ପରିବାରର କୋଠ ତିଆରି ହେଲା। କୋଠର ନିୟମ କାନୁନ ସମୟ ଅନୁସାରେ ସମସ୍ତଙ୍କ ସହମତରେ ବଦଳିଲା, କିନ୍ତୁ ଶେଷ ନିଷ୍ପତ୍ତି ରହୁଥିଲା ରମାମଣିଙ୍କର।

ରମାମଣି ଜାଣନ୍ତି ସୁଦର୍ଶନବାବୁଙ୍କ ଏକଜିଦିଆ ଗୁଣକୁ। ଗାନ୍ଧୀଙ୍କ ନୀତିକୁ ନିଜ ଜୀବନର ବ୍ରତ ମାନିନେଇଛନ୍ତି। ସମୟ ବଦଳିଛି କିନ୍ତୁ ନିଜ ସ୍ୱଭାବକୁ ବଦଳାଇ ନାହାନ୍ତି। ରମାମଣି, ତାଙ୍କ ସ୍ୱାମୀ ଓ ପରିବାରର ଅନ୍ୟ ସଦସ୍ୟମାନଙ୍କ ମଝିରେ ଚିପି ହୋଇ ଯାଉଛନ୍ତି।

ଆଜି ସକାଳୁ ସୁଦର୍ଶନ ବାବୁ ଯାଇଛନ୍ତି କେଉଁଠିକି ଗୋଟେ ସତ୍ୟାଗ୍ରହ କରିବାକୁ। ସାଙ୍ଗରେ ଚାରି ପାଞ୍ଚ ଜଣ ଲୋକଙ୍କୁ ଏକାଠି କରି ସାଙ୍ଗରେନେବା ଆଉ ସମ୍ଭବ ହେଉନି। ତାଙ୍କର ବହୁ ଦିନର ଜଣେ ବନ୍ଧୁ ଆସୁଛନ୍ତି ୱାର୍ଦ୍ଧାର ଗାନ୍ଧୀ ଆଶ୍ରମରୁ। ସେଠାକାର ଟ୍ରଷ୍ଟର ସେ ଜଣେ ପୁରୁଣା ସଭ୍ୟ। ସୁଦର୍ଶନ ବାବୁ ମଝିରେ ମଝିରେ ଯାଇ କିଛି ଦିନ ରହନ୍ତି ଆଶ୍ରମରେ। ରମାମଣି ବି କେତେଥର ଯାଇ ବୁଲି ଆସିଛନ୍ତି। ଭଲ ଲାଗେ ସେଠାର ରହଣି। ସେଇ ବନ୍ଧୁ ତାଙ୍କର ଆଜି ଅତିଥି, ସିଏ ବି ସତ୍ୟାଗ୍ରହରେ ଯୋଗଦେବେ।

ଗତକାଲି ସନ୍ଧ୍ୟାରେ ପରିବାରର ଅସନ୍ତୁଷ୍ଟ ସଦସ୍ୟମାନଙ୍କର ଯେଉଁ ମିଟିଂ ବସିଥିଲା ସେଥିରେ ସମସ୍ତେ ସୁଦର୍ଶନ ବାବୁଙ୍କ ବିପକ୍ଷରେ ନିଜ ନିଜର ଅନୁଭୂତି ଓ ଅସହାୟତା ରମାମଣିଙ୍କ ଆଗରେ କହିଥିଲେ।

ସୁଦର୍ଶନ ବାବୁଙ୍କ ସାନ ଭାଇର ପୁଅ ଯେ ବର୍ତ୍ତମାନ ଉପନଗରପାଳ ଓ ଭବିଷ୍ୟତର ସମ୍ଭାବ୍ୟ ନଗରପାଳ, ତା’ ପରେ ବିଧାୟକ ଓ ମନ୍ତ୍ରୀ ଇତ୍ୟାଦିର ସ୍ୱପ୍ନ ଦେଖୁଛନ୍ତି, ସେ କହିଲେ– ଗତ ମାସର ବର୍ଷାରେ ଯେଉଁ ନାଳଗୁଡ଼ିକ ଉଛୁଳିଲା, ସେଥିରେ ଗୋଟେ ପିଲା କୁଆଡ଼େ ଭାସିଗଲା। ସେଥିପାଇଁ ନଗର ଉନ୍ନୟନ ବିଭାଗକୁ ଦାୟୀ କରି ବଡ଼ବାପା ଅନଶନ ଓ ସତ୍ୟାଗ୍ରହ କଲେ। ଗଲାବର୍ଷ ବର୍ଷାରେ ତ ଗୋଟେ ବଡ଼ ଷଣ୍ଢ ଭାସି ଯାଇଥିଲା। ସେତକ ଜାଣି ମଧ୍ୟ ସେ ପିଲାର ବାପା - ମା କେମିତି ତାକୁ ଏକେଲା

ଛାଡୁଥିଲେ ବର୍ଷାରେ ? ସେଥିକୁ ନଗରପାଳ କାହିଁକି ଦାୟୀ ରହି ଇସ୍ତଫା ଦେବେ ? ମୋର ଆଉ ଇଜ୍ଜତ ରହିଲା କି ସରକାରରେ । ସମସ୍ତେ ଭାବିଲେ ନଗରପାଳ ଚୌକିରେ ବସିବା ପାଇଁ ମୁଁ କୁଆଡ଼େ ତାଙ୍କୁ ମତେଇ ନଗରପାଳଙ୍କ ବିରୁଦ୍ଧରେ ସତ୍ୟାଗ୍ରହ କରେଇଛି । ବହୁ କଷ୍ଟରେ ତାଙ୍କୁ ବୁଝେଇଲି ଯେ ମୋର ନିଜ ଘର ନାହିଁ କି ଘର ଖଣ୍ଡେ କରିବାର ସାମର୍ଥ୍ୟ ନାହିଁ । ବାଧ ହୋଇ ତାଙ୍କ ଘରେ ଅଛି । ମତେ ଗୋଟେ କ୍ୱାର୍ଟର୍ସ ଦେଲେ ମୁଁ ସେଠିକି ଚାଲି ଯାଆନ୍ତି ।

ତାଙ୍କ କଥା ନ ସରୁଣୁ ତାଙ୍କ ସାନ ଭାଇ ପୁଲିସ ଅଧିକାରୀ କହିଲେ – ସେଦିନ ପିଲାଟାଏ ପାଉଁରୁଟି ଚୋରି କରିଛି ବୋଲି ଦୋକାନୀ, ଦାରୋଗା ପାଖରେ ଅଭିଯୋଗ କଲା । ଦାରୋଗା, ପିଲାଟାକୁ ଥାନାକୁ ଟାଣି ଆଣି ସତ କଥା ଜାଣିବାକୁ କ'ଣ ଟିକେ ବାଡିଆପିଟା କଲା । ନ ବାଡ଼େଇଲେ ସତ କଥା ସେ କେମିତି ଉଗାଳିବ ? ଚୋର କେମିତି ଧରା ପଡ଼ିବ ? ପୃଥିବୀ ଯାକ ସେଇ ବ୍ୟବସ୍ଥା । ଏମିତିରେ ତ କେତେବେଳେ କେମିତି ମାଡ଼ ଖାଇ ମରି ଯାଆନ୍ତି କିଛି ଲୋକ ।

କିନ୍ତୁ ସେ ପିଲାର ଟିକେ କ'ଣ ହାଡ଼ ଫାଡ଼ ଭାଙ୍ଗି ଯାଇଛି ବୋଲି ଖବର କାଗଜରେ ବାହାରିବାରୁ ବଡ଼ବାପା ଚାରିଜଣକୁ ଧରି ଥାନା ଆଗରେ ଅନଶନ କଲେ । ପୁଣି ମୋ ଥାନା ଆଗରେ । ମୁଁ ନ ଥାଏ । ଅନ୍ୟମାନେ ତାଙ୍କୁ ବୁଝାସୁଝା କରି ସେଠାରୁ ବିଦା କଲେ । ସେ ସେଠୁ ଯାଇ ବସିଲେ କମିଶନର ଅଫିସ ଆଗରେ । ମୋ ନାଁରେ ଗୋଟେ ଚିଠି ଆସୁଛି ବୋଲି ଶୁଣୁଛି ।

ସୁଦର୍ଶନ ବାବୁଙ୍କ ବଡ଼ପୁଅ ଯିଏ ଫୌଜଦାରୀ ଓକିଲ, ସେ କହିଲେ– କେଉଁ ଲୋକଟି ସତ କହି ଓକିଲାତିରେ ଆଗକୁ ବଢ଼ିଛି କହିଲ ମା ! ବାପା ସବୁବେଳେ ଗାନ୍ଧୀ, ଗୋଖଲେଙ୍କ କଥା କହି ମୋତେ ପଛରୁ ଟାଣିଲେ । ବାପାଙ୍କ କଥା ନ ଶୁଣି, ମୋ ସିନିୟରମାନଙ୍କ ଉପଦେଶ ମାନି କାମ କଲି ବୋଲି ଆଜି ଏଇଠି ପହଞ୍ଚିଛି । ମୂଳରୁ ସେ କଥା କରିଥିଲେ ଆଜି ଆହୁରି ଉପରକୁ ଉଠିଥାନ୍ତି । ବାପାଙ୍କୁ ଆଇନ ମନ୍ତ୍ରୀ ସମ୍ମାନ ଦିଅନ୍ତି । ତାଙ୍କ କଥା ସେ ଶୁଣିଥାନ୍ତେ । ହେଲେ ମୁଁ ଏତେ କାକୁତି ମିନତି କରି କହିଲେ ବି ବାପା ମନ୍ତ୍ରୀଙ୍କୁ ପଦେ କହିଲେ ନାଇଁ ମତେ ସରକାରୀ ଓକିଲ କରିବା ପାଇଁ । ଆଉ ଗୋଟେ କଥା ଶୁଣ – ସେଦିନ ଡକାୟତି କରିଛନ୍ତି ବୋଲି ଗୋଟେ ଦଳକୁ ମିଛରେ ପୁଲିସ ଧରିଥିବାରୁ ମୁଁ ସେମାନଙ୍କୁ ଜାମିନରେ ଖଲାସ କରେଇ ନେଇ ଆସିଲି । ଘରେ ବାପା ସେଦିନ କରିଦେଲେ ସତ୍ୟାଗ୍ରହ । ଖାଇଲେ ନାହିଁ ଦିନେ । ଆମ ଉପରେ ଏମିତି ମାନସିକ ଅତ୍ୟାଚାର କଲେ ଆମେ କାମ କରିବୁ କେମିତି ? ଘର ଚଳିବ କେମିତି ?

ରମାମଣି କହିଲେ – ତମେ ସବୁ ଅଥୟ ହୁଅନି । ମତେ ସମୟ ଦିଅ । ମୁଁ ଥରେ ତାଙ୍କୁ ବୁଝାଏ । ସମୟ ଅନୁସାରେ ନିଜକୁ ଚାଳିବାକୁ ତାଙ୍କୁ କହେ । ତମେମାନେ ବି ତାଙ୍କ ସମ୍ମାନକୁ ଜଗି ବେଶି ଲନ୍ଦଫନ୍ଦ କାମ କର ନାହିଁ ।

ରମାମଣିଙ୍କ ବୋହୂ ଯିଏ ଟିଭି ଚ୍ୟାନେଲରେ ଖବର ପଢ଼ନ୍ତି, ଆଲୋଚନାଗୁଡିକର ସଂଚାଳନ କରନ୍ତି, ସେ ତାଙ୍କ ସପକ୍ଷରେ ଗଲେ । କହିଲେ ବାପାଙ୍କର ବୟସ ହେଲାଣି, ତାଙ୍କ କଥାକୁ ଧରିବା ଠିକ ହେବ ନାହିଁ । ମା' ଯଦି ପାରିବେ ସେ ତାଙ୍କୁ ବୁଝାନ୍ତୁ । ମୁଁ ବି ତାଙ୍କୁ ଅନୁରୋଧ କରିବି ଏସବୁ କଥାରେ ଚୁପ୍ ରହିବାକୁ । ସମସ୍ତେ ଅନୁରୋଧ କଲେ ସେ ମାନିଯିବେ ।

କିନ୍ତୁ ଏ କଥାରେ ବୋହୂଙ୍କ ସାମ୍ବାଦିକ ସ୍ୱାମୀ ରାଜି ହେଲେ ନାହିଁ । କହିଲେ – କିଛି ଲାଭ ହେବ ନାହିଁ । ତାଙ୍କୁ ମୁଁ ପିଲା ଦିନରୁ ମୁଁ ଜାଣିଛି । ସେ ତାଙ୍କ ଗାନ୍ଧୀ ଆଦର୍ଶଠାରୁ ତିଳେ ମାତ୍ର ଘୁଞ୍ଚିବେ ନାହିଁ କି ବୁଝାମଣା କରିବେ ନାହିଁ । ଆମର ଅନୁରୋଧ କରିବାରେ କେବଳ ସମୟ ନଷ୍ଟ ହେବ ସିନା ଫଳ ହେବ ଶୂନ୍ ।

ସୁଦର୍ଶନ ବାବୁଙ୍କ ସାନ ଭାଇର ଉପନଗରପାଳ ପୁଅ କହିଲେ – ସତ କଥା, ଏମିତି ଜଣେ ଦୁଇଜଣ ତାଙ୍କୁ ପାରିବେ ନାହିଁ । ଦେଠେଇ ତ ଆଜୀବନ ବଡ଼ ବାପାଙ୍କ ହଁରେ ହଁ ମିଶାନ୍ତି; କସ୍ତୁରବାଙ୍କ ପରି । ତାଙ୍କ କଥାକୁ ସେ ଏ କାନରେ ପୁରାଇ ଆର କାନରେ ବାହାର କରିଦେବେ । ବୋହୂ କ'ଣ ବା କହିପାରିବ ତା ଶ୍ୱଶୁରଙ୍କୁ ? ଖାଲି ମୁଣ୍ଡିଆ ମାରି ଗୁହାରି କରିବ । ସେ ସବୁ କଥା ଛାଡ଼ । ଆମକୁ ଗୋଟେ କଡ଼ା ପଦକ୍ଷେପ ନେବାକୁ ହେବ । ଆସନ୍ତାକାଲି ସନ୍ଧ୍ୟାରେ ଆମେ ସବୁ ବସିବା । ବଡ଼ବାପାଙ୍କୁ ସେଠିକୁ ଡାକିବା । ସମସ୍ତେ ଚିନ୍ତା କରନ୍ତୁ, କ'ଣ କଲେ ଆମକୁ ଏ ସମସ୍ୟାରୁ ତ୍ରାହି ମିଳିବ ।

ରମାମଣି କହିଲେ କାଲି ଓ୍ୱାର୍ଦ୍ଧାରୁ ଆସୁଛନ୍ତି ତାଙ୍କ ସାଙ୍ଗ । କ'ଣ ଗୋଟେ ସତ୍ୟାଗ୍ରହ ଅଛି । କାଲି ସେ ଆମ ଘରେ ରହିବାର ଅଛି । ଆମେ ତା' ପରଦିନ ସନ୍ଧ୍ୟାରେ ବସି କଥା ହେବା । ସେ ଘରେ ଥିବା ସମୟରେ ଏସବୁ ଆଲୋଚନା ଠିକ ହେବନାହିଁ ।

ସୁଦର୍ଶନ ବାବୁଙ୍କ ବଡ଼ ପୁଅ କହିଲେ – ସେଇ ଲୋକ ହିଁ ମଝିରେ ମଝିରେ ଆସି ବାପାଙ୍କର ମୁଣ୍ଡକୁ ବେଶି ବିଗାଡୁଛନ୍ତି । ଦୁହେଁ ବାନର ସେନାର ସୈନିକ ଥିଲେ ବୋଲି କହନ୍ତି । କିଏ ଜାଣେ ? ତା' ପରଦିନ ସୁଦର୍ଶନ ବାବୁ ତାଙ୍କ ବନ୍ଧୁଙ୍କୁ ଧରି ସନ୍ଧ୍ୟାରେ ପହଞ୍ଚିଲେ ଘରେ । ଦିନରେ ଥିଲା 'ମଦମୁକ୍ତ ଆନ୍ଦୋଳନ' – ବିଧାନସଭା ଆଗରେ ଧାରଣା ଓ ସତ୍ୟାଗ୍ରହ । ଗାନ୍ଧୀଙ୍କ ଏଇ ସାମାଜିକ ସଂସ୍କାରଟିକୁ ରାଜ୍ୟ ସରକାର ଭୁଲି ଯାଇଛନ୍ତି । ଗତ ଦଶବର୍ଷ ଭିତରେ ବିଦେଶୀ ମଦ ଦୋକାନ ସଂଖ୍ୟାରେ ଚାରିଗୁଣ ବୃଦ୍ଧି ଘଟିଛି । ଦେଶୀ ମଦ ପିଇ ମୃତ୍ୟୁବରଣ କରିଥିବା ଲୋକଙ୍କ ସଂଖ୍ୟା ବଢ଼ିଛି ପାଞ୍ଚଗୁଣ ।

ଅତିଥି ସେବାରେ ପରିବାରର ସଦସ୍ୟଗଣଙ୍କ ଆନ୍ତରିକତାରେ କିନ୍ତୁ କମ୍ ନ ଥିଲା । ସେମାନେ ଅତିଥିଙ୍କୁ ଜାଣିବାକୁ ଦେଇନଥିଲେ ସେମାନଙ୍କ ହୃଦୟରେ କୁହୁଳୁଥିବା ଅସନ୍ତୋଷର ଦିକ୍ ଦିକ୍ ନିଆଁ । ବାହାର ଦୁନିଆ ଜାଣୁଛି; ବଂଶଗତ ସଂସ୍କାରର ମଜଭୁତ ଖୁଣ୍ଟ ଏବେବି ଘରର ଛାତକୁ ମୁଣ୍ଡେଇ ଧରିଛି । କିନ୍ତୁ ବଦଳୁଥିବା ସମୟର ପ୍ରଭାବରେ ରାଜସିକ ଓ ତାମସିକ ଗୁଣରେ ଆକ୍ରମିତ ପରିବାରର ସଦସ୍ୟମାନେ ଉଇ ଭଳି ଯେ ସେ ଖୁଣ୍ଟକୁ ଧୀରେ ଧୀରେ ଭିତରକୁ କୋରି ଚାଲିଲେଣି, ସେ କଥା ନା ଖୁଣ୍ଟ ଜାଣି ପାରୁଛି ନା ଦୁନିଆ ।

ପରଦିନ ଦ୍ୱିପ୍ରହରରେ ଗାନ୍ଧୀ ଭବନ ସାମ୍ବାଦିକ ସମ୍ମିଳନୀରେ କତିପୟ ସାମ୍ବାଦିକଙ୍କ ଉପସ୍ଥିତିରେ ସରକାରଙ୍କ ମଦ ନୀତି ପାଇଁ ଦୁଃଖ ପ୍ରକାଶ କରିଥିଲେ ସୁଦର୍ଶନ ବାବୁ ଓ ତାଙ୍କ ବନ୍ଧୁ । ଏମିତି ସବୁ ସାମ୍ବାଦିକ ସମ୍ମିଳନୀ ପାଇଁ ସମୟ ନଥାଏ କାହାର । ଜଣେ କିଏ ଆସି ଲେଖାଟିଏ ସଂଗ୍ରହ କରିନେଲେ ଯଥେଷ୍ଟ । ଅନ୍ୟମାନଙ୍କ ପାଖକୁ ସେ ପଠେଇ ଦିଅନ୍ତି ମୋବାଇଲ ମାଧ୍ୟମରେ । ଖବର କାଗଜରେ ବାହାରିଲେ କି କେଉଁ ଟିଭିର ସମୟ ସୁବିଧା ହେଲେ କିଛି ଲୋକଙ୍କ ଆଖିରେ କାନରେ ପଡ଼େ ଏମିତି ସମ୍ବାଦ ।

ସନ୍ଧ୍ୟାରେ ଓ୍ୱାର୍ଦ୍ଧା ଫେରିଯିବେ ତାଙ୍କ ବନ୍ଧୁ । ରମାମଣି ସ୍ଥିର କରିନେଲେ ଯେ ସୁଦର୍ଶନ ବାବୁ ଘରକୁ ଫେରିବା ପରେ ରାତ୍ରି ଭୋଜନ ସାରି କଥାଟାକୁ ଉଠେଇବା ଭଲ ହେବ । ସହ୍ୟ କରିବାର ସୀମା ପାର ହୋଇଗଲେ ହିଂସାତ୍ମକ ଆଚରଣ ଦେଖେଇବା ଅସମ୍ଭବ ନୁହେଁ ଘରର ସଦସ୍ୟଙ୍କର । ଅହିଂସାର ପୂଜାରୀ ସୁଦର୍ଶନ ବାବୁଙ୍କ ଜୀବନ କାଳରେ ତାଙ୍କ ନିଜ ଘରେ ହିଂସାତ୍ମକ ବିଦ୍ରୋହ ଯେମିତି ନହୁଏ ସେଥିପ୍ରତି ସଜାଗ ଥିଲେ ରମାମଣି ।

ସୁଦର୍ଶନାବୁଙ୍କ ସଙ୍ଗେ ଆଲୋଚନା ପାଇଁ ସ୍ଥିରୀକୃତ ସମୟର ସୂଚନା ପାଇବା ପରେ ଘରର ଅସନ୍ତୁଷ୍ଟ ସଦସ୍ୟମାନେ ରଣନୀତି ତିଆରି କରିବାକୁ ଏକତ୍ର ହେଲେ ସେଦିନ ସନ୍ଧ୍ୟାର ଚା' ଆସର ବେଳେ । ରମାମଣିଙ୍କୁ ସେଥିରେ ଅନ୍ତର୍ଭୁକ୍ତ କରାଗଲା ନାହିଁ । ସମସ୍ତଙ୍କର ମତ ଥିଲା ଯେ ସୁଦର୍ଶନବାବୁଙ୍କୁ ଆଉ ସହ୍ୟ କରିହେବ ନାହିଁ । ସେ ଚୁପ୍ ହୋଇ ଘରେ

ବସି ଗୀତା ଭାଗବତ ପଢ଼ି ପିଲା ଛୁଆଙ୍କ ସଙ୍ଗେ ସମୟ ବିତେଇବା ଅସମ୍ଭବ। ବାଜା ବାଜିଲେ ନାଟୁଆର ଗୋଡ଼ ଉଠିବା ଭଳି ସେ ଧାଉଁଥିବେ ସତ୍ୟାଗ୍ରହ ଜାଗାକୁ। ରାଜ୍ୟର ରାଜଧାନୀରୁ ତାଙ୍କୁ ବାହାରେ ରଖିବାକୁ ହେବ, ଏଠି ତ ଦୈନିକ ଦୁଇ ଚାରିଟା ବିକ୍ଷୋଭ ଓ ସତ୍ୟାଗ୍ରହ।

ଆଲୋଚନାର ନିଷ୍କର୍ଷରେ ତିନୋଟି ପ୍ରସ୍ତାବ ପାରିତ ହେଲା। ପ୍ରଥମ ଓ ଦ୍ୱିତୀୟ ପ୍ରସ୍ତାବରେ ଯଦି ସୁଦର୍ଶନବାବୁ ରାଜି ହୋଇଯିବେ ତେବେ ତୁରନ୍ତ ପଦକ୍ଷେପ ନିଆଯାଇ ତାକୁ କାର୍ଯ୍ୟକାରୀ କରାଯିବ।

ପ୍ରଥମ ପ୍ରସ୍ତାବ ହେଲା – ଗାଁରେ ଘର, ବଗିଚା ଓ ଜମିବାଡ଼ି ମନ୍ଦ ନାହିଁ। ସେ ସବୁର ରକ୍ଷଣାବେକ୍ଷଣ ଓ ପରିଚାଳନାରେ ବିଶୃଙ୍ଖଳା ହେଉଛି। ସୁଦର୍ଶନବାବୁଙ୍କ ସାନଭାଇଙ୍କ ଦାୟିତ୍ୱରେ ଗାଁ ସମ୍ପତ୍ତି। ସେ ବାର୍ଦ୍ଧକ୍ୟ ଜନିତ ଦୁର୍ବଳତା ଓ ରୋଗ ଦ୍ୱାରା ପ୍ରାୟତଃ ଚଳପ୍ରଚଳ ହୀନ। ସୁଦର୍ଶନାବୁଙ୍କ ଭଳି ଜଣେ ସମ୍ମାନିତ ବ୍ୟକ୍ତି ଗାଁରେ ରହି ସମ୍ପତ୍ତି ବାଡ଼ିର ଦେଖାଶୁଣା କଲେ ନିଜ ଗାଁ ଓ ଆଖପାଖ ଅଞ୍ଚଳର ଲୋକଙ୍କ ସଙ୍ଗେ ସମ୍ପର୍କ ବଢ଼ିବ। ତାଙ୍କ ପରିବାରର ପ୍ରତିପତ୍ତି ରହିବ; ଯାହାର ଏକ ରାଜନୈତିକ ଲାଭ ନେଇ ହେବ। ସେ ସବୁଥିରେ ବ୍ୟସ୍ତ ରହି ସୁଦର୍ଶନବାବୁ ରାଜଧାନୀକୁ ଆସି ସତ୍ୟାଗ୍ରହ କରିବାକୁ ସମୟ ପାଇବେ ନାହିଁ। ଦ୍ୱିତୀୟରେ ଯଦି ଏ ବୟସରେ ଗାଁ ଜଞ୍ଜାଳ ଭିତରେ ରହିବାକୁ ସେ ଇଚ୍ଛା ନ କରିବେ ତେବେ ପୁରୀ ସମୁଦ୍ର କୂଳରେ ନୂତନ ଭାବେ ତିଆରି ହୋଇଥିବା 'ସାୟାହ୍ନର ନୀଡ଼' ନାମକ ବୃଦ୍ଧାଶ୍ରମରେ ନିଜର ଶେଷ ଜୀବନକୁ ଆରାମରେ ବିତେଇ ପାରିବେ। ସେଠାକାର ସମସ୍ତ ଖର୍ଚ୍ଚ ପରିବାର ବହନ କରିବ।

ଯଦି ଏ ଦୁଇଟି ପ୍ରସ୍ତାବରେ ସେ ରାଜି ନ ହେବେ ତେବେ ତାଙ୍କ ଗର୍ହିତ କାର୍ଯ୍ୟକଳାପକୁ ବନ୍ଦ କରିବା ପାଇଁ ଆହୁରି କଠୋର ବ୍ୟବସ୍ଥା କରିବାକୁ ହେବ। ତାଙ୍କ ମସ୍ତିଷ୍କ ବିକୃତିର ପ୍ରମାଣ ସ୍ୱରୂପ ସାର୍ଟିଫିକେଟ ଖଣ୍ଡେ ଯୋଗାଡ଼ କରିନେଲେ ସେ ଅନୁଯାୟୀ ଅନ୍ୟାନ୍ୟ ପଦକ୍ଷେପ ସବୁ ନେଇ ହେବ। ପରିବାରର ସଦସ୍ୟମାନଙ୍କର ଯଦିଓ ଏପରି ଏକ ଦୃଢ଼ ପ୍ରସ୍ତାବ ଆଗତ କରିବାରେ ଦ୍ୱିମତ ନ ଥିଲା; ତଥାପି ଘରର ମଝି ଖୁଣ୍ଟିକୁ ଉପାଡ଼ି ତଳେ ଶୁଆଇ ଦେବା କଥାରେ ସେମାନେ ବିମର୍ଶ ଦିଶୁଥିଲେ।

ସେଦିନ ରାତ୍ରି ଭୋଜନରେ ରମାମଣିଙ୍କ ତତ୍ତ୍ୱାବଧାନରେ ସୁଦର୍ଶନବାବୁଙ୍କ ପସନ୍ଦର ଖାଦ୍ୟ ସବୁ ରନ୍ଧା ଯାଇଥିଲା। ହୁଏତ ସେ ଭାବିଥିଲେ ଆଜି ହିଁ ତାଙ୍କ ସ୍ୱାମୀଙ୍କ ପରିବାରର ମୁରବି ହେବାର ଶେଷ ରାତ୍ର। ଆସନ୍ତାକାଲିଠାରୁ କ'ଣ ହେବ ଭଗବାନଙ୍କୁ ଜଣା। ଆଇନତଃ ଘରର ମୁରବି ସିନା ସୁଦର୍ଶନ ବାବୁ କିନ୍ତୁ ରମାମଣି ହିଁ ବସ୍ତୁତଃ ଘରର ମୁଖ୍ୟ। ତାଙ୍କ ହାତରେ ଘର ସିନ୍ଦୁକର ଚାବି। ତାଙ୍କ ଶାସନ ଉପରେ କାହାର କିଛି ଅଭିଯୋଗ ନଥାଏ।

ଗାନ୍ଧୀ ବିଚାରରେ ଦେଶ ପାଇଁ ନିଜ ଘରକୁ ଅଣଦେଖା କରିବା କ'ଣ ଗୋଟାଏ ସର୍ତ୍ତ, ଗୋଟାଏ ଅଲିଖିତ ନିୟମ? ଗାନ୍ଧୀଜୀଙ୍କ ମୁଣ୍ଡରେ ଏପରି ଗୋଟିଏ ଦୋଷ ଲଦି ଦିଆଯାଇଛି। ଘରଟି ଭାଙ୍ଗିଗଲେ କି ଘରେ ଏକ ଅଶାନ୍ତ ପରିବେଶ ଲାଗି ରହିଲେ ତା'ର ପ୍ରଭାବ କ'ଣ ପଡ଼ିବ ନାହିଁ ଘରର ମୁରବି ଉପରେ? ତାକୁ ତ ସମାଜ ଦୋଷୀ ବୋଲି ଆଙ୍ଗୁଠି ଦେଖାଇବ ନିଶ୍ଚୟ। ଗାନ୍ଧୀଙ୍କ ପରି ତାଙ୍କ ଶିଷ୍ୟ ସୁଦର୍ଶନବାବୁ ମଧ୍ୟ ଏଇ ଗୂଢ଼ ସତ୍ୟଟିକୁ ବୁଝିବାରେ ସକ୍ଷମ ହେଲେ ନାହିଁ।

ରମାମଣି ସ୍ଥିର କଲେ, ସେ ଘରକୁ ଭାଙ୍ଗିବାକୁ ଦେବେ ନାହିଁ। ସୁଦର୍ଶନବାବୁଙ୍କୁ ବଦଳିବାକୁ ହିଁ ପଡ଼ିବ। ଅନ୍ୟମାନେ ଯାହା କହିବେ ତାକୁ ସେ ମାନି ନେବାକୁ ପଡ଼ିବ। ଜୀବନରେ ଯେଉଁଠି ବୁଝାମଣା ନାହିଁ ସେଠି ମଣିଷ ତ ଝୁଣ୍ଟିବ ସବୁ ପଦକ୍ଷେପରେ। ଅନ୍ୟମାନେ କ'ଣ ସବୁ ଚିନ୍ତା କରିଛନ୍ତି ସେ କଥା ତାଙ୍କୁ ଜଣା ନାହିଁ। ସେ ଦୁହିଁଙ୍କୁ ଯେ ଘରେ ସମସ୍ତେ ସମ୍ମାନ ଦିଅନ୍ତି ଓ ହୃଦୟର ସହିତ ଭଲ ପାଆନ୍ତି ସେ କଥା ସେ ବିଶ୍ୱାସ କରନ୍ତି। ଘରର ଛୁଆପିଲା, ଚଢ଼େଇ ପରି କିଚିରିମିଚିରି ହେଉଥିଲେ ସେମାନେ ସୁଖ ଅନୁଭବ କରନ୍ତି। ଏମିତି ସୁଖରେ ରହିବାକୁ ହେଲେ ସମସ୍ତଙ୍କୁ କିଛି ନା କିଛି ତ୍ୟାଗ କରିବାକୁ ହେବ। ସୁଦର୍ଶନ ବାବୁ ସେଥିରୁ ବାଦ ପଡ଼ିବେ କାହିଁକି?

ରମାମଣି ନିର୍ଣ୍ଣିତ ଯେ ଘରର ଅସନ୍ତୁଷ୍ଟ ସାବାଳକମାନଙ୍କ ପ୍ରସ୍ତାବରେ ଏମିତି କିଛି ଚକ୍ରବ୍ୟୂହ ନ ଥିବ ଯେଉଁଥିରୁ ସୁଦର୍ଶନବାବୁ ଓ ସେ ବାହାରି ପାରିବେ ନାହିଁ। ସ୍ୱାମୀଙ୍କୁ ସେ ଗଲା କାଲି ରାତିରେ କହିଥିଲେ ଘରେ କେମିତି କୁହୁଳୁଛି ଅସନ୍ତୋଷ ବହ୍ନି। ସୁଦର୍ଶନ ବାବୁ ସବୁ ଶୁଣିଲେ, କିନ୍ତୁ କିଛି ନ କହି ଶୋଇପଡ଼ିଲେ ନିଘୋଡ ନିଦରେ। ଯେମିତି କିଛି ଘଟିନାହିଁ କିମ୍ବା କିଛି ଘଟିବାର ନାହିଁ। ରମାମଣିଙ୍କ ନିଦରେ କିନ୍ତୁ ବାରମ୍ବାର ବ୍ୟାଘାତ ଆସିଥିଲା ରାତି ତମାମ।

ରାତ୍ରି ଭୋଜନ ପରେ ଘରର ପିଲାମାନଙ୍କୁ ନିଜ ନିଜ ଶୋଇବା ଜାଗାକୁ ପଠେଇ ଦିଆଗଲା। ଯେଉଁମାନେ ଏ ଆଲୋଚନାରେ ଭାଗ ନେବେ ସେମାନଙ୍କୁ ବୈଠକଖାନାରେ ବସିବାକୁ ନିର୍ଦ୍ଦେଶ ଦେଲେ ରମାମଣି। ତାଙ୍କ ଆଦେଶ ସମସ୍ତଙ୍କ ଶିରୋଧାର୍ଯ୍ୟ। ସମସ୍ତେ ଏକତ୍ରିତ ହେବା ପରେ ରମାମଣି କଥା ଆରମ୍ଭ କରିବାକୁ ଉଦ୍ୟତ ହେଲେ। ସୁଦର୍ଶନବାବୁ ତାଙ୍କୁ କଥା କହିବାରୁ ନିବୃତ କରି କହିଲେ – ତୁମେ ସବୁ କିଛି କହିବା ଆଗରୁ ମୋ କଥା ପ୍ରଥମେ ଶୁଣ। ଘରର ଭଲ ପାଇଁ ପରିବାରର ସଦସ୍ୟମାନଙ୍କ ସୁଖ ସୁବିଧା ପାଇଁ ତମେ ସବୁ ଏକାଠି ହୋଇଛ। ଗଣତନ୍ତ୍ରରେ ସମସ୍ତଙ୍କ ଯୋଗଦାନ ହେବା ତ ଗୋଟେ ଭଲ କଥା। ସମସ୍ତଙ୍କ ପରାମର୍ଶ, ସମସ୍ତଙ୍କ ବୁଦ୍ଧି ପ୍ରୟୋଗ ହେଲେ ସବୁ ସମସ୍ୟାର ସମାଧାନ ହେବ। ଖାଲି ଘରର ମୁରବି ଯେ ସବୁ କଥା ବୁଝିବେ ଏମିତି କାହିଁ ଭାବୁଛ? ମୋ ଅନ୍ତେ ତମ ଭିତରୁ ଯିଏ ବୟସ୍କ ସିଏ ଆମ ପରିବାର ମୁଖ୍ୟ ହେବ।

– ଏମିତି ଅଶୁଭ କଥା କାହିଁକି କହୁଛ? କାହାର କେବେ ଅନ୍ତ ହେବ ତା ଭଗବାନଙ୍କୁ ଜଣା। କହିଲେ ରମାମଣି।

– ଅନ୍ତ, ମାନେ ଏଇ ପରିବାରରେ ମୋର ଅନ୍ତ। ପୃଥିବୀ ପୃଷ୍ଠାରୁ କେବେ ଶେଷ ହେବ ମୋ ଜୀବନ ସେ କଥା ସତରେ କିଏ ଜାଣେ?

ରମାମଣି କହିଲେ ତୁମେ ତ ଆଜିଯାଏ ପିଲାମାନଙ୍କୁ ପ୍ରବଚନ, ଉପଦେଶ ଦେଇ ଆସୁଛ। ତମର ସବୁ କଥା ସେମାନେ ମୁଣ୍ଡ ନୁଆଁଇ ମାନି ଆସିଛନ୍ତି ପିଲା ଦିନୁ। ଏବେ କିନ୍ତୁ ସେମାନେ ସବୁ ବଡ଼ ହେଲେଣି। ନିଜ ନିଜ କଥା ବୁଝିବାକୁ ସକ୍ଷମ ସେମାନେ। କ'ଣ ସବୁ କହିବାକୁ ଚାହୁଁଛନ୍ତି, ତାଙ୍କ କଥା ଥରେ ଶୁଣ।

ସେଇ କ୍ଷଣରେ ପାଦ ଚିପି ଚିପି ଧୀରେ ଧୀରେ ନିଜ ପିଲା ଦିନର ଦୁନିଆକୁ ପଶିଗଲେ ସୁଦର୍ଶନ ବାବୁ। ଗୋଟିଏ ଦୃଶ୍ୟ ତାଙ୍କ ଆଖି ଆଗରେ ନାଚି ଉଠିଲା। ଆଗରୁ ଘରେ କାହାକୁ କହିନଥିଲେ ସେ କଥାଟି। ଆଜି ତାଙ୍କୁ ସେ ଘଟଣାଟି କହିବାକୁ ଇଚ୍ଛା ହେଲା ସମସ୍ତଙ୍କୁ; ଯଦିଓ ସେ ଅନୁଭବ କରି ପାରୁଛନ୍ତି ସେଠାରେ ଉପସ୍ଥିତ ଥିବା ଘରର ଅସନ୍ତୁଷ୍ଟ ସଭ୍ୟମାନଙ୍କର ଧୈର୍ଯ୍ୟର ସୀମା ଲଙ୍ଘନ ହେବା ଉପରେ। ପିଲା ଦିନର ସେଇ ଘଟଣା ଦିନ କିନ୍ତୁ ତାଙ୍କ ଧୈର୍ଯ୍ୟର ମାଟି କାନ୍ଥଟି ଭୁଷୁଡି ପଡିନଥିଲା; ଯଦିଓ ସେ ଥିଲେ ଦଶ ବର୍ଷ ବୟସର ବାଳୁତ। ସେ ବୟସରେ ପିଲାର ସବୁ ଇନ୍ଦ୍ରିୟ, ସବୁ ଗୁଣ କଞ୍ଚା ମାଟି ପରି ଥାଏ ନରମ। କୁମ୍ଭାର ହାତରେ ପଡ଼ିଲେ ସେ ତା' ଇଚ୍ଛା ଅନୁସାରେ ଗଢ଼ି ଦିଏ ସେ କଞ୍ଚା ମାଟିରୁ ମଣିଷଟିଏ। କୁମ୍ଭାର ଉପରେ ନିର୍ଭର କରେ ମାଟିର ଭାଗ୍ୟ। ପିଲାର ଭବିଷ୍ୟତ।

ସୁଦର୍ଶନ ବାବୁ କହିଲେ – ବାପା କୋଉଠୁ ଆଣି ତାଙ୍କୁ ଦେଇଥିଲେ ଗାନ୍ଧୀଜୀଙ୍କ ଗୋଟେ ଫଟୋ। ହସହସ ପାକୁଆ ପାଟି। ତାକୁ ନିଜ ବହି ଭିତରେ ରଖି ସେ ସ୍କୁଲ ଯାଉଥିଲେ। ମଝିରେ ମଝିରେ ବହି ଖୋଲି ସେ ଦେଖୁଥିଲେ ଫଟୋକୁ। ଫଟୋରେ

ଗାନ୍ଧୀଜୀ ତାଙ୍କୁ ଚାହିଁ ହସୁଥିଲେ । ସିଏ ବି ଅବିକଳ ସେମିତି ହସି ତାଙ୍କୁ ଚାହିଁ ରହୁଥିଲେ । ଦିନେ ସେ ଧରା ପଡ଼ିଲେ ଶ୍ରେଣୀରେ ଇଂରାଜୀ ପଢ଼ାଉଥିବା ତାଙ୍କ ପ୍ରଧାନ ଶିକ୍ଷକଙ୍କ ଆଖିରେ । କେତେବେଳଠୁ କେଜାଣି ପଛ ପାଖରୁ ଆସି ସେ ଛିଡା ହୋଇଥିଲେ । ଇଂରେଜ ସରକାରଙ୍କ ସେ ଥିଲେ ମୁଗ୍ଧ ପ୍ରଶଂସକ । ତାଙ୍କ ଅଧିନସ୍ଥ ବିଦ୍ୟାଳୟରେ ଗାନ୍ଧୀଜୀଙ୍କ ପ୍ରବେଶ ନିଷେଧ ଥିବା ସତ୍ତ୍ୱେ, ସେ ଅଲିଖିତ ନିୟମର ଉଲ୍ଲଂଘନ କରିଥିଲେ ସୁଦର୍ଶନ ।

ପ୍ରଧାନ ଶିକ୍ଷକଙ୍କଠାରୁ ଆଠ ଦଶ ପ୍ରହାର ଖାଇବା ପରେ ବାଡିଟି ତାଙ୍କର ଭାଙ୍ଗିଗଲା ସିନା ଭାଙ୍ଗି ନଥିଲା ସୁଦର୍ଶନଙ୍କ ଧୈର୍ଯ୍ୟ, ତାଙ୍କ ସ୍ୱାଭିମାନ । ପ୍ରଧାନ ଶିକ୍ଷକ ଫଟୋଟିକୁ ତାଙ୍କଠାରୁ ଛଡେଇ ନେବାର ଉପକ୍ରମ କରୁଥିବା ବେଳେ ସେ ତାକୁ ଧରି ଏକ ମୁହାଁ ଦୌଡ଼ିଥିଲେ ଶ୍ରେଣୀ ଗୃହ ଛାଡ଼ି, ବିଦ୍ୟାଳୟ ଛାଡ଼ି, ପଛକୁ ଥରେ ବି ନ ଚାହିଁ । ତାଙ୍କ ଦୌଡ ସେଦିନ ଥିଲା ବିଦ୍ୟାଳୟର ବନ୍ଧନରୁ ମୁକ୍ତ ଆକାଶକୁ । ପରାଧୀନ ଭାରତରୁ ସ୍ୱାଧୀନ ଭାରତକୁ !

ସେ ଦିନଠାରୁ ସେ ଆଉ ପଛକୁ ବୁଲି ଚାହିଁ ନାହାନ୍ତି । ବିଦ୍ୟାଳୟ ଛାଡ଼ି, ପାଠ ଛାଡ଼ି ସେ ମିଶି ଯାଇଥିଲେ ବାନର ସେନାରେ । ବାପାଙ୍କ ଅଭୟ ମୁଦ୍ରା, ମା'ଙ୍କ ଆଶୀର୍ବାଦ ତାଙ୍କ ସାଥିରେ ଥିଲା । ତାଙ୍କ କଞ୍ଚାମାଟିର ଦେହକୁ ନୂଆ କରି ଗଢ଼ିବାରେ ସେ ଦୁହେଁ ନିଜର ସମସ୍ତ ଶକ୍ତି ଖଟେଇ ଦେଇଥିଲେ । ତାଙ୍କଠାରୁ ଉତ୍ତରାଧିକାରୀ ସୂତ୍ରରେ ସେ ପାଇଥିଲେ ସାହସ ଓ ସ୍ୱାଭିମାନ ।

ବୈଠକଖାନାରେ ଉପସ୍ଥିତ ସମସ୍ତଙ୍କ ଧୈର୍ଯ୍ୟହରା ମୁହଁର ଭାବନାକୁ ପଢ଼ି ପାରିଲେ ସୁଦର୍ଶନ । ସେ କହିଲେ – ପିଲା ଦିନର ଏଇ କଥାଟି କହିବାର କାରଣ ହେଲା ଛୋଟ ଗୋଟେ ଘଟଣା ବି କେମିତି ବଦଳାଇ ଦିଏ ଜଣେ ମଣିଷର ବର୍ତ୍ତମାନ ଓ ଭବିଷ୍ୟତ । ନଦୀର ବହମାନ ଧାରା ଆଗରେ ପ୍ରାଚୀର ପରି ଛିଡା ହୋଇଥିବା ପାହାଡର ପାଦ ଦେଶରେ କେବେ ଶେଷ ହୁଏନି ନଦୀର ଯାତ୍ରା; ବାଟ ଭାଙ୍ଗି ଆଉ ଗୋଟିଏ ଦିଗରେ ଗତି କରେ ସେ ।

ମୋ ଯାତ୍ରା ବି ଏଠି ଶେଷ ହେଉନାହିଁ; ଯଦିଓ ବାଟ ଓଗାଳିବା ପାଇଁ ତିଆରି ଚାଲିଛି ବନ୍ଧ । ମୋ ଗତିପଥ ମତେ ପରିବର୍ତ୍ତନ କରିବାକୁ ପଡୁଛି । ସମୁଦ୍ରରେ ମିଶିବାକୁ ଅଛି ଅନ୍ତିମ ଅଭିଳାଷ ।

ମୋର ସେଇ ଅଭିଳାଷକୁ ଚରିତାର୍ଥ କରିବା ପାଇଁ ଓ୍ୱାର୍ଦ୍ଧାର ଗାନ୍ଧୀ ଆଶ୍ରମ ସ୍ୱୀକୃତି ଦେଇଛି ସେଠାରେ ମୋର ଶେଷ ଜୀବନ କଟାଇବା ପାଇଁ । ମୋ ବନ୍ଧୁ ନିଜ ହାତରେ ଆଣି ଦେଇଛନ୍ତି ଅନୁଷ୍ଠାନର ସମ୍ମତି ପତ୍ର । ମତେ ଶୀଘ୍ର ଯିବାର ବ୍ୟବସ୍ଥା କରିବାକୁ ହେବ ।

ନିଜ ନିଜ ଭିତରେ ମୁହଁକୁ ମୁହଁ ଚାହିଁ କି ପ୍ରକାରର ପ୍ରତିକ୍ରିୟା ଦେଇ ହେବ, ସେମିତି ଗୋଲକ ଧନ୍ଦାରେ ଥିଲେ ଏକାନ୍ନବର୍ତ୍ତୀ ପରିବାରର ସଭ୍ୟବୃନ୍ଦ ।


କିଏ କାହାଠାରୁ ତ୍ରାହି ପାଇବା ପାଇଁ ବ୍ୟାକୁଳ ?

ରମାମଣି ପଚାରିଲେ – ଆଉ ମୁଁ –

ମୋ ସାଥିରେ ଜଣେ ସହାୟକ ରହିପାରିବାର ଅନୁମତି ବି ଅଛି । ଆମ ଏକାନ୍ନବର୍ତ୍ତୀ ପରିବାରର ମୁରବି ହୋଇ ତୁମେ ରହିବ ନା ମୋ ସହାୟକ ହେବ ସେ ସିଦ୍ଧାନ୍ତ ତୁମର ।

ରମାମଣି ଆଖି ଛଳଛଳ କରି ଶାଢ଼ି କାନିରୁ ଘରର ଚାବି ଖୋଲି ମଝି ଟେବୁଲ ଉପରେ ଥୋଇଦେଲେ ।

*ବି-୩୦୧, ପର୍ଲ ରେସିଡେନ୍ସ,*
*ଦୁର୍ଗାମାଧବ ନଗର, ଭୁବନେଶ୍ୱର*
*ଦୂରଭାଷ: ୯୦୪୦୦୫୫୧୮୫*




ଗୀତିକବି ଚୈତନ୍ୟ ପ୍ରସାଦ ବେହେରାଙ୍କ ରଚିତ
ବିଦଗ୍ଧ ପ୍ରାଣର ରାଗାନୁରାଗ ଓ ରସ ସୁରସରେ
ପରିପୂର୍ଣ୍ଣ ଗୀତିକବିତା ସଂକଳନ
" ଅତୀତର ଅନ୍ତାକ୍ଷରୀ"
ଯାହାକି ଓଡିଶାର
ମହାମହିମ ରାଜ୍ୟପାଳଙ୍କ ଦ୍ୱାରା ଉନ୍ମୋଚିତ ।
ଏଥିରେ ଏକଶହ ବତିଶି ଗୋଟି ଗୀତିକବିତା
ସ୍ଥାନିତ ହୋଇଅଛି ।

*ଆଶା ପାଠକ ମାନଙ୍କ ହୃଦୟକୁ*
*ନିଶ୍ଚୟ ଛୁଇଁବ ।*

ପ୍ରାପ୍ତିସ୍ଥାନ-ଖୋର୍ଦ୍ଧା
୭୫୨୦୫୫
ମୂଲ୍ୟ:ଟ.୩୦୦/-
ମୋ:୯୪୩୭୭୩୬୩୭୪୧



# ପରୀ

ପଦ୍ମନାଭ ସାହୁ

ଚାମେଲୀ ଆସି ବରାଦ କଲା ପି.ଏଚ୍.ଡି. ପାଣି ବନ୍ଦହେବା ଆଗରୁ ଡ୍ରମ୍ ବାଲ୍‌ଟି ଭରି ରଖି ଦେଇଥିବୁ। ଗାଧୋଇଲା ବେଳେ ପାଣି ନଥିଲେ ମମ୍ମି ତୋ ସାଙ୍ଗରେ ଅଯଥା କଜିଆ କରିବ, ମୋ ପିଠିରେ ବି ଗଣ୍ଡେ ଛଅଟା ଲଦିଦେବ। ବୁଝିଲୁ ତ ! ତୋତେ ମନେ ପକାଇ ଦେବାଲାଗି ମୋତେ ତାଗିଦା କରିଚି। ବିଛଣାରୁ ଉଠି ବାସିପାଇଟି ଅଧାରୁ ଥୋଇ ପୁଣି ସେ ଶୋଇ ପଡିଛି। ନାତୁଣୀ କଥାରେ ତାର ବ୍ରହ୍ମ ଚିଡ଼ିଗଲା। ମନକୁ ମନ ଗରଗର ହେଲା ପରୀ। – ଠାକୁରାଣୀ ପହଡ଼ରେ ଥିବେ ପରା ! ଆଉ ମୁଁ ଏଇ ବୟସରେ ସକାଳୁ ତାର ସେବା କରୁଥିବି ! ବାଃ.. ଠାକୁରେ.. ବାଃ କାହିଁକି ଯେ ମୋତେ ଉଠେଇ ନେଉନ ! କେତେ ଆଉ ଦହଗଞ୍ଜ ହେବି ? ଘରର ଦାଣ୍ଡପଟ ଝାଡୁ ମାରୁ ମାରୁ କେଇ ମିନିଟ୍ ସେ ଅଟକି ଗଲା। ପୁଣି ମନକୁ ବୁଝାଇଲା ହଃ.. ଯେତେଦିନ ଗତରରେ ବଳଥିବ କରି ଦେଉଥିବି, ତେଣିକି ସେଇ କାଳିଆର ଇଚ୍ଛା।

ଝାଡୁମରା କାମସାରି ଘରୁ ପ୍ଲାଷ୍ଟିକ୍ ବାଲ୍ଟି ଆଣି ପରୀ ରାଗିମାଗି ଏଥର ରାସ୍ତାକଡ଼ କଳରୁ ପାଣି ଭରିଲା। ଘର ଅଗଣାରେ ଥିବା ଡ୍ରାମ୍‌ରେ ଥରକୁ ଥର ନେଇ ଓଜାଡ଼ି ଭର୍ତ୍ତିକଲା। ଡ୍ରାମ୍ ପୂରି ଯିବାରୁ କଳ ପାଖରେ ଠିଆଠିଆ ଦାନ୍ତ ବ୍ରସ୍ କରି ପକାଇଲା। ଚାରିଛଅ ମଗ୍ ପାଣି ବି ଦିହରେ ଛାଟିହୋଇ ଗାଧୁଆ କାମଟା ଶେଷ କରିନେଲା। ଓଦା ଲୁଗାରେ ନିଜ ଏକ ବଖୁରିଆ ଘର ଭିତରକୁ ଆସିଲା। ଲୁଗାପଟା ବଦଳାଇ ଶୁଖିଲା ଶାଢ଼ିବ୍ଲାଉଜ୍ ପିନ୍ଧି ପକାଇଲା। ଓଦାବସ୍ତ୍ର ଚିପୁଡ଼ି ପିଣ୍ଡା ଅଲଗୁଣିରେ ଆଣି ମେଲିଦେଲା। ୟା'ପରେ ଘରକବାଟ ବନ୍ଦକରି ତରତର ହୋଇ କାମକୁ ବାହାରିଲା। ବାରଣ୍ଡାରୁ ଓହ୍ଲାଉ ଓହ୍ଲାଉ ବଡ଼ପାଟିରେ କହିଲା ଆଲୋ ଏ ଚେମୀ, ପାଣିଭରି ରଖି ଦେଇଛି ତୋ ମାଆକୁ କହିଦେବୁ। ନାତୁଣୀ ଚାମେଲୀକୁ ଶ୍ରଦ୍ଧାରେ ସେ 'ଚେମୀ' ନାଆଁରେ ଡ଼ାକେ।

ସକାଳ ଓଳି ଦୁଇ ଦୁଇଟା ପରିବାରରେ ସେ କାମ କରେ। ଘରଓଳା ବାସନମଜା ଠାରୁ ଆରମ୍ଭ କରି ମାଲିକ ମାଲିକିଆଣୀଙ୍କ ଝିଅପୁଅର ଜାମାପ୍ୟାଣ୍ଟ ସଫା, ଘରଣୀଙ୍କ ଅନ୍ତର୍ବାସ ଧୁଆଧୋଇ ଇତ୍ୟାଦି ପାଇଟି କରିଦିଏ। ଜଳଖିଆରେ ସେମାନେ ତାକୁ ଚା' ଓ ବାସିରୋଟି ଖାଇବାକୁ ଦିଅନ୍ତି। ସେଠାରୁ ଆସି ଦ୍ୱିତୀୟ ଘରଟି ପହଞ୍ଚେ। ତାଙ୍କ କାମତକ ଗୁଛଉ ଗୁଛଉ ଦିନ ସାଢ଼େ ନଅରୁ ଊର୍ଦ୍ଧ ହୋଇଯାଏ। ମୁଢ଼ି ବ୍ରେଡ୍ ବିସ୍କିଟ୍ ଯାହା ସେମାନେ ଦିଅନ୍ତି ନଖାଇ, ଜରିବ୍ୟାଗ୍‌ରେ ପୂରାଇ କାନିରେ ବାନ୍ଧି ନାତୁଣୀ ସକାଶେ ସାଙ୍ଗରେ ଘେନି ଆସେ। ପୂର୍ବଦିନ ସଞ୍ଜବେଳେ ଭାତରାନ୍ଧି ଡ଼େକ୍‌ଚିରେ ପାଣିଢ଼ାଳି ପଖାଳକରି ଘରେ ଥୋଇ ଦେଇଥାଏ। ଲେଉଟିଲେ ଦ୍ୱିପହର ଖିଆଲାଗି ପରିବା ସିଝା, ସନ୍ତୁଳା କିମ୍ବା ଆଳୁ ବାଇଗଣ ପୋଡ଼ା ତୁଣରୁ କ'ଣ ଟିକିଏ ରାନ୍ଧି ଲଙ୍କା ଲୁଣ ଲଗାଇ ଯେନତେନ ପ୍ରକାରେ ଗଣ୍ଡେ ଖାଇନିଏ। ସେଥିରେ ପୁଣି ଗୁଣବତୀ ବୋହୂ ବେଳଉଣ୍ଡି ଶାଶୂର ଖାଇବା ସମୟ ହେଲାକ୍ଷଣି ଝିଅକୁ ଦାଦୀ ପାଖକୁ ତରକାରୀ ମାଗି ଆଣିବାକୁ ପଠାଇ ଦିଏ। ବିଚାରୀ ଆଉ ଖାଇବ କ'ଣ, ନିଜପାଇଁ ଟିକିଏନାକି ରଖି, ସେମାନଙ୍କ ଲାଗି ଅଧିକ ବାଢ଼ିଦିଏ। ସକାଳ ଓଳି କାମସାରି ଆସିଲା ବେଳେ ଘର ମାଲିକିଆଣୀ ତାକୁ ଯେଉଁ ଖାଇବା ଦରବ ଦେଇଥାଆନ୍ତି ଯାହା କାନିରେ ବାନ୍ଧି ଆଣିଥାଏ, ଗେଲବସର ନାତୁଣୀ ହାତକୁ ତାହା ବଢ଼ାଇ ଦିଏ। ପାଖଘରେ କାନପାତି ଜଗିଥିବା ତା କଳିହୁଡ଼ି ମାଆ ନଶୁଣି ପାରିଲା ପରିକା ଚୁପ୍‌ଚୁପ୍ ଚେମୀକୁ କହେ ଆଲୋ ହୁଣ୍ଡି ତୋ ପାଇଁ ଆଣିଛି ପରା, ଖାଇ ନେ। ଦାଦୀ ହାତରୁ ଶୁଖିଲା ଖାଦ୍ୟ ନେଇ ପାଟିରେ ପୂରାଇଲା ସମୟରେ ନାତୁଣୀର ଫୁଲଫୁଟା ମୁହଁଟାକୁ ଦେଖି ଭାରି ସେ ଖୁସି ହୋଇଯାଏ। ମନକୁ ବୁଝାଏ, ନିଉଛୁଣା ଜୀବନରେ ଚେମୀମାନଙ୍କ ଭଳି ନାତୁଣୀ ନାତି ହିଁ ତ ଦାଦା ଦାଦୀଙ୍କର ବଞ୍ଚିବାର ସବୁଠାରୁ ବଡ଼ ସାହାରା।

ନାତୁଣୀ ଚେମୀ ସେଦିନ ତୁଣ ଗିନାନେଇ ଚାଲିଯିବା ପରେ ଡ଼େକ୍‌ଚିରୁ ପଖାଳ ବାଢ଼ିଆଣି ପରୀ ଖାଇବାକୁ ବସିଲା। ପଖାଳଗୁଣ୍ଡା ଥରେ ଦୁଇଥର ପାଟିକୁ ନେଇଛି କି ନାଇଁ, ଗତଦିନର କଥାଗୁଡ଼ିକ ତାର ଖୁବ୍ ମନେ ପଡିଲା। ଆଜିକାଲି କାହିଁକି କେଜାଣି ଘର ଅଗଣାକୁ ପବନ ଅବାଧରେ ପଶି ଆସିଲା ପରି ପୁରୁଣା

ଦିନର ଘଟଣାବଳି ସ୍ମୃତି ଫରୁଆରୁ ତାର ଫୁର୍‌କିନା ପଦାକୁ ବାହାରି ଆସେ। ! ମନେ ପଡ଼ିଥିଲା ଦୃଷ୍ଟି ପାଉନଥିବା ଦି'କୋଡ଼ି ବର୍ଷ ତଳର ଘଟଣା। ପଞ୍ଚାନନର ହାତଧରି ଭୂଆଷୁଣୀ ହେଇ ଶାଶୂ ଘରକୁ ସେ ଆସିଥିଲା। ସହରପାଖ ଗାଆଁରେ ତାର ଶାଶୂଘର। ଘରେ କେବଳ ସ୍ୱାମୀ ଓ ଶ୍ୱଶୁର। ଶାଶୂ ଚାଲିଯିବା ପରେ ରନ୍ଧାବଢ଼ା କରିଦେବା ଲାଗି ପରିବାରରେ ଜଣେ ସ୍ତ୍ରୀଲୋକର ଅଭାବ ଥିଲା। ଶ୍ୱଶୁରଙ୍କ ବୟସ ବଢ଼ୁଥିଲା। ପୁଅ ବିବାହ ଯୋଗ୍ୟ ହୋଇ ଯାଇଥିଲା। ପାର୍ବତୀକୁ ହୋହୁକରି ଘରକୁ ସେ ଘେନି ଆସିଥିଲେ। ପଞ୍ଚାନନ ପାର୍ବତୀର ଯୋଡ଼ିଥିଲା ଶଙ୍କର ଭବାନୀଙ୍କ ଯୋଡ଼ି ଭଳି। ପଞ୍ଚାନନର ଡ଼ାକ ନାଆଁ 'ପଞ୍ଚୁ'। ନୂଆ ବିଭାହୋଇ ଆସିବା ଦିନର କଥା। ଆଜିବି ମନେ ପଡ଼ିଲେ ଲାଜଲାଗେ। ସ୍ୱାମୀ ପଞ୍ଚାନନ ଚଉଠି ରାତିରେ ଗେଲ କଲାବେଳେ ତା ନାମ ବଦଳାଇ ସ୍ନେହରେ କହିଥିଲେ ଆଲୋ ପାର୍ବତୀ ଆଜିଠାରୁ ତୁ ମୋ ପାଇଁ ପରୀ ହେଇଗଲୁ। ସେଇଦିନ ଠାରୁ ଉଠୁଣୁ ବସୁଣୁ ତାକୁ ସେ 'ପରୀ' ବୋଲି ଡ଼ାକିଲେ। ପାର୍ବତୀରୁ ସେ ହୋଇଗଲା 'ପରୀ'। ଗାଆଁ ସାଇପଡ଼ିଶା ତାକୁ ପରୀ ନାଆଁରେ ଡ଼ାକିଲେ।

ପରୀର ଦି'ପହର ଖାଇବା ଅଧାରେ ଅଟକିଥିଲା। ପଖାଳ ଗଣ୍ଡାକ ଖାଇ ବାସନ ଧରି ଅଗଣାର ପାଣିଡ୍ରମ୍ ନିକଟକୁ ସେ ଉଠି ଆସିଥିଲା। ବାସନ ସଫାକରି ମୁହଁହାତ ଧୋଇ ଖାଇବା ଥାନଟିକୁ ଯାଇ ପାଣିକନାରେ ପୋଛି ଦେଲା। ଦିହ ଲୋଡୁଥିଲା ବିଶ୍ରାମ। ଦିନବେଳା ଘଡ଼ିଏ ଶୋଇଗଲେ ଅଧାଦିନର ଥକ୍‌କା ମେଣ୍ଟିଯାଏ। ଘର ଚଟାଣରେ ସପଟିଏ ପାରି ଟିକିଏ ଗଡ଼ି ପଡ଼ିଥିଲା। ମସିଣା ଉପରେ ଗୋଡ଼ହାତ ଲମ୍ବାଇ ସେ ଆଖି ମୁଦିଲା। ଆଜି କାହିଁକି ଅନ୍ୟଦିନ ଭଳି ତା ଆଖିର ପଲକ ଭିତରେ ନିଦ ଜମ୍ମାରୁ ଧରା ଦେଲାନି। ସମୁଦ୍ରରେ ଜୁଆର ଉଠିଲା ପରିକା ବିଗତ

ଦି'କୋଡ଼ି ବର୍ଷର କଥାଯାକ ତାର ମନମଗଜ ତଟରେ ତୁହାକୁ ତୁହା ଆସି ପିଟିହେଲା।

ଶ୍ୱଶୁରଙ୍କ ବୟସ ବଢ଼ିଥିଲେ ହେଁ ପ୍ରତିଦିନ ସହରକୁ ଯାଇ ଦିନ ମଜୁରିଆ କାମ କରୁଥିଲେ। ପୁଅକୁ ବିଭାଚୂଡ଼ା କରାଇଲା ପରେ, ସହରର ଲୁହାଛଡ଼ ସିମେଣ୍ଟ, ଆଜବେସ୍‌ଟସ୍ ଆଦିର ଜଣେ ବଡ଼ ବେପାରୀଙ୍କୁ କହିବୋଲି ମାସିକିଆ ଦରମାରେ ଗୋଦାମର ମାଲ୍ ଲୋଡ୍ ଅନ୍‌ଲୋଡ୍ ତଦାରଖ ପାଇଁ ତାକୁ କାମରେ ଲଗାଇ ଦେଇଥିଲେ। ଦୁହିଁଙ୍କ ରୋଜଗାରରେ ଘର ସୁରୁଖୁରରେ ଚଳି ଯାଉଥିଲା। ମାସକୁ ମାସ କିଛି କିଛି ସଞ୍ଚୟ ମଧ୍ୟ ହେଉଥିଲା। ତାଙ୍କ ପାରିବାରିକ ଜୀବନଏଇପରି ଭାବେ ପ୍ରାୟ ତିନିବର୍ଷରୁ ଉର୍ଦ୍ଧ୍ୱ କଟିଥିଲା। ଏହାରି ଭିତରେ ମହାପ୍ରୁ' ତା କୋଳରେ ପୁଅଟିଏ ବି ଦେଲେ। ନାତି ଜନ୍ମ ହେବାରୁ ଶ୍ୱଶୁରଙ୍କ ଖୁସି ବଢ଼ି ଯାଇଥିଲା। ପୁଅବୋହୂର ସୁବିଧା ଲାଗି ନିଜ ଭିଟାମାଟିରେ ଥିବା ବାପ ଗୁସବାପ ଅମଳର କଚା ବାସଗୃହ ଖଣ୍ଡିକ ଭାଙ୍ଗି ସେ ଥାନରେ ଇଟାକାନ୍ଥର ଦୁଇତିନି ବଖରା ଆଜବେସ୍‌ଟସ୍ ଘର ଏବଂ ଭିତର ପାଖ ଗୋଟେପଟ ପିଣ୍ଡାକୁ ମିଶାଇ ରୋଷେଇଶାଳଟିଏ ତୋଳିବାକୁ ଚିନ୍ତାକଲେ।

ପୁଅକୁ ସବୁକଥା କହିଲେ। ସେତେବେଳେ ଆଜି କାଲିକା ପରି ଇଟା ସିମେଣ୍ଟ ଆଦିର ଦାମ ଏତେ ମାତ୍ରାରେ ବଢ଼ିନଥିଲା। ନୂଆଘର କରିବାକୁ ବାପପୁଅ ହାତରେ ପୂରା ଟଙ୍କାପଇସା ନଥିଲା। ପରୀ ସବୁକଥା ଶୁଣିଲା। ବିବାହ ବେଳେ ବାପଘରୁ ଓ ଶ୍ୱଶୁରଙ୍କ ଠାରୁ ପାଇଥିବା ନିଜର ଦେଢ଼ଭରି ସୁନା ଏବଂ ପାଞ୍ଚ ସାତଭରି ରୂପା ଗହଣା ପତିକୁ ବଢ଼ାଇ ଦେଇଥିଲା ବିକିଭାଙ୍ଗି ଘରକାମରେ ଲଗାଇବା ପାଇଁ। ପରିବାରର ସଞ୍ଚୟ, ପରୀର ଗହଣା ବିକା ପଇସା ଓ ଖାଉନ୍ଦ ଦୋକାନରୁ ମାସକୁ ମାସ ଶୁଝିବ କହି ପଞ୍ଚୁ କିଛିଟଙ୍କା ବାକିରେ ଲୁହାଛଡ଼ ସିମେଣ୍ଟ ଆଜବେସ୍‌ଟସ ଆଦି ଘେନି ଆସିଲା। ଦୁଇମାସ ଭିତରେ ଘର ଯେନତେନ ପ୍ରକାରେ ଠିଆହେଲା। ଛପର ବି ପଡ଼ିଗଲା। ବାକିକାମ ପରେ ଦେଖାଯିବ ମନକୁ ବୁଝାଇ ବାପ ପୁଅ ଓ ବୋହୂ ଶାନ୍ତିର ନିଶ୍ୱାସ ମାରିଲେ। ଗୃହର କାୟାକଳ୍ପ ବଦଳି ଯିବାରୁ ପରୀ ତ ମନେମନେ ଜଳପରୀଟିଏ ପାଲଟିଗଲା। ଆନନ୍ଦ ସାଗରରେ ପହଁରିବାକୁ ଲାଗିଲା।

ହେଲେ ସୁଖ ତ ମଣିଷ ଜୀବନରେ ଅଳିକ। ସୁଖ ଓ ଦୁଃଖ ଅଦୃଶ୍ୟ ଭାବେ ଜୀବନର ଚଲା ବାଟରେ ସାଙ୍ଗମେଳ ହେଇ ଚାଲିଥାଆନ୍ତି। ଜଣେ ଏଇଲେ ଆଗକୁ ବଢ଼ି ଗଲାଣି ତ ପରବର୍ତ୍ତୀ ସମୟରେ ଅନ୍ୟସାଥି ଜଣକ ଟପିଯାଇ ତାକୁ ପଛରେ ପକାଇ ସାରିଲାଣି। ପରୀ ଓ ପଞ୍ଚୁ ଜୀବନରେ ବି ସୁଖ ପରେ ଦୁଃଖର ଘଡ଼ି ଆସି ପହଞ୍ଚିଥିଲା। ଦିନଟେ ପରୀର ଶ୍ୱଶୁର ମଜୁରୀ କାମରୁ ଲେଉଟି ଛାତିରେ କଷ୍ଟ ଅନୁଭବ କଲେ। ଚାହୁଁ ଚାହୁଁ ଯନ୍ତ୍ରଣା। ବଢ଼ି ସେ ଅଣନିଶ୍ୱାସୀ ହୋଇଗଲେ। ଭାଗ୍ୟକୁ ସେଦିନ ପୁଅ ଚାକିରୀରୁ ସହଳ ଫେରି ଆସିଥିଲା। ବାପକୁ ଅଟୋରେ ନେଇ ତୁରନ୍ତ ପାଖ ସହରର ବଡ଼ ଡ଼ାକ୍ତରଖାନାରେ ଆଡ଼୍‌ମିଶନ୍ କଲା। ଡ଼ାକ୍ତରଖାନାରେ ଦାଖଲ ହେବାର ରାତି ଭିତରେ ହିଁ ବୁଢ଼ା ହୃଦ୍‌ଘାତରେ ପୁଅବୋହୂ ଓ ନାତି ସଭିଙ୍କୁ ଛାଡ଼ି ଆରପାରିକୁ ଚାଲିଗଲେ। ଘରର ମୁରବିଙ୍କ ଅନୁପସ୍ଥିତିରେ ସ୍ୱାମୀ ସ୍ତ୍ରୀର ସାଂସାରିକ ଜୀବନ ଝଡ଼ ପରର ପରିବେଶ ଅବସ୍ଥା ଭଳି ବିପର୍ଯ୍ୟସ୍ତ ହୋଇ ପଡ଼ିଥିଲା।

ବାପର କ୍ରିୟାକର୍ମ କଲାପରେ ପଞ୍ଚୁ ଅଣ୍ଟିରେ ଧନ ନଥିଲା ନୂଆ ଘରର ବାକି କାମ ଶେଷ କରିବାକୁ। ପଲସ୍ତରା ବିହିନ ତଳ ମେଜିଆ ବିବର୍ଜିତ ଗୋଟେ କୋଠରୀରେ ପୁରୁଣା ତାଟି କବାଟ ଯୋଡ଼ି ପୁରୋହିତ ଦ୍ୱାରା ଅଗ୍ନି ଦେବତାଙ୍କ ଉଦ୍ଦେଶ୍ୟରେ ଘିଅ ଟିକିଏ ଆହୁତି ଦେଇ ନୂଆଘରେ ସେମାନେ ଚଳପ୍ରଚଳ ହେଲେ। ଗେରସ୍ତ ଭାରିଯାର ଅଭାବୀ ସଂସାର ଗୁଡ଼ାଏ ଦିନ ଏଇପରି ଭାବେ କଟିଥିଲା।

ପୁଅ ବଡ଼ହେଲା। ବାପ ମାଆ ସ୍କୁଲ୍‌ରେ ତା ନାଆଁ ଲେଖାଇ ଦେଲେ। ସ୍ୱାମୀ ଚାକିରୀକୁ ଏବଂ ଛୁଆ ପାଠ ପଢ଼ିବାପାଇଁ ବାହାରି ଯିବାପରେ ସକାଳ ସାଢ଼େ ନଅରୁ ଦି'ପହର ଦୁଇ ଘଟିକାଯାଏ ପରୀ ହାତରେ ପ୍ରାୟ ସମୟ ହିଁ ସମୟ ରହୁଥିଲା। ପତିକୁ ଦିନେ ସେ ପରାମର୍ଶ ଦେଲା ଆଗୋ ଶୁଣୁଛ, ଆମ ହାତରେ କେବେ ପଇସା ପତ୍ର ହେବ ଆଉ ଘରକାମ ସରିବ ତାର ଠିକଣା ନାଇଁ। କ'ଣ କହୁଥିଲି କି, ତୁମେ ଜଣେ ରାଜମିସ୍ତ୍ରୀକୁ ସବୁଦିନ ଓଳିଏ କାନ୍ଥ ପଲସ୍ତରା କାମପାଇଁ ଡ଼ାକ। ସିମେଣ୍ଟ ବାଲି ଘୋଳାଘୋଳି କରି ଭାଡ଼ା ଉପରକୁ ମୁଁ ବଢ଼ାଇ ଦେବି। ପଲସ୍ତରା କାମ ସେ ତାର କରି ଚାଲିବ। ଧୀରପାଣି ପଥର କାଟିଲା ଭଳି କାନ୍ଥ ପଲସ୍ତରା କେବେ ସରିଯିବ ଜଣା ପଡ଼ିବନି। ହପ୍ତାକୁ ହପ୍ତା ମିସ୍ତ୍ରୀ ମଜୁରୀ ଦେବାରେ ତୁମକୁ କଷ୍ଟ ବି ହେବନି। ଭାର୍ଯ୍ୟାର ଆଗ୍ରହ ଦେଖି ପଞ୍ଚୁ ସ୍ତ୍ରୀ କଥା ମାନିନେଲା। ଯୋଗକୁ ସାହିର ବୟସ୍କ ରାଜମିସ୍ତ୍ରୀ ଜଣେ ପ୍ରତ୍ୟେକ ଦିନ ସକାଳଓଳି ଆସି କାନ୍ଥକାମ କରିଦେବ ବୋଲି ଜବାବ ଦେଲା।

ପଞ୍ଚୁ ଘରକାମ ପାଇଁ ଟ୍ରାକ୍ଟରରେ ବାଲି ଯୋଗାଡ଼କରି ବାଡ଼ିରେ ଆଣି ସାଇତି ଦେଲା। ମଝିରେ ମଝିରେ ସିମେଣ୍ଟ ବସ୍ତା ମଧ୍ୟ କିଣି ପହଞ୍ଚାଇ ଦେଉଥିଲା। ମିସ୍ତ୍ରୀ ମାସକୁ ମାସ ଅତି ବେଶିରେ ପନ୍ଦର ସତର ଦିନ କାମ କରୁଥିଲା। ପରୀ ବାଲି ଚଲେଇ ସିମେଣ୍ଟ ଘୋଳି ମିସ୍ତ୍ରୀକୁ ଦେବାଠାରୁ ପୂର୍ବ ଦିନମାନଙ୍କର ପଲସ୍ତରା ଦେହରେ ପାଣିଛାଟି ଓଦା ରଖିବା ପର୍ଯ୍ୟନ୍ତ ସବୁକାମ ଲାଗିପାତି ନିଜ ହାତରେ କରୁଥିଲା। ଘରର ଭିତର ଓ ବାହାର କାନ୍ଥକାମ ଶେଷ ହେବାକୁ ଚାରି ମାସରୁ ଅଧିକ ସମୟ ଲାଗିଗଲା। ବାକି ରହିଥିଲା ତଳ ମେଜିଆ। କାମ ଆଗକୁ ଜାରି ରଖିବାଲାଗି ଆବଶ୍ୟକ ପରିମାଣର ମେଟାଲ୍ ଏବଂ ଚିପସ୍ ବି କିଣାହେଇ ଆସିଲା। ଦେଢଟା ମାସ ଭିତରେ ସେ କାମ ବି ସରିଲା। ସ୍ୱାମୀ ସ୍ତ୍ରୀ ଏଣିକି ରହିବସି ଗ୍ରିଲ୍ ଦୋକାନରୁ ମାପ ଅନୁଯାୟୀ ପତଳା ଲୁହା ଚଦରର ଝରକା କବାଟ କିଣିଆଣି ଘରର ଦୁଆର ଝରକାରେ ଲଗାଇଲେ। ଘରକାମ ମୋଟାମୋଟି ଶେଷହେଲା।

କାଳଚକ୍ରର ଗତି ଅଦୃଶ୍ୟ ଏବଂ ଅସରନ୍ତି। ପିତା ମାତାର ଜୀବନ ଅବଧି ପଶ୍ଚିମାଭିମୁଖୀ ହେଉ ହେଉ ସନ୍ତାନ ସନ୍ତତି କେତେବେଳେ ବଡ଼ ହେଇ ଯାଆନ୍ତି ଜଣା ପଡ଼େନାହିଁ । ପଞ୍ଚୁ ପରୀର ପୁଅ ମଧ୍ୟ କୈଶର ଡ଼େଇଁ ଯୁବକ ହେଲା। ସ୍ୱଭାବତଃ ସେ 'ତା ପାଠ ଭଲ ତ ସିଏ ଭଲ'। ପିଲାଟି ଇତି ମଧ୍ୟରେ ହାଇସ୍କୁଲ୍ ପଢ଼ାସାରି ସରକାରଙ୍କ ବୈଷୟିକ ଶିକ୍ଷାନୁଷ୍ଠାନରୁ ଆଇ.ଟି.ଆଇ. ପାଶ୍ କଲା। ତାଙ୍କ ପାଖରେ ପୁଅକୁ ଅଧିକ ପଢ଼ାଇବାର ଅର୍ଥ ସମ୍ବଳ ନଥିଲା। ପରୀକ୍ଷାରେ ଭଲ ନମ୍ବର ରଖିଥିବା ହେତୁ ଅସ୍ଥାୟୀ ହେଉ ପଛକେ ବିଦ୍ୟୁତ ବିଭାଗରେ ଚାକିରୀଟିଏ ତାକୁ ମିଳି ଯାଇଥିଲା। ବାପ ପୁଅର ରୋଜଗାରରେ ଗରିବ ପରିବାରଟିର ଅଭାବ ଅନଟନ ଦୂରହେବ ମନେହେଲା। ଜେଜେ ଜେଜେମା' ହେବା ଲୋଭରେ ପୁଅର ଖୁବ୍‌ଗୋଟେ ବୟସ ହୋଇ ନଥିଲେ ସୁଦ୍ଧା ତାକୁ ସେମାନେ ବିଭା କରାଇ ଦେଲେ। ମାତ୍ର ଯୋଡ଼େ ବର୍ଷର ବ୍ୟବଧାନରେ ଶିଶୁ ନାତୁଣୀ 'ଚାମେଲୀ'ର କୁଆଁ ରାବରେ ଘର ମୁଖର ହେଲା। ଜେଜେ ଓ ଜେଜେମା'ର ଆଶା ପୂରଣ ହୋଇଥିଲା।

ନାତୁଣୀ ଖଣ୍ଡକ ଜନ୍ମବେଳେ ପକ୍ଷୀଛୁଆ ଭଳି ସୁକୁଟୀ ହୋଇଥିବାରୁ ପରୀ ସ୍ନେହରେ ତାକୁ 'ଚେମୀ' ଡ଼ାକିଲା। ଦିନରାତି ଏଥର ତାର କାମହେଲା ନାତୁଣୀର ଯତ୍‌ନେବା। ଦିନକୁ ଦୁଇଓଳି ଛୁଆର କୋମଳ ଦେହରେ ହଳଦୀ ତେଲ ମାଲିସ କରବା। ଗୁହମୂତ ସଫାକରି ତାର ଲୁଗାପଟା ବଦଳାଇବା। ଗରିବ ସଂସାରଟିରେ ସବୁ କଥା ଠିକ୍‌ଠାକ୍ ଚାଲିଥିଲା ବେଳେ ଅଦିନରେ ବଜ୍ରପାତ ହେଲା ସମ ହଠାତ୍ ସେଦିନ

ପରିବାର ଉପରକୁ ଏକ ବଡ଼ ବିପଦ ମାଡ଼ି ଆସିଲା। ମାଲିକର ଗୋଦାମ କାମରୁ ଛୁଟି ମିଳିଲା ପରେ ସବୁଦିନ ଭଳି ସେଦିନ ବି ପଞ୍ଚୁ ସଞ୍ଜ ଗଡ୍ଡୁଗଡ୍ଡୁ ସାଇକଲ୍‌ରେ ନିଜ ଗାଆଁକୁ ଫେରୁଥିଲା। ଚଞ୍ଚଳ ଘରେ ପହଞ୍ଚି ସ୍ନେହର ନାତୁଣୀଟିକୁ କାନ୍ଧରେ ବୋହି ଘଡ଼ିଏ

ବୁଲାଇବ, ମନେମନେ ଭାଲୁଥିଲା। ହେଲେ ତାକୁ କ'ଣ ଜଣାଥିଲା ମୁଖ୍ୟ ସଡ଼କରୁ ଓହ୍ଲାଇ ଅଣଓସାରିଆ ଗାଆଁରାସ୍ତା ଛୁଉଁଛୁଉଁ ଆତତାୟୀ ପରି ନିଶାସକ୍ତ ଡ୍ରାଇଭର୍ ଦ୍ରୁତବେଗରେ ଟ୍ରାକ୍ଟର ଆଣି ପଛଆଡୁ ତାକୁ ଅଚାନକ ଧକ୍କା ଦେବ! ପରୀ ମଥାର ସିନ୍ଦୂର ଲିଭି ଯାଇଥିଲା। ତାର ଭରପୂର ସଂସାର ଉଜୁଡ଼ିଗଲା। ମାଟିର ସ୍ୱର୍ଗରେ ବିଚରଣ କରୁଥିବା ପରୀଟି ବିଚାରୀ କାଙ୍ଗାଳୁଣୀ ହୋଇଗଲା ସ୍ୱାମୀକୁ ହରାଇ।

କଥାରେ ରହିଛି 'ସଂସାର ଭିତରେ ଘର କରିଥିଲେ ପଥର ପଡ଼ିଲେ ସହି'। ପୈତୃକ ଘରଡ଼ିହ ଖଣ୍ଡକ ବ୍ୟତୀରେକ ଗାଆଁରେ ସେମାନଙ୍କର ଜମିବାଡ଼ି କିଛି ନଥିଲା। ପୁଅବୋହୂ ହିଁ ଥିଲେ ପରୀର କେବଳମାତ୍ର ସାହାରା। ତାଙ୍କ ହାତ ଟେକାକୁ ଅନାଇ, ନାତୁଣୀର ଭଲମନ୍ଦ କଥା ବୁଝି, ସେ ଜୀବନ ବିତାଇଲା। ଦିନ ପରେ ମାସ ଓ ମାସ ପରେ ବର୍ଷ ସମୟ ଗଡୁଥିଲା ଦୃଷ୍ଟିର ଅନ୍ତୁଆଳରେ। ଶିଶୁ ନାତୁଣୀ ଦେହରେ ପର ଉଠିଲା। ଡ଼େଣା ଝାଡ଼ି ସେ ଉଡ଼ି ଶିଖିଲା। ପରୀର ବଅସ ମଧ୍ୟ ଇତି ମଧ୍ୟରେ ଉଭର ଛଅଦଶକରେ ପହଞ୍ଚି ସାରିଥିଲା। ପାଖ ସହରର କାୟା ବି ବଢ଼ିବଢ଼ି ଆସି ତାଙ୍କ ଗାଆଁଭୂଇଁ ଛୁଇଁଲା।

ହେଲେ ଝରଣାର ନିର୍ମଳ ଜଳକୁ ମନ୍ଥି ମକଚି, ଉପର ତଳ କରି, କିଏ ଗୋଳିଆ କଲା, କେମିତି ବା ସିଏ ଜାଣନ୍ତା! ପରୀ ଧୀରେ ଧୀରେ ଅନୁଭବ କଲା ସହରୀ ଅବହାଓ୍ୱା ତା ବୋହୂଟିର ସ୍ୱଭାବ ଚରିତ୍ରକୁ ଦିନୁଦିନ ବଦଳାଉଛି। ଶାଶୂପ୍ରତି ଯେଉଁ ସମ୍ମାନ ଏବଂ ସଂସ୍କାର ବୋଧ ତାର ରହିଥିଲା ତାହା ଉଭେଇ ଯାଉଛି। ପୁଅ ଚାକିରୀକୁ ବାହାରି ଗଲାପରେ ଶାଶୂ ଉପରେ ଅଯଥା ରବେଇ ଖବେଇ ହେଉଛି, ତୁମେ ବସିବସି ଖାଇବ ଆଉ ଦିନସାରା ଖଟିଖଟି ମୁଁ ମରୁଥିବି। କିମ୍ବା ଗତର ଅଛି ଖଟିନଟି ଖାଉନ କାହିଁକି? ଆମେ କାହିଁକି ତୁମକୁ ପୋଷିବୁ ଇତ୍ୟାଦି ଇତ୍ୟାଦି। ମାଆ ପ୍ରତି ଏତାଦୃଶ କ୍ରୁର ବ୍ୟବହାର ଶୁଣିଲେ ଯେ କେହି ସନ୍ତାନ ଖପପା ହେବ। ପତିପତ୍ନୀ ଭିତରେ ଝଗଡ଼ାଝାଟି ଓ ଅଶାନ୍ତି ଉପୁଜିବ ବୋଲି ତାକୁ କିଛି ସେ ଜାଣିବାକୁ ଦିଏନି। ମାଆ ବୁଢ଼ୀ କେମିତି ଅଛି, କ'ଣ ଖାଉଛି ପିଉଛି ଆଦି ଦିଗକୁ ଚାକିରୀଆ ପୁଅ ମଧ୍ୟ ଧ୍ୟାନ ଦେବାଭଳି ତାକୁ ଲାଗେନି। ପୁଅବୋହୂର ଏଭଳି ହତାଦର ଶରୀରକୁ ତାର କଣ୍ଟା ଫୋଡ଼ିଲା ପରିକା କଷ୍ଟଦିଏ। ନାତୁଣୀ ଏବେକୁ ଏଡୁଟିଏ ହେଲାଣି, ବ୍ୟାଗ୍ ବୋହି ସ୍କୁଲ୍ ଯିବା ଆସିବା କଲାଣି। ପରିବାରରେ ତାର ଆବଶ୍ୟକତା ବା କ'ଣ! ସୁଖରେ ରହନ୍ତୁ ସେମାନେ, ମନକୁ ସେ ବୁଝାଇଲା।


ଦିନଟେ ସକାଳୁ ସକାଳୁ ପୁଅବୋହୂକୁ ଡ଼ାକି ଦୃଢ଼ଭାବେ ସେ ଜଣାଇଦେଲା, ଆଜିଠାରୁ ଘରର ଭିତର ବାରଣ୍ଡାରେ ଚୂଲୀଗୋଟେ କରି ନିଜେ ରାନ୍ଧିବାଢ଼ି ଗଣ୍ଡେ ଖାଇନେବି। ଜନ୍ମଦାତ୍ରୀର ଏଭଳି ଆତ୍ମ ନିର୍ବାସନ, ଅଲଗା ରହିବା ସିଦ୍ଧାନ୍ତରେ ପୁଅ ଚମକି ପଡ଼ିଥିଲା। କାରଣ ଜାଣିବାକୁ ମୁହଁ ଖୋଲୁଥିଲା। ଅନ୍ତର ବେଦନା ଚାପିରଖି ପରୀ ତାକୁ କହିଲା ନାଁରେ ପୁଅ ସେମିତି କିଛି ନୁହେଁ। କାମିକା ଲୋକ, ବସି ବସି ଖାଇଲା ବେଳକୁ ଅଣ୍ଠାପିଠି ଦରଜ ହେଇ ଯାଉଛି। ସୁସ୍ଥ ରହିବାକୁ ପରିଶ୍ରମ ଦରକାର। ଦିହପା' ଅସୁଖ ବିସୁଖ ହେଲେ ତୁମେମାନେ ତ ପାଖରେ ଅଛ। ଦୁଇ ନାଆକୁ ଗୋଡ଼ ବଢ଼ାଇ ଥିବା ପୁଅ, ଧାତ୍ରୀ ମନର ଜ୍ୱାଳା ପଢ଼ି କ'ଣ ବୁଝିଲା କେଜାଣି, ଚୁପ୍‌ହେଇ ଯାଇଥିଲା।

*ଦାରଗାଡ଼ାହି, ବାରିପଦା*
*ଦୂରଭାଷ: ୯୪୩୭୨୧୮୬୦୮*


ପଢ଼ନ୍ତୁ ପଢ଼ନ୍ତୁ ପଢ଼ନ୍ତୁ

କବି ବିଭୂତି ଭୂଷଣ ଗ୍ରହାଚାର୍ଯ୍ୟଙ୍କ

ଦ୍ୱିତୀୟ କବିତା ଗ୍ରନ୍ଥ



ମଣିଖେପ

-: ପ୍ରକାଶକ :-

ଝିଙ୍ଗି ପ୍ରକାଶନୀ, ତିହିଡ଼ି

ମୂଲ୍ୟ : ୮୦ଟଙ୍କା

ଯୋଗାଯୋଗ :
ବିଭୂତି ଭୂଷଣ ଗ୍ରହାଚାର୍ଯ୍ୟ
ମୂଷାଙ୍ଗ, କୋହ୍ଲ, ତିହିଡ଼ି, ଭଦ୍ରକ
ମୋ: ୮୮୯୫୫୮୮୯୦୫, ୭୯୭୮୨୮୬୮୦୨

# ଦେଇଥିଲେ ପାଇ

## କାଳିନ୍ଦୀ ଚରଣ ଭଞ୍ଜ

ମିଃ ଶଙ୍କର ମହାପାତ୍ର ତାଙ୍କ ତୃତୀୟ ମହଲା କୋଠା ଡ୍ରଇଂ ରୁମ୍‌ର ସୋଫାରେ ଏକାଟିଆ, ସଙ୍ଗିହୀନ, ଅସହାୟରେ ଅନାଇ ବସିଛନ୍ତି ସହାୟିକା ଫୁଲକୁ। ଫୁଲ ବାବୁଙ୍କ ଘରେ ବହୁଦିନର ପୁରୁଣା ନୌକରାଣୀ। ଏଇ ଘରେ ତା ଯୌବନର ଫୁଲ ଫୁଟିଛି, ସେ ଫୁଲର ସୌରଭ ମିଃ ମହାପାତ୍ର ଆଘ୍ରାଣ କରି ଖୁବ୍ ତୃପ୍ତ, ସନ୍ତୋଷ ଲାଭ କରିଛନ୍ତି ମଧ୍ୟ।

ଫୁଲର ସଂସାର ବଡ଼। ସ୍ୱାମୀ ଆପାରାଓ ମଦ୍ୟପ। ପଇସା ପତ୍ର ଉଡ଼ାଏ। ଘରୁ ନିଏ କିନ୍ତୁ ଦିଏନା। ଘରେ କଳି, ଝଗଡ଼ା, ମରାମରି, ମସ୍ତାନି କରି ଅଶାନ୍ତି ସୃଷ୍ଟି କରେ। ପିଲା ଗୁଡ଼ାଙ୍କ ପେଟକୁ ଚାହିଁ ପାଞ୍ଚଘରେ ପାଇଟିକରେ। ବେଳେବେଳେ ତାର ଶ୍ୱାସ ରୋଗଟା ବାହାରେ। ଅଣ୍ଟା, ଗଣ୍ଠିବାତ ଯୋଗୁ ଶଙ୍କର ବାବୁଙ୍କ ତୃତୀୟ ମହଲାକୁ ଉଠିବାକୁ କଷ୍ଟପାଏ। ଏଣୁ ବାଟରେ ଅଟକି ଟିକିଏ ହାଲିଆ ମାରି ପୁଣି ଚଢ଼େ। ଫୁଲ ଆସିବାର ସମୟ ଦେଖି, ଆସୁଥିବା ସଙ୍କେତ ପାଇ ଶଙ୍କର ବାବୁ ବଡ଼ ପାଟିରେ ଚିଲାଇ କହନ୍ତି – ଆଲୋ ଫୁଲ ଶୀଘ୍ର ଆ। ବଟିକା ଖାଇଲାବେଳ ହୋଇଗଲା, ଡବାଟା କୋଉଠି ରଖିଛୁ, ଚା'ପତିବି ନାହିଁ, ଆଣିଲେ ସକାଳର ଚା' କପଟା ପାଟିକି ନେବି।

ଫୁଲ ଶୁଣେ। ହଁ ବାବୁ ଯାଉଛି କହି ଉତ୍ତର ଦିଏ।

ବିଳମ୍ବ ହେଲେ, ମଝିରେ ଅନୁପସ୍ଥିତ ରହିଲେ, ମୁଣ୍ଡ ଗରମ ହୋଇଯାଏ ବାବୁଙ୍କର। ଭାବନ୍ତି ଏଥର ଆସିଲେ ମୁହେଁ ମୁହେଁ ଶୁଣାଇ ଦେବେ ଏଘର କାମ ଛାଡ଼ିବାକୁ। ଲୋକ ଖୋଜନ୍ତି। କିନ୍ତୁ ଏ ଜନବହୁଳ ଦେଶରେ କାର୍ଯ୍ୟକ୍ଷମ, ସ୍ୱାସ୍ଥ୍ୟବାନ ଲୋକ ଅନେକ ଅଛନ୍ତି। ସବୁଠି ହାଉ ହାଉ, କାଉ କାଉ, ରାଉ ରାଉ। ଲୋକଗୁଡ଼ା କର୍ମ ବିମୁଖ, କର୍ମକୋଢ଼, କର୍ମକୁଣ୍ଠ। କାରଣ ସରକାରଙ୍କ ଟଙ୍କାକିଆ ଚାଉଳ, ପାଞ୍ଚଟଙ୍କିଆ ମିଲ, ପିଲାଙ୍କୁ ସ୍କୁଲରେ ମାଗଣା ମାଧ୍ୟାହ୍ନଭୋଜନ, ପୋଷାକପତ୍ର ପାଇ ସେମାନେ ଖୁବ୍ ଆନନ୍ଦ, ସନ୍ତୁଷ୍ଟ। ଏଣୁ ପରଘରେ ଛୋଟମୋଟ କାମ ପାଇଁ ଲୋକ ମିଳନ୍ତି ନାହିଁ। ଏଣୁ ଫୁଲକୁ ଭରସି କିଛି କଥା, ଅକଥା କହି ସମ୍ପର୍କ ତୁଟାଇ ପାରନ୍ତି ନାହିଁ ମିଃ ମହାପାତ୍ର। ବରଂ ଅଧିକ ଯୋଡ଼ନ୍ତି।

ଫୁଲବି ମିଃ ମହାପାତ୍ରଙ୍କ ଘରକାମ ହାତଛଡ଼ା କରେନା। କାରଣ ସେ ବହୁଦିନର ବାବୁଙ୍କର ସେବାକାରିଣୀ। କଟିଛି ତା ଯୌବନଟା ଏଇଠି। ସୁଖ ସହ ପାଏ ଟଙ୍କା, କଉଡ଼ି, ଲୁଗାକପଡ଼ା, ଖର୍ଚ୍ଚ ଯାନି ଯାତକୁ। ଏ ବୟସରେ ଆଉ କିଏ ଏତେ ମହଙ୍ଗା ବଜାରରେ ଦେବ ଯେ। ଏଣୁ ଅନ୍ୟଘର ପାଇଟି ଛାଡ଼ି ଏ ଘରକୁ ଆସେ ଫୁଲ।

ମିଃ ମହାପାତ୍ର ମଧ୍ୟ ଖୁବ୍ ଗେଲ, ଶ୍ରଦ୍ଧା, ପରିହାସ, ଥଟ୍ଟାରେ କହନ୍ତି ଲୋ ଫୁଲ ତୋ ବିନା ଏ ସଂସାରରେ ଆଉ କିଏ ଅଛି ଯେ ମୋର। ଯେ ଅଛନ୍ତି ସବୁ ପରକରି ଦେଇ ସୁଖରେ ଅଛନ୍ତି। ଏ ବୟସରେ ପାଖରେ ଆହା କରିବାକୁ ତୋ ବ୍ୟତୀତ ପାଖେ କେହି ନାହାନ୍ତି। ତୁ ଗୋଟାଏ ଅନାବନା ଫୁଲ ନୁହେଁ ମୋ ବଗିଚାରେ ଚମ୍ପା, ମଲ୍ଲୀ, ଟଗର କହି କୋଳେଇ ନିଅନ୍ତି।

ଫୁଲ ଫୁଲି ଉଠେ। ସରାଗରେ କହେ ବାବୁ ମା' ସିନା ଚାଲିଗଲେ ଆପଣଙ୍କର ପୁଅ, ଝିଅ, ନାତି, ନାତୁଣୀଙ୍କୁ ନେଇ ଭରପୂର ସଂସାର। ଏ ସହରର ଅଧା ଜାଗା, କୋଠାବାଡ଼ି ଆପଣଙ୍କର। ହେଲେ ମୋର ଅଛି କ'ଣ? ମୋ ଯୌବନର ରସ ସେ ମଦୁଆ ଓ ଆପଣ ଚିପୁଡ଼ି ଶୋଷି ନେଇଛନ୍ତି।

ମୁଁ ଏବେ ଶୁଷ୍କ, ରକ୍ଷ, ରସହୀନ, ବିବର୍ଣ୍ଣ। କେବଳ ପେଟ ଚାଖଣ୍ଡଙ୍କ ପାଇଁ , ସେ ହତଭାଗା ପିଲାଗୁଡାକ ମୁହଁରେ ଦାନା ଦେବା ପାଇଁ ବାରଦ୍ୱାର ଶୁଣ୍ଠିପିଣ୍ଡା ହୁଏ। ପାଇଟି କରି ଯାହା ମିଳେ ଦୁଃଖ, କଷ୍ଟରେ ସଂସାର ଚଳାଏ। ହେଲେ ଆପଣଙ୍କ ପାଖରୁ ମିଳୁଥିବା ସ୍ନେହ, ଶ୍ରଦ୍ଧା, ଆଦର, କଅଁଳ କଥା ଯୋଗୁଁ ସବୁ ଅସୁବିଧାକୁ ଏଡ଼ାଇ ଦେଇ ଚାଲିଆସେ। ଏ ଆଦର ସ୍ନେହ ମା' ଚାଲିଯିବା ପରେ ଅଧିକ ପାଉଛି। ଭାବୁଛି ପାଇବି ଅଧିକରୁ ଅଧିକ ...।

ଧିକ୍ ସେ ମରଦଟାକୁ ଧିକ। ଆପଣଙ୍କ ଭଳି କେହି ହେବନି ବି – ହେବେନି। ମୁଁ ମଧ୍ୟ ସବୁ ସମର୍ପିଛି କହି ବିଦାୟ ନେଲା ଫୁଲ।

ଏ ପ୍ରକାର ଅଭିନୟ ଚାଲିଛି ମିଃ. ମହାପାତ୍ରଙ୍କ ଘରେ ନିତ୍ୟନୈମିତ୍ତିକ, ପ୍ରତ୍ୟହ ଗତ କେତେବର୍ଷ ଧରି।

ମିଃ ଶଙ୍କର ମହାପାତ୍ରଙ୍କ ଜନ୍ମ ଏକ ଅଜଣା ଅଶୁଣା ଗାଁର ଏକ ଚାଷୀ ପରିବାରରେ। ପିତା ହରିବାବୁ ଓ ମାତା ପାର୍ବତୀ ଦେବୀଙ୍କ ଗେଲବସର ପୁଅ ଶଙ୍କର ପରେ ଝିଅ କ୍ରିଷ୍ଣା ଜନ୍ମ ନିଏ। ହେଲେ ବାପ – ମା ଶଙ୍କର ଉପରେ ପ୍ରାୟ ଶ୍ରଦ୍ଧା ସ୍ନେହ ଢାଳି ଦେଉଥିଲେ। ଶଙ୍କର ପଢୁଥିଲା ଯେପରି ଚେହେରା ମଧ୍ୟ ଥିଲା ସେହିପରି। ପୁଅର ଉଚ୍ଚ ଭବିଷ୍ୟତ ପାଇଁ ପଢ଼ାପଢ଼ିରେ ସମସ୍ତ ସୁଯୋଗ; ସୁବିଧା ଯୋଗାଇ ଦେଉଥିଲେ ସେମାନେ। ଶଙ୍କର ନାମକରା ରେଭେନ୍ସା କଲେଜରୁ କୃତିତ୍ୱ ସହ ବି.ଏ ପାଶ୍ କରି ବିଶ୍ୱବିଦ୍ୟାଳୟରେ ଟପର ହୋଇ ଫଟୋସହ ବାପ ମା' ଗାଁ ନାଁ ଯେତେବେଳେ ଖବର କାଗଜ, ଟିଭିରେ ପ୍ରକାଶ ପାଇଲା ଖାଲି ଗାଁ ନୁହେଁ ବହୁଲୋକଙ୍କଠାରୁ ପ୍ରଶଂସାର ସୁଅ ଛୁଟିଲା। ବାପ – ମା'ଙ୍କ ମନରେ ଖୁସିର ଆନନ୍ଦ ସୀମା ଟପିଲା। ପୁଅ ତାଙ୍କର ଗୋଟେ ବଡ଼ ହାକିମ ହୁକୁମା ହୋଇ ନିଜ ପରିବାର ତଥା ଗାଁର ଉନ୍ନତି ଆଶା ଆକାଂକ୍ଷା ମନରେ ଜମାଟ ବାନ୍ଧିଲା।

ବାପା ମାଙ୍କର ଆନନ୍ଦର ସୀମା ଟପିଯାଇଥିଲା ପୁଅ ତାଙ୍କର ତା' ପରବର୍ଷ ଯେବେ ସର୍ବଭାରତୀୟ ପ୍ରଶାସନିକ ପରୀକ୍ଷାରେ ଓଡ଼ିଶା ପରିକ୍ଷାର୍ଥୀଙ୍କ ମଧ୍ୟରେ ପ୍ରଥମ ସ୍ଥାନ ଅଧିକାର କଲା।

ଏହି ଗୌରବ କେବଳ ନଥିଲା ବାପ – ମା'ଙ୍କର ଥିଲା ଗାଁର, ଜିଲ୍ଲାର, ରାଜ୍ୟର ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ ଗାଁର ସେ ଗରିବ ଚାଷୀ ଦମ୍ପତିଙ୍କୁ ପୁଅକୁ ଉପଯୁକ୍ତ ଶିକ୍ଷା ଦେଇଥିବାରୁ ସମ୍ମାନିତ କଲେ।

ସେ ଦିନଠୁ ଗ୍ରାମୀଣ ଚଷାପୁଅ ଶଙ୍କରାକୁ ଲୋକେ ସମ୍ବୋଧନ କଲେ ମିଃ ଶଙ୍କର ମହାପାତ୍ର। ସଟ୍‌ରେ ମିଃ ମହାପାତ୍ର।

ମିଃ ମହାପାତ୍ର ଟ୍ରେନିଂ ନେବା ଆଗରୁ ଗାଁକୁ ଆସି ବାପା ମା'ଙ୍କୁ ଦେଖାକଲେ। ଗ୍ରାମବାସୀ ସେଦିନ ତାଙ୍କୁ ଉଚ୍ଚ ସମ୍ବର୍ଦ୍ଧନା ଦେଇ ଆଶୀର୍ବାଦ ଢାଳିଥିଲେ। ଟ୍ରେନିଂ

ନେବା ସମୟରେ ମିଃ ମହାପାତ୍ରଙ୍କ ସାକ୍ଷାତ ହୁଏ କେରଳୀ ଝିଅ ସ୍ୱପ୍ନା ଆୟାର ସହିତ। ସେ ମଧ ମିଃ ମହାପାତ୍ରଙ୍କ ସହ ଆଇ.ଏ.ଏସ ପାଇ ସେଠାରେ ଟ୍ରେନିଂ, ଶିକ୍ଷାନବିସ ଭାବେ ଜଏନ କରିଥିଲେ। ସେମାନଙ୍କ ମଧ୍ୟରେ ପରିଚୟରୁ ବନ୍ଧୁତ୍ୱ ଘନୀଭୂତ ହୁଏ। ଏହା ପ୍ରେମର ରୂପ ନିଏ।

ଟ୍ରେନିଂ କେନ୍ଦ୍ରରେ ଶିଳ୍ପପତି, କୋଟିପତି, ନେତା, ମନ୍ତ୍ରୀ ଛୁଟନ୍ତି ଧନ, କ୍ଷମତା ଲୋଭ ଦେଖାଇ ସେମାନଙ୍କ କନ୍ୟାରତ୍ନମାନଙ୍କ ପାଇଁ ଜାମାତା ଖୋଜିବା ଲକ୍ଷ୍ୟରେ। ସୁନ୍ଦରୀ, ମଡେଲ, ସିନେମାର ହିରୋଇନମାନେ ପଛରେ ବି ନଥାନ୍ତି। ଆଇ.ଏ.ଏସ. ପାଇଥିବା ଯୁବକ, ଯୁବତୀମାନଙ୍କର ନିଜସ୍ୱ ଶ୍ରେଣୀ ବା କ୍ୟାର୍ଡର ଥାଏ। ତା ତଳକୁ ସେମାନେ ଯିବାକୁଚାହାଁନ୍ତି ନାହିଁ। ନିଜ ନିଜ ମଧ୍ୟରେ ବିବାହ ସମ୍ପର୍କ ଯୋଡ଼ିବା ପାଇଁ ସେମାନଙ୍କର ପ୍ରଥମ ପସନ୍ଦ, ଆଗ୍ରହ।

ଟ୍ରେନିଂ ଶେଷରେ ମିଃ ମହାପାତ୍ରଙ୍କର ପୋଷ୍ଟିଂ ହୁଏ ଓଡ଼ିଶାରେ। କିଛି ଦିନ ବ୍ୟବଧାନରେ ମ୍ୟାଡାମ ଆୟାର ମଧ ଓଡ଼ିଶା କ୍ୟାଡରଭୁକ୍ତ ହେଲେ।

ମିଃ ମହାପାତ୍ର ଓ ମ୍ୟାଡାମ ଆୟାରଙ୍କ ପୁନଃ ସମ୍ପର୍କ ଆରମ୍ଭ ହେଲା। ଛୁଟିରେ ମିଳନ୍ତି, ପୁରୀ ବେଳାଭୂମିରେ ବୁଲନ୍ତି, ଝାଉଁବଣ ବାଲିସ୍ତୂପରେ ଲୁଚକାଳି ଖେଳନ୍ତି।

ମିଃ ମହାପାତ୍ରଙ୍କ ବିବାହ ପ୍ରସ୍ତାବ ନେଇ ବାପ ମା ପ୍ରସ୍ତାବ ଆଣି କ୍ୱାର୍ଟର୍ସକୁ ଆସନ୍ତି ବା ମଧ୍ୟସ୍ଥି ଜରିଆରେ ପଠାନ୍ତି। ହଁ କି ନାଁ କିଛି ନକହି ଚୁପ ରହନ୍ତି ମିଃ ମହାପାତ୍ର।

ସମୟ ଗଡ଼ି ଚାଲିଲା। ପୁଅକୁ ବିବାହ କରି ବୋହୂ ଆଣିବା ଆଶା, ଆକାଂକ୍ଷା ମଉଳି ଯିବା ବେଳେ ଏକ ଦାମୀ ନିମନ୍ତ୍ରଣ ପତ୍ର ପାଇଲେ ପିତା ହରିହର। ଏଡ଼େ ସୁନ୍ଦର ଦାମୀ ନିମନ୍ତ୍ରଣ ପତ୍ରଟିଏ ଦେଖି ଅନେକ ପଢ଼ିଲେ। ସେଥିରେ ମିଃ ଶଙ୍କର ମହାପାତ୍ର ଆଇ.ଏ.ଏସ ମ୍ୟାଡାମ ସ୍ୱପ୍ନା ଆୟାର ଆଇ.ଏ.ଏସଙ୍କୁ ହୋଟେଲ ମେ ଫେୟାରରେ ବିବାହ କରୁଥିବାର ନିମନ୍ତ୍ରଣ ପତ୍ର ଲେଖାଥିଲା। ଆମର ପାରମ୍ପରିକ ନିତି, ନିୟମ, ବିଧି ପରମ୍ପରା ମୁତାବକ ଏହିପରି ଶୁଭ କର୍ମରେ ବାପା ମା'ଙ୍କ ନାମ ଉଲ୍ଲେଖ କରିବା କଥା। କିନ୍ତୁ ସେ ସବୁ ନିମନ୍ତ୍ରଣ ପତ୍ରରେ ନଥିଲା। ପାଖରେ ବସିଥିବା ଗୋପାଳ ରାଏ କହିଲା ଏଟା କ'ଣ ଅଣବାପୁଆ, କଥାଟାକୁ ଉଡ଼ାଇ ନେଇ ପାଟିର ପାନଛେପ ଥୁ କରି ପକାଇ ରତନା ଗଉଡ଼ କହିଲା ଅସଲ କଥା ଅଲଗା। ବାପ ହରି ମହାପାତ୍ର, ଚଷାଭୂଷା, ଅପଠୁଆ ମୁଣ୍ଡିଚଷା ନାଁ ଟା କାର୍ଡରେ ଛପାଯାଇଥିଲେ ଆଇ.ଏ.ଏସ ଭଳି ପଦ ମର୍ଯ୍ୟାଦାରେ କଳଙ୍କ ଲାଗି ଥାଆନ୍ତା। ଏହିପରି ନାନା ଲୋକ ନାନା କଥା କହିଲେ।

ବିଚରା ହରି ମହାପାତ୍ର ଚୁପ୍‌ଚାପ୍ ସବୁ ନୀରବରେ ଶୁଣି ନ ଶୁଣିବା ଭଳି ଅଭିନୟ କରୁଥିଲେ। କିନ୍ତୁ ଦୂରରେ ମା' ପାର୍ବତୀ ଦେବୀ ଭାଗ୍ୟକୁ ନିନ୍ଦା କରି ଜକାଇ ଆସୁଥିବା ଲୁହକୁ କାନିରେ ପୋଛି ପକାଉଥିଲେ।

କଥା ମଝିରେ ପଶିଆସି ଗାଁ ଟହଲିଆ ଚଇତା କହିଲା ଅଜା ଭୋଜିଟା ଖୁବ୍ ଜମିବ, ନିଶ୍ଚୟ ଯିବ। ଗଲେ ମୋତେ ନବାକୁ ଭୁଲିବନି। ଅନେକ ପାଇଟି ମୁଁ ମୋଫତରେ ଉଠାଇ ନେବି। ହରି ମହାପାତ୍ରେ ଖୁବ୍ ଖପା ହୋଇ କହିଲେ ଶଳାଟା କଟା ଘା'ରେ ଚୂନ ମାରୁଛୁ। କାହିଁ ଭୁବନେଶ୍ୱର ପୁଣି ମେ ଫେୟାର ସେଠିକି ଯିବ ହରିଆ ଚଷା, ପୁଣି ମୋ ସହ ଲେଙ୍ଗଟା ମରା ଚଇତା ଅଲାଜୁକଟା।

ବିବାହ ଖୁବ୍ ଜାକ ଜମକ, ଆଡମ୍ବର, ଚାକଚକ୍ୟରେ ହୋଇଥିଲା। ସାଧାରଣ ଲୋକଙ୍କର ସେଠାରେ ପ୍ରବେଶ ନଥିଲା। ମ୍ୟାଡାମ ଆୟାର ବାପା ମା'ଙ୍କର ଏକମାତ୍ର ଗେଲବସର କନ୍ୟା। ପୁଲିସ କମିସନର ଝିଅ ଅଭାବ କ'ଣ ଜାଣନ୍ତି ନାହିଁ। ଜନ୍ମରୁ ଜୀବନଟା ରଙ୍ଗ ରସ, ଆମୋଦ ପ୍ରମୋଦ କୌତୁକ ପରିହାସରେ କଟି ଆସିଥିଲା।

ବିବାହ ପରେ ହାତରେ କ୍ଷମତା, ପୁଣି ଦୁଇଦୁଇଟା। ଗର୍ବ, ଅହଙ୍କାର, ଆତ୍ମାଭିମାନ, ହାମବଡ଼ାପଣ ଦ୍ୱିଗୁଣିତ ହୁଏ। ବାସ୍ତବିକ ଜୀବନ ବହୁ ପଛରେ।

ଓଡ଼ିଶାର ଗରିବ ଲୋକଗୁଡ଼ାକ ଭଳି ନିଜ ଶାଶୂ ଶ୍ୱଶୁର, ଗରିବ ହେଇଥିବାର ଅନୁମାନ କରନ୍ତି। ଅପରିଷ୍କାର, ଅପାଠୁଆ ଗ୍ରାମ ପରିବେଶରେ ପ୍ରତିପାଳିତ ବର୍ଦ୍ଧିତ ସ୍ୱାମୀ ମିଃ ମହାପାତ୍ରଙ୍କୁ ମଫ, ବ୍ୟାକୱାର୍ଡ କହି ଥଟ୍ଟା, ପରିହାସ କରିବାରେ ମଧ ପଛାନ୍ତି ନାହିଁ।

ସ୍ୱାମୀ ସ୍ତ୍ରୀ ଅଫିସ୍ କାମରେ କ୍ଳାନ୍ତ, ଶ୍ରାନ୍ତ, ହାଲିଆ ହୋଇ ଗୃହକୁ ଫେରିବା ପରେ ମିଃ ମହାପାତ୍ର ଟିକିଏ ଖୋଲା ଫାଙ୍କା, ହାଲୁକା ମନରେ ବସିବାକୁ ଚାହାନ୍ତି। କିନ୍ତୁ ମିସେସ୍ ଆୟାର ବସିବାକୁ ସୁଯୋଗ ଦିଅନ୍ତି ନାହିଁ। ଘରେ ଅଯଥା ବସି ବୁଢ଼ାବୁଢ଼ୀଙ୍କ ଭଳି ପାରିବାରିକ ସିରିଏଲ, ବ୍ରେକିଂ ନ୍ୟୁଜ ଟିଭିରୁ ଶୁଣିବା ପାଇଁ ଧୈର୍ଯ୍ୟ ନଥାଏ। ତା'ପରେ ଦିଲ୍ଲୀ, ବମ୍ବେ, ଚେନ୍ନାଇ ଭଳି ବଡ଼ ମେଟ୍ରୋ ସହରରେ ବଢ଼ିକୁଢ଼ି ଆସିଥିବା ମିସେସ୍ ଆୟାର ଭୁବନେଶ୍ୱରକୁ ଗୋଟୋଏ ବଡ଼ ଗାଁ ବୋଲି ତୁଳନା କରନ୍ତି। କହନ୍ତି ଏଠି ଅଛି ବା କ'ଣ? କେତେଟା ଦୋକାନ ବଡ଼ କୋଠା ବୁଲିବାର କିଛି ନାହିଁ।

ମ୍ୟାଡାମ ମିଃ ମହାପାତ୍ରଙ୍କୁ ଟାଣି ନିଅନ୍ତି କ୍ଲବକୁ। ପୁଣି ଆଇ.ଏ.ଏସ ଅଫିସରଙ୍କ କ୍ଲବ। କ୍ଲବକୁ ଆସନ୍ତି ବଡ଼ ବଡ଼ ବ୍ୟବସାୟୀ, ଶିଳ୍ପପତି ଆଉ ଉଚ୍ଚପଦସ୍ଥ ଅଫିସର୍। ଅନେକଙ୍କ ସାଙ୍ଗରେ ସେମାନଙ୍କର ପତ୍ନୀ ଆଉ କନ୍ୟାବି ଆସନ୍ତି। ସନ୍ଧ୍ୟା ପରଠାରୁ କ୍ଲବରେ କୋଳାହଳ ଜମି ଉଠେ। କ୍ଲବରେ ପ୍ରତ୍ୟେକ ରୁମ୍‌ରେ ଆଧୁନିକ ସମାଜର ଚଳଣିରେ ସଜାସଜି, ନାନା ଫୁଲର ସମାବେଶ। କେଉଁ ପ୍ରଜାପତି କେଉଁଫୁଲ ସହ ମଧୁ ସମ୍ପର୍କ ପାଇଁ ଉଦ୍ୟମ କରିବ ତା'ର ଏକ ମନୋରମ ଦୃଶ୍ୟ ଦେଖିବାକୁ ମିଳେ।

ଖୁବ୍ ବ୍ୟସ୍ତ, ବିଜି ରହୁଥିବା ମିସେସ୍ ଆୟାର ପଦ ପଦବୀରେ ଖୁବ୍ ଆନନ୍ଦ ପାଆନ୍ତି। ସହରର କୌଣସି ନା କୌଣସି କ୍ଲବ ବା ଆସୋସିଏସନର ସଭାନେତ୍ରୀ ସେକ୍ରେଟାରୀ। ମହିଳାମାନଙ୍କ ମିନାବଜାର କରିବାଠାରୁ କଲଚରାଲ ସୋ ପର୍ଯ୍ୟନ୍ତ ସବୁ କାମରେ ତାଙ୍କୁ ଆଗ ଡାକ ପଡ଼େ। ଏହି ଫଙ୍କସନ୍‌କୁ ବେଳେବେଳେ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ ଆସନ୍ତି। ସେମାନଙ୍କ ସହ ସୌଜନ୍ୟମୂଳକ ସାକ୍ଷାତ ଖୁବ୍ ଆନନ୍ଦ ମିଳେ ତାଙ୍କୁ। ଏହା ତାଙ୍କର ଅଫିସ୍ କାର୍ଯ୍ୟରେ ପୋଷ୍ଟିଂରେ ସହାୟକ ହୋଇଥାଏ।

ସମୟର ଗତିରେ ଦମ୍ପତିର ଦୁଇ ପୁଅ ଓ ଗୋଟିଏ ଝିଅର ମିସେସ୍ ଆୟାର ଜନନୀ ହେଲେ ସତ କିନ୍ତୁ ସେମାନଙ୍କ ପାଳନ, ପୋଷଣ, ବର୍ଦ୍ଧନର ଦାୟିତ୍ୱ ଥାଏ ଆୟା, ଶିଶୁପାଳିକା ଦାସୀ, ଚାକରାଣୀ ହସ୍ତରେ।

ପିଲାମାନଙ୍କର କୌଣସି ଅଭାବ କରନ୍ତି ନାହିଁ ପିତାମାତା। ଖୁବ୍ ଦାମୀ ନାମୀ ସ୍କୁଲ ପାଠ ପଢ଼ିଲେ, ଟ୍ୟୁସନ ଖଞ୍ଜିଦେଲେ ମିସେସ୍ ଆୟାର। ଖତସାର ଖାଇ ଗଛପତ୍ର ଖୁବ୍ ବଢ଼ିଆଳ, ଦୃଷ୍ଟିଶୀଳ ହେବାଭଳି ପିଲାଗୁଡ଼ା ରୂପକାନ୍ତି, ଜ୍ୟୋତିରେ ସମାଜରେ ଫୁଟି ଉଠିଲେ।

ପିତାମାତାଙ୍କର ଭଲମନ୍ଦ କାମରେ ଆକଟ, ଜବତ, ଶାସନ ନଥିବାରୁ ପିଲାମାନେ ହୋଇଥିଲେ ପ୍ରବଳ ଉଦ୍ଧତ, ଦୁଷ୍ଟ, ଉପରମୁହାଁ। କରି ବସନ୍ତି ଅନେକ ଦୁଷ୍କର୍ମ, ଅପକର୍ମ, ମନ୍ଦ କାର୍ଯ୍ୟ। ବାପା – ମା'ଙ୍କ ନାଁ ଶୁଣିଲେ ପୋଲିସ ଛାଡ଼ିଦିଏ ବା ହାଲୁକା ଦଫା ଲଗାଏ। ଏଣୁ ଲଘୁ, ଗୁରୁଜନଙ୍କୁ ଯଥା ସମ୍ମାନ, ଭକ୍ତି, ଆଦର, ବା ସହୃଦୟତାର ଅଭାବ ରହିଥିଲା ସେମାନଙ୍କ ପାଖରେ।

କ୍ଷମତା ସାମର୍ଥ୍ୟ ବଳରେ ପୋଲିସ ଧରେ ଚୋର ଖଣ୍ଡ ହତ୍ୟାକାରୀଙ୍କୁ, ଜଜ ଜେଲ, ଜୋରିମାନା, ଫାସି ଶୁଣାନ୍ତି। କିନ୍ତୁ କ୍ଷମତା ଓ ଅର୍ଥ ଯୋଡ଼ି ହୋଇଗଲେ ଅସମ୍ଭବ, ସମ୍ଭବ ହୁଏ। କେତେକ ଏହାକୁ ଅପପ୍ରୟୋଗ, ଅନୁଚିତ ଭାବରେ ବ୍ୟବହାର କରନ୍ତି।

ମିଃ ମହାପାତ୍ର ନିଜର କ୍ଷମତା ଓ ପ୍ରଚୁର ଡୋନେସନ୍ ଦେଇ ନାମକରା ଇଞ୍ଜିନିୟରିଂ କଲେଜରେ ଦୁଇପୁଅଙ୍କୁ ଆଡମିସନ କରାଇ ଦେଲେ। ପଢ଼ାସାରି ସେମାନେ ଭିନ୍ନ କମ୍ପାନୀରେ ଚାକିରି କଲେ। ବଡ଼ପୁଅ ଏ ମଧ୍ୟରେ ପୋଷ୍ଟିଂ ପାଇଲା ଜର୍ମାନୀରେ ଓ ସାନ ବମ୍ବେରେ। ସେଠାରେ ସେମାନେ ନିଜ ନିଜ ଲାଇଫ୍ ପାର୍ଟନର ଏ ମଧ୍ୟରେ ବାଛି ନେଇଥିଲେ। ବାପା, ମା'ଙ୍କ ପରାମର୍ଶ ନେବାକୁ ଉଚିତ ମନେ କରିନଥିଲେ ଯେପରି ଡାଡି ମିଃ ମହାପାତ୍ର ନିଜ ପତ୍ନୀ ଭାବେ ଚୟନ କରିଥିଲେ ସମାନଙ୍କ ମମୀଙ୍କୁ।

ଝିଅ ଡଲି କଥା ନକହିଲେ ଭଲ। ପିଲାଦିନରୁ ତାକୁ ଅତ୍ୟଧିକ ମଡର୍ଣ୍ଣ, ଅଲଟ୍ରା ମଡର୍ଣ୍ଣ ଚିନ୍ତା ଭାବନାରେ ବୁଡ଼ାଇ ରଖିଥିଲେ ମିସେସ୍ ଆୟାର।

ଡଲି ବଡ଼ ହେଲା। ତନୁ ମନରେ ଯୌବନ, ଶ୍ରାବଣ ନଦୀର ପ୍ରଗଲଭା ବନ୍ୟାର ସ୍ରୋତ ଭଳି ବହିଲା। ଆଧୁନିକା ତରୁଣୀଟିଏ ଭାବ ଭଙ୍ଗୀରେ ମିନିସ୍କଟ ଓ ଲୋ - କଟ ବ୍ଲାଉଜ୍ ଭଳି ଅର୍ବାଚୀନ ପୋଷାକ ପିନ୍ଧି ବଜାର ଯାଏ। ଚାଖଣ୍ଡେ, ତିନି ଆଙ୍ଗୁଳି ମିନିସ୍କଟ ପିନ୍ଧିଥିବାର ଯେତିକି ଦିଏ, ନଗ୍ନତାର ବିଜ୍ଞାପନ ତତୋଽଧିକ ପ୍ରଚାର କରେ।

ଡଲି ବି.ଏ ପାଶ୍ କରି ଏମ୍.ଏରେ ନାମ ଲେଖାଇଲା ବେଳୁ ତା'ର ବିବାହ ପାଇଁ ବ୍ୟସ୍ତ ହୋଇ ଉଠିଲେ ପିତାମାତା। ପାତ୍ର ଅନୁସନ୍ଧାନରେ ରହିଲେ। କ୍ଲବରେ ମଧ୍ୟ ଆଖି ବୁଲାଇଲେ।

କ୍ଲବରେ ସେଦିନ ଥିଲା ବାର୍ଷିକ ଉତ୍ସବ। ବହୁ ଲୋକଙ୍କ ଗମନା ଗମନ, କୋଳାହଳ। ବନ୍ଧୁ ମିଳନ ବ୍ୟସ୍ତତା ମଧ୍ୟରେ ମିସେସ୍ ଆୟାରଙ୍କ ଦୃଷ୍ଟି ପଡ଼ିଲା ଜଣେ ଅପରିଚିତ ଯୁବକଙ୍କ ପାଖରେ।

ଯୁବକର ଚମତ୍କାର ଚେହେରା, ହିନ୍ଦି ସିନେମାର ହିରୋଙ୍କ ଭଳି। ପିନ୍ଧିଥିଲେ ଲାଟେଷ୍ଟ ସୁଟ୍, ଟାଏ। ଟାଇରେ ସୁନାରେ ତିଆରି ଟାଇପିନ୍। ହାତରେ ଖୁବ୍ ଦାମୀ ସିଗାରେଟ୍ ପ୍ୟାକେଟ୍। କୋଟ୍‌ର ଛାତି ପକେଟରେ ପାର୍କର କଲମ। ଯୁବକର ଚେହେରା ଚାଲିଚଳନ, ସ୍ମାର୍ଟନେସ୍, କଥାବାର୍ତ୍ତା ମିସେସ୍ ମହାପାତ୍ରଙ୍କୁ ପ୍ରଭାବିତ କଲା। ଘଡ଼ିଏ କାଳ ଅନାଇ ରହିଲେ। ଭାବିନେଲେ ପିଲାଟା ନିଶ୍ଚୟ, କୌଣସି ଗୋଟାଏ ବଡ଼ ଚାକିରି କରିଥିବ ଓ ବଡ଼ ଲୋକର ପୁଅ ହୋଇଥିବ।

ନିଜେ ଯୁବକଙ୍କ ସହ ପରିଚିତ ହେଲେ। ଝିଅ ଡଲି ଓ ଅନ୍ୟ ଝିଅମାନେ ସ୍ୱତଃପ୍ରବୃତ୍ତ ଭାବେ ଏହି ସୌମ୍ୟ, ସୁନ୍ଦର ଯୁବକ ସହ ପରିଚିତ କରାଇଲେ।

ଝିଅ ଡଲି ପିଲାର କଥାବାର୍ତ୍ତା ଚାଲିଚଳଣ ସୌନ୍ଦର୍ଯ୍ୟରେ ଫସିଗଲା। ମିସେସ୍ ଆୟାର ଗୃହକୁ ଡକାଇ ଡଲି ସହ ବିବାହ ପ୍ରସ୍ତାବ ବାଢ଼ିଲେ। ପିଲା କ'ଣ ଏ ସୁଯୋଗ ଛାଡ଼େ ?

ହାତମଧ୍ୟେ ବ୍ରହ୍ମଜ୍ଞାନ ଆଲୋଚନା ନକରି ନିରୋଳ, ନିକାଞ୍ଚନ ଏକାଟିଆ ପିଲାର ବାୟୋଡାଟା ନେବା ପାଇଁ ଗୃହକୁ ଡକାଇଲେ ମିସେସ ଆୟାର।

ଯୁବକ ସତ୍ୟ ତା ପାଠପଢ଼ା, ଚାକିରି ବିଷୟରେ କହିଲା। ସେ ଇଂଲଣ୍ଡରେ ବିଜନେସ୍ ଆଡମିନିଷ୍ଟ୍ରେଟିଭିରେ ହାୟର ଷ୍ଟଡି କରି, ପରେ ଆମେରିକାରେ ବିଜିନେସ୍ ମ୍ୟାନେଜମଣ୍ଟେରେ ମଧ୍ୟ ତାଲିମ ନେଇଛି। ଏବେ ପ୍ରଥମେ ଓଡ଼ିଶାରେ ପୋଷ୍ଟିଂ, ପରେ ଏଠୁ ବମ୍ବେ ବଦଳି ହୋଇଯିବ।

ସେ ପିଲାଦିନୁ ପିତାମାତାଙ୍କୁ ହରାଇଛି। ସେ ବର୍ତ୍ତମାନ ସୁଦ୍ଧା ବ୍ୟାଚଲର। ଯୁବକ ସତ୍ୟ ସଂକ୍ଷେପରେ ତା' ଲାଇଫ ସ୍କେଚ ଏପରି ଉପସ୍ଥାପିତ କଲା ଯେ ମା' ଝିଅଙ୍କୁ ଯୁବକ ସତ୍ୟର କଥାଗୁଡ଼ା ଅମୃତ ତୁଲ୍ୟ ଲାଗିଲା।

ମିସେସ୍ ଆୟାର ଝିଅ ଡଲିର ବିବାହ ପ୍ରସ୍ତାବ ବାଢ଼ିବାରୁ ମୃଦୁହାସ୍ୟରେ ସମ୍ମତି ଜଣାଇଲା ସତ୍ୟ। ଡାଉରୀ ନେବା ପ୍ରଶ୍ନ ଯେତେବେଳେ ଉଠିଲା ସତ୍ୟ କହିଲା ସେ ସବୁ ଜିନିଷ ତା' ଘରେ ଭରପୂର ରହିଛି ସେଗୁଡ଼ାକୁ ସେ ନେବନାହିଁ। ଏଣୁ ନିଜର ଇଜ୍ଜତ ରକ୍ଷା କରିବା ଯାଇ ମିସେସ୍ ଆୟାର ମିଃ ମହାପାତ୍ରଙ୍କ ପରାମର୍ଶରେ ପାଞ୍ଚଲକ୍ଷ ଟଙ୍କାର ଏକ ଚେକ୍ ସତ୍ୟ ହାତକୁ ବଢ଼ାଇ କହିଲେ ପୁଅ ଏହା ତୁମ କାର ଓ ଅନ୍ୟାନ୍ୟ ସରଞ୍ଜାମ ପାଇଁ ସାମାନ୍ୟ ଉପହାର।

ବିବାହ ପରେ ହନିମୁନ ପାଇଁ ଗୋଆର ଏକ ହୋଟେଲର ସମସ୍ତ ବ୍ୟବସ୍ଥା କରାଇ ଦେଇଥିଲେ ମିସେସ ଆୟାର।

ହୋଟେଲରେ ଖାଇପିଇ ଶୟନ କକ୍ଷକୁ ଦୁଇଜଣ ମଧୁଚନ୍ଦ୍ରିକା ଯାପନ କରିବା ଉଦ୍ଦେଶ୍ୟରେ କବାଟ ବନ୍ଦ କରିବା ଆଗରୁ ସତ୍ୟ କିଛି ମଧୁର ପାନୀୟ ଆଣିବାର ବାହାନାରେ ବାହାରକୁ ଚାଲିଗଲା ଆଉ ଫେରିନି। ଦୁଇ ଦୁଇ ଦିନ ହୋଟେଲରେ ଡଲି ରହି ଘରକୁ ଫେରି ଦୁଃଖ କହିଗଲା। ମିସେସ୍ ଆୟାର ମନଦୁଃଖ, ଅନୁତାପ ଅପରିଣାମ ଦର୍ଶିତାରେ ଭାଙ୍ଗିପଡ଼ିଲେ। ଝିଅ ଡଲିର ଭବିଷ୍ୟତ ଅନ୍ଧକାର ମଧ୍ୟକୁ ଠେଲିଦେଇ ଥିବା ହେତୁ ଆଖିରେ ନିଦ ହେଲାନି, ପେଟକୁ ଦାନା ଗଲା ନାହିଁ।

ଅନୁସନ୍ଧାନରୁ ଜଣାପଡ଼ିଲା ଯୁବକଟି ପୂରା ମିଥ୍ୟାବାଦୀ ଥିଲା। ଏକ ପ୍ରାଇଭେଟ କମ୍ପାନୀରେ ଚାକିରି କରି ଅର୍ଥ ତୋଷର ପାତ କରି ତଡ଼ା ଖାଇଥିଲା। ପରେ ମନ୍ତ୍ରୀର ପୁଅ, କମିସନର ଭାଇ କହି ବିଭିନ୍ନ ସ୍ଥାନରୁ ବେଶ୍ ପଇସା ଆଣି ପକେଟ ଗରମ କରୁଥିଲା। କେତେଥର ପୋଲିସ ହାଜତରେ ପୂରାଇ ମାଡ ବି ମାରିଛି। ଏହି ପ୍ରକାର ଧନ୍ଦା ଚଳାଇଥିବା ବେଳେ ମିସେସ ଆୟାରଙ୍କ ଝିଅ ଡଲିକୁ ବିବାହ କରି ଠକିଦେଇ ଚମ୍ପଟ ମାରିଲା ପରେ ଡଲି ଅନ୍ୟଜଣଙ୍କୁ ପ୍ରେମ ବିବାହ କରି ବିଦେଶ ଚାଲିଗଲା।

**ଦୁଇ**

ମିସେସ ଆୟାର ବର୍ତ୍ତମାନ ହାଏ ବି.ପି ଓ ହୃଦଘାତ ରୋଗରେ ପୀଡିତା। ସ୍ୱାମୀ ସ୍ତ୍ରୀଙ୍କ ରିଟାୟାରମେଣ୍ଟ ପରେ ସରକାରୀ କ୍ୱାର୍ଟର୍ସ ଛାଡ଼ି ଏବେ ନିଜ ଗୃହରେ। ପିଅନ, ଚପରାସୀ, ଦରୱାନ, ଡ୍ରାଇଭର, ମାଳି ତ ଘରେ ନାହାନ୍ତି ଆଦେଶ ମାନିବାକୁ। ପୁଅ, ବୋହୂ, ଝିଅତ ଆଖ ପାଖରେ ନାହାଁନ୍ତି। ସେମାନଙ୍କ କାର୍ଯ୍ୟର ପ୍ରେସର ଯାହା ଥାଉନା କାହିଁକି ସେମାନେତ ପିଲାଦିନୁ ବାପ - ମାଆଙ୍କଠାରୁ ସ୍ନେହ ଆଦର ପାଇ ନାହାନ୍ତି, ସାମାଜିକ ସଂସ୍କୃତିର ଚାଲିଚଳନ, ଗୁରୁଜନ ଓ ଲଘୁଜନଙ୍କୁ ସ୍ନେହ, ଶ୍ରଦ୍ଧା, ମମତା ସମ୍ମାନ ଦେବା କଥା ଶିକ୍ଷା ଦିଆ ଯାଇନାହିଁ। ଯାହା ଶିଖିଛନ୍ତି ଭଡ଼ାରେ ଚାକର, ଚାକରାଣୀ ଓ ଆୟାଙ୍କଠାରୁ। ଦ୍ୱିତୀୟ କଥା ସେମାନେ ନିଜକଥା, ସ୍ତ୍ରୀ ପିଲାଙ୍କ କଥାକୁ ନେଇ ବ୍ୟସ୍ତ। ଏ ବସ୍ତୁବାଦ ଜଡ଼ବାଦ ଭୌତିକ ପଦାର୍ଥ ଅଧିକରୁ ଅଧିକ ପାଇବାର ଆଶା ଆକାଂକ୍ଷା ସର୍ବଦା ମନ ଓ ଆତ୍ମାଠାରୁ ପୃଥକ କରିଦିଏ।

ପିଲାମାନେ ମିସେସ୍ ଆୟାରଙ୍କ ଅସୁସ୍ଥତା ଜାଣନ୍ତି, ବାପା ଓ ଅନ୍ୟଙ୍କଠାରୁ ଖବର ପାଆନ୍ତି କିନ୍ତୁ ଥରେ ଅଧେ ଆସିଯିବାକୁ କେବେ ଆନ୍ତରିକତା ସହ ଭାବି ନାହାନ୍ତି। ଯାହା ଭାବନ୍ତେ, ଚିନ୍ତତେ ପଛରୁ ପାଶ୍ଚାତ୍ୟ ସଂସ୍କୃତିରେ ବଢ଼ିଥିବା ତାଙ୍କ ସ୍ତ୍ରୀମାନେ ପଛକୁ ଟାଣନ୍ତି। କୁହନ୍ତି ସମୟ କାହିଁ, ଯାତାୟାତ ଖର୍ଚ୍ଚ ଅନେକ। ଏଣୁ କିଛି ଟଙ୍କା ପଠାଇ ଦେବାର ପରାମର୍ଶ ଦିଅନ୍ତି।

ଗତ କେତେ ଦିନ ଧରି ମିସେସ୍ ଆୟାର ଅଚେତ, ବେହୋସ, ସଂଜ୍ଞାହୀନ। ଡାକ୍ତରଙ୍କ ଉଦ୍ୟମ ଅବ୍ୟାହତ ରହିବା ସତ୍ତ୍ୱେ ସ୍ୱାସ୍ଥ୍ୟର କୌଣସି ଉନ୍ନତି ହେଉନାହିଁ। ମୃତ୍ୟୁ ଯେ ଅତି ନିକଟ ସମ୍ବାଦ ପଠାଇ ଦିଆଗଲା ପୁଅଝିଅ ଆତ୍ମୀୟ ପରିଜନଙ୍କୁ। ଅନେକ ଆସିଲେ ଦେଖିଲେ ସଂସାରର ଧରାବନ୍ଧା ବିଧି ନିୟମରେ। କିନ୍ତୁ ନିଜ ରକ୍ତରୁ ଜନ୍ମିତ କେହି ସେ ପର୍ଯ୍ୟନ୍ତ ଆସିନଥିଲେ ମିଃ ମହାପାତ୍ରଙ୍କୁ ଦୁଃଖ ଲାଘବ କରିବାକୁ।

ଦୁଇଦିନ ପରେ ପ୍ରଭାତରେ କୁକୁର ହଠାତ୍ କାନ୍ଦକାନ୍ଦ ସ୍ୱରରେ ରଡିଛାଡ଼ିଲା। ଘରେ ପଞ୍ଜୁରୀ ଆବଦ୍ଧ ଶୁଆଟା ମା' ମା' କରି ଡାକ ଛାଡ଼ିଲା। ମିଃ ମହାପାତ୍ର ବିଳମ୍ବ ରାତିରେ ଡାକ୍ତରଖାନାରୁ ଫେରି କ୍ଲାନ୍ତ, ହାଲିଆରେ ବିଛଣାରେ ଗଡ଼ପଡ଼ ହେଉ ହେଉ ଶୋଇଯାଇଥିଲେ ଗାଢ଼ ନିଦ୍ରାରେ। ଏପରି

ଅପ୍ରତ୍ୟାଶିତ, ଅଶୁଭ, ଅମଙ୍ଗଳ କରୁଣ ଚିତ୍କାର ତାଙ୍କ ନିଦ୍ରାଭଙ୍ଗ କଲା। ମାଲିକ ଅସୁବିଧାରେ, ବିପଦ ଆଶଙ୍କା, ଆସନ୍ନ ବିପଦରେ ପଡ଼ିଥିଲେ ପଶୁ ପକ୍ଷୀ ସତର୍କ କରିଦିଅନ୍ତି। ମୃତ୍ୟୁରେ ଅଶ୍ରୁ ବିସର୍ଜନ ପୂର୍ବକ ଶୋକପାଳନ କରୁଥିବା କଥା ଶୁଣିଥିଲେ କିନ୍ତୁ ଏବେ ସତ୍ୟତା ଜାଣିଲେ।

ଡାକ୍ତରଖାନାରେ ପହଞ୍ଚି ଶୁଣିଲେ ପତ୍ନୀ ମିସେସ ଆୟାର ଅଳ୍ପ ସମୟ ଆଗରୁ ଶେଷ ନିଃଶ୍ୱାସ ତ୍ୟାଗକଲେ। କୋହ ସମ୍ବରଣ ପୂର୍ବକ ଏହି ସମୟରେ କ'ଣ କରାଯାଇପାରେ ଚିନ୍ତାକରି ପୁଅ ଝିଅମାନଙ୍କୁ ପ୍ରଥମ ଖବର ପଠାଇ ମମୀର ଶେଷ ଦର୍ଶନ ପୂର୍ବକ ଶବ ସତ୍କାର ବ୍ୟବସ୍ଥା କରିବେ। ବଡ଼ପୁଅକୁ ଖବର ଗଲା। ସେ ଆସିଲା ଚାରିଦିନ ପରେ। ବମ୍ବେରେ ଥିବା ସାନପୁଅ ସବୁ ଠିକ୍‌ଠାକ୍ କରନ୍ତୁ ମୁଁ ପହଞ୍ଚୁଛି କହି ବିଳମ୍ବ କଲା। ଶବ ପଚିବା ଆରମ୍ଭ କଲା। ବାସିମଡ଼ା ଘରେ ରଖିବା ଅଶୁଦ୍ଧ, ଅନୀତି ଅମଙ୍ଗଳକର କହି ଲୋକେ ନିନ୍ଦାକଲେ ନାକ ଟେକିଲେ। ଝିଅବି ଅପହଞ୍ଚ। ଏଣୁ ଆଉ ବିଳମ୍ବ ନକରି ମିଃ ମହାପାତ୍ର ମୁଖାଗ୍ନି ଦେଲେ। ଅନ୍ୟାନ୍ୟ କାର୍ଯ୍ୟକ୍ରମ ଯାହିତାହି ସାମାନ୍ୟ ଭାବେ କରି ଚାଲିଯିବା ପାଇଁ ପୁଅମାନେ ବାହାରିଲେ। ମିଃ. ମହାପାତ୍ର ଘର କୋଠାବାଡ଼ି ବ୍ୟାଙ୍କ ବାଲାନ୍ସର ହିସାବ ଆଗରେ ଥୋଇଲେ। ସେମାନଙ୍କ ନାମରେ ଥିବା କୋଠାର କାଗଜପତ୍ର ଓ ଫିକ୍ସଡ଼ ଡିପୋଜିଟ୍‌ର ବଣ୍ଡସ ହସ୍ତାନ୍ତର କରି ଦେଉଥିଲେ।

ବଡ଼ପୁଅ କହିଲା ଡାଡି ଏବେକାର ବଜାରରେ ଏହି ସମ୍ପତିର ମୂଲ୍ୟ ଆମେରିକୀୟ ଡଲାରରେ ବିଶେଷ କିଛି ନୁହେଁ। ସମୟ ସୁଯୋଗ ଦେଖି ଏହା ନେବି କହି ସେହିଦିନ ସନ୍ଧ୍ୟା ଉଡାଣରେ ଚାଲିଯାଇଥିଲା। ସାନପୁଅ କହିଲା ଡାଡି ମୁଁ ତ ଆମ ଦେଶରେ ଅଛି। ଗରାଖ ଠିକ୍ କରି ରଖିବେ। ମୁଁ ଆସି ବିକ୍ରିଲବ୍ଧ ଟଙ୍କା ନେଇ ବମ୍ବେର ଅର୍ଦ୍ଧନିର୍ମିତ ଥିବା ବଙ୍ଗଳାର କାମ ଶେଷ କରିବି।

ସଦ୍ୟ ପତ୍ନୀହରା ଜୀବନ ଯାପନ କରିବାକୁ ଯାଉଥିବା ପିତାଙ୍କୁ କେହି କିଛିଦିନ ସାଥିରେ ନେଇ ମନ ପରିବର୍ତ୍ତନ ଆଣିବା କଥା ଉଠାଇ ନଥିଲେ କି ତାଙ୍କର ଦେଖାଚାହାଁ ପାଇଁ କିଛି ଗୋଟାଏ ବିକଳ୍ପ ବ୍ୟବସ୍ଥା କରିଯାଇ ନଥିଲେ।

ମିଃ ମହାପାତ୍ର ସ୍ତ୍ରୀଙ୍କ ଅକାଳ ବିୟୋଗ, ପୁଅ ବୋହୂଙ୍କ ତାଙ୍କ ପ୍ରତି ଅବହେଳା, ଅବଜ୍ଞା, ଅନାଦର ଯୋଗୁ ଖୁବ୍ ଚିନ୍ତାଗ୍ରସ୍ତ, ଭାବନା ଭାରରେ ପ୍ରପୀଡିତ ହୋଇ ପଡ଼ିଥିଲେ। ଅତୀତର ସେ କ୍ଷମତା, ଜୀବନକୁ ତୃପ୍ତିର ସହ ଭୋଗ କରିବା କଥା ମନେ ପକାଇ ଚକ୍ଷୁରେ ସ୍ୱତଃ ଲୁହ ଜକେଇ ଆସେ।

କିନ୍ତୁ ସମୟର ଏକ ଅଦ୍ଭୁତ ଶକ୍ତିଅଛି, ଯାହା କ୍ଷତାକ୍ତ ମନକୁ କ୍ରମେ କ୍ରମେ ସୁସ୍ଥତା ଭରିଦିଏ। Time can heat the pangs.

ଖବର କାଗଜ ଅଧିକ ପଢ଼ିଲେ, ଟି.ଭି. ସିରିଆଲ ଦେଖିଲେ। ଗୃହକର୍ମରେ ନିଯୁକ୍ତ ଫୁଲ ସହ ଅଧିକ ସମୟ ଆଳାପ କରି ସମୟ କଟାଇଲେ।

କିନ୍ତୁ ମିଃ ମହାପାତ୍ରଙ୍କର ହଠାତ୍ ଦିନେ ମନେ ପଡ଼ିଗଲା ଗାଁ, ପିଲା ଦିନର ସ୍ମୃତି। ମନେ ପଡ଼ିଗଲା ସେ ନଦୀ ପହଁରା, ମାଛଧରା, ବାଗୁଡ଼ି ଖେଳ। ତାହା ସହ ଜମିଦାରବାବୁଙ୍କ ବଗିଚାରୁ ଆମ୍ବ, ଲିଚୁ କମଳା ଚୋରି କଥା। ସେ ମଦୁଆ, ଯାଦୁଆ, ଗୋପ, ଅନାଥ ସାଙ୍ଗଙ୍କ କଥା।

ଗୋପ ଥିଲା ସାହସୀ, ଚଲାଖ, ଚତୁର କିନ୍ତୁ ପାଠଟା ସେପରି ହେଉ ନଥିଲା। ମିଃ ମହାପାତ୍ରଙ୍କର ସେ ଥିଲା ଖୁବ୍ ସାଙ୍ଗ। ଖୁବ୍ ସାହସକରି ଚୁପ୍‌ଚୁପ୍ କରି ଜମିଦାରଙ୍କ ମିଠା ଆମ୍ବ ଗଛରୁ ଗଣ୍ଡେ ଛଅଟା ଆଣି ନିଜେ ଗୋଟେ ପାଟିରେ ପୂରାଇ ସବୁ ବାଣ୍ଟି ଦେବ। କହିବ ଆବେ ଖାଆ ଆହୁରି ଆଣିବି। ତା' ମନରେ ଛନ୍ଦ, ମାୟା, କପଟ, ତୋର ମୋର ଭାବ ନଥାଏ। ଭାରି ପର ଉପକାରୀ ଦୟାଳୁ ମଧ୍ୟ। ମାଟ୍ରିକ ପାଶ୍ କରି ପାଖ ସ୍କୁଲରେ ଶିକ୍ଷକତା କଲା। ମିଃ ମହାପାତ୍ର ଅଧିକ ପଢ଼ିବା ପାଇଁ ଚାଲିଆସିଲେ ସହରକୁ। ମିଃ ମହାପାତ୍ର ବାହାରିଗଲେ ନିଜ ଗାଁକୁ ଭେଟିବାକୁ ସାଙ୍ଗ ସୁଖିଙ୍କୁ, ପୈତୃକ ଘର, ଜାଗା ଦେଖି ଆସିବାକୁ ଦୀର୍ଘ ତିରିଶ ବର୍ଷ ପରେ। କାନ୍ଧରେ ଖଣ୍ଡେ ଝୁଲାବ୍ୟାଗ ନେଇ ବସ୍‌ରେ ଯାଇ ପହଞ୍ଚିଲେ ଗାଁ ମୁଣ୍ଡ ଦୋ ଛକିରେ। ସେଠୁ ଗାଁ କଡାକକର ବାଟ।

ଚାଲି ଚାଲି ପହଞ୍ଚିଲେ ପୋଖରୀ କୂଳ ବରଗଛ ପିଣ୍ଡିରେ। ପୋଖରୀରେ ହାତ ଗୋଡ଼ ଧୋଇ ପାଖ ଶିବ ମନ୍ଦିର ବେଢ଼ାରେ ବୁଲାବୁଲି କଲେ। ଧୀରେ ଧରେ ଗାଁ ଭିତରକୁ ପଶିଲେ। ଦେଖିଲେ ଗାଁର ବିରାଟ ପରିବର୍ତ୍ତନ। ସମସ୍ତଙ୍କର ପକ୍କାଘର, ଉପରେ ଟିଭିର ଆଣ୍ଟିନା। ଦ୍ୱାରଦେଶରେ ମଟର, ସାଇକେଲ ବା କାର। ପକ୍କା କଙ୍କ୍ରିଟରୋଡ। କିନ୍ତୁ ଚତୁର୍ଦ୍ଦିଗ ବୃକ୍ଷ ସବୁଜିମା ହାନ। ଗାଁକୁ ଲାଗିଥିବା ହନୁମନ୍ତିଆ ପାହାଡ଼ ନଣ୍ଡା ପଥର ଫଟାଇ ଲୋକେ ଟ୍ରକ, ଶଗଡ଼ରେ ଚିପସ୍ ବୋହି ନେଉଛନ୍ତି।

ପିଲାଗୁଡ଼ା କ୍ରିକେଟ ବ୍ୟାଟ, ବଲ ଧରି ଧାଇଁଛନ୍ତି ଖେଳ ପଡିଆକୁ। ତାଙ୍କ ସମୟରେ ବାଗୁଡ଼ି, ଫୁଟବଲ, କାଠିଡିଆଁ, କାଚଗୁଲି ଖେଳ ଆଖିରେ ପଡ଼ିଲା ନାହିଁ।

ଖେଳ ପଡ଼ିଆକୁ ଏକମୁହାଁ ହୋଇ ଦୌଡ଼ି ଯାଉଥିବା ଗୋଟିଏ ପିଲାକୁ ଗୋପବାବୁଙ୍କ ଘର କେଉଁଟା ପଚାରିଲେ। ପିଲାଟି ଆଙ୍ଗୁଠି ଦେଖାଇ ଦେଇ ଧଇଁସଇଁ ହୋଇ ଦୌଡିଲା।

ଚାଲିଛନ୍ତି। ଲୋକେଦେଖୁଛନ୍ତି କେହି ଜଣେ ବନ୍ଧୁ, କୁଣିଆ କାହା ଘରକୁ ଆସିଥିବେ ଭାବି ନିଜ କାମରେ ଚାଲିଛନ୍ତି। ସେ ବି ଚିହ୍ନନ୍ତିନି କାହାକୁ।

କିଛି ଦୂରରୁ ଦେଖି ପାରିଲେ ଜଣେ ବୟସ୍କ ଲୋକ, ଆଗକୁ ସାମାନ୍ୟ ଢଳି ଚାଲିଛନ୍ତି। ଆଖିରେ ଚଷମା। ମୁଣ୍ଡ ଚନ୍ଦା, କାନ ଉପର କେଶ ଓ ନିଶ ପକ୍ୱ। ମୁଖରେ ଖୁସି, ଆନନ୍ଦ, ପ୍ରସନ୍ନତାର ଛିଟାଆଗରେ ହାତରେ ଏକ ଚକୋଲେଟ ପ୍ୟାକେଟ ଧରି ଦୌଡୁଥିବା ପିଲାଟିକୁ ଆକଟ କରି କହୁଥିଲେ 'ଧୀରେ ଚାଲ, ପଡ଼ିଯିବୁ, ଗାଡ଼ି ମଟରକୁ ସାବଧାନ।' ସେ କିନ୍ତୁ ଶୁଣିବାକୁ ରାଜି ନୁହେଁ କ'ଣ ଗୋଟେ ଘଟିଯିବ ସେ କଥା ତାକୁ ଜଣାନାହିଁ, ଭାବିନାହିଁ, କେୟାର ବି ନାହିଁ। ନିଜେ ଦୌଡି ଆସି ପିଲାଟିର ହାତ ଧରି ଚଲାଇଲେ ଭଦ୍ରଲୋକ।

ମିଃ ମହାପାତ୍ର ଚିହ୍ନିଗଲେ ସେ ହିଁ ତାଙ୍କ ବନ୍ଧୁ ଗୋପ। କିନ୍ତୁ ଗୋପବାବୁ ପିଲାଟିର କଥାନେଇ ବ୍ୟସ୍ତ ଥିବାରୁ ଧ୍ୟାନ ଦେଇନଥିଲେ ପଥିକଙ୍କୁ। ଅତି ନିକଟକୁ ମିଃ ମହାପାତ୍ର ଆସିଯିବାରୁ ଗୋପବାବୁ ପଚାରିଲେ କାହା ଘରକୁ ଯିବେ କି ଆଜ୍ଞା ?

ମୃଦୁହସରେ ମିଃ ମହାପାତ୍ର କହିଲେ, 'ବହୁଦୂରୁ ଆସିଛି ପଥିକ ମୁଁ ପ୍ରଥମେ ସେ ଘରେ ହେବି କୁଣିଆ, ଘେନା' କର ହେ ମଣିମା।'

ଗୋପବାବୁ ମୁଣ୍ଡ ଟେକିଲେ, ନିରେଖି ପଥିକଙ୍କୁ ଅନାଇ କହିଲେ ଆହେ କବିବର ତୁମେ କ'ଣ ସେହି ବାଲ୍ୟବନ୍ଧୁ ଶଙ୍କର।'

ଦୁଇ ବନ୍ଧୁଙ୍କ ମିଳନ ତିରିଶ ବର୍ଷପରେ। କୋଳାକୋଳି ହୋଇ ଚାଲିଲେ ଗୋପ ବାବୁଙ୍କୁ ଗୃହକୁ।

ଘରେ ପହଞ୍ଚି ଡାକ ଛାଡ଼ିଲେ ନୀଳିମା ଆସ ଦେଖ। ମୋ ବନ୍ଧୁ ଶଙ୍କର ଆସିଛି। ନୀଳିମା ଅପ୍ରସ୍ତୁତ ଥିଲେ। ବାହାରକୁ ଆସି ମୁଣ୍ଡର ଶାଢ଼ିଟାକୁ ଟାଣି, ହସି ନମସ୍କାର ଜଣାଇଲେ ଅତିଥିଙ୍କୁ। ଗୋପବାବୁ କହୁଥିଲି ନା ମୋ ବନ୍ଧୁ ଶଙ୍କର ଓଡ଼ିଶାର ମୁଖ୍ୟ ପ୍ରଶାସକ ଅର୍ଥାତ Chief Secretary ଶଙ୍କର (ମିଃ ମହାପାତ୍ର) – ଗୋପ ସେ କଥା ଅତୀତ। ଥିଲି Chief ଏବେ Cheap.

ଗୋପବାବୁ – ସେଟା କ'ଣ ?

ଶଙ୍କର – ଅର୍ଥାତ ମୁଁ ଏବେ ଜଣେ ସର୍ବସାଧାରଣ ଅଳ୍ପ ମୂଲ୍ୟର, ଶସ୍ତା ନିକୃଷ୍ଟ ମାନର ମଣିଷଟିଏ। କାରଣ ଜନସାଧାରଣ ପରିବାରଙ୍କଠାରୁ ଦୂରେଇ ରହି ଅବସର ପରେ ମୁଁ ଏବେ ଅଲୋଡ଼ା, ଅଖୋଜା, ଅଦରକାରୀ। ମୁଁ ଏବେ ସହରରେ ସାହେବ ମିଃ ମହାପାତ୍ର ନୁହେଁ, ବା ସାର,ଆଜ୍ଞା,ଆପଣ ପଦପଦବୀରେ ଭୂଷିତ ନୁହେଁ। ନୀଳିମା ବୋହୂ

ଦୁଇଜଣଙ୍କ ହାତରେ ଚା, ବିସ୍କୁଟ, ପାଣି ମଗାଇଲେ। ସେମାନେ ଅତିଥିଙ୍କୁ ନମସ୍କାର ପୂର୍ବକ ଚା' ପାନ କରିବା ପାଇଁ ଅନୁରୋଧ କରିଗଲେ। ନାତି, ନାତୁଣୀ ଦୁଇଜଣ ଶଙ୍କର ବାବୁଙ୍କ ପାଦଛୁଇଁ ନମସ୍କାର କରି ଜେଜେମା'ଙ୍କ ଦୁଇ ପାଖରେ ଜାକିଜୁକି ହୋଇ ବସି କଥା ଶୁଣୁଥିଲେ।

ଶଙ୍କର ବାବୁ ନିଜ ପିତୃଗୃହ ବିଷୟରେ ପଚାରିଲେ ବନ୍ଧୁଙ୍କୁ ଏବଂ ଅନୁରୋଧ କଲେ ସାଥିରେ ଯିବା ପାଇଁ। ପିତାମାତାଙ୍କ ଦେହାନ୍ତ ପରେ ସାନ ଭଉଣୀର ଦାୟିତ୍ୱରେ ଘର ଥିଲା। ସେ ଏବେ ସ୍ୱାମୀଙ୍କ ସହ ଦୂର ସହରରେ ରହିଛି। ଗଲେ ଦେଖିଲେ ଘରର ଅବସ୍ଥା ଜରାଜୀର୍ଣ୍ଣ, ମାଟିକାନ୍ଥ ଠାଏ ଠାଏ ଖସି ପଡ଼ିଛି। ଏହା ଦେଖି ଆଖିରେ ଲୁହ ଜକାଇ ଆସିଲା। ବେଳ ଗଡ଼ିଯାଇଥିଲା। ସହରକୁ ଫେରିଯିବା ପାଇଁ ବସ୍ ବି ନଥିଲା। ଗୋପବାବୁ ବନ୍ଧୁଙ୍କ ରାତ୍ରିଯାପନ, ଭୋଜନ ପାଇଁ ବ୍ୟବସ୍ଥା କରିବା ପାଇଁ ସ୍ତ୍ରୀ ନୀଳିମାଙ୍କୁ ଜଣାଇଲେ। ପୁଅ ଦୁଇଜଣ ଗୋପବାବୁଙ୍କର ନିଜର ଡ୍ୟୁଟିରୁ ଫେରି ଆସିଥିଲେ। ଜଣେ ପାଖ ଗାଁ ସ୍କୁଲରେ ଶିକ୍ଷକ ଓ ଅନ୍ୟ ଜଣେ ପାଖ ପଞ୍ଚାୟତ ଅଫିସରେ ହିସାବ ରକ୍ଷକ। ଶୁଣିଲେ ପିତାଙ୍କର ଜଣେ କେହି ବାଲ୍ୟବନ୍ଧୁ ଆସିଛନ୍ତି, ଦେଖାକଲେ। ଅତିଥି ସତ୍କାର ପାଇଁ ନିଜ ପୋଖରୀରୁ ମାଛ ଧରିଲେ, ବାଡ଼ିର କଦଳୀ, ବାଇଗଣ, କଲରା, ଜହ୍ନି ଆଦି ବିଭିନ୍ନ ପରିବା ମା'ଙ୍କ ପାଖରେ ପହଞ୍ଚାଇଲେ।

ରାତ୍ର ଭୋଜନ ଯେତେ ତୃପ୍ତିକର ନଥିଲାପାଖରେ ନୀଳିମା ଦେଖି ବସି ଆଉ ଟିକିଏ ନିଅନ୍ତୁ, ଆମ ପୋଖରୀର ମାଛ ଭଜା ଖଣ୍ଡେ ଚାଖନ୍ତୁ ନା, କେତେ ସ୍ୱାଦୁ ଏହିପରି ନାନା ନିଜ ଆତ୍ମୀୟତାର ବ୍ୟବହାର ତାଙ୍କ ମନ ମୁଗ୍ଧ କଲା।

ରାତିପାହି ସକାଳ ହେଲା। ଦୁଇବନ୍ଧୁ ଗାଁ ପରିକ୍ରମା କଲେ। ଗାଁର ପୋଖରୀ, ବୁଢ଼ା ବରଗଛ, ଖେଳ ପଡ଼ିଆ, କେତେକ ପୁରୁଣା ବନ୍ଧୁଙ୍କ ସହ ସାକ୍ଷାତ ଦେଖି ଶଙ୍କର ବାବୁଙ୍କ ପୁରୁଣା ସ୍ମୃତି ମନେ ପଡ଼ି ପୁନଶ୍ଚ ଏ ଶାନ୍ତ, ଶୀତଳ, କୋଳାହଳପୂର୍ଣ୍ଣ ପରିବେଶକୁ ଫେରି ଆସିବାକୁ ଇଚ୍ଛା କଲେ।

ଶଙ୍କର ବାବୁ ବନ୍ଧୁ ଗୋପବାବୁଙ୍କୁ ତାଙ୍କ ସ୍ତ୍ରୀ, ପୁଅ ବୋହୂମାନଙ୍କର ପରସ୍ପର ପ୍ରତି ଥିବା ସ୍ନେହ, ମମତା ଶ୍ରଦ୍ଧାର କାରଣ ପଚାରିଲେ। ସ୍ୱଳ୍ପ ରୋଜଗାର, ସୀମିତ ଘର, ଗୃହ ମଧ୍ୟରେ ସମସ୍ତେ ସନ୍ତୁଷ୍ଟ ମଧ୍ୟ ସୁସ୍ଥ ସବଳ କିପରି ହୋଇପାରିଲେ।

ଗୋପବାବୁ ମୃଦୁହାସ୍ୟରେ କହିଲେ ଏହା କୌଣସି ଯାଦୁମନ୍ତ୍ର ନୁହେଁ। ଆମର ଆଶା, ଆକାଂକ୍ଷା ସୀମିତ, ଅଳ୍ପ ବହୁତରେ ମିଳିମିଶି ଚଳିବା ଶିକ୍ଷା, ଗୁରୁଜନ ଲଘୁଜନମାନଙ୍କ ପ୍ରତି ଯଥାମାନ୍ୟ ଦେବାର ବିଦ୍ୟା ଶିକ୍ଷା, ସମାଜରେ ରହି ଆପଦ, ବିପଦ ଦୁଃଖରେ ପଡ଼ିଥିବା ଲୋକଙ୍କୁ ସାହାଯ୍ୟ କରିବା ମାନବବୋଧତା ଏହାର କାରଣ।

ଦେଖ ବନ୍ଧୁ କିଛି ନଭାବିଲେ ଅତି ଅପ୍ରିୟ ସତ୍ୟକଥା ଖୋଲିକରି କହିବି, ଯାହା ଲୁକ୍କାୟିତ ହୋଇ ମନରେ ରହି ଯାଇଥିଲା।

ଯେବେ ତୁମେ ଆଇ.ଏ.ଏସ ପାଇଁ ଟ୍ରେନିଂରେ ଗଲ ଏ ଗାଁ ଉତ୍ସବମୁଖର ହୋଇ ଉଠିଥିଲା। ମୁଁ ଏହି ଆୟୋଜନର ମୁଖ୍ୟକର୍ତ୍ତା ଥିଲି। ତାପରେ ଶଙ୍କର ଯାଇଛ। ଏ ଗାଁ, ଏ ମାଟି, ପିତାମାତା ତୁମକୁ ଅତି ହୀନ, ନଗଣ୍ୟ, ଅନାବଶ୍ୟକ ମନେହେଲେ। ଜନ୍ମିତ ପିତା - ମାତା ରୋଗରେ ପଡ଼ି ପଡ଼ି, ସେବା ଔଷଧ ନପାଇ ହାହାକାର ହୋଇ ମୃତ୍ୟୁବରଣ କଲେ। ଭାଇ, ବନ୍ଧୁ, କୁଟୁମ୍ବ ତୁମ ଶିକ୍ଷାକୁ, ଚାକିରି ଭୋଗ ବିଳାସକୁ ତାଚ୍ଛଲ୍ୟ, ଘୃଣା କଲେ। ତୁମର କ୍ଷମତା, ଅର୍ଥ ଉପର ମୁହାଁ କଲା। ବାପା - ମା' ନିଜେ ପେଟରୁ କାଟି, ଜମିବାଡ଼ି ବନ୍ଧାଛନ୍ଦା ଦେଇ ପାଠ ପଢ଼ାଇଲେ। ଚାକିରିରେ ମୋଟା ଦରମା, କାମରେ ଉପୁରି ସରକାରଙ୍କଠାରୁ ସମସ୍ତ ସୁବିଧା ସୁଯୋଗ - ହାତେଇ ନେଇ ଜୀବନ ଉପଭୋଗ କଲ। କେବଳ ନେଇ ଜାଣିଲ ଦେଇ ଜାଣିଲ ନାହିଁ। ଆମ ଶାସ୍ତ୍ର ପୁରାଣ କହେ ଦେଇଥିଲେ ପାଇ।

ଶଙ୍କର ବାବୁ ଅତି ଦୁଃଖ, ଅନୁତାପରେ କହିଲେ ସେସବୁ ଅତୀତ, ଗତ, ମୃତ ଗୋପ। ସେଗୁଡ଼ା ଖୋଳତାଡ଼ କରି ଉଖୁରେଇ ଆଉ ଅଧିକ ଯନ୍ତ୍ରଣା କ୍ଲେଶ ମନରେ ନ ଭରି ଏବେ ମୁଁ ଯାହା ମନସ୍ଥ ସଙ୍କଳ୍ପ, ଇଚ୍ଛା କରିଛି ଶୁଣ।

ସ୍ତ୍ରୀ ଓ ମୋ ପାଖରେ କୋଠା, ସୁନା, ରୁପା ଓ ବ୍ୟାଙ୍କ ବାଲାନ୍ସ ଅମାପ ରହିଛି। ସ୍ତ୍ରୀ ମୃତ। ପୁଅ, ଝିଅମାନେ କେହି ଆସିବେ ନାହିଁ। ସମ୍ପତ୍ତିରୁ ଭାଗନେବା ସେମାନେ ଇଚ୍ଛୁକ ନୁହେଁ। ଏହି ପରିପ୍ରେକ୍ଷୀରେ ପାରିପାର୍ଶ୍ୱିକ ଦୃଷ୍ଟିରୁ ଆମ ପୈତୃକ ଘର ବାଡ଼ିଲେ ଏକ ସ୍ମୃତିପୀଠ ତିଆରି କରି ଟ୍ରଷ୍ଟକୁ ହସ୍ତାନ୍ତର କରିବି। ଟ୍ରଷ୍ଟର ନାଁ ହେବ ହର - ପାର୍ବତୀ ଟ୍ରଷ୍ଟ। ଟ୍ରଷ୍ଟ ଜରିଆରେ ଏକ ସ୍କୁଲ ଖୋଲି ସେଠାରେ ଗରିବ ପିଲାଙ୍କୁ ମାଗଣାରେ ଶିକ୍ଷା ଦିଆଯିବ।

ବୁଝିଲୁ ଗୋପ ତୁ ହିଁ ହେବୁ ତା'ର ପ୍ରଥମ ପରିଚାଳନା ସେକ୍ରେଟାରୀ।

ସାବାସ୍ ଶଙ୍କର ସାବାସ୍। ଏହାହିଁ ହେବ ତୋର ଦିବଂଗତ ପିତାମାତାଙ୍କ ପ୍ରତି ଶ୍ରେଷ୍ଠ ସମ୍ମାନ, ଭକ୍ତି ପ୍ରଦର୍ଶନ। କିନ୍ତୁ ତୁମେ ହିଁ ହେବ ଏହାର ସଭାପତି, ଦିଗଦର୍ଶକ କହିଲେ ଗୋପବାବୁ। ଟ୍ରଷ୍ଟ ଜରିଆରେ ସ୍କୁଲ ଚାଲିଲା। ଏଠାରେ ଶଙ୍କର ବାବୁ ଜଣେ ଯୋଗୀ, ସନ୍ନ୍ୟାସୀ ଭଳି ଗ୍ରାମବାସୀଙ୍କ ସେବାରେ ଜୀବନ ବିତାଇଲେ। କିନ୍ତୁ ସେ ଭୁଲିନଥିଲେ ଗରିବ ସେବାକାରିଣୀ ମହିଳା ଫୁଲକୁ। ତା ନାମରେ ଏକ ପକ୍କାଗୃହର ବ୍ୟବସ୍ଥା କରିବା ସହ ବ୍ୟାଙ୍କରେ ମଧ୍ୟ ଅନେକ ଅର୍ଥ ସ୍ଥାୟୀ ଜମା କରିଦେଲେ। ଏଠୁ ଅର୍ଜିତ ମାସିକ ସୁଧରେ ଫୁଲ ଚଳିବାରେ କୌଣସି ଅସୁବିଧା ନଥିଲା। ଶେଷ ଜୀବନରେ ସେ ମଧ୍ୟ ଟ୍ରଷ୍ଟ ସେବାରେ ହେଲା ସାମିଲ। ଗାଁରୁ ସହର ମୁହାଁ ଲୋକେ ପଛକୁ ଫେରନ୍ତି ନାହିଁ। କିନ୍ତୁ ଏ କ୍ଷେତ୍ରରେ ଗାଁର ଶଙ୍କର ମହାପାତ୍ର, ଜଣେ ଖୁବ୍ ଉଚ୍ଚପଦସ୍ଥ ଅଫିସରୁ ମିଃ ମହାପାତ୍ର ନାମରେ ନାମିତ ହୋଇ ଫେରିଲେ ଗାଁ ମାଟିକୁ। ନିଜର ବିପୁଳ ସମ୍ପତ୍ତିକୁ ଜନହିତରେ ଲଗାଇଥିବାରୁ ଦୁନିଆ ଆଗରେ ଉଦାହରଣ, ଦୃଷ୍ଟାନ୍ତ ସାଜି ପ୍ରଶଂସା, ସୁଖ୍ୟାତି ଲାଭ କଲେ।

*୭୮୯ - ଲକ୍ଷ୍ମୀ ସାଗର, ଭୁବନେଶ୍ୱର-୬*
*ମୋ: ୯୩୩୭୮୮୭୮୯୮*



# ଶେଷ ନିଷ୍ପତ୍ତି

## ବିଭୁତି ଭୂଷଣ ନନ୍ଦ

ଆଉ ମାତ୍ର କେତେଟା ଦିନ ପରେ ଉଭୟଙ୍କ ମଧ୍ୟରେ ଛାଡ଼ପତ୍ର କୋର୍ଟରେ ଗୃହୀତ ହୋଇଯିବ । ତା'ପରେ ସଂଗୀତା ଓ ତପନଙ୍କ ପାଞ୍ଚବର୍ଷର ବୈବାହିକ ଜୀବନରେ ଏକ ପୂର୍ଣ୍ଣଚ୍ଛେଦ ଟଣା ହୋଇଯିବ। ଏ କଥା ଭାବି ଭାବି ସଂଗୀତାକୁ ଠିକ୍ ନିଦ ହୁଏନାହିଁ । ଦୁଇବର୍ଷର ଶିଶୁପୁତ୍ର ରିଙ୍କୁ ଆଡ଼କୁ ସେ ଯେତେବେଳେ ଦେଖେ ଭାବ ବିହ୍ୱଳ ହୋଇପଡ଼େ । ମନେ ପଡ଼ିଯାଏ ତପନ ସହିତ ସେଇ ମଉଜ, ମସ୍ତି, ରାଗ, ଅଭିମାନର ପାଞ୍ଚ ବର୍ଷ । ଯାକ ଯମକରେ ହୋଇଥିବା ବିବାହ ଓ ତା'ର ପରବର୍ତ୍ତୀ ଦିନ ଗୁଡ଼ିକର ସ୍ମୃତି । ସେଗୁଡ଼ିକ ସବୁତ ଅପାଶୋରା... କିନ୍ତୁ ସେ ଗୁଡ଼ାକ ସେ ବହୁତ ପଛରେ ଛାଡ଼ିଦେଇ ଏବେ ଏକ ନୂଆ ଜୀବନର ସନ୍ଧାନରେ । ଏଇ ମାତ୍ର କେତେ ଦିନ ତଳେ ବାପା ବୋଉଙ୍କର ପଇଁତାଳିଶତମ ବିବାହ ବାର୍ଷିକୀ ଉତ୍ସବ ଖୁବ୍ ଧୁମ୍‌ଧାମ୍‌ରେ ପାଳନ ହେଲା । ତାର ବିରୋଧ ସତ୍ତ୍ୱେ ବାପା, ବୋଉଙ୍କ ଇଚ୍ଛାକୁ ପୂରଣ କରିବାକୁ ଯାଇ ଏଥିରେ ଯୋଗଦେବା ପାଇଁ ସେ ତପନକୁ ନିମନ୍ତ୍ରଣ କରିଥିଲା । ତପନ ବି ଆସିଥିଲେ । ସମସ୍ତଙ୍କ ସହିତ ମିଶି ଉତ୍ସବଟିକୁ ଖୁବ୍ ଉପଭୋଗ କରିଥିଲେ। ରିଙ୍କୁ ତ ଏତେ ଦିନପରେ ନିଜ ବାପାଙ୍କୁ ପାଇ ଆନନ୍ଦରେ ବିଭୋର ହୋଇ ଯାଇଥିଲା । ତପନ ବି ବହୁତ ଚେଷ୍ଟା କରିଥିଲେ ତା ସହିତ ଏକାକୀ ଦୁଇପଦ କଥା ହେବାପାଇଁ ... କିନ୍ତୁ ସେ ଚାଲାକୀ କରି ଏଡ଼ାଇ ଯାଇଥିଲା । ଅନ୍ୟସବୁ ବନ୍ଧୁବାନ୍ଧବ ବହୁତ ବୁଝାଇ ଥିଲେ । ତପନ ସହିତ ସମ୍ବନ୍ଧ ରଖିବା ପାଇଁ, କିନ୍ତୁ ତପନ ଚରିତ୍ର ପ୍ରତି ତାର ଅନ୍ୟ ଏକ ଝିଅ ଶ୍ୱେତା ସହିତ ବାଲ୍ୟକାଳରୁ ରହିଥିବା ସମ୍ପର୍କକୁ ନେଇ ସେ ଏତେ କ୍ଷୁବ୍‌ଧ ଥିଲା ଯେ କୌଣସି ପ୍ରକାରର ସାଲିସ୍ କରିବାକୁ ପ୍ରସ୍ତୁତ ନଥିଲା । ଏମିତି ବି ନୁହେଁ କି ସଂଗୀତା ଜୀବନରେ ତପନକୁ ଛାଡ଼ି ଅନ୍ୟ କେହି ପୁରୁଷ ଆସିନଥିଲେ । କିନ୍ତୁ ସେମାନଙ୍କ ସହିତ ବନ୍ଧୁତ୍ୱ ସମ୍ପର୍କକୁ ନିର୍ବିକାର ଚିତ୍ତରେ ତପନ ସ୍ୱୀକୃତି ଦେଇଥିଲା । କେବେ ବି ଥରେ ସନ୍ଦେହ ଚକ୍ଷୁରେ ଦେଖି ନଥିଲା ସେ ସମ୍ପର୍କ ଗୁଡ଼ିକୁ ... ଯାହା ଅଧିକ ସନ୍ଦେହ ସୃଷ୍ଟି କରିଥିଲା ସଂଗୀତା ମନରେ । ତପନ କାହିଁକି ତାକୁ ଆକଟ କରୁନାହାନ୍ତି । ବାପା, ବୋଉଙ୍କର ଏକମାତ୍ର ସନ୍ତାନ । ପିଲାଟି ଦିନରୁ ସେ ଏକ ଜିଦିଆ ଯାହା ଚାହିଁଛି ହାସଲ କରିଛି । ତପନ ନିମ୍ନ ମଧ୍ୟବିତ୍ତ ପରିବାରର ପିଲା । ବାପା ବୋଉ ଅନିଚ୍ଛା ସତ୍ତ୍ୱେ ସଂଗୀତା ପସନ୍ଦକୁ ଗ୍ରହଣକରି ନେଇଥିଲେ । ତପନକୁ ନିଜ ପୁଅପରି ସେମାନେ ଭଲ ପାଆନ୍ତି ।

ଆଜି ପରିବାର ଅଦାଲତରେ ଛାଡ଼ପତ୍ର ଆବେଦନର ନିଷ୍ପତ୍ତି । ମାନ୍ୟବର ଅଦାଲତ ଶୁଣାଇବେ । ସକାଳୁ ସକାଳୁ ନିଜକୁ ପ୍ରସ୍ତୁତ କରିନେଇ ଅଦାଲତରେ ହାଜର ହୋଇଗଲା ସଂଗୀତା । ନ୍ୟାୟାଧିଶ ଉଭୟଙ୍କୁ ନିଜ କୋଠରୀକୁ ଡାକି ଶେଷଥର ପାଇଁ ବୁଝାଇଲେ ପତିପତ୍ନୀ ହୋଇ ରହିବାପାଇଁ । ତପନ ହିଁ ଭରିଥିଲେ ବି ସଂଗୀତା ରୋକ୍ ଠୋକ୍ ମନାକରି ଦେଇଥିଲା । ତା'ପରେ ଆସିଥିଲା ନିଷ୍ପତ୍ତି । ଛାଡ଼ପତ୍ର ଆବେଦନ ଗୃହୀତ ହୋଇଯାଇଥିଲା । ଶିଶୁପୁତ୍ର ରିଙ୍କୁ ସାବାଳକ ହେବା ପର୍ଯ୍ୟନ୍ତ ସଂଗୀତା ପାଖରେ ରହିବ। ତାର ସମସ୍ତ ଖର୍ଚ୍ଚ ପିତା ତପନ ବହନ କରିବେ । ମାସକୁ ଥରେ ନିଜ ପୁତ୍ର ସହିତ ଚାହିଁଲେ ସେ ମିଶି ପାରିବେ । ତପନ ପାଇଁ ନିଷ୍ପତ୍ତି କଠୋର ଥିଲା । ପୁନଃ ମିଳନର ଶେଷଆଶା ମଉଳି ଯାଇଥିଲା । ତଥାପି କୋର୍ଟ ରୁମ୍‌ରୁ ବାହାରିବା ବେଳେ ସେ ସଂଗୀତା ହାତଧରି ଭୁଲ ମାଗିଥିଲେ ... ଆଖିରୁ ସ୍ୱତଃ ଦୁଇ ଧାର ଲୁହ ବୋହି ଆସିଥିଲା । କଠୋରମନା ସଂଗୀତା ଉପରେ ଏସବୁର କିଛି ପ୍ରଭାବ ପଡ଼ି ନଥିଲା । ତା ଦୃଷ୍ଟିରେ ଏସବୁ ନାଟକ ଥିଲା । କିଛିଦିନ ପରେ ଏକ ଆଇ.ଟି. କମ୍ପାନୀରେ ଚାକିରୀ ପାଇ ସଂଗୀତା ହାଇଦ୍ରାବାଦ ଚାଲିଯାଇଥିଲା । ନୂଆ ଜୀବନର ସନ୍ଧାନରେ। ପ୍ରଥମେ ପ୍ରଥମେ ବାପା, ବୋଉ, ରିଙ୍କୁକୁ ସମ୍ଭାଳିବା ପାଇଁ ତା' ପାଖରେ ଯାଇ ରହୁଥିଲେ । ପ୍ରାୟ ଏକ ବର୍ଷ ହେବ ତପନ ଆସିନାହାନ୍ତି । କିନ୍ତୁ କୋର୍ଟ ନିଷ୍ପତ୍ତି ଅନୁଯାୟୀ ପ୍ରତ୍ୟେକ ମାସର ଦୁଇ ତାରିଖ ସୁଦ୍ଧା ସଂଗୀତା ଆକାଉଣ୍ଟକୁ ପଇସା ପଠାଇ ଦିଅନ୍ତି । ଥରେ ଦୁଇଥର ସଂଗୀତା ସହିତ ଫୋନ୍‌ରେ ଯୋଗାଯୋଗ କରିବାକୁ ଚେଷ୍ଟା କରିଛନ୍ତି କିନ୍ତୁ କୌଣସି ଉତ୍ତର ପାଇନାହାନ୍ତି । ଇତି ମଧ୍ୟରେ କମ୍ପାନୀରେ ତା'ସହିତ ଚାକିରୀ କରୁଥିବା କିଛି ବନ୍ଧୁ ପୁନଃ ବିବାହର ପ୍ରସ୍ତାବ ଦେଇଛନ୍ତି । ସମୟ ଆସିଲେ ଉଚିତ୍ ପଦକ୍ଷେପ ନେବ କହି ସଂଗୀତା ସେସବୁ ପ୍ରସ୍ତାବ ଗୁଡ଼ିକୁ ଏଡ଼ାଇ ଦେଇଛି । ମଝିରେ ମଝିରେ ଶିଶୁ ପୁତ୍ର ରିଙ୍କୁ ନିଜ ବାପାଙ୍କୁ ଖୋଜେ । କଥା ହେବାପାଇଁ ଅଝଟ ହୁଏ । ସଂଗୀତା ମନେ ମନେ ତପନ ପ୍ରତି କ୍ରୋଧିତ ହୁଏ । ଫୋନରେ ଦୁଇପଦ ତାକୁ ଗାଳିଦେବାକୁ ଭାବେ । କିନ୍ତୁ ଶେଷ ମୁହୂର୍ତ୍ତରେ ଓହରିଯାଏ ।

ଏମିତି ଏମିତି ଇତିମଧ୍ୟରେ ତିନିବର୍ଷ ବିତିଯାଇଛି । ତପନ ସହିତ ଯୋଗାଯୋଗ ବି ହୋଇନାହିଁ । ଶ୍ୱଶୁରଙ୍କ ଦେହାନ୍ତର ଖବରପାଇ ବି ସଂଗୀତା ତାଙ୍କ ଘରକୁ ଯାଇନାହିଁ । ଖାଲି ପରମ୍ପରା ଦୃଷ୍ଟିରୁ ନିଜେ ମୁଣ୍ଡ ଧୋଇ ଗାଧୋଇ ପଡ଼ିଛି ଓ ଶିଶୁ ପୁତ୍ର ସହିତ ଶୁଦ୍ଧି ହୋଇଯାଇଛି । ସବୁଦିନ ସମାନ ଯାଏନାହିଁ । କାଳର ନିର୍ଦ୍ଦେଶ ଅନେକ ସମୟରେ ସ୍ଥିତି ବଦଳାଇବାକୁ ମଣିଷକୁ ଏକପ୍ରକାର ବାଧ କରିଥାଏ । ସଂଗୀତା କ୍ଷେତ୍ରରେ ବି ଠିକ୍ ସେଇଆ ଘଟିଲା । ବାପାଙ୍କ ଦେହ ବହୁତ ଖରାପ। ଭୁବନେଶ୍ୱରରେ ଅନେକ ଭଲ ଭଲ ହିସପିଟାଲ ଥିଲେ ବି ତାଙ୍କର ଦେଖାଶୁଣା କରିବାପାଇଁ ହାଇଦ୍ରାବାଦର ଏକ ଘରୋଇ ହସପିଟାଲରେ ପନ୍ଦରଦିନ ହେବ ଆଡମିଶନ କରାଇଛି । ରୋଗ ଭଲହବାର ନାଁ ଧରୁନି । ସେ ପଟେ ରିଙ୍କୁକୁ ଡେଙ୍ଗୁ ଜ୍ୱର । ଜରୁରୀ କାଳୀନ ଭିତ୍ତିରେ ହସ୍‌ପିଟାଲରେ ଭର୍ତ୍ତି କରାଇଛି । ତା ଅବସ୍ଥା ବି ସିରିଅସ୍ । ବନ୍ଧୁମାନେ ହସ୍‌ପିଟାଲ ଆସନ୍ତି, ସାନ୍ତ୍ୱନା ଦେଇ ଚାଲିଯାଆନ୍ତି । ସମସ୍ତେ କାର୍ଯ୍ୟବ୍ୟସ୍ତ। କିଏ ବା କାହିଁକି ନିଜର କାମଦାମ ଛାଡ଼ି ସମୟ ଦେବ। ଆଧୁନିକ ଯୁଗର ମଣିଷମାନେ ଯନ୍ତ୍ରବତ କାର୍ଯ୍ୟରତ କାହାକୁ କାହାପାଇଁ ସମୟ ନାହିଁ । ଔପଚାରିକତାର ପ୍ରଭାବ ଆଜିକାଲି ଦୁନିଆର ମଣିଷମାନଙ୍କ ପାଖରେ ବହୁତ ଦେଖିବାକୁ ମିଳେ । କିଏ ହସ୍‌ପିଟାଲରେ ପଡ଼ିଛି, ଦେଖିଆସିଲେ କର୍ତ୍ତବ୍ୟ ଶେଷ । କିଏ ମରିଯାଇଛି ତ ଶେଷ ଦର୍ଶନ

ଓ ଫୁଲ ହାରଟିଏ, କିଛି ସାନ୍ତ୍ୱନା ବାଣୀ ... କର୍ତ୍ତବ୍ୟ ଶେଷ ... ନିଜ ଲୋକମାନେ ବି ଏଥିରୁ ବାଦ୍ ପଡ଼ିନାହାନ୍ତି । ବାପାଙ୍କ ଦେହ ଖରାପରେ ଆସି ରହି ସାହାଯ୍ୟ କରିବାପାଇଁ ସେ ଦାଦା ପୁଅ ଭାଇ, ମାମୁଁ ପୁଅ ଭାଇ, ସମସ୍ତଙ୍କୁ ଅନୁରୋଧ କରିଛି । କିନ୍ତୁ କାର୍ଯ୍ୟର ବାହାନାରେ କେହି ସହଯୋଗ କରିବା ପାଇଁ ଆଗଭର ହୋଇନାହାନ୍ତି । ଅନ୍ୟ ଉପାୟ ନପାଇ ହଠାତ୍ ତା ମନକୁ ତପନ ଚାଲିଆସିଲା । ଫୋନରେ ସବୁ ଶୁଣି ତପନ ବ୍ୟସ୍ତ ଓ ବିବ୍ରତ ହୋଇପଡ଼ିଲେ । ତା ପରଦିନ ସକାଳୁ ହାଇଦ୍ରାବାଦ ବିମାନ ବନ୍ଦରରୁ ଉଭୟ ସାଥିହୋଇ ଆସିଲେ । ହସ୍‌ପିଟାଲ ଯାଏ ବାସ୍ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଦୁଇ ଚାରିପଦ କଥା । ପିତାଙ୍କୁ ଦେଖି ଶିଶୁପୁତ୍ର ରିଙ୍କୁ ମୁହଁରେ ଅନେକ ଦିନପରେ ସେ ଦିନ ହସ ଦେଖିଥିଲା ସଂଗୀତା । ତପନଙ୍କ ପରାମର୍ଶ କ୍ରମେ ନିଜ ବାପାଙ୍କ ସହିତ ଅଧିକ ସମୟ ଦେବା ପାଇଁ ସୁଯୋଗ ପାଇଥିଲା ସେ । ଇତିମଧ୍ୟରେ ପନ୍ଦର ଦିନ ବିତିଗଲାଣି । ରିଙ୍କୁ ସମ୍ପୂର୍ଣ୍ଣ ସୁସ୍ଥ ହୋଇଗଲାଣି । ଦିନେ ଦୁଇଦିନ ଭିତରେ ହସ୍‌ପିଟାଲରୁ ଡ଼ିସ୍‌ଚାର୍ଜ ହେବ । ସଂଗୀତାର ବାପା ମଧ୍ୟ ଜ୍ୱାଇଁ ଆସିଥିବା ଦେଖି ବେଶ୍ ଖୁସି ଅଛନ୍ତି । କ୍ରମେ କ୍ରମେ ସୁସ୍ଥ ହେଉଛନ୍ତି । ରିଙ୍କୁ ହସ୍‌ପିଟାଲରୁ ଚାଲିଆସିଛି । ମୁହୂର୍ତ୍ତେ ବି ବାପାକୁ ଛାଡ଼ିବାକୁ ନାରାଜ । ରାତିରେ ବାପ ପାଖରେ ଶୋଉଛି । ଟିକିଏ ଟିକିଏ କଥାରେ ବାପା । ଏସବୁ ଚୁପ୍ ଚାପ୍ ସଂଗୀତା ନିରୀକ୍ଷଣ କରୁଥିଲା ଭାବୁଥିଲା ସେ ଆଉ ଭୁଲ କରିନିତ । ସେ ପଟେ ବାପାବୋଉ ହସ୍‌ପିଟାଲରୁ ସବୁବେଳେ ଜ୍ୱାଇଁ କଥା ପଚାରୁଛନ୍ତି।... ଏପଟେ ବାପାଙ୍କୁ ଛାଡ଼ିବାକୁ ପୁଅ ନାରାଜ ... ତା'ହେଲେ କ'ଣ ତା ନିଷ୍ପତ୍ତିରେ ଏତେଗୁଡ଼ାଏ ଲୋକ ଅସନ୍ତୁଷ୍ଟ ଥିଲେ ... ସମସ୍ତେ ତା ମନରେ କେବଳ ଆଘାତ ନ ଦେବାପାଇଁ କ'ଣ ତା ନିଷ୍ପତ୍ତିକୁ ଗ୍ରହଣ କରି ନେଇଥିଲେ ? ଏମିତି କିଛି ପ୍ରଶ୍ନ ସଂଗୀତା ମନକୁ ବାରମ୍ବାର ଆନ୍ଦୋଳିତ କରୁଥାଏ ।

ତପନର ଯିବାବେଳ ହୋଇଗଲା । ରିଙ୍କୁ ଆଖି ଛଳ ଛଳ ହୋଇଗଲା । ବାପା ଚାଲିଯିବେ । ସେ ବୋଧେ ନିଜେ ବି ଜାଣିନଥିଲା ପୁଣି କେବେ ତା ବାପା ସହିତ ଭେଟ ହେବ । ସେ ପଟେ ବାପାଙ୍କୁ ଅନୁରୋଧ କରୁଥାଏ ଆଉ କିଛିଦିନ ରହିଯିବାକୁ ଏପଟେ ବୋଉକୁ ଅନୁରୋଧ କରୁଥାଏ ବାପାଙ୍କୁ ରହିଯିବା ପାଇଁ ଅନୁରୋଧ କରିବାକୁ । ଟ୍ୟାକ୍‌ସି ବାଲା ଆସିଗଲାଣି । ତପନ ପୁଅ ମୁଣ୍ଡରେ ଚୁମାଟିଏ ଦେଇ ଛଳ ଛଳ ନୟନରେ ସଂଗୀତାକୁ ବାଏ ବୋଲି କହିଲେ ... ଏ କ'ଣ ସଂଗୀତା ଆଖିରୁ ଧାର ଧାର ଲୁହ ... କୋହଭରା କଣ୍ଠରେ ତପନକୁ ଆଲିଙ୍ଗନ କରି କହିଲା । ପ୍ଲିଜ୍ ମୋତେ କ୍ଷମା କର ।

ତୁମର ଅନୁପସ୍ଥିତି ମୁଁ ଜୀବନର ପ୍ରତ୍ୟେକ ମୁହୂର୍ତ୍ତରେ ଉପଲବ୍ଧି କରିଛି । ବହୁତ ଚେଷ୍ଟା କରିଚି ତୁମ ଠାରୁ ଦୂରେଇ ଯିବାକୁ । କିନ୍ତୁ ପ୍ରତ୍ୟେକ ଥର ବିଫଳ ହୋଇଛି । ଦୟାକରି ମତେ ଭୁଲ ବୁଝନି । କଠୋର ମନା ସଂଗୀତାର ଏ ଭାବପ୍ରବଣତା ପୂର୍ଣ୍ଣ ଉକ୍ତିରେ କିଛି ସମୟ ପାଇଁ ସ୍ତବ୍ଧ ହୋଇ ଯାଇଥିଲେ ତପନ । ମଥାରେ ଚୁମାଟିଏ ଦେଇ କହିଥିଲେ ମୁଁ କେବଳ ତୁମକୁ ଭଲପାଏ ... ହଠାତ୍ ଗାମ୍ଭୀର୍ଯ୍ୟପୂର୍ଣ୍ଣ ପରିବେଶରେ ହାଲୁକା ବାତାବରଣ ଖେଳାଇ ଦେଇ ସଂଗୀତା ପଚାରିଥିଲା ... ଆଉ ଶ୍ୱେତା ... ? ହସି ହସି ତପନ କହିଥିଲେ ସେତ ଦୁଇବର୍ଷ ହେବ ବିବାହ କରିସାରିଲାଣି । ବର୍ତ୍ତମାନ ଆମେରିକାରେ ରହୁଛି...ତାର ବି ଗୋଟିଏ ଶିଶୁ କନ୍ୟା । ତୁମେ ବହୁତ ବଦ୍‌ମାସ ... ମତେ ଏତେ ଦିନ କାଳ ଜାଳିପୋଡ଼ି ମାରିଲ ... ଏଥରକ ସଂଗୀତାର ଆଲିଙ୍ଗନରେ ଭରି ରହିଥିଲା ଆତ୍ମୀୟତା ରୋମାଞ୍ଚ ... ଶିଶୁପୁତ୍ର ରିଙ୍କୁ ଦୁଇଜଣଙ୍କୁ ଚାହିଁ ଖୁବ୍ ଜୋର୍‌ରେ ହସୁଥିଲା ... ।

***ଗଣ୍ଡରପୁର, କଟକ-୩***

Tastiest North Indian food.
Now in Bhubaneswar
sigree
Esplanade One Mall, Rasulgarh
0674-2548089
/ 9078836888
* Conditions apply
Ask the captain for details.

ଉପନ୍ୟାସ

# ଅରଣ୍ୟ ଅତିଥି

## ରାଧାମୋହନ ମହାପାତ୍ର

ଠିକ୍ ବର୍ଷେ ପରେ ଭାରତ ସର୍କସ ଭୁବନେଶ୍ୱର ଆସୁଥିବାର ସମ୍ବାଦ ପାଇ ଉଲ୍ଲସିତ ହେଲି। ସର୍କସର ମାଲିକ ମିଷ୍ଟର ସି. ବାଙ୍ଗରସ୍ୱା ମୋ ପାଖକୁ ଗୋଟିଏ ଅନୁରୋଧବାର୍ତ୍ତା ପଠାଇଥିଲେ। ପତ୍ରଟି ପଢ଼ି ମୁଁ ବିସ୍ମିତ ହେଲି। ପାରମ୍ପରିକ ରୀତିରେ ଜଣେ କେହି ବିଶିଷ୍ଟ ବ୍ୟକ୍ତି ସର୍କସର ଖେଳକୁ ଉଦ୍‌ଘାଟନ କରିବା କଥା ; କିନ୍ତୁ ଏଥର ପତ୍ରଟିରେ ବ୍ୟତିକ୍ରମ ଥିଲା। ବିଶେଷତ୍ୱ ହେଉଛି – କୌଣସି ମନ୍ତ୍ରୀ ବା ରାଜନୈତିକ ବ୍ୟକ୍ତି ବା ନାମୀ ସମାଜସେବୀ କିମ୍ବା ପଦସ୍ଥ ପ୍ରଶାସକ ସର୍କସକୁ ଏଥର ଉଦ୍‌ଘାଟନ କରୁ ନାହାନ୍ତି; ଉଦ୍‌ଘାଟକ ଭାବେ ମୋ ଭଳି ଜଣେ ସାମାନ୍ୟ ଲୋକର ସାହାଯ୍ୟ ଲୋଡ଼ିଛନ୍ତି।

ଅନୁରୋଧ ପତ୍ରଟିକୁ ବାରମ୍ବାର ପଢ଼ିଲି। ଆନନ୍ଦିତ ହେଲି। ମନା କରିବାର ପ୍ରଶ୍ନ ଉଠୁ ନଥିଲା। ଏଣୁ ପତ୍ର ମାଧ୍ୟମରେ ସମ୍ମତି ଦେଉଥିଲି।

ଏଠାକାର ରାଜଧାନୀ ହାଇସ୍କୁଲ ସମ୍ମୁଖ ପ୍ରଦର୍ଶନୀ ପଡ଼ିଆରେ ସର୍କସର ଖେଳ ପାଇଁ ଜିଲ୍ଲା କର୍ତ୍ତୃପକ୍ଷଙ୍କ ଠାରୁ ଅନୁମତି ମିଳି ସାରିଥିଲା। ଅନୁଷ୍ଠାନର ଆଗୁଆ ଦଳ ଆସି ସେହି ସ୍ଥାନରେ ତମ୍ବୁ ଆଦି ଆନୁଷଙ୍ଗିକ କାର୍ଯ୍ୟ ଆରମ୍ଭ କରି ଦେଇଥାନ୍ତି। ସର୍କସର ଲୋକପ୍ରିୟତା, ସର୍କସର ସ୍ୱତନ୍ତ୍ରତା ନେଇ ବହୁଳ ପ୍ରଚାର ଚାଲିଥାଏ। ଭାରତ ସର୍କସର ବିଶେଷ ଆକର୍ଷଣ ହେଉଛି– 'ବାଘ ଖେଳ'। ଉଦ୍‌ଘାଟନୀ ଉତ୍ସବରେ ଫିତା କାଟିବା ପାଇଁ ନିମନ୍ତ୍ରିତ ମୁଖ୍ୟ ଅତିଥିଙ୍କୁ ମୁହଁରେ କାମୁଡ଼ି ଧରିଥିବା କତୁରୀଟିକୁ ଅର୍ପଣ କରିବ ସର୍କସର ନାୟିକା 'ରଂଜୁରାଣୀ' ଏବଂ ଅତିଥି ମହାଶୟ ସେଇ କତୁରୀରେ ନାଲିଫିତା କାଟି ଉନ୍ମୋଚନ କରିବେ ସର୍କସର ବିଶେଷ ଅଧିବେଶନ। ଏମିତି ଆକର୍ଷଣୀୟ ବିଜ୍ଞାପନମାନ ପ୍ରକାଶ ପାଇଥାଏ ସମ୍ବାଦପତ୍ରମାନଙ୍କରେ, ପ୍ରଚାର ପତ୍ର ଓ ଡ଼ାକବାଜି




ଯନ୍ତ୍ର ସାହାଯ୍ୟରେ; ସହରର କାନ୍ଥବାଡ଼ ପାଚେରିମାନଙ୍କରେ ବଡ଼ ବଡ଼ ପୋଷ୍ଟରରେ ଉଲ୍ଲିଖିତ ଥାଏ ଖେଳର ବିଭିନ୍ନ କିସମର ଚିତ୍ର ଦର୍ଶକ ଚିତ୍ତକୁ ଆକର୍ଷଣ କରିବା ଉଦ୍ଦେଶ୍ୟରେ।

ମୋର ସମ୍ମତି ପତ୍ର ପାଇ ବାଙ୍ଗରସ୍ୱା ନିମନ୍ତ୍ରଣ ପତ୍ର ଛାପି ମୋ ପାଖକୁ ଡ଼ାକ ଦ୍ୱାରା ପଠାଇ ଦେଲେ ଏବଂ ଯଥା ସମୟରେ ମୋ ବାସ ଭବନରୁ ନେଇ ଯିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଉଦ୍‌ଘାଟନ ଦିନଟିକୁ ମୁଁ ଅପେକ୍ଷା କରି ରହିଲି ଅତି ଉତ୍କଣ୍ଠାର ସହିତ।

କାର୍ଯ୍ୟସୂଚୀ ଅନୁଯାୟୀ ବାଙ୍ଗରସ୍ୱା ତାଙ୍କ ସର୍କସର ଚିତ୍ର ବିଚିତ୍ର ଅଟୋଯାନ ଧରି ମୋ ଘରେ ଉପସ୍ଥିତ ହେଲେ ଏବଂ ମୁଁ, ମୋର ସ୍ତ୍ରୀ ଓ ପିଲାମାନଙ୍କୁ ନେଇ ଉଦ୍‌ଘାଟନ ଉତ୍ସବରେ ଯୋଗଦେଲୁ ଖୁବ୍ ଉତ୍ସାହର ସହିତ। ମନର ଉତ୍‌ଫୁଲ୍ଲତାକୁ ମୁଁ ରୋକି ପାରୁନଥିଲି।

ଠିକ୍ ସନ୍ଧ୍ୟା ଛ'ଟାରେ ଉଦ୍‌ଘାଟନ। ଭରପୁର ଦର୍ଶକ ଗ୍ୟାଲେରୀ। ଅର୍କେଷ୍ଟ୍ରାର ସ୍ୱର ଗୁଞ୍ଜନ ଛୁଟି ଚାଲିଥାଏ। ଦର୍ଶକମାନଙ୍କ ମଧ୍ୟରେ ବିପୁଳ ଉଲ୍ଲାସ ଲହରୀ ଖେଳୁଥାଏ। କେନ୍ଦ୍ରସ୍ଥଳରେ ବୃତ୍ତାକାର ସ୍ଥାନଟିରେ ସର୍କସର ଆଡ଼୍‌ଡ଼ାସ୍ଥଳୀ। ପ୍ରବେଶ ପଥ ଦ୍ୱାରରେ ପାଞ୍ଚଫୁଟ ଉଚ୍ଚତାରେ ଭୂମି ସହିତ ସମାନ୍ତରାଳ ଭାବେ ବନ୍ଧାଥାଏ ସୁଦୃଶ୍ୟ ନାଲି ଫିତାଟି। ହୁଇସିଲ୍ ବାଜିବା ମାତ୍ରେ ଅନ୍ତରାଳ ଅନ୍ଧାର ଭିତରୁ ରାଜକୀୟ ଠାଣିରେ ରଞ୍ଜୁରାଣୀ ମୁହଁରେ ନିର୍ଦ୍ଦିଷ୍ଟ କତୁରୀଟି ଧରି ଆସ୍ତେ ଆସ୍ତେ ଆଗେଇ ଆସିଲା ଏବଂ ସିନେମା ସୁଟିଂ ପରି ଫୋକସ୍ ଆଲୁଅ କ୍ରମଶଃ ଉଜ୍ଜ୍ୱଳ ହୋଇ ଉଠିଲା। ବାଙ୍ଗରସ୍ୱାଙ୍କ ନିର୍ଦ୍ଦେଶମତେ ରଞ୍ଜୁ ତା ମୁହଁରୁ ମୋ ହାତକୁ ବଢ଼ାଇ ଦେଲା କତୁରୀଟି ଏବଂ ମୁଁ କରତାଳି ଧ୍ୱନି ମଧ୍ୟରେ ନାଲି ଫିତା କାଟି ସର୍କସର ଖେଳକୁ ଶୁଭାରମ୍ଭ କଲି।

କତୁରୀଟି ଧରାଇ ଦେଇସାରି ରଞ୍ଜୁ ମୋ ଦେହକୁ ଲାଗି ଘଷିହେଲା ଏବଂ ମୁଁ ତା ମୁଣ୍ଡକୁ ସ୍ନେହରେ ଆଉଁଶି ବସିଲି। ତେଣେ ସର୍କସର ବିବିଧ ଖେଳ ପ୍ରତି ମୋର ଆଦୌ ନିଘା ନ ଥିଲା। ସ୍ଥାନ, କାଳ, ପାତ୍ର ଭୁଲିଯାଇ ମୁଁ ରଞ୍ଜୁ ବେକରେ ବୋକ ପରେ ବୋକ ଦେଇ ଚାଲିଥିଲି। ଖେଳର କୋଳାହଳ ବଢ଼ି ଚାଲିଥିଲା ଉପର୍ଯ୍ୟୁପରି। ଜୋକରମାନେ ଅଙ୍ଗଭଙ୍ଗୀ ପ୍ରଦର୍ଶନ କରି ହସରୋଳ ସୃଷ୍ଟି କରୁଥାନ୍ତି ଦର୍ଶକ ମହଲରେ। ଉପରେ ସୁବିସ୍ତୃତ ତମ୍ବୁର ଆକାଶ ତଳେ ଟ୍ରାପିଜ୍‌ରେ କ୍ରୀଡ଼ାରତ ଥା'ନ୍ତି କେତେଜଣ ଯୁବକ ଯୁବତୀ ଖେଳାଳି; ସେମାନଙ୍କ ଦେହରେ କେବଳ ଆଖିରୋଚକ ସଂକ୍ଷିପ୍ତ ଶୁଭ୍ର ଚଡ଼ି ଓ ବ୍ରା; ପୁରୁଷ ଖେଳାଳିଙ୍କ ଦେହରେ ଚଡ଼ି ଓ ଗଞ୍ଜି। ସେମାନଙ୍କ ମଧ୍ୟରେ ବାଙ୍ଗୁରା ଜୋକରଟାଏ ରହି ବ୍ୟଙ୍ଗ ତୋଳୁଥାଏ। ଖେଳାଳିମାନେ ବିଭିନ୍ନ ଦୋଳି ଖେଳ ଆଙ୍କୁଥା'ନ୍ତି, ଶୂନ୍ୟକୁ କୁଦା ମାରୁଥାନ୍ତି। ବୃହତ୍ ତମ୍ବୁ ତଳରେ ସର୍କସୀୟ କଳାର ଅପୂର୍ବ କଳା ନୈପୁଣ୍ୟ ପ୍ରଦର୍ଶିତ ହେଉଥାଏ। ମନ୍ତ୍ରମୁଗ୍ଧ ଦର୍ଶକମାନେ ଅନାଇ ରହିଥାନ୍ତି ସେମାନଙ୍କ କ୍ରୀଡ଼ା କାରସାଦୀକୁ।

ରଞ୍ଜୁ ମୋ ପାଖରେ ଛିଡ଼ା ହୋଇ ରହିଥାଏ ବିନୟତାର ସହିତ ଜଣେ ପ୍ରଭୁ ପାଖରେ ବିଶ୍ୱସ୍ତ ଭୃତ୍ୟ ଭଳି। ମୁଁ ତାକୁ ସାଥିରେ ନେଇ ଅନ୍ତରାଳୟକୁ ଗଲି କିଛି ଅନ୍ତରଙ୍ଗ ସମୟ ତା ସହିତ ବିତାଇବା ପାଇଁ।

ରଞ୍ଜୁ। ମୋ ପାଇଁ ଗୋଟେ ଇତିହାସ – ଗୋଟାଏ ଅଭୁଲା ସ୍ମୃତି – ଏକ ଚିର ସ୍ମରଣୀୟ ଅନୁଭୂତି। ଜୀବନ ଯାତ୍ରାରେ ଏମିତି ବେଳେ ବେଳେ ଘଟଣାମାନ ଘଟିଥାଏ ଯାହା ସାଧାରଣରେ ବିଶ୍ୱାସଯୋଗ୍ୟ ନ ହେଲେ ମଧ୍ୟ ସତ୍ୟ ହୋଇଥାଏ। ସେଇ ଅନୁଭୂତିମୂଳକ ସତ୍ୟ କାହାଣୀ ବୟାନ କରୁଛି;–

ଭୁବନେଶ୍ୱର ଉପାନ୍ତ ଅଞ୍ଚଳରେ ମୋର ବାସଗୃହ। ଘର ବୋଇଲେ ଏକ ମହଲା ବିଶିଷ୍ଟ ପକ୍କା ଘରଟିଏ। ଆବଶ୍ୟକତାକୁ ଚାହିଁ କୋଠରି ମାତ୍ର ତିନୋଟି – ବୈଠକ ଘର, ଶୟନ କକ୍ଷ, ପିଲାଙ୍କ ପଢ଼ା କୋଠରି ଓ ସଂଲଗ୍ନ ଗାଧୁଆ ଘର, ଶିଢ଼ି ଘର,

ଖାଇବା ସ୍ଥାନ, ରୋଷଘର ଓଗେର। ପଛକୁ ଅଗଣା ଓ ସାମ୍ନାରେ ଫର୍ଚ୍ଚା ବଗିଚା। ବଗିଚାରେ କେତୋଟି ଫୁଲଫଳ ବୃକ୍ଷ। ବେଶ୍ ପ୍ରଶସ୍ତ ଜାଗା। ମାଙ୍କଡ଼ା ପଥର ପାଚେରିଘେରା ବାସସ୍ଥାନଟିଏ – ମୋ ପରି ମଧ୍ୟବିତ୍ତ ପରିବାର ପାଇଁ ଯଥେଷ୍ଟ ଓ ମୁଁ ସନ୍ତୁଷ୍ଟ। ଘରଟିକୁ ନିବିଡ଼ ଭାବେ ଭଲପାଏ ଠିକ୍ ନିଜ ଶରୀର ଭଳି।

ଏଠି ଆଖପାଖ ଅଞ୍ଚଳରେ ବିଶେଷ ସେମିତି ବାସଗୃହ ନାହିଁ। ମୋର ନିକଟତମ ପଡ଼ୋଶୀ ଘର ଅନ୍ତତଃ ତିନିଶହ ଗଜ ଦୂରରେ। ମୋ ଘରର ଆଖପାଖ ପ୍ଲଟ ଗୁଡ଼ିକ ଚିହ୍ନିତ ହୋଇଥିଲେ ହେଁ, ସେଠାରେ ଗୃହ ନିର୍ମାଣ ହୋଇ ନାହିଁ। କିନ୍ତୁ ପ୍ଲଟର ମାଲିକମାନେ ନିର୍ମାଣ ଯୋଜନା ହାତକୁ ନେଇଥିବାର ମନେହୁଏ। ବର୍ଦ୍ଧମାନ ଭୁବନେଶ୍ୱର ସହର ହାତ ପ୍ରସାରି ମାଡ଼ି ଆସୁଛି ଏହି ଆଖପାଖ ଉପାନ୍ତ ଅଞ୍ଚଳମାନଙ୍କୁ। ଟିକିଏ ଦୂରରେ ଭୁବନେଶ୍ୱର ବିମାନ ବନ୍ଦର। କେବଳ ବ୍ୟୋମଯାନ ଉଡ଼ାଣ ଶବ୍ଦ ଛଡ଼ା ସହରର କୋଳାହଳ ଏଠି ପ୍ରାୟ ନାହିଁ। ଏମିତି ନିରୋଳା ପରିବେଶ ମୋତେ ଭଲଲାଗେ। ନିର୍ଜନତା, ନିଃସଙ୍ଗତା ମୋର ରୁଚି। ନିଜକୁ ବାଙ୍ମୟ ନିଃସଙ୍ଗତା ସହିତ ମିଶାଇ ଦେବାରେ ମୋର ଥାଏ ଅନେକ ତୃପ୍ତି, ଅମିତ ଆନନ୍ଦ।

ଆମେ ଘରେ ରହୁ ମୋ ସ୍ତ୍ରୀ ପ୍ରତିଭା, ପୁଅ ଓ ଝିଅ। ପୁଅ ରାଜେଶ ବଡ଼। ଅଷ୍ଟମ ଶ୍ରେଣୀରେ ପଢ଼େ ଏବଂ ଝିଅ ଗୁଡୁନାର ତୃତୀୟ ଶ୍ରେଣୀ, ପ୍ରାଥମିକ ପାଠ ତା'ର। ଗୋଟିଏ ଛୋଟ ପରିବାର'ର ସଂଜ୍ଞା ନେଇ ଆମେ କାଳାତିପାତ କରୁଁ।

ମୋ ଜନ୍ମସ୍ଥାନ ବାଙ୍କୀ ଚର୍ଚ୍ଚିକାରେ – ଭୁବନେଶ୍ୱର ଠାରୁ ସତୁରୀ କିଲୋମିଟର ଦୂରରେ। ନୁହେଁ ସହର କି ନୁହେଁ ମଫସଲ। ସେଠି ଆମର ପୈତୃକ, ଜମିବାଡ଼ି, ଭିଟାମାଟି। ବୃଦ୍ଧ ବାପା ଓ ବୋଉ ଗାଁରେ ରହନ୍ତି, ଜମିବାଡ଼ି ବୁଝନ୍ତି। ମୁଁ ଭୁବନେଶ୍ୱର ବଦଳି ଆସିବା ପରେ ସେମାନେ କଦବା କ୍ୱଚିତ୍ ଭୁବନେଶ୍ୱର ଆସନ୍ତି, ଆମ ପାଖେ ରହନ୍ତି। ସବୁବେଳେ ସେମାନେ ମୋ ପାଖେ ରହିବା ସମ୍ଭବ ହୁଏନି। ସହରୀ ବାରଚାଉଳିଆ କଲୋନୀ ଜୀବନ ସେମାନଙ୍କୁ ଓରାଏ ନାହିଁ; ସେମାନଙ୍କ ଦୃଷ୍ଟିରେ ଏଠି ଯେମିତି କୃତ୍ରିମତା ବସା ବାନ୍ଧିଛି! ଗ୍ରାମ୍ୟ ଜୀବନରେ ଅଭ୍ୟସ୍ତ ତ! ତେଣେ ଗାଁ ଛାଡ଼ି ଆମ ପାଖେ ରହିବା ସମ୍ଭବ ହୁଏ ନାହିଁ। ଜମିବାଡ଼ି ଦାନାପାଣି କଥା ବାପା ବୁଝନ୍ତି। ରାଜା ଓ ଗୁଡୁନା ଆମ ପାଖେ ରହି ପଢ଼ନ୍ତି। ପ୍ରତିଭା ମଧ୍ୟ ଆମକୁ ଛାଡ଼ି ଗାଁରେ ରହି ବୃଦ୍ଧ ପିତାମାତାଙ୍କ ସେବାଶୁଶ୍ରୂଷା କରିବା ମଧ୍ୟ ସମ୍ଭବ ହୋଇ ନଥାଏ। ଅତଏବ ଆମେ ଗୋଟେ ଅପୋଷ ବୁଝାମଣା କରିଥାଉଁ। ପିଲାଙ୍କ ବାର୍ଷିକ ପରୀକ୍ଷା ପରେ ଲମ୍ବା ଗ୍ରୀଷ୍ମ ଛୁଟିରେ ପ୍ରତିଭା ପିଲାମାନଙ୍କୁ ନେଇ ଗାଁରେ ରହିବେ। ମୋର ତ ସରକାରୀ ଅଫିସ୍। ଛୁଟି ଫୁଟି ବିଶେଷ ନାହିଁ। ଏପରିକି ଏଠି ସଚିବାଳୟରେ ଏତେ ଦାପ୍ତରିକ କାମ ଯେ ରବିବାର ଦିନ ମଧ୍ୟ ଫୁରସତ୍ ମିଳେନି। ତେବେ ପ୍ରାୟତଃ ସନ୍ଧ୍ୟାରେ ମୁଁ ସବୁଦିନ ଅଫିସ୍ ଛାଡ଼େ। ନିଜସ୍ୱ କାର୍ ନାହିଁ, ଏଣୁ କେତେବେଳେ ସ୍କୁଟର, କେତେବେଳେ ଚାଲି ଚାଲି, କେତେବେଳେ ଟାଉନ୍ ବସ୍, କ୍ୱଚିତ୍ ଅଫିସ୍ ଗାଡ଼ିରେ ଘରକୁ ଫେରେ। ମୋତେ ବିଶେଷ କରି ଚାଲି ଚାଲି ସନ୍ଧ୍ୟା ହାୱା ଖାଇ ହାଟବଜାର କରି ବସାବାହୁଡ଼ା ହେବାକୁ ଭଲଲାଗେ। ଏହିପରି ମୋର ଦୈନନ୍ଦିନ ରୁଟିନବନ୍ଧା ସହରୀ ଚାକିରି ଗଡ଼ି ଚାଲିଥାଏ।

ସେଦିନ ଗ୍ରୀଷ୍ମ ସନ୍ଧ୍ୟା। ଅଫିସ୍ ଛାଡ଼ିଲି। ଦିନରେ ଅସହ୍ୟ ଗରମ ପଡ଼ିଥିଲା। ବୈଶାଖୀ ଖରାରେ ଧରା ତ୍ରାହି ତ୍ରାହି ଡ଼ାକୁଥିଲା। କିନ୍ତୁ ଏଠାରେ ସୂର୍ଯ୍ୟାସ୍ତ ଅନ୍ତେ ସନ୍ଧ୍ୟା ଆସନ୍ତେ, କେଉଁଠୁ କେଜାଣି ଗଗନ ଭିତରୁ ସୁଶୀତଳ ଥଣ୍ଡା ପବନ ଡ଼େଣା ଫଡ଼ ଫଡ଼ କରି ଉଡ଼ିଆସେ। ଆଶ୍ଳେଷ କରିବା ଢ଼ଙ୍ଗରେ ଦେହରେ ପିଟି ହୋଇଯାଏ, ପୁଣି ଗଛବୃଛ କୋଠାବାଡ଼ି ଆଦିକୁ ଚୁମ୍ବନ ଦେବାକୁ ତୀବ୍ର ବେଗରେ ଉଡ଼ିଯାଏ। ମନେହୁଏ, ଦିବସର ସୂର୍ଯ୍ୟୋତାପରେ ପବନ ବନ୍ଦୀ ହୋଇ ରହିଥାଏ, ସୂର୍ଯ୍ୟ ବୁଡ଼ିଯିବା ଅନ୍ତେ ମୁକୁଳିତ ହୋଇ ଭୁବନ ବକ୍ଷରେ ହସିକୁଦି ନାଚିଉଠେ। ମଣିଷ ଦେହକୁ ସାନ୍ଧ୍ୟ ସମୀର ଖୁବ୍ ଆଶ୍ୱସ୍ତ ଲାଗେ, ମନ ହାଲୁକା ବୋଧକରେ। ସେଇଥିପାଇଁ ବୋଧେ ସୃଷ୍ଟିର କେଉଁ ଅଜଣା କାଳରୁ ସ୍ଥାନର ନାମକରଣ ହୋଇଛି 'ଭୁବନେଶ୍ୱର'। ଓଡ଼ିଶାର ରାଜଧାନୀ ହେବାଠୁଁ ସହରର ଆକାର ଓ ଆୟତନ ବେଶ୍ ବଢ଼ି ଚାଲିଛି। ଉଚ୍ଚମାନ ମନ୍ଦିରମାନଙ୍କ ସଙ୍ଗେ ପ୍ରତିଦ୍ୱନ୍ଦ୍ୱିତା କରି ଗଢ଼ି ଉଠିଛି ନଭଶ୍ଚୁମ୍ବୀ ପ୍ରାସାଦ, ସରକାରୀ ଅଟ୍ଟାଳିକା ଓ ତାରକା ହୋଟେଲମାନ। ଏଇ ସହରର ବାସିନ୍ଦା ମୁଁ।

ସନ୍ଧ୍ୟାର ହାୱା ଖାଇ ଖାଇ ପାଦରେ ଫେରୁଥିଲି ଘରକୁ। ବାଟରୁ ଛୋଟ ମୋଟ ସଉଦା ସାରି ଘରେ ପହଞ୍ଚିଲି। ଫାଟକ ଖୋଲାଥିବା ଦେଖି ପ୍ରଥମରୁ ଚମକିଲି। ଆଜି କ'ଣ ଫାଟକ ବନ୍ଦ ନକରି ଅଫିସ୍ ଧାଇଁଥିଲି ନା କିଏ ଦୁଷ୍ଟ ଦୁର୍ବୃତ୍ତ ଫାଟକ ଖୋଲି ବଗିଚା ନଷ୍ଟ କରିଛି! ବଗିଚା ଆଡ଼କୁ ନଜର ଦେଲି। କୌଣସି ଅପ୍ରୀତିକର ଘଟଣା ଦେଖିଲି ନାହିଁ। ଫାଟକ ବନ୍ଦ କରି ଭିତରକୁ ପଶିଲି। ପୁନର୍ବାର ଛାତି ଚାଉଁକଲା। ଶିଡ଼ିଘରର ପ୍ରବେଶ ପଥଦ୍ୱାର ମେଲା। ଛନକା ପଶିଲା। ଚୋର ଘରେ ପଶିନାହିଁ ତ !! ଶଙ୍କିତ ମନରେ ଅନ୍ଧାର ଭିତରେ ହାତ ଅଣ୍ଡାଳି ଶିଡ଼ି ସୁଇଚ୍ ଟିପିଲି। ଆଲୁଅ ଜଳିଲାନି, କାରଣ ଦୁଇଦିନ ହେଲା ବଲ୍ ବିଗିଡ଼ି ଯାଇଛି, ଅବହେଳାବଶତଃ ବଦଳ



କରିନାହିଁ। ଦ୍ୱାର ଏପଟେ ରହି ହାତ ବଢ଼େଇ ବୈଠକ ଘର ସୁଇଚ୍ ତଳକୁ କଲି ଏବଂ କାନ୍ଥର ବିଜୁଳି ଆଲୁଅ ଜଳିବା ମାତ୍ରେ ଗୋଟେ ପ୍ରଚଣ୍ଡ ଲୋମହର୍ଷୀ ଦୃଶ୍ୟରେ ମୋର ଚେତାଚୈତନ୍ୟ ହଜିଗଲା। ଭୟ ବିଜଡ଼ିତ ବିସ୍ମୟ ବିସ୍ଫୋରିତ ଆଖିରେ ଆଁ କରି ରହିଲି କ୍ଷଣେ। ଗୋଟାଏ ବିଜୁଳିର ଝଲକ ଖେଳିଗଲା। ଦେଖିଲି, ଗୋଟାଏ ବୟସ୍କ ବାଘ ଠୁଙ୍କା ହୋଇ ଘର ମଝିଟାରେ ବସିଛି। ମୁଁ ଏକବାରେ ତଟସ୍ଥ ଏବଂ ଆତଙ୍କିତ। ଅସମ୍ଭବ ଜଡ଼ତାରେ ମୁଁ ମାଟି ପିଣ୍ଡଟିଏ ପାଲଟିଗଲି। ସାକ୍ଷାତ ଯମ ସମ୍ମୁଖରେ ମୁଁ ନିରସ୍ତ୍ର ମଣିଷଟିଏ। ଏକା କୁଦାକେ ଦୌଡ଼ି ପଳାଇବା ପାଇଁ ଭାବିଥିଲି, କିନ୍ତୁ ତାହା ନକରି ସାହସ ସଞ୍ଚୟ କରି ନିଜକୁ ପ୍ରକୃତିସ୍ଥ କରିନେଲି। ଅତୀତର ଦୀର୍ଘ ଜଙ୍ଗଲ ଅଭିଜ୍ଞତା ମୋତେ ଉପାୟ ବତାଇ ଦେଲା। ଉପସ୍ଥିତ ବୁଦ୍ଧିକୁ ପ୍ରୟୋଗ କରି ଯେତେ ଚଞ୍ଚଳ ସମ୍ଭବ ଦୃଢ଼ ହସ୍ତରେ କବାଟଟାକୁ ଧଡ଼୍‌କିନି ବନ୍ଦ କରିଦେଲି; ବାହାରପଟୁ କିଳିଣି ଦେଇ ଦମ୍‌ନେଲି ଦଣ୍ଡେ।

ଏଥର ଟିକିଏ ଭଲଭାବେ ନିଃଶ୍ୱାସ ନେଲି। ଭୟ ଦୂର ହୋଇଛି। ମୋ ଘରେ ଚୋର ନୁହେଁ, ବାଘ ପଶିଛି। ଆଶ୍ଚର୍ଯ୍ୟ ହେଲି। ଏ ମହାବଳ ବାଘ ମହାପ୍ରଭୁଙ୍କ ମୋ ଘରେ ବିରାଜମାନ କାହିଁକି? ଏଠାକୁ ବାଘଟେ ଆସିଲା କାହୁଁ? ଚିନ୍ତା କଲି; ମନେ ମନେ ଅନୁଶୀଳନ କଲି। ଆଖି ମୋତେ ଧୋକା ଦେଇ ନାହିଁ ତ! ମନର କୌଣସି ବିଭ୍ରମ ନୁହେଁ ତ!! ନା ଏପରି କିଛି ନୁହେଁ, ମୁଁ ସୁପ୍ତ ନୁହେଁ, ସ୍ୱପ୍ନ ଦେଖୁ ନାହିଁ, ଜାଗ୍ରତ। ମୋର ଦୃଷ୍ଟିଶକ୍ତି ଏକଦମ୍ ଠିକ୍ ଅଛି। ଦୃଶ୍ୟଟି ସମ୍ପୂର୍ଣ୍ଣ ବାସ୍ତବ।

ବାଘ ତ ବର୍ତ୍ତମାନ ବନ୍ଦୀ। କିଛି ସମୟ ପୁଣି ଚିନ୍ତା କଲି ଥଣ୍ଡା ମନରେ। ବାଘ ସହିତ ମୋର ସମ୍ପର୍କ କ'ଣ? ଅତୀତର ଅନେକ କାଳ, ଯୁବ ବୟସର ମୁଖ୍ୟାଂଶ ଜଙ୍ଗଲରେ ଅତିବାହିତ ହୋଇଛି ମୋର।

ଖାଲି ପାଦରେ ବନ୍ଧୁକ ଧରି ଅଗମ୍ୟ ବନ ନଟା ପାହାଡ଼ ଭିତରେ ଦିନ, ମାସ, ବର୍ଷ ବିତାଇଛି। ବହୁ ବନ୍ୟଜନ୍ତୁଙ୍କ ସଂସ୍ପର୍ଶରେ ଆସିଛି। ସେମାନଙ୍କ ସମ୍ବନ୍ଧରେ ଗୁଡ଼ାଏ ପଢ଼ିଛି, ଅନୁଭୂତିକୁ ପୁଞ୍ଜିକରି କିଛି ଲେଖିଛି ମଧ। ସେତେବେଳେ ଶିକାରନିଶା ମୋତେ ପ୍ରବଳ ଘାରିଥିଲା, ବନ ବିହାର ମୋର ସଉକ ହୋଇଥିଲା। ଏମିତି ଅଭୟାରଣ୍ୟ ଭିତରେ ବୁଲୁ ବୁଲୁ ଅନେକ ହିଂସ୍ର ଜନ୍ତୁଙ୍କ ହାବୁଡ଼ରେ ପଡ଼ିଛି; ବହୁ ଜଙ୍ଗଲୀ ଦୁଷ୍ଟଙ୍କ ସଙ୍ଗେ ମୁହାଁମୁହିଁ ହୋଇଛି, ଅଗତ୍ୟା ହତ୍ୟା କରିଛି ଏବଂ ନିଜେ ମଧ ମରୁ ମରୁ ବଞ୍ଚିଛି କପାଳର ଜୋରରୁ କେବଳ! ମୋର ପ୍ରିୟ ମ୍ୟାନ୍‌ଲିକର ରାଇଫଲ୍ ଏବଂ ଦ୍ୱିନଳିଆ ବନ୍ଧୁକ ଆର୍.ବି. ରୋଡ଼ା ନିଶାଣରେ ନିପୁଣ ଓ ବିଶ୍ୱସ୍ତ ଥା'ନ୍ତି। ପରବର୍ତ୍ତୀ ସମୟରେ ଶିକାର ନିଶାର ପରିବର୍ତ୍ତନ ହୋଇଥିଲା ମୋର। ଅକାରଣେ ମହାଜୀବଟିଏ ନଷ୍ଟ କରିବା ଆବଶ୍ୟକ ମନେହୋଇ ନଥିଲା। କେବଳ ଅନିଷ୍ଟକାରୀ ନରହନ୍ତା ଜାନୁଆରକୁ ବାଧ୍ୟତାବଶତଃ ଗୁଳିଦଣ୍ଡ ଭୋଗିବାକୁ ପଡ଼ିଥିଲା। ଏବେ କିନ୍ତୁ ବାରୁଦ ଓ ବନ୍ଧୁକ ସହିତ ମିତ୍ରତା ଭାଙ୍ଗିଛି। ଜୀବନ ଭିନ୍ନ ଏକ ସ୍ରୋତରେ ପ୍ରବାହିତ ହୋଇଛି। ବାରୁଦ ଓ ବନ୍ଧୁକ ବଦଳରେ କାଳି ଓ କଲମ ସହିତ ବନ୍ଧୁତା ବଢ଼ିଛି, ଗଢ଼ି ଉଠିଛି ବିଶ୍ୱସ୍ତତା।

କିନ୍ତୁ ଆଜିର ଏ ଅଭିନବ ବିରଳ ଘଟଣାଟା ମୋତେ ତାଜୁବ କରିଛି। ଏହି ସହରରେ ଲକ୍ଷ ଲକ୍ଷ ଘର ଥାଉଁ ଥାଉଁ ବାଘ ମହାଶୟ ମୋ ଘରେ ଅତିଥି ହେବାକୁ ପସନ୍ଦ କଲା କାହିଁକି? ଅନତିଦୂର ଚନ୍ଦକା ଅଞ୍ଚଳରେ ବିସ୍ତୀର୍ଣ୍ଣ ଜଙ୍ଗଲ ଥାଉଁ ଥାଉଁ ସେ ସହରଟା କାହିଁକି ନିରାପଦ ମଣିଲା? ବୋଧହୁଏ ପଥଚ୍ୟୁତ ହୋଇ ଭୁଲ୍‌ରେ ପଶି ଆସିଛି ଏଠାକୁ। କୌଣସି କାରଣ ନଥାଇ ଘଟଣା ଘଟେ ନାହିଁ। କ'ଣ କାରଣ ହୋଇପାରେ? ଜଙ୍ଗଲୀ ଜନ୍ତୁଙ୍କ ସହିତ ମୋର ଅହେତୁକ ସମ୍ପର୍କ? ନା। ଭାବନାଟା ବିଜ୍ଞାନସମ୍ମତ ନୁହେଁ, ଗୋଟେ କାକତାଳୀୟ ଅବତାରଣା। ତେବେ ଅନ୍ୟ କ'ଣ କାରଣ ହୋଇପାରେ? ବୋଧହୁଏ କ୍ଷୟିଷ୍ଣୁ ଜଙ୍ଗଲରେ ଜନ୍ତୁମାନେ ନିରାପଦ ମଣୁନାହାନ୍ତି ଅଥବା ସେଠାରେ ସେମାନଙ୍କ ପାଇଁ ଘୋର ଖାଦ୍ୟାଭାବ - ଏଥିପାଇଁ ସେମାନେ ସହରାଭିମୁଖୀ ହୋଇପାରନ୍ତି। ଘଟଣାଟିର ଅନେକ ବିଶ୍ଳେଷଣ କଲି।

**ମୋ**ର ମନେ ପଡୁଛି, ଏମିତି ଥରେ ପଲେ ହାତୀ ବାଟ ବାଉଳା ହୋଇ ବାରିପଦା ସହର ଭିତରକୁ ପଶି ଆସିଥିଲେ। ବାରିପଦା ସହରର ଅନତିଦୂରରେ ବିସ୍ତୀର୍ଣ୍ଣ ସୁଶ୍ୟାମଳା ସିମିଳିପାଳ ଅଭୟାରଣ୍ୟ - ଜଙ୍ଗଲ ଜନ୍ତୁଜନ୍ତାଙ୍କର ନିର୍ଭୟ ବାସସ୍ଥଳୀ। ଅରଣ୍ୟକୁ ଲାଗି ଚାଷ ଜମି, ଫସଲପୂର୍ଣ୍ଣ କ୍ଷେତ, ସବୁଜ ଉପତ୍ୟକା ଅଞ୍ଚଳ। ମଗୁଶିର ମାସ କାଳ, ଧାନ ଅମଳର ବେଳ। ଲୁଲୁଙ୍ଗ ବନ ପାହାଡ଼ରୁ ଗଡ଼ିଆସି ପଲେ ହାତୀ ବିଲରୁ ପେଟେ ପେଟେ ଧାନ ଖାଇ ପଶି ଆସିଥିଲେ ବାରିପଦାର ଉପକଣ୍ଠ 'ମଧୁବନ' ଅଞ୍ଚଳକୁ। ସେଠାର ସାନ୍ଦ୍ର ନିବିଡ଼ ୟୁକାଲିପଟାସ୍ ବୃକ୍ଷଘେରା ପ୍ରାନ୍ତର ଭିତରେ ନିର୍ବିଘ୍ନରେ ରାତ୍ରୀଯାପନ କଲେ। ପାହାନ୍ତା ପ୍ରହର। ଗୋଆଲା ସଅଳ ଗାଈ ଦୁହିଁ ତା ଗରାଖ ରାଜ୍ୟକୁ ସେଇବାଟ ଦେଇ ସାଇକେଲ୍‌ରେ ଯାଉଥିଲା। ଦୂରରୁ ଦେଖି ଭାବିଲା ଏଗୁଡ଼ିକ ରାଜାଙ୍କ ହାତୀ - ଗୋଟିଏ ଦନ୍ତା, ଚାରିଟି ମାଈ ଓ ଦୁଇଟି ଶିଶୁ। ସେମାନେ ଶୁଣ୍ଢ ଗୁଡ଼ିକୁ ଦୋଳି ଖେଳାଉଥିଲେ ଏବଂ କୁଲାକାର କାନଗୁଡ଼ିକରେ ପବନ ବିଞ୍ଚୁଥିଲେ। ପୁଣି ଗୋଆଲା ଭାବିଲା, ରାଜାଙ୍କର ମାତ୍ର ଗୋଟିଏ ଦିଓଟି ହାତୀ ଥା'ନ୍ତି, ସେମାନଙ୍କ ମୁଣ୍ଡରେ ସିନ୍ଦୂର ବୋଳା ହୋଇଥାଏ ଏବଂ ପାଖେ ପାଖେ ଥା'ନ୍ତି ହାତୀର ମାହୁନ୍ତ। ତା'ର ସନ୍ଦେହ ଉପୁଜିଲା। ସେ ଘଟଣା କ'ଣ ଜାଣିବା ପାଇଁ ସେମାନଙ୍କ ନିକଟତର ହେଲା ଏବଂ ହାଉଳି ଖାଇ କ୍ଷୀର ପାତ୍ର ଝୁଲା ସାଇକଲ ପଛକୁ ଘୂରାଇଲା। ଏହି ଅତର୍କ ଅବସ୍ଥାରେ ତା'ର ଯାନଟି ଭାରସାମ୍ୟ ହରାଇ ଭୂଇଁରେ ଗଡ଼ି ପଡ଼ିଲା ଏବଂ ପାତ୍ର ଗୁଡ଼ିକରୁ କ୍ଷୀରତକ ତଳେ ଢ଼ାଳିଗଲା। ପଡ଼ିଉଠି ପ୍ରାଣ ବିକଳରେ ଚିତ୍କାର କରି ଦୌଡ଼ିଛି - ହାତୀ, ହାତୀ, ଜଙ୍ଗଲୀ ହାତୀ....

ଘଟଣା ପ୍ରଘଟ ହେଲା ଦ୍ରୁତବେଗରେ, ଗୁରୁତ୍ୱ ପ୍ରଚାରିତ ହୋଇଗଲା ମୁହଁକୁ ମୁହଁ। ବଣୁଆ ହାତୀଦଳେ ସହର ଭିତରେ; ନଡରିବ କିଏ? କେତେବେଳେ କେଉଁଆଡ଼େ ପଶିବେ, ଘର ଦ୍ୱାର ଭାଙ୍ଗିବେ, ବାଡ଼ି ବଗିଚା ଧ୍ୱଂସ କରିବେ, ଧନ ଜୀବନ ବିପନ୍ନ ହେବ କିଏ ରୋଧ କରିପାରିବ? ଘଟଣାର ସତ୍ୟାସତ୍ୟ ଜାଣିବା ପାଇଁ ଖୁବ୍ କୌତୂହଳରେ ଦେଖଣାହାରୀମାନେ ଦୌଡ଼ିରେ ମଧୁବନ ଆଡ଼କୁ। କୌତୂହଳ କ୍ରମଶଃ ଆତଙ୍କରେ ପରିଣତ ହେଲା। ଜିଲ୍ଲା ଶାସନ କର୍ତ୍ତୃପକ୍ଷଙ୍କ କାନକୁ ଗଲା, ଭାଳେଣି ପଡ଼ିଲା। ସତକୁ ସତ ବଣୁଆ ହାତୀମାନେ ଯଦି ଜଙ୍ଗଲ ଛାଡ଼ି ସହରକୁ ଘର କରି ବସନ୍ତି, ଜନଜୀବନ ବିପର୍ଯ୍ୟସ୍ତ ହେବ। ସହରରେ ଆଇନ୍ ଶୃଙ୍ଖଳା ପରିସ୍ଥିତି ଉପୁଜିବ। ଶାନ୍ତି ବ୍ୟାହତ ହେବ। ଏଣୁ ପଦସ୍ଥ ଅଫିସରମାନଙ୍କ ଜରୁରୀ ମିଟିଂ ଆହୂତ ହେଲା। ପୋଲିସ୍ ଅଧକ୍ଷ ଅନୁପ୍ରବେଶକାରୀ ହାତୀମାନଙ୍କୁ ଘଉଡ଼ିବାର ଦାୟିତ୍ୱ ନେଲେ, କିନ୍ତୁ ସାଙ୍ଗରେ ରହିବେ ମାଜିଷ୍ଟ୍ରେଟ୍ ମହାଶୟ। ଆଞ୍ଚଳିକ ବନ ଅଧିକାରୀ ଏଥିରେ ଏକମତ ହେଲେ। ଜଙ୍ଗଲ ଇଲାକାର ହାତୀମାନଙ୍କ ଉପରେ ତାଙ୍କର ଅଧିକାର, ଅରଣ୍ୟ ଆଇନ୍ ଭଙ୍ଗ କରି ଏମାନେ ଅନୁପ୍ରବେଶ କରିଛନ୍ତି ନଗର ଭିତରକୁ, ଏଠି ନାଗରିକ ଆଇନ୍ ବଳବତ୍ତର, ସହରୀ ଜନତା ବର୍ତ୍ତମାନ ବିପଦର ବଳୟ ଭିତରେ। ଜନତାର ସୁରକ୍ଷାର୍ଥେ ଗୁଳିଚାଳନା ଆଇନ୍ ସମ୍ମତ। ଅତଏବ ବନାଧିକାରୀଙ୍କର ଆପତ୍ତି କରିବାର ନାହିଁ। ସେଥିପାଇଁ ମାଜିଷ୍ଟ୍ରେଟ୍ ମଧ ନିୟୋଜିତ। ସେମାନେ ସଦଳବଳ ସଂପୂର୍ଣ୍ଣ ପ୍ରସ୍ତୁତ ହୋଇ ରୁଣ୍ଡ ହେଲେ ଘଟଣା ସ୍ଥଳରେ ଅସ୍ତ୍ରଧାରୀ ପୋଲିସ୍ ଫଉଜ ସହିତ। ପ୍ରଥମେ ସେମାନେ ହୁଇସିଲ୍ ମାରି ବ୍ୟାଣ୍ଡ ବାଜା ବଜାଇ ହାତୀ ମାନଙ୍କୁ ତଡିବାକୁ ଚେଷ୍ଟା କରିଥିଲେ। କିନ୍ତୁ ବିଫଳ ହେଲେ। ଦନ୍ତା ହାତୀଟି ଥରେ ପିଁକାର ଛାଡ଼ି ବେପରବାୟ ରହିଲା।

ମୁଁ ବହୁ ବିଳମ୍ବରେ ଘଟଣାଟି ଶୁଣି ମଧୁବନରେ ଉପସ୍ଥିତ ହେଲି। କର୍ତ୍ତୃପକ୍ଷଙ୍କ ବ୍ୟବସ୍ଥା ଏବଂ କାଣ୍ଡଜ୍ଞାନଶୂନ୍ୟତା ପାଇଁ ହସି ହସି ଗଡ଼ିଗଲି। କାର୍ଯ୍ୟାଳୟର ପଙ୍କାତଳେ ଧୋବଧାଉଳିଆ ଅଫିସରବୃନ୍ଦଙ୍କର ଜଙ୍ଗଲୀ ଜାନୁଆରମାନଙ୍କୁ ମୁକାବିଲା କରିବାର ଅଭିଜ୍ଞତା ଓ ବ୍ୟବହାରିକ ଜ୍ଞାନ ଆସିବ କାହୁଁ? ସମସ୍ୟାଟିକୁ ଠିକ୍‌ଭାବେ ସମ୍ମୁଖୀନ ନହେଲେ ଅଯଥାରେ ଜନ୍ତୁମାନେ ଉତ୍ୟକ୍ତ ହେବାର ଯଥେଷ୍ଟ ସମ୍ଭାବନା। ସବୁ ଗୁଡ଼ିକୁ ଗୁଳିକରି ହତ୍ୟା କରିବା ମଧ ଅମାନୁଷିକ ଓ ବିବେକହୀନ କାର୍ଯ୍ୟ। ସିଧା ଯାଇ ମୁଁ ଜିଲ୍ଲାପାଳଙ୍କ ସଙ୍ଗେ ଜରୁରୀ ଆଲୋଚନା କଲି। ମୋର ପରାମର୍ଶ ଥିଲା - ହାତୀମାନେ ଶାନ୍ତିପ୍ରିୟ ଜାତି, ଏପରିକି ପ୍ରତ୍ୟେକ ବନ୍ୟଜନ୍ତୁ। ସେମାନେ ଭୁଲବଶତଃ ସହର ଭିତରକୁ ପଶି ଆସିଛନ୍ତି। କାହାକୁ ମାରିନାହାନ୍ତି ଏ ପର୍ଯ୍ୟନ୍ତ ବା କିଛି ଅନିଷ୍ଟ କରିନାହାନ୍ତି। ସହର ସେମାନଙ୍କ ବାସସ୍ଥଳୀ ନୁହେଁ। ନାହିଁ ଏଠି ପ୍ରାକୃତିକ ପରିବେଶ। ସହର ସେମାନଙ୍କୁ ସୁହାଇବ ନାହିଁ ଆଦୌ, ବରଂ ସେମାନେ ଅଣନିଶ୍ୱାସୀ ଅନୁଭବ କରିବେ। ଗତ ରାତିରେ ସେମାନେ ଗୁରୁପାକ ଭୋଜନଟିଏ କରିଛନ୍ତି ପାଚିଲା ଧାନ କିଆରୀମାନଙ୍କରୁ। ଆଜି ଦିନକ ବିନା ଖାଦ୍ୟରେ ଚଳିଯିବ, ପୁଣି ରାତିକୁ ଆବଶ୍ୟକ ପଡ଼ିବ ଖାଦ୍ୟ, ପଶୁ ଜାତିତ କେବଳ ତା'ପେଟ ପାଇଁ। ସେଇ ଅନ୍ୱେଷଣରେ ସେମାନେ ପୁଣି ଫେରିଯିବେ ଚରାଭୂଇଁକୁ, ଜଙ୍ଗଲ କୋଳକୁ, ଅତଏବ ସେମାନଙ୍କୁ ଆଉ ବିରକ୍ତ ନକରି ଚୁପ୍‌ଚାପ୍ ରହିବାକୁ ଦିଅନ୍ତୁ, ଜନସମାଗମକୁ ଦୂରେଇ ରଖନ୍ତୁ ଏବଂ ଅଳ୍ପଦୂରରେ ଲୁକ୍କାୟିତ ଭାବେ ସୁରକ୍ଷାବାହିନୀ ହାତୀ ଦଳ ଉପରେ ନଜର ରଖନ୍ତୁ....

ସମଝଦାର ଜିଲ୍ଲାପାଳ ମହାଶୟ ମୋ ପରାମର୍ଶକୁ ମାନିନେଇ ତଦନୁସାରେ ବ୍ୟବସ୍ଥା କଲେ। ଦିନ ଶେଷ

ପରେ ରାତି ଆସିଲା; ଅଞ୍ଚଳର କୋଳାହଳ କମି ଆସିଲା। ରାତି ଅଧବେଳକୁ, ନିଶାର ନିର୍ଜନ ମୁହୂର୍ତ୍ତରେ ହାତୀମାନେ ଯେଉଁ ବାଟଦେଇ ସହର ପ୍ରବେଶ କରିଥିଲେ, ଠିକ୍ ସେଇ ବାଟେ ବାଟେ ସ୍ୱସ୍ଥାନକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ମୋର ସମୟୋଚିତ ପରାମର୍ଶ ପାଇଁ ଜିଲ୍ଲା କର୍ତ୍ତୃପକ୍ଷ ମୋତେ ଧନ୍ୟବାଦ ଦେଇଥିଲେ।

ଏମିତି ହାତୀମାନଙ୍କ କଥା ଭାବୁ ଭାବୁ ଗୃହବନ୍ଦୀ ବ୍ୟାଘ୍ର ମହାରାଜଙ୍କୁ ଆଉଥରେ ଦେଖିବାକୁ ପ୍ରବଳ ଇଚ୍ଛା ହେଲା ମୋର। କିନ୍ତୁ ଦରଜା ଖୋଲିବାକୁ ସାହସ ଅଣ୍ଟିଲା ନାହିଁ। ହିଂସ୍ର ପଶୁ। ବିଶ୍ୱାସ କ'ଣ? ଅଜଣା ହିଂସ୍ର ପଶୁକୁ ବିନା ଅସ୍ତ୍ରରେ ମୁକାବିଲା କରିବା ଧୃଷ୍ଟତା, ମୂର୍ଖତା ଓ ବେହୁସିହାରୀ କାମ। ସାବଧାନତାର ଚେତନା ମୋତେ ଜାଗ୍ରତ କରି ରଖିଲା। ଦରଜାର ଝିଡ଼ିକି ଆଉଥରେ ପରଖି ନେଲି ଯେପରି ବାଘ ବାହାରକୁ ଚାଲି ଆସି ନପାରେ।

ଆଗପଟ ଉଦ୍ୟାନକୁ ଲାଗି ବୈଠକ ଘରର ଫର୍ଚ୍ଚା ଝର୍କା। ଏଣୁ ବାହାର ପଟକୁ ଯାଇ ରୁଦ୍ଧ ଝର୍କା କବାଟରେ କରାଘାତ କଲି। ଦେଖିଲି ଦୈବାତ୍ ଭିତର ପଟୁ କବାଟର ଟାୱାର୍‌ବୋଲ୍ଟ ଚଉକାଠ ସହିତ ସଂଯୋଗ ହୋଇନାହିଁ ଅବହେଳାବଶତଃ। ଝର୍କାକୁ ଆସ୍ତେ ଖୋଲିଲି। ଏବେ ବାଘ ଦୃଶ୍ୟମାନ ହେଲା। ଘର ମଝିରେ ସେମିତି ଠୁଙ୍କା ହୋଇ ବସିଛି। ମାଠିଆ ଭଳି ମସ୍ତ ମୁଣ୍ଡରେ ବିସ୍ଫୋରିତ ପାଟି, ତା ଉପରେ ଛୋଟ ନାକ ପୁଡ଼ା ଏବଂ ତାକୁ ତଳକୁ ନାକର ଉଭୟ ପାର୍ଶ୍ୱରେ କାଚଭଳି ଦୁଇଟି ତେଜୋଦୀପ୍ତ ନୀଳ ଆଖି ବିଜୁଳି ଆଲୁଅରେ ଦପ୍‌ଦପ୍ କରୁଛି ଅନ୍ଧାର ଆକାଶର ତାହା ସଦୃଶ। ଦେହରେ ହଳଦୀବସନ୍ତର ମସୃଣ ମଖମଲୀ ଚମଡ଼ା ଚିକ୍‌ଚିକ୍ କରୁଛି। ବଳିଲା ବଳିଲା ଅଙ୍ଗ, ବଳିଷ୍ଠ ମାଂସପେଶୀ। କେଡ଼େ ସୁନ୍ଦର ଜୀବଟିଏ! ଚେହେରାରେ ରାଜକୀୟତା ଫୁଟି ଉଠୁଛି।

ତା'ର ଚିତ୍ତାକର୍ଷକ ରୂପ ଓ ଚେହେରାରେ ମୁଁ ବିମୋହିତ ହେଲି। ମୋ ପାଇଁ ଏକ ଅପୂର୍ବ ଦୁର୍ଲଭ ଲୋଭନୀୟ ଦୃଶ୍ୟ। ହିଂସ୍ରତା ଭିତରେ ଏମିତି ଲୋଭନୀୟତା ଲୁଚି ରହିଥାଏ! କାଠିଣ୍ୟ ଭିତରେ ମୁଁ ଅନୁଭବ କରୁଥିଲି କୋମଳତାର ପ୍ରଲେପ, କେତେ ସୁନ୍ଦର ସତେ ସୃଷ୍ଟିର ରଚନା!!

ବାଘ ଓ ମୋ ଭିତରେ ମାତ୍ର କେଇ ଗଜ ବ୍ୟବଧାନ। ମଝିରେ ଝର୍କାର ଲୁହା ରେଲିଂ! ଝରକା ଅତିକ୍ରମ କରି ଘର ଆଲୁଅ ମୋ ଉପରେ ସ୍ୱଚ୍ଛ ପଡୁଥିଲା। ଆମେ ପରସ୍ପର ଦେଖିପାରୁଥିଲୁ। ମୁଁ ପୁଲକିତ ହୋଇ ଉଠିଲି। ବାଘ ସେମିତି ବସିଛି ରାଜକୀୟ ଠାଣିରେ, ତା'ଠି ଟିକିଏ ହେଲେ ଅସ୍ୱାଭାବିକ ଲକ୍ଷଣ ଦେଖୁନାହିଁ ସତେ ଯେମିତି ମୁଁ ତା'ର ବହୁ ପରିଚିତ!

ଏମିତି ବହୁ ସମୟ ପର୍ଯ୍ୟନ୍ତ ବ୍ୟାଘ୍ରରାଜଙ୍କୁ ଅପଲକ ନେତ୍ରରେ ଚାହିଁ ରହିଲି। ବିଗତ କଥା ଭାବିଲି, ଆଗତ କଥା ଚିନ୍ତାକଲି। ଯୋଗକୁ ମୋ ପିଲାମାନେ ଘରେ ନାହାନ୍ତି, ଗାଁରେ ଗ୍ରୀଷ୍ମଯାପନ କରୁଛନ୍ତି। ସେମାନେ ଥିଲେ ହୁଏତ ଏ ଅଭିନବ ଘଟଣାଟି ଘଟି ନଥାନ୍ତା। ଏଣୁ ସୁଯୋଗକୁ ବଧେଇଦେଲି, ଦୃଶ୍ୟକୁ ଉପଭୋଗ କରି ବସିଲି ପୂରା ମାତ୍ରାରେ। ମୁଁ ବର୍ତ୍ତମାନ ସଂପୂର୍ଣ୍ଣ ସମ୍ମୋହିତ।

କିଛି ସମୟ ଅନ୍ତେ ସେ ବାରମ୍ବାର ହାଇ ମାରିଲା। ଆଁ କଲାବେଳେ ତା ବିଶାଳ ନାଲି ପାଟିରେ ଅକ୍ଳେଶରେ ମଣିଷ ମୁଣ୍ଡଟା ତଣ୍ଟି ଦେଇ ପେଟ ଭିତରକୁ ସିଧା ପଶିଯାଇ ପାରିବ। ତା'ପରେ ସେ ମୋ ଆଡ଼କୁ ପିଠି କରି ବସିଲା। ମସୃଣ ଲମ୍ବା ଦେହ ମୁଣ୍ଡଠୁଁ ଲାଞ୍ଜ ପର୍ଯ୍ୟନ୍ତ ମୋତେ ଆହୁରି ଆକର୍ଷଣୀୟ ଲାଗୁଥିଲା। ପୁଣି ସେ ଠିଆ ହୋଇ ମୋ ଆଡ଼କୁ ମୁହଁ ବୁଲାଇ ଝର୍କା ପର୍ଯ୍ୟନ୍ତ ଆସ୍ତେ ଆସିଲା ଏବଂ ଝର୍କାପାଖେ ବସିରହିଲା ମୋ ଆଡ଼କୁ ସାମ୍ନା କରି। ସେ ଓ ମୋ ମଧ୍ୟରେ ମାତ୍ର ଏକ ଫୁଟ ଦୂରତା। ତା ଦେହର ଗନ୍ଧ ମୁଁ ବେଶ୍ ବାରି ପାରୁଥିଲି। ଏମିତି କିଛି ସମୟ ବସି ସେ ଝର୍କାତଳ ଚଟାଣ ଉପରେ ଚାରିଗୋଡ଼କୁ ଲମ୍ବାଇ ଗୋଟିଏ ଦିଗକୁ ଲକ୍ଷ୍ୟ କରି ଶୋଇ ରହିଲା ଏବଂ ଆସ୍ତେ ଆସ୍ତେ ଆଖି ବୁଜିଲା।

ମୁଁ ସେମିତି ଝର୍କା କାନ୍ଥ ଉପରେ ବସି ତାକୁ ଲକ୍ଷ୍ୟ କରିଥାଏ। ପର୍ଯ୍ୟବେକ୍ଷଣର ଉତ୍ସୁକତାରେ ଆବଦ୍ଧ ଥିଲି।

ଗୋଟାଏ ନିର୍ଶ୍ଚିନ୍ତ ନିଧଡକ ଢ଼ଙ୍ଗରେ ଚାରିକାତ ମେଲାଇ ବାଘ ଗାଢ଼ ନିଦ୍ରାରେ ଶୋଇଗଲାଣି। ତା ନିଶ୍ୱାସ ପ୍ରଶ୍ୱାସରେ ସ୍ୱସ୍ତିର ଚିହ୍ନ ବାରିପାରୁଥିଲି।

ମୁଁ କିନ୍ତୁ ଜାଗ୍ରତ ରହି ବାଘ ବିଷୟରେ ସ୍ୱପ୍ନ ଦେଖୁଥାଏ। ଗୋଟେ ଭିନ୍ନ ପୃଥିବୀରେ ଥିଲାଭଳି ଲାଗୁଥାଏ ମୋତେ।

କିଛି ସମୟ ବାଦେ ବାଘ କଡ଼ ଲେଉଟାଇଲା ଓ ଚାରିଗୋଡ଼ ବିପରୀତ ଦିଗ ଆଡ଼କୁ ବର୍ଦ୍ଧିତ କଲା। ତା ପାଦର ମାଂସଳ ପଂଝା ଓ ମୁନିଆ ନଖ ମୁଁ ପ୍ରାଞ୍ଜଳ ଭାବେ ଦେଖି ପାରିଲି।

ଆଗନ୍ତୁକ ଆରାମରେ ଶୋଇଛି, ବନ୍ଦୀଶାଳରେ ବିଶ୍ରାମ ନେଇଛି।

ରାତି କେତେ ହେଲାଣି? ମୋ ହାତରେ ଘଡ଼ି ନଥିଲା। ଭୁଲାମନ ଘଡ଼ି ବାନ୍ଧିବାକୁ ଭୁଲି ଯାଇଥିଲା ଅଫିସ୍ ଯିବା ସମୟରେ। ସକାଳେ ଅଫିସ୍ ବେଳ ହୋଇଯିବାରୁ ତରବରରେ ସବୁକାମରେ ଶୃଙ୍ଖଳାଶୂନ୍ୟତା ଉପଲବ୍ଧି କରିଥିଲି ଯେମିତି ବାଉଳାମନ ଆଜି କବାଟ ବନ୍ଦ କରିବାକୁ ଭୁଲି ଯାଇଥିଲା, ଏପରିକି ଫାଟକ ମଧ୍ୟ। ମୋର ଅନ୍ୟମନସ୍କତା ବ୍ୟାଧି ଘୋର ଅଡୁଆରେ ପକାଇଥାଏ ବେଳେବେଳେ। ତେବେ ଆଜି ଅଡୁଆ ନୁହେଁ, ବଡ଼ିଆ ଘଟଣାଟିଏ ଆଣି ଦେଇଛି।

ଅନ୍ଧକାରର ରଜନୀ। ଦୂର ଆମ୍ବତୋଟା ଗହଳରେ କେତୋଟି ନିଦଭଙ୍ଗା ନିଶାଚର ଚଢ଼େଇ ଅସ୍ତିତ୍ୱ ପ୍ରକାଶ କରୁଥିଲେ। ମୁଁ ଫାଟକ ଆଡ଼କୁ ଲକ୍ଷ୍ୟ କଲି। ଉଚ୍ଚ ଫାଟକରେ ଲୌହ ଚଦର ଦୃଢ଼ଭାବେ ଝଳେଇ ହୋଇଛି ଠିକ୍ ଗୋଦାମ ଘରର ଦ୍ୱାର ଭଳି। ଏଣୁ ବାହାରପଟୁ ଭିତରର ଜିନିଷ କିଛି ଦେଖିହୁଏ ନାହିଁ। ଗୋପନୀୟତା ମୋର ରୁଚି, ଲୋକଲୋଚନରୁ ଦୂରରେ ରହିବା ମୋର ଅଭିରୁଚି। ବୁଦ୍ଧିଟାଏ ମନକୁ ସ୍ପର୍ଶକଲା। ପକେଟରେ କଞ୍ଚିଥିଲା। ଫାଟକରେ ବାହାରପଟୁ ତାଲା ପକାଇ ଦେଲି ଯେପରି ଲୋକେ ଭାବିବେ ଘର ମାଲିକର ଅନୁପସ୍ଥିତି। ପୁଣି ଫାଟକ ଚଢ଼ି ହତା ଭିତରକୁ ଡେଇଁଲି। ଝର୍କା ପାଖେ ପହଞ୍ଚୁ ପହଞ୍ଚୁ ବିଜୁଳି ଆଲୁଅ ହଠାତ୍ ଲିଭିଗଲା। ଏ ଅଞ୍ଚଳ ପ୍ରତି ବିଦ୍ୟୁତ ବାଲାଙ୍କ ବୈମାତୃକ ଭାବ, ସହଜେତ ସମ୍ମୁଖ ରାସ୍ତାରେ ବିଜୁଳି ଖୁଣ୍ଟ ନାହିଁ। ଏଠି ଥରେ ବିଦ୍ୟୁତ ସରବରାହରେ ବ୍ୟାଘାତ ଘଟିଲେ ବହୁ ସମୟ ପର୍ଯ୍ୟନ୍ତ ବିଜୁଳି ଫେରେ ନାହିଁ। ବିଭାଗୀୟ ଅବହେଳା ପ୍ରତି ବିରକ୍ତି ପ୍ରକାଶ କରିବା ଛଡ଼ା ବିକଳ୍ପ ପନ୍ଥା ନାହିଁ। କିଟି କିଟି ଅନ୍ଧାର ସତ୍ତ୍ୱେ ଝର୍କା ଦେଇ କୋଠରି ଭିତରକୁ ଚାହିଁଲି। କିଛି ଦୃଶ୍ୟ ହେଲା ନାହିଁ। କେବଳ ଅନ୍ଧାରର ଇନ୍ଦ୍ରଜାଲ। ଆଗନ୍ତୁକର ସ୍ୱର ଶବ୍ଦ ନାହିଁ। ଶୋଇଛି। ଶୋଉ। ଆରାମରେ ଶୋଉ।

ରାତି ଅନେକ ହେଲାଣି। ପୋଷାକଲଗା ଦେହରେ ଝର୍କା କାନ୍ଥରେ ବସି ରହିଲି। ପୁଣି ଗୁଡାଏ ଚିନ୍ତା କଲି ସୃଷ୍ଟିର ଏଇ ଦୁର୍ଦ୍ଦାନ୍ତ ଜୀବଟି ବିଷୟରେ – ନିଜ ଅଙ୍ଗନିଭା ଅନୁଭୂତିରୁ ଓ ପୁସ୍ତକ ପୃଷ୍ଠାମାନଙ୍କରୁ। ହିଂସ୍ରତାର ପ୍ରତୀକ ବାଘ। ରକ୍ତ ପିପାସୁ। ଗୋଟାଏ ମଇଁଷିକୁ କାବୁ କରି ମାଇଲି ମାଇଲି ଦୂର ଟେକିନିଏ ଅନାୟାସରେ। ଏମିତି ଚିନ୍ତା କରୁ କରୁ ଆଖିକୁ ଛାଇ ନିଦ ଲାଗିଗଲା କେତେବେଳେ। ପ୍ରତ୍ୟୁଷର ସ୍ପର୍ଶରେ ନିଦ ଚାଉଁକରି ଭାଙ୍ଗିଗଲା। ପ୍ରଭାତର କ୍ଷୀଣ ଆଲୋକ ଆଭା ଝର୍କା ଦେଇ ଆଗନ୍ତୁକର ଦେହରେ ପଡିଗଲାଣି। ଏବେବି ସେ ଗୁପ୍ତ। ଗୋଟେ ମୋଟା ନିଦରେ ଆକ୍ରାନ୍ତ। ତା ନିଦ୍ରାରେ ବ୍ୟାଘାତ ଆଣିବାକୁ ଇଚ୍ଛା କଲି ନାହିଁ। ଅପେକ୍ଷା କଲି ଚୁପ୍‌ଚାପ୍। ପିଠିକୁ ଚଟାଣରେ ରଖି ପେଟ ଉପରକୁ କରି ଚିତ୍ ଶୋଇଛି ଆରାମରେ ଯେମିତି ଏଟା ତା' ନିଜଘର!

ଶାନ୍ତ ଶୀତଳ ଆକାଶମାର୍ଗରୁ ପକ୍ଷୀକଳରବ

ଘନୀଭୂତ ହେଲା । ପ୍ରଭାତର କୋଳାହଳ କ୍ରମଶଃ ବହଳ ହେଲା, ଚରମାନଙ୍କ ଚହଳ ବଢ଼ିଲା । ହତାର ପଶ୍ଚାତ୍‌ଭାଗରେ ମୋର ନଳକୂପ ଏବଂ ସଂଲଗ୍ନ ଶୌଚାଳୟ । ସେଠାରେ ପ୍ରାତଃକର୍ମ ସାରି ଜଳରେ ଦେହକୁ ମୁହଁକୁ ଧୌତ କରି ଆଗନ୍ତୁକ ପାଖକୁ ଦୌଡ଼ିଲି । ସେ ଏଥର ଛିଡା ହେବାର ଦେଖିଲି । ଏ ପର୍ଯ୍ୟନ୍ତ ତା ଲିଙ୍ଗ ସମ୍ବନ୍ଧରେ ଅବଗତ ନଥିଲି । ଟିକିଏ ନଜରକୁ ମୋଟାକରି ଲକ୍ଷ୍ୟକଲି । ବାଘ ନୁହେଁ, ବଘୁଣୀଟିଏ । ତା ଉଦରକୁ ନିରୀକ୍ଷଣକଲି; ଅପେକ୍ଷାକୃତ ବଡ଼ ଦିଶିଲା । ଗର୍ଭଧାରଣର ଲକ୍ଷଣ ଦୃଷ୍ଟ ହେଲା । ମନେ ହେଲା ଆସନ୍ନ ପ୍ରସବା । ମୁଁ ଉଲ୍ଲସିତ ହେଲି ମନେ ମନେ । ଶିକାରୀର ସହରୀ ଘର ମୋର । କୌଣସି କାରଣରୁ ହେଉ, ଜଙ୍ଗଲର ମହାବଳ ପ୍ରାଣୀଟିଏ ନିରାପଦ ମଣି ମୋ ଘରେ ଆଶ୍ରିତା । ହୁଏତ ଆଉ ଅଳ୍ପ ସମୟ ବା ଦିନକ ଭିତରେ ଏ ଘରଟା ପଶୁର ଏନ୍ତୁଡ଼ିଶାଳ ହେବାର ସୌଭାଗ୍ୟ ଅର୍ଜିବ । ଦୈବଯୋଗକୁ ବଧାଇ ଦେଲି । ଏଭଳି ସୁଯୋଗ କ୍ୱଚିତ ଆସେ ମୋଭଳି ଜଣେ ବନପ୍ରିୟ ବ୍ୟକ୍ତି ପାଇଁ ।

ବାଘୁଣୀ ଲାଞ୍ଜଟେକି କିଛି ସମୟ ଛିଡ଼ାହେଲା ଏବଂ ଦୁଇଲିଟର ପ୍ରାୟ ପରିସ୍ରା ସିମେଣ୍ଟ ଚଟାଣରେ ଢ଼ାଳିଲା । ପରେ ପରେ ମଳତ୍ୟାଗ କଲା ମଧ୍ୟ । ଗୋଟାଏ ଦୁସୁରା ଗନ୍ଧରେ ମୋ ଘର ଭର୍ତ୍ତି ହୋଇଗଲା । ମୋର ଅବଶ୍ୟ ଆଦୌ ଅରୁଚିକର ହେଲା ନାହିଁ ଯେମିତି ରୋଗ ଯେତେ କୁତ୍ସିତ ହେଲେ ମଧ୍ୟ ଡ଼ାକ୍ତରକୁ ଘୃଣା ଲାଗେନାହିଁ ଚିକିତ୍ସା କରିବାକୁ । ବାଘର ମଳ ସହିତ ମୁଁ ଅନଭ୍ୟସ୍ତ ନୁହେଁ । ବଣ ପର୍ବତରେ ଦୁଷ୍ଟ ବାଘକୁ ଠାବ କରିବାକୁ ଯାଇ ମୁଁ ମଧ୍ୟ ତା ମଳ ପରୀକ୍ଷାକରି ତା'ର ସମ୍ଭାବିତ ସ୍ଥାନ ଆବିଷ୍କାର କରିଛି ବହୁଥର । ତେବେ ଆଗନ୍ତୁକା ମହାଶୟା କେତେଦିନ ମୋ ଘରେ ଅବସ୍ଥାନ କରିବେ ମୁଁ ଜାଣିବା ମୁସ୍କିଲ୍ ଥିଲା । ବୈଠକ ଘର ଭିତରୁ ମଳମୂତ୍ର ଯେ ପରିଷ୍କାର କରିବା ନିହାତି ଆବଶ୍ୟକ – ମୋତେ ଚିନ୍ତିତ କଲା ।

ତେବେ ବର୍ତ୍ତମାନ ଆଗନ୍ତୁକ କ୍ଷୁଧାର୍ତ୍ତ ମନେ ହେଲା । ତା'ର ଗୁରୁ ଖାଦ୍ୟ ମୋର କ୍ଷୁଦ୍ର ଘରେ ଆସିବ କାହୁଁ ? ମୁଁ ବ୍ୟସ୍ତହେଲି ମନେ ମନେ । ସେଦିନ ମାସୁଆରୀ ଦରମା ପାଇଥିଲି । ପକେଟରେ ଯଥେଷ୍ଟ ଟଙ୍କା ଥିଲା । ଫାଟକ ପାରହୋଇ ପହଞ୍ଚିଲି ମୋ ଚିହ୍ନା କଂସେଇ ହବିବ୍ ମିଆଁ ପାଖରେ । ସେ ସଲାମ କଲା ଏବଂ ଭଲ ମାଂସ ନାହିଁ ବୋଲି ରୋକ୍‌ଠୋକ୍ କହିଲା । ସେ ଜାଣେ ମୁଁ ତା'ର ସଚ୍ଚା ଗ୍ରାହକ, ପକ୍କା ମାଂସ ଚିହ୍ନି ଖରିଦ କରେ, ରଙ୍ଗ ଦେଖି ଗୁଣ ବାରିଦିଏ, ଖାଣ୍ଟି ଓ ଖାଦ ପରଖିବା ଶକ୍ତି ମୋଠି ଥାଏ, ବିଶେଷ କରି କଂସେଇ କାରବାରରେ । ସେଇଥିପାଇଁ ହବିବ୍ ମିଆଁ ଅନ୍ୟ ଗ୍ରାହକଙ୍କୁ ଏଡ଼ାଇ ତା ମାର୍କାମରା ବିଶୁଦ୍ଧ ମାଂସରୁ ମୋ ପାଇଁ ତଉଲି ଦିଏ । ମୋ ଛୋଟ ପରିବାରର ଚାହିଦା ବା କେତେ ? କିଲେ ମାଂସ ଯଥେଷ୍ଟ । କିନ୍ତୁ ଆଜିର ଉଦ୍ଦେଶ୍ୟ ନିଆରା । କ'ଣ କହିବି ହବିବ୍ ମିଆଁକୁ ? ଆଉ କେତେଜଣ ଖରିଦଦାର ମାଂସ ପାଇଁ ଠିଆହୋଇଛନ୍ତି । ହବିବ୍ ମିଆଁ ତା ପଠାଣି ଚପଡ଼ ଛୁରିରେ ଗୋଳେଇ ମୁଣ୍ଡାକାଠ ଉପରେ ମାଂସ ଖଣ୍ଡ ଖଣ୍ଡ କରୁଛି । ଏଣେ ତେଣେ ଚାହିଁଲା । ହବିବ ପାଖକୁ ଲାଗିଯାଇ ଚୁପି କହିଲି – ହବିବ୍, ମୋର ଆଜି ଭଲ ମାଂସ ଦରକାର ନାହିଁ ।

ସେ ମୋ ମୁହଁକୁ ବଲ୍‌ବଲ୍ କରି ଚାହିଁଲା । କହିଲା – କୁଉାଫୁଟା ପାଲରେ ପଡ଼ିଲଣି କି ?

ମୁଁ କଥାକୁ ବୁଲେଇ କହିଲି – ହଁ ସେଇଭଳି । ମାଂସାଶୀ ଜନ୍ତୁ !

ବିଚରା ମାଂସ ଟିକିଏ ନହେଲେ ଖାଏନି କିଛି ।

ହବିବ୍ ବଡ଼ିମା ଢ଼ଙ୍ଗରେ କହିଲା – ବାବୁ, ଜାନୁଆରର ଜୀବନ ମାଂସ । ମାଂସରେ ଥାଏ ବଳ; ବୁଦ୍ଧି ପାଇଁ ଲୋଡ଼ା ଫଳ । ନୁହେଁ ?

ମୁଁ ହଁ ଭରିଲି ତା କଥାକୁ ତାରିଫ କରିବା ଭଙ୍ଗୀରେ । ହବିବ୍ ଉଚ୍ଚେଇ ହସିଲା । ମୁଁ ଆସ୍ତେ ଆସ୍ତେ କହିଲି – ହବିବ୍, ମୋର ଆଜି ଦରକାର ପାଞ୍ଚକିଲୋ ଚାଲୁ ମାଂସ ।

ସେ ଗୋଟାଏ ବୃହତ୍ ହଁ ମାରିଲା । ମାଂସ ବିକିଲାବାଲା ସେ । ଚାଲୁମାଂସ ତଉଲିବା ସହଜ ହେଲା ତାକୁ । ଚଟାପଟ୍ ମାଂସକୁ ଝୁଲାରେ ପୂରାଇ ଘରକୁ ସଅଳ ଫେରି ଆସିଲି ।

ଝରକା ଆଉଜା କରି ଯାଇଥିଲି । ଆସ୍ତେ କରି ଖୋଲିଲି । କୋଠରିର ବିଜୁଳି ଲାଇଟ ପୂର୍ବବତ୍ ଜଳୁଥିଲା । ପୁଣି ଗୋଟେ ବିରଳ ଦୃଶ୍ୟରେ ମୋର ଆଖି ଝଲସି ଗଲା । ଇତି ମଧ୍ୟରେ ବାଘୁଣୀ ଗୋଟିଏ ଛୁଆ ପ୍ରସବ କରି ସାରିଥିଲା । ଆଉ ଗୋଟିଏ ପାଇଁ ପ୍ରସବ ଯନ୍ତ୍ରଣା ଭୋଗୁଥିଲା । ବାଘ ଛୁଆଟା ଦିଶୁଥିଲା ବିଲେଇ ବଚାଠୁଁ ଅଳ୍ପ ବଡ଼ । ଦେହରେ ନାଳ ଭର୍ତ୍ତି । ବାଘୁଣୀ ତାକୁ ଅବିରତ ଚାଟି ଚାଲିଥାଏ । ମୁଁ ନିବିଷ୍ଟ ଚିତ୍ତରେ ଅନାଇ ରହିଲି । ଏଭଳି ଦୃଶ୍ୟ ଚିଡ଼ିଆଖାନାରେ ମିଳିପାରେ ନତୁବା ଘୋର ବାଘବସା ଜଙ୍ଗଲରେ । ଅରଣ୍ୟ ଭିତରେ ବ୍ୟାଘ୍ର ପ୍ରସବ ଦୃଶ୍ୟ ସ୍ୱଚକ୍ଷୁରେ ଦେଖିବା ଭାଗ୍ୟରେ ଜୁଟି ନଥାଏ । ବାଘ ବିଷୟରେ ଗଭୀର ଗବେଷଣା କରୁଥିବା ବ୍ୟକ୍ତିର ମଧ୍ୟ ଏଭଳି ସୌଭାଗ୍ୟ କ୍ୱଚିତ୍ ମିଳିଥାଏ । ବାଘୁଣୀ ଜନ୍ମ ଦିଏ ନିଭୃତ କୋରଡ଼ ଭିତରେ ଏବଂ ଏହି ସମୟରେ ସେ ବାଘଠାରୁ ଦୂରରେ ରହେ କାରଣ ବାଘ ଭୁଆ ବିରାଡ଼ି ଭଳି ଛୁଆକୁ ଆହାର କରିଦିଏ । ଆଜି ମୋ କୋଠରିଟି ବାଘୁଣୀର ନିଭୃତ କୋରଡ଼ ବନି ଯାଇଛି । ମୋର ଆନନ୍ଦର ସୀମା ନାହିଁ ନନ୍ଦ ଘରେ ଗୋବିନ୍ଦ ଭଳି । ଅନୁପମ ସେ ଆନନ୍ଦ । ଅମର୍ତ୍ତ୍ୟ ସେ ଅନୁଭବ । ଅଫୁରନ୍ତ ଉଲ୍ଲାସରେ ବିଭୋର ମୁଁ ।

ପ୍ରସବ ଯନ୍ତ୍ରଣାରେ ବାଘୁଣୀ ଅତିଷ୍ଠ । କିନ୍ତୁ ଆଶ୍ଚର୍ଯ୍ୟ କଥା ସେ ଆଦୌ ଚିତ୍କାର କରୁ ନଥାଏ କିମ୍ବା ହେଣ୍ଟାକୁ ନଥାଏ । ପାହୁଲରୁ ଚଟାଣରେ ରାମ୍ପୁଡ଼ି ପେଟକୁ ଭୂଇଁରେ ଚାପି ଶୂଳ ଖାଉଥାଏ । ତତ୍‌କ୍ଷଣାତ୍ ମୋ ଆଗରେ ଆଉ ଗୋଟିଏ ବାଘ ଶାବକ ଭୂମିଷ୍ଠ ହେଲା ଓ ଲାଳ ସରସର ଦେହରେ ମୁଣ୍ଡ ଟୁଙ୍ଗାରିଲା । ବାଘୁଣୀ ପ୍ରଥମ ଶିଶୁକୁ ଛାଡ଼ି ଏଥର ଦ୍ୱିତୀୟ ଉପରେ ନଜର ଦେଲା ଏବଂ ତାକୁ ଚାଟିବାରେ ଲାଗିଲା ଏକ ଅପୂର୍ବ ବାତ୍ସଲ୍ୟ ମମତାରେ । ଏତ ସୃଷ୍ଟିର ଏକ ଅବୋଧ ଧାରା – ନର ବା କିନ୍ନର, ପଶୁ ବା ପକ୍ଷୀ, କୀଟ ଅବା ପତଙ୍ଗ – ପ୍ରତ୍ୟେକ ଜୀବର ବାତ୍ସଲ୍ୟ ମମତା ଭରି ରହିଥାଏ ତା ସୃଷ୍ଟ ସନ୍ତାନ ପ୍ରତି । ବଂଶ ବିସ୍ତାର ଧାରାକୁ ଅନନ୍ତ କାଳକୁ ଘେନି ଯିବାର ଏକ ଅଦ୍ଭୁତ ରହସ୍ୟ ସ୍ରଷ୍ଟାର । ଜୀବସତ୍ତାର ଦର୍ଶନତତ୍ତ୍ୱରେ ମୁଁ ମୁହୂର୍ତ୍ତେ ମଗ୍ନ ରହିଲି ।

ଦ୍ୱିତୀୟ ସନ୍ତାନ ପ୍ରସବ ପରେ ବାଘୁଣୀ ନୀରବ ରହି ନଥିଲା । ପୁଣି ଏକ ସନ୍ତାନର ସୂଚନା ଲକ୍ଷ୍ୟ କଲି ତାଠି ଏବଂ ସହସା ଆଉ ଏକ ବ୍ୟାଘ୍ର ଶିଶୁ ଭୂମିଷ୍ଠ ହେଲା । ଜାଣିଥିଲି, ବାଘୁଣୀ ଏକାଧିକ ଶିଶୁ ଜନ୍ମ ଦେଇଥାଏ, ଏପରିକି ଥରକେ ଆଠଟି ଛୁଆ ଦେଇଥିବାର ନଜିର ରହିଛି । ଆଜି ଆଶା କରୁଥିଲି ବାଘୁଣୀଠୁଁ ଆଉ ଅଧିକ ଶିଶୁ, ଏକ ବଡ଼ ବାଘ ପରିବାରର କଳ୍ପନା କରୁଥିଲି; କିନ୍ତୁ ଏଥର ସେ ନିସ୍ତେଜ ହୋଇ ରହିଲା । ତୃତୀୟ ଛୁଆକୁ ଚାଟିସାରି, ସବୁଙ୍କୁ କୋଳ କରି ଆଖି ବୁଜି ଶୋଇ ରହିଲା କଷ୍ଟ ପରେ କୃଷ୍ଣପ୍ରାପ୍ତିର ଆନନ୍ଦରେ । ଶିଶୁ ଶାବକଗୁଡ଼ିକ ମା'ର ସ୍ତନକୁ ଚୁମିବାରେ ଲାଗି ପଡ଼ିଲେ । ଚତୁର୍ଦ୍ଦିଗ ମୋତେ କେବଳ ମାତୃମୟ ଲାଗୁଥିଲା । ମୁଁ ତନ୍ମୟ ହୋଇ ଦୁର୍ଲଭ ଦୃଶ୍ୟକୁ ଉପଭୋଗ କରୁଥିଲି । ମୁଁ ଥିଲି ମୁଗ୍ଧ ମୋହିତ ଓ ଭାବାବିଷ୍ଟ । ଚୈତ୍ତିକ ସେ ଆନନ୍ଦ ।

ବାଘଛୁଆଗୁଡ଼ିକ ପେଟେ ସ୍ତନାହାର କରି ନିଘୋଡ଼ ନିଦରେ ଘୁଙ୍ଘୁଡ଼ି ମାରିଲେ ।

ନିଦାଘର ଉତ୍କଟ ସୂର୍ଯ୍ୟୋତ୍ତାପ ଉତ୍କଟତର ହେଉଥିଲା । ମୁଁ ଅନନ୍ୟୋପାୟ ହୋଇ ସେଇ ଝର୍କା ସ୍ଥାନଟି ଆବୋରି ନେଇ ଜଗୁଆଳିର କାମ କରୁଥିଲି । ଘଣ୍ଟାଏ ପରେ ମା'ର ନିଦ ଭାଙ୍ଗିଲା । ବାଘୁଣୀ ଉଠି ଠିଆ ହେଲା ଏବଂ ଭୋକିଲା ମନେହେଲା । ମୋ ପାଖେ ମାଂସ ମହଜୁଦ ଥିଲା । ମୁଁ ସେଗୁଡ଼ିକୁ ଝର୍କାବାଟେ ହାତ ଗଳେଇ କୋଠରି ଭିତରେ ଅଜାଡ଼ି

ଦେଲି। ବାଘୁଣୀ ମାଂସ ଦେଖି କୃତଜ୍ଞତା ଢ଼ଙ୍ଗରେ ଝର୍କା ପାଖକୁ ଆସିଲା ଏବଂ ଚାକୁ ଚାକୁ କରି ସେଗୁଡ଼ିକୁ ଉଦରସ୍ଥ କଲା। ସେ ଖାଇଲାବେଳେ ମୁଁ ତୃପ୍ତି ଅନୁଭବ କରୁଥିଲି।

ଆଜି ଛୁଟି ଦିନ। ବାଘ ପରିବାରଟିକୁ ମନପ୍ରାଣ ଦେଇ ଅନୁଧ୍ୟାନ କଲି ଦିନ ସାରା। ଏପରିକି ନିଜକଥା, ଭୋକ ଶୋଷ ଆଦି ଭୁଲି ଯାଇଥିଲି ବିବାକେ। ଦିନ ସରିଲା, ସନ୍ଧ୍ୟା ଆସିଲା, ତା ପରେ ରାତି। ସେମାନେ ଚୁପ୍‌ଚାପ୍ ଶୋଇ ରହିଲେ। ନିଜ ଖାଦ୍ୟ ପାଇଁ ନିକଟସ୍ଥ ବଜାରର କେଉଁ ଏକ ଚାଲୁ ହୋଟେଲକୁ ଯିବାକୁ ହେଲା କାରଣ ସହର ଭିତରକୁ ଯିବା ସମ୍ଭବ ନ ଥିଲା, ଏଣେ ରୋଷଘର ବାଟ ଅବରୁଦ୍ଧ ଯେହେତୁ ଅତିଥି ଅଭ୍ୟାଗତମାନେ ବୈଠକଘରକୁ ଆବୋରି ନେଇଥିଲେ, ସେଇ ଘର ଦେଇ ଭିତର ବାରଣ୍ଡା ଓ ରୋଷଘରକୁ ବାଟ । ସେମାନଙ୍କୁ ଅତିକ୍ରମ କରି ଭିତରକୁ ଯିବା ବିପଦଜନକ ମନେ ହେଲା। ବାଘକୁ ବିଶ୍ୱାସ କ'ଣ ? ବିପଦର ନିକଟରେ ମୁଁ ଘୂରୁଛି। ଯଥେଷ୍ଟ ସାବଧାନତା ମୋର ରକ୍ଷା କବଚ- ସଞ୍ଚିତ ଶିକାରୀର ଅଭିଜ୍ଞତା ଓ ଅଭ୍ୟାସ।

ଚାଲି ଚାଲି ପାଖ ହୋଟେଲକୁ ଗଲି - ଚାଳିଆ, ନାମହୀନ, ମସିଆ ଟେବୁଲ ଚୌକିର ଚାଲୁ ଶସ୍ତା ହୋଟେଲ। ଖାଇବାର ଇଚ୍ଛା ନଥିଲା। ଯତ୍‌କିଞ୍ଚିତ ରାତ୍ରାହାର ଶେଷ କରି ବାଟରୁ ସାଙ୍ଗରେ ନେଇ ଆସିଲି କେତୋଟି ଅମୁଲ କ୍ଷୀର ଡ଼ବା ଓ ବ୍ରିଟାନିଆ ଥିନ୍ ଆରାରୁଟ ବିସ୍କୁଟ ବଣ୍ଡଲେ। ପୋଖତୀ ବାଘୁଣୀର ସକାଳର ଲଘୁ ଖାଦ୍ୟ ପାଇଁ ଦୁଗ୍ଧଗୁଣ୍ଡ ଓ ବିସ୍କୁଟ ବ୍ୟବହାର୍ଯ୍ୟ।

ରାତିଟି କଟିଲା ପୂର୍ବ ରାତି ଭଳି ଏକ ଭିନ୍ନ ଅନୁଭୂତି ଓ ଶିହରଣରେ। ଆଖିରୁ ନିଦ ଉଭେଇ ଯାଇଥିଲା, କେବଳ ଶେଷ ପ୍ରହର ଆଡ଼କୁ ଆଖି ସାମାନ୍ୟ ବୁଜି ହୋଇ ଯାଇଥିଲା ଶାରୀରିକ ବିଶ୍ରାମର ଆବଶ୍ୟକତା ହେତୁ।

ପୁଣି ସକାଳ ଆସିଲା ତା ଚିରାଚରିତ ଢ଼ଙ୍ଗରେ। ମୁଁ ଅତିଥି ସତ୍କାର ପାଇଁ ତତ୍ପର ହୋଇ ଉଠିଲି। ବାଘୁଣୀର ନିଦ ଭାଙ୍ଗିବା ପର୍ଯ୍ୟନ୍ତ ଚୁପ୍‌ଚାପ୍ ଅପେକ୍ଷା କରି ରହିଲି। ସେ ଉଠିଲା ମାତ୍ରେ ପାଟିକୁ ମେଲା କରି ବିରାଟ ହୋଇଟାଏ ମାରିଲା। ତା ମୁଖ ଗହ୍ୱରର ବିଶାଳତା ମୁଁ ଅନୁମାନ କରିନେଲି। ସେ ମୋତେ ଏଥର ସ୍ପଷ୍ଟ ଦେଖିଲା। ମୁଁ ଦୁଗ୍ଧ ଗୁଣ୍ଡକୁ ଆଞ୍ଜୁଳା ଆଞ୍ଜୁଳା କରି ଝର୍କା ବାଟେ ତଳକୁ ଢ଼ାଳିଲି। ସେ ତାକୁ ଚଟାପଟ୍ ଖାଇବାକୁ ଲାଗିଲା ଜିଭକୁ ଚାକୁଳେଇ ଚାକୁଳେଇ। ଆଉ ଥରେ ମୁଁ ଆଞ୍ଜୁଳା କରି ଦୁଗ୍ଧ ଗୁଣ୍ଡ ତଳକୁ ଅଜାଡ଼ିବା ଅବସରରେ ସେ ମୋ ହାତରୁ ନେଇ ଖାଇବାକୁ ଲାଗିଲା। ମନେହେଲା, ବାଘୁଣୀଟା ମୋ ସହିତ ଯେମିତି ଆଗରୁ ପରିଚିତ ! ମୋର ହୃଦବୋଧ ହେଲା- ନିଶ୍ଚୟ କାହାର ପୋଷାମନା ପଶୁଟିଏ। ମଣିଷଙ୍କ ମେଳରେ ବଢ଼ିଛି, ମାନବ ଶ୍ରଦ୍ଧାରେ ପ୍ରତିପାଳିତା। ଅରଣା ବନ୍ୟ ପଶୁର ଦୁଷ୍ଟ ଲକ୍ଷଣ, ହିଂସ୍ରଭାବ ଆଦୌ ନାହିଁ ତା'ଠି। ତା'ର ପ୍ରଭୁ କିଏ ? ଧନ୍ୟ ସେ। ମନ ଭିତରେ ବାଘୁଣୀର ମାଲିକ ପ୍ରତି ଶ୍ରଦ୍ଧା ଜନ୍ମିଲା।

ଡ଼ବାଏ ଅମୁଲ ଗୁଣ୍ଡ ଉଦରସ୍ଥ କରି ପୁଣି ଚାହିଁଲା ମୋର ଆଡ଼କୁ ଆଉ କିଛି ଆଶାରେ। ପଶୁ ପେଟରେ ଆସୁରିକ କ୍ଷୁଧା। ବାଘ ଏମିତି ଥରକେ ମଇଁଷିଟିଏ ଚଳୁକରି ଦେବାର ଘଟଣା ଅନେକ- ମୁଁ ଜାଣିଛି। ପାଖରେ ବିସ୍କୁଟ ରଖିଥିଲି। ସେଗୁଡ଼କୁ ତା ପାଟିକୁ ବଢ଼େଇ ଦେଲି। କାଡୁ କାଡୁ କରି ଆନନ୍ଦରେ ଖାଇଲା। ତା ଖାଦ୍ୟର ପରିମାଣ କଳୁଥିଲି, ଅନୁଧ୍ୟାନ କରୁଥିଲି ତା'ର ହାବଭାବ, ସ୍ୱଭାବ। ଗର୍ଭିଣୀ ବାଘୁଣୀର ପୋଖତି ପରେ କ୍ଷୁଧା ବଢ଼ିଯାଏ ଢ଼େର ଗୁଣରେ - ଅପ୍ରମିତ କ୍ଷୁଧା। ତା'ର ଦିନାହାର ପାଇଁ ଯୋଜନା କଲି। ମାଂସ ବିନା ମାଂସାହାରୀ ପଶୁର କୁଭୋଜନ। ହବିବ ମିଆଁ ଭରସା।

ସକାଳର ଖରା ହତା ଛୁଇଁଲାଣି। ଫାଟକ ସେପଟୁ ଖବର କାଗଜ ବିକ୍ରେତା ତା ଦୈନିକ ରୁଟିନ ଢ଼ଙ୍ଗରେ ସକାଳର ସମ୍ବାଦ ପତ୍ର ପିଙ୍ଗି ଦେଇଗଲା। ମୁଁ ସମ୍ବାଦ ପତ୍ରଟି ଉଠାଇ ଆଣି ନଜର ଢ଼ାଳିଲି ନିତିଦିନିଆ ଅଭ୍ୟାସ ଭଳି। ମୋର ଆଖି ସ୍ଥିର ରହିଗଲା। ପ୍ରଥମ ପୃଷ୍ଠାରେ ବଡ଼ ବଡ଼ ଅକ୍ଷରରେ ବାଘ ନିଖୋଜ ସମ୍ବାଦଟି ପ୍ରକାଶ ପାଇଛି। ସେଥିରେ ଉଦ୍‌ବେଗ ଓ ଆଶଙ୍କା ପୂରି ରହିଛି। ସମ୍ବାଦର ଅବିକଳ ନକଲ ଏହିପରି:

"ଭୁବନେଶ୍ୱର ସହରରେ ବାଘ ଆତଙ୍କ"

ଭୁବନେଶ୍ୱର ତା ୫/୫ (ନି.ପ୍ର) ଖବର ଦେବାରେ ଜଣାଯାଏ, ଗତ ସାତ ଦିନ ହେଲା ବି.ଜେ.ବି ପଡ଼ିଆରେ ଭାରତ ସର୍କସ ଖେଳ ପ୍ରଦର୍ଶନ କରି ଆସୁଥିଲା। ଖୋଲା ମଇଦାନରେ ବାଘଖେଳ ସର୍କସର ବିଶେଷ ଆକର୍ଷଣ। ସର୍କସର ପୋଷା ବାଘୁଣୀ ରଞ୍ଜୁ ରିଙ୍ଗ ମାଷ୍ଟର ତଥା ସର୍କସ ମାଲିକ ସହିତ ଖେଳ ପ୍ରଦର୍ଶନ ସମୟରେ ବାଘୁଣୀ ତରକି ଯାଇ ସର୍କସ ପ୍ରାଙ୍ଗଣ ପାର ହୋଇ କେଉଁ ଆଡ଼େ ପଳାଇ ଯାଇଛି। ସର୍କସର ବିପଦକାଳୀନ ଘଣ୍ଟି ବାଜି ଉଠିବା ସଙ୍ଗେ ସଙ୍ଗେ ସଜାଗ ରହିଥିବା ଉଦ୍ଧାରକାରୀ ଦଳ ଜିପ୍, ଜାଲ, ସ୍ୱଚ୍ ଲାଇଟ ଓ ସାଇରନ୍ ସହିତ ବାଘର ପିଛା କରି ନିରାଶ ହୋଇଛନ୍ତି।

ବାଘୁଣୀର ଏତାଦୃଶ କଳାପରେ ଦର୍ଶକମାନେ ଭୟଭୀତ ହୋଇ ପଡ଼ିଥିଲେ ଏବଂ ଡ଼ାକବାଜି ଯନ୍ତ୍ର ସାହାଯ୍ୟରେ ବାରମ୍ବାର ନିବେଦନ ସତ୍ତ୍ୱେ, ଯେ ଯୁଆଡ଼େ ପଳାଇବା ପାଇଁ ଚେଷ୍ଟା କରିଥିଲେ। ଦୈବାତ୍ ଏତିକି ବେଳକୁ ବିଦ୍ୟୁତ ବିଭ୍ରାଟ ଘଟିଥିଲା ବିଭାଗୀୟ ଅବହେଳା କିମ୍ବା ଯାନ୍ତ୍ରିକ ତ୍ରୁଟି ଯୋଗୁଁ। ସର୍କସର ଜେନେରେଟର ଚାଲୁ କରିବାକୁ ସାମାନ୍ୟ ବିଳମ୍ବ ଘଟିଥିଲା। ପରିସରର ଜଳନ୍ତା ପେଟ୍ରୋମ୍ୟାକ୍ସ ଲାଇଟ ଯଥେଷ୍ଟ ନ ଥିଲା। ଫଳରେ ପ୍ରସ୍ଥାନ ଦ୍ୱାର ପାଖେ ପଳାୟନରତ ଦର୍ଶକମାନଙ୍କ ମଧ୍ୟରେ ଦଳାଚକଟା ଆରମ୍ଭ ହୋଇ ଯାଇଥିଲା। ଅନେକ ଅଣ ନିଃଶ୍ୱାସୀ ହୋଇ ବେହୋସ ହୋଇ ପଡ଼ିଥିଲେ। ଶିଶୁ କେତୋଟି ଚାପି ହୋଇ ଚିତ୍କାର କରୁଥିଲେ ଓ ଆଉ କେତେକ ମହିଳା ଭିଡ଼ା ଓଟରା ଭିତରେ ଆର୍ତ୍ତସ୍ୱର ମେଲିଥିଲେ, କେତେକ ନାରୀ ମଧ୍ୟ ବସ୍ତ୍ରଚ୍ୟୁତ ହୋଇ ପଡ଼ିଥିଲେ। ମୁଷ୍ଟିମେୟ ଉପସ୍ଥିତ ପୋଲିସ ଅବସ୍ଥାକୁ ସମ୍ଭାଳିବା ସମ୍ଭବ ନ ଥିଲା। ତେବେ କେହି ମୃତାହତ ହୋଇ ନାହାନ୍ତି। ଅନେକ ଖଣ୍ଡିଆ ଖାବଡ଼ା ହୋଇ ରାଜଧାନୀ ହାସପାତାଳରେ ଚିକିତ୍ସିତ ହେଉଛନ୍ତି।

ପୋଲିସ୍ ଅନୁସନ୍ଧାନ ଚାଲୁ ରଖିଛନ୍ତି। ଜିଲ୍ଲା ପ୍ରଶାସନ କର୍ତ୍ତୃପକ୍ଷ ସର୍କସର ସୋ ଗୁଡ଼ିକ ବାତିଲ କରିବା ସଙ୍ଗେ ସଙ୍ଗେ ଏତାଦୃଶ ଦୁର୍ଘଟଣା ଓ ଅବହେଳା ପାଇଁ ମାଲିକଙ୍କୁ ଦାୟୀ କରି ଭାରତୀୟ ପିଙ୍ଗଳ ବିଧିର ୩୦୨ ଓ ୩୦୭ ଧାରା ଅନୁଯାୟୀ ମୋକଦ୍ଦମା ରୁଜୁ କରିଛନ୍ତି। ସର୍କକର ମାଲିକ ସି. ବାଙ୍ଗରସ୍ୱା ପୋଲିସ ଦ୍ୱାରା ଗିରଫ ହୋଇ ଜାମିନରେ ଖଲାସ ହୋଇଛନ୍ତି।

ଖବର ବ୍ୟାପିବା କ୍ଷଣି ନଗରବାସୀ ଆତଙ୍କିତ ହୋଇ ପଡ଼ିଛନ୍ତି ଏବଂ ଜନଜୀବନ ବିପନ୍ନ ହୋଇ ପଡ଼ିଛି। କୌଣସି ବ୍ୟକ୍ତି ନିଖୋଜ ବାଘୁଣୀର ଖବର ଦେଇ ପାରିଲେ ସର୍କସର ମାଲିକ ତାଙ୍କୁ ପଚାଶ ହଜାର ଟଙ୍କା ପୁରସ୍କାର ଦେବେ ବୋଲି ଘୋଷଣା କରିଛନ୍ତି।

ରାଜଧାନୀ ଜନସାଧାରଣ ସତର୍କ ରହିବା ପାଇଁ ପୌରପିତା ଓ ପୋଲିସ କର୍ତ୍ତୃପକ୍ଷ ଅନୁରୋଧ କରିଛନ୍ତି।

ସମ୍ବାଦଟି ପଢ଼ି ସାରିଲା ପରେ ରହସ୍ୟଟି ସମ୍ପୂର୍ଣ୍ଣ ବୁଝି ପାରିଲି। ଭାରତ ସର୍କସର ପୋଷା, ବୋଲମନା ବାଘୁଣୀଟିଏ। ନାଁ ରଞ୍ଜୁ। ବାଲ୍ୟବେଳରୁ ମଣିଷ ସହିତ ପରିଚିତ, ଅଭ୍ୟସ୍ତ। ଦର୍ଶକ ଘେରା ଖୋଲା ପ୍ରାଙ୍ଗଣରେ ଖେଳ ଦେଖାଏ। ସେଇଥିପାଇଁ ସେ ମୋତେ ଦେଖି କୌଣସି ଅସ୍ୱାଭାବିକ ଲକ୍ଷଣ ପ୍ରଦର୍ଶନ କରିନାହିଁ; ବରଂ ମୋ ହାତରୁ ଖାଦ୍ୟ ଖାଇଛି। ସେ ବର୍ତ୍ତମାନ ମୋର ଜଣେ ଅତିଥି। କହନ୍ତି, ଘରେ ବିଲେଇ ଛୁଆ ଦେଲେ ଶୁଭ ହୁଏ। ବର୍ତ୍ତମାନ ମୋ ଘରେ ବାଘ

ଛୁଆମାନେ ଜନ୍ମ ନେଇଛନ୍ତି । କ'ଣ ଶୁଭପ୍ରାପ୍ତି ହୋଇପାରେ ମୋର ? ମନକୁମନ ଗୁଡ଼ାଏ ହସଲି, ଖୁସିହେଲି ।

ଚାଞ୍ଚଲ୍ୟକର ସମ୍ବାଦଟି ପଢ଼ି ସାରିଲା ପରେ ମୋର ଧାରଣା ଦୃଢ଼ ହେଲା । ଗର୍ଭିଣୀ ରଞ୍ଜୁ ପ୍ରସବ ବେଦନାରୁ ମୁକ୍ତ ହେବା ପାଇଁ ଖେଳ ଛାଡ଼ି ଖସି ଆସିଥିଲା । ସେ ବୋଧହୁଏ ଇଚ୍ଛା କରୁଥିଲା ନିର୍ଜନ ନିବାସ । ଏଣୁ ମୋ ବାସଗୃହ ବନିଗଲା ତା'ର ପ୍ରସୂତି ପ୍ରକୋଷ୍ଠ । ମୁଁ ଅନେକ ସନ୍ତୋଷ ଲାଭ କଲି ।

ସମ୍ବାଦଟିକୁ ପୁଣି ଥରେ ପଢ଼ିଲି । ପଚଶ ହଜାର ଟଙ୍କାର ପୁରସ୍କାର ଘୋଷଣା ମୋତେ ଆକୃଷ୍ଟ କଲା । ଅର୍ଥଲୋଭ ମୋତେ ଆଚ୍ଛନ୍ନ କଲା । ସଙ୍ଗେ ସଙ୍ଗେ ପୋଲିସକୁ ଫୋନ୍ କରିବି ନା ସର୍କସ ମାଲିକ ବାଙ୍ଗରସ୍ୱାଙ୍କ ପାଖକୁ ଦୌଡ଼ିବି – ଚିନ୍ତା କରି ପାରିଲି ନାହିଁ । ପୁଣି ପର ମୁହୂର୍ତ୍ତରେ ମନ ବଦଳାଇଲି । ଅର୍ଥ ଲାଳସା ମନ ଭିତରୁ ପୋଛି ଦେଲି । ପଦାର୍ଥ ମାୟାର କ୍ଷୁଦ୍ରତା ଭିତରୁ ଡ଼େଇଁ ପଡ଼ିଲି ଏକ ବୃହତ୍ତର ମାନବୀୟ ଚେତନା ଭିତରକୁ । ମୋ ଘରେ ବାଘର ଉପସ୍ଥିତି ଦ୍ୱାରା ମୁଁ ଯେଉଁ ବିରଳ ଦୃଶ୍ୟ ଉପଭୋଗ କଲି ଏବଂ ସ୍ୱକୀୟ ଅନୁଭୂତିକୁ ଉଚ୍ଚ କଲି, ତା ତୁଳନାରେ ଅର୍ଥ ତୁଚ୍ଛ ଲାଗିଲା ମୋତେ । ଏଣୁ କରି ଯାହାର ହଜିଲା ଧନ, ତାକୁ ଫେରାଇ ଦେବାକୁ ମନସ୍ଥ କଲି ଏବଂ ସିଦ୍ଧାନ୍ତରେ ଅଟଳ ରହିଲି ଦୃଢ଼ତାର ସହିତ ।

ବ୍ୟାଘ୍ର ପରିବାର ଚଟାଣରେ ଶୋଇଛନ୍ତି । ମନ ପୂରାଇ ଦେଖିଲି । ଶାବକ ତିନୋଟି ମା' ସ୍ତନରେ ମୁହିଁ ଲଗାଇ ଦୁଗ୍ଧପାନ କରୁଛନ୍ତି । ସୃଷ୍ଟିର କେଡ଼େ ବିସ୍ତାରିତ ଆୟୋଜନ ସତେ ! ସୃଷ୍ଟି ତିଷ୍ଠି ରହିବା ପାଇଁ ସାଇତି ରଖିଛି ଅନେକ ଉପାଦାନ; ସେ ପୁଣି ଜ୍ୱାଳାମୁଖୀ ହେଲେ ଜାଳି ଦେଉଛି ଦୁନିଆକୁ କ୍ଷଣକ ମଧ୍ୟରେ । ବିଚିତ୍ରମୟ ଏ ଜଗତ । ବୌଦ୍ଧିକ ଚିନ୍ତା ଚେତନାରେ କ୍ଷଣେ ନିମଗ୍ନ ଥିଲି ।

ଗୋଟାଏ ଯନ୍ତ୍ରଯାନ ମୋ ଘର ସାମ୍ନା ଦେଇ ସଶବ୍ଦରେ ଚାଲିଗଲା । ମୁଁ ଚମକି ପଡ଼ିଲି । ପୋଲିସ୍ ଗାଡ଼ି ନୁହେଁ ତ !!

ନା, ମନର ଦୁର୍ବଳତା ମାତ୍ର । ପୋଲିସ ବା କେମନ୍ତ ଜାଣିବ ମୋ ଘରର ଗହନ ଗୁମର କଥା ? ଦୁର୍ଲ୍ଲଭ ଘଟଣାଟି ମୋ ଘର ଚାରିକାନ୍ଥ ଭିତରେ ସୀମାବଦ୍ଧ । ରଞ୍ଜୁର ଅଜ୍ଞାତବାସ ଘଟଣା ମୋ ବ୍ୟତୀତ ଆଉ କେହି ଜାଣନ୍ତି ନାହିଁ । ନିଶ୍ଚିନ୍ତ ରହିଲି ।

ରଞ୍ଜୁର ଏଥର ନିଦ ଭାଙ୍ଗିଲା । ସେ ଠିଆ ହୋଇ ମଳମୂତ୍ର ତ୍ୟାଗ କଲା । ଗୋଟାଏ ଭିନ୍ନ ଗନ୍ଧରେ ଘର ଭର୍ତ୍ତି ହୋଇଗଲା । କୋଠରିକୁ ସଫା କରିବା ନିହାତି ଆବଶ୍ୟକ ମନେହେଲା । ଗୋଟାଏ ସାହସ ବାନ୍ଧି କୋଠରିର କବାଟ ଖୋଲିଲି ଏବଂ ରଞ୍ଜୁ ରଞ୍ଜୁ ବୋଲି ସ୍ନେହଭରା ଉଚ୍ଚାରଣ କରି ଗୃହ ଭିତରକୁ ପ୍ରବେଶ କଲି ।

ଆଶ୍ଚର୍ଯ୍ୟର ସୀମା ରହିଲା ନାହିଁ ମୋର । ମୁଁ ଖୁବ୍ ସନ୍ତର୍ପଣରେ ପ୍ରବେଶ କରନ୍ତେ; ସେ ପାଖକୁ ଲାଗି ଆସି ଲାଞ୍ଜ ଟେକି ମୋ ଦେହରେ ଘଷି ହେବାକୁ ଲାଗିଲା ଯେମିତି ସେ ମୋତେ ଜାଣିଛି କୋଉ ଜନମରୁ ! ମୁଁ ସ୍ନେହ ଢ଼ାଳି ତାକୁ ଆଉଁଶି ବସିଲି । ତା ଆଚରଣରେ ଟିକିଏ ହେଲେ ହିଂସ୍ରତା ମୁଁ ଦେଖିଲି ନାହିଁ । ସୁଦାରିଆ ସୁଧୀରା ବଉଳା ଗାଈଟିଏ ପରି ସେ ନିବିଡ଼ ଦିଶିଲା ମୋତେ । ଏକ ନୂଆ ଅନୁଭୂତିରେ ମୁଁ ସଞ୍ଚରି ଯାଇଥିଲି, ଅପୂର୍ବ ବିସ୍ମୟରେ ଅଭିଭୂତ ହେଲି ।

ଚଟାଣରେ ଅନେକ ଦୁର୍ଗନ୍ଧ ପଦାର୍ଥ– ହାଡ଼, ମଳ, ମୂତ୍ର ଭରି ରହିଥିଲା । ପରିଷ୍କାର ହେବା ଦରକାର ଥିଲା । ସେଗୁଡ଼ିକୁ ଝାଡୁରେ ସଫା କରିବାକୁ ଲାଗିଲି ଉତ୍ସାହର ସହିତ । ଘର ଝାଡୁ କଲାବେଳେ ବାଘ ଛୁଆଗୁଡ଼ିକୁ ଗୋଟିଏ କୋଣରୁ ଉଠାଇ ନେଇ ଅନ୍ୟ ପାଖରେ ରଖିଲି । ଛୁଆମାନଙ୍କ ସ୍ଥାନାନ୍ତର ପାଇଁ ରଞ୍ଜୁ କ୍ରୋଧପ୍ରକାଶ କରି ନ ଥିଲା ଆଦୌ ମୁଁ ଆଶଙ୍କା କରୁଥିଲି । ସେ ବୁଝି ପାରିଥିଲା । ଗୃହ ସଫେଇର ଆବଶ୍ୟକତା । ପଶୁର ଏତେ ବୁଝିବା ଶକ୍ତି ଥାଇପାରେ, ମୁଁ କଳ୍ପନା କରି ନ ଥିଲି । ଘରକୁ ଭଲ ଭାବେ ସଫା କଲି, ଫିନାଇଲ ଢ଼ାଳିଲି । ଗୃହ ପୁଣି ପରିଷ୍କାର ଦିଶିଲା ପୁନେଇଁର ଆକାଶ ଭଳି । ମୁଁ ପୁଣି ଭାବବିହ୍ୱଳ ହେଲି । ଗୋଟାଏ ଭିନ୍ନ ଜଗତର ବାସିନ୍ଦା ଭଳି ଲାଗିଲା ମୋତେ ।

ଏବେ ମୋ ବାସଗୃହ ଭିତରେ ବ୍ୟାଘ୍ର ପରିବାର ଏବଂ ମୁଁ । ଛୁଆଗୁଡ଼ିକ କୁଁ କାଁ ହୋଇ କୋଠରିର ଗୋଟିଏ କୋଣରେ ପରସ୍ପର ଗୁଞ୍ଜାଗୁଞ୍ଜି ଜାକିଜୁକି ହୋଇ ଶୋଇଛନ୍ତି । ରଞ୍ଜୁ ସେମାନଙ୍କୁ ଜଗି ରହିଲା । ମୁଁ ବାହାର ଦରଜା ବନ୍ଦ କରି ଦେଇଥିଲି ଭିତରପଟ କିଳିଣି ଦ୍ୱାରା । ଏଥର ନିଜର ଶୌଚ କାମ ସାରି ପୋଷାକ ବଦଳାଇଲି । ଘର ସାଇତା ଖାଦ୍ୟ – ମୁଢ଼ି, ଚେନାଚୁର, ବାଦାମ ଖାଇ ପେଟ ଭରିଲି । ନିଜ ଖାଦ୍ୟ ପ୍ରତି ଆଗ୍ରହ ନ ଥିଲା, ନ ଥିଲା ମଧ୍ୟ ଆକର୍ଷଣ । ମନର ଖାଦ୍ୟ ମିଳିଲେ ଶରୀରର ଖାଦ୍ୟ ଗୌଣ ହୋଇପଡ଼େ – ଅନୁଭବ କଲି । ଆଲମିରା ଖୋଲିଲି । ଦେଖିଲି ମୋ ପଛେ ପଛେ ରଞ୍ଜୁ କେତେବେଳେ ନିଃଶବ୍ଦରେ ଆସି ଛିଡ଼ା ହୋଇଛି । ମୁଁ ତାକୁ ସାଉଁଳି ଦେଲି । ଅଧିକ ସାଉଁଳା ଖାଇବା ପାଇଁ ସେ ବର୍ଦ୍ଧିତ ବେକରେ ମୁଣ୍ଡ ଉଚେଇଲା । ଆଲମିରାରୁ ସ୍ୱୟଂଚାଳିତ କୋଡ଼ାକ୍ କ୍ୟାମେରା ବାହାର କରି ସେଥିରେ ରିଲ୍ ଭରି ଷ୍ଟାଣ୍ଡରେ ଖଞ୍ଜିଲି । ଏମିତି ଫଟୋଯନ୍ତ୍ର ସହିତ ରଞ୍ଜୁ ପୂରା ଅଭ୍ୟସ୍ତ ବୋଲି ଜାଣି ପାରିଲି । କ୍ୟାମେରାକୁ ଚାଲୁ କରି ମୁଁ ରଞ୍ଜୁ ପାଖେ ଲାଗି ଠିଆହେଲି । ଆମ ଦୁହିଁଙ୍କର ବିଭିନ୍ନ ଭଙ୍ଗୀର ଫଟୋଗୁଡ଼ିଏ ମୋ ଦକ୍ଷ କ୍ୟାମେରା ଚଟାପଟ୍ ସାଇତି ରଖିଲା ।

ଏଥର ଛୁଆଙ୍କ ପାଳି । ସେମାନଙ୍କର ଏବଂ ସେମାନଙ୍କ ସହିତ ମା'ର ଏବଂ ମୋ ହାତରେ ବାଘ ଛୁଆଗୁଡ଼ିକଙ୍କର ଫଟୋ ମଧ୍ୟ ନେଇଗଲି କ୍ୟାମେରାର ସବୁ ରିଲ୍ ଗୁଡ଼ିକ ନିଃଶେଷିତ ହେବା ପର୍ଯ୍ୟନ୍ତ ।

ତହିଁ ପରଦିନ ଏବଂ ତା' ପରଦିନ ମଧ୍ୟ ଏପରି କଟିଥିଲା ଏକ ଅପୂର୍ବ ଉଚ୍ଛ୍ୱାସ, ଉଲ୍ଲାସ ଓ ଉନ୍ମାଦନାରେ । ପୁଲକର ପ୍ଲାବନରେ ମନ ଭାସମାନ ଥିଲା ମୁକ୍ତ ଆକାଶର ମେଘ ଭଳି । ଗୋଟାଏ ମୋହରେ ବାନ୍ଧି ହୋଇ ପଡ଼ିଥିଲି । ଅଫିସ କଥା ପାଶୋରି ଯାଇଥିଲି । ଛୁଟି ଦରଖାସ୍ତଟେ ପଇଠ କରି ଦେଇ ମାତି ରହିଥିଲି ଆଗନ୍ତୁକମାନଙ୍କ ସହିତ ।

ସବୁଦିନ ଖବର କାଗଜ ଲକ୍ଷ୍ୟ କରୁଥିଲି । ଆଜକୁ ସାତ ଦିନ । ଇଚ୍ଛା ହେଉଥିଲା ସର୍କସର ହାଲଚାଲ ବୁଝି ଆସିବାକୁ । ଦୈବାତ୍ ସେଦିନ ସମ୍ବାଦର ପଛ ପୃଷ୍ଠାରେ ପଢ଼ିଲି ସର୍କସର ଦୁରବସ୍ଥା । ଶାସନ କର୍ତ୍ତୃପକ୍ଷ ସର୍କସକୁ ରାଜ୍ୟ ଛାଡ଼ି ଚାଲିଯିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ନିର୍ଦ୍ଦୋଷକୁ ଦଣ୍ଡ– ସମ୍ଭାଳି ପାରିଲି ନାହିଁ । ଅନୁକମ୍ପାରେ ମନ ଆର୍ଦ୍ର ହେଲା । ନିଜକୁ ପ୍ରସ୍ତୁତ କରିନେଲି । ରିଲ୍‌ଗୁଡ଼ିକ ଫଟୋ ଷ୍ଟୁଡ଼ିଓରେ ଧୋଇ ଆଣିଥିଲି । ଚମତ୍କାର ଜୀବନ୍ତ ରଙ୍ଗୀନ୍ ଫଟୋ ଗୁଡ଼ିଏ । ରଞ୍ଜୁ, ତା'ର ଛୁଆମନେ ଓ ମୁଁ – ସମବେତ ଫଟୋଗୁଡ଼ିକ ସୁନ୍ଦର ଦିଶୁଥିଲା । ଆଖି ପୂରାଇ ସେଗୁଡ଼ିକୁ ଦେଖୁଥିଲି ବାରମ୍ବାର ।

ରଞ୍ଜୁ ସହିତ ଗୋଟାଏ ଆତ୍ମୀୟତା ଭାବ ଗଢ଼ି ଉଠିଥିଲା ଏଇ କେତେଦିନ ଭିତରେ । ଗୋଟେ ଅହେତୁକ ପନ୍ଥା ଚିନ୍ତା କଲି । ଶକ୍ତ ଚମଡ଼ା ବେଲ୍ଟ ଏବଂ ଲୁହା ଜଞ୍ଜିର ଖରିଦ କରି ଆଣିଲି ବଜାରରୁ । ରଞ୍ଜୁ ବେକରେ ବେଲ୍ଟକୁ ବାନ୍ଧିଲି ଏବଂ ଜଞ୍ଜିରକୁ ସେଥିରେ ସଂଯୋଗ କଲି । ରଞ୍ଜୁ ପ୍ରତିବାଦ କଲା ନାହିଁ । ବିଦାୟ ପର୍ବ ଆସନ୍ନ ବୋଲି ବୁଝି ପାରିଲା ବୋଧେ । ମୋ ମୁହଁ ମଉଳି ଆସୁଥାଏ; ମନରୁ ହରଷତକ ଲିଭି ଆସୁଥାଏ; ଆସନ୍ନ ବିଚ୍ଛେଦର ତୀବ୍ର ତାଡ଼ନା ମୋତେ ଆହତ କରୁଥାଏ । ବିଦାୟର ଅନୁଚିନ୍ତା ବ୍ୟଥା ଦେଉଥାଏ । ମୁଁ କିନ୍ତୁ ଅନନ୍ୟୋପାୟ ଥିଲି । ଝିଅ ବଡ଼ ହେଲେ ଶାଶୁ ଘର ଯିବ – ନିଶ୍ଚିତ କଥା । କନ୍ୟା ବିଚ୍ଛେଦ କରୁଣ ହେଲେ ମଧ୍ୟ ସେଥିରେ ପିତାମାତାଙ୍କର ଦାୟିତ୍ୱ ନିହିତ, ସାଂସାରିକ ତୃପ୍ତି । ଅତଏବ ଭାଙ୍ଗିପଡୁଥିବା ମନକୁ ଦୃଢ଼ କଲି ଆତ୍ମସାନ୍ତ୍ୱନାରେ । ବ୍ୟାଘ୍ରଶାବକ ଗୁଡ଼ିକୁ ପଦାକୁ ଆଣିଲି ଏବଂ ଏକମୁହାଁ ହୋଇ ରାଜରାସ୍ତାରେ ସର୍କସସ୍ଥଳୀ

ଆଡ଼କୁ ଚାଲିଲି । ମୋ ପଛେ ପଛେ ରଞ୍ଜୁ ସୁବୋଧ ଶିଶୁଟିଏ ଭଳି ଚାଲିଥିଲା । ପଶୁ ହେଲେ ହେଁ ଅପତ୍ୟ ସ୍ନେହର ମୂଲ୍ୟ ବୁଝି ପାରିଥିଲା ।

ଦର୍ଶକ ଆଖିକୁ ଚକିତ କଲାଭଳି ଭୁବନେଶ୍ୱର ରାଜରାସ୍ତାରେ ଏକ ଅଭୁତପୂର୍ବ ଦୃଶ୍ୟ । ରାସ୍ତାର ଉଭୟ ପାର୍ଶ୍ୱର ବାସିନ୍ଦାମାନେ ଏକ ଦୃଶ୍ୟ ଦେଖୁଛନ୍ତି ମୁହଁରେ ପରମାଶ୍ଚର୍ଯ୍ୟର ମୁଦ୍ରା ଆଙ୍କି । ମୁନିବ ପଛରେ ଅନୁଗାମୀ ମହାବଳ ବାଘ ନା ସଦ୍ୟ ପ୍ରସବିନୀ ଗୋମାତାଟିଏ ! ! ଦର୍ଶକ ଆଖି ଧୋକା ଦେଉ ନାହିଁ ତ ? ଲକ୍ଷ୍ୟ କଲି, ଆମ ପଛେ ପଛେ ଅନେକ ଦେଖଣାହାରୀ ଘଟଣାଟା କ'ଣ ଜାଣିବା ଉଦ୍ଦେଶ୍ୟରେ ଅନୁଧାବନ କରୁଛନ୍ତି । ସେମାନଙ୍କ ଧାରଣା- ଜଣେ କାପାଳିକ - ସନ୍ନ୍ୟାସୀ ପଶୁକୁ ବଶକରି ବାଟ ଚାଲିଛନ୍ତି ! ସତ ହେଲେ ବି ବିଚିତ୍ର ।

ସିଧା, ବାଙ୍କ ରାସ୍ତାରେ ମୁଁ ଚାଲିଛି ରଞ୍ଜୁକୁ ଲୌହ ଶିକୁଳିରେ ଧରି । ଅନ୍ୟ ହାତରେ ପ୍ଲାଷ୍ଟିକ ଝୁଡ଼ି, ସେଥିରେ ତା'ର କୁନି କୁନି ଛୁଆ ତିନୋଟି । ଗାଡ଼ି, ମଟର, ସ୍କୁଟର ଓ ରିକ୍ସାମାନଙ୍କର ଉଚ୍ଚକିତ ସ୍ୱର ଶବ୍ଦରେ ରଞ୍ଜୁ ଟିକିଏ ହେଲେ ଡରକୁ ନ ଥାଏ । ସେ ତ କଂସାରୀ ଘରର ପାରା । କୋଳାହଳପୂର୍ଣ୍ଣ ସର୍କସ ଜୀବନ ତା'ର । ଧାନ ଆକର୍ଷଣକାରୀ ଯାନର ଉତ୍କଟ ଗର୍ଜନ ତା'ର ଦେହସୁହା । ମଣିଷମାନେ ତା'ର ପରିଚିତ ସହରର ।

ଏମିତି ପାଦରେ ଚାଲି ଚାଲି, ରାଜମହଲ ଛକ, କଳ୍ପନା ଛକ ଅତିକ୍ରମ କରି ପହଞ୍ଚିଗଲି ସର୍କସ ପଡ଼ିଆରେ । ଦେଖିଲି, ତମ୍ବୁ, ଖୁଣ୍ଟଗୁଡ଼ିକ ଉପୁଡ଼ା ଯାଇ ବଡ଼ ବଡ଼ ଟ୍ରକ୍‌ରେ ନଦା ଚାଲିଛି । ସ୍ଥାନାନ୍ତରର ଆୟୋଜନରେ କର୍ମଚାରୀମାନେ ବ୍ୟସ୍ତ ଥା'ନ୍ତି । ମୋତେ ଦେଖିଲା ମାତ୍ରେ ସେମାନେ କାମ ଛାଡ଼ି ଦୌଡ଼ି ଆସିଲେ ପରମ ଆବେଗର ସହିତ । ସମସ୍ତଙ୍କ ସ୍ୱରରେ ରଞ୍ଜୁ ଆସିଲାଣି, ରଞ୍ଜୁ ଆସିଲାଣିର ଉଲ୍ଲାସ ଧ୍ୱନି, ସତେ ଯେମିତି ଉଷୁନା ଧାନ ଗଜା ହୋଇଛି, ଆଶା ବାଡ଼ି ଫେରସ୍ତ ଆସିଛି !

ସୁ ଖବରଟା ମ୍ୟାନେଜର ଓରଫ ମାଲିକଙ୍କ ପାଖେ ପହଞ୍ଚା କରିବାକୁ ଭିତରକୁ ଧାଇଁଲେ କେତେଜଣ ।

ମାଲିକ ବାଙ୍ଗରସ୍ପା ସରଗରୁ ଚାନ୍ଦ ପାଇଲା ଭଳି ମୋ ପାଖରେ ବିଦ୍ୟୁତ ବେଗରେ ପହଞ୍ଚିଗଲେ । ଆମକୁ ଦେଖି ସେ ଏକାବେଳେ ହତବାକ୍ ହୋଇ ପଡ଼ିଲେ । ରଞ୍ଜୁକୁ କୁଣ୍ଢାଇ ପକାଇ ପୁନଃ ପୁନଃ ଚୁମା ଦେଲେ । ତାଙ୍କ ଆଖିରୁ ଆନନ୍ଦାଶ୍ରୁ ବୋହି ଯାଉଥିଲା । ଅତି ଖୁସିରେ ଆଖିରୁ ଲୁହ ବୋହିବାର ଘଟଣା ମୁଁ କେବେ ଦେଖି ନଥିଲି । ଏହି ଅବସରରେ ମୁଁ ତାଙ୍କ ହାତକୁ ଝୁଡ଼ିଟି ବଢ଼ାଇ ଦେଲି ଏବଂ ରଞ୍ଜୁ ପରିବାରର ରଙ୍ଗୀନ୍ ଫଟୋଗୁଡ଼ିକ ମଧ୍ୟ ଧରାଇ ଦେଲି । ତାଙ୍କ ଆଶ୍ଚର୍ଯ୍ୟର ସୀମା ରହିଲା ନାହିଁ । ଉଚ୍ଛ୍ୱସିତ ଆନନ୍ଦରେ ସେ ଆହୁରି ମୁଗ୍ଧ ବିଭୋର ହୋଇ ପଡ଼ିଲେ । ବାଘ ଛୁଆମାନଙ୍କର ଆଖି ଖୋଲି ନଥିଲା । ସେମାନଙ୍କୁ ବହେ ସାଉଁଳି ଗଲେ । ମୋତେ କ'ଣ କହିବାଗୁ ଭାଷା ଖୋଜୁଥିଲେ କିନ୍ତୁ ଏପରି ଉଲ୍ଲସିତ ମୁହୂର୍ତ୍ତରେ ଉପଯୁକ୍ତ ଭାଷା ମିଳେ ନାହିଁ, କେବଳ ମୁଖମଣ୍ଡଳର ଭାବ ଭାଷା କହିଥାଏ । ଶବ୍ଦ ବିହୀନ ମୁହଁରେ ବାଙ୍ଗରସ୍ପା ମୋ ଆଡ଼କୁ ବିହ୍ୱଳିତ ଭାବରେ ଚାହିଁଲେ ଯେମିତି ଦୁର୍ଗତ ସମ୍ମୁଖରେ ମୁଁ ଜଣେ ତ୍ରାଣକର୍ତ୍ତା ! ରଞ୍ଜୁର ନିଖୋଜ ଯେମିତି ଥିଲା ଅପ୍ରତ୍ୟାଶିତ ଏବଂ ଦୁଃଖଦାୟକ, ତା'ର ନାଟକୀୟ ପ୍ରତ୍ୟାବର୍ତ୍ତନ ମଧ୍ୟ ଥିଲା ସେଇଭଳି ଆଶାତୀତ । ଏବେ ସେ ତାଙ୍କ ହଜିଲା ସମ୍ପତ୍ତି ଫେରି ପାଇଛନ୍ତି ସୁଧ ସହିତ । ସେ ବିଶ୍ୱାସ କରୁ ନ ଥିଲେ ଯଦି ଚ ଗୋଟେ ବାସ୍ତବ ନାଟକ ତାଙ୍କ ସମ୍ମୁଖରେ ଉପସ୍ଥିତ ।

ମୁଁ ତାଙ୍କ କାନ୍ଧ ଥାପୁଡ଼େଇ ବିନା ବାକ୍ୟ ବିନିମୟରେ ସାନ୍ତ୍ୱନା ଦେଲି । ରଞ୍ଜୁ ପରିବାର ସହିତ ମୋର ଯୌଥ ଫଟୋଗୁଡ଼ିକ ପୁନଃ ପୁନଃ ଦେଖିବାକୁ ଲାଗିଲେ । ପ୍ରବଳ ନୈରାଶ୍ୟରେ ଭାଙ୍ଗି ପଡୁଥିବା ସର୍କସ ଦଳ ମଧ୍ୟରେ ପ୍ରତ୍ୟୟ ଜାଗରିତ ହେଲା । ମୋତେ ଚତୁର୍ଦ୍ଦିଗ ଘେରି ଯାଇଥିଲେ ଦଳର ସମସ୍ତେ- ଛୋଟଠୁଁ ବଡ଼ ପର୍ଯ୍ୟନ୍ତ, ପୁରୁଷ ଏବଂ ସ୍ତ୍ରୀ କଳାକାର କ୍ରିଡ଼ାବିତ୍‌ମାନେ । ଗୋଟାଏ ଜୀବନ୍ତ ନାଟକର ଦୃଶ୍ୟ ପରି ମନେ ହେଉଥିଲା ସଭିଙ୍କୁ । ନାଟକର ନାୟକ ଭଳି ମନେ ହେଉଥିଲା ମୋତେ ।

ମିଃ ବାଙ୍ଗରସ୍ପା ଏଥର ପ୍ରକୃତିସ୍ଥ ହେଲେ । ମୋତେ ଚର୍ଚ୍ଚା କରିବାକୁ ନିର୍ଦ୍ଦେଶ ଦେଲେ ପରିଚାରକବୃନ୍ଦଙ୍କୁ ଓ ମୋତେ ସଙ୍ଗୋଳି ଦେଲେ ତାଙ୍କ ତମ୍ବୁପକା ଭ୍ରାମ୍ୟମାଣ ଅସ୍ଥାୟୀ ଆଶ୍ରୟସ୍ଥଳୀକୁ । ଦେଖିଲି, ତମ୍ବୁ ଗୃହର ଅସ୍ଥାବର ଆସବାବପତ୍ର ସବୁ ବନ୍ଧାବନ୍ଧି ଚାଲିଛି । ସେ ଦୁଃଖ କରି କହିଲେ - "ଓଡ଼ିଶା ସରକାର ସର୍କସର ଅନୁମତିପତ୍ର ରଦ୍ଦ କରି ଦେଇଛନ୍ତି । ଆମେ ଭାଗଲପୁର ପାଇଁ ପ୍ରସ୍ତୁତ ହେଉଛୁ । ଦୁର୍ଘଟଣା ପାଇଁ ଆମେ ଅବଶ୍ୟ ଦାୟୀ । ଦୁର୍ଭାଗ୍ୟ ।"

ମୁଁ ସମ୍ବେଦନଶୀଳ ହୋଇ କହିଲି - "ଯେଉଁ କାରଣରୁ ଆପଣଙ୍କୁ ଦଣ୍ଡିତ କରାଗଲା, ଆପଣତ ଆଉ ଦୋଷୀ ନୁହନ୍ତି, ଆପଣ କାହାର କିଛି କ୍ଷତି କରି ନାହାନ୍ତି । ବର୍ତ୍ତମାନ ଆପଣ ଦୋଷମୁକ୍ତ । ସରକାରଙ୍କ ପାଖେ ଅର୍ଜି କରି ପୁଣି ଅନୁମତି ପତ୍ର ପାଇବାରେ ଅସୁବିଧା କ'ଣ ?"

ସେ ବିମର୍ଷିତ ହୋଇ କହିଲେ - "ଜନତା ଆଖିରେ ଥରେ ବଦନାମ ହେଲେ ସୁଧାରିବା ସମୟସାପେକ୍ଷ ଯେପରି ଥରେ ଚରିତ୍ର ଭୁଶୁଡ଼ି ପଡ଼ିଲେ ପୁନଃ ନିର୍ମାଣ ସହଜସାଧ୍ୟ ନୁହେଁ । ମନ ଭାଙ୍ଗି ଯାଇଛି । କିନ୍ତୁ ଆମେ ପୁଣି ଓଡ଼ିଶା ଆସିବୁ ନିଶ୍ଚୟ...."

ଦୁଇଟି ଗଦିଲଗା ଆର୍ମ ଚୌକିରେ ଆମେ ସାମ୍ନା ସାମ୍ନି ବସିଥିଲୁ । ମିଃ ବାଙ୍ଗରସ୍ପା ମୋର ପରିଚୟ ପଚାରିବାକୁ ଅସମୀଚୀନ ମନେ କରିଥିଲେ ବୋଧେ । ଏଣୁ ମୁଁ ମୋ ଆଡୁ ପରିଚୟ ପ୍ରଦାନ କଲି ଏବଂ ଗତ ସାତଦିନର ସୁଖାନୁଭୂତି ବର୍ଣ୍ଣନା କଲି । ସେ ମୁଗ୍ଧ ହୋଇ ଶୁଣି ରହିଲେ ଏବଂ କହିଲେ - "ମିଷ୍ଟର ମୋହନ, ଆପଣଙ୍କ ଋଣ ଅର୍ଥ ମାଧ୍ୟମରେ ପରିଶୋଧ କରାଯାଇ ପାରେନା । ଆପଣଙ୍କ ମହାନତାକୁ ପଦାର୍ଥର ମାପକାଠିରେ ମପାଯାଇ ପାରେନା । ଆମେ ତ ଆଶା ଛାଡ଼ି ବସିଥିଲୁ । ଆପଣ ସିନା ଆଶାବାଡ଼ିଟି ଅନ୍ଧକୁ ଫେରସ୍ତ ଦେଲେ ! ରଞ୍ଜୁ ଏ ସର୍କସର କେନ୍ଦ୍ରବିନ୍ଦୁ । ଆଜି ଭାରତ ସର୍କସ ବିଶ୍ୱରେ ଯେଉଁ ନାଁ କରିଛି, ତାହା ରଞ୍ଜୁର ଅବଦାନ । ଏ ସର୍କସର ରାଣୀ ସେ । ଏଠାରେ କୌଣସି ପୋଷା ବାଘୁଣୀର କନ୍ୟା ନୁହେଁ ସେ । ତାକୁ ମୁଁ ଈଶ୍ୱରଙ୍କ ଦାନ ଭଳି ଏକ ଅଦ୍ଭୁତ ପରିସ୍ଥିତିରେ ପାଇଥିଲି ତା ମୁମୂର୍ଷୁ ମା' ପେଟ ଭିତରୁ ।

ରଞ୍ଜୁର ଇତିହାସ ଓ ଜନ୍ମ ବୃତ୍ତାନ୍ତ ଶୁଣିବାକୁ ମୁଁ ଉତ୍କର୍ଣ୍ଣ ହେଲି । କଫି ପିଇବା ଅବସରରେ ମୋର ଅନୁରୋଧ କ୍ରମେ ଆରମ୍ଭ କଲେ ବାଘୁଣୀ ରଞ୍ଜୁରାଣୀର ଇତିବୃତ୍ତ:

ସାତ ବର୍ଷ ତଳର କଥା । କୋରାପୁଟ ଜୟପୁରରେ ସର୍କସର ମିଆଦ ପୂରିଯାଇଥାଏ । ଆଗାମୀ ଡେରାର ଆୟୋଜନ ଚାଲିଥାଏ ଭବାନୀପାଟଣାରେ । ସର୍କସ ସରଞ୍ଜାମ, ପଶୁ ପ୍ରାଣୀ ଓ ଓସ୍ତାଦମାନେ ଭବାନୀପାଟଣାକୁ ଚାଲାଣ ହୋଇ ସାରିଥା'ନ୍ତି । ସବା ଶେଷରେ ମୁଁ ଥାଏ । ଏଠାରେ ଯାହାର ଯାହା ପ୍ରାପ୍ୟ ପାଉଣା ତୁଟାଇ ସାରି ବିଳମ୍ବିତ ରାତିରେ ମୋ ଜିପ୍‌ରେ ବାହାରି ପଡ଼ିଲି ଭବାନୀପାଟଣା । ବାଟରେ ବଡ଼ ଘାଟୀଟିଏ । ନାଁ ଆମପାଣି । ପାହାଡ଼ କାଟି ସର୍ପିଳ ରାସ୍ତା ନିର୍ମିତ । ଉଭୟ ପାର୍ଶ୍ୱରେ ନିଘଞ୍ଚ ଅରଣ୍ୟ । ମୋ ଜିପ୍‌ରେ ମୁଁ ଏବଂ ମୋ ଡ୍ରାଇଭର ରତନ୍ । ରତନ୍ ଗାଡ଼ି ଚାଳନାରେ ଓସ୍ତାଦ । ମରାମତି କାମ ମଧ୍ୟ ଭଲ ଜାଣେ । ପାହାଡ଼ ଶିଖରକୁ ଉଠି ପୁଣି ଗାଡ଼ି ଗଡ଼ିଲା ସଙ୍କୀର୍ଣ୍ଣ ଗଡ଼ାଣି ରାସ୍ତାରେ । ହାଣ୍ଡିକଳା ଭଳି ଘନ ଅନ୍ଧାର ରାତି । ଜିପ୍‌ର ତୋଫା ଆଲୁଅ ପଡ଼ିଥାଏ ଆଗରେ - ଛୁଞ୍ଚଟାଏ ରାସ୍ତାରେ ପଡ଼ିଥିଲେ ବି ଦେଖାଯିବ । ସମ୍ମୁଖରେ ଗୋଟାଏ ଦୁର୍ଘଟଣାର ଦୃଶ୍ୟ ଆମକୁ ଚକିତ କଲା । ରତନ୍ ବ୍ରେକ୍ କଷି ଗଡ଼ାଣିରେ ଗାଡ଼ି ଛିଡ଼ା କରାଇଲା । ମୁଁ ଚଟାପଟ୍ ଓହ୍ଲାଇ ପଡ଼ି

ଘଟଣା ଆଡ଼କୁ ଧାଇଁଲି। ଗୋଟାଏ ବଡ଼ ବାଘଟେ ମରଣ ଯନ୍ତ୍ରଣାରେ ଛଟପଟ ହେଉଛି। ତା'ର ମୁଣ୍ଡ ଉପରେ କୌଣସି ଏକ ବୃହତ୍ ଯାନ ଚଢ଼ି ଯାଇ ଛତୁ କରି ଦେଇଛି। ରକ୍ତଧାର ବୋହି ଚାଲିଛି ରାସ୍ତା ଉପରେ। ତା' ଦେହରୁ ଜୀବନ ସମ୍ପୂର୍ଣ୍ଣ ଶେଷ ହୋଇନାହିଁ। ଜିପ୍‌ର ହେଡ୍ ଲାଇଟ୍ ତା' ଉପରେ ସ୍ଥିର ଥାଏ। ଦେଖିଲି, ବାଘ ନୁହେଁ, ବାଘୁଣୀଟିଏ। ମୁମୂର୍ଷୁ ବାଘୁଣୀ ଗର୍ଭରୁ ଛୁଆଟିଏ ଅଧା ବାହାରି ଆସିଛି। ଏପରି ସ୍ଥଳେ ଆଉ ଦଣ୍ଡେ ସମୟ ନଷ୍ଟ ନ କରି ହାତ ଲଗାଇ ଛୁଆଟାକୁ ଟାଣି ଆଣିଲି ଖଲାସୀ ଧାଇ ଭଳି। ଜୀଇଁଲା ବାଘ ଛୁଆଟେ। ତାକୁ ଟେକି ଆଣି ଜିପ୍ ପାଖକୁ ଗଲି। ତଉଲିଆରେ ତା ଦେହରୁ ଲାଳ ପୋଛିଲି। ଜିପ୍‌କୁ ଅକ୍ତିଆରରେ ରଖିବା ପାଇଁ ରତନ୍ ଚକତଳେ ପଥର ଥୋଇଦେଲା। ମୁଁ ରତନ୍ ହାତକୁ ଛୁଆଟା ଧରେଇ ଦେଇ ପୁଣି ତରବର ହୋଇ ଗଲି ମୃତ୍ୟୁମୁଖୀ ବାଘୁଣୀର ହାଲତ ଦେଖିବାକୁ। ଦେଖିଲି, ଠିକ୍ ପିଲା ପ୍ରସବ ପରେ ତା'ର ପ୍ରାଣବାୟୁ ଉଡ଼ି ଯାଇଛି। ମୃତ ବାଘୁଣୀକୁ ବହୁ କଷ୍ଟରେ ରତନ୍ ଓ ମୁଁ ଉଠାଇ ଗାଡ଼ିରେ ରଖିଲୁ। ସଦ୍ୟଜାତ ମାତୃହରା ପଶୁ ଶାବକକୁ ବଞ୍ଚାଇବା ବହୁ କଷ୍ଟସାଧ ହୋଇଥିଲା ମୋ ପକ୍ଷେ। ଅରଣ୍ୟ କୋଳରୁ ବନ୍ୟ ପଶୁଟିଏ ତୋଳି ଆଣି ଭିନ୍ନ ପରିବେଶରେ ପାଳନ କରିବା, ଏଡ଼ରୁ ଏଡୁଟିଏ କରିବା କି କଷ୍ଟକର ପାଳନକର୍ତ୍ତା ହିଁ ଜାଣେ। ଆଜି ଯେଉଁ ବାଘଛାଲ ଟି'ପଏ ଉପରେ ଦେଖୁଛନ୍ତି, ସେଟା ସେଇ ଦୁଃଖିନୀ ମା' ବାଘୁଣୀର। ତା'ର ଛୁଆ ରଞ୍ଜୁ। ମୃତ ବାଘୁଣୀକୁ ଆଣି ଛାଲ ଉତାରିଥିଲୁ। ତା ପେଟରୁ ଆଉ ଦିଓଟି ମଲା ପିଲା ବାହାରିଥିଲା। ସ୍ମୃତିର ସନ୍ତକ ଭଳି ସାଇତି ରଖିଛି ଚମଡ଼ାକୁ। ଏବେମଧ ଚମଡ଼ାକୁ ଦେଖିଲା ମାତ୍ରେ ତା'ର ମୃତ୍ୟୁକାଳୀନ ମର୍ମାନ୍ତିକ ଯନ୍ତ୍ରଣା ଓ ରଂଜୁ ଜନମିବା ଘଟଣା ମନେ ପଡ଼ିଯାଏ ମୋର।

ରଞ୍ଜୁକୁ ନିଜ ଛୁଆ ଭଳି ଯତ୍ନରେ ପାଳିଲି। ମୋ ପାଖେ ପାଖେ ରହେ, ପାଖରେ ଖାଏ, ପାଖରେ ଶୁଏ। ଯାହା ଶିଖାଏ ଶୀଘ୍ର ଶିଖିଯାଏ। ମଣିଷ ପିଲା ବି ଏମିତି ବୋଲ ମାନିବନି। ସେ ମାଂସ ଅବଶ୍ୟ ଖାଏ; କିନ୍ତୁ ମାଂସ ପ୍ରତି ଆଗ୍ରହ ଆକର୍ଷଣ ବିଶେଷ ନ ଥାଏ। ନିରାମିଷ ଆହାରରେ ମଧ ତୃପ୍ତିବୋଧ କରେ। ଗାଇ ଦୁଧ ତା'ର ପ୍ରିୟ। ଖାସ୍ ରଞ୍ଜୁ ପାଇଁ ଆମେ ଜର୍ସିଗାଇ ପୋଷିଛୁ। ବଡ଼ ହେଲା ପରେ ରଞ୍ଜୁ ଖୋଲା ମଇଦାନରେ ଖେଳ ଦେଖାଏ, ନିର୍ଦ୍ଦେଶ ମତେ ଅଙ୍କ କଷେ, ଭବିଷ୍ୟବାଣୀ ଗଣନା କରେ। ସଂଖ୍ୟା ଚିହ୍ନି ଫଳ ପ୍ରକାଶ କରେ ଚିହ୍ନ ମାଧମରେ, ଠାର ବୁଝେ, କୌତୁକ କରେ, ଦର୍ଶକମାନଙ୍କୁ ପ୍ରୀତ କରାଏ। ସବୁ ବୁଝିପାରେ, କେବଳ କହିପାରେ ନାହିଁ ସିନା! ପଶୁର ଶିକ୍ଷା ପାଇଁ ମୋତେ ବହୁ ଉପାଦେୟ ପୁସ୍ତକ ପଢ଼ିବାକୁ ପଡ଼ିଥିଲା, ପଦ୍ଧତି ଶିଖିବାକୁ ପଡ଼ିଥିଲା। ପଢ଼ିସାରି ମୁଁ ପ୍ରୟୋଗ କଲି ରଞ୍ଜୁ ଶିକ୍ଷାରେ, ନିଜ ଅନୁଭୂତିକୁ ମଧ କାର୍ଯ୍ୟରେ ଲଗାଇଲି। ପଶୁକୁ ତାଲିମ ଦେବାକୁ ହେଲେ ନିଜକୁ ତା ଭଳି ହେବାକୁ ପଡ଼ିବ, ତା ଭାଷା ଶିକ୍ଷା କରିବାକୁ ପଡ଼ିବ, ତା ଭାବ ସହିତ ଜଡ଼ିତ ହେବାକୁ ପଡ଼ିବ – ଶିକ୍ଷକ ଓ ଶିକ୍ଷାର୍ଥୀର ସମ୍ପର୍କ ନିବିଡ଼ ହେଲେ ଯାଇଁ ଆଶାନୁରୂପ ଫଳ ମିଳିବ – ମୋର ଅଭିଜ୍ଞତା। ପଶୁ ଶିକ୍ଷା ପ୍ରଣାଳୀର କେତୋଟି ଦିଗ ମୁଁ ଟିପି ରଖିଛି। ରଞ୍ଜୁକୁ ନେଇ ସଫଳତା ହାସଲ କରିଛି। ଶ୍ରମ, ଯତ୍ନ ଓ ସ୍ନେହରେ ଶତ୍ରୁ ମଧ ବଶୀଭୂତ ହୁଏ – ମୁଁ ଅନୁଭବ କରିଛି। ରଞ୍ଜୁ ମୋ ପରୀକ୍ଷାର ସ୍ୱର୍ଣ୍ଣ ଫଳକଟିଏ। ତା'ରି ପାଇଁ ଆଜି ଆମ ସର୍କସର ଉନ୍ନତି। ଗତ ବର୍ଷ ଋଷିଆର ଆଜରବଇଜାନ୍‌ରେ ଆମେ ଅଜସ୍ର ଅର୍ଥ ଭିଆଇଥିଲୁ ଖାସ୍ ରଞ୍ଜୁ ଯୋଗୁଁ। ରଞ୍ଜୁ ବିଶ୍ୱ ବିଖ୍ୟାତ ହୋଇ ପାରିଛି। ଅନେକ ଥର ବିଦେଶୀ ଦୂରଦର୍ଶନରେ ତା'ର ସାକ୍ଷାତ୍କାର ପ୍ରଦର୍ଶିତ ହୋଇଛି। ସିନେମାବାଲା ମଧ କେତୋଟି ଫିଲ୍ମ ନିର୍ମାଣରେ ତା'ର ସାହାଯ୍ୟ ନେଇଛନ୍ତି। ରଞ୍ଜୁ ପାଇଁ ମୁଁ ଗର୍ବିତ। ତାକୁ ପାଇ ନିକଟ ଅତୀତର ପତ୍ନୀ ବିୟୋଗ ଦୁଃଖ ମୁଁ ଭୁଲିଛି; ନିଃସଙ୍ଗ ଜୀବନର କଷ୍ଟ ଦୂର କରିଛି। ରଞ୍ଜୁ ମୋର ସାମାନ୍ୟ ପଶୁ ନୁହେଁ, ପଶୁଦେହଧାରୀ ନାରୀ-ସନ୍ତାନ।

ମିଃ ବାଙ୍ଗରସ୍ୱା ରଞ୍ଜୁର ମହାନ୍ ଭୂମିକା, ତା'ର ଅବଦାନ, ଆଚରଣ ବିଚରଣ ବର୍ଣ୍ଣନା କରୁଥିଲାବେଳେ ସେ ତାଙ୍କ ପତ୍ନୀ ବିୟୋଗର ସୂଚନା ଦେଇଥିଲେ। ଏଣୁ ସେ ବିପତ୍ନୀକ ବୋଲି ତାଙ୍କ କଥାରୁ ମୁଁ ଜାଣି ପାରିଲି। ତାଙ୍କ ଆଖି କୋଣରେ ଜମି ଆସୁଥିବା ଅଶ୍ରୁବିନ୍ଦୁକୁ ମୁଁ ବେଶ୍ ଲକ୍ଷ୍ୟକରି ପାରିଥିଲି। ସେ ତାଙ୍କ ଲୁହ ଛଳଛଳ ମୁହଁକୁ ଲୁଚାଇବାକୁ ଚେଷ୍ଟା କରିଥିଲେ ତଉଲିଆ ସାହାଯ୍ୟରେ ମୁଖ ପୋଛିବା ବାହାନା କରି। ଉତ୍ସୁକତାକୁ ଏଡ଼ାଇ ନପାରି ପଚାରିଲି – "ଆପଣଙ୍କ ପତ୍ନୀ କେବେ ମୃତ୍ୟୁବରଣ କଲେ ଓ କିପରି? ଆପଣଙ୍କ ବୟସରୁ ମୁଁ ଅନୁମାନ କରୁଛି, ତାଙ୍କର ବିଶେଷ ବୟସ ହୋଇନଥିବ। ମନେହୁଏ ଯୁବତୀ ବେଳରେ ତାଙ୍କର ଅପମୃତ୍ୟୁ ହୋଇଛି ନିଶ୍ଚୟ।"

ବାଙ୍ଗରସ୍ୱାଙ୍କ ଅବସନ୍ନ ନୟନରୁ ଦୁଇବୁନ୍ଦା ଅବାଧ ଲୁହ ଗଡ଼ି ଆସିଲା ତାଙ୍କ ଅନିଚ୍ଛା ସତ୍ତ୍ୱେ। ପତ୍ନୀ ବିଚ୍ଛେଦର ବିଷାଦ ସ୍ତ୍ରୀ ଅନୁରକ୍ତ ପୁରୁଷକୁ ଆଜୀବନ ସନ୍ତାପିତ କରିଥାଏ – ସେ କ୍ଷତ କେବେ ଲିଭି ନଥାଏ, ସ୍ମୃତି ଜୀବିତ ରହିଥାଏ ଶେଷ ଜୀବନ ପର୍ଯ୍ୟନ୍ତ। ପ୍ରୌଢ଼ ବାଙ୍ଗରସ୍ୱାଙ୍କ ପାଖେ ତାହା ଅସ୍ୱାଭାବିକ ନଥିଲା। ଏଣୁ ମୁଁ ଆଉ ସେଇ ଦୁଃଖଦ ପ୍ରଶ୍ନ ଉପରେ ଜୋର ନଦେଇ ପ୍ରସଙ୍ଗ ଏଡ଼ାଇବା ଉଦ୍ଦେଶ୍ୟରେ ବାର୍ତ୍ତାଳାପର ସ୍ରୋତ ବଦଳାଇବା ପାଇଁ କହିଲି – "ରଞ୍ଜୁ ଭଳି କନ୍ୟା ପାଇ ଆପଣ ଧନ୍ୟ ହୋଇଛନ୍ତି ମିଃ ବାଙ୍ଗରସ୍ୱା! ଈଶ୍ୱର ଗୋଟିଏରେ ଊଣା କଲେ ଆଉ ଗୋଟିଏରେ ଭରଣା କରନ୍ତି; ଏକ ପାଖ ଶୂନ୍ୟ ହେଲେ ଆରପାଖ ପୂର୍ଣ୍ଣ ହୋଇଥାଏ। ଆପଣଙ୍କ ରଞ୍ଜୁବାଳା ହିଁ ଊଣାର ଭରଣା ମନେହୁଏ।"

ବାଙ୍ଗରସ୍ୱା ସଂପୂର୍ଣ୍ଣଭାବେ ମୋର ଉକ୍ତିକୁ ସମର୍ଥନସୂଚକ କଣ୍ଠରେ କହିଲେ – "ଏକଦମ୍ ଠିକ୍ କଥା; ମୁଁ ତ ସେଇଆ ଅନୁଭବ କରୁଛି ମୋହନବାବୁ! ଏ ଅନୁଭବ ମୋର ଅବ୍ୟକ୍ତ। କିପରି ପ୍ରକାଶିବି ତାହା? ପ୍ରକାଶ କରିବାର ପଟୁତା ମୋର ନାହିଁ। ମୋତେ ବଡ ଆଶ୍ଚର୍ଯ୍ୟ ଲାଗୁଛି.."

ମୁଁ ଜାଣିବା ପାଇଁ ଆଗ୍ରହାନ୍ୱିତ ହେଲି। ଟେବୁଲ ଉପରେ ସୁନ୍ଦର ଫ୍ରେମ୍ ଭିତରେ ସଜ୍ଜିତ ବର୍ଣ୍ଣିଳ ରଙ୍ଗୀନ୍ ଫଟୋଟିକୁ ଦେଖାଇ ସେ ତାଙ୍କ ସ୍ୱର୍ଗତା ସ୍ତ୍ରୀ ରିମ୍ପାଙ୍କର ପୂର୍ଣ୍ଣ ପାରିଚିତି ପ୍ରକାଶ କଲେ। ଜୀବନ୍ତ ଫଟୋଟିର ନାରୀ ଚେହେରା ଲକ୍ଷ୍ୟ କରି ମୁଁ ମୁଗ୍ଧ ହେଲି। ଫଟୋରେ ଫୁଟି ଉଠୁଥିଲା ଅପୂର୍ବ ଓ ଅନନ୍ୟ ରୂପ ଲାବଣ୍ୟ। ସଳଖ ସରୁ ନାକ ସହିତ ଉପଯୁକ୍ତ ଚିବୁକ ଓ ଗଣ୍ଡଦେଶ, ହରିଣୀର ନୟନ ପରି ଆୟତ ଆଖି, ମିଠା ଚାହାଣି, ହସହସ ମୁହଁର ଚୁମ୍ବକୀୟ ଆକର୍ଷଣ ମନମୁଗ୍ଧକର, ଆଖି ଓ ଓଠର ମାପଚୁପ ଗଢ଼ଣ ଅତୀବ ଲୋଭନୀୟ। କହିଲି – "ଖୁବ୍ ସୁନ୍ଦରୀ ନା ସେ !"

"ହଁ। ବିଧାତା ବରଦାସ୍ତ କଲାନାହିଁ।... ଆମ ବିବାହ ବର୍ଷେ ପୂରି ନଥିଲା, ସେପୁରକୁ ନେଇଗଲା। ହତଭାଗ୍ୟ...." ବାଙ୍ଗରସ୍ୱା ଦୀର୍ଘଶ୍ୱାସ ଛାଡ଼ିଲେ।"

ମୁଁ ତାଙ୍କୁ ଆଶ୍ୱାସନା ଦେବା ଭଙ୍ଗୀରେ ନିୟତିର ନିଷ୍ଠୁର ବିଚାର ପାଇଁ ସମବେଦନାର ସ୍ୱରତୋଳି କହିଲି – "ମଣିଷତ ନିଜ ଇଚ୍ଛାରେ ପରିଚାଳିତ ନୁହେଁ, ଭାଗ୍ୟଡୋରି ସବୁବେଳେ ଅଦେଖା ହାତରେ। ଆମେ କେବଳ ନିମିତ୍ତ ମାତ୍ର; ସ୍ରୋତରେ ଭାସି ଯାଉଥିବା କ୍ଷୁଦ୍ର କାଠି ପରି କାଳ ହାତରେ ଆମେ ପ୍ରାଣୀମାନେ। ଜୀବନ ସର୍ବଦା ଘୂରୁଛି ଆପଦର ଆବର୍ତ୍ତ ଭିତରେ।"

ବାଙ୍ଗରସ୍ୱା ବିଷଣ୍ଣ କଣ୍ଠରେ କହିଲେ – "ବାହାଘର ବର୍ଷେ ପୂରିନଥାଏ। ଆମର, ଆଉ କିଛିଦିନ ବାକି ଥାଏ। ଆମେ ଦମ୍ପତି ପ୍ରଥମ ବାର୍ଷିକୀ କିପରି ଓ କେଉଁଠି ପାଳନ କରିବୁ ଚିନ୍ତା କରୁଥାଉଁ, ଉଲ୍ଲସିତ ଥାଉଁ। ଦିନ ପାଖେଇ ଆସିବାରୁ ସର୍କସରୁ ସପ୍ତାହେ ପାଇଁ ମ୍ୟାନେଜରଙ୍କ ଦାୟିତ୍ୱରେ ନ୍ୟସ୍ତ କରି ଆମେ ଉଟ୍‌କାମଣ୍ଡ (ଊ.ଟି) ଯିବାକୁ ସ୍ଥିର କଲୁଁ। କୋଇମ୍ବାଟୁର୍‌ରେ ଆମ ସର୍କସ ଚାଲୁଥିଲା। ଊ.ଟି.

ସେଠାରୁ ମାତ୍ର ପଞ୍ଚାବନ କିଲୋମିଟର। ଦାୟିତ୍ୱ ଓ ବ୍ୟସ୍ତତା ଯୋଗୁଁ ସେଠାରେ ଅବସର ବିତାଇବା ସମ୍ଭବ ନଥିଲା। ଗ୍ରୀଷ୍ମ ସମୟ। ଭାରତର ଦକ୍ଷିଣାଞ୍ଚଳରେ ଅସହ୍ୟ ସୂର୍ଯ୍ୟୋତାପର ପୀଡା। ଉ.ଟି. ତ ଦକ୍ଷିଣ ଭାରତର କାଶ୍ମୀର ! ଏଠାରେ ଗ୍ରୀଷ୍ମ ଯାପନର ପ୍ରକୃଷ୍ଟ ବେଳ। ଅପୂର୍ବ ଦୃଶ୍ୟରାଜିରେ ଭରପୁର ଏହି ଶୈଳ ନିବାସ ପ୍ରକୃତିର ଏକ ଅନୁପମ ଦାନ ଦାକ୍ଷିଣାତ୍ୟ ଗ୍ରୀଷ୍ମମଣ୍ଡଳୀୟ ଅଞ୍ଚଳ ପ୍ରତି। ଏଣୁ ସୁଯୋଗକୁ ହାତଛଡ଼ା ନକରି ବିବାହର ଏକ ବର୍ଷ ପୂର୍ତ୍ତି ଉପଲକ୍ଷେ ଉ.ଟି.ରେ ଫୁର୍ତ୍ତିରେ ସମୟଯାପନ କରିବା ନିହାତି ଆବଶ୍ୟକ ମଣି ଅଧିକ ଆହ୍ଲାଦିତ ହୋଇପଡିଲୁ। ମଧ୍ୟାହ୍ନ ଭୋଜନ ପରେ ଯାତ୍ରାରମ୍ଭ କଲୁଁ। କୋଇମ୍ବାଟୁରର ଅନତିଦୂରରେ ଘାଟୀରାସ୍ତା ଆରମ୍ଭ। ଦୀର୍ଘ ପଚାଶ କି.ମି. ଘାଟୀ, ଉଚ୍ଚରୁ ଉଚ୍ଚ ପର୍ବତମାଳା ଉ.ଟି. ସହର ପର୍ଯ୍ୟନ୍ତ। ଖୁବ୍ ସାବଧାନ ଓ ସତର୍କତାର ସହିତ ଗାଡ଼ି ଚଳାଇବାକୁ ହୁଏ। ମୁଁ ନିଜେ ଜଣେ ଦକ୍ଷ ଗାଡ଼ିଚାଳକ। କାର୍ ଚାଳନା ମୋର ଖେଳନା ସଦୃଶ। ମୁଁ ଯେତେବେଳେ ପ୍ରଥମେ ସର୍କସ ଜୀବନରେ ଯୋଗ ଦେଇଥିଲି (ଡେକାନ୍ ସର୍କସରୁ ମୋ ସର୍କସ ଜୀବନର ଆୟମାରମ୍ଭ) ମୁଁ ଜିପ୍ ଚାଳନାରେ ଅପୂର୍ବ କୃତିତ୍ୱ ଅର୍ଜନ କରିଥିଲି। ଗୋଲାକାର ବୃହତ୍ ଲୌହ ଗ୍ଲୋବ୍ ଭିତରେ ମୋଟର ସାଇକେଲ୍ ଚାଳନା କରୁଥିଲି ରୈଖିକ, ଆନୁଭୂମିକ ଓ ଲମ୍ବ ଭାବରେ ସୁମେରୁ ଠାରୁ କୁମେରୁ ବୃତ୍ତ ପର୍ଯ୍ୟନ୍ତ। ଏଣୁ ଉ.ଟି. ଭ୍ରମଣ ପାଇଁ ସାଙ୍ଗରେ କୌଣସି ଗାଡିଚାଳକଙ୍କ ଠାରୁ ନିଜକୁ ଭିନ୍ନ ଓ ବହୁ ଉନ୍ନତ ମନେ କରିଥିଲି। ଆତ୍ମବିଶ୍ୱାସ ମଧ୍ୟ ଥିଲା ମୋର। ମୋର ମନେ ଅଛି, ସେଦିନ ଆମେ କୁନୁର୍ ଘାଟୀ ଅତିକ୍ରମ କରୁଛୁ, ଏବଂ ଓ.ଟି. ମାତ୍ର ଆଉ ଦଶ କି.ମି. ଦୂର ଅଛି, ଘାଟୀ ଗଡାଣି ବେଳେ ହଠାତ୍ ଗୋଟାଏ ବୋଝେଇ ଟ୍ରକ୍ ରାକ୍ଷସ ଭଳି ମାଡି ଆସିଲା ସମ୍ମୁଖରୁ; ମୁଁ କାର୍ କଟେଇ ନେଉଥିଲା ବେଳେ, ଟ୍ରକ୍ ଜୋର୍‌ରେ ପିଟିହେଲା ମୋ କାର୍‌ର ଆଗ ବାଁପଟ ଚକରେ। ବାସ୍। ମୋର ଆଉ କିଛି ମନେ ନାହିଁ। ପ୍ରାୟ ଅଧଘଣ୍ଟାଏ ପରେ ମୋର ଚେତା ଫେରିଲା। ପ୍ରଥମେ ମୁଁ କେଉଁଠି ଅଛି ଜାଣି ପାରି ନ ଥିଲି। ଦେଖିଲି କାର୍ ଘାଟୀରୁ ଛିଟିକି ଓଲଟି ପଡିଛି ଖାତ ଭିତରେ, ଆମେ ପଡିଛୁ ଖଣ୍ଡେ ଦୂରରେ। ମୋର ଅତିବେଶୀ କ୍ଷତି ହୋଇନାହିଁ, କେବଳ ମୁଣ୍ଡ ଓ ଡାହାଣ ହାତରେ ଆଘାତ ଲାଗିଛି। ମୁଁ ଠିଆ ହୋଇ ପାରିଲି ଯଦିଚ ଦକ୍ଷିଣ ହସ୍ତରେ ଭୀଷଣ ଯନ୍ତ୍ରଣା ପାଉଥିଲି, ଗଣ୍ଠି ହାଡ଼ଟା ଭାଙ୍ଗିଥିଲା। ଦେଖେ, ମୋ ସ୍ତ୍ରୀର ଚେତା ନାହିଁ। ଚପଟ ନାହିଁ। ଚମକି ପଡିଲି। ମୋତେ ଅନ୍ଧାର ଦିଶିଲା। ମୋର ହାଲକ ଶୁଖିଲା, ଦେହର ରକ୍ତ ଶୁଷ୍କ ହୋଇଗଲା। ତାଙ୍କ ନାଡି ଦେଖିଲି, କୌଣସି ସ୍ପନ୍ଦନ ନାହିଁ। ହାୟ ଭଗବାନ ! ଏକି ମହାବିପତ୍ତି ! ! ମଣିଷର କେତେ କଳ୍ପନା, କେତେ ଆନନ୍ଦ ମୁହୂର୍ତ୍ତକ ଭିତରେ ଆଖି ପିଛୁଳାକେ ଧ୍ୱଂସ ଧୂଳିସାତ୍ ହୋଇଯାଏ ଏମିତି ! ! ! ମୋ ଆଖି ଆଗରେ ପ୍ରିୟତମାର ମୃତ ଦେହ ଦେଖି ମୁଁ ମୃତବତ୍ କାଠ ପାଲଟିଗଲି। ଏଇ ଟିକକ ପୂର୍ବରୁ କେତେ ଆନନ୍ଦ, ଉଲ୍ଲାସରେ ଗପସପ ଆଳାପ ଆଲୋଚନା କରି ଯାତ୍ରା କରୁଥିଲୁ ମୋ କାର୍‌ରେ, କିନ୍ତୁ କ'ଣ ହେଲା ହଠାତ୍ ? ମୁଁ ଚିତ୍କାର କଲି – ରିମ୍ପା, ରିମ୍ପା, ମୋତେ ଛାଡ଼ି ଯାଅ ନାହିଁ, ସାଙ୍ଗରେ ନେଇଯା... ତୁମ ବିନା ମୁଁ ବଞ୍ଚି ରହିବା ସମ୍ଭବ ନୁହେଁ ଆଦୌ...। ରିମ୍ପା ଆଉ ଶୁଣି ନଥିଲେ କିଛି। ସେ ଗର୍ଭବତୀ ଥିଲେ। ସାତମାସ ଗର୍ଭ ପୂର୍ଣ୍ଣ ହୋଇଥିଲା ତାଙ୍କର। ଦେଖିଲି, ରକ୍ତ ଜୁଡୁବୁଡୁ ମୃତ କନ୍ୟାଶିଶୁଟିଏ ତାଙ୍କ ଗର୍ଭ ଭିତରୁ ଯୋନି ଅତିକ୍ରମ କରି ଭୂଇଁରେ ପତିତ। ଏ ଦୁଃଖଦ ଦୃଶ୍ୟ ବର୍ଣ୍ଣନାତୀତ ମୋହନ ବାବୁ।

ବାଙ୍ଗରପ୍ପା ବାଷ୍ପରୁଦ୍ଧ ହୋଇ ପଡ଼ିଥିଲେ। ସେ ଆଉ କହି ପାରିନଥିଲେ। ତାଙ୍କ ଆଖିର ଦୁଃଖାଶ୍ରୁ ଦୁର୍ଦ୍ଦଶା ବର୍ଣ୍ଣନା କରୁଥିଲା। ଭଲ ମଣିଷ ଉପରେ ଏମିତି ଅଚାନକ ଦୈବୀଦଣ୍ଡ କଚାଡି ପଡେ ସିନା ! ମୁଁ ସ୍ଥାଣୁବତ୍ ଶୁଣି ରହିଥିଲି ତାଙ୍କ ପତ୍ନୀବିୟୋଗର ହୃଦୟବିଦାରକ ଦୁଃଖାନ୍ତ କାହାଣୀ। ସାନ୍ତ୍ୱନା ଦେବାକୁ ଭାଷା ଖୋଜୁଥିଲି।

ଟିକିଏ ଦମ୍ ମାରି ବାଙ୍ଗରପ୍ପା କହିଲେ – "ମୁଁ ବୁଝି ପାରୁନାହିଁ ମୋହନ ବାବୁ ନିୟତିର ଏକି ଅଦ୍ଭୁତ ଖେଳ ! ସେଦିନ ଦୁର୍ଘଟଣାରେ ମୋ ଆଖି ଆଗରେ ସ୍ତ୍ରୀ ମରି ପଡିଥିଲା ବେଳେ ମୃତ କନ୍ୟାଟିକୁ ଦେଖି ମୁଁ ସୃଷ୍ଟିର ସବୁଠୁଁ ବଡ଼ ହତଭାଗା ଅଭିଶପ୍ତ ମଣିଷ ବୋଲି ନିଜକୁ ମଣିଥିଲି। ମା' ଏବଂ କନ୍ୟାକୁ ବିଧିମତେ ଦାହ କଲାବେଳେ ସୃଷ୍ଟିକର୍ତ୍ତାଙ୍କୁ ଅଭିଶାପ ଦେଇ କହିଥିଲି – ହେ ବିଧାତା, ନିରୀହ ନିର୍ଦ୍ଦୋଷଙ୍କ ପ୍ରତି ତୁ ଏତେ ନିଷ୍ଠୁର କାହିଁକି ? ମଣିଷ ଜାତି ତା ଚେତନା ଟିକକ ପାଇଁ ତୋତେ ସ୍ୱୀକାର କରୁଛି ବୋଲି ସିନା ତୋର ଏତେ ବଡେଇ ପଣ ! ତୋ ଅବିଚାର ପାଇଁ ଏ ବିଶ୍ୱରୁ ବିଶ୍ୱାସ ତୁଟି ଯାଉ ତୋ ପ୍ରତି। ତୁ ଏକ ମିଥ୍ୟା, ପ୍ରତାରଣା, ଦୁର୍ବଳ ମଣିଷର ଭ୍ରାନ୍ତ ଧାରଣା।.... କିନ୍ତୁ ମୋହନବାବୁ, ମୁଁ ଏବେ ଅନୁଭବ କରୁଛି ଗୋଟାଏ ଅଦୃଶ୍ୟ ସତ୍ତା ଯେମିତି ସୃଷ୍ଟି ଭିତରେ କେଉଁଠି ଲୁଚି ରହିଛି ! ରିମ୍ପା ମୃତ୍ୟୁର ଠିକ୍ ଗୋଟାଏ ବର୍ଷ ପୂରଣ ପୂର୍ବରୁ, ଏହିପରି ଏକ ଘାଟୀରେ ଦୁର୍ଘଟଣାପ୍ରାପ୍ତ ମୁମୂର୍ଷୁ ବାଘୁଣୀ ପେଟରୁ ବାଘ ଛୁଆଟିଏ ମୋରି ଭାଗ୍ୟରେ ଆସି ଜୁଟିଲା ଓ ସେ ପୁଣି ମାଈ ଛୁଆଟିଏ – କନ୍ୟା ନୁହେଁ ତ ଆଉ କ'ଣ ? ପାର୍ଥକ୍ୟ ଏତିକି ଯେ ମଣିଷ ଶରୀର ନହୋଇ ପଶୁ ଦେହ ଓ ରୂପ ତା'ର ! ତା'ର ଗୁଣ ମଣିଷ ଛୁଆଠୁଁ ଆହୁରି ମହନୀୟ। ତା'ର ବିଚାର ବ୍ୟବହାରରେ ମୁଁ ଅଭିଭୂତ। ସେତ ମୋର ଅମୂଲ୍ୟ ଧନ !

ବାଘୁଣୀ ରଂଜୁରାଣୀର ଗୁଣ ବିଷୟରେ ମୁଁ ଆହୁରି ଜାଣିବା ପାଇଁ ମୋର ଅବଦମିତ ଉତ୍କଣ୍ଠା। ବାଙ୍ଗରପ୍ପାଙ୍କ ଠାରୁ ଯେତେ ଉତ୍କର୍ଣ୍ଣ ହୋଇ ଶୁଣୁଥାଏ, ମୋର ଆଗ୍ରହ ଓ କୌତୂହଳ ବଢ଼ି ବଢ଼ି ଚାଲିଥାଏ କ୍ରମଶଃ....

"ହଁ, ରଞ୍ଜୁ ବଡ଼ ହେଲା। ତା ଚର୍ବିଳ କୋମଳ ଦେହରେ ଯୁବତୀର ରୂପ ଚହଟିଲା। ସେ ମଣିଷ ମେଳରେ ବଢ଼ି ଥିବାରୁ ସର୍କସର ଅନ୍ୟ ବାଘମାନଙ୍କ ସଙ୍ଗେ ମିଶିପାରେ ନାହିଁ। ସେମାନଙ୍କୁ ଡ଼ରେ, ଏପରିକି ଋତୁ ସମୟରେ। ମୋ ସର୍କସ ଅଭିଜ୍ଞତା ଏବଂ ଅନୁଧ୍ୟାନରୁ ମୁଁ ଜାଣିଛି, ବାଘୁଣୀର ଋତୁ ସମୟ ୪୫ରୁ ୫୫ଦିନ ବ୍ୟବଧାନରେ ହୋଇଥାଏ। ଏହି ସମୟରେ ସେ ରଜସ୍ୱଳା ହୁଏ। ତା'ର ପ୍ରଣୟ ଓ ପୂର୍ବରାଗ ବିଲେଇର ପ୍ରଣୟ ରୀତି ସହ ପ୍ରାୟ ସମାନ ହେଲେହେଁ ବାଘର ପ୍ରେମାଳାପ ବିଲେଇ ପରି ଏକାନ୍ତ ଓ ଗୋପନୀୟ ନୁହେଁ। ବାଘୁଣୀର ସମୟ ହେଲେ ସେ ବିକଟ ଗର୍ଜନ କରି ତାହା ଘୋଷଣା କରେ, ସହବାସ ଶେଷ ପର୍ଯ୍ୟନ୍ତ ଘୋଷଣାର ମାତ୍ରା ବଢ଼ିବାକୁ ଲାଗେ। ଏହି ସମୟରେ ତା ଦେହରୁ ଏକ ପ୍ରକାର ଗନ୍ଧ ବାହାରେ। ବାଘୁଣୀର ପ୍ରେମାହ୍ୱାନ ଓ ଦେହର ଗନ୍ଧ ସୁଙ୍ଘି ବାଘ ପାଖକୁ ଆସେ। ବାଘକୁ ଆକୃଷ୍ଟ କରିବା ପାଇଁ ବାଘୁଣୀ ମାଟିରେ ପିଠି ଦେଇ ଚିତ୍ ହୋଇ ଶୋଇପଡ଼େ ଓ ଗୋଡ଼କୁ ଶୂନ୍ୟରେ ଟେକି ଆନ୍ଦୋଳିତ କରେ। ବାଘୁଣୀର ଏହି ବ୍ୟବହାରରେ ବାଘ ସତୃଷ୍ଣ ଚାହାଣିରେ ପ୍ରଣୟିନୀକୁ ଅନାଇ ରହେ। କିଛି ସମୟ ଉତ୍ତାରୁ ବାଘୁଣୀ ଠିଆହୁଏ ଓ ଆଗ ଦୁଇ ଗୋଡ଼କୁ ଭାଙ୍ଗି ପଛଗୋଡ଼ ସାହାଯ୍ୟରେ ପିଠିକୁ ଟେକିଧରେ। ବାଘୁଣୀର ଏହି ଅବସ୍ଥା ଦେଖି ବାଘ ଗର୍ଜନ କରି ବାଘୁଣୀ ପିଠି ଉପରେ ବଢ଼ିବସେ ଓ ବାଘୁଣୀ ବେକ ଉପର ନରମ ଚମଡ଼ାକୁ କାମୁଡ଼ି ଧରେ। ଏହି ମିଳନୀର ସ୍ଥାୟୀତ୍ୱ ପନ୍ଦରରୁ କୋଡିଏ ସେକେଣ୍ଡ ମାତ୍ର। ପ୍ରତିଦିନ ଅନ୍ତତଃ ପାଞ୍ଚ ଛ'ଥର ଏହି ସହବାସ ଦୃଶ୍ୟ ଅଭିନୀତ ହୁଏ ଏବଂ ସମଗ୍ର ଅନୁଷ୍ଠାନ ସାତଦିନ ପର୍ଯ୍ୟନ୍ତ ଚାଲେ। ଅନୁଷ୍ଠାନ ଶେଷରେ ଦୁଇ ଅଭିନେତା ଅଭିନେତ୍ରୀ କ୍ଷତ ବିକ୍ଷତ ଶରୀର ନେଇ କ୍ଳାନ୍ତଶ୍ରାନ୍ତ ଅବସ୍ଥାରେ ମଞ୍ଚରୁ ପ୍ରସ୍ଥାନ କରନ୍ତି। ବାଘୁଣୀ ଇତି ମଧ୍ୟରେ ତା ମାତୃତ୍ୱର ମୋହରଟି ହାସଲ କରି ନେଇଥାଏ।

କିନ୍ତୁ ମୋହନ ବାବୁ, ମୋ ରଞ୍ଜୁର କୌଣସି ମାତୃସୁଲଭ ଲକ୍ଷଣ ଦେଖିଲି ନାହିଁ। ଆମ ସର୍କସର

ପୁରୁଷବାଘ ଦେଖିଲା ମାତ୍ରେ ତା' ହାଲକ ଶୁଖିଲା, ମଲା ସେ। ତା ଆଖିରେ ସେଗୁଡ଼ା ଯେମିତି ଜାନୁଆର, ପଶୁ! ତାକୁ ଖାଇଦେବେ ଗୋଟାପଣେ! ରଞ୍ଜୁ ସେମାନଙ୍କ ପାଖ ଆଦୌ ମାଡ଼ିଲା ନାହିଁ। ମୁଁ ଥରେ ପରୀକ୍ଷାମୂଳକ ଭାବେ ତାକୁ ଆମ ସର୍କସର ଅପେକ୍ଷାକୃତ ଭଲ ପୁରୁଷ ବାଘ 'ସଂଗ୍ରାମ' ସହିତ ଯନ୍ତା ଭିତରେ ଛାଡ଼ିଲି। ତା ସହିତ ମିଳାମିଶା ଓ ଦୋସ୍ତି କରିବାପାଇଁ ଉଦ୍ୟମ କରିଥିଲି। କିନ୍ତୁ ରଞ୍ଜୁ ବଡ଼ ଡ଼ରୁକୁଳି ଓ ଲାଜକୁଳି ଓ ବାପଘରମୁହାଁ ହେଇଥିବାରୁ ସେ ନିର୍ଜୀବ ନିସ୍ପୃହ ଆଖିରେ ଖାଲି ତଳେ ଶୋଇ ରହିଲା। ସଂଗ୍ରାମକୁ ସେ ଟିକିଏ ହେଲେ ଆଡ ଆଖିରେ ଚାହିଁଲା ନାହିଁ, ଉଠିଲା ନାହିଁ, ଏପରିକି ଖାଦ୍ୟପାଣି ଛୁଇଁଲା ନାହିଁ ଯେମିତି ସେ ରୁଷିଛି କି ଅଭିମାନ କରିଛି! ସ୍ୱାଭିମାନୀ 'ସଂଗ୍ରାମ' ମଧ୍ୟ ରଞ୍ଜୁର ଏତାଦୃଶ ଗୁଣ ଯୋଗୁଁ ବୀତସ୍ପୃହ ହୋଇ ତା ପୁରୁଷୋଚିତ ରାଜକୀୟ ଢ଼ଙ୍ଗ ପ୍ରକଟକଲା, ଅବିଚଳ ରହିଲା। ଅପଢିଆ ସ୍ତ୍ରୀ ସହିତ କଥାବାର୍ତ୍ତା ନିଷିଦ୍ଧ ଭଳି ସେ ନିଜେ ଆଡ଼େଇ ରହିଲା। ପଶୁ - ପୁରୁଷ ଜାତିରେ ବାଘ ବୋଧହୁଏ ସବୁଠୁଁ ଅହଂମୟ ପୁରୁଷ-ବୟଃପ୍ରାପ୍ତ ବାଘୁଣୀଠୁଁ ଆଶାକରେ ଅନେକ ଖୋସାମଦ ଓ ଆତ୍ମସମର୍ପଣ। କିନ୍ତୁ ରଞ୍ଜୁ ସ୍ତ୍ରୀ ଜାତିର ହେଲେ ମଧ୍ୟ ତା ନାରୀଗୁଣ ଅନ୍ୟମାନଙ୍କଠୁଁ ଅଲଗା, ନିଆରା, ଭିନ୍ନ ଏକ ଧାତୁରେ ଗଢ଼ା ତା ପଶୁ ଚରିତ୍ର। ବଡ଼ ବିଚିତ୍ର। ଶେଷକୁ ମୁଁ ହତାଶ ହୋଇ ତାକୁ ଯନ୍ତା ଭିତରୁ ନେଇ ଆସିବାକୁ ବାଧ୍ୟ ହେଲି। ଯନ୍ତା ଖୋଲିଲା ମାତ୍ରେ ଧାଇଁ ଆସିଲା ମୋ ତମ୍ବୁ ପ୍ରକୋଷ୍ଠକୁ। ଖଟତଳେ ପଶି ରୁଷିଲା ଭଳି ନେପେଟି ଶୋଇଲା। ପାଖକୁ ଯେତେ ଡ଼ାକିଲି ଗେଲ କରିବା ପାଇଁ, ଆସିଲା ନାହିଁ। ମୁଁ ପୁଣି ଖୋସାମତ କରି ଆଉଁଶା ଆଉଁଶି କରି ତାକୁ ପ୍ରକୃତିସ୍ଥ କରାଇଲି ଏବଂ କହିଥିଲି- ରଞ୍ଜୁ, ତୁ ଅଭିଆଡ଼ୀରହ ପଛକେ, ତୋ ପାଇଁ ଆଉ ବର ବାଛିବି ନାହିଁ କେବେ।

କଥା ବୁଝିଲା ସେ। ସ୍ନେହରେ ମୋ ଗୋଡ଼ ଚାଟି ରହିଲା ସୁଧାର ଶିଶୁଟିଏ ପରି। କିନ୍ତୁ ତା'ର ବଂଶ ବିକାଶ କିପରି ହେବ ମୁଁ ଚିନ୍ତିତ ରହିଲି। ବାଘ ପ୍ରକୃତି ନେଇ ଅନେକ ବହି ମଧ୍ୟ ପଢ଼ାପଢ଼ି କଲି। ପଶୁ ଡ଼ାକ୍ତର, ପଶୁବିଜ୍ଞାନୀମାନଙ୍କ ପରାମର୍ଶ ଲୋଡ଼ିଲି। ସେମାନେ ମତ ଦେଲେ - ହୁଏତ ପ୍ରାକୃତିକ ପରିବେଶରେ ତାକୁ ଛାଡ଼ିଲେ ସେ ଜଙ୍ଗଲର ବାଘମାନଙ୍କ ସହିତ ମିଳାମିଶା କାରି ପ୍ରଭାବିତ ପ୍ରରୋଚିତ ହେବ।

ଶୁଣିଥିଲି, ଆପଣଙ୍କ ଓଡ଼ିଶାର ସିମିଳିପାଳ ଅଭୟାରଣ୍ୟରେ ଅନେକ ବାଘ ଅଛନ୍ତି। ତା' ଭିତରେ କେତେଗୁଡ଼ିଏ ପାନ୍ଥଶାଳା ଓ ଅରଣ୍ୟ ନିବାସ ନିର୍ମିତ ହୋଇଛି ପର୍ଯ୍ୟଟକମାନଙ୍କ ଚିତ୍ତବିନୋଦନ ସକାଶେ। ଏଣୁ ମୟୂରଭଞ୍ଜ ସଦର ମହକୁମା ବାରିପଦା ସହରରେ ଆମ ସର୍କସ ଖେଳ ମାସକ ପାଇଁ ମଞ୍ଜୁର କରାଇଲି। ଏହି ସମୟରେ ମୁଁ ନିକଟବର୍ତ୍ତୀ ସିମିଳିପାଳ ଅଭୟାରଣ୍ୟର ସୁରମ୍ୟ ପାନ୍ଥଶାଳା 'ଚହଲା'ରେ ରଞ୍ଜୁକୁ ନେଇ ଅବସ୍ଥାନ କଲି। ଚହଲାର ପ୍ରାକୃତିକ ସ୍ଥିତିରେ ମୁଁ ମୁଗ୍ଧ ହୋଇଥିଲି। ଚାରିକୋଠରି ବିଶିଷ୍ଟ ପରିଷ୍କାର ପରିଚ୍ଛନ୍ନ ଶୁଭ୍ର ବଙ୍ଗଳାଟିଏ, ଚତୁର୍ଦ୍ଦିଗ ଘଞ୍ଚ ସବୁଜ ବୃକ୍ଷର ବଳୟ ଓ ନୀଳ ମୁକୁଟଧାରୀ ଶୈଳ ସମୂହ। ନିକଟରେ ବାଘବନ ଓ ଗହନ ବନାନୀ। ଅନତିଦୂରରେ ବିଶ୍ୱବିଖ୍ୟାତ ବରେହିପାଣି ଜଳପ୍ରପାତ ୧୩୦୮ ଫୁଟ ଉଚ୍ଚ ପାହାଡ଼ ଶିଖରରୁ ପାହାଚ ଭଳି ଥାକ ଥାକ ହୋଇ ଓହ୍ଲାଇ ଆସିଛି। ସ୍ୱର୍ଗରୁ ଜଳ ଝରି ପଡୁଛି ଯାଇଁ ପାତାଳ ଭିତରେ ପଡୁଛି ଯେମିତି! ତା'ର ପ୍ରାକୃତିକ ଦୃଶ୍ୟ ଅତ୍ୟନ୍ତ ଲୋଭନୀୟ, କମନୀୟ, ଆକର୍ଷଣୀୟ। ସବୁଜ ଅରଣ୍ୟର ଶେଯ ଉପରେ ନୀଳ ଆକାଶ ଘୁମେଇ ପଡ଼ିଥାଏ। ମଣିଷ ମନକୁ ମୋହିବା ପାଇଁ ପ୍ରକୃତିରାଣୀ ସେଠି ଅରଣ୍ୟ ସୌନ୍ଦର୍ଯ୍ୟର ସମ୍ଭାର ଖୋଲି ରଖିଛି। ଚହଲାରେ ଅବସ୍ଥାନ ବେଳେ ରଞ୍ଜୁ ମୋ ପାଖେ ପାଖେ ଥାଏ କାୟା ପଛରେ ଛାୟା ଭଳି। ମୁଁ ଦିନେ ଥରେ ତାକୁ ଜିପ୍‌ରେ ବସାଇ ଏକ ନିଭୃତ ନିରୋଳା ଅଞ୍ଚଳରେ ଛାଡ଼ି ଆସିଲି। ଜିପ୍‌କୁ ଚଞ୍ଚଳ ଛୁଟାଇ ଆଣିଲି ଚହଲା ବଙ୍ଗଳାକୁ। ସନ୍ଧ୍ୟା ଆଗତପ୍ରାୟ। ଜଲ୍‌ଦି ରାତ୍ରାହାର ଶେଷକରି ବିଛଣା ଧରିଲି। ରାତିରେ ଆଦୌ ନିଦ ହେଲା ନାହିଁ। ହେବ ବା କିପରି? ଏଣେ ଅଲିଅଳି ଅଭିମାନିନୀ ରଞ୍ଜୁ ବନବାସିନୀ, ସୀତାବନବାସର କୃତାରେ ଦେବର ଲକ୍ଷ୍ମଣ ବଜ୍ରାହତ, କିନ୍ତୁ କର୍ତ୍ତବ୍ୟ ସମ୍ପାଦନ ପାଇଁ ସେ ବାଧ୍ୟ ଭଳି ମୋର ଅବସ୍ଥା। ରଞ୍ଜୁର ଅନୁପସ୍ଥିତରେ ମୁଁ ଅସ୍ୱସ୍ତି ଅନୁଭବ କରୁଥାଏ। ରାତିରେ ପାନ୍ଥ ନିବାସ କୋଠରି ଭିତରେ ଚୁପ୍ ହୋଇ ରହିପାରୁ ନ ଥାଏ। ବାରମ୍ବାର କବାଟ ଖୋଲି ବାହାରକୁ ଆସୁଥାଏ। ଅନ୍ଧାରର ତାରକିତ ଆକାଶକୁ ପୁନଃ ପୁନଃ ଚାହୁଁଥାଏ। ଭେଳା ଭେଳା ଭସା ବଉଦକୁ ଲକ୍ଷ୍ୟ କରୁଥାଏ। ରାତ୍ରର ଜଙ୍ଗଲ ଜଗତ ଉପରେ ଅଷ୍ଟମୀ ଆକାଶର ଶୀତଳ ଚନ୍ଦ୍ର କିରଣ ଚାଦରଟିଏ ବିଛାଇ ଦେଇଥାଏ। ସମ୍ମୁଖରେ ଶହେ ଗଜ ଦୂରରେ ଟ୍ରେଞ୍ଚ୍ ପାଖରେ ଲାଇଟ ପକାଇ ବଣ୍ୟପଶୁଙ୍କୁ ସ୍ୱଚକ୍ଷୁରେ ଦେଖିବା ପାଇଁ ଏକ ଅନୁଚ୍ଚ ନିରୀକ୍ଷଣ ମୀନାର ଅଛି। ସେଥିରେ ଚଢ଼ି ଟର୍ଚ୍ଚ ସାହାଯ୍ୟରେ ଦଳ ଦଳ ମିରିଗ, ବାରହା, କୁଟ୍ରାମାନଙ୍କୁ ଦେଖୁଥାଏ। ଦୂରରୁ ଶୁଭୁଥାଏ ବନହସ୍ତୀର ବିଗ୍ଧୁଲ୍। ଜନ୍ତୁମାନଙ୍କୁ କର୍ତ୍ତୃପକ୍ଷ ଖାଦ୍ୟ ଓ ଲୁଣି ମାଟି ଯୋଗାଇ ଦେଇଥା'ନ୍ତି। ଆନନ୍ଦରେ ଜନ୍ତୁମାନେ ଆସି ଖାଇଯା'ନ୍ତି ଯେମିତି ସେମାନେ ଏଠାକାର ପୋଷା ଜନ୍ତୁଗୁଡ଼ିଏ! ଜନ୍ତୁମାନଙ୍କୁ ଦେଖିବାକୁ ମୋର ସ୍ପୃହା ନଥାଏ। ମନରେ ଦକ ଥାଏ, ଗୁଡୁପୁଡୁ ଲାଗୁଥାଏ। ମୋ ରଞ୍ଜୁର କ'ଣ ହେଲାକି? କିଏ ତାକୁ ଆକ୍ରମଣ କରି ନାହିଁ ତ? ହାତୀମାନଙ୍କ ହାବୁଡ଼ରେ ପଡ଼ି ନାହିଁ ତ? ଏଠାରେ ଜଙ୍ଗଲୀ ବାଘୁଣୀ ତାକୁ ଅନୁପ୍ରବେଶକାରିଣୀ ଭାବି ମାଡ଼ଗୋଳ କରି ନାହିଁତ!! ଅନେକ ପ୍ରକାର ପାପ ଓ ଅଶୁଭ ସମ୍ଭାବନା ମୋ ମନକୁ ଛୁଇଁ ବସିଲା। ଉପାୟ ନଥାଏ। ପୁଣି ଶଯ୍ୟାକୁ ଫେରି ଆସେ। ନିଦ ଦୂରେଇ ରହିଥିଲା।

ରାତି ଶେଷବେଳ ଆଡ଼କୁ ଆଖି ବୁଜି ହୋଇ ପଡ଼ିଲା। ସକାଳ ହେବାକୁ ମୋତେ ଚାଉଁ କଲା। ଧଡ଼ପଡ଼ ହୋଇ ଉଠିଲି ଶର୍ଯ୍ୟାରୁ। ଚମକିଲି। କେତେବେଳେ ଅସ୍ରାଏ ବର୍ଷା ଜଙ୍ଗଲ ସାରା ଢ଼ାଳି ଦେଇଛି। ରଞ୍ଜୁର ଅବସ୍ଥା କ'ଣ? ଏମିତି ପରିସ୍ଥିତି ସହିତ ସେ ପରିଚିତ ନୁହେଁ। ନୁହେଁ ଅଭ୍ୟସ୍ତ ମଧ୍ୟ। ବର୍ଷା ପାଗରେ ସେ ଘର ଭିତରେ ରହେ। ଉଷୁମ ଜାଗାଦେଖି ଶୁଏ। ସନ୍ତସନ୍ତିଆ ଅପରିଷ୍କାର ମାଶମାଛି ଭଣଭଣ ଜାଗା ତାକୁ ଭଲ ଲାଗେ ନାହିଁ। ଏବେ ବର୍ଷା ମାଡ଼ରେ ତାକୁ ଯଦି ସର୍ଦ୍ଦି ଧରିଯାଏ! ବଡ଼ ପସ୍ତେଇ ହେଲି। ଦୁଶ୍ଚିନ୍ତା ଘାରିଲା ମୋତେ। ପ୍ରକୋଷ୍ଠରୁ ପଦାକୁ ଆସିଲି। ଦେଖେ ମୋ ପଛେ ପଛେ ରଞ୍ଜୁ ଆସି ସାଷ୍ଟାଙ୍ଗେ ଉଭା। ତାଜୁବ ଲାଗିଲା। ତାକୁ ତ ମୁଁ ଦୂର ଜାଗାରେ ଛାଡ଼ି ଆସିଥିଲି ସାଥୀ ଖୋଜି ସହବାସ କରିବାକୁ! କେତେବେଳେ ଓ କିପରି ଏଠାକୁ ବାଟବାରି ଚାଲି ଆସିଲା ଚୁପ୍‌ଚାପ୍!! ମୁଁ ଜାଣେ, ବାଘ ଗନ୍ଧ ବାରିବାରେ ଅପାର, ତା'ର ସ୍ମରଣଶକ୍ତି ମଧ୍ୟ ପ୍ରଖର। ରାତିରେ ମୁଁ ଦ୍ୱାର ଖୋଲି ବାରମ୍ବାର ବାହାରକୁ ଆସୁଥିବା ଅବସରରେ ସେ କେତେବେଳେ ଲୁଚିକରି ପ୍ରକୋଷ୍ଠ ଭିତରକୁ ପଶିଯାଇଛି। ଆଉ ଖଟତଳେ ପଶି ଆରାମରେ ଶୋଇଯାଇଛି- ମୋତେ ଜଣା ନଥିଲା। ବାଘର ସନ୍ତର୍ପଣ ଶକ୍ତି ମଧ୍ୟ ଅଧିକ ସବୁ ପ୍ରାଣୀମାନଙ୍କ ଅପେକ୍ଷା। ତା ମାଂସଳ ପାଦ ନରମ ହୋଇଥିବାରୁ ସେ ଶିକାର ପାଖକୁ ନିଃଶବ୍ଦରେ ଗତି କରିପାରେ। ରଞ୍ଜୁ ମୋତେ ଭୁଆଁ ବୁଲେଇ ଦେଲା! ବଦ୍‌ମାସ୍ କେଉଁଠିକାର! ମାଲିକର ମନକୁ କିଛି ବୁଝି ପାରୁନାହିଁ? ପଶୁ ନୁହେଁତ ଆଉ କ'ଣ? ମନେ ମନେ ଚିଡ଼ିଲି। କିନ୍ତୁ ବିରକ୍ତ ହେବି କ'ଣ, ପୁଣି ଗେଲ କରି ବସିଲି ଠିକ୍ ଗେହ୍ଲା ଝିଅପରି। ସେ ସାଉଁଳେଇ ହେଲା ମୋ ଦେହରେ। ଏତେ ବଡ଼ ବନ ଭିତରୁ ତା ପାଇଁ ସାଥୀଟିଏ ଖୋଜିବା ନୋହିଲା। ବିରସ ମନରେ ତାକୁ ଧରି ଫେରିଲି ସର୍କସ ଡେରାକୁ।

ଆଜକୁ ଚରିମାସ ତଳର କଥା। ମୁଁ ଆମ ଦେଶର

ଚିଡ଼ିଆଖାନା ମାନଙ୍କର ସନ୍ଧାନ ନେଉଥିଲି କାଳେ କେଉଁଠି ରଞ୍ଜୁ ପାଇଁ ମନୋନୀତ ପାତ୍ରଟିଏ ମିଳିଯିବ ! ଏମିତି ଖୋଜୁ ଖୋଜୁ ଖବର ପାଇଲି, କଲିକତାସ୍ଥ ଅଲିପୁର ଚିଡ଼ିଆଖାନାରେ ଏକ ଭଲ ପୋଷା ବାଘ 'ବ୍ରହ୍ମପୁତ୍ର' ଯତ୍ନ ସହକାରେ ପାଳାଯାଇଛି । ସେଠି ଦର୍ଶକମାନଙ୍କ ଭିଡ଼ ଜମୁଛି । ବ୍ରହ୍ମପୁତ୍ରକୁ ଜନୈକ ବଙ୍ଗାଳି ଭଦ୍ରଲୋକ ସୁନ୍ଦରବନରୁ ପାଇ ଆଦରରେ ପାଳିଥିଲେ । କ୍ରମଶଃ ସେ ବଡ଼ ହେବାରୁ ସମ୍ଭାଳି ନପାରି ଚିଡ଼ିଖାନାରେ ଛାଡ଼ି ଦେଲେ । ଦାୟିତ୍ୱଧାରୀ ପଶୁ ବିଶେଷଜ୍ଞ ଶ୍ରୀମାନ୍ ମଳୟ ମଜୁମ୍‌ଦାର ମହାଶୟ ତା'ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରି ଗଛବୃଛପୂର୍ଣ୍ଣ ପ୍ରଶସ୍ତ ତାରବାଡ଼ ଘେରା ଭିତରେ ରଖିଛନ୍ତି । ଉଚ୍ଚଶ୍ରେଣୀର ଦର୍ଶକମାନେ ବିଶେଷ ଅନୁମତି ନେଇ ଘେରା ଭିତରକୁ ପ୍ରବେଶ କରନ୍ତି, ବାଘକୁ ଖୁବ୍ ନିକଟରେ ଦେଖିବାର ସଯୋଗ ପା'ନ୍ତି । କେହି କେହି ମଧ ସାଉଁଳିବାକୁ ସାହସ କରନ୍ତି । ଅବଶ୍ୟ ପାଖେ ପାଖେ ମଜୁମ୍‌ଦାର ମହାଶୟ ରହିଥାନ୍ତି । ସେ ମଧ ବ୍ରହ୍ମପୁତ୍ରକୁ ପୁତ୍ରଭଳି ସ୍ନେହ କରନ୍ତି । ଭି.ଆଇ.ପି. ଦର୍ଶକମାନଙ୍କ ସହିତ ପରିଚୟ କରାଇ ଦିଅନ୍ତି । ବ୍ରହ୍ମପୁତ୍ର ଅପେକ୍ଷାକୃତ ସରଳ, ଅହିଂସ, ଉଦାର ବୋଲି ଜାଣିଲି । ଏଣୁ ମୁଁ ମଜୁମ୍‌ଦାର ମହାଶୟଙ୍କ ଯୋଗାଯୋଗ କଲି ଏବଂ ତାଙ୍କ ଅନୁମତି ମତେ ରଞ୍ଜୁକୁ ସାଙ୍ଗରେ ନେଇ ଅଲିପୁର ଚିଡ଼ିଆଖାନାରେ ହାଜର ହେଲି ।

ବ୍ରହ୍ମପୁତ୍ର ଏକ ସ୍ୱାସ୍ଥ୍ୟବାନ ସବଳ ବାଘ । ରଙ୍ଗ ଓ ରୂପରେ ଚିକ୍କଣ, ରଞ୍ଜୁର ସମକକ୍ଷ ସଙ୍ଗୀ ହୋଇ ପାରିବ ବୋଲି ମୁଁ ପ୍ରଥମ ଦୃଷ୍ଟିରେ କଳି ପାରିଲି । ରଞ୍ଜୁ ପ୍ରଥମେ ଘେରା ଭିତରକୁ ଯିବାକୁ ଅମଙ୍ଗ ହେଲା କିନ୍ତୁ ଯେହେତୁ ମୁଁ ପାଖେ ପାଖେ ଅଛି, ସେ ସଙ୍କୋଚ ପରିହାର କରି ପ୍ରବେଶ କଲା ଆମ ସହିତ । ବ୍ରହ୍ମପୁତ୍ର ଓ ରଞ୍ଜୁ ପ୍ରଥମେ ଚାହାଁଚୁହିଁ ହେଲେ ଏବଂ ପରେ କେହି କାହା ପାଖକୁ ଗଲେ ନାହିଁ । ଆମେ ଅଭିଭାବକଦ୍ୱୟ ଭିତରେ ରହିଲୁ ସ୍ୱାଭାବିକ ଭାବେ । ଘେରା ଭିତରେ ଚୌକି ଟେବୁଲ୍ ପକାଇ ଗପରେ ମଜ୍ଜିଲୁ । ସେମାନଙ୍କ ଗତିବିଧି ଲକ୍ଷ୍ୟ କଲୁ । ସେଦିନ କୌଣସି ବହିର୍ଦର୍ଶକଙ୍କ ପ୍ରବେଶ ନିଷିଦ୍ଧ ଜାରି ରଖିଥିଲୁ । ଏହି ଅବସରରେ ବାଘ ବାଘୁଣୀ ନିଜ ନିଜ ମୁନିବକୁ ପାଖରେ ଦେଖି ପରସ୍ପର ଚିହ୍ନାଚିହ୍ନି ହେଲେ । ଆମେ ସିଦ୍ଧାନ୍ତ କଲୁ ଦୁହିଁଙ୍କୁ ଘେର ଭିତରେ କିଛି ଦିନ ଏପରି ରଖି ପରସ୍ପର ସଂପର୍କ ବୃଦ୍ଧି କରିବାପାଇଁ । ତାହାହିଁ ହେଲା । ସେମାନଙ୍କୁ ଗୋଟିଏ ପାତ୍ରରେ ଖାଦ୍ୟ ଦିଆଗଲା, ଦୁଧ ଏବଂ ଜଳମଧ । ଶେଷରେ ନିଜନିଜ ଅହମିକା ଦୂର କରି ସେମାନେ ସାଙ୍ଗ ହୋଇ ଖାଇଲେ । ପ୍ରବେଶିକା ପରୀକ୍ଷାରେ ପ୍ରଥମ ସଫଳତା ହାସଲ । ମୁଁ ଅଧିକ ଉଲ୍ଲସିତ ହେଲି । ରଞ୍ଜୁର ରତୁସ୍ରାବ ହୋଇଥାଏ । ତୃତୀୟ ଦିନ ସେମାନେ ପ୍ରଣୟ ବନ୍ଧନରେ ଆବଦ୍ଧ ହେଲେ । ଏହିପରି ପାଞ୍ଚଦିନ ସେଠାରେ ସେମାନେ ପ୍ରେମ ଆଦାନପ୍ରଦାନ ଓ ରତି କ୍ରିୟାରେ ମଜ୍ଜି ରହିଲେ । ମୋର ଆତ୍ମପ୍ରସାଦର କଳନା ନାହିଁ । ମଜୁମ୍‌ଦାର ମହାଶୟଙ୍କୁ ଅନେକ ଅନେକ ଧନ୍ୟବାଦ ଦେଲି । ଅନେକ ଚେଷ୍ଟା ପରେ ରଞ୍ଜୁ ବାଟକୁ ଆସିଛି । ତା ବଂଶରକ୍ଷା ପାଇଁ ବାଟ ପରିଷ୍କାର ହୋଇଛି । ମୋର ଏକ ସମସ୍ୟା ଦୂର ହେଲା । ମୁଣ୍ଡରୁ ଗୋଟେ ବୋଝ ଓହ୍ଲାଇ ଗଲାପରି ଅନୁଭବ କଲି । ରଞ୍ଜୁ ଏହିପରି ଅନ୍ତଃସତ୍ତ୍ୱା ହେଲା । ତାକୁ ଧରି ପୁଣି ସର୍କସ ପରିସରକୁ ପ୍ରତ୍ୟାବର୍ତ୍ତନ କଲି ।

ରଞ୍ଜୁ ଥିଲା ଗର୍ଭିଣୀ । ତା'ର କୌଣସି ବ୍ୟତିକ୍ରମ ଲକ୍ଷ୍ୟ କରି ନ ଥିଲି । ସବୁଦିନ ସର୍କସ ଦେଖାଏ । କିନ୍ତୁ ସାତଦିନ ତଳେ ମୋ ସହିତ ଖେଳ ଦେଖାଇଲା ବେଳେ ସେ କାହିଁକି ଯେ ଅତର୍କିତ କୁଦାମାରି ଖସି ପଳାଇଲା, ମୁଁ ବୁଝି ପାରିଲି ନାହିଁ । ଏବେ ବୁଝୁଛି ତା'ର କାରଣ । ପ୍ରସୂତି ଯନ୍ତ୍ରଣାରେ ସେ ଥିଲା ବିବ୍ରତ, ବେଦନାଗ୍ରସ୍ତ – ଏକ ନୂଆ ଅନୁଭୂତି, ଜୀବନର ପ୍ରଥମ ପ୍ରସବ ଯନ୍ତ୍ରଣା । ନିଜକୁ ବୋଧହୁଏ ସମ୍ଭାଳି ପାରି ନ ଥିଲା, ମତିଭ୍ରମ ଘଟିଥିଲା ତା'ର । ଇଚ୍ଛା କରୁଥିଲା ଏକ ନିର୍ଜନ ନିବାସ । ଏଣୁକରି ଆପଣଙ୍କ ଘର...

ମିଷ୍ଟର ମୋହନ, ମୁଁ ରଞ୍ଜୁକୁ ହରାଇ ହତାଶ ହୋଇ ବସିଥିଲି ।

ମୁହୂର୍ତ୍ତକ ମଧରେ ସବୁ ଧୂଳିସାତ୍ ହେଲା ପରି ଲାଗିଲା । ବିଚ୍ଛେଦର ଏଇ ସାତ ଦିନ ଆମ ପାଇଁ ଥିଲା ମହାକାଳର ରାତ୍ରି ପରି । ଜୀବନ ଲାଗୁଥିଲା ତୁଚ୍ଛ । ସର୍କସ ଦିଶୁଥିଲା ମରୁକାନ୍ତାର ପରି ହାହାକାରପୂର୍ଣ୍ଣ । ମୁଁ ଅନ୍ଧ ହୋଇ ଯାଇଥିଲି । ଆକାଶରୁ ଅକାଳ ଚଡ଼କ ପଡ଼ିଲା ପରି ମନେ ହେଲା । ଉଜୁଡ଼ିଗଲା ଆମ ସର୍କସ-ସଂସାର । ହେ ମିଷ୍ଟର ମୋହନ, ବର୍ତ୍ତମାନ ମୁଁ ଚକ୍ଷୁଷ୍ମାନ । ଫେରି ପାଇଛି ମୋର ହୃତ ଧନ । ଆପଣଙ୍କ ବଦାନ୍ୟତା ପ୍ରକୃତରେ କଳି ହେବନି । ଭାରତ ସର୍କସ ଆପଣଙ୍କ ପାଖେ ଚିରଋଣୀ ।

**ର**ଞ୍ଜୁର ଜନ୍ମ ବୃତ୍ତାନ୍ତ ଓ ଜୀବନଧାରା ମୁଁ ସ୍ତବ୍ଧ ହୋଇ ଶୁଣୁଥିଲି । ଗୋଟାଏ ଅପୂର୍ବ ପୁଲକର ସ୍ରୋତରେ ମୁଁ ଶିହିରି ଉଠିଲି । ସ୍ମୃତି ଓଟାରି ଘଟଣା ମନେ ପକାଇଲି । ସତେ ତ !! ଠିକ୍ ସାତ ବର୍ଷ ତଳର କଥା । ମୁଁ ସେତେବେଳେ କଳାହାଣ୍ଡି ଜିଲ୍ଲାର ଆମପାଣି ବାଣିଜ୍ୟକର ତନଖି ଫାଟକରେ ଭାରପ୍ରାପ୍ତ ଅଫିସର ଥିଲି । କୌଣସି ଏକ ରାଜନୈତିକ ଚାପ ଦ୍ୱାରା ତନଖି ଫାଟକଟି କୋରାପୁଟ ଜିଲ୍ଲାର ପାପଡ଼ାହାଣ୍ଡିରୁ ଉଠି ଆସିଥାଏ ନିର୍ଜନ ଆମପାଣିକୁ । ଆମପାଣି ଓଡ଼ିଶାର କଳାପାଣି ସଦୃଶ ହେଲେହେଁ ଏଠାକାର ପରିବେଶ ମୋତେ ବେଶ୍ ସୁହାଇଥାଏ । ପ୍ରକୃତିରାଣୀର ଶୋଭା ସମ୍ଭାରରେ ଅଞ୍ଚଳଟି ଭରପୁର । ଏଠି ସୂର୍ଯ୍ୟାସ୍ତ ଓ ସୂର୍ଯ୍ୟୋଦୟର ଚିତ୍ର ଚିତ୍ତକୁ ପୂତ କରାଏ । ଜୀବନର ଅନେକ ଅଭିଜ୍ଞତା ମୁଁ ଏଇଠୁଁ ସଂଗ୍ରହ କରିଥିଲି । ଆଦିବାସୀ ଜୀବନ, ସାନ୍ତାଳୀ ସଂସ୍କୃତି, ଗାଦବା ନୃତ୍ୟ, ଲୋକକଥା ଆଦି ସରଳ ନିର୍ଭେଜାଲ ମଣିଷ ସହିତ ସମୟାତିବାହିତ କରିବାର ସୁଯୋଗ ପାଇଥିଲି । ଆମ ବାଣିଜ୍ୟ କର ବିଭାଗର ଅନ୍ୟ ଯାଞ୍ଚ ଗେଟ୍ ତୁଳନାରେ ଏଠାରେ ଅପେକ୍ଷାକୃତ କମ୍ କାମ କାରଣ ଯାନବାହନ ଯାତାୟତ କ୍ୱଚିତ୍ । ସାହିତ୍ୟ ଭଣ୍ଡାରରୁ ଅନେକ ବହି ଆଣି ପଢ଼େ ଏବଂ ଅବସର ସମୟ ବିତାଏ । ଗୋଟାଏ ମୃଗ ଛୁଆ ପାଳିଥିଲି । ତାକୁ ଜଣେ ସାନ୍ତାଳୀଠୁଁ ମାତ୍ର ପାଞ୍ଚ ଟଙ୍କାରେ ଖରିଦ କରିଥିଲି । ସଞ୍ଜ ସମୟରେ ବଣରୁ କାଠ ସଂଗ୍ରହ କରି ଫେରୁଥିଲା ବେଳେ ତାକୁ ସେ ପାଇଥିଲା । ତା'ରି ନାହିଁ ପଡ଼ି ନ ଥିଲା । ତା ପିଛା ଲାଗି ରହିଥିଲି ଅହର୍ନିଶ, ନିଃସଙ୍ଗତା ଦୂର କରୁଥିଲି । ମୃଗବଚ୍ଚା ମୋ ପାଖେ ପାଖେ ଥାଏ ବିଲେଇ ଛୁଆଟେ ପରି । ବେକରେ ଘାଗୁଡ଼ିଟିଏ ବାନ୍ଧି ଦେଇଥିଲି । ଫାଟକର ଶହେ ଗଜ ଦୂରରେ ମୋ ନୁଆଣିଆ ଚାଳବସା । ଝାଟି ମାଟିର କାନ୍ଥ, ଅସ୍ଥାୟୀ ଘର, ଗୋବର ରଙ୍ଗମାଟି ଲିପା ଚଟାଣ । ଭଲ ଲାଗେ । ବଖରାଟିରେ ତକ୍ତପୋଷ ଖଟିଆ ଉପରେ ମୋର ବିଛଣା ଏବଂ ପାଖରେ କାଠ ଟୁଲ୍‌ଟିଏ ଏବଂ ଲଣ୍ଠନ । ରାତିରେ ଗାଡ଼ି ଆସିଲେ ମୋତେ ଫାଟକ ଧଡ଼ା ପର୍ଯ୍ୟନ୍ତ ଯିବାକୁ ହୁଏ । ମୋ ପଛେ ପଛେ ମୃଗଛୁଆ ଝମ୍‌ଝମ୍ ଶବ୍ଦ କରି ଡ଼େଇଁ ଡ଼େଇଁ ଯାଏ । ତା ନାଁ ରଖିଥିଲି ଝୁମୁରୀ । ଝୁମୁରୀ ସହିତ ବାତ୍ସଲ୍ୟ ମୋହରେ ପଡ଼ି ଯାଇଥିଲି ।

ଘଞ୍ଚାରଣ୍ୟ ଆମାପାଣିରେ ରହଣି କାଳରେ ଝୁମୁରୀର ସ୍ମୃତି ମୋ ଜୀବନ ସହିତ ଖୁବ୍ ଜଡ଼ିତ । ଏହି ଅରଣ୍ୟ ରାଜ୍ୟରେ ମୁଁ ଯେତେବେଳେ ନିଃସଙ୍ଗ ଥିଲି, ଝୁମୁରୀ ମୋର ଏକାନ୍ତ ସାଥୀ ବନି ଯାଇଥିଲା । ସଦ୍ୟ ପ୍ରସବିତ ନାଳ ସରସର ଦେହରେ ତାକୁ ସାନ୍ତାଳୀ ବୁଢ଼ୀ ହାତରୁ ଯେତେବେଳେ ଟେକି ଆଣିଥିଲି ସେ ତା ବେକ ନଡ଼ନଡ଼କରି ଜଳଜଳ ଆଖିରେ ଜିଭ କାଢ଼ିଲା । ମା' ଥନ ଅଣ୍ଡାଳୁଥିଲା । ମୁଁ ତାକୁ କୋଳେଇ ନେଇ ପକେଟରୁ ସଫା ରୁମାଲ କାଢ଼ି ସଂପୂର୍ଣ୍ଣ ଭାବେ ପୋଛି ଦେଲି ନବ ଜନ୍ମିତ ପଶୁ ଛୁଆକୁ ତା ମା' ଜିଭରେ ଚାଟି ତାକୁ ଉଷୁମ ଓ ସତେଜ କଲା ଭଳି । ଜଙ୍ଗଲର ଏଇ ମୃଗ ଛୁଆଟା ମୋ କୁର୍ତ୍ତାପିନ୍ଧା କୋଳରେ ନିବିଡ଼

ଦିଶିଲା; ଜାକିଜୁକି କୁଙ୍କୁରି ହୋଇ ସେ ଆହୁରି ନିରାପଦ ମଣିଲା ମୋ କୋଳ ଭିତରେ। ତାକୁ ସେପରି ଧରି ଘାଟୀ ମୂଳରୁ ମୋ ବସାଘର ପର୍ଯ୍ୟନ୍ତ ଦ୍ରୁତ ପାହୁଣ୍ଡରେ ଆସିଲି। ଶିଶୁ ଜନ୍ମ ହେଲା ମାତ୍ରେଇ ଖୋଜିଥାଏ ମା' ସ୍ତନ, ସେଥିରେ ସଞ୍ଚିତ ଅମୃତସମ କ୍ଷୀର ପାନକରି ସେ ଚର ଜଗତରେ ଚାରଣ କରେ – ଏତ ଜୀବନ ଜଗତର ଏକ ଅବଧାରିତ ଲୀଳା – ସୃଷ୍ଟିର ବୈଚିତ୍ର୍ୟ ମାତ୍ର।

ସଦ୍ୟଜାତ ମୃଗ ଛୁଆଟାକୁ ସିନା ଗାଟେ ହୋସ୍ ଓ ଉତ୍ସାହରେ ଘେନି ଆସିଲି, ତା ପାଇଁ ମା' ଥନଟାଏ କୋଉଠୁ ଯୋଗାଡ଼ କରିବି ଏଇ ବନରାଜ୍ୟରେ? ମୋ ପାଖରେ ସବୁବେଳେ ବାଣ୍ଡେଜ ତୁଳା ଥାଏ ପ୍ରାଥମିକ ଚିକିତ୍ସା ଓ ସ୍ୱାସ୍ଥ୍ୟରକ୍ଷାର ପରାମର୍ଶ କ୍ରମେ। ତୁଳା ସାହାଯ୍ୟରେ ଶିଶୁ ଦୁଗ୍ଧପାନର ବିକଳ୍ପ ଚିନ୍ତାକଲି ମନେ ମନେ। ନିଜ ପାଇଁ ଦୁଗ୍ଧ ଯୋଗାଡ଼ କରିଥାଏ। ସନ୍ଧ୍ୟା ସମୟରେ ନିୟମିତ ଦୁଗ୍ଧାହାର ମୋର ଅଭ୍ୟାସ। ଏଠି ଅରଣ୍ୟ ଇଲାକାରେ ଜଳଖିଆ ପାଇଁ ବିଶେଷ ଖାଦ୍ୟ ଆଉ କିଛି ମିଳି ନଥାଏ। ଦୁଧରେ ତୁଳା ବୁଡାଇ ମୃଗ ଶାବକ ପାଟିରେ ଚିପୁଡ଼ିଲି ଥପ୍ ଥପ୍। ସତେ ଯେମିତି ଅମୃତ ଟୋପେ ତା କ୍ଷୁଧାର୍ତ୍ତ ପାଟିରେ ପଡ଼ିଗଲା! ଲକ୍ଷ୍ୟ କଲି, ତା ଦେହରେ ରକ୍ତ ସଂଚାଳନର କ୍ରିୟା ବଢ଼ିଗଲା। ତା ଦେହରେ ଶକ୍ତି ଜାତ ହେଲା, ସେ ସତେଜ ଦିଶିଲା। ମୋର ଆଗ୍ରହ ଓ ଉତ୍ସାହ ଦ୍ୱିଗୁଣିତ ହେଲା। ଟୋପା ଟୋପା ଗୋକ୍ଷୀର ତୁଳା ସାହାଯ୍ୟରେ ତା ଛୋଟ ପାଟିରେ ଭରିଲି। ସେ ଅନ୍ତତଃ ତାଟିଆଏ କ୍ଷୀର ପିଇଗଲା ପେଟ ପୂରିବା ପର୍ଯ୍ୟନ୍ତ। ଏଥର ଆଖି ସଙ୍କୁଚିତ କଲା, ଶୋଇବା ପାଇଁ ସୂଚନା ଦେଲା। ଖାଇବା ଏବଂ ଶୋଇବା ପ୍ରତି ଶିଶୁ ଶାବକର ଜନ୍ମଗତ ସ୍ୱଭାବ ବୋଧେ। ମୋ ବିଛଣାର ଗୋଟିଏ କଡକୁ ଶେଯ ସଜାଡ଼ି ଦେଲି। ମଗୁଶିର ମାସ। ଶୀତର କୋପ ବଢ଼ିଥାଏ; ଉତ୍ତର ଦିଗରୁ ଉଚ୍ଚ ପାହାଡ଼ ଉପରୁ ଥଣ୍ଡା ପ୍ରବାହ ଜାରି ରହିଥାଏ। ଶୀତ ଦାଉରୁ ରକ୍ଷା ପାଇବା ପାଇଁ ତାକୁ ନରମ ଶେଯରେ ଶୁଆଇ ଟର୍କିସ୍ ତଉଲିଆଟି ଘୋଡ଼ାଇ ଦେଲି। ସେ ଆରମରେ ନିଦ୍ରାଗଲା। ତା ମୁଣ୍ଡ ମୁଁ ଥାପି ଦେଉଥିଲି ଆସ୍ତେ ଆସ୍ତେ– ମୁଁ ମା' ହୋଇଥିଲେ ନାନାବାୟାର ମାତୃସୁଲଭ ମାନ୍ଦ୍ର ଗୀତ ମୋ ମୁଖରୁ ସ୍ଫୁରିତ ହୋଇଥାନ୍ତା ବୋଧେ। ଗୋଟେ ସଦ୍ୟଜାତ ଶିଶୁକୁ ପାଳିବାର ଦାୟିତ୍ୱରେ ମୁଁ ମଜ୍ଜି ରହିଲି ସଂପୂର୍ଣ୍ଣ। ସେଦିନ ରାତିରେ ମୋତେ ଆଉ ନିଦ ନଥାଏ। ବିଛଣାରୁ ଉଠି ବାରମ୍ୱାର ତା ଉପରେ ନଜର ଡ଼ାଳୁଥାଏ। ଶିଶୁ କିନ୍ତୁ ଶୋଇଥାଏ ଚିନ୍ତାଶୂନ୍ୟ ଭାବେ ମୋ ମୁଲାୟମ ବିଛଣାଟା ଗୋଟାଏ ଅଭୟ ନିରାପଦସ୍ଥଳୀ ଭାବି।

କ୍ଷୀରଭିଜା ତୁଳା ଚିପୁଡ଼ି ଚିପୁଡ଼ି ଏମିତି କେତେ ଦେଇପାରିବି ଛୁଆଟାକୁ? ରାତିଯାକ ଭାବି ଭାବି ଟିକିଏ ଉନ୍ନତ ଚିନ୍ତାକଲି। ଗୋଟାଏ ଦୁଧ ବୋତଲ ଓ ନିପିଲ୍ ଯୋଗାଡ଼ କରିବାକୁ ପଡ଼ିବ କୌଣସିମତେ। ଆଖପାଖରେ କୌଣସି ଦୋକାନ ବଜାର ନାହିଁ। ସାପ୍ତାହୀକ ହାଟ ବସେ ଘାଟୀ ସେପାଖ ମୈଦଲ୍‌ପୁରରେ। ଗତକାଲି ହାଟ ସରିଛି, ପୁଣି ସପ୍ତାହେ ପରେ ଯାଇଁ ହାଟ। ଏତେଦିନ ପର୍ଯ୍ୟନ୍ତ କ'ଣ ଅପେକ୍ଷା କରିହେବ? ଅତଏବ ଭବାନୀପାଟଣା କିମ୍ବା ନବରଙ୍ଗପୁରରୁ ଦରକାରୀ ଜିନିଷଟିକୁ ମଗାଇବାକୁ ପଡ଼ିବ। ସକାଳ ଆଠଟାରେ ଭବାନୀପାଟଣା – ନବରଙ୍ଗପୁର ଯାତ୍ରୀବାହୀ ବସ୍ ଆମପାଣିରେ ପହଞ୍ଚେ। ଅର୍ଦ୍ଦଳିକୁ ନେର୍ଦ୍ଦେଶ ଦେଲି। ବସ୍ ଆସିବା ମାତ୍ରେ ମୋତେ ଡ଼ାକିବ। ସେଦିନ କିନ୍ତୁ ବସ୍ ଆସିବାକୁ କାହିଁକି ଡ଼େରି ହେଲା। ମୁଁ ଚିନ୍ତିତ ହେଲି। ଏମିତି ଦିନେ ଦିନେ ଗାଡ଼ି ବିଳମ୍ବରେ ଆସିଥାଏ କିମ୍ବା ଆବଶ୍ୟକ ଯାତ୍ରୀ ଅଭାବରୁ ଅଥବା ଯାନ୍ତ୍ରିକ ତ୍ରୁଟି ଯୋଗୁଁ ବାତିଲ ହୋଇଥାଏ। ସକାଳରୁ ଟ୍ରକ୍‌ଟାଏ ମଧ ଦିଶୁନି। ଯାହାହେଉ, ବିଳମ୍ବରେ ହେଲେ ମଧ ନବରଙ୍ଗପୁର ଅଭିମୁଖୀ ଯାତ୍ରିଯାନ ଉପସ୍ଥିତ ହେଲା ଏବଂ ବସ୍‌ବାଲାଙ୍କ ହାତରେ ମୁଁ ମୃଗଛୁଆ ପାଇଁ ଦୁଧବୋତଲ ଏବଂ ନିପିଲ୍ ମଗାଇଲି। ଫେରନ୍ତା ବସ୍‌କୁ ଉତ୍କଣ୍ଠାର ସହିତ ଉଣ୍ଡି ବସିଥିଲି। ସଞ୍ଜ ଅନ୍ତେ ବସ୍ ଫେରିଲା ବରାଦୀ ଜିନିଷ ସହିତ। ମୁଁ ଲଣ୍ଡଭଣ୍ଡ ହୋଇ ଚଟାପଟ୍ ବୋତଲରେ କ୍ଷୀର ଭର୍ତ୍ତି କରି ବୋତଲ ମୁହଁରେ ନିପିଲ୍ ଯୋଗ କଲି ଏବଂ ଛୁଆମୁହଁରେ ତାକୁ ଲଗାଇଲି ଜଣେ ସଂଯତ ଓ ଯତ୍ନବାନ ମା' ଭଳି। ମା' ସ୍ତନ ଭାବି ସେ ଚଁ ଚଁ କରି କ୍ଷୀର ଟାଣିଲା ବୋତଲରୁ। ଭୋକିଲା ଥିଲା, ବୋତଲଯାକ କ୍ଷୀର ପି'ଗଲା। ଶିଶୁ ପାଳିବା ଦାୟିତ୍ୱ ମୋତେ ଘାରିଥିଲା; ତା ଜଞ୍ଜାଳରେ ବ୍ୟସ୍ତ ରହିଲି। ବିଜନ ବନ ରାଇଜରେ ସମୟ ବିତାଇବା ପାଇଁ ଉତ୍ତମ ମାଧ୍ୟମଟିଏ ମିଳିଗଲା ମୋତେ।

ଦୁଇଦିନ ଅନ୍ତେ ଗୋଟେ ସଙ୍କଟ ଉପସ୍ଥିତ ହେଲା। ପୂର୍ବ ରାତିର ସାଇତା କ୍ଷୀର ଶେଷ ହୋଇଯାଇଥିଲା ସକାଳ ଚା'ରେ ଏବଂ ମୃଗ ଛୁଆର ଖାଦ୍ୟପାନରେ। ବଣ ଭିତରେ ଦୂର ଗାଁ ବିଶେଇମୁଣ୍ଡାର ଆଦିବାସୀ ମିରୁ ହରିଜନଠୁଁ ଦୈନିକ ଦୁଇ ସେର ଦୁଧ ନାଗୁଆ କରିଥିଲି। ମିରୁ ହରିଜନର କେତେହଳ ଗାଈଥା'ନ୍ତି, କେତେ ଦୁଧିଆଳି, ଆଉ କେତେ ପଡ଼ିଆ ଯାଇଥା'ନ୍ତି। ତେବେ ହାରାହାରି ଦୁଇ ସେର ଦୁଧ ସେ ଆଦାୟ କରିଥାଏ ତା ଗୋସଂପଦରୁ ଏବଂ ଗାଈଗୋଠ ଜଙ୍ଗଲରୁ ଫିଟିବା ପୂର୍ବରୁ ସବୁତକ କ୍ଷୀର ସେ ନିଜେ ଆଣି ମୋତେ ଦେଇଯାଏ। ସେଦିନ ସେ ଗାଈ ଦୁହିଁ କ୍ଷୀର ନେଇ ଆସୁଥିଲା। ଦୈବାତ୍ ପଥରରେ ଗୋଡ଼ ଖସି ଯିବାରୁ ସେ ହାମୁଡ଼େଇ ପଡ଼ିଲା ଓ ଦୁଧଭାଣ୍ଡ ଖଣ୍ଡ ଖଣ୍ଡ ହୋଇଗଲା, ସବୁ ଦୁଧ ପଥର ପିଇଲା। କରିବ କ'ଣ? ଏପରି ଦୁର୍ଘଟଣା କେବେ ହୁଏନି ତା'ର। ଘୋର ଅନ୍ଧକାର ରାତିରେ ଆଖି ବୁଜି ଯିବାଲୋକ ସେ; ଗୋଡ଼ି ପଥର ବନ୍ଧୁର ରାସ୍ତା, କଣ୍ଟାଝଣ୍ଟା ବଙ୍କିମ ବାଟରେ ଦକ୍ଷ ପଦଚାରୀ ମିରୁ ହରିଜନ; ଦୁର୍ଯୋଗରୁ ସିନା ଦିନକର ଗୋରସ ଉକୁଡ଼ାଇଲା! ଦୋଷ କାହାକୁ ଦେବ? ବଡ଼ କାନ୍ଦୁଣୁମାନ୍ଦୁଣୁ ହୋଇ ମୋ ପାଖେ ଛିଡ଼ା ହେଲା। ତା ଶୁଖିଲା ମୁହଁ କୈଫିୟତ ବାଢୁଥିଲା। ଘଟଣା ଶୁଣି ବିବ୍ରତ ହେଲି କାରଣ ମୁଁ ସିନା ବିନା କ୍ଷୀରରେ ଚଳିଯିବି, ହେଲେ ତିନି ଦିନର ମୃଗ ଛୁଆଟା ଖାଇବ କ'ଣ? କ୍ଷୀର ବିନା ତା'ର ଅନ୍ୟ ଆହାର ବା ଆଉ କ'ଣ? ଠିଆ ଠିଆ ମରିଯିବ! ଏ ଅଞ୍ଚଳରେ ଆଉ କୋଉଠୁ ଟୋପେ କ୍ଷୀର ଯୋଗାଡ଼ କରିବା ଦୁରୂହ ଓ ଅସମ୍ଭବ।

ଭାଳେଣି ପଡ଼ିଲା। କରିବି କ'ଣ?

ସେଦିନ ମିରୁ ହରିଜନ ସାଥିରେ ଥାଏ ତା ଛଇଳା କୁତ୍ତାଟା। ମଝିରେ ମଝିରେ ସେ ଆମପାଣି ଚାଲିଆସେ ତା ପ୍ରଭୁ ସହିତ। ବେଶ୍ ମୋଟାସୋଟା ବଲୁଆ କୁତ୍ତୀ। ମାଲିକର ଖୁବ୍ ବୋଲମନା। କୁତ୍ତୀର ପହ୍ନା ବେଶ୍ ଫୁଲିଲା ଫୁଲିଲା ଓ ଉନ୍ନତ ଦିଶୁଥାଏ। ପୁଆତିର ଲକ୍ଷଣ ବାରି ହେଉଥାଏ। ପଚାରିଲି – ମିରୁ, ତୋ କୁତ୍ତୀ କ'ଣ ଛୁଆ ଦେଇଛି କିରେ?

"ହଇ ବାବୁ"।

"କେତୋଟି ଛୁଆ?"

"କାନ୍ କହିମି ବାବୁ! ଥରକେ ଦି'ଟା ଛୁଆ ଦେଲା ଇ ଝରଣା ତରାସେ। ଦିନ୍ ବେଲା। ମୁଇଁ ଗାଏ ଚରାଉଥିଲି। ତା'ର୍ ଛୁଆ ଜନମ୍ କଥା ନାଇଁ ଜାନେ। ଛଇଲା ଜୋର୍‌ସେ ଭୁକ୍‌ଲା। ଦେଖିଲି ଦି'ଟା ହୁଣ୍ଡାଲ୍ କୁକୁର୍ ଛୁଆ ଦି'ଟାକେ ଚାପି ନେଇ ପଲାଉଛନ୍। ମୁଇଁ ହୁଣ୍ଡାଲ୍‌କେ ପିଛା କଲି। ଛୁଆକେ ଆଉ ଅଛେ? ଇ ଜଙ୍ଗଲେ ବହୁତ୍ ହୁଣ୍ଡାଲ୍ ବଢ଼ି ଗଲେନ୍ ବାବୁ। ଗାଏ ଛୁଆକେ ଏକ୍‌ଲା ଦେଖିଲେ ନାଇଁ ଛାଡ଼ନ୍। ଚିତାବାଘ୍ ତ ଅଛନ୍, ବଡ଼େ ମୁସ୍କିଲ କରୁଛନ୍। ଗୁଟେ ମାଈ ବାଘ୍ ଅଛେ। ହେଲେ ଇ କିଛି ନାଇଁ କରେ। କେଭେଁ ଗାଏ, ବାଛରୀ ବୁକା ନାଇଁ ମାରେ, ଶିକାର ନାଇଁ କରେ, ନାଇଁ ଖାଏ, ଇକେ ଆମେ ଦେବତା ବାଘ୍ ବୋଲୁଛନ୍। ଇଟା ଅନ୍ଧନୀ ବାଘ ଆଏ। କିଛି ନାଇଁ ଦିଶେ ତାକେ। ଡ଼ାଲ, ପତର, ଫଲ୍‌ମୂଲ୍ ଖାଉଛେ ଆଉ ବଞ୍ଚିଛେ। କିନ୍ତୁ ଇ ହୁଣ୍ଡାଲ୍ ସବ୍ ବଡ଼େ ବଦମାସ୍ ବନିଛନ୍। କିଛି ନାଇଁ ମାନନ୍। ବିଚରା ଛଇଲା! ଛୁଆକେ ଝୁରି ହେଉଛେଁ। ଆଜ୍ ଆସିଛେ ମୋର୍ ସାଥେ..."

ମୁଁ ଛଇଲାକୁ ଚୁ ଚୁ କରି ପାଖକୁ ଡ଼ାକିଲି । ପୂର୍ବରୁ ସେ ଏଠାକୁ ବହୁବାର ଆସିଥିବାରୁ ଏକ ପ୍ରକାର ପରିଚୟ ହୋଇଥିଲା ମୋ ସହିତ । ମୁଁ ଡ଼ାକିଲା ମାତ୍ରେ ମୋ ଗୋଡ଼ ତଳକୁ ଆସି ଶୋଇଲା, ଲାଙ୍ଗୁଡ଼ ଲହ ଲହ କଲା ଭକ୍ତି ଭାବରେ । ମୁଁ ଆଉ ଟିକିଏ ସାଉଁଳିବାରୁ ସେ ପେଟ ଦେଖାଇଲା । ସଦ୍ୟ ପ୍ରସବୀନି ସନ୍ତାନହରା ମା' ପ୍ରାଣୀଟିଏ । ତା ବର୍ଦ୍ଧିତ ସ୍ଫୀତ ସ୍ତନଗୁଡ଼ିକରେ ଶିଶୁ ଖାଦ୍ୟର ଆହ୍ୱାନ ମୁଁ ବୁଝି ପାରିଥିଲି । ପରୀକ୍ଷାମୂଳକ ଭାବେ ମୃଗଛୁଆର ପାଟି ତା ସ୍ତନ ସମୂହରେ ଲଗାଇ ଦେଲି । ଆଶ୍ଚର୍ଯ୍ୟର ସୀମା ରହିଲା ନାହିଁ ମୋର । ଛଇଲା ଉଦାର ମାତୃତ୍ୱର ସହିତ ତା ପେଟତଳର ଥନରାଜି ଦ୍ୱିଧାହୀନ ଭାବେ ଦାନ କରିଥିଲା । ମୃଗ ଶିଶୁ ମା' ଥନ ଭାବି ପରମ ତୃପ୍ତିରେ ଚୁଚୁମିଥିଲା ଏବଂ ପେଟେ କ୍ଷୀରପାନ କରିଥିଲା । ଏହା ଏକ ଅପୂର୍ବ ଦୃଶ୍ୟଥିଲା ମୋ ପାଇଁ । ଆମେ ସମସ୍ତେ ଅଭିଭୂତ ତଥା ଚମକୃତ ହୋଇ ଅଭିନବ ଦୃଶ୍ୟଟିକୁ ଉପଭୋଗ କରୁଥିଲୁ । ଅପାର ଅମିତ ଆନନ୍ଦରେ ମୋ ମନ ନାଚି ଉଠିଥିଲା । ମୋର ମନେ ହେଲା, ଏ ଅଭିନବ ଘଟଣାଟା ଯେମିତି ଈଶ୍ୱରଙ୍କ ଅଭିପ୍ରେତ !

ଛଇଲା କୁତ୍ତୀ ସ୍ତନରୁ ଛୋଟ ମୃଗଛୁଆଟା ଦୁଗ୍ଧପାନ କରୁଥିଲା ବେଳେ ପୁରୀ ଶ୍ରୀମନ୍ଦିରର ଉତ୍ପତ୍ତି ସମ୍ବନ୍ଧୀୟ ଏକ ଅଲୌକିକ ଅହିଂସ କାହାଣୀ-କିମ୍ବଦନ୍ତୀ ମୋ ମାନସପଟ୍ଟରେ ଚିତ୍ର ତୋଳୁଥିଲା - ପଶୁ ଓ ପଶୁ ସମ୍ପର୍କରେ ହିଂସ୍ରତା ନଥିଲା, ଥିଲା ପ୍ରେମ ଓ ପ୍ରୀତିର ଫଲ୍‌ଗୁ- ପ୍ରବଳ ଓ ଦୁର୍ବଳ ମଧ୍ୟରେ ଅପୂର୍ବ ସ୍ନେହ ଓ ସରାଗ - ସ୍ୱୟଂ ଭଗବାନ ଯେମିତି ପ୍ରାଣୀମାନଙ୍କ ଶାନ୍ତି ଓ ସହାବସ୍ଥାନର ସୂତ୍ରଧର ତଥା ନିୟାମକ ! ଏବର ପୁରୀ ମନ୍ଦିର ଦ୍ୱାଦଶ ଶତାବ୍ଦୀରେ ନିର୍ମିତ । କିନ୍ତୁ ତା ପୂର୍ବରୁ ସେଠାରେ ମନ୍ଦିର ଥିବାକଥା ନିଶ୍ଚିତ ଭାବେ ଜଣା ପଡ଼ିଛି । ବ୍ୟାସଙ୍କ ରଚିତ ସ୍କନ୍ଧ ପୁରାଣରେ 'ଉତ୍କଳ ଖଣ୍ଡ' ପରିଚ୍ଛେଦରେ ଶ୍ରୀମନ୍ଦିର ସ୍ଥାପନ, ଲଳିତା - ବିଦ୍ୟାପତି ତଥା ଇନ୍ଦ୍ରଦ୍ୟୁମ୍ନ - ଶ୍ରୀଗୁଣ୍ଡିଚା ଉପାଖ୍ୟାନ ଆଦି ବିସ୍ତୃତଭାବେ ବର୍ଣ୍ଣିତ । କିନ୍ତୁ ନିର୍ଦ୍ଦିଷ୍ଟ ଭାବେ ପୂର୍ବ ଶ୍ରୀମନ୍ଦିର କେବେ ତିଆରି ହେଲା, କିଏ ତିଆରି କଲା, କେତେ ଖର୍ଚ୍ଚ ହେଲା, କେତେ ସମୟ ଲାଗିଲା, ତା'ର ତଥ୍ୟ ଇତିହାସରେ ନାହିଁ । ମାଦଳାପାଞ୍ଜି ନୀରବ । କେବଳ କିମ୍ବଦନ୍ତୀ ହିଁ ମନ୍ଦିରୋତ୍ପତ୍ତିର ବିବରଣୀ ଦେଇଥାଏ; ଅତି ଚମତ୍କାର ସେ କାହାଣୀ:

: ସେତେବେଳେ ଓଡ଼ିଶାର ରାଜଧାନୀ ଥିଲା 'ବୀରନାଶୀ' । ଐତିହାସିକମାନେ କହନ୍ତି, ସେ ଯୁଗର ବୀରନାଶୀ 'ବାରଣାଶୀ'ର ଅପଭ୍ରଂସ- ଆଜିର କଟକ-ବିଡ଼ାନାସୀ । ବୀରନାଶୀ ମହାନଦୀ ତଟରେ ଗଜପତି ମହାରାଜାଙ୍କ ଜନ ନିର୍ମିତ ବିରାଟ ରାଜପ୍ରସାଦ । ତାକୁ ଲାଗି ମସ୍ତବଡ଼ ଆମ୍ବତୋଟା । ଜନଶୂନ୍ୟ ଅଞ୍ଚଳ । ରାଜଧାନୀର ଶ୍ରୀବୃଦ୍ଧି ପାଇଁ ମହାରାଜା ଏହାକୁ ଜନାକୀର୍ଣ୍ଣ କରିବାକୁ ଇଚ୍ଛା କରିଥିଲେ ଏବଂ ଏହି ଉଦ୍ଦେଶ୍ୟରେ ସେଠାରେ ଏକ ହାଟ ବସେ ଓ ପ୍ରତି ହାଟସନ୍ଧ୍ୟାକୁ ମହାରାଜା ଉଆସ ଉପରକୁ ଯାଇ ଅବଲୋକନ କରନ୍ତି । ସେ ଲକ୍ଷ୍ୟକଲେ, ହାଟରେ ଯେଉଁମାନଙ୍କ ପଣ୍ୟଦ୍ରବ୍ୟ ବିକ୍ରି ହୋଇଯାଉଛି, ସେମାନେ ଆନନ୍ଦରେ ଗୀତ ଗାଇ ଗାଇ ଘରକୁ ଫେରୁଛନ୍ତି; ଆଉ ଯେଉଁମାନଙ୍କ ଜିନିଷପତ୍ର ବିକ୍ରି ନହୋଇ ପଡିରହେ, ମନଦୁଃଖରେ ଘରକୁ ଯାଆନ୍ତି - ହୁଏତ ସେମାନଙ୍କ ଦୁଃଖର କାରଣ ରାଜା ନିଜେ ହୋଇପାରନ୍ତି କାରଣ ହାଟ ତାଙ୍କ ନିର୍ଦ୍ଦେଶରେ ବସିଛି । ତାଙ୍କ ବିବେକ ତାଙ୍କୁ କୈଫତ ମାଗିଲା । ଏଣୁ ସେମାନଙ୍କ ଦୁଃଖ ହରଣ କରିବାକୁ ସେ ସତ୍ୟକଲେ ଯେ ହାଟ ଶେଷରେ ଯାହା ଦ୍ରବ୍ୟ ରହିଯିବ, ସେ ନିଜେ ସେଗୁଡ଼ିକୁ କିଣି ନେବେ ଓ ସମସ୍ତେ ଆନନ୍ଦରେ ଘରବାହୁଡ଼ା ହେବେ, କାହା ମୁହଁରେ ଟିକିଏ ହେଲେ ବିଷାଦର ଚିହ୍ନ ରହିବ ନାହିଁ । ପ୍ରଜାମାନଙ୍କ ସୁଖ ସମୃଦ୍ଧି ଓ ଦୁଃଖମୋଚନ ପ୍ରଜାବତ୍ସଳ ରାଜାର ପରମ କର୍ତ୍ତବ୍ୟ ।

ସିଦ୍ଧାନ୍ତ ଓ ସତ୍ୟ ଅନୁଯାୟୀ ରାଜା କାମ କଲେ । ହାଟକୁ ଯାହା ଆସିଲା ସରିଯାଉଛି; ଯାହାର ଯାହା ରହିଯାଉଛି ରାଜା କିଣି ନେଉଛନ୍ତି । ପ୍ରଜାମାନଙ୍କ ମଧ୍ୟରେ ଉତ୍ସାହ ତେଜିଲା, ହାଟ ବଢ଼ିଲା । ଥରେ ଜଣେ ମୂର୍ତ୍ତିକାର - ବିକାଳି ଅଲକ୍ଷ୍ମୀ କଳାମୁଗୁନି ପଥର ମୂର୍ତ୍ତିଟିଏ ନେଇ ହାଟକୁ ଆସିଲା । ଦାମ୍ ଏକ ହଜାର ମୁଦ୍ରା । ଏତେ ଟଙ୍କା ଦେଇ ଅଲକ୍ଷ୍ମୀ ମୂର୍ତ୍ତିଟିଏ ଘରକୁ ନେବ କିଏ; ଆ ବଳଦ ମତେ ବିନ୍ଧ କରିବ କିଏ ? ମୂର୍ତ୍ତିଟି ପଡିରହିଲା । ସୂର୍ଯ୍ୟାସ୍ତ ଅନ୍ତେ ସନ୍ଧ୍ୟା ବେଳକୁ ଗଜପତି ବିଜେ କଲେ । ପଚାରିଲେ - ଇଏ କ'ଣ ? ଉତ୍ତର ମିଳିଲା - ଅଲକ୍ଷ୍ମୀ ମୂର୍ତ୍ତି ।

: ଦାମ୍ କେତେ ?

: ଏକ ସହସ୍ର ।

: କିଛି କମ୍ କର ।

: ପଇସାଟିଏ ବି ନୁହେଁ ।

ବିନା କୁଣ୍ଠାରେ ଗଜପତି ସହସ୍ର ମୁଦ୍ରା ଗଣିଦେଲେ । ଅଲକ୍ଷ୍ମୀ ମୂର୍ତ୍ତିକୁ ନେଇ ଉଆସକୁ ଗଲେ ।

ରାତିରେ ରାଜସଭା ହେଲା । ମହାରାଜା, ପାତ୍ରମନ୍ତ୍ରୀ, ସଭାସଦ୍ ପାରିଷଦବର୍ଗ, ଅମାତ୍ୟ ଆସି ସବୁ ବସିଛନ୍ତି । ଆସିଲେ ଲକ୍ଷ୍ମୀ ।

ମହାରାଜା ସିଂହାସନରୁ ଓହ୍ଲାଇ ଆସି ମୁଣ୍ଡିଆଟିଏ ମାରିଲେ । ପଚାରିଲେ, କ'ଣ ମା' ଏତେ ରାତିରେ କାହିଁକି ?

ଲକ୍ଷ୍ମୀ କହିଲେ - ଶୁଣ ମହାରାଜ ! ତୁମେ ଅଲକ୍ଷ୍ମୀକୁ ଆଣି ଉଆସରେ ସ୍ଥାନ ଦେଲ । ମୁଁ ତ ତା' ସହିତ ଏଠାରେ ରହିବା ଅସମ୍ଭବ । ମୁଁ ଉଆସ ଛାଡ଼ିବାକୁ ବାଧ ହେଉଛି ।

ମହାରାଜା ଫେର୍ ମୁଣ୍ଡିଆଟିଏ ମାରି କହିଲେ - ଆପଣଙ୍କ ନିଷ୍ପତ୍ତିକୁ ବିରୋଧ କରିବାକୁ ମୁଁ କିଏ ?

ଲକ୍ଷ୍ମୀ ଉଆସ ତ୍ୟାଗକଲେ । ତାଙ୍କ ପରେ ଆସିଲେ ନାରାୟଣ । ମହାରାଜା ସଭକ୍ତି ପ୍ରଣାମମୂଳକ ପଚାରିଲେ - ଆପଣ କୁଆଡ଼େ ପ୍ରଭୁ ?

ନାରାୟଣ ଉତ୍ତର ଦେଲେ - ଯେଉଁଠାରେ ଲକ୍ଷ୍ମୀ ନାହାନ୍ତି, ସେଠାରେ ନାରାୟଣ ରହିବେ କିପରି ? ଏଣୁ ଲକ୍ଷ୍ମୀଙ୍କ ସହିତ ମୁଁ ଯାଉଛି ।

ମହାରାଜା ନିରୁତ୍ତର ।

ନାରାୟଣ ମଧ୍ୟ ଲକ୍ଷ୍ମୀଙ୍କୁ ଅନୁସରଣ କଲେ ।

ତାଙ୍କ ପରେ ଆସିଲେ ଧର୍ମ୍ମ । ତାଙ୍କୁ ବି ମହାରାଜାଙ୍କର ଠିକ୍ ସେଇ ପ୍ରଶ୍ନ - ଆପଣ କୁଆଡ଼େ ଯେ ? ଉତ୍ତର ମିଳିଲା - ଶୁଣ ମହାରାଜ ! ଯେଉଁଠାରେ ଲକ୍ଷ୍ମୀ ନାହାନ୍ତି, ନାରାୟଣ ନାହାନ୍ତି, ସେଠାରେ ଧର୍ମ୍ମ ବା ରହିବେ କେମିତି ?

ମହାରାଜା କହିଲେ - ମୋର କିଛି କହିବାର ନାହିଁ, କରିବାର ନାହିଁ । ମୁଁ ନିମିତ୍ତ ମାତ୍ର ।

ଧର୍ମ୍ମ ମଧ୍ୟ ଗଲେ ।

ଶେଷରେ ଆସିଲେ ସତ୍ୟ । ଉଜ୍ଜ୍ୱଳ, ଦେଦୀପ୍ୟମାନ ମୂର୍ତ୍ତି । ଶୁକ୍ଳାମ୍ବର ପରିହିତ । ମୁହଁରେ ଶାନ୍ତି, ମୈତ୍ରୀ, ପ୍ରୀତିର ଭାବ ସୁସ୍ପଷ୍ଟ । ମହାରାଜାଙ୍କ ସେଇ ବିନମ୍ର ପ୍ରଶ୍ନ - ଆପଣ କୁଆଡ଼େ ?

ସତ୍ୟ କହିଲେ - ଦେଖ ମହାରାଜ, ଏଠାରେ ଆଉ ଲକ୍ଷ୍ମୀ ନାହାନ୍ତି, ନାରାୟଣ ନାହାନ୍ତି, ଧର୍ମ୍ମ ନାହାନ୍ତି । ମୁଁ ବା ରହିବି କେମିତି ? ସେମାନଙ୍କ ବିନା ମୋର ସ୍ଥିତି ଅସମ୍ଭବ ।

ଏଥର ମହାରାଜାଙ୍କ ମୁହଁରେ ସତ୍ୟନିଷ୍ଠତାର ଦୃଢ଼ତା ପ୍ରକାଶ ପାଇଲା । ଦୃପ୍ତ ଅଥଚ ସଂଯତ ଗଳାରେ କହିଲେ - ଆପଣଙ୍କୁ ରକ୍ଷା କରିବାକୁ ଯାଇ ମୁଁ ଲକ୍ଷ୍ମୀଙ୍କୁ ଛାଡ଼ିଲି, ନାରାୟଣଙ୍କୁ ଛାଡ଼ିଲି, ଧର୍ମ୍ମଙ୍କୁ ମଧ୍ୟ ଛାଡ଼ିଲି । ସତ୍ୟ କରିଥିଲି, ହାଟ ଶେଷରେ ଯାହା ରହିଯିବ ସବୁ ମୁଁ କିଣି ନେବି । ସେଇ ସତ୍ୟକୁ ରକ୍ଷା କରିବାକୁ ଯାଇ ଅଲକ୍ଷ୍ମୀଙ୍କୁ ଆଣି ଉଆସରେ ସ୍ଥାନ ଦେଲି । ଫଳରେ ଲକ୍ଷ୍ମୀ ଗଲେ, ନାରାୟଣ ଗଲେ, ଧର୍ମ୍ମ ଗଲେ । କିନ୍ତୁ ମୁଁ ଆପଣଙ୍କୁ ଛାଡ଼ିଛି କେଉଁଠି ଓ ଆପଣ ଯିବେ କେମିତି ?

ମହାରାଜାଙ୍କ ଯୁକ୍ତି ଅକାଟ୍ୟ, ଏଥିରେ ସତ୍ୟବଦ୍ଧତା ପ୍ରସ୍ଫୁଟିତ । ସତ୍ୟପାଳନକାରୀ ମହାରାଜାଙ୍କୁ ପରିତ୍ୟାଗ କରିବା ସତ୍ୟଙ୍କ ପକ୍ଷରେ ଅନ୍ୟାୟ ହେବ । ଅଗତ୍ୟା ସତ୍ୟ ଫେରିଲେ ଉଆସ ଭିତରକୁ ।

ସତ୍ୟଙ୍କୁ ଛାଡ଼ି ଧର୍ମ୍ମ ଯିବେ କୁଆଡ଼େ? ସତ୍ୟ ବିନା ଧର୍ମ୍ମ କ'ଣ ତିଷ୍ଠିବା ସମ୍ଭବ? ଏଣୁ ଧର୍ମ୍ମ ଫେରିଲେ।

ସତ୍ୟ ଆଉ ଧର୍ମ୍ମଙ୍କୁ ଛାଡ଼ି ଭଗବାନ ଯିବେ କୁଆଡ଼େ? ଭଗବାନଙ୍କ ଅନ୍ୟନାମ ତ ସତ୍ୟ ଓ ଧର୍ମ୍ମ। ଅତଏବ ସେ ଫେରିଲେ ରାଜ ଉଆସକୁ।

ଆଉ ଲକ୍ଷ୍ମୀ? ଯେଉଁଠାରେ ସତ୍ୟ, ଧର୍ମ୍ମ ଓ ନାରାୟଣଙ୍କ ପବିତ୍ର ସମାବେଶ, ଲକ୍ଷ୍ମୀ ଠାକୁରାଣୀ ଯିବେ କୁଆଡ଼େ? ସେ ମଧ ଫେରିଲେ। ସତ୍ୟର ସର୍ବଦା ଜୟ।

ସେହି ରାତ୍ର ମହାରାଜଙ୍କୁ ସ୍ୱପ୍ନାଦେଶ ହେଲା – ଦେଖ ମହାରାଜ! ତୁମ ସତ୍ୟନିଷ୍ଠାରେ ମୁଁ ଭାରି ସନ୍ତୁଷ୍ଟ। ମୁଁ ଚାହେଁ, ତୁମେ ତୋଳିବ ଏପରି ଏକ ଦେଉଳ, ଯାହାହେବ ଧରାରେ ବୈକୁଣ୍ଠସମ ଚିର ଶାଶ୍ୱତ, ଚିରନ୍ତନ; ଆଉ ତାହା ହେବ ହିନ୍ଦୁର ମହାକୀର୍ତ୍ତି, ମହା ମନ୍ଦିର।

ମହାରାଜା ପଚାରିଲେ – ସେ ଦେଉଳ ତୋଳାହବ କେଉଁଠି?

ଭଗବାନଙ୍କ ଆଦେଶ ହେଲା, ଯେଉଁଠି ଦେଖିବ ଏକ ଅତି ଆଶ୍ଚର୍ଯ୍ୟଜନକ ଘଟଣା, ସେଇଠି ସେ ଦେଉଳ ତୋଳା ହେବ। ସେଇଠାରେ ନାରାୟଣ ବାସ କରିବେ। ସେଇଠାକୁ ହିଁ ଓଡ଼ିଶାର ରାଜଧାନୀ ଘୁଞ୍ଚିବ।

ସ୍ୱପ୍ନ ଶେଷ ହେଲା। ରାତି ପାହିଲା। ରାଜା ମନ୍ତ୍ରୀଙ୍କ ସହିତ ପରାମର୍ଶ କରି ଚାରିଆଡ଼େ ଚାର ପଠାଇଲେ ଅଲୌକିକ ସ୍ଥାନ ଅନ୍ୱେଷଣ କରିବା ପାଇଁ।

ତିନିମାସ ଗଲା। ଚାରମାନେ ଫେରିଲେ। ସମସ୍ତେ କହିଲେ ସେହି ଗୋଟାଏ କଥା – ଆମେ କୌଣସିଠାରେ କୌଣସି ଆଶ୍ଚର୍ଯ୍ୟଜନକ ଘଟଣା ଦେଖିନାହୁଁ।

କିନ୍ତୁ ଜଣେ ଚାର ଲମ୍ବ ହୋଇ ମହାରାଜାଙ୍କ ଗୋଡ଼ତଳେ ପଡ଼ିଗଲା। କହିଲା – ମଣିମା! ଆଖିରେ ଦେଖି ଆସିଛି, କିନ୍ତୁ କାନରେ କହିଲେ ସେ କଥା କିଏ ବିଶ୍ୱାସ କରିବ ନାହିଁ। ତେଣୁ ମଣିମା, ଅଭୟ ଦେଲେ, ମୁଣ୍ଡ ରଖିଲେ, ଏ ତୁଣ୍ଡ କହିବ।

ମହାରାଜା ଅଭୟ ଦେଲେ ।

ଚାର କହିଲା – ମଣିମା! ନିଘଞ୍ଚ ଅରଣ୍ୟ। ଦେଖିଲି ଏକ ବିରାଟ ବାଘୁଣୀ। ହଳଦିଆ ମଖମଲ କନା ପରି ଦେହଟା ଯାକରେ କଳା ପଟା ପଟା ଦାଗ। ତା ଉପରେ ଶୋଇଛି ଏକ ମୃଗ ଶିଶୁ! ମୃଗ ଶିଶୁ ମୁଣ୍ଡଟା ତା'ର ନେଇ ଥୋଇ ଦେଇଛି ବାଘୁଣୀ ମୁଣ୍ଡର ଦି'କାନ ମଝିରେ, ଠିକ୍ ତା' ତାଳୁ ଉପରେ। ଆଉ ମୃଗଶିଶୁ ତା' ଚାରିଗୋଡ଼ରେ ବାଘୁଣୀକୁ ଜାବୋଡ଼ି ଧରିଛି ଓ ତା' ସତ୍ତ୍ୱେ ମୃଗଶିଶୁ କାଳେ ପଡ଼ିଯିବ, ଆଘାତ ପାଇବ – ଏହି ଆଶଙ୍କାରେ ବାଘୁଣୀ ଧୀରେ ଧୀରେ, ହାଉଲେ ହାଉଲେ, ସଂଯତ ଓ ସାବଧାନରେ ଆଗକୁ ଚାଲିଛି। ବାଘୁଣୀର ପଛେ ପଛେ ଚାଲିଛି ମୃଗଶିଶୁର ମା' ଓ କ୍ଷୀର ଖାଇବାକୁ ତା' ଶିଶୁ ସନ୍ତାନକୁ ବାରମ୍ବାର ଆହ୍ୱାନ କରୁଛି। ମୃଗଶିଶୁ କିନ୍ତୁ ମା'ର ଡ଼ାକ ଶୁଣୁନି, ମୁଣ୍ଡ ଟେକୁନି କି ମା' ଆଡ଼କୁ ଚାହୁଁନି ମଧ ଟିକିଏ। ଏମିତି ଖଣ୍ଡେ ବାଟ ଯିବା ପରେ ବାଘୁଣୀ ଶୋଇ ପଡ଼ିଲା ଭୂଇଁରେ। ମୃଗଶିଶୁ ତା' ପିଠିରୁ ଓହ୍ଲାଇ ବାଘୁଣୀର ପେଟ ଉପରେ ମୁଣ୍ଡ ଦେଇ ଶୋଇଲା ଓ ସେହି ଶୋଇବା ଅବସ୍ଥାରେ ମଣିମା, ବାଘୁଣୀର କ୍ଷୀର ଖାଇବାକୁ ଲାଗିଲା। ତା' ଦେଖି ମୃଗଶିଶୁର ମା' ଟିକିଏ ବିରକ୍ତ ହୋଇ ଶିଶୁ ସନ୍ତାନକୁ ଆକଟିଲା, ମୃଦୁ ଆଘାତ କଲା। ମା' ମୃଗୁଣୀର ଏତାଦୃଶ ଆକଟ ଓ ବ୍ୟବହାର ପସନ୍ଦ କଲାନାହିଁ ବାଘୁଣୀ। ବାଘୁଣୀ ତା'ର ଜଳନ୍ତା ନିଆଁ ପରି ଢ଼ିମା ଢ଼ିମା ହିଂସ୍ରକ ଆଖିରେ ମୃଗୁଣୀକୁ ଚାହିଁ ଆଁ କରି ଗର୍ଜ୍ଜନଟାଏ କଲା। ସେଠାରେ ଆଉ ମୃଗୁଣୀ କି ରହେ! ସ୍ଥାନ ଛାଡ଼ି ସେ ପଳାଇଲା। ସଙ୍ଗେ ସଙ୍ଗେ ମୃଗଶିଶୁ ଉଠିଆସି ବାଘୁଣୀର ପାଟି ଭିତରେ ମୁହଁ ପୁରାଇ ତା' ଜିଭଟାକୁ ଚାଟିବାକୁ ଲାଗିଲା। କି ଆଶ୍ଚର୍ଯ୍ୟ ଘଟଣା ମଣିମା! ଆଉ ଦେଖିବାକୁ ସାହସ ହେଲାନି ମୋର। ସେହିଠାରୁ ହିଁ ଫେରୁଛି।

ସମସ୍ତେ ନିର୍ବାକ୍, ନିସ୍ପନ୍ଦ। ବିସ୍ମୟ ବିଜଡିତ ନେତ୍ରରେ ଚାର ମୁହଁରୁ ଶୁଣି ରହିଥିଲେ କିମାଶ୍ଚର୍ଯ୍ୟମ୍ ଘଟଣା – ବାଘ ଓ ମୃଗର ଅହିଂସ ସମ୍ପର୍କ, ଜଣେ ଖାଦ୍ୟ ଆଉ ଜଣେ ଖାଦକ ସହିତ ଅପୂର୍ବ ନୈସର୍ଗିକ ସଂହତି, ସହାବସ୍ଥାନ – ପଶୁ ପରିବାରମାନଙ୍କ ମଧରେ ମଧ ତିଷ୍ଠିଛି ଶାନ୍ତି, ମୈତ୍ରୀ, ପ୍ରୀତିର ଅମୀୟ ଜୀବନାମୃତ – ଏତ ଭଗବାନଙ୍କ ବାଣୀ, ସୃଷ୍ଟିର ଉଦ୍ଦେଶ୍ୟ!

ମହାରାଜା ବିହ୍ୱଳିତ ହୋଇ ଚାରକୁ ପୁଛିଲେ – ସେ ସ୍ଥାନଟି କେଉଁଠି?

: ନୀଳାଚଳ ମହାପ୍ରଭୁ।

ଏଣୁ ନିଷ୍ପତ୍ତି ନିଆଗଲା, ସେହିଠାରେ ହିଁ ମନ୍ଦିର ତୋଳା ହେବ, ସେଇଠି ନାରାୟଣ ବାସ କରିବେ, ତାହା ହେବ ବୈକୁଣ୍ଠସମ, ସେଇଠାକୁ ହିଁ ଓଡ଼ିଶାର ରାଜଧାନୀ ଘୁଞ୍ଚିବ। ଏଣୁ ସାଗରତଟ ନୀଳାଚଳରେ ଗଢ଼ି ଉଠିଥିଲା ଗଜପତି ମହାରାଜାଙ୍କ ମହାକୀର୍ତ୍ତି ବଡ଼ ଦେଉଳ ଯେଉଁଠି ବାଘୁଣୀ ହିଂସ୍ରତା ପରିହାର କରି ମୃଗଶିଶୁକୁ ସ୍ତନ୍ୟଦାନ କରିଥାଏ – ଯେଉଁଠି ସବୁ ପ୍ରାଣୀ ମାନଙ୍କର ଶାନ୍ତି ସମନ୍ୱୟ ପ୍ରତିଷ୍ଠିତ – ଯେଉଁଠି ସାମ୍ୟ, ଶାନ୍ତି, ମୈତ୍ରୀ, ପ୍ରୀତିର ନେତ ନୀଳ ଗଗନରେ ଉଡୁଥାଏ ଫରଫର। କେତେ ମହାନ୍ ସତେ ସେଇ ପବିତ୍ର ନୀଳାଚଳ ମାଟିର ମହତ୍ତ୍ୱ ଓ ମହକ! ଏବେ ବି ସେହି ସଖ୍ୟ, ସାମ୍ୟ ସଂପ୍ରୀତି, ସହାବସ୍ଥାନର ଅହିଂସ ବିଭୁବାର୍ତ୍ତା ଶ୍ରୀମନ୍ଦିରର ବିସ୍ତାରିତ ବାନାରେ ଅବିରତ ପ୍ରଚାରିତ।

ଏବେ ମଧ ପ୍ରାଣୀମାନଙ୍କ ମଧରେ ଅପୂର୍ବ ସ୍ନେହ-ମମତା ଅନେକ ସ୍ଥାନରେ ଦୃଷ୍ଟିଗୋଚର ହୋଇଥାଏ। ଖାଦକର ଖାଦ୍ୟ ଉପରେ ସୃଷ୍ଟିଗତ ଅଧିକାର ରହିଥିଲେ ମଧ କେତେକ କ୍ଷେତ୍ରରେ ବ୍ୟତିକ୍ରମ ଦେଖାଯାଏ ଓ ସେହି ବ୍ୟତିକ୍ରମ ହିଁ ଈଶ୍ୱରୀୟ ସତ୍ତା ବହନକରେ। ଆତ୍ମା ସର୍ବପ୍ରାଣରେ ବିଦ୍ୟମାନ – କେବଳ ମଣିଷ ସମାଜ ନୁହେଁ, ପ୍ରାଣୀ ଜଗତରେ ମଧ ମମତା ଏକ ସ୍ୱର୍ଗୀୟ ଦୁର୍ଲଭ ଗୁଣ – ଇତର ପ୍ରାଣୀ ବି ବୁଝେ ମମତାର ମହତ୍ତ୍ୱ – ଏହାର ରହିଛି ଅନେକ ଦୃଷ୍ଟାନ୍ତ। କୌଣସି କଳ୍ପନାର କାହାଣୀ ନୁହେଁ – ନୁହେଁ ମଧ କିମ୍ବଦନ୍ତୀ କଥାବସ୍ତୁ – ମୋ ଅଙ୍ଗନିଭା ଏକ ଜୀବନ୍ତ ପ୍ରାଣସ୍ପର୍ଶୀ ଘଟଣା। କିମ୍ବଦନ୍ତୀର ଜଗନ୍ନାଥ ଦେଶରେ ମୃଘୁଣୀକୁ ବାଘୁଣୀ ଭକ୍ଷଣ ନକରି ରକ୍ଷଣ କଲାଭଳି, ଅଧୁନା ପ୍ରାଣୀ ସମାଜରେ ଏପରିକି ନିଜ ଜୀବନ ବିନିମୟରେ ଆଉ ଏକ ବିପନ୍ନ ଜୀବର ସୁରକ୍ଷା ପାଇଁ ଆତ୍ମବଳି ପ୍ରଥା କୌଣସି କଳ୍ପନାର କଥା ନୁହେଁ – ମୋ ବାଲ୍ୟବେଳର ଏକ ଆଖିଦେଖା ବିରଳ ଘଟଣାଟିଏ –

ମୋ ମାମୁଘର ପୁରୀ ଜିଲ୍ଲା ଖୋରଧା ଅନ୍ତର୍ଗତ ପୋଡ଼ାଡ଼ିହ ଗାଁ। ନିହାତି ମଫସଲ ଅଞ୍ଚଳ, ଏବେବି ଗାଁକୁ ସଳଖ ସଡ଼କଟିଏ ନାହିଁ, ବାଟରେ ମହାପର୍ବତରୁ ସର୍ପିଳ ଗତିରେ ଛୁଟି ଆସିଥିବା ନାଳ – ଏହାକୁ ଅତିକ୍ରମ କରି ପୋଡ଼ାଡ଼ିହ ଗାଁକୁ ପ୍ରବେଶ କରିବାକୁ ହୁଏ। ମାତ୍ର ପନ୍ଦର କୋଡ଼ିଏଟି ଘର, ଜନସଂଖ୍ୟା ଏକଶତ ଭିତରେ। ଶ୍ୟାମଳ ଶସ୍ୟକ୍ଷେତ ବେଷ୍ଟନୀ ଭିତରେ ଗାଁଟିର ପ୍ରାକୃତିକ ଅବସ୍ଥିତି। ଗୁଡ଼ିଏ ତାଳଗଛ ଚାଳ ଅତିକ୍ରମ କରି ମୁକ୍ତ ଆକାଶକୁ ମୁଣ୍ଡ ଟେକିଥା'ନ୍ତି – ଦୂରକୁ ଗ୍ରାମର ସ୍ଥିତି ସୂଚାଇ ଦିଅନ୍ତି। ଛୋଟ ଗାଁଟିକୁ ଘେରି ବସିଥା'ନ୍ତି ସାନ୍ଦ୍ର ନିବିଡ଼ ବାଉଁଶବଣ, ମାମୁଘର ମାଟି ଓ ମାଣ୍ଟୁର ନଡ଼ା ଛପର ଖଞ୍ଜାଘର ମଝିରେ ଖୋଲା ଗୋବରଲିପା ଅଗଣା। ପୁରୁଣା ମାଟି କାନ୍ଥ ମାନଙ୍କରେ ଅନେକ ମୂଷାଗାତ। ଦୂରବର୍ତ୍ତୀ ଗ୍ରାମାଞ୍ଚଳରେ କେବଳ କୃଷିଭିତ୍ତିକ ଜୀବନ ଜମିରୁ ଫସଲ ଉପୁଜାଇ ଲୋକେ ସାଇତି ରଖନ୍ତି ବର୍ଷକର ଦାନାପାଣି- ବିଭିନ୍ନ ପ୍ରକାର ଶସ୍ୟ – ଧାନ ଡେିଳବୀଜଠୁଁ ମାଣ୍ଡିଆ ମୁଗ ପର୍ଯ୍ୟନ୍ତ। ଶସ୍ୟତ ଆହାର ମୂଷାମାନଙ୍କର। ଗାତୁଆ ଓ ଚାଳୁଆ ମୂଷାମାନେ ଓଳିଆ କାଟି ସାଇତା ଶସ୍ୟକୁ ଅବାଧଭାବେ ଖାଆନ୍ତି ଓ ଅଧିକ ନଷ୍ଟ କରନ୍ତି। ମୂଷାମାନଙ୍କ ସଂଖ୍ୟା ବଢ଼ି ବଢ଼ି

ଚାଲିଥାଏ ଠିକ୍ କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟା ଭଳି। ମୂଷାମାନେ କୃଷିଜୀବୀ ଗ୍ରାମବାସୀମାନଙ୍କର ସମସ୍ୟା ହୋଇ ଉଠନ୍ତି। ଏଣୁ ଅନେକ ଉପାୟରେ ମୂଷାମାନଙ୍କୁ ହତ୍ୟାକରାଯାଇଥାଏ – ମାରାତ୍ମକ ମୂଷାମରା, ଔଷଧ, ଯନ୍ତା ତଥା ବିରାଡ଼ି ଦ୍ୱାରା।

ମୋର ମାମୁ ଅର୍ଜୁନ ମହାନ୍ତି ଜଣେ ନିଷ୍ଠାବାନ ଧର୍ମପରାୟଣ ଜଣାଶୁଣା ବ୍ୟକ୍ତି। ମୋ ବୁଢ଼ୀ ଆଇ ମଧ୍ୟ ତତୋଽଧିକ। ମୂଷା ଗଣେଶଙ୍କ ବାହନ, ତାକୁ ହତ୍ୟାକରିବା ଧର୍ମବିରୁଦ୍ଧ, ପାପ ବୋଲି ବିଚାରନ୍ତି। ଏଣୁ ମୂଷାମାନେ ଯେତେ ଦ୍ରବ୍ୟ ନଷ୍ଟକଲେ ମଧ୍ୟ ମାମୁଘରେ ମୂଷା ମାରିବା ନିଷିଦ୍ଧ ହୋଇଥାଏ। ସେଥିପାଇଁ ପଡ଼ୋଶୀ ଘର ତୁଳନାରେ ମାମୁଁଘରେ ମୂଷାମାନେ ବେଶୀ ଉତ୍ପାତ କରନ୍ତି।

ମାମୁଘର ବାଡ଼ିପଟେ ବିସ୍ତର ଜଙ୍ଗଲ। ଘୋର କଣ୍ଟାବଣ। ବଣରେ ବାସ କରିଥା'ନ୍ତି ବହୁତ ବିଷଧର ସାପ। ମୂଷାମାନଙ୍କୁ ଖାଇବା ପାଇଁ ସାପମାନେ ଘର ଭିତରକୁ ଚାଲି ଆସନ୍ତି। ପ୍ରତିବର୍ଷ ଏହି ଅଞ୍ଚଳର ଏକାଧିକ ଲୋକ ସର୍ପାଘାତରେ ପ୍ରାଣ ହରାନ୍ତି। ମୋ ମାମୁ ଅର୍ଜୁନ ମହାନ୍ତି ସାପକାମୁଡ଼ା ମନ୍ତ୍ରରେ ସିଦ୍ଧହସ୍ତ। ଦେବ ଦେବ ମହାଦେବଙ୍କ ଭକ୍ତ ସେ। ବହୁ ନିଷ୍ଠାରେ ରହନ୍ତି, ଅନେକ ତିଥିବାର ପାଳନ୍ତି, ଖାଦ୍ୟପେୟରେ ତାଙ୍କର ବହୁ କଟକଣା। ଧରାକୁ ସର୍ଯ୍ୟୋଲୋକ ଛୁଇଁବା ପୂର୍ବରୁ ଅନ୍ଧାର ବେଳରୁ ସେ ଶଯ୍ୟାତ୍ୟାଗ କରନ୍ତି, ଗାଁ ମୁଣ୍ଡ ଶରଧା ପୋଖରୀ ତୁଠରେ ନିତ୍ୟକର୍ମ ସାରି ଓଦାବସ୍ତ୍ରରେ ଶିବସ୍ତୁତି ଓ ମନ୍ତ୍ର ଗୁଣୁଗୁଣୁ ହୋଇ ଉଚ୍ଚାରଣ କରନ୍ତି – ଦିବ୍ୟକୁଣ୍ଡଳଂ, ହାରଭୁଜଂଗଂ ଚନ୍ଦ୍ରଶେଖର ଭାଷିତଂ.... ଏବଂ ଚୁନ ଧଉଳା ସପନେଶ୍ୱର ନାତିକ୍ଷୁଦ୍ର ଶୁଭ୍ର ଶିବ ମନ୍ଦିରରେ ବହୁ ସମୟ ପୂଜାର୍ଚ୍ଚନା କରନ୍ତି, ଶିବ ଲିଙ୍ଗରେ ଜଳ ଢ଼ାଳନ୍ତି ସ୍ତୋତ୍ର ପାଠକରି, ପାର୍ଶ୍ୱଦେବତାମାନଙ୍କୁ ଆରାଧନା କରି ସକାଳର ବାଳସୂର୍ଯ୍ୟ ଆକାଶକୁ ଉଠିବା ଆଗରୁ ଘର ଧରନ୍ତି। ଏହା ତାଙ୍କର ଦୈନନ୍ଦିନ କାର୍ଯ୍ୟ। ଆଖପାଖ ଅଞ୍ଚଳର ଅନେକ ସର୍ପାକ୍ରାନ୍ତ ରୋଗୀ ଚିକିତ୍ସା ପାଇଁ ମାମୁଙ୍କ ପାଖକୁ ଆସନ୍ତି। ସେ ମନ୍ତ୍ରୋଚାରଣ କରି ଫୁଙ୍କି ଝାଡ଼ି ରୋଗୀ ଦେହରୁ ବିଷ ବାହାର କରନ୍ତି – ଏମିତି ବହୁ ମୁମୂର୍ଷୁ ବ୍ୟକ୍ତିଙ୍କ ଜୀବନ ରକ୍ଷା କରନ୍ତି ବୋଲି ଆମେ ଜାଣିଥାଉଁ। ସର୍ପାଘାତରେ ମୃତ୍ୟୁବରଣ କରିଥିବା ବ୍ୟକ୍ତିଙ୍କୁ କିନ୍ତୁ ବଞ୍ଚାଇ ପାରନ୍ତି ନାହିଁ, କେବଳ ଆଘାତପ୍ରାପ୍ତ ଆକ୍ରାନ୍ତ ଜୀବିତ ବ୍ୟକ୍ତିଙ୍କୁ ସର୍ପବିଷଜ୍ୱାଳାରୁ ମୁକ୍ତ କରନ୍ତି – ଏପରିକି ଦୁଷ୍ଟ ସାପକୁ ମନ୍ତ୍ରଦ୍ୱାରା ଆହ୍ୱାନ କରି କ୍ଷତସ୍ଥାନରୁ ସାପ ଆସି ମୁହଁ ଲଗାଇ ବିଷ ହରଣ କରିଥାଏ ବୋଲି ଆମେ ଶୁଣିଥାଉଁ। ଯେଉଁ ସ୍ଥଳରେ ସାପ ଆସି ନଥାଏ କୌଣସି କାରଣରୁ ବା ଦୂରକୁ ଚାଲିଯାଇଥାଏ ଅଥବା ଲୋକକୁ ଚୋଟମାରି ସାରି କେଉଁ ଅଜ୍ଞାତ ଅଞ୍ଚଳକୁ ଚାଲିଯାଇଥାଏ ଏବଂ ସେଠି ମରିଯାଇଥାଏ, ସେଇ କ୍ଷେତ୍ରରେ ମାମୁ ନିଜେ ରୋଗୀର କ୍ଷତ ସ୍ଥାନରେ ମୁହଁ ଲଗାଇ ତା ଦେହରୁ ବିଷ ଶୋଷନ୍ତି। ଏହି ସବୁ କାରଣରୁ ଆମ ମାମୁଘରେ ସର୍ପଭୟ ନଥାଏ। ସାପମାନେ କିନ୍ତୁ ମଝିରେ ମଝିରେ ଅନାହୂତ ଅନାବଶ୍ୟକ ଅତିଥି ଭଳି ଅନୁପ୍ରବେଶ କରନ୍ତି, ମୂଷାକେତୋଟି ଭକ୍ଷଣ କରି ପୁଣି ଚାଲିଯାଇଥା'ନ୍ତି ସେମାନଙ୍କ ଗନ୍ତବ୍ୟସ୍ଥାନକୁ। ଏହିପରି ଅବଶ୍ୟ ପ୍ରାକୃତିକ ଉପାୟରେ ମାମୁଘର ମୂଷାମାନେ କ୍ଷୟ ଯାଆନ୍ତି – ପୁନଶ୍ଚ ମୂଷାମାନେ ଛୁଆ ଦିଅନ୍ତି – ମୂଷା ସଂଖ୍ୟା ପ୍ରାୟ ସମାନ ରହିଥାଏ।

ଥରେ ମାଇଁ ତାଙ୍କ ବାପଘର ମାଣିକଗଡ଼କୁ ଯାଇଥିଲେ। ବାପଘର ଶଙ୍ଖି ବିଲେଇ ଛୁଆ ଦେଇଥିଲା ଅଳ୍ପଦିନ ତଳେ। ଫେରିଲାବେଳେ ସାଙ୍ଗରେ ବିଲେଇ ଛୁଆଟିଏ ନେଇ ଆସିଥିଲେ ମାଇଁ। ଠିକ୍ ସେଇ ଦିନ ମାମୁ ବିଲବାଡ଼ି ସଂକ୍ରାନ୍ତ ମକଦ୍ଦମା ନେଇ ସବ୍‌ଡ଼ିଭିଜନ୍ ସଦର ମହକୁମା ଖୋରଧା ଯାଇଥିଲେ। ଓକିଲ ପରାମର୍ଶ ପରେ ସେଠାରେ କଚେରି କାମ ଶେଷ କରି ଘରକୁ ଫେରିବା ବେଳେ କଚେରି ପ୍ରାଙ୍ଗଣ ବୃହତ୍ ବରଗଛ ମୂଳେ ଦେଖିଲେ ଜଣେ ବୁଲା ଚଢ଼େଇ ବିକାଳି ଗୁଡ଼ିଏ ଜାଲି ପଞ୍ଜୁରିରେ ଶୁଆ, ଶାରୀ, ବାରମାସୀ ଚଢ଼େଇ, ଧଳା ମୂଷା, ଠେକୁଆ ନେଉଳ ଓ ଗୁଣ୍ଡୁଚିମୂଷା ବୁଲି ବୁଲି ବିକ୍ରି କରୁଛି। ମାମୁଙ୍କ ନଜର ଅଟକିଗଲା ଚଢ଼େୟାର କ୍ଷୁଦ୍ର ଭ୍ରାମ୍ୟମାଣ ଚିଡ଼ିଆଖାନାଟିରେ। ଛୋଟ ଛୋଟ ତାରଜାଲିର ପଞ୍ଜୁରୀଗୁଡ଼ିକରେ ଆବଦ୍ଧ ଥିଲା ବର୍ଣ୍ଣିଳ ପକ୍ଷୀ ଓ ଜୀବମାନେ ତାଙ୍କ ମନ ବାନ୍ଧି ରଖିଲେ। ସଫେଦ୍ ମୂଷାମାନଙ୍କରେ କାଇଁଚ ଆକାରର ମୋତି ଭଳି ନାଲି ନାଲି ଗୋଲ୍ ଗୋଲ୍ ଆଖି ଆକର୍ଷଣ କଲା, ଆଖିକୁ ଭଲ ଲାଗିଲା, ଲୋଭେଇ ଗଲେ; ସରାଗ ସଉକରେ ଦିଓଟି ଧଳା ମୂଷା ଖରିଦ କରିବାର ବାସନା ବଳବତ୍ତର ହେଲା ମନରେ।

'କେତେ ପଇସା ?'

'ଗୋଟି ଦଶଟଙ୍କା ?'

'କମିବ ନାହିଁ କିଛି ?'

'ଯାକୁଲ ବିକି ପେଟ ପୋଷୁଛୁ। ପାଞ୍ଚପ୍ରାଣୀ କୁଟୁମ୍ବ। କେତେ କମାଇ ପାରିବୁ ?'

'ହଳକୁ ଷୋଳଟଙ୍କା ନବୁ ?'

'ନିଅ ତେବେ। ଆଉ ଟଙ୍କାଟେ ବଢ଼ା ନଇଲେ ମୋ ଗୁରୁରାଣ ମେଣ୍ଟିବ କିମିତି ?'

ମାମୁ ମୁଲଚାଲ କରି ଜାଲି ପଞ୍ଜୁରୀ ସହିତ ହଳେ ଧଳାମୂଷା କିଣିଲେ ଓ ଘରକୁ କିଣିଲେ।

ମାଇଁ ଧଳା ମୂଷାକୁ ଦେଖି ଆଶ୍ଚର୍ଯ୍ୟ ହେଲେ। ମାମୁ ମଧ୍ୟ ମାଇଁଙ୍କର ବିଲେଇଛୁଆ ଦେଖି କମ୍ ହସିନଥିଲେ। ମାମୁ ଆଜି ଆଣିଛନ୍ତି ମୂଷା ଓ ମାଇଁଙ୍କର ବିଲେଇ – ସେଦିନ ଘରେ ଓ ସାହି ପଡ଼ିଶାରେ ସୃଷ୍ଟି କରିଥିଲା ଏକ ଅପୂର୍ବ ହାସ୍ୟରୋଳ।

ଉଭୟେ ଧଳାମୂଷା ଓ ବିରାଡ଼ି ଘରେ ପୋଷାହେଲେ ଯତ୍ନର ସହିତ। ବିରାଡ଼ି ବଚ୍ଚା କ୍ଷୀର ଭାତ ଖାଇ ବେଶ୍ ବଢ଼ିଲା – ଶଙ୍ଖଧବଳ ଚିକ୍କଣ ଚର୍ମରେ ଠାଏ ଠାଏ ସ୍ୱର୍ଣ୍ଣାଭ ଗୋଲାକାର ମୋହରର ବର୍ଣ୍ଣମାଳା ସୁନ୍ଦର ଦିଶିଲା। ମାମୁ ତା'ର ନାଁ ରଖିଲେ ସୁନ୍ଦରୀ। ମାଇଁ ଡ଼ାକନ୍ତି ପୁଷି।

ଏଣେ ମୂଷା ଦିଓଟିରୁ ଗୋଟିଏ ମୂଷା ମରିଗଲା କୌଣସି ଅଜଣା ରୋଗରେ ଆକ୍ରାନ୍ତ ହୋଇ। ଆର ମୂଷାଟି ଯଦିଚ ଆକ୍ରାନ୍ତ ଥିଲା ଦୈବ କୃପାରୁ ବର୍ତ୍ତିଗଲା, ବଞ୍ଚିଗଲା। ଏବେ ମୂଷାଟି ଏକଲା। ସେ ରହିଥାଏ ଭିତର ମାଟିପିଣ୍ଡାର ପଞ୍ଜୁରୀ ଭିତରେ। କୁନି ଗିନାଟିରେ ମାଇଁ ଦୁଧଭାତ ଟିକିଏ ରଖି ଦିଅନ୍ତି। ସେ ଗିନାରେ ମୁହଁ ପୂରାଇ ଭାତ ଖୁଣ୍ଟିଖାଏ। ଠିକ୍ ପଞ୍ଜୁରୀ ପାଖରେ ଥାଏ ପୁଷି ସୁନ୍ଦରୀ। ତା ପାଇଁ ପଥୁରୀରେ ବଢ଼ାହୁଏ କ୍ଷୀରଭାତ। ପ୍ରାୟ ଏକ ସମୟରେ ଜୀବଦ୍ୱୟଙ୍କୁ ଖାଦ୍ୟ ଦିଆଯାଏ। ଏଣୁ ଉଭୟଙ୍କର ଭୋଜନ ସମୟ ପ୍ରାୟ ସମାନ।

ଖଞ୍ଜା ବାରଣ୍ଡାରେ ମାମୁ ପିଢ଼ାରେ ବସି ଖିଆପିଆ କରନ୍ତି। ଠୁଙ୍କା ହୋଇ ବସି, କେତେବେଳେ ପେଟେଇ, ବା ଛିଡ଼ାହୋଇ ଏପଟ ସେପଟ ହୋଇ ସୁନ୍ଦରୀ ଚାହିଁଥାଏ ମାମୁ ଖାଉଥିବା ଖାଦ୍ୟକୁ – ମ୍ୟାଉଁ କରିଦିଏ। ମାଇଁ କହନ୍ତି – ଯେତେ ଖାଇବାକୁ ଦେଲେ ଡାହାଣୀର ଓଲେଇ ଗୁଣ ଯାଉନି – ମୁନିବ ହାତକୁ ଭୋକେଇ ଚାହିଁଛି ସବୁବେଳେ – ରାକ୍ଷାସୁଣୀଟେ ନା କ'ଣ ?

– ମ୍ୟାଉଁ।

ସୁନ୍ଦରୀର ଅଝଟ ବୁଝିପାରନ୍ତି ମାମୁ। ମାମୁ ତ ନିରାମିଷାଶୀ। ଆଇଁଷ ଘରେ ପଶେ ନାହିଁ। ଡାଲିଭାତରୁ ପୁଞ୍ଜିଏ ଥୋଇ ଦିଅନ୍ତି ତଳେ। ପୁଷି ସୁନ୍ଦରୀ ବସିପଡ଼ି ତାକୁ ଚାଟି ଖାଇଯାଏ। ସେଇପରି ଧଳା ମୂଷାର ଭାଗ ଥାଏ, ତା ପାଇଁ ମଧ୍ୟ ପଞ୍ଜୁରୀ ଭିତରକୁ ଚାମଚେ ଡ଼ାଲିଭାତ ଫିଙ୍ଗି ଦିଅନ୍ତି ମାମୁ। ସେ ବି ମାମୁଙ୍କ ପରସାକୁ ଉଣ୍ଡି ବସିଥାଏ, ଖାଦ୍ୟକୁ ଖୁଣ୍ଟିଥାଏ। ଜୀବଦ୍ୱୟ ଏମିତି ମାମୁଙ୍କର ଦୈନନ୍ଦିନ ଭୋଜନ ସାଥୀ ବନି ଯାଇଥା'ନ୍ତି।

ଦିନକର ଘଟଣା। ମାମୁ ଦି'ପହର ଖାଇବା ବେଳେ ମୂଷାକୁ ଡ଼ାଲିଭାତ ଦେଇ ସାରି ପଞ୍ଜୁରୀର ମୁହଁ ବନ୍ଦ କରିବାକୁ ଭୁଲି ଯାଇଥିଲେ। ମଧ୍ୟାହ୍ନ ଭୋଜନ ପରେ ପରେ ମାମୁ ବାହାରି ଯାଇଥିଲେ କ୍ଷେତକୁ। ଶୀତ ଦିନ, ଧାନ ଅମଳ ବେଳ। ଅଇଁଠା

ବାସନ ଉଠାଇଲା ବେଳେ ମାଇଁଙ୍କ ନଜର ପଞ୍ଜୁରୀ ଉପରେ ପଡ଼ି ନଥିଲା।

ନିରୋଳା ଦ୍ୱିପ୍ରହର। ପଞ୍ଜୁରୀ ଦ୍ୱାର ଖୋଲା ହୋଇଥିବାରୁ ମୂଷା ବାରଣ୍ଡା ଉପରକୁ ଚାଲି ଆସିଲା ବାହାରେ ଟିକିଏ ବୁଲାବୁଲି କରିବା ପାଇଁ। କୋଉଠି ଥିଲା ପୁଷି ସୁନ୍ଦରୀ, ଧାଇଁ ଆସିଲା ମୂଷା ପାଖକୁ। ମୁହଁରେ ତାକୁ ଟେକି ନେଇ ଭାଡ଼ି ଉପରକୁ ଚଢ଼ିଗଲା। ମାଇଁଙ୍କ ଦୃଷ୍ଟି ପଡ଼ିଗଲା। ତାଙ୍କ ହାଲକ ଶୁଖିଲା। ସେ ଚିତ୍କାର କଲେ – କ'ଣ କଲୁରେ ବାଡ଼ିପଶା ସତ୍ୟାନାଶିଆ ପୁଷି, କ'ଣ କଲୁ! ତୋତେ ଦଇବ ଛାଡ଼ିଲାରେ, ଏତେ ଖାଇବାକୁ ଦେଇ ଅସୁରୁଣୀର ପେଟ ପୂରିଲା ନାହିଁ ଯେ ମାଲିକର ପୋଷା ମୂଷାକୁ ଶେଷରେ ଖାଇଲୁ? ତୋର କ'ଣ ସେ ଅନିଷ୍ଟ କରୁଥିଲା? ପାଖାପାଖି ରହୁଥିଲ, ଦୁଧଭାତ ଡ଼ାଲିଭାତ ମାଲିକ ପାଖରେ ବସି ଖାଉଥିଲ, ବିନା କାରଣରେ ବିଚରା ଛୋଟ ଜୀବଟାକୁ କଲବଲ କରି ପାଟିରେ ପୂରାଇଲୁ? ଯେତେ ଆଦର ସେନେହ କରି ପାଳିଲେ ପଶୁଗୁଣ ଯିବ କୁଆଡ଼େ? ପଶୁକୁଳରେ ହେଲୁ ଜାତ, ସ୍ୱଭାବ ଛାଡ଼ିବୁ କେମନ୍ତରେ?.... ଏ ଅଲକ୍ଷଣୀ ରାକ୍ଷସୁଣୀ ପେଟକୁ ଦୁନିଆଟା ବି ଅଣ୍ଟିବ ନାହିଁ। ଏଥର ଏ ଘରୁ ମାଟି ପଥର ବି ଖାଇଯିବ। ଚାହିଁଥା – ତୋ ମୁଣ୍ଡକୁ ଛତୁ ଯଦି ନ କରିଛି ଆଜି ମୋ ନାଁ ସୁନେଇ ନୁହେଁ, ମୁଁ ମାଣିକଗଡ଼ ଆନ୍ଦ ମହାନ୍ତି ଝିଅ ନୁହଁ..... ତୋର ଏ ଘରେ ଆଉ ଜମା ସ୍ଥାନ ନାହିଁ କହି ଦେଉଛି....

ଏମିତି ଗୁଡ଼ାଏ ବିରକ୍ତ ହେଲେ ମାଇଁ, ଅସନ୍ତୋଷ ପ୍ରାକାଶିଲେ, ଗରଗର ହେଲେ, ପୁଷିର ଏପରି କାଣ୍ଡ ପାଇଁ ଦୁଃଖ କଲେ, ମନଟା ଭଲ ଲାଗିଲା ନାହିଁ। ମାମୁ ଆସିଲେ ବହୁ ମନକଷ୍ଟ କରିବେ । ପଞ୍ଜରୀର ଜୀବଟିଏ ଥିଲା, ଭଲ ଦିଶୁଥିଲା। କେତେ ସରାଗରେ ପାଳି ନଥିଲେ ମୂଷାଟାକୁ!!

ପୁଷି ସୁନ୍ଦରୀ କି ଆଉ ଆସେ! ମାଡ଼ ଭୟରେ ସେ ସଙ୍ଗା ଭିତରେ ଲୁଚିଛି। ଉତ୍ତର ନାହିଁ, ଚେଁ ଚପଟ ଶବ୍ଦ ନାହିଁ। ବ୍ୟସ୍ତ ହୋଇ ବାଡ଼େଇ ଛାଟେଇ ହୋଇ ମାଇଁ ପୁଣି ଚୁପ୍ ରହିବାକୁ ବାଧ୍ୟ ହେଲେ। ତେଣେ ପାଇଟି ବଳେଇ ପଡୁଛି। ସୂର୍ଯ୍ୟ ମଝିଆକାଶରୁ ଖସୁଥିଲେ ଆସ୍ତେ ଆସ୍ତେ। ଶୀତ ଦିନ ଛୋଟ ହୋଇ ଆସୁଥିଲା।

ପାଇଟି ଶେଷ କରି ଗୋରୁ ଗାଈମାନଙ୍କ ପାଇଁ କୋଳଥ ସିଝାଇ, କୁଣ୍ଡା – ତୋରାଣି – ଦାନା ଗୋରୁ କୁଣ୍ଡରେ ପ୍ରସ୍ତୁତ କରି ଉପରଓଳିର ଘର ଚଟାଣ ଓଳାଇବାକୁ ଝାଡୁ ଧରିଲେ। ଆସିଲେ ଖଞ୍ଜା ଭିତରକୁ। ପଞ୍ଜୁରୀ ଭିତରେ ଧଳା ମୂଷାକୁ ଦେଖି ତାଙ୍କ ଆଶ୍ଚର୍ଯ୍ୟର ସୀମା ରହିଲା ନାହିଁ। ଆଖି ପରିଷ୍କାର କରି ଭଲ ଭାବେ ଦେଖିଲେ ମୂଷାଟି ଆଖି ଜୁଳୁଜୁଳୁ କରି ପଞ୍ଜୁରୀ ଭିତରେ ମୁଣ୍ଡ ଟୁଙ୍ଗ୍ ଟୁଙ୍ଗ୍ କରୁଥିଲା। ଅକ୍ଷତ। ସେ ବିଶ୍ୱାସ କରି ପାରିଲେ ନାହିଁ ନିଜ ଆଖିକୁ। ମୂଷାକୁ ପୁଷି ମୁହଁରେ କାମୁଡ଼ି ନେଇ ପଳାଇବାର ଦୃଶ୍ୟ ସେ ସ୍ୱଚକ୍ଷୁରେ ଦେଖିଥିଲେ। ପୁଷି ପ୍ରତି ବିରକ୍ତି ଓ ଅସନ୍ତୋଷ ପ୍ରକାଶ କରି ଗୁଡ଼ାଏ ଗାଳି ବର୍ଷଣ କରିଥିଲେ। ଏଣୁ ତେଣୁ ଗୁଡ଼ାଏ କଟୁକଥା କହି ଲୋଭୀ ବିଲେଇର ଚୌଦ ପୁରୁଷ ଶ୍ରାଦ୍ଧ କରିଥିଲେ। ମାମୁ ବେଳବୁଡ଼କୁ ବିଲକାମରୁ ଫେରିଲେ ଉପଯୁକ୍ତ ଶାସ୍ତି ଦେବେ ବୋଲି ଧମକ ଦେଇଥିଲେ ପୁଷିକୁ। କିନ୍ତୁ ସତେ କ'ଣ ସୁନ୍ଦାରୀ ପୁଷି ମାଲିକର ମନ ଓ ମୁହଁର ଭାଷା ବୁଝିପାରିଲା? ମୂଷାର କିଛି ନକରି ଏପରିକି ସାମାନ୍ୟତମ ଆଘାତ ନଆଣି ପଞ୍ଜୁରୀ ଭିତରେ ତା ଯଥାସ୍ଥାନରେ ଥୋଇ ଦେଇଛି!! ତାଜୁବ ହେଲେ ମାଇଁ। ବିହ୍ୱଳ ବିଭୋଳ ହୋଇ ସାଇପଡ଼ିଶା ଲୋକମାନଙ୍କୁ ଡ଼ାକିଲେ; ଆଶ୍ଚର୍ଯ୍ୟ ଘଟଣାଟିକୁ ବର୍ଣ୍ଣନା କଲେ।

ସମସ୍ତେ ଶୁଣି ତାଟକା ହେଲେ ସତ; କିନ୍ତୁ ବିଶ୍ୱାସ ଜନ୍ମିଲାନି କାହାର। ମୂଷାତ ବିରାଡ଼ିର ପ୍ରିୟ ଖାଦ୍ୟ! ତାକୁ ନଖାଇ ପୁଣି ତା ଜାଗାରେ ଯଥା ସ୍ଥାନରେ ଛାଡ଼ି ଦେଇଛି – ଆଖିରେ ନ ଦେଖିଲେ କିଏ ବିଶ୍ୱାସ କରିବ? ମାଇଁଙ୍କ ମୁଣ୍ଡ ଖରାପ କିମ୍ବା ତାଙ୍କ ମତିଭ୍ରମ ହୋଇଛି ବୋଲି ସମସ୍ତେ ମତଦେଲେ – ତମେ ସପନ ଦେଖିଲ ନା କ'ଣ ସୁନେଇ? ସାଇ ପଡ଼ିଶାଙ୍କ ମତ।

ମାଇଁ କିନ୍ତୁ ଜନମତ ମାନିବାକୁ ଅସମର୍ଥ। ସେ ଠିକ୍ ଦେଖିଛନ୍ତି, ତାଙ୍କ ମୁଣ୍ଡ ଠିକ୍ ଅଛି, ମତି ଆଦୌ ଭ୍ରମ ହୋଇନାହିଁ ବୋଲି ଦୃଢ଼ତା ପ୍ରକାଶ କଲେ। ପୁଷି ତାଙ୍କ ଆଖି ଆଗରେ ଧଳାମୂଷାକୁ ଛଞ୍ଚାଣ ଭଳି ଝମ୍ପି ନେଲାବେଳେ ସେ ଦେଖିଛନ୍ତି; ପାଞ୍ଚଣ ଧରି ପୁଷିକୁ ଗୋଡ଼ାଇଛନ୍ତି, ଗାଳି ଦେଇଛନ୍ତି। ପୁଷି ମୂଷାକୁ ନଛାଡ଼ି ସଙ୍ଗା ଉପରକୁ ଉଠି ଯାଇଥିଲା....

ପୁଷି ପୁଷି ବୋଲି ରଡ଼ ଆଖିରେ ଓ ବଡ଼ ପାଟିରେ ରଡ଼ିଲେ ମାଇଁ! ପୁଷିକି ଆଉ ପାଖକୁ ଆସେ? ଭୁଲ କାମଟେ କରିଛି; ଶାସ୍ତି ଭୟରେ ପାଖ ନମାଡ଼େ ଏଇନେ।

ଲୁଚୁ, କେତେ ଦିନ ଏମିତି ଲୁଚିବୁ ଲୁଚୁ। ଆଉ ଖାଇବାକୁ ନଦେଇ ପେଟକୁ ମାରିଲେ ବୁଦ୍ଧି ଶିଖିବୁ, ଠିକ୍ ବାଟକୁ ଆସିଯିବୁ ଆପେ ଆପେ, ମାଲିକ ଆସନ୍ତୁ....

ମାମୁ ଉଚ୍ଛୁରରେ ବିଲରୁ ବାହୁଡ଼ିଲେ। ଅତିକ୍ରାନ୍ତ ସଂଧ୍ୟା। ଘଟଣାଟି କାନ ଦେଇ ଶୁଣିଲେ ଓ ଆଖି ବିସ୍ଫାରିଲେ। କଅଁଳେଇ ଡ଼ାକିଲେ – ସୁନ୍ଦରୀ, ସୁନ୍ଦରୀ, ଆ ପାଖକୁ ଆ, ମୋ ପାଖକୁ ଆ, କେତେ ବୁଦ୍ଧି ତୋର ଲୋ ସତେ! ତୁ ବି ସ୍ନେହ ଦେଇ ଜାଣୁ! ଆ, ଆଉଁସି ଦେବି ତୋ ପିଠି।

ମ୍ୟାଉଁ କରି ଡ଼େଇଁ ପଡ଼ିଲା ସଙ୍ଗା ଭିତରୁ। ଲାଞ୍ଜ ଟେକି ମାମୁଙ୍କ ପାଦ ପାଖକୁ ଚାଲିଆସିଲା। ମାମୁ ତାକୁ ସ୍ନେହ ଢ଼ାଳି ସାଉଁଳିଲେ ବହେ। ସେ ଶ୍ରଦ୍ଧା ପାଇ ତା ଦେହକୁ ଫୁଲାଇ ନିବିଡ଼ ଭାବେ ମାମୁଙ୍କ ଦେହରେ ଘଷି ହେଲା। ମାମୁ ତାକୁ ହାତରେ ଟେକି ନେଇ ପରୀକ୍ଷା କରିବା ପାଇଁ ମୂଷା କତିକୁ ନେଇଗଲେ। ପଞ୍ଜୁରୀ କବାଟ ଖୋଲି ଦେଇ କହିଲେ – ଖା।

ଚଗଲା ମୂଷା ପଞ୍ଜୁରୀ ଭିତରୁ ବାହାରକୁ ଚାଲିଆସିଲା ଠୁକ୍ ଠୁକ୍। ବିଲେଇର ଖୁବ୍ ନିକଟତର ହେଲା ସେ। ଆଶ୍ଚର୍ଯ୍ୟ। ପୁଷି ତା'ର କିଛି କଲା ନାହିଁ, ଥରେ ମାତ୍ର ଶୁଙ୍ଘି ଦେଲା ତାକୁ। ମୂଷା ପୁଣି ପଶିଗଲା ତା ପଞ୍ଜୁରୀ ଭିତରକୁ। ମାମୁ ଅବିଶ୍ୱାସ କରିବାର ଅବକାଶ ନଥିଲା ଆଉ। ଦୃଶ୍ୟ ଦେଖୁଥିଲେ ସାଇର କେତେ ମର୍ଦ୍ଦ, ମାଇପି ଓ ପିଲାମାନେ। ଛୁଆମାନେ କରତାଳି ଦେଉଥିଲେ। ସମସ୍ତେ ମତ ଦେଲେ – ଅର୍ଜୁନ ମହାନ୍ତି ମନ୍ତ୍ର ଜାଣନ୍ତି, ସାପକୁ ବଶୀଭୂତ କରନ୍ତି। ବିଲେଇ କିବା ଜୀବ! ମନ୍ତ୍ରର ପ୍ରଭାବ ପଡ଼ିଛି ତା ଉପରେ। ଯିଏ ଏ ଘରେ ରହିବ ସେ ସାଧୁ ବନିଯିବ।

ଘଟଣା ପ୍ରଚାରିତ ହେଲା। ମାମୁଙ୍କ ଖାତିରି ବଢ଼ିଲା। ସାପ ମନ୍ତ୍ର ପଢ଼ି ବିଷ କାଟୁଥିଲେ। ଏବେ ବିଲେଇ ବୈଷ୍ଣବ ସାଜିଛି ତାଙ୍କ ଘରେ। ଠାକୁରଙ୍କ ମହିମା।

ଏଥର ପଞ୍ଜୁରୀ କବାଟ ବନ୍ଦ କରିବାର ଆବଶ୍ୟକତା ଆଉ ରହିଲା ନାହିଁ। ମୂଷା ଏବେ ଉନ୍ମୁକ୍ତ; ଘର, ବାରଣ୍ଡା ଓ ଖଞ୍ଜା ଅଗଣାରେ ତା'ର ବିହାରସ୍ଥଳୀ। ପୁଷି ତା'ର ସାଥୀ, ଦେହରକ୍ଷୀ, ସେ ଶୋଇଥିଲା ବେଳେ ମୂଷା ତା ଦେହ ଉପରେ ଦେଇ ଚଢ଼ିଯାଏ, ତା ପାଖେ ଲଙ୍ଗପଙ୍ଗ ହୁଏ। ପୁଷିର ନିଦ ଭାଙ୍ଗିଗଲେ ମୂଷାକୁ ଥରେ ଶୁଙ୍ଘିଦିଏ। କ'ଣ ସେ ଶୁଙ୍ଘିବାରେ ଥାଏ ସେମାନେ ବୁଝନ୍ତି। ଘଟଣା ବିଚିତ୍ର ହେଲେ ମଧ୍ୟ ସତ୍ୟ।

ମୁଁ ସେତେବେଳେ ବାଳକ, ଦଶମ ଶ୍ରେଣୀରେ ପଢୁଥାଏ। ମାମୁଘର ମୂଷିକ ମାର୍ଜାରର ବାସ୍ତବ ନାଟକ ଶୁଣି ବିସ୍ମିତ ହେଲି। ମୋର କୌତୂହଳ ଜାତ ହେଲା। ଖରାଦିନ ଲମ୍ବାଛୁଟି ହୋଇଥାଏ। ବିଦ୍ୟାଳୟ ବନ୍ଦ ଥାଏ, ପାଠପଢ଼ାର ଦୀର୍ଘ ବିରତି। ବାପାବୋଉଙ୍କ ଠୁଁ ଅନୁମତି ନେଇ ମାମୁ ଘର ଗଲି। ଯାହା ଦେଖିଲି ଶୁଣା ଠାରୁ ଟିକିଏ ହେଲେ ଊଣା ନଥିଲା। ସତରେ ମାର୍ଜାର ଓ ମୂଷିକର ସଂପର୍କ ଭାଷାରେ ସଠିକ୍ ପ୍ରକାଶ କରିବା ସମ୍ଭବ ନୁହେଁ। ମୁଁ ହାତରେ ମୂଷାକୁ ଉଠାଇ ପାପୁଲିରେ ରଖିଲି, ଅନ୍ୟ ହାତରେ ପୁଷିକୁ ଧରି କାଖରେ ଜାକିଲି, ପୁଣି ଉଭୟଙ୍କୁ ତଳେ ଛାଡ଼ିଲି।

ପୁଷିର ଟିକିଏ ହେଲେ ହିଂସ୍ରତା ନଥିଲା; ମୂଷାକୁ ତା' ନିଜ ଛୁଆ ଭାବି ସ୍ନେହଦାନ କରୁଥିଲା ଯେମିତି ତା' ସନ୍ତାନ ସିଏ ! ଅନୁଭବକଲି, ସ୍ନେହ ତ ସରଗର ଚିଜ। ନିଜ ଓ ପର ଚିନ୍ତା ସାର୍ଥୀମନର ସଂକୀର୍ଣ୍ଣ ଭାବନା ମାତ୍ର। ସଂସ୍ପର୍ଶ, ପରିସ୍ଥିତି ଓ ପରିବେଶ ଜନ ଓ ଜୀବମାନଙ୍କର ପ୍ରକୃତି ଗଠନରେ ମୁଖ୍ୟ ଭୂମିକା ଗ୍ରହଣ କରେ। କୁସୁମ ପରଶେ ପଟ ନିସ୍ତରେ। ସତ୍‌ସଙ୍ଗ ଶିଷ୍ଟାଚାର ଶିକ୍ଷାଦିଏ, ଶ୍ରଦ୍ଧା ବଢ଼ାଏ; ଦୁଃସଙ୍ଗ ଦୁଶ୍ଚରିତ୍ର ତିଆରି କରେ। ପରିବେଶ ଓ ପରିସ୍ଥିତି ନେଇ ମଣିଷ ପଶୁହୁଏ– ପଶୁ ମଣିଷ ପାଲଟେ। ସୃଷ୍ଟିର ନଗଣ୍ୟ ଜୀବମଧ ଏହି ଧାରାରେ ପରିଚାଳିତ। ସୁନ୍ଦରୀ ପୁଷି ଓ ଧଳାମୂଷା ଜ୍ୱଳନ୍ତ ଦୃଷ୍ଟାନ୍ତ।

ମାମୁଘରେ ଗ୍ରୀଷ୍ମଛୁଟିରେ କେଇଦିନ ରହିଗଲି। ପଲ୍ଲୀ ପରିବେଶ ମୋତେ ସୁଖକର ବୋଧହୁଏ। ଗ୍ରାମୀଣ ଜୀବନରେ କେଜାଣି କାହିଁକି ମୁଁ ପ୍ରାଣପ୍ରାଚୁର୍ଯ୍ୟ ଅନୁଭବ କରେ। ଏଥର କିନ୍ତୁ ମାମୁଘର ରହଣିକାଳର ଶେଷ ଦିନଟି ଅତୀବ ଦୁଃଖକର ହୋଇଥିଲା; ବର୍ଣ୍ଣନାତୀତ ସେ ଘଟଣା, ଏକ ପରମ ବିସ୍ମୟର ବିଷୟ ସେ:

ଶୀତରାତିରେ ଆମେ ସମସ୍ତେ ସଅଳ ଖିଆପିଆ ଶେଷ କରି ବିଛଣା ଧଣିଲୁ। ଭୋରରୁ ମୁଁ ଉଠି ହଳିଆ ସହିତ ମଳିପଡ଼ା ଛକ ପର୍ଯ୍ୟନ୍ତ ଗହୀର ରାସ୍ତା ଦେଇ ପାଦରେ ଚାଲିକରି ଯିବାକଥା; ସେଠୁଁ ବାଙ୍କୀକୁ ଭୋର୍ ବସ୍ ଚଢ଼ିବାର କାର୍ଯ୍ୟକ୍ରମ। ଏଣୁ ରାତି ନ ପାହୁଣୁ, ଜାଙ୍ଗୁଲୁ ଜାଙ୍ଗୁଲୁ ଅନ୍ଧାର ବେଳରେ ଶଯ୍ୟାତ୍ୟାଗ କଲି ପ୍ରଥମେ। ମାମୁଙ୍କର ଉଠିବା ବେଳ ହୋଇ ନଥାଏ ଆଉରି। ଉଠି ଦେଖେ, ଛାତିରୁ ନିଆଁ ଖସିଲା ପରି ଲାଗିଲା। ବାରଣ୍ଡାରେ ଲଣ୍ଠନର ମିଞ୍ଜି ମିଞ୍ଜି ଆଲୁଅ ଜଳୁଛି। ପିଣ୍ଡା ଉପରେ ଦୁଆର ମୁହଁରେ ମୁହଁମାଡ଼ି ପୁଷି ମରି ପଡ଼ିଛି। ଟିକିଏ ଦୂରରେ ପାହାଚ ଉପରେ ଗୋଟେ ମସ୍ତବଡ଼ ନାଗସାପ ମଧ ମରି ଶୋଇଛି। ଶିରା ପ୍ରଶିରାରେ ହତବମ୍ବତାର ସ୍ରୋତ ବହିଗଲା। ବିବାକେ ମୂକ ପାଲଟିଗଲି କ୍ଷଣେ ଏବଂ ଟିକିଏ ଅନ୍ତେ ହାଉଳି ଖାଇ ପାଟି କରି ମାଇଁମାମୁଙ୍କୁ ଉଠାଇଲି। ସେମାନେ କଅଣ ହେଲା ଭାବି ଆଖି ମଳିମଳି ଧାଇଁ ଆସିଲେ, ଘଟଣାଟା କହିବା ଦରକାର ନଥିଲା। କେବଳ ଆହା, ଚୁ, ଚୁର ସମବେତ ସ୍ୱର ଆମମାନଙ୍କ ମୁଖରୁ ଉଚ୍ଚାରିତ ହେଉଥିଲା। ଆଶ୍ଚର୍ଯ୍ୟର କଥା, ସମସ୍ତେ ଦେଖନ୍ତି, ଭାଗ୍ୟବାନ ଧଳାମୂଷାଟା ତା ଖୋଲା ପଞ୍ଜୁରୀରେ ସେମିତି ପୂର୍ବ ଭଳି ସତେଜ ଓ ଚଳତ୍‌କ୍ଷମ ରହିଛି ! ଏଇମାତ୍ର ନିକଟରେ ଘଟିଥିବା ଏକ ରକ୍ତାକ୍ତ ସଂଘର୍ଷର ଏକମାତ୍ର ସାକ୍ଷୀ ସେ, ଏକକ ପ୍ରତ୍ୟକ୍ଷଦର୍ଶୀ ! !

ପୁଷି ଓ ସାପର ସଂଘର୍ଷର କାରଣ ବିଶ୍ଲେଷଣ କଲି, ଅନୁଶୀଳନ କଲି ମନେମନେ। ଆଗରୁ କହିଛି, ଚାଲୁଆ ଓ ଗାତୁଆ ମୂଷାମାନଙ୍କୁ ଖାଇବାକୁ ସାପମାନେ ବାଡ଼ିପଟ ଜଙ୍ଗଲରୁ ଘରକୁ ଚାଲି ଆସିଥା'ନ୍ତି। ମୂଷାମାନେ ରାତିରେ ଚେଁ ଚାଁ ହୁଅନ୍ତି ଭୟରେ, ସତର୍କ ଘଣ୍ଟି ପିଟନ୍ତି। ମାମୁ ଜାଣି ପାରନ୍ତି ସାପର ଆଗମନ ଓ ତାହାର କାରଣ। କିନ୍ତୁ ସାପ ତା ମନୋପଯୋଗୀ ଶିକାର ପରେ ଫେରିଯାଇଥାଏ ଗନ୍ତବ୍ୟସ୍ଥଳକୁ। ଗତ ରାତିରେ ବୃହତ୍ ବୃଦ୍ଧ ନାଗ ସାପଟି ଆହାର ଅନ୍ୱେଷଣରେ ଆସିଥିଲା। କୌଣସି ଶିକାର ନ ପାଇବାରୁ ତା ନଜର ପଡ଼ିଥିଲା ଧଳା ମୂଷାଟି ଉପରେ। ପଞ୍ଜୁରୀ କବାଟ ଆଗ ଭଳି ଆଉ ବନ୍ଦ ରହୁନଥିବାରୁ ସାପ ଗତି କରିଥିଲା ପଞ୍ଜୁରୀ ମୁହଁକୁ। ପୁଷି ଦ୍ୱାରପାଳ ସାଜି ଜଗି ରହିଥିଲା ସେଠି, ଜାଣି ପାରିଥିଲା ସାପର ମନ୍ଦ ଉଦ୍ଦେଶ୍ୟ। ସାପ ପଞ୍ଜୁରୀ ଭିତରକୁ ପ୍ରବେଶ କରିବାକୁ ଚେଷ୍ଟା କରନ୍ତେ, ପୁଷି ପ୍ରତିରୋଧ କଲା। ଏଣୁ ବିଷମ ଲଢ଼େଇ ସୂତ୍ରପାତ ହୋଇଥିଲା।

ଉଭୟେ ବର୍ତ୍ତମାନ ମୁହାଁମୁହିଁ, ସାମ୍ନା ସାମ୍ନି, କେହି କାହାକୁ ଛାଡ଼ିବା ପାଇଁ ପ୍ରସ୍ତୁତ ନୁହନ୍ତି। ପୁଷି ଛାଡ଼ିବା ଜନ୍ତୁ ନୁହେଁ, ସାପ ମଧ ତତୋଽଧିକ। ସାପ ଫଣାରେ ଅଛି ଉତ୍କଟ ବିଷ, ଶତ୍ରୁ ଉପରେ ଅହନ୍ତା ସାଧିବାକୁ ଦାନ୍ତରେ ତା'ର ଦଂଶନ କ୍ଷମତା, କିଏ ତା'ର ଗତିରୋଧ କରି ପାରିବ? କାହାର ଅଛି ଏଡ଼େ ହିମ୍ମତ ସର୍ପରାଜକୁ ସମ୍ମୁଖୀନ ହେବାକୁ ?

ପୁଷି ହୁଏତ କହିଥିବ – ପୁଷି ମୁଁ, ମାଲିକର ବୋଲକରା ଭୃତ୍ୟ। ମାଲିକ ମୋତେ ପାଳିଛି, ଖାଇବାକୁ ଦେଇଛି, ସେନେହ କରିଛି, ବେଶ୍ ଆରାମରେ ରଖିଛି ମୋତେ। ନିମକହାରାମ ନୁହେଁ ମୁଁ। ଯାହାର ଲୁଣ ଖାଏ, ତା'ର ଗୁଣ ଗାଇବା ମୋର ଧର୍ମ। ମୋ ମାଲିକ ମଧ ମୋ ଭଳି ଶରଧାରେ ପାଳିଛି ଧଳା ମୂଷାକୁ। ଏ ଅନ୍ଧାର ରାତିରେ ସମତେ ଶୋଇଥିବାବେଳେ ମୂଷାର ସୁରକ୍ଷା ଦାୟିତ୍ୱ ମୋର। ତୁ ତାକୁ ଖାଇଲେ ସମ୍ଭାଳିବି କି ମୁଁ? ହୋଇ ନପାରେ କେବେ ତାହା। ଆମେ ବିଲେଇ ଜାତି। ସତ୍ୟକୁ ସମ୍ମାନ ଦେଉ। ଆମ ପୂର୍ବପୁରୁଷ ବାଘରାଜର ରାଜପଣ ଓ ହୃଦୟବତ୍ତାର କାହାଣୀ ଜାଣୁନା ପରା ! ଶୁଣ୍–ବାଘରାଜା ଦିନେ ଭୋକିଲା ଥିଲା। ବଣ ଫେରନ୍ତା ବଉଳା ଗାଇକୁ ବାଟରେ ଦେଖି ତା' କ୍ଷୁଧାମୋଚନ ପାଇଁ ବଉଳାକୁ ଖାଇବ ବୋଲି କହିଲା। ବଉଳା ମିନତି କଲା। ତା'ର ନବଜାତ ଛୁଆ ଭୋକିଲା। କ୍ଷୀର ପାଇଁ ଗୁହାଳରେ କାନ୍ଦୁଥିବ। ଅନାଇ ରହିଥିବ ମୋତେ। ହେଇ ଦେଖ, ମୋ ଥନରେ କେତେ କ୍ଷୀର ଭର୍ତ୍ତି ମୋ କଅଁଳା ବାଛୁରୀ ପାଇଁ । ମୋତେ ଦୟାକର ହେ ବ୍ୟାଘ୍ରରାଜ, ମୋତେ ଖାଇଲେ ତୁମର ଅନ୍ୟାୟ ହେବ, ଅଧର୍ମ ହେବ....

– ତୋତେ ଖାଇବା ମୋର ଜୀଇଁବା ଧର୍ମ, ପ୍ରାଣୀ ମାରି ଖାଇବା ଏବଂ ବଂଚିବା ମୋର କାମ; – ଏହା ସ୍ରଷ୍ଟାର ପରାମର୍ଶ। ତୋତେ ଖାଇଲେ ମୋର କୌଣସି ଅଧର୍ମ ହେବ ନାହିଁ – ଏଣୁ ତୋତେ ଖାଇବି ମୁଁ।

– ତୁମେ ତ ବଳପତି ରାଜା, ଖାଇପାର ମୋତେ, ବାଧା ନାହିଁ, ଆପତ୍ତି ନାହିଁ ମୋର। ତେବେ ଗୋଟିଏ ଅନୁରୋଧ ରକ୍ଷାକର ରାଜାବର। ମୋ ଭୋକିଲା ଛୁଆକୁ ଥନର କ୍ଷୀରତକ ଦେଇ ଆସିବାକୁ ଅନୁମତି ଦିଅ; କହିବି, ଶେଷଥର ପାଇଁ ମା' ସ୍ତନରୁ କ୍ଷୀର ଖାଇପାରେ ଦୁଃଖୀ, ଆଉ ପାଇବୁ ନାହିଁ କେଭେ.... ବାଘରାଜାକୁ କଥା ଦେଇଛି, ସେ ଦୟାର୍ଦ୍ର ହୋଇ ଛାତି ଦେଇଛି ଏଇଥର। ମୁଁ ବଚନବଦ୍ଧ ମା', ମୋ ଜାତି ତ କେବଳ ସଂସାରର କଲ୍ୟାଣ ପାଇଁ ସୃଷ୍ଟି – ତ୍ୟାଗ ତ ତା'ରି ତପସ୍ୟା, ଜୀବନର ଉଦ୍ଦେଶ୍ୟ.... ଖାଇଥା ପେଟେକରିରେ ବାପା...। ବଉଳାର ନିବେଦନ କରୁଣାପୂର୍ଣ୍ଣ ଥିଲା। ତା ଆଖିରେ ଅଶ୍ରୁ ଝରୁଥିଲା।

ବାଘ ବିଶ୍ୱାସ କଲା, ରାତି ହେଲା ବଉଳାର ସରଳ ବଚନରେ। ବାଘ ସେଇଠାରେ ହିଁ ଅପେକ୍ଷା କରି ବସିଲା। ବଉଳା ତା ଶିଶୁକୁ କ୍ଷୀର ଦେଇ ଆଖିରୁ ଲୁହ ଝରାଇ କାନ୍ଦି କାନ୍ଦି ତା ସର୍ତ୍ତକଥା କହିଲା ଏବଂ ସତ୍ୟପାଳନ ପାଇଁ ବାଘପାଖକୁ ଗଲା। ବାଘ କିନ୍ତୁ ବିସ୍ମିତ। କ୍ରୂରତା ତା ହୃଦୟରୁ ଉଭେଇଗଲା, ପ୍ରାଣ ଆର୍ଦ୍ର ହୋଇଗଲା ଦୟାରେ, ସତ୍ୟପାଳିକା ବଉଳା ପ୍ରତି କରୁଣା ଜାଗିଲା ମନରେ। ପୁରସ୍କାର ସ୍ୱରୂପ ବଉଳାକୁ ଆଉ ନଖାଇ ଫେରାଇ ଦେଲା ତା ସନ୍ତାନ ପାଖକୁ।

ଏଣୁ ପୁଷିର ଦମ୍ଭୋକ୍ତି – ତୁ ଜାଣୁନାରେ ପାପିଷ୍ଠ ସର୍ପ, ମୁଁ ସେହି ହୃଦୟବାନ୍ ମହାବଳ ମହାପରାକ୍ରମଶାଳୀ ବାଘର ବଂଶଧର। ମୁନିବର ଆଦେଶ ମୋର ଶିରୋଧାର୍ଯ୍ୟ। ମୂଷାର ଭକ୍ଷକ ମୁଁ ନୁହେଁ, ରକ୍ଷକ ତା'ର। ମୁଁ ତାକୁ ସନ୍ତାନତୁଲ୍ୟ ସ୍ନେହ କରେ। ଶିଶୁର ସୁରକ୍ଷା ମା'ର ଦାୟିତ୍ୱ। ମାତୃ ଜୀବନ ପଛେ ନର୍କରେ ସଢୁ, ସନ୍ତାନ ତା'ର ସୁଖରେ ରହୁ ହେଉଛି ମାଆ ହୃଦୟର ବାଣୀ। ଏଣୁ ମୁଁ ଥାଉଁ ଥାଉଁ ମୂଷାର ତୁ କୌଣସି ଅନିଷ୍ଟ କରିନପାରୁ। ମୋ ଦାନ୍ତରେ ଅଛି ଅମାପ ଶକ୍ତି, ବାହୁରେ ବହୁତ ବଳ, ଦାନ୍ତରେ କାଟି ତୋତେ ଖଣ୍ଡ ଖଣ୍ଡ କରିଦେବି। ଆ, ଲଢ଼ ମୋ ସାଙ୍ଗେ।

ସାମାନ୍ୟ ବିରାଡ଼ିଟାର ଏତେ ଆସ୍ପର୍ଦ୍ଧା, ଆସ୍ଫାଳନ ! ସାପ ଫଣା ଟେକିଲା, ଦେହକୁ ଫୁଲାଇ ଲାଞ୍ଜରେ ଛିଡ଼ା ହୋଇ ଫଁ ଫଁ କଲା। ସର୍ପର ହୁଙ୍କାର – ମୂର୍ଖ ବିରାଡ଼ି, ଜାଣିବୁ କାହୁଁ ଅହିରାଜର ପରାକ୍ରମ !

ଅହିପତି ଶେଷନାଗ ଅନନ୍ତ ଏ ମହୀକୁ ମୁଣ୍ଡେଇଛି, ତା'ର ଶକ୍ତିରେ ବସୁନ୍ଧରା ତିଷ୍ଠିଛି। ନାଗ ଟିକିଏ ମଥା ହଲେଇ ଦେଲେ ସୃଷ୍ଟି ଟଳି ପଡ଼ିବ କ୍ଷଣକରେ, ଖଣ୍ଡ ଖଣ୍ଡ ହୋଇଯିବ ଧରଣୀ। ଜାଣୁନା ତୁଇ ନାଗର କରାମତି ପରା ! ତା ସ୍ଥାନ କେଉଁଠି ତୁ ପଶୁଟା ବୁଝିବୁ କାହୁଁ? ତ୍ରିଶୂଳଧାରୀ ଶିବାପତି ଶିବଙ୍କ ଭୂଷଣ ମୁଁ। ମୁଁ ପ୍ରଳୟର ସୂତ୍ରଧର, ମୋର ନାଁ ମୃତ୍ୟୁ, ମୃତ୍ୟୁ ବଡ଼ ଭୟଙ୍କର। ବଞ୍ଚିବାର ଇଚ୍ଛା ଯଦି ବାଟ ଛାଡ଼ି ଦେ କହୁଛି।

–ଛିଃ, ରଖ ତୋ ବଡ଼େଇ ପଣ। ଜାତିରେ ତୁ ଦୁଷ୍ଟ, ସଂସାରରେ ତୋତେ ସମସ୍ତେ ଘୃଣା କରନ୍ତି। ତୋର ଦୁର୍ନାମ ଘରେ ଘରେ ରଟେ – ସସର୍ପେ ଚ ଗୃହେ ବାସ ମୃତ୍ୟୁରେବ ନିସଂଶୟଃ। ତୋର ସ୍ଥାନ ମଣିଷ ଘର ନୁହେଁ; ଜଙ୍ଗଲ, ଗାତ, ଶ୍ମଶାନ; ମଣିଷ ସମାଜ ତୋତେ ମନା, ସଂପୂର୍ଣ୍ଣ ନିଷିଦ୍ଧ। ତୋର କାର୍ଯ୍ୟକଳାପ ସମସ୍ତେ ଜାଣନ୍ତି, ତୁ କେବଳ କ୍ଷତି କରି ଜାଣୁ, ଅନ୍ୟାୟ ଭାବେ ଅତ୍ୟାଚାର କରୁ, ତୋର ଦୁର୍ଗୁଣ କାଳିନ୍ଦୀ ହ୍ରଦରେ ଧରା ପଡ଼ିଯାଇଛି। କେତେ ନିରୀହ ଶିଶୁ ଓ ଜୀବମାନଙ୍କୁ ତୁ ମାରି ଖାଇଛୁ କାଳିନ୍ଦୀ ହ୍ରଦରେ। ଶେଷକୁ ତୁ ଭଗବାନ ଶ୍ରୀକୃଷ୍ଣଙ୍କୁ ଚଲୁ କରିବାକୁ ପଛେଇଲୁ ନାହିଁ ମୂର୍ଖ। କିନ୍ତୁ ତୋର ବଡ଼େଇ ଭାଙ୍ଗିଲେ ସିନା ଚକ୍ରଧାରୀ ସେଇ ଗୋପାଳ କୃଷ୍ଣ ! ଦୟା କରି ସେ ତୋର ପ୍ରାଣ ନନେଇ ତଡ଼ି ଦେଲେ ତୋତେ ସାଗର ଭିତରକୁ ସବୁଦିନ ପାଇଁ। ଆଉ କ'ଣ ତୋର ସେ ବିଷଦାନ୍ତ ଅଛି ! ଲଢ଼ତ ଏଥର ଦୁରାଚାର....

ଲଢ଼ିଥିଲେ ସେମାନେ। ଘମାଘୋଟ ସେ ଲଢ଼େଇ। କେହି ଜିତି ନଥିଲେ, କେହି ହାରି ନ ଥିଲେ – ଉଭୟଙ୍କ ଦଶା ଏକ – ମୃତ୍ୟୁ।

ପୁଷି ସିନା ମଲା, ଦେଇଗଲା ମୂଷାକୁ ଜୀବନ। କେତେ ମହାନ୍ ତା'ର ପଶୁ ଚରିତ୍ର ସତେ ! ପଟାନ୍ତର ନାହିଁ ଏହାର। ଭକ୍ଷକ ରକ୍ଷକ ସାଜିଛି। ଆହାର ପରିବେର୍ତ୍ତ ସାହାରା ଦେଇଛି। ସ୍ନେହାମୃତର ଅମର ଲିପି ଲେଖିଯାଇଥିଲା ସାମାନ୍ୟ ପୋଷା ବିଲେଇଟାଏ।

ଆମେ ସମସ୍ତେ ନିର୍ବାକ୍, ନିସ୍ପନ୍ଦ, ବିମୂଢ଼। ଦୁଇ ମୃତ ଯୋଦ୍ଧା ମରଣୋତ୍ତର ଇସ୍ତାହାର ତୋଳୁଥିଲେ ସେଦିନ ମୋ ସମ୍ମୁଖରେ। ଜୀବନର ଏକ ଚିରନ୍ତନ ସ୍ମୃତି ସାଇତି ଦେଇଥିଲା ମୋ ମାନସପଟରେ।

ସେଦିନ ସକାଳେ ଗାଁକୁ ଫେରିବା ବିଳମ୍ବିତ ହୋଇଥିଲା। ମାମୁ ମାଇଁ ନିଃସନ୍ତାନ। ପୁଷିର ମହତ୍ ମୃତ୍ୟୁ ତଥା ଆତ୍ମବଳି ସେମାନଙ୍କୁ ଦାରୁଣ ଆଘାତ ଦେଇଥିଲା; ଏକ ଅସ୍ପଷ୍ଟ ଶୋକୋଚ୍ଛ୍ୱାସ ଅନ୍ତର ଭିତରୁ ଆତ୍ମପ୍ରକାଶ କରୁଥିଲା। ସେମାନଙ୍କ ନୀରବତା ଭାଷା କହୁଥିଲା।

ପୁଷି ସୁନ୍ଦରୀର ସ୍ମୃତି ହୁଏତ ଅଧିକ ଯନ୍ତ୍ରଣାଦାୟକ ଭାବି ମୁଁ ଫେରିଲାବେଳେ ମାମୁ ପଞ୍ଜୁରୀ ସହିତ ଧଳା ମୂଷାଟିକୁ ଦାନ କରିଥିଲେ ମୋତେ। ମୁଁ ମନା କରି ନଥିଲି। ମୋ ସ୍କୁଲପାଠ ଶେଷ ହେବା ପର୍ଯ୍ୟନ୍ତ ଧଳା ମୂଷା ଆମ ଘରେ ରହିଥିଲା ଅନ୍ୟ ପୋଷା ଜୀବମାନଙ୍କ ସହିତ। ଏକ ବର୍ଷ ଅନ୍ତେ ମୁଁ ଉଚ୍ଚ ଶିକ୍ଷା ଉଦ୍ଦେଶ୍ୟରେ ବାଙ୍କୀ ଛାଡ଼ିଲି। ମୂଷା ବି ଆଉ ବେଶୀ ଦିନ ବଞ୍ଚି ନଥିଲା ଆମଘରେ। ପରେ ପରେ ସେ ମରିଯାଇଥିଲା, ଅବଶ୍ୟ ଜୀବଟିର ସ୍ୱଭାବିକ ବଞ୍ଚିବାର ସମୟ ସରିଯାଇଥିଲା, ପରମାୟୁ ପୂରି ଯାଇଥିଲା।

ଜୀବ ଚରିତ ଓ ଅନୁଧ୍ୟାନରେ ମୋ ମାମୁଘର ପୁଷି ସୁନ୍ଦରୀର ଭୂମିକା ବିଶେଷ ସ୍ଥାନ ଦାବି କରେ। ପ୍ରାଣୀ ପ୍ରାଣୀ ମଧ୍ୟରେ ମମତା, ମିତ୍ରତା ଓ ସଖ୍ୟଭାବର ଜ୍ୱଳନ୍ତ ଦସ୍ତାବିଜ୍ ମୋ ମାମୁଘରର ପୁଷିସୁନ୍ଦରୀ।

**ଆ**ମପାଣିରେ ସେଦିନ ମୋ ମୃଗଛୁଆ ଝୁମୁରୀ ଛଇଳା କୁତ୍ତୀଠୁଁ କ୍ଷୀର ଖାଉଥିଲା ବେଳେ ମୁଁ ମୁଗ୍ଧ ହୋଇ ମିରୁକୁ କହିଥିଲି – ମିରୁ, ଛଇଳାର ଛୁଆ ନାହିଁ, ମୃଗଛୁଆର ମା' ନାହିଁ। ଦେଖୁଛ ଉଭୟଙ୍କର ପରସ୍ପର ଆକର୍ଷଣ ଓ ଆବଶ୍ୟକତା ? ଛଇଳାକୁ ଏଠି ଛାଡ଼ି ଦେଇଯା।

"ମୁଇଁ ମନା ନାଇଁ କରେ ବାବୁ। ଏଠାରେ ଇତ ଭଲ୍ ଖାଇବାକେ ପାଇବ। ହେଲେ ଛଇଲା ଆମ୍‌କେ ଛାଡ଼ି ନାଇଁ ରହେ ବାବୁ।"

"ତେବେ ସେ ମୋ ପାଖେ ଏଠାରେ ରହୁ।"

"ଦେଖୁନ୍ ବାବୁ।"

ମୁଁ ଛଇଳାକୁ ଭାତ ଡ଼ାଲି ପେଟେ ଖାଇବାକୁ ଦେଲି। ସେ ତାକୁ ଖାଇ ଅଫିସ୍ ଟେବୁଲ ତଳେ ଶୋଇଲା। ମୃଗ ଛୁଆଟା ବି କୁତ୍ତୀ କ୍ଷୀର ଖାଇ ସନ୍ତୁଷ୍ଟ ଥିଲା। କିନ୍ତୁ ଠିକ୍ ମୁହଁସଞ୍ଜ ବେଳେ ଦେଖିଲି ଛଇଳା ଆଉ ନ ଥିଲା ଏଠି। କେତେବେଳେ ଚୁଟ୍ କରି ତା ପ୍ରଭୁ ପାଖକୁ ଚାଲି ଯାଇଥିଲା। ଆସିଲା ପୁଣି ତା'ର ପରଦିନ କ୍ଷୀରବାଲା ମିରୁ ସହିତ। ପୂର୍ବଦିନ ଭଳି ମୃଗଛୁଆ ବି କ୍ଷୀର ପିଇଥିଲା ତାଠୁଁ। କିନ୍ତୁ ଗତକାଲି ପରି ଛଇଳା ପୁଣି ଫେରି ଯାଇଥିଲା ତା ପ୍ରଭୁ ଘରକୁ। ଏହିପରି ମୃଗଛୁଆ ଓ କୁତ୍ତୀ ଛଇଳାର ସଂପର୍କ ଗଢ଼ି ଉଠିଥିଲା କିଛି ଦିନ ପର୍ଯ୍ୟନ୍ତ। ଛଇଳା କିନ୍ତୁ ଅପତ୍ୟ ସ୍ନେହ ଅପେକ୍ଷା ପ୍ରଭୁଭକ୍ତିରେ ବେଶୀ ଆସକ୍ତି ଦେଖାଇ ଥିଲା। ପ୍ରଭୁଭକ୍ତ କୁକୁର ଭଳି ବିଶ୍ୱସ୍ତ ଭୃତ୍ୟ ସୃଷ୍ଟିରେ ବୋଧେ ଆଉ କେହି ପ୍ରାଣୀ ହୋଇ ନ ପାରନ୍ତି ବୋଲି ମୋ ମନରେ ବିଶ୍ୱାସ ଜନ୍ମିଥିଲା ସେଇ ଦିନଠୁଁ।

ଯତ୍ନ ଓ ହେପାଜତ ଭିତରେ ମୃଗ ଛୁଆଟା ହୃଷ୍ଟପୁଷ୍ଟ ହୋଇ ବଢ଼ିଲା। ଦେହ ତା'ର କ୍ରମଶଃ ଚିକ୍କଣ ଦିଶିଲା। ସେ ଖୁପୁରୁ ଖୁପୁରୁ ଡ଼େଇଁଲା ଚାଞ୍ଚରାଘେରା ଅଗଣା ସାରା କଅଁଳ ବାଛୁରୀ ପରି। ଖୁସି ଲାଗିଲା ମୋତେ। ପୋଷା ବିରାଡ଼ିଟିଏ ନାନୀ ପଛରେ ଲାଞ୍ଜ ଟେକି ମ୍ୟାଉଁ ମ୍ୟାଉଁ କରି ଅଳି ଅଝଟ କଲା ଭଳି ସେ ମୋ ପାଖ ଛାଡ଼ି ଆଉ କୁଆଡ଼େ ଗଲା ନାହିଁ। ତା ଡ଼ିଆଁ ଡ଼େଇଁ ସଉକ ଦେଖି ତା ବେକରେ ଗୋଟିଏ ଘାଗୁଡ଼ି ବାନ୍ଧି ଦେଲି। ସେ କୁଦା ମାରିଲା ବେଳେ ଘାଗୁଡ଼ିର ମାନ୍ଦ୍ର ସ୍ୱର ମଧୁର ଶୁଭିଲା। ଯେତେ ଦୂରରେ ଥିଲେ ଘାଗୁଡ଼ିର ଝଣଝଣ ଶବ୍ଦ ତା ଉପସ୍ଥିତି ସୂଚାଇ ଦେଉଥିଲା। ଯଥାର୍ଥରେ ତା ନା ରଖିଲି 'ଝୁମୁରୀ'। ଗୋଟାଏ ଆକର୍ଷଣ ମୋତେ ବାନ୍ଧି ରଖିଥିଲା।

ଦାନ୍ତ ଉଠିଲା ବେଳେ ପ୍ରତି ଶିଶୁର ପାଟି ଶୂଳେଇ ହୁଏ; କଅଣ ଗୋଟେ ଚୋବେଇବାକୁ ଇଚ୍ଛା ହୁଏ। ଝୁମୁରୀ ଦିନରେ ଡ଼ାଳ ଚୋବାଏ, ଘାସ ଚୋବାଏ, ଚୂର୍ଣ୍ଣ କରିବାର ଶକ୍ତି ନଥାଏ, କେବଳ ଚାକୁଳେଇ ପକାଇ ଦିଏ। ନୂଆ ନୂଆ ଅଭ୍ୟାସ ଯୋଗୁଁ ରାତିରେ ଥରେ ମୋ ପାଖେ ଶୋଇବା ବେଳେ ପାଟି ଚାକୁଳି କରିବା ଦରକାର ହେଲା ନା କ'ଣ ମୋ ଘୋଡ଼ିହେଲା ଶାଲକୁ ଚୋବାଇଥିଲା। ସକାଳ ହେଲାରୁ ଜାଣିଲି, ସେ ନୂଆ ଦାମୀ ଶାଲଟାକୁ ଖଣ୍ଡେ ଚୋବାଇ ଛିଣ୍ଡାଇ ଦେଇଛି। ଭୀଷଣ ବିରକ୍ତ ହେଲି ତା ଉପରେ। ଜିନିଷ ନଷ୍ଟ କଲେ କିଏ ସମ୍ଭାଳିବ ଯେ !

ଗେହ୍ଲା ଆଦର କରି ପାଖରେ ପଶୁ ପିଲାଟାକୁ ଶୁଆଇଲି ବୋଲି ଏମିତି କାଣ୍ଡ କରିବ, ଜିନିଷ ନଷ୍ଟ କରିବ, କ୍ଷତି କରିବ ମୁନିବର ! ! ଗୁଡ଼ାଏ ଗାଳି ଦେଲି। ଢ଼ଗମେଲାଇ କହିଥିଲି – ଫୁଜି ପଇଡ଼, ଭାସି ଯାଉଥିଲୁ ମଝି ନଈରେ ଧରି ଆଣିଲି ତୋତେ, ଆଜି ଟାକୁଆ ଗାଲରେ ମାଉଁସ ଲାଗିଲା  ଜବାବ ଦଉଛୁ ମୋତେ ?

ସେ ମାଲିକର ବିରକ୍ତି ଓ କଟୁଭାଷା ବୁଜିଲା କି କଅଣ, ସେଦିନ ମୋଟେ କ୍ଷୀର ପିଇଲା ନାହିଁ। ଡ଼ାଳପତ୍ର ଖାଇ ଶିଖି ନାହିଁ। ମୁଁ ଡ଼ରିଗଲି। ସତରେ ଛୋଟ ଛୁଆଟା ବୁଝିବ ନା କଅଣ ଭାବି କଥା ଉପରେ ନଥା ଭଳି ଢ଼ଗ ମେଲି ଦେଲିନା ! ତାହେଲେ ସେ ଖାଉନି କାହିଁକି ? ଦେହପା ଖରାପ ହେଲା କି କ'ଣ ? ଖଣ୍ଡମଣ୍ଡଳରେ କେହି ଡ଼ାକ୍ତର ନାହାନ୍ତି, ପଶୁ ଡ଼ାକ୍ତର ତ ଦୂର କଥା। ଦେହ ଅସୁସ୍ଥ ହେଲେ ଭାଗ୍ୟକୁ ଆଦରି ରହନ୍ତି ଲୋକେ। ମୋ ମୁହଁରୁ ରୁକ୍ଷତା ଲୁଚିଯାଇ କୋମଳତା ଫୁଟି ଉଠିଲା। ତାକୁ ହାତରେ ସାଉଁଳା ସାଉଁଳି କରି ପ୍ରୀତିଭରା ସ୍ୱରରେ କହିଲି – ଦୁଷ୍ଟାମି କଲେ ବାପା ମା' ଗାଳି ଦିଅନ୍ତି, ଗାଳି ଦାଣ୍ଡର ଧୂଳି, ଉପରେ ଉପରେ ଉଡ଼ିଯାଏ, ପିଲାଏ ଧରି ବସନ୍ତି ନାହିଁ। ରୁଷିଲେ, ଅଭିମାନ କରି ନଖାଇଲେ ନିଜେ ଭୋଗିବୁ। ଏଥର ଆଉ ଜିନିଷ ନଷ୍ଟ କରିବୁ ନାହିଁ,

ଭଲ ମଣିଷ ଭଳି ଚଳିବୁ। ବୁଝୁଛୁ ତ ? ସେ ବୁଝିଲା କି ନାହିଁ ଜାଣିନି ମୁଁ, କିନ୍ତୁ ସତକୁ ସତ କ୍ଷୀର ବୋତଲ ଦେଖାଇଲା ମାତ୍ରେ ମୁହଁ ଟେକି ପିଇଲା। କହିଥିଲି, ସୁନା ଝୁମୁରୀଟା। ପଶୁ ବଚନ ନ ବୁଝିଲେ ମଧ୍ୟ ଭାବ ବୁଝେ – ମୋର ଅନୁଭୂତିମୂଳକ ବିଶ୍ୱାସ।

ଝୁମୁରୀ କ୍ରମଶଃ ସୁସ୍ଥ ସବଳ ହୋଇ ବଢ଼ିଲା, ଯୁବତୀ ହେଲା। ଲମ୍ୱା ମୁହଁ, କୋମଳ କାନ୍ତ ଶାନ୍ତ ନୟନ, ଈଷତ୍ କଷରା ଚର୍ମ ଶରୀରରେ ଅଗଣିତ ଶ୍ୱେତବିନ୍ଦୁ ସମୂହର କଳାତ୍ମକ ପରିପ୍ରକାଶ, ମଣିଷ ଆଖିକୁ ଆକର୍ଷଣୀୟ। ମୁଁ ବାନ୍ଧି ଦେଇଥିବା ଘାଗୁଡ଼ିଟା କୁମାରୀ ବେକର କଣ୍ଠିମାଳ ଭଳି ଭୂଷଣ ତା'ର। ଯେଉଁ ଗାଡ଼ିବାଲାମାନେ ଗେଟ୍ ଦେଇ ଯା'ଆସ କରନ୍ତି, ତାକୁ ଟିକିଏ ସାଉଁଳି ଦିଅନ୍ତି ସରାଗରେ। ସେ ସ୍ୱୀକୃତି ସ୍ୱରୂପ ତା କ୍ଷୁଦ୍ର ଲାଞ୍ଜକୁ ଦୁଇଥର ହଲାଇ ଦିଏ। କିଏ ତା ପାଇଁ ଆଣିଥାଏ ବିସ୍କୁଟ୍‌ଟେ ତ କିଏ ଚକୋଲେଟ୍। ସେ କାଡ୍ରୁ କାଡ୍ରୁ କରି ଚୋବାଇ ପକାଏ; ଦାତାର ପଛେ ପଛେ ଖଣ୍ଡେ ବାଟ ଧାଇଁ ଯାଏ କୃତଜ୍ଞତା ପ୍ରକାଶ କରିବାପାଇଁ। କେବେକେବେ ଡ଼ିଆଁଚେରା ମାରି ସଂଲଗ୍ନ ବଣ ଭିତରକୁ ମଧ୍ୟ ପଶିଯାଏ। ମୁଁ କିନ୍ତୁ ଡ଼ରିଯାଏ। ଏଠି ଆମପାଣି ଜଙ୍ଗଲରେ କେତୁଟା ଦୁଷ୍ଟ ଚିତାବାଘ ଥା'ନ୍ତି। ଠିକ୍ ମୁହଁ ସଞ୍ଜବେଳେ ଘାଟୀ ପାର ହୁଅନ୍ତି। ଝୁମୁରୀଟା ଯଦି ଚିତା ହାବୁଡ଼ରେ ପଡ଼ିଯାଏ ! ମୁଁ ସବୁବେଳେ ଶଙ୍କିତ ରହେ। ତେବେ ତା ଜଙ୍ଗଲବୁଲାକୁ ବାରଣ କରିପାରେ ନାହିଁ। ମନକୁ ସାନ୍ତ୍ୱନା ଦେଇ ବୁଝାଇ ଦିଏ। ପଶୁ ଜାତି, ବଣନଟା ତା'ର ପ୍ରାକୃତିକ ବାସସ୍ଥଳୀ। ଆତ୍ମରକ୍ଷା ପାଇଁ ପ୍ରକୃତି ଦୁର୍ବଳ ପ୍ରାଣୀକୁ ଜନ୍ମରୁ ହିଁ ଶିକ୍ଷା ଦେଇଥାଏ। ଅତଏବ ମୃଗୁଣୀ ଝୁମୁରୀ ଜଙ୍ଗଲରେ ବୁଲିବାକୁ ବାରଣ କରିବା ଅନୁଚିତ। ସେ ଆତ୍ମରକ୍ଷାର କଳା ଶିକ୍ଷା କରିବା ଉଚିତ୍। କିନ୍ତୁ ଝୁମୁରୀରେ ବଡ଼ ଗୁଣଯେ ସେ କିଛି ସମୟ ବଣରେ ଘୂରି ପୁଣି ଆପେ ଆପେ ଫେରିଆସେ। ତା'ର ଫେରିବା ବେଶୀ ଡ଼େରିହେଲେ ମୁଁ ବ୍ୟସ୍ତ ହୋଇପଡ଼େ। ମୋର ମଧ୍ୟାହ୍ନ ଭୋଜନ ସ୍ଥଗିତ ରହେ। ଠିକ୍ ମଧ୍ୟାହ୍ନ ପ୍ରହରକୁ ଜଙ୍ଗଲ ବୁଲି ଫେରିବା ତା'ର ଅଭ୍ୟାସରେ ପରିଣତ ହୋଇଯାଇଥାଏ। ଜଙ୍ଗଲକୁ ଛାଡ଼ିବା ଦ୍ୱାରା ଝୁମୁରୀର ଗୋଟିଏ ବିଶେଷ ଲାଭ ହୋଇଥିଲା। ଇତି ମଧ୍ୟରେ ସେ ଜୀବନ ସାଥୀଟିଏ ସଂଗ୍ରହ କରି ଦେଇଥିଲା ଏବଂ ଗୁପ୍ତ ପ୍ରଣୟରେ ଲିପ୍ତଥିଲା – ମୁଁ ଜାଣି ନଥିଲି। ତା ବିର୍ଦ୍ଧିଷ୍ଣୁ ପେଟ ଓ ପହ୍ନା ଗର୍ଭଧାରଣର ସୂଚନା ଦେଇଥିଲା। ମୁଁ ଆଶ୍ଚର୍ଯ୍ୟ ହୋଇଥିଲି; ଉଲ୍ଲସିତ ହୋଇ ସନ୍ତୋଷ ପ୍ରକାଶ କରିଥିଲି। ତା'ର ପ୍ରସବ ଦିନଟିକୁ ଅପେକ୍ଷା କରିଥିଲି ଉତ୍କଣ୍ଠାର ସହିତ।

କିନ୍ତୁ ଇତିମଧ୍ୟରେ ମୁଁ ବାପାଙ୍କଠୁଁ ଜରୁରୀ ଡ଼ାକରା ପାଇ ଗାଁକୁ ଆସିବାକୁ ହୋଇଥିଲା। ସେମାନେ ମୋ ବାହାଘର ଠିକ୍ କରି ସାରିଥିଲେ ଏବଂ ଭଦ୍ରଲୋକଙ୍କ ସାଙ୍ଗେ ବିବାହଦିନ ଧାର୍ଯ୍ୟ କରି ନେଇଥିଲେ। ପିତାମାତାଙ୍କ ନିର୍ଦ୍ଦେଶ ଅମାନ୍ୟ କରିବାକୁ ମୋର ଚାରା ନଥିଲା। ଏଣୁ ଝୁମୁରୀର ଦାୟିତ୍ୱ ଅଧସ୍ତନ ଇନ୍‌ସ୍ପେକ୍ଟର ସଦାଶିବ ରଥଙ୍କ ହାତରେ ନ୍ୟସ୍ତ କରି ଆମପାଣି ଛାଡ଼ିଥିଲି।

ଏଣେ ଯଥାରୀତିରେ ମୋର ବିବାହକାର୍ଯ୍ୟ ସମ୍ପନ୍ନ ହୋଇଥିଲା। ବିବାହ ପରେ ପରେ ମୋ ନବ ପରିଣିତା ପତ୍ନୀ ପ୍ରତିଭାଦେବୀ ଭୀଷଣ ଜ୍ୱରରେ ପଡ଼ିଲେ। ତାଙ୍କର ଉପଯୁକ୍ତ ଚିକିତ୍ସା ପାଇଁ ମୋତେ ଛୁଟି ବଢ଼ାଇବାକୁ ପଡ଼ିଲା। ସେ ଅବଶ୍ୟ ସୁସ୍ଥ ହେଲେ ଏବଂ ଆମ ଘରେ ରହିଲେ ନବବଧୂ ହୋଇ। ମୁଁ ଛୁଟି ଶେଷ କରି ଆମପାଣି ଯାତ୍ରାକଲି ଚାକିରିରେ ପୁନଃଯୋଗ କରିବାକୁ।

ଭୁବନେଶ୍ୱର ଦୂର ଆମପାଣି ଦୀର୍ଘ ଦୁଇଦିନର ବସ୍‌ଯାତ୍ରା। ସିଧାସଳଖ ବସ୍ ନଥାଏ। ଭବାନୀପାଟଣାରୁ ବସ୍ ବଦଳାଇବାକୁ ହୁଏ। ବସ୍‌ଯାତ୍ରାବେଳେ ଆଖି ଟିକିଏ ହେଲେ ବୁଜି ନଥିଲି। ଝୁମୁରୀ କଥା ସର୍ବଦା ମନକୁ ଢ଼ାଙ୍କି ରଖିଥିଲା। ଇତିମଧ୍ୟରେ ଦେଢ଼ମାସ ପୂରି ଗଲାଣି। ସେ ଗର୍ଭିଣୀ ଥିଲା। ଛୁଆ ଦେଇ ସାରିବଣି। କେତୋଟି ଛୁଆର ମା' ହୋଇଥିବ ଝୁମୁରୀ ନାନୀ ? ଛୁଆଗୁଡ଼ିକ କିପରି ହୋଇଥିବେ ? ମା' କାଟର ନା ବାପ ଢ଼ଙ୍ଗର ? ଏମିତି ମୋ ମନପର୍ଦ୍ଦାରେ ଅନେକ ରଙ୍ଗୀନ୍ ଆଶାସମ୍ୱଳିତ କଳ୍ପନା ଭାବନା ଲାଗିରହିଥିଲା ସତେ ଯେମିତି ଝୁମୁରୀଟା ମୋର ଜନ୍ମିତ କନ୍ୟାମଣି !

ଆମପାଣି ପହଞ୍ଚିଲି। ଇନ୍‌ସ୍ପେକ୍ଟର ସଦାଶିବ ଓ ମୋ ଅର୍ଦ୍ଦଳି ଡ଼ମରୁ ଭୋତ୍ରା ମୋତେ ବିଧିମତେ ସମ୍ମାନ ଜଣାଇଲେ। ସେମାନେ ମୋ ସଦ୍ୟ ବିବାହ ପାଇଁ ଶୁଭେଚ୍ଛା ଜଣାଇବା ଅବସରରେ ମୁଁ ଝୁମୁରୀକୁ ଖୋଜି ବସିଲି। କାହିଁ ମୋ ଝୁମୁରୀ ? କେତୋଟି ଛୁଆ ଦେଇଛି ? ଚିଠି ଦ୍ୱାରା ତା ଖବର କାହିଁକି ଦେଲ ନାହିଁ ବୋଲି ଅଭିଯୋଗାତ୍ମକ ପ୍ରଶ୍ନ କରିଥିଲି।

ସେମାନେ ଚୁପ୍ ରହିଲେ। ମୋର ଆଶଙ୍କା ତେଜିଲା। କ'ଣ ହୋଇଛି କହୁନ କାହିଁକି ସବୁ ? ଏମିତି ବୋକାଙ୍କ ପରି ଛିଡ଼ା ହୋଇ ରହିଛ ଯେ ?

ସେମାନଙ୍କ ନୀରବତା ଓ ନିରୁତ୍ତରତା ବିଷାଦର ଚିତ୍ର ତୋଳୁଥିଲା। ମୋ ବିବର୍ଣ୍ଣ ମୁହଁର ପଞ୍ଚମାବସ୍ଥା ଦେଖି ସେମାନେ ସତକଥା ପ୍ରକାଶକଲେ –

: ଆପଣ ସାର୍ ଯେଉଁଦିନ ଗାଁକୁ ଗଲେ, ସେଦିନ ଝୁମୁରୀ ଆଦୌ ଖାଇଲା ନାହିଁ। ଆପଣଙ୍କୁ ଝୁରିଲା। ଆମେ ବରକୋଳି ଡ଼ାଳ, ବରଓସ୍ତ ପତ୍ର, କଅଁଳ ଘାସ, ବିସ୍କୁଟ, ମୁଢ଼ି, କ୍ଷୀର, ଭାତ ଯେତେ ତା ମୁହଁରେ ଗେଞ୍ଜିଲୁ ସେ ଛୁଇଁଲା ନାହିଁ; ଏଡ଼ାଇ ଦେଲା ସବୁ। ବଡ଼ ଚିନ୍ତା ଲାଗିଲା ଆମକୁ। ତା'ର ଯଦି କିଛି ହୋଇଯାଏ ଆମେ ଦୋଷୀ ହେବୁ। ସେ ଆଉ ଡ଼ିଆଁ ଡ଼େଇଁ କଲା ନାହିଁ, ତା ଘୁଙ୍ଗୁର ତାନରେ ଏ ଅଞ୍ଚଳ ଆଉ ଉଚ୍ଛୁଳିଲା ନାହିଁ। ଯାହାହେଉ, ଦିନକ ପରେ ସେ ଅବଶ୍ୟ ଖାଇଲା, କିନ୍ତୁ ସେଥିରେ ତା'ର ଆଗ୍ରହ ନ ଥିଲା ପରି ମନେହେଲା। ଖାଦ୍ୟ ଖାଇବାର ସରାଗ ଲିଭି ଯାଇଥିଲା ତାଠି। ଆମେ ଭୟ କରି ତାକୁ ଆଉ ବଣ ଭିତରକୁ ଛାଡ଼ି ନଥିଲୁ। ଆପଣଙ୍କ ସେଇ ଘର ଭିତରେ ତାଟି ବନ୍ଦ କରି ଆବଦ୍ଧ ରଖିଥିଲୁ।

ଠିକ୍ ପନ୍ଦର ଦିନ ତଳର କଥା। କେତେ ଆଉ ମୃଗୁଣୀଟାକୁ ବନ୍ଦ କରି ରଖିବୁ ? ପୋଷା ପଶୁଟା କୁଆଡ଼େ ଯିବ ? ବୁଲା ବୁଲି କରୁ। ଏଣୁ ଖୋଲିଦେଲୁ ତା ମୁକ୍ତ ବିହାର ପାଇଁ। ସେ କେତେ ସମୟ ଏଣେ ତେଣେ ବୁଲିଲା। ଆମେ ନଜର ରଖିଥିଲୁ। କିନ୍ତୁ ହଠାତ୍ ପୂର୍ବଭଳି ତା'ର ପରିଚିତ ବଣ ଭିତରୁକୁ ଖୁରା ନଚାଇ ନଚାଇ ଡ଼େଇଁ ଡ଼େଇଁ ପଶିଗଲା। ଆଗଭଳି ମଧ୍ୟାହ୍ନ ପୂର୍ବରୁ ଫେରିବା କଥା। ଦ୍ୱିପ୍ରହର ବେଳ ଲେଉଟିଲା। କିନ୍ତୁ ଝୁମୁରୀ କାହିଁ ? କୁଆଡ଼େ ଗଲା ଏତେ ବେଳଯାଏଁ ? ଆମେ ଡ଼ରି ମରି ଭୟାକ୍ରାନ୍ତ, କାକୁସ୍ଥ। ଝୁମୁରୀ କ'ଣ ଆଉ ରାଗିକରି ପଳାଇଲା ? ତା'ର ଯଦି କିଛି ଅନିଷ୍ଟ ଅଘଟଣ ଘଟିଯାଏ !! ଆପଣ ଥିଲେ ଆମର ବିଶେଷ ଚିନ୍ତା ନଥିଲା। ଆପଣ ତା'ର ଦାୟିତ୍ୱ ଆମକୁ ଦେଇ ଯାଇଥିବାରୁ ଆମେ ନୈତିକ ଦୃଷ୍ଟିକୋଣରୁ ଅଭିଯୁକ୍ତ ମନେ କରୁଥିଲୁଁ। ଆପଣ ଝୁମୁରୀକୁ କିପରି ଶ୍ରଦ୍ଧାରେ ପାଳିଛନ୍ତି ନିଜ ଆଖିରେ ଦେଖିଛୁ, ଆମେ ପ୍ରତ୍ୟେକ୍ଷଦର୍ଶୀ। ସେ ନ ଫେରିବାରୁ ଆମର ଆଶଙ୍କା ଘନୀଭୂତ ହେଲା। ନ ଖାଇ ନ ପିଇ ସଦଳବଳ ଜଙ୍ଗଲ ବୁଲିଲୁ। ଝୁମୁରୀ ଝୁମୁରୀ ଡ଼ାକରେ ଜଙ୍ଗଲ ପ୍ରତିଧ୍ୱନି ତୋଳିଲା। କିନ୍ତୁ ଝୁମୁରୀର ଦର୍ଶନ ମିଳିଲା ନାହିଁ। ଆମର ବିକଳ ଡ଼ାକ ଶୂନ୍ୟରେ ମିଳେଇ ଯାଇଥିଲା କେବଳ। ସୂର୍ଯ୍ୟାସ୍ତ ପରେ ଅନ୍ଧାର ଘୋଟି ଆସିଲା। ଆମେ ବ୍ୟର୍ଥ ମନୋରଥରେ ବସା ବାହୁଡ଼ିଲୁ। ଝୁମୁରୀକୁ ସାର୍ ଝୁରି ହେଉଛୁ ସେଇ ଦିନଠୁଁ...... ତାକୁ କିଏ ଖାଇଗଲା ସାର୍ !

ସଦାଶିବବାବୁଙ୍କ ଆଖି ଆର୍ଦ୍ର ହୋଇ ଆସିଥିଲା ଝୁମୁରୀର ନିଖୋଜ ଘଟଣା ବର୍ଣ୍ଣନା କଲାବେଳେ। ତାଙ୍କ କପାଳରେ ସ୍ୱେଦବିନ୍ଦୁ ମୁଁ ଦେଖିପାରିଥିଲି। ଗୋଟାଏ ବଜ୍ର ପଡ଼ିଗଲା ମୋ ମୁଣ୍ଡ ଉପରେ। ପ୍ରାଣହୀନ ପିତୁଳାଟିଏ ପରି ଶୁଣୁଥିଲି ଝୁମୁରୀର ଦୁଃଖାଦିଦୁଃଖ ମୃତ୍ୟୁ କାହାଣୀ। ମୋ ଆଦରର ଝୁମୁରୀ ଆଉ ଦେହ ଧରି ନାହିଁ ଏ ସଂସାରରେ। କେଉଁ ହିଂସ୍ର

ଖାଦକର ସେ ଖାଦ୍ୟ ହୋଇ ସାରିଛି। ତା ସହିତ ତା ଗର୍ଭରେ ବଢ଼ୁଥିବା ଛୁଆ ମଧ୍ୟ ପାଷାଣ୍ଡ ଜାନୁଆରର ପାଟି ଓ ପେଟରେ ମିଳେଇ ଯାଇଛି! ଆଃ ମୋ ଝୁମୁରୀରେ! ମନେ ମନେ ଗୁଡ଼େ କାନ୍ଦିଲି। ତା'ର ସ୍ମୃତି ଗୁଡ଼ାକ ମୋତେ ଛଟପଟ କରିଥିଲା ବହୁଦିନ ପର୍ଯ୍ୟନ୍ତ। ତା'ର ହତ୍ୟାକାରୀ କିଏ ସନ୍ଧାନ ନେଇଥିଲି। ସକାଳୁ ଚା' ଖାଇସାରି ପାଗଳ ଭଳି ଜଙ୍ଗଲ ବୁଲିବା କେଇଦିନ ମୋର କାମ ହୋଇ ଉଠିଥିଲା। ବର୍ଷାର ଆସର ଜମି ରହିଥିଲା ବଣ ରାଇଜରେ। ଆକାଶରେ କଳା ବଉଦର ଦୃଢ଼ ଆସ୍ତରଣ ମୋତେ ବିଚ୍ୟୁତ କରିପାରି ନଥିଲା। ବୁଲି ବୁଲି ବେଳେ ବେଳେ ବର୍ଷାରେ ଭିଜି ଭିଜି ଫେରେ ସଂଜ ବେଳକୁ ସଂପୂର୍ଣ୍ଣ କ୍ଳାନ୍ତ ହୋଇ। ପାଖରେ ଥାଏ ପିସ୍ତଲଟି ନିଜ ସୁରକ୍ଷା ପାଇଁ। କେତେବେଳେ ଝରଣା ଜଳ ପି' ଦିଏ, କେତେବେଳେ ଭଇଁଚ, କ୍ଷୀରିକୋଳି, ବେତକୋଳି, କନ୍ଦା ଖାଇ ପେଟ ପୂରାଇ ନିଏ। ମନେ ମନେ ଝୁମୁରୀକୁ ଖୋଜୁଥାଏ, ଭାବୁଥାଏ ସେ ପିତାଳୟ ପରିତ୍ୟାଗ କରି ତା ପଶୁ ସମାଜରେ ମିଶିଗଲା ପରା! ତେବେ ଏମିତି ବାୟାଙ୍କ ପରି ଏକାନ୍ତ ଅରଣ୍ୟଚାରଣ ମୋତେ ତୃପ୍ତି ଦେଉଥିଲା, ନୀରବତାର ସ୍ୱନ ଶୁଣିବା ପାଇଁ ମନ ସର୍ବଦା ଧାଇଁ ଥିଲା। ଅନେକ କିସମର ବନ ବିହଙ୍ଗ ଓ ସେମାନଙ୍କ କଥା – କଳରବ – ଧ୍ୱନି ମୋତେ ଆକୃଷ୍ଟ ଆବିଷ୍ଟ କରିଥିଲା। ବନର କେତେ ବିରଳ ପକ୍ଷୀଙ୍କ କାକଳି ମୋତେ ମୁଗ୍ଧ କରିଥିଲା। ବନ କୁସୁମର ବାସ୍ନା ଓ ପାଦପ ପତ୍ରମାନଙ୍କ ହର୍ଷରୋଳରେ ନିର୍ଜନ ଜଗତ ନୃତ୍ୟାୟିତ ମନେ ହେଉଥିଲା। ଅରଣ୍ୟର ଅନିର୍ବଚନୀୟ ଶୋଭାରେ ମୁଁ ମୋହିତ ଥିଲି।

ଥରେ କଣ୍ଟେଇ କୋଳି ଗଛରୁ କୋଳି ତୋଳୁଥିଲି। ଝୁମୁରୀର ବେକସୂତା ସହିତ ଘାଗୁଡ଼ିଟି କଣ୍ଟେଇ ଗଛରେ ଝୁଲୁଥିବାର ଦେଖି ସ୍ତବ୍ଧ ଚକିତ ହେଲି। ଗର୍ଭିଣୀ ଝୁମୁରୀ ଯେ କୌଣସି ଚିତା ବା ବାଘର ଆହାର ହୋଇଛି – ଏଥିରେ ସନ୍ଦେହ ନଥିଲା ଆଉ। ବହୁ ଆଶା କରିଥିଲି ମୋ ହାତରେ ପାଳିତା ବନ୍ୟ ହରିଣୀର ଛୁଆ ଦେଖିବାକୁ, କିନ୍ତୁ ନୋହିଲା। ଜୀବନ, ମରଣ, ବରଷା; କହି ନ ପାରନ୍ତି ପୁରୁଷାର ମାନ୍ଦ୍ର ଧ୍ୱନି ମନରେ ପୁନଃ ପୁନଃ ଉଚ୍ଚାରିତ ହେଲା। ଜନ୍ମ ମୃତ୍ୟୁର ଅନନ୍ତ ପ୍ରକ୍ରିୟାରେ ଚର ଜଗତ ଚିର ପ୍ରବହମାନ – ଗୋଟିଏ କ୍ଷୟ ଗଲେ ଆଉ ଗୋଟିଏ ଜନ୍ମ ନିଏ – ଯୋଗ ବିୟୋଗର ସମଷ୍ଟି ସର୍ବଦା ସମାନ ରହେ – ସେଥିରେ ହିଁ ସୃଷ୍ଟିର ଭାରସାମ୍ୟ ତିଷ୍ଠିତ ରହେ – ମନକୁ ବୋଧ ଦେଇ ବୁଝାଇ ନେଲି। ଝୁମୁରୀର ସୂତାଲଗା ଘାଗୁଡ଼ିକୁ କଣ୍ଟେଇ ଗଛରୁ ଆଣି ସ୍ମୃତି ସମ୍ବଳ ଭଳି ସାଇତି ରଖିଲି। ତାହା ମୋ ପାଖରେ ସୁରକ୍ଷିତ, ଠିକ୍ ଶିଶୁ ବେଳେ ସେ ଦାନ୍ତରେ ଛିଣ୍ଡାଇଥିବା ଶାଳଟି ପରି। ଦିନ ଯାଇଛି, ଚିହ୍ନ ରହିଛି।

**ବା**ଙ୍ଗରସ୍ତାଙ୍କ ମୁଖରୁ ରଂଜୁର ଜୀବନ କାହାଣୀ ଶୁଣି ମୋ ମନରେ ଆମପାଣିର ସ୍ମୃତି ଓ ଅନୁଭୂତି ଅଧିକ ଉଜ୍ଜୀବିତ ହୋଇ ଉଠିଲା। ତନ୍ନ ତନ୍ନ ମନେ ପଡ଼ିଲା ମୋର। ଜଣେ ମଧ୍ୟ ବୟସ୍କ ମୁଛଧାରୀ ଟ୍ରକ୍‌ବାଲା ସପ୍ତାହରେ ଦୁଇଥର ରାତି ବେଳାରେ ଯା'ଆସ କରେ। ନାଁ ମନେ ନାହିଁ, ତେବେ ସାଙ୍ଗିଆ 'ଗୁପ୍ତା' ବୋଲି ମନେ ଅଛି। ହିନ୍ଦୀ ଓଡ଼ିଆ ମିଶା ଖଦଡ଼ ଭାଷା କହେ। ବଡ଼ ଗପୁଡ଼ି; ଅଜସ୍ର ଗପିଯାଏ – ପ୍ରସଙ୍ଗ ଥାଉ ନ ଥାଉ। ଗୋରା ବସନ୍ତ ମୁହଁରେ କଳାଘୁମର ମୋଟା ନିଶ ଡ୍ରାଇଭରୀ ପେଷା ପ୍ରକୃତିକୁ ମେଳ ଖାଏ। ମସିଆ ଧଳା ଟ୍ରାଉଜର ଏବଂ ଢ଼ିଲା କାମିଜ ଦେହରେ ଝୁଲୁଥାଏ ସର୍ବଦା। ସ୍ୱାସ୍ଥ୍ୟବାନ ଏବଂ ଡ଼େଙ୍ଗା ମଧ୍ୟ। ଭୀଷଣ ବିଡ଼ି ଟାଣେ ଏବଂ କହେ, ହଏଦର ଅଲ୍ଲା ବିଡ଼ି ତା'ର ପ୍ରିୟ। ଆଳାପୀ ଲୋକଟିଏ, ମେଳାପୀ ସ୍ୱଭାବ। ଅଧରାତିରେ ଫାଟକରେ ଗାଡ଼ି ରୋକି ସିଧା ମୋ ବସା ପର୍ଯ୍ୟନ୍ତ ନିଃସଂକୋଚରେ ଚାଲି ଆସେ। ଝୁମୁରୀ ପାଇଁ ଆଣିଥାଏ କିଛି କଅଁଳ ପତ୍ର, ବିସ୍କୁଟ ଇତ୍ୟାଦି। ତାକୁ ସରାଗରେ ଖୁଆଏ। ଏଇ ପରିପ୍ରେକ୍ଷୀରେ ଗୁପ୍ତା ସହିତ ମୋର ସମ୍ପର୍କ ଓ ପରିଚୟ।

ସେଦିନ ରାତିରେ ଗୁପ୍ତା ବଡ଼ ଖୁସ୍ ଥାଏ। ଗୋଟାଏ ବଡ଼ କାମଟେ ହାସଲ କରିଛି ବା ଗଡ଼ କିଣି ଆସିଛି ନା କ'ଣ! ପାଟିରୁ ମହୁଲୀ ମଦର ଗନ୍ଧ।

"କି ଗୁପ୍ତା, ଆଜି ବଡ଼ ଖୁସି ଯ! କ'ଣ କଥା?"

"କ୍ୟା କହୁଁ ବାବୁଜୀ, ଆଜି ଶାଲାକୁ ଖତମ୍ କରିଦେଲି।"

"କାହାକୁ?"

" ଓ ଶାଲା ବଦମାସ୍‌ଟାକୁ ମ। ହରଦିନ୍ ମୋତେ ହଇରାଣ କରୁଥିଲା। ବାବୁଜୀ ତମେ ତ ଜାଣ, ଅମରକୋଟ୍ ହାଟରୁ ଅଲ୍‌ସୀ ଲୋଡ଼ କରି ଆସୁ ଆସୁ ରାତି ଡେ଼ରି ହୋଇଯାଏ ସବୁ ଥର। ଯେବେ ଆସେ ସେ ଘାଟୀ ଗଡ଼ାଣିରେ ବଦ୍‌ମାସ ବାଘଟା ମଝି ବାଟରେ ଶୋଇଥାଏ। ରାସ୍ତାରୁ ଜମା ଉଠେ ନାହିଁ। ମୁଁ ହର୍ଣ୍ଣ ମାରି ମାରି ନୟାନ୍ତ ହୁଏ। ବଡ଼ ତକଲିଫ୍ କରେ ଓ୍ୱ ଶାଲା। ଗଡ଼ାଣି ରାସ୍ତାରେ ବୋଝେଇ ଗାଡ଼ି ରୋକିବା କେଡ଼େ ମୁସ୍କିଲ ବାବୁ!! ଏମିତି ବହୁ ସମୟପରେ ଯାଇଁ ବାଟ ଛାଡ଼େ। ବଡ଼ ରାଗ ଲାଗେ। .... ଆଜି ବାବୁଜୀ ପାପଡ଼ାହାଣ୍ଡି ଢ଼ାବାରେ ଟିକିଏ ମହୁଆ ରସ୍ ମାରି ଦେଇଥିଲି। ଭାବିଥିଲି ଆଜି ଶାଲା ଯଦି ବାଟ ରୋକେ, ଶେଷ କରିଦେବି ବିବାକେ ଯାହା ହେବ ପଛକେ। ସେଇଆ ହିଁ ହେଲା ବାବୁଜୀ। ଗଡ଼ାଣିରେ ରେସ୍ କରି ଗାଡ଼ି ଚଢ଼ାଇ ଦେଲି ଜୋର୍‌ରେ। ସଫା। ଆଉ ପଛକୁ ଚାହିଁନି, ମୋ ଗାଡ଼ିର କିଛି ହେଇନି। ଲେଲାଣ୍ଡ ଗାଡ଼ି, ବାବୁଜୀ ଲେଲାଣ୍ଡ ଗାଡ଼ି, ସବୁ ନବ ଭିଡ଼ି। ଆଜିଠୁଁ ଗୋଟେ କଣ୍ଟା ଗଲା।...."।

ଗୁପ୍ତା ଉତ୍‌ଫୁଲ୍ଲ ଥିଲା। ମୁଁ କିନ୍ତୁ ଅସନ୍ତୋଷ ପ୍ରକାଶ କରି କହିଥିଲି – "ବାଘକୁ ସତରେ ମାରିଦେଲେ ଗୁପ୍ତା ଏମିତି ନୃଶଂସ ଭାବେ। "କ'ଣ ବା ସେ କ୍ଷତି କରୁଥିଲା କାହାର?"

ଗୁପ୍ତା ବାହୁସ୍ଫୋଟ ମାରି କହିଥିଲା – " ଜାନୁଆର ଜାତିକୁ ବିଶ୍ୱାସ ନାହିଁ। କେତେବେଳେ ଯେ ଗାଡ଼ି ଉପରକୁ ସେ ଡ଼େଇଁ ପଡ଼ିବ ଅସମ୍ଭବ କ'ଣ? କୁହନା ବାବୁଜୀ, ମୁଁ ସିନା ବଦମାସକୁ ଜାଣିଥିଲି; କୋଉ ଅଜଣା ଗାଡ଼ିଚାଳକ ହଠାତ୍ ଏମିତି ଘାଟୀ ଗଡ଼ାଣିରେ ବାଘ ଦେଖିଲେ ତା'ର ଗାଡ଼ି ଚଳାଇବା ଗଡ଼ବଡ଼ ହେବ, ଷ୍ଟିଅରିଂ କଣ୍ଟ୍ରୋଲ କରିବା ଅସମ୍ଭବ। ହୁଏତ ସେ ହଡ଼ବଡ଼େଇ ଆକ୍‌ସିଡ଼େଣ୍ଟଇ କରିବ, ଗାଡ଼ି ଓଲଟିବ, ମରିବ। ଅଖାଡୁଆ ଘାଟୀ। ତଳକୁ ଚାହିଁଲେ ପାତାଳ ଦିଶିବ। ଗାଡ଼ି ଯାଇ ପଡ଼ିବ କୋଉଠି ନା କୋଉଠି, ପତ୍ତା ମିଳିବନି। ନୁହେଁ ବାବୁଜୀ? ବାବୁଜୀ ମୁଁ ଠିକ୍ କରି ନାହିଁ?"

ମୁଁ ପୁଣି ଉତ୍ସୁକ ହୋଇ ପଚାରିଥିଲି – "ତା ପରେ କ'ଣ ହେଲା?"

"ମତେ କ୍ୟା ମାଲୁମ୍? ଆଉ କ'ଣ ସେଠି ଗାଡ଼ି ରଖିବା କଥା?"

କାଗଜ ପତ୍ର ଯାଞ୍ଚ ପରେ ଗେଟ୍ ଖାତାରେ ସନ୍ତକ କରି ଗୁପ୍ତା ଚଲି ଯାଇଥିଲା ତା ବାଟରେ। ମୁଁ ବସାକୁ ଆସି ବିଛଣା ଧରିଲି। ସମୟ ମନେ ନାହିଁ। ଅନ୍ଦାଜ, ରାତି ଦି'ଟା। ଗଭୀର ଅନ୍ଧାର ରାତି।

କିଛି ସମୟ ପରେ ପିଅନ ଆସି ପୁଣି କବାଟ ଖଡ଼୍‌ଖଡ଼୍ କଲା। ଛାଇ ନିଦ ଲାଗି ଆସୁଥିଲା। ପୁନଶ୍ଚ ଉଠିଲି।

"କ'ଣ କିରେ ଡ଼ମରୁ?"

"ସାର୍ ଜଣେ ଭଦ୍ରଲୋକ ଜିପ୍‌ରେ ଆସିଛନ୍ତି। ବାଘ ଛୁଆଟିଏ ଘାଟୀରୁ ପାଇଛନ୍ତି। ଭବାନୀପାଟଣା ଯିବେ। ଦୂର ବାଟ। ବାଘ ଛୁଆ ପାଇଁ କ୍ଷୀର ଟିକିଏ ଖୋଜୁଛନ୍ତି।"

ମୁଁ ଉଦ୍‌ଗ୍ରୀବ ହେଲି। ଗଲି। ଗୋଟିଏ ମୋଟା ତୁଉଲିଆରେ ଜିନିଷଟିଏ ଘୋଡ଼େଇ ଧରି ଛିଡ଼ା ହୋଇଛନ୍ତି ଭଦ୍ରଲୋକ। ଟର୍ଚ୍ଚ ପକାଇ ନଜର କଲି। ଛୋଟ ବାଘ ଛୁଆଟେ। ଉତ୍କଣ୍ଠିତ ହୋଇ ପଚାରିଲି – "ବାଘ ଛୁଆଟେ ପାଇଲେ କେଉଁଠୁ?"

ସେ ନମ୍ରତାର ସହିତ କହିଥିଲେ – "ବାଟରୁ, ଏଇ ଘାଟୀ ଗଡ଼ାଣିରୁ।"

"ତା' ମା' ପାଖରେ ନ ଥିଲା ?"

"ଜଣାନାହିଁ।"

ମୁଁ ମତଦେଲି – "ବୋଧହୁଏ ବାଘୁଣୀ ଛୁଆ ଦେଇ ସାରି ଗାଡ଼ି ଦେଖି ଛପି ଯାଇଥିବ, ଖୁବ୍ ପାଖରେ। ମା' ସାମ୍ନାରୁ ଛୁଆକୁ ଉଠାଇ ଆଣିବାକୁ ଭୟ ଲାଗିଲା ନାହିଁ ?"

ସେ ସରଳ ହସି କହିଲେ – "ଆମେ ଆଜ୍ଞା ସର୍କସ ବାଲା। ବାଘ ଖେଳ ଦେଖାଉ। ଭୟ କାହାକୁ ? କେଳା କ'ଣ ସାପକୁ ଭୟକରି ପାରେ ?"

ମୁଁ ଜାଣି ପାରିଥିଲି, ଭଦ୍ରଲୋକ ଜଣେ ସର୍କସବାଲା। କିନ୍ତୁ ମନେ ମନେ ତାଜୁବ ହେଉଥିଲି। ଏଇ ଘଣ୍ଟାଏ ପୂର୍ବରୁ ଗୁପ୍ତା ଠାରୁ ତା ଟ୍ରକ ଚାପାରେ ବାଘ ହତ୍ୟା ଘଟଣା ଶୁଣିଥିଲି। ପୁଣି ବାଘ ଛୁଆଟେ ଆସିଲା କାହୁଁ ? କେତେ ବା ବାଘ ଅଛନ୍ତି ଏ ଜଙ୍ଗଲଟାରେ ? ଏଣୁ ପଚାରିଥିଲି – "ଜଣେ ଟ୍ରକ୍ ଡ୍ରାଇଭର୍ କହୁଥିଲା ସେ ତୀଖ ଗଡ଼ାଣିରେ ଗୋଟାଏ ବଡ଼ ବାଘକୁ ଟ୍ରକ୍ ତଳେ ଚାପି ଚାଲି ଆସିଛି। ଆପଣ କିଛି ଦେଖିଚନ୍ତି ?"

ଭଦ୍ରଲୋକ କହିଥିଲେ – "ମୋତେ ଜଣା ନାହିଁ। ଆମେ ଖାଲି ଦେଖିଲୁ ଏ ବାଘ ଛୁଆଟାକୁ। ଏଣୁ ଉଠାଇ ଆଣିଲି...."

ମୁଁ ବି ଏତେ କଥା ବୁଝିବା ଆବଶ୍ୟକ ନ ଥିଲା। ବାଘ ଛୁଆ ଏବଂ ଟ୍ରକ ଚାପାରେ ବାଘ ମୃତ୍ୟୁ ଘଟଣା ଅଲଗା ଅଲଗା ହୋଇପାରେ। ଅବଶ୍ୟ ଏ ଅଞ୍ଚଳରେ ଗୋଟେ ନିଃସଙ୍ଗ ଅନ୍ଧ ବାଘୁଣୀ ଥିବାର ଜାଣିଥିଲି ଓ ତା ବିଷୟରେ ଗୁଆଲା ମିରୁ ହରିଜନଠୁଁ ବହୁବାର ଶୁଣିଥିଲି। କେବେ କାହାର ଅନିଷ୍ଟ କରିବାର ନଜିର ନଥିଲା। ଗାଁ ଗଣ୍ଡାର ଗାଈ ମଇଁଷି ମାରି ଖାଇବାର ଦୃଷ୍ଟାନ୍ତ ନ ଥିଲା। ଥରଟିଏ ତାକୁ ମୁଁ ଘାଟୀତଳ ସମତଳ ଜଙ୍ଗଲରେ ଭେଟିଥିଲି ମୋର ସୌଖୀନ ସାୟଂବିହାର ସମୟରେ। ସଂକୀର୍ଣ୍ଣ ପଥୁରିଆ ପାଦଚଲା ରାସ୍ତାର ମୋଡ଼ରେ ଆମେ ମୁହାଁମୁହିଁ ହୋଇଥିଲୁ। ମୁହଁସଞ୍ଜ ବେଳ। ସୂର୍ଯ୍ୟ ଅସ୍ତ ଯାଇଥାନ୍ତି। ଅନ୍ଧାର ଆସିବାର ଉପକ୍ରମ। ସେ ଠୁଙ୍କା ହୋଇ ପଥର ଉପରଟାରେ ବସିଥିଲା। ମୁଁ ଆସିବା ଜାଣିପାରି କୁଦାମାରି ବୁଦା ଭିତରକୁ ପଶିଗଲା ଓ ଗଛ ଗହଳରେ ଲୁଚିଗଲା। ମୁଁ ତାକୁ ବେଶ୍ ଦେଖି ପାରିଥିଲି ଖୁବ୍ ପାଖରୁ। ତା'ର କିଛି ପ୍ରତିକ୍ରିୟା ନଥିଲା। ମୁଁ ନିର୍ଭୟରେ ବସାକୁ ଫେରିଥିଲି। ଅବଶ୍ୟ ସାହସ ସଞ୍ଚାରକ ମୋ କ୍ଷୁଦ୍ର ମୋଗ୍ନମ୍ ପିସ୍ତଲଟି ପକେଟରେ ସଜାଗ ଥିଲା। ରାତିର ବହୁ ସମୟ ପର୍ଯ୍ୟନ୍ତ ଅନ୍ଧ ବାଘୁଣୀ ମୋ ମନକୁ ଆଚ୍ଛନ୍ନ କାରି ରଖିଥିଲା। ଲୋକମାନେ ତାକୁ ଦେବତା ବାଘୁଣୀ ବୋଲି କହନ୍ତି ତା ବିଚିତ୍ର ଚରିତ୍ର ଯୋଗୁଁ। ସେ ଅନ୍ଧୁଣୀ ହେବାର ବିଭିନ୍ନ କାରଣ ଅନୁଶୀଳନ କରିଥିଲି। ହୁଏତ ଜନ୍ମାନ୍ଧ ବା କୌଣସି ଦୁର୍ଘଟଣା କିମ୍ବା ଶତ୍ରୁ ସହିତ ଲଢ଼େଇ ଦ୍ୱାରା ସେ ଆଖି ହରାଇ ପାରିଥାଏ। ସେ ଶାକାହାରୀ ନିଶ୍ଚୟ। ମିରୁ ହରିଜନ କହୁଥିଲା ସେ ଗଛ ପତର ଫଳମୂଳ ଖାଇ ବଞ୍ଚୁଛି। ଜୀବ ଜନ୍ମ ହେଲାମାତ୍ରେ ମା' କ୍ଷୀର ଖାଇ ବଂଚେ। ଜନ୍ମ ଜାତକ ଅନୁସାରେ ପ୍ରତ୍ୟେକ ଜୀବ ଶାକାହାରୀ। ପରେ ସିନା ପ୍ରକୃତି ଓ ପରିବେଶ ଦ୍ୱାରା ସେ ମାଂସାହାରୀ ହୋଇଥାଏ। ଏ ବାଘୁଣୀ ଦୃଷ୍ଟିଶକ୍ତି ହରାଇଥିବାରୁ ଶିକାର କରି କ୍ଷୁଧାମୋଚନ କରିବା ଅସମ୍ଭବ ତା ପକ୍ଷେ। ହୁଏତ ଘ୍ରାଣ ଶକ୍ତି ଉପରେ ନିର୍ଭର କରି ସେ ଖାଦ୍ୟ ଶୁଙ୍ଘି ବଂଚିବାର ରାହା ଧରି ପାରିଛି ସଫଳତାର ସହିତ। ମଣିଷ ସମାଜରେ ଅନେକ ଅନ୍ଧ ବ୍ୟକ୍ତି ପ୍ରଚଣ୍ଡ ପ୍ରତିଭାର ଅଧିକାରୀ ହୋଇ ସମାଜରେ ବିକଶିତ ହେଲା ଭଳି ପଶୁ ଜଗତରେ ମଧ୍ୟ ଏପରି ବିରଳ ବୈଚିତ୍ର୍ୟ ପରିଦୃଷ୍ଟ। ମୁଁ ସେଇ ବାଘୁଣୀକୁ ଆଉଥରେ ଭେଟିବାର ସୌଭାଗ୍ୟ ପାଇ ନଥିଲି ଯଦିଚ ଅନେକ ଇଚ୍ଛା କରିଥିଲି, ବହୁ ଚେଷ୍ଟା କରିଥିଲି। ନିରାଶ ହୋଇଥିଲି। ଟ୍ରକ୍ ଚାପାରେ ଆଜି ମୃତ୍ୟୁବରଣ କରିଥିବା ବାଘ ତା ଛଡ଼ା ଅନ୍ୟ କେହି ନୁହଁ – ମୁଁ ନିଃସନ୍ଦେହ। ଶିଷ୍ଟ ବାଘୁଣୀଟାକୁ ଅକାରଣରେ ଗୁପ୍ତା ଗାଡ଼ି ଚଢ଼େଇ ଦେଇଥିବାରୁ ମୁଁ ଗଭୀର ଅସନ୍ତୋଷ ପ୍ରକାଶ କରି କହିଥିଲି – "ଗୁପ୍ତା, ବିନା କାରଣରେ ତୁମେ ଯଦି କାହାର କ୍ଷତିକର, ଜନ ହେଉ ବା ଜାନୁଆର ହେଉ, ତୁମର ମଧ୍ୟ ଆଉ କିଏ ପରୋକ୍ଷରେ ବା ପ୍ରତ୍ୟକ୍ଷରେ ଅନିଷ୍ଟ କରିବ, କାରଣ ପ୍ରତ୍ୟେକ କ୍ରିୟାର ପ୍ରତିକ୍ରିୟା ଥାଏ– ଦୃଶ୍ୟରେ ହେଉ ବା ଅଦୃଶ୍ୟରେ। ପ୍ରକୃତିର ଏକ ଅଦୃଶ୍ୟ ନିୟମରେ ଜଗତ ଚାଳିତ ସିନା!" ମୋର ପ୍ରବଚନୀ ବାକ୍ୟ ଗୁପ୍ତା ଉପରେ କୌଣସି ପ୍ରଭାବ ପକାଇ ନ ଥିଲା – ତା ମୁହଁରୁ ଜାଣି ପାରିଥିଲି। ସେ ଖୁସି ଥିଲା ଅତ୍ୟନ୍ତ। ବାଘଟାକୁ ଗାଡ଼ି ଚଢ଼େଇଦେଇ ଗଡ଼ ଜିତିଛି !

ଗୁପ୍ତାଠୁଁ ଘଟଣା ଶୁଣିଲା ପରେ ପରେ ଏ ଭଦ୍ରଲୋକ ବାଘ ଛୁଆଟେ ପାଇଛନ୍ତି। ବିଚିତ୍ର ଲାଗିଲା। ରହସ୍ୟ ବୁଝିପାରି ନଥିଲି। ତେବେ ଭଦ୍ରଲୋକ ଟିକିଏ କ୍ଷୀର ଲୋଡ଼ୁଛନ୍ତି ସଦ୍ୟଜାତ ବାଘଛୁଆ ପାଇଁ। ମୁଁ ରାତିରେ ଶୋଇବା ପୂର୍ବରୁ ଗିଲାସେ କ୍ଷୀର ପିଇ ବିଛଣା ଧରେ – ସବୁ ରାତିର ଅଭ୍ୟାସ। ଆଉ କିଛି କ୍ଷୀର ସକାଳର ଚା' ପାଇଁ ରଖିଥାଏ। ମାତୃଚ୍ୟୁତ ନବଜାତ ଶିଶୁକୁ କିପରି କ୍ଷୀରପାନ କରାଯାଏ ମୁଁ ମୋ ମୃଗଶିଶୁ ଝୁମୁରୀ ବେଳରୁ ଶିଖିଥିଲି। ଝୁମୁରୀକୁ ସେଇ ପରି କ୍ଷୀର ଦେଇ ବଞ୍ଚାଇବାକୁ ପଡ଼ିଥିଲା ମୋତେ। ମୋ ସମ୍ମୁଖରେ ଆଉ ଗୋଟିଏ ଘଟଣାର ପୁନରାବୃତ୍ତି। ମୁଁ ଆଦରରେ ଭଦ୍ରଲୋକଙ୍କଠୁ ବାଘ ଛୁଆଟାକୁ ଜଙ୍ଘ ଉପରକୁ ନେଇ ଆଣି ନରମ ତୁଳାକୁ କ୍ଷୀରରେ ବୁଡ଼ାଇ ତା' ପାଟିରେ ଦେଲି। ସେ ଗଳା ଥରାଇ ତୁଳା ଚୁଚୁମି କ୍ଷୀର ପାନ କଲା ମା' ସ୍ତନରୁ ଶୋଷିଲା ଭଳି। ମୁଁ ସନ୍ତୋଷ ଲାଭ କରିଥିଲି। ଉପହାର ସ୍ୱରୂପ ସେଇ ବୋତଲଟିକୁ ସଦ୍ୟଜାତ ବ୍ୟାଘ୍ର ଶାବକକୁ ଦାନ କରିଥିଲି। ଭଦ୍ରଲୋକ ତାକୁ ଗ୍ରହଣ କରିଥିଲେ।

ଆଜି ବାଙ୍ଗରପ୍ପାଙ୍କଠୁଁ ରଞ୍ଜୁର ଜନ୍ମ ବୃତ୍ତାନ୍ତ ଶୁଣି ମୁଁ ଅଭିଭୂତ। ଘଟଣାର ବିଚିତ୍ର ସଂଯୋଗ ମୋତେ ଆତ୍ମବିସ୍ମୃତ ଓ ବିସ୍ମିତ କରିଥିଲା। ଆମ ପାଣିରେ ରଞ୍ଜୁ ମା'ର ଶୋଚନୀୟ ମୃତ୍ୟୁ ଘଟଣା ସେଦିନ ମୋତେ ଗୋପନ ରଖିଥିଲେ। ସ୍ୱାଭାବିକ। ସତ୍ୟକୁ କ'ଣ ସବୁ ସ୍ଥାନରେ ପ୍ରକାଶ କରିହୁଏ ? ସ୍ଥାନ, କାଳ, ପାତ୍ରକୁ ନେଇ ସତ୍ୟ ପ୍ରକାଶ କରିଥାନ୍ତେ ? ଏଣୁ ଭାବ ବିହ୍ୱଳ ହୋଇ କହିଲି – "ମିଷ୍ଟର ବାଙ୍ଗରପ୍ପା, ଆପଣଙ୍କର ମନେ ଅଛି ଯେଉଁଦିନ ରାତିରେ ଆମପାଣି ଘାଟୀ ପାର ହୋଇ ବାଘ ଛୁଆଟେ ଧରି ସରକାରୀ ତନଖି ଗେଟ୍ ପାଖେ ପହଞ୍ଚି ଛୁଆର ଜୀବନ ରକ୍ଷା ପାଇଁ କ୍ଷୀରଭିକ୍ଷା କରିଥିଲେ ?"

ବାଙ୍ଗରପ୍ପା ଚୌକିରୁ ଉଠିପଡ଼ି ନେତ୍ର ବିସ୍ଫାରିତ କରି କହିଲେ – "ହଁ, ଆପଣ କେମିତି ଜାଣିଲେ ?"

"ମୁଁ ସେଇ ଆମପାଣି ଚେକ୍‌ଗେଟ୍‌ର ଭାରପ୍ରାପ୍ତ ଅଫସର। ସମୟର ଭଉଁରୀରେ ଘୂରି ଘୂରି ଆଜି ଭୁବନେଶ୍ୱରରେ ଅବସ୍ଥାପିତ।"

ବାଙ୍ଗରପ୍ପା ମୋତେ କୁଣ୍ଢାଇ ଧରିଲେ। ବିସ୍ମୟରେ ଜୁବୁବୁବୁ ହୋଇ କହିଲେ– "କିଛି ବୁଝି ହେଉନି ମୋହନ ବାବୁ। ଏ ସବୁ ନିୟତିର ଲୀଳା ନା କାଳ୍ପନିକ!! ସତ୍ୟ କ'ଣ ଏତେ ମଧୁର ହୋଇପାରେ ? ଓଃ......"

ବାଙ୍ଗରପ୍ପା କୃତଜ୍ଞତାରେ ଗଦ୍‌ଗଦ୍ ହେଇ ପଡ଼ିଥିଲେ। କହିଲେ, – "ଏ ଗରିବ ସର୍କସବାଲା କ'ଣ ଦେଇ ଆପଣଙ୍କ ଋଣ ଶୁଝିବ ? ଆପଣଙ୍କ ହାତରୁ ପ୍ରଥମ କ୍ଷୀର ପାଦ କରି ରଞ୍ଜୁ ଜୀବନ ରକ୍ଷା କରିଥିଲା। ଏବେବି ଦେଖନ୍ତୁ, ଆପଣଙ୍କ ପ୍ରଦତ୍ତ ସେଇ କ୍ଷୀର ବୋତଲଟିକୁ କାଚ ଆଲମାରୀରେ ସାଇତି ରଖିଛି। ସେଇଥିରେ ହିଁ ରଞ୍ଜୁ ପ୍ରଥମେ କ୍ଷୀର ଶୋଷିଥିଲା। ଆପଣଙ୍କ ସ୍ନେହ ରଞ୍ଜୁ ଜୀବନ ସହିତ ଜଡ଼ିତ। ପୁଣି ଘଟଣା ଚକ୍ରରେ ପୌଢ଼ା ରଞ୍ଜୁ ଖୋଜି ଖୋଜି ଆପଣଙ୍କ ଘରେ ପ୍ରଥମ ପ୍ରସବ କରି ବଂଶ ବିସ୍ତାର କରିଛି। ଆପଣ ତା'ର ପ୍ରକୃତ ବାପା ମା'।

ଆମେ ସିନା ତାଙ୍କୁ ପଳିଛୁ ଓ ତା ଦ୍ୱାରା ମଧ୍ୟ ପ୍ରତିପୋଷିତ ହେଉଛୁ । ଆମର ସମ୍ପର୍କ ଅଙ୍କେ ବହୁତେ ବାଣିଜ୍ୟିକ; ଆପଣଙ୍କ ସମ୍ପର୍କ ପାରମାର୍ଥିକ । ଭଗବାନ ବୁଦ୍ଧଙ୍କର ପ୍ରଥମ ଶିଷ୍ୟ ତପସୁ ଓ ଭଲ୍ଲିକ ଆପଣଙ୍କ ଦେଶର ଓଡ଼ିଆ ବଣିକ ପୁଅ ଯାହାଙ୍କ ହାତରୁ ସିଦ୍ଧାର୍ଥ ବୁଦ୍ଧତ୍ୱ ପରେ ପ୍ରଥମ ଖାଦ୍ୟ ଗ୍ରହଣ କରି ବିଶ୍ୱରେ ବୁଦ୍ଧବାଣୀ ପ୍ରଚାର କରିଥିଲେ । ଆପଣଙ୍କ ଏଇ ଭୁବନେଶ୍ୱର ଉପକଣ୍ଠ ଦୟାନଦୀ ତଟ କଳିଙ୍ଗ ମାଟିରେ ମହାକୋପୀ ପ୍ରବଳ ପ୍ରତାପୀ ମଗଧରାଜା ଚଣ୍ଡାଶୋକ ହସ୍ତରୁ ଅସ୍ତ୍ର ପରିତ୍ୟାଗ କରି ମହାତ୍ମା ଧର୍ମାଶୋକରେ ପରିଣତ ହୋଇଥିଲେ ଠିକ୍ ଦସ୍ୟୁ ରତ୍ନାକର ବାଲ୍ମିକିରେ ରୂପାନ୍ତରିତ ହେଲା ଭଳି । କଳିଙ୍ଗଭୂମି ବଡ଼ ପବିତ୍ର, ଓଡ଼ିଆ ମାଟିର ମହକ ଓ ମହତ୍ତ୍ୱ ପୃଥିବୀରେ ପ୍ରସିଦ୍ଧ । ସ୍ନେହ, ସେବା, ଶ୍ରଦ୍ଧା, ଆଦର, ଆତିଥ୍ୟ, ଅହିଂସା ଆଦି ମାନବୀୟ ଗୁଣରେ ଓଡ଼ିଆମାନେ ବିଶ୍ୱବିଦିତ, ବିଶ୍ୱବନ୍ଦିତ ପ୍ରକୃତରେ ଆପଣ ଓଡ଼ିଆମାନେ ଏକ ମହାନ୍ ଜାତି......."

ବାଙ୍ଗରସ୍ୱା ପଢୁଆ ଜ୍ଞାନୀ ପରି ମନେ ହେଉଥିଲେ । ତାଙ୍କର ଗଚ୍ଛିତ ପୁସ୍ତକ ବାକ୍ସଟି ତାଙ୍କ ରୁଚି ଓ ଜ୍ଞାନ ପିପାସା ସୂଚାଇ ଦେଉଥିଲା । ଶାସ୍ତ୍ର ପଢ଼ିଛନ୍ତି । ଦର୍ଶନ ଜାଣିଛନ୍ତି । ମୁଁ କିନ୍ତୁ ଦର୍ଶନର ଗହନତତ୍ତ୍ୱ ବୁଝିପାରୁ ନଥିଲି । ଦର୍ଶନ ସମ୍ବନ୍ଧରେ ଏତେଟା ଦଖଲ ନାହିଁ ମୋର । ସାଧାରଣ ଭାଷା – ସ୍ନେହ, ଶ୍ରଦ୍ଧା ଓ ମମତାର ଭାଷା । ରଂଜୁ ସହିତ ସମ୍ପର୍କ କେବଳ ଯୋଗର ଘୂର୍ଣ୍ଣନ ପ୍ରକ୍ରିୟା ଦ୍ୱାରା ସଂଘଟିତ ମାତ୍ର.......

ଝୁମୁରୀର ଦୁଧ ବୋତଲ ମୋର ସ୍ମୃତିକୁ ସତେଜ କଲା । ଝୁମୁରୀ ସିନା ଇହ ଜଗତରେ ଆଉ ନଥିଲା, ତା' ବ୍ୟବହୃତ ଦୁଗ୍ଧ ବୋତଲ ଆଉ ଏକ ସୁଶିଷ୍ଟ ଶିଶୁ – ଶାବକର ସେବାରେ ଆସିଥିଲା । ସୁନ୍ଦରୀ ରଂଜୁର ବିଦାୟୀ ଝୁମୁରୀ ସହିତ ସଂପର୍କ କ'ଣ ? ଜୀବ ଜଗତର ଜୀବନସ୍ରୋତରେ ପ୍ରବାହିତ ସଂପର୍କର ଅଣୁରେଣୁ ମାପିପରଖିବାକୁ ବୈଜ୍ଞାନିକ ଯନ୍ତ୍ର ଅବା ମନୁଷ୍ୟ ଜ୍ଞାନ ଆଜି ବି ଅସମର୍ଥ । ସୃଷ୍ଟିର ରଚନା ଓ ଇହ ଜଗତର ପ୍ରବହମାନ ଘଟଣା ସର୍ବକାଳରେ ରହସ୍ୟମୟ । ସେଇ ରହସ୍ୟ ବୃତ୍ତରେ ଆମେ କ୍ଷୁଦ୍ରାତି କ୍ଷୁଦ୍ର ଅଣୁସମ ଘୂରିବୁଲୁଛେ ସିନା ! !

ବାଙ୍ଗରସ୍ୱା ଏଥର ନିଜକୁ କୋହଳ କରି ପଚାଶ ହଜାର ଟଙ୍କାର ଚେକ୍‌ଟିଏ କାଟି ମୋ ହାତରେ ଧରାଇ ଦେଲେ । ମୁଁ ତାକୁ ଗ୍ରହଣ ନ କରି କହିଲି – "ଥାଉ । ମୁଁ ସେମିତି କିଛି ବଡ଼କାମ କରିନାହିଁ । ଯାହାର ଧନ ତାକୁ କେବଳ ଫେରାଇ ଦେଇଛି । ରଂଜୁ ସହିତ ଆପଣଙ୍କ ସଂପର୍କ ଦୀର୍ଘ ଦିନର; ମୋର ମାତ୍ର ସାତ ଦିନର । ସେଇ ସାତ ଦିନ ଭିତରେ ସେ ମୋତେ ଯଥେଷ୍ଟ ଦେଇଛି । ଅଭୁଲା ଅମୂଲ୍ୟ ସେ ସ୍ମୃତି । ତେବେ ଆପଣ ବାଙ୍ଗରସ୍ୱା ବାବୁ ପ୍ରକୃତରେ ଧନ୍ୟବାଦାର୍ହ । ମଣିଷ ଓ ପଶୁ ସମ୍ପର୍କ ନେଇ ଆପଣ ପ୍ରତିଷ୍ଠା କରିଛନ୍ତି ଏକ ସଫଳ ପରୀକ୍ଷାଗାର; ସୃଷ୍ଟି କରି ପାରିଛନ୍ତି ନୂତନ ଅଧ୍ୟାୟ । ଆପଣଙ୍କ ପ୍ରଦତ୍ତ ଅର୍ଥ ରଂଜୁ ଓ ତା'ର ସନ୍ତାନବର୍ଗଙ୍କ ହିତ ଉଦ୍ଦେଶ୍ୟରେ ବିନିଯୋଗ କରିବେ– ମୋର ଅନୁରୋଧ ।"

ଦୁଇଦିନ ପରେ ସର୍କସ ଦଳ ଭୁବନେଶ୍ୱର ଛାଡିଲେ ଭାଗଲପୁର ଅଭିମୁଖେ । ସବାଶେଷେ ଯାଆନ୍ତି ଦଳପତି ମାଲିକ ମିଃ ବାଙ୍ଗରସ୍ୱା । ତାଙ୍କ ଛାଡ଼ିବା ସମୟ ବୁଝି ନେଇଥିଲି । ଶୀତୁଆ ମଧ୍ୟାହ୍ନ । ଯଥା ସମୟରେ ଖାଁ ଖାଁ ସର୍କସ ପଡ଼ିଆରେ ପହଞ୍ଚିଗଲି । ରଂଜୁ ଓ ତା'ର କୁନି କୁନି ବାଘଶବକଗୁଡ଼ିକୁ ଧରି ଭ୍ୟାନ୍‌ର ପଛ ଉଦ୍ଦିଷ୍ଟ ସିଟ୍‌ରେ ବସିଲେ, ବାଙ୍ଗରସ୍ୱା ମୋତେ ପୁନରାଗମନର ପ୍ରତିଶ୍ରୁତି ଦେଇ । ମୋର ଡାହାଣ ହାତ ବିଦାୟ ମୁଦ୍ରାରେ ଉତ୍ତୋଳିତ ହୋଇଥିଲା ବେଳେ ମୁଁ ସଜଳ ନେତ୍ରରେ ସେମାନଙ୍କ ବିଦାୟଯାତ୍ରାକୁ ଚାହିଁ ରହିଥିଲି ଭ୍ୟାନ୍ ଦୃଷ୍ଟିରୁ ସଂପୂର୍ଣ୍ଣ ଅଦୃଶ୍ୟ ହେବା ପର୍ଯ୍ୟନ୍ତ ।

ଠିକ୍ ବର୍ଷେ ପରେ ଭାରତ ସର୍କସ ପୁଣି ପଦାର୍ପଣ କରିଛି ଭୁବନେଶ୍ୱର ସହରରେ । ଆଜି ଉଦ୍‌ଘାଟନୀ ଉତ୍ସବରେ ରଂଜୁ ସହିତ ମୋର ପୁନଃସାକ୍ଷାତ । ସେ ମୋତେ ବେଶ୍ ଚିହ୍ନି ପାରିଥିଲା । ପଶୁଟି ସିନା କଥା କହିପାରେ ନାହିଁ, ଭଙ୍ଗୀରେ ପ୍ରକାଶ କରିଥାଏ ତା'ର ଭାଷା । ସର୍କସ ଆରମ୍ଭ ହେବା ପରେ ମୁଁ, ରଂଜୁ ଓ ମାଲିକ ବାଙ୍ଗରସ୍ୱା ଅନ୍ତଃପୁରକୁ ଗଲୁ । ରଂଜୁର ତିନୋଟି ଛୁଆ ମଧ୍ୟରୁ ଦୁଇଟି ଜୀବିତ । ଅଣ୍ଡିରା ଛୁଆଟି ନିମୋନିଆରେ ସେଇ ବର୍ଷ ମରିଯାଇଥିବାର ବାଙ୍ଗରସ୍ୱାଙ୍କଠୁଁ ଜାଣିଲି । ଏବେ ରଂଜୁ ତା'ର ଦୁଇ ଛୁଆ ସର୍କସ ପ୍ରାଙ୍ଗଣରେ ମୁକ୍ତ ବିଚରଣ କରନ୍ତି । ରଂଜୁ ତା ଛୁଆମାନଙ୍କ ପାଖକୁ ଦୌଡ଼ିଗଲା ଏବଂ ଠୁଙ୍କା ହୋଇ ବସିପଡ଼ି ମୋତେ ପରିଚୟ କରାଇ ଦେଲା ସେମାନଙ୍କ ସହିତ । ମୁଁ ତୃପ୍ତ ନୟନରେ ସେମାନଙ୍କୁ ଚାହିଁଲି ଓ ସ୍ନେହକାତର ଅଙ୍ଗୁଳିରେ ସେମାନଙ୍କୁ ସାଉଁଳିଲି । ସେମାନେ ବେକ ସଳଖିଲେ ଓ ଲାଙ୍ଗୁଡ଼ ହଲାଇଲେ ସ୍ୱୀକୃତି ସ୍ୱରୂପ । ଇତି ମଧ୍ୟରେ ବେଶ୍ ବଢ଼ି ଯାଇଛନ୍ତି, ହୃଷ୍ଟପୁଷ୍ଟ ଦିଶୁଛନ୍ତି । ବର୍ଷ ତଳର ଫଟୋଗୁଡ଼ିକ ମିଳାଇଲି । କାଲିର କୁନି କୁନି ଛୁଆ ଆଜି ମୋଟେଇ ଯାଇଛନ୍ତି ବର୍ଷକ ଭିତରେ । ଖାଦ୍ୟ ଏବଂ ହେପାଜତରେ ପଶୁମାନେ ହୁ ହୁ ବଢ଼ନ୍ତି ଏମିତି । ଖୁସି ହେଲି । ଗୋଟିକର ନାଁ ରମଣୀ ଓ ଅନ୍ୟଟି ରମ୍ଭା । ମା' କାଟ ନେଇ ଛୁଆ, ମା'ର ଲକ୍ଷଣ ସନ୍ତାନମାନଙ୍କଠି ବିଦ୍ୟମାନ । ଭଲ ଲାଗିଲା । ମନେମନେ ବାଙ୍ଗରସ୍ୱାଙ୍କୁ ପ୍ରଶଂସା କରୁଥିଲି । ତାଙ୍କ ମହାନ୍ ପ୍ରଚେଷ୍ଟାକୁ ବଧାଇ ଦେଲି । ଧନ୍ୟ ସେ । ଆହୁରି ଯଶସ୍ୱୀ ହୁଅନ୍ତୁ ମିଷ୍ଟର ବାଙ୍ଗରସ୍ୱା । ମଣିଷ ଓ ପଶୁ ସଂପର୍କରେ ନୂତନ ପରମ୍ପରା ସୃଷ୍ଟି କରନ୍ତୁ ।

ସେ ଦିନ ରଂଜୁରାଣୀ ଓ ତା' ପରିବାର ମେଳରେ ସୁଖ ସନ୍ଧ୍ୟାଟି ବିତାଇଥିଲି ଅଶେଷ ତୃପ୍ତିରେ । ମେଘମୁକ୍ତ ଆକାଶର କୁଆଁରୀ ଜହ୍ନ ଓ ସଂଜର ସଜ ପବନ ଆମର ସଂପର୍କକୁ ନିବିଡ଼ କରି ତୋଳିଥିଲା । ମୋର ଧାରଣା ଦୃଢ଼ ହେଲା – ସ୍ନେହ ମିଳିଲେ ନିଷ୍ଠୁର ପଶୁ ମଣିଷ ହୋଇଯାଏ; ଆଉ ମଣିଷ ଆତ୍ମସୁଖ ପାଇଁ ପଶୁ ପାଲଟି ଯାଏ, ବର୍ବର ବନିଯାଏ; ସ୍ନେହାମୃତ ଭଳି ସ୍ୱର୍ଗୀୟ ଚିଜଠୁଁ ବଡ଼ ଆଉ କ'ଣ ଅଛି ଏ ସଂସାରରେ ?

*ଅବସରପ୍ରାପ୍ତ ସେଲଟ୍ୟାକ୍ସ କମିସନର*
*ଦୂରଭାଷ: ୯୮୬୧୧୮୯୯୩୬*

ସମାରୋହ

କବିତା

ମଧ ନିଳୟ

# ଭୁବନେଶ୍ୱର: ଦଂଶନର ଦାଗ ଓ ପ୍ରେମର ଅନୁରାଗ

**ସୌଭାଗ୍ୟବନ୍ତ ମହାରଣା**

ଜୀବନ ମୃତ୍ୟୁ, ଲାଭକ୍ଷତିର ଚିତ୍ର ଆଙ୍କିବାକୁ
କଂକ୍ରିଟ ସହରର ଧୂସର କାନ୍‌ଭାସ୍‌ରେ
ଅହରହ ବିକଳ ଭିଡ଼ର ସୌଦାଗର ।
ରାଜଧାନୀର ସାପସିଡ଼ି ଖେଳରେ ହଜିଯାଏ
ଘଟଣା ଭିତରର ଦୁର୍ଘଟଣା
ପାପ ଭିତରର ପୁଣ୍ୟ, ସତ ଭିତରର ମିଛ
ରାଜକାର୍ଯ୍ୟରେ ଉତ୍‌ଥାନ ପତନ
ମିତ୍ରତାର ଅମୃତ ଭିତରେ ଶତ୍ରୁତାର ହଳାହଳ ବିଷ ।

ଭୁବନେଶ୍ୱରରେ ଦିବାସ୍ୱପ୍ନ ପରି ଲାଗେ
ଦରଭିଜା ମାଟିର ଗନ୍ଧ
ଅଥଚ ତୁହାକୁ ତୁହା ବର୍ଷାରେ ବେହାଲ୍ ହୋଇଯାଏ
ନାଳିନର୍ଦ୍ଦମା, ସହରର ସଫଳ ସଡ଼କ
ମାଳିସାହିର ଝୁପୁଡ଼ି ବସ୍ତିର ନିରୀହ ଭାଗ୍ୟ
ରାଜରାସ୍ତାରେ ଡଙ୍ଗା ଚଳିବାର ବିଚିତ୍ର ଦୃଶ୍ୟବୋଧ
ଯାହା ମୋ ସ୍ମୃତିରେ ସାଇତା ଏବେ ବି
ପ୍ରଗଲ୍‌ଭ ମୌସୁମୀ ମେଟାଫର୍ ପରି କବିତାରେ ।

ଭୋଗ ଓ ରାଗର ସୁରମ୍ୟ ଉଆସରେ
ଲୁଚି ଲୁଚି ହସୁଥିବା ପ୍ରଶାସନର ପରମାତ୍ମା
ରାଜନୀତି ରକ୍ତବୀର୍ଯ୍ୟମାନଙ୍କ ଖେଳ ଓ ମେଳରେ
ମଧ୍ୟାହ୍ନରେ ଘୋଟିଯାଏ ଅନ୍ଧକାର
କ୍ଷମତାର ମୋହ ଓ କନ୍ଦଳର ପଶାପାଲିରେ ।

ଗଦା ଗଦା ବହିର ଦ୍ରୋହ ଓ ବିଦ୍ରୋହରେ
ଚା’ କପ୍‌ରେ ଝଡ଼ ପରି ପୁସ୍ତକ ମେଳାର ସନ୍ଧ୍ୟା
ପୁରୁଣା ବସ୍‌ଷ୍ଟେସନ୍ ଖଟିରେ
ଭାବପର୍ବର କାବ୍ୟସନ୍ଧ୍ୟାରେ ଉବୁଟୁବୁ
ସାହିତ୍ୟ ଚର୍ଚ୍ଚାର ଗର୍ଭଗୃହରେ ପରଚର୍ଚ୍ଚାର ଆତ୍ମୀୟତା ।

ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ଝଲସୁଥିବା ଛକରେ
ସରକାରୀ-ଘରୋଇ ଭାଗିଦାରୀର ନିବିଡ଼ ନିର୍ଯ୍ୟାସ ।
ଏକାମ୍ର ଜୀବନ ଚହଲି ଯିବାର ଗୁମର କଥା
ସହରର କାନ୍ଥରେ ଝୋଟି ଚିତାକୁ ପଚାର
ସଂସ୍କୃତିର ମୌନଭଙ୍ଗ ଆଉ କେତେ କାଳ ?
ଲିଙ୍ଗରାଜ, ରାଜରାଣୀର କାରୁକାର୍ଯ୍ୟରେ
କବିତାର ମୋହ
ଧଉଳି ଓ ଖଣ୍ଡଗିରିର ଐତିହାସିକ ମୁହଁରେ
କଳାହସର ଚିତ୍ରପଟ ଓ ପ୍ରାଚୀନ କୀର୍ତ୍ତିର କୋହ ।

କେବେ କେବେ ମୋ ଆଖିର ନୀଳ ହ୍ରଦରେ
ଉଙ୍କିମାରେ ପି.ଏମ୍.ଜି. ଓ ରାଜଭବନ ଛକରେ
ବିକ୍ଷୋଭ, ପ୍ରତିବାଦ ଓ ପଟୁଆରର ପ୍ରତିଧ୍ୱନିର ଦୃଶ୍ୟ ।
ସ୍ଲୋଗାନ୍ ଓ ସମାବେଶର ଆଶ୍ଚର୍ଯ୍ୟ ଅଙ୍ଗୀକାରରେ
ବଦଳିଯାଏ ମନର ମାନଚିତ୍ର, ଦେହର ଭୂଗୋଳ,
ରକ୍ତର ରଙ୍ଗ ।
ଭୁବନେଶ୍ୱରରେ କବିତାର ଦ୍ୱିତୀୟ ଈଶ୍ୱରମାନେ
ଶବ୍ଦ ଓ ନିଃଶବ୍ଦର ଲୁଚକାଳିରେ
ଅକ୍ଷରକୁ ଭାବ ପ୍ରେମରେ ବାନ୍ଧି ରଖନ୍ତି
ଫୁଲ ଓ ପ୍ରଜାପତିର ଚିତ୍ରକଳ୍ପରେ
ଜୀବନଜିଜ୍ଞାସାର ଗଭୀର ତତ୍ତ୍ୱ ବଖାଣିବାକୁ ।

କେଜାଣି ନେପଥ୍ୟର କୋଳାହଳରେ ଭୁବନେଶ୍ୱର
ସୃଜନୀ ନୀରବତାର ଏକ ପ୍ରିୟ ପରିଚୟ
ପ୍ରାଚୀନ ଇତିହାସ ଓ କିମ୍ବଦନ୍ତୀରେ ଜୁଡୁସୁଡୁ
ଏହାର ଅକ୍ଷାଂଶ ଓ ଦ୍ରାଘିମାର ଅହରହ ଶୁଭୁଥାଏ
ମିତ୍ରତାର ମହୁଫେଣାରେ ମହୁମାଛିଙ୍କ ଗୁଂଜନର ସ୍ୱର
କେବେ ଦଂଶନର ଦାଗତ
କେବେ ପ୍ରେମର ଅନୁରାଗ ।
ମୋ ଦୃଷ୍ଟିରେ ଭୁବନେଶ୍ୱର
ଆଧୁନିକ କବିତାର ଜଟିଳତାରେ
ବିମ୍ବ ଓ ଉପମାର ନୂଆପଣ ଭଳି ୧
ଏକ ତନ୍ମୟ ସହର !

*‘ଭାରତୀ ଭବନ’, ଶିବମ୍ କଲୋନୀ,*
*ଆୟକର ଭବନ ପଛ,*
*ସମ୍ବଲପୁର-୭୬୮୦୦୪*
*ଦୂରଭାଷ: ୯୪୩୭୪୫୬୭୭୩୬*

# ଧୂଳି

**ଡକ୍ଟର ଶ୍ରୀହରି ଧଳ**

ସବୁଥର ଧୋଇ ଚାଲିଛି
ପାଦ ।
ନିଜଠୁ ଫେଡ଼ାଣ କରେ -
ଧୂଳି ସମ୍ପର୍କ ।
କାଳେ ମଳିଚିଆ
ଦିଶିବ କି
ସଫେଦ ଅହଂକାର ?
ଓଳେଇ ନିଏ
ଧୂଳି ଘର କୋଣକୁ ।
ଘୃଣାରେ ଘୋଡ଼େଇ
ଦିଏ ଧୂଳିର ନିରୀହ ପଣ ।
ଧୂଳି ପ୍ରତିବାଦ
କରେକି ?
ଦେହଠୁ ଅଲଗା -
କଲା ବେଳକୁ ।
ଧୂଳି ଆଦରି ନିଏ
କୋଉ ନଖକୋଣ ।
ଧୂଳି -
ପ୍ରତିବାଦ କରେତ,
ଧୂମ୍ରାଭ -
ଆକାଶଠୁ ମାଟି ।
ଝଡ଼ର ଡେଣା ନାଇ
ଧୂଳିର ହସ
ପ୍ରଳୟର
ଝୋ, ଝୋନାଟ ।
ଆମ
ଦମ୍ଭପଣ ଉପରେ
ବେଶୀ ବେଶୀ
ଜମେ ଧୂଳି ।
ସିଂହାସନଠୁ
ଶୀରସ୍ତ୍ରାଣ ।
ସବୁଠି ଧୂଳିର
ନାଭିପାଦ ।
ଭାଙ୍ଗିପଡ଼େ -
ମଡ଼ ମଡ଼
ଗୋଟେ
କୁହୁଡ଼ି ମଂଚ ।।

*ତାଉଁତରା, କାପସି, ଚିତାଳୋ, ଯାଜପୁର*
*ଦୂରଭାଷ: ୯୪୩୮୪୩୭୦୯୨*

# ବଡ଼ି ଭୋ'ରରୁ ଆମ ଗାଁ

**କୃଷ୍ଣ ମିଶ୍ର**

ବଡ଼ି ଭୋ'ରରୁ ଆମ ଗାଁ
ଅନ୍ଧୁଲିରୁ ଝଡ଼ା ହେଉଥିବା ପୁଳେ କେରାଣ୍ଡି ମାଛ
ଓ ଦଳ ପୋଖରୀ ଭିତରେ
ପୋଡା ବନିଶୀରେ ଲାଗି ଫଡ଼ଫଡ଼ ହେଉଥିବା
ଗୋଟେ ଦି'ଟା ବାଳିଆ କି ଶେଉଳ।
ଗଲା ରାତିରେ ଚିହ୍ନାପଡୁନଥିବା ଆମ ଗାଁ
ବଡ଼ି ଭୋ'ରରୁ କୁହୁଡ଼ିକୁ ଚିହ୍ନାଏ।
ଗତ ରାତିରେ ଯୋଉମାନେ
କୁହୁଡ଼ି ପହଁରିବେ ବୋଲି ସଜ ହେଉଥିଲେ
ଏବେ ଜାଣନ୍ତି ଏ ନଈ ନୁହେଁ।
ଗେହ୍ଲେଇ କାକର ଟୋପାରେ ବଡ଼ି ଭୋ'ରରୁ
ଭିଜୁଥିବା ଆମ ଗାଁ
ସତେ ଅବା ରଜସ୍ୱଳା ଦ୍ରୌପଦୀ, ଜାଣିନଥାଏ
ଟିକକ ପରେ ଆଖପାଖରେ ବୁଲୁଥିବା
ଦୁଃଶାସନମାନେ
କି ଅବସ୍ଥା ଦେବେ ତା'କୁ।

କାନ୍ଥରେ ଟଙ୍ଗା ହୋଇଥିବା ଗୋଟେ କୋହେନୂର
କାଲେଣ୍ଡରକୁ ଦରାଣ୍ଡି
ବଡ଼ି ଭୋ'ରୁ ଆମ ଗାଁ ଖୋଜୁଥାଏ
କେତେ ତାରିଖରେ ମାଗଣା ଚାଉଳ ମିଳିବ,
ମିଳିବ ଭତ୍ତା ଟଙ୍କା ?
ଯଦି ସେ ତାରିଖଟା ଆଜି ହୋଇଥିବ,
ମୁଠେ ଭାତ ସାଥୀରେ ବେସର ଦିଆ ମାଛ ଝୋଳ,
ଆଃ, କାହିଁକି କହୁଛ !

ବଡ଼ି ଭୋ'ରରୁ ଆମ ଗାଁ'ର ଅଣ୍ଟା ହୁଗୁଳା।
ଆଜି ଗୋଟେ ପର୍ବ କି କ'ଣ,
ଠାକୁରଙ୍କ ପାଖରେ ରୋଷେଇ ହବ, କେମିତି
ଦିଆହବ ଭେଦା ?
ଏ ଯାଏ ତ, କାଳିଆଟଙ୍କା ମିଳିଲାନି,
ଅଧାଗଢ଼ା ଦି' ବଖରା ଇନ୍ଦିରା ଆବାସ'
ଖାଲି କ'ଣ ଏମିତି ବାକୀରେ ଚଳୁଥିବ ?

ଚଢ଼େଇମାନେ ରାବିଲେଣି।
ଜଣେଇ ଦେଲେ ଯେ ଅଜ୍ଞାତବାସ ସରିଗଲା।
ମୁଁ ଜାଣିଛି ମତେ ମୋଟେ ମୋ' ହକ୍ ମିଳିବନି।
ହକ୍ ପାଇଁ ଯୁଦ୍ଧ ଅନିବାର୍ଯ୍ୟ।
ମତେ ପ୍ରସ୍ତୁତ ହେବାକୁ ହେବ,
ସଂଗ୍ରହ କରିବାକୁ ହେବ
ଶମୀ ଗଛ କୋରଡ଼ରେ ଥୁଆ ଅସ୍ତ୍ରଶସ୍ତ୍ର ସବୁଙ୍କୁ।

ଦିନେ ବଡ଼ି ଭୋ'ରରୁ ଆମ ଗାଁ
ଗୋଟେ ଅହ୍ୟ ସୁଲକ୍ଷଣୀ ଥିଲା।
କେମିତି କେଜାଣି ସେ ଜାଣିଶୁଣି ହରେଇଦେଲା
ତା' ରାଜନୈତିକ, ଅର୍ଥନୈତିକ, ସାମାଜିକ
ଅଗ୍ରଗତିକୁ ଯେ
ଆଜିକାଲି ତୁଚ୍ଛାକୁ ଗୋଟେ ହତଲକ୍ଷ୍ମୀ।

*ଯୋଡ, ଅଲଣାହାଟ, ଜଗତସିଂହପୁର*
*ଦୂରଭାଷ: ୯୯୩୮୧୬୦୦୭୪*

# ଏକଲା ପଣରେ ମୁଁ

**ରମାକାନ୍ତ ଜେନା**

ସଂସାର ବୋଝ ମୁଣ୍ଡେଇ
ନୟାନ୍ତ ହେବାବେଳେ
ମୁଁ ବୁଝିଛି
ବୋଉର ଆଦର
ବାପାଙ୍କ ଆକଟ।

ଅନୁଭବ କରୁଛି
ଗେହ୍ଲା ପୁଅର ଅଝଟ
ଗେହ୍ଲି ଝିଅଙ୍କ ଆପଣାପଣ।

ଏତେ ପରେ ବି
ମନେପଡ଼େ
ତମର ଆଲିଙ୍ଗନ
ଯାହା ବାରବାର କ୍ଷତାକ୍ତ
କରେ ମତେ
ଏକଲା ପଣରେ।

ସବୁ ସମୟ ଏଇମିତି
ପର ପରି ରଖିଥାଏ।
ପୁଣି ଝୁଣି ଖାଉଥାଏ
ସାଇତି ରଖିଥିବା
ଯେତେ ସ୍ମୃତି
ଯେଉଁଥିରେ ଦିଶିଯାଏ
ତମ ମୁହଁ ସଦା କାଳ।

*ସଂପାଦକ- ଗୋକର୍ଣ୍ଣିକା, ଜାରକା, ଯାଜପୁର*
*ଦୂରଭାଷ: ୯୪୩୭୦୭୩୧୫୫*

# କାରିଗର

**ପିନାକୀ ମିଶ୍ର**

ସେ ଆରମ୍ଭ କେମିତି ଥିଲା ?
ସଂକଳ୍ପିତ ସ୍ୱପ୍ନ, ମୁକ୍ତିଖୋଜା
କଠୋର ନିଷ୍ପତ୍ତି ମଥାକୁ କେମିତି ଚଢ଼ିଲା ?

କ'ଣ ଭାବୁଥିଲ ବାପୁ
ପହିଲେ ପାଦ ଥୋଇଲାବେଳେ ଭାରତମାଟିରେ ?
ମାଟି ବି ଚମକିଥିବ
ସେନାପତିର ସଜବାଜ ଦେଖି।

ସହସ୍ର ସଂଗ୍ରାମ କାଟି ପକ୍ଷୀଉଡ଼ା ସକାଳଟେ
ପାଇବାର ଅଦମ୍ୟ ଅଭୀପ୍ସା
ତୁମକୁ ଟାଣିଆଣିଲା ଦିଲ୍ଲୀ,
ପଡଲାଛାତିକୁ ସମୁଦ୍ରେ ବଳଦେଲା ଗୀତା
ତୁମେ ଆଉ ତୁମ ସ୍ୱପ୍ନ
ହାତୀକୁ ରଜା ସୁହାଇଲା ପରି।

ବିଦେଶ ପାଠୁଆ, ବଡ଼ଘର ପୁଅ
ବେଶ୍ ସାମନ୍ତଠାଣିରେ ଜୀଇଁ ପାରିଥାନ୍ତ ଆୟୁଷ୍କାଳ,
ଦୁର୍ବଳ କାନ୍ଧରେ ଦେଶ ଟେକିବା କି ସହଜ !!
ବନ୍ଦିନୀ ମାଆକୁ ତୁମେ ହିଁ ସମର୍ଥ
କାଳର ପାଳେ ଲେଖାଥିଲା ବୋଧେ
ମୋହନମନ୍ତ୍ର।

ଧୀରେ ଧୀରେ ଦେହରୁ କାଢ଼ିଦେଲ ସବୁ ଆଡ଼ମ୍ବର,
ଜାତି ପାଇଁ ବନିଉଠିଲା ତ୍ୟାଗର ଦମ୍ଭ,
ଦ୍ରୋହର ଦିହୁଡ଼ି
ପ୍ରତିବାଦର ଉପବାସ
ଅସହଯୋଗର ଅସଲ କାରିଗର।

ତୁମ ନେତୃତ୍ୱ ମୁକ୍ତିର କଅଁଳ ଲହୁଣୀ
ତୁମ କଥାପଦେ ଆଗୁସାର ତରଣୀ
ତୁମ ପିତୃତ୍ୱ କୋଟିପ୍ରାଣର ଫୁଟିଲା କମଳ,
ସମୟ ତୁମ ମଥାରେ ଶିରିପା ବାନ୍ଧିଲା
ଫିରିଙ୍ଗୀ ଛକ ପାଣିଫାଟିଗଲା।

ତୁମକୁ ଆଉଁସିଥିବ ସାବରମତୀ
ସାୟାହ୍ନପ୍ରାର୍ଥନା ଦେଇଥିବ ବିଜୟ ବିଭୁତି
ଗୀତାର ମର୍ମ ଫିଟେଇଥିବ ଅରମାବାଟ
ସତ୍ୟକୁ ଧରିଥା କହିଥିବ ସତ୍ୟବାଦୀ ମାଟି।

ଏମିତି ସେମିତି ପାଳିନଥିବ ପିତୃତ୍ୱ ତୁମେ,
ଯଉବନରୁ ଯୋଜନ ଯୋଜନ ସନ୍ତୁଯାତ୍ରା
କେତେ ନିନ୍ଦା କେତେ ରକ୍ତଛିଟା କେତେ ଘନଘଟା

କେତେ ସହିଛ ତୁମେ

ମାଟିପାଇଁ ମହାତ୍ମାଙ୍କ ଆକୁଳ ଆବାହନ

କାଇଁ ସ୍ୱାଧୀନଆକାଶ ସଫା ତ ଦିଶୁନି ଆଜି ?
ଅଖଣ୍ଡ ଭାରତ ହେଲା କେଉଁଠି ?
ପ୍ରାପ୍ତିର ସେ ପୁଲକ କାଇଁ ? ?
ସାବରମତୀ ଆଶ୍ରମରେ ବସିଛ ଯେ' ଆଖିମୁଦି।

ଆଉଜଣେ କ୍ରାନ୍ତିପୁରୁଷକୁ ଅପେକ୍ଷା କରିଛ କି ?
ସମୟର ସାତ ଗଂଭୀରା ଫିଟେଇ ଆସିବ ସେ'
ତୁମ ବଂଶଜ, ଜାଳିବ ଅଖଣ୍ଡ ଆଳତି।


*"ଶୂନ୍ୟନୀଳ"*
*ଚର୍ଚ୍ଚ ପାଖ, ଜେଲ ରୋଡ଼, କେନ୍ଦୁଝର*
*ଦୂରଭାଷ: ୯୪୩୮୧୧୮୩୯୭*

# ଅସହାୟତାର ଅନ୍ଧାର

**ବିଷ୍ଣୁ ମୋହନ**

ନଇଁ ଆସେ, ଜୀବନ ଚଉକାରେ
ଦୁର୍ଦ୍ଦିନ ପରେ ଦୁର୍ଦ୍ଦିନର ଘନ ଅଂଧକାର
ଧରାପାଲଟିଛି ଆସ୍ପର୍ଦ୍ଧା ପ୍ରଦର୍ଶନର
ଏକ ପ୍ରାତ୍ୟହିକ ମଂଚ
ଚେତନାର ସରହଦରେ, ଘନ ତପସାର ବ୍ୟାପ୍ତି
ଅନୁଭୂତ ହୁଏ ନାହିଁ ଯାହାର ଅନ୍ତିମ ନିର୍ଯ୍ୟାସ
ଚଲାବାଟରେ ଦିଗହରା ହୁଅଇ ମଣିଷ
'ମୁଁ' ତ୍ୱର ଆସ୍ପର୍ଦ୍ଧାରେ ଜର୍ଜରିତ,ଏ, ମାଟିର ମଂଚ
ବୈଶାଖୀ ମଧ୍ୟାହ୍ନ ପରି କଠୋର ନରପିଶାଚଗଣ
ଏ, ଦୁଇଗୋଡ଼ିଆ ବ୍ୟାଘ୍ରଙ୍କର, ଅସହାୟ
ଜନତା ସାଥୀରେ ଖେଳେ ଛକା ପଂଝା ଖେଳ
କେତେ ଅସହାୟା ଚିତ୍ତବିନୋଦିନୀଙ୍କ
ଶରୀର ବାସ୍ନାରେ ହୋଇ କାମନାରେ ଅନ୍ଧ
କରିଥାଂତି ଇଜ୍ଜତ୍ ଲୁଣ୍ଠନ, ଯାହାପାଇଁ ନଥାଏ
ହୃଦୟରେ ତିଳେମାତ୍ର ଅନୁଶୋଚନା।
ଉଦାସ ମୁଖମଣ୍ଡଳକୁ, ହସ୍ତପାପୁଲିରେ କରି ଆବୃତ
ଆତୁରତାର ହୋଇ ପୁତ୍ତଳିକା, ଡାକନ୍ତି ସେମାନେ
ପରମେଶ୍ୱରଙ୍କୁ, ପାରିକରିଦେବା ପାଇଁ
ଏହି ଭବ ନରକରୁ
କୁମ୍ଭକର୍ଣ୍ଣ ନିଦ୍ରାରେ ନିଦ୍ରିତ ପ୍ରଶାସନ
ନଥାଏ ଯାହାର ତିଳେ ମାତ୍ର ଅନୁଶୋଚନା ଅବା
ପ୍ରତିକାରର ଚିନ୍ତା ବା ଯୋଜନା
ନ୍ୟାୟର ସଂଜ୍ଞାପକୁ କରି ଓଲଟପାଲଟ
ଆଇନ୍‌ର ତର୍ଜମା କରେ ବିଚାର ବିଭାଗ।
ଏ, ଧରଣୀର ଅଗଣା ଯେପରି ଦୁଷ୍କୃତମାନଙ୍କର
କ୍ରୀଡ଼ାଙ୍ଗନ, କିଏ ବା ବାନ୍ଧିବ
'ବିରାଡ଼ି' ବେକରେ ଘଣ୍ଟି ?
ସାଧାରଣ ମଣିଷ ପାଲଟିଯାଏ କାଠ ପୁତ୍ତଳିକା
ସାମାଜିକ ପତିଆରା ଆଉ ପ୍ରତିବଦ୍ଧତା ଏବେ
ବାଲିଚର ଉପତ୍ୟକା
ମାନବିକତା ଭାସିଯାଏ କୁଟାଖିଅ ପରି
ଅସାମାଜିକତାର ଉଚ୍ଛଳ ତରଂଗରେ
ଇନ୍ଦ୍ରିୟ ବୃତ୍ତି ପରାୟଣ,
ପିଶାଚଙ୍କର ଯୌନ ଲାଳସାରେ
କେବେ ହେବ ଅନ୍ତଃ ?
ଭାବନ୍ତି ସେମାନେ ଏ, ମଣିଷଗୁଡ଼ାକ ଯେପରି
ତାଂକ ପରାକ୍ରମର ପଶାପାଲିର ଗୋଟି
ଜୀବନ ସରହଦରେ ଆଚ୍ଛାଦିତ ଘନ ଅଂଧକାର
ରୂପସୀମାନଙ୍କର ତନୁବାସ୍ନାରେ ବିଭୋର ଦୁଷ୍କୃତଗଣ
'ପରିତ୍ରାଣାୟ ସାଧୁନାଂ, ବିନାଶାୟ ଚ ଦୁଷ୍କୃତାଂ'
ଏ ମହତ୍ ବାଣୀ ଲାଗଇ ନିରର୍ଥକ
ପ୍ରାଚୀନ ମହର୍ଷିମାନଙ୍କର 'ଉପଦିଷ୍ଟ ମାର୍ଗ' ଉପରେ
ଆଚ୍ଛାଦିତ ଘନ ଅଂଧକାର।
ବିବେକରେ ଓ ଚିନ୍ତା ଚେତନାରେ ଯେପରି
ପଡ଼ିଯାଏ ଅଫିଟା କୋଳପ
ଲୁଚିଯାଏ ମାନବିକତା ଗର୍ଭଗୃହର ଅଂଧକାରରେ
ପାଞ୍ଚମନ, ପଚିଶ ପ୍ରକୃତିରେ ଚାଲେ ଗଣତନ୍ତ୍ର ଶାସନ
ବେଦନା-ବିଧୁର କାହାଣୀ ଅସହାୟତାର
ଆତ୍ମହତ୍ୟା କରେ ଅବସାଦର ଗର୍ଭରେ
ମମତାହୀନ, ରିକ୍ତ ସିକ୍ତ ଜନତା ଜନାର୍ଦ୍ଦନଙ୍କର
ଛୋଟିଆ ସଂସାର
ଚାଲୁଥିଲେ ଅଭାବ କଷଣ ସାଥେ
ପାଶବିକତାର ଲୋମହର୍ଷକ କାହାଣୀର
ନିରବଚ୍ଛିନ୍ନ ଘଟଣା
ନୀରବରେ ବସି ଆକାଶକୁ ଚାହିଁ,
ଆକୁଳିତ-ବ୍ୟାକୁଳିତ
କଣ୍ଠରେ ଡାକଇ ମଣିଷ
'ନିରାଶ୍ରୟ ମାଂ, ଜଗଦୀଶ ରକ୍ଷ।'

*୧୨୯୩/୬୨୦୮, ମଲ୍ଲିକ୍ କଂପ୍ଲେକ୍ସ,*
*ଖଣ୍ଡଗିରି, ଭୁବନେଶ୍ୱର-୩୦*



# ଭୁବନେଶ୍ୱର

**ଡ. ସୁଷମା ମିଶ୍ର**

ତୋ ସହିତ ମୋ ସମ୍ପର୍କ
ଯେବେ ତୁ... ଖଣ୍ଡିଉଡ଼ା ମାରୁଥିଲୁ
ଆଉ ମୁଁ... ନୂଆ ନୂଆରେ ଉଡ଼ିବା ପାଇଁ
ଅଟକବନ୍ଦୀ ହେଲି ସୁବର୍ଣ୍ଣ ପଞ୍ଜୁରୀରେ।

ତୁ ବନ୍ୟ ଲଳନା ପରି ଶୋହୁଥିଲୁ
ତୋ ଜିମାରେ ଥିଲା ଅନାହତ ସବୁଜିମା।
ଗଢ଼ି ହେଉଥିଲୁ, ବଢୁଥିଲୁ
ଗଛ ବଢ଼ିବ ବୋଲି ଯେମିତି କଟା ହୁଏ ଡାଳ
ସେମିତି ତତେବି ସହିବାକୁ ହେଲା ଅତଳାନ୍ତ ଆଘାତ।
ବିନା ଭଙ୍ଗାରୁଜାରେ କାହିଁ ନିର୍ମାଣ।
କାଁ ଭାଁ କୋଠାବାଡ଼ିରେ ସେଦିନ
ଲେଖା ହେଉଥିଲା କଂକ୍ରିଟ ସହରର ଉପକ୍ରମ।

ତୋ ଶ୍ୱାସରେ ମୁଁ ଶୁଣିପାରେ ଇତିହାସର ଗାଥା
ମୋ ଭିତରେ ଜୀବନ୍ତ ହୁଏ
ଯମଜ ପାହାଡ଼ର ଶିଳା ଶିଳାଲେଖ
ଦିଗ୍‌ବିଜୟୀ ସମ୍ରାଟଙ୍କ କୃତି ଓ କୃତିତ୍ୱ।
ଯେଉଁ ମାଟିରେ ଯୁଦ୍ଧଖୋର ବୀର ଅଶୋକ
ଚଣ୍ଡାଶୋକରୁ ହେଲେ ଧର୍ମାଶୋକ
ଦୟା ଯେଉଁଠି ନଦୀର ମୁଳକ
ଉର୍ଦ୍ଧ୍ୱଗାମୀ ଶାଖା ହୋଇ ମହାଦ୍ରୁମ ତହିଁ
ଯୋଡ଼ି ଯୋଡ଼ି ପତ୍ରର ଖୋଳ ଧରି
ଚିରକାଳ କରୁଥାଏ ନାମ ସଂକୀର୍ତ୍ତନ।

ସାରା ଭୁବନର ଈଶ୍ୱର
ତୋ ଛାତିରେ ବିରାଜିତ ବୋଲି,
ତୁ ଭୁବନେଶ୍ୱର।
ତୁ ମନ୍ଦିରମାଳିନୀ, ତୁ ସୌନ୍ଦର୍ଯ୍ୟ ଶାଳିନୀ
ତୁ ମୋର ସ୍ୱର୍ଗୀୟ ଆନନ୍ଦର ଝର।
ଭୁବନେଶ୍ୱର ତୁ ଆମ ମୁଣ୍ଡ ଗୁଞ୍ଜିବାର ଥାନ
ଆମ ମାଟି ପାଣି ନିଆଁ ଆକାଶ ପବନ
ତୁ ମହାଜୀବନର ଅନନ୍ତ ପ୍ଲାବନ।

ପ୍ରାୟ ଏକା ସମୟରେ
ଆମେ ଉଡ଼ିବାକୁ ଆରମ୍ଭିଥିଲେବି
ତୁ ଶତ ସହସ୍ର ଡେଣାରେ ଯୁକ୍ତ ହୋଇ
ଭୋଗିଲାବେଳେ ମୁକ୍ତ ଯୌବନ
ମୁହଁସଞ୍ଜ ସଦୃଶ ଢଳିଗଲାଣି ମୋ ବୟସ।
ଏଇ ବ୍ୟବଧାନ କେମିତି ନ ହୁଅନ୍ତା
ତୁଯେ ମୋର ପଥ ମୁଁ ତୋର ପଥିକ

ତୁ ପୃଥିବୀର ଅଂଶବିଶେଷ
ମୁଁ ପରା ମରଣଶୀଳ ମଣିଷ ।

ଭୁବନେଶ୍ୱର ।
ତୁ ମୋର ସ୍ମୃତିର କାଉଁରିକାଠି
ସ୍ୱପ୍ନର ଭାନୁମତୀ ପେଡ଼ି
ମାନଚିତ୍ର ତୋର ଯାଉଚି ବଦଳି
ଘଡ଼ିକେ ଘୋଡ଼ା ଛୁଟେ ପରି ।
ତୁ ଜନ୍ମଭୂଇଁ ଓଡ଼ିଶାର ମଥାମଣି ରାଜ୍ୟ ରାଜଧାନୀ
ନାଭିପଦ୍ମ ମାତୃଭୂମି ଭାରତ ବର୍ଷର
ତୁ ପୁଣି ଝରକା ଦୁଆର ଜଗତଯାକର ।

ହେ ମୋର ପ୍ରାଣାଧିକ ପ୍ରିୟ ଭୁବନେଶ୍ୱର !
ତୁ ମୋ ଆତ୍ମାର ଅମରାବତୀ,
ମୋ ମନର ନୀଳ ସମ୍ମୋହନ
ଚିରକାଳ ତୁ ମୋର ହୃଦୟର ରୋମାଞ୍ଚ ନଗର
ତୋ ଶୁଦ୍ଧପୂତ ମାଟିରେ ମୁଁ
ଲୋଟାଇ ଦେଇଛି ମୋର ଆଭୂମ ପ୍ରଣାମ ।

*ସ୍ପନ୍ଦନ, ଖଣ୍ଡଗିରି ଏନ୍‌କ୍ଲେଭ୍, ଭୁବନେଶ୍ୱର-୩୦*

# ବିଶ୍ୱରୂପ

**ଦୁର୍ଗାଚରଣ ଷଡ଼ଙ୍ଗୀ**

ମୁଁ ହିଁ ମୁଁ ର ଗୋଟେ ବିସ୍ତରବାଦୀ ଡାଳ
ମୁଁ ଭିତରେ ମୁଁ ର ଏକ ବିଶ୍ୱରୂପ
ମୁଁ ତ୍ୱର ବିରାଟ ପ୍ରକାଶ ।।

ଭାରତଯୁଦ୍ଧର ସମାପ୍ତି କେବେଠୁଁ ହେଲାଣି
ଅଥଚ ଅନ୍ଧ ମଣିଷ ଆଖି ଡୋଳାରେ
ସେବେଠୁ ଲାଖିଛି ବିଦ୍ୱେଷର ହସ
ମୁଁ ମୋର - ସବୁକିଛି ଆମର ।।

ଆଟୋପ ରମଣରେ ପଣ୍ଡିତ ରାବଣ ବି ହାରିଛି
ବୌଦ୍ଧିକ ବିପ୍ରଲମ୍ଭରେ ହଟିଆ ବୁଦ୍ଧିବାଦୀ
ଏ ସଂସାରେ ମେଲି ଦେଇଛି ଯେବେଠୁଁ
ବିରାମହୀନ ତା ଶୋଷର ପକ୍ଷ
ସେବେଠୁଁ ମୁଁ ଅଛି ଥିବ ବି କାଳକ ।।

କ୍ରୀତଦାସର ମାଟି ଏବେ ଛଳନାର ବସୁଧା
କୁଟୁମ୍ବ ପଣର ସ୍ଲୋଗାନ୍ ଲେଖୁଛି
ଯୁଦ୍ଧରତ ପୃଥିବୀ ପାଇଁ ବାରୁଦରେ
ଅଥଚ ଅବଲୀଳାରେ ବସୁଧା ଜଳୁଛି
ଜଳୁଛି ତ ଜଳିଯାଉ ହେ' ମହାବାହୁ
ଶୂନ୍ୟ ହୋଇଯାଉ ଏ ହତଭାଗା ପୃଥିବୀ ମୋର
ମଣିଷ ହୀନ ହେଉ ସଚରାଚର
ଅଥଚ ମୁଁତ୍ୱର ଅବସାନ ହେଉ ।।

ମୁଁ ହିଁ ମୋର ପ୍ରିୟତମ ଶତ୍ରୁ
ମୋ ଭିତରେ ବିଲୀନ ପଞ୍ଚଭୂତର ନିରୀହ ଈଶ୍ୱର
ମୁଁ ଭିତରେ ନାଶ ଯାଉଛି ଏ ଧରିତ୍ରୀ
କେବଳ ହିଁ ମୁଁ
ମୁଁ ର ଉଦ୍ଧତ ଡାକ କେବେଠୁଁ ଶୁଭୁଛି ।।

ହେ କେଶବ ତମେ ହିଁ ଦିନେ ବୁଝାଇଥିଲ
ଅସାର ଏ ମାୟା ସଂସାର
କେବଳ ମୁଁ ହିଁ ଅଛି ଏଠି
ଥିଲି- ଥିବି ବି ମୁଁ ।
ସଚରାଚରର ସର୍ବଶେଷ ପ୍ରିୟ ହିଁ ମୁଁ ।

ସବୁ ଆନନ୍ଦ ଅଭୀପ୍ସାର ପ୍ରାପ୍ତି ହିଁ ମୁଁ
ସବୁ ଉଦ୍‌ଗ୍ରୀବ କାମନା-ଅନ୍ତହୀନ ଶୋଷ
ଅଘୋର ପୀଡ଼ାର ସମାପ୍ତି ହିଁ ମୁଁ ।

ଅଥଚ ଏବେ ତମେ ନୀରବ ହେ' ରୂପହୀନ
ରୂପର ସ୍ୱରୂପ
ହେ' ବାସୁଦେବ ଆସ ଥରେ
ତମ ଆସିବାରେ
କାମନାର ବିନାଶରେ ଦୁଃଖର ବିନାଶ ହେଉ
ହେ' ମହାବାହୁ,
ଥରେ ଦେଖାନ୍ତନି ତମର ସେ ଶେଷ ବିଶ୍ୱରୂପ !

# ଘୁରିବୁଲୁଚି

**ସଦାଶିବ ଦାଶ**

ଘୁରି ବୁଲୁଛି ନିର୍ଦ୍ଦିଷ୍ଟ ରାସ୍ତାରେ ଅମପା ସମୟରୁ ।
ଜନ୍ମ ଜନ୍ମାନ୍ତର, ସୃଷ୍ଟି ସ୍ଥିତି ଲୟ ଠାରୁ
ସୁଦୀର୍ଘ ମୋର ଘୁରିବୁଲିବାର ଇତିବୃତ୍ତ ।
କିଏ ସୃଷ୍ଟି କରିଛି ମୋ ରାସ୍ତାରେ ଛାଇ ଆଲୁଅର
ଖେଳ ଠାରୁ
ଜୀବନ ମରଣର ବିସ୍ମୟକର ବିପଣୀ ।

ସବୁଜବର୍ଣ୍ଣା ପ୍ରକୃତିଠାରୁ ଜୀବ ପରମର
ଅଦୃଶ୍ୟ ଦୃଶ୍ୟଶକ୍ତି
ପବନର ଆଉଁସାରେ ଦେହକୁ ସାଉଁଳାଇ
ଖରାର ତାତିରେ ତହକି ଘୁରି ବୁଲୁଚି ।
ଫୁଲର ସୁଗଂଧି ସଂଗକୁ
ପକ୍ଷୀଙ୍କର କଳରବ ଶୁଣି ଶୁଣି
ଆର୍ତ୍ତୀ ମଣିଷର ଦୁଃଖ ବୋହି ବୋହି ଘୁରି ବୁଲୁଛି ।
ଗୋଟେ ଅଭିନବ ବିଷାଦମୟତାର ଶବ୍ଦରୁ ଶବ୍ଦରେ
ପରିଣତ ସମୟାନ୍ତରର ମହାତାନ୍ତ୍ରିକ ମୁଁ
ଘୁରୁଛି ମୋ ଅନ୍ତହୃଦୟର ଅକାତକାତ
ଗଭୀରତାରୁ ।

ଏପରି ଏକ ଅଭିନବ ବୃତ୍ତର ଶରୀର ନେଇ
କାହିଁକି ବୁଲୁଚି କାହା ଇଶାରାରେ
ଅଥବା ସର୍ଜନାର ଅଦୃଶ୍ୟ କଳାପଟା ଉପରେ
ଲେଖାଯାଇଛି ଅପଢ଼ା ଦୃଶ୍ୟଛଟା ଅଳିଭା ଅକ୍ଷରରେ ।
ମୋରି ଭିତରେ ବଂଚିଛି ଶିଳାରୁ ପ୍ରତିମାରୁ
କାରିଗରୀ ।
ଅଦୃଶ୍ୟ ପାଦ ମାନଙ୍କରୁ ଚାଲିବାର ଅସରା ଇଚ୍ଛାଶକ୍ତି
ଆତ୍ମାମାନଙ୍କର ଭୋଜବାଜୀରେ ଜୀବନର
ମହମହ ସୌଗନ୍ଧିକା
ଅପାର କଳା କଳ୍ପନାର ରଂଗୋଲୀ ମାନଚିତ୍ରରେ
ଲେଖି ହୋଇଯାଏ ସପ୍ତରଂଗର ବୃତ୍ତଚିତ୍ର ।

ସମସ୍ତଙ୍କୁ ସଂଗରେ ନେଇ,
ମଥାରେ ବୋହି ବୋହି
ଖୁଆଇ ପିଆଇ ଜୀବନ ମୃତ୍ୟୁର ଖେଳ ଖେଳାଇ,
ବିଶ୍ୱାସ ଅବିଶ୍ୱାସର ପିଚ୍ଛିଳ ଚଟାଣରେ ହସାଇ ରସାଇ
ଦୁଃଖ ଶୋକ ପାପ ପୁଣ୍ୟର ଘୁଂଗୁର ବାଂଧି
ନାଚି ନଚାଇ
ଛୁଂଚିଏ ମାଟିର ପରମାଣୁରୁ
ଜୀବନର ବୀଜ ବୁଣି ବୁଣି
ଘୁରି ବୁଲୁଛି କେଉଁ ଲକ୍ଷ୍ୟରେ କିଏ ବା ଜାଣେ ?

ଏଇ ଘୂର୍ଣ୍ଣନ ସମୟର ଅସୁମାର ପ୍ରଶ୍ନମାଳାର
ସୀମାହୀନ ଉତ୍ତରାବର୍ତ୍ତରେ କି ଅମାପ ନିର୍ମୋହୀ
ଆନଂଦ ।
ଅନନ୍ତ କାଳର, ଅପରାଜୟ ପରିବ୍ରାଜକ ମୁଁ ।
କାହିଁକି ବୁଲୁଛି ପାଇବାର ଦାବୀ ନରଖୁଥିବା ପାଚୁଟି
ପଚାରିଛକି ବାଲୁତ ସୂର୍ଯ୍ୟକୁ, କାହିଁକି ଏପରି
ବୁଲାଉଛୁ ଲୋକଟାକୁ ।

*ବଟେଶ୍ୱର / ସାଲେପୁର, କଟକ-୭୫୪୨୦୨*
*ଦୂରଭାଷ: ୮୨୮୦୧୩୩୭୧୨*

ସମାରୋହ

# ଆକାଶ କଟୀରେ


ହଂସନାଥ ମୁଦୁଲି

ଆକାଶ କଟୀରେ
ମେଘର ମେଖଳା
ଟାଣିନିଏ ପରାମନ
ବେକରେ ଝଲକେ
ବିଜୁଳିର ହାର
ହୁଏ ପୁଣି ଛନ ଛନ ।।

କେତେବେଳେ ପୁଣି
ଆକାଶ ପାଲଟେ
ନୀଳ ସାଗର ବିଶାଳ
ତା ବୁକୁରେ ଚଲେ
ମେଘର ବୋଇତ
ଟାଣି ଦେଇ ତାର ପାଲ
ପୂରୁବ ଦେଶରୁ
ପଚ୍ଛିମ ପ୍ରାଙ୍ଗଣେ
ଯାଇ ଆଣିବାକୁ ଧନ
ହୁଏ ପୁଣି ଛନ ଛନ ।।

କେତେବେଳେ ଆସି
ମନୁଆ ପବନ
ମେଘକୁ ଖେଳାଏ ଦୋଳି
ରଜ ମଉଛବ
ମନରେ ଜମାଏ
ଖରା ବରଷାର ମେଳି
ମୁଁ ବସି ଏଠି
ଯାହା କଥା ଭାବେ
ସିଏ ଆଜି ଅନ୍ତର୍ଦ୍ଧାନ
ହୁଏ ପୁଣି ଛନ ଛନ ।।

*ଖଣ୍ଡଗିରି (ଡୁମୁଡୁମା-କ)*
*ଭୁବନେଶ୍ୱର-୭୫୧୦୩୦*
*ଦୂରଭାଷ: ୯୭୭୭୯୬୮୭୧୯*



# ସବୁ ତତ୍ତ୍ୱର ବ୍ୟଥା ମରେ

ପ୍ରବୀର ମହାନ୍ତି

ମୁଁ ଯେ ଯନ୍ତ୍ରଚାଳିତ ଅଭିମନ୍ତ୍ରିତ
ଅଭିଲେଖାଗାର ଭାବନାର
ମୁଁ ଯେ ଅବିଚଳିତ ଗୃହପାଳିତ
ସ୍ନାୟୁବିକିରଣ ବେଦନାର
ମୁଁ ଯେ ଆର ଆକାଶର
ଉଦିତ ସୂର୍ଯ୍ୟ
ଏ ଆକାଶ ମୋତେ ସହେ ନାହିଁ
ମୁଁ ଯେ ଅପଉପତ୍ୟକା ଭିତରେ ବୁଲଇ
କାହା ଦରଜାରେ ବୁହେ ନାହିଁ
ମୁଁ ଯେ ଚକ୍ରବ୍ୟୁହକୁ ଭେଦିଯିବା ପରେ
ଅଭିମନ୍ୟୁ ହୋଇ ଫେରି ଆସେ
ମୁଁ ଯେ ଚମାଖଣ୍ଡିର କିଆଫୁଲ ଖଣ୍ଡେ
ଉଦାସୀ ବାସରେ ଭାସି ଆସେ
ମୁଁ ଯେ ସବୁ ବ୍ୟତିକ୍ରମ ଅତିକ୍ରମ କରି
କ୍ରମର କୋଣାର୍କ ଗଢ଼ିଚାଲେ
ମୁଁ ଯେ ଚନ୍ଦ୍ରଭାଗାରୁ ଉଠିଛି ଧରମା
ମୁଗୁର ନିହାଣେ କୁଟିଚାଲେ
ମୁଁ ଯେ ସିତ୍‌କାର କେବେ ଫୁତ୍କାର
କେତେ ହୃଦୟର ବେହରଣ
ମୁଁ ଯେ ନିନାଦିତ ପୂର୍ଣ୍ଣ ଅତୀତ
ଭବିଷ୍ୟତ ଯାର ଶିହରଣ
ମୁଁ ଯେ ଶିକୁଳିକୁ ଫୁଲହାର କରି
'ଦାର୍ଢ୍ୟତାଭକ୍ତି' ଘୋଷି ନାହିଁ
ମୁଁ ଯେ ଆର୍ତ୍ତର ସୁରେ କାହା ପାଦତଳେ
ଶୁଆ ସମ କେବେ ରଟି ନାହିଁ
ମୁଁ ଯେ ନିୟୁତ କପୋତ ନଭାଞ୍ଚଳେ ଛାଡ଼ି
ଶାନ୍ତି ଆବାହନୀ ସୁରତୋଳେ
ମୁଁ ଯେ ରାଷ୍ଟ୍ରର କଷ୍ଟ ତଉଲିଲା ବେଳେ
ସବୁ ତତ୍ତ୍ୱର ବ୍ୟଥା ମରେ ।

*ଅରିଲୋ, ସଂଖତ୍ରାସ, କଟକ*
*ଦୂରଭାଷ: ୯୪୩୭୧୮୫୬୮୨*

# ଜଣେ ନାରସିଷ୍ଟର ଗୀତ

ହରିଶ୍ଚନ୍ଦ୍ର ବେହେରା

ପ୍ରତିଦିନ ସକାଳେ ଖୋଜେ
କେଉଁଠି ପଡ଼ିଛି ମୋର ପ୍ରତିବିମ୍ବ
ଖବର କାଗଜ ପୃଷ୍ଠା ପରେ ପୃଷ୍ଠା ଲେଉଟାଏ
କେଉଁଠି ବାହାରିଛି କି ମୋ ଫୋଟୋ
ଛପା ଯାଇଛି କି ମୋ ନାଁ

କିଏ ଈର୍ଷାରେ ଘାରି ହେଉଛି ତ ହେଉ
ହେଇପାରେ ମୋ ଅହଂକାରର ଦୁର୍ବଳ ଆତ୍ମ ପ୍ରସାଦ
ହେଇପାରେ ମୁଁ ଜଣେ ନାରସିଷ୍ଟ
ଏଥିରେ କାହାର କ'ଣ ଭାସି ଯାଉଛି ଯେ !

ମୁଁ କାହାକୁ କହିଛି କି ନିଅ ନିଅ
ମୋ ଦୁଃଖ ଟକ
ମୋ ସୌଭାଗ୍ୟ ଦୁର୍ଭାଗ୍ୟରୁ କିଛି
ଲିଭେଇ ଦିଅ ମୁଁ ଜଳୁଥିବା ନିଆଁ

ଜାଣେ କେଉଁ ଭଗୀରଥ ଆଣିବ ନାହିଁ
ସ୍ୱର୍ଗରୁ ଗଙ୍ଗା ମୋ ଦହନରୁ ମୁକ୍ତି ଲାଗି

ପ୍ରେତ ଯୋନିରେ ଜନ୍ମ ନେବାରେ
ଟିକିଏ ବି କୁଣ୍ଠା ନାହିଁ ମୋର
କେହି ନ ବଜାଉ ଶଙ୍ଖ
ନ ଗାଉ 'ଆହା ମୋ ନନ୍ଦ କୋଳେ ଗୋବିନ୍ଦ---'

ନୀରବି ଯାଇଛି ରକ୍ତ ଭିତରେ ସମସ୍ତ କୋଳାହଳ

ମୁଁ ତ କାନେଇ ଥାଏ ରାତିଚର ପକ୍ଷୀର ଡାକକୁ
କ୍ୟାକ୍‌ଟସ୍ ସୁଶୋଭିତ ମରୁ ମାୟାରେ ବିଲୀନ
କରିଦିଏ ନିଜକୁ
ଟିକି ଟିକି କଣ୍ଟିଫୁଲ ରୋମାଂଚିତ ହୋଇ
ପାଖୁଡ଼ା ମେଲେ ମୋ ଭିତରେ

ବେଳେବେଳେ ଖୁବ ଗୋଟେ ଉଦାସୀନ ହାତ
ଲମ୍ବି ଆସେ ମୋ ଆଡ଼କୁ
ଦେଖେ ଅନ୍ୟମନସ୍କ ନାରୀଟିଏ
ପଛ କରି ଚାଲି ଯାଉଛି
କ୍ରମେ ନଦୀଟିଏ ହୋଇ ବୋହିଯାଉଛି
ଆକାଶ ଆଡ଼େ

କିଏ ସେଇ ନାରୀ ଭାବିବା ବେଳକୁ

ଖୋଲିଯାଏ ମୋ ଭିତରର ଗୋଟି ଗୋଟି ବନ୍ଦ
ଝରକା ସବୁ

ବାହାରେ କିଏ ଜଣେ ବଂଶୀରେ ଡାକେ ମୋ
ନାଆଁ ଧରି
ସାଥିରେ ଯିବାକୁ - - -।।

*କଲ୍ୟାଣ ନଗର, ବାଲେଶ୍ୱର-୧*
*ଦୂରଭାଷ: ୯୪୩୭୮୧୩୭୦୮*

# ମୋକ୍ଷଦାୟିନୀଟିଏ

**ଡ଼ା. ମନୋରଞ୍ଜନ ଦାଶ**

ନିଟୋଳ ସଂସ୍କାର ଭିତରୁ
ଜନ୍ମ ନେଇଛି ମୋ
ନାରୀତ୍ୱର ସତ୍ତା ।
ମିଥ୍ୟା ପ୍ରଗଲ୍‌ଭତା,ସ୍ୱେଚ୍ଛାଚାରିତା
ମୋର ପରିଚୟ ନୁହେଁ।
ଶାଷଣାର ଠାଣିରେ ମୁଁ ମଥାରେ
ସିନ୍ଦୁର ଲଗାଏ ।
ପତିବ୍ରତାର ପାଥେୟରେ
ବେଶ୍ ଜୀବନ ଜୀଉଁଚି ।
ବାରବୁଲି ହେବାର ଅପଯଶକୁ ମୁଁ
ପାଦରେ ଦଳିଚି ।
ମୋ ପରିବାରର ସୁଖ-ଦୁଃଖ
ମୋର ସାଥୀ ।
ମିଥ୍ୟାଚାରୀମାନଙ୍କ ପ୍ରଶଂସାରେ
ମୁଁ ନୁହେଁ ବିହ୍ୱଳିତ ।
ଅଭିଶପ୍ତ କି ଅପାଂକ୍ତେୟରେ
ବିଶ୍ୱାସ ମୁଁ ରଖେନା ।
ଅସହାୟତା ମୋ ଅନୁଭବ ରେ
ଆସେନା ।

ମୁଁ ସୁକ୍ରେୟ ନୁହେଁ,
କାହା ଅଙ୍ଗୁଳି ନିର୍ଦ୍ଦେଶରେ....
ମୁଁ ମୁକ୍ତ ସନ୍ନ୍ୟାସିନୀ ନୁହେଁ!
ସ୍ୱୟଂ ସଂପୂର୍ଣ୍ଣା ବି ନୁହେଁ।
ଏକ ମାତ୍ର ଲଜ୍ୟା
ମୋର ଆଭୂଷଣ ।

ପୁରୁଷମାନେ ମୋ ସମକକ୍ଷ ନୁହଁନ୍ତି
ମୁଁ ବି ପୁରୁଷମାନଙ୍କ ସମକକ୍ଷା ନୁହେଁ।
ମୁଁ କେବଳ ନାରୀତ୍ୱର
ନିଟୋଳ ସତ୍ତାରେ
ମୋକ୍ଷଦାୟିନୀଟିଏ ....

*ପ୍ରଭାବତୀ ନିଳୟମ୍,*
*ବେଲତଳ, ପଟ୍ଟାମୁଣ୍ଡାଇ, ଜି-କେନ୍ଦ୍ରାପଡା*
*ଦୂରଭାଷ: ୯୪୩୭୩୧୭୭୨୨*

# ଅପ୍ରକାଶ୍ୟ

**ଜଳଧର ସ୍ୱାଇଁ**

ପାଟି ଫିଟିଲା ଦିନୁ
ଯେତେ ଯାହା କହିଛି
ସବୁ ଅଧୁରା ସବୁ ଅସ୍ପଷ୍ଟ
ବ୍ୟକ୍ତ କରିବା ଇଚ୍ଛାରେ
ଅବ୍ୟକ୍ତ ଅବ୍ୟକ୍ତ
ସମଗ୍ର ଆୟୁଷ ॥

ସବୁ କହିଦେବି କହିଦେବି
ଭାବିଲା ବେଳକୁ
ନିଅ ପଡ଼ିଛି ଶବ୍ଦ
ସବୁ ଛୁଇଁ ଦେବି
ଛୁଇଁ ଦେବି ହୋଇ
ଚାହିଁଲା ବେଳକୁ
ଘୋଟିଛି ଅଂଧାର
ଡାଳରୁ ଝରିଛି ପତ୍ର
ବୋଝ ଭାର ନୁଆଁଇଛୁ ଶିର
ସମୟବି ସାଜିଛି ଲୁଟେରା ॥

ଆଖି ଫିଟିଲା ଦିନୁ
ଯେତେ ଯାହା ଦେଖିଛି
ସବୁକୁ ଆପଣେଇ ନେବାର
ପ୍ରୟାସ କରିଛି
କିଛି ପାଇଛି
କିଛି ରହିଯାଇଛି ଅପହଂଚ
ଠିକ୍ ଯେମିତି ଆକାଶ କଇଁଆ
ଚିଲିକାର ମାଛ ॥

ସତ କହୁଛି
ଯେତେବେଳେ
ଯାହାବି ପାଇଛି
ସେ ସବୁ ଛଡ଼େଇ ନେଇଛି
ଖରା ବର୍ଷା ଶୀତ
ଉଠାଣି ଗଡ଼ାଣି ପଥରେ
ଯେତେ ଦୂର ଆଗେଇଛି
ଅହଂମିକା ଅଂଧ ଆଧିପତ୍ୟ
ବିଚିତ୍ର ରଙ୍ଗରେ
ଶୂନ୍ୟ ହାତେ
ଫେରେଇ ଦେଇଛି ॥

ଯେତେଥର ନିଜକୁ
ବ୍ୟକ୍ତ କରିବାକୁ ଚାହିଁଛି
ସେତେଥର ହୋଇଛି ଆହତ
ଡେଣାରେ ବହିଛି
ଦୁଃଖର ବୋଝ
ଉଡ଼ିଛି ଅନେକ ଉଚ୍ଚ
ଲକ୍ଷ୍ୟ ଅପହଂଚ
ଅପ୍ରାପ୍ତି ଅପ୍ରାପ୍ତି
ଅପ୍ରାପ୍ତି ହିଁ ପାଲଟିଛି
ମୋ ପାଇଁ ଚିରନ୍ତନ ସତ୍ୟ ॥

ତଥାପି ପ୍ରାଣ ପାତରେ ଲୋଡ଼ିଛି
ନିଜକୁ ବ୍ୟକ୍ତ କରିବାର ଇଚ୍ଛା
ଲଭିବି ଲଭିବି ହୋଇ
ଲୋଭନୀୟ ଦୃଶ୍ୟ
ନିରିମାଖୀ ରାଇ ସାଜି
ନୀରବରେ ଗଡ଼ାଇଛି ଲୁହ ॥

ଚାଲି ଶିଖିବା ଦିନଠୁ
ଯେଉଁଠି ଠିଆ ହୋଇଛି
ସେତେଥର ଥକି ପଡ଼ିଛି
ଅଧା ରହିଯାଇଛି ଉଡ଼ାଣ
ବଉଦ ଫାଙ୍କରୁ ହଜିଛି ଜହ୍ନ
ଆକାଶ ପାଲଟି ଯାଇଛି
ଅପହଂଚ ମୂଳକଟେ
ଉପଗ୍ରହ ରକେଟ ଉଡ଼ାଣ
ଦେଖେଇଛି କଳଙ୍କର
କଳା ରେଖା
ସେଠି ବୁଝିବି ହୁଏନି ବୁଝି
ନୀଳ କଇଁ ହୃଦୟର ବ୍ୟଥା ॥

ଥରକୁ ଥର ଝୁଲିଛି
ସଂଶୟ ଦୋଳିରେ
ବୋହିଛି ଅନିଶ୍ଚିତତାର ବୋଝ
ଅବିଶ୍ୱାସ ସଂଦେହ ସଂଶୟ
ରୁଦ୍ଧ କରିଛି ଗତି ପଥ
ଆଖିଥାଇ ମୁଁ ଗୋଟେ
ଅଂଧ ଲୋକ
ପାଟିଥାଇ ଚିରକାଳ ମୂକ ॥

*ପୂଜାରୀପୁଟ ରୋଡ଼, କୋରାପୁଟ-୭୬୪୦୨୦*
*ଦୂରଭାଷ: ୯୮୬୧୫୫୩୫୩୯*

# ମା'

## ବାମଦେବ ସ୍ୱାଇଁ

ଆସିଲେ ଦେଖିବ ତମ ବିନା ସଖୀ
କେମିତି ମୁଁ ଏଠି ଅଛି
ଆଖି ଲୁହ ପିଇ ଜୀଇଁଛି କେବଳ
ମନ ବୋଲି ନାଇଁ କିଛି... ॥

ତମ ପାଇଁ ପରା ଆକାଶର ଚନ୍ଦ
ଆଣୁଥିଲି ଦିନେ ତୋଳି
ହସି ହସି ସହିଯାଉଥିଲି କେତେ
ନିନ୍ଦା ଅପବାଦ ଗାଳି
ପାପ ନ କରିବି ପାପର ଭାର ଯା'
ବୋହୁଛି ମୁଁ ଲୁଚି ଲୁଚି... ॥

ପ୍ରେମ ଚଲାପଥ ଖସଡ଼ା ଜାଣିବି
ପାଦ ମୁଇଁ ଥାପିଥିଲି
ପାଦ ଖସିଯିବା ଡର ଥାଇବି ମୁଁ
କେବେବି ଡରି ନଥିଲି
ଦୁଃଖ ଭୁଲିଯିବି ମୋ ପାଇଁ ହୃଦୟେ
ପ୍ରେମ ମଧୁ ଥିଲେ ସଞ୍ଚି... ॥

*ମାତୃପିତୃ ନିଳୟ, କମାଶାସନ, ହାଜିପୁର, ଜଗତସିଂହପୁର*
*ଦୂରଭାଷ: ୯୮୬୧୪୬୦୦୩୦*

# ଭାଗବାଣ୍ଟ

## କ୍ଷମାନିଧି ଭୋଇ

ନା, ଖୁବ୍ ହୋଇଗଲା
ଭାଗବଣ୍ଟା
ଦେଶକୁ
ଜାତିକୁ
ଗୋଷ୍ଠୀ ଗୋଷ୍ଠୀ କରି
ଅଲଗା କରିଦିଆଗଲା
ଏଠିକାର ମଣିଷ ସମାଜକୁ
ସେଦିନ ଦ୍ରୌପଦୀର
ଭଲପାଇବାକୁ ବି
ବାଣ୍ଟିଦେଇ ତୁମେ
ପଞ୍ଚୁପାଣ୍ଡବ ମଧ୍ୟରେ।

ସବୁ ନିର୍ଲଜ୍ଜତାର
ସରହଦ ଡେଇଁ
ତୁମେ ଭାଗ ଭାଗ କରିଦିଅ
ଦେବ ତୁଲ୍ୟ ଆପଣା ପିତାମାତାଙ୍କୁ
ସେମାନଙ୍କ ବୟସର ଅପରାହ୍ନରେ
ବହୁଗୁଣିତ କରି ଦୁଃଖ ଯନ୍ତ୍ରଣାକୁ।

ଓଃ ! କି ଯନ୍ତ୍ରଣା ଦାୟକ
ଏ ଭାଗବଣ୍ଟା ଦୃଶ୍ୟ;
ଠିକ୍ ଯେତେବେଳେ
ଛିଣ୍ଡେ ନାହିଁ
ମଲା ମଣିଷ ଅର୍ଜିତ
ଧନ ସମ୍ପତ୍ତିର ଭାଗ।

ଦେଖ, କେମିତି
ଧାଇଁ ଆସନ୍ତି ଅନେକେ
ସୁଖ ସମ୍ପଦ ବଣ୍ଟନ ବେଳକୁ;
ଦିଅନ୍ତି ପଛଘୁଞ୍ଚା
ନିଜଲୋକର ଦୁଃଖ ବାଣ୍ଟି ନେବାକୁ।

ସତରେ, ଖୁବ୍ ବିଚିତ୍ର
ଏଠିକାର ଏ ଭାଗବଣ୍ଟା ଖେଳ।

*ଗୋଷ୍ଠୀ ଉନ୍ନୟନ ଅଧିକାରୀ, ବଡ଼ଗାଁ, ସୁନ୍ଦରଗଡ଼-୭୭୦୦୧୬*
*ଦୂରଭାଷ: ୯୪୩୮୨୯୨୯୩୩*

# ବସୁଦେବ

## ଡ. ଗୋପାଳକୃଷ୍ଣ ଆଚାର୍ଯ୍ୟ

ତାତିକୁ ପିଠେଇ ପିଲାଙ୍କୁ
ଛାଇ ଦିଅନ୍ତି ଥିବା ଶିକ୍ଷକଟେ ସେ
ନିଆଁକୁ ଢୋକି ଛୁଆ ପାଟିରେ
ଆହାର କରୁଥିବା ପ୍ରତୀକଟେ ସେ ଏବେ ବୁଝୁଚି !
ପଞ୍ଚାମୃତ ମିଳିଯାଏ
ଯେବେ କେବେ ରୋଷରେ
ଆମ ପିଠିରେ ପାଞ୍ଚ ଆଙ୍ଗୁଳିଆ ବସେ।

ସେ ଜହ୍ନର ଧବଳତା ନୁହେଁ
ସେଇଥିପାଇଁ ସନ୍ତାନକୁ ଟୋକେଇରେ ଭରି ତାଙ୍କୁ
ନେବାକୁ ପଡ଼େ
ଆବର୍ତ୍ତକ ସମ୍ବର୍ତ୍ତକ ଦ୍ରୋଣ ଓ ପୁଷ୍କରରେ
ମଥୁରାରୁ ଗୋପ
ତାଙ୍କୁ ସହିବାକୁ ହୁଏ କଂସର ପ୍ରତାପ ଓ
ଉଗ୍ରସେନର ରାଜଭକ୍ତିର ଉତ୍ତାପ।

ସେ ଜାଣିଚି ହାଟକୁ ଯିବାର ବାଟ
ହାଟରେ ହାଟୁଆ ବନି ହାଟକ
ଛଟକରେ ପ୍ରତାରିତ ହେବାର କଷ୍ଟ
ସେ ଜଳିଗଲା ପରେ ଚାଖଣ୍ଡେ ଅଜଳା କାଠରୁ
ଭୁରୁଭୁରୁ ହୋଇ ଉବୁରି ଯାଉଥିବା
ଏକ ଶୁଖିଲାକାଠ।

ସେ କଣ୍ଟାରେ ଚାଲେ କଳଙ୍କର କଠଉ ପିନ୍ଧି
ସେ ନୁଖୁରାବାଳରେ ପୁଅ ପାଇଁ ଯୋଡୁଥାଏ
ଅପୂର୍ବ କେଶ ରସାୟନର ଫନ୍ଦି
ସେ ବାପା ବୋଲି ଶବ୍ଦଟିଏ
ମହାକାଳର ଅଲିଭା ଅବ୍ଦଟିଏ
ସେ ଅବ୍ଧିଟିଏ
ଓଠ ପିଠିର ନଭଶ୍ଚୁମ୍ବୀ କୁବ୍ଜଟିଏ,
ନଖ ବିଦାରିତ ଅଜସ୍ର ବୟସବ୍ରଣର କୁଞ୍ଚଟିଏ।

ଝଞ୍ଜାରେ ବି ଝଡ଼ି ଯାଉନଥିବା କଳ୍ପବଟଟିଏ
ବାପା।

*ସହକାରୀ ପ୍ରଫେସର, ଓଡ଼ିଆ ରମାଦେବୀ ମହିଳା ମହାବିଦ୍ୟାଳୟ, ଭୁବନେଶ୍ୱର-୭୫୧୦୨୨*

# ଟିକ୍ରାଗୁଡ଼ାର ସମ୍ରାଜ୍ଞୀ

## ବିଦ୍ୟୁତ୍‌ପ୍ରଭା ଗନ୍ତାୟତ

ଝାପ୍‌ସା ଅନ୍ଧାରରେ ଦେଖିଲେ
ତା' ମୁହଁରେ ପିକା ନିଆଁ
ଜଳୁଥାଏ ଲାଲ୍ ଦପ୍ ଦପ୍
ଜଙ୍ଗଲୀ ଜନ୍ତୁଟାଏ କି ଆଉ ?
ନା ! ସେତ ଟିକ୍ରାଗୁଡ଼ାର ସମ୍ରାଜ୍ଞୀ !

ରକ୍ତରେ ରଡ଼ ନିଆଁ
ଫିଙ୍ଗିଦେଲା କିଏ ଯେ
ଚେଁ କରି ଚେଙ୍କା ଲାଗିଗଲା
ପୋଡୁଚାଷ ଜଂଗଲ ଜମିତ

ସରକାର ଦଖଲକୁ ନେଲେ
ସେ ବାଟରେ ରେଳ ଯିବ
ଛୁକ୍ ଛୁକ୍ କଳାଧୂଆଁ ଛାଡ଼ି
ବାଘପରି ଧୂପି ଆସି
ପାହାଡ଼ ଖୋଲ ଭିତରେ
ପଲକରେ ହଜି ଯାଉଥିବ।

ତା' କ୍ଷେତରୁ ମକା ମାଣ୍ଡିଆ ଜହ୍ନା
ଚାହୁଁ ଚାହୁଁ ହଜିଗଲା ପରି
ତା' ଦପ୍ ଦପ୍ ଆଖିର ଦହକ
ପାଲଟା ବାଘ ସାଜିଛି ଆଜି
ଖାଇବ ଖାଇବ ହୋଇ
ତା କୁଇ ଗୋଡ଼େଇଛି ଡଙ୍ଗର ଡଙ୍ଗର

ଏ ମୁହଁ ସଞ୍ଜ ବେଳଟାରେ କିଏ
ଖସ୍ ଖସ୍ ବୁଦା ଆଡୁଆଡ଼େ
ଜଙ୍ଗଲୀ ବାର୍‌ହା କି ସାପଟାଏ ?
ନା ! ସେତ ସମ୍ରାଜନୀ !
ହାଣ୍ଡିଆ ପିଇ ମାତିଛି
କାନ୍ଧରୁ ଦୁଇ ବାହୁ ଆଗକୁ
ଝୁଲାଇ ମ ହାତୀ ପରି
ଝୁଲିଝୁଲି ଚାଲୁଛି
ହାତରେ ଟାଙ୍ଗିଆ।
ପଖନା ଉପରେ ଝୁଙ୍କି ପଡ଼ି
ଟାଙ୍ଗିଆ ପଜଉଛି
ଛତୁ କରଡ଼ି କେନ୍ଦୁ କାନ୍ଦୁଲ ତ
ସାତ ସପନ ହେଲା
ଜଙ୍ଗଲରେ ଗୁଳି ଫୁଟିଲା
ମହୁ ମହୁଲ ଉଜୁଡ଼ିଲା
ପବନରେ ବାରୁଦ ମାଟି ତଳେ ବାରୁଦ।

ଉଜୁଡ଼ା ନିରିମାଖି ମଣିଷର ସ୍ୱପ୍ନପରି
ମାଟି କୁଡ଼ିଆର ମଣିଷଠୁ
ବଣ ପାହାଡ଼ର ଜନ୍ତୁ ଜାନୁଆର
ଛିନ୍ ଛତ୍ର ହୋଇଗଲେ
ସମ୍ରାଜାନୀ ମାତିଛି ସତରେ
ଚକ୍ ଚକ୍ ଟାଙ୍ଗିଆ ଧାରରେ
ଲାଲ୍ ରକ୍ତ ଛିଟା !
ତାର ମହୁଲୀ ଆଖିକୁ
ଚାରିଆଡ଼ ଲାଲ୍ ଦିଶୁଛି
ଜଙ୍ଗଲ ପାହାଡ଼ ଝରଣା ଓ ଆକାଶ।

*ପୂର୍ବରାଗ,୭-ଏ, ଷ୍ଟେସନ ସ୍କୋୟାର, ୟୁନିଟ୍-୩,*
*ଭୁବନେଶ୍ୱର-୭୫୧୦୦୧*

# ଫୁଲର ସ୍ପର୍ଶ

**ଶର୍ମିଷ୍ଠା ପାଣିଗ୍ରାହୀ**

ସେ ଏବେ କଣ କରିବ
ଯାହାର ପାଦରେ
ଗୋଟେ ନୁହେଁ ଅନେକ ଆଘାତ
ଯାହାର ଆଖିରେ
ଅଜସ୍ର ଲହଡ଼ି ଭାଙ୍ଗୁଛି
ଅବ୍ୟକ୍ତ ଅଦେଖା ଅନେକ ଅଶ୍ରୁ !

ଯାହାର ମନ ପହଞ୍ଚିସାରିଛି
ବିଫଳତାର ଶେଷ ପର୍ଯ୍ୟାୟରେ
ଯାହାର ହାତ ଯୋଡ଼ି ହୋଇଯାଇଛି
ସେହି ମହାନ୍ ସମୟ ନିକଟରେ
ଯିଏ ନିଶ୍ୱାସ ଟିକେ ନେବାର
ଶିଖେଇଛି ଏ ଯାଏଁ !

ସେ ଏବେ ଆଉ କିଛି
କରିବନି ହୁଏତ,
ଯାହା ଦିନେ ସେ
ଭୁଲ କି ଠିକ୍ କରିଥିଲା
ସେ କଥା ଆଉ ବି ଭାବିବନି।

ଭାବିବ କି
କାହାକୁ ଖୋଜିବ ସେ ନିଜ ଭିତରୁ
ଯାହା ଆଉ ଏ ପୃଥିବୀରେ ନଥିବ !

ଭାବିବ କି
କାହାକୁ ସେ ଶୁଣିବ ନିଜ ଆତ୍ମାରୁ
ଯାହା ଧୀରେ ଧୀରେ ଲିଭି ଆସୁଥିବ !

ଭାବିବ କି
କାହାକୁ ସେ ଦେଖିବ
ନିଜ ମାନସପଟରୁ
ଯାହା ଘୃଣା ଅଥବା
ଅଯନ୍ ବର୍ଦ୍ଧିତ ଧୂଳିରେ ନିଜେ
ଅସ୍ପଷ୍ଟ ହେବାକୁ ଯାଉଥିବ !

କିଛି ବି ସେ କରିପାରିବନି
କାହାର ପ୍ରଦତ୍ତ ଜ୍ୱଳନରେ କେବଳ
ସେ ଜଳୁଥିବ ଆକାଶର
ଗୋଟେ କୋଣରେ ଜହ୍ନଟିଏ ହୋଇ
ଅବା ଗୋଟେ ଗୋଟେ ତାରା ହୋଇ
ଓହ୍ଲେଇ ଆସୁଥିବ ମାଟିକୁ
କାହା ପାଦରେ
ଫୁଲର ସ୍ପର୍ଶଟିକେ ଦେବା ପାଇଁ !

*ଗୋଲାପଲ୍ଲୀ ସାହି, ବ୍ରହ୍ମପୁର*

# ହରଗଉରା ଫୁଲର ଋତୁ

**ଡକ୍ଟର ନୃସିଂହ ଷଡ଼ଙ୍ଗୀ**

ଏବେତ ତୁମ ହସରେ କୁଆଁରୀ ସକାଳ
ସଜସଜ ବାସୁଥିବା ତୁମ ଓଠରେ
ନୂଆ ସୂର୍ଯ୍ୟୋଦୟ,
କାହାପାଇଁ ଜୀବନ ତ କାହାପାଇଁ ମରଣ,
ବାଟ ଘାଟ ଆଉଁଷିଦିଏ
ଦୋରସ୍ତ ଜୀବନ,
ଯେଉଁଠି ଅର୍ଥହିଁ ନଥାଏ ଖୋଜିବାକୁ...
ତୁମ ଉପପାଦ୍ୟହୀନ ଗୋଟେ ନୂଆ ବ୍ୟାକରଣ ॥

କାହାକୁ କହୁଛ ଆହା, ଆହା,
ସେ ବିଧବା ନୁହେଁ କି ଗରିବ ନୁହେଁ,
ସୁନ୍ଦରୀ ନୁହେଁ କି ସଦେହୀ ନୁହେଁ,
ଫରକ୍ ନାହିଁ ଏଠି ଅନୁଭବରେ, ଯେଉଁଠି...
କ୍ୟାଲେଣ୍ଡର ବଦଳିବାରେ
କୌଣସି ଅର୍ଥ ହିଁ ନଥାଏ,
ଅଥଚ କ୍ୟାଲେଣ୍ଡର ବଦଳିଥାଏ...
ବର୍ଷକେ ଥରେ ଆପଣାଛାଏଁ,
ଭାଗ୍ୟ ବଦଳେ କେତେବେଳେ ପୁଷମାସରେ,
କେତେବେଳେ ସର୍ବନାଶରେ ॥

ଏବେ ହରଗଉରା ଫୁଲର ଋତୁ,
ଛତୁ ଫୁଟିବାର ବେଳ,
ଏବେ ତୁମ ଆଖିରେ ଗୋଟେ ଅନ୍ଧପ୍ରେମର ଦୃଶ୍ୟ
ଚିକ୍ ଚିକ୍ କରେ, ଯାହାର ନାଁ ବୋଧେ...
ଗୋଟେ ନଷ୍ଟରାତିର କବିତା ॥

ଭରସା ନାହିଁ ହିଲ୍ ଷ୍ଟେସନ୍ ବର୍ଷାକୁ,
ଯିଏ ଶୁଖିଲା ଦେହକୁ ଅଚାନକ ଓଦାକରେ,
ସେ ନିଉତା ଦିଏ... ଆସ, ଭିଜ
ନିଜ ଉତାପ ନିଜେ ମାପିନିଅ,
ସେ ଅଚାନକ ଶୁଖିଯାଏ,
ତା'ର ଦୁଃଖ ନଥାଏ କାହାକୁ ଓଦା କରିବାରେ ॥

ତରସ ନାହିଁ କାଲି ହେଉବା ଗୋରୀ ଝିଅଂକୁ...
ଯଦି ସେ ସୁନ୍ଦରୀ,

ମନ ଗୋଟେଆଡ଼େ ତ ଦେହ ଆଉଗୋଟେ
ଅକ୍ଷାଂଶରେ, ଗୋଟେ କପଟପଶାରେ,
ସୁନ୍ଦର ମିଛର ସେ ଏକ ସରପକା ସତ,
ଧରମଭାଇ ପରି ସେ ଗୋଟେ
ଅନିର୍ଭର ନାଟକର ଅବୋଧ ସଂଳାପ।
ତାକୁ ଯେତେ ମାଠିବୁ ମାଠ
ସେ ସେଇ ଦରପୋଡ଼ା କାଠ,
ଦେଖୁନ ସୁନ୍ଦରୀ ଝିଅ କେବଳ ଗୋଟେ...
ବାଜେ କବିତା ବହିର ସୁନ୍ଦର ମଲାଟ,
ସେ ଗାଧୁଆ ତୁଠ, ସେ ଅଫେରା ବାଟ ।।

ପାହାଡ଼ି ନଈକୁ ଭରସା ନାହିଁ,
ଯେମିତି ଆମେ ସବୁ ଭାଇ ଭାଇ,
କେତେବେଳେ ଦିନ୍ଦ୍ ଚୀନ୍ ତ
କେତେବେଳେ ଆଲ୍ଲା ଈସାହୀ...
ଏ କେବଳ ଗୋଟେ ପ୍ରବୋଧନା,
ଅଥଚ ଅତଡ଼ା ଖାଉଛି ପାହାଡ଼ି ନଈ ।।

କେତେ ଭାଗ୍ୟବାନ ଆମ ଆଖିରେ
ଏମାନେ... ଲାବଣ୍ୟରେ ବିବସ୍ତ୍ର
କରିପାରନ୍ତି ଦୁଃଶାସନଂକୁ,
ସକାଳେ ଅନ୍ଧାର ରୁଅନ୍ତି ସୂରୁଯ କ୍ଷେତରେ,
ରାତିରେ ସୂରୁଯ ଉଆଁନ୍ତି ପାହାନ୍ତି ଶେଜରେ ।।

ଆହା...ନାରୀ, ଆହା ନାରୀ...
ସୁନ୍ଦର ବି ହୁନ୍ଦର ବି,
ଗୋଟେ ଭୁଲ୍ ଠିକଣାର ବେରିଂ ଚିଠି,
ଶକୁନି ପଶାପାଳିରେ ହାରୁ ନଥିବା
କେତେ ପଶାପାଳିର କୁଆଁରୀ ଗୋଟି ।।

*ସଦସ୍ୟ, କାର୍ଯ୍ୟକାରୀ ପରିଷଦ, ଓଡ଼ିଶା*
*ସାହିତ୍ୟ ଏକାଡେମୀ*
*ଦୂରଭାଷ: ୯୯୩୭୨୨୨୧୨୨*

# ସେତୁ

## ପ୍ରଫେସର ରମେଶ ଚନ୍ଦ୍ର ସାହୁ

ଅନେକ ଥର ଆମ ସ୍ୱପ୍ନ ଓ ଦରଫୁଟା ପୁଲକ
କାଗଜ ଡଙ୍ଗା ହୋଇ
କାଠଯୋଡ଼ିରେ ହଜିଯାଇଛି, ମନେନାହିଁ
ସମୟକୁ ଆଚ୍ଛନ୍ନ କରିଛି ସଶବ୍ଦ ନୀରବତା
ପ୍ରକୃତିର ଅବୁଝା ପରିହାସ, ହେତୁ ନାହିଁ।
ଅପରିଚିତ ରଙ୍ଗୀନ ଶବ୍ଦଙ୍କ ଗଳିରେ
ଆମେ ହଜେଇଛେ
ନିଜ ନିଜର ପରିଚୟ, ଠିକଣା ଓ ପ୍ରତିଜ୍ଞା
ଯେତେଥର ଅଶ୍ରୁମୁଖା ମେଘ ଦେଖିଲେ
ସବୁଜ ଘାସଙ୍କ ଅବୁଝା କୋଳରେ
କୃଷ୍ଣଚୂଡ଼ା ଛାଇରେ ବସି ଜହ୍ନ ଦେଖିଲେ
ଫେରି ଆସି ପାରେନା
ଆମ ରୋମାଞ୍ଚ ଓ ଭୁଲାପଣର ଇତିହାସ
ନିବିଡ଼ ନୀରବତାର ସୁଦୃଶ୍ୟ ପୃଷ୍ଠାକୁ
ଆମ ପ୍ରେମର ସଜ୍ଞା।
ଧୈର୍ଯ୍ୟ ବାଲିଗରଡ଼ା ସାଜି
ନ ଚାହିଁବା ସତ୍ତ୍ୱେ ହାତରୁ ଖସିବା ବେଳେ
କୁହୁଡ଼ି ଘେରରେ ମୁଁ ଖୋଜେ
ତୁମ ଓଠର ବାସ୍ନା ଓ ଉଷ୍ଣତା
ଧୂଳିବୋଳା ପାଶୁଁଳ ମୁହଁରେ ଖୋଜେ
ଗୋଧୂଳି ଲଗ୍ନର ଭ୍ରାନ୍ତି
ତୁମ ବାହୁ ବନ୍ଧନର ସ୍ନିଗ୍ଧତା।
ଜଳନ୍ତା ପ୍ରଶ୍ନଙ୍କ ନିଆଁରେ ଆମେ ଦେଖନ୍ତି
ସମ୍ପର୍କ ଭାଙ୍ଗିବାର ହେତୁ
ଭଙ୍ଗା ମନକୁ କାଚ ଆଇନା ସାମ୍ନାରେ
ଯୋଡ଼ିଲା ବେଳେ
ଅପରାଧ ବୋଧର ନିମିଳିତ ଆଖି
କ୍ରମଶଃ ଉଭାନ୍ ହୁଏ
ପରମାତ୍ମା ସହିତ ଆତ୍ମାକୁ ଯୋଡ଼ିବାର
ଅପରିପକ୍ୱ ସେତୁ।

*ସା:/ପୋ: - ରାସୋଳ-୨୧,*
*ଜିଲ୍ଲା-ଢେଙ୍କାନାଳ*
*ଦୂରଭାଷ: ୯୪୩୮୪୧୮୪୯୨*

# ବୋଉ

## ସନ୍ନ୍ୟାସୀ ନାୟକ

ସୁଖକୁ କେବେ
କରିନି ନିଜର
ଦୁଃଖକୁ କରିନି ପର,
ସ୍ନେହରେ ବୋଉ
ମୋ ନଇ ପରି ବହେ
ମମତାର ପାରାବାର ... ।।

କହିବାକୁ କିଛି
ଭାଷା ନାହିଁ ମୋର
ବର୍ଣ୍ଣନା ମୁଁ ପାଉ ନାହିଁ ...
ସେ ତ ଦେବୀଠୁ ଅଧିକ
ଧରଣୀ ଠୁ ବଡ଼
ସ୍ନେହର ମମତାମୟୀ .... ।।

ଅଝଟ ପଣକୁ
ଭୁଲାଇ ଦେଇଛି
ଜହ୍ନ ମାମୁଁ ହାତେ ଦେଇ,
ଝୁଲାଇ ଝୁଲାଇ
ଶୁଆଇ ଦେଇଛି
ନାନାବାୟ ଗୀତ ଗାଇ .... ।।

ମୋ ଠୁକୁ ଠୁକୁ ଚାଲି
ଟଳ ମଳ ବେଗେ
ବୋଉ ସ୍ୱପ୍ନ ଦେଖେ ଛଳ ଛଳ,
ମୋ ପାଦେ ପାଦେ ରେ
ତା ନରମ ପାପୁଲି
କେତେ କଉତୁକ ଖେଳ ... ।।

ଯେତେ ତୋଳି ଧରି
ଧୂଳି ଝାଡ଼ି ଦେଲେ
ମୁଁ ଗୋଳି ହୋଇ ଲୋଟିଯାଏ,
ଖାଅ ଖାଅ କହି
ଖୁଆଇ ଦେଲେ ବି
ଥୁ ଥୁ ଫିଙ୍ଗି ଦିଏ .... ।।

ଆ ଆ ମୋର
ଅନ୍ଧର ଲଉଡ଼ି
କେତେ ଯେ ଡ଼ାକିଛି ମୋତେ,
ମୁହିଁ ହତଭାଗା
କେତେ କଷ୍ଟ ଦେଇ
ଦୁରେଇ ଦେଇଛି ତୋତେ ..... ।।

ନିଜ ସଂସାରର
ଚାକଚକ୍ୟ ସୁଖ
ପାଗଳ କରିଛି କେତେ,
ବୋଉ ଅବିଳତା
ବୁଝିବାକୁ କେବେ
ସମୟ ମିଳିନି ମୋତେ .... ।।

ଅନ୍ତଫାଡି ଦେଇ
ଅନନ୍ତ ଯୁଗକୁ
ଯିଏ ବଂଚିବାକୁ ଦିଏ ଆଶିଷ,
ତା ଅନ୍ତର କଥା
ବୁଝି ପାରି ନାହିଁ
ମୋ ଜୀବନର ଅବଶୋଷ ... ।।

*ଚକ୍ଷୁ ସହାୟକ*
*ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ପୁରୀ*
*ଦୂରଭାଷ: ୯୪୩୭୩୫୨୫୬୦*

# ତୁମେ ମୁକ୍ତିର... ଶାନ୍ତିର...ପ୍ରାପ୍ତିର

**ସରୋଜ କାନ୍ତ ଚୌଧୁରୀ**

ଜାହ୍ନବୀର ଧାର,
ଧରଣୀରେ ବହେ ପାବନ ପୃଷ୍ଟିରେ
ଅବାରିତ ଧାରା ଜୀବନ।
ପାର୍ଥିବତା ଅବା
ରସାୟନ ସଂଯୋଜନ
ବିବର୍ତ୍ତନରେ ମହୀୟାନ।
ମାତ୍ର ଜ୍ଞାନ ବୃଦ୍ଧି ମଣିଷର ମନ
ହେ ବିଧାତା ତୁମ ସୃଷ୍ଟି
ତୁମ ଆୟୋଜନ।
ତୁମେ ନିରାକାର
ପରମାତ୍ମା ପରମେଶ୍ୱର
ସକଳ ଆତ୍ମାର ଆଧାର।
ତୁମେ ସକାଳର ଲାଲ ଅରୁଣିମା
ପୁଣି ଗୋଧୂଳିର ଛାଇ।
ତୁମେ ତିଆରୁଛ ତୁମେ ବିଗାଡୁଛ
ତୁମେ ପରାପର
ଜଗତ ଜୀବନ ବିହି।
ମନ ତଳେ ଜାଗେ ଯେତେ ଅନୁରାଗ
ଯେତେ ବା ଯନ୍ତ୍ରଣା ସବୁ।
ତୁମେ ତା ମଧ୍ୟରେ ଅନନ୍ତ ଆଶିଷ
ସଦା ବିରାଜିତ ପ୍ରଭୁ।
ଧରାବତରଣରେ ପାପ ପୃଥିବୀରେ
ସାଧୁ ପରିତ୍ରାଣ ପାଇଁ,
ପ୍ରେମର ପୀୟୁଷ ଧାର
ତୁମେ ସୁନ୍ଦର ଘନଶ୍ୟାମ।
ଆସୁରୀ ଶକ୍ତିର ବିନାଶ ପାଇଁ
ରାମ ରତନ ପୁରୁଷୋତ୍ତମ।
ସଂଘାର ସଂଘାତେ ପାପମୁକ୍ତ ପୃଥ୍ୱୀ
ପରଶୁଧାରୀ ପରଶୁରାମ,
ମାନବ ମୁକ୍ତିର ଦେବତା ପାବନ
ଜଗତର ନାଥ ଜଗନ୍ନାଥ।
ଯେବେ ମୁଁ ଭାବଇ
ମାୟା ମରୀଚିକା ମିଛ ଏ ସଂସାର
କେହି ନୁହଁନ୍ତି କାହାର।
ସତ ଉଦ୍ଭାସିତ ତୁମ ନାମ ଖାଲି
ନଉକା ଜୀବନ ଆହୁଲା ତା'ର।
ଅନୁଭବେ ମୋର ପୁଲକିତ ଅବା
ତୁମେ ମୁକ୍ତିର ଶାନ୍ତିର ପ୍ରାପ୍ତିର।

*ସିଡିଏ, କଟକ ୭୫୩୦୧୪*
*ଦୂରଭାଷ: ୯୪୩୭୭୩୬୦୯୮୧*

# ଦଶାହରଣ

**କାର୍ତ୍ତିକ ଚନ୍ଦ୍ର ଷଡ଼ଙ୍ଗୀ**

ନିଉଛାଳି ହଉଛି
ତୋ ପଣତ ତଳେ
କାଇଁକିନା ଯୋଜନ ଯୋଜନ ବ୍ୟାପୀ
ତୋ ପଣତ
ତୁ ଶାକମ୍ଭରୀ
ଟିକେ ଆଶ୍ରୟ।

ହେମା ! ତୁ ମହାମାୟା
ପୁଣି ତୋର କାୟା ବି ମାୟାବୃତ
ଶ୍ରିୟାକୁ କଲୁ ସୌଭାଗ୍ୟବତୀ
ତତେ ଶ୍ରେୟ ମଣିବାରୁ।

ଦାନାମୁଠାଏ ପାଇଁ ଦିନରାତି
ତତେ ଡାକୁଛି ଗୁମୁରି ଗୁମୁରି
ଜରିଜମ୍ଭୁରା ମେଢ଼ତଳେ ବେଶ୍ ହସୁଛୁ
ବର୍ଣ୍ଣମାଟି- ଗୋବର ଲିପା ଘର ପରା
ତୋର ପାବନସ୍ଥଳୀ
କେବେ ଆସିବୁ ?

ପୂଜାପରେ ତତେ ତ
ବିସର୍ଜି ଦେବେ
ମୃଣ୍ମୟର ସତ୍ତା ରହିବନି
ତୁ ଚାଲିଆସିବୁ ମୋରି ଘରକୁ
ଲିପାପୋଛା କରିଛି
ଡାଳପତ୍ରରେ ସଜେଇଛି
ବାଡ଼ିରେ ଫୁଟୁଥିବା ଫୁଲଦିଟା
ଚାଙ୍ଗୁଡ଼ିରେ ଭରିଛି
ସାଇତିଛି ବାରି ପକ୍ୱରମ୍ଭା ତୋ ନୈବେଦ୍ୟ ପାଇଁ
ସାମାନ୍ୟ ଏ...
ସାମାନ୍ୟ ସଅଁପିଦେଇ
ଅସାମାନ୍ୟ ହେବାକୁ ଚାହୁଁନି
ଯାକୁ ଦେଇ ପୁଳାଏ ମାଗୁନି।

ମୁଁ ପରା ତୋରି ରକ୍ତରେ ପରିପୁଷ୍ଟ
ତୋ ପଣତ ମୋର ନିରାପଦ ଇଲାକା
ତୁ ଯେତେବେଳେ ଭୂମିଷ୍ଠ କରିଛୁ
ଭୂମା ପର୍ଯ୍ୟନ୍ତ ନବାଯାକେ ତୋର
ପ୍ରୟାସ।
ଏଇ ଚିନ୍ତନ ହିଁ
ମୋ ଦଶାହରଣରେ
ସହାୟହବ।
ଦାରିଦ୍ର୍ୟରେ ମୁଁ ସୌଭାଗ୍ୟବନ୍ତ
କାରଣ
ଭଲକରି ଜାଣେ ଦାରିଦ୍ର୍ୟ ଅପସରିଯିବ ମାତ୍ର
ମା'ର କରୁଣାର ଅମନ୍ଦ ମନ୍ଦାକିନୀ
କେବେବି ଶୁଖିବନି।
ଖପରାଏ ପଛେ ଖାଏ, ହଉ ପଛେ ପେଜ ତୋରାଣୀ
ନୁଆଁଣିଆ ଘରେ ପଛେ ଦେଖେ
ସୂର୍ଯ୍ୟ ଚନ୍ଦ୍ର ତାରା
ସାତସିଆଁ ମଳିନବସନ
ହଉପଛେ ମୋର ପରିଧାନ
ତଥାପି ଝୁଣ୍ଟିବାର ଭୟନାହିଁ
କାରଣ ପଡ଼ିବା ଆଗରୁ
ତୁ ଆହାଃ କହି ମତେ କୋଳେଇନବୁ
ମତେ ଦଶା ଭୋଗ କରିବାକୁ ପଡ଼ିବନି।
ତୁ ପରା ମୋର ଦଶାହାରିଣୀ ! !

*ବଲରା, ବିଳାସୁଣୀ, ନିଆଳୀ, କଟକ-୭୫୪୦୦୪*
*ଦୂରଭାଷ: ୭୮୫୪୮୪୨୫୩୯*

# ବୁଦ୍ଧ

**ଡ. ଅନିଲ ନନ୍ଦ**

ତ୍ରାହିର ମୁରଲୀ ସ୍ୱର
ସମସ୍ତେ ଖୋଜନ୍ତି
ଖୋଜନ୍ତି
ଗୁପ୍ତ ସୁଡ଼ଙ୍ଗ ଦେଇ
ବାହାରି ଯିବାକୁ ରାସ୍ତା।

ସେତେବେଳେ
ବୁଡ଼ିବା ବୁଡ଼ିବା ହେଉଥାଏ ସୂର୍ଯ୍ୟ
ଅସ୍ତ ଲଗ୍ନ ଆବୋରି ଥାଏ
ସସାଗର ଧରା
ନଟର ଜାଲରେ ସରିବାକୁ ବସିଥାଏ
ତଣ୍ଡୁଳ ଗିଳିବା ଦର୍ପ
ଭୁଲି ହେଇ ଆସୁଥାଏ
ଚିତ୍ରଗ୍ରୀବର ଉଚିତ ଅଭିମାନ।

ତା ପୂର୍ବରୁ କେହିକିଛି
ହରେଇବା ଚାହିଁ ନଥାଏ

ଜଙ୍ଗଲ ଜମି ଜଳ ସେଚନ
କିମ୍ବା ଚଲାପଥରେ କାମନାର ମୃତ୍ୟୁ ।

ସମସ୍ତେ ଚାହାନ୍ତି
ତୁମ ଭଳି ନୀରବତା
ମାତ୍ର ତାହା ବିନା ତପସ୍ୟାରେ
ଭୋକ ଶୋକ ଦୁଃଖର ଡାକରେ ।

ଥରେ ଥରେ
ମୁଣ୍ଡର ପସରା ବୋହି ନପାରି
ଆମେ ବି ଉଚ୍ଚାରଣ କରୁ
ବୁଦ୍ଧଂ ଶରଣଂ ଗଚ୍ଛାମି
ତୁମ ନିରାସକ୍ତ ରହଣୀ ପାଖରେ
ସଅଁପି ଦେଇ ନିଜକୁ ।

*କ୍ୟାମ୍ପସ୍-୯, କିଟ୍, ଭୁବନେଶ୍ୱର*
*ଦୂରଭାଷ: ୯୯୩୭୮୪୩୩୬୮*

# ଆସ ଆମେ କଥା ହେବା

**ବାବାଜୀ ଚରଣ ଜେନା**

ଆସ ଆମେ କଥା ହେବା
କୃଷ୍ଣଚୂଡ଼ା ଛାଇତଳେ
ତମେ ଯିବ ତମ ବାଟେ
କଥା ଆମ ସରିଗଲେ
ଆସ ଆମେ କଥା ହେବା ॥

ସମୟ କେବେ ହେଲେ
ରହେ ନାହିଁ କାହା ପାଇଁ
ଭାବି ନଥିଲି ମୁଁ କେବେ
ଦେଖା ହେବ ନିରୋଳାରେ
ଆସ ଆମେ କଥା ହେବା ॥

ଆଗ ପରି ତମ ଓଠେ
ସେଇ ହସ ଆଉ ନାହିଁ
ଅଭିନୟ କର କିବା
ଦୁଃଖକୁ ଲୁଚାଇ ଦେଇ
ମନ ଖୋଲି କଥା କୁହ
ହସି ଦେଇ ଖାଲି ଥରେ
ଆସ ଆମେ କଥା ହେବା ॥

*ଅହଲ୍ୟା ନିବାସ, ପୋପରଡ଼ା, ନୂଆବଜାର,*
*କଟକ-୭୫୩୦୦୪*
*ଦୂରଭାଷ: ୯୪୩୭୮୩୪୭୧୯*

# ଶୂନ୍ୟବାଣୀ

**ରଞ୍ଜନ ବାଗ**

ଅଧା ଛାଇ ଅଧା ଆଲୁଅର
ଜୀବନ କାଳରେ
ଯନ୍ତ୍ରଣା ବେଶୀ ପରି ଲାଗେ ।
ସୁଖ ତ ଏଠି ଜୁଳୁଜୁଳିଆ ପୋକର
ଆଲୁଅ ପରି,କ୍ଷଣେ ଜଳି
ପୁଣି ଅନ୍ଧାର ମାଡ଼ି ବସେ ।
ତାହାରି ମଧ୍ୟରେ ଜୀବନକୁ
ଜୁଝିବାକୁ ହୁଏ ।
ସ୍ୱଳ୍ପ ଜୀବନ କାଳରେ
ଅନେକ ସ୍ୱପ୍ନ ,ଅନେକ କାର୍ଯ୍ୟ
ଅଧୁରା ରହି ଯାଏ ।
ତଥାପି ଏଠି ଜନ୍ମ ନେବାକୁ ହୁଏ
ବିଧିର ବିଧାନରେ ।
କେହି ବି ଆଲୁଅର
ଠିକଣା ଖୋଜୁଛି,
ଅନ୍ଧାର କିନ୍ତୁ ଧିରେ ଧିରେ ଗ୍ରାସୀ ଯାଉଛି
ସମସ୍ତ ଆଲୋକର ଉତ୍ସକୁ ।
ଅନ୍ଧାର ଭିତରେ ଏଠି
କେହି କାହାକୁ ଦେଖୁନାହିଁ
କିନ୍ତୁ ଶୁଭୁଛି ଆର୍ତ୍ତନାଦ
ଉଦ୍ଧାର କର ଉଦ୍ଧାର କର ।
କିଏ କାହାକୁ ଉଦ୍ଧାର କରିବ ?
ସମସ୍ତେ ତ ଏଠି ଯେ ଯାହାର
କାର୍ଯ୍ୟସୂଚୀରେ ବ୍ୟସ୍ତ ।
ସମସ୍ତଙ୍କର ଆଖି ଅଛି
ହେଲେ କେହି କିଛି ଦେଖିପାରୁ ନାହାଁନ୍ତି ।
ଠିକ୍ ଏତିକି ବେଳେ
ଦିଗ୍‌ବଳୟ ପଟୁ
ଶୂନ୍ୟବାଣୀ ପରି ଶୁଭୁଥିଲା
ଅନ୍ଧାର ଭିତରେ ଆଗକୁ
ମାଡ଼ିଚାଲ, ଆହୁରି ଆଗକୁ
ଏବେ ଅନ୍ଧାର ଚକ୍ରବ୍ୟୁହରୁ
ବାହାରି ଆସ,
ଆଗରେ ଅପେକ୍ଷା କରିଛି
ଆଲୁଅର ଅସରନ୍ତି ବର୍ଣ୍ଣାଳୀ ।
ଡାକ ଶୁଣି ସମସ୍ତେ
ଆଗକୁ ଚାଲିବା ଆରମ୍ଭ କଲେ
ହେଲେ କିଛି ରହିଗଲେ
ଅନ୍ଧାରକୁ ଆବୋରି
ଏକ ଆତ୍ମୀୟତାରେ ।

*ଏମ୍‌ଏ (ଓଡ଼ିଆ)*
*ବରିଷ୍ଠ ସାମ୍ବାଦିକ,*
*ମଲ୍ଲିକାଶପୁର, ବାଲେଶ୍ୱର*
*ମୋ: ୯୪୩୭୨୭୪୩୩୬*

# ଋତୁରାଣୀ

**ବିଜୟଲକ୍ଷ୍ମୀ ସାହୁ**

ସମୟର ପଦଧ୍ୱନି ଅମୃତ ବଳୟେ
ଫୁଲ ଫୁଟା ଋତୁରାଣୀ ଧରଣୀ ବକ୍ଷରେ
ଆଶ୍ୱିନର ରୁମୁଝୁମୁ ନୁପୁରର ତାନେ
ଉଲ୍ଲାସ ଭରିଦିଏ ମାନବର ପ୍ରାଣେ ।

କଦମ୍ବର ଫୁଲେ ଫୁଲେ ମାଟି ମା ମହକେ
ମମତାର ମନଜିଣା ଇପ୍ସିତ ହୃଦୟେ
ପ୍ରତିଧ୍ୱନି ଗୁଞ୍ଜରଣେ ଶଙ୍ଖମାନ ଛୁଏଁ
ମା'ଙ୍କ ସ୍ୱାଗତ ବାର୍ତ୍ତା ଯେବେ ବାଣ୍ଟିଦିଏ ।

ନଦୀପଠା ଝିଲିମିଲି କରେ କାଶତଣ୍ଡୀ ଫୁଲେ
ରୂପାଜରି ରୂପେଲିରେ ସତେ ପଣତ ତା ଉଡ଼େ
ଶାଗୁଆ ପାଟେ ହସୁଥାଏ ଋତୁମୟୀ ରାଣୀ
ସ୍ୱାଗତ ସଂଗୀତ ଗାଏ ଶାନ୍ତି ବାର୍ତ୍ତା ବୁଣି ।

ପାର୍ବଣର ପ୍ରୀତିଭରା ସମ୍ପର୍କର ମନ
ଦିଶୁଥାଏ ସବୁଜିମା ପରେ ଗୁମ୍ଫା
ଶିଶିର ବିନ୍ଦୁରେ ଭରା ମୁକ୍ତା ସମ୍ମୋହନ
ଆସ ମା' ଘେନାକର ସନ୍ତାନ ନମନ ।

ସତ୍ୟ ଅହିଂସାର ଦୀପାଳି ଆଲୋକେ
ଦାନବ ପ୍ରକୃତି ଲୁଚିଯାଉ ଧରିତ୍ରୀ କୋଣେ
ମା'ଙ୍କ ଆଶୀଷ ଝରିଯାଉ ସର୍ବ ପ୍ରାଣେ
ଜଗତ କଲ୍ୟାଣ ହେଉ ଜୟ ଧ୍ୱନି ମନ୍ତ୍ରେ ।

ଆସନ୍ତା ଧରା ହେଉ ପୁଷ୍ପମୟ
ବିଶ୍ୱର କଲ୍ୟାଣ କର ମା' ବିଶ୍ୱପ୍ରାଣ
ଆନନ୍ଦ ଉଲ୍ଲାସ ଭରିଯାଉ ଋତୁ ପାର୍ବଣ
ଏସାରା ସଂସାର ତୁମ୍ଭ ଦୟାରେ ହେଉ
ସର୍ବଦା ମଙ୍ଗଳମୟ ।

*ଷ୍ଟେଟ୍ ବ୍ୟାଙ୍କ କଲୋନୀ, କେଶୁରା,*
*ଏଚ୍.ଆଇ.ଜି., ୨/୩୦୩, ଭୁବନେଶ୍ୱର*

# ବିଷାଦ

ସୌଦାମିନୀ ସ୍ୱାଇଁ

ବଞ୍ଚିବାର ଅବସାଦ
ବିଷାଦରେ ଫୁଟେ,
ଅବାଟରେ ଋଲିଯାଏ, ପ୍ରିୟ ସ୍ମୃତି
ଆଉ କାହାର ଡାକ ବାରି।

ମଧୁର ମୂର୍ଚ୍ଛନାରେ ମାନେ
ମିଳେଇ ଯାନ୍ତି ପବନରେ,
ପ୍ରତିଧ୍ୱନି ଶୁଭେନାହିଁ
ସ୍ପନ୍ଦିତ ହୁଏ ଛାତି
ଅଜଣା ଭୟରେ।

ବିଷାଦ ଆସେ ନିଜସ୍ୱ ଇଚ୍ଛାରେ
କୌଣସିନା କୌଣସି ଛିଦ୍ର ଦେଇ
ଅବା ଦୁଷ୍ଟ ସଂପର୍କର ସୂତ୍ରଧରି
ତାକୁ କ'ଣ କେହି ରୋଧିପାରେ!

ବିଷାଦ ଶାଶ୍ୱତ ନୁହେଁ
ଋତୁଭଳି ଆସେ ଯାଏ,
ଅ ଋତୁରେ ଫୁଟେ ଝଡ଼େ
କିଛି କ୍ଷୟ କ୍ଷତି ଦିଏ
କିଛି ଚେତାବନୀ
ଶୂନ୍ୟ ହସ୍ତେ ଛାଡ଼ିଯାଏ ନାହିଁ
କଲମ ଧରେଇଦିଏ
ଶବ୍ଦମାନଙ୍କୁ ଛାଡ଼ିଦେଇ ଯାଏ
ତୁମରି ପାଖରେ
ତା ରୂପ ସର୍ଜନାର ପାଇଁ।

*ବାଲିପଡ଼ା, ଗୋବିନ୍ଦପୁର, କଟକ*

# ନିସ୍ତାର

ଅଧ୍ୟାପିକା ସୁନୀତା ନାଏକ

ସ୍ୱପ୍ନ ଦେଖେ,
ଆସିବ ସେ ସମୟ,
ଯାହା ହେବ ମୋର ଅତି ଆପଣାର
ନିଉତା ଦେଇଛି...
ଆସିବ ସେ, ଇନ୍ଦ୍ରଧନୁର ସାତ ରଙ୍ଗରେ
ଉଦ୍‌ଭାସିତ ହୋଇ।

ଥୁଣ୍ଟା ବୃକ୍ଷରେ କଅଁଳିବ ପତ୍ର
ଅନ୍ଧାରେ ଶୋଇଥିବା ପକ୍ଷୀଟି
ଉଠିବ ସୁମଧୁର ଗୀତ ବୋଲି।
ଅନ୍ଧକାର ହେବ ସବୁ ଦୂର
ଆସିବ ସେ ସମୟ।

ସ୍ୱପ୍ନ ସବୁ ହୋଇଉଠେ ଗାଢ଼
ତୋଳିବି ମୁଁ ସ୍ୱପ୍ନର ମନ୍ଦିର।
ସତରେ ସ୍ୱପ୍ନ ହେବ ସଫଳ!
ଅଛି ମୋର ସାମର୍ଥ୍ୟ?
ଅବିରତ ଲାଗି ରହୁ ପ୍ରୟାସ ଓ ପ୍ରଯତ୍ନ।

କ୍ଳେଶ ଦିଏ... ଆଉ ଯନ୍ତ୍ରଣା ବି
ନିରୁଦ୍ଦେଶ ମୁଁ
ଇଚ୍ଛା ଯେବେ ବଳିପଡ଼େ
ଜୀବନ୍ତ ହୋଇଯାଏଁ ଦଗ୍ଧ।

ଇନ୍ଦ୍ରଧନୁର ସପ୍ତରଙ୍ଗରେ ଆସକ୍ତି ମୋର ଅଶେଷ
ଆଉ କୋକିଳର କୁହୁ ତାନରେ
କେବେକେବେ ଆସକ୍ତିକୁ କରିପାରେନି ନିୟନ୍ତ୍ରଣ।

ଆଶା ମୋର ସବୁ ହେବ ସଫଳ
ଇନ୍ଦ୍ରଧନୁର ବର୍ଣ୍ଣିଳ ବିଭାପରି।
ନୂତନ ଆଲୋକେ ବର୍ଣ୍ଣସ୍ରୋତ ହେଉ
ବିଭାବରୀ ଆଉ
ହୋଇଯିବ ସବୁ ସୁନ୍ଦର-ଉଜ୍ଜ୍ୱଳ।

*ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ*
*ନିଗମାନନ୍ଦ ମହିଳା ମହାବିଦ୍ୟାଳୟ,*
*ଚାରିଛକ, ପୁରୀ-୭୫୨୧୧୩*
*ଦୂରଭାଷ: ୮୪୫୫୦୧୯୦୩୭*

# ଶୂଦ୍ର

ଡକ୍ଟର ରାମଚନ୍ଦ୍ର ପଲାଇ

କିଛି ଭଲ ନ ଲାଗିଲେ
ମୁଁ ଅଳିଆ ସଫାକରେ
ପଢା ଟେବୁଲ୍ ଉପରେ ବିପର୍ଯ୍ୟସ୍ତ ବହିକୁ
ସଜାଡେ, ବହିଥାକରୁ ଧୂଳି ଝାଡେ,
ଏ ଜିନିଷକୁ ସେଠି ରଖେ
ସେ ଜିନିଷକୁ ଥୋଇଦିଏ ଅନ୍ୟତ୍ର
ଚାଲିଥାଏ ସଫେଇ ଓ ପୁର୍ନନ୍ୟାସ
ମୁହୁଃମୁହୁଃ ।

ମଧ୍ୟେ ମଧ୍ୟେ ବଗିଚାରୁ ସଫାକରେ
ଅନାବନା, ଗଛରେ ପାଣି ଦିଏ
ଅଇଁଠା ପତ୍ରକୁ ଗୋଟେଇ ପୋଡିଦିଏ
ଅଥବା ଖତଗଦାରେ ପୋତିଦିଏ।

ସେଥିରୁ ଉପଶମ ନ ମିଳିଲେ
ଗାଧୁଆ ଘର ଚଟାଣରୁ ଦାଗ ଛଡାଏ
ପାଇଖାନା ସଫାକରେ ।
ପାଇଖାନା ସଫାକଲେ ଚିତ୍ତ ଶାନ୍ତ ରହେ
ବେଶୀ ଆଶ୍ୱାସ ମିଳେ,
ମୋ ଭିତରେ ସଂଚରିଯାଏ ଏକ ସେବକର ସୁଖ
ଏକ ଶୁଦ୍ର ଭାବନା, ଏକ ମୁଗ୍ଧ ଅନୁଭବ,
ମୋ ଭିତରର 'ମୁଁ'ଟି କେଉଁଠି ମିଳେଇଯାଏ ।

ଶୂଦ୍ର ସକଳ ଅପନ୍ତରାର ପାହାଡକୁ
ଅକ୍ଳେଶରେ ମୁଣ୍ଡରେ ବୋହି ପାରେ
ଶୂଦ୍ର ଦେହରୁ ଉତ୍ତୀର୍ଣ୍ଣ ହୁଏ ବିବର୍ତ୍ତିତ ପ୍ରାଣ
ଚଢିବା ପାଇଁ ପାହାଚ ପରେ ପାହାଚ
ପହଞ୍ଚିବାକୁ ପ୍ରଶାନ୍ତିର ଶୀର୍ଷଦେଶ ।

ଶୂଦ୍ର ! ଚେତନାର ମୂଳପିଣ୍ଡ !
ସହସ୍ରାର ପାଇଁ ଉର୍ଦ୍ଧମୁଖୀ ସେତୁର ମୂଳବିନ୍ଦୁ
ପୁଲକର ମଧୁର ଆଧାର ।

ନିଜକୁ ଶୂନଟିଏ କରିଦେଇ
ତା' ଉପରେ ଗଢେ ଏକ ଉତ୍ତୁଙ୍ଗ ଗମ୍ବୁଜ
ଯତନରେ ଚକ୍ରାକାରରେ ସଜେଇ ଦିଏ
ପାଖୁଡ଼ା ପରେ ପାଖୁଡ଼ା
ତା'ର କୋମଳ ସତ୍ତାରେ ।

*ଭାରତ ଭିଲ୍ଲା, ରୁଦ୍ରପୁର, ନହରକଂଟା,*
*ଭୁବନେଶ୍ୱର -୭୫୨୧୦୧*
*ଦୂରଭାଷ: ୭୯୭୮୮୯୮୪୫୬*

# କବିତା ଟିକେ ନୂଆ ହୁଏ

ଡକ୍ଟର ସରସ୍ୱତୀ ପଣ୍ଡା

ବହୁଦିନ ତଳୁ ପଢ଼ିଥିବା ସେ ବହି ଖଣ୍ଡକ,
ଏବେ କୋଉ କାମକୁ ଯେ?
ହେଲେ ସବୁ କାମରେ ତାରି ମାୟା,
ତମ ସ୍ମୃତି ଆଜି କୋଉ କାମକୁ ଯେ?
ହେଲେ ସବୁ ସ୍ୱପ୍ନରେ ତ ତମରି ଛାୟା।
ଲିଭେଇ ଦବାକୁ ଚାହୁଁଛି ଯେ

ଢେଉରୁ ଫେଣର ତୋଫା ଫୁଲ
ହେଲେ କାମନାର ସମୁଦ୍ରରୁ ଜୁଆର
ଛାଡୁନି, ସବୁ ତହବିଲ୍‌ରେ
ଆମେ ଛୁଇଁଥିବା ପୁରୁଣା ହିସାବର ଅଙ୍କ।
ରାଣ ପକାଇଥିବା ଶୁଭକାଉ ଏବେ ଅତୀତର
ଡାଳରେ ବସି
ଲିଭିଯାଇଥିବା ସକାଳର ଚେହେରାକୁ ଖୁମ୍ପୁଚି କାହିଁକି ?
ତମକୁ ପଚାରନ୍ତି ଯେ ତମେ ତ
ଋତୁମତି କନ୍ୟା ପରି
କଥା ବନ୍ଦ କରିଛ।
କେଡ଼େ ଫୁଲିଆ, ମାଇଚିଆ ତମେ
ଆଉ କହିଲେ ଜାଲ ଚିରିଯିବ ଗୋ
ତମ ଶବ୍ଦ ଧରିବି କେମିତି... କହିଲ !
ଫି ବର୍ଷ ତମେ ପୂଜାକୁ
ଶୀତର ହାନ୍ଦୋଳାଟିଏ ଦାନ ଦବ ବୋଲି କୁହ,
ହେଲେ ହାନ୍ଦୋଳାରେ ଅନାଗତ ଶୋଇଥାଏ ଆଗରୁ।
ତମେ ନାଚାର, ମୁଁ ନିରୁପାୟ,
ସେହି ସଅର ସାହିରୁ ମାଗିଆଣି ଥିବା
ଶାଗ ପରି, କି ସିନ୍ଦୁକରେ ସାଇତା
ପୁରୁଣା ବାସନ ପରି ଦେଖୁନ
ସଅବୁ କବିତାଙ୍କ ଝାଲେରି, ଓଢ଼ଣୀ।
ତମେ ତ ହସିବ ଏ କଥା ପଇଲେ
ହେଲେ ମନେରଖ ତମେ କଥା ନକହିଲେ ତ
କବିତା ଟିକେ
ନୂଆ ହୁଏ।

*ପ୍ରଧାପିକା, ଇଂରାଜୀ ବିଭାଗ, ଏନ୍.ସି.*
*କଲେଜ, ଯାଜପୁର*

# ଅଶାନ୍ତ ନକ୍ଷତ୍ର

## ମନୋଜ କୁମାର ଦାଶ

ଆମେ ସବୁ ଏକ ଏକ
ନିଃସଙ୍ଗ ତାରକା
ଘୁରୁଅଛୁଁ ଅଶାନ୍ତ ମନରେ
ଏକାନ୍ତ ନିହାତି ଏକାନ୍ତ ଭାବରେ

ଆମେ ସବୁ ଏକ ଏକ ଜ୍ୟୋତିଷ୍କ
ଆଲୋକିତ
ନିଜ ଆଲୁଅରେ

ଆମେ ସବୁ
ଏକ ଏକ ନିଃସଙ୍ଗ ନକ୍ଷତ୍ର
ଦେଦୀପ୍ୟମାନ
ଆଲୋକ ମଝିରେ

ଯୁଗ ଯୁଗାନ୍ତରୁ କେଉଁ
ଢାଳୁଛୁ ଆଲୁଅ
ଆକାଶର ବିଶାଳ
ବିସ୍ତୃତି ଉପରେ

ଆମେ କ୍ଷୁଧାର୍ତ୍ତ
ଆମେ ତୃଷାର୍ତ୍ତ
ଆମେ ଅଶାନ୍ତ
ଜଳୁଅଛୁଁ ଆମେ
ନିହାତି ଭୋକିଲା, ଶୋଷିଲା,
ନିରୋଳା ଭାବରେ।।

*ମିନି ଷ୍ଟାଡିୟମ ପଛପଟ, ଓ୍ୱାର୍ଡ ନମ୍ବର-୧୩,*
*ବରଗଡ*
*ଦୂରଭାଷ: ୯୭୭୭୪୨୫୭୦୩*

# ପରିବର୍ତ୍ତନ

## ଅଧ୍ୟାପିକା ପ୍ରିୟଦର୍ଶିନୀ ନାୟକ

ସମୟ ହାତରେ ସଭିଙ୍କ ଡୋରି
ଗର୍ବ ଅହଂକାରେ ରତ ମଣିଷ
ଆଜି ପିଞ୍ଜରାରେ ବନ୍ଦୀ
ହାତ ଟେକିଦେଇ ସଭିଏଁ
ଡାକିଲେ ସେହି ଈଶ୍ୱରଙ୍କୁ
ଯାହାକୁ ପଥର କାଷ୍ଠ କହି
ଉପହାସ କରୁଥିଲେ,
ଆଜି ଦୁଃଖ କହୁଛନ୍ତି କାନ୍ଦି.... ।

ଯୁଗ ପରିବର୍ତ୍ତନ ହୋଇଛି
ସଂସ୍କାର ସଂସ୍କୃତି ପରମ୍ପରା ସବୁକୁ ମୂଲ୍ୟହୀନ କହି
ବିଜ୍ଞାନ ବଳରେ ବଳିୟାନ ମଣି
ସର୍ବଶ୍ରେଷ୍ଠ ଭାବୁଥିବା ନବୀନଯୁବପିଢ଼ି
ମୁଣ୍ଡ ନୁଆଁଇଲେ ଜଗତ ନାଥଙ୍କ ଆଗରେ
ତୁମେ ସର୍ବଶ୍ରେଷ୍ଠ ଏହା ହିଁ
ଯୁଗ ଯୁଗ ପାଇଁ ଚିରନ୍ତନ ସତ୍ୟ
ଏ ମହାମାରୀରୁ ଉଦ୍ଧାର କର ପ୍ରଭୁ.... ।

ଗର୍ବଗଞ୍ଜନ ଗାରିମା ଭାଙ୍ଗିଲେ ମୁଢଙ୍କର
ଏବେ ତାଙ୍କରି ଦୟାରୁ ବିଜ୍ଞାନ ସହାୟତାରେ
ଉତ୍ପତ୍ତି ହୋଇଛି ଔଷଧ କିଛି ମାତ୍ରାରେ
କୋକୁଆ ବସିଛି କାୟା ବିସ୍ତାରି
ଉଦ୍ଧାର କର ହେ ଦୀନବନ୍ଧୁ ଦୟାତାରି
ନିସ୍ତାର କର ହେ କରୋନା କବଳୁ
ରକ୍ଷା ପାଉ ଏ ସମାଜ ରାକ୍ଷସ କବଳୁ... ।

ମୃତ୍ୟୁର ତାଣ୍ଡବ ଥମୁ ହେ ମହାବାହୁ
ସବୁ ସରିଗଲାଣି ଏମିତି ଚାହୁଁ ଚାହୁଁ
ଜନଜୀବନ ଅସ୍ତବ୍ୟସ୍ତ ଆଜି ବିକଳରେ
ତହଳବିକଳ ଜନସାଧାରଣ ବୁଭୁକ୍ଷୁରେ
କିଏ ବା କାହା କଥା ଏଠି ବୁଝୁଛି
ପେଟକୁ ଲାଗିଲେ ପୁଅକୁ ପକା,
ସେହି ରୀତିନୀତି ଏବେ ଚାଲିଛି.... ।

ଯୁଗ ଏବେ ପରିବର୍ତ୍ତନ ହୋଇଛି
ହିଂସା ଦ୍ୱେଷ ବର୍ବରତା ଟିକେ କମିଛି
ନୂତନ ଭାଇଚାରା ସୃଷ୍ଟି ହେଉଛି
ପଶୁଙ୍କ ପେଟ ବି ମଣିଷ ବୁଝିପାରୁଛି
କରୋନା ଯିବାପରେ ନୂତନପୀଢ଼ିର ପ୍ରାରମ୍ଭ ହବାର
ସମ୍ଭାବନା ଦେଖାଦଉଛି
କଣ ହେବ ସମୟ କହିବ ଭାଇରେ।

ଓଡ଼ିଆ ବିଭାଗ,
ସିମୁଳିଆ କଲେଜ, ସିମୁଳିଆ, ବାଲେଶ୍ୱର
ମୋ-୯୦୯୦୨୦୨୧୬୬

# ଭୁଲି ହୁଏନା

## ଡଃ. ସଂଜୀବ କୁମାର ପାଣିଗ୍ରାହୀ

ସ୍ମୃତି କେବେ ହଜେନା
ମନରୁ କେବେ ଲିଭେନା
ଆଷାଢର  ଦୂବଟିଏପରି
ନବଜୀବନ ପାଇ
ମନରାଇଜରେ ଝଟକି ଉଠେ
ଠିକ୍ ପଶ୍ଚିମ ଆକାଶର
କୁଆଁ ତାରା ପରି ।
ବୈଶାଖର ଖରାରେ
ଶ୍ରାବଣର ବର୍ଷାରେ
ଶୀତର ଶିଶିର ବିନ୍ଦୁରେ ଅବା
ବସନ୍ତର ମୃଦୁ ମଳୟରେ
କିମ୍ବା ଚନ୍ଦ୍ରବିଧୌତ ରଜନୀର
ଜ୍ୟୋସ୍ନାରେ
ଫୁଟି ଉଠେ ତା'ର ଛିଟା
ସେପରା  ଅପାସରା

ତାକୁ ଭୁଲି ହୁଏନା
ମନରୁ ସେ ଯାଏନା
ସୁବର୍ଣ୍ଣ ପିତଳ ଅବା ରଜତ ପରି
ଝଟକୁ ଥାଏ ସେ ଦିବା ନିଶି ।

*ସା/ପୋ-କୋଷ୍ଠା, ଜିଲ୍ଲା-ମୟୂରଭଞ୍ଜ,*
*ପିନ୍-୭୫୭୦୮୪*
*ଫୋନ୍ ନଂ-୯୪୩୮୪୭୦୦୨୭*

# ଏଇତ ସଂପର୍କ

**ମୁରଲୀଧର ମିଶ୍ର**

ସଂପର୍କ କେବଳ ଶବ୍ଦଟିଏ ନୁହେଁ
ସଂପର୍କ ହୃଦୟର ଏକ ଆବେଦନ
ଏକ ସାମାଜିକ ବଂଧନର ଇସ୍ତାହାର ।

ମାଆଠୁ ଆରମ୍ଭ ହୁଏ
ସଂସାରର ଏ ସଂପର୍କ
କଅଁଳ କୁଆଁ କୁଆଁ ଡାକରେ
ଧୀରେ ଧୀରେ ଆଖି ଖୋଲେ
ଦେହ ବଢ଼େ, ମାଆର କୋଳରୁ ପାଦ ଖସି
ପଡ଼େ ଯାଇ ମାଟିର କୋଳରେ
ଭାଇ ବଂଧୁ କୁଟୁମ୍ବର ବଂଧନରେ
ଲେଖାହୁଏ ସଂପର୍କର ନୂଆ ଇତିହାସ ।

ଦିନ ଗଲା,ରାତିଗଲା, ସମୟ ବିତିଲା
ଯୌବନ କେବେ ଆସି ଅଜାଣତେ ତରଙ୍ଗ
ତୋଳିଲା, ଦେହର ନଈରେ
ସେକଥା ଜଣା ନ ପଡ଼ିଲା
ପ୍ରଜାପତି ପଛରୁ ଧାଇଁବାର ନିଶା
ବଦଳରେ, ପ୍ରେୟସୀ ପ୍ରତୀକ୍ଷାର ନିଶା
ଘାରିଗଲା, ତା ମିଠା ମିଠା ମଧୁର ବାସ୍ନାରେ
ବୟସର ଫୁଲବନ ମହକି ଉଠିଲା ।

ପୁଣି ଏକ ବଂଧନ ଜୀବନକୁ ଆବୋରି
ବସିଲା, ପ୍ରେମର ସ୍ୱୀକୃତି ନେଇ
ସେ ବଂଧନ ବିବାହ ବୋଲି
ସମାଜ କହିଲା ।

ସବୁ ସଂପର୍କରୁ ସେ ସଂପର୍କ
ବେଶୀ ମିଠା ଅନୁଭୂତ ହେଲା
ସ୍ୱପ୍ନ ଆଉ ଆବେଗର ଇଲ୍ଲାକାରେ
ପ୍ରିୟାର ପଣତ ଆଉ କାନ ପାଖେ
ଶୁଭୁଥିବା ତା ପ୍ରଣୟ ସଂଗୀତ
ଆପେ ଆପେ ଜୀବନକୁ
କରିଦେଉଥିଲା ପ୍ରୀତିସ୍ନିଗଧ ମାଧୁର୍ଯ୍ୟର
ଅପୂର୍ବ ଉତ୍ସବ !!

କେମିତି ଏକ ନିଃଶବ୍ଦ ଉଚ୍ଚାରଣରେ
ସମୟ ସେହି କହିଦେଉଥିଲା
ଚୁପି ଚୁପି କାନ ପାଖେ
ଏଇତ ସଂପର୍କ ।

*ଭାଗବତ ସଂଧାନ କଲୋନୀ, ଭୁବନେଶ୍ୱର*

# ଖୁସିର ପସରା ଆଣେ ଦଶହରା

**ନିରଞ୍ଜନ ସାହୁ**

ପାବର୍ଣ ଏମିତି ସମୟ ଅଟଇ
ଖୁସି ଦେଇଥାଏ ଭରି
ମାଆଙ୍କ କରୁଣା ନ ହୁଅଇ ଊଣା
ପଡୁଥାଏ ସଦା ଝରି ।

ସରଗରେ ଜହ୍ନ ସରସୀରେ କଇଁ
ପଢୁଥାନ୍ତି ପ୍ରେମ ପାଠ
ସେ ଅଭେଦ ପ୍ରୀତି ବୁଝିବା କଠିନ
ଯେତେ ମାଠୁଅଛ ମାଠ
ପ୍ରକୃତିର ଶୋଭା ଅତି ମନଲୋଭା
ପାବର୍ଣ ଆସିଛି ଧରି ।

ସୁନୀଳ ଆକାଶେ ଧବଳ ବଉଦ
ହେଉଥାନ୍ତି ଭାସମାନ
କାଶତଣ୍ଡି ଢାଳେ ଧବଳ ଚାମର
କରି ଦେବୀ ଜୟଗାନ
ଧରାବତରଣେ ସିଂହବାହିନୀ ଯେ
ସନ୍ଦର୍ଶନେ ଯିବ ତରି ।

ଶାରଦୀୟ ଚନ୍ଦ୍ରମଣ୍ଡଳ ଉଜ୍ଜ୍ୱଳ
ଭଲଲାଗେ ଜହ୍ନରାତି
ଆଈ ମାଆ ଖୋଲେ ଗପ ଥିବା ପେଡ଼ି
ଧରିକି ନାତୁଣୀନାତି
ଅବୋଧ ଶିଶୁକୁ ଜହ୍ନକୁ ଦେଖାଇ
ମାଆ ଦିଏ ବୋଧ କରି ।

କ୍ଷେତରେ ଶାରଦ ଫସଲ ହସଇ
ଖୁସି ହେଉଥାଏ ଚାଷୀ
ଦୂର ବିଦେଶରୁ ଘରକୁ ଫେରନ୍ତି
ଯେତେଯେତେ ପରବାସୀ
ଗୋଧୂଳି ଲଗନେ ଫେରନ୍ତି ଗୋଧନ
ଚାରଣ ଭୂମିରୁ ଚରି ।

ଦେବୀଙ୍କ ପୀଠରେ ଷୋଡଶ ଦିବସ
ଦୁର୍ଗାପୂଜା ଚାଲିଥାଏ
ପୂଜା ମଣ୍ଡପରେ ମହାଆଡମ୍ବରେ
ଦଶହରା କରାଯାଏ
ଜଗତ କରଇ ଦେବୀଙ୍କ ବନ୍ଦନା
ମହିଷା ଯାଇଛି ମରି ।

ରିହାତି ଦରରେ ଦରବ ମିଳଇ
ବିପଣୀ ପସରା ମେଲେ
ହାତ ଖୋଲା ଖରଚ ସଭିଏଁ କରନ୍ତି
କଞ୍ଜୁସ ଲୋକ ବି ହେଲେ
ମନୋରଞ୍ଜନରେ ବେଳ କାଟୁକାଟୁ
ପାର୍ବଣ ଯାଏ ସରି ।

*ନିହଲ ପ୍ରସାଦ, ଗଁଦିଆ ପାଟଣା*
*ଢେଙ୍କାନାଳ- ୭୫୯୦୧୬*
*ଦୂରଭାଷ: ୯୯୩୮୭୪୧୫୮୩*

# ଏବେ ସେଦିନ ଓ ନିଦ ଆଉ ନାହିଁ

**ବିଜୟ ମହାପାତ୍ର**

କୁହୁଡ଼ି ଓ କାକରଂକ ଦାଉରୁ
ଟଳି ପଡ଼ିବ କି ଗଳିପଡ଼ିବ କି ଲେମ୍ବୁ ଫୁଲରୁ
ଚଣା
ଖସିପଡ଼ିବକି ଭୂରେ ଭୂଧରରେ !
ଲୁହରେ ନିର୍ମିତ ଦ୍ରୌପଦୀ
ଶୋଷିହୋଇଯିବ କି ପିଶାଚର ତୃଷାର୍ତ୍ତ ଓଠରେ !

କେବେ କେବେ ମନେହୁଏ
ମୋ କାହ୍ନାର ପାପୁଲିରେ ତ ଜହ୍ନମାମୁଁ
ଖସିପଡ଼ିବାର ମାୟାରେ ଆମେ ଆରାମରେ
ଶୋଉଥିଲୁ
ଆକାଶରୁ ମେଘମାନେ ଓଜନିଆ ବର୍ଷାହୋଇ
ତଳିତଳାଂତ କରୁଥିଲେ ଜମିବାଡ଼ି

ବେଳେବେଳେ ଦୃଷ୍ଟି ବିଭ୍ରମରେ ତରାମାନେ
ଡହଳ ବିକଳ ହୋଇ ମେଘଂକ ଦାଉରୁ
ଆଖିଠାର ମାରୁଥିଲେ ଘୋର ଶୂନ୍ୟତାରେ !

ଏବେ ସେଦିନ ଓ ନିଦ ଆଉ ନାହିଁ
ଯାହା ବାଲ୍ମୀକିଙ୍କ ହୁଂକା ବାହାରେ
ଝରିପୋକଖିଆ ଆଦିବାସୀ ଟୋକା
ଦୁଧିଆ ଓଠରେ ଆଙ୍କିଦିଏ
ଦୁଗ୍‌ଧବର୍ଣ୍ଣ ଫେନିଳ ସମୁଦ୍ର ।

ଯେତେ କହିଲେବି ଟୋକାମାନେ
ବାଇକ୍‌ରେ ଘେରାଏ ବୁଲିଆସିଲେ କେତେକଥା
କୁହୁଡ଼ି କାକର ଜହ୍ନ ଓ ମେଘ
ଜଙ୍ଗଲରେ ଲୁଚି ରହିଛି ଯେଉଁ ବାଘ
ଯାହା ଆମକୁ ପ୍ରତିଥର ପାଂଚବର୍ଷରେ
ଆମ ଟିପରୁ ନେଇଯାଉଚି କଳାଜହ୍ନ
ଦେଇଯାଉଚି ମନରେଗା ଓ ଅବିଶ୍ୱାସର ମଲାଜହ୍ନ ।

*ସାମପୁର, ପ୍ଲଟ ନଂ-୭୭୯/୧୧୪୭/୩୫୨୫,*
*ସବ୍ ପ୍ଲଟ୍ - ୧୫, ଦୁର୍ଗାମାଧବ ନଗର,*
*ଲେନ୍-୩, ଡାକଘର-ମହାଲକ୍ଷ୍ମୀ ବିହାର,*
*ଭୁବନେଶ୍ୱର-୭୫୧୦୨୯*
*ଦୂରଭାଷ: ୮୨୪୯୦୭୯୮୫୩*

# କଳଙ୍କ

**ବନ୍ଦନା ପଣ୍ଡା**

ତୁମେ ଯାହାକୁ ମୋର କଳଙ୍କ କହୁଛ
ମୁଁ କହେ ତାକୁ ଅଙ୍ଗ
ମୋ ଦେହରେ ଜଳନ୍ତୀ ଲାଭାର ରଙ୍ଗ
ତାକୁଇ ନେଇତ ମୋର ପରିଚୟ ଏବେ !!
ଭୟ ନାହିଁ ମୋର
କଳଙ୍କିନୀର ବୋଝ ବୋହିବାକୁ
ଇଚ୍ଛା ନାହିଁ ପରଖିବାକୁ
ହେଲା ବା ହେଲାନି ଜୟ ପରାଜୟ...
କିଏ ଅବିବେକୀ କିଏ ନିର୍ଦ୍ଦୟ ? ?

ତୁମ ଅନ୍ତର୍ଚକ୍ଷୁ ମାନଦଣ୍ଡରେ ବିଷର ପାଶବିକ ଦୈର୍ଘ୍ୟ
ଘୃଣ୍ୟ ପ୍ରସ୍ଥର ବଳୟ
ମୋ ଦେହ କଳଙ୍କରୁ ମିଳେ ସ୍ପଷ୍ଟ ଚିହ୍ନରେ,
କେତେ ଜଘନ୍ୟ, କେତେ ବିକୃତ
କେତେ ସଂକୀର୍ଣ୍ଣ କେତେ ବିଦ୍ୟୁତ...
ହଁ, ହଁ, ଏ ଦାଗ ମୁଁ ନିଜେ ଲିଭେଇବି
ଭାବନାହିଁ ମୁଁ ମୃତ ବା ଚିନ୍ତିତ

ସସମ୍ମାନେ ବଞ୍ଚିବାକୁ ପ୍ରସ୍ତୁତ ମୁଁ
ଆଗାମୀ ପିଢ଼ି ଦ୍ୱାରା ପଥଚ୍ୟୁତ ନୁହେଁ, ବରଂ ପ୍ରେରିତ ।

ପଛଘୁଞ୍ଚା ଦେଲଣି କାପୁରୁଷ, କୁପୁରୁଷ !
ଆଜି ତୁମେ କଳଙ୍କିତ ନିନ୍ଦିତ
ଦେଖ ମୋ ହସ ତଳେ ଶତ ଶକ୍ତିସୁଧା...
ଅମୃତ ଜଳିଲେ, ଆଗ୍ନେୟଗିରି ଉଦ୍‌ଗାରେ
ଅନୁଭବି ଥିବ ଏ ଜଗତସାରା
କାକୁସ୍ଥ ହୁଏ ସୂର୍ଯ୍ୟ ଚନ୍ଦ୍ର ଗ୍ରହ ତାରା ଆଉ ଧରା
କଳଙ୍କ ଲେପିବା ଆଗରୁ
ବିବସ୍ତ୍ର କରିବା ଆଗରୁ
ଥରେ ହେଲେ ଭାବିଥାନ୍ତ
ମୋ ଜଠରରୁ ଜନ୍ମିଥିବାର ପାପୀ ଗଣ !
ସର୍ବଂସହା ସତ, କିନ୍ତୁ ତ୍ରିପୁର ବିଜୟୀ ଶକ୍ତି ସ୍ୱରୂପିଣୀ
ମୁଁ ଏକ ନାରୀ ପରା !!!

*ଏଚ୍.ଆଇ.ଜି.-୧୦୫, ଲୁମ୍ବିନୀ ବିହାର,*
*କେୟାର ହସ୍ପିଟାଲ ରୋଡ୍, ଚନ୍ଦ୍ରଶେଖରପୁର,*
*ଭୁବନେଶ୍ୱର-୨୧*

# ମା' ଦୁର୍ଗତି ନାଶିନୀ

**ସ୍ନେହା ରଥ**

ଶରତର ଶୁଭ୍ରତାରେ
ଶାରଦୀୟ ଜୋଛନା
ନଈରେ କାଚକେନ୍ଦୁ ପାଣି
କ୍ଷେତରେ ସୁନାର ଲହରୀ
ଶୀତଳ ସମୀରଣ
କଅଁଳ ଘାସରେ ସକାଳ ଶିଶିର
ଭରା ଶେଫାଳିର ମହମହ ବାସ୍ନା ।
ଆସ ମାଆ ଦୁର୍ଗେ ! କାଶତଣ୍ଡିର ଝୁଲଣ ନିଶାରେ,
ଦୁର୍ଗତି ନାଶିବାର ଦୁର୍ବାର ଆଶାରେ ।
ତୁମ ଆଗମନେ,
ଗୋମୟରେ ଲିପାପୋଛା ଘର ଦୁଆର
ଆମ୍ବ ତୋରଣ ଚିତାଝୋଟିରେ ଝଲମଲ
ଆସ ମାଆ ଦୁର୍ଗେ, ଦୁର୍ଗତିନାଶିନୀ !
ଏ ଧରାକୁ ଧନ୍ୟ କରି
ତୁମ୍ଭେ ଅଟ ବିଶ୍ୱମାତା
ସୃଷ୍ଟିର ଆଦ୍ୟ ଭୂମିକା
ସୃଜନର ମୁଖ୍ୟ ପାଦଟୀକା,
କରୁଛି ଅର୍ଚ୍ଚନା ମା', ମୋ ଆଖି ଲୁହରେ,

ନିଜକୁ ସମର୍ପୁଛି ତୁମ ପାଦ ପଦ୍ମରେ,
ତୁମେ ତ ବ୍ୟାପ୍ତ ସବୁଠାରେ
ସାରା ସଚରାଚର ଉଜ୍ଜୀବିତ ତୁମରି ସ୍ଥିତିରେ,
ତୁମେ ହିଁ ସଂହାର ଓ ସର୍ଜନାରେ ।
ହେ ମାଆ ! ଆସ
ଲିଭି ଯାଉ ଅନ୍ଧକାର ତୁମ ଆଗମନେ ।
ସୂକ୍ଷ୍ମ ଓ ସମ୍ଭାବନାରେ ବିଚରୁଥାଅ, ସଂଚରୁଥାଅ
ଯୋଗନିଦ୍ରାରେ ।
ପ୍ରତି ବରଷ ଆସୁଥାଅ ସିଂହ ବାହନରେ,
ଆମେ ସବୁ ଏମିତି ଅପେକ୍ଷା କରିଥାଉ
ସମର୍ପିତ ମୁଦ୍ରାରେ ।

*୪-ବି, ଜୟଦୁର୍ଗା ନଗର, କଟକ ରୋଡ୍,*
*ବମିଖାଲ, ଭୁବନେଶ୍ୱର*
*ଦୂରଭାଷ: ୯୪୩୭୨୧୧୮୦୩*



# ଦସ୍ୟୁ ରତ୍ନାକର

## ପ୍ରଫେସର ଉପେନ୍ଦ୍ର ପ୍ରସାଦ ନାୟକ

*(ରତ୍ନାକରର ଗୃହାଂଗନ। ରତ୍ନାକରର ପତ୍ନୀ କ୍ରନ୍ଦନ ରତ)*

ପ୍ରୀତିମୟୀ - (କାନ୍ଦି) ଏହା ମୋର ଭାଗ୍ୟେ ଥିଲା ସତେ ! ଦାରିଦ୍ର୍ୟରେ ତିଳ ତିଳ ସଢ଼ି ସଢ଼ି ବିତେ ଏଠି ଜୀବନ ଯୌବନ। ପାଏନାହିଁ ଦୁଇବେଳା ଦୁଇମୁଠା ନିତି। ଏଡ଼େ ସୁନ୍ଦର ଯୁବକଟିଏ ଦେଖି ପିତାମାତା ଯାହା ହାତରେ ମୋରହାତ ଛଂଦି ଦେଇଥିଲେ ସେ ଯେ ଏପରି ନିକମା ଦରିଦ୍ର ଭାବେ ରହି ପରିବାର ସୁରୁଖୁରୁରେ ଚଳାଇ ପାରିବ ନାହିଁ କିଏ ବା ଜାଣିଥିଲା। ନା, ଆଉ ଏ ଦାରିଦ୍ର୍ୟରେ ସଢ଼ି ସଢ଼ି ଏଠି ବଂଚି ପାରିବି ନାହିଁ।

ରାତ୍ନାକର - (ବାହାରୁ ପ୍ରବେଶି) କ'ଣ କହିଲ ? କ'ଣ କହିଲ ପ୍ରୀତି ? ତୁମେ ଏଠି ବଂଚି ରହି ପାରିବ ନାହିଁ ? ମାନେ ....

ପ୍ରୀତି - ମାନେ କ'ଣ ବୁଝି ପାରୁନାହଁ ? ଏଠି ତୁମର ବାପା, ମାଆ, ସ୍ତ୍ରୀ ପୁତ୍ର ସହିତ ତୁମର ଏଡ଼େ ବଡ଼ ପରିବାର। ବିନା ଆୟରେ କେମିତି ଚଳିବେ କେବେ ଭାବିଛ ?

ରତ୍ନାକର - କ'ଣ କରିବି କୁହ ? କେଉଁଠି କିଛି କର୍ମ ତ ହେଇ ପାରିଲା ନାହିଁ। ଧନ ହାତକୁ ଆସିବ କେଉଁଠୁ ?

ପ୍ରୀତି - ଧନ ନ ଆସିଲେ ଏ ପରିବାର ଚଳିବେ କେମିତି ? ଶାଶୁ ଶ୍ୱଶୁର ତ ବୁଢ଼ାବୁଢ଼ୀ ହୋଇଗଲେଣି। ତେଣୁ ଏବେ ତୁମେ ହିଁ ତ ପ୍ରକୃତ ଗୃହକର୍ତ୍ତା। ତୁମେ ଗୃହକର୍ତ୍ତା ହୋଇ ଯଦି ଧନଅର୍ଜନ କରି ଘର ଚଳାଇ ନପାରିବ ତେବେ ଆମକୁ ବିଷପାନ କରାଇ ମାରିଦିଅ। ସବୁ ଅଡୁଆ ତୁଟିଯିବ। ଆଉ ଏ ଘର , ଏ ପରିବାର ଚଳାଇବାକୁ ତୁମର ଚିନ୍ତା ନଥିବ କି ଦକ ନଥିବ।

ବିମ୍ବାଧର - (ବାହାରୁ ଆସିଛନ୍ତି) ଏ କ'ଣ କହିଲୁ ମାଆ। ବିଷପାନ କରାଇ ପରିବାର ବର୍ଗଙ୍କୁ ମାରିଦେବ ? ଭଲ ଉପଦେଶ ଦେଉଛ ତ ? ଜାଣୁ, ଏପରି ଆତ୍ମହତ୍ୟା କେଡ଼େ ମହାପାପ ?

ପ୍ରୀତିମୟୀ - ଅଭାବରେ ସ୍ୱଭାବ ନଷ୍ଟ ହୁଏ। କର୍ମ ପଡ଼ିଲେ ମଣିଷକୁ ଏମିତି ମହାପାପ କରିବାକୁ ପଡ଼େ। ଆପଣ ମୋର ପରମ ପୂଜ୍ୟ ଶ୍ୱଶୁର। ମୋତେ କୂଳବୋହୂ କରି ଘରକୁ ଆଣିଥିଲେ। ଆପଣ ଆପଣଙ୍କର ହରିନାମ ଭକ୍ତିରେ ମଜି ରହିଥାନ୍ତି। ଖାଇବାକୁ ମିଳିଲେ ଭଲ, ନ ମିଳିଲେ ନାହିଁ। ହେଲେ ଆପଣଙ୍କର ଏ ବୋହୂଟା ଏ ଘର କୋଣରେ କେମିତି ଚଳେ, କ'ଣ ଖାଏ, କ'ଣ ପିନ୍ଧେ, କେମିତି ରହେ କେବେ ବୁଝନ୍ତି ନା ଆପଣଙ୍କ ପୁଅ ବୁଝନ୍ତି ? ବାପା ମୋର ଯାହା ଲୁଗାପଟା ଗହଣାଗାଣ୍ଠି ଦେଇଥିଲେ ସେଥିରେ ତ ମୋର ଏତେଦିନଯାଏ ଚଳିଲି। ଏବେ...

ବିମ୍ବାଧର - ଏ ବୃଦ୍ଧ ବୟସରେ ମୋର ଆଉ କି ଚାରା ଅଛିରେ ମାଆ। ମୁଁ କ'ଣ କରିପାରିବି ନା କେଉଁଠୁ ଧନ ଅର୍ଜନ କରି ଏ ଘର, ଏ ପରିବାରକୁ ଏବେ ସୁରୁଖୁରୁରେ ଚଳାଇ ପାରିବି ?

ପ୍ରୀତି - ବାପା !

ବିମ୍ବାଧର - ପୁଅବଡ଼ ହେଲେ ବିଶାଳ ଧନ ସମ୍ପଦର ଅଧିକାରୀ ହୋଇ ପାରିବ ବୋଲି କଳ୍ପନା କରି ନାମ ଦେଇଥିଲି ରତ୍ନାକର, ମାନେ ରତ୍ନର ମଣି। ହେଲେ ମୁଁ କ'ଣ ଜାଣିଥିଲି ଯେ ତା ଜୀବନରେ ରତ୍ନ ତାକୁ ସ୍ପର୍ଶ କରିପାରିବ ନାହିଁ ବୋଲି ?

ରତ୍ନାକର - ନାମ ସାଙ୍ଗରେ କାମର କିଛି ସମ୍ପର୍କ ନାହିଁ। କିଛି କାମ ନକରି ଧନରତ୍ନ କ'ଣ ଆପେ ଆପେ ଆସି ଘର ଭିତରେ ମହଜୁଦ୍ ହେଇଯିବ ବୋଲି ଭାବିଥିଲ ?

ବିମ୍ବାଧର - କାମ କରୁନୁ ? ତୋତେ କିଏ ମନା କରୁଛି ?

ରତ୍ନାକର - କାମ କେଉଁଠି ମିଳିଲେ ତ କରିବି ?

ବିମ୍ବାଧର - କାମ ମିଳିବ ନି କାହିଁକି ? କୌଣସି ବେତନଭୋଗୀ ଚାକିରି ନମିଳିଲେ, ବେପାର ବଣିଜ ତ କରି ହେବ ?

ରତ୍ନାକର - ଏଁ କ'ଣ କହିଲ ବେପାର ବଣିଜ ? ବେପାର ବଣିଜ କ'ଣ ମନକୁ ମନ ହେଇଯିବ ? ବେପାର ବଣିଜ ପାଇଁ ମୋଟା ଧରଣର ଅର୍ଥ ଲୋଡ଼ା ଅର୍ଥ। ଅର୍ଥ ଖଟାଇ ମୂଳଧନ ଯୋଗାଡ଼ ନ କଲେ ବେପାର ବଣିଜ ହେଇପାରିବ କେମିତି ? କୋଉ ଟଙ୍କା ଗୁଡାକ ଆମ ପାଖରେ ମହଜୁଦ୍ ଅଛି ଯେ ବେପାର ଆରମ୍ଭ କରିବି ?

ପ୍ରୀତି - କିଛି ଧାର ଉଧାର କରି, ମୋର ଆଉ ଯାହା ଦିଖଣ୍ଡ ଗହଣାଗାଣ୍ଠି ଅଛି, ସେଥିରେ -

ରତ୍ନାକର - କ'ଣ କହିଲ ତୁମ ଗହଣା ବିକି ମୁଁ ବ୍ୟବସାୟ ଆରମ୍ଭ କରିବି। ତୁମକୁ ତ ଆଜିଯାଏ ରତିଏ ଗହଣା ବି ମୁଁ ଦେଇନାହିଁ ବରଂ ତୁମ ବାପା ଦେଇଥିବା ଗହଣା ବିକି ଏ ଘର ଆଜିଯାଏ ଚଳେଇଛ, ତାପରେ ପୁଣି... ନା, ନା, ଆଉ ସେକଥା ମତେ କୁହନାହିଁ।

ପ୍ରୀତି - ତେବେ ? ତେବେ କେମିତି ଚାଲିବ ଏ ସଂସାର ?

ରତ୍ନାକର - ମୁଁ ଯେମିତି ଯେଉଁଠୁ ହେଲେ ଧନ ରୋଜଗାର କରି ଆଣିବି। ମୁଁ ଉପାୟ

ଚିନ୍ତା କରି ସାରିଲିଣି। ତୁମେ ଆଉ ଚିନ୍ତା କରନାହିଁ। ଦେଖିବ, ଏବେ ଏ ଘର ଠିକ୍ ଚାଲିବ। ପ୍ରୀତି ! ତୁମେ ଆଉ ଆଦୌ ଚିନ୍ତା କର ନାହିଁ। ତୁମକୁ ଆଉ କାନ୍ଦିବାକୁ ପଡ଼ିବ ନାହିଁ କି ମୁଁ ଗୋଟାଏ ତୁମର ଅଯୋଗ୍ୟ ସ୍ୱାମୀ ବୋଲି ଭାବିବାକୁ ହେବନାହିଁ।

ବିଦ୍ୟାଧର - କେମିତି ? କେମିତି ଧନ ଅର୍ଜନ କରିବୁ ? କି ଉପାୟ ଚିନ୍ତା କରିଛୁ ଶୁଣେ ?

ରତ୍ନାକର - ମୁଁ ଯେଉଁ ଉପାୟ ଚିନ୍ତା କରିଛି ତୁମ ସାମ୍ନାରେ ଏଠି ଘୋଷଣା କରି ଲାଭ ନାହିଁ।

ବିଦ୍ୟାଧର - କ'ଣ କହିଲୁ ? ଆମ ଆଗରେ କହି ଲାଭ ନାହିଁ ?

ରତ୍ନମାଳା (ରତ୍ନାକରର ମାଆ)- (ପ୍ରବେଶି) ଆରେ କ'ଣ କହିଲୁ ? ତୋ ଧନ ଅର୍ଜନ କଥା ତୋ ମାଆ ବାପା ପାଖରେ ଜଣାଇ ଲାଭ ନାହିଁ ? ତୋ ସ୍ତ୍ରୀକୁ ଜଣେଇ ଲାଭ ନାହିଁ ?

ରତ୍ନାକର - ବୋଉ !

ରତ୍ନମାଳା - ମୁଁ ଆରଘରେ ଥାଇ ସବୁ ତୁମମାନଙ୍କ କଥାବାର୍ତ୍ତା ଶୁଣିଛି। ମତେ ଭୁଲାଇ ପାରିବୁ ନାହିଁ।

ରତ୍ନାକର - ବୋଉ !

ରତ୍ନମାଳା -ମୋ ସୁନା ପୁଅଟା ପରା, କ'ଣ ଭାବିଛୁ, କେଉଁଠୁ କି ଉପାୟରେ ଧନ ଅର୍ଜିବୁ ଆମ ଆଗରେ କହିଦେନା ... ତୁ କ'ଣ ଭାବିଛୁ, ଆମେ ତୋତେ ସେଥିରେ ବାରଣ କରିବୁ ?

ରତ୍ନାକର - ପରେ ତୁମେ ସବୁ ବଳେ ଜାଣିବ ନାହିଁ, ଏତେ ଉଛନ୍ନ କାହିଁକି ?

ପ୍ରୀତି - କ'ଣ କଥାଟା ଆମ ଆଗରେ ଖୋଲି କହିଦଉନ ? ଜଣାଇବାରେ ଏତେ କୁଣ୍ଠାବୋଧ କାହିଁକି ?

ରତ୍ନାକର - ମୋ ଯୋଜନା ଶୁଣିଲେ ତୁମ୍ଭେମାନେ ହୁଏତ ବିସ୍ମୟ ପ୍ରକାଶ କରିବ। ମୋ ଚିନ୍ତା ଭାବନାକୁ ଗ୍ରହଣ କରିବାରେ ବାଧା ସୃଷ୍ଟି କରିବ।

ବିଦ୍ୟାଧର - ଘର ଚଳାଇବା ଦାୟିତ୍ୱ ତୋ ଉପରେ। ଆମେ ବାରଣ କରିବାକୁ କିଏ ?

ରତ୍ନମାଳା - କହ, କ'ଣ ଭାବୁଛୁ କହ।

ରତ୍ନାକର - ମୁଁ ଅରଣ୍ୟକୁ ଯାଇ ପଥଚଲା ପଥିକଙ୍କଠାରୁ ଧନ ଲୁଟ୍ କରି ଆଣିବି।

ବିଦ୍ୟାଧର - ଧନ ଲୁଟ୍ କରିବୁ ?

ରତ୍ନମଣି - ତା'ମାନେ ଚୋରି କରିବୁ ? ଡକାୟତି କରିବୁ ? ତୁ ଶେଷବେଳକୁ ଏଇ ଚୋରି ଡକାୟତି କରିବୁ ?

ରତ୍ନାକର - ଖାଲି ଲୁଟ୍ ନୁହେଁ। ଦସ୍ୟୁ ବୃତ୍ତି। ଆବଶ୍ୟକ ହେଲେ ନରହତ୍ୟା କରି ଧନ ଅର୍ଜନ କରିବି।

ବିଦ୍ୟାଧର - ଆରେ ଶେଷକୁ ତୁ ପରିବାର ପାଇଁ ଏଭଳି ମହାପାପ ଅର୍ଜନ କରିବୁ ?

ରତ୍ନାକର - କ୍ଷତି କ'ଣ ? ପେଟକୁ ଗଣ୍ଡେ ଦାନା, ପିଠିକି ଖଣ୍ଡେ କନା ଯଦି ନମିଳିଲା, ବଂଚିବା ପାଇଁ ଏ ବୃତ୍ତି ଅବଲମ୍ବନ ନକରି ମୋର ଚାରା କ'ଣ ?

ବିଦ୍ୟାଧର - ତୁ ସେ କଥା ମୁହଁରେ ଧରନିରେ। ମୁହଁରେ ଧରନି।

ରତ୍ନାକର - ମୋ ନିଷ୍ପତ୍ତିରେ ମୁଁ ଅଟଳ। ମୁଁ ତୁମମାନଙ୍କୁ ପ୍ରତିପାଳନ କରିବା କଥା। ମୋର ଯେଉଁ ବୃତ୍ତି ଅବଲମ୍ବନ କରି ଧନ ଅର୍ଜନ କଲେ ତୁମର ଆପତ୍ତି କାହିଁକି ?

ବିଦ୍ୟାଧର - ତୁ ମୋ ପୁଅ। ମୁଁ ଚାହେଁନି ତୁ ଏପରି ନିମ୍ନଗାମୀ ହୋଇ ଏପରି ପାପ ଅର୍ଜନ କର। ମୋର ତୋତେ ଅନୁରୋଧ, ଆଉ ଥରେ ଚିନ୍ତା କରି ଶେଷ ନିଷ୍ପତ୍ତି ଗ୍ରହଣ କର।

ରତ୍ନାକର - ଆଉ ଚିନ୍ତା କରିବାର କିଛି ନାହିଁ। ମୋ ନିଷ୍ପତ୍ତିରେ ମୁଁ ଅଟଳ। ତୁମେମାନେ ନୀରବ ରୁହ।

*(ସମସ୍ତେ ରତ୍ନାକରକୁ ଚାହିଁ ରହିଛନ୍ତି। ମଂଚ ଅନ୍ଧାର ହୋଇଛି)*

### ଦ୍ୱିତୀୟ ଦୃଶ୍ୟ

*(ଅରଣ୍ୟର ଏକ ପଥଚଲା ଛକ, ପଇଁତରା ମାରୁଛି ରତ୍ନାକର। ମୁହଁରେ ଏକ କଳାମୁଖା। ଡକାୟତ ବେଶ।)*

ରତ୍ନାକର - ଅରଣ୍ୟର ଏହି ଅଞ୍ଚଳଟି ହିଁ ଉପଯୁକ୍ତ ସ୍ଥାନ। ଏହି ସ୍ଥାନ ହିଁ ହେବ ମୋର ପ୍ରଧାନ କର୍ମସ୍ଥଳୀ। କାହିଁ କେହିତ ଏଠି ଜଣେ ହେଲେ ଦିଶୁ ନାହିଁ। କ'ଣ କରିବି ? ସକଳ ପୁଣ୍ୟ ଧର୍ମ ଛାଡ଼ି ଏକ ବିଭତ୍ସ ନାରକୀୟ ପାପ ପଥକୁ ପାଦ ବଢ଼ାଇଲି ଯେ ଏଠି ବି ମୋତେ କ'ଣ ପରାଜୟ ସ୍ୱୀକାର କରିବାକୁ ପଡ଼ିବ ? (ଟିକିଏ ରହି) ନା, ପାପ କ'ଣ। ପେଟ ପ୍ରତିପୋଷଣ ପାଇଁ ଏହାକୁ ତ ମୁଁ ବୃତ୍ତି ଭାବେ ଗ୍ରହଣ କରିଛି। ଏଠି ଆଉ ପାପପୁଣ୍ୟର କଥା ଭାବିବି କାହିଁକି ? ମୁଁ ଖାଲି ଭାବୁଛି ଏ ବୃତ୍ତିରେ ସଫଳତା ଲାଭ କରିପାରିବି ତ ?

*(ଏହି ସମୟରେ ସେହି ରାସ୍ତା ଦେଇ ଜଣେ ପଥିକ ଯାଉଥିବାର ଦୃଶ୍ୟମାନ ହୋଇଛି। ପଥିକଟିକୁ ଦେଖି ଉଚ୍ଚ ସ୍ୱରରେ ଚିତ୍କାର କରିଛି ରତ୍ନାକର)*

ରତ୍ନାକର - କିଏ ? କିଏ ତୁମେ ? କ'ଣ ତୁମର ପରିଚୟ ?

ପଥିକ - ମୁଁ ଜଣେ କ୍ଲାନ୍ତ ପଥିକ।

ରତ୍ନାକର - କ୍ଲାନ୍ତ ପଥିକ ? ଯାତ୍ରା କୁଆଡ଼େ ?

ପଥିକ - ନିକଟ ନଗରୀକୁ।

ରତ୍ନାକର - ଯାତ୍ରାର କାରଣ ?

ପଥିକ - ମୋ କନ୍ୟାର ବାହାଘର।

ରତ୍ନାକର - କନ୍ୟାର ବାହାଘର ? ଗୃହରେ ବିଭା ସମାରୋହ ଛାଡ଼ି ଇଆଡ଼େ କାହିଁକି ?

ପଥିକ - ଯାଉଛି ମୋ ସ୍ତ୍ରୀର ଗହଣା ବିକ୍ରୟ କରି ବିବାହ ସରଂଜାମ କିଣିବି।

ରତ୍ନାକର - କାହିଁ ଦେଖି କି କି ଗହଣା ନେଇ ଯାଉଛ ?

ପଥିକ - ସେ ଗହଣା ମୋ ବ୍ୟାଗ ଭିତରେ ଗୋଟାଏ ଅମୁହାଁ ଥଳିରେ ପୂରାଇ ମୋ ସ୍ତ୍ରୀ ରଖି ଦେଇଛି। ଏଠି ଆଉ କାହିଁକି ଖୋଲିବି। ଯୋଉ ବଣିଆ ପାଖରେ ବିକ୍ରି କରିବି - ସେହିଠାରେ ହିଁ ଝୁଲାରୁ କାଢ଼ିବି।

ରତ୍ନାକର - ଏଁ କ'ଣ କହିଲୁ ? ଏଠି ବାହାର କରିବୁ କାହିଁକି ? ମୁଁ କହିଲି ପରା ଗହଣା ଖୋଲି ମତେ ଦେଖାଇବା ପାଇଁ ? ମୋ କଥାଟା ତତେ ଗ୍ରାହ୍ୟ ପଡ଼ିଲା ନାହିଁ ?

ପଥିକ - କିଏ ? କିଏ ତୁମେ ? ମୋତେ ଏପରି କାହିଁକି କହୁଛ ? ନା, ସେହି ଗହଣା ହେଉଛି ବର୍ତ୍ତମାନ ମୋ ଝିଅ ବାହାଘର ଏକମାତ୍ର ସହାୟ।

ରତ୍ନାକର - ମୋତେ ଚିହ୍ନିନୁ ? ମୁଁ ଦସ୍ୟୁ ରତ୍ନାକର। କ'ଣ କହିଲୁ, ଗହଣା କାଢ଼ିବୁ ନାହିଁ ? (ବଡ଼ ଛୁରୀଟାଏ ଅଣ୍ଟାରୁ କାଢ଼ି) ଦେଖୁଛୁ ? ମୋ ହାତରେ ଏ ଶାଣିତ ଛୁରୀକା କେମିତି ଚକ୍‌ଚକ୍ କରୁଛି, ଦେଖି ପାରୁଛୁ ?

ପଥିକ - (ଛୁରୀଦେଖି ଭୟଭୀତ ହୋଇ) ମୋତେ ଦୟା କରନ୍ତୁ। ମୋତେ ଦୟା କରି ଛାଡ଼ିଦିଅନ୍ତୁ।

ରତ୍ନାକର - ଏଁ ତୋତେ ଛାଡ଼ିଦେବି ? ତୋରିଠାରୁ ଧନ ଆଦାୟ କରି ମୋ ପରିବାର ପ୍ରତିପାଳନ ପାଇଁ ମୋର ବିହି ଲେଖିଛି। ତୋତେ ଛାଡ଼ିଦେବି କେମିତି ? ଭଲରେ କହୁଛି ଗହଣା ବାହାର କର ନ ହେଲେ ଏଇ

ଛୁରୀକାରେ ତୋର ଜୀବନ ନେବା ସଂଗେ ସଂଗେ ତୋ ଧନ ନେଇ ମୁଁ...

ପଥିକ - ମୋତେ ଦୟାକର। ଏପରି ନିର୍ଦ୍ଦୟ ହୁଅନାହିଁ।

ରତ୍ନାକର - ଏ! ମୋର ସମୟ ନଷ୍ଟ କରନି କହି ଦଉଛି। ବାହାର କର, ବାହାର କର କହୁଛି...

ପଥିକ - ନା, ସେତକ ମୋର ସମ୍ବଳ, ମୋତେ ଛାଡ଼ିଦିଅ

ରତ୍ନାକର - କ'ଣ କହିଲୁ ? ମାନିବୁ ନାହିଁ ? ତୁ ସହଜରେ ମାନିବା ଲୋକ ନୁହେଁ। ଦେଖୁଛି ସିଧାକଥାରେ ତୁ ଭଳିବା ଲୋକ ନୁହେଁ। ବେଶ୍ ଠିକ୍ ଅଛି। ଶେଷ ପରିଣତି ତୋତେ ଗ୍ରହଣ କରିବାକୁ ହେବ।

*(ଟାଣି ନେଇ ପଥିକକୁ ଛୁରୀ ଭୁଷି ଦେଇଛି)*

ପଥିକ - ଆଃ ଓଃ ଏ ମୋର ତୁ କ'ଣ କଲୁରେ ନରାଧମ। ତୋର ଦୟାମାୟା ବୋଲି କିଛି ନାହିଁ।

ରତ୍ନାକର - ଅଃ... ଓଃ... (ଝୁଲା ଖୋଲି ଗହଣାତକ ନେଇ) ପଡ଼ିଥାଆ ସେଇଠି ଆ, ଉ ହେଉଥା ମୁଁ ଚାଲିଲି।

*(ରତ୍ନାକର କ୍ଷୀପ୍ର ବେଗରେ ଚାଲି ଯାଇଛି। ଯନ୍ତ୍ରଣାରେ ଚିତ୍କାର କରୁଛି ପଥିକ। ମଂଚ ଅନ୍ଧାର ହୋଇଛି।)*

### ତୃତୀୟ ଦୃଶ୍ୟ

*(ରତ୍ନାକର ଘର। ବାହାରୁ ଆସିଛି ରତ୍ନାକର)*

ରତ୍ନାକର - (ଉଲ୍ଲସିତ ହୋଇ) ପ୍ରୀତି ! ପ୍ରୀତି ! ହୋ ପ୍ରୀତିମୟୀ ! ଆରେ ଶୁଣୁଛ ନା ନାହିଁ ବା ?

ପ୍ରୀତି - କ'ଣ ହେଲା ? କାହିଁକି ଏତେ ଡାକ, ଶୁଣେ ?

ରତ୍ନାକର - ଏବେ ଡାକିବିନି ତ ଆଉ କେବେ ଡାକିବି ? ଆଜି ଆଣିଛି ମ...

ପ୍ରୀତି - ଆଣିଛ ? କ'ଣ ଆଣିଛ ?

ରତ୍ନାକର - କ'ଣ ଆଣିଛି ଜାଣି ପାରୁନ ? ଯାହା ଆଣିବା ପାଇଁ ତୁମେ ପ୍ରତିଦିନ କୁହ ଅଥଚ ମୁଁ ଆଣିପାରେନି। ତୁମ ପାଖରେ ମୁହଁ ଲୁଚେଇ ବସେ। ହେଲେ ଆଜି ଆଉ ସେକଥା ନାହିଁ। ଆଜି ଛାତି ଫୁଲେଇ ତୁମ ଆଗରେ ମୋର ପୁରୁଷ ପଣିଆ ଜାହିର କରିପାରିବି।

ପ୍ରୀତି - କ'ଣ କଥାଟା ଖୋଲିକି କହୁନ ? ଏତେ ବୁଲେଇ ବାଙ୍କେଇ... ଆଚ୍ଛା କ'ଣ ଆଣିଛ କହିଲ ?

ରତ୍ନାକର - କ'ଣ ଆଣିଛି ଜାଣିପାରୁନ ? ଧନ ଆଣିଛି, ଧନ।

ପ୍ରୀତି - 'ଧନ' ?

ରତ୍ନାକର - ହଁ ଧନ। ତୁମେ ଅଭାବରେ ରହି ସବୁବେଳେ ମୋଠାରୁ ଧନ ଆଶା କରୁଥିଲ, ମୁଁ ଆଣି ଯୋଗାଇ ପାରୁ ନ ଥିଲି। ଏବେ ଆଉ ସେକଥା ହବନି।

ପ୍ରୀତି - କ'ଣ ସବୁ ଏତେ କଥା କହି ଯାଉଛ, ମୁଁ କିଛି ବୁଜି ପାରୁନି। କ'ଣ ଧନ ଆଣିଛ କହୁଛ କାହିଁ ଦେଖେଇଲ ?

ରତ୍ନାକର - (ଝୁଲାରୁ ଟଙ୍କା ଥଳି ବାହାର କରି) ହେଇ ନିଅ। ଦେଖ କ'ଣ ଆଣିଛି। କେତେ ମୁଦ୍ରା ନବ ନିଅ।

ପ୍ରୀତି - (ଟଙ୍କା ଥଳିଟି ନେଇ, ଦେଖି ଖୁସିରେ ଅଧୀର ହୋଇ) ଏଁ ତୁମେ ଏତେ ମୁଦ୍ରା ଆଣିଛ ? ସତ କହିଲ ତୁମେ ଏତେ ଧନ କୋଉଁଠୁ ଆଣିଲ ?

ରତ୍ନାକର - ତୁମର ଟଙ୍କା ସୁନା ଧନରତ୍ନ ଦରକାର, ମୁଁ ଆଣି ଦେଲି। କୋଉଠୁ ଆଣିଲି, ସେଥିରୁ ତୁମେ କ'ଣ ପାଇବ ?

ପ୍ରୀତି - ମୁଁ ତୁମର ଧର୍ମପତ୍ନୀ। ତୁମ ଭଲ ମନ୍ଦରେ ମୁଁ ପୂରା ଭାଗିଦାରୀ। ତୁମେ ଧନ କୋଉଠୁ ଆଣିଲ ମୋର ଜାଣିବା ଦରକାର ନାହିଁ ?

ରତ୍ନାକର - ହଁ ସବୁକଥା ତୁମର ଜାଣିବା ଦରକାର। ମୁଁ କ'ଣ ନାହିଁ କରୁଛି।

ପ୍ରୀତି - ତାହେଲେ କହୁନ, ଏତେ ଧନ ତୁମେ କେଉଁଠୁ ଆଣିଲ ?

*(ରତ୍ନାକରର ବାପା ମାଆ ଆସିଛନ୍ତି)*

ବିମ୍ବାଧର - ସେ କୋଉଠୁ ଆଣିଛି ଆଉ କ'ଣ ଜାଣିବାକୁ ବାକିଅଛି ? ସେଦିନ ହଲପ କରି କହୁଥିଲା କାହାକୁ ଖୁନ୍‌କରି, ଦସ୍ୟୁ ବୃତ୍ତି କରି ଧନ ଅର୍ଜନ କରିଥିବ।

ରତ୍ନମଣି - କ'ଣ ଦି'ଟା ଖାଇଦେଇ ସକାଳ ପହରୁ ଆଜି ଯାଉଥିଲା, ଏବେ ଆସୁଛି। ସେ ସେହି ଜଙ୍ଗଲକୁ ଯାଇ କା'ଠାରୁ...

ପ୍ରୀତି - ନା, ବୋଉ, ସେ କ'ଣ ଏତେ ତଳକୁ ଖସି ଯାଇଥିବେ।

କାହାକୁ ଖୁନ୍ କରି ତା'ର ଧନ ଆଣି ...

ରତ୍ନାକର - ହଁ ପ୍ରୀତି ! ବାପା ବୋଉ ଯାହା କହୁଛନ୍ତି - ଠିକ୍ କହୁଛନ୍ତି। ମୋ ପାଖରେ ଆଉ କିଛି ବାଟ ନାହିଁ। ମୋତେ ସେହି ଉପାୟରେ ଆଜିଠାରୁ ଧନ ଅର୍ଜନ କରିବାକୁ ପଡ଼ିବ।

ବିମ୍ବାଧର - ଏଁ ଏଇଟା ତେବେ ତୋର ଶେଷ କଥା। ତୁ ଏମିତି ପାପ ଅର୍ଜନ କରି ଧନ ଆଣିବୁ ?

ରତ୍ନାକର - ଓହୋଃ ତୁମେ ବୃଦ୍ଧ ହେଲଣି। ତୁମର ତ ଆମକୁ ପୋଷିବାର କ୍ଷମତା ନାହିଁ। ମୁଁ ତୁମକୁ ପୋଷିବା କଥା। ମୁଁ ଯୋଉଠୁ ଆଣି ତୁମକୁ ଖାଇବାକୁ ଦେଲେ ଗଲା।

ବିମ୍ବାଧର - ତା' ବୋଲି ତୁ ପାପ ଅର୍ଜନ କରି, ଲୋକଙ୍କୁ ଜୀବନରୁ ମାରି ଧନ ଆଣିବୁ ଆମେ ସେହି ପାପ ଧନରେ ବଂଚି ରହିବୁ ?

ରତ୍ନାକର- ସେଥିରେ ତୁମେ କାହିଁକି ଖାଲିଟାରେ ମୁଣ୍ଡ ଖେଲାଉଛ ? ଚୁପ୍ କରି ରୁହ। ତୁମର କିଛି ବାଧା ଦେବା ଦରକାର ନାହିଁ।

ବିମ୍ବାଧର - କ'ଣ କହିଲୁ ତୁ ଆମର ପୁଅ। ତୁ ପାପ କରି ଭୁଲ ବାଟରେ ଯିବୁ। ଆମେ ବାରଣ କରିବୁ ନାହିଁ ?

ରତ୍ନାକର - ନା, ତୁମର ବାଧା ଦେବା ପ୍ରୟୋଜନ ନାହିଁ। ତୁମେ ଯାଇ ନୀରବରେ ମନ ଖୁସିରେ ରୁହ। ତୁମର ଏବେ ଆଉ କେଉଁଥିରେ ଅଭାବ ରହିବ ନାହିଁ।

ବିମ୍ବାଧର - ରତ୍ନାକର !

ରତ୍ନାକର - ଆଉ ଚିତ୍କାର କରିବାର ଆବଶ୍ୟକତା ନାହିଁ। ଯାଅ, ତୁମେ ତୁମ କାମରେ ଯାଅ। ପ୍ରୀତି ! ମୋତେ ଭୀଷଣ ଭୋକ। ମୁଁ ଯାଉଛି ଧୂଆଧୋଇ ହୋଇ ଆସୁଛି। ମୋ ପାଇଁ କ'ଣ କିଛି ଖାଇବାକୁ ଦେଲ - ଆସ।

*(ଭିତରକୁ ଚାଲିଗଲା ରତ୍ନାକର। ତା' ପଛେ ପଛେ ତା'ର ସ୍ତ୍ରୀ ପ୍ରୀତି ବି ଭିତରକୁ ଗଲା। ତା'ର ଗତିପଥକୁ ଚାହିଁ ରହିଥିଲେ ତା'ର ବାପା ଓ ମାଆ, ମଂଚ ଅନ୍ଧାର ହେଲା।)*

### ଚତୁର୍ଥ ଦୃଶ୍ୟ

*(ଅରଣ୍ୟରେ ରତ୍ନାକର ଦସ୍ୟୁର କର୍ମସ୍ଥଳୀ। ରତ୍ନାକର ଯାତ୍ରୀଙ୍କ ସଂଧାନରେ ଇତସ୍ତତଃ ପ୍ରଧାବିତ।)*

ରତ୍ନାକର - (ସ୍ୱଗତ) ଆଜି ଏ ପର୍ଯ୍ୟନ୍ତି ଦିଶିଲେନି କେହି ଜଣେ ଯାତ୍ରୀ। ବିନା ଧନରେ କ'ଣ ଗୃହକୁ ଫେରିବି ?

(ଜଣେ ସୌଦାଗରକୁ ଦେଖି) ଏଇତ କିଏ ଜଣେ ଏହି ଦିଗେ ମାଡ଼ି ଆସୁଛି। ତାହାକୁ ନିଧନ କରି ନେବି ଧନ ତାହାରି ନିକଟୁ।

(ସେ ସୌଦାଗରକୁ ଲକ୍ଷ୍ୟ କରି) ଏ, ଏ ଯୁବକ ! ଆ ମୋ ନିକଟକୁ ଆ (ଯୁବକଟିର ନିକଟ ହୋଇ) ଏ, କିଏ ତୁମେ ? ତୁମର ପରିଚୟ କ'ଣ ?

ସୌଦାଗର – ମୁଁ ସୌଦାଗର ଧନେଶ୍ୱର ପାତ୍ର । ଘର ମୋର ରତ୍ନପୁର ଗ୍ରାମରେ ।

ରତ୍ନାକର – ଏବେ ଯାଉଛୁ କୁଆଡ଼େ ? ଯାଇଥିଲୁ କୁଆଡ଼େ ?

ସୌଦାଗର – ବାଣିଜ୍ୟରୁ ଫେରି ସମୁଦ୍ର କୂଳରେ ବୋଇତ ରଖି ଯାଇଥିଲି ଏଇ ନିକଟରେ ଥିବା ଦେବ ମନ୍ଦିରକୁ । ଏବେ ଫେରିଯିବି ବୋଇତକୁ । ତା'ପରେ ଯିବାକୁହେବ ମୋ ଗ୍ରାମକୁ । ଗୃହରେ ମୋ ପିତାମାତା ପତ୍ନୀ ପୁତ୍ର ଥିବେ ଅପେକ୍ଷାରେ ।

ରତ୍ନାକର – ଗୃହରେ ତୋ ପିତାମାତା ପତ୍ନୀ ପୁତ୍ର ଥିବେ ଅପେକ୍ଷାରେ ? ଯିବୁ ତ ଯା' ମୋର ଆପତ୍ତି ନାହିଁ । ହେଲେ ଯିବା ପୂର୍ବରୁ ତୋ ପାଖରେ ଥିବା ଯେତେ ଧନରତ୍ନ ମୋତେ ହସ୍ତାନ୍ତର କରିଦେ ।

ସୌଦାଗର – ତୁମକୁ ? ତୁମକୁ ମୋ ଧନରତ୍ନ ହସ୍ତାନ୍ତର କରିଦେବି ? ଏ କି ଆଶ୍ଚର୍ଯ୍ୟ କଥା ?

ରତ୍ନାକର – କିଛି ଆଶ୍ଚର୍ଯ୍ୟ ହେବାର ନାହିଁ । ଏହି ଅରଣ୍ୟପଥରେ ଯିଏ ଯାଏ, ସେ ରତ୍ନାକର ଦସ୍ୟୁଠାରୁ ମୁକ୍ତି ପାଏନାହିଁ । ତାକୁ ଦବାକୁ ହିଁ ହୁଏ । ଆବଶ୍ୟକ ହେଲେ ଜୀବନ ବି ଦବାକୁ ହୁଏ ।

ସୌଦାଗର – ମୁଁ ବାଣିଜ୍ୟ କରି ଯାଇଥିଲି । ଛଅ ମାସ ପରେ ବାଣିଜ୍ୟ କରି ଘରକୁ ଫେରୁଛି । ମୋର ଏତେ କଷ୍ଟଲବ୍ଧ ଧନ ତୁମକୁ ଦେଇଦେବି ? ନା ସେପରି କୁହ ନାହିଁ ରତ୍ନାକର । ସେପରି କୁହନାହିଁ ।

ରତ୍ନାକର – ଉପଦେଶ ଦେବା ପ୍ରୟୋଜନ ନାହିଁ । ମୁଁ ଯାହା କହିଲି, ତାହାହିଁ କର, ନ ହେଲେ ...

ସୌଦାଗର – ନହେଲେ କ'ଣ କରିବ ?

ରତ୍ନାକର – କହିଲି ତ ? ନ ଦେଲେ ମୁଁ ତୋତେ ଛୁରୀକାଘାତ କରି ତୋତେ ନିହତ କରିବି । ତା'ପରେ ତୋର ସବୁ ଧନରତ୍ନ ମୋର ହେଇଯିବ ।

ସୌଦାଗର – ମୁଁ ବିନୀତ ଅନୁରୋଧ କରୁଛି ରତ୍ନାକର । ତୁମେ ଏତେ ପାପ ଅର୍ଜନ କରି ମୋ ଧନ ଉପରେ ଆଖି ରଖ ନାହିଁ ।

ରତ୍ନାକର – କ'ଣ ମୋତେ ଏଠି ନୀତିବାଣୀ ଶିଖାଉଛୁ ? ମୋତେ ଉପଦେଶ ଦେଉଛୁ ?

ସୌଦାଗର – ନା, ଉପଦେଶ ନୁହେଁ । ମୁଁ କେବଳ ବିନୀତ ପ୍ରାର୍ଥନା କରୁଛି ମାତ୍ର ।

ରତ୍ନାକର – ତୁ ଭଲରେ ଦେବୁନି ଦେଖୁଛି । (ଛୁରୀ ଅଣ୍ଟିରୁ କାଢ଼ିଛି) ଏଇଟା ଚିକ୍ ଚିକ୍ କରୁଛି କ'ଣ ଦେଖିପାରୁଛୁ ତ ? ଏକା ଚୋଟକେ ତୋ ଗଣ୍ଡିମୁଣ୍ଡ ଦିଖଣ୍ଡ ହୋଇଯିବ ।

ସୌଦାଗର – ମୋତେ ଦୟା କର । ଘରେ ମୋର ସ୍ତ୍ରୀ ପିଲା ଅପେକ୍ଷାରେ ଅଛନ୍ତି ।

ରତ୍ନାକର – ମୋ ସ୍ତ୍ରୀ ପିଲା ବି ମୋ ଧନକୁ ଚାହିଁ ଘରେ ଅପେକ୍ଷାରେ ବସି ରହିଛନ୍ତି । ଏ ଧନକୁ ନେଇ ତାଙ୍କ ପାଖରେ ପହଞ୍ଚାଇ ଦେବା ମୋର କାମ । ମୋ ସ୍ତ୍ରୀ ଏଇ ଧନକୁ ନେଇ ମୋ ପରିବାରକୁ ସୁଖରେ ଚଳାଇନିଏ ।

ସୌଦାଗର – ମୋ ପ୍ରାର୍ଥନା ରକ୍ଷା କର ରତ୍ନାକର । ମୋତେ ଛାଡ଼ିଦିଅ । କହିବତ ମୁଁ କିଛି ଧନ ତୁମକୁ ଦେଇପାରେ ।

ରତ୍ନାକର – ନା କିଛି ନୁହେଁ । ତୁମ ପାଖରେ ଯାହା ଅଛି ମତେ ଭଲରେ ଭଲରେ ଦେଇଦିଅ ।

ସୌଦାଗର – ଥରେ ହେଲେ ବିଚାର କର । ମୋତେ ଦୟାକର ରତ୍ନାକର ମୋତେ ଦୟାକର (ଥଳିରୁ ଟଙ୍କା ଥଳିଟିଏ ଧରି ବଢ଼ାଇଛି) ଏତକ ରତ୍ନ ମୋତେ ଛାଡ଼ିଦିଅ ।

ରତ୍ନାକର – କ'ଣ କହିଲୁ ଏତକ ନେବି । ମୁଁ କ'ଣ ତୋତେ ଭିକ ମାଗୁଛି । ସବୁ ଧନ କାଢ଼ ! କାଢ଼ କହୁଛି ।

ସୌଦାଗର – ନା, ଏ ଅନ୍ୟାୟ କେବେବି ଧର୍ମ ସହିବ ନାହିଁ ।

ରତ୍ନାକର – କ'ଣ କହିଲୁ ଧର୍ମ ? ମୋତେ ଧର୍ମ ଦେଖାଉଛୁ ? ମୁଁ ବି ଧାର୍ମିକ ଥିଲି – ଆଉ ନୁହେଁ । ବାହାର କର କହୁଛି ।

ସୌଦାଗର – ନା, ନା ରତ୍ନାକର ସେପରି କୁହନାହିଁ ।

ରତ୍ନାକର – ଦବୁନି ? (ପେଟରେ ଛୁରୀ ଭୁଷି ଦେଇଛି ରକ୍ତ ପିଚପିଚ ବାହାରିଛି । ତଳେ ପଡ଼ି ସୌଦାଗର ଯନ୍ତ୍ରଣାରେ ଛଟପଟ ହେଉଛି । ରତ୍ନାକର ତା' ଥଳିଟିକୁ ଧରି ହସି ହସି ଉଚ୍ଚ ସ୍ୱରରେ କହି ଉଠିଛି– ହାଃ ...ହାଃ ...ହା – ସୌଦାଗରର ଥଳି ଭରି ରତ୍ନ ଆଜି ରତ୍ନାକର ହାତରେ । ଘରେ ମୋର ପିତାମାତା ପତ୍ନୀ ପୁତ୍ର ଏ ରତ୍ନରେ ଆନନ୍ଦରେ ପ୍ରତିପୋଷଣ ହେବେ । ଏହି ପ୍ରାକୃତିକ ସବୁଜବନାନୀ ଅରଣ୍ୟ ହିଁ ମୋର କର୍ମଭୂମି । ଏଇଠି ରହି ମୋ ଉପାର୍ଜନରେ ମୋ ପରିବାରକୁ ଆନନ୍ଦ ଉଲ୍ଲାସରେ ପ୍ରତିପାଳନ କରିବାକୁ ସମର୍ଥ ହୋଇଛି । ହାଃ...ହାଃ...ହାଃ

*(ମୁହଁରେ ସ୍ପଟ ଲାଇଟ, ମଂଚ ଅନ୍ଧାର)*

### ପଞ୍ଚମ ଦୃଶ୍ୟ

*(ବ୍ରହ୍ମା ଭୁବନ । ନାରଦଙ୍କର ପ୍ରବେଶ)*

ନାରଦ – ନାରାୟଣ ... ନାରାୟଣ ... ନାରାୟଣ

ବ୍ରହ୍ମା – (ପ୍ରବେଶ) ନାରଦ ! ହଠାତ୍ ଆଗମନର କାରଣ ?

ନାରଦ – ନାରାୟଣ... ନାରାୟଣ ମୋର ଗୋଟାଏ ସମୟ ଅସମୟ କ'ଣ ପିତୃଦେବ । ମୁଁ ତ ଯେ କୌଣସି ସମୟରେ ଆପଣଙ୍କ ଦର୍ଶନପ୍ରାର୍ଥୀ ହୋଇପାରେ ।

ବ୍ରହ୍ମା – ହଉ, ଠିକ୍ ଅଛି – କ'ଣ କିଛି ନୂଆ ସମାଚାର ଅଛି ?

ନାରଦ – ନାରାୟଣ... ନାରାୟଣ... ନୂତନ ସମ୍ବାଦ ତ ନିଶ୍ଚୟ ଅଛି ... ତେବେ ...

ବ୍ରହ୍ମା – ତେବେ ? ତେବେ ପୁଣି କ'ଣ ନାରଦ ?

ନାରଦ – ଆପଣ ହେଉଛନ୍ତି ସୃଷ୍ଟିକର୍ତ୍ତା, ମୁଁ ଯେଉଁ ସମ୍ବାଦଟି ଏଠି ଜଣାଇବି ତାହା ଅତ୍ୟନ୍ତ ଭୟଙ୍କର ସମସ୍ୟା । ଆପଣ ତାହାର ସମାଧାନ ନକଲେ ...

ବ୍ରହ୍ମା – ମୁଁ ସମାଧାନ କରିବି ?

ନାରଦ – ନାରାୟଣ ... ନାରାୟଣ ଆପଣ ସେ ସମସ୍ୟାର ସମାଧାନ ନକଲେ ପାପଭାରାରେ ଏ ପୃଥ୍ୱୀ ରହିବ ?

ବ୍ରହ୍ମା – ତୁମେ କେଉଁ କଥା କହୁଛ ? କାହା କଥା କହୁଛ ?

ନାରଦ – ନାରାୟଣ ନାରାୟଣ ଏଇ ଦସ୍ୟୁ ରତ୍ନାକର କଥା ।

ବ୍ରହ୍ମା – ଦସ୍ୟୁ ରତ୍ନାକର ? କିଏ ସେହି ଦସ୍ୟୁ ରତ୍ନାକର ?

ନାରଦ – ରତ୍ନାକର ନାମେ ଏକ ମହାପାପୀ ପ୍ରତିଦିନ ଅରଣ୍ୟରେ ନିରୀହ ଲୋକଙ୍କୁ ହତ୍ୟା କରି ଧନ ଅର୍ଜନ କରେ ।

ବ୍ରହ୍ମା – କ'ଣ କହିଲ ? ଲୋକଙ୍କୁ ହତ୍ୟା କରି ଧନ ରତ୍ନ ହରଣ କରିନିଏ ?

ନାରଦ – ନାରାୟଣ ନାରାୟଣ – ଦୟା ଧର୍ମ କ୍ଷମା କରୁଣା ନମାନି ଦସ୍ୟୁଗିରି କରି ଅର୍ଜୁଛି ସେ ଧନରତ୍ନ ନିତି । ଧନରତ୍ନରେ ମୋହଗ୍ରସ୍ତ ହୋଇ ଭୁଲିଛି ସେ ସାମାଜିକ ପ୍ରଥା ।

ବ୍ରହ୍ମା – ନାରଦ !

ନାରଦ – ହଁ ପିତୃଦେବ ! ମାନବର ରକ୍ତ ମାସଂ ବିଦୀର୍ଣ୍ଣ କରି ଦିବାଲୋକେ ହତକରେ

ନିତିନିତି ଶତଶତ ଜନ। ଜାଣେ ନାହିଁ ଦୟା ଧର୍ମ ଜୀବନର ମାନ।

ବ୍ରହ୍ମା - ଏଁ ଏପରି ନିର୍ଦ୍ଦୟ ସେହି ଦସ୍ୟୁ ରତ୍ନାକର ?

ନାର - ପିତୃଦେବ ! ତା ପାପ ଭାରାରେ ସାରା ପୃଥ୍ୱୀ ହୋଇବ ବିଦୀର୍ଣ୍ଣ।

ବ୍ରହ୍ମା - କି ଭାବୁଛ ତେବେ ?

ନାରଦ - ନାରାୟଣ.... ନାରାୟଣ... ମୁଁ କି ଭାବିବି ପିତା। ସେ ପାପୀକୁଶାସ୍ତି ନଦେଲେ ଏଧରଣୀ ଶାନ୍ତି ହେବ ନାହିଁ। ଦିନୁ ଦିନ ଅରାଜକତା ଅସାମାଜିକତା ବୃଦ୍ଧି ପାଉଥିବ।

ବ୍ରହ୍ମା - ଯିବି ତେବେ ତୁମ ସାଥେ ସେହି ଅରଣ୍ୟକୁ। ଭେଟି ସେହି ମୂଢ଼ ଜନେ ଦସ୍ୟୁ ରତ୍ନାକର, ଦେବା ତାକୁ ସମୁଚିତ ଶାସ୍ତି।

ନାରଦ - ତେବେ ଚାଲନ୍ତୁ ପିତୃଦେବ ! ନାରାୟଣ - ନାରାୟଣ ଚାଲନ୍ତୁ ସହଳେ।

ବ୍ରହ୍ମା - ହଁ ଶୁଣ ଆମକୁ ଛଦ୍ମବେଶରେ ହିଁ ଯିବାକୁ ହେବ।

ନାରଦ - ଛଦ୍ମ ବେଶରେ ?

ବ୍ରହ୍ମା - ହଁ ଆମ୍ଭେ ଦୁହେଁ ବ୍ରାହ୍ମଣ ବେଶରେ ତା ନିକଟକୁ ଯିବାକୁ ହେବ।

ନାରଦ - ନାରାୟର ନାରାୟଣ ... ହଁ ଯାହା କହିଲେ ତାହାହିଁ କରିବା ପିତୃଦେବ। ଚାଲନ୍ତୁ ଛଦ୍ମବେଶରେ ଯିବା ସେହିଅରଣ୍ୟକୁ, ଯେଉଁଠି ଦସ୍ୟୁ ରତ୍ନାକର ନରହତ୍ୟା କରି ନିତି ନିତି ସଂପଦ ଲୁଟୁଛି।

ବ୍ରହ୍ମା - ଚାଲ ତେବେ କରନି ବିଳମ୍ବ

ନାରଦ - ନାରୟଣ... ନାରାୟଣ ଆସନ୍ତୁ ପିତୃଦେବ।

*(ମଂଚ ଅନ୍ଧାର ହୋଇଛି)*

### ୬ଷ୍ଠ ଦୃଶ୍ୟ

*(ଅରଣ୍ୟରେ ରତ୍ନାକରର ଲୁଣ୍ଠନ ସ୍ଥଳୀ।)*

ରତ୍ନାକର - (ଚାରିଆଡକୁ ଚାହିଁ) ଆଜି କି ଅଶୁଭ ଯୋଗରେ ଘରୁ ବାହାରିଥିଲି ଯେ ଏ ପର୍ଯ୍ୟନ୍ତ କାହିଁ କେଉଁ ଜଣେ ହେଲେ ବି ପଥିକ ଦେଖାଯାଉନି। ଆଜି ତେବେ କ'ଣ ଶୂନ୍ୟ ହସ୍ତରେ ଘରକୁ ଫେରିଯିବି ?

(ଅଦୂରରେ ଦୁଇଜଣ ବ୍ରାହ୍ମଣଙ୍କୁ ଦେଖି) ଏଇତ ଦି'ଜଣ ଏଇ ଆଡୁ ଆସୁଛନ୍ତି। ତାଙ୍କଠୁ ବେଶ୍ ମୋଟା ଅଙ୍କର ମୁଦ୍ରା ଥଳି ପାଇଯିବି।

ସେ ତ ଏହି ଦିଗେ ଆସୁଛନ୍ତି। ମୁଁ ସେ ପାଖରେ ଟିକିଏ ଗଛ ତଳେ ଲୁଚିଯାଏ। ଆସନ୍ତୁ ସେମାନେ ... (ଭିତରେ ଯାଇ ଲୁଚି ଯାଇଛି।)

*(ନାରଦ ଓ ବ୍ରହ୍ମାଙ୍କର ପ୍ରବେଶ)*

ବ୍ରହ୍ମା - ଆରେ ଏ କେଉଁ ଦୁର୍ଗମ ଅରଣ୍ୟ ଅଂଚଳକୁ ନେଇ ଆସିଲ ?

ନାରଦ - ଦେଖୁନାହାନ୍ତି - କେତେ ସୁନ୍ଦର ସବୁଜିମାଭରା ବନାନୀ। ଏହାର ଗଛପତ୍ର ଫୁଲ ଫଳ କେଡ଼େ ସୁନ୍ଦର ଦିଶୁଛି।

ବ୍ରହ୍ମା - ସୁନ୍ଦର ତ ଦିଶୁଛି ନିଶ୍ଚୟ। ତେବେ ଆମେ ଏ ସ୍ଥାନରେ କ'ଣ କରିବା ...

ନାରଦ - ଏ ସ୍ଥାନର ବିଶେଷତ୍ୱ କ'ଣ ଜାଣନ୍ତି ?

ବ୍ରହ୍ମା - ବିଶେଷତ୍ୱ ? ବିଶେଷତ୍ୱ କ'ଣ ?

ନାରଦ - ଏହି ଅରଣ୍ୟ ଅଂଚଳରେ ହିଁ ଦସ୍ୟୁ ରତ୍ନାକର ଆତଯାତ ହୁଏ।

ବ୍ରହ୍ମା - ଦସ୍ୟୁ ରତ୍ନାକର ? ସେ କିଏ ?

ନାରଦ - ଏଠି ସେ ପଥିକଙ୍କୁ ନିହତ କରି ତା'ର ଧନ ରତ୍ନ ଲୁଟି ନିଏ।

ବ୍ରହ୍ମା -ସେ ଦସ୍ୟୁ ଆମର କ'ଣ କରିବ।

ନାରଦ - ଆମର କ'ଣ ନ କରିବ କହନ୍ତୁ ? ସେ ଆମର ଜୀବନ ପର୍ଯ୍ୟନ୍ତ ବି ନେଇ ଯାଇପାରେ।

ବ୍ରହ୍ମା - ଆମ ପାଖରେ କ'ଣ ଅଛି ଯେ, ସେ ଆମକୁ ହତ୍ୟା କରିବ ?

ନାରଦ - ଦେଖାଯାଉ ଆମ ଭାଗ୍ୟରେ ଆଜି କ'ଣ ଅଛି ?

ବ୍ରହ୍ମା - ମୋତେ ଖୁବ୍ କ୍ଳାନ୍ତ ଲାଗିଲାଣି। ଏ ପ୍ରଚଣ୍ଡ ଖରାରେ ମୁଁ ଆଉ ଯାଇ ପାରିବିନି। ବିଶ୍ରାମ ମୋର ନିହାତି ପ୍ରୟୋଜନ।

ନାରଦ - ତେବେ ଏହି ତରୁଛାୟା ତଳେ ଟିକିଏ ବିଶ୍ରାମ ନେବା, ତାପରେ ଯାତ୍ରା ଆରମ୍ଭ କରିବା।

ବ୍ରହ୍ମା - ହଁ ତାହାହିଁ କର। ତେବେ ଆଉ ପଥକ୍ଳାନ୍ତି ଲାଗିବ ନାହିଁ।

ରତ୍ନାକର - କ'ଣ କହିଲ ? ପଥକ୍ଳାନ୍ତି ପାଇଁ ଏଠାରେ ବିଶ୍ରାମ ନେବ - ନିଅ, କିଏ ବାରଣ କରୁଛି ? କିନ୍ତୁ ବିଶ୍ରାମ ନେବା ପୂର୍ବରୁ ତୁମ ପାଖରେ ଯାହା ଅଛି ବାହାର କର।

ବ୍ରହ୍ମା - ଆମେ ଗରିବ ବ୍ରାହ୍ମଣ। ଭିକ୍ଷା ମାଗି ପେଟ ପୋଷୁ।

ନାରଦ - ପାଇଲେ ଖାଉ ନ ପାଇଲେ ଉପବାସ।

ରତ୍ନାକର - ସେ ନୌଟଙ୍କୀ ଅଭିନୟଗୁଡ଼ାକୁ ଦସ୍ୟୁ ରତ୍ନାକର ପାଖରେ କାଟୁ କରିବ ନାହିଁ। ବୁଝିଲ ?

ନାରଦ - ଆମେ ଅଭିନୟ କରୁନାହୁଁ। ସତ କଥା ହିଁ କହୁଛୁ।

ରତ୍ନାକର - ମୁଁ ସେସବୁ କିଛି ବୁଝେନା। ମୋର ଧନ ଦରକାର, ଧନ (ଖଡ୍ଗ ବାହାରକରି) ଏଇ ଦେଖିପାରୁଛ ଶାଣିତ ଖଡ୍‌ଗ। ଏଇ ଖଡ଼ଗରେ ମୁଁ ତୁମ ଦୁହିଁଙ୍କର ମୁଣ୍ଡ ଗଣ୍ଡି ଅଲଗା କରିଦେବି।

ବ୍ରହ୍ମା - ଯେ କି ଅନ୍ୟାୟ କଥା କହୁଛ। ଆମ ଭଳି ଦିଇଟା ଭିକାରୀ ବ୍ରାହ୍ମଣଙ୍କୁ ମାରି ତୁମେ କି ଯଶ ପାଇବ ?

ରତ୍ନାକର - ତେବେ ଭଦ୍ରଲୋକଙ୍କ ପରି ଭଲରେ ଭଲରେ ଥଳିରୁ ମୁଦ୍ରାଥଳି କି ସ୍ୱର୍ଣ୍ଣ ଥଳି, ଯାହା ଅଛି ବାହାର କରି ମୋତେ ହସ୍ତାନ୍ତର କରିଦିଅ।

ନାରଦ - କାହିଁକି ଏ ଶୁଖିଲା କାଠ ସାଙ୍ଗରେ ଲାଗିଛ କହିଲ। ଶୁଖିଲା କାଠରୁ କ'ଣ କେବେ ପାଣି ବାହାରିବ।

ବ୍ରହ୍ମା - ଆଚ୍ଛା ତୁମେ ନତିନିତି ଏତେ ପାପ ଅର୍ଜନ କରି କି ଲାଭ ପାଉଛ ?

ରତ୍ନାକର - ଏହା ମୋର ବୃତ୍ତି। ଏହା ମୋର କର୍ମ। ମୁଁ ପାପପୁଣ୍ୟ କିଛି ବୁଝେନା। ମୋ ପରିବାର ପ୍ରତିପୋଷଣ ପାଇଁ ଧନ ଦରକାର। ତେଣୁ ମୁଁ ଧନ ଅର୍ଜନ ପାଇଁ ନରହତ୍ୟା କରେ।

ନାରଦ - ତୁମେ ଏହା ଦ୍ୱାରା କେତେ ପାପ ଅର୍ଜନ କରୁଛ ଜାଣ ? ଏ ପାପର ପ୍ରାୟଶ୍ଚିତ ନାହିଁ।

ରତ୍ନାକର - ମୋ ପରିବାର ପାଇଁ ପାପ ଅର୍ଜନ କରୁଛି, ମୋର ଦୋଷ ରହିଲା କୋଉଠି ?

ବ୍ରହ୍ମା - ତୁମେ ତୁମ ପରିବାର ପ୍ରତିପୋଷଣ ପାଇଁ ପ୍ରତିଦିନ ପାପ ଅର୍ଜନ କରୁନି। ଯାହାଙ୍କ ପାଇଁ ତୁମେ ନିତି ନିତି ନରହତ୍ୟା କରି ଧନ ଅର୍ଜନ କରୁଛ, ସେମାନେ କ'ଣ ତୁମ ପାପରେ ଭାଗୀ ହେବେ ?

ରତ୍ନାକର - ହଁ ହେବେନି କାହିଁକି ? ମୁଁ କ'ଣ କେବଳ ମୋ ପେଟ ପାଇଁ ଏ ପାପ କରୁଛି। ମୁଁ ମୋର ବାପା ମାଆ ସ୍ତ୍ରୀ ପୁତ୍ର ସମସ୍ତଙ୍କ ପାଇଁ ପାପ ଅର୍ଜନ କରୁଛି। ସେମାନେ ଯେମିତି ମୋ ଧନରେ ଭାଗୀ। ସେମାନେ ସେମିତି ମୋ ପାପରେ ବି ଭାଗୀ। ଭାଗୀ ହେବନି କାହିଁକି ?

ନାରଦ - ନାରାୟଣ ନାରାୟଣ - ଏକଥା ତୁମେ କହୁଛ ନା ସେମାନେ କହିଛନ୍ତି ?

ରତ୍ନାକର - ନା, କହିନାହାନ୍ତି। କିନ୍ତୁ ପଚାରିଲେ ସେମାନେ ମୁକ୍ତ କଣ୍ଠରେ କହିବେ।

କହିବାକୁ ସେମାନେ ବାଧ୍ୟ । କହିବେନି କେମିତି ?

ବ୍ରହ୍ମା – ତେବେ ଆମେ ଏଠାରେ ଅପେକ୍ଷା କରୁଛୁ ତୁମେ ଯାଇଁ ତୁମ ଘରେ ବାପା, ମାଆ ସ୍ତ୍ରୀଙ୍କୁ ପଚାରି ଆସିଲ ସେମାନେ ତୁମ ପାପରେ ଭାଗୀ କି ନୁହେଁ ?

ରତ୍ନାକର – ଓହୋଃ ମୋତେ ଧନ ନଦେଇ ଏତେସବୁ ଫିସାଦ ବାହାର କରୁଛ କାହିଁକି କହିଲ ? ଭାବିଛ ମୋତେ ଏମିତି ଠକେଇ ଦେଇ ଏ ରତ୍ନାକର ପାଖରୁ ଖସି ଚାଲଯିବ ।

ନାରଦ – ନା, ଆମେ ତୁମ ସହିତ ପ୍ରତାରଣା କରୁନାହୁଁ ।

ବ୍ରହ୍ମା – ଯଦି ତୁମର ଆମ ଉପରେ ବିଶ୍ୱାସ ହେଉ ନି, ତେବେ ଆମକୁ ତୁମେ ଏଠାରେ ଗୋଟେ ଗଛରେ ଆମ ଦୁହିଁଙ୍କୁ ବାନ୍ଧି ଦେଇଯା । ଫେରିଲେ ଖୋଲିବ ।

ରତ୍ନାକର – ଉଁ ତୁମେ ଭାରି ଚତୁର ଅଛ । ମୁଁ ଚାଲିଗଲେ ବେଶ୍ ତୁମେ ଦଉଡ଼ି ଖୋଲି ଚଂପଟ ମାରିବ । ମୋତେ ବୋକା ଭାବୁଛ ? ନୁହେଁ ?

ବ୍ରହ୍ମା – ନା ତୁମକୁ ବୋକା ବନେିବାକୁ ଆମେ ଏକଥା କହୁନାହୁଁ । ଆମକୁ ବାନ୍ଧି ଦେଇଯା । ଆମେ କେବେ ବି ଏସ୍ଥାନ ପରିତ୍ୟାଗ କରି ଯିବୁନି । ଆମର ଇଚ୍ଛା, ତୁମେ ଥରେ ତୁମ ପାପପୁଣ୍ୟର ହିସାବ ଜାଣିବା ଦରକାର ।

ରତ୍ନାକର – ମୋ ବୃତ୍ତିକର୍ମରେ ତୁମେ ଅଯଥା ବାଧା ସୃଷ୍ଟି କରୁଛ କାହିଁକି ? ମୋତେ ଧନନଦେଇ ବୃଥାରେ ...

ବ୍ରହ୍ମା – ଆମେ ତୁମ ରାସ୍ତାରେ ଅନ୍ତରାୟ ସୃଷ୍ଟି କରିବାକୁ ଚାହୁଁନା । ଆମେ ଚାହୁଁ ତୁମେ ଅଯଥା ଏତେ ପାପଅର୍ଜନ କରି ନର୍କଗାମୀ ହୁଅନାହିଁ ।

ରତ୍ନାକର – ଓ ହୋଃ କହିଲି ତ ସେ ପାପପୁଣ୍ୟ ସ୍ୱର୍ଗ ନର୍କ କିଛି ମୁଁ ବୁଝେନା । ମୋର ପରିବାର ପ୍ରତିପୋଷଣ ପାଇଁ ମୋର ଧନ ଦରକାର । ସେଥିପାଇଁ ଯେତେ ଅପଥଗାମୀ ହେଲେବି ମୋର ଦୁଃଖ ନାହିଁ ।

ବ୍ରହ୍ମା – ଆରେ, ଆମେ ଯାହା କହୁଛୁ ତୁମ ଭଲ ପାଇଁ କହୁଛୁ ? ତୁମେ ଥରେ ଯାଇ ବାପା ମାଆ ସ୍ତ୍ରୀ ପୁତ୍ରଙ୍କୁ ଥରେ କଥାଟା ପଚାରି ଦେଖ । ତା'ପରେ ସବୁ ବୁଝି ପାରିବ ।

ରତ୍ନାକର – ଏଁ ତୁମେ ମୋତେ ଏପରି ବିଚଳିତ କରି ଦେଉଛ କିପରି ? ମୁଁ କିଛି ବୁଝି ପାରୁନି ।

ନାରଦ – କିଛି ବୁଝିବା ଦରକାର ନାହିଁ । ଏତକ ଯାଇ ଘରେ ପଚାରି ଆସ, ତାପରେ ଆମକୁ ଯାହା ଦଣ୍ଡ ଦବ, ଆମେ ମଥାପାତି ଗ୍ରହଣ କରିନେବୁ ।

ରତ୍ନାକର – (ଭାବି) ହଉ ତେବେ ଠିକ୍ ଅଛି । ତୁମକୁ ଏହି ଗଛରେ ଶକ୍ତ କରି ବାନ୍ଧି ଦେଇ ମୁଁ ଯାଉଛି । ଯଦି ଦଉଡ଼ି ଖୋଲି ଚାଲିଯିବାକୁ ଚେଷ୍ଟାକର, ଏ ରତ୍ନାକରଠୁଁ କେବେ ବି ମୁକ୍ତି ପାଇବନି । ଯେଉଁଠି ଥିଲେ ବି ମୁଁ ବାନ୍ଧି ଆଣିବି । ଆଉ ଏ ମୋର ତୀକ୍ଷ୍ଣ ଖଡ଼୍ଗରେ ଗଣ୍ଡିମୁଣ୍ଡ ଦି'ଖଣ୍ଡ କରିଦେବି । ମୁଁ ଏବେ ଯିବି ଆଉ ସଙ୍ଗେ ସଙ୍ଗେ ଫେରିଆସିବି ।

*(ରତ୍ନାକର ବ୍ରହ୍ମା ଓ ନାରଦଙ୍କୁ ନେଇ ଏକ ଗଛରେ ବାନ୍ଧି ଦେଇ ଚାଲିଯାଇଛି । ମଂଚ ଅନ୍ଧକାର ହୋଇଛି ।)*

**ସପ୍ତମ ଦୃଶ୍ୟ**

*(ରତ୍ନାକରର ଘର । ରତ୍ନାକର ବାପା ବିମ୍ବାଧର ରାମସୀତାଙ୍କ ଫଟୋ ସାମ୍ନାରେ ରଖି ଭଜନ ଗାନ କରୁଛନ୍ତି ।)*

(ଭଜନ ଭକ୍ତିଗୀତ)

କେତେ ଦିନର ଏ ମଣିଷ ଜୀବନ
ପାଣି ଫୋଟକାରୁ ହୀନ
ଲୋଭ ମୋହ ହିଂସା ଇର୍ଷାରେ କୁହୁଳି
ପାପ ପଙ୍କେ ହୁଏ ଲୀନ ।୦।
ସବୁ ତୁମେ ଦେଖ ସବୁ ତୁମେ ଜାଣ
କାହାକୁ ମିଳେ କି ଦଣ୍ଡ
ମଣିଷ ବୁଝେନା ଜୀବନର ମାନ
ହେଉଥାଏ ଲଣ୍ଡଭଣ୍ଡ
ତୁମେ ଦୀନବନ୍ଧୁ କରୁଣା ସାଗର
ରଖିଥା ମହତ ମାନ ।୧।

*(ମଂଚରେ ବିଚରଣ କରି ଭଜନଟି ବୋଲି ସାରି ଆସି ଫଟୋପାଖରେ ବସି ଫୁଲ ଚଢ଼େଇ ଘଣ୍ଟି ବଜେଇ ମଥା ଭୂମିରେ ଲଗେଇ ପ୍ରଣାମ କରିଛନ୍ତି । ବାହାରୁ ଆସିଛି ରତ୍ନାକର)*

ରତ୍ନାକର – ବାପା !

ବିମ୍ବାଧର – କିରେ ରତ୍ନାକର ! ତୁ କ'ଣ ଆଜି ଏତେ ସହଳ ଫେରି ଆସିଲୁଣି ? ଦେହ ମନ ଠିକ୍ ଅଛି ତ ?

ରତ୍ନାକର – ହଁ ମୋ ଦେହ ଠିକ୍ ଅଛି । କିନ୍ତୁ ମନ ଠିକ୍ ନାହିଁ ।

ବିମ୍ବାଧର – ମନ ଠିକ୍ ନାହିଁ ? କ'ଣ ହେଇଛି ?

ରତ୍ନାକର – ମୋ ମନରେ ଏକ ଅସମାହିତ ପ୍ରଶ୍ନର ଝଡ଼ ଉଠିଛି । ସେଥିପାଇଁ ମୁଁ ଏବେ ଛୁଟି ଆସିଛି ତୁମ ପାଖକୁ ।

ବିମ୍ବାଧର – ପ୍ରଶ୍ନ ? କି ପ୍ରଶ୍ନରେ ବାବା !

ରତ୍ନାକର – ମୁଁ ଦସ୍ୟୁ ସାଜି ପ୍ରତିଦିନ କେତେ କେତେ ମଣିଷଙ୍କୁ ହତ୍ୟା କରି ଧନ ଆଣି ତୁମକୁ ପୋଷୁଛି । ପରିବାର ଚଳାଉଛି । ଏହା ଦ୍ୱାରା ମୁଁ ଅନେକ ପାପ ଅର୍ଜନ କରୁଛି ।

ବିମ୍ବାଧର – ସେଥିରେ କ'ଣ ସଂଦେହ ଅଛି ? ତୁ ନର ଜନ୍ମ ପାଇ ଦୈତ୍ୟ ସମ ନିର୍ଦ୍ଦୟ ନିଷ୍ଠୁର ଭାବରେ ନର ହତ୍ୟା କରି ଧନ ଅର୍ଜନ କରୁଛୁ । ଏଥିରେ ଯେଉଁ ଅସୁମାରୀ ପାପ ଅର୍ଜନ କରୁଛୁ, ତା'ର କ'ଣ ପ୍ରାୟଶ୍ଚିତ ଅଛି ? ଏ ପାପରେ ନର୍କଗାମୀ ହେବା ଛଡ଼ା ଆଉ କ'ଣ କିଛି ବାଟ ଅଛି ?

ରତ୍ନାକର – ସେ ପାପ କ'ଣ ଖାଲି ମୋର, ତୁମର କିଛି ନୁହେଁ, ତୁମେ ସେ ପାପର ଭାଗୀ ନୁହଁ ।

ବିମ୍ବାଧର – ଯେ କି କଥା କହୁଛୁରେ ପୁଅ ? ମଣିଷ ତୁ ମାରୁଛୁ ଧନ ତୁ ଅର୍ଜୁଛୁ । ସେ ପାପର ଭାର ତୋ ଉପରେ । ମୁଁ କିପରି ସେ ପାପର ଭାଗୀ ହେବି । ମୁଁ ତ ତତେ ମୂଳରୁ ସେ ରାସ୍ତାରେ ଯିବାକୁ ବାରଣ କରୁଥିଲି । ତୁ କ'ଣ ମୋ କଥା ମାନିଲୁ ?

ରତ୍ନାକର – ମୁଁ ପାପ ଅର୍ଜନ କରି ଧନ ଆଣୁଛି, ତୁମେ ତହିଁରେ ପ୍ରତିପାଳିତ ହେଉଛ । ତେଣୁ ତୁମେ ମୋ ଧନରେ ଭାଗୀ, ପାପରେ କିପରି ଭାଗୀ ହେବନି ?

ବିମ୍ବାଧର – ନା, ନା, ରତ୍ନାକର ! ତାହା ସମ୍ଭବ ନୁହେଁ । ଯେ ହତ୍ୟା ଲୁଣ୍ଠନ କରି ଧନ ଅର୍ଜନ କରେ ସେ ହିଁ କେବଳ ସେଥିପାଇଁ ଦାୟୀ । ଅନ୍ୟ କିଏ କାହିଁକି ଭାଗୀ ହେଇପାରିବ ?

ରତ୍ନାକର – ତୁମେ ଭୁଲ୍ କହୁଛ । ତୁମେ ମୋ ଧନରେ ଭାଗୀ ହେବ, ମୋ ପାପରେଭାଗୀ ହେବନାହିଁ ? ତୁମକୁ ଅଲବତ୍ ମୋ ପାପରେ ଭାଗୀ ହେବାକୁ ପଡ଼ିବ ।

ବିମ୍ବାଧର – ଆରେ ତୁ ଯେକି ଆଶ୍ଚର୍ଯ୍ୟ କଥା କହୁଛୁ । ମୋର ଏ ବୃଦ୍ଧ ବୟସରେ କହୁଛୁ ମୁଁ ତୋ ପାପରେ ଭାଗୀ ହେବି ? ତୁ ଜାଣୁ, ଗୋଟେ ହାତର ପାପ ପାଇଁ ଆମର ହାତ ବି ଦାୟୀ ନୁହେଁ, ସେଥିରେ ମୁଁ କିପରି ତୋ ପାପରେ ଭାଗୀ ହେବି ?

ରତ୍ନାକର – ବାପା ! ଯେ କ'ଣ କହୁଛ ? ମୁଁ ତୁମ ପୁଅ । ଏତେ ପାପ ଅର୍ଜନ କରୁଛି ତୁମକୁ ପୋଷିପାଳି ରଖିବା ପାଇଁ, ତୁମେ ମୋ ପାପରେ ଭାଗୀ ହେବନି ?

ବିମ୍ବାଧର – ହଁ ତୁ ମୋର ପୁଅ । ବୃଦ୍ଧ ବୟସରେ ମାଆ ବାପାଙ୍କୁ ପାଳିବାତ ତ ତୋର ଧର୍ମ । ତୁମୋତେ ପୋଷୁଛୁ ବୋଲି ମୁଁ ତୋ ପାପରେ ଭାଗୀ କାହିଁକି ହେବି ?

ରତ୍ନାକର – ଏହା କ'ଣ ତୁମର ଶେଷ କଥା ?

ବିମ୍ବାଧର – ଶେଷ କଥା ନୁହେଁ ଏହା କେବଳ ମୋର ଗୋଟିଏ ହିଁ କଥା ।

ରତ୍ନାକର – ହଉ ଠିକ୍ ଅଛି । ମୁଁ ବୋଉକୁ ପଚାରେ । ବୋଉ କେବେ ତୁମ ଭଳି ଭୁଲ୍ କରିବ ନାହିଁ । ମୋତେ ନିରାଶ କରିବ ନାହିଁ ।

ବିମ୍ବାଧର – ଡାକିକି ପଚାରନୁ ତୋ ମାଆକୁ, ମୁଁ କ'ଣ ମନା କରୁଛି ?

ରତ୍ନାକର – ବୋଉ ! ବୋଉ !

ରତ୍ନମଣି – (ଭିତରୁ ପ୍ରବେଶ) କ'ଣ କିରେ ? କ'ଣ ଆଜି ଏତେ ଶୀଘ୍ର ଫେରି ଆସିଲୁଣି ?

ରତ୍ନାକର – ଆଚ୍ଛା ବୋଉ ! ମୁଁ ଅନ୍ୟକୁ ଲୁଣ୍ଠନ କରି ଯେଉଁ ଧନ ଅର୍ଜୁଛି ଏଥିରେ ମୋର ପାପ ହେଉଛି ?

ରତ୍ନମଣି – ସେ କଥା ଆଉ କ'ଣ ପଚାରୁଛୁରେ ପୁଅ । ପର ତଣ୍ଟିକାଟି ତୁ ଯେଉଁ ଧନ ଅର୍ଜୁଛୁ ସେଥିରେ ତୁ ଯେଉଁ ପାପ ଅର୍ଜୁଛୁ ତା' ତ ତୋର ତିନି ଜନ୍ମ ଯାଏ ଲିଭିବ ନାହିଁ । ଯେତେ ଆମେ ତତେ ବାରଣ କଲୁ,ତୁ କ'ଣ ମାନିଲୁ ?

ରତ୍ନାକର – ମୁଁ ଯେଉଁ ଧନ ଅର୍ଜୁଛି; କେବଳ ତୁମରି ମାନଙ୍କ ପାଇଁ । ମୋ ଧନରେ ଯେମିତି ତୁ ଭାଗୀ, ମୋ ପାପରେ ବି ତୁ ଭାଗୀ ।

ରତ୍ନମଣି – ଆରେ କି କଥା ତୁ କହୁଛୁ ? ତୁ ମୋର ପୁଅ । ମୁଁ ତୋତେ ଦଶମାସ ଗର୍ଭରେ ଧାରଣ କରି କେତେ ଦୁଃଖକଷ୍ଟ ସହି ତତେ ମଣିଷ କରିଛି । ମତେ ପୋଷିବା ପାଳିବା ତ ତୋର ଦାୟିତ୍ୱ । ମା' ହିସାବରେ ତୋ ସୁଖଦୁଃଖରେ ମୁଁ ସମଭାଗୀ କିନ୍ତୁ ତୋ ପାପରେ କିପରି ଭାଗୀ ହେବି ?

ରତ୍ନାକର – ବୋଉ ତୁ ମୋର ଜନ୍ମକଲା ମାଆ ହେଇ ଏମିତି ସ୍ୱାର୍ଥପର ପରି କଥା କହୁଛୁ ?

ରତ୍ନମଣି – ଆରେ ମୁଁ ସ୍ୱାର୍ଥପର କେମିତି ହେଲି ? ମୁଁ ପ୍ରକୃତ ନ୍ୟାୟ କଥା କହିଲା ବେଳକୁ ମୁଁ ହେଲି ସ୍ୱାର୍ଥପର । ତୁତ ଦିନେ ବି ମୋ ହାତରେ ଫଟା କଉଡ଼ିଟିଏ ବି ଦେଉନା । ପର ତଣ୍ଟିକାଟି ଆଣୁ । ମାଇପ ହାତରେ ଗୁଂଜିଦେଉ । ତାକୁ ଯାଉନୁ କହିବୁ ସେ ତୋ ପାପରେ ଭାଗୀ ହେବ ।

ରତ୍ନାକର – (ଉଚ୍ଚସ୍ୱରରେ) ବୋଉ !

ବିମ୍ବାଧର – କିରେ ତୋ ବୋଉ ତ କିଛି ଭୁଲ୍ କହୁନି । ଯାହାକୁ ପଚାରିବୁ ସେ ସେୟାହିଁ କହିବେ । ତୋ ପାପରେ କିଏ କାହିଁକି କେମିତି ଭାଗୀ ହେଇପାରିବ ।

ରତ୍ନମଣି – ଆରେ ଆମେ ବୁଢ଼ାବୁଢ଼ି ହେଲୁଣି । କୋଉଦିନ ଯମଘରୁ ଡାକରା ଆସିବ, ଆମେ ଚାଲିଯିବୁ । ଆମକୁ ପାପରେ ଭାଗୀ କରି ତୁ ନର୍କକୁ ପଠାଇବୁ ବୋଲି ଭାବିଛୁ ?

ରତ୍ନାକର – (ଭାଙ୍ଗି ପଡ଼ିଛି । ପୁଣି ଥରେ ଅନୁଚ୍ଚ ସ୍ୱରରେ ପଚାରିଛି) ବୋଉ ଏହି ତୋର ଶେଷ କଥା । ତୁ ମୋ ପାପରେ ଭାଗୀ ନୋହୁଁ ?

ରତ୍ନମଣି – ନାରେ ପୁଅ ବାରବାର ଯେତେବାର ପଚାରିଲେ ବି ମୁଁ କେବଳ ସେହି ଗୋଟିଏକଥା ହିଁ କହିବି ।

ରତ୍ନାକର – ଠିକ୍ ଅଛି ... ମୁଁ ଆସୁଛି ତେବେ ।

ରତ୍ନମଣି – ହଁ ଯା ତୋ ସ୍ତ୍ରୀ ପ୍ରୀତିକୁ ପଚାର – ସେ ତୋ ପାପର ଭାଗୀ ହେବାକୁ ସମ୍ମତ ହେବ ନିଶ୍ଚୟ ।

ରତ୍ନାକର – ଠିକ୍ ଅଛି )ଚାଲି ଯାଉଥିଲା)

ରତ୍ନମଣି – ହଁ ସେ ଘରେ ନାହିଁ । ଏହି ସମୟରେ ତ ବାଡ଼ିପଟ ବଉଳ ବଣରେ ବୁଲେ । ଗୁଣୁଗୁଣୁ ହେଇ ଗୀତ ବୋଲେ । ଦେଖ୍ ସେଇଠି ଥିବ ।

*(ରତ୍ନାକର ଭିତରକୁ ଯାଇଛି ତା'ର ଗତିପଥକୁ ଚାହିଁ ରହିଛନ୍ତି ରତ୍ନମଣି ଓ ବିମ୍ବାଧର । ମଂଚ ଅନ୍ଧାର ହୋଇଛି)*

### ଅଷ୍ଟମ ଦୃଶ୍ୟ

*ରତ୍ନାକରଙ୍କ ବାଡ଼ିର ବକୁଳ ବନ । ରତ୍ନାକରର ପତ୍ନୀ ପ୍ରୀତି ଆନନ୍ଦରେ ଗୀତଟିଏ ବୋଲି ତନ୍ମୟହେଉଛି)*

(ଗୀତ) ବଉଳ ଫୁଲର ବାସ ନୂଆ ଜହ୍ନରେ ଆକାଶ
ଉଉଳା ହୁଅଇ ମନବନ
ବିରହ ମିଳନ ଯୋଗ ପୁଲକିତ ରଂଗରାଗ
ଅନୁରାଗ ହୁଏ ଛାୟାଛନ୍ନ ।୦।
ହସଇ କିଆ କେତକୀ ଚକ୍ରବାକ ଚକ୍ରବାକୀ
ଚାହିଁଥାଏ ମୁଁ ଚାତକୀ ପ୍ରାୟ
ଆସିବେ ମନର ରାଜା ମଧୁଶେଯ ଥିବ ସଜା
ମିଳନେ ନଥିବ ଅନ୍ତରାୟ
ଦୁଇଦେହ ଏକ ହୋଇ ପୁଲକେ ଧୋଇ ଗାଧୋଇ
ଲିଭିଯିବ ଦେହର ଦହନ ।୧।

ରତ୍ନାକର – (ପ୍ରବେଶ) ପ୍ରୀତି !

ପ୍ରୀତି – ଆରେ ତୁମେ କ'ଣ ଆଜି ଏଡ଼େ ବେଗି ଆସିଗଲଣି ? କ'ଣ ଦିନରୁ ଦିନରୁ ଗୁଡ଼ାଏ ପଥିକ ପାଇଗଲ କି ?

ରତ୍ନାକର – ନା, ମୁଁ ତୁମରି ପାଖକୁ ଆସିଛି ।

ପ୍ରୀତି – ମୋ କଥା କେମିତି ଏଡ଼େ ବେଗି ମନେ ପଡ଼ିଗଲା ?

ରତ୍ନାକର – ନା, ମନେ ପଡ଼ିଲା ବୋଲି ନୁହେଁ, ମନେ ପକାଇବାକୁ ପଡ଼ିଲା ।

ପ୍ରୀତି – ଏଁ କ'ଣ କହିଲ, ମନେ ପକେଇବାକୁ ପଡ଼ିଲା ? କାହିଁକି ? କ'ଣ ପାଇଁ । ମୁଁ ତୁମକଥା କିଛି ବୁଝିପାରୁନି । କ'ଣ ହେଇଛି ତୁମର ? ଏମିତି ଶୁଖିଲା ଦିଶୁଛ ଯେ !

ରତ୍ନାକର – ମୋର କିଛି ହେଇନି । ତୁମେ ଏଠି ...

ପ୍ରୀତି – ତୁମେ ତ ନଥାଅ । ପୁଅ ତ ତା'ର ଚାଟଶାଳୀରୁ ଫେରି ତା' ସାଙ୍ଗଙ୍କ ସାଙ୍ଗରେ ଖେଳିବାକୁ ଚାଲିଯାଏ । ମୁଁ ଆଉ କ'ଣ କରିବି ? ଆମ ବାଡ଼ିର ଏଇ ବଉଳ କୁଂଜକୁ ଚାଲି ଆସେ । ତୁମରି କଥା ହିଁ ଭାବୁଥାଏ ।

ରତ୍ନାକର – କ'ଣ ମୋ କଥା ? ମୋ କଥା କ'ଣ ଭାବୁଥାଅ ?

ପ୍ରୀତି – ଏଇ ପ୍ରତିଦିନ ସେ ଜଙ୍ଗଲଟାରେକେତେ ବାଟୋଇଙ୍କ ତଣ୍ଟିକାଟି ଲୁଣ୍ଠନ କରୁଛ । କେତେ ପାପ ହଉଛି । ହଉ ଛାଡ଼ ସେ କଥା । କ'ଣ ଆଣିଛ ଦବଟି ।

ରତ୍ନାକର – ନା କିଛି ଆଣିନି । ଆସିଛି ତୁମଠୁ ଗୋଟାଏ ଜବାବ ନବାକୁ ।

ପ୍ରୀତି – ଏଁ କ'ଣ କହିଲ ଜବାବ ? କି ଜବାବ ?

ରତ୍ନାକର – ଆଚ୍ଛା ମୁଁ ତ ତୁମକୁ ଏବେ ଆଉ କେଉଁଥିରେ ହେଳା କରୁନି । ଖାଦ୍ୟ, ବାସ, ବିଳାସ କେଉଁଥିରେ ତ ଅଭାବ ନାହିଁ ।

ପ୍ରୀତି – ନା କିଛି ଅଭାବ ନାହିଁ, ଅନେକ ପ୍ରାଚୁର୍ଯ୍ୟ ଐଶ୍ୱର୍ଯ୍ୟରେ ମୋ ଜୀବନ ବିତୁଛି ।

ରତ୍ନାକର – ମୋତେ ତୁମେ କ'ଣ ଦେଇଛ ?

ପ୍ରୀତି – ତୁମକୁ କ'ଣ ନ ଦେଇଛି ? ସ୍ନେହ ଦେଇଛି, ଦେହ ଦେଇଛି । ତୁମ ଧନରତ୍ନର ଯତ୍ନ ନେଇଛି । ତୁମକୁ ପୁତ୍ର ସଂତାନ ଉପହାର ଦେଇଛି । ତୁମ ବୃଦ୍ଧ ପିତାମାତାଙ୍କୁ ସେବା ଦେଇଛି ଅଥଚ...

ରତ୍ନାକର – ନା, ମୁଁ ସେକଥା କହୁନି ।

ପ୍ରୀତି – ତେବେ ?

ରତ୍ନାକର – ପ୍ରତିଦିନ ମଣିଷ ମାରି ଧନ ଅର୍ଜନ କରୁଛି । ଏହା ଦ୍ୱାରା ମୁଁ ନାହିଁ ନ ଥିବା

ପାପ ଅର୍ଜନ କରୁଛି । ତୁମେ ମୋର ଅର୍ଦ୍ଧାଙ୍ଗିନୀ । ମୋର ପ୍ରତିଟି ଭଲମନ୍ଦରେ ତୁମର ଅର୍ଦ୍ଧେଭାଗ ।

ପ୍ରୀତି – ହଁ ସେକଥା ତ ମୁଁ ଅସ୍ୱୀକାର କରନି ।

ରତ୍ନାକର – ମୁଁ ପ୍ରତ୍ୟହ ସେ ଲୁଣ୍ଠିତ ଧନକୁ ଆଣି ତୁମ ହାତକୁ ବଢ଼ାଇ ଦେଉଛି । ସେ ଧନରତ୍ନରେ ଯେମିତି ତୁମର ଭାଗ ରହିଛି । ମୋ ପାପରେ ମଧ୍ୟ ତୁମର ଭାଗ ରହିଛି । ମୋ ପାପରେ ବି ତୁମେ ସମଭାଗୀ ।

ପ୍ରୀତି – ଏଁ ଯେକି ବିପରୀତ କଥା କହୁଛ ତୁମେ ? ତୁମେ ମୋର ସ୍ୱାମୀ । ଗତି ମୁକ୍ତିର ଦାତା । ମୋତେ ପୋଷିବା ପାଳିବା ତୁମର କର୍ତ୍ତବ୍ୟ । ତୁମେ କେବଳ ତୁମର ସେହି କର୍ତ୍ତବ୍ୟ ହିଁ ପାଳନ କରୁଛ । ତୁମେ କେମିତି କେଉଁ ଉପାୟରେ ଧନ ଅର୍ଜନ କରୁଛ ତାହା ତୁମର ନିଷ୍ପତ୍ତି, ତୁମର ଦାୟିତ୍ୱ । ସେଥି ନିମନ୍ତେ ତୁମେ ଯେଉଁ ପାପ ଅର୍ଜନ କରୁଛ ସେଥିରେ ମୁଁ କାହିଁକି ଭାଗୀ ହେବି ?

ରତ୍ନାକର – ଏଁ କ'ଣ କହିଲ ? ତୁମେ ମୋ ପାପର ଭାଗୀ ନୁହଁ ? ତୁମେ ମୋ ହାତରୁ ଧନ ନେଇଯାଉଛ, ଅଥଚ ମୋ ପାପ ବେଳକୁ ...

ପ୍ରୀତି – ସ୍ତ୍ରୀ ହିସାବରେ ତୁମ ଭଲମନ୍ଦ ସୁଖଦୁଃଖର ମୁଁ ଭାଗୀ ହେଇପାରେ, କିନ୍ତୁ ତୁମ ପାପର ମୁଁ କିପରି ଭାଗୀ ହେବି ?

ରତ୍ନାକର – କ'ଣ କହିଲ ମୋ ପାପର ଭାଗି ନୁହଁ ? ତାହେଲେ ତୁମେ ମୋ ଧନର ଭାଗୀ, ପାପର ନୁହେଁ । ସମସ୍ତେ ତେବେ କେବଳ ସୁଖର ସାଥୀ, ଧନର ସାଥୀ, ମୋ ପାପରେ କେହି ଭାଗୀ ନୁହେଁ । ତେବେ ମୁଁ ଖାଲି ମିଛ ମାୟାରେ ତମମାନଙ୍କ ପାଇଁ ଧନ ଅର୍ଜନ କରିବା ସଙ୍ଗେ ସଙ୍ଗେ ପାପ କରି ଚାଲିଛି । ନର୍କଗାମୀ ହେବି । ଆଚ୍ଛା ... ଠିକ୍ ଅଛି ।

*(ଦ୍ରୁତ ଗତିରେ ବାହାରକୁ ଚାଲିଗଲା)*

ପ୍ରତି – ଆରେ ଚାଲିଯାଉଛ କୁଆଡ଼େ । ଆସ ମୁଁ ତୁମ ପଦ ପ୍ରକ୍ଷାଳନ କରିଦେବି । ତୁମପାଇଁ ବଉଳ ଫୁଲମାଳ ଗୁନ୍ଥିକି ରଖିଛି, ତୁମେ ସ୍ନାନ କରିସାରିଲା ପରେ ବେକରେ ଲମ୍ବେଇ ଦେବି । ଆସ, ଆରେ ମୋ କଥା ଥରେ ଶୁଣ, ଆସ ।

*(ଦ୍ୱାର ମୁହଁ ନିଟକରୁ ଯାଇ ଫେରିଛି)*

ରାଗ କରି ଚାଲିଗଲେ । ପାଟିରେ ପାଣି ଗ୍ଲାସେ ବି ଦେଲେ ନାହିଁ

*(ବିମ୍ବାଧର ଓ ରତ୍ନମଣିଙ୍କର ପ୍ରବେଶ)*

ବିମ୍ବାଧର – ଆରେ ମା ! ରତ୍ନାକର ପୁଣି କୁଆଡ଼େ ବାହାରକୁ ଚାଲିଗଲା କି ?

ପ୍ରୀତି – ହଁ ବାପା, ମୋ ଉପରେ ରାଗ କରି ତମ୍‌ତମ୍ ହେଇ ପୁଣି ବାହାରକୁ ଚାଲିଗଲେ ।

ରତ୍ନମଣି – ତୋ ପରେ ରାଗିକି ଚାଲିଗଲା କାହିଁକି ?

ପ୍ରୀତି – ସେ କହିଲେ ମୁଁ ଯେମିତି ତାଙ୍କ ଧନରେ ଭାଗୀ ଠିକ୍ ସେମିତି ତାଙ୍କ ପାପର ଭାଗୀ ହେବା କଥା ।

ବିମ୍ବାଧର – ତୁ ତେବେ କ'ଣ କହିଲୁ ମାଆ ?

ପ୍ରୀତି – ମୁଁ କହିଲି ଆମକୁ ପୋଷିବା ଦାୟିତ୍ୱ ତୁମର । ତୁମେ କେମିତି କେଉଁଠୁ ଧନ ଅର୍ଜନ କରି ଆଣିବ ସେଇଟା ତୁମ ନିଷ୍ପତ୍ତି ।

ବିମ୍ବାଧର – ସେଇଠୁ ସେ କ'ଣ କହିଲା ?

ପ୍ରୀତି – ସେ କହିଲେ ନା, ତୁମେ ଯେମିତି ମୋ ଧନର ଭାଗୀ ଠିକ୍ ସେମିତି ମୋ ପାପର ଭାଗୀ ।

ରତ୍ନମଣି – ତୁ ତାକୁ ଟିକିଏ ବୁଝେଇକି ରଖି ପାରିଲୁନି ? ସେ ପୁଣି ବାହାରକୁ କେଉଁ ଘନ ଅରଣ୍ୟ ଅଞ୍ଚଳକୁ ଚାଲିଗଲା ବୋଧେ ...

ବିମ୍ବାଧର – ଯାଉ, ବଳେ ଫେରି ଆସିବ ନାହିଁ ? ସେ କ'ଣ ଆମକୁ ଛାଡ଼ି କେଉଁଠି ରହି ପାରିବ ।

ପ୍ରୀତି – ମୁଁ ରାକ୍ଷସୀ ତାଙ୍କୁ ପ୍ରବୋଧନା ଦେଇ ହଁ ଭରିଥିଲେ ସେ ରାଗକରି ନଥାନ୍ତେ ।

ବିମ୍ବାଧର – ମୁହଁରେ ଖାଲି ପାପର ଭାଗୀ ବୋଲି ସ୍ୱୀକାର କଲେ ସତରେ କ'ଣ ସେ ଭାଗୀ ହୋଇଯାଉଛି । ସବୁ ଭଲମନ୍ଦ, ପାପପୁଣ୍ୟ, ହାନିଲାଭ ପରା ଜଣେ ଦେଖୁଛି । ଯାହାର କର୍ମ ଦେଖି ସେ ହିଁ ଯାହାକୁ ଯାହା ଶାସ୍ତି ଦେବେ ।

ପ୍ରୀତି – ଏବେ ତେବେ କ'ଣ କରାଯିବ ବାପା !

ବିମ୍ବାଧର – ଆରେ ଆଉ କ'ଣ କରାଯିବ । ସେ ବଳେ ଫେରି ଆସିବନି ?

ରତ୍ନମଣି – ସେ ଆମକୁ ମଧ୍ୟ ତା' ପାପର ଭାଗୀ ହେବାକୁ କହୁଥିଲା ।

ପ୍ରୀତି – ଆପଣ ବି ନାହିଁ କରିଦେଲେ ?

ବିମ୍ବାଧର – ଆଉ କ'ଣ ସ୍ୱାଗତ ଜଣାଇ ସ୍ୱୀକାର କରିଥାନ୍ତି ।

ରତ୍ନମଣି – ତୁ ତାର ଅର୍ଦ୍ଧାଙ୍ଗିନୀ ହେଇ, ସୁଖଦୁଃଖର ସାଥିହେଇ ତା'ର ସବୁ ଧନରତ୍ନ ତୁ ତୋ ଆୟତରେ ରଖି ମଧ୍ୟ ତୁ ତା ପାପର ଭାଗୀ ବୋଲି ସ୍ୱୀକାର କଲୁନାହିଁ ? ଆମେ ବାପା ମାଆ ହେଇ କେମିତି ହଁ ବୋଲି କହିଥାନ୍ତୁ ।

ବିମ୍ବାଧର – ହଉ ତୁ ଯାଆ ମାଆ, ତୋ ଶୋଇବା ଘରକୁଯା । ରତ୍ନାକର ଫେରିଲେ ମତେ ଡାକିବୁ ମୁଁ ତାକୁ ବୁଝେଇ ଦେବି । ସେ ଆଉ ତୋ ଉପରେ ରାଗ କରିବ ନାହିଁ । ମୋତେ ଲାଗୁଛି, ଏବେ ତା'ର ଭଲ ସମୟ ଆସିଛି । ତା'ର ପରିବର୍ତ୍ତନ ହେବ । ପଢ଼ିବାର ଅଛି । ତୁ ଯା' ଘରକୁ ଯାଆ ।

*(ବିମ୍ବାଧର ଓ ରତ୍ନମଣି ବାହାର ଘରକୁ ଚାଲିଗଲେ, ତାଙ୍କୁ ଚାହିଁ ରହିଥିଲା ରତ୍ନାକରର ଧର୍ମପତ୍ନୀ – ପ୍ରୀତିମୟୀ । ମଂଚ ଅନ୍ଧାର ହେଇଛି ।)*

## ନବମ ଦୃଶ୍ୟ

*(ଅରଣ୍ୟର ସେହି ପୂର୍ବ ବର୍ଣ୍ଣିତ ରତ୍ନାକରର ଲୁଣ୍ଠନସ୍ଥଳୀ । ବ୍ରହ୍ମା ଓ ନାରଦଙ୍କର କଥୋପକଥନ)*

ବ୍ରହ୍ମା – ଆରେ ଏତେବେଳଯାଏ ରତ୍ନାକର କାହିଁ ଫେରିଲା ନାହିଁ ତ ?

ନାରଦ – କ'ଣ ଭାରି ସହଜ ସମସ୍ୟାଟାଏ ହେଇଛି ଯେ ସହଜରେ ସମାଧାନ କରି ଫେରି ଆସିବ ।

ବ୍ରହ୍ମା – କହୁଥିଲା ତା' ବାପା ମାଆ, ସ୍ତ୍ରୀ ସମସ୍ତେ କୁଆଡ଼େ ତା' ପାପର ଭାଗୀ ହେବେ ।

ନାରଦ – କହିବା କଥା କ'ଣ ସତ ହେଇଯାଏ ? ଯେତେବେଳେ ସମସ୍ତେ ନାହିଁ କରି ଦେଇଥିବେ ବଳେ ପୁଅର ଅକଲ ଗୁଡୁମ ହେଇଯାଇଥିବ ।

ବ୍ରହ୍ମା – ହଁ ଏକଥାରେ ତ ବୁଦ୍ଧିଶୂନ୍ୟ ହେବା କଥା । ହଉ ଦେଖାଯାଉ କେତେବେଳେ ସେ ଆସୁଛି ।

*(ରତ୍ନାକରର ଭଗ୍ନ ମନରେ ପ୍ରବେଶ)*

ରତ୍ନାକର – ମୁଁ ଫେରି ଆସିଛି ଦ୍ୱିଜବର । ମୁଁ ଫେରି ଆସିଛି ।

*(ଦଉଡ଼ି ଖୋଲି ଦେଇଛି)*

ବ୍ରହ୍ମା – ଫେରି ଆସିଛୁ ?

ରତ୍ନାକର – ହଁ ବାବା, ଆପଣ ଆଜି ମୋ ଆଖି ଖୋଲି ଦେଇଛନ୍ତି । ମୁଁ ଆପଣଙ୍କୁ ଅଯଥା କଟୁକଥା କହିଛି । ଆପଣଙ୍କୁ ବାନ୍ଧି ରଖି ଯେଉଁ ଅକ୍ଷମଣୀୟ ଭୁଲ କରିଛି ତା'ର କ୍ଷମା ନାହିଁ ନିଶ୍ଚୟ । ଆପଣ ମୋତେ କ୍ଷମା କରି ଦିଅନ୍ତୁ ।

*(ପଦତଳେ ପଡ଼ିଛି)*

ବ୍ରହ୍ମା – ଆରେ ଉଠ ବାବା ଉଠ । ତୁମେ ଏସବୁ କ'ଣ କହିଯାଉଛ ? ଏହାତ ତୁମର ବୃତ୍ତି । ତୁମେ ତାହାହିଁ କରୁଥିଲ । ଭୁଲ ରହିଲା କେଉଁଠି ?

ରତ୍ନାକର – ଏଇ ଧନରତ୍ନ ପାଇବା ନିମନ୍ତେ ପ୍ରତିଦିନ କେତେ ଯେ ନରବଧ କରୁଥିଲି। ସେ ପାପର ତ ପ୍ରାୟଶ୍ଚିତ ନାହିଁ।

ନାରଦ – ଆଚ୍ଛା ! ତୁମେ ଯେଉଁ କହୁଥିଲ ତୁମ ବାପା, ମାଆ, ସ୍ତ୍ରୀ ସବୁ ତୁମ ପାପର ଭାଗୀ ହେବେ। କ'ଣ କହିଲେ ସେମାନେ ?

ରତ୍ନାକର – ମୁଁ ଭୁଲ କହିଥିଲି। ଆପଣ ଠିକ୍ କହୁଥିଲେ, ଅପାଣ ଆଜି ମୋର ଆଖିରୁ ପରଳ କାଢ଼ି ଦେଇଛନ୍ତି। ଏବେ ମୁଁ କ'ଣ କରିବି କୁହନ୍ତୁ ମହାଭାଗ ! ଏ ପାପରୁ କେମିତି ମୁକ୍ତି ପାଇବି ମୋତେ ରାସ୍ତା ଦେଖାଇ ଦିଅନ୍ତୁ। ବାପା, ମାଆ ପତ୍ନୀ କେହି ମୋ ପାପରେ ଭାଗୀ ନୁହଁନ୍ତି ବୋଲି ସିଧା ମନା କରି ଦେଲେ।

ବ୍ରହ୍ମା – ତୁମେ ଯେତେ ପାପ ଅର୍ଜନ କରିଛ ସେଥିରୁ କ'ଣ ମୁକ୍ତି ପାଇପାରିବ ?

ନାରଦ – ତୁମ ପାପରୁମୁକ୍ତି ପାଇଁ ତୁମକୁ କଠିନ ସାଧନା କରିବାକୁ ହେବ। ପାରିବ ତ ?

ରତ୍ନାକର – ନିଶ୍ଚୟ ପାରିବି ଦ୍ୱିଜବର, ନିଶ୍ଚୟ ପାରିବି। ମୋତେ କ'ଣ ବାଟ କହିଦିଅନ୍ତୁ ମହାଭାଗ !

ବ୍ରହ୍ମା – ଯଦି ପାରିବ, ତେବେ ତୁମେ ଶୀଘ୍ର ଯାଇ ନଦୀ ଜଳରେ ଶୁଦ୍ଧ ସ୍ନାକ କରି ଆସ। ଆମେ ତୁମକୁ ମୁକ୍ତିମନ୍ତ୍ର ଶିଖାଇ ଦେବୁ। ତୁମେ ନିଶ୍ଚୟ ପାପ ମୁକ୍ତ ହୋଇପାରିବ।

ରତ୍ନାକର – ମୁଁ ଯାଉଛି, ଏଇ ସଂଗେ ସଂଗେ ନଦୀରୁ ସ୍ନାନ କରି ଆସୁଛି।

ନାରଦ – ହଁ ଯାଅ, ଶୀଘ୍ର ଯାଅ, ବିଳମ୍ବ କରନାହିଁ।

*(ରତ୍ନାକର ସ୍ନାନ ଉଦ୍ଦେଶ୍ୟରେ ଚାଲି ଯାଇଛି। ତା'ର ଗତିପଥକୁ ଚାହିଁ ରହିଛନ୍ତି ବ୍ରହ୍ମା ଓ ନାରଦ)*

ନାରଦ – (ସେମାନଙ୍କ ଗତିପଥରୁ ମୁହଁ ଫେରାଇ) ସତରେ ପିତୃଦେବ ଆପଣ ମହାନ୍। ରତ୍ନାକର ପରି ବିଚକ୍ଷଣ ନିର୍ଦ୍ଦୟ ଦସ୍ୟୁକୁ ନୂଆ ଜୀବନ ଦେବାକୁ ସକ୍ଷମ ହୋଇପାରିଲେ।

ବ୍ରହ୍ମା – ସବୁ ନିୟତିର ଇଚ୍ଛା। ରତ୍ନାକରର ଶୁଭ ସମୟ ଆସିଲା, ସେ ନୂଆ ଜୀବନ ପାଇବାକୁ ସକ୍ଷମ ହୋଇପାରିବ।

ନାରଦ – ନାରାୟଣ ନାରାୟଣ... ମୁଁ ଠିକ୍ ସମୟରେ ଆପଣଙ୍କୁ ନ ଜଣାଇଥିଲେ ଏହା ସମ୍ଭବ ହୋଇପାରିନଥାନ୍ତା।

ବ୍ରହ୍ମା – ହଁ ତା'ତ ଠିକ୍। ସମ୍ବାଦଟି ଠିକ୍ ସମୟରେ ଦେଲ ବୋଲି ସିନା ମୁଁ ରତ୍ନାକର କଥା ଜାଣିଲି।

*(ରତ୍ନାକର ସ୍ନାନ ସାରି ଫେରିଛି)*

ରତ୍ନାକର – ମୁଁ ସ୍ନାନ କରି ଆସିଛି ମହାଭାଗ !

ବ୍ରହ୍ମା – ଯେଉଁ ରାମ ନାମ ପରମ ପବିତ୍ର, ଅବିରତ ସେହି ରାମ ନାମ ଜପ ବିନା ତୁମର ମୁକ୍ତି ନାହିଁ। ତୁମେ କ'ଣ ଏତେ ନିଷ୍ଠାର ସହ ସେ ନାମ ଶୟନେ ସ୍ୱପନେ ଜାଗରଣେ ଅନବରତ ଜପ କରିପାରିବ ?

ରତ୍ନାକର – ହଁ ପାରିବି ମହାଭାଗ ନିଶ୍ଚୟ ପାରିବି। ମତେ ସେହି ମନ୍ତ୍ରଟି ଖାଲି ଶିଖାଇ ଦିଅନ୍ତୁ। (ନାରଦ ଓ ବ୍ରହ୍ମାଙ୍କ ପଦସ୍ପର୍ଶ କରିଛି। ବ୍ରହ୍ମା ତାକୁ ଉଠାଇ ଦେଇଛନ୍ତି।

ନାରଦ – ତୁମେ ଯେଉଁ ପାପ ଅର୍ଜନ କରିଛ। ତୁମେ ପାଟିରେ କ'ଣ ରାମ ନାମ ଉଚ୍ଚାରଣ କରିପାରିବ।

ରତ୍ନାକର – ହଁ ପାରିବି ମହାଭାଗ। ନିଶ୍ଚୟ ପାରିବି।

ବ୍ରହ୍ମା – ତୁମେ ରାମ ରାମ ଉଚ୍ଚାରଣ କଲ।

ରତ୍ନାକର – (ଉଚ୍ଚାରଣ କରିବାକୁ ଚେଷ୍ଟା କଲା) ରାମ ..ରା... ନା ଆଉ ହେଉନି...

ନାରଦ – ମୁଁ ଜାଣିଥିଲି – ତୁମ ପାଟିରେ ସେ ରାମନାମ ପଶିବ ନାହିଁ।

ବ୍ରହ୍ମା – ଆଚ୍ଛା ରତ୍ନାକର ! ତୁମେ ରାମ ରାମ ନ କହି ପାରିଲ ନାହିଁ ତୁମେ ଏବେ ମରାମରା ଉଚ୍ଚାରଣ କଲ।

ରତ୍ନାକର – ମରା ମରା ମରା।

ବ୍ରହ୍ମା – ବେଶ୍। ତୁମର ସେହି ମରା ମରା ଉଚ୍ଚାରଣରୁ କ୍ରମଶଃ ରାମ ରାମ ଉଚ୍ଚାରିତ ହୋଇପାରିବ। ଆମେ ଏବେ ଆସୁଛୁ ରତ୍ନାକର ! ଆମେ ଆସୁଛୁ। ତୁମେ ସେ ନାମ ଉଚ୍ଚାରଣ ବନ୍ଦ କରିବ ନାହିଁ। ସେତକ କରିପାରିଲେ ତୁମେ ତୁମର ସେ ପାପରୁ ମୁକ୍ତି ପାଇପାରିବ।

ରତ୍ନାକର – ମରା... ମରା...(ଅବିତର ନାମ ଉଚ୍ଚାରଣ କରିଛନ୍ତି)

ବ୍ରହ୍ମା – ସେହିପରି ଉଚ୍ଚାରଣ କରୁଥା। ଆମେ ଏବେ ଆସୁଛୁ ରତ୍ନାକର।

*(ବ୍ରହ୍ମା ଓ ନାରଦ ଚାଲିଯାଇଛନ୍ତି, ମଂଚ ଅନ୍ଧକାର)*

### ଦଶମ ଦୃଶ୍ୟ

*(ରାତ୍ନାକରର ଘର। ରତ୍ନାକରର ସନ୍ଧାନ ନପାଇ ସମସ୍ତେ ବ୍ୟସ୍ତ ବିବ୍ରତ।)*

ବିଦ୍ୟାଧର – ଆମ ସାହିର ସେ ବୁରୁଜା ଓ ଶ୍ୟାମଙ୍କ ସହାୟତାରେ ମୁଁ ସାରା ଅରଣ୍ୟଟା ଘୂରି ସାରିଲିଣିରେ ମାଆ। କେଉଁଠି ହେଲେ ରତ୍ନାକରର ସନ୍ଧାନ ପାଉନାହୁଁ।

ପ୍ରୀତି – କାନ୍ଦି ମୁଁ ଏବେ କ'ଣ କରିବି ବାପା ! ମୋର ସବୁ ଉଜୁଡ଼ିଗଲା। ମୁଁ ରାକ୍ଷସୀ କାହିଁକି ତାକୁ ଏମିତି କହିଲି। ସେ...

ରତ୍ନମଣି – ତୁ ତାକୁ ଟିକିଏ ସାନ୍ତ୍ୱନା ଦେଇ ଭଲରେ କହିଥିଲେ ହେଇନଥାନ୍ତା ?

ପ୍ରୀତି – ମୁଁ ତାଙ୍କୁ କର୍କଶ ଭାଷାରେ କିଛି କହିନି କିମ୍ବା ଉତ୍କ୍ଷିପ୍ତ ହେଇ କିଛି ବି କହିନାହିଁ। ତାଙ୍କ ପାପରେ ଭାଗୀ ହେବିନାହିଁ ବୋଲି କହିବାରୁ ସେ ରାଗିକି ଚାଲିଗଲେ।

ବିଦ୍ୟାଧର – ମୁଁ ଯେଉଁ କହୁଥିଲି ତା'ର ଭଲ ସମୟ ଆସିଛି ବୋଲି, ମୋର ମନେ ହେଉଛି, ସେ ନିଶ୍ଚୟ କୌଣସି ମହତ କାର୍ଯ୍ୟରେ ନିଜକୁ ନିୟୋଜିତ କରିଛି।

ପ୍ରୀତି – ଆମେ ଏବେ କ'ଣ କରିବା ବାପା ! ଆମର ତ ସବୁ ସରିଗଲା ବାପା ! ଆମ ପରିବାର ଉଜୁଡ଼ିଗଲା।

ରତ୍ନମଣି – ବା ଉଜୁଡ଼ିଯିବ କାହିଁକି ? ସେ ତ ଘରେ ଏତେ ଧନ ତୋ ପାଖରେ ରଖିଯାଇଛି। ତୋ ପାଖରେ ଏତେବଡ଼ ପୁଅ ଛାଡ଼ିଛି। ପୁଅକୁ ପାଠଶାଠ ପଢ଼ାଇ ବଡ଼ ମଣିଷ କର। ରତ୍ନାକର ଖୁବ୍ ଶୀଘ୍ର ନିଶ୍ଚୟ ଆମ ପାଖକୁ ଫେରି ଆସିବ।

ବିଦ୍ୟାଧର – ସେଦିନ ସେ ଯେଉଁ ଆମ ସମସ୍ତଙ୍କୁ ପାପରେ ଭାଗୀହେବା କଥା ପଚାରୁଥିଲା। ତା' ପଛରେ ନିଶ୍ଚୟ କିଛି ରହସ୍ୟ ଅଛି।

ପ୍ରୀତି – ତଥାପି ତୁମେ ନୀରବରେ ବସନି ବାପା। ତାଙ୍କର ସନ୍ଧାନ କର। ମୋର ମନ କହୁଛି, ତୁମେ ତାଙ୍କୁ ନିଶ୍ଚୟ ଫେରି ପାଇବ।

ବିଦ୍ୟାଧର – ମୁଁ କ'ଣ ନୀରବରେ ନିଶ୍ଚିନ୍ତ ରହିବି ବୋଲି ଭାବୁଛୁ ?

ରତ୍ନମଣି– ସେ ତୋର ସ୍ୱାମୀ ହେଲେ ବି ଆମର ଜନ୍ମ କଲା ପୁଅଟି ?

ବିଦ୍ୟାଧର – ତୁ ବ୍ୟସ୍ତ ହୋନି ମାଆ ! ମୁଁ ତା'ର ସନ୍ଧାନ ଜାରି ରଖିଛି, ଆଉ ଉଦ୍ୟମ ଅବ୍ୟାହତ ରଖିବି ତାକୁ ନ ପାଇଯାଏ...

ପ୍ରୀତି – ଯାହା ଈଶ୍ୱରଙ୍କର ଇଚ୍ଛା !

(ହାତ ଯୋଡ଼ି ନମସ୍କାର କରିଛି। ତାକୁ ଚାହିଁ ରହିଛନ୍ତି – ରତ୍ନମଣି ଓ ବିଦ୍ୟାଧର। ମଞ୍ଚ ଅନ୍ଧକାର ହୋଇଛି।)

### ଶେଷ ଦୃଶ୍ୟ

*(ବାରବର୍ଷ ପରେ ଦସ୍ୟୁ ରତ୍ନାକରର ସେହି ପୂର୍ବ ବର୍ଣ୍ଣିତ ଅରଣ୍ୟସ୍ଥିତ ଲୁଣ୍ଠନ ସ୍ଥଳୀ, ବ୍ରହ୍ମା ଓ ନାରଦ)*

ନାରଦ – ନାରାୟଣ ... ନାରାୟଣ କାହିଁ କେଉଁଠି ଅଛି ସେ ରତ୍ନାକର ?

ବ୍ରହ୍ମା – କାହିଁ କେଉଁଠି ସେ ଦିଶୁନାହିଁ ତ ?

ନାରଦ – (କାନଡେରି) ନାରାୟଣ... ନାରାୟଣ ... ଶୁଣୁଛନ୍ତି ପିତୃଦେବ ! ଏଇ ନିକଟରୁ ଭାସି ଆସୁଛି ରାମ ରାମ ନାମ ।

ବ୍ରହ୍ମା – ହଁ ତ କର୍ଣ୍ଣରେ ଶୁଭୁଛି ରାମ ରାମ ମଧୁର ସ୍ୱର ...

ନାରଦ – ନାରାୟଣ ... ନାରାୟଣ ... ଏହା ମଧ୍ୟରେ ତ ବାରବର୍ଷ ବିତିଗଲାଣି... ରତ୍ନକାର କ'ଣ ସତରେ ରାମ ନାମ ଉଚ୍ଚାରଣ ଅବ୍ୟାହତ ରଖିଥିବ...

ବ୍ରହ୍ମା – ହଁ ଶୁଭୁଛି ଯେ ରାମ ନାମ ମଧୁର ସ୍ୱରରେ । ନିଶ୍ଚିତ ଏଇଠି କାହିଁ ରତ୍ନାକର କରୁଅଛି ଜପ ।

ନାରଦ – ଏଇଠି ଦେଖନ୍ତୁ ପିତୃଦେବ ଏଇ ଉଇ ହୁଙ୍କାରୁ ଭାସି ଆସୁଛି ରାମ ନାମ ସ୍ୱର ...

ବ୍ରହ୍ମା – ହଁ ସେହି ଉଇ ଭିତରେ ଦୁଇଟି ଉଜ୍ଜ୍ୱଳ ଆଖି ଜୁକୁ ଜୁକୁ ଦିଶୁଅଛି । ଏଇ ନିଶ୍ଚୟ ସେହି ରତ୍ନକାର ।

ନାରଦ – ନାରାୟଣ... ନାରାୟଣ ଆପଣ ତାକୁ ଆବିଷ୍କାର କଲେଣି ଯେତେବେଳେ ଦିଅନ୍ତୁ ତାକୁ ସେ ଅଭୟ ବର...

ବ୍ରହ୍ମା – ମୁଁ ଏବେ ମନ୍ତ୍ରଜଳ ସିଂଚି ତାକୁ କରାଏ ଉନ୍ମୁକ୍ତ ।

*(ହୁଂକାରେ ମଂତ୍ର ଜଳ ସିଂଚି ଦିଅନ୍ତେ ତହିଁରୁ ନିଶଦାଢ଼ୀପୂର୍ଣ୍ଣ ରତ୍ନାକର ବାହାରିଛନ୍ତି ।)*

ରତ୍ନାକର – କିଏ ? କିଏ ମୋର ତପସ୍ୟାରେ କଲ ଅନ୍ତରାୟ ?

ବ୍ରହ୍ମା – ତୁମର ନିଷ୍ଠା ପ୍ରତିପାଦିତ ହୋଇଛି ରତ୍ନାକର ! ଦୀର୍ଘ ବାରବର୍ଷ ଧରି ତୁମେ ରାମନାମ ଜପ କରି ସିଦ୍ଧିଲାଭ କରିଛ । ରାମ ନାମ ଜପ କରି ତୁମେ ସକଳ ପାପତାପରୁ ମୁକ୍ତ ହୋଇଅଛ । ତୁମର ସକଳ ପାପ ଖଣ୍ଡନ ହୋଇଛି ।

ରତ୍ନାକର – ମହାତ୍ମା !

ବ୍ରହ୍ମା – ତୁମେ ସିଦ୍ଧିଲାଭ କରି ବାଲ୍ମିକରୁ ପୂର୍ବଜନ୍ମ ଲାଭ କରିଛ । ତେଣୁ ତୁମକୁ ମୁଁ ଆଜିଠାରୁ ବାଲ୍ମିକ ନାମରେ ନାମିତ କରୁଛି ।

ରତ୍ନାକର – ଆପଣଙ୍କର ଏ ଅପାର କରୁଣା ମୋତେ ପୁନଃଜନ୍ମ ଦେଇ ମୋ ଜୀବନକୁ ଧନ୍ୟ କରିଛି । ଏବେ ମୁଁ କ'ଣ କରିବି ମୋତେ ନିର୍ଦ୍ଦେଶ ଦିଅନ୍ତୁ ପ୍ରଭୁ !

ବ୍ରହ୍ମା – ଯାଅ ! ତୁମେ ଏବେ ଗଙ୍ଗାଜଳରେ ଶୁଦ୍ଧ ସ୍ନାନ କରି ଆସ । ତୁମର ଶରୀର ଶୁଦ୍ଧ ହୋଇଯିବା ପରେ ତୁମେ ପବିତ୍ର ରାମ ନାମ ଭଜନ କରି ମହାନ୍ ମହାତ୍ମା ଭାବେ ଏ ବିଶ୍ୱରେ ପ୍ରକଟିତ ହେବ ।

ରତ୍ନାକର – ମୁଁ ଯାଏ ଏବେ ଗଙ୍ଗାଜଳରେ ଶୁଦ୍ଧ ସ୍ନାନ କରି ଫେରିଆସେ ତବ ନିକଟକୁ ।

ବ୍ରହ୍ମା – ଯାଅ ! ଯାଅ ରତ୍ନାକର !

*(ରତ୍ନାକର ସ୍ନାନ ନିମନ୍ତେ ଚାଲି ଯାଇଛନ୍ତି)*

ବ୍ରହ୍ମା – ନାରଦ ! ଆମ୍ଭ କାର୍ଯ୍ୟ ଶେଷ ହୋଇଅଛି । ଚାଲଏବେ ଯିବା ଆମ୍ଭେ ଏହି ସ୍ଥାନ ଛାଡ଼ି ।

ନାରଦ – ହଁ ଚାଲନ୍ତୁ ପିତୃଦେବ

*(ବ୍ରହ୍ମା ଓ ନାରଦଙ୍କର ପ୍ରସ୍ଥାନ)*

ରତ୍ନାକର – (ପ୍ରବେଶି) କୁଆଡ଼େ ଗଲେ ? କୁଆଡ଼େ ଗଲେ ଏଠୁ ସେ ମହାତ୍ମା ଦି'ଜଣ ? ଯାହାଙ୍କ ପାଇଁ ମୁଁ ପୁନଃ ଜନ୍ମ ଲାଭ କଲି, ସେ ପୁଣି ଏଡ଼େ ଚାଣ୍ଡେ ଏଠୁ ଅନ୍ତର୍ଦ୍ଧନା ହୋଇଗଲେ ?

ରତ୍ନାକର – ଏଁ ଏ କି ଦୃଶ୍ୟ ହୁଏ ପ୍ରତିଭାତ ? କେଉଁ ଶବରର ଶରାଘାତରେ ବିଦ୍ଧ ହୋଇ ବକ ପକ୍ଷୀ ଭୂପତୀତ ଏଠି ? ବୃକ୍ଷଡାଳେ ଆନ ପକ୍ଷୀ କରଇ ରୋଦନ । କିଏ ? କିଏ ସେ ନିର୍ମମ ବ୍ୟାଧ କଲା ଏହି ପାପକର୍ମ କଲା ଶରବିଦ୍ଧ ?

(ଦୈବୀବାଣୀ) – ଧନ୍ୟ ଧନ୍ୟ ରତ୍ନାକର । ସାଧୁ ସାଧୁ ବାଲ୍ମିକ । ତୁମର ରାମନାମ ତପ ଉଚ୍ଚାରଣରେ ତୁମେ ପୁନଃଜନ୍ମ ଲାଭ କରିଛ । ଶୁଣ ଏବେ ଦୈବୀବାଣୀ । ଯେଉଁ ରାମନାମ ଉଚ୍ଚାରଣରେ କୋଟିକୋଟି ପାପୀ ତାପୀ ହୋଇଥାନ୍ତି ମୁକ୍ତ, ସେହି ରାମ ନାମ ତୁମେ ଏବେ କର ହେ ଭଜନ । ଶ୍ରୀରାମ ଜୀବନଚରିତ ରଚନା କରି ହୋଇବ ଅମର ।

ରତ୍ନାକର – ରାମ ନାମ ନିଷ୍ଠେ ମୁହିଁ କରିବି ପ୍ରଚାର ପ୍ରଭୁ ! ନୀଳ ନୀରଦନିନ୍ଦିତ ସେହି ମୂର୍ତ୍ତିଙ୍କର ନାମ ପ୍ରଚାର କରି ଏ ଜୀବନ ଦେବି ମୁଁ ବିତାଇ । ଗାଇବି, ଗାଇବି ସେହିରାମନାମ ମୁକ୍ତ କଣ୍ଠେ ସୁଲଳିତ ସ୍ୱରେ । ସେହିନାମ ଗାଇ ଗାଇ ଏ ନରଜୀବନ ମୋର କରିବି ସାର୍ଥକ ।

*(ଗାଇ ଉଠିଛନ୍ତି)*

(ଗୀତ) ଜୟ ରାମ ଜୟ ରାମ ଜଗତ ଜୀବନ
ଉଦ୍ଧାର କର ଏ ଜନେ ହୋଇଣ କରୁଣ ।
ଭକ୍ତ ଉଦ୍ଧାରଣ ପାଇଁ ବିତାଇ ଜୀବନ
କରିଛ ଏ ବିଶ୍ୱ ବକ୍ଷେ ସ୍ନେହ ବିତରଣ ।
ପାପ ନାଶି ଧର୍ମ ସ୍ଥାପି ସାରା ତ୍ରିଭୁବନ
ବିତରି ଦେଇଛ ଶାନ୍ତି ସୁଧା ବରଷଣ ।
ଜୟ ରାମ ଗାଇ ବିତୁ ଏ ଜୀବନ
ଆଦି ଅନାଦି ପୁରୁଷ ପାଦେ ଥାଉ ମନ ।

*(କୀର୍ତ୍ତନ ଶୈଳୀରେ ପ୍ରଦକ୍ଷିଣ କରି ମଂଚର କେନ୍ଦ୍ରରେ ଦଣ୍ଡାୟମାନ ହୋଇ ବେନି ହସ୍ତ ଯୋଡ଼ି ନମସ୍କାର କରିଛି ରତ୍ନାକର । ମଂଚ ଅନ୍ଧକାର ହୋଇଛି)*

***ଚିତ୍ରକଳା, ଏଲ - ୧୦୨ ବରମୁଣ୍ଡା***
***ହାଉସିଂବୋର୍ଡ କଲୋନୀ***
***ଭୁବନେଶ୍ୱର -୩***

ଧାରାବାହିକ ଉପନ୍ୟାସ



# ଶ୍ରୀ ଖାରବେଳ
## (ଖାରବେଳଙ୍କ କଳିଙ୍ଗ କାହାଣୀ)

ଡାକ୍ତର ଇନ୍ଦ୍ରମଣି ଜେନା, ଏମ୍.ଡି.

## ଗନ୍ଧର୍ବ ବେଦ ବୁଦ୍ଧ ଖାରବେଳ

ପଞ୍ଚମ ପାଦଟି ପାଠ କରିବା ନିମନ୍ତେ ନଗରପତି ପ୍ରସ୍ତୁତ –

"ତତିୟ ପୁନ ବସେ ଗନ୍ଧବ ବେଦ ବୁଧୋ ଦପ ନତ ଗୀତ ବାଦିତ ସନ୍ଦସନାହି ଉସବ ସମାଜ କାରାପନାହି ଚ କୀଡାପୟତି ନଗରୀଂ॥ ତଥା ଚତୁଥେ ବସେ ବିଜାଧରାଦିବାସମ୍ ଅହତ ପୁବଂ କଳିଙ୍ଗ ପୁବରାଜ ନିବେସିତଂ........ବିତଧ ମକୁଟ ସ ନିଖିତ ଛତ॥"

ଏହାର ଆକ୍ଷରିକ ଅର୍ଥ ହେଉଛି –

ଥସିଂହାସନ ଆରୋହଣର ତୃତୀୟ ବର୍ଷରେ ସ୍ୱୟଂ ଗନ୍ଧର୍ବ ବେଦ ବିଶାରଦ କୃତି ବଳରେ କଳିଙ୍ଗନଗରୀକୁ ଦର୍ପ, ନୃତ୍ୟ ଏବଂ ଗୀତରେ ମଣ୍ଡିତ କରି ଉତ୍ସବ, ସମାଜ ତଥା କ୍ରୀଡା ପ୍ରତିଯୋଗିତାରେ ଚଳଚଞ୍ଚଳ କରାନ୍ତି। ଚତୁର୍ଥ ବର୍ଷରେ ପୂର୍ବରୁ କଳିଙ୍ଗର ରାଜାମାନେ ସମ୍ପର୍କ ରଖିଥିବା ବିଦ୍ୟାଧର ରାଜ୍ୟଗୁଡ଼ିକୁ ଦମନ କରନ୍ତି.......... ।ଧ

ନଗରପାଳ ବ୍ୟାଖ୍ୟା କରିବାକୁ ଲାଗିଲେ, ତୃତୀୟ ବର୍ଷରେ ଖାରବେଳ ସାଂସ୍କୃତିକ ସମାରୋହରେ ବର୍ଷଟି ଆରମ୍ଭ କରିବାର ଆଶା ବାନ୍ଧିଲେ। ଖାରବେଳଙ୍କର ସାମାଜିକତା ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମରେ ବେଶ୍ ପାରଙ୍ଗମତା ରହିଥିଲା। ବାଲ୍ୟକାଳରୁ ନୃତ୍ୟ ଏବଂ ଗୀତ ପ୍ରତି ତାଙ୍କର ଅହେତୁକ ଆକର୍ଷଣ ଥିବାରୁ ବାଳୁତକାଳରୁ ତାଙ୍କୁ ନୃତ୍ୟ ଏବଂ ସଂଗୀତ ଶିକ୍ଷକମାନଙ୍କ ଦ୍ୱାରା କଳିଙ୍ଗ ନୃତ୍ୟକଳାରେ ପ୍ରଶିକ୍ଷିତ କରାଯାଇଛି। ଏବଂ ସେ ତୌର୍ଯ୍ୟତ୍ରିକ ବା ତଦାନୀନ୍ତନ ନୃତ୍ୟକଳା କ୍ଷେତ୍ରରେ ଉତ୍କର୍ଷ ଲାଭ କରି ବିଶାରଦ ଭାବରେ 'ଗନ୍ଧର୍ବ ବେଦ ବୁଦ୍ଧ' ଉପାଧି ଲାଭ କରିଥିଲେ।

ଖାରବେଳ ଜନ୍ମ ହେବାର ଦୁଇ ପୁରୁଷ ଆଗରୁ ତାଙ୍କ ଜେଜେବାପା ମହାମେଘବାହନଙ୍କ ଅମଳରୁ କଳିଙ୍ଗ ମୌର୍ଯ୍ୟଶାସନରୁ ବିଚ୍ଛିନ୍ନ ହୋଇଛି। ଅଶୋକ ବର୍ଦ୍ଧନ କଳିଙ୍ଗ ଯୁଦ୍ଧ ପରେ ଏବଂ ସାରା ଦେଶରେ ବୌଦ୍ଧଧର୍ମର ପ୍ରଚଳନ କରି ସାଂସ୍କୃତିକ କାର୍ଯ୍ୟକ୍ରମରେ ଘୋର ପ୍ରତିବନ୍ଧକ ସୃଷ୍ଟି କରିଥିଲେ। ନାଚ, ଗୀତ, ତୌର୍ଯ୍ୟତ୍ରିକ ଏବଂ ସମାଜ ଆଦି ସାମାଜିକ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ନିଷିଦ୍ଧ ଥିଲା। ଏହି ପରିବେଶ ଅଶୋକଙ୍କ ମୃତ୍ୟୁପରେ ବି ବଳବତ୍ତର ରହିଥିଲା।

କିନ୍ତୁ କଳିଙ୍ଗ ରାଜ୍ୟରେ ଜୀବନ ପ୍ରବାହ ଭିନ୍ନ ଧରଣର ଥିଲା। ଧନଧାନ୍ୟ ପରିପୂର୍ଣ୍ଣ ଏହି ଲକ୍ଷ୍ମୀଙ୍କ ରାଜ୍ୟରେ ଲୋକମାନଙ୍କର ଆନନ୍ଦ ସେମାନଙ୍କ ଗୀତିମୟ ବାର୍ତ୍ତାଳାପ ଏବଂ ସହଜ ସୁନ୍ଦର ନାଟ୍ୟଭଙ୍ଗୀର ଚାଲିଚଳନ କୌଣସି ରାଜକୀୟ ନିଷେଧାଦେଶ ସପକ୍ଷରେ ନଥିଲା। ମୌର୍ଯ୍ୟଶାସନ କାଳରେ ବି ତୋଷାଳି କି ସମପା ନଗର ଗୁଡ଼ିକରେ ଏମିତି ଅବାଧ ନିଷିଧାଦେଶ ବଳବତ୍ତର ଥାଇପାରେ, କିନ୍ତୁ ପଲ୍ଲୀବହୁଳ କଳିଙ୍ଗର ସାମାଜିକତାରେ ନାଚ ଗୀତର ପ୍ରାଧାନ୍ୟ ରହିଥିଲା। କଳିଙ୍ଗବାସୀ ନୃତ୍ୟଗୀତରେ ଆନନ୍ଦ ଉଲ୍ଲାସରେ ସମୟ କଟାଉଥିଲେ।

ଖାରବେଳଙ୍କ ଶାସନର ତୃତୀୟ ବର୍ଷ କଳିଙ୍ଗ ପ୍ରଶାସନ ଦ୍ୱାରା ସାଂସ୍କୃତିକ ବର୍ଷ ଭାବରେ ଘୋଷିତ ହୋଇଥିଲା। ସମଗ୍ର କଳିଙ୍ଗରେ ଏହି ସାଂସ୍କୃତିକ ଉତ୍ସବର ଲହରି ଲାଗି ରହିଥିବା ବେଳେ କଳିଙ୍ଗନଗରୀ ତାହାର କେନ୍ଦ୍ରବିନ୍ଦୁ ହୋଇ ପାରିଥିଲା। ପର୍ବପର୍ବାଣି ଗୁଡ଼ିକ ସହିତ ବର୍ଷର ଅନେକ ଦିନରେ ନୃତ୍ୟ ଗୀତ ଚାଲୁ ରହିଥିଲା। ଅନେକ ସାମୂହିକ ନୃତ୍ୟନାଟିକା ଏବଂ ସଂଗୀତ ଚାଲୁ ରହିଥିଲା।

ଅନ୍ୟ ଦୃଷ୍ଟିରୁ ଦେଖିବାକୁ ଗଲେ, ମୌର୍ଯ୍ୟ ଶାସନ ଭିତରେ କଳିଙ୍ଗବାସୀ ମାତ୍ରାଧିକ ରାଜକୀୟ ଆଦେଶ ବଳରେ ସାଂସ୍କୃତିକ କାର୍ଯ୍ୟକ୍ରମରୁ ରହିତ ହୋଇ ପଡିଥିଲେ। ଅଶୋକ ବୌଦ୍ଧଧର୍ମ ଆଦରି ନେବା ପରଠାରୁ ସମାଜ ଓ ଉତ୍ସବ ପରି ଲୋକପ୍ରିୟ ସାଂସ୍କୃତିକ ପରମ୍ପରା ଯୁଗ ଯୁଗ ପାଇଁ ବାରଣ କରାଯାଇଥିଲା। ମୌର୍ଯ୍ୟ ପ୍ରଶାସନ ଏମିତି ପାରମ୍ପରିକ ଉତ୍ସବ ଗୁଡ଼ିକ ପ୍ରତି ନିଷେଧାଦେଶ ଜାରି କରିଥିଲେ।

ଏମିତିକି ମୌର୍ଯ୍ୟଶାସିତ ଭାରତବର୍ଷରେ ନାଚ, ଗୀତ ଏବଂ ସାମୂହିକ ସାଂସ୍କୃତିକ କାର୍ଯ୍ୟକ୍ରମ ସମ୍ପୂର୍ଣ୍ଣ ଭାବରେ ବ୍ୟାହତ ହୋଇଥିଲା। ସଙ୍ଗୀତ ଏବଂ ନାଟକ ଶିକ୍ଷାଳୟ ଗୁଡ଼ିକ ବହୁଦିନ ଧରି ବନ୍ଦ ହୋଇ ନିଶ୍ଚିହ୍ନ ହୋଇଯାଇଥିଲା। ସାରା ଭାରତବର୍ଷ ମଧ୍ୟରେ ଗନ୍ଧର୍ବବେଦ ମତେ ତୌର୍ଯ୍ୟତ୍ରିକ ବା ନାଚ, ଗୀତ ଓ ଦପ ଆଉ ଜନତାଙ୍କ ଅବଲୋକନ ପାଇଁ ନଥିଲା। ଯଦି ବି ତିଷ୍ଟି ରହିଥିଲା କେଉଁ ଅପନ୍ତରାରେ ଯେଉଁଠି ପ୍ରଶାସନର ଦୃଷ୍ଟି ନଥିଲା। ଦେବାନାଂ ପ୍ରିୟଦର୍ଶୀ ଅଶୋକଙ୍କର ବୌଦ୍ଧଧର୍ମନିଷ୍ଠା ସମଗ୍ର ମୌର୍ଯ୍ୟାଞ୍ଚଳରୁ ସାଂସ୍କୃତିକ ପରମ୍ପରାକୁ ବିଦାୟ ଦେଇସାରିଥିଲା।

ଏହି ନକାରାତ୍ମକ ସଂସ୍କାର କଳିଙ୍ଗ ଭୂମି ଉପରେ ଗୀତନାଚପ୍ରିୟ କଳିଙ୍ଗବାସୀଙ୍କର ପ୍ରକୃତି ଓ ପ୍ରବୃତ୍ତି ଉପରେ ପ୍ରତିରୋଧକ ହୋଇଥିଲା ନିଶ୍ଚିତ, ଅଶୋକଙ୍କର ଦୂରଦୃଷ୍ଟି ଅଭାବର ଏହି ନିବାରଣ ନୂତନ ମୌର୍ଯ୍ୟ ପ୍ରଦେଶ ଭାବରେ ଓଡିଶାରେ ବଳବତ୍ତର ହୋଇଥିଲା। ତୋଷାଳି, ସମପା, ପୁଷ୍ପଗିରି ଆଦି ପ୍ରଶାସନିକ ଏବଂ ବୌଦ୍ଧକ୍ଷେତ୍ର ଗୁଡ଼ିକରେ ମୌର୍ଯ୍ୟଶାସନର କେନ୍ଦ୍ର ଥିବାରୁ ତୌର୍ଯ୍ୟତ୍ରିକ ପୁରୁଷାନୁକ୍ରମେ ବିବର୍ଜିତ ହୋଇଯାଇଥିଲା। ଯାହା କଳିଙ୍ଗର ଅଭ୍ୟନ୍ତର ଏବଂ ମୌର୍ଯ୍ୟ ପ୍ରଶାସନର ଅଦୃଷ୍ଟ ସ୍ଥାନଗଡ଼ିକରେ ଅଜାଣତରେ କାହିଁ କେବେ ନୃତ୍ୟବାଦ୍ୟ ଗ୍ରାମାଞ୍ଚଳରେ ପରିଦୃଷ୍ଟ ହେଉଥିଲା।

ଅବଶ୍ୟ ବିଦ୍ୟାଧର ରାଜ୍ୟ-ସମୂହ ଏହି ସଂସ୍କୃତିରୁ ଆଦୌ ବିରତ ହୋଇ ନଥିଲେ। ଅଟାଭିକା ରାଜ୍ୟ ଏବଂ ଅନ୍ୟାନ୍ୟ ବନଜାତିଙ୍କ କ୍ଷୁଦ୍ର ରାଜ୍ୟଗୁଡ଼ିକ ମୌର୍ଯ୍ୟଶାସନାଧୀନ ନଥିଲେ କି ସେମାନଙ୍କର ଆଦେଶ ଉପଦେଶକୁ କର୍ଣ୍ଣପାତ କରୁ ନଥିଲେ।

ଅଶୋକ ବର୍ଦ୍ଧନ ମୌର୍ଯ୍ୟଙ୍କର ନିଧନ ପରେ ତଥା ସେନାପତି ପୁଷ୍ୟାମିତ୍ର ସୁଙ୍ଗଙ୍କର ଆତତାୟୀ ସାଜି ଜୟଦ୍ରଥ ମୌର୍ଯ୍ୟଙ୍କୁ ଶାସନଚ୍ୟୁତ କରିବାର ପ୍ରଭାବ କଳିଙ୍ଗ ଉପରେ ପଡ଼ିଥିଲା। ତତ୍କାଳ କଳିଙ୍ଗ ପ୍ରଶାସକ ଶତଚେଷ୍ଟାରେ ବ୍ୟସ୍ତ ଥିଲେ ଏହି ଘଡ଼ିସନ୍ଧିରେ କିପରି ମୌର୍ଯ୍ୟଶାସନରୁ ମୁକ୍ତ ହେବେ। କଳିଙ୍ଗର ସୀମିତ ସାମରିକ ଶକ୍ତି ଯେବେ ରାଜଧାନୀ ତୋଷାଳିରୁ ଉତ୍ତର ସୀମାକୁ ନିଃଶବ୍ଦରେ ଗଜଗମନ କରୁଥିଲା, କଳିଙ୍ଗର ପୁରପଲ୍ଲୀରେ ଆଶାର ଆଲୋକ ଭାସି ଆସୁଥିଲା ସ୍ୱାଧୀନତାର ସୂର୍ଯ୍ୟୋଦୟ ପାଇଁ। ମୁକ୍ତ କଣ୍ଠରେ କଳିଙ୍ଗର ଗଗନ ପବନ ନିନାଦିତ ହେଉଥିଲା। ବାଦ୍ୟର ତାଳ ଲୋକସ୍ମୃତିରୁ ବିଲୋପ ହୋଇ ପାରି ନଥିଲା। ସଞ୍ଚିତ ବାଦ୍ୟଯନ୍ତ୍ର ବି ବ୍ୟବହାରଯୋଗ୍ୟ ଥିଲା।

କଳିଙ୍ଗର ଅନେକ ବାଦ୍ୟଯନ୍ତ୍ର ସ୍ୱତନ୍ତ୍ର। ମର୍ଦ୍ଦଳ, ବୀଣା, ବଂଶୀ ଏବଂ ଶଙ୍ଖ ଆଦି କଳିଙ୍ଗର ସଙ୍ଗୀତ ଏବଂ ଗୀତିନାଟ୍ୟର ସଦାବ୍ୟବହୃତ ଉପକରଣ ସମୂହ। ସବୁ ଦେଶୀ ଏବଂ ନୀତିଗତ ଭାବରେ ବ୍ୟବହୃତ ଉପକରଣ ଗୁଡ଼ିକ ବ୍ୟତୀତ ଅନେକ ପଦାର୍ଥ ଗନ୍ଧର୍ବକଳା ନିମିତ୍ତ ଉଦ୍ଦିଷ୍ଟ ରହିପାରିଥିଲା।

ଖାରବେଳ ବାଲ୍ୟତ ବୟସରୁ ନୃତ୍ୟଗୀତ ପ୍ରତି ଆକର୍ଷିତ ହେବାକୁ ଲାଗିଲେ। ତାଙ୍କ ବାସସ୍ଥଳୀ ଶିଶୁପାଳଗଡର ପୂର୍ବଦିଗରେରେ କଳିଙ୍ଗ ରାଜଧାନୀ କଳିଙ୍ଗନଗରୀର କମନୀୟ ଶୋଭା ତାଙ୍କୁ ଜଣେ ତରୁଣ କଳାନୁରାଗୀ ଭାବରେ ପ୍ରେରଣା ଦେଇଛି। ପ୍ରସ୍ଫୁଟିତ ପୁଷ୍ପଭରା କଳିଙ୍ଗନଗରୀ ତାଙ୍କ ମନରେ ଗୀତବାଦ୍ୟର ଲହରି ସୃଷ୍ଟି କରିପାରେ। କଳିଙ୍ଗ ସାଗର ଆଡ଼ରୁ କଳିଙ୍ଗନଗରୀରେ ପ୍ରତି ସନ୍ଧ୍ୟାରେ ପୁଷ୍ପ ଉଦ୍ୟାନରେ ମଧୁମାଳତୀ ଲତାର ଯେଉଁ ଚମକ ଭରୁଥିଲା, ତାହା କୌଣସି ଦର୍ଶକ ଦେହ ଓ ମନରେ ଶିହରଣ ଖେଳାଇପାରେ, କିନ୍ତୁ ଖାରବେଳଙ୍କ ପରି ଅପରିପକ୍ୱ କଳାପ୍ରେମୀ ମନରେ ନୃତ୍ୟ ଓ ଗୀତର ଦୂରଦିଗ୍‌ବଳୟ କେତେ ଜୀବନ୍ତ ଭାବରେ ଉଭା ହେଉଥିଲା।

ସେ ଦେଖନ୍ତି ଅନେକ କଳିଙ୍ଗ କନ୍ୟା ଏବଂ ରାଜପରିବାରର ମହିଳାମାନଙ୍କର ନାଚଗୀତ ପ୍ରତି ଅନୁରାଗ। ମୌର୍ଯ୍ୟ ନୀତି ବିରୁଦ୍ଧ ହେଲେ ବି କଳିଙ୍ଗନଗରୀ ମଧ୍ୟଭାଗରେ ରହିଛି ନେପଥ୍ୟ ଭବନ। ଏହା କେବଳ ରୁଦ୍ଧଦ୍ୱାର ସଙ୍ଗୀତ-ନାଟକ ଶିକ୍ଷାଶାଳା ନଥିଲା, ଏଥିରେ ଗନ୍ଧର୍ବବେଦ ସମ୍ମତ ସମସ୍ତ ବିଧିର କେନ୍ଦ୍ର ରହିଥିଲା। ବାଲ୍ୟକାଳରୁ ଖାରବେଳ ସୁଲଳିତ ସ୍ୱରରେ ସୁନ୍ଦର ଗୀତ ଗାଇପାରୁଥିଲେ ଏବଂ ଛଳ ନାଟକ ପରିବେଷଣ କରିପାରୁଥିଲେ। ଏହା ତାଙ୍କ ଜେଜେବାପା ବୃଦ୍ଧରାଜ ବା ମହାମେଘବାହନଙ୍କୁ ଆକୃଷ୍ଟ କରିଥିଲା। ସେ ବାଲ୍ୟତ କାଳରୁ ବିଖ୍ୟାତ କଳିଙ୍ଗ ସଂଗୀତ ନାଟକ ବିଶାରଦ ମାନଙ୍କ ଦ୍ୱାରା ଏହି କଳାଶିକ୍ଷାର ବନ୍ଦୋବସ୍ତ କରିଥିଲେ। ଶିଶୁ ଖାରବେଳଙ୍କର ଆକର୍ଷଣ ଏବଂ କଳା ଆହରଣ କରିବାର ପ୍ରଚଣ୍ଡ ଆଗ୍ରହ କଳାଶିକ୍ଷକମାନଙ୍କୁ ଅଭିଭୂତ କରିଥିଲା। ପରବର୍ତ୍ତୀ ବୟସରେ ଯେତେବେଳେ ଗତାନୁଗତିକ ରାଜପୁତ୍ର ଭାବରେ ତକ୍ଷଶିଳା ସମ୍ମତ ବିଷ୍ଣୁଦତ୍ତ ପଦ୍ଧତିରେ ଯୁଦ୍ଧବିଦ୍ୟା ସମେତ ସମସ୍ତ ପାଠ୍ୟକ୍ରମ ଶିକ୍ଷା କରିଛନ୍ତି, ସେ ସମୟରେ ବି ନିଜର ସଂଗୀତ ନାଟକ ଅଭୀପ୍ସାକୁ ଜଳାଞ୍ଜଳି ଦେଇ ନାହାନ୍ତି। ନିଜ ବ୍ୟକ୍ତିଗତ ଉଦ୍ୟମରେ କଳିଙ୍ଗନଗରୀ ସଂଲଗ୍ନ ତୋଷାଳି ନଗରରେ ଗୋଟିଏ ମହାମେଘବାହନ କଳାକେନ୍ଦ୍ର ସ୍ଥାପନ କରିଛନ୍ତି। ଯୁବରାଜ ନିଜେ ହିଁ ଏହି କଳାକେନ୍ଦ୍ରର ପୃଷ୍ଠପୋଷକ। ଖାରବେଳ ଦଶବର୍ଷ ତଳୁ ଯୁବରାଜ ହେବା ଦିନଠାର ରାଜ୍ୟର ସମସ୍ତ ସଙ୍ଗୀତଜ୍ଞ, ନାଟ୍ୟକାର ଏବଂ କଳାକାରମାନେ ତୌର୍ଯ୍ୟତ୍ରିକ ପଦ୍ଧତିର ବିକାଶ କରିଛନ୍ତି। ଭାରତବର୍ଷର ଅନେକ ଭାଷାଭାଷୀ ଅଞ୍ଚଳରେ ଅଭିନୟ ବା ନାଟ୍ୟମଞ୍ଚରେ ନାଟ୍ୟାଭିନୟ ସହିତ ଭାଷ୍ୟ ଓ ଗୀତର ସମନ୍ୱୟ ନଥାଏ। ଅଭିନୟକାରୀ ମୂକ ଭାବରେ ଅଭିନୟ ପ୍ରଦର୍ଶନ କଲାବେଳେ ନେପଥ୍ୟରୁ ଶବ୍ଦ ଆସୁଥାଏ। କିନ୍ତୁ ତୌର୍ଯ୍ୟତ୍ରିକ କଳାରେ ନାଚ, ଗୀତ ଏବଂ ଦର୍ପର ଏମିତି ସମ୍ମିଳନ ହୋଇପାରୁଥିଲା, ଦର୍ଶକଙ୍କୁ କିଛି ବାରିବାକୁ ନଥିଲା। ଏଥିରେ କଳିଙ୍ଗ ନୃତ୍ୟକଳାର ସ୍ୱତନ୍ତ୍ରତା ରହିଥିଲା। ଅବଶ୍ୟ ବାଦ୍ୟ, ବାଦିକା ଏବଂ ନର୍ତ୍ତକୀ ସବୁଥିରେ କେବଳ କଳିଙ୍ଗକନ୍ୟାମାନଙ୍କର ସମ୍ପୃକ୍ତି ରହିଥିଲା, ମରଦମାନେ ଏହି ନାରୀସୁଲଭ କାର୍ଯ୍ୟରେ ପଶିବାକୁ ଆଦରଣୀୟ ବୋଲି ମନେ କରୁ ନଥିଲେ, ମାତ୍ର ଗୁରୁ ଭାବରେ ଏହି କଳିଙ୍ଗନୃତ୍ୟ ଏବଂ କଳିଙ୍ଗ ଗାୟନର ଉତ୍‌ଥାନ ନିମନ୍ତେ ଯୁବରାଜଙ୍କ ପରି ଉପଦେଷ୍ଟା ଭାବରେ ନିଜକୁ ନିୟୋଜିତ କରିବାର ପ୍ରବଳ କାମନା ରଖିଥିଲେ।

ଖାରବେଳ ନୃତ୍ୟକଳା ଏବଂ ସଂଗୀତ ବିଦ୍ୟା ପ୍ରତି ନିଜ ଜନ୍ମଭୂମିର ଜନସାଧାରଣଙ୍କର ଆଗ୍ରହ ଥିବାରୁ ତୃତୀୟ ବର୍ଷକୁ ସାଂସ୍କୃତିକ ବର୍ଷ ଭାବରେ ଘୋଷଣା କଲେ। କେବଳ କଳିଙ୍ଗନଗରୀ କାହିଁକି, ତତ୍କାଳୀନ ସମଗ୍ର କଳିଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମରେ ଉଲ୍ଲସି ଉଠିଲା। ନଗର ନଗର ଏବଂ ଗ୍ରାମ ଗ୍ରାମ ନୃତ୍ୟ ସଂଗୀତ କାର୍ଯ୍ୟକ୍ରମରେ ଉଚ୍ଛୁଳି ପଡିଲା। ସବୁ ବର୍ଗର ଜନସାଧାରଣ କଳିଙ୍ଗଭୂମିକୁ ଉତ୍ସବମୁଖର କରିବାରେ ଲାଗିଗଲେ।

ତୃତୀୟ ବର୍ଷର କଳିଙ୍ଗନଗରୀ। ନଗରୀର ମୁଖ୍ୟ ଫାଟକର ମୁହଁ ପଶ୍ଚିମ ଦିଗକୁ। ଗନ୍ଧାବତୀ ନଦୀ ଧୌତ କରୁଥିବା ଏହି କଳିଙ୍ଗନଗରୀ ଚତୁଷ୍ପାର୍ଶ୍ୱସ୍ଥ ଗଡ଼ଖାଇ ଆଜିର ଉତ୍ସବରେ ପୁଷ୍ପମୟ। ନଗରୀର ଆଠଟି ଦ୍ୱାର ସବୁ ସୁସଜ୍ଜିତ। କିନ୍ତୁ ତୋଷାଳି ଆଡ଼କୁ ରହିଥିବା ପ୍ରଧାନ ଦ୍ୱାରଟି ରଙ୍ଗଯୁକ୍ତ ସୌଖୀନ କଳିଙ୍ଗ ପାଟକନାରେ ମଣ୍ଡିତ। ମୁଖ୍ୟ ପଥର ସ୍ତମ୍ଭ ସହିତ କାଠର ସୁନ୍ଦର ତୋରଣ ଇନ୍ଦ୍ରଧନୁର ସାତ ରଙ୍ଗରେ ପ୍ରାକୃତିକ ରୂପ ଧାରଣ କରିଛି। ଦୁଇ କଡ଼ରେ ପୂର୍ଣ୍ଣକୁମ୍ଭ ଏବଂ କଦଳୀଗଛର ଆବାହନୀ ଅନେକ ତୋଷାଳିବାସୀ ଏବଂ ଦୂରାନ୍ତର ଅତିଥି, କଳାକାରଙ୍କୁ ସାଦରେ ନିମନ୍ତ୍ରଣ କରୁଛି।

କଳିଙ୍ଗନଗରୀର ଅଭ୍ୟନ୍ତର ଖୁବ୍ ସୁଶୋଭିତ। ପଶ୍ଚିମ ଫାଟକରୁ ଅନେକ ରାସ୍ତା ରାଜପ୍ରାସାଦ ଏବଂ ଦପ୍ତର ଗୁଡିକ ପର୍ଯ୍ୟନ୍ତ ପରିବ୍ୟାପ୍ତ। ଏହି କଳିଙ୍ଗନଗରୀର ଆକାର ବର୍ଗାକାର ଏବଂ ଅନ୍ତତଃ ପ୍ରତିଟି ପାର୍ଶ୍ୱ ଏକ କୋଶ ପରିମାଣର ଏକଚତୁର୍ଥାଂଶ, ଅଧମାଇଲ୍ ପାର୍ଶ୍ୱବିଶିଷ୍ଟ ବର୍ଗକ୍ଷେତ୍ର। କଳିଙ୍ଗନଗରୀ ମଧ୍ୟରେ ରାଜପ୍ରାସାଦ ବ୍ୟତୀତ ଅନେକ ଦେଶୀ ବିଦେଶୀ ବ୍ୟବସାୟିକ ପଣ୍ୟଶାଳା। ଏହା ବହୁ ଶତାବ୍ଦୀ ଧରି ପଶ୍ଚିମ ଦିଗରୁ ଆସୁଥିବା ଶୁଭ୍ର ଚର୍ମଧାରୀ ବିଦେଶୀୟ ମାନଙ୍କର କେନ୍ଦ୍ର ହୋଇପାରିଛି। ସେହି ଗୋରା ଗ୍ରିସ୍ ଏବଂ ରୋମ୍‌ର ଲୋକମାନଙ୍କର ଚାହିଦା ଥିଲା କଳିଙ୍ଗର ହୀରକ। କିନ୍ତୁ ସେମାନଙ୍କର ସ୍ୱର୍ଣ୍ଣ ଏବଂ ରୌପ୍ୟମୁଦ୍ରା କଳିଙ୍ଗରେ ଆକର୍ଷଣ ସୃଷ୍ଟି କରିଥିଲା। ସେହି ଯବନମାନେ କିନ୍ତୁ ଦୂରରୁ କଳିଙ୍ଗକନ୍ୟାର ପ୍ରେମଭରା ଗୀତିନାଟ୍ୟର ଭାଷାରେ ନହେଲେ ବି ଭାବରେ ବିମଜ୍ଜିତ ହେବାର ଦେଖାଯାଉଥିଲା।

ପ୍ରତିଟି ଗୃହ ପ୍ରସ୍ତର ଏବଂ କାଷ୍ଠୋପକରଣରେ ନିର୍ମିତ। ପ୍ରତ୍ୟେକ ଗୃହସାମନାରେ କଳିଙ୍ଗର ଜାତୀୟ ପତାକା ସ୍ଥାପିତ। ଏହି ନଗରୀ ମଧ୍ୟରେ ମାସରେ ଅନେକଦିନ ଶୋଭାଯାତ୍ରା ପରିକ୍ରମା କରେ। ଦିନରେ ଏଠିକାର କ୍ରୀଡା ଉଦ୍ୟାନରେ ବିଭିନ୍ନ ଖେଳକୁଦ ଏବଂ କସରତ ଚାଲିଥାଏ। ସୂର୍ଯ୍ୟଦେବ ପଶ୍ଚିମ ତୋଷାଳି ଦିଗରେ ଅସ୍ତ ଯାଆନ୍ତେ, ଏଠିକାର ରଙ୍ଗଶାଳାରେ କଳିଙ୍ଗ ବାଇଦର ଉନ୍ମାଦ ଗଗନ ପବନ ଭେଦି କଳାକାର ଓ ଦର୍ଶକମାନଙ୍କୁ ଆକର୍ଷିତ କରେ। ରାଜକର୍ମଚାରୀମାନେ ଅସଂଖ୍ୟ ମଶାଲ ଓ ଦିହୁଡ଼ିରେ ଅଗ୍ନି ସଂଯୋଗ କରି ମସାଲଧାରୀ ଦିଶିଧାରିକାଙ୍କ ହାତରେ ଧରାଇ ଦିଅନ୍ତି। ସେମାନେ ସୁଠାମ ଢଙ୍ଗରେ ଏହି ମଶାଲ ଧରି ନଗରୀକୁ ଆଲୋକିତ କରିଥାଆନ୍ତି।

କଳିଙ୍ଗକନ୍ୟାମାନେ ସାରା ରାତି ନୃତ୍ୟଗୀତ ପରିବେଷଣ କରିଥାଆନ୍ତି। କଳିଙ୍ଗ ନୃତ୍ୟ ଅନେକ କନ୍ୟାଙ୍କ ଦ୍ୱାରା ସମ୍ପାଦିତ ହୁଏ। ଦିନକୁ ଦିନ କଳିଙ୍ଗ ନୃତ୍ୟ ସୂକ୍ଷ୍ମରୁ ସୂକ୍ଷ୍ମତର ହୋଇ ସାରା ଭାରତବର୍ଷର ଶ୍ରେଷ୍ଠ ନୃତ୍ୟକଳାର ସ୍ଥାନ ପାଇଛି।

କଳିଙ୍ଗନଗରୀ ପୂର୍ଣ୍ଣିମା ରାତିରେ ଚମକି ଉଠେ। ପୂର୍ବ ନିର୍ଦ୍ଧାରିତ ସୂଚୀ ଅନୁସାରେ ନାଟ୍ୟଶାଳାଗୁଡ଼ିଙ୍କ ଦ୍ୱାରା ପ୍ରାୟୋଜିତ ନାଟକ ଅଭିନୀତ ହୁଏ। ଏଗୁଡିକ କଳିଙ୍ଗ ରାଜପୁତ୍ର ଖାରବେଳଙ୍କର ଯୁବରାଜ ଅବସ୍ଥାରୁ ପାଳିତ ହୋଇଆସୁଛି। ଅନେକ କଳିଙ୍ଗ ଗ୍ରାମଜୀବନ, ପଣ୍ୟପ୍ରଥା, ରାଜକୀୟ ପଦ୍ଧତି ଏବଂ ସାଗରଯାତ୍ରା ସମ୍ବନ୍ଧୀୟ। ବିଗତ କୋଡିଏ ବର୍ଷ ହେବ ଏପରି ରଙ୍ଗମଞ୍ଚ ଲୋକାଦୃତ ହୋଇଛି। କୁମାରପୂର୍ଣ୍ଣିମା, ମାଘପୂର୍ଣ୍ଣିମା ଏବଂ ବୈଶାଖ ପୂର୍ଣ୍ଣିମାରେ ଏପରି ଖୋଲା ରଙ୍ଗମଞ୍ଚରେ କଳିଙ୍ଗନଗରୀ ଜୀବନ୍ତ ହୋଇଉଠେ। ଆକାଶର ଶୀତଳ ଚନ୍ଦ୍ରକିରଣରେ ଉଦ୍‌ଘାଟିତ ହୁଏ କଳିଙ୍ଗ ନୃତ୍ୟକଳା। ସମଗ୍ର ରଜନୀ ଅସରା ଅସରା ନୃତ୍ୟସଙ୍ଗୀତରେ ଗଗନ ପବନ ଦୋହଲାଇ ପୂରୁବଦିଗରୁ କୁଆଁତାରାର ଆବିର୍ଭାବରେ ଉଦଯାପନ ମୁହୂର୍ତ୍ତରେ ଉପନୀତ ହୁଅନ୍ତି।

କଳିଙ୍ଗାଧିପତିଙ୍କର ତୃତୀୟବର୍ଷର ଉତ୍ସବମୁଖର କାର୍ଯ୍ୟକ୍ରମ ପରେ ରାଜ୍ୟର ଗୋଟିଏ ଆଭ୍ୟନ୍ତରୀଣ ସମସ୍ୟା ଦେଖାଦେଲା। ସେ ସମସ୍ୟା ନୂତନ ସମସ୍ୟା ନୁହେଁ, ଏହା ବହୁକାଳରୁ ଉପକୂଳବାସୀ ଏବଂ ବନଜାତି ମଧ୍ୟରେ ଦିନକୁ ଦିନ ଉଗ୍ରତର ରୂପ ନେଉଥିଲା। କଳିଙ୍ଗର ପଶ୍ଚିମ ବନାଞ୍ଚଳର ଅଧିବାସୀମାନେ ନିଜକୁ ସ୍ୱତନ୍ତ୍ର ବୋଲି ଚିନ୍ତାକରିବାକୁ ଲାଗିଲେ। ମହାଭାରତ କାଳରୁ କଳିଙ୍ଗ ଉପକୂଳ ଏବଂ ବନାଞ୍ଚଳ ଏମିତି ଦୁଇ ଅଞ୍ଚଳ ଧାରଣ କରିଛି। ତେବେ ପର୍ବତାଞ୍ଚଳ ବିନା ଉପକୂଳରେ ତିଷ୍ଠି ରହିବା ଅସମ୍ଭବ। ଅଦୂରଦର୍ଶୀ ବିଦ୍ୟାଧର ରାଜ୍ୟସମୂହ ଏମିତି ଗୋଟିଏ ସମସ୍ୟା ଉପସ୍ଥାପନ କରିଦେଲେ।

ସେହି ବନାଞ୍ଚଳ ବା ବିଦ୍ୟାଧର ରାଜ୍ୟସମୂହ କଳିଙ୍ଗ ନିଶାଦସେନା ଗଠନ କରି କଳିଙ୍ଗ ପକ୍ଷରୁ ଗୋଟିଏ ଶକ୍ତିଶାଳୀ ଦୁର୍ଦ୍ଧର୍ଷ ପକ୍ଷ ଗଠନ କରିବାରେ ସହାୟକ ହେଉଥିଲେ। ଏହି ନିଶାଦସେନା ମହାଭାରତ ଯୁଦ୍ଧରେ କୌରବ ପକ୍ଷରୁ ଯୁଦ୍ଧ ଲଢ଼ିବାର ଉଦାହରଣ ରହିଛି। କଳିଙ୍ଗ ନୃପତି ଶୃତାୟୁଧଙ୍କର ପୁତ୍ର ଭାନୁମତ ନିଶାଦ ବା ବିଦ୍ୟାଧର ରାଜ୍ୟର ନିଶାଦ ସେନା ସଂଗଠକ ନିଶାଦରାଜ, ବ୍ୟାସଦେବଙ୍କ ବର୍ଣ୍ଣିତ ମହାଭାରତ ଯୁଦ୍ଧରେ ନିଶାଦସେନାଙ୍କର ସେନାପତି। କଳିଙ୍ଗରାଜବଂଶ କୌରବ ରାଜବଂଶ ସହିତ ବୈବାହିକ ସମ୍ପର୍କରେ ଆବଦ୍ଧ। ଚିତ୍ରାଙ୍ଗଦା ହେଉଛନ୍ତି କଳିଙ୍ଗ ନୃପତି। ତାଙ୍କର କନ୍ୟା ମହାମାନୀ ଦୁର୍ଯ୍ୟୋଧନଙ୍କ ଧର୍ମପତ୍ନୀ, ପୁତ୍ର ଶ୍ରୁତାୟୁଧ। ଶ୍ରୁତାୟୁଧଙ୍କର ଦୁଇପୁତ୍ର ଭାନୁମତ ଓ ଶାକ୍ରଦେବ ବିଶାଳ ଯୋଦ୍ଧା; ଭାନୁମତ ମହାଭାରତ ଯୁଦ୍ଧରେ ଅଂଶଗ୍ରହଣ କରିଥିଲେ ନିଜ ପିଉସା କୌରବ ଦୁର୍ଯୋଧନଙ୍କ ପକ୍ଷରେ।

ଏହି କଳିଙ୍ଗର ବିଦ୍ୟାଧର ରାଜ୍ୟ ବିଭିନ୍ନ ସମୟରେ ବିଭିନ୍ନ ନାମରେ କୁହାଯାଏ। ଏମାନେ ଅଶୋକବର୍ଦ୍ଧନ ମୌର୍ଯ୍ୟଙ୍କ କଳିଙ୍ଗଯୁଦ୍ଧ କାଳରେ ଅଶୋକଙ୍କ କୋପଦୃଷ୍ଟିରୁ ଦୂରେଇ ରହିଥିଲେ, ମାତ୍ର ଅଶୋକ ସେମାନଙ୍କୁ ଭୟ କରିବାର ନିଜ ତ୍ରୟୋଦଶ ଶିଳାଲେଖରେ ଉଲ୍ଲେଖ କରିଯାଇଛନ୍ତି। ଏହା ମଧ୍ୟ ତାଙ୍କର ଆଲ୍ଲାହାବାଦ ଶିଳାଲେଖରେ 'ସର୍ବାଟାଭିକ ରାଜ୍ୟ' ଭାବରେ ରଚିତ। ଜୈନଶାସ୍ତ୍ର 'ଜମ୍ବୁଦ୍ୱୀପପଣତି'ରେ କଳିଙ୍ଗର ଏହି ବିଦ୍ୟାଧର ବସତି ମଧ୍ୟରେ ରହିଥିବା ଷାଠିଏଗୋଟି ନଗର ବିଷୟ ବର୍ଣ୍ଣନା କରାଯାଇଛି। ଖାରବେଳଙ୍କ ପୂର୍ବର ଅନେକ ରଚନାରେ ଏହି ବିଦ୍ୟାଧର ରାଜ୍ୟସମୂହକୁ 'ଅଷ୍ଟାଦଶାଟାଭି' ରାଜ୍ୟ ଭାବରେ ମଧ୍ୟଭାରତ ଭାଗେଲଖଣ୍ଡରୁ କଳିଙ୍ଗ ଉପକୂଳ ପର୍ଯ୍ୟନ୍ତ ପରିବ୍ୟାପ୍ତ ହୋଇଥିବା ଦେଖାଯାଏ।

ସେହି ରାଜ୍ୟସମୂହକୁ ଏହି ହାତୀଗୁମ୍ଫା ଶିଳାଲିଖନରେ 'ବିଦ୍ୟାଧରାଧିବାସମ୍' ବୋଲି କୁହାଯାଉଛି। ଏହା କଳିଙ୍ଗର ଅବିଚ୍ଛେଦ୍ୟ ଅଂଗ ଏବଂ ସମସ୍ତ ରାଜନୈତିକ, ଅର୍ଥନୈତିକ ଏବଂ ସାମାଜିକ କ୍ଷେତ୍ରରେ କଳିଙ୍ଗ ସହିତ ସଂଯୁକ୍ତ ହୋଇରହିବ, ଏହା କଳିଙ୍ଗାଧିପତି ଖାରବେଳ ସଚେତନ।

ଆଜି କିନ୍ତୁ ବିଦ୍ୟାଧର ରାଜ୍ୟସମୂହ କୌଣସି କାରଣରୁ ଉପକୂଳ କଳିଙ୍ଗ ସହିତ ନିଜର ନିରାଶା ବ୍ୟକ୍ତ କରିବାକୁ ପଛାଉନାହାନ୍ତି। କଳିଙ୍ଗ ନୌବାଣିଜ୍ୟ ଏହି ଅଧିବାସୀ ମାନଙ୍କ କୁଟୀରଶିଳ୍ପ ଉପରେ ବେଶ୍ ନିର୍ଭରଶୀଳ। ବହୁ ଜଙ୍ଗଲଜାତ ପଦାର୍ଥ ସହିତ କଳିଙ୍ଗ ବସ୍ତ୍ର ଏମାନଙ୍କ ପାଖରୁ ମିଳେ। କୌଣସି ନା କୌଣସି କାରଣରୁ ଏମାନେ କଳିଙ୍ଗ ସହିତ ଅମେଳ ହୋଇ ବାଣିଜ୍ୟର ପ୍ରଭୂତ କ୍ଷତି ଘଟାଇବାକୁ ଯାଉଥିବାବେଳେ ଖାରବେଳ ଏହା ସମାଧାନ କରିବାକୁ ଆଗେଇ ଆସିଲେ। ସେମାନଙ୍କର ମୁଖ୍ୟ ରାଜାଙ୍କୁ କଳିଙ୍ଗନଗରୀ ଡକାଇ ଏମିତି ବାଣୀ ଶୁଣାଇଲେ, ବିଦ୍ୟାଧର ରାଜ୍ୟ ନିଜର ଅସ୍ତିତ୍ୱ ହରାଇବା ପରି ମନେକଲେ। ସେମାନେ ପରିଶେଷରେ କ୍ଷମା ପ୍ରାର୍ଥନା କରି କଳିଙ୍ଗ ସହିତ ପୂର୍ଣ୍ଣ ସହଯୋଗରେ କାମ କରିବାକୁ ପ୍ରତିଶ୍ରୁତି ଦେଲେ।

ଏହି ବିଦ୍ୟାଧର ରାଜ୍ୟଗୁଡିକର ସମସ୍ୟାର ସମାଧାନ ଏବଂ କଳିଙ୍ଗ ସହିତ ପୂର୍ଣ୍ଣପ୍ରାଣରେ ସମର୍ଥନ ଖାରବେଳଙ୍କ ଶାସନାଧୀନ କଳିଙ୍ଗକୁ ଅସୀମ ଶକ୍ତି ଯୋଗାଇଥିଲା। ପ୍ରତି ଦିଗ୍‌ବିଜୟ ସେନା ମଧ୍ୟରେ ଏହି ବିଦ୍ୟାଧର ରାଜ୍ୟଗୁଡିକରୁ ଅସଂଖ୍ୟ ସେନା ଏବଂ ଧନୁର୍ଦ୍ଧାରୀ ଧନୁକ ସେନା କଳିଙ୍ଗ ଚତୁରଙ୍ଗକୁ ବଳୀୟାନ କରୁଥିଲେ।

ପୂର୍ବରୁ କୌଣସି କଳିଙ୍ଗ ନୃପତି ଏମିତି ବିଦ୍ୟାଧର ରାଜ୍ୟସମୂହର ଅସହଯୋଗରେ କିଛି କାର୍ଯ୍ୟପନ୍ଥା ଗ୍ରହଣ କରି ନଥିଲେ। ଅସହ୍ୟ ହେଲେ ବି ନିରୁତ୍ତର ରହୁଥିଲେ। ଆଜିର ନୂତନ କଳିଙ୍ଗାଧିପତି ଯେତିକି ସହଯୋଗୀ, ଅସହଯୋଗ କଲେ ପ୍ରଚଣ୍ଡ ହୋଇପାରନ୍ତି। ନିଜ ମୁଖ୍ୟ ଅମାତ୍ ନାକିୟାଙ୍କ ମାଧ୍ୟମରେ ସମସ୍ତ ଅଷ୍ଟାଦଶ ବିଦ୍ୟାଧର ରାଜ୍ୟର ମୁଖ୍ୟମାନଙ୍କୁ କଳିଙ୍ଗନଗରୀ ଆମନ୍ତ୍ରିତ କରି ଉପକୂଳ ଏବଂ ବନାଞ୍ଚଳ ବିଷୟରେ ସୁଦୀର୍ଘ ଆଲୋଚନା କରି ଚେତାବନୀ ଶୁଣାଇଦେଇଥିଲେ।

ବାସ୍ତବରେ ବିଦ୍ୟାଧର ରାଜ୍ୟ ସମୂହ ନିଜର ସଂକୀର୍ଣ୍ଣତା ଉପଲବ୍ଧ କରିପାରିଲେ ଏବଂ କ୍ଷମାପ୍ରାର୍ଥନା କରି ଭବିଷ୍ୟତରେ କଳିଙ୍ଗର ଅବିଚ୍ଛେଦ୍ୟ ଅଙ୍ଗ ହୋଇ ରହିବେ ବୋଲି ଦୃଢ଼ ପ୍ରତିଶ୍ରୁତି ଦେଇଥିଲେ।

ନିଶ୍ଚିତ ଭାବରେ କଳିଙ୍ଗରେ ସମନ୍ୱୟର ବାତାବରଣ ଗଢ଼ିଉଠିଲା। ଏକତାର ନୂତନ ସୂର୍ଯ୍ୟ ଉଦୟ ହେଲେ। ରାଜ୍ୟ ଅଧିକ ବଳଶାଳୀ ହେବାର ବୀଜ ବପନ ହେଲା।

ଏହା ନୂତନ କଳିଙ୍ଗାଧିପତିଙ୍କୁ ବିଶାଳ କଳିଙ୍ଗର ସ୍ୱପ୍ନ ଦେଖିବାର ସୁଯୋଗ ଦେଇଥିଲା। ଦିଗ୍‌ବିଜୟୀ ଆକାଂକ୍ଷା ତାଙ୍କର ଭାରତବର୍ଷର କୋଣ ଅନୁକୋଣକୁ ପରିବ୍ୟାପ୍ତ ହେବାକୁ ଲାଗିଲା। ମାନସପଟ୍ଟରେ ସେ ଦେଖିବାକୁ ପାଇଲେ ଅସଂଖ୍ୟ ଧନୁର୍ଦ୍ଧର ବୀର ଏବଂ ଅପରାଜେୟ କଳିଙ୍ଗ ଚତୁରଙ୍ଗ ସେନାବାହିନୀ ଗଢିବାର ବାସନା ସାକାର ହେଲା।

୦୦୦

## ରଥିକ ଓ ଭୋଜକ ରାଜ୍ୟ ବିଜୟ

ଏଥର ରହିଲା ଷଷ୍ଠ ପଦଟି। ତାକୁ ପାଠ କରିବାକୁ ନଗରପତି ଆସିଗଲେ।

"ବିବସ୍ତ ମୁକୁଟ ବିଲୁଣ୍ଠିତ ଶ୍ଚ ନିକ୍ଷିପ୍ତ ଛତ୍ର ଭୃଙ୍ଗାଭେ, ହୃତ ରତ୍ନ ସଂପତ୍ତିଭିଃ ସର୍ବରାଷ୍ଟ୍ରିକ ଭୋଜକୈହି ପାଦି ବନ୍ଦାପୟତି॥ ପଞ୍ଚମେ ଚ ଦାନୀ ବସେ ନନ୍ଦରାଜ ତିବସ ସତ ଓଘାଟିତମ୍ ତନସୁଳିୟା ବାତ ପନାଡିମ୍ ନଗରୀ ପବେସୟତି..॥ ଅଭିସିତୋ ଚ ବସେ ରାଜସେୟ ସଂଦସୟଂ ତୋ ସବକରବଣ.."

ଏହି ଦୁଇପାଦ ଶିଳାଲିପିର ଅର୍ଥ ହେଉଛି –
ଥରାଷ୍ଟ୍ରିକ ଏବଂ ଭୋଜକ ଦୁଇ ରାଜା ନିଜର ମୁକୁଟ

ଓହ୍ଲାଇ ରାଜଛତ୍ର ପରିହାର କରି ସେମାନଙ୍କର ରାଜସମ୍ପଦ ଅର୍ପଣ କରି ଖାରବେଳଙ୍କ ଶରଣାପନ୍ନ ହେଲେ। ପଞ୍ଚମ ବର୍ଷରେ ନନ୍ଦରାଜ ତିନିଶହ ବର୍ଷ ପୂର୍ବେ ସମ୍ପୂର୍ଣ୍ଣ କରିପାରି ନଥିବା ତନସୂଳି ବା ତୋଷାଳି କି ତ୍ରିସୂଳିଆ ଜଳସେଚନ ପ୍ରକଳ୍ପ ସମ୍ପୂର୍ଣ୍ଣ କରିଥିଲେ।ଧ ନଗରପତି ଏହି ଦୁଇ ପଦର ଅର୍ଥ କହିବାକୁ ଲାଗିଲେ।

ଥରେ କଳିଙ୍ଗ ନିଜର ଚତୁରଙ୍ଗ ସେନାବାହିନୀ ନେଇ ଖାରବେଳଙ୍କର ଶାସନର ତୃତୀୟ ବର୍ଷରେ ଅସିକନଗର ଆକ୍ରମଣ କରି ଏହି ସହରକୁ ବିଧ୍ୱଂସ କରିବାରେ କୃତକାର୍ଯ୍ୟହେବା ପରବର୍ତ୍ତୀ କାଳରେ ରାଜ୍ୟବାହାରେ ନିଜର ଦିଗବିଜୟ ବଜାୟ ରଖିବା ଅଭିଳାଷ ରଖିଛି। ପୂର୍ବରୁ କଳିଙ୍ଗ ନିଜ ଅଞ୍ଚଳ ବାହାରକୁ ଯାଇ ଆକ୍ରମଣ କରିବାର ଉଦାହରଣ ବିରଳ। କିନ୍ତୁ ମହାମେଘବାହନ ରାଜବଂଶ ନିଜର ସାମରିକ ଶକ୍ତି ଅତୁଟ ରଖି ତଦାନୀନ୍ତନ ଭାରତବର୍ଷରେ ଏକ ଉଦାହରଣ ସୃଷ୍ଟି କରିଥିଲେ। ଏବେ କଳିଙ୍ଗର ଦୃଷ୍ଟି ପଡିଛି ସୁଦୂର ପଶ୍ଚିମ ଦିଗର ସାତବାହନ ରାଜବଂଶ ଶାସତି ରାଜ୍ୟ ଉପରେ।

ଏହି ସାତବାହନ ରାଜବଂଶ ପୁରୁଣା ଏବଂ ପ୍ରତିଷ୍ଠିତ ରାଜ୍ୟ। ସୈନ୍ୟସାମନ୍ତ ଦୃଷ୍ଟିରୁ ଏହାର ଶକ୍ତି ସମସ୍ତଙ୍କୁ ବିଦିତ। ସେହି ସାତବାହନ ସାମ୍ରାଜ୍ୟର ଦୁଇଟି କରଦ ରାଜ୍ୟ ରହିଛି। ରାଷ୍ଟ୍ରିକ ଏବଂ ଭୋଜକ ରାଜ୍ୟ। ସାତବାହାନ ସାମ୍ରାଜ୍ୟର ରାଜଧାନୀ ପାଇଥାନ ବା ପ୍ରତିଷ୍ଠାନ। ଏହା ମହାରାଷ୍ଟ୍ରର ନାସିକ ଠାରୁ ଦଶ କୋଶ ବ୍ୟବଧାନରେ ଅବସ୍ଥିତ। ସାତବାହାନ ସାମ୍ରାଜ୍ୟର ପୂର୍ବସୀମାରେ ଦୁଇଟି କରଦ ରାଜ୍ୟ ରହିଛି। ଉତ୍ତରଦିଗରେ ରଥିକ (ବା ରାଷ୍ଟ୍ରିକ) ଏବଂ ଦକ୍ଷିଣରେ ଭୋଜିକ ରାଜ୍ୟ। ଏହି ରଥିକ ରାଜ୍ୟର ନୃପତି ମହାରଥି ତ୍ରାଣକୈାର ପ୍ରଥମ ସାତକର୍ଣ୍ଣୀ, ସାତବାହନ ସମ୍ରାଟଙ୍କ ଶଶୁର, ତାଙ୍କ କନ୍ୟା ନୟନିକା ସାତକର୍ଣ୍ଣୀଙ୍କର ପତ୍ନୀ।

ସାତବାହନ ସମର୍ଥିତ ରଥିକ ଏବଂ ଭୋଜିକ ରାଜ୍ୟଦ୍ୱୟ କଳିଙ୍ଗ ମହାମେଘବାହନ ଦୃଷ୍ଟିକୁ ଆସିବାରେ କେତେକ କାରଣ ଥାଇପାରେ। ସାତବାହନ ସେ ସମୟରେ ନିଜର ସୈନ୍ୟବଳ ହେତୁ ଏବଂ ନୟନିକାଙ୍କର ପିତା ତ୍ରାଣକୈରଙ୍କର ଉପଦେଷ୍ଟା ଭାବରେ କଳିଙ୍ଗକୁ କରଗତ କରିବାର ଅଭିପ୍ରାୟ ହେଉ କଳିଙ୍ଗର ଚକ୍ଷୁଶୂଳ ହୋଇଛନ୍ତି।

ଏଥିନିମିତ୍ତ ଖାରବେଳ ବିଦ୍ୟାଧର ରାଜ୍ୟ (ବିଦ୍ୟାଧରାଧିବାସମ୍) ଗୁଡିକରୁ ଅନେକ ଯୋଦ୍ଧା, ଧନୁକ ଏବଂ ସେମାନଙ୍କର ଚିରାଚରିତ ଅସ୍ତ୍ରଶସ୍ତ୍ର ସଂଗ୍ରହ କରିଛନ୍ତି। ରଥିକ ଓ ଭୋଜିକ ରାଜ୍ୟ ଆକ୍ରମଣ ରଣକୁଶଳୀ ମହାମେଘବାହନ ଖାରବେଳଙ୍କର ସାତବାହନ ରାଜ୍ୟକୁ ନଜରରେ ରଖି କରାଯାଇଥିବା କୁହାଯାଇପାରେ। ସାତବାହନ ସମ୍ରାଜ୍ୟର ଦୁଇ କରଦ ରାଜ୍ୟକୁ ଆକ୍ରମଣ ଏବଂ ସାତବାହନ ସମ୍ରାଟ ସାତକର୍ଣ୍ଣୀଙ୍କର ଶଶୁର ରଥିକ ରାଜ୍ୟ ନୃପତିଙ୍କ ବିରୁଦ୍ଧରେ ସୈନ୍ୟଚାଳନା କଅଣ ସାତବାହନ ସାମ୍ରାଜ୍ୟର ଅଗୋଚରରେ ସମ୍ଭବ ହୋଇପାରେ ?

ଏଇଟା କୂଟନୈତିକ ଭାବରେ ସାତବାହନ ବିରୁଦ୍ଧରେ ଯୁଦ୍ଧ ଆହ୍ୱାନ।

ସିଂହାସନ ଆରୋହଣର ଚତୁର୍ଥ ବର୍ଷରେ କଳିଙ୍ଗାଧିପତି ଖାରବେଳ ରଥିକ, ଭୋଜକ ବନାମ ସାତବାହନ ରାଜ୍ୟ ରାଜଧାନୀ ପାଇଥାନ (ପ୍ରତିଷ୍ଠାନ) ଆକ୍ରମଣର ସମସ୍ତ ଆୟୋଜନ କରିଥିଲେ। ଏହି ବିଶାଳ ଯୁଦ୍ଧରେ ସେନାପତି ଭାବରେ ଚତୁରଙ୍ଗ ସେନାଙ୍କର ଅଗ୍ରଭାଗରେ ଯୁଦ୍ଧ ପରିଚାଳନା ସ୍ୱୟଂ ଖାରବେଳ ହିଁ ସମ୍ପାଦନ କରିବେ। ପ୍ରବୃତ୍ତିଗତ ଭାବରେ ଖାରବେଳ ଜଣେ କୁଶଳୀ ଯୋଦ୍ଧା ଏବଂ ସେ ଏହି ଅଠେଇଶ ବର୍ଷ ବୟସରେ କଳିଙ୍ଗ ସେନାବାହିନୀର ଆମୂଳଚୂଳ ପରିବର୍ତ୍ତନ କରି ଚତୁରଙ୍ଗ ବାହିନୀର ରୂପ ପରିବର୍ତ୍ତନ କରିଛନ୍ତି। କଳିଙ୍ଗର ଅପରାଜିତ ଶକ୍ତି ତାହାର ଯୁବ କୃଷ୍ଣକାୟ ହସ୍ତୀ ସହିତ ସନ୍ନିବେଶିତ। ଏହି ଗଜଶକ୍ତି ଯାହାର ଆପତତଃ ଯୁଦ୍ଧକ୍ଷେତ୍ରରେ ରଣଦୁନ୍ଦୁଭି ତାଳରେ କରିବାର ଆୟୁସ ପଚାଶ ବର୍ଷରୁ ଷାଠିଏ ବର୍ଷ। ଖାରବେଳଙ୍କ ଜେଜେବାପା ଅମଳରୁ କଳିଙ୍ଗ ନିଜର ଗଜସେନା ଅପର୍ଯ୍ୟପ୍ତ ପରିମାଣରେ ବୃଦ୍ଧି କରିଦେଇଥିଲେ, ଯାହା ବଳରେ ଖାରବେଳଙ୍କ ସମୟ ବେଳକୁ କଳିଙ୍ଗ ଗୋଟିଏ ଶକ୍ତ ଗଜବାହିନୀ ପ୍ରାପ୍ତ କରିପାରିଥିଲା। ତରୁଣ ଯୁବହସ୍ତୀ ଆଜି ଶକ୍ତ କଳିଙ୍ଗ ଗଜବାହିନୀ ଗଠନ କରି ସମଗ୍ର ଭାରତବର୍ଷରେ କଳିଙ୍ଗର ଶକ୍ତିସଞ୍ଚାର ବିଷୟ ହୃଦ୍‌କମ୍ପନ ସୃଷ୍ଟି କରିପାରିଛି।

କଳିଙ୍ଗରୁ ପଶ୍ଚିମ ଦିଗକୁ ରଥିକ ଏବଂ ଭୋଜକ ରାଜ୍ୟଦ୍ୱୟକୁ ଆକ୍ରମଣ ନିମିତ୍ତ ସୈନ୍ୟ ଚାଳନ ଆରମ୍ଭ ହୋଇଗଲା। ଖାରବେଳଙ୍କ ନିଧାର୍ଯ୍ୟ ପରିକଳ୍ପନା। କଳିଙ୍ଗ ପଶ୍ଚିମ ସୀମାରେ ପହଞ୍ଚିବା ପୂର୍ବରୁ ବିଦ୍ୟାଧର ରାଜ୍ୟରୁ ବରାଦ ମୁତାବକ ଯୁଦ୍ଧକ୍ଷେତ୍ରରେ ଧନୁଶର ବ୍ୟବହାର କରୁଥିବା ନିଶାଦ-ଧନୁକ ଏକତ୍ରିତ ହୋଇଥିଲେ। ସେମାନଙ୍କ ସହିତ ଅନେକ ପଦାତିକ ସୈନ୍ୟ ବି କଳିଙ୍ଗସେନାରେ ଯୋଗଦାନ କରିଥିଲେ। କଳିଙ୍ଗସେନା ଏବେ ବିଦ୍ୟାଧର ରାଜ୍ୟ ପଶ୍ଚିମକୁ ଗତି କରି ଉଜ୍ଜୟିନୀ ଦେଇ ଦକ୍ଷିଣକୁ ଯାଇଥିବା ଦକ୍ଷିଣପଥରେ ଭୋଜକ ଏବଂ ରଥିକ ରାଜ୍ୟ ଦ୍ୱୟର ପୂର୍ବ ଭାଗରେ ବିନ୍ଧ୍ୟପର୍ବତ ପାଖରେ ପହଞ୍ଚିଗଲେ। ଏହି ଦୂରତା ଆନୁମାନିକ ପାଞ୍ଚଶତ କୋଶ।

ଏହି ସମୟରେ ଗୁପ୍ତଚର ଗୋଟିଏ ଅତି ଗୁରୁତ୍ୱପୂର୍ଣ୍ଣ ବାର୍ତ୍ତା ଆଣି ପହଞ୍ଚାଇଲା। ଏଇଟି ପାଇଥାନ ଓ ସାତବାହନ ସାମ୍ରାଜ୍ୟ ବିଷୟରେ। ସାତବାହନ ସମ୍ରାଟ ସାତକର୍ଣ୍ଣୀ ଦଶବର୍ଷ ରାଜ୍ୟଶାସନ କଲେଣି, କିନ୍ତୁ ଏବେ ବିପଦର ସମ୍ମୁଖୀନ। ସେ ଗୁରୁତର ଅବସ୍ଥାରେ ଶଯ୍ୟାଶାୟୀ। ଦୀର୍ଘଦିନ ଚିକିତ୍ସାରେ କୌଣସି ଫଳ ମିଳିଲାନି। ସାତବାହନ ସାମ୍ରାଜ୍ୟ ନିରାଶ ହେବାକୁ ବସିଲାଣି। ରାଜପୁତ୍ର ବେଦଶ୍ରୀ ଏବଂ ଶକ୍ତିଶ୍ରୀ ଶିଶୁ ଅବସ୍ଥାରେ ଅଛନ୍ତି। ରାଜକାର୍ଯ୍ୟ ରାଣୀ ନୟନିକା ଯାହା ସମ୍ପାଦନ କରୁଛନ୍ତି। ତାଙ୍କ ପିତା ମହାରଥି ତ୍ରାଣକୈର କାଳାଳୟ ଏବେ ସାତବାହନ ସାମ୍ରାଜ୍ୟର ପରାମର୍ଶଦାତା। କଳିଙ୍ଗ ରାଜ୍ୟ ଉପରେ ତାଙ୍କର ନଜର ରହିଛି। କଳିଙ୍ଗ ବିଜୟ ପାଇଁ ନିଜର ସାମରିକ ଶକ୍ତି ବୃଦ୍ଧି କରିବାରେ ଲାଗିଛନ୍ତି। ବାରମ୍ବାର ମଗଧ କବଳରୁ କଳିଙ୍ଗ ଯାହା ମୁକୁଳି ଆସୁଛି, ତାକୁ ସାତବାହନ ସାମ୍ରାଜ୍ୟରେ ମିଶାଇଦେଲେ, ଭାରତବର୍ଷର ଦକ୍ଷିଣ ଦିଗରେ ଗୋଟିଏ ବିଶାଳ ସାମ୍ରାଜ୍ୟ ଦୃଷ୍ଟିଗୋଚର ହେବ। ପୂର୍ବଦିଗରେ କଳିଙ୍ଗ ସାଗର ଏବଂ ପଶ୍ଚିମରେ ରତ୍ନାକର, ଆରବ ସାଗର ହିଁ ରହିବ ସ୍ୱପ୍ନର ସାତବାହନ ସମ୍ରାଜ୍ୟର।

ଖାରବେଳ ସାତବାହନ ବଂଶ ପରିଚୟ ଜାଣନ୍ତି। ସେମାନେ ନିଜକୁ ସୂର୍ଯ୍ୟପୁତ୍ର ବୋଲି ମନେକରନ୍ତି। ନିଜ ଜୀବନର ସୂର୍ଯ୍ୟରଶ୍ମୀର ସାତୋଟି ଧାର ବୋଲି ଗର୍ବିତ ହୁଅନ୍ତି। ବେଶି ଦିନର ରାଜବଂଶ ନୁହେଁ, ମାତ୍ର ତିନି ପୁରୁଷର। ଏହାର ପ୍ରତିଷ୍ଠାତା ଶ୍ରୀମୁଖ, ତା ପରେ ସାନଭାଇ କାହ୍ନା ପରେ ଶ୍ରୀମୁଖନନ୍ଦନ ସାତକର୍ଣ୍ଣୀ ରାଜଗାଦିରେ ବସିଛନ୍ତି। କୌଣସି ନା କୌଣସି ସଂପର୍କରେ ସାତବାହନ ମଗଧ ସେନାପତି ପୁଷ୍ୟାମିତ୍ର ସୁଙ୍ଗ ସହିତ ସମ୍ପୃକ୍ତ। ସେହି ସେନାପତି ମୌର୍ଯ୍ୟବଂଶ ଶେଷ ସମ୍ରାଟ ବୃହଦ୍ରଥଙ୍କୁ ଆତତାୟୀ ଭାବରେ ହତ୍ୟାକରି ମଗଧ ଶାସନ ଅକ୍ତିଆର କରିଥିଲେ।

ଯାହାହେଉ, ସାତକର୍ଣ୍ଣୀ କିଛି ମାସ ମଧ୍ୟରେ ଇହଧାମ ଛାଡି ପରପାରିରେ। ରଥିକ ନୃପତି ତ୍ରାଣକୈର ହିଁ ଭୋଜିକରାଜଙ୍କୁ ପ୍ରବର୍ତ୍ତାଇ କଳିଙ୍ଗ ଆକ୍ରମଣର ମସୁଧା କରୁଛନ୍ତି। ଖାରବେଳ ଦୁଇବର୍ଷ ପୂର୍ବେ ଅସିକନଗର ଧ୍ୱଂସ ହେବା ସମୟରୁ ସାତବାହନ ସାମ୍ରାଜ୍ୟର ଦୁର୍ବଳତା ଜାଣିଛନ୍ତି। ଏବେ ସାତକର୍ଣ୍ଣୀଙ୍କର ନିଧନ ଏବଂ ରାଣୀଙ୍କର ତତ୍ତ୍ୱାବଧାରକ ଶାସନକାଳରେ ସାତବାହନ ରାଜ୍ୟ ଆକ୍ରମଣ ବିବେକସମ୍ମତ ବୋଲି ଖାରବେଳ ଅନୁଭବ କରିଛନ୍ତି। ବିପଦରେ ପଡିଥିବା ସମୟରେ ଏହି ରାଜ୍ୟବିରୁଦ୍ଧରେ ଯୁଦ୍ଧ ଘୋଷଣା କରି ଏବଂ ତାକୁ ଅଧିକାର କରି ନିଜର ମାନବିକତାର ପରିଚୟ ସୃଷ୍ଟି କରିବାକୁ ଚାହୁ ନଥିଲେ। ସେଥିପାଇଁ ତାଙ୍କର ଲକ୍ଷ୍ୟ ରହିଥିଲା ରଥିକ ଏବଂ ଭୋଜିକ ରାଜ୍ୟ।

ବିଶାଳ କଳିଙ୍ଗ ଚତୁରଙ୍ଗବାହିନୀ ବିନ୍ଧ୍ୟାଞ୍ଚଳ ପାଖରେ ଆଉ ଗୋଟିଏ ଜୀବନ୍ତ ପର୍ବତ ଛିଡା

କରିଦେଲାଣି କଳିଙ୍ଗ, ସେନା ଛାଉଣୀ ଆଉ ହାତୀ ଘୋଡା ବିଶାଳ ଆକାର ଧାରଣ କରିଛନ୍ତି। ଏହା ଭୋଜିକ ଓ ରଥିକ ଦୁଇ ସାତବାହନ କରଦ ରାଜ୍ୟ ଦୁଇଟି ସହିତ ମୂଳ ସାତବାହନ ରାଜଧାନୀ ପ୍ରତିଷ୍ଠାନରେ ଆତଙ୍କ ଖେଳାଇଦେଇଛି। ଏହା କଳିଙ୍ଗାଧିପତିଙ୍କ ସୈନ୍ୟ ଚାଳନା ଏବଂ ଭୟାବହ ଯୁଦ୍ଧର ଆଶଙ୍କା ସୃଷ୍ଟି କଲାଣି। ଦୂତ ପାଖରୁ କିଛି ଖବର ପାଇ ଦୁଇ ହଜାର ଗଜବଳ ଦେଖି ପ୍ରମାଦ ଗଣିଲେଣି ସାତବାହନ ସମ୍ରାଜ୍ୟ ଏବଂ ତାର ଦୁଇ ଅଧସ୍ଥନ ରାଜ୍ୟ।

ମହାରଥି ତ୍ରାଣକୈର କାଳାଳୟଙ୍କ କଥା କହିଲେ ନସରେ। ଏ ଯୁଦ୍ଧଟି ଯେ ସେ ନିଜେ ଅର୍ଜନ କରିଛନ୍ତି, ତାହା ବୁଝିବାକୁ ତାଙ୍କୁ କିଛି ସମୟ ଲାଗିଲାନାହିଁ। ଏହି ଯୁଦ୍ଧର ପରିଣାମ କେବଳ ସିଏ ନୁହେଁ, ତାଙ୍କର ବିଧବା କନ୍ୟା ସୁନୟନା ଏବଂ ଦୁଇ ନାତି ହିଁ ଭୋଗ କରିବେ। ଯୁଦ୍ଧ ହେଲେ ସାତବାହନ ଦଖଲ କରି କଳିଙ୍ଗର ସୀମା ପୂର୍ବଦିଗ କଳିଙ୍ଗ ସାଗର ଠାରୁ ପଶ୍ଚିମ ରତ୍ନାକର ବା ଆରବ ସାଗର ପର୍ଯ୍ୟନ୍ତ ବ୍ୟାପୀ ରହିବ।

ଅଳ୍ପଦିନରେ ଭୋଜିକ, ରଥିକ ଏବଂ ଏମିତିକି ସାତବାହନ ବ୍ୟତିବ୍ୟସ୍ତ ହୋଇପଡ଼ିଲେ। ସେମାନେ କଳିଙ୍ଗର ସୈନ୍ୟସାମନ୍ତ ଏବଂ ଗଜଶକ୍ତି ଦେଖି ପରାଭୂତ ହେବା ନିଶ୍ଚିତ ମନେକଲେ। ବରଂ ସେମାନଙ୍କର ଆତ୍ମସମର୍ପଣ କରିବାର ନିଷ୍ପତ୍ତି କଳିଙ୍ଗର ସାମରିକ କାର୍ଯ୍ୟାନୁଷ୍ଠାନର ଦିଗ ବଦଳାଇଦେଲା। ଏହି ଅଭିଯାନ ଯେଏତେ ସହଜରେ ସମାହିତ ହେବ, କେହି ବିଶ୍ୱାସ କରି ନଥିଲେ।

ରଥିକ ଏବଂ ଭୋଜିକ ନୃପତି ଦ୍ୱୟ କଳିଙ୍ଗାଧିପତିଙ୍କ ପାଖରେ ନିଜକୁ ସମର୍ପଣ କଲେ। ମହାରଥି ତ୍ରାଣକୈର କଳିଙ୍ଗ ସମ୍ରାଟଙ୍କ ସାମନାକୁ ଆସି ବିଧି ଅନୁସାରେ ନିଜର ମଥାରୁ ମୁକୁଟ ପରିହାର କରି ନିଜର ରାଜଦଣ୍ଡ ଏବଂ ରାଜକୀୟ ଛତ୍ରୀ ତ୍ୟାଗ କରି ନିଜର ଭୁଲ ପାଇଁ କ୍ଷମାପ୍ରାର୍ଥନା କଲେ। ନିଜ ରାଜକୋଷର ସମସ୍ତ ସମ୍ପତ୍ତି ସହିତ ମୂଲ୍ୟବାନ ପଦାର୍ଥ ଅର୍ପଣ କଲେ।

ଅବିଳମ୍ବେ ଭୋଜିକରାଜ ନିଜର ରାଜମୁକୁଟ ଏବଂ ଛତ୍ରୀ ଆଦି ରାଜସନ୍ତକ ତ୍ୟାଗକରି କଳିଙ୍ଗାଧିପତିଙ୍କର ଶରଣାପନ୍ନ ହେଲେ। ନତମସ୍ତକ ହୋଇ ବିଜିତ କଳିଙ୍ଗକୁ ସମ୍ପୂର୍ଣ୍ଣ ଭାବରେ ନିଜ ରାଜ୍ୟ ସମର୍ପଣ କରିଦେଲେ।

ଶୁଭ୍ରବସ୍ତ୍ର ଆଚ୍ଛାଦିତା ସୁନୟନା କଳିଙ୍ଗାଧିପତିଙ୍କ ଶରଣାପନ୍ନ ହେଲେ ଏବଂ ସାତବାହନ ସମ୍ରାଜ୍ୟର କଳିଙ୍ଗ ପ୍ରତି ଆନୁଗତ୍ୟ ପ୍ରକାଶକଲେ। ନିଜେ ଆଗଭର ହୋଇ ସାତବାହାନ ସାମରିକ ସମ୍ପଦରୁ ବିଜେତା ଖାରବେଳଙ୍କୁ ଅନେକ ମୂଲ୍ୟବାନ ଯୁଦ୍ଧ ଅଶ୍ୱ ଏବଂ ରଥ ପ୍ରଦାନ କରିଥିଲେ।

ଅବଶ୍ୟ ଖାରବେଳଙ୍କର ସାତବାହନ ସାମ୍ରାଜ୍ୟ ପ୍ରତି ବହୁତ ସହାନୁଭୂତି ରହିଥିଲା। ସାତକର୍ଣ୍ଣୀଙ୍କ ବିୟୋଗ ପରେ ଶାସନ ଦାୟିତ୍ୱ ରାଣୀଙ୍କ ଉପରେ ନ୍ୟସ୍ତ ଥିବା ସମୟରେ ରାଣୀଙ୍କର ପିତା ଏମିତି ପରିସ୍ଥିତି ସୃଷ୍ଟି କରିଥିଲେ, ରଥିକ ଓ ଭୋଜିକ ସହିତ ସାତବାହନ ରାଜ୍ୟ ବି କଳିଙ୍ଗର ସାମରିକ କାର୍ଯ୍ୟାନୁଷ୍ଠାନର ଅନ୍ତର୍ଭୁକ୍ତ ହେଲା। ଖାରବେଳ ନିଜେ ସାତକର୍ଣ୍ଣୀଙ୍କର ସୁସନ୍ତାନ ଦ୍ୱୟଙ୍କୁ ଶୁଭାଶିଷ ପ୍ରଦାନ କରି ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ।

ରାଣୀ ନୟନିକାଙ୍କର କିଛି ଭାଷା ନଥିଲା। ସେ ସାତବାହନ ସେନାଧ୍ୟକ୍ଷଙ୍କୁ ନିର୍ଦ୍ଦେଶ ଦେଲେ ବିଜୟୀ ସମ୍ରାଟ ଖାରବେଳଙ୍କୁ ସବୁଠାରୁ ଉତ୍ତମ ଏବଂ ଯୁଦ୍ଧୋପଯୋଗୀ ଦକ୍ଷ ଅଶ୍ୱ, ଯୁଦ୍ଧହସ୍ତୀ ଏବଂ ସୁନିର୍ମିତ ଯୁଦ୍ଧରଥ ଉପହାର ସମର୍ପଣ କରିବାକୁ।

ଖାରବେଳଙ୍କ ସେନାପତିତ୍ୱରେ ରଥିକ ଓ ଭୋଜିକ ଆକ୍ରମଣ ସହିତ ସାତବାହନ ଅଧିକାର ବିନା ରକ୍ତପାତରେ ସମ୍ପାଦିତ ହେଲା। ନିଜେ କଳିଙ୍ଗାଧିପତି ଆନନ୍ଦ ବ୍ୟକ୍ତ କଲେ, ଏମିତି କଳିଙ୍ଗ ଗଜସେନା ଯୁଦ୍ଧ ନକଲେ ବି ସେମାନଙ୍କର ଆୟତନ ଏବଂ ଶକ୍ତି ଶତ୍ରୁ ପକ୍ଷକୁ ଆତ୍ମସମର୍ପଣ କରିବାକୁ ବାଧକରେ। ସେ ମନେ ମନେ ନିର୍ଣ୍ଣୟ ନେଲେ, ଭବିଷ୍ୟତରେ ନିଜର ସେନାବଳ ଯଥେଷ୍ଟ ବୃଦ୍ଧି କରିବେ, ସତରେ ଯୁଦ୍ଧ ନହେଉ ପଛେ, ସେନାବାହିନୀର ଆକାର ହିଁ ଶତ୍ରୁକୁ ମୁଣ୍ଡ ନୁଆଁଇବାରେ ସହାୟକ ହେବ।

ବିଜିତ ତିନି ରାଜ୍ୟରେ ନିଜର ପ୍ରଶାସକ ନିଯୁକ୍ତ କରି କଳିଙ୍ଗାଧିପତି ନିଜର ସେନା ସହିତ କଳିଙ୍ଗ ପ୍ରତ୍ୟାବର୍ତ୍ତନ କଲେ। କଳିଙ୍ଗରେ ପହଞ୍ଚିଲା ବେଳକୁ ଦୁଇ ସପ୍ତାହ ବିତିଗଲା। ପୁଣି ପଦାତିକ ଏବଂ ଗଜବାହିନୀ ଆସିବାରେ ଆହୁରି କିଛି କାଳ ଲାଗିଲା। ସମସ୍ତେ ରାଜ୍ୟରେ ପହଞ୍ଚିଲା ପରେ ଏକ ଅଭିନନ୍ଦନ ସଭା ଅନୁଷ୍ଠିତ ହେଲା। ଏହି ସଭାରେ ରଥିକ ଓ ଭୋଜିକ ରାଜ୍ୟ ସହିତ ସାତବାହନ ଦଖଲ କଳିଙ୍ଗର ଏକ ବିଶାଳ ଦିଗ୍‌ବିଜୟ ଭାବରେ ପରିଗଣିତ ହେଲା।

ପଞ୍ଚମ ବର୍ଷରେ କଳିଙ୍ଗର ଜଳସେଚନ କ୍ଷେତ୍ରରେ ବ୍ୟାପକ ସୁଧାର ଆଣିବାକୁ ଅପୂର୍ଣ୍ଣ ଉଦ୍ୟମକୁ ଖାରବେଳ ସମ୍ପୂର୍ଣ୍ଣ କରିଥିଲେ। ତିନିଶହ ବର୍ଷ ପୂର୍ବରୁ ମଗଧରାଜ କଳିଙ୍ଗ ଅଧିକାର କରିବା ପରେ ତନସୂଳୀ ଠାରେ ଜଳପ୍ରକଳ୍ପର ଯେଉଁ ଶୁଭାରମ୍ଭ କରିଥିଲେ, ତାହା ଅସମ୍ପୂର୍ଣ୍ଣ ହୋଇ ରହିଯାଇଥିଲା। ଏହି ତ୍ରୀଶୂଳିଆ ପ୍ରାଚୀନଦୀର ମୁହଁ ବାଲିଦ୍ୱାରା ପୋତି ହୋଇ ସେ ନଦୀଟି ଉପରମୁଣ୍ଡରୁ ଜଳ ନପାଇ ତାର ଅବବାହିକାରେ ଉତ୍କଟ ଜଳାଭାବ ସୃଷ୍ଟି କରିଥିଲା। ଶତ ଶତ ବର୍ଷର ଏହି ଅଭାବ ଖାରବେଳ ଅନୁଭବ କରି ତାର ପ୍ରତିକାର କରିଥିଲେ।

ମଗଧରାଜ କଳିଙ୍ଗ ଅଧିକାର କରିବା ପରେ ଯଦି କୌଣସି କଲ୍ୟାଣକର କାର୍ଯ୍ୟ ଆବଶ୍ୟକତା ଥିଲା, ତାହା ଥିଲା ପୁଣ୍ୟତୋୟା ପ୍ରାଚୀ ନଦୀର ଉଦ୍ଧାର। ନଦୀଟି କେବଳ କୃଷି ଓ ଜଳସେଚନ ପାଇଁ ସହାୟକ ନଥିଲା, ବରଂ ଏହି ନଦୀର ନୌଗତାୟତ କଳିଙ୍ଗର ରାଜଧାନୀ କଳିଙ୍ଗନଗରୀକୁ ଦେଶ ବିଦେଶ ସହିତ ସମ୍ପୃକ୍ତ କରି ରଖିଥିଲା। ଏହା ଜଳାଧାର ଶୁଷ୍କ ହେବାରୁ ରାଜ୍ୟରେ ଚିନ୍ତାର କାରଣ ହୋଇଥିଲା।

ନନ୍ଦରାଜ ଲୋକ ଦେଖାଣିଆ ତନଶୂଳୀ ବା ତ୍ରିଶୁଳିଆ ଠାରେ ଖନନ କାର୍ଯର ଶୁଭାରମ୍ଭ କରିଥିଲେ ବି ତିନିଶହ ବର୍ଷ ପର୍ଯ୍ୟନ୍ତ ଏ କାର୍ଯ୍ୟ ସମାହିତ ହୋଇ ପାରି ନଥିଲା। ଏହି କାର୍ଯ୍ୟକୁ ଖାରବେଳ ସମ୍ପୂର୍ଣ୍ଣ କରିଥିଲେ।

*ସମାରୋହ, ୧୨୮, ଢୁମୁଢୁମା (କ),*
*ଖଣ୍ଡଗିରି, ଭୁବନେଶ୍ୱର-୩୦*
*ଦୂରଭାଷ: ୯୪୩୮୦୦୭୫୦୯*

*କ୍ରମଶଃ...*

ସମାରୋହ

ରମ୍ୟରଚନା

# ଧେତ୍ ଟେନସନ୍ କେମିତି ନ ଆସିବ ଯେ !

## ରାଧାଶ୍ୟାମ ରାଉଳ

ସୁଧୀ ପାଠକେ, ଯାଆ ଆମ ନିଜ ଅକ୍ତିଆର ବା ନିୟନ୍ତ୍ରଣ ଭିତରେ ନାହିଁ, ତାକୁ ମୁଣ୍ଡପାତି ବରଦାସ୍ତ କରିବାକୁ ହେବ। ଏମିତି ବି ହୁଏ, ବେଳେବେଳେ ପରିସ୍ଥିତି ଚାପରେ ନିଜ ଇଚ୍ଛା ବିରୁଦ୍ଧରେ ଯାଇ କୌଣସି ନା କୌଣସି ଅପ୍ରସଙ୍ଗ ଓ ଅବ୍ୟବସ୍ଥା ସହିତ ସାଲିସ କରିବାକୁ ବସ୍ତୁତଃ ଆମେ ବାଧ୍ୟ ହେଉ।

ସମସ୍ୟାକୁ ସାମ୍ନା କରିବା, ଆହ୍ୱାନକୁ ମୁକାବିଲା କରିବା କ୍ଷେତ୍ରରେ କିମ୍ବା ପରିସ୍ଥିତି ବିଶ୍ଳେଷଣ କରିବା ସମୟରେ ହୁଏତ କହିହୁଏ ନାହିଁ ଯାହା କହିବା କଥା, କରିହୁଏ ନାହିଁ ଯାହା କରିବା କଥା। ଯାହାଫଳରେ ଆମ ସରଳତାରୁ ଫାଇଦା ଉଠାନ୍ତି ଅନ୍ୟମାନେ। ନୀତି, ଆଦର୍ଶ, ମୂଲ୍ୟବୋଧର କଥା ଅବା ପଚାରେ କିଏ ? ଅନ୍ୟର ଚାଲ୍ ଚକ୍ରାନ୍ତ, ଶଠତା, କପଟତା ଆଗରେ ଆମର ସଙ୍କୋଚତା, ନିଷ୍ପାପରତା, ବିଚାରଶୀଳତା ବଳିପଡ଼େ ଅନେକ ସମୟରେ। କ'ଣ କରିବା ? ସଙ୍କଟ ବା ସମସ୍ୟାର ଦୁଇ ଦିଗ; ବିରୋଧ କଲେ ବିପଦ, ବରଦାସ୍ତ କଲେ ବି ବିପଦ ! ଅତଏବ ଅବସ୍ଥା ଚକ୍ରରେ ସଙ୍କଟ ବା ସମସ୍ୟା ଉପୁଜୁଛି ମୋ ସହ, ଆପଣମାନଙ୍କ ସହ, ଆମ ସମସ୍ତଙ୍କ ସହ !

ଆଜ୍ଞା, ଆପଣଙ୍କ ବ୍ୟକ୍ତିତ୍ୱ, କୃତିତ୍ୱ କି ପ୍ରତିଭାର ପରିଚୟ ପାଇ ଗୋଟିଏ ସମୟରେ ଯିଏ ଆପଣଙ୍କୁ ଖୋଜି ଲୋଡ଼ି ସମ୍ମାନ କରିଥିଲେ, ପରବର୍ତ୍ତୀ ସମୟରେ ଆପଣଙ୍କର ବିପଦ ସମୟରେ ସେ ମହାଶୟଙ୍କ ପାଖରୁ କିଛି ସାହାଯ୍ୟ, ସହଯୋଗ, ସହାନୁଭୂତି ପାଇବା ଆଶାରେ ଯଦି ଆପଣ ତାଙ୍କୁ ଖୋଜିବେ କି ଲୋଡ଼ିବସିବେ, ତ ଆପଣଙ୍କୁ ନିଶ୍ଚେ ନିରାଶ ହେବାକୁ ପଡ଼ିବ। କାରଣ, ତାଙ୍କଠାରୁ ସାହାଯ୍ୟ, ସହଯୋଗ ପାଇବା ତ ଦୂରର କଥା, ମୂଳରୁ ପା' ସେ ଆପଣଙ୍କୁ ଜମାରୁ ଧରାଛୁଆଁ ଦେବେ ନାହିଁ !

ପ୍ରିୟ ବନ୍ଧୁଗଣ, ଏବେ କାର ସମୟ ଉଣାଅଧିକେ ପ୍ରାୟ ଆମ ସମସ୍ତଙ୍କୁ ସଙ୍କଟ ଘେର ଭିତରକୁ ନେଇ ଯାଇଛି, ଯେଉଁଠି ସ୍ନେହ, ପ୍ରେମ, ମର୍ଯ୍ୟାଦା, ସମ୍ମାନ,ପରିଚୟ ଆଦି ସବୁକିଛି ତୁଚ୍ଛ, ନଗଣ୍ୟ। ସତେ ଯେମିତି, ଆତ୍ମୀୟ ସ୍ୱଜନ, ପ୍ରିୟ ପରିଜନ ଓ ଅନ୍ୟମାନେ ସଦାବେଳେ ନିଜ ନିଜର ଫାଇଦାରେ ଅଛନ୍ତି !

ବହୁଳ ପ୍ରସାରିତ ଏକ ଓଡ଼ିଆ ସମ୍ବାଦପତ୍ରରେ ମୋ ଲେଖା 'ପ୍ରେମିକା ଯଦି ବସ୍ ହେବେ' ଖୁବ୍ ଚର୍ଚ୍ଚାର ଖୋରାକ ଯୋଗେଇଥିଲା, ସୁଧୀ ପାଠକମାନଙ୍କୁ। ପରିସ୍ଥିତି ସେତେବେଳେ ଏମିତି ରୋଚକ ଓ ପ୍ରୀତିକର ଥିଲା ଯେ ଅଫିସରେ ଯେଉଁ ମାଡାମମାନେ (ସମ ବୟସ୍କା ଓ ସୁନ୍ଦରୀ) ମୋର ବସ୍ ସ୍ଥାନୀୟ ସେମାନେ ନିଜ ନିଜକୁ ମୋ ପ୍ରେମିକା ମନେ କରି ମୋ ଆଡକୁ ତେରଛା ନଜର ଯାନି ବାଙ୍କ ଚାହାଣି ଫିଙ୍ଗୁଥିଲେ। ସମୟ ଚକ୍ରରେ ଏବେ ମୋର ଜଣେ ବନ୍ଧୁ ମୋ ବସ୍ ହେବାରୁ ମୋର ହାଲ ପୂରାପୂରି ବେହାଲ ! ହାଡେ ହାଡେ ଚିହ୍ନି ପାରୁଛି ସେଇ ବନ୍ଧୁଙ୍କୁ ! ଆଉ ମଧ୍ୟ ବେଶ୍ ଭଲଭାବରେ ବୁଝି ପାରୁଛି, କ୍ଷମତା ହାତରେ ଥିଲେ କେମିତି ମଣିଷ ଅମଣିଷ ହୋଇଯାଏ, ହିତାହିତଜ୍ଞାନଶୂନ୍ୟ ହୋଇଯାଏ।

ପରିଣତି ବୟସରେ ସୋସିଆଲ ମିଡିଆରେ ସମ୍ପର୍କ ଯୋଡୁଥିବା ଦୀର୍ଘ ତିରିଶ ବର୍ଷ ତଳର ଜନୈକା ସହପାଠିନୀଙ୍କର ଏବେବି ଘମଣ୍ଡ ଯାଇନାହିଁ। ଏବେ ବି ତାଙ୍କର କଥାବାର୍ତ୍ତା, ଚାଲିଚାଳନ, ଆଚାର ବିଚାରରେ ଅନ୍ୟକୁ ଦେଖେଇ ହେବାର ପ୍ରକୃତି ବେଶ୍ ତାଜା ଓ ତଟକା ରହିଛି ! ଏବେବି ସେ ନିଜକୁ କଲେଜ କୁଇନ୍ କି ୟୁନିଭରସିଟି କୁଇନ୍ ଭାବୁଛନ୍ତି ! ତାଙ୍କ ସହ ଚାଟିଙ୍ଗରୁ ଯାହା ଜଣାପଡେ, ଏବେବି ତାଙ୍କର ଅଧିକ ପସନ୍ଦ, ସେ ସମୟର ସୁନ୍ଦର ଓ ଡଉଲଡାଉଲ ବ୍ରାଣ୍ଡର ସାଙ୍ଗ ମିଷ୍ଟର ଭାଗିରଥୀ ଓରଫ୍ ଭଗିଆ ! ଆଉ ଆମେ ସବୁ ଯେମିତି ଥିଲୁ, ଏବେ ବି ସେମିତି ଅଛୁ ତାଙ୍କ (ଅ) ଶୁଭ ଦୃଷ୍ଟିରେ; ମଫୁ, ମାଧିଆ ! କହିଲେ ଦେଖି ଆଜ୍ଞା, ଏଭଳି ସମ୍ପର୍କରେ କୋଉଁ ଫାଇଦା ? କେବଳ ସମୟ ବରବାଦ, ଅଯଥା ଟେନ୍‌ସନ୍ ! ଏଭଳି ମିଛ ସମ୍ପର୍କର କ'ଣ କିଛି ମାନେ ଅଛି ?

ଆଜ୍ଞା, ଭେରି କନ୍‌ଫିଡେଣ୍ଟାଲି ଯାନି ଅତ୍ୟନ୍ତ ଆତ୍ମବିଶ୍ୱାସର ସହ ଆପଣ କହିଦେବେ ସିନା ମୋର ପୂରା ନିୟନ୍ତ୍ରଣ ରହିଛି ଯା ଉପରେ, ତା' ଉପରେ। ଜଗିରଖି ଚଳିବା ମୋର ନୀତି। ହେଲେ ଆପଣଙ୍କର ଆତ୍ମବିଶ୍ୱାସ କେତେ ଦମ୍‌ଦାର, କେତେ ଓଜନଦାର, ତାହା ଆପଣଙ୍କୁ ବେଶ୍ ଭଲ ଭାବରେ ଜଣା। ହାତେ ମାପି ଚା'ଖଣ୍ଡେ ଚାଲୁଛନ୍ତି କି ନାହିଁ, ସେକଥା ବି ଆପଣଙ୍କୁ ଜଣା ! ଅନ୍ୟ ପାଖରେ ନିଜ ସପକ୍ଷରେ ଯୁକ୍ତି ବାଢ଼ିବାକୁ ହୁଏତ ଭଲ ଲାଗୁଥାଇପାରେ ! ହେଲେ ବନ୍ଧୁ, ଜାଣିରଖନ୍ତୁ ଆତ୍ମବିଶ୍ୱାସ ବି ଧୋକା ଦିଏ ଅନେକ ସମୟରେ, ଅନେକ କ୍ଷେତ୍ରରେ। ପ୍ରସଙ୍ଗକ୍ରମେ, ଚର୍ଚ୍ଚା କିମ୍ବା ଆଲୋଚନା ସମୟରେ ଆପଣ ହୁଏତ କହିପାରନ୍ତି, ମୋ ପତ୍ନୀ, ମୋ ପୁଅ, ଝିଅ ସର୍ବୋପରି ମୋ ପରିବାର ଉପରେ ମୋର ଫୁଲ କଣ୍ଟ୍ରୋଲ ଯାନି ସମ୍ପୂର୍ଣ୍ଣ ନିୟନ୍ତ୍ରଣ ଅଛି। ମୋ କର୍ତ୍ତବ୍ୟ, ମୋ ଦାୟିତ୍ୱବୋଧ ବାବଦରେ ମୁଁ ବିଶେଷତଃ ସଚେତନ। ଜୀବନ ଯାତ୍ରାର ପ୍ରତି ପଦକ୍ଷେପରେ ମୁଁ ସତର୍କ, ସଜାଗ ! ହେଲେ ଆଜ୍ଞା, ନିଷ୍ଠୁର ବାସ୍ତବତା ଏଇୟା ଯେ, ଠିକଣାବେଳରେ ନିୟନ୍ତ୍ରଣ ନଥିବ, ସ୍ତ୍ରୀ, ପୁଅ, ଝିଅ, ପରିବାର ଉପରେ। କାହାର କେତେବେଳେ କେଉଁ ଆଡକୁ ଗତି କହିବା କି କଳିବା ମୁସ୍କିଲ ! ସମସ୍ତେ ଚାହିଁବେ ଯେ'ଝାର ସ୍ୱାଧୀନତା, ଅବାଧ ଅଧିକାର !

ଅଫିସ୍‌ରେ ଆପଣ ଆପଣଙ୍କର କର୍ତ୍ତବ୍ୟ ଅତ୍ୟନ୍ତ ସୁରୁଖୁରୁରେ ସମ୍ପାଦନ କରୁଥିବେ; ହେଲେ ଠିକଣା ବେଳରେ ଆପଣ ତିନି ତୁଣ୍ଡରେ ଛେଳି କୁକୁର ଯାନି ଅନ୍ୟମାନେ ଆପଣଙ୍କ କାମର ଗୁରୁତ୍ୱ ଓ ମହତ୍ତ୍ୱ ବୁଝି ନପାରି ଆପଣଙ୍କୁ ନିନ୍ଦା ସମାଲୋଚନା, ଅପଦସ୍ତ କରି କ'ଣ ନା କ'ଣ କରି ପକେଇବେ ! 'ହାତେ ମାପି ଚାଖଣ୍ଡେ ଚାଲିବା' କଥା କହୁଛନ୍ତିତ ଆପଣ ? ହେଲେ ସେ ହିସାବ ପରା କାମ କରୁନାହିଁ, ସବୁଠି, ସବୁବେଳେ ! ଚାଲୁ ଚାଲୁ ହୁଏତ ପାଦ ଖସି ଯାଇପାରେ କିମ୍ବା ଝୁଣ୍ଟିପଡ଼ି ପାରନ୍ତି ଆପଣ ! ଚାଲିବା ଛାଡି ଗାଡ଼ି, ମଟର ଚଳେଇ ଯଦି ଯାଉଛନ୍ତି, ଯେତେ ହିସାବରେ ଥାଆନ୍ତୁ, ନା ଆପଣ, ଯଦି ଦୁର୍ଘଟଣା ଯୋଗଥିବ, ତାହା ଅବଶ୍ୟ ଘଟିବ, କେହି ରୋକି ପାରିବେ ନାହିଁ।


କର୍ମ ଜଂଜାଳରୁ ବାହାରି ଆସି ସାହିତ୍ୟ, ସଂସ୍କୃତି, କଳା କି ଆଉ କିଛି କ୍ଷେତ୍ରରେ ଆପଣଙ୍କର ହୁଏତ ରୁଚି କିମ୍ବା ଆଗ୍ରହ ରହିଥିବ ! ଭାବୁଥିବେ, ଏସବୁ କ୍ଷେତ୍ର ନିହାତି ଭାବରେ ସ୍ୱଚ୍ଛ, ନିର୍ମଳ, ନିର୍ବିବାଦୀୟ ହୋଇଥିବ ! ହେଲେ ଆଜ୍ଞା, ସତୀର୍ଥ, ସମଧର୍ମା କି ସମଗୋତ୍ରୀୟ ଭାବରେ ଯେଉଁମାନଙ୍କ ଉପରେ ଆପଣ ବିଶ୍ୱାସ ରଖିଥିବେ ଠିକଣା ବେଳରେ ସେମାନେ ପା' ଆପଣଙ୍କ ବିଶ୍ୱାସରେ ଫୁଲ୍ ବିଷ ମିଶେଇଦେବେ ! ତୋଷାମଦିଆ ବାହାରିବେ ଅନେକ। ଅଯଥା ପ୍ରଶଂସାରେ ପୋତି ପକେଇବେ, ଆପଣଙ୍କୁ, 'ଆଜ୍ଞା, ଆପଣଙ୍କ ପ୍ରତିଭା ଅସାଧାରଣ, କୃତିତ୍ୱ ଅନନ୍ୟ ! ଆପଣ ବିଜ୍ଞ, ପ୍ରାଜ୍ଞ, ଲବ୍ଧପ୍ରତିଷ୍ଠ, ସ୍ୱନାମଧନ୍ୟ !' ହେଲେ ଅସଲ ସମୟରେ ଆପଣଙ୍କୁ ଏମାନେ ଏମିତି ପଲଟେଇ ଦେବେ ଯେ, ଅଗତ୍ୟା ଆପଣ ଅଖା ଧୋଉଥିବେ ଗୁଣ ଗାଉଥିବେ !

ଏମିତି ଏମିତି ଅନେକ କଥା, ଅନେକ କ୍ଷେତ୍ର, ଅନେକ ଉଦାହରଣ। ଏବେ ସମାଜର ଚିତ୍ର ବଦଳି ଯାଇଛି, ବନ୍ଧୁଗଣ ! ଡବଲଷ୍ଟାଣ୍ଡାର୍ଡ ଚରିତ୍ରମାନଙ୍କର ପ୍ରଭାବ ବହୁତ ।ଆପଣ ସତ୍‌ମାର୍ଗରେ ଥିଲେ କ'ଣ ହେବ, ସୁଖ, ଶାନ୍ତି, ଆନନ୍ଦରେ କ'ଣ ତିଷ୍ଠି ରହିପାରିବେ ? ଆପଣଙ୍କ ଇଚ୍ଛା ବିରୁଦ୍ଧରେ କାର୍ଯ୍ୟମାନ ହେଉଥିବ, ଅଥଚ ଆପଣ କିଛି କରିପାରୁନଥିବେ ! ଏକବାରେ କିଂ କର୍ତ୍ତବ୍ୟ ବିମୂଢ଼ !

ଅତଏବ ଏଇ ସବୁ କାରଣରୁ, ଆପଣଙ୍କ ମୁଣ୍ଡକୁ ଟେନ୍‌ସନ୍ କେମିତି ନ ଆସିବ ଯେ ? ଟେନ୍‌ସନ୍‌ର ଅର୍ଥ ମାନସିକ ଉତ୍ତେଜନା। ଯେତେ ଚେଷ୍ଟା କଲେ ବି ଆପଣ ଟେନ୍‌ସନ୍ କବଳରୁ ନିଜକୁ ମୁକୁଳେଇ ପାରିବେ ନାହିଁ। ଅତି ଅପ୍ରତ୍ୟାଶିତ ଭାବରେ ଏମିତି ପରିସ୍ଥିତ ସୃଷ୍ଟି ହୋଇଯିବ ଯେ ଛାଆଁକୁ ଛାଆଁ ଆପଣ ଟେନ୍‌ସନ୍ ଭିତରକୁ ପାଣି ହୋଇଯିବେ ! ବିରକ୍ତିରେ ଛାଆଁକୁ ଛାଆଁ ମଧ୍ୟ ଆପଣ ଉଚ୍ଚାରି ବସିବେ, 'ଧେତ୍, ଟେନ୍‌ସନ୍ କେମିତି ନ ଆସିବ ଯେ !

କ'ଣ ଆଜ୍ଞା ମୁଁ କିଛି ଭୁଲ କହିଲି କି ?

*ଡୁପ୍ଲେକ୍ସ: ୧୦ (ବି)*
*ବୀମା ବିହାର, ମର୍କତ ନଗର*
*ସେକ୍ଟର: ୬, କଟକ*
*ଦୂରଭାଷ: ୯୪୩୭୦୯୦୯୮୫*



ସମାରୋହ

# ଅବୁଝା ରାଜାକୁ ସାକ୍ଷୀ ଚାଟୁକାର ମନ୍ତ୍ରୀ

## ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀ

ମଣ୍ଡିରେ ରଇତ କାନ୍ଦେ, ରାଜପଥେ କାନ୍ଦୁଥାଏ ଧର୍ଷିତା ଯୌବନ। ଘରେ ଘରେ ହାହାକାର, ବିଷ ପରି ଲାଗେ ଯହିଁ ବାର୍ଦ୍ଧକ୍ୟର ଆହତ ଜୀବନ। ନୀତିନିଷ୍ଠ ମଣିଷର ସ୍ଥାନ ନାହିଁ ଏଠି, ସ୍ଥାନ ନାହିଁ ଜ୍ଞାନ ଗାରିମାର। ଅବେଳରେ ମରିଯାଏ ଆଶା, ଚଉଦିଗେ ଘୋଟିଯାଏ ଘନ ଅନ୍ଧକାର। ଶିକ୍ଷାଦୀକ୍ଷା ମୂଲ୍ୟହୀନ, ମୂଲ୍ୟହୀନ ଯୁବ ଉଦ୍ଦିପନା। ସମୟର ଚକ୍ରବ୍ୟୁହେ ପଡ଼ି ଉଦ୍ଦାମ ଯୁବକ ଆଜି ହୁଏ ବାଟବଣା। ଦିବସର ଆଲୁଅରେ ସୁରକ୍ଷୀତା ନୁହେଁ ନାରୀ, ଅହରହ ବଢ଼ିଚାଲେ ମରମ ବେଦନା। ତାହାପରେ ବସେ କେତେ କମିଶନ, ତଥାପି... ତଥାପି ଯାତନା କି ନିର୍ଯ୍ୟାତନା ହୁଏନା କଳନା। ଆଜି ଖାଲି ଘରେ ଦ୍ୱାରେ, ଗଗନେ ପବନେ; କାୟା ବିସ୍ତାରି ଚାଲିଛି ମିଥ୍ୟା ପ୍ରତିଶୃତି ଆଉ ମଧୁର ଛଳନା। ଏଇ ସେଇ ପ୍ରିୟ ଦେଶ ମୋର। ଦୟା, କ୍ଷମା, ଶାନ୍ତି, ମୈତ୍ରୀ ଆଭୂଷଣ ଯା'ର। ଏ ତ ସେଇ ଶାନ୍ତିପ୍ରିୟ ଦେଶ, ରାଜନୀତି ପଶାପାଲି ଖେଳେ ଆଜି ହେଉଥାଏ ନିତି ଯହିଁ ଲୁଣ୍ଠିତ ଶୈଶବ। ଅଥଚ... ସବୁଠି ରାଜୁତି କରେ ଜାନ୍ତବ କୈତବ। ଧନ୍ୟ ରାଜା, ଧନ୍ୟ ଧନ୍ୟ ଶତଧନ୍ୟ ସୁଶାସନ ତବ।

"ଏଠି ସେଠି ସବୁଠାରେ ନିତିଦିନ ଚାଲେ ସୁଶାସନ", ଏଇ ଉଦ୍‌ଘୋଷଣା ରଖି ଫାଇଲି ଭିତରେ ଅଚିନ୍ତାରେ ଗହମ ନିଦରେ ଶୋଇଯାଏ ପ୍ରଶାସନ। ଆକଣ୍ଠ ରଙ୍ଗିନ ସୁରା ଅବା ଟିକେ ସୁଗନ୍ଧ ବିଜୟା ଟାଣି, ଜଗତି ଉପରେ ବସି ନିଦାବିଷ୍ଟ ପରି, ବଲବଲ ଚାହିଁଥାଏ ଆରକ୍ଷୀ ବାହିନୀ। ଶାସନ ଓ ପ୍ରଶାସନ ଯେତେବେଳେ ହୁଏ ବାଟବଣା, ସଦର୍ପରେ ରାଜଦାଣ୍ଡେ ପଇଁତରା ମାରୁଥାନ୍ତି ସାପ, ବାଘ, ବିଲୁଆ, ଶାଗୁଣା। ନିରୀହର ରକ୍ତ ମାଂସ ଝୁଣି ଝୁଣି ଖାଉଥିବା ବେଳେ, ଅତ୍ୟନ୍ତ ଆକୁଳେ, କୁମ୍ଭୀର ଆଖିରୁ କିନ୍ତୁ ଲୁହଧାରେ ଝରୁଥାଏ ନିତି। ପ୍ରଶାସନ ଜ୍ଞାତସାରେ ଛଦ୍ମ ଆବରଣ ତଳେ ଚାଲିଥାଏ ବାଜ ଆଉ ଗଧିଆଙ୍କ ଅଖଣ୍ଡ ରାଜୁତି। କେଜାଣି କାହିଁକି ଏବେ ଶୁଭୁନାହିଁ ଆଉ ସେଇ ମଧୁର ପ୍ରଭାତୀ। ଦ୍ୱାରେ ଦ୍ୱାରେ ନିଶାଚର ଜଗିଅଛି ଅହର୍ନିଶ ହାତେ ଧରି କାତି। ବଢୁଥାଏ ଦୁର୍ଘଟଣା, ଅଜସ୍ର ଜାତନା, ସମତାଳେ ବଢୁଥାଏ ଧର୍ଷଣ ଲୁଣ୍ଠନ। ଅଲକ୍ଷ୍ୟରେ ମୈତ୍ରୀ ପ୍ରୀତି ଧ୍ୱଂସକାରୀ କେହି, ନିର୍ଲଜ ସମ ଦିବସେ ଜନତାଙ୍କୁ ଦେଖାଏ ଲଣ୍ଠନ। ସତ୍ୟ ଶାନ୍ତି ବାନପ୍ରସ୍ଥି ଏବେ। ଦେଶରୁ ଅହିଂସା ହେଲା ଦେଶାନ୍ତରୀ ଯେବେ। ବାଧ୍ୟ ବାଧକତା ବଶେ ଅକାଳ ମରଣ କୋଳେ ଶୋଇଛି ବିବେକ। ତା ସକାଶେ ସଯତନେ ଶରଶର୍ଯ୍ୟା ଗଢ଼ିଛି କେ, ହେଇ ଦେଖ ଦେଖ। ବ୍ୟାପିଛି ଅରାଜକତା, ବଢ଼ିଛି ଈର୍ଷା ବିଦ୍ୱେଷ, ହିଂସା ଆଜି ସଦର୍ପରେ ରଚେ ଜୟଯାତ୍ରା। ଅସହିଷ୍ଣୁ ହୋଇଛି ସମୟ ଦେଖି ବୁଡ଼ିଯାଏ ଚେତା। ଧର୍ମ ଧର୍ମ ମଧ୍ୟେ ବୁଣି ବିଭେଦର ମଞ୍ଜି, ଏ କି କୁରଖେଳ ଆହା ଖେଳୁଅଛି ଶକୁନି ସେ ଖଳ ଅଭିନେତା? ପ୍ରାୟୋଜିତ ହତ୍ୟା ପରେ ଶୋକସଭା ଆୟୋଜନ କରି ଆତତାୟୀ, ଉଚ୍ଚସ୍ୱରେ କହେ ଏଇ ନାରକୀୟ ହତ୍ୟା ପାଇଁ ମାନବତା ହତ୍ୟାକାରୀ ଦେଶଦ୍ରୋହୀ ବିରୋଧୀଏ ଦାୟୀ। ଯାହା ଅତ୍ୟାଚାରେ ଲୋକେ ଡାକୁଥାନ୍ତି ତ୍ରାହି ତ୍ରାହି ଭୋଗକରି ନାରକୀୟ ଦଶା। ସିଏ ପୁଣି କରୁଥାଏ ଶାନ୍ତି, ମୈତ୍ରୀ, ଅହିଂସା ଓ ବିବେକର ଅଯୁତ ପ୍ରଶଂସା।

ତଥାପି... ପ୍ରତିଶ୍ରୁତି ଛଳେ ନିତି କହୁଥାଏ ମହାମାନ୍ୟ ରାଜା ଅତି ଆବେଗ ଅନ୍ତରେ.. 'ସତ୍ୟ ଶାନ୍ତି, ମୈତ୍ରୀ ପ୍ରୀତି ଫେରିବ ଏ ଦେଶେ କିଛି ସମୟ ଅନ୍ତରେ। ବଂଚିବ ବିବେକ ପୁଣି ଫେରିବ ଏକତା। ଫୁଟି ଲୋଟିବ ସବୁଠି ସୁଖ ପାରିଜାତ ଆଉ ଧରାକୁ ଆସିବ ସ୍ୱର୍ଗ, ସ୍ୱଦେହେ ମଣିଷ ହେବ ସ୍ୱର୍ଗବାସୀ ଜୀବନ୍ତ ଦେବତା।' ଅବୁଝା ରାଜାକୁ ସାକ୍ଷୀ ଚାଟୁକାର ମନ୍ତ୍ରୀ ଯେଉଁ ଦେଶେ, ଦୁର୍ବିସହ, ଅତି ଦୁର୍ବିସହ ହୁଏ ସେଠି ପ୍ରଜାଙ୍କର ପ୍ରାଣ, ନରକ ଯନ୍ତ୍ରଣା ଯେତେ ଭୋଗିବାକୁ ହୁଏ ଅବଶେଷେ।

ଆଖି ଆଗେ ଦେଖୁ ଦେଖୁ ଏତେ ଏତେ ଅନ୍ୟାୟ ଅନୀତି। ଏ ମଣିଷ ଆଖିବୁଜି ସହିବ କେମିତି? ଗଳିକନ୍ଦି, ନଗରେ ସହରେ, ସବୁଠି ଆସ୍ଥାନ ଥାପି କୁଚକ୍ରୀର ଦଳ, ଏଦେଶକୁ ବାହୁବଳେ କଲେଣି ଆବାଦ। ହେଲେ ଦେଶଦ୍ରୋହୀ ଆଖ୍ୟା ମିଳେ, ଅବିଚାରେ ମିଳେ ଦଣ୍ଡ କଲେ ପ୍ରତିବାଦ। ତଥାପି ଅବୁଝା ରାଜା, ଦେଖେନାହିଁ ପ୍ରଜା ଦୁଃଖ, ଦେଖେନାହିଁ ନାରୀ ଅବା ଶିଶୁର ଯନ୍ତ୍ରଣା। ଦିନରାତି ଖାଲି, ପ୍ରବଂଚକ ପ୍ରଶାସକ ଆଉ ଚାଟୁକାର ମନ୍ତ୍ରୀ ସଙ୍ଗେ ଦେଶର ଉନ୍ନତି କକ୍ଷେ କରୁଥାଏ ଅହରହ ଅସୀମ ମନ୍ତ୍ରଣା। ନିତିଦିନ ଆତ୍ମହତ୍ୟା କରୁଥାଏ ଋଣଗ୍ରସ୍ତ ଚାଷୀ, ଅନାହାରେ ମରୁଥାଏ ଜରାଜୀର୍ଣ୍ଣ ପ୍ରଜା; ଦ୍ୱାରେ ଦ୍ୱାରେ ବୁଲୁଥାଏ ଚାପଗ୍ରସ୍ତ ବେକାର ଯୁବକ। ଏସବୁ ଦେଖେନା ଆଖି, କେଉଁଠିକି ଘାସ ଚରିଯାଏ ରାଜା! ତୁମରି ସେ ମହାର୍ଘ ବିବେକ?

ଗରିବର ଲୁହଲହୁ ଝରୁଥାଏ ବିପଣିରେ, ବଢ଼ିଚାଲେ କର ବୋଝ, ଭାଙ୍ଗିଯାଏ ଅଣ୍ଟା। କେମିତି ବଂଚିବୁ କୁହ ସେଇ ଦେଶେ ନିଶ୍ଚିନ୍ତରେ, ଯେଉଁ ଦେଶ ରାଜା ନିଜେ ସାଜିଥାଏ କଣ୍ଟା? ଆକୁଳରେ ଡାକେ ଆଜି ପ୍ରଜା। 'ହେ ଅବୁଝା ରାଜା! ଆଖି ଖୋଲି ଦେଖ ଥରେ ଆମ ଦୁଃଖ, ଦେଖ ତୁମେ ମଖମଲି କଥା ଛଳେ ଆଖିବୁଜି ଆମ ପ୍ରତି ବିହିଥିବା ଦଣ୍ଡ। ପ୍ରତିଟି କାମ ପାଇଁକି କେମିତିକା ଗଣିବାକୁ ହେଉଅଛି ନିତି ନୂଆ ତଣ୍ଡ? କୁଆଡ଼େ ଗଲା ହେ ରାଜା! ତୁମ ସେଇ ମାନବତା, ବୁଦ୍ଧିବୃତ୍ତି, ଆତ୍ମଜ୍ଞାନ, ବିବେକ ଯେ କରୁନି ଧିକ୍କାର? କାନଡେରି ଶୁଣ ଥରେ ଶୁଭୁଅଛି ଚାରିଆଡ଼େ ହାହାକାର, କୋଳାହଳ, ବିକଳ ଚିତ୍କାର। ଆଖିଫେଇ ଦେଖ ଥରେ ରାଜା ଏମାନଙ୍କୁ ଆପଣାର ଭାବି। ରାଜଧାନୀ ରାଜଦାଣ୍ଡେ ଅନାହାରେ ଅର୍ଦ୍ଧାହାରେ ବସି ନିତି ନିତି ଧର୍ମଘଟ କରୁଛନ୍ତି ଶହ ଶହ ଦୁସ୍ଥ ପ୍ରଜା, ରଇତ, ସାମନ୍ତ ସଙ୍ଗେ କେତେ କର୍ମଜୀବୀ।' ବୁଝି ପାରେନାହିଁ ମୁହିଁ ଏତେ ତ୍ରାହି ତ୍ରାହି ଡାକ, ରାଜାକର୍ଣ୍ଣେ ବାଜେନି କେମିତି? କାହିଁକି ଯେ ଲାଗେ ମୋତେ ଆମ ରାଜା, ବଧିର ଯେମିତି!!

ଗଜଦନ୍ତ ପଲ୍ୟଙ୍କରେ ନିଶ୍ଚିନ୍ତରେ ଶୋଇଥାନ୍ତି ରାଜା, ସୁଖ ସପନେ ବିଭୋର ରହି ଦିନରାତି। ରାଜ୍ୟ ଶାସନ ପାଶୋରି ତାଙ୍କୁ ଘେରି ରହିଥାନ୍ତି ଦଳ ଦଳ ଚାଟୁକାର ପ୍ରଶାସକ, ଯନ୍ତ୍ରୀ ଆଉ ମନ୍ତ୍ରୀ। ପକ୍ଷୀଙ୍କର କଳରବ ପଶିପାରେ ନାହିଁ ଯହିଁ, ଏତେ ସବୁ କୋଳାହଳ ଦୁର୍ଗଭେଦି ପଶିବ କେମିତି? ସୂର୍ଯ୍ୟବଂଶୀ ରାଜାଙ୍କର ପହୁଡ଼ ଭାଙ୍ଗିଲା ଯେବେ, କାନ୍ଥଘଣ୍ଟା

ଉଦ୍‌ଘୋଷଣା କରୁଥିଲା ତେବେ, ହେଲା ବୋଲି ଦିନ ଏଗାରଟା। ମୁହେଁ ତାଙ୍କ ଲାଖି ରହିଥିଲା ସେତେବେଳେ କେଉଁ ଏକ ସୁଖସ୍ୱପ୍ନ ଛଟା। ଅଳସ ଭାଙ୍ଗି ତକ୍ଷଣେ, ଆକଣ୍ଠ ମଦିରା ପାନେ ମତ୍ତ ହୋଇ କ୍ଷଣେ। ହସି ହସି ମନ୍ତ୍ରୀବରେ ପୁଛାକଲେ ରାଜା ବୀରବର "କୁହ କୁହ ମନ୍ତ୍ରୀବର! କିସ ଆମ ରାଜ୍ୟ ସମାଚାର?"

ସଂଭ୍ରମରେ ଅଣ୍ଟାଭାଙ୍ଗି ଯୋଡ଼ହସ୍ତେ କହେ ମନ୍ତ୍ରୀବର "ପ୍ରଣାମ ହେ ମହାମାନ୍ୟ, କୋଟି କୋଟି ଦଣ୍ଡବତ ଘେନା ହେଉ ଶ୍ରେଷ୍ଠଦାସ ଏ ଅକିଂଚନର। ଆପଣଙ୍କ ସମ ରାଜା ଜଗତେ ବିରଳ। ଦେଶ ଯା'ର ବିକଶିତ, ସୁଖ ସଂମୃଦ୍ଧିରେ ସଦା ହୁଏ କଳକଳ। ଧର୍ମରେ ଯାହାର ମତି ତା ସହିତ ନିତି ନିତି ନୀତି ପ୍ରତି ଆଦର ଯାହାର ପ୍ରଭୁ! ଅଧର୍ମ କି ପଶିପାରେ ଲବେ, ତାଙ୍କ ଦେଶେ କେବେ? ଦେଶେ ଦେଶେ ଆପଣଙ୍କ ଯଶବାନା ଉଡୁଅଛି ଆଗ। ବୀରଭୋଗ୍ୟା ବସୁନ୍ଧରା ଏଇ କଥା ଶତ ପ୍ରତିଶତ ସତ ଆହେ ମହାଭାଗ। ଆପଣ ଏଦେଶ ରାଜା, ସାର୍ବଭୌମ କ୍ଷମତାର ଏକମାତ୍ର କର୍ତା ଓ କାରଣ। ପରାକ୍ରମୀ, ଶତ୍ରୁଧ୍ୱଂସୀ, ଚାରଣ-ତାରଣ। ଆପଣଙ୍କ ପରି ବାହୁବଳୀ ରାଜାଙ୍କର ଛତ୍ରଛାୟା ତଳେ ଏଇ ଦେଶ ସଦା ସୁରକ୍ଷିତ। ସୁରକ୍ଷିତ ନରନାରୀ, କର୍ମଜୀବୀ, ବେପାରୀ, ରଇତ। ଆପଣଙ୍କ ନିର୍ଦ୍ଦେଶରେ ଅହରହ ଆମ ଦେଶେ ଘୃତ ବର୍ଷୁଛନ୍ତି ମେଘ। ପବନ ବି ବହେ ନେଇ ମନ୍ଦମନ୍ଦ ବେଗ। ଆପଣଙ୍କ କରୁଣା ଅପାର। ନିତିଦିନ ହେଉଛନ୍ତି ମଧୁ ପ୍ରବାହିନୀ ପ୍ରଭୁ, ଆମଦେଶ ନଦନଦୀ, ଝରଣା ସାଗର। ବୃଦ୍ଧବୃଦ୍ଧା, ଯୁବକ ଯୁବତୀ ହାତେ ରହିଅଛି କାମ, ଅମୃତ ଫଳଦାୟିନୀ ବୃକ୍ଷଲତା ଆମ। ସୁସମୟେ ପୁଷ୍ପବତୀ ହେଉଛନ୍ତି କୃଷିଭୂମୀ, ନାହିଁ କାହିଁ ଅନ୍ନଜଳ କଷ୍ଟ। ଘୃତଅନ୍ନ, ସାକରରେ ପୁରୁଅଛି ଗରିବର ପେଟ। କର୍ମଜୀବୀ, ରଇତ, ସାମନ୍ତ, ପ୍ରଜା ଆନନ୍ଦରେ ଛନ୍ତି ପ୍ରଭୁ, ଆପଣଙ୍କ କରୁଣା ଅପାର। ଦିଗ୍‌ବିଦିଗେ ଶୁଭୁଅଛି ମଧ ଆପଣଙ୍କ ଜୟ ଜୟକାର।"

"ଧନ୍ୟ ହେଲି, ଧନ୍ୟ ହେଲି ମୁହିଁ। ଆପଣଙ୍କ ପରି ଯୋଗ୍ୟ ମନ୍ତ୍ରୀବର ହାତେ ଦେଇ, ଶାସନ କ୍ଷମତା ଅଚିନ୍ତାରେ ଏ ନଅରେ ରହିପାରେ ମୁହିଁ।" ହୋଇ ତୃପ୍ତ ଅତି, ସହର୍ଷରେ ଭାଷିଲେ ନୃପତି। ସଙ୍ଗେ ସଙ୍ଗେ ଅନୁଚରେ ଆଦେଶିଲେ ପୁଣି "କେ' ଅଛରେ ଅନୁଚର? ଦାସ ଦାସୀ କେହି? ମୋ ସୁଯୋଗ୍ୟ ମନ୍ତ୍ରୀବରେ କରାଅ କରାଅ ବେଗେ ଅମୃତ ମଣୋହି।"

ବିଦ୍ୟୁତ ତରଙ୍ଗ ପରି ମୁଚୁକୁନ୍ଦ ହସଧାରେ, ଖେଳିଗଲା ମହାମାନ୍ୟ ମନ୍ତ୍ରୀବର ଓଠେ। ସେଇ ହସର ମାହାତ୍ମ୍ୟ କିଏ ବୁଝିପାରେ? ଅବୁଝା ରାଜାଙ୍କୁ ସାକ୍ଷୀ ଚାଟୁକାର ମନ୍ତ୍ରୀ, ଦୁଃଖର ରାଗିଣୀ ତୋଳେ ଅହର୍ନିଶ ପ୍ରଜାଙ୍କର ଜୀବନର ତନ୍ତ୍ରୀ।

*ଭାରତୀ କୁଟୀର,*
*ଡୁଙ୍ଗୁରିପାଲି-୭୬୭୦୨୩, ସୁବର୍ଣ୍ଣପୁର*
*ଦୂରଭାଷ: ୮୨୪୯୮୦୭୨୬୭*



କବିତା

ଅନ୍ତଃ ନିଳୟ

# ଜଗନ୍ନାଥ : ଭବିଷ୍ୟତ

ଅମରେଶ ପଟ୍ଟନାୟକ

ତମକୁ ଭଜିବେ ହେଜିବେ
ଆମକୁ ମୋଟେ ଖୋଜିବେ କି ନାହିଁ
କଥା ତ ଏତିକି... !
ଯା' ଠାରୁ ବଳି ଆନଂଦ ମୁକ୍ତିବୋଧ
ଥାଇପାରେ କ'ଣ... !
କଳେବଳେ ପଶି ଭାଇ ବନ୍ଧୁ ବିରାଦର...
ଏପରିକି ଅଙ୍ଗ ଅଙ୍ଗ ବସ୍ତ୍ର ଲୁଟି ମଠର ମହନ୍ତ
ତ... !
ଏତ ମୋଗଲ ମରହଟ୍ଟା ବ୍ରିଟିଶ୍...
ପୁଞ୍ଜିପତି ପ୍ରଭୁନୀତି ଖେଳ... !
ଅଥଚ, ପୋଷାକ ଫିଟିଗଲେ
ଆତୁର ବିକଳ ଭିକ୍ଷାର ଥାଳ... !
ଭିକାରିଙ୍କ ଭୋକର ପେଟ ନଥାଏ !
ପାଟିରୁ ପେଟତଳ ପାଦର ପର୍ଯ୍ୟନ୍ତ
ବିକା କିଣା...
କାହାକୁ କେଉଁ ମନ୍ତ୍ର କେଉଁ ଭାବେ
ତୁଷ୍ଟି ପୁଷ୍ଟି ଏମାନଙ୍କୁ ଭଲଭାବେ ଜଣା।
ହଁ, ହେ, ହେବାର ଯା' ହେବ
କୋଠିଆ ବେଠିଆ ଖମାରେଇ ଗୁମାସ୍ତା...
ଖେରାକି ମଜୁରି ଉପୁରି...
ମାହାରୀ ମେଳରେ ଯେତକ ବାହାଦୂରୀ
ଜାଣୁ ଜାଣୁ ଅସତର୍କ ଆବେଗ, ଆତ୍ମୀୟଭାବ
କୋଳେଇ କୁଣ୍ଢେଇ ମୁଣ୍ଡେଇ...
ପିଠିରେ ଅମୋଘ ଛୁରୀ... !
ଏମାନଙ୍କ ଗହଣରେ ଏସବୁ ମଧ୍ୟରେ
ଏହି ଭଳି ବର୍ଷ ବର୍ଷ ଏତେ ବର୍ଷ ଧରି...।
କଷ୍ଟ ତ ହେବାର ହେବ
ଯେତେ ହେଲେ ମାଟି ଗୋଡ଼ି ମଣିଷ ତ !
ଆଜୀବନ ଜଗନ୍ନାଥ ପ୍ରୀତିର ଜୀବନ...
ଏଠି ଅଭାବ ବି ବିଭବ...
କେବେ ନା କେବେ ତ ଏଠୁଁ
ପୁଣିଥରେ ଉକୁଟି ଉଭାସିବ ନୂତନ ଆଲୋକ।

# ଏଇ ଭାବେ ମଣିଷଟେ

ଅଶ୍ୱିନୀ କୁମାର ମିଶ୍ର

ଦି ହାତରେ ତାସ୍ ପଟି
ଆଂଗୁଠି ଫାଂକରେ ଦୋକ୍ତାର ପିକା
ଗଳରେ ଗୁଂଜା ସ୍ୱାସ୍ଥ୍ୟ ବୀମା ଓ ଆଧାରର
ଚିହ୍ନଟ ପତ୍ର, ଲାଉ ତୁଂବାଟିରେ
କିଛି ସଳପର ସଂପତ୍ତି ପିଠେଇ
ବିତେଇ ଦେଲାଣି
ଏଇ ମାଟିରେ
କେଇଟି ବରଷ।
ଆଦୌ ବୁଝେନା
ତା ବୟସ ଛତିଶ ନା ଛପନ
ରକ୍ତଚାପ ଅବା ଶର୍କରାର ପରିମାପ
ସେ ବସ୍ ଚଢ଼ିନି
ରେଳ, ବିମାନ ତା ପାଇଁ
କାହାଣୀ, କେଉଁ
ପରୀ ରାଇଜର।
ବୁଝେନା ସେ
ବିପ୍ରଳଂଭ ଶୃଂଗାର
ନା ଫକୀର ମୋହନଂକ
ଚଂପା, ରେବତୀ
କେବଳ ଶୁଣିଛି
ବାପ ଅଜାଠୁ
କଂଧବୁଢ଼ା ଓ ବାଘ , ଚିଲଂକ
କାହାଣୀ କିଛି
ତା ଗବେଷଣାର ଅଧ୍ୟାୟରେ
ଏଇ ମାତ୍ର କେଇଟି ତର୍କ, ବିତର୍କ।
ସେ ଶିଖିଛି ଗୁଣି ଓ ଗାରେଡ଼ି
ବାଡ଼ି ଓ ଡଂବରୁ ଧରି
ସେ ନାଚିଛି ପାହାଡ଼ର
ତଳ ଦେଶ ଗାଆଁଟିରେ
ଉତ୍ପନ୍ନ ଅରଣ୍ୟ ବୁଦାରେ
ମୟୂର ସାଥୀରେ
ସେ ଦେଖିଛି ଠପକିନା
ସୂର୍ଯ୍ୟ ଅସ୍ତ ଯିବା
ସେ ପାଇଛି ଚଟକଣା
ଓଦା ପାପୁଲିଂକ
ବର୍ଷା, କାଦୁଅର
ସେ ଦେଖିଛି ସୂର୍ଯ୍ୟ ଆଉ ଶିଶିରଂକ
ଅନାଅନି ସିଂଦୂରା ଫାଟିଲା ବେଳେ
କିଛି ବି ବୁଝେନି ଧର୍ମ ଆଉ ଉପାସନା ଭେଦ
ସେ ବଂଚିଛି କାର୍ଯ୍ୟରତ ମଣିଷଂକ
ଛଂଦାଛଂଦି ହାତଗୋଡ଼ ମେଳେ
ଉବୁକା ପ୍ରୀତରେ
ମାତିଥାଏ ଦିନରାତି
ମଣିଷଂକ ହୃଦୟର
ଅଳଂକରଣରେ।

*ଏମ୍-୧, ନେତାଜୀ ସୁବାସ୍ ଏନ୍‌କ୍ଲେଭ୍, ଗଡ଼କଣ*
*ଭୁବନେଶ୍ୱର-୭୫୧୦୧୭*

# ମୈଦାନ

ଡକ୍ଟର କମଳାକୃଷ୍ଣ ତ୍ରିପାଠୀ

ଅପରାହ୍ନ ଆସୁ ନଆସୁଣୁ
ବସ୍ତାନିକୁ କାଂଛରେ ଆଉଜେଇ
ଆମେସବୁ ଆସର ଜମାଉଥିଲୁ
ପାଖ ପଡିଆ କି ସାହି ଦାଣ୍ଡ କି ଖାଲି ଜାଗାରେ ।
ହୋ ହା କୋଳାହଳରେ ଫାଟି ପଡୁଥିଲା
ଆସନ୍ନ ସନ୍ଧ୍ୟା ।
ତା'ପରେ ଏକ ତାରା ମଣିଷ ମରା
ଦୁଇ ତାରା କଲିକତରା ତିନି ତାରା ବଡ ଦୋଷ
ଚାରି ତାରା ନନ୍ଦିଘୋଷ
ପାଂଚ ତାରା ଘରେ ପଶ୍ ।
ଶେଷରେ , ଏଡେ ଏଡେ ଲାଉ
ଯା' ଘରକୁ ସିଏ ଯାଉ ।
ଆରମ୍ଭ ହେଇ ଯାଉଥିଲା
ଲଣ୍ଡନ ସହ ଦୋସ୍ତି
ସରି ଯାଉଥିଲା ସମଗ୍ର ଦିନର ଖେଳ କୁସ୍ତି ।

ଏବେ, ସକାଳଠୁ ରାତି ଅଧ
ଉପର ଠାଉରିଆ କବାଡି ।
ଟିଭି ପରଦା ଅବିରତ ଅନବରତ
ପାଲଟୁଥାଏ ମଇଦାନ

ରାଜରାସ୍ତାରେ ଚାଲୁଥାଏ କସରତ ।
ମିଛ ମିଛ ମରୁଥିବା ଖେଳାଳୀ
ସକାଳେ ଗୋଟିଏ ଗୋଷ୍ଠୀର ତ
ସନ୍ଧ୍ୟାରେ ଆଉ ଗୋଟିଏ ଦେଶର ନାଗରିକ ।
କିଛିଲୋକ ରୀତିମତ କା' ସାଜି
ଅପେକ୍ଷା କରିଥା'ନ୍ତି
ବିକିବା ପାଇଁ ଜୀବନ ଓ ବ୍ୟକ୍ତିତ୍ୱ ।
ତାଙ୍କରି ପାଖରେ ଗଚ୍ଛିତ ଥାଏ ପିଠଉ
ଇଚ୍ଛା ମୁତାବକ ପରଶି ପାରନ୍ତି
ଚିତଉ କି ଚକୁଳି ।
ସଉଦା ନ ହେଲେ
ତା'ରି ଭିତରେ ଖଂଜା ହୁଏ ବିଷାକ୍ତ ଗୋଡି
ଭୋକ କି ଶ୍ରଦ୍ଧା କି ବିଶ୍ୱାସରେ
ଦାନ୍ତ ରଗଡି ଖାଇ ପକାଏ ବାଘମାମୁ
ଚିତ୍ପାତ୍ ହୁଏ ଆଶା ଓ ଭରସା ।

ସକାଳେ ସଭିଏଁ ଏକାଠି ହୁଅନ୍ତି
ସବୁଜ ଗାଲିଚାରେ, ପାଦ ଚଲା ପାଇଁ !
ହସ ଗମାତ ସହ ଚାହା ପିଆ ହୁଏ ।
ଆସର ଜମେ ।
ଯେ ଯାହାର ଘରମୁହାଁ ହେଲାବେଳକୁ
ଜଣକ ପିଠିସାରା ପାନଛେପ
ଆର ଜଣକ ଦେହସାରା ରକ୍ତଛିଟା !

*ସର୍ଜନାଳୟ, ଦକ୍ଷିଣ ଲିଙ୍କ୍ ରୋଡ, ୨ୟ ଗଳି*
*ଜୟପୁର, କୋରାପୁଟ*
*ଦୂରଭାଷ: ୯୯୩୭୦୧୪୮୬୩*

# ଜୀଇଁବାର ଟାଣ ଭାଙ୍ଗିଯାଏ

**ପ୍ରତିଭା ପରିଡ଼ା**

ତୀରରୁ ନିଶାଣ ଘୁଞ୍ଚିଯାଏ...
ଦେଉଳ ଚୂଡ଼ାରୁ ନେତ ଖସିଯାଏ...
ଭାଗ୍ୟ ନା' ସମୟର ଦାଉରେ
ଜୀଇଁବାର ଟାଣ ଭାଙ୍ଗିଯାଏ -

କିଏ ବା ଜାଣିଥାଏ
ତୋ ମା' ଭେଟାଭେଟିର
ଗୋପନ କାହାଣୀ ଅବା ଗୁପ୍ତ ରାଜିନାମା ?...
କିଏ ଜାଣି ଥାଏ
ବୀଜ ପୁଣି ବୀଜ ଅଙ୍କୁରିଯିବାର
ମୋହ ଆଉ ମହିମା ?...
କିଏ ବା' ଜାଣିଥାଏ
ରକ୍ତ, ଝାଳ, ଲୁହ, ଲହୁ ନିୟତିର ମାଜଣା ପରେ
ମିଳେ ସାରା ଜୀବନର ଭରସା ବାଙ୍କିଯିବାର
ପାଉଣା -

ଗଛ ଡାଳେ ବାୟା ବସା ଝୁଲୁଥାଏ...
ଉରିପାଖେ ଚଉତିଶା ଗାନ,
ଭାବ ବନ୍ଧନ,
ମାୟା ନଈର କୁଳୁକୁଳୁ ତାନ,
କ'ଣ ଗୋଟାଏ ଶୂନ୍ୟତା ମୋତେ ବିନ୍ଧି
ଦେଉଥାଏ...
ଆଉ ତୁ ହଜିଯିବାର କାତରତାରେ
ମୋର ଭେଳା ବୁଡ଼ିଯିବାର
ଆକୁଳପଣ ବାହୁନୁଥାଏ -

ଅବଶ୍ୟ ଏକଥା ସତ୍ୟ,
ସବୁ ସ୍ମୃତି / ଭଲପାଇବା / ଘୃଣା / ଅହଂକାର /
ଅଙ୍ଗୀକାର,
ଗୋଟିଏ ଜନ୍ମରେ ଭୋଗ କରିହୁଏ ନାହିଁ...
ସବୁ ତ ଥାଏ
ପୁଣି କିଛି ବି ନଥାଏ
କିଛି ବାରିହୁଏ ନାହିଁ -

ସାରା ପୃଥ୍ୱୀ ନିଶ୍ଚୁପ୍,
ନିଶ୍ଚଳ ପୁଣି ଆକାଶ, ବତାସ, ସମୁଦ୍ର,
ହୁଏତ କେଉଁଠି କେବେ
ପୁଣିଥରେ ନୂଆ ଉରାଟେ ରୋପିବାର ଥାଏ...
ହୁଏତ ପୁଣିଥରେ
ନୂଆ ଏକ ଦୃଶ୍ୟପଟ୍ଟ
କେଉଁଠି ସଜଡ଼ା ହେବାର ଥାଏ...
ଆଉ ତୁ ଥିବା ନ ଥିବାର
ଛାଇ ଆଲୁଅର ଲୁଚକାଳି ଖେଳରେ
କିଏ ଜଣେ ବିଭୋର ହେଉଥାଏ...
ତୋ' ମଧୁର ଭାବର ଆଶ୍ରାରେ
କିଏ ଜଣେ
ମୋ ଆତ୍ମାରେ ସ୍ୱର ଖଞ୍ଜୁଥାଏ -

*ପ୍ଲଟ୍ ନଂ. ୬୬୨ / ୨୯୦୪ / ୧,*
*ପାର୍କ ପାରାଡାଇଜ କଲୋନୀ, ରଘୁନାଥପୁର,*
*ନନ୍ଦନକାନନ ରୋଡ୍, ଭାୟା- କିଟ୍ ଛକ,*
*ଭୁବନେଶ୍ୱର-୭୫୧୦୨୪*
*ଦୂରଭାଷ: ୮୯୧୭୬୦୩୪୪୨*

# ଦେବୀ

**ସୀମା ମିଶ୍ର**

କେତେ ତାରାର ଆସରରେ
କେତେ ସଂଜ ପବନର ସୁରରେ ସୁରରେ
ଆଉ କେତେ
ଏଇ ଏକଲା ନଦୀର ତୀରରେ ତୀରରେ
ନେଇ ନେଉଁ ତ, ମୋର ଅଜାଣତରେ
ସାଉଁଟି ନେବାକୁ,
ସବୁ ଐଶ୍ୱର୍ଯ୍ୟମୟ ସମୟକୁ ।
ନଦୀର ଲୀଳାୟିତ ଲହରୀରେ
ଗିରିନଦୀର କଲ୍ଲୋଳିତ ସଂଗୀତରେ
ସବୁ ସମର୍ପଣର ସୁରକୁ ।

କେବେ କେବେ
ସଂଜ ସଳିତାର ଭୁରୁଭୁରୁ ଗନ୍ଧରେ
ମିଶି ଭାସିଆସେ ତୋର ମହକ
କାଉଳା ପବନରେ ।
ତୋର ନୂପୁରର ରୁଣୁଝୁଣୁ ଶବ୍ଦରେ ।
ଇଶାରା କରୁଥାଏ ସଞ୍ଜତାରା,
କାହିଁ କେତେ ଦୂରକୁ ।
ଦିଗନ୍ତର ଆରପାରିକୁ
କେଉଁ ରହସ୍ୟମୟ ଇଲାକାକୁ ।

ଯେତେବେଳେ
ତାରାଟିଏ ଖସିପଡ଼େ
ଅନ୍ତରର ନିଭୃତ କୋଣରେ
ଝରିଆସେ କିଛି ଅବ୍ୟକ୍ତ ଅନୁଭବ
କିଛି କୋମଳ ଅନୁରାଗ
ଆଶାରେ ଆଶାରେ
କିପରି ଝରି ଆସୁ ତୁ
ସବୁ ଆଶା ଆଶ୍ୱାସନାର
ଅନୁପମ ଅନୁଭବ ହୋଇ
ମୋର ପ୍ରସାରିତ ପାପୁଲିରେ ।

କିଛି ବି ପ୍ରଭେଦ ନଥାଏ ଦେବୀ
ସେତେବେଳେ, ତୋର ମୋର ଭିତରେ ।
ସବୁକିଛି ଏକାକାର ହୁଏ
ଏକ ଅନନ୍ୟା ଅନୁରାଗିରେ ॥

*ସି-୫୫, ଉତ୍କଳ ରୟାଲ ରେସିଡେନ୍ସି,*
*ଗୌତମ ନଗର, ଭୁବନେଶ୍ୱର-୧୪*

# ଥାଉ.. ସେତିକିରେ ରଖିଦିଅ

**ଘନଶ୍ୟାମ ମେହେର**

ଥାଉ,
ଅଧିକ ଘାଣ୍ଟ ନାହିଁ
ବିବାଦ,
ସେତିକିରେ ରଖିଦିଅ।
ବିଷ ବାହାରିବା ଆଗରୁ
ଥୋଇଦିଅ ସମୁଦ୍ର ମନ୍ଥନ,
ଯାହା ମିଳିଛି
ତାକୁ ନେଇ
ଜୀବନକୁ ଗଢ଼ିବା ଆସ
ତୃପ୍ତି ପାଇଁ
ଜଗତ ଜାଗୁ।
ଯେତେକରି କହିଲେ କେହି
ବୁଝନ୍ତି ନାହିଁ ଜମା
ସଭିଏଁ ଆପଣା ଆପଣା ବାଜିରେ
ଅଭ୍ୟସ୍ତ।
ବାଘ କେବେ ଘାସ ଖାଇବ ନାହିଁ
ହରିଣ କେବେ ହିଂସ୍ର ହେବ ନାହିଁ
ତଥାପି ନିଜ ନିଜର ସ୍ୱାର୍ଥ ସୁବିଧା ପାଇଁ
ଯୁଗକୁ ଯୁଗ କଳି କରୁଥିବେ,
କଳିରୁ କେବେ ଯଦି
ବିଷ ବାହାରିଯାଏ
ଦେଖ! ଅକଲ ଗୁଡୁମ।
ଦେବତା ହୁଅ କି
ଅସୁର,
ଥାଉ, ସେତିକିରେ ରଖିଦିଅ।
ଅଯଥା ଘାଣ୍ଟ ନାହିଁ
ଶିବ ଏବେ ଶବ ପାଲଟି ଯିବେ।
ଜିଦ ଆଉ ଜିନ୍ଦାବାଦରେ
ଅଶିବ, ଅଶିବରେ ଥରୁଛି ପୃଥିବୀ!
ଅଯଥା ଆଉ ଘାଣ୍ଟି ହୁଅନା
ଭୋଗ ଆଉ ଭୌତିକତାରେ
ସଭିଏଁ ଶବ ପାଲଟିଯିବା।
କେହି ଶୁଣିଲେ ନାହିଁ
ଯୁଦ୍ଧରେ ମାତିଲେ,
ପରିଶେଷରେ ମହାମାରୀ
ଭୟଙ୍କର ହେଲା
ପଚାଶ ଲକ୍ଷ ଲୋକ ମଲେ ଅବେଳରେ
ହେଲା, ସେତିକିରେ ରଖିଦିଅ
ଯାହା ହେବାର ଥିଲା, ହୋଇଗଲା।

*ଜୀବନନୀଡ଼, ହରିହର ନଗର, ଦିଗଶିରା, ସୁବର୍ଣ୍ଣପୁର*

# ଚୌଷଠୀ ପଦ୍ମ ପାଖୁଡ଼ା

**ନକୁଳ ଚଂଦ୍ର ସାହୁ**

ମୋ
ଜୀବନ ଝଂଜା ପବନକୁ
କରିଛି ପ୍ରତୀକ୍ଷା!

ଗୋଲ ଗୋଲ
ପବନର ସବୁଜ ବିଂଚଣା
ଚାରିପଟ ନାଚି ନାଚି
ଆଂଦୋଳିତ ଶିଖାକୁ
ହଲାଉଛଂତି ହାତର ଗହଣା!
ଆସ, ଆସ, ଆ...ସ!

ଶୂନ୍ୟ ବେଦୀରେ
ଶୂନ୍ୟ ଦେବୀ ସହ କରିବା ନୃତ୍ୟ
ପ୍ରେମରସ ଓତଃ ପ୍ରୋତ
ଦିବ୍ୟ ହଲ୍ଲୀଷକ!
ଦୋହଲୁଛି ପ୍ରାଣ ପାଦପ
ମୃତ୍ୟୁର କରାଳ ହସ୍ତ
ଉତ୍ପାଟିତ କରୁଛି
ତେସ୍ତରୀ ବର୍ଷର ବଟ!

ନାଚୁଛି ଯୋଗିନୀ ଡୋଂବୀ
ହସୁଛି କିର୍ କିର୍
ନୈରାମଣିଦାରୀ;
ପ୍ରେମିକଟି ମୂକ
ଜାକିଚି କଳରେ ପାନପିକ
ବସିଛି ଚୁପ୍ ଚାପ୍!

ସଂଧ୍ୟା ଟପି ଆସୁଛି ଗୋଲେଇ ଅଂଧାର
ମୋ ଜୀବନ ଦୀପଶିଖା
ଲିଭିବା ପୂର୍ବରୁ ଦେହର ଫୁଲ ମୋର
ହୋଇ ଆସୁଛି ନିସ୍କଂପ ନିଥର!

ଏବେ ତୁମେ ମୋର ମନେପଡ଼
ବହୁତ ବହୁତ ମନେପଡ଼!

ଖେଚରୀ ମୁଦ୍ରାରେ ବ୍ରହ୍ମ ରଂଧ୍ର ଫାଟି
ସତେ କ'ଣ ଉଡ଼ିଯିବ
ମୋ ପ୍ରାଣର ଭ୍ରମର
ଚୌଷଠୀ ପାଖୁଡ଼ାର ପଦ୍ମ
ସତ୍ୟର ଅଂଧାରକୁ ଅନାଇଥିବ!!

*ଶବ୍ଦଘର, ଗୋଡ଼ିସାହି,*
*ଭାୟା- ମୁଣ୍ଡଳି କଲୋନୀ,*
*ଜି.- କଟକ, ପିନ୍-୭୫୪୦୦୬*
*ଦୂରଭାଷ: ୯୪୩୭୭୪୦୨୬୪*

# ହେ ପ୍ରିୟ ଭାରତବର୍ଷ

**ନରହରି ମିଶ୍ର**

ହେ ସୁପ୍ତ ଭାରତ ବର୍ଷ! ଉତ୍ତିଷ୍ଠ! ଉତ୍ତିଷ୍ଠ!
ଭାଷଣର ଭୋଜ ବାଜି ମଧ୍ୟେ
ଦୂର ହୋଇପାରିଲାନି ଏ ଦେଶରୁ କ୍ଷୁଧା ଓ ଦାରିଦ୍ର୍ୟ
ଦାରୁଣ ଦୁର୍ଦ୍ଦାନ୍ତ ଦସ୍ୟୁ ଲୁଟିନିଏ ଦେଶର ସମ୍ପତ୍ତି
ଭ୍ରଷ୍ଟାଚାର ଚେର ମାଡ଼ିଯାଏ ଗଣତନ୍ତ୍ର ଖଚୁଅଛି ଗୋଡି।
ହେ ନିଦ୍ରିତ ଭାରତ ବର୍ଷ! ଉତ୍ତିଷ୍ଠ! ଉତ୍ତିଷ୍ଠ!
ଜାଳିଦିଅ ଆଉଥରେ ଦେଶପ୍ରେମ ଦୀପ
ସଭିଙ୍କ ହାତରେ ଶୋଭାପାଉ ଶାନ୍ତିର ମସାଲ
ଦୂରହେଉ ଦୁର୍ନୀତିର ଦୁଃସହ ଦୁନିଆ
ଶେଷହେଉ ଜାତି ନାମେ ରାଜନୀତି, ଧର୍ମର କିମିଆ।
ମୃତ୍ୟୁ ହେଉ ମାଫିଆରାଜର
ପ୍ରଣୟନ ହେଉ ନୂଆ ନୀତି
ନବଜନ୍ମ ପାଉ ତୁମ ସୁପ୍ତ ସମ୍ବିଧାନ
ବେକାରୀକୁ କର୍ମ ମିଳିଯାଉ କୃଷି ହେଉ
ଉତ୍ସବ ମୁଖର
ଶାନ୍ତି ବିରାଜିତ ହେଉ,
ଜୟ ହେଉ ସତ୍ୟର-ନ୍ୟାୟର।
ଶୋଷଣ ଓ କଷଣରୁ ମୁକ୍ତ ହେଉ ସମାଜ ବ୍ୟବସ୍ଥା
ଦୂରହେଉ ହାହାକାର ପାଣି ପବନରୁ
ଅବୋଧ ଶିଶୁର ଓଠେ ଭରିଯାଉ ହସର ମହକ
ନୈତିକତାର ସ୍ଖଳନରୁ ମୁକ୍ତି ମିଳୁ
ଦୂରହେଉ କଳୁଷିତ ରାଜନୀତି
ମୁମୂର୍ଷୁ ଆଖିର ସ୍ୱପ୍ନ ଏ ମଣିଷ ଟିକେ ପଢ଼ିପାରୁ।

ହେ ପ୍ରିୟ ଭାରତ ବର୍ଷ !
ବାର୍ଦ୍ଧକ୍ୟର ବାରାଣାସୀ ତୀର୍ଥ
ଗାଇଯାଅ ଆଉଥରେ ଅହିଂସାର ମନ୍ତ୍ର
ଅନ୍ତହେଉ ଅନ୍ଧକାର ରାତ୍ରି,
ମୁଁ ଦେଖିବି ନବ ସୂର୍ଯ୍ୟୋଦୟ
କୋଟି କୋଟି ଜନତାର ଭାଗ୍ୟ ହେଉ ମଧୁମୟ
ମୁକ୍ତିମିଳୁ କଳଙ୍କିତ ଶାସନ କ୍ଷେତ୍ରରୁ
ହସିଉଠୁ ସକଳ ହୃଦୟ ।

*ଏଫ୍-୨୧୫, ସେକ୍ଟର-୮, ମର୍କତ ନଗର,*
*କଟକ-୧୪*

# ପାଞ୍ଚୋଟି ଗଜଲ

**ମିଲନ୍ କୁମାର ମିଶ୍ର (ଭରଦ୍ୱାଜ)**

!! ଏକ !!
ସଞ୍ଜଛୁଆଁ ସଜ ମଲ୍ଲି ନୁହଁ ତମେ
ଲାଜମିଶା ଲଞ୍ଜାତାରା ।
ରାତି ସବୁ ତେଣୁ ରଙ୍ଗୀନ ଲାଗେ
ତମରି ଛୁଆଁରେ ପରା ॥

!! ଦୁଇ !!
ତମ ପାଇଁ ମୋର ରାତି ରଙ୍ଗୀନ
ଛାତି ମିଠାତାତି ଭରା ।
ତେଣୁ ତମ ପ୍ରୀତି ବିନା ଏ ଜୀବନ
ଲାଗଇ ଛଂଦହରା ॥

!! ତିନି !!
ସୁରରେ ତମର ମେଘ ମହ୍ଲାର
ମତେ ଯା ଶ୍ରାବଣ କରେ ।
ଆଖି ଭିଜେ ତେଣୁ ଅସରା ଲୁହରେ
ତମେ ଫେରିଗଲା ପରେ ॥

!! ଚାରି !!
ଆଶାଠୁ ଅଧିକ ତମ ଅନୁରାଗ
ଅଶିଣ ସଜାଏ ମୋତେ ।
ସୁର ତୋଳେ ତେଣୁ ତମରି ସାଥେ ମୁଁ
କୁଆଁର ପୁନେଇଁ ଗୀତେ ॥

!! ପାଂଚ !!
ଯେଉଁ ଶିହରଣ ମତେ ଶ୍ରାବଣ ଓ
ତମକୁ କରଇ ଶୀତ ।
ସେଇ ଶିହରଣ ହେଇପାରେ ଆମ
ପହିଲି ପ୍ରେମର ଗୀତ ॥

*ମାର୍ଫତ: ମନ୍ମଥ କୁମାର ମିଶ୍ର*
*ବିଶେଶ୍ୱରପୁର ଶାସନ, କେନ୍ଦୁଝର ବଜାର,*
*କେନ୍ଦୁଝର-୭୫୮୦୦୨*
*ଦୂରଭାଷ: ୭୦୦୮୨୪୧୨୮୭*

# ଏକ ପ୍ରଜାପତିର ମୃତ୍ୟୁ

**ଡା. ଦୀନବଂଧୁ ସାହୁ**

*- ଏକ ଦୀର୍ଘ କବିତାର କିୟଦଂଶ -*

॥ ୭୫ ॥
ରତି ପ୍ରତିମା ଗୋ !
ରୁପଶିରୀ ତୁମ ଅପଲକ ନୟନରେ
ବିଭୋର ଅଧୀର କରି
ଆଜୀବନ ମୋହିଛି ହୃଦ ମଧୁରେ ।
ଅପରୂପା ଅନୁପମା ଆକର୍ଷଣେ
ପ୍ରୀତିର ବସନ୍ତ ହସେ
ତନୁ ତନିମାର ରୂପ ପାରାବାରେ
ଅସ୍ତିତ୍ୱ ହରାଇ ଭାସେ ।
ହେମ ହରିଣୀର ଚଞ୍ଚଳ ପଣରେ
ପୀରତିର ଗିରିଝର
ମନ କନ୍ଦରରୁ ଝରେ ଭଙ୍ଗିମାରେ
କଣ୍ଠରେ ତା' ପ୍ରେମସୁର ।
ଗାଇ ଗାଇ ଯାଏ ମିଳନ ଗୀତିକା
ଶେଷ ଜଳବିନ୍ଦୁ ଯାଏଁ
ମାନ ଅଭିମାନ ବୁକୁରେ ଲୁଚାଇ
ନିରନ୍ତର ଧାଉଁଥାଏ ।

॥ ୭୫ ॥
ସୁନେଲି ସପନ କୁଞ୍ଜବନେ ଫୁଟେ
ଜୁଇଜାଇ ହେନାଫୁଲ
ଫୁଲବଣେ ସଜା ମମତାରେ ଭିଜା
ପ୍ରେମର ରଙ୍ଗମହଲ ।
ଅଳସ ଆଖିରେ ସପନର ଭିଡ଼
ଭାବନାରେ ଝୁମେ ମନ
ପବନ କି କହେ ଧୀରେ ଧୀରେ କାନେ
ଆସେ ମିଳନ ଲଗନ ।
ପ୍ରୀତି କୁସୁମର ମଧୁର ସୁବାସ
ପରାଣୁ ପରାଶ ହରେ
ନରମ ମରମ ମଧୁଛୁଆଁ ତୁମ
ମନେ ଅନୁରାଗ ଭରେ ।
ଫୁଲ କି ପରଜାପତି ନ ଜାଣନ୍ତି
ଅଳୀକତା ଆୟୁଷର
ପ୍ରୀତି ସ୍ମୃତିଧନ ଅମୂଲ ମୂଲର
ସାଇତି ରଖିବା ସାର ।

*ଭେଷଜ ବିଶେଷଜ୍ଞ, ପରଦେଶୀପଡ଼ା,*
*ଭବାନୀପାଟଣା*
*ଦୂରଭାଷ: ୯୪୩୭୨୧୯୧୪୭*

# ଛାଇ

**ଶିବ ଶଙ୍କର ଦାସ**

ହଁ,
ଏବେ ବି
ସେ ପୁରୁଣା ଛକ ଅଛି,
ଅଛି ବି, ସେ ଛକର କୋଣରେ
ଖୁବ୍ ପରିଚିତ ମହୁଲ ଗଛ...,
କେବଳ ବଦଳିଯାଇଛି
ଏଇ କିଛି ବର୍ଷ ଭିତରେ
ମୋ ରୋଗଣା ଦେହର ଛାଇ,
ଆଉ ଆମ ଗାଁର
ଅଙ୍କା ବଙ୍କା ସେ ଅଧା ଶୁଖିଲା ନଈ... !

ମୁଁ କେବେ ଭାବିନଥିଲି...
ସତରେ କ'ଣ
ଏମିତି ବଦଳିଯାଏ
କାହା ଦେହର ଛାଇ... ?
ଶୁଣିଥିଲି...
ଛାଇ ବଦଳିଯାଏ
ଜୀବନର ଅପରାହ୍ନ ପରେ,
ଶୁଣିବି ଥିଲି
ଛାଇଟେ ମିଳେଇ ଯାଏ
ଜୀବନର ଧୁ ଧୁ ମଧ୍ୟାହ୍ନରେ,
କିନ୍ତୁ
ଛାଇଟେ କ'ଣ କେବେ
ବଦଳିଯାଇପାରେ
ଗୋଟେ ଗୋଧୂଳି ଲଗ୍ନରେ,
ଛାଇଟେ କ'ଣ କେବେ
ବଦଳି ଯାଇପାରେ
ମୁଠାଏ ଅନ୍ଧାର ଭିତରେ... ? ?

ହଁ, ସତରେ...
ଏବେ ସବୁ କିଛି
ମୋତେ ଅଲଗା ଲାଗୁଛି,
ଅଲଗା ଲାଗୁଛି
ଏ ଜୀବନର ରାସ୍ତା,
ପାଲଟି ଯାଇଛି
ଅନାଥ ଜୀବନଟା
ଗୋଟେ ଅଜଣା ରାସ୍ତାର
ଅସରନ୍ତି କୋଳାହଳ...।

*ବିଭାଗୀୟ ମୁଖ୍ୟ, ପ୍ରାଣୀ ବିଜ୍ଞାନ ବିଭାଗ,*
*ହିନ୍ଦୋଳ ମହାବିଦ୍ୟାଳୟ, ଢେଙ୍କାନାଳ-୨୦*
*ଦୂରଭାଷ: ୯୯୩୮୦୪୬୪୪୬*

# ଗଳିର ପ୍ରେମିକ

**ଅଭିରାମ ଦାସ**

ପୌଷର ମ୍ଳାନ ଗୋଧୂଳିରେ
ଝରିପଡେ ପତ୍ର
ବିବର୍ଣ୍ଣ ସନ୍ଧ୍ୟାର ଛାତିରେ ଉଠେ
ପରିତ୍ୟକ୍ତ ଗଳିର ମୋଡ
ପକ୍ଷାଘାତ ରୋଗୀ ପରି
ଶାଣିତ ଶୋଷ ତଳେ
ନୈରାଶ୍ୟ ଓ ବିଲୁପ୍ତ ଯୌବନ
ପାଟିରେ ଲାଳ ଆଉ
ପେଟରେ ଅସମାପ୍ତ ସମୟ।

ଛିଡା ହୁଏ ଥୁଣ୍ଟା ଗଛ
ବାଲିର ପାଚେରୀ ସବୁ
ଛିନ୍ନଭିନ୍ନ ହୁଏ
ଘୂରିବୁଲେ ପ୍ରେମିକ ଟି
ନିଛାଟିଆ ରାସ୍ତରେ ସାଉଁଟି ସାଉଁଟି
ଦିହ ଆଉ ମନ
ଛେପ ଢୋକେ ତଣ୍ଟି ଶୁଖେ
ରୁଗ୍ଣ ଓ ପାଣ୍ଡୁର ହୁଏ ପ୍ରେମ
ନଥାଏ ଆଉ ହିରୋ ହେବାର ଦର୍ପ
ବଦଳି ଯାଏ ରୂପ, ଭେକ, ବେଶ
ପାଲଟି ଯାଏ ଅନ୍ଧ, ମୂକ, ବଧିର।

ଶବ ପରି ପଡିଥାଏ
ବିଛଣାରେ ଦେହ
ନଥାଏ ଦୀପ୍ତି ଓ ଦ୍ୟୁତିର ଆଲୋକ
ଯଦିଓ ସେ ଜାଣେ
ନାରୀର ଲୋଡା ଖାଲି
ପୁରୁଷର ସ୍ୱାସ୍ଥ୍ୟ ଓ ସମ୍ପଦ
ତଥାପି ସେ ଖୋଜୁଥାଏ
ପାଲଟା ଲୁଗା ତଳେ
ଦିନରାତି ଶକ୍ତି ଓ ସାମର୍ଥ୍ୟ।

*ମୋ: ୮୮୯୫୦୦୭୧୪୯*

# ଭିନ୍ନ ଏକ କୁରୁକ୍ଷେତ୍ର

**ଗୋପାଳ ଚନ୍ଦ୍ର ମିଶ୍ର**

ଅତୀତର ପୃଷ୍ଠା
ମାନବିକତାର ମୃତ୍ୟୁରେ ରକ୍ତ ରଂଜିତ।
ତାହା ଇତିହାସର କେଉଁ ଅନ୍ଧାରୀ ଇଲାକାର ହେଉ,
ଅଥବା ମୃତ୍ୟୁର ତାଣ୍ଡବକୁ ସାମ୍ନା କରିଥିବା ନାଗାସାକି
ହିରୋସୀମା ଯୁଗର ହେଉ।

ଏଠି ପ୍ରତି ମୁହୂର୍ତ୍ତରେ ଜନ୍ମ ନିଅନ୍ତି ଅସଂଖ୍ୟ ରାବଣ
ଓ ନରପିଶାଚମାନେ।
ମଣିଷ ରକ୍ତରେ ହୋରି ଖେଳିବା
ଏମାନଙ୍କର ସଉକ୍,
ଏଇ ଯେମିତି ତାଜା ରକ୍ତରେ ଭିଜୁଛି
ୟୁକ୍ରେନର ମାଟି,
ଆଉ ପଇଁତରା ମାରୁଛନ୍ତି ମାନବିକତାର ମହାକାବ୍ୟ
ରଚିଥିବା ମାନ୍ୟବରମାନେ।

ବୁଭୁକ୍ଷୁ ଆଉ ନିଃସହାୟର ଯନ୍ତ୍ରଣାକୁ ପଛରେ ପକାଇ
ସାରା ମଣିଷ ଜାତି ଆଜି ବାରୁଦଗଦା ଉପରେ
ଠିଆ ହୋଇଛି
ସ୍ୱାର୍ଥର ଯଜ୍ଞ କୁଣ୍ଡରେ ଆହୁତି ଦେଇଛି
ମଣିଷପଣିଆକୁ
କିଏ କହିଲା ମହାଭାରତ ଯୁଦ୍ଧର ଅବସାନ ଘଟିଛି!
ଏବେ ବି ଶକୁନି ଆଉ ଦୁର୍ଯ୍ୟୋଧନମାନେ ସାରା
ବିଶ୍ୱକୁ କୁରୁକ୍ଷେତ୍ର କରିଦେଇଛନ୍ତି।

ଦୁଇ ଦୁଇଟା ବିଶ୍ୱଯୁଦ୍ଧରୁ ଏ ମଣିଷ ଜାତି
କିଛି ବି ଶିଖି ପାରିଲାନି। ଖାଲି ଅହଂକାର,
ଦାମ୍ଭିକତା ଆଉ ଇର୍ଷାର ବର୍ଷା।
ଠିକ୍ ମହାଭାରତ ଯୁଗର ଅବସ୍ଥା!
ପୁଣି ସେହି ହିଟ୍ଲରୀ ଶାସନ!
ଖାସ୍ ଏଇଥିପାଇଁ ଏ ସୁନ୍ଦର ସୃଷ୍ଟି ହୁଏତ
ଗୋଟିଏ ମୁହୂର୍ତ୍ତରେ ମାଟିରେ ମିଶିଯିବାର ସମ୍ଭାବନା।

କୁରୁସଭା ତଳେ ପାଞ୍ଚାଳୀକୁ କୋଟି ବସ୍ତ୍ର ପ୍ରଦାନ
ହେବା ଭଳି, କେଉଁ ଦେବ ପୁରୁଷର ଶଂଖଧ୍ୱନୀ
ହୁଏତ ଶୁଭିବ!
ପ୍ରତୀକ୍ଷା... କେବଳ ପ୍ରତୀକ୍ଷା
ସେହି ଅମୃତ ଲଗ୍ନକୁ।

*ଅରିଲୋ, କଟକ*

# ଈଶ୍ୱର ନଥିଲେ ସେଦିନ

**ଅଜୟ ପ୍ରଧାନ**

ସାଏନ୍ ଡାଏ ହେଲା କଲେଜମାନଙ୍କରେ
ଓକିଲମାନେ ବର୍ଜନ କଲେ କୋର୍ଟ
ଶ୍ରମିକମାନେ ବସିରହିଲେ ରେଳଧାରଣା ଉପରେ
କୃଷକମାନେ ଶୋଇରହିଲେ ଜାତୀୟ ରାଜପଥରେ
ବସ୍ ଟ୍ରକ୍ କର୍ମଚାରୀଏ ଦେଲେ ହୁଂକାର
କ୍ଷଣକୁକ୍ଷଣ ଖବର ଦଉଥିଲେ ଟିଭି ଚ୍ୟାନେଲ୍
ସିଧା ପ୍ରସାରଣକରି
ସକାଳକୁ ସକାଳ ଖବରକାଗଜ ଓ ରେଡ଼ିଓ
ତାଜା ଖବର ଓ ଫଟୋଗ୍ରାଫ୍ ଯୋଗାଡ଼ିସାରି !

ହଜାର ହଜାର ଲୋକ ମାଗୁଛନ୍ତି ଭାତ, ରୁଟି
ହଜାର ହଜାର ଲୋକ ଖୋଜୁଛନ୍ତି ଭିଟାମାଟି !

ଈଶ୍ୱର ଯାଇଛନ୍ତି ଯେ 'ଚଂତି ଟୁର୍'ରେ
ଫେରିନାହାନ୍ତି ଏବେ ବି ।
ଏ ଖବର କୋଉଠୁ କେମିତି ଆସିଲା, ଦେଲା କିଏ
ଖବର ନାହିଁ ମୋ ପାଖରେ !
ମୁଁ ଯଦିଓ ଶୁଣିଥିଲି ଖୁବ୍ ପିଲାବେଳେ
ଇଏ ହେଡ୍'ମାଷ୍ଟର କାଳେ ପ୍ରତ୍ୟେକ ସ୍କୁଲରେ !

ଡର ଥିଲା,ତ ଭାବୁଥିଲି ଡରିଡରି :
ଈଶ୍ୱର ଦେଖିବାକୁ କେମିତି ?
ରାମଂକ ପରି
ଯୀଶୁଂକ ପରି
କୃଷ୍ଣଂକ ପରି
ମହମ୍ମଦଙ୍କ ପରି

ତିରୁପତିଙ୍କ ପରି
ଜଗନ୍ନାଥଙ୍କ ପରି
ଜୁରାଥୁଷ୍ଟ୍ରଙ୍କ ପରି
ବରଗଛ ପରି
ଚଣ୍ଡୀ କି ଦୁର୍ଗାଙ୍କ ପରି
ତମ ପରି
ତାଙ୍କ ପରି
ମୋ ପରି
ପାଣି ପରି
ନିଆଁ ପରି
ଘାସ ପରି
ଫୁଲ ପରି
ଆକାଶ ପାହାଡ଼ ବା ମାଟି ପରି
ନା ଆଉ କା' ପରି ??

ଜଣେ କହିଲେ ସେ ଆସନ୍ତି ଅନେକେ ସମୟରେ
ଏଇ ମନ୍ଦିରକୁ,
ଜଣେ କହିଲେ ପ୍ରତିଦିନ ଦେଖନ୍ତି ତାଙ୍କୁ
ଏଇ ଗୀର୍ଜାରେ
ଆଉ ଜଣେ କହିଲେ ମସଜିଦରେ
ଆଉଜଣେ ଜୋର ଦେଇ କହିଲେ ଅବି ଥିଲେ
ଏଇ ଗୁରୁଦ୍ୱାରରେ
ଜଣେ କହିଲେ ସିଏ ତ ମୃତ !
ଜଣେ କହିଲେ ସେ ଦିଶଂତିନି ଚର୍ମଆଖିକୁ !
ଜଣେ କହିଲେ ଯାହାକୁ ଯେମନ୍ତ !!

ମୁଁ ଟିକେ ଘାବରେଇଯାଏ
ଯା'ପାଇଁ ଏତେ ନାଟ ଏତେ ଫାଟ ଏତେ ଘାଟ
ସିଏ କେମିତି ଚୁପ୍ ?
ସୀତାଂକୁ ନେଲା ରାବଣ ହରି
କୃଷ୍ଣ ହୋଇଲେ ବାରଦ୍ୱାର
ସୁନାମି ପରେ ସୁନାମି
ଭୂମିକଂପ ପରେ ଭୂମିକଂପ
ବାତ୍ୟା ପରେ ବାତ୍ୟା
ଯୁଦ୍ଧ ପରେ ଯୁଦ୍ଧ
ନାରୀଏ ନିର୍ଯ୍ୟାତିତ
ପୁରୁଷ ଭୂଲୁଣ୍ଠିତ
ଅସ୍ତ୍ର ଦେଖି ପୃଥ୍ୱୀ ହତଚକିତ !
ତଥାପି ସେ ଚୁପ୍,
କିଛି କୋଉଥିରେ ନାଇଁ ହସ୍ତକ୍ଷେପ !!

ଈଶ୍ୱର ସତରେ ଈଶ୍ୱର ତ ??

*ଦଇତାପଡ଼ା ସାହି, ପୁରୀ-୧*
*ଦୂରଭାଷ: ୭୯୭୮୮୫୮୦୯୧*

# ନୀରବ ସାଧିକା

**କିଶୋର କୁମାର ମହାନ୍ତି**

ସେ ଥିଲା ଅମୃତର ସନ୍ତାନ,
ଦିଗ୍‌ବଳୟର ଆଭାରେ ଉଦ୍ଭାସିତ ହୋଇ
ଏହି ଧରା ବୁକୁଚିରି ନିଜର ଉପସ୍ଥିତି
ଜବରଦସ୍ତ ଜାହିର କରିଥିଲା
ସମସ୍ତେ ତ ଜନ୍ମବେଳେ ଉଲଗ୍ନଥାନ୍ତି
ସମୟର ସ୍ରୋତରେ କେତେ ଯେ ଉଜାଣି
ଢେଉ ଆସେ, ସେହି ଉଲଗ୍ନ ଦେହରେ
କେତେ ଯେ ପ୍ରକାର ଆଭରଣ ତାକୁ
ଶୋଭନୀୟ କରେ, କେବଳ ସମୟ
ତାର ସାକ୍ଷୀ ରହିଥାଏ।

ତୁମକୁ ଏକ ପଲକରେ ମୁଁ ଦେଖେ
ମାନସ ଚକ୍ଷୁରେ ବସନ୍ତର କୋକିଳତାନ
ଭାସିଆସେ ପ୍ରେମର ଭାଷାର ନିନାଦରେ;
ସ୍ମୃତିର ଦର୍ପଣରେ ତୁମକୁ ଦେଖିବାକୁ
ପ୍ରୟାସ କଲାବେଳେ, ତୁମେ
ସମର୍ପିତ ହୋଇଯାଅ, ନିଜକୁ
କୋଳାଗ୍ରତ କରି, ଉତ୍ତେଜନାର ସବୁ
ଉତ୍ତୁଙ୍ଗ ଲହଡ଼ିର ଦୌଡ଼ ମଧ୍ୟରେ।

ପ୍ରତୀକ୍ଷାର କେବେ ହେବନାହିଁ ଅନ୍ତ,
ଅନ୍ତ ହେବାକୁ ମୁଁ ବି ଚାହେଁ ନାହିଁ;
ଯେଉଁଦିନ ପ୍ରତୀକ୍ଷାର ସମାପ୍ତି ହେବ,
ସେଦିନ ତୁମେ ହେବ ଅସ୍ତମିତ ସୂର୍ଯ୍ୟ
ଚକ୍ରବାଳର ଝାପସା ଆଲୋକରେ
ତୁମେ ହଜିଯିବ ନିର୍ବାପିତ ଏକ ଦୀପର
ସଳିତା ଭଳି।
ତା ପରଦିନ ସୂର୍ଯ୍ୟୋଦୟ ସମୟରେ
ମୋର ଆବେଗିତ ଅପେକ୍ଷା
କେବଳ ଅପେକ୍ଷା ହୋଇ ରହିଯିବ।

ତଥାପି ଭଗ୍ନ ହୃଦୟର ଜ୍ୱାଳା
ନେଇ ମୁଁ ଚାହିଁ ରହିଥିବି,
ଜହ୍ନର ଉଦୟ ହେଲେ,
ମୁଁ ରଜ୍ଜୁର ଶିଡ଼ିର ସୋପାନ ସବୁ
ସଂତର୍ପଣରେ ଅତିକ୍ରମ କରି
ତୁମର ସାନ୍ନିଧ୍ୟ ପାଇବାର ଦୁର୍ବାର
ଲାଳସା ଓ ସ୍ୱର୍ଗୀୟ ଉପଲବ୍ଧି
ଭିତରେ ହଜି ଯିବାକୁ ପ୍ରୟାସ
କରୁଥିବି।


*ପ୍ଲଟ ନଂ. ୨୮୮, କେ-୯-ଏ,*
*ଭଗବାନପୁର, ଭୁବନେଶ୍ୱର-୭୫୧୦୧୯*
*ଦୂରଭାଷ: ୯୪୩୭୪୪୫୬୪୬*

# ଅମରାବତୀ

**ଶରତ ଦାଶ**

ସୁର ହଜିଗଲା ପରେ କି ସଙ୍ଗୀତ
ରଖିପାରେ ବାନ୍ଧି କା'ରେ
ଛନ୍ଦ ହଜିଗଲା ପରେ କି ଜୀବନ
ସୁମଧୁର ହୋଇପାରେ ॥
ତାଳ ଲୟ ଜ୍ଞାନ ନଥିଲେ କି କେହି
ବୁଝିପାରେ ଶାସ୍ତ୍ରଗୀତ
ସ୍ମରଣ ହଜିଲାପରେ କି ଆନନ୍ଦ
ଦିଏ ବିତିଲା ଅତୀତ ॥
ବିଶ୍ୱାସ ନଥିଲେ ଭରସା ନଥିଲେ
ସଂପର୍କ ନରହେ ତିଷ୍ଠି
ତ୍ୟାଗର ମହତ୍ତ୍ୱ ବୁଝେ ଯାର ହୃଦ
ଭୋଗରେ ନପାଏ ତୁଷ୍ଟି ॥
ଚକ୍ଷୁହୀନଜନ କାହୁଁ ବା ଭୋଗିବ
ସବୁଜ ଧରଣୀ ମାୟା
ପ୍ରେମହୀନ ପ୍ରାଣ ଜୀବନ ଥାଇ ବି
ପଥର ସମାନ ଆହା ॥
ଆଶା ସରିଗଲେ ଭାଷା ମରିଯାଏ
ମନର ଆକାଶେ ଶଶୀ
ଲୁଚିଯାଏ କାହିଁ ଖୋଜିହୁଏ ନାହିଁ
ତମସା ପ୍ରସରେ ହସି ॥
ଦେବାରେ ଜୀବନ ରହେ ଉଜ୍ଜୀବିତ
ନେବାରେ ପଡ଼ଇ ଶୋଇ
ଦେବାର ଆନନ୍ଦ ନେବାରେ ନଥାଏ
ଯେ ବୁଝେ ମହତ ସେହି ॥
ହେ କୃପାସାଗର ଦେବାର ସାମର୍ଥ୍ୟ
ମାନସିକ ପରିସ୍ଥିତି
ଦାନକର ସର୍ବେ ଏ ସଂସାର ହେଉ
ସୁଖର ଅମରାବତୀ ॥

*ଭୁବନେଶ୍ୱର*



# ଜୀବନର ପାଣ୍ଡୁଲିପି

## ମହେନ୍ଦ୍ର କୁମାର ମଲ୍ଲିକ

ହସରୁ ଝରଇ ବୁନ୍ଦା ବୁନ୍ଦା ରକ୍ତ
ଆହତ ସେ ବନ ପକ୍ଷୀ
ଗୁଞ୍ଜରିତ କରେ ଯନ୍ତ୍ରଣାର ସ୍ୱର
ଅତୀତର ଯେତେ ସ୍ମୃତି ॥

ଜୀବନ ସଂଗ୍ରାମେ ସଂଘର୍ଷର ଧ୍ୱନି  କରେ ସଦା
ପଦାଘାତ
ଅଜାତଶତ୍ରୁର ଅବିଶ୍ୱାସ ଝଞ୍ଜା
ରଚଇ ମହାଭାରତ ॥

ସମୟଟା ପରା ବଡ଼ ବଳବାନ
ଅତି ନିରିଦୟ ସିଏ
ଗୋଡ଼ରେ ଅଳତା ପାଦରେ ଘୁଙ୍ଗୁର ଦେବଦାସୀ
କରିଦିଏ ॥

ଶୁଖିଯାଇନାହିଁ ଭିଜା ଦେହ ତାର
ଆଜିବି କୁହୁଳେ କୋହ
ମଣିଷର ମୃତ୍ର ଅମୃତ ପାଦୁକା
ତା ତନୁରେ ସିଞ୍ଚି ଦିଅ ॥

ଲୋଡ଼ନାହିଁ କିଛି ଆଦିମ ମଣିଷ
ତମାଳ ବନରେ ବାସ
ସେଇମାନଙ୍କୁ ସେ ବିକିଛି ଜୀବନ  ଅଟେ ଭୀରୁ
କାପୁରୁଷ ॥

ମଣିଷ ଅଟଇ ଅମୃତ ସନ୍ତାନ
ପୁଣି କଳା ଧଳା ଭେଦ
ଶିରା ପ୍ରଶିରାରେ ବହେ ଲାଲ ରକ୍ତ ବୁଝିବା ବଡ଼
ପ୍ରମାଦ ॥

ତୁମେତ ଗଢ଼ିଛ ଗିର୍ଜା ମନ୍ଦିର
ତୁମେତ ଗଢ଼ିଛ ଜାତି
ତିଆରି କରିଛ ବର୍ଣ୍ଣ ପାଚେରୀ
ଯେତେ ଧର୍ମ ଛୁଆଁଛୁତି ॥

ପାଷାଣୀ ଅହଲ୍ୟା ତୁଠର ପଥର
ଜ୍ଞାନୀ ମୁନି ଶାପ ବଳେ
କଳଙ୍କର ଛିଟା ଲଗାଇଲା କିଏ
ନିରନ୍ତର ମନେ ଭାଳେ ॥

ହୃଦୟ ଦାହରେ ଦଗ୍ଧହୁଏ ନିତି
ତନୁରେ ଅମାପ ଅଗ୍ନି
ପ୍ରାପ୍ତିର ସୁଗନ୍ଧ କରେ ଉବୁଟୁବୁ
ଅସତ୍ୟକୁ ସତ୍ୟ ଚିହ୍ନି ॥

ଅଲୋଡ଼ା ଅଖୋଜା ଅମଡ଼ା ବାଟରେ
ଆଞ୍ଜୁଳାଏ ଆଶା ଧରି
ଅରମା ପଥର ଘାତ ପ୍ରତିଘାତ
ରେଖାକୁ କରିବ ପାରି ?
ନାଲି ଅଧରରେ ଫୁଟାଇଲା ଯେବେ ରକ୍ତଜବାର
ହସ
ଅକ୍ରୁରର ରଥ ଅଣଲେଉଟା ସେ
ମନେ ଭରେ ଅବସୋସ ॥

ବଦଳୁଛି ମନ ବଦଳେ ଜୀବନ
ବଦଳୁଛି ଦିନ ରାତି
ଆଗାମୀ ସଂଧାନେ ଅସମାପ୍ତ ଆଜି  ଜୀବନର
ପାଣ୍ଡୁଲିପି ॥

*ଜିଏ-୪୨୩, କୈଳାସ ବିହାର,*
*ଶୈଳଶ୍ରୀ ବିହାର, ଭୁବେନଶ୍ୱର-୨୧*
*ଦୂରଭାଷ: ୯୪୩୭୨୮୧୧୫୫*

# ଋତୁ ଶରତ

## ପ୍ରଣୀତା ମିଶ୍ର

ଆକାଶ ରେ ନାହିଁ ଘନ କଳାମେଘ
ନାହିଁ ଚମକ ବିଜୁଳି
ନୀଳ ଧବଳର ରଙ୍ଗରେ ଅମ୍ବର
ଖେଳେ ସତେ ଲୁଚକାଳି ॥
ତୁଳାଭିଣା ବାଦଲର ଦଉଡରେ
ଦିଶେ ନଭ ମନଲୋଭା
କାଶତଣ୍ଡୀ ଫୁଲ ଶୁଭ୍ର ବସ୍ତ୍ର ମଣ୍ଡି
ବଢାଏ ଧରାର ଶୋଭା ॥
ନଦୀଜଳ ଦିଶେ ଦର୍ପଣ ଭଳି
ଆକାଶର ଛବି ଦିଶେ
ଫୁଲେଇ ଶରତେ ସଜାଇଣ ଦେହ
ଫୁଲି ଫୁଲି ହସ ହସେ ॥
ରଜନୀଗନ୍ଧା ର ବାସରେ ମହକେ
ନବ ଯଉବନା କନ୍ୟା
ଗଙ୍ଗଶିଉଳି ବି ଚହଟାଏ ବାସ
ରାତିକ ପାଇଁ କି ସିନା ॥
ସୁନ୍ଦର ଚିକ୍କଣ ସମ୍ମୋହିତ ରୂପେ
ଦିଶେ ଅପରୂପା ଧରା
ଶରତ ଋତୁର ଯାଦୁକରୀ ସ୍ପର୍ଶେ
ହୁଏ ପରିଷ୍କାର ତୋରା ॥
ବିମଳ ମର୍ତ୍ତ୍ୟର ଶୋଭାଶିରୀ ମଧ୍ୟେ
ଆସଇ ପୂଜା ପାର୍ବଣ
ଘଂଟ ଘଂଟା ଢୋଲ ତାଳରେ କରନ୍ତି
ମହାମାୟା ଆଗମନ ॥
ଦେବୀ ମା'ଙ୍କର ପୂଜା ରେ ସରବେ
ହୋଇଯାନ୍ତି ଏକ ପ୍ରାଣ
ଆଶୀଷ ଲୋଡ଼ନ୍ତି ନତ ମସ୍ତକରେ
ହୋଇ ଭକ୍ତିରେ ମଗନ ॥

*ଭୁବନେଶ୍ୱର*

# ନାରୀରୁ ନାରାୟଣୀ

## ବିରଜା ଦେବୀ

ଦଶମାସ ଗର୍ଭେ ଧରି ମୃତ୍ୟୁର ଯନ୍ତ୍ରଣା ପରି
ଜନ୍ମ ଦେବା କଷ୍ଟ ସହି ପୃଥିବୀ ଦେଖାଏ।
ବକ୍ଷରୁ ଅମୃତ ଦେଇ ପାଳେ ପୁଣି
କୋଳରୁ ଓହ୍ଲାଏ, ହାତଧରି ଚାଲିବା ଶିଖାଏ ॥

ସେ ଜନନୀ ଜନ୍ମଦାତ୍ରୀ ଆମ
ଓପାସରେ ବସିଥାଏ ଆମ ବାଟ ଚାହିଁ
ରୋଗ ହେଲେ ଦିନରାତି ଏକା କରେ
ରାତି ଜାଗେ ଆଖି ଲୁହ ପିଇ ॥

ଭଉଣୀ ତ ଜନ୍ମରୁ ସ୍ନେହରେ ଭିଜେ
ଭାଇ ଦୋଷକୁ ଲୁଚାଏ ଦୁଃଖ ସୁଖ ବୁଝେ;
ଶାଶୁଘରେ ବୋହୁରୁ ଘରଣୀ ଆଉ
ମାଆ ହେଲେ ବି ତ ଭାଇର ଉପହାରରେ
ପିଲାଦିନ ଖୋଜେ ॥

ପତ୍ନୀ ରୂପେ ପ୍ରେମ ସହ ସମ୍ଭାଳେ ସଂସାର,
ସହେ ବନ୍ଧୁ ବାନ୍ଧବ ଜଞ୍ଜାଳ;
ବଂଶରକ୍ଷା କରେ ପୁଣି ଦୁଃଖ ବିପଦରେ
ସାଥି ହୋଇ ରହେ ଚିରକାଳ ॥

କନ୍ୟା ରୂପେ ସେବା କରେ
ଭଲ ପାଇବାର ଫୁଲ ଫୁଟାଏ ସେ
ମନ ଅଗଣାରେ;
କନ୍ୟା ବିନା ଘର ଲାଗେ ଶୂନ୍ୟ
ରାଗ ବିନା ଅଭିମାନ କରିବାକୁ

କଣ୍ଟେଇଟେ ନ ଥାଏ ସେ ଘରେ ॥

ମା' ପୁଣି ସ୍ୱାର୍ଥ ଜଗେ
ମହାଳସା ପରି ଜ୍ଞାନ ଦିଏ
ସିଧା ବାଟେ ଚାଲିବାକୁ ଈଶ୍ୱର ବିଶ୍ୱାସ ସହ
ସତ୍ୟ ପଥ ସଂସ୍କାର ଶିଖାଏ ॥

ନାରୀ କରିପାରେ ସିନା ତ୍ରିଦେବଙ୍କୁ ଖୁସି
ସକଳ ଭୂମିକାରେ ସେ ସ୍ୱତଃସିଦ୍ଧା ସେ ତ
ଆଦ୍ୟାଶକ୍ତି ॥

*ଭଞ୍ଜପୁର, ବାରିପଦା, ମୟୂରଭଞ୍ଜ*

# ସକାଳ

## ଡକ୍ଟର ମୀନକେତନ ପାଠୀ

ବନ୍ଦ ଝର୍କା ଖୋଲିଦିଅ
ଆଉ ଦେଖ
ପ୍ରାଣୋଚ୍ଛଳ ଜୀବନର ନୃତ୍ୟ
ଝରକା ବାହାରେ।

ହସୁଛି ଫୁଲ,
ପବନର ନିଃଶ୍ୱାସକୁ
ଆକଣ୍ଠ ପିଇଯାଉଛି
ପ୍ରଜାପତି,
ପକ୍ଷୀର ଡେଣା
ମାପୁଛି ଆକାଶର ସୀମା,
ଅଳସଉଛି ମାଇ କୁକୁର-
ଧ୍ୟାନମଗ୍ନ ମୁଦ୍ରାରେ
ଦେଖୁଛି
ଶାବକମାନଙ୍କ
ଧରା ମସ୍କା କାମୁଡ଼ା କାମୁଡ଼ି,
ଆବିଷ୍କାର କରୁଛି
ନୂଆ ସଂପର୍କ।

ତମେ
କବାଟ କିଳି
ଅଂଧାରରେ ନାକ ନର୍ଦ୍ଦମା
ଅଣ୍ଡାଳି ଅଣ୍ଡାଳି
ଅମୃତଝରା
ରାତିର ନିର୍ଯ୍ୟାସକୁ ବି
ନିଃଶେଷ କରିଦେଲ !

ଏବେ ତ
ଉଠିପଡ଼
ମୁହଁ ଧୁଅ
ଆଖିପତା ଖୋଲି ଦେଖ
ନିଃସ୍ୱାର୍ଥ ଚିତ୍ରିତ ଆକାଶଟିଏ
କେମିତି
ତମର ପ୍ରତୀକ୍ଷାରେ।

ଦେଖ
ଜୀବନର ମଞ୍ଜିଟିଏ
ପୋତି ଦେବାକୁ
ସକାଳର ସୂର୍ଯ୍ୟ
ଆଂଜୁଳାଏ ମାଟି ଧରି
ଅପେକ୍ଷା କରି ରହିଛି।

*ମହାନଦୀ ଲେନ୍, ବ୍ୟାଙ୍କ କଲୋନୀ,*
*ସାକ୍ଷୀପଡ଼ା,*
*ସମ୍ବଲପୁର-୭୬୮୦୦୧*

# ମା'ର ଚୁଲି

## ସସ୍ମିତା ରାଉତ

ମା ବାପାଙ୍କୁ ଲଗାଇ
ଚିକ୍କଣ ମାଟି ଆଣି ପଚାଏ
ନିଖୁଣ କାରିଗରୀ ପରି
ତିନି ଝିଂକାକୁ
ଠିକଣା ଜାଗାରେ ବସାଏ
ନାଲି ମାଟି, ଗୋବର ମିଶାଇ
ଚୁଲି ଚାରିପାଖ ଲିପି ଦିଏ
କୋଣାର୍କର ବିନ୍ଧାଣି ପରି
ଖୁବ୍ ଗୋଟେ ଆତ୍ମସନ୍ତୋଷରେ
ଆପଣାର ପିଠି ଆପୁଡ଼େଇ
ଆରମ୍ଭ କରେ ତା'ର ନିତ୍ୟ ଚର୍ଯ୍ୟା।

ମା ମନରେ ଅଗାଡ଼ ବିଶ୍ୱାସ
ବୁଢ଼ୀମା ହାତରେ ବଢ଼ତି
ସତେ ଅବା ଚାରି ବେଦ ଜ୍ଞାନୀ
ପୁରୁଖା ପଣ୍ଡିତିଆଣୀର ପରିପାଟୀ
ଫୁଲ, ଦୂର୍ବା, ବୋରକଳି ପତ୍ର ଦେଇ
ପିତଳ ଘଟୀରେ ଛିଞ୍ଚି ଦିଏ ପାଣି।

ଏବେ ମା'ର ପ୍ରଥମ ରୋଷେଇ
ନୂଆ ପାତ୍ରରେ କ୍ଷୀର ଉତୁରେ
ତାପରେ ଆରମ୍ଭ ହୁଏ ରୋଷ
ମା'ର ପାଖରେ ଅସରନ୍ତି ଭଣ୍ଡାର
ମହାଲକ୍ଷ୍ମୀଙ୍କ ଆଶୀର୍ବାଦ ସର୍ବଦା ଥାଏ
ସେଥିପାଇଁ ତ ଯେତେ ଅତିଥି ଆସିଲେ
ମା କେବେ ପଛଘୁଞ୍ଚା ଦିଏ ନାହିଁ
ସେ ସମସ୍ତଙ୍କ ମନ ଜାଣି ବାଢ଼ି ଦିଏ
ସାରା ବର୍ଷ ଚୁଲିରେ ଭାତ ଫୁଟେ
ସକାଳେ ଲିପିପୋଛି ଦେଲେ
ପୁଣି ନୂଆ ପରି ଦିଶେ।

ଚୁଲିର ଲୋଡ଼ା ପଣରେ
ମା ଓଠରେ ହସ ଫୁଟେ
ବାର ମାସରେ ତେର ଓଷା
ଦିଅଁଙ୍କ ପାଇଁ ଛପନ ଭୋଗ
ବୁଢ଼ୀମା ର ପୋଡ଼ ପିଠା
ସବୁ ମନଜାଣି କରିଦିଏ
ଚୁଲି ମା'ର ଆପଣା ସଙ୍ଗାତ
ତା ଠାରେ ବସେ, ହସେ।

ଅରାନ୍ଧିଆ ଆସିଲେ
ଗୋଟେ ଦିନ ଚୁଲି ବନ୍ଦ ରହେ
ଛୋଟ ଚୁଲି ଟିଏ ଗଢ଼ା ହୁଏ
ହାଣ୍ଡିଶାଳରେ ରଖି ମା ପୂଜା କରେ।

ଚୁଲି ଚାରିପାଖ ଲିପି ପୋଛି ଦେଇ
ମା ଚାଉଳ ଚୁନାରେ ଚିତା ପକାଏ
ଚୁଲିକୁ ଦେଖି ମୁରୁକି ହସେ
ସତେ ଅବା ଚୁଲି ସହ ସେ
ତା'ର ଦୁଃଖ ଜଞ୍ଜାଳ ବାଣ୍ଟେ
ଗୋଟେ ଦିନ ହେଉ ପଛେ
ଚୁଲି ନିତ୍ୟ ଦହନରୁ ବଞ୍ଚେ।

*ସୋର, ବାଲେଶ୍ୱର*

# ସ୍ୱପ୍ନର ବାସର ରାତି

## ସୁକୁମାର ଦାସ

ଚିରକାଳ ସ୍ୱପ୍ନ ମୋର ଅବୁଝା ନଈର
ସ୍ରୋତପରି ବୋହି ଚାଲିଛି ଆତ୍ମାର ସମୁଦ୍ର
ଭିତରେ ॥
ସ୍ୱପ୍ନର ବୁଢ଼ିଆଣି ଜାଲ ଭିତରେ
ଜୀବ ଜଗତ ଲୋଟି ପଡୁଛି ମାଟିର ଛାତିରେ ॥

ସ୍ୱପ୍ନ ଏକ ଅବୁଝା ଅଝଟ ପିଲା

କେତେବେଳେ ରାଜଜେମାର ଲାଜଭୂଲୀ
ହସର ଢେଉରେ ବିଭୋର ହେଉଛି
ପୁଣି କେତେବେଳେ ବିଶ୍ୱର ମାନଚିତ୍ରରେ
ସଜଳ ବିଭୋର ଚୂମାଟିଏ ଆଙ୍କୁଛି ।।

ଅନାଥ ଶିଶୁ ଓ ଦୁଃଖିନି ବିଧବା ମାଆର
ଲୁହ ଭିତରେ ସ୍ୱପ୍ନ କିନ୍ତୁ ରୂପା ଜହ୍ନ ପରି
ଝଟକୁଛି ।
କେତେବେଳେ ସୁନାକଳସିର ସ୍ୱପ୍ନ ତ
ପୁଣି ନଡ଼ା ଛପର ଭିତରେ
ରାଜ ଉଆସର ଅଟ୍ଟାଳିକା ।।

ସ୍ୱପ୍ନ କେବେ ମରେ ନାହିଁ ସବୁଜ ବିଶ୍ୱରେ...
ରଂଗମୟ ପୃଥିବୀକୁ ବିଭୂତିମୟ କରେ ସ୍ୱପ୍ନ
ପୁଣି ହଜିଯାଇ ଥିବା ସମ୍ପର୍କରେ
ଯୋଡ଼ିଦିଏ ମହୁଫେଣାର ମଧୁରତା ।।

ସଚରାଚର ବିଶ୍ୱରେ ପ୍ରୀତିର ଫଲଗୁ ପାଇଁ
ସ୍ୱପ୍ନ ବୁଣି ଦେଉ ତାର ଅଭୟ ଶକ୍ତି, ଆଶୀର୍ବାଦ,
ଯେଉଁଠାରେ ସମସ୍ତେ ମିଶି ଯାନ୍ତୁ କର୍ତ୍ତବ୍ୟର
ବାରିଧାରାରେ ।।
ବରଂ କବିଟି ବାସର ରାତିର ଭଙ୍ଗା ପଡୁ
ସବୁଦିନେ ସ୍ୱପ୍ନ ବାଣ୍ଟୁ ଥାଉ
ମାତ୍ର ମୁଣ୍ଡ ପାତି ସ୍ୱପ୍ନର କୁଡ଼ିଆ ଘରକୁ
ପ୍ରଣିପାତ କରୁଥାଉ ଚିରକାଳ ।।

*ପ୍ରାକ୍ତନ ଜଂଗଲ ଅଧିକାରୀ, "କବି ସଂସାର"*
*ଆରୁହାବୁଡି-୧, ବାଲେଶ୍ୱର-୭୫୬୦୭୯*
*ଦୂରଭାଷ: ୯୯୩୭୫୩୧୯୯୩*

# ବିଜନ ବେଳାରେ

**ଅନୀତା ପାଣି**

ଲୁଚିଯାଅ ତୁମେ ରାତିର ଅନ୍ଧାରେ ଅନେକ
ବାହାନା ଦେଇ,
ଦିନେ ତ ଜାଣିବ ହୃଦୟରେ କେତେ ଅନୁରାଗ
ତୁମ ପାଇଁ ।
ତାରାଫୁଲ ଫୁଟେ ତୁମ ପଥଧାରେ ଦେଖୁଚି
ଦୂରରେ ଥାଇ,
ବିଜନ ପଥରେ ହେବି ତୁମପାଇଁ ବିଭୋର
ବେଳାର ଛାଇ ।

ଲୁଚିଯାଅ କେବେ ବାଦଲ ଉହାଢ଼େ ପରଖିବା
ପାଇଁ ମତେ,
ନିରିମାଖି ମୋର ବିଧୁରା ହୃଦୟ କୁହୁଳି ଯାଏ କି
ସତେ ।
ଅସହଜ ଲାଗେ ତୁମଠୁ ଅଲଗା ହେବାକୁ ଭାବୁଛି
ଯେବେ,
ନିଜ ହାତଗଢ଼ା କନକ ମହଲ ଭାଙ୍ଗିବି କେମିତି
ଭାବେ ।

ଲୁଚିଯାଅ ତୁମେ ଅମାବାସ୍ୟା ତିଥେ ଦଇବ
ଦେଇଚି ପ୍ରାସ,
କମଳିନୀ ମୁହେଁ ହସ ଲିଭିଯାଏ ନଥାଏ ତିଳେ
ସୁବାସ ।
କେତେ ଦୂର ତୁମେ କେତେ ଦୂରେ ମୁଁ ତଥାପି
ପୀରତି ରାସ
ମିଳନ ବିହୁନେ ଇଏ କି ବନ୍ଧନ ନୟନେ ନାହିଁ
ବିଳାସ ।

କଷଣ ଦେଉଛି କାକରର ବୁନ୍ଦା ଖୋଜେ ଆଖି
ସୁନାଖରା,
କଅଁଳ ପାଖୁଡ଼ା କିରଣ ଗାଧୋଇ ସୁଖେ ହୁଏ
ଆତ୍ମହରା ।

*ପଦ୍ମେଶୟ, ସୌଭାଗ୍ୟ ନଗର, ଅନୁଗୋଳ*
*ଦୂରଭାଷ: ୮୩୨୭୭୦୫୯୭୦*

# ଛୋଟର ମହିମା

**ଶୁଭେନ୍ଦୁ ଦାଶ**

ଛୋଟ ଛୋଟ ଫୁଲ କଳି ନାବାବିଧ ବର୍ଣ୍ଣ ଢାଳି
ମଞ୍ଜୁଳ କରେ ବନ ବୀଥିକା
ମଳୟ ପରଷେ ଆସି ଭୂରୁ ଭୂରୁ ଗନ୍ଧ ଭାସି
ପୁଲକାଏ ତନୁ ମନ ନାସିକା ।
ଛୋଟ ଛୋଟ ତାରାମାନେ ନୀଳ ଅନନ୍ତ ଗଗନେ
ଝଲି ଝଲି ମାରେ ଆଖି ମିଟିକା
ତାରକିତ ଅମାରାତେ ମୃରୁକି ହସି
ଢାଳି ଦିଏ ପୀୟୁଷର ଛିଟିକା ।

ଛୋଟ ଛୋଟ ଦୁର୍ବାଦଳ ମଣ୍ଡାଇ ଅବନୀ କୋଳ
ମଞ୍ଜୁଳ ଶ୍ୟାମଳ ରଙ୍ଗେ ରଙ୍ଗାଇ
ଭେଟି ବାସ ଉପହାର ପିନ୍ଧାଏ ଧରା ଶରୀର
ସୌମ୍ୟା ନବବଧୂ ବେଶେ ସଜାଇ ।

ଛୋଟ ଛୋଟ ପ୍ରଦୀପର ସ୍ତିମିତ ଆଲୋକଧାର
କେତେ ଚାରୁ ସ୍ନିଗ୍ଧ କେତେ ଶୀତଳ
ଫେଡ଼ି ନୀଡ଼େ ଘନ ଘୋର କିଟି ଅମା ଅନ୍ଧକାର
ଚହଟାଇ ଦିଏ ଦିଗ ସକଳ ।

ଶୀତର ସକାଳ ବେଳେ କୋମଳ କୁସୁମ କୋଳେ
ଛୋଟ ଛୋଟ ଶୁଭ୍ର ହିମକଣିକା
ଉପରେ ପଡ଼ି ଅରୁଣ କଅଁଳ ସୁନା କିରଣ
ଦିଶେ କେଡ଼େ ରମ୍ୟ ମୋତି ପରିକା ।
ଛୋଟ ତାର ଓଠଧାରେ ହସଇ ଶିଶୁ ମଧୁରେ
ଦେଖି ଦୃଦତଟେ ତରଙ୍ଗ ଭାସେ
ନିଷ୍ପାପ ହସର ଆଭା ଦିବ୍ୟ ସେ ପ୍ରକାଶ ପ୍ରଭା
ପୂତ ପୁରଞ୍ଜନ ଶୋଭା ପ୍ରକାଶେ ।

ଆଖିର ପଟଳେ ସିନା କେତେ କେତେ ଅନାବନା
ଛୋଟ ଛୋଟ ହୁଏ ଦୃଶ୍ୟମାନ
ସନ୍ଧାନୀ ମନ ପ୍ରକାଶି ଖୋଜି ଖୋଜି ଦିଶି ଦିଶି
ପାଇଥାଏ ବିରାଟର ସନ୍ଧାନ ।

*ବେଙ୍ଗାଲୁରୁ, କର୍ଣ୍ଣାଟକ*
*ଦୂରଭାଷ: ୯୯୩୭୬୬୩୦୧୫*

# ଧରା ହେଉଛି ଭରା

**ରାଜଶ୍ରୀ ମହାପାତ୍ର**

ଜଗତ ଜନନୀ ମାଆ ଆମର
ଦୁର୍ଗା ରୂପେ ଅବତରିବେ
ମହୀ ଉପର ।
ସଜାଇ ହେଲାଣି ପ୍ରକୃତି ରାଣୀ
ଧରା ଆଜି ହେଉଛି ଭରା
ବିଛେଇ ଦେଇଛି
ସବୁଜିମା ଘାସ ଗାଲିଚା ।
ନାନା ରଙ୍ଗ ବେରଙ୍ଗ
ଫୁଲର ଶେଯ
ଶୋଭା ବଢ଼ାଏ ଭୂମି ଉପର ।
ତା' ସାଥେ ପୁଣି କାଶତଣ୍ଡୀ ଫୁଲ
ଧୋବ ଫରଫର ବେଶଟି ତା'ର
ଲାଗେ ସତେ କି ମନୋହର ।
ସୁଲୁସୁଲିଆ ପବନ ସାଥେ
ନୁଆଁଇ ଦିଏ ଶିରଟି ତା'ର
କରିବାକୁ ଧରଣୀ ମାଆକୁ
ସତେ ସ୍ୱାଗତ ।

*ବାଲିଆପଡା, ତମାଣ୍ଡୋ,*
*ଦୂରଭାଷ: ୯୪୩୯୧୯୮୬୩୪*

# ସତ୍ୟ ଜଳାଞ୍ଜଳି

**ବିନୟ ଭୂଷଣ ପାଣିଗ୍ରାହୀ**

ବଦଳି ଯାଇଛି ଏବେ ବଜାରର ହାଲଚାଲ
କାୟା ବିସ୍ତାରୁଛି ଏବେ 'ମିଛ' ର ଚାହିଦା
'ସତ' ର ଚାହିଦା ଅଧୁନା ସନ୍ଦେହ ଘେରରେ
ଭାଉ ଯେଣୁ ଭୁଇଁଛୁଆଁ
ତା'ସାଙ୍ଗକୁ ଗରାଖ ମଡକ ଭୟ
ନୁଆଁଇ ଦେଇଛି ସତକୁହା ଅଳ୍ପସଂଖ୍ୟକଙ୍କୁ।
ମିଥ୍ୟାବାଦୀ ହେଉ ଅବା ହେଉ ସତ୍ୟବାଦୀ;
ଛାତିରେ ହାତଦେଇ କିଏବା କହିବ
ଏମିତି ମଣିଷଟେ ମିଳିବ ମର୍ତ୍ତ୍ୟରେ
ମୁକ୍ତଭାବେ ବଂଚିବାର ମୋହ ନାହିଁ ଯା'ର !
ଏଯାବତ ମୋ'ଆଖି ଦେଖିନି ଜଣକୁ
ମୁଠେଇ ଧରିନି ଯିଏ ସ୍ୱପ୍ନରୁ ପୁଳାଏ
ନଭାବି-ନଚିନ୍ତି ସେସବୁର ଭାଗ୍ୟ-ଭବିଷ୍ୟତ !
କହୁନ, ପର୍ଯ୍ୟାପ୍ତ କି
ସାଧନ ବିହୁନେ କେବଳ ସାଧନା
ମହଙ୍ଗା ଏ ଦୁନିଆ ଭିତରେ
ମୁଠାଏ ରୁ ଗୋଟାଏ ସ୍ୱପ୍ନକୁ
ଦୃଷ୍ଟିର ପରିଧି ସେପାରି
ଜହ୍ନରେ ଜାଗାଟେ ଦେବାକୁ ?
ବଜାର ର ରହସ୍ୟ ତ ଲୁଚିଛି ସେଇଠି ;
ବିବେକ-ବିଚାର ବିସ୍ମରି
ବିକିଦିଅ ଅଳ୍ପକିଛି ବଛାବଛା ମିଛ
ସତ୍ୟକୁ ଥୋଇଦେଇ ସାତତାଳ' ପାଣିତଳେ
ଅସୁରୁଣୀ ସିନ୍ଦୁକର ଫରୁଆ ଭିତରେ ।
'ସତ' ,ବିପଣନ ଅଯୋଗ୍ୟ ବୃଥା ପଣ୍ୟଟିଏ
କଉଡିକର ମୂଲ୍ୟ ତ ଦିଏନା
ବରଂ କଂଟାହେଇ ଠିଆହୁଏ ଖାଲି
ସ୍ୱପ୍ନପୂର୍ତ୍ତିର ସଳଖ ମାର୍ଗରେ,
ଛାଡ଼ ହୋ, ଜଳାଞ୍ଜଳି ଦେଇଦିଅ ତାକୁ
ଠେଲିଦିଅ ବିସ୍ମୃତିର ଅତଳ ଗର୍ଭକୁ ।।

*ହରସିଂହ ପୁର, ପୀରହାଟ ବଜାର, ଭଦ୍ରକ*
*ଦୂରଭାଷ: ୯୪୩୮୬୭୦୧୨୦*

# ଭିଜା ଅତୀତ

**ଡ. ଲକ୍ଷ୍ମୀକାନ୍ତ ପାଢ଼ୀ**

ଚାନ୍ଦ ଆଣିଥିଲି ଆକାଶରୁ
ମଣି ଆଣିଥିଲି ପାତାଳରୁ
ସବୁ ଆଣିଦେଇଥିଲି ମର୍ତ୍ତ୍ୟରୁ ତୁମକୁ
ତଥାପି ମନ ବୁଝିଲାନି ତୁମର
ତୁମେ ଉଦାସ ହୋଇ ରହିଗଲ।

କାହିଁକି ଆଶାୟୀ ହାତ ମୋର
ଟାଣି ହୋଇଯାଉଥିଲା
ସୂର୍ଯ୍ୟଠୁଁ ଆଲୋକ ଛଡ଼ାଇବାକୁ
ତାରାମାନଙ୍କୁ ନିଶ୍ଚିହ୍ନ କରିବାକୁ
ମୁକ୍ତା ଆଣିବାକୁ ସାଗରର
ଅତଳ ଗର୍ଭରୁ, ତୁମେ କୁହ ?

ସେଥିରେ ତୁମେ ସନ୍ତୁଷ୍ଟ ହୁଅ
ମୋର କିଛି କହିବାର ନାହିଁ
ମୋ ହାତରେ ସେମିତି କିଛି କ୍ଷମତା ନାହିଁ ଯେ
ମୁଁ ଯାହା ଚାହିଁଲେ ତୁମେ ସେୟା କରିବ
ନିର୍ଗତ ଶବ୍ଦଙ୍କୁ ମଥାପୋତି ମାନିନେବ
କୋଳେଇ ନବ ପୁଣି ଅତୀତର ଭଙ୍ଗା
ଚୋକେଇରେ।

କେତେକଥା, କେତେ ଦିବଂଗତ ଅନୁଭୂତି
କେତେ ବାଲି, କେତେ ନଈ ପଠା
ଜହ୍ନ ରାତି, ଆମ୍ବ ତୋଟା
ଅନ୍ଧପୁତୁଳି, ଆଉ ଅବୁଝା ପ୍ରେମ ସବୁ
ସେମିତି ପୋତି ହେଇଯାଉ
ସୀମାହୀନ ସମୟ ଢେଉରେ
ଚରାବାଲି ଦେହ ଚଟାଣରେ
ମୁଁ ଜରଦ୍‌ଗବ ଖାଲି ଅନାଉଥାଏ
ଭିଜା ଅତୀତକୁ।

*ଅବସରପ୍ରାପ୍ତ ପ୍ରାଧ୍ୟାପକ, ଇଂରାଜୀ ବିଭାଗ*
*ଦୂରଭାଷ: ୬୩୭୦୦୮୩୬୦୯*



# ପାଦଚିହ୍ନ

**ସୁଶାନ୍ତ କୁମାର ନାୟକ**

ଇତିହାସର
ଚିରା ପୃଷ୍ଠାରେ
ଲେଖାହୁଏ
ପତିତା ନାରୀର ଚରିତ୍ର।

ପ୍ରେତାତ୍ମାର
ଅନ୍ତିମ ଚେହେରାରେ
ଭରି ରହିଥାଏ
ଯେତେସବୁ
ଅସାରଣ କଥା।

ପାପ ପୁଣ୍ୟର ଗୋଠରେ
ପଘାଛିଣ୍ଡା ଗୋରୁଙ୍କ
ବେକରେ ବନ୍ଧାହୁଏ
ଧ୍ୱଂସର ସବୁ ସଂକୀର୍ଣ୍ଣତା।

ନିଶାଗ୍ରସ୍ତ ପବନର
ପାଦଚିହ୍ନରେ
ଅଣଚାଶ ପବନର ଡର।

ମୃତ୍ୟୁପରେ ଆସେନାହିଁ
ଆଉ ଏକ ମୃତ୍ୟୁ
ଗଢ଼ିବାକୁ ଜୀବନର
ଅନ୍ତିମ ମୁହୂର୍ତ୍ତ।

ସମୁଦ୍ର ବକ୍ଷରେ
ଆତ୍ମାହୁତି ଦିଅନ୍ତି
ସବୁ ଧର୍ମଛଡ଼ା ଦିନ।

ଢେଉର ତରଙ୍ଗରେ
ଆସୁଥାଏ ଯାଉଥାଏ
ପିଲାଦିନର ଅସରନ୍ତି
ବିପନ୍ନର ସ୍ୱର।

ଆକାଶରୁ ଲିଭିଯାଏ
ଗର୍ଭକଷ୍ଟ ଭୋଗୁଥିବା
ତାରାଙ୍କ ଅସୁମାରି ତେଜ।

ସମୁଦ୍ରର ଫୁତ୍‌କାରରେ
ଫେରିଆସେ
ଦ୍ୱୀପାନ୍ତର ଆତ୍ମାର
ଅନାଗତ ସ୍ୱର।

ଲହରୀରେ ଧୋଇଯାଏ

ସବୁ ପ୍ରଶ୍ନର ଉତ୍ତର ଖୋଜୁଥିବା
ବାଟବଣା ଚଢ଼େଇର ପାଦଚିହ୍ନ।

*ପଞ୍ଚବଟୀ ନଗର, ଦ୍ୱିତୀୟ ଲେନ୍,*
*ରାୟଗଡ଼-୭୬୫୦୦୧*
*ଦୂରଭାଷ: ୯୪୩୭୧୧୮୮୨୨*

# ନଈକୁ ଫେରିଆସେ

## ସୁଶୀଲ କୁମାର ପାଣିଗ୍ରାହୀ

ନଈକୁ
ଫେରିଆସେ ପାଣିର ଗୀତ
କଦମ୍ବର ହସ
ଯେମିତି ଫେରିଆସେ
ସେଇ ଗୀତକୁ

ଧୂସର ପଡ଼ିଆ ଭୁଲି ନଥାଏ
ସବୁଜ ବିପ୍ଳବ
ତା ପାଖକୁ ବି ଫେରିଆସେ
ତାର ଅତି ପ୍ରିୟ ମୂହୁର୍ତ୍ତ।

ରାତି ପାହିଲେ
ଫେରିଆସେ ଆମର ଅନେକ
ଫୁଲପରି ଶବ୍ଦ
କଳା କିଟ୍ କିଟ୍ ଅନ୍ଧାର ବି
ରୂପାନ୍ତରିତ ହେଇଯାଏ
ଆଲୁଅର ପ୍ରଜାପତିରେ।

ସମସ୍ତେ ଫେରନ୍ତି
ନ ଫେରିବା ଜାଗାରୁ ବି
ପ୍ରେମ ଥାଏ ବୋଲି।

ପ୍ରେମ ଅଛି ବୋଲି
ଅସମ୍ଭବ କିଛି ନାହିଁ
ଦେଖ
ପଥର ଉପରେ ବି ଶିଉଳି...
ବାର ବାର ଫେରୁଛି।

*(କଲ୍ୟାଣୀ ରେସିଡେନ୍ସି)*
*ଫ୍ଲାଟ ନଂ-୨୦୩, ଫାର୍ମ ରୋଡ୍, ସମ୍ବଲପୁର-୨*
*ଦୂରଭାଷ: ୮୧୪୪୨୨୮୨୦୨*

# ରାହା

## ଗୀତା ଦାସ

ଶିଶୁଟି ରାହାଧରି କାନ୍ଦୁଛି।
ରାହା ଭିତରେ ଅନେକ କିଛି
ଅଝଟ ପଣିଆ, ଜିଦି, ଦାବୀ
କେବଳ ତା ଅଧିକାର ସାବ୍ୟସ୍ତ କରିବା ପାଇଁ।
ଯୌବନର ରାହା ଭିତରେ
ତାରି ଯନ୍ତ୍ରଣା ଶାରୀରିକ ଅଥବା ମାନସିକ
ରୋଗରେ
ଧନ ଅଛି। ମାନ ଅଛି। ପ୍ରତିପତ୍ତି ବି।
ତଥାପି କିଛି ନ କରିବାର ଦୁଃଖରେ ଛଟପଟର
ଜୀବନ
ଅପରାହ୍ନର ଲମ୍ୱାହାତ ବଢ଼େଇଲାଣି,
ସମୟ।
ଅଳ୍ପ ସମୟ ପରେ ଘଟିପାରେ କିଛିବି।
କେବଳ ରାହା ଧରିବାଟା ସାର।
ସବୁ ରାହାକୁ ଏକାଠି କଲେ
ଓଁକାର ଧ୍ୱନି ହେଇଯାଏ।
ଶୁଭେ ନାହିଁ, ଆଉ କିଛି ସଂସାରର ଭଲମନ୍ଦ।
ବୁଝିହୁଏ ଜୀବନ ଯନ୍ତ୍ରଣା ଜମାଟବନ୍ଧା ଦୁଃଖ ସବୁ।
କୁହୁଳି କୁହୁଳି ହେଇ ଜଳୁଥାଏ ନିର୍ବାଣ ପାଇଁ;
ଅନବରତ।
ମଣିଷ ଖୋଜୁଥାଏ ଶାନ୍ତିସ୍ତୁପକୁ
ଟିକେ ଆଉଜି ହେବା ପାଇଁ।
ହଜିଯାଇଥିବା ମଣିଷକୁ ଖୋଜିବ
ନହେଲେ ନିଜେ ହଜିଯିବ।
ଖୋଜିଥିଲା ଦିନେ ଗହଳି ସ୍ଥାନରେ
ହାଟ ବଜାରରେ, ଦୋକାନରେ ଏବଂ
ରାସ୍ତାଘାଟରେ
କାହିଁ ନାହିଁ କେହି ବି ନାହାନ୍ତି।
ଜୀବନ ତାହେଲେ ପହଞ୍ଚ ପାରୁନଥିବା ହାତଟିଏ
ଭୋଗୀ ସିଏ ସାକ୍ଷୀ ବି ସେ।
ଦେଖୁଥିବା ନିତିଦିନର ଘଟଣାରେ,
ରାହା ସବୁ ଗୋପନ ଇଙ୍ଗିତ ଦିଏ।
ମୁଁ ଏଇଠି ତୁ ଯଉଠି।
ତାହେଲେ ମଣିଷ ଜାଗ୍ରତ ହୁଏନି କାହିଁକି ?
ସ୍ୱପ୍ନ ସୁଷୁପ୍ତି ଭିତରେ ମୁଣ୍ଡ ଟେକି
କ'ଣ ଅଣ୍ଡାଳୁ ଥାଏ ?
ଖିନ୍‌ଭିନ୍ କରୁଥାଏ କିନ୍ତୁ ସାଲିସ୍ କରେନା।
ରାହା କିନ୍ତୁ ସଂବାଳୁଆ ପୋକ ପରି
ରାଗିଣୀ ହେଇ ଚଢ଼ିବା ଓ ଓହ୍ଲେଇବା ପାଇଁ
ପ୍ରସ୍ତୁତ ହେଉଥାଏ।
ଦୃଶ୍ୟ ଅଦୃଶ୍ୟମାନ ଚରିତ୍ର ଭିତରେ,
ମୁଁ କିନ୍ତୁ ଥାଏ ନୀରବ।
କେବଳ ଲକ୍ଷ୍ୟ କରୁଥାଏ,
ଅଭିନୟ କରୁଥିବା ଚରିତ୍ରଙ୍କ ସଂଳାପକୁ।
ରାହା କିନ୍ତୁ ପଂକ୍ତି ଭୋଜନ କରୁଥାଏ
ଅହରହ ସୋଽହଂ ମନ୍ତ୍ରରେ।

*ଫିରିଙ୍ଗି ବଜାର, କଟକ-୯*
*ଦୂରଭାଷ: ୯୪୩୭୩୧୯୧୫୩*

# ଗଧ

## ସଚ୍ଚିଦାନନ୍ଦ ମିଶ୍ର

ବିଜୟ ପତାକା ତଳେ ଶୁଭୁଛି ଯେଉଁ
ଜୟଗାନ, ସେସବୁ ତୁଚ୍ଛା ହେସ୍ରାରାବ
ଗଧମାନଙ୍କର ଆତ୍ମ ପ୍ରଶସ୍ତି
ମନ୍ତ୍ର ଉଚ୍ଚାରଣ ପରି ପ୍ରତିଧ୍ୱନିତ ତା'ର ସ୍ୱର
ବିକଶିତ ସହରର ଚଉପଟ ଶୂନ୍ୟତାରେ।

ସବୁ ଅରାଜକତାରେ ଗୋଟେ ବଡ଼ ଗଧର
ସ୍ୱାକ୍ଷରିତ ଅଭିବ୍ୟକ୍ତି ଉଜ୍ଜ୍ୱଳ ଦିଶେ
ଷ୍ଟ୍ରିଟ ଲାଇଟ ତଳେ ଖେଳୁଥିବା ପକ୍ଷୀଯୁଗଳ
ନିଦ୍ରାରତ ପିଚୁରାସ୍ତାରେ ଦେଖୁଥାନ୍ତି ପଟୁଆର
ଦଳ ଦଳ ମଣିଷ ଗଧ ପାଲଟି ଯାଇଛନ୍ତି
ଓ ସେମାନଙ୍କ ମୁହଁରେ ଦଳପତିର ସବୁଜ
ସଙ୍ଗୀତ।

ବେଳେବେଳେ ମୁହଁଟେକେ ସେ ଖୋଳଭିତରୁ
ଅବାକ୍ ଗଣତନ୍ତ୍ର ହାତକାଟି ଲେଖିଦିଏ
ଗଧର ଅସହାୟତା କଳ୍ପନାରେ
ନିମଗ୍ନ ଜନତା ଭୁଲିଯାଏ ନିର୍ମମ କଷଣ
ରଜାପରି ଦିଶୁଥିବା ଗଧ ପିଠିରୁ ଖସିପଡୁଥାଏ
ମାଛି,
ବୟସ୍କ ଗଧ ଦେହରେ ଟିପ ମାରିଲେ
ରକ୍ତ ଛିଟାର ଦାଗ ସ୍ପଷ୍ଟ ଦିଶେ।

ଇନ୍ଦ୍ରଜାଲ ବୁଣେ ସେ ଅଭିଜ୍ଞଗଧ,
ମହାନାୟକ ପରି ଚାରିଆଡ଼କୁ ଚାହେଁ
ଟିକେ ପ୍ରଶସ୍ତିରେ ଉଣାରେ, ଅନ୍ୟମାନଙ୍କୁ
ନିର୍ବାସନ ଦଣ୍ଡ, ପ୍ରଶାସକ, ପ୍ରଶାସନ ସ୍ତବ୍ଧ
ପାଲଟେ
ଆତ୍ମ କାହାଣୀ ଲେଖୁ ଲେଖୁ ପ୍ରଶସ୍ତ ମିଜାଜ
ଲୋକ ଗଧପାଲଟି ଯାଏ।

ଇତିହାସ ଭୁଲିଯାଏ ଅକ୍ଷର ସ୍ରୋତରେ
ସୁନାର ସଂଭ୍ରମରେ ଆଉଟ ପାଉଟ ଦେଶ
ନୀଳନଦୀର ଉପତ୍ୟକାରେ ଖୋଜେ
ବିମୂଢ଼ ଅତୀତ,
ଗଧମାନଙ୍କର ଶୋଭାଯାତ୍ରାରେ
କାକୁସ୍ଥ ଜନତାର ମୁହଁଦିଶେ ବିବଶ
ଅକ୍ଷରକୁ ଠେଲି କିଏ ପାରିବ
ମୁକ୍ତିର ସରହଦ !
ଲୁବ୍ଧ ପ୍ରୟାସର ଅସରନ୍ତି କବନ୍ଧରେ
ତୋଳିଧରନ୍ତି ହାଡ଼ମାଂସ ।

ଏ ଶତାବ୍ଦୀର ଦୁଆର ମୁହଁରେ
ଗଧମାନେ ଯେ ଅସୂର୍ଯ୍ୟ ବଳୟ ଭିତରେ
ଜନ୍ମଦିଅନ୍ତି ପରାଙ୍ଗ ପୁଷ୍ଟମାନଙ୍କୁ
ଶୋଷିବାକୁ ବିଜ୍ଞମାନଙ୍କର ରକ୍ତ
ରାସ୍ତା କଡ଼ରେ ବ୍ରୋଞ୍ଜ ପ୍ରତିମୂର୍ତ୍ତିମାନ
ଲୁହ ଗଡ଼େଇବା କେବେ ଠୁଁ ଆରମ୍ଭ କଲେଣି
ଦେଶ ଯେ ସ୍ୱେଚ୍ଛାଚାରିତା ଈଗଲର ପଂଝାରେ ।

ଆଉ ବାକି ଦେଖିବାକୁ ଗଧମାନଙ୍କର
ଅଦୃଷ୍ଟ ଭାଗ୍ୟର ଶେଷଦିନ ।

***ପ୍ରତିଷ୍ଠାତା ସଂପାଦକ, 'ସାହିତ୍ୟର ସ୍ୱର'***
***ସରପଡ଼ା, ନିଶ୍ଚିନ୍ତକୋଇଲି, କଟକ***
***ଦୂରଭାଷ: ୯୯୩୭୬୮୯୮୩୮***

# ବ୍ୟବଧାନ

**ଡ. କୁଳମଣି ଓଝା**

ସେମାନେ ତ ନୁଖୁରା ମୁଣ୍ଡକୁ ତେଲ
ଲୋଚା ପେଟକୁ ଭାତ ମୁଠେ ପାଇଁ
ଦାଦନ ଖଟନ୍ତି, ଭିକ ବି ମାଗଂତି ;
ତମେ କେଇ ଜଣ ଚନ୍ଦାମୁଣ୍ଡରେ ଘିଅ
ଟୁଳ୍ ଟୁଳ୍ ଅନ୍ତଲ ପେଟରେ ମହୁ ଭରିବାକୁ
ଲୁଟୁଥାଅ ସାରା 'ଜନ-ଗଣ-ମନ'
ପରଜା, ପାଟକ, ସୁନା-ସିଂହାସନ ;

ସେମାନଙ୍କ ଭିତରୁ କିଏ କିଏ
ରାତିରେ ମୁହଁରେ କଳାପଟି ବାନ୍ଧି
ସିନ୍ଧି ଖୋଳନ୍ତି, ଚୋରି ବି କରନ୍ତି ;
ଆଉ ତମ ଭିତରୁ ତ କେହି କେହି
ଦିନ ଦି'ପହରରେ ଇ-ଫାଇଲରେ
ଓ.କେ., ନଟ୍ ଓ.କେ. ବଟମ୍ ଟିପି
ଲୁଟି ନିଅନ୍ତି ସାରା ରାଜକୋଷ ।

ସେମାନେ ଖାଲି ଦେଇ ଜାଣନ୍ତି
ଲୁହ, ଲହୁ, ଶ୍ରମ ଓ ସମ୍ମାନ ;
ତମେ ଦଳକ ହରଦମ୍ ଲୁଟୁଥାଅ
ସେଇ ଲୁହ, ଲହୁ, ଶ୍ରମ ଓ ସମ୍ମାନ !

ଦାତାପଣେ କାଳ କାଳ
ସେମାନେ ତ ଦୁଃଖର ଦୁଆତ
ତମେ କେଇ ଜଣ ନେଇ ନେଇ
ସଭ୍ୟ ଅଭିଜାତ, ସଂଭ୍ରାନ୍ତ ଶୋଷକ
କଲମରେ ପଳପଳ ଶୋଷୁଥାଅ କାଳି
ଲେଖିଯାଅ ବରାବର ରାତିଦିନ
ସେମାନଂକ ଭାଗ୍ୟର ଜାତକ ।

ପେଟ ପାଇଁ ଯେତେ ସବୁ ନାଟ
ଘଟେ ଘଟେ ଭୋକର ଭୂଗୋଳ
ଭୋକ ପାଇଁ ଭିକ : ଭିକ ପାଇଁ ଭେକ
ପାଠ-ପୀଠ-ମଠ-ଖଟ ଆଉ ଭୋଟ୍...
ନଇଁପଡ଼ି ସେମାନେ ବା କେତେ କାଳ
ଖାଉଥିବେ ଚୋଟ ପରେ ଚୋଟ ?
ମାଣ ଖାଇ ଖଟୁଲି ଖାଇଲେ ବି
ତମର ତ ଜମା ପୂରୁନାହିଁ ପେଟ ;
ମନେ ରଖ ! ସେ ଦିନ ତ ଡେରି ନାହିଁ,
କେବେ ଅବା ସେମାନଙ୍କ ପୂରିଯିବ କଂଟ
ଖୋଲିଯିବ ରୁଦ୍ଧଦ୍ୱାର, ବଂଦ ହେବ
ତମର ସେ ନିଉଛୁଣା ନିଦାରୁଣ ନାଟ !

*ଉପସଚିବ, ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା*
*ଦକ୍ଷିଣାଞ୍ଚଳ କାର୍ଯ୍ୟାଳୟ,*
*ହିଲ୍ ପାଟଣା, ବ୍ରହ୍ମପୁର, ଗଞ୍ଜାମ*
*ଦୂରଭାଷ: ୯୪୩୭୦୫୩୫୪୬*

# ମୁକ୍ତିପଥ

**ଇଂ ବିଜନ କୁମାର ବେହେରା**

ଜୀବନର ସୋପାନ ଚଢ଼ିଚଢ଼ି
ଥକିପଡିଥିବା ଶରୀରଟି
ବୋଝପରି ଲାଗୁଥିଲେ ମଧ୍ୟ
ରଙ୍ଗଣୀର ରଙ୍ଗରେ
ରାଜନୀଗନ୍ଧାର ସୁଗନ୍ଧରେ
ଗୋଲାପର ପ୍ରେମରେ
ପଙ୍କଜର ପ୍ରଣୟରେ
ନୀଳକଇଁର କାମନାରେ
ଜୀଇଁବାର ଆଶାର ଆଲୋକ
କେତେବେଳେ କିମିତି
ଖୋଲି ଯଦି ଏଜୀବନର ଅର୍ଦ୍ଧେକ ଡାଙ୍କୁଣୀ
ମହମହ ବାସ୍ନାରେ ଦରାଣ୍ଡୁଥାଏ
ଜୀବନର ମଧୁରତା ମାଦକତା ବିଷାଦତା
ମୂଲ୍ୟାଙ୍କନ କରୁଥାଏ
ସୁଖଦୁଃଖର ଛାୟାଖେଳ
ଅହଂକାର ପ୍ରତାରଣାର ମାୟାଜାଲ
ସମୟର ଘୂର୍ଣ୍ଣିଝଡ଼ରେ ଭାଙ୍ଗିଯାଇଥିବା ସଂପର୍କ
ଦୁର୍ଗୁଣର ବିଶେଷ୍ୟ ବିଶେଷଣ ଅବା ସର୍ବନାମ
ସାରାଶରୀରର ଜ୍ୟାମିତି
ମନୋଭାବନାର ବୀଜଗଣିତର
ସୂତ୍ରସବୁ ଓଲଟପାଲଟ ଲାଗେ ଅସ୍ପଷ୍ଟ
ଆକ୍ରାମାକ୍ତ କରିପକାଏ ସାରାଶରୀର
ଚିତ୍ତଚେତନାରେ ଦୁକୁଦୁକୁ ଜଳୁଥିବା
କ୍ଷୁଦ୍ର ଅନଳର ସ୍ଫୁଲିଙ୍ଗର କ୍ଷୀଣ ପ୍ରଭାଟିଏ
ସଞ୍ଜିବନୀ ସୁଧାରଝର ହୋଇ ବୋହିଯାଏ
ପ୍ରେମର ଫଲ୍ଗୁ ବିଂଚିହୋଇ ପଡେ
ଦଳକାଏ ଆଧ୍ୟାତ୍ମିକ ଚେତନାର ମହକ
ଅଙ୍କୁରିତ କରୁଥାଏ ନୂତନ ସମ୍ବନ୍ଧ
ଓଃ କି ମଧୁର ତା ରୂପ, କି ମଧୁର ଶ୍ରୀଅଙ୍ଗ
ମଧୁର ତା ନୟନ, ମଧୁର ତା ହୃଦୟ
ମଧୁର ତା ଅଧର, ମଧୁର ତା ହସ
ମଧୁର ତା କଥା, ମଧୁର ତା ଲୀଳା
ଦୁର୍ଲ୍ଲଭ ଜୀବନ ଲକ୍ଷ୍ୟ ଅନ୍ୱେଷଣେ
ସୁପ୍ତ ପ୍ରାୟ ସଂସାର ଦାବାନଳ
ନବଚେତନା ହୁଏ ଜାଗ୍ରତ
ଲାଗେ ଜୀବନ ସହଜ ସୁନ୍ଦର
ନଇଁଯାଏ ମଥା ସ୍ୱତଃ ଅଭୟ ଚରଣେ
ପ୍ରଣତି ଡାକେ ତବପାଶେ ବିଜନ ଅକିଂଚନ
ତବ ପୂର୍ଣ୍ଣ ଜ୍ଞାନହେଉ ମୋର ମୁକ୍ତିପଥ
ଜଗତର ନାଥ ଆହେ ଜଗନ୍ନାଥ

***ଦୂରଭାଷ: ୯୪୩୭୨୩୧୭୨୩***

# ଆଗୋ ପ୍ରାଣପ୍ରିୟା


କଲ୍ୟାଣୀ ନନ୍ଦ

ମୁଁ ଯେ
ନୀଳ ଅନନ୍ତ ଗଗନର
ପ୍ରାଣପ୍ରିୟ ସୂର୍ଯ୍ୟ
ତୁମକୁ ମୋ ରାଣ,,,,
ଆଗୋ ପ୍ରାଣ ପ୍ରିୟା
ଭାନୁପ୍ରିୟା ସରସୀଜ
ମର୍ତ୍ତ୍ୟର ଅଳସୀ ଅମ୍ବୁଜ
ପ୍ରୀତି ସୋହାଗିନୀ
ଚିର ବିରହିଣୀ
ମୋ ଅଂଶୁକେ ହୋଇ ଶିହରିତା
କର ଶତ ଅଭିଷଙ୍ଗ
ହୋଇ ପ୍ରୀତିମୁଗ୍ଧା.....

ସେ ପ୍ରୀତି ପରଶେ
ବିକଶିତ ହେଉ
ମୋ ମନ ଉପବନେ
ଶତ ଶତ ପାରିଜାତ ପୁଷ୍ପ

ଏଇ ଅମୃତ ଲଗନେ
ଉତପ୍ତ ତୃଷିତ ପ୍ରାଣ
ହେଉ ପ୍ରଶମିତ
ବିଂଚିଦିଅ ଶାନ୍ତି ବାରି
ସୃଷ୍ଟି ହେଉ କୋଟି
ଶ୍ୟାମଳ ଦୂର୍ବାଦଳ
ଶତକୋଟି କମଳ
ମୋର ଏଇ ଶୂନ୍ୟ ମନ ପ୍ରାନ୍ତରେ

*ଯୁଗ୍ମ ସଂପାଦିକା, ଫକୀରମୋହନ ସାହିତ୍ୟ ପରିଷଦ,*
*ଶାନ୍ତିକାନନ, ବାଲେଶ୍ୱର*



# ଭଉଁରୀ

ରାହାସ କୁମାର ବେହେରା

ଭଉଁରୀରେ ପଡିଲେ ବୁଲାଏ ମୁଣ୍ଡ,
ମଣିଷ, ବାଘ, ଭାଲୁ, ସରୀସୃପ, ଗଛ ବୃଛ
ହେଉ ଅବା ପିଲା
କଟେ ମୁଣ୍ଡ ହୁଏ ଖଣ୍ଡ ଖଣ୍ଡ ।

ସେ ହେଉ ପାଣିର ଭଉଁରୀ/ସମୟର ଖେଳ,
ସଭିଏଁ ହୁଅନ୍ତି ଉପର ତଳ,
ବୁଡିଯା'ନ୍ତି ଅକାତ କାତ ପାଣିରେ
ହୁଅନ୍ତି ଅଣନିଶ୍ୱାସୀ
ପାଆନ୍ତି ନାହିଁ ଯେ ଥଳ କୂଳ ।

ପ୍ରତି ମୁହୂର୍ତ୍ତରେ ଆମେ ଖେଳୁଛେ ଭଉଁରୀ ସହ ଲୁଚକାଳି
ଭାବୁଚେ ନିଜକୁ ସ୍ଥିର, ଦୁନିଆଟା ସାରା ଅସ୍ଥିର ,
ହେଲେ ଜାଣିନେ କେବେଠୁ ଝୁଲିଛେ କାଳର ଛାତିରେ
କଳେ କଳେ ପାଣି ପିଉଛେ, କେବେ ବୁଡିବା ନିଶ୍ଚୟ,
ନାହିଁ ଯାହାର ଟିକେ ନିସ୍ତାର ।

ଏପଟେ ବାଘର ଭୟ ସେପଟେ ଫାଗର ଭୟ
ମଝିରେ ସମୟ ସହ ଚାଲିଛି ଡାଳ ମାଙ୍କୁଡ଼ି ଖେଳ
ଆଗକୁ ଗଲେ ମଲ ପଛକୁ ଗଲେ ଗଲ
ମଣିଷ ହଜିବ ହିଁ ହଜିବ କାରଣ ଏ ଦୁନିଆ ପରା
ଗୋଟେ ଚକା ଭଉଁରୀର ଖେଳ ।

ପଦ୍ମକୁ ଛୁଉଁଛି ଭ୍ରମର
କେଉଁଠି ପାଣିର ସୁଅ ଗଢ଼େ ଭଉଁରୀ ଲାଗେ ପ୍ରଖର
ତଥାପି ଅଗାଢ଼ ବିଶ୍ୱାସ, ଖାତିରି ନାହିଁ କେବେ ସେ ହାରେ,
କେବେ ମରେ, କେବେ ବୁଡ଼େ ସେ ଭଉଁରୀରେ
ସାରେ ସପନ, ପିଏ ପ୍ରେମର ମିଠା ଜହର /
ଖାଏ ପିଆସୀଠୁ ଧୋକା ପାହାର ।

*ବାଲ୍ୟଯା, ଭାପୁର, ଢେଙ୍କାନାଳ-୭୫୯୦୧୫*
*ଦୂରଭାଷ: ୯୪୩୮୧୧୪୩୬୮*

# ମୁକ୍ତିର ଗବାକ୍ଷ

ସୁରେନ୍ଦ୍ର କୁମାର ବେହେରା

ବିଧି ବ୍ୟବସ୍ଥାର ଭିଡ଼ ଭିତରୁ...
ମୁକୁଳି ପାରିଛି କି ମଣିଷ ?
ଅନ୍ଧ ଦଉଡ଼ିର ବନ୍ଧନରେ
କ୍ଷତାକ୍ତ, ରକ୍ତାତ ହୋଇଛି ଯାହା,
ଛନ୍ଦି ହୋଇଯାଇଛି କେବଳ
ଅନ୍ଧ ପରମ୍ପରାର ଅର୍ଗଳିରେ
ଯୁଗ ଯୁଗ ଧରି... !

ମିଳିଲା କି ମୁକ୍ତି ଟମ୍ କକାକୁ
ଦାସତ୍ୱର ହାଟରେ ବାରବାର ବିକ୍ରି
ହେବାର ବିଧି ବିଧାନରୁ...
ମିଳିଲା କି ମୁକ୍ତି... ?
ଶାସନର ଖଡ୍ଗରେ- ଜଳ, ଜମି, ଜଙ୍ଗଲ ପାଇଁ
ଯୁଝୁଥିବା ହାତ ପାପୁଲି କଟା ଜଙ୍ଗଲି
ମଣିଷଙ୍କୁ... ! !

ଆଉ ତମେ ଆପଣ
ଯେଉଁ ଧର୍ମ କଥା
କହୁଛ ହୋ ସାଆନ୍ତେ...
ସେ ଧର୍ମରେ ପରା ଟାଣି ଦେଇଛ ତମେ
ଜାତି, ଧର୍ମ, ସମ୍ପ୍ରଦାୟର ଲକ୍ଷ୍ମଣଗାର
ଛିଡ଼ାକରି ଦେଇଛ ତମେ
ଉଚ୍ଚନୀଚ ଭେଦ ଭାବର ଅଭେଦ ପ୍ରାଚୀର।

ଗଢ଼ି ଦେଇଛ ତମେ...
ତମ ପାରିବା ପଣିଆର ଯାଦୁରେ
ତମ ସ୍ୱାର୍ଥର ବାଇଶି ପାହାଚ...
ଏସବୁକୁ ଲଘିଂବାର ବହପ
କାହାର ଅଛି... କାହାର ?

ନୂଆ ସରକାର
ଆଉ ଆମଙ୍କୁ ମିଳିଯିବ ଏମିତି
କେତେକେତେ ମାଗଣା ଯୋଜନାର ନବ ଉପହାର...
ଖୁବ୍ ଭଲ ଥିଲା ସେଦିନର ଆଦିମ ସମାଜ,
ସାମ୍ୟ ସଙ୍ଗୀତର ମୂର୍ଚ୍ଛନାରେ
ମୁଖରିତ ହୋଇ ଉଠୁଥିଲା ଆଦିମ ଜୀବନ,
ନା ଥିଲେ ଈଶ୍ୱର ନା ଥିଲା
କୋଉ ଧର୍ମ, ଫର୍ମ ଆଉ ଦେବୀ ଓ ଦେବତା,
କିନ୍ତୁ... ହୋ ସାଆନ୍ତେ ତମ
ବିଧି ବ୍ୟବସ୍ଥାର ମାଡ଼ରେ ଭାଙ୍ଗିଗଲା ସେ ସାମ୍ୟ
ସମାଜର ମେରୁଦଣ୍ଡ...।

ସମାରୋହ

ତମେ ସବୁକାଳେ ଥିଲ, ଏବେ ବି ଅଛ
ବତ୍ରିଶ ସିଂହାସନ ମୋହରେ...
ଆଉ ଆମେ... ? ସବୁକାଳେ
ଆମ୍ଭ ଟାକୁଆ ଜାଉ,
ଏବେକାର ଟଙ୍କିକିଆ ଚାଉଳ ଖାଇ କହୁଛୁ ପୁରଣ
ହୋଇଗଲା
ଆମ ସ୍ୱାଧୀନତାର ଲକ୍ଷ୍ୟ
ଆଉ ଉଦ୍ଦେଶ୍ୟ, ସାକାର ହୋଇଗଲା
ଆମ ଗାନ୍ଧୀ ମହାତ୍ମାଙ୍କ ରାମ ରାଜ୍ୟର ସ୍ୱପ୍ନ,
ଏଥର ଖୋଲିଗଲା ଆମ ମୁକ୍ତିର ଗବାକ୍ଷ
ନାହିଁ ଚିନ୍ତା, ନାହିଁ ଆଶଙ୍କା... ଆଗକୁ ନିଶ୍ଚୟ
ଆସିବ
କେତେ କେତେ ?

*ସମ୍ପାଦକ, ଡେରାବିଶ ସାହିତ୍ୟ ସଂସ୍କୃତି,*
*ପରିଷଦ,*
*ନହଙ୍ଗ, କେନ୍ଦ୍ରାପଡ଼ା*

# ମୁଁ ଯେ କୁମୁଦିନୀ

**ସନ୍ନିଭା ମିଶ୍ରଦାଶ**

ମୁଁ ଯେ ସଜଫୁଲ ରଜନୀ ରାଣୀର
ସରୋବର ପଲଙ୍କରେ
ବସିଥାଏ ସଦା ଚନ୍ଦ୍ରମା ହୃଦୟେ
ଥିଲେ ସିଏ ଯେତେ ଦୂରେ ॥

ନୀରବ ନିଶିଥେ ରହିଥାଏ ଚହିଁ
ଲାବଣ୍ୟ ରୂପ ତାହାର
ଶୀତଳ ଜୋଛନା ଅଙ୍ଗେ ଅଙ୍ଗେ ଲେସି
କରେ ପ୍ରୀତି ବାରବାର
ପବିତ୍ର ଡୋରରେ ହୋଇଯାଏ ବନ୍ଧା
ଚିରନ୍ତନ ମିଳନରେ ॥

ମୁଁ ଯେ ସଜଫୁଲ...
ମୁଁ ଯେ କୁମୁଦିନୀ ପ୍ରେମ ପୂଜାରିଣୀ
ଏକା ଏକା ଜହ୍ନ ପାଇଁ
ଲୁଚିଗଲେ ସିଏ ଉଆଁସ ନିଶିରେ
ତଥାପି ରହେ ମୁଁ ଚହିଁ
ନିଜକୁ ସମର୍ପି ଥାଏ ତାର ପାଶେ
ନିତ୍ୟ ଖୁସି ଆନନ୍ଦରେ ॥

ମୁଁ ଯେ ସଜଫୁଲ...

*କଳଦିଆ, ନମୌଜା, କେନ୍ଦ୍ରାପଡ଼ା-୭୫୪୨୩୧*
*ଦୂରଭାଷ: ୯୯୩୭୭୭୯୫୭୯*

# ବିଷାଦ ଯୋଗ

**କପିଳ ଚନ୍ଦ୍ର ମହାନ୍ତି**

ଅନେକ ପ୍ରଶ୍ନର ଉତ୍ତରରେ
ଯାହା ଅନତିକ୍ରମ୍ୟ ଥିଲା, ଅଛି !
ସେଇ ଗୁଡ଼କଙ୍କ ନଟାରୁ ପାଦ ମୁକୁଳେଇବାରୁ
ମୁଁ ନିବୃତ୍ତ ରହିଛି !
ଜୀବନ କ'ଣ ଏକ ପ୍ରଶ୍ନବାଚୀ
ପ୍ରବାହମାନ ସମୟର ଚିତ୍ରଲିପି
କେବେ ଅବାନ୍ତର, କେବେ ନିରର୍ଥକ, ପ୍ରପଞ୍ଚ,
ପ୍ରବଞ୍ଚକ, ଅଛନ୍ଦଗୀତ, ଅନିର୍ଦ୍ଦିଷ୍ଟ, ପରିସ୍ଥିତିହୀନ,
ଅଦୃଷ୍ଟ ଅଭାଗ୍ୟର ଜୀବନ ॥
ମୋହାବିଷ୍ଟ ମାୟାର ଉର୍ଣ୍ଣନାଭ ଜାଲରେ
ଛନ୍ଦି ହୋଇ ଛଟପଟ ହେଉଛି ପ୍ରାଣପକ୍ଷୀ
ପ୍ରଥମ ଦୃଶ୍ୟରୁ ଅନ୍ତିମ ପର୍ଯ୍ୟନ୍ତ
ସରଳତାରୁ ଆରମ୍ଭ, ଉଦ୍ଦଣ୍ଡ ଦୁର୍ବିନୀତ ଚକ୍ରବାତରେ
ଶେଷ ହୋଇଯାଏ
ଶୀର୍ଷତମ ବିନ୍ଦୁଟିଏ ଖୋଜୁ ଖୋଜୁ
ସ୍ନିଗ୍ଧ ନିର୍ମଳ ଜ୍ୟୋତିଶିଖା ଉଦ୍‌ଭାସିତ ହୁଏ
ଅଜ୍ଞତା ଅଂଧାରୁ ଆୟୁଷ୍ମାନ
ଆଲୋକ ଆଡ଼କୁ ଟାଣିନିଏ ॥
ଶ୍ରେୟ ବୋଲି କିଛି ନାହିଁ ଜୀବନରେ
ପ୍ରିୟ ବୋଲି କିଛି ନାହିଁ ନିରର୍ଥକ ଅନ୍ତରଂଗ ସଂପର୍କର
ସମର୍ଥ ବାହାରେ ଲଦି ହୋଇଯାଏ ମୁଣ୍ଡରେ
ଆକାଶେ ଦୁଃଖର ବୋଝ
ଆଖିର ବିସ୍ମୃତି କେତେ
ଥାଏ କ'ଣ ଆଖି କୋଣରେ କରୁଣାଦ୍ର ବିଂଦୁଟିଏ
ଯା'ର ନିଭୃତରେ ସାତ ସମୁଦ୍ରର ଜଳ ସମାହିତ ହୁଏ ॥
ପ୍ରଶ୍ନରୁ ଆରମ୍ଭ, ପ୍ରଶ୍ନରେ ହିଁ ଶେଷ
ଜଟିଳ ଗଣିତର ଅଛିଣ୍ଡା ସୂତାରେ ଛନ୍ଦି ହୋଇ
ରହିଯାଏ
ଲକ୍ଷେ କକ୍ଷଣରେ ରକ୍ତସ୍ନାତ ଘଷରା ଦେହ,
ଜୀବନର ଦୈର୍ଘ୍ୟ ପ୍ରସ୍ଥ କେତେ
ଅନାଦୃଶ୍ୟ ଅସନ୍ନ ମୃତ୍ୟୁର ନିଶବ୍ଦ ପଦଧ୍ୱନି
ଝଡ଼ର ଶୀତଳ ନିରବତା, ପ୍ରବାହର ଶେଷ ସୀମାଙ୍କନ !
ସମୟର ନଈ ଶୁଖିଯାଏ, ନିରବିଯାଏ ସ୍ରୋତ
ସମୁଦ୍ରର ମୁହଁ ଦେଖିବା ଆଗରୁ,
ଦୁର୍ବିନୀତ କାଳର ଡୋରରେ
ଲଟକି ଥିବା ବିବଶ ଜୀବନ
କ'ଣ ଥାଏ ତେବେ ଖେଳ ସରିଯିବା ଆଗରୁ
ମାୟାର ଲୋଭନୀୟ ପଂଜୁରୀରେ ଅସ୍ଥିର
ଅସହାୟ ଅଖଂଜ ପକ୍ଷୀ ବସିଥାଏ
ଭୋଗୁଥାଏ ରୋଗ, ଶୋକ,
ଅକଥ୍ୟ ଯଂତ୍ରଣାରେ ସଢୁଥାଏ
ଦେଖୁଥାଏ ଅସୁମାରୀ ସ୍ୱପ୍ନ ଭାଂଗି
ଖଣ୍ଡ ଖଣ୍ଡ ହେଉଥିବାର କରୁଣ ଦୃଶ୍ୟ !
ନିଷ୍ଫଳ ପଥର ତଳେ ଭାଗ୍ୟ ନା ନିଜ କର୍ମଫଳ
ଦୁଃଖର ନଈରେ ଡହ ଡହ ମରୁବାଲି
ବ୍ୟଥାମୟ ଅଂଧାର ବହଳ
ଷଠିଘର ଏନ୍ତୁଡ଼ିଶାଳର ଅଗ୍ନିଠୁ ଭଲ
ସ୍ୱର୍ଗଦ୍ୱାର ନିଆଁର ଶୀତଳ
ଯେ' ଅର୍ପିଦେଇପାରେ ବୈରାଗ୍ୟ,
ପ୍ରଶାନ୍ତିର ଅମୃତ ମହକ
ନିବୃତ୍ତିର ତୃଷ୍ଣା ଜଳ, ମୋକ୍ଷର ସକାଳ ॥

*ଅଯୋଧ୍ୟା ନଗର ପ୍ରଥମ ସରଣୀ, ବ୍ରହ୍ମପୁର-*
*୭୬୦୦୧୦*
*ଦୂରଭାଷ: ୭୫୩୯୮୧୨୯୫୧*

# ମଗ୍ନ ମାୟାବର୍ତ୍ତ

**ସୁବାସ ଚନ୍ଦ୍ର ସାହୁ**

ରାତ୍ରିର ଆଲୋକରେ
ନିର୍ଜନତା
ତୀକ୍ଷ୍ଣ ପ୍ରଶ୍ନବାଚୀ ପରି ମୋର
ବୟସର ବିଷଣ୍ଣ ପାହାଚ
ନିଶବ୍ଦ ସଂଳାପ
ଆର୍ତ୍ତନାଦ କରେ
ମୋର ଅତୀତର କେତେ ଆଶା
ଆଶଙ୍କା
ଗଲାଦିନ ବର୍ତ୍ତମାନ
ଆଗାମୀଦିନ
ଅର୍ଦ୍ଧଭଗ୍ନ ସ୍ୱପ୍ନମାନଙ୍କର
ବିବର୍ତ୍ତିତ ଅସ୍ତିତ୍ୱର ଅସ୍ତ ଜହ୍ନ
ଆକସ୍ମିକ ମୋର
ଅଦୃଷ୍ଟର
ରକ୍ତାକ୍ତ ଗହ୍ୱର
ବ୍ୟର୍ଥ ବିବଶ
ସତ୍ତା ମୋର
ଅନ୍ଧାର ଓ ଅନ୍ଧକାରର

ମଗ୍ନ ମାୟାବର୍ତ୍ତ ॥

*ସଂପାଦକ- "ଘାସଫୁଲ"*
*ଜାରକା, ଯାଜପୁର*
*ଦୂରଭାଷ: ୮୨୮୦୮୫୭୨୮୮*

# ମୋବାଇଲ

## ବିଳାସ ଚନ୍ଦ୍ର ବେହେରା

ଧନ୍ୟ ମୋବାଇଲ  ଧନ୍ୟ ତୋର ଗୁଣ
କହିଲେ ସରିବ ନାହିଁ
ତୋର ପାଇଁ ଆଜି  ହଜିଲା ରେଡିଓ
ଘଂଟା କାନ୍ଦେ କଇଁ କଇଁ।
ପିଲା ଠାରୁ ବୁଢ଼ା  ତୋ ପାଇଁ ପାଗଳ
ମହିଳାଙ୍କ କଥା ଛାଡ଼
ଦାମୀ ମୋବାଇଲ  କିଣିବା ପାଇଁକି
ଦୋକାନରେ ଲାଗେ ଭିଡ଼।
ଗୁରୁ-ଛାତ୍ର-ଛାତ୍ରୀ  ଭରସା କରନ୍ତି
ସବୁ ତଥ୍ୟ ତୋ ଭିତରେ
ପ୍ରେମିକ-ପ୍ରେମିକା  ତୋହ ପାଇଁ ଖୁସି
ମିଶନ୍ତି ଯାଇଁ ପାର୍କରେ।
ରାହାଜାନି ପାଇଁ  ସାହା ହେଉ ତୁହି
ସହଜରେ ହୁଏ ଚୋରି
ପୋଲିସ ବିଭାଗ ତୋର ସାହାଯ୍ୟରେ
ଚୋରକୁ ପାରଇ ଧରି।
ରେଳ ଯାତ୍ରା ପାଇଁ  ଟିକେଟ କରୁ ତୁ
ଉଡ଼ାଜାହାଜରେ ଉଡୁ
ଅଜଣା ରାଇଜ୍କୁ  ଅତିଥି ଆସିଲେ
ସଠିକ ଜାଗାରେ ଛାଡୁ।
ସାରା ପୃଥିବୀଟା  ଆଖିରେ ନାଚଇ
ଧରିଥିଲେ ତୋତେ ହାତେ
ନିମିଷକେ ସବୁ  ଖବର ମିଳଇ
ତୁହି ଯଦି ଥାଉ ସାଥେ।
ମୋବାଇଲ ଗୁଣ  ସଭିଙ୍କୁ ପସନ୍ଦ
ବ୍ୟବହାର ଭଳି ଭଳି
ଭଲ କାମ ପାଇଁ  ସବୁଠି ଆଦର
ମନ୍ଦରେ ପଡଇ ବଳି।

*ନଳିତା ନୀଳୟ,*
*ବକ୍ସୁଣିଆ, ୪୨ ମୌଜା, କଟକ*

# କେତେ ବାଟ ଆଉ

## ମାନସ ଦାସ

କହିବ କି କିଏ ଜଣେ ମତେ
କେତେ ବାଟ ଅଛି ଚାଲିବାକୁ
କେଉଁ ଦିଗେ କେଏଗେ ଚାଲିବି
କେଉଁ ମୋଡେ କରିବି ମୁଁ
ପରିବର୍ତ୍ତନ ଗତିର ....

ସମୟର ସରଣୀ ଦେଖି
କିଏ ଜଣେ କହିବକି ମତେ
କେଉଁଠି ପାଦ ଖସି ଯିବାର ଆଶଙ୍କା ଅଛି
ବର୍ଷାରେ ଭିଜି
କେଉଁଠି ଧାପେ ବସି ନିଃଶ୍ୱାସ ନେବାର ସୁବିଧା
ଅଛି....

ଅନେକ ବାଟ ଆସିଲିଣି ଚାଲି
ହାତଧରି ଚଲା ଶିଖେଇଥିବା
ନନା ବୋଉଂକୁ
ରାସ୍ତାରେ ହଜାଇ ଦେଲିଣି
ନାମ ନଥାଇ କାମ ସବୁ କେତେ ତ କରିଗଲିଣି...

ବର୍ଷ ମାସ ଦିନ ସବୁ
ସ୍ମୃତିର ସମାଧି ତଳେ
ମିଳାଇ ଗଲାଣି....
ତଥାପି ବିରାମହୀନ ଯାତ୍ରା
ମୋର ଅନ୍ତଃ ହେଉ ନାହିଁ....

ନବୀନ ଉର୍ଜାରେ
ଜୀବନ୍ତ ଏହି ଦୀର୍ଘ ପଥ
ଯେମିତି ପ୍ରତିଦିନ ଶରତ ଜ୍ୟୋସ୍ନାରେ ଧୌତ
ସକାଳ, ମଧ୍ୟାହ୍ନ ଆଉ
ରୋମାଞ୍ଚିତ ସଂଧ୍ୟା....

ମୁହୂର୍ତ୍ତ ସବୁ ସଲାସୁତୁରା କରି
ମୋ ସମଗ୍ର ପ୍ରସ୍ତୁତିକୁ ଉଚ୍ଛ୍ୱସିତ ଆବେଗରେ
ଆବୋରି ବସୁଛି...
ଆଶା ନାହିଁ କ୍ଳାନ୍ତି ନାହିଁ
ଅନ୍ତ ହେବାର ବାସ୍ନା ମଧ୍ୟ ନାହିଁ

ନିର୍ବିବାଦରେ ବହି ଯାଉଥିବା ବର୍ଷା ଜଳ ପରି
ମୁଁ ବହି ଯାଉଛି ପୂର୍ବରୁ ପଶ୍ଚିମକୁ
ଅବା କେତେବେଳେ
ଆକାଶର ନିର୍ଦ୍ଦେଶରେ
ପ୍ରଶ୍ନ ନକରି ପଶ୍ଚିମରୁ ଉତ୍ତରକୁ ନୀରବରେ....

ଏମିତି କେତେ ବାଟ ଆଉ
ଚାଲିବାକୁ ହେବ
ହସ ସବୁ ସରିଯିବା ପରେ
ଆଖିର କାରାଗାରେ ଶୃଙ୍ଖଳରେ ବନ୍ଧା ଲୁହ
ମୁକ୍ତିର ସ୍ୱପ୍ନରେ ବହିଯିବାର ପଥ ଖୋଜି ନେବ

ନିର୍ଦ୍ଦିଷ୍ଟ ଲକ୍ଷହୀନ ଯାତ୍ରାର ତାତିରେ
କଷ୍ଟ ମଧ୍ୟ ସ୍ପର୍ଶ କରେ ନାହିଁ.....
କେବଳ ନିଃଶ୍ୱାସକୁ
ବିଶ୍ୱାସରେ ବିରାମ ଦେଇ
ବିଷର କରାଳ ରୋଷକୁ ସଞ୍ଚି ରଖିଛି
ହୃଦୟରେ....

ରୁଟିନ ପରି ପୃଥିବୀ ଯେପରି ଘୁରୁଚି
ସମସ୍ତ କ୍ଳାନ୍ତି ଓ ଅବସାଦକୁ ଜଠରରେ ଧରି
ଅପୂର୍ବ ଶାନ୍ତି ପାଉଥିବା ଅନୁଭବର
ପଶ୍ଚାତଧାବନ କରିବା ବ୍ୟତୀତ
ଏହି ଅବିରାମ ଯାତ୍ରାର କଣ ଆଉକିଛି ପ୍ରାପ୍ତି
ଅଛି....

କହିବକି କିଏ ଜଣେ ମତେ
କେତେବାଟ ଆଉ ଅଛି ଚାଲିବାକୁ
କେତେ ଦୀର୍ଘ
ପଥ ଅଛି ମତେ
ଅତିକ୍ରମ କରିବାକୁ.... ???

*କୁନ୍ଦ କୁଟୀର, କେଉଟ ସାହି, ଚୌଧୁରୀ ବଜାର,*
*କଟକ – ୭୫୩୦୦୧,*
*ଦୂରଭାଷ: ୯୪୩୭୦୩୦୩୨୮*

# ବାଲିଘର

## ବିଶ୍ୱନାଥ କର

ଏଇତ ଅଧାଗଢା ହୋଇ ରହିଛି ସେଇ ବାଲିଘର
ଯେଉଁଠି ସାଇତା ହୋଇ ରହିଛି
ମୋ ଯୌବନର ପ୍ରତିବିମ୍ବ
କେତେ କଅଁଳିଆ ସ୍ୱପ୍ନର ସମ୍ଭାର
ଛନ୍ଦପାତ ଦିନ ରାତି ସଞ୍ଜ ସକାଳର ।

ସେଦିନ ତ ଚଢେଇ ମାନେ ଫେରୁଥିଲେ ସଅଳ
ସଅଳ
ଉଡି ଉଡି ଅପରାହ୍ନର ଉନ୍ମୁକ୍ତ ଲୋହିତ ପବନରେ

ଅନ୍ଧାରର ଉଷୁମ ଚାଦର ତଳେ
ମୋକ୍ଷ ପ୍ରାପ୍ତିର ଇଚ୍ଛାଟିଏ ଯେବେ
ଜାଲ ବୁଣୁଥିଲା ତମ ହସର ବୁଢିଆଣୀ ସୁତାରେ ।

କଳ୍ପନାର ସ୍କେଚ ତିଆରି ଲହଡିମାନେ ଖେଳୁଥିଲେ
ଶବ୍ଦରେ ଶବ୍ଦରେ ଛନ୍ଦରେ ଛନ୍ଦରେ
ତମ ହାତ ଛୁଆଁରେ କ୍ଷତାକ୍ତ ହେଉଥିଲା ହୃଦୟ
ଝରୁଥିଲା ନୀଳ ନୀଳ ଜୋଛନାର ରକ୍ତ
ସେ ରକ୍ତରେ ତିଆରି ନୀଡ ଆଶ୍ରୟ ଦେଉଥିଲା
ଫଗୁଣ ବର୍ଷାରେ ଭିଜୁଥିବା ଆମ ଅମାନିଆ ମନ ।

ନିଜ ସର୍ତ୍ତରେ ଜୀବନ ଜୀଇଁବାରେ
ବଦଳି ଯାଉଥିଲା ଆକାଶର ରଙ୍ଗ
ପ୍ରେମର ଉଚ୍ଚାରଣ
ପାହୁଣ୍ଡେ ପାହୁଣ୍ଡେ ଗତିକରି
ଥିର ହୋଇ ଯାଉଥିଲା ବେପରୁଆ ସମୟ
ନିଜ ପାଖେ ନିଜେ ଅପରିଚିତ ଥିବା
ରହସ୍ୟମୟ ଋତୁ ।

ଏବେବି ଜୀଇଁଛି ସେ ଅଧାଗଢ଼ା ବାଲିଘର
ନୃତ୍ୟର ଛନ୍ଦରାଗ ଏବେବି ଶୁଭୁଛି
ସାରେଗାମା ପାଧାନିସା
ସାନିଧାପା ମାଗାରେସା,
ମହକୁଛି ତମ ଖୋଷାରୁ ଖସି ପଡିଥିବା
ଶ୍ରାବଣର ଚଂପାଫୁଲ
ତମ ବିମ୍ବାଧରର ଉଛୁଳା ସଜଫୁଟା ହସ ।

ବର୍ଷ ବର୍ଷର ସବୁ ଋତୁ ହଜିଯାଉଛି
କାନ୍ଦିଲାଭଳି ଲାଗୁଛି
ସକାଳୁଆ ପକ୍ଷୀଙ୍କ କିଚିରି ମିଚିରି ଶବ୍ଦ
କୁଆଁ ମେଲେଇ ପାରୁନି ନୂଆ ସ୍ୱପ୍ନର ପୃଥୀ
ବାଲିଘର ଭାଙ୍ଗୁନି ତଥାପି
ସହିସହି ପଦାଘାତ କେତେ ଅପୁଷ୍ପିତ ଫଗୁଣର
ରାତି ।

ନିଃଶ୍ୱାସ ନେଉଛି ମାନେ ମୁଁ ନିଶ୍ଚୟ ବଞ୍ଚିଛି
ବାଲିଘର ଅକ୍ଷତ ରହିଛି ମାନେ
ଅମୋକ୍ଷ ମୋ ବିଶ୍ୱାସ
ସେଇ ବାଲିଘର ଚାରିପାଖେ ପ୍ରେତିନୀ ସାଜିଛି ।

*ସାଇ କଲୋନୀ, ଦେଉଳସାହି, ତୁଳସୀ ପୁର,*
*କଟକ-୭୫୩୦୦୮*
*ଦୂରଭାଷ: ୯୭୭୬୩୩୨୬୩୯*

# ପ୍ରେମ: ଆଶ୍ୱସ୍ତିର ଆଷାଢ଼ ଆଷାଢ଼ ମନ

**ତ୍ରିଲୋଚନ ମହାନ୍ତି**

ପ୍ରେମ...
ସତ୍ୟ/ଅସତ୍ୟ, ପାପ/ପୁଣ୍ୟ, ନ୍ୟାୟ/ଅନ୍ୟାୟ ଓ
ସୁଖ/ଦୁଃଖ ର ଚିରନ୍ତନ ପରୀକ୍ଷାଗାର...

ପ୍ରେମ ! ଅସତ୍ୟର ଡୋରିରେ ବନ୍ଧା ସଂପର୍କରେ
ହୋଇପାରେ ନିଚ୍ଛକ ସତ୍ୟର ସୁତାଖିଅ। ପ୍ରତିହିଂସା
ପରାୟଣର ସୁଦୀର୍ଘ ସରଳରେଖାରେ ଟାଣିପାରେ
ଶତ ପୂର୍ଣ୍ଣଚ୍ଛେଦ। କୂଳ ଲଙ୍ଘିବାରେ ଅହରହ ବ୍ୟସ୍ତ
ଅମାନିଆଁ ନଈରେ ଶିଖାଇପାରେ ସନ୍ତରଣ।
ପୁଣି, ଅବିଶ୍ୱାସର ଦୁର୍ଗମ ଗିରି ଶୃଙ୍ଗରେ
ଉଡାଇପାରେ ବିଶ୍ୱାସର ଧ୍ୱଜା !!

ସେ ଅନିତ୍ୟକୁ ନିତ୍ୟ କରିପାରେ
ସେ ଗୋପନୀୟତାକୁ ଖୋଲାମଂଚ ଦେଇପାରେ
ସେ ଅଗାଡିକୁ ଧାନ କରିପାରେ
ସେ ଭୀରୁକୁ ସାହସୀ କରିପାରେ...

ପ୍ରେମ ! ଅଦରକାରୀ ଶବ୍ଦମାନଙ୍କୁ ଅପରିହାର୍ଯ୍ୟର
ଧାଡିରେ ପରିଣତ କରିପାରେ। ନିନ୍ଦାରେ ପ୍ରସ୍ଫୁଟିତ
ଶିଳାଲେଖରେ ଛାଡିପାରେ ପ୍ରଶଂସାର ଅଭୁଲା
ଚିହ୍ନ। ହିଂସାର ରକ୍ତନଦୀରେ ବାହିପାରେ
ଅହିଂସାର
ନୌକା। ସତେ ଯେମିତି, ପୁରା ବିଷଲୋକର
ବିଷ ବଳୟରେ ପାଇପାରେ ଅମୃତର ସନ୍ଧାନ
ସେ ହିଁ ଅଜାଡ଼ିଥାଏ ଅନ୍ଧାରକୁ ଆଶ୍ୱିନର ଜହ୍ନ
ସେ ହିଁ ଅଜାଡ଼ିଦିଏ ଆଶ୍ୱସ୍ତିର ଆଷାଢ଼ ଆଷାଢ଼
ମନ !!

ସେ ଅକୁହା କାହାଣୀକୁ ଫେରେଇପାରେ
ଜଙ୍ଗଲରେ ବାଟ ଭୁଲିଥିବା ରାଜାପୁଅ
ସେ ଅଭାବୀ ଦୁନିଆଁରେ ଚେନାଏ ହସ
ବାଂଟିପାରେ
ସେ ହିଁ ଅଟକେଇପାରେ
ମହୁଭିଜା ମାତାଲପଣର ସୁଅ
ସେ ଅଶୁଭ ଲଗନରେ ଶୁଭ ଶଙ୍ଖ ଫୁଙ୍କିପାରେ
ସେ ହିଁ ଶିଖେଇପାରେ
ପଙ୍ଗୁକୁ ଗିରି ଲଙ୍ଘିବାର ବୀଜମନ୍ତ୍ର
ସେ ହିଁ ଅବିଶ୍ୱାସର ଅଜଣା ଦ୍ୱୀପରେ
ଫୁଲଙ୍କ ପାଇଁ ସଜେଇଥାଏ ଗୁମସୁମ ଗୀତ
ସେ ହିଁ ସବୁ ସମାପ୍ତିର ଆରମ୍ଭ
ଆରମ୍ଭର ବ୍ୟାପ୍ତି
ସେ ହିଁ ଆସିନଥିବା ସକାଳ
ଆଉ ପାହୁନଥିବା ନିଶ୍ୱାସର ରାତି !!

*ସଚ୍ଚପଡା, ବନ୍ଧପଡା,*
*ରାଜନଗର, କେନ୍ଦ୍ରାପଡ଼ା*
*ଦୂରଭାଷ: ୮୨୮୦୧୯୯୭୭୫*

# ପୁନଃଶ୍ଚ ପୁନଃରାବୃତ୍ତି

**ମାନଗୋବିନ୍ଦ ବାରିକ୍**

ପୁଣ୍ୟ-ଆର୍ଯ୍ୟାବର୍ତ୍ତେ ଅନାର୍ଯ୍ୟ ତାଣ୍ଡବ
ଘୃଣ୍ୟ ନାରକୀୟ କାର୍ଯ୍ୟ,
ନର-ସଂହାରର ବର୍ବର କାଣ୍ଡରେ
ଜଳେ ମଣିପୁର ରାଜ୍ୟ।

ଦିବ୍ୟ-ଧର୍ମକ୍ଷେତ୍ରେ ନାରୀ-ନିର୍ଯ୍ୟାତନା
ପୁନଃଶ୍ଚ ପୁନଃରାବୃତ୍ତି,
ମୁଦ୍ରିତ-ନେତ୍ରରେ ଅନ୍ଧ-ଧୃତରାଷ୍ଟ୍ର
ଦେଖେ କୁରୁସଭା କୀର୍ତ୍ତି।

ଭୀଷ୍ମ, ଦ୍ରୋଣ, ଶଲ୍ୟ, ବିଜ୍ଞ ସଭାସଦ
ଶକୁନିର କୁମନ୍ତ୍ରଣା,
ଧୃଷ୍ଟ-ଦୁଃଶାସନ ଉନ୍ମୁକ୍ତେ କରନ୍ତି
ପାଞ୍ଚାଳୀଙ୍କୁ ବିବସନା।

ଉଷ୍ମ-ତପ୍ତ ରକ୍ତ ରଙ୍ଗରେ ରଞ୍ଜିତ
ମଣିପୁର ରଣକ୍ଷେତ୍ର,
ଗଣତନ୍ତ୍ର-ରାଷ୍ଟ୍ର ଭ୍ରଷ୍ଟ-ଶାସନରେ
ପ୍ରକମ୍ପିତ କୁରୁକ୍ଷେତ୍ର।

ମୁକ୍ତ-ରାଜପଥେ ନରମେଧ-ଯଜ୍ଞ
ରମଣୀ ଗଣ ଧର୍ଷଣ,
ସ୍ୱଚ୍ଛ-ଦିବାଲୋକେ ନାରୀ-ନଗ୍ନଅଙ୍ଗ
ନିର୍ବିକାରେ ପ୍ରଦର୍ଶନ।

ଅର୍ଦ୍ଧ ଲକ୍ଷ ଲୋକ ବାସ୍ତୁ ନିର୍ବାସିତ
ଅଗଣିତ ମୃତାହତ,

ଶତ-ଧର୍ମକ୍ଷେତ୍ର ଧ୍ୱଂସ-ବିପର୍ଯ୍ୟସ୍ତ
ଅହର୍ନିଶ-ଅବିରତ ।

ନିଘୋଡ଼-ନିଦ୍ରାରେ ଶାସନ-ବ୍ୟବସ୍ଥା
ସମ୍ବିଧାନ ପଥଭ୍ରଷ୍ଟ,
କ୍ଷମତା-ଲିପ୍ସାର କ୍ଷୁଧା-ଅଭୀପ୍ସାରେ
ନୈତିକ-ଚିତ୍ର ଅସ୍ପଷ୍ଟ ।

ରକ୍ତ, ମେଦ, ମାଂସ କବର ଉପରେ
ଶାସକର ସିଂହାସନ,
ସାମ୍ପ୍ରଦାୟିକତା ଘୃଣ୍ୟ-ବଳୟରେ
ଶାନ୍ତି-ସମନ୍ୱୟ ସ୍ୱପ୍ନ ।

ବିଶ୍ୱ-ଦରବାରେ ନିନ୍ଦିତ ଭାରତ
ସଂସ୍କାରେ କଳଙ୍କ କାଳି,
ପୁରାଣ-ପୃଷ୍ଠାର ପୁନଃରାବୃତ୍ତିରେ
ପୁନଃଶ୍ଚ କାନ୍ଦେ ପାଞ୍ଚାଳୀ ।

*ବାସ-ଶ୍ରେୟା, ଏମ୍.ଆଇ.ଜି.-୭୫, ବି.ଡି.ଏ. କଲୋନୀ, ଫେଜ୍-୧*
*ପୋଖରୀପୁଟ, ଭୁବନେଶ୍ୱର-୭୫୧୦୨୦*

# ଆମ ଗାଁ କବି ସମ୍ମିଳନୀ

**ଡ. ଗୋପବନ୍ଧୁ ଦାଶ**

ନୋଝ କୋଝ ଧୋତି ପିନ୍ଧ
ଓଲୁମମୁଣ୍ଡିରୁ ନେଇ
ଝଙ୍ଗଡ଼େ ଭୁଜାକୁ ଯତେନ
ବାନ୍ଧେ ଗାମୁଛା ଦେହି ।।

ପଟାଶାଳ ପକା ଗୁହାଳୁ
ଦୁହାଁ ଖିରକୁ ନେଇ
ପତୁଲିରେ ସିଝା ବହଳା
ପୁଚିଶିରକୁ ପିଇ ।।

ବାହାରଇ କବି ମେଳାକୁ
ପିନ୍ଧି ରୂପା କଂକଣ,
କୁଣ୍ଡଳ ହଳଟା ହଲାଇ
ଝଲେ ଦାଣ୍ଡରେ ଜାଣ ।।

କୋଥଳିରୁ କାଢ଼ି ତିଳକ
ଚିତା ଥାଏ ମଥାରେ
ସଜ ମଲ୍ଲୀଫୁଲ ଚୁଟିରେ
ଖୋସା ରଂଧା ଜଡ଼ାରେ ।।

ଅଧୁଲି, ଝରିଣି ଭରଇ
ନେଇ କଣ୍ଢୁଗୁଛାରୁ,
କଉପୁନି ସଂଗେ ଗାଂଜିଆ
ଦିଶେ ଧୋବ ଧୋତିରୁ ।।

ପେଟଫଡ଼ା ଗଂଜି ମୁଣାରେ
ନାସ ଦାନିଟା ଥାଏ
ବିଜାରିଆ ହେଲେ ମଝିରେ
ନାକେ ମଡ଼େଇଦିଏ ।।

କବି ମେଳରେ ସେ ହାବୁଡ଼ି
ଦେଖେ କାଉ ପଲକୁ,
କି ବୁଦ୍ଧି କରିବି ଭାବଇ
ଦେଖି ସେହି ସଭାକୁ ।।

ଡାମରା କାଉଟା ବୋଲଇ
ସିଏ ଅଣ୍ଡିରା କବି,
ତୁଣ୍ଡଧରା କବି ବୋଲଇ
ସିଏ ମାଇପି କବି ।।

ମାଟିଆ କାଉଟା କହେ ଯେ
ସିଏ ଦଳିତ କବି
ହାଓ୍ୱାଇ ଦେଶର କାଉଟା
ନା ଅଣ୍ଡିରା ମାଇ !

ଜାମଇକା କାଉ ବୋଲଇ
ସିଏ ବଡ଼ ରସିକ
ଉପେନ୍ଦ୍ର ଠାରୁ ଅଧିକ ତାର
ଶୃଙ୍ଗାର ରସ ।।

ବଳଦେବ ରଥେ ବୋଇଲେ
କେତେ ତାଉତୁ କଲେ,
ଗାଇ କେବେ ହେବା ସଂଭବ
ଗାଁ ଘୁସୁରୀ ପଲେ ।।

କାଉ ବସାଗଲା ଉଜୁଡ଼ି
ଖଣ୍ଡ ପ୍ରଳୟ ହେଲା
କା' କା' ରଡ଼ି ବୋବେଇ
ଯିଏ ଯୁଆଡ଼େ ଗଲା ।।

କାକୁର୍ତ୍ତିରେ ସବୁ ଧାଇଁଲେ
ମେଳା ରହିଲା ଅଧା
ଗାଁ କବିବର ତାଟେକା
ଭଜେ ଗୋବିନ୍ଦ ରାଧା ।।

ଶୋକ ସଭା କଲେ ଶେଷରେ
ବଡ଼ ବଡ଼ିଆ ଯେତେ,
ଉଜଳରେ ଆସି ଅନ୍ଧାରେ
ଚଳିଗଲେ ବନସ୍ତେ ।।



କଥା ଓ କାହାଣୀ

ଶେଷ ପ୍ରସ୍ଥ

# କାଳିଆର ଡୋରି

ଅରବିନ୍ଦ ଦାଶ

"କାଳିଆର ଡୋରି ନଲାଗିଲେ କ'ଣ ତା ଦର୍ଶନ କରିହୁଏ ନା ପୁରୀ ରଥଯାତ୍ରାରେ ତା' ରଥ ଟାଣିହୁଏ ?"

ପିଲାବେଳୁ ବୋଉର ଏଇ କଥାପଦକ ଅନେକ ଥର ଶୁଣିଛି ପୁରୁଷୋତ୍ତମ।

ନିଜ ନାଁ ପୁରୁଷୋତ୍ତମ ଉଚ୍ଚାରଣ କରିବାକୁ ଛୋଟ ବେଳେ ଟିକେ କଷ୍ଟ ହେଉଥିଲା ଓ ସାଙ୍ଗମାନେ ପୁରୁଷ, ପୁରୁଷ ବୋଲି ଚିଡାଉଥିଲେ ବୋଲି ଅଭିମାନରେ ତାଙ୍କ ନାଁ ବଦଳାଇବା ପାଇଁ ଯେବେ ବି ବୋଉକୁ ଅଭିଯୋଗ ସେ କରୁଥିଲେ, ତାଙ୍କୁ ଗେଲ କରି ଓ ବେଳେବେଳେ ଟିକେ ଆକଟ କଲାଭଳି ସ୍ୱରରେ ବୋଉ କୁହେ,

– ଛିଃ ସେମିତିକା ଅମଙ୍ଗଳିଆ କଥା ଆଉ ମୁହଁରେ ଧରିବୁନି। ପୁରୁଷୋତ୍ତମ ପରା କାଳିଆ ଠାକୁରଙ୍କ ନାଁ। ତୋତେ ଡାକିଲା ବେଳେ ମୋର ଠାକୁରଙ୍କୁ ଡାକିବା କାମଟା ବି ହୋଇଯାଏ। ତୁ ପାଠ ପଢ଼ି ବଡ଼ ଅଫିସର ହୋଇଯା, ମୋତେ ପୁରୁଷୋତ୍ତମ ନେଇ ରଥରେ ତିନି ଠାକୁରଙ୍କୁ ଦର୍ଶନ କରାଇବୁ ଓ ଜୀବନରେ ଥରେ ହେଲେ ପୁରୀଣ ଗୁଣ୍ଡିଚା ଦିନ ନନ୍ଦିଘୋଷ ରଥ ଟାଣିବାକୁ ନେଇଯିବୁ।"

ଅଗଣାରେ ଠିଆ ହୋଇ ଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ବୋଉ ମୁଣ୍ଡିଆ ମାରିଲାବେଳେ ପଛପଟୁ ମୁରୁକି ହସି ବାପା କୁହନ୍ତି,

– ପୁରୀ ମନ୍ଦିରର ଓଲଟା ଦିଗକୁ ତୁମେ ମୁଣ୍ଡିଆ ମାରୁଛ, ତେଣୁ ପୁରୀ ନେବାକୁ ଠାକୁର କେମିତି ତୁମ ଗୁହାରୀ ଶୁଣିବେ ? ପୁରୁଷୋତ୍ତମ ଦେଖେ, ବୋଉ ରାଗିଯାଇ କୁହେ, – ଯେଉଁଠି ଥାଅ ପଛେ, ଅନ୍ତରର ସହ ଭକ୍ତି ଓ ବିଶ୍ୱାସରେ ଡାକିଲେ, ଠାକୁର ଡାକ ଶୁଣନ୍ତି। ତୁମକୁ ତ କହି କହି ଶୁଣିଲନି, ମୋ ଉତ୍ତମ ମୋତେ ପୁରୀ ନେଇ ରଥ ଟଣାଇବ।

ପୁରୀ ଯାଇ ଠାକୁରଙ୍କୁ ଯଦିଓ ଅନେକ ଥର ସପରିବାରେ ଦର୍ଶନ କରିଛନ୍ତି ଉର୍ମିଳା, ହେଲେ ଶ୍ରୀଗୁଣ୍ଡିଚା ଦିନ ପୁରୀ ଯାଇ ରଥ ଟାଣି ପାରି ନାହାନ୍ତି ବୋଲି ମନରେ ଗୋଟେ ବଡ଼ ଅବଶୋଷ ରହିଯାଇଛି ଆଜିଯାଏଁ।

ବାପା ସବୁଥର ଚିଡ଼ିକି କୁହନ୍ତି,

– ସେ ଭିଡ଼ ମିଡ଼ରେ ପଶି ରଥ ଟାଣିବା ନିହାତି ଜରୁରୀ ନୁହେଁ। ଭିଡରେ ଦଳା ଚକଟାରେ ଯଦି କିଛି ଅଘଟଣ ଘଟେ ? ବାପାଙ୍କ କଥା ...."

କଥା ଅଧାରେ ବାପା ଚୁପ ହୋଇ ଯାଆନ୍ତି।

ବୋଉ ବି ନରମିଯାଏ। କାରଣ ଅନେକ ବର୍ଷ ତଳେ ଜେଜେ ପୁରୀ ଯାଇ ରଥ ଭିଡ଼ିଲାବେଳେ ଠେଲା ପେଲା ଯୋଗୁଁ ତଳେ ପଡ଼ିଯାଇ ଗୁରୁତର ଆହତ ହୋଇଥିଲେ। ଦୁଇ ଗୋଡ଼ କାଳେ ତାଙ୍କର ଭାଙ୍ଗିଯାଇଥିଲା ଓ ଅବଶିଷ୍ଟ ଜୀବନ ଛୋଟେଇ ଛୋଟେଇ ଚାଲୁଥିଲେ। ଜେଜେ ଜେଜେମାଙ୍କର ସ୍ୱର୍ଗବାସ ହେଲାଣି, ତଥାପି ରଥରେ ବାପା ପୁରୀ ଯିବାକୁ ରାଜି ହୁଅନ୍ତିନି।

ଗାଁ ପାଖରେ ହେଉଥିବା ରଥଯାତ୍ରାକୁ ପ୍ରତିବର୍ଷ ଉର୍ମିଳା ଯାଆନ୍ତି ଓ ମନେମନେ ଠାକୁରଙ୍କୁ ସେଇ ପୁରୁଣା ଗୁହାରୀ ଜଣାନ୍ତି।

ପୁରୁଷୋତ୍ତମ ପାଠପଢ଼ାସାରି ଚାକିରୀ କଲାପରେ ଓଡ଼ିଶା ବାହାରେ ହିଁ ତାଙ୍କ ପୋଷ୍ଟିଂଗ ହୋଇଥିଲା।

ବାହାଘର ପରେ ଏବର୍ଷ ଓଡ଼ିଶାରେ ଆସି ଜଏନ କରିଛନ୍ତି। ସସ୍ତ୍ରୀକ ଗୋଟେ ପସନ୍ଦ ଆସିଥିବା ନୂଆ ଭଡାଘରେ ରହିବାର ଦୁଇଦିନ ପରେ ହଠାତ୍ ଉର୍ମିଳା ଗାଁରୁ ଏକୁଟିଆ ଆସି ନୂଆ ଘରେ. ପୁଅ ବୋହୁଙ୍କ ପାଖରେ ପହଁଚି ଯିବାରୁ ପୁରୁଷୋତ୍ତମ ଓ ନିହାରିକା ଦୁହେଁ ଆଶ୍ଚର୍ଯ୍ୟ ହୋଇଗଲେ।

– ବୋଉ, ତୁ ଏମିତି ହଠାତ ? ବାପା କାହାନ୍ତି ? ମୋତେ କହିଥିଲେ ମୁଁ ଗାଁକୁ ଯାଇ ତେତେ ନେଇ ଆସିଥାନ୍ତି।"

ପୁଅ ବୋହୁଙ୍କ ପାଇଁ ଗାଁରୁ ଆଣିଥିବା ଜିନିଷ ସବୁ ବ୍ୟାଗରୁ ବାହାର କରୁ କରୁ ଉର୍ମିଳା କହିଲେ, ପଦୁ କାଲି ପା ଗୁଣ୍ଡିଚା ପୁରୀ ରଥ ଟାଣିବାକୁ ଏଥର ମୋ ମନ। ସବୁଥର ଭଳି ତୋ ବାପାଙ୍କର ନା, ନା। ତେଣୁ ଗାଁରେ ରହିଲେ। ଆଗରୁ ସିନା ତୁ ଓଡ଼ିଶା ବାହାରେ ରହୁଥିଲୁ। ଏଥର କରୋନା ଫରୋନା ବି ନାହିଁ। ମୋ ମନ, ମୋତେ ଟିକେ ପୁରସ୍ତମ ନେଇଯିବୁ। କାଳିଆକୁ ଦେଖିବି ଓ ତା ରଥ ଟାଣିବି। କଥାରେ ପରା ଅଛି, ରଥେ ତୁ ବାମନଂ ଦୃଷ୍ଟ୍ୱା ପୁନର୍ଜନ୍ମ ନ ବିଦ୍ୟତେ। ଏ ଜନ୍ମରୁ ମୁକ୍ତି ପାଇଁ ଥରେ ସେ ଯୋଗ ହିଁ ଯଥେଷ୍ଟ।"

ବୋଉକୁ କୁଣ୍ଢାଇ ପୁରୁଷୋତ୍ତମ କହିଲେ,

– ମୁକ୍ତି ଫୁକ୍ତି କିଛି ଦରକାର ନାହିଁ। ସେ ଭିଡ଼କୁ କିଏ ଯିବ। ତୁ ଟିଭିରେ ରଥଯାତ୍ରା ଦେଖିବୁ। ଗୁଣ୍ଡିଚା ଦିନ ପୁରୀ ଯିବାକଥା ମୁହଁରେ ଧରନା। ଗାଡି ମଟର ସବୁ ଏବେ ବହୁତ ଦୂରରେ ପାର୍କିଂଗ କରିବାକୁ ପଡୁଛି। ତୋ ଆଣ୍ଟୁ ଗଣ୍ଠି ଦରଜ ଯୋଗୁଁ ଗୁଡାଏ ବାଟ ତୁ ଭିଡରେ ଚାଲିପାରିବୁନି।"

ଦୀର୍ଘନିଶ୍ୱାସ ଛାଡ଼ି ଉର୍ମିଳା କହିଲେ,

– ତୋର ଚିହ୍ନା ପରିଚୟ କେହି ନାହାନ୍ତି ? ବୁଢ଼ାବୁଢ଼ୀଙ୍କ ପାଇଁ ପାସ ତ ମିଳୁଥିବ।"

– ଦୁଇଦିନ ହେଲା ମୁଁ ଏଠିକି ଆସିଛି। ଚିହ୍ନା ପରିଚୟ ମୋର ଏଠି କିଏ ଅଛି ? ଶ୍ରୀ ଗୁଣ୍ଡିଚା ନୁହେଁ ବରଂ ବାହୁଡା ପୂର୍ବରୁ ତୋତେ ଦିନେ ସୁବିଧା ଦେଖି ପୁରୀ ନେଇ ଗୁଣ୍ଡିଚା ମନ୍ଦିରରେ ଦର୍ଶନ କରାଇ ଆଡ଼ପ ଅଭଡ଼ା ଖୁଆଇବି।"

ଉର୍ମିଳାଙ୍କ ପାଟିରୁ ବାହାରି ପଡ଼ିଲା,

– ପରେ ଯାଇ କି ଲାଭ ? ଠାକୁରଙ୍କ ଡୋରୀ ନ ଲାଗିଲା ଯାଏଁ କିଏ କଣ ପୁରୀ ଯାଇ ରଥଯାତ୍ରା ଦେଖିପାରେ ନା ଶ୍ରୀଗୁଣ୍ଡିଚାରେ କାଳିଆର ନନ୍ଦିଘୋଷକୁ ଟାଣିପାରେ ?"

ମୁହଁ ଶୁଖାଇ ବୋହୁ ନିହାରିକା ଉଦ୍ଦେଶ୍ୟରେ ଉର୍ମିଳା ଏଥର କହିଲେ,

– ମା ରେ ଠାକୁର ଘର କେଉଁଠି ? ମୁଁ ଯାଏଁ ଗାଧେଇକି ଠାକୁର ପୂଜା କରିଦିଏ। ଆଜି ନବ ଯୌବନ ଦର୍ଶନ। ତୁଳସୀ ଚଉରା କେଉଁଠି ଅଛି ? ଗାଧେଇକି ତୁଳସୀ ପାଇବି।"

ମୁଣ୍ଡ ତଳକୁ କରି ନିହାରିକା କହିଲା,

– କିଛି ଫୁଲ କୁଣ୍ଡ ସହ ତୁଳସୀ ଚଉରାକୁ ପ୍ୟାକର ବାଲା ଆଣିନି। ସୁବିଧା ଦେଖି ମାର୍କେଟ ଯାଇ ଚଉରା ଓ ତୁଳସୀ ଗଛ ନେଇ ଆସିବି।"

ଉର୍ମିଳା ଗାଧୁଆ ଘରକୁ ପଶିଗଲା ପରେ ପୁରୁଷୋତ୍ତମ ଧୀର ସ୍ୱରରେ ନିହାରିକାକୁ କହିଲେ,

–ବୋଉ କୁ ଘରମାଲିକଙ୍କ ଘରକୁ ଯିବାକୁ ଦେବନି। ପଚାରିଲେ କିଛି ବାହାନା ଦେଖାଇ ଆଡେଇ ଦେବ। ଯା ହେଲେ ବି ପୁରୁଣା କାଳିଆ ରକ୍ଷଣଶୀଳ ମନୋଭାବ ବାଲା ମଣିଷ ଏମାନେ। ଆମକୁ ଟିକେ ହୁସିଆର ହୋଇ ଏବେ ରହିବାକୁ ପଡ଼ିବ।"

ଗାଧେଇ ସାରି ଉର୍ମିଳା ସୂର୍ଯ୍ୟଙ୍କୁ ଦେଖି ମୁଣ୍ଡିଆ ମାରିବା ପାଇଁ ତଳ ମହଲାରେ ଥିବା ବଗିଚାକୁ ଚାଲିଗଲେ।

ସେଠାରେ ଘର ପାଚେରୀ କଡ଼ରେ ଥିବା କନିଅର, ମନ୍ଦାର ତଥା ବଗିଚା ଭିତରେ ଫୁଟିଥିବା ତରାଟ, ସୁଗନ୍ଧରାଜ, ଅପରାଜିତା ଇତ୍ୟାଦି ଫୁଲକୁ

ଦେଖି ତାଙ୍କ ମନ ଯେତିକି ଖୁସି ନ ହେଲା, ତା ଠୁ ଅଧିକ ମନ ଖୁସି ହୋଇଗଲା ଗୋଟେ କଡ଼ରେ ଥିବା ଜାଗାରେ ଥିବା ମେଞ୍ଚାଏ କଳା ତୁଳସୀ ଗଛ ଦେଖି।

ଆଃ, ସତେ ଯେମିତି ଭଗବାନ ତାଙ୍କ ଡାକ ଶୁଣିଲେ।

ଠାକୁର ପୂଜା ପାଇଁ କିଛି ଫୁଲ ତୋଳି ସେଇ ତୁଳସୀ ଗଛ ବୁଦା ପାଖକୁ ଆସି ମୁଣ୍ଡରେ ଓଢ଼ଣା ଦେଇ ଶାଢ଼ୀ କାନିକୁ ବେକ ପାଖରେ ଗୁଡାଇ ଦୁଇଟି ତୁଳସୀ ପତ୍ର ଗଛରୁ ଛିଣ୍ଡାଇ ଠାକୁରଙ୍କ ଉଦ୍ଦେଶ୍ୟରେ ଜୋଡ ହସ୍ତ ହୋଇ, ସୂର୍ଯ୍ୟ ଦେବତାଙ୍କୁ ଚାହିଁ, ତଳେ ମୁଣ୍ଡିଆ ମାରି ତୁଳସୀ ପତ୍ର ପାଟିରେ ପକାଇ ଉଠିଲା ବେଳକୁ ଉର୍ମିଳା ଦେଖିଲେ ତଳ ମହଲାର ପିଣ୍ଡା ବାହାରେ ଠିଆ ହୋଇ ଜଣେ ହୃଷ୍ଟ ପୁଷ୍ଟ ଯୁବକ ତାଙ୍କୁ ଆମୋଦିତ ଚାହାଣୀରେ ଅନାଇଛି। ତଳ ଘର ଲୋକ ମାନେ ଘରମାଲିକ ବା ତାଙ୍କ ପରିବାରର କିଏ ହୋଇଥିବ।

ଟିକେ ଅପ୍ରସ୍ତୁତ ହୋଇ ଉର୍ମିଳା କହିଲେ,

– ଠାକୁର ପୂଜା ପାଇଁ ଫୁଲ ଦୁଇଟା ନେଉଥିଲି ପୁଅ। ପୁରୁଷୋତ୍ତମ ଉପର ଘରେ ଯିଏ ନୂଆରେ ଭଡାରେ ଆସି ରହିଛି, ମୁଁ ତା ମା।"

ଉକ୍ତ ଯୁବକ ଜଣଙ୍କ କିଛି ନ କହି ପୁଣି ଟିକେ ହସିଦେଲେ।

ଉର୍ମିଳା ପୁଣି କହିଲେ,

– ଘରେ ତୁମର ଠାକୁର ପୂଜା ପାଇଁ ଏଇ ଫୁଲ ତୋଳିକି ନେଉନ କି? ବାସି ଫୁଲ ସବୁ ଝଡ଼ିକି ସବୁ ଗଛ ମୂଳେ ବଗିଚା ସାରା ପଡ଼ିଛି। ଆଚ୍ଛା, ପୁଅ ମୁଁ ଗୋଟେ ତୁଳସୀ ଗଛ ନେଇ ପାରିବି କି? ଚଉରାରେ ପୋତିବା ପାଇଁ?"

ଯୁବକ ଜଣଙ୍କ ଧୀର ସ୍ୱରରେ କହିଲେ,

– ତୁଳସୀ ଗଛ ଯେତେଟା ନେବା କଥା ନେଇପାରନ୍ତି।

ଆମେ ମୁସଲମାନ ବୋଲି ଆପଣଙ୍କ ଭଳି ଆମର ଠାକୁର ପୂଜା ହୁଏନା।"

ଟିକେ ଆଶ୍ଚର୍ଯ୍ୟ ହୋଇ ଅନାଇଲେ ଉର୍ମିଳା। ସେ ଯୁବକ ପୁଣି କହିଲେ,

– ଏଇ ଆଖପାଖ ଲୋକେ ବି ଆମ ବାଡିରୁ ଫୁଲ ନିଅନ୍ତିନି। ହୁଏତ ସେଣ୍ଟିମେଣ୍ଟ। ଆମ ଘରୁ ଫୁଲ ନେଇ ପୂଜା କଲେ ଆପଣଙ୍କ ଠାକୁର ମାରା ହୋଇଯିବେନି ତ?"

ମୃଦୁ ହସି ଉର୍ମିଳା କହିଲେ,

– ଧର୍ମ ଜାତି ଏସବୁ ଆମେ ସୃଷ୍ଟି କରିଲେ ଓ ଲୋକଙ୍କ ଭିତରେ ଭେଦଭାବ ବି ଆମେ ଉସୁକାଉଚେ। ମଣିଷ ଧର୍ମ ତ ଗୋଟାଏ। ପିଲାବେଳ ପାଖ ଗାଁରେ ମୋର ଗୋଟିଏ ସାଙ୍ଗ ଥିଲା, ଜରିନା। ବହୁତ ନିବିଡ଼ ବନ୍ଧୁତା ଥିଲା ଆମର। ସେ ଆମ ଘରେ ଓ ମୁଁ ତାଙ୍କ ଘରେ ଖିଆପିଆ ଉଠାବସା କରୁଥିଲୁ। ଦୁହେଁ ମିଶି ପୀର ବାବାଙ୍କ ପିଠ ରେ ଚଦର ଚଢ଼ାଉ ଥିଲୁ ଓ ଗାଁ ପାଖରେ ହେଉଥିବା ରଥଯାତ୍ରା ଦେଖୁଥିଲୁ। ଜରିନା ବହୁତ ଜଗନ୍ନାଥ ପ୍ରେମୀ ଥିଲା। ତା ବାପା ଅବଦୁଲ ଚାଚା ବହୁତ ସ୍ନେହୀ ଥିଲେ। ପିଲାବେଳ ସାଙ୍ଗସାଥୀ ସବୁ କିଏ କୁଆଡେ ଗଲେଣି।"

ଏଇ ଦୀର୍ଘଶ୍ୱାସ ଛାଡ଼ି ଉର୍ମିଳା ପୁଣି କହିଲେ,

– ଫୁଲ ପତ୍ରରେ କଣ ଧର୍ମ ଜାତି ଭେଦଭାବ ଥାଏ? ପଶୁପକ୍ଷୀ ବି ଆମଠୁ ଢ଼େର ଭଲ। ଏସବୁ ବାଛ ବିଚାର ନାହିଁ। ବୁଢ଼ୀ ମା କଣ ତୁମ ମା ବା ମାଉସୀ ଠୁ ଭିନ୍ନ। ତୁମ ନା କଣ ପୁଅ?"

ଟିକେ ଲଜ୍ଜିତ ହୋଇ ଯୁବକ କହିଲେ,

– ମୋତେ କ୍ଷମା କରିବେ ମାଉସୀ। ଦୁନିଆରେ ଆପଣଙ୍କ ଭଳି ଉଚ୍ଚ ବିଚାର ଲୋକ ଅଛନ୍ତି ବୋଲି ହୁଏତ ଶାନ୍ତି ଅଛି। ....ବହୁତ ଖୁସି ଲାଗିଲା ଆପଣଙ୍କୁ ଭେଟି। ମୋ ନାଁ କମଲ, କମଲ ପାଶା। ମୋ ଅମ୍ମିଙ୍କ ଦେହ ଭଲ ନାହିଁ ବୋଲି ଟିକେ ଦେଖିବାକୁ ଆସିଛି। ମୋର ବି ଜଗନ୍ନାଙ୍କ ପ୍ରତି ଦୁର୍ବଳତା ଅଛି।"

ହସିଦେଇ ଉର୍ମିଳା କହିଲେ,

– କମଲ ମାନେ ପଦ୍ମ ଫୁଲ। ପବିତ୍ର ସେ ଫୁଲ। କମଳ ନୟନ, ପଦ୍ମନାଭ ଇତ୍ୟାଦି ଆମ ଠାକୁରଙ୍କ ନାଁ। ଆଜି ପ୍ରଭୁ ଜଗନ୍ନାଥଙ୍କ, ଠାକୁର ପୂଜା ସାରି ଛଡ଼ା ତୁଳସୀ ଆଣି ମୁଁ ତୁମ ଅମ୍ମୀଙ୍କ ମୁଣ୍ଡରେ ଛୁଆଇଁ ଦେବି। ତୁମର ଯେମିତି ମକ୍କାମଦିନାର ଜମଜମ ପାଣିକୁ ପବିତ୍ର ବୋଲି ମାନ, ଆମର ସେମିତି ଗଙ୍ଗାଜଳ ଓ ତୁଳସୀ ପତ୍ରକୁ ମାନୁ।"

ଉପର ମହଲାରୁ ନିହାରିକା ସବୁ ଦେଖୁଥିଲା ଆଶ୍ଚର୍ଯ୍ୟ ହୋଇ। ପୁରୁଷୋତ୍ତମ ଓ ନିହାରିକାଙ୍କ ବାରଣ ସତ୍ତ୍ୱେ ଉର୍ମିଳା ନିଜ ଜିଦିରେ ଅଟଳ ରହି ଜଗନ୍ନାଥଙ୍କ ଫଟରେ ଲଗାଇ କଳା ତୁଳସୀ କିଛି ଧରି ତଳ ମହଲାକୁ ଗଲେ।

ଚିଡିଯାଇ ପୁରୁଷୋତ୍ତମ କହୁଥିଲେ,

– ବୋଉମାନେ ନିଜ ଜିଦିରେ ଏଭଳି କାମ କରି ଆମକୁ ଅସୁବିଧାରେ ପକାଇବେ। ହୁଏତ ଆମକୁ ଘର ଖାଲି କରିବା ପାଇଁ ଘର ମାଲିକ କହି ପାରନ୍ତି। କଣ ଦରକାର ତୁଳସୀ ନେଇ ତାଙ୍କ ଘରକୁ ଯିବା?"

ନିହାରିକା କହିଲା,

– ତୁମେ ବ୍ୟସ୍ତ ହୁଅନା। ବୋଉ ବୟସ୍କ ମଣିଷ ଓ ଭଗବତ ବିଶ୍ୱାସୀ। ତେବେ ଠାକୁର କଣ ସବୁଠି ଭକ୍ତଙ୍କ ରକ୍ଷା କରନ୍ତି? ଦେଖିବ ସେଇ ତୁଳସୀ ଧରି ଫେରିକି ଆସିବେ। ସେମାନେ କଣ ତୁଳସୀ ପାଇବେ?"

ଅନେକ ସମୟ ବିତିଗଲା। ଉର୍ମିଳାଙ୍କ ଦେଖା ନଥିଲା। ବ୍ୟସ୍ତ ହୋଇ ପୁରୁଷୋତ୍ତମ ସାଙ୍ଗରେ ନିହାରିକାକୁ ଧରି ତଳ ମହଲାକୁ ଯାଇ କଲିଙ୍ଗ୍ ବେଲ ମାରିଲା।

ଘରେ କାମ କରୁଥିବା ସ୍ତ୍ରୀ ଲୋକଟି କବାଟ ଖୋଲିଲା ଘର ଭିତରକୁ ପଶି ବେଡ୍ ରୁମରେ ଶୋଇଥିବା ଘର ମାଲିକଙ୍କ ସ୍ତ୍ରୀଙ୍କ ପାଖରେ ବସିଥିବା ଉର୍ମିଳାଙ୍କୁ ହସିହସି ଗପୁଥିବାର ଦେଖି ଆବକାବା ହୋଇଗଲେ ପୁରୁଷୋତ୍ତମ ଓ ନିହାରିକା।

ପୁଅ ବୋହୁଙ୍କୁ ଦେଖି ଉର୍ମିଳା କହିଲେ,

– ହେଇ ଦେଖ, ମୋ ପିଲାଦିନ ସାଙ୍ଗ ଜରିନା ଆଉ ଇଏ ତାଙ୍କ ସ୍ୱାମୀ ଅସରଫ ଭାଇ। କେତେ ବର୍ଷ ପରେ ଆମ ଦୁହିଁଙ୍କ ଦେଖା। ତାରି ଘରେ ତୁମେ ଭଡାରେ ରହିଛ ଭେଟ ହେଲା ଆମର। ସବୁ ସେଇ କାଳିଆ ସାଆନ୍ତଙ୍କ ବରାଦ। ମୋତେ ଦେଖି ଜରିନା ଦେହ ଅଧା ଭଲ ହୋଇଗଲାଣି। ମୋତେ ଗପସପ ପାଇଁ ଲୋକ ମିଳିଗଲା।"

କମଲ କହିଲେ,

– ସତରେ ମାଉସୀଙ୍କ କଥା ଓ ତାଙ୍କ ହାତ ତୁଳସୀ ପାଇ ଅମ୍ମି କେତେ ସତେଜ ଦିଶିଲାଣି।"

ଧୀର ସ୍ୱରରେ ଜରିନା କହିଲେ,

– ପୁରୀ ଯାଇ ଶ୍ରୀ ଗୁଣ୍ଡିଚାରେ ଜଗନ୍ନାଥଙ୍କୁ ଦେଖିବ ବୋଲି ମନ କରିଥିଲା ତୁମ ବୋଉ। ମୁଁ ଠିକ ଥିଲେ ଆମେ ଦୁହେଁ ମିଶି ପୁରୀ ଯାଇଥାନ୍ତୁ। ତେବେ ମୋ ପୁଅ କମଲ ତାକୁ କାଲି ପୁରୀ ନେଇଯିବ ଓ ସବୁ ବ୍ୟବସ୍ଥା କରିଦେବ ବୋଲି ମୁଁ କଥା ଦେଇଛି ମୋ ସାଙ୍ଗକୁ।"

ଆବାକାବା ହୋଇ ଅନେଇଥିଲେ ପୁରୁଷୋତ୍ତମ ଓ ନିହାରିକା।

ଉର୍ମିଳା ପୁଅବୋହୁଙ୍କ ଆଡ଼କୁ ଅନାଇ କହିଲେ,

– କମଲ ପରା ପୋଲିସ ଡିପାର୍ଟମେଣ୍ଟରେ ଗୋଟେ ବଡ଼ ଅଫିସର। ରଥଯାତ୍ରାରେ ତା ଡ୍ୟୁଟି ପଡ଼ିଛି। ଦେଖ ଭଗବାନ କେମିତି ମୋ ଡାକ ଶୁଣିଲେ। କଥାରେ ପରା ଅଛି, ଯେ ପର୍ଯ୍ୟନ୍ତ କାଳିଆର ଡୋରି ନ ଲାଗିଛି ସେଯାଏଁ ତମେ ତା ଦର୍ଶନ ବା ତା ରଥ ଭିଡି ପାରିବ ନାହିଁ।"

କିଛି ସମୟ ପରେ ସେମାନଙ୍କୁ ଛାଡ଼ିବାକୁ ଘର କବାଟ ପାଖକୁ ଆସି କମଲ ଉର୍ମିଳାଙ୍କୁ କହିଲେ,

– ଆପଣ ଠିକ କହୁଥିଲେ ମାଉସୀ, ଜଗନ୍ନାଥଙ୍କ ଡୋରି ଲାଗିଲେ ହିଁ ଭକ୍ତ ଦର୍ଶନ ପାଆନ୍ତି। ପିଲାବେଳେ ଅମ୍ମି ପାଖରୁ ଭକ୍ତ ସାଲବେଗଙ୍କ କଥା ଶୁଣି ଜଗନ୍ନାଥଙ୍କ ପ୍ରତି ଏକ ଦୁର୍ବାର ଆକର୍ଷଣ ସୃଷ୍ଟି ହୋଇଥିଲା। ମନ୍ଦିର ଭିତରକୁ ପ୍ରବଶ କରି ପାରେନା ବୋଲି ଏଇ ରଥଯାତ୍ରାକୁ ଅନେଇ ଥାଏ। ସେଇଥିପାଇଁ ମୋ ପୋଷ୍ଟିଂ ଯେଉଁଠି ହୋଇଥିଲେ ବି ରଥଯାତ୍ରା ସମୟରେ ଉପର ହାକିମଙ୍କୁ ଅନୁରୋଧ କରି ପୁରୀରେ ସ୍ପେଶାଲ ଡ୍ୟୁଟି ପକାଇ ରଥ ଉପରେ ମନଭରି ଦେଖେ ଜଗନ୍ନାଥଙ୍କୁ।"

କମଲଙ୍କୁ କୁଣ୍ଢାଇ ପକାଇ ଏକ ଆବେଗ ଓ ମମତାଭରା ସ୍ୱରରେ ଉର୍ମିଳା କହିଲେ,

– ଭକ୍ତର ଭଗବାନ ସେ। ଜାତି ବା ଧର୍ମ ନୁହେଁ, ବରଂ କାଳିଆ ଉପରେ ବିଶ୍ୱାସ ଥିଲେ ସେ ଡୋରି ଲଗାଇଦିଏ।"

*ଫ୍ଲାଟ ନଂ - ୧୦୩, ହୋରାଇଜନ*
*ଏନକ୍ଲେଭ ମହାରାଣୀ ପେଟା,*
*ବିଶାଖାପାଟଣା- ୫୩୦୦୦୨*
*ଦୂରଭାଷ: ୯୧୭୭୬୦୫୧୦୫*

# ଉଷା

ରୁମ୍‌ଝୁମ୍ ନାୟକ

ଏମିତି ସନ୍ଧ୍ୟାବେଳେ ଛାତ ଉପରେ ଏକା ବୁଲୁବୁଲୁ ଅନ୍ୟମନସ୍କ ଆଖିରେ ଆକାଶକୁ ଚାହିଁରହେ ମୁଁ। କହିବାକୁ ଗଲେ ନିବିଡ଼ ଭାବରେ ଭଲପାଏ ଆକାଶକୁ। ଛୋଟ ବଡ଼ ସମସ୍ତ ନକ୍ଷତ୍ରମାନଙ୍କୁ ନିରେଖି ଦେଖେ। ଯେମିତି ସମସ୍ତେ ଗୋଟିଏ ଗୋଟିଏ ଇତିହାସର କିମ୍ବଦନ୍ତୀ। ସେଦିନ ମତେ ଯେମିତି ଲାଗିଲା ସହସ୍ର ନକ୍ଷତ୍ରଶୋଭିତ ଏଇ ସୁନୀଳ ଅମ୍ବରର ସମସ୍ତ ସୌନ୍ଦର୍ଯ୍ୟ ମଧ୍ୟରେ କୋଉଠି ଲୁଚି ରହିଛି ଦୁଇଟି ଛଳ ଛଳ ଆଖି। ଗୋଟିଏ କୋମଳ ସ୍ପର୍ଶକାତର ନିରୀହ ଆତ୍ମା। କାହାର ଉଦାରତାରେ କଅଁଳି କାହାର ନିଷ୍ଠୁରତାରେ ନଷ୍ଟ ହେଇଯାଇଥିବା ଛୋଟ ଜୀବନଟିଏ। ସେ ମୋର ପ୍ରିୟ ବାନ୍ଧବୀ ଉଷା। ଆଖି ବୁଜି ଫେରୁଥିଲି ମୁଁ ସ୍ମୃତିର କୁହୁଡ଼ି କାଟି କାଟି।

ସେଦିନ ଥିଲା ସୋମବାର। ରେଭେନ୍‌ସା ଗ୍ୟାର୍ଲସ୍ ସ୍କୁଲ୍‌ରେ ନମବ ଶ୍ରେଣୀରେ ନାଁ ଲେଖିବାର ପ୍ରଥମ ଦିନ। ନୂଆ ସ୍କୁଲ। କେମିତି ପର ପର ଲାଗୁଥାଆନ୍ତି ସବୁ ପିଲା। ଇଚ୍ଛା ହେଉଥାଏ ଫେରି ଯାଆନ୍ତି କି ଘରକୁ। ବହିଭର୍ତ୍ତି ବ୍ୟାଗ୍‌କୁ କୋଉଠି ହେଲେ ରଖିଦେଇ ଲୁଚେଇ ଦିଅନ୍ତି ମୁହଁକୁ ମାଆଙ୍କ କୋଳରେ। ଭାରି ଡର ଲାଗୁଥାଏ। ଗୁରୁମା ଚିହ୍ନେଇ ଦେଲେ ସେକ୍‌ସନ୍‌ର ସବୁ ପିଲାମାନଙ୍କ ସହିତ। ସମସ୍ତଙ୍କ ଉପରେ ନୀରବ ଅଥଚ ଡରମିଶା ଦୃଷ୍ଟି ବୁଲେଇ ଆଣି ପୁଣି ନିଜ ଭିତରେ ଲୁଚିଗଲି। ନା, ଏତେଗୁଡ଼ାଏ ଅଚିହ୍ନା ପିଲାଙ୍କ ମେଳରେ ମୁଁ ପଡ଼ିପାରିବିନି। ତାଛଡ଼ା ମୋର ତ ଆହୁରି ଦୁଃଖ, ମତେ ହଷ୍ଟେଲରେ ରହିବାକୁ ହେବ। ନିଜ ଅଜାଣତରେ ଆଖିରେ ଆଖିଏ ଲୁହ ଭର୍ତ୍ତି ହେଇଗଲା। ସାଙ୍ଗେ ସାଙ୍ଗେ ଖେଳଛୁଟିର ବେଲ୍ ବାଜିଲା। ଧିରେ ବାହାରକୁ ଆସି ଗୋଟେ କଡ଼ରେ କାନ୍ଥକୁ ଆଉଜି ଠିଆହେଲି। ଅନେଇ ଦେଖିଲି ସାମ୍‌ନା ପଡ଼ିଆର ଠିକ୍ ମଝିରେ ଆମ୍ବଗଛଟିଏ ଏକୁଟିଆ ଠିଆ ହୋଇଛି ମୋରି ପରି। ଭାରି ଅସହାୟ ଲାଗୁଥିଲା ସେଇବେଳଟା। ପଛଆଡୁ ଝିଅଟିଏ ଆସି ମୋ ହାତ ଧରି ପକେଇଲା। ମୋ ନାଁ କ'ଣ ପଚାରି ମୋ ଉତ୍ତରକୁ ଶୁଣିବାକୁ ଅପେକ୍ଷା ନକରି ତା ନାଁ 'ଉଷା' ବୋଲି କହିଥିଲା। ନିଷ୍ପାପ ହସର ସରୁଧାରଟିଏ ଲାଗିଥାଏ ତା ଓଠ କଡ଼ରେ। କଥାବାର୍ତ୍ତାରେ ବୟସର ଚଞ୍ଚଳତା ବଦଳରେ ଅସମ୍ଭବ ସ୍ଥିରତା। ନିଷ୍କପଟ ହୃଦୟରେ ଅନ୍ୟକୁ ଆପଣାର କରିବାର ଗୁଣ କ'ଣ ସମସ୍ତଙ୍କର ଥାଏ ?

ଛୁଟି ପରେ ପୁଣି ଦେଖାହେଲା ତା ସହିତ। ତାର 'ସି' ସେକ୍‌ସନ୍ ମୋର 'ଏ' ସେକ୍‌ସନ୍। ତା ପରଦିନ ରବିବାର ଥିଲା। ମୋର ହଷ୍ଟେଲ ଆସିବା କଥା। ମାତ୍ର ସୋମବାର ରାତିରେ ହଷ୍ଟେଲ ଆସିଲି। ଲୁହ ଛଳଛଳ ଆଖିରେ ବିରାଟ ପ୍ରାଚୀର ଘେରା କାରାଗାର ଭିତରେ ପାଦ ଦେଉ ଦେଉ ଉଷା ହିଁ ମତେ ପ୍ରଥମେ ସ୍ୱାଗତ କରିଥିଲା। ମୁକ୍ତ ହସର ବାହୁ ପ୍ରସାର କରି, ମତେ ତା' ଛାତିରେ ଜାକିଧରିଥିଲା ମୁହୂର୍ତ୍ତଟିଏ ପାଇଁ। ଆଶ୍ୱସ୍ତ ହେଇଥିଲି ମୁଁ। ହସିଦେଇଥିଲି ତା ହସର ସମ୍ଭାଷଣରେ। ରୁମ୍‌ରେ ସମସ୍ତ ଜିନିଷ ସଜାଡି ରଖିଥିଲା ମୋର। ବାଧ୍ୟକରି ଖୁଆଇଥିଲା ମତେ। ରାତିରେ ସମେସ୍ତ ନିଜ ବିଛଣା ନିଜେ ପାରି ନିଜେ ମଶାରି ବାନ୍ଧି ଶୁଅନ୍ତି। ସେ କାମ ମଧ୍ୟ ମୋର ସେ କରିଦେଇ ଥିଲା। କହିବାକୁ ଗଲେ ପରିବାରର ଅନ୍ତରଙ୍ଗତାକୁ ଭୁଲି ସେଠି ଗୋଟେ ବି ଦିନ ନ ରହିପାରିବାର ମୋର ଦୁର୍ବଳତାକୁ ସେ ଧରିନେଇଥିଲା। ସେଥିପାଇଁ ସବୁବେଳେ ମୋ ପାଖେ ପାଖେ ରହୁଥିଲା ସେ। ନିଜ ଭିତରେ ନିଜେ ସବୁବେଳେ ବୁଡ଼ିଥାଏ ମୁଁ। ଆକାଶର ରଙ୍ଗ ଛଡ଼ା ବାହାର ଦୁନିଆକୁ ଦେଖିବାର ଅବକାଶ ନଥିଲା ଆମ ହଷ୍ଟେଲର ପୃଥିବୀ ଭିତରୁ। ସବୁବେଳେ ବାବା-ମାମା ମନେ ପଡୁଥାଆନ୍ତି। ଘରକଥା, ଭାଇମାନଙ୍କ ସହ ମାଡ଼ ମରାମରି, ଲୁଚକାଳି ଖେଳ, କେମିତି ସ୍ୱପ୍ନ ପାଲଟି ଯାଉଥାଏ ଏଇ ଶୃଙ୍ଖଳାବଦ୍ଧ ପରିସର ଭିତରେ। ପାଠବହି ଭିତରେ ବାବା, ବାହାରକୁ ଅନେଇଲେ ମାମା। ଅସମ୍ଭବ ଦୁର୍ବଳତାରେ ଘାଣ୍ଟି ହେଉଥାଏ ମୋ ମନ। କାହା ସହିତ ମିଶି ପାରୁନଥାଏ କି କାହାକୁ ଆପଣାର କରି ପାରୁନଥାଏ।

ହଷ୍ଟେଲରେ ସମସ୍ତଙ୍କ ମୁହଁରେ ଉଷା-ଉଷା-ଉଷା। ସେ ସମସ୍ତଙ୍କର ଝିଅ, ସମସ୍ତଙ୍କର ଭଉଣୀ। ଗୁରୁମାଙ୍କ ପ୍ରିୟ ଛାତ୍ରୀ ଉଷା। ଯେମିତି ଉଷା ଉଇଁଲେ ହଷ୍ଟେଲରେ ରାତି ଆସେ। ଉଷା ବିନା ସେଠି ଜହ୍ନ ଆସେନା। ସୂର୍ଯ୍ୟ ବି ଉଦୟ ହୁଅନ୍ତି ଉଷାର ହସରେ, ଉଷାର ଛନ୍ଦରେ। ଉଷା ହଷ୍ଟେଲର ଆତ୍ମା ଥିଲା। ଧିରେ ଧିରେ ମୋର ବି ଉଷା ପ୍ରତି ଆକର୍ଷଣ ବଢ଼ିଲା। ମନ ବି ଲାଗିଗଲା ସେଇ ପରିବେଶରେ। ପଢ଼ାରେ ମନ ଦେଲି। ଖୁସି ହେଲି ବି ନିଜ କାମ ନିଜେ କରି। ନିଜ ଅସ୍ତିତ୍ୱକୁ ନିଜେ ଦେଖିଲି।

ହଷ୍ଟେଲକୁ ପ୍ରତି ଶନିବାର ସମସ୍ତଙ୍କ ଭିଜିଟର ଆସନ୍ତି ପିଲାମାନଙ୍କୁ ଦେଖା କରିବାକୁ। ଶନିବାର ସକାଳୁ ସମସ୍ତଙ୍କ ମୁହଁରେ ପୁନେଇଁର ଆଭା। ହେଲେ ଉଷାର ମୁହଁରେ ସେଇ ଚତୁର୍ଦ୍ଦଶୀର ହସ କାନ୍ଦ ମିଶା ଧୂସରତା। ତାକୁ ତ କେହି ଦେଖା କରିବାକୁ ଆସୁନାହାନ୍ତି, କିମ୍ବା ତାର ବି ବ୍ୟସ୍ତତା ନାହିଁ ଶନିବାର ହେଲେ କି ନ ହେଲେ। ସମସ୍ତଙ୍କ ବାପ ମାଆଙ୍କ ପାଦଛୁଏଁ ସେ। ସମସ୍ତଙ୍କ ଆଶୀର୍ବାଦ ନିଏ। ସେମାନଙ୍କୁ ସାନ୍ତ୍ୱନା ଦିଏ। କିଛି ଅସୁବିଧା ନାହିଁ ହଷ୍ଟେଲରେ ବୋଲି ବୁଝେଇ ଦିଏ। ମନେହୁଏ ଯେମିତି ତାରି ଭରସାରେ ସବୁ ପିଲାଙ୍କୁ ଛାଡ଼ିଦେଇ ଯାଆନ୍ତି ଅଭିଭାବକମାନେ।

ତିନିବର୍ଷ କେମିତି କଟିଗଲା ମୁଁ ଜାଣିନି। ପ୍ରତି ସପ୍ତାହରେ ଘରକୁ ବାହାରୁଥିବା ମୁଁ ଧିରେ ଧିରେ ମାସରେ ଥରେ ନହେଲେ ପୁରା ଛୁଟି ହେଲେ ଯାଏ। ଉଷା ଆଉ ମୁଁ ଏକ ଆତ୍ମା, ଦୁଇଟି ଦେହ ଥିଲୁ। ସେଇ ହଷ୍ଟେଲ୍‌ରେ ଦୁଇଟି କଳି ଏକା ସଙ୍ଗେ ବସନ୍ତକୁ ଭେଟିଥିଲୁ କେମିତି ଏକ ଅଜଣା କମ୍ପନରେ। ସୁଖ-ଦୁଃଖର ଘଟଣା-ଦୁର୍ଘଟଣା ଭିତରେ ଅନେକଥର ମୋ ଦେହ ଖରାପ ହୁଏ। କେମିତି କ'ଣ ପରି ସେ ମୋର ସେବାକରେ, ଏକା ମୋର ନୁହେଁ, ସମସ୍ତଙ୍କର ସେବାକରେ ମାଆ ପରି, ଭଉଣୀ ପରି। ଦଶମ ଶ୍ରେଣୀର ଫାଇନାଲ ପରୀକ୍ଷା ପରେ ସମସ୍ତେ ଘରକୁ ଯିବାକୁ ବ୍ୟସ୍ତ। ସବୁ ପିଲାଙ୍କ ମୁହଁରେ ଘର ବାହୁଡ଼ା ଖୁସିର ଆବେଗ ଓ ଉତ୍‌ଫୁଲ୍ଲତା। ନୀରବ ନିର୍ଲିପ୍ତ ଉଷା ମଧ୍ୟ ସେ ଦିନ ଫାଟି ପଡୁଥାଏ ଅଫୁରନ୍ତ ଆନନ୍ଦରେ। ଯେମିତି ତା'ର ଆଜି ସମସ୍ତ ସାଧନାର ସିଦ୍ଧି ପ୍ରାପ୍ତିର ଦିନ ! କେତେ ଉଚ୍ଛ୍ୱାସରେ ତରଙ୍ଗ ତା'ର ସ୍ଥିର ନିଶ୍ଚଳ ଆଖିଡୋଳାରେ ! ମୋର ସବୁ ଜିନିଷପତ୍ର ପ୍ୟାକିଂକରି ମୁଁ ତଳେ ଅପେକ୍ଷା କରିଥାଏ ଆମ ଘରୁ କିଏ ଆସିବାକୁ। ବାରଣ୍ଡାରେ ବହୁ ପିଲା ଏପଟ ସେପଟ ହେଉଥାଆନ୍ତି। ଦିମାସର ଛୁଟି, ଦଶମାସର ଆଧିପତ୍ୟ ଏଇ ହଷ୍ଟେଲରେ। ସମସ୍ତେ ସମସ୍ତଙ୍କଠୁ ବିଦା ହେଉଥାଆନ୍ତି ଆବେଗରେ। କୁଆଡୁ ଦୌଡ଼ି ଆସିଲା ଉଷା ମୋ ପାଖକୁ। ଅଧିର ଆବେଗରେ ଜାବୁଡ଼ି ଧରି କହିଥିଲା ମତେ, "ରୀମା, ମୋ ବାପା ବି ଆସିଛନ୍ତି, ମତେ ନେବାକୁ"। ତା ମୁହଁରେ ବାପା ଶବ୍ଦ କେମିତି ବିସ୍ଫୋରଣ ପରି ମନେ ହେଲା ମତେ ସେଦିନ। କାହିଁ ଗତ ଦିବର୍ଷ ଧରି ଥରେ ତ ତୁମ ବାପା ଆସିନାହାନ୍ତି ବୋଲି ପଚାରି ଦେଇଥିଲି ତାକୁ।

ବିନା ସଙ୍କୋଚରେ ସେ କହିଥିଲା, "ମୋର ବାପା ମା' ଆମେରିକାରେ ରୁହନ୍ତି । ମୋର ଗୋଟେ ଛୋଟ ଭଉଣୀ (ଲୀସା) ବି ଅଛି । ତୁମେ ତ କେବେ ମତେ ପଚାରିନ, ମୁଁ କ'ଣ କହିଥାଆନ୍ତି ।" ପ୍ରକୃତରେ ମୁଁ ଭାବେ ସିନା, ଏତେ ଗୁରୁତ୍ୱ ଦେଇନି ତା ଘରୁ କେହି ଯେ ଏତେ ଦିନ ଧରି ଆସିନାହାନ୍ତି କାହିଁକି ବୋଲି ।

ସେଦିନ ତାର ଆନନ୍ଦ ଦେଖି ଭାବିଥିଲି କେତେ ଭାଗ୍ୟବତୀ ସତେ ଏଇ ଉଷା ! ସେଇଥିପାଇଁ ସେ ଏତେ ଦାମିକା ଡ୍ରେସ୍ ପିନ୍ଧେ । ଏତେ ପଇସା ଖର୍ଚ୍ଚ କରେ । ପ୍ରବଳ ଇଚ୍ଛାର ଲହଡ଼ିମାନେ ମଥା ପିଟୁଥାଆନ୍ତି ମୋ କଅଁଳ ଛାତି ଭିତରେ ତା ବାପାଙ୍କୁ ଦେଖିପା ପାଇଁ । ସେ ମୋ ବାପାଙ୍କଠୁ ଅନେକ ଆଶୀର୍ବାଦ ନେଇ ସାରିଛି । ଆଜି ମୋ ପାଇଁ ସୁଯୋଗ ଆସିଛି । ତଥାପି ମନେ ମନେ ଭାବୁଥାଏ, ପଚାରିବି, "କେମିତି ବାପା ଆପଣ ଦୁଇ ତିନିବର୍ଷ ପରେ ଥରେ ଆସିଛନ୍ତି ଝିଅ ପାଖକୁ । ପୁଣି ମାଆଙ୍କୁ ଆଣିନାହାନ୍ତି ।" ଏମିତି ଭାବ ଭାବି ଭିଜିଟର୍ ରୁମ୍ ଭିତରକୁ ପଶି ଦେଖିଲି ସୁପରିଟେଣ୍ଡେଣ୍ଟ ଜଣେ ଭଦ୍ରଲୋକଙ୍କ ସହ ହସି ହସି କଥା ହେଉଛନ୍ତି ଯାହାଙ୍କ ବୟସ ଅତି ବେଶିରେ ତିରିଶ କି ବତିଶ୍ ହେବ । ପଛକୁ ଅନେଇଲା ବେଳକୁ ଉଷା ଆଉ ଦେଖାଯାଉନି । ଜିନିଷ ଆଣିବାକୁ ଚାଲିଗଲାଣି ବୋଧେ ଉପରକୁ । ତେବେ ଇଏ କିଏ ? ଉଷାର ବାପା କାହାନ୍ତି ? ମତେ ଦେଖି ଗୁରୁମା ଚିହ୍ନେଇ ଦେଲେ, "ଇଏ ରୀମା ଉଷାର ରୁମ୍‌ମେଟ୍" । ମ୍ୟାଡାମ୍ ତାଙ୍କୁ ନମସ୍କାର କରି ଚାଲିଗଲେ ବାହାରକୁ । ଉଷାକୁ ଡାକିଦେବାର ଛୋଟ ଅଥଚ ବ୍ୟସ୍ତତାର ସହ ଅନୁରୋଧ କଲେ ସେହି ଭଦ୍ରବ୍ୟକ୍ତି ଜଣକ । ଆପଣ ଉଷାର କ'ଣ ହୁଅନ୍ତି ବୋଲି ଅବୋଧ ପ୍ରଶ୍ନଟିଏ ପଚାରି ଦେଲି ମୁଁ । ସେ ଯେ ଉଷାର ବାପା ହୋଇଥିଲେ, ମୋ ମନ ମାନୁନଥିଲା ତାଙ୍କୁ ଦେଖି । ତାଙ୍କର ଓ ଉଷାର ବୟସ ମଧ୍ୟରେ ପନ୍ଦର କିମ୍ବା ଷୋହଳ ବର୍ଷର ଦୂରତ୍ୱ ଥିଲା । ଅଭିଜ୍ଞତା ନଥିଲେ ବି ବାପାଟିଏ ହେବାପାଇଁ ଯେ କେତେ ବର୍ଷ ହୋଇଥିବା ଦରକାର ତାହା ଜାଣିବାର ବୟସ ମୋର ହେଇଥିଲା । ଏମିତି ଦ୍ୱନ୍ଦ୍ୱ ଭିତରେ ଉଷା ତାର ସମସ୍ତ ଲଗେଜ ସହ ଆସି ପହଞ୍ଚିଯାଇଥିଲା ଏବଂ ତାଙ୍କ ସହ ମୋତେ ପରିଚୟ ମଧ୍ୟ କରେଇ ଦେଇଥିଲା । ଲମ୍ବା ବିଦେଶୀ ଗାଡ଼ିରେ ବସି ଯିବା ପୂର୍ବରୁ ମୋ ମନ ଉପରକୁ ଅନେକ ଅବିଶ୍ୱାସୀ, ବିଭ୍ରାନ୍ତିକର ଧୂଳି ଉଡ଼େଇ ଚାଲିଯାଇଥିଲା ଉଷା । ସେ ଦିନ ଅପରାହ୍ନ ଆସିବା ପୂର୍ବରୁ ସୂର୍ଯ୍ୟ ଅସ୍ତ ହେଇସାରିଥିଲେ ମୋ ମନ ଭିତରେ ଏଇ ଅସ୍ୱାଭାବିକତାରେ ।

ଦୁଇମାସ ଛୁଟି ପରେ ପୁଣି ସମସ୍ତେ ଫେରିଥିଲୁ । ଇଲେଭନ୍‌ଥ କ୍ଲାସ୍ ହେଇସାରିଥାଏ । ଯେମିତି ଏଇ ଦୁଇମାସ ଭିତରେ ସମସ୍ତେ ଦୁଇବର୍ଷ ଲେଖାଏଁ ବଡ଼ ହେଇଯାଇଛନ୍ତି । ଦାୟିତ୍ୱସମ୍ପନ୍ନା ହେଇପଡ଼ିଛନ୍ତି ସମସ୍ତେ । ମୁଣ୍ଡ ଉପରେ ପ୍ରିଟେଷ୍ଟ ପରୀକ୍ଷା । ଉଷା ବି ଫେରି ଆସିଥାଏ ସମସ୍ତଙ୍କ ଆଗରୁ । ମୋର ମୋଟେ ଇଚ୍ଛା ହେଉନଥାଏ ତା ସାଙ୍ଗେ କଥା ହେବାକୁ । ଦୁଇମାସ ସେ ତା ତଥାକଥିତ ବାପାଙ୍କ ସାଙ୍ଗେ କେମିତି କୋଉଠି କଟେଇଲା, ସେ କଥା ପଚାରିବାକୁ ବି ଇଚ୍ଛା ହେଉ ନଥାଏ । ଛୁଟି ଭିତରେ ପାଠ ସହ ଅନେକ ଛୋଟବଡ଼ ନଭେଲ୍ ପଢ଼ି ସମ୍ପର୍କର ବିଭିନ୍ନ ଦିଗ, ଆବେଗ, ବ୍ୟକ୍ତିର ଚରିତ୍ର, ବୟସର ପ୍ରଭାବ ପ୍ରଭୃତି ବୁଝିବାର ଅଭିଜ୍ଞତା ମଧ୍ୟ ସଂଗ୍ରହ କରିସାରିଥିଲି ମୁଁ । ଦିନେ ଶନିବାର ସନ୍ଧ୍ୟାରେ ଘରକୁ ନଯାଇ, ଦେହ ଖରାପ ଲାଗିବାରୁ ରୁମ୍‌ରେ ଶୋଇପଡ଼ିଥିଲି । ମୁଁ ଜାଣିଥିଲି କେହି ନ ଆସିଲେ ବି ଉଷା ନିଶ୍ଚେ ଆସିବ ଏବଂ ମୋ ଅନୁମାନକୁ ସମ୍ମାନ ଜଣେଇ ଉଷା ଆସିଥିଲା । ପ୍ରଚଣ୍ଡ ଅଭିମାନରେ ଫାଟି ପଡୁଥିଲା ତା ଓଠ । ଆଖିରେ ଆଷାଢ଼ ଅପେକ୍ଷା କରିଥିଲା ମୋ ଆତ୍ମୀୟତାର ସ୍ପର୍ଶକୁ । ଯେମିତି ଏଇନେ ବର୍ଷିଯିବ କି ଆଉଟିକେ ପରେ ବର୍ଷିବ । ମୋ ମୁଣ୍ଡକୁ ଚିପି ଦେଉଥିଲା ସେ ତାର ଥରଥର ଆଙ୍ଗୁଳିରେ । ଆଉ ମତେ କହିଥିଲା, "ମୁଁ ଜାଣିଛି ତୁମେ ମତେ ଅବିଶ୍ୱାସ କରୁଛ ରୀମା, ଆଉ ଘୃଣା ବି କରୁଛ । କିନ୍ତୁ ତୁମେ ବିଶ୍ୱାସ କର ବା ନକର ସେ ମୋର ବାପା । ମାତ୍ର ମୁଁ ଜାଣିନି ମୁଁ କାହାର ଝିଅ । ଆଖି ଖୋଲି ଯେତେବେଳେ ପ୍ରଥମେ ଦେଖିଲି ଦୁନିଆକୁ, ସେଦିନ କିଏ ମତେ ଆଣିଥିଲା ସଂସାରକୁ ତାକୁ ଦେଖିବା ପୂର୍ବରୁ ଗୋଟେ ଧଳା ଟର୍କିସ୍‌ରେ ଗୁଡ଼େଇ ଛୋଟ ଲକେଟ୍‌ଲଗା ସୁନା ଚେନ୍‌ଟିଏ ପିନ୍ଧେଇ ଅନ୍ଧାରର ନିବିଡ଼ ଅଶ୍ଳେଷରେ ମତେ ଛାଡ଼ି ବୋଧେ ମୋ ଜନ୍ମଦାତ୍ରୀ ସେଇ ମୁହୂର୍ତ୍ତରୁ ନିଷ୍ଫଳଙ୍କ ହେଇଯାଇଥିଲେ । ସେଇ ଲକେଟ୍‌ରେ ନାମାଙ୍କିତ ଫଳକ ଅନୁସାରେ ମୋ ନାଁ ଉଷା ରଖାଯାଇଛି । ଯେତେବେଳେ ପ୍ରଖର ସୂର୍ଯ୍ୟତାପରୁ ବଞ୍ଚିବାକୁ ମୋ କଅଁଳ ଆଖି ବୁଜି ହେଇ ପୁଣି ଖୋଲି ଯାଉଥିଲା, ସେତେବେଳେ 'ଏଇ ମୋର ବାପା' ଅପରିପକ୍ୱ ବୟସର ବିନା ସର୍ତ୍ତରେ ବାପା ହେଇଯାଇଥିଲେ । ମୋ ଓଠର ପ୍ରଥମ ଶବ୍ଦ ମୋ ଭଗବାନ ଏଇ ମୋର "ବାପା" ଶବ୍ଦ ଉଚ୍ଚାରଣ ତାଙ୍କର ବୟସକୁ ବଢ଼େଇ ଦେଇଥିଲା । ସ୍ନେହ ପ୍ରବଣତାରେ ଆଦରି ନେଇଥିଲେ ମୋ କୁନି ଅସ୍ତିତ୍ୱକୁ । କିଛି ବର୍ଷପରେ ବାପାଙ୍କ ସାଙ୍ଗେ ମାଆକୁ ଆଣିବାକୁ ବରଯାତ୍ରୀ ହେଇ ଯାଇଥିଲି । ମାଆଙ୍କ ଢ଼ଳଢ଼ଳ ମୁହଁରେ ମୋ ମାଆକୁ ହିଁ ଖୋଜୁଥିଲି । ପାଇଛି କି ନାହିଁ ଜାଣିନି । ତାର କିଛି ବର୍ଷପରେ ବାପା ମୋର ମତେ ତାଙ୍କର ଜଣେ ଘନିଷ୍ଠ ବନ୍ଧୁଙ୍କ ତତ୍ତ୍ୱାବଧାନରେ ଛାଡ଼ି ମାଆଙ୍କୁ ନେଇ ଆମେରିକା ଚାଲିଯାଇଥିଲେ । ନିୟମିତ ସେଇ ତଥାକଥିତ ବନ୍ଧୁଙ୍କ ନିକଟକୁ ଟଙ୍କା ମଧ୍ୟ ପଠଉଥିଲେ ମୋ ରକ୍ଷଣାବେକ୍ଷଣ ପାଇଁ । ପାଳୁଥିଲେ ମଧ୍ୟ ସେମାନେ ମତେ ଅନାଥ ପିଲାଠୁ ଟିକେ ଅଧିକ, ନିଜ ପିଲାଠୁ ଅନେକ କମ୍‌ରେ । ତଥାପି ବଞ୍ଚିଥିଲି । ଘରେ ଛୋଟବଡ଼ ସବୁକାମ କରିଦିଏ ବିନା ଦ୍ୱିଧାରେ । କାରଣ ସେତେବେଳକୁ ମୁଁ ମୋର ସ୍ଥିତି, ପରିସ୍ଥିତି ସବୁ ବୁଝିପାରିଥିଲି । ତାପରେ ଅଦିନ ଆକାଶରେ ଇନ୍ଦ୍ରଧନୁ ପରି ମୋ ବାପା ଫେରିଥିଲେ ଆଉ ମତେ ନେଇଆସିଥିଲେ ତାଙ୍କ ଘରୁ । ସେ ଦିନଠୁ ଷଷ୍ଠ ଶ୍ରେଣୀରୁ ମୁଁ ଏଇ ହଷ୍ଟେଲ୍‌ରେ ରହି ପଢୁଛି । ଗଲାଦିନ ସୁପରିଟେଣ୍ଡେଣ୍ଟଙ୍କଠୁ ଆରମ୍ଭ କରି ମ୍ୟାଟ୍ରୋନ୍ ପର୍ଯ୍ୟନ୍ତ ସମସ୍ତଙ୍କୁ ଗୋଟି ଗୋଟି କରି କହିଯାଇଥିଲେ, "ମୋ ଝିଅ ରହିଲା, ସବୁ ଖର୍ଚ୍ଚ ମୁଁ ପଠେଇବି । ଯଦି ଅଧିକା ହୁଏ ତେବେ ତା ନାଁରେ ବ୍ୟାଙ୍କ୍‌ରେ ପାଶ୍‌ବୁକ୍ ଖୋଲି ରଖି ଦେବେ, ତା ଭବିଷ୍ୟତରେ କାମରେ ଆସିବ ।" "ତମେ ଜାଣ ରୀମା, ସେଦିନ ପ୍ରଥମଥର ପାଇଁ ମତେ ତାଙ୍କ ଛାତିରେ ଜାକି ଧରିଥିଲେ । ତାଙ୍କ ଆଖିର ପବିତ୍ର ଗଙ୍ଗା ଜଳରେ ମୋ ମଥା ଓଦା ହେଇଯାଇଥିଲା" ।

ମୋ ମୁଣ୍ଡକୁ ଆଉଁସିବା ଛାଡ଼ି ସେ ତା ଆଖି ପୋଛୁଥିଲା ବୋଧେ ଅତି ସନ୍ତର୍ପଣରେ, କାଳେ ତା ଆଖିର ଅମୂଲ୍ୟ ମୋତି ମୋ ଆତ୍ମାର ସମୁଦ୍ରରେ ପଡ଼ି ପୁଣି ତା ସତ୍ତା ହଜେଇ ବସିବ ମୋ ନିକଟରୁ । ମୋ ମନରେ ସେତେବେଳେ ଅନୁତାପର ଲହଡ଼ି ପ୍ରଚଣ୍ଡ ଧକ୍କା ଦେଉଥାଏ । ତଥାପି ମୋ ଆତ୍ମାଭିମାନ ମତେ ଯେମିତି ଚାପି ଧରିଥାଏ ଓଠ ଭିତରେ । ତାପରେ ଧିରେ ଧିରେ ନିଜକୁ ପ୍ରକୃତିସ୍ଥ କରି ସେ କହିଲା, "ଜାଣିଛ ରୀମା" ? ଉତ୍ସୁକତାର ଶେଷ ପର୍ଯ୍ୟାୟ ମୋ ପାଇଁ, ମୁଁ ଉଠିବସିଲି । ହେଲେ ତାକୁ ଏବେବି ପଛ କରିଥାଏ । ଉଷା ମୋ ପାଖରେ ସେତେବେଳକୁ ବସି ସାରିଥାଏ, ଖଟ ବାଡ଼କୁ ଆଉଜି । ସେ ପୁଣି ଆରମ୍ଭ କଲା, "ଜାଣିଛ ରୀମା, ମୋ ବାପା ଆଉ ମୋ ମାଆଙ୍କ ପବିତ୍ର ସମ୍ପର୍କ ଏବେ ମୋ ପାଇଁ ତିକ୍ତ ହେବାକୁ ବସିଲାଣି । ମୋ ମାଆ ମତେ ବାପାଙ୍କ ପରି ଗ୍ରହଣ କରି ପାରୁନାହାନ୍ତି । ସବୁଠୁ ଦୁଃଖ କ'ଣ ଜାଣ, ମୋର ବୟସ ଓ ମୋ' ଦେବୋପମ ବାପାଙ୍କ ବୟସର ବ୍ୟବଧାନ ମାତ୍ର ଷୋହଳ ବର୍ଷ । ତୁମେ କୁହ, ସବୁଠୁ ବଡ଼ ଭରସା ଏଇ ଅମୂଲ୍ୟ ସମ୍ପର୍କର ଛତ୍ରଛାୟା ଯଦି ମୋ ମାଆ ତାଙ୍କ ଅପରିଣାମଦର୍ଶିତା ପାଇଁ ମୋ ମୁଣ୍ଡ ଉପରୁ କେବେ କାଢ଼ି ନିଅନ୍ତି, ତେବେ ମୋ ପାଇଁ ଏବେବି ଅଚିହ୍ନା ଏଇ ବିରାଟ ଧରାରେ ମତେ କିଏ ସାହା ହେବ କହିଲ ?" ଯଦିଓ କେତେଟା ଗପବହି ପଢ଼ି ନିଜକୁ ବିରାଟ ଜ୍ଞାନୀବୋଲି ମୁଁ ମନେ କରୁଥିଲି, ତଥାପି କେମିତି ନିଃସହାୟ ଲାଗିଥିଲା ମତେ ତା କଥା ଶୁଣି । ବାପା-ମାଙ୍କର ଅଜସ୍ର ସ୍ନେହର ବର୍ଷାରେ ନିତି ସ୍ନାନ କରୁଥିବା ମୋର ବିଳାସୀ ମନରୁ ହଠାତ୍ ସବୁଫୁଲ ଝଡ଼ିପଡ଼ି କେମିତି ଥୁଣ୍ଟା ହେଇଯାଇଥିଲା ସିନା, ହେଲେ ତାର ପରବର୍ତ୍ତୀ ଜୀବନର ଚିନ୍ତା ମୁଁ କରି ପାରିନଥିଲି ସେ ଦିନ ।

ମୋ ମୁହଁରୁ ସାନ୍ତ୍ୱନାର ପଦଟିଏ ମଧ୍ୟ ନଶୁଣି ଉଷା

ସେଦିନ ହୁଏତ ହତବାକ୍ ହେଇଯାଇଥିବ। ଭାଙ୍ଗି ପଡ଼ିଥିବ ତାର ବିଶ୍ୱାସ। ସେଥିପାଇଁ କୂଳଲଂଘି ଆସିଥିଲା ତା ଲୁହ ମୋ ଆଖି ପର୍ଯ୍ୟନ୍ତ। ଅନ୍ଧାର ଘରେ ସେ ଓ ମୁଁ ବସିଥିଲୁ ଗୋଟିଏ ଆକାଶରେ ପୂର୍ଣ୍ଣିମା ଓ ଅମାବାସ୍ୟାର ସ୍ଥିତି ନେଇ କେତେବେଳ ପର୍ଯ୍ୟନ୍ତ। ଧିରେ ଧିରେ ବାଦଲ କଟିଯାଇଥିଲା ସନ୍ଧ୍ୟା ଆକାଶରୁ। ପଢ଼ି ବସିଥିଲୁ ଦୁହେଁ ଏକ ସଙ୍ଗେ। ସବୁ ସ୍ୱାଭାବିକ ହେଇଯାଇଥିଲା। ଖାଲି ଅସ୍ୱାଭାବିକ ଭାବେ ଚୁପ୍ ହେଇଯାଇଥିଲା ଉଷା। ସେ ବୋଧେ ଭାବୁଥିଲା ତାର ଜୀବନ କାହାଣୀ ମୋତେ ଶୁଣେଇ ସେ କ'ଣ ଭୁଲ କରିଛି କି? ଚଳଚଞ୍ଚଳ ପାଦ ତାର ତା ଅସହାୟତାକୁ ଯେତେ ଘୋଡ଼େଇଲେ ବି ସେ ଯେ ଭିତରେ ଭିତରେ ଭାଙ୍ଗିପଡୁଛି ମୁଁ ଜାଣି ପାରୁଥିଲି। ତା ଆଖିରେ ଶ୍ରାବଣ ସବୁଦିନ ପାଇଁ ଯେମିତି ଘର କରିନେଇଥିଲା। ହତାଶା ଓ ଅପ୍ରାପ୍ତିର ଏତେ ସବୁ ହାହାକାର ଭିତରେ ବି ଜୀବନର ସମୁଦାୟ ଲୁହକୁ ସେ ତା ଆଖିରେ ସାଇତି ରଖି ଫାଇନାଲ ପରୀକ୍ଷା ଦେଇଥିଲା। ମୁଁ ବି ଦେଇଥିଲି। ହଷ୍ଟେଲ୍ ପିକ୍‌ନିକ୍, ତାପରେ ଡ୍ରାମା, ଫଙ୍କ୍‌ସନ୍ ସବୁ ସରିଗଲା ଗୋଟି ଗୋଟି ହେଇ। ଏବେ ଫେରିବାର ପାଳି। କେବଳ ପ୍ରତୀକ୍ଷା ଆସନ୍ନ ଭବିଷ୍ୟତର। ତିକ୍ତ ମଧୁର ଅନୁଭବକୁ ସାଉଁଟି ସାଉଁଟି ସମୁଦ୍ର ବାଲିରୁ ଶାମୁକା ପରି ସବୁ ଇଲେଭେନ୍‌ଥ କ୍ଲାସ ପିଲା ଚାଲିଗଲେ। ମୁଁ ଆସିବା ପର୍ଯ୍ୟନ୍ତ ଉଷା କିନ୍ତୁ ଥିଲା ହଷ୍ଟେଲରେ। ତାର କେହି ଆସିନଥିଲେ। ବ୍ୟଥା ଆଉ ପୁଲକର ଦୁଇ ବାହୁରେ ଆଲିଙ୍ଗନ କରି ମୋଠୁ ଅଲଗା ହେଇଥିଲା ସେଦିନ ସେ। ତାର ଆଖି କୋଣରେ ଚିକ୍ ଚିକ୍ କରୁଥିବା ଦୁଇ ବିନ୍ଦୁ ମୁକ୍ତାକୁ ଭୁଲି ପାରିନି ଆଜି ଯାକେ ମୁଁ। ନିରାଶା ଆଉ ଆଶଙ୍କାରେ ଢ଼ଳ ଢ଼ଳ ସେଇ ଆଖିକୁ ଯଦି ନିରେଖିବାର ବୟସ ମୋର ସେତେବେଳେ ଥାଆନ୍ତା, ହୁଏତ ଏଇ ବିଶ୍ୱ ଆକାଶର ଚଉହଦୀ ଭିତରେ ଲୁଚିଯାଇଥିବା ମୋ ପ୍ରିୟ ଉଷା ନାମ୍ନୀ ନକ୍ଷତ୍ରଟିକୁ ହଜିଯିବାକୁ ମୁଁ ଦେଇନଥାଆନ୍ତି।

ତାପରେ ଉଷା କୁଆଡ଼େ ଗଲା ମୁଁ ଭାବିନି। ଜୀବନର ନୀରବତାରେ 'ଉଷା' ନାମକ ସେଇ ଝଙ୍କାରଟି କେବେ କେମିତି ମତେ ବିଚଳିତ କରିଛି। ମୋ ଅସାମର୍ଥ୍ୟକୁ ଅନ୍ୟମାନଙ୍କ ଜୀବନ ସ୍ରୋତରେ ଭସେଇଦେଇ ନିଜ ସ୍ୱର, ଛନ୍ଦ ଆଉ ଲୟ ଭିତରେ ବୁଡ଼ି ତା ବିଷୟରେ ଭାବନାକୁ ଏଡ଼େଇ ଦେଇଛି। ସେ କୋଉ କଲେଜରେ ପଢ଼ିଲା, ତା ବି ଜାଣିନି କିମ୍ବା ଚେଷ୍ଟା କି କରିନି ଜାଣିବାକୁ ତା ଏବେ ବି ବୁଝି ପାରିନି। ଅନେକ ଦିନ ପରେ ଶୁଣିଲି ସେ ତା ବାପାଙ୍କ ସାଙ୍ଗେ ଆମେରିକା ଚାଲିଯାଇଛି। ସେଦିନ ପ୍ରଥମଥର ପାଇଁ ଅଦୃଶ୍ୟକୁ ଚାହିଁ ତା ବାପଙ୍କ ଉଦ୍ଦେଶ୍ୟରେ ପ୍ରଣିପାତ କରିଥିଲି, କେତେ ମହାନ ସତେ ସେଇ ମହାପୁରୁଷ ଜଣକ, ଯେ ଏକ ଅସହାୟ ସତ୍ତା ପାଇଁ ତାଙ୍କ ସ୍ନେହର ଦ୍ୱାର ଉନ୍ମୁକ୍ତ କରିଦେଇଛନ୍ତି।

ସେଇଠୁ ସରିଯାଇଥିଲା ଉଷାର ଗାଥା। ଉଷା ପାଇଁ ବେଳ ଅବେଳର ଆଛନ୍ନତା ଧିରେ ଧିରେ କଟିଯାଇ ଏକରକମ ଭୁଲିଯାଇଥିଲି ମୁଁ ତାକୁ। ଯା ଭିତରେ ପାଞ୍ଚବର୍ଷ ଅତିକ୍ରାନ୍ତ ହୋଇଗଲା। ମୋର ବିବାହ ମଧ୍ୟ ହୋଇସାରିଥିଲା। ମୋ ଦେହ ଭିତରେ ଛୋଟ ଚାରିଟିଏ ତା'ର କାୟା ବିସ୍ତାର କରୁଥିଲା। ବ୍ୟସ୍ତ ସାଂସାରିକ ଜୀବନର ବାଲୁକା ରାଶିରେ ଉଷାର ସ୍ମୃତି କୋଉଠି ପୋତି ହେଇଗଲାଣି। ପ୍ରତିଦିନର ପୃଷ୍ଠାରେ ନୂଆ ନୂଆ ନାଁ ଲେଖା ହେଇ ଅତୀତର ଚିହ୍ନା ଅଚିହ୍ନା ମୁହଁ ସବୁ ମଲାଟ ଭିତରେ ରହିସାରିଥିଲା। ସବୁ ମଙ୍ଗଳବାର ମନ୍ଦିରଯାଏ ମୁଁ। ମୋ ସ୍ୱାମୀ କେବେ କେମିତି ମୋ ସାଙ୍ଗରେ ଯାଇଥାଆନ୍ତି। ହେଲେ ସେ ଦିନ କେଉଁ ଲଗ୍ନ ଥିଲା କେଜାଣି, କେମିତି ଏକ ନକହିପାରୁଥିବା ଦୁଃଖରେ ମନଟା ଦବିଲା ଦବିଲା ଲାଗୁଥିଲା। ମନ୍ଦିର ଭିତରେ ପହଞ୍ଚି ଚପଳ ଖୋଲୁ ଖୋଲୁ ଆଖି ପଡ଼ିଯାଇଥିଲା ଏକ ନିରାଭରଣା, ମଇଳା ଶାଢ଼ୀ ପିନ୍ଧା ସ୍ତ୍ରୀ ମୂର୍ତ୍ତି ଉପରେ। ମୋ ଛାତି ଭିତରେ ଅତୀତର ପାଦଶବ୍ଦ ଧିରେ ଧିରେ ବଢ଼ି ସ୍ଥିର ହୋଇଗଲା। ମୋ ଆଖି ସହ ସେଇ ନାରୀ ମୂର୍ତିଟିର ଆଖି ମିଶିଯିବା ପୂର୍ବରୁ ମୋ ପ୍ରାଣସ୍ପନ୍ଦନ ବଢ଼ିସାରିଥିଲା। ତା ଆଖିର ନୀବର ପ୍ଲାବନରେ ମୋ ସ୍ମୃତିରୁ ଖିଅଟିଏ ଉଙ୍କି ମାରୁଥିଲା। ଗୋଟିଏ ଚଉଦ ବର୍ଷର କିଶୋରୀ ପ୍ରଜାପତି ହଷ୍ଟେଲ୍ ବାରଣ୍ଡାରେ ତରଙ୍ଗ ତରଙ୍ଗ ହେଇ ଉଡ଼ିବୁଲୁଥିଲା। ପାଖୁଡ଼ା ପାଖୁଡ଼ା ହସର କିରଣରେ ସହସ୍ର ମନର ଅନ୍ଧାରକୁ ଦୂର କରି ଦେଉଥିଲା; ସେ କ'ଣ ଇଏ? ନା... ଏ କେମିତି ସମ୍ଭବ? ମୋ ଭାବବିହ୍ୱଳତାକୁ ଭଗ୍ନକରି ସେଇ ନିରାଶ ମୂର୍ତିଟି ଡାକିଥିଲା ମତେ, 'ରୀମା' 'ରୀମା'। ମୋ ମନ ଅସ୍ଥିର ହେଇସାରିଥିଲା। ମୋ ଆଖି ସବୁଦିନେ ଦୁର୍ବଳ। ତଥାପି ସ୍ମୃତିଶକ୍ତିର ପ୍ରଖରତା ଉପରେ ମୋର ଅଖଣ୍ଡ ବିଶ୍ୱାସ।

ମୋ ଚାରିପଟେ ବାଲ୍ୟ, କୈଶୋର ଆଉ ଆଦ୍ୟ ଯୌବନର ପେଟ୍ଟା ପେଟ୍ଟା ଅନୁଭବ। ଆଖି ଲୁହରେ ଅସ୍ପଷ୍ଟ ହେଇଉଠୁଥିଲା ତା ମୁହଁ। ତଥାପି ମୁଁ ତାକୁ ଚିହ୍ନିସାରିଥିଲି। ସେ ହିଁ 'ଉଷା', ମୋ ବାଲ୍ୟସଙ୍ଗୀ ଉଷା। ଦୌଡ଼ିଯାଇଥିଲି ମୁଁ ତା ପାଖକୁ। ତା ହାତ ଧରି ପକେଇଥିଲି ପ୍ରବଳ ଅନୁକମ୍ପା ନେଇ। ମୋ ମନର ସବୁ ପ୍ରଶ୍ନର ଉତ୍ତର ତାର ମହା ମୌନତାରୁ ମୁଁ ସବୁ ବୁଝିପାରିଥିଲି। କୋଟରଗତ ଆଖି ତାର ସ୍ଥିର ନିର୍ବିକାର ଥିଲା। ଛଳଛଳ ନଥିଲା କି ମୋ ପରି ଉତ୍‌ଫୁଲ୍ଲ ବି ନଥିଲା ସେ। ସମୟର ନିହାଣ ପ୍ରହାରରେ ସେ ଯେମିତି ଏକ ପଥର ମୂର୍ତ୍ତି ପାଲଟି ଯାଇଥିଲା। ତାର ଆତ୍ମାରେ ସ୍ପନ୍ଦନ ଥିଲା ସିନା କଲ୍ଲୋଳ ନଥିଲା ତା ଦେହରେ। ଚାଳିଶ ବର୍ଷର ସ୍ତ୍ରୀଲୋକ ପରି ସେ ଦେଖାଯାଉଥିଲା। ମୋ ପେଟକୁ ଚାହିଁ ହସିଥିଲା କେମିତି ଏକ ନିର୍ଲିପ୍ତ ହସ। ମୋ ମନ ପ୍ରାଣର ସମସ୍ତ ଉଚ୍ଛ୍ୱାସ ସ୍ତବ୍ଧ ହୋଇଯାଇଥିଲା ତା'ର ସେଇ ବିଚିତ୍ର, ଶୀତଳ ବ୍ୟବହାରରେ। ମୋ ସ୍ୱାମୀ ବି ମୋ ପାଖକୁ ଚାଲିଆସିଥିଲେ। ଆଶ୍ଚର୍ଯ୍ୟ ମିଶା ବିରକ୍ତି ଭାବ ସ୍ପଷ୍ଟ ଦେଖିପାରୁଥିଲି ମୁଁ ତାଙ୍କ ମୁହଁରେ। ଉଷା ଅନେଇଥିଲା ତାକୁ ଏକ ବିକଳ ଦୃଷ୍ଟିରେ। ନମସ୍କାର ବି କରିଥିଲା। ସେ ତାକୁ ପ୍ରତିନମସ୍କାର କରିଥିଲେ କି ନାହିଁ ମୁଁ ଜାଣିନି। କିନ୍ତୁ ଉଷା ମତେ ଚାହିଁଥିଲା ସତୃଷ୍ଣାରେ। ଆଉ କହିଥିଲା, "କେତେ ଭାଗ୍ୟ ତୁମର ଆଉ ସେଇ ଅଧା ତିଆରି ମୂର୍ତ୍ତିଟିର, ଯିଏ ଦୁନିଆକୁ ଆସିବ ତୁମ ସ୍ନେହର ନିବିଡ଼ତାରେ, ନିଜତ୍ୱର ସ୍ୱାଭିମାନରେ, ବଂଶ ପରିଚୟର ପରିଚୟପତ୍ର ଧରି। ତୁମେ ତାକୁ ଖୁବ୍ ଶ୍ରଦ୍ଧା କରିବ, ସସମ୍ମାନେ ବଞ୍ଚିବା ଶିଖେଇବ ରୀମା।" ଥରଥର କମ୍ପୁଥିଲା ତାର ଶୁଖିଲା ଓଠ। ଆବେଗରେ କି ଅଭିମାନରେ କେଜାଣି, ହେଲେ ମତେ କିଛି ଶୁଭୁନଥିଲା ତା କଥା। ତଥାପି ଅନେକ କଷ୍ଟରେ ତାକୁ ପଚାରିଥିଲି ତା ସ୍ନେହମୟ ବାପାଙ୍କ କଥା। ତା ଆଖି ହଠାତ୍ ଓଦା ହେଇଆସିଲା। ପୂରା ଭିଜିବା ପୂର୍ବରୁ ସେ କହିଲା, "ମୋ ବାପା ଆମେରିକାରେ କାର୍ ଆକ୍‌ସିଡେଣ୍ଟରେ ମରିଗଲେ, ମୋ ମାଆ ଜଣେ ଆମେରିକାନ୍‌କୁ ବାହାହେଇ ସେଠି ରହିଲେ, ଆଉ ମତେ ଏଠିକି ପଠେଇଦେଲେ। ମୋ ସାଙ୍ଗରେ ଥିଲା ମୋର ନିର୍ଦ୍ଦିଷ୍ଟ ଗୋତ୍ର ବିହୀନ ପରିଚୟ। ଯେମିତି ବିନା ନିମନ୍ତ୍ରଣରେ ମୁଁ ଦୁନିଆକୁ ଆସିଥିଲି, ସେମିତି ଅନିଶ୍ଚିତ ଭବିଷ୍ୟତକୁ ନେଇ ଘୁରିବୁଲୁଛି ଏ ଗଳିରୁ ସେ ଗଳି। ହେଲେ ମତେ ବିଶ୍ୱାସ କର ରୀମା, ଶେଷ ପର୍ଯ୍ୟନ୍ତ ସଂଗ୍ରାମ କରିବି ମୃତ୍ୟୁସହ, ସମୟ ସହ। ଏବେ ମୁଁ ମୋ ଜୀବନର ଲକ୍ଷ୍ୟ ସ୍ଥିର କରି ସାରିଛି। ମୁଁ କାମ କରିବି ମୋପରି କୁନିକୁନି ଉଷାମାନଙ୍କ ପାଇଁ। ସେମାନଙ୍କ ପାଇଁ ବଞ୍ଚିବାର ସେତୁବନ୍ଧଟିଏ ଗଢ଼ିବା ପାଇଁ ମୁଁ କ'ଣ ଗୁଣ୍ଡୁଚି ମୂଷାଟିଏ ହେଇପାରିବିନି!"

ସବୁ ଶବ୍ଦ କହିପାରିନଥିଲା ସେ। ମୋ ମନର ସମସ୍ତ ଆକୁଳତାକୁ ପ୍ରତ୍ୟାଖ୍ୟାନ କରି ଦୌଡ଼ି ଦୌଡ଼ି ଚାଲିଯାଇଥିଲା ମୋ ଆଖି ସାମ୍ନାରୁ। ମୋ ଭାରାକ୍ରାନ୍ତ ଦେହ ଖାଲି ଥରୁଥିଲା। ହାତ ଟେକି ଥିଲି କିନ୍ତୁ ଅଟକେଇ ପାରିନଥିଲି। ଲୁହର ଗୋଟିଏ କମ୍ପିତ ଧାର ମୋର ଗାଲ ଉପର ଦେଇ ବୋହି ଯାଉଥିଲା ପ୍ରବଳ ପ୍ରତିରୋଧ ସତ୍ତ୍ୱେ। ସେ ମତେ କିଛି କହିବାକୁ ନ ଦେଇ ମତେ ନିର୍ବାକ ନିଶ୍ଚଳ କରି ଭିଡ଼ ଭିତରେ କୁଆଡ଼େ ଅନ୍ତର୍ଦ୍ଧାନ ହେଇଗଲା ତା ଜୀବନରୁ ଲିଭିଯାଇଥିବା ଭଗବାନଙ୍କ ଆଶୀର୍ବାଦ ପରି।

*ମାର୍ଫତ୍ ଧରଣୀଧର ନାୟକ,*
*ଆଡଭୋକେଟ୍, କଟକ।*
*ଦୂରଭାଷ: ୯୪୩୭୦୧୬୩୦୩*

# ଜଣେ ଶବବାହକ ଓ ସେମାନେ କେତେଜଣ

ମୂଳ ବଙ୍ଗାଳା ଗଳ୍ପ - କମଳ ଲାହିଡ଼ୀ
ଓଡ଼ିଆ ରୂପାନ୍ତର - ଜୟକୃଷ୍ଣ ସାମଲ

ସକାଳଠାରୁ ହିଁ କିପରି ଗୋଟାଏ ଥମ୍ ଥମ୍ ଭାବ। ସାମ୍‌ନା ରାସ୍ତାରେ ମଧ୍ଯ ବେଶି ଲୋକଙ୍କର ଯିବା ଆସିବା ନାହିଁ। ପ୍ରତିଦିନ ବଜାର କରିବାକୁ ଯେଉଁମାନେ ଭୋରହେଉ ନ ହେଉଣୁ ବ୍ୟାଗ ହାତରେ ଧରି ଥାଆଁନ୍ତି, ଆଜି ସେମାନଙ୍କର ମଧ୍ଯ ଦେଖା ମିଳୁନି। ଗେଟି ଉଠି ଯାଇଥିବା ରାସ୍ତାର କଲଭର୍ଟ ଉପରେ ଦୁଇଟି କଜଳପାତି ଚଢ଼େଇ ବସି ଏକମନରେ କ'ଣ ଯେପିର ଖୁଣ୍ଟି ଖୁଣ୍ଟି ଖାଉଛନ୍ତି। ଲାଇଟ୍ - ପୋଷ୍ଟର ତଳେ କୁଣ୍ଡଳୀ ପକାଇ ଶୋଇଛି ଗୋଟାଏ କଳା କୁକୁର। ମିତ୍ରଘରର ଗୋରୁ ଦୁଇଟି ମନ୍ଥର ଗତିରେ ରୋମନ୍ଥନ କରି କରି ଆଗେଇ ଯାଉଛନ୍ତି।

ହରନାଥର ସାଧାରଣତଃ ବିଳମ୍ବରେ ଉଠିବା ଅଭ୍ୟାସ। ଆଜି କିନ୍ତୁ ନିୟମ ଭାଙ୍ଗି ଶୀତର ଏହି କୁହୁଡ଼ି ବୋଳା ସକାଳେ ବିଛଣା ଛାଡ଼ି ସେ ବାରଣ୍ଡାରେ ଆସି ଠିଆ ହୋଇଛି। ଶୋଇବାର ଆମେଜ ଟିକକ ଭଲ ଭାବରେ ଦୂର ହୋଇନି ଏ ପର୍ଯ୍ୟନ୍ତ ମଧ୍ଯ। ଦୂର ହେବାର କଥା ବି ନୁହେଁ। କାଲି ଶୋଇବାକୁ ଯାଉ ଯାଉ ବହୁ ରାତି ହୋଇଯାଇଥିଲା। ଘୋଷାଲ ଘରର ନୂଆ ବୋହୂଟିର କୋମଳ ମୁଖମଣ୍ଡଳଟି ବାରମ୍ବାର ଆଖି ଆଗରେ ଭାସି ଉଠୁଛି। ଚିତାରେ ଥୋଇବାକୁ ହରନାଥର ଖୁବ୍ କଷ୍ଟ ହେଉଥିଲା। ଏପରି ଯୁବତୀ ବୋହୂଟି କୌଣସି ସୁଖ ଅହ୍ଲାଦ ପୂରଣ ହେବାର ଆଗରୁ ଚାଲିଗଲା।

ମାତ୍ର ଦୁଇବର୍ଷ ହେଲା ବିବାହ ହୋଇଥିଲା। ଘୋଷାଲ ଘରର ପୁଅଟା ବୁକୁଫଟା କାନ୍ଦରେ ଭାଙ୍ଗି ପଡ଼ିଥିଲା। ତା'ର କେତେଜଣ ବନ୍ଧୁ ଜୋର କରି ଧରିଥିଲେ। ଶବ ପୋଡ଼ିବା ବ୍ୟାପାରରେ ହରନାଥର କୌଣସି ବି ଭାବାନ୍ତର ହୁଏନା। ଏସବୁ ବିଷୟରେ ତକରା ମଧ୍ଯ ଆସେ ଆଗରୁ। ସମସ୍ତେ ଜାଣନ୍ତି, ହରନାଥ ସାଙ୍ଗରେ ଥିଲେ କୌଣସି ଝିଞ୍ଜଟ ଝମେଲାରେ ପଡ଼ିବାକୁ ହେବନାହିଁ। ଶ୍ମଶାନର ପୁରୋହିତଠାରୁ ଆରମ୍ଭ କରି କୁକୁରଗୁଡ଼ାକ ପର୍ଯ୍ୟନ୍ତ ହରନାଥର ପୋଷା ମାନିଛନ୍ତି।

ଏ ବ୍ୟାପାରରେ ହରନାଥର ଗୋଟାଏ ଛୋଟ ଦଳଟିଏ ଅଛି। ନାରୁ, ଭବେଶ, ସମୀର, କାଲୁ। ଏମାନେ ସବୁ ଏମିତି ରକ୍‌ରେ ବସି ଆଡ୍ଡା ଦିଅନ୍ତି। ତେବେ ଶ୍ମଶାନ ଯାତ୍ରାର ଆୟୋଜନ ହେଲେ ହିଁ ଏମାନେ ହରନାଥ ସହିତ ସାଥୀ ହୁଅନ୍ତି ସମସ୍ତଙ୍କ ଆଗରୁ। ଏହା ଯେପରି ଅନେକଟା ଅଲିଖିତ ଚୁକ୍ତି ପରି ହୋଇଯାଇଛି।

କାଲିବି ସେମାନେ ଯାଇଥିଲେ। କିନ୍ତୁ ଗୋଟାଏ ବ୍ୟାପାରରେ ଗତକାଲି ହରନାଥ ସାଙ୍ଗରେ ଏମାନଙ୍କର ଟିକିଏ ମତାନ୍ତର ହୋଇଥିଲା। ଅବଶ୍ୟ ହରନାଥକୁ ସେମାନେ ଗ୍ରାହ୍ୟ କରି ନଥିଲେ ସେ ସମୟରେ। ଆଉ ହରନାଥ ମଧ୍ଯ ବୃଥା - ଝାମେଲାର ଭୟରେ ବିଶେଷ କିଛି କହିବାକୁ ମଧ୍ଯ ସାହସ କଲାନି। ତାର ରାଗ ହେଉଥିଲା ମଣ୍ଟୁଟା ଉପରେ। ଏହି ପିଲାଟାଯେ କାହିଁକି ଏପରି କଲା ! ଘୋଷାଲ ଘର ଏହି ଯୁବତୀ ବୋହୂଟାର ଗଳାରେ ଗୋଟାଏ ସୁନାର ହାର ଥିଲା। ହରନାଥର ଆଖିରେ ଆଗରୁ ତାହା ପଡ଼ିଥିଲା। କିନ୍ତୁ ସେ କିଛି କହିବାର ବା କରିବାର ଆଗରୁ ମଣ୍ଟୁଟା ଯାହା କଲା। ଆଉ ଭବେଶ ସମୀର ସବୁ ଏପରି କାଣ୍ଡ କଲେ ଯେ ହରନାଥ ବାଧ୍ୟ ହୋଇ ସେଠାରୁ ଦୂରେଇ ଯାଇ ଠିଆ ହେଲା। ମଣ୍ଟୁ ସାଙ୍ଗରେ ଦୂରରେ ଠିଆ ହୋଇ କିଛି ସମୟ ସେମାନଙ୍କର ଉତ୍ତେଜିତ ଚାପା କଥାବାର୍ତ୍ତା ଶୁଣି ହରନାଥ କାଠ ତଦାରଖିରେ ଚାଲି ଯାଇଥିଲା। ଏହି ସମୟ ପର୍ଯ୍ୟନ୍ତ ଯାହା ହେଉ ସମୟ ବିତେଇ ଦେଲା। ତାହାପରେ ହିଁ କେମିତି ଯେପରି ସବୁ ଗୋଳମାଳ ହେବାକୁ ଆରମ୍ଭ କଲା। ହରନାଥର ଶବଦାହ କରିବା ଜୀବନରେ ଏପରି ଘଟଣା କେବେ ହେଲେ ଖୁବ୍ ବେଶି ଘଟିନି। ନିୟମ ଅନୁସାରେ ଯେପରି ଶ୍ମଶାନ ଯାତ୍ରୀମାନଙ୍କୁ ବା ମିଠା ସିଗାରେଟ ଖାଇବାକୁ ଦିଆଯାଏ ସେ ସବୁର ସମ୍ପୂର୍ଣ୍ଣ ବ୍ୟବସ୍ଥା ହିଁ କରିଥିଲେ ଘୋଷାଲ ଘରର ପିଲାମାନେ। କିନ୍ତୁ ତେବେବି କ'ଣ ଯେପରି ଗୋଟାଏ ଗୋଳମାଳ ନିଜ ମଧ୍ଯରେ ସୃଷ୍ଟି କରି ଭବେଶ ଆଉ ସମୀର ପ୍ରଭୃତି ଜଣକ ପରେ ଜଣେ ଶ୍ମଶାନଘାଟରୁ ଚାଲିଗଲେ। ହରନାଥ ସେତେବେଳେ ବ୍ୟସ୍ତ ଥିଲା। ଯେତେକ୍ଷଣ ଦାହ ଶେଷ ନହୁଏ, ସେତେ ସମୟ ଧରି ସେ ଏକାଦିକ୍ରମେ ବାଉଁଶ ହାତରେ ଠିଆ ହୋଇ ରହେ। କିଛି ମୁହଁରେ ଦିଏନା।

ମନେ ମନେ ଗୋଟାଏ ଭୟ ଆଉ ଖରାପ ଚିନ୍ତା ନେଇହିଁ କାଲି ଘରକୁ ଫେରିଥିଲା ହରନାଥ। ମନ ମଧ୍ଯରେ ସାରା ସମୟ ଏହି ସୁନା ହାରଟା କଥା ହିଁ ଭାସି ବୁଲୁଥିଲା। ଘୋଷାଲ ଘରର ଲୋକମାନେ ଅବଶ୍ୟ ହରନାଥକୁ ସେମାନଙ୍କ ଘରକୁ ଯିବାକୁ ମଧ୍ଯ କହିଥିଲେ, କିନ୍ତୁ ହରନାଥ ନିଜ ଘରକୁ ଚାଲି ଆସିଥିଲା। ଲୁଗାଜାମା ବଦଳାଇ ସିଧା ବିଛଣାରେ ଶୋଇ ଯାଇଥିଲା।

ପକେଟ ଅଣ୍ଡାଳି ଗୋଟାଏ ବିଡ଼ି ବାହାର କରି ଲଗାଇଲା ହରନାଥ। ପୁଳାଏ ଧୂଆଁଛାଡ଼ି ଭଲ କରି ସାମ୍ନା ରାସ୍ତା ଆଡ଼କୁ ଚାହିଁ ରହିଲା। ଟିକିଏ ଦୂରରେ କେତୋଟି ପରିଚିତ ମୁହଁ ଚାପା ସ୍ୱରରେ କ'ଣ ଯେପରି ଆଲୋଚନା କରୁଛନ୍ତି। ହରନାଥ ଆଡ଼କୁ ଆଖି ପଡ଼ିବାରୁ ସେମାନେ ନିଜ ନିଜ ଘର ରାସ୍ତାରେ ଚାଲିଗଲେ। ହରନାଥର ଇଚ୍ଛା ହେଲା ଥରେ ସେମାନଙ୍କ ପାଖକୁ ଯାଇ ଆଲୋଚନାରେ ଅଂଶଗ୍ରହଣ କରିବ। କିନ୍ତୁ ତାପରେ ମନେ ମନେ ଭାବିଲା, ନା ଯିବା ଅନାବଶ୍ୟକ, ଶେଷରେ କ'ଣରୁ କ'ଣ ହୋଇଯିବ। ପୋଲିସ ଚଢ଼ାଉରେ ଜଡ଼ିତ ହୋଇଯିବ। କାଲି ରାତିରେ ପୁଣି କଲୋନୀ ଆଡ଼େ ଯେପରି ଭାବରେ ବୋମା ଫୁଟିଛି ସେଥିରେ ଶୋଇବାର କାହାର ସାଧ୍ୟ ଅଛି। କିଏ ଜାଣେ ଘୋଷାଲ ଘର ବୋହୂର ସେଇ ସୁନାହାରର ଭାଗବଣ୍ଟା ନେଇ ଦୁଇଦଳ ମଧ୍ଯରେ ହୁଏତ ମାଡ଼ପିଟ କାଣ୍ଡ ଘଟି ଯାଇନଥିବ। ତାହାଠାରୁ ତୁମେ ହରନାଥ ଗାଙ୍ଗୁଲୀ ଚାଳିଶଊର୍ଦ୍ଧ୍ୱ ଯୁବକ - ପଡ଼ାର ଅବିବାହିତା ଝିଅମାନଙ୍କର ହର ଭାଇନା ଆଉ ମା' ମାଉସୀମାନଙ୍କର ବାପ ହର, ତମେ କାହିଁକି ଖାଲି ଖାଲି ପୈତୃକ ପ୍ରାଣଟାକୁ ହରାଇବାକୁ ଯିବ। ତା'ଠାରୁ ବରଂ ଘରକୁ ଯାଇ ରବିବାରର ଏହି ମଧୁର ଶୀତ ସକାଳକୁ ପୁଣି ନରମ ରେଜେଇ ତଳେ ଶରୀର ଢାଙ୍କି

ମନଟାକୁ ମଧ କଳ୍ପନା ଜଗତରେ ବୁଡ଼ାଇ ଦେଲେ କାମ ପରି ଗୋଟିଏ କାମ ହେବ।

କହିବାକୁ ଗଲେ ହରନାଥର ଆପଣାର ବୋଲି ଏବେ ଆଉ କେହି ନାହିଁ। ଖୁବ୍ ଛୋଟ ବେଳରୁ ବାପା ଆଉ ମା' ମାସକ ବ୍ୟବଧାନରେ ଇହଜଗତରୁ ବିଦାୟ ନେଇଥିଲେ। ଅସହାୟ ହରନାଥ ସେତେବେଳେ ଏକମାତ୍ର ମାମୁର ପାଖରେ ଆଶ୍ରୟ ପାଇଥିଲା। ଭାଗ୍ୟକ୍ରମରେ ମାମୁ ନିଃସନ୍ତାନ ଥିଲେ। ମାଇଁ ମଧ ହରନାଥକୁ ଖୁସୀ ମନରେ ଗ୍ରହଣ କରିଥିଲେ। ତାହା ସେ ଯାହା ହେଉ, ମାମୁଁ ମାଇଁର ସ୍ନେହ ଛାୟାରେ ବଡ଼ ହୋଇ ମାଟ୍ରିକ ପାସ୍ ମଧ କରିଥିଲା ହରନାଥ। ଆଉ ମାମୁଙ୍କର ସୁପାରିଶରେ ନର୍ଟନ ଆଣ୍ଡ ଅଗ୍ରୱାଲା ଫାର୍ମରେ ଚାକିରିଟିଏ ବି ପାଇଥିଲା। ଏପରି ଭାଗ୍ୟ, ଚାକିରି ପାଇବାର ତିନିବର୍ଷ ମଧରେ ମା'ଙ୍କର ଦୟାରେ ମାମୁଁ ମାଇଁ ମଧ ହରନାଥକୁ ଏକୁଟିଆ ରଖି ପରଲୋକକୁ ଯାତ୍ରା କଲେ। ଏଇ ଘରଟି ହରନାଥ ନାମରେ ଲେଖି ଦେଇଥିଲେ ମାମୁଁ। ସେଇଠାରୁ ନିଃସଙ୍ଗ ଏକାକୀତ୍ୱର ମଧରେ ହରନାଥ ଜୀବନ ବିତାଉଛି। ନିଶା କହିବାକୁ ଗଲେ ଦୁଇଟି। ପ୍ରଥମଟି ମଡ଼ା ପୋଡ଼ିବା ଆଉ ଦ୍ୱିତୀୟ ଘୋଡ଼ାଦୌଡ଼ ଖେଳ। ବନ୍ଧୁ - ବାନ୍ଧବମାନଙ୍କ ସଙ୍ଗରେ ନିଛକ ତାସ - ପାଲି ଖେଳରେ ସମୟ ନଷ୍ଟ କରିବାକୁ ସେ ପସନ୍ଦ କରେନା। ଚାକିରି ଜୀବନର ଆରମ୍ଭରୁ କହିବାକୁ ଗଲେ ଘୋଡ଼ାଦୌଡ଼ ବହି ହରନାଥର ଜୀବନ - ସହଚର। ଏଇ ନିଶାଟା ହରନାଥ ପାଇଥିଲା ତା'ର ସ୍ୱର୍ଗତଃ ମାମୁଙ୍କର ପାଖରୁ।

ଏଇ ଦୁଇଟି ନିଶା ବ୍ୟତୀତ ହରନାଥର ମନରେ ଅନ୍ୟ କିଛିର ସ୍ଥାନ ନାହିଁ। ମନେ ମନେ ସେ କେବଳ ଗୋଟାଏ ପ୍ରତିଜ୍ଞା ହିଁ କରି ରଖିଛି। ଟ୍ରିପିଲ୍ ଟୋଟେରେ ଗୋଟାଏ ବାଜି ମାରି ହିଁ ଏହି ନିଶାଟା ସେ ପରିତ୍ୟାଗ କରିବ। କିନ୍ତୁ ସେଇ ପ୍ରତିଜ୍ଞା ରକ୍ଷା କରାଯାଇ ପାରିନାହିଁ। ଥରେ ସହୀଦ ମିନାର ପାଖରେ ଜଣେ ସନ୍ନ୍ୟାସୀକୁ ହାତ ଦେଖାଇ ଦରମାର ପୂରା ଟଙ୍କାଟା ବାଜି ଲଗାଇଥିଲା। କିନ୍ତୁ ସେଥର ଶେଷ ଲାଇନର ପାଖାପାଖି ଆସି ହରନାଥର ବାଜି ଘୋଡ଼ାଟା ଜକିକୁ ଫୋପାଡ଼ି ଦେଇ ବିପରୀତ ଦିଗରେ ଦୌଡ଼ିବାକୁ ଲାଗିଲା। ତେବେବି ହରନାଥ ନିରଳସ ଭାବେ ହିଁ ଅଶ୍ୱସାଧନା କରି ଚାଲିଛି।

ଡ୍ରୟାର ଭିତରୁ ପୁରୁଣା ରେସର ବହିଗୁଡ଼ିକ ନେଇ ବିଛଣାରେ ଆୟାସରେ ବସିଲା ହରନାଥ। ଆଉ ଗୋଟାଏ ବିଡ଼ିରେ ନିଆଁ ଲଗାଇବାକୁ ଯାଇ ମନେ ପଡ଼ିଲା, ଅନେକ ବେଳ ହୋଇଯାଉଛି। ସମୟ ପ୍ରାୟ ଆଠଟା ହେଲାଣି। ଅଥଚ ମଣ୍ଟୁର ମା' ଏ ପର୍ଯ୍ୟନ୍ତ ଆସିଲାନି। ଚାହାର ନିଶାଟାକୁ ଆଉ ଚାପି ରଖି ହେଉନି। ବିଛଣାରେ ଶୋଇ ବିନା ଚିନିରେ ଗୋଟାଏ ଗ୍ଲାସ ଚାହା ଖାଏ ପ୍ରତିଦିନ। ତାପରେ ପୁଣି ଗୋଟାଏ ଗ୍ଲାସ କିନ୍ତୁ ମଣ୍ଟୁ ମା'ର କ'ଣ ହେଲା ?

ରବିବାର ବା ଛୁଟି ଦିନରେ ଯଦିଚ ମଣ୍ଟୁର ମା' ଟିକିଏ ବିଳମ୍ବରେ ଆସେ, ତେବେ ବି ଏତେ ବିଳମ୍ବ ତ ହେବାର କଥା ନୁହେଁ। ହରନାଥ ନିଷେଧ କରିଥିଲା, କିନ୍ତୁ କାଲି ତା'ର କଥା ନଶୁଣି ଭବେଶ ପ୍ରଭୃତି ମଣ୍ଟୁକୁ ଶ୍ମଶାନ ଘାଟକୁ ଡାକି ନେଇଥିଲେ। ଆଉ ହଠାତ୍ ମନେ ପଡ଼ିଲା ଏବେ, କାଲି ଭବେଶ ପ୍ରଭୃତି ମଣ୍ଟୁର ହାତଧରିହିଁ ତ ଉତ୍ତେଜିତ ଭାବରେ କ'ଣ ସବୁ ଯେପରି କହୁ କହୁ ଶ୍ମଶାନ ଘାଟରୁ ବାହାରକୁ ବାହାରି ଯାଇଥିଲା। ତେବେ କ'ଣ ଘୋଷାଲଘରର ଏହି ବୋହୂଟିର ସୁନାହାରର ଭାଗ ବଣ୍ଟୁରା ନେଇ ହିଁ କିଛି ଗୋଳମାଳ ଆରମ୍ଭ ହୋଇଛି ସେମାନଙ୍କ ମଧରେ ? ଭବେଶ ପ୍ରଭୃତିର ଅସାଧ୍ୟତ କିଛି ନାହିଁ।

ପ୍ରାୟ ମାସେ ପୂର୍ବରୁ ଦିନ ଦ୍ୱିପ୍ରହରର ବେଳେ ବଡ଼ ରାସ୍ତାର ମୋଡ଼ରେ ଗୋଟାଏ ପିଲାକୁ ଖୁନ୍ ହେବାରୁ ହରନାଥ ବର୍ତ୍ତମାନ ଆଉ ବାହାରକୁ ମଧ ବେଶି ବାହାରେ ନାହିଁ। କେବଳ ଅଫିସ ଆଉ ଘର। ଭବେଶ ନାରୁ ପ୍ରଭୃତି ଖୁବ୍ ସୀମା ଅତିକ୍ରମ କରି ଯାଉଛନ୍ତି ନା କ'ଣ। କାଲି ସେମାନଙ୍କୁ ନେଇ ଶ୍ମଶାନକୁ ଯିବାକୁ ତେଣୁ ପ୍ରଥମେ ଟିକିଏ ଇତସ୍ତତଃ ହୋଇଥିଲା ହରନାଥ। କିନ୍ତୁ ପରେ ଭବେଶ ପ୍ରଭୃତିଙ୍କର ମୁହଁ ଆଡକୁ ଅନେଇ ଆଉ କି କହିପାରିଲାନି। ତାହା ବ୍ୟତୀତ ଘୋଷାଲଘର ପିଲାମାନେ ସେତେବେଳେ ଭବେଶ ପ୍ରଭୃତିଙ୍କୁ ଖୁବ୍ ଖାତିର କରିଥିଲେ।

ବିଡିରେ ନିଆଁ ଧରାଇ ଟିକିଏ ବିରକ୍ତି ମନରେ ବାହାର ଦରଜା ଆଡ଼କୁ ଚାହିଁ ରହେ ହରନାଥ। ଅଭାଗା ଏକକ ଜୀବନରେ ଏଇ ମଣ୍ଟୁ ମା' ହିଁ ହରନାଥର ରାନ୍ଧୁଣୀ - କମ୍ - ଅଭିଭାବକ। ଅସୁସ୍ଥ ହେଲେ ଡାକ୍ତର ପାଖକୁ ବି ଦୌଡ଼େ ପୁଣି ଦୁଧ ବାର୍ଲିବି କରିଦିଏ। ପାଖ କଲୋନୀରେ ହିଁ ଥାଏ। ଏକମାତ୍ର ପୁଅ ମଣ୍ଟୁର ବିବାହ ପରଠାରୁ ହିଁ ଅନ୍ୟମାନଙ୍କ ଘରେ ଚାକରାଣୀ କାମ କରିବାକୁ ହେଉଛି।

ଏହି କଥା ମଣ୍ଟୁ ମା' ପାଖରୁ ହରନାଥ ଶୁଣିଛି। ତେବେ ଏହି ସବୁ କଥା ସେ କେବଳ କାନରେ ଶୁଣେ କୌଣସି ମନ୍ତବ୍ୟ ଦିଏନା। ବରଂ ମଣ୍ଟୁର ସ୍ତ୍ରୀ ତା'ର ଶାଶୁକୁ ଖାଇବାକୁ ନଦେବା ଫଳରେ ହରନାଥର ହାତପୋଡ଼ି ରନ୍ଧାରନ୍ଧି ଖାଇବାର ଦୁଃଖଟା ଦୂର ହୋଇଛି।

ବାହାର ରାସ୍ତାରେ ହଠାତ୍ ଗୋଟାଏ ଗଣ୍ଡଗୋଳର ଶବ୍ଦ ଶୁଣି ଆଶ୍ଚର୍ଯ୍ୟ ହୋଇ ବିଛଣାରୁ ଓହ୍ଲାଇ ପଡ଼େ ହରନାଥ। ଦ୍ରୁତ ପଦରେ ବାହାରର ବାରଣ୍ଡାକୁ ଆସି ଦେଖିଲା, କେତେକ ଟୋକା ବଜାର ରାସ୍ତାରେ ଦୌଡ଼ି ଯାଉଛନ୍ତି। ପ୍ରତ୍ୟେକର ହାତରେ ଗୋଟାଏ ଲାଠି ନହେଲେ ଲୁହାର ଛଡ଼। ହରନାଥ ଖୁବ୍ ଭୟ ପାଇଗଲା ଏଥର। କ'ଣ କରିବା ଉଚିତ ଚିନ୍ତା ନକରି ପାରି ପାଦେ ପାଦେ ରାସ୍ତାକୁ ଓହ୍ଲାଇଗଲା। ଟିକିଏ ଅଗ୍ରସର ହୋଇ ଭୀତ ସନ୍ତ୍ରସ୍ତ ଆଖିରେ ଗଳିଆଡ଼କୁ ଚାହିଁବା କ୍ଷଣି କେତେଜଣ ପିଲା ହଠାତ୍ ତା' ଆଡକୁ ଆଗେଇ ଆସିଲେ। ଠିକ୍ ଏହି ମୁହୂର୍ତ୍ତରେ ପଛକୁ ଫେରି ଘର ଭିତରକୁ ଯିବା ସମ୍ଭବ ନୁହେଁ। ସାମ୍ନା ଘରଗୁଡ଼ିକ ଆଡକୁ ଚାହିଁ ହରନାଥ ଦେଖିଲା, ସବୁ ଘରର ଦରଜା ଝରକା ବନ୍ଦ।

ପିଲାଗୁଡ଼ାକ ହରନାଥର ଖୁବ୍ ପାଖକୁ ଆସି ଯାଇଛନ୍ତି। ଅନେକଙ୍କର ହିଁ ମୁହଁ ଚିହ୍ନା। ହରନାଥର ମଡ଼ା ପୋଡ଼ିବା ଦଳରେ ପ୍ରାୟ ହିଁ ଏମାନେ ଯାଆନ୍ତି। ତେବେ ବି ଏଇକ୍ଷଣି ଏମାନଙ୍କର ପ୍ରତିଟି ମୁହଁ ଯେପରି ଭୀଷଣ ଅଚିହ୍ନା ମନେ ହେଉଛି। ରୁକ୍ଷ ମୁହଁରେ ଗୁଣ୍ଡାଳିଆ ଲମ୍ବା ପିଲାଟା ଗୋଟାଏ ହାତ ଧରି ଚାପା ସ୍ୱରରେ କହିଲା, ଏଇ ଯେ ଗାଙ୍ଗୁଲୀଭାଇନା, ଆପଣଙ୍କୁ ରାସ୍ତା ଉପରେ ପାଇ ଭଲ ହେଲା। ଆମର ଟିକିଏ ଉପକାର କରିବାକୁ ହେବ।

ବୋକା ପରି ପିଲାଟିର ମୁହଁ ଆଡ଼କୁ ଅନେଇ ହରନାଥ କିଛି କହିବାକୁ ଚାହିଁଲା। କିନ୍ତୁ କିଛି କହିବାର ଆଗରୁ ପିଲାଟି ପାଖରେ ଠିଆ ହୋଇଥିବା ଜଣକୁ କହିଲା, ଏ ସମୀର ତୁ ଗାଙ୍ଗୁଲି ଭାଇନା ଘରକୁ ଯାଇ ପ୍ରସ୍ତାବଟା କହି ସିଧା କାଳୀତଳାକୁ ଚାଲି ଆସିବୁ। ଆମେ ଯାଉଛୁ।

ଏହା ମଧରେ ହରନାଥର ଶରୀରରେ ଅସ୍ଥିରତା ଭାବ ସୃଷ୍ଟି ହେଲା। ଚାହା ନିଶାର ପାଇଁ ବୋଧହୁଏ। ତେବେବି ଅବସ୍ଥାର ଗୁରୁତ୍ୱ ବୁଝିପାରି ବୋକାପରି ସମୀର ନାମକ ପିଲାଟିର ମୁହଁକୁ ଚାହିଁଲା। ସମୀର ଯଦିଚ ହରନାଥର ଖୁବ୍ ଚିହ୍ନା ମୁହଁ, କିନ୍ତୁ ଏଇକ୍ଷଣି ତା'ର ମୁହଁର ରେଖାଗୁଡ଼ିକ ଖୁବ୍ ହିଁ ଅପରିଚିତ ମନେ ହେଉଛି ହରନାଥର ପାଖରେ।

ଆଖିର ଇଶାରାରେ ସମୀର ହରନାଥକୁ ଘର ଆଡ଼କୁ ଯିବାକୁ କହିଲା, ବୋକାପରି ସମୀରକୁ ଅନୁସରଣ କରି ନିଜ ଘର ଭିତରକୁ ପଶିଲା ହରନାଥ। ଗୋଟାଏ ଦୀର୍ଘଶ୍ୱାସ ଛାଡ଼ି ସମୀରକୁ ଭଲକରି ପୁଣି ଚାହିଁଲା। ନା - କୌଣସି ମାରାତ୍ମକ ଅସ୍ତ୍ରଶସ୍ତ୍ର ତା ହାତରେ କିଛି ନାହିଁ। କିନ୍ତୁ ଏହି ସକାଳ ବେଳାଟାରେ ଠିକ୍ ତାକୁ ପିଲାଗୁଡ଼ାକର କ'ଣ ଏପରି ଦରକାର ପଡ଼ିଲା ସେ କଥାଟାକୁ କିଛି ହେଲେ ବି କଳ୍ପନା ଭିତରକୁ ଆଣି ପାରୁନଥିଲା ହରନାଥ।

ଘରର ଦରଜାଟା ସମୀରହିଁ ବନ୍ଦକରି ଦେଲା।

ପ୍ୟାଣ୍ଟ ଭିତରୁ ସିଗାରେଟ୍ ବାହାର କରି ନିଆଁ ଧରାଇ ଫୁଙ୍କାଏ ଧୂଆଁ ଛାଡ଼ିଲା ହରନାଥର ମୁହଁ ଆଡ଼କୁ। ତାପରେ କୁଦାମାରି ପାଉଁଶ ଝାଡ଼ି କହିଲା, କାଲି ଗୋଟାଏ ସିରିୟସ ଘଟଣା ଘଟିଯାଇଛି ଗାଙ୍ଗୁଲି ଭାଇନା। ଶ୍ମଶାନର ସେଇ ବ୍ୟାପାରଟା ଆପଣ ବୋଧହୁଏ ଟିକିଏ ଲକ୍ଷ୍ୟ କରିଥିଲେ। ଶଳା ମଣ୍ଟୁଟାକୁ ଏପରି ଭାବେ ଶେଷ କରିଦେବେ ଆମେମାନେ ଭାବି ପାରିନୁ। ତାହା ସେ ଯାହାହେଉ ପ୍ରତିଶୋଧ ଆମେ ନିଶ୍ଚୟ ନେବୁ। ତେବେ ତା ଆଗରୁ ମଣ୍ଟୁର ସତ୍କାର ହେବା ଆବଶ୍ୟକ, ତେଣୁ –।

ତେଣୁ – କ'ଣ ? ହରନାଥ ସମୀରର କଥା ଶେଷ ନହେବା ଆଗରୁ କହି ଉଠିଲା। ଗୋଟାଏ ଚାପା ଧମକ ଦେଇ ସମୀର କହେ, ଆଃ କାହିଁକି ଚଟ୍‌କାର କରୁଛ ଭାଇନା। କଥାଟା ପ୍ରଥମେ ଶୁଣନ୍ତୁ। କାଲି ରାତିରେ ହିଁ ମଣ୍ଟୁର ଡେଡ୍ ବଡ଼ିଟା ଆମେ ଲୁଚାଇ ରଖିଛୁ। ନାରୁ ଆଉ ଭବେଶ ପ୍ରଭୃତି ଶଳା ପୂରା ମାଲଟା ମାରି ନେବାକୁ ଚାହିଁଥିଲେ, ମଣ୍ଟୁଟା ପ୍ରକୃତରେ ଭଲ ପିଲା ସେ ଆମକୁ ପୂର୍ବରୁ ସବୁ କହିଥିଲା। ସେ ଯାହାହେଉ, ଆପଣଙ୍କୁ ଭାଇନା ବର୍ତ୍ତମାନ ତାର ଡେଡ ବଡିର ଗୋଟାଏ ସତ୍କାର –

ଦେଖ ଭାଇ, ମୁଁ ସକାଳ ପ୍ରହରୁ ଚା ପର୍ଯ୍ୟନ୍ତ ଖାଇନି। ଆଉ ତୁମର କଥାଗୁଡିକ ମୁଁ ଠିକ୍ ବୁଝିପାରୁନି। ତାହା ବ୍ୟତୀତ ଆମ ଘରକୁ ତ ମଣ୍ଟୁର ମା' କାମ କରିବାକୁ ଆସେ। ସେବି ଆସିନି। ତେଣୁ ଟିକିଏ ବଜାର ଆଡ଼କୁ ଯିବାକୁ ଭାବୁଥିଲି।

ହରନାଥର ଆଉ ଟିକିଏ ପାଖକୁ ଯାଇ କହେ, ଆପଣଙ୍କର ଏଠାରେ ଯେ ରୋଷାଇ କରେ ସେଇ ତ ଆମ ମଣ୍ଟୁର ମା'। ସେ ଆଜି ଆସିବନି। ତାକୁ ଆମେ ଜଗି ରହିଛୁ। ଏବେ ଆପଣଙ୍କୁ ଯାହା କରିବାକୁ ହେବ ତାହା ଶୁଣନ୍ତୁ।

ହରନାଥ କିଛି ବୁଝି ପାରୁନଥିଲା ବ୍ୟାପାରଟା। ସବୁ ଯେପରି କେମିତି ବେତାଳିଆ ହୋଇ ଯାଉଥିବାର ତା'ର ମନେହେଲା। ସିଗାରେଟ୍‌ରେ ଜୋର୍‌ରେ ଟାଣ ଦେଇ ସମୀର କହିଲା, ହଁ ଶୁଣନ୍ତୁ, ମଣ୍ଟୁଟାକୁ ତ ପୋଡ଼ିବାକୁ ହେବ। କିନ୍ତୁ ଶଳା ଭବେଶ ଦଳର ସେମାନେ ଛକଫାନ୍ଦି ବସିଛନ୍ତି। ପୋଲିସ ଫୁଲିସ୍‌ର ବ୍ୟାପାର ମଧ୍ୟ ବୋଧହୁଏ କିଛି ରହିଛି। କାଲି ରାତିରେ ସେମାନଙ୍କ ଏବଂ ଆମ ମଧ୍ୟରେ ଜୋର୍‌ରେ ଖଣ୍ଡଯୁଦ୍ଧ ହୋଇ ଯାଇଛି।

ମୁଁ ଟିକିଏ ବାଥରୁମ୍ ଯିବି ଭାଇ। ଥର ଥର କଣ୍ଠରେ କଥାଟା କହି ସେ ସମୀର ଆଡକୁ କରୁଣ ଦୃଷ୍ଟିରେ ଅନେଇ ରହେ, କିନ୍ତୁ ସମୀର ହାତଘଣ୍ଟାକୁ ଚାହିଁ ତରତରରେ କହିଉଠେ, ଶୁଣନ୍ତୁ, ଆପଣଙ୍କୁ ଲାଷ୍ଟ ଡିରେକସନ୍‌ଟା ଦେଇ ହିଁ ମୁଁ ଚାଲିଯିବି। ବର୍ତ୍ତମାନ ଘରୁ ଆଦୌ କୁଆଡ଼କୁ ଯିବେନି। ବଜାରରେ ସବୁଦୋକାନ ବନ୍ଦ ହୋଇଯାଇଛି। ଖବର ଆସିଲେ, ଆମ ଲୋକ ଆସି ଆପଣଙ୍କୁ ନେଇଯିବେ, ଜଗତପୁର ଶ୍ମଶାନରେ ହିଁ ଆଜି ମଣ୍ଟୁର ସତ୍‌କାର ଆମେ କରିବୁ। ଆମମାନଙ୍କର ଗଙ୍ଗାକୂଳକୁ ତ ଯିବା ସମ୍ଭବ ହେବନି। ସେଇଥିପାଇଁ ଆପଣଙ୍କର ହେଲ୍ପ ଦରକାର। ଯଦି ଶଳା ଏପାଖ ସେପାଖ କିଛି ହୁଏ ଆଉ ପୋଲିସ ଫୁଲିସ୍ ଆସନ୍ତି ଆପଣ ଭାଇନା ଷ୍ଟେଟ୍‌ମେଣ୍ଟ ଦେବେ ମଣ୍ଟୁକୁ ସାପ କାମୁଡ଼ିଥିଲା। ଆଉ ସବୁ ଆମେ ସମ୍ଭାଳି ନେବୁ, ଆଚ୍ଛା – ଚାଲିଲି।

କବାଟ ଖୋଲି ଝଡ଼ ବେଗରେ ବାହାରି ଗଲା ସମୀର। ହରନାଥର ଶରୀରରେ ଭୀଷଣ କମ୍ପନ ଆରମ୍ଭ ହେଲା। ଗଳାଟାବି ଶୁଖିଗଲାପରି ଲାଗୁଛି। ଜିଭ ବାହାର କରି ଓଠ ଦୁଇଟି ଚାଟି ନେଲା ହରନାଥ। ଅସ୍ୱାଭାବିକ ନିଶ୍ୱାସ ପ୍ରଶ୍ୱାସ ମଧ୍ୟ ଆରମ୍ଭ ହୋଇଛି। ଥରି ଥରି ବାଥରୁମ୍‌ରେ ପଶିଗଲା।

ଘରର ଦୁଆରଟା ଅଧାମେଲା। ବାଥରୁମ୍‌ରୁ ଫେରି ଘରର ଚାରିଆଡ଼କୁ ଥରେ ଭଲ କରି ଦେଖିନେଲା ହରନାଥ। କେଉଁଠି କୌଣସି ଅସଙ୍ଗତି ଆଖିରେ ପଡ଼ିଲାନି। ଅଥଚ ମନ ମଧ୍ୟରେ ଗୋଟାଏ ଝଡ଼ ବହୁଛି। ଟେବୁଲ୍ ସାମ୍ନାରେ ଠିଆ ହୋଇ କିଛି କ୍ଷଣ ପାଇଁ ଆଗକାଳର ଅଭିନିତ ନାଟକଟିର ବିଷୟରେ ମନେ ମନେ ଭାବିବାକୁ ଚେଷ୍ଟା କଲା। ଗୋଟାଏ କଥା ହିଁ କେବଳ ବାରମ୍ବାର ଦୋଳି ଖେଳିବାକୁ ଲାଗିଲା। କାଲି ତାହେଲେ ମଣ୍ଟୁହିଁ ଘୋଷାଲ ଘରର ବୋହୂର ହାରଟାନେଇ ପଳାଇବାକୁ ଚାହିଁଥିଲା। କିମ୍ବା କେତେଜଣଙ୍କୁ ଫାଙ୍କିଦେଇ ଅନ୍ୟ କେତେଜଣ କିଛି କରିବାକୁ ଚାହିଁଥିଲେ। ଭାଗବଣ୍ଟାର ଗଣ୍ଡଗୋଳରେ ହିଁ ମଣ୍ଟୁର ଜୀବନ ଯାଇଛି। ତେଣୁ ବୋଧହୁଏ କାଲି ଶେଷ ରାତିରେ କଲୋନୀ ଆଡ଼େ ଏପରି ବୋମାର ଶବ୍ଦ ହୋଇଥିଲା। କିନ୍ତୁ ମଣ୍ଟୁଟା ଭବେଶ ପରି ତ ନଥିଲା। ନିଶ୍ଚୟ ତାକୁ ଥୋପ ହିସାବରେ ବ୍ୟବହାର କରାହୋଇଛି। ତାକୁ କାଲି ସାଙ୍ଗରେ ନେଇକରି ଯିବା ହିଁ ଭୁଲ୍ ହୋଇଛି। କିନ୍ତୁ ସେଥିରେ ତ ହରନାଥର କୌଣସି ହାତନଥିଲା। ପ୍ରତିଥର ହିଁ ପଡ଼ାର ଶବଦାହ କରିବା ସମୟରେ ଭବେଶ, ନାରୁ, ସମୀର ପ୍ରଭୃତି ସାଙ୍ଗରେ ଯାଆନ୍ତି। ଏଥର ମଧ୍ୟ ତାହା ହିଁ ହୋଇଛି। କିନ୍ତୁ ଏ କେଉଁ ଫିସାଦରେ ଜଡ଼ିତ ହୋଇଗଲା ହରନାଥ। ପ୍ରକୃତର ଘଟଣାଟା ଯେ କ'ଣ ଘଟିଛି ତାହା ବୁଝା ଯାଉନି।

ଚାରିଆଡ଼େ ହିଁ କିପରି ଗୋଟାଏ ସ୍ତବ୍ଧତାର ଆଭାସ। ପାଖ ପରିବାର ଯେଉଁ କିଛି ପିଲାଛୁଆ ସକାଳ ନ ହେଉଣୁ ଘର ସାମ୍ନାରେ ହୋହୁଲା କରନ୍ତି ସେମାନଙ୍କର ବି ଦେଖାନାହିଁ। କେବଳ କେତେଥର ଜିପ୍ ଯିବାର ଶବ୍ଦ ହୋଇଛି ରାସ୍ତାରେ। ପୋଲିସ ପାଟ୍ରୋଲିଂ ଜିପ୍ ହୋଇପାରେ। ତାହେଲେ ଆଜି କ'ଣ ହରନାଥର ଏହି ପଡ଼ା ବନ୍ଦ ?

ଯାଉ ଯାହା ହେବାର ହେବ। ବର୍ତ୍ତମାନ ଥରେ ବଜାର ଆଡ଼କୁ ଯିବାକୁ ହେବ। ଆଉ ସେଠାରେ ଯଦି ଚିହ୍ନା ମୁହଁର ଲୋକ କିଛି ସାକ୍ଷାତ ହୁଅନ୍ତି ତାହେଲେ ବିଶଦ ବିବରଣୀ ମଧ୍ୟ ଶୁଣିବାକୁ ମିଳିବ।

ଦୁଆରରେ ତାଲା ଦେଇ ରାସ୍ତାରେ ଆସି ଠିଆ ହେଲା ହରନାଥ। ଗୋଟାଏ ବିଡ଼ିରେ ନିଆଁ ଲଗାଇ ଧିରେ ଧିରେ ବଜାର ଆଡ଼କୁ ପାଦ ପକାଇଲା।

ବଜାର ପାଖକୁ ଆସିହିଁ ଚମକି ଠିଆ ହେଲା ହରନାଥ। ବସଷ୍ଟାଣ୍ଡର ଚା ଦୋକାନର ସାମ୍ନାରେ କିଛି ଟୋକା ଏକାଠି ଠିଆ ହୋଇ ଗହଳି କରୁଛନ୍ତି। ଦୋକାନର ଗୋଟାଏ ପଟ ତାଟି କେବଳ ଖୋଲାଅଛି। ଆଉ ଆଗକୁ ଯିବକି ନାହିଁ ଚିନ୍ତା କରୁଥିଲା ହରନାଥ। ହଠାତ୍ ସାମ୍ନାକୁ ଚାହିଁବାରୁ ଦେଖିବାକୁ ପାଇଲା, ଦୁଇଟି ପିଲା ତା ଆଡକୁ ତରବର ହୋଇ ଆସୁଛନ୍ତି।

ହରନାଥର ଶରୀର ପୁଣି କମ୍ପିବାକୁ ଆରମ୍ଭ କଲା। ଏହି ଦୁଇଜଣ ପିଲାଙ୍କୁ ସେ ଭଲଭାବରେ ଚିହ୍ନିଛି। ନାରୁ ଆଉ ଭବେଶ। ହରନାଥ ପାଖ ବ୍ଲକରେ ରହନ୍ତି। ପଡ଼ାର ବିପଦ ଆପଦ ବେଳେ ସମସ୍ତଙ୍କ ଆଗରୁ ଡେଇଁ ପଡ଼ନ୍ତି। ଆଉ ହରନାଥର ସାଙ୍ଗରେ ଶ୍ମଶାନ ଯାତ୍ରୀ ମଧ୍ୟ ହୁଅନ୍ତି।

ହରନାଥ ଦେଖିଲା ନାରୁ ଭବେଶର ଆଡ଼କୁ ଚାହିଁ କ'ଣ ଯେପରି ଇଶାରା କରି କହିଲା। ହସି ହସି ଭବେଶ ସାମ୍ନାରେ ଆସି ଠିଆ ହେଲା। ହରନାଥ ଭୟ କରି ଟିକିଏ ଘୁଞ୍ଚି ଯିବାରୁ ଭବେଶ ମୁହାଁମୁହିଁ ଆସି କହିଲା, ଏଇ ଯେ ହର ଭାଇନା, ସମୀରଟା ଏତେ ସମୟ ଆପଣଙ୍କ ପାଖରେ କ'ଣ ଫୁଟାଣି ମାରୁଥିଲା ?

ସମୀର କିଏ ? ହରନାଥ ଚମକି ଉଠି କହେ।

ସେ କ'ଣ ଭାଇନା, ଏକା ବେଳକେ ବୋକା ହୋଇଗଲ। ପକ୍‌କା ପନ୍ଦର ମିନିଟ୍ ଘରର ଦୁଆର ବନ୍ଦ କରି ଫୁସୁଲେଇଲା, ଆପଣ କହୁଛନ୍ତି କିଏ ?

ଆହା, ଭୟ କରୁଛନ୍ତି କାହିଁକି ଭାଇନା, ଆମେ ନଜର ରଖିଛୁ। ନିହାତି ଶଳା ଜିପ୍ ଗାଡ଼ିଟା ସେତିକିବେଳେ ସିଟି ମାରିଲା ନ ହେଲେ ସମୀରଟାକୁଧରି ପାରିଥିଲେ, ଆଜି ବାପର ନାଁ ଭୁଲେଇ ଛାଡ଼ି ଦେଇଥାନ୍ତି। କ'ଣ କହୁଛୁ ଭବା ?

ହସ ହସ ମୁହଁରେ ଭବେଶ କହେ, ତାହା ଆଉ କହିବାକୁ ଅଛି।

ଥାଉ ସେ କଥା, ଆପଣଙ୍କୁ ଭାଇନା ଆମେ ଭଲ ଲୋକ ବୋଲି ହିଁ ଜାଣୁ। ସମ୍ମାନ ବି କରୁ। ତାହା ବ୍ୟତୀତ ଆପଣ ହେଲେ ଶନିବାରର ସମ୍ରାଟ। ସେଥିପାଇଁ କହୁଛି, ଖାଲି ଖାଲି ମିଛ ଝଞ୍ଝଟରେ ନପଶି ଶୀଘ୍ର ଶୀଘ୍ର କହି ଦିଅନ୍ତୁ, ସେମାନେ ଆପଣଙ୍କ ପାଖକୁ କାହିଁକି ଆସିଥିଲେ ?

ଦେଖ ନାରୁ, ମୋ ଗଳାଟା ଖୁବ୍ ଶୁଖି ଉଠିଛି। ସକାଳଠାରୁ ଚା ଖାଇବା ହୋଇନି। ତେଣୁ ଯଦି ଟିକିଏ – ଥର ଥର ଗଳାରେ ହରନାଥ କହିଉଠେ।

ଓହୋ, ଚା ପିଇବେ। ଆରେ ତାହା ଆଗରୁ କହିଲେନି। ଆସନ୍ତୁ – ଆସନ୍ତୁ – ହରନାଥର ମୁହଁର କଥା ଶେଷ ନହେଉଣୁ ତାକୁ ପ୍ରାୟ ଟାଣି ଟାଣି ଭବେଶ ଆଉ ନାରୁ ଚା ଦୋକାନର ସାମ୍ନାକୁ ନେଇ ଆସିଲେ।

ଅନ୍ୟ ପିଲାମାନେ ସେତେବେଳେ ଗୋଲ ହୋଇ ଠିଆ ହୋଇଛନ୍ତି। ଥରେ ମାତ୍ର ସେମାନଙ୍କ ସମସ୍ତ ମୁହଁ ଆଡ଼କୁ ଚାହିଁ ଦେଖିଲା ହରନାଥ। ଭଲ କରି ଗୋଟାଏ ଗ୍ଲାସ ମୋଗଲାଇ ତିଆରି କର ଭଜୁ ଭାଇନା। ଗାଙ୍ଗୁଲୀ ଭାଇନାର ପେଟରେ ବୋଧହୁଏ ସକାଳ ପ୍ରହରୁ ମାଲ ପଡ଼ିନି। ନାରୁ ବେଶ୍ ଓଜନିଆ ଢଙ୍ଗରେ ଅର୍ଡର ଦେଇ ପୁଣି ହରନାଥ ପାଖକୁଆସେ, ବଳିର ଛେଳି ପରି ଥରି ଥରି ଭଜୁର ଚା ଦୋକାନରେ ଦୋହଲୁଥିବା ବେଞ୍ଚଟାରେ ବସିଲା ହରନାଥ।

ବଜାରକୁ ଆସିବାଟା ହିଁ ଭୁଲ ହୋଇଛି। କିନ୍ତୁ ସେ ଚିନ୍ତା ବର୍ତ୍ତମାନ କରିବା ଲାଭ କ'ଣ ? ତେବେ ବି ଥରେ ଚେଷ୍ଟା କରିବା ପାଇଁ କହିଲା, ଚା ନହେଲେ ମୁଁ ଘରେ ଯାଇ ଖାଇବି ଭାଇ।

ତାହା କ'ଣ ହୁଏ ଭାଇନା। ଅର୍ଡର ଦିଆଯାଇ ସରିଛି। ଆଉ ମୋ କଥାର ଉତ୍ତରଟା ନଦେଇ ଆପଣ ତ ଏବେ ଯାଇପାରିବେନି ଭାଇନା। ନାରୁ ଏଥର ହରନାଥର ପାଖରେ ବସିପଡ଼େ।

ଭବେଶ ଅନ୍ୟ ଗୋଟିଏ ଟୋକାକୁ ଡାକି କହେ, ଏଇ ଫଟିକ ତୁ ଆଉ ଭୋମ୍ବଲ ଛଅ ଆଉ ସାତ ନମ୍ବର ରାସ୍ତାର ଆଡ଼କୁ ନଜର ରଖିବାକୁ ଚାଲିଯାଅ। ଭାଇନାର କେସ୍‌ଟା ଫଇସଲା କରି ଆମେ ଯାଉଛୁ।

ଟୋକା ଦୁଇଟା ଚାଲିଗଲେ। ଭାବଲେଶହୀନ ଚକ୍ଷୁରେ ହରନାଥ ଆକାଶ ଆଡ଼କୁ ଚାହିଁ ରହିଲା। ଅନେକ ଦୂରରେ କେତେଟା ଚିଲ ଉଡୁଛନ୍ତି। ଗୋଟାଏ କୁଆ ଆଉ କଜଳପାତି ସାମ୍ନାର ନଣ୍ଡା ଖଜୁରୀ ଗଛ ଉପରେ କ'ଣ ପାଇଁ ଯେପରି ଖୁମ୍ପା ଖୁମ୍ପି ଆରମ୍ଭ କରି ଦେଇଛନ୍ତି। ଚା ଦୋକାନର ପେଟ ମୋଟା ପିଲାଟା ଗ୍ଲାସ୍ ଧୂମାୟିତ ଚା ଆଣି ହରନାଥର ସାମ୍ନାରେ ଧରିଲା। ଥରୁଥିବା ହାତରେ ଗ୍ଲାସ୍‌ଟା ନେଲା ହରନାଥ।

ନିଅ ଭାଇନା, ପାନ କରନ୍ତୁ। ଏହା ପୂରାପୂରି ଭଜୁଆର ଦାର୍ଜିଲିଂ ସ୍ପେଶାଲ। ନାରୁ କଥାରେ ହସି ଉଠନ୍ତି ସମସ୍ତେ। ତରବରରେ ଢୋକେ ପିଇ ହରନାଥର ଜିଭରେ ତାତି ଲାଗିଗଲା। ଗ୍ଲାସ୍‌ଟା ବେଞ୍ଚ୍ ଉପରେ ରଖିଦିଏ।

ନାରୁ ହଠାତ୍ ଉଠି ଠିଆ ହେଲା। ତାପରେ ସିନେମା ନାୟକର ପରି ସାମ୍ନାକୁ ଆସି କହେ, ବର୍ତ୍ତମାନ ଚାହଁ ଭାଇନା, ଉତ୍ତରଟା ଚଟ୍‌ପଟ୍ କହିଦିଅ।

କାହାର ଉତ୍ତର ?

ଯାଃ ଶଳା – ପୁଣି ନାଟକ ଆରମ୍ଭ କରିଦେଲ। ବଙ୍ଗଳା ଭାଷା କ'ଣ ଆପଣ ବୁଝନ୍ତିନି ଭାଇନା ? ନାରୁ ଏଥର ବେଶ ରାଗି ଯାଇଛି ମନେ ହେଲା। ଏଥର ମୁହଁ ନଖୋଲିଲେ ହୁଏତ ପୈତୃକ ପ୍ରାଣଟା ରହିବନି। ହରନାଥ ତେଣୁ ଠିଆ ହୋଇ ଅନେକଟା ମୁଖସ୍ତ କରିଥିବା ପରି ସମୀର ତାକୁ ଯା ଯା କହିଥିଲା ମୋଟାମୁଟି କହିଗଲା। ନାରୁର ମୁହଁ ଆଡ଼କୁ ଚାହିଁ ଦେଖିଲା ତା'ର ପାଟି ହାତ ଦୁଇଟା ଶକ୍ତ ହୋଇ ରହିଛି।

ବଡ଼ ବଡ଼ ଆଖିରେ ଭବେଶ ମଧ ହରନାଥର ମୁହଁ ଆଡ଼କୁ ଚାହିଁ ରହିଛି। ଗୋଲ ହୋଇ ଠିଆ ହୋଇଥିବା ଟୋକାଗୁଡ଼ାକ ମଧ ଗମ୍ଭୀର ମୁହଁରେ ଚାହିଁ ରହିଛନ୍ତି। ପୋଲିସ ଗାଡ଼ି ମଧ ଗୋଟାଏ ଏ ଆଡ଼କୁ ଆସୁନି କାହିଁକି ? ସବୁ ବୋଧହୁଏ କଲୋନୀଆଡ଼େ ଟହଲ ମାରୁଛନ୍ତି। ବଜାର ମଧ ଫାଙ୍କା। ପ୍ୟାଣ୍ଟ ପକେଟରେ ହାତ ପୁରାଇ ଭବେଶ କହେ, ଶଳା ମଣ୍ଟୁଟା ସୀମା ଟପି ଯାଇଥିଲା। ଏତେଦିନ ଆମ ସାଙ୍ଗରେ ରହି କାଲି ମାଲ ହାତରେ ପାଇ ସେମାନଙ୍କ ସହିତ ହାତ ମିଳାଇ ଦେଲା। ଶଳା ଆମ କଥା ଶୁଣିଥିଲେ କୌଣସି ଝମେଲା ବି ହୋଇ ନଥାନ୍ତା। ଅନ୍ୟ ପଡ଼ାର ଦଳରେ ମିଶିବାକୁ ଯାଇ ନିଜର ବଡ଼ ମାଲଟା ଘାଇରେ ବୁଡ଼ିଲା। ଆଉ ବର୍ତ୍ତମାନ ସମୀର ଆଉ କାଜଲ ପ୍ରଭୃତି ଆମ ନାଁରେ ମିଛରେ ରିପୋର୍ଟ ଲେଖେଇ ଗୋଳମାଳ ଆରମ୍ଭ କରିଛନ୍ତି।

ତୁ ରହ। ସେ ଶଳାଗୁଡ଼ାକୁ ମଣ୍ଟୁର ଲାସ୍‌ଟା ଲୁଚାଇ ନ ରଖିଥିଲେ, ଆଉ ତା'ର ମା'କୁ ଦୂରେଇ ନେଇ ନଥିଲେ ସବୁ କେତେଟାକୁ ଫିନିସ୍ କରିଦେଇଥାନ୍ତି। ନିହାତି ତୁ ସେତେବେଳେ କହିଲୁ ବୋଲି, ନହେଲେ ସୁନା ହାରଟା ତ ହାତକୁ ଆସି ଯାଇଥିଲା ପ୍ରାୟ। ମଣ୍ଟୁର ମା'କୁ – ଏଇ କଥାଟା ଶେଷ ନକରି ହରନାଥର ହାତଧରି ପୁଣି ନୂଆକରି ଆରମ୍ଭ କଲା ନାରୁ, ଆମେ ଭାଇନା ସବୁ ନଜରରେ ରଖିଛୁ। ଆପଣଙ୍କ ପାଖକୁ ଗୋଟାଏ ଷ୍ଟେଟ୍‌ମେଣ୍ଟ ନେଇ ସେମାନେ ମଣ୍ଟୁଟାକୁ ବଞ୍ଚେଇବାକୁ ଚାହାଁନ୍ତି। ମଣ୍ଟୁର ମା'ତ ଆପଣଙ୍କ ଘରେ ରୋଷାଇ କରେ। ଆପଣ ମଧ ଭାଇନା ପ୍ରକୃତରେ ଭଲ ମଣିଷ। ତେଣୁ କରି ସେମାନଙ୍କ ଫାନ୍ଦରେ ପଡ଼ି ଗୋଟାଏ ଭଲ ମଣିଷ ପରି ଷ୍ଟେଟ୍‌ମେଣ୍ଟ ପୋଲିସ ପାଖରେ ଦେଲେ ହିଁ ଆମର ବଦନାମ ଆକାଶ ଛୁଇଁବ। ଆଉ ଆପଣଙ୍କ କଥା ଘୋଷାଲ ଘରର ପିଲାମାନେ ଶୁଣିବେ। କିନ୍ତୁ ଏସବୁ କଥା ଚଳିବନି। ଆମେ ଯାହା କହିବୁ ଆପଣଙ୍କୁ ତାହା କରିବାକୁ ହେବ, ବୁଝିଲେ ? ଅବିଚ୍ଛିନ୍ନ ଭାବରେ ଏତେ କଥା କହି ଧଇଁ ସଇଁ ହୋଇଗଲା ନାରୁ। ଭବେଶ ତା ମୁହଁରେ ଗୋଟାଏ ଜ୍ୱଳନ୍ତ ସିଗାରେଟ୍ ଗୁଞ୍ଜି ଦିଏ।

ହରନାଥ କିନ୍ତୁ ନାରୁର ଏହି କଥାଗୁଡ଼ିକର ଅର୍ଥ ଆଦୌ ଧରି ପାରିଲାନି। ଯେଉଁ ପିଲାଟା ମରିଯାଇଛି ସେ ହରନାଥର ଷ୍ଟେଟ୍‌ମେଣ୍ଟରେ ପୁଣି ବଞ୍ଚି ଉଠିବ କିପରି ?

ତାହା ବ୍ୟତୀତ କାଲି ଶ୍ମଶାନରେ ମଣ୍ଟୁ ସହିତ ଭବେଶ, ନାରୁ, ସମୀର, କାଜଲ ଏମାନେ ସମସ୍ତେ ସେଇ ସମୟରେ ଠେଲାପେଲା ହେଉ ହେଉ ବାହାରି ଆସିଥିଲେ। କେବଳ ଘୋଷାଲ ଘରର ବୋହୂର ସୁନା ହାରଟା ଉଠାଇ ନେଇଥିଲା ତା'ର ପତ୍ତା ପାଇନି ହରନାଥ। ତେବେ ସେମାନଙ୍କର ଗୋଳମାଳର ସୂତ୍ରପାତ ଯେ ଏହି ହାରଟା ତାହା ତ ପରେ ସବୁ ଜାଣିପାରିଛି। କିନ୍ତୁ ପୋଲିସର ପାଖରେ ଏଇସବୁ ଖବର କହିଲା ବି କିଏ ?

ମଣ୍ଟୁର ମୃତଦେହ ସତକାର କରିବା ବ୍ୟାପାରରେ ଏତେ ଧାପବାଜି ବା କାହିଁକି ? ମୁଣ୍ଡ ଭିତରେ ସମସ୍ତ ଘଟଣାଗୁଡିକ ଏକା ସାଙ୍ଗରେ ହାତୁଡ଼ି ପିଟା ଆରମ୍ଭ କରିଛନ୍ତି। ଗୋଟାଏ ବିଡ଼ି ଲଗାଇଲେ ହୁଅନ୍ତା, କିନ୍ତୁ କିଛି ଭଲ ଲାଗୁନି। ଏଇକ୍ଷଣି ଏମାନଙ୍କ ହାତରୁ କେଉଁ ଭାବରେ ରକ୍ଷାପାଇ ପାରିବ ସେଇ ବିଷୟରେ ଭାବିବାକୁ ଚେଷ୍ଟା କଲା ହରନାଥ। ଭବେଶ ପୁଣି ଗମ୍ଭୀର ମୁହଁରେ ହରନାଥ ଆଡକୁ ଚାହିଁ ରହିଲା। ମୁହଁ ବୁଲାଇ ହରନାଥ ପୁଣି ଆକାଶ ଦେଖିବାକୁ ଚେଷ୍ଟା କରିବାରେ ଲାଗିଲା।

ହଠାତ୍ ଧାଇଁ ଧାଇଁ ଏମାନଙ୍କ ସାମ୍ନାରେ ଆସି ଠିଆ ହେଲେ ଫଟିକ ଆଉ ଭୋମ୍ବଲ। ଧକାଉ ଧକାଉ ଫଟିକ କହିଲା, ବି କୁଇକ୍ ଭବ ଭାଇନା କାଜଲ ପ୍ରଭୃତି ସାତ ନମ୍ବରରେ ପଶିଛନ୍ତି। ଭାଇନାର ଘର ଆଡକୁ ବି ସମୀରକୁ ଲାଲୁ ସାଙ୍ଗରେ ଯିବାର ଦେଖିଲ। ସାଙ୍ଗରେ ବୋଧହୁଏ ତିଆରି ମାଲ୍ ବି ଅଛି।

ସେ କ'ଣରେ – ଏଇ ଦିନ ବେଳାଟାରେ ? ତେବେ ଯେ ଖବର ମିଳିଥିଲା ସନ୍ଧ୍ୟା ବେଳକୁ, ମଣ୍ଟୁର ଲାସ ନେଇ ଯିବେ ? ଭବେଶ ଚମକି ଉଠି କହେ।

ନା – ନା, ଫଟିକ ଯେତେବେଳେ ଦେଖି ଆସିଛି ତାହେଲେ ଏଇକ୍ଷଣି ଆକ୍‌ସନ୍ ଚାଲିବ। ପୋଲିସକୁ ତ ଫିଟ୍ କରାଯାଇଛି ବି। ଡେରି କରିବା ଦରକାର ନାହିଁ – ନେ, ତୁମେ ସବୁବି ପ୍ରସ୍ତୁତ ହୋଇଯାଅ। ଗାଙ୍ଗୁଲୀ ଭାଇନା, ଆପଣ ଏଇଠାରେ ହିଁ ରହିବେ। ଏଇକ୍ଷଣି କୁଆଡ଼କୁ ହିଁ ଯିବାର ଚେଷ୍ଟା କରିବେନି। ହରନାଥ ଆଡ଼କୁ ଚାହିଁ ଶେଷ କଥା କହି ନାରୁ ଦ୍ରୁତ ଗତିରେ ଭକୁର ଚା ଦୋକାନ ଭିତରକୁ ପଶିଯାଏ। କେତେଜଣ ପିଲା ମଧ ତା ସାଙ୍ଗରେ ଯାଆନ୍ତି।

ମାଲେରିଆ ରୋଗୀ ପରି କମ୍ପିବାକୁ ଆରମ୍ଭ କରେ ହରନାଥ। ଚା ଦୋକାନରୁ ବାହାରି ତୀର ବେଗରେ ନାରୁ ଆଉ ଭବେଶ ସାମ୍ନାର ଗଳି ଆଡକୁ ଧାଇଁ ଯାଆନ୍ତି। ଟିକିଏ ପରେ ହିଁ ଗୋଳମାଳର ଶବ୍ଦ ଭାସି ଆସେ। ଆଉ ତାପରେ ହିଁ ପ୍ରଚଣ୍ଡ ଶବ୍ଦ ହୁଏ – ଦୁମ୍ – ଦୁମ୍ – ଦୁମ୍।

ଦେହର ଚଦରଟା ସମ୍ଭାଳି ନେଇ ଚା ଦୋକାନ ମଧରେ ପଶିଯିବା ଅବସ୍ଥାରେ ଆଉ ଗୋଟାଏ ଶବ୍ଦ ହୁଏ – ଦୁମ୍। ମୁହଁ ମାଡ଼ି ପଡ଼ିଯାଏ ହରନାଥ। ଧୂଆଁରେ ଚାରିଆଡ଼େ ଅନ୍ଧାର। ଚା ଦୋକାନର ଝାମ୍ପ ପଟାଟାବି ବନ୍ଦ ହୋଇଯାଇଛି।

ପରେ ପରେ ଆହୁରି ବି କେତେଟା ଶବ୍ଦ ଖୁବ୍ ପାଖରେ ଦୁମ୍, – ଦୁମ୍ – ଦୁମ୍ – ଦୁମ୍ – ଦୁମ୍। କେତେ ଯୋଡ଼ା ଧାଇଁ ଯାଉଥିବା ପାଦ ହରନାଥର ଦେହକୁ ମାଡ଼ି ଚକଟି ଚାଲି ଯାଆନ୍ତି। କ୍ରମଶଃ ଯେପରି ଅନ୍ଧାର ଭିତରେ ବୁଡ଼ିଯିବା ପରି ଲାଗେ ହରନାଥକୁ। ଗୋଟାଏ ହାତ ସାମ୍ନାକୁ ବଢ଼ାଇ କିଛି ଧରିବାକୁ ଚେଷ୍ଟା କରେ, ପାରେନା। ଛାତି ପାଖରେ ଗୋଟାଏ ଅସହ୍ୟ ଯନ୍ତ୍ରଣା। ଯେପରି କେତେ ମହଣ ପଥର ଦେଇ ଛାତିଟାକୁ କେହିଚାପି ଧରିଛି। ମୁଣ୍ଡ ଟେକି କରି ବି କିଛି ବୁଝିବାକୁ ଚେଷ୍ଟା କରିବା ପାଇଁ ଚାହେଁ ହରନାଥ।

ଛାତି ଉପରେ ଦୁଇ ହାତ ଚାପି ମୁଣ୍ଡଟାକୁ ସାମାନ୍ୟ ଟେକିବାକୁ ଚେଷ୍ଟା କରେ ହରନାଥ। ହାତ ଦୁଇଟି ସାମ୍ନା ଆଡକୁ ମେଲି ଧରିବାକୁ ଚେଷ୍ଟା କରେ। ଅନେକଟା ଘୋଡ଼ା ଦୌଡ଼ରେ ଜକି ପରି। ଯେପରି ଘୋଡ଼ାର ଲଗାମଟାହିଁ ଧରିବାକୁ ଚାହେଁ।

ପୋଲିସ ଭ୍ୟାନ୍ ଆଉ ଜିପ୍ ଆସି ରାସ୍ତାରେ ଠିଆ ହୋଇଯାଏ। ଅଧା ନିଦ୍ରା ଅଧା ଜାଗରଣରେ ସେ ଆଡକୁ ଚାହିଁ ପୁଣି ହାତ ଉପରକୁ ଟେକି କିଛି କହିବାକୁ ଚେଷ୍ଟା କରେ ହରନାଥ। କିନ୍ତୁ କିଛି ବି କହିପାରେନା। ପୁଳାଏ ଗୁଳି ଆସି ହରନାଥର ହାତ ଆଉ ମୁଣ୍ଡ ଏକସଙ୍ଗରେ ମାଟିରେ ଲୁଟାଇ ଦିଏ।

*ପ୍ଲଟ ନଂ. ୮୧, ବୁଦ୍ଧେଶ୍ୱରୀ କଲୋନୀ,*
*ଭୁବନେଶ୍ୱର -୬*
*ଦୂରଭାଷ: ୮୮୯୫୩୦୨୬୬୫*

Tastiest North Indian food.
Now in Bhubaneswar
sigree
Esplanade One Mall, Rasulgarh
0674-2548089
/ 9078836888
* Conditions apply
Ask the captain for details.

# ଡଲି ଅପା

ସଂଯୁକ୍ତା ମହାନ୍ତି

ବୈଶାଖ ମାସ। ସୁମିର ଷଷ୍ଠ ଶ୍ରେଣୀ ପରୀକ୍ଷା ସରିଯାଇଛି। ସେ ବାହାରି ପଡ଼ିଲା ଆମ୍ବଗଛ ବାଡ଼ିକୁ। ସେଠି ସେ ଗୋଟିଏ କେନା ବାହାରିଥିବା ଆମ୍ବଗଛରେ ଚଢ଼େ। ଆମ୍ବ ପାରିବାକୁ ନୁହେଁ। ଏମିତି ବସିବାକୁ। ବେଳେବେଳେ ବହିଟାଏ ହାତରେ ଧରି ବସି ପଢ଼େ ସେଠି। ବୋଧହୁଏ ମଜା ପାଏ। କେହି କେଉଁଠି ନଥାଏ। ଏମିତି କି ସପଟେ ଆଣି ଆମ୍ବଗଛ ତଳେ ବସି ପଢୁଥାଏ। ସେ କାହା ସାଂଗରେ ମିଶି ପାରେନା। ଅବିନ୍ୟସ୍ତ ଭାବେର ବୁଲୁଥାଏ ଗାଁରେ।

ଆମ୍ବଗଛ ବାଡ଼ିକୁ ଆସି କ'ଣ ମନେକଲା ପୁଣି ଆଗେଇଲା ସାନମା' ବାଡ଼ିକୁ ଅତିକ୍ରମ କରି କଟେରି ପୋଖରୀ ଆଡକୁ। ତାଟି କବାଟଟା ସରୁସରୁ। ବାଉଁଶ ଚପା ହୋଇ କତା ଦଉଡି ବଂଧା ହୋଇ ତିଆରି। ସେ ବଂଧା ହୋଇଥିବା କତା ଦଉଡିକୁ ଖୋଲି ଜୋରରେ ଘୋଷାରି ଦେଲା ତାଟି। ବନ୍ଦ କଲାନି। ଅଧା ମେଲାଥିଲେ ଗୋରୁ ପଶିଯିବେ। ତା'ର ସେସବୁ ମନେ ନଥିଲା। ଏବେ ସେ ଉଠି ଆସିଲା କଟେରି ପୋଖରୀ ହୁଡାକୁ। ବିଶାଳ ପୋଖରୀ। ଆୟତାକାର। ବେଶ୍ ଲମ୍ବା ଚଉଡ଼ା। ଗଭୀର ପାଣି। ରାଜହଂସ ଦୁଇଟା ଖେଳନ୍ତି। ଖୁବ୍ ସୁନ୍ଦର ଲାଗେ। ଜମିଦାରଙ୍କ କୋଠାର ପଛପଟେ। ଜମିଦାରଙ୍କ ପୋଖରୀ। ସେଥିପାଇଁ କି ଏତେ ସୁନ୍ଦର ? ପରିଷ୍କାର, ପରିଚ୍ଛନ୍ନ। ପୋଖରୀ ହୁଡାରୁ ତଳକୁ ଖସିଲେ ଇଟାରେ ବଂଧେଇ ପାହାଚ। ଗାଁ ଲୋକ  ସେଇଠି ଆରାମରେ ବସି ଦେହ ମାଜି ଗାଧାନ୍ତି। ଗୋଟାଏ ପଟ ଗାଁ ହାଟ ଆଡକୁ। ଅନ୍ୟଟି ଗାଁ ଆଡକୁ। ଉତ୍ତର ପଟରେ ତାଙ୍କ ଘର ସାନ ମା'ର ବାଡି। ପଶ୍ଚିମ ପଟର ହୁଡା ତଳେ ଖାଲି କିଆବୁଦା। ଖୁବ୍ ଘଂଚ। ସେହି କିଆବୁଦା ମୂଳକୁ ଗାଁ ଲୋକ ଝାଡା ଯା'ନ୍ତି। ସେ ବି ଯାଏ। ଗୋଟାଏ ପଟରେ କିଆବୁଦା ଗହଳ ସିନା କିନ୍ତୁ ତା' ତଳକୁ ବିପନା ଦାଦିଙ୍କ ବାଡି, ଘର। ତେଣୁ ଘରକୁ ଯିବାକୁ ସେହି ବାଉଁଶର ତିଆରି ଅଡାଟାଏ ଲାଗିଥାଏ। ଚାରିପଟଯାକ ବାଉଁଶ। ମଝିରେ ବି ବାଉଁଶରେ ତିଆରି ଗେଟ୍। ଗଲାବେଳେ ନଡ଼ିଆ କତାରେ ତିଆରି ଦଉଡି ବାଂଧିଦେଇ ବନ୍ଦ କରିବାକୁ ହୁଏ ମୁଖ୍ୟ ବାଉଁଶ ଖୁଣ୍ଟି ସହିତ।

ଏବେ ସୁମି ଦେଖିଲା ବୈଶାଖ ଖରାବେଳଟା ଯେମିତି ଖୁବ୍ ନିଃସଂଗ। ଚାରିଆଡ ଚୁପଚାପ୍। ଧୂଳି ଉଡେଇ ପବନ ଯାଉଛି ଅବା ରାଜାଟିଏ ପରି। ଜଣା ପଡୁନି ଗରମ। ପୋଖରୀ ପାହାଚରେ ବାଡେଇ ହୋଇଯାଉଛି ପାଣିରେ ଉଠୁଥିବା ତଂରଗ। ଖୁବ୍ ସୁନ୍ଦର ତ ଦୃଶ୍ୟଟା। ସେ ପୋଖରୀ ହୁଡାରୁ ତଳକୁ ଗଡ଼ି ପଡ଼ିଲା। ବାଃ ! କି ସୁନ୍ଦର ଏ ଇଟାର ବଂଧେଇ ପାହାଚ। ସେ ପ୍ରଥମ ପାହାଚ ଉପରେ ବସିପଡ଼ିଲା। ତଳ ପାହାଚରେ ପାଣି। ଗୋଡ ଲମ୍ବେଇଦେଲା ପାଣିକୁ। ତା' ତଳ ପାହାଚକୁ ଓହ୍ଲେଇଲେ କେତେ ପାଣି ସେ ଜାଣି ପାରିଲାନି। ସେ ସେଇଠି ବସି ରହିଲା। ଦାଣ୍ଡ ପୋଖରୀରେ ଆଜି ବୁଡିବୁଡି ତା' ଦୁଇଟା ବେଣି ଓଦା ହୋଇଯାଇଛି। ଭାରି ଅଶାନ୍ତ ଲାଗୁଛି। ତା' ବୋଉ ଜାଣେନି ଏକଥା। ସେ କ'ଣ ମନେ କରି ବେଣୀକୁ ଖୋଲିଦେଲା। ଲମ୍ବା ବାଳଗୁଡ଼ାକ ବିଛାଡ଼ି ହୋଇ ପଡ଼ିଲା ପିଠି ଯାକ। ଏବେ ସେ ଦୁଇଗୋଡକୁ ପାଣିରେ ଚବଚବ କଲା। ଦେଖିଲା କିଛିଟା ଦୂରରେ ଭୁଟୁଭୁଟୁ ହେଉଥିବା ପାଣି ଭିତରୁ ଉଠି ଆସିଲା ଡଲିଅପା। ଡାହାଣ ହାତରେ ତା' ମୁହଁରୁ ପାଣି ପୋଛିଦେଇ ହସି ଦେଲା। କହିଲା – ସୁମି ! ତୁ ଏଠି।

ସେ ବି ତା' ହସ ଦେଖି ହସିଦେଲା।

ଏତିକି ଡାକି ଡଲିଅପା ପୁଣି ଦୁଲକିନି ଦୁଇହାତ ଲମ୍ବେଇ ଡେଇଁଲା। ପାଣିକୁ ଦୁଇଭାଗ କରି ବାହୁ ହଲେଇ ହଲେଇ ଦୂରକୁ ଦୂରକୁ ପଳେଇଲା। ସେ ଆଶ୍ଚର୍ଯ୍ୟ ଚକିତ ହୋଇ ଚାହିଁ ରହିଲା। ପୋଖରୀ ମଝିରେ ଡଲିଅପା ପହଞ୍ଚିଗଲା। ସେ ଏବେ ବିସ୍ମୟାଭିତ। ପଲକହୀନ ହୋଇ ଚାହିଁ ରହିଲା। ଡଲିଅପା ଅତିକ୍ରମ କରିଗଲା ମଝିଅଂଶ। ଯେଉଁଠି ଗଭୀର ଜଳ। ପହଞ୍ଚିଗଲା ଆରପଟ ଛନ୍ଦାରେ। ସେ ପଟେ ପହଞ୍ଚି ଖୁବ୍ ଛୋଟ ଦିଶୁଥିଲା ସେ। ଏତେ ଲମ୍ବା ପୋଖରୀର ଆରପଟେ ଗାଧୋଇଥିବା ମଣିଷମାନେ ହିଁ ସେମିତି ଦେଖାଯା'ନ୍ତି। ପୁଣି ଦେଖିଲା ଡଲିଅପା ପାଣିକୁ ଡେଇଁଲା। ତା'ର ଦୁଇବାହୁ ଯେମିତି ଉଦ୍ଧାମ, ମତ୍ତ। ଏତେ ବଡ଼ ପୋଖରୀକୁ ଦି'ଭାଗ କରି ଚାଲିଆସୁଛି। ପୁଣି ଶାଢ଼ିକୁ ପିନ୍ଧିଛି କଛାମାରି। ସୁଦୃଢ଼ ତା'ର ହାତଗୋଡ଼। ପାଞ୍ଚ ଫୁଟ ଛ ଇଂଚଯାଏ ଉଚ୍ଚା ହେବ। ଦୁଧ ହଳଦୀ ଗୁରୁଗୁରୁ ଗୋରା ତନୁ। ସେ ସେହି ପହଁରିବାକୁ ଦେଖୁଥିଲା। ଆଶ୍ଚର୍ଯ୍ୟ ଜଗତ ତା' ପାଇଁ। ତାକୁ ପହଁରା ଆସେନି। କେତେ ଚେଷ୍ଟା କଲାଣି ଏଇ କୂଳରେ ପାଞ୍ଚ ଛ'ଫୁଟ ଯାଏ ପହଁରିବାକୁ ତା' ବି ହୁଏ। ସେ ଯେ ଏ ପୋଖରୀକୁ ନ ଆସେ ତା' ନୁହେଁ। ଗାଁ ପିଲା ବି ଆସି ବୁଡ଼ନ୍ତି। ହେଲେ ସେ ଛାତିଏ ପାଣିରେ ଅତିବେଶୀରେ ପଶି ପୁଣି ପଳେଇ ଆସେ। ଦାଣ୍ଡ ପୋଖରୀରେ ଅଳ୍ପ ପାଣି। ଆଜି ସେଠି ବୁଡିବୁଡି ଆସିଛି। ତାଇଚୁଂଗ ଧାନ ପାଇଁ ଆସୁଥିବା କେନାଲ ପାଣି ସେଠି ପଶି ଖରାଦିନେ ବି ପୋଖରୀ ପୂର୍ଣ୍ଣ ହୋଇଥାଏ।

ଡଲିଅପା ହାତ ହଲେଇଲା। ପୁଣି ପାଣିକୂଆ ପରି ବୁଡିଲା। ଆଉ ଦେଖା ଗଲାନି ଘଡିଏ। ପୁଣି ଉଠିଲା। ତାକୁ ଠାରିଲା। ସଂକେତରେ କହିଲା – ସେଇଠି ବସିଥା। ସେ ବି ହାତ ଉଠାଇ ସଂକେତ ଦେଲା। ଏବେ କେଉଁ ପାଠ ଅଛି ତା'ର। ପରୀକ୍ଷା ତ ସରିଛି। ଅବଶ୍ୟ ଜାଣିପାରୁନି କ'ଣ ହେବ ପରୀକ୍ଷାରେ। ଗାଁର ପରିବେଶଟା ଖେଚେଡି ପରି ଲାଗୁଛି। କ'ଣ ପଢୁଛି। କେମିତି ପଢୁଛି। କୁଆଡେ ବୁଲୁଛି। କେହି ଦେଖିବାର ନାହିଁ। ପଂଚମ ଶ୍ରେଣୀରେ ପୁରୀରେ ପଢୁଥିଲା। ଘର ବୋଇଲେ ବାପା, ବୋଉ, ତା' ଭାଇ ଦୁଇଜଣ ଆଉ ସେ। ବାପା ପଢ଼ାଉଥିଲେ। ସେ ଫାଷ୍ଟ ହୋଇଥିଲା। ଏବେ କେହି ନାହିଁ ପଢ଼େଇବାକୁ। ବାପାଙ୍କ ଚାକିରିରେ ବଦଳି ହୋଇଛି ବଲାଂଗୀର। ବୋଉ ତ ସକାଳ ପହରୁ ରାତିଯାଏ ହାଣ୍ଡିଶାଳରେ। ଚାରିଟାବେଳେ ଶୁଖିଲା ଭାତ ଥାଏ ତା' ପାଇଁ ଖାଇବାକୁ। ସିଏ କ'ଣ ବା ଜାଣୁଛି ତା' ପାଠ କଥା। ଆକଟ ନାହିଁ, ଶୃଙ୍ଖଳା ନାହିଁ।

ଡଲିଅପା ପହଁରି ପହଁରି ଆଗେଇ ଆସିଲା। ପୁଣି କେଉଁଠି ବୁଡିଗଲା ଦେଖା ଗଲାନି। ଭୁସକିନି ଉଠିପଡ଼ିଲା ଠିକ୍ ତା' ପାଖାପାଖି। ସେ ଗୋଡ଼ ବୁଡେଇ ବସିଥିଲା। ଠିଆ ହୋଇପଡ଼ିଲା। କିରିକିରି ହୋଇ ହସିଲା। ତା' ଅଂଗଭଂଗୀରେ ଖେଳି ଉଠିଲା ଆଉ ଟିକେ ପାଣିକୁ ଓହ୍ଲାଇଲା। ଡଲିଅପା ଚିତ୍କାର କଲା – ଧନଟା। ଓହ୍ଲାନା...ଓହ୍ଲାନା ...ସେମିଜ୍ ଓଦା ହୋଇଯିବ।

ସେ ଗୋଟାଏ ଜଂଘ ଚିପା ପ୍ୟାଣ୍ଟ ସାଂଗକୁ ସେମିଜ୍ଯାଏ ପିନ୍ଧିଥିଲା ହାତକଟା।

ଡଲିଅପା ତା' ଲୁଗା କାନିରୁ ପୁଳାଏ ଚିଙ୍ଗୁଡ଼ି, ଦଣ୍ଡିକିରି ମାଛ କାଢ଼ି ଦେଖେଇଲା। ପାଖରେ ଗୋଟାଏ ଛୋଟ ଖେଳେଇ ରଖିଥିଲା, ତା' ଭିତରେ ପୂରେଇ ଦେଲା।

– ତୁ କାହିଁକି ଖରାବେଳଟାରେ ବାଳମୁକୁଳା କରି ବୁଲୁଛୁ ? କ'ଣ ଝାଡା ଆସିଥିଲୁ କି ପୋଖରୀ ହୁଡାକୁ ?

ସେ ନୀରବ ରହିଲା। ଡଲିଅପା ପୁଣି ଚାଲିଗଲା ବୁଡା ମାରି ମାଛ ଖୋଜିବାକୁ। ସେ ପାଣିରୁ ଗୋଡ଼କାଢ଼ି ଠିଆ ହୋଇପଡ଼ିଲା। କ'ଣ ମନେ କରି ପୋଖରୀ ହୁଡାକୁ ତୀବ୍ର ଗତିରେ ଉଠି ଦୌଡ଼ିଲା ବିପନା ଦାଦିଙ୍କ ବାଡି ଆଡକୁ। ତାଙ୍କ ବାଡିରେ ପଶି ଘର ଭିତରର ଅଗଣା ଅତିକ୍ରମ କରି। ଦାଣ୍ଡ ଘର ପଟେ ବାହାରି ଗଲା ଦଣ୍ଡା ଉପରକୁ। ଦଣ୍ଡା ଉପର ମାନେ କେଉଁ କାଳରେ ଶ୍ମଶାନ ଥିଲା ଏବେ ଗାଁର ଦାଣ୍ଡ ହୋଇଛି। ଯେଉଁଠି ପିଲାମାନେ ଚାରିଟାବେଳକୁ ରୁଣ୍ଡ ହୋଇ ବୋହୂ ଚୋରିଠୁ ଖପରା ଠିଆଁଯାଏ ଖେଳନ୍ତି। ଗାଁର ଲୋକ ଘରୁ ବାହାରି ଏଇଠି ବୁଲନ୍ତି। ପରସ୍ପର କଥା ହୁଅନ୍ତି। ସେଇଠୁ ଆସି ପହଞ୍ଚିଲା ମଉଁ ଘରେ। ମଉଁମାନେ ତା' ଜେଜେଙ୍କ ଭଉଣୀ। ମଣିରୁ ଅପଭ୍ରଂଶ ହୋଇ ମଉଁ ହୋଇଯାଇଛି କାହା ତୁଣ୍ଡରେ। ଏବେ ସେ ସମସ୍ତଙ୍କ ମଉଁ। ତା'ର ଜେଜେମା' ଖାଲି ଭାଉଜ ଡାକନ୍ତି ମଣ। ମଉଁର ଦୁଇଟା ଝିଅ। ବସି ଅପା, ଶଶୀ ଅପା। ସେମାନେ ବଡ ରୁଚି ସମ୍ପନ୍ନ। ଢ଼ଂଗର ଶାଢ଼ି ପିନ୍ଧନ୍ତି । ଢ଼ଂଗର କଥା ହୁଅନ୍ତି। ଚାଲିଚଳଣ ସବୁ ସୁନ୍ଦରତାରେ ଭରା। ହେଲେ ଡଲିଅପାଟା କାହିଁକି ଏମିତି ? ଶାଢ଼ି ପିନ୍ଧିଥାଏ ଆଣ୍ଠୁ ତଳଯାଏ ଟେକି ହୋଇଯାଇଥାଏ। ଚାଲୁଥିବ ଯେମିତି ଅନ୍ୟମନସ୍କ ଝଡ଼ଟାଏ। ଡଲିଅପା କିନ୍ତୁ ତାକୁ ଯେତେବେଳେ ହସି ଦେଇ "ଧନ ମୋ" କୁହେ, ତାକୁ ଭଲ ଲାଗେ। ଡଲିଅପା ପିଇସୀ ହିସାବ ହେବ।

ତାଙ୍କ ଘରର ଦୁଇପଟେ ଦୁଇ ସାନ ଜେଜେଙ୍କ ଘର। ଜଣେ ଡେଂଗା ଜେଜେ। ଆଉ ଜଣେ ସାନ ଜେଜେଙ୍କର ଯଦିଓ ଉଚ୍ଚତା କମ ତେବେ ଗେଡା ଜେଜେ ଶବ୍ଦ କେହି ବ୍ୟବହାର କରନ୍ତିନି। କିନ୍ତୁ ଡଲିଅପାର ବାପାଙ୍କୁ ଡେଂଗା ଜେଜେ କୁହନ୍ତି। ତାଙ୍କ କାନକୁ ଶୁଭେନି। ସବୁବେଳେ ହାତରେ ଥିବ ଜାଲବୁଣା ବାଡ଼ି। ସେ ଯାଉଥିବେ ଆସୁଥିବେ ଜାଲ ବୁଣୁଥିବେ। ଡେଂଗା ତ ଛ'ଫୁଟ ଉପରେ ହେବେ। ପୁଣି ପତଳା। ଧୋତି ପିନ୍ଧନ୍ତି ସବୁବେଳେ। ପୁଙ୍ଗୁଳା ଦେହ। ସବୁବେଳେ ନୀରବ ଥା'ନ୍ତି। ସାନ ମା' କିନ୍ତୁ ଚଂଚଳ। ହସ ହସ। ମୁରୁକି ହସ ଭିତରେ ଅନେକ ଗହନ କଥା କୁହେ। ହୋଇପାରେ ପୁରୁଷଟିର ଯେଉଁଠି ଶରୀରରେ ତ୍ରୁଟିଥାଏ, ନାରୀଟିକୁ ସଂସାରର ଲଗାମ ଧରିବାକୁ ହୁଏ। ଡଲିଅପାର ତିନିଭାଇ, ଆଉ ସିଏ। ବଡ ଭାଇ ବାହା ହୋଇ ସ୍ତ୍ରୀ ଆଉ ପୁଅଟିଏ। ମଝିଆଁ ଭାଇ ଚାକିରି କରନ୍ତି ଅନ୍ୟ ଗାଁରେ। ସେ ହିଁ ସମସ୍ତଙ୍କୁ ଚଳାନ୍ତି। ଜମିବାଡ଼ି ବେଶୀ ନାହିଁ। ବର୍ଷାଦିନ ଆସିଲେ ପ୍ରାୟ ମାଣ୍ଡିଆ ଜାଉ ଖା'ନ୍ତି। ହେଲେ ଡଲିଅପା ଅବା ଉଚ୍ଛୁଳା ନଈଟାଏ। କି ଚଂଚଳ ପାହାଡି ଝରଣାଟାଏ। ସୁବବେଳେ ଡେଇଁପଡୁଥାଏ ଶିଳା ଉପରୁ। ଦୁମ୍‌ଦୁମ୍ ହୋଇ ଚାଲୁଥାଏ। ଚାଲେନି ତ ଦୌଡ଼େ। ଘରବାଡି, ଗାଁ ଦାଣ୍ଡ ହୋଇ ସବୁବେଳେ ଯେମିତି ଦୌଡ଼ିଲା ଦୌଡ଼ିଲା ଭାବ ତା' ଅଂଗଭଂଗୀରେ। କିନ୍ତୁ ଭିତରେ ନଥାଏ କିଛି ଜଟିଳତା। ଖୁବ୍ ସରଳ, ପ୍ରଗଳ୍ଭ।

ମଉଁ ଘରେ ପହଞ୍ଚି ସେ ବସିପଡ଼ିଲା ବାରଣ୍ଡାରେ। ସାମ୍ନାରେ ଫାଙ୍କା ବଲ୍। ଘୁ...ଘୁ ପବନ। ତାକୁ ମୁଣ୍ଡ ମୁକୁଳା କରି ଏ ଖରାବେଳେ ବୁଲୁଥିବାର ଦେଖି ଶଶୀଅପା ଚମକି ପଡ଼ିଲା।

– ସୁମି ! କ'ଣ ଖରାବେଳେ ମୁଣ୍ଡ ମୁକୁଳା କରି ବୁଲୁଛୁ। ଶଶୀ ଅପା ଭାରି କଡା। ସେ ଟିକେ ସଂକୁଚିତ ହୋଇଗଲା। ଉତ୍ତର ଦେବା ଆଗରୁ ବସିଅପା ବାହାରି ପଡ଼ି କହିଲା – ସୁମିନା .... ଏମିତି କ'ଣ ବାଳମୁକୁଳା କରି ବୁଲୁଛୁ ! ଭାଉଜ ଜାଣିଲେ ରାଗିବେ।

ଶଶୀ ଅପା କହିଲା – ଚାଲେ ... ଚୁଟି ବାଂଧିଦିଏ।

ସେ ତାକୁ ନେଇ ଗୋଟାଏ ଚେୟାର ଉପରେ ବସେଇଦେଲା। ଏତେ ଲମ୍ବା ବାଳ। ତାକୁ ଚେୟାରଟା ସୁବିଧା ହୁଏ। ଦୁଇପଟେ ବେଣୀ ପକେଇ ରିବନ ବାଂଧି ଫୁଲ ପକେଇଦେଲା। ଏବେ ଗୋଟାଏ ଗୁରୁଦାୟିତ୍ୱ ସାରିଦେବାରେ ସେ ମୁରୁକି ହସିଲା। ସେ ସ୍କୁଲରେ ଶିକ୍ଷକ। ଠାଣିମାଣି ଶିକ୍ଷକ ସୁଲଭ। କହିଲା ଏଥର ଆଉ ବୁଲୁନା ଖରାବେଳେ। ଭାଉଜ ପାଟି କରିବେ। ଯା ...ଯା... ଘରକୁ। ଖାଇବା ବେଳ ହୋଇଗଲାଣି।

ସେ ପୁଣି ଡେଇଁ ଡେଇଁ ଗାଁ ଦାଣ୍ଡରେ ତୀବ୍ର ବେଗରେ ଆସି ଘରେ ପହଞ୍ଚିଲା। ଦେଖିଲା ଡଲିଅପା ଠିଆ ହୋଇଛି ବୋଉ ଆଗରେ।

– ଭାଉଜ ! ଝିଅକୁ କ'ଣ ଖରାବେଳଟାରେ ଛାଡ଼ି ଦେଇଛ। ମୁଣ୍ଡ ମୁକୁଳା କରି ବୁଲୁଛି। ଯଦି ଡାଆଣୀ ପଶିଯାଏ ?

– ନା ...ତ ସକାଳେ ମୁଁ ତା' ଚୁଟି ବାଂଧି ଦେଇଛି। ପୁଣି ପାଣିରେ ବୁଡ଼ି ଓଦା କଲାକି ?

– ନା ... ନା ... ଭାଉଜ...। ଛୋଟ ପିଲାଟା। ଏକୁଟିଆ ଖରାବେଳେ ଯାଇ କଚେରୀ ପୋଖରୀ ହୁଡାରେ।

– ମୁଁ ତ ରୋଷେଇ ଘରେ ସକାଳୁ ପଶିଛି। ଆସୁ ସେ ଆଜି।

'ବୋଉ !' ସୁମି ଡାକିଲା।

–- ହେଇଟି ତ ଆସିଲାଣି। ଡଲି ! ମୁଣ୍ଡ ବାଂଧିଛି ତ।

– ଭାଉଜ ! ହସି ପକାଇଲା ଡଲିଅପା। ସତରେ ଯାକୁ ପାରିହେବନି। କେଉଁଠି ଚୁଟି ବାଂଧି ପଳେଇ ଆସିଛି। ବଡ଼ ଚାଲାକ୍ ଅଛି ତ।

ଡଲିଅପା ହସିହସି କହିଲା – ଭାଉଜ ଯା,। କଚେରି ପୋଖରୀରୁ ଚୁଂଗୁଡ଼ି ଆଣିଥିଲି। ତାକୁ ରାଂଧେ।

ଡଲି ଅପା ହସିଦେଇ ଚାଲିଗଲା। ଡଲିଅପା ତା'ଠୁ ପାଂଚ ବର୍ଷ ବଡ଼। ତାକୁ ଅତିବେଶୀରେ ଷୋଳବର୍ଷ ହେବ।

ବୋଉ କହିଲା – ଯାଃ ! ସପ୍ତମ ଶ୍ରେଣୀ ବହି ପଢ଼। ଏବେ ଖାଇ ଦେଇ ଯା' ଶୋଇ ପଡ଼ିବୁ ଟିକେ। କାହିଁକି ଏତେ ବୁଲୁଛୁ ଖରାଟାରେ !

ସେ ଖାଇସାରି ଆସିଲା। ଶୋଇପଡ଼ିଲା ଜେଜେ ମା' ପାଖରେ। ଗୋଟାଏ ଲମ୍ବା ଘର। ତାଙ୍କ ମୁଖ୍ୟ ଘର, ସାହି, ଅଗଣାଠାରୁ ଅଲଗା ପ୍ରକାର। ସାମ୍ନାରେ। ସେଠି ଗୋଟାଏ ଗୁହାଳ ଅନ୍ୟ ଅଂଶରେ। ବିରାଟ ଚଉଡା ପଲଙ୍କ ପଡିଛି। ଜେଜେ ଶୁଅନ୍ତି ଅନ୍ୟ ଏକ ପାଖରେ ପଡ଼ିଥିବା ଖଟରେ। ଜେଜେମା' ଶୋଇଛି କଡ଼ରେ। ଖଟରେ ଚଢ଼ି ତା' ଗୋଡ଼କୁ ଡେଇଁ ଯିବାକୁ ପଡିବ। କାହାକୁ ଡିଅଁନ୍ତିନି। ସେ ଏବେ କ'ଣ କରିବ ? ସେ ଖଟ ତଳେ ଥୁଆ ହୋଇଥିବା ଖୋଟ ବିଷ୍ଣୁଳାରୁ ଗୋଟାଏ ଛିଣ୍ଡେଇ ମା'ର ପାଦ ତଳେ ଚଲେଇଲା। ମା' ଟିକେ ହଲଚଲ ହୋଇ ଗୋଡ଼ଟା ଛାଟିଦେଲା। ସେ ସେହି ମୌକାରେ ଏପଟକୁ ଚାଲି ଆସିଲା। ମା' ପୁଣି କଡଲେଉଟେଇ ଅନ୍ୟ ଦିଗକୁ ମୁହଁ କଲା। ସେ କେଉଁ ଶୋଉଛି ! ଚୁପ୍‌ଚାପ୍ ଝର୍କାପଟେ ଚାହିଁ ରହିଲା ତାଙ୍କ ଛଣଗଦା ବାଡ଼ିକୁ। ବାଉଁଶ ବୁଦା ତଳଯାକ ପରେ ଖସି ଗଦା ହେଇଛି। କେହି ପତର ଗୋଟେଇନି। ତାଙ୍କର ଧାନ ଉଷୁଁଆ ହୁଏ ଏଇ ପତ୍ରରେ। ଗଛରୁ ଖସି ପଡୁଛି ହଲିହଲି ପତ୍ର। ଖରା ଯେତିକି ପବନ ବି ସେତିକି ହେଉଛି। ଦୋହଲି ଦୋହଲି ପଡିବାର ଦୃଶ୍ୟ ବେଶ୍ ସୁନ୍ଦର ମନେ ହେଲା ତାକୁ। ଡାଉକଟାଏ ବୋବେଇ ଉଠିଲା। ଜେଜେ, ମା' ଦୁଇଜଣ ଶୋଇଛନ୍ତି। ଏବେ ଶୁଣାଗଲା ତାଙ୍କ ଘୁଂଗୁଡି ଶବ୍ଦ। ଦେଖିଲା ଡଲିଅପା ପୁଳାଏ ଅଇଁଠା ବାସନ ବାମ ହାତରେ ଥୋଇଛି। ଡାହାଣ ହାତ ତା' ଉପରେ ରଖିଛି। ଲୁଗାଟା ଟେକି ହୋଇ ଯାଇଛି। ଲମ୍ବା ଲମ୍ବା ପାଦ ପକାଇ ଚାଲିଛି ବଟଗଛ ମୂଳ ପୋଖରୀକୁ ବାସନ ମାଜିବାକୁ। ସେ ଏବେ ଏମିତି ପଡ଼ି ରହିବ। ଚାରିଟା ବାଜିଲେ ଚାଲିଯିବ ଗାଁ ଦାଣ୍ଡକୁ। ସେଠି ଖପରାଡିଆଁ, ବୋହୂ ଚୋରି ଖେଳି ଫେରିବ ଗୋରୁଗୋଠ ଧୂଳି ଉଡେଇ ଫେରିବା ବେଳକୁ। ଡଲିଅପା ସେହି ଖେଳରେ ନଥାଏ। କି କାମ କରେ କେଜାଣି ଘର ଗୋଟାକର ! ଢିଙ୍କିରେ ଧାନ କୁଟେ। ଘର କାମ କରେ। ସେ ଖେଳିକି ଫେରିଲା ବେଳକୁ ବଟଗଛ ମୂଳେଥିବା

ଟ୍ୟୁବ ୱେଲରୁ ହାବିସ ମାରି ପାଣି ବାହାର କରିବ। ଗୋଡ଼ ଧୋଇ ଆସିବ।

ଫେରିଆସି ସେ ତାଙ୍କ ଘର ବାରଣ୍ଡାରେ ବସି ପଢ଼େ। ଦିନଯାଏ। ତା'ର ପାଠ ପଢୁଥାଏ। ଡଲିଅପା ସେମିତି ପ୍ରଗଳଭ ଝରଣା ପରି, କି କେଉଁ ଦମକାଏ ହାୱା ପରି ବାରିଘର ହେଉଥାଏ। ଗାଁ ଟୋକାଙ୍କ ଇଂଗୀତ ସେ ବୁଝିପାରେ କିଛି କିଛି। ପଡିଶା ଘରେ ଦୂର ଗାଁରୁ ଆସି ପଢୁଥାଏ ପିଲାଟାଏ। ଡେଙ୍ଗା ଚଉଡା ହୋଇ। ଆଖି ପତାରେ ଗହବା ବାଳ। ଶ୍ୟାମଳ ରଂଗ। ତା'ଠୁ ଦୁଇବର୍ଷ ସିନିଅର। ରାତିରେ ପାଠ ପଢୁଥିବା ବେଳେ ସେ ଆସି କାଳିମାଗେ। ଚାହାଣିଟା ତା'ର କେମିତି ଗୋଟାଏ ଲାଗେ ତାକୁ। କାଳି ନଥିଲେ ଫେରି ଯାଏ। ଫେରିଯାଇ ଗୋଟାଏ କବିତା ଲେଖି ଦେଇଯାଏ। ତା' ସାଂଗରେ ରୁହନ୍ତି ସେ ଘରେ ଜଣେ ଦାଦା। ଏକା କ୍ଲାସରେ ପଢ଼ନ୍ତି। ଦୁଇଜଣ ଯାକ ବାହାରୁ ଆସିଥା'ନ୍ତି। ଦାଦା ଜଣକ ସରଳ, ଗମ୍ଭୀର, ବ୍ୟକ୍ତିତ୍ୱ ସମ୍ପନ୍ନ। କେଜାଣି କ'ଣ ହୁଏ, ଦୁଇଜଣ ଯାକ ସେହି ନବମ ଶ୍ରେଣୀ ପରେ ଆଉ ଆସନ୍ତିନି। ଅନ୍ୟ ସ୍କୁଲକୁ ଗଲେ କି କ'ଣ। ସେ କିନ୍ତୁ ବସିଥାଏ ସେହି ବାରଣ୍ଡାର ଗୋଟାଏ କୋଣରେ। ତା'ର ଦୃଷ୍ଟିରେ ପଡ଼େ ଅଦୂରର ନଦୀ ବଂଧ। ଗାଁ ଗୋହିରି। ଜହ୍ନ ରାତିରେ ଦିଶେ ଚାକୁଣ୍ଡା ଗଛର ଉହାଡୁ ଜହ୍ନ ଆସେ। ଗୋହିରି ରାସ୍ତାରେ ଶୁଭେ ଲୋକଙ୍କର ଚାଲିଯିବାର ଶବ୍ଦ। ଜ୍ୟୋତ୍ସ୍ନା ରାତି ଝରିଯାଏ, କେତେ ବର୍ଷା ରାତି ବି। ହାଟୁଆମାନେ ଲଣ୍ଠନ ଧରି ଚାଲନ୍ତି ବଂଧ ଉପରେ ହାଟପାଳିଦିନ। ଦୂରରୁ ଦିଶେ ସେହିଆଲୁଅ ଘୁଂଚି ଘୁଂଚି ଯିବାର ଦୃଶ୍ୟ। ସେ ଲଣ୍ଠନ ଆଲୁଅରେ ବସି ପଢୁଥାଏ। ସାନ ମା' ଘରୁ ତାଳ ପଡ଼ିବା ପରି ଶବ୍ଦ ଆସେ। ଡଲିଅପାର ଆକୁଳ କ୍ରନ୍ଦନ ଶୁଭେ। ତା' ଛାତି ଥରିଯାଏ। ସେ ଡରିଥରି ଚୁପ୍‌ଚାପ ବସି ଶୁଣେ। କି ନୃଶଂସ ତା'ର ବଡ଼ଭାଇ! ଡଲିଅପାକୁ ପାଞ୍ଚଣରେ ପିଟେ। ଝିଅ ପିଲାଟାକୁ ପୁଣି ଏତେ ନିର୍ମମ ଭାବରେ ପିଟୁଛନ୍ତି! ତା'ର କ୍ରୋଧଜାତ ହୁଏ। ହଁ ଟିକେ ହୁଣ୍ଡିପରି କିନ୍ତୁ କି ସରଳ, ନିଷ୍କପଟ, କି ସ୍ନେହୀ! ଝୁଅ ... ଝୁଅ... କୁହେ ତାକୁ। ଦେଖିଲେ ଆଉଁସିଦିଏ। ଘରର ସବୁ କାମ କରେ। ଲୁଗା ପିଂଧେ ଯେ ଗୋଇଠି ଉପରକୁ ଉଠି ଯାଇଥାଏ। କାହିଁକି ଏତେ ସେ ମାଡ଼ ଖାଏ? ତା' ବଡ଼ ଭାଇଟା ସାନ ଭାଇଟାକୁ ବି ପିଟେ। ସମସ୍ତେ ମିଶି ପାଟିତୁଣ୍ଡ କରନ୍ତି। ସେ ପଢୁପଢୁ ଶୁଣୁଥାଏ ସେହି ଆର୍ତ୍ତ ସ୍ୱର। ଅଥଚ ରାତି ପାହିଲେ ଦେଖେ ସାନ ମା'ର ସ୍ମିତ ହସ। ସ୍ଥିର କଥାବାର୍ତ୍ତା ଯେମିତି ନିତିଦିନିଆ ଘଟଣା। କିଛି ଯେମିତି ଘଟିନି।

ତା'ର କ୍ଲାସ ବଢ଼ିବଢ଼ି ଯାଏ। ସପ୍ତମ, ଅଷ୍ଟମ, ନବମ ହୁଏ। ସେ ସେହି ଦାଣ୍ଡ ବାରଣ୍ଡାରେ ବସି ପଢୁଥାଏ। ବୟସ ବଢ଼େ ତା'ର। କଳ୍ପନା ଶକ୍ତି ବି। କୁମାର ପୂର୍ଣ୍ଣିମା ଆଗରୁ ଚାନ୍ଦିନୀ ରାତିରେ ଦେଖେ ଡଲିଅପା ପୁଚି ଖେଳୁଛି। ବଳିଷ୍ଠ ତା'ର ଜାନୁ, ବାହୁ, ଡେଙ୍ଗା ପାଞ୍ଚଫୁଟ ଛ'ଇଂଚର ଶରୀର ବେଶ ମଜବୁତ୍। ଶାଢ଼ି ପିଂଧି ସେ ଖେଳୁଥାଏ। ଗାଁ ଯାକ ଝିଅ ଗୋଟାକ ପରେ ଗୋଟାଏ ହାପେଇ ଯା'ନ୍ତି। ସେ ବନ୍ଦ ହୋଇନଥାଏ। ତାକୁ ସହଜେ କିଛି ଆସେନା। ସେ ଖାଲି ଠିଆ ହୋଇ ଦେଖେ।"କୁମାର ପୁନେଇ ଜହ୍ନଲୋ ଫୁଲ ବଉଳବେଣୀ..." ଗୀତ ଗାଇ ଗାଇ ପୁଚି ଖେଳୁଥାଏ ଡଲିଅପା।

ଜହ୍ନିଫୁଲ ତୋଳି ତା' ହାତରେ ଧରେଇ କୁହେ ଜହ୍ନିଫୁଲ ଠୋ ... ଠା... କାକୁଡ଼ି ଫୁଲ ଠୋ ..ଠା...। ଯା'... ଯା'... ଚାଳକୁ ପାଖେଇ ଦେଇ ଆ'...। ସଦା ଚଂଚଳ, ଅବା ଦମକାଏ ହାୱା। ସେ ଦେଖେ ତା'ର ସେହି ଚଂଚଳ, କ୍ଷିପ୍ର ଗତିକୁ।

ରଜରେ ସେ ନୂଆ ଶାଢ଼ି ପିଂଧି, ମୁଣ୍ଡରେ ଚନ୍ଦନ ଟୋପା ଲଗାଇ, ପାନ ଥାଳି ଧରି ଗାଁ ଦାଣ୍ଡରେ ଗଲାବେଳେ ଲାଗେ ଦେବୀ ପ୍ରତିମା ପରି। ସେମାନେ ବିଲୁଆ ଡାକିବା ଆଗରୁ, ସଂଧ୍ୟା ହେବା ଆଗରୁ, ଗାଁରେ ଯିଏ ନିମନ୍ତ୍ରଣ କରିଥା'ନ୍ତି ତାଙ୍କ ଘରେ ଖାଇବାକୁ ଯା'ନ୍ତି। ଗୋଟାଏ ହେଁସ ପରା ହୋଇଥାଏ ମଉଁ ଘରେ। ଘରଟା ବେଶ୍ ବଡ଼। ଗାଁ ଯାକର ସବୁ ଝିଅ ସେଠି ଶୁଅନ୍ତି। ଗୋଡ଼କୁ ତଳେ ଲଗାନ୍ତିନି। ସାରା ଦିନ ଚପଲ ପିଂଧିବ। ପୋଡ଼ପିଠା, ଦହି ରାଇ, ପିଠା ଖିରୀ ଏତେ ଖାଦ୍ୟ ହୁଏ ଯେ ସେମାନେ ଖାଇବାର ଆନନ୍ଦ ନିଅନ୍ତି। ମଉଁ ଦାଣ୍ଡରେ ଗୋଟାଏ ଖାସି କଟାହୁଏ। ନଟ ବାରିକଘରର ତାକୁ କାଟେ। ତିନିଦିନ ଯାକ ପିଠାପଣା, ଖିରୀ, ମିଠା, ମାଂସ ତରକାରୀ ଖାଇ ଝିଅପିଲା ବୁଲୁଥା'ନ୍ତି ନିଜ ଗାଁରେ, ପୁଣି ବୁଲିବାକୁ ଯା'ନ୍ତି ଅନ୍ୟ ଗାଁକୁ ବି। ନଟ ଦାଣ୍ଡରେ ଯେଉଁ ବିରାଟ ବରଗଛ ସେଠି ରଜ ଦୋଳି ଲାଗେ। ଗୋଟାଏ ବର୍ଷ ତ ବାଉଁଶ ଦୋଳି ଲାଗିଥିଲା। ସେ ଦୋଳି ଖୁବ୍ ବିପଜ୍ଜନକ ବୋଲି ସମସ୍ତେ କହିଲେ। ହେଲେ ଡଲିଅପାର କେଉଁ ଲଗାପଗା ଅଛି! ସେତ ବାଉଁଶ ଦୋଳିରେ ବସି କେଉଁ ଉପରକୁ ଉଡାଉଥାଏ। ତା' ଆଖି ଖୋସି ହୋଇଗଲା ତା'ର ଏ ସାହାସରେ। ପୁଣି ଠିଆ ଦୋଳି ମାରୁଥାଏ ଆହୁରି ଉପରକୁ ଉଠିବାକୁ। ତାକୁ ଡାକେ ଡଲିଅପା – ସୁମି! ଆଃ ... ମୋ କୋଳରେ ବସ୍। ବାପରେ ବାପ। ସେ ପୁଣି ଏ ବାଉଁଶ ଦୋଳିରେ ବସି। କେଉଁ ଉଚ୍ଚାରେ କ'ଣ ଦଉଡ଼ିରେ ବଂଧା ହୋଇଛି ଛକି ପଡ଼ିଥିବା ବାଉଁଶ। ସେଥିରେ ପୁଣି ବସିବ ସେ! ସେ ଦୋଳିରେ ଖେଳିବାର ସାହସ କେବଳ ଡଲିଅପାର ଥାଏ।

ଖୁଦୁରୁକୁଣୀରେ ସେ ହିଁ ପହଁରି ପହଁରି କଇଁଫୁଲ ତୋଳି ଆଣେ। ଚନ୍ଦୁରୀ ମା' ପୋଖରୀରୁ। କିଏ କୁହେ ଗହରିଆ ପାଣି। କିଏ କୁହେ ସାପ ରହିଛି। ହେଲେ ଡଲିଅପାର ପଂହରିବାର ପାରଂଗମତା ସେସବୁକୁ ବେଖାତିର କରେ।

ସବୁ ଚାଲିଥାଏ। ରଜ, କୁମାର ପୂର୍ଣ୍ଣିମା, ଖୁଦୁରୁକୁଣୀ। ଦିନଯାଏ। ସେ ବସି ବସି ପଢୁଥାଏ। ସେହିଶବ୍ଦ ଆସେ। ଦୁମ୍‌ଦୁମ୍ ଶୁଭେ। ପାଂଚଣ ପାହାର। ପାଟିତୁଣ୍ଡ। କ୍ରନ୍ଦନ ଧ୍ୱନି। "ଓହୋଃ ଡଲିଅପା! ତୋ' ବାପା ବୋଉ କୁଆଡ଼େ? କାହିଁକି ଧରିପକାଉ ନାହାନ୍ତି? କାହିଁକି ତୋତେ ପଶୁପରି ବାଡଉଛନ୍ତି?" ସେ ବସି ଭାବେ। ଅନ୍ୟମନସ୍କ ହୋଇଯାଏ ଘଡ଼ିଏ। ଗାଁରେ ଥାଏ ନିରନ୍ଧ୍ର ଅଂଧାର। କିଛି ଜଣାପଡ଼େନା ତାଙ୍କ ସେହିଅଂଧାର ଘର ଭିତରେ କେଉଁଠି କ'ଣ ଚାଲିଛି। ଦାଣ୍ଡରେ କେବଳ ତା'ରି ଲଣ୍ଠନର ଆଲୋକିତ ବଳୟ ଟିକକ।

ଦିନେ ଦେଖେ ଡଲିଅପା ତାଙ୍କ ଦାଣ୍ଡରେ ଥିବା ନଡିଆ ଗଛ ପାଖରେ ଶାୟାଟାକୁ କାଂଧରେ ପକାଇବକୁଛି। ଏକା ଏକା ଠିଆ ହୋଇଥା, । ହେଇଥିବ ସେହି ଭାଇକୁ କହୁଥିବ। ନିଜ ମନର ଅସହ୍ୟ ଯନ୍ତ୍ରଣା ଜନିତ ଉଠିଆସୁଥିବା କଷ୍ଟକୁ ରୁଦ୍ଧ ଛାତିତଳୁ କିଛି ଶବ୍ଦ ଦେଇ ବାହାର କରିଦିଏ। କି ଅସହାୟ ତା'ର ଏଇ ଅବସ୍ଥା! ତା'ର କିଛି କାରଣ ନଥାଏ। ଛୋଟମୋଟ କଥାରୁ ଆରମ୍ଭ ହୁଏ ଏଇ ନିର୍ମମତା। ତା' ବାପା ତ କାଲା। କାନକୁ ଶୁଭେନି। ମା' ଭାଇ। ସେ ବା କେଉଁ କାମ ନକରେ! ଟିକିଏ ଦୂରରେ ଥିବା ବନେଇ ମାହାନ୍ତି କୂଅରୁ ପିଇବା ପାଣି ଆଣେ ଗରାରେ ବୁହାଇ, ବାସନ ମାଜେ, ଘର ଓଳାଏ, ରୋଷେଇ କରେ, ପୁଣି କାହିଁକି ଏ ମାଡ଼? ଅବଶ୍ୟ ତା'ର ଚଂଚଳ ପ୍ରକୃତି। ଚାଲିଲାବେଳେ ଲମ୍ବା ଲମ୍ବା ପାହୁଣ୍ଡ ପକାଇ ଚାଲେ, କ୍ଷିପ୍ର ଗତିରେ ବାରି ଘର ହେଉଥାଏ। ସ୍ଥିର ନଥାଏ।

ଝଡ଼ ଦିନରେ ସ୍କୁଲ ନଗଲେ ଡଲିଅପା, ସାନ ମା' ସେ, ସାନମା'ର ଖୁଡୀଶାଶୂ ନାଣ୍ଡି ବୁଢ଼ୀ ମିଶି ଟୋଣ୍ଟିନାଇନ୍ ତାସ ଖେଳନ୍ତି। ସାନ ମା' ଚାଲାକ। ଗୋଳାଏ ଖେଳରେ। ପାର୍ଟନରକୁ ରଂଗ ଦେଖେଇ ଦିଏ। ଜିତେ। ଡଲିଅପା ବୋକା ନୁହେଁ। ବେଶ୍ ପ୍ରଗଳଭ, ସରଳ, ଚଂଚଳ, ସାଧାରଣ, ହୁଣ୍ଡିପରି କିନ୍ତୁ ସବୁ ସତ୍ତ୍ୱେ ତାକୁ ଦେଖିଲେ ତା' ମୁହଁରେ ସରଳ ସାବଲୀଳ ସ୍ନେହର ହସଟିଏ ଫୁଟିଉଠେ। "ମୋ ଧନ! ସ୍କୁଲରୁ ଆସିଲୁ କି!" ଏତିକି କହିବା ଭିତରେ ତା'ର ସେହି ହସ ଖୁବ୍ ସୁନ୍ଦର ଲାଗେ ତାକୁ। ସେ ପାଠ ପଢ଼େନି। କି କେହି ଝିଅଟିଏର ପାଠର ଯତ୍ନ ନେଇନଥାନ୍ତି ପଢ଼ିନି। ତା' ସାନ ଭାଇ କ'ଣ ସେମିତି ନୁହେଁ କି? ସେମିତି ଚଂଚଳ, ସ୍ନେହୀ, ପ୍ରଗଳଭ। ବଡ଼ ଭାଇ ତାଙ୍କୁ ବି ବାଡାନ୍ତି। ହେଲେ ପୁଅ ପିଲାଟା ବୋଲି ସମାଜର ନଜର ଏତେ ପଡ଼େନି। ଡଲିଅପା ଝିଅ ପିଲା। ତାକୁ କେଉଁ ସମାଜ ସୁନଜରରେ ଦେଖିବ?

ଚାରିଆଡ଼େ ଅଂଧାର ଘେରିଥାଏ। ରାତିର ନିଃଶବ୍ଦ ପ୍ରହରରେ ସେ ବସି ପଢୁଥାଏ। ଆସେ ସେହି ଦୁମ୍‌ଦାମ୍

ଶବ୍ଦ, ପାଂଚଣ ପ୍ରହାର, ପାଟିତୁଣ୍ଡ। ସେ ଅନ୍ୟମନସ୍କ ହୋଇଯାଏ। ଗୋଟାଏ କରୁଣତା ତା' ସତ୍ତାକୁ ଭିଜାଇ ଦିଏ। ସେ ବହି ଉପରୁ ମୁହଁ ଉଠାଇ ଚାହେଁ ଦୂରର ଅଂଧକାରକୁ। କିଏ ଦେବ ତାକୁ ଏଯନ୍ତ୍ରଣାରୁ ମୁକ୍ତି? କାହିଁକି ଡଲିଅପାର ବର ଆସୁନି? ସେ ଏଠୁ କାହିଁଖି ଚାଲି ଯାଉନି! ସେମାନେ ତ ଗରିବ। ବର୍ଷାଦିନେ, କାର୍ତ୍ତିକ ମାସ ଆଡ଼କୁ ମାଣ୍ଡିଆ ଯାଉଖା'ନ୍ତି। ସେମିତି କେଉଁଠି ଗଣ୍ଡେ ଖାଇ ଭଲରେ ରହିପାରିବ! ହେଲେ ଛାତି ତଳେ ତା'ର ଗୋଟାଏ ଦୁଃଖର ଢେଉ ଉଠି ମିଳେଇ ଯାଉଥାଏ। ସେ ଦୁଃଖୀ ହୋଇ ଘଡିଏ ବସେ। ପୁଣି ନିଜର ପଢ଼ା ଆରମ୍ଭ କରେ।

ଏମିତି ହୋଇ ତା'ର ମାଟ୍ରିକ ପରୀକ୍ଷା ବି ସରିଯାଏ। ସେ ଏବେ ଚାଲିଯିବ ସହରକୁ। କଲେଜରେ ପଢ଼ିବାକୁ। ଯେଉଁଦିନ ସେ ଘରୁଆସିବ ଡଲିଅପା ତା' ରଂଗଫିକା ପଡିଆସୁଥିବା ଦୁର୍ବଳ ପୁରୁଣା ଶାଢ଼ି କାନିରେ ଲୁହ ପୋଛେ। ତାକୁ କୋଳେଇ ନିଏ। "ମୋ ଝୁଅ! ବହୁତ ପାଠ ପଢ଼। ମଣିଷ ହ'। ଯା'...ଯା'... ସହରରେ ରହି ଆମକୁ ଭୁଲି ଯିବୁନି।"

କଲେଜରେ ପଢ଼ିବାବେଳେ ସେ ଆଇଏସସି ପ୍ରଥମ ବର୍ଷ ଖରାଦିନ ଛୁଟିରେ ଗାଁକୁ ଆସିଛି। ଦିନେ ସେ ସାନ ମା' ଦାଣ୍ଡ ଆଗରେ ଯାଉଛି। ଅପରାହ୍ନ। ଗୋଟାଏ ଅଭାବିତ ଦୃଶ୍ୟ ଉପରେ ତା'ର ନଜର ପଡ଼ିଗଲା। ଚାରିଜଣ ବାହାରୁ ଆସିଥିବା ଲୋକ ବସିଛନ୍ତି। ଡଲିଅପା ଲାଇଲନ୍ ଶାଢ଼ି ପିଂଧିଛି। ହାତରେ ପାନ ଥାଳିଆଟେ। ମୁହଁକୁ ତଳକୁ ପୋତି ଥାଳିଆଟି ଥୋଉଛି। ଜାଣିଲା ତା' ବରଘର ଲୋକ ତାକୁ ଦେଖିବାକୁ ଆସିଛନ୍ତି। କେଜାଣି କେଉଁ ଅବଚେତନ ମନତଳେ ଡଲିଅପା ପାଇଁ ତା'ର ଏତେ ଦରଦ ଲୁଚିଥିଲା, ସେ ଖୁବ୍ ଖୁସୀ ହୋଇଗଲା। ମନେମନେ କାମନା କଲା ଡଲିଅପାର ବାହାଘର ଠିକ୍ ହୋଇଯା'ନ୍ତା କି! ଡଲିଅପାର ତ ସହଜେ ଦେବୀ ପ୍ରତିମା ପରି ଚେହେରା। ବରଟା ବି ବେଶ୍ ଟାଗଡ଼ା ଦେଖିବାକୁ। ପୋଲିସ ଚାକିରି କରନ୍ତି। ରୁହନ୍ତି କଳାହାଣ୍ଡି ଜିଲ୍ଲାରେ। ତାଙ୍କ ଗାଁ ଏଠୁ ତିନି କିମି ଦୂର।

ସେ ତ ସହର ଚାଲିଆସିଥିଲା ପରେ ପରେ। ଶୁଣିଲା ଡଲିଅପାର ବାହାଘର ଠିକ୍ ହୋଇଯାଇଛି। ବରବାଲା ଯେଉଁମାନେ ଆସିଥିଲେ ରାଜି ହୋଇଛନ୍ତି। ପରେ ପରେ ତା'ର ବାହାଘର ହୋଇଯାଇଛି। ସେ ଆଉ ଦେଖିନି। କେବେକେବେ ଗାଁକୁଗଲେ ଶୁଣେ ପିଇସାଙ୍କ ସାଂଗରେ ସେ ଭବାନୀପାଟଣାରେ ରହିଛି। ପୁଣି ଶୁଣେ ଡଲିଅପା ମା' ହୋଇଛି। ପୁଅଟାଏ। ସେ ମନେମନେ ଉଲ୍ଲସିତ ହୁଏ। ଯାହା ହେଉ ଡଲିଅପାର ସୁନ୍ଦର ଘର ହେଉ, ଆଉ ମାଡ ନ ଖାଉ, ଏତେ କଷ୍ଟ କ'ଣ ସେ ସହିପାରିବ? ସେ କେବେ ପିଇସାଙ୍କୁ ଭେଟିନି। କଥା ହୋଇନି। କି ଡଲିଅପାକୁ ତା' ବାହାଘର ପରେ ଦେଖିନି। ହେଲେ କେଉଁଅବଚେତନରେ ଥାଏ, ସେ ଖୁସିରେ ଥାଉ।

ତା'ର କଲେଜର ଶେଷ ବର୍ଷ ଆସେ। କ୍ରମଶଃ ଶୁଣେ ଡଲିଅପା ଭଲ ନାହିଁ। ତାକୁ ସମସ୍ତେ କହୁଛନ୍ତି ପାଗଳୀ ହୋଇଯାଇଛି। ସେ ବିଶ୍ୱାସ କରେନି। ସେ ସରଳ, ଚଂଚଳ, ଦୁଷ୍ଟି। ତା' ଭିତରେ ଛଳନା ନାହିଁ। ହୁଏତ ତାକୁ ଅନ୍ୟମାନେ ବୁଝି ପାରିନାହାନ୍ତି। ତାକୁ ସଜାଡ଼ିବା ପରିବର୍ତ୍ତେ ବେସଜଡ଼ା କରିଛନ୍ତି। ତା' ଭୋଲାପଣକୁ କିଏ ବା କାହିଁକି ବୁଝିବ? କିଏ ବା ସହ୍ୟ କରି ମାର୍ଗ ନିର୍ଦ୍ଦେଶ କରିବ? କେତେଜଣଙ୍କର ବା ସେ ଗୁଣ ଅଛି? ମଣିଷର ବଡ଼ ଶତ୍ରୁ ମଣିଷ। ମଣିଷର ଅସହିଷ୍ଣୁତା। ସ୍ୱର୍ଗରୁ ଝିଅପିଲା ଟ୍ରେନିଂ ନେଇ ମା' ପେଟରେ ପଶିବା ଦରକାର। ନହେଲେ ତୁମ ପଛରେ ଲାଗିଲାଗି ପାଗଳ ନଥିଲେ କରିଦେଇଥିବେ। ତା'ର ସନ୍ଦେହ ହେଲା ଲୋକଙ୍କ କଥାରେ।

ଦିନେ ଗାଁରୁ ଦାଦି ଆସି କହିଲେ – ଡଲି କଟକ ବଡ଼ ମେଡିକାଲରେ ପାଗଳ ୱାର୍ଡରେ ଭର୍ତ୍ତି ହୋଇଛି।

ତାକୁ ବଡ଼ ଅସ୍ଥିର ଲାଗିଲା। କେମିତି ଯାଇ ଦେଖିବାକୁ ତାକୁ। ତା'ର ସାଂଗ ଗୀତା ଆସିଲା। ତୃତୀୟ ବର୍ଷର ମେଡିକାଲ ଛାତ୍ରୀ। ସେ କହିଲା "ଡଲିଅପା ପାଗଳା ୱାର୍ଡରେ ଭର୍ତ୍ତି ହୋଇଛି। ଟିକେ ଯାଇ ଦେଖି ଆସିବା କି?

– ହଁ ... ଚାଲ...।

ଗୀତା କହିଲା

ଦିନେ ସଂଧ୍ୟାରେ ଗୀତା, ତା' ସାଂଗ ବନୋଜିନୀ ଆଉ ସେ ଚାଲିଲେ ପାଗଳ ୱାର୍ଡକୁ। ଛାଇ ଅଂଧାର। ବଉଳ ଗଛର ପତ୍ରରେ ଲୁଚି କା ... କା... ରଡ଼ି ଛାଡୁଥିଲେ କାଉ। ଘର ଚଟିଆ ଫଂଝାଏ ଚିଂ...ଚିଁ... ହୋଇ ଅବା ଅର୍କେଷ୍ଟ୍ରା ତୋଳୁଥିଲେ।

ପାଗଳା ୱାର୍ଡ ପାଖରେ ପଂହଚି ବନୋଜିନୀ କହିଲା – ଏଠି ସମସ୍ତେ ଆବନର୍ମାଲ ମନେ ହେଉଛନ୍ତି।

ତାକୁ ବି ସେମିତି ଲାଗୁଥିଲା। ଗୀତା କହିଲା – ଡଲିଅପାକୁ ଚିହ୍ନି ପାରିବତ?

– ଆରେ ... ଏଇ ଚାରି, ପାଂଚ ବର୍ଷ ଭିତରେ କ'ଣ ଚେହେରା ଭୁଲିଯିବି?

ସେମାନେ ୱାର୍ଡ ଯାକ ବୁଲିଲେ। କାହିଁକି କେଉଁଠି ତ ଦେଖି ପାରିଲେନି। ବାହାରି ଆସୁଥିଲେ। କାହାର ଚିତ୍କାର ଶୁଭିଲା। ଖୁସୀର, ଆକୁଳତାର।

– ସୁମି!

ସେ ଫେରି ଚାଲହିଁଲା।

– ସୁମି! ଧନଟା ମୋର। ତୁ ଏଠି! କ'ଣ ଡାକ୍ତରୀ ପଢୁଛୁ? ଭାଉଜ ସବୁବେଳେ କୁହନ୍ତି, ତୁ ଡାକ୍ତରୀ ପଢ଼ିବୁ ବୋଲି।

ସୁମି ଆଖିରୁ ଏବେ ଠପ୍‌ଠପ୍ ଲୁହ ଝରିପଡ଼ିଲା। ତା' ପାଟିରୁ ଝାପ୍‌ସା ହୋଇ ବାହାରି ପଡ଼ିଲା – ଡଲି ଅପା... !

– ନା... ତୋତେ ଖୋଜିବାକୁ ଆସିଥିଲି। ଇଏ ମୋ ସାଂଗ ଡାକ୍ତରୀ ପଢ଼େ ଏଠି।

ଡଲି ଅପା ଗୀତା ଆଡ଼େ ଅନେଇଲା। ଗୀତା ଖୁବ୍ ଚୁପଚାପ ଲକ୍ଷ୍ୟ କରୁଥିଲା।

–ଦେଖିଲୁ! ମୋତେ ପାଗଳୀ କହି ଏଠି ଛାଡ଼ିଦେଇ ଯାଇଛନ୍ତି। ସୁମି! ତୁ କହ, ମୁଁ କ'ଣ ପାଗଳୀ! ମୁଁ ଏଠି ରହିବିନି। ମୋ ପୁଅକୁ ଛାଡ଼ି ଆସିଛି। ମୋତେ ଏଠୁ ନେଇଯା'। ମା'! ମୋ ପୁଅକୁ ମୋଠୁ ଛଡେଇ ନେଇଛନ୍ତି। ମୁଁ କେମିତି ଘରଛାଡ଼ି ଏଠି ରହିବି? ତୋ' ପିଇସା ଗୋଟାଏ ବାସନ ମଜାଳି, ଘର ଝାଡୁ କରୁଥିବା ସ୍ତ୍ରୀ ଲୋକ ସାଂଗରେ ଲଟରପଟ ହେଲା। ଏଗୁଡାକ ମୋ ଦେହ ସହିଥା'ନ୍ତା କି? ତୁ କହିଲୁ? ମୋରି ଆଗରେ ସେ ମାଇକିନା ମୋରି ଘରେ ରହିବ, ଆଉ ମୁଁ ସହିବି? ତାଙ୍କ ବାଟରୁ ହଟେଇବାକୁ ଏ ଗୋଟାଏ ଷଡଯନ୍ତ୍ର ସୁମି! ତୁ ମୋତେ ନେଇଯା' ଏଠୁ। ମୁଁ ମୁକ୍ତି ଚାହେଁ।

ଭୋ ... ଭୋ... ହୋଇ କାନ୍ଦି ଉଠିଲା ଡଲିଅପା। ସେ ଠିଆ ହୋଇଥିଲା ନିର୍ବାକ। ଗୀତା, ବନୋଜିନୀ ଥିଲେ ଚୁପ୍। ଦୁଇଜଣ ନର୍ସ ଆସି ତାକୁ ଠେଲିଠେଲି ନେଇଗଲେ ବେଡ୍‌କୁ।

ସୁମି ଆଖିରେ ଅଜସ୍ର ଲୁହ ଜମି ଉଠିଲା। ସେ ତଳକୁ ମୁହଁ ପୋତି ଆଗରେ ଆଗରେ ଚାଲୁଥିଲା। ସେ ତ ଷ୍ଟୁଡେଣ୍ଟ ଏବେ। ଡଲିଅପାର ବାପା, ମା', ଭାଇ, ସ୍ୱାମୀ କେହି ନିଜର ହେଲାନି। ସିଏ ବା ତାକୁକେଉଁଠି ଆଶ୍ରୟ ଦେବ? ନା ଦେଇପାରିବ ମୁକ୍ତି?

ଗୀତା ଚଂଚଳ ଚାଲି ତା' ପାଖକୁ ଲାଗି ଆସିଲା। ସୁମି ଚାହିଁଲା ତା' ମୁହଁକୁ।

–ତୁମେ କ'ଣ ଭାବୁଛ ଡଲିଅପା ପାଗଳୀ ହୋଇଯାଇଛି ସତରେ?

ନା ଏସବୁ ମିଛ ...ପ୍ରତାରଣା... ଧୋକା?

ବନୋଜିନୀ ଆଉ ଗୀତା କିଛି କହିଲେନି। ସେ କିନ୍ତୁ ଖୋଜୁଥିଲା ତା'ର ପ୍ରଶ୍ନର ଉତ୍ତର ସେମାନଙ୍କଠୁ।

ବହୁବର୍ଷ ପରେ ସେ ପୁଣିଥରେ ଶୁଣିଥିଲା ଡଲିଅପା କଥା। ସେହି ଏକା ଉତ୍ତର ଥିଲା। ସେ ପାଗଳୀ ହୋଇଯାଇଥିଲା ଆଉ ମରିଯାଇଛି। ଏବେ ବି ତା' ମନରେ ସେହି ଅମୀମାଂସୀତ ପ୍ରଶ୍ନ – ସତରେ କ'ଣ ଡଲିଅପା ପାଗଳୀଥିଲା ନା ତାକୁ ପାଗଳୀ ସଜେଇ ମାରିଦିଆଯାଇଛି।

*ରାଜାବଗିଚା, କଟକ – ୭୫୩୦୦୯*
*ଦୂରଭାଷ: ୯୪୩୭୬୭୨୫୮୫*

# ଫାଣ୍ଟାସୀ

## ସରୋଜ କୁମାର ସାହୁ

ଏକାନ୍ତ ସମୟରେ ବେଳେବେଳେ ଅଜବ ଚିନ୍ତା ସବୁ ମୁଣ୍ଡରେ ପଶେ। ଅନ୍ୟର ରଙ୍ଗରେ ନିଜକୁ ଚିତ୍ରିତ କରିବାର ଫାଣ୍ଟାସୀ ମଧ୍ୟ। କେବେ ଗୋଟେ ଭେଟ ହୋଇଥିଲେ ଦୀର୍ଘ ଶ୍ମଶ୍ରୁଧାରୀ ଜଣେ ବାବାଜୀଙ୍କ ସହିତ, ହାତରେ ତାଙ୍କର ଥିଲା ଦୁଇ ଫୁଟିଆ ଯାଦୁ ବାଡ଼ି। ଆଜି ମୁଁ ବେଶ ହେଇଛି, ବାବାଜି। ମୁହଁରେ କୃତ୍ରିମ ଦୀର୍ଘ ଶ୍ମଶ୍ରୁ, ହାତରେ ନାଲିରଂଗ କପଡ଼ା ବେଷ୍ଟିତ ଦୁଇ ଫୁଟିଆ ଯାଦୁବାଡ଼ି। ବାହାରୁଥିଲି, ଟିକିଏ ଥମିଗଲି। ପାଖରେ ଥିବା ବଡ଼ ଦର୍ପଣରେ ଦେଖିଲି। ମୁଁ ମୋତେ ଚିହ୍ନିପାରିଲିନି। ଭାରି ମାନୁଚି।

ବାହାରିଲି ଚାଲି ଚାଲି। ତଥାକଥିତ ବାବାଙ୍କ ପରି କେହି ମୋତେ ସମ୍ମାନ ଦେଉନଥିଲେ। ଅବଶ୍ୟ ବ୍ୟସ୍ତ ସହରରେ ଏ ପ୍ରକାର ଆଶା କରିବା ବୃଥା। ଅଥଚ କେଉଁ ଚଳଚ୍ଚିତ୍ରର ଏକ ସମ୍ବେଦନଶୀଳ ଦୃଶ୍ୟକୁ ଉପଭୋଗ କରିବା ପରି କାହାର ସିଧା ତ କାହାର ତେରେଛା ନଜର ଲମ୍ବି ଆସୁଥିଲା ମୋ ଆଡ଼େ। ଏକଥା ଅନୁଭବ କରିପାରୁଥିଲି।

ପହଞ୍ଚିଲି ସହର ମଝିରେ। ଏ ଜାଗାର କୌଣସି ନିର୍ଦ୍ଦିଷ୍ଟ ବିଶେଷତ୍ୱ ନାହିଁ। ଆଗରେ ଏକ ଆଜବେଷ୍ଟସ୍ ହୋଟେଲ। ଦାମୀ ହୋଟେଲ ପରି କୌଣସି ବିଶେଷ ସୁବିଧା ଏଠି ମିଳେନି ଅଥଚ ଧନୀ ଲୋକମାନଙ୍କର ଦାମୀ ଗାଡ଼ି ଏଇଠି ମନ୍ଥର ହୋଇ ଅଟକି ଯାଏ।

ଏଠି ଖାଦ୍ୟର ସ୍ୱାଦ ନିଆରା। ମୋ ପାଦଦ୍ୱୟ ଅଟକିଗଲା ଖାଦ୍ୟ ବାସ୍ନାର ମହକରେ। ଜିହ୍ୱାରୁ ନିର୍ଗତ ଲାଳ ଢ଼ୋକି ହୋଇ ଚାଲି ଯାଉଥିଲା ପାକସ୍ଥଳୀକୁ। ହୋଟେଲ ଆଗରେ ପ୍ରୌଢ଼ା ଭିକ୍ଷୁ। ନିଜର ପସରା ମେଲି ବସିଚି। ସାମ୍ନାରେ ଭିକ୍ଷ୍ୟମାଣ କଏନ ଭର୍ତ୍ତି ରସବେଲା।

ପତଳା ଶରୀର, ଏକ ଅସନା ଛିଣ୍ଡା ଶାଢ଼ିର ଆବରଣ ଭିତରେ। ଗୋଡରେ ବ୍ୟାଣ୍ଡେଜ। ହୁଏତ ବଡରୋଗର ଜଳଜଳିଆ ସତେଜ ଘାଆକୁ ଅଳ୍ପ ସମୟ ପୂର୍ବରୁ ବ୍ୟାଣ୍ଡେଜ କରି ଆସିଛି। ଭିତରେ ମଇଲମ ଲଗେଇଚି ଯାହା ଉପରକୁ ଫୁଟି ଦେଖାଯାଉଛି। ମୋ ନାସାଗ୍ର କୁଞ୍ଚିତ ହୋଇ ଆସିଲା ଯଦିଓ କୌଣସି ଦୁର୍ଗନ୍ଧ ବାରି ପାରୁନଥିଲି।

ମଝିରେ ମଝିରେ ବଦାନ୍ୟ ଲୋକମାନଙ୍କର କଏନ ସଶବ୍ଦେ ପଡୁଥିଲା ସେହି ବେଲାରେ। ଜଣେ ଆଗନ୍ତୁକଙ୍କର ଦଶ ଟଙ୍କିଆ କଏନଟି ବେଲାରେ ନପଡ଼ି ଗଡ଼ି ଆସିଲା ମୋ ଆଡ଼କୁ। ମୁଁ ନଇଁ ପଡ଼ି ଗୋଟେଇଲି, ପୁନଃ ବଢ଼େଇ ଦେଲି ଭିକ୍ଷୁ ହାତକୁ। ଅବଶ୍ୟ ସିଏ ଆଉ ଅଧିକ ମୋଠାରୁ ଆଶା ରଖିଲାନି। ସମ୍ଭବତଃ ମୋ ଶ୍ମଶ୍ରୁ, ହାତରେ ଯାଦୁ ବାଡ଼ି ଏବଂ ବାବାଜୀ ବେଶ ଦେଖିଲା ପରେ ମୋଠାରୁ ଆଉ କିଛି ପାଇବାର ଇଚ୍ଛା ରଖିନଥିବ। ତା' ମୁଣ୍ଡରେ ମୋ ଯାଦୁ ବାଡ଼ି ରଖି ଆଶୀର୍ବାଦ କଲି।

ଯାକୁ ଦେଖିଲାପରେ ସ୍ୱତଃମନରେ ଏକ ସ୍ୱାଭାବିକ ପ୍ରଶ୍ନ ଉଙ୍କିମାରେ। ହୋଟେଲ ମାଲିକ ଭଲ ରୋଜଗାର କରୁଚି। ଅନେକ ଲୋକଙ୍କୁ ନିୟୋଜିତ କରିଚି ଅଥଚ ଇଏ ବିବର୍ଜିତ। ନିଜ ହୋଟେଲ କଡ଼ରେ ଭିକ୍ଷା ବୃତ୍ତି କରୁଚି। କିଛି କାମ ଦେଇ ମାସିକ ପାରିଶ୍ରମିକ ଦେଲେ ହୁଏତ ସିଏ ଭିକ୍ଷାବୃତ୍ତିରୁ ନିବୃତ୍ତ ରୁହନ୍ତା।

ଉଦ୍‌ବୃତ୍ତ ପୁଞ୍ଜିରେ ନିଶ୍ଚୟ ସିଏ ତା' ସ୍ତ୍ରୀ ପାଇଁ ଦାବୀ ଅଳଙ୍କାର କିଣି ଉପହାର ଦେଇଥିବ। ଘରକୁ ଆଧୁନିକ ରୂପରେ ସଜେଇଥିବ। ଦାମୀ ଶୀତତାପ ନିୟନ୍ତ୍ରିତ କାର୍‌ରେ ବିଚରଣ କରୁଥିବ। ଅଥଚ ଯା' ପ୍ରତି ନିସ୍ପୃହ। ହୋଇପାରେ ଭିକ୍ଷୁର ବ୍ୟାଧି ଯୋଗୁଁ...।

ଆଉ ଅଧିକ ଚିନ୍ତା କରିବା ପରିବର୍ତ୍ତେ ମୁଁ ପଶିଲି ହୋଟେଲ ଭିତରକୁ। ସମସ୍ତ ଆଖିମାନଙ୍କର କେନ୍ଦ୍ରରେ ମୁଁ। ମୋ ନଜରରେ ପଡ଼ିଲା ଖାଲି ଚେୟାର। ଦଖଲ କରିନେଲି।

ପଛ ଟେବୁଲ୍‌ରେ ବସିଥିଲେ ଚାରି ଜଣ ଯୁବକ। ସେମାନଙ୍କ ଭିତରେ ବୟସର ତାରତମ୍ୟ ବିଶେଷ ପରିଲକ୍ଷିତ ହେଉନଥିଲା। ଚାପା ଗଳାରେ ଗୋପନୀୟ ଆଳାପ କରୁଥିଲେ। ମୋ ଧ୍ୟାନ ବର୍ତ୍ତମାନ ସେପଟକୁ। କର୍ଣ୍ଣ ପଟଳରେ ସେମାନଙ୍କ କଥା ହିଁ ଅସ୍ପଷ୍ଟ ବାଜୁଥିଲା। ଜଣେ ଯୁବକ କହୁଥିଲା, 'ଆସିଗଲେ ଆଧୁନିକ ଯୁଗର ଚିକେନ ବାବା'। ଅନ୍ୟମାନେ ହୋ ହୋ ହୋଇ ହସୁଥିଲେ।

କଥାଟା ହଜମ ହେଲାନି। ହୃଦୟ ଭିତରେ ଉଦ୍‌ବେଳନ। ଚିନ୍ତାର ପରିସୀମାରେ କେଇଟା ଶବ୍ଦ ଘୁରି ବୁଲିଲା, "ବାବାଜୀମାନେ କ'ଣ ହୋଟେଲ୍‌ରେ ଖାଇବା ମନା।"

ଆହୁରି କିଏ କେତେ କଥା ଭାବୁଥାଇ ପାରନ୍ତି। ମୋତେ ଲାଗିଲା ସତେ ଯେପରି ମୁଁ ଏଠି ସମସ୍ତଙ୍କ ନଜର ବନ୍ଦୀରେ। ଅସୁରକ୍ଷିତ ମନେକଲି। ହେଇଯାଇଚି ଅଭିଶପ୍ତ ବାବା। ଆଉ କୌଣସି ଅବଶ୍ୟାମ୍ଭବୀ ଅସୂୟ ପରିସ୍ଥିତିର ଆଶଙ୍କାରେ ଆନ୍ଦୋଳିତ ମୁଁ। ବାବାଜି ମାନବ ନୁହେଁ କି ? ସତେ ଯେପରି ଜଣେ ବାବାଜି ଏକ ଆମିଷ ହୋଟେଲରେ ଖାଇବା ଏକ ବିରଳ ଦୃଷ୍ଟାନ୍ତ। ଉପସ୍ଥିତ ମନୁଷ୍ୟମାନେ ନିଜକୁ ବାବାଜି ଭାବି ମୁହୂର୍ତ୍ତଟିଏ ଅନୁଭବ କରନ୍ତୁ ତ। ମାତ୍ର ଏକଥା ସତ୍ୟ ଯେ ମୋ ଫାଣ୍ଟାସିରେ ମୁଁ କୃତକାର୍ଯ୍ୟ।

ସାମନା ଟିଭିରେ ଖବର ପରିବେଷଣ। କେବଳ ଗୋଟିଏ ଖବର ସମ୍ପୂର୍ଣ୍ଣ ଟିଭିକୁ କରାୟତ କରି ରଖିଛି। ଆବିଷ୍କୃତ ଖବର ଏୟା ଯେ ମାଡ଼ି ଆସିବ ବାତ୍ୟା ଫନି। ବାତ୍ୟାର ଯେଉଁ ଚିତ୍ର ଅଙ୍କନ କରାଯାଉଥିଲା ସେଥିରେ ଦର୍ଶକଙ୍କ କଳ୍ପନାରେ ଭୟର ବିନ୍ଦୁ ବିସର୍ଗ ଥିଲା। ସତର୍କ ସତର୍କ ସତର୍କ, ଦୁଇଶହ କିଲୋମିଟର ବେଗରେ ମାଡ଼ି ଆସିବ ପବନ।

ସେତେବେଳକୁ ମୋ ଖାଦ୍ୟର ନବେ ପ୍ରତିଶତ ଗର୍ଭସ୍ଥ କରିସାରିଲିଣି। ଆଉ ନୁହେଁ; ସେ ଜାଗା ପରିତ୍ୟାଗ କରିବା ପୂର୍ବରୁ ଉଠି ଠିଆ ହେଲି। ହୋଟେଲ କାଉଣ୍ଟରରେ ସେଇ ଲୋକଟି ଏକ ଲକ୍ଷ୍ୟରେ ମୋ ଆଡ଼େ ଦୃଷ୍ଟି ନିକ୍ଷେପ କରିଚି। ମୁଁ ଦୃଢ଼ ନିଶ୍ଚିତ ଯେ ସେହି ଲୋକଟା ହିଁ ଦଶଟଙ୍କିଆ କଏନଟିଏ ଦେଇଥିଲା ଭିକାରୁଣୀକୁ।

ତାକୁ ଗୁରୁତ୍ୱ ନଦେବା ପାଇଁ ମୁଁ ତରତର ହୋଇ କାଉଣ୍ଟର ପାଖରେ ପହଞ୍ଚିଲି ମୋ ଖାଦ୍ୟର ଦାମ୍ ଦେବା ପାଇଁ। ଆରେ ବାଃ, ଲୋକଟା ମୋ ଖାଇବା ପଇସା ଦେଇ ସାରିଛି। ଆଶ୍ଚର୍ଯ୍ୟ ! ମୋତେ ପଚାରିଲା, "ବାବା ଆପଣ କେଉଁଠି ରୁହନ୍ତି ?" ପରିସ୍ଥିତିକୁ ସମ୍ଭାଳିବାକୁ ଯାଇ ଡାହାଣ ଆଙ୍ଗୁଳିକୁ ଦୁଇ ଓଠ ମଝିରେ ଲମ୍ବ ଭାବରେ ରଖି ଠାରରେ ବୁଝେଇ ଦେଲି, ମୁଁ ମୌନବ୍ରତରେ।

ମୋ ଯାଦୁ ବାଡ଼ିରେ ତା ମୁଣ୍ଡକୁ କୋମଳ ଆଘାତ କରି ଆଶୀର୍ବାଦ କଲି। ସିଏ ମୁଣ୍ଡ ନୁଆଁଇ ମୋ ପାଦସ୍ପର୍ଶ

ପୂର୍ବକ ପ୍ରଣିପାତ କଲା । ଯାହା ହେଉ କେହି ଜଣେ ମୋତେ ସମ୍ମାନ ଜଣେଇଲା । ତଥାପି ମୁଁ ନିର୍ଦ୍ଦିଷ୍ଟ ଭାବେ ସ୍ଥିର କରିପାରୁନି କ'ଣ କରିବା ଉଚିତ । ଆଉ ନୁହେଁ, ସେଠାରୁ ତୁରନ୍ତ ବହିର୍ଗତ ହେବା ଉଚିତ୍ ମଣିଲି ।

ମୋ ଦୃଷ୍ଟି ପୁନଃ ଲମ୍ବିଗଲା ପ୍ରୌଢ଼ା ଭିକ୍ଷୁକ ଆଡକୁ । ଅଗତ୍ୟା ସିଏ ନିଜ ବେପାରରେ ମଗ୍ନ । ଗୋଡ଼ରେ ବ୍ୟାଣ୍ଡେଜ ଜାଗାକୁ ଆଉ ଟିକିଏ ଦୃଷ୍ଟି ପକେଇଲି । ମୋ ଦେହ ଶିରି ଶିରି ହୋଇ ଉଠିଲା ତା' ଘା' ଦରଜକୁ ଅନୁଭବ କଲାପରେ ।

ଗୃହକୁ ପ୍ରତ୍ୟାବର୍ତ୍ତନ କରି ଅବିଳମ୍ବେ ବାବାଜୀ ବେଶରୁ ଫେରି ଆସିଲି ନିଜ ଆକାରକୁ । ବର୍ତ୍ତମାନ ମୁଁ ବାବାଜୀ ନୁହେଁ, ମୋତେ ସମସ୍ତେ ଚିହ୍ନି ପାରିବେ । ବାବାଜି ହେବାର ଲାଭ କ୍ଷତି ବିଷୟରେ ସମ୍ୟକ ଧାରଣା ପ୍ରାପ୍ତ କଲି । ଯାଦୁବାଡ଼ିକୁ ତାଜା ଉପରେ ସୁରକ୍ଷିତ କରି ରଖିଲି ।

କାନ୍ଥରେ କ୍ୟାଲେଣ୍ଡର ପଙ୍ଖା ପବନରେ ଫଡ଼ଫଡ଼ ହେଉଚି । ଏପ୍ରିଲ ମାସ ଅନ୍ତେ ବଦଳିଯାଇଛି ପୃଷ୍ଠା । ଅବଶ୍ୟ ଏଇ କ୍ୟାଲେଣ୍ଡର ଦେଖି ବୋଉ ପର୍ବ ପର୍ବାଣି ପାଇଁ ସଜବାଜ ହୁଏ । କିଏ କହିବ ଏଇ କ୍ୟାଲେଣ୍ଡର କାଲି ରହିବ କି ନା । ସତ୍ୟ ଇସ୍ତ୍ରିକରା ପ୍ୟାଣ୍ଟ ସାର୍ଟ ଗଳେଇ ବାହାରିଲି ବଜାରକୁ । ପରିବା ହାଟ, ଯେଉଁଠି ଗରାଖକୁ ଆକର୍ଷିତ କରିବା ପାଇଁ ସ୍ୱରଚିତ ଢଗ ପାଠ କରି ଦୋକାନୀ ଡାକ ଛାଡ଼େ ସେଇଠି ଗରାଖଙ୍କର ଭିଷଣ ଭିଡ଼ । ବାତ୍ୟା ପ୍ରପୀଡିତ ଅଞ୍ଚଳର ଅଭିଜ୍ଞ ନାଗରିକମାନେ ଏକ କାଳୀନ ଉଦ୍‌ଗ୍ରୀବ ହୋଇ ପଡ଼ିଛନ୍ତି ବଜାର ସଉଦା ପାଇଁ । ଆଳୁ ପିଆଜ ଦର ବଢ଼ିଯାଇଚି ।

ମୋର ଦରକାର ପାଞ୍ଚ କିଲେ ଆଳୁ ଆଉ ତିନି କିଲେ ପିଆଜ । ଫନି ପୂର୍ବରୁ ଘରେ ମହଜୁଦ ରଖିବାକୁ ହେବ । ତା' ସହିତ ଆଉ କିଛି ବଜାର ସଉଦା । ପରିସ୍ଥିତି ଉପରେ ଆଖି ପହଁରେଇ ଆଣିଲି । ଆଳୁ ପିଆଜର ଲିଷ୍ଟ ଦୋକାନୀକୁ ଧରେଇ ଦେଇ ପାଖ ପାନ ଦୋକାନରୁ ଆଣିଲି ଗୋଟେ ଓ୍ୱିଲ୍ସ ଫିଲଟର । ଦି' ପୂଳା ଧୂଆଁ ପାକସ୍ଥଳୀକୁ ପ୍ରବେଶ କରେଇଲେ ଫୂର୍ତ୍ତି ଆସିଯିବ ।

ଆଜି ୨୦୧୯ ମଇ ତିନି ତାରିଖ । ଫଣି ନାମଧାରି ଯେଉଁ ବାତ୍ୟା ପ୍ରବେଶ କରିବ ତା' ଫଣାର ଶକ୍ତି ପ୍ରତି ସନ୍ଦୀହାନ ସମସ୍ତେ । ମହାବାତ୍ୟା ଶୋଷି ନେଇଥିଲା ହଜାର ହଜାର ଲୋକଙ୍କ ଜୀବନ, ଦୋକାନରେ ଗପ ଜମିଯାଇଛି ଖାଲି ବାତ୍ୟା ବାତ୍ୟା ଆଉ ପବନ । ଏହା ମଧ୍ୟ ସତ୍ୟ ଯେ ଆମ ରାଜ୍ୟ ସହିତ ବାତ୍ୟାର ଅନ୍ତରଙ୍ଗ ସମ୍ପର୍କ । କୁହାଯାଇପାରେ ଏଇଟା ତା'ର ନିୟମିତ ରାସ୍ତା ।

ସବୁ ଠିକ୍‌ଠାକ୍ ଥିଲା । ହଠାତ୍ ମାଡ଼ି ଆସିଲା ଫଣି, ଭାରି ଜିଦିଆ । ପୁରୀଠାରୁ ଆରମ୍ଭ କରି ଭୁବନେଶ୍ୱର ଆହୁରି ଅନେକ ସମୁଦ୍ର କୂଳିଆ ଜିଲ୍ଲାରେ ଚକାଭଉଁରି ଖେଳିଲା । ମୁଁ ଦେଖୁଥିଲି ମହାବୃକ୍ଷମାନ ଧରାଶାୟୀ ହେବାକୁ ଲାଗିଲା । ଘରର ଆଜବେଷ୍ଟସ ଉଡ଼ିବାକୁ ଲାଗିଲା । ମୁଁ ଏଥର ଏକମାତ୍ର ବାଲକୋନି କବାଟକୁ ଖୋଲା ରଖି ଅବଶିଷ୍ଟ କବାଟ, ଝର୍କା ବନ୍ଦ କରିଦେବାକୁ ବାଧ ହେଲି । ଏକମାତ୍ର ଖୋଲା କବାଟ ଦେଇ ସୁସୁ ହୋଇ ଭିତରକୁ ପଶି ଆସୁଥିଲା ପବନ । ଦୁଇ ଦଫାରେ ପୋଛିନେଲା ଅନେକ କିଛି ।

ସବୁଜ ସୁନ୍ଦର ସହର ଆଜି ବିବର୍ଣ୍ଣ । ରାସ୍ତା ନାହିଁ, ଘର ନାହିଁ, ଗଛ ନାହିଁ, ବିଜୁଳି ନାହିଁ । ଯେଉଁଠି ରାତି ଶୋଇପଡେ ବିଜୁଳି ଆଲୁଅରେ ସେଇଠି ସନ୍ଧ୍ୟା ହେଉ ହେଉ ବିଭତ୍ସ ଅନ୍ଧାର ମାଡ଼ି ଆସିଲା । କତିପୟ ଲୋକଙ୍କ ହାତରେ ଥିଲା ବ୍ୟାଟେରୀ ଦିଆ ଟର୍ଚ୍ଚ । ରାସ୍ତା ଦେଖାଉଥିଲା । ମନୁଷ୍ୟ ଅନୁଭବ କରୁଥିଲା ରାତିର ଅନ୍ଧାରକୁ, ଆକାଶର ଜହ୍ନକୁ, ତାରାମାନଙ୍କୁ । ଝଡ଼ଟା ଥମିଯାଇଛି । କ୍ଳାନ୍ତ ପୃଥିବୀ । ଚାରିଆଡ଼େ ହାହାକାର । ଦାବି ପରେ ଦାବି । ସରକାର ତୁରନ୍ତ ଖାଦ୍ୟ ଦ୍ରବ୍ୟ ଦିଅନ୍ତୁ । ବିଜୁଳି ଆଲୁଅ ଦିଅନ୍ତୁ, ଅତ୍ୟାବଶ୍ୟକ ଦ୍ରବ୍ୟ ଯୋଗାଇ ଦିଅନ୍ତୁ ।

ଅନେକ ସହଯୋଗର ହାତ ଲମ୍ବି ଆସିଲା । ମୋ ଭିତରେ ଆତ୍ମପ୍ରକାଶ କଲା ସାମାଜିକ କର୍ମୀଟିଏ ହେବାର ପ୍ରବୃତ୍ତି । ଆଉ ରହିପାରିଲିନି । ଦୌଡ଼ିଲି ଆମ କ୍ଲବ ଘରକୁ । କେତେଜଣ ସାଙ୍ଗଙ୍କର ଗପସପ ନିର୍ଜନତାକୁ ଭଙ୍ଗ କରୁଥିଲା । ମୋତେ ଲାଗିଲା ଶ୍ମଶାନ କଡର ପରିତ୍ୟକ୍ତ ଜୀର୍ଣ୍ଣ ଘରେ ଏମାନେ ଅଛନ୍ତି ।

ନିଜ ଅସ୍ତିତ୍ୱ ହରେଇ ବସିଲି । ବିଶ୍ୱାସ କରନ୍ତୁ ବା ନକରନ୍ତୁ ମୋ ଭିତରେ ବାରମ୍ବାର ଆନ୍ଦୋଳିତ ହେଉଥିଲା ହରେଇଥିବା ଲୋକମାନଙ୍କର ଦାବି । ସେମାନଙ୍କର ଦରକାର ପେଟ ପାଇଁ ମୁଠାଏ ଖାଦ୍ୟ, ମୁଣ୍ଡ ପାଇଁ ଟିକିଏ ଚାଳ । ମୋ ଭାବକୁ ବନ୍ଧୁମାନେ ପଢ଼ିପାରିଲେ ।

ସଭିଏଁ ବାହାରିଲୁ ବ୍ୟାକୁଳିତ ଲୋକମାନଙ୍କ ବଞ୍ଚିବାର ରାହା ମରାମତି ପାଇଁ । ତାଜାରୁ ଝାଡ଼ିଝୁଡ଼ି ବାହାର କଲି ଯାଦୁବାଡ଼ି । ଭିଷଣ ଉଲ୍ଲାସରେ ବାହାରିଲୁ ଭିକ୍ଷା ମାଗିବା ପାଇଁ । ଯେଉଁଥିରେ ବାତ୍ୟା ପ୍ରପିଡ଼ିତ ଲୋକମାନଙ୍କ ଭିତରେ ଟୋପେ ଆନନ୍ଦ ଭରିବୁ । ଗାଁ ଗାଁ ବୁଲିଲୁ । କେଉଁଠି ପିଲାଟିଏ ଧାଇଁ ଆସି ଆମକୁ ଦେଖୁଥିଲା । ଘରୁ ବାପାଙ୍କୁ ଡାକି ଆଣୁଥିଲା । ବାପା କିଛି ଟଙ୍କା ଦେଇ ଆମକୁ ବିଦା କରିଦେଉଥିଲେ । କାହାର କଲିଂ ବେଲ୍ ଟିପିଲା ପରେ ବାଲକୋନିରୁ ଆମକୁ ଦେଖି ମନା କରିଦେଉଥିଲେ । ମଣିଷ ମଣିଷ ଭିତରେ ଫରକ । ସେପଟେ ଖୋଲା ଆକାଶ ତଳେ କିଛି ମିଳିବାର ଆଶାରେ ଅନେକ ଅର୍ଦ୍ଧଭୁକ୍ତ । ଏପଟେ କିଛି ଟଙ୍କା ଦେବା ପାଇଁ ଅନିଚ୍ଛା ପ୍ରକାଶ କରୁଥିବା ଲୋକମାନଙ୍କର ଭୌତିକ ବ୍ୟବହାର ।

ପରବର୍ତ୍ତି ଘରର କଲିଂବେଲ ଟିପିଲି । ଅନ୍ୟମାନେ ମୋ ପଛରେ । ଦାଣ୍ଡ କବାଟ ପତଳା ପର୍ଦା ଆଢୁଆଳରୁ ରୁଣୁଝୁଣୁ ଶବ୍ଦ ସହ ବାହାରି ଆସିଲା ଜଣେ ତରୁଣୀ । ହାତକଟା ସମ୍ଭ୍ରାନ୍ତ ପୋଷାକ ପରିହିତା । ମୁହଁରେ କ୍ରିମ ପାଉଡର ପରସ୍ତେ ବୋଲି ହେଇଚି । ତା ଦେହରୁ ଭାଷିବୁଲୁଚି ଏକ ପ୍ରକାର ସମଧୁର ବାସ୍ନା । ଯେଉଁ ବାସ୍ନା ଅନେକ ସ୍ୱପ୍ନ ଦେଇପାରେ ଯୁବ ମାନସଙ୍କୁ । ମୋ ଆଖି ଟେରା ହେଇଗଲା ।

ସିଏ ମୋର ପୂର୍ବ ଚିହ୍ନା । ହଁ ମୋର ଠିକ୍ ମନେଅଛି, ଇଏ ସେଇ ଭିକାରୁଣୀ । ସେଦିନ ହୋଟେଲ ସାମ୍‌ନାରେ ତା' ବେଲାରେ ନପଡ଼ି ଗଡ଼ି ଆସିଥିବା ଦଶ ଟଙ୍କିଆ କଏନଟିକୁ ଗୋଟେଇ, ପୁନଃ ବଢ଼େଇ ଦେଇଥିଲି ତାକୁ । ଆଜି ତା' ଗୋଡ଼ରେ ବ୍ୟାଣ୍ଡେଜ୍ ନାହିଁ । ବେଶ୍ ନିଃସଙ୍କୋଚରେ ମୋ ଆଗରେ ଛିଡ଼ା ହେଇଚି ଟିକିଏ ହେଲେ ଖାତିର ନାହିଁ । ହବ ବା କାହିଁକି । ସିଏ ତ ମୋତେ ଚିହ୍ନିପାରିନି । ବାବାଜୀ ବେଶ ନାହିଁ ଯେ ।

ତଥାପି କାହିଁକି କହିପାରିବିନି ପ୍ରଖର ହୋଇ ଆସିଲା ମୋ ନିଶ୍ୱାସ ପ୍ରଶ୍ୱାସ । ମନେ ପଡ଼ିଗଲା ପଢ଼ାବେଳର କଥା । ସେଦିନ ମଧ୍ୟ ଠିକ୍ ଏଇମିତି ଦେଖାଯାଉଥିଲା ପଲ୍ଲବୀ । ତା ସୁନ୍ଦର ଶରୀରରୁ ଏକ ସ୍ରୋତ ମୋ ଚକ୍ଷୁ ମାର୍ଗ ଦେଇ ସମଗ୍ର ଶରୀରରେ ସୃଷ୍ଟି କରିଥିଲା କମ୍ପନ । ଆଜି ତ ସିଏ ନାହିଁ ତଥାପି ତାଜା ହୋଇ ଖେଳିବୁଲିଲା ସେଇ କମ୍ପନ ।

ଇଏ ଅନ୍ୟମାନଙ୍କୁ କିପରି ଦେଖାଯାଉଛି ସେକଥା କହିପାରିବିନି । ପ୍ରୌଢ଼ା ନୁହେଁ ବରଂ ସୁନ୍ଦରୀ ରମଣୀର ସବୁ ବିଶେଷତ୍ୱ ଧାରଣ କରି ମୋ ପରି ଜଣେ ପ୍ରୌଢ଼ ଆଗରେ ଦଣ୍ଡାୟନମାନ । ସିଏ ଭିକାରି ନୁହେଁ ଅଥଚ ମୁଁ ଭିକ୍ଷା ଆଶାରେ ତା' ପାଖରେ ହାତ ପତେଇଚି । ଅନ୍ୟମନସ୍କ ହେଲି । ଅନେକ କଥା କହିଦେବାକୁ ଚାହୁଁଥିଲି ଅଥଚ ମୋ ପାଟିରେ ଭାଷା ନାହିଁ । ଏକ ପ୍ରକାର ଜଡ଼ ପାଲଟିଗଲି । ସ୍ୱପ୍ନ ଦେଖୁ ନାହିଁତ ? ଉପରେ ଆକାଶ, ତଳେ ପୃଥିବୀ, ଅନେକ କୋଠା, ଅନେକ ଗଛ, ରାସ୍ତା ମୋ ଚାରି ପାଖରେ ଯାହା ଯାହା ସବୁ ଦେଖୁଚି ସେ ସବୁ ଉପରେ ମୋର ଘୋର ସନ୍ଦେହ । ମୋ ହାତରେ ଥିବା ଯାଦୁବାଡ଼ି କାଖରେ ଜାକି ରଖିଲି । ସିଏ ଭୂତ ପାଲଟିଗଲା । ଜହ୍ନମାମୁଁ ବହିର ବିକ୍ରମ ବେତାଳ ଭୂତ । ଧଳା ରଂଗର ଲମ୍ବା ଲାଙ୍ଗୁଡ଼ ଭୂତ । ମୁଁ ପାଗଳ ହେଇଯିବି । ମୁହଁ ବୁଲେଇନେଲି ଅଥଚ ଭୂତଟା ଘୁରି ବୁଲିଲା । ମୋ ଆଗକୁ ଆଗକୁ । ଖୁବ୍ ନିକଟକୁ ଆସି ମୋ ମୁଣ୍ଡକୁ ଜାବୁଡ଼ି ଧରିଲା, ଏକାକାର ହୋଇ ଯାଉଥିଲା, ଚାରିଆଡୁ ଘୋଟି ଆସୁଥିଲା ତନ୍ଦ୍ରା । ମୋ ପାଟିରେ କ୍ଷୀଣ ଚିତ୍କାର, ଏଠି ସବୁ କିଛି ଫାଣ୍ଟାସୀ । ସାଷ୍ଟାମ ହେଲି । ତା ହାତରୁ କିଛି ଟଙ୍କା ନେଲି । ତେବେ ଅବୁଝା ରହିଗଲା, ଭିକାରି କିଏ ? ସିଏ ହାତ ଯୋଡ଼ି ମୁଣ୍ଡ ନୁଆଇଁ ଅପେକ୍ଷା କରିଚି ମୋ ଯାଦୁବାଡ଼ିର ଆଶୀର୍ବାଦ ପାଇଁ ।

*ଲେନ୍ ନଂ.-୧୦, ଏରୋଡ୍ରମ ଏରିଆ*
*ଭୁବନେଶ୍ୱର -୨୦*

# ବନଜାରା

## କାର୍ତ୍ତିକ ଚନ୍ଦ୍ର ବାରିକ

ଗିରିକନ୍ଦରରୁ ନିର୍ଗତ ଏକାଧିକ ଜଳଧାରା ନିଘଞ୍ଚ ଜଙ୍ଗଲର କଙ୍କରିତ ପଥ ଅତିକ୍ରମ କରି, ଯେତେବେଳେ ସମତଳ ମାଟିକୁ ଛୁଏଁ ସେତେବେଳେ ସେଇ ବହମାନ ଜଳସ୍ରୋତ ହୋଇଯାଏ ନଈଟିଏ।

ସମତଳ ଭୂମିରେ ବିସ୍ତାରିତ ହୁଏ ତା'ର କାୟା। ସମୁଦ୍ରର ଘନ ନୀଳ ଜଳରାଶିରେ ବିଲୀନ ହେବା ପର୍ଯ୍ୟନ୍ତ ଅବିରତ ଥାଏ ତା'ର ଗତି। ଏହି ଜଳସ୍ରୋତ ହିଁ ହୋଇଥାଏ ପଶୁ, ପକ୍ଷୀ, ମଣିଷ ତଥା ଜଳଚରଙ୍କ ଜୀବନ ରେଖା।

ଏହି ଜଳ ଉତ୍ସ ହିଁ ଆକୃଷ୍ଟ କରେ ମଣିଷକୁ। ସେଇଥି ପାଇଁ ନଦୀର ଦୁଇକୂଳରେ ଗଢ଼ି ଉଠିଥାଏ ବୃହତ୍ ଅନତିବୃହତ୍ ସହର ଓ ଶିଳ୍ପାଞ୍ଚଳ।

ନଦୀର ଦୁଇ ପାର୍ଶ୍ୱରେ ଲମ୍ବିଯାଇଥାଏ ଆଡ଼ିବନ୍ଧ; ଯାହା ପ୍ରତିରୋଧ କରେ ବନ୍ୟା ପ୍ଲାବିତ ଜଳସ୍ରୋତ ଓ ତତ୍ ସହିତ ଯାତାୟାତ ପାଇଁ ଏହା ହୁଏ ଏକ ସୁଗମ୍ୟ ପଥ।

ନଦୀ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଜନପଦଗୁଡ଼ିକୁ ଛାଡ଼ିଦେଲେ କେଉଁଠିଥାଏ ବିସ୍ତୀର୍ଣ୍ଣ ଚାଷ ଜମି, ପୁଣି ଅବା କେଉଁଠି ଥାଏ ଅରମା ଭୂଇଁ। କଣ୍ଟାଲଟାର ବୁଦା। ଏହି ଅପନ୍ତରା ସ୍ଥାନଗୁଡ଼ିକରେ ଜମା ହୁଏ ଆଖପାଖ ଅଞ୍ଚଳରେ ବସବାସ କରୁଥିବା ଲୋକମାନଙ୍କର ଅଳିଆ ଆବର୍ଜନା ଓ ବର୍ଜ୍ୟବସ୍ତୁ।

ସୁଦୀର୍ଘ ଆଡ଼ିବନ୍ଧରୁ ଅନେକ ରାସ୍ତା ସଂଯୋଗ କରୁଥାଏ ଭିନ୍ନ ଭିନ୍ନ ଅଞ୍ଚଳକୁ। ତେଣୁ ପ୍ରାତଃଭ୍ରମଣ ପାଇଁ ଅନେକ ଆସନ୍ତି ଏହି ଆଡ଼ିବନ୍ଧକୁ। ପ୍ରାତଃ କାଳର ମୃଦୁମନ୍ଦ ସମୀରଣ ସହିତ କ୍ରମ କୋମଳ ସୂର୍ଯ୍ୟରଶ୍ମି ମହନୀୟ କରି ତୋଳିଥାଏ ନଦୀକୂଳର ପରିବେଶ। ସମ୍ପୂର୍ଣ୍ଣ କୋଳାହଳ ଶୂନ୍ୟ ପ୍ରଦୂଷଣମୁକ୍ତ ବାତାବରଣ।

ଉପର ବର୍ଣ୍ଣିତ ଏହି ପରି ଏକ ଅଞ୍ଚଳକୁ ନିଜର ପ୍ରାତଃ ଦୌଡ଼ ପାଇଁ ବାଛିଥିଲା ଆଦ୍ୟଶ୍ଲୋକ।

ଏକ ଧନାଢ଼୍ୟ ପରିବାରର ଉତ୍ତର ଦାୟାଦ ଆଦ୍ୟଶ୍ଲୋକ। ଉଚ୍ଚ ବିଦ୍ୟାଳୟର ଶେଷବର୍ଷର ଛାତ୍ର। ସୁଗଠିତ ଶରୀର। ଦୀର୍ଘାକୃତି ଚେହେରା। ଶାନ୍ତ ନିରୀହ ମୁଖମଣ୍ଡଳ।

କିଶୋର ଆଦ୍ୟଶ୍ଲୋକର ରୁଚି ଥାଏ ଖେଳକୁଦରେ। ନିଜ ବାସଗୃହଠାରୁ ଆଡ଼ିବନ୍ଧ ସେମିତି ବେଶୀ କିଛି ଦୂର ନୁହଁ। ଅତିକ୍ରମଣୀୟ। ଘର ସହିତ ଆଡ଼ିବନ୍ଧକୁ ସଂଯୋଗ କରୁଥିବା ରାସ୍ତାଟି ଯାଇଛି ନଦୀକୂଳସ୍ଥ ଶିଳ୍ପାଞ୍ଚଳ ଭିତର ଦେଇ।

ଅପେକ୍ଷାକୃତ ଭାବେ ନିରୋଳ ବୋଧ ହେଉଥିବା ଏହି ରାସ୍ତାକୁ ଆଦ୍ୟଶ୍ଲୋକ ଚୟନ କରିଥିଲେ ନିଜର ଦୌଡ଼ ଅଭ୍ୟାସ ପାଇଁ।

ଇତି ମଧ୍ୟରେ ଆଦ୍ୟଶ୍ଲୋକଙ୍କ ମାଟ୍ରିକ ପରୀକ୍ଷା ଶେଷ ହୋଇଯାଇଥାଏ। ବିଗତ ଦିନମାନଙ୍କର ଶେଷ ପରୀକ୍ଷା ପ୍ରସ୍ତୁତି ପାଇଁ ଅକ୍ଳାନ୍ତ ପରିଶ୍ରମ କରିଥିଲେ ଆଦ୍ୟଶ୍ଲୋକ। ତାଙ୍କ ଭିତରେ ଥିଲା ଗଭୀର ମାନସିକ ଚାପ କିନ୍ତୁ ସେ ଏବେ ହାଲ୍‌କା ହୋଇ ଉଠିଛି ତାଙ୍କ ମାନସିକ ସ୍ଥିତି। ବିଳମ୍ବିତ ହେଉଛି ସକାଳର ଶଯ୍ୟାତ୍ୟାଗ।

ସେଦିନର ସକାଳ। ନିଘୋଡ ନିଦରେ ଶୋଇ ଥିବା ଆଦ୍ୟଶ୍ଲୋକ ଉଠିଲା ବାପାଙ୍କ ଡାକରେ। ଆଖି ମଳିମଳି ଝରକା ଦେଇ ବାହାରକୁ ଚାହିଁଲେ। ସୂର୍ଯ୍ୟାଲୋକରେ ଉଦ୍ଭାସିତ ଧରା।

ଶଯ୍ୟାତ୍ୟାଗ ପରେ ତରବର ହୋଇ ପ୍ରାତଃ କର୍ମ ଶେଷ କରି, ପ୍ୟାଣ୍ଟ ଓ ବାନିଆନ ପିନ୍ଧି ବାହାରିଲେ ଘରୁ। ଟେବୁଲ ଉପରେ ଥୁଆ ହୋଇଥିବା ମନିପର୍ସଟି ପଛପକେଟରେ ରଖିଲା ଆଦ୍ୟଶ୍ଲୋକ। ବାପା ଦେଇଥିବା ହାତ ଖର୍ଚ୍ଚ ପାଣ୍ଠି ସଂଚିତ ହୋଇଥାଏ ଏହି ପର୍ସରେ।

ଘରୁ ବାହାରି ମୁଖ୍ୟ ରାସ୍ତାରେ ସାଧାରଣ ଚାଲିରେ କିଛି ବାଟ ଯାଇ ବାଟଭାଙ୍ଗି ନଦୀକୂଳ ଆଡ଼କୁ ଆଗେଇଲେ ଆଦ୍ୟଶ୍ଲୋକ। ସାଧାରଣ ଚାଲିରୁ ସାମାନ୍ୟ କ୍ଷିପ୍ର ହେଲା ତାଙ୍କ ପଦଚାରଣ।

ସେଇ ଅଞ୍ଚଳଟି ଶିଳ୍ପାଞ୍ଚଳ ହୋଇଥିବାରୁ ରାସ୍ତାକଡ଼ରେ ରହିଛି ଚା - ଜଳଖିଆ ପାନ - ସିଗାରେଟ ଓ ଛୋଟକାଟର ଢାବା। ବାହାରୁ କଞ୍ଚାମାଲ ଧରି ଆସୁଥିବା ବଡ଼ ବଡ଼ ଯାନଗୁଡ଼ିକ ଆସନ୍ତି ଏହି ଅଞ୍ଚଳକୁ। ତେଣୁ ଏହି ଯାନଗୁଡ଼ିକରେ କାର୍ଯ୍ୟରତ ଲୋକମାନଙ୍କ ପାଇଁ ଉପଯୁକ୍ତ ସାବ୍ୟସ୍ତ ହୁଏ ଏହି ଚା ପାନର ଦୋକାନ ଓ ଢାବାଗୁଡ଼ିକ।

ଆଦ୍ୟଶ୍ଲୋକ ଦୌଡ଼ ଅଭ୍ୟାସ କରୁଥିବା ଧୂଳିମଖା ରାସ୍ତାଟି ଅସମତଳ ଖାଲ ଢିପପୂର୍ଣ୍ଣ। ରକ୍ଷଣାବେକ୍ଷଣର ଅଭାବ ସାଙ୍ଗକୁ ଭାରୀଯାନର ଚଳାଚଳ। ସହର ତଳିର ଏହି ଉପାନ୍ତ ଅଞ୍ଚଳ ଦୀପତଳ ପରି ଅନ୍ଧାର।

ଆଦ୍ୟଶ୍ଲୋକ ଆଗଉଥିଲେ। ସତ୍ୱର ଗତି। ଆଗରେ ଆଡ଼ିବନ୍ଧ। ଏହି ଆଡ଼ିବନ୍ଧ ଉପରକୁ ଉଠିଗଲେ ଦେଖାଯିବ ନଦୀର ବାଲୁକା ଶଯ୍ୟା ଓ ତତ୍‌ସହିତ ଜଳରାଶି।

ଲମ୍ବମାନ ଏହି ଆଡ଼ିବନ୍ଧ। କେଉଁଠି ନାକସଳଖ ତ କେଉଁଠି ହୋଇଥାଏ ଅଙ୍କାବଙ୍କା ନଦୀର ଗତି ସହିତ ତାଳଦେଇ ନଦୀର ମୁହାଁଣ ପର୍ଯ୍ୟନ୍ତ।

ଆଡ଼ିବନ୍ଧର ଦୁଇ ପାର୍ଶ୍ୱରେ କଣ୍ଟାଗୁଳ୍ମ ଭିତରେ ସଦର୍ପେ ମୁଣ୍ଡ ଟେକି ରହିଥାନ୍ତି କିଛି ବୃକ୍ଷ ଯେଉଁମାନେ କି ଛାୟା ପ୍ରଦାନ କରନ୍ତି ପଥଚାରୀଙ୍କୁ।

ଦୌଡ଼ ସମୟରେ କିୟତକ୍ଷଣର ବିଶ୍ରାମ ପାଇଁ ସେ ବସିପଡ଼ିଲେ ଆଡ଼ିବନ୍ଧର ପାର୍ଶ୍ୱରେ ଥିବା ଏକ କଦମ୍ବ ଗଛର ତଳେ; କ୍ଲାନ୍ତି ଅପନୋଦନ ପାଇଁ।

ଏଇ ଅବସରରେ ତାଙ୍କର ଦୃଷ୍ଟିପଡ଼ିଲା ଆଡ଼ିବନ୍ଧ ସନ୍ନିକଟ ଖୋଲା ପଡ଼ିଆ ଉପରେ। ଏହି ଅପନ୍ତରା ପଡ଼ିଆର ମଧ୍ୟଭାଗରେ। ପଲିଥିନ ଆଚ୍ଛାଦିତ ଛୋଟଛୋଟ ପଟାବାସ। ଲାଗୁଥିଲା, ଏଗୁଡ଼ିକ ଅସ୍ଥାୟୀ ଆଶ୍ରୟସ୍ଥଳ।

ପ୍ରତିଟି ପଟାବାସ ସମ୍ମୁଖରେ ଅସ୍ଥାୟୀ ଚୁଲି ଓ ସେଥିରୁ ରହି ରହି ଉଠୁଛି ଧୂଆଁ। ବୋଧହୁଏ ସେଇ ଅପନ୍ତରାରେ ରହୁଥିବା ଲୋକମାନଙ୍କ ଭୋଜନ ପ୍ରସ୍ତୁତି ପାଇଁ ଏହି ବ୍ୟବସ୍ଥା।

ଏସବୁର ଅବଲୋକନ ପରେ ଆଦ୍ୟଶ୍ଲୋକଙ୍କ ମନରେ ସୃଷ୍ଟିହେଲା ଆଗ୍ରହ। ସେ କୌତହଳୀ ହୋଇ ଉଠିଲେ ଜାଣିବା ପାଇଁ ସେଇ ଲୋକମାନଙ୍କ ସମ୍ପର୍କରେ। ସେ ଖୋଜୁଥିଲେ ଏମିତି କାହାକୁ ଯିଏ ଦୂର କରିପାରିବ ତାଙ୍କ ଭିତରର ଅନୁସନ୍ଧିତ୍ସା।

ଆଉ ଅପେକ୍ଷା କରିବାକୁ ପଡ଼ିଲା ନାହିଁ।

ଠିକ ଏହି ସମୟରେ ତାଙ୍କର ଦୃଷ୍ଟି ପଥାରୂଢ଼

ହେଲେ ଜଣେ ପଥଚାରୀ। ପଥଚାରୀ ଜଣଙ୍କ ମଧ ଲକ୍ଷ୍ୟ କରି ସାରିଥିଲେ ଅଳ୍ପ ବୟସର କିଶୋର ଆଦ୍ୟଶ୍ଳୋକଙ୍କୁ।

ତାଙ୍କ ମନକୁ ଆସିଲା, ପଡ଼ିଆ ଆଡ଼କୁ ଏକାଗ୍ର ଚାହାଣିରେ ସେ କ'ଣ ଲକ୍ଷ୍ୟ କରୁଛନ୍ତି ଏହି କିଶୋର ଜଣକ ?

ତେଣୁ ପଚାରିଲେ; ପଡ଼ିଆ ଆଡ଼କୁ ଚାହିଁ କ'ଣ ଦେଖୁଛ ପୁଅ ?

ଆଗନ୍ତୁକଙ୍କ ପ୍ରଶ୍ନରେ ପ୍ରସନ୍ନ ହେଲେ ଆଦ୍ୟଶ୍ଳୋକ। ଯାହା ହେଉ ପ୍ରଶ୍ନଟି ତାଙ୍କ ଆଡ ଆସିଛି।

ସେ ନିଜର ପରିଚୟ ଦେଲେ। ତାପରେ ପଚାରିଲେ, ସେଇ ଅପନ୍ତରାରେ ରହୁଥିବା ଲୋକମାନଙ୍କ କଥା। ଏମାନେ କିଏ ? କେଉଁଠାରୁ ଆସିଛନ୍ତି ଇତ୍ୟାଦି।

ଆଦ୍ୟଶ୍ଳୋକର ଆଗ୍ରହ ଦେଖି, ତାଙ୍କୁ ସବୁକଥା କହିବାକୁ ଯାଇ ଆରମ୍ଭ କଲେ।

– ଏହିଲୋକମାନେ ଏକ ପ୍ରକାର ବାରବୁଲା। ବନଜାରା ସମ୍ପ୍ରଦାୟଭୁକ୍ତ କୌଣସି ସ୍ଥାନରେ ଏମାନଙ୍କ ସ୍ଥାୟୀ ଘର ନାହିଁ। ଦେଶର ବିଭିନ୍ନ ଅଞ୍ଚଳରେ ବୁଲି ବୁଲି ଚେରମୂଳି ଜଡ଼ିବୁଟି ବିକ୍ରି କରନ୍ତି, କେହି କେହି ବିଭିନ୍ନ ଧାତୁରେ ମୁଦି ତଥା ଚୁଡ଼ି ପ୍ରଭୃତି ତିଆରି କରି ବିକ୍ରି କରନ୍ତି। କେହି କେହି ବିକ୍ରି କରନ୍ତି ବିଭିନ୍ନ ରଙ୍ଗର ପଥର କ୍ରେତାର ରାଶିକୁ ସୁହାଇଲା ପରି। ସାଧାରଣତଃ ସ୍ତ୍ରୀ ଲୋକମାନେ ରଙ୍ଗୀନ କାଗଜରେ ବିଭିନ୍ନ ପ୍ରକାର ଘର ସଜାଇବା ପାଇଁ ଫୁଲ ଓ କଣ୍ଢେଇ ତିଆରି କରନ୍ତି। ଘର ଘର ବୁଲି ଏସବୁ ବିକ୍ରି କରନ୍ତି। ସେଇ ବିକ୍ରି ଲବ୍ଧ ଅର୍ଥରେ ଚଳେ ସେମାନଙ୍କ ନିଅଣ୍ଟିଆ ସଂସାର।

ପଥଚାରୀ ଜଣକ ସାମାନ୍ୟ ଦମ୍ ନେଇ ପୁଣି କହିଲେ,

–ଏମାନଙ୍କ ଭିତରେ କେହିକେହି ଚୋରି କାମରେ ଲିପ୍ତ ରୁହନ୍ତି ବୋଲି ଅନେକ କହନ୍ତି। ତାହା କେତେଦୂର ସତ୍ୟ ତାହା ମୁଁ ଜାଣେନା। ହୁଏତ ଏହା ବି ହୋଇପାରେ ସତ। ପେଟର ଭୋକ ବେଳେବେଳେ ମଣିଷକୁ ବାଟ ଛାଡ଼ି ଅବାଟରେ ଯିବାକୁ ବିବଶ କରେ।

ପଥଚାରୀଙ୍କ ମୁଖରୁ ସବୁ ଶୁଣି ସାରିଲା ପରେ ତାଙ୍କ ମନରୁ ସଂଶୟ ଦୂର ହେଲା।

ତାଙ୍କଠାରୁ ବିଦାୟ ନେଇ ସେ ଧୀରେ ଧୀରେ ଦୌଡ଼ିବା ଆରମ୍ଭ କଲେ।

ଘରେ ପହଞ୍ଚିବା ବେଳକୁ ପୂର୍ବାହ୍ନ ନ'ଟା। ଅବିଶ୍ରାନ୍ତ ଦୌଡ଼ ଯୋଗୁ ଶାରୀରିକ କ୍ଳାନ୍ତି। ସେ କିଛି ସମୟ ବିଶ୍ରାମ ନେଲେ। ବିଶ୍ରାମ ପରେ ସେ ଯେତେବେଳେ ପିନ୍ଧିଥିବା ପୋଷାକକୁ ବଦଳେଇଲେ ଜାଣିପାରିଲେ, ତାଙ୍କ ପକେଟଟି ଶୂନ୍ୟ। ଅର୍ଥାତ ମନିପର୍ସଟି ନାହିଁ। ଏକାଧିକ ଥର ପକେଟ ଅଣ୍ଡାଳିଲେ। କିନ୍ତୁ ନିଷ୍ଫଳ।

ସେ ବସି ପଡ଼ିଲେ ପାଖରେ ପଡ଼ିଥିବା ଚେୟାର ଉପରେ। ମନେ ପକାଇବାକୁ ଚେଷ୍ଟା କଲେ ସେ ଯିବା ଆସିବା କରିବା ବେଳର ଘଟଣାକ୍ରମ। ରାସ୍ତାରେ ସେ ଦୌଡ଼ିଲା ବେଳେ କେଉଁଠି ବି ସେ ଅଟକି ନାହାନ୍ତି। ପର୍ସଟି ବାହାର କରିବା ତ ଦୂରର କଥା। କେବଳ ଫେରିଲା ବାଟରେ କଦମ୍ବ ଗଛ ତଳେ କିଛି ସମୟ ବିଶ୍ରାମ ନେଇଛନ୍ତି।

ଅବଶ୍ୟ ପର୍ସରେ ବେଶୀ ଟଙ୍କା ନଥିଲା। ବାପା ଦେଇଥିବାହାତଖର୍ଚ୍ଚ ଓ ନିଜର ପିରଚୟ ପତ୍ର।

ତା'ପରେ ଭାବିଲେ, ଦୌଡ଼ିବା ସମୟରେ ଯଦି ରାସ୍ତାରେ ପର୍ସଟି ଅସାବଧାନତା ଯୋଗୁ ଖସିପଡ଼ିଥାଏ, ହୁଏତ ତାହା କେହିପାଇଥାଏ ତାହାଲେ ତାହା ଫେରି ପାଇବାଟା ସମ୍ଭାବନା ଶୂନ୍ୟ। ଅବଶ୍ୟ ଯଦି କେହି ସହୃଦୟ ବ୍ୟକ୍ତିଙ୍କ ହସ୍ତଗତ ହୋଇଥାଏ, ତାହେଲେ ହୁଏତ ସେ ଫେରାଇ ଦେଇ ପାରନ୍ତି।

ଏ ବିଷୟ ଆଉ ଅଧିକ କିଛି ଚିନ୍ତା ନକରି ଆଦ୍ୟଶ୍ଳୋକ ଧରିନେଲେ ଯେ ହଜିଥିବା ଦରବ ଆଉ ମିଳିବ ନାହିଁ। ତେଣୁ ସେ ବିଷୟରେ ଅଧିକ ମାନସମନ୍ଥନ ନିରର୍ଥକ।

ତା' ପରଦିନ ସକାଳ। ନିତିଦିନ ପରି ଆଦ୍ୟଶ୍ଳୋକ ବାହାରିଲେ ପ୍ରାତଃ ଦୌଡ଼ ପାଇଁ।

ଅତି ମୃଦୁ ଗତିରେସେ ଦୌଡୁଥାନ୍ତି। ଲୋକଙ୍କର ଚଳପ୍ରଚଳ ଏତେଟା ନଥାଏ ରାସ୍ତାରେ। ନିଜର ଦୃଷ୍ଟିକୁ ରାସ୍ତାର ଏପଟ ସେପଟ ପ୍ରସାରି ସେ ଆଗଉଥାନ୍ତି।

ସେ ପହଞ୍ଚିଲେ ନଦୀବନ୍ଧରେ। ଦେଖିଲେ କିଛି କିଛି ଲୋକ ଯାଉଛନ୍ତି ନଦୀର ଜଳାଧାର ପାଖକୁ ସ୍ନାନ ପାଇଁ। କିଛି ଲୋକ ବି ସ୍ନାନ ସାରି ଫେରୁଥାନ୍ତି।

ସେ ଆଗେଇଲେ ତାଙ୍କର ସବୁଦିନିଆ ରାସ୍ତାରେ। ବାଟରେ ପଡ଼ିଲା କଦମ୍ବ ଗଛ; ଯାହାରଛାୟା ତଳେ ସେ ଅଳ୍ପ ସମୟ ପାଇଁ ଅଟକି ଯାଆନ୍ତି। ଅବଶ୍ୟ ଫେରିବା ସମୟରେ।

ଆଜି କିନ୍ତୁ ସ୍ୱତଃ ପରିବର୍ତ୍ତିତ ହେଲା ଏହିଧାରା ସେ ଅଟକିଗଲେ କଦମ୍ବ ବୃକ୍ଷ ମୂଳରେ। ଏହିଠାରେ ଗତକାଲି ସେ ଅଟକି ରହି କଥାବାର୍ତ୍ତା କରିଥିଲେ ଜଣେ ପଥଚାରୀଙ୍କ ସହିତ। ଶୁଣୁଥିଲେ ବନଜାରାମାନଙ୍କ ସମ୍ପର୍କରେ।

ବର୍ଦ୍ଧିତ ତୃଣ ଓ ଲତାଗୁଳ୍ମରେ ପରିପୂର୍ଣ୍ଣ ଆଡ଼ିବନ୍ଧର ଉଭୟ ପାର୍ଶ୍ୱ। ଏପଟସେପଟ ଦୃଷ୍ଟି ପକାଉଥିଲେ ଆଦ୍ୟଶ୍ଳୋକ। ଏକ ଅନିଶ୍ଚିତ ଦ୍ୱିଧାରେ ଅସ୍ଥିର ଇତସ୍ତତଃ ତାଙ୍କର ଚକ୍ଷୁଯୁଗଳ।

ନାଃ ! ତାଙ୍କୁ ଦୃଶ୍ୟମାନ ହେଉନାହିଁ ତାଙ୍କର ପ୍ରିୟ ମନିପର୍ସ। ସେ ଶୁଣିଥିଲେ ନିଜର ପଦାର୍ଥ ହଜିବା ଶୁଭପ୍ରଦ ନୁହଁ। ଏହି ଚିନ୍ତାଧାରା ତାଙ୍କୁ ଆହୁରି ବ୍ୟଥିତ କଲା।

ସେଇ କଦମ୍ବ ଗଛର ପାର୍ଶ୍ୱ ଦେଇ ଲମ୍ବି ଯାଇଛି ପାଦଚଲା ରାସ୍ତା ଅପନ୍ତରା ଆଡ଼କୁ ଓ ତା'ର ବିପରୀତ ପାର୍ଶ୍ୱରେ ଲମ୍ବି ଯାଇଛି ସେହିପରି ପାଦଚଲା ରାସ୍ତା ନଦୀ ଭିତରକୁ।

ତେଣୁ ଏକ ଛକ ଭଳି ପ୍ରତୀୟମାନ ହେଉଥିବା ଏହି ସ୍ଥାନରୁ ସେ ଆଗକୁ ଯିବାକୁ ଉଦ୍ୟନ୍ତ ହୁଅନ୍ତେ, ତାଙ୍କ ଧ୍ୟାନ ଆକର୍ଷଣ କଲା ଏକ ଅଜଣା କିଶୋରୀର ଡାକ।

ସେ ଫେରି ଚାହିଁଲେ ସେଇ ଆଡ଼କୁ।

ବାବୁ ! ବାବୁ ! ଡାକି ଅପନ୍ତରା ଭିତରୁ ଦ୍ରୁତ ଚାଲିରେ ଆସୁଛି ଅଳ୍ପ ବୟସ୍କ କିଶୋରୀଟିଏ।

ହଠାତ୍ ସେ କିଛି ବୁଝି ପାରିଲେ ନାହିଁ। ତେଣୁ ଅପେକ୍ଷା କଲେ ସେଇ କିଶୋରୀଟି ତାଙ୍କ ପାଖରେ ପହଞ୍ଚିବା ପର୍ଯ୍ୟନ୍ତ।

କିଶୋରୀଟି ପହଞ୍ଚିଲା ଆଡ଼ିବନ୍ଧ ଉପରେ ଠିଆ ହୋଇଥିବା ଆଦ୍ୟଶ୍ଳୋକଙ୍କ ପାଖରେ। ଟିକିଏ ଦମ୍ ନେଇ କହିଲା,

– ବାବୁ ! ନିଅ ତୁମର ପର୍ସ। କାଲି ଏହି ଗଛମୂଳରୁ ପାଇଥିଲି।

ବାଳିକାଟି ହାତରେ ନିଜର ମନିପର୍ସକୁ ଦେଖି ହଠାତ୍ ପରତେ ଗଲେ ନାହିଁ ଆଦ୍ୟଶ୍ଳୋକ। ଘଟଣାଟି ତାଙ୍କୁ ବୋଧ ହେଲା ଅବିଶ୍ୱଶନୀୟ, କଳ୍ପନାତୀତ ଓ ଅନନୁମେୟ। କିଛି କ୍ଷଣ ପାଇଁ ସେ ହୋଇଗଲେ ବାକରହିତ।

ଆଦ୍ୟଶ୍ଳୋକ ଦେଖୁଥିଲେ ତାଙ୍କ ସମ୍ମୁଖରେ ଠିଆ ହୋଇଥିବା ଝିଅଟିର ଆପାଦମସ୍ତକ। ପଦ୍ମ ନାଡ଼ ପରି ସରୁ ସରୁ ଦୁଇ ହାତ। ଗୋଟିଏ ଲମ୍ବି ଆସିଛି ତାଙ୍କରି ଆଡ଼କୁ, ମନିପର୍ସ ସହ।

ଧୂଳି ଧୂସରିତ ଦୁଇ ପାଦ। ଅଣ୍ଠାରୁ ଗୋଇଁଠୁ ଉପରକୁ ଆବୃତ କରିଛି ଘାଗରା। ଅଧାହାତି କୁର୍ତ୍ତାଟି ବେଢ଼ି ରହିଛି ଅବଶିଷ୍ଟ ଶରୀରକୁ। ଶ୍ୟାମବର୍ଣ୍ଣା ସେଇ କିଶୋରୀର ମସ୍ତକରେ ଅଯତ୍ନବର୍ଦ୍ଧିତ କେଶରାଶି କଳଘୁମର ଦୁଇ ଆଖିରେ ନିରୀହ ଚାହାଣି। ଔଜଲ୍ୟ ହୀନ ଶୁଷ୍କ ଅଧରରେ ଚେନାଏ ମନ୍ଦ ହାସ।

କିଶୋରୀଟି ତାଙ୍କଠାରୁ ବୟସରେ କେତେ ବା ସାନ ହେବ ! ଦୁଇ କିମ୍ବା ତିନି ବର୍ଷ। ଅଭାବୀ ପରିବାରରୁ ଆସିଛି। ପର୍ସଟି ଫେରାଇଲା ବଡ଼ କଥା। ତା' ଭିତରୁ କେତେ ନେଇଥିବ, ସେଇଟା ବଡ଼ କଥା ନୁହଁ।

ତାଙ୍କୁ ପରୀକ୍ଷା କରିବା ପାଇଁ ପଚାରିଲେ,

– ଏଇଟା ମୋ ପର୍ସ ବୋଲି କେମିତି ଜାଣିଲ ?

କିଶୋରୀଟି କହିବାକୁ ଆରମ୍ଭ କଲା,

– ପଡ଼ିଆ ଭିତରେ ଯେଉଁ ଛୋଟ ଛୋଟ ପଲିଥିନ ତମ୍ବୁ ଦେଖୁଛ, ସେଇଥିରେ ଆମେ ରହୁ। ସକାଳୁ ଜାଳ ଗୋଟାଇ ଗଲାବେଳେ ମୁଁ ଅନେକଥର ତୁମକୁ ଦେଖିଛି। ତୁମେ ଦୌଡୁଥାଅ। ବେଳେବେଳେ ଏଇ କଦମ୍ବ ଗଛ ମୂଳରେ ତୁମେ ବସିବାର ମୁଁ ଦେଖିଛି। ଏଇ ଗଛମୂଳ ଦେଇ ଆମେ ନଈ ତୁଠକୁ ଯାଉ। ଗତକାଲି ମୁଁ ଏଇ ପାଖାପାଖି ଜାଳ ଗୋଟାଉଥିଲା ବେଳେ ଗଛମୂଳ ପାଖରେ ମୋ ଆଖିରେ ପଡ଼ିଲା। ଭାବିଲି, କାହାର ଆଉ ହୋଇଥିବ ? ତା ଛଡ଼ା ପର୍ସ ଭିତରେ ତୁମ ଫଟୋ ବି ଥିଲା। ତେଣୁ ଆଜି କି ଅପେକ୍ଷା କରିଥିଲି।

ଆଦ୍ୟଶ୍ଳୋକ ମୁହୂର୍ତ୍ତକ ପାଇଁ ସ୍ତବ୍ଧ ହୋଇଗଲେ। କିନ୍ତୁ ପରମୁହୂର୍ତ୍ତରେ ସହଜ ହୋଇ ପର୍ସଟି ଗ୍ରହଣ କଲେ। ସୌଜନତା ଦୃଷ୍ଟିରୁ ପଚାରିଲେ,

– ତୁମର ନାମ କ'ଣ ?

– ମୋ, ନାଁ 'ମଇନା'। – ଧୀର କଣ୍ଠରେ କହିଲା ସେଇ ଝିଅଟି।

– ଘର କେଉଁଠି ? ପୁଣି ପ୍ରଶ୍ନ କଲେ ଆଦ୍ୟଶ୍ଳୋକ ଝିଅଟି କହିଲା,

– ଯେଉଁଠାରେ ଆମେ ରହୁ, ତାହା ହିଁ ଆମ ଘର। ଆମ ଘରର ସ୍ଥାୟୀ ଠିକଣା ମୋତେ ଜଣାନାହିଁ।

ଆଦ୍ୟଶ୍ଳୋକ ସେଇ ଝିଅଟିର ମନୋଭାବକୁ ଜାଣିବା ପାଇଁ ପଚାରିଲେ,

– ମଇନା ! ତୁମେ ତ ଚାହିଁଥିଲେ ଏଇ ପର୍ସଟି ମୋତେ ନଦେଇ ରଖି ପାରିଥାନ୍ତ ? ଏଥିରେ ଥିବା ଟଙ୍କା ତୁମେ ଖର୍ଚ୍ଚ କରିପାରିଥାନ୍ତ ? ତାହା ନକରି ତୁମେ ମୋତେ କାହିଁକି ଫେରାଇଦେଲ ?

ସାମାନ୍ୟ ହସି ମଇନା ଉତ୍ତର ଦେଲା,

– ପର୍ସଟି ତୁମର ବୋଲି ଜାଣି ସାରିଲା ପରେ, ତାକୁ ନିଜ ପାଖରେ ରଖିବାକୁ ଉଚିତ ମନେ କଲି ନାହିଁ। ପର ଦରବକୁ ନିଜର ଭାବିବା ଠିକ ନୁହଁ ବାବୁ ! ମୋ ମା ମୋତେ ଏଇ ଶିକ୍ଷା ଦେଇଛି।

ନିଜର ପର୍ସଟି ଫେରି ପାଇବା ତାଙ୍କୁ ଯେମିତି ଅବିଶ୍ୱସନୀୟ ବୋଧ ହେଉଥିଲା,ତା'ଠାରୁ ଅଧିକ ଅବିଶ୍ୱସନୀୟ ଲାଗୁଥିଲା ମଇନା ପରି ନିରକ୍ଷରା ବନଜାରା ଝିଅର ମୁଖନିଃସୃତ ବାଣୀ। ଚାରିତ୍ରିକ ମୂଲ୍ୟବୋଧର ଏକ ବିରଳ ନିଦର୍ଶନ। କୌଣସି ଆନୁଷ୍ଠାନିକ ଶିକ୍ଷାବିନା କେତେ ମାର୍ଜିତ ସଂସ୍କାର। ବିମୁଗ୍ଧ ହେଲେ ଆଦ୍ୟଶ୍ଳୋକ।

ଅଭାବ ଅନଟନର କଷାଘାତରେ ବି ମଇନା ଭିତରେ ଉଜ୍ଜୀବିତ ରହିଛି ସନ୍ନତି ଓ ସଙ୍କୋଚତା। ନୀରବତାକୁ ଭଙ୍ଗ କରି ମଇନା କହିଲା,

– ପର୍ସଟିକୁ ଦେଖିନିଅ ବାବୁ। ଯାହା ରଖିଥିଲ ସବୁ ଠିକ୍ ଅଛି କି ନାହିଁ ?

ଏହାର କୌଣସି ଆବଶ୍ୟକତା ନାହିଁ – କହିଲେ ଆଦ୍ୟଶ୍ଳୋକ। ନିଜ ପର୍ସରୁ ଶହେ ଟଙ୍କିଆ ନୋଟଟିଏ ବାହାର କରି ମଇନା ଆଡକୁ ବଢ଼େଇ ଦେଉ ଦେଉ କହିଲେ,

– ନିଅ ଏ ଟଙ୍କା ମୁଁ ଖୁସିରେ ଦେଉଛି। ତୁମେ ଖର୍ଚ୍ଚ କରିବ।

ମୁଣ୍ଡ ହଲାଇ ମନା କଲା ମଇନା। କହିଲା,

– ତୁମରି ଜିନିଷ ତୁମକୁ ଦେଇ ଟଙ୍କା ନେବାକୁ ମୋ ବିବେକ ବାଧା ଦେଉଛି।

ଏତିକି କହି ମଇନା ଫେରୁଥିଲା ନଈବନ୍ଧ ଗଡ଼ାଣିରେ ଅପନ୍ତରା ଭିତରେ ଥିବା ତାଙ୍କ ଅସ୍ଥାୟୀ ତମ୍ବୁକୁ।

ନଈବନ୍ଧରୁ ଗଡ଼ିଆସି ଯେତେବେଳେ ସମତଳ ଭୂମିରେ ମଇନା ପହଞ୍ଚିଲା ହଠାତ୍ ଥମିଗଲା ତା'ର ଦୁଇପାଦ।

ସେ ଫେରି ଚାହିଁଲା ନଈବନ୍ଧ ଆଡ଼କୁ।

ଦେଖିଲା – ସେଇ କଦମ୍ବ ଗଛ ତଳେ ସେଇମିତି ଛିଡ଼ା ହୋଇଛନ୍ତି ସେଇ ସୌମ୍ୟଦର୍ଶୀ କିଶୋର, ଯାହାର ନାମ ସେ ଜାଣି ନଥିଲା।

ଆଦ୍ୟଶ୍ଳୋକ ଫେରିଲା। ସ୍ଫୁର୍ତ୍ତିଯୁକ୍ତ ମନ। ଫେରି ପାଇଛି ତା'ର ହଜିଲା ପର୍ସ। ସମ୍ପୂର୍ଣ୍ଣ ଅପ୍ରତ୍ୟାଶିତ।

ମନରେ ଭାସି ଯାଉଥିଲା ସେଇ କିଶୋରୀଟିର ଛବି। କେତେ ନିର୍ଲୋଭ ସଦାଚାରୀ ଏହି କିଶୋରୀ ଜଣକ। ଦାରିଦ୍ର୍ୟର କଷାଘାତରେ ପଥଭ୍ରଷ୍ଟ ହୋଇନାହିଁ ତା' ଭିତରର ନୈତିକତା, ମାନବିକତା।

ଆଦ୍ୟଶ୍ଳୋକର ନିଭୃତ ଚେତନା ଭିତରେ ସୁସ୍ପଷ୍ଟ ବିନ୍ଦୁଟିଏ ହୋଇ ରହିଲା ମଇନା। ଏକାନ୍ତରେ ସେ ଭାବେ ସେଇ ବନଜାରାମାନଙ୍କ କଥା। ବିଶ୍ଳେଷଣ କରେ ସେମାନଙ୍କ ଜୀବନଶୈଳୀ। ଜୀବନ ଜିଇଁବା ପାଇଁ ସେମାନଙ୍କ ସାଲିସହୀନ ସଂଘର୍ଷ।

ତା' ପରଦିନ ଆଦ୍ୟ ସକାଳ। ନିତିଦିନ ପରି ବାହାରିଲା ଆଦ୍ୟଶ୍ଳୋକ। ସକାଳର ବିରାମହୀନ ଦୌଡ।

ଶିଳ୍ପାଞ୍ଚଳ ଭିତର ଦେଇ ଗତି କରି ପହଞ୍ଚିଲା ଆଡ଼ିବନ୍ଧରେ। ଦୌଡ଼ିବା ବନ୍ଦ କରି ସ୍ଥିର ହୋଇ ଛିଡ଼ା ହେଲା କିଛି ସମୟ। ଆଖି ଯୋଡ଼ିକ ଖୋଜୁଥିଲା କାହାକୁ ଯେମିତି।

ସମ୍ଭବତଃ ସେ ଖୋଜୁଥିବା ପ୍ରାଣୀଟି ଦୃଷ୍ଟିଗୋଚର ହେଲା ନାହିଁ ଯେମିତି। ତେଣୁ ସେ ଆଗକୁ ବଢ଼ିଲା ଧିରେ ଧିରେ ଝୁଲି ଝୁଲି।

ପ୍ରାତଃ ଦୌଡର ତା'ର ନିର୍ଦ୍ଧାରିତ ସୀମାକୁ ଛୁଇଁସାରିଲା ପରେ ଫେରିବା ବାଟରେ ପଡ଼ିଲା ସେଇ କଦମ୍ବ ଗଛ। ସ୍ୱତଃ ଥମି ଗଲା ତା'ର ଦୁଇ ପାଦ ସେଇ ଗଛପାଖରେ। ଦୌଡୁଥିବା ଯୋଗୁଁ ଗଳଦଘର୍ମ ହୋଇଥିଲାତା'ର ଶରୀର।

ଗଛମୂଳରେ ପଡ଼ିଥିବା ଶିଳା ଖଣ୍ଡ ଉପରେ ବସିଲା ଆଦ୍ୟଶ୍ଳୋକ ଶାରୀରିକ କ୍ଳାନ୍ତିର ଅପନୋଦନ ପାଇଁ। ଆଉ ବି ଏକ ଉଦ୍ଦେଶ୍ୟ ଥିଲା ମନରେ। କାଳେ ଦେଖାହେବ ମଇନା ସହିତ। ତାହା ସହିତ ଦେଖା ହେଲେ ସେ ପଚାରି ବୁଝିବ ସେମାନଙ୍କ ବାବଦରେ ଅନେକ କଥା, ଯାହା ତାକୁ ଜଣାନାହିଁ।

ସେ ଦେଖିଲା ଅପନ୍ତରା ଭିତରେ ସ୍ତୁପୀକୃତ ବର୍ଜ୍ୟବସ୍ତୁ ଭିତରୁ ମଇନା ଗୋଟାଉଛି ପ୍ଲାଷ୍ଟିକ ବୋତଲ। ସେଇ ବୋତଲଗୁଡ଼ିକ ସଂଗ୍ରହ କରି କରି ସେ ଆସୁଛି ତା'ରି ଆଡ଼କୁ।

ମଇନା ଗୋଟାଏ ଜରିବ୍ୟାଗରେ ପ୍ଲାଷ୍ଟିକ ବୋତଲ ସବୁକୁ ଧରି ଆଡ଼ିବନ୍ଧରେ ଥିବା କଦମ୍ବ ଗଛମୂଳରେ ପହଞ୍ଚିଲା। ତାକୁ ଦେଖି ଆଦ୍ୟଶ୍ଳୋକ ପଚାରିଲା,

– ଗତକାଲି, ତ ତୁମ ହାତରେ ଶୁଖିଲା କାଠ ଥିଲା, ଆଜି କ'ଣ ପ୍ଲାଷ୍ଟିକ ବୋତଲ ?

ମଇନା ଶୁଖିଲା ହସଟିଏ ହସି କହିଲା,

– ଶୁଖିଲା କାଠ ସଂଗ୍ରହ କଲେ ଆମର ଚୁଲୀ ଜଳିବ। ଏହି ପ୍ଲାଷ୍ଟିକ ବୋତଲକୁ ବିକିଲେ, ହାଣ୍ଡିକୁ ଚାଉଳ ଯିବ।

ମଇନାର ବାକଚାତୁରୀରେ ବିସ୍ମୟ ବିମୁଗ୍ଧ ହେଲା ଆଦ୍ୟଶ୍ଳୋକ। ଅପାଠୋଇ ହେଲେ ବି ତୀକ୍ଷ୍ଣ ବୁଦ୍ଧିସମ୍ପନ୍ନ। ବୟସ ତୁଳନାରେ ଅଧିକ ପରିପକ୍ୱ ହୋଇଛି ଚିନ୍ତାଧାରା। ପ୍ରାଚୁର୍ଯ୍ୟହୀନ ସଂଘର୍ଷମୟ ଜୀବନ ହିଁ ଆଣି ଦେଇଛି ତା' ମନରେ ବାସ୍ତବବାଦୀ ଆଭିମୁଖ୍ୟ।

ତା' ବିଷୟରେ ଅଧିକ କିଛି ଜାଣିବା ପାଇଁ ଇଚ୍ଛା କରି ଆଦ୍ୟଶ୍ଳୋକ ପଚାରିଲେ,

– ଘରେ ଆଉ କିଏ କିଏ ଅଛନ୍ତି ?

ମଇନା କହିଲା; ଏଇ ପଡ଼ିଆରେ ଆମେ ଚାରୋଟି ପରିବାର ଅଛୁ। ଆମ ପରିବାରରେ ଆମେ ଚାରିଜଣ। ବାପା, ମା' ଭାଇ ଓ ମୋ ଜେଜେ। ଜେଜେଙ୍କ ବୟସ ହୋଇଯାଇଥିବାରୁ ଘର ଜଗନ୍ତି। ଅଳ୍ପ ବହୁତ ଘର କାମରେ ସାହାଯ୍ୟ କରନ୍ତି। ଯୁବା ବୟସରେ ଜଡ଼ିବୁଟି ବିକ୍ରି କରୁଥିଲେ ଯେଉଁ କାମ ଏବେ ବାପା କରୁଛନ୍ତି।

ମା' ଜରି ଓ ରଙ୍ଗୀନ କାଗଜରେ ନାନା ପ୍ରକାର ଫୁଲ ତିଆରି କରେ। ଦିନ ବେଳେ ଘର ଘର ବୁଲି ଏଗୁଡ଼ିକ ବିକ୍ରି କରନ୍ତି ବାପା ଓ ମା। ଯାହା ଅର୍ଥ ମିଳେ, ସେଥିରେ ଗୁଜୁରାଣ ମେଣ୍ଟେ।

ଆଦ୍ୟଶ୍ଳୋକ ଭାବିଲେ ପଥଚାରୀ ଜଣକ ବି ଏହି କଥା କହୁଥିଲେ। ବିନା ପ୍ରତିବାଦରେ, ନିର୍ବିକାର ଏମାନେ ଆଦରି ନିଅନ୍ତି, ଏଇମିତି ଜୀବନ।

ଆଦ୍ୟଶ୍ଳୋକ ପୁଣି ପଚାରିଲେ,

– ରାତିରେ ବିଜୁଳି ଆଲୁଅ ନାହିଁ। କେମିତି ଚଳପ୍ରଚଳ କର ଅନ୍ଧାରରେ, ସାମାନ୍ୟ ହସି ମଇନା କହିଲା,

– ଅନ୍ଧାର ତ ଆମର ସହଚର। ଜହ୍ନ ପକ୍ଷ ରହିଲେ ଚଳିବାରେ ଅନେକ ସୁବିଧା ହୁଏ। ଅନ୍ଧାର ପକ୍ଷରେ ଡିବି ଜାଳି କାମ ଚଳାଇନେଉ।

ନିଜ ଭିତରେ ସୃଷ୍ଟି ହୋଇଥିବା ଅନୁସନ୍ଧିତ୍ସାରୁ ପରିସମାପ୍ତି ଘଟାଇବା ପାଇଁ ଶେଷ ପ୍ରଶ୍ନ ପଚାରିଲେ ଆଦ୍ୟଶ୍ଳୋକ

– ବର୍ଷା ଋତୁରେ ତୁମେ କେଉଁଠାରେ ରୁହ ?

ବିମର୍ଷ ସ୍ୱରରେ ମଇନା କହିଲା,

– ବର୍ଷା ଦିନରେ ଆମକୁ ଦହଗଞ୍ଜ ହେବାକୁ ହୁଏ। ବର୍ଷା ସମୟରେ କେତେବେଳେ ସାପ୍ତାହିକ ହାଟ ଚାଳି ତ ଓଭର ବ୍ରିଜ ତଳେ ଆଶ୍ରୟ ନେବାକୁ ହୋଇଥାଏ।

ମଇନା ତଥା ସେହି ପଥଚାରୀଙ୍କଠାରୁ ବନଜାରା ସମ୍ପ୍ରଦାୟର ଲୋକଙ୍କ ବାବଦରେ ଅନେକ କିଛି ଜାଣିଲେ ଆଦ୍ୟଶ୍ଳୋକ।

ଭାବିଲେ, ଏଇମାନେ ଜିଉଁଛନ୍ତି ବାରବୁଲା ଜୀବନ। ସଭ୍ୟ ଶିକ୍ଷିତ ସମାଜଠାରୁ ବହୁ ଦୂରରେ। ସ୍ୱଚ୍ଛନ୍ଦ ଜୀବନ ଏମାନଙ୍କ ପାଇଁ ସ୍ୱପ୍ନାତୀତ। କର୍କଶ ମାଟି ହିଁ ଏମାନଙ୍କ ଘରର ଚଟାଣ। ଶୂନ୍ୟତାରେ ଭରା ନୀଳାଭ ଆକାଶ ହିଁ ଏମାନଙ୍କ ଘରର ଛାତ।

ଇତି ମଧ୍ୟରେ କିଛି ସମୟ ବିତିଯାଇଥିଲା। ଉଭୟେ ଫେରିଯାଇଥିଲେ ଯେ ଯାହାର ଗନ୍ତବ୍ୟ ପଥରେ।

ପରିବାର ସହ କିଛି ଦିନ ପାଇଁ ବାହାରକୁ ଯାଇଥିଲେ ଆଦ୍ୟାଶ୍ଳୋକ।

ଯେତେବେଳେ ଘରକୁ ଫେରିଲେ, ପ୍ରାତଃ ଦୌଡ଼ର ଅଭ୍ୟାସକୁ ଆରମ୍ଭ କଲେ। ସେଇ ପୁରୁଣା ରାସ୍ତା। ସବୁ ଥିଲା ଆଗପରି ଅପରିବର୍ତ୍ତିତ।

ଦୌଡ଼ କ୍ରମରେ ଯେତେବେଳେ ଆଡ଼ିବନ୍ଧ ଉପରକୁ ଉଠିଲେ ଆଦ୍ୟଶ୍ଳୋକ ତାଙ୍କର ଦୃଷ୍ଟି ପଡ଼ିଗଲା ସେ ଅପନ୍ତରା ଆଡ଼େ; ଯେଉଁଠାରେ ତମ୍ବୁ ପକାଇ ରହୁଥିଲେ ବନଜାରା ଦଳ।

କିୟତକ୍ଷଣ ପାଇଁ ଅଟକି ଗଲେ। ବିସ୍ଫାରିତ ନେତ୍ରରେ ଚାହିଁଲେ ସେଇ ଅପନ୍ତରା ଆଡ଼େ। ତାଙ୍କୁ ଦୃଶ୍ୟମାନ ହେଉ ନଥିଲା ନୀଳ ରଙ୍ଗର ପଲିଥିନ ଆଚ୍ଛାଦିତ ଛୋଟ ଛୋଟ ଆଶ୍ରୟସ୍ଥଳ, ଯେଉଁଠି ରହୁଥିଲେ ମଇନା ଓ ତାଙ୍କ ପରିବାର ସଦସ୍ୟ, ତଥା ଅନ୍ୟ ବନଜାରା ଲୋକ। ନିଛାଟିଆ ଜଣା ପଡୁଥିଲା ସେଇ ବିସ୍ତୀର୍ଣ୍ଣ ପ୍ରାନ୍ତର। ଏଠାରେ ସେଠାରେ ବିଛାଡ଼ି ହୋଇ ପଡ଼ିଥିଲା ଟୁକୁଡ଼ା କାଗଜଖଣ୍ଡ ଓ ବ୍ୟବହୃତ ଛୋଟ ବଡ଼ ପଲିଥିନ ମୁଣା। ସ୍ପଷ୍ଟ ଦେଖାଯାଉଥିଲା ପରିତ୍ୟକ୍ତ ଚୁଲୀ ଓ ପାର୍ଶ୍ୱସ୍ଥ କୁଢ଼ କୁଢ଼ ପାଉଁଶର ଗଦା।

ଏହି ଅପନ୍ତରାରେ ସକ୍ରିୟ ଥିଲେ ଛୋଟ ବଡ଼ କିଛି ଗ୍ରାମ୍ୟ ଶୁକର ଖାଦ୍ୟ ଅନ୍ୱେଷଣ ପାଇଁ।

ଏହି ଆଡ଼ିବନ୍ଧରେ ହିଁ ସେ ସାଉଁଟି ଥିଲେ ତାଙ୍କ ଜୀବନର ଅନନ୍ୟ ଅନୁଭୂତି।

ମଇନା ! ସେହି ବନଜାରା କିଶୋରୀ। ନିଜର ଶୁଦ୍ଧ ଆଚରଣରେ କିଣି ନେଇଥିଲା ତାଙ୍କର ମନ। ତା'ର ମ୍ଳାନ ଚେହେରା ଭିତରେ ନିର୍ମଳ ହୃଦୟ ସତ୍ତାକୁ ବେଶ୍ ପସନ୍ଦ କରୁଥିଲେ ଆଦ୍ୟଶ୍ଳୋକ। ଭାବନ୍ତି ପଙ୍କରେ ପଦ୍ମ ଫୁଟିଲା ପରି ସମାଜର ଅବେହଳିତ, ନୀଚ କୁଳରେ ଜନ୍ମ ଲାଭ କରି ମଧ୍ୟ ଏକ ସ୍ୱଚ୍ଛ ଅନାବିଳ ହୃଦୟର ଅଧିକାରିଣୀ। ସେ ଭାବପ୍ରବଣ ହୋଇ ଉଠନ୍ତି।

ମହାବିଦ୍ୟାଳୟରେ ଶିକ୍ଷାଲାଭ ପାଇଁ ସେ ଛାଡ଼ି ଦେଇଥିଲେ ନିଜସ୍ୱ ଘର। ରହଣି ଥିଲା ଛାତ୍ରାବାସରେ। ଶିକ୍ଷା ସମାପ୍ତି ପରେ ସେ କର୍ମନିଯୁକ୍ତି ପାଇଥିଲେ ପୁଲିସ ବିଭାଗରେ। ପରେ ଘର ସଂସାର କଲେ ବିସ୍ମୃତିର ଗର୍ଭରେ ରହିଥିଲା ତାଙ୍କ ବାଲ୍ୟ କାଳ।

ଆଦ୍ୟଶ୍ଳୋକଙ୍କ କାର୍ଯ୍ୟଦକ୍ଷତାକୁ ମାପଦଣ୍ଡ ହିସାବରେ ନେଇ ହେଉଥିଲା ତାଙ୍କର ପୋଷ୍ଟିଂ।

ତାଙ୍କର ବଦଳି ହୋଇଥାଏ ରାଜ୍ୟର ପଶ୍ଚିମାଞ୍ଚଳର ଏକ ଶିଳ୍ପାଞ୍ଚଳ ଥାନାର ମୁଖ୍ୟ ଭାବେ। ବ୍ୟସ୍ତତା ଭିତରେ ବିତୁଥାଏ ସମୟ। ଶିଳ୍ପାଞ୍ଚଳଗୁଡ଼ିକ ପ୍ରାୟତଃ ଅପରାଧ ପ୍ରବଣ ଇଲାକା। ତେଣୁ ଅବସ୍ଥାକୁ ନିୟନ୍ତ୍ରଣରେ ରଖିବାକୁ ସେ ଥା'ନ୍ତି ତତ୍ପର।

ଉଦୁଉଦିଆ ଖରାବେଳରେ ଫେରିଥାନ୍ତି ଥାନାକୁ। ଏକ ଗୁରୁତ୍ୱପୂର୍ଣ୍ଣ କାମ ପାଇଁ ବ୍ୟସ୍ତ ରହି ଆସିପାରିନଥିଲେ ତା' ପୂର୍ବଦିନ।

ଥାନା ବାରଣ୍ଡାରେ ପାଦ ନ ରଖୁଣୁ ତତ୍ପର ହୋଇ ଉଠିଲା ପାଖରେ କାର୍ଯ୍ୟରତ ଗ୍ରାମରକ୍ଷୀ ନବଘନ। ତାଙ୍କ କକ୍ଷର କବାଟ ଖୋଲିଦେଇ ପାଣି ଗିଲାସଟି ରଖିଦେଲା ଟେବୁଲ ଉପରେ।

ଆଦ୍ୟଶ୍ଳୋକ ଅଫିସ ଭିତରେ ବସିଲେ ନିଜ ଚେୟାର ଉପରେ। ଜଣା ପଡୁଥିଲେ ଶ୍ରମଶ୍ରାନ୍ତ। ଘର୍ମାକ୍ତ ମୁଖ ମଣ୍ଡଳ। ରୁମାଲରେ ମୁହଁ ପୋଛି ଥୁଆ ହୋଇଥିବା ପାଣି ଗ୍ଲାସଟି ଉଠାଇ ନେଇ ପିଇବା ଆରମ୍ଭ କଲେ। ବୋଧହୁଏ ତୃଷାର୍ତ୍ତ ଥିଲେ।

ଟେବୁଲ ଉପରେ ଥୁଆ ହୋଇଥିବା ନଥିପତ୍ର ଉପରେ ଆଖି ବୁଲାଇ ଆଣି ଡାକିଲେ: ନବଘନ !

ନବଘନ ତତ୍‌କ୍ଷଣାତ ହଁଟିଏ କହି ହାଜିର ହୋଇଗଲା ଆଦ୍ୟଶ୍ଳୋକଙ୍କ ପାଖରେ।

ମୁହଁ ଟେକି ଚାହିଁଲେ ନବଘନକୁ। କହିଲେ,

– ମୁଁ ଲକ୍ଷ୍ୟ କରିଛି ପିଲାଟିଏ ଧରି ଗ୍ୟାରେଜ ପାଖରେ ସ୍ତ୍ରୀ ଲୋକଟି ବସିଛି। ତାକୁ କ'ଣ ଥାନାକୁ ଡକାଇ ଆଣିଛ ?

ଅବିଳମ୍ବେ ନବଘନ ଉତ୍ତର ଦେଲା,

– ତାକୁ ନୁହଁସାର,ତା'ର ସ୍ୱାମୀକୁ। ସନ୍ଦିଗ୍ଧ ଭାବରେ ସାଇ ବସ୍ତିରେ ବୁଲୁଥିଲା। ଦିନବେଳା ଚୋରୀ ହେଉଛି ବୋଲି ଲୋକଙ୍କ ଅନେକ ଅଭିଯୋଗ। ତେଣୁ ପଚରାଉଚରା କରିବା ପାଇଁ ଥାନାରେ ରଖିଛୁ। ସ୍ୱାମୀ ନିର୍ଦ୍ଦୋଷ ବୋଲି କହି, ତାକୁ ଫେରାଇ ନେବାକୁ ଥାନାରେ ବସିଛି।

ଆଦ୍ୟଶ୍ଳୋକ ମନେ ମନେ ଅସନ୍ତୋଷ ପ୍ରକଟ କଲେ। ଠୋସ ପ୍ରମାଣ ନ ପାଇ ସନ୍ଦେହରେ ଧରି ଆଣି ଥାନାରେ ବସାଇ ରଖିବା ପୁଲିସ ବାଲାଙ୍କ ଅଭ୍ୟାସ।

ନବଘନକୁ କହିଲେ; ସେ ସ୍ତ୍ରୀ ଲୋକଙ୍କୁ ମୋ ପାଖକୁ ଡାକ, ନବଘନ କୋଠରି ନିଷ୍କ୍ରାନ୍ତ ହେଲା।

ଆଦ୍ୟଶ୍ଳୋକ ପୁଣି ଫାଇଲ ଉପରେ ଦୃଷ୍ଟି ନିବଦ୍ଧ କଲେ।

ଅନତି ବିଳମ୍ବରେ ଫେରି ଆସିଲା ନବଘନ। ତା' ପଛେ ପଛେ ସେଇ ସ୍ତ୍ରୀ ଲୋକ ଓ କାଖରେ ତା'ର ତିନିବର୍ଷର ପୁଅଟିଏ।

ଆଦ୍ୟଶ୍ଳୋକଙ୍କ ଅଫିସ କୋଠରି ଭିତରକୁ ପଶି ଆସି ନବଘନ କହିଲା,

– ସେ ବନଜାରା ସ୍ତ୍ରୀ ଲୋକଟି ଆସିଛି। ପରଦା ସେପଟରେ ଛିଡ଼ା ହୋଇଛି ସାର !

ଭିତରକୁ ଡାକ ! – ନିର୍ଦ୍ଦେଶ ଦେଲେ ଆଦ୍ୟଶ୍ଳୋକ।

ନବଘନ ଡାକିଲେ; ଭିତରକୁ ଆସ। ସାର୍ ଡାକୁଛନ୍ତି।

ଦୁଆର ପାଖରେ ଅଟକି ଗଲା ସେଇ ସ୍ତ୍ରୀ ଲୋକ। ଧୂଳି ଧୂସରିତ ପାଦ। ଆଗକୁ ବଢ଼ିବାର ସାହସ ବୋଧହୁଏ ମନରେ ଯୁଟାଇ ପାରୁନଥିଲା।

ନବଘନ ପରଦାଟି ଆଡ଼େଇ ଦେଲା।

ଆଦ୍ୟଶ୍ଳୋକ ଚାହିଁଲେ, ଚିହ୍ନ ଚିହ୍ନା ଜଣାପଡୁଛି ମୁହଁ। ବେଶ ପୋଷାକକୁ ଅନୁଧ୍ୟାନ କଲା ପରେ ତାଙ୍କ ମନେ ପଡ଼ିଗଲା ବିଗତ ଦିନର କଥା।

କିଛି ବର୍ଷ ତଳର କଅଁଳ ବୟସର ପୁଷ୍ପତୁଲ୍ୟ କୋମଳ ମୁଖମଣ୍ଡଳ, ଆଜି ଦେଖାଯାଉଛି ମ୍ଳାନ ଓ ଜ୍ୟୋତିହୀନ। ସେ ଦିନର ସେଇ କ୍ଷୀଣାଙ୍ଗୀ ଆହୁରି କ୍ଷୀଣ ହୋଇଯାଇଛି। ଚିନ୍ତାକ୍ଲିଷ୍ଟ, ନିଷ୍ପ୍ରଭ ମୁଖମଣ୍ଡଳ,

ଯନ୍ତ୍ରଣା କାତର ଦୁଇ ଆଖି।

ଆଦ୍ୟଶ୍ଳୋକ ଡାକିଲେ,

- ମଇନା! ଭିତରକୁ ଆସ।

ଥାନା ବାବୁ ମୁହଁରୁ ନିଜ ନାମ ଶୁଣି ଆଶ୍ଚର୍ଯ୍ୟଚକିତ ହୋଇ ଗଲା ସେହି ମହିଳା।

ଆଶ୍ଚର୍ଯ୍ୟ! ତା ନାମ ଜାଣିଲେ କିପରି ?

ସେ ଭିତରକୁ ଗଲା। ବାହାରେ ଛାଡ଼ିଗଲା ପୁଅକୁ।

ଆଦ୍ୟଶ୍ଳୋକ ପୁଣି କହିଲେ,

- ପୁଅକୁ ବି ସାଥିରେ ଆଣ ମଇନା!

ମଇନା କଥା ମାନିଲା।

ଆଦ୍ୟଶ୍ଳୋକ ପଚାରିଲେ ମଇନାକୁ ତା'ର ସବିଶେଷ ଖବର। ତା'ରିଠାରୁ ଜାଣିଲେ ତା'ର ସ୍ୱାମୀକୁ ଗତରାତିରୁ ପୁଲିସ ରଖିଛି ହାଜତରେ

ମଇନା କହିଲା,

-ଆମେ ଅଭାବୀ ଲୋକ ହେଲେ ବି ଚୋରି କରି ପେଟ ପୋଷୁନା ଦେହରେ ବଳଥିଲା ଯାଏ। ଆମ କୁଳବେଉସା କରିପେଟ ପୋଷିବୁ, ସବୁଅଭାବୀ ଲୋକ କ'ଣ ଚୋରି କରନ୍ତି ବାବୁ? ତାଙ୍କୁ ଛାଡ଼ିଦିଅନ୍ତୁ। ସେ ନିର୍ଦ୍ଦୋଷ।

ମଇନାର ଅନୁରୋଧରେ ଯଥାର୍ଥତା ଥିଲା ଭଳି ବୋଧ କଲେ ଆଦ୍ୟଶ୍ଳୋକ। ଅପ୍ରାପ୍ତ ବୟସରେ ବି ତା'ର ଦାୟିତ୍ୱପୂର୍ଣ୍ଣ ଆଚରଣରେ ବିମୁଗ୍ଧ ହୋଇଥିଲେ। ଏପରିକି ତାକୁଖୁସିରେ ପ୍ରୋତ୍ସାହିତ କରିବା ପାଇଁ ସେ ଇଚ୍ଛା ପ୍ରକାଶ କରିଥିଲେ ବି ସମ୍ମତି ପ୍ରକାଶ କରିନଥିଲା ମଇନା।

ସେ ଡାକିଲେ ଗ୍ରାମରକ୍ଷୀକୁ। ତାରି ମାଧ୍ୟମରେ ନିର୍ଦ୍ଦେଶ ଦେଲେ ମଇନାର ସ୍ୱାମୀକୁ ଛାଡ଼ିଦେବା ପାଇଁ

ନିଜ ପକେଟରୁ ଦୁଇଶହ ଟଙ୍କିଆ ନୋଟଟିଏ ବାହାର କରି ମଇନା ଆଡ଼କୁ ବଢ଼ାଇ ଦେଇ କହିଲେ,

- ମଇନା! ଏ ଟଙ୍କା ମୁଁ ତୁମକୁ ଦେଉନାହିଁ। ଦେଉଛି ତୁମ ଛୋଟ ପୁଅକୁ। ମନା କରିବ ନାହିଁ। ଏଇ ଟଙ୍କାରେ ତା ପାଇଁ କିଛି କିଣିଦେବ।

ମଇନା ମନା କଲା ନାହିଁ। ସେ ଚିନ୍ତା କରୁଥିଲା ବାବୁଙ୍କ ସହାନୁଭୂତିର କଥା। କେତେ ଦୟାର୍ଦ୍ର ସେ!

ଥାନା ପରିସର ଭିତରେ ମିଳିତ ହେଲା ମଇନା ତା ସ୍ୱାମୀ ସହିତ। ବାପାକୁ ଦେଖି ପିଲାଟି ହାତ ବଢ଼ାଇଲା ତା'ରି ଆଡ଼େ।

ନିଜ ଅଫିସ ଭିତରେ ବସି ଭାବ ବିହ୍ୱଳ ହୋଇ ଦେଖୁଥାନ୍ତି ଆଦ୍ୟଶ୍ଳୋକ; ସେଇ ବନଜାରା ଦମ୍ପତିଙ୍କ ପିଲା ସହ ପ୍ରସ୍ଥାନର ଦୃଶ୍ୟ।

ଏସବୁର ନୀରବଦ୍ରଷ୍ଟା ହୋଇଥିବା ଗ୍ରାମରକ୍ଷୀ ନବଘନ ପଚାରିଲେ,

-ସାର୍! ଏଇ ବନଜାରା ସ୍ତ୍ରୀ ଲୋକଟିକୁ କ'ଣ ଆଗରୁ ଜାଣିଥିଲେ ?

ନବଘନକୁ ଚାହିଁ ଆଦ୍ୟଶ୍ଳୋକ ଦରହସା ହୋଇ କହିଲେ,

- ହଁ! ଭଲ ଭାବେ ଜାଣିଥିଲି।

*ଡା.ରୁକ୍ମଣୀ ଦେବୀ ଲେନ*
*କଲେଜ ରୋଡ,ସାଲେପୁର - ୭୫୪୨୦୨*
*ଦୂରଭାଷ: ୯୪୩୭୫୪୦୮୯୦୬*

An unit of
MAGNUM Shoppers Club (P) Ltd

# S & SSAC
## S & SS Associates & Consultancy



( A unit of Magnum Shoppers Club Pvt. Ltd. )

A single window consultancy service in multiple fields to support and assist you

- To prepare Concept note & Project Report
- To take your Project Forward
- To know the Legal status of Land & Property
- In all matters related to Land & Real Estate
- For various approvals.
- To handle environment and mines related issues
- For Shipment and Logistic Solutions
- For Branding, Market Research & Marketing Solutions.
- With Legal consultancy
- In Insurance Solutions & Initiatives
- For Perfect Liasioning
- On Financial Management & Taxation Matters

*Contact for further details:*
*Mob.: + 91 94370 31392, Landline: +91 674 2393692*
*Email: sssassociatesss@gmail.com*

*Second Floor, A-29/1, Kharvel Nagar, behind OSCARD Bank, Jawaharlal Nehru Marg, Unit-III, Bhubaneswar*

# ଅରାଏ ଅଂଧାର ସୋରାଏ ଆଲୁଅ

## କିଶୋର ଆକାଶ୍

ରାତି ତ ପାହିନି ଆହୁରି ପୁରାପୁରି । ଅଂଧାରର ପ୍ରକୋପ ତଥାପି ପ୍ରଲମ୍ବିତ ।

ଏ ପାହାନ୍ତା ପ୍ରହରରେ କିଏ ? କିଏ ଗେଟ୍ ବାଡ଼ାଉଛି ଏମିତି ଅତର୍କ୍ଛ ହୋଇ ?

ଓଃ ଅସହ୍ୟ । ଖୁବ୍ ଅସହ୍ୟ ଏ ଆୱାଜ୍ ।

କଲିଂ ବେଲ୍ ତ ଉପଲବ୍ଧ ଗେଟ ବାହାରେ । ତଥାପି ...

ଉଠି ବସିଲା ତୁଷାର ଶେଯରେ ଭୀଷଣ ବିରକ୍ତିରେ । ପାହାନ୍ତା ପ୍ରହରର ନିଦ କାଳେ ଖୁବ୍ ମିଠା ମିଠା ଆଉ ସୁହାନି । ସେଥିପାଇଁ ତ ପାହାନ୍ତା ପ୍ରହରର ସ୍ୱପ୍ନ କାଳେ ହୋଇଥାଏ ସତ ଆଉ ବାସ୍ତବ ।

ଝରକା ଖୋଲି ଦେଖିଲା । କରେଣ୍ଟ ନାହିଁ । ଶୀତଦିନ ଭଳି ଘନ କୁହୁଡ଼ିର ଆସ୍ତରଣ ସାରା ଇଲାକାକୁ ଧଳା ଚାଦରଟିଏ ଭଳି ଘୋଡ଼େଇ ଦେଇଛି ଅତି ସନ୍ତର୍ପଣରେ । ପୃଥିବୀ ଯେମିତି ଶୋଇଯାଇଛି ଆରାମରେ ନିଶ୍ଚିନ୍ତ ହୋଇ ।

ତରବରରେ ଗେଟ୍ ଖୋଲି ବାହାରକୁ ଆସି ଦେଖେ ତ ଗୋପୀର ବଡ଼ଭାଇ ବଦ୍ରି । ବଦ୍ରି ତୁଷାରକୁ ଦେଖି କାନ୍ଦି କାନ୍ଦି ଗୋଡ଼ ତଳେ ପଡ଼ି କୋହଭରା କଂଠରେ କହିଲା – ଗୋପୀ ଆଉ ନାହିଁ ସାର୍ ଗୋପୀ ଆଉ ନାହିଁ ।

ତୁଷାର ବଦ୍ରିକୁ ତଳୁ ଉଠାଇ ଆତୁରରେ ପଚାରିଲା ଥରିଲା ଥରିଲା କଂଠରେ – କ'ଣ ହେଲା ଆମ ଗୋପୀର ? ହେଲା କଣ ?

– କାଲି ରାତିରେ ଗୋପୀ ଟ୍ରେନ୍ ଲାଇନରେ ସୁଇସାଇଡ୍ କରିଦେଇଛି ସାର୍ । ଆପଣ ଆସନ୍ତୁ ଯିବା ଏବେ ଏକା ।

ମୁଣ୍ଡ ଘୁରାଇଦେଲା ତୁଷାରର । ତଥାପି ନିଜକୁ ସମ୍ଭାଳି ଦେଇ ବଦ୍ରି ସହ ସିଧା ଗଲା ରେଳଲାଇନ୍ ପାଖକୁ ।

ଗୋପୀ ଘରଠୁ ମାତ୍ର ଅଧାକିଲୋମିଟର ଦୂରତାରେ ଟ୍ରେନ୍ ରେଳଲାଇନ୍ । ଅତି କମ୍‌ରେ ଦଶପନ୍ଦର ଜଣ ଦେଖଣାହାରି ଜମା ହୋଇଥାଆନ୍ତି ସେଇଠି । ଗୋପୀ ଅଭିମାନ କରି ମୁହଁମାଡ଼ି ଶୋଇଛି ଯେମିତି । ମୁଣ୍ଡରେ ଆଘାତ ଲାଗିଛି ବୋଧେ । ପ୍ରଚୁର ରକ୍ତକ୍ଷରଣ ହୋଇଛି । ଜି.ଆର.ପି. ପୋଲିସ୍ ଆହୁରି ଆସିନାହିଁ । ଗୋପୀ ହାତରେ ଥିବା ଡ଼ାଏରୀଟି ପଡ଼ିଛି ନିକଟସ୍ଥ ବୁଦାକଡ଼େ । ସମସ୍ତଙ୍କ ଅଲକ୍ଷ୍ୟରେ ଚୁପ୍‌ଚାପ୍ ଡ଼ାଏରୀଟିକୁ ଲୁଚେଇ ସାର୍ଟ ଭିତରେ ରଖିଦେଲା ତୁଷାର । ଗୋପୀର ପ୍ରିୟ ଥିଲା ଡ଼ାଏରୀ ଆଉ ପେନ୍ । ସେ ସବୁବେଳେ ଏ ଦୁଇଟି ଜିନିଷ ଧରୁଥିଲା ଅତି ଆଗ୍ରହରେ ।

ଗୋପୀର ମା ତୁଷାରକୁ ଦେଖି ଧାଇଁ ଆସି ଟାଣି ଟାଣି ନେଇଗଲା ଗୋପୀର ଶବ ନିକଟକୁ । ମୋ ଗୋପୀ ଆଉ ନାହିଁ ସାର୍ ମୋ ଗୋପୀ ... ହୋ ହୋ ମୁଣ୍ଡ ପିଟି କାନ୍ଦୁଥିଲା ବିଚାରୀ ।

ଗୋପୀର ବାପା କାନ୍ଦି କାନ୍ଦି କହିଲେ – ଆଜି ଥିଲା ଗୋପୀର ନିର୍ବନ୍ଧ । ସବୁ ଆୟୋଜନ ସରିଥିଲା ସାର୍ ହେଲେ ... ଏ ଗୋପୀ କ'ଣ କଲା ...

କଣ କହି ସାନ୍ତ୍ୱନା ଦେବ ତୁଷାର । ସିଏ ତ ନିଜେ ଭାଂଗି ପଡୁଛି ଭିତରେ ଭିତରେ । ବିଶାଳ ମହୀରୁହ ସବୁ ଭାଂଗିଯାଇଛି ଅଦିନ ବାତ୍ୟାରେ । ଉଜୁଡ଼ି ଯାଇଛି ଜୀବନର ସବୁଜିମା । ବଂଚିବାର ଶ୍ୟାମଳିମା । ସବୁ କିଛି ବିଧ୍ୱଂସ । ସବୁଆଡ଼େ ଯେମିତି କରୁଣ ବିଳାପ । ହରାଇବାର ହାହାକାର । ଲୁହର ଲିରିକ୍ । କୋହର କୌମୁଦୀ ।

ତଥାପି ... ତଥାପି ଗୋପୀର ବାପା-ମା'କୁ, ବଦ୍ରି ଆଉ କେତେ ଜଣ ସାହିଭାଇଙ୍କ ସାହାଯ୍ୟରେ ଯତ୍‌କିଂଚିତ ପ୍ରବୋଧନା-ସାନ୍ତ୍ୱନା ଦେଇ, ବୁଝାଶୁଝା କରି ଘରକୁ ପଠାଇଲା ତୁଷାର ।

ସେତେବେଳକୁ ଜିଆର୍‌ପି ଆସି ସରଜମିନ ତଦନ୍ତ ସୁରୁ କରିଦେଇଛି । ଡ଼େଡ୍‌ବଡ଼ିକୁ ଷ୍ଟ୍ରେଚରରେ ନେଇ ଆମ୍ବୁଲାନସ୍‌ରେ ଲଦୁଥିଲେ ଦୁଇଜଣ । ପୋଷ୍ଟମର୍ଟମ୍ ପରେ ହିଁ ଡ଼େଡ୍‌ବଡ଼ି ହେଣ୍ଡଓଭର ହେବ ବୋଲି କହିଦେଇ ଜି.ଆର୍.ପି ଚାଲିଗଲାଣି ତା' ଡ୍ୟୁଟି ସାରି ଦେଇ । ସୁଇସାଇଡ଼ ନୋଟଟିଏ ପାଇଛି ପୋଲିସ୍ ଗୋପୀର ପକେଟରୁ, ଯେଉଁଥିରେ ସ୍ପଷ୍ଟଭାବେ ଲେଖା ହୋଇଥିଲା ତା' ମୃତ୍ୟୁ ପାଇଁ ଆଉ କେହି ଦାୟୀ ନୁହଁନ୍ତି । ସେ ନିଜେ ହିଁ ଏଥିପାଇଁ ସଂପୂର୍ଣ୍ଣ ଦାୟୀ ।

ଅଗତ୍ୟା ଚିହ୍ନା ଡ଼ାକ୍ତରଙ୍କ ଜରିଆରେ ଶୀଘ୍ର ପୋଷ୍ଟମର୍ଟମ କରାଇଦେବା ପାଇଁ ଚେଷ୍ଟା କଲା ତୁଷାର । ସଫଳ ବି ହେଲା ପ୍ରାୟ । ତଥାପି କାଗଜପତ୍ର, ଆଇନକାନୁନ୍, ଆଦବ କାଇଦାର ଘନଘଟା ଭିତରେ ପାଂଚ/ଛଅ ଘଣ୍ଟା ଚାଲିଗଲା ସବୁ କାମ ସାରିବା ପାଇଁ । ଦିନ ଦଶଟାବେଳକୁ ଡ଼େଡ୍‌ବଡ଼ି ହେଣ୍ଡଓଭର ହେଲା ।

ସିଧା ଘରକୁ ନିଆଗଲା ଗୋପୀର ଶବ । ଶ୍ମଶାନକୁ ନେବା ପାଇଁ ପ୍ରସ୍ତୁତି ଚାଲିଲା ବଂଧୁବାନ୍ଧବ, ସାଙ୍ଗସାଥି ଜରିଆରେ ।

ଗୋପୀର ମା-ବାପାଙ୍କୁ ତ ଜମା ସମ୍ଭାଳି ହେଉନଥିଲା ସେହି ଶୋକାକୁଳ ପରିବେଶରେ । ଓଃ ! କି ହୃଦୟ ବିଦାରକ ଦୃଶ୍ୟ । ଗଛପତ୍ର, ରାସ୍ତାଘାଟ, ପଶୁପକ୍ଷୀ ବି ଯେପରି ଏ ଶୋକାଛନ୍ନ ମାହୋଲରେ ମୁହ୍ୟମାନ ।

ଅଚାନକ ଗୋପୀର ବାଗ୍‌ଦତ୍ତା ଗୋପା ଆସି ତୁଷାରର ହାତ ଧରି ପଚାରିଲା – ସାର୍ ! ସେ ଉଠୁନାହାନ୍ତି କାହିଁକି ? ମୁଁ ଏତେ ଡ଼ାକିଲିଣି । ଡ଼କ୍ଟରଙ୍କୁ ଟିକିଏ ଡାକନ୍ତୁ ନା ପ୍ଲିଜ୍ ।

କ'ଣ ବା ଉତ୍ତର ଦେବ ତୁଷାର ? ମୁଣ୍ଡ ପୋତି ଲୁହ ଢ଼ାଳିବା ଛଡ଼ା ଆଉ କିଛି କରିବାର ସାମର୍ଥ ନାହିଁ ତା'ର ।

ଏଣେ ଗୋପୀର ମା ଫିସ୍ ଫିସ୍ କହିଲାଣି – ଏ ପିଲାମାନେ ପାଟି କରନି ଜମା । ମୋ ଗୋପୀ ଗାଢ଼ ନିଦରେ ଶୋଇଛି ପରା । ତା'କୁ ଜମା ବିରକ୍ତ କରନା । ସେ ଉଠି ପଡ଼ିବ ଯେ ...

ଓଃ ! ଛାତି ଫାଟିଯାଉଛି ତୁଷାରର । ମରୁଡ଼ି ହୋଇଯାଉଛି ହୃଦୟ । କାହାକୁ କ'ଣ କହି ସାନ୍ତ୍ୱନା ଦେବ ? ଏ ଶୋକର ସରୋବରରେ ସମସ୍ତେ ତ ବୁଡ଼ିଯାଇଛନ୍ତି ଗୋପୀର ଅକାଳ ଆକସ୍ମିକ ବିୟୋଗରେ ।

କାହାର କିଛି କରିବାର ନାହିଁ ।

କାହାର କିଛି କହିବାର ନାହିଁ ।

ସବୁ ପ୍ରଶ୍ନ ଅନୁତ୍ତରିତ ଏଇଠି । ଅସମାହିତ ଜୀଗିଷା ।

ସବୁ ଆଲୋକ ନିର୍ବାପିତ । ଅଂଧାର ଖାଲି ଅଂଧାର । ଅଂଧାରର ଅକ୍ଟୋପାସ୍ କବଳରେ କଲବଲ ସବୁ ନିରୀହ ମଣିଷ । ଅଶନିର ଅଦୃଶ୍ୟ ଦାନବ ଗିଳି ଚାଲିଛି ଯେମିତି ବର୍ତ୍ତମାନର ସବୁ ସରାଗ ସୁଖଶାନ୍ତି ସଂପ୍ରୀତି ।

ଆପଣମାନେ ନିଶ୍ଚୟ ଧୈର୍ଯ୍ୟହରା ହୋଇଯିବେଣି ହୋ !

ପଚାରିବା ସ୍ୱାଭାବିକ – କିଏ ଏ ଗୋପୀ ... ? କେତେ ବୟସ ହୋଇଥିଲା ତା'କୁ । ତୁଷାର ସହ କି ସଂପର୍କ ତା'ର ? ସେ କାହିଁକି ଏମିତି ଅଚାନକ ସୁଇସାଇଡ୍‌ର ରାସ୍ତା ଆପଣେଇନେଲା ? ଆଜିକାଲି ତ ଡ଼ିପ୍ରେସନ୍‌ରେ ଆକ୍ରାନ୍ତ ହୋଇ ଦାରୁଣ ଦୁଃଖ କଷ୍ଟ ଭୋଗୁଛନ୍ତି ଏ ଦେଶର ଅଗଣିତ ତରୁଣ ତରୁଣୀ ।

ତା'ହେଲେ ଶୁଣିବା ହେଉ ଏ କାହାଣୀ ଏଥର । ଅବଶ୍ୟ ନାୟକ ତୁଷାରର କଂଠରେ ।

ଗୋପୀନାଥ ସାବତ ଓରଫ ଗୋପୀ ପିତା ରାମନାଥ ସାବତ । ବୟସ ମାତ୍ର ବାଇଶି ବର୍ଷ । ଭଂଜ ବିହାରରେ ଫିଲୋସଫିରେ ପିଜି କରୁଥିଲା । ଏଇଟା ଥିଲା ଶେଷବର୍ଷ । ଆଉ ଛଅ ମାସ ପରେ ଫାଇନାଲ୍ ପରୀକ୍ଷା ।

ଗୋପୀ ସୁସ୍ଥ ସବଳ ଗଂଭୀର ପ୍ରକୃତିର ଯୁବକଟିଏ । ଶ୍ୟାମଳ ବର୍ଣ୍ଣ ହେଲେ ବି ଆକର୍ଷଣୀୟ ଚେହେରା । ବବୁରି ବାଳ ବେଶ୍ ମାନେ ତା'କୁ । ସେ କେବେ ହସେନା । ସବୁବେଳେ ମୁହଁକୁ ଲଟକେଇ ରଖିଥାଏ ଝଡ଼ ପରର ବସାହରା ପକ୍ଷୀଟିଏ ଭଳି । ଗୁମ୍‌ସୁମ୍ । ଅସଙ୍ଗଡ଼ିଆ । କାହା ସହ ହଠାତ୍ ମିଶି ପାରେନା । ଅନ୍ୟମନସ୍କ ସବୁବେଳେ ।

ତା' ବାପାଙ୍କର ଏ ଛୋଟ ସହରରେ ଏକ ବଡ଼ କିରାନା ଦୋକାନ । ଯେଉଁଠି ତା' ବାପା ସହ ଅନ୍ୟ ବଡ଼ ଦୁଇ ଭାଇ ବଦ୍ରିନାଥ ଆଉ ବିଶ୍ୱନାଥ ବାହାଲ । ଦିନ ରାତି ସେମାନେ ବ୍ୟସ୍ତ ରହୁଥାଆନ୍ତି ସେମାନଙ୍କ ବ୍ୟବସାୟରେ । ବେଶ୍ ସ୍ୱଚ୍ଛଳ ଅବସ୍ଥା ପରିବାରର । କୋଠାବାଡ଼ି, କାରଠୁଁ ଆରମ୍ଭ କରି ସବୁ ସୌଖୀନ ଚିଜ ଉପଲବ୍ଧ ସେମାନଙ୍କ ପାଖରେ ।

ଗୋପୀ ସବୁଠୁ ସାନପୁଅ । ଖୁବ୍ ଗେଲା ଆଉ ମୁଡ଼ି । ଯାହା ବୁଝିଥିବ ସେଇଟା ହିଁ ଫାଇନାଲ୍ । ଭଗବାନ୍ ଆସିଲେ ବି ସେ ଆଉ ହେବନି କକ୍ଷଚ୍ୟୁତ । ଭାରି ଏଣ୍ଟ୍ରୋଭେଟେଡ୍ । ଖୁବ୍ ସାଦା ସିଧା । ଗର୍ବ ଅହଂକାର ଜମା ନାହିଁ । ଅଯଥା ବକ ବକ ହେବାକୁ ପସନ୍ଦ କରେନା ।

ତୁଷାର ଏ ସହରକୁ ଆସିବାର ବର୍ଷକ ପରେ ଗୋପୀ ଆସି ମିଶିଥିଲା ତା'ସହ । ଯେହେତୁ ତୁଷାର ଥିଲା ଜଣେ ପ୍ରତିଶ୍ରୁତିପୂର୍ଣ୍ଣ ଯୁବ କବି, ତାର କବିତା ଓଡ଼ିଶାର ପ୍ରାୟ ସବୁ ପ୍ରତିଷ୍ଠିତ ପତ୍ରପତ୍ରିକାରେ ପ୍ରକାଶିତ ଓ ଆଦୃତ ହେଉଥିଲା ବିପୁଳ ପରିମାଣରେ ସେତେବେଳେ ।

ଗୋପୀ ଲେଖୁଥିଲା ପ୍ରଚୁର କବିତା । ତୁଷାରକୁ ପ୍ରତିଦିନ ସଂଧ୍ୟା ସାତଟାରେ ନିଶ୍ଚିତଭାବେ ମିଶୁଥିଲା ସିଏ । କବିତା ଆବୃତ୍ତି କରି ଶୁଣାଉଥିଲା । ହେଲେ ତା' କବିତା ଥିଲା ଦୁର୍ବୋଧ୍ୟ । କିନ୍ତୁ ଉଚ୍ଚାଙ୍ଗ । ଦର୍ଶନର ଗୁଢ଼ ତତ୍ତ୍ୱ ଓ ତିତୀକ୍ଷାରେ ଭାରାକ୍ରାନ୍ତ । ବୌଦ୍ଧିକତାରେ ଭାରି ଭାରି ଲାଗୁଥିଲା ତା' କବିତା ସମୂହ । ତୁଷାରର କବିତା ଛଳଛଳ କଳକଳ ତଟିନୀ ଭଳି ବୋଧ ହୁଏ ତ ଗୋପୀର କବିତା ନଈର ଗଭୀର ଗଣ୍ଡର ଜଳ । ସ୍ୱଚ୍ଛ କିନ୍ତୁ ଖୁବ୍ ଗଭୀର । ଭିତରକୁ ଯାଇ ଖୋଜିଲେ ମିଳିପାରେ ମହାର୍ଘ ମଣି । ଧୈର୍ଯ୍ୟ ଦରକାର ପାଠକର ଏଥି ପାଇଁ । କାହାର ସମୟ ଅଛି ଏ ଜୀବନର ଧାଁ ଧଉଡ଼ ଭିଡ଼ରେ ?

ତଥାପି ତୁଷାର ଗୋପୀର କବିତା ଶୁଣୁଥିଲା ମନ ଦେଇ । ତାରିଫ୍ କରୁଥିଲା । କେଉଁଠି ତ୍ରୁଟି ଥିଲେ ସଂଶୋଧନ କରି ବତାଇ ଦେଉଥିଲା । ଉଚ୍ଚମାନର କବିତା ବୋଲି ସାର୍ଟିଫାଏ ବି କରୁଥିଲା । ହେଲେ କାହିଁକି କେଜାଣି କବିତା ପ୍ରକାଶ ପାଇଁ ଦେବାକୁ ରୋକ୍‌ଠୋକ୍ ମନା କରୁଥିଲା ଗୋପୀ । କେତେ ବୁଝେଇଲେ ବି ତା' ଜିଦ୍‌ରେ ରହୁଥିଲା ଅଟଳ ।

କହୁଥିଲା – ସାର୍ ! ମୋ ଅଜାଣତରେ ମୋ କବିତା ପ୍ରକାଶ ପାଇଁ ଆପଣ କେବେ ବି ଦେଲେ ମୁଁ ସୁଇସାଇଡ଼ କରିଦେବି ହାଁ ... ! ବାଧ୍ୟ ହୋଇ ତୁଷାର, ଗୋପୀର କବିତା ପ୍ରକାଶ କରିବାରୁ କ୍ଷାନ୍ତ ରହୁଥିଲା ଉପାୟଶୂନ୍ୟ ହୋଇ ।

ସବୁଠୁ ବଡ଼ କଥା ହେଲା ତା'ର ବୌଦ୍ଧିକ ପ୍ରଶ୍ନସମୂହ ।

ଖାଲି ତୁଷାରକୁ ନୁହେଁ ରାସ୍ତାଘାଟ, ହସପିଟାଲ, ବସଷ୍ଟାଣ୍ଡ, ଷ୍ଟେସନ, ବସ, ଟ୍ରେକର, ବଜାର, କ୍ଲବ ସବୁଠି ତା'ର ଏ ଦୌରାତ୍ମ୍ୟ । ତେଣୁ ଗୋପୀକୁ ପାଗଳା, ଆଡ଼ବାୟା, ଗୋପୀବାୟା ବୋଲି ଅଭିହିତ କରିଥାନ୍ତି । କାରଣ ସେ ପଚାରୁଥିବା ପ୍ରଶ୍ନସମୂହର ଉତ୍ତର ସ୍ୱୟଂ ଈଶ୍ୱର ବି ଦେବାକୁ ଅକ୍ଷମ ।

କେତୋଟି ଜ୍ୱଳନ୍ତ ଉଦାହରଣ ଦିଆଯାଇପାରେ ।

– ଗଉଡ଼ଟିଏ ଯାଉଛି ଗାଈଗୋଠ ନେଇ । ଗୋପୀ ତା'କୁ ଅଟକାଇ ପଚାରିବ : ଏ ଗାଈଗୁଡ଼ାକର ଶିଙ୍ଗ ମୁଣ୍ଡରେ ନ ରହି ପଛପଟେ ରହିଲାନି କିଆଁ ? ତା' ଲାଞ୍ଜ ପଛରେ ନ ରହି ଆଗ ପଟେ ଥିଲେ କ'ଣ ଅସୁବିଧା ହୁଅନ୍ତା ?

– ଖିରବାଲା ଯାଉଛି ଖିର କେନ୍ ନେଇ ସାଇକେଲ୍ କି ସ୍କୁଟରରେ । ତା'କୁ ଅଟକାଇ ଗୋପୀ ପଚାରିବ : ଏ ଖିରରେ କେତେ ପାଣି ମିଶାଇଛ କୁହ ? ଖିର ତ ବାଛୁରୀ ପାଇଁ ଭଗବାନ ଦେଇଛନ୍ତି, ତୁମେ ତାହା ଚୋରି କରିଛ । ମୁଁ ତୁମକୁ ପୋଲିସ୍‌ରେ ଦେବି । ତମେ ଚୋର – ଧପ୍‌ପାବାଜ–ସଇତାନ–ପାପୀ ...

– ହସପିଟାଲ ପରିସରରେ କୌଣସି ରୋଗୀକୁ ଅଟକାଇ ପଚରିବ ଗୋପୀ : ତମର କଣ ହୋଇଛି ? ରୋଗୀଟି କହିବ ତା' ପେଟ କାଟୁଛି ଜୋରରେ । ଗୋପୀ କହିବ : କାହିଁକି କାଟୁଛି ପେଟ ତୁମର–ଜାଣିଛ । ପେଟଟା ପ୍ରକୃତରେ ମୁଣ୍ଡ ଉପରେ ରହିବା କଥା । ଏତେ ତଳକୁ ଥିବାରୁ ଭାରି ହୋଇ ଓହଳି ଯାଇ କାଟୁଛି ହୋ ତା'କୁ ତମେ ଡ଼ାକ୍ତରକୁ କହି ମୁଣ୍ଡ ଉପରକୁ ନେଇଯାଅ ।

– ପାଠ ପଢ଼ିବାକୁ ଛାତ୍ରଟିଏ କି ଛାତ୍ରୀଟିଏ ସ୍କୁଲ କି କଲେଜ ଯାଉଛି ତ ତା'କୁ ଅଟକାଇ ଗୋପୀ ପଚାରିବ : ସ୍କୁଲ କଲେଜ ଯାଉଛ କ'ଣ ପାଇଁ ? ସେଠି ପରା ସବୁ ମୂଷାମାନେ ରହନ୍ତି । ତମକୁ କାଟି କୁଟି ସଫା କରିଦେବେ । ବରଂ ତୋଟାରେ ପାଠ ପଢ଼ । ଆଚ୍ଛା ପାଠ ବୋଇଲେ ବହି ନୁହେଁ ବା ନଈ ! ନଈକୁ ଯାଅ ମନଇଚ୍ଛା ପହଁର । ମାଛ ଧର । ତୋଟାରେ କୋଇଲିର ଗୀତ ଶୁଣ । ବଂଶୀ ଫୁଙ୍କ । ଖୁବ ଭଲ ଲାଗିବ ।

– ପରିବା ବଜାରକୁ ଯାଇ ପରିବା ଦୋକାନୀକୁ ପଚାରିବ ଗୋପୀ : ଆଚ୍ଛା ଏ ଆଳୁ ଗୋଲ ଆଉ ମାଟିଆ ରଂଗ ହେଲା କାହିଁକି ? ଏ କଲରାର ଦେହ ଏମିତି ଆବୁଡ଼ାଖାବୁଡ଼ା କିଆଁ ... ? ଟମାଟର ରଙ୍ଗ ଲାଲ ଆଉ ଖଟା କାହିଁକି ହେଲା ଯେ ... । ଆଚ୍ଛା ପରିବା ସବୁକୁ କଂଚା ଖାଇଦେଲେ ହୁଅନ୍ତାନି ? ଏତେ ଜାଳ, ପରିଶ୍ରମ, ତେଲ ମସଲା ଲୁଣ ବେକାରରେ ନଷ୍ଟ ହେଉଛି ନା !

– କିରାନା ଦୋକାନକୁ ଯାଇ ପଚାରିବି ଗୋପୀ । ଏ ଚିନି ମିଠା ବଦଳରେ ଖଟା ଲାଗନ୍ତାନି ? ଲୁଣ ଲାଗନ୍ତାନି ମିଠା ? ଡ଼ାଲି ଚାଉଳ କଂଚା ଖାଇଦେଲେ ହୁଅନ୍ତାନି । ସବୁ ତ ପେଟ ଭିତରକୁ ଯିବ । ଏତେ କଷ୍ଟ କରି ରାନ୍ଧିବାର ଆବଶ୍ୟକତା କଣ ଯେ ... ? ଆଚ୍ଛା ବିଲକୁଲ ଭୋକ ନ ଥିଲେ ତେଣ୍ଟା ଯାଆନ୍ତା ହୋ ଏ ପେଟ ପାଇଁ ସିନା ସବୁ ନାଟ ଏ ଦୁନିଆରେ ।

– ବସ୍‌ଷ୍ଟାଣ୍ଡରେ ବସ୍ ଡ୍ରାଇଭରକୁ ଅଟକାଇ ପଚାରିବ ଗୋପୀ : ଆଚ୍ଛା ଭାଇନା ଏ ବସ୍‌ର ଚାରିଟି ଚକା କାହିଁକି ? ଚାଳିଶଟା ଚକା କି କିଛି ଚକା ନ ଥିଲେ ହୁଅନ୍ତାନି ? ଏ ଷ୍ଟିଅରିଂ / ବ୍ରେକ୍ ଗୋଟାଏ ଗୋଟାଏ ପ୍ରତ୍ୟେକ ପାସେଞ୍ଜର ହାତରେ ଧରାଇଦେଲେ ଖୁବ୍ ଭଲ ହୁଅନ୍ତାନି । ଯିଏ ଯେଉଁଠି ଚାହାଁନ୍ତା ଓହ୍ଲେଇପାରନ୍ତା କି ଚଢ଼ିପାରନ୍ତା ।

– ଜିମନାସିୟମକୁ ଯାଇ ପଚାରିବି

ୱେଟଲିଫଟରକୁ ଗୋପୀ : ବାବୁ ଏ ଯେଉଁ ଓଜନ ଉଠାଉଛ ଏତେ କଷ୍ଟ କରି । କ'ଣ ମିଳୁଛି ଏ ଝାଳୁବହା ବେକାର ପରିଶ୍ରମରୁ କୁହ ତ । ବରଂ ଓଜନକୁ କୁହ ସେ ତମକୁ ଉଠେଇବ ଆଉ କଚାଡ଼ିବ । ଏ ଓଜନକୁ ପୋଷା କୁକୁର ଭଳି ତମେ ପୋଷା ମନାଅ । ଦେଖିବ ସେ ତୁମର ବୋଲ ମାନିବ ।

– ରିକ୍ରିଏସେନ୍ କ୍ଲବକୁ ଯାଇ ବାଜା ବଜାଉଥିବା ଶିଳ୍ପୀକୁ ପଚାରିବ ଗୋପୀ : ଏ ମ୍ୟୁଜିକ ଇନଷ୍ଟ୍ରୁମେଣ୍ଟ କାହିଁକି ବଜାଉଛ ବେକାରରେ ଭାଇ ! ଗଧ ରଡ଼ି ଭଳି ଭେଁ ଭେଁ ଶୁଭୁଛି ଖାଲି । ଏ ଗିଟାରକୁ କୁହ ସେ ତମକୁ ବଜାଇବ । ଏ ବଂଶୀକୁ କୁହ ସେ ତୁମକୁ ଫୁଙ୍କିବ । ଏ ତବଲା/ଢୋଲକି / ଟ୍ରଙ୍ଗ-ବଙ୍ଗକୁ କୁହ ସେମାନେ ତମକୁ ବଜାଇ ବଜାଇ ଧ୍ୱନିବ୍ରହ୍ମ ସୃଷ୍ଟି କରିବେ ।

– ଛୋଟପିଲାଟିକୁ କାଖରେ ନେଇ ମାଆଟିଏ ଯାଉଛି ତ ତା'କୁ ଅଟକାଇ ପଚାରିବ ଗୋପୀ : ମାଆ ତମେ ଏ ଛୁଆର ମା' ନ ହୋଇ ସିଏ ତୁମର ବାପା ହୋଇଥିଲେ ହୁଅନ୍ତାନି । ତା'ଛଡ଼ା ଏଭଳି ବଡ଼ ଛୁଆଟା ଚାଲିପାରୁନି ଯେ କାଖରେ ଧରିଛ । ତା'କୁ ତଳକୁ ଓହ୍ଲାଇ ଦିଅ ଦେଖିବ ସେ ହାତରେ ଚାଲିବ ବେଶ୍ ଆରାମରେ । ଆଚ୍ଛା ! ତମେ ଏ ଛୁଆର ପ୍ରକୃତ ମା' ବୋଲି ପ୍ରମାଣ ଦେଇପାରିବ ଏବେ ... ଏଇଠି ... ଏଇ ମୁହୂର୍ତ୍ତରେ ... !

– ଅଫିସକୁ ଯାଉଥିବା କିରାଣୀ କି ଅଫିସରଙ୍କୁ ଅଟକାଇ ପଚାରିବ ଗୋପୀ; ଭାଇନା ! ତମେ ଅଫିସ ନ ଯାଇ ସିବିଟ୍‌କୁ ଯାଉନ । ସେଇଠି ବସି ଲହରୀ ଗଣିଲେ ବି ପଇସା ମିଳିବ । ସେ ନିର୍ଜୀବ ଫାଇଲ ଚାଷ ନ କରି ଫାଇଲକୁ କୁହ ସେ ତୁମକୁ ଚାଷ କରିବ । ଦେଖିବ ସୁନା ଫଳିବ । ଖାଣ୍ଟି ଚବିଶ କ୍ୟାରେଟ୍ ସୁନା । ଖାଦ ଶୂନ୍ । ଆଚ୍ଛା ନେତାମାନେ ତମକୁ ଅର୍ଡ଼ର ଦେଉଛନ୍ତି ନା ! ତମେ ସେମାନଙ୍କୁ ବଳଦ ଭଳି ଯୋଚି ହଳ କରାଅ । ଦେଖିବ ଦେଶର ପ୍ରଗତି, ଦୌଡ଼ିବ ଅଚାନକ ଉପରମୁହାଁ ହୋଇ । କଲମ, କାଗଜ ବଦଳରେ ଧର ପାଂଚଣବାଡ଼ି ଆଉ ଲଂଗଳକଣ୍ଟି । ଅର୍ଥନୈତିକ ଅଭିବୃଦ୍ଧି ଘଟିବ ସାରା ଦେଶରେ । ଘିଅ ମହୁରେ ଭାସିବେ ଜନତା ।

– ମୂଲିଆଟିଏ ଯାଉଛି ମୂଲ ଲାଗିବା ପାଇଁ । ମୁଣ୍ଡରେ ଭିଡ଼ିଛି ଠେକା । ହାତରେ କୋଡ଼ି-କୋଦାଳ-ଗଇଁତି କି ଶାବଳ । ତାକୁ ଅଟକାଇ ପଚାରିବ ଗୋପୀ । କିସ ପାଇଁ ଏତେ ପରିଶ୍ରମ କରୁଛ କହିଲ ଭାଇ । ମାଲିକ ପାଇଁ ତ ! ମାଲିକକୁ ପଚାର ଏ ମାଟି-ଏ ଜମି- ଏ ଘର କାହାର ? ସବୁ ଇଶ୍ୱରଙ୍କର । ଏ ମାଲିକାନା ସାମୟିକ ଏହା ଚିରସ୍ଥାୟୀ ନୁହଁ । ଲଙ୍ଗଳା ହୋଇ ଆସିଛେ ଏକା କିଛି ଆଣିନାହେଁ । ଗଲାବେଳେ ବି ଯିବା ଏକା ସେମିତି ଲଙ୍ଗଳା ହୋଇ କିଛି ନେବା ନାହିଁ । ଏ ଅଢ଼େଇ ଦିନିଆ ଦୁନିଆରେ ଏ ବୃଥା ବଢ଼େଇ କିଆଁ ? ସବୁ ତ ନିଆଁରେ ଜଳିଯିବ ଅହଂକାର ଓ ମୋର ମୋର ହେବାର ମିଛ ଘଟାଟୋପ ।

ଏମିତି ଏମିତି ଅନେକ ଅନେକ ଅବାସ୍ତବ ଅଜବ ପ୍ରଶ୍ନ ପଚାରି ଆକ୍ରାମାକ୍ରା କରି ଦେଉଥିବ ସବୁବେଳେ ଗୋପୀ ସମସ୍ତଙ୍କୁ । ସ୍ଥାନ କାଳ ପାତ୍ରର ବିବେଚନା ନଥାଏ ତା'ର । ପ୍ରତିଦିନ ଗୋଟିଏ ହଁ ପ୍ରଶ୍ନ ପଚାରିଥାଏ ସିଏ । କେଉଁ କେଉଁ ଦିନ କିଛି ବି ପ୍ରଶ୍ନ ପଚାରି ନଥାଏ । ବେଶୀ ସମୟ ଷ୍ଟେସନର ଫୁଟ୍‌ଓଭରବ୍ରିଜ୍ ମଝିରେ ଘଣ୍ଟା ଘଣ୍ଟା ବସି ରହି ଟ୍ରେନ୍, ପକ୍ଷୀ ଆଉ ଆକାଶ ସହ ମନକୁ ମନ କଥା ହେଉଥାଏ ସିଏ ଏକା ଏକା ।

କାହାର କିଛି କ୍ଷତି କରୋନା ଗୋପୀ । କାହା ମନରେ ଦିଏନା ଆଘାତ । କେବେ ରାଗେନା କାହା ଉପରେ । ଖୁବ୍ ମିଠାସ୍ ସ୍ୱରରେ ବାଳୁତ ଅବୋଧ ପିଲାଟିଏ ପରି ପଚାରେ ପ୍ରଶ୍ନ ସବୁ । ଛନ୍ଦ-କପଟ-ମିଥ୍ୟାଠାରୁ ବହୁତ ଦୂରରେ ସିଏ । ଯାହା କହେ ମୁହଁ ଉପରେ । ପଛରେ ଚାକୁ ଚଳେଇ ଆଗରେ ଚକୋଲେଟ୍ ବଚନ କହେନା କାହାକୁ । ଖୁବ୍ ସରଳ ବିଶ୍ୱାସୀ । ଶାକାହାରୀ । ପରିଶ୍ରମୀ । ସାହାଯ୍ୟ ମନୋବୃତ୍ତି ।

ଗୋପୀ ପଚାରୁଥିବା ପ୍ରଶ୍ନର ଉତ୍ତର ଆଗନ୍ତୁକ ଦେବାରେ ତ ସକ୍ଷମ ହୁଏନା ବରଂ ତା' କବଳରୁ କୌଣସି ପ୍ରକାରେ ଖସି ଚାଲିଯାଏ ଚତୁରଭାବେ ।

ହେଲେ ତୁଷାର ଆଉ କୁଆଡ଼େ ଖସି ଯାଇପାରିବ ଗୋପୀ କବଳରୁ । ସେ ଗୋପୀକୁ ତ ନିଜର ଛୋଟଭାଇ ଭଳି ଭଲପାଇ ବସିଛି ନିଜ ଅଜାଣତରେ । କୌଣସି ଅଜଣା ଦୃଢ଼ ବଂଧନରେ ବାନ୍ଧି ହୋଇଯାଇଛି ଅତି ନିବିଡ଼ଭାବେ ସିଏ ।

ଗୋପୀ ପ୍ରତିଦିନ ଅନ୍ତତଃ ଗୋଟିଏ ପ୍ରଶ୍ନ ପଚାରେ ତୁଷାରକୁ ।

ଯାହାର ଉତ୍ତର ସେ ଦେଇ ପାରେନା । ନିଜର ଅକ୍ଷମତା ପ୍ରକାଶ କଲେ ସହଜରେ ମାନେନା ଗୋପୀ ।

କହେ-ଆପଣ ଦ୍ୱିତୀୟ ଇଶ୍ୱର । ଐଶୀ ଶକ୍ତି ନଥିଲେ କ'ଣ ଆପଣ ଏଡ଼େ ସୁନ୍ଦର ମନମୋହିଆ କଦମ୍ବଫୁଲ ଭଳି ମହମହ ବାସ୍ନା ଭରା କବିତା ଏତେ ପରିମାଣରେ ଲେଖିପାରନ୍ତେ ନା । ଆପଣ ଚାହିଁଲେ ମୋ ପ୍ରଶ୍ନର ଉତ୍ତର ନିଶ୍ଚୟ ଦେଇପାରିବେ । ଚବିଶ ଘଣ୍ଟା ଟାଇମ୍ ନିଅନ୍ତୁ । ନହେଲେ ଅଠଚାଳିଶ/ ବାସ୍ତରୀ/ଛୟାନବେ/ଶହେ କୋଡ଼ିଏ ଘଣ୍ଟା ବି ନେଇପାରନ୍ତି । ନୋ ପ୍ରୋବ୍ଲମ୍ ।

ତୁଷାର କହେ – ତମେ ଗୋଟାଏ କାମ କର । ପ୍ରଶ୍ନ ସବୁ ଗୋଟିଏ ଧଳା କାଗଜରେ ଲେଖି ପ୍ରତିଦିନ ଦେଇଦିଅ ମତେ । ମୁଁ ପରେ ପଢ଼ି ବା କାହାକୁ ପଚାରି... ।

ସେ ଆପତ୍ତି ଜଣାଏ । କହେ – ଆପଣ କପଟ କରୁଛନ୍ତି । ଆପଣ କବି-ଜ୍ଞାନୀ-ଗୁଣୀ-ଶିକ୍ଷିତ । ତିନି ତିନିଟା ଏମ୍.ଏ.ଏଲ୍‌ଏଲ୍‌ବି ପଢ଼ିଛନ୍ତି । ଆପଣ ଏକା ନିଶ୍ଚୟ ପାରିବେ । ଏ ଦୃଢ଼ ବିଶ୍ୱାସ ମୋର ଅଛି ।

ତା'ର ପ୍ରଶ୍ନଗୁଡ଼ିକ ସେମିତି ଅନୁତ୍ତରିତ ଅନ୍ୱେଷା ହୋଇ ରହିଗଲା ସବୁଦିନ ପାଇଁ । ତୁଷାର ନିଜକୁ ଦୋଷୀ ଦୋଷୀ ମନେ କରୁଥିଲା ଆଜିର ଏ ଶୋକାପ୍ଲୁତ ସମୟରେ ।

ଗୋପୀର ପ୍ରଶ୍ନ ସମୂହରୁ କେତୋଟି ଏଇଠି, ଦିଆଯାଇପାରେ ।

– ଆପଣ ଇଶ୍ୱରଙ୍କୁ ଦେଖିନାହାନ୍ତି କି ଅନୁଭବ କରିନାହାନ୍ତି ତାଙ୍କରି ସତ୍ତା । କେମିତି ବିଶ୍ୱାସ କରିବା ଯେ ଏ ପୃଥିବୀରେ ଇଶ୍ୱର ଅଛନ୍ତି ବୋଲି ? ଖାଲି ପାଷାଣ ମୂର୍ତ୍ତିକୁ ପୂଜା କରିବା ଅଂଧବିଶ୍ୱାସ ନୁହେଁ ତ ଆଉ କଣ କୁହନ୍ତୁ ?

– ସୂର୍ଯ୍ୟ ପୂର୍ବଦିଗରେ ଉଦୟ ନ ହୋଇ ପଶ୍ଚିମ ଦିଗରେ ଉଦୟ ହୋଇ ପୂର୍ବ ଦିଗରେ ଅସ୍ତ ଗଲେ କଣ କ୍ଷତି ହୁଅନ୍ତା । ଆକାଶଟା ନୀଳ ରଂଗର ନ ହୋଇ ଲାଲ୍ ରଂଗରେ ରଂଗାୟିତ ହେଲେ ହୁଅନ୍ତାନି ?

– ଗୋଟିଏ ପୁରୁଷ ସହ ନାରୀର ମିଳନ କ'ଣ କେବଳ ସନ୍ତାନ ଉତ୍ପାଦନ ନା ଦୈହିକ କ୍ଷୁଧା ନିବାରଣ ପାଇଁ ଅଭିପ୍ରେତ । ଆଜିକାଲି ସେମ୍ ସେକ୍ସ ମ୍ୟାରେଜ୍, ଲିଭ ଇନ୍, ଲଭ୍ ମ୍ୟାରେଜର ବହୁଳ ପ୍ରଚଳନ କାହିଁକି ?

– ପୃଥିବୀ ତା' କକ୍ଷରେ ନ ଘୁରି ସ୍ଥିର ରହିଥିଲେ କ'ଣ ହୋଇଥାନ୍ତା କୁହନ୍ତୁ ।

– ମା' ତା' ଛୁଆକୁ କ୍ଷୀର ନ ଦେଇ କୁକୁର-ବିରାଡ଼ିମାନଙ୍କୁ ଖୁଆଇଲେ କ'ଣ କ୍ଷତି ହୁଅନ୍ତା । କାରଣ ଛୁଆ ତ ଗାଇ କ୍ଷୀର ପିଇପାରନ୍ତା ।

– ଅଛୁଆଁ କହି ଦଳିତ ସଂପ୍ରଦାୟର ମଣିଷଙ୍କୁ ମନ୍ଦିରକୁ ପ୍ରବେଶ ଅନୁମତି ଦିଏ ନାହିଁ କାହିଁକି ଏ ଶିକ୍ଷିତ ସମାଜ ?

– ଆମେ ରନ୍ଧା ଖାଦ୍ୟ ନ ଖାଇ କେବଳ ଫଳମୂଳ ଖାଇ ବଂଚିପାରିବାନି ... ?

– ହଠାତ୍ ଯଦି ଆମେ ନିଃଶ୍ୱାସ ନେଉଥିବା ଅମ୍ଳଜାନ ଏ ପୃଥିବୀରୁ ଶେଷ ହୋଇଯାନ୍ତା ଆଉ ଅଂଗାରକାମ୍ଳ ବି ପ୍ରସ୍ତୁତ ନ ହୁଅନ୍ତା । ତେବେ ...

– ସମୁଦ୍ରର ପାଣି ଭଳି କୂଅ, ପୋଖରୀ, ନଳକୂପ, ନଈର ପାଣି ଯଦି ଲୁଣିଆ ହୋଇଯାଆନ୍ତା !

– ରାମଚନ୍ଦ୍ର ସୀତାଙ୍କୁ ଅଗ୍ନିପରୀକ୍ଷା କରିବାକୁ କହି,

ପରୋକ୍ଷରେ ତାଙ୍କରି ଚରିତ୍ରକୁ ସନ୍ଦେହ ଚକ୍ଷୁରେ ଦେଖିଥିଲେ । ଅଥଚ ରାମଚନ୍ଦ୍ରଙ୍କର ଚରିତ୍ର ବିଷୟରେ ସୀତାଦେବୀ ଯଦି ପଚାରିଥାଆନ୍ତେ ? ସେ ପୁରୁଷ ବୋଲି କଣ ସାତଖୁଣ ମାଫ୍ ।

– ନାରୀଟିଏ ପୁରୁଷର ମା, ଭଉଣୀ, ସ୍ତ୍ରୀ ଏପରି ତିନିଟି ଭୂମିକାରେ ଅବତୀର୍ଣ୍ଣ ହୋଇଥାଏ ହେଲେ ଶାରୀରିକ ଗଠନ ଦୃଷ୍ଟିରୁ ସବୁ ନାରୀ ତ ସମାନ କାହିଁକି ? ସେମାନଙ୍କର ଆଚରଣ କ'ଣ ଭିନ୍ନ ଭୂମିକା ପାଇଁ ଯଥେଷ୍ଟ ?

– ବୁଦ୍ଧ କାହିଁକି ସଂସାର ପ୍ରତି ବୈରାଗ୍ୟ ହୋଇ ସୁନ୍ଦରୀ ସ୍ତ୍ରୀ, ବାଳୁତ ପୁଅ, ରାଜ ସିଂହାସନ ତ୍ୟାଗ କରି ସନ୍ୟାସୀ ଜୀବନ ଆଦରି ନେଇଥିଲେ ? କାମନାର ବିନାଶରେ ଦୁଃଖର ବିନାଶ କେତେଦୂର ସତ ? ଅନ୍ୟକୁ ଦୁଃଖ ଦେଇ ନିର୍ବାଣ-ମୋକ୍ଷ-ଜପ ତପର ମୂଲ୍ୟ କଣ ?

– ନିରୀହ ନିର୍ଦ୍ଦୋଷ ମାଛ, ଛେଳି, ଗାଈ, କୁକୁଡ଼ାଙ୍କୁ ମାରି କେବଳ ଜିହ୍ୱା ଲାଳସାକୁ ଚରିତାର୍ଥ କରିବା କେତେଦୂର ଯୁକ୍ତିଯୁକ୍ତ । ସେମାନଙ୍କର ବି ଏଇ ସସାଗରା ଧରାରେ ବଂଚିବାର ଅଧିକାର ଅଛି ନା ନାହିଁ ?

ଏମିତି ଏମିତି ଅନେକ ଅନେକ ପ୍ରଶ୍ନର ଲମ୍ବା କ୍ୟୁ । ପ୍ରାୟ ଦୁଇବର୍ଷର ସଂପର୍କରେ ଛଅଶହ ସାତଶହ ପ୍ରଶ୍ନ ଲେଖାଥିବା କାଗଜ ଗୋପୀ ଦେଇଥିବ ତୁଷାରକୁ । ଯାହାକୁ ସେ ଗୋଟାଏ ଫାଇଲ୍‌ରେ ସଯତ୍ନେ ସାଇତି ରଖିଛି ଆଜିଯାଏଁ ।

ଗୋପୀ କେବେ ବି ଗତକାଲିର ପ୍ରଶ୍ନର ଉତ୍ତର ପାଇଁ ପଚାରେନା । ନୂଆ ପ୍ରଶ୍ନାଙ୍କିତ କାଗଜଟିଏ ବଢ଼ାଇଦିଏ ପ୍ରତିଦିନ ବିଶ୍ୱସ୍ତ ଅମାତ୍ୟ ଭଳି । ତା'ର ଅକ୍ଷର ଏତେ ଗୋଲ, ନିଟୋଳ ଆଉ ନିର୍ଭୁଲ ଯେ ପ୍ରିଣ୍ଟ ଭଳି ବୋଧ ହୁଏ ଦେଖିଲେ । ତା' ମୁହଁ ଦିଶେ ସେ ନିର୍ଜୀବ ଅକ୍ଷରରେ ।

ଗୋପୀଘର ପଡ଼ିଶା ଘରେ ରୁହନ୍ତି ଜିଲ୍ଲା ଶ୍ରମ ଅଧିକାରୀ ପୁରୁଷୋତ୍ତମବାବୁ । ତାଙ୍କରି ଏକ ମାତ୍ର କନ୍ୟା ରତ୍ନ ଗୋପା ଦେଖିବାକୁ ଅନିନ୍ଦ୍ୟ ସୁନ୍ଦରୀ । ନୀଳପରୀ, ଆସମାନତାରା, ଲାବଣ୍ୟବତୀ ଆଖ୍ୟା ଦିଆଯାଇପାରେ । ଗୋପୀର ମା' ଆଉ ଗୋପାର ମା' ପିଲାଦିନୁ ଦି ସମୁନ୍ଧୁଣୀ ହୋଇ ମହାପ୍ରସାଦ ଛୁଇଁ ଗୋପୀ ଓ ଗୋପାର ବିବାହ ପାଇଁ ଶପଥ ନେଇଛନ୍ତି । ଏକଥା ସାରା ସହରରୁ ଜନତାଙ୍କୁ ଗୋଚର । ଗୋପା ପଢ଼େ ଓମେନସ୍ କଲେଜରେ ବି.ଏ । ଶେଷ ବର୍ଷ ତା'ର ଏଇଟି ।

ଗୋପୀର ଏ ପାଗଳାମୀ-ଆଡ଼ବାୟାପଣ ପାଇଁ ତାଙ୍କରି ଘରଲୋକେ ବହୁତ ବ୍ୟତିବ୍ୟସ୍ତ-ବିବ୍ରତ । ହେଲେ ଗୋପା ନିଶ୍ଚିନ୍ତ-ନିଧଡ଼କ । ସେ ଖୁବ୍ ପଜିଟିଭ୍ । ଗୋପୀକୁ ତା'ର ରୂପର କାଉଁରୀ ସ୍ପର୍ଶ ଆଉ ନିରୁତା ପ୍ରେମର ପୀୟୂଷ ପିଆଇ ପରିବର୍ତ୍ତିତ କରିଦେଇପାରିବ ଏ ଦୃଢ଼ ବିଶ୍ୱାସ ତା'ମନରେ ଅଖଣ୍ଡ ଦୀପ ଭଳି ଜଳୁଥିଲା ଅହରହ ।

ହେଲେ ଗୋପୀର ପ୍ରଶ୍ନ ତୁଷାରକୁ ଅଚାନକ ଦିନେ-ସାର୍ ! ଗୋପାକୁ ବାହାହେବା ପାଇଁ ଆମ ଘରେ ବହୁତ ପ୍ରେସର କରୁଛନ୍ତି । କିନ୍ତୁ ମୋ ଭଉଣୀ ରୀନାକୁ ହିଁ ଦେଖୁଛି ମୁଁ ଗୋପାର ଚେହେରାରେ । ତା'ଛଡ଼ା ସତ କହିଲେ ସାର୍ ବାହା ହୋଇ ଆପଣ କଣ ଖୁସି ?

ତୁଷାର ଉତ୍ତର ଫେରାଏ – ଦେଖ ଗୋପୀ ଇଏ ଦିଲ୍ଲୀକା ଲଡୁ । ଯୋ ଖାୟା ଓ ପସ୍ତାୟା ଔର ଯୋ ନ ଖାୟା ଓ ବି ପସ୍ତାୟା ସାମାଜିକ ଦାୟିତ୍ୱ ଆଉ ବଂଶରକ୍ଷା ପାଇଁ ବାହାହେବାକୁ ପଡ଼ିବ । ତା'ଛଡ଼ା ଦାମ୍ପତ୍ୟ ଜୀବନରେ ମଧୁରତା ତ ଥାଏ ଗୋପୀ ! ଥରେ ଅନ୍ତତଃ ତା' ସ୍ୱାଦ ଆହରଣ କରାଯାଉ । କ୍ଷତି କଣ ?

– ନା ସାର୍ । ତାହା ସୁଗାର୍ କୋଟେଡ୍ ବିଷ । ଜହର ଜହ୍ନରାତି । ଉତ୍କଟ ପଟାସିୟମ୍ ସାଏନାଏଡ୍ । ପ୍ରାଣ ଚାଲିଯିବ ସାର୍ ମଣିଷ ବଂଚି ଜୀଅନ୍ତା ଶବ ପାଲଟିଯିବ । ମୁଁ ସତ କହୁଚି ସାର୍ ମତେ ବାହାଘର ପାଇଁ ସମସ୍ତେ ଅତି ପ୍ରେସର୍ କଲେ ନା ମୁଁ ...

ଝଡ଼ବେଗରେ ଚାଲିଗଲା ଯେ ଗୋପୀ ସେ ଦିନ, ପ୍ରାୟ ସାତ ଦିନ ଯାଏଁ ତୁଷାର ପାଖକୁ ଆଉ ଆସିଲାନି । ତୁଷାର ଭାବେ ପ୍ରତିଦିନ ଗୋପୀ ଘରକୁ ଯାଇ ମିଶିବ ତା'କୁ । ଘର ଜଂଜାଳ ଆଉ ଅଫିସ୍ କାମରେ ବ୍ୟସ୍ତ ରହି, ତୁଷାର ତା' ଘରକୁ ଯିବା ଆଉ ସମ୍ଭବ ହୋଇପାରି ନଥିଲା ଆଜିଯାଏ ।

ପ୍ରକୃତରେ ଆଜି ଥିଲା ଗୋପୀର ଜନ୍ମଦିନ । ମା' ଦୁର୍ଗାଙ୍କର ମହାସପ୍ତମୀ ପୂଜା । ମନେ ମନେ ଭାବିଥିଲା ତୁଷାର ଗୋପୀକୁ ସର୍‌ପ୍ରାଇଜ୍ କରିଦେବ ସକାଳୁ ସକାଳୁ ତା' ଘରକୁ ଯାଇ । ନୂଆ ଡ଼ାଏରୀ, ନୂଆ ପେନ୍, ମିଠା ପ୍ୟାକେଟ୍, ଫୁଲତୋଡ଼ା କିଣି ଆଣି ରଖିଥିଲା କେତେ ଆଗ୍ରହରେ ଅଥଚ ...

ଗୋପୀଘରର ସମସ୍ତେ ଏଇ ନିର୍ବନ୍ଧ ଉତ୍ସବକୁ ଗୋପନ ରଖିଥିଲେ । ଦୁଇ ଘରର ମା ବାପା, ଭାଇ ଭଉଣୀ ଭିତରେ ସୀମିତ ଥିଲା ଏ ଖବର । କାଲି ସପ୍ତମୀ ପୂଜାଘରେ ହେବ । ତୋର ତ ଜନ୍ମଦିନ । ତୁ ପୂଜାରେ ବସିବୁ । କୁଆଡ଼େ ପଳେଇବୁନି ବୋଲି ଗୋପୀର ମା ଗୋପୀକୁ ସଂଧ୍ୟାରେ କହିଥିଲେ କେବଳ ।

ହେଲେ ରାତି ଦଶଟାରେ ଛୋଟ ଚିରକୁଟଟିଏ ପାଇଲା ଗୋପୀ-ଗୋପାଠାରୁ ଝରକାପଟେ । ଯେଉଁଥିରେ ଲେଖାଥିଲା – କାଲି ଆମ ଦୁହିଁଙ୍କର ନିର୍ବନ୍ଧ ସକାଳ ଦଶଟାରେ । ସ୍ୱିଟ୍ ଡ୍ରିମ୍ । ଗୁଡ୍ ନାଇଟ୍ । ତମର ସ୍ୱିଟ୍ ହାର୍ଟ ଗୋପା ... ।

ବୋଧେ ବିଚଳିତ – ବିଗଳିତ-ଅସ୍ଥିର ଗୋପୀ କାଲି ରାତିରେ ହିଁ ସୁଇସାଇଡ୍ କରିବା ପାଇଁ ମନସ୍ଥ କରି ଜୀବନ ହାରିଦେଇଛି ଟ୍ରେନ୍ ଲାଇନ୍‌ରେ ।

ଶ୍ମଶାନରେ ଜଳୁଛି ଚିତା ହୁ ହୁ ହୋଇ । ଗୋପୀର ସବୁ ପ୍ରଶ୍ନର ଫାଇଲ, ନୂଆ ଡ଼ାଏରୀ, ପେନ୍, ମିଠା ପ୍ୟାକେଟ୍, ଫୁଲତୋଡ଼ା ସବୁ ଜୁଇରେ ପକାଇ ଦେଲା ତୁଷାର । ଶୁଣିଲା ଗୋପୀ ତା'ର ସବୁ କବିତା ଡ଼ାଏରୀ ରାତିରେ ହିଁ ପୋଖରୀରେ ଫିଙ୍ଗିଦେଇଛି ।

ଏ କଣ ! ଗୋପୀ ହସି ହସି ଆସି ତୁଷାରର ପାଦ ଛୁଇଁଲା । ପଚାରିଲା – "ସାର୍ ମୁଁ ଜିଣିଗଲି ନା । ଆପଣ ସମେତ ସମସ୍ତେ ଶୋଚନୀୟଭାବେ ହାରିଗଲେ । ମୁଁ ଦିନେ କହିଥିଲି ନା- ମୁଁ ଆଲୋକ । ମୁଁ ଶବ୍ଦବହ୍ମ -କାୟାକଳ୍ପ । ମୁଁ ଅମର କିନ୍ତୁ'' .... କ୍ରମଶଃ ଅଂଧାରରେ ହଜିଯାଉଥିଲା ଗୋପୀ ।

ତୁଷାର ଆଖିରେ ଅଂଧାର ... ଖାଲି ଅଂଧାର... କିଟିକିଟି ଅଂଧାର ... ସେ କିଛି ଦେଖିପାରୁ ନଥିଲା । ପାଟି କରି ଡ଼ାକୁଥିଲା – ଗୋପୀ ... ଏ ଗୋପୀ ... ଶୁଣ । ଶୁଣ ଥରେ ।

ସମସ୍ତେ ବିସ୍ମୟାଭିଭୂତ ହୋଇ ଚାହିଁ ରହିଥିଲେ ତୁଷାରକୁ ।

ଗୋପୀର ଜୁଇ ତଥାପି ଜଳୁଥିଲା ଲେଲିହାନ ଶିଖା ତୋଳି । କିଏ ଯେମିତି କାନ୍ଦି କାନ୍ଦି କହୁଥିଲା- ନାହିଁ ନାହିଁ ଗୋପୀ ଆଉ ନାହିଁ । ହଜି ଯାଇଛି ତା'ର ସତ୍ତା ଅଂଧାରର ଆଁ ଭିତରେ ସବୁଦିନ ପାଇଁ... ହଁ ହଁ ସବୁଦିନ ପାଇଁ ।।

*ସିଏସ୍ - ୫/୨୦୧, ସୁପରଟେକ୍*
*କେପ୍‌ଟାଉନ୍, ସେକ୍ଟର - ୭୪,*
*ନୋଏଡ଼ା - ୨୦୧୩୦୧ (ୟୁପି) ଏନ୍‌ସି ଆର*
*ଦୂରଭାଷ: ୯୮୧୦୭୬୨୯୭୬*

# ଚୁନ୍‌ରୀ

## ଡକ୍ଟର ବୈଜୟନ୍ତୀ ମିଶ୍ର

ସେତେବେଳେ ଚୁନ୍‌ରୀକୁ ତେରବର୍ଷ ମାତ୍ର। ଯେଉଁ ବୟସରେ ଝିଅଟିଏ ଦୁନିଆକୁ ଚିହ୍ନିବାକୁ ଆରମ୍ଭ କରିଥାଏ। ଯେଉଁ ବୟସରେ ବୁଝାମଣାର ସଂସାର ଭିତରେ ଅବୁଝା ପଣିଆକୁ ଜାହିର୍ କରେ ବାପା, ମା ପାଖରେ। ସେହି ବୟସରେ ଥିଲା ସେ। କୋଉଠି କରିବ ଅଳି ଅଝଟ? ବାପା କ'ଣ ଜାଣିନି କି ଦେଖିନି। ମା'କୁ ଦେଖିଛି। ଯିଏ ନା ବିବାହିତା... ନା ଅବିବାହିତା... ନା ସଧବା... ନା ବିଧବା ତା' ଚେହେରାରେ କିଛି ଜଣାପଡ଼େନି– ସେଇ ତା'ର ମା' ଜାନି। ଆମେ ସମ୍ବଲପୁରେ ଥିବାବେଳେ ଜାନି ଘରକାମ କରୁଥିଲା। ବେଶ୍ ଚୁପ୍‌ଚାପ। ଦରକାରରୁ ଅଧିକା କଥା ଆଦୌ କହିବନି। ତେଣୁ ତା' ବିଷୟରେ ଧୀରେ ଧୀରେ ଅଧିକରୁ ଅଧିକ ଜାଣିବା ପାଇଁ ଚାହିଁଲେ ମଧ୍ୟ ସେ ସୁଯୋଗ ଦିଏନି।

– ମୋ ସ୍ୱାମୀ କ'ଣ କରେ?

– ସେ ନାହିଁ।

– ମାନେ କ'ଣ ହେଇଥିଲା ତା'ର?

– "କିଛି ହେଇନଥିଲା।"

– ତତେ କ'ଣ ଛାଡ଼ି ଦେଇଛି? ସିଏ କ'ଣ ତତେ ଛାଡ଼ି କାହାକୁ ବାହାହେଇ ଯାଇଛି? ସେଥିପାଇଁ କ'ଣ ଅଭିମାନରେ ତୋର ଶୂନ୍ୟ ସିନ୍ଥା... ଶୂନ୍ୟ କପାଳ?"

– "ଛାଡ଼ନ୍ତୁ ମା... ମୁଁ ଯାଏ ଆଉ ଦୁଇଟା ଘରର ପାଇଟି ପଡ଼ିଛି। ଉଛୁର ହେଲାଣି।"

ମୋ ମନ କିନ୍ତୁ ବୁଝେନି। ଠିକଣା ନିଏ, କଥାବାର୍ତ୍ତା କରେ ସେ କାମ କରୁଥିବା ମାଲିକାଣୀ ମାନଙ୍କ ସହିତ।

କିଏ କହେ ସେ ବାହା ହେଇନି ବୋଧେ। କିଏ କହେ ତା' ବର ମରି ଯାଇଛି ବୋଧେ। କିଏ କହେ ତା' ବର ତାକୁ ଛାଡ଼ି ଆଉ କାହାକୁ ନେଇ ସଂସାର କରିଛି ବୋଧେ। କାହାରି ପାଖରେ ତା'ର ସଠିକ୍ ଖବର ନଥିଲା। ଲାଗେ ଯେମିତି ମୋ ଭଳି ସେମାନେ ମଧ୍ୟ 'ବୋଧେ' ଭିତରେ ଅଛନ୍ତି। ଏମିତି ଏମିତି ତିନିବର୍ଷ କଟି ଯାଇଥିଲେ ମଧ୍ୟ ସଠିକ୍ କଥା ମୁଁ ଜାଣିପାରିନି ଶେଷରେ ଆଉ ତାକୁ ପଚାରିଲିନି। ତା'ର କାମ ଖୁବ୍ ସଫା। କେବେ ଦିନେ ବନ୍ଦ କରେନି। ବେଶ୍ ସମୟ ସଚେତନ। ତେଣୁ ମୋର ଆଉ କିଛି ଦରକାର ନଥିଲା। ତିନିବର୍ଷ ପରେ ଆମର ବଦଳିବାର୍ତ୍ତା ପହଞ୍ଚିଲା। ଆମକୁ ଯିବାକୁ ପଡ଼ିବ ରାୟପୁର। ମୋର ଏକମାତ୍ର ଝିଅ ସେଣ୍ଟ୍ରାଲ୍ ସ୍କୁଲରେ ୨ୟ ଶ୍ରେଣୀରେ ପଢୁଥାଏ।

ଜାଣିବାକୁ ମିଳିଲା ଆମକୁ ଯେଉଁ କ୍ୱାର୍ଟର ମିଳିବା କଥା ଦୁଇମାସ ପରେ ମିଳିବ। ତେଣୁ ଆମକୁ ଷ୍ଟେଟବ୍ୟାଙ୍କ୍‌ର ଗେଷ୍ଟହାଉସ୍‌ରେ ଦୁଇମାସ ରହିବାକୁ ପଡ଼ିବ।

ଆମେ ଏଇ ବଦଳି ପର୍ବ ପାଇଁ ପ୍ରସ୍ତୁତ ହେଉ ହେଉ ହଠାତ୍ ଜାନି ଅଦ୍ଭୁତ କାମଟିଏ କରିବସିଲା। ତା' ଝିଅଟିକୁ ଆଣି ମୋ ପାଖରେ ଛାଡ଼ି କହିଲା– ମା', ୟାକୁ ତମ ସାଙ୍ଗରେ ନେଇଯିବ। ସେ ତୁମକୁ କାମରେ ସାହାଯ୍ୟ କରିବ।

ସେଇଦିନ ପ୍ରଥମ କରି ଜାଣିଲି ଚୁନ୍‌ରୀ ସ୍କୁଲ ମାଡ଼ିନି। ଜାନିର ସଂଘର୍ଷମୟ ଜୀବନ ଭିତରେ ସେ ତାକୁ ସ୍କୁଲ ପଠେଇ ପାରିନି। ଚୁନ୍‌ରୀକୁ ପାଇ ମୁଁ ଖୁସି ହେଇଗଲି। କାମବାଲିର ସମସ୍ୟା ଭାବିଲାବେଳେ ମୋ ସ୍ୱାମୀ ଭିନ୍ନ ଯୁକ୍ତି କଲେ। ଅବଶ୍ୟ ତାଙ୍କର ଯୁକ୍ତି ଯଥାର୍ଥ ଥିଲା। ଆମେ ଗେଷ୍ଟ୍‌ହାଉସ୍‌ରେ ମାସେ ପାଇଁ ରହିବା ବେଳେ ଚୁନ୍‌ରୀ କୋଉଠି ରହିବ? ତା'ଛଡ଼ା ସେ ଅତି ଛୋଟ ନୁହେଁ କି ଏକୁଟିଆ ଗୋଟିଏ ରୁମ୍‌ରେ ଶୋଇବା ଭଳି ଝିଅ ନୁହେଁ। ଶେଷରେ ସ୍ଥିର କରାଗଲା ମାସେ ପାଇଁ ତାକୁ ବାଲେଶ୍ୱରରେ ଶାଶୁଙ୍କ ପାଖରେ ଛାଡ଼ିଦେବୁ, ପରେ କ୍ୱାଟରକୁ ଗଲାପରେ ତାକୁ ନେଇ ପାଖରେ ରଖିବୁ।

ସମ୍ବଲପୁର ଛାଡ଼ିବା ଦିନ ଚୁନ୍‌ରୀ ମା ଆସିଥିଲା। ମା ଝିଅଙ୍କର ବିଦାୟ ସମୟଟା ବେଶ୍ କରୁଣ ଥିଲା। ଚୁନ୍‌ରୀ ବସିଥିଲା ମୋ ପାଖରେ। ଆଖିରୁ ଲୁହ ଝରୁଥିଲା। ତା' ମା' ମଧ୍ୟ କାନ୍ଦୁଥିଲା କୋହ ଉଠେଇ। ମୁଁ ତାକୁ ବୁଝେଇ ଦେଇଥିଲି ପ୍ରତିଶ୍ରୁତି ଦେଇଥିଲି ଯେତେବେଳେ ଚାହିଁବ ମୁଁ ଆଣି ତୋ ପାଖରୁ ବୁଲେଇ ନେବି।

ପହଞ୍ଚିଲୁ ବାଲେଶ୍ୱରରେ। ଶାଶୁ, ଦୁଇ ଯା', ଦେଢ଼ଶୂର ବାଲେଶ୍ୱରରେ ରୁହନ୍ତି। କିନ୍ତୁ ଚୁନ୍‌ରୀ ପ୍ରସଙ୍ଗ ନେଇ ଘରେ ଏକରମକ ଝଡ଼ ସୃଷ୍ଟି ହୋଇଗଲା। ଝିଅପିଲା, ଅଳ୍ପ ବୟସ, ତା' ଦାୟିତ୍ୱ ନେବା ପାଇଁ ସେମାନେ ଉଚିତ୍ ମନେକଲେନି। ତା'ଛଡ଼ା ଘର ପାଖରେ ଗୋଦାମ ଘର ସବୁବେଳେ କେତେ ପ୍ରକାର ଲୋକ ଯାଆ ଆସ କରୁଛନ୍ତି। ତେଣୁ କେତେବେଳେ କ'ଣ ଅସୁବିଧା କାଳେ ହେଇଯିବ। ଏଇଭଳି ଅନେକ ପ୍ରକାର ଆଶଙ୍କା ନେଇ ସମସ୍ତେ ବିବ୍ରତ ହୋଇ ଉଠିଲେ। ନାଚାର ଅବସ୍ଥାରେ ମାତ୍ର ମାସଟିଏ ପାଇଁ ସେମାନଙ୍କୁ ବୁଝାବୁଝି କରି ରାଜ କରେଇଲୁ।

ଦୁଇଦିନ ପରେ ଆମେ ରାୟପୁର ଗଲୁ। ସେଇ ଦୁଇଦିନ ଭିତରେ ଶହେଥରରୁ ଅଧିକା ଚୁନ୍‌ରୀ ମତେ ଚୁପ୍‌ଚୁପ୍ କହୁଥିଲା– "ମା, ମତେ ମାସକ ପରେ ନେଇଯିବନା? ନିଶ୍ଚୟ ନେଇଯିବନା? ମୁଁ ଏଠି ରହିବିନି। ମୁଁ ତୁମ ପାଖରେ ରହିବି।" – "ହଁ ନିଶ୍ଚୟ ନେଇଯିବି। ତୁ ମୋ ପାଖରେ ରହିବୁ। ତତେ ମୁଁ ଅକ୍ଷର ଶିଖେଇଦେବି। ତତେ ମୋ ଝିଅ ଭଳି ରଖିବି। ତୁ ମୋ ଝିଅ ସାଙ୍ଗରେ ଆଉ ଗୋଟିଏ ଝିଅ ହେଇ ରହିବୁ।"

ତାକୁ ଆଦର କରି ତା ମନରେ ବିଶ୍ୱାସ ଜନ୍ମେଇ ନିଶ୍ଚୟ ନେଇଯିବି ବୋଲି କହିଥିଲି।

ଠିକ୍ ମାସେ ପରେ ଆମେ କ୍ୱାର୍ଟର୍‌କୁ ଆସିଲୁ। ମୁଁ ବାଲେଶ୍ୱର ଆସିଲି ତାକୁ ନେବାପାଇଁ। ମାସେ ଭିତରେ ଏତେଟା... ପରିବର୍ତ୍ତନ କେବେ ଆଶା କରିନଥିଲି। ଶାଶୁଙ୍କ ପାଟିରେ ଅହରହ ଚୁନ୍‌ରୀ ଡାକ ଶୁଭୁଥିଲା। ବଡ଼ ଯା' ଦୁଇଜଣ ମଧ୍ୟ ତାକୁ ବେଶ୍ ଆଦରି ନେଇଥିଲେ।

ଶାଶୁଙ୍କ ପାନଭାଙ୍ଗି ଦେଉଥିଲା ଚୁନ୍‌ରୀ। ତାଙ୍କ ଲୁଗାପଟା ସଜାଡ଼ି ରଖୁଥିଲା। ଦିନକୁ ଦୁଇଥର ମୋଡ଼ାଘଷା କରୁଥିଲା। ଯା' ଦୁହିଁଙ୍କର ବୋଲହାକ କରୁଥିଲା। ସ୍ୱଷ୍ଟ କହିବାକୁ ଗଲେ ମାତ୍ର ଗୋଟିଏ ମାସରେ ସମସ୍ତଙ୍କ ମନ କିଣିନେଇଥିଲା। ଶାଶୁ ତାକୁ ଛାଡ଼ିବାକୁ ନାରାଜ୍ ହୋଇଥିଲେଃ ଯା' ଦୁହେଁ ଆପତ୍ତି

କରିଥିଲେ। ମନେମନେ ସେମାନଙ୍କ ଉପରେ ଅଭିମାନ ଆସୁଥିଲା। ପୁରୁଣା କଥା ଉଠେଇ କହିଥିଲି- "ଏଠି ପାଖରେ ଗୋଦାମ ଘର କେତେପ୍ରକାର ଲୋକ ଆସୁଛନ୍ତି। ... ପୁଣି ଏ ଘରେ ଗୋଟେ କୋଡ଼ିଏ ବାଇଶି ବର୍ଷର ପୁଅ ପିଲା କାମ କରୁଛି। କାଲେ କ'ଣ ଅସୁବିଧା ହେବ। ମୁଁ ନେଇଯିବି। ତା'ଛଡ଼ା ତା ମା' ତ ମୋ ଭରସାରେ ଛାଡ଼ିଛି ନା... !

ଚୁନ୍‌ରୀକୁ ନେଇ ବହୁତ କଥା କଟାକଟି ଚାଲିଲା। ମୁଁ ହାରିଗଲି ଶାଶୁ, ଯା ଦେଢ଼ଶୂରଙ୍କ ପାଖରେ। ମୋ ସ୍ୱାମୀ ମଧ ଯୁକ୍ତି ବାଢ଼ିଲେ ସେମାନଙ୍କୁ ସମର୍ଥନ କରି।

ଚୁନ୍‌ରୀକୁ ଏକାନ୍ତରେ ଡାକି ପଚାରିଲି- "ତୁ ମୋ ସହିତ ଯିବୁ ନା ଏଠି ରହିବୁ ?"

ଚୁନ୍‌ରୀର କଥା ଶୁଣି ଆଶ୍ଚର୍ଯ୍ୟ- ହେଲ - "ସେତେବେଳେ ଯାଇଥିଲେ ଯାଇଥାନ୍ତି। ଆଉ କ'ଣ ଯିବି ? ମତେ ଛାଡ଼ିଦେଲେ ଏମାନେ ହଇରାଣ ହେଇଯିବେ ମା। ତା'ଛଡ଼ା ଜେମୋଙ୍କୁ ଛାଡ଼ି ଗଲେ ସେ ବହୁତ ମନଖରାପ କରିବେ। ବୟସ ହେଲାଣି। ମତେ ଟିକେବି ପାଖରୁ ଛାଡୁନାହାନ୍ତି। ସବୁବେଳେ ଚୁନ୍‌ରୀ ଚୁନ୍‌ରୀ ହେଉଛନ୍ତି। ତମେ ଯାଅ ମା, ଜେଜେମା ଯେତେବେଳେ ତୁମ ପାଖକୁ ଯିବେ ତାଙ୍କ ସାଙ୍ଗରେ ଯିବି।"

ଆଉ କିଛି କହିବାର ନଥିଲା। କିନ୍ତୁ ବାଲେଶ୍ୱରରୁ ଫେରିବାପରେ ସବୁ ଅଭିଯୋଗ କରିଥିଲି ସ୍ୱାମୀଙ୍କ ପାଖରେ। ଶାଶୁଙ୍କ କଥାକୁ ସମ୍ମାନ ଦେଇ ମୋର ସବୁ ଅଭିଯୋଗକୁ ସେ ଏଡ଼େଇ ଦେଇଥିଲେ। କରଂ ମୁଁ ଅଯଥା ଅଭିମାନ କରୁଛି କହି ବିରକ୍ତ ହୋଇଥିଲେ।

ଚୁନ୍‌ରୀ ରହିଗଲା ବାଲେଶ୍ୱରରେ। ହଠାତ୍ ସମ୍ବଲପୁରର ଜଣେ ବ୍ୟାଙ୍କ ମ୍ୟାନେଜରଙ୍କ ଠାରୁ ଶୁଣିବାକୁ ମିଳିଥିଲା ଚୁନ୍‌ରୀ ମା'ର ଦେହାନ୍ତ ହୋଇଯାଇଛି। ପ୍ରକୃତ କାରଣ କିଛି ଜଣାପଡ଼ିନଥିଲା। ବାଲେଶ୍ୱରକୁ ଫୋନ୍ କରି କହିଦେଇଥିଲୁ। ଚୁନ୍‌ରୀ ଖୁବ୍ କାନ୍ଦିଥିଲା। ସବୁ ରାସ୍ତା ହଜିଯାଇଥିଲା ତା' ପାଇଁ। ଏଇ ଘରଟି ହିଁ ଥିଲା ତା'ର ସାହାଭରସା।

ମଝିରେ ମଝିରେ ମୁଁ ବାଲେଶ୍ୱର ଯାଉଥିଲି। ଚୁନ୍‌ରୀ ସାଙ୍ଗରେ ଦେଖାହେଉଥିଲା। ଶାଶୁଙ୍କ ମୁହଁରେ ଚୁନ୍‌ରୀର ଭୁରି ଭୁରି ପ୍ରଶଂସା ଶୁଣି ଖୁସି ଲାଗୁଥିଲା। ଯା' ଦେଢ଼ଶୁର ମାନେ ମଧ ତା କାମରେ ବେଶ୍ ଖୁସି।

ତା'ର ବୟସ ବଢ଼ିବା ସଙ୍ଗେ ସଙ୍ଗେ ଏଭଳି ଦାୟିତ୍ୱବୋଧ ବଢୁଥିଲା ଯେ ସମଗ୍ର ଘରଟା ଯେମିତି ତା ବିନା ଅଚଳ। ଛୋଟରୁ ବଡ଼ ପର୍ଯ୍ୟନ୍ତ ସମସ୍ତଙ୍କ ପାଟିରେ ସବୁବେଳେ ଚୁନ୍‌ରୀ ନାଁ ହିଁ ଶୁଭୁଥିଲା।

ଶାଶୁଙ୍କର ଦେହାନ୍ତ ହେଲା। ତା'ରି ହାତରୁ ଶେଷଥର ପାଇଁ ସେ ନିର୍ମାଲ୍ୟ ପାଣି ପିଇଥିଲେ। ଶାଶୁଙ୍କୁ ଖୁବ୍ ଝୁରିଥିଲା ଚୁନ୍‌ରୀ, କାନ୍ଦି କାନ୍ଦି କହିଥିଲା- "ମୋ ମା ପାଖରେ ସିନା ତେର ବର୍ଷ ରହିଥିଲି ଏମାନଙ୍କ ପାଖରେ ପନ୍ଦର ବର୍ଷ କଟେଇ ଦେଲି। ଝୁରିବିନି କେମିତି ?"

ଚୁନ୍‌ରୀ ବାହାବୟସ ଗଡ଼ି ଚାଲିଥିଲା। ଏକଥା କେତେଥର ମୁଁ ବଡ଼ ଯା'ଙ୍କୁ କହିଛି। ସେମାନେ ଖୋଜୁଛନ୍ତି କହି କଥାଟା ହାଲ୍‌କା ଭାବରେ ଉଡ଼େଇ ଦିଅନ୍ତି। ମୁଁ ବିରକ୍ତ ହୁଏ ମନେ ମନେ। କେତେ ସ୍ୱାର୍ଥପର ଏମାନେ ? ନିଜର ସୁବିଧା ପାଇଁ ଆଉ ଗୋଟେ ଝିଅକୁ ସୁଖସ୍ୱାଚ୍ଛନ୍ଦ୍ୟରୁ ବଞ୍ଚିତ କରିବା କ'ଣ ଠିକ୍ ହେଉଛି ? ଭଲପାତ୍ରଟିଏ ପାଇଁ ନିଜ ଆଡୁ ଆଖି ବୁଲାଏ। କିନ୍ତୁ ହାରିଯାଏ। ଚୁନ୍‌ରୀ ପାଇଁ ମନଲାଖି ପାତ୍ର ଖୋଜିପାରେନି।

ଦେଢ଼ଶୂର ଯା' ଦୁହେଁ ଠିକ୍ ସେଇକଥା କହିଥିଲେ। କେଉଁ ଡ୍ରାଇଭର, କେଉଁ ପିଅନ ଇତ୍ୟାଦି ପ୍ରସ୍ତାବ ଆସେ ପୁଣି ଭାଙ୍ଗିଯାଏ। କେଉଁଠି ରାଜି ହୁଏନି ଚୁନ୍‌ରୀ। ଦିନେ ମୋ ବଡ଼ ଯାଆ ତାକୁ ନିରୋଳାରେ ପଚାରିଲେ- "ତୁ କ'ଣ ଚାହୁଁ ଚୁନ୍‌ରୀ ଏତେ ବାଛୁଛୁ କାହିଁକି ? ଶୁଣ୍ ଗୋଟେ ଡ୍ରାଇଭର ପ୍ରସ୍ତାବ ଅଛି। ସେ ଆମ ଗାଡି ଚଳେଇବ ତୁମେ ଦୁହେଁ ଏକାଠି ରହିବ। ତତେ ଏ ଘରଛାଡ଼ି ଯିବାକୁ ପଡିବନି।"

ଚୁନ୍‌ରୀର ମନକଥା ଶୁଣି ଆଶ୍ଚର୍ଯ୍ୟ ହୋଇଥିଲେ ବଡ଼ ଯାଆ। - ନା ହେଇପାରିବନି। ମୁଁ ଏମିତି ରହିଯିବି ପଛେ ଡ୍ରାଇଭର, ପିଅନ ବାହା ହେବିନି। ସମସ୍ତେ ତା' କଥାକୁ ସମାଲୋଚନା କରିଥିଲେ। ରୂପ ଟିକେ ବିନା ତା' ପାଖରେ ଅଛି କ'ଣ ? ହଁ ସେ ଭଲ କାମିକା ଝିଅଟିଏ ଏହା ସମସ୍ତେ ଜାଣନ୍ତି। କିନ୍ତୁ ସେ କେମିତିଆ ବର ଚାହେଁ ? ସେ ମୋ' ବଡ଼ ଯାଆଙ୍କ ଝିଅ ଦୁହିଁଙ୍କ ସହିତ ନିଜକୁ ତୁଳନା କରୁଥିଲା ବୋଲି କହିଥିଲେ ସେମାନେ। ଥରେ କଥାରେ କଥାରେ କହିଥିଲା- ବାହାହେବିତ ସିନା ଅପା ମିନୁ ଅପାଙ୍କ ଭଳି ବର ମିଳିଲେ ହେବି। ନହେଲେ ସେମିତି ଯାନି ଯୌତୁକ ନେଇ ଆଡ଼ମ୍ବରରେ ବାହାହେବି।"

ସମସ୍ତେ ତା' କଥାକୁ ହସରେ ଉଡ଼େଇ ଦେଇଥିଲେ। ସମାଲୋଚନା କରି କହିଥିଲେ ସିନୁ, ମିନୁଙ୍କ ଭଳି ଡାକ୍ତର ଇଞ୍ଜିନିୟର ବର ତା'ର ଦରକାର। ସବୁ ଶୁଣିଥିଲି। ଏକାନ୍ତରେ ଭାବିଲି ସତରେ ଚୁନ୍‌ରୀ କିଏ ? ନା ସେ ଆମ ଘରର ଝିଅ ହୋଇପାରୁଛି ନା କେବଳ କାମବାଲି ଭାବରେ ନିଜକୁ ଗ୍ରହଣ କରିପାରୁଛି ? ନା ... ସେ ଭିନ୍ନ ମନର ଝିଅଟିଏ। ପବନ ଧକ୍କାରେ ଗତିବଦଳୁଥିବା ବର୍ଷାଛିଟା। ପରିସ୍ଥିତିର ଧକ୍କା ସହିବା ପାଇଁ ସେ ଜନ୍ମ ହେଇଛି ସତେ ! ତା ଚରିତ୍ରକୁ ନେଇ କେହି କେବେ ସମାଲୋଚନା କରିନି। ବେଶ୍ ସଂଯମତା ରକ୍ଷା କରିଥାଏ। ସେଥିପାଇଁ ଘରକୁ ଲାଗି ଆମର ଗୋଦାମ ଘରକୁ ଆସୁଥିବା କୌଣସି ବ୍ୟକ୍ତି, ଆମ ଘରେ ଚଳପ୍ରଚଳ ହେଉଥିବା ଡ୍ରାଇଭର ବା ବ୍ୟବସାୟ ବୁଝୁଥିବା କୌଣସି ଯୁବକ କେବେ ତାକୁ ସାହସ କରନ୍ତି ନାହିଁ କିଛି କହିବା ପାଇଁ। ଏ ଦୃଷ୍ଟିରେ ସମସ୍ତେ ନିଶ୍ଚିନ୍ତ ଥିଲେ।

ଚୁନ୍‌ରୀର ବିବାହ ବୟସ ଅତିକ୍ରାନ୍ତ କରିଗଲା। ସେ ସେମିତି ଅଭିଆଡ଼ୀ ରହିଲା। ନିଜ ଘର ଭାବି ଦାୟିତ୍ୱର ବୋଝ ମୁଣ୍ଡେଇ ପାଦ ପକେଇଲା ଆଗକୁ।

ବେଳେବେଳେ ଚୁନ୍‌ରୀ ରାଗେ। ଅଦ୍ଭୁତ କଥାରେ ରାଗେ। ତା କାମ ଆଉ କେହି କରିଦେଲେ ରୁଷିଯାଏ। ତାକୁ ସାହାଯ୍ୟର ହାତ ବଢ଼େଇଲେ ସେ ରାଗେ। ତା' ପାଇଁ ଉଦ୍ଦିଷ୍ଟ ଥିବା କାମକୁ ଦୟାପରବଶ ହେଇ କେହି କରିଦେଲେ ଭୀଷଣ ପ୍ରତିକ୍ରିୟା ଦେଖାଏ। ଏ ଅଭ୍ୟାସ ତା'ର ଛୋଟବେଳୁ ଥିଲା। କେବେ ଦରମା ନ ନେଉନଥିବା ଚୁନ୍‌ରୀ ରାଗିଗଲେ ଟଙ୍କା ମାଗେ। ଅଥୟ କରିଦିଏ। ଟଙ୍କା ନେଇ ପାଖରେ ଥିବା ବଜାରକୁ ଯାଏ। ଆସିଲାବେଳେ କିଣିଆଣିଥାଏ ଗରମ ଗରମ ବରା ପିଆଜି। ଦୁଇଯାଆଙ୍କ ପାଇଁ ଚୁଡ଼ି, ନେଲ୍‌ପଲିସ୍, ଭଲିକି ଭଲି ଟିକିଲି ପ୍ୟାକେଟ୍ ବଡ଼ ଯାଆଙ୍କ ନାତି ନାତୁଣୀ ପାଇଁ ଖେଳନା। ବାସ୍... ଏତିକିରେ ତା'ର ରାଗ ଅଭିମାନରେ ପୂର୍ଣ୍ଣଚ୍ଛେଦ ପଡ଼େ। ନିଜ ପାଇଁ ଦରକାରରୁ ଅଧିକା କେବେ କିଛି କିଣିବା କେହି ଦେଖିନି। କେବେ ସଜେଇବାକୁ ସେ ପସନ୍ଦ କରେନି। ଅଯତ୍ନବର୍ଦ୍ଧିତ କେଶ ରାଶି ଖୋଲିଦେଲେ ଆଣ୍ଠୁ ତଳକୁ ଝୁଲିପଡ଼େ। ବିନା ପ୍ରସାଧନରେ ତା ମୁହଁବେଶ୍ ମସୃଣ ଲାଗେ। ବେଣୀଟିଏ କରି ଗଣ୍ଠିପକେ ସଫା ସୂତା ଶାଢ଼ି ପିନ୍ଧିଥାଏ ସବୁବେଳେ। ଛୋଟ ଖଇରିଆ ରଙ୍ଗର ବନ୍ଦିଟିଏ ତା ସଫେଦ୍ କପାଳକୁ ଖୁବ୍ ମାନେ। ଶାଶୁ ଦେଇଥିବା ପଟେ ପଟେ ରୂପା ଚୁଡ଼ି ବଦଳେ ନାହିଁ ତା ହାତରୁ।

ମୁଁ ଭାବେ ଆହା... ଚୁନ୍‌ରୀ ଯଦି ବାହା ହେଇଥାନ୍ତା... ମୁଠା ମୁଠା ଲାଲ୍ ଚୁଡ଼ିରେ ସୁନ୍ଦର ଦିଶନ୍ତା ତା' ହାତ ଦି'ଟା। କପାଳରେ ଦାଉ ଦାଉ ଦିଶୁଥାନ୍ତା ସିନ୍ଦୂର ଟୋପାଟଏ। କେତେ ସଣ୍ଣାରେ ସଂସାର ଗଢ଼ନ୍ତା। ବେଶ୍ ଶୃଙ୍ଖଳିତ ତାର ଘରକରଣା। କିନ୍ତୁ... ହାୟ ! ଭଗବାନ କାହାରିକୁ ସବୁ ସୁଖ ଦିଅନ୍ତି ନାହିଁ।

ଯିଏ ଆମ ଘରକୁ ଆସେ ଖୁସି ହୁଏ ତାକୁ ଦେଖି। ତୁଳନା କରନ୍ତି ସେମାନଙ୍କ ଘରେ କାମ କରୁଥିବା ଲୋକ ସାଙ୍ଗରେ। ନା... କେବେବି କୋଉଠି ଆଉ ଗୋଟେ ଚୁନ୍‌ରୀ ମିଳେନି। ଚାକିରୀ ଜୀବନରେ

କେତେ ସ୍ଥାନାନ୍ତରିତ ହୋଇଛୁ। କେତେ କାମବାଲି ଦେଖିଛୁ କିନ୍ତୁ ତା' ଭଳି ଦ୍ୱିତୀ ଝିଅ ମୁଁ ଦେଖିନି। ଶାଶୁ ଯିବା ପରଠାରୁ କାହିଁକି କେଜାଣି ଚୁନ୍‌ରୀ ପାଇଁ ହିଁ ଯିବାକୁ ହୁଏ। ମୋ ହୃଦୟରେ କେଉଁଠି ନା କେଉଁଠି ତା ପାଇଁ ଅନେକ ଦରଦ ଥାଏ। ସ୍ୱତନ୍ତ୍ର ଭାବରେ ସ୍ନେହଶ୍ରଦ୍ଧା ଭରରହିଥାଏ ମୋ ମନରେ। ଚୁନ୍‌ରୀକୁ ସିନା ନିଜ ପାଖରେ ରଖିପାରିଲିନି କିନ୍ତୁ ତା ପାଇଁ ମନ ମୋର ସବୁବେଳେ ଡହଳବିକଳ ହୁଏ।

ମୋ ଝିଅର ବାହାଘର ଠିକ୍ ହେବା ପରେ ସେ ସବୁବେଳେ କହୁଥିଲା ପନ୍ଦରଦିନ ଆଗରୁ ଆସି ସବୁ କାମରେ ସାହାଯ୍ୟ କରିବ। କିନ୍ତୁ ଆଗରୁ ଆସି ପାରିନଥିଲା। ମାତ୍ର ଚାରିଦିନ ପାଇଁ ମୋ ବଡ଼ ଯାଆମାନଙ୍କ ସହିତ ଆସିଥିଲା। ଝିଅର ବାକ୍ସ ସଜଡ଼ା ଠାରୁ ଆରମ୍ଭ କରି ବନ୍ଧୁବାନ୍ଧବ ଅତିଥି ଚର୍ଚ୍ଚା ଖୁବ୍ ସୁନ୍ଦର ଭାବରେ କରିଥିଲା। ଏତେ କାମ ବ୍ୟସ୍ତ ଭିତରେ ମୋ ମନକୁ ଛୁଇଁଯାଉଥିଲା ଗୋଟିଏ କଥା ଆହା ନିଜେ ଏମିତି ଅଭିଆଡ଼ୀ ରହିଗଲା... ଅଥଚ ମୋ ମଝିଆଁ ଯାଆଙ୍କର ଦୁଇଝିଅ ବାହାଘର, ବଡ଼ ଯାଆଙ୍କର ଦୁଇପୁଅ ବାହାଘର... ସବୁ ସେ ସମ୍ଭାଳି ନେଇଛି। ତା ବିନା ଆମ ଘରେ ଯେମିତି ପ୍ରତଟିଏ ହଲିପାରେନି। ବୋହୂ, ଝିଅଙ୍କର ଡେଲିଭରି ବେଳେ ଚୁନ୍‌ରୀ ଛୁଆଙ୍କର ଯତ୍ନ ନେଇଛି। ସମସ୍ତଙ୍କ ସୁଖୀ ସଂସାର ସମ୍ପର୍କରେ ଗପ କରି କରି ଉତ୍‌ଫୁଲ୍ଲିତ ହୋଇଛି। ଅନ୍ୟର ଖୁସିରେ ମୁଗ୍ଧ ହେବାଭଳ ମନଟିଏ ତା'ର।

କାହିଁକି କେଜାଣି ନିଜେ ତା' ପାଖରେ ଛୋଟ ହେଇଗଲା ଭଳି ଲାଗୁଥିଲା ମତେ। ନିଜ ଝିଅକୁ ଶାଢ଼ି ଗହଣାରେ ସଜେଇ ପକେଇଲା ବେଳେ ଭାବୁଥିଲି ତା' ପାଇଁ କିଛି କରିପାରିଲିନି ମୁଁ। ଅଥଚ ହସି ହସି ସବୁ କାମ କଲାବେଳେ ତା' ମନରେ ତିଳେମାତ୍ର ଦ୍ୱିଧା କେହି ଅନୁଭବ କରିନାହିଁ। ଆମେ ସମସ୍ତେ ଏକାଠି ହୋଇଥିବା ବେଳେ ମୋ ଝିଅ ଦେଢ଼ଶୂରଙ୍କୁ କହିଥିଲା– "ବଡ଼ ବାପା ଗୋଟେ ଡିମାଣ୍ଡ ଅଛି ପୂରଣ କରିବ ?"

କହ। ନିଶ୍ଚୟ ପୂରଣ କରିବ। ଦୃଢ଼ ଭାବରେ କହିଥିଲେ ସେ।

– ମତେ ଚୁନ୍‌ରୀ ଅପା ଦରକାର। ତମେ ଦେବ ନା ? ସମସ୍ତେ ହସି ଉଠିଥିଲେ।

ନିଜ ଆଡୁ ଚୁନ୍‌ରୀ ଅପା କହିଥିଲା– "ସିଏ ତେବେ କ'ଣ। ମୁଁ ଯିବି। ତୁମ ପାଖରେ ରହିବି। ତୁମେ ତ ଚାକିରୀକୁ ଯିବ। ତୁମ ଘର ସମ୍ଭାଳିବି। ତୁମର ଛୁଆ ହେଲେ ମୁଁ ତାକୁ କେତେ ଶ୍ରଦ୍ଧାରେ ପାଳିବି।"

ବଡ଼ ଯାଆଙ୍କର ନାତିନାତୁଣୀ ଦି'ଟା ପାଟିକରି ଉଠିଥିଲେ। ନା... ନା... ନା... ଚୁନ୍‌ରୀ ଅପା ଆମର। ସେ କୋଉଠିକୁ ଯିବନି। ଆମ ଘରେ ରହିବ। ଆମେ ତାକୁ ଛାଡ଼ିବୁନି।

ଏତେ ସ୍ୱପ୍ନ ପାଇଁ ଅତି ଅଣ୍ଟି ନଥିଲା। ବାହାଘରେ ଧୁମ୍‌ଧାମ୍ ସାରି ନିଜ ନିଜ ସ୍ଥାନକୁ ଚାଲିଯାଇଥିଲେ ସମସ୍ତେ। ଘରଟା ଖାଁ ଖାଁ ଲାଗୁଥିଲା। ସେତେବେଳେ ଆମେ ଥିଲୁ କଲିକତାରେ। ହଠାତ୍ ବାଲେଶ୍ୱରରୁ ଫୋନ୍ ଆସିଲା ଚୁନ୍‌ରୀ ଅସୁସ୍ଥ। କାରଣ କ'ଣ ଜଣାପଡୁନି। ଶୁଣିବା ମାତ୍ରେ ମୁଁ ପହଞ୍ଚି ଯାଇଥିଲି ବାଲେଶ୍ୱରରେ। ଏଇ ଅଳ୍ପଦିନ ତଳେ ତ ଅସୁସ୍ଥତାର ଚିହ୍ନବର୍ଣ୍ଣ ନଥିଲା ଚୁନ୍‌ରୀ ପାଖରେ। ତେବେ ହେଲା କ'ଣ ? ବଡ଼ ଯା କହିଲେ ସାଇକୋଲୋଜିକାଲ। ସବୁ ଝିଅମାନେ ବାହାହେଗଲେ ତ ସେଥିପାଇଁ ତା'ର ଏଭଳି ଅବସ୍ଥା। ମଝିଆଁ ଯା' କହିଲେ ଆଜିକାଲି ମାନସିକ ସ୍ତରରେ ମାନ୍ଦା ହୋଇପଡ଼ିଛି। ଆଗଭଳି କାମ କରୁନି, ଠକୁଛି। ଆସିବା ଦିନରୁ କେବେ ଜ୍ୱର ଟିକେ ନହୋଇଥିବା ଝିଅଟା ଆଜି ଥରକୁ ଥର ମୂର୍ଚ୍ଛା ହେଇ ପଡୁଛି ? ସେମାନଙ୍କ ମନ୍ତବ୍ୟ ଉପରେ ମୁଁ ବିଶ୍ୱାସ କରିପାରୁନଥିଲି। ବାଲେଶ୍ୱରର ଡାକ୍ତରଖାନା ଉପରେ ଭରସା ନରଖି ଆମେ ତାକୁ କଲିକତା ନେଇ ଆସିଲୁ। ଚିକିତ୍ସା କରାଗଲା, ଡାକ୍ତର କହିଲେ ବ୍ରେନ୍‌ଟ୍ୟୁମର୍। ଅନେକ ଡେରି ହେଯାଇଛି, ତଥାପି ଅପରେସନ୍ ହେଲାପରେ ଭଲ ହେଇଯାଇପାରେ।

ଯିଏ ବାଲେଶ୍ୱର ଛାଡ଼ି କୁଆଡ଼େ ଗୋଡ଼ କାଢ଼ିପାରୁନଥିଲା, ଘରର ସବୁ ଦାୟିତ୍ୱ ଯାହା ହାତରେ ନ୍ୟସ୍ତ ଥିଲା। ସେ ଅନିର୍ଦ୍ଦିଷ୍ଟ କାଳପାଇଁ କଲିକତା ଆସିଲା। ମଝିରେ ମଝିରେ ଖୁବ୍ ବାନ୍ତି ହୁଏ। ମୁଣ୍ଡରେ ଯନ୍ତ୍ରଣା ହୁଏ। ଟିକେ ଭଲ ଲାଗିଲେ କୁହେ– "ମା, ତମେ ଆଜି କିଛି କାମ କରନି। ମୁଁ ଆଜି ରାନ୍ଧି ତୁମକୁ ଖୁଆଇବି। ତମେ ରେଷ୍ଟ୍ ନିଅ।" ମୁଁ ଆପତ୍ତି କଲେ ବାଲେଶ୍ୱର ଫେରିଯିବା ପାଇଁ ଅଡ଼ିବସେ। ତା'ର ଦେହ ଅସୁସ୍ଥ କହିଲେ ବିରକ୍ତ ହେଇ କୁହ– "କ'ଣ ହେଇଛି ମୋର ? ତମେ କାହିଁକି ଏମିତି ବ୍ୟସ୍ତ ହଉଛ ? ଶରୀର ଥିଲେ ବେମାର ଅଛି ଭଲ ହେଇଯିବନି ?" ମନଟା ମୋର ବିଳାପ କରିଉଠୁଥିଲା ଚୁନ୍‌ରୀ ପାଇଁ। ଯଦିଓ ଆମର ଟଙ୍କାର ଅଭାବ ନଥିଲା ତଥାପି ଦୁଇ ଦେଢ଼ଶୂରଙ୍କ ତୁଳନାରେ ଆମ ପାଖରେ କମ୍ ଥିଲା।

ଅଥଚ ଚୁନ୍‌ରୀର ଚିକିତ୍ସା ପାଇଁ ମାତ୍ର ଦଶହଜାର ଟଙ୍କା ଦେଇ ଚୁପ୍ ରହିଲେ ସେମାନେ। ମୁଁ କିନ୍ତୁ ସ୍ଥିର କରିଥିଲି ଯାହା ଖର୍ଚ୍ଚ ହେଉ ପଛେ ତା' ପାଇଁ କରିବାରେ ମୋର ଦ୍ୱିଧା ନାହିଁ। ଅପରେସନ୍ ପାଇଁ ଆଠଦିନ ବାକି ଥିଲା। ଡକ୍ଟର ମାଥ୍ୟୁସ୍ ଖୁବ୍ ଭଲ ସର୍ଜନ୍। ତାଙ୍କ ହାତ ଯେଉଁଠି ବାଜେ ସେ ନିଶ୍ଚୟ ସୁସ୍ଥ ହେବ। ତେଣୁ ମନରେ ସଫଳ ଆଶା ଘରବସେଇ ସାରିଥିଲା।

ଆମ କଥାବର୍ତ୍ତାରୁ ସେ କ'ଣ ବୁଝିଥିଲା କେଜାଣି ମଝିରେ ମଝିରେ କହୁଥିଲା ଏତେଗୁଡ଼ା ଟଙ୍କା ମୋ ପାଇଁ ଖର୍ଚ୍ଚ କରିବ ? ମୁଣ୍ଡଖରାପ ନା କ'ଣ ? ତାକୁ ଆଶ୍ୱାସନା ଦେଇ ମୁଁ କହୁଥିଲି– "ତୁ ବାହାହେଇଥିଲେ ଆମେ ଖର୍ଚ୍ଚ କରିନଥାନ୍ତୁ ? ତୁ ପରା ମୋ ଝିଅ।" ମୋ କୋଳରେ ମୁହଁଗୁଞ୍ଜି ଯେମିତି ତା' ଆଖିର ସବୁ ଲୁହ ସେ ନିଗାଡ଼ି ଦେଇଥିଲା। କିଛି ସମୟ ପରେ ସରଳ ଭାବରେ ପଚାରିଲା ବଡ଼ ମା, ମଝିଆଁ ମା ଆସିବେନା ? ମୁଁ ସେମାନଙ୍କୁ ମନେପକାଉଛି ବୋଲି ଫୋନ୍‌ରେ କହିଦେବ। ଛୁଆ ଦି'ଟାଙ୍କ କଥା ଭାରି ମନେପଡୁଛି। ଅପରେସନ୍ ପରେ ପରେ ମତେ ନେଇ ବାଲେଶ୍ୱରରେ ଛାଡ଼ି ଦେଇ ଆସିବନା ? ଘରେ ସମସ୍ତେ ହଇରାଣ ହେଉଥିବେ। କେମିତି ତାକୁ ବୁଝେଇଥାନ୍ତି... ସେମାନେ ତାକୁ ଆଉ ନରଖିବା ପାଇଁ ମତେ ଜଣେଇଦେଇ ସାରିଛନ୍ତି। ସେଥିପାଇଁ ଅଲଗା କାମବାଲି ମଧ୍ୟ ଯୋଗାଡ଼ କରିସାରିଲେଣି। ମନକଥା ମନରେ ରଖି ସବୁଥିରେ "ହଁ" ମାରି ଚୁପ୍ ରହିଲି।

ଟିକେ ରହି ଚୁନ୍‌ରୀ କହିଲା– ପିଲାଟି ଦିନରୁ ତୁମକୁ ହିଁ ସବୁଠାରୁ ନିଜର ଭାବିଛି ମା। ମୋର ମୁହଁ ଖୋଲି କହିବା ଦରକାର ନାହିଁ ତୁମେ ନିଜକୁ ପଚାରି ବୁଝିନେବ। ତୁମ ପାଖରେ ସିନା ରହିପାରିଲିନି ହେଲେ ତୁମଠରୁ ମୋ ମନଟା କେବେ ଅଲଗା ହେଇନି ମା। ମୋ ମା'କୁ ଯେତେବେଳେ ହରେଇ ଦେଇଥିଲି ସେତେବେଳେ ତୁମ ମୁହଁ ହିଁ ମୋ ଆଖିରେ ଦେଖାଯାଉଥିଲା। ଜାଣିଛ ମା, ତମେ ବାଲେଶ୍ୱରରେ ପହଞ୍ଚିଗଲେ ମୋ ଗୋଡ଼ ତଳେ ଲାଗେନି। ସବୁ ଶୁଣିଥିଲି। ମନଖୋଲି ସେ କେତେ କ'ଣ କହିଯାଉଥିଲା। ଅନୁରୂପ ଅନୁଭବ ଥିଲା ମୋ ଭାବନାରେ। ସେ କହୁଥିଲା ମୁଁ ମନରେ ରଖିଥିଲି। ମୁଁ ବି ତ ମୋର ନିଜର ଝିଅ ଭଳି ତାକୁ ଭଲପାଉଥିଲି। ତା'ରି ପାଇଁ ଟିକେ ସୁବିଧା ପାଇଲେ ବାଲେଶ୍ୱର ଯାଉଥିଲି। ଅପରେସନ୍ ଦୁଇଦିନ ପରେ ହେବାର ଥିଲା। ପ୍ରସ୍ତୁତ ରହିଥିଲୁ ଆମେ। ଟଙ୍କା ଖର୍ଚ୍ଚ ପାଇଁ ମନରେ ଟିକେବି ଗ୍ଳାନି ନଥିଲା। କେବଳ ଚୁନ୍‌ରୀ କେମିତି ଭଲହେଇ ଘରକୁ ଫେରିଆସୁ... ଏହାହିଁ ଥିଲା ଚିନ୍ତା।

ତାକୁ ଏକା ଶୋଇବାକୁ ଦେଉନଥିଲି ମୁଁ। ମୋରି ଖଟ ପାଖରେ ତା'ର ସିଙ୍ଗଲ୍ ଖଟ ପଡ଼ିଥିଲା। ସେ ଶୋଉଥିଲା ସେଇଠି।

ସେଦିନ ସକାଳେ ମୋର ବିକଳ ଚିତ୍କାର ସମଗ୍ର ଘରଟାକୁ ଫଟେଇ ଦେଇଥିଲା ଯେମିତି। ସବୁ ସରିଯାଇଥିଲା। ନିଃଶବ୍ଦ ରାତିର ଶୀତଳ ଚାଦର ତଳେ ସବୁଦିନ ପାଇଁ ଆଖି ବୁଜିଦେଇଥିଲା ଚୁନ୍‌ରୀ। ତା' ପାଇଁ କିଛି କରିବା ପାଇଁ ସୁଯୋଗ ନଦେଇ ମତେ ଋଣୀ

କରିଦେଇ ବାଟ ଭାଙ୍ଗି ଚାଲିଗଲା। ଏଭଳି ରୋଗରେ ଏମିତି ଯନ୍ତ୍ରଣାହୀନ ମୃତ୍ୟୁ ସମ୍ଭବ ହେଲା କିପରି ?

ମୁଁ ବିଶ୍ୱାସ କରି ପାରିଲିନି ନିଜ ଆଖିକୁ। ଲାଗୁଥିଲା ଯେମିତି ସେ ଶୋଇପଡିଛି ନିଘୋଡ଼ ନିଦରେ। ମୁହଁରେ ଯନ୍ତ୍ରଣାର ଚିହ୍ନ ନଥିଲା। ମନକୁ ମନ ଗୋଟିଏ ପ୍ରଶ୍ନ ଆସୁଥିଲା- କେବେ କାହାକୁ କୌଣସି କଥାରେ ସେ ଆଘାତ ଦେଇନି। ସେଥିପାଇଁ କ'ଣ ଇଚ୍ଛା ମୃତ୍ୟୁକୁ ଆପଣେ ନେଲା ଚୁନ୍‌ରୀ... ?

ଖବର ପାଇ ବାଲେଶ୍ୱରରୁ ସମସ୍ତେ ଆସିଥିଲେ। ଦୀର୍ଘ ବତିଶି ବର୍ଷର ସ୍ମୃତିକୁ ଦୋହରେଇ ତା'ର ଗୁଣ ବଖାଣୁଥିଲେ। ସମସ୍ତଙ୍କ ଆଖିରୁ ଝରି ପଡୁଥିଲା ଲୁହଧାର। ସମସ୍ତଙ୍କ ପାଟିରେ ଗୋଟିଏ କଥା- "ତା ଭଳି ଝିଅ କେବେବି ମିଳିବେନି। ଆମ ପାଇଁ କ'ଣ ନ କରିଛି ସେ ?"

ମୁଁ ଚୁନ୍‌ରୀକୁ ନିଜ ହାତରେ ସଜେଇ ଦେଇଥିଲି। ମଥାରେ ଚନ୍ଦନ କୁଙ୍କୁମ, ଦେହରେ ଲାଲ୍ ରଙ୍ଗର ସିଲ୍କ ଶାଢ଼ି, ହାତରେ ଲାଲ୍ ଲାଲ ଚୁଡ଼ି ମୁଠାଏ ପିନ୍ଧେଇ ମୋ ମନରେ ଥିବା ଅବଦମିତ ଇଚ୍ଛାକୁ ପୂର୍ଣ୍ଣ କରିଥିଲି କିଛି ମାତ୍ରାରେ। ଚୁନ୍‌ରୀ ଦିଶୁଥିଲା ବୋହୂଟିଏ ଭଳି।

ଦେଢ଼ଶୂରଙ୍କ ସାନ ପୁଅ ଧଳା ଧୋତି ପିନ୍ଧି ଖଇକଉଡ଼ି ଧରି ଠିଆ ହେଉଥିଲା- "ମୁ ଦେବି ମୁଖାଗ୍ନି। ଶୁଦ୍ଧକ୍ରିୟା ମୁଁ କରିବି ଚୁନ୍‌ରୀ ଅପାର।" କହୁଥିଲା ଦୃଢ଼ ସ୍ୱରରେ।

ଗଙ୍ଗାଘାଟରେ ଦାହ ହେବାର ଯୋଗ ଥିଲା ଚୁନ୍‌ରୀର। ବାଲେଶ୍ୱରରେ ହୋଇଥିଲା ଶୁଦ୍ଧକର୍ମ। ଦୁଇଝିଆରୀ ମୋ ଝିଅ ଜ୍ୱାଇଁ ସମସ୍ତେ ଆସିଥିଲେ। ଆତ୍ମା ବୋଲି ଏକ ସତ୍ତା ଯଦି ଥାଏ ନିଶ୍ଚୟ ଚୁନ୍‌ରୀର ଆତ୍ମ ଅନୁଭବ କରିଥିବ ସେ ଆଉ କୋଉ ପରିବାରରେ ଜନ୍ମ ହୋଇଥିଲେ ମଧ୍ୟ ଏ ପରିବାରର ଏକ ଅଂଶ ପାଲଟି ଯାଇଥିଲା।

ଏତେବଡ଼ ସଂସାରରୁ ହଜି ଯାଇଥିଲା ଚୁନ୍‌ରୀ... କିନ୍ତୁ ଏମିତି ଦିନଟିଏ ନଥିଲା ଯେଉଁଦିନ ମୁଁ ତାକୁ ଝୁରୁନି ସମସ୍ତଙ୍କର ବ୍ୟସ୍ତବହୁଳ ଜୀବନ ଭିତରେ... ଫିକା ପଡ଼ି ଆସୁଥିଲା ଚୁନ୍‌ରୀ। କେବେ କେମିତି କୋଉ କାମବାଲିର ତ୍ରୁଟି ଦେଖିଲେ ମନକୁ ଆସୁଥିଲା ସେ। ବେଳେବେଳେ ବଡ଼ ଯା' ଫୋନ୍‌ରେ କୁହନ୍ତି- "କେତେ ଆସୁଛନ୍ତି, କେତେ ଯାଉଛନ୍ତି ଚୁନ୍‌ରୀ ଭଳି କେହି ନାହିଁ। ତା ଭଳି ସଫା କାମ, ମନ ବୁଝିଲା ଭଳି ଝିଅ, ବିଶ୍ୱାସୀ, କର୍ତ୍ତବ୍ୟପରାଣା ଆଉ ମିଳିବେନି।"

ସମୟ ଗଡ଼ି ଚାଲିଲା ଦିନ... ମାସ... ବର୍ଷର ରୂପ ନେଇ ନେଇ। ମୋ ଝିଅ ଜ୍ୱାଇଁ ଆମେରିକା ଚାଲିଯାଇଥିଲେ। ମେ ସ୍ୱାମୀ ଅବସର ନେଇଥିଲେ। ଝିଅ ଜ୍ୱାଇଁ ବାରମ୍ବାର ଅନୁରୋଧ କରୁଥିଲେ ସେମାନଙ୍କ ପାଖକୁ ଯିବା ପାଇଁ। ଅନ୍ତତଃ ସେଠାରେ କେତେ ମାସ ସେମାନଙ୍କ ପାଖରେ ରହିଲେ ସେମାନଙ୍କୁ ଭଲ ଲାଗିବ। ରିଟାୟାରମେଣ୍ଟ୍ ପରେ ଆମେ ଭୁବନେଶ୍ୱରରେ କିଣିଥିବା ଫ୍ଲାଟ୍‌କୁ ଆସିଥିଲୁ। କିଛି ମାସ ରହିବା ପରେ ଝିଅର ଡେଲିଭରି ସମୟକୁ ଆମେରିକା ଗଲୁ।

ମୋ ଝିଅ କୋଳକୁ ଝିଅଟିଏ ଆସିଥିଲା। ଖୁସିରେ ଆତ୍ମହରା ହୋଇଥିଲି ମୁଁ। ଜ୍ୱାଇଁଙ୍କ ଭଳି ବଡ଼ ବଡ଼ ଆଖି, ଝିଅ ଭଳି ଗୋରା ତକ୍ ତକ୍ ଚେହେରା..., କଣ୍ଢେଇଟିଏ ଭଳି ଦିଶୁଥିଲା ମୋ ନାତୁଣୀ। ତା କାମରେ ବ୍ୟସ୍ତ ରହିବାବେଳେ ତା'ର ଯତ୍ନ ନେବାବେଳେ ମୁଠା ମୁଠା ସୁଖର ବିହ୍ୱଳିତ ଭାବନେଇ ନୂଆ ଦୁନିଆରେ ପାଦଦେଇଥିଲି ମୁଁ। ସ୍ୱପ୍ନମୟ ଲାଗୁଥିଲା ସବୁ। ହଠାତ୍ ମୋ ଝିଅ କହିଲା – "ଜାଣିଛ ମା, ମୋ ଝିଅର ନାଁ ମୁଁ କ'ଣ ବାଛିଛି ?

– "ତୋ ଝିଅ ତ ଏଠିକାର ସିଟିଜେନ୍ ନା... ତେଣୁ ସେମିତିଆ ନାଁ ଟିଏ ନିଶ୍ଚୟ ବାଛିଥିବୁ।"

କୁନି ନାତୁଣୀକୁ ଗେହ୍ଲାକରି ମୁଁ କହୁଥିଲି- ପରୀଟିଏ ଭଳିଆ ହେଇଛି। ଆଞ୍ଜେଲ୍... ଆଞ୍ଜେଲ୍ ଦେଇ ଦେ।"

ମତେ ହଠାତ୍ ଚମକେଇ ଦେଇ ମୋ ଝିଅ କହିଲା – "ଚୁନ୍‌ରୀ"।

କିଛି ସମୟ ପାଇଁ ଭାବବିହ୍ୱଳ ହେଇଯାଇଥିଲି ମୁଁ। ଜାଣେ ଯୋଉଠି ଯେତେ ଦୂରରେ ରହିଥିଲେ ବ ମୋ ଚୁନ୍‌ରୀ ମୋ ପାଖେ ପାଖେ ରହିଥିବ ଯାହାକୁ ମୃତ୍ୟୁବି ଅଲଗା କରି ନପାରେ। ନା କେବେ ନୁହେଁ।

*"ଆସ୍ଥା", ବୁଢ଼ୀଚଣ୍ଡୀ ଲେନ୍, ତୁଳସୀପୁର, କଟକ*
*ଦୂରଭାଷ: ୯୯୩୭୦୮୭୧୮୮*



# ସ୍ବର୍ଗ ଦ୍ବାର: କେତେ ଦୂର

ପ୍ରଭାତ ସିହ୍ନା

କାହିଁ କେତେ ପଛରେ ରହିଗଲାଣି ଚାମୁଣ୍ଡେଇ ଠାକୁରାଣୀ ମନ୍ଦିର। ଗଡ଼ ମଧୁପୁର କୋଠୀ। ଶିବଗୁରୁ ମଠ। ଦୋଳ ମଣ୍ଡପ। ଯୁବକସଂଘ ପଲ୍ଲୀଘର। ପଞ୍ଚୁଆତି ପୋଖରୀ ଆଡ଼ି ବନ୍ଧ। ଧାଡ଼ି ଧାନିକା ନଡ଼ିଆ ଗଛ।

କିଏ ପଛରୁ ଝାଙ୍କୁ ଥିଲା ଧନୀ ସାହୁକୁ। ହଁ ପଛରୁ...। ବଳ ବୟସ କାହୁଁ ଆସିବ; ସମ୍ବୀକ ଆଗକୁ ବଢ଼ିବା ମନୋବଳ ପାଉନି। କାନ୍ଧରେ ଝୁଲାମୁଣି। ଲୁଗା ପଟା ପୁଟୁଳି।

ଦିହେଁ ମନକୁ ମନ ବକାବକି ହୋଇ ଚାଲିଥା'ନ୍ତି। କାହାକୁ ପୋଡ଼ା ମନ କଥା କହିବେ ଭଲା। ଲୋକେ ହସିବେ। କ୍ଷତରେ କିଏ ମଲମର ପ୍ରଲେପ ଦେବେ କି ଭଲା; ଓଲଟି ଚୂନ ଲଗେଇବେ। ସଜ ମାଛରେ ପୋକ ବାରିବା ଲୋକେ ଗାଁରେ ଯେତେକ। ଗାଁରେ ଆଉ ନିଶାପ କାହିଁ। ସେ କାହିଁକି ତାହେଲେ ଆଜି ରାଜପଥରେ ବୁଢ଼ା କାଳେ ପାଦ କାଢ଼ିଛନ୍ତି।

ଏଇଥି ପାଇଁ କ'ଣ ମଣିଷ ସନ୍ତାନ ପ୍ରାପ୍ତିକାମନା କରେ କି! ବଂଶ ବଞ୍ଚାଇବା ଉପଲକ୍ଷେ ସହଜେ କରିଥାଏ। ଦିଅଁ ଦେବତା ପୂଜିଥାଏ।

ଜୀବନର ଅନ୍ତିମ ଷ୍ଟେସନରେ ପଦାର୍ପଣ କଲା ବେଳକୁ ପୁଅ ବୋହୂ ହେଇଚ। ଦାନ ଧର୍ମ କଲକି! ବ୍ରାହ୍ମଣ ନାହାକ ଡକେଇ ବାଛୁରୀ ଦାନ, ସୁବର୍ଣ୍ଣ ଦାନ, ଭୂମୀ ଦାନ, ଚାରି ଧାମ ଧର୍ମ। ସୁଫଳି କରିବ, ସାହି ଭାଇ ପଙ୍ଗତ ଦବ। ଚଳନ୍ତି ଠାକୁର ଠାକୁରାଣୀଙ୍କି କାଢ଼ିଦେଲ ଦାଣ୍ଡି ପିଣ୍ଡାକୁ ଶେଷରେ।

ବା'ସ୍ତରୀ ପଚସ୍ତରୀ କଣ୍ଟା ଲାଗିଲାଣି। ଚାଲି ଚାଲି ଥକ୍କି ପଡ଼ିଲେଣି। ଜନ୍ମ କଲା ପୁଅଠାରୁ ଅଲଗା ହୋଇ ଆସିଚନ୍ତି। ବୋହୂ କଥାରେ ପୁଅ ପରିଚାଳିତ। ଏବକୁ ଛେଲୁଆ ଧରିଛନ୍ତି। ଚୁଲ୍ଲି ଚାଳ ନାହିଁ ମୁଣ୍ଡ ଓପରେ।

ଅନ୍ତଃଫାଡ଼ି ଜନ୍ମ ଦେଇଥିବା ମା'ଟି ଅଭାଗିନୀ ସାଜିଛି।

ସେମାନେ ଗୋଡ଼ ଉଠେଇଛନ୍ତି। ଲାଲ ଗୋଡ଼ି ମୋରମ ବିଛା ବାଟ। ଜାଡ଼ ଦିନ। ହାଡ଼ ଭଙ୍ଗା ଶୀତ ପଡ଼ିଚି। ଘାସର ଗାଳିଚାରେ ଶିଶିର ବୁନ୍ଦା ସଜ ମୁକୁତା ପରି ଝୁଲି ରହି ସୂର୍ଯ୍ୟର ପହିଲି କିରଣ ସୁବର୍ଣ୍ଣ ଅଳଙ୍କାର ସମ ଝଲୁସୁଥାଏ।

ଆବଦ୍ଧ କୋଠରୀ ମଧରେ ଡ୍ୟୁଟିରେ ଥା'ନ୍ତି ଷ୍ଟେସନ ମାଷ୍ଟର।

ଏ ମଉସା ମାଉସୀ ଯିବେ କୁଆଡ଼େ। ଦକ୍ଷୀଣ କ୍ୟାବିନ ଆଡ଼େ ଧାଉଁଛନ୍ତି। ଆଶ୍ଚର୍ଯ୍ୟ ଚକିତ ଷ୍ଟେଶନ ମାଷ୍ଟର। ଅନ୍ଧକାରରେ ପଥଭ୍ରଷ୍ଟ ବୃଦ୍ଧବୃଦ୍ଧା। ଘରୁ ରାଗି ଆସୁଥିବା ଜଣାପଡୁଛି।

କ୍ରମଶଃ ଦିହେଁ ଦକ୍ଷିଣ କେବିନ ପାଖ ହେଉଥା'ନ୍ତି। ସବୁଜ ବତୀ ଝଲସାଉଥିବା କ୍ୟାବିନ ପଏଣ୍ଟସ ମ୍ୟାନ ଆଖିରେ ପଡ଼ିଲା। ଏତେ ଗାଢ଼ ବହଳ ଅନ୍ଧାର ରାତିରେ। କାଉ କୋଇଲି ନଥିବା ଇଲାକା। ଦି ଜଣ କିଏ ଧପାଉଛନ୍ତି ଦୃତଗାମୀ ସୁପରଫାଷ୍ଟ ଆଗକୁ...। ହେଃ... ଏଏଏ! ରହିଯା। କିଏ ତୁମେମାନେ।

ଦାନ୍ତବ ରେଳରାକ୍ଷସ ... ମାଡ଼ି ଆସୁଥିଲା। କାଳେ ରେଳଗାଡ଼ିକୁ ସାତଖୁଣ ମାଫ। ସାତଟି ଜୀବନ ଓପରେ ଛକିଶୂନ ଖେଳି ସାରିଥିଲେ ବି କ୍ଷମଣୀୟ ଲୌହାସୁରକୁ ...।

ଆରେ! ରହିଯା'ରେ! ମରିବୁ ନା କ'ଣ? କୁହାଟ କାନରେ ପଡ଼ିଲାକି ନାହିଁ, ସେମାନେ ଭୂତ ପରି ଯୋଡ଼ି ଜାଉଁଳି ହୋଇ ଚାଲିଥା'ନ୍ତି। ହାତରେ ସବୁଜ ନାଲି ହାର୍କିନ ଧରି ଓହ୍ଲାଇ ଆସୁଥିଲା ପଏଣ୍ଟସ ମ୍ୟାନ। ହେ ... ମଉସାମାଉସୀ। ଲାଇନ୍‌ରେ ବେକ ଦେଖାଇବକି! ରହିଯା ... ଘର କଳି ଘରେ ତୁଟାଅ। ରେଳ କ'ଣ ଆୟୁଷ ଦେଇଥିଲା କି? ତାକୁ ପୁଣି ଅକାମୀ ସଜାଇବାକୁ ଆଇଚ କି?

ଆଗକୁ ବଢ଼ି ପାରିଲେନି ଦି'ଜଣ। ବାପା ମା ବୟସର। ଚାଲ। ଚାଲ ବଡ଼ବାବୁଙ୍କ ଅଫିସକୁ। ବୁଝିବା। ଗାଈ ଗୋଡେଇବା ପରି ହୁରୁଡେଇ ନେଇ ଆସିଲା ଦକ୍ଷିଣ କ୍ୟାବିନର ପଏଣ୍ଟସ ମ୍ୟାନ।

"ସାର! ଏଦିଜଣ ଜୀବନ ହାରିବାକୁ ସୁପର ଫାଷ୍ଟ ଆଗକୁ ଡେଉଁଥିଲେ। ମୁଁ ଅଟକାଇ ନଥିଲେ ଆମକୁ ନାକେଦମ ହବାକୁ ପଡ଼ିଥା'ନ୍ତା। ଲୋକଟି କହିଲା ... ହଁ କି! ଟିକଟ ନକାଟି ସ୍ୟାଡ଼େ ସ୍ୟାଡ଼େ ଯିବା ମତେ ସେତେବେଳୁ ସନ୍ଦେହ ହେଉଥିଲା। ନହେଲେ ଟ୍ରେନ ଅଟକିବ। ଜିଆରପି ଆସିବ। ଜମାନବନ୍ଦୀ ନବ। ଲଗବୁକ୍ ଲେଖାହବ।

କେତେ ପାଲା ଅଛି! ଆମ କାମ ବି ବଢ଼ିଯିବ। ହଉ। ଟିକେ ବସ। ସକାଳ ହେଉ। ଚା' ପିଇବ? ଜଳଖିଆ ମଗେଇବି। କାଲି ରାତିରେଘରୁ ଖାଇବା ଖାଇପାରିନି। ମଉସା, ମାଉସୀ। କିଛି ନଭାବିବ ଯଦି ଖା'ଇ ନିଅନ୍ତେ। ମତେ ଟିକେ ଉଶ୍ୱାସ ଲାଗନ୍ତା। ଷ୍ଟେସନ ମାଷ୍ଟର କହିଲେ ଖୁବ୍ ଭଲର ସହିତ।

: ବାପ। ଆର ଜନ୍ମରେ ତୁ ବୋଧେ ଆମ ପୁଅ ଥିଲୁ କି! ତୋ' ପରି ପୁଅ ଆମର ଗୋଟେ ଥା'ନ୍ତା କି? ବୃଦ୍ଧ କହିଲେ କୃଦ୍ଧ ହୋଇ।

: କାହିଁକି! ତମର କ'ଣ ପୁଅ ଝିଅ ନାହାନ୍ତି କି?

: ସବୁ ଥାଇ ବି ନିଶ୍ୱ! ବାର ଦୁଆର ସୁଣ୍ଡି ପିଣ୍ଡା ହବାକୁ ପଡୁଚି। ପୁଅ ବୋହୂ ମାରିପିଟି ଘରୁ ତଡ଼ି ଦେଇଛନ୍ତି। ମୋ ଝାଳବୁହାଧନରେ ତିଆରି ଘରକୁ ଅକ୍ତିଆର କରି କହୁଛନ୍ତି କି, ଆମ ଘର। ଯା' ପଳା ବୃଦ୍ଧାଶ୍ରମକୁ। ଷ୍ଟେସନ ମାଷ୍ଟର ଶୁଣିକି ନିରୁତ୍ତର।

: ହଉ ହେଲା। ବସ। ଖିଆପିଆ କର। ଦେଖିବା କ'ଣ ଗୋଟେ କରିବା।

: ଆଉ ବାପ ଘରକୁ ଲେଉଟିବୁନି। ଉପରକୁ ଟିକଟ କାଟିବାକୁ ଆଇଥିଲୁ ଯେ... ବଞ୍ଚିଗଲୁ। ଓ ଯା' ଜଗା କାଳିଆର ଇଚ୍ଛା।

: ଯାଉନ ଘେରେ ବୁଲି ଆସ।

: କୋଉଠୁ!! ଶ୍ରୀକ୍ଷେତ୍ରରୁ। ଯିବାକି! ସେଇ ଲୀଳାମୟ ଶ୍ରୀକ୍ଷେତ୍ର ପରିଦର୍ଶନ ଆମ ଭାଗ୍ୟରେ ଥିଲା ବୋଧେ!

ମହାପୁରୁ କାହିଁକି ଆମ ଜୀବନ ଫେରାଇଦେଲେ ସେ ଜାଣିଥିବେ। କିଛି ତ ମହତ ଉଦ୍ଦେଶ୍ୟ ଥିବ। ପଏଣ୍ଟସ ମ୍ୟାନ୍ ସୁବାଷ ସିଂ କ୍ୟାବିନକୁ ଫେରିଯାଉଁ ଯାଉଁ କହିଲା; ମଉସା, ଯ...ଯ... ଡୋରି ଲାଗିଚି କାଳିଆର। ସେଠିକି ଥରେ ଯାଇକିନା ଦେଖ। ଜୀବନ କେମିତି ମହମହ କୈବଲ୍ୟ ପରିକା ବାସୁଚି। ନିର୍ମାଲ୍ୟ ପାଇକି ବାହୁଡ଼ିଲେ ମୋର କାଳିଆକୁ ବହୁତ ବହୁତ କହିବ। ଆଉ ମୋ ପାଇଁ ମହାପ୍ରସାଦ ନେଇ ଆସିବ। ଜୟ ଜଗନ୍ନାଥ।

: ହଁରେ ପୁଅ। ଜୀବନସାରା ସୁଧିଆ କାରବାର

କରି ଢେର ଧନ ଅର୍ଜିଲି। ସେଇଥିପାଇଁ ଧନୀ ସାହୁଙ୍କୁ କୁବେର ବୋଲି କହନ୍ତି। ସେ ଗୀଧ। ଶାଗୁଣା। ଖାଲି ଖାଏ; ଦେଇ ଜାଣେନା। ସାଦା କାଗଜରେ ଟିପ ନେଇ ନ' କୁ ଛ' ପକେଇ ଟଙ୍କା ଗୁଣି ଦିଏ ଯେମିତି ହ୍ୟାଣ୍ଡ ନୋଟକୁ କବଲ କରି। ଚଢ଼ା ସୁଧରେ ମାଲ କବୁଲ କରେ। ବନ୍ଧା ଛନ୍ଦା ରଖି ଧନ କମେଇଛି। ଲୋକଙ୍କୁ କାଙ୍ଗାଳ ବନେଇ ଥାନପତି ହୋଇଛି। ଯା' ଯା' ପାପ ମୋଚନ କରିବାକୁ ମହୋଦଧିରେ ବୁଡ ପକେଇ ଆସେ। ପୁରସ୍ତମରୁ ଡାକରା ଆଇଲାଣିରେ ବାପ ! ପୁରୀ ହାଓଡା ପାସେଞ୍ଜର ଲାଇନ କ୍ଲିଅର ହୋଇଛି। ଷ୍ଟେସନ ମାଷ୍ଟର ରାଓବାବୁ ବୁଝାଇ ଦେଲେ।

ଧନୀ ସାହୁ ଏଥର ଉଦାସ ଦିଶୁଥାଏ। ପାଖରେ ଥାଏ ଫୁଲୁରୀ ସାହୁ। ତା' ଆଜନ୍ମ ସହୋଦରୀ। ସେ ମିଟି ମିଟି ଅନାଇ ରହୁଥିଲା ଯାଁଙ୍କ କଥାବାର୍ତ୍ତା।

ଅପ ଲାଇନରେ ଗାଡ଼ି ଆସି ଲାଗିଲା। ଷ୍ଟେସନରେ ଯାତ୍ରୀ କହିଲେ ଏଇ ଦି'ଜଣ।

ଉଠାଇଦେଲେ ଷ୍ଟେସନ ମାଷ୍ଟର ବୃଦ୍ଧ ଦମ୍ପତିଙ୍କୁ ରେଲରେ। ବାପ ଯାଉଚି ପୁରସ୍ତମ। ମାତ୍ର ସେଠି କୋଉ ବେଶି ଦିନ ରହି ହବକି ! ଯଦି ଗାଁକୁ ଫେରିଲେ ପୁଅ ଯଦି ପୁଣି କାତି ଧରି ଗୋଡ଼େଇଲା ...ତ !

ପ୍ରାଣ ସିନା ବଞ୍ଚିଗଲା। ଭୋକ ମରିଗଲାଣି। କ'ଣ ଅଛି କାଳିଆର ଇଚ୍ଛା ! କିଏ ଜାଣେ। ପାଟି ଅଠା ଅଠା ହେଇଯାଉଚି। ଖାଇବାକୁ କିଛି ରୁଚୁ ନାହିଁ। ଗାଡ଼ି ଗଡୁଚି ନଇନାଳ ବିଲ ବନ୍ଧ ଡେଇଁ। ଗୋଡ଼ କଚାଡ଼ି ଚାଲିଚି ରେଳ ଗାଡ଼ି। କଳାଭାଲୁ ଦି' ଜଣ ଉଠିଲେ ଡବାରେ। ଆସିକି ପଚାରିଲେ ... କ'ଣ ହେଲା ମଉସା ! ଟିକଟ !... ? କି ଟିକଟ। ... ଜାଣେନା ... ଦାରୋଗା ଆସିଲେ ବୁଝିବ ! ଆରେ ! ଆମକୁ ଆମ ତେନ୍ତୁଳିଖୁଣ୍ଟା ଟେସନ ମାଷ୍ଟର ଆମକୁ ଉଠାଇଦେଲେ, ପୁରସ୍ତମ ଯିବୁ। କାଳିଆକୁ ଦେଖିବୁ। ଏ ଧନୀ ସାହୁ କାହାକୁ ଅଧଲା ସୁଉକିଟେ ମାହାଳିଆକୁ ଦିଏକି !.... ଧନୀ ବହେ ଗପିଲା।.... ଓ ! ତମେ ମଉସା ! ଗାଁରୁ ଆଇଚ ପରା ହୋଇ। ବସ। ବୃଦ୍ଧଧନୀ ସାହୁ ଟଙ୍କା ବୁଜୁଳାଟି ଗୋଟେ ଅଖା ମୁଣିରେ ଧରି ବସିଥିଲା। ଯିଏ ଉପରକୁ ଟିକଟ କାଟିବାକୁ ଯାଉଥିଲା। ସେ ପୁଣି ଟଙ୍କା ପଇସା ମାୟା ଛାଡ଼ିନି। ମୋହଗ୍ରସ୍ତ ମଣିଷ।

ଟିକଟ ଯାଞ୍ଚକାରୀ ଯାତ୍ରୀଙ୍କ ଭିଡ଼ ଭିତରେ ଲୁଚିଗଲାଣି।

ଦ୍ୱିପହର ବେଳା। ସେମାନେ ନୀଳାଞ୍ଚଳ ଧାମରେ ପହଞ୍ଚି ଯାଇଥା'ନ୍ତି। ବଡ଼ ଦାଣ୍ଡରେ ଚାଲୁଥା'ନ୍ତି ବସ୍ତାନି ମୁଣ୍ଡାଇ। ଶରଧା ବାଲି। ତତଲା ବାଲି। ମୁଣ୍ଡ ଉପରେ ଟାଇଁ ଟାଇଁଆ ଖରା। ପାଦ ତଳର ଚପଲ ରହିଗଲା ରେଳ ଧାରଣା ଉପରେ। ଯେଉଁଠି ଜୀବନ ହାରିବାକୁ ଯାଉଥିଲେ।

କୁବେର ପତି ଧନୀ ସାହୁ, ଧନ ହାନୀ ପ୍ରାଣ ପୀଡ଼ା ସାଙ୍ଗକୁ ମାନ ଇଜ୍ଜିତ ଦେଇ ରାସ୍ତା ଉପରକୁ ଚାଲି ଆସିଚି। ଅତି ପାଖରେ ସମୁଦ୍ର ମାନେ ଶୋଷ ମେଣ୍ଟିବ, ଆନନ୍ଦ ବଜାର ଅଛି ମାନେ ଭୋକତ ତୃପ୍ତ ହୋଇ ଯିବା କଥା ନା...। କିନ୍ତୁ ଆସିଚି ଯେବେ ଗୁଡାଏ ବାଟ ଧାଇଁ ଧାଇଁକା, ଦିଅଁ ଦର୍ଶନଟା ସରି ଯାଉ ଆଗ। ବୃଦ୍ଧା ପତ୍ନୀଙ୍କ ହାତ ଛାଡୁନଥାଏ ଧନୀ ସାହୁ। ପୁରୁଷଟି କହୁଥାଏ, ସ୍ତ୍ରୀକୁ...। ଯୋର୍‌ରେ ମୋ ହାତକୁ ଧରିଥା...। ଦେଖୁଚୁତ କେତେ ଗହଳ ଚହଳ। ଶୋରିଷ ଫୁଟେ ବୁଣିବାକୁ ଯାଗା ନାହିଁ; ଏ ପାଖେ ଜନସମୁଦ୍ର, ସେ ପାଖେ ଜଳ ସମୁଦ୍ର।

"ଦେଖ। ହାତ ଖସେଇବୁନୁଟି। ମୁଠି ହୁକୁଳା କରିବୁନୁ। ମୋ ହାତ ଧରି ଚାଲୁଥା। ଯାତ୍ରା କ୍ଲିଷ୍ଟତା ଲାଘବ ହେବ। ସ୍ୱର୍ଗ ଧାମକୁ ଯାଉଁ ଯାଉଁ ନୀଳାଞ୍ଚଳ ଧାମକୁ ଆସି ଯାଇଚୁ। ଦେହକରେ ବହୁତ ଟଙ୍କା ରୋଜଗାର କରିଚି। ଗରିବଙ୍କ ତଣ୍ଟିଚିପା ପଇସା କମେଇଥିଲି। ପୁଅ ବୋଧେ ସେଥିପାଇଁ ଅମଣିଷ ହେଇଗଲାକି କ'ଣ ?"

ବୋହୂ ପୁଣିତାକୁ ଗୁଣି ଗାରେଡ଼ି କରି ବୋଲ ମନେଇ ରଖିଚି। ପୁଅ ପୁଣି ନିଶା ପାଣି କରୁଚି। ମୋ ଅର୍ଜିତ ସମ୍ପତ୍ତିରୁ ବେଦଖଲ କରି ମତେ ଦାଣ୍ଡର ଭିକାରୀ କରି ଦେଇଚି। କଥାରେ କହନ୍ତିନି, ବଂଶନାଶ ବେଳେ ଘୋଡ଼ାମୁହାଁ ପୁଅ ଜନ୍ମ ? କୁଳାଙ୍ଗାର ପୁତ୍ର ଜନ୍ମ କରି ଆମେ ବୁଢ଼ାବୁଢ଼ୀ ଦିହେଁ ବେଘର। ଧନୀ ସାହୁ ଧର୍ମଶାଳାରେ ଦେହର କ୍ଲାନ୍ତି ଜନିତ ବାଧା ମାରିବାକୁ ଗଡ଼ପଡ଼ ହେଉଥିଲା। ଆଉ ମାଉସୀ ଟିପି ଦେଉଥିଲା ଆପାଦ ମସ୍ତିଷ୍କ।

ଯେମିତି ହନୁ ମଲାବେଳକୁ ସତ ହିଁ କହିଥାଏ, ସେମିତି ଧନୀ ସାହୁ ଆଜିଯାକେ ପାପ ପଙ୍କରେ ଛୁଟୁପୁଟୁ ହେଇ କର୍ମଫଳ, ମାରକଦଶା, ଦୁଃଖସୁଖ ହେଉଥିଲା ପରିଣତ ବୟସ୍କା ପତ୍ନୀ ସହ।

ଆଉ କାହିଁକି ଗାଁକୁ ଯିବା ! ଏଠିତ ମଠରେ ଖାଇ ଖଟରେ ଶୋଉଚି। ଜଗନ୍ନାଥ ଅଛନ୍ତି ଚଉବାହାକୁ ଆମକୁ ତ ସାହା ଦେଇଚନ୍ତି ଗୋସେଇଁ। ମଠାଧୀଶ ରଘୁବଂଶ କ୍ଷେତ୍ରପତି ଗୀରିଗୋବର୍ଦ୍ଧନ ମହାରାଜଙ୍କ ଶ୍ରୀଚରଣ ପୟୋରେ ସେବା ଶ୍ରୀତ ଧନୀସାହୁ ସପତ୍ନିକ।

ସୁଖଦା ! ସୁଖଦା କୁଆଡ଼େ ଗଲା। ହଜିଗଲା କି ସୁଖଦା କୋଉଠି ! ହାତ ଛାଡ଼ି ଦେଇଚି ଭିଡ଼ରେ। ଗହଳି ଭିତରେ ମାଇପୀଟେ ନାହିଁ। ମୁଣ୍ଡ କୋରୁଥିଲା ଧନୀସାହୁ। ଏତେ ଭିଡ,ଭାଡ ଭିତରେ କୋଉଠି ଖୋଜିବ ସୁଖଦାକୁ...। ସୂଚନା କେନ୍ଦ୍ର ପାଖରେ ଯାଇ ପହଞ୍ଚି କହୁଚି କି, ମୋ ସୁଖଦା ମିଳୁନି। ତା' ହାତ ଛାଡ଼ି ଦେଇଚି। ବିଶେଷ ଘୋଷଣା: ସୁଖଦା ନାମ୍ନୀ ଷାଠିଏ ବର୍ଷିୟା ମାଉସୀ, ଗୌରବର୍ଣ୍ଣ, ବସନ୍ତ ମୁହିଁ, ପାନଖାଇ, ଖଡୁବଟ ଫଳ ନାଇଥିବା, ଅଣ୍ଟାବିଛା, କଙ୍କଣ ବଳା ଆଭୂଷଣ ସହିତ, କାନିରେ କୁଞ୍ଚିକାଠି ପିଠି ପଟକୁ ଝୁଲେଇ ପ୍ରଭୁଙ୍କ ନାଗାର୍ଜୁନ ବେଶ ଦେଖୁଥିବା ଅବସ୍ଥାରେ କୋଉଠି ହରଣଚାଲ ହୋଇଯାଇଛି। ସୂଚନାଦାତାଙ୍କୁ ଯଥା ମାନ୍ୟତା ସହିତ ପୁରସ୍କୃତ କରାଯିବ।

ଦୁଃସ୍ୱପ୍ନ ଥିଲା କି କ'ଣ ? ହଠାତ୍ ନିଦ ଭାଙ୍ଗିଗଲା। ପାଣି ଲୋଟେ ପିଇଲାଣି ତଥାପି ଧଇଁସଇଁ କମିନି। ଆରେ ନାଇଁ ମ। ସେ ପରା ନିଜେ ସରକାରଙ୍କ ଯୋଜନା ମୁତାବକ ଖୋଲିଥିବା ବୃନ୍ଦାବତୀ ନିବାସରେ ଆକାଶଦୀପ ଜଳାଉଥିବ। ସେଇଠି ପା' ସେ ଛାଡ଼ି ଦେଇ ଆସିଥିଲା। ରାଇ ଦାମୋଦର ପୂଜୁଥିବ। ହବିଷାନ୍ନ ରାନ୍ଧୁଥିବ। ଏବେତ କାର୍ତ୍ତିକ ମାସ ଚାଲିଛି। ଧର୍ମ ମାସରେ ଦେଖ ପ୍ରଭୁ ଇଚ୍ଛା ମୟଙ୍କ ଲୀଳା କିପରି, ଡୋରି ଲାଗିବାରୁ, ସେ ଟାଣିହୋଇଗଲା। ବିହିର ନିର୍ଦ୍ଦେଶ। ପୁଅ ବୋହୂ ଘରୁ ତଡ଼ି ନ ଦିଅନ୍ତି କି ସେ ସ୍ତ୍ରୀକୁ ଧରି ଦାଣ୍ଡକୁ ଗୋଡ଼ ନକାଢ଼େ !

ଏବର୍ଷ ନାଗାର୍ଜୁନ ବେଶ ପଡ଼ିଚି। ଦୀର୍ଘ ସତେଇଶି ବର୍ଷ ଅନ୍ତରରେ ଏ ବେଶର ଯୋଗ ଆସେ। ପାପ ଧୋଇ ହୋଇଯିବ ଦର୍ଶନ ମାତ୍ରେଇ। ବହୁତ ଲୋକ ହେଲେ। ଖଚାଖଚ ଭିଡ଼ ଥିଲା। ସପନ ସତ ହେଲା କି ଆଉ ! ଧନୀ ସାହୁ ଅସହାୟା ବୃଦ୍ଧା ପତ୍ନୀଙ୍କୁ ଖୋଜି ଖୋଜି ୟାନ୍ତ। କଅଁଳ, ଚମଧୁଡୁ ଧୁଡୁ ହାତଟି ଗଲା କୁଆଡ଼େ। ଖୋସଣି ଢ଼ିଲା ହୋଇଯାଇଛି। କୁବେର ମଉଡ଼ମଣି ଧନୀ ସାହୁ ମୁଣ୍ଡରେ ହାତ ଦେଇ ବସିଚି। ଏକା ହୋଇ ଯାଇଛି। ବାବାଜୀ ମହାପୃଙ୍କ ମଠର ଗୋଟେ କୋଣରେ ବସି ଲୁହ ଗଡ଼ଉଚି।

ବୋଧେ ନାଗାର୍ଜୁନ ବେଶର ଜନସମୁଦ୍ରର ନରବୋଧ ଯଜ୍ଞରେ ପୂର୍ଣ୍ଣାହୂତି ହୋଇ ଯାଇଥିବ। ନିଆଁ ପାଉଁଶ ଆକାଶକୁ ଉଠିଯାଇଛି। କାନିପଣତରେ ଝୁଲୁଥିବା ସିନ୍ଧୁକ ଚାବି ବି ମିଳୁନି। ସେଇଟାକୁ ସେ ଅଭ୍ୟାସବଶତଃ ପିଠି ପଟକୁ ଛାଟି ଦେଇଥିବ। ଅସ୍ତ ହୋଇ ଯାଇଚି ଲାଲ ସିନ୍ଦୁର ମୁଣ୍ଡୁଳା ପାନ ଖିଆ ପାଟି, ବେକରେ ଶଙ୍ଖ ମାଳି। ହାତକୁ ଶଂଖ ଚୁଡ଼ି। ପାଦକୁ ଝୁଣ୍ଟିଆ।

ଝୁରି ଝୁରି କଣ୍ଟା ହୋଇଗଲାଣି ଲୋକଟି। ଦେହଭଲ ରହୁନି ଆଜିକାଲି। ମଠ ମହନ୍ତ ଓ ଦିଅଁ ଦେବତାଙ୍କ ସେବା ପୂଜାରେ କେହି ତୃଟି ଦେଖିନି। ବଡ଼ ଦାଣ୍ଡି ଭିଡ଼ ଭିତରେ ହଜିଯାଇଛି ଭାର୍ଯ୍ୟା ! ଆଲୋ ସଖୀ। ଡୋଲିପୁର ତଟେ ଝୁରୁଚି ଲୋ ସଖୀ। ସେ ଲେଖିଚି ମିସିଙ୍ଗ ପର୍ସନ ଫାଣ୍ଡିରେ। କାନ୍ଦ କାନ୍ଦ ଧନୀ ସାହୁର ମୁହଁ।

"ଫିସନ କେତେ ଲୋକ ଡୋଲିପୁରରୁ ଆସୁଛନ୍ତି। ଧନୀସାହୁ ବାବାଜୀ ମହାରାଜଙ୍କ ମଠରେ ଗୁମାସ୍ତା ଗିରି କରୁଚି। ଗାଁରୁ ଆସିଲା ବେଳେ ଯା' କିଛି ସମ୍ବଳ ଆଣିଥିଲା, ତାକୁ ଦାନ କରିଚି ମଠକୁ...। ମଠ ସଉଦା ଭାର ତା' ମୁଣ୍ଡରେ। ମହନ୍ତ ଭଲ ପାଇଛନ୍ତି ଧନୀ ସାହୁକୁ...। ବେଳେ ହାଟବାଟ ବଜାର ସଉଦା ପାଇଁ ଧନୀସାହୁ ପାଖ ବଳିଆପଣ୍ଡା ବଜାରକୁ ଆସୁଚି। ବଡ଼ଦାଣ୍ଡକୁ ବି ଆସେ ଭୋଗସାମଗ୍ରି କିଣାକିଣି ପାଇଁ। ସେମାନେ ପଚାରନ୍ତି। ହୋ ଧନୀଭାଇ। କେମନ୍ତ ଅଛ ହୋ! ଆମ କଥା, ଗାଁ କଥା ପାଶୋରି ଦେଲ ଯେ ଏକବାରେ। ଆଉ! ଦିହପା' କେମିତି ଅଛି! ଆଉ। ଫେରିଚାଲ ହେ ଗାଁ ଆଡ଼େ।"

"ହଁ! ଗାଁ କିଏ ନା ମୁଁ କିଏ? କିଏ ଆଉ ମନେ ପକାଉଛି ଆମ୍ଭଙ୍କୁ। ତମେମାନେ ସମସ୍ତେ ଭଲ ଅଛ ନାରେ...। ବୋହୂ ପିଲା, ନାତିଆ, ନାତୁଣୀ ସମସ୍ତେ।"

: ହଁ। ଭଲ। ଦୁଃଖେସୁଖେ ଏକରକମର। କହନ୍ତି ଲୋକେ। ଧନୀସାହୁର ଆବେଗମୟ ଭାଷା ମନ କିଣିନିଏ ଗାଁ ଲୋକଙ୍କର।

: ଆଉ! ଆମ ଘର ଆଡ଼େ ଯାଇଥିଲ କି! ଆମ ପୁଅବୋହୂ, ସେ ଚଗଲା ନାତିଟୋକାଟା ... କେମିତି ଅଛନ୍ତି। ମତେ ମନେ ରଖିଛନ୍ତି ନା ଭୁଲି ଯାଇଛନ୍ତି। ପ୍ରଶ୍ନଟି ଖୁବ୍ କରୁଣ ଓ ମାର୍ମିକ ଥିଲା।

: ନାଇଁରେ ଧନୀ ସାହୁ। ତୋ'ଠୁ କରଜ କରି ଆମ ପିଲା ଛୁଆଙ୍କ ତୁଣ୍ଡରେ ଦାନା ଦେଇ ଦିନେ ବଞ୍ଚାଇଥିଲୁ। ଝିଅପୁଅଙ୍କ କାମଦାମ ସବୁକରିଛୁ। ଗୋଟେ କଥା କହିବୁ। ମନଦୁଃଖ କରିବୁନୁ। ତୋ' ପୁଅ ସୁଧ ହେଇ ପଡ଼ିଚିରେ। ମୁଣ୍ଡନ ହେଇଚି। ଦଶାହ କର୍ମ କରିଚି। ପଛକୁ ଏଗାର ଓ ବାର ପିଣ୍ଡ ବି ଦେଇ ନାହିରେ ମୁଣ୍ଡା ତେଲ ମାରି ବୁଲୁଚି। ତୁ ଯାହା ରଖିଥିଲୁ ତାକୁ ବିକି ଭାଙ୍ଗି ଅଏସ ଆରାମ କରୁଛି। ଆଉ କ'ଣ?

ଗାଁ ଲୋକଙ୍କ ଏମନ୍ତ ଉତ୍ତରରେ ଧନୀ ସାହୁ କାନ୍ଦେନା ହସେ। କହେ ଭଲ ଭଲ।

ହଉ ଯିବନି। ଦିଅଁଙ୍କ ପ୍ରସାଦ ଲାଗି ହେବାମାତ୍ରେ ତୁମର ହାତଧୁଆ ବ୍ୟବସ୍ଥା କରିଦେଉଚି। ରହିଯା ଘଡ଼ିଏ। ଗାଁକୁ ବାହୁଡ଼ିଗଲେ କିନ୍ତୁ ନାତିଆକୁ ବହୁତ ବହୁତ କହିଦେବୁ। ହଁ କହିବୁନୁ। ମୁଁ ବଞ୍ଚିଚି ବୋଲି ...। ନହେଲେ ତାଙ୍କ ମନ ଦୁଃଖହବ। ଧନୀସାହୁ ଏକାନିଶ୍ୱାସରେ କହିଯାଉଥିଲା।

ସା'ନ୍ତ। ତୁମେ ଆମକୁ ଟଙ୍କା ପଇସା ଦେଇ କେତେଥର ଅଭାବୀସଂସାରକୁ ଚଳେଇନେଇଚ। ଏ ଜନ୍ମରେ ସେ ଋଣ ସୁଝିହବନି। ଜାଣିଚନା' ସା'ନ୍ତ। ନାତିଆକୁ ବାପ ମା ଶିଖେଇଦେଇଚନ୍ତି। ଯେବେ ସେ ଜେଜେ ଜେଜେମା ଫଟୋ ଦେଖି ଖୋଜୁଥିବ, କି କ'ଣ? ଯେ ତୋ' ଜେଜେ, ତୀର୍ଥାଟନ କରୁଚି। ସାଥିରେ ଗୋସମା' ବି ଅଛି।... କୋଠି କି?

: ପୁରସ୍ତମ। ଶ୍ରୀକ୍ଷେତ୍ର ନୀଳାଞ୍ଚଳ ଧାମ।

: କ'ଣ ବାପା! ସେବେଠୁ ଯାଇଛନ୍ତି କି। ଫେରୁନାହାନ୍ତି କାହିଁକି? ନାତିଆ କହିଲା।

: ଫେରିବେ। ଫେରିବେ। ନ ଫେରି ଯିବେ କୁଆଡ଼େ। ସାରା ଚାରିଧାମ ବୁଲିବେ ପରା।

ସେଦିନ ଗାଁରୁ ଭଞ୍ଜା, ନୀଦିଆ, ଆନିଆ, କେଲୁ, ସାରଦା, କାଳିଆ ସମସ୍ତେ ଯାତ୍ରାକୁ ଆସିଥା'ନ୍ତି।

ବାରବର୍ଷର ଧରମା ଜାନୁ ଆସିଚି ଦୀର୍ଘ ବର୍ଷ ହେବ ସଦାବର୍ତ୍ତିଆ ମଠରେ କରସେବା କରୁଥିବା ଜେଜ ଧନୀ ସାହୁକୁ ଉଦ୍ଧାର କରି ଗାଁକୁ ଫେରାଇ ନବ। ଗାଁରୁ ବାଡ଼ି ଅଁଳା କୋଳି ମୁଣିରେ ପୁରାଇ ଆଣିଚି। ପିଜୁଳୀ, କରମଙ୍ଗା ଓ ନଡ଼ିଆ। ଆହୁରି କେତେ କ'ଣ? କାହିଁ କେତେବର୍ଷ ହେବ ଧନୀ ସାହୁ ଗାଁକୁ ଫେରିନି। ମୁଖମଣ୍ଡଳରେ ଆଗର ସେ ଜ୍ୟୋତି ନାହିଁ। ଶ୍ମଶ୍ରୁ ବୃଦ୍ଧି ଘଟିଚି। ଲୋକଟାକୁ ଚିହ୍ନି ହେଉନି। ଶଂକା ହଜିଯାଇଚି। ଖବର ମିଳୁନି।

ବାପ ସହିତେ ଶ୍ରୀକ୍ଷେତ୍ରକୁ ରଥଯାତ୍ରା ଦେଖି ଆସିଚି ପୁତ୍ରମଣି। ନବକଳେବର ବର୍ଷ ଏଇଟା। ବାର ବର୍ଷରେ ଯୋଗ ପଡ଼ିଚି।

ତୁଳସୀ ଧଣ୍ଡାମାଳ, ଫେଣି, ଗଜା ମିଠାରୁ ବନେଇ ଆଣି ବିକୁଥାଏ ଧନୀ ସାହୁ। ଯୋଉ ଠିକଣା ସେ ଗାଁ ଲୋକଙ୍କଠାରୁ ସଂଗ୍ରହ କରିଥିଲା ସେଇଠିକି ଯାଇ ପହଞ୍ଚିଲା। ସେ ଜନ୍ମ ବେଳକୁ ଧନୀସାହୁ ଘର ଛାଡ଼ି ଦେଇଥିଲା। ବଢ଼େଇ ଦେଇଥିଲା; ବାଡ଼ି ଅଁଳା, ପାଟ କଦଳୀ, ନଡ଼ିଆ, ଅନ୍ୟାନ୍ୟ ଫଳ, ପୁଷ୍ପ। ବୁଢ଼ା ସ୍ୱାଦ ବାରିଦେଲା ତତ୍କ୍ଷଣାତ୍!! ଆରେ ବାବୁ! ତୁ କିଏ ମୁଁ ତ କାହିଁ ଚିହ୍ନି ପାରୁନି। ତୋ' ସାଙ୍ଗେ ଆଉ କିଏ ଆସିଚି କି? ଟୋକାଟାର ଉତ୍ତର ଥିଲା – ବାପା ବୋଉ।

: ହଁ! କହିଦେ, ତୋ' ଜେଜେ ମରିଯାଇଚି।

: ଛେଃ! ସେମିତି କ'ଣ କହୁଚ ମ!! ଡାକିବିକି ତାଙ୍କୁ।: ଡାକୁନୁ ଡାକ।

: ବାପା! ବାପା! ଆସିକି ଗୋଡ଼ହାତ ତଳେ ପଡ଼ିଗଲେ।: କି ବାପା ବେ ମୁଁ ତୋର।

: ଆମର ସବୁଭୁଲ ହେଇଯାଇଚି। ଆଉ ମୁହଁ ଅଛିକି ତୁମ ସାମ୍ନାକୁ ଆସିବୁ। ପୁଅ ବୋହୂ ଚୁପଚାପ ଅପରାଧୀ ଭଳି ଛିଡ଼ା ହୋଇଥା'ନ୍ତି।

: ହଉ। କୁହ। ତୁ ବାପର ପ୍ରେତ ସାଥିରେ କଥା ହେଉଚୁ।

: ବାପା! ଚଗଲାଟା ଜିଦ୍ ଧରିଲାରୁ ଆଉ ଏଡାଇ ହେଲାନି।

: କହିଲୁନୁ। ସୁଧତ ହେଇଚୁ। ଅସ୍ଥି ଗଙ୍ଗାରେ ଦେଇଚୁ। ଜେଜ ଆଉ ନାହିଁ।

: ବାପା! ତୁମ ନାତିଆ ଶୁଣିଲା କୌଠୁ। ସେ ଜିଦ୍ ଧରିଲା କି ପୁରସ୍ତମ ଆସି ଖୋଜିବ ତୁମକୁ, ନହେଲେ ଘରୁ ପଳେଇବ ବୋଲି ଧମକ ଦେଲା।

: ଓଃ! ପୁତ୍ର ମୋହ ପରା।

: ସେୟା ନୁହଁକି। କ'ଣ ହେବ ତମେ ସଂଚିଥିବା ଧନ ସମ୍ପତ୍ତି। କାହାପାଇଁ ରଖିବ ସାଇତିକି।

: ହଉ ଛାଡ। ବଡ଼ ଠାକୁରଙ୍କ ବଡ଼ପଣରୁ ମୁଁ ତ ବଂଚିଯାଇଚିରେ ବାବୁ। ଧନୀ ସାହୁ କପାଳକୁ ନିନ୍ଦୁଥିଲା।

: ଆଉ! ତୁମକୁ ତ ପାଇଲୁ ମାତ୍ର ବୋଉ!

: ସ୍ୱର୍ଗ ଦ୍ୱାର ଆଉ କେତେ ଦୂରକି ବାପ ଧନ। ତା ଚାବି ନେନ୍ଥା ସ୍ୱର୍ଗଦ୍ୱାର ଅଫିସରୁ ମିଳିଥିଲା। ସେମାନେ ତାକୁ ଦାହ ସଂସ୍କାର କରିବା ପୂର୍ବରୁ ଜବତ କରିଥିଲେ।

: ତୁମ ପାଖକୁ ଆଇଲା କେମିତି ବାପା।

: ମୁଁ ତ ଖୋଜୁଥିଲି। ଖୋଜା ଜାରି ରଖିଥିଲି ବରାବର। ତା' ବୁଜୁଳା ଭିତରୁ କାଷ୍ଠ ଦେବତା ନୀଳ ମାଧବ ମିଳିଥିଲେ। ଯେହେତୁ ମୁଁ ସୂଚନା କେନ୍ଦ୍ରରେ ଅଭିଯୋଗ ଲେଖାଇଥିଲି, ସେହି ହେତୁରୁ, ମତେ ଡକେଇଥିଲେସ୍ୱର୍ଗଦ୍ୱାର କାର୍ଯ୍ୟାଳୟ। ମତେ ଚିହ୍ନଟ କରିବାକୁ କୁହାଯାଇଥିଲା। ମୁଁ ଚିହ୍ନିଲି। ତା' କପଡ଼ା, ଗଣ୍ଠିଲି, ଦାରୁଦେବତା, ସିନ୍ଦୁକ। ଅମାର ଚାବି ପେନ୍ଥା। ପାନବାଠୁଆ ଧନୀ ସାହୁର କଣ୍ଠସ୍ୱର ବସିଯିବା ପରି ଲାଗୁଥିଲା।

: ବାପା! ବୋଉର ହଠାତ୍ ହେଲା କ'ଣ? ପଚାରିଲା ପୁଅ।

: ନାଗାର୍ଜୁନ ଦର୍ଶନାର୍ଥୀଙ୍କ ପ୍ରଚଣ୍ଡ ଭିଡ଼ ମଧ୍ୟରେ ତୋ' ବୋଉ କେତେବେଳେ ମୋଠୁ ହାତ ଖସେଇ ଭଉଁରୀ ଭିତରେ ପଡ଼ିଯାଇଛି। ମୁଁ ଜାଣେନି। ମୁଁ ଖୋଜିଚି ମାତ୍ର ମିଳିନି। ତା'ର ବି ଗୋଟେ ଇଚ୍ଛା ଥିଲା, ସ୍ୱର୍ଗଦ୍ୱାରରେ ବିଦାୟ ନେବ। ନେଲାବି। ଓ କାଥଳୀରୁ ବାହାରିଲେ ମହାପୁରୁ।

: ବାପା!

: ବେଓ୍ୱାରିସ ଶବକୁ ସ୍ୱେଚ୍ଛାସେବୀ ସଂସ୍କାର କରି ଦେଇଥିଲେ। ଦେଖୁନୁ। ସ୍ୱର୍ଗଦ୍ୱାର ଅଫିସ ମତେ ମାଲମତ୍ତା ସହ ଅନ୍ତ୍ୟେଷ୍ଟି କ୍ରିୟା କର୍ମାଣିର ରସିଦ ଓ ସଲ ଦେଇଛନ୍ତି। ଲୁହ ଖେଳାଇ ଦେଇଥିଲା ଆଖି ସାରା ବାପ ଓ ପୁଅର।

*କୋରାଇ ମେଡିକାଲ୍ସ, ଯାଜପୁର ରୋଡ - ୨୨*
*ଦୂରଭାଷ: ୯୪୩୮୧୧୧୩୦୯*

# ବହ୍ନି କନ୍ୟା

## ଉମା ଶଙ୍କର ଷଡଙ୍ଗୀ

ଜୀବନରେ କେତେବେଳେ ବିପଦ ଆସେ ଜାଣି ହୁଏନା। ଏକ ସରଳ, ନିରାଡମ୍ବର ଓ ଆଶାପୂର୍ଣ୍ଣ ଜୀବନ ବଞ୍ଚୁଥିବା ମଣିଷଟି ହଠାତ୍ ଏଭଳି ଏକ ବିପଦର ସମ୍ମୁଖୀନ ହୁଏ ଯାହାକି ଅତ୍ୟନ୍ତ ଜଘନ୍ୟ ଓ କଳ୍ପନାତୀତ ହୋଇଥାଏ। ଜୀବନ ଯାତ୍ରାରେ ଏଭଳି ଏକ ପରିସ୍ଥିତିର ସମ୍ମୁଖୀନ ହୋଇ ଶ୍ରାବଣୀ ହତବାକ୍ ହୋଇଯାଇଥିଲା।

ଶ୍ରାବଣୀ ଓ ଦୀପକ ଏକ ବହୁ ରାଷ୍ଟ୍ରୀୟ କମ୍ପାନୀରେ ଚାକିରୀ କରୁଥିଲେ। ଏକ ଆଡମ୍ବରପୂର୍ଣ୍ଣ ଜୀବନ ଯାପନ ପାଇଁ ଆର୍ଥିକ ସ୍ୱଚ୍ଛଳତା ଥିଲା। ସହରର ଏକ ଦାମିକା ଆପାର୍ଟମେଣ୍ଟରେ ଅଲଗା ଅଲଗା ଦୁଇଟି ଫ୍ଲାଟରେ ରହୁଥିଲେ। କିଛି ଦିନର ମିଳାମିଶା ପରେ ଉଭୟେ ପରସ୍ପର ପ୍ରତି ଆକୃଷ୍ଟ ହେବାର ଅନୁଭବ କରିଥିଲେ। ଏଣୁ ଛୁଟିଦିନ ମାନଙ୍କରେ ପରସ୍ପରର ଫ୍ଲାଟକୁ ଯିବା ଆସିବା ଏକ ଅଭ୍ୟାସରେ ପରିଣତ ହୋଇଯାଇଥିଲା। ଏକାଠି ଥିବାବେଳେ କଥାବାର୍ତ୍ତା ପ୍ରେମୀ ଯୁଗଳଙ୍କ ଭଳି ଥିଲା। ଦୀପକ କିନ୍ତୁ ଏ ସମ୍ପର୍କକୁ ଆଗକୁ ବଢ଼ାଇ ଶାରିରୀକ ସମ୍ପର୍କର ଇଙ୍ଗିତ ଦେଉଥିଲା। ଶ୍ରାବଣୀ ବିବାହ ପୂର୍ବରୁ ଏ ସବୁରେ ବିଶ୍ୱାସ କରୁନଥିଲା, ତେଣୁ ଦୀପକକୁ ଅନେକବାର କଡାଶବ୍ଦରେ ତାଗିଦ କରିଥିଲା। ନିଜ ଇଚ୍ଛା ଅପୂରଣୀୟ ରହିବାରୁ ଆସ୍ତେ ଆସ୍ତେ ଶ୍ରାବଣୀ ପ୍ରତି ପ୍ରେମର ମାତ୍ରା ହ୍ରାସ ପାଇଥିଲା କିନ୍ତୁ ଦୀପକ ଏହା ଜାଣିବାକୁ ଦେଇ ନଥିଲା।

ସେଦିନ ରବିବାର ଥାଏ। ସନ୍ଧ୍ୟାବେଳେ ଶ୍ରାବଣୀ ଘରକୁ ଆସିବା ପାଇଁ ଆଗରୁ ଦୀପକ କହିଥାଏ। ଶ୍ରାବଣୀ ରୁଚି ମୁତାବକ ଜଳଖିଆ ପ୍ରସ୍ତୁତ କରି ପ୍ରେମିକ ଦୀପକର ରାସ୍ତାକୁ ଚାହିଁ ରହିଥାଏ। ଯଥା ସମ୍ଭବ ନିଜକୁ ସଜାଇଥାଏ ମଧ୍ୟ। କବାଟ ଖୋଲିବା ପରେ ଶ୍ରାବଣୀ ଆଶ୍ଚର୍ଯ୍ୟ ହୋଇଥିଲା। ଦୀପକ ଏକୁଟିଆ ନୁହେଁ ତାଙ୍କ ସହିତ ଏକ ସୁନ୍ଦର ଚେହେରାର ଯୁବକ ମୃଦୁହସି ଘର ଭିତରକୁ ପଶି ଆସିଲେ। ଶ୍ରାବଣୀକୁ ଏକ ସାଙ୍ଗର ପରିଚୟ ଦେଇ କହିଲେ, ଏ ହେଉଛି ରାଜ୍, ମୋର ଅତି ଅନ୍ତରଙ୍ଗ ବନ୍ଧୁ। ମୋତେ ଦେଖା କରିବାକୁ ଆସିଥିଲା। ତୁମ ବିଷୟରେ କହିବା ପରେ ତୁମକୁ ଦେଖିବା ପାଇଁ ଜିଦ୍ କଲା। ଏଣୁ ନେଇ ଆସିଲି। ତୁମକୁ ଯଦି ଅଡୁଆ ଲାଗୁଛି କହିଲେ ସେ ଚାଲିଯିବ।" ଶ୍ରାବଣୀ ଭଦ୍ରାମି ଦୃଷ୍ଟିରୁ ବସିବା ପାଇଁ କହିଲା ଓ ଜଳଖିଆ ଆଣିବା ପାଇଁ ରୋଷାଇ ଘରକୁ ଚାଲିଗଲା। ଫେରି ଦେଖିଲା ଦୁହେଁ ସାଙ୍ଗରେ ଆଣିଥିବା ମଦ ପିଇବା ଆରମ୍ଭ କରି ଦେଇଛନ୍ତି। ଚିତ୍କାର କରି ସେମାନଙ୍କୁ ଘରୁ ବାହାରି ଯିବାକୁ କହିଲା। ଉଭୟେ ସବୁ କିଛି ବୋଧହୁଏ ଯୋଜନା କରି ଆସିଥିଲେ। ଶ୍ରାବଣୀର ମୁହଁରେ ପଟି ବାନ୍ଧି ଦେଇ ଟେକିକରି ବେଡରୁମ୍‌କୁ ନେଇଗଲେ। ବନ୍ଦ କୋଠରୀ ଭିତରେ ଏହା ଏକ ଦୁଇ ପୁରୁଷଙ୍କ ଦ୍ୱାରା ବିବେକହୀନ ଧର୍ଷଣ ଥିଲା। ପ୍ରଥମେ ରାଜ୍ ଓ ପରେ ଦୀପକ ବହୁବାର ଧର୍ଷଣ କରିବା ପରେ ଶ୍ରାବଣୀ ଅଚେତ ଅବସ୍ଥାକୁ ଆସିଯାଇଥିଲା। ଅଚେତ ହେବା ପୂର୍ବରୁ ଦେଖିଲା ରାଜ୍ ନୋଟ ବଣ୍ଡଲ ଦୀପକ ହାତକୁ ବଢ଼ାଇ ଦେଉଛନ୍ତି।

ଚେତା ଆସିବା ପରେ ଶ୍ରାବଣୀ ମାନସିକ ଓ ଶାରୀରିକ ସ୍ତରରେ ସମ୍ପୂର୍ଣ୍ଣ ଭାଙ୍ଗି ପଡ଼ିଥିଲା। କବାଟ ବନ୍ଦ କରି କିଛି ସମୟ ବସିଲା। ଭାବିଲା ଏହି ସମୟରେ ଉଚିତ ନିର୍ଣ୍ଣୟ କ'ଣ? ପ୍ରତିଶୋଧ ପରାୟଣ ହୋଇ ଯଦି ବର୍ତ୍ତମାନ ପୋଲିସରେ ରିପୋର୍ଟ ଲେଖାଉଛି ତେବେ ହାସଲ ହେବ କ'ଣ? କୋର୍ଟରେ କେଶ୍ ଚାଲିବ। ସାକ୍ଷୀ ପ୍ରମାଣ ଉପରେ ନ୍ୟସ୍ତ କରି ହୁଏତ ରାୟ ତା ସପକ୍ଷରେ ଯାଇପାରେ ଓ ସେମାନଙ୍କୁ ଦଣ୍ଡ ମଧ୍ୟ ମିଳିପାରେ। ଏଭଳି ହେଲେ ନିଜର କ'ଣ କ୍ଷତି ହେବ ଆକଳନ କଲା। ସମାଜରେ ଏକ ଧର୍ଷିତାର ପରିଚୟ ପାଇବ, ଏକ ଘୃଣାର ପାତ୍ର ହେବ ଓ ସେ ବର୍ତ୍ତମାନର ସାମାଜିକ ପରିଚୟ ଓ ସ୍ଥିତି ହରାଇ ବସିବ। ଏଭଳି ଏକ ଜୀବନ ବଞ୍ଚିବା ଅପେକ୍ଷା ପ୍ରତିଶୋଧ ପରାୟଣ ହୋଇ ଏମାନଙ୍କୁ ମାରି ଜେଲ ଚାଲିଯିବାଟା ଉଚିତ ହେବ।

ବହୁତ ସମୟ ବସି କାନ୍ଦିବା ପରେ କେତେବେଳେ ଶୋଇ ଯାଇଛି। ସକାଳୁ କାମବାଲିର ବେଲ୍‌ରେ ନିଦ ଭାଙ୍ଗିଲା। ଯେପରି କାଲି ରାତିରେ କିଛି ଘଟିନାହିଁ ସ୍ୱାଭାବିକ ହେବା ପାଇଁ ଚେଷ୍ଟା କଲା। ଏତେ ସବୁ ଘଟିଗଲା ପରେ ଏ ସହରରେ ଓ ସେ ଅଫିସରେ ସେ ଆଉ ନରହିବା ପାଇଁ ନିଷ୍ପତ୍ତି ନେଲା। ବରଂ ଏଠାରୁ ଦୂରକୁ ଚାଲିଗଲେ ତା' ଶରୀରକୁ ଓ ଆତ୍ମାକୁ ଦୁର୍ବ୍ୟବହାର କରିଥିବା ବ୍ୟକ୍ତି ଦ୍ୱୟଙ୍କୁ ଉଚିତ ଦଣ୍ଡ ଦେଇ ପାରିବ।

ନୂଆ ସହର, ନୂଆ ପରିବେଶ ଓ ଭିନ୍ନ ଏକ ଚାକିରୀକୁ ନେଇ କିଛି ଦିନ ଶାନ୍ତିରେ କାଟିବା ପାଇଁ ଉଚିତ ମନେକଲା ଶ୍ରାବଣୀ। ସେ କ୍ଷତ ଯାହା ତା' ଶରୀରକୁ ଓ ଅନ୍ତରାତ୍ମାକୁ ବିଦାରି ଦେଇଥିଲା ତାହା ଭୁଲିବା କଷ୍ଟକର ହୋଇଥିଲା। ଏହା ପରେ ସେ ପ୍ରତିଶୋଧ ନେବା ପାଇଁ ଯୋଜନା ପ୍ରସ୍ତୁତ କରିଥିଲା। ପ୍ରଥମ ଶିକାର ରାଜର ଠିକଣା ଖୋଜି ପହଞ୍ଚିଲା। ସେଠାରେ ପହଞ୍ଚି ସେ ଖବର ପାଇଲା ଯେ ରାଜ ଦୁଇଦିନ ତଳେ ମୃତ୍ୟୁବରଣ କରିଛି। ସାହି ପଡ଼ିଶା କହିଲେ ଯେ ସେ ଦୀର୍ଘଦିନ ଧରି ଏଚଆଇଭିରେ ସଂକ୍ରମିତ ହୋଇଥିଲା। ବହୁ ଚିକିତ୍ସା ସତ୍ତ୍ୱେ ବଞ୍ଚିବା ସମ୍ଭବ ହୋଇ ନଥିଲା।

ଏହା ଜାଣିବା ପରେ ଶ୍ରାବଣୀ ଭୟଭୀତ ହୋଇଯାଇଥିଲା। ଅଳ୍ପ କିଛି ଦିନ ତଳେ ଧର୍ଷଣ ସମୟରେ ଦୁହେଁ କେହି ସୁରକ୍ଷା ଅବଲମ୍ବନ କରିନଥିଲେ। ଏହାର ଅର୍ଥ ସେ ନିଜେ ଓ ଦୀପକ ଏଚଆଇଭି ଜୀବାଣୁ ଦ୍ୱାରା ସଂକ୍ରାମିତ ହୋଇଛନ୍ତି। ଧର୍ଷଣ ହେବା ପରେ ସେ ସାହସ ଯୁଟାଇଥିଲା ଯେ ଯଦି ଏହି ଜନିତ ଗର୍ଭଧାରଣ ହୁଏ ତେବେ ଚାହୁଁନଥିବା ଗର୍ଭ ସମାପ୍ତି ପ୍ରକ୍ରିୟାରେ ସାହାଯ୍ୟ ନେଇ ହେବ। ଦୁର୍ଭାଗ୍ୟ ଏପରି ଆସିଲା ଯେ ଏଥିରୁ କୌଣସି ନିସ୍ତାର ନାହିଁ। ରାଜ ଦଣ୍ଡ ପାଇଲା କିନ୍ତୁ ମରିବା ପୂର୍ବରୁ ତାକୁ ଓ ଦୀପକକୁ ଅଳ୍ପାୟୁ କରି ଦେଇଗଲା।

ଶ୍ରାବଣୀ ଦେହରେ ଏଡ୍‌ସ ରୋଗର କୌଣସି ଲକ୍ଷଣ ଦେଖା ଦେଇନଥିଲା। ଡାକ୍ତରଙ୍କୁ ପରାମର୍ଶ କଲା ପରେ ଜାଣିଲା ଯେ ଏହି ଜୀବାଣୁର ସଂସ୍ପର୍ଶରେ ଆସିବା ପରେ ଭିନ୍ନ ଭିନ୍ନ ସମୟରେ ଲକ୍ଷଣ ଦେଖାଦେଇଥାଏ। କେତେକଙ୍କ ଦେହରେ ଦୁଇରୁ ଚାରି ସପ୍ତାହ ଭିତରେ ଓ ଅନ୍ୟ କ୍ଷେତ୍ରରେ କେତେ

ମାସ ପରେ କିମ୍ବା ବର୍ଷ ପରେ ଦେଖାଦିଏ।

ଏହା ସବୁଜାଣିବା ପରେ ଶ୍ରାବଣୀର ଏକ ପ୍ରତିଶୋଧ ନେବାର ଯୋଜନା ପାଇଁ ପଥ ପରିଷ୍କାର ହୋଇଗଲା। ଯଦି ଏଡ୍ସରେ ମରିବା ସୁନିଶ୍ଚିତ ଏହି ସମୟ ଭିତରେ ଦୀପକକୁ ମାରିବାକୁ ପଡ଼ିବ। ଦୀପକର ସ୍ୱାସ୍ଥ୍ୟ ଅବସ୍ଥା କିପରି ଅଛି ଜାଣିବା ପାଇଁ ସେ ଅଫିସର ଜଣେ ପୂର୍ବ ସାଙ୍ଗ ପାଖକୁ ଫୋନ୍ କଲା। ତା' ଠାରୁ ଜାଣିବାକୁ ପାଇଲା ଦୀପକର ଓଜନ କମିବା, ଦୁର୍ବଳ ଲାଗିବା ମୁଣ୍ଡବ୍ୟଥା ଆଦି ଦେଖାଦେବାରୁ ସେ କମ୍ପାନୀରେ କାମ କରିବା ପାଇଁ ସକ୍ଷମ ହେଲା ନାହିଁ। ନୋଟିସ ଦେବା ପରେ ତାକୁ ଚାକିରୀରୁ ବାହାର କରି ଦିଆଯାଇଛି। ସେ କିନ୍ତୁ ସେ ସହର ଛାଡ଼ିନାହିଁ ସେହି ଫ୍ଲାଟରେ ଅଛି। ଏଥିରୁ ଶ୍ରାବଣୀ ଅନୁମାନ କଲା ଯେ ଏଡ୍ସର ସଂକେତ ବୋଧହୁଏ ଦୀପକ ଦେହରେ ଦେଖାଗଲାଣି। ପ୍ରତିଶୋଧ ନେବା ପାଇଁ ଏହା ଉଚିତ ସମୟ।

ଦିନେ ସନ୍ଧ୍ୟା ବେଳେ ଶ୍ରାବଣୀ ଯାଇ ଦୀପକ ଘରେ ପହଞ୍ଚିଲା। କବାଟ ଖୋଲିବା ପରେ ଶ୍ରାବଣୀକୁ ଦେଖି ଆଶ୍ଚର୍ଯ୍ୟ ହେଲା ଦୀପକ। କ୍ଷମା ମାଗିବା ଶୈଳୀରେ ଠିଆ ହୋଇ କହିଲା "ତୁମ ପ୍ରତି ମୁଁ ଯେଉଁ ଅନ୍ୟାୟ କରିଛି ତାହା ଅକ୍ଷମଣୀୟ। ତୁମକୁ ବାରମ୍ବାର ଶାରୀରିକ ସମ୍ପର୍କ ରଖିବା ପାଇଁ ଅନୁରୋଧ କରିବା ପରେ ମଧ୍ୟ ତୁମେ ମାନିଲ ନାହିଁ। ଆସ୍ତେ ଆସ୍ତେ ତୁମ ପ୍ରତି ମୋର ସେ ପ୍ରେମ ଓ ନିଷ୍ଠା କମିବାକୁ ଲାଗିଲା। ତୁମ ଶରୀର ପ୍ରାପ୍ତି ଚିନ୍ତାରେ ମୁଁ ପାଗଳ ପ୍ରାୟ ହୋଇଗଲି। ଆଉ ଜଣେ ବନ୍ଧୁଙ୍କ ସାହାଯ୍ୟ ନେଲେ ଏହା ସମ୍ଭବ ଭାବି ସେଦିନ ରାଜକୁ ସାଙ୍ଗରେ ନେଇ ଯାଇଥିଲି। ଅନେକ ଅନୁରୋଧ ପରେ ତୁମେ ଯେତେବେଳେ ଯିଦ୍ ଧରି ବସିଲ, ଧର୍ଷଣ କରିବା ପାଇଁ ବାଧ୍ୟ ହେଲୁ। ମୋର ଜ୍ଞାତସାରରେ ନ ଥିଲା ଯେ ରାଜ ଏଡ୍ସ ଦ୍ୱାରା ପୀଡ଼ିତ। ବିନା ସୁରକ୍ଷାରେ ଏହି କାର୍ଯ୍ୟ କରିଥିବାରୁ ଆମ ଦେହ ମଧ୍ୟ ଏଚଆଇଭି ଦ୍ୱାରା ସଂକ୍ରମିତ ହୋଇଗଲା। ମୋ ଦେହରେ ଏଡ୍ସର ଲକ୍ଷଣ ଦେଖାଗଲାଣି। ମୁଁ ଆଉ ଅଳ୍ପଦିନ ବଞ୍ଚିବି। ତୁମେ ଯଦି ମୋତେ କ୍ଷମା କରିଦେବ ତେବେ ଶାନ୍ତିରେ ମରିବି।"

ସବୁ ଶୁଣିବା ପରେ ଶ୍ରାବଣୀ ଗର୍ଜି ଉଠିଲା। ମୃତ୍ୟୁ ମୁଖରେ ପଡ଼ି ମଧ୍ୟ ସତ୍ୟ ଲୁଚାଉଛ। ଶୁଣିଛି ମୃତ୍ୟୁକାଳୀନ ଜମାନବନ୍ଦୀକୁ ଭରସା କରି କୋର୍ଟରେ ରାୟ ଦିଆଯାଏ। ଆଉ କ'ଣ ସତ ଅଛି କୁହ? ହୁଏତ ତୁମକୁ ମୁଁ କ୍ଷମା ଦେଇପାରେ। ଦୀପକ୍ ଅନ୍ୟ କିଛି ନ ଥିବାର କହିବା ପରେ ଶ୍ରାବଣୀ ହିଂସ୍ର ବାଘୁଣୀର ରୂପ ନେଲା।

ଏବେ ସତ ମୋଠାରୁ ଶୁଣ। ବାରମ୍ବାର ଧର୍ଷଣ ଅମାନୁଷିକ ଧର୍ଷଣ ପରେ ମୁଁ ଅଚେତ ହେବା ଅବସ୍ଥାରେ ଦେଖିଛି ତୁମ ହାତକୁ ରାଜ ନୋଟ ବଣ୍ଡଲ ବଢ଼ାଇଲା। ସେ ସବୁ ଦୃଶ୍ୟ ମୋ ଆଖିରେ ନାଚି ଉଠୁଛି। ମୁଁ ତୁମକୁ ଭଲ ପାଇଥିଲି ତା ବଦଳରେ ତୁମେ ମୋ ଶରୀରର ଦଲାଲି କଲ। ଏତେ ହୀନ ଓ ନୀଚ କିପରି ହୋଇପାରିଲ। ତୁମର ଯଦି କୌଣସି କାରଣବଶତଃ ଟଙ୍କା ଦରକାର ଥିଲା ମୋତେ କହିଥିଲେ ଦେଇଥାଆନ୍ତି। ଜାଣେ ଏବେ ମିଛ ସତ ମିଶାଇ ଅନେକ ସଫେଇ ଦେବ। ସେସବୁ ମୁଁ ଶୁଣିବା ଅବସ୍ଥାରେ ନାହିଁ କି ବିଶ୍ୱାସ କରିବା ଅବସ୍ଥାରେ ନାହିଁ।

ହଠାତ୍ ମୁଣ୍ଡ ବୁଲାଇବାରୁ ଦୀପକ ସେଠାରେ ପଡ଼ିଗଲା। ଶ୍ରାବଣୀ ହାତ ଧରି ଆଣି ଖଟରେ ଶୁଆଇ ଦେଲା। ଅତ୍ୟନ୍ତ କ୍ଷୀଣ ଦିଶୁଥିଲା ଦୀପକ୍‌ର ଚେହେରା। ଶ୍ରାବଣୀ ଭାବିଲା ପ୍ରତିଶୋଧ ନେବାର ଏହା ଏକ ସୁଯୋଗ। ହାତରେ ଛୁରା ଧରି ମା ଦୁର୍ଗାଙ୍କର ହିଂସ୍ର ରୂପଠାରୁ ଆହୁରି ଭୟଙ୍କର ଦିଶୁଥିଲା ପ୍ରଥମେ ଗଳା କାଟି ତାପରେ ସମଗ୍ର ଶରୀରରେ ବହୁବାର ଆଘାତ କରିଥିଲା। ରକ୍ତାକ୍ତ ଅବସ୍ଥାରେ ଚିତ୍କାର କରି ଦୀପକ ପ୍ରାଣତ୍ୟାଗ କରିଥିଲା।

ଏତେ ଦିନ ପରେ ତାର ମନ ଆଉ ଶରୀର ପ୍ରତି ହୋଇଥିବା ନିର୍ଦ୍ଦୟତା ଓ ଅପମାନର ପ୍ରତିଶୋଧ ନେଇଥିବାରୁ ତା ମନ ଶାନ୍ତ ଜଣାପଡୁଥିଲା। କିଛି ସମୟ ଚିନ୍ତାଗ୍ରସ୍ତ ଭାବେ ବସିବା ପରେ ଏହା ପରେ ତା ପାଇଁ କ'ଣ ଉଚିତ ହେବ ନିର୍ଣ୍ଣୟ କଲା।

ଦୀପକକୁ ଜୀବନରେ ମାରିଥିବାରୁ ଏହା ପରେ କୋର୍ଟ କଚେରୀ ସାକ୍ଷୀ ପ୍ରମାଣ ଓ ଜେଲ ଦଣ୍ଡ ଏସବୁ ହେବା ପୂର୍ବରୁ ସଂସାର ଛାଡ଼ି ଚାଲିଯିବା ଉଚିତ। ଶରୀର ରୋଗଗ୍ରସ୍ତ ହେବାର ସମ୍ଭାବନା ଥିବାରୁ ଦୀର୍ଘ ଜୀବନ ଆନନ୍ଦରେ ବଞ୍ଚିବା ସମ୍ଭବ ନୁହେଁ।

ଏକ ଚିତ୍କାର କରି ନିଜ ପେଟରେ ଛୁରୀ ଭୁଷି ଆତ୍ମହତ୍ୟା କରିଥିଲା ଶ୍ରାବଣୀ।

(ଏକ ଚେତାବନୀ)


# DM Associates
# Chartered Accountants

**307, Block - A, 3rd Floor, Nirmala Plaza**
**Forest Park, Bhubaneswar**
**Ph.: +91 674 259511-13**
**Telefax : +91 674 2595912**

***We undertake***
***Auditing, Taxation, Consultancy outsourcing***

# ସ୍ୱର୍ଗ ସଂଧାନରେ

## ମୂଳ ଉର୍ଦ୍ଦୁ: ପ୍ରିୟାନୀ ବାବୁ
## ଅନୁସୃଜନ: ଡଃ କିଶୋର ମହାନ୍ତି

ବେଳେ ବେଳେ ଲୋକମାନେ ନିଜ ଭିତରେ ଭାବି ନିଅନ୍ତି ହେ ଈଶ୍ୱର ମୁଁ ମଲା ପରେ ମୋତେ ସ୍ୱର୍ଗପ୍ରାପ୍ତି ହେଉ। ଏକଥା ଜ୍ୱଳନ୍ତ ସତ୍ୟ ଯେ ସ୍ୱର୍ଗ ନର୍କ ସବୁ ଏଇଠି ହିଁ ଥାଏ। ବାସ୍ ନିଜେ ଭାବି ନିଅନ୍ତୁ ଯେ ଆପଣ ନିଜେ କୋଉ ଆଡକୁ ଯାଉଛନ୍ତି। ସ୍ୱର୍ଗ ନର୍କ ସମ୍ବନ୍ଧରେ ପିଲାମାନଙ୍କୁ ପ୍ରକୃତରେ ପ୍ରଶ୍ନର ଉତ୍ତର ନ ଦେଇ ପାରିବା ହେତୁ ମୌଲବୀ ସାହେବ ବଡ ଅଡୁଆରେ ପଡ଼ିଗଲେ।

"ସଲାମ ଆଲେକମ ମୌଲବୀ ସାହେବ" - ସବୁ ପିଲା ମୌଲବୀ ସାହେବଙ୍କୁ ଦେଖି ଖୁସି ହୋଇଗଲେ। ମୌଲବୀ ସାହେବ, ଆଜି ମୁଁ ଆଲ୍ଲାମିଆଁଙ୍କୁ ଚିଠିଟିଏ ଲେଖିଛି କି ସେ ମୋର ବାପାଙ୍କ ପାଖକୁ ବହୁତ ଟଙ୍କା ପଠାଇ ଦିଅନ୍ତୁ। ମୁନି ଅତି ଖୁସିରେ ମୌଲବୀ ସାହେବଙ୍କୁ ଏକଥା ଖୋଲି କହି ପକାଇଲା। ଏକଥା ଶୁଣିକରି ମୌଲବୀ ସାହେବ ମୁନିକୁ ବୁଝେଇ ସସ୍ନେହରେ କହିଲେ " ମୁନି ବାବା ଆଲହାଙ୍କୁ ସେମତି ଚିଠି ଲେଖନ୍ତି ନାହିଁ।" କାହିଁକି ? ଆଲ୍ଲାମିଆଁଙ୍କୁ କଣ ଉର୍ଦ୍ଦୁ ପଢ଼ି ଆସେନିକି ? ମୁନି ଚପଳତା ସହକାରେ କହି ପକାଇଲା । ଭିକାରୀ, ମୂଲିଆ, ଶ୍ରମିକ, ଝୋପଡ଼ିରେ ରହିବା ଲୋକ, ବାପା ମାଆ ନଥିବା ପିଲାମାନେ ମସଜିଦ୍ ଆଗରେ ବସି ପଢ଼ି କ'ଣ ଧର୍ମ ଉପଦେଶ ଦିଅନ୍ତି ! ମୌଲବୀ ସାହେବ ! ଆଲ୍ଲା ମିଆଁଙ୍କୁ ପ୍ରାର୍ଥନା କରୁଛି, ଆଲ୍ଲା ମିଆଁ ତୁମର ଗୁହାରୀ ନିଶ୍ଚୟ ଶୁଣିବେ।

"ବାବା- ଅଂଧ ମୁଁ, ଗୋଟେ ଟଙ୍କା ଦିଅନା। ଆଲ୍ଲା ତୁମକୁ ହଜାର ଟଙ୍କା ଦେବେ।" ମସଜିଦ୍ ଦ୍ୱାର ପାଖରେ ଛିଡ଼ା ହୋଇଥିବା ଗୋଟେ ବୁଢ଼ା ଫକୀର ଜୋରରେ ପାଟି କରି କହୁଥାଏ। କ'ଣ ମୌଲବୀ ସାହେବ, ଆଲ୍ଲାମିଆଁ ସେହି ଭିକାରୀର ଡାକ ସତରେ ଶୁଣିଲେ ! ଜଣେ ପିଲା ଏକଥା ମୌଲବୀ ସାହେବଙ୍କୁ ପଚାରିଲା।

ତାହାହେଲେ ସେ ନିଜ ପାଇଁ ଆଲ୍ଲାକୁ ହଜାର ହଜାର ଟଙ୍କା କାହିଁକି ମାଗୁନାହିଁ ? ପିଲାମାନଙ୍କର ଏ ପ୍ରକାର ଜଟିଳ ପ୍ରଶ୍ନରେ ମୌଲବୀ ସାହେବ ବ୍ୟତିବ୍ୟସ୍ତ ହୋଇଗଲେ। ତା'ପରେ ସେ ସମସ୍ତଙ୍କୁ ପାଟି କରିବା ଆରମ୍ଭ କରିଦେଲେ।

ଏସବୁ ବକ୍‌ବାସ ବଂଦ କର।

କାଲି ମୁଁ ତୁମକୁ କ'ଣ କହିଥିଲି ?

ନମାଜ ପଢ଼- ମିଛ କହନି , ଚୋରି କରନି, ଗୋଟେ ପିଲା ମୁନିକୁ ବିରୋଧ କରି ମୌଲବୀ ସାହେବଙ୍କ ପାଖରେ ଫେରାଦ କରି କହିଲା - ମୌଲବୀ ସାହବ ଏ ମୁନି ମିଛ କହୁଛି।"

"ଆଉ ସେ କାଲି ଦୋକାନରୁ ମିଠେଇ ଚୋରାଇ କରି ଖାଇଥିଲା।"

କ'ଣ ଆଲ୍ଲା ମିଆଁ ମୋତେ ସେତିକି ବେଳେ ଦେଖିଲେ। ମୁନି ଘାବରେଇ ଯାଇ ଡରରେ କହି ପକାଇଲା।"

"ହଁ ଆଲ୍ଲାମିଆଁ ପ୍ରତ୍ୟେକକୁ ଦେଖୁଛନ୍ତି, ସବୁକାମ ଆଲ୍ଲାଙ୍କ ମର୍ଜିରେ ହେଉଛି। ମୌଲବୀ ସାହେବ ମୁନିକୁ ବୁଝେଇ ବୁଝେଇ ଏକଥା ଧିରେ କହିଲେ। "ଆଚ୍ଛା" - ମୁନି ପାଖରେ ବସିଥିବା ଶାବିର୍ ଆଶ୍ଚର୍ଯ୍ୟ ହୋଇ ମୌଲବୀ ସାହେବଙ୍କୁ ଅନେଇଲା "ଆଲ୍ଲା ଏତେ ଗୁଡ଼ିଏ କାମ କେମିତି ଦେଖିପାରୁଛନ୍ତି।" "ସ୍କୁଲରୁ ଆସିବା ପରେ ମୋର ହୋମଓ୍ୱାର୍କ ହୋଇନଥିଲା।

ମାଷ୍ଟ୍ରଙ୍କୁ କହି ଦେଲି ମୋତେ ଜର ହୋଇଥିଲା। ସାକିର୍‌ର ପାଖରେ ବସିଥିବା ସାଙ୍ଗ ଯେମିତି କହିଲା, ଆଉ ସବୁ ପିଲା ତା କଥାରେ ହସି ଉଠିଲେ।

କିନ୍ତୁ ମୌଲବୀ ସାହେବ ବଡ଼ ପାଟି କରି ସମସ୍ତଙ୍କୁ ଚୁପ୍ କରିଦେଲେ।

ବନ୍ଦ କର- ହସିବା ବନ୍ଦ କର।

ଯଦି ତୁମେ ମିଛ କହିବ, ଚୋରୀ କରିବ, ଆଲ୍ଲାମିଆଁ ନର୍କରେ ପକାଇ ଦେବେ। "ତୁମକୁ ନର୍କରେ କ'ଣ ହୁଏ।" ଜଣେ ପିଲା ମୁହଁ ଖୋଲି ବିନା ଡରରେ ସେତିକିବେଳେ କହିପକାଇଲା।

"ନର୍କ ବହୁତ ଖରାପ ଜାଗା" ମୌଲବୀ ସାହେବ ଡରାଇବାର ଅଭିନୟ କରି ଏମିତି କହିଲେ ଯେ ଯେମିତି ପିଲାମାନେ ହଠାତ୍ ଡରିଯିବେ।

ଯୋଉ ଲୋକ ଖରାପ କାମ କରନ୍ତି, ଚୋରୀ କରନ୍ତି ମିଛ କହନ୍ତି - ତାଙ୍କୁ ଆଲ୍ଲା ମିଆଁ ନର୍କରେ ପକାଇ ଦିଅନ୍ତି।"

ସ୍ୱର୍ଗ ଉପରେ ନର୍କ। ସେଠାରେ ଅଂଧାର ହେବ, ଭୋକ ଲାଗିବ କିନ୍ତୁ ଖାଇବାକୁ ମିଳିବନି। ପିଇବାକୁ ପାଣି ନାହିଁ। ସାପ, ବିଛା, ଯାବତୀୟ ବିଷାକ୍ତ ଜୀବଜନ୍ତୁ ଖାଇବାକୁ ଆସିବେ। ଶୋଇବାକୁ ବିଛଣା ମିଳିବନା, ଦେହ ଘୋଡାଇବାକୁ ଭଲା ଚାଦର ?

ମୌଲବୀ ସାହେବ ଭୟଙ୍କର ରୂପ କରି ପିଲାମାନଙ୍କୁ ନର୍କର ଅବସ୍ଥା ବିଷୟରେ ବର୍ଣ୍ଣନା କରି ଡରେଇବାରେ ଲାଗିଲେ। ପିଲାମାନେ ଭୟଙ୍କର ଭାବରେ ଡରିଯାଇ ଜଣେ ଅନ୍ୟଜଣଙ୍କୁ ଭୟରେ କୁଣ୍ଢାଇ ଧରୁଥିଲେ।

ଡରରେ ବେଳେବେଳେ ସେମାନେ ଉପରେ ଆକାଶକୁ ଅନେଇ ଦେଉଥିଲେ।

"ମୁଁ ତ ନର୍କକୁ ଜମାରୁ ଯିବନି" କହି ଗୋଟେ ଛୋଟିଆ ଝିଅ ମୁନିର ପଛକଡ଼େ ଲୁଚିଗଲା ଭୟରେ। କିନ୍ତୁ ମୁନି ତାକୁ ଧରି ବୁଝେଇଲା। " ଆରେ ରେଜିଆ ତୁ କାହିଁକି ଡରୁଛୁ ? ମୌଲବୀ ସାହେବଙ୍କୁ ଜଣା ନାହିଁ। ନର୍କ ଆକାଶ ଉପରେ ନାହିଁ। ପୁଣି ମୁନି ରେଜିଆ ହାତ ଧରି ତା'ର ଡର ଭାଙ୍ଗିବାକୁ ଲାଗିଲା।

ଆଚ୍ଛା- ମୁଁ ମିଛ କହୁଚି ? ମୌଲବୀ ସାହେବଙ୍କର ରାଗ ପଞ୍ଚମ ହେଇଗଲା। କହତ ନର୍କ କେଉଁଠି ?

"ତତେ ଜଣା ଅଛି !"

"ହଁ ମୁଁ ଜାଣିଛି !" ମୁନି ମୌଲବୀ ସାହେବଙ୍କର ହାତରେ ଥିବା ବେତଠାରୁ ଦୂରେଇ ହେଇ କହି ପକାଇଲା।

"ଆପଣ ମୋ ସାଥିରେ ଚାଲନ୍ତୁ ମୁଁ ଆପଣଙ୍କୁ ନର୍କକୁ ନେଇଯିବି।"

"କଣ ଏମିତି କହୁଚୁ ତୁ ? ମୌଲବୀ ସାହେବ ଆହୁରି ଜୋରରେ ରାଗିଗଲେ। ସେ ରାଗରେ ବେତଟା ଉଠାଇଲେ "ଏତେ ଛୋଟ ଝିଅ ପିଲାଟା, ମଜା କରୁଛୁ, ମୋ ସାଥିରେ, ଥଟ୍ଟା, ଆରେ - ମୋତେ ନର୍କକୁ ନେଇଯିବୁ।"

ମୌଲବୀ ସାହେବଙ୍କ ହାତରେ ନହକା ବେତ ଦେଖି ଭୀଷଣ ଭାବରେ ଡରି ତା ଅନ୍ୟ ସାଥିରେ ପଛ ଆଡ଼େ ନିଜକୁ ଲୁଚାଇ ବସିଲା।

ଆଉ ଦୁଇ ହାତ ତା କାନ ଉପରେରେ ରଖି

କାନ୍ଦି କାନ୍ଦି କହିଲା – "ମୁଁ ମିଛ କହୁନି ମୌଲବୀ ସାହେବ। ଜଙ୍ଗମ ବସ୍ତିରେ ଆମ ଝୋପଡ଼ି ପରା ନର୍କରେ ଅଛି। ରାତିରେ ଯେବେ ମୋ ବାବା ପେଟ ଭରି ଖଜୁରୀ ତାଡ଼ି ପିଇ କରି ଆସେନା ମା'କୁ ଖୁବ୍ ଜୋରରେ ପିଟେ।

ଆଉ ମା କାନ୍ଦି କାନ୍ଦି କହେ, "ଏ ଘର ତ ନର୍କ।"

ଆଚ୍ଛା – ଏମିତି କଥା, ଆରେ ତୋ ମା କହୁଛି ତୁମ ଘର ନର୍କରେ ଅଛି !

"ହଁ – ମୌଲବୀ ସାହେବ, ଆମ ଘର ସେଇ ନର୍କରେ। ଆପଣ କହୁଥିଲେ ନା ନର୍କରେ ଅଂଧାର ହେବ, ଖାଇବା ପିଇବାକୁ ମିଳିବନି, ଆମ ଘରେ ବି ଲାଇଟ ନାହିଁ।

ଆଲୁଅ ପାଇଁ ତ ହେଲେ ବଲଟେ ନାହିଁ – ତେଣୁ ତ ଅଂଧାର।"

"ଆଉ ଆମ ଘରକୁ ପାଣି ବହୁତ ଦୂରରୁ ଆଣିବାକୁ ପଡେ। ରାତିରେ ପାଣି ସରିଯାଏ ତାଙ୍କ। ଭିତରୁ ଆଉ ଗୋଟେ ପିଲା କହିପକାଇଲା। ଆଉ ଗୋଟେ ପିଲା କାନ୍ଦି କାନ୍ଦି କହିଲା, "ରାତିରେ ବି ମୋ ବାପା ଚାଉଳ ଆଣନ୍ତି ନାହିଁ, ମା ଖାଲି ହାଣ୍ଡି ଚୁଲିରେ ବସାନ୍ତି, ଆଉ ହାଣ୍ଡିରେ ପଥରଟେ ପକାଇ ମିଛ କୁହନ୍ତି ଯେ ରୋଷେଇ ଚାଲିଛି।"

ପିଲାମାନଙ୍କର ଏପରି କଥା ଶୁଣି ଗୌଲବୀ ସାହେବ ସ୍ତବ୍ଧ ହେଇ ଯାଉଥିଲେ।

"ଏଣୁ ଆମର ଜେଜେମା ଗାଁକୁ ଆସୁନାହିଁ। କହୁଚି ଦେହ ଘୋଡାଇବାକୁ ଆକାଶ ତ ଅଛି ତ ଶୋଇବାକୁ ବିଛଣା ହେଉଛି ମାଟି, " ଏକଥା ଶୁଣି – ସବୁ ପିଲା ହସି ଉଠିଲେ।

ଆଉ ବର୍ଷା ହେଲେ ଆମ ଝୋପଡିରେ ପାଣି ପଶିଯାଏ। ରାତିରେ ବଡ ସାପ ବାହାରେ –"

ପିଲାଙ୍କର ଏକଥା ଶୁଣି ମୌଲବୀ ସାହେବଙ୍କ ମଥା ତଳକୁ ହେଇଯାଇଥିଲା,

ଏବେ ଆଉ କ'ଣ ବା କହି କହି ପିଲାମାନଙ୍କୁ ସେ ଡରେଇବେ !

ହଠାତ୍ ମସ୍‌ଜିଦ୍ ବାହାରେ ପାଟିତୁଣ୍ଡ ଶୁଭିଲା। ଲୋକମାନେ ବଡ ଜୋରରେ ପାଟିକରି କାନ୍ଦୁଥିଲେ, ଫାୟାରିଂର ଶବ୍ଦ– ଚାରିଆଡକୁ ଲୋକେ ଭୟରେ ଦଉଡୁଥିଲେ। ପୋଲିସ ଟ୍ରାଫିକ ରାସ୍ତା ବନ୍ଦ କରି ଦେଇଥିଲେ। କୌଣସି ବିଳାସପୂର୍ଣ୍ଣ ପଞ୍ଚତାରକା ହୋଟେଲରେ ବମ୍ ଫୁଟିଥିଲା।

ତା ପଛରେ ଥିବା ଶ୍ରମିକ ବସ୍ତିରେ ନିଆଁଲାଗିଥିଲା।

ଚାରି ପାଖରେ ହୁତୁହୁତୁ ହୋଇ ନିଆଁ ଜଳୁଥିବାର ଦୂରରୁ ଦେଖାଯାଉଥିଲା। ମୌଲବୀ ସାହେବଙ୍କ ସାଥିରେ ଥିବା ପିଲାମାନେ ସେଇ ବସ୍ତିର। ବୋଧେ ସେଇ ପିଲାମାନଙ୍କର ଘର ବି ଜଳି ଯାଇଥିଲା। ପିଲାମାନେ ଅତି ଭୟରେ ବଡ ଜୋରରେ କାନ୍ଦୁଥିଲେ। ମୌଲବୀ ସାହେବ ପିଲାମାନଙ୍କୁ ଛାଡ଼ି ଦେଇ କୋଉଠିକୁ ପଳେଇ ଯିବାକୁ ବାହାରି ଥିଲେ। କିନ୍ତୁ ପୋଲିସ ସବୁ ରାସ୍ତା ସେତେବେଳେକୁ ବନ୍ଦ କରି ଦେଇଥିଲା। ସବୁ ପିଲା ଭୟ ପାଇ ମୌଲବୀ ସାହେବଙ୍କୁ କୁଣ୍ଢେଇ ଧରିଥିଲେ।

"ମୌଲବୀ ସାହେବ ଆମକୁ ଡର ମାଡୁଛି।" ଆମେ ଏବେ ଘରକୁ କେମିତି ଯିବୁ..."

ମୌଲବୀ ସାହେବ କହୁଥିଲେ କ'ଣ ଆଜି ନର୍କ ବି ସଡକ ଉପରକୁ ଚାଲି ଆସିଛି...!!

"ମୌଲବୀ ସାହେବ; ଆପଣ ଆମକୁ ପୁଣି ନର୍କ ଆଡକୁ କାହିଁକି ନେଉଛନ୍ତି। ସ୍ୱର୍ଗ ଆଡକୁ ନେଇ ଯାଆନ୍ତୁନା –"

ପିଲାମାନଙ୍କର ଏମିତିକା ପ୍ରଶ୍ନରେ ଛନ୍ଦିବାଂଧି ହୋଇ ମୌଲବୀ ସାହେବ ଘାବରେଇ ଯାଇ ସେ ପିଲାମାନଙ୍କୁ ନିଜ ହାତରେ ଲୁଚେଇ ଧରି ଗୋଟେ କଣରେ ଠିଆ ହେଇ ଗୋଟି ପଣେ ଥରୁଥିଲେ।

"ହେ ଆଲ୍ଲା, ତୁମେ ଏ ପିଲାମାନଙ୍କ ପାଇଁ ନର୍କକୁ ଏ ମାଟିରେ ଓହ୍ଲାଇ ଦେଇଚ !

ସ୍ୱର୍ଗକୁ ନେଇଯିବା ପ୍ରତିଶ୍ରୁତିକୁ କାହିଁକି ଆଡ଼େଇ ଦେଲ ?

ମୋତେ ସେଇ ରାସ୍ତା କହିଦିଅ ଯେ ମୁଁ ଏ ପିଲାଗୁଡାଙ୍କୁ ସ୍ୱର୍ଗକୁ ନେଇଯିବି ?

*ଦୂରଭାଷ: ୯୪୩୭୭୨୮୪୭୫*



# ମନ ଅରଣ୍ୟ

## ଦୀପ୍ତି ଖଣ୍ଡୁଆଳ

ମୁକ୍ତି ସଂଗ୍ରାମରେ ଏରସମାର ଭୂମିକା ଶୀର୍ଷକ ବିଷୟ ଉପରେ ଚାଲିଥିଲା ପ୍ରବନ୍ଧ ପ୍ରତିଯୋଗିତା । ସୁନ୍ଦର ହସ୍ତାକ୍ଷର ସହିତ ଗୁଣାତ୍ମକ ସୃଷ୍ଟି ପାଇଁ ନିଜର ଭେଜା ଖର୍ଚ୍ଚ କରୁଥିଲେ ବହୁ ମେଧାବୀ ଛାତ୍ରଛାତ୍ରୀ ।

ଟିଂ....ଟିଂ....ଟିଂ....

ଘଂଟି ଶବ୍ଦ ଜଣାଇଦେଲା , ପ୍ରତିଯୋଗିତା ଶେଷ ହେବାର ସୂଚନ । ପରୀକ୍ଷା ଖାତା ସଂଗ୍ରହ କଲାପରେ ଜଳ ସ୍ରୋତପରି ଚଳଚଞ୍ଚଳ ହେଉଥିଲା ଛାତ୍ରଛାତ୍ରୀ ଓ ଅଭିଭାବକଙ୍କ ଗହଳି । ମାତ୍ର ବିଚାରକ ଖୋଜିଲା ଆଖିରେ କାହାକୁ ଯେମିତି ଲକ୍ଷ କରୁଥିଲେ । ସେ ଅବସରପ୍ରାପ୍ତ ସରକାରୀ କର୍ମଚାରୀ । ମାତୃଭାଷା ଉପରେ ତାଙ୍କର ଦଖଲ ଥିବାରୁ ତାଙ୍କୁ ବିଚାରକ ଭାବରେ ବିଦ୍ୟାଳୟ ପକ୍ଷରୁ ଆମନ୍ତ୍ରଣ କରାଯାଇଥିଲା । କିଛି ସମୟ ପରେ ତାଙ୍କ ନିଷ୍ପତି ଅନୁସାରେ ଘୋଷଣା କରାଯିବ ପ୍ରତିଯୋଗିତାର ଫଳଫଳ । ମେଳଣ ପଡିଆପରି ସ୍କୁଲ ପରିସରରେ ଆକାଂକ୍ଷିତ ପ୍ରତିଯୋଗୀ ଛାତ୍ରଛାତ୍ରୀଙ୍କ ଭିଡ ।

କିଏ ଅଣନିଶ୍ୱାସୀ ହୋଇ ଜାଣିବାକୁ ଚାହୁଁଥିଲା- ତୋର କେମିତି ହେଇଛି ?

ଛୋଟ ଭାରାକାନ୍ତ ଉତର- ହଁ,ସେମିତି....।

ଯଥା ସମୟରେ ଡାକବାଜି ଯନ୍ତ୍ରରେ ୧ମ,୨ୟ ଓ ୩ୟ ସ୍ଥାନ ହାସଲ କରିଥିବା କୃତି ଛାତ୍ରଛାତ୍ରୀଙ୍କ ନାମ ଘେଷଣା କରିଦିଆଗଲା । ହଠତ ପ୍ରତିଯୋଗୀଙ୍କ ମୁହଁରେ ଘୋଟିଗଲା ଏକ ଆଶ୍ଚର୍ଯ୍ୟମିଶା ନୈରାଶ୍ୟର କଳା ବାଦଲ । କିଏ କୁଆଡେ ଯେ ଯାହା ବାଟରେ ଚାଲିଗଲେ ।

କିନ୍ତୁ ଏହି ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିବା ଦୁର୍ବଳ ଛାତ୍ରୀଟି ଘରକୁ ଫେରି ଆନନ୍ଦରେ ଅଧିର ହୋଇ ଡାକ ଛାଡିଲା-ମମି... ମୁଁ କମ୍ପିଟେସନରେ ଫାଷ୍ଟ ହୋଇଛି .....।

ପ୍ରତିଯୋଗିତା କକ୍ଷରେ ସେଇ ଅଙ୍କଲଙ୍କୁ ଦେଖି ଖୁସି ହେଲା ଝିଅ । ତା ଉପସ୍ଥିତି ଜଣାଇବା ପାଇଁ ମୁଖରେ ଲଟକାଇଥିଲା ଏକ ସକୋମଳ ହସର ଲତା...।

ପ୍ରବନ୍ଧ ପ୍ରତିଯୋଗିତା ପାଇଁ ନିର୍ଦ୍ଧାରିତ ପରୀକ୍ଷା କକ୍ଷରେ ୯ମ ଶ୍ରେଣୀର ଛାତ୍ର ଛାତ୍ରୀ ନିଜ ନିଜ ସ୍ଥାନରେ ବସି ଯାଇଥିଲେ । କେଇଁଠି କେମିତି ଚାପା ଗୁଞ୍ଜରଣ ବ୍ୟତୀତ କକ୍ଷରେ ପ୍ରାୟ ବିରାଜମାନ କରୁଥିଲା ନୀରବତା ।

ପ୍ରତିଯୋଗୀତାର ବିଷୟ ଜଣାଇ ଦିଆଯାଇ ନାହିଁ। କଣ ବିଷୟ ଦିଆଯାଇଥିବ, କିପରି ଲେଖିବାକୁ ହେବ, କେଉଁ ସାମ୍ପ୍ରତିକ ବିଷୟଟି ପଡିବାର ସମ୍ଭାବନା ରହିଛି ଇତ୍ୟାଦକୁ ନେଇ ଗଭୀର ଭାବନା ଭିତରେ ବୁଡି ରହିଥାନ୍ତି ଛାତ୍ର ଛାତ୍ରୀ ।

ଯଥା ସମୟରେ ପ୍ରଶ୍ନପତ୍ର ପାଇବା ପରେ ଧଳା ସାର୍ଟ ଓ ବ୍ଲୁ ପ୍ୟାଂଟ ପିନ୍ଧି ବେଞ୍ଚ ଉପରେ ବସିଥିବା ପ୍ରତିଯୋଗୀଙ୍କ ମୁଣ୍ଡ ସବୁ ନଇଁ ଗଲା ଡେସ୍କ ଉପରକୁ। ବିରାଜମାନ କଲା ଅଖଣ୍ଡ ନିରବତା । ଯେମିତି ସେ କକ୍ଷରେ କେହି ନାହାନ୍ତି । ଛାତ୍ରଛାତ୍ରୀଙ୍କ ମନୋନିବେଶ ଭାବକୁ ବୃଦ୍ଧି କରୁଥିଲା, ପ୍ରବନ୍ଧ ପ୍ରତିଯୋଗିତାର ଚାପ।

ସଂପୃକ୍ତ କକ୍ଷରେ ନୀରିକ୍ଷକ ତଥା ବିଚାରକ ଦାୟୀତ୍ୱରେଥିବା ଆମନ୍ତ୍ରିତ ଅତିଥି ପ୍ରତିଯୋଗୀଙ୍କ ପ୍ରତି ସତର୍କ ଦୃଷ୍ଟି ନିକ୍ଷେପ କରି କକ୍ଷ ମଝିରେ ପଦଚାରଣ କରୁଥିଲେ । ବେଳେବେଳେ ପ୍ରତିଯୋଗିତାର କେତେକ ଗୁରୁତ୍ୱପୂର୍ଣ୍ଣ ନିୟମକୁ ପିଲାମାନଙ୍କ ବୋଧଗମ୍ୟ ପାଇଁ ଦୋହରାଉଥିଲେ ତ କେତେବେଳେ କାହାକୁ କେମିତି ସିଧା ବସିବାକୁ ନିର୍ଦ୍ଦେଶ ଦେଉଥିଲେ । ଗଭୀର ନୀରବତା ଭିତରେ ତାଙ୍କ କ୍ଷୁଦ୍ର କ୍ଷୁଦ୍ର ଉଚ୍ଚାରଣ ଛାତ୍ରଛାତ୍ରୀଙ୍କୁ ବିଶେଷ ପ୍ରଭାବିତ କରୁଥିଲା ।

ମମି ସ୍ତବ୍ଧ ହୋଇ ଗଲେ ନିମିଷକେ ପାଇଁ । ଯଦିଓ ତାଙ୍କ ଭିତରେ ହଠାତ ଖୁସିର ଏକ ଗଜା ଉଙ୍କି ମାରିଥିଲା ତଥାପି ଘଟଣା ସଂପର୍କରେ ବୁଝିବା ପାଇଁ ଏକାଗ୍ରତା ନେଇ ଝିଅକୁ ଆଶ୍ଚର୍ଯ୍ୟ ଭଙ୍ଗୀରେ ଅନାଇଲେ ।

-ବହୁତ ଭଲ ପିଲାଙ୍କୁ ପଛରେ ପକାଇ ମୋତେ ଫାଷ୍ଟ କରିଦେଲେ ସେହି ଅଙ୍କଲ ।

ମମି, ପ୍ରଶ୍ନିଳ ଦୃଷ୍ଟିରେ ଅନାଇଲେ ... ।

ମମିଙ୍କ ଚେତନା ଫେରାଇ ଆଣିବାକୁ ଚେଷ୍ଟା କଲା ଝିଅ- 'ତମକୁ ଯିଏ ଅଧିକାଂଶ ସମୟ ବାଇକରେ ବସାଇ ଅଫିସରୁ ଆଣି ଘରେ ଛାଡି ଛାଡିଯାଆନ୍ତି । ମୋତେ ଓଡିଆ ବୁଝଇ ଦେବା ପାଇଁ ତମେ ଯାହାକୁ ଫୋନ କରି ଆମ ଘରକୁ ଡକାଅ ? ସେଇ ଜଣକ..... ଆଜି ପ୍ରତିଯୋଗୀତାରେ ଜଜ୍ ହୋଇଥିଲେ...।

ସେତେବେଳକୁ ମମିଙ୍କ ଓଠ ଠେଲି ଶରତ ଆକାଶରେ ଭାସୁଥିବା ଟେନାଏ ସ୍ୱଚ୍ଛ ବାଦଲ ପରି ଉତୁରାଏ ହସ କଅଁଳି ଆସିଲାଣି । ସେ ଶ୍ରଦ୍ଧାର ଟାଙ୍ଗୁଡିରେ ସେତକ ସାଉଁଟି ନେଉଥିଲେ ...ପରମ ଆତ୍ମସ୍ତୃପ୍ତିରେ ... । ସେଇ ଜଣକଙ୍କ ସାନ୍ନିଧ୍ୟର ଭାବନା ଯୋଗୁ ତାଙ୍କ ଶରୀର ରୋମାଞ୍ଚିତ ହେଉଥିଲା,କ୍ରମେ କ୍ରମେ...। ତାଙ୍କ ଆକର୍ଷଣ ରୂପ ନେଉଥିଲା ଅବା, ଅଲଗା ଢଙ୍ଗରେ,ଅଲଗା ଚେତନାରେ । ମେଞ୍ଚେ ମଲ୍ଲିଫୁଲ ଫୁଟି ଚଉଦିଗରେ ବିଞ୍ଚି ଦେଉଥିଲା ଅବା ଅପୂର୍ବ ମହକ ।

ସେ ମହାଶୟ, ଏତେ ଭଲ ବ୍ୟକ୍ତିତ୍ୱର ଯେ, ସେ ଦାଣ୍ଡ ଅଗଣାକୁ ଆସନ୍ତି , ନିଃଶବ୍ଦରେ । ତାଙ୍କର କୋମଳ ପାଦର ସ୍ପର୍ଶରେ ଭୂମି ସୌଭାଗ୍ୟ ଲାଭ କରୁଥିବାର ସେ ଅନୁଭବ କରନ୍ତି । ଅପରପକ୍ଷରେ ତାଙ୍କ ମନରେ ଏକ ପ୍ରଶ୍ନବାଚୀ ସୃଷ୍ଟି ହୁଏ ଯେ ତାଙ୍କ ଟମି ତାଙ୍କୁ ଦେଖି କେବେ ଅଜଣା ଲୋକ ବୋଲି ଭାବେ ନାହିଁ କିପରି ? ଏମିତି କେମିତି ହୁଏ ? ବେଳେବେଳେ ଆଶ୍ଚର୍ଯ୍ୟ ହେବାକୁ ହୁଏ ଯେ ଟମି ତାଙ୍କୁ ଦେଖି ଭୁକେ ନାହିଁ କାହିଁକି ? ଯେ କେହି ଆସିଲେ ଯଦି ଟମି ଭୁକି ଭୁକି ସ୍ୱର୍ଗ ମର୍ତ୍ୟ କମ୍ପାଇ ଦିଏ, ତେବେ ସେ ମହାଶୟଙ୍କ ପ୍ରତି ଟମିର ଏତେ ଦରଦ କାହିଁକି ?

ଆଶ୍ଚର୍ଯ ହୋଇ ଝିଅ ପଚାରେ,-ମମି,ଟମି କ'ଣ ସେ ସାରଙ୍କୁ ଆଗରୁ ଚିହ୍ନିଛି ? ସେ ଭୁକୁ ନାହିଁ କହିଁକି ? କୁକୁର ଟମିର ମନୋଭାବକୁ ନେଇ ଝିଅ ମନରେ ସୃଷ୍ଟି ହୋଇଥିବା ଜିଜ୍ଞାସା ଓ ମା' ମନରେ ସେଇ ବ୍ୟକ୍ତି ଜଣକଙ୍କୁ ନେଇ ସୃଷ୍ଟି ହୋଇଥିବା ଯାଦୁକରୀ ସମ୍ମୋହନର ସମାଧାନ କରିବା ପାଇଁ ଦୁହେଁ ଆଲୋଚନାରେ ମଜ୍ଜି ଯାଇଥିଲେ । କୁକୁର ତେବେ

କ'ଣ ମାନବିକ ସଂପର୍କକୁ ବୁଝିପାରେ ? ଯଦି ଏପରି ହୁଏ ତାହେଲେ ଅନ୍ୟ ଯେଉଁମାନେ ବିଭିନ୍ନ ସମୟରେ ତାଙ୍କ ଘରକୁ ଆସିଥାନ୍ତି ,ସେମାନେତ ତାଙ୍କର ନିଶ୍ଚିତ ସଂପର୍କିୟ ନା ନାହିଁ ।

ଝିଅ କହିଲା ମମି,ମଣିଷର ଭଲ ଓ ଖରାପ ଗୁଣକୁ ବୋଧେ ବୁଝିବାର କ୍ଷମତା କୁକୁରର ଅଛି । କାରଣ ଟମି ତାଙ୍କଠାରେ କିଛି ଭଲ ଗୁଣ ଦେଖି ତାଙ୍କୁ ଦୟା କରୁଥିଲା । ଯେମିତି ତାଙ୍କୁ ଦେଖି ଭୁକୁନଥିଲା । ଖାଲି ବଲ ବଲ କରି ଅନଉଥିଲା । ଅଥଚ ଦେଖ ମମି...ଟମିର ଏହି ପରି ବ୍ୟବହାରରେ କିନ୍ତୁ ସେ ବ୍ୟକ୍ତି ଜଣକ ଭୟଭୀତ ହୋଇ ପଡୁଥିଲେ କାହିଁକି ? ସେ ବି ନିରବ ହୋଇ ଛିଡା ହୋଇ ଯାଉଥିଲେ । କଣ କଣ ଭାବନ୍ତି ମୁଁ ଜାଣିପାରେ ନାହିଁ। ମୁଁ କିଛି ବୁଝିପାରେ ନାହିଁ ।

ମମି ହଡବଡେଇ ଯାଆନ୍ତି ଝିଅର ଯୁକ୍ତିରେ । କୁକୁର ଓ ସେଇ ବ୍ୟକ୍ତଙ୍କୁ ନେଇ ତାର ଗବେଷଣା ମମି ଭୟଭୀତ ହୋଇପଡନ୍ତି । ଏକ ଅଜଣା ଆତଙ୍କ ତାଙ୍କୁ ମାଡି ବସେ । ସେ କଣ କହିବେ ବୁଝି ପାରନ୍ତି ନାହିଁ । ଝିଅ ଯଦି ଏହି ଗବେଶଣା ସଂପର୍କରେ ସମାଧାନ ପାଇଁ ତାର ବାପା ସନ୍ଧ୍ୟାରେ ଘରକୁ ଫେରିଲେ ତାଙ୍କୁ ପଚାରି ଦିଏ ତେବେ କିଛି ଅସୁବିଧା ହେବ ନାହିଁ ତ !


ତେବେ ସେ ଭଲ କରି ଜାଣନ୍ତି ଯେ,ଝିଅର ଅକ୍ଷର ଭଲ ନୁହେଁ,କି ପ୍ରତିଯୋଗିତାରେ ପ୍ରଥମ ହେବା ଭଳି ଯୋଗ୍ୟତା ତାର ନାହିଁ । ତଥାପି ମମି ବିସ୍ମିତ ହୋଇ ଝିଅର କଇଁ ଫୁଲିଆ ମୁହଁକୁ ତୋଳି ଧରି ପରିସ୍ଥିକୁ ହାଲକା କରବା ପାଇଁ ମାତ୍ର ତାଙ୍କ ମନ ପକ୍ଷୀ ସେତେବେଳକୁ ଉଡି ଯାଇଥିଲା ସେଇ ବ୍ୟକ୍ତ ପାଖକୁ.....

ହଠାତ ଟମିର ଭୋକିବା ଶବ୍ଦରେ ମା' ଝିଅ ଆଶ୍ଚର୍ଯ୍ୟ ହୋଇଗଲେ । ସେ ଶବ୍ଦ ଧିରେ ଧିରେ ନିକଟତର ହେଉଥିବା ଜାଣି ଆହୁରି ଇକ୍ରଣ୍ଠିତ ହୋଇପଡିବା ଭିତରେ ଟମି ଚେନ ଛିଣ୍ଡାଇ ସେମାନଙ୍କ ପାଖକୁ ଆସିଯାଇଥିଲା । ଆଉ ପାଟିରେ ଧରିଥିଲା ସେଇ ବ୍ୟକ୍ତି ଜଣକଙ୍କ ରୁମାଲ ବୋଲି ମମି ଠିକ୍ ଭାବରେ ଚିହ୍ନି ପାରିଲେ । ଏମିତି କିପରି ହେଲା !

ଝିଅ ଚିତ୍କାର କଲା, ମମି...ଟମି ଚେନ ଛିଣ୍ଡାଇଲା କିପରି ? ଆଉ ଏ ରୁମାଲ କହାର ?

*ପଦ୍ମ ଅରଣ୍ୟ,ସିହା,ଏରସମା, ଜଗତସିଂହପୁର*
*ଦୂରଭାଷ: ୯୯୩୮୧୪୫୫୩୪*

ପଢ଼ନ୍ତୁ ପଢ଼ନ୍ତୁ ପଢ଼ନ୍ତୁ
କବି ବିଭୂତି ଭୂଷଣ ଗ୍ରହାଚାର୍ଯ୍ୟଙ୍କ
ଦ୍ୱିତୀୟ କବିତା ଗ୍ରନ୍ଥ
ମଟିଖେପ



-: ପ୍ରକାଶକ :-
ପ୍ରକାଶନୀ, ତିହିଡ଼ି
ମୂଲ୍ୟ : ୮୦ଟଙ୍କା

ଯୋଗାଯୋଗ :
ବିଭୂତି ଭୂଷଣ ଗ୍ରହାଚାର୍ଯ୍ୟ
ମୂଷାଙ୍ଗ, କୋହ୍ଲ, ତିହିଡ଼ି, ଭଦ୍ରକ
ମୋ: ୮୮୯୫୫୮୮୯୦୫, ୭୯୭୮୨୮୬୮୦୨

# ଶ୍ରୀ ଶଙ୍କରାଚାର୍ଯ୍ୟଙ୍କ ଜୀବନର ଏକ କ୍ରୁର ତାନ୍ତ୍ରିକର କୁଟୀଳତା

## ପ୍ରଶାନ୍ତି ମିଶ୍ର

ଭଗବାନ ବୁଦ୍ଧଦେବଙ୍କ ତିରୋଧାନ ପରେ ବୌଦ୍ଧ ଧର୍ମର ଅନ୍ତର୍ନିହିତ ଶୂନ୍ୟବାଦ ଏବଂ ନାସ୍ତିକତାରେ ଭାରତୀୟ ବୈଦିକ ଧର୍ମର ଅଧଃପତନ ଘଟିବାକୁ ଲାଗିଲା। ଇତ୍ୟବସରରେ ଭଗବାନ ଶଙ୍କରାର୍ଯ୍ୟ ବୈଦିକ ଧର୍ମକୁ ରକ୍ଷା କରିବା ଲାଗି ଅଦ୍ୱୈତବାଦ ଓ ବ୍ରାହ୍ମଣ୍ୟ ଧର୍ମର ପ୍ରଚାରରେ ଲାଗିଲେ। ବିଶେଷ କରି ତାନ୍ତ୍ରିକମାନଙ୍କ ଔଦ୍ଧତ୍ୟ ଏବଂ ପୂଜା ପଦ୍ଧତିକୁ ସେ ଆଦୌ ସହ୍ୟ କରିପାରୁନଥିଲେ। ସଦା ସର୍ବଦା ସ୍ୱାର୍ଥାନ୍ୱେଷୀ ତାନ୍ତ୍ରିକମାନଙ୍କୁ ପରାସ୍ତ କରିବାକୁ ଚେଷ୍ଟା କରୁଥିଲେ। ଏହା ଦ୍ୱାରା ତାଙ୍କ ପ୍ରତି କ୍ରୋଧିତ ହୋଇ ବେଳେବେଳେ ତାନ୍ତ୍ରିକ ଅତି କୁଟୀଳ ଭାବ ପୋଷଣ କରି ରୋଗ ପେଷୁଥିଲେ। କ୍ରୋଧ ଓ ପ୍ରତିହିଂସାର ଦାବାଗ୍ନି ତାଙ୍କ ବିବେକ ବୁଦ୍ଧିକୁ ନଷ୍ଟ କରି ଦେଉଥିଲା।

ନବଗୁପ୍ତ ନାମକ ଏକ ତାନ୍ତ୍ରିକ ତନ୍ତ୍ରବିଦ୍ୟାର ଉଚ୍ଚାଟନ, ସମ୍ମୋହନ କଳା କାରନାମାର ପଦ୍ଧତି ପ୍ରୟୋଗ କରି ରୋଗ ପେଷିବାରେ ସିଦ୍ଧହସ୍ତ ଥିଲା। ସେହି ତାନ୍ତ୍ରିକ ରାତି ଦିନ ଶ୍ରୀଶଙ୍କରାଚାର୍ଯ୍ୟଙ୍କ ମୃତ୍ୟୁଚିନ୍ତାରେ ବୁଡ଼ି ରହୁଥିଲା। ଆଚାର୍ଯ୍ୟଙ୍କ ପ୍ରତି ତନ୍ତ୍ର ପ୍ରୟୋଗ କରି ରୋଗ ପେଷିଲେ କେହି ଜାଣିପାରିବେ ନାହିଁ – ଏଭଳି ବିଚାରରେ ମଗ୍ନ ରହିଥିଲା। ଏକଦା ସେ ନିଜ ଆଶ୍ରମ ତ୍ୟାଗ କରି ଛଦ୍ମ ବେଶରେ ଆଚାର୍ଯ୍ୟଦେବଙ୍କ ଗହଣରେ ଯୋଗଦେଇ ଦେଶ ବିଦେଶ ଭ୍ରମଣ କରିବାକୁ ଲାଗିଲା। ଏହା ଭିତରେ ଶ୍ରୀଶଙ୍କରାଚାର୍ଯ୍ୟଙ୍କ ଉପରେ ରୋଗ ପ୍ରୟୋଗ କରିବାର ନିଷ୍ପତ୍ତି ନେଇ ତନ୍ତ୍ରର 'ଅଭିଚାର' ବିଦ୍ୟା ଦ୍ୱାରା ଭଗନ୍ଦର ନାମକ ଏକ ବ୍ୟାଧିକୁ ପ୍ରୟୋଗ କଲା।

ତାନ୍ତ୍ରିକ ନବଗୁପ୍ତ ଚିନ୍ତାକରି ଦେଖୁଥିଲା ଯେ ଆଚାର୍ଯ୍ୟ ଶଙ୍କରଙ୍କ ସହ ସେ ବିଦ୍ୟା ବୁଦ୍ଧିରେ, ବିଚାରରେ ଏବଂ ଜ୍ଞାନରେ ସମକକ୍ଷ ନୁହେ। ଶଙ୍କର ଏପରି ଦ୍ରୁତଗତିରେ ଅଦ୍ୱୈତବାଦ ପ୍ରଚାର କରି ଚାଲିଥିଲେ, ଯେ ଅଳ୍ପ ଦିନ ମଧ୍ୟରେ ଏହା ଅତ୍ୟନ୍ତ ବ୍ୟାପକ ହୋଇ ଉଠିଲା। ସମାଜର ତାନ୍ତ୍ରିକଗଣଙ୍କୁ ସେତେବେଳେ ସାଧାରଣ ଜନତା, ଏପରିକି ରାଜା ମଧ, ଭୟ କରୁଥିଲେ। ତେଣୁ ଆଚାର୍ଯ୍ୟଦେଙ୍କ ଧର୍ମପ୍ରଚାର ପଦ୍ଧତିକୁ ଆଦରି ନେବା ପାଇଁ ସମସ୍ତେ ଆଗ୍ରହ ପ୍ରକାଶ କରୁଥିଲେ। ତାନ୍ତ୍ରିକ ନବଗୁପ୍ତ ଏସବୁ ସହ୍ୟ କରିପାରୁନଥିଲା। ତେଣୁ ସେ ସମସ୍ତ ଦୁଷ୍ଟଶକ୍ତିଙ୍କୁ ଏକତ୍ର କରି ଆଚାର୍ଯ୍ୟ ଦେବଙ୍କ ଶରୀରରେ ପ୍ରୟୋଗ କରିଥିବା ଭଗନ୍ଦର ଦୂରାରୋଗ୍ୟକୁ ବଳବତ୍ତର କରାଇଦେଲା। ଏହା ଦ୍ୱାରା ମଳଦ୍ୱାରରେ ଏକ ବୃହତ୍ କ୍ଷତ ସୃଷ୍ଟି ହୋଇ ଆଚାର୍ଯ୍ୟଦେବଙ୍କୁ ଯନ୍ତ୍ରଣା ଦେଲା। ରକ୍ତ ପୂଜରେ ଅଙ୍ଗ ବସ୍ତ୍ର ସଦାସର୍ବଦା ଆର୍ଦ୍ର ହୋଇ ରହିଲା। ଆଚାର୍ଯ୍ୟଦେବଙ୍କ କଷ୍ଟକୁ ଅବଲୋକନ କରି ଶିଷ୍ୟ ତ୍ରୋଟକାଚାର୍ଯ୍ୟ ସେବା ନିରତ ରହି ଗୁରୁଦେବଙ୍କ ବସ୍ତ୍ର ପରିଷ୍କାର କରୁଥିଲେ। ସମୟକ୍ରମେ ଆଚାର୍ଯ୍ୟଦେବ ଆଉ ଧର୍ମସଭାରେ ଯୋଗଦେଇ ପାରିଲେ ନାହିଁ। ପରିସ୍ଥିତି ଅଣାୟତ୍ତ ହୋଇପଡ଼ିଲା। କୌଣସି ଆଶୁ ଚିକିତ୍ସା ଦ୍ୱାରା ରୋଗ ଆୟତ୍ତ ହୋଇ ପାରିଲା ନାହିଁ। ଶିଷ୍ୟ ଭକ୍ତମାନେ ମହା ଭାଳେଣିରେ ପଡ଼ିଲେ।

ଏକଦା ଆଚାର୍ଯ୍ୟଦେବଙ୍କ ସମସ୍ତ ଶିଷ୍ୟବୃନ୍ଦ ଏକତ୍ରିତ ହୋଇ କୌଣସି ବିଶେଷ ଚିକିତ୍ସକଙ୍କ ଦ୍ୱାରା ଗୁରୁଦେବଙ୍କ ଚିକିତ୍ସା କରାଇବା ପାଇଁ ଅନୁନୟ ବିନୟ ସହକାରେ ଗୁରୁଦେବଙ୍କ ଅନୁମତି ଭିକ୍ଷା କଲେ। ସେମାନେ କହିଲେ – ହେ ଗୁରୁଦେବ! ଆପଣଙ୍କ ଏ ଶରୀର ଏବଂ ଶ୍ରୀଚରଣ ସରୋଜ ବ୍ୟତୀତ ଆମର ଅନ୍ୟ ସ୍ଥାନ ନାହିଁ। ଆମେ ଜାଣୁ, ଆପଣ ଶରୀରକୁ ଅନିତ୍ୟ ବୋଲି ଜାଣି ବିଶେଷ ଦୃଷ୍ଟି ଦେଉନାହାନ୍ତି। କିନ୍ତୁ ଆମେ ସବୁ ସଂସ୍କାରରେ ବାନ୍ଧି ହୋଇ ଆପଣଙ୍କ ଶରୀରକୁ ଗୁରୁଦେବ ବୋଲି ଜ୍ଞାନ କରୁଛୁ। ଆପଣଙ୍କ ଯନ୍ତ୍ରଣା ଆମକୁ ବିଶେଷ ଦୁଃଖ ପ୍ରଦାନ କରୁଅଛି। ଶାସ୍ତ୍ର ବଚନ ରହିଛି, ଶିଷ୍ୟମାନଙ୍କ ପ୍ରଧାନ କର୍ତ୍ତବ୍ୟ ହେଉଛି ଗୁରୁଦେବଙ୍କ ସୁଖ ସ୍ୱାଚ୍ଛନ୍ଦ୍ୟ ପ୍ରତି ଧ୍ୟାନ ଦେବା ଏବଂ ତାଙ୍କ ସନ୍ତୁଷ୍ଟି ବିଧାନ କରିବା। ଏହି ପରିପ୍ରେକ୍ଷୀରେ ଆମେ ଅନୁରୋଧ କରୁଛୁ ଆପଣଙ୍କୁ ବିଶେଷ ବୈଦ୍ୟଙ୍କ ଦ୍ୱାରା ଚିକିତ୍ସା କରାଇବା ପାଇଁ; ଆପଣ ଦୟାକରି ଅନୁମତି ପ୍ରଦାନ କରନ୍ତୁ।

ସମସ୍ତ କଥା ଶିଷ୍ୟମାନଙ୍କ ମୁଖରୁ ଶ୍ରବଣ କରି ଆଚାର୍ଯ୍ୟଦେବ କହିଲେ – ଶାରୀରିକ ଦୁଃଖ ଯନ୍ତ୍ରଣା ପ୍ରାରବ୍ଧରୁ ଜାତ ହୋଇଥାଏ। ଏବଂ କ୍ରିୟମାଣ କର୍ମଦ୍ୱାରା ମଧ ଜାତ ହୋଇଥାଏ। ମୋର ମନେ ହେଉଛି ଏହା ମୋର ପ୍ରାରବ୍ଧ ଜନିତ କଷ୍ଟ, କ୍ରିୟମାଣ କର୍ମଦ୍ୱାରା ହୋଇନାହିଁ। ତେଣୁ ଏହି କଷ୍ଟ ଭୋଗଦ୍ୱାରା ଲାଘବ ହିଁ ହେବ। ସୁତରାଂ ମୁଁ ନୀରବରେ ସବୁ ସହ୍ୟ କରୁଛି। ଯେହେତୁ ତୁମମାନଙ୍କ ପ୍ରତି ଧ୍ୟାନ ଏବଂ ବ୍ୟାକୁଳତା ରହିଛି, ସେହି ହେତୁ ମୁଁ ତୁମମାନଙ୍କ ପ୍ରସ୍ତାବକୁ ଗ୍ରହଣ କରୁଅଛି। ତୁମେମାନେ ପ୍ରମୁଖ ବୈଦ୍ୟଙ୍କର ସନ୍ଧାନ କର; ମୁଁ ଚିକିତ୍ସିତ ହେବାକୁ ପ୍ରସ୍ତୁତ ଅଛି। ଏହା ଗୁରୁଦେବଙ୍କ ଶ୍ରୀମୁଖରୁ ଶ୍ରବଣାନ୍ତେ ଶିଷ୍ୟମାନେ ଚାରିଭାଗରେ ବିଭକ୍ତ ହୋଇ ଚାରିଦିଗକୁ ବୈଦ୍ୟ ସନ୍ଧାନରେ ବହିର୍ଗତ ହେଲେ। ପ୍ରମୁଖ ବୈଦ୍ୟମାନେ ସେମାନଙ୍କ ଦ୍ୱାରା ନିମନ୍ତ୍ରିତ ହୋଇ ପରସ୍ପର ଆଲୋଚନା ମାଧ୍ୟମରେ ଚିକିତ୍ସାର ପଦ୍ଧତି ସ୍ଥିର କରି ଔଷଧ ପ୍ରସ୍ତୁତ କଲେ। ସେ ଯୁଗରେ ଭଗନ୍ଦର ରୋଗ ଅତ୍ୟନ୍ତ ମାରାତ୍ମକ ଥିଲା। ତାହାପାଇଁ ନିର୍ଦ୍ଦିଷ୍ଟ ଚିକିତ୍ସା ଆଚାର୍ଯ୍ୟଦେବଙ୍କ ଶରୀରରେ ଆରମ୍ଭ କରାଗଲା। ଦିନ ପରେ ଦିନ ବିତି ଗଲେ ମଧ ରୋଗ ଆରୋଗ୍ୟ ହୋଇପାରିଲା ନାହିଁ। ବୈଦ୍ୟବୃନ୍ଦ ଭଗ୍ନ ମନୋରଥରେ ଫେରିଗଲେ। ଶିଷ୍ୟମାନଙ୍କର ଦୁଶ୍ଚିନ୍ତାର ସୀମା ରହିଲା ନାହିଁ।

ପରିଶେଷରେ ଶିଷ୍ୟମାନେ ଗୁରୁଦେବଙ୍କୁ ଅନୁରୋଧ କଲେ ହେ ମହାଭାଗ! ବ୍ୟାଧିକର କାରଣ ଜାଣିବା ପାଇଁ ଆପଣ ନିଜ ଇଷ୍ଟଦେବଙ୍କୁ ଧ୍ୟାନରେ ବସି ପ୍ରାର୍ଥନା କରନ୍ତୁ। ଶ୍ରୀଶଙ୍କରାଚାର୍ଯ୍ୟ ନିଜ ଇଷ୍ଟଦେବ ବିଶ୍ୱେଶ୍ୱରଙ୍କୁ ଧ୍ୟାନରେ ବସି ପ୍ରାର୍ଥନା କଲେ। ମହାଦେବ କୃପା ପରବେଶ ହୋଇ ରୋଗର ନିଦାନ ନିମିତ୍ତ ଏକ ପ୍ରମୁଖ ବ୍ୟବସ୍ଥା କରିଦେଲେ। ଅଚାନକ ଦୁଇଜଣ ନୀଳବର୍ଣ୍ଣ ଚକ୍ଷୁଥିବା ଯୁବବୈଦ୍ୟ ଆଚାର୍ଯ୍ୟଦେବଙ୍କ ସମ୍ମୁଖରେ ଉପସ୍ଥିତ ହୋଇ କହିଲେ – ହେ ଯତିବର ଆପଣଙ୍କ ବ୍ୟାଧି ଜଣେ ଦୁଷ୍ଟ ପ୍ରକୃତିର ତାନ୍ତ୍ରିକ ଦ୍ୱାରା ସୃଷ୍ଟି ହୋଇଛି। ଏହା ଔଷଧ ଦ୍ୱାରା ଭଲ ହେବନାହିଁ। ଆପଣ କୌଣସି ସିଦ୍ଧ ତାନ୍ତ୍ରିକଙ୍କ

ଦ୍ୱାରା ଏହି ରୋଗର ନିରାକରଣ କରନ୍ତୁ। ଏହା କହି ବୈଦ୍ୟଦ୍ୱୟ ନିମିଷକେ ଅନ୍ତର୍ଦ୍ଧାନ ହୋଇଗଲେ। ଶିଷ୍ୟଭକ୍ତମାନଙ୍କର ଆଶ୍ଚର୍ଯ୍ୟର ସୀମା ରହିଲା ନାହିଁ। କହିବା ବାହୁଲ୍ୟ ଯେ - ବୈଦ୍ୟଦ୍ୱୟ ସ୍ୱର୍ଗର ଅଶ୍ୱିନୀକୁମାର ଥିଲେ; ମହାଦେବଙ୍କ ଆଦେଶରେ ସେମାନଙ୍କର ଆଗମନ ହୋଇଥିଲା। ଶିଷ୍ୟଗଣ ଆଶ୍ୱସ୍ତି ଲାଭ କରି ମହାଦେବଙ୍କୁ ପ୍ରାର୍ଥନା କଲେ। ତାନ୍ତ୍ରିକ ଅନ୍ୱେଷଣ ଉଦ୍ଦେଶ୍ୟ ନେଇ ସେମାନେ ପ୍ରଧାନ ଶିଷ୍ୟ ପଦ୍ମପାଦାଚାର୍ଯ୍ୟଙ୍କ ନିକଟରେ ସମସ୍ତ ବିଷୟବସ୍ତୁ ବର୍ଣ୍ଣନା କଲେ, କାରଣ ପଦ୍ମପାଦାଚାର୍ଯ୍ୟ ତନ୍ତ୍ର ବିଶାରଦ ଥିଲେ। ତେଣୁ ଆଉ କାଳ ବିଳମ୍ବ ନ କରି ଗୁରୁଦେବଙ୍କ ନିକଟରେ ସେ ଉପସ୍ଥିତ ହେଲେ। ତନ୍ତ୍ର ପ୍ରୟୋଗ କରିବାର ଉଦ୍ୟମ ଶୁଣି ଆଚାର୍ଯ୍ୟଦେବ ଅନିଚ୍ଛା ପ୍ରକାଶ କଲେ, କାରଣ ସେ ଜାଣିଥିଲେ ଯେ ତନ୍ତ୍ର ପ୍ରୟୋଗ ଦ୍ୱାରା ରୋଗ ପେଷିଥିବା ତାନ୍ତ୍ରିକର ନିଶ୍ଚୟ ମୃତ୍ୟୁ ହେବ। ତେଣୁ ଏହା କରିବା ଉଚିତ କାର୍ଯ୍ୟ ହେବନାହିଁ। ଶିଷ୍ୟଗଣ ଅନୁନୟ ବିନୟ ହୋଇ କହିଲେ - ହେ ଗୁରୁଦେବ! ଏ ଶରୀର କେବଳ ଆପଣଙ୍କର ନୁହେଁ; ଏହା ଆମର ଅତ୍ୟନ୍ତ ମୂଲ୍ୟବାନ ସମ୍ପତ୍ତି ଅଟେ। ତେଣୁ ଆପଣଙ୍କ ଶରୀରର ସୁରକ୍ଷା ଆମର ପ୍ରଧାନ କର୍ତ୍ତବ୍ୟ। ଆପଣ କୃପାକରି ତନ୍ତ୍ରବିଧି ପ୍ରୟୋଗ ଦ୍ୱାରା ରୋଗକୁ ଦୂରୀଭୂତ କରିବାକୁ ଅନୁମତି ଦିଅନ୍ତୁ। ଅନିଚ୍ଛା ସତ୍ତ୍ୱେ ଶିଷ୍ୟମାନଙ୍କୁ ଅନୁମତି ଦେଲେ। ପଦ୍ମପାଦ ଶରୀରରେ ଚିନ୍ତା ମାଧ୍ୟମରେ ଏହି ବ୍ୟାଧିକୁ 'ଅଭିଚାର' ବିଦ୍ୟା ପ୍ରୟୋଗ କରି ଚିକିତ୍ସା କରିବାକୁ ଲାଗିଲେ। ଏହା ଦ୍ୱାରା ଆଚାର୍ଯ୍ୟଦେବ ଦିନକୁ ଦିନ କ୍ରମଶଃ ଆରୋଗ୍ୟ ହେବାକୁ ଲାଗିଲେ। କ୍ଷତ ମଧ୍ୟ ଆସ୍ତେ ଆସ୍ତେ ଶୁଖିବାକୁ ଲାଗିଲା; କିନ୍ତୁ ଏହି ବ୍ୟାଧି ପେଷିଥିବା ତାନ୍ତ୍ରିକ ନବଗୁପ୍ତଙ୍କ ଶରୀରରେ ଏ ରୋଗ ସଂକ୍ରମିତ ହେଲା। ସେ ଅତ୍ୟନ୍ତ ରୋଗାକ୍ରାନ୍ତ ହୋଇପଡ଼ିଲେ। ଲଜ୍ଜ୍ୟାବଶତଃ ଗୁରୁଦେବଙ୍କ ସମ୍ମୁଖକୁ ଯାଇ କ୍ଷମା ପ୍ରାର୍ଥନା କରି ପ୍ରାୟଶ୍ଚିତ କରିବାର ସୁଯୋଗକୁ ମଧ୍ୟ ଭିକ୍ଷା କଲେ ନାହିଁ; ପରିଶେଷରେ ତାଙ୍କର ମୃତ୍ୟୁ ହେଲା। ଶିଷ୍ୟଗଣଙ୍କର ଆନନ୍ଦର ସୀମା ରହିଲା ନାହିଁ।

ଶାସ୍ତ୍ର କହେ - "ଯେ ଚିନ୍ତେ ପରରମନ୍ଦ, ତା ମନ୍ଦ ଚିନ୍ତନ୍ତି ଗୋବିନ୍ଦ"।

ଅପରକୁ କ୍ଷତିମୁଖର କଲେ ଦିନେ ସେହି କ୍ଷତି ନିଜ ଉପରକୁ ଆସେ।

*ସି-୮୯ ଏଚଆଇଜି*
*ବରମୁଣ୍ଡା ହାଉସିଂବୋଡ କଲୋନୀ*
*ଭୁବନେଶ୍ୱର: ୭୫୧୦୦୩*



Looking forward to our association in Rotary
Rtn. Jayashree Rtn. Tanmay Mohanty
Rotary Club of Bhubaneswar

Web: www.luminousinfoways.com Email: jaya@lipl.in, tanmay@lipl.in Contact No.: +91 9238426536

Proud to be associated with

Luminous Infoways
Delivering values through qualitative thinking

ସୂଚନା ଅଧିକାର
RTI Central Monitoring Mechanism

e-Blood Bank
An Integrated Blood Bank Automation System

e-nirman
Online Project Monitoring System

Dedicated to Personalized e-Governance

# ବିଚିତ୍ର ବର୍ଣ୍ଣା

## ମୂଳ ତେଲୁଗୁ: ଇଚ୍ଛାପୁରୁକୁ ଜଗନ୍ନାଥ ରାଓ
## ଅନୁସୃଜନ: ଅମିୟବାଳା ପଟ୍ଟନାୟକ

ବାହାରେ ପ୍ରବଳ ଗୁଳଗୁଳି । ସକାଳ ଛଅଟାରେ ଗାଡ଼ି ଛୁଟିବ । ଟ୍ରେନ୍ ପ୍ଲାଟଫର୍ମରେ ପହଞ୍ଚିବାକୁ ଆହୁରି ଦୁଇଘଣ୍ଟା ବାକି ଅଛି । କଲିକତାରେ ଥିବା ବାକି କାମ ସବୁ ମୁଁ ସାରି ଦେଇଥିଲି । କଲିକତାରେ ବାସୁଟା ଥିଲେ ଶେଷ ପର୍ଯ୍ୟନ୍ତ କାୟା ସାଙ୍ଗରେ ଛାୟା କରି ରହିଥାଆନ୍ତା । ଏବେ ସେ କଲିକତା ଛାଡ଼ି ଚାଲିଗଲାଣି । ପ୍ରତୀକ୍ଷାର ଅନ୍ୟ ନାମ ତ' ଯନ୍ତ୍ରଣା । ଟ୍ରେନ୍‌କୁ ଅପେକ୍ଷା କରିବାର ଏକ ଦୁଇଘଣ୍ଟା କେମିତ ବା ବିତିବ ।

ହୋଟେଲ୍‌ରୁ ବାହାରି ପାର୍କଷ୍ଟ୍ରିଟ୍ ପର୍ଯ୍ୟନ୍ତ ଚାଲି ଚାଲି ଗଲି ।

ସେଠି ଗୋଟେ ବହି ଦୋକାନ । ଯେବେ ମୁଁ ସିଆଡ଼େ ଯାଏ ସେଇ ବହି ଦୋକାନରୁ ଖଣ୍ଡେ ଦିଖଣ୍ଡ ବହି କିଣେ । ସେ ବହିଦୋକାନର ଥାକରେ ଥିବା ନାନାରଙ୍ଗର ସୁନ୍ଦର ମଲାଟର ବହି ଓ ଦେଶବିଦେଶର ନାନା ବିଷୟର ପତ୍ରିକା ସବୁ କିଣିବାକୁ ମୋତେ ବେଶୀ ଭଲ ଲାଗେ ।

ଘରେ ପହଞ୍ଚିଲା କ୍ଷଣି ସୁଜାତା ବିନା ଗୌରଚନ୍ଦ୍ରିକାରେ ପଚାରେ, "ଏଥର କି' ବହି ଆଣିଛ ?"

ବହି ପ୍ରତି ସୁଜାତାର ସେମିତି ବିଶେଷ ଆକର୍ଷଣ ନାହିଁ । କିନ୍ତୁ ଡିଟେକ୍‌ଟିଭ୍, ଅପରାଧ ମୂଳକ ଉପନ୍ୟାସ ଏବଂ ଜେମ୍‌ସ ବଣ୍ଡ ବହି ତା'କୁ ଭଲ ଲାଗେ । ମତେ କିନ୍ତୁ ଏହି ଧରଣର ବହି ଭଲ ଲାଗେନା ।

ତେଣୁ ଛୁଟିରେ ଘରକୁ ଫେରିଲେ ମତେ ପ୍ରାୟତଃ ଏଇଆ କହିବାକୁ ପଡ଼େ ଯେ, ଏଥର "ତମ ପାଇଁ କିଛି ହେଲେ ଆଣିନି ।"

- "ହଁ । ମୁଁ ତାହା ଭଲ ଭାବେ ଜାଣେ ।" କହୁ କହୁ ସେ ଏମିତି ଉଦାସ ହୋଇପଡ଼େ ଠିକ୍ ଯେମିତି ଜୀବନ ସାରା ମୁଁ ତା'ର କୌଣସି ଆଶା ଆକାଂକ୍ଷା ପୂରଣ କରିନାହିଁ ।

ବହିଗୁଡ଼ିକୁ ଓଲଟପାଲଟ କରୁ କରୁ ମୁଁ ସେଠି କିଛି ସମୟ ବିତାଇ ଦେଲି । ବହିଗୁଡ଼ିକ ଷ୍ଟାଣ୍ଡରେ ବିଛାଇ ହୋଇ ପଡ଼ିଥାଏ, ତେଣୁ ନିଜ ପସନ୍ଦର ବହି ଖୋଜିବା ପାଇଁ ଶାରୀରିକ କସରତ ମଧ୍ୟ କରିବାକୁ ପଡ଼େ ।

'ଅକ୍‌ସଫୋର୍ଡ଼ ଷ୍ଟେସନାରୀ ସପ୍' ପାଖରେ ସେ ମତେ ଦେଖାଗଲା । କୌଣସି ଏକ ପୁରୁଷ ସହ କଥା ହେଉଥିଲା । ମତେ ତା' କଥା ଶୁଭୁନଥିଲା, କି ସେଇ ପୁରୁଷ ମଧ୍ୟ, କିନ୍ତୁ ତା'ର ହସ ମତେ ଭଲଭାବେ ଦିଶୁଥିଲା ।

ମୋ ମନରେ ସେତେବେଳେ କ'ଣ କ'ଣ ସବୁ ବିଚାର ଉତ୍ପନ୍ନ ହେଉଥିଲା ତାହା ମତେ ମଧ୍ୟ ଜଣାନଥିଲା ।

ମୋର ସନ୍ଦିଗ୍ଧ ଦୃଷ୍ଟି ପୁଣି ତା' ଉପରେ ପଡ଼ିଲା । ସେ ସେହି ଲୋକଟିର ହାତକୁ ଭିଡ଼ି ଧରିଥିଲା । ହସି ହସି ସେଇ ଲୋକଟି ତାକୁ କିଛି କହୁଥିଲା । ତା'ପରେ ଦୁହେଁ ଦୋକାନ ଭିତରେ ପଶିଗଲେ ।

ବଡ଼ କଷ୍ଟରେ ମୁଁ ନିଜ ଦୃଷ୍ଟି ସେ ଆଡୁ ହଟାଇ ଆଣି ବହିଷ୍ଟଲ୍ ଉପରେ ନିବେଶ କଲି । ନିର୍ବାଚିତ ଦୁଇ ତିନୋଟି ବହି ଧରି ତା'ର ଦାମ୍ ଦୋକାନୀକୁ ଦେଇ ମୁଁ ଦୋକାନ ଆଡ଼କୁ ଅଗ୍ରସର ହେଲି । ମୋ ଅନ୍ତରର ମାନବିକତା ମତେ ସେ ଆଡ଼କୁ ନ ଯିବାକୁ କହୁଥିଲା ବେଳେ ମୋ ମନର ଜିଜ୍ଞାସା ମତେ ସେ ଆଡ଼କୁ ଠେଲୁଥିଲା । ପରିଶେଷରେ ମୁଁ 'କ୍ୱାଲିଟି ହୋଟେଲ' ଭିତରେ ପଶିଗଲି । ହୋଟେଲ ଭିତରର ନୀରବତା ଓ ଥଣ୍ଡା ବାତାବରଣ ମତେ ସତେ ଯେମିତି ଅନ୍ୟ କେଉଁ ଲୋକକୁ ନେଇଗଲା ।

ବର୍ଷେ-ଦେଢ଼ବର୍ଷ ତଳର କଥା । ସେଇଟା ନଭେମ୍ବର ମାସର କଥା । ଶୀତଦିନ । ସେତେବେଳେ ଡେମୋକ୍ରେଟିକ୍ ଫ୍ରଣ୍ଟର ଶାସନ ନଥିଲା । ମୁଁ ଏଠାକୁ ଗସ୍ତରେ ଆସିଥାଏ, ଆସିଲାବେଳେ ବାସୁକୁ ବି ଟେଲିଗ୍ରାମ୍ କରିଥିଲି । କିନ୍ତୁ ଯେଉଁଦିନ ମୁଁ ଆସୁଥିଲି ସେ ଦିନ ତା'ର ଛୁଟିରେ ଯିବାର ଥିଲା । ଦିନସାରା ତା' ସହ ବିତାଇଲା ପରେ ତାକୁ ସନ୍ଧ୍ୟାରେ ହାଓ୍ୱଡ଼ା ଷ୍ଟେସନରେ ଛାଡ଼ି ଆସିଲି । ସେ ତା' ଘର ଓ କାର୍ ମତେ ଦେଇ ଚାଲିଯାଇଥିଲା ।

ତା' କାର୍ ଡ୍ରାଇଭ୍ କରୁ କରୁ ମେୟୋରୋଡ୍ ପର୍ଯ୍ୟନ୍ତ ଆସି ଦେଖିଲି ସେଠି ପ୍ରବଳ ଭିଡ଼ । କାହାକୁ ନ ପଚାରି ମୁଁ ଜାଣିନେଲି ଯେ ଚୌରଙ୍ଗି ପାଖରେ କିଛି ଗୋଳମାଳ ହୋଇଯାଇଛି । ମୁଁ ଏଠି ନୂଆ ନୁହେଁ । କଲିକତାରେ ମୋର ଚାରିବର୍ଷର ଅନୁଭବ ।

ସ୍ଥିତିକୁ ଜାଣିବା ଲାଗି ମୋର ପ୍ରବଳ ଇଚ୍ଛା ହେଲା । କିନ୍ତୁ ମୁଁ ବିଚକ୍ଷଣତାର କାର୍ଯ୍ୟ କଲି । ନିଜ ଇଚ୍ଛାକୁ ଦବାଇ ସିଧା ଘରକୁ ଫେରିଲି । ଶେଷ ମୋଡ଼ ପାର ହେଲାପରେ କାର୍‌ର ବତି ଜଳାଇବାରୁ ଗେଟ୍ ପଢ଼େ ସେ ଠିଆ ହୋଇଥିବାର ଦେଖିଲି । ଏଇଠି ପ୍ରଥମ ଦେଖା ।

କାର୍ ରୋକି ମୁଁ ଓହ୍ଲାଇଲି, ତା' ସାମ୍‌ନାରେ ଠିଆ ହୋଇ ତାକୁ ଭଲଭାବେ ଚାହିଁଲି । ତା' ହାତରେ ଗୋଟିଏ ବ୍ୟାଗ୍ ଓ ଗୋଟିଏ ପ୍ୟାକେଟ୍ ଥିଲା । ବୟସ ହୁଏତ କୋଡ଼ିଏ ବାଇଶି ହେବ । କୋଉ ଅଫିସ୍‌ରେ କାମ କରୁଥିବ ।

- "ଏଇଠି କାହିଁକି ଛିଡ଼ା ହୋଇଛ ?" ମୁଁ ପଚାରିଲି ।

- "ଟ୍ରାଫିକ୍ ଜାମ୍ ହୋଇଯାଇଥିଲା । ସେଇଠୁ ଏଠିକି ଆସିଛି ।" ଡରି ଡରି ସେ କହିଲା ।

- "କେତେ ସମୟ ଯାଏଁ ଛିଡ଼ା ହୋଇଥିବ ?"

ଡରି ଡରି ବିଚଳିତ ଭାବେ ସେ ମତେ ପୁଣି ପଚାରିଲା- "ଏ ଘର ଆପଣଙ୍କର ?"

- "ହଁ ।"

- "ଯେ ପର୍ଯ୍ୟନ୍ତ ଦଙ୍ଗା ହଙ୍ଗାମା ଶେଷ ନ ହୋଇଥିବ ସେ ପର୍ଯ୍ୟନ୍ତ ମୁଁ... ।"

ମୁଁ ଘରର କବାଟ ଖୋଲିଲି । ସେ ମୋ ପଛେ ପଛେ ଆସୁଥିଲା । ସେ ହୁଏତ ମତେ ଭଲ ଭାବେ ଦେଖିନଥିଲା ।

କିଛି ଦୂରରୁ ଚୌରଙ୍ଗି ରୋଡ଼୍‌ରୁ ବନ୍ଧୁକର ଶବ୍ଦ ଶୁଭୁଥିଲା । ପଡ଼ୋଶୀ ଘରର 'ଆଲ୍‌ସେସିଆନ୍' କୁକୁର ଜୋର୍‌ରେ ଭୁକିଲା ।

ଏ ପର୍ଯ୍ୟନ୍ତ ସେ ମତେ ସନ୍ଦେହ ଦୃଷ୍ଟିରେ ଦେଖୁଥିଲା । ମୁଁ ତାକୁ ସୋଫାରେ ବସିବାକୁ କହିଲି ।

- "ଚା' ପିଇବ ?"

- "ହଁ ।"

କିଚନ୍‌ରେ ଗ୍ୟାସ୍ ଚୁଲି ଥିଲା । ଚା' ବନାଇ ଟ୍ରେ'ରେ ଧରି ଆଣିଲି । ସେ ସେମିତି ବସିଥିଲା ।

ତାକୁ ଦେଖି ମତେ ଦୟା ଲାଗିଲା- "ହାତ ମୁହଁ

ଧୋଇ ନିଅ । ତା'ପରେ ଚା' ପିଇବା ।"

ବାଥ୍‌ରୁମ୍ ଦେଖାଇ ଦେଇ ମୁଁ ପୁଣି ଭିତରକୁ ଆସିଲି । ସେ ଫେରିବା ପର୍ଯ୍ୟନ୍ତ ମୁଁ ଫ୍ରିଜ୍‌ରୁ କିଛି ମିଠା ଓ ବିସ୍କୁଟ୍ ନେଇ ଆସିଲି ।

ସେ ଭୋକିଲା ଥିଲଶ । କିଛି ନ କହି ମୋ ସହିତ ଖାଇବାକୁ ବସି ପଡ଼ିଲା ।

ଯେ ପର୍ଯ୍ୟନ୍ତ ସେ ଚା' ପିଉଥିଲା ସେ ପର୍ଯ୍ୟନ୍ତ ମୋ ସହ କଥାବାର୍ତ୍ତା କରିନଥିଲା । ମୁଁ ବି ମୋର ପ୍ରଶ୍ନବାଚୀ ଗୁଡ଼ିକୁ ମନରେ ଦବାଇ ରଖିଥିଲି । ନୀରବତା ସେମିତି ଛାଇ ରହିଥିଲା ।

- "ଥେଙ୍କସ୍ ।" ନୀରତା ଚିରିବାକୁ ସେ ଚେଷ୍ଟା କଲା ।

- "ଲାଗୁଛି ଥକିଯାଇଛ ।"

- "ଚାରି-ପାଞ୍ଚ ଘଣ୍ଟା ଧରି ଛିଡ଼ା ହୋଇଥିଲି । ବସ, ଟ୍ରାମ୍ କିଛି ମିଳିଲାନି ।"

- "କେଉଁଠାରୁ ଆସିଲ ।"

- "ଆମ ଅଫିସ ଖିଦରପୁର୍‌ରେ ତ । ସେ ମତେ ସବୁଦିନେ ଏଇଠି ଡ୍ରପ୍ କରି ଦେଇଯାଆନ୍ତି ।"

- "ତମ ଘର କେଉଁଠି ?"

- "ଶାମାବଜାରରେ ।"

- "ଏଠିକୁ କିପରି ଆସିଲ ?"

- "ଟ୍ରାମ୍‌କୁ ଅପେକ୍ଷା କରି କରି ଥକିଗଲି । ଏତିକିବେଳେ ଛକ ଉପରେ ଦଙ୍ଗା ଆରମ୍ଭ ହୋଇଗଲା । ସେଇଠୁ ନିଜକୁ ବଞ୍ଚାଇ ଏଠିକୁ ଆସିଲି । ଆଗରେ କୁକୁର ଛିଡ଼ା ହୋଇଥିଲା । ତାକୁ ଦେଖି ଡରିଯାଇ ଗେଟ୍ ପଛରେ ଲୁଚିଥିଲି ।"

- "ଡରିବାର ଆବଶ୍ୟକତା ନାହିଁ । ତମେ ବସିଥାଅ, ମୁଁ ଗାଧୋଇ ଆସୁଛି ।" ଏତିକି କହି ମୁଁ ଭିତରକୁ ଯାଉଥିଲା ବେଳେ ସେ ସଙ୍କୁଚିତ ହୋଇ କହିଲା- "ଦରଜା ବନ୍ଦ କରି ଯାଆନ୍ତୁ ।" ତା' କହିବା ଅନୁଯାୟୀ ମୁଁ ଦରଜା ବନ୍ଦ କରି ଦେଇ ଗାଧୋଇବାକୁ ଗଲି । ଏହି ସମୟରେ ସେ ରେଡ଼ିଓ ଅନ୍ କରି ସାନ୍ଧ୍ୟକାଳୀନ ସମାଚାର ଶୁଣୁଥିଲା । ପ୍ରାଦେଶିକ ସମାଚାର ହୋଇଥିବ । ମତେ ଦେଖି ସେ ରେଡ଼ିଓ ବନ୍ଦ କରିଦେଲା ।

ହଠାତ୍ ସେ ହସି ଉଠିଲା ଓ ସେହି ହସ ମୋ ଭାବନାରେ ପୂର୍ଣ୍ଣଚ୍ଛେଦ ପକାଇ ଦେଲା । ମୁଁ ତା ପାଖକୁ ଗଲି ।

- "କ'ଣ ହେଲା ?" ଜିଜ୍ଞାସା ଦୃଷ୍ଟିରେ ମୁଁ ପଚାରିଲି ।

- "ଆପଣଙ୍କୁ ଦେଖି ମୋର ବି ଇର୍ଷା ହେଉଛି, ମୁଁ ମଧ ଗାଧୋଇ ପକାନ୍ତି ।"

ସେ ବାଥରୁମ୍‌କୁ ଚାଲିଗଲା । ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ସେ ଏଠାରୁ ଯାଇପାରିବ ନାହିଁ । ଆଜିର ପରିସ୍ଥିତି ଦେଖି ଲାଗୁଛି କାଲି ସକାଳେ ବି ସେ ହୁଏତ ତା' ଘରକୁ ଫେରିନପାରେ । ଅବଶ୍ୟ ମାଆର କ୍ରୋଧ କରି ଏ ସହରରେ ଦଙ୍ଗା ହଙ୍ଗାମା ସକାଳ ପର୍ଯ୍ୟନ୍ତ ଚାଲେ ନାହିଁ, କିନ୍ତୁ... ।

ରାତି ନଅଟାରୁ ଅଧିକ ହେବଣି । ପାର୍କଷ୍ଟ୍ରିଟ୍‌ର ଏକ ହୋଟେଲ୍ ମାଲିକ ସହ ମୋର ଚିହ୍ନା ପରିଚୟ ଅଛି । ମୁଁ ତାକୁ ଫୋନ୍ କରି ଖାଇବା ପଠେଇ ଦେବାକୁ କହିଲି । କିନ୍ତୁ ସେ ମତେ ସେହି ହୋଟେଲ୍‌କୁ ଡାକିଲା ।

- "ନା' ମୁଁ ଆସିପାରିବି ନାହିଁ । ବାହାରୁ ଗୋଟେ ଟ୍ରଙ୍କ୍‌କଲ୍ ଆସିବାର ଅଛି ।" ଅତି ସହଜରେ ମୁଁ ତାକୁ ମିଛ କଥାଟିଏ କହିଦେଇ ପାରିଲି ।

ରିସିଭର ତଳେ ରଖୁ ରଖୁ ଭାବିଲି ମୁଁ ମିଛଟିଏ ଅତି ସହଜରେ କିପରି କହିଦେଇ ପାରିଲି ? ମୋର ଆଦର୍ଶ ଓ କର୍ତ୍ତବ୍ୟ ଜ୍ଞାନରେ ତ' କୌଣସି ଭୁଲଭଟକା ନାହିଁ । ତେବେ ମୁଁ ମିଛ କାହିଁକି କହିଲି ? ମତେ ଖୁବ୍ ଲାଜ ମାଡ଼ିଲା । ସେ ପର୍ଯ୍ୟନ୍ତ ଏକ ଅସହାୟ ତଥା ଅସୁବିଧାର ଜାଲରେ ଫସିଯାଇଥିବା ଏକ ଯୁବତୀକୁ ସହାୟତା କରିବା ବ୍ୟତୀତ ମୋ ତା' ପ୍ରତି ଅନ୍ୟ କୌଣସି ମନୋଭାବ ନଥିଲା । ପ୍ରଥମେ ତାକୁ ଦେଖିଲାବେଳେ ତାକୁ ଦେଖି ନ ଦେଖିଲା ଭଳି ଚାଲିଯିବାକୁ ଇଚ୍ଛା ହେଉଥିଲା, କିନ୍ତୁ ମୋ ମନର ମାନବିକତା ଏହି ବିଚାରକୁ ଅଳ୍ପ ସମୟ ମ୍ନ ମନରୁ ବାହାର କରିଦେଲା । ଏ ପର୍ଯ୍ୟନ୍ତ ସେ ବାଥରୁମ୍‌ରୁ ଫେରିନଥିଲା ।

ରେଡ଼ିଓ ଅନ୍ କରିବାରୁ, ସେମିତି କିଛି ଖାସ୍ ସଂଗୀତ ଶୁଣିବାକୁ ମିଳିଲା ନାହିଁ । ଗ୍ରାମଫୋନ୍ ଚାଲୁ କରିବାରୁ ବିସ୍‌ମିଲ୍ଲା ଖାଁଙ୍କ ଶାହାନାଇର ମଧୁର ସଂଗୀତ ଶୁଣିବାକୁ ମିଳିଲା । ଏହି ମଧୁର ସୁଲଳିତ ସଂଗୀତ ସହ ବାହାରେ ହେଉଥିବା ଗଣ୍ଡଗୋଳଠାରୁ ବହୁଦୂରରେ ଏପରି ଆରାମ୍‌ରେ ସମୟ ବିତାଇବାର ସ୍ଥିତିରୁ ମତେ ଏକ ବିଚିତ୍ର ଅନୁଭୂତି ମିଳିଲା ।

'ଲଙ୍ଗପ୍ଲେ ରେକର୍ଡ଼' ମତେ କିଛି ସମୟ ପାଇଁ ଅନ୍ୟ କେଉଁ ଜଗତକୁ ନେଇଗଲା । ଏତିକିବେଳେ ସେ ଆସିଲା, କହିଲା- "ଗୀତଟା ଭାରି ମଧୁର ।" ତା'ର କଥା ମତେ ଅନ୍ୟ ଜଗତରୁ ଏହି ଜଗତକୁ ପୁଣି ନେଇ ଆସିଲା । ସନ୍ଧ୍ୟାରେ ଦେଖିଥିବା ଯୁବତୀ ଓ ବର୍ତ୍ତମାନର ଏହି ଯୁବତୀ ମଧରେ କୌଣସି ସାମ୍ୟ ନଥିଲା । ସନ୍ଧ୍ୟାବେଳେ ଯାହାର ଦୃଷ୍ଟି ଭୟାର୍ତ୍ତ ଥିଲା ସେ ବର୍ତ୍ତମାନ ବିନା ଦ୍ୱିଧାରେ ମୋ ସହ ଖାପଖୁଆଇ ପାରୁଥିଲା । ଆଉ ସଦ୍ୟସ୍ନାତା ସେହି ଯୁବତୀର ମୁଖମଣ୍ଡଳରୁ ତ ଏକ ଅଦ୍ଭୁତ ଜ୍ୟୋତି ପ୍ରସ୍ଫୁଟିତ ହେଉଥିଲା ।

- "ତମକୁ ବି ସଙ୍ଗୀତ ଭଲଲାଗେ ?" ମୁଁ ପଚାରିଲି ।

- "ହଁ ବହୁତ ଭଲ ଲାଗେ ।"

ଏ ପର୍ଯ୍ୟନ୍ତ ମୁଁ ତା' ନାଁ ପଚାରିନଥିଲି । କିନ୍ତୁ ମୋ ବୟସ ଅନୁଯାୟୀ ଯେଉଁ ଅଧିକାର ଥିଲା, ତାହାକୁ ଆଧାର କରି ମୁଁ ତାକୁ 'ତୁମେ' ରୂପେ ସମ୍ବୋଧନ କରୁଥିଲି ।

- "ତୁମ ନାଁ କ'ଣ ?"

ସେ କୌଣସି ଉତ୍ତର ଦେଲା ନାହିଁ ।

- "କ'ଣ ଭାବୁଛ ?"

- "ଘର ବିଷୟରେ ।"

- "ବର୍ତ୍ତମାନ ବାହାରକୁ ବାହାରିବା ଅର୍ଥ ବିପଦ ଡାକି ଆଣିବା ।"

- "ମାଆ ବ୍ୟସ୍ତ ହେଉଥିବେ ।"

- "ଆଉ ବାବା... ?"

- "ସିଏ ଏଠି ନାହାନ୍ତି, ଗାଁକୁ ଚାଲିଯାଇଛନ୍ତି ।"

- "ମାଆଙ୍କୁ ଟେଲିଫୋନ୍ କରି କହିଦେଲେ ହୁଅନ୍ତା ।"

- "ଆମ ଘରେ ଟେଲିଫୋନ୍ ନାହିଁ ।"

- "ଆଖ ପାଖରେ ତ' କେଉଁଠି ଥିବ ?"

- "ନା, ନାହିଁ ।"

- "ତେବେ କ'ଣ କରିବା ?"

ସେତେବେଳେ ତା'ର ସମସ୍ୟା ଏତେ ଜଟିଳ ଥିଲା ଯେ, ତା'ଠାରୁ ମୁଁ ଅଧିକ ବ୍ୟସ୍ତ ହୋଇପଡ଼ିଲି । ଅବଶ୍ୟ ଏହି ଚିନ୍ତାକୁ ପରିତ୍ୟାଗ କରି ସଂଗୀତ ଲହରୀର ଆସ୍ୱାଦନ କରିବାକୁ ଚେଷ୍ଟା କଲି କିନ୍ତୁ ତାହା କରିପାରିଲି ନାହିଁ । ବହୁ ସମୟ ଯାଏଁ ଆମେ ଦୁହେଁ ନିଜ ନିଜ ଚିନ୍ତାରେ ମଗ୍ନ ହୋଇଗଲୁ ।

କଲିଂବେଲ୍ ବାଜିବାରୁ ସେ ଚମକି ପଡ଼ିଲା । ପ୍ରଶ୍ନସୂଚକ ନେତ୍ରରେ ସେ ମତେ ଚାହିଁ ରହିଲା ।

ମୁଁ ଦରଜା ଖୋଲିଲି । ହୋଟେଲର ସପ୍ଲାଏର କ୍ୟାରିଅରରେ ଡିନର ଆଣିଦେଇଥିଲା । ତାକୁ ଟଙ୍କା ଦେଇ ଦେବାରୁ ସେ ଚାଲିଗଲା । ମୁଁ ଦରଜା ବନ୍ଦ କରିଦେଲି ।

ମୁଁ ତାକୁ ଡାକିବାରୁ ସେ ଖାଇବା ଟେବୁଲରେ ବସିଲା ।

- "ତମ ନାଁ କ'ଣ କହିଲ ?"

- "କିଛି ନାହିଁ ।" ସେ ହସୁ ହସୁ କହିଲା ।

- "ତାହେଲେ... ।"

- "କହିଲେ ଦେଖି ?"

ପୁଣିଥରେ ହସିବାରୁ ସେ ଯେ ନିଜ ନାଁ ବତାଇବାକୁ ଚାହେଁନା ଏକଥା ଭଲ ଭାବେ ଜଣାପଡ଼ିଲା ।

- "ଖାଇବା ଚାଲ ।"

- "ଭୋକ ଲାଗୁନି ।"

- "ଖାଇନେବା ଚାଲ । ଥଣ୍ଡା ହୋଇଗଲେ ଖାଇବାକୁ ଭଲ ଲାଗିବନି ।"

ଟେବୁଲ ଉପରେ ସେ ଠିକ୍ ଠିକ୍ ଜାଗାରେ ଭୋଜନ ପରଷିବାକୁ ଲାଗିଲା ।

ଭୋଜନ ସରୁ ସରୁ ରାତି ସାଢ଼େ ଦଶଟା

ହୋଇଗଲା । ଏ ପର୍ଯ୍ୟନ୍ତ ତା' ମଧ୍ୟରେ ବହୁ ପରିବର୍ତ୍ତନ ଦେଖାଦେଲା । ତା' ମନରେ ପୂର୍ବଭଳି ଆଉ ସନ୍ଦେହ ବା ଚିନ୍ତା ନଥିଲା ।

- "ଅତି ଦୁଃଖର ସହ କହିବାକୁ ପଡୁଛି ଯେ ମୁଁ ଆପଣଙ୍କୁ ଆଜି ଅକାରଣରେ ଏତେ କଷ୍ଟ ଦେଲି ।" ସେ କହିଲା । ସିଏ ସତ କହୁଛି ନା ମିଛ କହୁଛି ମୁଁ ଜାଣିପାରିଲି ନାହିଁ । କିନ୍ତୁ ତା' କଥାଟା କେତେଦୂର ଦେଖାଣିଆ ତାହା ଭଲଭାବେ ଜାଣିପାରିଲି । ମତେ ଲାଗିଲା, ସେ ସତେ ଯେମିତି ନିଜର ହସକୁ ଚାପି କରି କଥା କହୁଛି ।

- "ଅସୁବିଧା କ'ଣ ? ଏଗାରଟା ହେଲାଣି ତମକୁ ନିଦ ଲାଗୁନି ?"

- "ଆପଣଙ୍କୁ ଲାଗୁଛି କି ? କିଛି ସମୟ ରହି ସେ ପୁଣି କହିଲା- "ଆପଣ ଶୋଇ ଯାଆନ୍ତୁ, ମୁଁ ସୋଫା ଉପରେ ଶୋଇପଡ଼ିବି ।"

- "ମୁଁ ଏଇଠି ଶୋଇବି, ତୁମେ ବେଡ୍‌ରୁମ୍‌ରେ ଶୁଅ ।" ମୁଁ କହିଲି ।

- "ମୋର ଏୟାର କଣ୍ଡିସନ୍ ରୁମ୍‌ରେ ଶୋଇବାର ଅଭ୍ୟାସ ନାହିଁ ।"

- "ମୋର ବି ତ' ନାହିଁ ।"

- "ଆପଣ ଯାଆନ୍ତୁ ଶୋଇବେ... ମତେ ନିଦ ଲାଗୁନି ।"

- "ରାତି ସାରା ଅନିଦ୍ରା ରହିବ ନା କ'ଣ ?"

ମୋ କଥା ଶୁଣି ସେ ହସିଉଠିଲା ମତେ ଲାଗିଲା ସତେ ଯେମିତି ସେ ମତେ ଚିଡ଼ାଉଚି । ମୋର ଅନଧିକାର ଚେଷ୍ଟା ଉପରେ ହସୁଛି । ନିଜର ଭାବନାଗୁଡ଼ିକୁ ଏକାଠି କରି ମୁଁ ବେଡରୁମ୍ ଭିତରକୁ ଚାଲିଗଲି ।

ତା'ର ହସ ଏ ପର୍ଯ୍ୟନ୍ତ ମୋ କାନରେ ଗୁଞ୍ଜରିତ ହେଉଥିଲା । ଆମ ଦୁହିଁଙ୍କ ମଧ୍ୟରେ ବୟସର ବ୍ୟବଧାନ କୋଡ଼ିଏ କି ବାଇଶି ହେବ । ସମ୍ଭବତଃ ଏହା ଭାବି ସେ ହସୁଥିଲା ।

- "ଲାଇଟ୍ ଅଫ୍ କରି ଦିଅନ୍ତୁ ।" ଦରଜା ପାଖରେ ଛିଡ଼ା ହୋଇ ସେ କହିଲା ।

- "ତମ ନାଁ କହିବ ଯଦି, ଅଫ୍ କରିଦେବି ।"

ମୁଁ ଅକାରଣରେ ହିଁ ପଚାରି ବସିଲି । ଆଜି ସେକଥା ଭାବିଲେ ମତେ ମୋର ମୂର୍ଖାମୀ ପ୍ରତି ବଡ଼ ଆଶ୍ଚର୍ଯ୍ୟ ଲାଗେ ।

ସେ ହସିଲା ।

- "ମୋ ନା... ।"

- ସେ ଆସି ମୋ ବେଡ୍ ଉପରେ ବସିପଡ଼ିଲା । ମୋ ଆଡ଼କୁ ଝୁଙ୍କି ପଡ଼ି କହିଲା- "ଚଞ୍ଚଳା ।"

ମୁଁ ଉପରୁ ତା' ଉପରକୁ ଝୁଙ୍କି ପଡ଼ି ଲାଇଟ୍ ଅଫ୍ କରିଦେଲି ।

ହଠାତ୍ ଏକ ଗୃହସ୍ୱାମୀ, ସମାଜର ଏକ ନାଗରିକ, ଏକ ବନ୍ଧୁ, ଏକ ଅତିଥି ଏବଂ ରକ୍ଷାକର୍ତ୍ତା, ସର୍ବୋପରି ମେରା କର୍ତ୍ତବ୍ୟ ମନେ ପଡ଼ିଗଲା । ସେହିକ୍ଷଣ ମତେ ଏ ପର୍ଯ୍ୟନ୍ତ ମନେ ଅଛି । ସେଇ କର୍ତ୍ତବ୍ୟଜ୍ଞାନ ମୋ ଅନ୍ତରର ମାନବକୁ ଦବାଇ ଦେଲା । ଅମାବାସ୍ୟାର ଅନ୍ଧକାର ରାତ୍ରି ପୂର୍ଣ୍ଣିମାର ମଧୁଯାମିନୀରେ ପରିଣତ ହୋଇଗଲା ଓ ସେହି ନିଦ ମଧ୍ୟରେ ମୁଁ ଠିକ୍ ଭାବେ ଜାଣିପାରିଲି ଯେ ତା' ନାଁ ଚଞ୍ଚଳା ନୁହେଁ । ସେ ଶେଷରେ ଯାହା କହିଥିଲା ମୋର ଭଲ ଭାବେ ମନେ ହଛି, - "ମୋ ବିଷୟରେ ଅଧିକ ଜାଣିବାକୁ ଚେଷ୍ଟା କରିବେ ନାହିଁ । କଥା ଦିଅନ୍ତୁ ମତେ କେବେହେଲେ ମନେ ପକାଇବେ ନାହିଁ ।"

ସକାଳୁ ନିଦ ଭାଙ୍ଗିବା ବେଳକୁ ନଅଟା ବାଜି ଯାଇଥିଲା । ମୋ ଚତୁଃପାର୍ଶ୍ୱରେ ସେ ଥିଲା । ଦରଜା ଆଡ଼କୁ ଦୃଷ୍ଟି ପକାଇ ଦେଖିଲି, ଭିତରପଟୁ ତାଲା ଖୋଲା ଅଛି । ମୁଁ ଉଠିବା ପୂର୍ବରୁ ସେ ଚାଲିଯାଇଥିଲା । ରାତ୍ରିର ଘଟଣା ଯୋଗୁଁ ମୋ ହସଖୁସି କୁଆଡ଼େ ଚାଲିଗଲା । ମୋର ଦୁର୍ବଳତା ଯୋଗୁଁ ମତେ ମୋ ନିଜ ଉପରେ ଘୃଣା ହେଲା । ତା'ର ପରିସ୍ଥିତି, ଅଜ୍ଞାନତାର ଫାଇଦା ଉଠାଇବା, ମୋତେ ବ୍ୟସ୍ତ କରିବାକୁ ଲାଗିଲା । ମୋର ଏହି ନୈତିକ ପତନ ମୋ ନିଜକୁ ଉପହାସ କରିବାକୁ ଲାଗିଲା ।

ସେହି ଗ୍ଲାନି ଏ ପର୍ଯ୍ୟନ୍ତ ମୋ ମନରେ ଅଛି । ବାହାରକୁ ଯିବା ପାଇଁ ପର୍ସ ଅଣ୍ଡାଳିବାରୁ ଦେଖିଲି ମାତ୍ର ତିନିଶହ ଟଙ୍କା ଅଛି । ବାକିସବୁ କୁଆଡ଼େ ଗଲା ?

ଚଞ୍ଚଳା ନେଇ ଥାଇପାରେ ?

ନା', ନା' ସେ' ବା କିପରି ନେଇଥିବ ? ସେ ଚୋର ନୁହେଁ । ଯଦି ସିଏ ନେଇଥାଆନ୍ତା ତେବେ ବାକି ତିଶହ ଟଙ୍କା ଛାଡ଼ି ଯାଇଥାନ୍ତା କାହିଁକି ?

ସେ କାହାଣୀ ଭୁଲିବାକୁ ମୁଁ ଅନେକ ଚେଷ୍ଟା କଲି । ତଥାପି ଆଜି ପର୍ଯ୍ୟନ୍ତ ସେ ବିଷୟରେ ମୋ ମନରେ ଅଗଣିତ ଜିଜ୍ଞାସା ସୃଷ୍ଟି ହୁଏ । ଆଜି ପର୍ଯ୍ୟନ୍ତ ଅବଶ୍ୟ ତା'ର ବ୍ୟବହାର, ଚାଲିଚଳନ ପ୍ରତି ଥିବା ସନ୍ଦେହକୁ ଚାପି ତ' ରଖିଥିଲି କିନ୍ତୁ, ଆଜି ତାକୁ ଦେଖିଲା ପରେ ସବୁ ବନ୍ଧନ ସତେ ଯେମିତି ଛିଣ୍ଡିଗଲେ । ମୋର ଅପରାଧ ମତେ ଅସ୍ତବ୍ୟସ୍ତ କରିବାକୁ ଲାଗିଲା ।

ସପ୍ଲାଏଣ୍ କଫି ନେଇ ଆସିଲା ।

ଏତିକିବେଳେ ସିଏ ଓ ତା'ର ସେହି ବନ୍ଧୁ ଦୁହେଁ ମୋ ପାଖ ଟେବୁଲ୍‌ରେ ବସିପଡ଼ିଲେଣି ।

ସେମାନେ କ'ଣ କଥାବାର୍ତ୍ତା ହେଉଥିଲେ । ହୁଏତ ମତେ ଦେଖିନଥିଲେ । ତା'ର ବନ୍ଧୁଟି ଆଇସକ୍ରିମ୍ ଅର୍ଡ଼ର ଦେଇ ହାତ ଧୋଇବାକୁ 'ୱାସ୍ ବେସିନ୍' ପାଖକୁ ଗଲା ।

ମୁଁ ଚଞ୍ଚଳା ଠାରୁ ଲୁଚିବାକୁ ଚେଷ୍ଟା କରୁଥିଲି, ସେ କିନ୍ତୁ ମତେ ଦେଖିନେଲା ।

- "ନମସ୍ତେ ।"

- "ନମସ୍ତେ ।"

ସେ କିନ୍ତୁ ଆଜି ମତେ ହସି ହସି ନମସ୍କାର କଲା ନାହିଁ ।

- "କେମିତି ଅଛନ୍ତି ?"

- "ଭଲ ।"

- "ଏ ବହି ଯାକ କାହାପାଇଁ ନେଉଛନ୍ତି ?"

ସେ ଗୋଟିଏ ବହି ଉଠାଇ ନେଲା ।

ଏତିକିବେଳେ ସେ ଲୋକଟି ୱାସ୍ ବେସିନ୍ ପାଖରୁ ଫେରି ମ୍ୟାନେଜର ଟେବୁଲ ପାଖରେ ଟେଲିଫୋନ୍ କରୁଥିଲା ।

ଚଟାପଟ ସେ ଭ୍ୟାନିଟି ବ୍ୟାଗ୍ ଖୋଲି ପେନ୍ ବାହାର କଲା ଓ ବହିର ମୁଖପୃଷ୍ଠାରେ କିଛି ଲେଖି ମତେ ଫେରାଇ ଦେଲା । ଏତିକିବେଳେ ଲୋକଟି ଫେରି ଆସିଲା ଓ ଦୁହେଁ ପୁଣି ଗପ କରିବାକୁ ଲାଗିଲେ ।

ଦୁଃଖର କଥା ହେଲା ସେ ଲୋକଟି ଆସୁ ଆସୁ ସେ ମତେ ସତେ ଯେମିତି ତିରସ୍କାର କରି ତା' ସହ କଥା ହେବାରେ ମଗ୍ନ ହୋଇଗଲା ।

ଅବଶ୍ୟ ମତେ କିଛିଟା ଆଶ୍ୱସ୍ତ ମିଳିଲା । ଲାଗିଲା ସେ ମତେ ସତେ ଯେମିତି କ୍ଷମା କରିଦେଇଛି । କିନ୍ତୁ ସେ ଲୋକଟା ଆସୁ ଆସୁ ମୋ ପ୍ରତି ବୀତସ୍ପୃହ ହେବାଟା ମତେ ଭଲ ଲାଗି ନଥିଲା ।

ହୋଟେଲରୁ ବାହାରି ମୁଁ ଯେତେବେଳେ ଟ୍ୟାକ୍ସିରେ ବସିଲି, ମୋର ଏକ ପୁରୁଣା ସାଙ୍ଗକୁ ଦେଖିଲି । ସେ ମୋ ସହିତ ହାୱଡ଼ା ଷ୍ଟେସନ୍ ଯାଏଁ ଆସିଲା । ଟ୍ରେନ୍ ଷ୍ଟେସନ୍ ଛାଡ଼ିବା ଯାଏଁ ମୋ ସହିତ ରହିଲା ।

ଟ୍ରେନ୍ ପ୍ରାୟ ଦଶବାର ମାଇଲ ରାସ୍ତା ଅତିକ୍ରମ କଲାପରେ ମୋ ସେହି ବହିକଥା ମନେ ପଡ଼ିଲା ଯେଉଁଥିରେ ଚଞ୍ଚଳା କିଛି ଲେଖିଥିଲା ।

ତୁରନ୍ତ ବହି ଖୋଲିଲି ପଢ଼ିଲି, ଦୁଇଧାଡ଼ି ଗୋଲ ଗୋଲ ଅକ୍ଷରରେ ଲେଖାଯାଇଥିଲା "କ୍ଷମା କରିବେ, କ୍ଷଣିକ ଉତ୍ତେଜନାରେ ମୁଁ ଆପଣଙ୍କୁ ଧୋକା ଦେଲି ।"

ବହୁତ ସମୟ ଚିନ୍ତା କଲାପରେ ଜାଣିଲି, ପର୍ସରୁ ଯେଉଁ ଶହ ଶହ ଟଙ୍କା ହଜିଥିଲା, ସେ ବିଷୟରେ ସେ ହୁଏତ ଲେଖିଛି ।

ଏହାପରେ ଆଉ ସମସ୍ୟା ସୃଷ୍ଟି ହେଲା । ସୁଜାତା ଯଦି ପଢ଼େ ତେବେ କ'ଣ ହେବ ? ବହିଟିକୁ ଫୋପାଡ଼ି ଦିଆଯାଇ ପାରେନା । ଶେଷରେ ସତର୍କତାର ସହିତ ତା'ର ପ୍ରଚ୍ଛଦ ପଟଟି ଚିରି ଟିକି ଟିକି କରି ଫୋପାଡ଼ି ଦେଲି ।

ଏଥର ନିଶ୍ଚିନ୍ତରେ ଶୋଇଯିବାର ପ୍ରୟାସ କଲି ।

*ଚର୍ଚ୍ଚ ରୋଡ୍, ବ୍ରହ୍ମପୁର*

# ଚାଳିଶି ମାଣିଆ

ଅର୍ଜୁନ ଦାସ

"ହେଇଟି ଶୁଣୁଛ। ପୁଅ ଜିଦି ଧରିକି ବସିଛି ବିଦେଶ ଯିବା ପାଇଁ। ହେଲେ ପାଖରେ ଟଙ୍କାଟିଏ ନାହିଁ। କହିବାରୁ କହୁଛି ବାପା ଅଜା ଚଉଦ ପୁରୁଷର ସେଇ ଭିଟାମାଟି ଖଣ୍ଡକ ବିକି ଦେବା ପାଇଁ। କିଏ ତାକୁ ବୁଝାଇବ ଯାହା ପାଇଁ ସେ ଆଜି ଏତେ ବଡ଼ ହୋଇପାରିଛି। ଯାହା ଶରୀରର ପ୍ରତିଟି ରକ୍ତ କଣିକାରେ ଯେ ବହିଯାଉଛି ତାକୁ କିପରି ଅଲଗା କରିପାରିବି। ତୁମେ ବୁଝାଅ ଟିକେ ରାଜୁ ବୋଉ।"

ଯେତେ ବୁଝାଇଲେ ବି ସେ ସେହିପରି ଜିଦି ଧରି ବସିଛି। ତମେ କଣ ତା କଥା ଜାଣିନ, ପିଲା ଦିନ ଗେଲବସର କରି ବଢ଼ାଇଲ। ମୁଁ ଯେତେ କହିଲେ ମୋ କଥାକୁ ଖାତିର କଲ ନାହିଁ। ଏବେ ଯେତେବେଳେ ଅବୁଝା ହଉଛି କଷ୍ଟ କାହିଁ ଲାଗୁଛି। ତା ଭବିଷ୍ୟତ ପାଇଁ ଯଦି ସେ ଦୂରେଇ ଯିବାକୁ ଚାହୁଁଛି ...ଯିବାକୁ ଦିଅ ତାକୁ। ଯେତିକି ଦିନ ପାରିବା ବଞ୍ଚିବା ନଚେତ ଯାହା ଭାଗ୍ୟରେ ଥିବ।"

– କ'ଣ ଭବିଷ୍ୟତ ? ଏଠି କ'ଣ ଭବିଷ୍ୟତ ନାହିଁ ? ଯେଉଁମାନେ ବିଦେଶ ଯାଉନାହାନ୍ତି ସେମାନେଙ୍କ ପରିବାର କଣ ଅପୋଷା ରହୁଛି। ଏ ମାଟିରେ କେତେ କେତେ ମହାନ ଆତ୍ମାମାନେ ନିଜର ନାମ ଅର୍ଜନ କରିଯାଇଛନ୍ତି କିନ୍ତୁ ଏ ବାବୁ ଆମର ବିଦେଶରେ ନାଆ କମେଇବେ। କାଲି ରୋକଠୋକ କରି ଶୁଣେଇ ଦେଇ ଯାଇଛି। – "ଯଦି ପାଖରେ ଟଙ୍କା ନାହିଁ ତେବେ ଆମର ସେ ଚାଳିଶି ମାଣିଆ ଜମି ଖଣ୍ଡିକ ବିକି ଦିଅ ମୋର ବିଦେଶ ଯିବା ସ୍ୱପ୍ନ ପୂରଣ ହୋଇଯିବ। ମତେ ମୋ ଭବିଷ୍ୟତ ଗଢ଼ିବାର ଅଛି।"

"କେତେ ବଡ଼ କଥାଟାଏ ଶୁଣାଇ ଦେଇଗଲା। ଜୀବନର ପଥରେ ନୂଆ ନୂଆ ପାଦ ପକାଉଥିବା ପିଲାଟା କାହିଁକି ଜାଣିବ ଏ ଭିଟାମାଟିର ମହତ୍ତ୍ୱ। ସେତ ଟଙ୍କା ପ୍ରେମରେ ଉବୁଟୁବୁ ହେଉଛି, ମାଟି ମାଆ ପ୍ରତି ଭଲ ପାଇବା କାହୁଁ ଆସିବ ତା' ପାଖରେ। ମାଟି ମାଆ ପାଇଁ କିଏକେତେ ଜୀବନ ହାରି ଦେଇଛନ୍ତି, ଏମାନେ ତା' ମହତ୍ତ୍ୱ ବା କାହୁଁ ବୁଝିବେ। ଯଦି ସଭିଏଁ ଏପରି ଭାବନାରେ ଥାଆନ୍ତେ ଆଜି ବୋଧେ ଧଳା ସରକାର ସେହିପରି ଶାସନ ଚଳାଇ ଥାଆନ୍ତେ।"

"ଏ ଧରା ଧାମ ଛାଡ଼ି ଆର ପାରିକୁ ଯିବା ପୂର୍ବରୁ ବାପା କହିଯାଇଥିଲେ, "ଏ ଜମି ହେଉଛି ମୋର ବାପା ମାଆ ସବୁକିଛି। ଯାହା କୋଳରେ ମୁଁ ମୋ ଜୀବନର ପ୍ରତିଟି ମୁହୂର୍ତ୍ତ କାଟିଛି। ସୁଖ ଦୁଃଖର ସାହା ଭାରଷା ସେ ଥିଲା ମୋର। ଯାହା ଜମି ବାଡ଼ି ବିକି ଭାଙ୍ଗି ଦେଲେ ମୋର ମନ ଦୁଃଖ ନାହିଁ, କିନ୍ତୁ ଏତିକି ଅନୁରୋଧ ରଖିବୁ ଏ ଜମି ଖଣ୍ଡକ କାହା ହାତରେ ଟେକି ଦେବୁ ନାହିଁ।"

"ତା ହିଡ ମୂଳରେ ଥରେ ବସି ପଡ଼ିଲେ ଜୀବନର ସବୁ ଦୁଃଖ ଅପସରି ଯାଏ। କେତେଯେ ସ୍ୱପ୍ନ ଦେଖିଛି ତାରି କୋଳରେ। ପାଣି କାଦୁଅରେ ତା' ସହ କେତେ ଖେଳିଛି। ସେ ବା କାହିଁ ବୁଝିବ ଦୁର୍ଭିକ ସମୟରେ ସାରା ଗାଁ ହାହାକାର ଡାକ ଛାଡୁଥିଲା ବେଳେ କେବଳ ସେ ହିଁ ଗାଁ ସାରା ଲୋକଙ୍କ ମୁଖରେ ଆହାର ଭରି ଦେଇଥିଲା। ତା'ର ପ୍ରତିଟି ଅଙ୍ଗ ପ୍ରତ୍ୟଙ୍ଗ ସହ ଜଡିତ ମୋ ଶରୀର।"

ରାଜୁ ବୋଉ ତାକୁ ଟିକେ ବୁଝାଅ, " ସେ ଏଇ ମାଟିରେ ସୁନା ଫଳାଉ। ଏ ମାଟି ତାକୁ ଯେଉଁ ସୁଖ ଦେବ ସେ ତା' ଜୀବନରେ କେବେ କେଉଁଠୁ ପାଇ ନ ଥିବ। ଥରେ ମାଟି ମାଆ ପ୍ରତି ହୃଦୟରୁ ଭଲ ପାଇ ଦେଖୁ ସେ ମଧ ତାକୁ ନିଜର ସନ୍ତାନ ପରି କୋଳେଇ ନେବ। ତା' ପାଖରେ ଅଳି କରି ଦେଖୁ ତା' ଜୀବନର ରଙ୍ଗ ବଦଳାଇ ଦେବ।"

"ତା' ପାଖରେ ଥରେ ନ ବସିଲେ ପାଗଳ ପରି ଲାଗେ। କିପରି ତାକୁ ଅଲଗା କରି ପାରିବି ? ମୋର ପ୍ରତିଟି ଅଙ୍ଗ ସହ ସେ ଜଡ଼ିତ। ତାରି ବୁକୁରେ ଜୀବନର ସୁଖଦୁଃଖ ସବୁକିଛି ଶିଖିଛି। ନିଃସ୍ୱାର୍ଥପର ଭାବେ ପ୍ରେମ କରୁଥିବା ପ୍ରେମିକା ସିଏ। ସେ କେବେ ପ୍ରତାରଣା ଦେବା ଶିଖିଛି ନା ଧୋକା ଦେବା। ତା' ପିଠିରେ ସଂସାରର ବୋଝ ବୋହି ବୋହି କ୍ଲାନ୍ତ ହୋଇ ପଡ଼ିଲେ ମଧ କେବେ ସେ ଅଭିଯୋଗ କରିନାହିଁ।

"ରାଜୁ ଟିକେ ଶୁଣ – ମୋ କଥା ବୁଝିବାକୁ ଚେଷ୍ଟାକର। ଏଠି ରହି ନିଜର ଭବିଷ୍ୟତ ଗଢ଼ିତୋଳ। ନିଜ ମାଟିକୁ ଭଲ ପାଇବା ଶିଖ। ତାକୁ ଥରେ ନିଜର କରି ନେ ସବୁ କିଛି ଠିକ୍ ହୋଇଯିବ।"

"ବାପା ତୁମେ ବୋଧେ ଚାହୁଁନ ମୁଁ ଆଗକୁ ଯାଏ। ତୁମେ ବୋଧେ ଚାହୁଁନ ମୁଁ ବଡ଼ ମଣିଷ ହୁଏ। ନଚେତ୍ ଏତେ କୁଣ୍ଠାବୋଧ କ'ଣ ପାଇଁ। ଏଇ ତୁଚ୍ଛ ଜମି ଖଣ୍ଡିକ ପାଇଁ ମୋ ଭବିଷ୍ୟତ ଅନ୍ଧାରକୁ ଠେଲି ଦେବାକୁ ପଛାଉନ। କ'ଣ ଅଛି ଏ ଜମିରେ। କ'ଣ ତୁମକୁ ଦେଇ ପକାଇଛି ଏ ତୁଚ୍ଛ ଜମି ଖଣ୍ଡକ। ପେଟକୁ ଗଣ୍ଡେ ଖାଇବାକୁ ମିଳିଗଲେ ଏ ଦୁନିଆର ସବୁ କିଛି ହୋଇଯିବ ନା କ'ଣ।"

"ତୁ ବା କାହୁଁ ବୁଝିବୁ ମାଟି ମାର ପ୍ରେମ। ତୁ ଯଦି ଆଜି ଏଠି ଛିଡା ହୋଇଥାଉ କେବଳ ତାରି ପାଇଁ। ଆଜି କ'ଣ ଟିକେ ବଡ଼ ହୋଇଗଲୁ ଯେ ନିଜ କ'ଣ ପର କ'ଣ ବୁଝିପାରୁନୁ। ଜୀବନର ସ୍ୱାଦ ଶିଖାଇଛି ସିଏ। ଯେତେବେଳେ ସାରା ସଂସାର ପାଖରେ ହାରିଯାଇଥାଏ, ତାହାରି ହିଡରେ ଟିକେ ବସିଗଲେ ମନରେ ନୂତନ ଆଶା ଖେଳିଯାଏ। ହାରି ଯାଇଥିବା ମଣିଷଟି ପୁଣି ଜିଇଁ ଉଠିଥାଏ।"

"ଏତେ ପ୍ରବଚନ ମାରିବା ଆବଶ୍ୟକ ନାହିଁ। ତମେ ଯାହା କରିଛ ମୁଁ ଜାଣିଛି। ଭବିଷ୍ୟତ ପାଇଁ କେତେ ଯେ ତମେମାନେ ଚିନ୍ତିତ ସବୁ ଜଣାପଡୁଛି। କ'ଣଟା ଯେ ଅଧିକ କରି ପକାଇଛ ସବୁବେଳେ କହି ହଉଛ ଯେ ମୁଁ ଅମକ କରିଛି, ମୁଁ ସମୁକ କରିଛି। ସବୁ ବାପା ମାଆ ଯାହା କରନ୍ତି ସେତିକି ହିଁ କରିଛ। ତମ ଯାଗାରେ ଯିଏ ଥାଆନ୍ତା ସେ ବି ମଧ ସେମିତି କରିଥାଆନ୍ତା। ଯଦି ଏତେ ସ୍ନେହ ଥିଲା ଯଦି ଏତେ ପ୍ରେମ ଥିଲା ତେବେ ଏଇ ସାଧାରଣ ଜମି ଖଣ୍ଡକ ପାଇଁ ମୋ ଭବିଷ୍ୟତକୁ ଅନ୍ଧାରକୁ ଠେଲି ଦେଉଛ। ସବୁ ଗୋଟେ ଗୋଟେ ସ୍ୱାର୍ଥପର। ଧିକ ତମ ବାପା ପଣିଆ। ମୁଁ ଯାଉଛି ତମ ଇଚ୍ଛା ଯାହା କରୁଛ କର।"

"କ'ଣ କହିଲୁରେ ସ୍ୱାର୍ଥପର ? ହେଇଟି ଶୁଣ ତମ ପୁଅ କ'ଣ କହିଦେଇ ଗଲାଣି। ମୁଁ କୁଆଡ଼େ ଗୋଟେ ସ୍ୱାର୍ଥପର ମଣିଷ। ଏତେ ବଡ଼ ସେ ଛାଏଁ ଛାଏଁ ହୋଇଯାଇଛି। ବାସ୍ ଏତିକି କେବଳ ବାକି

ଥିଲା ଶୁଣିବାର। ବାପା ହେବା ଆଜି ଧନ୍ୟ ହୋଇଗଲା। ଯାହା ପାଇଁ ଦିନରାତି ଏକ କରିଦେଇଥିଲି ସେ ଆଜି ମୁହଁରେ ଜବାବ ଦେଲାଣି ଯାଠୁ ଆଉ ବଡ଼ ଦୁଃଖ କ'ଣ ଅଛି।"

"ନିଜେ ନଖାଇ ନ ପିଇ ତା' ପାଇଁ ଖାଇବା ରଖିବାଟା ବୋଧେ ସ୍ୱାର୍ଥପରତା। ନିଜ ପଟେରେ ଓଦା କପଡ଼ା ପକାଇ ତା' ପେଟ ଭରିବା ବୋଧେ ସ୍ୱାର୍ଥପରତା। କେତେ ରାତି ଅନିଦ୍ରା ହୋଇ ତାକୁ ଶାନ୍ତିରେ ଶୋଇବାକୁ ଦେବା ବୋଧେ ସ୍ୱାର୍ଥପରତା। ବାଃ ବାଃରେ ପୁଅ ! ତତେ ଜନ୍ମ ଦେଇ ମୋ ଜୀବନ ଆଜି ଧନ୍ୟ ହୋଇଗଲା। ସଭିଏଁ କୁହନ୍ତି ପୁଅମାନେ କୁଆଡ଼େ ସ୍ୱର୍ଗକୁ ନେବେ ମୋ ପୁଅ ତ ଏଠି ସ୍ୱର୍ଗକୁ ବାଟ ଦେଖେଇ ସାରିଲାଣି।"

"ଆଠ ବରଷ ବୟସ ହୋଇଥାଏ, କେଉଁ ଅଜଣା ରୋଗ ହେଲା ଯେ, ଦିନକୁ ଦିନକୁ ଶୁଖି କଳା କାଠ ପଡ଼ିଗଲା। ପେଟକୁ ଦାନା ବି ନେଲା ନାହିଁ। ନିଜେ ଗୋଟେ ଯାଗାରୁ ଅନ୍ୟ ଯାଗାକୁ ଯିବାକୁ ଜୁ ପାଉନଥାଏ। ଆମ ଅଞ୍ଚଳର ଥିବା ସବୁତକ ବଇଦ ପାଖକୁ ବୁଲି ଆସିଲି, ଭଲ କରିବା ତ ଦୂରର କଥା ରୋଗ ଚିହ୍ନିବା କଷ୍ଟସାଧ ହୋଇଗଲା। ଆଖି ଗାଡ଼େ ଗାଡ଼େ ପଶିବାକୁ ଲାଗିଲା। ବରଡ଼ା ପତର ପରି ଥରୁଥାଏ ସବୁବେଳେ। ଆଉ ଗାଁ ସନିଆ କହିବା ଅନୁଯାୟୀ ତାଙ୍କ ଗାଁ ଠାକୁରାଣୀଙ୍କ ପାଖରେ ସାତ ଦିନ ଉପାସ ପଡ଼ିବାରୁ ଧିରେ ଧିରେ ସବୁ ଠିକ ହେବାକୁ ଲାଗିଲା। ପୁଣି ମୁହଁରେ ହସ ଫୁଟିବାକୁ ଲାଗିଲା। ତା' ଜୀବନ ବଞ୍ଚାଇବାକୁ ଯାଇ ସାତ ଦିନ ସାତ ରାତି ଉପାସ ରହିବାଟା ଯଦି ସ୍ୱାର୍ଥପର ହୁଏ ସେ ସ୍ୱାର୍ଥପରତା କରିଛି ମୁଁ।"

"କାହିଁକି ବା ଉତ୍ତର ନଦେବ ସେତେବେଳେ ସିନା ତମ ପାଦରେ ପାଦ ମିଳାଇ ଚାଲୁଥିଲା ଏବେ ପରା ନିଜ ପାଦରେ ଚାଲିଲାଣି। ଭୁଲ ଠିକ ବୁଝିବାର ବୟସ ହୋଇଗଲାଣି। ତୁମେ ମନ ଦୁଃଖ କରନି ମୁଁ ଯେତେବେଳ ଯାଏଁ ଅଛି ତୁମର କିଛି ହବାକୁ ଦେବିନି। ସେ ଯଦି କହୁଛି ସେ ଜମି ବିକି ତାକୁ ବାହାରକୁ ପଠାଇ ଦିଅ। ସେଠି ଖୁସିରେ ରହୁ, ଆମେ ବୁଢ଼ାବୁଢ଼ି ଆଉ ଏମିତି କେତେ ଦିନ ବଞ୍ଚିବା ଯେ।"

"ଏତେବେଳ ହେଲାଣି କିଛି ବି ହେଲେ ପାଟିକୁ ନେଇନ ହେଇ ନିଅ ଚାହା କପେ ପିଇଦିଅ। ଚାରିଆଡ଼ ନିସ୍ତବ୍ଧ ହୋଇଗଲା। ଶୁନଶାନ ହୋଇଗଲା ଧରଣୀ। ଏତେ ଡାକି ଡାକି ଶୁଣୁନ କ'ଣ ପାଇଁ। କ'ଣ ଖାଲି ମନେ ମନେ ଗପି ଯାଉଥିଲ। ସବୁରାଗ ବୋଧେ ଶେଷ ହୋଇଗଲା। ମନରେ ଥିବା ଅସୀମ ଗାଳିଟି ସତେ ଯେପରି ଏଠି ପୂର୍ଣ୍ଣଛେଦ ପକାଇଦେଲେ। ପୁଅର କଥାକୁ ବୋଧ ହୁଏ ନିରବରେ ସମର୍ଥନ କରିବାକୁ ବାଧ ହେଲେ। ମନରେ ଥିବା ସବୁ କିଛି ପ୍ରକାଶ କରି ସାରିବା ପରେ ହୁଏତ ମନ ଟା ହାଲକା ଲାଗିଗଲା।"

"ଚା' କପ ଦେଉ ଦେଉ ହଠାତ୍ ହାତ ଦୁଇଟି ତଳକୁ ଝୁଲି ପଡ଼ିଲା। ବହୁ ଦିନ ଧରି ଶୋଇ ନ ଥିବା ଆଖି ଦୁଇଟି ଅଳସ ଭାଙ୍ଗି ଭାଙ୍ଗି ହଠାତ୍ ଶୋଇପଡ଼ିଲେ। କିଛି ଭାବିବା ପୂର୍ବରୁ ମୁହଁକୁ ତଳକୁ କରି ଚୌକି ଉପରୁ ତଳକୁ ନଇଁଗଲେ ରାଜେଶ ବାପା। ଅସହାୟ ଶିଶୁଟିଏ ପରି ବେକଟିକୁ ଝୁଙ୍କାଇ ଦେଲେ ଯେତେ ଡାକିଲେ ମଧ ତାଙ୍କ ନିଦ ଭାଙ୍ଗିବାର ନାଆଁ ନେଉ ନଥାଏ। ଭୋ କିନା କାନ୍ଦି ଉଠିଲେ ରାଜେଶ ବୋଉ। ପାଗେଳି ପ୍ରାୟ ମାଟିକୁ ତାଡ଼ି ପକାଇଲେ। କୋହ ସମ୍ଭାଳି ନ ପାରି ବାରମ୍ବାର ରଡ଼ି ଛାଡ଼ି କାନ୍ଦିବାକୁ ଲାଗିଲେ। ଜୀବନଟା ଫିକା ଫିକା ଲାଗିଲା। ଆଶାର ବାଡ଼ିଟି ହଠାତ୍ ଭାଙ୍ଗିଗଲା ଭଳି ଲାଗିଲା। ହସ ଖୁସିର ସଂସାରଟା ଛାରଖାର ହୋଇଗଲା।"

"ଏତେ ସ୍ୱାର୍ଥପର କିପରି ହୋଇପାରିଲ ! ବେଦିରେ ଦଶ ଦିଗପାଳକୁ ସାକ୍ଷୀ ରଖି କଥା ଦେଇଥିଲ ପରା ସାତ ଜନମ ପାଇଁ ହାତ ଧରି ଚାଲିବା ପାଇଁ। ହଠାତ୍ ଏକାକୀ କରି ଯିବାଟା କ'ଣ ସ୍ୱାର୍ଥପର ନୁହେଁ।"

ଚିନ୍ତାରେ ଚିନ୍ତାରେ ଦଶ ଦିନ ପରେ ରାଜେଶ ବୋଉର ବି ଦେହାନ୍ତ ହୋଇଗଲା। କିଛି ଦିନ ଅନ୍ତରାଳେ ସବୁକିଛି ଓଲଟପାଲଟ ହୋଇଗଲା।

"ରାଜେଶର ଏ ଦୁଃଖରେ ବି ଭାଙ୍ଗିବାର ନ ଥିଲା। ସେ ତା' ଭବିଷ୍ୟତ ନେଇ ବେଶ୍ ଚିନ୍ତାରେ ଥାଏ। ବହୁତ ଆଗକୁ ଯିବ ଜୀବନରେ କିଛି ନୂଆ କରିକି ଦେଖେଇବା ଝୁଙ୍କ୍ ଲାଗିଥିଲା ମନରେ। ପରଦିନ ସକାଳୁ ଜମି ବିକିବାକୁ ମନେ ମନେ ସ୍ଥିର କରି ଆଗେଇ ଚାଲିଲା। ଜମିର ହିଡ଼ ଉପରେ ଛିଡ଼ା ହୋଇ ବିଦେଶ ଯିବାର ସ୍ୱପ୍ନକୁ ଉଜ୍ଜିବୀତ କରୁଥାଏ।"

ହଠାତ୍ ଦେହରେ ଶିହରଣ ସୃଷ୍ଟି ହୋଇଗଲା। ମନକୁ ଅନେକ ପ୍ରଶ୍ନର ସମ୍ଭାର ଛୁଟି ଆସିଲା। କିଛି ଚିନ୍ତା କରି ପାରୁନଥାଏ, କ'ଣ କ'ଣ ଘଟି ଯାଉଛି।" ତୁ କ'ଣ ଠିକ୍ କରୁଛୁ ? ବାପା ମାଆ ଦିଇଟାକୁ ମାରି ସାରିବା ପରେ ବି ମନ ତୋର ଶାନ୍ତି ହେଲା ନାହିଁ। ସେମାନଙ୍କ ଶେଷ ସମ୍ପତ୍ତିଟିକୁ ବି ଛାଡ଼ିଲୁ ନାହିଁ। ଟିକେ ବି ସେମାନଙ୍କ ପରିଶ୍ରମ ତତେ ମନେ ପକାଇଲାନି। ସେମାନଙ୍କ ଭଲ ପାଇବାକୁ ତୁ ବୁଝିବାରେ ଏତେ ବିଳମ୍ବ କ'ଣ ପାଇଁ।

ନିଜ ଜୀବନକୁ ବଳି ପକାଇ ତତେ ଯିଏ ଏତେ ବଡ଼ କଲେ, ତୁ ଏପରି କରିବାଟା କ'ଣ ଠିକ କି। ତୋ ପାଇଁ ଦୁଇଟା ପ୍ରାଣୀ ଅକାଳରେ ଚାଲିଗଲେ। ଭଗବାନଙ୍କୁ ଟିକେ ଡରରେ। ଅତୀତ କଥା ଥରେ ଭାବି ଦେଖେ ସେ ଦିନଗୁଡିକ ଅନୁଭବ କର ଜୀବନର ମୂଲ୍ୟଟା ବୁଝି ପାରିବୁ।

ଆଖିରୁ ଲୁହ ଧାର ଧାର ଛୁଟି ଗଲା। ଟିକିଏ ସୁଖ ପାଇଁ ଟିକିଏ ଗର୍ବ ପାଇଁ ଏତେ ବଡ଼ ସଂସାରଟାକୁ ନିଜ ହାତରେ ଭାଙ୍ଗି ଚୁନା କରିଦେଲି। ଧିକ ଏ ଜୀବନ ମୋର। ଆଜି ଏ ଦୁନିଆରେ ମୁଁ ଅନାଥ। ଦରକାର ନାହିଁ ବିଦେଶ ଯିବା। ଦରକାର ନାହିଁ ବଡ଼ ଲୋକ ହେବା। ମୁଁ ଏଇଠି ହିଁ ରହିବି। ଜୀବନର ପ୍ରତିଟି ପାହାଚରେ ମୋ ମାଟି ସହ ପାଦ ଦେଇ ଚାଲିବି। ମୋତେ କ୍ଷମା କର। ବାପା ଠିକ୍ କହୁଥିଲେ ଏ ମାଟି ମାଆର ଯାଦୁ କିଛି ନିଆରା।

*ମାଧବ, ନିଆଳି, କଟକ*
*ଦୂରଭାଷ: ୭୭୩୫୯୫୭୧୫୧*

# ଦୋଷ ଧରିବନି

## ସୁବାସ ଚନ୍ଦ୍ର ଜେନା

ଯେଉଁ ମଧ୍ୟମା ବୟସ୍କା ମହିଳା ମଝି ମହରମ ରାସ୍ତାରୁ ଝାମ୍ପି ନେଲେ, ସେ ମୋ ଧର୍ମହଧର୍ମିଣୀ ନୁହେଁ,... ସମୁଦୁଣୀ ।

ଘରୁ ବାହାରି ବସ୍ ଧରି ତାଙ୍କ ଭଦ୍ରକ ଘର ଅଗଣା ଛୁଇଁଲା ବେଳକୁ ଫୋନ ସଂଖ୍ୟା ତିନି ଡଜନ ଟପିଥିବ କି କ'ଣ ଏ ସ୍ତ୍ରୀଲୋକଟାର କାମଦାମ ନାହିଁ ନା କ'ଣ । ଫୋନଟାକୁ କେଞ୍ଚୁଛନ୍ତି ତ କେଞ୍ଚୁଛନ୍ତି । ସମୁଦୁଣୀ ଛଡ଼ା ସରୁ ନରମ ସ୍ୱର । ବୋହୂମାନଙ୍କୁ ନିୟୋଜତି ବୋଧ । ଶାଶୁଙ୍କ ହୁକୁମାତି, ତାଗିଦ ଅବଜ୍ଞା ହବନି, ଆଦେଶ ଶିରୋଧାର୍ଯ୍ୟ । ଝିଅ ପଠେଇବା ପରେ ପ୍ରଥମ ଥର ପାଦ ପକେଇବେ ପ୍ରଭାକର ସମୁଦି । ଯେମିତି ବାଟବଣା ନ ହୁଅନ୍ତି ସେଥିପାଇଁ ଏତେ କଣ୍ଟାକ୍ଟ 'କେଉଁଠି ହେଲେଣି' ।

ସତରେ ଆଦରମଣି ସମୁଦୁଣୀ ଯେ କେତେ ଯତ୍ନବାନ, ସାମାନ୍ୟ ସଂଶୟ ନଥିଲା । ଦୁହିଁଙ୍କ ପହିଲି ଭେଟ । ପ୍ରଭାକର ବାବୁ ନିର୍ବନ୍ଧ ଓ ବାହାଘରରେ ଅନୁପସ୍ଥିତ ଥିଲେ ତାଙ୍କର ବାହାର ପୋଷ୍ଟିଂ ନେଇ । ତଦଭିନ୍ନ କରୋନା କାଳରେ ଗମନାଗମନ ଥପ୍ । କଣ୍ଡକ୍ଟର ବି ବିରକ୍ତି ହେଲାଣି ସମାନ ପ୍ରଶ୍ନକୁ ନେଇ । ଚିନ୍ତା କରନ୍ତୁନି ସଠିକ ସ୍ଥାନରେ ଓହ୍ଲେଇ ଦେବି । ଭରସା ହରାନ୍ତୁନି । କ'ଣ କହିଲେ 'ସାହୁ ସାହି ଛକ ।' ରାଜପଥର ଭୌଗୋଳିକ ଚିତ୍ର ଯେ ପ୍ରଭାକର ବାବୁଙ୍କୁ ଅଜଣା, ବସ୍ ସାରା ଉଣା ଅଧିକେ ଧରି ସାରିଲେଣି ।

ଫଟୋ ଦେଖିଚି ହ୍ୱାଟସ୍ ଆପ୍‌ରେ । ଏବେ ସେଗୁଡ଼ାକ କିନ୍ତୁ ସ୍ମରଣ ନାହିଁ । ବସରୁ ଓହ୍ଲେଇ ରାଜରାସ୍ତାରୁ ଚାହିଁଲେ ଘର । ଏଇଟା ନିଶ୍ଚୟ, ଅନେକ ମୁଣ୍ଡର ସମାହାର । ସମୁଦି, ସମୁଦୁଣୀ, ପୁଅ ବୋହୂ ଗହଣରେ ମୁଁ । ସକାଳୁ ସଂଜେ ମୋ ପଛରେ, ହାଲ୍‌କା ସ୍ନାକ୍‌ସରେ ସକାଳଟା ଚଳିଯାଏ । ଲଞ୍ଚ ଡିନରରେ ଭଳିକି ଭଳି ସୁସ୍ୱାଦ ବ୍ୟଞ୍ଜନ । ଥଙ୍ଗେଇ ଥଙ୍ଗେଇ ଭୁସ୍ କିନା ପଚାରିଦେଲି 'ଏସବୁ ହୋଟେଲରୁ କାହିଁକି' ସମୁଦୁଣୀ ତ ଛାଇ ପରି ମୋ ପାଖେ । ପାଟିରୁ କଥା ନ ସରୁଣୁ ଖାପ୍ କିନା ମାଡ଼ିବସି ଉତ୍ତର ରଖିଲେ ''ହୋଟେଲ କାହିଁକି ! ଏସସବୁ ଆମ ପାକଶାଳା ପ୍ରସ୍ତୁତି ।'' ମୁଁ ଥଟ୍ଟା ପରିହାସରେ ମଞ୍ଜି କଥାଟେ ରଖିଲି "ବୋହୂମାନଙ୍କୁ ଆପଣ ଢେର ଖଟେଇଚନ୍ତି ମୋ ପାଇଁ ।" ତା ଛଡ଼ା ସୋମନେ ବୋଧେ ହୋଟେଲ ମ୍ୟାନେଜମେଣ୍ଟରେ କୋର୍ସ କରିଛନ୍ତି ।" ନା'ମ ସେମିତି ନୁହେଁ ଅନୁଭୂତିରୁ ରାନ୍ଧୁ ରାନ୍ଧୁ ରାନ୍ଧୁଣୀ' ଉତ୍ତରରେ ଆଦରମଣୀ । ଆତିଥେୟତାରେ ଫୁଲମାର୍କ ଶହେକୁ ଶହେ । ସହରୀ ଚଳଣିଠାରୁ ସେମାନେ ଯେ ମୋଟେ ପଛରେ ନାହାନ୍ତି, ମୋତେ ଅନାୟସାରେ ସ୍ୱୀକାର କରିବାକୁ ହେବ । ତାରିଫ କରିବାକୁ ହେବ ବଂଧୁବତ୍ସଳତାକୁ, ଅନ୍ତରଙ୍ଗତାକୁ, ଆତ୍ମୀୟତାକୁ । ଏବେ ସେ ପରିବାରଟା ମୋ ମନରେ ଅରାଏ ଜାଗା ଆବୋରି ସାରିଲେଣି, ନିଃସନ୍ଦେହରେ । ଅତିଥି ଚର୍ଚ୍ଚାରେ ଆଦରମଣୀ ଯେ ପି.ଏଚଡ଼ି. କରିଛନ୍ତି ନିର୍ଦ୍ଵନ୍ଦ୍ୱରେ ମାନିବାକୁ ହେବ । ଏ ଅପମିଶ୍ରିତ ସଂସାରରେ ଗୋଟେ ମନଚିହ୍ନା ପରିବାର ସହ ସମ୍ପର୍କ ଯୋଡ଼ିହୋଇଥିବାରୁ ଈଶ୍ୱରଙ୍କୁ ଅଶେଷ ଅଶେଷ ଧନ୍ୟବାଦ ।

ସମୁଦୀ ଓ ପିଲାମାନେ ବାହାରି ଯାଆନ୍ତି ଚାକିରିକୁ । ପୁରୁଷ ଶୂନ୍ୟ ଘରେ ପ୍ରଭାକର ବାବୁ ଏକାମାତ୍ର ଅସ୍ଥାୟୀ ପୁରୁଷ । ସମୁଦୁଣୀ ଭାରି ଗପୁଡ଼ି । ପଚାରି ବସନ୍ତି ଗଙ୍ଗାଠୁ ଗୋଦାବରୀଯାକେ । ଏତେଦିନକେ ସାକ୍ଷାତ, ସଫଳ ହେବା ନିହାତି ଉଚିତ । ବିଭିନ୍ନ ପ୍ରସଙ୍ଗରେ ଖୋଜନ୍ତି ମୋ ଜୀବନର ଅନେକ ଗୁରୁତ୍ୱପୂର୍ଣ୍ଣ ଅନାବିଷ୍କୃତ ତଥ୍ୟ ସାତ ତାଳପଙ୍କରୁ । କିଛି କିଛି ବାକି ଥିବ ଭାବି ରାତିର ବିଳମ୍ବିତ ପ୍ରହରେ ବି ଫଟେଇ ନିଠେଇ ସମାନ ପ୍ରସଙ୍ଗକୁ ଦୋହରାନ୍ତି । କଥା କଥାରେ ସମୁଦୁଣୀ ଉତ୍ତର ରଖିଲେ 'ସଜ ଦେଶୀ ମାଛ ହିଁ ତାଙ୍କର ପ୍ରିୟ ଖାଦ୍ୟ । ସମୁଦି ଠୋ ଠୋ ହସି କହିଲେ ଆରେ ଆମ ସହରରେ ଏଗୁଡ଼ାକ ଯାହାକୁ ଯେତେ । ସମୁଦି ବି ଯୋଡ଼ି ହୋଇ କେତେଟା ଓଜନିଆ ପ୍ରଶ୍ନ ରଖନ୍ତି । ରାତି ଲମ୍ବେ । ପ୍ରଶ୍ନୋତ୍ତର କାର୍ଯ୍ୟ କ୍ରମରେ ପୂର୍ଣ୍ଣଛେଦ ପଡ଼େ ।

ବନ୍ଧୁ ଘରେ ଦି'ଚାରିଦିନରୁ ଅଧିକ ରହଣି, ବଂଧୁ ପଣିଆର ମାନ ଦିନକୁ ଦିନ ଖସେ, ଘଷରା ଲାଗେ, ଖାତିରି ଭାବଟା ଖଟ୍‌କା ଲାଗେ । ଆଉ ବନ୍ଧୁତ୍ୱର ବ୍ୟବଧାନ ବଢ଼େ । ସେଥିପ୍ରତି ମୋର ଖୁବ୍ ନିଘା । ଏହି ସ୍ୱଳ୍ପ ରହଣିରେ ଆପଣମାନଙ୍କ ଅକୁଣ୍ଠିତ ଅତିଥି ସତ୍କାର ମୋ ମନର ନିଭୃତ କୋଣରେ ସ୍ଥାନିତ ହେଇ ରହିଲା ଜୀବନସାରା କୃତଜ୍ଞତାରେ କୃପଣତା କରିନଥିଲି । ସାରା ପରିବାରଙ୍କ ଆଉ ଥରେ ଆସିବା ପାଇଁ ଅନୁରୋଧ । ହଁ, ସମୟ କହିବ । ଯାହା ଚିରାଚରିତ, ଭଦ୍ରକ ଛାଡ଼ିବା ପୂର୍ବରୁ ମୋ କଟକ ବସାରେ ଗୋଡ଼ ପଡ଼ିବା 'ନିମନ୍ତ୍ରଣ'ଟାକୁ କେବେ ଭୁଲି ନଥିଲି ।

ଆଦରମଣୀ ଆଗକୁ ବଢୁଥିଲେ କଟକ ରେଲୱେ ଷ୍ଟେସନ୍‌ରୁ । ସକାଳୁ ସକାଳୁ ଟ୍ୟାକ୍ସି ବାହାରେ ଠିଆ ହୋଇଛି । ପାଛୋଟି ନେବାକୁ ମୁଁ ଓ ସ୍ତ୍ରୀ ପ୍ରଭାତୀ । ଗାଡ଼ି ଗଡୁଥିଲା । ବାଟରେ କେଡ଼େ କେଡ଼େ ଗଛ ଧରାଶାୟୀ ରାସ୍ତା ପ୍ରଶସ୍ତୀକରଣ ନାଁରେ । ବାସହରା ଶହଶହ ଚଢ଼େଇମାନଙ୍କ ଆକ୍ରୋଶ ଯେ ବିଦ୍ରୋହର ରୂପ ନେଇଛି, ବେଶ୍ ବାରି ହୋଇ ପଡୁଥିଲା ସେମାନଙ୍କ କିଚିରିମିଚିର ଓ ଖୁପୁରା ଖୁପୁରିରୁ । କଟକ ଭାଇଚାରା ସହର ସେମାନଙ୍କୁ ବି ଅବୁଝା ନ ଥିଲା । ମଣିଷଟା ହୋଇଥିଲେ କେତେ ହୋ ହଲ୍ଲା, ରାସ୍ତା ଅବରୋଧ, ପ୍ରଶାସନିକ ଦପ୍ତର ଘେରାଉ, କୋର୍ଟ କଚେରୀ ଭଳି ନାନାଦି ପ୍ରତିବାଦ । ମଣିଷ ପରା ସାମାଜିକ ପ୍ରାଣୀ । ତା' ନିରାପଦ ପାଇଁ କେତେ କେତେ ବିଧି ବ୍ୟବସ୍ଥା । ଏମାନଙ୍କ ପାଇଁ କିଏ ? 'ବୃକ୍ଷ ହିଁ ଜୀବନ' ତୁଚ୍ଛା ଧୂଆଁବାଣ ।

ସକାଳୁ ସକାଳୁ ଭାରାକ୍ରାନ୍ତ କଲା ଭଳି ପ୍ରସଙ୍ଗଟାକୁ ସାକ୍ଷୀ କରି କଟକ ସହରରେ ପାଦ ଥାପିଥିଲେ ଆଦରମଣୀ ସମୁଦୁଣୀ । ବ୍ରେକଫାଷ୍ଟରେ ସେମିତି କିଛି ନୂତନତା ନଥିଲା । ଅସଲ ପରୀକ୍ଷାର ଘଡ଼ି ଖରାବେଳ ଖିଆଟା । ସପ୍ତାହେ ହେଲା ମାଛବାଲାର ଦେଖାନାହିଁ । ନଚେତ ମଝି ରାସ୍ତାରୁ ହୁରି ପକାଏ 'ମାଛ ମାଛ' ବୋଲି । ଝୁଡ଼ିରେ ସଜ ଟଟକା ଦେଶୀ ନଈ ମାଛ । ରୋହି, ଭାକୁଡ଼,

ମିରିକାଳି ଆଉ କଳାବଇଁଶୀ । ଷ୍ଟକ ଲିମିଟେଡ । ନଗଦାନଗଦି ଧରି ଆଣିଚି ଯୋବ୍ରା ଓ ନରାଜରୁ ଆଜ୍ଞା। ଏ ଫ୍ରେସ ମାଛଗୁଡ଼ାକ ନୟାଗଡ଼ ବାଲୁଗାଁରୁ । ଦେଶୀ ମାଛ ମୋହରେ ଝୁଡ଼ିଟା ଚାହୁଁ ଚାହୁଁ ଖାଲି ହୁଏ ଅଧିକ ଦାମରେ । ଆନ୍ଧ୍ର ମାଛ କହିଲେ ଚିହ୍ନିକି ଉଠେ ସେ। ଆଖିର ଆୟତନ ବଢ଼େଇ ତରାଟି ଚାହେଁ । ମାଛ ବାଲାଟା ତେବେ ଟା ବେଉସାଟା ଛାଡ଼ି ଦେଇଛି ନ କ'ଣ ! ପଦାକୁ ଆସିଲା କାରଣ, ଆନ୍ଧ୍ର ରାଜ୍ୟ ଟ୍ରକ ଧର୍ମଘଟ । ମାଛ ଯୋଗାଣ ବାଧାପ୍ରାପ୍ତ । ନିଅଣ୍ଟିଆ ବି ମାଛ ବଜାର । ଆନ୍ଧ୍ର ମାଛ ନାହିଁ ତ ବେପାର ନାହିଁ । ଗୁମର, ଆଜି ପର୍ଯ୍ୟନ୍ତ ଦେଶୀ ମାଛରେ ବିଶ୍ୱାସ ଜନ୍ମେଇ ଚଢ଼ା ଦାମରେ ବିକୁଥିବା ମାଛ ଯେ ତିନି ଚାରିଦିନର ଆନ୍ଧ୍ର ମାଛ, ସ୍ପଷ୍ଟ ହେଲାଣି, ଯାହାକୁ କିଣିବାକୁ ଆମ ଭିତରେ ପ୍ରତିଯୋଗିତା, ପ୍ରତିଦ୍ୱନ୍ଦ୍ୱିତା, ଚଢ଼ାଭିଡ଼ା । ଉତ୍ତମ ମଧ୍ୟମ ଭୟରେ ମାଟି ମାଡ଼ୁନି ସେ ମାଛବିକାଳିଟା । ସମୁଦୁଣୀ ! ମହାନଦୀ ଓ କାଠଯୋଡ଼ି ଆମ ଜୀବନରେଖା । ଦୁଇ ନଦୀ ଏବେ ପ୍ରଚଣ୍ଡ ଭାବେ ପ୍ରଭାବିତ । ବର୍ଷା ଦିନେ ବି ବିଲୁଆ ଡେଉଁଛି, ଖରାକୁ ପଚାରେ କିଏ । ଓଡ଼ିଶା ତଣ୍ଟିରେ ଛତିଶଗଡ଼ କଣ୍ଟା । ଜଳ ପ୍ରବାହରେ ରୋକ । ଯୋବ୍ରା, ନରାଜ ଶୁଖିଲା । ଏ ସ୍ଥିତରେ ଦେଶୀ ମାଚ କଣ୍ଟା ତଣ୍ଟିରେ ଲାଗିବ କେମିତି ! ଅନେକ ପ୍ରକଳ୍ପ ନାଲିଫିତା ତଳେ । ପ୍ରଭାକର ବାବୁ ବଜାରରୁ କିଣି ଆଣିଥିବା କିଛି ମାଛ ହସ୍ତାନ୍ତର କଲେ ପ୍ରଭାତୀଙ୍କୁ । କମ୍ପୁଥିଲା ଚଉଦିଗ ଉତ୍କଟ ଗନ୍ଧରେ । ଆଦରମଣୀ ନାକରେ ଲୁଗା ଚାପି କେତେ ଯେ ତଳଉପର ହେଲେଣି, ଆଖିରୁ ନଜର ଖସି ନଥିଲା । ମାଛ ଇଂଜେକ୍ସନରେ ଭୁସଭୁସ ବଢ଼େ ଓ ଫରମାଲିନ ତଟକା ରଖେ କିଛି ଦିନ ଯାକେ । ସବୁ ଜାଣିବି ଡିମାଣ୍ଡ ପରେ ଡିମାଣ୍ଡ ଛେଳି, ମେଣ୍ଢା, ଓ କୁକୁଡ଼ା ବି ବାଦ ପଡ଼ନ୍ତିନି ଏ ଅସ୍ୱାଭାବିକ ପ୍ରକ୍ରିୟାରୁ । ମାଛ ନ ହେଲା ନାହିଁ, ଅଣ୍ଡାରେ ଚଳେଇ ଦେବା କହିଲେ ପ୍ରଭାକର ସମୁଦି । ଅକସ୍ମାତ ଅଣ୍ଡାଟା ଖସିଗଲା ଆଦରମଣୀଙ୍କ ହାତରୁ । ଆଶ୍ଚର୍ଯ୍ୟ, ଅଣ୍ଡାଟା ନ ଭାଙ୍ଗି ଠକ୍ଠକ୍ ଡେଇଁ କବାଡ଼ି ଖେଳୁଛି ତାଙ୍କ ସାଥେ । ସମୁଦୁଣୀ ହତଭମ୍ବ, ନିର୍ବାକ । ଅଦ୍ଭୁତ... ନିହାତି ଅଦ୍ଭୁତ । ଏଗୁଡ଼ାକ ସିନ୍ଥେଟିକ ଯାହା ବିଦେଶରୁ କିଣା ହୋଇ ଦେଶରେ ବିକ୍ରି ହେଉଛି । ଯୋଗ ଖରାପ । ନିଷ୍ଫଳ ମୁଦ୍ରାରେ ସେ । ଏଇଠି ଅଟକୁ କୃତ୍ରିମ ଚିଜର ଉପାଖ୍ୟାନ । ସମୁଦୁଣୀ ପରା କଂସାରୀ ଘରର ପାରା ।

ବିକଳ୍ପ ଉଣ୍ଡିଲେ ପ୍ରଭାକର ବାବୁ ଭୋକକୁ ପ୍ରତିହତ କରିବାକୁ । ମାସେ ପାଖାପାଖି କିଣା ସେଓରୁ କେତେଟା ଧରେଇ ଦେଲେ ଆଦରଣମଣୀକୁ । ଆରମ୍ଭ ହେଲା ପରୀକ୍ଷା, ନିରୀକ୍ଷା, ସମୀକ୍ଷା । ଇଏ କ'ଣ ଫ୍ରେସ ଆପଲ୍, ପ୍ରଶ୍ନ ରଖିଲେ ସମୁଦୁଣୀ । ବାଧରେ ମିଛ ପିଇବାକୁ ପଡ଼ିଲା । ହଁ ଏଇ ପାଞ୍ଚ ଛଅ ଦିନର । ବାସ୍ତବରେ ଆଶ୍ଚର୍ଯ୍ୟ ଓ ଅବୁଝା ଥିଲା, ଏ ଲାଲ ଟୁକୁଟୁକୁ ଫଳଟା ଯେ ମାସ ତଳର । ପଇଁତାଳିଶି ଡ୍ରିଗୀ ତାତିରେ ସେମିତି ତାଜା। ଗଛ ତୋଳା, ପ୍ୟାକିଂ, ଲୋଡ଼ିଂ ଓ ଗମନାଗମନରେ ନିହାତି ସାତ ଆଠ ଦିନର କଥା । ଫଳଟା ପାଚିଲେ ନଷ୍ଟ ହବା ଥୟ, ଏ ଟା ତ ସାର୍ବଜନୀନ ସତ୍ୟ ମାତ୍ର ବ୍ୟତିକ୍ରମ କେମିତି ! ତଟକା ନାଁରେ ବିଘଟନ ପ୍ରକ୍ରିୟା, ମଞ୍ଜି ପୋତା ହେବା ଦିନରୁ ଉତ୍ପାଦନ ପର୍ଯ୍ୟନ୍ତ ବିଷ ପ୍ରୟୋଗ । ସୁସ୍ୱାଦୁ ଫଳର ସୁଆଦ ପରିଆ କେବେଠୁ ସ୍ୱାହା ହେଲାଣି । ତାଜା ପଣଆଟା ବି ଭିତରେ ଭିତରେ ମରିଗଲାଣି । ସମୁଦୁଣୀ ପାଟିରେ ସେଓଟା ଦଉଦଉ ପାଣି ଦରାଣ୍ଟୁ ଥିଷଲ । ଆମ୍ବ, ପଣସ, କଦଳୀ ଓ ସପୁରୀ ଆଦିଫଳ ଗୁଡ଼ିକର ସମଦଶା। ଉପରକୁ ହଳଦିଆ ବା ପାଚିଲା ପରି ମନେ ହେଉଥିଲେ ବି, ସୁଦ କଞ୍ଚା । ଏସବୁ ସେଇ ମେଡ଼ିସିନ୍‌ର କମାଲ । ବିଷବଳୟଟା ଜୀବନ ଚାରିପଟେ ଘେରି ରହିଥିବା ବେଳେ ମଣିଷ ସମାଜ କେମିତି ତିଷ୍ଠିଛି, ଭାବିଲେ ଆଶ୍ଚର୍ଯ୍ୟ ହେବାକୁ ପଡ଼େ । ସମୁଦୁଣୀ ପ୍ରସଙ୍ଗରୁ ବାହାରି କହିଲେ 'ଏ ବିଷ ଫଳଗୁଡ଼ାକ ଖାଉଛେ, ହଜମ ବି କରିଛେ । ମଲା ପରେ ବି ତାଜା ଓ ତଟକା ରହିବ ଆମ ଶରୀର। ଜନ୍ଦା, ପୋକଯୋକ ଓ ପିମ୍ପୁଡ଼ି ଲାଗିବେନି । ପିଲାମାନେ ବିଦେଶରୁ ଫେରିବା ପର୍ଯ୍ୟନ୍ତ ଆମେ ଝଟକୁଥିବା । ଠୋ ଠୋ ହସିଉଠିଲେ ସମସ୍ତେ ।

ପ୍ରଭାକର ବାବୁ ଘୋର ମାନସିକ ଚିନ୍ତାରେ। ବ୍ୟକ୍ତିତ୍ୱଟା ନିଜକୁ ପରିହାସ କରୁଚି । କେମିତି ହେବ ଅତିଥି ଚର୍ଚ୍ଚା। ମୁଣ୍ଡକୁ ଉପାୟଟେ ପଶିଲା । ଧାଇଁଲେ, ବଜାରୁ ଧରି ଆସିଲେ ଛେନା ଓ ପନିର । ଏବେ ଛେନା, ଲଞ୍ଚରେ ପନିର । ନିରେଖିଲେ ଆଦରମଣୀ । ଆରେ ଏ ଛେନା ଗୁଡ଼କା କଣ ସହଜେ ଭାଙ୍ଗୁନି କି ଖଣ୍ଡ ଖଣ୍ଡ ବି ହେଉନି । ଏତେ ଟାଣ ପଣ ପୁଣିଛେନାର, ଆଜିଯାକେ ତ ଦେକିନି । ପନିରଟାକୁ ବି ଓଲଟ ପାଲଟ କଲେ । କାହିଁ ନରମ ! ଉପରକୁ ଧଳା ଚିକ୍‌ଚିକ୍ ଦିଶୁଥିବା ବେଳେ ଆଭ୍ୟନ୍ତରରେ ଫିମ୍ପି ଚରିଯାଇଛି । ଏଗୁଡ଼ାକ କୁଆଡ଼େ କନସେନ୍ଟ୍ରେଟଡ ନାଇଟ୍ରକ ଏସିଡ଼ ଭଳି ଅନ୍ୟ ରାସାୟନିକ ଦ୍ରବ୍ୟର ପ୍ରକ୍ରିୟାରେ ପ୍ରସ୍ତୁତ । ଅବିକଳ ଦିଶୁଥିବା ଛେନା, ପନିର ବାସ୍ତବେର ତାହା ନୁହେଁ । କ୍ଷୀରର ନାମ ନିଶାନା ନାହିଁ । ଯାହାକୁ ଆମେ ପୁଷ୍ଟିସାର ଭାବି ବାହାଦୁରୀ ମାରୁଛେ, ସେଗୁଡ଼ାକ ସୁଦ୍ 'ଜହର' । ଆଦରମଣୀ ଶୁଣିଥିଲେ, ମାତ୍ର କଟକ ସହରରେ ଏମିତି କଳାକାରନାମାକୁ ପାଖରୁ ଦେଖି ସ୍ତବ୍ଧ ହୋଇ ଯାଇଥିଲେ ।

ନା, ଆଉ ଘରେ ବସି ହେବନି । ଘେରାଟେ ମାରିଦେଲେ କେତେ। କୃଷକ ବଜାରେ ପାହାଡ଼ ଭଳି ପନିପରିବା । ନା,ଆଗେ ଶୋଷ ମରୁ, ତାପରେ ଅନ୍ୟ ଉପକ୍ରମ । ଆଲୋ ମା, ଏକ'ଣ । ମୃଦୁ ପାନୀୟ ବୋତଲ ଭିତରେ ଝିଟପିଟିର ଛିଣ୍ଡା ଲାଙ୍ଗୁଡ଼ । ନା, ପଇଡ଼ରେ କାମଚଳେଇ ଦେବା । ପେଟକୁ ସ୍ୱାସ୍ଥ୍ୟକର । ପେଟକୁ ଗଲାନି ପାଣି ବରଂ ଲେଉଟିଲା ପାଟିରୁ । ପଇଡ଼ ପାଣି ପୁଣି ଖାରିଆ, ଜନ୍ମରୁ ଶୁଣି ନଥିଲି । ପାଖ ପଇଡ଼ ବିକାଳିଟା ପାଖକୁ ଡାକିନେଇ କହିଲା, "ଆଜ୍ଞା ବଦମାସ ଟୋକାଟା । ସୋଡ଼ା ପାଣିରେ ଫ୍ଲେଭର ମିଶେଇ ଇଂଜେକସନ ସିରିଜ୍‌ରେ ସେଗୁଡ଼ିକ ଭର୍ତ୍ତି କରି ଗରାଖକୁ ଭୁଡେଇବାରେ ମାହିର । ଅନ୍ୟ ସବୁ ଦୋକାନୀକୁ ପଚାରି ବୁଝୁନାହାଁନ୍ତି ତା' ଭେଜାଲ କାହାଣୀ ।" ଆଜି କି ଯୋଗରେ ରାତି ପାହିଥିଲା କୋଜଣି ସବୁଠି ଦହଗଞ୍ଜ, ହୀନସ୍ତା ।

କଟକ ସହର ଦି'ପାଖେ ନଦୀ । ଉର୍ବରିଆ ମାଟି। ପନିପରିବା ପାଇଁ ବେଶ ଖ୍ୟାତି ରହିଚି ଏ ସହରର । ଫୁଟିକିଆ କୋଶିଳା, ପଣସଠୁ ବଳି ନାଉ, ଦେଢ଼ ଚାଖଣ୍ଡିଆ କଦଳୀ, ଭେଣ୍ଡି, ଜହ୍ନି, ପୋଟଳ ଓ କଲରା ଅପେକ୍ଷାକୃତ ଢେର ଲମ୍ବା ଦେଖି ସହଜେ ବିଶ୍ୱାସ ଲାଗୁ ନଥଲା। ବୋଲୁଅ ଭଳି ବାଇଗଣ, ଓଲୁଅ ଭଳି ଆଳୁ, ମୁଣ୍ଡା ସାରୁକୁ ପୁଆ ନାଁରେ ବିକି, ସେଓଠୁ ବଳି କାଙ୍କଡ଼, ପ୍ରଦର୍ଶନୀରେ ପ୍ରଦର୍ଶିତ ହେବା ଭଳି ମାଳମାଳ କଖାରୁ ଗୁଡ଼ାକୁ ଚାହିଁ ଦେହ ସାରା ନିର୍ଝା ଚରିଯାଉଥିଲା । ବିଷ ଗିଳା ପରିବାକୁ ଆଦରିବା ଛଡ଼ା ଆଉ ବିକଳ୍ପ ନାହିଁ ।

କରୋନା କାଳ । ଭଦ୍ରକରେ କରୋନା ଟିକା ଓ ଆନୁସଙ୍ଗିକ ମେଡ଼ିସନ୍‌ର ଘୋର ଅଭାବ । ନିତି ବାଦବିବାଦ, ହଟ୍ଟଗୋଳ, ମାଡ଼ପିଟା । ଗ୍ରାମାଞ୍ଚଳକୁ କିଏ ବା ପଚାରେ । ଭଦ୍ରକ ଛାଡ଼ିବା ଦିନ ପଡ଼ୋଶୀ ମାନେ ଛଳେଇ ଛଳେଇ ଟିପ୍ପଣୀ ଦେଲେ "ଆଦର ଅପା ଚାନ୍‌ସ ମାରିଦେଲ । କଟକରେ କରୋନା ମେଡ଼ିସିନ ଗଦାଗଦା । କରେନା ଯମ ଆଉ ପାଖ ମାଡ଼ିବନି, ତମେ ହେବ ଯୁଗଜୟୀ ।' ଏଠି ବି ସମାନ ଦୃଶ୍ୟ, ଟଣାଟଣି, ଭିଡ଼ାଓଟରା ଠେଲାପେଲା ଏ ସଂଜୀବନୀ ପାଇଁ । ଦୋକାନୀ ଯେତିକି ଚାର୍ଜ କରୁଛି ଠନ୍‌ଠନ୍ ଗଣିଦେଉଛନ୍ତି ଗ୍ରାହକ । ଅଶୀ ଟଙ୍କା ଔଷଧ ଆଠଶହରେ ବିକ୍ରି । ଜୀବନ ଥିଲେ ତ ଯାହା । ଗଡ଼ ଜୟ କଲା ଭଳି ସମୁଦୁଣୀ ଭଦ୍ରକକୁ ଜଣେଇ ଦେଲେ 'ମିଳିଗଲା ଇପ୍‌ସିତ ଚିଜ ।'

ଖବରକାଗଜର ପ୍ରଥମ ପୃଷ୍ଠାରେ ପ୍ରକାଶିତ

ସମାରୋହ

ହୋଇଛି କିଚି ଔଷଧ କମ୍ପାନୀର ନାଁ, ଠିକଣା ଓ ସେମାନଙ୍କର କଳାକାରନାମା, କମ୍ ଦାମ ମେଡ଼ିସିନକୁ ଦଶଗୁଣାରେ ବିକ୍ରି । କିଣିଥିବା ଔଷଧ ବିଲକୁ ଯାଞ୍ଚ କରିବାକୁ ଲାଗିଲେ ଖବର କାଗଜରେ ପୃଷ୍ଠା ମଣ୍ଡନ କରୁଥିବା ଠିକଣା ସହ । ଆରେ ସମୁଦି ! ଅବିକଳ ମ୍ୟାଚ କରିଯାଉଛି । ସାମାନ୍ୟ ଫରକ ନାହିଁ । ସରଗ ଗଳିପଡ଼ିବା ଭଳି ପ୍ରସଙ୍ଗ । ସେଗୁଡ଼ାକ ଅସଲି ନୁହେଁ ସୁଦ୍ ନକଲି । ଅତଏବ କିଣିଥିବା ମେଡ଼ିସିନ 'ଫେକ'। ଦୋକାନ ସିଲ୍, ଦୋକାନୀ ପୋଲିସ ହେପାଜତରେ । ତଦନ୍ତ ଚାଲିଛି ଅସାଧୁ ବ୍ୟବସାୟୀଙ୍କ ଚେର ଭେଦିବାକୁ । ଏବେ କ'ଣ ହେବ, ସେ ତ କିଛି ଡୋଜ ନେଇ ସାରିଲେଣି । କିଛି ହେବନି ତ ! ଗୋଟେ ଅଂଧକାର, ଅର୍ଗଳି ଭିତରେ ସେ ଫସି ଯେମିତି ଅଣନିଃଶ୍ୱାସୀ ହୋଇଯାଉଥିଲେ । ଏଠି ବଞ୍ଚିବା, ମରିବାର ଦ୍ୱନ୍ଦ୍ୱ । ଏ କଟକ ସହର ନୁହେଁ କଳା ସରହର । ରାତାରାତି କୁବେର ହେବା ଲୋଭରେ ମଣିଷ ଜୀବନ ସହ ଖେଳ । ସଲାମ ଏ ବାଣିଜ୍ୟ ନଗରୀକୁ । ଏଠି ସବୁ ଜିନିଷ ଯେ ଅକ୍ଲେଶରେ ମିଳିପାରେ, ଧାରଣାଟେ ଜନ୍ମ ନେଇଥିଲା ସେଦିନ। ଧନ୍ୟବାଦ କଟକ... ସାଲୁ୍ୟଟ କଟକ... ।

ବେଳ ବଳିଗଲାଣି । ଦାନା ପାଇଁ କସରତ । ଦୋକାନୀ କହିଲା ଏଇଟା 'ସୁପର ଫାଇନ୍ ଚାଉଳ' । ଭାତ ପାଟିରେ ଦେଲେ ବଳେ ଫରକ ବାରିପାରିବ । କୁଲାରେ ପାଛୋଡ଼ିବାରେ ଗୋଟେ କାହିଁ ମଲା ଚାଉଳ । ଆରମ୍ଭ ହେଲା ପାକ ପ୍ରକ୍ରିୟା । ଅର୍ଣ୍ଟର୍ଯ୍ୟ ଗୋଟେ ନୁଣ୍ଡା ଜାଳରେ ଭାତ । ଚାଉଳ ଫୁଟେ, ଦି ତିନିଥର ଚଟୁରେ ଭାତର ମାନ ପରୀକ୍ଷା, ଗୋଳାଗୋଳି ଓ ସମୟ ବି ଅନ୍ୟ ଗୋଟେ କଥା। କାହିଁ କେତେବେଳେ ହେଲା ସେସବୁ । ଅନଉ ଅନଉ ଅନ୍ନ ପ୍ରସ୍ତୁତି । ଭାତକୁ ଚୋବେଇବାକୁ ପଡ଼ିଲାନି । ପାଟିରୁ ସିଧା ପାକସ୍ଥଳୀକୁ । ମିଳେଇ ଗଲା ନା କ'ଣ ! ନା ସ୍ୱାଦ ନା ରୁଚି । ସାରୁ ସିଝିନି, ପାଟି କୁଣ୍ଡେଇ, ତା ସାଙ୍ଗକୁ ଖାରିଆ ଖଡ଼ା, ବିରି ନାଁରେ ଚାଉଳ ବଡ଼ି, ଖୁରୁତି ଭଣ୍ଡା ରାଇ ବାର ବଜେଇଦେଲାଣି । ଘଣ୍ଟାକରେ ପୁଣି ଭୋକ । ଖୁବ୍ ଭୋକ । ପେଟରୁ କୁଆଡ଼େ ଉଭେଇ ଗଲା ନା ଯାଦୁବିଦ୍ୟାରେ କିଏ ଚୋରେଇ ନେଲା । କଣ ଭାବିବେ ସମୁଦି -ସମୁଦୁଣୀ । ସ୍ତ୍ରୀଲୋକଟା ଦିନକୁ କେତେ ବକ୍ତ ଖାଏକି । ବେଳ କାଳ ଯାହା ଟିକେ ଜଗିଯିବା, ଭୋକ ଯନ୍ତ୍ରଣାକୁ ଟିକେ ଚାପିଦେବା । ସେ କଣ ଅଭିଯୋଗ କରିବେ, ଆର ଘରୁ ସ୍ୱାମୀ-ସ୍ତ୍ରୀଙ୍କ ହାଉହାଉ, ବିକଳକରୁଣ ଚିତ୍କାର, ସେଇ ଭୋକ । ଲକ୍ଷ୍ମୀ ସାଆନ୍ତାଣୀ କାଳିଆ ବଳିଆ ସାଆନ୍ତଙ୍କୁ ଅଭିଶାପ ଦେବା ଭଳି, ଏ ଯନ୍ତ୍ରଣା ଓ ଯାତନା କିଛି କମ୍ ନଥିଲା । କି ଯୁଗ ହେଲା ଲୋ ମାଆ । ଦୋକାନୀକୁ ଚାଉଳ ପ୍ରଶ୍ନରେ ଦୋକାନୀର ଫଟାଫଟ ଉତ୍ତର ' "ରୋଷେଇ ପଟାଫଟ, ପେଟକୁ ଫଟାଫଟ, ହଜମ ଫଟାଫଟ, ଭୋକ ବି ଫଟାଫଟ, ସବୁ ଫଟାଫଟ୍ ।" ଏଗୁଡ଼ାକ କୃତ୍ରିମ ପ୍ଲାଷଟିକ ଚାଉଳ । ବିଦେଶରେ ପ୍ରସ୍ତୁତି, ଆମର ରାଜ୍ୟ ସେମାନଙ୍କ ଖୋଲା ବଜାର । ଯେତେକ ଅଜବ, ଅବୋଧ ଓ ଅଳିଆ ଧନ୍ଦା ଏଇଠି ସବୁ ।

ଏତେ ଦୂରରୁ ଆସିଥିବା ସତ୍ତ୍ୱେ ଅଳିସ ଦେହଟାକୁ ନିଦ ନାହିଁକି କ୍ଲାନ୍ତି ନାହିଁ । କେତେ ଆଶା, ଭରସା ଓ ବିଶ୍ୱାସରେ ପାଦ ଦେଇଥିଲି ପ୍ରଥମ ଥର ଏ ସହରରେ । ହେଲେ କ'ଣ ପାଇଲି । ଆଦରମଣୀ ଯେ ଫୁଲସ୍ପିଡ଼ି ଫ୍ୟାନକୁ ଚାହଁ କଣ ଗୋଟେ ଗଭୀର ଚିନ୍ତାରେ ଭାବମଗ୍ନ, ଆକଳନ କରୁଥିଲେ ପ୍ରଭାତୀ ଓ ପ୍ରଭାକର । ସମୁଦୁଣୀ ନିଦ୍ରା ନ ଯାଇ ଆମ ଦୁହିଁଙ୍କ ବ୍ୟକ୍ତିତ୍ୱକୁ ଯେ ତଉଲୁଛନ୍ତି, ପ୍ରକାଶ୍ୟରେ ଧରାପଡୁଥିଲା । ଖରାବେଳ ଖସିଗଲା । ଛାଇର ପ୍ରତ୍ୟାବର୍ତ୍ତନ । ରବି ବୁଡ଼ିଗଲେ । ଅଂଧାରର ଅବାଧ ପ୍ରବେଶ । ଘଣ୍ଟାଘଣ୍ଟରେ ଦୁଲୁକିଲାଣି ଦେବଭୂମି । ଆଦରମଣୀ ଚେତେଇ ଦେଲେ ଏଇଟା ସଂଜବେଳ ।

ହଁ ସମୁଦୁଣୀ, ଠାକୁର ଘରେ ସମସ୍ତ ପୂଜା ସାମଗ୍ରୀ ମହଜୁଦ । ଧେତ୍ ଡିଆସିଲି କାଠିସରବାକୁ ବସିଲାଣି, ଅଥଚ ସଂଜବତୀ ନିଆଁ ଧରିବାର ନାଁ ଧରୁନି । କେବଳ ଚଡ଼ଚଡ଼ ଭଡ଼ଭଡ଼ ଫଡ଼ଫଡ଼ । ପ୍ରଭାକର ବାବୁ ଆଜିପରା ପଚାଶ ବର୍ଷର ବ୍ରାଣ୍ଡେଡ ପ୍ରତିଷ୍ଠିତ ଘିଅ ବଜାରରୁ କିଣି ଆଣିଛନ୍ତି । ଉତ୍ତର ରଖିଲେ ପ୍ରଭାତୀ । ହୋଇପାରେ ... ଦ୍ୱନ୍ଦ୍ୱ କରୁନି, ମାତ୍ର କାମରେ କାହିଁ । ଏତେ ପବ୍ଲିସିଟି, ଟିଭି., ରେଡ଼ିଓ, ପେପର ଏବଂ ପୋଷ୍ଟରରେ। ଦିଅଁ ପୂଜାରେ ପୁଣି ଧପାବାଜ, କେମିତି ଧରମ ସହିଛି ଏମାନଙ୍କୁ କେଜାଣି । ପ୍ରଭାକର ବବୁ କହୁ କହୁ ସତ ଓଗାଳିଲେ 'କଟକ ନଗରୀଟା ଏବେ କଳାବଜାରୀଙ୍କ କଳାଭୂଇଁ । ଭେଜାଲ, ଲୁଣ୍ଠନ ନକଲି ସାମଗ୍ରୀର ପ୍ରସ୍ତୁତି ଗଳିକନ୍ଦିରେ, ବୋଧେ କଦର୍ଯ୍ୟ ମାନସିକାର ପ୍ରୟୋଗଶାଳା। କହିବ କାହାକୁ ଶୁଣିବ କିଏ ? ଘିଅ, ଖାଇବା ତେଲ, ଇଂଜିନ ଅଏଲ, ଡିଟରଜେଣ୍ଟ ପ୍ରଭୃତି ପୋଡ଼ା ମୋବିଲ୍‌ରୁ ରାସାୟନିକ ପଦ୍ଧତିରେ ତିଆରି । ହଳଦୀ ଓ ଲଙ୍କାରେ କାଠଗୁଣ୍ଡ, ସଢ଼ା ଆଳୁ, କଖାରୁ ଓ ନାଉରୁ ଚିଲ୍ଲି ସସ୍, ଜାମ୍ ଓ ଆଚାର ପ୍ରସୁତି ସହର ବାସୀଙ୍କୁ ଅସ୍ୱାସ୍ଥ୍ୟ ପରିବେଶକୁ ଠେଲିଦେଲାଣି । ସିମେଣ୍ଟ, ଅଗରବତୀ, ବ୍ରାଣ୍ଡେଡ୍ କମ୍ପାନୀର ପୋଷାକ ଓ ମୃଦୁପାନୀୟ ପ୍ରଭୃତି ନକଲୀ ସାମଗ୍ରୀର ପେଣ୍ଠସ୍ଥଳ ଏ କଟକ ସହର । ଛାତିରେ ହାତ ଦେଇ କେହି କହିପାରିବେନି ଏଇଟା ଏକଦମ ଖାଣ୍ଟି । କଷ୍ଟମର ଭକୁଆ, ଅସାଧୁ ବ୍ୟବସାୟୀ ମାଲେମାଲ୍ । ଅପରାଧୀ ସହର ସାଥେ ଭେଜାଲ ସହର ନାଁଟା ଏବେ ଯୋଡ଼ି ହେଲାଣି କ୍ରମଶଃ...

ନୀରବ ଓ ନିଃଶବ୍ଦରେ ଆଦରମଣୀ ପିଉଥିଲେ ଏ ସହରର ଗୋପନ ଆତ୍ମଲିପିକୁ । ରାତି ସରିବ, ଗପ ସରିବନି । ଆସନ୍ତ ଦଶହରାକୁ ପୁଣି ଥରେ ନିଶ୍ଚୟ । ଦ୍ୱନ୍ଦ୍ୱ ଓ ଅଭିମାନରେ ଆଦରମଣୀ । ଏକ ନିର୍ଲିପ୍ତ ନୟନରେ ଅବାକ୍ ହୋଇ ଚାହିଁଥିଲେ ସେ । ହାତଯୋଡ଼ା ମୁଦ୍ରାରେ ବ୍ୟଥିତ ଦମ୍ପତ୍ତି ବାରମ୍ବାର ଘୋଷି ହେଉଥିଲେ 'ସମୁଦୁଣୀ ଦୋଷ ଧରିବେନି ।'

*ସ୍ୱପ୍ନଦୀପ, ସିଡ଼ିଏ, ସେକ୍ଟର-୬*
*ପ୍ଲଟ ନଂ ଡି/୧୦୨୯, କଟକ - ୧୪*
*ଦୂରଭାଷ: ୭୩୮୧୦୪୬୧୮୩*

# ଆକୁଳିନନା

## ବିଦ୍ୟାଧର ଗୁରୁ

"ପିଇସା ! ରଙ୍କ କହୁଛି । ବାପାଙ୍କ ଦେହ ଖରାପ । ସେ ତୁମକୁ ଆଉ ଲିଲିଅପାକୁ ଖୋଜୁଛନ୍ତି । କୋଉଦିନ ଆସିବ ?" ରଙ୍କର ଓଦାଓଦା କଣ୍ଠରୁ ଜାଣିପାରିଲି ଆକୁଳିନନାଙ୍କର ଦେହ ବୋଧେ ସାଂଘାତିକ । ଆଗରୁ ଶୁଣିଥିଲି ତାଙ୍କ ଦେହ ଖରାପ ବିଷୟରେ । ସମୟ ଅଭାବରୁ ଆଜି ଯିବା, କାଲି ଯିବା ହୋଇ ଯାଇପାରୁ ନ ଥିଲି । ତାଙ୍କ ବୟସ ଏବେ ପାଖାପାଖି ୭୦ରୁ ଅଧିକ ହେବ । ବୟସାଧିକ୍ୟ ହେଲେ ବିଭିନ୍ନ ବାର୍ଦ୍ଧକ୍ୟରୋଗ ମାଡ଼ିବସେ । ରଙ୍କ ସହିତ ଆଉ ବିଶେଷ ଆଲୋଚନା ନ କରି, "ହଉ ଛୁଟିଦିନ ଦେଖି ଚେଷ୍ଟା କରିବୁ ଯିବା ପାଇଁ" କହି ଉଦ୍‌ବିଗ୍ନ ମନରେ ଟେଲିଫୋନ୍ ରଖିଲି ।

"କୁଆଡେ ଯିବ କି ଛୁଟିଦିନ ଦେଖି ?" ରୋଷେଇଘରୁ ଲୁଗାକାନିରେ ହାତ ପୋଛିପୋଛି ଆସି ମୋତେ ଜିଜ୍ଞାସା କଲେ ଲିଲି । ମୁଁ ଦୁଃଖରେ କହିଲି, "ରଙ୍କ ଟେଲିଫୋନ୍ କରିଥିଲା । ଆକୁଳିନନାଙ୍କର ଦେହ ବୋଧେ ଭଲ ନାହିଁ । ସେ ଆମକୁ ଖୋଜୁଛନ୍ତି ।" ଆକୁଳିନନାଙ୍କର ଅସୁସ୍ଥତା ଶୁଣି ଦୁଃଖରେ କିଛି ସମୟ ଗୁମ୍‌ମାରି ବସିପଡ଼ିଲେ ଲିଲି । ସେ ତାଙ୍କର ନିଜ ଭାଇ ହୋଇ ନ ଥିଲେ ମଧ୍ୟ ତାଙ୍କ ସହିତ ସମ୍ପର୍କର ଡୋରିଟା ଖୁବ୍ ଦୃଢ଼ । ମଜଭୁତ । ଭାରୀଭାରୀ ମୁହଁରେ ଗମ୍ଭୀର ଓ ନିଷ୍କମ୍ପ କଣ୍ଠରେ କହିଲେ, "ଆଜି ତ ଶୁକ୍ରବାର । ରବିବାର ଦିନ ତାଙ୍କ ଗାଆଁ ଆଡ଼େ ଟିକେ ବୁଲି ଆସିଲେ ହୁଅନ୍ତାନି ? କ'ଣ କହୁଛ ?" "ହଉ ଯିବା" ମୁଁ ନିଃସଙ୍କୋଚରେ କହିଲି ଲିଲିଙ୍କର ଆତଙ୍କ ଦୂର କରିବା ପାଇଁ ।

ଆକୁଳିନନାଙ୍କ କଥା ନିରୋଳାରେ ଭାବୁଥିଲି ମୁଁ । ହେଇ ଆଜି ପରି ଲାଗୁଛି । ୧୯୯୯ ମସିହା ନଭେମ୍ବର ମାସର ପ୍ରଥମ ସପ୍ତାହର କଥା । ମହାବାତ୍ୟାରେ ଭୁବନେଶ୍ୱର ସହର ଶ୍ରୀହୀନ ଦିଶୁଥାଏ । ରାସ୍ତାଘାଟ ସମ୍ପୂର୍ଣ୍ଣ ସଫା ହୋଇ ନ ଥାଏ ।କେଉଁଠି ଇଲେକ୍‌ଟ୍ରିକ୍ ଖୁଣ୍ଟ ତ କେଉଁଠି ବଡ଼ବଡ଼ ଗଛର ଗଣ୍ଡି, ଡାଳ ଇତ୍ୟାଦି ରାସ୍ତା ଉପରେ ଏଣେତେଣେ ମୁର୍ଦାର ପରି ପଡ଼ିଥାଏ । ରାସ୍ତାଘାଟ କାଠି, କୁଟା, ଡାଳପତ୍ର, ଚିରାକାଗଜ ଓ ପଲିଥିନ୍‌ରେ ଭର୍ତ୍ତି । ତେଣୁ ଯିବାଆସିବା କରିବାରେ ବହୁତ ଅସୁବିଧା ହେଉଥାଏ । ସ୍କୁଟର୍ କିମ୍ବା ମୋଟର୍ ସାଇକେଲ୍‌ରେ ଯିବା ବିପଦ । ଚାଲିଚାଲି କିମ୍ବା ସାଇକେଲ୍‌ରେ ଯାଆସ କରିବା ସୁବିଧା ହୁଏ । ସେଥିପାଇଁ ସନ୍ଧ୍ୟା ପୂର୍ବରୁ ଅଫିସ୍ ଛାଡ଼ିବାକୁ ହୁଏ ମୋତେ । କାରଣ ସୂର୍ଯ୍ୟାସ୍ତ ହେଲା ମାତ୍ରେ ଶୀତଦିନ ରାତି କାଳଭୈରବ ମୂର୍ତ୍ତିରେ ପଦାର୍ପଣ କରେ । ସବୁଆଡ଼ କଳା ମିଟିମିଟି ଅନ୍ଧାର । ଇଲେକ୍‌ଟ୍ରିକ୍ ଲାଇନ୍ ନ ଥାଏ, ବାତ୍ୟା ପରଠାରୁ । ପାଖରେ ମଧ୍ୟ ଟର୍ଚ୍ଚ ଲାଇଟ୍ କିମ୍ବା ଚାର୍ଯ ଲାଇଟ୍ ଖଣ୍ଡେ ନ ଥାଏ । ବିଶେଷତଃ ଆଜିକାଲି ସହରମାନଙ୍କରେ ପ୍ରାୟ ଏ ସବୁର ଆବଶ୍ୟକ ନାହିଁ । ଖୋଜାଖୋଜି କରିବାରୁ ପୁରୁଣା ଟର୍ଚ୍ଚ ଲାଇଟ୍ ଖଣ୍ଡେ ଟିଣ ବାକ୍ସରୁ ମିଳିଲା । କିନ୍ତୁ ସେଇଟା ଅଚଳ, ଜଳିଲାନି ।

ଡିବି ଆଲୁଅ କିମ୍ବା ଦୀପ ଲଗାଇ ରାତିରେ କାରବାର ହୁଏ । ସେଥିପାଇଁ ଦିନ ଥାଉଥାଉ ରନ୍ଧାବଢ଼ା କାମସବୁ ସାରିବାକୁ ପଡ଼ିଥାଏ । ବଜାରରୁ ସବୁ ଜିନିଷ ଉଭାନ । ଯାହା ମିଳୁଛି ବହୁତ ଉଚ୍ଚ ଦରରେ । କଳାବଜାରୀ । ନୂଆ କରି ସରକାରୀ ବାସଗୃହଟିଏ ପାଇଥାଏ । ପଡୋଶୀମାନଙ୍କ ସହିତ ଭଲଭାବରେ ପରିଚୟ ହୋଇ ନ ଥାଏ । ସହଜେ ତ ଭୁବନେଶ୍ୱର ସନ୍ଦେହର ନଗରୀ । ହିଂସା ଓ ଅବିଶ୍ୱାସ କରିବା ଅଧିକାଂଶଙ୍କର ପ୍ରକୃତି । କାହା ସହିତ ବନ୍ଧୁତାର ହାତ ବଢ଼େଇଲେ ସେ ଠିକ୍ ଭାବେ ଗ୍ରହଣ କରନ୍ତିନି । ସେଥିପାଇଁ ମୋର ବିଶେଷ ବନ୍ଧୁ ସୃଷ୍ଟି ହୋଇ ନ ଥାନ୍ତି ଭୁବନେଶ୍ୱରକୁ ନୂଆକରି ଆସିଥିବାରୁ ।

ଘରେ କୁନିକୁନି ଦୁଇଟି ପୁଅ । ସାନଟି ଭାରି ଦୁଷ୍ଟ । ଯେଉଁ ଜିନିଷକୁ ଛୁଇଁବାକୁ ମନା କରିବ, ତା'ର ଆଗ୍ରହ ବେଶୀ ସେହି ଜିନିଷ ପ୍ରତି । କାହିଁକି ମନା କଲେ ? ତାକୁ ଜଗିବାକୁ ଗୋଟେ ଲୋକ ଦରକାର । ମହାବାତ୍ୟା ପରେପରେ ଭୁବନେଶ୍ୱରରେ ଆତଙ୍କ । ବିଭିନ୍ନ ଗୁଜବ । କେହିକେହି କହିଲେ ନନ୍ଦନକାନନରୁ ଦୁଇଟି ବାଘ ଖସି ପଳାଇଛନ୍ତି । ଏଇ ପାଖାପାଖି ବୁଲୁଛନ୍ତି । ସେଥିପାଇଁ ଅଧିକାଂଶ ଲୋକ ଭୟଭିତ ଅବସ୍ଥାରେ ଥାଆନ୍ତି । ଅସାମାଜିକ ବ୍ୟକ୍ତିମାନେ ଏହି ଗୁଜବର ଫାଇଦା ଉଠାଇଲେ । ସନ୍ଧ୍ୟା ବେଳେ କାହାଠାରୁ କିଏ ଗାଡ଼ି, ଘଣ୍ଟା, ସାଇକେଲ୍, ଗହଣା, ଟଙ୍କାପଇସା ଇତ୍ୟାଦି ଛଡ଼ାଇନେଲାଣି ତ; କିଏ କାହାଘରେ ଅନ୍ଧାରର ସୁଯୋଗ ନେଇ ପଶିଲାଣି ଇତ୍ୟାଦି ଇତ୍ୟାଦି । ତେଣୁ ଘରଣୀ କାନେକାନେ କହିଥାନ୍ତି ସନ୍ଧ୍ୟା ଆଗରୁ ଘରକୁ ଫେରିବା ପାଇଁ । ମୋର ସରକାରୀ ଘରଟି ଫ୍ଲାଟ୍‌ର ତଳଘର । ବଡ଼ବଡ଼ ଝରକା । ସେଥିରେ କଳଙ୍କିଲଗା ଦଦରା ତାରଜାଲି କେଉଁ କାଳରୁ ଲାଗିଛି । ଅଧାଅଧି ଛିଣ୍ଡି ଯାଇଥାଏ । ଘର ତିଆରିବେଳୁ ଲାଗିଛି । ଖାଲି ହାତରେ ଠେଲିଦେଲେ ଛିଣ୍ଡିଯିବ । ମୂଷା, ଚୁଚୁନ୍ଦ୍ରାଙ୍କର ତାରଜାଲି ଦେଇ ଅବାଧ ପ୍ରବେଶ ଘର ଭିତରକୁ । ତେଣୁ ଲିଲି ସବୁବେଳେ ଭୟଭୀତ ଅବସ୍ଥାରେ ଥାଆନ୍ତି, ମୋ ଅନୁପସ୍ଥିତିରେ ।

ଏହି ବ୍ୟସ୍ତତା ଭିତରେ ମୁଁ ଥାଏ । ତେଣୁ ଅଫିସ୍ କାମ ହେଉ କି ବାହାର କାମ ହେଉ ସନ୍ଧ୍ୟା ପୂର୍ବରୁ ସାରି ଘରେ ପହଞ୍ଚିଲେ ଯୋଉକଥା । ଉତ୍ତରା ଶୀତୁଆପବନରେ ଦେହହାତ କୋଲ ମାରିଯାଏ । ସେଥିପାଇଁ ସନ୍ଧ୍ୟାବେଳୁ ଘରର ସବୁ ଝରକା, ଦୁଆର ବନ୍ଦ କରିବାକୁ ପଡ଼େ । ମନେପଡୁଛି ସେଦିନ ସନ୍ଧ୍ୟା ବେଳର କଥା । ସମୟ ଆଠଟା ହେବ । ଦାଣ୍ଡକବାଟରେ ଠକ୍‌ଠକ୍ ଶବ୍ଦ ହେଲା । ମନରେ ଛନକା । ଏ ରାତିରେ କାହାର ମୋ ପାଖରେ ଦରକାର ପଡ଼ିଲା ? ମନରେ ଆଶଙ୍କା ଆଉ ଦ୍ୱନ୍ଦ । ଦୁଆର ଖୋଲିବି କି ନାହିଁ ? ଚୋର, ଡକାୟତ କେହି ନୁହଁନ୍ତି ତ ? ହଁ... ନାହିଁର ଭଉଁରି ଭିତରେ ଘାରିହେଲି । ତଥାପି ସାହସଧରି ଆଶଙ୍କାରେ ମୁଁ କବାଟ ଖୋଲିଲି । ଡିବିର କ୍ଷୀଣ ଆଲୁଅରେ ଦେଖିଲି ଶାବନା ରଙ୍ଗର ମୋଠାରୁ ବୟସରେ ବଡ଼ ଦୁଇଜଣ ଲୋକ ଠିଆ ହୋଇଛନ୍ତି । ଜଣେ ଟିକେ ବୟସ୍କ । ଆଉ ଜଣେ ତାଙ୍କଠାରୁ ବୟସରେ ସାନ, ପତଳା । ପତଳା ବ୍ୟକ୍ତିଜଣକ ମୋତେ ଦେଖିଲା ମାତ୍ରେ ପଚାରିଲେ, "ଆପଣ ରାମବାବୁ ତ ?" ମୁଁ ମୁଣ୍ଡ ହଲାଇ ସମ୍ମତି ପ୍ରଦାନ କଲି ।

ବିନା ଦ୍ୱିଧାରେ ଘରଭିତରକୁ ପଶିଆସି ନିଃସଙ୍କୋଚରେ କହି ଚାଲିଲେ, "ଆହେ ! ତମେ

ଏଇଠି ଘର ପାଇଛ; ମୁଁ କେତେ ଆଡ଼େ ଖୋଜୁଛି। ଉପର ଲାଇନ୍, ତଳ ଲାଇନ୍ ଖେଦି ଗଲିଣି। ପାଖ ପାନଦୋକାନୀକୁ ପଚାରିଲାରୁ ସେ ବତେଇଦେଲା। ଦୁହେଁ ସାଥିହୋଇ ଆସିଲୁ। ଆରେ... ଏ... ଲିଲି... କୁଆଡ଼େ ଗଲୁ...?" ତାଙ୍କ ସାଥିରେ ଆସିଥିବା ଭଦ୍ରଲୋକଙ୍କ ସହିତ ପରିଚୟ କରାଇଦେବା ପାଇଁ ମୋତେ ଚାହିଁ କହିଲେ, "ଇଏ ହେଉଛନ୍ତି ପ୍ରଧାନବାବୁ। ମୋ ସାଙ୍ଗ। ଉତ୍କଳ ବିଶ୍ୱବିଦ୍ୟାଳୟରେ ଚାକିରି କରନ୍ତି।" ମୁଁ ନମସ୍କାର କରି ସୋଫାରେ ବସିବାକୁ ଅନୁରୋଧ କଲି। ପାଖ ଘରେ ମୋ ସ୍ତ୍ରୀ ଲିଲି ଓ ଶାଳୀ ଝିଲି ତାଙ୍କ କଥା ଶୁଣୁଥାନ୍ତି। ସେ ଦୁଇଜଣ ଦୋଦୋ ଚିହ୍ନାହୋଇ ନମସ୍କାର କରି ରୋଷେଇଘର ଆଡ଼େ ମୁହାଁଇଲେ, ଚା' କରିବା ପାଇଁ।ମୁଁ ଆଶ୍ଚର୍ଯ୍ୟଚକିତ ଭାବେ ସ୍ଥାଣୁହୋଇ ବସିଥାଏ। ମନେମନେ ଭାବୁଥାଏ ଏ ଲୋକ କିଏ? ନିଜ ପରିଚୟ ନ ଦେଇ କ'ଣ ସବୁ ଗପିଯାଉଛନ୍ତି। ଶିଙ୍ଗାରିଉଠୁଥାଏ ଭିତରେ ଭିତରେ। ସେ ଗପି ଚାଲିଥାନ୍ତି। ନିରବରେ ବସି ଯାହା ଶୁଣିବା ବ୍ୟତିତ ମୋର କୌଣସି ଭୂମିକା ନ ଥିଲା। ମୋ' ମନର ଆଶଙ୍କାକୁ ଦୂରକରି ନିଜର ପରିଚୟ ଦେଲେ। "ମୁଁ ଆକୁଳି ଦାସ। ସିନିଅର ଡାଏରିକ୍ଟ ଅଛି ସାଧାରଣ ପ୍ରଶାସନ ବିଭାଗରେ। ମୁଁ ତମ ଶ୍ୱଶୁରଙ୍କ ବଡ଼ଭାଇଙ୍କ ପୁଅ ମଦନବାବୁଙ୍କ ସାଙ୍ଗ। ତାଙ୍କ ସହିତ ୨୦ ବର୍ଷର ସମ୍ପର୍କ। ସେତେବେଳେ ଏମାନେ (ମୋ ସ୍ତ୍ରୀ ଓ ଶାଳୀକୁ ଦେଖାଇ) ସବୁ ପିଲା। କଥା କ'ଣ କି ରାମବାବୁ... ମୁଁ ବସ୍‌ରେ ଆସୁଥିଲି ଗାଆଁରୁ। ଦେଖିଲି ଦାଦା ବସିଛନ୍ତି ସେଇ ବସ୍‌ରେ। ବିଭିନ୍ନ କଥା ଆଲୋଚନା ହେଲା। ଲିଲି କଥା କହିଲେ। ତମ କଥା କହିଲେ। ଘର ଠିକଣା ଦେଲେ। ନ ଜାଣିଥିଲେ ନାହିଁ... ଜାଣିଲି ଯେତେବେଳେ... ଆଉ କ'ଣ ମନ ସମ୍ଭାଳେ? ଏଇ ପ୍ରଧାନବାବୁଙ୍କୁ ଧରି ସନ୍ଧ୍ୟାବେଳୁ ତମ ଘର ଖୋଜୁଛି।" ଇତି ମଧ୍ୟରେ ଝିଲି ଚା' ଆଣି ଦେଇସାରିଥାଏ। ଚା' ପିଇସାରିଲା ପରେ ଉଠିଲେ। ନିର୍ଲିପ୍ତଭାବେ କହିଲେ, "ଯାଉଛି କାଲି ସକାଳୁ ଆସିବି। ଏଇ ପାଖରେ ମୋ ଘର।"

ସେମାନେ ଗଲା ପରେ ଆମ ଘରେ କଥା ପଡ଼ିଲା। ସେ କିଏ? କ'ଣ ତାଙ୍କ ପରିଚୟ? ଏମିତି ରାତିରେ ଆସି ଉପରେ ପଡ଼ି ପରିଚୟ ଦେବାର ଉଦ୍ଦେଶ୍ୟ କ'ଣ? ଇତ୍ୟାଦି... ଇତ୍ୟାଦି... କେତେ କଥା। ଲିଲି ମନେପକେଇ କହିଲେ, "ସେ ହେଉଛନ୍ତି ଆକୁଳିନନା। ମଦନନନାଙ୍କ ସାଙ୍ଗ। ଆମେ ଛୋଟ ଥିଲା ବେଳେ ସେ ଆମ ଗାଆଁକୁ ବହୁତ ଥର ଯାଉଥିଲେ। ବଡ଼ବାପାଙ୍କ ଘରେ ରହନ୍ତି। ବେଳେବେଳେ ରାତିରେ ଶୋଲରୀ ପାହାଡ଼କୁ ଶିକାର କରିବାକୁ ଯାଆନ୍ତି। ଭୋଜି କରନ୍ତି। ଆମକୁ ଖୁବ୍ ଆଦର କରନ୍ତି। ସାଥିରେ ଖାଇବାକୁ ଡାକନ୍ତି। ଶୁଣିଥିଲୁ ସେ ଭୁବନେଶ୍ୱରରେ ଚାକିରି କରନ୍ତି। ଛୁଟିଦିନ ହେଲେ ଆମ ଗାଆଁକୁ ଚାଲିଯାଆନ୍ତି। ଗାଆଁକୁ ଗଲା ବେଳେ ଆମ ପାଇଁ ଖେଳଣା, ଚକୋଲେଟ୍ ଇତ୍ୟାଦି ନିଅନ୍ତି। ଏଇମିତି ବହୁତ ଦିନ ଚାଲିଲା। ତା' ପରେ ହଠାତ୍ ତାଙ୍କର ଯିବା ଆସିବା କମିଗଲା। ବଡ଼ ହେଲା ପରେ ଶୁଣିଲୁ ଯେ, ସେ ଆମ ଗାଆଁର ଗୋଟିଏ ଝିଅକୁ ଭଲପାଉଥିଲେ। ସେ ଝିଅ ଅନ୍ୟ ଆଡ଼େ ବାହାହୋଇଗଲା ପରେ ସେ ଆମ ଗାଆଁକୁ କ୍ୱଚିତ୍ ଆସନ୍ତି।

ତା' ପରଦିନ ସକାଳୁ ସକାଳୁ ପହଞ୍ଚିଲେ। ମୁଁ ପେପର୍ ପଢୁଥାଏ। ବଡ଼ପୁଅ ସ୍କୁଲ ଚାଲିଯାଇଥାଏ। ସାନପୁଅ କାହ୍ନୁ ଉଠିସାରିଥାଏ। ତାକୁ ଧରିଲେ। ଗେଲକଲେ। ତାକୁ ଚକୋଲେଟ୍ ଦେଲେ। ଝିଲି ତାଙ୍କୁ ଚା' ଦେଲା। ପିଇସାରି କହିଲେ, "ରାମବାବୁ! ମୁଁ ଚାଲିଲି ଅଫିସ୍। ମୋର ସକାଳୁ ସକାଳୁ କାମ। ଦୁଇ ତିନି ଘଣ୍ଟାରେ କାମ ସାରିଦେଲେ ମୋର ଦିନସାରା ଛୁଟି।"

ପୁଣି ଆସିଲେ ସନ୍ଧ୍ୟାବେଳକୁ। ଭଲମନ୍ଦ ପଚାରି ବୁଝିଲେ। ଗତାନୁଗତିକ ଭାବେ ଦୁଇ ଓଳି ଘରକୁ ଆସିବା ଥୟ। ବେଳେବେଳେ ସରକାରୀ ଛୁଟି ଦୁଇଦିନ ଥିଲେ ସେ ତାଙ୍କ ଗାଆଁକୁ ଚାଲିଯାଆନ୍ତି। ତାଙ୍କ ଗାଆଁ ବାଙ୍କୀ ପାଖାପାଖି। ଫେରିଲା ବେଳେ ଆମ ଘର ପାଇଁ ବ୍ୟାଗଭର୍ତ୍ତି ପରିବା ଆଣନ୍ତି। ପଇସା ଯାଚିଲେ ଉଦାସୀନହୋଇ କହନ୍ତି, "ଭଉଣୀକୁ ମୁଁ କ'ଣ ଅବା ଦେଉଛି ଯେ ପଇସା ନେବି? ଆମ ଆଡ଼େ ତ ପରିବା ଯାହାକୁ ଯେତେ।"

ନୂଆନୂଆ ସମ୍ପର୍କ ହୋଇଥାଏ। ଦିନେ ଆମେ ସପରିବାର ସନ୍ଧ୍ୟାବେଳେ ଘର ସମ୍ମୁଖସ୍ଥ ବଗିଚାରେ ବସିଥାଉ। ଆକୁଳିନନା ଏବଂ ତାଙ୍କ ପରିବାର ଆମ ଘର ଆଡ଼େ ଆସୁଥିବାର ଦେଖି ବଡ଼ପୁଅ ଖୁସିହୋଇ କହିଲା, "ବାବା! ଦେଖ! ଆକୁଳିମାମୁ।" ସାଥିରେ ତାଙ୍କ ସ୍ତ୍ରୀ ଏବଂ ଝିଅ। ହାତରେ ମିକ୍ସଚର୍, ବିସ୍କୁଟ୍। ଦୂରରୁ ତାଙ୍କୁ ଦେଖି ଲିଲି ମୋତେ ଅସନ୍ତୁଷ୍ଟ କଣ୍ଠରେ କହିଲେ, "କାହିଁକି କୁଆଡୁ କ'ଣ ସମ୍ପର୍କ ଲଗେଇ ଧାଇଁଛନ୍ତି? ଏସବୁ ମୋତେ ଭଲ ଲାଗୁନି।" ଝିଲି ଆତଙ୍କିତ ହୋଇ କହିଲା, "କାହିଁକି ଆସୁଛନ୍ତି... କିଛି ନା କିଛି ଉଦ୍ଦେଶ୍ୟ ଥିବ। ବୁଝିଲ ଭାଇ! ତୁମେ ବଡ଼ଅଫିସ୍‌ରେ କାମ କରୁଛ ତ ସେଥିପାଇଁ ସମ୍ପର୍କ ବଢ଼ଉଥିବେ କିଛି କାମ କରେଇନେବା ପାଇଁ। ଏମିତି ସମ୍ପର୍କ ବଢ଼ାଇବା ଭଲ ନୁହେଁ।" ମୁଁ ସେମାନଙ୍କୁ ସାନ୍ତ୍ୱନାଦେଇ କହିଲି, "ସମସ୍ତଙ୍କୁ ସନ୍ଦେହ କରିବା ଠିକ୍ ନୁହେଁ। ଏ ସଂସାରରେ ସମସ୍ତଙ୍କୁ ଅବିଶ୍ୱାସ କଲେ ଚଳିହେବନି। କଥାରେ ଅଛି ବିଶ୍ୱାସେ ମିଳଇ ହରି।"

ତାଙ୍କ ସ୍ତ୍ରୀ ମଧ୍ୟ ଭାରି ସ୍ନେହୀ। ଶାବନା ରଙ୍ଗ। ସାମାନ୍ୟ ପୃଥୁଳା। ଲିଲି ଓ ଝିଲିକୁ ଦେଖୁଦେଖୁ ଆଗ୍ରହରେ ଆଲିଙ୍ଗନକରି କହିଲେ, "କେଡ଼େ ଟିକିଏ ଟିକିଏ ହୋଇଥିଲ ଦେଖିଥିଲି ମଦନଭାଇ ବାହାଘରକୁ ଦୁଇଜଣଯାକ। ଏବେ ବାହାସାହା ହେଲଣି।" ଦୁଇପିଲାଙ୍କୁ କାଖେଇଲେ। ଗେଲକରି କହିଲେ, "ଗରିବ ମାଇଁରେ ପିଲେ!" ଲିଲିଙ୍କୁ ଚାହିଁ କାନ୍ଦକାନ୍ଦ ହୋଇ କହିଲେ, "ଦାଦା ତ ଆମକୁ ପର କରିଦେଲେ। ବାହାଘରକୁ ଡାକିଥିଲେ ମୁଁ କଣ ଯାଇ ନ ଥାନ୍ତି?" ତାଙ୍କୁ ସାନ୍ତ୍ୱନା ଦେବାକୁଯାଇ ଆକୁଳିନନା କହିଲେ, "ଆଉ କାହିଁକି ସେ ପୁରୁଣା କଥାକୁ ଉଖାରୁଛ? ଗଲା କଥା ଗଲାଣି।" ନୂଆବୋଉ ମୋତେ ସନ୍ତୁଷ୍ଟ ନୟନରେ ଚାହିଁ କହିଲେ, "ବୁଝିଲ କୁଣିଆଁ! ନନା କହିଲା ଦିନୁ ତମେସବୁ ଏଇଠି ଅଛ ବୋଲି... ମନ କୋଉଠି ଥୟଧରୁଛି। ଆସିବି ଆସିବି ବୋଲି ୟାଙ୍କୁ କହିକହି ଆଜି ଆଣୁଛନ୍ତି। ହେଲା ଲୋକ ତ!"

ସେଇଠୁ ଆରମ୍ଭ ହେଲା କଥା। କେବେ ସେ ଲିଲିଙ୍କ ଗାଆଁକୁ ଯାଇଥିଲେ। ଗାଆଁ ପଡ଼ିଶାଙ୍କ କଥା, ଦାଦାଖୁଡ଼ୀ, ବଡ଼ବାପା, ବଡ଼ବୋଉ ଇତ୍ୟାଦିଙ୍କ ଭଲମନ୍ଦ କଥା ପଚାରି ବୁଝିଲେ। ମୋ ସାନପୁଅକୁ କୋଳରେ ଧରି ବସିଥାନ୍ତି। ଚା' କରିବା ପାଇଁ ଲିଲି ଉଠିଗଲା ପରେ ମତେ ହସହସ ମୁହଁରେ ଚାହିଁ କହିଲେ, "ଯାହାହେଉ ଦାଦା ଭଲ ଜୋଇଁଟିଏ କରିଛନ୍ତି।" ଆକୁଳିନନା ଚା' ପିଇଲେ। କିନ୍ତୁ ନୂଆବୋଉ ଚା' ପିଇଲେ ନାହିଁ। ମନ ଦୁଃଖ କରି କହିଲେ, "ଡାକ୍ତର ମନା କରିଛନ୍ତି। ସବୁବେଳେ ରୋଗ ହେ ଭାଇ! ମୁଁ ଆଗରୁ ଏତେ ମୋଟା ନ ଥିଲି । ରୋମାଟିଜିମ୍ ହେଇଛି। କିଛି ଓଷଦ କାମ କରୁନି। ଦେଖୁନ ଗୋଡ଼ହାତ କେମିତି ଫୁଲି ଯାଇଛି।" ଘରେ ପକୋଡ଼ି ଛଣା ହୋଇଥିଲା। ତାହା ମଧ୍ୟ ଖାଇଲେ ନାହିଁ। କେବଳ ପାଣି ଟିକିଏ ପିଇଲେ। ଗପସପରେ ସନ୍ଧ୍ୟା ଗଡ଼ିଗଲାଣି। ଆମଠାରୁ ବିଦାୟ ମାଗିଲେ। ଯିବାବେଳକୁ ଶ୍ରଦ୍ଧାରେ କହିଲେ, "ଆସନ୍ତା ରବିବାର ଦିନ ରୋଷେଇ କରିବନି ଲିଲି। ସମସ୍ତେ ଆମ ଘରେ ଖାଇବା।"

ରବିବାର ଆସିଲା। କିଛି ଠିକ୍ କରି ନ ଥାଉ ଯିବୁ କି ନ ଯିବୁ ଖାଇବାକୁ ତାଙ୍କ ଘରକୁ। ଅଚିହ୍ନା ଲୋକ। ତାଙ୍କର କ'ଣ ମତଲବ? କାହିଁକି ଖାଇବାକୁ ଡାକୁଛନ୍ତି? କୋଉ ଲେଖାଯୋଖାରେ ଶଳା ସମ୍ପର୍କ। ମୁଁ ତାଙ୍କ ପାଖରେ ସହଜ ହୋଇପାରୁ ନ ଥାଏ। ମୋର ପ୍ରକୃତି କାହା ସଙ୍ଗରେ ସହଜରେ ମିଶି ପାରେନା। ତେଣୁ ଭୁବନେଶ୍ୱରରେ ମୋର ବେଶୀ ସାଙ୍ଗସୁଖ ନ ଥାନ୍ତି। କୋଉଠି ହାତଗଣତିରେ ସାତଆଠ ଜଣ ହେବେ। ଏଇମିତି ଦୋଦୋପାଞ୍ଚରେ ଥାଏ।

ଆମେ ସବୁ ସହରୀଲୋକ ଏଭଳି। ସମସ୍ତଙ୍କୁ ଅବିଶ୍ୱାସ କରିବା। ତୁଚ୍ଛା ଆଶଙ୍କାରେ ଆତଙ୍କିତ ହେବା। ଭଲ କଥାକୁ ମଧ୍ୟ ସହଜରେ ଗ୍ରହଣ କରିପାରୁନା। ଅବିଶ୍ୱାସ ରକ୍ତ ମଜ୍ଜାଗତ ହୋଇଗଲାଣି। ଆମ ନିଜ ସଂସାର ଭଲ ତ ଦୁନିଆ ଭଲ, ଏଇ ନୀତିରେ ବିଶ୍ୱାସ କରୁ। ଭୁଲିଯାଉ ବାହାର ଦୁନିଆର ଭଲମନ୍ଦ।

ସକାଳୁ ସକାଳୁ ଗତାନୁଗତିକ ଭାବରେ ଆକୁଳିନନାଙ୍କର ପାଟି ଶୁଭିଲା। କାହ୍ନାରେ... କାହ୍ନାରେ... ଡାକିଡ଼ାକି ଘର ଭିତରକୁ ପଶିଆସିଲେ। ରୋଷେଇ ଘରେ ଲିଲି ଥିବାର ଜାଣିପାରି ସେ ସ୍ନେହରେ କହିଲେ, "ଲିଲି ! କ'ଣ କରୁଛୁ ? ଚା' ଟିକେ ବସା। ହଁ... ନୂଆବୋଉକୁ ସବୁ ଜିନିଷ ଦେଇ ଆସିଛି। ସେ ରୋଷେଇ ଆରମ୍ଭ କରିଦେଲାଣି।" ଲିଲି ଆଶ୍ଚର୍ଯ୍ୟହୋଇ କହିଲେ, "କ'ଣ ଏଡ଼େ ସକାଳୁ ! ତମେ ପରା ଦିନ ଗୋଟାଏ ପରେ ଖାଅବୋଲି କୁହ ?" ସେ ନିର୍ବିକାରଭାବେ କହିଲେ, "ଆରେ ! ମୋ ଖାଇବାରେ କ'ଣ ଅଛି ? ରାମବାବୁଙ୍କର ତ ସବୁଦିନ ଦଶଟା ଆଗରୁ ଖିଆ। ତେଣୁ ନୂଆବୋଉ ଲାଗିଗଲାଣି ରୋଷେଇରେ।"

ମୁଁ ସେତେବେଳେ ଭିତରଘରେ ବସି ଟିଭି ଦେଖୁଥାଏ। ତାଙ୍କ କଥା ଶୁଣୁଥାଏ। ସେ ରୋଷେଇ ଘରଆଡୁ ପାଟିକରିକରି ଆସିଲେ, "କୁଣିଆଁ... ! ଓ କୁଣିଆଁ... ! କ'ଣ କରୁଛ ମ ? କିଓ କ'ଣ ଏତେ ଚୁପ୍‌ଚାପ୍ ହୋଇ ଟିଭି ଦେଖୁଛ ? ହଁ...ମ ଛୁଟିଦିନରେ ଆଉ କ'ଣ କରିବ ?" ସାଥିହୋଇ ଚା' ପିଇଲୁ। ପିଇସାରିଲା ପରେ କହିଲେ, "ହଁ... ଶୁଣ... ମୁଁ ଯାଉଛି। ଆସିବି ଦଶଟାରେ। ସମସ୍ତେ ରେଡ଼ି ହେଇକି ଥିବ।"

ରବିବାର ଦିନ ମୋର ସବୁ କାମରେ ଡେରି। ଦଶଟା ପରେ ହେଲାଣି ତଥାପି ସେତେବେଳକୁ ଗାଧେଇ ନ ଥାଏ। ଆକୁଳିନନା କିନ୍ତୁ ଠିକ୍ ଦଶଟାରେ ପହଞ୍ଚିଗଲେ ଆସି। ବାଟରୁ ଶୁଭିଲା, "କାହ୍ନାରେ... କାହ୍ନାରେ...।" ତାଙ୍କ ଆସିବା ଜାଣି ଝିଲି ଟାପରାକରି କହିଲା, "ବଡ଼ଶଳା ଆସିଗଲେ ଭାଇ...। ଶଳାଭାଉଜ ଆଜି କେତେ କ'ଣ ରାନ୍ଧିଥିବେ। ଜଲ୍‌ଦି ଗାଧଉନ... ନ ହେଲେ ଥଣ୍ଡା ହେଇଯିବଟି !" ତା' ଥଟ୍ଟାକଥା ଶୁଣି ମୋତେ ଭାରି ହସ ଲାଗିଲା। କ'ଣ ଗୋଟେ କହିଆସୁଥିଲି। କିନ୍ତୁ ସେତେବେଳକୁ ଆକୁଳିନନା ମୋ ପାଖରେ ପହଞ୍ଚି ସାରିଥିଲେ। ମୋତେ ଦେଖି ବ୍ୟସ୍ତହୋଇ କହିଲେ, "କ'ଣ ଏତେ ବେଳଯାଏ ଗାଧେଇନ ! ହଉ... ହଉ। ଜଲ୍‌ଦି ଜଲ୍‌ଦି ଗାଧେଇପଡ଼... ଯିବା। ତମକୁ ତ ଭୋକ ହେବଣି। ହେ ଲିଲି... ! ଝିଲି... ! ବାହାର... ବାହାର... ଯିବା। ନୂଆବୋଉର ରୋଷେଇ ସରିଲାଣି।"

ଗାଧେଇସାରି ମୁଁ ଡ୍ରେସ୍ ପିନ୍ଧିଲି। ସେମାନେ ସମସ୍ତେ ପ୍ରସ୍ତୁତ ହୋଇସାରିଥିଲେ। ସାଥିହୋଇ ବାହାରିଲୁ ଚାଲିଚାଲି। ମୋ ସରକାରୀ ଘରଠାରୁ ଅଳ୍ପ ଦୂରରେ ତାଙ୍କର ସରକାରୀ ଘର। ଅଧକିଲୋମିଟରରୁ ଟିକେ କମ୍ ହେବ। ଆକୁଳିନନା ସାଇକେଲ୍‌ରେ ଆସିଥିଲେ। ସାଇକେଲ୍ ଗଡ଼େଇ ଗଡ଼େଇ ଆମକୁ ବାଟେଇ ନେଲେ। ଛୋଟ ଘର ହେଲେ ମଧ୍ୟ ଖୁବ୍ ସାଜସଜା। ପରିଷ୍କାର ପରିଚ୍ଛନ୍ନ। ତାଙ୍କର ଦୁଇ ଝିଅ। ଗୋଟିଏ ପୁଅ। ବଡ଼ଝିଅ ବିବାହିତା। ଘରକୁ ଆସିଥାଏ। ବାପାମାଆଙ୍କ ପରି ପିଲାମାନେ। ଖୁବ୍ ସ୍ନେହୀ। ସଂସ୍କାରୀ। ସହାସ୍ୟବଦନରେ ଆମକୁ ସ୍ୱାଗତ କଲେ। ନୂଆବୋଉ ତ ଲିଲିଙ୍କୁ ସ୍ନେହରେ କୁଣ୍ଢେଇ ପକେଇଲେ। ତାଙ୍କ ଦୁଇଝିଅ ମୋର ଦୁଇ ପୁଅଙ୍କୁ କୋଳେଇନେଲେ। ତା'ପରେ ଖିଆପିଆର ବ୍ୟବସ୍ଥା।

ମୋ ପାଇଁ ନୂଆଳୁଗା ପିଢ଼ା ଉପରେ ପଡ଼ିଲା। କଂସା ବାସନରେ ଭାତ, ଡାଲି, ତିନିଚାରି ପ୍ରକାରର ତରକାରି ନିଜେ ନୂଆବୋଉ ବାଢ଼ି ଆଣିଲେ। ଏସବୁ ବନ୍ଦୋବସ୍ତ ଦେଖି ମୁଁ ଆଶ୍ଚର୍ଯ୍ୟାନ୍ୱିତ ହୋଇଗଲି। ମନେମନେ ଭାବିଲି, ମୁଁ ଅବା ତାଙ୍କର କିଏ ? କୋଉ ଲେଖାଯୋଖାରେ ଭିଣୋଇ ସମ୍ପର୍କ। ତଥାପି ମନ ବିଢ଼ିବା ପାଇଁ କହିଲି, "ଏ ପିଢ଼ା ଉପରେ ନୂଆଳୁଗା, ନୂଆ କଂସାବାସନରେ ଖାଦ୍ୟ ! ଏସବୁ ବ୍ୟବସ୍ଥା କାହିଁକି ?" ନୂଆବୋଉ ସହାସ୍ୟ ବଦନରେ କହିଲେ, "ଏଇ କଥା କ'ଣ କୁଣିଆଁଙ୍କୁ ଅଜଣା ? ଜୋଇଁ ପ୍ରଥମଥର ଶ୍ୱଶୁର ଘରେ ଖାଇଲେ ଏପରି ମର୍ଯ୍ୟାଦା ଦିଆଯାଏ।"

ସେ ପରିବାର ଲୋକଙ୍କ ସ୍ନେହ, ଭଲପାଇବା ଦେଖି ମୁଁ ସ୍ତମ୍ଭୀଭୂତ ହୋଇଗଲି। ମନେମନେ ଭାବିଲି, ସତରେ ! ଏମାନେ କେଡ଼େ ମହାନ ! ଏମାନଙ୍କର ହୃଦୟ କେଡ଼େ ବିରାଟ ! ଆଜିର ସ୍ୱାର୍ଥପର ଦୁନିଆରେ ନିଜ ଲୋକମାନେ ସ୍ୱାର୍ଥ ନ ଥିଲେ ମୁହଁକୁ ଚାହାଁନ୍ତି ନାହିଁ। ଅଣଦେଖା କରନ୍ତି, ନିଜକୁ ଦୂରେଇ ରଖନ୍ତି। ଏପରି ଜଣେ ବନ୍ଧୁ ପାଇ ନିଜକୁ ଗୌରବାନ୍ୱିତ ମନେକଲି।

ଆମ ପରିଚୟ ହେବାର ତିନି ବର୍ଷ ପରେ ଆକୁଳିନନା ଅବସର ନେଲେ। ସେ ଚାକିରିରୁ ଅବସର ନେଇ ଗାଆଁକୁ ଫେରିବା ପର୍ଯ୍ୟନ୍ତ ସବୁଦିନ ଆମ ଘରକୁ ଆସନ୍ତି। ରାସ୍ତାରୁ ଡାକ ଛାଡ଼ିବେ... କାହ୍ନାରେ... କାହ୍ନାରେ... । ମୁଁ କିମ୍ବା ଲିଲି ଦୁଆର ଖୋଲୁ। ସେ କାହ୍ନୁକୁ ଗେଲ କରିବେ। ସବୁଦିନ କିଛି ନା କିଛି ଖାଇବା ଜିନିଷ ତା'ପାଇଁ ଆଣିଥିବେ। କାହ୍ନୁ ମଧ୍ୟ ତାଙ୍କ ସହିତ ଖେଳେ। ସତେ ଅବା ନିଜର ମାମୁ। ତାଙ୍କ ଚଷମା ଆଣି ନିଜେ ଲଗେଇବ। ସାର୍ଟପକେଟରୁ କଲମ ବାହାରକରି ଖାତାରେ ଗାରେଇବ। ତାଙ୍କ ଉପରେ ଲାଉ ହେବ। ସେ ତାକୁ କିଛି ସମୟ ବୁଲେଇବେ। ତା'ପରେ କାହ୍ନୁ କହିବ, "ମାମୁ ! ଟାବ୍ଲେଟ୍ ଦିଅ (ଚକୋଲେଟ୍‌କୁ ଟାବ୍ଲେଟ୍ କହେ)।" ସେ ମିଛରେ କହିବେ, "ଆଜି ଆଣିନି।" କାହ୍ନୁ ତାଙ୍କ କଲମ କିମ୍ବା ଚଷମା ଦେଖେଇ କହିବ, "ଫୋପାଡ଼ିଲି... ଦିଅ... ଦିଅ... ଟାବ୍ଲେଟ୍। ଦବନି... କାଇଁ ଦବନି... ତମ ଇଚ୍ଛା କି..?" ଏଇ ପଦକ ଶୁଣିବା ପାଇଁ ସେ ବୋଧେ ଚାହିଁ ରହିଥାନ୍ତି। ସେ ଚକୋଲେଟ୍ ଦେଖେଇଲେ କାହ୍ନୁ ତାଙ୍କ ପାଖକୁ ଦୌଡ଼ି ଆସିବ। ତାକୁ କୋଳରେ ବସାଇ ସ୍ନେହରେ କହିବେ, "କାହ୍ନା... ଦାନ୍ତ ଦେଖି...।" ତା'ର ପୋକଖିଆ କଳାଦାନ୍ତକୁ ଦେଖି କହିବେ, "ଆଃ... କାହ୍ନାର କେଡ଼େ ସୁନ୍ଦର ଦାନ୍ତ !"

ସମ୍ପର୍କ ଦିନକୁ ଦିନ ଦୃଢ଼ ହୋଇଛି। ଅବସର ନେଇ ଗାଆଁକୁ ଯାଇଥିଲେ ମଧ୍ୟ ଯିବା ଆସିବା ଲାଗି ରହିଛି। ମୋ ଭଲମନ୍ଦରେ ବଡ଼ଭାଇ ପରି ଠିଆ ହୋଇଛନ୍ତି। କାମ ଉଠେଇଛନ୍ତି। ମୋ ପରିବାର ସଦସ୍ୟଙ୍କୁ ଅକୃତ୍ରିମ ସ୍ନେହ ଦେଇଛନ୍ତି। କିନ୍ତୁ ଦିନେହେଲେ ନିଜ ବ୍ୟକ୍ତିଗତ ସ୍ୱାର୍ଥ ପାଇଁ ମୋତେ ଅନୁରୋଧ କିମ୍ବା ପ୍ରୋତ୍ସାହିତ କରିନାହାନ୍ତି। ମନାକଲେ ମଧ୍ୟ ସାବିତ୍ରୀ, ଦୋଳ, ରଜ ଇତ୍ୟାଦି ପର୍ବପର୍ବାଣିରେ ଘରକୁ ଆସନ୍ତି। ଲିଲିଙ୍କ ନିଜ ଘରୁ କେବେକେମିତି ବେଭାର ଆସିବାରେ ବିଳମ୍ବ ହୋଇଥାଇପାରେ କିନ୍ତୁ ଆକୁଳିନନାଙ୍କ ପକ୍ଷେ ଘଣ୍ଟାକଣ୍ଟା ପରି। ନିଜେ ନ ଆସି ପାରିଲେ ତାଙ୍କ ପୁଅ ଆସିଥାଏ। ନ ହେଲେ ଆଉ କାହା ହାତରେ ପଠାଇଦିଅନ୍ତି। ବେଶୀ ଦରବ ନୁହେଁ। କିନ୍ତୁ ସେଇ ସ୍ୱଳ୍ପ ଉପହାରରେ ଥାଏ ଆକାଶଭରି ସ୍ନେହ, ଭଲ ପାଇବା। କେବଳ ଦେଇଛନ୍ତି। ଦିନେହେଲେ କିଛି ମାଗିନାହାନ୍ତି ମୁହଁଖୋଲି। ଥରେଅଧେ ଝିଲି କିମ୍ବା ଲିଲି ତାଙ୍କୁ କୁହନ୍ତି, "ନନା ! ତମେ ତ କେତେ ଜିନିଷ ଆଣୁଛ; ଆମଘରୁ କିଛି ନେବନି ?" ସେ ସ୍ମିତହସି କହନ୍ତି, "ସାନ ଭଉଣୀଙ୍କୁ ଦିଆଯାଏ। ତାଙ୍କଠୁ ନିଆଯାଏନି କିଛି।"

*କ୍ୱାର୍ଟର ନଂ. ଇ-୫୫/୧, ୟୁନିଟ୍-୯,*
*ଭୁବନେଶ୍ୱର-୨୨*
*ଦୂରଭାଷ: ୯୦୪୦୧୨୨୩୫୦*

# ଈଶ୍ୱରୀ

## ଶୈବାଳିନୀ ସାହୁ

କେଜାଣି କାହିଁକି ଆଜି ଧାନୀ ଆଖିରେ ଆଖିଏ ଲୁହ। ତା ନାଁ ଧାନୀ ନୁହେଁ ତ। ସେ ନୋଳିଆ ଅମର ତାର ଜୀବନ ଧନ ହୋଇଯାଇଛି ସେହିଦିନଠୁ ମାଛ ଧରି ଫେରୁଥିଲା ବେଳେ ଅମର ତା ଜାଲରେ ବଡ ମାଛ ଭାବି ଯେଉଁଦିନ ଛାଣି ଆଣିଥିଲା ଧାନୀକୁ। ତାର ମୂର୍ଚ୍ଛିତ ଅବସ୍ଥାରେ ବି ତାକୁ ଦେଖି ହତବାକ୍ ହୋଇଯାଇଥିଲା ଅମର। ଜଳପରୀ ଅବା ଯେ କୋଉ ପାତାଳ କି ଯକ୍ଷଲୋକର କନ୍ୟା, କୋଉ ଦେବୀ ନା ମାୟାବୀ ରୂପସୀ। ଲୁଣିଆ ପାଣିରେ ବୁଡି ଭାସି ପେଟେ ପାଣି ପିଇ ତଥାପି ବଞ୍ଚିଛି ଝିଅଟି। ବାଲିରେ ଚିତ୍ କରି ଶୁଆଇ ଦେଇଥିଲା ଅମର। ଘଡିଏ ଚାହିଁଥିଲା ତାର ଅପରୂପ ସୌନ୍ଦର୍ଯ୍ୟକୁ। ଭୁଲିଯାଇଥିଲା ବଞ୍ଚିଛି କି ମରିଛି ଆଗେ ତା'ର ଜାଣିବା ଅବାଶ୍ୟକ ବୋଲି। ଚେତା ପଶିଥିଲା ତା'ର ଲୋକମାନଙ୍କର ହଇଚଇ ଶବ୍ଦରେ।

ତଳୁ କୁଣ୍ଢାଇ ଧରିଥିଲା ବିକଳରେ ସେଇ ମମତାମୟୀ ଝିଅଟିକୁ। ଅତିକମ୍‌ରେ ସେ ବଞ୍ଚିଥିବା ଦରକାର। ତା ଦେହରେ ଫୋଡି ହୋଇଯାଇଥିଲା ଝିଅଟି ଧମନୀର କ୍ଷୀଣ ପ୍ରବାହ, କ୍ଷୀଣ ସ୍ୱର। ସେ ଚିତ୍କାର କରି ଉଠିଥିଲା – ଧାନୀ ବଞ୍ଚିଛି, ଧାନୀ ବଞ୍ଚିଛି। ଲୋକ ଆଡେଇ ହୋଇ ଯାଇଥିଲେ ଯେଝା ବାଟରେ। କାହାର କଣ ଯାଉଛି ଯେ କାହାର ଭଲ ମନ୍ଦରେ ସେମାନେ ମୁଣ୍ଡ ଖେଳେଇବେ। ଅଜଣା ପଥଚାରୀ ଭଳି ଅଦେଖା ଚାହାଣୀରେ ଚାଲିଯାଇଥିଲେ ସେମାନେ। ଅମର ତାଜୁବ ହୋଇଯାଇଥିଲା। କୋଉ ଅଜଣା ଆକର୍ଷଣରେ ଡାକିଥିଲା ଧାନୀ। ଜଡାଇନେଇ ବିକଳ ହୋଇ ଡାକିଥିଲା – ଧାନୀ, ଆଖିଖୋଲ, ଆଖିଖୋଲ ବୋଲି। ତାକୁ ପେଟେଇ ଚିପିଦେଇଥିଲା ତାର ପିଠିକୁ। ଡାକୁଥିଲା, ହେ କାଳିଆ ଠାକୁର। ଇଏ ମୋର ଲକ୍ଷ୍ମୀ। ଭଲ କରିଦେ ମୋ ଧାନୀକୁ।

ଧୀରେ ଧୀରେ ନିସ୍ତେଜ ଆଖି ପତା ଖୋଲିଥିଲା ଝିଅଟି। ଦେଖୁଥିଲା କଳା ମୁଗୁନିରେ ଗଢ଼ା ସୁନ୍ଦର ଢ଼ଳଢ଼ଳ ଆଖିରେ ଚାହିଁଥିବା ମଣିଷଟିକୁ। ଥର ଥର ଓଠକୁ। ଝର ଝର ବୋହୁଥିବା ଲୁହକୁ। ଶୁଣୁଥିଲା ବ୍ୟାକୁଳ ସ୍ୱରରେ ଡାକୁଥିବା ମୋ ଧାନୀ, ମୋ ଧାନୀର ବିକଳପଣକୁ। ଝିଅଟି ଚମକି ଉଠିଥିଲା ନିଦରୁ ଉଠିଲା ପରି। ପୋଛିଦେଇଥିଲା ଅମର ଆଖିରୁ ଟୋପା ଟୋପା ଲୁହ ବିନ୍ଦୁ। ଅମର ତା' ହାତକୁ ଜଡାଇ ଧରିଲା ଆତ୍ମୀୟତାର ପ୍ରଲେପ ଦେଇ। କହିଉଠିଲା – ବହୁତ, ଡେରି ହେଲାଣି। ଚାଲ ଯିବା ଘରକୁ। ତେଣେ ମୋତି କାନ୍ଦୁଥିବ ଘରେ।

ବିମୁଢ଼ରୁ ହତବାକ୍ ହୋଇଥିଲା ଅମର କଉଁ ଅଜଣା ଆକର୍ଷଣରେ ଧାନୀର ହାତକୁ ଧରି ନେଇଥିଲା। ପାଣିରୁ ଛାଣି ଆଣିଲା ପରଠୁ ଭୁଲି ଯାଇଥିଲା କାହା ଝିଅ ବା କାହା ବୋହୂ ସେ ହୋଇପାରେ। ଭାବିଥିଲା ସେ ସମୁଦ୍ରରୁ ଜାତ, ସେ କେବଳ ତାରି ଲାଗି ଜନ୍ମହୋଇଛି। ନ ହେଲେ ତାରି ହାତରେ ଜୀବନ ଦାନ ପାଇଲା କେମିତି ? ସେହି ଜଗାର ଇଚ୍ଛା। ଧରିଥିବା ହାତ ଧାନୀର ମଜଭୂତ ହୋଇଯାଇ ଲମ୍ଭି ଯାଇଥିଲା ତାର ଭଙ୍ଗା କୁଡିଆ ପାଖକୁ। ଅମର ବଜାରରୁ କିଣି ଆଣିଥିଲା ଶାଢ଼ୀ ଚୂଡ଼ି। ଶରଧାରେ ପିନ୍ଧିଥିଲା ଧାନୀ। ସଜାଇଥିଲା ନିଜକୁ ଅମରର ହଜିଲା ମଣିଷଟିଏ ଭଳି। ନିଜେ ନିଜେ ହାତରେ ପିନ୍ଧିଥିଲା ଚୂଡ଼ି। ସିନ୍ଦୂରବୋଳା ପଥରରୁ ସିନ୍ଦୂର ଆଣି ସଜାଇଥିଲା ନିଜ ସିଂଥିକୁ। ଯେଉଁଠି ଅମର କେବଳ ଦେଖୁଥିଲା ଭାସମାନ ଚିତ୍ରପଟ ଭଳି ଘଟୁଥିବା ଘଟଣାବଳୀକୁ।

ଆକାଶଟା ବେଶି ପରିଷ୍କାର ଲାଗୁଥିଲା। ଛାଇ ଛାଇ ଖରାରେ ଆକାଶଟା ବେଶୀ ରଙ୍ଗୀନ ଦିଶୁଥିଲା ଝଲମଲ ହୋଇ। ନିତିଆ ବୋଉ ପାଖକୁ ଛଅ ମାସର ତା ଝିଅ ମୋତିକୁ ଉଠାଇ ଆଣି ଧରାଇଥିଲା ଧାନୀ କୋଳରେ। ଏତେ ଜୋରରେ କୁହାଟ ଛାଡ଼ି କାନ୍ଦୁଥିବା ଛୁଆଟା ନରମି ଯାଇଥିଲା ଧାନୀ କୋଳରେ। ଧାନୀ ହଜିଲା ମୋତି ବୋଲି ଛାତିରେ ଚାପି ଧରି ବୋକ ପରେ ବୋକ ଦେଉଥିଲା ମୋତିକୁ। ଅମର ଦେଖୁଥିଲା ବିନା ମାତୃତ୍ୱରେ ମାଆଟିକୁ ଆଉ ଅବୁଝା ଶିଶୁଟିର ପରିପୂର୍ଣ୍ଣ ଆଖିକୁ। ଅମର ଆଖିରେ ଅଦିନିଆ ଆଷାଢ଼ ଢ଼େଉ ଭାଙ୍ଗୁଥିଲା। ଧାନୀ ମୋତିକୁ ସଙ୍ଗେ ସଙ୍ଗେ ବୋତଲରେ କ୍ଷୀର ଭରି ଖୁଆଉଥିଲା ତାର ଅଳିଆ କେଶକୁ ସାଉଁଳି ସାଉଁଳି। ଧାନୀ ଅଗଣାରୁ ଗୋଟାଇ ଆଣିଥିଲା ହାଣ୍ଡି କୁଣ୍ଡେଇ। ପଚା ମଚା ପରିବାରୁ ବାଛି ବାଛି ବନାଇ ଦେଇଥିଲା ପରିବା ମିଶା ଖେଚୁଡ଼ି। ଯେଉଁଟା ଅମର ଲାଗି ଥିଲା ଦୀର୍ଘଦିନ ପରେ ଅମୃତ ସେବନ। ଏଣିକି ସେ ପ୍ରତିଦିନ ରାନ୍ଧିଦିଏ ନଅ ତିଅଣ ଛଅଭଜା। ଆଃ। ଗରିବ କୁଡିଆରେ ଲକ୍ଷ୍ମୀଙ୍କର ଯେମିତି କୃପା ଦୃଷ୍ଟି। ଧାନୀ ଆସିବା ପରଠୁ ମୁଣ୍ଡରେ ଓଢ଼ଣା ଦିଏ। ଅଳ୍ପକଥା କୁହେ। ତାର ଚାଲି ଚଳନରେ ଅମର ଅନୁଭବ କରେ ସତେ ଯେମିତି ତା ଘରକୁ ଫେରି ଆସିଛି ତାର ହଜିଲା ଘରମଣୀ। ସେଇ ସମୁଦ୍ରରେ ତା ନୌକା ଓଲଟି ପଡ଼ି ହଜି ଯାଇଥିଲା ସବୁଦିନ ଲାଗି ତାର ସ୍ତ୍ରୀ ଧାନୀ। ଏବେ ଏଇ ଝିଅଟିକୁ ପାଇ ସେ ଭାବିଛି କାଳିଆ ଠାକୁର ତାକୁ ଫେରେଇ ଦେଇଛନ୍ତି ତା ଧାନୀକୁ। ନ ହେଲେ ଧାପେ ନାଗୁରୁ ଛୁଆଟା କେତି ପର ହାତରେ ମଣିଷହୋଇଥାନ୍ତା। ଅମର ଭୁଲିନି ସେ ଅମାବାସ୍ୟାର କାଳରାତ୍ରୀ। ସେଦିନ ରେଡ଼ିଓରେ ଘୋଷଣା ହୋଇଥାଏ ଆଜି ସନ୍ଧ୍ୟାରୁ ସମୁଦ୍ର ଅଶାନ୍ତ ରହିବ। ତେଣୁ ନୋଳିଆ ଭାଇମାନେ ଗଭୀର ଜଳକୁ ନ ଯିବାର ନିର୍ଦ୍ଦେଶ। ହେଲେ ଧାନୀର ଏକା ଜିଦି ସେମିତି କିଛି ବି ଘଟିବନି ସେ ଅମାବାସ୍ୟା ରାତ୍ରିରେ ଗଭୀର ଜଳରେ ପୂଜା ଦେଇ ସଅଳ ଚାଲିଆସିବ। ଦଇବର ନିର୍ଦ୍ଦେଶ ଅଲଗା। ଝିଅକୁ ପଡିଶା ଘରେ ରଖି ଯାଇଥିଲା। ପବନ ମେଘରେ ଓଲଟି ପଡିଥିଲା ନୌକା। ସତ ଚେଷ୍ଟା କରି ରକ୍ଷା କରିପାରିନଥିଲା ଧାନୀକୁ। ମୁଣ୍ଡ ବାଡେଇ ବାଡେଇ କାନ୍ଦିଥିଲା ଅମର। କହୁଥିଲା – ତୁ ପରା କାହାର ଜିନିଷ ରଖୁନା। ସବୁ ଫେରେଇ ଦେଉ। ହେଲେ ମୋ ଧାନୀକୁ କୁଆଡେ ଲୁଚେଇ ଦେଲୁ। ତାର ଛାତି ଫଟା ଚିତ୍କାର ଶୂନ୍ୟରେ ମିଳେଇ ଯାଉଥିଲା।

ଏଇ ଭିତରେ ଅମର ଧୀରେ ଧରେ ଧାନୀକୁ ନିଜ ମନ ଭିତରେ ଶିରୋମଣି କରି ସାରିଥିଲା କାୟମନବାକ୍ୟରେ ଭାବେ, କଥା କ'ଣ କେବେ ଅନ୍ୟଥା ହେଲାଣି। ତା ଧାନୀକୁ ଲୁଣିଆ ପାଣି କଣ ରଖିପାରେ ? ଦେଖୁନ, କେମିତି ତା ଧାନୀକୁ ଦୁଧ

ଅଳତା ରଙ୍ଗରେ ସଜେଇ ଫେରେଇ ଦେଲା। ନ ହେଲେ ଛୁଆଟା ଅନାଥ ହୋଇଯାଇଥାନ୍ତା। ଅଲୋଡା ଆଲୋଡନ ଖେଳିଯାଏ ଦେହସାରା ଅମରର। ସତରେ କିଏ ଏଇ ଦେବୀ ? କୋଉ ଗୁଣରେ ନା ରୂପରେ ଧାନୀର ସେ ଯୋଗ୍ୟ ପୁରୁଷ, ଖୋଜିନି କେବେ ଧାନୀର ଅତୀତ, ଚିନ୍ତା କରିନି ଆଗକୁ କଣ ଘଟିବ ତାର ଭବିଷ୍ୟତର ଗତିପଥ। ଏଇ ତ ତାର ହଜିଲା ଧାନୀ। ହୋଇପାରେ ତାର କାଳି ମୁଗୁନି ଧାନୀ ଲୁଣିଆ ପାଣିରେ ତୋଫା ଗୋରା ହୋଇଯାଇଛି। ତଥାପି ତାର ଜୀବନର ନୌକା ଆଗେଇ ଚାଲିଛି ସୁରୁଖୁରୁରେ ଧୀର ପ୍ରବାହମାନ ଗତିରେ। ବିନା ଝଡ଼ ଝଂଜାରେ ବିନା ସ୍ୱାମୀର ଅଧିକାର ଜାହିରରେ ବି ସେ ଗୋଟାପଣେ ଧାନୀର ସ୍ୱାମୀ। ବିନା ସିନ୍ଦୁରରେ ସ୍ୱାମୀର ଅଧିକାର ନେଇ ବଞ୍ଚେ। ସଞ୍ଜ ବୁଡେ। କାମରୁ ଅମର ଫେରେ। ତାକୁ ଅନୁଭବ ହୁଏ ବୋଧେ ସଞ୍ଜ ଆଳତି ଜାଳି ତାର ମଙ୍ଗଳ ମନାସି ତାର ଫେରିବା ପର୍ଯ୍ୟନ୍ତ ତା ବାଟକୁ ଅନେକ ରହିଥିବ ନବବଧୂ ଭଳି ତାର ପ୍ରାଣପ୍ରିୟା ଧାନୀ।

କେଜାଣି କାହିଁକି ଅମରର ମନଟା ଖୁବ୍ ଉଦାସ ଲାଗୁଛି ଆଜି। କାରଣ ପ୍ରଥମ ଥର ଲାଗି ଆଜି ଧାନୀ ଘରୁ ବାହାରିଛି ମଥାରେ ସିନ୍ଦୁର ପାଦରେ ଅଳତା ନାଇ। ତାକୁ ଜୁହାର ହୋଇ କିଛି ସମୟର ମେଲାଣି ମାଗିଛି। ଅଟକାଇବାର ରାସ୍ତା ବି ନଥିଲା। ପାଖ ପଡୋଶୀ ଘରେ ଛୋଟ ଛୁଆଟିର ଏକୋଇଶା ପୂଜାର ଆୟୋଜନ। ଅମର କେବେ ସେମାନଙ୍କୁ ଦେଖି ନଥିଲା। ସେମାନେ ଧାନୀକୁ କେମିତି ଜାଣିଲେ ପଚାରିବା ଏକ ଅପ୍ରାସଙ୍ଗିକ ପ୍ରଶ୍ନ ଭଳି ଅନୁଭବ କରୁଥିଲା ଅମର। ଧାନୀ କାହିଁକି ଖୁବ୍ ବିଚଳିତ। ନ ଯିବାର ବାହାନା। ଛୋଟ ଛୁଆଟିକୁ ଛାଡି ଯାଇପାରିବନିର ଘୋଷଣା ନ କଲେ ବି ତା ଆଖିରେ ବିକଳ ପଣ। ଅମର ଧାନୀର ସମ୍ପର୍କରେ ଭରି ରହିଥିଲା ଐଶୀଶକ୍ତି ଭଳି ସ୍ୱର୍ଗୀୟ ପ୍ରେମ। ଧାନୀ ନାଚାର। ଯିବାକୁ ପଡିବ। ମୋତି ବି ନିତିଆ ବୋଉକୁ ଭଲ ଆଦରି ଗଲାଣି। ହେଲେ ଅମର ମନରେ ଏତେ ଉତ୍ତାଳ ତରଙ୍ଗ କାହିଁକି ?

ଧାନୀର ଅନୁପସ୍ଥିତି ତାର ପ୍ରାଣକୁ କ୍ଷତ ବିକ୍ଷତ କରିପକାଉଛି। ଖାଲି ଘରର ଖାଁ ଖାଁ ଶୂନ୍ୟତା ସତେ ଯେମିତି ତା ଆଡକୁ କାମୁଡିବାକୁ ଦଉଡି ଆସୁଛି। ଛୁଆଟା ବି ଖୋଜୁଛି ଡହଳ ବିକଳ ହୋଇ ମାଆର ଉଷୁମପରଶ। ଗୋଟେ ଘରେ ଗୋଟିଏ ଛାତ ତଳେ ଉଭୟ ଉଭୟଙ୍କୁ ସୁଖଦୁଃଖ ବାଣ୍ଟୁଥିବା ବେଳେ ଅମର କେବେ ଧାନୀ ଆଡକୁ ଆକର୍ଷିତ ହୋଇନି ସ୍ୱାମୀର ଅଧିକାର ନେଇ। ତଥାପି ଏକ ମୋହ ଟାଣିନିଏ ଧାନୀର ଦେବୀ ରୂପରେ ମାତୃତ୍ୱରେ ଭରପୁର ସଂସାରକୁ ଦେଖି। ଧାନୀ ଫେରିଥିଲା ଘରକୁ ଅବଶ ମନ ନେଇ। ହେଲେ ହାତରେ ଖିରି ପୁରି ଅନେକ କିଛି ଜିନିଷ। କଣ ହୋଇଛି ଧାନୀର। ଧାନୀର ଆଖି ଫୁଲିଛି କାହିଁକି ?

ଅମର ପାଦରେ ତେଲ ଘଷି ଦେଇ ପାରିନଥିଲା ଧାନୀ। ଆଙ୍ଗୁଳିଗୁଡ଼ିକ ଲାଲ ଫର ଫର ଦିଶୁଥିଲା। ଅମର କିଛି ପଚାରିବା ଆଗରୁ ଧାନୀ ଏପଟ ସେପଟ ଉତ୍ତର ଦେଇ ଟାଳି ଦେଇଥିଲା।

ହେଲେ କିଛିଦିନ ଅନ୍ତରେ ଅନ୍ତରେ କିଛି ମହିଳା ଧାନୀ ପାଖକୁ ଆସୁଥିଲେ। ସେମାନଙ୍କୁ ଦେଖି ଧାନୀ ଥରଥର ପାଦରେ ଘର ଭିତରକୁ ଯାଇ ମୋତିକୁ ଜାବୁଡି ଧରି କାନ୍ଦୁଥିଲା। ଅମର ଛୁପି ଛୁପି ସବୁ ଦେଖି ଅବୁଝା ଆଖିରେ ଚାହିଁ ରହେ ଧାନୀକୁ। ଅମର ମନରେ ଅସମ୍ଭବ ଭୟ ମାଡି ବସୁଥିଲା ଚକାମାଡି। ଅମର ଭାବୁଥିଲା ସେମାନଙ୍କର ଆତ୍ମୀୟ ନୁହେଁ ତ ଧାନୀ ? ସେମାନେ ଏଠାରୁ ଧାନୀକୁ ନେବାକୁ ସଲା ସୁତୁରା କରୁନାହାନ୍ତି ତ ? । ବୁଢ଼ିଆଣୀ ସୂତା ଭିତରେ ଗୁଡେଇ ତୁଡେଇ ହୋଇ ଅମର ଅଣନିଃଶ୍ୱାସୀ ହୋଇଯାଉଥିଲା। ଦିନେ ଧାନୀ ପୂଜା ଦେବାକୁ ଯିବାକୁ ପଡିବ ବୋଲି ସେମାନଙ୍କ ସହିତ ବାହାରି ଯାଇଥିଲା। କେଉଁ ଅଜଣା ଭୟ ଓ ଉତ୍ସୁକତାରେ ଅମର ପଛେ ପଛେ ଧାନୀକୁ ଅନୁସରଣ କରିବାକୁ ବାଧ ହୋଇଥିଲେ। ସେମାନେ ମନ୍ଦିର ନ ଯାଇ ଏକ ଫୁଲ ବେଲୁନରେ ସଜା ଯାଇଥିବା ଘର ପାଖରେ ଅଟକି ଯାଇଥିଲେ। ପାଖଘର ଭିତରକୁ ତାଙ୍କୁ ପାଛୋଟି ନେଇଥିଲେ ଏକ ଭଦ୍ରଲୋକ। ଅମର କିଛି ବୁଝି ପାରୁନଥାଏ। ମୁହଁରେ ଗାମୁଛା ଦେଇ ଭଲ ଭାବରେ ଢାଙ୍କି ରଖିଥାଏ ସେ ନିଜକୁ। ହେଲେ ସେ ଘର ଭିତରୁ ବାହାରି ଆସିଥିଲେ ଅର୍ଦ୍ଧନାରୀଶ୍ୱର ମୂର୍ତ୍ତି ଭଳି କିଛି ମହିଳା। ପାଛୋଟି ନେଇଥିଲେ ଧାନୀ ସହିତ ଦୁଇଜଣଙ୍କୁ। ଅମରର ପାଦତଳୁ ମାଟି ଖସି ଆସୁଥାଏ ଅଜଣା ଆଶଙ୍କାରେ।

କବାଟ ଆଉଜେଇ ଦେଇଥିଲେ ସେମାନେ। କବାଟ ଫାଙ୍କରୁ ଦେଖୁଥିଲା ଅମର। ଧାନୀ ବେକରେ ଝୁଲାଇ ଦେଇଥିଲେ ସେମାନେ ଏକ ମୃଦଙ୍ଗ। ବଜାଇବାକୁ ଧରାଇ ଦେଇଥିଲେ ବାଡ଼ି। ଧାନୀ କାନ୍ଦୁଥିଲା କଇଁ କଇଁ। ଲମ୍ବା ସିନ୍ଦୁରଧାରୀ ମହିଳାର ପାଦଧରି କରୁଥିଲା ଗୁହାରି।

ମୋତେ ଆଉ ପଛକଥା ମନେ ପକାଇବାକୁ ଦିଅନା। ମୁଁ ମୋ ସଂସାର, ସ୍ୱାମୀ ଆଉ ଝିଅକୁ ଛାଡ଼ି ବଂଚି ପାରିବିନି।

ତୋର ପୁଣି ସଂସାର ? କି ସଂସାର ? ଆମ ଭଳି କିନ୍ନରମାନଙ୍କର ପୁଣି ସ୍ୱାମୀ ସଂସାର ? ତୁ କ'ଣ ଭାବିଥିଲୁ ଆମ ହାତରୁ ଖସି ସମୁଦ୍ରକୁ ଡେଇଁ ପଡ଼ିଲେ ଆମେ ତୋତେ ପାଇବୁନି ? ସେ ମିଛ ସଂସାର ଛାଡ଼ି ଚାଲି ଆସେ। ନ ହେଲେ ତୋର ପରଦା ଖୋଲିଦେବୁ ଆମେ। ତୁ ଧାନୀ ନୁହେଁ ତୁ ଈଶ୍ୱରୀ ବୋଲି ଦୁନିଆକୁ ଜଣାଇ ଦେବୁ।

ଧାନୀ ବିକଳ ହୋଇ ଛାତି ଫଟାଇ କାନ୍ଦୁଥିଲା। ପିଟୁଥିଲା ମୃଦଙ୍ଗ। ଅମର ପାଲଟି ଯାଇଥିଲା ଜଡ଼। ସେ ଧାନୀ ଭିତରେ ଦେଖିବାକୁ ପାଉଥିଲା ପ୍ରକୃତ ଈଶ୍ୱରୀକି। ଭାବୁଥିଲା, କାଲିର ସକାଳରେ ସେ ସୃଷ୍ଟି କରିବ ନୂତନ ଇତିହାସ। ଧାନୀକୁ ମୁକ୍ତ କରିବ ଜଟିଳ ସମସ୍ୟାରୁ। ସେ ତା'ର ଧାନୀ ହୋଇ ରହିବ ସାରା ଜୀବନ। କେବେ ବି ଈଶ୍ୱରୀ ହେବାକୁ ଦେବନି। ଫେରି ଆସିଥିଲା ଅମର। ମନକୁ କରି ନେଇଥିଲା ଶକ୍ତ। କିଛି ସମୟ ପରେ ଘନ ରାତିରେ ଫେରିଥିଲା ଧାନୀ। ଫୁଲା ଫୁଲା ଆଖି। କୋଳେଇ ନେଇଥିଲା ଅମର। ସିଂଥିରେ ନେସି ଦେଇଥିଲା ମେଂଚେ ସିନ୍ଦୁର। କୋଳରେ ଦେଇଥିଲା ମୋତିକୁ। ଧରିଥିଲା ଧାନୀର ଚୂଡ଼ି ପିନ୍ଧା ହାତକୁ। କହିଲା – ଚାଲ୍ ଧାନୀ। ସଅଳ ବାହାରି ପଡ଼। ସିନ୍ଦୁରା ଫାଟିବା ଆଗରୁ ଆମେ ପହଂଚିଯିବା ନୀଳ ଆକାଶର ହାତ ପାହାନ୍ତି ଜହ୍ନ ପାଖରେ। ଯାତନାର ସୁଡଙ୍ଗରୁ ମୁକତି ପାଇ ଖୋଜିବା ନୂଆ ପୃଥିବୀ। ବିନା ପ୍ରଶ୍ନ ବାକ୍ୟରେ ଚିରୁଡାଏ ହସ ଉକୁଟି ଆସୁଥିଲା ଧାନୀ ଓଠରେ। ସେ ଦିଶୁଥିଲା ଆହୁରି ସୌନ୍ଦର୍ଯ୍ୟମୟୀ। ଉଜ୍ଜ୍ୱଳ ଈଶ୍ୱରୀ।

*ଏସ.ଏ. ଫ୍ଲାଟ ନଂ. -୯୪*
*ମେଟ୍ରୋପଲିଟାନ କୋପରେଟିଭ ସୋସାଇଟି*
*କୋଲକତା : ୭୦୦୧୦୫*
*ଦୂରଭାଷ: ୭୦୦୩୪୭୭୨୦୭*

# ସମୁଦ୍ର ମନ୍ଥନ

## ମାୟାଧର ସାହୁ

ମୋହନ ଅଫିସରୁ କାମ ସାରି ତା ବାଲ୍ୟସାଥୀ ରଞ୍ଜନର ଘରେ ପହଞ୍ଚିଲା ବେଳକୁ ସନ୍ଧ୍ୟା ସାତଟା ହେଲାଣି । ବେହାଲା ବ୍ରାଞ୍ଚ ଅଫିସରୁ ଆଲିପୁର ଯାଏ ଭିଡ଼ ଭିତରେ ଗାଡ଼ି ଚଲେଇବା ଆସିବା ସତେ ଯେମିତି ଏକ କୃଚ୍ଛ ସାଧନା !

ରଞ୍ଜନ କଥା ମନେ ପଡ଼ି ଆଖି ପାଣିଚିଆ ହୋଇ ଉଠିଲା ତା'ର । ଛଅ ମାସ ତଳେ ତା'ର ଅତିପ୍ରିୟ ରଞ୍ଜନ, ମେଜର ରଞ୍ଜନ ଦାଶ ଅରୁଣାଚଳରେ ଉଗ୍ରବାଦୀ ଦମନ ଅଭିଯାନରେ ଶହୀଦ ହୋଇଗଲା । ଉଗ୍ରବାଦୀ ଦଳ ସଫା ହୋଇଗଲେ ସତ କିନ୍ତୁ ସଫଳ ଅପରେସନ ପରେ ଗାଡ଼ିରେ ଫେରି ଆସୁଥିବାବେଳେ ଏକ ଲ୍ୟାଣ୍ଡ ମାଇନ୍‌ର ବିସ୍ଫୋରଣରେ ରଞ୍ଜନ ସମେତ ସେ ଗାଡିରେ ଥିବା ଅନ୍ୟ ସମସ୍ତେ ପ୍ରାଣ ହରାଇଲେ ।

ପିଲା ଦିନୁ ଦୁହେଁ ଥିଲେ ଅତି ଘନିଷ୍ଠ । ବଦମାସୀ ହେଉ ବା ଭଲ କାମ ସବୁ ଉଭୟଙ୍କ ଭାଗିଦାରୀରେ ହେଉଥିଲା । ମୋହନର ଜୀବନ ଥିଲା ରଞ୍ଜନମୟ । ଫରକ ଏତିକି ଯେ ମୋହନ ଥିଲା ଲାଜକୁଳା ଭାବୁକ ଶ୍ରେଣୀର ପିଲା ମାତ୍ର ରଞ୍ଜନ କୁହାଳିଆ, ସ୍ମାର୍ଟ ଓ ଆକର୍ଷଣୀୟ ବ୍ୟକ୍ତିତ୍ୱର ଅଧିକାରୀ । କଲେଜ ପରେ ମୋହନ ବ୍ୟାଙ୍କ ପ୍ରୋବେଶନର ହେଲା । ରଞ୍ଜନ ଇଞ୍ଜିନିୟରିଂ ପଢ଼ିଲା ପରେ ବି ଅପେକ୍ଷାକୃତ ସହଜରେ ପାଇ ପାରିବା ଟେକ୍‌ନିକାଲ ଲାଇନରେ ଡିଫେନ୍ସ ସର୍ଭିସ୍ ପାଇଁ ଚେଷ୍ଟା ନ କରି କମ୍ବାଇନଣ୍ଡ ଡିଫେନ୍ସ ସରଭିସେସ୍ ପରୀକ୍ଷା ଦେଇ ସଫଳ ହେଲା । ଡେରାଡୁନ ସ୍ଥିତ ଇଣ୍ଡିଆନ ମିଲିଟାରୀ ଆକାଡେମୀରେ ଟ୍ରେନିଂ ନେଇ ଆର୍ମିରେ ଯୋଗଦେଲା । ଆର୍ମିର କୋମ୍ୟାଟ୍ ଲାଇନରେ ଯୋଗ ଦେବା ତା'ର ଥିଲା ସଙ୍କଳ୍ପ ।

ଆଲିପୁରରେ ପହଞ୍ଚି ବନ୍ଧୁପତ୍ନୀ ଲୀନାକୁ ତା' ପାଇଁ ଉଦ୍ଦିଷ୍ଟ ପାର୍ସଲଟି ଦେଇଦେଲା ମୋହନ । ଟିକିଏ ଥକାମାରିଲା ପରେ ଫେରିଯିବ । ନ ହେଲେ ବେହାଲାରେ ନିଜ ଘରେ ପହଞ୍ଚିବାକୁ ଡେରିହେବ । ପୁଣି ସକାଳୁ ଉଠ । ବ୍ୟାଙ୍କ ଦୌଡ଼ । ଜୀବନ ଯନ୍ତ୍ରବତ୍ । କିନ୍ତୁ ଲୀନା ତାକୁ ଚାହା ପିଇବା ପାଇଁ ବାଧ୍ୟ କଲା । କହିଲା, 'ବୋଧେ ସିଧା ବ୍ୟାଙ୍କରୁ ଆସିଛ ମୋହନ । ଅଳ୍ପ ସମୟ ବସି ଆରାମ କର । ଚାହା କପେ ପିଇ ଦେଇ ଚାଲିଯିବ ।"

ଚାହା ପିଉ ପିଉ ମୋହନ ପଚାରିଲା, 'ମୁନ୍ନୀ ଶୋଇପଡ଼ିଛି କି ?'

ଲୀନା କହିଲା, 'ହଁ, ଏହିବେ ଶୋଇଲା । ପେଟେଇବାକୁ ଚେଷ୍ଟା କରୁଛି । କଡ ଲେଉଟେଇଲାଣି ।"

– "ଆରେ ବାଃ ଖୁବ୍ ଭଲ କଥା ।"

ଫେରି ଆସି ଘରେ ପହଞ୍ଚିଲା ବେଳକୁ ରାତି ନଅ । ସକାଳେ ଚୌରାସ୍ତା ବଜାରରୁ ଆଣିଥିବା ଇଲିଶି ମାଛର ଭାପା ବନେଇଛି ରୋଷେୟାଣୀ ବୌଦି । ଭାତ, ଡାଲି ଆଉ ଇଲିଶିର ସ୍ୱାଦରେ ଖାଇବା ବେଶି ହୋଇଗଲା । ବାଁ କଡ଼ ମାଡ଼ି ଶୋଇପଡ଼ିଲା ମୋହନ ।

ପରଦିନ ବ୍ୟାଙ୍କରେ ନିଜ ଚାମ୍ବରରେ ବସିଥିଲା । କିଛି ଫାଙ୍କା ସମୟ ହାତରେ ଥାଏ । ପରଦିନ ମାସଶେଷ ଶନିବାର ଛୁଟି । ଦୁଇଦିନ ଲାଗଲାଗ ଛୁଟି । କାଲି ଛୁଟିଦିନରେ ସେ ବେଲୁର ଯିବ । ସେଠି ସ୍ୱାମୀ ବିବେକାନନ୍ଦଙ୍କ ମର ଶରୀରକୁ ଯେଉଁଠି ଅଗ୍ନିସମର୍ପଣ କରା ହୋଇଥିଲା ସେଠାକାର ଗଛ ପାଖରେ ବସିଲେ ମନରେ ଶାନ୍ତି ଆସେ । ତାକୁ ବହୁତ ଶକ୍ତି ମିଳେ । ସେଇଠି ବସି ରହିବ ସେ କାଲି । ଇଚ୍ଛା ହେଉଥିଲା ଶନିବାର ଦିନ ସାରା ବେଲୁରରେ ବସି ରହିବାକୁ, ହେଲେ ବାରଟା ବେଳେ ଫେରିବାକୁ ପଡ଼ିଲା । ଘରକୁ ଆସି ଶାନ୍ତିରେ ଶୋଇପଡ଼ିଲା । ସନ୍ଧ୍ୟାବେଳେ ଲୀନା ଫୋନ୍ କଲା । କହିଲା, 'ମୋହନ, ଆଜି 'ପଟେଲ ଫାଇନାନ୍ସ' କମ୍ପାନୀର ନିଯୁକ୍ତି ପତ୍ର ପାଇଲି । ସେପ୍ଟେମ୍ବର ଏକ ତାରିଖକୁ ଜଏନ୍ କରିବାକୁ କୁହାଯାଇଛି । କାଲି ରବିବାର । ତୁମେ ଆସିପାରିଲେ ଏ ବିଷୟରେ ଆଲୋଚନା କରି କିଛି ଗୋଟାଏ ସିଦ୍ଧାନ୍ତ ନେବି । ହଁ, ତୁମେ ଏଇଠି ଲଞ୍ଚ କରିବ ।"

ରଞ୍ଜନର ଦେହାନ୍ତ ପରେ ପଟେଲ୍ ଫାଇନାନ୍ସ ଲୀନାକୁ ଚାକିରୀ ଦେବାର ବିଜ୍ଞପ୍ତି ଜାରି କରିଥିଲା । ଏମିତି ଶହୀଦ ହୋଇଥିବା ସମସ୍ତଙ୍କବିଭିନ୍ନ ପ୍ରକାରର ସହାୟତା ବିଭିନ୍ନ କର୍ପୋରେଟ୍ ଘୋଷଣା କରିଥିଲେ ।

ଗାଡି ଚଲେଇବାକୁ ଇଚ୍ଛା ହେଲାନି ବୋଲି ମୋହନ ଟ୍ୟାକ୍ସିରେ ଆସିଲା ଆଲିପୁର । ଲୀନା ରହୁଥିବା ଘରେ ଇଲିସିମାଛ ଓ ସୋରିଷର ମିଶ୍ର ତଥା ହାଲୁକା ସୁଗନ୍ଧ ବାରିହୋଇ ପଡୁଥାଏ । ମୋହନକୁ ଡ୍ରଇଁରୁମ୍‌ରେ ବସେଇ ଦେଇ 'ମୋତେ ଦଶମିନିଟ୍ ଦିଅ, ମୁଁ ଅଳ୍ପଟିକେ କାମ ସାରି ଦେଇ ଆସୁଛି' ବୋଲି କହି ଲୀନା ଭିତରକୁ ଚାଲିଗଲା । ଯାଉଯାଉ ଫେରି ଚାହିଁ କହିଲା, "ଖବର କାଗଜ ଡାହାଣ ପାଖେ ଅଛି । ତୁମେ ପଢୁଥାଅ ।"

ମୋହନ ଲୀନାର ମୁହଁକୁ ଚାହିଁ ରହିଥିଲା । କୃଷ୍ଣଘନ ରେଶମୀ ଝୁଲନ୍ତା କେଶ ଦିପାଖେ ଦୁଇକାନକୁ ତା'ର ଢାଙ୍କି ଦେଇ ତଳକୁ ଲମ୍ବିଛି । ସେଇ ଘନକୃଷ୍ଣବନ୍ଧନୀ ଭିତରୁ ଲୀନାର ଦୁଧ ଅଳତାର ମିଶ୍ରରଙ୍ଗ ପରି ଉଜ୍ଜ୍ୱଳ ସୁନ୍ଦର ମୁହଁ ବାଦଲ ଭିତରୁ ମୁକୁଳି ଆସିଥିବା ଚନ୍ଦ୍ରମା ପରି ଝଲସି ଉଠୁଛି । ଯେମିତି କଲେଜରେ ପଢ଼ିଲା ବେଳେ ଦିଶୁଥିଲା ଠିକ୍ ସେମିତି , ଏକ ମର୍ମସ୍ପର୍ଶୀ କବିତାର ରକ୍ତମାଂସଧାରୀ ପାର୍ଥିବ ରୂପ ପରି । ସେତେବେଳେ ସିଏ ମୋହନର ପାଖ ଦେଇ ଚାଲିଗଲେ କେଉଁ ଏକ ନାମ ଅଜଣା ଫୁଲର ଭୁରୁଭୁରୁ ଗନ୍ଧ ତାକୁ ସମ୍ମୋହିତ କରି ପୁଣି ଧୀରେ ଧୀରେ ଅପସରି ଯାଏ । ଲୀନାକୁ ଫେରି ଚାହିଁବାକୁ ଲୋଭ ହୁଏ । ଆଜି କାହିଁକି କେଜାଣି ସେମିତି ହିଁ ଦିଶୁଛି ଲିନା । ନାହିଁ କେବଳ ତା ମୁହଁରେ ହସ ଆଉ ମଥାରେ ବଧ ବଙ୍ଗାଳୀ ବିନ୍ଦି । ଆଖି ବନ୍ଦକରି କଳ୍ପନାରେ ଲୀନାର ଚେହେରାରେ ଚେନାଏ ହସ ମାଖି ଦେଇ ତାକୁ ନିହାରିବାକୁ ଲାଗିଲା ମୋହନ । କିଛି କ୍ଷଣ ପରେ ପ୍ରକୃତିସ୍ଥ ହୋଇ ଆଖି ଖୋଲିଲା । ଡାହାଣ ପଟ କାନ୍ଥରେ ବାଲ୍ୟ ସାଥୀ ରଞ୍ଜନର ହସହସ ମୁହଁର ଫଟୋ ଆର୍ମି ୟୁନିଫର୍ମରେ ଟଙ୍ଗା ହୋଇଛି । ଏକ ତୀବ୍ର ଅପରାଧବୋଧରେ ଭାଙ୍ଗି ପଡିଲା ମୋହନ । ଆଖି ପାଣିଚିଆ ହୋଇ ଉଠିଲା ତା'ର । ମନେମନେ କହିଲା, ରଞ୍ଜନ, ମୋତେ କ୍ଷମା କରିଦେ ଭାଇ । ତୋର ଏ ପାପୀ ପାଷାଣ୍ଡ ଆଉ ସୁବିଧାବାଦୀ ସାଥୀ ସାଙ୍ଗକୁ ଦୟାକରି କ୍ଷମାକର । ମୋ ମନରେ ପଶି ଆସୁଥିବା ଅନାହୃତ ଭାବନାକୁ ଆଉ ପ୍ରଶ୍ରୟ ଦେବିନି ରେ । କେବେ ବି ଦେବିନି ।

ମୋହନ ଦମ୍ଭ ହୋଇ ବସି ରହିଲା । ଲୀନା ଆସି ସୋଫାରେ ବସିପଡ଼ି କହିଲା, "ଭୋଜନ ପ୍ରସ୍ତୁତ ।" ହାତରେ ଥିଲା କମ୍ପାନୀର ନିଯୁକ୍ତି ପତ୍ର । ମୋହନ କହିଲା ଆଗେ ଏ ଚିଠି ମୁଁ ଥରେ ଦେଖିଦିଏ । ତା ପରେ ଖାଇବା, ଲଞ୍ଚ ସମୟ ତ ହେଇନି ।"

ଚିଠି ପଢ଼ି ମୋହନ ଖୁସି ହୋଇ କହିଲା,

"ସାକ୍ଷାତକାର ବେଳେ କର୍ତ୍ତୃପକ୍ଷ ଯାହା କହିଥିଲେ ସେଇଆ। ତୁମକୁ "କର୍ପୋରେଟ ସୋସିଆଲ୍ ରେସପନସିବିଲିଟି" ଅଫିସର ର ଅଫର। କାମ ବେଶୀ ଟେକ୍ନିକାଲ ଟାଇପ୍ ର ନୁହେଁ।

କିନ୍ତୁ ଦାୟିତ୍ୱ ଅନେକ। ବହୁତ ପରିଶ୍ରମ କରିବାକୁ ହେବ କାରଣ ଜନସାଧାରଣଙ୍କ ଆଗରେ କମ୍ପାନୀର ଭାବମୂର୍ତ୍ତି ତୁମ ସାମାଜିକ କାମ ଉପରେ ନିର୍ଭର କରିବ"

ଲୀନାର କୋଳରେ ମୁନ୍ନୀ ଏଁ ଏଁ କରି କାନ୍ଦି ଉଠିଲା। ତାକୁ ନିଜ ଆଡକୁ ଆଣି ଉପରକୁ ଉଠେଇ ଝୁଲେଇଲା ମୋହନ। କହିଲା, ମମି ଅଫିସ୍ ଯିବ ବୋଲି ଜାଣିଦେଲୁ କି? ସେଥିପାଇଁ ଏ କାନ୍ଦୁରା ପ୍ରତିବାଦ?"

ଲୀନା ନିଶ୍ଚଳ ଆଖିରେ ମୋହନକୁ ଦେଖୁଥିଲା। ମୋହନ ମୁନ୍ନୀକୁ ଖେଳେଇ ହଲେଇ ଗେହ୍ଲା କରିବାରେ ବ୍ୟସ୍ତଥାଏ। ମୁନ୍ନୀର କାନ୍ଦଣା ବନ୍ଦ ହୋଇଗଲା କିଛି ସମୟ ଭିତରେ ସେ ଖିଲ୍ ଖିଲ୍ ହୋଇ ହସିବାକୁ ଲାଗିଲା। ଲୀନାର ଆଖି ସେମିତି ସ୍ଥିର ନିଶ୍ଚଳ ହୋଇ ଚାହିଁ ରହିଥାଏ ସେଇ ଆଡେ। ମୋହନ କହିଲା, " ମାଉସୀ (ରଞ୍ଜନର ମାଆ) ନଚେତ୍ ତୁମ ମାଆ କାହାକୁ ହେଲେ ଏଠିକି ଆସି ତୁମ ପାଖେ ରହିବାକୁ ହେବ। ତୁମକୁ ବି ଏକା ଏକା ଲାଗିବ ନାହିଁ କି ମୁନ୍ନୀକୁ କ୍ରେସ୍ ରେ ଛାଡ଼ିବା ଦରକାର ପଡ଼ିବ ନାହିଁ। ଚାକିରୀ କରିବାକୁ ହେଲେ ତୁମକୁ ମଙ୍ଗଳପୁର ଫେରି ନ ଯାଇ କଲିକତାରେ ଏବେ ରହିବାକୁ ପଡ଼ିବ। ଏ କମ୍ପାନୀର ଅଫିସ ଓଡ଼ିଶାରେ ନାହିଁ।"

ମୋହନର କଥା ଶୁଣି ଲୀନା ହଠାତ୍ ଅନ୍ୟମନସ୍କତାରୁ ବାହାରି ଆସି ପ୍ରକୃତିସ୍ଥ ହେଲା।

ମୋହନ ଲୀନାକୁ ଫେରି ଚାହିଁ ଦେଖିଲା ଲୀନାରେ ଆଖିରେ ଯେମିତି ଅସରନ୍ତି ମୂକଭାଷା ସମୁଦ୍ରର ଲହଡି ପରି ଲହଡି ଭାଙ୍ଗୁଛି।

ଆହା! ଇଏ କି ରୂପ ତା'ର। ଆଖିରେ ନିଃଶବ୍ଦ ଆତ୍ମୀୟତା, ନାସାଗ୍ରରେ ଲାଲିମା, ଓଠରେ ଅମାନିଆ କମ୍ପନ! ଧଡ୍ ଧଡ୍ ହୋଇ ଉଠିଲା ମୋହନର ଛାତି। ଲୀନାର ଏମିତି ରୂପ ସେ ତା ସହପାଠୀ ଜୀବନରେ ନିଜ କଳ୍ପନାରେ କେତେ ଅବା ନ ଆଙ୍କିଛି। ଏମିତି ଆଙ୍କିଚାଲିଛି କେବଳ କଳ୍ପନାରେ ସିନା ତାକୁ କିଛି କହିବାକୁ ବା ଆଭାସ ଦେବାକୁ କେବେ ସାହାସ ଜୁଟେଇ ପାରିନି। ଚାରିଧାଡିଆ ଛିଠି ଲେଖିଛି ଚିରିଛି,କାଗଜ ପରେ କାଗଜ। ଅକୁହା ଭାବନର ବେଦନା ଭିତରେ ନିଜକୁ ଖାପ ଖୁଆଇ କଲେଜ ସାରି ଚାଲିଆସିଛି ପଛେ ଜଣେଇବାର ସାହାସ କରିପାରି ନାହିଁ।

କାହିଁକି କେଜାଣି ଲୀନାର ମୁହଁ ଉପରକୁ ଠିକ୍ ନାକ କଡକୁ ଝୁଲିପଡିଥିବା ଅଲରା ବାଳକେଇଟାକୁ ଉପରକୁ ଉଠେଇଦେଇ ସଜେଇ ଥୋଇବାକୁ ଇଚ୍ଛା ହେଲା ତା'ର। ସେଇ ଇଚ୍ଛାରେ ଉପରକୁ ଉଠୁଥିବା ଆଙ୍ଗୁଳି ଦୁଇଟି ଏକ ଦ୍ୱନ୍ଦ ଭିତରେ ଥରିବାକୁ ଲାଗିଲା କେବଳ। କଡରେ କାନ୍ଥ ଉପରେ ରଞ୍ଜନର ଫଟୋ। ସେ ଯେମିତି ମୋହନକୁ ନିରୀକ୍ଷଣ କରୁଛି! କେବଳ ମୋହନର ଆଚରଣ ନୁହେଁ ତା ମନଗହନର ସବୁ ଗୋପନ ଭାବନା ଜଳଜଳ ଦିଶିଯାଉଛି ତାକୁ। ମୋହନର ଆଖି ଓଜନିଆଁ ହୋଇ ଉଠିଲା।ଏଇ କିଛି ସମୟ ଆଗରୁ ରଞ୍ଜନର ଫୋଟୋ ଆଗରେ ତାକୁ ଦେଇଥିବା ଆଶ୍ୱସନା ଓ ନିଜ ଶପଥ କେମିତି ଭୁଲିଗଲା ସେ!

ମୋହନକୁ ଲାଗିଲା ସେ କେବଳ ଏକ ବିଶ୍ୱାସଘାତକ ବନ୍ଧୁ ନୁହେଁ ଏକ ଦେଶ ଦ୍ରୋହୀ ବି। ରଞ୍ଜନ ପରି ତା'ର ପ୍ରିୟ ମିତ୍ର ଦେଶ ପାଇଁ ନିଜର ଜୀବନ ଦେଇ ଦେଲା। ତା'ର ବିଧବା ପତ୍ନୀ ପାଇଁ ନିଜ କଲେଜ ଦିନର ଅପ୍ରକାଶ୍ୟ ଏକ ତରଫା ଭଲପାଇବାର କଳ୍ପନା ଯାହାକି ରଞ୍ଜନର ବିବାହ ବେଳୁ ମନରୁ ପୋଛିଦେଇ ଯୋଗୀମୁନି ପରି ନିର୍ମଳ ଚିତ୍ତ ଆଦରି ନେଇଥିଲା ମୋହନ। ଏବେ ସେଇ ଭାବନାର ପୁର୍ନଜନ୍ମ ଏକ ପ୍ରକାର ଦେଶଦ୍ରୋହ ଓ ବନ୍ଧୁତାର ଅପମାନ ନୁହେଁ ତ ଆଉ କ'ଣ ??

ମଣିଷର ମନ ବଡ ବିଚିତ୍ର। କଲେଜ ବେଳର ଏକତରଫା ଭାବନା ଯାହାକୁ ସେ ନିର୍ମୂଳ କରିଦେଇଛି ବୋଲି ଭାବୁଥିଲା ସେଇ ଭାବନାର ଚେର ତା ଅବଚେତନାର ଅଦୃଶ୍ୟ ଗୁହାରେ ବଂଚି ରହିଥିଲା। ଏବେ ସେଇ ଆତ୍ମପ୍ରକାଶ କରୁଛି। ତାକୁ ଦ୍ୱନ୍ଦ ଆଉ ଅପରାଧ ବୋଧ ଭିତରେ ଦଳିଚକଟି ଚାଲିଛି। ଏକଥା ଭାବି ମୋହନ ନୀରବରେ ଆଖି ପୋଛିଲା, ରୁମାଲରେ।

ଲୀନା ପଚାରିଲା, "ଏତେ କାନ୍ଦୁରା କ'ଣ ତୁମେ ମୋହନ? ଏତେ ଅନ୍ୟମନସ୍କ। ଏତେ ଭାବୁକ। ଭାବୁକ ମାତ୍ରେ ହିଁ ପ୍ରାୟତଃ ଜନ୍ମ ଦୁଃଖି। ସବୁବେଳେ ଭାବରାଇଜ ରେ ଘୁରିବୁଲୁ ଥାଆନ୍ତି। ବାସ୍ତବ ଜୀବନର କଠୋରତାକୁ ଆପଣେଇ ପାରନ୍ତି ନାହିଁ। ଉପରେ ଉପରେ ଉଡୁଥିବା ଲୋକ ମାଟିର ସତ୍ୟକୁ ଗ୍ରହଣ କରି ନ ପାରି ଦୁଃଖ ଭୋଗେ।"

କହିବା ବନ୍ଦକରି ଲୀନା ମୋହନକୁ ଅନେଇଲା। ମୋହନର ପାଣିଚିଆ ଆଖି କେବେ ରଞ୍ଜନର ଫଟୋ ତ ଆଉ କେବେ ସୋଫାରେ ବସିଥିବା ଲୀନାର ମୁହଁକୁ ପାଳି କଲାପରି ଚାହିଁ ରହୁଥିଲା। ଲୀନା କହିଲା, "ଇଣ୍ଡିଆନ୍ ଆର୍ମି ଅଫିସର ର ଘର ଇଏ। ଏଠି କାନ୍ଦିବା, ଲୁହ ଗଡ଼େଇବାରେ ବିଧି ନାହିଁ। ଭାରତୀୟ ସେନାର କୌଣସି ପରିବାରରେ ବି କାନ୍ଦିବାର ପ୍ରଥା ନାହିଁ। ପୁଣି ଶହୀଦ ର ଘରେ ଲୁହ। ଯେ ନିଜର ପ୍ରାଣ ତେଜିଦେଲା ତା'ର ଆପଣାର ଲୋକେ କାନ୍ଦିବା ପରି ଏକ ଇମୋସନ୍‌କୁ ତେଜି ପାରିବେ ନାହିଁ? ରଞ୍ଜନ ଇଂରେଜୀ କଥନଟିଏ ଅନେକ ବେଳେ କହନ୍ତି, ଜୀବନରେ କେତେ ବର୍ଷ ଭରି ହୋଇଛି ତା'ର ଗୁରୁତ୍ୱ କିଛି ନୁହେଁ ବରଂ ଜୀବନର ପ୍ରତିଟି ବର୍ଷରେ କେତେ ଜୀବନ ଖୁନ୍ଦି ହୋଇ ରହିଛି ତାହା ଗୁରୁତ୍ୱ ପୂର୍ଣ୍ଣ। ମୋହନ ସମସ୍ତଙ୍କ ଜନ୍ମ ପଛରେ ଏକ ଉଦ୍ଦେଶ୍ୟ ଥାଏ। ଅଳ୍ପ ବୟସରେ ହେଉ ପଛେ ସେଇ ଉଦ୍ଦେଶ୍ୟ ପୂରଣ କରି ରଞ୍ଜନ ବାହୁଡିଗଲେ। ସିଏ ନଥିବାର କଷ୍ଟ ତ ଅଛି, ତାଙ୍କ ଅଭାବର ଦୁଃଖ ଅଛି। ସେଇ ପୀଡ଼ାକୁ କେବଳ ନୀରବରେ ସହିବା କଥା।"

ଏଥର କାହିଁକି କେଜାଣି ମୋହନର ଡେରିରେ ବେହାଲା ଫେରିବାକୁ ଇଚ୍ଛା ହେଲା। ମନ କହୁଥିଲା ଆହୁରି କିଛି ସମୟ ସେଇଠି ବସି ରହିବାକୁ ଲୀନା କଥା କହି ଚାଲୁଥାନ୍ତା ଆଉ ସେ ନିଜେ ନିର୍ବୋଧ, ହୁଣ୍ଡା ପିଲାଟିଏ ପରି ଶୁଣୁଥାଆନ୍ତା ବସି। କିଛି ବୁଝନ୍ତା କିଛିଟା ବୁଝି ପାରନ୍ତାନାହିଁ। ହେଲେ ସବୁ ଶୁଣୁଥାନ୍ତା ମନଦେଇ।

ମୋହନ ବୋକା ପରି ଅନେଇ ଥିଲା ଲୀନାର ମୁହଁକୁ। ନିଜକୁ ଆହୁରି ଅପରାଧୀ ପରି ଲାଗିଲା ତାକୁ। ଲୀନା ନିଜ ଜୀବନକୁ ସାଧାରଣ ସାମାନ୍ୟ କରିବାକୁ ଚେଷ୍ଟା କରୁଥିବା ବେଳେ ରଞ୍ଜନକୁ ନେଇ ମୋହନର ଅଯଥା ଭାବପ୍ରବଣତା ଲୀନାକୁ ପୁଣି ସେଇ ବେଦନାର ଭଉଁରି ଭିତରକୁ ଠେଲିଦେବ। ଏ ସମୟରେ ଲୀନାକୁ ସମୟ ଦେବା ତା'ର କର୍ତ୍ତବ୍ୟ, ତାକୁ ଦୁର୍ବଳ କରିବା ନୁହେଁ। ମୋହନ ନିଜେ ସହଜ ହୋଇ ଉଠିବା କରୁରୀ।

କୋଳରେ ଖେଳୁଖେଳୁ ମୁନ୍ନୀ ବୋକ ଦେଇଦେଲା ମୋହନର ଗାଲରେ। ମୋହନ ସମ୍ବିତ୍ ଫେରିଯାଇ ମୁନ୍ନୀକୁ ଗେହ୍ଲାରେ ଉପରକୁ ଟେକିଧରି ହସିହସି କହିଲା, " ମୋ ସୁନା ଅଙ୍କଲ୍‌କୁ କେତେ ଆଦର ତୋର। ମୋ ମାଆଟା! "ମୁନ୍ନୀ ହସିହସି ମୁଣ୍ଡ ହଲେଇ ଆହୁରି ଗେହ୍ଲେଇ ହେଉଥାଏ। ଲୀନା ତାଙ୍କ ଆଡକୁ ଅନେଇ ରହି ଥାଏ ଭାବ ଗମ୍ଭୀର ମୁଦ୍ରାରେ। ଆଖିରେ ତା'ର କଅଁଳ ତରଳ ଭାବନାର ଅଭିବ୍ୟକ୍ତି ଛପିବାକୁ ଚେଷ୍ଟା କରି ବି ବାରିହୋଇ ଯାଉଥାଏ।

ମୋହନ କହିଲା, " ତୁମେ ଠିକ୍ କହିଲ ଲୀନା। ଜୀବନ ସତରେ ଚଳଚଞ୍ଚଳ ହୋଇ ଆଗକୁ ଆଗକୁ ବଢ଼ିଚାଲିବା ଉଚିତ୍। ସ୍ଥାଣୁତା ମାନେ ମୃତ୍ୟୁ। ତୁମେ ଏ ଚାକରୀରେ ଜଏନ୍ କର। ପଟେଲ କମ୍ପାନୀର ଅଫର ଖୁବ୍ ଭଲ। କାମର ବ୍ୟସ୍ତତା ଆଉ ଏ ଗେହ୍ଲି ଝିଅର ଲାଳନ ପାଳନର ବ୍ୟସ୍ତତା ଭିତରେ ତୁମକୁ ସମୟ ଅଣ୍ଟିବ ନାହିଁ। ମୁଁ ସେତେବେଳକୁ ମଙ୍ଗଳପୁର ଯାଇ ମାଉସୀଙ୍କୁ ନେଇ ଆସିବି। ତୁମ ଅଫିସ ସମୟରେ ମୁନ୍ନୀ ଜେଜେମା ପାଖରେ ରହିବ କୌଣସି ସୁବିଧା ଅସୁବିଧାକୁ ମୁଁ ବି ତ କଲିକତାରେ ଅଛି ଦେଖିବାକୁ।"

ଲୀନା ପାଟିରୁ ବାହାରି ପଡ଼ିଲା, "ହଁ।"

ମୋହନ ନିଜ ଘରକୁ ଫେରି ଆସିଲା। ଚିନ୍ତାଗ୍ରସ୍ତ। ଘରେ ବସି ମନେ ମନେ ଲୀନାର ମଥାରେ ଲାଲ ରଙ୍ଗର ବଡ ବଙ୍ଗାଳୀ ବିନ୍ଦିଟିଏ ମାଖି ନିରେଖିବାକୁ ଲାଗିଲା। ଏମିତିରେ କେତେ ସୁନ୍ଦର ଦିଶୁଛି ଲୀନା। କେତେ ଆପଣାର! ନା, ସେ ଲୀନା ଆଉ ମୁନ୍ନୀ ମାଆଝିଅ ଉଭୟଙ୍କୁ ଏମିତି ଏକଲା ଛାଡ଼ି

ଶାନ୍ତିରେ ରହି ପାରିବନି। ସେ ଲୀନାକୁ ବାହାହୋଇ ପାରିବ କି ? ଯଦି ଲୀନା ରାଜି ହୁଏ ତେବେ ବାହାହେବା ଢ଼େର କିଛି ସମସ୍ୟାର ସମାଧାନ କରିଦେବ। ମାଆଝିଅଙ୍କ ପାଖେପାଖେ ରହିବ ସେ। ଅସରନ୍ତି ଭଲପାଇବା ଓଜାଡ଼ି ଦେବ ତାଙ୍କ ଉପରେ।

ପୁଣି ଏକ ଭୟଙ୍କର ପାପବୋଧ ପ୍ରବଳ ଶକ୍ତିରେ ଘାରିବସିଲା ତାକୁ। ପତିପତ୍ନୀ ହିସାବରେ ତାକୁ ଲୀନା ସହ ଏକତ୍ର ଶୟନ କରିବାକୁ ପଡ଼ିବ। ଏକାଙ୍ଗ ହେବାକୁ ବି ପଡ଼ିବ। ସେତେବେଳେ ରଞ୍ଜନର ଲାଜସମ୍ମାନ ତା ଆଗରେ କ୍ଷତାକ୍ତ ହେବନି କି ! ରଞ୍ଜନର ବେଇଜ୍ଜତି ହେବନିକି ମୋହନ ଆଗରେ। ଅତିପ୍ରିୟ ମିତ୍ର ରଞ୍ଜନର ମାନ ଆଉ ସମ୍ପତ୍ତିର ଚୋର ପରି ଲାଗିବ ନିଜକୁ। ନିଶ୍ଚିତ ଲାଗିବ। ଝାଳରେ ଓଦା ହୋଇଗଲା ମୋହନର ସାରା ଦେହ। ପାଟିରୁ ବାହାରି ପଡ଼ିଲା, "ହେ ଭଗବାନ ! ଜୀବନର କୌଣସି ବି ସମୀକରଣ ଏତେ ଜଟିଳ କାହିଁକି ?"

ପାଖେଇ ଆସିଲା ଲୀନାର ଚାକିରୀରେ ଜଏନ୍ କରିବାର ଦିନ। ମଙ୍ଗଳପୁର ଯାଇ ଦୁଇଦିନ ଗାଁରେ ରହି ରଞ୍ଜନର ମାଆକୁ ସାଥୀରେ ନେଇ କଲିକତା ଫେରି ଆସିଥିଲା ମୋହନ। ମାଉସୀ ଥିବାରୁ ଦିନେ ଛାଡି ଦିନେ ତାଙ୍କ ଘରକୁ ଆସିବାକୁ ପଡୁଥିଲା ତାକୁ। ଆସି ଅନେକ ଥର ମାଉସୀକୁ ଗଙ୍ଗାସ୍ନାନ କରେଇଛି ମୋହନ। ଦିନେ ମାଉସୀ ତା ମଥା ଆଉଁଷି ଦେଇ କହିଲେ, " ବାପା ରେ ମୋହନ ! ତୁ କେତେ କାମ ନ କରୁଛୁ ? ତୁ ମୋର ଆଉ ଗୋଟିଏ ପୁଅ। ରଞ୍ଜନ ଆଉ ତୋ ଭିତରେ ମୁଁ କିଛି ଫରକ ଦେଖୁନି। ଦି ଜଣଙ୍କୁ ନିଜ ପୁଅ ପରି ଦେଖି ଆସିଛି। ତୁ କେତେ ଯତନ ନେଇଚୁ ମୋର, ଆମ ସଭିଙ୍କର।"

ଦିନେ ମୋହନ ଲୀନାକୁ ପଚାରିଲା, "କଲେଜରେ ହରୀଶ ଦାସ କଥା ମନେ ଅଛି। ? ଆଇ.ଏ.ଏସ୍ ପାଇଥିଲା। ଏବେ ପୂର୍ବ ମିଦନାପୁର ଜିଲ୍ଲାର କଲେକ୍ଟର ହେଲା। କଲେଜରେ ପଢ଼ିଲା ବେଳେ କ୍ଲାସରେ ଧ୍ୟାନ ନଥାଏ ତା'ର। ବଦମାସୀରେ ମନ। ଭଲ ପାଠ ପଢୁ ନଥିଲା। କହନ୍ତି ମେଡିଓକୋର୍ ପିଲାମାନେ ହିଁ ଜୀବନରେ ଉଚ୍ଚପଦ ହାସଲ କରନ୍ତି। ସେ କଥାର ସତ୍ୟ ପ୍ରମାଣ କରିଦେଲା ହରୀଶ।"

ଲୀନା ଅଳପ ହସିଲା ପରି କହିଲା, "ତୁମର ବି ତ କ୍ଲାସରେ ମନ ନ ଥାଏ ମୋହନ। ଲେକଚରଙ୍କୁ ସିଧା ନ ଅନେଇ ତୁମେ ବାଁ ଆଡକୁ ଅନେଇ ଥାଅ। ତୁମ କାରନାମା କେହି ଜାଣି ନ ପାରିବେ ବୋଲି ପଛ ବେଞ୍ଚରେ ବସିଥାଅ ଚୋର ପରି।"

ମୋହନ ଛାନିଆଁ ହେବା ପରି କହିଲା, "ଝିଅମାନଙ୍କ ଆଡେ ଥରେ ଅଧେ ଚାହିଁଥିବି। ସେମାନେ ବି ତ ସାଙ୍ଗ ! ଆଉ କ'ଣ ଆଖି ବନ୍ଦକରି ବସନ୍ତି !"

– 'ସବୁ ଝିଅଙ୍କୁ ଯେ ଅନେଇ ଥାଅ ତା ନୁହେଁ। କେବଳ ଜଣକୁ।"

ମୋହନର କଣ୍ଠ ଶୁଖିଗଲା। ଜଣେ ଖୁଣୀ ଆସାମୀ ଯେମିତି ପୁଲିସ ହାତରେ ଧରା ପଡିଗଲେ ହୁଏ ସେମିତି ଲାଗୁଥିଲା ତାକୁ। ଝାଳେଇ ଉଠିଲଣ ସାରା ଦେହ।

ସେ କହିଲା, 'ନା, ଦୟାକରି ମତେ ଭୁଲ ବୁଝନା। ଯଦିବା ଥରେ ଅଧେ ତୁମ ଆଡେ ଚାହିଁ ଦେଇଥିବି ମୋର ସେ ପିଲାଳିଆମୀକୁ ମାଫ୍ କରିଦିଅ। ଅନ୍ତତଃ ତୁମ ବାହାଘର ରଞ୍ଜନ ସହିତ ହେଲା ଦିନୁ ମୁଁ ତୁମକୁ ଭାଉଜ ଜ୍ଞାନ କରିଆସିଛି। ଭାଉଜ ବୋଲି ଡାକିବାରୁ ରଞ୍ଜନ ହସିଲା, ତୁମେ ବି ହସିଲ। କ୍ଲାସମୋଟ କୁ ନାଁ ଡାକିବାକୁ କହିଲ। ରାମ ବନବାସରେ ଲକ୍ଷ୍ମଣ ସୀତାଙ୍କ ଚରଣଦର୍ଶୀ ହେବା ପରି ମୁଁ ତୁମକୁ କେବଳ ସମ୍ମାନ କରି ଆସିଛି ଲୀନା।

ଲୀନା କହିଲା," ମୋହନ ଠିକ କଥା। ତମେ ଅତିଭଲ ମଣିଷ, ଏ ପ୍ଲାନ୍ ଉଇଥ୍ ଯୋଗିକ୍ ଡିଟାଚମେଣ୍ଟ୍।"

ଲୀନା ଚାକିରୀରେ ଜଏନ କରିବାର ଦୁଇମାସ ବିତିଗଲା। ଦିନେ ମାର୍କେଟ ବୁଲେଇବା ପାଇଁ ମାଉସୀକୁ ନେଇଗଲା ବେଳେ ବାଟରେ ମାଉସୀ କହିଲେ, "ବାପା ମୋହନ, ମୋର ଗୋଟିଏ ଗୁହାରୀ ରଖିବୁ ? କେବେଠୁ ମନକୁ ଆସିଲାଣି । କହିବି କହିବି ବୋଲି ଭାବୁଛି।"

– କ'ଣ ମାଉସୀ ?

– "ଆରେ ବାପା, ବୋହୁ ଲୀନାକୁ ବାହା ହୋଇପାରିବୁ ତୁ ?"

ଚମକି ପଡ଼ି ଗାଡ଼ି ରୋକିଦେଲା ମୋହନ। – ମାଉସୀ ଏ କି କଥା କହୁଚ ତୁମେ। ରଞ୍ଜନ ମୋର ଆତ୍ମା। ଅତି ଅନ୍ତରଙ୍ଗ। ତା'ର ସ୍ତ୍ରୀ ମୋର ନମସ୍ୟ। ସେ ଆଜି ଏ ଦୁନିଆରେ ନାହିଁ ବୋଲି ମୁଁ ତାର ଅପମାନ କରିପାରିବି ନାହିଁ। ତା ଆତ୍ମାକୁ କଷ୍ଟ ଦେବି ନାହିଁ।"

ଲୀନା ରଞ୍ଜନର ସ୍ତ୍ରୀ ନୁହେଁ। ସେ ଏବେ ରଞ୍ଜନର ବିଧବା। ରଞ୍ଜନ ନିଜେ କେବେ ଚାହିଁ ନଥାନ୍ତା ଲୀନା ତା ଆଗରେ ଥିବା ପାହାଡ ପରି ଜୀବନ ଏକା ଏକା କାଟୁ। କୁନିଝିଅଟି ତା'ର ବିନା ପିତୃ ସ୍ନେହରେ ବଢୁ। ଆଜେବାଜେ ଲୋକଙ୍କ ଶରବ୍ୟ ହୋଇ ଲୀନା ହୀନିମାନ ହୋଇ କାଳକାଟୁ। ତୋ ଠାରୁ ଅଧିକ କିଏ ଆପଣେଇ ପାରିବ ମୁନ୍ନୀକୁ ? ଲୀନାକୁ ? ତୁ ଯଦି କାହାକୁ ଭଲ ପାଇଛୁ ତେବେ କଥା ଅଲଗା। ଯାହାକୁ ଭଲ ପାଉ ତାକୁ ବାହା ହୋଇ କିଛି ଆପତ୍ତି ନାହିଁ। ଯଦି ସେମିତି କିଛି ନାହିଁ ତେବେ ମୋ ପ୍ରସ୍ତାବ ବିଚାର କରି ଦେଖା କେବଳ ଖାଇପିଇ ବଂଚିବାଟା ତ ବଂଚିବା ନୁହେଁ ବାପା। ତାଙ୍କୁ ନିଜ ଜୀବନ ସବୁ ଦିଗରୁ ବଞ୍ଚିବାର ଦୟାକର। ଇଏ ବେଇମାନୀ ନୁହେଁ। ଇଏ ରଞ୍ଜନ ଲାଗି ତୋର ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି।"

ଏ କଥା ରଞ୍ଜନ ବାପା ତୋ ବାପା ବୋଉଙ୍କ ସହ ଆଲୋଚନା କରିଛନ୍ତି। ଆମେ ସମସ୍ତେ କଥା ହୋଇଛୁ। ଆମେ ସେଇଆ ଚାହୁଁ। ଜାଣିନାହଁ କେବଳ ତୁ ଆଉ ଲୀନା। ତୁ ରାଜି ହେଲେ ଲୀନାକୁ ଶେଷରେ ପଚାରିବୁ। ଅରାଜି ହେଲେ ଲୀନାକୁ ଏ କଥା ପଚାରିବା ଦରକାର ନାହିଁ। ତେଣିକି ତା ଭାଗ୍ୟରେ ଯାହା ଥିବ।

ଫେରି ଆସି ତାଙ୍କ ଘରେ ପହଞ୍ଚିବା ବେଳକୁ ମୁନ୍ନୀ ଶୋଇ ପଡ଼ିଥାଏ। ମାଉସୀ ଧୋଇଧାଇ ହୋଇ ପୂଜାଘରକୁ ଚାଲିଗଲେ। ଘଣ୍ଟାଏ ଧରି ଚାଲିବ ତାଙ୍କ ଠାକୁର ପୂଜା। ଲୀନା ଚା ତିଆରି କରିବାକୁ କିଚେନ କୁ ଚାଲିଗଲା। ମୁହଁ ସଞ୍ଜବେଳ। ବୈଠକ ସୋଫା ଉପରେ ଥକା ହୋଇ ବସିଥାଏ ମୋହନ। ମାନସ ମନ୍ଥନ ଚାଲିଛି ତା ଭିତରେ ବେଶ କିଛି ଦିନ ତଳୁ। ସାଗର ମନ୍ଥନରୁ ଉନ୍ନତି ଅନେକ ଜିନିଷ ଭିତରେ ଅମୃତ ଅଛି ହଳାହଳ ବି ଅଛି। ମୋହନ ଚିହ୍ନି ପାରୁନି ହଳାହଳ କେଉଁଟା ଆଉ ଅମୃତ କେଉଁଟା। ଥକି ଯାଇଚି ସେ।

ଚା କପ୍ ନେଇ ଲୀନା ଆସିଲା। ନିଃଶବ୍ଦ କୋଠରୀ। ଚା ଥରେ ପିଇ ଉଠି ଠିଆ ହୋଇ ପଡିଲା ମୋହନ। ପାଖରେ ଠିଆ ହୋଇଥିବା ଲୀନାର ମୁହଁକୁ ଅନେଇଲା। ଅଧା ଉଠି ଆସୁଥିବା ହାତ ପାପୁଲିକୁ ଅଧାରୁ ରୋକି ଦେଇ ବଡ଼ ସାହସ କଲାପରି କହି ପକାଇଲା, " ଲୀନା, ନାକ ଉପରେ ଝୁଲିପଡିଥିବା ବାଳତକ ଉପରକୁ ଟେକି ଦିଅ।"

ଲୀନା ବାଳ ସଜାଡିଦେଇ ଭଙ୍ଗା କଣ୍ଠରେ କହିଲା, "ମୋ ପାଇଁ ତୁମେ ଭାବନା ଶୂନ୍ୟ। ସେ କଥା ମୁଁ ଜାଣେ। କେତେ ଥର ତୁମେ କହିଚ ବି। ହେଲେ ମୁନ୍ନୀ କୁ ତ ବହୁତ ଭଲ ପାଅ ତୁମେ। ନା ହିଁ ? ହଁ ତମେ ତ ବହୁତ ଭଲ ପାଅ ତାକୁ। ତୁମ ଗେହ୍ଲୀ ମୁନ୍ନୀର ବାପା ହୋଇ ପାରିବ ତମେ ? ମୋର କିଛି ନହୁଅ ପଛେ. ମୁନ୍ନୀର ବାପା ହୋଇ ପାରିବ ତ ?

ଲୀନାର ଚେହେରାରେ ବେଦନାର ଛାୟା ମୋହନକୁ ଅସ୍ତବ୍ୟସ୍ତ କରି ପକାଇଲା। ପୁଣି ସେଇ ଅମାନିଆଁ ବାଳକେରାକ ମୁହଁ ଉପରେ ପଡି ଯାଇଥାଏ ଲୀନାର। ଏଥର ନିଜ ହାତରେ ଲୀନାର ମୁହଁ ଉପରେ ପଡ଼ିଥିବା ଅଳରା ବାଳ ଉପରକୁ ଉଠେଇ ଦେଲା ମୋହନ। ଦୁଇ ପାପୁଲିରେ ଲୀନାର ମୁହଁକୁ ଚାପିଧରି ତା ଆଖିକୁ ଅନେଇ କହିଲା, " ହଁ, ଗେହ୍ଲୀ ମୁନ୍ନୀ ମୋର ଆଉ ତୁମେ ବି। ତୁମେ ବି।" କହୁ କହୁ ନୀରବରେ କାନ୍ଦିବାକୁ ଲାଗିଲା ମୋହନ।

*ଆଖ୍ୟାୟିକା, ୩୬୬/୨୮୦୪, ଶିଶୁ ବିହାର*
*ଭୁବନେଶ୍ୱର -୨୪*
*ଦୂରଭାଷ: ୮୩୩୨୯୮୩୨୫୩*

# ଏହି ଆଖିରେ ଲୁଚି ରହିଥିବା ମଣିଷଟି...

**ଶଶିଭୂଷଣ ମହାନ୍ତି**

ସିଦ୍ଧାର୍ଥ ତୁମେ ଏଡେ ସ୍ୱାର୍ଥପର ଯେ ମୋତେ ସାଙ୍ଗରେ ନନେଇ ଏକଲା ଏକଲା ଚାଲିଗଲ । ତୁମକୁ ଛାଡି ମୁଁ ଏକଲା କିପରି ଏହି ଅଳୀକ ସଂସାରରେ ବଞ୍ଚିବି, ଟିକିଏ ହେଲେ ଭାବିଲ ନାହିଁ । କ'ଣ ଭାବି ନେଲ ପୁଅ ବୋହୂ, ଝିଅ ଜ୍ୱାଇଁ, ନାତି ନାତୁଣୀ ଏମାନଙ୍କୁ ନେଇ ବାକିତକ ଜୀବନ ବିତାଇବି ବୋଲି ? ଅସମ୍ଭବ, କାରଣ ତୁମ ଅନୁପସ୍ଥିତି ମୋତେ ଶ୍ୱାସରୁଦ୍ଧ କରିଦେଉଛି । ତଥାପି ଭାବୁଚି ତୁମ ଅନୁପସ୍ଥିତରେ ତୁମ ସ୍ମୃତି, ଯାହାକି ଆଜି ମୋର ଶ୍ରେଷ୍ଠ ପାଥେୟ, ତାକୁ ସାଥିରେ ନେଇ ଚାଲିବି ମୋର ସେହି ଶେଷ ଯାତ୍ରା ପର୍ଯ୍ୟନ୍ତ, ଯେଉଁଠି ତୁମେ ଏବେ ମୋ ଅପେକ୍ଷାରେ ଅଛ ।

ସତରେ ସିଦ୍ଧାର୍ଥ, ତୁମକୁ ନେଇ ଅତୀତର ଅନେକ ସ୍ମୃତି ଆଜିବି ମୋ ମନରେ ଜୀବିତ ଅଛି । ଯାହାସବୁ ଥିଲା ଶରତ ସକାଳ ପରି ନିର୍ମଳ ଓ ଜ୍ୟୋତ୍ସ୍ନାବିଧୌତ ରାତି ପରି ଉଜ୍ଜ୍ୱଳ । ସେ ସବୁକୁ ନେଇ ଲେଖିବସିଲେ ତାହା ଏକ ଉପନ୍ୟାସ ହୋଇପାରିବ ।

ସତରେ ତୁମର କ'ଣ କିଛି ମନେ ପଡ଼େ ନା ସିଦ୍ଧାର୍ଥ ? ପିଲାଦିନର ବୋହୂଚୋରୀ ଖେଳ, ଆମ୍ବ ତୋଟାରେ ଗଛରେ ଚଢି ଆମ୍ବ ତୋଳି ଖାଇବା, ତୁମ ଘର ପାଖ ରାଧୁ ମଉସାଙ୍କ ବାଡିରୁ ବାଡ ଡେଇଁ ତୁମେ ପିଜୁଳି ଗଛରେ ଚଢିବ ଏବଂ ମୋତେ ପିଜୁଳି ତୋଳି ଦେବ ଖାଇବା ପାଇଁ, ତାପରେ ଘରକୁ ଫେରିଲେ ମାଡ ଖାଇବା ନିଧାର୍ଯ୍ୟ, ଏସବୁ ପରେ ବି ଶୀତ ଦିନର ସକାଳେ କୁଟାରେ ନିଆଁ ଲଗାଇ ନିଆଁ ପୁଇଁବା ପରି ଅନେକ ସ୍ମୃତି ମନକୁ ଆସିଲେ ଯେତିକି ହସ ଲାଗେ ସେତିକି ଦୁଃଖ ମଧ୍ୟ ଲାଗେ । ତଥାପି ସେହି ହଜିଲା ଦିନଗୁଡିକ ବହୁତ୍ ଭଲଥିଲା । ନୁହେଁ କି ସିଦ୍ଧାର୍ଥ ? କାରଣ ତ ଅନେକ, ହେଲେ ସେଥିମଧ୍ୟରୁ ଗୋଟିଏ ମୁଖ୍ୟ କାରଣ ଥିଲା, ଆମେ ଦୁଇ ପରିବାର ମଧ୍ୟରେ ଥିବା ପାରିବାରିକ ଘନିଷ୍ଠତା ଓ ନିବିଡତା। ତୁମ ମାଆ ଓ ମୋ ମାଆ ସମ୍ପର୍କୀୟା ଦୁଇ ଭଉଣୀ ଥିଲାବେଳେ ତୁମ ବାପା ଓ ମୋ ବାପା ଥିଲେ ଦୁଇ ସାଙ୍ଗ ।

ସେ ଦୃଷ୍ଟିରୁ ଦେଖିଲେ ତୁମ ସହିତ ମୋର ସମ୍ପର୍କ ତ ଅନେକ ବର୍ଷର । କହିବାକୁ ଗଲେ ଆମ ଦୁହିଁଙ୍କ ହେତୁ ପାଇବା ଦିନୁ। କିନ୍ତୁ ସେ ସମୟରେ ସେ କିପରିକା ସମ୍ପର୍କ ଥିଲା ତାହା ମୋତେ ଜଣା ନଥିଲା। ଯଦିଓ ତୁମେ ମୋ ଠାରୁ ବୟସରେ ମାତ୍ର ବର୍ଷେ ବଡ ଥିଲ ହେଲେ ଦିନକ ପାଇଁ ତୁମକୁ ଭାଇ ବୋଲି ସମ୍ବୋଧନ କରିନି । 'ଭାଇ' ଡାକିବା ପାଇଁ ମୋ ବାପା ମାଆ ମୋତେ ଅନେକ ବାର ତାଗିଦ୍ କରିଥିଲେ ବି ମୁଁ ଡାକି ପାରିନଥିଲି । କାରଣ ମୋ ଭିତରେ ଅନ୍ୟ କିଛି ଭାବନା ବୋଧହୁଏ ଲୁଚି ରହିଥିଲା । କ୍ରମେ ବୟସ ବଢିଲା । ତା' ପରେ ଆମେ ଦୁହେଁ ଏକା ସ୍କୁଲରେ ସେଥିରେ ପୁଣି ଏକା କ୍ଲାସରେ ନାମ ଲେଖାଇଥିଲେ । ହୁଏତ ସାଙ୍ଗ ପାଇଁ ଭାଇ ଡାକିପାରୁନଥିଲି, କି ଅନ୍ୟ କିଛି ଲୁକ୍କାୟିତ କାରଣ ପାଇଁ, ସେତେବେଳେ ତାହା ମୁଁ ଠିକ୍ ରୂପେ ଜାଣି ପାରୁନଥିଲି ।

ମାଟ୍ରିକ୍ ପାଶ୍ ପରେ ଆମର ସେହି ପୂର୍ବ ସମ୍ପର୍କ ପୁଣି ଅଧିକ ଦୃଢିଭୂତ ହୋଇଥିଲା, ଯେତେବେଳେ ଆମେ ଦୁହେଁ ଗୋଟିଏ କଲେଜରେ ନାମ ଲେଖାଇବା ସହିତ ଏକା ବିଷୟ ନେଇ ପଢିଥିଲେ ପ୍ଲସ୍ ଟୁ ସାଇନ୍ସ୍ । ଆମେ ଦୁହେଁ ସିନା ବଡ ହୋଇ ଯାଇଥିଲେ, ତୁମେ ହାପ୍ ପ୍ୟାଣ୍ଟ ବଦଳରେ ଫୁଲ ପ୍ୟାଣ୍ଟ ପିନ୍ଧିଥିଲଏବଂ ମୁଁ ସାଲୁଆର, କାମିଜ ସହିତ ବେଳେବେଳେ ଶାଢୀ ପିନ୍ଧୁଥିଲି ହେଲେ ତୁମେ ଆମ ଘରକୁ ଆସିବା ଏବଂ ମୁଁ ତୁମ ଘରକୁ ଯିବା, ଏକାଠି ବୁଲିବାରେ କୌଣସି ପ୍ରତିବନ୍ଧକ ନଥିଲା ।

କଲେଜରେ ନାମ ଲେଖା ପରେ ମୁଁ ଅନେକ ପୁଅ ଓ ଝିଅଙ୍କର ମନସ୍ତତ୍ତ୍ୱ କୁ ଉପଲବ୍ଧି କରି ବୁଝି ପାରିଥିଲିସେମାନଙ୍କର ମାନସିକ ପରିବର୍ତ୍ତନକୁ । ହେଲେ ସିଦ୍ଧାର୍ଥ, ତୁମ ଭିତରେ ସେପରି କିଛି ପରିବର୍ତ୍ତନକୁ ମୁଁ ଉପଲବ୍ଧି କରିପାରିନଥିଲି । ତୁମେ ଆଗ ପରି ମୋ ସହିତ ସେମିତି 'ତୁ' ତା କରି କଥାବାର୍ତ୍ତା କରୁଥିଲ ଏବଂ ମୁଁ ମଧ୍ୟ ତୁମକୁ ତୁମେ କହୁଥିଲି । ଯାଣିଥିଲି 'ତୁମେ' ଆଉ 'ତୁ' ମଧ୍ୟରେ ଯଦିଓ କିଛିଟା ବର୍ଣ୍ଣଗତ ପ୍ରଭେଦ ଥିଲା, ତଥାପି, ତା' ଭିତରେ ଲୁଚି ରହିଥିଲା ଭଲପାଇବାର ଏକ ଅନ୍ତରଙ୍ଗ ଆକର୍ଷଣ, ଯାହା ମୁଁ ବୁଝିଥିଲି ।

ମୋତେ ଯେତେବେଳେ ଷୋହଳ ବର୍ଷ ଓ ତୁମକୁ ସତର ବର୍ଷ ସେତେବେଳେ ଆମ ଦୁହିଁଙ୍କର ପ୍ଲସ୍ ଟୁ । ପ୍ଲସ୍ ଟୁ ର ଶେଷ ପରୀକ୍ଷା ଥାଏ ମାତ୍ର ପାଞ୍ଚ ଦିନ । କିଛି ଦିନର ବ୍ୟବଧାନ ପରେ ଦିନେ ସନ୍ଧ୍ୟାରେ ବୋଉ ଚଉରା ପାଖରେ ସନ୍ଧ୍ୟା ଧୂପ ଦେଇସାରି ପ୍ରାର୍ଥନା କରୁଥାଏ । ବାପା ମଧ୍ୟ ଘରେ ନଥାଆନ୍ତି । ତୁମେ ଆସି ପହଞ୍ଚିଥିଲ ମୋ ପାଖରେ । ତୁମେ ତ ଅନେକବାର ଆମ ଘରକୁ ଆସିଛ । ହେଲେ ସେଦିନ ତୁମକୁ ଆମ ଘରେ ଦେଖିଲାପରେ ମୁଁ ନିଜେ କାହିଁକି ଅନ୍ୟମନସ୍କ ହୋଇଯାଇଥିଲି । ତୁମ ଚାହାଣିରେ ମାଦକତା ଭରି ରହିଥିଲା ଭଳି ମନେ ହେଉଥିଲା । ତୁମେ ଆସି ମୋ ପାଖରେ ବସିଲା ପରେ ମନରେ ମୋର ଅନେକ ହଳଚଳ ସୃଷ୍ଟି ହୋଇଥିଲା । ଯାହାକି ଥିଲା ଅସ୍ପଷ୍ଟ ।

ସତରେ ସିଦ୍ଧାର୍ଥ, ଇଚ୍ଛା ହେଉଥିଲା ପଚାରନ୍ତି– "ସିଦ୍ଧାର୍ଥ, ମୋତେ ଏପରି କାହିଁକି ଲାଗୁଛି ?" ହେଲେ ପଚାରି ପାରିନଥିଲି । ତୁମେ ତୁମ ହାତକୁ ମୋ ପଛ ପଟ ବେକ ଉପରେ ରଖି ପଚାରିଥିଲ – ବୀଣା, ପରୀକ୍ଷା ପାଇଁ ଏବେ ତୋର କ'ଣ ପ୍ରସ୍ତୁତ ଚାଲିଛି । ଅନ୍ୟମନସ୍କତା ସତ୍ତ୍ୱେ ସଂକ୍ଷିପ୍ତରେ କହିଥିଲି– ଏବେ ବାଇଓଲୋଜି (ଜୀବତତ୍ତ୍ୱ) ।

ତାପରେ ତୁମେ ମୋ କାନ୍ଧକୁ ଚିପି ଦେଇ ମୋତେ ଟାଣି ନେଇଥିଲ ତୁମ ଆଡକୁ । ଏପରିକି ମୋ ବେକ ପିଠିର ମଧ୍ୟବର୍ତ୍ତି ଖୋଲା ସ୍ଥାନଟି ତୁମ ହାତ ସ୍ପର୍ଶରେ ମୋତେ ବିଚଳିତ କରିଥିଲା, ଏବଂ ମୋତେ ଏକ ପ୍ରକାର କଷ୍ଟ ଦେଇଥିଲା । ଯଦିଓ ଆଗରୁ ମୁଁ କେବେ ତୁମର ଏତେ ନିକଟତର ହୋଇନଥିଲି ହେଲେ ଆଜିର ମୂହୁର୍ତ୍ତଟି ମୋତେ କିଛିଟା ଅନ୍ତରଙ୍ଗ ଲାଗିଥିଲା । ସତେଯେପରି ଅନ୍ୟମାନଙ୍କୁ ଭୁଲିଯାଇ ତୁମର ଏକାନ୍ତ ଭାବେ ନିଜର ହୋଇଯାଇଥିଲି । ହଠାତ୍ ତୁମେ ମୋଠାରୁ ଟିକିଏ ଦୂରକୁ ଘୁଞ୍ଚିଯାଇଥିଲ । କାହିଁକି ମୁଁ ଜାଣିନଥିଲି । ହେଲେ ପରେ ଦେଖିଥିଲି ବୋଉ ଆସୁଥିବାର । ଯାହାହେଉ ପରିସ୍ଥିତି ସେପରି ଜଟିଳ ହୋଇନଥିଲା। ତଥାପି ମୋ ମନରେ କିଛିଟା ପରିବର୍ତ୍ତନ ଆସିଥିଲା। କାରଣ ପ୍ରତ୍ୟେକଙ୍କ ଜୀବନ ଏକ ନିରନ୍ତର ପରିବର୍ତ୍ତନର ପରିପନ୍ଥୀ ଅଟେ । ନୁହେଁ?

ପରୀକ୍ଷା ପରେ ପାଠ ପଢ଼ାରୁ ଟିକେ ଛୁଟି ମିଳିଥିଲା। ହଠାତ୍ ଦିନେ ମଉସାଙ୍କୁ (ତୁମ ବାପା) ଆମ ଘରେ ଦେଖିଥିଲି । ମୋ ବାପାଙ୍କ ସହିତ ସେ କଥା ବାର୍ତ୍ତା ହେଉଥାନ୍ତି । କଥାର୍ତ୍ତାରୁ ଏତିକି ଠଉରାଇ ଥିଲି ତାଙ୍କର ଇଚ୍ଛା ତୁମେ ଡାକ୍ତର ହୁଅ । ମୋ ବାପା ମଧ୍ୟ ସେଇୟା କହିଥିଲେ। ଭାରି ଖୁସି ଲାଗିଥିଲା । କାରଣ ପୁଣିଥରେ ଆମେ ଦୁହେଁ ଏକାଠି ପାଠ ପଢ଼ିବା। ଏସବୁ ଶୁଣି ତୁମକୁ ଫେରିଆସିଥିଲି, ତୁମ ପାଖକୁ ଫୋନ୍ କରିବା ପାଇଁ । ହେଲେ ଆମ ଭାରତୀୟ ଦୂରସଂଚାର ନିଗମର ଗୋଟିଏ କଥା- "ଡାଏଲ ନମ୍ବର ଏବେ ନଟ୍ ରିଚେବୁଲ (ଅପହଞ୍ଚ ଦୂରରେ) । କିଛି ସମୟ ପରେ ପୂର୍ଣ୍ଣବାର ଫୋନ କରନ୍ତୁ"। ରାଗ ଲାଗିଥିଲା । ଏକ ଦୀର୍ଘ ଶ୍ୱାସ ନେଇ ଫୋନ୍ ସୁଇଚ୍ ବନ୍ଦ କରିଦେଇଥିଲି ।

କିଛିଦିନ ପରେ ପରୀକ୍ଷା ଫଳ ବାହାରିଥିଲା । ଦୁହେଁ ପ୍ରଥମ ଶ୍ରେଣୀରେ ପାଶ୍ କରିଥିଲେ। ହେଲେ ତୁମେ ମୋଠାରୁ ଅଧିକ ନମ୍ବର ରଖିଥିଲ। ଠିକ୍ ତିନିଦିନ ପରେ ଆମେ ଦେଇଥିବା ଜଏଣ୍ଟ ଏନ୍‌ଟ୍ରାନ୍ସ ପରୀକ୍ଷାର ଫଳ ବାହାରିଥିଲା । ଆମେ ଦୁହେଁ ମେଡିକାଲ ପଢ଼ିବାପାଇଁ ଯୋଗ୍ୟ ବିବେଚିତ ହୋଇଥିଲେ। ହେଲେ ଏଥର ମୋ ର୍‍ୟାଙ୍କ ତୁମ ର୍‍ୟାଙ୍କ ଉପରେ ଥିବାରୁ ମୁଁ କଟକର ଏସ.ସି.ବି. ମେଡିକାଲରେ ନାମ ଲେଖାଇବା ପାଇଁ ବିବେଚିତ ହୋଇଥିଲି, ଏବଂ ତୁମେ ବୁର୍ଲା ପାଇଁ । ସେଥିପାଇଁ ଯଦିଓ ମନଟା ମୋର କଷ୍ଟ ହୋଇଥିଲା, ତଥାପି ଖୁସି ହୋଇଥିଲି ।

ଯେଉଁଦିନ ଡାକ୍ତରୀ ଶିକ୍ଷାରେ ନାମ ଲେଖାଇବା ପାଇଁ ଆମେ ଦୁହେଁ ସାଙ୍ଗ ହୋଇ କଟକ ଯାଇଥିଲେ, ସେଦିନ ଆମ ସାଙ୍ଗରେ କେହି ଯାଇନଥିଲେ। କାରଣ ମୋ ବାପା ବୋଉଙ୍କର ମୋ ପ୍ରତି ଏପରି କି ତୁମ ପ୍ରତି ପ୍ରଗାଢ଼ ବିଶ୍ୱାସ ଥିଲା । କଟକ ବସ୍‌ଷ୍ଟାଣ୍ଡରେ ବସ୍‌ରୁ ଓହ୍ଲାଇ ଅଟୋ ରିକ୍ସାରେ ପ୍ରଥମଥର ପାଇଁ ତୁମ ସହିତ ଏକାଠି ବସି ଯାଇଥିଲି ନାମ ଲେଖା କେନ୍ଦ୍ରକୁ। ସେଠାରେ ପହଞ୍ଚିଲାବେଳକୁ ସାଢ଼େ ଏଗାରଟା । ତୁମେ ମୋତେ ନାମ ଲେଖା କେନ୍ଦ୍ରରେ ଠିଆ ହେବାକୁ କହି ସାମ୍ନା ରାସ୍ତାରେ ଥିବା ଦୋକାନକୁ ଯାଇଥିଲ ପାଣି ବଟଲ ଆଣିବା ପାଇଁ । ମୁଁ ବ୍ରିଫ୍‌କେଶ୍ ଧରି ଠିଆ ହୋଇଥାଏ। ହେଲେ ଚାବି ଥାଏ ତୁମ ପାଖରେ। ଶିକ୍ଷାଗତ ପ୍ରମାଣ ପତ୍ରର ଭେରିଫିକେସନ୍ ପାଇଁ ମୋ ନାମ ଡକାଗଲା । ଚାବି ଖୋଲିଲେ ତ ସାର୍ଟିଫିକେଟ ଇତ୍ୟାଦି ଦେଖାଇବି । ବହୁତ ଗହଳି । ବାହାରକୁ ଅନାଇଲି ହେଲେ ତୁମକୁ ଦେଖିପାରିଲି ନାହିଁ। ମୋର ତରବର ହେବା ଦେଖି ଅଧିକାଂଶ ପିଲା ମୋ ଆଡ଼କୁ ଚାହୁଁଥାଆନ୍ତି । ମୁଁ ସେଠାକୁ ନ ଗଲେ କାଳେ ଅନୁପସ୍ଥିତ କରାଇ ଦେବେ ଭାବି ସାହାସ ବାନ୍ଧି ସେ ସ୍ଥାନକୁ ଯାଇଥିଲି। ଉପସ୍ଥିତ ଅଧିକାରୀମାନଙ୍କୁ କହିଲି- ମୋ ଭାଇ ପାଣି ପାଇଁ ଯାଇଛନ୍ତି । ତା ପାଖରେ ବ୍ରିଫ୍‌କେଶର ଚାବି । ତେଣୁ ଟିକିଏ ସମୟ ଦିଅନ୍ତୁ। ସେମାନେ କିଛି କହିବା ପୂର୍ବରୁ ତୁମକୁ ଗେଟ୍ ପାଖରେ ଆସୁଥିବା ଦେଖିଥିଲି ଏବଂ ତୁମେ ମୋତେ ଦେଖି ମୋ ପାଖକୁ ଧାଇଁ ଆସିଥିଲ । ଯାହାହେଉ ତୁମେ ଆସିଲାପରେ ମୋର ସବୁ ଟେନସନ୍ ଦୂର ହୋଇଯାଇଥିଲା ଏବଂ ଠିକ୍ ସମୟରେ ମୋର କାମ ସବୁ ଶେଷ ହୋଇଯାଇଥିଲ । ଏଠାରେ ତୁମକୁ ମୋ ଭାଇର ପରିଚୟ ଦେଇଥିବାରୁ ମନେ ମନେ ହସିଥିଲି । କିନ୍ତୁ ତୁମକୁ କିଛି କହିନଥିଲି। ଯାହା ହେଉ ଆଉ ଘଣ୍ଟାଏ ପରେ ତୁମ କାମ ମଧ୍ୟ ଶେଷ ହୋଇଥିଲା। କାମ ସାରି କଟକରୁ ଗାଁକୁ ଫେରିବାବେଳକୁ ସନ୍ଧ୍ୟା ହୋଇଯାଇଥାଏ । ଗାଁ ବସ୍ ଷ୍ଟାଣ୍ଡରେ ବସ୍‌ରୁ ଓହ୍ଲାଇବାକ୍ଷଣି ଅଦିନିଆ ବର୍ଷାଟା ଝିପିରି ଝିପିରି ହୋଇ ଆରମ୍ଭ ହୋଇଗଲା ।

ଏହିଭଳି ଆକସ୍ମିକ ଭାବେ ପାଗର ପରିବର୍ତ୍ତନ ହେବ ବୋଲି ବିଶ୍ୱାସ ନଥିଲା । ଯାହାହେଉ ସେହି ଝିପିରି ଝିପିରି ବର୍ଷାରେ ଭିଜିଭିଜି ଘରକୁ ଫେରିଥିଲେ। ଫେରିବା ବାଟରେ ତୁମେ ମୋତେ ପଚାରିଥିଲ- "ବୀଣା ଏ ବର୍ଷାରେ ଭିଜିବା ପାଇଁ ତୁମକୁ ଭଲ ଲାଗୁଛି ? ମୁହଁସି ଦେଇ 'ହଁ' କହିଥିଲି।

ସତରେ ସିଦ୍ଧାର୍ଥ, ଶୁଣିଥିଲି ପ୍ରାଚୁର୍ଯ୍ୟ ମଧ୍ୟରେ ଆଶା ରଖିଥିବା ପଦାର୍ଥ ଟି ସହଜରେ ମିଳେ ନାହିଁ। ସେଥିପାଇଁ ବେଳେ ବେଳେ ମନରେ ଦୁଃଖ ଆସେ, ଡର ବି ଲାଗେ, କାଳେ ତୁମେ ମୋଠାରୁ ହାତ ଛଡା ହୋଇଯିବ।

ଅନେକ ବାର ତୁମ ସହିତ ଏକଲା ଯିବା ଆସିବା କରିଛି । କଥାବାର୍ତ୍ତା ମଧ୍ୟ ହୋଇଛି । ଫୋନ୍ ମଧ୍ୟ କରିଛି । ହେଲେ ଏଇ କିଛିଦିନ ତଳର ଏକ ଘଟଣା ଆଜି କାହିଁକି ମନକୁ ଆସି ବହୁତ କଷ୍ଟ ହେଉଛି । ଭାବିଲେ ବିଶ୍ୱାସ ମଧ୍ୟ ହେଉନି । ସେତେବେଳେ ଏମିତି ଏକ ପିରସ୍ଥିତି ମୋ ସମ୍ମୁଖକୁ ଆସିଥିଲା ଯେ, ତାହା ଥିଲା ମୋ କଳ୍ପନାର ବାହାରେ । ଭାବୁଥିଲି ସତରେ କ'ଣ ମୋ ମନର ମଣିଷକୁ ହରାଇବି ? ନିଜ ପ୍ରଶ୍ନର ଉତ୍ତର ସେଦିନ ମଧ୍ୟ ପାଇନଥିଲି ।

- ଆମ ଦୁହିଁଙ୍କର ଡାକ୍ତରୀ ଶିକ୍ଷା ଶେଷ ହୋଇଥାଏ । ଦୁହେଁ ହାଉସ ସର୍ଜନ ଥିଲେ । ଦିନେ ତୁମେ ବୁର୍ଲାରୁ କଟକ ଆସୁଥାଅ । ଅବଶ୍ୟ ଆସିବା କଥା ଫୋନ୍‌ରେ ମୋତେ ଆଗରୁ କହିଥିଲ । ଏପରିକି ମଧ୍ୟ କହିଥିଲ ଯେ, ରାତି ବସ୍‌ରେ ଆସି ଭୋରୁ ଭୋରୁ କଟକରେ ପହଞ୍ଚିବ । ସେଥିପାଇଁ ମୁଁ ଭୋରୁ ଉଠି ନିତ୍ୟକର୍ମ ଶେଷକରି ହଷ୍ଟେଲର ତତ୍ତ୍ୱାବଧାରଙ୍କୁ ମୋ ଭାଇ ଆସୁଛି କହି ବାହାରିଯାଇଥିଲି ବସ୍ ଷ୍ଟାଣ୍ଡକୁ। ଦୁଇଥର ତୁମକୁ ମିଛରେ ଭାଇ କହିଦେଇଥିବାରୁ ସେଦିନ ପ୍ରମିଜ କରିଥିଲି ଆଉ କେବେ କାହା ଆଗରେ ତୁମର ପରିଚୟ "ଭାଇ" ଦେବିନାହିଁ। ଯାହାହେଉ ମୁଁ ତରବର ହୋଇ ଖଣ୍ଡେ ନାଲି ଓ ଧଳା ମିଶା ଛିଟ ଶାଢ଼ୀ ପିନ୍ଧି ବସ୍ ଷ୍ଟାଣ୍ଡକୁ ବାହାରି ଯାଇଥିଲି । ଜାଣି ନଥିଲି ସେ ଶାଢ଼ୀରେ ତୁମେ ମୋତେ ପସନ୍ଦ କରିବ କି ନା ? ଅଟୋରେ ବସି ଭାବି ଭାବି ଯାଉଥାଏ, କେତେବେଳେ ଯେ ବସ୍‌ଷ୍ଟାଣ୍ଡରେ ପହଞ୍ଚି ଯାଇଥିଲି ଜାଣି ପାରିନଥିଲି । ହଠାତ୍ ଅଟୋ ଡ୍ରାଇଭର କହିଲେ – ମା' ବସ୍‌ଷ୍ଟାଣ୍ଡ ହେଇଗଲାଣି।'' ଏତେ ଚଞ୍ଚଳ ପହଞ୍ଚିଯିବ ବୋଲି ଭାବି ନଥିଲି । ଯାହାହେଉ ଅଟୋରୁ ଓହ୍ଲାଇ ଅଟୋ ଭଡା ଦେଇ ତୁମରି ଅପେକ୍ଷାରେ ଠିଆ ହୋଇଥାଏ ବସ୍‌ଷ୍ଟାଣ୍ଡ ଭିତରେ । ବାହାରେ ସାମାନ୍ୟ ଶୀତୁଆ ପବନ ବୋହୁଥାଏ । ହଠାତ୍ ଆଖି ମୋର ପଡିଥିଲା ତୁମର ସେଇ ଆକର୍ଷଣୀୟ ଚେହେରା ଉପରେ, ଯେତେବେଳେ ତୁମେ ହାତରେ ବ୍ରିଫ୍‌କେଶ୍ ଧରି ବସରୁ ଓହ୍ଲାଇଥିଲ । ତୁମକୁ ଦେଖିବା କ୍ଷଣି, ଜନଗହଳିକୁ ଭେଦ କରି ମୁଁ ନିମିଷକ ମଧ୍ୟରେ ପହଞ୍ଚିଥିଲି ତୁମ ପାଖରେ । ଚାଲି ଚାଲି ପଦାକୁ ଆସିଥିଲେ ଦୁହେଁ। ତୁମକୁ ହଠାତ୍, ମୁଁ ପଚାରି ଦେଲି ଆଜି କେଉଁଠି ରହିବ ? ତୁମେ ସାଙ୍ଗେ ସାଙ୍ଗେ ଉତ୍ତର ଦେଲ 'ହୋଟେଲ'ରେ । ମୋତେ ଡର ଲାଗିଥିଲା । ତୁମ ପାଇଁ ନୁହେଁ । ବଂର ଆଜିର ଏଇ କଳୁଷିତ ସମାଜ ପାଇଁ । ମୁଁ କିନ୍ତୁ କିଛି ନକହି ଚୁପ୍ ରହିଥିଲି। ତୁମେ କିନ୍ତୁ ଚୁପ୍ ନରହି ଏକ ନୀରୋଳା ସ୍ଥାନ ଦେଖି କହି ପକାଇଲ- ବୀଣା, ଏ ଶାଢ଼ୀଟିରେ ତୁ ଭାରି ସୁନ୍ଦର ଦେଖାଯାଉଛୁ । ତୁମ କଥା ଶୁଣି ମୋତେ ବହୁତ ଲାଜ ଲାଗିଥିଲା। କିଛି କ୍ଷଣ ପାଇଁ ତୁମ ମୁହଁକୁ ଅନାଇ ପାରିଲିନାହିଁ । ହେଲେ ତୁମେ ନା ସେଇ କଥା ପଦେ କହି ଦେଇ ନୀରବ ରହିଥିଲ । ନୀରବତାର କିଛି ସମୟପରେ ତୁମେ ହଠାତ୍ ମୋ ପାଖକୁ ଟିକିଏ ଘୁଞ୍ଚି ଆସି ଧୀର ସ୍ୱରରେ କହିଥିଲ- "ବୀଣା, ମୁଁ ତୋତେ ଭଲ ପାଏ ।" ଏତେ ଦିନ ପରେ ଭଲ ପାଇବା ଶବ୍ଦଟି ତୁମ ଠାରୁ ଶୁଣି ମୁଁ ବିହ୍ୱଳିତ ହୋଇ ଯାଇଥିଲି । ଲାଜରେ କିଛି କହିପାରିନଥିଲି । ଭଲ ପାଇବା କଣ, ସେହିଦିନ ହିଁ ମୁଁ ଅନୁଭବ କରିଥିଲି । ହଠାତ୍ ଗୋଟେ ଅଟୋ ଡ୍ରାଇଭର ପାଖକୁ ଆସି ପଚାରିଲା- "ସାର୍, କେଉଁଠିକୁ ଯିବେ ? ତୁମେ କିଛି ନକହୁଣୁ ମୋ ମନରେ ସୃଷ୍ଟି ହୋଇଥିଲା ଏକ ପ୍ରକାର ଝଡ଼। ହେଲେ ତୁମେ କହିଥିଲ ବଡ ମେଡିକାଲକୁ । ଏ ଉତ୍ତରଟା ମୋତେ ଚମକାଇ ଦେଇଥିଲା। କାରଣ ଏହା ଆଗରୁ ତୁମେ କହିଥିଲ ହୋଟେଲରେ ରହିବା। ଯାହାକି ସେତେବେଳେ ମୋ ମନକୁ ଟିକିଏ ଦୁଃଖ ଦେଇଥିଲା। ଯାହା ହେଉ ଅଟୋରେ ବସିଥିଲେ । ଅଧା ବାଟରେ ତୁମେ ପୁଣି କହିଥିଲ- "ବୀଣା, ଆଜି ତ ରବିବାର । ବୋଧହୁଏ ତୁମର ଡିଉଟି ନଥିବ । ପୁରୀ ଗଲେ କିପରି ହୁଅନ୍ତା ? ମନା କରିନଥିଲି । ପୁରୀ ଯିବାକୁ କିଏ ଅବା ମନା କରିବ । ଜଗନ୍ନାଥଙ୍କ ଦର୍ଶନ ସହିତ, ସମୁଦ୍ର କୂଳରେ ବୁଲା, ସେଥିରେ ପୁଣି

ପ୍ରେମିକ ସହିତ । ନିଶ୍ଚିତ ତ ଖୁସି କଥା । ତେଣୁ 'ହଁ' କହିଦେଲି । ଶେଷରେ ଆମେ ପହଞ୍ଚିଥିଲେ ହଷ୍ଟେଲ ପାଖରେ । ମୁଁ ଅଟୋରୁ ଓହ୍ଲାଇବା ସମୟରେ ତୁମେ କହିଥିଲ- ଦଶଟାବେଳକୁ ପ୍ରସ୍ତୁତ ରହିଥିବୁ । ମୁଁ ଆସିବି । ପୁରୀ ଯିବା । ସାଙ୍ଗେ ତୁମେ ଫେରିଯାଇଥିଲ, ବୋଧହୁଏ ହୋଟେଲକୁ ଫ୍ରେସ୍ ହେବାପାଇଁ । ଏବଂ ମୁଁ ଫେରିଥିଲି ହଷ୍ଟେଲକୁ ।

ମୁଁ ନିଜକୁ ପ୍ରସ୍ତୁତ କରି ହଷ୍ଟେଲ ବାହାରେ ତୁମରି ଅପେକ୍ଷାରେ ଥାଏ । ଏଥର କିନ୍ତୁ ହଷ୍ଟେଲର ତତ୍ତ୍ୱାବଧାରଙ୍କୁ ଭାଇ ସାଙ୍ଗରେ ଯାଉଛି ନକହି ଜଣେ ସାଙ୍ଗସାଥିରେ ପୁରୀ ଯାଉଛି ବୋଲି କହିଥିଲି । ଠିକ୍ ଦିନ ଦଶଟା ବେଳେ ତୁମେ ଟ୍ୟାକ୍ସିରେ ଆସି ପହଞ୍ଚିଥିଲ ମୁଁ ଠିଆହୋଇଥିବା ସ୍ଥାନରେ । ତାପରେ ଆମେ ଦୁହେଁ ବାହାରି ଯାଇଥିଲେ ପୁରୀ ଅଭିମୁଖେ । ୧୨ଟା ସମୟରେ ପହଞ୍ଚିଥିଲେ ପୁରୀ ବଡଦାଣ୍ଡରେ । ଟ୍ୟାକସିରୁ ଓହ୍ଲାଇ ଅଟୋରେ ଯାଇଥିଲେ ବଡ ଦେଉଳକୁ । ରତ୍ନସିଂହାସନ ଉପରେ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରା ତିନିଠାକୁରଙ୍କୁ ଦର୍ଶନ କଲାବେଳେ ମୁଁ ମନେ ମନେ ଜଗନ୍ନାଥଙ୍କୁ ଗୁହାରି କରି କହିଥିଲି – ପ୍ରଭୁ, ସିଦ୍ଧାର୍ଥ ଏମିତି ସବୁଦିନ ମୋ ଆଖିଆଗରେ ଥାଆନ୍ତୁ । ତା'ପରେ ସେଠାରୁ ଫେରିଥିଲେ ଅନ୍ୟ ଦେବାଦେବୀଙ୍କ ଦର୍ଶନ ପାଇଁ । ଶେଷରେ ପହଞ୍ଚିଥିଲେ ଲକ୍ଷ୍ମୀଙ୍କ ମନ୍ଦିରରେ । ମୋତେ ଆଶ୍ଚର୍ଯ୍ୟ ଲାଗିଥିଲା ଯେତେବେଳେ ତୁମେ ମୋ ମଥାରେ ଲଗାଇ ଦେଇଥିଲ ମା'ଲକ୍ଷ୍ମୀଙ୍କ ସିନ୍ଦୁର । ପରେ କିନ୍ତୁ ନୀରବ ରହିଥିଲ । ତୁମରି ନୀରବତା ମୋତେ କଷ୍ଟ ଦେଇଥିଲା । ବୋଧହୁଏ ନିଜକୁ ଅପରାଧି ବୋଲି ମଣୁଥିଲ । ତେଣୁ ମୁଁ ବାଧ ହୋଇ ମୁହଁ ଖୋଲି କହିଲି- "ସିଦ୍ଧାର୍ଥ କଣ କିଛି କହିବ ନାହିଁ ?"- କ'ଣ ବା କହିବି ? ମୋର ଯାହା କହିବାର ଥିଲା ତାହା ତ କହିସାରିଛି । ଏଥର ତୁ କହ । ଅତି ଆବେଗରେ କହିଥିଲ ତୁମେ । ସତରେ ସିଦ୍ଧାର୍ଥ ତୁମର ସେହି ଡିପ୍ଲୋମେଟିକ୍ ଉତ୍ତର ଶୁଣି ମୁଁ ଲାଜେଇ ଯାଇଥିଲି ଏବଂ କହିଥିଲି- "ଠିକ୍ ଅଛି, ଏବେ କୁହ କୁଆଡେ ଯିବା ? – ଏବେ ହୋଟେଲକୁ ଯିବା । ଖାଇବା । ତା'ପରେ ସମୁଦ୍ର କୂଳକୁ ବୁଲିଯିବା । ସେଠାରୁ ଫେରିବା କଟକକୁ । କାରଣ କାଲି ମୋର ରାତି ଡ୍ୟୁଟି ଅଛି । ଏବଂ ଆଜି ରାତି ୧୨ଟାରେ ବୁର୍ଲାକୁ ଶେଷ ବସ୍ ।' ଏକା ନିଶ୍ୱାସକେ ସବୁକିଛି କହିଥିଲ । ତା'ପରେ ମୁଁ ଠିକ୍ ଅଛି କହିବାରୁ, ସେଠାରୁ ଯାଇଥିଲେ ଏକ ହୋଟେଲକୁ । ଫାମିଲି ପାଇଁ ଉଦ୍ଦିଷ୍ଟ ଗୋଟିଏ ଏ.ସି. ରୁମ୍‌ରେ ଦୁଇଟି ଚେୟାରରେ ସାମ୍ନା ସାମ୍ନି ହୋଇ ବସିଥିଲେ । ୱେଟର ଟେବୁଲ ଉପରେ ଦୁଇ ଗ୍ଲାସ୍ ପାଣି ସହିତ ମେନୁଚାଟ ରଖିଦେଇ ଚାଲିଗଲା । ମୁଁ କିନ୍ତୁ ଆଗତୁରା ମେନୁଚାଟକୁ ଧରି ପକାଇ ତୁମକୁ ପଚାରିଥିଲି- 'କ'ଣ ଖାଇବ ? ଏଥର ତୁମର ଆଉ ଗୋଟିଏ ଡିପ୍ଲୋମେଟିକ୍ ସଂକ୍ଷିପ୍ତ ଉତ୍ତର ଥିଲା – 'ତୁ ଯାହା ଖାଇବୁ । ମୋର ମଧ ସେଇୟା ।' ମୁଁ ଜାଣିଥିଲି ତୁମ ମନପସନ୍ଦର ଖାଦ୍ୟ କ'ଣ ? ତେଣୁ ୱେଟରକୁ ଡକାଇ ବରାଦ ଦେଇଥିଲି । କିନ୍ତୁ ପରେ ପରେ ମୁଁ ହାରିଯାଇଥିଲି କାରଣ ତୁମେ ଶୀଘ୍ର ଶୀଘ୍ର ଖାଇବା ଶେଷ କରି ପେମେଣ୍ଟ କରିଦେଇଥିଲ । କିଛି କହିନଥିଲି, କି କିଛି କହିବାର ନଥିଲା । କାରଣ ଜାଣିଥିଲି ମୋର ସମୟ ତ ଆଗକୁ ଆସୁଛି ତୁମର ଋଣ ସୁଝିବା ପାଇଁ । ତା'ପରେ ଫେରିଥିଲେ ସମୁଦ୍ର କୂଳକୁ । ସେତେବେଳକୁ ସୂର୍ଯ୍ୟଙ୍କ ଅସ୍ତବେଳର କିରଣ ସମୁଦ୍ର ବେଳାଭୂମି ଉପରେ ଖେଳେଇ ହୋଇ ପଡିଥାଏ, ଯାହାକି, ଦେଖିବାକୁ ବହୁତ ସୁନ୍ଦର ଥିଲା । ଯଦିଓ ବେଳା ଭୂମିରେ ଆମେ ଦୁହେଁ ପାଖାପାଖି ହୋଇ ବୁଲୁଥିଲେ, ହେଲେ ସେତେବେଳେ ତୁମର ସଂଯମତା ବେଶ୍ ଗ୍ରହଣୀୟ ଥିଲା । ମୁଁ କିନ୍ତୁ ସେତେବେଳେ ମନେ ମନେ ନିଜକୁ ହଜାଇ ଦେଇଥିଲି ତୁମ ପ୍ରେମର ଅଭିସାର ଭିତରେ ।

ସେଦିନଟି ମୋତେ ବହୁତ ଆନନ୍ଦ ଦେଇଥିଲା । ହେଲେ ତୁମେ ନା ସିଦ୍ଧାର୍ଥ ଟିକିଏ କିଛି କହିଦେଇ ନୀରବ ରହୁଥିଲ । ହେଲେ କାହିଁକି ? ଯାହାହେଉ କିଛି ସମୟ ପରେ ମୁଁ ଯେତେବେଳେ ତୁମକୁ ଚାହିଁଲି, ତୁମେ ସେତେବେଳେ କହିଥିଲ – "ଏଥର ଫେରିବା ।" କାରଣ ଦର୍ଶାଇବାକୁ ଯାଇ କହିଥିଲ କଟକରୁ ବୁର୍ଲାକୁ ଶେଷ ବସ୍ ରାତି ବାରଟାରେ । ସେଥିରେ କାଲି ମୋର ରାତି ଡିଉଟି ଅଛି । ଏବେ ପାଞ୍ଚଟା ବାଜିଲାଣି । ଆକାଶରେ କଳା ମେଘର ବାଦଲ ଦେଖାଦେଲାଣି । ଯଦି ବର୍ଷା ହୋଇଯିବ ତେବେ ହଇରାଣ ହେବା । ତୁମ କଥା ଶେଷ ନହେଉଣୁ ସତକୁ ସତ ବର୍ଷା ଆରମ୍ଭ ହୋଇଗଲା । ଲୋକମାନେ ଓଦା ବାଲି ଉପରେ ଦୌଡା ଦୌଡି ହୋଇ ପଦାକୁ ବାହାରି ଯାଉଥାଆନ୍ତି ଟିକିଏ କୋଉଠି ଆଶ୍ରା ନେବା ପାଇଁ । ସେହିପରି ତୁମେ ମଧ ମୋ ହାତ ଧରି ଶୀଘ୍ର ଶୀଘ୍ର ଚାଲୁଥାଅ । ହଠାତ୍ ତୁମ ହାତରୁ ମୋ ହାତ ଖସିଗଲା । ତୁମେ ରାସ୍ତା ଉପରକୁ ଉଠିଗଲ ହେଲେ ମୁଁ ଟିକେ ପଛେଇ ଗଲି । ଦେଖିଲି ହଠାତ୍ ଏକ କାର୍ ଆସି ତୁମ ଦେହରେ ବାଡେଇ ହୋଇଗଲା । ତୁମେ ତଳକୁ ମୁହଁ ମାଡ଼ି ପଡିଗଲ । ଚେତାବି ହରାଇ ଥିଲ । ତୁମ ପାଖକୁ ଯାଇ ଥରୁଟିଏ ତୁମ ଦେହ ଉପରେ ନଜର ବୁଲାଇ ଆଣିଲି । ତୁମ ଦୁଇ ହାତ ଖଣ୍ଡିଆ ହୋଇ ରକ୍ତ ବାହାରୁ ଥାଏ । ଫୋରହେଡ୍‌ର ବାମ ପାଖ ଅଳ୍ପ ଫାଟିଯାଇ ରକ୍ତ ବାହାରୁଥାଏ । ପ୍ରଥମେ ନିଜକୁ ସମ୍ଭାଳି ନେଇ ମୋ ଲୁଗା କାନିକୁ ଚିରି ତୁମ ମୁଣ୍ଡର କ୍ଷତ ସ୍ଥାନରେ ବାନ୍ଧିଦେଲି । ବସିପଡ଼ି ପଲ୍ସ ଦେଖିଲି । ଯଦିଓ ପଲ୍ସ କାର୍ଯ୍ୟକ୍ଷମ ଥିଲା ହେଲେ ଗତି ଥିଲା କ୍ଷିପ୍ର । ତେଣୁ ପୋଲିସ୍ ଓ ଲୋକମାନଙ୍କ ସାହାଯ୍ୟରେ ତୁମକୁ ଧକ୍କା ଦେଇଥିବା ଗାଡ଼ିରେ ପୁରୀ ସଦର ମହକୁମା ଡାକ୍ତରଖାନାକୁ ନେଇଆସୁଥାଏ, ବଡ଼ଦାଣ୍ଡର ସିଂହଦ୍ୱାର ସାମ୍ନା ରାସ୍ତାରେ ଯିବାବେଳେ ପତିତପାବନ ବାନାକୁ ଅନାଇ ଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ମୁଣ୍ଡିଆଟିଏ ମାରିଲାବେଳେ ମୋ ପାଟିରୁ ବାହାରି ଆସିଲା – "ଠାକୁରେ, ମୋ ଆଖିରେ ଲୁଚି ରହିଥିବା ମଣିଷଟିକୁ ଭଲ କରିଦିଅ ।" ସିଦ୍ଧାର୍ଥ; ସେତେବେଳେ ମୁଁ ସିନା ଏକ ବିପଦର ସମ୍ମୁଖିନ ହୋଇଥିଲି ହେଲେ ବିଶ୍ୱାସ ଥିଲା ତୁମେ ଭଲ ହୋଇଯିବ । ଯାହାହେଉ ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ନିଜର ପରିଚୟ ସହ ତୁମେ ଦେଇଥିବା ପରିଚୟ ଯାହାକି ମୋ ମଥାରେ ଥିଲା, ଆଧାର କରି ସେଠାରେ ଡାକ୍ତରମାନେ ତୁମ ଟ୍ରିଟ୍‌ମେଣ୍ଟ କରିଥିଲେ । ଯଦିଓ ତୁମର ଅବସ୍ଥା ଉଦ୍‌ବେଗ ନଥିଲା ତଥାପି ଚେତା ଫେରୁନଥାଏ । ତେଣୁ ପୋଲିସ୍ ଓ ଡାକ୍ତରଙ୍କୁ ଅନୁରୋଧ କଲି ତୁମକୁ କଟକ ଆଣିବା ପାଇଁ । ଯାହାହେଉ ସେମାନେ ରାଜି ହେଲେ ସମସ୍ତ ପ୍ରକାର ଫର୍ମାଲିଟ୍ ଶେଷ କରି ଏକ ଆମ୍ବୁଲାନ୍ସ ଯୋଗେ ତୁମକୁ କଟକ ନେଇଆସିଲି । କଟକ ବଡ଼ ଡାକ୍ତରଖାନାର କାଜୁଆଲଟିରେ, ମୋ ପ୍ରଫେସର ଡାକ୍ତର ସଂଗ୍ରାମ ମିଶ୍ରଙ୍କ ତତ୍ତ୍ୱାବଧାନରେ ତୁମର ଟ୍ରିଟ୍‌ମେଣ୍ଟ ଆରମ୍ଭ ହେଲା । ଔଷଧ ଓ ଇନ୍‌ଜେକ୍‌ସନ୍ ଦେଇ ସାରି ଡାକ୍ତର ଓ ନର୍ସ ସେଠାରୁ ଫେରିଯାଇଥିଲେ କେବଳ ମୁଁ ତୁମରି ପାଖରେ ଅପେକ୍ଷାରେ ଥାଏ କେତେବେଳେ ତୁମର ଚେତା ଫେରିବ । ଏହା ମଧରେ ତୁମ ଘରକୁ ଓ ଆମ ଘରକୁ ଫୋନ୍ ଯୋଗେ ଜଣାଇ ଦେଇଥାଏ । କିଛି ସମୟ ପରେ ତୁମେ ହାତ ଗୋଡ଼ ହଲାଇଥିଲ । ଯାହାଥିଲା ଏକ ଭଲ ସଂକେତ । ଆଉ କିଛି ସମୟ ପରେ ତୁମେ ଆଖି ଫିଟାଇ ଚାହିଁଥିଲ । ପୁଣି ଥରେ ଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ମନେ ମନେ ପ୍ରଣିପାତ କରିଥିଲି । ଆଖିରୁ ମୋର ବୋହି ଆସୁଥିଲା ଲୁହ ଧାର ଯାହାକୁ ତୁମେ ତୁମ ହାତରେ ପୋଛିଦେଇଥିଲ । ଆଶ୍ଚର୍ଯ୍ୟ ହୋଇଥିଲି ।

ସିଦ୍ଧାର୍ଥ ସେ ତ ଥିଲା ଆମ ଅତୀତ । ସେଦିନ ତ ଆଜି ଆଉ ନାହିଁ । ହେଲେ ମୋର ଏଇ ପରିଣତ ବୟସରେ କ'ଣ ପାଇଁ ତୁମେ ମୋ ଆଖିରୁ ଲୁଚି ଗଲ ? ଖୋଜି ଖୋଜି କେଉଁଠି ତୁମକୁ ପାଉନି ତଥାପି ବିଶ୍ୱାସ ଅଛି ଆର ଜନ୍ମରେ ପୁଣି ଥରେ ତୁମକୁ ଆଖି ପୁରାଇ ଦେଖିପାରିବି ।

*ପ୍ଲଟ ନଂ ୨୨୪, ସହିଦ ନଗର*
*ଭୁବନେଶ୍ୱର - ୭୫୧୦୦୭*
*ଦୂରଭାଷ: ୯୮୬୧୬୬୪୫୨୯*

# ସହଯାତ୍ରୀ

## ରବିନାରାୟଣ ନନ୍ଦ

ବାଦାମବାଡ଼ି ବସ୍‌ଷ୍ଟାଣ୍ଡରେ ବସ୍ ଚଢୁ ଚଢୁ ସିଟ୍‌ଟିଏ ରଖିଦେଇ ଆଶ୍ୱସ୍ତ ହେଲେ ମୋହିନୀବାବୁ। ଶହେ କିଲୋମିଟର ରାସ୍ତା ଯିବାକୁ ପଡ଼ିବ ସେଥିରେ ପୁଣି ପ୍ରାଇଭେଟ୍ ବସ୍। ବାଟରେ ଛେଳି ମେଣ୍ଢା ଭର୍ତ୍ତିକରି ନେଲା ପରି ଲୋକ ଉଠେଇବ। ଏମିତିକି ଏକ ଗୋଡ଼ିଆ ଠିଆ ହେବାକୁ ଜାଗା ମିଳିବ ନାହିଁ। ପ୍ରତି ଅଧ କିଲୋମିଟରରେ କ୍ଲିନର ହୁଇସିଲ ମାରି ଲୋକ ଚଢ଼ାଉଥିବ। ଶହେ କିଲୋମିଟର ରାସ୍ତା ପାରିକରିବାକୁ ଲାଗିଯିବ ସାଢ଼େ ସାତ ଘଣ୍ଟା। ମଣିଷଙ୍କ ସାଙ୍ଗରେ ବାଉଁଶିଆ, ଟୋକେଇ, ଅଖା, ପେଡ଼ି ପୁଟୁଳା, ସୁଟ୍‌କେଶ ପ୍ରଭୃତି ନାନାଦି ଦ୍ରବ୍ୟ ବସ୍ ଉପରକୁ ନଯାଇ ଛାତ ତଳେ ସ୍ଥାନ ପାଇବାକୁ ସଫଳତାର ସହିତ ଲଢ଼େଇ କରୁଥିବେ। କେତେବେଳେ କେମିତି ମୋହିନୀ ବାବୁ ଗାଆଁକୁ ଗଲାବେଳେ ଏଇ ପରିସ୍ଥିତିଟା ମୁଣ୍ଡ ଖରାପ କରିଦିଏ। ଅତର୍ଛିଆ ପୋଖରୀପାଣି ଲାଗୁଥିବା ମଣିଷଟିର ପେଟଟି ସଫା ହୋଇଗଲେ ଯେମିତି ମନଟା ହାଲକା ହୋଇଯାଏ, ସିଟ୍‌ଟି ପାଇଯାଇ ମୋହିନୀବାବୁ ସେମିତି ଆରାମର ନିଶ୍ୱାସଟିଏ ଛାଡ଼ିଲେ।

ମୋହିନୀବାବୁ କଲେଜରେ ପଢ଼ିବା ଦିନୁ ଗାଆଁ ସହିତ ଆଉ ବିଶେଷ ସମ୍ପର୍କ ରଖିନାହାନ୍ତି। ଗେଜେଟେଡ ଚାକିରୀଟିଏ ପାଇଲାପରେ ଓଡ଼ିଶାର ତେର ଜିଲ୍ଲାରୁ ଦଶଟି ବୁଲି ବୁଲି ପଚାଶ ବର୍ଷ ବୟସରେ କଟକରେ ଏକ ବରିଷ୍ଠ ପଦବୀରେ ପୋଷ୍ଟିଂ ପାଇଛନ୍ତି ଏଇ ବର୍ଷେ ହେଲା। ପଚିଶ ବର୍ଷ ମଧ୍ୟରେ ସେ ପନ୍ଦର ଥର ମଧ୍ୟ ଗାଆଁକୁ ଆସିଥିବେ କି ନାହିଁ ସନ୍ଦେହ। ତାଙ୍କ ବୋଉ ମଧ୍ୟ ପ୍ରାୟ ତାଙ୍କ ସହିତ ରହୁଥିଲେ। ଇତି ମଧ୍ୟରେ ବୋଉଙ୍କର ବୟସ ବୃଦ୍ଧି ସହିତ ସମ୍ପତ୍ତି ପ୍ରତି ଲାଳସା ମଧ୍ୟ ବୃଦ୍ଧି ପାଇବାରେ ଲାଗିଛି। ସତୁରି ବର୍ଷର ବୁଢ଼ୀକୁ ଏବେ ବି ଗାଆଁର ଜମିବାଡ଼ି ନିଶା ଲାଗିଛି ଏବଂ ଭାଗ ବଖରା ଠିକ୍ ଭାବରେ ଆଦାୟ କରିବା ପାଇଁ ବୋଉ ଗାଆଁରେ ପଡ଼ି ରହିବାଟାକୁ ସେ ପସନ୍ଦ କରୁନଥିଲେ ମଧ୍ୟ ଅଗତ୍ୟା ବୋଉର ଜିଦି ପାଖରେ ମୁଣ୍ଡ ନୁଆଁଇବାକୁ ପଡ଼ିଛି। ଗତ ଚାରି ପାଞ୍ଚ ବର୍ଷ ହେବ ବୋଉ ଗାଆଁରେ ରହିବା ଦିନଠାରୁ ସେ ପାଖାପାଖି ଦଶଥର ଗାଆଁକୁ ଆସିଲେଣି। ଆସିବାର ଉଦ୍ଦେଶ୍ୟ ଅନ୍ୟ କିଛି ନୁହେଁ, କେବଳ ବୋଉ ଖବର ବୁଝିଯିବାକୁ।

ମୋହିନୀବାବୁ ବେଶ ଖୁସି ମିଜାଜର ଲୋକ। ସେ ବେଶୀ ଲୋକଙ୍କ ସହିତ ମିଶିବାକୁ ଆଗ୍ରହ ଦେଖାନ୍ତି ନାହିଁ କିନ୍ତୁ ଯାହା ସହିତ ମିଶନ୍ତି ତାକୁ ହସାଇ ହସାଇ ବେଦମ କରନ୍ତି। ଅତି ଗୁରୁତର ମୁହୂର୍ତ୍ତ ମଧ୍ୟ ସେ ହାଲ୍‌କା କରିଦିଅନ୍ତି ନିଜର କଥାବାର୍ତ୍ତା ଢଙ୍ଗରେ ଏବଂ ଅତି କଷ୍ଟକର ବିଷୟଟିକୁ ସେ ବୁଝାଇଦେଇ ପାରନ୍ତି ପ୍ରାଞ୍ଜଳ ଭାବରେ ଓ ସହଜ ସୁଲଭ ଭଙ୍ଗୀରେ। ମୋହିନୀ ବାବୁଙ୍କ ସହିତ କଥା ହେବା ସମୟରେ ଜଣେ ଯଦି ଚିଡ଼୍ ଚିଡ଼୍ ମନୋଭାବ ପ୍ରଦର୍ଶନ କଲା ତେବେ ମୋହିନୀବାବୁ ଫାଇଦା ଉଠାଇବାକୁ ଏମିତି ଅଧିକ ଚିଡ଼୍ ଚିଡ଼୍ କରାଇ ଦିଅନ୍ତି ଯେ ସେ ଲୋକଟି ରାଗରେ ଋଷି ବାଳ ଛିଣ୍ଡେଇଲା ପରି ବ୍ୟବହାର ମଧ୍ୟ କରିବା ପର୍ଯ୍ୟନ୍ତ କଥା ଯାଏ। ମୋହିନୀବାବୁ ଏ ପରିସ୍ଥିତିକୁ ଖୁବ୍ ଆନନ୍ଦର ସହିତ ଉପଭୋଗ କରନ୍ତି। କିନ୍ତୁ ସେ ଯେତେବେଳେ ଗାଆଁକୁ ଯାଆନ୍ତି ପତ୍ରିକା ଦୁଇଖଣ୍ଡି ଓ ଆଇନ ବହି ଖଣ୍ଡିଏ ସାଙ୍ଗରେ ନେଇଥାଆନ୍ତି। ପହଞ୍ଚିବା ପରଠାରୁ ଘର ଭିତରେ ଶୋଇରହି ସେଗୁଡ଼ିକର ପୃଷ୍ଠା ଓଲଟାଉ ଥାଆନ୍ତି। ଫଳତଃ ଗାଆଁରେ ଥିବା ବନ୍ଧୁବାନ୍ଧବ, ସାଇ ଲୋକଟିଙ୍କୁ ଚିହ୍ନିବା ତାଙ୍କ ପକ୍ଷରେ ଦୁରୁହ। ଏମିତିକି ନିଜର ବର୍ତ୍ତନିଆ କିମ୍ବା ହଳିଆଟିର ମୁହଁଟିକୁ ଠିକ୍ କରି ମନେରଖିବାର ଚେଷ୍ଟା ମଧ୍ୟ ସେ କରନ୍ତି ନାହିଁ।

ଏଥରକ ଗାଆଁକୁ ଯିବାର ଉଦ୍ଦେଶ୍ୟ ହେଲା ବୋଉ ଚିଠି ଦେଇଥିଲା ତାଙ୍କର ଜଣେ ସଂପର୍କୀୟ ମାମୁ ଆସୁଛନ୍ତି ଗାଆଁକୁ। ତାଙ୍କର ନିଜର କିଛି ବ୍ୟକ୍ତିଗତ ଅସୁବିଧା ସଂପର୍କରେ ଆଲୋଚନା କରିବା ସଙ୍ଗେ ସଙ୍ଗେ ମୋହିନୀବାବୁଙ୍କର ବଡ଼ ଝିଅ ପାଇଁ ଗୋଟିଏ ପ୍ରସ୍ତାବ ନେଇ ସେ ଆସୁଛନ୍ତି। ଇଚ୍ଛା ନ ଥିଲେ ମଧ୍ୟ ବୋଉ ବାଧ୍ୟ କରି ଲେଖିଥିବାରୁ ଦିଅଁ ଦେଖିବା ସାଙ୍ଗରେ କଦଳୀ ଖିଆ ହେଲା ପରି ଏ ସବୁ ଖବର ବୁଝିବା ସଙ୍ଗେ ବୋଉ ଖବର ମଧ୍ୟ ବୁଝା ହୋଇଯିବ ଭାବି ମୋହିନୀବାବୁ ରବିବାର ସକାଳରୁ ଗାଆଁ ଆଡ଼କୁ ମୁହାଁଇଛନ୍ତି।

ବସ୍ ଛାଡ଼ିଲା ପରେ ମୋହିନୀବାବୁ ଟିକିଏ ଆରାମରେ ନିଜେ ରଖିଥିବା ସିଟ୍‌ଟିରେ ଆଉଜି ଶୋଇଗଲେ। ସ୍ୱାଭାବିକ ଢଙ୍ଗରେ ଯେଉଁ ଭିଡ଼ ଆରମ୍ଭ ହୋଇଗଲା ତାଙ୍କୁ ନିଦ ହୋଇଯିବା ଫଳରେ ସେ ଆଉ ତାହା ଅନୁଭବ କରିପାରିଲେ ନାହିଁ। ରାସ୍ତାରେ ଗୋଟିଏ ଯାଗାରେ ଯାତ୍ରୀମାନେ ଜଳଖିଆ ଖାଇବା ପାଇଁ ବସ୍ ରହି ଲୋକ ଓହ୍ଲାଇବା ଆରମ୍ଭ କଲାରୁ ତାଙ୍କ ନିଦ ଭାଙ୍ଗିଗଲା। ଭଲ ରସଗୋଲା ଓ ବରା ଖାଇବା ଆଶାରେ ସେ ମଧ୍ୟ ସମସ୍ତଙ୍କ ସହିତ ଓହ୍ଲାଇଗଲେ। ବ୍ରିଫ୍‌କେଶଟି ଛାଡ଼ିଗଲେ କାଳେ କିଏ ନେଇଯିବ ତାକୁ ସିଟ୍ ଉପରେ ନରଖି ସାଙ୍ଗରେ ନେଇଗଲେ। ସେ ଲକ୍ଷ୍ୟ କଲେ ଅନ୍ୟମାନେ ନିଜ ନିଜର ସିଟ୍ ଗୁଡ଼ିକ ଆବୋରି ରଖିବା ପାଇଁ ସିଟ୍ ଉପରେ ରୁମାଲଟିଏ ହେଉ ବା ବ୍ୟାଗ୍‌ଟିଏ ହେଉ ରଖିଯାଉଛନ୍ତି। ଏହା କରିବାକୁ ଇଚ୍ଛା ହେଉଥିଲେ ମଧ୍ୟ ସେ ନ କରି ଜଳଖିଆ ଖାଇବାକୁ ଓହ୍ଲାଇ ଚାଲିଗଲେ।

ପ୍ରାୟ କୋଡ଼ିଏ ମିନିଟ୍ ପରେ ମୋହିନୀବାବୁ ଦୋକାନରୁ ପାନ ଖଣ୍ଡିଏ ଖାଇ ଫେରିଲାବେଳକୁ ନିଜର ସିଟ୍‌ଟି ଅଧିକୃତ। ଜଣେ ଷାଠିଏ ପଞ୍ଚଷଠି ବର୍ଷର ବୃଦ୍ଧ ତାଙ୍କର ସିଟ୍‌ଟି ଉପରେ ବସି ଢୁଳାଉଛନ୍ତି। ଗୋଡ଼ ସନ୍ଧିରେ ଛତାଟିକୁ ଜାକି ଗୋଟିଏ ଅଖା ବ୍ୟାଗକୁ କୋଳ ଉପରେ ଜାବୁଡ଼ି ଧରି ବୃଦ୍ଧ ଆରାମରେ ଛୋଟିଆ ଛୋଟିଆ ଘୁଙ୍ଗୁଡ଼ି ଛାଡୁଛନ୍ତି। ମୋହିନୀବାବୁ ବ୍ରିଫ୍‌କେଶଟିକୁ ସିଟ୍ ଥିବା ର୍ୟାକ୍‌ରେ ରଖିଦେଇ ନିଜକୁ ଧିକ୍‌କାର କଲେ କାହିଁକି ସିଟ୍‌ଟିକୁ ସେ ଆବୋରି ରଖିଲେ ନାହିଁ। ବସିଥିବା ଲୋକ ମଧ୍ୟ ବୁଢ଼ାଟିଏ। ଜୋର ଜବରଦସ୍ତ ଉଠାଇ ନେବାକୁ ବିବେକ ବାଧା ଦେଲା। ବୃଦ୍ଧ ଘୁଙ୍ଗୁଡ଼ି ମାରୁଥିବାରୁ ସିଟ୍ ଛାଡ଼ିବାକୁ ଅନୁରୋଧ କରିବାର ଅବକାଶ ନାହିଁ। ଚାରିଆଡ଼କୁ ଆଖି ବୁଲେଇ ଚାହିଁଲେ ସମସ୍ତ ସିଟ୍ ଅଧିକୃତ। ଏପରିକି ବହୁ ଲୋକଙ୍କର ଅନୁପ୍ରବେଶ ଦ୍ୱାରା ତାଙ୍କ ଠିଆ ହେବା ସ୍ଥାନଟି ମଧ୍ୟ ସଙ୍କୁଚିତ

ହୋଇଯିବାର ସମ୍ଭାବନା ଅଛି। ଉପରେ ଥିବା ରେଲିଙ୍ଗରେ ହାତଟିକୁ ଝୁଲାଇ ଭାଗ୍ୟ ଆଦରି କିଛି ସମୟ ସେ ଠିଆ ହୋଇ ରହିଲେ। ଭାବିଲେ ବୃଦ୍ଧଙ୍କ ନିଦ ଭାଙ୍ଗିଲେ ତାଙ୍କୁ କହିବେ ଉଠିବାକୁ କିମ୍ବା ଟିକିଏ ଘୁଞ୍ଚି ବସିବାକୁ।

କ୍ରମେ ଭିଡ଼ ଜମି ଉଠିଲା। ଠିକ୍ ତାଙ୍କର ପୂର୍ବ ଆଶଙ୍କାକୁ ସତ୍ୟ ପ୍ରମାଣିତ କରି ତାଙ୍କର ଠିଆ ହେବା ସ୍ଥାନଟି ସଙ୍କୁଚିତ ହେବାରେ ଲାଗିଲା। ପଛରୁ ଜଣକ ଛତା ବାରମ୍ବାର ପିଠିରେ କେଞ୍ଚିହେବା ସଙ୍ଗେ ସଙ୍ଗେ କଡ଼ରେ ଠିଆ ହୋଇଥିବା ଲୋକର ପିନ୍ଧା ଲୁଗାର ଦୁର୍ଗନ୍ଧ ତାଙ୍କ ନାକ ଫଟାଇଦେଲା। ଅସମ୍ଭବ ଭିଡ଼ ଭିତରେ ଅସମ୍ଭାଳିଆ ଗୁଳୁଗୁଳି ମଧ୍ୟ ଆରମ୍ଭ ହୋଇଗଲା। ପରିସ୍ଥିତି ଆହୁରି ସଙ୍ଗୀନ ହୋଇଉଠିଲା ଯେତେବେଳେ ଜଣଙ୍କ ଦୁର୍ବାୟୁ ବସ୍ ଭିତରେ ଖେଳେଇ ହୋଇଯାଇ ଗୁଞ୍ଜରଣ ସୃଷ୍ଟି କଲା। ଅଗତ୍ୟା କେଇ ଜଣ ପାଟି କଲେ "ବସ୍‌ଟାକୁ ଷ୍ଟାର୍ଟ କରି ରଖିଛ ଶୀଘ୍ର ଛାଡ଼"। ଡ୍ରାଇଭର ଯେପରି ଏହି ନିର୍ଦ୍ଦେଶଟିକୁ ଅପେକ୍ଷା କରି ରହିଥିଲା। କ୍ଲିନରର ହୁଇସିଲ୍ ସାଙ୍ଗକୁ କବାଟଫିଟା ଗାଡ଼ିଟିକୁ ଗତିଶୀଳ କରାଇ ନେଲା ଏବଂ ମୋହିନୀବାବୁ ଟିକିଏ ଆଶ୍ୱସ୍ତ ହେଲେ।

କିଛି ସମୟ ବିତିଗଲା ପରେ ମୋହିନୀବାବୁ ବୃଦ୍ଧଙ୍କ ଆଡ଼େ ଟିକିଏ ଚାହିଁଲେ। ଲୋକଟା ନିହାତି ଅଭଦ୍ର। ତାଙ୍କ ସିଟ୍‌ରେ ଜମିକରି ବସିଯାଇଛି ପୁଣି ବସିଲାବେଳଠୁ ଶୋଇଯାଇଛି ସତେ ଯେମିତି ରାତିଯାକ ଯାତ୍ରା ଦେଖି ଘରକୁ ଫେରୁଛି। ଆସ୍ତେ ଆସ୍ତେ ଏକଗୋଡ଼ିଆ ଠିଆ ହେବା ପର୍ଯ୍ୟନ୍ତ କଥା ଆସିଲାଣି। ମୋହିନାବାବୁ ମନେକଲେ ଆଉ ଉପ୍ରୋଧ ନକରି ବୃଦ୍ଧଙ୍କୁ ଟିକିଏ ଅନୁରୋଧ କରିବାକୁ ପଡ଼ିବ। କାଳେ ଯଦି ସିଟ୍‌ଟା ଛାଡ଼ି ଦିଅନ୍ତି। କିନ୍ତୁ ନିଜେ ଆରାମରେ ବସି ବୟସ୍କ ଲୋକଟିକୁ ଠିଆ କରାଇବା ଅଭିପ୍ରାୟ ତାଙ୍କର ଆଦୌ ନଥିଲା। କେବଳ ନିଜେ କଷ୍ଟ ପାଉଥିବାରୁ ମନ ବୁଝାଇବା ପାଇଁ ପଚାରି ନେବାଟା ଶ୍ରେୟସ୍କର ମନେ କରୁଥିଲେ ସେ। ଆଉ ସମ୍ଭାଳି ନପାରି ହାତରେ ବୃଦ୍ଧଙ୍କୁ ହଲାଇ ପଚାରିଲେ– "ଆଜ୍ଞା ଏଇଟା ମୋ ସିଟ୍, ଟିକିଏ ଉଠନ୍ତୁ।"

ବୃଦ୍ଧଙ୍କ ନିଦ ଭାଙ୍ଗିଗଲା। ମୁନିଙ୍କର ତପସ୍ୟା ଭଙ୍ଗ ହେଲେ ଯେପରି କ୍ରୋଧାନ୍ୱିତ ହୋଇପଡ଼ନ୍ତି ସେମିତି ଚଢ଼ା ଗଳାରେ ବୃଦ୍ଧ ପଚାରିଲେ– "କଣ ହେଲା ?" ମୋହିନୀବାବୁ କହିଲେ, "ଆଜ୍ଞା ଏଇଟା ମୋ ସିଟ୍। ଟିକିଏ ଉଠନ୍ତୁ।" ବୃଦ୍ଧ ଚିଡ଼ିଯାଇ କହିଲେ, "କଣ ଏଠି ତମ ନାଆଁ ଲେଖାହୋଇଛି ?" ମୋହିନୀବାବୁଙ୍କୁ ବୃଦ୍ଧଙ୍କର ଚିଡ଼ ଚିଡ଼ ଗୁଣଟା ବେଶ ପ୍ରଭାବିତ କଲା। ବୁଢ଼ାକୁ ଉଠାଇବାର ଅଭିପ୍ରାୟ ନଥିଲେ ମଧ୍ୟ ନିଜର ପ୍ରକୃତି ସୁଲଭ ଗୁଣଟି ଲକୁଟି ଉଠିଲା ଏବଂ ମୋହିନୀବାବୁ ପ୍ରସ୍ତୁତ ହୋଇଗଲେ ଅଧିକ ଚିଡ଼ାଇବାକୁ।

"ନାଇଁ, ନାଇଁ ବସରେ ନାଆଁ ଲେଖା ହେବା ପଦ୍ଧତି ନାହିଁ। ଆଉ ନାଆଁ ଲେଖା ହୋଇଥିଲେ ତମେ ପଢ଼ି ପକେଇ ଥାଆନ୍ତ ଯେମିତି।" ବୁଢ଼ା ଉତ୍‌କ୍ଷିପ୍ତ ହୋଇ ଉଠିଲେ "କଣ ମତେ ଅପାଠୁଆ ଭାବିଛ" ହଁଃ...ଭାରି ପାଠୁଆଟେ। କୋଚଟ ବୁଢ଼ା ମତେ ପାଠ ବୁଝଉଛି, ଉଠ, ଉଠ ମୋ ଜାଗା ଛାଡ଼– ମୋହିନୀବାବୁ କହିଲେ। ମୋହିନୀବାବୁ ବୃଦ୍ଧଙ୍କ ପାଖରେ ଛପି ରହିଥିବା ପ୍ରତିଭା ସନ୍ଧାନ କରିସାରିଥିଲେ ଏବଂ ସେ ଜାଣିଥିଲେ ସେ ବୁଢ଼ା ଯେଉଁ ମୁଡ଼ରେ ଅଛି ସିଟ୍ ଛାଡ଼ିବାର ପ୍ରଶ୍ନ ହିଁ ନାଇଁ ତଥାପି ପଟାଏ ଲଗେଇବାକୁ ତାଙ୍କର ବଳବତୀ ଇଛାକୁ ଚରିତାର୍ଥ କରିବା ପାଇଁ ସେ ଆଗେଇ ଆସିଲେ।

ମୋହିନୀବାବୁଙ୍କ କର୍କଶ ବାକ୍ୟ ବାଣ ବୃଦ୍ଧଙ୍କୁ ଏପରି ଭେଦ କଲା ଯେ ସେ ତତ୍‌କ୍ଷଣାତ ଭୟଙ୍କର ଭାବରେ ରାଗିଯାଇ କହିଲେ,

"ଆପଣ କେତେ ଅଭଦ୍ର, ବ୍ୟବହାର କରି ଶିଖିନାହାନ୍ତି ?"

"ହଁ... ଆପଣ ଭାରି ଭଦ୍ର। ମୁଁ ବାଦାମବାଡ଼ିରୁ ସିଟ୍‌ରେ ବସିଛି। ବାଟରେ ଜଳଖିଆ ଖାଇବାକୁ ଓହ୍ଲାଇଗଲି। ଫେରିଲା ବେଳକୁ ଆପଣ ଭଦ୍ରଲୋକ ସାଜି ମାଡ଼ି ବସିଛନ୍ତି। କହିଲେ ବି ମାନୁନାହାନ୍ତି। ଅନ୍ୟ ଜଣକ ସିଟ୍‌ଟାକୁ ମାଡ଼ି ବାକ୍ୟଗୁଡ଼ିକ ଟାଣୁଆ ହେଉଛି ବୋଲି ଅନୁଭବ କରୁଥିଲେ ହେଁ ମୋହିନୀବାବୁ ନିଜର ଉଦ୍ଦେଶ୍ୟ ଚରିତାର୍ଥ କରିବା ନିମନ୍ତେ କହି ପକାଇଲେ।

"ତା ବୋଲି ଆପଣ ଜଣେ ବୟସ୍କ ଲୋକକୁ ଏମିତି ବ୍ୟବହାର କରିବେ ?"– ବୃଦ୍ଧ ବଡ଼ ବ୍ୟତିବ୍ୟସ୍ତ ହୋଇ କହିଲେ।

"ଆଜ୍ଞା ହଁ କରିବି। ଯେସାକୁ ତେସା ତ ନୀତି। ଆପଣ କଇଁଚ ପିଠିଆ ହୋଇ ଆପଣ ବୁଢ଼ା ଆଉ ମୁଁ କଣ ଛୁଆ ?..." ପୁନର୍ବାର ଉତ୍ତର ଦେଲେ। ବୃଦ୍ଧ ଆହୁରି ଅତିଷ୍ଠ ହୋଇ ଉଠି କହିଲେ–

"ଆପଣ କଣ ଏମିତି ବ୍ୟବହାର କରୁଛନ୍ତି। ଆପଣଙ୍କର ବୋଧେ ବୁନିଆଦି ଠିକ ନାହିଁ। ମୁଁ ବୟସ୍କ ଲୋକ। ବସିଗଲେ କଣ ଅପରାଧ ହୋଇଗଲା।"

ମୋହିନୀବାବୁ ସାଙ୍ଗେ ସାଙ୍ଗେ ପ୍ରତ୍ୟୁତ୍ତର ଦେଲେ– "ଓଃ ରାଜା ମହାରାଜା ଖାନଦାନର ଲୋକତ। ସିନ୍ଧିଆ ରାଜ ପରିବାରର ମାମୁଁ ହିସାବ ହେବେନା ଆମ ବୁନିଆଦିଟା ଯାଙ୍କୁ ଛୋଟିଆ ଦେଖାଗଲା। ବହୁତ କହିଲେଣି। ସିଟ୍‌ଟା ଛାଡ଼ନ୍ତୁ।"

ବୃଦ୍ଧ ଏତେ ରାଗିଗଲେ ଯେ କିଛି କହିପାରିଲେ ନାହିଁ ଗରଗର ହେଲାପରେ ଚୁପ ହୋଇ ବସି ରହିଲେ।

ମୋହିନୀବାବୁଙ୍କ ମନ ଖଟା ହୋଇଗଲା ବୁଢ଼ା କଣ ପଛେଇଲାଣି। ପୁନରାୟ କିଛି ସମୟ ଆଣ୍ଟେଇ କହିଲେ–

"ଆଜ୍ଞା, ଏତେ କହିଲି ଉଠିଲେନି।

ନାଁ ଉଠିବିନି। କଣ କରୁଛ କର...।" ବୃଦ୍ଧ ରୁକ୍ଷ କଣ୍ଠରେ କହିଲେ।

"ଉଠିବନି। କଣ ହେଲା। ତାହେଲେ ମତେ ଠିକ୍ ବାଟ କାଢ଼ିବାକୁ ପଡ଼ିବ। ଜବରଦସ୍ତିର ଗୋଟାଏ ସୀମା ଥାଏ।" ମୋହିନୀ ବାବୁ କହିଲେ।

ପାଖରେ ଥିବା ଜଣେ ଯାତ୍ରୀ ହସ୍ତକ୍ଷେପ କରି ମୋହିନୀ ବାବୁଙ୍କ ଉଦ୍ଦେଶ୍ୟରେ କହିଲେ– "ଆଜ୍ଞା ଟିକିଏ ଆଡ଼ଜଷ୍ଟ କରି ବସିଯାଆନ୍ତୁ, ବୁଢ଼ା ଲୋକତ ବସିଯାଇଛନ୍ତି।"

ମୋହିନୀବାବୁ ସଙ୍ଗେ ସଙ୍ଗେ କହିଲେ– "ସେ ବୁଦ୍ଧି କଣ ତାଙ୍କ ମୁଣ୍ଡରେ ଅଛି। ସେ ତ କହୁଛନ୍ତି ବିନା ଯୁଦ୍ଧେ ଛାଡ଼ିବିନି ସୂଚ୍ୟଗ୍ର ସିଟ୍‌ରୁ।"

ଅନ୍ୟ ଯାତ୍ରୀମାନେ ଦୁଇଜଣଙ୍କର କଳିକୁ ବେଶ୍ ଉପଭୋଗ କରୁଥିଲେ। ଜଣେ ସାଙ୍ଗେ ସାଙ୍ଗେ ବୃଦ୍ଧଙ୍କୁ ପରାମର୍ଶ ଦେଲେ– ଆଜ୍ଞା ଟିକିଏ ଯାଗା ଛାଡ଼ିଦିଅନ୍ତୁ ବାବୁ ଆଡ଼ଜଷ୍ଟ କରି ବସିଯିବେ।

ବୃଦ୍ଧ ଟିକିଏ ହେଲେ ଜାଗା ନ ଛାଡ଼ି ଘୁଞ୍ଚିଲା ଭଳି ଅଭିନୟ କରି କହିଲେ, "ବସୁନାହାନ୍ତି।"

ମୋହିନୀବାବୁ ପୁଣି ବୃଦ୍ଧଙ୍କୁ କହିଲେ "କଣ କୋଡ଼ରେ ବସିବି ?"

"ନାଇଁ, ନାଇଁ ମୁଣ୍ଡ ଉପରେ ବସୁନା"– ବୃଦ୍ଧ କହିଲେ।

"ମୁଣ୍ଡଟା ତଳକୁ କରୁନାହାନ୍ତି"– ମୋହିନୀବାବୁ କହିଲେ।

ଏମିତି ଦେଢ଼ଘଣ୍ଟା କାଳ ଉଭୟଙ୍କ ମଧ୍ୟରେ ଛିଗୁଲା ଛିଗୁଲି, କଳି ଚାଲିବା ପରେ ବୃଦ୍ଧ ପାଟିକଲେ "ଏଇଠି ଓହ୍ଲାଇବି– ରଖ, ରଖ।"

ବହୁଦିନର ପୁରୁଣା ଶତ୍ରୁକୁ ଗାରଡ଼େଇ ଚାହିଁଲା ଭଳି ମୋହିନୀ ବାବୁଙ୍କୁ ଡିମା ଡିମା ଆଖିରେ ଚାହିଁ ବୁଢ଼ା ଓହ୍ଲେଇଗଲା ବେଳେ ଜଣେ ଯାତ୍ରୀ ସ୍ୱେଚ୍ଛାସେବୀ ଭଳି ମୋହିନୀବାବୁଙ୍କୁ କହି ପକାଇଲେ, "ଏଥର ଆଜ୍ଞା ବସନ୍ତୁ।"

ମୋହିନୀ ବାବୁ ତତ୍‌କ୍ଷଣାତ୍ ବୃଦ୍ଧ ଶୁଣିଲା ଭଳିଆ କହି ଉଠିଲେ, "ହଁ, ଅଜାଘର ସମ୍ପତ୍ତି ମିଳିବାକୁ ଟିକିଏ ଡେରି ହେଲା।"

ବୃଦ୍ଧ ଶୁଣିପାରିଲେ, କିଛି ପଦେ କହିବାକୁ ଚାହୁଁଥିଲେ। ଗାଡ଼ି ଛାଡ଼ି ଦେଲା। ପର ଷ୍ଟପେଜରେ

ମୋହିନୀବାବୁ ମଧ୍ୟ ଓହ୍ଲେଇ ଗଲେ

ଘରେ ପହଞ୍ଚୁ ପହଞ୍ଚୁ ଦିନ ସାଢ଼େ ଏଗାର। ବୋଉ ଅପେକ୍ଷା କରି ରହିଥିବାରୁ ଖାଇବା ପିଇବା ତତ୍କ୍ଷଣାତ୍ ସରିଗଲା। ବିଛଣାରେ ଟିକିଏ ଗଡ଼ପଡ଼ ହୋଇ ପାଖରେ ପାନ ଖଣ୍ଡେ ଭାଙ୍ଗି ଦେଉ ଦେଉ କହିଲେ, "ଆରେ- ମହୀ, ପଦିଆ ମାମୁଁ ଆସିବେ ବୋଲି କହିଥିଲେ। ତତେ ଦେଖିବେ ବୋଲି ତାଙ୍କର ଭାରି ଇଚ୍ଛା। ସେ ମତେ କେତେ ଥର କହିଲେଣି ମହୀ ଆସିଲେ ମତେ ଖବର ଦେବ ମୁଁ ଆସିବି। ତାଙ୍କ ପାଖରେ ଗୋଟିଏ ଭଲ ପାତ୍ର ପ୍ରସ୍ତାବଟିଏ ଅଛି। ସେଇଥି ପାଇଁ ସେ ଆସିବେ। ସନ୍ଧ୍ୟା ହେବାକୁ ହେଲାଣି। କୁଆଡ଼େ ଗଲେ ଏ ଯାଏଁ ଦେଖା ନାହିଁ।"

- କୋଉ ପଦିଆ ମାମୁଁ ବୋଉ ?

- "ତୁ ତାଙ୍କୁ ଦେଖିଚୁ ଯେ ମନେ ନାହିଁ। ତୁ ହାଇସ୍କୁଲରେ ପଢ଼ିଲା ବେଳେ ସେ ଦିନାକେତେ ତଳ ସ୍କୁଲରେ ମାଷ୍ଟର ଥିଲେ। ଆମ ଘରକୁ କେତେଥର ଆସିଛନ୍ତି। ସେ ମୋ ନିଜ ମାଉସୀ ପୁଅ ଭାଇ ପରା, ଭାରି ବେହେଲିଆ ଲୋକ। ଆଜି ଆସନ୍ତୁ ଦେଖିବୁନି କି ?"

ମୋହିନୀବାବୁ ତାଙ୍କର ସେଇ ମାମୁଁଙ୍କର ସ୍ୱରୁପ କଳ୍ପନା କରି ନପାରି କେବଳ ଅପେକ୍ଷାରେ ରହିଲେ।

କିଛି ସମୟ ପରେ ବୋଉ ଅଗଣାରୁ ଡାକ ପକାଇଲେ, "ମହୀ, ମାମୁଁ ଆସିଲେଣିରେ ଆ।"

ମୋହିନୀବାବୁ ଘର ଭିତରୁ ବାହାରି ଆସି ନମସ୍କାରଟିଏ ପକାଉ ପକାଉ ଯାହା ଦେଖିଲେ ତଟସ୍ଥ ହୋଇଗଲେ।

ସାମ୍ନାରେ ଯେଉଁ ମାମୁଁଟି ଠିଆ ହୋଇଛନ୍ତି ସିଏ ଆଉ କେହି ନୁହେଁ। ଯେଉଁ ବୃଦ୍ଧଙ୍କ ସହିତ ବୁନିୟାଦି ସଂକ୍ରାନ୍ତୀୟ ଝଗଡ଼ା ବସ୍ ଭିତରେ ହୋଇଥିଲା ଇଏ ସେହି ସହଯାତ୍ରୀ।

ବୃଦ୍ଧ ମଧ୍ୟ କହି ଉଠିଲେ- "ଆରେ ଆପଣ ?"

"ଆଜ୍ଞା ହଁ। ଭିତରକୁ ଆସନ୍ତୁ।"

ହୋ ହୋ ହୋଇ ବୃଦ୍ଧ ଜୋରରେ ହସି ଉଠି କହିଲେ- "ଆରେ ବାବୁ, ଅଜାଙ୍କର ସମ୍ପତ୍ତି ପାଇବା କଥାଟାର ଉତ୍ତର ଦେଇନଥିଲି। ଘର ଭିତରକୁ ଆ ଦେବି।"

ମୋହିନୀବାବୁଙ୍କର ବୋଉ ମାମୁଁ ଭଣଜାଙ୍କର ବାର୍ତ୍ତାଳାପ କିଛି ବୁଝିନପାରି ତଟସ୍ଥ ହୋଇ ଚାହିଁ ରହିଥିଲେ।

***ଗଣ୍ଡରପୁର, କଟକ-୩***

MAGNUM
Shoppers Club (P) Ltd

MAGNUM
FLY ASH BRICKS
Brand Bricks

*Contact for:*
*Fly Ash Bricks of size of*
*10'' x 5'' x 3''*
*9 x 4 1/2'' x 3''*
*8'' x 4'' x 3''*

Plot No. 243, Patelikuda,
Near Uttara Chhak, Pipili
Mob.: +91 9937157876, 9337097876

## ଜ୍ୟୋତିଷ ବିଚାର



# ମାସିକ ରାଶିଫଳ

## (ତା: ୧୫/୧୦/୨୦୨୩ ରୁ ତା: ୧୪/୧୧/୨୦୨୩ ପର୍ଯ୍ୟନ୍ତ)

**ଜ୍ୟୋତିର୍ବିଦ - ବିଶ୍ୱନାଥ ନାୟକ**

**(ଓଁ ବୈଷ୍ଣବୀ ଶକ୍ତି ରନନ୍ତ ବୀର୍ଯ୍ୟା ବିଶ୍ୱସ୍ୟ ବୀଜଂ ପରିପାସି ମାୟାଂ । ସମ୍ମୋହିତ ଦେବୀ ସମସ୍ତ ମେତତ୍ ତ୍ୱ ବୈ ପ୍ରସନ୍ନା ଭୁବି ମୁକ୍ତି ହେତୁ ॥)**



**ମେଷ:-** ଚଳିତ ମାସରେ ଆପଣଙ୍କର ଅଭିଳଷୀତ କାର୍ଯ୍ୟକୁ ଯଥାସମ୍ଭବ ଆଗେଇନେବା ସହିତ ମନରେ ସନ୍ତୋଷ ଓ ଶରୀରରେ ସ୍ଫୁର୍ତ୍ତି ଅନୁଭବ କରିବେ । ବିଶେଷ କରି ମାସର ପ୍ରଥମାର୍ଦ୍ଧ ଉତ୍ସାହପ୍ରଦ ହେବ । ଅନୁକୂଳ ପବନ ବହିବାର ସମ୍ଭାବନାରେ ଭରପୁର ହେବା ଯୋଗେ ଅଧୁରା କାର୍ଯ୍ୟର ପୂର୍ଣ୍ଣତା ପ୍ରଦାନ କରିବେ । କର୍ମକ୍ଷେତ୍ରରେ ଉନ୍ନତିର ଲକ୍ଷଣ ଅଗ୍ରଗତି ନିମିତ୍ତ ଖୋରାକ ଯୋଗାଇବ । ଆତ୍ମୀୟ ସ୍ୱଜନଙ୍କ ବୈରତାକୁ ଭ୍ରୁକ୍ଷେପ ନକରି କର୍ତ୍ତବ୍ୟରେ ମାଡ଼ି ଚାଲିବେ । ଉତ୍ତମ ବୁଝାମଣାକୁ ପାଥେୟ କରି ଦୁର୍ଗମ ପଥକୁ ଅତିକ୍ରମି ଯିବେ । ମୋହ ଓ ଅବଶୋଷକୁ ଚତୁରତାର ସହିତ ବାହ୍ୟ ପ୍ରକାଶ କରିବେ ନାହିଁ । ବେପାର ବାଣିଜ୍ୟରେ ଉତ୍ତମ ଲୋକ ସଂପର୍କ ଯୋଗେ କାରବାରର ପରିସର ବୃଦ୍ଧି ଘଟିବ । ସାମାଜିକ ସ୍ତରରେ ନିଜର ପରାକାଷ୍ଠା ଦର୍ଶାଇ ଲୋକମାନଙ୍କର ପ୍ରିୟତା ଅର୍ଜନ କରିବେ । ଆର୍ଥୀକ ଦିଗ ପୂର୍ବ ତୁଳନାରେ ସୁଧାର ହେବ । ଥଣ୍ଡା ଓ ଉଦରପୀଡ଼ାକୁ ବାଦ୍‌ଦେଲେ ବଡ଼ ଧରଣର ରୋଗହେବାର ଆଶଙ୍କା ନାହିଁ । ନିର୍ମାଣ କାର୍ଯ୍ୟରେ ଆଗୁଆ ରହିବେ । ପାରିବାରିକ ସ୍ଥିତି ହାତମୁଠାରୁ ଖସିଯିବ ନାହିଁ । ମହିଳାମାନେ ସଂଶୟାକୁଳତାକୁ ନିଜ ଆୟତ୍ତରେ ରଖିବାରେ ସମର୍ଥ ହେବେ । ପରିବାରର ଉନ୍ନତି କଳ୍ପେ କର୍ତ୍ତବ୍ୟ ଅବ୍ୟାହତ ରଖିବେ । ସୌଖୀନ ଦ୍ରବ୍ୟ ପ୍ରତି ରୁଚି ବଢ଼ିବ । ବିଦ୍ୟାର୍ଥୀମାନେ ପରିଶ୍ରମର ଫଳ ପାଇବାରୁ ବଞ୍ଚିତ ହେବେନାହିଁ ।

ଅଶୁଭ ଦିବସ:- ୨୬, ୨୭, ୨୮, ୩୧, ୧, ୭, ୮ ଅଷ୍ଟମଚନ୍ଦ୍ର:- ୧୮, ୧୯, ୧୪ ଘାତଚନ୍ଦ୍ର:- ୨୯, ୩୦ ବାକିଦିନ ଶୁଭ ।




**ବୃଷ:-** ମାସଟି ଆପଣଙ୍କୁ ପ୍ରାୟତଃ ବହୁଦିଗରୁ ଶାନ୍ତି ସନ୍ତୋଷ ପ୍ରଦାନ କରିବ । ବିଶେଷ କରି ମାସର ଶେଷଭାଗରେ ଶୁଭଫଳ ପ୍ରାପ୍ତ ହେବାର ଆଶା ଅଧିକ । ମନୋବଳ ବୃଦ୍ଧି ପାଇବା ଯୋଗେ କର୍ମକ୍ଷେତ୍ରରେ ଆଗକୁ ଆଗକୁ ମାଡ଼ିଚାଲିବେ । ପ୍ରତିଯୋଗୀତାରେ ଅଂଶଗ୍ରହଣ କରି ମୌଳିକତା ପ୍ରଦର୍ଶନ କରିବାର ମଉକା ପାଇବେ । ଅନେକ ଦିନର ଆଶା ଫଳବତୀ ହେବ । ଲକ୍ଷ୍ୟ ସାଧନରେ ଦୃଢ଼ମନା ହେବେ । ମୋଟା ଅଙ୍କର ଅର୍ଥପ୍ରାପ୍ତିର ଆଶା ଅସଫଳ ହେବନାହିଁ । ଆନୁଷ୍ଠାନିକ କର୍ମ କୁଶଳତା ବୃଦ୍ଧିପାଇବ । ସାମାଜିକ ସ୍ତରରେ ମର୍ଯ୍ୟାଦାବନ୍ତ ହେବେ । ଆର୍ଥୀକ ଦିଗ ସନ୍ତୋଷ ପ୍ରଦାନ କରିବା ବେପାର ବାଣିଜ୍ୟର ଧାରା ମନ ମୁତାବକ ହୋଇପାରେ । ମୂଲ୍ୟବାନ ଦ୍ରବ୍ୟ କ୍ରୟର ନିଶାଣ ରଖିବେ । ମାଙ୍ଗଳିକ କାର୍ଯ୍ୟ ସାଧନ ନିମିତ୍ତ ଦ୍ୱାର ସାହାଣ ମେଲା ରହିବ । ବଡ଼ପଣିଆ ପ୍ରଦର୍ଶାଇବାର ମଉକା ପାଇବେ । ଭ୍ରମଣ ଯୋଗେ ଶାନ୍ତି ମିଳିବ । ବାତ ପିତ୍ତ ରୋଗରୁ କ୍ଳେଶ ପାଇପାରନ୍ତି । ଖାଦ୍ୟପେୟ ପ୍ରତି ସଚେତନ ହେବା ଆବଶ୍ୟକ । ପାରିବାରିକ ଜୀବନ ମନସ୍ତାପ କାରକ ହେବନାହିଁ । ମହିଳାମାନେ ଅଭିମାନ ତ୍ୟାଗ କଲେ ଶାନ୍ତି ପାଇବେ । ଅଧିକ ପାଇବାର ଲୋଭ ବେଳେବେଳେ ବ୍ୟଥିତ କରିବ । ଗୃହ ସଜେଇବାରେ ମନୋନିବେଶ କରିବେ । ବିଦ୍ୟାର୍ଥୀମାନେ କ୍ଳାନ୍ତି ଓ ଅବସନ୍ନତାର ଦାପଟରେ ପଡ଼ିପାରନ୍ତି ।

ଅଶୁଭ ଦିବସ:- ୨, ୩ ଅଷ୍ଟମଚନ୍ଦ୍ର:- ୨୦, ୨୧ ଘାତଚନ୍ଦ୍ର:- ୯, ୧୦, ୧୧ ବାକିଦିନ ଶୁଭ ।



**ମିଥୁନ:-** ପୂର୍ବ ତୁଳନାରେ ଚଳିତ ମାସରେ ଅଧିକ ଶୁଭଫଳର ଆଶା କରିପାରିବେ । କର୍ମରେ ଉନ୍ନତି ଯୋଗେ ମନରେ ଆଶା ଓ ସାହାସ ବୃଦ୍ଧିପାଇବ । ଉପରିସ୍ଥ ମାନଙ୍କଠାରୁ ପ୍ରେରଣା ଓ ଶୁଭେଚ୍ଛା ପାଇବା ଫଳରେ କର୍ମ ସଂପାଦନ ନିମିତ୍ତ ଉତ୍ସାହ ବୃଦ୍ଧିପାଇବ । ପୂର୍ବରୁ ଜମି ରହିଥିବା ମନର ଅଶାନ୍ତି ଓ ଦୁର୍ବଳତା ଲାଘବ ହେବ । ବେପାର ବାଣିଜ୍ୟରେ ଉତ୍ତମ ମନୋଯୋଗ ଯୋଗେ ସୁଫଳ ପାଇବେ । ନୂତନ ବେପାର ନିମିତ୍ତ ଉତ୍ସାହୀ ହେବେ । ବେପାର ବାଣିଜ୍ୟର ପରିସର ବୃଦ୍ଧି ପାଇବ । ସାମାଜିକ ସ୍ତରରେ ନିଜକୁ ପ୍ରତିଷ୍ଠିତ କରାଇବାର ସୁ ଅବସର ମିଳିବ । ଆର୍ଥୀକ ସ୍ଥିତିକୁ ନେଇ ଉଦ୍‌ବେଗ ସୃଷ୍ଟି ହେଲେବି ତାହାର ସମାଧାନ ଘଟିବ । ବକେୟା ଅର୍ଥ ହାତକୁ ଆସିପାରେ । ପରିବାରରେ ଅନ୍ୟମାନଙ୍କ ପାଇଁ ଚିନ୍ତିତ ହୋଇପାରନ୍ତି । ଶତ୍ରୁମାନେ ଚଲାପଥରୁ ଅପସରି ଯାଇପାରନ୍ତି । ବିବାଦୀୟ କ୍ଷେତ୍ର ସରଳ ହେବ । ରକ୍ତ ପ୍ରବାହ ତଥା ପ୍ରଦୂଷଣ ଜନିତ ଜ୍ୱରାଦି ବିକାର ପୀଡ଼ା ଦେଖାଦେଇପାରେ । ପାରିବାରିକ ଅବସ୍ଥା ନିୟନ୍ତ୍ରଣାଧିନ ହେବ । ମହିଳାମାନେ କ୍ରମଶଃ ଉଚ୍ଚ ଭାବମୂର୍ତ୍ତି ଗ୍ରହଣର ସୁଯୋଗ ପାଇବେ । ମାଙ୍ଗଳିକ କାର୍ଯ୍ୟକ୍ରମରେ ସଫଳ ଭୂମିକା ଗ୍ରହଣ କରିବେ । ଆଭୂଷଣ ପ୍ରତି ରୁଚି ବଢ଼ିବ । ବିଦ୍ୟାର୍ଥୀମାନେ ସମସ୍ତ ଦିଗରୁ ସଫଳତା ପ୍ରାପ୍ତ କରି ପ୍ରଫୁଲ୍ଲିତ ହେବେ ।

ଅଶୁଭ ଦିବସ:- ୪, ୫, ୧୨, ୧୩ ଅଷ୍ଟମଚନ୍ଦ୍ର:- ୨୨, ୨୩ ଘାତଚନ୍ଦ୍ର:- ୨୪, ୨୫ ବାକିଦିନ ଶୁଭ ।



**କର୍କଟ:-** ଶୁଭାଶୁଭ ମିଶ୍ରିତଫଳ ପ୍ରଦାନ ମାଧ୍ୟମରେ ମାସଟି ଅତିବାହିତ ହେବ । ପ୍ରଥମାର୍ଦ୍ଧଟି ବିଶେଷ ଚିନ୍ତାବୃଦ୍ଧି କାରକ

ନହେଲେବି ଦ୍ୱିତୀୟାର୍ଦ୍ଧଟି ସାମାନ୍ୟ ବିଚଳିତ କରିପାରେ। କର୍ମ କ୍ଷେତ୍ରରେ ଗତାନୁଗତିକତା ରକ୍ଷାକରି କର୍ତ୍ତବ୍ୟ ପରାୟଣତାକୁ ପ୍ରାଧାନ୍ୟ ଦେଇ ଆଗେଇବେ। କର୍ମକ୍ଷେତ୍ରରେ ସ୍ଥାନ ମାନ ପ୍ରତି ବିପଦ ଦେଖାଦେବାର ନାହିଁ। ମାନସିକ ଶାନ୍ତି ରକ୍ଷା ନିମିତ୍ତ ମନୋବଳ ରକ୍ଷା ସହିତ ଦୈବୀକୃପା ଯୋଗେ ଗତିପଥ କଣ୍ଟକିତ ହେବନାହିଁ। ଅଧିକ ପରିହାର କଲେ ଶାନ୍ତି ପାଇବେ। ବେପାର ବାଣିଜ୍ୟ ନିମିତ୍ତ ଶଙ୍କାକୁଳ ହେବାର ନାହିଁ। ଗତାନୁଗତିକତା ରକ୍ଷା କରି ଆଗେଇବେ। ଆର୍ଥୀକ ଦିଗ ଗୁଜୁରାଣ ମେଣ୍ଟାଇବାରେ ଅସମର୍ଥ ହେବନାହିଁ। ଅର୍ଥ ନେଣଦେଣ ସଂକ୍ରାନ୍ତରେ ସତର୍କତା ଅବଲମ୍ବନ ଜରୁରୀ। ସାମାଜିକ କ୍ଷେତ୍ରରେ ବୁଦ୍ଧି ଓ ଅର୍ଥ ଖଟାଇ ନିଜକୁ ସୁରକ୍ଷିତ ରଖିପାରିବେ। ଭ୍ରମଣରୁ ଶାନ୍ତି ମିଳିବ। ଆପଣାରମାନେ ନିନ୍ଦୁକ ସାଜିପାରନ୍ତି। ବନ୍ଧୁବାନ୍ଧବମାନେ ସ୍ୱାର୍ଥପର ଗୁଣ ଆପଣେଇବେ। ଥଣ୍ଡା ଓ ଗଣ୍ଠିବାତ ଯନ୍ତ୍ରଣାର କାରଣ ହେବ। ଗଳାଦୋଷରୁ କ୍ଲେଶ ପାଇବେ। ଉଦାରତା ଗୁଣ ଯୋଗେ ପାରିବାରିକ ଶାନ୍ତି ଅକ୍ଷୁର୍ଣ୍ଣ ରହିବ। ମହିଳାମାନେ ଖଟଣୀରେ ବୁଡ଼ି ରହିଲେବି କାର୍ଯ୍ୟକର୍ମରେ ହାରିଯିବେ ନାହିଁ। ଭୋଗ ବିଳାସରେ ଭଟ୍ଟା ପଡ଼ିବାର ନାହିଁ। ହାତକୁ ଅର୍ଥ ଆସିବ। ବିଦ୍ୟାର୍ଥୀମାନେ ପ୍ରାପ୍ତ ଫଳରେ ନିଜକୁ ସମ୍ଭାଳିନେବେ।

ଅଶୁଭ ଦିବସ:- ୧୫, ୧୬, ୧୭ ଅଷ୍ଟମଚନ୍ଦ୍ର:- ୨୪, ୨୫ ଘାତଚନ୍ଦ୍ର:- ୭, ୮ ବାକିଦିନ ଶୁଭ।



**ସିଂହ:-** ମାସଟି ବିଶେଷ ଶୁଭଫଳ ଧାରକ ନହେଲେବି ମନୋବଳକୁ ଆଧାର କରି କୌଣସି ମତେ ପରିସ୍ଥିତିକୁ ସମ୍ଭାଳିନେବେ। କର୍ମର ଗତି ଅବରୋଧ ହେବାର ନାହିଁ। ବୁଝାମଣାରେ ତାଳମେଳର ଅଭାବ ଯୋଗେ ଉପେକ୍ଷାର ଶିକାର ହୋଇପାରନ୍ତି। ଉପରିସ୍ଥ ମାନଙ୍କ ପ୍ରୋତ୍ସାହନ ଯୋଗେ କର୍ମରେ ଆଗ୍ରହ ସୃଷ୍ଟିହେବ। ଅର୍ଥ ଲୋଭକୁ ସମ୍ବରଣ କଲେ ସ୍ଥାନ ମାନ ପ୍ରତି ଅଙ୍କୁଶ ଲାଗିବାର ନାହିଁ। ଗୋଡ଼ଟଣା ଲୋକମାନଙ୍କର ପ୍ରାବଲ୍ୟତା ଦେଖାଦେଲେବି ତାହା ଅଚିରେ ଉଭାନ ହେବ। ଦେବଦର୍ଶନରୁ ଶାନ୍ତି ପାଇବେ। ଭାତୃବଳରୁ ବଳୀୟାନ ହୋଇପାରନ୍ତି। ଆନୁଷ୍ଠାନିକ କର୍ମରେ ସମ୍ମାନିତ ହେବେ। ବେପାର ବାଣିଜ୍ୟରୁ ବେଶ୍ ଦୁଇପଇସା ହାତେଇ ପାରନ୍ତି। ସାମାଜିକ ସ୍ତର ଗୌରବମୟ ହେବ। ନିର୍ମାଣ କାର୍ଯ୍ୟରେ ବ୍ରତୀ ହେବେ। ବୃହତ୍ତର ଯୋଜନାରେ ଆଗେଇପାରନ୍ତି। ଅହଂକାର ତ୍ୟାଗ କଲେ ପ୍ରଶଂସାର ପାତ୍ର ହେବେ। ଆର୍ଥୀକ ଦିଗ ଦୁର୍ବଳ ହେବନାହିଁ। ପରୋପକାରରୁ ଆଶୀଷ ମିଳିବ। ସାଧାରଣ ରୋଗ ଭୋଗକୁ ବାଦ୍‌ଦେଲେ ବଡ଼ଧରଣର ଅସୁସ୍ଥିପୀଡ଼ାର ଆଶଙ୍କା ନାହିଁ। ପାରିବାରିକ ଜୀବନରେ ମନକଷ୍ଟ ହେବ। ମହିଳାମାନେ ଅନେକ ସମସ୍ୟାର ସୁସମାଧାନ କରିବେ। ପରିବାରରେ ପ୍ରାଧାନ୍ୟ ବୃଦ୍ଧି ପାଇବ। ବିଦ୍ୟାର୍ଥୀମାନେ ପଛେଇ ଯିବେ ନାହିଁ।

ଅଶୁଭ ଦିବସ:- ୧୮, ୧୯, ୨୯, ୩୦, ୯, ୧୦, ୧୧, ୧୪ ଅଷ୍ଟମଚନ୍ଦ୍ର:- ୨୬, ୨୭, ୨୮ ଘାତଚନ୍ଦ୍ର:- ୨୨, ୨୩ ବାକିଦିନ ଶୁଭ।



**କନ୍ୟା:-** ଆପଣଙ୍କ ନିମିତ୍ତ ମାସଟି ପୂର୍ବ ତୁଳନାରେ ସନ୍ତୋଷପ୍ରଦ ହେବ। ଦୁର୍ବଳ ମାନସିକତାର କବଳିତ ହୋଇ ଅନେକ ସମୟର ଆହ୍ୱାନକୁ ଗ୍ରହଣ କରିନପାରି କେତେକ ଶୁଭ ପ୍ରଭାବରୁ ଫାଇଦା ଉଠାଇବାରେ ଅସମର୍ଥ ହୋଇପାରନ୍ତି। କର୍ମସ୍ଥଳୀରେ ଉତ୍ତମ ଭୂମିକା ସଂପାଦନରେ ସମର୍ଥ ହେବେ। ଅନ୍ୟମାନଙ୍କୁ ନିଜ ସ୍ୱାର୍ଥରେ ବିନିଯୋଗ କରି କାର୍ଯ୍ୟ ହାସଲ କରିପାରନ୍ତି। ଶତ୍ରୁପୀଡ଼ାରୁ ମୁକ୍ତ ହେବେ। ସ୍ଥାନ ମାନ ସୁରକ୍ଷିତ ରହିବ। ଖଳ ଲୋକମାନଙ୍କର ଚକ୍ରାନ୍ତ ପଣ୍ଡ ହେବାଯୋଗେ ଆଶ୍ୱସ୍ତ ହେବେ। ବେପାର ବାଣିଜ୍ୟରେ ଚଉଆଖିଆ ହେଲେ ପଶ୍ଚାତାପ କରିବାକୁ ପଡ଼ିବନାହିଁ। ସାମାଜିକ କ୍ଷେତ୍ରରେ ପତିଆରା ରକ୍ଷା କରିବା ସମ୍ଭବ ହେବ। ଆପଣାରମାନେ ଦୋଷ ବାଛିବେ। ଆର୍ଥୀକ ଦିଗ ସବଳ ରହିବ। ବକେୟା ପ୍ରାପ୍ୟ ହାତକୁ ଆସିବାର ସମୟ। ବିବାଦୀୟ କ୍ଷେତ୍ରରୁ ଇଜ୍ଜତ ମିଳିବ। ଚକ୍ଷୁପୀଡ଼ା, ଥଣ୍ଡାଦୋଷ ଓ ଗଣ୍ଠିବାତ ଦେଖାଦେବ। ପାରିବାରିକ ସ୍ତରରେ ପୂର୍ବର ମନୋମାଳିନ୍ୟ ସମାଧାନ ହେବାର ସୂଚନା ଅଛି। ମହିଳାମାନେ ସୁଖ ଶାନ୍ତିରେ ସମୟ ବିତାଇବେ। ଈଶ୍ୱର ବିଶ୍ୱାସ ଅନେକ ଅଶାନ୍ତିରୁ ଉଦ୍ଧାର କରିବ। ଭୋଗ ବିଳାସ ପ୍ରତି ଦୁର୍ବଳତା ଜାତହେବ। ବିଦ୍ୟାର୍ଥୀମାନେ ଶୁଭ ସମ୍ବାଦର ପ୍ରତୀକ୍ଷା କରିପାରନ୍ତି।

ଅଶୁଭ ଦିବସ:- ୨୦, ୨୧, ୩୧, ୧, ୧୨, ୧୩ ଅଷ୍ଟମଚନ୍ଦ୍ର:- ୨୯, ୩୦ ଘାତଚନ୍ଦ୍ର:- ୨, ୩ ବାକିଦିନ ଶୁଭ।



**ତୁଳା:-** ଶୁଭାଶୁଭ ମିଶ୍ରିତଫଳ ଚଳିତ ମାସରେ ପ୍ରାପ୍ତହେବ। କର୍ମକ୍ଷେତ୍ରରେ ସଂଘର୍ଷ କରି ଆଗୁଆ ହେବେ। ନିଜକୁ ଯଥା ସମ୍ଭବ ଦୃଢ଼ରଖି ସକ୍ଷମତାର ସହିତ ରକ୍ଷାପ୍ରାପ୍ତି ଆଡ଼କୁ ସାଧାରଣ ଗତିରେ ଆଗେଇବା ସହିତ ବିକଳ୍ପ ଚିନ୍ତା ଖୋଜିବସିବେ। ପଥଚ୍ୟୁତ ହେବାର ବିଡ଼ମ୍ବନା ଉପୁଜିବାର ଆଶଙ୍କା ନାହିଁ। କର୍ତ୍ତବ୍ୟନିଷ୍ଠା ଯୋଗେ ଭାବମୂର୍ତ୍ତି ଅମଳିନ ରହିବ। ବେପାର ବାଣିଜ୍ୟରେ ଉତ୍‌ଥାନ ପତନ ପଥଦେଇ ଗତି କଲେବି କ୍ଷତି ସହିବାର ନାହିଁ। ସାମାଜିକ ସ୍ତରରେ ଦକ୍ଷତା ପ୍ରମାଣ କରିବାର ମଉକା ଜୁଟିବ। କିଛି ନିନ୍ଦୁକ ରହିଲେବି ସେମାନଙ୍କ ଦ୍ୱାରା ଆକ୍ରାନ୍ତ ହେବାର ନାହିଁ। ଗୃହରେ ମାଙ୍ଗଳିକ କାର୍ଯ୍ୟର ପଦଧ୍ୱନି ଶୁଣାଯାଇପାରେ। ବନ୍ଧୁ ସମାଗମର ଯୋଗ ଅଛି। ଆର୍ଥୀକ ସ୍ଥିତି ପୂର୍ବ ତୁଳନାରେ ସୁଧାର ହେବ। ଅବୟବରେ ଆଘାତ ଆସିପାରେ। ବାତ ପିତ୍ତ ରୋଗ କ୍ଲେଶ ଦାୟକ ହେବ। ପାରିବାରିକ ଶାନ୍ତି ଅତୁଟ ରହିବ। ଆୟ ତୁଳନାରେ ବ୍ୟୟର ପରିମାଣ ଅଧିକ ଯୋଗେ ଅତିଷ୍ଠ ହୋଇପାରନ୍ତି। ମହିଳାମାନେ ଶୁଭାଶୁଭ ସ୍ଥିତିରେ ଗତି ଗଲେବି ସୁଖ ଭୋଗରେ ଭଟ୍ଟା ପଡ଼ିବାର ନାହିଁ। ସୌଖୀନ ଦ୍ରବ୍ୟ ପ୍ରତି ଆଗ୍ରହ ବୃଦ୍ଧି ପାଇବ। ଉତ୍ତମ ସମ୍ମାନର ଅଧିକାର ମିଳିବ। ତୀର୍ଥ ଭ୍ରମଣ କରିପାରନ୍ତି। ବିଦ୍ୟାର୍ଥୀମାନେ ପ୍ରତିଷ୍ଠା ଲାଭର ସୁଯୋଗ ପାଇବେ।

ଅଶୁଭ ଦିବସ:- ୨୨, ୨୩, ୨, ୩ ଅଷ୍ଟମଚନ୍ଦ୍ର:- ୩୧, ୧ ଘାତଚନ୍ଦ୍ର:- ୨୦, ୨୧ ବାକିଦିନ ଶୁଭ।



**ବିଛା:-** ଆନନ୍ଦ ବିଷାଦ ମଧ୍ୟରେ ମାସଟି ଅତିକ୍ରାନ୍ତ କରିବେ। ମଝିରେ ମଝିରେ ମାନସିକ ଉଦ୍‌ବେଗର ଶିକାର ହେଲେ ଆଶ୍ଚର୍ଯ୍ୟ ଚକିତ ହେବାର ନାହିଁ। କର୍ମର ଗତି ମନ୍ଥର ହେବା କାରଣରୁ ମନରେ ଅବଶୋଷ ଜାତହେବ। ଉପରିସ୍ଥ ମାନଙ୍କ ପ୍ରେରଣା ପାଇ କର୍ମରେ ଆଗେଇବେ। ଅନେକ ସମୟରେ ମନର କଥା ମନରେ ମାରିବାକୁ ପଡ଼ିବ। ଶତ୍ରୁ ପ୍ରତିହତ କରି ନିରୁପଦ୍ରବ ଜୀବନଚର୍ଯ୍ୟା ନିମିତ୍ତ ଦିକ୍‌ଦାର ହୋଇପାରନ୍ତି। ମନୋବଳରେ ବଳୀୟାନ ହୋଇ ସମସ୍ତ ପ୍ରକାରର ନକାରାତ୍ମକ ପରିବେଶକୁ ସକାରାତ୍ମକ କରିବାକୁ ଚେଷ୍ଟା କରି ସଫଳ ହେବେ। ବେପାର ବାଣିଜ୍ୟ ଯଥାରୀତି ଚାଲୁ ରହିବ। ଲାଭକ୍ଷତି ବରାବର ହେବ। ସାମାଜିକ ସ୍ତରରେ ସ୍ଥାନ ଓ ମାନ ପ୍ରତି ବିପଦ ଆସିବାର ନାହିଁ। ଗୃହ କର୍ମରେ ମନୋନିବେଶ କରିବେ। ଧର୍ମୀୟ ଧାରଣାରେ ଅନୁପ୍ରାଣିତ ହେବେ। ଦୂରଯାତ୍ରାକୁ ସ୍ଥଗିତ କରିବା ଉଚିତ। ଆର୍ଥୀକ ଦିଗ ମଧ୍ୟମ ଧରଣର ରହିବ। ଗୁରୁଜନମାନଙ୍କ ସ୍ୱାସ୍ଥ୍ୟ ଚିନ୍ତିତ କରାଇପାରେ। ଛୁଆ ପିଲା ମାନଙ୍କ ଯୋଗୁ ଶାନ୍ତି ଓ ଆନନ୍ଦ ପାଇବେ। ଉଦରପୀଡ଼ା ସାଙ୍ଗକୁ ଇନ୍ଦ୍ରିୟ ମାନଙ୍କ ଜନିତ ଯନ୍ତ୍ରଣା ଭୋଗିପାରନ୍ତି। ପରିବାରରୁ ଆଶାଜନକ ସହଯୋଗ ମିଳିବ। ମହିଳାମାନେ କାର୍ଯ୍ୟ ସାଧନ ନିମିତ୍ତ ଆଗୁସାର ହେବେ। ଛୁଆପିଲା ମାନଙ୍କ ଯୋଗୁ ଚିନ୍ତା ପ୍ରକଟ କରିପାରନ୍ତି। ବିଦ୍ୟାର୍ଥୀମାନେ ଅଧ୍ୟୟନ କୁଶଳତା ପ୍ରଦର୍ଶାଇବେ।

ଅଶୁଭ ଦିବସ:- ୧୫, ୧୬, ୧୭, ୨୪, ୨୫,

୪, ୫, ୬ ଅଷ୍ଟମଚନ୍ଦ୍ର:- ୨, ୩ ଘାତଚନ୍ଦ୍ର:- ୩୧, ୧ ବାକିଦିନ ଶୁଭ।



**ଧନୁ:-** ପୂର୍ବ ଅପେକ୍ଷା ଚଳିତ ମାସଟି ଆପଣଙ୍କ ପକ୍ଷେ ଶୁଭାଶୁଭ ହେବ। ଅସ୍ଥିରତା ଓ ଅନିଶ୍ଚିତତା ଠାରୁ ବହୁ ପରିମାଣରେ ମୁକ୍ତହେବା ଫଳରେ ଅନ୍ୟମନସ୍କତା ଦୂରେଇଯାଇ ସମାଧାନର ପନ୍ଥା ପରିଷ୍କାର ହେବ। ବ୍ୟବସ୍ଥିତ ଚିତ୍ତକୁ ଆଗ୍ରହ କରି ଲକ୍ଷ୍ୟ ସାଧନରେ ଧାବିତ ହେବେ। କର୍ମକ୍ଷେତ୍ରରେ ଆଖିଦୃଶିଆ ସଫଳତା ପ୍ରାପ୍ତ ହେବାର ଆଶା ଉଜ୍ଜ୍ୱଳ। ଗତିବୃଦ୍ଧି ନିମିତ୍ତ ବିଶ୍ରାମହୀନ ପରିଶ୍ରମକୁ ଆପଣେଇ ନେବେ। ସହକର୍ମୀମାନଙ୍କ ସହିତ ବିରୋଧାଭାସ ହେବା ବିଚିତ୍ର ନୁହେଁ। ଭୋଗ ବିଳାସର ସାଧନ ଥାଇ ମଧ୍ୟ ସେଥି ନିମିତ୍ତ ସମୟର ଅଭାବ ଘଟିବ। ବେପାର ବାଣିଜ୍ୟରେ ନିଷ୍ଠା ଓ ପରିଶ୍ରମ ଯୋଗେ ଅନେକ ବାଟ ଆଗେଇ ଯାଇପାରିବେ। ସାମାଜିକ ସ୍ତରରେ ଉଚ୍ଚମନ୍ୟତାର ଅଭାବ ଘଟିବ ନାହିଁ। ଆର୍ଥୀକ ଦିଗ ମଜବୁତ ରହିବ। କାର୍ଯ୍ୟ ସାଧନରେ ତତ୍ପରତା ବୃଦ୍ଧି ପାଇବ। ଆତ୍ମୀୟମାନଙ୍କ ନିମନ୍ତେ ଚିନ୍ତିତ ହୋଇପାରନ୍ତି। ଖାଦ୍ୟପେୟ ଓ ଜଳବାୟୁ ଜନିତ ଛୋଟ ଛୋଟ ରୋଗର ଶିକାର ହେଲେବି ତାହା ଚଳନୀୟ ହେବ। ପରିବାର ସ୍ଥିତିରେ ସାମାନ୍ୟ ବିଭ୍ରାଟ ଦେଖାଦେଇପାରେ। ମହିଳାମାନେ ଶାନ୍ତି ପାଇବେ। ଦାୟିତ୍ୱ ଓ କର୍ତ୍ତବ୍ୟରେ ମଗ୍ନ ହୋଇପାରନ୍ତି। ଭୋଗ ବିଳାସରେ ଅଙ୍କୁଶ ଲାଗିବାର ନାହିଁ। ବିଦ୍ୟାର୍ଥୀମାନେ କର୍ତ୍ତବ୍ୟକୁ ପ୍ରାଧାନ୍ୟ ଦେବେ।

ଅଶୁଭ ଦିବସ:- ୧୮, ୧୯, ୨୯, ୩୦, ୭, ୮, ୧୪ ଅଷ୍ଟମଚନ୍ଦ୍ର:- ୪, ୫, ୬ ଘାତଚନ୍ଦ୍ର:- ୨୬, ୨୭, ୨୮ ବାକିଦିନ ଶୁଭ।



**ମକର:-** ଚଳିତ ମାସରେ ଶୁଭାଶୁଭ ମିଶ୍ରିତଫଳ ପ୍ରାପ୍ତ ହେଲେବି ପୂର୍ବ ତୁଳନାରେ ଶୁଭଫଳର ମାତ୍ରା ଅଧିକହେବ। ଅନୁକୂଳ ପବନ ବହିବା ଯୋଗେ ଅନେକ ଆଶଙ୍କା ଓ ନକାରାତ୍ମକ ଚିନ୍ତାଧାରା ଅପସରି ଯିବା କାରଣରୁ ମାନସିକ ଶାନ୍ତି ଲାଭକରି କର୍ମପଥରେ ଆଗେଇଯିବାର ସୁ ଅବସର ଅବଶ୍ୟ ପ୍ରାପ୍ତ ହେବ। ଗଡ଼ି ଚାଲିଥିବା ଅସୁସ୍ଥି ଓ ମାନସିକ ଦୁଃସ୍ଥିତିରୁ ସୁରକ୍ଷା ମିଳିଯିବ। ଭୋଗ ବିଳାସର ସାଧନ ପ୍ରାଚୁର୍ଯ୍ୟକୁ ଗୁରୁତ୍ୱ ନଦେଇ କର୍ତ୍ତବ୍ୟ ପାଳନରେ ଯଥା ସମ୍ଭବ ସାମିଲ କରିବେ। ଯଶ ଓ ପ୍ରଶଂସାର ପାତ୍ର ହୋଇ ସମାଜରେ ନିଜକୁ ପ୍ରତିଷ୍ଠା କରାଇବେ। ବେପାର ବାଣିଜ୍ୟର ଧାରା କ୍ରମୋନ୍ନତି ପଥରେ ଗତି କରିବ। ପ୍ରତିଦ୍ୱନ୍ଦିତା କ୍ଷେତ୍ରରେ ଅପରପକ୍ଷକୁ କ୍ଷତିଗ୍ରସ୍ତ କରି ନିଜସ୍ୱ ସମ୍ମାନ ସୁରକ୍ଷିତ ରଖିବେ। ସହକର୍ମୀ କେହି ମାୟାବୀ ଭୂମିକା ନିର୍ବାହ କରି ଦଳିତଚିତ୍ତ କରାଇପାରନ୍ତି। ଦୃଢ଼ ମନୋବଳ ଓ ଈଶ୍ୱର ଚିନ୍ତନ ଦ୍ୱାରା ଚିତ୍ତ ବୈକଲ୍ୟତା ଅଚିରେ ଦୂରୀଭୂତ ହେବ। ଆର୍ଥୀକ ଦିଗ ଦୁର୍ବଳ ହେବାର ନାହିଁ। ସାମାଜିକ କର୍ମରେ ନିଜକୁ ନିୟୋଜିତ କରିବେ। ଭ୍ରମଣ ଯୋଗେ ଶାନ୍ତି ମିଳିବ। ପିତ୍ତଶ୍ଳେଷ୍ମା ଯୋଗେ ପୀଡ଼ିତ ହେବେ। ପାରିବାରିକ ଅଶାନ୍ତି ଘଟିବାର ନାହିଁ। ମହିଳାମାନେ ଅପେକ୍ଷାକୃତ ଭାବେ ଶାନ୍ତି ଅନୁଭବ କରିବେ। ଆନୁଷ୍ଠାନିକ କର୍ମରୁ ଲାଭବାନ ହେବେ। ବିଦ୍ୟାର୍ଥୀମାନେ ବାଧାବିଘ୍ନ ମଧ୍ୟେ ଗତି କଲେବି ପଛେଇଯିବେ ନାହିଁ।

ଅଶୁଭ ଦିବସ:- ୨୦, ୨୧, ୩୧, ୧, ୯, ୧୦, ୧୧ ଅଷ୍ଟମଚନ୍ଦ୍ର:- ୭, ୮ ଘାତଚନ୍ଦ୍ର:- ୭, ୮ ବାକିଦିନ ଶୁଭ।



**କୁମ୍ଭ:-** ଆପଣଙ୍କ ପକ୍ଷେ ଚଳିତ ମାସଟି ଶୁଭଫଳ ଦେବାରେ ମୁକ୍ତହସ୍ତ ରହିବ। ଗଡ଼ି ଚାଲିଥିବା କେତେକ ସମସ୍ୟାର ସୁ ସମାଧାନ ହେବା ଫଳରେ ମନରେ ଉତ୍ସାହ ଭରିଯିବା କାରଣରୁ କର୍ମପଥରେ ଦ୍ରୁତଗତି ଧାରଣ କରିବେ। ଆତ୍ମୀୟମାନଙ୍କ ସାହାଯ୍ୟ ସହଯୋଗ ଲାଭକରି ଆତ୍ମ ସନ୍ତୋଷ ଲାଭ କରିବେ। ବକେୟା କର୍ମର ସାଧନ କରିପାରନ୍ତି। ସ୍ୱାସ୍ଥ୍ୟଗତ ସମସ୍ୟା ଅନେକ ପରିମାଣରେ ଦୂରୀଭୂତ ହେବ। ସାମାଜିକ ସ୍ତରରେ ଉଚ୍ଚମନ୍ୟତାର ଅଧିକାର ପାଇବେ। ନିଜର ଅହଂକାର ଓ ଅଭିମାନ ତ୍ୟାଗ କଲେ ଅନେକ ସୁଫଳ ଆଶା କରାଯାଇପାରିବ। କର୍ମ ସ୍ଥଳୀରେ ଯୌବନ ଚିନ୍ତାଧାରାର ସ୍ଫୁରଣ ଘଟିବ। ବେପାର ବାଣିଜ୍ୟର ଧାରା ପୂର୍ବ ତୁଳନାରେ ପ୍ରସାରିତ ହୋଇପାରେ। ଲାଭର ପରିମାଣ ବୃଦ୍ଧି ପାଇଲେବି ଋଣ ପରିଶୋଧରେ ତାହା ବ୍ୟୟିତହେବ। ନିମ୍ନ ବର୍ଗରୁ ଉପକୃତ ହେବେ। ଉଚ୍ଚ ରକ୍ତଚାପ ଓ ଗଳାରୋଗରେ ପୀଡ଼ା ପାଇପାରନ୍ତି। ପାରିବାରିକ ସ୍ଥିତି ନିୟନ୍ତ୍ରଣାଧୀନ ହେବ। ବୁଝାମଣା ଯୋଗେ ସମାଧାନର ପନ୍ଥା ସୁଗମ ହେବ। ମହିଳାମାନେ ସ୍ୱାସ୍ଥ୍ୟଗତ କାରଣରୁ ସୁଖରୁ ବଞ୍ଚିତ ହୋଇପାରନ୍ତି। ଆଦର ଓ ସମ୍ମାନରେ ଉଣା ଘଟିବାର ନାହିଁ। ଦେବ କାର୍ଯ୍ୟରେ ମନୋ ନିବେଶ କରିବେ। ପରିଚାଳନାରେ ସମର୍ଥ ଲାଭ କରିବେ। ବିଦ୍ୟାର୍ଥୀମାନେ ପାରଦର୍ଶିତା ହାସଲ କରି ଶ୍ରଦ୍ଧା ଭାଜନ ହେବେ।

ଅଶୁଭ ଦିବସ:- ୨୨, ୨୩, ୨, ୩, ୧୨, ୧୩ ଅଷ୍ଟମଚନ୍ଦ୍ର:- ୯, ୧୦, ୧୧ ଘାତଚନ୍ଦ୍ର:- ୨୦, ୨୧ ବାକିଦିନ ଶୁଭ।



**ମୀନ:-** ଆପଣଙ୍କ ନିମିତ୍ତ ମାସଟି ମଧ୍ୟମ ଶୁଭଦାୟକ ହେବ। ଅନେକ ବାଧାବିଘ୍ନକୁ ମୁକାବିଲା କଲେବି ଗତି ଅବରୋଧ ହେବନାହିଁ। ନିଜର କର୍ତ୍ତବ୍ୟ ପରାୟଣତା ଓ ଉଦାର ମନୋବୃତ୍ତି ସାଙ୍ଗକୁ ଐଶୀକୃପା ଯୋଗେ ଅନେକ ଜଟିଳ ପରିବେଶକୁ ସହଜ ସରଳରେ ପରିଣତ କରି କର୍ମପଥରେ ଆଗେଇବେ। ଉପରିସ୍ଥ ମାନଙ୍କ ପ୍ରେରଣାରୁ ମନର ବିଷାଦତା ଲାଘବ ହେବ। ହାତେ ମାପି ଚାଖଣ୍ଡେ ଚାଲିଲେ ବିପଦର ଦାପଟକୁ ଏଡ଼ାଇ ଦେଇହେବ। କର୍ତ୍ତବ୍ୟ କର୍ମ ଯଥାରୀତି ଚାଲୁ ରହିବ। ବେପାର ବାଣିଜ୍ୟ ଧିମାଗତିରେ ଚାଲିଲେବି ମୂଳଧନରୁ କ୍ଷତି ହେବାର ନାହିଁ। ଲୋକ ସଂପର୍କ ଓ ବିଶ୍ୱସ୍ତତା ଯୋଗେ ବେପାର ବାଣିଜ୍ୟ ଚଳାଇବାରେ ବାଧା ଉପୁଜିବ ନାହିଁ। ସାମାଜିକ ସ୍ତରରେ ପଛେଇଯିବାର ଆଶଙ୍କା ନାହିଁ। ଭ୍ରମଣ ସହିତ ଦର୍ଶନର ଯୋଗ ଅଛି। ସୌଖୀନ ଦ୍ରବ୍ୟ ପ୍ରତି ରୁଚି ବଢ଼ିବ। ଗୁରୁଜନମାନଙ୍କ ସ୍ୱାସ୍ଥ୍ୟ ବିବ୍ରତ କରିପାରେ। ଶର୍ଦ୍ଦିଶ୍ଳେଷ୍ମା ସାଙ୍ଗକୁ ପେଟରୋଗ ଯନ୍ତ୍ରଣା ଦାୟକ ହେବ। ପାରିବାରିକ ଜୀବନରେ ଦୁଶ୍ଚିନ୍ତା ପ୍ରବେଶ କରିବାର ନାହିଁ। ମହିଳାମାନେ ସମସ୍ତ ପ୍ରକାରର ପରିବେଶକୁ ଆୟତ୍ତକରି ପରିବାର ପ୍ରତି ଉତ୍ସର୍ଗୀକୃତ ହେବେ। ଗଣ୍ଠିବାତ ସାଙ୍ଗକୁ ଦୃଷ୍ଟିରୋଗ ଦେଖାଦେବ। ମାଙ୍ଗଳିକ କାର୍ଯ୍ୟରେ ତତ୍ପରତା ପ୍ରକାଶ ପାଇବ। ବିଦ୍ୟାର୍ଥୀମାନେ ଅସଜଡ଼ା ବାଟକୁ ସଜାଡ଼ି ଆଗେଇବେ।

ଅଶୁଭ ଦିବସ:- ୨୯, ୩୦, ୪, ୫, ୬ ଅଷ୍ଟମଚନ୍ଦ୍ର:- ୧୫, ୧୬, ୧୭, ୧୨, ୧୩ ଘାତଚନ୍ଦ୍ର:- ୨୪, ୨୫ ବାକିଦିନ ଶୁଭ।

***ନୂଆଗାଁ, ଇଟିପୁର, ଖୋର୍ଦ୍ଧା***
***ଦୂରଭାଷ: ୬୩୭୨୫୯୬୯୧୯***



ବିଜୟର ପର୍ବ ଶାରଦୀୟ

# ଦୁର୍ଗା ପୂଜା

ଉପଲକ୍ଷେ ହାର୍ଦ୍ଦିକ

ଅଭିନନ୍ଦନ


नालको NALCO

A Navratna CPSE

**NATIONAL ALUMINIUM COMPANY LIMITED**

(Govt. of India Enterprise)

Nalco Bhawan, P/1, Nayapalli, Bhubaneswar-751013, Odisha

CIN : L27203OR1981GOI000920

@NALCO_India fb.com/nalcoindia www.nalcoindia.com




Not Just Mining Minerals...

# MINING HAPPINESS

Odisha_mining | OmcOdisha

**ତନ୍ମାତ୍ର**


ପ୍ୟାରେଲାଲ


ଲକ୍ଷ୍ମୀକାନ୍ତ

# ଅନନ୍ୟ ସଂଗୀତଜ୍ଞ ଯୋଡ଼ି ଲକ୍ଷ୍ମୀକାନ୍ତ ପ୍ୟାରେଲାଲ

ଷାଠିଏ ଓ ସତୁରି ଦଶକରେ ବିନାକା ଗୀତମାଲା ଥିଲା ସବୁଠାରୁ ଲୋକପ୍ରିୟ ରେଡିଓ କାର୍ଯ୍ୟକ୍ରମ। ପ୍ରତ୍ୟେକ ସପ୍ତାହର ଭଲ ଭଲ ହିଟ୍ ଗୀତ ସମ୍ପର୍କରେ ଯେତେବେଳେ ବିଖ୍ୟାତ ଘୋଷକ ଅମୀନ ସାହାନୀ ଗୀତ ଉପରେ ନିଜସ୍ୱ ଟିପ୍ପଣୀ ଦେଇ ଚାଲିଥାଆନ୍ତି ସେତେବେଳେ ଗୋଟିଏ ସଂଗୀତ ନିର୍ଦ୍ଦେଶକଙ୍କର ନାମ ସେ ଏକ ଭିନ୍ନ ଶୈଳୀରେ କହି ଘୋଷଣା କରନ୍ତି... "ଔର ଧୂନ ଲକ୍ଷ୍ମୀ ପ୍ୟାରେ କି", ପ୍ରତ୍ୟେକ ସପ୍ତାହର ହିଟ୍ ଗୀତମାନଙ୍କ ମଧ୍ୟରୁ ଏଇ ଦୁଇ ଦଶନ୍ଧିଯାକ "ଲକ୍ଷ୍ମୀ ପ୍ୟାରେ" ସଂଗୀତ ନିର୍ଦ୍ଦେଶନା ଦେଇଥିବା ଫିଲ୍ମର ସଂଖ୍ୟା ପ୍ରାୟ ଅଧାରୁ ଅଧିକ। ଏଇ ଲକ୍ଷ୍ମୀପ୍ୟାରେ ଆଉ କେହି ନୁହନ୍ତି, ସେ ହେଲେ ବଲିଉଡର ଶ୍ରେଷ୍ଠ ସଂଗୀତ ନିର୍ଦ୍ଦେଶକ ଯୋଡ଼ି ଲକ୍ଷ୍ମୀକାନ୍ତ ଓ ପ୍ୟାରେଲାଲ।

ସେତେବେଳେ ବଲିଉଡ୍‌ରେ ଶଙ୍କର ଜୟକିଶନ ସଂଗୀତ ନିର୍ଦ୍ଦେଶକ ଯୋଡିଙ୍କର ଚାଲିଥାଏ ରାଜତ୍ୱ। ଏକକ ସଂଗୀତ ନିର୍ଦ୍ଦେଶକ ନୌଶାଦ, ଏସ.ଡି.ବର୍ମନ, ଜୟଦେବ, ମଦନମୋହନ ଓ ପି.ନାୟର, ସି.ରାମଚନ୍ଦ୍ର, ରୋଷନ ଓ ଖୟାମ ପ୍ରଭୃତିଙ୍କ ଭଳି ଦିଗ୍‌ଗଜ ନିର୍ଦ୍ଦେଶକମାନେ ନିଜର ପତିଆରା ଜାରି ରଖିଥିବାବେଳେ ଆବିର୍ଭାବ ହୋଇଥିଲା ଲକ୍ଷ୍ମୀକାନ୍ତ ପ୍ୟାରେଲାଲ ଯୋଡିଙ୍କର। ଏହି ଯୋଡ଼ିର ଅଭିଯାନ ଆରମ୍ଭ ହୋଇଥିଲା ପାରଶମଣି ଚଳଚିତ୍ରରୁ ୧୯୬୩ରେ ଏବଂ ଦୀର୍ଘ ୩୫ବର୍ଷ ଧରି ଏଇ ଯୋଡ଼ି ରାଜୁତି କରିଥିଲେ ବଲିଉଡରେ। ସମକାଳୀନ ସଂଗୀତ ନିର୍ଦ୍ଦେଶକ ଭାବରେ କ୍ୟାଣଜୀ ଆନନ୍ଦଜୀ, ଆର.ଡି.ବର୍ମନ, ରାଜେଶ ରୋଷନ ପ୍ରମୁଖ ବେଶ୍ ଟକ୍‌କର ଦେଉଥିଲେ ମଧ୍ୟ ଲକ୍ଷ୍ମୀ ପ୍ୟାରେ ଯୋଡ଼ି ବଲିଉଡରେ ପାଖାପାଖି ଅନେକ ଚଳଚ୍ଚିତ୍ରରେ ସଂଗୀତ ନିର୍ଦ୍ଦେଶନା ଦେଇପାରିଥିଲେ। 'ପାରମଣି'ରେ ଲତାମଙ୍ଗେସକର ଯାଦୁକରୀ ସ୍ୱର ତାଙ୍କର ସଂଗୀତର ଗୁଣାତ୍ମକ ମାନକୁ ଫୁଟାଇଥିଲାବେଳେ ଠିକ୍ ବର୍ଷକ ପରେ ରାଜଶ୍ରୀ ପଡକସନର 'ଦୋସ୍ତି' କଥାଚିତ୍ରରେ ଅନନ୍ୟ ସଂଗୀତର ମୂର୍ଚ୍ଛନା ତେଜିଥିଲେ ମହମ୍ମଦ ରଫି ତାଙ୍କର କଣ୍ଠସ୍ୱରରେ। ଆବିର୍ଭାବର ମାତ୍ର ଦୁଇ ବର୍ଷ ମଧ୍ୟରେ ସେ ଏଇ ଦୋସ୍ତି ନିମନ୍ତେ ପାଇଥିଲେ ଫିଲ୍ମ ଫେୟାର ପୁରସ୍କାର। ତାପରେ ଯାହାବି ସଂଗୀତ ସେ ଦୁହେଁ ସୃଷ୍ଟି କଲେ ତାହା ଇତିହାସରେ କିମ୍ବଦନ୍ତୀ ହୋଇ ରହିଗଲା ସବୁଦିନ ପାଇଁ।

ଲକ୍ଷ୍ମୀକାନ୍ତ ଶାନ୍ତାରାମ କୁଦଲକର ଦିୱାଲୀ ଲକ୍ଷ୍ମୀପୂଜା ଦିନ ଜନ୍ମ ହୋଇଥିଲେ ୧୯୩୭ରେ। ସେଥିପାଇଁ ତାଙ୍କର ନାମରେ ଲକ୍ଷ୍ମୀ ସଂଯୋଗ ହୋଇଥିଲା। ତାଙ୍କର ପିତାଙ୍କର ଅସମୟରେ ବିୟୋଗ ଘଟିବା ପରେ ତାଙ୍କ ପିତାଙ୍କର ଜଣେ ବନ୍ଧୁ ତାଙ୍କୁ ଉତ୍ସାହିତ କରିଥିଲେ ସଂଗୀତ ଶିକ୍ଷା କରିବାକୁ। ଲକ୍ଷ୍ମୀକାନ୍ତ ବିଭିନ୍ନ ସମୟରେ ବିଶିଷ୍ଟ ମାଣ୍ଡୋଲିନ ବାଦକ ହୁସେନ ଅଲ୍ଲୀ ଓ ବାଲମୁକୁନ୍ଦଙ୍କଠାରୁ ଏବଂ ଭାଓଲିନ୍ (ବେହେଲା) ଶିଖିଲେ ହୁସନଲାଲ ଭଗତରାମଙ୍କଠାରେ। ଏକ ସଂଗୀତ କାର୍ଯ୍ୟକ୍ରମରେ ମାଣ୍ଡୋଲିନ ବଜାଉଥିବା ସମୟରେ ହିଁ ଲତାଙ୍କର ତାଙ୍କ ସହ ପ୍ରଥମ ସାକ୍ଷାତ ହୋଇଥିଲା ଯାହା ଲତାଙ୍କ ଉପରେ ଅନେକ ପ୍ରଭାବ ପକାଇଥିଲା। ଏହି କ୍ରମରେ ସେ ତାଙ୍କର ପ୍ରଥମ କଥାଚିତ୍ର 'ପାରଶମଣି'ରେ ଲତାଙ୍କୁ ଅନୁରୋଧ କରି ଗୀତ ବୋଲାଇଥିଲେ ଏବଂ ସେଗୁଡିକ ସୁପରହିଟ ହୋଇଥିଲା।

ଅନ୍ୟ ଯୋଡ଼ିଦାର ପ୍ୟାରେଲାଲ ରାମପ୍ରସାଦ ଶର୍ମା ଜନ୍ମ ନେଇଥିଲେ ୧୯୪୦ରେ ଜଣେ ବିଶିଷ୍ଟ ବାଦକ ପଣ୍ଡିତ ରାମପ୍ରସାଦ ଶର୍ମାଙ୍କ ପୁତ୍ର ଭାବରେ ୮ବର୍ଷ ବୟସରୁ ସେ ଗୋଆରେ ଜଣେ ଭାଓଲିନ ଶିକ୍ଷକ ଆଣ୍ଟୋନି ଗନସାଲଭେସବଠାରୁ ଭାଇଲିନ ଶିକ୍ଷା କରିଥିଲେ। ଖୁବ୍ କମ ସମୟ ମଧ୍ୟରେ ସଂଗୀତଜ୍ଞମାନଙ୍କ ମଧ୍ୟରେ ସେ ଜଣେ ଭଲ ଭାଓଲିନ

ସମାରୋହ

ବାଦକ ଓ ସଂଗୀତଜ୍ଞଙ୍କର ପରିଚିତି ଲାଭ କରିଥିଲେ। ଭାଓଲିନ ବାଦନକୁ ଜୀବିକା ଭାବରେ ଗ୍ରହଣ କରି ଖୁବ୍‌ଶୀଘ୍ର ସେ ଜଣେ ପେଶାଦାର ବାଦକର ମର୍ଯ୍ୟାଦା ମଧ୍ୟ ଲାଭ କରିଥିଲେ। ପାଶ୍ଚାତ୍ୟ ସଂଗୀତ ଓ ଭାଓଲିନ ବାଦନ ଶୈଳୀରେ ସେ ଅତ୍ୟନ୍ତ ପାରଦର୍ଶିତା ଲାଭ କରିଥିବାରୁ ତାଙ୍କର ବନ୍ଧୁ ଭାଓଲିନ ବାଦକ ଜୁବିନ ମେହାଙ୍କାଙ୍କ ସହ ପାଶ୍ଚାତ୍ୟ ଦେଶରେ ନିଜର ବୃତ୍ତି ଆରମ୍ଭ କରିବାକୁ ଚିନ୍ତା କରୁଥିଲେ। ଏହି ସମୟରେ ତାଙ୍କର ଲକ୍ଷ୍ମୀକାନ୍ତଙ୍କ ସହିତ ଗଢ଼ି ଉଠିଥିବା ବନ୍ଧୁତ୍ୱ ତାଙ୍କୁ ଲକ୍ଷ୍ମୀକାନ୍ତଙ୍କ ଅନୁରୋଧରେ ମିଳିତ ଭାବରେ ବଲିଉଡରେ ପ୍ରବେଶ କରିବାକୁ ଅନୁପ୍ରେରିତ କରିଥିଲା। ଶଙ୍କର ଜୟକିଶନ ଯୋଡ଼ିର ଆଶାତୀତ ସଫଳତା ମଧ୍ୟ ସେ ଦୁଇଜଣଙ୍କୁ ଉତ୍ସାହିତ କରିଥିଲା ଗୋଟିଏ ନୂଆ ଯୋଡ଼ି ଭାବରେ ସଂଗୀତ ଦୁନିଆରେ ପ୍ରବେଶ କରିବାକୁ।

ଲକ୍ଷ୍ମୀ-ପ୍ୟାରେ ଯୋଡ଼ିର ପ୍ରଥମ ଶ୍ରେଷ୍ଠ ସଫଳତା ଥିଲା 'ଦୋସ୍ତି'। ତାଙ୍କର ଜୟକିଶନଙ୍କର ସଂଗମ ଏବଂ ମଦନ ମୋହନଙ୍କର 'ଓ କୌନ ଥି'ର ପ୍ରଚଣ୍ଡ ସଫଳତା ସତ୍ତ୍ୱେ 'ଦୋସ୍ତିକୁ ହିଁ ମିଳିଥିଲା ଫିଲ୍ମଫେୟାର ପୁରସ୍କାର। ତାପରେ ଆରମ୍ଭ ହୋଇଯାଇଥିଲା ସଂଗୀତରେ ଏକ ନୂତନ ଯୁଗ ଲକ୍ଷ୍ମୀକାନ୍ତ-ପ୍ୟାରେଲାଲଙ୍କୁ ନେଇ। ଏହା ପରେ ଲୁଟେରାରେ ମଧ୍ୟ ଲତାଙ୍କର କିଛି ସୁପରହିଟ ଗୀତ ସହିତ ଲକ୍ଷ୍ମୀ-ପ୍ୟାରେ ଯୋଡ଼ିଙ୍କର ନାଆଁ ବଢ଼ି ଚାଲିଲା। ଉଲ୍ଲେଖଯୋଗ୍ୟ ଯେ 'ଦୋସ୍ତି' ଓ 'ଲୁଟେରା' ଉଭୟ ଚଳଚ୍ଚିତ୍ରରେ କୌଣସି ତାରକା ଅଭିନୟ କରିନଥିଲେ ମଧ୍ୟ କେବଳ ଚମତ୍କାର ସଂଗୀତ ପାଇଁ ଦୁଇଟି ଯାକ ଚିତ୍ର ସୁପରହିଟ ହୋଇଥିଲା। ସନ୍ତ ଜ୍ଞାନେଶ୍ୱର, ଆୟେଦିନ ବାହାରକେ, ହମ ସବ ଉସ୍ତାଦ ହେ, ଶ୍ରୀମାନ ଫଣ୍ଟୁସ ଭଳି କେତେକ ସଂଗୀତ ମୁଖର ଚଳଚ୍ଚିତ୍ର ପରେ ପଦାର୍ପଣ କରିଥିଲା ୧୯୬୭ରେ ସୁପରହିଟ ଚିତ୍ର 'ଫର୍ଜ'। ଜିତ୍ରେନ୍ଦ- ବବିତା ଅଭିନୀତ ଏଇ ଚଳଚ୍ଚିତ୍ରର ଗୀତଗୁଡ଼ିକ ମଧ୍ୟ ସୁପରହିଟ ଥିଲା। ଏହାପରେ


ମଜରୁହଙ୍କ ସହିତ


ରାଜକପୁରଙ୍କ ସହିତ

ଅନୀତା, ସାଗିର୍ଦ, ପଥର କେ ସନମ, ନାଇଟ ଇନ ଲଣ୍ଡନ ଓ ମିଲନ ଭଳି ସୁପରହିଟ ସଂଗୀତ ମୁଖରିତ ଚଳଚ୍ଚିତ୍ରଗୁଡ଼ିକ ବକ୍ସ ଅଫିସରେ ସଫଳତା ପରେ ସଫଳତା ପାଇ ଚାଲିଥିଲା। 'ମିଲନ' ପାଇଁ ମଧ୍ୟ ତାଙ୍କୁ ମିଳିଥିଲା ଫିଲ୍ମଫେୟାର ଶ୍ରେଷ୍ଠ ସଂଗୀତ ନିର୍ଦ୍ଦେଶକ ପୁରସ୍କାର। ଇତି ମଧ୍ୟରେ ଏଇ ଯୋଡ଼ି ଏତେ ପ୍ରସିଦ୍ଧ ହୋଇଯାଇଥିଲେ ଯେ ରାଜଶ୍ରୀ ପ୍ରଡକ୍ସନ, ପ୍ରସାଦ ପ୍ରଡକ୍ସନ, ଜେ.ଓମ୍‌ପ୍ରକାଶ, ରାଜ ଖୋସଲା, ରାମାନନ୍ଦ ସାଗର ଓ ମନୋଜ କୁମାର ପ୍ରମୁଖ ସେମାନଙ୍କ ଚଳଚ୍ଚିତ୍ରରେ ଏଇ ଯୋଡ଼ିକୁ ଅଗ୍ରାଧିକାର ଦେଇଥିଲେ। ସତୁରି ଦଶକରେ ଯେତେବେଳେ ରାଜକପୁର ତାଙ୍କର ଚିତ୍ର 'ସତ୍ୟମ ଶିବମ୍ ସୁନ୍ଦରମ୍' ନିର୍ମାଣ କଲେ ସେତେବେଳେ ତାଙ୍କର ଚିରାଚରିତ ପସନ୍ଦର ଯୋଡ଼ି ଶଙ୍କର ଜୟକିଶନଙ୍କ ପରିବର୍ତ୍ତେ ଲକ୍ଷ୍ମୀ ପାରେଙ୍କୁ ନେଇଥିଲେ। ଏଇ ଚଳଚ୍ଚିତ୍ରର 'ଯଶୋମତୀ ମୟାଁ ସେ' ଓ 'ସତ୍ୟମ୍ ଶିବମ୍ ସୁନ୍ଦରମ୍' ଗୀତ ଦୁଇଟି ଯୁଗ ଯୁଗକୁ ସଙ୍ଗୀତର ଶୋଭାବର୍ଦ୍ଧନ କରୁଥିବ।

ଜଣେ ସଂଗୀତ ନିର୍ଦ୍ଦେଶକ ସବୁବେଳେ ଚାହେଁ ଗୋଟିଏ ଭଲ ଗୀତିକାର ସହିତ ଯୋଡ଼ି ଆନନ୍ଦ ବକ୍ସି ଏଇ ସଂଗୀତ ନିର୍ଦ୍ଦେଶକ ଯୋଡ଼ି ସହିତ ସବୁଠାରୁ ଅଧିକ ଆତ୍ମୀୟ ହୋଇଯାଇଥିଲେ। ମଜରୁହ ସୁଲତାନପୁରୀ, ସାହିର ଲୁଧିଆନୀ ଏବଂ ସନ୍ତୋଷ ଆନନ୍ଦଙ୍କ ଭଳି ଗୀତିକାରମାନେ ତାଙ୍କ ସହିତ ଖୁବ୍ ଭଲ ତିଆରି କରିବାରେ ପ୍ରେରଣା ଦେଇଥିଲେ ମଧ୍ୟ ଆନନ୍ଦ ବକ୍ସି ଓ ଲକ୍ଷ୍ମୀ -ପ୍ୟାରେଙ୍କର ଯୁଗଳବନ୍ଦୀ ଥିଲା ବଲିଉଡରେ ଅନନ୍ୟ। ଏଇ ଦୁହେଁ ଯେଉଁ ଚଳଚ୍ଚିତ୍ରରେ ସଂଗୀତ ତିଆରି କରୁଥିଲେ ସେଇ ଚଳଚ୍ଚିତ୍ରର ଗୀତ ନିର୍ଶ୍ଚିତ ଭାବରେ ସୁପରହିଟ ହେଉଥିଲା। ବଲିଉଡ୍‌ରେ ଏଭଳି ସଫଳତା ଥିଲା ଅତୁଳନୀୟ ଏବଂ ଅବିଶ୍ୱସ୍ୟ। କଚ୍ଛେ ଧାଗେ, ସୋ ରାସ୍ତେ, ହମଜୋଲୀ, ଖିଲୋନା, ଅଭିନେତ୍ରୀ, ଅନ୍‌ହୋନୀ, ବବି, ମେରା ଗାଓଁ ମେରା ଦେଶ, ପରବରୀଶ, ସୁହାଗ, କର୍ଜ, ଉତ୍ସବ, ରାମ ବଳରାମ, ଦୋସ୍ତାନା, ଦୁଶମନ, ରାଜାଜାନୀ, ଏକଦୁଜେ କେଲିଏ, ନସିବ, ଅମର ଆକବର ଆନ୍ଥୋନୀ, ସରଗମ ପ୍ରଭୃତି କେତୋଟି ଚଳଚ୍ଚିତ୍ରର ସଂଗୀତ ଏହାର ନିଚ୍ଛକ ପ୍ରମାଣ। ରାଜେଶ ଖାନ୍ନାଙ୍କର ୨୬ଟି ଚିତ୍ରରେ ସଂଗୀତ ନିର୍ଦ୍ଦେଶକ ଥିଲେ ଲକ୍ଷ୍ମୀକାନ୍ତ ପ୍ୟାରେଲାଲ ଏବଂ ଆନନ୍ଦ ବକ୍ସି ଗୀତ ରଚନାରେ ସେ ନିର୍ଦ୍ଦେଶନା ଦେଇଥିଲେ ୨୫୦ରୁ ଉର୍ଦ୍ଧ୍ୱ ଫିଲ୍ମରେ। ଏଇ ଯୋଡ଼ିଙ୍କର ନିର୍ଦ୍ଦେଶନାରେ

## ସମାରୋହ



ରଫି ଓ ଲତାଙ୍କ ସହ ରେକର୍ଡ଼ିଂରେ

ଲତା ମଙ୍ଗେସକର ଗାଇଛନ୍ତି ୭୧୨ଟି ଗୀତ, ଆଶାଭୋନସଲେ ଗାଇଛନ୍ତି ୪୯୪ଟି ଗୀତ, ମହମ୍ମଦ ରଫି ଗାଇଛନ୍ତି ୩୭୯ଟି ଗୀତ, କିଶୋର କୁମାର ଗାଇଛନ୍ତି ୪୦୨ଟି ଗୀତ।

ରଫି ଓ କିଶୋର କୁମାରଙ୍କ ମଧ୍ୟରେ ଲକ୍ଷ୍ମୀ-ପ୍ୟାରେ ସବୁବେଳେ ଏକ ସନ୍ତୁଳନ ରଖୁଥିଲେ। ଯେତେବେଳେ ଆରାଧନାର ଗୀତଗୁଡିକ ଗାଇବା ପରେ କିଶୋର କୁମାର ରଫିଙ୍କୁ ବହୁତ ପଛରେ ପକାଇ ଦେଲେ ସେତିକିବେଳେ ରଫିଙ୍କର ଉତ୍ଥାନ ପାଇଁ ହାତ ବଢ଼ାଇଥିଲେ ଲକ୍ଷ୍ମୀ-ପ୍ୟାରେ। ରଫିଙ୍କୁ ଆମର ଆକବର ଆନ୍ଥୋନି ଓ ସରଗମ ଭଳି ଚଳଚ୍ଚିତ୍ରରେ ସୁଯୋଗ ଦେଇ ତାଙ୍କୁ ପୁନରାୟ "ସୁପର ଗାୟକ" ଭୂମିକାକୁ ସେ ନେଇ ଆସିଥିଲେ। ଦୋସ୍ତିରେ ଲକ୍ଷ୍ମୀ-ପ୍ୟାରେଙ୍କର ସଫଳତାର ବାସ୍ତବ ଶ୍ରେୟ ସେଇ ଯୋଡ଼ି ଦେଇଥିଲେ ରଫିଙ୍କୁ। ରଫିଙ୍କର ଜୀବନର ଶେଷ ଗୀତ 'ଆସ୍‌ପାସ୍'ରେ ଏହି ଯୋଡ଼ିର ନିର୍ଦ୍ଦେଶନାରେ ବୋଲା ଯାଇଥିଲା ରାତି ଦଶଟାରେ ଏବଂ ସେଇ ରାତି ଦଶଟା ତିରିଶ ମିନିଟରେ ରଫିଙ୍କର ହୃଦଘାତରେ ମୃତ୍ୟୁ ଘଟିଥିଲା।

ରଫି, କିଶୋର, ଲତା ଓ ଆଶାଙ୍କ ବ୍ୟତୀତ ଏଇ ସଫଳତମ ଯୋଡ଼ି ମୁକେଶ, ମହେନ୍ଦ୍ର କପୁର, ମାନ୍ନା ଦେବ, ଅମିତ କୁମାର, ଅଲକା ୟାଗନିକ, ଉଦିତ ନାରାୟଣ, ଶୈଳେନ୍ଦ୍ର ସିଂହ, ପି.ସୁଶୀଲା, ୟେସୁ ଦାସ, ବାଲ ସୁବ୍ରମଣ୍ୟମ ପ୍ରଭୃତିଙ୍କୁ ମଧ୍ୟ ନିଜ ନିର୍ଦ୍ଦେଶନାରେ କଣ୍ଠଦାନ କରାଇଛନ୍ତି। କବିତା କୃଷ୍ଣମୂର୍ତ୍ତି, ସୁରେଶ ଓ୍ୱାଡେକର, ମହମ୍ମଦ ଅଜିଜ, ସବୀର କୁମାର, ବିନୋଦ ରାଠୋରଙ୍କ ଭଳି ପ୍ରତିଭାବାନ ଗାୟକମାନଙ୍କୁ ମଧ୍ୟ ଲୋକଲୋଚନକୁ ଆଣିଛନ୍ତି। ଲକ୍ଷ୍ମୀ-ପ୍ୟାରେ ହେଲେ ବଲିଉଡର ଏକମାତ୍ର ସଂଗୀତ ନିର୍ଦ୍ଦେଶକ ଯିଏ ରଫି, କିଶୋର, ମୁକେଶ ଓ ଲତାଙ୍କୁ ନିଜ ନିର୍ଦ୍ଦେଶିତ ଗୋଟିଏ ଗୀତରେ (ହମକୋ ତୁମସେ ହୋ ଗୟା ହେ ପ୍ୟାର- ଅମର-ଆକବର -ଆନ୍ଥୋନୀ) କଣ୍ଠଦାନ କରାଇଛନ୍ତି। ଦୀର୍ଘ ପଇଁତିରିଶ ବର୍ଷ ରାଜତ୍ୱ ସମୟରେ ଏଇ ଯୋଡ଼ି କେବେହେଲେ ମଉଳିଯାଇନାହାନ୍ତି। ଶେଷ ପର୍ଯ୍ୟାୟର ଚଳଚ୍ଚିତ୍ରମାନଙ୍କ ମଧ୍ୟରେ ଖଳନାୟକ ଭଳି ସୁପରହିଟ ଚଳଚ୍ଚିତ୍ର ମଧ୍ୟ ବହୁ ଉଚ୍ଚସ୍ଥାନ ନେଇପାରିଛି। ଗୋଟିଏ ସଂଗୀତ ନିର୍ଦ୍ଦେଶକ ନିରବଚ୍ଛିନ୍ନ ଭାବରେ ପଇଁତିରିଶ ବର୍ଷ କାଳ ପ୍ରଶଂସକଙ୍କୁ ସମ୍ମୋହିତ କରି ରଖି ପାରିବା ଏକ ଅନନ୍ୟ କୃତିତ୍ୱ।

ଆଜି ଲକ୍ଷ୍ମୀ-ପ୍ୟାରେ ନାହାନ୍ତି ସତ ତାଙ୍କ ତିଆରି ସଂଗୀତ ଶହ ଶହ ବର୍ଷ ଧରି ଶ୍ରୋତାଙ୍କର ମନ କିଣି ନେଉଥିବ, ତାଙ୍କ ସଂଗୀତରେ ଥିବା ଅନନ୍ୟ ଢୋଲକର ଆବାଜ, ସମ୍ମିଳିତ ଭାଓଲିନର ଯନ୍ତ୍ର ସଂଗୀତ ଯୁଗେ ଯୁଗେ ସଂଗୀତ ଜଗତକୁ ବିମୁଗ୍ଧ କରୁଥିବ।

A Boutique of Handloom Sarees & Art Jewellery

*Artistry in Every Thread: Experience It Today!*

M

Mandakini's

*Where Artistry Meets Passion*

37 VIP Colony, 3rd Floor, Nayapalli, Bhubaneswar, Odisha 751015
Mobile: 8685 70245, Email: mandakini.beauty@gmail.com

## ଖେଳ ଓ ଖେଳାଳୀ

# ଏସିଆନ୍ ଗେମ୍ସରେ ଭାରତ

୧୯୫୦ରେ ଏସିଆନ ଗେମ୍ସ ଆରମ୍ଭ ହେବା ଦିନରୁହିଁ ଭାରତ ଏସିଆରେ କ୍ରୀଡ଼ା କ୍ଷେତ୍ରରେ କିଛି ନା କିଛି ପ୍ରଭାବ ବିସ୍ତାର କରି ଆସିଛି। ଏସିଆ ମହାଦେଶରେ ଚୀନ, ଜାପାନ, ଦକ୍ଷିଣ କୋରିଆ ସହିତ ଶ୍ରେଷ୍ଠ ପାଞ୍ଚ ଦେଶ ମଧ୍ୟରେ ପ୍ରାୟତଃ ସ୍ଥାନ ପାଇ ଆସିଅଛି। ଦିଲ୍ଲୀଠାରେ ୧୯୫୦ରେ ଅନୁଷ୍ଠିତ ଭାରତ ସର୍ବକାଳୀନ ଶ୍ରେଷ୍ଠ ଦ୍ୱିତୀୟ ସ୍ଥାନ ଅଧିକାର କରିଲା ପରେ ଏବେ ଦୀର୍ଘ ୭୨ବର୍ଷ ପରେ ଦଳଗତ ଭାବରେ ଚତୁର୍ଥ ଶ୍ରେଷ୍ଠ ଦଳର ସମ୍ମାନ ଲାଭ କରିଛି ୨୦୨୩ ହାଙ୍ଗଝାଉଠାରେ ଅନୁଷ୍ଠିତ ୧୯ତମ ଏସିଆନ ଗେମ୍ସରେ।

**ବିଭିନ୍ନ ବର୍ଷ ଭାରତର ପଦକ ତାଲିକା**

| | | ସ୍ୱର୍ଣ୍ଣ | ରୋପ୍ୟ | ବ୍ରୋଞ୍ଜ | ସମୁଦାୟ |
|---|---|---|---|---|---|
| ଦିଲ୍ଲୀ | ୧୯୫୧ | ୧୫ | ୧୬ | ୨୦ | ୫୧ |
| ମାନିଲା | ୧୯୫୪ | ୫ | ୪ | ୮ | ୧୭ |
| ଟୋକିଓ | ୧୯୫୮ | ୫ | ୪ | ୪ | ୧୩ |
| ଜାକର୍ତ୍ତା | ୧୯୬୨ | ୧୦ | ୧୩ | ୧୦ | ୩୩ |
| ବ୍ୟାଙ୍କକ୍ | ୧୯୬୬ | ୭ | ୩ | ୧୧ | ୨୧ |
| ବ୍ୟାଙ୍କକ୍ | ୧୯୭୦ | ୬ | ୯ | ୧୦ | ୨୫ |
| ତେହେରାନ | ୧୯୭୪ | ୪ | ୧୨ | ୧୨ | ୨୮ |
| ବ୍ୟାଙ୍କକ୍ | ୧୯୭୮ | ୧୧ | ୧୧ | ୬ | ୨୮ |
| ଦିଲ୍ଲୀ | ୧୯୮୨ | ୧୩ | ୧୯ | ୨୫ | ୫୭ |
| ସିଓଲ | ୧୯୮୬ | ୫ | ୯ | ୨୩ | ୩୭ |
| ବେଜିଂ | ୧୯୯୦ | ୧ | ୮ | ୧୪ | ୨୩ |
| ହିରୋସିମା | ୧୯୯୪ | ୪ | ୩ | ୧୬ | ୨୩ |
| ବୁସାନ | ୨୦୦୨ | ୧୧ | ୧୨ | ୧୩ | ୩୬ |
| ଦୋହା | ୨୦୦୬ | ୧୦ | ୧୭ | ୨୬ | ୫୩ |
| ଗୁଆଙ୍ଗଝାଅ | ୨୦୧୦ | ୧୪ | ୧୭ | ୩୪ | ୬୫ |
| ଇଂଚିୟନ | ୨୦୧୪ | ୧୧ | ୧୦ | ୩୬ | ୫୭ |
| ଜାକର୍ତ୍ତା | ୨୦୧୮ | ୧୬ | ୨୩ | ୩୧ | ୭୦ |
| ହାଙ୍ଗଝାଓ | ୨୦୨୩ | ୨୮ | ୩୮ | ୪୧ | ୧୦୭ |

ଉପରୋକ୍ତ ପ୍ରଦର୍ଶନକୁ ଲକ୍ଷ୍ୟ କଲେ ଦେଖାଯାଏ ଯେ ପ୍ରଥମ ଏସିଆନ ଗେମ୍ସ ପରେ ଭାରତର ପ୍ରଦର୍ଶନ ଅପେକ୍ଷାକୃତ ଖରାପ ହେବା ଆରମ୍ଭ ହୋଇଯାଇଛି। ସମୁଦାୟ ପଦକ ସଂଖ୍ୟାକୁ ଦେଖିଲେ ପୁନରାୟ ଦିଲ୍ଲୀରେ ୧୯୮୨ ଏସିଆନ ଗେମ୍ସରେ ଭାରତ ପଚାଶରୁ ଊର୍ଦ୍ଧ୍ୱ ପଦକ ହାସଲ କରିଥିଲା। ତାପରେ ୨୦୦୬ ଦୋହା ଗେମସଠାରୁ ନିୟମିତ ଭାବେ ଭାରତ ପଚାଶରୁ ଊର୍ଦ୍ଧ୍ୱ ପଦକ ପାଇବା ଆରମ୍ଭ ହୋଇଯାଇଥିଲା। ଏହି ପଦକ ସର୍ବାଧିକ୨୦୧୮ରେ ୭୦ରେ ପହଁଚି ଏକ ନୂଆ କୀର୍ତ୍ତିମାନ ସୃଷ୍ଟି ହେବା ସହ ୧୯୫୧ରେ ଦିଲ୍ଲୀରେ ପାଇଥିବା ୧୫ଟି ସ୍ୱର୍ଣ୍ଣପଦକ ପ୍ରାପ୍ତିର ରେକର୍ଡ ଭାଙ୍ଗି ୧୬ରେ ପହଞ୍ଚିଥିଲା।

ଏବେ ସମସ୍ତ ପୂର୍ବର ରେକର୍ଡ ଭଙ୍ଗ କରି ଭାରତ ଶତାଧିକ ପଦକ ଅର୍ଥାତ ୧୦୭ଟି ସମୁଦାୟ ପଦକ ହାସଲ କରିବାରେ ଅନ୍ତର୍ଭୁକ୍ତ ଥିଲା ୨୮ଟି ସ୍ୱର୍ଣ୍ଣପଦକ ପ୍ରାପ୍ତିର ସର୍ବକାଳୀନ ରେକର୍ଡ଼। ଭାରତୀୟ କ୍ରୀଡା ଇତିହାସରେ ଏହା ଅନନ୍ୟ ଓ ଉତ୍ସାହଜନକ ମଧ୍ୟ। ଏସିଆନ ଗେମ୍ସର ସମୁଦାୟ ୧୯ଟି ସଂସ୍କରଣରେ ଭାରତ ପାଇଥିବା ଏଇ ପଦକ ସଂଖ୍ୟାକୁ ଅନୁଧ୍ୟାନ କଲେ ଦେଖାଯାଏ ଯେ ସର୍ବାଧିକ ପଦକ ଭାରତ ପାଇଛି ଆଥଲେଟିକ୍ସରେ ଯାହାର ସଂଖ୍ୟା ୨୮୩। ଏଥି ମଧ୍ୟରୁ ସ୍ୱର୍ଣ୍ଣପଦକ ସଂଖ୍ୟା ହେଲା ୮୪ଟି। ଭାରତର ପରବର୍ତ୍ତୀ ସଫଳତା ହେଲା ସୁଟିଂ ଯେଉଁଥିରେ ୧୦ଟି ସ୍ୱର୍ଣ୍ଣସହ ୮୦ଟି ପଦକ ହାସଲ କରିଛି। ଭାରତ ନିମନ୍ତେ ଅନା ଏକ ସଫଳ ବିଭାଗ ହେଲା କବାଡି ଯେଉଁଥିରେ ସମୁଦାୟ ମିଳିଥିବା ୧୩ଟି ପଦକ ମଧ୍ୟରୁ ୧୧ଟି ସ୍ୱର୍ଣ୍ଣ ଅଟେ। ଏତଦ୍ ବ୍ୟତୀତ କୁସ୍ତି (୬୫), ଟେନିସ (୩୭), ବକ୍ସିଂ (୬୨), ତୀରନ୍ଦାଜୀ (୧୯), ହକି (୨୩)ଭଳି ବିଭାଗରେ ପର୍ଯ୍ୟାପ୍ତ ସଂଖ୍ୟକ ପଦକ ହାସଲ କରି ଭାରତ ଏଇ ବିଭାଗ ଗୁଡ଼ିକରେ ନିଜର ପତିଆରା ପ୍ରଦର୍ଶନ କରିଛି। ପ୍ରଥମ ଏସିଆନ ଗେମ୍ସରେ ଭାରତ ଜାପାନ ତଳକୁ ଦ୍ୱିତୀୟ ସ୍ଥାନ ହାସଲ କରିବା ଉତ୍ତାରୁ ଅନ୍ୟାନ୍ୟ ବର୍ଷ ଏହି ସ୍ଥାନ ୫ ଓ ୭ ପର୍ଯ୍ୟନ୍ତ ଖସି ଆସିଥିଲା। ଚଳିତବର୍ଷ ପଦକ ତାଲିକାରେ ଚତୁର୍ଥ ସ୍ଥାନ ହାସଲ କରିବା ଏସିଆନ ଗେମ୍ସର ଇତିହାସରେ ଭାରତ ନିମନ୍ତେ ଦ୍ୱିତୀୟ ସର୍ବଶ୍ରେଷ୍ଠ ସଫଳତା।

## ସମାରୋହ




ସନ୍ତରଣକାରୀ ସଚିନ ନାଗ ଥିଲେ ଭାରତର ପ୍ରଥମ ଏସିଆ ଗେମସ ସ୍ୱର୍ଣ୍ଣପଦକ ବିଜେତା। ସେଇ ବର୍ଷ ଶହେ ମିଟର ଦୌଡରେ ରୌପ୍ୟ ପଦକ ଜିତି ରୋଷନ ମିସ୍ତ୍ରୀ ହୋଇଥିଲେ ଭାରତୀୟ ଭାରେ ପ୍ରଥମ ଏସିଆନ ଗେମ୍ସର ମହିଳା ପଦକ ବିଜେତା। ତା ପରଠାରୁ ପ୍ରତ୍ୟେକ ବର୍ଷ ଭାରତ ଅନ୍ୟୂନ ଗୋଟିଏ ସ୍ୱର୍ଣ୍ଣପଦକ ବିଜୟୀ ହୋଇ ଗୃହ ପ୍ରତ୍ୟାବର୍ତ୍ତନ କରିଛି। ୧୯୯୦ରେ ବେଜିଂଠାରେ ଭାରତ ସର୍ବନିମ୍ନ ଗୋଟିଏ ସ୍ୱର୍ଣ୍ଣପଦକ ପାଇଥିଲା ଏବଂ ସେହି ବର୍ଷ ତାଲିକାରେ ଏକାଦଶ ସ୍ଥାନ ହାସଲ କରିଥିଲା ଯାହା ଥିଲା ଭାରତ ପାଇଁ ସବୁଠାରୁ ନିମ୍ନତମ ପ୍ରଦର୍ଶନ। ଏଥର ହାସଲ କରିଥିବା ପଦକ ମଧ୍ୟରୁ ସବୁଠାରୁ ଅଧିକ ପଦକ ପ୍ରାପ୍ତ ହୋଇଛି ଆଥଲେଟିକ୍ସରେ। ଆଥଲେଟିକସରେ ଭାରତର ସୁନାମର ଯୁଗ ଆରମ୍ଭ ହୋଇଛି ବିଶିଷ୍ଟ ଧାବକ ମିଲଖା ସିଂହଙ୍କଠାରୁ। ୨୦୦ ମିଟର ଓ ୪୦୦ ମିଟର ଦୌଡରେ ୧୯୫୮ ଗେମସରେ ମିଲଖା ସିଂହ ଦୁଇଟି ସ୍ୱର୍ଣ୍ଣପଦକ ଏବଂ ୧୯୬୨ରେ ମଧ୍ୟ ଆଉ ଦୁଇଟି ସ୍ୱର୍ଣ୍ଣପଦକ ହାତେଇଥିଲେ। ତାଙ୍କ ପରେ ଅଶୀଦଶକରେ ଆବିର୍ଭାବ ହୋଇଥିଲା ଦ୍ରୁତମ ଧାବିକା ପି.ଟି.ଉଷାଙ୍କର ଯିଏକି ୧୯୮୨ରେ ବ୍ୟକ୍ତିଗତ ଭାବରେ ୪ଟି ସ୍ୱର୍ଣ୍ଣ, ଗୋଟିଏ ରୌପ୍ୟ ଜିତି ଏକ ରେକର୍ଡ ସୃଷ୍ଟି କରିଥିଲେ। ୪ଟି ସ୍ୱର୍ଣ୍ଣ ଓ ୭ଟି ରୌପ୍ୟ ପଦକ ଜିତି ଉଷା ଭାରତର ସବୁଠାରୁ ଶ୍ରେଷ୍ଠ ସଫଳ ଆଥଲେଟ ହେବାର ସମ୍ମାନର ଅଧିକାରୀ ହୋଇଥିଲେ।

ଏହାପରେ ଆଉ ଜଣେ ଆଥଲେଟ ନୀରଜ ଚୋପ୍ରାଙ୍କର ଆବିଷ୍କାର ହୋଇଥିଲା ୨୦୧୮ରେ। ସେଠାରେ ଜାଭେଲିନ ଥ୍ରୋରେ ସ୍ୱର୍ଣ୍ଣ ଜିତିବା ପରେ ଆଉଥରେ ୨୦୨୩ରେ ନିଜ ଦେଶର କିଶୋର କୁମାର ଜେନାଙ୍କ ସାଙ୍ଗରେ ପ୍ରତିଦ୍ୱନ୍ଦ୍ୱିତା କରି ସ୍ୱର୍ଣ୍ଣ ହାତେଇଥିଲେ ନୀରଜ। ଏହା ପୂର୍ବରୁ ପି.ଟି.ଉଷାଙ୍କ ପରେ ଓଡ଼ିଶାର ଧାବିକା ଦୂତିଚାନ୍ଦ ଶହେ ମିଟର ଦୌଡରେ ପ୍ରଥମ ପଦକ ଜିତିଥିଲେ। ଗର୍ବ ଓ ଗୌରବର ବିଷୟ ଯେ କିଶୋର ଜେନା ଓ ଦୂତି ଚାନ୍ଦ ଭିନ୍ନ ଭିନ୍ନ ସମୟରେ ଆନ୍ତର୍ଜାତିକ ଦୃଶ୍ୟପଟକୁ ଓଡ଼ିଶାର ସୁନାମକୁ ଆଗରେ ନେଇଯାଇଛନ୍ତି। ଠିକ୍ ସେଇଭଳି ଚଳିତବର୍ଷ ଜଣେ ଓଡ଼ିଆ ହକି ଖେଳାଳୀ ଅମିତ ରୋହିଦସ ସ୍ୱର୍ଣ୍ଣ ବିଜୟୀ ପୁରୁଷ ହକି ଦଳର ଜଣେ ଆଗଧାଡିର ଖେଳାଳୀ ହୋଇଥିବାବେଳେ

ସମାରୋହ





ମହିଳା ହକିର ପଦକ ବିଜେତା ଦଳର ସଦସ୍ୟା ହେଉଛନ୍ତି ଜଣେ ଓଡ଼ିଆ ଝିଅ ଦୀପ ଗ୍ରେସ। ଏମାନେ ଓଡ଼ିଆ ମାଟିକୁ ଆନ୍ତର୍ଜାତିକ ସ୍ତରରେ ଗୌରବାନ୍ୱିତ କରିଛନ୍ତି ନିଶ୍ଚୟ।


ଆଥଲେଟିକସ ଛାଡ଼ିଦେଲେ ମଲ୍ଲଯୋଦ୍ଧା ବଜରଙ୍ଗ ପୁନିଆ, ଭିନିତ ଫୋପଟ, ବକ୍ସର ମ୍ୟାରିକୋମ, ଲଭଲିନା ବୋରଗୋହେନ, ନିଖତ ଜାରିନ ଏବଂ ବିଜେନ୍ଦର ସିଂହ, ବନ୍ଧୁକ ଚାଳକ ଅଭିନବ ବିନ୍ଦ୍ରା ଓ ଯଶପାଲ ରାନା ଦଳ ପାଇଁ ଏକାଧିକ ବାର ଏକାଧିକ ପଦକ ଜିତି ଭାରତର ଗୌରବକୁ ମହିମା ମଣ୍ଡିତ କରିଛନ୍ତି। ଏତଦ୍ ବ୍ୟତୀତ ଟେନିସ, ହକି, ତୀରନ୍ଦାଜ ଓ ବ୍ୟାଡମିଣ୍ଟରେ ମଧ୍ୟ ଏକାଧିକ ବାର ପଦକ ହାସଲ କରି ଏଇ ସବୁବିଭାଗର କ୍ରୀଡାବିତମାନେ ଦେଶର ଗୌରବ ବୃଦ୍ଧି କରିଛନ୍ତି। ଚଳିତବର୍ଷର ଏସିଆନ ଗେମସର ବିଶେଷତ୍ୱ ହେଲା ବ୍ୟାଡମିଣ୍ଟନରେ ପ୍ରଥମ ସ୍ୱର୍ଣ୍ଣପଦକ ଏବଂ ନୂତନ ଭାବରେ ଯୋଡା ଯାଇଥିବା ପୁରୁଷ କ୍ରୀକେଟରେ ଓ ମହିଳା କ୍ରୀକେଟରେ ସ୍ୱର୍ଣ୍ଣପଦକ, ଉଲ୍ଲେଖଯୋଗ୍ୟ, ଏହି ସ୍ୱର୍ଣ୍ଣପଦକ ବିଜୟ ସହିତ ଏବେ ଅଲିମ୍ପିକରେ ମଧ୍ୟ କ୍ରୀକେଟ ସାମିଲ ହେବା ଭାରତୀୟ କ୍ରୀଡା ପାଇଁ ଏକ ଶୁଭଖବର। ହକିରେ ସ୍ୱର୍ଣ୍ଣପଦକ ଜିତି ପ୍ୟାରିସ ଅଲିମ୍ପିକ୍ସ ପାଇଁ ଭାରତୀୟ ଦଳ ସିଧାସଳଖ ଯୋଗ୍ୟତା ଅର୍ଜନ କରିବା ମଧ୍ୟ ଏଇ ଏସିଆନ ଗେମସର ଅନ୍ୟ ଏକ ଉଲ୍ଲେଖଯୋଗ୍ୟ ଘଟଣା।

**ପ୍ରଥମ ଦଶଟି ଦଳର ପଦକ ତାଲିକା**

| | ଦେଶର ନାମ | ସ୍ୱର୍ଣ୍ଣ | ରୋପ୍ୟ | ବ୍ରୋଞ୍ଜ | ସମୁଦାୟ |
|---|---|---|---|---|---|
| ୧. | ଚୀନ | ୨୦୧ | ୧୦୧ | ୭୧ | ୩୮୩ |
| ୨. | ଜାପାନ | ୫୨ | ୬୭ | ୬୯ | ୧୮୮ |
| ୩. | ଦ.କୋରିଆ | ୪୨ | ୫୯ | ୮୯ | ୧୯୦ |
| ୪. | ଭାରତ | ୨୮ | ୩୮ | ୪୧ | ୧୦୭ |
| ୫. | ଉଜବେକିସ୍ତାନ | ୨୨ | ୧୮ | ୩୧ | ୭୧ |
| ୬. | ତାଇପେ | ୧୯ | ୨୦ | ୨୮ | ୬୭ |
| ୭. | ଇରାନ | ୧୩ | ୨୧ | ୨୦ | ୫୪ |
| ୮. | ଥାଇଲାଣ୍ଡ | ୧୨ | ୧୪ | ୩୨ | ୫୮ |
| ୯. | ବାହାରିନ | ୧୨ | ୩ | ୫ | ୨୦ |
| ୧୦. | ଉ.କୋରିଆ | ୧୧ | ୧୮ | ୧୦ | ୩୯ |

ଚଳିତ ଏସିଆନ ଗେମସ୍‌ରେ ଭାରତୀୟମାନେ ଦଳଗତ ଭାବରେ ୪୯ଟି ପଦକ ପାଇଥିଲାବେଳେ ବାକୀ ୫୮ଟିରେ ବ୍ୟକ୍ତିଗତ ଭାବରେ କ୍ରୀଡାବିତମାନେ ପଦକ ପାଇଛନ୍ତି। ଏହାର ଅର୍ଥ ହେଲା ଦଳଗତ କ୍ରୀଡାରେ ଭାରତର ଅଗ୍ରଗତି ବେଶ୍ ଆଖିଦୃଶିଆ ଏବଂ ଆଗକୁ ଏହା ଜାରି ରହିଲେ ଆହୁରି ଅଧିକ ଗୌରବ ମିଳିପାରିବ। ବ୍ୟକ୍ତିଗତ ସ୍ତରରେ ଏତେ ବିଶାଳ ଦେଶର ନଗଣ୍ୟ ସଂଖ୍ୟକ ବ୍ୟକ୍ତି ପଦକ ହାସଲ କରୁଥିବା ଅନାକର୍ଷଣୀୟ ବିଷୟ ହୋଇଥିଲେ ମଧ୍ୟ ବ୍ୟକ୍ତିଗତ କ୍ଷେତ୍ରରେ ଯେଭଳି ଅଗ୍ରଗତି ସାଧିତ ହୋଇଛି ତାହା ବଶ୍ ଉତ୍ସାହଜନକ।

ଆଧୁନିକ ଯୁଗରେ ଉନ୍ନତ ରାଷ୍ଟ୍ରମାନଙ୍କର କ୍ରୀଡାରେ ପ୍ରଦର୍ଶନ ସେମାନଙ୍କର ଅଗ୍ରଗତିର ସୂଚନା ଦିଏ। ଆଜି ଭାରତ ଏକ ବିକଶିତ ରାଷ୍ଟ୍ରର ସ୍ଥାନ ନେଉଥିଲାବେଳେ କ୍ରୀଡାର ଏହି ଅଗ୍ରଗତି ତାର ପୂର୍ବ ସୂଚନା ନିଶ୍ଚୟ। ଏସିଆନ ଗେମସର ସଫଳତା ପ୍ୟାରିସ ଅଲିମ୍ପିକସ ପାଇଁ ପଥ ଉଜ୍ଜ୍ୱଳ କରିବ ବୋଲି ଆଶା।




*Available in:*
**www.amazon.in**

# KALINGA COMMERCIAL CORPORATION LTD

## A Leading Turnkey Service Provider for Mining Sector

(ISO 9001 : 2008 Certified)

*Our Strength is-*
*Unity &*
*Teamwork with*





*Commitment and*
*Dedication*

*Our Motto –*
*No Words but Deeds*





*Aiming for Excellence*
*in Achievement with*
*Customer Satisfaction*

Our Vision:
Aspire to set Benchmark on Global Mining,Value Creation and Corporate Social Responsibility

***CORPORATE OFFICE***

**A/47, NILAKANTHA NAGAR, NAYAPALLI, BHUBANESWAR, ODISHA 751012**
**MOB: 9937559264**
**WEB: www.kccl.co.in**

With Best Complements From



The No.1 Outdoor Media in the State of Odisha

**torrent**
**ADVERTISERS**

R.Shed No.37,Rasulgarh Ind. Estate
Bhubaneswar - 751010, Odisha

Mob - 9437021015
Email - torrentadv1 @gmail.com

Branch Office
Cuttack, Sambalpur, Rourkela, Behrampur, Puri

- Deals In -

Hoarding, Bulletin, Kiosks, Backlit, Mobile Van
Hi-tech Bus Shelters



# କୃଷି ଓ କୃଷକର ସାମଗ୍ରିକ ବିକାଶ ଲକ୍ଷ୍ୟରେ ସମବାୟର ଅବିରତ ପ୍ରୟାସ

୧ ରାଜ୍ୟରେ ଯୋଗାଇ ଦିଆଯାଉଥିବା ସମୁଦାୟ କୃଷି ଋଣର ୫୦% ଋଣ ସମବାୟ ବ୍ୟାଙ୍କ / ସମିତି ଜରିଆରେ ପ୍ରଦାନ

୨ ସରକାରଙ୍କର ସୁଧ ରିହାତି ଯୋଜନା ମାଧ୍ୟମରେ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବିନା ସୁଧରେ ଏବଂ ୧ ଲକ୍ଷରୁ ଉର୍ଦ୍ଧ୍ୱ ୩ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ୨% ସୁଧରେ ଫସଲ ଋଣ ଯୋଗାଣ

୩ ପ୍ରତ୍ୟେକ ଚାଷୀଙ୍କ ପାଇଁ କୃଷି ବୀମା

୪ ଯୁଗ୍ମ ଦେୟ ଗୋଷ୍ଠୀ (JLG) ମାଧ୍ୟମରେ ଭୂମିହୀନ ଋଷୀ, ପ୍ରକୃତ ଋଷୀ, କ୍ଷୁଦ୍ର ଓ ନାମମାତ୍ର ଋଷୀଙ୍କୁ ଫସଲ ଋଣ ଯୋଗାଣର ବ୍ୟବସ୍ଥା

୫ ରୁପେ କିଷାନ କାର୍ଡ଼ ଦ୍ୱାରା ଏ.ଟି.ଏମ୍ ରୁ କୃଷି ଋଣ ଉଠାଣ

୬ ମିଆଦୀ ଋଣରେ ଆବଶ୍ୟକ ହେଉଥିବା ଅଂଶଧନରେ ବ୍ୟାପକ ରିହାତି

୭ ରୁପେ ଡେବିଟ୍ କାର୍ଡ଼ ଗ୍ରାହକମାନଙ୍କ ପାଇଁ ବିନା ମୂଲ୍ୟରେ ଏକ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଦୁର୍ଘଟଣା ବୀମା

୮ ସମସ୍ତ ସଭ୍ୟ /ସଭ୍ୟାମାନଙ୍କର ଆର୍ଥିକ ଅନ୍ତର୍ଭୁକ୍ତି ନିମନ୍ତେ ଆକାଉଣ୍ଟରେ ଆଧାର **(Aadhaar)** ସଂଯୋଗୀକରଣର ସୁବିଧା**(PACS/FSCS/LAMPCS)**

୯ ଜମାକାରୀ ମାନଙ୍କ ପାଇଁ ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା **(PMSBY)** ଏବଂ ଜୀବନଜ୍ୟୋତି ବୀମା ଯୋଜନା **(PMJBY)** ର ପ୍ରଚଳନ **(OSCB/DCCB)**

୧୦ ସରକାରଙ୍କର ଆର୍ଥିକ ସହାୟତାରେ **PACS** ମାନଙ୍କର କମ୍ପୁଟରୀକରଣ






ODISHA STATE CO-OPERATIVE BANK LTD. ESTD. 1948

## ଓଡ଼ିଶା ରାଜ୍ୟ ସମବାୟ ବ୍ୟାଙ୍କ୍

ଆମେ ବଢ଼ାଉ ସମ୍ପର୍କ

www.odishascb.com



MAGNUM
Shoppers Club (P) Ltd.
MAGNUM
FLY ASH BRICKS
Brand Bricks
Contact for :
Fly Ash Bricks of
Size of
10" x 5" x 3"
9" x 4 1/2" x 3"
8" x 4" x 3"
Plot No. 243, Patelikuda, Near Uttara Chhak, Pipili
Mob.: +91 9937157876, 9337097876



New on our Menu
sigree
DAKBUNGLOW MURGH
From The Kitchen's of Kolkatta
sigree
SHORSHAY BATA KATLA MACCH
From The Kitchen's of Kolkatta
sigree
BONFIRE POMFRET
New on our Menu
sigree
KOSHA MANGSHO
sigree
EAT HEALTHY I STAY SAFE.
For reservation or takeaway
PLEASE CALL : 90788 36888
Food Court, Esplanade One Mall
Rasulgarh, Bhubaneswar, Odisha 751010

The Samaroha Puja Special October - 2023 Vol. - 33 Issue - 1

Postal Regd. No. CK (C)/91/2021-2023
RNI Regd. No. : 034056/1981

# Magnum Auto

Passion for Cars

## A PIT STOP FOR CAR LOVERS

WASHING | CLEANING | REPAIRS | SERVICE
DETAILING | FOAM WASH | UNDER- BODY | SOUND-SYSTEM
SEATS | ALLOYS | ALIGNMENTS | LIGHTS BULB | HORNS TYRES

**Plot No: 891/1046, Pahala, Bhubaneswar, Behind PAL Heights Mantra**
20°20'32.8"N 85°52'56.3"E

**CALL NOW- 99370 00909**

₹ 80/-

Date of Publication : 20.10.2023
E-mail : thesamaroha@gmail.com. Website : www.samaroha.in